'ନବଭାରତ'ର ସଂପାଦକୀୟ 'ଆଲୋଚନା'

ଆଲୋଚନା ଓ ସଂପାଦନା

ଡକ୍ଟର କୁମୁଦିନୀ ମିଶ୍ର

Digitized by PPRACHIN, SOA

'ନବ ଭାରତ'ର ସଂପାଦକୀୟ 'ଆଲୋଚନା'

ଆଲୋଚନା ଓ ସଂପାଦନା
ଡକ୍ଟର କୁମୁଦିନୀ ମିଶ୍ର

ଓଡ଼ିଶା ବୁକ୍ ଷ୍ଟୋର

Digitized by PPRACHIN, SOA

'ନବ ଭାରତ'ର
ସଂପାଦକୀୟ 'ଆଲୋଚନା'

ଆଲୋଚନା ଓ ସଂପାଦନା :
ଡକ୍ଟର କୁମୁଦିନୀ ମିଶ୍ର

ଓଁ
ପ୍ରତିଷ୍ଠାତା ପ୍ରକାଶକ
ଶ୍ରୀ ଗୋବିନ୍ଦ ଚରଣ ପାତ୍ର
ଓଡ଼ିଶା ବୁକ୍ ଷ୍ଟୋର
ସ୍ଥାପିତ-୧୯୫୯

ପ୍ରକାଶକ :
ଶ୍ରୀ ବିଜୟ ଶଙ୍କର ପାତ୍ର
ଓଡ଼ିଶା ବୁକ୍ ଷ୍ଟୋର
ବିନୋଦ ବିହାରୀ, କଟକ-୭୫୩ ୦୦୨

ପ୍ରଥମ ମୁଦ୍ରଣ : ୨୦୧୬
ଛାପା ସଂଖ୍ୟା : ୫୦୦

ପ୍ରଚ୍ଛଦ : ବିଜୟ ପ୍ରଧାନ

ଅକ୍ଷର ସଜ୍ଜା : ଶାରଳା ଗ୍ରାଫିକ୍ସ, ଭୁବନେଶ୍ୱର

ମୁଦ୍ରଣ : ଗୁରୁପ୍ରସନ୍ନ ପ୍ରେସ୍, କଟକ-୧

'NABA BHARATA'RA SAMPADAKIYA 'ALOCHANA'

By
Dr. Kumudini Mishra

Published by
Sri Bijay Shankar Patra
ORISSA BOOK STORE
Binode Behari, Cuttack-753 002

Price : ₹750/-
ISBN 81-7400-604-4

1st Edition : 2016

Digitized by PPRACHIN, SOA

ଭୂମିକା

'ନବ ଭାରତ'ର ସମ୍ପାଦକୀୟ 'ଆଲୋଚନା' ଶୀର୍ଷକ ଗ୍ରନ୍ଥଟି ପଣ୍ଡିତ ନୀଳକଣ୍ଠଙ୍କ ରଚନା ସମ୍ପର୍କିତ ମୋର ପଞ୍ଚମ ଗ୍ରନ୍ଥ। ଏହା ପୂର୍ବରୁ ମୋର ଡିଲିଟ୍ ଉପାଧି ପାଇଁ ପ୍ରସ୍ତୁତ ସନ୍ଦର୍ଭ 'ସତ୍ୟବାଦୀ-ସବ୍ୟସାଚୀ' (ଖ୍ରୀ.୨୦୦୩), 'ପଣ୍ଡିତ ନୀଳକଣ୍ଠଙ୍କ ସୃଷ୍ଟି ଓ ଦୃଷ୍ଟି' (ଖ୍ରୀ.୧୯୯୯), 'ପଣ୍ଡିତ ନୀଳକଣ୍ଠଙ୍କ କଲମରୁ ପିଲାଙ୍କ କବିତା ଓ କାହାଣୀ' (ଖ୍ରୀ.୨୦୧୨) ଓ 'ପଣ୍ଡିତ ନୀଳକଣ୍ଠଙ୍କ ବିଜ୍ଞାନ ସମ୍ମତ ବିଶୁଦ୍ଧ ଓଡ଼ିଆ ବ୍ୟାକରଣ' (ଖ୍ରୀ.୨୦୧୩) ପ୍ରକାଶିତ ହୋଇଅଛି। ଏହା ବ୍ୟତୀତ ମୋର 'ସାହିତ୍ୟ ଆଲୋଚନା-ପ୍ରାଚୀନରୁ ଆଧୁନିକ' ଓ 'କିଛି ସ୍ମୃତି ଓ କିଛି ଅଭିବ୍ୟକ୍ତି' ଶୀର୍ଷକ ଗ୍ରନ୍ଥଦ୍ୱୟରେ ମଧ୍ୟ ନୀଳକଣ୍ଠଙ୍କ ସାହିତ୍ୟ କୃତି ସମ୍ପର୍କରେ କେତୋଟି ଆଲୋଚନାତ୍ମକ ପ୍ରବନ୍ଧ ସ୍ଥାନ ପାଇଛି।

ଡି.ଲିଟ୍ ଉପାଧି ପାଇଁ ଗବେଷଣାରତ ଥିବା ସମୟରେ ନୀଳକଣ୍ଠଙ୍କ ସମ୍ପାଦିତ 'ନବଭାରତ' ପତ୍ରିକାରେ ପ୍ରକାଶିତ ସମ୍ପାଦକୀୟ 'ଆଲୋଚନା'ଗୁଡ଼ିକ ପାଠ କରିବାର ସୁଯୋଗ ପାଇଥିଲି। ଏହି 'ଆଲୋଚନା'ସମୂହରେ ବିଷୟବସ୍ତୁର ବିବିଧତା, ଗଭୀର ଭାବାତ୍ମିକତା ଓ ସମୟୋପଯୋଗିତା ମୋର ଚିନ୍ତାଧାରାକୁ ଆନ୍ଦୋଳିତ କରିଥିଲା। ବିଷୟବସ୍ତୁ ଅନୁକ୍ରମେ ଏହି 'ଆଲୋଚନା' ସ୍ତମ୍ଭଗୁଡ଼ିକୁ ବିଭିନ୍ନ ଅଧ୍ୟାୟରେ ସଜାଇ ଏକ ଗ୍ରନ୍ଥ ପ୍ରସ୍ତୁତ କରିବା ପାଇଁ ମନସ୍ଥ କରି ମୋର ପୂଜ୍ୟଗୁରୁ ତଥା ନୀଳକଣ୍ଠ-ସାହିତ୍ୟ-ଅନୁରାଗୀ ପ୍ରଫେସର ଡକ୍ଟର ନିତ୍ୟାନନ୍ଦ ଶତପଥୀଙ୍କ ପରାମର୍ଶ ମାଗିବାରୁ ସେ କହିଥିଲେ- "ଏହା ଏକ ଅତି ଉତ୍ତମ କାର୍ଯ୍ୟ। କିନ୍ତୁ ତୁମକୁ ପ୍ରତ୍ୟେକ 'ଆଲୋଚନା' ଶେଷରେ ତାହା ପ୍ରକାଶ ପାଇଥିବା 'ନବଭାରତ' ପତ୍ରିକାର ବର୍ଷ ଓ ସଂଖ୍ୟା ନିର୍ଦ୍ଦେଶ କରିବାକୁ ହେବ।" ସାର୍‌ଙ୍କ ନିର୍ଦ୍ଦେଶରେ ଏ ଦିଗରେ ମୋର ପ୍ରୟାସ ଜାରି ରଖିଲି।

ଇତ୍ୟବସରରେ ଖ୍ରୀ. ୨୦୧୧ରେ 'ସୃଜନିକା' ସଂସ୍ଥା ପକ୍ଷରୁ 'ନବ ଭାରତ' ପତ୍ରିକାର ଇଲେକ୍ଟ୍ରୋନିକ୍ ସଂସ୍କରଣ ପ୍ରକାଶ ପାଇବା ଦ୍ୱାରା ମୋ ପରିକଳ୍ପିତ ଲକ୍ଷ୍ୟରେ ଆରୋହିବା ସମ୍ଭବ ହୋଇପାରିଥିଲା। ଅବଶ୍ୟ ମୁଁ ମଧ୍ୟ ଏହି ସଂସ୍ଥାକୁ 'ନବଭାରତ' ପତ୍ରିକାର କେତୋଟି ସଂଖ୍ୟା ଯୋଗାଇବା ସହ ଏହାର କର୍ମକର୍ତ୍ତାଙ୍କ ଅନୁରୋଧକ୍ରମେ ଇଲେକ୍ଟ୍ରୋନିକ୍ ସଂସ୍କରଣ ପାଇଁ 'ମୁଖବନ୍ଧ'ଟିଏ ଲେଖି ଦେଇଥିଲି। ଆଜି 'ନବଭାରତ'ର ସଂପାଦକୀୟ 'ଆଲୋଚନା' ଗ୍ରନ୍ଥଟିର ପ୍ରକାଶନ ଅବସରରେ ଓଡ଼ିଆ ସାହିତ୍ୟକୁ ବିସ୍ମୃତିର

Digitized by PPRACHIN, SOA

ଗର୍ଭରୁ ଉଦ୍ଧାର କରିବା କ୍ଷେତ୍ରରେ 'ସୃଜନିକା' ସଂସ୍ଥାର କର୍ମକର୍ତ୍ତାଙ୍କ ସାଧୁଉଦ୍ୟମକୁ ଶତମୁଖରେ ପ୍ରଶଂସା ନକରି ରହିପାରୁନି।

ଆଲୋଚ୍ୟ ଗ୍ରନ୍ଥଟିର ସଂକଳନ କାର୍ଯ୍ୟ କଷ୍ଟକର ଥିଲା। 'ନବଭାରତ' ପତ୍ରିକା ପ୍ରତ୍ୟେକ ସଂଖ୍ୟାର 'ଆଲୋଚନା' ପର୍ଯ୍ୟାୟର ନକଲ ବାହାର କରି ତା'ର ସଂଶୋଧ୍ୟ ଫର୍ଦ୍ଦ (Proof sheet) ପ୍ରସ୍ତୁତ କରିବା ପରେ ତାକୁ ବିଷୟାନୁସାରେ କାଟି ବିଭିନ୍ନ ଅଧ୍ୟାୟରେ ସଜାଇ ଦ୍ୱିତୀୟ ସଂଶୋଧ୍ୟ ଫର୍ଦ୍ଦ ପ୍ରସ୍ତୁତ କରିବା ଏବଂ ଶେଷରେ ତାହାର ସଂଶୋଧିତ ନକଲ ପ୍ରସ୍ତୁତ କରି ଅନୁରେଖଣ ନକଲ (Tracing-copy) ପ୍ରସ୍ତୁତ କରିବା ନିଶ୍ଚିତ ଭାବରେ ସମୟ ଓ ବ୍ୟୟସାପେକ୍ଷ ଥିଲା। ତଥାପି ଶ୍ରଦ୍ଧେୟା ସୁପ୍ରିୟା ଦାଶଙ୍କ ଅକୁଣ୍ଠ ସହଯୋଗରେ କାର୍ଯ୍ୟଟି ଶୃଙ୍ଖଳିତ ଭାବେ ସମ୍ପନ୍ନ ହୋଇପାରିଛି। ତେଣୁ ତାଙ୍କୁ ସଶ୍ରଦ୍ଧ ଧନ୍ୟବାଦ ଜଣାଉଛି।

ଏଇ ଦୀର୍ଘକାୟ ଗ୍ରନ୍ଥଟିକୁ ଲୋକଲୋଚନକୁ ଆଣିବା ପାଇଁ ଆଗ୍ରହରସହ ସମ୍ମତି ପ୍ରଦାନ କରିଥିବାରୁ ପ୍ରକାଶକ ବନ୍ଧୁ ଶ୍ରୀ ବିଜୟ ଶଙ୍କର ପାତ୍ରଙ୍କୁ ଅଶେଷ ସାଧୁବାଦ ଜଣାଉଛି। ଗ୍ରନ୍ଥ ପ୍ରସ୍ତୁତି କାଳରେ ବିଭିନ୍ନ କାର୍ଯ୍ୟରେ ଅନୁଜ ପ୍ରତିମ ଶ୍ରଦ୍ଧେୟ ଡକ୍ଟର ସୁରେନ୍ଦ୍ର କୁମାର ମହାରଣା ଓ ମୋର ପୁତ୍ର ଆୟୁଷ୍ମାନ୍ ରାଜକୁମାର ଦାଶଙ୍କ ସାହାଯ୍ୟ ଓ ସହଯୋଗକୁ ଶ୍ରଦ୍ଧାର ସହ ସ୍ମରଣ କରୁଛି। ଶେଷରେ ଏଇ ଗ୍ରନ୍ଥ ପ୍ରକାଶନ ସମୟରେ ମୋର ଗବେଷଣା କାର୍ଯ୍ୟର ଦିଗ୍‌ଦର୍ଶକ ତଥା ପୂଜ୍ୟ ଗୁରୁ ପ୍ରଫେସର ଡକ୍ଟର ଶ୍ରୀନିବାସ ମିଶ୍ରଙ୍କ ଆଶୀର୍ବାଦ କାମନା କରୁଛି। ଗ୍ରନ୍ଥଟି ପାଠକୀୟ ଆଦୃତି ଲାଭ କଲେ ମୋର ଶ୍ରମ ସାର୍ଥକ ହେବ।

କୁମୁଦିନୀ ମିଶ୍ର

Digitized by PPRACHIN, SOA

ସୂଚୀପତ୍ର

ମୁଖବନ୍ଧ ୧୨

ପ୍ରଥମ ଅଧ୍ୟାୟ ୩୫-୪୫

ସମ୍ପାଦକୀୟ ଅଭିବ୍ୟକ୍ତି

ଶୁଭମସ୍ତୁ-୩୫, ସଂପାଦକୀୟ କୈଫିୟତ-୩୬, ଆମ ସାଲ-୩୭, ଆତ୍ମକଥା-୩୭, ଆତ୍ମ କଥା-୩୮, ଆସନ୍ତା ନବଭାରତ ସଂଖ୍ୟା-୪୦ ଆଜି ଦୀର୍ଘ ପାଞ୍ଚବର୍ଷ ପରେ-୪୧ ନିଜ କଥା-୪୫ ।

ଦ୍ୱିତୀୟ ଅଧ୍ୟାୟ ୪୬-୧୨୧

ସାହିତ୍ୟ ଓ ସାହିତ୍ୟାନୁଷ୍ଠାନ ସଂପର୍କୀୟ 'ଆଲୋଚନା'

ସାହିତ୍ୟର ସ୍ୱରୂପ-୪୬, ଓଡ଼ିଶାର ସାହିତ୍ୟ-୪୭, ଏ ଗତି କୁଆଡ଼େ-୫୧, ଭାରତର ପ୍ରାଚୀନ ଗ୍ରନ୍ଥ-୫୩, ସାହିତ୍ୟରେ ଜାତିର ଇତିହାସ-୫୫, ଓଡ଼ିଆ ସାହିତ୍ୟରେ ଗଠନ କଳା-୫୬, ଓଡ଼ିଆ ଛନ୍ଦରେ ଯୁକ୍ତାକ୍ଷର ଓ ଉପଧା-୫୮, ଗଦ୍ୟ କବିତା-୬୦, କବିତାର ରୂପରସ-୬୮, ପଲ୍ଲୀର ଯାତ୍ରା-୭୫, ଯବନିକା-୭୯, ସାହିତ୍ୟରେ କାହାଣୀ ଓ କିମ୍ବଦନ୍ତୀ-୮୧, ଭାଗବତ ସାର ସତ୍ୟଧର୍ମ-୮୫, ଉପେନ୍ଦ୍ରଭଞ୍ଜଙ୍କ ଜୟନ୍ତୀ ଉପଲକ୍ଷେ-୮୯, ସିନ୍ଧୁ ସଭ୍ୟତା ଓ ଜୈନଧର୍ମ ପ୍ରବନ୍ଧ ଉପରେ-୯୯, ଭଲ ପାଇବାର ଶେଷକଥା-୧୦୨ ।

ସାହିତ୍ୟ ଅନୁଷ୍ଠାନ ଉତ୍କଳ ସାହିତ୍ୟ ସମାଜ-୧୧୦, ଉତ୍କଳ ସାହିତ୍ୟ ସମାଜ-୧୧୧, ଉତ୍କଳ ସହିତ୍ୟ ସମାଜର ବାର୍ଷିକ ଉତ୍ସବ-୧୧୪, ଉତ୍କଳ ସଂଗୀତ ସମାଜ-୧୧୪, ଭାରତ ପ୍ରାଦେଶିକ ସାହିତ୍ୟର ଜାତୀୟ ସଂଗଠନ-୧୧୬, ନବଯୁଗ ସାହିତ୍ୟ ସଂସଦ-୧୧୮ ।

ତୃତୀୟ ଅଧ୍ୟାୟ ୧୨୨-୧୫୩

ଭାଷା ଓ ବ୍ୟାକରଣ ଭିତ୍ତିକ 'ଆଲୋଚନା'

ପ୍ରାଦେଶିକ ଭାଷା ପୋଷଣରେ ପ୍ରଦେଶମାନଙ୍କର ଗତି-୧୨୨, ହିନ୍ଦୁସ୍ଥାନି

Digitized by PPRACHIN, SOA

ଅକାଡ଼େମି-୧୨୪, ଭାଷାରେ ବ୍ୟାକରଣ-୧୨୬, ଓଡ଼ିଆ ବ୍ୟାକରଣରେ କେତୋଟି ସମସ୍ୟା-୧୨୭, ଓଡ଼ିଆ ବର୍ଣ୍ଣ ଓ ଲିପ-୧୩୨, ଲିପିରେ ଅନୁସ୍ୱାର-୧୩୫, କବିତା ଓ ଛନ୍ଦ-୧୩୫, ଓଡ଼ିଆ କବିତା ଓ ଛନ୍ଦର ପ୍ରଗତି-୧୪୦, ଓଡ଼ିଆ ଛାନ୍ଦ ଓ ଉପାନ୍ତ୍ୟ ମିଳନ-୧୪୫, ସାଧୁଭାଷା ଓ ସାହିତ୍ୟ-୧୪୯ ।

ଚତୁର୍ଥ ଅଧ୍ୟାୟ ୧୫୪-୧୮୧

ପ୍ରତ୍ନତତ୍ତ୍ୱ ଓ ଗବେଷଣା ଭିତ୍ତିକ 'ଆଲୋଚନା'

ଓଡ଼ିଶାର ପ୍ରତ୍ନତତ୍ତ୍ୱ-୧୫୪, ଓଡ଼ିଶାର ପ୍ରତ୍ନବିଦ୍ୟା-୧୫୬, ଓଡ଼ିଶାର ପ୍ରତ୍ନତତ୍ତ୍ୱାନୁସନ୍ଧାନ-୧୫୯, ଓଡ଼ିଶାର ପ୍ରତ୍ନବିଭବ ଓ ଗବେଷଣାର ପନ୍ଥା-୧୬୧, ଓଡ଼ିଶାର ପ୍ରତ୍ନତତ୍ତ୍ୱ ଓ ଗଡ଼ଜାତ-୧୬୫, ଓଡ଼ିଶାରେ ଗବେଷଣା-୧୬୬, ଗବେଷଣା ମଣ୍ଡଳୀ-୧୬୮, The Kalinga Historical Research Society (କଳିଙ୍ଗ ଐତିହାସିକ ଗବେଷଣା ସମିତି)-୧୭୧, ଶିଶୁପାଳ ଗଡ଼ ଖୋଳା-୧୭୨, ପୁଷ୍ପଗିରି ବିହାର-୧୭୪, ବାରାଣାସୀରେ ହିନ୍ଦୁମନ୍ଦିର-୧୭୫, ନନ୍ଦପୁରର ଇତିହାସ-୧୭୬, ଭୌମ ବଂଶର କାଳନିରୂପଣରେ ସଂକେତ-୧୭୮, ଋତୁ ନିରୂପଣ-୧୭୯, ଓଡ଼ିଶା ଇତିହାସର କାଳଗଣନାରେ ଏ କି ବଦ୍ଧ-ମୂଳ ଭ୍ରାନ୍ତି-୧୮୦ ।

ପଞ୍ଚମ ଅଧ୍ୟାୟ ୧୮୨-୨୩୮

ଶିକ୍ଷା ଭିତ୍ତିକ 'ଆଲୋଚନା'

ଓଡ଼ିଶାରେ ଶିକ୍ଷାର ନୂତନ ଗଠନ-୧୮୨, ଦେଶରେ ଶିକ୍ଷା-୧୪୬, ଦେଶର ଶିକ୍ଷା-୧୮୯, ଏ ଦେଶରେ ଡାକ୍ତର କିଏ ହେବ ?-୧୯୩, ଶିକ୍ଷାରେ ଆତ୍ମ ପ୍ରସାଦ ଓ ବ୍ୟବହାର-୧୯୬, ପ୍ରାଥମିକ ଶିକ୍ଷାର ପୁନର୍ଗଠନ-୧୯୮, ପୁରୀ ଜିଲ୍ଲା ପ୍ରାଥମିକ ଶିକ୍ଷକ ସମ୍ମିଳନୀ-୨୦୫, ବାଣପୁର ସ୍କୁଲ-୨୦୭, ବାଣପୁର ସ୍କୁଲ-୨୦୮ ବିଦ୍ୟାଳୟରେ ଗୁରୁଙ୍କ କର୍ମ ନିୟନ୍ତ୍ରଣ-୨୦୯, ଶିକ୍ଷା ବିଭାଗରେ ପରିବର୍ତ୍ତନ-୨୧୦, ପାଠାଗାର ପ୍ରତିଷ୍ଠା-୨୧୧ ପାଠାଗାର ପ୍ରତିଷ୍ଠା-୨୧୫, ଉତ୍କଳର ବିଶ୍ୱବିଦ୍ୟାଳୟ-୨୧୭, ପୁରୀରେ ବିଶ୍ୱଭାରତୀ ବା ୟୁନିଭରସିଟ-୨୨୦, ଓଡ଼ିଶା ଉନିଭରସିଟି ବା ବିଶ୍ୱଭାରତୀ-୨୨୨, ଓଡ଼ିଶା ବିଶ୍ୱବିଦ୍ୟାଳୟ-୨୨୬,

Digitized by PPRACHIN, SOA

ଓଡ଼ିଶା ବିଶ୍ୱବିଦ୍ୟାଳୟ-୨୩୦, ଓଡ଼ିଶା ବିଶ୍ୱବିଦ୍ୟାଳୟ-୨୩୨, ବିଶ୍ୱବିଦ୍ୟାଳୟ ପାଇଁ ଯୋଗାଡ଼-୨୩୪ ।

ଷଷ୍ଠ ଅଧ୍ୟାୟ ୨୩୯-୨୮୫

ସମାଜତାତ୍ତ୍ୱିକ 'ଆଲୋଚନା'

ଶାସ୍ତ୍ରର ଶାସନ-୨୩୯, ପୁରୀ ମନ୍ଦିରରେ ଅସ୍ପୃଶ୍ୟ ପ୍ରବେଶ-୨୪୫, ମହାତ୍ମାଗାନ୍ଧୀଙ୍କ ହରିଜନ ଯାତ୍ରା-୨୪୮, ମହାତ୍ମାଗାନ୍ଧୀଙ୍କ ଉପବାସ-୨୫୬, ମହାତ୍ମାଙ୍କ ଉପବାସ ସାଙ୍ଗ ହେଲା-୨୫୯, ବରୀରେ ସଂଗଠନ-୨୫୯, ସମାଜ ସଂସ୍କାର-୨୬୦, ବିବରା ବିବାହ-୨୬୩, ବିବରା ବିବାହ ପ୍ରସଙ୍ଗ-୨୬୪, କମ୍ୟୁନାଲ ଆୱାର୍ଡ ବା ସାଂପ୍ରଦାୟିକ ନିଷ୍ପତ୍ତି-୨୬୫, ସାଲଭେସନ୍ ଆର୍ମି ଓ ଖ୍ରୀଷ୍ଟଧର୍ମର ବାର୍ତ୍ତା-୨୬୭, ଉତ୍କଳ ବାସୀ ବଙ୍ଗାଳି ସମାଜର ସମସ୍ୟା-୨୬୯, ଓଡ଼ିଶା ଡୋମିସାଇଲ୍‌ଡ୍ ବେଙ୍ଗଲୀ କନ୍‌ଫରେନ୍ସ-୨୭୧, ଓଡ଼ିଆ ଶ୍ରମିକ-୨୭୩, ଆସାମରେ ଓଡ଼ିଆ କୁଲି-୨୭୬, ବିହାର ଓଡ଼ିଶା ସରକାରଙ୍କର ନିଶା ନୀତି-୨୭୮, ଟଙ୍କାଖିଆ-୨୭୯, ଦୁଇଟି ସତକଥା-୨୮୨, ବୁଭୁକ୍ଷିତଃ କିଂ ଦ୍ୱିକରେଣ ଭୁଂକ୍ତେ-୨୮୫ ।

ସପ୍ତମ ଅଧ୍ୟାୟ ୨୮୬-୩୬୫

କୃଷି, ପ୍ରଜାସ୍ୱତ୍ୱ ଓ ଭୂ ରାଜସ୍ୱ ସଂପର୍କୀୟ 'ଆଲୋଚନା'

କୃଷି ଗବେଷଣା-୨୮୬, ଫସଲ ଉନ୍ନତି ସମ୍ମିଳନୀ-୨୮୮, ବିଶ୍ୱ ବିଦ୍ୟାଳୟରେ ଆଳୁଚାଷ-୨୯୦, ଓଡ଼ିଶାର ଜମି ଜମା ଆଇନ୍-୨୯୦, ଏ ବର୍ଷ ଦୁର୍ଭିକ୍ଷ-୨୯୩, ପ୍ରଜାସ୍ୱତ୍ୱ ଆଇନ୍‌ର ସଂଶୋଧନ-୨୯୬, ଓଡ଼ିଶାର ପ୍ରଜାସ୍ୱତ୍ୱ-୩୦୧, ଓଡ଼ିଶା ପ୍ରଜାସ୍ୱତ୍ୱ ସଂଶୋଧନ-୩୧୦, ପ୍ରଜାସ୍ୱତ୍ୱର ପୁରୋଦୃଷ୍ଟି-୩୧୨, ପ୍ରଜାସ୍ୱତ୍ୱର ପୁରୋଦୃଷ୍ଟି-୩୧୫, ପ୍ରଜାସ୍ୱତ୍ୱର ସମାଧାନ-୩୧୬, ବିହାର ପ୍ରଜାସ୍ୱତ୍ୱ ଆଇନ୍-୩୨୨, ଜମିଦାରୀ ଓ ଜମିଦାର-୩୨୪, କୃଷକ କିଏ ?-୩୩୨, ପ୍ରଜାର ଆର୍ଥିକ ଅବସ୍ଥା ଓ ବ୍ୟବସ୍ଥା-୩୩୫, କୃଷକର ଋଣ ପରିଶୋଧ-୩୪୮, ଖଜଣା ନୁହେଁ, ଟିକସ-୩୫୬, ଏ ଦେଶ ନଡ଼ିଆ-୩୫୭, ବିଦେଶୀ ନଡ଼ିଆ ଉପରେ ଶୁଳ୍କ-୩୫୯, ସ୍ୱାଧୀନତା ପରେ ଗ୍ରାମ-୩୬୨ ।

Digitized by PPRACHIN, SOA

ଅଷ୍ଟମ ଅଧ୍ୟାୟ ୩୬୬-୪୨୫

ଶିଳ୍ପ-ଶ୍ରମିକ ଓ ଅର୍ଥସମସ୍ୟା ଭିତ୍ତିକ 'ଆଲୋଚନା'

ଭାରତର ପ୍ରଗତିଧାରା-୩୬୬, ସୁଭାଷ ବାବୁଙ୍କ ମତ ପରିବର୍ତ୍ତନ-୩୬୯, ଦେଶର ଅର୍ଥ ସମସ୍ୟା-୩୭୧, ଭୋଗ ଓ ତ୍ୟାଗ-୩୭୬, ପେଟ ସମସ୍ୟାର ସମାଧାନ-୩୭୮, ଅର୍ଥନୀତିକ ସମ୍ମିଳନୀ-୩୭୯, ଭାରତ ରାଜସ୍ୱରେ ପ୍ରଦେଶମାନଙ୍କ ଭାଗ-୩୮୦, ଦେଶୀ ଲୁଗା ଉପରେ ରାଜଦୃଷ୍ଟି-୩୮୪, ଲୁହା ଜିନିଷ ଉପରେ ଶୁଳ୍କ-୩୮୭, ଓଡ଼ିଶାର ଶିଳ୍ପ-୩୮୯, ଭାରତୀୟ ରାସାୟନିକ ଦ୍ରବ୍ୟର ବ୍ୟବସାୟ-୩୯୨, ଓଡ଼ିଶାରେ ବ୍ୟବହାର ଶିଳ୍ପ-୩୯୩, ଓଡ଼ିଶା କେମିକାଲ-୩୯୪, ଓଡ଼ିଶା କେମିକାଲ-୩୯୫, ରୂପସାଠାରେ ମୋହନ କାରଖାନା-୩୯୭, କେମିକାଲ ଶିଳ୍ପ ବ୍ୟବସାୟ-୪୦୩, ଓଡ଼ିଶାରେ ଲୁଣ ତିଆରି-୪୦୪, କାକଟପୁର ଲୁଣ-୪୦୭, ଚିଲିକା ମାଛ-୪୦୮, ଶ୍ରମିକ ସମସ୍ୟା-୪୧୧, ଶ୍ରମିକ ସମସ୍ୟା-୪୧୭, ଗ୍ରାମ ଶିଳ୍ପର ସାଧନା-୪୧୯, ଶ୍ରମିକ ଆନ୍ଦୋଳନ-୪୨୧ ।

ନବମ ଅଧ୍ୟାୟ ୪୨୬-୬୧୭

'ନବଭାରତ'ର 'ଆଲୋଚନା'ରେ ଓଡ଼ିଶା ରାଜନୀତି

ବୃହତ୍ତର ଉତ୍କଳ-୪୨୬, ଓଡ଼ିଶା ପ୍ରଦେଶ ଗଠନରେ ଆନ୍ଧ୍ର ବିରୋଧ-୪୨୭, ଜଏଣ୍ଟ ପାର୍ଲି ମେଣ୍ଟାରୀ ରିପୋର୍ଟ ଓ ଓଡ଼ିଶା-୪୩୪, ଭାରତ ସରକାରଙ୍କ ଜାତିଗଠନ ଉଦ୍ୟମ ଓ ଓଡ଼ିଶାର ଦାବୀ-୪୪୦, ଜାତୀୟତାର ମୋହ ଓ ଆତ୍ମରକ୍ଷା-୪୪୪, ଓଡ଼ିଶାରେ ରାଜନୀତିକ ଦଳ-୪୫୪, ଓଡ଼ିଶାର ଭାବୀ ନିର୍ବାଚନ ମଣ୍ଡଳୀ-୪୫୭, ଓଡ଼ିଶା ପ୍ରଦେଶର ଭୋଟ ବ୍ୟବସ୍ଥା-୪୫୯, ଓଡ଼ିଶା ପ୍ରଦେଶର ମାନଚିତ୍ର-୪୬୬, ପ୍ରବାସୀ ଉତ୍କଳ ସମ୍ମିଳନୀ-୪୬୭, ପ୍ରବାସୀ ଉତ୍କଳ ସମ୍ମିଳନୀ-୪୭୦, ଉତ୍କଳ ସମ୍ମିଳନୀ-୪୭୧, ଓଡ଼ିଶା ପ୍ରଦେଶ-୪୭୬, ଓଡ଼ିଶାର ରାଜଧାନୀ ଗଠନ-୪୯୮, ଓଡ଼ିଶାର ରାଜଧାନୀ-୪୯୯, ଓଡ଼ିଶା କାଉନ୍ସିଲର ପ୍ରଥମ ବୈଠକ-୫୦୨, କେନ୍ଦ୍ର ସରକାରରେ ଓଡ଼ିଶା-୫୦୬, କିପରି ଲୋକମତ ତିଆରି କରିବାକୁ ହେବ ?-୫୧୧, କଟକ ମ୍ୟୁନିସିପାଲିଟି-୫୧୭, ଓଡ଼ିଶା

Digitized by PPRACHIN, SOA

ଶାସନର ଭବିଷ୍ୟତ-୫୧୮, ନିମିଆର ବ୍ୟବସ୍ଥା ଓ ଓଡ଼ିଶା ସରକାର-୫୨୨, ପ୍ରଦେଶରେ ମନ୍ତ୍ରିତ୍ୱ-୫୨୫, ନୂଆ ସରକାର ଓ କଂଗ୍ରେସ-୫୩୧, ଓଡ଼ିଶାର ନୂଆ ସରକାର-୫୩୩, ଆମ କଂଗ୍ରେସ ସରକାର-୫୪୧, ଅଭିବାଦନ-୫୫୩, ଓଡ଼ିଶାର ପ୍ରଦେଶିକ ସରକାରର କାର୍ଯ୍ୟ-୫୫୫, ସରକାରଙ୍କ କର୍ତ୍ତବ୍ୟ-୫୬୦, ଗତ ନିର୍ବାଚନ ପରେ-୫୬୨, ନୂତନ ରାଜଧାନୀ ଗଠନ-୫୬୪, ଭାଷା ସୂତ୍ରରେ ପ୍ରଦେଶ ଗଠନ-୫୭୧, ନୂଆପ୍ରଦେଶ ଓ ପ୍ରାଦେଶିକ ସୀମା-୫୭୪, ଉପାନ୍ତ ଓଡ଼ିଶା ସମସ୍ୟା-୫୭୫, କେତୋଟି ଜରୋରୀ କଥା-୫୮୬, ଉପାନ୍ତ ଓଡ଼ିଆ ଭୂମି-୫୮୮, ଉପାନ୍ତ ଓଡ଼ିଶା-୫୯୨, ଉପାନ୍ତ ଓଡ଼ିଆ ଭୂମି-୫୯୩, ବଂଗ-ବିହାର- ଓଡ଼ିଶା ମିଶି ପୁଣି ଗୋଟିଏ ପ୍ରଦେଶ ହେଉଚି ?-୫୯୪ ଦେଶୀ ରାଜ୍ୟ ସମସ୍ୟା-୫୯୫, ଉତ୍କଳ ସମ୍ମିଳନୀ-୫୯୭, ଷଢେଇକଳା ଖରସୁଆଁ କଥା-୬୦୦, ଗଞ୍ଜାମ ଜିଲ୍ଲାବୋର୍ଡ-୬୦୬, ସମ୍ବଲପୁରରେ ସ୍ଥାନୀୟ ସ୍ୱୟତ୍ତଶାସନ-୬୦୮, ଓଡ଼ିଶା ବ୍ୟବସ୍ଥା ସଭାରେ ବେସରକାରୀ ପ୍ରସ୍ତାବ-୬୧୦, ଗ୍ରାମ ପଞ୍ଚାୟତ ଆଇନ-୬୧୪, ଓଡ଼ିଶାର ନୂଆ ହାଇକୋର୍ଟ-୬୧୭ ।

ଦଶମ ଅଧ୍ୟାୟ ୬୧୮-୭୪୯

ଜାତୀୟ ରାଜନୀତି ସଂପର୍କୀୟ 'ଆଲୋଚନା'

ରାଜନୀତିରେ ନବବିଧାନ-୬୧୮, ମହାତ୍ମାଗାନ୍ଧୀ ଓ ପଲ୍ଲୀ ସଂଗଠନ-୬୨୦, ଭାରତ ସରକାର ବ୍ୟବସ୍ଥା-୬୨୪, ବ୍ରିଟିଶ୍ ଭାରତ-ବାଣିଜ୍ୟ ସଂଧି-୬୨୬, ଜଏଣ୍ଟ ପାର୍ଲିମେଣ୍ଟାରୀ କମିଟି ରିପୋର୍ଟ-୬୩୦, ଭାରତ ସୈନ୍ୟ ବିଭାଗ ପାଇଁ ନୂତନ ଆୟ-୬୩୫, ଆବିସିନିଆକୁ ସେନା ପ୍ରେରଣ-୬୩୬, ଭାରତ ଆବିସିନିଆକୁ ସାହାଯ୍ୟ କରିବା ଉଚିତ୍ କି ?-୬୩୭, ନୂଆ ବଡ଼ଲାଟଙ୍କ ନୂଆ ରୀତି-୬୩୮, ଏ ବର୍ଷ ଭାରତ ସରାକରଙ୍କ ଅର୍ଥ ବ୍ୟବସ୍ଥା-୬୩୯, ଲୋକ ଶାସନ-୬୪୨, ବର୍ତ୍ତମାନର ରାଜନୀତିକ ପରିସ୍ଥିତି-୬୪୮, ରେଳ ଓ ମଟର-୬୫୩, ଦେଶରେ ପଣ୍ୟର ଦରସମସ୍ୟା-୬୫୬, କେତୋଟି ପ୍ରଶ୍ନ-୬୬୦, ସ୍ୱରାଜ କାହିଁ ?-୬୬୪, ଆମେରୀ ଓ ଗାନ୍ଧି-୬୬୬, ମିଳିତ ମନ୍ତ୍ରୀ ମଣ୍ଡଳ-୬୭୨, ବଡ଼ଲାଟଙ୍କ ବାଣୀ-୬୭୫, ବଡ଼ଲାଟଙ୍କ କାର୍ଯ୍ୟ ଓ ଭାରତର କର୍ତ୍ତବ୍ୟ-

Digitized by PPRACHIN, SOA

୬୭୭, ଆଜି ଭାରତ ରାଜନୀତି-୬୮୨, ପରିସ୍ଥିତିର ସଂକେତ ଓ ସାଧନା-୬୮୩, ଭାରତ ରାଜନୀତିର ଗତି-୬୮୬, ଇଂଲଣ୍ଡ ପ୍ରଧାନ ମନ୍ତ୍ରୀଙ୍କ ନୂଆ ଘୋଷଣା-୬୯୪, ନୂଆବଡ଼ ଲାଟ ମାଉଣ୍ଟବାଟେନ୍-୬୯୮, ଦେଶୀରାଜ୍ୟ-୭୦୪, ପାକିସ୍ତାନ-୭୦୫, ପାକିସ୍ତାନର ଲାଭ-୭୦୭, ସ୍ୱାଧୀନତା ପରେ-୭୦୮, ନୂତନ ରାଜନୀତିକ ପରିସ୍ଥିତି-୭୧୫, ଭାରତର ଶାସନ ବିଧାନ-୭୨୨, ଚୀନ ଅବସ୍ଥା-୭୨୬, ସେ ସବୁ କଥା ଏବେ ଥାଉ-୭୨୯, ଦିଲ୍ଲୀରେ ଏସିଆର ଜାତି ସମ୍ମିଳନ-୭୩୨, ଏବ ଭାରତ ରାଜନୀତିରେ 'କାଳେ କର୍ମ'-୭୩୫, ନିର୍ବାଚନ ଯୋଜନା-୭୪୨, ପରିପ୍ରଚାର ଓ ପ୍ରୋପାଗଣ୍ଡା-୭୪୩, ଆସାମର ପ୍ରାଦେଶିକତା-୭୪୬ ।

ଏକାଦଶ ଅଧ୍ୟାୟ ୭୫୦-୮୪୦

ଜାତୀୟ କଂଗ୍ରେସ ସଂପର୍କରେ 'ଆଲୋଚନା'

କଂଗ୍ରେସର ରାଜନୀତି-୭୫୦, କଂଗ୍ରେସ ରାଜନୀତି ଓ ମାଲବ୍ୟଙ୍କ ମତ-୭୫୦, ଟଣ୍ଡନଙ୍କ ନୂଆ ସଂଦେଶ-୭୫୨, କଂଗ୍ରେସର ନୂତନ କର୍ମପନ୍ଥା-୭୫୫, କଂଗ୍ରେସର ମହାସଭା-୭୫୯, କଂଗ୍ରେସର ସୁବର୍ଣ୍ଣ ଜୟନ୍ତୀ-୭୬୧, କଂଗ୍ରେସ ଓ ବ୍ୟବସ୍ଥା ସଭା-୭୬୪, କଂଗ୍ରେସ ଓ ବ୍ୟବସ୍ଥା ସଭା-୭୭୦, କଂଗ୍ରେସ କର୍ମ ଓ କଂଗ୍ରେସ ସରକାର-୭୭୪, କର୍ମୀର କର୍ତ୍ତବ୍ୟ-୭୭୬, ଲାଟ ସଭାରେ ନୃପେନ୍ଦ୍ରଙ୍କ ବର୍ବରତା-୭୭୮, କଂଗ୍ରେସର ପରିସ୍ଥିତି-୭୮୦, ଶାସନ ଖସଡ଼ା ପ୍ରତ୍ୟାଖ୍ୟାନ-କଂଗ୍ରେସ ଓ ଓଡ଼ିଶା-୭୮୭ ପ୍ରାଦେଶିକ କଂଗ୍ରେସ ଓ ପ୍ରାଦେଶିକ ସରକାର-୭୯୦, ସ୍ପଷ୍ଟନୀତି ଓ କାର୍ଯ୍ୟକ୍ରମ ଦରକାର-୭୯୪, ଶୃଙ୍ଖଳାଗତ ଶାସ୍ତିବିଧାନ-୭୯୬, କଂଗ୍ରେସର ତ୍ୟାଗଧର୍ମ-୮୦୦, କଂଗ୍ରେସର ଗତି ଓ ତାହାର ନିୟନ୍ତ୍ରଣ-୮୦୨, କଂଗ୍ରେସରେ ବିଦ୍ରୋହ-୮୦୪, ଏବର ରାଜନୀତିକ ପରିସ୍ଥିତି-୮୦୯, ଗଞ୍ଜାମ ଜିଲ୍ଲାବୋଡ-୮୧୬, କଂଗ୍ରେସରେ ଗଣତନ୍ତ୍ରତା-୮୧୮, କଂଗ୍ରେସର ଅହିଂସା ଓ ସତ୍ୟ-୮୨୪, କଂଗ୍ରେସରୁ ଇସ୍ତଫା-୮୨୭, କଂଗ୍ରେସୀଏ ଖାସା ପ୍ରେରଣା ପାଇଲେ-୮୩୦, କଂଗ୍ରେସ ଛାଡ଼-୮୩୧, ମୂଳ ଅଧିକାର-୮୩୭, ବିନା ଆୟାସରେ କାର୍ଯ୍ୟ ଉଦ୍ଧାର-୮୩୮ ।

Digitized by PPRACHIN, SOA

ଦ୍ୱାଦଶ ଅଧ୍ୟାୟ — ୮୪୧-୯୦୪

'ନବଭାରତ'ର 'ଆଲୋଚନା'ରେ ସ୍ମରଣୀୟ ବ୍ୟକ୍ତିତ୍ୱ

ସ୍ୱର୍ଗତ ମଧୁସୂଦନ ଦାସ-୮୪୧, ଆଜି ମଧୁସୂଦନଙ୍କ ଶ୍ରାଦ୍ଧ ବାସରେ-୮୪୨, ଗୋପବନ୍ଧୁ ସ୍ମୃତି ଓ ସେବକ ସମାଜ-୮୪୩, ଗୋପବନ୍ଧୁ ସ୍ମୃତି-୮୪୭, ଗାନ୍ଧିସେବା ସଂଘ-୮୪୮, ପଣ୍ଡିତ ନୀଳକଣ୍ଠଙ୍କ ଶୋକ-୮୫୦, ଗାନ୍ଧିଜୀ ମରିନାହାନ୍ତି-୮୫୧, ମହାତ୍ମା ଗାନ୍ଧିଙ୍କ ଶେଷପ୍ରାର୍ଥନା ସଭାବାଣୀ-୮୫୬, କଂଗ୍ରେସକୁ ମହାତ୍ମାଙ୍କ ଶେଷ ଉପଦେଶ-୮୫୭, ମହାତ୍ମାଙ୍କ ଜୀବନର ସ୍ମାରକ କର୍ମସୂଚୀ-୮୫୮, ବାଳ ଗଙ୍ଗାଧର ତିଳକ-୮୬୬, ବିଶ୍ୱନାଥ ବିୟୋଗ-୮୬୭, ସ୍ୱର୍ଗତ ପଣ୍ଡିତ ଆର୍ତ୍ତତ୍ରାଣ-୮୬୯, ମନସ୍ୱୀ ରାମଚନ୍ଦ୍ର-୮୬୯, ସ୍ୱର୍ଗତ ନୀଳମଣି ମିଶ୍ର-୮୭୨, ସ୍ୱର୍ଗତ ଚନ୍ଦ୍ରଶେଖର ବେହେରା-୮୭୩, ପରଲୋକରେ ନୃସିଂହ ଚରଣ-୮୭୪, ଅଧ୍ୟାପକ ଲକ୍ଷ୍ମୀକାନ୍ତ ଆଉ ଇହଧାମରେ ନାହାନ୍ତି-୮୭୫, ଶ୍ରୀ ଜଗବନ୍ଧୁ ସିଂହ-୮୭୫, ସ୍ୱର୍ଗତ ଶରତ ଚନ୍ଦ୍ର-୮୭୬, ସୁଭାଷ ବୋଷ-୮୭୮, ସୁଭାଷଙ୍କ ସାଂପ୍ରଦାୟିକ ସମାଧାନ-୮୮୨, ସ୍ୱର୍ଗତ ମଦନ ମୋହନ ମାଲବ୍ୟ-୮୮୪, ବ୍ରଜସୁନ୍ଦର ଦାସ-୮୮୬, ସ୍ୱର୍ଗତ ଦିବ୍ୟସିଂହ-୮୮୭, ସ୍ୱର୍ଗତ ପଣ୍ଡିତ ଭୁବନେଶ୍ୱର ରଥ କବିଚନ୍ଦ୍ର-୮୮୯, ଗୋପାଳ ଚନ୍ଦ୍ର ପ୍ରହରାଜ-୮୯୧, ଶଶିଭୂଷଣ ରଥ-୮୯୨, ନିରଞ୍ଜନ ପଟ୍ଟନାୟକ-୮୯୩, ଭଗବତୀ ଚରଣ ପାଣିଗ୍ରାହୀ-୮୯୩, ସ୍ୱର୍ଗତ ସନାତନ ପୂଝାରୀ-୮୯୪, ସ୍ୱର୍ଗତ ରାଜା ଗୌରଚନ୍ଦ୍ର-୮୯୪, ପୁଣ୍ୟଶ୍ଲୋକ ବିକ୍ରମ ଦେବ ବର୍ମା-୮୯୫, ଶ୍ରୀ ରାମକୃଷ୍ଣ ଶତବାର୍ଷିକ ଉତ୍ସବ-୮୯୬, ଭିଟଲ ଭାଇ ପଟେଲଙ୍କ ଦାନ-୮୯୮, ଓଡ଼ିଶାରେ ପଣ୍ଡିତ ଜହର ଲାଲ-୮୯୯, ନବବାବୁଙ୍କ ରାଷ୍ଟ୍ରନୀତି-୯୦୨ ।

ତ୍ରୟୋଦଶ ଅଧ୍ୟାୟ — ୯୦୫-୯୨୬

ବିବିଧ ବିଷୟର 'ଆଲୋଚନା'

କ୍ୱେଟାରେ ଭୂମିକମ୍ପ-୯୦୫, ପର୍ବତର ପ୍ରକୋପ-୯୦୬, ଆୟୁର୍ବେଦ-୯୦୭, ତୁଳସୀ, ବେଲପତ୍ରି, କବିରାଜି, ହୋମିଓପାଥି-୯୦୮, ଚକୁଳିଆ ପଣ୍ଡା-୯୧୩, ଆଦିମାତାର ଆରାଧନା-୯୧୬, ରଥଯାତ୍ରା-୯୧୯, ଦୁର୍ଗାପୂଜା-୯୨୪ ।

Digitized by PPRACHIN, SOA

ମୁଖବନ୍ଧ

ସମାଜ' ସମ୍ପାଦକ ସ୍ୱର୍ଗତ ରାଧାନାଥ ରଥ କହନ୍ତି- "ଦେଶରେ ଓ ଶାସନରେ ଘଟୁଥିବା ଦୈନନ୍ଦିନ ଘଟଣାବଳୀ ଏବଂ ବିଧି ବ୍ୟବସ୍ଥା- ଲୋକସାଧାରଣଙ୍କ ବ୍ୟକ୍ତିଗତ, ସାମାଜିକ, ଅର୍ଥନୀତିକ ଓ ସାଂସ୍କୃତିକ ଜୀବନକୁ ସ୍ତରେ ସ୍ତରେ ପ୍ରଭାବିତ କରେ। ତେଣୁ ସେସବୁ ଜାଣିବାକୁ, ଶୁଣିବାକୁ ଓ ସେ ବିଷୟରେ ମତ ଦେବାକୁ ଆଗ୍ରହୀ ହେବା ଲୋକଙ୍କ ପକ୍ଷରେ ସ୍ୱାଭାବିକ ଓ ଉଚିତ ମଧ୍ୟ। ଲୋକଙ୍କୁ ଏସବୁ ଜଣାଇବା, ଶୁଣାଇବା ଓ ମତଗଠନ ପାଇଁ ବିଶ୍ଳେଷଣମୂଳକ ସୂଚନା ଦେବା ସମ୍ବାଦ ପତ୍ରର କାର୍ଯ୍ୟ। ସେଇହେତୁରୁ ଏହା ଶ୍ରେଷ୍ଠ ଲୋକ-ସାହିତ୍ୟ।" (ଝିଟିପିଟି କହେ- 'ସମାଜ'- ତା୨୪.୧.୮୨)

ଦୈନିକ ଖବରକାଗଜ ଠାରୁ ଆରମ୍ଭ କରି ସାପ୍ତାହିକ, ପାକ୍ଷିକ, ମାସିକ ପତ୍ରପତ୍ରିକା ମଧ୍ୟ ସମ୍ବାଦପତ୍ର ବା 'Journal' ର ଅନ୍ତର୍ଭୁକ୍ତ। *The Encyclopaedia Britanica* ରେ 'Journal' ର ଅର୍ଥ ନିରୂପଣ କରାଯାଇଛି- "Any publication issued at stated intervals such as magazine or record of the transactions of learned society is commonly called a Journal."

ସମ୍ବାଦପତ୍ର ସଂପାଦନା ଓ ସାମ୍ବାଦିକତା ଗୋଟିଏ ଅତି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ। ଏଥିରେ ସାମ୍ବାଦିକ ଏକାଦିକ୍ରମେ ଜଣେ ଶିକ୍ଷକ, ସାହିତ୍ୟିକ, ଦାର୍ଶନିକ, ଇତିବୃତ୍ତ ଲେଖକ, ସମାଜ ସଂସ୍କାରକ, ମନସ୍ତତ୍ତ୍ୱବିଦ୍, ଅର୍ଥନୀତିଜ୍ଞ, ରାଜନୀତି ବିଶାରଦ ଓ ସର୍ବୋପରି ଜଣେ କଳାବିତ୍‌ଙ୍କ ଭୂମିକା ଗ୍ରହଣ କରିଥା'ନ୍ତି।

ସ୍ୱାଧୀନତାର ପ୍ରାକ୍‌କାଳରେ ଭାରତର ପ୍ରମୁଖ ଜନନାୟକ ତଥା ଦେଶସେବକମାନେ ସାମ୍ବାଦିକତାକୁ ଜାତୀୟ ଆନ୍ଦୋଳନର ଏକ ବିଶେଷ ପନ୍ଥା ଭାବରେ ଗ୍ରହଣ କରିଥିଲେ ସେମାନେ ଯଥାର୍ଥରେ ବୁଝିଥିଲେ ଯେ, ସମ୍ବାଦପତ୍ର ରାଷ୍ଟ୍ର, ସମାଜ ଓ ଲୋକ ଚରିତ୍ରକୁ ନିୟନ୍ତ୍ରଣ ଓ ଉଦ୍‌ବୁଦ୍ଧ କରି ଶିକ୍ଷା, ସାହିତ୍ୟ ଓ ସଭ୍ୟତାର ବିକାଶରେ ସହାୟକ ହୁଏ ଏବଂ ଜାତୀୟ ଜୀବନକୁ ସଂଗଠିତ କରେ। ତେଣୁ ସେମାନେ ପତ୍ରପତ୍ରିକାର ସମ୍ପାଦନା ଓ ସାମ୍ବାଦିକତାକୁ ଏକ ଜାତୀୟ କାର୍ଯ୍ୟ ଭାବେ ନିଷ୍ଠାର ସହ ସଂପାଦନ କରୁଥିଲେ।

Digitized by PPRACHIN, SOA

ଓଡ଼ିଶାରେ ସେହିପରି ପଣ୍ଡିତ ଗୋପବନ୍ଧୁ ଓ ପଣ୍ଡିତ ନୀଳକଣ୍ଠ ସାମ୍ବାଦିକତା କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ। ସେମାନେ ପତ୍ରପତ୍ରିକା ମାଧ୍ୟମରେ ମସୀ ଚାଳନ କରି ଦେଶବାସୀଙ୍କ ନାଗରିକ ସ୍ୱାଧୀନତା ପାଇଁ ଲଢ଼ିବା ସଙ୍ଗେ ସଙ୍ଗେ ଓଡ଼ିଶାର ରାଜନୀତି ଓ ଲୋକ ଚରିତ୍ରକୁ ନିୟନ୍ତ୍ରଣ କରି ଶିକ୍ଷା, ସଂସ୍କୃତି, ସଭ୍ୟତା ଓ ସାହିତ୍ୟର ପ୍ରସାର ଘଟାଇବାରେ ସଫଳ, ଉଦ୍ୟମ କରିଥିଲେ।

ପଣ୍ଡିତ ଗୋପବନ୍ଧୁ ଖ୍ରୀ.୧୯୧୫ରେ 'ସତ୍ୟବାଦୀ' ମାସିକ ପତ୍ରିକା ପ୍ରକାଶ କରି ତାହାର ପ୍ରତ୍ୟେକ ସଂଖ୍ୟାର 'ଆଲୋଚନା' ଶୀର୍ଷକ ସ୍ତମ୍ଭରେ ରାଜ୍ୟ ତଥା ଦେଶର ବିଭିନ୍ନ ସମସ୍ୟା ଉପରେ ତାଙ୍କର ସୁଚିନ୍ତିତ ସମ୍ପାଦକୀୟ ବକ୍ତବ୍ୟ ଉପସ୍ଥାପନ କରୁଥିଲେ। ସେ ପୁଣି ଖ୍ରୀ.୧୯୧୯ରେ ଓଡ଼ିଶାରେ ଜାତୀୟ ଆନ୍ଦୋଳନର ବାର୍ତ୍ତା ପ୍ରଚାର ପାଇଁ ସତ୍ୟବାଦୀ ଠାରେ 'ସତ୍ୟବାଦୀ ପ୍ରେସ୍' ସ୍ଥାପନ କରି ସେହିଠାରୁ ସାପ୍ତାହିକ 'ସମାଜ' ପ୍ରକାଶ କରିଥିଲେ। ଖ୍ରୀ.୧୯୨୧ରେ 'ସତ୍ୟବାଦୀ' ପତ୍ରିକାର ପ୍ରକାଶନ ବନ୍ଦ ହୋଇଯାଇଥିଲେ ହେଁ 'ସାମଜ' ପ୍ରକାଶନ ଅବ୍ୟାହତ ରହିଥିଲା। ଖ୍ରୀ.୧୯୨୪ରେ ସତ୍ୟବାଦୀ ପ୍ରେସ୍‌କୁ ସତ୍ୟବାଦୀରୁ ପୁରୀ ନିଆଯାଇ ସେଠାରୁ 'ସମାଜ' ପ୍ରକାଶ ପାଉଥିଲା। ପୁଣି ଖ୍ରୀ.୧୯୨୭ରେ ଏହି ପ୍ରେସ୍ ପୁରୀରୁ କଟକକୁ ସ୍ଥାନାନ୍ତରିତ ହୋଇ ସେଠାରୁ 'ସମାଜ' ପ୍ରକାଶ ପାଇଲା। ଏହି ସାପ୍ତାହିକ 'ସମାଜ' ଖ୍ରୀ:୧୯୩୦ରେ ଦୈନିକ 'ସମାଜ'ରେ ରୂପାନ୍ତରିତ ହେଲା। ପଣ୍ଡିତ ନୀଳକଣ୍ଠ କହନ୍ତି, ସେ 'ସତ୍ୟବାଦୀ' ପତ୍ରିକାର କାର୍ଯ୍ୟକାରୀ ସମ୍ପାଦକ (Working Editor) ଥିଲେ ଏବଂ ଗୋପବନ୍ଧୁଙ୍କ କାରାବାସ ସମୟରେ ଓ ତିରୋଧାନ ପରେ ସାମୟିକ ଭାବେ 'ସମାଜ'ର ସମ୍ପାଦନା କରିଥିଲେ।

ଗୋପବନ୍ଧୁଙ୍କ ପରି ନୀଳକଣ୍ଠ ମଧ୍ୟ ସାମ୍ବାଦିକ ଭାବେ ବେଶ୍ ପ୍ରତିଷ୍ଠା ଅର୍ଜନ କରିଥିଲେ। ଗୋପବନ୍ଧୁଙ୍କ ପରାମର୍ଶକ୍ରମେ ସେ ଖ୍ରୀ.୧୯୨୧ରେ ସମ୍ବଲପୁର ଠାରେ ଜାତୀୟ ଆନ୍ଦୋଳନର ବାର୍ତ୍ତା ପ୍ରଚାର ପୂର୍ବକ ତାହାର ମୁଖପତ୍ର ରୂପେ 'ସେବା' ନାମକ ପତ୍ରିକା ପ୍ରକାଶ କରିଥିଲେ। ମାତ୍ର ମହାତ୍ମାଗାନ୍ଧୀଙ୍କ ଜାତୀୟ ଆନ୍ଦୋଳନର ଆହ୍ବାନରେ ସେ ସମ୍ବଲପୁରରୁ ଚାଲି ଆସିବାରୁ ତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନର ଅଭାବରେ ଖ୍ରୀ.୧୯୨୩ରେ 'ସେବା' ପତ୍ରିକାର ପ୍ରକାଶନ ବନ୍ଦ ହୋଇଗଲା। ଏହାପରେ ନୀଳକଣ୍ଠ ଖ୍ରୀ.୧୯୨୪ରୁ ଖ୍ରୀ.୧୯୩୦ ଏବଂ ଖ୍ରୀ.୧୯୩୪ରୁ ଖ୍ରୀ.୧୯୪୫ ପର୍ଯ୍ୟନ୍ତ କେନ୍ଦ୍ର ଆସେମ୍ବ୍ଲିର ସଦସ୍ୟ ରହି ଜାତୀୟ ରାଜନୀତି କ୍ଷେତ୍ରରେ ଅବତୀର୍ଣ୍ଣ ହୋଇଥିଲେ ହେଁ ସ୍ୱୀୟ ସଂସ୍କାରବାଦୀ ଚିନ୍ତାଧାରାରେ ଜନଶକ୍ତିକୁ ଉଦ୍‌ବୁଦ୍ଧ କରିବା ଲାଗି ଖ୍ରୀ.୧୯୩୪ରୁ ଖ୍ରୀ.୧୯୪୧ ଏବଂ

Digitized by PPRACHIN, SOA

ଖ୍ରୀ.୧୯୪୬ରୁ ଖ୍ରୀ.୧୯୫୧ ପର୍ଯ୍ୟନ୍ତ ମାସିକ 'ନବଭାରତ' ପତ୍ରିକା ପ୍ରକାଶ କରିଥିଲେ। ସେ ପୁଣି ଓଡ଼ିଶା ପ୍ରଦେଶ କଂଗ୍ରେସର ସଭାପତି ଥିବା ସମୟରେ ତାଙ୍କ ଅଧ୍ୟକ୍ଷତାରେ ଉତ୍କଳ କଂଗ୍ରେସର ମୁଖପତ୍ର ରୂପେ ଖ୍ରୀ.୧୯୩୬ ସେପ୍ଟେମ୍ବର ମାସରେ 'ଲୋକମତ' ସାପ୍ତାହିକ ପତ୍ରିକା ପ୍ରକାଶ ପାଇଲା। ସେହି ବର୍ଷ ଡିସେମ୍ବର ମାସରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ଯେଉଁ ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଥିଲା, ସେଥିରେ କଂଗ୍ରେସ ଦଳ ପାଇଁ ବିପୁଳ ବିଜୟ ଆଣିଦେବାରେ 'ଲୋକମତ' ଏକ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା।

ପାରଳାଖେମୁଣ୍ଡିର ମହାରାଜା ଗଜପତି କୃଷ୍ଣଚନ୍ଦ୍ର ଦେବଙ୍କ ମିଳିତ ମନ୍ତ୍ରୀମଣ୍ଡଳକୁ ସମର୍ଥନ ଜଣାଇବା ପାଇଁ ନୀଳକଣ୍ଠ ପୁଣି ଖ୍ରୀ.୧୯୪୧ରୁ ଖ୍ରୀ.୧୯୪୬ - ଏହି ପାଞ୍ଚବର୍ଷ 'ଦୈନିକ ନବଭାରତ' ପ୍ରକାଶ କଲେ। ସେହି ପାଞ୍ଚବର୍ଷ ମାସିକ 'ନବଭାରତ'ର ପ୍ରକାଶନ ବନ୍ଦ ରହି ପୁଣି ଖ୍ରୀ.୧୯୪୬ରୁ ଖ୍ରୀ.୧୯୫୧ ପର୍ଯ୍ୟନ୍ତ 'ନବଭାରତ'ର ନୂଆପ୍ରସ୍ଥ ପ୍ରକାଶ ପାଇଥିଲା।

'ନବ ଭାରତ'ର ପ୍ରଥମ ପ୍ରକାଶନ କାଳରେ ସମ୍ପାଦକ ନୀଳକଣ୍ଠ ସତ୍ୟପାଠ କରିଥିଲେ- "ଜୟପୁର ମହାରାଜା ଶ୍ରୀ ବିକ୍ରମ~~କେଶରୀ~~ ଦେବ ମୋତେ ଗୋଟିଏ ସାହିତ୍ୟ ପତ୍ର ପ୍ରକାଶ କରିବା ପାଇଁ ପାଞ୍ଚ ହଜାର ଟଙ୍କା ଦାନ କରିଛନ୍ତି। ହେଲେ ହେଁ ମୁଁ ସେ ଅର୍ଥର ବରାବର ହିସାବ ରଖୁଛି। ମନସ୍ଥ କରିଛି, ଯେଉଁଦିନ ଏକଶତ ମୂଳଧନ ନେତାଙ୍କୁ ଘେନି 'ଗୋପବନ୍ଧୁ ସେବକ ସମାଜ'ର ସ୍ଥାୟୀ କାର୍ଯ୍ୟ ଆରମ୍ଭ ହେବ ସେହିଦିନ ସମସ୍ତ ସମ୍ପତ୍ତି ହିସାବ ସହିତ ସେହି ସମାଜ ହାତରେ ଅର୍ପଣ କରିବି।"

(ନବଭାରତ-୧/୧, ପୃ.-୫ ଦ୍ରଷ୍ଟବ୍ୟ)

ଉପରୋକ୍ତ ଉକ୍ତି ଅନୁସାରେ ଖ୍ରୀ:୧୯୫୧ରେ 'ନବଭାରତ'-ନୂଆପ୍ରସ୍ଥ-୩ୟ ବର୍ଷ / ୩ୟ ସଂଖ୍ୟା ପ୍ରକାଶ ପାଇ ପତ୍ରିକାଟିର ପକାଶନ ବନ୍ଦ ହୋଇଯିବା ପରେ ନୀଳକଣ୍ଠ ନବଭାରତ ପ୍ରେସ୍‌କୁ ଗୋପବନ୍ଧୁଙ୍କ ପ୍ରତିଷ୍ଠିତ 'ଲୋକ-ସେବକ-ସମାଜ' ହସ୍ତରେ ଅର୍ପଣ କରିଥିଲେ। ଏହାର ସ୍ମୃତି ସ୍ୱରୂପ 'ସମାଜ' ସମ୍ବାଦ ପତ୍ରର 'ସାପ୍ତାହିକ ସାହିତ୍ୟ ଆଲୋଚନା' ପୃଷ୍ଠାଟି ନୀଳକଣ୍ଠଙ୍କ ପ୍ରତିଷ୍ଠିତ 'ନବଭାରତର ନୂତନ ପ୍ରସ୍ଥ' ଶୀର୍ଷକ ପୃଷ୍ଠା ରୂପେ ପ୍ରତି ରବିବାର ପ୍ରକାଶ ପାଇଆସୁଅଛି।

'ନବ ଭାରତ' ପ୍ରକାଶନର ପୃଷ୍ଠଭୂମି :

ସ୍ୱାଧୀନଚେତା ପଣ୍ଡିତ ନୀଳକଣ୍ଠ ବିନାଯୁକ୍ତିରେ କାହାରି କଥାକୁ ବିଶ୍ୱାସ କରୁନଥିଲେ। ନିଜ ଚିନ୍ତା ଓ ଚେତନାରେ ସେ ଥିଲେ ନବ୍ୟ ପନ୍ଥୀ ଓ ସଂସ୍କାରବାଦୀ।

Digitized by PPRACHIN, SOA

ଥରେ ଗୋପବନ୍ଧୁଙ୍କ ସହ ବାର୍ତ୍ତାଳାପ ମଧ୍ୟରେ ସେ କହିଥିଲେ- କୃଷ୍ଣ, ବିଷ୍ଣୁ, ଖ୍ରୀଷ୍ଟ ପ୍ରଭୃତିଙ୍କ ନାମରେ ପ୍ରଚାରିତ ଧର୍ମ କେବେହେଲେ ମାନବ ଧର୍ମ ହୋଇପାରିବନି। ସେସବୁ ଧର୍ମରେ ଥିବା ଭେଦ ମନୁଷ୍ୟର ବିକାଶ ପଥରେ ଅନ୍ତରାୟ ହେବ। ଏ ସମ୍ପର୍କରେ ସେ ତାଙ୍କ 'ଆତ୍ମଜୀବନୀ'ରେ ଲେଖିଛନ୍ତି- "ଯେଉଁଦିନ ଗୋପବନ୍ଧୁ ବାବୁଙ୍କ ସଙ୍ଗେ 'ମହାଭାରତ' ବିଷୟକ କଥାବାର୍ତ୍ତାରେ- 'ମହାଭାରତ'ରେ କୃଷ୍ଣ କଥା ନଥିଲେ ଚଳିଥା'ନ୍ତା ବୋଲି କହିଲି ଓ ତା'ପରେ ଗୋପବନ୍ଧୁ ଟିକିଏ ବିସ୍ମିତ ହୋଇ ରହିଯାଇ ମୋତେ କହିଲେ- 'ଏପରି କହନାଇଁ, ଏଥିରେ ପାପ ହେବ - ସେଇଦିନଠାରୁ ମୋର ଭକ୍ତିଧର୍ମ ପ୍ରତି ଆସ୍ଥା ଟିକିଏ କମିଗଲା। ମୁଁ ମନେ ମନେ ଭାବିଲି କୌଣସି ମତେ ଜଗତରେ ଆତ୍ମା-ଅନାତ୍ମା ଧର୍ମ ପ୍ରକାଶ ପାଇଲେ ବ୍ୟକ୍ତିବିଶେଷଙ୍କ ଦ୍ୱାରା ପ୍ରଚାରିତ ଧର୍ମ ଅର୍ଥାତ୍ ଖ୍ରୀଷ୍ଟଧର୍ମ, ବୁଦ୍ଧଧର୍ମ, ଜୀନଧର୍ମ, କୃଷ୍ଣଧର୍ମ ଆଦିରେ ଯଥାର୍ଥ ପ୍ରତିକାର କରିହୁଅନ୍ତା। ××× ସେହିଦିନଠାରୁ ମନେ କଲି, ମୁଁ ନିଜେ ଗୋଟିଏ ମାସିକ ପତ୍ରିକା କାଢ଼ିଲେ ଭଲହୁଅନ୍ତା।

(ଆତ୍ମଜୀବନୀ, ପୃ.-୧୮୨)

ଏହି ନବ୍ୟ ଚିନ୍ତାଧାରାର ସ୍ୱାତନ୍ତ୍ର୍ୟ ଫିଟାଇବା ଲାଗି ନୀଳକଣ୍ଠ ଜୟପୁର ରାଜା ବିକ୍ରମକେଶରୀ ଦେବଙ୍କ ଠାରୁ ପାଞ୍ଚ ହଜାର ଟଙ୍କା ଆର୍ଥିକ ସାହାଯ୍ୟ ପାଇ କଟକରେ ନବଭାରତ ମୁଦ୍ରଣାଳୟ ପ୍ରତିଷ୍ଠା କଲେ ଓ ସେହି ମୁଦ୍ରଣାଳୟରୁ ୧୩୪୧ ସାଲ ମିଥୁନ ମାସ (ଖ୍ରୀ.୧୯୩୪-ଜୁଲାଇ)ରେ 'ନବଭାରତ' ମାସିକ ପତ୍ରିକା ପ୍ରକାଶ ପାଇଲା।

'ନବ ଭାରତ'ର ପ୍ରକାଶ କାଳ (ଜୁଲାଇ ୧୯୩୪ ରୁ ମାର୍ଚ୍ଚ ୧୯୫୧) ମଧ୍ୟରେ ଆମ୍ ରାଜ୍ୟ, ଦେଶ ତଥା ଆନ୍ତର୍ଜାତିକ କ୍ଷେତ୍ରରେ ଚାରିଗୋଟି ବିଶିଷ୍ଟ ଘଟଣା ଘଟି ଯାଇଥିଲା। ଯେପରି -

କ) ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବା (୧୯୩୬)

ଖ) ଦ୍ୱିତୀୟ ପୃଥିବୀ ମହାସମର ଘଟିବା (୧୯୩୯-୪୫)

ଗ) ଭାରତ ସ୍ୱାଧୀନ ହେବା (ଖ୍ରୀ.୧୯୪୭) ଓ

ଘ) ମହାତ୍ମାଗାନ୍ଧୀ ଆତତାୟୀର ଗୁଳିରେ ପ୍ରାଣ ହରାଇବା (୧୯୪୮)

ଏହି ଘଟଣାଗୁଡ଼ିକର ଗୁରୁତ୍ୱ ଦୃଷ୍ଟିରୁ 'ନବଭାରତ'ର ନିମ୍ନୋକ୍ତ ସ୍ୱତନ୍ତ୍ର ସଂଖ୍ୟାମାନ ପାଇଥିଲା -

କ) ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ସଂଖ୍ୟା - ନ.ଭା. -୨/୧୧ ସଂଖ୍ୟା

ଖ) ଯୁଦ୍ଧ ସଂଖ୍ୟା - ନ.ଭା. - ୭/୫,୬,୭,୮ ସଂଖ୍ୟା

Digitized by PPRACHIN, SOA

ଗ) ସ୍ୱାଧୀନ ଭାରତ ସଂଖ୍ୟା - ନ.ଭା. - ନୂଆ ପ୍ରସ୍ଥ - ୧/୮ ସଂଖ୍ୟା

ଘ) ମହାତ୍ମାଗାନ୍ଧୀ ସଂଖ୍ୟା - ନ.ଭା. - ନୂଆ ପ୍ରସ୍ଥ-୧/୧୧ ସଂଖ୍ୟା

ସତ୍ୟବାଦୀ ଗୋଷ୍ଠୀ ଥିଲେ ସତ୍ୟାନୁସନ୍ଧାନୀ। ସେମାନେ ବୁଝିଥିଲେ ସମାଜରେ ସତ୍ୟର ପନ୍ଥା ଅନୁସରଣ କରିବାର ଉପାୟ ପତ୍ରପତ୍ରିକା ମାଧ୍ୟମରେ ହିଁ ଉପଯୁକ୍ତ ଭାବେ ପ୍ରଚାରିତ ହୋଇପାରେ। ସେଥିପାଇଁ 'ସତ୍ୟବାଦୀ'ର ପ୍ରତ୍ୟେକ ସଂଖ୍ୟାରେ ବେଦବାଣୀ- "ଋତଂ ବଦିଷ୍ୟାମି, ସତ୍ୟଂବଦିଷ୍ୟାମି..." ଉଦ୍ଧୃତ ହେଉଥିଲା। ସେହିପରି 'ନବଭାରତ'ର ପ୍ରତ୍ୟେକ ସଂଖ୍ୟାରେ ସତ୍ୟର ସ୍ୱରୂପ ପରଂବ୍ରହ୍ମଙ୍କ ବିଶ୍ୱପ୍ରକାଶ ବିଧିରେ ପତ୍ରିକାଟି ବିଭାସିତ ହେବାର ଆଶା ରଖି ସଂପାଦକ ନୀଳକଣ୍ଠ ନିମ୍ନୋକ୍ତ ସ୍ୱରଚିତ ଶ୍ଳୋକଟି ଉଦ୍ଧାର କରୁଥିଲେ-

"ଯସ୍ୟାକ୍ଷରସ୍ୟ ତପସ୍ୟାଽପି ବିଭାତି ବିଶ୍ୱଂ
ସ୍ପଷ୍ଟଂକ୍ଷର ଜଗଦିଦଂ ଖଲୁ ଭୂତ ସଂଘୈଃ,
ଆଶାସ୍ମହେ ପ୍ରତିପଦଂ ପ୍ରବିଭାତୁ ତସ୍ୟ,
ବିଶ୍ୱ ପ୍ରକାଶ ବିଧିନା ନବଭାରତୋଽୟଂ।"

ଅର୍ଥାତ୍ ଯେଉଁ ଅକ୍ଷର ପୁରୁଷଙ୍କ ତପସ୍ୟା ବଳରେ ବିଶ୍ୱ ପ୍ରକାଶ ପାଏ, ଯାହାଙ୍କ ଠାରୁ ଏ ବିଶ୍ୱର ସକଳ ପ୍ରାଣୀ ସ୍ପଷ୍ଟ ଉତ୍ସରିତ ହୁଅନ୍ତି, ଆମେ ଆଶା କରୁଛୁ ସେହି ବିଶ୍ୱ-ପ୍ରକାଶ ବିଧିରେ 'ନବଭାରତ' ବିଭାସିତ ହେଉ।

'ନବଭାରତ' ପତ୍ରିକା ପ୍ରକାଶ କରି ପଣ୍ଡିତ ନୀଳକଣ୍ଠ ଉଭୟ ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ତାଙ୍କ ପ୍ରତିଭାର ଉଜ୍ଜ୍ୱଳ ସ୍ୱାକ୍ଷର ରଖିଯାଇଛନ୍ତି। ଏ ପତ୍ରିକାରେ ସେ ବହୁ ଉଚ୍ଚକୋଟୀର ସାହିତ୍ୟିକ ଓ ଗବେଷକଙ୍କ ରଚନାବଳି ଲୋକଲୋଚନକୁ ଆଣିବା ସହ ଏହାର 'ଆଲୋଚନା' ପର୍ଯ୍ୟାୟରେ ସମସାମୟିକ ରାଜନୀତି, ଅର୍ଥନୀତି, ଶିକ୍ଷା, ସଂସ୍କୃତି, ସାମାଜିକ ସ୍ଥିତି ଓ ପ୍ରଗତି ଆଦିର ବିଶ୍ଲେଷଣାତ୍ମକ ବିବରଣୀ ପ୍ରଦାନ ପୂର୍ବକ ଆମ ଦେଶ ତଥା ରାଜ୍ୟରେ ଘଟିଯାଉଥିବା ଘଟଣା ପ୍ରତି ଜନସମାଜକୁ ସଚେତନ କରାଇବାରେ ସମର୍ଥ ହୋଇପାରିଛନ୍ତି।

ସାହିତ୍ୟପତ୍ରିକା ଭାବେ 'ନବଭାରତ'ର ବିଶେଷତ୍ୱ ଥିଲା - ଏଥିରେ ନବ୍ୟପନ୍ଥୀ ଓ ସଂସ୍କାରବାଦୀ ଲେଖକମାନଙ୍କୁ ଅଧିକ ପ୍ରୋତ୍ସାହିତ କରାଯାଉଥିଲା। ଏଥିରେ ପ୍ରକାଶିତ ବୈକୁଣ୍ଠନାଥ ପଟ୍ଟନାୟକ, କାଳିନ୍ଦୀ ଚରଣ ପାଣିଗ୍ରାହୀ, ସଚ୍ଚିଦାନନ୍ଦ ରାଉତରାୟ ପ୍ରମୁଖ ପ୍ରଖ୍ୟାତ କବିମାନଙ୍କ କବିତା, ରାମକୃଷ୍ଣ ନନ୍ଦ ଓ ଚକ୍ରଧର ମହାପାତ୍ରଙ୍କ ଶିଶୁସାହିତ୍ୟ, ବଂଶୀଧର ସାମନ୍ତରାୟ ଓ ବଂଶୀଧର ପରିଡ଼ାଙ୍କ ବିଜ୍ଞାନ ଭିତ୍ତିକ ପ୍ରବନ୍ଧ, ବ୍ରଜସୁନ୍ଦର ଦାସ,

Digitized by PPRACHIN, SOA

କେଦାରନାଥ·ମହାପାତ୍ର ପ୍ରମୁଖଙ୍କ ଐତିହାସିକ ପ୍ରବନ୍ଧ, ଗୋଦାବରୀଶ ମହାପାତ୍ର, ହରିଶ୍ଚନ୍ଦ୍ର ବଡ଼ାଳଙ୍କ ସଂସ୍କାରଧର୍ମୀ ପ୍ରବନ୍ଧ, ସଦାଶିବ ମିଶ୍ରଙ୍କ ଅର୍ଥନୀତି ଭିତ୍ତିକ ରଚନା, ଅନ୍ତର୍ଯାମୀ ପତି, ଗିରିଜାଶଙ୍କର ରାୟ, କୁଳମଣି ଦାସ ପ୍ରଭୃତିଙ୍କ ଭାଷା ଓ ସାହିତ୍ୟ ସମ୍ପର୍କିତ ଆଲୋଚନା ଏବଂ ଜଗବନ୍ଧୁ ସିଂହ, ନବ କିଶୋର ଦାସଙ୍କ ପ୍ରଗତିବାଦୀ ଚିନ୍ତାଧାରାସମ୍ବଳିତ ରଚନାମାନ ପାଠକୀୟ ଆଦୃତି ଲାଭ କରି ପତ୍ରିକାର ଗୌରବ ବହୁଗୁଣିତ କରିଥିଲା ।

'ନବଭାରତ'ର ସମ୍ପାଦକ ପଣ୍ଡିତ ନୀଳକଣ୍ଠ ନିଜେ ମଧ୍ୟ ମଧ୍ୟ ଏହି ପତ୍ରିକାର ବିଭିନ୍ନ ସଂଖ୍ୟାରେ ଉଚ୍ଚକୋଟୀର ଚିନ୍ତା ସମ୍ବଳିତ ପ୍ରବନ୍ଧମାନ ଲେଖି ଓଡ଼ିଶାର ଧର୍ମଧାରା, ଲୋକଚଳଣି, ଓଡ଼ିଆ ସଂସ୍କୃତି, ଓଡ଼ିଆ କବିତାର ଛନ୍ଦ, ଓଡ଼ିଆ ଭାଷା ଓ ବ୍ୟାକରଣ ସମ୍ପର୍କରେ ବହୁ ତଥ୍ୟ ପରିବେଷଣ କରିଛନ୍ତି । ସେ ପୁଣି ଆମ ସାମାଜିକ ଚଳଣିରେ ପ୍ରବେଶ କରିଥିବା କୁସଂସ୍କାର ବିରୋଧରେ ସ୍ୱର ଉତ୍ତୋଳନ କରିବା ସହ ଭାରତର ଅର୍ଥନୀତି, ଜାତୀୟ କଂଗ୍ରେସର ଇତିବୃତ୍ତ, ପ୍ରାଦେଶିକ ସ୍ୱାଧୀନତା, ଜମିଦାରୀ ପ୍ରଥା ଆଦି ବିଷୟରେ ତାଙ୍କର ସୁଚିନ୍ତିତ ବକ୍ତବ୍ୟ ଉପସ୍ଥାପନ କରିଛନ୍ତି ।

'ନବଭାରତ' ମୁଖ୍ୟତଃ ଏକ ସାହିତ୍ୟ ପତ୍ରିକା ହୋଇଥିଲେ ହେଁ, ଏହାର 'ଆଲୋଚନା' ଓ 'ପଲ୍ଲୀପାଠ' ପର୍ଯ୍ୟାୟରେ ସମ୍ବାଦ ପରିବେଷଣ କରାଯାଉଥିଲା । 'ପଲ୍ଲୀପାଠ'ରେ ଗ୍ରାମ୍ୟଜୀବନର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇ ତାହାର ନିରାକରଣ ନିମନ୍ତେ ଉପାୟ ନିର୍ଦ୍ଦେଶିତ ହେଉଥିଲା । ଅଳ୍ପ କେତୋଟି ମାତ୍ର ସଂଖ୍ୟାରେ ଏହି 'ପଲ୍ଲୀପାଠ' ପ୍ରକାଶ ପାଇଥିଲା ଯେଉଁଥିରେ ସମ୍ପାଦକ ନୀଳକଣ୍ଠ ଜମିଦାରୀ-ପ୍ରଥାକୁ ପ୍ରଜା-ଦୁର୍ଗତି-ବୀଜର ଭଣ୍ଡାର କହି ଏହାର ବିଲୋପ ସାଧନ ଦିଗରେ ଜନମତ ସୃଷ୍ଟି କରିବାକୁ ଉଦ୍ୟମ କରିଥିଲେ ।

'ନବଭାରତ'ର 'ଆଲୋଚନା' ପର୍ଯ୍ୟାୟ :

'ନବ ଭାରତ'ର ଆଲୋଚନା ପର୍ଯ୍ୟାୟଟି ଥିଲା ସୁଦୂରପ୍ରସାରୀ । ପତ୍ରିକାର ପ୍ରତ୍ୟେକ ସଂଖ୍ୟାରେ ତତ୍କାଳୀନ ଗୁରୁତ୍ୱପୂର୍ଣ୍ଣ ଘଟଣାବଳୀର ବିଚାରପୂର୍ବକ ସେ ସମ୍ବନ୍ଧରେ ନିଜସ୍ୱ ସୁଚିନ୍ତିତ ମନ୍ତବ୍ୟ ଉପସ୍ଥାପନ କରି ସମ୍ପାଦକ ନୀଳକଣ୍ଠ ଜଣେ ନିଷ୍ପାପର ବିଜ୍ଞ ସାମ୍ବାଦିକ ଭାବେ ନିଜର କର୍ତ୍ତବ୍ୟ ସମ୍ପାଦନ କରିଛନ୍ତି । ଏହି 'ଆଲୋଚନା' ପର୍ଯ୍ୟାୟଟି ଯଥାର୍ଥରେ ଥିଲା 'ନବଭାରତ'ର ସମ୍ପାଦକୀୟ ସ୍ତମ୍ଭ ।

ପତ୍ରିକାର ୮ମ ଭାଗ / ୧ମ ସଂଖ୍ୟା, ୫ମ ଭାଗ / ୯ମ ସଂଖ୍ୟାର 'ଆଲୋଚନା' ଶେଷରେ 'ଚି.ମି.' ଲେଖା ଥିବାରୁ ତାହା ପତ୍ରିକାର ମୁଦ୍ରଣକାର ଚିନ୍ତାମଣି ମିଶ୍ର ଲେଖିଥିବା

Digitized by PPRACHIN, SOA

ମନେହୁଏ। ଏଇ କେତୋଟି ମାତ୍ର 'ଆଲୋଚନା' ବ୍ୟତୀତ ଅନ୍ୟସବୁ ସମ୍ପାଦକ ପଣ୍ଡିତ ନୀଳକଣ୍ଠ ଲେଖିଛନ୍ତି।

ପଣ୍ଡିତ ନୀଳକଣ୍ଠ ଥିଲେ ଜଣେ ବହୁମୁଖୀ ପ୍ରତିଭା ସମ୍ପନ୍ନ ବ୍ୟକ୍ତିତ୍ୱ। ଜଣେ ଅନନ୍ୟ ସାଧାରଣ ଶିକ୍ଷାବିତ୍, ବହୁଶାସ୍ତ୍ରଦର୍ଶୀ ପଣ୍ଡିତ, ପ୍ରଖ୍ୟାତ ଭାଷାବିତ୍, ବରିଷ୍ଠ ସାହିତ୍ୟିକ, ନିର୍ଭୀକ ସମାଜ ସଂସ୍କାରକ, ବିଚକ୍ଷଣ ରାଷ୍ଟ୍ରନୀତିଜ୍ଞ ଓ ଆଦର୍ଶବାଦୀ ଜନନାୟକ ଭାବେ ତାଙ୍କର ପ୍ରତିଷ୍ଠା ଥିବାରୁ 'ନବ ଭାରତ'ରେ ପ୍ରକାଶିତ ତାଙ୍କ ସମ୍ପାଦକୀୟ ଆଲୋଚନାଗୁଡ଼ିକ ପାଠକମାନଙ୍କୁ ଗଭୀରଭାବେ ପ୍ରଭାବିତ କରିପାରୁଥିଲା। 'ସତ୍ୟବାଦୀ' ପତ୍ରିକାରେ ପ୍ରକାଶିତ ପଣ୍ଡିତ ଗୋପବନ୍ଧୁଙ୍କ ଦେଶ-କାଳ-ପାତ୍ର ସମ୍ପର୍କିତ ଆଲୋଚନା ଯେପରି, ପାଠକୀୟ ଆଦୃତି ଲାଭ କରିଥିଲା ସେହିପରି 'ନବଭାରତ'ର 'ଆଲୋଚନା' ପର୍ଯ୍ୟାୟରେ ସମ୍ପାଦକ ନୀଳକଣ୍ଠଙ୍କ ଶିକ୍ଷା, ସଂସ୍କୃତି, ସାହିତ୍ୟ, ସଙ୍ଗୀତ, ଭାଷା, ବ୍ୟାକରଣ, ଧର୍ମ, ଦର୍ଶନ, ସଂସ୍କାର, ସାମାଜିକ ବ୍ୟବସ୍ଥା, ଶିଳ୍ପ, ବାଣିଜ୍ୟାଦି ସମ୍ପର୍କୀୟ ମନ୍ତବ୍ୟ ପାଠକମାନଙ୍କ ଚିନ୍ତା ଓ ଚେତନାକୁ ଗଭୀର ଭାବେ ଆଲୋଡ଼ିତ କରିବାରେ ସମର୍ଥ ହୋଇଥିଲା।

'ନବଭାରତ'ରେ ସ୍ଥାନିତ ଏହି ସମ୍ପାଦକୀୟ ଆଲୋଚନାସବୁକୁ ବିଷୟାନୁକ୍ରମେ ନିମ୍ନୋକ୍ତ ଅଧ୍ୟାୟଗୁଡ଼ିକରେ ସଂକଳିତ କରି 'ନବଭାରତ'ର ସମ୍ପାଦକୀୟ 'ଆଲୋଚନା' ଗ୍ରନ୍ଥଟି ପ୍ରସ୍ତୁତ କରାଯାଇଛି।

ପ୍ରଥମ ଅଧ୍ୟାୟ-ସମ୍ପାଦକୀୟ ଅଭିବ୍ୟକ୍ତି :

ଏହି ଅଧ୍ୟାୟର ଅନ୍ତର୍ଭୁକ୍ତ ଲେଖା ଗୁଡ଼ିକରେ ସମ୍ପାଦକ ନୀଳକଣ୍ଠ ଆଲୋଚ୍ୟ ପତ୍ରିକାଟି ପ୍ରକାଶ କରିବାର ଆବଶ୍ୟକତା ଦର୍ଶାଇବା ସହ ଏହାର କେତୋଟି ସଂଖ୍ୟାର ପ୍ରକାଶନ କାଳରେ ଘଟିଥିବା ତ୍ରୁଟି ବିଚ୍ୟୁତି ସମ୍ପର୍କରେ କୈଫିୟତ୍ ପ୍ରଦାନ କରିଛନ୍ତି। ପତ୍ରିକା ପ୍ରକାଶନ ସମୟରେ ବର୍ଷ, ମାସ ଓ ସାଲ ଗଣନାକୁ ନେଇ ଯେଉଁ ଅସୁବିଧା ସୃଷ୍ଟିହୁଏ ସେ ସମ୍ପର୍କରେ ଆଲୋଚକ ଲେଖିଛନ୍ତି- "ଚାନ୍ଦ୍ରମାନ ମାସର ପର୍ବଦିନ ସୁନିଆଠାରୁ ସୌରମାନ ମାସ ଓ ବର୍ଷ ଗଣିବା ଅସଂଗତ ଓ ଘୋର ଅସୁବିଧା ଜନକ। ମେଷଠାରୁ ମୀନ ସମ୍ବତ୍ସର ଗଣନାହିଁ ଓଡ଼ିଶା ଛଡ଼ା ସର୍ବତ୍ର ପ୍ରଚଳିତ, ସୁସଂଗତ ଓ ଅତ୍ୟନ୍ତ ସୁବିଧାଜନକ। ତେଣୁ ସେହିପରି ବର୍ଷ ଗଣନା କରି ସୁନିଆ ପରେ ମଧ୍ୟ ୧୩୪୨ ସାଲ ନ କହି ୧୩୪୧ ସାଲ ଚଳାଇଲୁ। ମୀନ ଶେଷ ପର୍ଯ୍ୟନ୍ତ ଏହି ୧୩୪୧ ସାଲ ରହିବ। ଏହି ପ୍ରଥମ ପରିବର୍ତ୍ତନ ବେଳେ ଲୋକଙ୍କର ଅସୁବିଧା ହୋଇପାରେ। ସେଥିପାଇଁ ପ୍ରତ୍ୟେକ ସଂଖ୍ୟାର ଶେଷ ପୃଷ୍ଠାରେ ଇଂରାଜୀ ମାସ ଓ ବର୍ଷ ଦିଆଯାଇଛି।" (ନ.ଭା.-୧/୫ ପୃ.୪୧୪)

Digitized by PPRACHIN, SOA

ପୁଣି ଖ୍ରୀ.୧୯୪୧ରୁ ଖ୍ରୀ.୧୯୪୬ ପର୍ଯ୍ୟନ୍ତ ମାସିକ 'ନବଭାରତ'ର ପ୍ରକାଶନ ବନ୍ଦ ରହିବାର କାରଣ ଦର୍ଶାଇ ସେ ଲେଖିଛନ୍ତି- "କାଗଜର କଟକଣା ଓ ଅନ୍ୟାନ୍ୟ ଅପରିହାର୍ଯ୍ୟ ଅସୁବିଧାରୁ ମାସିକଟି ବାହାର କରିବା ସମ୍ଭବ ହୋଇ ନଥିଲା। ××× ଏବେ ଇଚ୍ଛାମତେ ଗ୍ରାହକ ଓ ଲେଖକଙ୍କୁ ସନ୍ତୁଷ୍ଟ କରିହେବ ନାହିଁ। ×× ବଜାରରେ ସାମୟିକ ଉପଯୋଗୀ କାଗଜର ଅଭାବ ଦୃଷ୍ଟେ ପତ୍ରଟି ବାହାରିବାର ସମୟ ମଧ୍ୟ ଏପାଖ ସେପାଖ ହୋଇପାରେ। ତଥାପି ପ୍ରତ୍ୟେକ ଇଂରାଜୀ ମାସର ମଧ୍ୟଭାଗରେ ସଂକ୍ରାନ୍ତିକୁ ପତ୍ରିକାଟି ବାହାରିବ।" (ନବ ଭାରତ-ନୂଆପ୍ରସ୍ଥ-୧/୧ ଆଲୋଚନା, ଅକ୍ଟୋବର ଖ୍ରୀ.୧୯୪୬)

ଦ୍ୱିତୀୟ ଅଧ୍ୟାୟ-ସାହିତ୍ୟ ଓ ସାହିତ୍ୟାନୁଷ୍ଠାନ ସମ୍ପର୍କୀୟ ଆଲୋଚନା :

ଓଡ଼ିଆ ସାହିତ୍ୟର ଗତି ଓ ପ୍ରକୃତିଭିତ୍ତିକ ସମ୍ପାଦକୀୟ ଆଲୋଚନାଗୁଡ଼ିକରେ ଓଡ଼ିଆ ସାହିତ୍ୟରେ କିପରି ଓଡ଼ିଆ ଜାତିର ଜୀବନଧାରା ପ୍ରକାଶ ପାଇଛି ସେ ବିଷୟରେ ପାଠକଙ୍କୁ ଅବଗତ କରାଯାଇଛି। ପଣ୍ଡିତ ନୀଳକଣ୍ଠ ସାହିତ୍ୟକୁ 'ସମାଜ ବିକାଶର ପ୍ରକାଶ ସୂଚୀ' ଭାବରେ ଗ୍ରହଣ କରିଥିବାରୁ ସାହିତ୍ୟାଲୋଚନାରେ ସମାଜତାତ୍ତ୍ୱିକ ଦୃଷ୍ଟିକୋଣ ପ୍ରତି ଅଧିକ ଗୁରୁତ୍ୱ ଦେଇ ସେ କହନ୍ତି; ନଗରବାସୀ ଓ ପଲ୍ଲୀବାସୀ ସମସ୍ତଙ୍କୁ ସମାନ ଭାବରେ ପ୍ରଭାବିତ କରିବା ହେଉଛି ଜାତୀୟ ସାହିତ୍ୟର ମୂଳମନ୍ତ୍ର। ଜାତୀୟ ସାହିତ୍ୟରେ ଜାତୀୟ ସ୍ୱରୂପକୁ ଧରିପାରିଲେ ସାହିତ୍ୟର ମୂଳ ଓ ମେରୁଦଣ୍ଡ ଦୃଢ଼ ହେବ। ତେଣିକି ସେହି ମେରୁଦଣ୍ଡର ଆଦାନରେ ସମସ୍ତ ସାହିତ୍ୟର ଶ୍ରୀ ବୃଦ୍ଧି ହେବ ।

ସେ ପୁଣି ସାହିତ୍ୟ ସମୀକ୍ଷା ସମ୍ପର୍କରେ କହନ୍ତି- ସମାଲୋଚନା, ସମୀକ୍ଷା ତଥା ରଚନାରେ କାର୍ଯ୍ୟ-କାରଣ ସମ୍ବନ୍ଧରେ ବୈଜ୍ଞାନିକ ଯୁକ୍ତିଯୁକ୍ତତା ସର୍ବଥା ଲୋଡ଼ା। ତେଣୁ ପଲ୍ଲୀର 'ଯାତ୍ରା'ରେ ବ୍ୟବହୃତ ଭାଷାକୁ ସେ ଅଶ୍ଳୀଳ ନକହି ବରଂ ସମୂହ ଓ ସାମାଜିକ ଜୀବନରେ ରସୋଦ୍ରେକ କରିବାରେ ଏହା ସହାୟକ ହୁଏ ବୋଲି ମତ ଦେଇଛନ୍ତି।

'କବିତାର ଗତି', 'ଗଦ୍ୟକବିତା', 'ଓଡ଼ଶାର ସାହିତ୍ୟ', 'କବିତାର ରୂପ ରସ', 'ଓଡ଼ିଆ କବିତା ଓ ଛନ୍ଦର ପ୍ରଗତି' ଶୀର୍ଷକ ଆଲୋଚନାରୁ ଓଡ଼ିଶାର ତତ୍କାଳୀନ ସାହିତ୍ୟିକ ପରିବେଶ ସମ୍ପର୍କରେ ସୂଚନା ମିଳିଥାଏ।

ସାହିତ୍ୟରେ ପୁଷ୍କଳ ଆଲୋଚନାର ସ୍ତର ନ ଫିଟିଲେ ତାହାର ମୌଳିକତା ନଷ୍ଟ ହୁଏ। ସେଥିପାଇଁ ଆବଶ୍ୟକ-ସାହିତ୍ୟ ଚର୍ଚ୍ଚାର ସ୍ୱାଧୀନ ଓ ନିଷ୍କଳଙ୍କ ଅନୁଷ୍ଠାନ। ସେ ସମୟରେ ଗଢ଼ିଉଠିଥିବା ଏହିପରି କେତୋଟି ଅନୁଷ୍ଠାନ ହେଉଛି- ଉତ୍କଳ ସାହିତ୍ୟ ସମାଜ, ଉତ୍କଳ ସଂଗୀତ ସମାଜ ଓ ନବଯୁଗ ସାହିତ୍ୟ ସଂସଦ। ଓଡ଼ିଆ ସାହିତ୍ୟ ଓ ସଂଗୀତର

Digitized by PPRACHIN, SOA

ପ୍ରଗତି କ୍ଷେତ୍ରରେ ଏହି ଅନୁଷ୍ଠାନଗୁଡ଼ିକର ଭୂମିକା ସମ୍ପର୍କରେ ଆଲୋଚନା କରି ସମ୍ପାଦକ କେତେକ ମନ୍ତବ୍ୟ ଉପସ୍ଥାପନ କରିଛନ୍ତି।

ଦେଶରେ ନବ ସଂସ୍କୃତି ଓ ନବ ସଭ୍ୟତାର ସ୍ରୋତ ଖେଳାଇଦେବା ଉଦ୍ଦେଶ୍ୟରେ ଗଠିତ 'ନବଯୁଗ ସାହିତ୍ୟ ସଂସଦ'ର ଗୁରୁତ୍ୱ ଦର୍ଶାଇ ସେ ଲେଖିଛନ୍ତି- "ଏ ଆୟୋଜନ ମୁଖ୍ୟତଃ ଯୁବକମାନଙ୍କ କାର୍ଯ୍ୟ। ନୂତନ ଭାବ ଓ ନୂତନ ଚିନ୍ତାର ସ୍ରୋତ ସମାଜ ଉପରେ ବୁହାଇ ଦେଇ ଜାତିର ଶ୍ରୀବୃଦ୍ଧି କାମନା କରିବା ଯଥାର୍ଥ ଯୁବ ପ୍ରାଣର ପରିଚୟ ଦେଉଅଛି।" (ନବ ଭାରତ-୨/୬-୭ ଆଲୋଚନା)

ସେହିପରି ଅଧ୍ୟାପକ ଲକ୍ଷ୍ମୀକାନ୍ତ ଚୌଧୁରୀଙ୍କ ଅକ୍ଳାନ୍ତ ପରିଶ୍ରମ ଫଳରେ ଖ୍ରୀ.୧୯୩୩ରେ ପ୍ରତିଷ୍ଠିତ ହୋଇଥିବା ଉତ୍କଳ ସଂଗୀତ ସମାଜର ସମସ୍ୟା ସମ୍ପର୍କରେ ସେ କହନ୍ତି- "ସଂଗୀତ ସମାଜର ବିଦ୍ୟାଳୟ ନିମନ୍ତେ ସ୍ୱତନ୍ତ୍ର ଗୃହ ନାହିଁ। ଶ୍ରୀରାମଚନ୍ଦ୍ର ଭବନ ମାସକେ ସାତ-ଆଠଦିନ ଉତ୍କଳ ସାହିତ୍ୟ ସମାଜର କାର୍ଯ୍ୟରେ ଲାଗୁଥିବାରୁ ଅଂଗୀଭୂତ (Affiliated)ଅନୁଷ୍ଠାନ ସଂଗୀତ ସମାଜର କାର୍ଯ୍ୟରେ ବାଧା ଘଟୁଅଛି। ଅର୍ଥ ଅଭାବରୁ ସଂଗୀତର ବିଭିନ୍ନ ବିଭାଗ ନିମନ୍ତେ ଶିକ୍ଷକ ନିଯୁକ୍ତ କରିବା ଅସମ୍ଭବ ହୋଇପଡ଼ୁଛି। ଏ ଦୁଇଟି ଦାରୁଣ ଅଭାବ ଶୀଘ୍ର ଦୂରୀଭୂତ ହେବା ଉଚିତ।"

(ନ.ଭା.-୨/୨ ଆଲୋଚନା)

ତୃତୀୟ ଅଧ୍ୟାୟ-ଭାଷା ଓ ବ୍ୟାକରଣ ଭିତ୍ତିକ ଆଲୋଚନା :

'ନବଭାରତ'ର ସମ୍ପାଦକ ନୀଳକଣ୍ଠ ଓଡ଼ିଶାର ଲବ୍ଧ ପ୍ରତିଷ୍ଠ ଭାଷାବିଦ୍। ଓଡ଼ିଆ ଭାଷାକୁ ସଂସ୍କୃତ ଭାଷାର ନିଗଡ଼ରୁ ରକ୍ଷା କରିବା ପାଇଁ ସେ କିପରି ଯତ୍ନଶୀଳ ଥିଲେ ତାହାର ପ୍ରମାଣ 'ନବଭାରତ'ରେ ପ୍ରକାଶିତ ତାଙ୍କ ଭାଷାଭିତ୍ତିକ ଆଲୋଚନାରୁ ମିଳିଥାଏ। ସେ ପୁଣି ଭାଷାକୁ ବ୍ୟାକରଣର ନିୟମରେ ବାନ୍ଧି ରଖିବାର ବିରୋଧ କରି ଲେଖିଛନ୍ତି- "ବ୍ୟାକରଣ ଭାଷା ପାଇଁ, ଭାଷାରେ ପ୍ରକାଶିତ ଭାବକୁ କାଳରେ ଓ ଦେଶରେ ଜୀବନ୍ତ ଓ ସ୍ଥାୟୀ କରିବା ପାଇଁ, ଭାଷା ବ୍ୟାକରଣ ପାଇଁ ନୁହେଁ।"

(ନ.ଭା.- ନୂଆପ୍ରସ୍ଥ - ୨/୧୦ ଆଲୋଚନା)

ସମ୍ପାଦକ ନୀଳକଣ୍ଠ ଓଡ଼ିଆ ଲିପିରେ ସଂସ୍କାର ଆଣି ଯୁକ୍ତାକ୍ଷରରେ ପଞ୍ଚମ ବର୍ଣ୍ଣ ସ୍ଥାନରେ ଅନୁସ୍ୱାରର ପ୍ରୟୋଗ କରିଛନ୍ତି। ତାଙ୍କର ଏହି ଉଦ୍ୟମକୁ ବିହାର-ଓଡ଼ିଶା ଶିକ୍ଷା ବିଭାଗର ନିର୍ଦ୍ଦେଶକ ସ୍ୱୀକୃତି ପ୍ରଦାନ କରି ବିଜ୍ଞାପନ ବାହାର କରିଥିବାରୁ ସାଧୁବାଦ ଜଣାଇ ସେ ଲେଖିଛନ୍ତି- "ଏହି ବିଜ୍ଞାପନ ନିମନ୍ତେ ଶିକ୍ଷା ବିଭାଗର କର୍ତ୍ତାଙ୍କୁ ସାଧୁବାଦ

Digitized by PPRACHIN, SOA

କରୁଅଛୁ। ଯେଉଁ ମନସ୍ୱୀ ସାହିତ୍ୟିକମାନେ ଡାଇରେକ୍ଟରଙ୍କ ଏହି ମତ ପ୍ରଭାବିତ କରିଛନ୍ତି ସେମାନଙ୍କ ଉଦ୍ୟମ ମଧ୍ୟ ସାଧୁ ଓ ଶ୍ଳାଘ୍ୟ।" (ନ.ଭା.-୨/୨ ଆଲୋଚନା)

'କବିତା ଓ ଛନ୍ଦ', 'ଓଡ଼ିଆ କବିତା ଓ ଛନ୍ଦର ପ୍ରଗତି' ଏବଂ 'ଓଡ଼ିଆ ଛାନ୍ଦ ଓ ଉପାନ୍ତ୍ୟ 'ମିଳନ' ଶୀର୍ଷକ ଆଲୋଚନାକୁ ଏହି ବ୍ୟାକରଣ ଭିତ୍ତିକ ଆଲୋଚନାର ଅନ୍ତର୍ଭୁକ୍ତ କରାଯାଇଛି। କାରଣ ଏହାର ଆଲୋଚକ ନୀଳକଣ୍ଠ ସ୍ୱରଚିତ ବ୍ୟାକରଣ ଗ୍ରନ୍ଥରେ ଯେଉଁ ଛ'ଗୋଟି ପରିଚ୍ଛଦର ପରିକଳ୍ପନା କରିଥିଲେ ତନ୍ମଧ୍ୟରେ 'ଛନ୍ଦବିଚାର' ଓ 'ତତ୍ତ୍ୱବିଚାର' ଅପ୍ରକାଶିତ ରହିଥିଲା, ସେହି 'ଛନ୍ଦ ବିଚାର'ର କିଛି ଅଂଶ ଉପରୋକ୍ତ ଶୀର୍ଷକରେ 'ନବଭାରତ'ର ଆଲୋଚନା ପର୍ଯ୍ୟାୟରେ ସ୍ଥାନିତ ହୋଇଥିଲା। ଏଣୁ ଏଗୁଡ଼ିକ ବ୍ୟାକରଣ ଭିତ୍ତିକ ଆଲୋଚନାରେ ସ୍ଥାନିତ ହୋଇଛି।

ବିଶୁଦ୍ଧ ଓଡ଼ିଆ ଶବ୍ଦର ପ୍ରୟୋଗ ଓ ଓଡ଼ିଆ ଲିପି ସଂସ୍କାର ପାଇଁ ନୀଳକଣ୍ଠ ସର୍ବଦା ପ୍ରୟାସୀ ଥିଲେ। ତେଣୁ ଓଡ଼ିଆ ଭାଷାରେ ବର୍ଣ୍ଣର ଶୁଦ୍ଧାଶୁଦ୍ଧତ୍ୱ ବିଚାର ତଥା ପାରିଭାଷିକ ଶବ୍ଦ ତିଆରି କରି ପ୍ରଚାର କରିବା ଉଦ୍ଦେଶ୍ୟରେ ସରକାର ଯେଉଁ କମିଟି ଗଢ଼ିଥିଲେ ସେଥିରେ ତାଙ୍କୁ ସଭାପତି ରଖାଯାଇଥିଲା। ଏହି କମିଟି ଶିକ୍ଷାଗତ ସୁବିଧା ଦୃଷ୍ଟିରୁ ଲେଖା ଓ ଛାପାରେ ଓଡ଼ିଆ ଲିପିକୁ ସହଜ କରିବା ପାଇଁ ଯେଉଁସବୁ ପ୍ରସ୍ତାବ ଦେଇଥିଲେ ତାହା 'ଓଡ଼ିଆ ବର୍ଣ୍ଣ ଓ ଲିପି' ଶୀର୍ଷକ ସମ୍ପାଦକୀୟ ଆଲୋଚନାରେ ପ୍ରକାଶ ପାଇଛି।

ଚତୁର୍ଥ ଅଧ୍ୟାୟ-ଓଡ଼ିଶାର ପ୍ରତ୍ନତତ୍ତ୍ୱ ଓ ଗବେଷଣାଭିତ୍ତିକ ଆଲୋଚନା:

'ନବ ଭାରତ'ର ସମ୍ପାଦକ ନୀଳକଣ୍ଠଙ୍କ ଅଧ୍ୟୟନ ନିଷ୍ଠା, ବହୁ ଶାସ୍ତ୍ରଦର୍ଶିତା ଓ ବିଶ୍ଳେଷଣଧର୍ମୀ ଯୁକ୍ତିବାଦୀ ଦୃଷ୍ଟିଭଙ୍ଗୀ ତାଙ୍କୁ ଜଣେ ଉଚ୍ଚକୋଟୀର ଗବେଷକ ଭାବେ ପ୍ରତିଷ୍ଠା ଆଣିଦେଇଥିଲା। ସମ୍ପାଦକୀୟ ଆଲୋଚନାରେ ସେ ଓଡ଼ିଶାର ପ୍ରତ୍ନବିଭବକୁ ବିଭିନ୍ନ ଦିଗରୁ ବିଚାର କରି ତାହାର ସୌକାର୍ଯ୍ୟ ଯେ ସମଗ୍ର ଭାରତ ବର୍ଷରେ ଅଦ୍ୱିତୀୟ ତାହା ଦର୍ଶାଇଛନ୍ତି। ସେ ପୁଣି ଭାରତ ସରକାରଙ୍କୁ ବାରମ୍ବାର ପତ୍ର ଲେଖି ଓଡ଼ିଶାରେ ବିଶେଷତଃ ଧଉଳି, ଘୋରଡ଼ିଆ, ରତ୍ନଗିରି ପ୍ରଭୃତି ଅଞ୍ଚଳରେ ଭୂ-ଗର୍ଭରୁ ପ୍ରତ୍ନ ବିଭବର ଉଦ୍ଧାର ପୂର୍ବକ ତାହାର ପ୍ରତ୍ନତାତ୍ତ୍ୱିକ ଅନୁସନ୍ଧାନ କରିବା ନିମନ୍ତେ ଦାବି ଜଣାଇଛନ୍ତି- "ଆମେ ବରାବର କହିଆସିଛୁ ପୁରାତତ୍ତ୍ୱ ସନ୍ଧାନ ନିମନ୍ତେ ଓଡ଼ିଶାରେ ଏକ ପ୍ରକାର ଅଦ୍ୱିତୀୟ କ୍ଷେତ୍ର ପଡ଼ିରହିଛି। ଭାରତ ସରକାର ତଥା ଓଡ଼ିଶା ସରକାର ସେଆଡ଼େ ମନ ଦିଅନ୍ତୁ। ×× ପ୍ରତ୍ନ ବିଦ୍ୟାରେ ଯଥାର୍ଥରେ ଭାରତର ସ୍ଥାନ ବଡ଼ ଉଚ୍ଚ। ପ୍ରସ୍ତର ଖୋଦିତ କୀର୍ତ୍ତି ଓ କଳାରେ ଉଦୟଗିରି ଭାରତର ପ୍ରାଚୀନତମ କହିଲେ ଚଳେ। ମୌଳିକ ସିନ୍ଧୁ-ଭାରତୀୟ ସ୍ଥପତି କଳାର କ୍ରମବିକାଶ ସେହିଠାରୁ ଦେଖିବାର ସୁବିଧା।"

(ନ.ଭା.-୫/୭ ଆଲୋଚନା)

Digitized by PPRACHIN, SOA

'ପ୍ରାଚୀନତା ଉପରେ ଭବିଷ୍ୟତର ପ୍ରତିଷ୍ଠା କରିପାରିଲେ ଜାତିର ବ୍ୟକ୍ତିତ୍ୱ ଫୁଟିବ'- ଏଇ ଉକ୍ତିକୁ ଭିତ୍ତିକରି ଓଡ଼ିଶାର ପ୍ରତ୍ନ ବିଭବକୁ ନେଇ କିପରି ଗବେଷଣାର ପନ୍ଥା ବାହାରିପାରିବ ସେ ବିଷୟରେ ଆଲୋଚକ ପାଠକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ତାଙ୍କ ଯୁକ୍ତିରେ ବୈଦିକ ଧର୍ମର ପୁନରୁ।ନରେ ବୌଦ୍ଧ ଧର୍ମର ପତନ ଘଟି ଏହା ଦୁଇଭାଗ ହୋଇଯାଇଥିଲା- ହୀନ ଯାନ ଓ ମହାଯାନ। ହୀନଯାନର ଶୂନ୍ୟବାଦ ଯୋଗର ପ୍ରଧାନ କେନ୍ଦ୍ର ଥିଲା ଏବର ରତ୍ନଗିରି ବା ସେ କାଳର ପୁଷ୍ପଗିରି ବିହାର। ଦେଶ ବଦେଶରୁ ବହୁ ଗୁଣୀ ଜ୍ଞାନୀ ଯୋଗ ଶିକ୍ଷା ଲାଗି ଏଠାକୁ ଆସୁଥିଲେ।

ପଞ୍ଚମ ଅଧ୍ୟାୟ-ଶିକ୍ଷା ସମ୍ପର୍କିତ ଆଲୋଚନା :

'ନବ ଭାରତ'ର ପ୍ରତିଷ୍ଠାତା ସମ୍ପାଦକ ନୀଳକଣ୍ଠଙ୍କ କର୍ମମୟ ଜୀବନର ଆରମ୍ଭ ହୋଇଥିଲା ଶିକ୍ଷକତାରୁ। ସତ୍ୟବାଦୀ ବନବିଦ୍ୟାଳୟ ପରି ଏକ ମଣିଷଗଢ଼ା କାରଖାନାର ଅଧକ୍ଷ ଓ କୁଳଗୁରୁ ରୂପେ ସେ ଜଣେ ଆଦର୍ଶ ଶିକ୍ଷକର କର୍ତ୍ତବ୍ୟ ନିଷ୍ଠାପର ଭାବେ ସମ୍ପାଦନ କରିଥିଲେ। ତେଣୁ ଓଡ଼ିଶାରେ ଶିକ୍ଷାର ପ୍ରସାର ଲାଗି ତାଙ୍କ ଶିକ୍ଷକ ଜୀବନର ବ୍ୟାକୁଳତା ଏହି ସମ୍ପାଦକୀୟ ଆଲୋଚନାରେ ପ୍ରକାଶ ପାଇଛି।

ବର୍ତ୍ତମାନ ସରକାର ଯେଉଁ ବୃତ୍ତିଭିତ୍ତିକ ଶିକ୍ଷା ଦାନର ବ୍ୟବସ୍ଥା କରୁଛନ୍ତି ତାହା ପୂର୍ବକାଳରେ କିପରି ଗ୍ରାମ ଅବଧାନମାନେ ଦେଖୁଥିଲେ ସେ ବିଷୟରେ ଆଲୋଚକ କହନ୍ତି - "ଖେତ ହେଲା କି ନାହିଁ, ଚଷା ପିଲା ବାଲୁଙ୍ଗା ଚିହ୍ନିଚି କି ନାହିଁ, ବଢ଼େଇପିଲା ବାରିସିରେ ହାଣିବା ଅଭ୍ୟାସ କରୁଚି କି ନାହିଁ, ତନ୍ତି ପିଲା ଘରେ ତସଣରେ ମିଶୁଚି କି ନାହିଁ-ଏସବୁ ଗ୍ରାମର ଅବଧାନେ ଦେଖୁଥିଲେ।" (ନ.ଭା.-୫/୩ ଆଲୋଚନା)

ସେ ପୁଣି ଦେଶରେ ପ୍ରାଥମିକ ଶିକ୍ଷାର ଅବସ୍ଥା ସମ୍ପର୍କରେ ସୂଚନା ଦେଇ କହନ୍ତି- ଏବେ ଲୋକେ ପିଲାଶିକ୍ଷାର ଭାର ନିଜ କାନ୍ଧରୁ ଓହ୍ଲାଇ ଚାହିଁଛନ୍ତି ରାଜ୍ୟକୁ। ରାଜ୍ୟ ମଧ ଲୋକ ଶାସନ ଖେଳରେ ମାତି ପିଲାଙ୍କ ଶିକ୍ଷା ପାଇଁ ଚାହିଁଛି ପିତା ଓ ମୁରବିଙ୍କୁ। କିନ୍ତୁ ଭାରତର ପ୍ରାଚୀନ ଗୁରୁକୁଳମାନଙ୍କରେ ଶିକ୍ଷାର ଆଦର୍ଶ ଥିଲା-ସମୂହ ମନୁଷ୍ୟତା ବା ପୂରା ମଣିଷ ପଣିଆ। ଏଥିରେ ଆତ୍ମବିକାଶର ମୂଳସୂତ୍ର ଥିଲା- ମୁଁ ମଣିଷ, ମତେ ଏହା କରିବାକୁ ହେବ। ମୁଁ ଠିକ୍‌ମନ୍ତେ କରିବି। ମାତ୍ର ପଶ୍ଚାତ୍ୟ ଶିକ୍ଷାର ପ୍ରଭାବ ଫଳରେ ବ୍ୟବହାରିକ ଶିକ୍ଷାର ପ୍ରସାର ଘଟି ଶିକ୍ଷାର ଆଦର୍ଶ ହେଲା- ଶିକ୍ଷା ଫଳରେ ମୁଁ କାହାଠାରୁ କେତେ ଆଦାୟ କରିପାରିବି ? ×× ମୋ କର୍ତ୍ତବ୍ୟ କରିବାରେ ମୁଁ ଅନ୍ୟଠାରୁ କେତେ କିପରି ପାଇବି ? (ନ.ଭା-୪/୮ ଆଲୋଚନା ଦ୍ରଷ୍ଟବ୍ୟ)

Digitized by PPRACHIN, SOA

ଖ୍ରୀ.୧୯୩୮ ଜୁନ୍ ୧୭ ତାରିଖରେ ଅନୁଷ୍ଠିତ ପୁରୀ ଜିଲ୍ଲା ପ୍ରାଥମିକ ଶିକ୍ଷକ ସମ୍ମିଳନୀରେ ସଭାପତିତ୍ୱ କରି ପଣ୍ଡିତ ନୀଳକଣ୍ଠ ଯେଉଁ ଭାଷଣ ଦେଇଥିଲେ ତାହା 'ନବ ଭାରତ'-୪/୧୨ ସଂଖ୍ୟାର 'ଆଲୋଚନା'ରେ ସ୍ଥାନିତ ହୋଇଛି।

ଉଚ୍ଚ ଶିକ୍ଷାର ପ୍ରସାର ଲାଗି ଓଡ଼ିଶାରେ ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା କରିବା ସପକ୍ଷରେ ନୀଳକଣ୍ଠଙ୍କ ବକ୍ତବ୍ୟ ନବ ଭାରତର ବିଭିନ୍ନ ସଂଖ୍ୟାର ସମ୍ପାଦକୀୟ ଆଲୋଚନାରେ ପ୍ରକାଶ ପାଇଛି। ତାଙ୍କ ଯୁକ୍ତିରେ- "ଓଡ଼ିଆ ପଢ଼ନ୍ତୁ, ଅଳ୍ପ ଖର୍ଚ୍ଚରେ ବଡ଼ ପାଠପଢ଼ନ୍ତୁ। କଲେଜମାନଙ୍କରୁ ହଜାର ହଜାର ସଂଖ୍ୟାରେ ବାହାରି ବଡ଼ ପାଠୁଆ ବୋଲି ଛାତି ଫୁଲାଇ ଓଡ଼ିଶା ଦାଣ୍ଡରେ ଓ ବାହାରେ ବୁଲନ୍ତୁ।" (ନ.ଭା-୨/୫ ଆଲୋଚନା)

ଷଷ୍ଠ ଅଧ୍ୟାୟ - ସମାଜତାତ୍ତ୍ୱିକ ଆଲୋଚନା :

ଆମ ସମାଜର ରୀତି, ଓ ଚଳଣି ସମ୍ପର୍କରେ ସମ୍ପାଦକ ନୀଳକଣ୍ଠ ଯେଉଁସବୁ ବକ୍ତବ୍ୟ 'ଆଲୋଚନା' ପର୍ଯ୍ୟାୟରେ ଉପସ୍ଥାପନ କରିଛନ୍ତି ତାହା ଏହି ଅଧ୍ୟାୟରେ ସ୍ଥାନିତ ହୋଇଛି। ସମାଜରେ ପରସ୍ପର ସମ୍ବନ୍ଧ ଜନିତ କ୍ରିୟା ଓ ପ୍ରତିକ୍ରିୟାକୁ ସଂଯତ କରିବା ଲାଗି; ବିଧି ଓ ବ୍ୟବହାରର ମାର୍ଗନିର୍ଦ୍ଦେଶ କରିବା ଲାଗି ସମାଜର ଚିନ୍ତାଶୀଳ ବ୍ୟକ୍ତିମାନେ ଯେଉଁ ବକ୍ତବ୍ୟ ଉପସ୍ଥାପନ କରନ୍ତି ତାହା ଯଥାର୍ଥରେ 'ଆପ୍ତ ବଚନ' ଭାବେ ସ୍ୱୀକୃତ ହୁଏ। ସେହି ଆପ୍ତ ବଚନକୁ ଶାସ୍ତ୍ର ଭାବେ ଗ୍ରହଣ କରି ଆଲୋଚକ କହନ୍ତି- ପୁରାତନ ସଙ୍ଗେ ନୂତନକୁ ମିଶାଇ ଦେବାର ପ୍ରତିଭା ଯାହାଠାରେ ଅଛି, ଅର୍ଥାତ୍ ପରମ୍ପରାରେ ପରିସ୍ଥିତି କଳ୍ପନା କରି ଯେଉଁମାନେ ପୁରୋଦୃଷ୍ଟି ଫିଟାଇ ନୂତନ ଚିନ୍ତା ପ୍ରକାଶ କରନ୍ତି - ସେଇମାନେ ହେଉଛନ୍ତି ଦ୍ରଷ୍ଟା। ତାଙ୍କରି ଚିନ୍ତା ପ୍ରସୂତ ବକ୍ତବ୍ୟ ହେଉଛି ଯଥାର୍ଥ ଆପ୍ତବଚନ। ତାହାହିଁ ଶାସ୍ତ୍ର। ଶାସ୍ତ୍ରଦ୍ୱାରା ମାନବର କ୍ରିୟା ଶାସିତ ଓ ସଂଯତ ହୁଏ। ଶାସ୍ତ୍ରଟି ଯେଉଁ ମାପରେ ମପାଯାଏ ତାହା ହେଉଛି ସମାଜର ମଙ୍ଗଳ।

ସେହିପରି ମାନବ ସମାଜରେ ବିପ୍ଳବର କଥା କହିବାକୁ ଯାଇ ସେ ଲେଖିଛନ୍ତି- "ବିପ୍ଳବ ହେଉଛି ବିକାଶର କ୍ରମିକ ଧାରାରେ ବିତ୍‌ପାତ। ଏହି ବିପ୍ଳାତ ଘଟିଲେ ବିକାଶ ବିନାଶରେ ପରିଣତ ହୋଇପାରେ। "କିନ୍ତୁ ସମାଜର ସ୍ଥିତି, ଗତି ଓ ସମାଜିକ ପ୍ରତଷ୍ଠାନଗୁଡ଼ିକର ପରମ୍ପରା ପ୍ରତି ଦୃଷ୍ଟିରଖି ସମାଜରେ ସଂସ୍କାର କ୍ରିୟା ଚଳାଇବା ପାଇଁ ସେ ପରାମର୍ଶ ଦେଇଛନ୍ତି- "ସଂସ୍କାର ହେଉଛି ପ୍ରଗତି ପରମ୍ପରାର ଲକ୍ଷଣ ବା ଚିହ୍ନ। ପୁରୋଦୃଷ୍ଟିରେ ପ୍ରଗତିର ଧାରା ଦେଖି ଏହି ସଂସ୍କାର ନିୟମିତ କରାଯାଏ। ସେଥିରେ ହିଁ ଧରାଯାଏ ସଂସ୍କାର ମଧ୍ୟରେ କୁସଂସ୍କାର କିଏ ?" (ନ.ଭା.-୫/୪ ଆଲୋଚନା)

Digitized by PPRACHIN, SOA

ସେ ସମୟରେ ଆମ ସମାଜରେ ବାଳ ବିଧବା (ବିବରା) ମାନଙ୍କ ବିବାହକୁ ନେଇ ଯେଉଁ ବାଦ-ପ୍ରତିବାଦ ସୃଷ୍ଟି ହୋଇଥିଲା ଆଲୋଚକ ତାହାର ଏକ ବିଶଦ ବିବରଣୀ ଆଲୋଚନା (ନ.ଭା.-୨/୨) ମାଧ୍ୟମରେ ଉପସ୍ଥାପନ କରିଛନ୍ତି। ଏହା ବ୍ୟତୀତ ଗୋଟିଏ ଭୌଗୋଳିକ ସୀମା ମଧ୍ୟରେ ଭିନ୍ନ ଭିନ୍ନ ସମ୍ପ୍ରଦାୟ ଓ ଭିନ୍ନ ଭିନ୍ନ ଭାଷାଭାଷୀଙ୍କ ଭିତରେ କିଭଳି ସଦ୍‌ଭାବନା ପ୍ରତିଷ୍ଠିତ ହୋଇପାରିବ; ଓଡ଼ିଆ ଶ୍ରମିକମାନଙ୍କ ସାମାଜିକ ସ୍ଥିତି କିଭଳି ସୁଧୁରିବ; ପ୍ରଦେଶାନ୍ତରରେ ଓଡ଼ିଆ କୁଲି କିପରି ଆତ୍ମସମ୍ମାନର ସହ ରହିପାରିବେ ସେସବୁ ବିଷୟରେ ସୁଚିନ୍ତିତ ବକ୍ତବ୍ୟ ପ୍ରଦାନ କରି ସମ୍ପାଦକ ନୀଳକଣ୍ଠ 'ବଙ୍ଗାଳୀ ସମାଜର ସମସ୍ୟା', 'ଓଡ଼ିଆ ଶ୍ରମିକ', 'ଆସାମରେ ଓଡ଼ିଆ କୁଲି' ଶୀର୍ଷକ ଆଲୋଚନାମାନ ପ୍ରକାଶ କରିଛନ୍ତି।

ସପ୍ତମ ଅଧ୍ୟାୟ - କୃଷି, ପ୍ରଜାସ୍ୱତ୍ତ୍ୱ ଓ ଭୂରାଜସ୍ୱ ସମ୍ପର୍କୀୟ ଆଲୋଚନା:

ଏହି ଅଧ୍ୟାୟର ଅନ୍ତର୍ଭୁକ୍ତ ସମ୍ପାଦକୀୟ ଆଲୋଚନା ଗୁଡ଼ିକରେ ସମ୍ପାଦକ ନୀଳକଣ୍ଠ ଜମିଦାରୀ ପ୍ରଥାର ବିରୁଦ୍ଧାଚରଣ କରିବା ସହ ପ୍ରକୃତ ଚାଷୀକୁ କିପରି ପ୍ରଜାସ୍ୱତ୍ୱ ମିଳିବ, ଭୂମି ଉପରେ ଖଜଣା ଆଦାୟ ନ ହୋଇ ଚାଷୀର ଲଭ୍ୟାଂଶ ଉପରେ କିପରି ଟିକସ ଆଦାୟ ହେବ, ଋଣ ପରିଶୋଧ କରିବା କ୍ଷେତ୍ରରେ ସରକାର କିଭଳି କୃଷକର ସହାୟତା କରିବେ, ପ୍ରଜାଙ୍କର ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବା ପାଇଁ ନଡ଼ିଆ ଚାଷ ଓ ମାଛ ଚାଷ କ୍ଷେତ୍ରରେ କିପରି ପଦକ୍ଷେପ ନେବେ ଇତ୍ୟାଦି ବିଷୟରେ ଚିନ୍ତାପ୍ରସୂତ ପରାମର୍ଶ ପ୍ରଦାନ କରିଛନ୍ତି,

ତତ୍‌କାଳୀନ ସରକାରଙ୍କ ଜମିଜମା ଆଇନ ଉପରେ ତର୍ଜମା କରି ସେ କହନ୍ତି- "ଦେଶରେ ଫସଲର ଶ୍ରୀବୃଦ୍ଧି ପାଇଁ କୃଷି ସମିତି ଓ କୃଷି ଗବେଷଣାର ବ୍ୟବସ୍ଥା ଥିଲେ ହେଁ ଓଡ଼ିଶା ବିହାର ସଙ୍ଗେ ଯୋଡ଼ା ହୋଇଥିବାରୁ ଏଥିରୁ ଲାଭ ପାଉ ନାହିଁ, ତାଙ୍କ ଭାଷାରେ- ଓଡ଼ିଶା ଚିରଦିନ ଏଇପରି ବାରଦୁଆର ଶୁଣ୍ଢପିଣ୍ଡା ହୋଇ ପର ଦୁଆରେ ଉପାସ ଭାବରେ ପଡ଼ି ନିଜର ସ୍ୱତ୍ୱ ସମ୍ମାନ, ଦାୟ, ଦାବି, ବିଭବ, ବ୍ୟକ୍ତିତ୍ୱ ସବୁ ହରାଇଚି।"

(ନ.ଭା.-୧/୧୦ ଆଲୋଚନା)

ପ୍ରଜାସ୍ୱତ୍ୱରେ ପୁରୋଦୃଷ୍ଟି ଫିଟାଇ ସେ ପରାମର୍ଶ ଦେଇଛନ୍ତି- "ଏପରି ବ୍ୟବସ୍ଥା କରିବାକୁ ହେବ ଯହିଁରେ ତଳି ଜମିଦାର ସୃଷ୍ଟି ନହୋଇ କୃଷକକୁ ଜମିର ଉପସ୍ୱତ୍ୱରେ ଭାଗୀ କରିବାକୁ ହେବ। (ନ.ଭା.-୪/୫ ଆଲୋଚନା ଦ୍ରଷ୍ଟବ୍ୟ)

Digitized by PPRACHIN, SOA

ଜମିଦାରୀ ପ୍ରଥାରେ ଦାଖଲ, ଖାରଜ ଓ ରୋସମକୁ ଆଲୋଚକ ଗୋଟିଏ ମଧ୍ୟ ଯୁଗର ଜୀର୍ଣ୍ଣ ଅନୁଷ୍ଠାନ ଆଖ୍ୟା ଦେଇ ତାକୁ ଉଠାଇ ଦେବାକୁ ଯୁକ୍ତି ବାଢ଼ିଛନ୍ତି। ଜମିଦାରୀ ଗୋଟିଏ ମଧ୍ୟଯୁଗୀୟ ପାଶ୍ଚାତ୍ୟ ଅନୁଷ୍ଠାନ। ଏ ଦେଶରେ ଜମିଦାରୀ ବୋଲି ପୂର୍ବେ ନଥିଲା। ପ୍ରଜାର ସବୁ ଜମି ଥିଲା। ରାଜା ଖାଲି ଆୟ ଉପରେ କେତେକ ଅଂଶକରେ ନେଉଥିଲେ।

ଅଷ୍ଟମ ଅଧ୍ୟାୟ - ଶିଳ୍ପ, ଶ୍ରମିକ ଓ ଅର୍ଥ ସମସ୍ୟା ଭିତ୍ତିକ ଆଲୋଚନା

ଇଂରେଜ ସରକାର ଖ୍ରୀ.୧୯୧୯ର ଶାସନ-ସଂସ୍କାର ଆଇନ୍‌ରେ ଏ ଦେଶକୁ ଆର୍ଥିକ ସ୍ୱାତନ୍ତ୍ୟ (Fiscal Automony) ଦେବେ ବୋଲି ନିଷ୍ପତ୍ତି ନେଲାପରେ କୌଶଳ କରି ବିଭିନ୍ନ ଉପାୟରେ ତାହାର ସ୍ୱାତନ୍ତ୍ୟ ଉପରେ ହସ୍ତକ୍ଷେପ କରିବାରୁ ଦେଶୀ - ଶିଳ୍ପାଦିରେ ଯେଉଁ ଦୁର୍ଗତି ଘଟିଛି ତାହାର ଆଲୋଚନା ସବୁ ଏହି ଅଧ୍ୟାୟରେ ସ୍ଥାନିତ ହୋଇଛି। ଆଲୋଚକଙ୍କ ଭାଷାରେ- "ଇଂଲଣ୍ଡ ରକ୍ଷିତ ସ୍ୱାର୍ଥର କେନ୍ଦ୍ରଭୂମି। ସେଠାରେ ମାଲିକ-ନବାବ, ମୂଲିଆ-ଦାସ। ଏ ଭାବ ଇଂଲଣ୍ଡରୁ ଏବେବି ଯାଇନି। ମୂଲିଆକୁ ଲାଭ୍ୟାଂଶରେ ଭାଗୀ କରିବାକୁ ମାଲିକ ନାରାଜ। ×× ଆର୍ଥିକ ସ୍ୱାଧୀନତା ନାମରେ ପରାଧୀନତାର ଏ ଚରମ ଅଭିନୟ ଓ ଅପମାନ କେବଳ ଭାରତରେ ସମ୍ଭବ୍ ଓ ଇଂରେଜଙ୍କୁ ଏକା ଶୋଭନୀୟ।" (ନ.ଭା.-୩/୩ ଆଲୋଚନା)

ଓଡ଼ିଶାର ଗ୍ରାମ୍ୟ ଶିଳ୍ପ ଓ କ୍ଷୁଦ୍ର ବ୍ୟବସାୟ କ୍ରମେ ଲୋପ ପାଇ ବାହାରୁ ସବୁ ଆମଦାନୀ କରିବାରେ କିପରି ଆୟଠାରୁ ବ୍ୟୟ ବଢ଼ିଯାଉଛି ଏବଂ ଫଳରେ ଗ୍ରାମଗୁଡ଼ିକର ଆର୍ଥିକ ସ୍ଥିତି କିପରି ଦୁର୍ବଳ ହୋଇପଡୁଛି ତାହାର ବିଶ୍ଳେଷଣାତ୍ମକ ଆଲୋଚନା କରି ସମ୍ପାଦକ ନୀଳକଣ୍ଠ କହନ୍ତି- ଓଡ଼ିଶାରେ କ୍ଷୁଦ୍ରଶିଳ୍ପର ବିକାଶ ଘଟିପାରିଲେ ଓଡ଼ିଶାରେ ଜଙ୍ଗଲ ଓ ଖଣିଜଦ୍ରବ୍ୟର ବହୁ ବ୍ୟବହାର ପାଇଁ ବାଟ ଫିଟିଯିବ।

ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶ କରିଦେବା ପରେ କୃଷି, ଶିଳ୍ପ, କାରଖାନାଦି କ୍ଷେତ୍ରରେ ଓଡ଼ିଶାକୁ ସ୍ୱତନ୍ତ୍ରଭାବେ ସାହାଯ୍ୟ କରିବା ପାଇଁ ଟଙ୍କା ନାହିଁ କହି କେନ୍ଦ୍ରର ଅବହେଳାକୁ ସମାଲୋଚନା କରି ଆଲୋଚକ ଲେଖିଛନ୍ତି- "ଏପରି ସବୁ କଥାରେ ଟଙ୍କା ନାହିଁ ବୋଲି କହିବା କେବଳ ଅବହେଳାର ଚିହ୍ନ ନୁହେଁ, ଅନ୍ୟାୟ। ସ୍ୱତନ୍ତ୍ର ପ୍ରଦେଶ ପାଇବା ସଙ୍ଗେ ଏସବୁ ସ୍ୱାତନ୍ତ୍ୟ ଆମର ଅବଶ୍ୟ ପ୍ରାପ୍ୟ।" (ନ.ଭା.-୫/୭ ଆଲୋଚନା)

Digitized by PPRACHIN, SOA

ଓଡ଼ିଶାର ଉପକୂଳରେ ଲୁଣମରା ଓ ଚିଲିକାରେ ମାଛଧରା ବ୍ୟବସାୟ କିପରି ବଢ଼ିବ ଆଲୋଚକ ତାହାର ବହୁ ତର୍ଜମା କରିଛନ୍ତି। ତାଙ୍କ ଯୁକ୍ତିରେ, ବିଶେଷଜ୍ଞଙ୍କୁ ଲଗାଇ ଚିଲିକାରେ ଯଦି ମାଛ ସମ୍ପଦ ବୃଦ୍ଧି ପାଇଁ ଉଦ୍ୟମ ନହୁଏ ତେବେ ଚିଲିକାରେ ଲବଣ ସମ୍ପଦତ ଯାଇଛି, ମତ୍ସସମ୍ପଦ ମଧ୍ୟ ଯିବ। ଲୋକେ ନିଷ୍କର୍ମା ହୋଇ ରେଙ୍ଗୁନ୍, କଲିକତା ପଳାଇବାକୁ ଲୋଡ଼ିବେ। (ନ.ଭା.-୩/୧୦ ଆଲୋଚନା ଦ୍ରଷ୍ଟବ୍ୟ)

ବିଦେଶରେ ଓଡ଼ିଆ ଶ୍ରମିକଙ୍କ ଚାକିରି ସମସ୍ୟାର ସମାଧାନ କରିବାକୁ ହେଲେ ବିଜ୍ଞାପନ ମାଧ୍ୟମରେ ଓଡ଼ିଆ ଶ୍ରମିକଙ୍କ ନିପୁଣତା ପ୍ରକାଶ କରିବାର ଆବଶ୍ୟକତା ଉପଲବ୍ଧି କରି ଆଲୋଚକ କହନ୍ତି- "ଏଥିପାଇଁ ଅନୁଷ୍ଠାନ ଫିଟାଇ ଶୃଙ୍ଖଳିତ ଭାବରେ ଓଡ଼ିଆଙ୍କର ଏହିସବୁ ଶିଳ୍ପ ବିକାଶ କରିବାର ବାଟ କରିବାକୁ ହେବ।" (ନ.ଭା.-୨/୮ ଆଲୋଚନା)

ସେ ପୁଣି ଶ୍ରମିକ ସମସ୍ୟାରୁ କିପରି ଶ୍ରମିକ-ମାଲିକର ସମାଧାନ ବା Fascism ଏବଂ ଯଥେଚ୍ଛାଚାରୀ ବ୍ୟକ୍ତିତ୍ୱର ଶାସନ ବା Dictatorship ଫୁଟିଛି ତାହା ଆଲୋଚନା ପ୍ରସଙ୍ଗରେ ଉ ।ପନ କରି ଲେଖିଛନ୍ତି- ଶ୍ରମିକମାନଙ୍କ ସମସ୍ୟା ହେଉଛି- ସେମାନେ ଧନ ଅର୍ଜୁଛନ୍ତି। ମାତ୍ର ସେ ଧନ ସେମାନେ ପୂର୍ଣ୍ଣ ମାତ୍ରାରେ ପାଉନାହାନ୍ତି। ଯାହା ବା ପାଉଛନ୍ତି ତାହା ଚାକର ପରି ପାଉଛନ୍ତି। ତେଣୁ ସେମାନେ କିପରି ସ୍ୱାର୍ଜିତ ଧନ ନିଜର ବୋଲି ପାଇବେ ଏବଂ ଶ୍ରମିକ ଓ ସରକାରଙ୍କ ମଧ୍ୟରେ କିପରି ମାଲିକମାନେ ରହିବେ ନାହିଁ ସେ ବିଷୟରେ ଆଲୋଚକ ବିଭିନ୍ନ ପ୍ରସ୍ତାବ ଉପସ୍ଥାପନ କରିଛନ୍ତି।

ନବମ ଅଧ୍ୟାୟ – 'ନବଭାରତ'ର 'ଆଲୋଚନା'ରେ ଓଡ଼ିଶା ରାଜନୀତି:

ଉଭୟ ରାଜ୍ୟ ତଥା ଜାତୀୟ ରାଜନୀତି କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ରାଷ୍ଟ୍ରନୀତିଜ୍ଞ ପଣ୍ଡିତ ନୀଳକଣ୍ଠ ତାଙ୍କ ସମ୍ପାଦିତ 'ନବଭାରତ'ର ଆଲୋଚନା ପର୍ଯ୍ୟାୟରେ ତତ୍‌କାଳୀନ ରାଜନୀତିକ ଘଟଣାବଳିର ବିଶ୍ଳେଷଣାତ୍ମକ ବିବରଣୀ ପ୍ରଦାନ କରିବା ସହ ସମୟୋଚିତ ପରାମର୍ଶମାନ ଉପସ୍ଥାପନ କରିଛନ୍ତି। ଏହି ଆଲୋଚନାରେ ସେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବାର ଅବ୍ୟବହିତ ପୂର୍ବରୁ ପ୍ରଦେଶର ଉପାନ୍ତ ଅଞ୍ଚଳକୁ ନେଇ ଦେଖା ଦେଇଥିବା ସମସ୍ୟା ଉପରେ ଆଲୋକପାତ କରିବା ସହ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବା ପରେ ପରେ ତା'ର ଆର୍ଥିକ ଓ ସାମାଜିକ ସ୍ଥିତି ସୁଦୃଢ଼ କରିବା ପାଇଁ ରାଜ୍ୟବାସୀଙ୍କୁ ବିଭିନ୍ନ ଦିଗରୁ ସଚେତନ କରାଇଛନ୍ତି।

ଇଂରେଜ ସରକାର ଆମକୁ ସ୍ୱତନ୍ତ୍ର ପ୍ରଦେଶଟାଏ ଦେଇ କିପରି ଠକିଛନ୍ତି ତାହା ଦର୍ଶାଇ ସେ କହନ୍ତି- ଓଡ଼ିଆମାନେ ଖଣ୍ଡିତ ପ୍ରଦେଶଟାଏ ପାଇଛନ୍ତି। ଆର୍ଥିକ ସ୍ଥିତି ବଢ଼ାଇବା

Digitized by PPRACHIN, SOA

ପାଇଁ ଏଠାରେ ଶିଳ୍ପ, ବାଣିଜ୍ୟ ବା ବନ୍ଦର ନାହିଁ। ବିଶ୍ୱବିଦ୍ୟାଳୟ, ହାଇକୋର୍ଟ, ପୋଲିସ୍ ଟ୍ରେନିଂ ପ୍ରଭୃତି ନାନା ବିଭାଗରେ ଓଡ଼ିଆଏ ପରଦ୍ୱାରେ ଅର୍ଥୋପହାର ଦେଇ ସାହାଯ୍ୟ ଭିକ୍ଷା କରୁଛନ୍ତି। ଓଡ଼ିଶାରେ ମିଲ୍, କାରଖାନା, ବ୍ୟବସାୟ - କିଛି ନଥିଲେ ହେଁ ଭାରତର ମଙ୍ଗଳ ପାଇଁ ବର୍ଷକେ ପାଞ୍ଚକୋଟି ଅସାକ୍ଷାତ କର (ଟିକସ ଇତ୍ୟାଦି) ଦେଇ ଦିନକୁ ଦିନ ଦୁର୍ବଳ ହେଉଛି।

ସ୍ୱତନ୍ତ୍ର ପ୍ରଦେଶ ହେବାପରେ ଓଡ଼ିଶାର ଆର୍ଥିକ ସ୍ଥିତି ସୁଦୃଢ଼ କରିବା ପାଇଁ ଆଲୋଚକ ଓଡ଼ିଶାବାସୀଙ୍କୁ ନିମ୍ନୋକ୍ତ ପରାମର୍ଶ ଦେଇଛନ୍ତି -

କ) ଏତେବେଳେ ସଂଘବଦ୍ଧ ହୋଇ ସମସ୍ତେ ଓଡ଼ିଆ ଜିନିଷ କିଣିବାରେ ବରାବର ସାଧ୍ୟମତେ ସ୍ୱପ୍ରଦେଶୀ ହୁଅନ୍ତୁ। ସବୁ ଦୋକାନରେ ପଚାରନ୍ତୁ ଓଡ଼ିଶାରେ ତିଆରି ଜିନିଷ ଅଛି କି ନାହିଁ ?

ଖ) ଭାରତ ସରକାରଙ୍କ ବିଭିନ୍ନ ଦପ୍ତରରେ କିପରି ଓଡ଼ିଆମାନେ ଚାକିରି ପାଇବେ ସେ ବିଷୟରେ ଉଦ୍ୟମ ହେଉ।

ଗ) ଓଡ଼ିଶାର କୌଣସି କଣ୍ଟ୍ରାକ୍ଟରୀ ଯେପରି ଓଡ଼ିଆ ଛଡ଼ା ଅନ୍ୟ ହାତକୁ ନଯାଏ ସେ ଦିଗରେ ଦୃଷ୍ଟି ଦିଆଯାଉ।

ଘ) ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଓଡ଼ିଆମାନେ ଆଗେଇ ଆସିବା ଉଚିତ, ନଚେତ୍ ଓଡ଼ିଶାର ଧନ ବାହାରକୁ ଚାଲିଯିବ।

'ଓଡ଼ିଆ' ବୋଲି ଆମେ କାହାକୁ କହିବା ? ତାହାର ଉତ୍ତର ଦେବାକୁ ଯାଇ ଆଲୋଚକ ପୁଣି କହିଛନ୍ତି- "ଯେଉଁମାନେ ଓଡ଼ିଆର ଭାଷା, ଓଡ଼ିଆର ଆଶା ଓ ଓଡ଼ିଆର ଆକାଂକ୍ଷାରେ ନିଜକୁ ସମ୍ପୂର୍ଣ୍ଣ ରୂପେ ମିଶାଇଦେଇ ଓଡ଼ିଆର ଅଭାବ ଅଭିଯୋଗକୁ ସମ୍ପୂର୍ଣ୍ଣ ରୂପେ ନିଜର କରି ଓଡ଼ିଶାକୁ ନିଜର ସ୍ଥାୟୀ ସ୍ଥାନ କରିବାକୁ ଲୋଡ଼ନ୍ତି, ଯଥାର୍ଥରେ ସେଇମାନେ ଓଡ଼ିଆ।" (ନ.ଭା.-୨/୨ ଆଲୋଚନା)

ଉତ୍କଳ ଗୌରବ ମଧୁସୂଦନଙ୍କ ଉଦ୍ୟମରେ ଯେଉଁ ଉତ୍କଳ ସମ୍ମିଳନୀ ପ୍ରତିଷ୍ଠିତ ହୋଇଥିଲା ତାହାର ବିଭିନ୍ନ ଅଧିବେଶନରେ ଉପାନ୍ତ ଅଞ୍ଚଳମାନଙ୍କ ମିଶ୍ରଣ ଦିଗରେ ଓଡ଼ିଆଙ୍କ ଉଦ୍ୟମ; ଓଡ଼ିଶାର ରାଜଧାନୀ ପାଇଁ ସ୍ଥାନ ନିରୂପଣ ଉଦ୍ଦେଶ୍ୟରେ ବିଭିନ୍ନ ବିଚାରବିମର୍ଷ; ଓଡ଼ିଶା ପାଇଁ ସ୍ୱତନ୍ତ୍ର ହାଇକୋର୍ଟ, ବିଶ୍ୱବିଦ୍ୟାଳୟ ଓ ସରକାରୀ ଚାକିରିରେ ଓଡ଼ିଆମାନଙ୍କ ଦାବି ଇତ୍ୟାଦି ଯେଉଁ ବିଷୟମାନ ଉପସ୍ଥାପିତ ହେଉଥିଲା ତାହାର ମଧ୍ୟ ବିସ୍ତୃତ ବିବରଣୀ "ଉତ୍କଳ ସମ୍ମିଳନୀ" ଶୀର୍ଷକ ଆଲୋଚନାରେ ପ୍ରକାଶ ପାଇଛି।

Digitized by PPRACHIN, SOA

ଦଶମ ଅଧ୍ୟାୟ-ଜାତୀୟ ରାଜନୀତି ସମ୍ପର୍କୀୟ ଆଲୋଚନା :

'ନବ ଭାରତ'ର ସମ୍ପାଦକୀୟ ଆଲୋଚନାରେ ପଣ୍ଡିତ ନୀଳକଣ୍ଠ ଭାରତୀୟ ରାଜନୀତି ସମ୍ପର୍କରେ ନିମ୍ନୋକ୍ତ ମନ୍ତବ୍ୟ ଉପସ୍ଥାପନ କରିଛନ୍ତି -

କ) ଇଂରେଜମାନେ ଭାରତକୁ ଶାସନ କରିବାକୁ ଆସିନଥିଲେ। ଏଠାରେ ବାଣିଜ୍ୟ କରି ଅସାଧୁ ଉପାୟରେ ଏ ଦେଶର ଶିଳ୍ପ ଲୋପ କରି ନିଜ ଦେଶ ମାଲ ବିକି ଧନ ଅର୍ଜନ କରିବାକୁ ଆସିଥିଲେ। ସେମାନେ କେତେକ କାରଖାନା ବାଲାଙ୍କୁ ହାତକରି ଏ ଦେଶରେ ଏକ 'ଶିଳ୍ପଦାର' ଶ୍ରେଣୀ ସୃଷ୍ଟି କରିଥିଲେ।

(ନ.ଭା.-୧/୮ ଆଲୋଚନା ଦ୍ରଷ୍ଟବ୍ୟ)

ଖ) ଖ୍ରୀ.୧୯୩୫ରେ ଯେଉଁ ଜଏଣ୍ଟ ପାର୍ଲାମେଣ୍ଟାରୀ କମିଟି ରିପୋର୍ଟ ପ୍ରକାଶ ପାଇଥିଲା ସେଥିରେ ସ୍ୱାୟତ୍ତ ଶାସନର ଚିହ୍ନବର୍ଣ୍ଣ ନଥିବା ଦର୍ଶାଇ ଆଲୋଚକ କହନ୍ତି- "ଖାଲି ଗୋରା ରାଜାଙ୍କ ପରିବର୍ତ୍ତରେ କଳାରାଜା ହେଲେ ସ୍ୱାୟତ୍ତ ଶାସନ ହେବନାହିଁ, ଅଧିକ ପରାୟତ୍ତ ହେବ।" (ନ.ଭା.-୧/୬ ଆଲୋଚନା)

ଗ) ଲୋକ ଶାସନ ସମ୍ପର୍କରେ ଆଲୋଚନା କରି ସେ ଲେଖିଛନ୍ତି- "ଲୋକ ଶାସନର ଆଦର୍ଶ ହେଉଛି ଲୋକଙ୍କ ନିଜ ସ୍ୱାର୍ଥରକ୍ଷା ପାଇଁ ନିଜ ଦ୍ୱାରା ଶାସନ। ଏଥିରେ ବିରୋଧ ବା ସମାଲୋଚନା ପ୍ରତି ଆସ୍ଥାବାଦୀ ହେବାକୁ ପଡ଼େ। ସମାଲୋଚନାରେ ଗଦି ଟଳିଯିବ ବୋଲି ଯଦି କାହାର ଭୟ ହୁଏ ତେବେ ସେ ଲୋକ - ଶାସନରେ ଗଦି ରଖିବା ପାଇଁ ଉପଯୁକ୍ତ ନୁହେଁ।" (ନ.ଭା.-୪/୯ ଆଲୋଚନା)

ଘ) ଗଣତନ୍ତ୍ର ଶାସନ ଭିନ୍ନ ଭିନ୍ନ ସ୍ୱାର୍ଥର ସଂଘର୍ଷରେ ପ୍ରତିଷ୍ଠା ପାଏ। ତେଣୁ ଆଲୋଚକ କହନ୍ତି - ଗଣତନ୍ତ୍ର ଶାସନର ମୁଖ୍ୟନୀତି ହେଉଛି, ଭିନ୍ନ ଭିନ୍ନ ସ୍ୱାର୍ଥ ମଧ୍ୟରେ ସାଲିସ୍ ପାଇଁ ଦୃଷ୍ଟି ଦେବା ଓ ସେହି ଦୃଷ୍ଟିରେ ପ୍ରଗତିର ପ୍ରଚେଷ୍ଟାରେ ଲାଗିବା।

(ନ.ଭା.୬/୩-୪ ଆଲୋଚନା)

ଙ) ଭାରତ ସ୍ୱାଧୀନ ହେବା ପୂର୍ବରୁ ସାମ୍ପ୍ରଦାୟିକ ଭାଗବଣ୍ଟା ହେବା ବିଷୟ ମଧ୍ୟ ଏହି ସମ୍ପାଦକୀୟ ଆଲେଚନାରେ ବର୍ଣ୍ଣିତ ହୋଇଛି। (ନ.ଭା.-ନୂଆପ୍ରସ୍ଥ-୧/୫ ଆଲୋଚନା ଦ୍ରଷ୍ଟବ୍ୟ) ଖ୍ରୀ.୧୯୩୫ରେ ଭାରତର ପ୍ରଧାନମନ୍ତ୍ରୀ ସାର୍ ସାମୁଏଲ୍ ହୋର୍ ମୁସଲମାନମାନଙ୍କ ନେତା ଆଗା ଖାଁଙ୍କୁ ଡାକି କହିଲେ- "ମୁସଲମାନ୍‌ମାନଙ୍କୁ କେବଳ କେନ୍ଦ୍ର ଆସେମ୍ବ୍ଲିରେ ନୁହେଁ; ସବୁ ଚାକିରିରେ ମଧ୍ୟ ତିନି ଭାଗରୁ ଭାଗେ ଦିଆଯିବ। ଫଳରେ ସାମ୍ପ୍ରଦାୟିକ ସମାଧାନ ହୋଇନପାରି ପରବର୍ତ୍ତୀ ଇଂରେଜ ପ୍ରଧାନମନ୍ତ୍ରୀ ମାକ୍ ଡୋନାଲଡ୍ ସାମ୍ପ୍ରଦାୟିକ ଭାଗବଣ୍ଟା କରିଦେଲେ।"

(ନ.ଭା.-ନୂଆପ୍ରସ୍ଥ-୧/୫ ଆଲୋଚନା ଦ୍ରଷ୍ଟବ୍ୟ)

Digitized by PPRACHIN, SOA

ଭାରତ ସ୍ୱାଧୀନ ହେବାର ଅବ୍ୟବହିତ ପରେ ଇଂରେଜ ଦେଶର ଲର୍ଡ଼ ମାଉଣ୍ଟବାଟେନ୍ ଭାରତର ବଡ଼ଲାଟ ହୋଇଥିବାରୁ କ୍ଷୋଭ ପ୍ରକାଶ କରି 'ନବଭାରତ'ର ସମ୍ପାଦକ ଲେଖିଛନ୍ତି- "ପାକିସ୍ତାନ ଓ ଭାରତ ଦୁହେଁ ସ୍ୱାଧୀନ ହେଲେ। ବଡ଼ଲାଟ୍ ଭାବେ ପାକିସ୍ତାନୀ ବାଛିଲେ ଜିନ୍ନାଙ୍କୁ, ଭାରତୀଏ ବାଛିଲେ ଲର୍ଡ଼ ମାଉଣ୍ଟ ବାଟେନ୍‌ଙ୍କୁ । ଜିନ୍ନା ଶପଥ ନେଲେ ସେ ହେବେ ପାକିସ୍ତାନ ଲୋକ (People) ଓ ପାକିସ୍ତାନ ଶାସନ ବିଧି (constitution) ର ଅଧୀନ, କିନ୍ତୁ ଲର୍ଡ଼ ମାଉଣ୍ଟ ବାଟେନ୍ ଆଗେ ଇଂରେଜ ରାଜା ଓ ତାଙ୍କ ଉତ୍ତରାଧିକାରୀଙ୍କୁ ମୁଣ୍ଡିଆ ମାରି ଶପଥ ନେଲେ। ଏକଥା ପୃଥିବୀ ଦେଖିଲା। ତଥାପି ଆମ ଆଖି ଖୋଲୁ ନାହିଁ।" (ନ.ଭା.-ନୂଆପ୍ରସ୍ଥ-୧/୮ ଆଲୋଚନା)

ପଣ୍ଡିତ ନୀଳକଣ୍ଠ ଭାରତୀୟ ରାଜନୀତିର ଜଣେ ନିର୍ଭୀକ ସମୀକ୍ଷକ। ତେଣୁ ଜାତି ତଥା ଦେଶର ଅମଙ୍ଗଳ ହେବାର ସେ ଯେଉଁଠି ଦେଖିଛନ୍ତି, ପ୍ରତିପକ୍ଷରେ ଯେ ଥାଆନ୍ତୁ ନା କାହିଁକି 'ଆଲୋଚନା' ପର୍ଯ୍ୟାୟରେ ସେ ତାଙ୍କୁ ସତର୍କ କରିଦେଇ ଥାଆନ୍ତି। ଅହିଂସାର ଶୀତଳ ଛାଇରେ ରହି ଭାରତର ଯୁବଗୋଷ୍ଠୀ ଦେଶ ପାଇଁ ଯଥାର୍ଥ ତ୍ୟାଗ କରିବାକୁ ପ୍ରବୃତ୍ତ ହେଉନଥିବାର ଦେଖି, ଅର୍ଥାତ୍ ଜାତିର ଶକ୍ତି ଅହିଂସାର ଆବରଣ ତଳେ କ୍ରମେ ଲୋପ ପାଇ ଯାଉଥିବାର ଦେଖି ସେ ଆକ୍ଷେପ କରିଛନ୍ତି- "ଗାନ୍ଧିଙ୍କ ନାମରେ ଅହିଂସାର ମୁଖାପିନ୍ଧି ମତାନ୍ଧ ହେଲେ କ'ଣ ଆମେ ସ୍ୱାଧୀନତାକୁ ଯଥାର୍ଥ ଯୋଗ୍ୟ ହୋଇପାରିବୁ ?

(ନ.ଭା.-୭/୪, ଆଲୋଚନା)

ସ୍ୱାଧୀନତା ପରେ ଦେଶର ପରିସ୍ଥିତିକୁ ବିଚାର କରି କିପରି ଭବିଷ୍ୟତର ପନ୍ଥା ବାହାର କରିବାକୁ ହେବ ତାହା ସେ ଦେଶବାସୀଙ୍କୁ ଆଲୋଚନା ମାଧ୍ୟମରେ ଜଣାଇଛନ୍ତି। କଲିକତା, ନୂଆ ଖାଲି ଓ ବିହାରରେ ହିନ୍ଦୁ ମୁସଲମାନ ବିବାଦର ବଭତ୍ସ କାଣ୍ଡକୁ ଗୃହଯୁଦ୍ଧ ଭାବେ ଗ୍ରହଣ କରି ସେ ଲେଖିଛନ୍ତି- "ଗୃହ ଯୁଦ୍ଧ ସ୍ୱାଧୀନତାର ପ୍ରତ୍ୟବାୟ ନୁହେଁ। ଏହା ସ୍ୱାଧୀନତାର ପ୍ରମାଣ। ଏ ସମସ୍ୟାର ରହସ୍ୟ ବୁଝିବାକୁ ହେବ।"

(ନ.ଭା.-ନୂଆପ୍ରସ୍ଥ-୧/୩ ଆଲୋଚନା)

ଏକାଦଶ ଅଧ୍ୟାୟ - ଜାତୀୟ କଂଗ୍ରେସ ସମ୍ପର୍କରେ ଆଲୋଚନା :

ଭାରତୀୟ ରାଜନୀତି କ୍ଷେତ୍ରରେ କଂଗ୍ରେସ ଅନୁଷ୍ଠାନର ଗୁରୁତ୍ୱ ଦର୍ଶାଇ ରାଷ୍ଟ୍ରନୀତିଜ୍ଞ ପଣ୍ଡିତ ନୀଳକଣ୍ଠ 'କଂଗ୍ରେସର ଇତିହାସ' ଶୀର୍ଷକ ଏକ ଦୀର୍ଘ ପ୍ରବନ୍ଧ କ୍ରମାନ୍ୱୟରେ 'ନବଭାରତ'ର ୧ମ ବର୍ଷ -୭ମ, ୯ମ, ୧୦ମ, ୧୧ଶ ଓ ୧୨ଶ ସଂଖ୍ୟାରେ ପ୍ରକାଶ କରିଛନ୍ତି। ଏହା ବ୍ୟତୀତ ସେ ପୁଣି ଏହି ପତ୍ରିକାର ବିଭିନ୍ନ ସଂଖ୍ୟାର 'ଆଲୋଚନା'

Digitized by PPRACHIN, SOA

ପର୍ଯ୍ୟାୟରେ ଜାତୀୟ କଂଗ୍ରେସର ବିଭିନ୍ନ କାର୍ଯ୍ୟକ୍ରମର ସୂଚନା ଦେବା ସହ ଏହାର ତ୍ରୁଟି ବିଚ୍ୟୁତି ସମ୍ପର୍କରେ ପାଠକମାନଙ୍କୁ ସଚେତନ କରିଦେଇଛନ୍ତି ।

ଜାତୀୟ କଂଗ୍ରେସର ଅଭ୍ୟୁ ।ନ ସମ୍ପର୍କରେ ସେ କହନ୍ତି- ଥିଓସଫିକାଲ ସୋସାଇଟିର ଏଲେନ୍ ଅକ୍ଟୋଭିୟସ୍ ହ୍ୟୁମ ସାମାଜିକ ଓ ଧର୍ମ ସମ୍ବନ୍ଧୀୟ ନାନା ପ୍ରକାର ଅରାଷ୍ଟ୍ରନୈତିକ ଆଲୋଚନା କରିବା ପାଇଁ ଖ୍ରୀ. ୧୮୮୫ରେ ଯେଉଁ 'କଂଗ୍ରେସ ମହାସଭା'ର କଳ୍ପନା କରିଥିଲେ ତାହାହିଁ କ୍ରମେ ଇଂରେଜ ସରକାରଙ୍କ ଏକ ଦିଗଦର୍ଶୀ ଶାସନ ବିରୁଦ୍ଧରେ ଭାରତୀୟ ଜାତୀୟ ଆକାଂକ୍ଷାର ମୁଖପତ୍ର ରୂପେ ମୁଣ୍ଡ ଟେକି 'କଂଗ୍ରେସ' ନାମରେ ଅଭିହିତ ହୋଇଥିଲା । (ନ.ଭା.-ନୂଆପ୍ରସ୍ଥ-୧/୭ ଆଲୋଚନା ଦ୍ରଷ୍ଟବ୍ୟ)

ପଣ୍ଡିତ ନୀଳକଣ୍ଠ ଏହି ଜାତୀୟ କଂଗ୍ରେସ ଅନୁଷ୍ଠାନର ଜଣେ ଆଗଧାଡ଼ିର ନେତା ଥିଲେ । ତେଣୁ ବଭିନ୍ନ ଆଲୋଚନା ପ୍ରସଙ୍ଗରେ ସେ କଂଗ୍ରେସର ସ୍ଥିତି ଓ ପ୍ରଗତିକୁ ବିଶ୍ଳେଷଣ କରିଛନ୍ତି । ତାଙ୍କ ଯୁକ୍ତିରେ - ଆରମ୍ଭରୁ କଂଗ୍ରେସର ଆଦର୍ଶ ଥିଲା ଦେଶକୁ ବିଦେଶୀ ଶାସନରୁ ରକ୍ଷା କରିବା ପାଇଁ ଲଢ଼େଇ କରିବା, ବିପ୍ଳବରେ ପ୍ରଗତି ଓ ତ୍ୟାଗ ସାଧନାରେ ଆତ୍ମଲାଭ ତାହାର ଏକମାତ୍ର ଉଦ୍ଦେଶ୍ୟ ଓ ପନ୍ଥା ଥିଲା । ମାତ୍ର ଶାସନ କଳ ମଧ୍ୟରେ ପଶିବା ପରେ ତାହ ଦୁଇ ଭାଗରେ ବିଭକ୍ତ ହୋଇଗଲା । ଯେଉଁମାନେ ଧନ ଓ କ୍ଷମତା ଧରି ରାଜ୍ୟ ଚଳାଇଲେ ସେମାନେ ହେଲେ- ଭୋଗର କଂଗ୍ରେସୀ । ଆଉ ଯେଉଁମାନେ ସଂଯମ ଓ ତ୍ୟାଗ ବଳରେ ଲୋକମତର ଯଥାର୍ଥ ପ୍ରକାଶକ ଓ ପାଇକ ରୂପେ ଶାସନ କଳର କଂଗ୍ରେସକୁ ଜଗିରହି ରକ୍ଷଣଶୀଳତାର ଆପଗତିରୁ ଏହାକୁ ରକ୍ଷା କରିବା ପାଇଁ ପ୍ରାଣପଣେ ଲାଗି ପଡ଼ିଥିଲେ ସେମାନେ ହେଲେ ତ୍ୟାଗର କଂଗ୍ରେସୀ । ଏହି ତ୍ୟାଗର କଂଗ୍ରେସୀଏ ଇଂରେଜ ଶାସନ କାଳରେ ବିରୋଧୀ ଦଳର ଭୂମିକା ଗ୍ରହଣ କଲେ ।

କଂଗ୍ରେସ ଗୋଟିଏ ଯଥାର୍ଥ ଲୋକମତ ପ୍ରତିଷ୍ଠିତ ଅନୁଷ୍ଠାନ ନାନା ପ୍ରକାର ଲୋକମତର ବିରୋଧ-ସଂଘର୍ଷ ଜନିତ ସମୂହ ଅଭିବ୍ୟକ୍ତି ଉପରେ ପ୍ରତିଷ୍ଠିତ ହୋଇ ଏହା ଏକ ଜୀବନ୍ତ ଅନୁଷ୍ଠାନ ରୂପେ ମୁଣ୍ଡ ଟେକିଥିଲା କିନ୍ତୁ କଂଗ୍ରେସ ନେତାଙ୍କ ଠାରେ କ୍ରମେ ପଦ ଓ ଭୋଗର ଲାଳସା ଦେଖାଦେବାରୁ ଏହି ଅନୁଷ୍ଠାନ ଯେଭଳି ତାହାର ମର୍ଯ୍ୟାଦା ହରାଇଛି ତାହାର ସୂଚନା ଦେଇ ଆଲୋଚକ ଲେଖିଛନ୍ତି- "ପବିତ୍ର ଖଦଡ଼ ଆଜି ଘୃଣିତ । ଚୋରାବଜାରୀ ଆଜି କଂଗ୍ରେସୀ ଶାସକ । ××× ସ୍ୱାଧୀନ ଚର୍ଚ୍ଚାର ଛାୟା ପର୍ଯ୍ୟନ୍ତ କଂଗ୍ରେସରୁ ବାହାର କରିବାରେ ଏମାନେ ବରାବର ଲାଗିଛନ୍ତି ।" (ନ.ଭା.-୭/୨ ଆଲୋଚନା)

Digitized by PPRACHIN, SOA

କଳେବଳେ କୌଶଳେ ସବୁପ୍ରକାର ବିରୋଧକୁ ସଂହାର କରି, ପୁଣି ନିର୍ବାଚିତ ହେବା ପାଇଁ କଂଗ୍ରେସିଆଙ୍କ ହୀନ ଉଦ୍ୟମକୁ ନବଭାରତର ସମ୍ପାଦକ ଭର୍ତ୍ସନା କରିଛନ୍ତି- "ବାଘ ମୁହଁରେ ଥରେ ମଣିଷ ରକ୍ତ ଲାଗିଲେ ସେ ବାଘର ନାଁ ହୋଇଯାଏ- ମଣିଷଖିଆ। ସେହିପରି କଂଗ୍ରେସ ଲୋକଙ୍କ ମୁହଁରେ ଦେଶବାସୀଙ୍କ ସ୍ୱାଦ-ରକ୍ତ ଲାଗିଗଲାଣି। ଯେତେ ଚିପୁଡ଼ି ଖାଇପାରିବେ, ଯେତେଦିନ ଧରି ରହିପାରିବେ, ସେଇଆହିଁ ସେମାନଙ୍କ କାମ୍ୟ।'

(ନ.ଭା.-ନୂଆପ୍ରସ୍ଥ-୩/୩ ଆଲୋଚନା)

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଏହି ପତ୍ରିକାର ସମ୍ପାଦକ ନୀଳକଣ୍ଠ ଦଳର ଏପରି ଅଧୋଗତି ଦେଖି ଖ୍ରୀ.୧୯୩୯ରେ କଂଗ୍ରେସ ଦଳ ପରିତ୍ୟାଗ କରି ନେତାଜୀ ସୁଭାଷ ବୋଷଙ୍କ ପ୍ରତିଷ୍ଠିତ ଫରୱାର୍ଡ଼ ବ୍ଲକ୍‌ରେ ଯୋଗ ଦେଇଥିଲେ।

ଦ୍ୱାଦଶ ଅଧ୍ୟାୟ-'ନବ ଭାରତ'ର 'ଆଲୋଚନା'ରେ ସ୍ମରଣୀୟ ବ୍ୟକ୍ତିତ୍ୱ:

ଦେଶ ଓ ଜାତିର ଉନ୍ନତି କଳ୍ପେ ଯେଉଁ ମହାପୁରୁଷମାନଙ୍କ ତ୍ୟାଗ ଓ ନିଷ୍ଠା ରହିଥିଲା, ଦେଶକୁ ସ୍ୱାଧୀନ କରିବା ଲାଗି ଯେଉଁମାନେ ନିଜ ଜୀବନକୁ ସମର୍ପି ଦେଇଥିଲେ- ସେମାନଙ୍କ ଜୟନ୍ତୀରେ, ଶ୍ରାଦ୍ଧ ଦିବସରେ ବା ଦେହାନ୍ତ ସମୟରେ ସେମାନଙ୍କ ସ୍ମୃତିଚାରଣ କରାଯାଉଥିଲା 'ନବଭାରତର ଆଲୋଚନା' ପର୍ଯ୍ୟାୟରେ।

'ନବଭାରତ' ପ୍ରକାଶ ପାଇବାର କିଛିମାସ ପୂର୍ବରୁ ଖ୍ରୀ. ୧୯୩୪ ଫେବୃୟାରୀ ୪ ତାରିଖରେ ଉତ୍କଳ ଗୌରବ ମଧୁସୂଦନଙ୍କ ମହାପ୍ରୟାଣ ଘଟିଥିଲା। ତେଣୁ ଏହି ପତ୍ରିକାର ପ୍ରଥମ ସଂଖ୍ୟାରେ ଦେଶ ଓ ଜାତି ପାଇଁ ମଧୁସୂଦନଙ୍କ ତ୍ୟାଗ ଓ ନିଷ୍ଠାର କୀର୍ତ୍ତନ କରି ଆଲୋଚକ ଲେଖିଲେ- "ଅର୍ଦ୍ଧଶତାବ୍ଦୀ କାଳ ସେ ଦେଶ କର୍ମରେ ଆତ୍ମନିଯୋଗ କରିଥିଲେ। ×× ଓଡ଼ିଶାର କଳା ଓ ଓଡ଼ିଶାର ଜାତୀୟ ସ୍ୱାତନ୍ତ୍ର୍ୟ ଫୁଟାଇବା ତାଙ୍କ ଜୀବନର ମୁଖ୍ୟ ଉଦ୍ଦେଶ୍ୟ ଥିଲା।" (ନ.ଭା.-୧/୧ ଆଲୋଚନା) ଆଲୋଚକ ପୁଣି ଅନ୍ୟତ୍ର କହିଛନ୍ତି- "ମଧୁସୂଦନଙ୍କ ଦୃଢ଼ମତ ଥିଲା, ପ୍ରାଦେଶିକ ଭାଷା ଓ ସଂସ୍କୃତିଗତ ସ୍ୱାଧୀନତା ଉପରେ ସମାଧାନରେ ଭାରତୀୟ ସ୍ୱାଧୀନତା, ସମାଜ ଓ ସଂସ୍କୃତି ଫୁଟିବ। ଏ ଦୃଷ୍ଟିରୁ ଓଡ଼ିଆଙ୍କୁ ଆଗ ଓଡ଼ିଆ କରିବାକୁ ହେବ। - ଏଇ ଶ୍ରେଷ୍ଠ ଜାତୀୟ ସାଧନାରେ ସେ ନିଜର ସର୍ବସ୍ୱ ପଣ କଲେ। ଏପରିକି ଓଡ଼ିଆ ଶିଳ୍ପ ପୃଥିବୀରେ ଦେଖାଇବା ପାଇଁ ସେ ଶେଷକୁ ଭିକ୍ଷୁକ ହୋଇଯାଇଥିଲେ।" (ନ.ଭା.-ନୂଆପ୍ରସ୍ଥ-୧/୪ ଆଲୋଚନା)

ସେହିପରି ଜଣେ ମହାପୁରୁଷ ଭାବେ ଗୋପବନ୍ଧୁଙ୍କ ବ୍ୟକ୍ତିତ୍ୱର ପରାକାଷ୍ଠା ଦର୍ଶାଇ 'ନବ ଭାରତ'ର ଆଲୋଚନା ପର୍ଯ୍ୟାୟରେ ସମ୍ପାଦକ ଲେଖିଛନ୍ତି- "ମହାପୁରୁଷଙ୍କ ଭାବ

Digitized by PPRACHIN, SOA

ଓ କ୍ରିୟାରେ ନୂତନତା ଥାଏ। ସେ ଭାବ ଓ କ୍ରିୟାର ପ୍ରଭାବ ମହାପୁରୁଷଙ୍କ ଜୀବନ କାଳରେ ଶେଷ ହୁଏ ନାହିଁ। ×× ମୃତ୍ୟୁପରେ ବିରୋଧୀମାନଙ୍କ ଦ୍ୱାରା ମଧ୍ୟ ଏହି ବିଶିଷ୍ଟତା କଷଟିରେ ମହାପୁରୁଷଙ୍କ ପରୀକ୍ଷା ହୁଏ।" (ନ.ଭା.-୧/୨ ଆଲୋଚନା)

ସେ ପୁଣି ଓଡ଼ିଶାର ଜଣେ ଯୁଗ-ପୁରୁଷ ଭାବେ ଗୋପବନ୍ଧୁଙ୍କୁ ଚିତ୍ରଣ କରି କହନ୍ତି- "ଗୋପବନ୍ଧୁ ଏ ଯୁଗରେ ଓଡ଼ିଶାରୁ ସର୍ବଶ୍ରେଷ୍ଠ କର୍ମୀ ଓ ବୀରପୁରୁଷ ××× ଦେଶର ବାଳ, ଯୁବା, ପ୍ରବୀଣ ସମସ୍ତେ ବୁଝିଛନ୍ତି - ଏ ଯୁଗରେ ପ୍ରତ୍ୟେକ ଓଡ଼ିଆ ଉପରେ ଗୋପବନ୍ଧୁଙ୍କର କୌଣସି ନା କୌଣସି ପ୍ରକାରେ ପ୍ରଭାବ ପଡ଼ିଛି।"

ଖ୍ରୀ.୧୯୪୮ ଜାନୁୟାରୀ ୩୦ ତାରିଖରେ ମହାତ୍ମା ଗାନ୍ଧୀଙ୍କ ହତ୍ୟାକାଣ୍ଡରେ ବିଚଳିତ ହୋଇ ସମ୍ପାଦକ ନୀଳକଣ୍ଠ ଲେଖିଲେ- "ଏ ଯୁଗର ମହାମାନବ, ପୃଥିବୀର ଶ୍ରେଷ୍ଠମାନବ, ଭାରତ ସ୍ୱାଧୀନତାର ବାର୍ତ୍ତାବହ, ନବଭାରତର ବିଧାତା ଚାଲିଗଲେ।" ବୈଷମ୍ୟ ତଥା ବିରୋଧାଭାଷ ଯେ ସୃଷ୍ଟି ତଥା ବିକାଶର ନିତ୍ୟ ନିୟମ ତାହା ଆଲୋଚକ ମହାତ୍ମା ଗାନ୍ଧୀଙ୍କ ଜୀବନରେ ଲକ୍ଷ୍ୟ କରି କହନ୍ତି- "ମୃତ୍ୟୁରେ ତାଙ୍କର ଏହି ବିରୋଧାଭାଷର ମହାମହିମା ସତ୍ୟ ହେଲା। ବିଶ୍ୱମାନବକୁ ଅହିଂସାର ମହାଦୀକ୍ଷା ଦେଇ ହିଂସାର ପ୍ରଚଣ୍ଡ ସ୍ଫୁରଣରେ ତାଙ୍କ ଦେହ ଲୀଳା ଶେଷ ହେଲା।" (ନ.ଭା.-ନୂଆପ୍ରସ୍ଥ-୧/୧୧)

ତ୍ରୟୋଦଶ ଅଧ୍ୟାୟ - ବିବିଧ ବିଷୟର ଆଲୋଚନା :

ବିବିଧ ବିଷୟର 'ଆଲୋଚନା' ଗୁଡ଼ିକରେ ଆଲୋଚକଙ୍କ ଦାର୍ଶନିକ ଦୃଷ୍ଟିକୋଣଟି ସ୍ପଷ୍ଟ ବାରି ହୋଇପଡ଼େ। କ୍ୱେଟାଠାରେ ଘଟିଥିବା ଭୂମିକମ୍ପ ଓ ଆସାମରେ ଘଟିଥିବା ଭୂମିକମ୍ପର ଭୟାବହତା ବର୍ଣ୍ଣନା କରିବା ପ୍ରସଙ୍ଗରେ ସେ ଅନନ୍ତ ବିଶ୍ୱଶକ୍ତି ତୁଳନାରେ ମାନବର ଶକ୍ତି କେତେ ନଗଣ୍ୟ ତାହା ଦର୍ଶାଇଛନ୍ତି- "ମାନବ ନିଜର ଚିନ୍ତା ଓ କଳ୍ପନାରେ ଯେଉଁ ସୀମାରେ ପହଞ୍ଚେ ତାହାର ପରପାରିରେ ବିଶ୍ୱଶକ୍ତିର ଯୁକ୍ତି। ମାନବର କଳ୍ପନା ଗୋଟିଏ ସାନ୍ତ ବିଭବ। ଅନ୍ୟଟି ଅନନ୍ତ।" (ନ.ଭା.-୧/୧୨ ଆଲୋଚନା)

'ଆୟୁର୍ବେଦ' ଶୀର୍ଷକ ଆଲୋଚନାରେ ଆମ ଦେଶରେ ବିଶେଷକରି ଓଡ଼ିଶାରେ ଆୟୁର୍ବେଦ ଓ ହୋମିଓପାଥି ଚିକିତ୍ସାର ଆବଶ୍ୟକତା ଓ ଉପାଦେୟତା ସମ୍ପର୍କରେ ବର୍ଣ୍ଣନା କରାଯାଇଛି। ଏ ପ୍ରସଙ୍ଗରେ ସେ ତୁଳସୀ ଓ ବେଲପତ୍ରିର ଉପକାରିତା ମଧ୍ୟ ବର୍ଣ୍ଣନା କରିଛନ୍ତି- "ତୁଳସୀ ଗଛ ବିଷାପହ। ଏହା ମାଲେରିଆ ମଶା ନାଶ କରେ। ତୁଳସୀ ବାସ୍ନା ଭିତରେ ମଶା ଡିମ୍ବ ଦିଅନ୍ତି ନାହିଁ। ବିଷଧର ସାପମାନେ ମଧ୍ୟ ତୀବ୍ର ତୁଳସୀ ବାସ୍ନାକୁ ଡରନ୍ତି

Digitized by PPRACHIN, SOA

ଓ ଦୂରରେ ରହନ୍ତି । ××× ସିଝା ବେଲପତ୍ର କ୍ୱାଥ ବିରେଚକ । ବେଲଚେର ଛାଲି ପାଚନର ଉପାଦାନ । ପୋଡ଼ା କସି ବେଲ ଆମାଶୟରେ ଉପାଦେୟ । ପତ୍ର ଚୋବାଇବା ମୁଖଶୋଧକ ଓ ରୋଚକ । ପାଚିଲା ବେଲପଣା ଗ୍ରୀଷ୍ମାପରାହ୍ନର ସାଲସା ।"

(ନ.ଭା.-୪/୧୦ ଆଲୋଚନା)

'ରଥ ଯାତ୍ରା' ଶୀର୍ଷକ ଆଲୋଚନାରେ ଓଡ଼ିଶାରେ ରଥଯାତ୍ରାର ପରମ୍ପରା ସହ ବୁଦ୍ଧଙ୍କ ଦନ୍ତ ଯାତ୍ରା ଓ ଜୈନ ଋଷଭଦେବଙ୍କ ରଥଯାତ୍ରାର ତୁଳନାତ୍ମକ ବିବରଣୀ ପ୍ରଦତ୍ତ ହୋଇଛି । ସେହିପରି 'ଦୁର୍ଗାପୂଜା' ଶୀର୍ଷକ ଆଲୋଚନାରେ ସୃଷ୍ଟିକାରିଣୀ ମାତୃଶକ୍ତି ଦେବୀ ଦୁର୍ଗାଙ୍କ ଦୁର୍ଗତିନାଶିନୀ ସଂହାର ମୂର୍ତ୍ତି ପୂଜା ହେବାର ବିଧି ସମ୍ପର୍କରେ ଆଲୋଚକ କହନ୍ତି- "ବିଶ୍ୱ ବିକାଶର ସମସ୍ତ ପ୍ରଗତି, କିମ୍ବଦନ୍ତୀ କେବଳ ସଂହାର ଭିତରେ ଦେଖିବାକୁ ମିଳେ ।" (ନ.ଭା.-ନୂଆପ୍ରସ୍ଥ-୧/୧୧ ଆଲୋଚନା) ସେ ପୁଣି 'ଚକୁଳିଆ ପଣ୍ଡା' ପରମ୍ପରାରେ ବୌଦ୍ଧ ଭିତ୍ତିଥିବାର ଦର୍ଶାଇ ଲେଖିଛନ୍ତି, "ଏହା ଗୋଟାଏ ସ୍ପଷ୍ଟ ବୌଦ୍ଧ ଅନୁଷ୍ଠାନ, ଏବେ ମଧ୍ୟ ବ୍ରହ୍ମ ଓ ଅନ୍ୟାନ୍ୟ ବୌଦ୍ଧ ଦେଶରେ ଏଇଭଳି ସ୍ପଷ୍ଟ ଅନୁଷ୍ଠାନ ଅଛି ।"

(ନ.ଭା.-୭/୨ ଆଲୋଚନା)

'ନବ ଭାରତ'ର 'ଆଲୋଚନା'ରେ ସମ୍ପାଦକଙ୍କ ଗଦ୍ୟଶୈଳୀ :

'ନବ ଭାରତ'ର ସମ୍ପାଦକୀୟ 'ଆଲୋଚନା'ଗୁଡ଼ିକରୁ ଏହି ପତ୍ରିକାର ସମ୍ପାଦକ ନୀଳକଣ୍ଠଙ୍କ ଗଦ୍ୟଶୈଳୀଟି ସ୍ପଷ୍ଟ ବାରି ହୋଇପଡ଼େ । ସମ୍ବାଦ ପରିବେଷଣରେ- ସତ୍ୟନିଷ୍ଠା, ନିର୍ବାଚନ ପଟୁତା, ବିଶ୍ଳେଷଣ ସାମର୍ଥ୍ୟ, ଲୋକଚିତ୍ତକୁ ଆକର୍ଷଣ କଲାଭଳି ଜନପ୍ରିୟ ମନୋରମ କଥନଶୈଳୀ ଓ ସୁବୋଧ୍ୟ ଭାଷା ପ୍ରୟୋଗରେ ଦକ୍ଷତା- ଯାହା ଜଣେ ଉଚ୍ଚକୋଟୀର ସାମ୍ବାଦିକଙ୍କ ଲେଖାପାଇଁ ପ୍ରଯୁଜ୍ୟ ସେସବୁ 'ନବ ଭାରତ'ରେ ପରିବେଷିତ ନୀଳକଣ୍ଠଙ୍କ ସମ୍ପାଦକୀୟ 'ଆଲୋଚନା'ରେ ଉପଲବ୍ଧ ।

ନୀଳକଣ୍ଠ ବହୁଶାସ୍ତ୍ରଦର୍ଶୀ । ତାଙ୍କ ଜ୍ଞାନର ପରିସର ଦିଗନ୍ତ ବିସ୍ତାରୀ । ତେଣୁ ଦେଶର ବିଭିନ୍ନ ସମସ୍ୟା ଉପରେ ତାଙ୍କର ଅଭିଜ୍ଞତା ଓ ତାହାର ପରିପ୍ରକାଶରେ ବିଚକ୍ଷଣତା ଯୋଗୁ ତାଙ୍କ ସମ୍ପାଦକୀୟ 'ଆଲୋଚନା' ସମୂହ ଅଗଣିତ ଓଡ଼ିଶାବାସୀଙ୍କୁ ଚମକ୍ରୃତ କରିଥିଲା । ସମାଜ ଜୀବନରେ ଘଟିଯାଉଥିବା ବହୁ ସମସ୍ୟାର ସହଜ ବିଶ୍ଳେଷଣ, ସମକାଳୀନ ଜଟିଳ ରାଜନୀତିକ ପରିବେଶ ମଧ୍ୟରେ ଜନସମାଜକୁ ପ୍ରକୃତ ଦିଗ୍‌ଦର୍ଶନ ଦେବାରେ ତାଙ୍କ ବିଚାରଶୀଳତା ଯୋଗୁ ସେ ସାମ୍ବାଦିକତା କ୍ଷେତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ ହୋଇପାରିଛନ୍ତି ।

Digitized by PPRACHIN, SOA

'ନବଭାରତ'ର ସମ୍ପାଦକ ପଣ୍ଡିତ ନୀଳକଣ୍ଠ ଉଚ୍ଚାରଣ ଅନୁଯାୟୀ ଶବ୍ଦ ପ୍ରୟୋଗର ପକ୍ଷପାତୀ ଥିଲେ। ତେଣୁ ତାଙ୍କ ସମ୍ପାଦକୀୟ 'ଆଲୋଚନା'ରେ କେତେକ ସ୍ଥଳରେ - ଶିକ୍ଷୀ-ଶିକ୍ଷି, ଜର୍ମାନୀ-ଯର୍ମାନି, ଜୀବୀଧର୍ମ-ଜିବିଧର୍ମ, ଦ୍ୱନ୍ଦ୍ୱ-ଦ୍ୱନ୍ଦ, ଶଶୀ-ଶଶି, କନ୍ଧମାଳ-କନ୍ଦମାଳ, ରୁଷିୟା-ରୁସିଆ, ସ୍ଥାୟି-ସ୍ଥାୟୀ, ବିକ୍ରି-ବିକ୍ରୀ, ମକଦ୍ଦମ-ମକଦମ, ବାକି-ବାକୀ, ରୋଷମ-ରୋସମ, ଜନସେବି-ଜନସେବୀ, ପାକିସ୍ତାନ-ପାକିସ୍ଥାନ, ଦେଶୀ-ଦେଶି ଆଦି ଶବ୍ଦର ଯଥେଚ୍ଛା ବ୍ୟବହାର କରାଯାଇଛି।

ପୁଣି ସେ ସମୟରେ ଅଣା, ପଇସା, ପାହୁଲାର ବ୍ୟବହାର ଥିବାରୁ ଚାରିଅଣା, ଛ'ଅଣା, ଆଠଅଣା, ଦଶଅଣା, ବାରଅଣା, ଚଉଦଅଣା ଆଦି ସଂଖ୍ୟା ବାଚକ ଶବ୍ଦ ରହିଛି ଯାହା ଏବ ଲେଖାରେ ଦୁଷ୍ପ୍ରାପ୍ୟ।

ଶହୀଦନଗର
ଭୁବନେଶ୍ୱର

କୁମୁଦିନୀ ମିଶ୍ର
ତା ୧୯.୦୯.୨୦୧୬

Digitized by PPRACHIN, SOA

ପ୍ରଥମ ଅଧ୍ୟାୟ

ସମ୍ପାଦକୀୟ ଅଭିବ୍ୟକ୍ତି

ଶୁଭମସ୍ତୁ

ବାରବର୍ଷରୁ ପ୍ରାୟ ଅଧିକ କାଳ ହୋଇଗଲା, ମୁଁ ଓଡ଼ିଆ ସାହିତ୍ୟ ଯାହାକୁ କହନ୍ତି ତାହା ସଙ୍ଗେ ମୁଖ୍ୟତଃ କୌଣସି ସାକ୍ଷାତ୍ ସଂପର୍କ ରଖିନାହିଁ। ଗୋଟିଏ ଯୁଗ ବା ଅଧ ପୁରୁଷେ ଚାଲିଯାଇଛି, ଏହା ମଧ୍ୟରେ ଜାଗତିକ ପରିଣାମ କ୍ରିୟାରେ ଓଡିଆର ସାହିତ୍ୟ କିପରି ଗତି କରିଛି ତାହା ମଧ୍ୟ ବିଧିମତେ ଲକ୍ଷ୍ୟ କରିବାର ଅବକାଶ ପାଇ ନାହିଁ। ଏପରି ଅବସ୍ଥାରେ ସାହିତ୍ୟରେ ମୁଁ ପ୍ରେତ ନ ହେଲେ ମଧ୍ୟ ପ୍ରନ୍ ଭୂମିରେ ପଡ଼ିଯାଇଥିବାର କଥା। ଏ ଆଶଙ୍କା ଯଦି କେହି କରନ୍ତି ତେବେ ମୋର ସେ ଆଶଙ୍କାରେ ଯଥେଷ୍ଟ ଅନୁକମ୍ପା ଅଛି। ମାତ୍ର ପ୍ରନ୍ ଉପରେ ନୂତନର ପ୍ରତିଷ୍ଠା ହିଁ ବିକାଶ ପ୍ରବାହର ଗୋଟିଏ ଅପରିହାର୍ଯ୍ୟ କ୍ରିୟା। ପ୍ରନ୍ ଭୂମିରୁ ଉଠି ମୁଁ ଆଜି ନୂତନର ବେଷ୍ଟନୀ ମଧ୍ୟରେ ଠିଆ ହେଲି। ଏ ଗୋଟିଏ ସାହସିକ କର୍ମ। କିନ୍ତୁ ସାହସିକତା ବିନା ନର ଭଦ୍ର ଦେଖେ ନାହିଁ ବୋଲି କଥା ଅଛି। ଏହାହିଁ ଏବେ ସାହିତ୍ୟିକମାନଙ୍କ ଜଗତରେ ମୋର ଏକମାତ୍ର ପ୍ରବେଶ ପତ୍ର। ଆଶାକରେଁ ଏହି ଦୃଷ୍ଟିରେ ସେମାନେ ଅନୁକମ୍ପାର ସହିତ ମୋର କ୍ରିୟା ଦେଖିବେ ଓ ସେଥିରେ ସହଯୋଗ କରିବେ।

ଆଦର୍ଶର ଅତି ଆଶାଶୀଳତାରେ ବେଳେବେଳେ ଲୋକ ବହୁ ଦୂରକୁ ଚାଲିଯାଏ। ବେଷ୍ଟନୀକୁ ପ୍ରଭାବିତ କରିପାରେ ନାହିଁ। ପୁଣି ତାହା କରିବାକୁ ଯାଇ କେବେ କେବେ ମେରୁଦଣ୍ଡହୀନ ଅନୁକରଣ କରେ। ଏ ଦୁଇଟି ବିପଦ ମଧ୍ୟରେ ପନ୍ଥା କଠିନ। ହେଲେହେଁ ଆଦର୍ଶ ବିନା ବେଷ୍ଟନୀର ବିକାଶ ଅସଂଭବ। ଏ ଅବସ୍ଥାରେ ମୋର ଏ ସାହିତ୍ୟିକ କର୍ମରେ ଗତି ଠିକ୍ ରଖିବାପାଇଁ ଦେଶବାସୀଙ୍କର ଆନୁକୂଲ୍ୟ ଆଶା କରିବା ଛଡା ଆଉ କିଛି କହିବାର ନାହିଁ।

ନୂତନ ସାହିତ୍ୟ ଭୂମିରେ ଛିଡ଼ା ହେଲି, କିନ୍ତୁ ଏତେବେଳ ଯାଏ ସେ ଭୂମିର ପ୍ରକୃତି ଓ ପରିସର ହୁଏତ ଭଲକରି ଦେଖିନାହିଁ। ଏତିକି ମାତ୍ର ବୁଝିଛି ଜାତିର ପ୍ରଗତିରେ ସାହିତ୍ୟର ଆଦର୍ଶ ଓ ଅନୁଶୀଳନର ଧାରା, ବିକାଶର କୌଣସି ବହିରାବରଣ ମଧ୍ୟରେ,

Digitized by PPRACHIN, SOA

ସାଧକର ଅଚିହ୍ନା ରହେ ନାହିଁ। ସମସ୍ତ ଭୂତ ଜଗତର, ନିତ୍ୟ ପରିଣାମ ମଧ୍ୟରେ ବିଶ୍ୱର ମୂଳାଧାର ଯେପରି ପ୍ରତିଷ୍ଠିତ, ମାନବ କ୍ରିୟାରେ ଆଦର୍ଶ ସେହିପରି। ଏହି ବିଶ୍ୱାସରେ ବିଧାତାଙ୍କୁ ସ୍ମରଣ କରି ମୁଁ ଆଜି ସାହିତ୍ୟ କ୍ଷେତ୍ରରେ ଅବତୀର୍ଣ୍ଣ ହେଉଅଛି। ବିଶ୍ୱ ବିକାଶର ମଙ୍ଗଳମୟ ଧାରାରେ ମୋର ଏ କ୍ଷୀଣ କଳ୍ପନାର କ୍ରିୟା ଏକ ହେଉ। ଶୁଭମସ୍ତୁ।

ନବାଭାରତ , ୧/୧-ଆଲୋଚନା

ସଂପାଦକୀୟ କୈଫିୟତ୍

'ନବଭାରତ' ପ୍ରଥମ ସଂଖ୍ୟାଟି ପାଇଁ ଅନେକ ଲୋକ ଅନେକପ୍ରକାର ମଂତବ୍ୟ ପ୍ରକାଶ କରିଅଛନ୍ତି। କେହି ଖବର କାଗଜରେ ପ୍ରକାଶ କରିଛନ୍ତି, କେହି ବା ବ୍ୟକ୍ତିଗତ ଭାବରେ ଜଣାଇଛନ୍ତି। ସେ ସମସ୍ତେ ହିତୈଷୀ। କେହି କାର୍ଯ୍ୟଟି ଭାଂଗିଦେବା ଭଳି କିଛି କହି ନାହାନ୍ତି। ସମସ୍ତେ ମୋଟା ମୋଟି କହିଚନ୍ତି, ମୋଠାରୁ ଯାହା ଆଶା କରି ଥିଲେ ତା ପାଇଲେ ନାଇଁ। ଦେଶର ସାହିତ୍ୟିକ ଯେ ଏପରି ଆଶା କରିଚନ୍ତି, ସେଥିପାଇଁ ମୁଁ କୃତଜ୍ଞ।

ଏ ପତ୍ରଟି ଆରମ୍ଭ କଲାବେଳେ, ଉଦ୍ଦେଶ୍ୟରେ ସୂଚନା ଦେବାର କଥା। ସେ ସଂର୍ବଂଧରେ କିଛି କୁହାଯାଇନାଇଁ। କୁହାଯାଇଥିଲା ନୂତନ ସାହିତ୍ୟ ଭୂମିରେ ଛିଡାହେଲି। ଏତେବେଳଯାଏ ସେ ଭୂମିର ପ୍ରକୃତି ଓ ପରିସର ଭଲ କରି ଦେଖିନାଇଁ। ଏତିକି ମାତ୍ର ବୁଝିଚି, 'ଜାତିର ପ୍ରଗତିରେ ସାହିତ୍ୟର ଆଦର୍ଶ ଓ ଅନୁଶୀଳନର ଧାରା ବିକାଶର କୌଣସି ବହିରାବରଣ ମଧ୍ୟରେ ସାଧକର ଅଚିହ୍ନା ରହେ ନାଇ।" ପୁଣି କୁହାଯାଇଚି, "ହେଲେହେଁ ଆଦର୍ଶ ବିନା ବେଷ୍ଟନୀରେ ବିକାଶ ଅସଂଭବ।" ଏ ଅବସ୍ଥାରେ, ମୋର ଏ ସାହିତ୍ୟକ କ୍ରମରେ ଗତି ଠିକ୍ ରଖିବା ପାଇଁ, ଦେଶବାସୀଙ୍କର ଆନୁକୂଲ୍ୟ ଆଶା କରିବା ଛଡ଼ା ଆଉ କିଛି କହିବାର ନାଇଁ।

କେହି କହିଚନ୍ତି, "ତମର ସଂପାଦକତତ୍ତ୍ୱରେ ବଳିଷ୍ଠ, ସୁଗଠିତ ପ୍ରବନ୍ଧାଦି ବାହାରିବାର କଥା।" ସାଧୁ। କିଂତୁ ସେ ସବୁ ପ୍ରବନ୍ଧ ଲେଖିବ କିଏ? ଦେଶବାସୀ। ସଂପାଦକଙ୍କ କାର୍ଯ୍ୟ, ବାଛିବା, ସଙ୍କେତ ଦେବା ଓ ସେହି ସୂତ୍ରରେ ଯଥା ସଂଭବ ପ୍ରଗତିର ବିକାଶ ଲୋଡିବା। ଏଥିରେ ମଧ୍ୟ ପ୍ରଥମଥରଠାରୁ ଏଥର ଭିତରେ ମୁଁ ଯାହା ଦେଖୁଚି ସେଥିରେ ନିରାଶାର କଥା କିଛି ନାଇଁ। ଏଥର ମୋତେ ବହୁତ ବାଛିବାକୁ ହୋଇଚି। ତାହାର ଫଳ ପାଠକମାନେ ଦେଖିବେ। ପୁଣି ଆଲୋଚନା ଛଡ଼ା ଇତିହାସ ଓ ସାହିତ୍ୟ ସଂବନ୍ଧରେ ଯଥାସାଧ୍ୟ ସଂକେତ ଦେବାରେ ଆରମ୍ଭ ମଧ୍ୟ କରାଯାଇଚି।

Digitized by PPRACHIN, SOA

ଆଉ ଗୋଟିଏ କଥା। ଯେପରି ଦେଖାଯାଉଚି ଦେଶରେ ବଳିଷ୍ଠ ଓ ସୁଗଠିତ ଲେଖା ଅଭାବ ହେବ ନାଇଁ। ମୌଳିକ ଲେଖା ମଧ୍ୟ କ୍ରମେ ଫୁଟି ଉଠିବ। କିଂତୁ ସାଧାରଣ ଦେଶବାସୀଙ୍କର ସାହିତ୍ୟ ରୁଚିରେ ଏ ସବୁ ଲେଖା, କିପରି ଭାବରେ କେତେ ପରିମାଣରେ ଆଦର ପାଇବ, ତାହା ମଧ୍ୟ ହିତୈଷୀମାନଙ୍କର ଭାବିବାର କଥା। ଗତ ୧୪ବର୍ଷ ଭିତରେ ସେ ରୁଚିର ଧାରା ମୁଁ ତନ୍ନ ତନ୍ନ କରି ଲକ୍ଷ କରି ନାଇଁ। ମୌଳିକ, ବଳିଷ୍ଠ, ସୁଗଠିତ ଲେଖାର ଆନ୍ତରିକ ଆଦର ଦେଶରେ ନ ହେବା ହେତୁରୁ ପତ୍ରଟି ପ୍ରତିଷ୍ଠିତ ହୋଇ ନ ପାରିଲେ ଫଳ କଣ ହେବ? ସେ ଦାୟିତ୍ୱ ଅବଶ୍ୟ ଦେଶବାସୀ ସଂପାଦକଙ୍କୁ ଦେବେ ନାଇଁ।

ନବ ଭାରତ ୧ମ ବର୍ଷ, ୨ୟ ସଂଖ୍ୟା ଆଲୋଚନା

ଆମ ସାଲ

ଆମ୍ଭେମାନେ 'ନବଭାରତ'ର ପ୍ରାରଂଭିକ ସଂଖ୍ୟାରେ 'ଆମର ବର୍ଷଗଣନା ଓ ମାସନାମ' ଶୀର୍ଷକ ପ୍ରବଂଧରେ ଲେଖିଥିଲୁଁ, ଚାନ୍ଦ୍ରମାନ ମାସର ପର୍ବଦିନ ପୁନିଆଁଠାରୁ ସୌରମାନ ମାସ ଓ ବର୍ଷ ଗଣିବା ଆସଙ୍ଗତ ଓ ଘୋର ଅସୁବିଧାଜନକ। ସେତେବେଳେ କହିଥିଲୁଁ, ମେଷ ଠାରୁ ମୀନ ସମ୍ବତ୍ସର ଗଣନା ହିଁ ଓଡିଶା ଛଡା ସର୍ବତ୍ର ପ୍ରଚଳିତ, ସୁସଙ୍ଗତ ଓ ଅତ୍ୟନ୍ତ ସୁବିଧାଜନକ। ତେଣୁ ସେହିପରି ବର୍ଷଗଣନା ସ୍ଥିରକରି ପୁନିଆଁ ପରେ ମଧ ୧୩୪୨ ସାଲ ନ କରି ୧୩୪୧ ସାଲ ଚଳାଇଲୁଁ। ମୀନ ଶେଷ ପର୍ଯ୍ୟନ୍ତ ଏହି ୧୩୪୧ ସାଲ ରହିବ। ଏହି ପ୍ରଥମ ପରିବର୍ତ୍ତନବେଳେ ଲୋକଙ୍କର ଅସୁବିଧା ହୋଇପାରେ; ସେଥିପାଇଁ ପ୍ରତ୍ୟେକ ସଂଖ୍ୟାର ଶେଷରେ ପୃଷ୍ଠାର ନିମ୍ନଦେଶରେ ଇଂରେଜୀମାସ ଓ ବର୍ଷ ଦିଆଯାଉଅଛି।

ନବ ଭାରତ-୧/୫, ଆଲୋଚନା

ଆତ୍ମକଥା

ନବଭାରତ କ୍ଷୁଦ୍ର ଇତିହାସରେ ଏପର୍ଯ୍ୟନ୍ତ ଯାହା ଘଟିନଥିଲା ତାହା ଏଥର ଘଟିଛି- ଦୁଇ ମାସର ନବ ଭାରତ ଏକ ସଙ୍ଗେ ପ୍ରକାଶ କରା ହୋଇଅଛି। ନବଯୁଗ ସାହିତ୍ୟ ସଂସଦର ଉଦ୍ୟୋକ୍ତମାନଙ୍କ ଆନୁକୁଲ୍ୟରୁ ସେମାନଙ୍କ ବିଗତ ସାଧାରଣ ଉତ୍ସବରେ ପଠିତ ସମସ୍ତ ପ୍ରବଂଧ ପ୍ରକାଶ ନିମନ୍ତେ ଆମ୍ଭମାନଙ୍କୁ ମିଳିଥିଲା । ସେଥି ସଙ୍ଗେ ସେମାନେ ଅନୁରୋଧ କରିଥିଲେ, ସବୁଗୁଡିକ ପ୍ରବଂଧ ଏକ ସଙ୍ଗେ ପ୍ରକାଶ କରିବାକୁ । ଅନ୍ୟ

Digitized by PPRACHIN, SOA

ସମୟ ହୋଇଥିଲେ ଗୋଟିଏ ସଂଖ୍ୟାକୁ କିଂଚିତ୍ ବଡ଼ କରି ତାହା କରିଥାନ୍ତୁ। କିନ୍ତୁ ଗତ ଦୁଇ ମାସ ପ୍ରେସର ଅନ୍ୟାନ୍ୟ କାର୍ଯ୍ୟର ଭିଡ଼ ବେଶି ଥିବାରୁ ତାହା କରି ନ ପାରି ଦୁଇ ମାସର ଏକସଙ୍ଗେ ପ୍ରକାଶ କରୁଅଛୁ। ପାଠକ ଓ ଗ୍ରାହକମାନଙ୍କର ଯେଉଁ କ୍ଷତି ଓ ଅସୁବିଧା ହେଲା, ସେଥିପାଇଁ ଆମ୍ଭେମାନେ ଦୁଃଖିତ। ଆଶାକରୁ, ଏଥର ଏଣିକି' ନବ ଭାରତ' ର କଠୋର ନିୟମାନୁବର୍ତ୍ତିତା ଓ କଳେବରରେ ବିଶିଷ୍ଟତା ଦେଖି ସହୃଦୟ ପାଠକ ପାଠିକା ଓ ଗ୍ରାହକ ଗ୍ରାହିକାମାନେ ଅତୀତର ତ୍ରୁଟି ପାସୋରି ଦେବେ।

ନବ ଭାରତ ୨।୬-୭

ଆତ୍ମକଥା

ନବ ଭାରତର ଜନ୍ମ

ପାଠକେ ଜାଣନ୍ତି, 'ନବ ଭାରତ' ଛାପାଖାନା ସଙ୍ଗେ ଏହି 'ନବ ଭାରତ' ପତ୍ରଟିର ଜନ୍ମ ଓ ସ୍ଥିତି ଗତି ଏକାନ୍ତ ଓ ଅଙ୍ଗାଙ୍ଗି ଭାବରେ ଜଡ଼ିତ । ଏହି ନବ ଭାରତ ଛାପାଖାନା ଓ ପତ୍ର ଆରମ୍ଭ କରିବାରେ ମୋତେ ଜୟପୁରର ମହାରାଜା ସ୍ୱତଃପ୍ରବୃତ୍ତ ହୋଇ ଟ୫୦୦୦ ଦେବେ ବୋଲି କହିଥିଲେ । ତାଙ୍କ କଥା ଅନୁସାରେ ଟ୫୦୦୦ ଦାନ କରିଚନ୍ତି ବୋଲି ମୁଁ ପ୍ରଥମ ବର୍ଷ ପ୍ରଥମ ସଂଖ୍ୟା ନବ ଭାରତରେ ପ୍ରାପ୍ତି ସ୍ୱୀକାର କରିଥିଲି । ମାତ୍ର ଯଥାର୍ଥରେ ମହାରାଜା ସାହେବ ମତେ ଟ୩୦୦୦ ଦେଇଚନ୍ତି । ଆଉ ଟ୨୦୦୦ ମୁଁ ଏବେ ସୁଦ୍ଧା ପାଇନାଇ। ତଥାପି ଆରମ୍ଭ କରିବା ବେଳେ ନିଜ ହାତରୁ ସେହି ଟ୨୦୦୦ ସଙ୍ଗେ ଆବଶ୍ୟକୀୟ ଅନ୍ୟାନ୍ୟ ଖର୍ଚ୍ଚ ତୁଲାଇ ଛାପାଖାନା ଓ ମାସିକପତ୍ର ଆରମ୍ଭ କରିଥିଲି । ଆରମ୍ଭ କଲାବେଳେ ମୁଁ କହିଥିଲି, ସ୍ୱର୍ଗତଃ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ନାମରେ ମୁଁ ସତ୍ୟବାଦୀରେ ଯେଉଁ ଗୋପବନ୍ଧୁ ସେବକସମାଜ ସ୍ଥାପନ କରିଛି, ତାକୁଇ ସ୍ଥାୟୀ ଭାବରେ ଗଠନ କରି, ତାହାରି ହାତେ ଏ ଛାପାଖାନା ଓ ତା ସଂପର୍କୀୟ ସମସ୍ତ ସମ୍ପତ୍ତି ଅର୍ପଣ କରିବି । ସେହି ପ୍ରଥମ ସଂଖ୍ୟାରେ ମୁଁ ଗୋପବନ୍ଧୁ ସେବକ ସମାଜ ଗଠନର ଗୋଟିଏ ବିସ୍ତୃତ ଯୋଜନା ଦେଇସାରି ଶେଷରେ ଲେଖିଥିଲି, - "ମନସ୍ଥ କରିଛି, ଯେଉଁ ଦିନ ଏକଶହ ମୂଳ ନେତାଙ୍କୁ ଘେନି ସେବକ ସମାଜର ସ୍ଥାୟୀ କାର୍ଯ୍ୟ ଆରମ୍ଭ ହେବ, ସେଇଦିନ ମୁଁ ଏହି ଟ୫୦୦୦ରେ ହୋଇଥିବା ସମସ୍ତ ସମ୍ପତ୍ତି ହିସାବ ସହିତ ସେହି ସମାଜ ହାତରେ ଅର୍ପଣ କରିବି ।"

ସେବକ ସମାଜ ଗଠନରେ ମନ ଦେବା ପାଇଁ ମୁଁ ସମୟ ସୁବିଧା ବିଶେଷ ପାଇନଥିଲି । ମାତ୍ର ଯେଉଁ ସମାଜଟି ଆରମ୍ଭ କରିଥିଲି, ତାହା ଏପର୍ଯ୍ୟନ୍ତ ଅର୍ଦ୍ଧମୃତ ହେଲେହେଁ ପଡ଼ିରହିଚି;

Digitized by PPRACHIN, SOA

କେତେକ କାର୍ଯ୍ୟ ମଧ୍ୟ କରୁଚି । ତଥାପି ମନେ ଥାଏ ଦିନେ ସମୟ ଓ ସୁବିଧା ହେଲେ, ଏହି ସମାଜକୁ ଗଢ଼ି, ଏହି ସଂପତ୍ତି ତାରି ହାତେ ଦେବି।

ପରିଚାଳନା -

ଏଇ ଦୃଷ୍ଟିରେ ଛାପାଖାନା ଓ କାଗଜାଦିର ହିସାବ ରଖିବା ଓ ପରିଚାଳନା କରିବାର ଭାର ଶ୍ରୀଯୁକ୍ତ ଚିନ୍ତାମଣି ମିଶ୍ର ବି.ଏ.ଙ୍କୁ ଦେଇଥିଲି । ଗତବର୍ଷ ଜୁଲାଇ ମାସରେ ହଠାତ୍ ମୋର ଭୀଷଣ ସ୍ନାୟବିକ ସ୍ୱାସ୍ଥ୍ୟଭଙ୍ଗ ହେଲା । ସେତେବେଳେ ଏହି ଛାପାଖାନା ତଥା ମାସିକପତ୍ରାଦି ସମ୍ବନ୍ଧୀୟ କଥା ଆଗ ମୋ' ମନେ ପଡ଼ିଲା । ମୁଁ ବିଚାରିଲି, ହଠାତ୍ ସେବକସମାଜକୁ ଜୀବିତ ଓ ପ୍ରତିଷ୍ଠିତ କରିବା ସୁବିଧା ମୋର ନହୋଇପାରିଲେ ମଧ୍ୟ ମୁଁ ଏହି ଦୃଷ୍ଟିରେ କାର୍ଯ୍ୟ କରିବା ପାଇଁ କେତେ ଜଣଙ୍କ ଉପରେ ଭାର ଦେଇ, ସମସ୍ତ ସଂପତ୍ତି ତାଙ୍କରି ହାତେ ଛାଡ଼ି ଦେଇଯିବି । ପ୍ରେସ୍‌କୁ ମୂଳ ଦାନ ଟ୫୦୦୦ ଓ ବ୍ୟବସାୟର ଆୟ ବ୍ୟୟ ଗତ ଲାଭ୍ୟାଂଶ ଆଦି ଛଡ଼ା ମୋର ନିଜର ଓ ଅନ୍ୟାନ୍ୟ ବନ୍ଧୁମାନଙ୍କ ଠାରୁ ଆହୁରି ଅନେକ ଟଙ୍କା ପ୍ରେସ୍‌କୁ ମଧ୍ୟ ଆସିଥିଲା । ଏହା ଛଡ଼ା ମୁଁ ମଧ୍ୟ ଖଣ୍ଡିଏ ମଟର ପ୍ରେସ୍‌କୁ ବ୍ୟବସାୟ କରି ଲାଭ କରିବା ପାଇଁ ଦେଇଥିଲି ।

ପରିଚାଳନାରେ ବିତ୍‌ପାତ -

ଏସବୁର ହିସାବପତ୍ର ଏବେ ଦରକାର ହେଲା । ସେଇ ବିଷୟ ଘେନି କିନ୍ତୁ ନାନା ବାଧା ବିଘ୍ନ ଘଟିବାରୁ ମୁଁ ବିବ୍ରତ ହୋଇ ପଡ଼ିଲି । କାରଣ, ମୁଁ ଏଥି ପୂର୍ବରୁ କେବେ ହିସାବପତ୍ର ମାଗି ନଥିଲି; ସାଧାରଣ ଅନୁଷ୍ଠାନ ପାଇଁ କାର୍ଯ୍ୟ ହେଉଚି ବୋଲି ବିଶ୍ୱାସରେ ଥିବାରୁ ତାହା ମାଗିବା କେବେ ଉଚିତ ବୋଲି ମନେ କରି ନଥିଲି । ସେ ଯାହା ହେଉ, ସେହି ହିସାବପତ୍ରାଦି ଘେନି ଏବେ ବହୁତ ଘଟଣା ଘଟି ଯାଇଚି । ସେସବୁ ବିଷୟରେ ଏବେ ଅଧିକା କିଛି କହିବା ସଂଗତ ମନେ କରୁନାହିଁ । ପରେ ଦରକାର ହେଲେ ପାଠକମାନଙ୍କୁ ତଥା ଦେଶବାସୀଙ୍କୁ ସବୁ ହୁଏତ କହିପାରେ । ମାତ୍ର ଭଗବାନ କରନ୍ତୁ; ଦରକାର ନ ହେଉ । ଏତିକି ମାତ୍ର ଏବେ ସୂଚାଇ ଦେଇପାରେ ଯେ, ଚିନ୍ତାମଣି ମିଶ୍ରେ ପ୍ରେସ୍ ଛାଡ଼ି ଦେଇ ଯାଇଚନ୍ତି । କିନ୍ତୁ ପ୍ରେସ୍‌ରେ ଏଣିକି ନୂଆ ଛପାଛପିର ସୁବିଧା ଥିଲେ ମଧ୍ୟ ପୂର୍ବର ଟଙ୍କା, ପଇସା, ବହି ଓ ଅନ୍ୟାନ୍ୟ ଆସବାବ ପତ୍ର ଅସ୍ତ ବ୍ୟସ୍ତ ହୋଇ ପଡ଼ିଚି । ପ୍ରେସରେ ପୂର୍ବେ ଥିବା ଅନେକ ଜିନିଷ ମିଳୁ ନାଇ । ଏପରି କି ନବ ଭାରତ ପ୍ରଭୃତିର ପୁରୁଣା ସଂଖ୍ୟାମାନ ମଧ୍ୟ ଖୋଜିଲେ ଦିଶୁନାଇ । ନବ ଭାରତରେ ଛାପା

Digitized by PPRACHIN, SOA

ହୋଇଥିବା ପ୍ରବନ୍ଧମାନ ମଧ - ଏପରିକି କ୍ରମଶଃ ବାହାରିଥିବା ପ୍ରବନ୍ଧର ଅଂଶମାନ ମଧ- ମିଳୁନାଇ । ହିସାବପତ୍ର ବୁଝାଇବା ସଙ୍ଗେ ସେ ସବୁ ପାଇଁ ଚିନ୍ତାମଣି ମିଶ୍ରଙ୍କୁ ଲେଖା ଯାଇଚି ।

ନବ ଭାରତର ପୁନର୍ଜୀବନ -

ମାତ୍ର ସେ ଯାହାହେଉ ଆର୍ଥିକ ଓ ଅନ୍ୟାନ୍ୟ ସମସ୍ତ ଅଭବା ସତ୍ତ୍ୱେ ନବ ଭାରତ ବାହାର କରିବାକୁ ହେବ । ମୁଁ ସଂପୂର୍ଣ୍ଣ ନିଜ ଖର୍ଚ୍ଚରେ ତା' ଏବେ ବାହାର କରୁଚି । ଲେଖକମାନେ ଅନୁଗ୍ରହ କରି ପୁଣି ପ୍ରବନ୍ଧମାନ ଦିଅନ୍ତୁ । ନୂତନ ଗ୍ରାହକମାନେ ମୋତେ ସାହାଯ୍ୟ କରନ୍ତୁ । ଆଉ ଏ ବିଷୟରେ ଏବେ ଅଧିକ ବା କ'ଣ କହିବି ?

ଏ ଅନୁଷ୍ଠାନଟି ଆର୍ଥିକ ଭାବରେ ଏକ ପ୍ରକାର ପୁଣି ନୂଆ କରି ଆରମ୍ଭ କରିବାକୁ ପଡୁଚି । ଆଶା କରାଯାଏ ଦେଶବାସୀ ସାହିତ୍ୟାନୁରାଗୀମାନଙ୍କ ଆନୁକୂଲ୍ୟ ଓ ସଦନୁରାଗରେ ଏହା ପୁଷ୍ଟ ହେବ । ଏହାକୁ ଗୋଟିଏ ପବିତ୍ର ସାଧାରଣ ଅନୁଷ୍ଠାନ ବୋଲି ଆଉ କେହି ବୁଝୁ ନବୁଝୁ ମୁଁ ବରାବର ବୁଝିଆସିଚି ଓ ସେହିଭାବରେ ଏହାକୁ ଦେଖିଆସିଚି। ମାତ୍ର ବର୍ତ୍ତମାନ ଏ ଅନୁଷ୍ଠାନଟି ଯେ ଅବସ୍ଥାରେ ଆସି ପଡ଼ିଚି, ସେଥିରେ ଏହାକୁ କିପରି ସାଧାରଣ ଅନୁଷ୍ଠାନ କରିବି, ବୁଝିପାରୁନାହିଁ। ହେଲେହେଁ, ବନ୍ଧୁମାନଙ୍କ ସଙ୍ଗେ ପରାମର୍ଶ କରି ଯଥାଶୀଘ୍ର ଏହାକୁ ସାଧାରଣ ଅନୁଷ୍ଠାନରେ ପରିଣତ କରିଦେବି ବୋଲି ମଧ ସର୍ବଦା ତତ୍ପର ଅଛି ।

ପ୍ରଥମ ବର୍ଷ ପ୍ରଥମ ସଂଖ୍ୟାରେ ଲେଖିଥିଲି, "ବୀରପୁରୁଷମାନେ ଦେଶର ତଥା ଜାତିର ସଂପଦ । ସ୍ୱର୍ଗତ ପଣ୍ଡିତ ଗୋପବନ୍ଧୁ ଦାସ ଏ ଦେଶର କର୍ମବୀର ଥିଲେ । ଓଡ଼ିଶାର ଘରେ ଘରେ ଆଜି ସେ ନାମ ସୁପରିଚିତ । ତାଙ୍କର ତିରୋଧାନ ଆଜିକି ୬ ବର୍ଷ ହୋଇଗଲା। ଉତ୍କଳବାସୀ ସେ ସମ୍ପଦ ଅଧିକାର କରିବାରେ ବିଶେଷ କିଛି କରିନାହାନ୍ତି । ଦେଶର ଦୈନ୍ୟ ଦୁର୍ଦ୍ଦଶା ଓ କର୍ମୀର ଅଭାବ ଏହାର ଏକ କାରଣ ହେଲେହେଁ ଏ କାରଣରେ ମଧ ଏପରି ସ୍ଥାୟୀ ସମ୍ପଦ ଉପେକ୍ଷିତ ହେବା ସମୀଚୀନ ନୁହେଁ ।"

ମୋର ଏଇ ଅନୁଷ୍ଠାନକୁ କେନ୍ଦ୍ର କରି ସେହି ମହାପୁରୁଷ ଗୋପବନ୍ଧୁଙ୍କର ସ୍ମୃତିରେ ଗୋଟିଏ ଓଡ଼ିଶୀ ସଂପଦର ଅଧିଷ୍ଠାନ, ପ୍ରତିଷ୍ଠିତ ହୋଇପାରିଲେ ଅତ୍ୟନ୍ତ ଗୌରବ ଓ ଆନନ୍ଦର କଥା ହେବ । ସେ ବିଷୟରେ ତତ୍ପର ହେବା ପାଇଁ ମୁଁ ପରାମର୍ଶ କରୁଚି । ପରାମର୍ଶର ଫଳ ଶୀଘ୍ର ପ୍ରକାଶିତ ହେବାର ଆଶା ।

ଏବେ ସାତ ମାସ ପରେ ସାତ ବର୍ଷିଆ ନବ ଭାରତ ମରଣାନ୍ତକ ରୋଗରୁ ଉଠି ପୁଣି

Digitized by PPRACHIN, SOA

ଠିଆ ହେଲା । ଏହି ପୁନର୍ଜୀବନରେ ଶୀଘ୍ର ନୂତନ ଶକ୍ତି ସଞ୍ଚୟ କରିବ ବୋଲି ଜଗନ୍ନାଥଙ୍କୁ ଜଣାଇ ଦେଶବାସୀଙ୍କର ସମ୍ମୁଖୀନ ହେଉଚି । ଆଶୀର୍ବାଦ ପଡ଼ୁ; ଶୁଭ ହେଉ ।

ନୀଳକଣ୍ଠ ଦାସ

ଆସନ୍ତା ନବ ଭାରତ ସଂଖ୍ୟା

ଗତ କେତେ ମାସ ଧରି ନବ ଭାରତର ଦୁର୍ଗତି ଓ ତାହାର ଫଳ ବିଷୟରେ ଆଉ ବିଶେଷ କହିବା ଏବେ ଦରକାର ନାହିଁ । ନବ ଭାରତ ୬ ମାସରୁ ଅଧିକ ବାକୀ ପଡ଼ିଯାଇଚି । ଦେଇଥିବା ଗ୍ରାହକମାନଙ୍କର ବାର୍ଷିକ ଦେୟ ମଧ୍ୟ ଆମ ପାଖେ ବର୍ତ୍ତମାନ ନାହିଁ । ତଥାପି ନବ ଭାରତ ଏ ସମସ୍ତ ଅସୁବିଧା ସତ୍ତ୍ୱେ ଏଣିକି ପ୍ରତିମାସ ବାହାରିବ । ମାତ୍ର ସୁବିଧା ପାଇଁ ଗୋଟିଏ କଥା ପାଠକମାନଙ୍କୁ ଜଣାଇ ଦେଉଚି । ଏ ପର ସଂଖ୍ୟା ଦିଓଟି ଏକତ୍ର ବାହାରିବ। ଦରକାର ହେଲେ ଆଉ ଖଣ୍ଡେ ଦୁଇ ଖଣ୍ଡ ଦୁଇ ଦୁଇ ମାସର ହୋଇ ବାହାରି ପାରେ । ଆସନ୍ତା ଯୁଗ୍ମ ସଂଖ୍ୟାଟି ନବ ଭାରତର 'ଯୁଦ୍ଧସଂଖ୍ୟା' ହେବ । ଏଥିରେ ଅନେକ ଯୁଦ୍ଧ ବିଷୟ ଲେଖା ଓ ଚିତ୍ରମାନ ରହିବ । ଅତିଶୀଘ୍ର ନବ ଭାରତ ପୂର୍ବପରି ମାସକୁ ମାସ ନିୟମିତ ଭାବରେ ବାହାରିବାର ଯେପରି ସୁଗମ ପନ୍ଥା ଫିଟିଯାଏ ତାହା ଚେଷ୍ଟା କରାଯାଉଚି । ପାଠକ ଓ ଲେଖକମାନେ ଦୟା କରି ଆମକୁ ଏ କ୍ଷେତ୍ରରେ ସାହାଯ୍ୟ କରନ୍ତୁ । ଯୁଦ୍ଧ ସଂଖ୍ୟାଟି ସ୍ୱତନ୍ତ୍ର ଭାବରେ ଦଶଅଣା ହେବ । ଅଲଗା କରି ଚାହିଁଲେ, ଲୋକେ ଏହା ପାଇପାରିବେ ।

ନବ ଭାରତ ୭/୪, ଆଲୋଚନା

ଆଜି ଦୀର୍ଘ ୫ ବର୍ଷ ପରେ –

ମାସିକ 'ନବଭାରତ' ବାହାରିଥିଲା, ୧୯୪୧ ସେପ୍‌ଟେମ୍ବର ମାସରେ । ଏ ମଧ୍ୟରେ କାଗଜର କଟକଣା ଓ ଅନ୍ୟାନ୍ୟ ଅପରିହାର୍ଯ୍ୟ ଅସୁବିଧାରୁ ମାସିକଟି ବାହାର କରିବା ସମ୍ଭବ ହୋଇ ନଥିଲା । ଗତବର୍ଷ ଠାରୁ ସରକାର ଓ ପୋଷ୍ଟ ଅଫିସ ସଂଗେ ବହୁ ଚିଠିପତ୍ର ଚଳାଇ ଏବେ ମାତ୍ର ପତ୍ରଟି ବାହାର କରିବାର ହେଲା । ହେଲେହେଁ, ସେଥିରେ ପୁଣି କଟକଣା ବହୁତ । ଏ ସବୁ କଟକଣା ପୁଣି କାଗଜ ଖର୍ଚ୍ଚ ଘେନି । ତେଣୁ ଏବେ ଇଚ୍ଛାମତେ ଗ୍ରାହକ ଓ ଲେଖକଙ୍କୁ ସନ୍ତୋଷ କରି ହେବ ନାଇ । ବାର୍ଷିକ ମୂଲ୍ୟ ରଖାଯାଇଚି, ଛ'ଟଙ୍କା ବାରଅଣା । ଖଣ୍ଡକର ମୂଲ୍ୟ ଦଶଅଣା ଧାର୍ଯ୍ୟ କରାହୋଇଥିଲେ ମଧ୍ୟ ଖଣ୍ଡିକିଆ ବିକିରି ପାଇଁ ଦେବା ଏବେ ସମ୍ଭବ ହେଲାପରି ଲାଗୁ ନାଇ । ବଜାରରେ ସାମୟିକ ଉପଯୋଗୀ କାଗଜର ଅଭାବ ଦୃଷ୍ଟେ ପତ୍ରଟି ବାହାରିବାର ସମୟ ମଧ୍ୟ ଟିକିଏ ଏପାଖ

Digitized by PPRACHIN, SOA

ସେପାଖ ହୋଇପାରେ, ତଥାପି ପ୍ରତ୍ୟେକ ଇଂରେଜି ମାସର ମଧ୍ୟ ଭାଗରେ ସଂକ୍ରାନ୍ତିକୁ ପତ୍ରଟି ବାହାରିବ । ଲେଖକ, ଗ୍ରାହକ ତଥା ପାଠକମାନଙ୍କୁ ଯଥାସାଧ୍ୟ ସେବା କରିବାର କାମନାରେ ତ୍ରୁଟି ନାଇ, ହେବ ନାଇ । ସମସ୍ତଙ୍କର ଅନୁକମ୍ପାଇ ଭିକ୍ଷା କରୁଚୁ । ସମସ୍ତେ 'ନବଭାରତ'କୁ ବହୁ ଆଦର କରୁଥିଲେ । ସେଥିପାଇଁ ଆମେ କୃତଜ୍ଞ । ଏ କୃତଜ୍ଞତା ଖାଲି କହିବା କଥା ନୁହେଁ - ଏହା ଭୁଲିବାର ନୁହେଁ । ଶେଷରେ କହୁଚୁ - 'ଜଗନ୍ନାଥେ ଭଲ କରନ୍ତୁ' ।

ଏଇ ପାଞ୍ଚ ବର୍ଷ ଭିତରେ -

୧

କହିବା ଦରକାର ନାଇ, ପୃଥିବୀ ଏ ମଧ୍ୟରେ ଓଲଟପାଲଟ ହୋଇଯାଇଚି । ସାମ୍ରାଜ୍ୟବାଦୀ ତଥା ପୁଂଜିଦର୍ପୀମାନେ ପୃଥିବୀରୁ ଏବେବି ହୁଏତ ଲୋପ ପାଇନାହାନ୍ତି । ନାଜୀ ଓ ଫାସିଷ୍ଟ ବୋଲି ଯେଉଁମାନଙ୍କୁ କୁହାଯାଉଥିଲା, ସେମାନେ ଆଉ ନାହାନ୍ତି । କିଂତୁ ଚକ୍ରୀ ପୁରୁଷ ବ୍ୟକ୍ତିଗତ ଓ ଦଳଗତ ଭାବରେ ନିଜ ଜାତି ତଥା ମାନବ ସମାଜ ଉପରେ ନିଜର ମତ ଓ ଅଭିଳାଷ ଅନୁସାରେ ଆଦର୍ଶ ଚିପି ଦେଇ, ତାକୁଇ ଚରମ ଉଦ୍ଦେଶ୍ୟ ବୋଲି ଧରାଇ, ଲୋକଂକୁ ଭୁଲାଇ ଆଧିପତ୍ୟ ଜମାଇବା ଯଦି ନାଜୀ ଓ ଫାସିଷ୍ଟବାଦ ହୁଏ, ତେବେ ପୃଥିବୀରେ ତା ପୁଣି ନୂଆ ହୋଇ ମୁଣ୍ଡ ଟେକୁଚି । ଇଂଲଣ୍ଡର ସାମ୍ରାଜ୍ୟବାଦର ଗଣ୍ଠି ଛିଡ଼ି ଯାଉଚି । କାହିଁକି ନା, ଏକେ ଇଂଲଣ୍ଡର ଆଉ ସେ ଶକ୍ତି ନାଇ । ଦ୍ୱିତୀୟତଃ ସାମ୍ୟବାଦର ଆଦର୍ଶରେ ଅତିବାବଦୁକ ଶ୍ରମିକ ନେତାମାନେ ରାଜ୍ୟରେ ଭୋଟ ପାଇଚନ୍ତି । ଶକ୍ତିକ୍ଷୟ ଏ ଭୋଟର କାରଣ, କି ଏଇ ଭୋଟ ଫଳରେ ବଳିଷ୍ଠ ନୂତନ ଆଦର୍ଶ ଧରି ଇଂଲଣ୍ଡ ନୂତନ ଆତ୍ମ ସଂଗଠନରେ ନୂତନ ବେଷ୍ଟନୀ ମଧ୍ୟରେ ପୁଣି ଜଗତରେ ଆତ୍ମଲାଭ କରିବାକୁ ବସିଚି, ତା ଏବେ କହି ହେଉନାଇ । ତେଣେ ଆମେରିକାର ଗଣ-ଶାସନ ପୁଂଜି ଉପରେ ପ୍ରତିଷ୍ଠିତ ଥିଲା । ପରମାଣୁ ବୋମା ବଳରେ ତା କି ଆକାର ଧାରଣ କରୁଚି, ସେ କଥା ଆଶଙ୍କାରୁ ସିଦ୍ଧାନ୍ତ କରିବାର ବେଳ ଆସି ନାଇ । ସେ ଦିନର ମହାବୀରମାନେ ଆଜି ପରିପଂଥୀଙ୍କ ବିଚାରରେ ମହାପାପୀ ବୋଲି ପ୍ରମାଣିତ ହୋଇ ଫାସୀ ପାଇଚନ୍ତି । ପାରସ୍ୟ, ତୁରସ୍କ ଠାରୁ ଜର୍ମାନୀ, ଫ୍ରାନ୍ସ ତଥା ସ୍ପେନ, ପର୍ତୁଗାଲ ପର୍ଯ୍ୟନ୍ତ କୌଣସି ଠାରେ ସ୍ୱାଧୀନତା ଦେବୀ ଶାନ୍ତିର ଆଶ୍ରୟ ଖୋଜି ଖୋଜି ପାଉ ନାହାଂତି । ରୁଷିଆର ସାମ୍ୟବାଦ ଆଜି କେତେ ସାମ୍ରାଜ୍ୟବାଦ ଆଡ଼କୁ ଗତି

Digitized by PPRACHIN, SOA

କରିଚି, ତାହା ମାପି ନ ହେଲେ ମଧ୍ୟ ପୃଥିବୀରେ କେଉଁଠାରେ ରୁଷିଆ କହୁଚି, 'ମୁଁ', କେଉଁଠାରେ ଆମେରିକାର ଯୁକ୍ତରାଷ୍ଟ୍ର କହୁଚି 'ମୁଁ' । ଏଇ ଆମେରିକାର ପିଛା ଧରିଚି, ଇଂଲଣ୍ଡ । କାରଣ ତା'ର ଅନ୍ୟ ଗତି ନାଇ । ଫ୍ରାନ୍ସ୍ ପରାଜୟର ସାନ୍ନିପାତିକ ବିକାରରୁ ଉଠି, ଏଣେ ଦେଖୁଚି, ଯୁକ୍ତରାଷ୍ଟ୍ର ଓ ରୁଷ ଭିତରେ ଜର୍ମାନୀରେ ଭାଗବଣ୍ଟା ଓ ପୂର୍ବ ୟୁରୋପରେ ଛକାଛକି; ତେଣେ ଦେଖୁଚି, ଫ୍ରାଙ୍କୋର ସ୍ପେନ ସଙ୍ଗେ ସ୍ପେନର ଲୋକଶକ୍ତିର ମୃଦୁ ସଂଘର୍ଷ । ଏଥିରେ ଫ୍ରାନ୍ସର ଆତ୍ମଜ୍ଞାନ ଓ ଆତ୍ମପ୍ରତିଷ୍ଠା ପ୍ରକାଶ ପଡ଼ିନାଇ ।

ଏଣେ ଏସିଆରେ ଜାପାନ ବାଧ୍ୟ ହୋଇ ଆମେରିକାର ପାଠଶାଳାରେ ଗଣତନ୍ତ୍ର ଶିଖୁଚି । ଚୀନରେ ରୁଷିଆର ଗୁପ୍ତଲୀଳା ସଙ୍ଗେ ସେ କାଳର ଜାତୀୟତାଧର୍ମୀ ଚ୍ୟାଙ୍ଗ କେିସେକ୍ ଅଦମ୍ୟ ଓ ଅପରିହାର୍ଯ୍ୟ ସଂଘର୍ଷ ଭିତରେ ଏକ ଅନିର୍ଦ୍ଦିଷ୍ଟ ପଂଥା ଧରିଛନ୍ତି । ଉପରେ ଦେଖିବାକୁ ଗଢ଼ା ହୋଇଚି, ଏକ ମିଳିତ ଜାତିସଂଘ । ଏହା ଆମେରିକାର ପରମାଣୁ ବୋମା ପ୍ରଭାବକୁ ଚାହିଁ ଶାନ୍ତି ନାମ ଜପ କରିବା ଛଡ଼ା ଅନ୍ୟ ପନ୍ଥା ଏବେ ପାଉନାଇ । ରୁଷିଆ ଏଇ ପରମାଣୁ ବୋମାକୁ ବଳି ମହା ମାରଣାସ୍ତ୍ର ପାଇସାରିଲାଣି ବୋଲି ବେଳେ ବେଳେ ଗୋଟାଏ ଗୋଟାଏ ସମ୍ବାଦରେ ପୃଥିବୀ ଚମକାଇ ଦେଉଚି । ତେଣେ ଆମେରିକାରୁ ସବୁ ପରମାଣୁ ବୋମାକୁ ବଳି ପ୍ରଳୟଙ୍କର ବିଷ ବାହାରିବା କଥା ପୁଣି ଶୁଣା ଯାଉଚି । ହିଂସା, ଦ୍ୱେଷ, ପୁଣି ଅଶାନ୍ତିର ଏଇ ପ୍ରଳୟ ତାଂଡବ ଭିତରେ ପୃଥିବୀରେ ମହାଶାନ୍ତି ଫୁଟିବ ବୋଲି ପରିପ୍ରଚାର ଚାଲିଛି ।

ଏତିକିବେଳେ ମନକୁ ପୃଥିବୀର ସଭ୍ୟତାରେ ଗୋଟାଏ ବଡ଼ ନୂଆ କଥା ଫୁଟି ଉଠୁଚି । ପୃଥିବୀର ବିଜିତ, ଦଳିତ ଓ ଶୋଷଣଗ୍ରସ୍ତ ଜାତି ଓ ସମାଜମାନେ ନିଜର ମୁକ୍ତି ଦେଖୁଚଂତି । ମୁକ୍ତି ଠିକ୍ ସେମାନେ ନିଜ ପରାକ୍ରମରେ ଅର୍ଜିଚଂତି ବୋଲି କୁହାଯାଇ ନପାରେ । ବଡ଼ ଜାତିମାନେ କେହି କାହାକୁ ଆଧିପତ୍ୟ ବା ଶୋଷଣ ପାଇଁ ସୁବିଧାରେ ରଖି ଦେବାକୁ ଲୋଡୁ ନାହାଂତି । ତେଣୁ ଦଳିତକୁ ମୁକ୍ତ କରି ଏକ ଦିଗରେ ହାତ କରିବାର, ଅନ୍ୟ ଦିଗରେ ବଦାନ୍ୟତା ଦେଖାଇବାର ହୋଇଚି, ସାମ୍ରାଜ୍ୟବାଦୀ ଇଂରେଜଂକ ଭଳି ଜାତିମାନଙ୍କର ନୀତି । ତାହାରି ଫଳରେ ଭାରତ ପରି ମହାଜାତି ଓ ମହାଦେଶ ଆଜି ସ୍ୱାଧୀନତାର ସିଂହଦ୍ୱାରରେ ସ୍ପଷ୍ଟ ଛିଡ଼ା ହୋଇଚି । ହେଲେହେଁ ଦେଶର ସମସ୍ତେ ତ୍ୟାଗପୂତ ଭାବରେ ସ୍ୱାଧୀନତା ଅର୍ଜିବାରେ କାର୍ଯ୍ୟରେ ଲାଗି ନଥିବାରୁ ଫଳ ହୋଇଚି, ସାଂପ୍ରଦାୟିକ ବିରୋଧ । ସ୍ପଷ୍ଟ କଥା, ସମ୍ମୁଖ ସଂଗ୍ରାମରେ କାଂଧକୁ କାଂଧ ମିଶାଇ ସାମ୍ରାଜ୍ୟବାଦୀ ବିଜେତା ବିରୁଦ୍ଧରେ ଦଳ, ମତ, ସଂପ୍ରଦାୟ ଭେଦ ଭୁଲି ଠିଆ ହେବାକୁ ଏଇ ବୀରନେତାମାନେ

Digitized by PPRACHIN, SOA

ଅଭ୍ୟାସ କରି ନାହାନ୍ତି। କେହି ଶାନ୍ତିର ତ୍ୟାଗରେ ଆଜି ଫଳ ଭୋଗ ପାଇଁ ବ୍ୟାକୁଳ । ଅନ୍ୟ କେହି ଭିତରେ ଅଶାନ୍ତି ଜନ୍ମାଇ ସେଇ ଫଳରୁ ଭାଗ ନେବାକୁ ଆକାଂକ୍ଷିତ। ସ୍ୱାଧୀନ ଜାତୀୟ ବାହିନୀ ବା ଆଜାଦ୍ ହିନ୍ଦ୍ ଫୌଜପରି ଉଦ୍ୟମ କାର୍ଯ୍ୟରେ ଅଧିକ ହେବାର ଥିଲା । ଆଦର୍ଶର କଳ୍ପନାରେ ସ୍ୱର୍ଗରାଜ୍ୟ ଥିଲେ ବି ବାସ୍ତବର ସାଧନା ବିନା ମୁକ୍ତି ଆଡ଼କୁ ଗତି ସୁଗମ ନୁହେଁ । ହେଲେହେଁ ଭାରତ ଉପରେ ବିଶ୍ୱ ଦେବତାଙ୍କର ଆଶୀର୍ବାଦ ପଡ଼ିଚି । ପୁରାଣ - ପ୍ରସିଦ୍ଧ ଭାରତ, ମୁକ୍ତିର ସିଂହଦ୍ୱାରରେ ମୁକ୍ତିକୁ ଚାହିଁ ଛିଡ଼ା ହୋଇଚି । ପ୍ରାପ୍ତିରେ ଗତି ଶେଷ ହେଉ ।

୨

ଏଇ ପାଂଚବର୍ଷ ଓଡ଼ିଶାକୁ ଫେରି ଚାହିଁଲେ, କେତେ ଚିତ୍ର ଦିଶୁଚି । ଆଶା ହେଉଚି, ଅନୁଶୋଚନା ବି ଆସୁଚି। ଆଶଂକା ବି ବେଳେ ବେଳେ ଆତଂକ ଆଡ଼ିକି ଗତି କରୁଚି । କିଂତୁ ଜାତୀୟ ମୁକ୍ତିର ଏ ପୁଣ୍ୟମୁହୂର୍ତ୍ତରେ ସେ ସବୁକୁ ବ୍ୟାଖ୍ୟା, ବିଶ୍ଳେଷଣ କରି ଦେଖାଇବାର ଅବକାଶ ଲୋଡ଼ିବା ଏବେ ଆମ୍ଭର ଅଭିଳାଷ ନୁହେଁ । ଗୁରୁଜୀ ସ୍ୱର୍ଗତଃ ପଂଡିତ ଗୋପବଂଧୁ ଦିନେ କହିଥିଲେ, 'ଭାରତର ମୁକ୍ତି ପାଇଁ ସମସ୍ତ ଓଡ଼ିଶାକୁ ଯଦି ବଂଗୋପସାଗରରେ ବୁଡ଼ାଇ ଧ୍ୱଂସ କରିଦେବାର ଦରକାର ହୁଏ, ତେବେ ତା କରିବାକୁ ମୁଁ ପଶ୍ଚାତ୍‌ପଦ୍ ହେବି ନାଇ ।' ଅବଶ୍ୟ ଆମେ କହୁନାଉ, ଭାରତର ମୁକ୍ତିଲାଗି ଆଜି ସେପରି କିଛି ଦରକାର ହୋଇଚି, ବା ହୋଇପାରେ । ବରଂ ଆତ୍ମନିୟନ୍ତ୍ରଣ ଜାତୀୟ ମୁକ୍ତିର ଶ୍ରେଷ୍ଠ ଉପାଦାନ ତଥା ପଂଥା । ସେଇ ହିସାବରେ ଓଡ଼ିଆର ଯଥାର୍ଥ ଆତ୍ମନିୟନ୍ତ୍ରଣରେ ବାଧା ବା ବିପତ୍ତି ପଡ଼ିଲେ, କିଂବା କୌଣସି କାରଣରୁ ସେଥିରେ ଅସାବଧାନତା ବା ଅନବଧାନତା ଆସିଲେ, ଭାରତର ଜାତୀୟ ମୁକ୍ତି ଖଣ୍ଡିତ ଓ ବିକଳାଂଗ ହେବ । ହେଲେହେଁ, ଆଜି ଭାରତର ମୁକ୍ତି ସାଧନା, ସିଦ୍ଧିରେ ପ୍ରତିଷ୍ଠିତ ହେବାକୁ ଗଲାବେଳେ ଆମର ଚିନ୍ତା ବା କ୍ରିୟାରେ ଯେପରି କୌଣସି ବାଧା, ବିପତ୍ତି ସୃଷ୍ଟି ନ ହୁଏ, ତା ମଧ୍ୟ ଦେଖିବା ଅଛି । ଆମର ବିଶ୍ୱାସ, ଶତ ବିପତ୍ତିରେ ଓଡ଼ିଆ ମରିନାହାଂତି, ମରିବେନାଇ। ଯେଉଁମାନେ ଇତିହାସ ତିଆରି କରୁଚଂତି, ସେଇମାନେ ହିଁ ଏକା ସେ ଇତିହାସ ପାଇଁ ଦାୟୀ ହେବେ । ସେମାନେ ପଦେ ପଦେ ଜାତିର ପରାମର୍ଶ ଘେନି ଅଗ୍ରସର ହୁଅନ୍ତୁ, ଜାତିକୁ ସମୂହ ଭାବରେ ଦାୟୀ କରଂତୁ । ଏତିକି ମାତ୍ର କାମନା କରିବାଛଡ଼ା ଆମର ଏ କ୍ଷେତ୍ରରେ ଏବେ ଅଧିକ କିଛି କହିବାର ନାଇ ।

ନୂଆ ପୃଷ୍ଠ ୧୮।୧

Digitized by PPRACHIN, SOA

ନିଜକଥା

'ନବଭାରତ' ପହିଲେ ମିଥୁନ ମାସରୁ ବାହାରୁଥିଲା । ଏଥର ନୂଆପ୍ରସ୍ଥ ତୁଳ ମାସରୁ ବାହାର କରିଥିଲୁ । କିନ୍ତୁ ନାନା କାରଣରୁ ତୁଳକୁ ତୁଳ ବାହାର କରିବା ସଂଭବ ହୋଇପାରି ନାଇ । ଶେଷ ଦ୍ୱାଦଶ ସଂଖ୍ୟାଟି କେତେକ ଛାପା ହେବା ପରେ ହଠାତ୍ ମହାତ୍ମା ଗାନ୍ଧିଙ୍କର ତିରୋଧାନ ଘଟିଲା । ତେଣୁ ମହାତ୍ମାଜୀଙ୍କ ଶୁଦ୍ଧିକ୍ରିୟା ଭିତରେ ଯେଉଁ 'ମହାତ୍ମାଜୀ ସଂଖ୍ୟା'ଟି ବାହାର କରିଥିଲୁ, ତାହାର ବର୍ଷର ଦ୍ୱାଦଶ ସଂଖ୍ୟା ବୋଲି ଧରାହେବ । ଏହା କୁହାଯାଇଚି । ଏ ସଂଖ୍ୟାଟି ନୂଆ ପ୍ରସ୍ଥର ୨ୟ ବର୍ଷର ୧ମ ସଂଖ୍ୟା । ପୂର୍ବରୁ ଛପା ହୋଇଥିବାରୁ ପୃଷ୍ଠାଙ୍କ ଯେପରି ଥିଲା ସେଇପରି ରହିଯାଇଚି । ପାଠକମାନେ ଏ, ବର୍ଷ ଅନୁଗ୍ରହ କରି ସେତେକ ଅସୁବିଧା ସହି ନେବେ ବୋଲି ଆଶା କରୁ । ଏଣିକି ମିଥୁନ ମାସ ବା ରଜ ସଂକ୍ରାନ୍ତି ଠାରୁ ଆରମ୍ଭ କରି ନିୟମିତ ରୂପେ 'ନବଭାରତ' ପ୍ରକାଶ କରିବୁ ବୋଲି ସମସ୍ତ ଆୟୋଜନ କରାହୋଇଚି । କାଗଜର ଅଭାବ ଓ ସମୟର ଅନ୍ୟାନ୍ୟ ଅସୁବିଧା ଦୃଷ୍ଟିରେ ଏସବୁ ଦୁର୍ଗତି ନିମନ୍ତେ ପାଠକମାନଙ୍କ ଠାରେ କ୍ଷମାଭିକ୍ଷା କରୁଚୁ । ଆଶାକରୁ, ପାଠକମାନେ 'ନବଭାରତ' ପ୍ରତି ଅନୁକଂପା ଊଣା କରିବେ ନାଇ ।

ସଂପାଦକ, ନୂଆପ୍ରସ୍ଥ ୨ୟ ବର୍ଷ ୧ମ ସଂଖ୍ୟା

◆◆◆

Digitized by PPRACHIN, SOA

ଦ୍ୱିତୀୟ ଅଧ୍ୟାୟ

ସାହିତ୍ୟ ଓ ସାହିତ୍ୟାନୁଷ୍ଠାନ ସଂପର୍କୀୟ ଆଲୋଚନା

ସାହିତ୍ୟର ସ୍ୱରୂପ

ସାଧାରଣତଃ ସାହିତ୍ୟ ବୋଇଲେ ଆମେ ବୁଝୁ, କେତେଗୁଡ଼ିଏ ଲେଖା । ସେ ଲେଖାରେ ସାଧାରଣତଃ ଅଳଙ୍କାର ଥାଏ, ବ୍ୟଞ୍ଜନାର ସଂକେତ ଥାଏ ଓ ବର୍ଣ୍ଣନାର ବିଚିତ୍ରତା ଥାଏ । କିଂତୁ ଯଥାର୍ଥ ସାହିତ୍ୟ ତାହା ନୁହେଁ । ଏ ସମସ୍ତ ଲେଖା ଭିତରେ ସାହିତ୍ୟ ହେଉଚି ଗୋଟିଏ ସ୍ୱତନ୍ତ୍ର ବସ୍ତୁ । ସେଇ ବସ୍ତୁଟି ଖୋଜି ଦେଖିଲେ, ସାହିତ୍ୟର ସ୍ୱରୂପ ବୁଝା ପଡ଼େ । ସେଥିପାଇଁ କୁହାଯାଏ, ସାମାଜିକ ଜୀବନ ବିକାଶର ପ୍ରକାଶ ହେଉଚି, ସାହିତ୍ୟ । ସେଇ ଜୀବନର ଧାରା ଖୋଜି ବାହାର କଲେ ଜାତି ବିଶେଷର ସାହିତ୍ୟ ବୁଝାପଡ଼େ । ଉଦାହରଣରେ ବଂଗଳା ଓ ଓଡ଼ିଆ ସାହିତ୍ୟର ଏଇ ସ୍ୱରୂପ ସଂକେତରେ ଦେଖାଯାଉ । ବଂଗଳା ସାହିତ୍ୟ ହେଉଚି, ମୂଳତଃ ଭାବ-ତରଳ ସେଇ ତରଳତାରେ ଭାବର ଅନନ୍ତ ଆଡ଼କୁ ଗତି । ମହାଭାରତର କର୍ଣ୍ଣ ବଂଗଳାରେ କି ରୂପ ଧରିଚି ? କର୍ଣ୍ଣପୁତ୍ର ବିଶ୍ୱକ୍‌ସେନ ବ୍ୟାସଙ୍କ ମହାଭାରତରେ ନାଇ । ଅତିଥି ଆସି ଭୋଜନ ମାଗିଲେ । କର୍ଣ୍ଣ, ମହାଦାନୀ । ଭୋଜନ ଦେବାକୁ ଅଙ୍ଗୀକାର କରିଚନ୍ତି । ଅତିଥି କହିଲେ, 'ପୁଅ ବିଶ୍ୱକ୍‌ସେନଙ୍କୁ ମା ଧରିବେ, ବାପ କାଟିବେ । କାହାରି ମୁହଁ ଟିକିଏ ମଳିନ ବା ବିମର୍ଷ ହେବ ନାଇ- ଲୁହ ଗଡ଼ିବା ତ ଦୂରର କଥା । ସେଇ ମାଂସକୁ ମା ରାନ୍ଧି ପରଶିଲେ ଅତିଥି ଖାଇବେ । ବଂଗଳା କର୍ଣ୍ଣ ଓ କର୍ଣ୍ଣ ପତ୍ନୀ ଆତିଥେୟତାର ଅନନ୍ତ ପ୍ରେରଣାରେ ଅବିକ୍ଷର୍ଣ୍ଣ ଭାବରେ ପୁଅକୁ କାଟି ରାନ୍ଧି ଅତିଥିକୁ ଭୋଜନ ଦେଲେ । ଓଡ଼ିଆ ଜୀବନ କର୍ମ କଠୋର । ସାଧନାରେ ଶୁଷ୍କ । ବ୍ରହ୍ମଚର୍ଯ୍ୟ ଅର୍ଥାତ୍ ବୀର୍ଯ୍ୟଧାରଣ ସେଇ ସାଧନାର ମହାପ୍ରତୀକ । ସେଥିରେ ଟିକିଏ ମାତ୍ର ଏ ପାଖ ସେ ପାଖ ହେବାର ନାଇ। ଯେତେ ମହାମାନବ ହେଉ ନା କାହିଁକି, ଏ ଦୁର୍ବଳତାରେ କ୍ଷମା ନାଇ । ସେଥିପାଇଁ ଓଡ଼ିଆ ସାରଳା ଦାସଙ୍କ ମହାଭାରତରେ କୁଳବୃଦ୍ଧ ଭୀଷ୍ମଙ୍କ ଠାରେ ମଧ ଏଇ ଶଙ୍କା ଅସହ୍ୟ ହୋଇଚି । ଶିଖଣ୍ଡୀ ପୂର୍ବ ଜନ୍ମରେ ଥିଲେ ନାରୀ । ସେ ଥିଲେ ଅମ୍ବା। ଭୀଷ୍ମଙ୍କ ଠାରେ ତାଂକର ଆସକ୍ତି ଥିଲା । ଭୀଷ୍ମ କିଂତୁ ଯୌବନରେ ତାଂକୁ ପ୍ରତ୍ୟାଖ୍ୟାନ କରିଥିଲେ । କୁରୁକ୍ଷେତ୍ର ରଣାଙ୍ଗରେ ଶିଖଣ୍ଡୀ ଭୀଷ୍ମଙ୍କ ଆଗରେ ଧନୁ ଧରି ଛିଡ଼ା ହେବା ମାତ୍ରକେ ଭୀଷ୍ମଙ୍କର ସେଇ ଅମ୍ବା କଥା ମନେ

Digitized by PPRACHIN, SOA

ପଡ଼ିଗଲା । ସାରଳା ଦାସ କହନ୍ତି, ସେଥିରେ ଭୀଷ୍ମଙ୍କର ରେତ ଚଞ୍ଚଳ ହେଲା। ସେତିକିରେ ସର୍ବନାଶ। ମହାବୀର ଭୀଷ୍ମ ରଥ ଉପରୁ ଖସି ପଡିଲେ । ତାଙ୍କ କଥା ସେତିକି ।

ଏଇପରି ଦୃଷ୍ଟିରେ ସାହିତ୍ୟର ସ୍ୱରୂପ ଖୋଜି ଦେଖିବାକୁ ହେବ । ଜାତୀୟ ସାହିତ୍ୟରେ ଏଇପରି ଜାତୀୟ ସ୍ୱରୂପକୁ ଧରି ପାରିଲେ ସାହିତ୍ୟର ମୂଳ ଓ ମେରୁଦଣ୍ଡ ସ୍ପଷ୍ଟ ହେବ । ତେଣିକି ସମସ୍ତ ସାହିତ୍ୟ ସେଇ ମେରୁଦଣ୍ଡର ଆଦାନରେ ଶ୍ରୀବୃଦ୍ଧି ହେବ । ଆହାରଣରେ ଏଇ ମେରୁଦଣ୍ଡଇ ପୁଷ୍ଟ ହୁଏ । ତା ନ ହେଲେ, ସାହିତ୍ୟର ଧାରା ଭ୍ରଷ୍ଟ ହୁଏ । ଆହରଣ ଏଇଠାରେ ଯଥାର୍ଥତା ହରାଇ ଅଯଥା ଅନୁକରଣରେ ପରିଣତ ହୁଏ ।

ନୂଆପ୍ରସ୍ଥ-୧/୧୦, ଆଲୋଚନା

ଓଡ଼ିଶାର ସାହିତ୍ୟ

ପ୍ରାଚୀନ ସାହିତ୍ୟର ଧାରା -

ଓଡ଼ିଶାର ସାହିତ୍ୟ କହିଲେ ଆମ ଦୃଷ୍ଟି ହଠାତ୍ ପଡ଼େ ପ୍ରାଚୀନ ସାହିତ୍ୟ ଉପରେ । ସାରଳା ଦାସଙ୍କ ଠାରୁ ମୁଖ୍ୟତଃ ଓ ସ୍ପଷ୍ଟତଃ ଏଇ ପ୍ରାଚୀନ ସାହିତ୍ୟର ଆରମ୍ଭ । ସାରଳା ଦାସ ସ୍ୱାଧୀନ ଓଡ଼ିଶାର ଯଥାର୍ଥ ସ୍ୱାଧୀନ କବି ଥିଲେ । ସେତେବେଳେ ଓଡ଼ିଶାରେ ଓଡ଼ିଆ ରାଜା କପିଳେନ୍ଦ୍ର ଦେବ । କପିଳେନ୍ଦ୍ର 'ସୂର୍ଯ୍ୟବଂଶୀ' ହୁଅନ୍ତୁ, ଯେ ବଂଶୀ ହୁଅନ୍ତୁ, ସେ ଥିଲେ ଓଡ଼ିଆ । 'କପିଳା ଗଉଡ଼' ସମ୍ରାଟ ହୋଇଥିବା କଥା ଏବେ ମଧ୍ୟ କିଂବଦନ୍ତୀ ଘୋଷଣା କରୁଅଛି । ସାରଳା ଦାସ 'ମହାଭାରତ' ଲେଖିଛନ୍ତି ସତ, ମାତ୍ର ସାରଳା ମହାଭାରତ ସାରଳାଙ୍କର - ତାହା ବ୍ୟାସଙ୍କର ଆଦୌ ନୁହେଁ । ସେଥିରେ ଓଡରାଷ୍ଟ୍ର ମଣ୍ଡଳ ଠାରୁ 'ଝିମାଣି' (ଝିମିଟି ଖେଳ) ପର୍ଯ୍ୟନ୍ତ ସବୁ ଓଡ଼ିଆ ଜୀବନ ଓ ଓଡ଼ିଆ ପ୍ରାଣର ପ୍ରତିବିଂବ । ତାପରେ ପ୍ରତାପରୁଦ୍ରଙ୍କ କାଳ । ପ୍ରତାପରୁଦ୍ର କପିଳେନ୍ଦ୍ରଙ୍କ ନାତି । ତାଙ୍କ କାଳରେ ଜଗନ୍ନାଥଙ୍କ 'ଭାଗବତ' ଓ ବଳରାମଙ୍କ 'ରାମାୟଣ' । ସେ ସବୁରେ ମଧ୍ୟ ଓଡ଼ିଆ ଭାବ ଓ ରୀତି ନୀତି ତଥା ଓଡ଼ିଆ ଧର୍ମ ଧାରଣା ସ୍ପଷ୍ଟ ପ୍ରକାଶ ପାଏ । ଉଦାହରଣ ସ୍ୱରୂପ ବଳରାମ ଲେଖିଚନ୍ତି, ରାମ ସୀତା ବିବାହ ପରେ 'ଖଞ୍ଜାଶାଳ'ରେ 'ପଞ୍ଚୁଗ୍ରାସୀରେ' ବସିଲା ବେଳେ, ସୀତା ପଞ୍ଚୁଗ୍ରାସୀ ଥାଳୀରେ ହାତ ରଖି ସ୍ଥିର ହୋଇ ବସିଗଲେ - କାହିଁକି ? କାରଣ ତାଙ୍କ ହାତ ଚୂଡ଼ୀରେ ଥିବା ରତ୍ନରେ ରାମଚନ୍ଦ୍ରଙ୍କ ପ୍ରତିବିମ୍ବ ପଡ଼ିଗଲା । ତେଣୁ ଓଢ଼ଣା ଭିତରୁ ସୀତା ସ୍ୱାମୀଙ୍କର ସେଇ ରୂପ ନିବିଷ୍ଟ ହୋଇ ଦେଖି ବସିଲେ । 'ଲୁଣ ଚଉରୀ' ବେଳେ ସୀତା ଯାହା ଟିକିଏ ରାମଙ୍କୁ ମାତ୍ରକ ଚାହିଁ ଦେଇଥିଲେ; ତା'ଛଡ଼ା ଆଉ ସେତେବେଳେ ଯାଏ ଅବଗୁଣ୍ଠିତା ଓଡିଆଣୀ ସୀତାଙ୍କର ଆଉ ସ୍ୱାମୀ ଦର୍ଶନ

Digitized by PPRACHIN, SOA

ହୋଇନଥିଲା । ଏ ପ୍ରାଣସ୍ପର୍ଶୀ ବର୍ଣ୍ଣନାରେ ରାମାୟଣ ଲେଖିଥିବାରୁ ତାହା ଓଡିଶାରେ ବିଜ୍ଞାପନ ବିନା ବ୍ୟାପି ଯାଇଥିଲା । ତାପରେ କାବ୍ୟ ଯୁଗରେ ସାହିତ୍ୟର ଧାରା ବହୁ ଭାବରେ ନୀରସ ଓ ପିଷ୍ଟ ପେଷଣ ହେଲେ ମଧ୍ୟ, ସେ ସିଠା ମଧ୍ୟରେ ଓଡ଼ିଆର ପ୍ରାଣ ହିଁ ଧୁକୁ ଧୁକୁ ହେଉଚି । ଏପରିକି ଉପେନ୍ଦ୍ରଭଞ୍ଜଙ୍କ ବୀଭତ୍ସ ବାସର ଓ ମଧୁଶଯ୍ୟା ବର୍ଣ୍ଣନାରେ ମଧ୍ୟ ଓଡ଼ିଆ ନିଜ ଘର ଓ ସମାଜର ଚିତ୍ର ପ୍ରତିଫଳିତ ଦେଖି ଅନୁପ୍ରାଣିତ ହୁଏ । ଅନ୍ତର୍ଲିପି ବହିର୍ଲିପି ଭଳି ନୀରସ ଆଳଂକାରିକ ସାହିତ୍ୟ ସିଠା ଭିତରେ ମଧ୍ୟ ଓଡ଼ିଆର ପ୍ରାକୃତ ପରଂପରା ଆତ୍ମପ୍ରକାଶ କରୁଛି । ସେଥିପାଇଁ ସେସବୁ ଓଡ଼ିଆ ସାହିତ୍ୟକୁ ଲୋକରେ ଜୀବିତ ରଖିଚି । କବି ଗୋପବନ୍ଧୁ ସେଇ କଥାକୁ ଧରି ଉପେନ୍ଦ୍ର ଭଞ୍ଜଙ୍କ ସଂବଂଧରେ ଯଥାର୍ଥ ଲେଖିଚନ୍ତି –

"ଗାଏ ତୁମ୍ଭ ଗୀତ ସଭାରେ ପଣ୍ଡିତ
ପଥେ ପାନ୍ଥ ହୃଷ୍ଟମନା
ବିଲେ ବୋଲେ ଚଷା ଅନ୍ତଃପୁରେ ଯୋଷା
ନୃତ୍ୟ ରଙ୍ଗେ ବାରାଙ୍ଗନା ।"

ଯଦୁମଣି ମହାପାତ୍ର ଏହି କାବ୍ୟ ଯୁଗର ଶେଷ ପ୍ରକାଶ କହିଲେ ଚଳେ । ତାଙ୍କ କବିତା ଶବ୍ଦାଳଂକାର- ବହୁଳ ବୋଲି ଏବେ ବହୁ ଉପେକ୍ଷିତ ସତ୍ୟ, ମାତ୍ର ପ୍ରାଣର ସରସତା ଓ ସ୍ୱଚ୍ଛନ୍ଦ ନିରୀହ ତରଳ ମଧୁର ସାହିତ୍ୟ ବିଳାସରେ ସେ ଏକ ପ୍ରକାର ଓଡ଼ିଆର ପ୍ରଜ୍ଞାଦୀପ ଜାଳି ରଖିଥିଲେ । ସେସବୁ ପ୍ରାୟ ୨୦ ବର୍ଷ ତଳ ଯାଏ ଲୋକମୁଖରେ ଥିଲା । ମାତ୍ର ଓଡ଼ିଶାର ସାହିତ୍ୟ ସଂସ୍କୃତି ଭୁୟୋବିକାଶ ପନ୍ଥା ଛାଡ଼ି ଥିବାରୁ, ସେସବୁ କ୍ରମେ ଲୋପ ପାଇଲାଣି । ଥରେ ଦଶପଲା ରାଜା ଯଦୁମଣିଙ୍କୁ ଜଗନ୍ନାଥଙ୍କ ଭୋଗ ଖାଇବାକୁ ଦେଇ ଆତିଥ୍ୟ ପାଳନ କରିଥିଲେ । ସଙ୍ଗେ ସଙ୍ଗେ ଯଦୁମଣି ଦଶପଲା 'କୁଞ୍ଜବନ'ରେ ଥିବା ସେ ଜଗନ୍ନାଥଙ୍କ ପ୍ରତି ଅନୁକଂପାରେ ସ୍ତୋତ୍ର ପାଠ କଲେ –

"କୁଞ୍ଜବନେ ଜଗନ୍ନାଥ ନ ହେବ ଗୋସାଇଁ
ରଥ ବୋଲି ଭଣ୍ଡିଦେବେ ଶଗଡେ ବସାଇ
ଭୋଗ ବୋଲି ଖଞ୍ଜିଦେବେ କଡ଼ିକିଆ ମୂଆଁ
ଧୂପ ବୋଲି ଗୁଞ୍ଜି ଦେବେ ନିଆଁଖୁଣ୍ଟା ଧୂଆଁ ।"

ଏ କବିତାର ପ୍ରାଣଚୁମ୍ବୀ ଓଡ଼ିଆଭାଷା ତଥା ନିରୁତା ଓଡ଼ିଆ ଭାବ ସଙ୍ଗେ ସରସ ସଂକେତରେ ତୀବ୍ର ସମାଲୋଚନାର ଅତି ସ୍ୱାନ୍ୟ ବ୍ୟଞ୍ଜନା ଏଇଠାରୁ ଓଡ଼ିଶାରେ ଶେଷ ହୋଇଚି କହିଲେ ଚଳେ ।

Digitized by PPRACHIN, SOA

ଅବଶ୍ୟ ସଂସ୍କୃତିର ଆଦର୍ଶ ପ୍ରକାଶ ବିଷୟରେ ଏସବୁ ସାହିତ୍ୟର ସ୍ଥାନ ଆଜିର ବିଶ୍ୱଦର୍ଶୀ ଦୃଷ୍ଟିରେ ଯାହାହେଉ, ଭାବର ପ୍ରଚାରରେ ଜାତିର ସମୂହ ଐକତାନିକତା ଜାଗ୍ରତ ରଖିବାରେ ଏ ସାହିତ୍ୟର ଉପଯୋଗିତା କେହି ଅସ୍ୱୀକାର କରିବେ ନାହିଁ । ପଲ୍ଲୀବାସୀର ଅତର୍କିତ ପ୍ରାଣରେ 'ରସାତ୍ମକ ବାକ୍ୟ'ର ଉନ୍ନତ ବ୍ୟଞ୍ଜନାର ନିରୁଦ୍‌ବେଗ ଧାରା ବୁହାଇ ଦେବାରେ ଏ କୃତିତ୍ୱ ବିଶ୍ୱବନ୍ଦ୍ୟ ଓ ବିଶ୍ୱସେବ୍ୟ, ଏଥିରେ ସଂଦେହ ନାହିଁ। ଅଳ୍ପ ହେଉ, ବିସ୍ତର ହେଉ, ଏହା ହିଁ ଜାତୀୟ ସାହିତ୍ୟ । ଏ ଦେଶ ପଲ୍ଲୀପ୍ରଧାନ । ପୌର ଜାନପଦ ସମସ୍ତଙ୍କୁ ସମାନ ପ୍ରଭାବିତ କରିବା ହିଁ ଏ ଦେଶର ଜାତୀୟ ସାହିତ୍ୟର ମୂଳମନ୍ତ୍ର ।

କିଂତୁ ଆଜି -

ଏ ଧାରା ଓଡ଼ିଶାରେ ଛିଣ୍ଡିଯାଇଚି । ଆଜିର ଭାବ ତଥା ଭାଷା ପଲ୍ଲୀରେ ପଶିପାରୁନାହିଁ । ଶିକ୍ଷିତ ଓ ସାଧାରଣ, ଦୁଇଟି ଭାଗ କ୍ରମେ ଫୁଟି ଉଠୁଚି । ଆମେ ଯାହାକୁ ଶ୍ରେଷ୍ଠ ସାହିତ୍ୟ ବୋଲି ବିଚାର କରୁଚୁ, ତାହା ଲୋକରେ ପଶୁ ନାହିଁ । ଆମେ ବ୍ୟସ୍ତ ହଉଚୁ, ଲୋକେ ପତ୍ର ପୁସ୍ତକ କିଣୁ ନାହାନ୍ତି, ବାଧ ହୋଇ କିଣିଲେ ପଢୁ ନାହାନ୍ତି । ଏବେ ମଧ 'ନୃସିଂହ ପୁରାଣ' ଠାରୁ ବଳରାମ ଦାସଙ୍କ 'ବ୍ରହ୍ମାଣ୍ଡ ଭୂଗୋଳ' ପର୍ଯ୍ୟନ୍ତ ନିତାନ୍ତ ଅଶୁଦ୍ଧ ଭାବରେ ଓ ବହୁ କ୍ଷୟପ୍ରାପ୍ତ ଉଚ୍ଛିଷ୍ଟସାର ଅକ୍ଷରରେ ଛାପା ହୋଇ ମଧ ଏ ଦେଶରେ ପ୍ରତିବର୍ଷ ସହସ୍ର ସହସ୍ର ସଂଖ୍ୟାରେ ବିକ୍ରି ହେଉଚି । ମାତ୍ର ସାହିତ୍ୟ ବିକାଶର ଧାରା ଛାଡ଼ି ଶାସ୍ତ୍ର ଲେଖିବାରୁ ଆମ ଉନ୍ନତ ଓ ମାର୍ଜିତ ମସ୍ତିଷ୍କର ତତ୍ତ୍ୱ ସାର କିଣିବାକୁ ଲୋକଙ୍କର ପଇସା ନାହିଁ, କିଂବା ପଢ଼ିବାକୁ ବିଦ୍ୟା ବା ଆଗ୍ରହ ନାହିଁ । 'ଶିକ୍ଷିତ'ଙ୍କ ମଧରେ ମଧ ଲେଖକ ଯେତେ, ପାଠକ ସେତେ ନାହାନ୍ତି । ତାହାର କାରଣ, 'ଶିକ୍ଷିତ' ମାତ୍ରେ ଶିକ୍ଷକ- ସେମାନେ 'ଲୋକ'ଙ୍କ ପାଇଁ ଦେଶରେ ପ୍ରଚାର ପାଇଁ- ଶିକ୍ଷିତଙ୍କ ପାଇଁ ନୁହେଁ । ଉଦ୍ଦେଶ୍ୟ ସାଧୁ । ମାତ୍ର ଉପାୟ ଏକ ବିଡଂବନା ।

ସାହିତ୍ୟର ଗତି -

ଏଇ ସୁଲଭ ଶିକ୍ଷକତାର ପ୍ରବୃତ୍ତିରେ ଯଥାର୍ଥ ସାହିତ୍ୟର ଆଲୋଚନାମୂଳକ ଗଭୀରତା ମଧ ବଢୁନାହିଁ । ହେଲା, ପ୍ରାଚୀନ ପରଂପରା ଛିଣ୍ଡିଗଲା ଯାଉ । ଭାରତର ଏ ଭାବପରାଧୀନତାର ବିପ୍ଳବ ବେଳେ ପ୍ରାଚୀନ ଧାରାରେ ନୂତନ ସ୍ରୋତ ଠିକ୍ ରଖିବା ଅବଶ୍ୟ ବଡ଼ ଗହନ କଥା । ସେଥିପାଇଁ ଯେ ଆତ୍ମ ପ୍ରତିଷ୍ଠା, ଅଧବସାୟ ଓ ମନୀଷା ଦରକାର, ତାହା ସାଧାରଣତଃ ପରାଧୀନତା ଓ ତଦୁଦ୍‌ଗତ ଅନୁକରଣର ବେଷ୍ଟନୀ ମଧରେ ସହଜରେ ଫୁଟେ ନାହିଁ । ହଉ, ନବୀନ ରୀତିରେ ପୌର ସଭ୍ୟତା ତଥା ସାହିତ୍ୟର ସୃଷ୍ଟି

Digitized by PPRACHIN, SOA

କରିବାକୁ ହେବ । ଶିକ୍ଷିତରୁ ସାଧାରଣ ଭିତରେ କ୍ରମେ ତାହାର ପ୍ରଭାବ ବିସ୍ତାର କରିବାକୁ ହେବ। କିଂତୁ ସେ ପନ୍ଥାରେ ବା ଗତି କାହିଁ ? ମନେ ରଖିବାକୁ ହେବ, ଭାଷା ନିବନ୍ଧ ସାହିତ୍ୟ ହିଁ ଆମର ଏବେ ଜୀବନ୍ତ ରହିବାର ଏକମାତ୍ର ଉପାୟ ଓ ଅବଲମ୍ବନ । ଏଥିରେ ଯଦି ପୁଷ୍କଳ ଆଲୋଚନା- ମୂଳକ ସାହିତ୍ୟର ପ୍ରତିଷ୍ଠା ନହୁଏ, ତେବେ ଜାତି ଏକାବେଳକେ ମୌଳିକତା ହରାଇ ଆତ୍ମନାଶରେ ପଡ଼ିବ । ପ୍ରତ୍ୟେକେ ଯଦି ଶିଖୁ ଶିଖୁ ଶିକ୍ଷକ ହୁଅନ୍ତି, ତେବେ ଏବେ ଦୀନଦରିଦ୍ର ଦେଶରେ ପ୍ରଗତି ଅସଂଭବ । ଯଥାର୍ଥରେ ଆଜି ଏ ଦେଶରେ ସମାଲୋଚନା ବ୍ୟକ୍ତି ବିଦ୍ୱେଷରେ ପରିଣତ ହୁଏ । ତା ପୁଣି ଦୁଇଆଡ଼ୁ । ଏକଆଡ଼ୁ ଲୋକେ ସମାଲୋଚନା କରୁ କରୁ ବ୍ୟକ୍ତିବିଦ୍ୱେଷ କରନ୍ତି, କାହିଁକିନା, ଉନ୍ନତ ନୀତି ସ୍ତରରୁ ସମାଲୋଚନା କରିବା ପାଇଁ ସମାଲୋଚକର ମାଲ ମଶଲା ନଥାଏ । ପୁଣି ଅନ୍ୟଆଡ଼େ ଯଦି କେହି କ୍ୱଚିତ୍ ଯଥାର୍ଥ ସମାଲୋଚନାରେ ଶ୍ରୀବୃଦ୍ଧି କାମନା କରି ବଚନ ଫିଟାନ୍ତି, ସମାଲୋଚିତ ସଙ୍ଗେ ସଙ୍ଗେ ତାଙ୍କୁ ବ୍ୟକ୍ତିଦ୍ୱେଷ ବୋଲି ଧରି ନିଅନ୍ତି । ଏଥିପାଇଁ ବ୍ୟକ୍ତିଦ୍ୱେଷମୂଳକ ବେଷ୍ଟନୀର ପ୍ରଭାବ କେତେକ ଦାୟୀ ହେଲେ ମଧ୍ୟ ସମାଲୋଚିତଙ୍କର ଭଣ୍ଡାରରେ ମାଲ ନଥିବା ମଧ୍ୟ କାରଣ ହୁଏ । ଦରିଦ୍ରକୁ ଦରିଦ୍ର କହିଲେ ବାଧେ । ସେଥିପାଇଁ ସାହିତ୍ୟ ରାଜ୍ୟରେ ମୋହମତ୍ ଓ ଖୋସାମତ୍ ହିଁ ଚାଲିଚି । ଏଥିରେ କେତେ ଲୋକ ସୁବିଧା ଉଣ୍ଡି ନାମ ଲିପ୍‌ସା ହିଁ ଚରିତାର୍ଥ କରିବାରେ ଲାଗିଚନ୍ତି । ଉଦାହରଣ ଦେଇ କଥାଟା ସ୍ପଷ୍ଟ କରି ବୁଝାଇ ଦେବାକୁ ମଧ୍ୟ ଆମ ହାତ ଯାଉ ନାହିଁ । ଆଉ କିମଧିକଂ ?

ସାହିତ୍ୟ ଚର୍ଚ୍ଚାର ଅନୁଷ୍ଠାନ –

ସେଥିପାଇଁ ସାହିତ୍ୟ ଚର୍ଚ୍ଚାର ସ୍ୱାଧୀନ ଓ ନିଷ୍କଳଙ୍କ ଅନୁଷ୍ଠାନ ଏ ଭୂମିରେ ମୁଣ୍ଡ ଟେକୁନାହିଁ । ଏ କ୍ଷୁଦ୍ର ଦରିଦ୍ର ଦେଶରେ ଧନ ଥିବା ଲୋକେ ବଡ଼ ଅଳ୍ପ ଓ ତେଣୁ କ୍ଷୁଦ୍ର ମଧ୍ୟ । ଅନେକ ସେଇପରି ଧନୀଙ୍କି ଆଦରି କବିମାନେ ଅଛନ୍ତି – ଐତିହାସିକ ଜୀବନୀ ଲେଖିବା ଲୋକେ ମଧ୍ୟ ଅଛନ୍ତି । କିଂତୁ ସେମାନଙ୍କ ଶିକ୍ଷା ସଂସ୍କୃତିର ଦୌଡ଼ କେବଳ ଯଥାକଥା ଦାତା ବା ମୁନିବଙ୍କର ନାମଲିସ୍ତାର ସୀମା ଡେଇଁ ନାହିଁ – ଡେଇଁବାର ମଧ୍ୟ ଉପାୟ ନାହିଁ । ବଂଗଳାରେ ମହାଭାରତଟି ମାତ୍ର ଅନୁବାଦ କରିବାରେ ସ୍ୱର୍ଗୀୟ କାଳୀପ୍ରସନ୍ନ ସିଂହ ସାତ ଲକ୍ଷ ଟଙ୍କା ଖର୍ଚ୍ଚ କରି ସର୍ବସ୍ୱାନ୍ତ ହୋଇଥିଲେ । ତାପରେ ବର୍ଧମାନ ରାଜା ପୁଣି ଏକ ଅନୁବାଦ ପ୍ରଚାର କଲେ । ଦୁଇଟିଯାକ ଏବେ ବହୁ ଉପାଦେୟ ଗ୍ରନ୍ଥ । ରାଜା ରାଧାକାନ୍ତ ଦେବ ଗୋଟାଏ ଜମିଦାରୀର ସମସ୍ତ ସ୍ୱତ୍ୱ ମୂଲ୍ୟରେ 'ଶବ୍ଦକଳ୍ପଦ୍ରୁମ' ପ୍ରକାଶ କରିବାକୁ ସମର୍ଥ ହୋଇଥିଲେ । ଜଣେ ଆନ୍ଧ୍ର ଧନିକ ୧୦ ଲକ୍ଷ ଟଙ୍କା ଦାନ କରି ଆନ୍ଧ୍ର

Digitized by PPRACHIN, SOA

ସାହିତ୍ୟକୁ ଅନୁବାଦରେ ଏକାବେଳକେ ପୁଷ୍ଟ କରିଚନ୍ତି । ତାମିଲ ଧନିକ ଆନାମଲାଇ ଚେଟି ନିଜେ ସମସ୍ତ ବ୍ୟୟ ବହନ କରି ଏକ ସ୍ୱତନ୍ତ୍ର 'ବିଶ୍ୱଭାରତୀ' ଛିଡ଼ା କରିଚନ୍ତି । କାର୍ଯ୍ୟରେ ସେମାନଙ୍କର ନାମ ହୋଇଚି ସତ, ମାତ୍ର ନାମ ପାଇଁ କବି ସାହିତ୍ୟିକଙ୍କୁ ପୋଷଣ କରି ସେମାନେ ଜାତୀୟ ସାହିତ୍ୟ ଓ ସଂସ୍କୃତିକୁ କୃପାର ପାତ୍ର କରିନାହାନ୍ତି । ଏ ସଂବଂଧରେ ଆଉ ଅଧିକ କହିବା ନିଷ୍ପ୍ରୟୋଜନ-ଶଙ୍କାହୀନ ମଧ୍ୟ ନୁହେଁ ।

ନବ ଭାରତ-୩/୪, ଆଲୋଚନା

ଏ ଗତି କୁଆଡେ

ଯୁଗଧର୍ମ ଓ ଯୁଗ ରୁଚି ସାହିତ୍ୟରେ ପ୍ରକାଶ ପାଏ । ବିଶେଷରେ ଏହା କବିତାରେ ସଂକେତରେ ଦେଖାଯାଏ । କାରଣ, କବିତାର ସଂକେତରେ ପ୍ରାଣର ପ୍ରତିଷ୍ଠିତ ଭାବ ଫୁଟେ । ବେଷ୍ଟନୀ ଓ ପାରିପାର୍ଶ୍ୱିକ ଘଟଣା ରାଶି ସଂଗେ ପରଂପରା ଓ ପ୍ରେରଣା ମିଶି ପ୍ରାଣର ପ୍ରତିଷ୍ଠିତ ଭାବ ଜାଗେ । ତେଣୁ କବିତା ଆଉ ଯାହାହେଉ, ସାମାନ୍ୟତଃ ବେଷ୍ଟନୀ ଓ ପାରିପାର୍ଶ୍ୱିକ ଘଟଣା ରାଶି ଘେନି ଆତ୍ମପ୍ରକାଶ କରେ । ସେଇ କବିତାର ପୁଣି ବିଶେଷତ୍ୱ ହେଉଛି, ସେଥିରେ ନିତ୍ୟତା ଓ ପୁରୋଦୃଷ୍ଟିର ନିୟମିତତା ଫୁଟିପାରେ । ଏହାଇ ଶ୍ରେଷ୍ଠ କବିତା । ଯୌନ ସଂକେତରେ ଅବଶ୍ୟ ନିତ୍ୟତା ଅଛି । କିଂତୁ ଏ ନିତ୍ୟତା ପୁଣି ଜୀବୀ କାମନାର ନିତ୍ୟ ଚୋଦନା ହୋଇପାରେ କିଂବା ସମାଜ ବିକାଶରେ ଏହି ନିତ୍ୟତା ପରଂପରା ସଂଗେ ପୁରୋଦୃଷ୍ଟିର ପ୍ରେରଣା ପ୍ରକାଶ କରିପାରେ ।

ଇଂରେଜୀ ସାହିତ୍ୟରେ ଉଦାହରଣ ଦେଲେ, ଆଲୋଚନାଟା ଅନେକଙ୍କୁ ସୁଖ ଲାଗିବ ଓ ସୁବୋଧ ବି ହେବ । ଡ୍ରାଇଡ଼େନ ଓ ପୋପଙ୍କ କବିତା ପରି ଗୁରୁ ଗମ୍ଭୀର, ଯୁକ୍ତି ଯୁକ୍ତ ବିଷୟ ଧରି ଯେଉଁ କବିତା ଲେଖା ଯାଉଥିଲା, ସେଥିରେ ସାହିତ୍ୟିକ ବାୟୁମଣ୍ଡଳ ବଡ଼ ଭାରାକ୍ରାନ୍ତ ଓ ଦୁଃସହ ହୋଇ ପଡିଲା । ତାପରେ ୱାର୍ଡ଼ସୱାର୍ଥ, ଶେଲି ପ୍ରଭୃତିଙ୍କର ଗୋଟିକିଆ ଭାବ ବିଶିଷ୍ଟ କ୍ଷୁଦ୍ର କବିତା ପ୍ରାଣ ସ୍ପର୍ଶୀ ହେଲା । ଏ ଦୁଇଟିର ସମାଧାନ ଆଡ଼କୁ ଗତି ହୋଉଚି, ଟେନିସନ୍ । ଭାରତର ତଥା ପୂର୍ବ ଭାରତର ସାହିତ୍ୟରେ ବୈଷ୍ଣବ ପଦାବଳୀ ଓ କୀର୍ତନ ଭିତରେ ଭାରାକ୍ରାନ୍ତ କବିତାର ସ୍ଥାନ ନାଇ । ତେଣୁ ୱାର୍ଡ଼ଥୱାର୍ଥ ବାଶେଲିଂକର ଅନୁକରଣ ଦରକାର ନଥିଲା । କିଂତୁ ଅଧଃପତନର ଅନୁକରଣ, ଆହରଣ ନାମରେ ଯା ଇଚ୍ଛା ତା କରିଯାଏ । ସେଥିରେ ଦରକାର ଅଦରକାରର ବିଚାର ନାଇ । ଅବଶ୍ୟ, ରବି ଠାକୁରଙ୍କ ପରି ଅନନ୍ୟ ସାଧାରଣ କାବ୍ୟ ମନୀଷାପନ୍ନ ମହା ସାହିତ୍ୟିକଙ୍କ କଥା ସ୍ୱତନ୍ତ୍ର ।

Digitized by PPRACHIN, SOA

ତଥାପି, ଓଡ଼ିଆ କବିତାରେ ୱାର୍ଡ଼ସୱାର୍ଥ, ଶେଲିଙ୍କୁ ସହଜ, ସଳଖ, ସୁନ୍ଦର ବୋଲି ଅନୁକରଣ କରିବା ସୁହାଯିବ; ସୁହାଯାଉଥିଲା । ହୁଏତ ଏଥିରେ ଅତୃପ୍ତି ହେତୁ ଅନାଦାର ଆସିଲା, କି ଆଉ କ'ଣ ହେଲା, କହି ହେଉନାଇ, କହିହେଲେ ବି କହିବାକୁ ଆଉ ମନ ହେଉ ନାଇ, ହଠାତ୍ ଓଡ଼ିଆ କବିତାରେ - ଏ କବିତା ସଂଗେ ଗଳ୍ପ ଉପନ୍ୟାସ ବି ଗ୍ରହଣୀୟ - ପ୍ରକାଶ ପାଇଲା, ଯୁବକ ଯୁବତୀର ଜ୍ୱଳନ୍ତ ଯୌନ କ୍ଷୁଧା । ପ୍ରବୀଣ ମଧ୍ୟ ଏ କ୍ଷେତ୍ରରେ ଯୁବକଙ୍କୁ କମ୍ ଅନୁକରଣ କରୁ ନାହାନ୍ତି । ମୋଟାମୋଟି ସ୍କୁଲର କିଶୋର ଠାରୁ ବିହାର କୁଳପତି ପର୍ଯ୍ୟନ୍ତ - ଅନ୍ୟାନ୍ୟଙ୍କ କଥା ତେଣିକି ଥାଉ - ସମସ୍ତେ ଯେପରି କି ଆଜି ନଗ୍ନ-ଯୌନ-କ୍ରିୟା-ମାତ୍ର-ସର୍ବସ୍ୱ ନରନାରୀଙ୍କୁ ଦେଖି ଦେଖାଇବାକୁ ବ୍ୟାକୁଳ । ସ୍କୁଲର ଛାତ୍ର ଗଡ଼ିଆ କୂଳେ ବସି ଆରପାଖ ତୁଠରେ ଗୌଡୁଣୀ ଟୋକି ଓଢ଼ଣା ଆଡେଇ ଆପଣାର ଗୋବର ହାତ ଧୋଇବା ଦେଖିଲେ ତାକୁ ଚାହିଁ ଚାହିଁ ଯୌନ କ୍ରିୟାର ସଂକେତରେ ବିଭୋଳ । ଅର୍ଧ ପ୍ରବୀଣ ଶିକ୍ଷକ ସବୁବେଳେ ଦେଖୁଚଂତି ଗୋଟାଏ ପତଳା ଶାଢ଼ୀ ପିନ୍ଧା ଯୁବତୀ ଗାଧୋଇବାକୁ ଯାଇ ଗୋଟା ସୁଦ୍ଧା ବୁଡ଼ି ପାଣିରୁ ଉଠି ତୁଠ ପଥର ଉପରେ ଛିଡ଼ା ହୋଇଯାଇଚି । କେଉଁଠାରେ ବି ଗାଇ ଜଗିଥିବା ଟୋକା ଟୋକୀ ବିବାହର ପୂର୍ବ ରଂଗରେ ମାତି ମାତି ଶେଷରେ କିଏ କାହାକୁ ବିଭା ହୋଇ ଯାଉଚି ଓ ସେଥିରେ କବିଙ୍କର ଯେ ଦୁଃଖ ହେଉଚି, ତା କବିତାରେ ସେଇ ଟୋକା ବା ଟୋକିଙ୍କ ଉପରେ ଆରୋପ କରାଯାଉଚି - ଏଇସବୁ ହେଉଚି, କବିତା ବା କଳାର ସୃଷ୍ଟି ।

ଇଂରେଜୀର କାବ୍ୟ ସାହିତ୍ୟରେ ଏହା ହେଉଛି, ଇଂରେଜ ରାଜା ଦ୍ୱିତୀୟ ଚାର୍ଲସଙ୍କ କାଳର ଅନୁକରଣ । ସମସ୍ତେ ଜାଣିଥିବେ, ନିଜେ ଦ୍ୱିତୀୟ ଚାର୍ଲସ ଓ ତାଂକ ପରିଷଦବର୍ଗଙ୍କର ଯୌନ ଚରିତ୍ର କି ବୀଭତ୍ସ ଥିଲା । ସେ କାଳେ ସେ କବିତା ସୁହାଉଥିଲା, ସୁଆଦ ବି ଲାଗୁଥିଲା । ଓଡ଼ିଆରେ ଅନୁକରଣର ଏ ଅପକୃତି ଏବେ କାହିଁକି ? ସତେ କ'ଣ ଓଡ଼ିଶାର ବାୟୁମଣ୍ଡଳ, ଏଇ ଭାବ ଭାବନାରେ ପୂରି ଉଠୁଛି । ତାହେଲେ ଏ ଗତି କେବେ କୁଆଡ଼େ ?

ଅବଶ୍ୟ ଏ କ୍ଷେତ୍ରରେ ମଧ୍ୟମପନ୍ଥୀ ଓ ନରମପନ୍ଥୀ ନାହାନ୍ତି, ନୁହେଁ । ସୂର୍ଯ୍ୟ ବୁଡ଼ିବାରେ ବାରୁଣୀର ଅଭିସାର ପ୍ରଭୃତିଠାରୁ ପଦ୍ମର ସୂର୍ଯ୍ୟଂକୁ ଚାହିଁବା ପ୍ରଭୃତି ପର୍ଯ୍ୟନ୍ତ ବାହାନା ଧରି ଏମାନେ ସେଇ ଏକ ଭାବାନ୍ୱିତ ସଂକେତକୁ ସାହିତ୍ୟର ପରମ ଅବଲମ୍ବନ ରୂପେ ଫୁଟାଉଚନ୍ତି । ଫଳତଃ ଏଇ ଏକଭାବ ଓ ଏକ କ୍ରିୟତାକୁ ଧରି ଆମର ଯୁଗ-ସାହିତ୍ୟ ଫୁଟୁଚି ।

Digitized by PPRACHIN, SOA

ପୁଣି କହି ରଖିବାର ଅଛି, ଏ ଅମା-ଅନ୍ଧକାରରେ ଅଳ୍ପ ହେଲେ ବି ତାରକାର ଜ୍ୟୋତି ନାହିଁ, ନୁହେଁ । କିଂତୁ ସେମାନଙ୍କର ଲେଖାରେ ମଧ୍ୟ ସମାଜର ବୀଭତ୍ସତା ଓ ଭଙ୍ଗପ୍ରବଣତା ଆଡ଼କୁ ଦୃଷ୍ଟି ଯେତେ ସୌନ୍ଦର୍ଯ୍ୟ ଓ ଗଠନପ୍ରବଣତା ଆଡକୁ ଦୃଷ୍ଟି ସେତେ ନୁହେଁ। ତଥାପି ଏଇମାନେ ସାହିତ୍ୟ ଓ କବିତାର ଆଦର୍ଶ ଠିକ୍ ରଖି, ସମାଜରେ ପରଂପରା ଓ ପୁରୋଦୃଷ୍ଟିର ସମାଧାନରେ ଘଟଣା ରାଶିର କଳନା କରି ଯୁଗ ରୁଚି ଓ ଯୁଗ ସାହିତ୍ୟରେ ନିତ୍ୟତା ଫୁଟାଇବେ ବୋଲି ଆଶା କରାଯାଏ । ଯୌନ ସଂକେତ ମାତ୍ର ଧରି କଳା ସୃଷ୍ଟି କରିବା ଏବେ ଦରକାର ନାଇ । ତରୁଣ ତରୁଣୀର ଯଥେଚ୍ଛା ମିଶ୍ରଣ, ସ୍ୱୈରାଚାର, ସାମାଜିକ ଭାବରେ ନଥିଲା । ତାହା ହେବା ସଂଗତ ବୋଲି ବୁଝିଲେ ମଧ୍ୟ ସେଥିରେ କାବ୍ୟ ସୌନ୍ଦର୍ଯ୍ୟ ଫୁଟାଇ ନିତ୍ୟ ଓ ସ୍ଥାୟୀ କଳାର ସୃଷ୍ଟି କରିବା ଏଡ଼େ ସହଜ ନୁହେଁ । ଅନ୍ୟ ଦିଗରେ ଏଇ ଓଡ଼ିଶାରେ ମଧ୍ୟ ଉପେନ୍ଦ୍ରଭଞ୍ଜ, କବିସୂର୍ଯ୍ୟ ଆଦି, ଏପରିକି ରାଧାନାଥଙ୍କ ଯଯାତି, ପାର୍ବତୀ ପ୍ରଭୃତିର ଦିନ ଏ କ୍ଷେତ୍ରରେ ଲୁଚିଯିବା ଉଚିତ । ସେ ସ୍ମୃତି ଓ ଅଭ୍ୟାସରେ ପ୍ରତିଷ୍ଠିତ କାବ୍ୟପ୍ରେରଣା ଯେତେ ଶୀଘ୍ର ପ୍ରାଚୀନ ହୁଏ, ସେତେ ଭଲ । ଭାଷାର ନୂଆଲୁଗା ପିନ୍ଧାଇ 'ବାରାଙ୍ଗନା ଭୁଜଙ୍ଗ'ର ଶୋଭା ସଜାଡ଼ିଲେ ତାହା ଯଥାର୍ଥରେ ଶିବ, ସୁନ୍ଦର ହୁଏ ନାଇ । ତେଣୁ, ପୁଣି କହୁ, ସମସ୍ତେ ବିଚାରଂତୁ, ଗତି କୁଆଡେ ?

ନୂଆପ୍ରସ୍ଥ-୧/୫, ଆଲୋଚନା

ସାହିତ୍ୟ

ଭାରତର ପ୍ରାଚୀନ ଗ୍ରନ୍ଥ

(୧)

ଏଇ ଜାନୁଆରୀ ୨୫ ତାରିଖରେ ଦିଲ୍ଲୀରୁ ଖବର ବାହାରିଚି, ଆମେରିକାର ଉଆସିଂଟନ୍ କଂଗ୍ରେସ ଲାଇବ୍ରେରିର ଭାରତୀୟ ବିଭାଗରେ ଥିବା ଡାକ୍ତର ପୋଲମାନ ଏବେ ସିଂହଳ ବାଟେ ଏ ଦେଶକୁ ଆସିଚନ୍ତି । ଭାରତରୁ ଯାଇଥିବା ଓ ଆମେରିକାରେ ଥିବା ୯୦୦୦ ହାତଲେଖା ପ୍ରାଚୀନ ପୁସ୍ତକର ତାଲିକା କରିଚନ୍ତି ଓ ଏ ଦେଶକୁ ହାତଲେଖା ପ୍ରାଚୀନ ପୁସ୍ତକମାନ ପଢ଼ି ବୁଝିବାକୁ ଆସିଚନ୍ତି। ଲେଖା ପୁସ୍ତକମାନଙ୍କର ଫଟୋ ଉଠାଇ ଅନୁସନ୍ଧାନ ବିଭାଗକୁ ପଠାଇବା ପାଇଁ ସେ ଫଟୋ ଯନ୍ତ୍ରମାନ ମଧ୍ୟ ଆଣିଚନ୍ତି । ସେ କହନ୍ତି - "ଏଇ ପୁସ୍ତକମାନଙ୍କରେ ଏପରି ତଥ୍ୟମାନ ଅଛି, ଯାହା କି ଏ କାଳର ବୈଜ୍ଞାନିକମାନେ ଏବେ ମଧ୍ୟ କ୍ରମେ ଆବିଷ୍କାର କରିବାରେ ଲାଗିଚନ୍ତି । ଚିକିତ୍ସା ବିଦ୍ୟାର ପ୍ରସାର ଓ ପ୍ରାଚୀନତାର ତତ୍ତ୍ୱ ସଂଗ୍ରହରେ ଏସବୁ ପୁସ୍ତକ ଖୁବ୍ କାମରେ ଲାଗିବ ।

Digitized by PPRACHIN, SOA

ମାଡ଼େମ୍ ବ୍ଲାଭେସ୍କି ପ୍ରାୟ ୧୦୦ ବର୍ଷ ତଳେ ଭାରତୀୟ ପୁରାଣରୁ ଜଗତର ଆଦି ବିକାଶ ଠାରୁ ଏ ପର୍ଯ୍ୟନ୍ତ ସବୁ ପୁଂଖାନୁପୁଂଖ ଅନୁସନ୍ଧାନ କରି ତଥ୍ୟମାନ ଜାଣିବାର ସାମଗ୍ରୀ ପାଇଥିଲେ । ମାତ୍ର ତାହା ଏବେବି ବୈଜ୍ଞାନିକ ତତ୍ତ୍ୱ ରୂପେ ଗୃହୀତ ହୋଇନାହିଁ । 'ଆମର ଥିଲା' ବୋଲି ଏ ରକ୍ଷଣଶୀଳ ଦେଶ କମ ଦୁର୍ଗତିରେ ପଡ଼ିନାହିଁ । ଏବେ ମଧ୍ୟ କେତେ ଶିକ୍ଷିତ ଲୋକେ ଫଳିତ ଜ୍ୟୋତିଷକୁ, ଜ୍ୟୋତିଷର ସତ୍ୟରେ ପ୍ରତିଷ୍ଠିତ ବୋଲି ବୁଝନ୍ତି । ବୈଦ୍ୟ ଶାସ୍ତ୍ରରେ ଏ ଦେଶରେ ଯାହା ହୋଇଯାଇଚି, ତାହା ଡାକ୍ତରୀ ବିଜ୍ଞାନ ଏବେବି କରିପାରି ନାହିଁ ବୋଲି କେତେକଙ୍କର କେବଳ ମତ ନୁହେଁ; ବିଶ୍ୱାସ ମଧ୍ୟ । ଏଥିରେ କେତେ ସତ କେତେ ମିଛ, ତାହା ବୈଜ୍ଞାନିକ ଭାବରେ ଆଲୋଚନା କରିବା ଦୁଷ୍କର ।

ତେବେ ଏବର ହିପ୍‌ନଟିଜିମ୍ ଭାରତୀୟ ହୁକୁମ ବିଦ୍ୟାଗତ ସମ୍ମୋହନ ବିଦ୍ୟା ଉପରେ ପ୍ରତିଷ୍ଠିତ । ଭାରତର 'ଯୋଗ' କଅଣ ଥିଲା, ତା ଏବେବି ଅନୁସନ୍ଧାନରେ ଆସିନାହିଁ । ଯୋଗକୁ ସାଧନ କରି ମଧ୍ୟ ଭୌତିକ ବିଜ୍ଞାନ ହୁଏତ ଅନୁସନ୍ଧାନ କରାଯାଉଥିଲା । କେବଳ ବୈଦ୍ୟ ଶାସ୍ତ୍ରଟି ଦେଖିଲେ ମଧ୍ୟ, ଏପରି ପୂର୍ଣ୍ଣ ଶାସ୍ତ୍ରଟିଏ ହଠାତ୍ ଚରକ ସୁଶ୍ରୁତଙ୍କ ଠାରୁ କିପରି ବାହାରିଲା, ତାହା ଭାବିବାର ବିଷୟ । ବୈଦ୍ୟ ଶାସ୍ତ୍ରରେ ମଧ୍ୟ ଅଛି, ଯୋଗ ସାଧନ ବିନା ଚିକିତ୍ସାରେ ପ୍ରବୀଣ ହେବା ଦୁଷ୍କର । ନୂତନ ଆବିଷ୍କ୍ରିୟାରେ ଯୋଗହିଁ ଶ୍ରେଷ୍ଠ ସାଧନ । ମହେଂଜୋଦାରୋରେ ପୁଣି ସିଦ୍ଧ ଯୋଗୀ; ଦେବ (ମହାଦେବ) ଓ ଯୋଗନିଷ୍ଠ ମାନବର ୫୦୦୦ ବର୍ଷର ପ୍ରତିକୃତି ଦେଖାପଡୁଚି। ବିଶେଷ କହିବାର କଥା, ଏସବୁ ପରଂପରା ଭାରତ ସମାଜରେ ଏବେବି ଛିଣ୍ଡି ନାହିଁ। ତଥାପି ସତ୍ୟାସତ୍ୟର ଅନୁସନ୍ଧାନ ସାମଗ୍ରୀ ସେ ସ୍ୱବୁ ପରଂପରାରେ ନଥିବାରୁ, ସେସବୁ ବିନା ବାଛ ବିଚାରରେ କ୍ରମେ କୁସଂସ୍କାର ଗଦାକୁ ଯାଉଚି ।

୧୦୦ ବର୍ଷ ତଳେ ଜର୍ମାନିରେ 'ପାଣିନି' ଦିନେ ହଠାତ୍ ଇଦାନୀନ୍ତନ ସଭ୍ୟ ଜଗତରେ ବିସ୍ମୟ ଜନ୍ମାଇ ଦେଇଥିଲା । ସେଥିରୁ ଭାଷାତତ୍ତ୍ୱ ଅନୁସନ୍ଧାନ ମୂଳରୁ ପୁଣି ଆରମ୍ଭ ହେଲା । ଆଜି ଡାକ୍ତର ପୋଲ୍‌ମ୍ୟାନଙ୍କ ପ୍ରାଚୀନ ଗ୍ରନ୍ଥ ଚର୍ଚ୍ଚାରୁ କ'ଣ ବାହାରୁଚି, ଦେଖାଯାଉ ।

(୨)

ଅନେକ ଦୁଃଖ କରୁଚନ୍ତି, ଏପରି ଉପାଦେୟ ଗ୍ରନ୍ଥ ସବୁ ଭାରତରୁ ବିଦେଶକୁ ଚାଲି ଯାଉଛି । ମାତ୍ର ଉପାଦେୟ ଗ୍ରନ୍ଥ ଏ ଦେଶରୁ ଯାଉନାହିଁ । ଗ୍ରନ୍ଥ ସବୁ ଚାଲି ଯିବା ପରେ, ହୁଏତ ସେଥିରୁ ଉପାଦେୟ ଗ୍ରନ୍ଥ ବାହାରୁଚି । ଆମେ ଏଥିରେ ଖାଲି ଦୁଃଖ କଲେ ହେବନାହିଁ । ଆମର ଭଲ ମନ୍ଦ ସବୁ ପ୍ରକାର ପ୍ରାଚୀନ ପୁସ୍ତକ ସଂଗ୍ରହ କରି, ତାହାର

Digitized by PPRACHIN, SOA

ଫଟୋ ପ୍ରଭୃତି କରାଇ ଏ ଦେଶରେ, ପୁଣି ବିଦେଶରେ ପ୍ରଚାର କରିବା ଉଚିତ । ଏତେଦିନ ତାହା ସରକାର କରି ନାହାନ୍ତି । ତେଣୁ ଭଲ ଭାବରେ ହୋଇପାରିନାହିଁ । ଏବେ ମଧ୍ୟ ଯେପରି ଦେଖାଯାଉଛି, ବହୁକାଳ ଧରି ତା ହେବାର ଆଶା ନାହିଁ । ଏ ଦେଶର ସରକାର ହେଲେ, ସେ ସବୁ 'ବାଜେ' କାମରେ ହୁଏତ ମନ ଦେବେ ନାହିଁ। 'ବିଶ୍ୱବିଦ୍ୟାଳୟ' ଉଠାଇ ପ୍ରାଥମିକ ଶିକ୍ଷାରେ ମନ ଦେବା ପାଇଁ ହୁଏତ ଅଧିକାଂଶ ମତ ଦେବେ । ଯେଉଁମାନେ ପର ସଭ୍ୟତାକୁ ଦୂରରୁ ଅନୁକରଣ କରନ୍ତି, ସେମାନେ ମାନବ ସଭ୍ୟତାର ଯଥାର୍ଥ ମର୍ଯ୍ୟାଦା ବୁଝିବା ବଡ଼ କଷ୍ଟ । ଆହରଣର ସମନ୍ୱୟରେ ନିଜତ୍ୱ ଫୁଟାଇବା ଏବେ ସ୍ୱାଧୀନତାକାମୀ ଭାରତୀୟ ପକ୍ଷରେ ଦୁଷ୍କର ବୋଲି ମନେ ହେଉଚି । ଏ ଅମଳରେ ଆମର ପରାଧୀନତା କେବଳ ଶାରୀରିକ ବା ଭୌତିକ ନୁହେଁ । ଏହା ଆତ୍ମିକ । ଯେତେ 'ପୂର୍ଣ୍ଣ ସ୍ୱାଧୀନତା' ଆସିଲେ ମଧ୍ୟ, ଯଥାର୍ଥ ଆତ୍ମିକ ସ୍ୱାଧୀନତାର ବାଟ କିପରି ଫିଟିବ, ତାହା ଏବେ ଭାବିବାର କଥା । ଆଧିଭୌତିକ ବିପ୍ଳବ ଦରକାର ହୋଇପାରେ, ମାତ୍ର ସେଥିରେ ଆଧ୍ୟାତ୍ମିକ ବିଧ୍ୱଂସ କଦାପି କାମ୍ୟ ନୁହେଁ । କେଉଁଟି 'କାର୍ଯ୍ୟର', କିଏ 'ବାଜେ'- ଏହା ଠିକ୍ କରିବାରେ ଆତ୍ମିକ ପ୍ରତିଷ୍ଠା ଲୋଡ଼ା । ଆତ୍ମଜ୍ଞାନ ହିଁ ଆତ୍ମଲାଭର ଯଥାର୍ଥ ଉପାଦାନ ।

ନବଭାରତ-୬।୬, ଆଲୋଚନା

ସାହିତ୍ୟରେ ଜାତିର ଇତିହାସ

ଭାରତରେ ଧାରାବାହିକ ଇତିହାସ ଲେଖା ହୋଇ ନାହିଁ । ଯେଉଁଠାରେ ବା ଲେଖା ହୋଇଅଛି ସେଠାରେ ସାଧାରଣତଃ ବଡ଼ ବଡ଼ ରାଜାଙ୍କ କଥା, ତାଙ୍କରି ବିଜୟ ପରାଭବ, ଦାନ ଶାସନ ପ୍ରଭୃତି ଲିପିବଦ୍ଧ ହୋଇଛି । ଭାରତରେ ପୁରାଣ ଅଛି । ମହାଭାରତ ରାମାୟଣ ପରି ବିରାଟ ଗ୍ରନ୍ଥମାନ ଅଛି । ପୃଥିବୀରେ ଅନ୍ୟତ୍ର ପ୍ରାଚୀନ ସାହିତ୍ୟରେ ସେପରି ଗ୍ରନ୍ଥ ନାହିଁ । ମାତ୍ର ଏହି ସବୁ ଗ୍ରନ୍ଥରୁ ହିଁ ସମାଜର ପାରମ୍ପରିକ ଇତିହାସ ଜଣାପଡ଼େ । ଭାରତର ଏହି ଇତିହାସ ଜାଣିଲେ ଭାରତକୁ ନୂତନ କରି ଗଢ଼ିବରେ ଆମର ଯଥାର୍ଥ ଦକ୍ଷତା ଆସିବ । ଯେଉଁଠାରେ ଏପରି ଇତିହାସ ନାହିଁ ସେଠାରେ ମାନବର ଭାଷା ଅନୁସନ୍ଧାନ କରି ଇତିହାସ ଆଲୋଚନା କରିବାକୁ ହେବ । ଉଦାହରଣ ସ୍ୱରୂପ ଆମ ଭାଷାରେ ଗୋଟିଏ ଶବ୍ଦ ଅଛି 'ଦୁର୍ଭିକ୍ଷ' । ଯେଉଁମାନେ ଇଂରେଜି ଜାଣନ୍ତି ସେମାନେ ଏହି କଥାର ଇଂରେଜୀ ଅନୁବାଦଟି ଜାଣିଥିବେ। ତାହା ହେଉଛି Famine। Famine କଥାଟି ବାହାରିଛି ଯେଉଁ ଶବ୍ଦରୁ ତାହାର ଅର୍ଥ ହେଉଛି କ୍ଷୁଧା ବା ବୁଭୁକ୍ଷା । ଯହିଁରେ

Digitized by PPRACHIN, SOA

ଭୋକରେ ଖାଇବାକୁ କିଛି ନ ମିଳେ ସେ ହେଲା Famine । କିନ୍ତୁ ଆମ ଦୁର୍ଭିକ୍ଷ ଶବ୍ଦଟିକୁ ଦେଖ । ତାହାର ଅର୍ଥ ହେଉଛି ଯେଉଁ କାଳ ବା ଅବସ୍ଥାରେ କଷ୍ଟରେ ଭିକ୍ଷା ଦିଅନ୍ତି । ଏହାର କ୍ଷୁଧା ସଙ୍ଗେ ସମ୍ପର୍କ ନାହିଁ । ସମ୍ପର୍କ ହେଉଛି ଭିକ୍ଷା ସଙ୍ଗେ । ଅବଶ୍ୟ ଦୁର୍ଭିକ୍ଷର ଅର୍ଥ ନୁହେଁ ଯେ ସମସ୍ତେ ଖାଇବାକୁ ପାଆନ୍ତି, ଖାଲି ଭିକ୍ଷା ଦେବାକୁ କିଛି ମିଳେ ନାହିଁ । ଏହାର ଯଥାର୍ଥ ଅର୍ଥ ହେଉଛି ଘରେ କିଛି ଖାଇବା ଜିନିଷ ନଥାଏ। ଆମ ଦେଶର ସାହିତ୍ୟରେ ଭିକ୍ଷା ଦେବା ହେଉଛି ଗୃହସ୍ଥର ପରମ କର୍ତ୍ତବ୍ୟ । ଅତିଥି ଦ୍ୱାରକୁ ଆସିଲେ ତାକୁ ଫେରାଇ ଦେବା ହେଉଛି ଦୁଷ୍କୃତ । ଘରେ ନିଜର ବା ନିଜ ଲୋକଙ୍କର ଖାଇବାକୁ ଥାଉ ନ ଥାଉ ଅତିଥି ଆସିଲେ ଭିକ୍ଷା ଦେବାକୁ ହେବ । ଆମର ଯାହା ଅଛି ସେଥିରେ ଅଗ୍ରଭାଗ ଅତିଥିର । ଆମେ ସମସ୍ତେ ଯଜ୍ଞଶିଷ୍ଟାଶନ ଅର୍ଥାତ୍ ଅତିଥିକୁ ଦେଇସାରି ଯଦି କିଛି ବଳିଲା ସେତିକି ଆମର ଭାଗ । ନ ବଳିଲେ ଦୁଃଖ ନାହିଁ । ଅତିଥିର ସନ୍ତୋଷ ହିଁ ଆମର ଏକାନ୍ତ ସାମାଜିକ ଓ ବ୍ୟକ୍ତିଗତ କାମ୍ୟ । ଏହି ଶବ୍ଦଟିରେ ଆମ ସାହିତ୍ୟ ତଥା ବିନୟର କି ଇତିହାସ ଅଛି ତାହା ଦେଖିଲେ ପ୍ରାଣ ସରସ ହୁଏ । ଏହିପରି ଶବ୍ଦ ଓ ଭାବର ପ୍ରକାଶ ସବୁ ଅନୁସନ୍ଧାନରେ ଯଥାର୍ଥ ଲୋକ ସାହିତ୍ୟ ଓ ମାନବିକ ଇତିହାସର ଚର୍ଚ୍ଚା ହୁଏ। ଏହି ସମ୍ପର୍କରେ ଦେଶର ସୁଜ୍ଞ ଓ ସନ୍ଧିସ୍ନୁ ମାନଙ୍କୁ ଆମର ଅନୁରୋଧ, ସେମାନେ ଏହିପରି ଶବ୍ଦର ତଥା ଭାବର ପ୍ରକାଶ ସବୁ ଜଣାଇଲେ ଆମେ ତାହା ଆନନ୍ଦରେ ପ୍ରକାଶ କରିବୁ ।

ନବ ଭାରତ -୬।୧, ଆଲୋଚନା

ଓଡ଼ିଆ ସାହିତ୍ୟରେ ଗଠନ କଳା

ଜାତୀୟ ସାହିତ୍ୟରେ ଜାତୀୟ ଜୀବନ ପ୍ରତିଫଳିତ ହୁଏ ବୋଲି କବି ମଧୁସୂଦନ କହିଥିଲେ। କେବଳ ପ୍ରତିଫଳିତ ହୁଏ ନାହିଁ, ଜାତୀୟ ଜୀବନ ସେଥିରେ ବିକଶିତ ମଧ ହୁଏ। ଏହି ବିକାଶର ଧାରା ଜାତୀୟ ଜୀବନର ଭିତ୍ତି ପରଂପରା ଓ ବେଷ୍ଟନୀ ମଧ୍ୟରେ ଖୋଜିବା ଛଡା ଅନ୍ୟ ଉପାୟ ନାହିଁ। କିନ୍ତୁ ଏହି ବିକାଶର ଗଠନରେ ଚତୁରତାହିଁ ସାହିତ୍ୟରେ ମନୀଷା ଓ ପ୍ରତିଭାର ପରିଚୟ। ପୂର୍ବେ ସାହିତ୍ୟ, ଯାହା ଥିଲା ଆଜି ପରିସରରେ ତାହା ତାହାଠାରୁ ବହୁତ ବଢିଯାଇଛି। ଦୈନିକ ପତ୍ରଠାରୁ, କାବ୍ୟ, ଉପନ୍ୟାସ ଓ ବୈଜ୍ଞାନିକ ପ୍ରବଂଧ ପର୍ଯ୍ୟନ୍ତ ସବୁ ସାହିତ୍ୟ। କିନ୍ତୁ ଗୋଟିଏ ବିପଦ, ଏ ସବୁଥିରେ ଆଜି ବ୍ୟବସାୟ ବୁଦ୍ଧି ପଶିଛି। ଯେଉଁ ଜିନିଷ ବଜାରରେ ବିକ୍ରୀ ହେବ, ସେହିଠାରେ ଅନେକଙ୍କର ଦୃଷ୍ଟି। ସେଥିରେ ଲୋକରୁଚି ଓ ଲୋକଗଠନର ଧାରା ବିକାଶ କରାଇବାକୁ ଅଳ୍ପ ଲୋକେ

Digitized by PPRACHIN, SOA

ଲୋଡୁଛନ୍ତି। ମାନବ ଅଧେ ଜନ୍ତୁ, ଅଧେ ଦେବତା। ଜନ୍ତୁତ୍ୱ ତାହାର ଜୀବୀ ଧର୍ମ। ଏହି ଜୀବୀ ଧର୍ମକୁ ପୀଠ କରି ମାନବ ରୁଚିକୁ ସୂଚନାରେ ଚଞ୍ଚଳ କଲେ ଜିନିଷର ବିକ୍ରୀ ଭଲ ହେବା ସ୍ୱାଭାବିକ। ଅଧିକାଂଶ କ୍ଷେତ୍ରରେ ଓଡ଼ିଶାରେ ସାହିତ୍ୟର ଆଦର୍ଶ ଏହାହିଁ ହେବାର ଦେଖାଯାଉଛି। କୌଣସି ଆଦର୍ଶରେ ପ୍ରତିଷ୍ଠିତ ରହି ଦେଶକୁ ସେହି ଆଡକୁ ଅଲକ୍ଷିତ ଭାବରେ ଟାଣିବା ଭଳି ମନୀଷା ବା ପ୍ରତିଭା ପ୍ରାୟ ଫୁଟୁ ନାହିଁ। ବହୁ ସ୍ଥଳରେ ଅନ୍ୟ ଦେଶ ବା ଅନ୍ୟ ବେଷ୍ଟନୀରେ ବଢ଼ିଥିବା ଦ୍ରବ୍ୟକୁ ଟିକିଏ ଏ ପାଖ ସେପାଖ କରି କୌଣସି ପ୍ରକାରେ ବଜାରରେ ଫିଙ୍ଗି ଦିଆଯାଉଛି। ସେଥିରେ ବେଳେବେଳେ କେବଳ ରୁଚି ଯେ ବିକୃତ ହେଉଛି ତାହା ନୁହେ, ପରଂପରା ତୁଟିଯିବାରୁ ଗଠନ ପୀଠଭ୍ରଷ୍ଟ ହେଉଛି। ଉଦାହରଣ ସ୍ୱରୂପ, ନିଅ ଉପନ୍ୟାସ। ନାରୀ ପୁରୁଷର ଯୌନ ସଙ୍କେତ ଜଗତରେ କାବ୍ୟକଳାର ପୀଠ, ଏ କଥା କେହି ଅସ୍ୱୀକାର କରିବେ ନାହିଁ, କିନ୍ତୁ ସେଠାରେ ମଧ୍ୟ ପରଂପରାଗତ ପ୍ରତିଷ୍ଠାନ ଓ ବେଷ୍ଟନୀ ଧରି ସଙ୍କେତର ସଂଯମ ଫୁଟାଇ ପାରିଲେ, କାବ୍ୟ କଳା ଜାତୀୟ ସାହିତ୍ୟର ଅଙ୍ଗୀଭୂତ ହୁଏ। ଇଂଲଣ୍ଡର ଭିକ୍ଟୋରିଆ ଯୁଗର ଉପନ୍ୟାସରେ ବଙ୍ଗଳାର ଉପନ୍ୟାସ ପ୍ରଭାବିତ ହୋଇଥିଲା ସତ, କିନ୍ତୁ ବଂଗଳାରେ କଲିକତା ପରି ସହର ଥିଲା; ବେଥୁନ୍ କଲେଜ ପ୍ରଭୃତି ପରି ନାରୀବିଦ୍ୟାଳୟ ଥିଲା, ବ୍ରାହ୍ମ ସମାଜ ପ୍ରଭୃତି ପରି ସମାଜର ବିଭାବ ଫୁଟି ଉଠିଥିଲା। ଏ ସବୁରେ ଇଂରେଜ ସମାଜର ପାରିପାର୍ଶ୍ୱିକ ଅବସ୍ଥା ଯେପରି ବଙ୍ଗଳାରେ ବହୁ ପରିମାଣରେ ନିଜର କରି ହେଲା, ଓଡିଶାରେ ତାହା ସମ୍ଭବ ନୁହେ। ତଥାପି ବଙ୍କିମ ପ୍ରଭୃତି ଭିକ୍ଟୋରିଆ ଯୁଗର ଉପନ୍ୟାସରୁ ଏ ସବୁ ମଧ୍ୟ ଗ୍ରହଣ କରିବାରେ ସାହସିକତା ଦେଖାଇ ନାହାନ୍ତି। କିନ୍ତୁ ଓଡିଶାରେ ଆଜି ବଜାରରେ ପଡିବା ଉପନ୍ୟାସର ସଂଖ୍ୟା ଖୁବ୍ ବଢ଼ିଛି। ସେଥିମଧ୍ୟରେ ଛ'ମାଣ ଆଠଗୁଣ୍ଠ ପରି ଯଥାର୍ଥ ଓଡିଆ ଉପନ୍ୟାସ କେତେ ଖଣ୍ଡ ? ସାହିତ୍ୟ ଯଦି ଜାତିକୁ ସ୍ଥାୟୀ ଭାବରେ ପ୍ରଭାବିତ କରି ନ ପାରିଲା, ତେବେ ସେ ସାହିତ୍ୟ ସେ ଜାତିର ସାହିତ୍ୟ ନୁହେ।

ଓଡ଼ିଶାର ଜଳବାୟୁରେ ଯୁବକ ଯୁବତୀର ତରଳ ଆଦ୍ୟପ୍ରେମ ନିମନ୍ତେ ଏବେ ମଧ୍ୟ ଅବକାଶ ହୋଇନାହିଁ। କଟକ ପରି ସହରରେ ମଧ୍ୟ କୌଣସି ପ୍ରତ୍ୟାଖ୍ୟାତ ପ୍ରେମିକ ସନ୍ନ୍ୟାସୀ ବା ଅନ୍ୟ କୌଣସି ରୂପରେ ଲୁଚି ରହିବାର ସ୍ଥାନ ନାହିଁ। କୌଣସି ଭ୍ରଷ୍ଟ ବା ଅତ୍ୟାଚାରଗ୍ରସ୍ତ ପ୍ରେମିକା ଆତ୍ମଗୋପନ କରି ପରେ ବହୁବର୍ଷର ଦୁଷ୍କର୍ମପୁଷ୍ଟ ଜୀବନ ଲିଭାଇ ଦେବାର ବାସ୍ତବ କ୍ଷେତ୍ର ଏ ଦେଶରେ ନାହିଁ। ତଥାପି ଏବେ ଯେଉଁ ଉପନ୍ୟାସ ସବୁ ବାହାରୁଚି, ସେଥିରେ ଏଇ ଶ୍ରେଣୀର ଘଟଣାର ପ୍ରସାର କେତେ ତାହା ଲେଖକ ଓ ପାଠକମାନେ

Digitized by PPRACHIN, SOA

ବିଚାର କରନ୍ତୁ। ଜାତୀୟ ଜୀବନରେ ଏହାର ସ୍ଥାନ ବିଶେଷ ନ ଥିଲେ ମଧ୍ୟ ବ୍ୟକ୍ତିଗତ ଜୀବୀଧର୍ମ ଏଥିରେ ଚଞ୍ଚଳ ଓ ବେଳେବେଳେ ପଥଭ୍ରଷ୍ଟ।

ଆଉ ଗୋଟିଏ କଥା। ଏଇସବୁ ଅନୁକରଣରେ ସ୍ୱାଭାବିକ ପାଣିପାଗ ବା ବେଷ୍ଟନୀର ସଂପର୍କ ନ ଥିବାରୁ ଲେଖକ ବେଳେବେଳେ ଘଟଣାର ସମାବେଶ ମଧ୍ୟରେ ଆକସ୍ମିକ କୃତ୍ରିମତା ଛାଡିପାରୁନାହାନ୍ତି। କାହାର ଭଉଣୀ ଆଦ୍ୟ ପ୍ରେମରେ ପ୍ରତ୍ୟାଖ୍ୟାନ ବା ଅତ୍ୟାଚାରର ପୀଡା ପାଇ କଟକରେ ଆସି ବେଶ୍ୟାବୃତ୍ତି କରୁଚି। ଠିକ୍ ତାର ଭାଇ ତା ଘରେ ଯାଇ ପହଞ୍ଚୁଛି। ସେହିପରି କୌଣସି ପ୍ରେମିକା ବହୁ ବର୍ଷର ପୀଡ଼ିତ ଜୀବନ ପରେ ନଈକି ଡେଇଁପଡିଲା ବେଳକୁ ତାର ଛଦ୍ମବେଶୀ ପ୍ରେମିକ ତାକୁ ଉଦ୍ଧାର କରିବାପାଇଁ ସେଠାରେ ଉପସ୍ଥିତ ଅଛି। ସେମାନେ କଟକ, ପୁରୀ ଏପରିକି ଖୋର୍ଦ୍ଧା ପରି ଜାଗାରେ ରହି ବହୁ କାଳ ପରସ୍ପରକୁ ଝୁରିଲେ ମଧ୍ୟ ପ୍ରେମିକା ମହାନଦୀକୁ ଡେଇଁବା ପୂର୍ବରୁ ପ୍ରେମିକ ତାକୁ ଖୋଜି ପାଇପାରୁନାହିଁ। ଏ ସବୁ ସୂଚନାରେ ମାତ୍ର କୁହାଗଲା। କେହି ଏ ବିଷୟରେ ସମସ୍ତ ବା ବ୍ୟସ୍ତ ଆଲୋଚନା ପ୍ରକାଶ କଲେ ଆମ୍ଭେମାନେ ସୁଖୀ ହେବୁ। ସେପରି ସୁଯୋଗ ମିଳିଲେ ଏ ବିଷୟରେ ଉଦାହରଣମାନ ଦେଇ ବିଶେଷ ଆଲୋଚନା କରାଯିବ।

ନବଭାରତ-୧/୧୨, ଆଲୋଚନା

ଓଡ଼ିଆ ଛନ୍ଦରେ ଯୁକ୍ତାକ୍ଷର ଓ ଉପଧା

ଏଠାରେ ଆମେ ଶ୍ରୀମାନ୍ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କର ଓଡ଼ିଆ କବିତା ତଥା ଛନ୍ଦର ପ୍ରଗତି ଲେଖାଟି ପ୍ରତି ଲକ୍ଷ କରୁଅଛୁଁ। ତାହା ଏହିଥର, ଅନ୍ୟତ୍ର ପ୍ରକାଶିତ ହୋଇଅଛି। ପ୍ରଥମରୁ କହିବା ଉଚିତ, ଯୁକ୍ତାକ୍ଷରରେ ବର୍ଣ୍ଣ ଗୌରବ ଦେଖାଇବା ବରାବର ଅସଙ୍ଗତ ବା ଅସୁନ୍ଦର ନୁହେଁ। ଅଳଂକାର ହିସାବରେ ମଧ୍ୟ ଉପଧାର ମୂଲ୍ୟ ଅଛି। ମାତ୍ର ଉପଧା ମିଳନ ଓଡ଼ିଆ ଛନ୍ଦର ନିତ୍ୟ ଅଙ୍ଗ ନୁହେଁ ଓ ଯୁକ୍ତାକ୍ଷର ପୂର୍ବ ବର୍ଣ୍ଣର ଗୁରୁତ୍ୱ ବ୍ୟବହାର କରିବାରେ ଲୋକଙ୍କର ଉଚ୍ଚାରଣ ପ୍ରତି ଲକ୍ଷ ରଖି ସେହି ସାମଞ୍ଜସ୍ୟରେ ତାହା ପ୍ରବେଶ କରାଇ ନ ପାରିଲେ ତାହା ଏ ଜଳବାୟୁରେ ବଢ଼ିବ ନାହିଁ, ଲୋକସାହିତ୍ୟର ଅଙ୍ଗ ହେବା କଠିନ ହେବ।

ଉପଧା ମିଳନ ଓଡ଼ିଆ ଛନ୍ଦରେ ଅବଶ୍ୟ କର୍ତ୍ତବ୍ୟ ନୁହେ, ଏହା ଲେଖକ ଏକପ୍ରକାର ସ୍ୱୀକାର କରିଛନ୍ତି। କୌଣସି ଛନ୍ଦକୁ ବିଶେଷ ସୁଶ୍ରାବ୍ୟ ଓ ସୁନ୍ଦର କରିବା ପାଇଁ କେହି ଯେବେ ଉପଧାମିଳନ ରୂପ ଅଳଂକାରର ବ୍ୟବହାର କରନ୍ତି, ସେଥିରେ ବିଶେଷ କ୍ଷତି ନାହିଁ। କିନ୍ତୁ ଯେ ତାହା ନ କରିବେ, ତାଙ୍କର ଛନ୍ଦ ସାଧୁ ଓ ଶୁଦ୍ଧ ହେଲା ନାହିଁ ବୋଲି

Digitized by PPRACHIN, SOA

ରାଧାନାଥ ଓ ବାସୁଦେବ ସୁଢ଼ଳ ଦେବଙ୍କ ପ୍ରଭାବିତ ଯୁଗରେ ଯେଉଁ ଧାରଣା ଆରମ୍ଭ ହୋଇଥିଲା, ତାହାରି ପ୍ରତିବାଦ ମାତ୍ର କରିବାକୁ ଯାଇ ଆମେ ସେ ସମ୍ବନ୍ଧରେ ଯାହା କିଛି ଲେଖିଥିଲୁଁ ଓ ସେ କାଳରେ ଲେଖା ହୋଇ ପ୍ରଚାରିତ ହୋଇଥିବା ଓଡ଼ିଆ ଅଳଂକାର ଗ୍ରନ୍ଥରୁ 'ଦୁଷ୍ଟ' ଓ 'ଅପୂର୍ଣ୍ଣ' ମିତ୍ରାକ୍ଷରର ଉଦାହରଣ ଦେଇଥିଲୁଁ। କହିବାର ଅଭିପ୍ରାୟ, ସେ ସବୁ ମିତ୍ରାକ୍ଷର ଦୁଷ୍ଟ ନୁହେ କି ଅପୂର୍ଣ୍ଣ ନୁହେଁ। କେବଳ ମିତ୍ରାକ୍ଷର ବିଚାରରେ ଉପଧାର ସଂପର୍କ ନାହିଁ। ଅନ୍ୟଥା ତାହାର ବ୍ୟବହାର ସର୍ବଥା ଦୂଷଣୀୟ ବୋଲି ଆମେ କହୁ ନାହୁଁ। ନିଜର କବିତାକୁ ଅଧିକ ସୁନ୍ଦର କରିବା ପାଇଁ ଯେ କୌଣସି କବି ଉପଧା ମିଳନ କରିପାରନ୍ତି।

ଦ୍ୱିତୀୟ କଥା, ଯୁକ୍ତାକ୍ଷର ଯୋଗେ ପୂର୍ବ ସ୍ୱରର ଗୁରୁତ୍ୱ। ଏଠାରେ ଓଡ଼ିଆ ଓ ବଙ୍ଗଳାର ବହୁ ପ୍ରଭେଦ ଅଛି। ବଙ୍ଗଳା ଭାଷାର ଶବ୍ଦସବୁ ପ୍ରାୟତଃ ପ୍ରଥମ ସ୍ୱରଯୁକ୍ତ ଅକ୍ଷରରେ ଜୋର ପଡ଼ି ଉଚ୍ଚାରିତ ହୁଏ। ସେହି ହେତୁରୁ ପରବର୍ତ୍ତୀ ବର୍ଣ୍ଣ ପ୍ରାୟ ସ୍ୱର ହରାଏ। ସେଥିପାଇଁ ବଙ୍ଗଳାର ଉଚ୍ଚାରଣ ଶୈଳୀ ସଙ୍ଗେ ଖାପ ଖାଇଲା ଭଳି ଯୁକ୍ତବର୍ଣ୍ଣର ପୂର୍ବ ଗୁରୁତ୍ୱ ସହଜରେ ରକ୍ଷାହୁଏ। ଓଡ଼ିଆର ଉଚ୍ଚାରଣରେ କଥାର ଜୋର ପଡ଼େ ଶବ୍ଦର ଶେଷ ସ୍ୱର ଆଡ଼କୁ। ସେଥି ର ଯୁକ୍ତବର୍ଣ୍ଣଜନିତ ଏହି ଗୁରୁତ୍ୱ ସାମଞ୍ଜସ୍ୟରେ ପ୍ରବେଶ କରାଇ ବସିଲେ କେବଳ ବଙ୍ଗଳାର ଅନୁକୃତି; ସେଠାରେ ପ୍ରାକୃତିକ ଶୈଳୀ ନଷ୍ଟ ଲଭିବାର ସମ୍ଭାବନା ଅଛି। ଓଡିଆରେ କେବଳ ନରକକୁ ନର୍କ କହନ୍ତି ନାହିଁ। ପୁରୁଷୋତ୍ତମକୁ ମଧ୍ୟ ପୁରସ୍ତମ କହନ୍ତି। ଏଥିରୁ ସ୍ପଷ୍ଟ ଜଣାଯାଉଛି, ନରକର 'କ' ଉପରେ ଓ ପୁରସ୍ତମର 'ତ' ଉପରେ ଜୋର ପଡ଼େ। ପଞ୍ଚଦଶ ଶତାବ୍ଦୀର ସଂସ୍କୃତ ଶିଳାଲେଖରେ ମଧ୍ୟ ଅଛି 'ପୁରୁଷୋତ୍ମ'। ଏଠାରେ 'ମ' ଉପରେ ଜୋର ପଡ଼ିବାର ମଧ୍ୟ ପ୍ରମାଣ ହେଉଛି। ଭରଥକୁ ଭ୍ରଥ କହିବାରେ ମଧ୍ୟ 'ର' ଉପରେ ଜୋର ପଡୁଛି। ବଙ୍ଗଳାର ଉଚ୍ଚାରଣ ଶୈଳୀ ତାହା ନୁହେ। କଥାର ଆଶୟରେ ଓ ପ୍ରାଦେଶିକତା ପ୍ରଭାବରେ ଏ ସବୁ ଉଚ୍ଚାରଣ ଶୈଳୀର ଇତର ବିଶେଷ ବ୍ୟତ୍ୟୟ ସର୍ବତ୍ର ସବୁ ଭାଷାରେ ଦେଖାଯାଏ। ସେହିପରି ଓଡ଼ିଆରେ ମଧ୍ୟ ପ୍ରଥମ ସ୍ୱରଯୁକ୍ତ ବର୍ଣ୍ଣରେ କେବେ କେବେ ଜୋର ପଡ଼େ। ଯଥା 'ତୋର୍ ମୋର୍ ଯିବା।' ଏଠାରେ ତୋର ମୋର ଦୁଇଟି ଶବ୍ଦରେ 'ତୋ' 'ମୋ' ଉପରେ ଜୋର ପଡୁଛି। ସେଥିପାଇଁ କବିତାରେ ଲେଖାଯାଏ 'ତୋର ବୋଲି ଯୁ ଗର୍ବ କରୁ' ଇତ୍ୟାଦି। ତେବେ 'ତୋର' ଏହି କଥାଟିର ଉଚ୍ଚାରଣ ସାମଞ୍ଜସ୍ୟରେ ଗର୍ବର 'ଗ' ବର୍ଣ୍ଣଟିର ଗୁରୁତା ମନକୁ ସରଳ ଭାବରେ ଆସିଯିବ। ଯଦି ଲେଖାଯାଏ ମୋର ଘର ପୁରସ୍ତମ ଇତ୍ୟାଦି, ତେବେ ଏଠାରେ 'ପୁରସ୍ତମ'ର 'ର'ର ଗୁରୁତା ଛନ୍ଦ ଧାରାରେ ସୁଗମ ହେବନାହିଁ। ରବୀନ୍ଦ୍ରନାଥଙ୍କ ପରି ମହାପଣ୍ଡିତ ମନୀଷୀ ଏ

Digitized by PPRACHIN, SOA

ସବୁ ବର୍ଣ୍ଣତତ୍ତ୍ୱରେ ବିଶେଷଜ୍ଞ। ବଙ୍ଗଳା ଓଡିଆର ଉଚ୍ଚାରଣ ଶୈଳୀ ଏକା ପରି ହୋଇଥିଲେ ବର୍ଣ୍ଣତତ୍ତ୍ୱରେ ଅଜ୍ଞ ଓଡ଼ିଆ କବିମାନେ ଏ ସବୁର ଅନୁକରଣ କଲେ ହୁଏତ ଚଳିଯାନ୍ତା, କାରଣ ବଙ୍ଗଳାରେ ମଧ୍ୟ ସତ୍ୟେନ୍ଦ୍ର ଦତ୍ତ ପ୍ରଭୃତି ବିଶେଷଜ୍ଞଙ୍କ ଛଡା ଆଉ ଅନେକ କବି ରବି ଠାକୁରଙ୍କୁ ଅନୁକରଣ କରନ୍ତି। ତାହା ଚଳିଯାଏ। କିନ୍ତୁ ଓଡ଼ିଶାରେ ତାହା ଚଳାଇବାକୁ ଯେଉଁମାନେ ଚେଷ୍ଟା କରୁଛନ୍ତି, ସେମାନେ ଓଡ଼ିଶାର ଉଚ୍ଚାରଣ ତତ୍ତ୍ୱ ପୁଙ୍ଖାନୁପୁଙ୍ଖ ଅନୁସନ୍ଧାନ କରି ଏ କାର୍ଯ୍ୟରେ ବ୍ରତୀ ହେଲେ ଭଲ ହୁଅନ୍ତା।

ପୁଣି ବର୍ଣ୍ଣରେ ଜୋର ପଡ଼ିବା ଓ ବର୍ଣ୍ଣର ଗୁରୁତ୍ୱ ଏକ କଥା ନୁହେ। 'ଅସ୍ମ୍ୟୁତ୍ତରସ୍ୟାଂ' ଏଠାରେ ପ୍ରଥମ 'ଅ'ଟିରେ ଜୋର ପଡୁଛି, ଦ୍ୱିତୀୟ 'ଉ' କାରରେ ଦୀର୍ଘତା ସଙ୍ଗେ ଜୋର ମିଶିଛି, ଶେଷ 'ଆ'କାରରେ କେବଳ ଦୀର୍ଘତା ଅଛି, ଜୋର ନାହିଁ। ଏ ସମସ୍ତଙ୍କର ପ୍ରକୃତରେ ଉଚ୍ଚାରଣଗତ କି ଭେଦ ଅଛି, ତାହା ଅନୁସନ୍ଧାନ କରି ଜାଣିବା ଉଚିତ। ଇଂରେଜିରେ ଜୋର (Stress) ଓ ଦୀର୍ଘତା (Pitch)ର ବିଚାର ଘେନି ବହୁ ଆଲୋଚନା ଲେଖାଯାଇଛି। ସଂସ୍କୃତରେ ଏ ଦୁଇଟିର ପ୍ରଭେଦ ଧରାଯାଇ ନାହିଁ। ତଥାପି ଛନ୍ଦର ଗତି ବ୍ୟାହତ ବା କୁଣ୍ଠିତ ହେଉନାହିଁ। ଏ ସବୁର ବିଶ୍ଳେଷଣାତ୍ମକ କାରଣ ଅନୁସନ୍ଧାନ କଲେ ମଧ୍ୟ ନୂତନ ଛନ୍ଦବିଳାସୀମାନଙ୍କର ବହୁ ଲାଭ ହେବ। ସେମାନେ ସହଜରେ ଛନ୍ଦକୁ ଓଡ଼ିଆ ଜନସାଧାରଣର ଶ୍ରୁତି ଓ ସ୍ୱର ଯନ୍ତ୍ରର କ୍ରିୟା ସଙ୍ଗେ ମିଳାଇ ପାରିବେ। ସେପରି କଲେ ଯେ କୌଣସି ନୂତନ ଆମଦାନି ପ୍ରଗତି ଓ ଶ୍ରୀବୃଦ୍ଧିର ଲକ୍ଷଣ ରୂପେ ପ୍ରତିଭାତ ହେବ।

ଏହା ଲେଖିଲା ପରେ ଶ୍ରୀମାନ୍ କାଳିନ୍ଦୀଚରଣଙ୍କର ଖଣ୍ଡିଏ ଚିଠି ହସ୍ତଗତ ହେଲା। ସେ ଲେଖିଛନ୍ତି, ଉପଧା ଓଡ଼ିଆରେ କାହିଁକି ଛନ୍ଦର ନିତ୍ୟ ଅଙ୍ଗ ନୁହେ, ତାହା ସେ ବୁଝିପାରିନାହାନ୍ତି। ପରେ ଏ ବିଷୟରେ ଆଲୋଚନା ଦିଆଯିବ।

ନବ ଭାରତ-୧/୧୨, ଆଲୋଚନା

ଗଦ୍ୟ-କବିତା

ଗଦ୍ୟ ଓ ପଦ୍ୟ-

'ଗଦ୍ୟ-କବିତା' କଥାଟା କେତେଦୂର ପ୍ରୟୋଗସହ ତାହା ଏଠାରେ ବିଚାର୍ଯ୍ୟ ନୁହେଁ। ସଂସ୍କୃତ ଅଳଙ୍କାର ହିସାବରେ ଏହା ଅପ୍ରଯୁକ୍ତତା 'ଦୋଷ'ରେ ପଡ଼ି ଯାଇପାରେ। ତେବେ ନୂତନତାର ଚୋଦନା 'ଅପ୍ରଯୁକ୍ତ' କୁ 'ପ୍ରଯୁକ୍ତ' କରିଥାଏ। ସେଥିରେ ଅସଂଗତ

Digitized by PPRACHIN, SOA

କିଛି ନାହିଁ। ଗଦ୍ୟ ବୋଲଇଲେ, ମୁହଁର କଥା। ଏହାହିଁ ତାହାର ମୌଳିକ ଅର୍ଥ। ପ୍ରୟୋଗର ପ୍ରତିଷ୍ଠାରେ, ଏହାର ଅର୍ଥ ହେଉଚି, ପଦ୍ୟରୁ ଭିନ୍ନ। ସେଇ ପ୍ରୟୋଗର ପ୍ରତିଷ୍ଠାରେ ପୁଣି ପଦ୍ୟ ସଙ୍ଗେ କବିତାର ନିତ୍ୟ ସମ୍ବନ୍ଧ ପଡ଼ି ଆସିଚି। ହେଲେ ହଁ ପଦ୍ୟର ମୌଳିକ ଅର୍ଥ ହେଉଚି, ଯାହା ପଦରେ ଅର୍ଥାତ ପଦର ପ୍ରୟୋଗଚାତୁରୀରେ ନିବଦ୍ଧ। ଏଇ ହିସାବରେ, ମିତ୍ରାକ୍ଷରତା ପ୍ରଭୃତି ବହିରଙ୍ଗ ବା ଆଭରଣ ପଦ୍ୟର ସାରସତ୍ତ୍ୱ ନୁହେଁ।

କାହିଁକି ଏ ଲେଖା ?-

ଗତ ବର୍ଷ ଏକାଦଶ ସଂଖ୍ୟା ନବଭାରତରେ କିଚି ସଚ୍ଚିଦାନନ୍ଦ ରାଉତରାୟ 'ବନ୍ୟା' ବୋଲି ଗୋଟିଏ 'ଗଦ୍ୟ - କବିତା' ଲେଖିଥିଲେ। ତାଙ୍କର ଅଦରକାରୀ ବନ୍ଧୁ ସୁଲେଖକ ଶ୍ରୀମାନ୍ ଗୋପୀନାଥ ମହାନ୍ତି ସେଇ 'ଗଦ୍ୟ -କବିତା'ର ସମାଲୋଚନା ଏଇ ବର୍ଷର ପ୍ରଥମ ସଂଖ୍ୟାରେ ପ୍ରକାଶ କରିଚନ୍ତି। ସମାଲୋଚନାରେ ବ୍ୟକ୍ତିଗତ କ୍ଷୋଭ ମଧ୍ୟ ବିଶେଷ ରକମ ପ୍ରକାଶ ପାଇଚି। ତେଣୁ ଆଜି ଆମେ ଏହା ଲେଖୁଚୁ।

ଇଉରୋପରେ ଗଦ୍ୟ କବିତା-

'ଗଦ୍ୟ-କବିତା' ଇଉରୋପରେ ଏବେ ଆରଂଭ ହୋଇଚି। ଇଂଲଣ୍ଡରେ 'ବେକନ୍' (Bacon) ଏହାର ଆଲୋଚନା ମାତ୍ର ଆରଂଭ କରିଥିଲେ। ସେ କୌଣସି କୌଣସି ଉପନ୍ୟାସ (Novel) ବା ଉପନ୍ୟାସାଂଶକୁ 'ଗଦ୍ୟ-କବିତା' କୁହାଯାଇ ପାରେ ବୋଲି ମତ ମାତ୍ର ଦେଇଥିଲେ। ଯଥାର୍ଥ ଗଦ୍ୟ-କବିତା ସେ ଦେଶରେ ଲେଖାହେବା ଏବର କଥା।

ପଦବିନ୍ୟାସ-

ଏବେ ଶିଳ୍ପୀବର ରବୀନ୍ଦ୍ରନାଥ ଯେଉଁ 'କଥା ଛନ୍ଦ' ଆରଂଭ କରିଚନ୍ତି, ତାହା ଏକପ୍ରକାର ଗଦ୍ୟ କବିତା। ତାହାର ସ୍ୱର ଓ ବର୍ଣ୍ଣଛନ୍ଦ, କ୍ଷୀଣ-ପୁଷ୍କଳ, ଉଚ୍ଚାବଚ, ଋଜୁତର୍ଯକ୍ ପ୍ରକାଶ ସଂଗେ ଯେପରି ଗତି କରେ ତାହା ବୁଝାଇ କହିବାର ଉଦ୍ୟମରୁ ବହୁଦୂରରେ। ସେ ଅନୁଭବ୍ୟ, ବର୍ଣ୍ଣନୀୟ ନୁହେ। ଶୃଙ୍ଗାରଗର୍ଭକ ରସ ଚାତୁରିରେ ସଂସ୍କୃତ କବି କହିଚନ୍ତି-

"ତୟା ବନିତୟା କିଂବା
ତୟା କବିତୟା ଚ ତିଂ
ପଦ ବିନ୍ୟାସ ମାତ୍ରେଣ
ଯୟା ନାପହୃତଂ ମନଃ।"

ଅର୍ଥାତ୍, ପଦବିନ୍ୟାସ ମାତ୍ରକେ ଯେ ମନକୁ ହରଣ ନକରେ ସେ ବନିତା ବନିତା ନୁହେ, କି ସେ କବିତା କବିତା ନୁହେଁ।

Digitized by PPRACHIN, SOA

ଧ୍ୱନି-

ଏଠାରେ ଗଦ୍ୟ ପଦ୍ୟର ଭେଦରେ କବିତାର ରୂପ ଲେଖା ସୂଚିତ ହୋଇନାହିଁ। କଣ ସୂଚିତ ହୋଇଛି ତାହା ବିଷଦ କରି ବୁଝାଇବା ମଧ ସହଜ ନୁହେ। ମଧ୍ୟ ଯୁଗର ଆଳଂକାରିକମାନେ ଏଇକଥା ବୁଝାଇବାକୁ ବହୁ ପ୍ରଯତ୍ନ କରି କୃତକାର୍ଯ୍ୟ ହୋଇ ନାହାନ୍ତି। ସେମାନେ ଏଇ ସୂଚନା ବା ବ୍ୟଞ୍ଜନାକୁ କହନ୍ତି 'ଧ୍ୱନି'। ଏଇ ଧ୍ୱନିହିଁ କବିତାର ପ୍ରାଣ। କିଂତୁ ଏ ଧ୍ୱନିକୁ ବୁଝାଇବାର ଅନ୍ୟ କିଛି ଉପାୟ ନାହିଁ।

ରସାତ୍ମକ ବାକ୍ୟହିଁ କବିତା-

ଆଳଂକାରିକ ବିଶ୍ୱନାଥ କବିରାଜ ମହାପାତ୍ର ନିଜର ସାହିତ୍ୟ ଦର୍ପଣରେ କାବ୍ୟ (କବିତା) କଣ, ଏହା ବୁଝାଇବାକୁ ବହୁ ଚେଷ୍ଟା କରି, ଶେଷକୁ କହିଲେ "କାବ୍ୟଂ ରସାତ୍ମକଂ ବାକ୍ୟଂ", ଅର୍ଥାତ୍, ରସାତ୍ମକ ବାକ୍ୟ ହେଉଚି, କବିତା। ବାକ୍ୟରେ ଭାବ ପ୍ରକାଶ ପାଏ, ବ୍ୟଞ୍ଜନାରେ ରସସ୍ଫୁଟ ହୁଏ। ତେବେ ଏ ରସଟି ବା କଣ? ଅଳଂକାରକମାନେ କେତେ ଅନର୍ଥ କରି ତାକୁ ବୁଝାଇବାକୁ ଚେଷ୍ଟା କରିଚନ୍ତି। ମାତ୍ର ଉଦ୍‌ଭଟ କବି ସବୁ ପଢ଼ିସାରି ବୁଝାଇସାରି କହିଚନ୍ତି-

ଆରସିକେଷ୍ଣୁ ରସସ୍ୟ ନିବେଦନଂ
ଶିରସି ମାଲିଖ ମାଲିଖ ମାଲିଖ।"

ଅର୍ଥାତ୍, ଯେ ରସ ଅନୁଭବ ନ କରିବ, ରସ କଣ, ଏହା ତାକୁ ବୁଝାଇବା ମୋ ଭାଗ୍ୟରେ ନ ଘଟୁ। ହେ, ମହାପ୍ରଭୁ, ନ ଘଟୁ, ନ ଘଟୁ।

ଏ ଦେଶରେ ପ୍ରାଚୀନ କବିତା ଏକା ପଦ୍ୟ ନୁହେ-

ସେ ଯାହାହେଉ, ଏ ଦେଶର ପ୍ରାଚୀନ ସଂସ୍କୃତିରେ କବିତାରେ ଗଦ୍ୟ ପଦ୍ୟର ଭେଦ ନାହିଁ। 'ପଞ୍ଚତନ୍ତ୍ର' ମଧ କାବ୍ୟ। ବାଣଭଟ୍ଟ ଗଦ୍ୟକାବ୍ୟ ବୋଲି 'କାଦମ୍ବରୀ' ଲେଖିଥିଲେ। ପୁଣି ଗଦ୍ୟ ପଦ୍ୟ ମିଶା କାବ୍ୟର ନାମ ହେଉଚି, 'ଚଂପୂ'।

ସ୍ତୋତ୍ରାଦି-

ଖାଲି ସରଳ ଗଦ୍ୟରେ କିପରି କାବ୍ୟ (କବିତା) ହୁଏ, ତାହା ସଂସ୍କୃତର ଅନେକ ଧ୍ୟାନ ଓ ସ୍ତୋତ୍ରରେ ସ୍ୱଷ୍ଟ ଦେଖାଯାଇ ପାରେ। ଗାୟତ୍ରୀ ଧ୍ୟାନରେ ଅଛି-

(୪ ଅକ୍ଷର) ଧେୟଃ ସଦା (୭ ମାତ୍ରା)
(୧୦ ,,)ସବିତୁର୍ମଣ୍ଡଳ ମଧ୍ୟବର୍ତ୍ତୀ (୧୪ମାତ୍ରା)

Digitized by PPRACHIN, SOA

(୪ ,,)ନାରାୟଣଃ (୭ମାତ୍ରା)
(୧୦ ,,)ସରସିଜାସନ ସଂନିବିଷ୍ଟଃ (୧୩ମାତ୍ରା)
(୪ ,,) କେୟୂରବାନ୍ (୭ମାତ୍ରା)
(୭ ,,)ମକରକୁଣ୍ଡଳବାନ୍ (୯ମାତ୍ରା)
(୩+୨=୫ଅକ୍ଷର) କିରୀଟି ହାରୀ (୫+୪)=୯ ଯାତ୍ରା
(୬+୬=୧୨ ଅକ୍ଷର - ହିରଣ୍ମୟ ବପୁର୍ଧୃତ ଶଂଖଚକ୍ରଃ)
(୮+୮-୧୬ମାତ୍ରା)

ଏଠାରେ ପ୍ରଥମ ଚାରିଧାଡ଼ିରେ ବର୍ଗ ସଂଖ୍ୟାର ଯେଉଁ ଏକାନ୍ତର ସମତା ଅଛି, ପୁଣି ମଧ୍ୟେ ମଧ୍ୟେ ଯେଉଁ ମାତ୍ରାସାମ୍ୟ ବା ଦେଖାଯାଏ, କୌଣସିଟି ଏହାକୁ ଯଥାର୍ଥ ପଦ୍ୟ କରି ପାରିବ ନାହିଁ। ତଥାପି ବର୍ଣ୍ଣ ତଥା ମାତ୍ରା ବିନ୍ୟାସର ପରିପକ୍ୱତାରେ ଏହା ଏପରି ନିଖୁଣ ଯେ, ଧ୍ୟାନଟି ପଢ଼ିବାରେ ପ୍ରାଣ ଭାବରେ ମିଶି ଉପାସ୍ୟରେ ଏକାନ୍ତ ହୋଇଯାଏ। ଯେ ଗାୟତ୍ରୀ ସ୍ମରଣ କରନ୍ତି, ସେ ଏଇ ଧ୍ୟାନରେ ମନକୁ ଏକାଗ୍ର କରି ତାପରେ ଗାୟତ୍ରୀ ଜପ କରନ୍ତି। ଏତିକିରେ ଏହାର ବିନ୍ୟାସ ପରିପାଟୀର ଯୁକ୍ତତା ବୁଝାଯିବ। ବାକ୍ୟ ବା ପଦ ବିକାଶର ଧ୍ୱନି ଅଥବା ଭାବର ବ୍ୟଞ୍ଜନାରେ ପ୍ରାଣରେ ଅଭିପ୍ରେତ ବା ଅନୁଭୂତ ସ୍ପନ୍ଦନ ଉଠାଇବାର କବିତାର ଲକ୍ଷ୍ୟ। ଉପରେ ଯେଉଁ ଗଦ୍ୟ କବିତାଟି ଦିଆଗଲା, ତାହା ହୁଏତ ସଂସ୍କୃତରେ ଯାହାକୁ ପଦ୍ୟ କହନ୍ତି, ସେଥିରେ ଏଇପରି ଲେଖାଯାଇ ପାରନ୍ତା-

ଧ୍ୟେୟଃ ସଦା ଭାସ୍ୱର ମଣ୍ଡଳସ୍ଥଃ
ନାରାୟଣୋ କଂକଣ ହାରଧାରୀ
ପଦ୍ମାସନୋ କୁଣ୍ଡଳ-ଶଂଖ-ଚକ୍ର
କିରୀଟ-ଧାରୀ ଚ ହରିଣ୍ୟ-ବର୍ଣ୍ଣଃ।

ଏ ପଦ୍ୟ ହେଲା, କିଂତୁ ତାପରି କବିତା ହେଲା ନାହିଁ। ପୁଣି 'ସବିତା' ଠାରେ 'ଭାସ୍କର' ପଦ ଓ 'ହିରଣ୍ମୟ ବପୁ' ଠାରେ 'ହିରଣ୍ୟ ବର୍ଣ୍ଣ'ର ପ୍ରୟୋଗରେ ମଧ୍ୟ ଭାବର ସ୍ପନ୍ଦନ ହ୍ରସ୍ୱ। କାରଣ, ବେଦର ପ୍ରୟୋଗ ସଂଗେ ଭାବର ଯେ ସଂପର୍କ ପରଂପରାରେ ଗଢ଼ି ଆସିଥିଲା, ତା ଏଠାରେ ନାହିଁ। 'କେୟୂର' ଠାରେ 'କଂକଣ' ମଧ୍ୟ ସ୍ୱରର ଟିକିଏ ବିସଦୃଶତା ଓ ଲଘୁ ବୈଷମ୍ୟରେ 'ଧ୍ୱନି'ର ନ୍ୟୂନତା ପ୍ରକାଶ କରୁଚି। 'ସରସିଜାସନ' ଠାରୁ 'ପଦ୍ମାସନ'ର ପ୍ରୟୋଗ ଚାରୁତର ହେଲେ ହେଁ, ଏଠାରେ ଗଦ୍ୟ-କବିତାରେ ଦୁଇଟି ଗୁରୁବର୍ଣ୍ଣ ଅସ୍ଥାନରେ ଏକତ୍ର କରି ଉଚ୍ଚରଣ କର୍କଶ କରି ଦିଅନ୍ତା। ଏସବୁ କହି ମଧ୍ୟ ଏସବୁ ବୁଝାଇ କହି ହେବ ନାହିଁ, ଏହା ମଧ୍ୟ ବୁଝିବାର ଅଛି।

Digitized by PPRACHIN, SOA

ଏତିକି ମାତ୍ର କୁହାଯାଇ ପାରେ, ଅତି ଅର୍ବାଚୀନ ସ୍ତୋତ୍ରରେ ମଧ୍ୟ କବିମାନେ ଏଇ ଗଦ୍ୟ-କବିତାର ଆଶ୍ରୟ ନେଇଚନ୍ତି। ଯଥା-

ଧ୍ୟାୟେ
ସୁବର୍ଣ୍ଣ ବର୍ଣ୍ଣାଭାଂ
ତ୍ରିନେତ୍ରାଂ
ଚାରୁହାଁସିନୀଂ
ସର୍ବଲକ୍ଷଣ ସଂପୂର୍ଣ୍ଣାଂ।
ଅର୍ଦ୍ଧେନ୍ଦୁ କୃତ ଶେଖରାଂ
ଚତୁର୍ଭୁଜାଂ
ଶଂଖ ଚକ୍ର ଧରାଂ
ବାଳାଂ
ସୁରୂପିଣୀଂ
ଉଦ୍ୟତ୍ ତ୍ରିଶୂଳ ନିର୍ଭିନ୍ନ ମହିଷାଂ
ସିଂହ ବାହିନୀଂ
ମୁକ୍ତା ଦାମ ଲସତ୍ କଣ୍ଠାଂ
ମୁନିଭିଃ ସ୍ତୁତି ପାଠକୈଃ
ସର୍ବ୍ବୈ ର୍ଦେବଗଣୈ ର୍ଜୁଷ୍ଟାଂ
କୁମାରୀଭିଶ୍ଚ ସେବିତାଂ
ସର୍ବ୍‌କାମ ପ୍ରଦାଂ
ଦୁର୍ଗାଂ
ବରଦାଂ
ଭକ୍ତ-ବତ୍ସଳାଂ।

ବେଦରେ-

କେବଳ ସ୍ତୋତ୍ର ବା ଧ୍ୟାନରେ ନୁହେ, କିଂବା କେବଳ ଭାଷା-ସଂସ୍କୃତରେ ନୁହେ, ବୈଦିକ ସାହିତ୍ୟରେ ମଧ୍ୟ ଋଷି ବିଶ୍ୱନିୟନ୍ତାଙ୍କ ବର୍ଣ୍ଣନ କରି କହିଚନ୍ତି-

ସ ପର୍ଯଗାତ୍
ଶୁକ୍ର ମକାୟ ମବ୍ରଣଂ

Digitized by PPRACHIN, SOA

ଅସ୍ନାବିରଂ
ଶୁଦ୍ଧମପାପ ବିଦ୍ଧଂ
କବି ର୍ମନୀଷୀ
ପରିଭୂଃ ସ୍ୱୟଂଭୂଃ
ଯଥା ତଥ୍ୟତୋଽର୍ଥାନ୍
ବ୍ୟଦଧାତ୍
ଶାଶ୍ୱତୀଭ୍ୟଃ
ସମାଭଃ୍ୟ ।

ପୁଣି-

ହଂସଃ ଶୁଚିସଦ୍
ବସୁ ରନ୍ତରୀକ୍ଷସଦ୍
ହୋତା ବେଦିସଦ୍
ଅତିଥି ର୍ଦୁରୋଣସଦ୍
ନୃସଦ୍
ବରସଦ୍
ଋତସଦ୍
ବ୍ୟୋମସଦ୍
ଅବ୍ଜା
ଗୋଜା
ଋତଜା
ଆଦ୍ରିଜା
ଋତଂ
ବୃହତ୍ ।

ଅମିତ୍ରାକ୍ଷର ଛନ୍ଦ-

ମନେ ରଖିବାର ଅଛି ସଂସ୍କୃତିର ଛନ୍ଦ-ପଦ୍ୟରେ ମିତ୍ରାକ୍ଷର ନାହିଁ । ଯାତି-ପଦ୍ୟରେ ବହୁପରେ ତାହା ପ୍ରବେଶ କଲା । ଆର୍ଯା ପରି ଯାତି ପଦ୍ୟରେ ତାହା ଜମା ନଥିଲା । ଶଂକରାଚାର୍ଯଙ୍କ ମୋହ ମୁଦ୍‌ଗରରେ ତାହା ପ୍ରଥମେ ଦେଖାଗଲା । ତେଣୁ ଯେବେ କୌଣସି ପ୍ରକାର ମିତ୍ରାକ୍ଷରକୁ ପଦ୍ୟ-କବିତା ବୋଲି ଧରାଯାଏ ତେବେ ବେଦ ଓ ପରବର୍ତ୍ତୀ ସଂସ୍କୃତରେ ତା' ନାହିଁ । ଇଉରୋପର ଦାନ୍ତେ ମିଲ୍‌ଟନଙ୍କ ଅନୁକରଣରେ ବଂଗର ମାଇକେଲ ମଧୁସୁଦନ

Digitized by PPRACHIN, SOA

ଓ ତାଙ୍କଠାରୁ ଆଣି ରାଧାନାଥ ଓଡିଶାରେ ତାହା ଭର୍ତି କରିଚନ୍ତି। ତାହା ମଧ୍ୟ ଏକ ପ୍ରକାର ଗଦ୍ୟ କବିତା। ହେଲେହେଁ ସେଥିରେ ଏକ ଛନ୍ଦର ନିୟମ ସ୍ପଷ୍ଟ ଅଛି। ସେ ନିୟମ ନଜାଣି, ଧରି ନପାରି ଅନେକେ ଗଦ୍ୟକୁ ଚଉଦ, ଚଉଦ ଅକ୍ଷରରେ ଗଣି ଥୋଇ ଦେଇ ଅମିତ୍ରାକ୍ଷର କବିତା ଲେଖି ଯିବାର ଦେଖାଯାଏ। ଅନେକ ମଧ୍ୟ କହିବାର ଶୁଣା ଅଛି, ଚତୁର୍ଦଶାକ୍ଷରୀ ଗଦ୍ୟ-କବିତା ଲେଖିବା ମିତ୍ରାକ୍ଷର ବା ପଦ୍ୟ-କବିତା ଲେଖିବାଠାରୁ ସହଜ।

ମାତ୍ର ଗଦ୍ୟ ହେଉ, ପଦ୍ୟ ହେଉ, ଅମିତ୍ରାକ୍ଷର ହେଉ, ମିତ୍ରାକ୍ଷର ହେଉ, କବିତା ହେଉଚି ରସାତ୍ମକ ବାକ୍ୟ। ଅନୁଭବର ଭାବ ସ୍ପନ୍ଦନରେ ଧ୍ୱନିର ଉଦ୍ରେକ କରାଇବାହିଁ ଏଇ କବିତାର ପ୍ରାଣ। ଏଇ ରସ ବ୍ୟଞ୍ଜକ ଧ୍ୱନି ସଂଗେ ସ୍ୱର ଓ ବର୍ଣଗତ ଧ୍ୱନିର ମଧ୍ୟ ସଂବଧ ଅଛି, ଏହା ମନେ ରଖିବାକୁ ହେବ।

ସଂଗୀତ ଓ କବିତା-

ସ୍ୱର ଶିଳ୍ପକୁ ସିଂଗୀତ କହନ୍ତି। କବିତା, ଭାଷାଶିଳ୍ପ। ଭାଷାରେ ସ୍ୱରରେ ଭାବ ପ୍ରକାଶ ପାଏ। ତେଣୁ ଭାଷା ଶିଳ୍ପ ବା କବିତାରେ କୌଣସି ସ୍ୱର ସଂପର୍କରେ ଭାବର ବ୍ୟଞ୍ଜନା ବ୍ୟକ୍ତ କରାଯାଏ। ସାଧାରଣ କଥାବାର୍ତାରେ ମଧ୍ୟ କେବଳ ସ୍ୱର ହେତୁ ଭାବ ବଦଳି ଯାଏ। ଗଦ୍ୟ ବା କଥା କହି ଯିବାର ଭାଷାରେ କବିତା ଫୁଟାଇ ବସିଲେ, ସ୍ୱରର ଏ ବିଭାବଟି ଭୁଲିଗଲେ ଚଳିବ ନାହିଁ। ଦେଖ, 'ଭଲ କଥାଏ କହିଲା', ଭେଲା- କଥେ କହିଲା (ଭେଲା-ରେ ଆକାରଟି ଲଂବାଇ ଉଚ୍ଚାରଣ କରିବାକୁ ହେବ।) ଏ ଦୁଇଟି ଏକା କଥା ହେଲେ ମଧ୍ୟ, ଦୁଇଟିର ବ୍ୟଞ୍ଜନା ବା ଧ୍ୱନି ଖାଲି ପୃଥକ୍ ନୁହେଁ, ବରଂ ବିପରୀତ। ସେଇପରି 'ରଂଗ ଦେଖାଉଚି', ପୁଣି ରଂ-ଗ ଦେଖାଉଚି; ଏ ଦୁଇଟିର ମଧ୍ୟ ସୂଚନା ତଥା ଅର୍ଥ ପୃଥକ୍। ପୂର୍ଣ୍ଣ ନିରାଳଂବ ଗଦ୍ୟ କବିତାରେ ଏଇପରି ପ୍ରକାଶ ପାଉଥିବା ସ୍ୱର ସଂକେତକୁ ଶିଳ୍ପରେ ପ୍ରକାଶ କରିବାକୁ ହେବ। ତା ନାହେଲେ ଗଦ୍ୟରେ କବିତା ଫୁଟିବ ନାହିଁ। ମନେ ରଖିବାର ଅଛି, କବିତା ଗୋଟିଏ ଚାରୁକଳା ବା କୋମଳ ଶିଳ୍ପ। ଗଦ୍ୟ ବା କଥା କହିବାରେ ଏଇ ଶିଳ୍ପ ଯେତେ ଫୁଟିବ ସେ ସେତେ କାବ୍ୟତ୍ୱ ପାଇବ। ଉପନ୍ୟାସ ବିଶେଷରେ ନାଟକରେ ପରିସ୍ଥିତି ପ୍ରକଟିତ ଥିବାରୁ ଗଦ୍ୟ ବା କଥା ସହଜରେ କବିତା ହୋଇ ଯାଏ। ଖାଲି ଗଦ୍ୟରେ ତାହା କରିବା କଷ୍ଟକର; ଅବଶ୍ୟ ଅସଂଭବ ବା ଅସାଧ୍ୟ ନୁହେ।

ସ୍ୱର ଓ ଭାବର ସଂବଂଧ-

ପୁଣି ଆଉ ଗୋଟିଏ କଥା। ସ୍ୱର ସଂଗେ ବା ପଦ ବିନ୍ୟାସ ସଙ୍ଗେ ଭାବର ପ୍ରୟୋଗତଃ ପାରଂପରିକ ସଂବଂଧ ବି ଥାଏ। ସେ ସଂବଂଧରେ କଥା ପ୍ରକାଶ କଲେ ଭାଷା ଶିଳ୍ପରେ ତା କାର୍ଯ୍ୟରେ ସହଜରେ ଲାଗି ଯାଏ। ତେଣୁ ଏବେ ମଧ୍ୟ ମିତ୍ରାକ୍ଷର ପ୍ରଭୃତି

Digitized by PPRACHIN, SOA

ଛାଡ଼ି ଓଡ଼ିଆରେ କବିତା ଲେଖିଲେ ବା ଗଦ୍ୟ କବିତା ଲେଖିଲେ ସଂସ୍କୃତର ସାହାଯ୍ୟରେ ପ୍ରୟୋଗ ଶୈଳୀରେ ଭାବ ଉଠାଇବା ସହଜ ହୁଏ କିଂବା ବେଳେ ବେଳେ ଆମେ ବଂଗଳା ପୁଣି ଇଂରେଜିରୁ ମଧ୍ୟ ମାଲ ଟାଣି ଆଣି ଓଡ଼ିଆ କରିବାକୁ ବସୁ। ହୁଏତ ତା' ଓଡ଼ିଆ ଲୋକଂକ ଭିତରେ ଭାବ ଉଠାଏ ନାହିଁ ମାତ୍ର ଆମେ ଲେଖି ଆମେ ପଢ଼ି ସୁଖୀ ହେଉଁ। କାରଣ ଆମରି ଠାରେ ସେ ଭାଷାରେ ସେ ଭାବ ସ୍ଫୁଟ। ତେଣୁ ଓଡ଼ିଆର ସାଧାରଣ ଭାଷାରେ ଭାବର ଅନନ୍ତ ବ୍ୟଜଂନା ପ୍ରୟୋଗରେ ପରିବଦ୍ଧ ନହେବା ଯାଏ, ଭାଷା ଶିଳ୍ପରେ ଘୋର ନୂତନତା କିପରି କଷ୍ଟକର ତା ମଧ୍ୟ ବୁଝିବାର ଅଛି।

ଭାଷାର ସ୍ୱର ପ୍ରକାର-

ଶେଷ କଥା ଭାଷାର ସ୍ୱର ପ୍ରକାର। ଆମେ ଇଂରେଜ ବଂଗଳା ପଢୁଆ ଲୋକେ ଏ କଥାଟି ବରାବର ଭୁଲି ଯାଉ। ବଂଗଳା ପୁଣି ଇଂରେଜିରେ ଶବ୍ଦରୁ ଉଚ୍ଚାରଣରେ ସ୍ୱରର ହ୍ରସ୍ୱ ଦୀର୍ଘତା ସ୍ପଷ୍ଟ। ସେ ହ୍ରସ୍ୱ ଦୀର୍ଘ ପୁଣି ସଂସ୍କୃତର ହ୍ରସ୍ୱ ଦୀର୍ଘସ୍ୱର ପରି ଉଚ୍ଚାରଣର କାଳ ପରିମାଣରେ କେବଳ ମପା ହୁଏ ନାହିଁ। ଏହା ବ୍ୟଞ୍ଜନବର୍ଣ୍ଣକୁ ସଂଗେ ଧରି ସ୍ୱରର ଦୃଢ଼ତାରେ ପ୍ରକାଶ ପାଏ। ଏହା ବରଂ ସଂସ୍କୃତର ହସନ୍ତ ପୂର୍ବରେ ଥିବା ସ୍ୱରର ଦୀର୍ଘତା ପରି। ପୁଣି ବଂଗଳା ପ୍ରଭୃତିରେ ଶେଷ ସ୍ୱରରେ ଜୋର ପଡ଼ିବା ଏକ ପ୍ରକାର ନିପାତନ। ମାତ୍ର ଓଡ଼ିଆରେ ତାହାହିଁ ବିଧି। ସେତିକି ନୁହେ ପୂର୍ଣ୍ଣ ଦ୍ରାବିଡ଼ ପ୍ରାକୃତିକ ଓଡ଼ିଆରେ ଉଚ୍ଚାରଣରେ ସ୍ୱରର ଇତର ବିଶେଷ ନାହିଁ କହିଲେ ଚଳେ। ବଂଗଳାରେ 'ଦେଶ୍'। ଏଠାରେ 'ଦେ' ର ଏକାରଟି କେବଳ ଦୀର୍ଘ ନୁହେ, ଜୋରରେ ବି ଉଚ୍ଚାରିତ ହୁଏ। କିନ୍ତୁ ଓଡ଼ିଆରେ 'ଦେଶ'। ଏହା ଉଚ୍ଚାରଣରେ ଦୁଇଟି ହ୍ରସ୍ୱ ସ୍ୱର। ଦୁଇଟି ବର୍ଣ୍ଣର ଉଚ୍ଚାରଣ ପରିମାଣ ସମାନ। ତେଣୁ ଓଡ଼ିଆ ତେଲୁଗୁ ତାମିଲ୍ ପ୍ରଭୃତି ଭାଷା କବିତା ଠାରୁ ସଂଗୀତ ପାଇଁ ବିଶେଷ ଉପଯୋଗୀ। ପୁଣି ବଂଗଳା ପ୍ରଭୃତିସଂଗୀତ ଠାରୁ କବିତା ପାଇଁ ବିଶେଷ ଉପଯୋଗୀ। ଓଡ଼ିଆରେ ସଂଗୀତ ସାହାଯ୍ୟରେ କବିତା ଫୁଟାଇବା ବେଶି ସହଜ ଓ ସୁଗମ। ପରଂପରାରେ ତାହାହିଁ ହୋଇଅଛି। ଓଡିଆ 'ଛାନ୍ଦ' ତାହାର ପ୍ରମାଣ। ବଙ୍ଗଳା ପ୍ରଭୃତିରେ ଏହା ହୋଇନାହିଁ। 'ତ୍ରିପଦୀ' ଓ 'ପୟାର'ରେ ବଂଗଳାର 'ଛାନ୍ଦ' ଶେଷ। ଇଂରେଜିରେ ମଧ୍ୟ ସେଇପରି। ଏବେ ଛଟପଟ ହୋଇ ଓଡ଼ିଆରେ ହଳନ୍ତ ଶେଷ ପଦମାନ ବସାଇ ଦେବାର ଉଦ୍ୟମ ହେଉଚି। ମାତ୍ର କାଳର ଗତିରେ ତାକୁ ସ୍ୱାଭାବିକ ଧାରାରେ ଛାଡ଼ି ଦେବା ଉଚିତ। ପୁଣି ନିଜେ ଲେଖିଲାବେଳେ ଲେଖାକୁ ଭାଷାର ପ୍ରକୃତିରେ ନଚଳାଇବା ଭାଷା ଜ୍ଞାନରେ ଅଭାବ ପ୍ରକାଶ କରେ। ଅନ୍ୟ ଭାଷରୁ ଗ୍ରହଣ କରିବାରେ

Digitized by PPRACHIN, SOA

ମନା ନାହିଁ। ମାତ୍ର ଗ୍ରହଣ କରି ଜୀର୍ଣ୍ଣ କରିବା ଉଚିତ। ନିଜ ଭାଷାର ଏଇ ପ୍ରକୃତି ବୁଝି ଶଂକରାଚାର୍ଯ୍ୟ ଦିନେ ସଂସ୍କୃତରେ ମୋହମୁଦ୍‌ଗର ଲେଖି ଥିଲେ- ଛନ୍ଦରେ ନୁହେ, ଯାତିରେ। ଜୟଦେବ ମଧ୍ୟ ତାହାଇ କରିଥିଲେ। ସେମାନେ ଯଥାର୍ଥ ଦ୍ରାବିଡ଼୍ ବର୍ଣ୍ଣ ଓ ସ୍ୱର ନିୟମରେ ସଂସ୍କୃତ କବିତା ଲେଖିଚନ୍ତି। ମୋହ- ମୁଦ୍‌ଗର ବା ଗୀତଗୋବିନ୍ଦରେ ସଂସ୍କୃତ ଛନ୍ଦ ନିୟମର ଦୀର୍ଘ ହ୍ରସ୍ୱ ସ୍ୱରର ବନ୍ଧା ଗତ ନାହିଁ। 'ଧୀର ସମୀରେ' ଏଇ ପାଞ୍ଚଟି ବର୍ଣ୍ଣର ପରିମାଣ ଯେତିକି, 'ପୀନ ପୟୋଧର' ଏଇ ଛଅଟି ଅକ୍ଷରର ମଧ୍ୟ ସେତିକି। ଏ ସବୁ ବଂଗଳା, ହିନ୍ଦି ପ୍ରଭୃତିର ପ୍ରକୃତି ନୁହେ; ଓଡ଼ିଆ ତେଲେଗୁର ଅନୁକୂଳ। ଓଡ଼ିଆ ଛନ୍ଦ ଓ କବିତାରେ ଏଇ ପ୍ରକୃତି ସ୍ପଷ୍ଟ।

ଏଥିରେ ଗଦ୍ୟ କବିତାରେ ଭାବର ବ୍ୟଞ୍ଜନା ଫୁଟାଇବା- ଅର୍ଥାତ୍, ସଂଗୀତର ସଂପର୍କ ବିନା ଓଡ଼ିଆରେ କବିତା ଲେଖିବା କାଠିକର ପାଠ। ବଂଗଳାଦିରେ ଭାଷାର ଉଚ୍ଚାରଣରେ ସ୍ୱରର ଉଚ୍ଚାବଚତା ଲାଗି ରହିଚି। ଓଡ଼ିଆରେ ତା କଥାର ଭଂଗୀରେ ଏହା ବକ୍ତା ତୁଣ୍ଡରେ ରହିଚି। ଏସବୁ ବିଚାର କରି ଓଡ଼ିଆ କବିତା ବୁଝିବାର ଅଛି- ସେ ଗଦ୍ୟ ହେଉ, ବା ପଦ୍ୟ ହେଉ।

ନବ ଭାରତ-୪/୨, ଆଲୋଚନା

କବିତାର ରୂପ ରସ

ରୂପ ଅର୍ଥାତ୍ ସ୍ୱରର ନିୟତ ଗତି Rhythm ହେଉଚି କବିତାର ଶରୀର ଓ ରସ ବା ଅନୁଭୂତିର ସଂକେତ ହେଉଚି କବିତାର ପ୍ରାଣ। ସ୍ୱରର ନିୟତ ଗତି ପ୍ରକାଶ ପାଏ ବ୍ୟବହୃତ ପଦରେ; ଓ ରସ ପ୍ରକାଶ ପାଏ ଅର୍ଥରେ । ମଧ୍ୟ ଯୁଗର ଓଡ଼ିଆ କବିତା ଶରୀର ଶୋଭାରେ ପୂର୍ଣ୍ଣ ଓ ପୁଷ୍କଳ । ସେ ଯୁଗର ଓଡ଼ିଆଣୀଙ୍କ ଅଳଙ୍କାର ଶୋଭାକୁ ଏହା ବଳିଚି । ତେଣୁ ରସ ଏଥିରେ ସର୍ବଦା ଅର୍ଥର ସଂକେତ ମାତ୍ର ନୁହେଁ; ଏହା ଅର୍ଥର ପୂର୍ଣ୍ଣ ପ୍ରକାଶ । ଏବେ କିନ୍ତୁ ରୂପ ସରଳ ସୁନ୍ଦର ହୋଇଯାଉଚି, ଓ ସଂକେତରେ ରସ ପ୍ରକାଶ ପାଇବାର କଥା । ତାହା ହୋଇ ଆସୁଚି । ସମାଜର ରୁଚି ସମସ୍ତ କ୍ଷେତ୍ରରେ ମଧ୍ୟ ଏଇ ବିକାଶ ଲୋଡୁଚି । ଘର, ଦୁଆର, ଖଟ, ପିଢ଼ା, ବାସନ ପ୍ରଭୃତି ସର୍ବତ୍ର ଏହା ଲକ୍ଷ୍ୟ କରାଯାଇପାରେ । ନାରୀ ପୁରୁଷର ଶରୀର ଶୋଭା ସଂପାଦନ ଓ ଭାବ ପ୍ରକାଶରେ ଏହା ମଧ୍ୟ ଦେଖାଯାଏ । କବିତାରେ ସେଇପରି ।

ପଦ ବିନ୍ୟାସ କବିତାର ଶରୀର । ଏଥିରେ ହିଁ ରୂପ ଦେବାର କଥା । ଓଡ଼ିଆ ସ୍ୱରର ଉଚ୍ଚାରଣ ଦ୍ରାବିଡ଼ ରୀତିରେ । ସେଥିରେ ହ୍ରସ୍ୱ ଦୀର୍ଘ, ଗୁରୁ ଲଘୁ ନାହିଁ । ସଂଗୀତ

Digitized by PPRACHIN, SOA

ଗତିରେ ହିଁ ଏହା ଗାୟକର ରୁଚି ଧରି ପ୍ରକାଶ ପାଏ । ଏବେ କିଂତୁ ଇଂରେଜି -- ବିଶେଷରେ ବଂଗଳାର ସ୍ୱର-ପ୍ରକାଶରେ ତାର ସୌଷ୍ଟବ ଦେଖି ଓଡ଼ିଆକୁ ସେଥିରେ ପ୍ରକାଶ କରିବାର ଉଦ୍ୟମ ନବୀନମାନଙ୍କ ମଧ୍ୟରେ ଦେଖାଯାଉଚି । କିଂତୁ ତାର ସୌଷ୍ଟବରେ ଯଥାର୍ଥ ନିୟମିତତାଟି ଆହରଣରେ ପ୍ରକାଶ କରିବା ଦରକାର । ଅତି ଅଳ୍ପ ସଂଖ୍ୟକ ଲେଖକଙ୍କ ଛଡ଼ା, ତାହା ଆଉ କେହି ଠିକ୍ କରି କହୁ ନାହାନ୍ତି । ତେଣୁ ଅନୁକରଣଟି ଆପଣାର ଜିନିଷ ହେବା ଆଡ଼କୁ ଯାଉନାହିଁ ।

ଏଇ ଗୁରୁ ଲଘୁ ଓ ହ୍ରସ୍ୱ ଦୀର୍ଘ ନିୟମ ସଂସ୍କୃତରେ ସ୍ପଷ୍ଟ । ସେଥିରେ ସ୍ୱରମାନଙ୍କର ହ୍ରସ୍ୱ ଦୀର୍ଘ ଅଛି । ପୁଣି ଯୁକ୍ତବର୍ଣ୍ଣର ପୂର୍ବ ବା ହଳନ୍ତଯୁକ୍ତ ଅଥବା ଅନୁସ୍ୱାର ବିସର୍ଗଯୁକ୍ତ ସ୍ୱର ଗୁରୁ ଉଚ୍ଚାରଣ ପାଏ । ସଂସ୍କୃତର ଉଚ୍ଚାରଣ ଠିକ୍ ସେଇ ନିୟମରେ ହୁଏ । ସେଇ ନିୟମରେ ସଂସ୍କୃତ ସ୍ୱର ବଂଧା । ଗୁରୁ ଓ ଦୀର୍ଘ ଦୁହିଁକୁ ମଧ ସଂସ୍କୃତରେ ଗୁରୁ କୁହାଯାଏ । ହିନ୍ଦିରେ ଏବେ ଏହା ଅଛି ।

ବଂଗଳାରେ କିଂତୁ ଉଚ୍ଚାରଣରେ ସ୍ୱରର ପ୍ରକୃତି ତା ନୁହେଁ । ଏଥିରେ ଅନୁସ୍ୱାର ବିସର୍ଗ ଓ ହଳନ୍ତ ବର୍ଣ୍ଣଯୁକ୍ତ ସ୍ୱର ସର୍ବଦା ଗୁରୁ । ସ୍ୱର ମଧ୍ୟରେ ଐ (ଅଇ) ଓ ଔ (ଅଉ) ଦୀର୍ଘ ବା ଗୁରୁ । ସେଇ ରୀତିରେ ବଙ୍ଗଳାରେ ଏବେ ଅନେକେ ଲେଖନ୍ତି । ଅଷ୍ଟାଦଶ ଶତାବ୍ଦୀର ବଙ୍ଗ କବି ଭାରତ ଚନ୍ଦ୍ର ମଧ ଏଇ ଶୈଳୀରେ ଲେଖିବା ଆରଂଭ କରିଥିଲେ। ଓଡ଼ିଆରେ କିଂତୁ ଏହାର ଆମଦାନୀ କରିବାକୁ ଯାଇ ଅନେକେ ବଡ଼ ଭୁଲ୍ କରୁଚନ୍ତି। ତେଣୁ ଲେଖକ ନିଜେ ନିଜର କବିତା ପଢ଼ି ନ ଶୁଣାଇଲେ ସ୍ୱର ନିୟମ ଧରିବାର ଉପାୟ ରହୁ ନାହିଁ ।

ଏଇ ଆଧୁନିକ "ଗୌଡ଼ୀରୀତି" ବା "ବଂଗରୀତି"ର ସାଧୁ ଆହରଣର ଉଦାହରଣ ସ୍ୱରୂପ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ କବିତାରୁ ଚାରିଧାଡ଼ି ତଳେ ଦିଆଗଲା :-

"ମଣିଷ' 'ମଣିଷ' ଶୁଭିଲା ଦୂରରୁ ଡାକ
ଦୁନିଆର ଯେତେ ଦଳିତ ପୀଡ଼ିତ ଯାକ
ସ୍ପ-ନ୍ଦନ ସେହି ପୁଲକ ପରାସ ରେଖା
ବ-ନ୍ଧୁର ପଥେ ବ-ନ୍ଧୁ ସେ ମୋର ଏକା ।"

ଏଥିରେ ସ୍ୱରର ଦ୍ୱିମାତ୍ରା ବା ଗୁରୁତା ଦେଖାଇବା ପାଇଁ ଅକ୍ଷର ପରେ ଗାର ଦିଆ ହୋଇଚି । ଏହା ନିର୍ଦ୍ଦୋଷ 'ବଂଗରୀତି'ରେ ଲେଖା ।

ଏଇ ଆହରଣରେ ଭ୍ରାନ୍ତି ଦେଖାଇବା ପାଇଁ ଉପେନ୍ଦ୍ର ତ୍ରିପାଠୀଙ୍କ କବିତାରୁ ଦୁଇଧାଡ଼ି ତଳେ ଦିଆଗଲା ।

Digitized by PPRACHIN, SOA

"ମିଳନ ସଞ୍ଜ   କାହିଁକି ଆଜି
ନୟନ କଞ୍ଜ ତଳେ -
କଜଳ ମିଶା   ଅ-ଶ୍ରୁ କଣା
ଅଧୀର ହୋଇ ଦୋଳେ ।"

ଏଥିରେ 'ଅଶ୍ରୁ' ର 'ଅ' ଦ୍ୱିମାତ୍ରକ ବା ଗୁରୁ ହୋଇଚି । ମାତ୍ର 'ସଞ୍ଜ' ଓ 'କଞ୍ଜ'ର ଆଦ୍ୟ 'ଅ' ଗୁରୁ ହେଲେ ଚଳିବ ନାହିଁ । ଏଥିରେ ଲୋକେ କବିତାଟି ପଢ଼ିବେ କିପରି ? ଏଥିରେ ପୁଣି ଭାଷାର ଲେଖା ସାର୍ବଜନୀନ ହେବ ବା କିପରି ? କବିତା ଗୋଟିଏ ଭାଷାର ଶିଳ୍ପ । ନିୟତ ଅନୁପାତ କଳନା ପୁଣି ଶିଳ୍ପର ଅପରିହାର୍ଯ୍ୟ ବହିରଙ୍ଗ ।

ଶବ୍ଦ ମୂଳରେ ଯୁକ୍ତାକ୍ଷର ଥିଲେ ତାହା ଏକମାତ୍ରକ ହେବ । ଓଡ଼ିଆରେ ଶବ୍ଦ ସବୁ ସଂସ୍କୃତରେ ହେଲା ପରି କରାଯାଏ ନାହିଁ । 'ଦେଶପ୍ରୀତି', ଏଠାରେ 'ପ୍ରୀ' ଯୋଗେ 'ଶ'ର 'ଅ' ସ୍ୱର ଗୁରୁ ବା ଦୀର୍ଘ ହେବ ନାହିଁ। ସେଇପରି 'ମଧୁବ୍ରତ' ଶବ୍ଦରେ ମଧ 'ଧୁ'ର 'ଉ' ସ୍ୱର ଓଡ଼ିଆରେ ଦୀର୍ଘ ନ ହେଲେ, ହୁଏ। ଏତିକି ମାତ୍ର ଏ କ୍ଷେତ୍ରରେ ନିୟମର ନିପାତନ ପରି ।

ଓଡ଼ିଆ ଛନ୍ଦରେ ପୁଣି ସ୍ୱରମାତ୍ର ନିୟମଗତ ମୂଳ ପାଦ ଦୁଇଟି । ପୂର୍ଣ୍ଣ ଦ୍ରାବିଡ଼ ରୀତିରେ ସର୍ବତ୍ର ସମମାତ୍ରକ ସ୍ୱର ଥିବାରୁ ପୂର୍ବେ ଏହା ଜଣା ପଡୁ ନଥିଲା । ତେଣୁ ଯତିଭଙ୍ଗ ଧରାପଡୁ ନଥିଲା । ଛନ୍ଦପଟୁ ଉପେନ୍ଦ୍ର ଭଞ୍ଜ ମଧ ଲେଖୁଥିଲେ -

"ପୀରତି ହୋଇ କ-   ଥାଏ ଉପୁଜଇ
ପରମ ରମ୍ୟଟି ସୁଖ
ପବି ପତନ କି-   ପାଁ ଶିରେ ନ କରେ
ଜାଣିଲି ଅତି ପି-ଶୁନ"

[ଲାବଣ୍ୟବତୀ]

ମାତ୍ର ଏବେ କ୍ରମେ ସ୍ୱରର ମାତ୍ରା ସ୍ପଷ୍ଟ ହେଉଚି । ସେଥିରେ କବିତାର ଉକ୍ତ ରୂପ ଠିକ୍ ହେବ ନାହିଁ । ଓଡ଼ିଆ ଛାନ୍ଦର ମୂଳ ସ୍ୱର ସଂହତି ବା ପାଦରେ 'ଦ୍ୱିମାତ୍ରକ' ଓ 'ତ୍ରିମାତ୍ରକ' ଥାଏ । ସବୁ ଓଡ଼ିଆ ଛାନ୍ଦରେ ପ୍ରାୟ ଏକ ଦୁଇ ପାଦର ମିଶ୍ରଣ ହୁଏ । ଏଥିରେ ପୁଣି 'ଏକମାତ୍ରକ' ଓ 'ଚାରିମାତ୍ରକ' ପାଦର ପ୍ରୟୋଗ ମିଳେ । ଏ ଦୁଇଟି ପ୍ରକାର ପାଦ ମିଶ୍ରଣରୁ ବାହାରେ । ଦୁଇ ଦୁଇ ମିଶି ଚାରି ହୁଏ। ଯଥା :-

। ଗିରିବର । ନନ୍ଦିନୀ । ଅଟୁ ତୁହି । ତଟିନୀ ।

ପୁଣି ଦୁଇରେ ଏକ ମିଶି ତିନି ହୁଏ। ଯଥା :-

। ପତନେ । ମୋର ତ । ସୁଖୀ ନୋହେ ଯେହୁ ମନେ

Digitized by PPRACHIN, SOA

ଦଳିତ ପୀଡ଼ିତ । ମୋ ତହୁଁ । ଅଧିକ କିଏ ?

ବେଳେ ବେଳେ ଯତି ଠିକ୍ ରହିବା ପାଇଁ ତିନିରେ ଏକ ମିଶାଇ ଚାରି ଅକ୍ଷର କରି ଦେବାକୁ ହୁଏ । ଯଥା :-

ସଖା ହୋଇ ଜଣେ । ନମିଳିଲା । କାହିଁକି ତ

ସୁଖ ଦେଖି ମୋର । ନ ଜଳଇ । ଯାରଚିତ୍ତ ।

କିନ୍ତୁ -

ଆଶ୍ଚର୍ଯ୍ୟ ନ ହେଲି　　　　ଜାଣିଲି ଅଟେ ଏ

ସ୍ୱର୍ଗୀୟ ସ୍ନେହ ନିଦାନ

ଏଠାରେ ଭାଷାଟିତ କବିତାର ନୁହେଁ; ଗଦ୍ୟର । ସେଥିରେ ପୁଣି ଯତି ଦୋଷ । ଆଠ ଅକ୍ଷରିଆ ଚରଣରେ ତିନି + ଦୁଇ + ତିନି ହେଲେ ଯତି ଚଲୁ ନାହିଁ । ସବୁ ଦୁଇ ଦୁଇ ହେବ ବା ତିନି + ତିନି + ଦୁଇ ହେବ ।

ଏ ସବୁ ବିଶେଷ ଭାବରେ ଆଲୋଚନା କରିବାର ସ୍ଥାନ ଏ ନୁହେଁ । ତଥାପି ଓଡ଼ିଆରେ ମୂଳ ଛନ୍ଦ ଦିଓଟି ହେଉଚି - କାମୋଦୀ ଓ ମଙ୍ଗଳ । ରାମକେରି ପ୍ରଭୃତି କାମୋଦୀର ଅନ୍ତର୍ଗତ । ସେଥିରେ ଚରଣ ଶେଷରେ ସ୍ପଷ୍ଟ ତିନି ଅକ୍ଷର ଚଳେ ଯଥା -

ଦେଖି ନବ । କାଳିକା ।

ବକାଳିକା । ମାଳିକା ।

ଆଳି କା । ଳିକା କା । ନ୍ତସ୍ମରି ।

xxxxx

ଭାବେ ବଂ । ଚିଲେ ଏ । କାଳକୁ

କଥା ଥି । ବକାଳ । କାଳକୁ

ଇତ୍ୟାଦି ।

ରାମକେରି -

ଜଗତର ସିଂହ । ଦୁଆରେ ।

ଜ୍ଞାନ ଅର୍ଣ୍ଣବ ତୀରେ

ସରସୀ ଶୋଭିତ । ଅନାଇଁ ।

ମନ ନେତ୍ର । ଲୋଭିତ ।

'ମଙ୍ଗଳ ଶୈଳୀରେ ତା ହୁଏ ନାହିଁ । ମଡୁଆରି ବା ବଂଗଳାଶ୍ରୀ 'ମଙ୍ଗଳ'ର ଅନ୍ତର୍ଗତ । ଏହାର ଉଦାହରଣ ଉପରେ ଆଠ ଅକ୍ଷରିଆ ଚରଣରେ ଦିଆଯାଇଚି ।

Digitized by PPRACHIN, SOA

ଏଇ ଦୁଇ ପାଦ ଓ ଦୁଇ ଛନ୍ଦ ଶୈଳୀର ନିୟମ ଠିକ୍ ରଖି ନୂଆ ପୁରୁଣା ସବୁ ମିଶ୍ର ଛନ୍ଦ ବୁଝିବାକୁ ହେବ । ଅମିତ୍ରାକ୍ଷର ଓ କଥା ଛନ୍ଦ ମଧ୍ୟ ଏହାର ପ୍ରଭାବରୁ ବାହାରେ ନୁହନ୍ତି । ଶୃଙ୍ଖଳା ଠିକ୍ ରଖିବା ପାଇଁ ଏକାକ୍ଷରର ବ୍ୟବହାର ମଧ୍ୟ ଠିକ୍ ଥାନରେ କରିବାକୁ ହୁଏ । ସ୍ୱାଧୀନତାରେ ମଧ୍ୟ ଶୃଙ୍ଖଳା ଥାଏ । ସେ ଶୃଙ୍ଖଳା କୃତ୍ରିମ ଓ ଭାରାକ୍ରାନ୍ତ ହେବା ଦୂଷଣୀୟ । ମାତ୍ର ସହଜ ଓ ସରଳ ଶୃଂଖଳା ଏଡ଼ି ଦେଲେ ସ୍ୱାଧୀନତା, ସ୍ୱେଚ୍ଛାଚାରିତା ହୁଏ । ସେଥିରେ ବିକାଶ ଧରା ହୋଇ ରହେ ନାହିଁ କି ଫୁଟେ ନାହିଁ । ଶୃଙ୍ଖଳାଇ ଶିଳ୍ପର ମେରୁଦଣ୍ଡ; ଅନୁପାତ ସୌଷ୍ଠବ କଳାର ଧମନୀଧାରା ।

ରସରେ ମଧ୍ୟ ଉପଲବ୍ଧିର ସଂକେତ ଧରି ଭାବ ଫୁଟାଇବାର ଅଛି । ସଂକେତ ହିଁ କବିତାର ପ୍ରାଣ । ଏହାର ସଂସ୍କୃତ ଆଳଂକାରିକ ନାମ 'ଧ୍ୱନି' । ଏଇ 'ଧ୍ୱନି' ବା ସଂକେତର ଗୋଟିଏ ସ୍ପଷ୍ଟ ଉଦାହରଣ ସଂସ୍କୃତରୁ ଦିଆଗଲା :-

"ଲତାଂ ପୁଷ୍ପବତୀଂ ସ୍ପୃଷ୍ଟ୍ୱା
ସ୍ନାତ୍ୱା ନିର୍ଝର - ବାରିଷୁ
ପୁନଃ ସ୍ପର୍ଶନ - ଭୀତ୍ୟାଚ
ମନ୍ଦଂ ଚଳତି ମାରୁତଃ ।"

ଏହା ଓଡ଼ିଆରେ ହେବ

ପୁଷ୍ପବତୀ ଲତା ଛୁଇଁ
ନିର୍ଝର ଜଳେ ଗାଧୋଇ
ପୁଣି ଛୁଇଁ ବା ଭୟରେ
ମାରୁତ ସେ ମନ୍ଦେ ଚଳେ ।

ଅଳଂକାର କହନ୍ତି ପବନର ବର୍ଣ୍ଣନାରେ ଗନ୍ଧମାନ୍ଦ୍ୟ ଶୈତ୍ୟର ଭାବ ଫୁଟାଇବାକୁ ହୁଏ । ତାହାର ଉଦାହରଣରେ ଅଳଂକାର ଏଇ ଆଦିରସାଶ୍ରିତ ଉଦାହରଣଟି ଦେଇଚନ୍ତି । 'ପୁଷ୍ପବତୀ' ନାରୀକୁ ଛୁଇଁଲେ ଗାଧୋଇବାକୁ ହୁଏ । ଏହା ସାମାଜିକ ବିଧି । ଆଦିରସର ସଂକେତରେ କବି ଏଇ ଲଂଘନ କରି ନାହାନ୍ତି । ଏହା ଦେଖିବାର ଅଛି । ପୁଣି ପୁଷ୍ପ ସ୍ପର୍ଶରେ ସୁବାସିତ, ଚଳନ୍ତା ଜଳ ସ୍ପର୍ଶରେ ଶୀତଳ ଓ ଧୀର ଚଳନର ସଂକେତ ମଧ୍ୟ ଲୁପ୍ତୋପମାରେ ଏଠାରେ ରସ ସଂକେତରେ କୁହାଯାଇଚି ।

ଯୌନ ସଂକେତରେ କବିତାର ରସ ଫୁଟାଇବା ପୃଥିବୀରେ ସର୍ବସାଧାରଣ । ଏ ଦେଶରେ ଏହାକୁ ଆଦିରସ କହନ୍ତି । ଜୀବିଧର୍ମର ମୂଳରେ ଏହାର ପ୍ରତିଷ୍ଠା । ଅନନ୍ତତ୍ୱ ଏହାର ଦର୍ଶନ । ଏସବୁ ସତ; ମାତ୍ର ମାନବ ସମାଜରେ ଯୌନ କ୍ରିୟା ଦାଣ୍ଡ ହାଟର କାମ

Digitized by PPRACHIN, SOA

ନୁହେଁ । ଏପରି ନିତ୍ୟ ଓ ସର୍ବଜନୀନ କ୍ରିୟାରେ ଏତେ ଗୋପ୍ୟ ଭାବ ସମାଜରେ ଅନ୍ୟ କୁତ୍ରାପି ପ୍ରକାଶ ପାଇନାହିଁ । ତାର କାରଣ ଅଛି । ତା ହେଉଚି, ଏ କ୍ଷେତ୍ରରେ ପ୍ରକାଶ୍ୟ କ୍ରିୟା ବା ତଦନୁରୂପ ଭାବ ସମାଜକୁ ନୀତିଭ୍ରଷ୍ଟ ଓ ବିଶୃଂଖଳ କରିବ । ତଥାପି ମାନବ ସମାଜର ଏ ନିତ୍ୟପାଠ କବିତାର ମୂଳାଧାର । କବିତାର ପ୍ରାଣ ହେଉଚି ଯେଉଁ ରସ, ତା ପୁଣି ସଂକେତରେ ପ୍ରକାଶ ପାଏ । ଏଇ ଯୌନ ସଂକେତ ସମାଜ ବିକାଶର ନିର୍ଦ୍ଦିଷ୍ଟ ନିୟତି ଓ ଧାରାର ପ୍ରକୃତି ପ୍ରକାଶ କରିଥାଏ । ଚୁଂବନ, ଆଲିଂଗନ ପାଶ୍ଚାତ୍ୟ ସଭ୍ୟତାରେ ଯୌନକ୍ରିୟାର ସଂକେତ ହୋଇପାରେ, ମାତ୍ର ଏ ଦେଶରେ ସେ ସବୁ ଯୌନ କ୍ରିୟାର ଅଂଗୀଭୂତ ଓ ଆଦିରସର ବିଭତ୍ସ ଅଭିବ୍ୟକ୍ତି । ଗୃହସ୍ଥତା ଏ ଦେଶରେ ଆଦିରସର ଆଦର୍ଶ ଓ ସେଇ ଗୃହସ୍ଥତାର ସଂଯମରେ ସେ ରସର ନିୟତି ଧରାଥାଏ । ପାଶ୍ଚାତ୍ୟ ଦେଶରେ କିନ୍ତୁ ଯୌନ ମିଳନ ଏକ ନିରାଇଂବ ସଂଭୋଗ ସ୍ପୃହାରେ ପ୍ରତିଷ୍ଠିତ । ସୃଷ୍ଟିର ଉଦ୍ଦେଶ୍ୟ ହେଉଚି ସଂତାନ, ସେଥିରେ ପାଶ୍ଚାତ୍ୟ ଯୌନ ଭୋଗର ସଂପର୍କ ସ୍ଫୁଟ ନୁହେଁ । ଏହା ମଧ୍ୟ ମନେ ରଖିବାର ଅଛି । ସଂସ୍କୃତରେ ଯୌନ ସଂକେତଗତ ରସର ଗୋଟିଏ ଉଦାହରଣ ଦିଆଗଲା । ଯୁବତୀ ନାରୀ ନିଜ ଗୃହସ୍ଥ ପତିକୁ ବିଦେଶ ଗଲା ବେଳେ ଶୁଭ କାମନା କରି କହୁଚନ୍ତି -

"ଯାହି ଯାହି ନ ନିବାରୟାମ୍ୟହଂ
ପ୍ରାଣନାଥ ଶୁଭମସ୍ତୁତେ ପଥି
ଦ୍ୱାରି ଚୂତ-ନବ-ପଲ୍ଲବାଂକିତଂ
ପୂର୍ଣକୁଂଭମବଲୋକୟିଷ୍ୟସି ।"

ଏହା ଓଡ଼ିଆରେ ହେବ

ଯାଅ ଯାଅ ପ୍ରାଣନାଥ ନ କରେ ବାରଣ
ପଥେ ସର୍ବଶୁଭ ହେଉ ତବ
ଦ୍ୱାରେ ନବ ଚୂତ ପତ୍ରେ ସଜା ପୂର୍ଣକୁଂଭ
ଗଲାବେଳେ ଚାହିଁଦେଇ ଯିବ ।

ଏଠାରେ ନବ ଚୂତ ପତ୍ର କଥାଟିରେ ବସନ୍ତାଗମର ସଂକେତ ଓ ତହିଁ ସଂଗେ ଭବିଷ୍ୟତ ବିରହ ବେଦନାର ଛାୟା; ପୁଣି 'ନ କରେ ବାରଣ' - ଏ କଥାଟିର ଯଥାର୍ଥ ସୂଚନାରେ ଏଠାରେ କବିତାର ଯଥାର୍ଥ ରସୋପଲବ୍ଧି ।

ଉପେନ୍ଦ୍ର ଭଂଜ ଯୌନ କ୍ରିୟାଦିର ବର୍ଣ୍ଣନାରେ ବୀଭତ୍ସ । ହେଲେହେଁ, ସେଇ ବୀଭତ୍ସତା ମଧ୍ୟରେ ଏଇ ସଂକେତ କଳାର ପରଂପରା ସେ ଛାଡ଼ି ନାହାନ୍ତି । ଲାବଣ୍ୟବତୀ

Digitized by PPRACHIN, SOA

କାବ୍ୟରେ ନାୟକ 'ଚନ୍ଦ୍ରଭାନୁ' ଦିନେ ଗୋଟିଏ ମାଳତୀ ଫୁଲ ଦେଖାଇ ନାୟିକା 'ଲାବଣ୍ୟବତୀ'ଙ୍କୁ କହୁଚନ୍ତି –

"ଆଜି ଠାରୁ ତୋର ମୋର ମାଳତୀ"

ତହୁଁ ଲାବଣ୍ୟବତୀ –

"କେଶୁଁ କୁରୁଣ୍ଟକ
ଦେଖାଇ ବୋଇଲା, ଏ ନାମେ ଡାକ"

ଚନ୍ଦ୍ରଭାନୁ କହିଲେ, "ଆମେ ଦୁହେଁ ଆଜିଠାରୁ ମାଳତୀ ବସିବା, ଅର୍ଥାତ୍, 'ମାଳତୀ' ବୋଲି ଡକାଡକି ହବା।" ଲାବଣ୍ୟବତୀ ଏଥକୁ ନିଜ ଜୁଡ଼ାରୁ ଗୋଟିଏ ଦାସକେରେଣ୍ଟା ଫୁଲ ଦେଖାଇ କହିଲେ, 'ଏଇ ନାମରେ ମତେ ଡାକ', ଅର୍ଥାତ୍, ମୁଁ ତମକୁ ପ୍ରତି ଦାସକେରେଣ୍ଟା ଫୁଲ।

ଏଠାରେ ସଂକେତ ଧରିବାର ସୂତ୍ର ହେଉଚି – ମାଳତୀ ଫୁଲର ଡେଂଫ ସରୁ ଓ ଲଂବା ଥିବାରୁ ସେଥିରେ ଭ୍ରମର ବସିଲାକ୍ଷଣି ତାହା ଓଲଟିପଡ଼େ ଓ ଭ୍ରମର ଉପରମୁହାଁ ହୋଇ ତଳେ ରହି ମାଳତୀରୁ ମଧୁ ପିଏ। ମାତ୍ର କେରେଣ୍ଟା ଫୁଲର ଡେଂଫ ଛୋଟ ଓ ଟାଣୁଆ; ସେଥିରେ ଭ୍ରମର ତଳମୁହାଁ ହୋଇ ବସି ମଧୁ ପିଏ। କେଡ଼େ ଅସଂଯତ ଯୌନ କ୍ରିୟାର ସଂକେତ ଏଠାରେ କି ମୃଦୁଳ ଓ ରୁଚିକର।

ସାହିତ୍ୟର ଏସବୁ କଳା ବିକାଶର ଆଦର୍ଶ ଓ ଧାରା ପ୍ରତି ସାବଧାନ ନ ହୋଇ କେବଳ ଅନୁକରଣର ବନ୍ୟାରେ ପଡ଼ି ଚୁଂବନ ଆଲିଙ୍ଗନ ପ୍ରଭୃତି ପ୍ରକାଶ କରିବାରେ ସାହିତ୍ୟ କିପରି ଭ୍ରଷ୍ଟ ହେଉଚି,ଲକ୍ଷ୍ୟ କରିବାର ଅଛି। ଏଇ ଦୃଷ୍ଟିରେ ମଧ ରଂଗ ମଂଚ ଓ ସିନେମାର ଚଳଚିତ୍ରାଦି ନିୟମିତ ହେବା ଉଚିତ। ମାତ୍ର ତା ହେଉ ନାହିଁ। ନବ କାବ୍ୟରୁଚି ନାମରେ ଯୌନ କ୍ରିୟାର ଅଂଗମାନ ବର୍ଣ୍ଣନା କରାଯାଉଚି। ସେଥିରେ ଗୋଟିଏ କଥଞ୍ଚିତ୍ ସହନୀୟ ଉଦାହରଣ ତଳେ ଦିଆଗଲା –

"ଆଷାଢ଼ ହେଲା ଆସି,
ଦୂର ଗଗନେ ବଉଦ ଖେଳେ ଆଲୋକଧାରା ନାଶି;
ଝପର ଝପ ଝରଇ ବାରି
ରାତ୍ରି ଶେଷେ ଚେତଇ ନାରୀ
ନିଅଇ ପ୍ରିୟ କୋଳକୁ ତାର
ପ୍ରଣୟ ବକ୍ଷ ପାତି;
କହଇ କାନେ – 'ତୁମେ ମୋ କେଳି ସାଥି'।

ନବ ଭାରତ–୬।୭, ଆଲୋଚନା

Digitized by PPRACHIN, SOA

ପଲ୍ଲୀର ଯାତ୍ରା

ଗତ କଂଗ୍ରେସ ଜୟନ୍ତୀ ପାଳନରେ 'ସଂଗୀତ' ବା ଗୀତ ବାଦ୍ୟାଦିର ବ୍ୟବହାରରେ ଉତ୍ସବ କରିବାକୁ ହେବ ବୋଲି ଭାରତ କଂଗ୍ରେସ କାର୍ଯ୍ୟକାରୀ ସମିତି କହିଥିଲେ। ଉତ୍କଳ କଂଗ୍ରେସ ସେହି ଅନୁକ୍ରମେ ଯାତ୍ରା କରିବାର ବ୍ୟବସ୍ଥା ଦେଇଥିଲେ। ସେଥିରେ କେହି କେହି ଘୋର ଅମତ ପ୍ରକାଶ କରିଥିବା କଥା ଅନେକେ ଜାଣିଥିବେ। ଆମ ପାଖକୁ ମଧ୍ୟ ଏ ବିଷୟରେ କେତକ ବ୍ୟକ୍ତିଗତ ପତ୍ର ଆସିଥିଲା। ସେ ସବୁରେ ଥିଲା, ଯାତ୍ରା ହେଉଚି ଲୋକନୃତ୍ୟ ବା ନାଚ; ଯାତ୍ରାରେ ଅଶ୍ଲୀଳ କଥା ଭଙ୍ଗୀ ସଂଙ୍କେତ ପ୍ରଭୃତିର ବ୍ୟବହାର ହୁଏ; ରାମ ଅର୍ଜୁନ ସୀତା ସାବିତ୍ରୀ ପ୍ରଭୃତି ମହନୀୟ ଚରିତ୍ରମାନଙ୍କୁ ଯାତ୍ରାକାରମାନେ ବଡ ହୀନ ଓ କୁତ୍ସିତ ଭାବରେ ଚିନ୍ତା କରି ଲୋକଙ୍କୁ ଭ୍ରଷ୍ଟ କରନ୍ତି; ଯାତ୍ରା ବରାବର ସମାଜରୁ ଉଠାଇ ଦେବା ଉଚିତ ଇତ୍ୟାଦି। ଏ ସବୁ ମନ୍ତବ୍ୟ ଅତି ତୀବ୍ର, ହେଲେ ହେଁ ଦେଶର କୌଣସି ବିକାଶ-ପ୍ରେପ୍ସୁ ସାଧୁ କର୍ମୀଙ୍କ ମନରେ ଏପରି ଭାବ ଥିବାରୁ ଏ ବିଷୟରେ କିଛି ଲେଖିବା ଉଚିତ ବୋଧ କଲୁଁ।

ଯାତ୍ରା ନାଚ ନୁହେ-

ପ୍ରଥମ କଥା, ଯାତ୍ରା ଲୋକନୃତ୍ୟ ବା ନାଚ ନୁହେ। ଏହା ଗୀତିନାଟ୍ୟର ଅଭିନୟ। ଡାଲଖାଇ ନାଚ, ଧାଙ୍ଗଡ ନାଚ ପ୍ରଭୃତି ପରି ଲୋକନୃତ୍ୟ ଓ ବାଇ ନାଚ, ଆଖଡା ନାଚ ପ୍ରଭୃତି ପରି ସାଧାରଣ ନାଚ ଓ ସଙ୍ଗୀତ ଅଭିନୟଠାରୁ ଏହା ଭିନ୍ନ। ଅବଶ୍ୟ ଲୋକନୃତ୍ୟ ବା ନାଚର ସାମାଜିକ ଉପଯୋଗିତା କଥା ଏଠାରେ ଆଲୋଚନାର ବିଷୟ ନୁହେ, ତେଣୁ ସେ ସଂବଂଧରେ କିଛି କୁହା ଯାଉ ନାହିଁ। ସେ ସବୁ ସ୍ପୃହଣୀୟ କି ଗର୍ହଣୀୟ, ପୁଣି କି ପରିମାଣରେ କି ଭାବରେ ତାହାର ବ୍ୟବହାର ସାଧୁ ବା ଅସାଧୁ, ତାହା କହିବାର ଅବକାଶ ଏଠାରେ ନାହିଁ-ତାହାର ବିଚାର ସ୍ୱତନ୍ତ୍ର।

ଅଶ୍ଲୀଳ କ'ଣ ?

ଯାତ୍ରାରେ ଅଶ୍ଲୀଳ କଥାର ବ୍ୟବହାର ହୁଏ, ଏ କଥାର ଅର୍ଥ କଣ ? ଅଶ୍ଲୀଳ କଥା ଅଶ୍ଲୀଳତାର ସୀମା ବ୍ୟାପ୍ତି ବିଷୟରେ ସମ୍ୟକ୍ ଧାରଣା ବିନା ଏ କଥାର ବିଚାର ସୁଗମ ହେବ ନାହିଁ। ଅଶ୍ଲୀଳତାର ଗୋଟିଏ ମାପ କାଠି ଅଛି। ଘଟନା ବିଶେଷରେ ଯାହା ଅଶ୍ଲୀଳ ଅନ୍ୟ ଘଟନାରେ ତାହା ଅଶ୍ଲୀଳ ନୁହେ। ପୁଣି ପରିସ୍ଥିତି ଭେଦରେ ଶ୍ଳୀଳତାର ପ୍ରକୃତି ଓ ପରିସର ମଧ୍ୟ ବିଭିନ୍ନ ହୁଏ। ଅଶ୍ଲୀଳ ଅର୍ଥ ଅ-ଶ୍ଲୀଳ ବା ଯାହା ଶ୍ରୀସଂପନ୍ନ ଅର୍ଥାତ୍ ସୌନ୍ଦର୍ଯ୍ୟଯୁକ୍ତ ନୁହେ। ଯାହା ସୁନ୍ଦର ନୁହେ ବା ପରିସ୍ଥିତି ସଂଗେ ଖାପ ଖାଏ ନାହି,

Digitized by PPRACHIN, SOA

କିଂବା ଆଦର୍ଶ ବିଶେଷରେ ନିୟମିତ ନୁହେ, ତାହା ଅଶ୍ଳୀଳ। ନୈତିକ ଆଦର୍ଶରେ ତାହା ଅଶ୍ଳୀଳ ନୁହେ। ଯୌନ ସଂବଂଧର ନୀତି ଯେଉଁଠାରେ ଆଦର୍ଶ, ସେଠାରେ ଯାହା ଅସୁନ୍ଦର ଓ କୁତ୍ସିତ, ତାକୁହିଁ ସର୍ବତ୍ର ଅଶ୍ଳୀଳ ବୋଲି ବୁଝିବା ସଂଗତ ନୁହେ। ଅବଶ୍ୟ ଜୀବନର ସବୁ କାର୍ଯ୍ୟରେ ସର୍ବତ୍ର ଯୌନ ଶୌଚକୁ ଆଦର୍ଶ ମାତ୍ର ଧରି ଯେଉଁମାନେ ଘଟନାମାନ ବରାବର ଦେଖନ୍ତି, ତାଙ୍କ ଆଭିମୁଖ୍ୟ ସ୍ୱତନ୍ତ୍ର ହୋଇପାରେ। ଗ୍ରୀସ୍ ଦେଶ ରୀତିର ଶିଳ୍ପ ତଥା ବହୁ ଦିନୁ ବୌଦ୍ଧ ଶିଳ୍ପରେ ଯେଉଁ ନଗ୍ନ ନାରୀ ଓ ପୁରୁଷ ମୂର୍ତ୍ତି ସବୁ, ବିଭିନ୍ନ ଅବୟବର ବିଭିନ୍ନ ସଂସ୍ଥିତିରେ ପେଶୀ ଓ ଶିରା ବିନ୍ୟାସ ସହିତ ଫୁଟାଇ ଲୋକର ସୌନ୍ଦର୍ଯ୍ୟ ବୋଧରେ ମୁଗ୍ଧତା ଉତ୍ପାଦନ କରାଯାଏ, ତାହା ଶିଳ୍ପ ଦୃଷ୍ଟିରେ ଅତି ଉତ୍କୃଷ୍ଟ। ହୁଏତ ଯୌନଶୌଚମାତ୍ରବାଦୀ ତାହା ଦେଖିବେ ନାହିଁ। କାରଣ ଶିଳ୍ପର ପୁଷ୍କଳ ପରିସର ତାଙ୍କ ଆଦର୍ଶର ଅଙ୍ଗୀଭୂତ ନୁହେ। ରଙ୍ଗମଞ୍ଚର ଚୁମ୍ବନ, ଆଲିଙ୍ଗନ ଓ ନୃତ୍ୟଭଙ୍ଗୀ, ବାଣୀମୟ ଚଳଚ୍ଚିତ୍ରର ନାରୀ ପୁରୁଷର ନଗ୍ନ ପ୍ରେମାଳାପ ଓ ବ୍ୟବହାର କଥା ଛାଡି ଦେଲେ ମଧ୍ୟ ପୃଥିବୀର କାବ୍ୟ ନାଟକ, ଉପନ୍ୟାସ ପ୍ରଭୃତି ସମସ୍ତ ଗଠନ ସାହିତ୍ୟର ଏକମାତ୍ର ମେରୁଦଣ୍ଡ ଏହିଯୌନ ସଂକେତ। ନୀତିବାଦୀମାନେ ଏ ସବୁ ପାଠର ବର୍ଜନ କରନ୍ତି ଓ ଅନ୍ୟକୁ ସେହି ଉପଦେଶ ଦିଅନ୍ତି। ମନେ ଅଛି, ସ୍ୱର୍ଗତ ବ୍ରାହ୍ମ ପ୍ରଚାରକ ପ୍ରତାପଚନ୍ଦ୍ର ମଜୁମଦାରଙ୍କ Aids to Moral Character ପୁସ୍ତକରେ ଅତି ବାଲ୍ୟବୟସରେ ଏହିପରି ଏକ ନିଦେଶରେ ପ୍ରଭାବିତ ହୋଇ ମୁଁ ନିଜେ ଜୀବନରେ ନିତାନ୍ତ ଦରକାର ବିନା ନାଟକ ଉପନ୍ୟାସ ପଢିନାହିଁ- ଆଜିଯାଏ ମଧ୍ୟ ନାଟକାଭିନୟ ଓ ବାଣୀମୟ ଚଳଚ୍ଚିତ୍ର ପ୍ରାୟ ଦେଖି ନାହିଁ। ମୋର ମତ ବା ରୁଚି ଯାହା ହେଉ, ସାମାଜିକ ଭାବରେ ଏ ସବୁର ବିଚାର ଯେ ସ୍ୱତନ୍ତ୍ର , ଏହା ଆମେ ବୁଝୁଁ। ମୋର ଅଣ୍ଡା ଘୋଳି ହୁଏ ବୋଲି ମୁଁ ଚଡୁ ଘିନେ, ଏଥିପାଇଁ ଜଗତରେ ସମସ୍ତେ ଖାଲି ଚଡୁ ଘିନିବେ ବୋଲି ଆଶା କରିବା ଠିକ୍ ନୁହେ।

ଶିଷ୍ଟାଚାରର ସୀମା ଓ ପରିସର-

ପୁଣି ପରିସ୍ଥିତି ବିଶେଷ ଘେନି ଯୌନ ସଂକେତ ସଂବଳିତ ଅଶ୍ଳୀଳତା ତଥା ଅନ୍ୟାନ୍ୟ କଥୋପକଥନ ଶିଷ୍ଟାଚାରର ମଧ୍ୟ ସୀମା ଓ ପରିସର ଅଛି। ସେହି ସୀମା ଓ ପରିସର ମଧ୍ୟରେ ଶ୍ଳୀଳତା ଓ ଶିଷ୍ଟାଚାର ଆବଦ୍ଧ ରହି ବିଷୟର ରସୋପଲବ୍ଧି ଜନ୍ମାଏ। କୃଷ୍ଣ ସିଂହ ବ୍ୟାସଙ୍କ ମହାଭାରତର ପଦେ ପଦେ ଅନୁବାଦ କରିଥିଲେ ମଧ୍ୟ ଲେଖିଛନ୍ତି-

"ସଭାରେ ବସିଅଛନ୍ତି କର୍ପୂର ମାଳିଆ
ଗାଣ୍ଡିଟାମାନ ତାଙ୍କର ଯେସନେ ଓଳିଆ।"

Digitized by PPRACHIN, SOA

"ଗାଣ୍ଡୀବ ଧନୁ ଆକର୍ଷି ବିଂଧିଲେ କିରୀଟୀ
ଦେଖି ଯୋଦ୍ଧାମାନଙ୍କର ଗଲା ଗାଣ୍ଡି ଫାଟି।"
"ଅର୍ଜୁନତନୟ ସେ ଯେ ଶ୍ରୀକୃଷ୍ଣ ଭଣଜା
ବଢ଼ି ଆସୁଅଛନ୍ତି ଯେସନେ ଶାଳ ଗଜା।"
"ଏକା ହୋଇ ଅମ୍ବା ତୁ ଯେ ନ ଯିବୁଟି ବନେ
ପେଟ କରିଦେବେଟି ଲୋ ଋଷି ଟୋକାମାନେ।"

ସାରଳା ଦାସଙ୍କ କେବେ ବ୍ୟାସଙ୍କ ମହାଭାରତ ପାଖବାଟେ ଗଲା ପରି ଲାଗୁ ନାହିଁ। ତାଙ୍କର ସ୍ୱତନ୍ତ୍ର ମହାଭାରତ କହିଲେ ଚଳେ। ସେଥିରୁ ଏପରି ଗ୍ରାମ ଚଳନ୍ତି କଥାର ଭୁରି ଭୁରି ଉଦାହରଣ ଦିଆଯାଇ ପାରେ। ଆଉ ଓଡ଼ିଶାର କାବ୍ୟ ସାହିତ୍ୟାଦି କଥା ସମସ୍ତେ ଜାଣନ୍ତି। ତେବେ ଉପରେ ଯାହା ଉଦ୍ଧାର କରାଗଲା, ସେତିକିରୁ ବିଚାର କଲେ ମଧ୍ୟ, ଏ ସବୁ କଣ ଅଶ୍ଳୀଳ ନା ଶିଷ୍ଟାଚାର-ବିଗର୍ହିତ ? ଶ୍ଳୀଳତା ଓ ଶିଷ୍ଟାଚାରର ସୀମା ଏଠାରେ କିଏ ଠିକ୍ କରିବ ? କବି ପାଠକର ରସୋପଲବ୍ଧି ଓ ସମ୍ୟକ୍ ଅବୋବଧ ପାଇଁ ଲେଖିଛନ୍ତି। ସେହି ଆଦର୍ଶରେ ତାଙ୍କ ଲେଖା ବିଚାର କଲେ ଅସୁବିଧା କିଛି ହେବ ନାହିଁ। ଆଜିର କବି ସ୍କୁଲପଢ଼ା ପାଠୁଆଙ୍କ ପାଇଁ ଲେଖିଲା ବେଳେ, ଏପରି ନ ଲେଖି ପାରନ୍ତି। ମାତ୍ର ଏହା ବୋଲି ଯଥାର୍ଥ ବିଚାରରେ ଏ ସବୁରେ ବୀଭତ୍ସତା କିଛି ନାହିଁ। ଏ ସବୁ ପଢ଼ି, ଶୁଣାଇ, ଶୁଣି ମଧ୍ୟ ଲୋକଙ୍କ ମନରେ କୁତ୍ସିତ ବା ବୀଭତ୍ସ ଭାବ ହୁଏ ନାହିଁ। ବରଂ ଏହିସବୁ ଗ୍ରନ୍ଥ ଓ ସାହିତ୍ୟ ବିନା ଓଡ଼ିଆ ସଂସ୍କୃତିର କି ପରିଣାମ ହୁଅନ୍ତା, ତାହା ବିଚାରବାର ଦୃଷ୍ଟିକୁ ସ୍ୱାଧୀନ କରିବା ଉଚିତ।

ପରିସ୍ଥିତିର ଉପଯୋଗ-

ପୁଣି ଘଟନାର ପରିସ୍ଥିତି। ବ୍ୟାସଙ୍କ ମହାଭାରତରେ ମଧ୍ୟ ଶ୍ୱେତକେତୁ ଉପଖ୍ୟାନ ଠାରୁ ଭୀମ ହିଡିମ୍ବାଙ୍କ ରତି ପାର୍ଥନାରେ ବିରକ୍ତ ହୋଇ ହୋଇ ପଳାଇଲାବେଳେ ଯୁଧିଷ୍ଠିର ଓ କୁନ୍ତୀଙ୍କର ଭୀମଙ୍କ ପ୍ରତି ଧର୍ମୋପଦେଶ ପର୍ଯନ୍ତ ସବୁ ବର୍ଣ୍ଣନା ଓ ଅର୍ଜୁନଙ୍କ ପଦ୍ମିନୀ ରାଜ୍ୟ ଜୟ ପ୍ରଭୃତି ଶତ ଶତ ଘଟନା ଦେଖିଲେ କଣ ମନେ ହୁଏ ? ସେ ସବୁକୁ ଅସାଧୁ , ଅଶ୍ଳୀଳ ଓ ବୀଭତ୍ସ ବୋଲି ଫିଙ୍ଗିଦେଲେ ଭାରତର ଜାତୀୟ ସଂସ୍କୃତି ବିଲୁପ୍ତ ହେବାର ଆଶଙ୍କା ଅଛି।

ବେଦରେ ମଧ୍ୟ ଯୁବତି ଦୟିତଙ୍କୁ ବୁଝାଇ କହୁଛନ୍ତି, "ମତେ ପିଲା ବୋଲି ବିଚାରି ନାହିଁକର ନାହିଁ। ମୋର ଅଙ୍ଗ ବିଶେଷ 'ଗାନ୍ଧାରୀ ଅବି' (ଗାନ୍ଧର ଦେଶ ଛେଳି)

Digitized by PPRACHIN, SOA

ଦେହ ପରି ଲୋମଣ ହୋଇ ଗଲାଣି।" ଏଠାରେ ମଧ୍ୟ ପରିସ୍ଥିତି ବିଚାର କରି ଦେଖିବାକୁ ହେବ। ଏ ସବୁକୁ ଅଶ୍ଳୀଳ ବିଚାର କରିବାର କୌଣସି କାରଣ ନାହିଁ।

ଯାତ୍ରା ସଂସ୍କୃତିର ବାହନ-

ତୃତୀୟ କଥା-ରାମ, ଅର୍ଜୁନ, ସୀତା, ସାବିତ୍ରୀଙ୍କୁ ଯାତ୍ରାକରମାନେ କୁତ୍ସିତ ଭାବରେ ଚିତ୍ର କରନ୍ତି। ଏହା ଠିକ୍ ନା ? ଯାତ୍ରା ଏ ଦେଶରେ ସଂସ୍କୃତିର ଏକ ମୁଖ୍ୟ ବାହନ। ଯାତ୍ରା ମୁଖରେ ଜନ ସମାଜ ଯେ ଏ ଦେଶରେ ସୀତା ସାବିତ୍ରୀ, ରାମ ଅର୍ଜୁନ ପ୍ରଭୃତିଙ୍କୁ ବିଶେଷ ଭାବରେ ଜାଣି ଆସିଚି, ଏଥିରେ ମତ ଦ୍ୱୈଧ ନାହିଁ। ତେବେ କୌଣସି ଠାରେ କଣ ଲୋକେ ସୀତା ସାବିତ୍ରୀଙ୍କୁ ସାଧାରଣ ବା ଇତର କିଂବା ରାମଙ୍କୁ ହୀନଚରିତ୍ର, ପୁଣି ଅର୍ଜୁନଙ୍କୁ କାପୁରୁଷ ବୋଲି ଜାଣନ୍ତି ? ତେବେ ପରିସ୍ଥିତିରେ ନିଜକୁ ରଖି ବିଚାର ନ କରି ଆମର ଭୁଲ ହେଉଚି ବୋଲି ସଂଦେହ କରିବା ଉଚିତ। ଶୁଦ୍ଧ ସରଳ ପଲ୍ଲିରେ ଲକ୍ଷ୍ମଣ ଦିଅର ଭାବରେ ଭାଉଜ ସୀତାଙ୍କୁ କୌଣସି ଯୌନ ସଂକେତରେ ପରିହାସ କଲେ ମଧ୍ୟ ସେଥିରେ ପଲ୍ଲିସମାଜର ଯଥାର୍ଥ ବିଷୟ ଧରିବାରେ ଅସୁବିଧା ହୁଏ ନାହିଁ। ବରଂ ସେପରି ନ କଲେ ଅଭିନୟ ସେଠାରେ ଶୁଷ୍କ ନୀରସ ତଥା ନିରର୍ଥକ ହୋଇପାରେ। ସେ ସବୁ କବି ଓ ନାଟ୍ୟକାରର ପାରିପାର୍ଶ୍ୱିକ ପରିସ୍ଥିତି ଜ୍ଞାନ ଉପରେ ନିର୍ଭର କରେ । କୌଣସି ନିର୍ଦ୍ଦିଷ୍ଟ ନୀତିମାନ୍ ବ୍ୟକ୍ତି ଯେପରି ଏକ ଦେଶଦର୍ଶୀ ହୁଏ, ସମୂହ ଓ ସାମାଜିକ ଜୀବନରେ ରସୋଦ୍ରେକ କରିବା ଯାହାର କାମ, ସେ ସେପରି ହୁଏ ନାହିଁ।

ଫଳ କଥା, ପରିସ୍ଥିତିର ପରିବର୍ତ୍ତନରେ ସେ ସବୁ ବଦଳି ଯିବ। ପୂର୍ବେ ପଲ୍ଲୀମାନଙ୍କର ଯାତ୍ରା ଯାହା ଥିଲା,ଏବେ ତାହା ନାହିଁ। ସଡକ ଓ ସହର ପାଖ ପଲ୍ଲିରେ ଗ୍ରାମ୍ୟତା ଏବେ ପ୍ରାୟ ନାହିଁ, କହିଲେ ଚଳେ। ବୈଷ୍ଣବ ପାଣିଙ୍କ ଯାତ୍ରାର ବିଚିତ୍ର ନାଟକୀୟ ମନୀଷା ଓ ଲୋକଚରିତ୍ରର ଯଥାର୍ଥ ଅବଗତି ଯେଉଁମାନେ ଉଦାର ସମାଲୋଚକ ଦୃଷ୍ଟିରେ ଦେଖିଥିବେ, ସେମାନେ ବୁଝିଥିବେ ଯାତ୍ରା କିପରି ପରିସ୍ଥିତି ସଂଗେ ଗତି କରୁଚି।

ଯାତ୍ରାର ସଂସ୍କାର ଦରକାର , ସଂହାର ନୁହେଁ-

ଶେଷତଃ ଯାତ୍ରା ସମାଜରୁ ଉଠାଇ ଦେବା କଦାପି ଉଚିତ ନୁହେ। ଶିକ୍ଷିତ ଓ ମାର୍ଜିତ ଲୋକେ ସେଥିରେ ଶ୍ରୋତା କବି, ଗାୟକ, ନାଟ୍ୟକାର ପ୍ରଭୃତି ରୂପେ 'ବେଶି ବେଶି ଯୋଗ ଦେଇ ପରିସ୍ଥିତି ପ୍ରଭାବିତ କରିବା ଉଚିତ। ଖାଲି ସ୍କୁଲଘରେ ବା ଆଶ୍ରମରେ କିଂବା ସଂବାଦପତ୍ରରେ ଲୋକ ଶିକ୍ଷା ହୁଏ ନାହିଁ। ଜନ ସମାଜର ପ୍ରାଣରେ ପ୍ରାଣ ମିଶାଇ

Digitized by PPRACHIN, SOA

ଅଲକ୍ଷିତ ଭାବରେ ପ୍ରଭାବ ବିସ୍ତାର କରିବାହିଁ ଯଥାର୍ଥ ଜନ ସେବା । ମୁଖ୍ୟତଃ ପ୍ରଗତିର ପନ୍ଥା ହେଉଚି ସେଇ।

ପୁଣି ଏ ଦେଶରେ ଅନ୍ନବିନା ଲୋକେ 'ହାହାକାର' କଲାବେଳେ, ତାଙ୍କ ନିରୀହ ଅତି ଉପଯୋଗୀ ଆମୋଦର ଅତି କ୍ଷୀଣ ଏ ଅବକାଶଟିକକୁ ଏପରି ଦୁରାଗ୍ରହରେ ଗୋଇଠା ମାରିବା ନିଷ୍ଠୁରତା । ଏଥିରେ ଜାତିର ପ୍ରାଣ ବରାବର ଶୁଖିଯିବ, ଜାତି ମରିଯିବ। ବିଶେଷରେ କୌଣସି ଧର୍ମ ପ୍ରଚାରକ ହୁଏତ ନିଜର ଏକଦେଶୀ ସାଧନାରେ ଏପରି ଶିକ୍ଷା ଦେଇପାରନ୍ତି। ଜାତୀୟ ଭାବରେ ପୁଷ୍କଳ ଓ ସର୍ବତୋମୁଖ ବିକାଶ ଯାହାର କାମ୍ୟ, ତାହାର ଆଭିମୁଖ୍ୟ ଭିନ୍ନ ହେବାର କଥା ।

ନବଭାରତ- ୨।୬-୭, ଆଲୋଚନା

ଯବନିକା

ଗତଥର 'ଭାରତ ସାହିତ୍ୟ ଓ ସାହିତ୍ୟରେ ଜୀବି- ଧର୍ମ' ବୋଲି ମୁଁ ଗୋଟିଏ ପ୍ରବନ୍ଧ ଲେଖିଥିଲି ଶ୍ରଦ୍ଧେୟ ଡକ୍ଟର ମାନସିଂହ 'ଯୌନ ଓ ଯବନିକା' ବୋଲି ତାର ଗୋଟିଏ ପ୍ରତିବାଦ ଗତମାସ 'ଝଙ୍କାର'ରେ ଛପାଇଚନ୍ତି। ପ୍ରତିବାଦଟି ସେ ମତେ ଦେଇ ପାରିଥାନ୍ତେ । ସେ ଯା ହେଉ, ଦେଖାଯାଉଚି, ମାୟାଧର କାହିଁକି ଟିକିଏ ଅଯଥା ବିଚଳିତ ହୋଇ ଯାଇଚନ୍ତି । ତେଣୁ ସେ ପ୍ରତିବାଦରେ ବିଶେଷ କିଛି କହିବାର ନାଇ । ଖାଲି ଯବନିକା କଥାଟିରେ ଟିକିଏ ବୁଝାଇ ଦେବାର ଅଛି । ସେଇଥିପାଇଁ ଏକା ମୁଁ ଏହା ଲେଖିଲି । ମୁଁ ଗ୍ରୀକ୍ ଭାଷା ପଢ଼ି ନାଇ । ମାତ୍ରକ ଇଂରେଜୀରେ ସାମାନ୍ୟ କେତେକ ଗ୍ରୀକ୍ ସାହିତ୍ୟ ଓ ଗ୍ରୀକ୍ ତଥା ଭାରତୀୟ ସାହିତ୍ୟର ସ୍ୱତନ୍ତ୍ର ଓ ତୁଳନାତ୍ମକ ସମାଲୋଚନା ପଢ଼ିଥିଲି । ତା' ମଧ୍ୟ ଏବେ ନୁହେଁ । ଯାହା ମନେ ଅଛି, ତାରି ଉପରେ ନିର୍ଭର କରି ମୁଁ ଲେଖିଥିଲି । ସଂସ୍କୃତ ନାଟ୍ୟକାରମାନେ 'ଯବନିକା' ଶବ୍ଦଟି ଗ୍ରୀକ୍‌ମାନଙ୍କ ଠାରୁ ଗ୍ରହଣ କରିଥିଲେ । ପଣ୍ଡିତ ମାକ୍‌ଡୋନାଲ୍‌ଡ୍ ସାହେବ ନିଜର ସଂସ୍କୃତ ସାହିତ୍ୟ ଇତିହାସ (A History of Sanskrit Literature) ରେ ଯବନିକା ଶବ୍ଦର ଅନୁବାଦ କରିଚନ୍ତି, Greek partition ବା ଗ୍ରୀକ୍-ପର୍ଦା । ଅନ୍ୟ ୟୁରୋପୀୟ ପଣ୍ଡିତମାନେ ଅନେକେ ସିଦ୍ଧାନ୍ତ କରନ୍ତି, ଭାରତୀୟମାନେ ଗ୍ରୀକ୍ ବା ଯବନଙ୍କ ନାଟ୍ୟକଳାରୁ ଏହା ଗ୍ରହଣ କରିଥିଲେ । ଅବଶ୍ୟ ଉୟେବର (Weber)ଙ୍କ ଭଳି ଜର୍ମାନ ପଣ୍ଡିତ ଏହାର ବିରୋଧ କରନ୍ତି । ମାତ୍ର ପ୍ରଫେସର ଉଇଣ୍ଡିସ୍ (Windisch)ଙ୍କ ଭଳି ପଣ୍ଡିତ ସ୍ପଷ୍ଟ କହିଚନ୍ତି, 'ମୃଚ୍ଛକଟିକ' ଭଳି ସଂସ୍କୃତ ନାଟକରେ Greek comedy ବା ଗ୍ରୀକ୍ ମିଳନାନ୍ତକ ନାଟକର, ପ୍ରଭାବ ସ୍ପଷ୍ଟ । ଏହି

Digitized by PPRACHIN, SOA

ଗ୍ରୀକ ମିଳନାନ୍ତକ ନାଟକ ଖ୍ରୀ,ପୂ ୩୦୦ ବେଳକୁ ବକ୍ଟ୍ରିୟାର ଗ୍ରୀକ୍‌ମାନଙ୍କ ଭିତରେ ଖୁବ୍ ପ୍ରତିଷ୍ଠା ଓ ପ୍ରସିଦ୍ଧି ଲାଭ କରିଥିଲା । ଅବଶ୍ୟ ଏ କଥାର ପ୍ରତିବାଦ ମଧ ନାହିଁ ନୁହେଁ । ଦଳେ ପଣ୍ଡିତଙ୍କର ଖୋଜ ହେଉଚି, ସେମାନେ ବରାବର କହନ୍ତି, ସବୁବିଦ୍ୟା ଓ ପ୍ରୟୋଗ ବିଜ୍ଞାନ, ପୃଥିବୀର ଭିନ୍ନ ଭିନ୍ନ ସ୍ଥାନରେ ଏକା ପରି ହେଲେ ବି ସ୍ୱତନ୍ତ୍ର ଭାବରେ ପ୍ରକାଶ ପାଇଥାଏ । ତେଣୁ ଏହି ବିକାଶକୁ ଏକାପରି ଦେଖିଲାକ୍ଷଣି ଗୋଟିକର ଅପର ଉପରେ ପ୍ରଭାବ ହେତୁରୁ ଏହା ହୋଇଚି ବୋଲି ବ୍ୟାଖ୍ୟାକରି ବସିବା ଠିକ୍ ନୁହେଁ । ମାତ୍ର 'ଯବନିକା' ନାମଟି ପ୍ରତି ଏଠାରେ ବିଶେଷ ଲକ୍ଷ୍ୟ କରିବାର ଅଛି ।

'ଯବନିକା' ବୋଇଲେ, ଏବେ ଆମେ ବୁଝୁଚୁ, ନାଟକର ଅଙ୍କ ଶେଷରେ - ଏପରିକି ସଭା ଶେଷରେ ପଡ଼ିବା ପର୍ଦା (Drop Scene) । ଏହି ଅର୍ଥରେ କେବେ ଚଳିଲା, କହିବା ମୁସ୍କିଲ । ଖ୍ରୀଷ୍ଟ ପୂର୍ବ ପ୍ରଥମ ଶତକରେ ରୋମୀୟ ଶିସିରୋ, ନାଟକରେ ଯେଉଁ ପର୍ଦାର କଥା କହିଚନ୍ତି, ତା ଖୁବ୍ ସଂଭବ, ଅଙ୍କ ଶେଷରେ ବା ସଭା ଶେଷରେ ପଡୁଥିବା ପର୍ଦା । ରୋମୀୟମାନେ ଗ୍ରୀକ୍‌ଙ୍କ ଠାରୁ ନାଟକ ଅଭିନୟ ଅନୁକରଣ କରିଥିଲେ । ହେଲେହେଁ, ଏହି ନାଟକରେ ଦୃଶ୍ୟ ଆଗରେ ପଡ଼ିବାର ପର୍ଦାଟି ଗ୍ରୀସ୍‌ରେ କେବେ ଆରମ୍ଭ ହୋଇଥିଲା, ଏବେ ବି କହି ହେଉନାଇ । ମାତ୍ର ଖ୍ରୀଷ୍ଟପୂର୍ବ ୪ର୍ଥ ଶତକ ବେଳକୁ ଗ୍ରୀକ୍‌ମାନେ ଅଭିନୟରେ ଏକ ପ୍ରକାର ଦୃଶ୍ୟପଟ୍ଟ ବ୍ୟବହାର କରିବା ଆରମ୍ଭ କରିସାରିଥିଲେ । ଆଉରି ୧୦୦ ଖଣ୍ଡ ବର୍ଷ ପୂର୍ବରୁ ତାଙ୍କ ସଂଗୀତ ଯାତ୍ରାକୁ ଯେଉଁଠାରୁ ଲୋକେ ବେଶ ହୋଇ ଆସୁଥିଲେ (ନେପଥ୍ୟ) ସେ ସ୍ଥାନକୁ ଅଲଗା କରିବା ପାଇଁ ଗୋଟିଏ ବାଡ଼- ଖୁବ୍ ସଂଭବ କନାଟି- ବାଡ- ବ୍ୟବହାର କରାଯାଉଥିଲା । ଏଇ ବାଡ଼ରେ ପ୍ରଥମେ ପ୍ରଥମେ କବାଟି ଥିଲେ ମଧ ରଙ୍ଗଭୂମିରୁ ବେଶ ହେଉଥିବା ଲୋକକୁ ଅଲଗା କରିବା ପାଇଁ ଏ ପର୍ଦା ବ୍ୟବହାର କରାଯାଉଥିଲା । ବକ୍ଟ୍ରିୟାର ଗ୍ରୀକ୍‌ମାନେ ପଛରେ କି ଆଗରେ, କେଉଁଠାରେ ପର୍ଦା କିପରି ବ୍ୟବହାର କରୁଥିଲେ, ତା ଠିକ୍ ଜଣା ନାହିଁ । କିଂତୁ ଆମ ଯବନିକା ଖୁବ୍ ସଂଭବ ସେଇ ଯବନଙ୍କ ଠାରୁ ଦେଖା ଶିଖା । ପହିଲେ ଶିଖିଲା ବେଳେ ଆମର ବି ତା କିପରି କେଉଁଠାରେ ପଡୁଥିଲା, ତାହା ଏବେ ବି ଅନୁସନ୍ଧାନର ବିଷୟ । ପୁଣି କାଳକ୍ରମେ ପୋଥି ଲେଖାରେ ନାଟକ ସଙ୍ଗେ ଯବନିକାର ସଂବଂଧ ବରାବର ଅଚ୍ଛେଦ୍ୟ ହୋଇ ଯାଇଥିଲେ ମଧ, କିଏ ଏହା କେବେ ଆରମ୍ଭ କରିଥିଲା ଓ ଆରମ୍ଭ ବେଳେ ଏହା କିପରି ଥିଲା, ତା ଏବେ ବି ଠିକ୍ ଭାବରେ ଜଣାଯାଇ ନାଇ । ଆଉରି ମଧ ଲେଖାପୋଥିରେ ଯାହା ମିଳୁଚି, ଭାଷଙ୍କ ସମୟରେ ତାହା ଠିକ୍ ସେହିପରି

Digitized by PPRACHIN, SOA

ଥିଲା କି ନାଁ, ତା ମଧ୍ୟ ଅନୁସନ୍ଧାନରୁ ସିଦ୍ଧାନ୍ତ ଭୂମିକୁ ଆସିଚି ବୋଲି ମନେ ହେଉ ନାଇ ।

ନୀଳକଣ୍ଠ ଦାସ, ନୂଆପ୍ରସ୍ଥ-୨/୧୨, ଆଲୋଚନା

ସାହିତ୍ୟରେ କାହାଣୀ ଓ କିମ୍ବଦନ୍ତୀ

କବି ଦୀନକୃଷ୍ଣଙ୍କୁ ଓଡ଼ିଶା ରାଜା ବାହାର କରିଦେବା କଥା :

ସେଦିନ କବି ଦୀନକୃଷ୍ଣ ଦାସଙ୍କୁ ଘେନି ଉତ୍ସବଟିଏ ହୋଇଥିଲା । ଓଡ଼ିଆରେ କବି ଦୀନକୃଷ୍ଣ ଦାସ ଦୁଇଜଣ । ଜଣେ ହେଉଚନ୍ତି, ପ୍ରସିଦ୍ଧ 'ରସକଲ୍ଲୋଳ'ର କବି । ଅନ୍ୟଜଣକ 'ରସ-ବିନୋଦ', 'ପ୍ରସ୍ତାବସିନ୍ଧୁ' ଓ 'ଗୁଣସାଗର' ପ୍ରଭୃତିର କବି । ଦୁଇଜଣଙ୍କୁ ଏକ ବୋଲି ପ୍ରମାଣ କରିବାକୁ କେହି କେହି ପ୍ରଯତ୍ନ କରନ୍ତି । ମାତ୍ର ଅନ୍ୟାନ୍ୟ ବିଚାର ଛାଡ଼ି ଦେଲେ ମଧ୍ୟ, ଖାଲି ଭାଷା, ବିଷୟ ନିର୍ବାଚନ ଓ ପ୍ରୟୋଗ ନିପୁଣତାରେ ମଧ୍ୟ ଦୁହେଁ ଏକ ନୁହନ୍ତି ବୋଲି ବୁଝାଯାଉଛି । ସେ ଯା' ହେଉ, ଜଣେ ଦୀନକୃଷ୍ଣ ଦାସଙ୍କୁ, ବେଶି ଭକ୍ତ ହେବାରୁ ସହ ନପାରି, ପୁରୀର ତତ୍କାଳୀନ ରାଜା ('ଦିବ୍ୟସିଂହ ଦେବ') ରାଜ୍ୟରୁ ବାହାର କରି ଦେଇଥିଲେ ବୋଲି ଯେ ପ୍ରବାଦଟି ଅଛି, ତାରି ଉପରେ ଖୁବ୍ ଆଲୋଚନା, ଏ ଉତ୍ସବରେ ହୋଇ ଥିବାର ଶୁଣାଗଲା ।

ଭକ୍ତଙ୍କ ମିଥ୍ୟାଚାର :

ଭକ୍ତି ଧର୍ମରେ ଓ ଭକ୍ତମାନଙ୍କ ସମ୍ବନ୍ଧରେ ଏପରି ପ୍ରବାଦମାନ ଖୁବ୍ ଶୁଣାଯାଏ । ଏସବୁ ମିଥ୍ୟା ଓ ଗଢ଼ା କଥା । ଏପରି ମିଥ୍ୟାକଥା କାଢ଼ିବା ଓ ପ୍ରଚାର କରିବା ଭକ୍ତମାନଙ୍କର ଗୋଟିଏ ଦୁରାରୋଗ୍ୟ ରୋଗ । ସଂସ୍କୃତର 'ଭକ୍ତମାଳା' ଓ ବିଶେଷରେ ଓଡ଼ିଆ ଭାଷାରେ ଲେଖା 'ଦାର୍ଢ୍ୟତା-ଭକ୍ତି' ଭଳି ଗ୍ରନ୍ଥ, ଏ କ୍ଷେତ୍ରରେ ସ୍ପଷ୍ଟ ଉଦାହରଣ । କବିକର୍ଣ୍ଣଙ୍କ 'ପାଲା' ଗୁଡ଼ିକ ଏକ୍ଷେତ୍ରରେ ଆଉରି ଏକ ବିକଟ ଓ ଉତ୍କଟ ଦୃଷ୍ଟାନ୍ତ । ଏବେ 'ତ୍ରିଦଣ୍ଡୀଭିକ୍ଷୁ ଭକ୍ତିପ୍ରଦୀପତୀର୍ଥ' ବୋଲି ଜଣେ ଗୌଡ଼ୀୟ ବୈଷ୍ଣବ, 'ଚୈତନ୍ୟ ମହାପ୍ରଭୁ' ବୋଲି ଇଂରେଜୀରେ ଏକ ବିରାଟ ପୁସ୍ତକ ଲେଖିଛନ୍ତି । ସେଥିରେ ଚୈତନ୍ୟଙ୍କ ସମ୍ବନ୍ଧରେ ଏଇପରି ମିଥ୍ୟାମାନ ତିଆରି କରି ପ୍ରଚାର କରିବା ଛଡ଼ା ଅନ୍ୟ କିଛି ଉଦ୍ଦେଶ୍ୟ ନାଇ ବୋଲି ମନେ ହୁଏ । ଉଦାହରଣ ସ୍ୱରୂପ, ସେ ମୂଳରୁ ଆରମ୍ଭ କରିଛନ୍ତି, ଚୈତନ୍ୟ, ମାତୃଗର୍ଭରୁ ଭୂମିଷ୍ଠ ହେବାମାତ୍ରେ, ନିଜ ମାତାଙ୍କୁ ନିଜର ଶଙ୍ଖଚକ୍ର ଗଦାପଦ୍ମଧାରୀ ଚତୁର୍ଭୁଜ ବିଷ୍ଣୁ ରୂପ ଦେଖାଇଥିଲେ । ଭକ୍ତିଗ୍ରନ୍ଥ ଓ ଭକ୍ତିଧର୍ମର ପ୍ରବାଦ, କିମ୍ବଦନ୍ତୀମାନଙ୍କର ଏଇପରି ମିଥ୍ୟାର ଉଦାହରଣ ବରାବର ଦିଆଯାଇପାରେ ।

Digitized by PPRACHIN, SOA

ଏପରି କଳ୍ପନା ବଡ଼ବ୍ୟାପ୍ତ, ବଡ଼ ପ୍ରାଚୀନ :

ଏସବୁ ପୁଣି ଏକା ଏଇ ଦେଶର ନୁହେଁ - କି ଆଜିର ନୁହେଁ। ଇହୁଦୀଙ୍କ ମହାପୁରୁଷ ମୂଷା (Moses) ପାହାଡ଼ରେ ଜଳନ୍ତା ନିଆଁ ଭିତରେ ତାଙ୍କ ଈଶ୍ୱରଙ୍କୁ ଦେଖି ତାଙ୍କ ଠାରୁ ଦଶଟି ଆଦେଶ ଶୁଣିଥିଲେ। ଖ୍ରୀଷ୍ଟଙ୍କର ଈଶା (Jesus) ଖଣ୍ଡେ ରୁଟିରେ ୪୦୦୦ ଲୋକଙ୍କୁ ପେଟ ପୂରା କରି ଖୁଆଇ ଥିଲେ, ଇତ୍ୟାଦି ପ୍ରବାଦ ଖୋଜି ଲେଖିବସିଲେ ସରିବ ନାଇ। ଗତ ଶତାବ୍ଦୀରେ ଷ୍ଟ୍ରଅସ୍ ସାହେବ (D.F.Strauss) ସେଥିପାଇଁ ଗ୍ରନ୍ଥ ଲେଖି ଯୁକ୍ତି ଦେଇ ପ୍ରମାଣ କରିଥିଲେ ଯେ, ମାଥ୍ୟୁ ପ୍ରଭୃତି ସନ୍ଥମାନେ ଈଶାଙ୍କ ସମ୍ବନ୍ଧରେ ଯାହା ଲେଖିଛନ୍ତି, ସେସବୁ ଖାଲି ମନଗଢ଼ା ଗଳ୍ପ ବା କାହାଣୀ। ଈଶାଙ୍କ ତିରୋଧାନର ପ୍ରଥମ ଦୁଇଶହ ବର୍ଷ ଭିତରେ ସେଗୁଡ଼ିକ ତାଙ୍କ ଭକ୍ତଙ୍କ କଳ୍ପନାରୁ ମାତ୍ରା ବାହାରି ଥିଲା।

କିମ୍ବଦନ୍ତୀ ଓ ତାହାର ବ୍ୟାପ୍ତି :

ଏଇ ପରିକଳ୍ପିତ କାହାଣୀକୁ ଇଂରେଜରେ କହନ୍ତି ମିଥ୍ (Myth)। ସଂସ୍କୃତ 'ମିଥ୍ୟା' ଶବ୍ଦ ସଂଗେ ଏହାର ଆଦିମ ବ୍ୟୁତ୍ପତିଗତ ସମ୍ପର୍କ ମଧ୍ୟ ଏ କ୍ଷେତ୍ରରେ ଅନୁସନ୍ଧେୟ। ସଂସ୍କୃତରେ ମଧ୍ୟ କଥାଟି ଅଛି, 'କିମ୍ବଦନ୍ତୀ'। ଏହାର ଆକ୍ଷରିକ ଅର୍ଥ ହେଉଚି, ଲୋକେ ଯାହା କଅଣ ଗୁଡ଼ାଏ କହନ୍ତି। ସେ ଯାହା ହେଉ, ଅତି ଆଦିମ କାଳରେ ମନୁଷ୍ୟ କାର୍ଯ୍ୟ କାରଣ ସମ୍ବନ୍ଧଯୁକ୍ତ ବୈଜ୍ଞାନିକ ଚିନ୍ତାଧାରା ସଙ୍ଗେ ପରିଚିତ ନଥିଲା ବେଳେ ବିଶ୍ୱ ରହସ୍ୟ ଓ ଅଭାବନୀୟ ଘଟଣାମାନଙ୍କୁ ଏଇପରି କାହାଣୀ କିମ୍ବଦନ୍ତୀରେ ବ୍ୟାଖ୍ୟା କରୁଥିଲା। ସେଇସବୁ କିମ୍ବଦନ୍ତୀମାନ ପରେ ପୁଣି ନାନା ଭାବରେ ନାନା ଲୋକଙ୍କ ନାମରେ ଭକ୍ତ ଓ ସ୍ତାବକମାନେ ଯୋଡ଼ି ଦେଉଥିଲେ। ଗୋଟିଏ ଉଦାହରଣ ଦେଖ। ଭକ୍ତ ଖ୍ରୀଷ୍ଟାନମାନେ କହନ୍ତି ଓ ବିଶ୍ୱାସ କରନ୍ତି, ଈଶା ବା ଯୀଶୁଖ୍ରୀଷ୍ଟ, ବିନା ବାପାରେ ମାତାର ଗର୍ଭସ୍ଥ ହୋଇଥିଲେ। ଈଶାଙ୍କ ଜନ୍ମର ବହୁ ସହସ୍ର ବର୍ଷ ପୂର୍ବରୁ ଲିବିଅର, ପରେ ଇଜିପ୍ଟର ଦେବୀ ନୀଥ୍ (Neith)ଙ୍କର ମଧ୍ୟ ଗୋଟିଏ ବିନା ପିତାରେ ପୁତ୍ର ଜନ୍ମ ହୋଇଥିବା ସେସବୁ ଦେଶମାନଙ୍କର ଧର୍ମ-ସମ୍ବନ୍ଧୀୟ କିମ୍ବଦନ୍ତୀରେ ପ୍ରସିଦ୍ଧ। ରାମାୟଣରେ ମଧ୍ୟ ଅଛି, ରାମ ଓ ତାଙ୍କ ଭାଇମାନେ ଗର୍ଭସ୍ଥ ହୋଇଥିଲେ, ତାଙ୍କ ମା'ମାନେ ଯଜ୍ଞଚରୁ ଖାଇବାରେ। ରାମକୃଷ୍ଣ ପରମହଂସଙ୍କ ଭକ୍ତମାନେ ଏବେ ଲେଖଛନ୍ତି, ରାମକୃଷ୍ଣଙ୍କ ପିତା ଘରେ ନ ଥିବା ବେଳେ ତାଙ୍କ ମା' ରାତିରେ ଜଟାଜୁଟଧାରୀ ମହାଦେବଙ୍କୁ ସ୍ୱପ୍ନରେ ଦେଖି ତାଙ୍କଠାରୁ ଗୋଟିଏ ପାଚିଲା-କଦଳୀ ପାଇଲେ। ନିଦରୁ ଉଠି ସେଇ ପାଚିଲା କଦଳୀଟି ସେଇ ସ୍ୱପ୍ନାଦେଶମତେ ଖାଇବାରେ ରାମକୃଷ୍ଣ ଗର୍ଭସ୍ଥ ହେଲେ।

Digitized by PPRACHIN, SOA

ଦୀନକୃଷ୍ଣଙ୍କ କଥାର ପ୍ରାଚୀନ ସଂସ୍କରଣମାନ :

ଦୀନକୃଷ୍ଣ ଦାସଙ୍କ ଭକ୍ତିଗୀତ ସବୁ କୃଷ୍ଣ-ଜଗନ୍ନାଥଙ୍କର ବେଶୀ ପ୍ରିୟ ହେବାର ଦେଖି ରଜା, ତାଙ୍କୁ ଦଣ୍ଡିଲେ, ତଡ଼ିଦେଲେ। ସମ୍ଭବତଃ 'ଦାର୍ଢ୍ୟତାଭକ୍ତି'ର 'କୃଷ୍ଣ ଦାସ'ଙ୍କୁ ଦୀନ-କୃଷ୍ଣ ଦାସଙ୍କ ସଙ୍ଗେ ଏକ କରି ଏଇ କିମ୍ବଦନ୍ତୀଟିକୁ ବେଶୀ ଦୃଢ଼ମୂଳ ଓ ସତ୍ୟ କରାଯାଉଚି। କିନ୍ତୁ ଏପରିର କାହାଣୀ ପରମ୍ପରାରେ କମ୍ ନାଇ। ସାରଳା ଦାସ ଯେଉଁ 'ବିଲଙ୍କା ରାମାୟଣ' ଲେଖିଥିଲେ, ତା' ମୂଳ ହେଉଚି, ସଂସ୍କୃତରେ ଲେଖା ହୋଇଥିବା 'ଅଦ୍ଭୁତ ରାମାୟଣ'। ସେଇ 'ଆଦ୍ଭୁତ ରାମାୟଣ'ରେ ଅଛି, 'କୌଶିକ' ବୋଲି ଜଣେ ବ୍ରାହ୍ମଣ ସ୍ତୁତିଗୀତସବୁ ସୁନ୍ଦର ଗାଇ ପାରୁଥିଲେ। ସେଥିରେ 'ନାରାୟଣ-ବିଷ୍ଣୁ' ବଡ଼ ପ୍ରୀତ ହେଲେ। ସେଠୁ ତାଙ୍କୁ ଭ୍ରଷ୍ଟ କରିବା ପାଇଁ 'କଳିଙ୍ଗ-ରାଜ' ତାଙ୍କ ପାଖେ ଅନ୍ୟଗୀତ ବୋଲାଇଲେ। କୌଶିକ ସେଠୁ ନିଜ ଜିଭକାଟି, କାନରେ କାଠ କୀଳା ବାଡ଼େଇ, ଶେଷରେ କଳିଙ୍ଗ ଛାଡ଼ି ଶ୍ୱେତଦ୍ୱୀପକୁ ଚାଲିଯାଇ ନାରାୟଣଙ୍କ ପାଖେ ରହିଲେ। ତାଙ୍କ ଜିଭକଟା ହୋଇ ଥିବାରୁ ସେଠି 'ଲକ୍ଷ୍ମୀ' 'ତୁମ୍ବୁରୁଙ୍କୁ' ଅଣାଇ ତାଙ୍କ ତୃପ୍ତି ଓ ସୁଖବିଧାନ ପାଇଁ ତାଳଲୟରେ ବିଷ୍ଣୁ-ସ୍ତୁତି-ଗାନମାନ ବୋଲାଇଲେ।

ଜୟଦେବଙ୍କ କଥା :

ସେଇ 'ଅଦ୍ଭୁତ ରାମାୟଣ'ରେ ପୁଣି ଅଛି, 'ଭୁବନେଶ୍ୱର-ରାଜା' ନିୟମ କଲା- 'ବୈଦିକ ବ୍ରାହ୍ମଣେ ପ୍ରାକୃତ ସଙ୍ଗୀତ ଗାନକରି ନାରାୟଣ ଅର୍ଚ୍ଚନା କରିବେ ନାଇ।' ତା ଫଳରେ ସେ ପରଜନ୍ମରେ ଭଲ୍ଲୁକ ବା ପେଚା ହେଲା। ଜୟଦେବଙ୍କ 'ଗୀତଗୋବିନ୍ଦ'କୁ ରାଜା ପୁରୁଷୋତ୍ତମ ଦେବ ପ୍ରତି-ସ୍ପର୍ଦ୍ଧା କରି 'ଅଭିନବ ଗୀତଗୋବିନ୍ଦ' ନାମକ ପୁସ୍ତକ ନିଜେ ରଚନା କରି କୃଷ୍ଣ-ଜଗନ୍ନାଥଙ୍କ ଆଗେ ବୋଲାଇ ଥିବାର କିମ୍ବଦନ୍ତୀ ଅଛି। ସେଥି ସଙ୍ଗେ ପୁଣି କଥା ଅଛି, ଜୟଦେବଙ୍କ ଗୀତଗୋବିନ୍ଦ ଲେଖା ବେଳେ, ଜୟଦେବ ଗାଧୋଇ ଯାଇଥିଲା ବେଳେ, ନିଜେ କୃଷ୍ଣ ତାଙ୍କ ଘରେ ପଶି, ସେଇ ପୁସ୍ତକରେ କେତେ ଧାଡ଼ି ଲେଖି ଦେଇଗଲେ। ତାଙ୍କ ଭାର୍ଯ୍ୟା ପଦ୍ମାବତୀ ତା ପୁଣି ଦେଖିଥିଲେ।

କାଞ୍ଚିକାବେରୀ କଥା :

ଏଇପରି ଆଉ ଗୋଟିଏ ଭକ୍ତଙ୍କ କଳ୍ପନା ହେଇଚି, କାଞ୍ଚି ଅଭିଯାନରେ କଳାଘୋଡ଼ା ଧଳା ଘୋଡ଼ାରେ ଜଗନ୍ନାଥ ବଳଭଦ୍ର ଯିବା ଓ ମାଣିକ ଗଉଡୁଣୀଠୁ ମୁଦି ଦେଇ ଦହି ଖାଇବା; ପୁରୁଷୋତ୍ତମ ଦେବ ପୁଣି ସେଇ ମୁଦି ଦେଖି ସବୁ କଥା ଜାଣିବା। ଜଗମୋହନରେ ଆରୋହୀଙ୍କ ସହିତ ଏଇ କଳା ଘୋଡ଼ା ଧଳା ଘୋଡ଼ାର ଅନ୍ତୋନ୍ନତ-ଖୋଦିତ ମୂର୍ତ୍ତି

Digitized by PPRACHIN, SOA

'ଜଗମୋହନ' କାନ୍ଥରେ ଅଛି। ଭକ୍ତମାନେ ଲେଖିଛନ୍ତି, ଚୈତନ୍ୟ ଏହା ଦେଖିଥିଲେ। କାଞ୍ଚି ଯୁଦ୍ଧ ଓ ଚୈତନ୍ୟଙ୍କ ଓଡ଼ିଶା ଆଗମନ ଭିତରେ ପ୍ରଭେଦ, ପ୍ରାୟ ୪୦ ବର୍ଷ। ଲୋକଙ୍କ ସ୍ମୃତି କାଳ ମଧ୍ୟରେ କିମ୍ବଦନ୍ତୀର ଘୋଡ଼ା ଓ ସାଦୀ ଏପରି ମନ୍ଦିରରେ ସ୍ଥାନ ପାଇଗଲେ। ହୋଇପାରେ। ମାତ୍ର ଏହାର ମୂଳ ହୁଏତ କାଳରେ ବହୁ ଦୂରରେ। ପ୍ରାଚୀନ ବାବିଲନ୍ ଆସିରିଆ (ଅସୁର ଦେଶ)ରେ ଏଇପରି ଉପାସ୍ୟ ଦେବ ଘୋଡ଼ା ଚଢ଼ି ଭକ୍ତ ରାଜାଙ୍କ ସଙ୍ଗେ ଶତ୍ରୁ ବିଜୟରେ ଯାଇଥିବାର କିମ୍ବଦନ୍ତୀ, ସେମାନଙ୍କ ଲେଖମାନଙ୍କରୁ ମିଳେ।

ସାକ୍ଷିଗୋପାଳ ଓ ଲକ୍ଷ୍ମୀ :

ଏଇପରି କାହାଣୀ କିମ୍ବଦନ୍ତୀ ଆମ ପୁରାଣ ଓ ଲୋକ କଥାରେ ବହୁତ। ପୁଣି ଭକ୍ତମାନଙ୍କର ସର୍ବତ୍ର ସର୍ବଦା ଏଇପରି ମିଥ୍ୟା ରଚନାମାନ ହେଉଚି, ପାଣ୍ଡି। ଯେଉଁମାନେ ନିଜର ବା ପିଲାଙ୍କର ମଙ୍ଗଳପାଇଁ 'ସତ୍ୟପୀର'ଙ୍କୁ ସିରିଣୀ ଯାଚି, 'ପାଲା' ବୋଲାନ୍ତି ଓ ଶୁଣନ୍ତି, ସେଭଳି ଭକ୍ତ ଓ ତାଙ୍କ ଭକ୍ତିପରି ଭକ୍ତି ଏ ଯୁଗରେ ଆଉ ଚଳିବ ନାଇ। 'ଦାର୍ଢ୍ୟତା ଭକ୍ତି'କୁ ଆମ ସାହିତ୍ୟ ବୋଲି ନାଚିଲେ, ଜାଣିବା ଲୋକେ ଉପହାସ କରିବେ। ସାଧୁ ଚିନ୍ତା ବା ସାହିତ୍ୟରେ ସେଭଳି ବୈଷ୍ଣବ ଧର୍ମର ସ୍ଥାନ ନାଇ। ତେଣୁ କିମ୍ବଦନ୍ତୀ ଉପରେ ସାହିତ୍ୟ ବା ସତ୍ୟର ଆଲୋଚନା କଲାବେଳେ ଖୁବ୍ ସାବଧାନ ହେବାକୁ ହେବ। ସମାଲୋଚନା, ସମୀକ୍ଷା ତଥା ରଚନାରେ କାର୍ଯ୍ୟକାରଣ-ସମ୍ବନ୍ଧର ବୈଜ୍ଞାନିକ ଯୁକ୍ତିଯୁକ୍ତତା ସର୍ବଥା ଲୋଡ଼ା।

ଏପରି କିମ୍ବଦନ୍ତୀର ସାହିତ୍ୟିକ ମୂଲ୍ୟ :

ସେଇପରି 'ସାକ୍ଷିଗୋପାଳ' ବୃନ୍ଦାବନରୁ ଚାଲିଚାଲି କାବେରୀକୂଳ ଯାଏ ସାକ୍ଷ୍ୟ ଦେବାକୁ ଆସି, ଭକ୍ତ, ତାଙ୍କ କଥା ନ ମାନି ପଛକୁ ଚାହିଁ ଦେବାରୁ ପଥର ହୋଇ ଠିଆ ହୋଇଗଲେ। ପୁରୁଷୋତ୍ତମ ଦେବ ତାଙ୍କୁ ଆଣି 'ବାରବାଟି' ଦୁର୍ଗରେ ରଖିଥିଲେ। ପରାଧୀନ ଓଡ଼ିଶାର ରାଜାମାନେ ତାଙ୍କୁ 'କନ୍ତଳବାଇ' ଓ ସେଠୁ 'ରଥୀପୁର' ନେଇ ରଖିଥିଲେ। ଏବେ ଇଂରେଜ ଅମଳରେ ପ୍ରାୟ ୧୨୦ ବର୍ଷତଳେ ପୁରୀର ରାମଚନ୍ଦ୍ର ଦେବ ବଉଳ ଛୁରୀଅନା ଲଗାଇ, 'ଗୁପ୍ତବୃନ୍ଦାବନ' ତିଆରି କରି ନିଜ ସାନପୁଅ 'ପଦ୍ମନାଭ ରାଏ ସାହେବ'ଙ୍କ ପାଇଁ ସେଠାରେ ଆଣି ସାକ୍ଷିଗୋପାଳଙ୍କୁ ରଖିଲେ ଓ ତାଙ୍କ 'ସୁଆର ସାଇ' ବସାଇଲେ। ଆଜକୁ ପ୍ରାୟ ୭୦।୮୦ ବର୍ଷ ତଳେ ରଣପୁର ରାଜାଙ୍କ ଅନୁରୋଧରେ ପିତଳରେ ରାଧାମୂର୍ତ୍ତି ତିଆରି କରାହୋଇ ସାକ୍ଷିଗୋପାଳ ମୂର୍ତ୍ତିପାଖେ ରଖା ହେଲା। ମାତ୍ର

Digitized by PPRACHIN, SOA

ଆଜକୁ ପ୍ରାୟ ୬୦ ବର୍ଷତଳେ ଲେଖକ ନିଜ ପିତାଙ୍କ ଠାରୁ ଗଳ୍ପ ଶୁଣିଚି- "ସାକ୍ଷିଗୋପାଳକୃଷ୍ଣ, 'ସୁଆର ସାଇ'ର ଜଣେ ବ୍ରାହ୍ମଣଙ୍କ କନ୍ୟା 'ଲକ୍ଷ୍ମୀ'ଙ୍କ ପାଖକୁ ଗୁପ୍ତରେ ରାତିରେ ଯିବା ଆସିବା କରୁଥିଲେ। ଦିନେ ତା' ଶେଜରେ ବଂଶୀଟି ଭୁଲରେ ଛାଡ଼ିଯିବାରୁ ଧରାପଡ଼ିଲେ ଓ ସ୍ୱପ୍ନରେ ତା ବାପକୁ କହିଲେ, 'ଲକ୍ଷ୍ମୀ' ହେଉଚି 'ରାଧା'। ମୁଁ ଏକ; ମୋପାଖେ ରାଧା ମୂର୍ତ୍ତିଟି ବସାଅ। ଏଣେ ଲକ୍ଷ୍ମୀକି ଜରହେଲା। ରାଧା ମୂର୍ତ୍ତି ପ୍ରତିଷ୍ଠା ସରିଯିବା ମୁହୂର୍ତ୍ତରେ 'ଲକ୍ଷ୍ମୀ'ର ହେଲା ମୃତ୍ୟୁ। ତା'ର କିଛିଦିନ ପରେ ଏଇ କିମ୍ବଦନ୍ତୀକୁ ଧରି କବି 'ରାମକୃଷ୍ଣସାହୁ' (ବ୍ରାହ୍ମ ହୋଇ ସେ ନିଜ ନାମ ଲେଖୁଥିଲେ- 'ରାମକୃଷ୍ଣ ସାହା') 'ଲକ୍ଷ୍ମୀ' ବୋଲି ଗୋଟିଏ ସୁନ୍ଦର କାବ୍ୟ ଲେଖିଥିଲେ। ରାଧାନାଥ ମଧ୍ୟ ନିଜ କାବ୍ୟରେ ପ୍ରସଙ୍ଗାନ୍ତରରେ ଲେଖିଛନ୍ତି -

"ଦ୍ୱିଜ କନ୍ୟା ଲକ୍ଷ୍ମୀ ସ୍ନାନେପୂତନୀରା
ସୌଗନ୍ଧିକ ଗନ୍ଧେ ଚାରୁ ରତ୍ନଚିରା"।

'ସୁଆର ସାଇ' ହେଉଚି, 'ରତ୍ନଚିରା' ନଦୀ ଉପରେ। ରତ୍ନଚିରାରେ ସେକାଳେ (ବିଲାତିଦଳ ନ ଥିଲା ବେଳେ) ଶୀତ ଦିନେ ବହୁତ 'ସୌଗନ୍ଧିକ' (କଇଁ ଫୁଲ) ଫୁଟୁଥିଲା।

କେତେ ଶୀଘ୍ର ଏ ବିରାଟ ମିଥ୍ୟାଟି ଭକ୍ତଙ୍କର ସତ୍ୟ ଇତିହାସ ହୋଇଗଲା, ତା ଏଠି ଦେଖିବାର କଥା। ମାତ୍ର ଏହା ମୂଳରେ ଅଛି, କୃଷ୍ଣ ଗୋପନରେ ଗଉଡୁଣୀମାନଙ୍କ ପାଖକୁ, ପୁଣି, ବିଶେଷରେ ଶାଶୂ-ନଣନ୍ଦ ଜଗି ଥିବା ସତ୍ତ୍ୱେ, ରାଧାଙ୍କ ସଙ୍ଗେ ଗୁପ୍ତ ପ୍ରଣୟରେ ମାତିବା। ଦେଶ କାଳ ପାତ୍ରରେ ଏକ କଥାଟି ଟିକିଏ ଏ ପାଖ ସେ ପାଖ ହୋଇଯାଇଛି ମାତ୍ର।

ନୂଆପ୍ରସ୍ଥ-୩/୧, ଆଲୋଚନା

ଭାଗବତ ସାର ସତ୍ୟ ଧର୍ମ

ଏଇ ଶିରୋନାମାରେ ବ୍ରହ୍ମଅବଧୂତ ସନ୍ନ୍ୟାସୀ ଶ୍ରୀ ବିଶ୍ୱନାଥ ବାବାଙ୍କ ରଚିତ ଖଣ୍ଡିଏ ଗ୍ରନ୍ଥ କେତେକାଳ ତଳେ ଆମ ହାତକୁ ଆସିଥିଲା । ଏହା ପୂର୍ବରୁ ଶ୍ରୀ ବିଶ୍ୱନାଥ ବାବାଙ୍କ 'ମହିମା ଧର୍ମ ପ୍ରତିପାଦକ' ପଢ଼ିଥିଲୁ । ଏ ଗ୍ରନ୍ଥରେ ମଧ୍ୟ ଗ୍ରନ୍ଥକାର ସେଇ ମହିମା ଧର୍ମକୁ 'ସତ୍ୟ ଧର୍ମ' ବୋଲି କହିଛନ୍ତି ।

ଆମ ମତରେ ଓଡ଼ିଶାର ଏହା ଯଥାର୍ଥ ପାରଂପରିକ ସତ୍ୟ ଧର୍ମ । ଏହା ମଧ୍ୟ ଓଡ଼ିଶାର ମୌଳିକ ଧର୍ମ । ଭାରତର ଯେଉଁ ନିର୍ବାଣପର ମୌଳିକ ଧର୍ମ ସମସ୍ତ ବୈଦିକ ଧର୍ମକୁ ପ୍ରଭାବିତ କରି ଆସିଚି ଏହା ସେଇ ଧର୍ମର ଏକ ନୂତନ ସଂସ୍କରଣ । ଦିନେ ଏଇ

Digitized by PPRACHIN, SOA

ମୌଳିକ ସାଧନାର ଏକ ସଂସ୍କରଣ ଥିଲା- ବୌଦ୍ଧଧର୍ମ, ତଥା ଜୈନଧର୍ମ । ବୌଦ୍ଧଧର୍ମରେ ମହାଯାନର ଭକ୍ତି ପଶିଗଲା; ପୁଣି ଜୈନ ଧର୍ମରେ ହିନ୍ଦୁ ଦେବ ଦେବୀ ପର୍ଯ୍ୟନ୍ତ ସ୍ଥାନ ପାଇଲେ । ଓଡ଼ିଶାର ମୌଳିକ ସତ୍ୟ ଧର୍ମ ମଧ୍ୟ ସେଇପରି ବୈଷ୍ଣବ ଧର୍ମର ଦ୍ୱୈତ ଭକ୍ତିରେ ଆତ୍ମ ଗୋପନ କରିଥିଲା । ତାପରେ ବାହାରିଲା ମହିମା ଧର୍ମ । ଏହା ମୁଖ୍ୟତଃ ଶରୀର ସାଧନାରତ ଶୂନ୍ୟ ବା ନିର୍ବାଣବାଦୀର ଧର୍ମ । ଏଥିରେ ମାନବ, ମାନବର ଭେଦ ନାଇଁ, କି ଅଷ୍ଟାଙ୍ଗ ଶରୀର ସାଧନା ଛଡ଼ା ଅନ୍ୟ ମୁକ୍ତି ସାଧନା ନାଇଁ । ଏ ଯୁଗରେ ଭୀମା ଭୋଇ ଏଇ ସତ୍ୟ ଧର୍ମର ସ୍ୱଷ୍ଟ ପ୍ରତୀକ ।

ଅଚ୍ୟୁତ, ବଳରାମ, ଜଗନ୍ନାଥ ପ୍ରଭୃତି ପଞ୍ଚସଖାମାନେ ଏଇ ଶୂନ୍ୟ ସାଧନାକୁ ବୈଷ୍ଣବ ଧର୍ମର ଖୋଳ ପିନ୍ଧାଇ ପ୍ରଚାର କରିଚନ୍ତି। ସେଥିପାଇଁ 'ଜଗନ୍ନାଥ'ଙ୍କ ଅତିବଡ଼ି ବୈଷ୍ଣବ ଧର୍ମ ଚୈତନ୍ୟ ଶିଷ୍ୟଙ୍କ ବ୍ରହ୍ମ ବୈଷ୍ଣବ ଧର୍ମ ଠାରୁ ଭିନ୍ନ । ଏବେ ମଧ୍ୟ ଓଡ଼ିଆଙ୍କ ଭିତରେ 'ଅତିବଡ଼ି' ବୈଷ୍ଣବ ଅଛନ୍ତି । ଜଗନ୍ନାଥ ପୀଠ ପୁରୀର ବଡ଼ ଓଡ଼ିଆ ମଠର ମହନ୍ତ ଏଇ ଅତିବଡ଼ି ଧର୍ମର ସ୍ମାରକ- ତଥା ଏ ସମ୍ପ୍ରଦାୟର ଚାଳକ ଓ ନିୟାମକ । ତଥାପି ଏଇ ଅତିବଡ଼ି ଧର୍ମ କ'ଣ, ଓ ତାହା ଗୌଡ଼ୀୟ ସାଧନାରୁ କିପରି ପୃଥକ୍ ତାହା ଅନେକେ ହୁଏତ ଆଜି କହି ପାରିବେ ନାଇଁ । ଅତିବଡ଼ି ଧର୍ମକୁ ଯୋଗନିଷ୍ଠ ବୈଷ୍ଣବ ଧର୍ମ କହନ୍ତି ଓ ଗୌଡ଼ୀୟ ଧର୍ମକୁ ପ୍ରେମନିଷ୍ଠ ବୈଷ୍ଣବ ଧର୍ମ କହନ୍ତି । ଏ ଦୁଇଟିର ପ୍ରଭେଦ ମଧ୍ୟ ଏବେ ସୁଗମ ନୁହେଁ ।

ଓଡ଼ିଶାର ମୌଳିକ ଯୋଗନିଷ୍ଠ ଧର୍ମରେ ଆତ୍ମା ବ୍ରହ୍ମ ବା ଭକ୍ତିର କୌଣସି ସଂପର୍କ ନଥିଲା । ମାତ୍ର ଲୋକ ସାଧାରଣରେ ଭକ୍ତି ଓ ଭକ୍ତିର ଲଭ୍ୟ ବସ୍ତୁ ବଡ଼ ଚିତ୍ତାକର୍ଷକ । ଦେବତାଙ୍କୁ ଯଜ୍ଞ ବା ବଳିରେ ଉପାସନା କରି ଫଳଲାଭ କରିବାର ସାଧନା ବୈଦିକମାନେ ପ୍ରବର୍ତ୍ତାଇଲେ । ତାହା ବେଶି ଲୋକରୋଚକ ହେଲା । ଶୂନ୍ୟ ସାଧନାର ମୌଳିକ ସତ୍ୟ ଧର୍ମ ମଳିନ ହେଲା । ତାହା ଲୋକେ ବୁଝିଲେ ନାଇଁ । ସେଥିପାଇଁ ଜୀବାତ୍ମା, ପରମାତ୍ମା, ବ୍ରହ୍ମ ପ୍ରଭୃତି ପରିଭାଷା କ୍ରମେ ଶୂନ୍ୟ ଧର୍ମରେ ପଶିଲା । ପରେ ବିଷ୍ଣୁଙ୍କ ଭକ୍ତି ମଧ୍ୟ ଦୃଢ଼ ଭାବରେ ପ୍ରତିଷ୍ଠା ପାଇଲା । ଏଇ ଅଯଥା ଅବଲମ୍ବନ ଓ ସାମାନ୍ୟ ଧର୍ମରୁ ସତ୍ୟ ଧର୍ମକୁ ବଂଚାଇବା ପାଇଁ ଐତିହାସିକ କାଳରେ ସିଦ୍ଧାର୍ଥ ବୁଦ୍ଧ ବହୁ ତପସ୍ୟା ଓ ଚିନ୍ତା ଫଳରେ ପ୍ରଚାର କଲେ -

ବୁଦ୍ଧଂ ଶରଣଂ ଗଚ୍ଛାମି
(ଜ୍ଞାନ ଆଶ୍ରା କରୁଚି)
ଧମ୍ମଂ ଶରଣଂ ଗଚ୍ଛାମି

Digitized by PPRACHIN, SOA

(ନିତ୍ୟ କର୍ତ୍ତବ୍ୟ ବା ସାଧନାକୁ ଆଶ୍ରା କରୁଚି)

ସଂଘଂ ଶରଣଂ ଗଚ୍ଛାମି

(ସମାଜକୁ ଆଶ୍ରା କରୁଚି) ।

ନିର୍ବାଣ ସାଧନା ଏକ ବ୍ୟକ୍ତିଗତ ସାଧନା । ସେଥିରେ ଜ୍ଞାନ ଥିଲା ଓ ଧର୍ମ ଥିଲା । ମାତ୍ର ସମାଜରେ ସେଇ ଧର୍ମ ସାଧନାର ଭାବ ନଥିଲା । ଏଇ ସଂଘ ଭାବର 'ଜୀବେ ଦୟା' ସଂଗେ ଦୃଢ଼ ସଂବଂଧ ଥିବାର କଥା, ଥିଲା । ମାତ୍ର ଶୂନ୍ୟବାଦୀ ସତ୍ୟଧର୍ମିମାନେ ଆତ୍ମା ବା ବସ୍ତୁତ୍ୱ ବୋଲି ସତ୍ୟ ମାନୁନଥିଲେ । ଶୂନ୍ୟ ସାଧନାର ଦର୍ଶନରେ ତା ଦରକାର ନଥିଲା । ସେମାନେ କହୁଥିଲେ, ନାମଛଡ଼ା ବସ୍ତୁର ବସ୍ତୁତ୍ୱ ବୋଲି ଆଉ କିଛି ନଥିଲା । ଏଇ ନାମ କିଂତୁ ପରେ ଭକ୍ତି ଧର୍ମରେ ହେଲା ଯଥାର୍ଥ ବସ୍ତୁ, ବ୍ରହ୍ମ ବା ଆତ୍ମା । ବ୍ରହ୍ମର ବି ନାମ ହେଲା ଓଁ- ଅର୍ଥାତ୍, ମନୁଷ୍ୟ ବା ପୁରୁଷକୁ ଡାକିଲେ, ସେ ଯାହା ବୋଲି ଉତ୍ତର ଦିଏ । ଭକ୍ତିନିଷ୍ଠ ବୈଷ୍ଣବ ବି ସଂଗେ ସଂଗେ 'ଜୀବେ ଦୟା'ରେ 'ନାମେ ଭକ୍ତି' ଯୋଡ଼ି ଦେଲେ । କହିଲେ-

ହରେର୍ନାମ ହରେର୍ନାମ ହରେର୍ନାମୈବ କେବଳମ୍

ଭକ୍ତି ବଡ଼ ପ୍ରିୟ ବସ୍ତୁ । ଏଥିରେ ପୁଣି ସାଧନା ବଡ଼ ସୁଗମ ହୋଇ ପଡ଼ିଲା। ଅଷ୍ଟାଙ୍ଗ ସାଧନାର କଠୋର ଯୋଗକୁ ଆଉ ଧାଉଁଚି କିଏ ?

ବାଧ୍ୟ ହୋଇ ପଞ୍ଚସଖା ବିଷ୍ଣୁ ନାମରେ ସେଇ ଶୂନ୍ୟ ଉପାସନା ପ୍ରଚାର କଲେ। (ଏହାର ବିଶଦ ଉଦାହରଣ ପାଇଁ ପଣ୍ଡିତ ନୀଳକଣ୍ଠ ଦାସଙ୍କ 'ଗୀତା ପ୍ରବେଶ'ର ୩୦୫ ଓ ପର ପୃଷ୍ଠାମାନ ଦେଖ) । କିଂତୁ ତା ମଧ୍ୟ ଦ୍ୱୈତ ଭକ୍ତିର ସୁଖସାଧନା ପାଖେ ବେଶି ଦିନ ନିଜତ୍ୱ ରଖି ପାରିଲା ନାଇଁ । ସେଥିପାଇଁ ପୁଣି ମହିମା ଗୋସାଇଁଙ୍କ ଆବିର୍ଭାବ ହେଲା। ଏବେ ସେଇ କଠୋର ସାଧନାନିଷ୍ଠ ଶୂନ୍ୟବାଦ ଧର୍ମକୁ ସୁଖସେବ୍ୟ ପ୍ରଚଳିତ ଧର୍ମର ସାମଂଜସ୍ୟରେ ଫୁଟାଇବାକୁ ଲୋଡୁଚନ୍ତି- ଶ୍ରୀ ବିଶ୍ୱନାଥ ବାବା ।

ମହିମାଧର୍ମ ପ୍ରତିପାଦକ ଗ୍ରନ୍ଥରେ ସେ ଶୂନ୍ୟ ବଦଳରେ ସତ୍-ଚିତ୍-ଆନନ୍ଦ-ମୟ ବ୍ରହ୍ମର ଉପାସନାକୁ ମହିମାଧର୍ମର ଆଶ୍ରୟ ବୋଲି ପ୍ରଚାର କରିଥିଲେ । କଲେହେଁ ହଂସ, ଅଜପା ପ୍ରଭୃତିର ଉପଯୋଗ ସେଥିରେ କରିବାକୁ ଚେଷ୍ଟା ମଧ୍ୟ କରିଚନ୍ତି । ସବୁ କିନ୍ତୁ ସେଇ ବୈଦିକ ଧର୍ମର ରଙ୍ଗରେ ରଂଜିତ ହୋଇଚି । ଏବେ ପୁଣି ତାଙ୍କରି ରଚିତ ଏ 'ଭାଗବତ ସାର ସତ୍ୟ ଧର୍ମ' ।

ଏଥିରେ ବହୁତ ଦର୍ଶନ ତତ୍ତ୍ୱ ଓ ଲୋକସାଧନା ସେ ବୁଝାଇଛନ୍ତି ସତ, ମାତ୍ର ତତ୍ତ୍ୱ ଦୃଷ୍ଟିରେ ଦେଖିଲେ ଏହା ଠିକ୍ ଭାଗବତର ଦ୍ୱୈତବାଦ ନୁହେଁ, କିମ୍ବା ମୌଳିକ ଶୂନ୍ୟସାଧନା

Digitized by PPRACHIN, SOA

ନୁହେଁ । ଏହା ଅନେକ ସ୍ଥଳରେ ଅଦ୍ୱୈତ ବ୍ରହ୍ମ-ବାଦ ପରି ଲାଗୁଚି । ତାହା ହିଁ ହେବାର କଥା । ମାତ୍ର ପଞ୍ଚସଖାମାନେ ଯେପରି ଭାଗବତାଦିର ସ୍ୱଷଶୂନ୍ୟ ସାଧନାର ବ୍ୟାଖ୍ୟା ଦେଇଥିଲେ, ତାହା ଏଥିରେ ନାହିଁ । ତେଣୁ ସତ୍ୟ ଧର୍ମ ବୋଲି ଶ୍ରୀ ବିଶ୍ୱନାଥ ବାବା ଯାହାକୁ ମନେ କରନ୍ତି, ସେ ଧର୍ମର ସଙ୍କେତ ଏଥିରେ ନାହିଁ । ଏହା ଭାଗବତରୂପ ଦ୍ୱୈତବାଦଗତ ଭକ୍ତି ଧର୍ମର ଏକ ଅଦ୍ୱୈତମୂଳକ ପ୍ରକାଶ ମାତ୍ର । ଶ୍ରୀବିଶ୍ୱନାଥ ବାବା ସ୍ୱଷ କହିଚନ୍ତି -

"ଏଇ ରୂପେ ଭାଗବତରେ କେବଳ ସାର ଅଦ୍ୱିତୀୟ ବ୍ରହ୍ମ ଉପାସନା ବ୍ୟତୀତ ଅନ୍ୟାନ୍ୟ ଦେବତା ଉପାସନା × × × ପ୍ରଭୃତିର × × ଫଳ ଅନିତ୍ୟ ଭାବରେ ବର୍ଣ୍ଣିତ ଅଛି ।"

(ଭାଗବତ ସାର ସତ୍ୟ ଧର୍ମ ୩୮ ପୃଷ୍ଠା)

'ଅଦ୍ୱିତୀୟ ବ୍ରହ୍ମ' ଭାଗବତରେ ନାହିଁ । ଭକ୍ତ ଓ କୃଷ୍ଣ ନାରାୟଣ ବିଷ୍ଣୁ ପ୍ରଭୃତି ନାମରେ ଭକ୍ତର ଭଗବାନ ହିଁ ଭାଗବତରେ ଅଛନ୍ତି । ଅଦ୍ୱିତୀୟ ବ୍ରହ୍ମର ଉପାସନା ପୁଣି ଅନ୍ୟ ଦେବତାଙ୍କ ଉପାସନା ସଙ୍ଗେ ତୁଳନୀୟ ନୁହେଁ । ଅଦ୍ୱିତୀୟ ବ୍ରହ୍ମର ଉପାସନା ଏକ ଆତ୍ମ ସାଧନା ଛଡ଼ା ଆଉ କିଛି ହୋଇନପାରେ । ତେଣୁ ଶ୍ରୀ ବିଶ୍ୱନାଥ ବାବାଙ୍କର ଏ ସତ୍ୟଧର୍ମ କ'ଣ, ତା' ଠିକ୍ ବୁଝା ଯାଉନାହିଁ । ଏହା ପୁଣି କର୍ମ ତ୍ୟାଗର ସାଧନା ନୁହେଁ, କି ପୂର୍ଣ୍ଣଭାବରେ କର୍ମର ସାଧନା ନୁହେଁ । ଏ ଧର୍ମର 'ଦର୍ଶନ' ତେଣୁ ବୁଝିବା ଦୁଷ୍କର ।

ତେବେ ସବୁ ଧର୍ମର ସାମଂଜସ୍ୟ ଓ ସମନ୍ୱୟ ଭାରତର ପ୍ରକୃତିଗତ । ଯେ ଯେଉଁ ମତ ଧରୁ ସେ ସବୁ ମତକୁ ମଧ୍ୟ ନିଜ ମତର ଅନୁକୂଳ ବୋଲି ପ୍ରତିପାଦନ କରିବାକୁ ଚେଷ୍ଟା କରେ । ସେ ହିସାବରେ ଶ୍ରୀ ବିଶ୍ୱନାଥ ବାବା ଯଥେଷ୍ଟ ଭାରତୀୟ ମନୀଷାର ସଂକେତ ଦେଇଚନ୍ତି । ମାତ୍ର ମୌଳିକ ସତ୍ୟ ଧର୍ମ ବା ଓଡ଼ିଶାର ଅଷ୍ଟାଙ୍ଗ ସାଧନାନିଷ୍ଠ ଧର୍ମ, କିଂବା ମହିମା ଧର୍ମର ଯଥାର୍ଥ ତାତ୍ତ୍ୱିକ ଭିତ୍ତି ଖୋଜିଲେ, ଏଥିରେ ତାହା ମିଳୁନାହିଁ । ସଦାଚାରନିଷ୍ଠ ସମାଜଧର୍ମ ଓ ଶିଷ୍ଟାଚାର ପ୍ରାଣିତ ଅଧ୍ୟାତ୍ମତତ୍ତ୍ୱ ଏ ଦେଶରେ ଅଳ୍ପ ନାହିଁ । ତଥାପି ସେ ସବୁର ବୋଧହୁଏ ଆଉରି ଲୋଡ଼ା ଅଛି । ଯୁଗ ରୁଚିର ଅନୁକୂଳ କରି ସେ ଲୋଡ଼ା ମେଣ୍ଟାଇ ପାରିଲେ ଅବଶ୍ୟ କାମ ହେବ । ନଚେତ୍ ଯୁଗ ରୁଚିରେ ଜୀବନ୍ତ ନୂତନତା ଫିଟାଇ ରୁଚି ବଦଳାଇ ପାରିଲେ ହେଲା । ମାତ୍ର ସେପରି ବଦଳାଇବା ଏଡ଼େ ସହଜ ନୁହେଁ । ମାନବର ପରଂପରାର ତନ୍ତ୍ରୀରେ ଆଘାତ କରି ଏକ ପ୍ରକାର ନୂତନତା ଅଣା ଯାଇପାରେ । ଆଜି ବିସ୍ତୀର୍ଣ୍ଣ ବିଦ୍ୟା ଓ ଅନୁସନ୍ଧାନର ଯୁଗ । ସେବାଟେ ମଧ୍ୟ ନୂତନତା ଆସିପାରେ । ପରମ ସାଧକ ଶ୍ରୀ ବିଶ୍ୱନାଥ ବାବା ଜଣେ ସର୍ବତ୍ୟାଗୀ ଓ ମହାପ୍ରାଣ ବ୍ୟକ୍ତି ।

Digitized by PPRACHIN, SOA

ସେ ଭକ୍ତିର ସାଧକ, କି ଆତ୍ମାର ସାଧକ, କି ନିର୍ବାଣର ସାଧକ- କିମ୍ବା ସର୍ବମତର ସାଧକ, ତା ଆମେ ଜାଣୁ ନାହିଁ । ଆମର ଏକାନ୍ତ ଆଶା, ସେ ସତ୍ୟ ଧର୍ମ ତଥା ମହିମା ଧର୍ମର ଯଥାର୍ଥ ଭିତ୍ତି ଓ ତଥ୍ୟ କ୍ରମେ ପ୍ରକାଶ କରି ଏ ଦେଶବାସିଙ୍କୁ କୃତାର୍ଥ କରିବେ। ନିରକ୍ଷର ଅନ୍ଧ ଭୀମା ଭୋଇ ପ୍ରାଣର ଉଚ୍ଛ୍ୱାସ ଓ ସୂଚନାରେ ଯାହା କରିଚନ୍ତି, ସୁପଣ୍ଡିତ ଇନ୍ଦ୍ରିୟ ସାଧକ ଶ୍ରୀ ବିଶ୍ୱନାଥ ବାବା ପାଣ୍ଡିତ୍ୟର ପ୍ରକାଶ ଓ ବର୍ଣ୍ଣନାରେ ତାହା ବୁଝାଇ ଦିଅନ୍ତୁ ।

ନବ ଭାରତ-୬/୧୦, ଆଲୋଚନା

ଉପେନ୍ଦ୍ର ଭଞ୍ଜଙ୍କ ଜୟନ୍ତୀ ଉପଲକ୍ଷେ

ଉପେନ୍ଦ୍ରଙ୍କ ଉପଯୋଗିତା -

ଏବେ ଉପେନ୍ଦ୍ର ଭଂଜଙ୍କ ଜୟନ୍ତୀ ଘେନି ଉତ୍ସବ ହୋଇଯାଇଚି । କଟକରେ ସାହିତ୍ୟିକ ଓ ସାହିତ୍ୟସେବୀମାନେ ଏହା ପାଳିଥିଲେ । ଏହା ଘେନି ଗଲା ୧୪ ତାରିଖ ଦିନ ଟାଉନ ହଲ୍‌ରେ ଉପେନ୍ଦ୍ର ଭଂଜଙ୍କ "ବ୍ୟାଖ୍ୟା ମୂଳକ ଆଲୋଚନା ସଭା" ହୋଇଥିଲା । ଉପେନ୍ଦ୍ର ଭଂଜଙ୍କ କାବ୍ୟ ଓ ତହିଁ ସଂଗେ ସେଇ ରୀତି ଓ ଭଂଗୀରେ ଲେଖା ହୋଇଥିବା ଓଡ଼ିଆ ଛାନ୍ଦ କାବ୍ୟ ଘେନି ଆଜିକାଲି ଗୋଟିଏ ଓଡ଼ିଆ ସାହିତ୍ୟ ଦଳ ଖୁବ୍ ଆଲୋଚନା ଚଳାଇଚନ୍ତି । ସୁଖର କଥା । ଓଡ଼ିଆର ଅତି ଦୁର୍ଦ୍ଦିନ ଓ ଓଡ଼ିଆ ଜୀବନର ଅତି ଦୁର୍ବିଷହ ପରିସ୍ଥିତିରେ ଉପେନ୍ଦ୍ର ନିଜର କାବ୍ୟ ଲେଖନୀ ଧରିଥିଲେ । ପରାଧୀନ ଓଡ଼ିଶାରେ ଭକ୍ତି ଧର୍ମ ନାମରେ ଯେତେବେଳେ ବନ୍ୟାବିପ୍ଲାବ ପରି ଦେଶ ସାରା 'ଜଗନ୍ନାଥ'ର ସାମ୍ୟସଂସ୍କୃତିକୁ କଳୁଷ ପଙ୍କରେ ବୁଡ଼ାଇ, ପୋତି ଦେଇ, ବୃନ୍ଦାବନର ରାଧାକୃଷ୍ଣ ସେବୀ ଗୌଡ଼ୀୟ ବୈଷ୍ଣବମାନେ ଲାଗି ପଡ଼ି, ଓଡ଼ିଆଙ୍କୁ 'ସହଜିଆ'ର ସହଜ ସଂଭୋଗଜନିତ 'ମହାସୁଖ' ତଥା 'ପରକୀୟା' ରତିରେ ସେହି ମହାସୁଖର ଆସ୍ୱାଦନ ଚଖାଇ ଚିରାଚରିତ ଯୌନ-ବ୍ରହ୍ମଚର୍ଯ୍ୟ-ନିବନ୍ଧ ଓଡ଼ିଆର ସମାଜ ସାଧନାକୁ ଭ୍ରଷ୍ଟ ଓ ନଷ୍ଟ କରିବାରେ ଲାଗିଥିଲେ, ବଂଗଳାରୁ ଆସିଥିବା ମୁସଲମାନ - ବିଜୟ ଓ ବିଧ୍ୱଂସରେ କାତର ଓ ମ୍ରିୟମାଣ ହୋଇ ଯେତେବେଳେ ପରପଦାନତ ଖୋରଧାର 'ଗଜପତି'ମାନେ ବଂଗଳାର ତନ୍ତ୍ର ସାଧନା ଓ 'ପଞ୍ଚମକାର' ଠାରୁ କୃଷ୍ଣଙ୍କ ଗୋପୀବସ୍ତ୍ରହରଣ ଓ ଗୋପୀରମଣ ସଂଗେ ଚଣ୍ଡୀଦାସ, ଜୟଦେବଙ୍କ ଆଚରିତ ଓ ପ୍ରଚାରିତ ସହଜିଆ ବୈଷ୍ଣବର ପରଦାରା - ମାତ୍ର- ସେବା ଓ କବି- କର୍ଣ୍ଣଙ୍କ ପାଲାର ଧର୍ମ ଓ ସଭ୍ୟତା ଦେଶରେ ତଥା ସମାଜରେ ଭର୍ତି କରିବାରେ ନିଜର କୃତିତ୍ୱ ଦେଖୁଥିଲେ, ସେତିକିବେଳେ ରାଜ୍ୟହୀନ ରାଜପୁତ୍ର ଉପେନ୍ଦ୍ର

Digitized by PPRACHIN, SOA

ହୁଏତ ଅନୁମାନର ଅନୁଭବରେ ଶତ ଶତ ପୋଇଲୀ ପରିବାରୀ ସେବିତ ରାଜପୁତ୍ରର ଏକାନ୍ତ ଯୌନବିଳାସ ସାମଗ୍ରୀ ରାଜକନ୍ୟା ଓ ରାଜଦାରାଙ୍କୁ କଳ୍ପନା କରି କାବ୍ୟମାନ ଲେଖି, ସେ ମହା ବନ୍ୟାରେ ଏକ ପ୍ରବଳ ପ୍ରତିବନ୍ଧକ ସୃଷ୍ଟି କରିଥିଲେ । ଏକ କଥାରେ କହିଲେ କୁହାଯିବ, ଉପେନ୍ଦ୍ର ଯେପରିକି ନିଜ ସାହିତ୍ୟ ସାଧନାରେ ଜାତିକି କହିଦେଲେ - "ଆରେ ଓଡ଼ିଆଏ ଧର୍ମ ନାମରେ ପରତାଟି ଫିଟାଅ ନାଇଁ - ପରଘର ଭାଙ୍ଗ ନାଇଁ - ନିଜ ଘରେ ବିଭ୍ରାଟ ବିପ୍ଳାତ ସୃଷ୍ଟି କର ନାଇଁ । ଏହା ଓଡ଼ିଆ ଧର୍ମ ନୁହେଁ। ଯୌନ ଚର୍ଯ୍ୟାର ବିଳାସ ଯେବେ ଚାହଁ, ତେବେ ଧର୍ମ ନାମରେ, କୃଷ୍ଣଙ୍କ ନାମରେ, ଏକଥା କାହିଁକି ? ପୂର୍ଣ୍ଣ ସାମାଜିକ ଓ ଗାର୍ହସ୍ଥ୍ୟ ସଂଯମରେ ରହି ଘରେ ମଧ୍ୟ ସେ ସୁବିଧା କରାଯାଇପାରେ । ଏଇ ଆମ ରଜା ରାଜୁଡ଼ା ବଡ଼ ଲୋକଙ୍କ ଘର ଦେଖ ।" ବିଳାସ ଅବଶ୍ୟ ସାନ ଲୋକଙ୍କ କାର୍ଯ୍ୟ ନୁହେଁ। ପୁଣି ସମାଜର ଶିଷ୍ଟାଚାର ବଡ଼ଲୋକଙ୍କୁ ଧରି ପ୍ରକାଶ ପାଇଥାଏ । ପୁଣି ଉପେନ୍ଦ୍ରଙ୍କୁ ହୁଏତ ଜନସାଧାରଣଙ୍କ ଘର ଚଳଣି ସେତେ ପ୍ରଭାବିତ ଓ ପ୍ରାଣିତ କରି ନଥିଲା ।

ଉପେନ୍ଦ୍ର ସାହିତ୍ୟର ଫଳ -

ସେ ଯା ହଉ, ଉପେନ୍ଦ୍ର ସାହିତ୍ୟର ଫଳ ହୋଇଚି, ଅଦ୍ଭୁତ ଓ ଅନନ୍ୟ ସାଧାରଣ । ଓଡ଼ିଆ ଜନତାରେ ଉପେନ୍ଦ୍ର ଯେପରି ପଶିଗଲେ କୃଷ୍ଣଙ୍କ ନାମରେ ଠିକ୍ ଭଞ୍ଜଙ୍କ 'ବଜାର ବୋଲି' ଅନୁକରଣ କରି ମଧ୍ୟ ଅଭିମନ୍ୟୁ ସେତେ ପଶି ପାରି ନାହାନ୍ତି । ରାଧାଙ୍କୁ 'ଉଭାରତି'ରେ ଉଦ୍‌ଭ୍ରାନ୍ତ କରାଇ ମଧ୍ୟ ବଳଦେବ ବ୍ରହ୍ମା ବିପରୀତ ରତିରେ ଏକାନ୍ତ ପରାଙ୍‌ମୁଖୀ ଲାବଣ୍ୟବତୀକୁ ହଟାଇ ପାରିନାହାନ୍ତି । ଓଡ଼ିଆ ସମାଜରେ ସହଜିଆ - ବୈଷ୍ଣବ - ଲୀଳା ପଶିନାଇ, 'କିଶୋରୀ ପୂଜା' ଓ ଭୈରବୀ ଚକ୍ର ପ୍ରଭୃତିର ସଂଚାର ପର୍ଯ୍ୟନ୍ତ ଓଡ଼ିଆ କେବେ ଦେଖି ନାହାନ୍ତି । ଗୌଡ଼ୀୟ ବୈଷ୍ଣବମାନେ କେବେ କେବେ ନିଜ ଭକ୍ତମାନଙ୍କ ସଂଗେ ଭକ୍ତାଙ୍କ ସେବା ମଧ୍ୟ ଗ୍ରହଣ କରନ୍ତି; ସେଇ ବୈଷ୍ଣବମାନେ କଦାଚିତ୍ ବୈଷ୍ଣବୀ ଖୋଜି ମାତା କରି ନିଅନ୍ତି, ପୁଣି ଏବେ ବୈଷ୍ଣବୀ ଓ ମାତାମାନେ ଆସି ଅଦ୍ଭୁତ କ୍ରିୟା ଦେଖାଇ ଶିଷ୍ୟଙ୍କ ସଂଗେ ନାନା ଲୀଳା ଲଗାଉଚନ୍ତି । ତଥାପି ଓଡ଼ିଆ ସାମାଜିକ ଭାବରେ ଆତ୍ମଜ୍ଞାନ ହରାଇ ନାଇ ।

ଏହାର ପ୍ରକାର -

ଏ ସବୁରେ ଭଂଜ ଓ ଭଂଜପନ୍ଥୀଙ୍କ ପ୍ରଭାବ କେତେ ଅଛି ଓ କିପରି କାର୍ଯ୍ୟ କରିଚି, କି ନିରାଶ୍ରୟ ପରିସ୍ଥିତିରେ ତା ଓଡ଼ିଆଙ୍କୁ କିପରି କି ମଦତ ଦେଇଚି, ତା ଦେଖି

Digitized by PPRACHIN, SOA

ଫେଡ଼ି ଦେଖାଇବାର ଅଛି । ଏ ପ୍ରଭାବ ଓ ଏ ପ୍ରତିକ୍ରିୟା ମାନବ ପ୍ରଗତିର ଧାରାରେ ଗୋଟିଏ ଗତିନିୟାମକସଂକୁ । ଏହା ପୁଣି ସଂଯମନିଷ୍ଠ ଓ ଏପରିକି ସ୍ୱୈରାଚାରରେ ନିରୋଧର ତୀବ୍ର ଅଂକୁଶ ହେଲେ ମଧ୍ୟ, ଏଥିରେ କ୍ରିୟାର ନିଷେଧ ନାଇ - ଏହା ବିକାଶରେ ନିଷେଧାତ୍ମକ (Negative) ନୁହେଁ । ଏହା ସ୍ପଷ୍ଟ କ୍ରିୟାବାନ୍ (Positive) । ପ୍ରବୃତ୍ତିର ଚରିତାର୍ଥତା ଓ ପ୍ରଚାରରେ ଏହା ସଂଯମର ସମାଧାନ ।

ଏହାର ଯଥାର୍ଥତା -

ଏ ଭାବରେ ଭଂଜ ସାହିତ୍ୟକୁ ଦେଖିଲେ, ବିଶ୍ୱ ମାନବ ସାହିତ୍ୟରେ ଏହାର ସ୍ଥାନ ସ୍ପଷ୍ଟ, ଏହାର ଯଥାର୍ଥ୍ୟ ଓ ଉପଯୋଗିତା ମାନବ ପ୍ରଗତିର ତାତ୍ତ୍ୱିକ ପ୍ରାଣପ୍ରକାଶ କରୁଚି ବୋଲି କହିଲେ ହୁଏ ।

ଛାନ୍ଦ ସାହିତ୍ୟ ଓ ଭଂଜ -

ସେଇ ହିସାବରେ ତାଙ୍କ କାବ୍ୟ କଳାକୁ ମଧ୍ୟ ବ୍ୟାଖ୍ୟା ଓ ଆଲୋଚନା କରାଯାଇପାରେ । ତାଙ୍କ କାବ୍ୟର ନାମ ଛାନ୍ଦ । ଏ ଛାନ୍ଦ କିଂତୁ ଭଂଜଙ୍କ ଉଦ୍ଭାବନ ନୁହେଁ । ଭଂଜଙ୍କ ବହୁ ପୂର୍ବରୁ ଗଂଗରାଜତ୍ୱ କାଳରେ ଏହା ଉଦ୍‌ଭାବିତ ଓ ପ୍ରଚାରିତ ହୋଇଥିଲା । ଉପେନ୍ଦ୍ରଙ୍କ ପୂର୍ବରୁ ମଧ୍ୟ ବହୁ ଓଡ଼ିଆ କାମ- ଗାୟତ୍ରୀ- ମନ୍ତ୍ର- ସେବୀ ସହଜିଆ ଗୌଡ଼ୀୟ ବୈଷ୍ଣବଙ୍କ ମତ ଧରି ଏଇ ଛାନ୍ଦରେ- 'ରସ- କଲ୍ଲୋଳ' ଭଳି ଲୋକରୋଚକ ଛାନ୍ଦ- କାବ୍ୟମାନ ଲେଖିଥିଲେ । ଛାନ୍ଦ କାବ୍ୟ ପୁଣି ଓଡ଼ିଆର ଏକ ଅନନ୍ୟ ସାଧାରଣ ବିଶେଷତ୍ୱ । ଯୌନ, ବାତ୍ସଲ୍ୟ, କାରୁଣ୍ୟ, ରୌଦ୍ର ପ୍ରଭୃତି ଭିନ୍ନ ଭିନ୍ନ ଭାବ ପ୍ରକାଶ କରିବାରେ ଭିନ୍ନ ଭିନ୍ନ ଛାନ୍ଦର ଉପଯୋଗିତା ଖୁବ୍ ଅଛି । ଯେଉଁମାନେ କର୍ଣ୍ଣାଟୀ ଓ ସେଇ ସୂତ୍ର ଧରି ଫିଟିଥିବା ଓଡ଼ିଶୀ ସଂଗୀତର ସ୍ୱର ଶିଳ୍ପର ତରଂଗ ଧରି କବିତାର ଏଇ ଛାନ୍ଦ କଳା ଫୁଟାଇଥିଲେ, ସେମାନେ ମୂଳତଃ ସେଇ ସୂତ୍ର ତରଙ୍ଗରେ ଭାବର ପ୍ରକାଶ ଘେନି ଭିନ୍ନ ଭିନ୍ନ ଛାନ୍ଦର ଉଦ୍‌ଭାବନ କରିଥିଲେ । ତା' ସବୁ ଆମ ସାହିତ୍ୟ- ସେବୀମାନେ ଆଲୋଚନା କରି ବାହାର କରନ୍ତୁ । ମାତ୍ର ମୋଟା ମୋଟି ଏହା ଠିକ୍ ଯେ ଉପେନ୍ଦ୍ରଙ୍କ ବେଳକୁ ଦୀନକୃଷ୍ଣ ଭଳି ଅନେକ କୃଷ୍ଣ-ଗୋପୀ-ଲୀଳା-ଚୋଦିତ ବୈଷ୍ଣବ ଏଇ ଛାନ୍ଦର ମଧୁର, ସରସ ଓ ସ୍ୱାଦ୍ୟ ବ୍ୟବହାରରେ ଲାଗି ସାରିଥିଲେ । ତେଣୁ ସେଇ ଧାରା ଧରି ଉପେନ୍ଦ୍ର ନିଜର ପ୍ରବୃତ୍ତିପର ପ୍ରତିବାଦ ମୂଳକ ସାହିତ୍ୟର ଧାରା ଫିଟାଇବାରେ ଲାଗିଗଲେ; ଓ ସେଥିରେ ବିଶେଷ ଭାବରେ ଗୌଡ଼ୀ ବା ଭୌମୀ ରୀତି ଓ

Digitized by PPRACHIN, SOA

ଅଳଂକାର ଛଟା ଦେଖାଇଥିଲେ । କାହିଁକିନା, କାବ୍ୟ କଳାର ବ୍ୟାଖ୍ୟା ଓ ଅଳଂକାର ଛଟା, ଖୋଦନ ଶିଳ୍ପ ପରି ଓଡ଼ିଆର ଥିଲା ଚିରାଚରିତ ପରଂପରା । ଶ୍ଳେଷାଦି ଶବ୍ଦାଳଙ୍କାର ମଧ୍ୟ ଭୌମକାଳରୁ ଲେଖମାନଙ୍କରେ ଦେଖାଯାଏ । ଏଇ ସବୁ ପରିଚିତ ରୀତି ଓ ଅଳଂକାରାଦିରେ ଅତି ପୁଷ୍କଳ ଭଂଜ ସାହିତ୍ୟ ସମସ୍ତ ବୈଷ୍ଣବ ସାହିତ୍ୟକୁ ବୁଡ଼ାଇ ଦେଶରେ ବ୍ୟାପିଗଲା । ପରଂପରାରର ଏପରି ଜ୍ଞାନ, ପରିସ୍ଥିତିର ଏପରି କଳନାରେ କାବ୍ୟର ପ୍ରୟୋଗ ବିଜ୍ଞାନକୁ କାର୍ଯ୍ୟରେ ଅନୁବର୍ତନ କରିବା ଉପେନ୍ଦ୍ର ସାହିତ୍ୟର ବିଶେଷତ୍ୱ । ଭଂଜ ଭକ୍ତମାନେ ନାନା ଦିଗରୁ ନାନା ଭାବରେ ଏ ବିଶେଷତ୍ୱ ଫେଡ଼ି ଲୋକଙ୍କ ଆଗେ ପକାଇ ଦିଅନ୍ତୁ । ବିଶ୍ୱ ସାହିତ୍ୟରେ ଏହାର ଆଦର ଅଛି ଓ ସ୍ଥାନ ଅଛି ।

ଭଂଜ ସାହିତ୍ୟର ଆଉ ଗୋଟିଏ ଦିଗ -

ଏଇ ସଂପର୍କରେ ପୁଣି ଏଇ 'ବ୍ୟାଖ୍ୟା ଆଲୋଚନା'ର ଆଉ ଗୋଟିଏ ଦିଗ ପ୍ରତି ଲକ୍ଷ୍ୟ କରିବାର ଅଛି । ଅନୁପାତଜ୍ଞାନ ହେଉଚି, କର୍ମରେ ଗୋଟିଏ ଶ୍ଳାଘ୍ୟ କୁଶଳତା; ପୁଣି ସୀମା ଲଂଘନ କଲେ, କଥା ଅଛି - ଅତି ସର୍ବତ୍ର ବାଧତେ' (ଅତିମାତ୍ରାରେ କଲେ, ସବୁ ବିଗିଡ଼ି ଯାଏ) । ଆମ କାର୍ଯ୍ୟରେ ଯେପରି ଏଇ ଅତି ମାତ୍ରା ନ ଫୁଟେ ସେଥି ପ୍ରତି ସାବଧାନ ହେବାର ଅଛି ।

ଶବ୍ଦାଳଂକାର ଓ ଶବ୍ଦଚିତ୍ର

ମନେ ହେଉଚି, ଭଂଜ ଭକ୍ତିରେ ପ୍ରାଣିତ ହୋଇ କେତେକ ସାହିତ୍ୟିକ ଭଂଜ ସାହିତ୍ୟର ଭୂୟୋ ବ୍ୟାପ୍ତି ଓ ଆନ୍ତର୍ଜାତିକ ପ୍ରତିଷ୍ଠା ଫୁଟାଇବା ପାଇଁ ଶ୍ଳେଷ ଯମକାଦି ଶବ୍ଦାଳଂକାର ଘେନି ପୁଣି ଛାନ୍ଦ ଯତିରେ ସେ ସବୁର ଚାରୁତା ବିଚାର କରି, ସେ ସବୁ ନବ ଓଡ଼ିଆ ସାହିତ୍ୟରେ ଫୁଟାଇବାର ପ୍ରଯତ୍ନ କରୁଚନ୍ତି । ଏଥିରେ ପରଂପରା, ପରିସ୍ଥିତି ତଥା ପୁରୋଦୃଷ୍ଟିର ପ୍ରେରଣା କେତେ ଦୂର ଅଛି, ତା ଏବେ ଚିନ୍ତା କରିବାର କଥା । ଏପରି ମଧ୍ୟ କହିବାର ଶୁଣାଯାଉଚି ଯେ, ଏଇସବୁ ମୁଖ୍ୟତଃ ଶବ୍ଦ ଚିତ୍ରମୟ ଭଂଜୀୟ କାବ୍ୟସାହିତ୍ୟ ପୃଥିବୀର ଶ୍ରେଷ୍ଠ ସାହିତ୍ୟ ବୋଲି ଗଣା ହେବା ଉଚିତ । ମାତ୍ର ଭଂଜ ସାହିତ୍ୟର ଏ ଦାବୀ କେତେ ଦୂର ବିଚାରସହ ତାର ଯଥାର୍ଥ ନିରପେକ୍ଷ ଓ ଅନାସକ୍ତ କଳନା ଲୋଡ଼ା । ଅନ୍ୟର ଅବହେଳା ଓ କାବୁ କରି ଆମକୁ ରଖିଥିବା ଲୋକର ପ୍ରପୀଡ଼ନ, ଆମ ପରଂପରାରେ କମ ଘଟିନାଇ । ତେଣୁ ବଡ଼ ବୋଲି ଦେଖାଇ ହେବା ଆମ ପକ୍ଷରେ ନିତାନ୍ତ ଅସ୍ୱାଭାବିକ ନୁହେଁ । ଆଲୋଚନା ବେଳେ ଏହା ମଧ୍ୟ ମନେ ରଖିବାର ଅଛି ।

Digitized by PPRACHIN, SOA

ସମାଲୋଚନା ମୂଳକ ବ୍ୟାଖ୍ୟାର ସୂଚନା –

କାବ୍ୟର ପ୍ରାଣ, ରସ । ଅଳଂକାରରେ କାବ୍ୟର ଯାହା ବିଶେଷତ୍ୱ ତା ଏକା ଅର୍ଥାଳଂକାରରେ- ଶବ୍ଦାଳଂକାରରେ ନୁହେଁ କହିଲେ ଚଳେ । ଭଂଜୀୟ କାବ୍ୟରେ ସେ ସବୁର ବ୍ୟାପ୍ତି ଓ ସଂକେତ ପ୍ରଭୃତି ବିଶେଷ ବିଚାର କରାହୋଇଚି ବା ହେଉଚି ବୋଲି ମନେ ହେଉନାଇ । କଟକ ଟାଉନହଲରେ ସେଦିନ (୧୪-୫-୧୯୫୦) 'ଜୟନ୍ତୀ'-ସଭାରେ ଜଣେ ବକ୍ତା ଏଇ ବିଷୟରେ ଗୋଟିଏ ସୂଚନାଗର୍ଭିତ ବକ୍ତୃତା ଦେଇଥିଲେ । ସେ ଯାହା କହିଥିଲେ ସେଇଥିରୁ କେତେକାଂଶ ଧରି ଏ କ୍ଷେତ୍ରରେ ସମାଲୋଚନା ମୂଳକ ପନ୍ଥା ସୂଚାଇ ଦେବା ପାଇଁ କୁହାଯାଉଚି ।

ସାହିତ୍ୟମୀମାଂସାର ମତ –

ସେ କହିଲେ ଖାଲି ଉପେନ୍ଦ୍ର ଭଞ୍ଜ କାହିଁକି, ମାଘ, ଭାରବୀ ପ୍ରଭୃତି ସଂସ୍କୃତ ଭାଷାର ପ୍ରଖ୍ୟାତ କବିମାନଙ୍କୁ ମଧ ପୁରସ୍କାର ଓ ତିରସ୍କାର ଦୁଇ କଥା ମିଳେ ।

ମଧ୍ୟଯୁଗରେ ଭାରତର ବିଶେଷତ୍ୱ ହେଉଚି, ସାହିତ୍ୟ ଓ ଅଳଂକାର ଶାସ୍ତ୍ରରେ ରସ ଓ ଅଳଂକାରାଦିର ତାତ୍ତ୍ୱିକ ଆଲୋଚନା । ଏଇ ଆଲୋଚନାରେ ସୂକ୍ଷ୍ମାତିସୂକ୍ଷ୍ମ ବିଶ୍ଳେଷଣ କରି ବିଚାର କରିବାରେ ପୁଣି ଓଡ଼ିଆଏ ପ୍ରସିଦ୍ଧି ଲଭିଥିଲେ । ଆଳଂକାରିକ 'ମଂଖୁକ' ନିଜ 'ସାହିତ୍ୟ ମୀମାଂସା'ରେ ଲେଖିଥିଲେ :-

୧। ବୈଦର୍ଭୀରୀତି

"ଗୁଣ ପ୍ରଧାନାଂ ଯୋ ରୀତିଂ
ବୈଦର୍ଭୀଂ ପ୍ରତିପଦ୍ୟତେ
ବିପଞ୍ଚୀ ସ୍ୱର ସୌଭାଗ୍ୟଂ
ସ କବିଃ ପ୍ରଥମଃ ସ୍ମୃତଃ ।"

ଅର୍ଥାତ୍ ବୈଦର୍ଭୀ ରୀତି ହେଉଚି ବୀଣା ସ୍ୱର ପରି ସୁଲଳିତ ଓ ମାଧୁର୍ଯ୍ୟାଦି ଗୁଣର ଦ୍ୟୋତକ । ସେଇ ରୀତିକୁ ଯେଉଁ କବି ଅବଲମ୍ବନ କରେ, ସେଇ ଏକା ପ୍ରଥମ ଶ୍ରେଣୀର କବି । ଏଥିରେ ବାଲ୍ମୀକି ଓ କାଳିଦାସଙ୍କୁ ସେ ଦୃଷ୍ଟାନ୍ତ ଦେଇଚନ୍ତି ।

ଏଠାରେ କହିଦେବାର ଅଛି ଆଗେ କାବ୍ୟ ବା କବିତାରେ ମାଧୁର୍ଯ୍ୟାଦି ଗୁଣମାତ୍ରର ବିଚାର କରାଯାଉଥିଲା । ପରେ ଏଇ ଗୁଣର ଦ୍ୟୋତନାରୁ ବିଶ୍ଳେଷଣରେ ଆହୁରି ଦୂରକୁ ଯାଇ ଆଳଂକାରିକମାନେ 'ରସ' ଓ 'ଧ୍ୱନି' ବାହାର କରିଥିଲେ ।

Digitized by PPRACHIN, SOA

୨। ବୈଦଗ୍ଧୀ ରୀତି -

ଦ୍ୱିତୀୟ ଶ୍ରେଣୀର କବିଙ୍କୁ ମଂଖୁକ ନାମ ଦେଇଚନ୍ତି, 'ବିଦଗ୍ଧ' ।

"ଯୋ ବକ୍ରୋକ୍ତି - ପ୍ରଧାନ ସ୍ୟାତ
ସବିଦଗ୍ଧ ଇତୀର୍ଯତେ ।"

ଅର୍ଥାତ୍- ଯାହାଙ୍କ କାବ୍ୟ ବା କବିତାରେ ବକ୍ରୋକ୍ତି ବେଶି ତାଙ୍କୁ ବିଦଗ୍ଧ କୁହାଯାଏ । ଏଇ ବକ୍ରୋକ୍ତି ଘେନି ପରବର୍ତ୍ତୀ କାଳରେ ବହୁ ବିଚାର ବିଶ୍ଳେଷଣ କରାହୋଇଚି । ସ୍ପଷ୍ଟ ଜଣାଯାଉଚି, କାବ୍ୟ କଳା କ୍ରମେ କୃତ୍ରିମ ହେବାରେ ଗୁଣ- ପ୍ରଧାନ ବିପଞ୍ଚୀ- ସୌଭାଗ୍ୟ- ଯୁକ୍ତ ସରଳ ବୈଦର୍ଭୀ ରୀତିର କାବ୍ୟରୁ ରୁଚି ବକ୍ରୋକ୍ତିକୁ ଖସି ଆସିଚି । ଏଥିରେ ମଂଖୁକ, ବ୍ୟାସ ଓ ବାଣଙ୍କୁ ଦୃଷ୍ଟାନ୍ତ ଦେଇଚନ୍ତି । ବାଲ୍ମୀକିରୁ ବ୍ୟାସ ଓ କାଳିଦାସରୁ ବାଣରେ କାବ୍ୟ ବା କବିତାର ଯେ ଗତି ହୋଇଚି, ତା'ବିଚାର କଲେ ବୈଦର୍ଭୀରୁ ବକ୍ରୋକ୍ତିକୁ ଗତି ବେଶ ଧରାଯିବ ।

୩ । ଆରୋଚକୀ ରୀତି- ଅର୍ଥାଳଂକାର ନିବନ୍ଧା -

ତୃତୀୟ ଶ୍ରେଣୀର କବିଙ୍କୁ ମଂଖୁକ ନାମ ଦେଇଚନ୍ତି, 'ଅରୋଚକି,' ଅର୍ଥାତ୍ ଯାହାଙ୍କୁ ସହଜରେ କିଛି ରୁଚେ ନାହିଁ - ଛୁଉଁ ଛୁଁଇଆ - ଇଂରେଜିରେ ଯାହାକୁ କହନ୍ତି - Fastidious

"ଅର୍ଥାଳଂକାରନିଷ୍ଠୋ ଯୋ ଜ୍ଞେୟଃ କବି ରରୋଚକିଃ"

ଅର୍ଥାତ୍ - ଉପମା, ଉତ୍ପ୍ରେକ୍ଷା, ରୂପକ ପ୍ରଭୃତି ଅର୍ଥାଳଂକାରରେ ଯେଉଁ କବିଙ୍କର ନିଷ୍ଠା, ତାଙ୍କୁଇ ଅରୋଚକି ବୋଲି ଜାଣ ।

ଏହାର ଉଦାହରଣରେ ସେ ନାମ କରିଚନ୍ତି, 'ମାଘ' ଆଉ 'ଭାରବି' । ବ୍ୟାସଙ୍କଠୁ ଭାରବିଙ୍କ ଆଡ଼କୁ ତଥା ବାଣଙ୍କଠୁ ମାଘଙ୍କ ଆଡ଼କୁ କୃତ୍ରିମତାର ଗତି ମଧ୍ୟ ଏଠି ଲକ୍ଷ କରିବାର ଅଛି ।

୪। ଗୌଡ଼ୀରୀତି-ଶବ୍ଦାଳଂକାର ପରମା

ଚତୁର୍ଥ ବା ଅତି ନିମ୍ନଶ୍ରେଣୀର କବିଙ୍କୁ ସେ ନାମ ଦେଇଚନ୍ତି ସତୃଣାଭ୍ୟବହାରକ, ଅର୍ଥାତ୍, କୁଟାକାଠି କିଛି ନବାଛି ଯେ ସବୁ ଖାଇଯାଏ - ସଭାଖିଆ ।

ଯଃ ଶ୍ଲେଷ- ଚିତ୍ର- ଯମକ- ନିବନ୍ଧ- ସ୍ତୋମ- ଭୂୟସୀଂ
ଗୌଡ଼ୀଂଚ ଶ୍ଲାଘତେ ସସ୍ୟାତ୍ ସତୃଣାଭ୍ୟବହାରକଃ ।"

ଅର୍ଥାତ୍ - ଯେଉଁ କବି ଶ୍ଲେଷ ଚିତ୍ର ଯମକ ପ୍ରଭୃତି ନିବନ୍ଧମାନ ଭର୍ତି ହୋଇଥିବା ଗୌଡ଼ୀ ରୀତିରେ କାବ୍ୟ ବା କବିତା ଲେଖି ଭଲ ବୋଲି ହେଣ୍ଡିମାରେ ସେଇ କବିକୁ ଏକା ସତୃଣାଭ୍ୟବହାରକ ବୋଲି କୁହାଯାଏ ।

Digitized by PPRACHIN, SOA

ଉଦାହରଣରେ ନୈଷଧ ଓ ଭୌମ ଲେଖ -

ହରି ଭଟ ପ୍ରଭୃତି ଏଇ ଶ୍ରେଣୀର କବି ବୋଲି ମଂଖୁକ ଉଦାହରଣ ଦେଇଚନ୍ତି । ମଂଖୁକଙ୍କ ବେଳକୁ ଶ୍ରୀହର୍ଷ ନୈଷଧ ଲେଖି ନଥିଲେ । ହେଲେହେଁ ଗୌଡ଼ୀରୀତି ସମ୍ବଳିତ କାବ୍ୟର ଭଲ ଉଦାହରଣ ନୈଷଧ ବା ନୈଷଧୀୟ- ଚରିତରେ ଏକା ମିଳିବ । ଓଡ଼ିଶାର ଭୌମ ସମ୍ରାଟମାନଙ୍କ ଶିଳାଲେଖ ମାନଙ୍କରେ ଥିବା କାବ୍ୟରେ ମଧ୍ୟ ଏଇ ଗୌଡ଼ୀରୀତିର ପ୍ରାଚୁର୍ଯ୍ୟ ଦେଖାଯାଏ । ଭଂଜୀୟ କାବ୍ୟକଳା ଏକ ଦିଗରେ ନୈଷଧୀୟ ଓ ଅନ୍ୟ ଦିଗରେ ଭୌମଯୁଗୀୟ ରୀତିର ପ୍ରଚୁର ପ୍ରକାଶ, କହିଲେ ହୁଏ । ନୈଷଧରୁ ଧାଡ଼ି ଓ ଶ୍ଳୋକ ସବୁ ଉପେନ୍ଦ୍ର ଭଞ୍ଜ ଅନୁବାଦ ଓ ବ୍ୟାଖ୍ୟା କରିଥିବାର ଖୁବ୍ ଦେଖାଇ ଦିଆଯାଇପାରେ । ଭୌମ ଶାସନ ଲେଖରେ ଥିବା ଶ୍ଳେଷ ଓ ଶବ୍ଦଶ୍ଳେଷ ସମ୍ବଳିତ ପୂର୍ଣ୍ଣୋପମା ସବୁ ଠିକ୍ ଉପେନ୍ଦ୍ର ଭଂଜଙ୍କ ଲେଖାର ପୂର୍ବସାଧନା ବା 'ହାତବଳା' ପରି ମନେ ହୁଏ ।

ଶ୍ଳେଷ ଓ ଶ୍ଳେଷର କାବ୍ୟତ୍ୱ -

ମଂଖୁକ 'ସତୃଣାଭ୍ୟବହାରକ' ବା ସଭାଖିଆ କବିଙ୍କ ଲକ୍ଷଣରେ ଯେଉଁ 'ଶ୍ଳେଷ' କଥା ଲେଖିଚନ୍ତି, ସେ ଶ୍ଳେଷ ଅର୍ଥ ହେଉଚି, ଏକାଧିକ ଅର୍ଥବୋଧକ ଶବ୍ଦ ପ୍ରୟୋଗ କରି ସେଇଠାରେ ତାକୁ ଭିନ୍ନ ଭିନ୍ନ ଅର୍ଥ ପାଇଁ ବ୍ୟବହାର କରିବା; କିମ୍ବା ଏକ ଶବ୍ଦକୁ ଅକ୍ଷର ଧରି ଭିନ୍ନ ଭିନ୍ନ ପ୍ରକାରରେ ବାଣ୍ଟି ଭିନ୍ନ ଭିନ୍ନ ଅର୍ଥ ପ୍ରକାଶ ପାଇଁ ଖଞ୍ଜିବା । ସମସ୍ତଙ୍କୁ ଜଣାଥିବ 'ବୈଦେହୀଶ ବିଳାସ'ରେ ସୂର୍ପଣଖାଙ୍କ ନାକ କାନ କାଟିବା ପାଇଁ କିପରି ରାମ, ଲକ୍ଷ୍ମଣଙ୍କୁ କହୁଚନ୍ତି ।

"ବାବୁ ନାକ ଶିରି ଦାନ ଯୋଗ୍ୟ ଯୋଷାକୁ ।
ବିହର କାନନ କର ଆଲିଙ୍ଗନକୁ ।।"

ଏଠାରେ ନାକ, (ନାସିକା ଓ ସ୍ୱର୍ଗ) ଦାନ (ଛେଦନ ଓ ଦେବା)ଓ ବିହର (କାଟିଦିଅ ଓ ବିହାର କର) - ପଦମାନଙ୍କରେ ଦୁଇ ଦୁଇ ଅର୍ଥ ଥିବାରୁ ଅଭଙ୍ଗ ଶ୍ଳେଷ; ପୁଣି 'କାନନ କର' ଏଇ ବାକ୍ୟାଂଶରେ (ବିହର) କାନ ନ କର ଓ (ବିହର) କାନନ କର - ଏଇପରି 'ନ' କାରକୁ କାଟି ଏଣେ ତେଣେ ଖଞ୍ଜିବାରେ ସଭଂଗ ଶ୍ଳେଷ ଅଛି । ଥିଲେବି ଏପରି ଶବ୍ଦାଳଙ୍କାରରେ କି କାବ୍ୟ ବା କବିତା ପ୍ରକାଶ ପାଉଚି, ତା ବିଶ୍ୱନାଥ କବିରାଜଙ୍କର ପରେ ବି ଅଳଙ୍କାରିକ ମାନଙ୍କର ହୁଏତ ଅନୁସନ୍ଧାନର ବିଷୟ। ଅବଶ୍ୟ ସୂର୍ପଣଖାକୁ ଲୁଚାଇ ରାମ ସଙ୍କେତରେ ଲକ୍ଷ୍ମଣଙ୍କୁ କହୁଚନ୍ତି ବୋଲି ଏଠି ହୁଏତ କେହି ଏଥିରେ ଟାଣି ଓଟାରି ଧ୍ୱନିର ସଞ୍ଚାର ଦେଖାଇ କାବ୍ୟର ଯଥାର୍ଥତା ଆରୋପ କରିବାର ଉଦ୍ୟମ କରିପାରନ୍ତି ।

Digitized by PPRACHIN, SOA

ମାତ୍ର ସର୍ବତ୍ର ଏ ଆରୋପଣ ଚଳିବ ନାଇ । ଉପେନ୍ଦ୍ର ଭଂଜ ଓ ଭଂଜୀୟଙ୍କ କାବ୍ୟରେ ପୂରି ରହିଥିବା ସଭଂଗ ଅଭଂଗ ଓ ଭଂଗାଭଂଗାଦି ଶ୍ଳେଷ ତଥା ଅନ୍ୟାନ୍ୟ ବହୁବିଧ ଶବ୍ଦାଳଂକାର ଏଇ ଦୃଷ୍ଟିରେ ଯେ କେହି ଆଲୋଚନା କରିପାରନ୍ତି ।

ଚିତ୍ର -କାବ୍ୟ

ସେଇପରି ପୁଣି 'ଚିତ୍ର' । ଅଳଂକାରିକ ଆନନ୍ଦ - ବର୍ଧନ 'ଧ୍ୱନ୍ୟାଲୋକ'ରେ ଶବ୍ଦାଳଂକାର ଓ ଅର୍ଥାଳଂକାରମୟ ସମସ୍ତ କାବ୍ୟକୁ 'ଚିତ୍ର - କାବ୍ୟ' ବୋଲି କହିଚନ୍ତି । ତଥାପି ଏଇ 'ଚିତ୍ର - କାବ୍ୟ' ସର୍ବନିମ୍ନ ଶ୍ରେଣୀର କାବ୍ୟ ବୋଲି ତାଙ୍କର ମତ । ଉପମାଦି ଅର୍ଥାଳଂକାରକୁ ଚିତ୍ରକାବ୍ୟରେ ଗଣନା କରି ଯେବେ ଆନନ୍ଦବର୍ଧନ, ଚିତ୍ର - କାବ୍ୟକୁ ସର୍ବନିମ୍ନ ଶ୍ରେଣୀର କାବ୍ୟ ବୋଲି ଠିକ୍ କଲେ, ତେବେ ସେ ଉପେନ୍ଦ୍ର ଭଂଜଂକ ଚିତ୍ର - କାବ୍ୟ ବନ୍ଧୋଦୟକୁ କେଉଁ ସ୍ଥାନ ଦିଅନ୍ତେ ? ଆନନ୍ଦ - ବର୍ଧନ ଖ୍ରୀଷ୍ଟ ୯ମ ଶତକର ଲୋକ । ଉପେନ୍ଦ୍ର ଭଂଜଂକ କାଳର ୯୦୦ ବର୍ଷତଳର ଲୋକ ସେ । ଏଇ ୯୦୦ ବର୍ଷ ଭିତରେ ପରାଧୀନ ଭାରତରେ କାବ୍ୟର କୃତ୍ରିମତା ଓ କାଳ ଗତିର ପରିସ୍ଥିତିରେ ଓଡ଼ିଆଙ୍କ ଗୌଡ଼ୀରୀତିର ବିକାଶ ସାହିତ୍ୟ ଇତିହାସ ସେବୀଙ୍କର ବହୁ ପ୍ରଣିଧାନ ଓ ଆଲୋଚନାର ବିଷୟ । ଉପେନ୍ଦ୍ର - ଭଂଜଙ୍କ 'ଚିତ୍ର କାବ୍ୟ ବନ୍ଧୋଦୟ' ଯେ ପଢ଼ିଥିବେ ଓ ତହିଁ ସଂଗେ ଭଂଜ ଓ ଭଂଜୀୟଙ୍କ ଚିତ୍ର - କାବ୍ୟ - କଳା ଅନୁଧାବନ କରି ଥିବେ ସେ ବେଶ୍ ବୁଝିପାରିଥିବେ, କିପରି ଆନନ୍ଦ ବର୍ଧନଙ୍କ କାଳର ଚିତ୍ର - କାବ୍ୟକୁ "ଚକଟି ଚିପୁଡ଼ି ଛାଣି" ଉପେନ୍ଦ୍ର ନିଜର 'ଚିତ୍ରକାବ୍ୟ ବନ୍ଧୋଦୟ' ଓ ଅନ୍ୟାନ୍ୟ ଚିତ୍ର - କାବ୍ୟ - କଳା ପ୍ରକାଶ କରିଥିଲେ ।

ଭଞ୍ଜଙ୍କ ଅର୍ଥାଳଂକାର

ଆନନ୍ଦ- ବର୍ଧନ ଅର୍ଥାଳଂକାରକୁ ଚିତ୍ର- କାବ୍ୟରେ ସ୍ଥାନ ଦେଇଚନ୍ତି । କିଂତୁ ଉପେନ୍ଦ୍ରଙ୍କ ଅର୍ଥାଳଂକାର ମଧ୍ୟ ଶବ୍ଦାଳଂକାର ଶରୀର ଘେନି ପ୍ରକାଶ ପାଏ । ବର୍ଷା କାଳକୁ ବାଘଟାଏ ବୋଲି ବର୍ଣ୍ଣନା କରୁ କରୁ ପୂର୍ଣ୍ଣୋପମାକୁ ପରିପୂର୍ଣ୍ଣ କରିବାକୁ ଯାଇ ସେ କହିବେ-

"ଋକ୍ଷ ପନ୍ତି ଲୀନ । ଆଗକରି ସେ ଗିଳି ଦେଲା ଦିନ" । ବର୍ଷାର ମେଘରେ ଋକ୍ଷ ପନ୍ତି ବୋଇଲେ, ତାରାମାନେ ଲୀନ ହେଲେ, କି ଲୁଚିଗଲେ । ପୁଣି ବାଘ ଅର୍ଥରେ, ଋକ୍ଷ ପନ୍ତି କି ଭାଲୁମାନେ ବାଘ ଆସିବାରୁ ଲୁଚିଗଲେ । ବର୍ଷାରେ ଭାଲୁ ବି ବାହାରନ୍ତି ନାଇ ।

Digitized by PPRACHIN, SOA

ପୁଣି ସେ ବର୍ଷାକାଳ ଆଗ କରି ଦିନ ବୋଇଲେ ଆଲୋକ ଗିଳିଦେଲା - ସୂର୍ଯ୍ୟକୁ ମେଘରେ ଘୋଡ଼ାଇଦେଇ ବାଘ ହୋଇ ଥିବାରୁ ଦୀନ ବୋଇଲେ ଦୁର୍ବଳକୁ ଗିଳିଦେଲା । ବର୍ଷାକାଳରେ ଦୀନ ବା ଦୁଃଖୀ ଗରିବମାନେ ମୂଲଲାଗି ବା ଭିଖମାଗି ବାହାରି ପାରନ୍ତି ନାଇ । ଏହା ଶବଦାଳଂକାର, ଅନ୍ତତଃ ଅର୍ଥାଳଂକାରକୁ ପଛକୁ ପକାଇ ଶ୍ଳେଷ ଚାତୁରୀ ଦେଖାଇବାର ଉଦ୍ୟମ ଏଠି ସ୍ପଷ୍ଟ ।

ସଂଗତି -

ପୁଣି ଭଂଜ ଓ ଭଂଜୀୟଙ୍କ ଅର୍ଥାଳଂକାର ତଥା ଅନ୍ୟାନ୍ୟ ଅନେକ ଭାବ ପ୍ରକାଶ ମାନ ମାଇପଙ୍କ ଖୋଟି ମୁରୁଜରେ ଚିତ୍ର ହୋଇଥିବା ପଶୁ, ପକ୍ଷୀ, ଗଛ, କୋଠି, ନାଆ, ହାତୀ, ଘୋଡ଼ା ପ୍ରଭୃତି ପରି ଅଳଂକାର ଶାସ୍ତ୍ର ବର୍ଣ୍ଣନାର ସଂଗତି (Convention)ର ପ୍ରଭାବରେ କେତେ ଓ କିପରି ପ୍ରଭାବିତ ତା' ବି ନିଖାରି ଦେଖିବାର ଅଛି । ପରମ୍ପରାର ସଂଗତିରେ ଏପରି ନା ଅର୍ଥାଳଙ୍କାର ? ପ୍ରୟୋଗମାନ ସାଧାରଣତଃ ଥାଏ । ଆମ କାବ୍ୟ କଳାରେ ତା ଖୁବ୍ ଅଛି । ଉଦାହରଣ ସ୍ୱରୂପ କୀର୍ତି ଓ ହାସ୍ୟକୁ ଧଳା ବୋଲି କହିବା ଓ ଧଳାରେ ଉପମା ଦେବା । ଖଳକୁ ସାପପରି ଦ୍ୱିଜିହ୍ୱା ଜନ୍ତୁ ବୋଲି କହିବା ଇତ୍ୟାଦି । କିଂତୁ ଉପେନ୍ଦ୍ର ଓ ଭଞ୍ଜୀୟମାନେ ଏଇ ସଂଗତିମାନ ବ୍ୟବହାର କରିଚନ୍ତି, କି ସଂଗତି ମାନଙ୍କ ବ୍ୟବହାରରୁ ତାଙ୍କ ଲେଖା ବାହାରିଚି- ଏହା ବାରିବା ବେଳେ ବେଳେ କଷ୍ଟ ହୁଏ । ତଦ୍‌ବିଦ୍‌ମାନେ ଏହା ଖୁବ୍ ଜାଣନ୍ତି ।

ଭଂଜୀୟଙ୍କ ଚିତ୍ରକାବ୍ୟ -

ମନେ ହୁଏ ଏଇ ସଂଗତି ବାଟେ ଯାଇ ଯାଇ ଭଂଜ ଓ ଭଂଜୀୟ ମାନେ ଚିତ୍ରକାବ୍ୟ ବୋଲି ବିଶ୍ୱନାଥ କବିରାଜଙ୍କ ସାହିତ୍ୟ ଦର୍ପଣର 'ଖଡ଼୍ ଗାଦ୍ୟକାର' ଚିତ୍ରମାନ ଫୁଟାଇବାରେ ବେଶି ଲାଗିଚନ୍ତି । ଗୋମୂତ୍ର ଛନ୍ଦ, ପଦ୍ମବନ୍ଧ, ଚକ୍ରବନ୍ଧ, ଜଗତୀ ବନ୍ଧ, ଅଟ୍ଟାଳୀବନ୍ଧ ଓ ସେଇ ଅନୁକ୍ରମେ ଏବେ ସେ ଦିନର ଛାନ୍ଦ- ଅଭ୍ୟାସୀମାନଙ୍କ ହାତପଶା ବନ୍ଧ, ପଶାପାଲୀ ବନ୍ଧ, ଫରୁଆ ବନ୍ଧ, ବଟୁଆ ବନ୍ଧ, ହଳଦୀ କାଠୁଆ ବନ୍ଧ, ବଡ଼ୀ ବନ୍ଧ ପ୍ରଭୃତି କେଉଁ କାବ୍ୟରେ ଯିବ ତା' ହୁଏତ କହିବା କଷ୍ଟ । କାହିଁକିନା, ବିଶେଷରେ ସେଇ ବିଶ୍ୱନାଥ କବିରାଜ ପୁଣି ସେଇ ସାହିତ୍ୟ ଦର୍ପଣରେ କାବ୍ୟର ସଂଜ୍ଞା ଦେଇଚନ୍ତି, 'ରସାତ୍ମକ କାବ୍ୟ' । ଏ ଚିତ୍ର କାବ୍ୟରେ କଅଣ ମିଶାଇ ଛେଚି, ଚିପୁଡ଼ିଲେ, କିପରି କି ରସ ବାହାରିବ, ତା ଦେଖାଇ ଦେବାର ଅଛି । ପୁଣି ଅନ୍ୟ ଲୋକ ମଧ୍ୟ କାବ୍ୟର ପ୍ରାଣ ଦେଖିଚନ୍ତି, ଧ୍ୱନି ବା ବ୍ୟଂଜନାରେ । ସେ ମଧ୍ୟ କହନ୍ତି ଚିତ୍ର- କାବ୍ୟରେ 'ଧ୍ୱନି'ର ସଂପର୍କ ନାଇ । ତାଙ୍କ ଚିତ୍ର

Digitized by PPRACHIN, SOA

କାବ୍ୟ ପୁଣି ଖାଲି ଶବ୍ଦାଳଂକାର ସଂବଳିତ ନୁହେଁ; ସେଥିରେ ଅର୍ଥାଳଂକାର ବି ଅଛି ।

ଅନ୍ତର୍ଲିପି ବହିର୍ଲିପି –

ଅନ୍ତର୍ଲିପି ବହିର୍ଲିପି ପ୍ରଭୃତି ପୁଣି ଭଂଜୀୟଙ୍କ ଚିତ୍ର- କାବ୍ୟର ଗୋଟିଏ ଅଂଗ । ସେଥିରେ ଯେ ପରଂପରା ଥାଉ, ସେ ଭଳି ଚାତୁରୀକୁ କାବ୍ୟ ନାମ ଦେଇ ବୁଝାଇ ହେବାରେ ସାମାଜିକ ମାନବ ଚିନ୍ତା- ଚତୁରତାର କେଉଁ ସ୍ତର ବା ପୀଠରେ ରହିବ, ତା ମଧ୍ୟ ବୁଝି ରଖିବାର ଅଛି । ଏକା ପିଲାଙ୍କ ଶବ୍ଦ ତିଆରି (Word building) ଚିତ୍ର ସଂକେତାଦିରୁ ରୂପ ତିଆରି ପ୍ରଭୃତି କାହିଁକି, ବୋମ୍ବେର ଟାଇମ୍‌ସ୍ ଅଫ୍ ଇଣ୍ଡିଆ ସପ୍ତାହିକ (Times of India Weekly) ରେ ବାହାରୁଥିବା ଶବ୍ଦ ନିର୍ମାଣ ପ୍ରହେଳିକା (Cross word puzzle)କୁ ମଧ୍ୟ କାବ୍ୟ ବୋଲି କେହି କହିବେ ନାଇ । ଏପରି ଅବସ୍ଥାରେ ଓଡ଼ିଆ ଅନ୍ତର୍ଲିପି ବହିର୍ଲିପିର କି ଗତି ?

ଯମକ –

ତା'ପରେ ଯମକ । ଶବ୍ଦରେ ବୋଲି କହିବା ବରଂ ଭୁଲ୍ ହେବ, – ବର୍ଣ୍ଣରେ ଏହାର ଗତି। ଅଚିହ୍ନିତ ବୈଷ୍ଣବଙ୍କୁ ମଲାପରେ ଯମଦୂତ ଓ ବିଷ୍ଣୁଦୂତ ନେବାପାଇଁ କଳି କଲାପରି ଯମକକୁ ସ୍ୱର ଶିକ୍ଷ ନେବ, କି ଚିତ୍ର – କାବ୍ୟ ନେବ, ସେ କଳି ଛିଣ୍ଡାଇବା ଦୁରୂହ ବ୍ୟାପାର । ହେଲେହେଁ 'ରସ' ବା ଧ୍ୱନିର ସ୍ଥାନ ଏଥିରେ ଅଛି କି ନାଇ, ଥିଲେ କିପରି କେତେ ଅଛି, ତା ମଧ୍ୟ ଆଲୋଚନାରେ ବ୍ୟାଖ୍ୟା କରି ଦେଖାଇ ଦେବା ଉଚିତ ।

ଗୌଡ଼ୀରୀତି ଓ ମତାନ୍ଧତା –

ଏସବୁ ଦେଖାଇ ନ ପାରିଲେ, ଆଜି ବିଂଶ ଶତାବ୍ଦୀର ଅର୍ଦ୍ଧପଥରେ ଠିଆହୋଇ ଥିବା ଉଦୀୟମାନ ସାହିତ୍ୟିକମାନେ ମାନିବେ ନାଇ । ମଂଖୁକ ଯେ ଗୌଡ଼ୀରୀତିର ଲକ୍ଷଣ ବୁଝାଇଲା ବେଳେ କହିଚନ୍ତି, 'ଶ୍ଳାଘତେ', ଅର୍ଥାତ୍, (ଏପ୍ରକାର କବି) ଆପେ ଲେଖି ଭଲ କବିତା ହୋଇଚି ବୋଲି ଆପଣାର ବାହାସ୍ଫୋଟକରେ, ସେଇ ଅବସ୍ଥାକୁ ଯିବା ଠିକ୍ ନୁହେଁ। ବିଶେଷ ଶଂକା ପୁଣି ଅଛି, ଓ ମଂଖୁକଙ୍କ ଭଳି ପୂର୍ବ ସୁରିମାନେ ବି ଲକ୍ଷକରି କହି ଯାଇଚନ୍ତି ଯେ, ଭଂଜୀୟ ବା ଗୌଡ଼ୀରୀତିର କାବ୍ୟରେ ଏଇପରି ଆତ୍ମଶ୍ଳାଘା ଓ ଅବଲେପର ପ୍ରକାଶ ଦେଖାଯାଇ ଥାଏ। ଏଇଥିରୁ ବିଚାରରେ ମତାନ୍ଧତା ଆସେ । ଲାଗୁଚି, ଏପରି ମତାନ୍ଧତା ତିଆରି କରିବା ଆଲେଚନାର ଠିକ୍ ବାଟ ନୁହେଁ ।

Digitized by PPRACHIN, SOA

ଭଂଜଙ୍କ ଘେନି ପ୍ରତିଷ୍ଠାର ପନ୍ଥା ବିଚାର୍ଯ -

ଶବ୍ଦ ବିନ୍ୟାସ ଚାତୁରୀରୁ ଆନନ୍ଦ ପାଇବା ଭଳି ସାହିତ୍ୟିକ ନାହାନ୍ତି ବୋଲି ଆମେ କହୁ ନାଉଁ । ଅଛନ୍ତି । ମାତ୍ର ସେତିକି ଯଦି ଆମ ଜାତୀୟ କବିଙ୍କର ବିଶେଷତ୍ୱ ହୁଏ, ତେବେ ଜଗତରେ ପ୍ରତିଷ୍ଠା ପାଇବାରେ ତା ଆମକୁ କିପରି କେତେ ସାହାଯ୍ୟ କରିବ, ଏହା ଏକାନ୍ତ ବିଚାର୍ଯ ।

ନୂଆପ୍ରସ୍ଥ-୨/୮, ଆଲୋଚନା

'ସିଂଧୁସଭ୍ୟତା ଓ ଜୈନଧର୍ମ' ପ୍ରବନ୍ଧ ଉପରେ

ପ୍ରିୟ ନବୀନ ବାବୁ ଓ ସୁରେନ୍ଦ୍ର ବାବୁ !

ଆପଣମାନେ ଲେଖିଥିବା, ଏଥର ପ୍ରକାଶ ପାଁଇଥିବା, 'ସିଂଧୁସଭ୍ୟତା ଓ ଜୈନ ଧର୍ମ' ପ୍ରବନ୍ଧ ବିଷୟରେ କିଛି ହେଲେ ଏଥର ଲେଖିବା ପାଇଁ ମୋତେ କହୁଚନ୍ତି । ବିଷୟଟି ଏକପ୍ରକାର ନୂତନ । ଅବଶ୍ୟ ଜିନିଷ ଗୁଡ଼ିକ ନୂଆ ନୁହେଁ; କିନ୍ତୁ ତାକୁ ସବୁ ଦେଖିବାର ଦୃଷ୍ଟି ଏକାବେଳକେ ନୂଆ । ଏତେ ନୂଆ ହୋଇନଥାନ୍ତା । କିନ୍ତୁ ଖ୍ରୀଷ୍ଟଧର୍ମ ପରି ଗୋଟିଏ ପ୍ରାକୃତ ଧର୍ମର ପରଂପରାରେ ବଢ଼ିଥିବା ଇଉରୋପୀୟ ପଣ୍ଡିତମାନେ ଏପର୍ଯ୍ୟନ୍ତ ଏସବୁ ବିଷୟରେ ଆମର ଗୁରୁହୋଇ ବହୁତ ବିଗାଡ଼ି ଦେଇଚନ୍ତି । ବରାବର ଆମେ ଶିଖି ଆସିଛୁ, ବୈଦିକ ଯାଗ ଯଜ୍ଞ ହିଁ ଥିଲା ଏ ଦେଶର ଧର୍ମ, ବାକି ସବୁ ଆଦିମ ଲୋକଧର୍ମ । ବେଦରୁ ବାହାରିଥିଲା, ସାମାଜିକ ପ୍ରତିବାଦରୂପେ ଉପନିଷଦର ଦର୍ଶନ । ସେଇଥିରୁ କାଳକ୍ରମେ ଅନ୍ୟ ଭାବରେ ବାହାରିଲା ପ୍ରସିଦ୍ଧ ବୌଦ୍ଧଧର୍ମ ଓ ନାତି ପ୍ରସିଦ୍ଧ ଜୈନ ଧର୍ମ ।

ଏସବୁ କିନ୍ତୁ ଭୁଲ୍ । ଡକ୍ଟର ପ୍ରାଣନାଥ ଓ ରମାପ୍ରସାଦଚନ୍ଦ ପ୍ରଭୃତି କେହି କେହି ହୁଏତ ମହେଞ୍ଜୋଦାରୋର ସଭ୍ୟତା ବିଷୟରେ ଟିକିଏ ଟିକିଏ ସୂଚନା ଦେଇଚନ୍ତି। ତନ୍ତ୍ରର ଏକାକ୍ଷର ଉପଦେଶ ସଙ୍ଗେ ହୁଏତ ମହେଞ୍ଜୋଦାରୋ ଲେଖାକୁ ଯୋଡ଼ିଚନ୍ତି । ତା ସବୁ କେତେଦୂର ସତ୍ୟ, ଏବେ କହିବା କଷ୍ଟ । ପୁଣି ଫେରେ : ଡା: ହେରାସ୍ ଏବେ ମଧ ସିନ୍ଧୁସଭ୍ୟତାର ଲେଖା ସବୁ ପଢ଼ି ସେଥିରେ ପ୍ରାଚୀନ ଦ୍ରାବିଡ଼ ଭାଷା ବ୍ୟବହୃତ ହୋଇଛି ବୋଲି କହୁଚନ୍ତି । ସେ ସବୁ ପ୍ରକାଶିତ ହେଲେ ପ୍ରାଣନାଥ ଓ ହେରାସଙ୍କ ଭିତରେ ଭେଦାଭେଦ ବିଚାର କରାଯିବ । ମାତ୍ର ଏବେ ସେ ସବୁର ନିଶ୍ଚିତତା ବିଷୟରେ କିଛି କହିହେଉ ନାଇଁ ।

କିନ୍ତୁ ଆପଣମାନେ ଜୈନଧର୍ମ ବିଷୟରେ ଯାହା କହିଚନ୍ତି, ସେଥିରେ ବହୁତ ସତ୍ୟ ଅଛି । ସୁମେର ଅସୁର ଓ ଇଜିପ୍ଟରେ ପ୍ରାକୃତମାନବର ପ୍ରାଚୀନ ଧର୍ମ ଅତି ବିକଟାକାର

Digitized by PPRACHIN, SOA

ଧରିଥିଲା । ସାଧାରଣ ଲୋକଙ୍କର ସେ ଧର୍ମରେ କିଛି ସ୍ଥାନ ନଥିଲା । ରାଜା ସମ୍ରାଟଙ୍କର ଅତ୍ୟାଚାର ଓ ଲୋକପୀଡ଼ା ସେ ସବୁ ଦେଶର ସାମ୍ରାଜ୍ୟଦେବଙ୍କ ଠାରେ ଆରୋପିତ ହୋଇଥିଲା । କ୍ରମେ ସେଥିରୁ ଅସୁର- ମର୍ଦ୍ଦୁକ ବା ଅହୁର୍ ମେଜ୍‌ଦାଙ୍କ ବାଟେ ବାହାରିଲା, ଜିଉଙ୍କ ଜିହୋବା ଓ ଭାରତୀୟଙ୍କ ଭାଗବତଧର୍ମ । ଏଇପରି ପୃଥିବୀରେ ଭକ୍ତର ଈଶ୍ୱରରୂପୀ ଗୋଟାଏ ବିଶ୍ୱ ସମ୍ରାଟ୍ ସୃଷ୍ଟି କରି ପ୍ରାକୃତ ଗ୍ରାମ୍ୟ ଦେବାଦେବୀ ପୂଜାକୁ ବିରାଟ ରୂପ ଦେଇ ସମସ୍ତ ପୃଥିବୀରେ ଏକ ବଡ଼ ଅସୁର- ମର୍ଦ୍ଦୁକ୍ ବା ଫାରୁଆଙ୍କ ରାଜ୍ୟ ସୃଷ୍ଟି କରି ତାକୁ ଏକେଶ୍ୱରବାଦ ନାମଦେଇ ପୂଜା କରିବାରେ ପୃଥିବୀରେ ଧର୍ମବିଚାର ନାମରେ ଅବିଚାର ଓ ସମତା ନାମରେ ମତାନ୍ଧତା ଘୋଟି ରହିଥିଲା ।

ଭଲ ପାଇଁ ହେଉ, ମନ୍ଦ ପାଇଁ ହେଉ, ବିଜ୍ଞାନ ଓ ଭୌତିକ ସମୃଦ୍ଧିର ପ୍ରତିଷ୍ଠା ଲଗାଇ ଯେତେ ଚେଷ୍ଟା କଲେ ମଧ୍ୟ ସେ ବିଶ୍ୱ ସମ୍ରାଟ୍ ଈଶ୍ୱର ଆଜି ଟଳି ପଡୁଛନ୍ତି। ପ୍ରମାଣ କରିବା ଦରକାର ନାଇ ସେ ଈଶ୍ୱର ଥିଲେ, ହୁଏତ ବ୍ରାହ୍ମଣ ବା ପୁରୋହିତଙ୍କ ଈଶ୍ୱର କିମ୍ବା କ୍ଷତ୍ରିୟ ବା ସମ୍ରାଟଙ୍କ ଈଶ୍ୱର । ଏପରିକି ବୈଶ୍ୟଙ୍କର ମଧ୍ୟ ସେ ଈଶ୍ୱରଙ୍କ ପାଖେ ସ୍ୱାଧୀନ ଓ ସ୍ୱଚ୍ଛନ୍ଦ ସ୍ଥାନ ନଥିଲା ।

ଏଇଠି ମନେରଖିବାର ଅଛି, ବ୍ରାହ୍ମଣ କ୍ଷତ୍ରିୟାଦି ଜାତି ବିଭାଗ ମଧ୍ୟ ମୂଳତଃ ହୁଏତ ଭାରତର ବସ୍ତୁ ନୁହେଁ । ସେକାଳେ ସୁମେର୍ ଇଜିପ୍ଟ୍ ପ୍ରଭୃତି ସର୍ବତ୍ର ଏହିଭଳି କିଛି ପ୍ରକାଶ ପାଇଥିଲା । ଆପଣମାନେ ଠିକ୍ କହିଚନ୍ତି, ଜନସାଧାରଣଙ୍କର ଆତ୍ମା ନଥିଲା କି ସ୍ୱାଧୀନ ମନୁଷ୍ୟତା ନଥିଲା । ମନେହୁଏ, ସେହି ମାନଙ୍କ ଭିତରେ ଶୁଦ୍ର ତଥା ବୈଶ୍ୟ ମନୀଷୀମାନେ କିଂବା ଯୁଗକୁ ଯୁଗ ଦେଲାପରି ଅତ୍ୟାଚାରଗ୍ରସ୍ତ ଓ ଅବହେଳିତ ଜନତାର ମୁକ୍ତିକାମୀ ମହାପୁରୁଷମାନେ, ପ୍ରଥମେ ଜୈନର ଶୂନ୍ୟବାଦ ଓ ପରେ ଜୀବାଜୀବର ଭେଦଭାବ ପ୍ରକାଶ କରି ମାନବ ସମାଜରେ ଦାର୍ଶନିକ ଧର୍ମର ଆଦି ପ୍ରତିଷ୍ଠା କରିଥିଲେ । ଏଥିରୁଇଁ ବାହାରି ଥିଲା, ଯୋଗ, ଅର୍ଥାତ୍, ନିର୍ବାଣ ବା କୈବଲ୍ୟ ପାଇଁ ବିଷୟରୁ ମନକୁ ଛଡ଼ାଇ ରଖିବାର ଅଭ୍ୟାସ - ନିଷ୍ଠା । ମହେଞ୍ଜୋଦାରୋରୁ ଏହି ଜୈନ ଯୋଗୀ ଥିବା ସିଲ୍ ମିଳୁଚି। ଆପଣମାନେ ଠିକ୍ କହିଚନ୍ତି, ସେଥିରେ ଥିବା ସର୍ପ, ଆମ ମହାଦେବଙ୍କ ଭୂଷଣ ନୁହେଁ । ଆଦିମ ପ୍ରାକୃତ ସଭ୍ୟତାରେ ସର୍ପ ପ୍ରାୟ ସର୍ବତ୍ର ଦେବ- ଶତ୍ରୁ । ନୃତତ୍ତ୍ୱବିଦ୍‌ମାନେ କେହି କେହି ତାକୁ ଜନ୍ମରେ ବିଶ୍ୱ ବୃଦ୍ଧିର ସଙ୍କେତ (Fertility cult.) ବୋଲି କହନ୍ତି। ମାତ୍ର ସେ ଯାହାହେଉ ଇନ୍ଦ୍ରଙ୍କର ବୃତ୍ର, ମର୍ଦ୍ଦୁକ୍ ବା ମେରୋଡ଼ାକ୍‌ଙ୍କ ତିଅମତ୍, 'ରା'ଙ୍କ ଛେପରୁ ଜନ୍ମିଥିବା ବିଷଧର ସର୍ପ ପ୍ରଭୃତି ସମସ୍ତେ ନ୍ୟୂନାଧିକ ଦେବ - ଶତ୍ରୁ। ନାଗ - ଉପାସକମାନେ ପୂର୍ବେ ଭାରତରେ ଖୁବ୍ ଥିଲେ; ଅନ୍ୟତ୍ର ହୁଏ ତ ଥିଲେ। ମନ୍ତ୍ରରେ ବଶ ହେଉ ଥିଲେ ମଧ୍ୟ ନାଗ, ବଡ଼ ବିଷଧର ଓ ଭୀଷଣ । କଥା ଅଛି, ଯୋଗୀ

Digitized by PPRACHIN, SOA

ପାଖେ ଦଣ୍ଡ - ଭୟ ବିନା ଜନ୍ତୁଏ ଶାସିତ ଓ ଶାନ୍ତ ଥାନ୍ତି। ମହେଞ୍ଜୋଦାରୋ ସିଲ୍‌ରେ ପଶୁପତି ମହାଦେବ ମଧ୍ୟ ବାଘ, ହାତୀ, ଗଣ୍ଡା, ମହିଷ, ହରିଣ ଧରି ବସିଚନ୍ତି। ସିଦ୍ଧ ଜିନ ସେହିପରି ଦୁଇଟି ଫଣା ଟେକିଥିବା ସାପଙ୍କ ଭିତରେ ନିସ୍ପନ୍ଦ ନିଶ୍ଚଳ ହୋଇ ବସିବାର ଚିତ୍ର ଦିଆଯାଇଚି । ପଶୁପତି ମହାଦେବ ଯେ, ସିଦ୍ଧ ଯୋଗୀ ଥିଲେ, ସେ କଥାଟି ମଧ୍ୟ ପ୍ରାକୃତ ଧର୍ମର ଧାରଣା ନୁହେଁ। ଏହା ଜୈନ- ଯୋଗର ଧାରଣା। ପ୍ରାକୃତ ଧର୍ମରେ ଯୋଗ ଫୁଟି ନ ପାରେ । ପ୍ରାକୃତ ଧର୍ମ ହେଉଚି, ପ୍ରବୃତ୍ତିର ସାଧନା । କିପରି ଭୋଗ ମିଳିବ, ସ୍ୱର୍ଗ ମିଳିବ, ସବୁ କର୍ମରେ ସର୍ବଦା ପ୍ରବୃତ୍ତ ଥାଇ ଶାନ୍ତି ସଂତୋଷ ମିଳିବ, ଏହାର ସେ ସବୁ ଧର୍ମରେ ଆଦର୍ଶ । ମାତ୍ର ଦାର୍ଶନିକ ଧର୍ମରେ ମିଳିବାରେ ଯେଉଁ ସୁଖ, ତାକୁଇ ତ୍ୟାଗ କରିବାରେ 'ନିର୍ବାଣ' । ଯୋଗୀର ତାହାଇ କାମ୍ୟ । ସେଇଥିପାଇଁ ପରେ ଅର୍ଦ୍ଧନାରୀଶ୍ୱର ହୋଇ ମହାଦେବ ଯୌନ ନିରୋଧର ସାଧନା କରୁଥିଲେ ବୋଲି କୁହାଯାଏ । ସେଇଥିପାଇଁ ଯୋଗୀମାନେ ବଣରେ ସାପ ଫଣା ତଳେ ନିସ୍ପନ୍ଦ ନିଶ୍ଚଳ ହୋଇ ବସିଥାନ୍ତି । ସିଲ୍‌ର ଯୋଗୀ, ଜିନ ଛଡ଼ା ଆଉ କେହି ନୁହନ୍ତି ।

ଏହି ଜୈନ ଧର୍ମକୁ ନାନା ଭାବରେ ସଂସ୍କାର କରି କାଳେ କାଳେ ନାନା ସଂପ୍ରଦାୟ ଫୁଟିଥିଲେ । ସେଥିରୁ ଗୋଟିଏ ନିର୍ଗ୍ରନ୍ଥ; ଗୋଟିଏ ଆଜୀବକ; ସେହିପରି ଆଉ ଗୋଟିଏ ହେଉଚି, ବୌଦ୍ଧ । ସମସ୍ତଙ୍କୁ ମଧ୍ୟ ଏ ଦେଶରେ କହନ୍ତି 'ଜିନ' । ସୁମେର ଲେଖାରୁ ମିଳୁଥିବା ପ୍ରାଚୀନ 'ଜି' (ଜୀବ) ସଙ୍ଗେ ଏହି 'ଜିନ' ବା 'ଜିଣ' ଶବ୍ଦର ସ୍ପଷ୍ଟ ସଂବନ୍ଧ । ଏହି ଜୈନ ଧର୍ମର ଜୀବାଜୀବ ତତ୍ତ୍ୱରୁ ବୈଦିକ ଉପନିଷଦର ସମସ୍ତ ଦର୍ଶନ ଫୁଟିଥିଲା । ଏ ବିଷୟ ଏ ଦୃଷ୍ଟିରେ ଆଲୋଚିତ ହୋଇଛି ବୋଲି ମନେ ହେଉ ନାଇ । ଆପଣମାନେ ଏଠାରେ ଆଲୋଚନା- ରୀତିର ଏ ସୂଚନା ଦେଇ ଯେ ଉନ୍ମୁଖତା ଦେଖାଇଛନ୍ତି, ତାହାର ପୁଷ୍କଳ ଭବିଷ୍ୟତ ଅଛି ବୋଲି ମୋର ମନେ ହୁଏ । ଆଉ ଗୋଟିଏ କଥା ମନେ ରଖିବାର ଅଛି । ବୈଦିକ ଧର୍ମ ମଧ୍ୟ ଏକା ଭାରତରେ ଫୁଟି ନଥିଲା । ଭାରତର ଅନ୍ୟ କୌଣସି ପ୍ରାକୃତ ଧର୍ମ କେବଳ ଭାରତୀୟ ବୋଲି କହିବା ହୁଏତ ଠିକ୍ ହେବନାହିଁ । ପ୍ରତ୍ନପ୍ରସ୍ତର କାଳରୁ (Paleo-lithic Age) ଅର୍ଥାତ୍, ଅନ୍ତତଃ ୨୦ ହଜାର ବର୍ଷତଳରୁ ସେ କାଳର ସଭ୍ୟ ଭୂମିରେ ଯେଉଁସବୁ ଧର୍ମ ଓ ସମାଜ ସମ୍ବନ୍ଧୀୟ ପରଂପରା ଫୁଟିଥିଲା, ସେ ସବୁ ଚୀନ ଓ ଇଷ୍ଟର ଦ୍ୱୀପ ଠାରୁ ଉଏଲସ ଓ ସ୍ପେନ ପର୍ଯ୍ୟନ୍ତ ସର୍ବତ୍ର ଇତର ବିଶେଷ ରୂପାନ୍ତରରେ ମିଳିବ । ଆପଣମାନଙ୍କ ଅନୁସନ୍ଧାନରେ ଏଥିପ୍ରତି ଖୁବ୍ ଲକ୍ଷ୍ୟ କରିବାର ଅଛି ।

ଜୈନ ଧର୍ମର ଯୋଡିଏ ସମାନ୍ତରାଳ ବିକାଶ ପ୍ରତି ମଧ୍ୟ ଆପଣମାନେ ଲକ୍ଷ୍ୟକରି ଗତି କରିପାରନ୍ତି । ଗୋଟିଏ ହେଉଚି ଶୂନ୍ୟବାଦ ବା ନିର୍ବାଣରେ ସବୁ ଶୂନ୍ୟ କରି ଦେବାର ସାଧନା । ଆରଟି କୈବଲ୍ୟବାଦ, ବା ଅଜୀବ (ପରବର୍ତ୍ତୀ କାଳର ସାଂଖ୍ୟ ପ୍ରକୃତି)ରୁ ଶୁଦ୍ଧ ବୁଦ୍ଧ ଜୀବ (ପୁରୁଷ) ଅଲଗା କରି ('କୈବଲ୍ୟ'ରେ ରଖି) ନିର୍ବାଣ ବା ନିର୍ବିକଳ୍ପ

Digitized by PPRACHIN, SOA

ସମାଧିରେ ମୋକ୍ଷ ଲାଭ କରିବା । ଏ ଦୁଇଟିର ଧାରା ଆଜିଯାଏ ମଧ୍ୟ ଭାରତରେ ଜୀବିତ ଅଛି; ପୁଣି ତାନ୍ତ୍ରିକ ଠାରୁ ବୈଷ୍ଣବ ପର୍ଯ୍ୟନ୍ତ ସବୁ ଭାରତୀୟ ଧର୍ମକୁ ମଧ୍ୟ ଇତର ବିଶେଷ ପ୍ରଭାବିତ କରିଚି । ମହେଞ୍ଜୋଦାରୋର ଜୈନଯୋଗୀ ତଥା ପ୍ରାକୃତ ମାତୃପୂଜା, ପୁଣି ହୁଏତ ଉଭୟର ମିଶ୍ରଣରେ ପଶୁପତି ମହାଦେବଙ୍କ ଆରାଧନା, ସବୁଥିରେ ଦାର୍ଶନିକ ଭାରତୀୟର ପାରଂପରିକ ପ୍ରାଣ ପ୍ରତିଷ୍ଠା ପ୍ରମାଣ ସହିତ ଆପଣମାନେ ପ୍ରତିପାଦନ କରିବାରେ ଲାଗିବେ ବୋଲି ମୁଁ ଆଶା କରୁଛି । ବେଶ୍ କୃତକାର୍ଯ୍ୟ ହୁଅନ୍ତୁ ବୋଲି ଆଶୀର୍ବାଦ ମଧ୍ୟ କରୁଚି ।

ନୀଳକଣ୍ଠ ଦାସ, ନୂଆପ୍ରସ୍ଥ-୨/୯, ଆଲୋଚନା

ଭଲପାଇବାର ଶେଷ କଥା

(୧)

ଏଇ ନାମରେ 'ନବଭାରତ'ରେ ଗତବର୍ଷ ଠାରୁ ବହୁତ ଗୁଡ଼ିଏ ପ୍ରବଂଧ ବାହାରି ଗଲାଣି । ଶ୍ରୀଯୁକ୍ତ ଗୋପିନାଥ ମହାନ୍ତି, ଶ୍ରୀଯୁକ୍ତ ରାଜକିଶୋର ପଟ୍ଟନାୟକ ଓ ଶ୍ରୀଯୁକ୍ତ ନିତ୍ୟାନନ୍ଦ ମହାପାତ୍ର ଏଇ ସାହିତ୍ୟିକ କଷରତରେ ଯୋଗ ଦେଇ ନାନା ଭାବରେ ସତ୍ୟର ଅନୁସଂଧାନ ଓ ଆଲୋଚନାରେ ଲାଗିଚନ୍ତି। ପ୍ରବନ୍ଧ ଗୁଡ଼ିକରେ ସୂଚନା ବେଶି । ଏଇ ସୂଚନାମାନଙ୍କ ଭିତରେ ବିଷୟର ବର୍ଣ୍ଣନାତ୍ମକ ଆଲୋଚନା ସର୍ବଦା ସ୍ପଷ୍ଟ ନ ହେଲେ ହେଁ ଲେଖାର ଶୈଳୀ ଉପାଦେୟ; ଆଲୋଚନାର ଧାରା ନିମ୍ନଗାମୀ ନୁହେଁ । ବାରଂବାର ଏକା ବିଷୟ ଆଲୋଚିତ ହେଲେ ମଧ୍ୟ ବିଷୟର ଅବତାରଣାରେ ଅସ୍ୱାଦ୍ୟ ପୁନରୁକ୍ତି ନାହିଁ । ଉଦାହରଣର ଖଣ୍ଡିତ ବିବୃତି ସବୁବେଳେ ଦାର୍ଶନିକ ବିଶ୍ଳେଷଣ ପ୍ରକ୍ରିୟାର ସଂପୂର୍ଣ୍ଣ ଅନୁକୂଳ ନହେଲେ ବି ସଙ୍କେତର ସ୍ପଷ୍ଟତା ସର୍ବଦା ଦୁର୍ଗମ ନୁହେଁ। ଲେଖା ଗୁଡ଼ିକ ନୂତନ ପ୍ରକାରର ଓ ସ୍ପୃହଣୀୟ ।

ଭଲ ସାଇବାର ଶେଷ କଥା କହିଲେ ଏଠାରେ ବୁଝିବାକୁ ହେବ, ପ୍ରେମର 'ନିୟତି' ଅର୍ଥାତ୍ ପ୍ରେମର ପ୍ରଚୋଦନା କାହୁଁ ଆସେ, ବା କି ଉଦ୍ଦେଶ୍ୟରେ ପ୍ରେମ ବିକାଶ ପାଏ ? ଏଇ ପ୍ରେମକୁ ପୁଣି ଯୌନ ସଙ୍କେତରେ ବୁଝିବାକୁ ହେବ ।

ମହାନ୍ତି ମହାଶୟ ପ୍ରଥମେ ଆଲୋଚନାଟି ଆରମ୍ଭ କଲେ । ଆଦର୍ଶ ମାତ୍ର ତାଙ୍କ ମତରେ ପ୍ରେମର ଲଭ୍ୟ । ସେ ଆଦର୍ଶ କଅଣ, ତା ସେ କହି ନାହାନ୍ତି । ବରଂ ତାଙ୍କ କଥାରୁ ବୁଝାଯାଏ, ସେ ଆଦର୍ଶଟି ଅବର୍ଣ୍ଣନୀୟ, ଏପରି କି ଅଜ୍ଞେୟ । ପଟ୍ଟନାୟକ ମହାଶୟ କହନ୍ତି, ଆଦର୍ଶ ଗୋଟିଏ ଆରୋପ ମାତ୍ର । ପୁରୁଷ ନାରୀ ବା ଯୁବକ ଯୁବତୀ ମଧ୍ୟରେ

Digitized by PPRACHIN, SOA

ଆଦାନ ପ୍ରଦାନର ଗୋଟିଏ ପରଂପରାବଦ୍ଧ ପ୍ରକାଶ ହେଉଚି, ପ୍ରେମ। ଏ ସମ୍ବନ୍ଧରେ ଜୀବିର ସ୍ୱଭାବଗତ ଧର୍ମକୁ ସେ ଉପେକ୍ଷା କଲାପରି ଜଣାପଡୁଚି । ମହାପାତ୍ର ମହାଶୟ କିନ୍ତୁ ଏଇ ସ୍ୱଭାବଗତ ବା ସହଜାତ ଧର୍ମ ଉପରେ ଜୋର ଦେଇଚନ୍ତି, ମାତ୍ର ଏପରି ଭାବରେ ଏହା ଯେ ଏକାନ୍ତ ଜୀବିବୃତ୍ତ, ତା' ସେ ସ୍ପଷ୍ଟ କହି ନାହାନ୍ତି । ତିନିହେଁ ତିନୋଟି ଆଉ ଜିନିଷଟି ଦେଖିଚନ୍ତି । କାହାରି କଥା ପୂର୍ଣ୍ଣ ସତ୍ୟ ନୁହେଁ, ମାତ୍ର ସମସ୍ତଙ୍କ କଥାରେ ସତ୍ୟ ଅଛି। ଏହା ଆଦର୍ଶରେ ଚାଳିତ; ଆଦାନ ପ୍ରଦାନର ବିକାଶ ଏଥିରେ ସ୍ପଷ୍ଟ; ଓ ଏହା ସହଜାତ ବୃତ୍ତି । ମୂଳତଃ ଦେଖିଲେ ପୁଣି ଏହା ଏକାନ୍ତ ଜୀବିଧର୍ମ । ସାମାଜିକ ମାନବ ଠାରେ ଏହାର ପ୍ରଚୁର ବିକାଶ ଦେଖାଯାଏ, ସତ, ମାତ୍ର ବ୍ୟାପ୍ତିର ବୃଦ୍ଧିରେ ଏହାର ପ୍ରକୃତିର ପରିବର୍ତ୍ତନ ହୋଇନାହିଁ।

ଜୀବ ଜଗତରେ ଏହାର ଆଦିମ ସ୍ପଷ୍ଟ ପ୍ରକାଶ ଫୁଲ ଫଳ ଥିବା ଉଦ୍‌ଭିଦରେ । ଲାଉ କଖାରୁ ପ୍ରଭୃତି ଲଟିରେ ମାଈ ଫୁଲ ଓ ଅଣ୍ଡିରା ଫୁଲ ଅଲଗା ଅଲଗା ଥାଏ । ଦୁଦୁରା ମନ୍ଦାର ପୁଲାଙ୍ଗ ପ୍ରଭୃତି ଫୁଲରେ ମଝିରେ ଥିବା ମାଈ କେଶରଟିକୁ ବେଢ଼ିକରି ପାଞ୍ଚଟି ଅଣ୍ଡିରା କେଶର ଥାଏ । ମାଈ କେଶର ଉପରେ ଅଠାପରି ନାଳ ଥାଏ; ଅଣ୍ଡିରା କେଶରରେ ରେଣୁ ଥାଏ । ମହୁ ଖାଇବାକୁ ଯାଉଥିବା ଭ୍ରମର ବା ମହୁମାଛି ଗୋଡ଼ରେ ଲାଗି ହେଉ ବା ପବନରେ ଉଡ଼ିକରି ହେଉ ଅଣ୍ଡିରା କେଶର ରେଣୁ ମାଈ କେଶର ଉପରେ ପଡ଼ିଯାଏ। ସଂଗେ ସଂଗେ ମାଈ କେଶର ଅଠାରେ ତାକୁ ଧରି ନିଏ, ଓ ଗୋଟିଏ ନଳ ପରି ବାଟ ମେଲା କରି ଗର୍ଭଭିତରକୁ ଘେନି ଯାଏ । ସେଇ ଗର୍ଭରେ ମଂଜି ଓ ଗର୍ଭଟି ଫଳ ହୁଏ । ବୈଜ୍ଞାନିକମାନେ ପରୀକ୍ଷା କରି ଦେଖିଚନ୍ତି, ଫୁଲଟି ଫୁଟିଲା ବେଳେ ମାଈ ଗର୍ଭ - କେଶରଟି ଖୁବ୍ ଉତ୍ତପ୍ତ ଥାଏ - ଏପରିକି ତା ଉତ୍ତାପ ବଡ଼ ଜର କଲା ମଣିଷର ଉତ୍ତାପ ପରି (୧୦୪ ଡିଗ୍ରୀ ପର୍ଯ୍ୟନ୍ତ) ଥାଏ । ଅଣ୍ଡିରା କେଶରଟି ପଡ଼ି ଗର୍ଭକୁ ଗଳି ପଡ଼ିଲା ମାତ୍ରକେ ସେଇଟି ଅଣ୍ଡା ହୋଇଯାଏ । ମାଇଟି ପୁରୁଷକୁ ଆତ୍ମଦାନ କରିବାକୁ ବ୍ୟାକୁଳ ହୋଇ ଚାହିଁଥାଏ । ଅଣ୍ଡିରା ଯେ କୌଣସି ମନ୍ତେ ଆସି ଆକ୍ରମଣ କରି ପଡ଼େ । ପ୍ରକୃତିର ଧର୍ମ ପାଳିତ ହୁଏ, ବିକାଶର ଉଦ୍ଦେଶ୍ୟ ପୂର୍ଣ୍ଣ ହୁଏ । ପଶୁ ପକ୍ଷିଙ୍କର ଆଉରି ଉନ୍ନତ ଭାବରେ ଠିକ୍ ସେଇ କଥା । ଅଣ୍ଡିରାର ଉଚ୍ଛନ୍ନ ଆକ୍ରମଣ, ମାଇର ରତୁ ରକ୍ଷାରେ ଆତ୍ମଦାନ ଜନିତ ବ୍ୟାକୁଳ ପ୍ରତୀକ୍ଷା ଭିତରେ ଗଭୀର ସଂକୋଚ ଓ ଆତ୍ମସଂଯମ । ଏ ସବୁଥିରେ ଜୀବିବୃତ୍ତିରେ ଆଦର୍ଶ ସେବା ଓ ଆଦାନ ପ୍ରଦାନ ସବୁ ବିଶ୍ଳେଷଣରେ ସ୍ପଷ୍ଟ ଦେଖାଯାଇପାରେ । ସ୍ୱାଭାବିକ ଓ ସହଜାତ ବୃତ୍ତି ଦେଖାଗଲା, ଆଦାନ ପ୍ରଦାନ ବୁଝାଗଲା । କିନ୍ତୁ ଆଦର୍ଶ ବା ଉଦ୍ଦେଶ୍ୟ କ'ଣ । ପ୍ରକୃତି ଆଉ ଉଦ୍ଦେଶ୍ୟ ଓ ଜୀବିର

Digitized by PPRACHIN, SOA

ଆଦର୍ଶ ଏପରି ପୁଣି ବୁଝା ଯାଇପାରେ। ପ୍ରକୃତିର ଉଦ୍ଦେଶ୍ୟ, ବିକାଶ, ଜୀବିର ଆଦର୍ଶ, ଅବିନାଶ । ନିତ୍ୟବିକାଶ ପ୍ରକୃତିର ଧର୍ମ, ତେଣୁ ଅବିନାଶ ଅର୍ଥାତ୍ ଅନନ୍ତତ୍ୱ ଜୀବିର ଆଦର୍ଶ । ମରିବା ଜୀବନର ଆଦର୍ଶ ନୁହେଁ । ମାତ୍ର ଜୀବନ ସଂଗ୍ରାମରେ ଜୀବିର ମୃତ୍ୟୁ ଅନିବାର୍ଯ୍ୟ । ସେଥିପାଇଁ ସଂତାନରେ ଆତ୍ମପ୍ରକାଶର ଅନନ୍ତ ଧାରା । ଏଇ ସଂତାନ ତଥା ଏଇ ଅନନ୍ତତ୍ୱର ଅଜ୍ଞାତ ପ୍ରେରଣାରେ ଯୌନ ସଂକେତରେ ମାଇ ଅଣ୍ଡିରା ଦୁହିଁଙ୍କର ପରସ୍ପରର ଆତ୍ମଦାନ । ଏଥିରେ ପକ୍ଷିଜଗତ ପରି ମାଇର ବିଶେଷ ଦାୟିତ୍ୱ ତଥା ଅନ୍ୟତ୍ର ମାଇର ସଂପୂର୍ଣ୍ଣ ଦାୟିତ୍ୱ ଥିବାରୁ, ତାର ସଂକୋଚ ସହଜାତ ବୃତ୍ତିରୂପେ ପ୍ରକାଶ ପାଏ । ଲକ୍ଷ୍ୟ କରିବାର ଅଛି ଅଣ୍ଡିରା ତୁଳନାରେ ମାଇ ସବୁବେଳେ ଶରୀର ସୌଷ୍ଠବରେ ହୀନତର ହେଲେହେଁ, ଦାୟିତ୍ୱହୀନ ଅଣ୍ଡିରା ତା' ପ୍ରତି ଆକୃଷ୍ଟ ହୁଏ ଓ ସେଇ ଆକର୍ଷଣରେ ତାକୁ ଆକ୍ରମଣ କରେ । ମାଇର ପ୍ରତୀକ୍ଷା ସଂକୋଚର ସଂକେତରେ ମାତ୍ର ପ୍ରକାଶ ପାଏ । ମାନବ ଠାରେ ମଧ୍ୟ ଠିକ୍ ଦେଖିଲେ ଦେଖାଯିବ ନାରୀର କଟାକ୍ଷ ମାତ୍ରରୁ ପୁରୁଷ ତାର ପ୍ରତୀକ୍ଷା ବାରିନିଏ ଓ ତାର ପ୍ରଳଂବକୁନ୍ତଳ, ପ୍ରବାଳ- ଅଧର ଏକ ଦିଗରେ ଅତ୍ୟୁନ୍ନତ ଶ୍ରୀଫଳ - ବକ୍ଷୋଜ, ଅନ୍ୟ ଦିଗରେ ଅତିବୃଦ୍ଧ ସାନୁ- ନିତମ୍ବ ଠାରୁ ଚିକ୍କଣ- ଚିବୁକ, ମୃଣାଳ - ବାହୁ, ଚଂପକ- ଅଙ୍ଗୁଳି ଓ କରଭ- ଊରୁ ପର୍ଯ୍ୟନ୍ତ ସବୁଥିରେ ଆକୃଷ୍ଟ ହୁଏ - ଆକୃଷ୍ଟ ହୁଏ ଯୌନ ସଂକେତରେ ଆକ୍ରମଣ କରିବା ପାଇଁ ନାରୀର ପ୍ରବଳ ପ୍ରତୀକ୍ଷା ସତ୍ତ୍ୱେ । ଶୋଭନ ସଂକୋଚ ଓ ବ୍ରୀଡ଼ା ଏଠାରେ ମଧ୍ୟ ଲକ୍ଷ୍ୟ କରିବାର ଅଛି । କାଳିଦାସଙ୍କ ଶକୁନ୍ତଳାରୁ ଏହାର ଗୋଟିଏ ସୁନ୍ଦର ଆଲେଖ୍ୟ ଉଦ୍ଧାର କରାଯାଇପାରେ। ଯଥା:-

"ଅଭିମୁଖେ ମୟି ସଂହୃତ ମୀକ୍ଷିତଂ
ହସିତମନ୍ୟ ନିମିତ୍ତ କଥୋଦୟଂ
ବିନୟ ବାରିତ ବୃତ୍ତି ରତସ୍ତୟା
ନବିବୃତୋମଦନୋ ନଚସଂବୃତଃ ।"

ଦୁଷ୍ମନ୍ତ ଶକୁନ୍ତଳାଙ୍କୁ ପ୍ରଥମେ ଦେଖିଲା ବେଳେ ଏଇପରି ବର୍ଣ୍ଣନା କରିବାର କୁହାଯାଇଚି । ଏହାର ଅନୁବାଦ ହେବ -

ଚାହିଁ ଦେଲେ ମୁହିଁ ଫେରାଏ ନୟନ
ଆନ କଥା ଛଳେ ସସ୍ମିତ ବଦନ
ବିନୟ ନିବାରେ ମାନସ ବିକାର
ନ ଲୁଚେ ମଦନ ନୁହଇ ବାହାର ।

କାମନାହିଁ ଜୀବିର ସମସ୍ତ ଚୋଦନା ବା ପ୍ରେରଣାର ଭିତ୍ତି । ସେଥିରେ ଯାହା ସଂଯମ ଅଛି, ପ୍ରକୃତିର ସହଜ କ୍ରିୟାରେ ତାହା ଏକ ବନ୍ଧନ କହିଲେ ଚଳେ । ମାତ୍ର

Digitized by PPRACHIN, SOA

ମାନବର ଏଠାରେ ବିଶେଷ ଅଛି । କେବଳ ଜୀବିଧର୍ମୀ ମାନବ ନୁହେଁ । ମାନବ ସ୍ପଷ୍ଟତଃ ସାମାଜିକ ପ୍ରାଣୀ । ଏଇ ସମାଜର ବିକାଶରେ ପୁଣି ତାର ବିକାଶ । ଏଇ ସମାଜରେ ସେ ଯୌନ ସଂକେତର ସହଜ ବୃତ୍ତି ଚରିତାର୍ଥ କରେ । ସମାଜ ଆଦାନ ପ୍ରଦାନର ଏକ ଧାରାବାହିକ ପରଂପରା । ତେଣୁ ଏଇ ପ୍ରୀତି ବା 'ରତି'ରେ ଆଦାନ ପ୍ରଦାନ ସ୍ପଷ୍ଟ ।

ମାତ୍ର କାମନା ସର୍ବଦା ବିଶୃଙ୍ଖଳା । ଏଥିରେ ସଂଯମ ନହେଲେ ସମାଜ ସମ୍ଭବ ନୁହେଁ । ଏଇ ସମାଜ ପୁଣି ଏକ ଆଦର୍ଶର ଅଭିବ୍ୟକ୍ତି । ତେଣୁ ସଂଯମ ଏଇ ଆଦର୍ଶର ଶୃଙ୍ଖଳା ମାତ୍ର । ମାତ୍ର କାମନା ଏଇ ସଂଯମରେ ସର୍ବଦା ଅସହିଷ୍ଣୁ । ଏହା ବ୍ୟକ୍ତିଗତ ଆଦାନ ଛଡ଼ା ଆଉ କିଛି ଦେଖେ ନାହିଁ । ପ୍ରଦାନ ଏହାର ପ୍ରକୃତି ନୁହେଁ । ଯୌନ ସଙ୍କେତରେ ଯେଉଁ କାମନା ପ୍ରକାଶ ପାଏ ତାହା ପୁଣି ସମସ୍ତ କାମନାରେ ଶ୍ରେଷ୍ଠ । ତେଣୁ ଏହାରି ନାମର ସାଧାରଣ କଥାରେ କାମନା ବା କାମ । ଏଥିରେ ବ୍ୟକ୍ତିଗତ ଆଦାନର ଧକ୍କା ବଡ଼ ପ୍ରବଳ, ବଡ଼ ଅସହ୍ୟ । ତେଣୁ ଯେଉଁ ସମାଜ ବିଜ୍ଞାନସମ୍ମତ ଭାବରେ ବନ୍ଧା ହୋଇନାହିଁ, ସେହିପରି ଭାବରେ ଯାହା ଖୁବ୍ ବିକାଶ ପାଇନାହିଁ, କିମ୍ବା ଯାହା କାମନାର ଆଦାନ ମାତ୍ରରେ ବିବାଦର ଶାନ୍ତି ଘେନି ବିକାଶ ପାଇଚି, ସେଠାରେ ଏଇ କାମର ଆଦର୍ଶ ଏକାନ୍ତ ବ୍ୟକ୍ତିଗତ ହୋଇପଡ଼େ ।

ଇଉରୋପୀୟ ସମାଜରେ ଏଇ ବ୍ୟକ୍ତିଗତ ଆଦର୍ଶର ବିକାଶ ବରାବର ଦେଖାଯାଏ । ସମାଜର ସଂଯମ, ଗୃହସ୍ଥତା ଓ ପାରିବାରିକତା ସେଥିରେ ଗୋଟାଏ ଖୋଳ ପରି । ସେଇ ଇଉରୋପୀୟ ସମାଜର ଆଦର୍ଶରେ ଆମେ ଏବେ ପୂର୍ଣ୍ଣ ପ୍ରଭାବିତ । ସେଥିପାଇଁ ଆଲୋଚିତ ପ୍ରବନ୍ଧଗୁଡ଼ିକରେ ସୂଚନାରେ କୌଣସି ଆଦର୍ଶ ନିର୍ଦ୍ଦିଷ୍ଟ ନୁହେଁ । ସେଥିପାଇଁ ମହାପାତ୍ରଙ୍କ ସହଜ ରତି ଓ ମହାନ୍ତିଙ୍କ ଆଦର୍ଶ ପ୍ରାପ୍ତି ଏକା ପରି ଦିଶୁଛି । ପଟ୍ଟନାୟକଙ୍କ 'ଆଦାନ ପ୍ରଦାନ'ରେ କାମନା ଜନିତ ବିବାଦର ଶେଷ ନିଷ୍ପତ୍ତି ନାହିଁ । ଏଇ ଗତିର ବର୍ଣ୍ଣନା କରି ଇଂରେଜ କବି ସ୍କଟ୍ କହିଚନ୍ତି -

"The silver link,
the silken tie,
Which heart to heart
And mind to mind
In body and in soul
can bind."

ଏହା ଓଡ଼ିଆରେ ହେବ -
ସେଇ ରଜତ ଫିତା
ସେଇ ରେଶମ ସୂତା

Digitized by PPRACHIN, SOA

ଯୋଡ଼େ ଅପଘନ ମିଶାଏ ପରାଣ
ହୃଦେ ହୃଦ ମନେ ମନ
ହୁଅଇ ଗୁନ୍ଥା ।

ଏଠାରେ ଜୀବିବୃତ୍ତିର ରତି ସ୍ପଷ୍ଟ । ଅନନ୍ତତ୍ୱର ଆଦର୍ଶ ଏଥିରେ ବିକସିତ ନହେଲେ ବି, ସେ ଆଦର୍ଶ ଏଥିରେ ନାହିଁ, ନୁହେଁ । ତଥାପି ସେଇ ଆଦର୍ଶ ସ୍ପଷ୍ଟ କରି କବି ପୁଣି କହିଛନ୍ତି-

"Love rules the court,
The camp, the grove
Men below and
Saints above
For love is heaven,
and Heaven is love."

ଏହା ଓଡ଼ିଆରେ ହେବ -

(ବିଶ୍ୱ ଜଗତ ଭିଆଣେ)
କୁଞ୍ଜ କୁଟୀର ହର୍ମ୍ୟ ଶିବିର
ମର୍ତ୍ତ୍ୟ ମାନବ ସିଦ୍ଧ ସ୍ୱରଗେ
ମୁଗ୍ଧ ପୀରତି ଶାସନେ
ସ୍ୱର୍ଗ ଏକା ସେ ପୀରତି
ସ୍ୱର୍ଗ ଦେବତା ଈଶ୍ୱର ପରା
ସେଇ ପୀରତିର ମୂରତି ।

ଏଥିରେ ଜୀବିର ବୃତ୍ତି ଅଛି, ଅନନ୍ତତ୍ୱର ଆଦର୍ଶ ଅଛି, ମାତ୍ର ସାମାଜିକ ମାନବର ଆଦାନ ପ୍ରଦାନ ନାହିଁ । ତେଣୁ ବସ୍ତୁତଃ ଏହା ଜୀବିବୃତ୍ତି ବା ଜୀବିଧର୍ମର ମାନବିକ ସଂସ୍କରଣ ମାତ୍ର । ବଡ଼ କବି ସେକ୍ସ୍‌ପିୟର କହନ୍ତି -

"Love finds beauty
In the brow of Egypt"

ଅର୍ଥାତ୍,
ରତିର ତାଡ଼ନାରେ ମର୍କଟୀ ମଧ୍ୟ ରମ୍ୟା ।

ସେଇ ସାହିତ୍ୟ ପନ୍ଥାରେ ପ୍ରଭାବିତ ଓଡ଼ିଆ କବି ନନ୍ଦକିଶୋର କହିଛନ୍ତି -

"ପ୍ରେମ ନ ଜାଣଇ ଜାତି ସଜନି ଲୋ
ପ୍ରେମ ନ ଜାଣଇ ପଦ
ଧନ ମାନ ରୂପ ବିଚାର ନ ଥାଏ
ପିଇଦେଲେ ପ୍ରେମ ମଦ ।"

Digitized by PPRACHIN, SOA

ମାତ୍ର ଜୀବିବୃତ୍ତିର ସ୍ୱତୋବିକାଶରେ କାମର ନୈସର୍ଗିକ ତାଡ଼ନା ତଥା ସେଇ କାମ ବା କାମନାରେ ବିଶ୍ୱବିକାଶ ଓ ଧର୍ମଗତ ଅନନ୍ତତ୍ୱର ଆଦର୍ଶ ସାମାଜିକ ପ୍ରାଣିର ଧର୍ମ ନୁହେଁ । ମାନବ ଜୀବୀ ସତ, ମାତ୍ର ସମାଜ ତାର ବିଶେଷ । ସମାଜ ନଥିଲେ ମାନବ ମାନବ ନୁହେଁ । ଯେଉଁ ବୃତ୍ତି ସେବା, ସମାଜକୁ ସ୍ପଷ୍ଟ ଅପେକ୍ଷା ନକରି ଫୁଟେ, ତାହା ଯେତେ ସ୍ୱାଭାବିକ ଓ ଯେତେ ସହଜ ଆଦର୍ଶପର ହେଲେ ହେଁ, ମାନବିକ ନୁହେଁ । ପ୍ରଚ୍ଛନ୍ନ ହେଉ, ସ୍ପଷ୍ଟ ହେଉ, ଆଦାନ ପ୍ରଦାନ ବା ଦେଣ ନେଣ କଥାଟିର ପ୍ରୟୋଗ ତଥା ସାଫଲ୍ୟ ଏଇଠାରେ । ମାନବର ସମସ୍ତ ବୃତ୍ତିଗତ ତଥା ବିକଶିତ କ୍ରିୟା ଏଇ ସମାଜର ଆଦର୍ଶରେ ନିୟମିତ । ଏଇ ଆଦର୍ଶ ଓ ଏଇ ନିୟମିତତା ଯାହାର ଯେତେ ବଳିଷ୍ଠ ଓ ପୁଷ୍ଟ, ସେ ସେତିକି ଉନ୍ନତ ।

ଭାରତୀୟ ମାନବର ବିଶେଷତା ଏଇଠାରେ । ଭାରତୀୟ ଦୃଷ୍ଟିରେ ସମାଜ ହିଁ ବିଶ୍ୱ ପୁରୁଷଙ୍କ ପ୍ରତିରୂପ । ତାରି ସେବା ହିଁ ଭାରତୀୟର ଧର୍ମ ସେବା । ମାନବର ସମସ୍ତ କ୍ରିୟାରେ ଏଇ ଧର୍ମ ପ୍ରକାଶ ପାଏ । ଏହାକୁ ହିଁ ଏବେ କହୁଚନ୍ତି କୃଷ୍ଟି ବା ସଂସ୍କୃତି । ଭାରତରେ ଏହାର ପାରଂପାରିକ ନାମ 'ବିନୟ'- ଅର୍ଥାତ୍, ବିଶେଷରେ ନୀତିବଦ୍ଧ କ୍ରିୟାର ବିକାଶ । ସାହିତ୍ୟରେ ଏଇ ବିନୟର ପ୍ରକାଶ । ସାହିତ୍ୟ ବୋଇଲେ, ସହିତରେ ଚଳିବାର ପ୍ରକାର । ଏଇଠାରେ ଆଦାନ ପ୍ରଦାନର ଦାର୍ଶନିକ ତତ୍ତ୍ୱ ସୁଗମ ଓ ସ୍ପଷ୍ଟ । ଯଥାର୍ଥ ସାମାଜିକ ଆଦର୍ଶରେ ଏଇ ଆଦାନ- ପ୍ରଦାନ ପ୍ରଭାବିତ; ମାନବର ବୃତ୍ତି ଓ କାମନାରାଶି ମଧ ଏଥିରେ ହିଁ ରସାଣିତ ।

ଶ୍ରେଷ୍ଠ କାମନା ବା 'କାମ' ତେଣୁ ଭାରତୀୟ ବିନୟରେ 'ପ୍ରଣୟ' । ପ୍ରଣୟ ବୋଇଲେ ସାମାଜିକ ଗୃହସ୍ଥତାର ଆଦର୍ଶ ନୀତିରେ ପ୍ରଭାବିତ କ୍ରିୟା ।

ପ୍ରେମ ଓ ପ୍ରୀତିର ଶବ୍ଦଗତ ତାତ୍ତ୍ୱିକ ସଂବଂଧ ଓ ସାଦୃଶ୍ୟ ଏଇ 'ପ୍ରଣୟ' ସଙ୍ଗେ । ଏହାକୁଇ ଲେଖକମାନେ କହିଚନ୍ତି- 'ଭଲ ପାଇବା' । ଏହାର 'ଶେଷ କଥା' ବା 'ନିୟତି' ଅର୍ଥାତ୍ ଗତି (ଯେପରି କହନ୍ତି- ତା'ର କି ଗତି ହବଟି ?) ସମାଜରେ 'ପୁରୁଷ' (ମାନବର ବ୍ୟକ୍ତିତ୍ୱ)ର ଆତ୍ମଲାଭ । ଏଇ ପ୍ରଣୟଗତ ପ୍ରେମର କଥଂଚିତ ବର୍ଣ୍ଣନା କରିବାକୁ ଯାଇ କବି ଭବଭୂତି କହିଚନ୍ତି -

"ଅଦ୍ୱୈତଂ ସୁଖ ଦୁଃଖୟୋ ରନୁଗୁଣଂ
ସର୍ବାସ୍ୱବସ୍ଥାସୁ ଯତ୍
ବିଶ୍ରାମୋ ହୃଦୟସ୍ୟ ଯତ୍ର ଜରସା
ଯସ୍ମିନ୍ନହାର୍ଯୋ ରସଃ

Digitized by PPRACHIN, SOA

କାଳେନା ବରଣାତ୍ୟାୟାତ୍ ପରିଣତେ
ଯତ୍ସ୍ନେହସାରେ ସ୍ଥିତଂ
ଭଦ୍ରଂପ୍ରେମ ସୁମାନୁଷସ୍ୟ କିମିଦଂ
ଦୁଃଖେନ ତତ୍ ପ୍ରାପ୍ୟତେ ।"

ଏହା ଓଡ଼ିଆରେ ହେବ -

ଭଲେ ଭଲ ମନ୍ଦେ ମନ୍ଦ କରମେ ବିରାମେ
ସୁଖ ଦୁଃଖେ ସଦା ଏକାପରି,
ତରୁଣ ଚପଳ ମୋହ ଉଛନ୍ନ ଆବେଗ
ସେ ସେନେହେ ଆବରଣ ସରି ।
ଖସିଯାଏ କାଳେ ତାହା, ଶୁଦ୍ଧ ପରିଣାମେ
ହୁଅଇ ସେ ସ୍ନେହସାରେ ସ୍ଥିର,
ହୃଦୟ ବିଶ୍ରାମ ତହିଁ, ଘୋଟିଲେ ବି ଜରା
ରସ ତହୁଁ ନୁହେଁ ସରିବାର ।
ନୀତିନିଷ୍ଠ ସୃଜନର ଦାଂପତ୍ୟ ସୋହାଗେ
କି ଅବା ସେ ସତ୍ୟ ଶିବତମ,
ସଂଯମ ଶୃଙ୍ଖଳ ଦୁଃଖେ ଆତ୍ମସାଧନାର
ମିଳେ ତାହା, ସେଇ ଏକା ପ୍ରେମ ।

ଏଠାରେ ନୈସର୍ଗିକ ବୃତ୍ତ, ଆଦାନ- ପ୍ରଦାନ ଓ ଆଦର୍ଶ ସବୁ ସ୍ପଷ୍ଟ ଓ ଏକାଧାରନିଷ୍ଠ ।

(୨)

ଏଇଠାରେ ଆଉ ଗୋଟିଏ କଥା କହିବାର ଅଛି । ଶବ୍ଦର ସୂଚନାରେ ପରଂପରା ଛାଡ଼ିବା ବା ବିଗାଡ଼ିବା ଠିକ୍ ନୁହେଁ । ଶବ୍ଦଗୁଡ଼ିକ ସଂସ୍କୃତିର ଭଣ୍ଡାର । 'ଦୁର୍ଭିକ୍ଷ' ନ କହି, 'ଭୋଖରେ ମରିବା କାଳ' କହିବା ଠାରୁ ପ୍ରଣୟ ବା ପ୍ରୀତିକୁ 'ଭଲ ପାଇବା' କହିବା ଆହୁରି ଦୂଷଣୀୟ । କାରଣ, ଏଠାରେ ପ୍ରବୃତ୍ତିର ତାଡ଼ନା ପରଂପରା ଭାଙ୍ଗିବାକୁ ସର୍ବଦା ନିଜେ ନିଜେ ବଳିଷ୍ଠ ଭାବରେ ଜାଗ୍ରତ । 'ଭଲ ପାଇବା' କଥାଟି ପୁଣି ଲୋକଙ୍କୁ ବୃଥାରେ ନୂଆ କରି ଶିଖାଇବାକୁ ହେବ । ଏହା ବଂଗଳା 'ଭାଲୋବାସା' ଓ ଓଡ଼ିଆ 'ସୁଖ ପାଇବା' - ଏଇ ଦୁଇ କଥାର ମିଶ୍ରଣରେ ତିଆରି ହୋଇଚି । ଶବ୍ଦଶକ୍ତିର ପାରଂପରିକ ପ୍ରକାଶ ଦେଖିଲେ, ଏ ଦୁଇଟି ଯାକ ପୁଣି ଭାରତୀୟ ଆଦର୍ଶରେ ଗଢ଼ା । 'ଭଲୋବାସା' - ଅର୍ଥାତ୍, ଭଲଭାବରେ ବାସ କରିବା ବା ସାମାଜିକ ଗୃହସ୍ଥତା କରିବା । 'ସୁଖ ପାଇବା'

Digitized by PPRACHIN, SOA

- ଅର୍ଥାତ୍, ସାହଚର୍ଯ୍ୟରେ ସୁଖୀ ହବା। କିନ୍ତୁ 'ଭଲ ପାଇବା'ରେ ସେପରି ସୂଚନା ନାହିଁ । ଏକ ପକ୍ଷରୁ ଭଲ ଜିନିଷଟାଏ ପାଇବା, ଏହାର ଅର୍ଥ ହୋଇପାରେ । ପରଂପରାର ସୂଚନାକୁ ଲକ୍ଷ୍ୟ ନରଖି ନୂଆ କରି ଭର୍ତ୍ତି କଲେ ପୁଣି ବିଶେଷରେ ଏପରି ଶବ୍ଦରେ ବଡ଼ ଶୀଘ୍ର ଅର୍ଥରେ ଦୁର୍ଗତି ଓ ଅପଗତି ଘଟିପାରେ । ଏଇ ଅର୍ଥରେ ପୁରୁଣା ପାରଂପରିକ ଶବ୍ଦର ମଧ୍ୟ ସେ ଗତି ହୋଇଚି । ଇଂରେଜିରେ 'ଲଭ୍' (ପୀରତି), ସଂସ୍କୃତ ବା ପ୍ରାକୃତ ଭାଷାରେ ରତି ଏହାର ଉଦାହରଣ । ରମଣ, ରମ୍ୟ, ରମଣୀୟ ପ୍ରଭୃତି, ଅର୍ଥରେ ସେତେ ବିଗିଡ଼ି ନାହିଁ । ମାତ୍ର, ରତିର ଅବସ୍ଥା ତା' ନୁହେଁ । ଓଡ଼ିଆରେ 'ଘେନାଘେନି' ଶବ୍ଦ ଏଇ ପ୍ରଣୟ ବା ପ୍ରେମ ଅର୍ଥରେ ପୂର୍ବେ ବହୁତ ବ୍ୟବହୃତ ହୋଇଚି। ଯଥା :-

"ମନ ଜାଣିବାକୁ ପ୍ରିୟାସମ ଜଣେ
ଖୋଜିଲେ ନ ଥିବ ଆଉ
ମୋ ମନେ ଘେନୁଚି ପ୍ରୀତି ଘେନିବାକୁ
ତାହାରି ସମାନ ସେହୁ ।"
"ପ୍ରାଣରୁ ଅଧିକ ଯେଉଁ ଘେନାଘେନି
ତାକୁ ଯାହା କରେ ଭିନ୍ନ
ପବି ପତନ କିପାଁ ଶିରେ ନ କରେ
ଜାଣିଲି ଅତି ପିଶୁନ ।"

- (ଉପେନ୍ଦ୍ର ଭଂଜ)

ଘେନାଇ ଆମ୍ଭେ ଯେତେ କହିଲୁ ଗୋ
ଘେନିଲୁ ନାହିଁ ବାଳା ପହିଲୁ ଗୋ

(- କବିସୂର୍ଯ୍ୟ)

କିନ୍ତୁ ଏଇ 'ଘେନା', 'ଘେନିବା' ଓ 'ଘେନାଘେନି' ଶବ୍ଦମାନଙ୍କର କି ପରିଣାମ ହୋଇଛି, ଅଶ୍ଳୀଳତା ଭୟରେ ତା' ଲେଖି ହେଉନାହିଁ ('ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ', ୨ୟ ଖଣ୍ଡ ୨୨୨୩ ପୃଷ୍ଠା ପ୍ରଥମ ସ୍ତମ୍ଭର ଶେଷଠାରୁ ଥିବା ଶବ୍ଦମାନଙ୍କର ମୂଳ ପ୍ରକୃତି ଲକ୍ଷ୍ୟ କର) । ସଂସ୍କୃତ 'ପ୍ରଣୟ' କଥାଟି ନିଜେ ଅର୍ଥରେ ବିକୃତ ହୋଇନଥିଲେ ମଧ୍ୟ, 'ପାପ - ପ୍ରଣୟ' କଥାଟିରେ ଏହାର ବିକୃତି ଆଡ଼କୁ ଗତି ସ୍ପଷ୍ଟ । ଏସବୁ ଦେଖିଲେ ମନେ ହୁଏ, ନୂଆ ଶବ୍ଦ ତିଆରି ଓ ଆମଦାନି, ବିଶେଷତଃ ଏପରି ପ୍ରସଙ୍ଗରେ ଏକ ପ୍ରକାର ନିଆଁରେ ଖେଳିବା କଥା ।

ପୁଣି 'ଶେଷ କଥା' । ଏହା ଲୋକେ ବୁଝିବେ ନାହିଁ । ଉପରେ 'ନିୟତି' (ସଂସ୍କୃତ) ଓ 'ଗତି' (ଓଡ଼ିଆ) ଶବ୍ଦମାନଙ୍କ କଥା କୁହାଯାଇଚି । ଶବ୍ଦ ପ୍ରୟୋଗରେ

Digitized by PPRACHIN, SOA

ବୃଥାରେ ପରଂପରା ଛିଣ୍ଡାଇ ଦେଲେ, ଲୋକରେ ସାହିତ୍ୟ ବିକାଶ ପାଇବାରେ ବାଧା ପଡ଼େ । ସେ ସମ୍ବନ୍ଧରେ ବିଶେଷ ଆଲୋଚନା ଏଠାରେ ଅନାବଶ୍ୟକ । ଅବଶ୍ୟ ଦରକାର ପଡ଼ିଲେ ନୂଆ ଜିନିଷ ବା ଭାବର ପ୍ରକାଶ ପାଇଁ, ନୂଆ ଶବ୍ଦ ଭାଷାକୁ ଅଣାଯାଇ ପାରେ । ତାହା ଅଯଥା ଆମଦାନୀ ନୁହେଁ ।

ନବ ଭାରତ-୬।୬, ଆଲୋଚନା

ଉତ୍କଳସାହିତ୍ୟ ସମାଜ

ଓଡ଼ିଶାର ବହୁମୁଖି ଦାରିଦ୍ର୍ୟର ପ୍ରଧାନ ହେତୁ ହେଉଛି, ସାହିତ୍ୟର ଦାରିଦ୍ର୍ୟ। ଜାତୀୟ ବ୍ୟକ୍ତିତ୍ୱ ବଢ଼ିଲେ ଜାତୀୟ ସାହିତ୍ୟ ଯେପରି ବଢ଼େ, ଜାତିର ସାହିତ୍ୟ ବଢ଼ିରେ ବ୍ୟକ୍ତିତ୍ୱ ମଧ୍ୟ ଫୁଟିଉଠେ। ବଡ଼ ଦୁଃଖର କଥା, ଓଡ଼ିଶାରେ କୌଣସି ଆଡ଼ୁ କିଛି ହେଉନାହିଁ। ବଡ଼ ପଣ୍ଡିତମାନେ ସାହିତ୍ୟ ଚର୍ଚ୍ଚା କରନ୍ତି ନାହିଁ କିମ୍ବା ଯେଉଁମାନେ ସାହିତ୍ୟ ଚର୍ଚ୍ଚା କରନ୍ତି, ସେମାନେ ବଡ଼ ପଣ୍ଡିତ ହେବାକୁ ଲୋଡ଼ନ୍ତି ନାହିଁ। ହଠାତ୍ ଏ ଦେଶରେ କବି ହୁଅନ୍ତି, ଉପନ୍ୟାସ ଲେଖି ବସନ୍ତି। କିନ୍ତୁ ଯେଉଁ ମୌଳିକ ପ୍ରତିଭାରେ ଏ ସବୁ ସିଦ୍ଧ ହୁଏ, ସେ ପ୍ରତିଭା କୌଣସି ଜାତିରେ ତିଗିଣିଆ ଜଙ୍ଗଲରେ ବର୍ଷାରମ୍ଭରେ ଛତୁ ଫୁଟିଲା ପରି ଫୁଟେ ନାହିଁ। ବିଂଶ ଶତାବ୍ଦୀରେ ସାହିତ୍ୟ ସାଧନାର ପନ୍ଥା ବଡ଼ କଠିନ। ଜ୍ଞାନର ପରିସର ସଙ୍ଗେ ସଙ୍ଗେ ବୈଜ୍ଞାନିକ ଆଲୋଚନାର ଶୈଳୀ ଦିନକୁ ଦିନ ପ୍ରଗତିରେ ଯେପରି ଫୁଟି ଉଠୁଛି, ସେ ସବୁର ହିସାବ ନ ରଖିଲେ ଏ ଯୁଗରେ ଜାତୀୟ ସାହିତ୍ୟର ସୌଧ ଗଢ଼ିବା ସୁଗମ ନୁହେ। ରାଧାନାଥ କେଉଁଦିନ କାବ୍ୟ ଲେଖିଯାଇଥିଲେ, ସେହି ଅର୍ଦ୍ଧପରିଣତ କାବ୍ୟକଳା ଓଡ଼ିଶାରେ ଏବେ ମଧ୍ୟ ଅନୁକରଣରେ ବିକୃତ ହୋଇ ଚାଲିଛି। ଓଡ଼ିଆ ସାହିତ୍ୟକୁ ଏ ଗତାନୁଗତିକ ପ୍ରବାହରୁ ଶୀଘ୍ର ଉଠାଇବାକୁ ହେବ। ଓଡ଼ିଶାର ଅଧ୍ୟାପକମାନେ ଏ କ୍ଷେତ୍ରରେ ବିଶେଷ ଭାବରେ କାର୍ଯ୍ୟ କରି ବାଟ ଦେଖାଇବେ। ଅତି ଶୀଘ୍ର କଟକ ସହରରେ ବିପୁଳ ଭାବରେ ପୁସ୍ତକ ସଂଗ୍ରହର ଆୟୋଜନ କରିବାକୁ ହେବ। ସଙ୍ଗେ ସଙ୍ଗେ ସେ ସବୁ ପଢ଼ିବା ଓ ବୈଜ୍ଞାନିକ ଭାବରେ ଆଲୋଚନା କରିବାର ଉନ୍ମୁଖତା ମଧ୍ୟ ଦେଶର କୃତବିଦ୍ୟ ଯୁବକମାନଙ୍କ ଭିତରେ ଜାଗ୍ରତ କରିବାକୁ ହେବ। ଏହା ସବୁ କରିବା ପାଇଁ କଟକରେ ଏବେ ଦୁଇଟି ମାତ୍ର ଅନୁଷ୍ଠାନ - ଗୋଟିଏ ରେଭେନ୍ସା କଲେଜ, ଆଉ ଗୋଟିଏ ଉତ୍କଳ ସାହିତ୍ୟ ସମାଜ।

ରେଭେନ୍ସା କଲେଜରେ ପୁସ୍ତକର ଅଭାବ ଅନୁଭବ କରି କନିକାର ରାଜାସାହେବ କିଛିଦିନ ପୂର୍ବେ ପଞ୍ଚାଶ ସହସ୍ର ଟଙ୍କା ଦାନ କରିଥିଲେ। ସେଥିରେ ଅତି ସାମାନ୍ୟ ମାତ୍ର କାର୍ଯ୍ୟ ହୋଇଛି। ଗୋଟିଏ ଜାତିର ଜ୍ଞାନ-ପିପାସା ଉଦ୍‌ବୁଦ୍ଧ କରି ପ୍ରତିଷ୍ଠିତ କରିବାରେ ଏତିକି ଯଥେଷ୍ଟ ନୁହେ। ବସ୍ତୁତଃ ଓଡ଼ିଶାର ସଂସ୍କୃତି ପାରଂପରିକ ଭାବରେ ଆଲୋଚନା

Digitized by PPRACHIN, SOA

କରିବାର କୌଣସି ବିଶେଷ ସାମଗ୍ରୀ ସଂରଜାମ ରେଭେନ୍ସା କଲେଜରେ ଏବେ ମଧ୍ୟ ନାହିଁ। ଅଧ୍ୟାପକ ନିର୍ମଳଚନ୍ଦ୍ର ପୁରୁଣା ପୋଥି ଓ ଶିଳ୍ପସ୍ମାରକ ସଂଗ୍ରହ କରିବାର ଆରମ୍ଭ କରିଛନ୍ତି। ତାଙ୍କର ଏ ସାଧୁକାର୍ଯ୍ୟ ଦେଶବାସୀ ତଥା ସରକାରଙ୍କ ଆନୁକୂଲ୍ୟ ଓ ସାହାଯ୍ୟରେ ପରିପୁଷ୍ଟ ହେଉ।

ଉତ୍କଳ ସାହିତ୍ୟ ସମାଜ ଏବେ ମଧ୍ୟ ବଡ଼ ଦରିଦ୍ର। ପୁସ୍ତକ ସଂଗ୍ରହ ସେଥିରେ ହୋଇନାହିଁ। କୌଣସି ମୌଳିକ ଆଲୋଚନାର ଯଥାର୍ଥ ପନ୍ଥା ମଧ୍ୟ ସେଥିରେ ସମ୍ୟକ୍ ଫିଟିନାହିଁ। ସମାଜର ବର୍ତ୍ତମାନ ଉଦ୍ୟୋକ୍ତାମାନେ ଏହି ଦୁରବସ୍ଥା ମଧ୍ୟରେ ଏବେ ଗୋଟିଏ ନୂତନ ଉଦ୍ୟମର ସୂଚନା ଦେଉଛନ୍ତି। ଅବସ୍ଥା ଦୃଷ୍ଟିରେ ଏହିପରି ଆରମ୍ଭ କରିବା ଛଡ଼ା ଆଉ ଉପାୟ ନାହିଁ। ସୂଚନାରୁ ସାଧନା ଜାଗ୍ରତ ହେଲେ ସାମଗ୍ରୀ ହୁଏତ ଆପେ ଆପେ ଜୁଟିଯିବ। ବିଧାତା କରନ୍ତୁ, ତାହାହିଁ ହେଉ।

ଏବେ ପ୍ରାୟ ଏକବର୍ଷ ହେଲା ଉତ୍କଳ ସାହିତ୍ୟ ସମାଜରେ ନାନା ବିଷୟରେ ପ୍ରବଂଧପାଠ ଓ ଆଲୋଚନା ହେବା ଦେଖାଯାଉଛି। ତହିଁ ମଧ୍ୟରେ କୌଣସି କୌଣସି ପ୍ରବଂଧର ସୂଚନା ଯଥାର୍ଥରେ ମୌଳିକ ଓ ସ୍ପୃହଣୀୟ। ଜାତୀୟ ସାହିତ୍ୟର ପ୍ରଗତିରେ ଏ ବଡ଼ ଆଶାର କଥା। ଏହି ସମ୍ପର୍କରେ ଅନ୍ୟାନ୍ୟ ପ୍ରବଂଧମାନଙ୍କ ମଧ୍ୟରେ ଆମ୍ଭେମାନେ ଗତ ସେପ୍ଟେମ୍ବର ୨ ତାରିଖରେ ପଢ଼ାଯାଇଥିବା ଅଧ୍ୟାପକ ଶ୍ରୀଯୁକ୍ତ ଗିରିଜା ଶଙ୍କର ରାୟଙ୍କ 'ଓଡ଼ିଆ ଶବ୍ଦମାନଙ୍କ ଆଲୋଚନା'ଶୀର୍ଷକ ପ୍ରବଂଧ ପ୍ରତି ପାଠକମାନଙ୍କର ଦୃଷ୍ଟି ଆକର୍ଷଣ କରୁଅଛୁଁ। ତାହା ଏହି ସଂଖ୍ୟାରେ ପ୍ରଥମ ପ୍ରବଂଧରୂପେ ପ୍ରକାଶିତ ହୋଇଅଛି। ସମାଜର ଉଦ୍ୟୋକ୍ତାମାନେ ଏହିଭଳି ମୌଳିକ ସୂଚନାମାନ ଘେନି ଆଲୋଚନାର ବାଟ ଫିଟାଇବେ ବୋଲି ଆଶା କରାଯାଏ।

ନବ ଭାରତ-୧/୪, ଆଲୋଚନା

ସାହିତ୍ୟ ଅନୁଷ୍ଠାନ

ଉତ୍କଳ ସାହିତ୍ୟ ସମାଜ

ଉତ୍କଳ ସାହିତ୍ୟ ସମାଜର ସଂପାଦକ ନିମ୍ନଲିଖିତ ପତ୍ରଟି ଆମ ମାସିକରେ ପ୍ରକାଶ କରିବା ପାଇଁ ପଠାଇଚନ୍ତି -

"ପାଞ୍ଚବାର୍ଷିକ ଯୋଜନା"-

"ଓଡ଼ିଆ ଭାଷା ଓ ଓଡ଼ିଆ ସାହିତ୍ୟ କିପରି ଶୀଘ୍ର ଉନ୍ନତି ଲାଭ କରି ଭାରତର ଆଧୁନିକ ଉନ୍ନତ ଭାଷାମାନଙ୍କ ସହିତ ସମକକ୍ଷ ହୋଇପାରିବ, ଏଥିପାଇଁ ଓଡ଼ିଶା ସରକାର

Digitized by PPRACHIN, SOA

ଗୋଟିଏ ପଞ୍ଚବାର୍ଷିକ ଯୋଜନା ଦେବା ଲାଗି ଉତ୍କଳ-ସାହିତ୍ୟ ସାମଜକୁ ଅନୁରୋଧ କରି ଅଛନ୍ତି । ସାହିତ୍ୟ ସମାଜ ଇଚ୍ଛା କରନ୍ତି, ଯେଉଁ ଯୋଜନାଟି ଉପସ୍ଥାପିତ କରାଯିବ, ତାହା ଯେପରି ସର୍ବବାଦୀ-ସମ୍ମତ ହେବ ଏବଂ ସାହିତ୍ୟିକ ବିକାଶର ପ୍ରତ୍ୟେକ ବିଭାଗକୁ ସ୍ପର୍ଶ କରିବ । ସାହିତ୍ୟ ସମାଜ ଏପରି ଗୋଟିଏ ସନ୍ତୋଷଜନକ ଅଥଚ କାର୍ଯ୍ୟକାରୀ ଯୋଜନା ପ୍ରସ୍ତୁତ କରିବା ପୂର୍ବରୁ ଦେଶର ପ୍ରତ୍ୟେକ ବିଶିଷ୍ଟ ସାହିତ୍ୟିକ ଓ ଚିନ୍ତାଶୀଳ ଲେଖକଙ୍କର ସହଯୋଗ ଓ ପରାମର୍ଶ ଗ୍ରହଣ କରିବାକୁ ଇଚ୍ଛୁକ । ତେଣୁ ଅନୁରୋଧ, ପ୍ରତ୍ୟେକେ ନିଜ ନିଜର ସୁଚିନ୍ତିତ ଲିଖିତ ଯୋଜନା ଆନୁମାନିକ ବ୍ୟୟର ସୂଚନା ସହ ସମ୍ପାଦକଙ୍କ ନିକଟକୁ ପଠାଇ ବାଧିତ କରନ୍ତୁ ।

ପ୍ରକାଶିତ ପୁସ୍ତକ ଓ ପତ୍ରିକା ସମ୍ବନ୍ଧରେ ସାଧାରଣ ନିବେଦନ :-

"ଉ: ସା: ସମାଜ ଉତ୍କଳର ଏକମାତ୍ର କେନ୍ଦ୍ର ସାହିତ୍ୟିକ ଅନୁଷ୍ଠାନ ହେଉଥିବାରୁ ଏଠାରେ ଥିବା ପୁସ୍ତକାଗାର ଓ ପାଠାଗାରରେ ଓଡ଼ିଆ ଭାଷାରେ ଲିଖିତ ଓ ପ୍ରକାଶିତ ପ୍ରତ୍ୟେକ ପୁସ୍ତକ ଏବଂ ପତ୍ରିକା ରହିବା ଆବଶ୍ୟକ । ଏସବୁ ଏଠାରେ ରହିଲେ ଅନୁସନ୍ଧିତ୍ସୁ ମାନଙ୍କର ଗବେଷଣାର ପଥ ସୁଗମ ହେବ ଏବଂ ସାଧାରଣ ପାଠକ ପାଠିକାମାନଙ୍କୁ ନିୟମିତ ଭାବରେ ସାହିତ୍ୟିକ ସମ୍ବାଦ ଦିଆଯାଇ ପାରିବ । ପ୍ରତ୍ୟେକ ପ୍ରକାଶିତ ଓ ପୁସ୍ତକ ବା ପତ୍ରିକା ଏଠାର ପାଠାଗାରରେ ଏପର୍ଯ୍ୟନ୍ତ ଗଚ୍ଛିତ ରହି ନଥିବା କଥା, ଅତ୍ୟନ୍ତ କ୍ଷୋଭ ଓ ଲଜ୍ଜାର ବିଷୟ । ସାହିତ୍ୟ ସମାଜ ହାତରେ ଏପରି କିଛି ପାଣ୍ଠି ନାହିଁ ଯେ, ନିଜ ବ୍ୟୟରେ ପ୍ରତ୍ୟେକ ପୁସ୍ତକ କିଣା ଯାଇପାରିବ । ତେଣୁ ଏତଦ୍ୱାରା ଦେଶର ପ୍ରତ୍ୟେକ ଲେଖକ ଓ ପ୍ରକାଶକ ଓ ସମ୍ପାଦକଙ୍କୁ ଅନୁରୋଧ ଯେ, ସେମାନେ ନିଜ ନିଜର ପୁସ୍ତକ ବା ପତ୍ରିକା ପ୍ରକାଶିତ ହେବା ସଙ୍ଗେ ସଙ୍ଗେ ଉତ୍କଳ ସାହିତ୍ୟ ସମାଜକୁ ସେଥିରୁ ଖଣ୍ଡିଏ ଖଣ୍ଡିଏ ଦାନ କରି ଜାତୀୟ ସାହିତ୍ୟର ଶ୍ରୀ ବୃଦ୍ଧିରେ ସାହାଯ୍ୟ କରନ୍ତୁ ।

ପରବର୍ତ୍ତୀ ଆଲୋଚନା -

(କ) ଅଧ୍ୟାପକ କରୁଣାକର ଏମ୍.ଏ. - ଦୁଇ ହଜାର ବର୍ଷ ତଳର ଓଡ଼ିଆ ଭାଷା ।

(ଖ) ଶ୍ରୀଯୁକ୍ତ ପରମାନନ୍ଦ ଆଚାର୍ଯ୍ୟ - ଓଡ଼ିଶାର ପ୍ରାଚୀନ ଦେବ ମୂର୍ତ୍ତି ଓ ଭାସ୍କର୍ଯ୍ୟ ।

(ଗ) ଶ୍ରୀଯୁକ୍ତ ନବକିଶୋର ଦାସ - ସଂସ୍କୃତି - ମୂଳକ ସ୍ୱାଧୀନତା ।

(ଘ) ଶ୍ରୀଯୁକ୍ତ ଶଶିଭୂଷଣ ରାୟ - ମଧ୍ୟବିତ୍ତ ସଙ୍କଟ ଓ କ୍ଷମା ।

(ଙ) ଶ୍ରୀଯୁକ୍ତ ନିତ୍ୟାନନ୍ଦ ଦାସ - ପ୍ରାଚୀନ ଉତ୍କଳରେ ନୌବାଣିଜ୍ୟ ।

"ପ୍ରାପ୍ତି ସ୍ୱୀକାର - 'ନବଭାରତ', 'ସହକାର', 'ନିଆଁଖୁଣ୍ଟା' ଓ 'ସମାଜ' ପାଇଁ ସମ୍ପାଦକ ମାନଙ୍କୁ କୃତଜ୍ଞତା ଜଣାଉ ଅଛୁଁ। ଚିକିଟୀର ତରୁଣ କବି ନରସିଂହ ଦେଓ ଓ

Digitized by PPRACHIN, SOA

ଆଠମଲ୍ଲିକର ଶ୍ରୀମାନ୍ ବାଇଧର ମହାନନ୍ଦିଆଙ୍କ କବିତା ପୁସ୍ତକ ହସ୍ତଗତ ହୋଇଅଛି । ସେମାନଙ୍କୁ ଧନ୍ୟବାଦ ଜଣାଇଲୁଁ । ଇତି, ଶ୍ରୀ ଚନ୍ଦ୍ରଶେଖର ମିଶ୍ର ସମ୍ପାଦକ" ।

ସରକାର ଏପରି ପାଞ୍ଚବର୍ଷିଆ ଯୋଜନାଟିଏ ମାଗିବା ବଡ଼ ସୁଖର କଥା । ଆଶା କରାଯାଏ, ସାହିତ୍ୟ ସମାଜର ସମ୍ପାଦକ ମହାଶୟ ଲୋକଙ୍କ ଠାରୁ ଏହି ଯୋଜନାର ସୂଚନାମାନ ପାଇବା ପାଇଁ ଗୋଟିଏ ନିର୍ଦ୍ଦିଷ୍ଟ ସମୟ ଦେବେ ଓ ସେଇ ନିର୍ଦ୍ଦିଷ୍ଟ ସମୟ ପରେ ସୂଚନାମାନ ମିଳୁ, ନମିଳୁ ବା ଯେତିକି ମିଳିଥାଉ, ତାଉପରେ ଆଲୋଚନା କରି ନିର୍ଦ୍ଦିଷ୍ଟ ଓ ବଳିଷ୍ଠ ଯୋଜନାଟିଏ ତିଆରି କରି ସମାଜର ସମ୍ମତି ଘେନି ତାକୁ ସରକାରଙ୍କୁ ଦେବା ଉଦ୍ଦେଶ୍ୟରେ ଗୋଟିଏ ବଛା ସାହିତ୍ୟିକ ଓ ପାରିବାର ଲୋକଙ୍କର କମିଟି ବସାଇବେ । ଉପସ୍ଥିତ, ଏଇ ଯୋଜନା ଘେନି କେହି ସଂକ୍ଷିପ୍ତ ଓ ସୂଚନାମୂଳକ ଆଲୋଚନା ଆମକୁ ଦେଲେ ଆମେ ବି ଯଥାସମ୍ଭବ ଗଠନମୂଳକ ଆଲୋଚନା କରିବୁ ।

ପୁସ୍ତକ ଓ ପତ୍ର ପତ୍ରିକାମାନ ସମସ୍ତେ ସାହିତ୍ୟ ସମାଜକୁ ଏବେ ଦିଅନ୍ତୁ । ଆମେ ଜାଣୁ, ସମାଜର ବର୍ତ୍ତମାନ ପରିସ୍ଥିତିରେ ସେ ସବୁ କିଣିବାର ଅବସ୍ଥା ନାଇ । ମାତ୍ର, ଉତ୍କଳବାସୀଙ୍କର ତଥା ସରକାରଙ୍କର ଦେଖିବା ଉଚିତ, ସମାଜର କିଣିବା ଅବସ୍ଥା କିପରି ଶୀଘ୍ର ଆସିବ । ଏ ଯୁଗରେ ଖାଲି ଦାତବ୍ୟରେ ବିଦ୍ୟାଚର୍ଚ୍ଚା ଫୁଟିବାର ମନସ୍ତତ୍ତ୍ୱ ମରିଯାଉଚି ।

ଏ ସଂପର୍କରେ ଆଉ ଗୋଟିଏ ବିଶେଷ କଥା ଏଠାରେ ସୂଚାଇ ଦେବା ଉଚିତ । ଓଡ଼ିଶା କମିସନରଙ୍କ ଅଫିସରେ ତଥା ସରକାରରେ ଇଂରେଜ ସରକାରଙ୍କ ଆଦିମ କାଳରୁ ଯେଉଁସବୁ ପତ୍ର ପତ୍ରିକା, ପୁସ୍ତକାଦିମାନ ସାଇତା ହୋଇ ରଖା ହୋଇଥିଲା, ସେ ସବୁ ଦୁଇ, ଚାରିବର୍ଷ ତଳେ ଉତ୍କଳ ସାହିତ୍ୟ ସମାଜକୁ ଦିଆ ହୋଇ ଯାଇଚି । ଏହା କରି ଓଡ଼ିଶା ସରକାର, ମନେ ହେଉଚି, ବଡ଼ ଭୁଲଟାଏ କରିଚନ୍ତି । ଉତ୍କଳ ସାହିତ୍ୟ ସମାଜ ଏ ସବୁକୁ ଯଥୋପଯୁକ୍ତ ଭାବରେ ଚିରଦିନ ପାଇଁ ସାଇତି ରଖିବାର ଅବସ୍ଥା ବା ପରିସ୍ଥିତିରେ ନାହାନ୍ତି । ସରକାର ଅତିଶୀଘ୍ର ଏ ସବୁର ରଖା, ସାଇତା ପାଇଁ ସ୍ଥାୟୀ ବ୍ୟବସ୍ଥା କରଂତୁ । ପୁଣି ଏଣିକି ଯାହାସବୁ ପ୍ରକାଶ ହେଉଚି, ତା ମଧ୍ୟ ବିଧିମତେ ସଂଗ୍ରହ କରି ସେଇପରି ସେ ସବୁର ରଖା ସାଇତାରେ ମନ ଦିଅନ୍ତୁ । ଏସବୁ ନ କଲେ, ଭବିଷ୍ୟତ ବଂଶଧରମାନେ ବହୁ ଦୁଃଖ କରିବେ ଓ ଏବ ସରକାରଙ୍କୁ ନିନ୍ଦା କରିବେ । ଅବଶ୍ୟ ସାହିତ୍ୟ ସମାଜ ଏଣିକି ଯାହା ସଂଗ୍ରହ କରିବେ, ତାହା ସାହିତ୍ୟ ସମାଜ ନିଜେ ରଖନ୍ତୁ । ସେଥିରେ ମଧ୍ୟ ସରକାର ଉପଯୁକ୍ତ ସାହାଯ୍ୟ ଦିଅନ୍ତୁ ।

ସଂପାଦକ ଶ୍ରୀ ଚନ୍ଦ୍ରଶେଖର ମିଶ୍ର ସାହିତ୍ୟ ଆଲୋଚନାର ଯେ ସାଧୁ ଓ ନିଷ୍ପକ୍ଷ ପରଂପରା ଜାଗ୍ରତ ରଖିବାକୁ ବସିଚନ୍ତି, ତା ଅତି ଆଶାପ୍ରଦ ଓ ପ୍ରଶଂସନୀୟ ।

ନବ ଭାରତ-ନୂଆପ୍ରସ୍ଥ ୧। ୨

Digitized by PPRACHIN, SOA

ଉତ୍କଳ ସାହିତ୍ୟ ସମାଜର ବାର୍ଷିକ ଉତ୍ସବ

ଗତ ମାସ ତା ୨୨, ୨୩ରେ ଉତ୍କଳ ସାହିତ୍ୟ ସମାଜର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ସବୁ ବର୍ଷ ପରି ଏ ବର୍ଷ ମଧ୍ୟ ସେହି ଖଡ଼ା ବଡ଼ି ଥୋଡ଼ ଥୋଡ଼ ବଡ଼ି ଖଡ଼ା ଢ଼ଙ୍ଗରେ ଉତ୍ସବଟି ପାଳିତ ହୋଇ ଯାଇଛି। ପାଟଣା ମହାରାଜ ସାହିତ୍ୟ-ଶାଖାର ସଭାପତି ହୋଇଥିଲେ। ତାଙ୍କର ଅଭିଭାଷଣଟି ଖୁବ୍ ସଂକ୍ଷିପ୍ତ ହୋଇଥିଲା। ଇତିହାସ ଶାଖାର ସଭାପତି ଅଧ୍ୟାପକ ଘନଶ୍ୟାମ ଦାସ ନିଜର ଅଭିଭାଷଣରେ ଯେଉଁ ସବୁ ସୂଚନା ଦେଇଥିଲେ ସେହିପରି ସୂଚନା ଅନେକ ବର୍ଷ ହେଲା ଉତ୍କଳ-ସାହିତ୍ୟ ସମାଜର ଉତ୍ସବମାନଙ୍କରେ ଶୁଣାଯାଇ ନ ଥିଲା। ଅଧ୍ୟାପକ ଘନଶ୍ୟାମ ଦାସ ଜଣେ ନୀରବ କର୍ମୀ। ପ୍ରାଚୀନ ଓ ଆଧୁନିକ ଯୁଗର ଐତିହାସିକ ତଥ୍ୟ ଅନୁସନ୍ଧାନ କରିବାରେ ସେ ନିଜର ଅନେକ ସମୟ ଲଗାଉଥିବା କଥା ଜାଣୁ। ସେ ଯୁବକ। ସେ ଦିଗରେ ବରାବର ଲାଗିଲେ ସେ ବହୁତ କାର୍ଯ୍ୟକରି ପାରିବେ ଏବଂ ତାଙ୍କର ଯେପରି ସୁବିଧା ଅଛି ସେଥିରେ ସେ ଯେ ଅଳ୍ପଦିନ ଭିତରେ ଓଡ଼ିଶାର ପ୍ରଧାନ ଐତିହାସିକ ହୋଇ ଉଠିବେ ସେଥିରେ କୌଣସି ସନ୍ଦେହ ନାହିଁ। ତାଙ୍କର ପ୍ରେରଣାରେ ଓ ନିର୍ଦ୍ଦେଶରେ କେତେ ଜଣ ଛାତ୍ର ଅନେକ ଦିନ ହେଲା ଐତିହାସିକ ଗବେଷଣାରେ ଲାଗିଛନ୍ତି। ଗତ ଦୁଇ ତିନି ଗୋଟି ସଂଖ୍ୟା "ନବ ଭାରତ"ରେ ଯେଉଁ କେତୋଟି ଐତିହାସିକ ପ୍ରବନ୍ଧ ବାହାରିଛି। ସେଗୁଡିକ ପ୍ରାୟ ସବୁ ତାଙ୍କରି ସଂଙ୍କେତରୁ ହୋଇଛି। ତାଙ୍କ ପରି ରେଭେନ୍‌ସା କଲେଜର ଯଦି ଅନ୍ୟାନ୍ୟ କେତେକ ଅଧ୍ୟାପକ ଓଡ଼ିଶାର ବିଭିନ୍ନ ସମସ୍ୟା ସମ୍ବନ୍ଧରେ ଆଲୋଚନା କରନ୍ତେ ତାହାହେଲେ ଦେଶର ବହୁତ ଉପକାର ହୁଅନ୍ତା। ସଙ୍ଗୀତ ଶାଖାର ସଭାପତି ଶ୍ରୀ କୃଷ୍ଣ ପ୍ରସାଦ ବସୁ ଭଲ ବକ୍ତୃତାଟିଏ ଦେଇଥିଲେ। ସେ ବଣର ମାଳତୀ ପରି ଯାଜପୁରରେ ପଡ଼ି ରହିଛନ୍ତି। ତାଙ୍କର ଶକ୍ତି ଅଛି। ଆଶାକରୁଁ ସେ ଆଉ ଟିକିଏ ବାହାରକୁ ବାହାରିବା ପାଇଁ ଚେଷ୍ଟା କରିବେ।

ନବ ଭାରତ-୪।୬-୭, ଆଲୋଚନା

ଉତ୍‌କଳ ସଙ୍ଗୀତ ସମାଜ

ସଙ୍ଗୀତ ଚର୍ଚ୍ଚା ଓ ପ୍ରାଚୀନ ଓଡ଼ିଆ ସଙ୍ଗୀତର ପୁନରୁଜ୍ଜୀବନ ନିମନ୍ତେ ଓଡ଼ିଶାରେ କୌଣସି ଜାତୀୟ ଅନୁଷ୍ଠାନ ସଂସ୍ଥାପିତ ହୋଇ ନଥିଲା। ସୁଖର କଥା, ଶ୍ରଦ୍ଧେୟ ଅଧ୍ୟାପକ ଲକ୍ଷ୍ମୀକାନ୍ତ ଚଉଧୁରୀଙ୍କ ଅକ୍ଲାନ୍ତ ପ୍ରଯତ୍ନ ଫଳରେ ଏହି କଟକ ନଗରରେ ଉତ୍କଳ ସଙ୍ଗୀତ ସମାଜ ଗତ ୧୯୩୩ ମସିହାଠାରୁ ପ୍ରତିଷ୍ଠିତ ହୋଇଅଛି ଓ ଗତ ଜୁଲାଇ ମାସ ୨୦

Digitized by PPRACHIN, SOA

ତାରିଖ ଦିନ ଏହାର ପ୍ରଥମ ବାର୍ଷିକ ଉତ୍ସବ ମହା ସମାରୋହରେ ସମାହିତ ହୋଇଅଛି। ଏଥିରେ ସୁରଙ୍ଗୀର ରାଜା ସାହେବ ଶ୍ରୀ ଶ୍ରୀ ଶ୍ରୀ ପୂର୍ଣ୍ଣଚନ୍ଦ୍ର ଜଗଦେବ ମହୋଦୟ ସଭାପତି ଆସନ କଳଂକୃତ କରିଥିଲେ। ସଂପାଦକ ଶ୍ରୀଯୁକ୍ତ ଲକ୍ଷ୍ମୀକାନ୍ତ ଚଉଧୁରୀଙ୍କ ରିପୋର୍ଟରୁ ପ୍ରକାଶ ଯେ ୧୯୩୪ ମସିହା ଶେଷକୁ ସଙ୍ଗୀତ ସମାଜର ସଭ୍ୟ ସଂଖ୍ୟା ୪୩ ହୋଇଅଛି ଓ ଓଡ଼ିଶାର ଗଣ୍ୟମାନ୍ୟ ଲବ୍ଧପ୍ରତିଷ୍ଠ ବହୁତ ଲୋକ ଏ ସମାଜର ସଦସ୍ୟ। କଲେଜ ଆଦି କଟକର ବିଭିନ୍ନ ସ୍ଥାନରେ ସଙ୍ଗୀତ ଶିକ୍ଷା ଦେବା ନିମନ୍ତେ ସଙ୍ଗୀତ ସମାଜ ପକ୍ଷରୁ ତିନିଗୋଟି ଶାଖା ବିଦ୍ୟାଳୟ ସ୍ଥାପିତ ହୋଇଅଛି ଓ ଶ୍ରୀ ରାମଚନ୍ଦ୍ର ଭବନରେ ସଂସ୍ଥାପିତ ମୂଳ ବିଦ୍ୟାଳୟର ପ୍ରଧାନ ସଂଗୀତାଚାର୍ଯ୍ୟ ଶ୍ରୀଯୁକ୍ତ ଗୋପାଳ ପ୍ରସାଦ ଘୋଷ ପାଟଣା ବିଶ୍ୱବିଦ୍ୟାଳୟ ଅନୁମୋଦିତ ସଙ୍ଗୀତ ଶିକ୍ଷା ଦେବା ନିମନ୍ତେ ଉପଯୁକ୍ତ ବୋଲି ସିଣ୍ଡିକେଟ ସଭାଦ୍ୱାରା ବିବେଚିତ ହୋଇଅଛନ୍ତି। ସଙ୍ଗୀତ ସମାଜ ପକ୍ଷରୁ ଆଲାହାବାଦ ବିଶ୍ୱବିଦ୍ୟାଳୟ ନିଖିଳ ଭାରତ ସଙ୍ଗୀତ ସମ୍ମେଳନରେ ଯୋଗ ଦେବା ନିମନ୍ତେ ଓଡ଼ିଶାର ଲବ୍ଧପ୍ରତିଷ୍ଠ ସଙ୍ଗୀତଜ୍ଞ ଶ୍ରୀ ଅପର୍ଣ୍ଣା ପାଣିଗ୍ରାହୀ ଗତ ବର୍ଷ ପ୍ରେରିତ ହୋଇଥିଲେ ଓ ସେଠାରେ ସେ ଯଥେଷ୍ଟ ସୁନାମ ଅର୍ଜ୍ଜନ କରିଅଛନ୍ତି। ସମାଜର ଅନ୍ୟତମ ସଭ୍ୟ ଶ୍ରୀମନମୋହନ ଘୋଷଙ୍କ ପ୍ରେରିତ ସଙ୍ଗୀତ ବିଷୟକ ପ୍ରବନ୍ଧ ମଧ୍ୟ ଆଲାହାବାଦ ବିଶ୍ୱବିଦ୍ୟାଳୟ ମୁଦ୍ରିତ କରି ପ୍ରକାଶ କରିଅଛନ୍ତି। ୧୯୩୪ ମସିହା ଶେଷ ପର୍ଯ୍ୟନ୍ତ ସମାଜର ବିଭିନ୍ନ ସୂତ୍ରରେ ଆୟ ୧୧୯୮ ଟଙ୍କା ଛ' ଅଣା ଓ ବିଭିନ୍ନ ଦିଗରେ ବ୍ୟୟ ଟ. ୧୧୪୦ ଟଙ୍କା ୧୪ ଅଣା ମାତ୍ର। ଏହି ସ୍ୱଳ୍ପ ଆୟ ଭିତରେ ସଙ୍ଗୀତ ବିଦ୍ୟାଳୟର ଶିକ୍ଷକଙ୍କ ମାସିକ ବେତନ ଦେଇ ଓ ଆବଶ୍ୟକୀୟ ଉପକରଣାଦି କ୍ରୟ କରି ସାରିଲା ପରେ ସଙ୍ଗୀତ ସମାଜ ଓଡ଼ିଶାର କେତେକ ସଂଗୀତବିଶାରଦଙ୍କୁ ପଦକ ଓ ଟଙ୍କାର ଥଳୀ ଆଦି ଯେ ପୁରସ୍କାର ଦେଇପାରିଅଛନ୍ତି, ଏହା ଅତ୍ୟନ୍ତ ପ୍ରଶଂସାର ବିଷୟ। ସଙ୍ଗୀତ ସମାଜର ବିଦ୍ୟାଳୟ ନିମନ୍ତେ ସ୍ୱତନ୍ତ୍ର ଗୃହ ନାହିଁ। ଶ୍ରୀରାମଚନ୍ଦ୍ରଭବନ ମାସକେ ୮/୧୦ ଦିନ ଉତ୍କଳ ସାହିତ୍ୟ ସମାଜର କାର୍ଯ୍ୟରେ ଲାଗୁଥିବାରୁ ଅଙ୍ଗୀଭୂତ (affiliated) ଅନୁଷ୍ଠାନ ସଙ୍ଗୀତ ସମାଜର କାର୍ଯ୍ୟରେ ବାଧା ଘଟୁଅଛି। ପୁନଶ୍ଚ ଅର୍ଥାଭାବରୁ ସଙ୍ଗୀତର ବିଭିନ୍ନ ବିଭାଗ ନିମନ୍ତେ ଶିକ୍ଷକ ନିଯୁକ୍ତ କରିବା ଅସମ୍ଭବ ହୋଇପଡ଼ିଅଛି। ଏ ଦୁଇଟି ଦାରୁଣ ଅଭାବ ଶୀଘ୍ର ଦୂରୀଭୂତ ହେବା ପ୍ରୟୋଜନ। ଯେଉଁ ବଦାନ୍ୟ ରାଜା ମହାରାଜା ଓ ଜମିଦାରଙ୍କ ବାହୁଚ୍ଛାୟାରେ ଓଡ଼ିଶାର କଳା ଓ ସାହିତ୍ୟ ବହୁଯୁଗାବଧି ସଂବର୍ଦ୍ଧିତ ହୋଇଆସିଅଛି, ସେମାନେ କୃପାଦୃଷ୍ଟି ପାତ କଲେହିଁ ସଙ୍ଗୀତ ସମାଜର ଭବିଷ୍ୟତ ଉଜ୍ଜ୍ୱଳ ହୋଇପାରେ। ଅଧ୍ୟାପକ ଲକ୍ଷ୍ମୀକାନ୍ତଙ୍କର ସାଧନା ଓ

Digitized by PPRACHIN, SOA

କର୍ମତତ୍ପରତା ଅଛି । ତହିଁରେ ତାଙ୍କର ସହକର୍ମିଗଣ ଅନୁପ୍ରାଣିତ । ଆମ୍ଭେମାନେ ସେମାନଙ୍କର ଆୟାସ ଓ ତ୍ୟାଗରେ ଭିତ୍ତି ଉପରେ ସଂସ୍ଥାପିତ ଏହି ଅନୁଷ୍ଠାନ ପ୍ରତି ସମଗ୍ର ଦେଶର ସାନୁଗ୍ରହ ଦୃଷ୍ଟି ଆକର୍ଷଣ କରୁଅଛୁଁ ଓ ଆମ୍ଭମାନଙ୍କର ଦୃଢ଼ ବିଶ୍ୱାସ ଦେଶବାସୀଙ୍କର ସହଯୋଗ, ସହାନୁଭୂତି ଓ ବଦାନ୍ୟତା ଫଳରେ ଏହି ଶିଶୁ ଅନୁଷ୍ଠାନ ଅଚିରେ ପ୍ରତିଷ୍ଠାତାମାନଙ୍କ କଳ୍ପନାନୁରୂପ ଆକାର ଲାଭ କରି ଉତ୍କଳର ଗୋଟିଏ ବିଶେଷ ଅଭାବ ଦୂରୀଭୂତ କରିବ ।

ନବ ଭାରତ-୨/୨

ଭାରତ ପ୍ରାଦେଶିକ ସାହିତ୍ୟର ଜାତୀୟ ସଂଗଠନ

ହିନ୍ଦି ବା ହିନ୍ଦୁସ୍ଥାନୀ (ଉର୍ଦ୍ଦୁ) ଭାରତର ଜାତୀୟ ଭାଷା ବୋଲି କଂଗ୍ରେସ ଠିକ୍ କରିଚନ୍ତି । ଉତ୍ତର ଭାରତର ସବୁ ଭାଷାଭାଷୀ ଲୋକେ ହିନ୍ଦିକୁ ନିଜର ପ୍ରାଦେଶିକ ଭାଷା ବୋଲି ଗ୍ରହଣ କରିଚନ୍ତି । ପୂର୍ବଭାରତର ବିହାର ମଧ୍ୟ ନିଜର ଭାଷା ଛାଡ଼ି ସେଇୟା କରିଚନ୍ତି । ବଙ୍ଗଳା, ଓଡ଼ିଆ, ମରାଠୀ, ଗୁଜୁରାଟୀ ସ୍ୱତନ୍ତ୍ର ପ୍ରାଦେଶିକ ଭାଷା ହେଲେ ହେଁ ମାଲାୟାଲୟମ୍, ହିନ୍ଦିଠାରୁ ବହୁଦୂରରେ ନୁହନ୍ତି । ଦାକ୍ଷିଣାତ୍ୟର ଚାରି ଦ୍ରାବିଡ଼ ଭାଷା, ଅର୍ଥାତ୍ କର୍ଣ୍ଣାଟର କାନାଡୀ, କେରଳର ମାଲାୟାଲାମ ତାମିଲ୍ ଓ ଆନ୍ଧ୍ରର ତେଲୁଗୁ ଭାଷା ସଂଗେ ହିନ୍ଦୀର କୌଣସି ଜାତିଗତ ସଂପର୍କ ନାହିଁ ସତ, ହେଲେହେଁ ସେମାନେ ସାଂସ୍କୃତିକ ଶବ୍ଦମାଳାରେ ନିଜ ନିଜର କଳେବର ପୁଷ୍ଟ କରନ୍ତି ଓ ହିନ୍ଦିକୁ ଜାତୀୟ ଭାଷା ରୂପେ ଗ୍ରହଣ କରିଅଛନ୍ତି । ପୁଣି ବଙ୍ଗଳାରେ ମୁସଲମାନଙ୍କୁ ଛାଡ଼ିଦେଲେ ଆଉ ସବୁ ପ୍ରଦେଶର ମୁସଲମାନ ନ୍ୟୂନାଧିକ ହିନ୍ଦୁସ୍ଥାନୀ ବ୍ୟବହାର କରନ୍ତି ଓ ସେଇ ହିନ୍ଦୁସ୍ଥାନୀ ମଧ୍ୟ ସର୍ବତ୍ର ସହରମାନଙ୍କର ସାଧାରଣ ବ୍ୟବହାର୍ଯ୍ୟ ଭାଷା । ମାରୁଆଳୀ, କିଛି ଗୁଜୁରାଟିମାନେ ଭାରତର ସର୍ବତ୍ର ବ୍ୟବସାୟୀ ରୂପେ ଅଛନ୍ତି । ସେମାନେ କାରବାରରେ ହିନ୍ଦି ବ୍ୟବହାର କରନ୍ତି । ହିନ୍ଦି ଭାଷା ମଧ୍ୟ ଭାରତୀୟ ପ୍ରାଦେଶିକ ଭାଷାମାନଙ୍କ ମଧ୍ୟରେ ସାହିତ୍ୟରେ ନ ହେଲେ ବି ଭାଷା ହିସାବରେ ପ୍ରଗତିରେ ସବୁଠାରୁ ବେଶୀ ଅଗ୍ରସର । ତେଣୁ ହିନ୍ଦିକୁ ଜାତୀୟ ଭାଷା କରିବାରେ କୌଣସି କୌଣସି ପ୍ରଦେଶରେ (ବଂଗଳାରେ) ଆପତ୍ତି ଥିଲେ ମଧ୍ୟ ହିନ୍ଦିର ଜାତୀୟ ଭାଷା ହେବା ଏକ ପ୍ରକାର ନିଶ୍ଚିତ । ପ୍ରଦେଶମାନଙ୍କରେ ମଧ୍ୟ ସେଥିପାଇଁ କଂଗ୍ରେସ ଆନ୍ଦୋଳନ ଫଳରେ ହିନ୍ଦିର ପ୍ରଚାର ବଢୁଅଛି । କଂଗ୍ରେସ ବା ବେସରକାରୀ ଅନୁଷ୍ଠାନମାନଙ୍କରେ ବି ହିନ୍ଦି ଭାଷା ଚଳିବାର ଆରମ୍ଭ ହୋଇଚି । କିନ୍ତୁ ପ୍ରାଦେଶିକ ସାହିତ୍ୟମାନଙ୍କର ହିନ୍ଦୀ ସୂତ୍ରରେ ଭାରତରେ ସାର୍ବଜନୀନ ପ୍ରଚାର ଓ ସେଇ ସୂତ୍ରରେ ସେମାନଙ୍କର ଜାତୀୟ ସଂଶ୍ଳେଷଣ ଦିଗରେ ବିଶେଷ କିଛି ହୋଇ ନଥିଲା ।

Digitized by PPRACHIN, SOA

ଗଲା ଅପ୍ରେଲ ମାସରେ ମହାତ୍ମାଗାନ୍ଧିଙ୍କ ସଭାପତିତ୍ୱରେ ଇନ୍ଦୋରଠାରେ ହିନ୍ଦୀ ସମ୍ମେଳନ ବସିଥିଲା। ସେଥିରେ ନିମ୍ନଲିଖିତ ପ୍ରସ୍ତାବ ଧାର୍ଯ୍ୟ ହେଲା।

ପ୍ରାଦେଶିକ ଭାଷାମାନଙ୍କରେ ନିଜର ଭାବପ୍ରକାଶ କରୁଥିବା ସାହିତ୍ୟିକମାନଙ୍କ ମଧ୍ୟରେ ପରସ୍ପର ସଂପର୍କ ସ୍ଥାପନ ଉଦ୍ଦେଶ୍ୟରେ ଓ ସେମାନଙ୍କ ସହଯୋଗରେ ହିନ୍ଦୀ ଭାଷାର ବିକାଶ ସାଧନ ଉଦ୍ଦେଶ୍ୟରେ ଏଇ ସମ୍ମେଳନ ନିମ୍ନଲିଖିତ ସଭ୍ୟଙ୍କୁ ଘେନି ଗୋଟିଏ କମିଟି ଗଢୁଛନ୍ତି। ଏଇ ସଭ୍ୟମାନେ ଦରକାର ହେଲେ ଅନ୍ୟମାନଙ୍କୁ ସଭ୍ୟରୂପେ ଗ୍ରହଣ କରିପାରିବେ।

ମୂଳ ସଭ୍ୟମାନେ – ଶ୍ରୀଯୁକ୍ତ କହ୍ନେୟାଲାଲ ମୁନ୍‌ସି
୧୧୧ ଏସପ୍ଲନେଡ୍ ରୋଡ୍, ବୋମ୍ବେ ୯ ଆବାହକ
ଶ୍ରୀଯୁକ୍ତ ଗିରିଧର ଶର୍ମା, ଜବଲପୁର
ଶ୍ରୀଯୁକ୍ତ ହରିହର ଶର୍ମା, ମାନ୍ଦ୍ରାଜ

ଏଇ କମିଟିରୁ ଶ୍ରୀଯୁକ୍ତ କହ୍ନେୟାଲାଲ ମୁନ୍‌ସି ଏବେ ଏ ବିଷୟରେ ଆମକୁ ପତ୍ର ଲେଖି ଅନୁରୋଧ କରିଛନ୍ତି, ଏଇ ପ୍ରାଦେଶିକ ସାହିତ୍ୟ ସଂପର୍କରେ ହିନ୍ଦୀ ଗଠନ ଉଦ୍ୟମରେ ଓଡ଼ିଶାର ବିଭିନ୍ନ ସାହିତ୍ୟିକ, ସାହିତ୍ୟିକ ଅନୁଷ୍ଠାନ ଓ ଅନ୍ୟାନ୍ୟ ପତ୍ରପତ୍ରିକାମାନଙ୍କର ଏ କାର୍ଯ୍ୟରେ ସହଯୋଗ ଆକର୍ଷଣ କରିବା ନିମନ୍ତେ। ଏଇ କମିଟି ପକ୍ଷରୁ ଅଚିରେ ଏକ ମାସିକ ପ୍ରକାଶିତ ହେବ। ସେଥିପାଇଁ ପ୍ରାଦେଶିକ ସାହିତ୍ୟମାନଙ୍କର ନିମ୍ନଲିଖିତ ତଥ୍ୟ ଓ ସେଇ ବିଷୟକ ପ୍ରବନ୍ଧମାନ କ୍ରମେ ଦରକାର ହେବ।

ପ୍ରଦେଶମାନଙ୍କର ସାହିତ୍ୟିକ ଓ ସାଂସ୍କୃତିକ ଘଟଣାମାନଙ୍କ ବିଷୟରେ ସଂକ୍ଷିପ୍ତ ସୂଚନା, ପ୍ରାଦେଶିକ ଓ ସାହିତ୍ୟମାନଙ୍କର ଇତିହାସ ସଂବଂଧରେ ସଂକ୍ଷିପ୍ତ ଲେଖା (ସେଥିରେ ବିଶେଷରେ ଆଧୁନିକ ବିକାଶ ଓ ଜାତୀୟ ଆଭିମୁଖ୍ୟର ସୂଚନାମାନ ସ୍ଥାନ ପାଇବ), ପ୍ରାଦେଶିକ ସାହିତ୍ୟମାନଙ୍କର ଶ୍ରେଷ୍ଟ କ୍ଷୁଦ୍ର କବିତାମାନ, କ୍ଷୁଦ୍ର ଗଳ୍ପମାନ, ଜାନପଦ କଥା ସାହିତ୍ୟ, ଶ୍ରେଷ୍ଠ ନାଟକମାନ, ସାହିତ୍ୟର ପ୍ରଧାନ ପ୍ରାଦେଶିକ କବି ଓ ଗଦ୍ୟ ସାହିତ୍ୟିକମାନଙ୍କର ଲେଖାର ପାତ୍ରାଦିର ସୂଚନା ଓ ସେସବୁର ଗୁଣ ଗ୍ରହଣ କରିବା ଭଳି କ୍ଷୁଦ୍ର ଆଲୋଚନାମାନ, ପ୍ରଧାନ ସାହିତ୍ୟିକମାନଙ୍କର ପରିଚୟ, ପ୍ରାଦେଶିକ ସାହିତ୍ୟ ଓ ସଂସ୍କୃତିର ତୁଳନାତ୍ମକ ଆଲୋଚନା, ପ୍ରାଦେଶିକ ଭାଷାମାନଙ୍କରେ ପ୍ରକାଶିତ ପୁସ୍ତକର ସମାଲୋଚନା, ପ୍ରାଦେଶିକ ପତ୍ରମାନଙ୍କରେ ଏବେ ପ୍ରକାଶ ପାଉଥିବା ସାହିତ୍ୟ ଓ ତାର ହିନ୍ଦି ଅନୁବାଦ, ବିଦେଶୀ ସାହିତ୍ୟ ସଂବନ୍ଧରେ ସଂକ୍ଷପ୍ତି ସୂଚନାମାନ, ସଂକ୍ଷେପରେ ପ୍ରାଦେଶିକ ସାହିତ୍ୟର ଶ୍ରେଷ୍ଠ ଉପନ୍ୟାସମାନ, ଭାରତରେ ଏକ ସାଧାରଣ ଓ ସାର୍ବଜନୀନ ଭାବ ବିଷୟରେ ଆଲୋଚନା।

Digitized by PPRACHIN, SOA

ଏହିପରି ଏକ ମାସିକ ଭାରତର ସାର୍ବଜନୀନ ସାହିତ୍ୟ ପତ୍ର ହେବାର ପୂର୍ଣ୍ଣ ସଂଭାବନା। ଏଇ ପତ୍ରର ପ୍ରଥମ ସଂଖ୍ୟା ଆସନ୍ତା ଅକ୍ଟୋବର ମାସରେ ବାହାରିବାର କିମ୍ବା ସେଇ ମାସଠାରୁ କୌଣସି ଚଳୁଥିବା ମାସିକକୁ ଏଥିପାଇଁ ବ୍ୟବହାର କରିବା କଳ୍ପନା କରି ମୁନ୍‌ସି ମହାଶୟ ପ୍ରଦେଶମାନଙ୍କର ସାହିତ୍ୟିକଙ୍କଠାରୁ ଏବେ ନିମ୍ନଲିଖିତ ବିଷୟମାନଙ୍କରେ ଲେଖା ଲୋଡ଼ନ୍ତି:-

୧. ଭାଷାର ଆଧୁନିକ ସାହିତ୍ୟର କେତେକ ପ୍ରଚଳିତ ବିଭାବର ଆଲୋଚନା ସଂବଳିତ ଗୋଟିଏ ପ୍ରବନ୍ଧ-ପ୍ରଚଳିତ ବିଭାବର ଉଦାହରଣ ଯଥା:- ଉପନ୍ୟାସ, ନାଟକ, ଇତିହାସ, ପ୍ରବନ୍ଧ।

୨. ପ୍ରାଦେଶିକ ଭାଷାର ଏକ ମାସର ନୂତନ ସାହିତ୍ୟିକ ଆମଦାନି।

୩.(କ) ଗୋଟିଏ ଉପନ୍ୟାସ ବା ନାଟକର ସଂକ୍ଷିପ୍ତ ସାର ଓ (ଖ) ପ୍ରାଦେଶିକ ଭାଷାରେ ମାସ ମଧ୍ୟରେ ବାହାରିଥିବା ଗୋଟିଏ ଦୁଇଟି କବିତା।

୪. ଭାଷାରେ ମାସ ମଧ୍ୟରେ ପ୍ରକାଶ ପାଇଥିବା ଭଲ ଗ୍ରନ୍ଥାଦିର ଆଲୋଚନା।

ଏ ସବୁ ହିନ୍ଦୀରେ ଅନୁବାଦ କରି ଦେବାକୁ ହେବ, ନଚେତ୍ ସେମାନେ ବୋମ୍ବେଇରେ ହିନ୍ଦୀରେ ଅନୁବାଦ କରାଇ ନେବେ।

ଏଥିପାଇଁ ଆମେ ସାହିତ୍ୟ ସମାଜର ଏବର ସହକାରୀ ସଂପାଦକ ଶ୍ରୀଯୁକ୍ତ ବିଚ୍ଛନ୍ଦ ଚରଣ ପଟ୍ଟନାୟକ ଓ ଭୂତପୂର୍ବ ସଂପାଦକ ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ସାହୁଙ୍କୁ ଜଣାଇଅଛୁଁ। ଓଡ଼ିଶାର ସାହିତ୍ୟିକମାନେ ଏ ବିଷୟଟିରେ ସହଯୋଗ କରିବାକୁ ଶୃଙ୍ଖଳିତ ଭାବରେ ପ୍ରସ୍ତୁତ ହୋଇ ଯତ୍ନ କରିବେ ବୋଲି ଆଶା କରାଯାଏ। ଆମେ ମଧ୍ୟ ଏ ସଂବଂଧରେ ଅନ୍ୟାନ୍ୟ ସଂବାଦାଦି ଆବଶ୍ୟକ ମତେ ଯୋଗାଇବାକୁ ପ୍ରସ୍ତୁତ ଅଛୁଁ।

ନବ ଭାରତ- ୨/୨

ନବଯୁଗ ସାହିତ୍ୟ ସଂସଦ

ଏହି ନାମରେ ଗୋଟିଏ ସଂସଦ ଗଢ଼ା ହୋଇ ତାର ଉତ୍ସବ ହୋଇଯାଇଚି। ସେଥିରେ ଯେଉଁସବୁ ପ୍ରବନ୍ଧର ଆଲୋଚନା ହୋଇଥିଲା ସେ ସବୁ ଏହି ସଂଖ୍ୟାରେ ପ୍ରକାଶିତ ହୋଇଚି। କିନ୍ତୁ କେବଳ ଏହି ପ୍ରବନ୍ଧ ଦେଖି ଏହି ସଂସଦର ପାରଂପରିକ ପରିକଳ୍ପନା କଲେ, ଠିକ୍ ହେବ ନାହିଁ। ଏହାର କଳ୍ପନା ବିଶାଳତର। ଜାତୀୟ ଜୀବନର ପୁରାଣ ପ୍ରଥା ଉପରେ ନୂତନ ସ୍ତର ଫିଟାଇବା ଏହାର ଉଦ୍ଦେଶ୍ୟ। ଜୀବନର ଚିନ୍ତା ସାହିତ୍ୟରେ ପ୍ରକାଶ ପାଏ ଓ ଚିନ୍ତାହିଁ କ୍ରିୟାର ମୂଳ। ତେଣୁ ସାହିତ୍ୟରେ ବିପ୍ଳବ ପ୍ରଚାର କରି ଜାତୀୟ ଜୀବନରେ ଚଞ୍ଚଳତାର ସୂଚନା ଦେବା ନିମନ୍ତେ ଏହା କରାଯାଇଥିଲା।

Digitized by PPRACHIN, SOA

ପ୍ରଥମେ ବିଜ୍ଞାପନରେ ଉଦ୍ୟୋକ୍ତାମାନେ କହିଥିଲେ, "ଜଗତରେ ସବୁଠାରୁ ଚିନ୍ତାଶୀଳ ମନସ୍ୱୀ ଓ ମନୀଷୀ ସାହିତ୍ୟକ ଲେଖକମାନେ ମାନବର ଚିରାଚରିତ ନୀତି, ବଦ୍ଧମୂଳ ଧାରଣା, ପୁଞ୍ଜିଭୂତ କୁସଂସ୍କାର ଓ ଚିନ୍ତାଶୂନ୍ୟତା ବିରୁଦ୍ଧରେ ପ୍ରବଳ ଅଭିଯାନ ଆରମ୍ଭ କରିଛନ୍ତି । ଆଇନଷ୍ଟାଇନ୍, ଫ୍ରୟେଡ, ମାର୍କସ, ରସେଲ୍, ବାର୍ଣ୍ଣାଡଶ, ରମାଁ ରୋଲାଁ, ମାକ୍ସିମ୍ ଗର୍କି, ଅପ୍‌ଟନ୍ ସିନ୍‌କ୍ଲେୟାର, ସିନ୍‌କ୍ଲେୟାରଲୁଇ ପ୍ରଭୃତି ସଚେତନ ଓ ମୌଳିକ ବିପ୍ଳବାତ୍ମକ ଭାବରାଶିର ପଟ୍ଟପୁରୋଧାରୂପେ ସାଧାରଣରେ ପରିଚିତ । ଆମେ କେବଳ ଆମର ଅତୀତ ପ୍ରୀତି ଘେନି ମାନବ ସଭ୍ୟତାର ଗତିଶୀଳତା ପ୍ରତି ଲକ୍ଷ୍ୟ ନ ରଖି ନିଜକୁ କ୍ଷୁଦ୍ର ପରିସରରେ ଆବଦ୍ଧ କରି ରଖିଛୁଁ । ସ୍ୱାଧୀନ ଚିନ୍ତା ଓ ଉଦାର ମନୋଭାବ ହେଉଚି ଆମର ପ୍ରଧାନ ଅଭାବ ।" ତେଣୁ "ଦେଶରେ ନବସଂସ୍କୃତି ଓ ନବ ସଭ୍ୟତା"ର ସ୍ରୋତ ଖେଳାଇ ଦେବାହିଁ ସଂସଦର ଉଦ୍ଦେଶ୍ୟ ।

ସଂସଦର ଏହି ପ୍ରାରମ୍ଭିକ ଉତ୍ସବରେ ସଂସ୍କୃତିର ବିଭିନ୍ନ ବିଭାଗରେ ବିଭିନ୍ନ ସଭାପତିମାନେ ରହି ପ୍ରବନ୍ଧମାନଙ୍କର ଆଲୋଚନା କରାଯାଇଥିଲା । ଯଥା-ବିଜ୍ଞାନ ବିଭଗ, ଅଧ୍ୟାପକ ଶ୍ରୀହରିବନ୍ଧୁ ମହାନ୍ତି; ଦର୍ଶନ ବିଭାଗ, ଅଧ୍ୟାପକ ଶ୍ରୀ ମୋହିନୀମୋହନ ସେନାପତି; ସମାଜ ବିଜ୍ଞାନ ବିଭାଗ, ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ସାହୁ; ଇତିହାସ ବିଭାଗ, ଅଧ୍ୟାପକ ଶ୍ରୀ ଘନଶ୍ୟାମ ଦାସ; ସାହିତ୍ୟ ବିଭାଗ, ଶ୍ରୀ ହରିହର ମହାପାତ୍ର । କ୍ରମେ ଭାବର ପ୍ରଚାର ପାଇଁ ସଂସଦରୁ ସାମୟିକ ପତ୍ର ଓ ପୁସ୍ତକମାନ ପ୍ରକାଶିତ ହେବାର କଳ୍ପନା ଅଛି ।

ଏ କଳ୍ପନାଟି ଅତି, ସୁନ୍ଦର ସ୍ପୃହଣୀୟ; ପୁଣି ଯେପରି ଭାବରେ କାର୍ଯ୍ୟ ଆରମ୍ଭ ହୋଇଅଛି ତାହା ବଡ ଉତ୍ସାହଜନକ । ଏ ଆୟୋଜନଟି ମୁଖ୍ୟତଃ ଯୁବକମାନଙ୍କ କାର୍ଯ୍ୟ । ନୂତନ ଭାବ ଓ ନୂତନ ଚିନ୍ତାର ସ୍ରୋତ ସମାଜ ଉପରେ ବୁହାଇ ଦେଇ ଜାତିର ଶ୍ରୀବୃଦ୍ଧି କାମନା କରିବା ଯଥାର୍ଥ ଯୁବ- ପ୍ରାଣର ପରିଚୟ ଦେଉଅଛି । ଜଗତ ବିକାଶମୟ । ନିତ୍ୟ ନୂତନ ବିଭାବର ପରଂପରା ହିଁ ବିକାଶ । ଏହି ନୂତନତା ବିନା ବିକାଶ ବିନାଶରେ ପରିଣତ ହୁଏ । ସମାଜର ଦୃଢ଼ ଓ ବଦ୍ଧମୂଳ ଧାରଣା ସବୁ ଭେଦ କରି ନୂତନ କରି ଗଢ଼ିବାର ଦିନ ପୁଣି ଭାରତରେ ଆସିଚି ନୁହେଁ, ସେ ଦିନର ସୁଯୋଗ ଦେବା କାଳ ଅତୀତ ହୋଇଚି କହିଲେ ଚଳେ । ବିଶେଷରେ ଓଡ଼ିଶା ଆମର କର୍ମକ୍ଷେତ୍ର । ଏହି ଓଡ଼ିଶାରେ ଜନ- ପ୍ରାଣରେ ନବସ୍ପନ୍ଦନ ଦେବାର ପ୍ରୟୋଜନ ବହୁଦିନରୁ ପଡ଼ିଲାଣି । ସେ ପ୍ରୟୋଜନ ସମାଧାନରେ ଯଥେଷ୍ଟ ଉଦ୍ୟମ ହୋଇଚି ବୋଲି ମନେ ହେଉ ନାହିଁ । ଯୁବକମାନଙ୍କର ଏ ନବୀନ ଉଦ୍ୟମ ସମୂହ ଭାବରେ ଦେଶକୁ ପ୍ରଭାବିତ କରୁ ବୋଲି ଆଶା କରି, ଆମେ

Digitized by PPRACHIN, SOA

ଚାହିଁ ରହିଲୁ। ଯୁବଶକ୍ତି ହିଁ ଦେଶର ଭବିଷ୍ୟତ। ପ୍ରବୀଣର ଫଳାଫଳ ଦର୍ଶିତା ଯୁବଶକ୍ତିର ପ୍ରେରଣାରେ ସର୍ବଦା ଉଜ୍ଜୀବିତ ହେବା ଉଚିତ। ନବଯୁଗ ସାହିତ୍ୟ ସଂସଦ ଜାତିରେ ସେ ଜୀବନର ବାର୍ତ୍ତା ପ୍ରଚାର କରୁ।

କଥା ଅଛି- ଉପାୟବେଳେ ଅପାୟ ଚିନ୍ତା କରିବାକୁ ହୁଏ, ଆଶାରେ ପଦେ ପଦେ ଆଶଂକାର ଅବକାଶ ଅଛି। ପ୍ରବୀଣ ଯେପରି ଫଳାଫଳ ଗଣନାରେ ସଂଯତ ଓ ସଂକୁଚିତ, ଅନ୍ୟ ଦିଗରେ ତରୁଣ ମଧ୍ୟ ସେହିପରି ନୂତନତାର ମୋହରେ ଉଦ୍‌ଭ୍ରାନ୍ତ ହୋଇପାରେ। ପ୍ରବୀଣ ଅତୀତକୁ ଚାହେଁ, ମାତ୍ର ଯୁବକ ଭବିଷ୍ୟତର ଅନିର୍ଦ୍ଦିଷ୍ଟତାରେ ଆତ୍ମଦାନ କରେ। ଏହି ଅନିର୍ଦ୍ଦିଷ୍ଟକୁ ନିର୍ଦ୍ଦିଷ୍ଟ କରିବା ଯୁବକର ଯଥାର୍ଥ କାର୍ଯ୍ୟ। ଏଠାରେ କିନ୍ତୁ ପନ୍ଥା ସୁଗମ ନୁହେଁ। ଯୁବକ ନୂତନତା ଲୋଡ଼େ; କିନ୍ତୁ ସମସ୍ତ ନୂତନତାରେ ବେଷ୍ଟନୀର ପରିସ୍ଥିତ ଚତୁର ଚିନ୍ତାରେ କଳନା କରି ଆଦର୍ଶ ନିୟମରେ ଯେ ଯୁବକ କ୍ରିୟା ବିଧାନ କରିପାରେ, ସେହି ଏକା ଜଗତରେ ଯଥାର୍ଥ ନୂତନ ଜୀବନର ପ୍ରବର୍ତ୍ତକ ହୁଏ। ଚୈତନ୍ୟ, ଯୀଶୁଖ୍ରୀଷ୍ଟଙ୍କ ପରି ମନୀଷୀମାନେ ଆଜିର ଯୁବ- ଦୃଷ୍ଟିରେ ହେୟ ହୋଇପାରନ୍ତି। ସେମାନଙ୍କର ଦୀନତାର ଦୀକ୍ଷା ଓ ପରଲୋକରେ ଲୋକକୁ ସନ୍ତୁଷ୍ଟ ରଖିବାର ପ୍ରେରଣା ଆଜିର ଜଗତରେ ଭୟାବହ ଅପଚାର ବୋଲି ପରିଗଣିତ ହୋଇପାରେ; କିନ୍ତୁ ସେମାନେ ସେକାଳରେ ସମାଜକୁ ନୂତନତାର ଉଚ୍ଛ୍ୱାସର ଭସାଇ ଦେଇଥିଲେ, ସନ୍ଦେହ ନାହିଁ। ସେମାନଙ୍କ ସମାଲୋଚନାରେ ନିଜକୁ ସେ କାଳର ବେଷ୍ଟନୀ ଓ ପରିସ୍ଥିତି ଭିତରେ କଳ୍ପନାରେ ରଖି ଦେଖିଲେ, ଆଜି ବୁଝାଯାଏ- ମ୍ରିୟମାଣ ମାନବର ମେରୁଦଣ୍ଡ ଟେକିରଖି, ଅତି ସଂକଟ ବେଳେ, ସେମାନେ ନୂତନ ଜୀବନରେ ଉଜ୍ଜୀବିତ କରି ପାରିଥଲେ। ସେତେବେଳର ନୂତନ ଆଜି ବହୁ ପୁରାତନ ହେଲେହେଁ, ସେମାନଙ୍କର ଯୁବମନୀଷାର ଏଦ୍ରଷ୍ଟ୍ର, ସୁଲଭ କ୍ରିୟା ଯୋଜନା ବୁଝି ଦେଖିବାକୁ ହେବ। ପୁରାତନ କ୍ରିୟାରାଶି ଆଜି ସମାଜରେ ଯଥାସ୍ଥାନାବସ୍ଥିତ କରି ହେବ ନାହିଁ। ଏହା ସତ୍ୟ ହୋଇପାରେ। ସେ କ୍ରିୟାର ଆବୃତ୍ତି ଓ ଅନୁକରଣ ବହୁସ୍ଥଳରେ ଯଥାର୍ଥରେ ହେୟ। ହେଲେହେଁ ବେଷ୍ଟନୀ ଭିତରେ ସେହିସବୁ କ୍ରିୟାମାନଙ୍କର ପ୍ରେରଣା, ପ୍ରଭାବ ଓ ଉପଯୋଗିତା ଦେଖିବା ହିଁ ଯଥାର୍ଥ ଇତିହାସ ଶିକ୍ଷା। ଏହି ଇତିହାସ ଶିକ୍ଷା ବିନା ପ୍ରଗତି ସମ୍ଭବ ନୁହେଁ।

ଐତିହାସିକ ଘଟନା କାଳରେ ବ୍ୟବହିତ। ସେହିପରି ପୃଥିବୀର ଭିନ୍ନ ଭିନ୍ନ ସ୍ଥାନରେ ପରିସ୍ଥିତି ଭେଦରେ ବିଭିନ୍ନ କ୍ରିୟା ଓ ପ୍ରତିକ୍ରିୟାର ବିକାଶ ବରାବର ଚାଲିଅଛି। ଅନୁକୃତ ପ୍ରତିଷ୍ଠିତ ଐତିହାସିକ କ୍ରିୟା ସମାଜରୁ ଜଡ଼ତା ଆଡ଼କୁ ଘେନିଯାଏ ଓ ଶେଷରେ ବିନାଶ

Digitized by PPRACHIN, SOA

କରେ। ସେହିପରି ଦେଶର ବ୍ୟବଧାନରେ ଘଟିଥିବା ବା ଘଟୁଥିବା କ୍ରିୟାର ଏକାନ୍ତ ଅନୁକୃତି ମଧ୍ୟ ସାମାଜିକ ଜୀବନକୁ ବିଧ୍ୱସ୍ତ କରିବାର ଆଶଙ୍କା ଅଛି। ଆଜି ଜାପାନ, ଇଟାଲୀ, ରୁଷିଆ ବା ଜରମାନୀରେ ଯାହା ହେଉଚି, ସେଠାର ଯୁବମନୀଷୀମାନେ ଯେଉଁ କଳ୍ପନା, ଆଦର୍ଶ ଓ ଆଭିମୁଖ୍ୟରେ ସମାଜରେ ନୂତନତା ଆଣିବାକୁ ଲୋଡ଼ନ୍ତି, ଭାରତ, ଚିନ୍ ଓ ଆବିସିନିଆରେ ତାହାର ଅନୁକୃତି କିପରି କାମ୍ୟ ତାହା ଠିକ୍ କରିବାର ଦୁରୂହ ମନୀଷାକୁ କରତଳଗତ ବିଚାରିଲେ ହୁଏତ ଭ୍ରାନ୍ତି ଆସିପାରେ। ପୁଣି ଏ ଭ୍ରାନ୍ତି ଯୁବକରହିଁ ବିଶେଷଭାବରେ ହୋଇପାରେ। ଯୁବକ ଶକ୍ତିମାନ୍ କିନ୍ତୁ ଅଭ୍ରାନ୍ତ ନୁହେଁ। ସାବଧାନ ହେବା ମଧ୍ୟ ସବୁବେଳେ ବାର୍ଦ୍ଧକ୍ୟର ଲକ୍ଷଣ ନୁହେଁ। ବାର୍ଦ୍ଧକ୍ୟର ସାବଧାନତାରେ ପ୍ରକାର ଭେଦ ଅଛି। ତାହା ମନୀଷା ବଳରେ ବିଶ୍ଳେଷଣ କରି ସ୍ପଷ୍ଟ ବୁଝିରଖିବା ବାଞ୍ଛନୀୟ।

ନବ ଭାରତ-୨/୬-୭, ଆଲୋଚନା

◆◆◆

Digitized by PPRACHIN, SOA

ତୃତୀୟ ଅଧ୍ୟାୟ

ଭାଷା ଓ ବ୍ୟାକରଣ ଭିତ୍ତିକ ଆଲୋଚନା

ପ୍ରାଦେଶିକ ଭାଷା ପୋଷଣରେ ପ୍ରଦେଶମାନଙ୍କର ଗତି

ଭାଷା ସୂତ୍ରରେ ପ୍ରଦେଶ ଗଠନ କଂଗ୍ରେସ୍‌ର ଉଦ୍ଦେଶ୍ୟ, ମାତ୍ର ଇଂରେଜ ସରକାରଙ୍କ ସେ ଉଦ୍ଦେଶ୍ୟ, କେବେ ନ ଥିଲା। ଏବେ ମାତ୍ର ଓଡ଼ିଶା ଓ ସିନ୍ଧୁ ପ୍ରଦେଶ କେତେକ ପରିମାଣରେ ଭାଷା ସୂତ୍ରରେ ପ୍ରଦେଶ ହୋଇଚି। ମାତ୍ର ଏ ଦୁଇଟିକୁ ପ୍ରଦେଶ କରିଚନ୍ତି, ଇଂରେଜ ସରକାର-କଂଗ୍ରେସ ତାହା କରି ନାହାନ୍ତି। କଂଗ୍ରେସ ମଧ ସେମାନଙ୍କ ସୀମା ସଂବନ୍ଧରେ କିଛି ନିଷ୍ପତ୍ତି କରି କହି ପାରି ନାହାନ୍ତି। ପୁଣି ସିନ୍ଧୁ ପ୍ରଦେଶ ଏ କ୍ଷେତ୍ରରେ ମଧ୍ୟ ଉଦାହରଣ ବୋଲି କୁହାଯାଇ ନ ପାରେ। ସେଠାରେ ପ୍ରଦେଶର ଉଦ୍ଦେଶ୍ୟ ବରଂ ଥିଲା, ମୁସଲମାନ ଧର୍ମ- ସିଂଧି ଭାଷା ଏକା ନୁହେ। ଓଡ଼ିଶା ଏକା ଏ କ୍ଷେତ୍ରରେ ଉଦାହରଣ। ଏଣୁ ଓଡ଼ିଆ ଭାଷା, ଓଡ଼ିଶାର ଭାଷା ଏଥିରେ ସନ୍ଦେହ ନାହିଁ।

କିଂତୁ ସମସ୍ତ ଓଡ଼ିଆଭାଷୀ ପ୍ରଦେଶ ଓଡ଼ିଶାକୁ ଆସି ନାହିଁ। ତାହା ଆସିବାର ନିର୍ଦ୍ଦିଷ୍ଟ ପରିସ୍ଥିତି ଭିତରେ ଓଡ଼ିଶା ପ୍ରଦେଶ ଗଢ଼ା ହୋଇ ନାହିଁ। ନାନା କାରଣରୁ ଓଡ଼ିଆ ଭୂମିଗୁଡ଼ିକ ନାନା ପ୍ରଦେଶରେ ବାଣ୍ଟି ହୋଇ ରହିଥିଲା। କଲିକତା ପାଖେ ଯେଉଁ ବଂଗ ଭାଷା ଚଳୁଥିଲା, ତାହା କଲିକତାର ପ୍ରଭାବ ହେତୁରୁ ପୁଷ୍ଟ ଓ ପ୍ରଚାରିତ ହୋଇ, ବିରାଟ ବଂଗ ଭାଷା ଓ ପ୍ରଦେଶ ସୃଷ୍ଟି କରି ସାରିଥିଲା। ଏଇ ବଂଗ ଭାଷା ବା ରାଢ଼ଭାଷା, ବାରେନ୍ଦ୍ର, ମଗ ପ୍ରଭୃତି ସବୁ ଭାଷାର ସ୍ୱାତନ୍ତ୍ୟ ଗ୍ରାସ କରି ସାରି ଓଡ଼ିଆ ଆସାମୀ ଓ ମୈଥିଳୀ ଉପରେ ଆକ୍ରମଣ ମଧ୍ୟ କରିଥିଲା। ମାତ୍ର ଏ ତିନୋଟି ଭାଷାର ସ୍ୱତନ୍ତ୍ର ସାହିତ୍ୟ ଥିବାରୁ ପ୍ରକାଶ୍ୟ ପ୍ରଭାବରେ ସେଗୁଡ଼ିକ ପ୍ରଭାବିତ ହେଲା ନାହିଁ। ମାତ୍ର ଫଳ କଥା ଭାଷା ସୂତ୍ରରେ ବଂଗ ପ୍ରଦେଶ ଗଢ଼ା ନ ହୋଇ, ପ୍ରଦେଶ ସୂତ୍ରରେ ଭାଷା ସେଠାରେ ବ୍ୟାପି ଯାଇଥିଲା।

ଏଣେ ବିହାରୀ ଭାଷାମାନଙ୍କ ମଧରେ ମୈଥିଳୀ ଛାଡ଼ା ଅନ୍ୟ କୌଣସି ଭାଷାରେ ସାହିତ୍ୟ ପ୍ରକାଶ ପାଇ ନଥିଲା। ମୁସଲମାନ କାଳରେ ପାଟଣା ପ୍ରଧାନ ସ୍ଥାନ ଥିବାରୁ ଉର୍ଦ୍ଦୁଭାଷା ସମାଜର ଉପର ସ୍ତରରେ-ବିଶେଷରେ ସେକାଳ ସରକାରୀ ଚାକିରିଆଙ୍କ ଦ୍ୱାରା-ପ୍ରବେଶ କରିଥିଲା। ତେଣୁ ମଘି ମୈଥିଳୀ ଓ ଭୋଜପୁରୀ ସମସ୍ତେ ପରବର୍ତ୍ତୀକାଳରେ ତୁଳସୀଦାସଙ୍କ ଔଧି (ଅଯୋଧା) ଭାଷାକୁ ନିଜର ସାହିତ୍ୟ ଭାଷା କରିବାରେ ଲାଗି ଯାଇଥିଲେ। ମାତ୍ର ସର୍ବତ୍ର ଭାଷାର ଆଦର୍ଶ ହୋଇଥିଲା ଉର୍ଦ୍ଦୁ। ମଧ୍ୟପ୍ରଦେଶର ଛତିଶଗଡ଼ ହିନ୍ଦୀ କ୍ରମେ ଔଧି ଓ ବ୍ରଜଭାଷାକୁ ଆଦର୍ଶ କରିଥିଲେ ହେଁ ନାଗପୁର ଓ ବେରାର୍ ଅଂଚଳରେ ମରହଟ୍ଟି ନିଜର ପ୍ରତିଷ୍ଠା ଦୃଢ଼ ଭାବରେ ରଖିଥିଲା।

Digitized by PPRACHIN, SOA

ମାନ୍ଦ୍ରାଜ ପ୍ରଦେଶରେ ୪ରୁ ଅଧିକ ଭାଷା। ଓଡ଼ିଶା ପାଖକୁ ଲାଗି ଆନ୍ଧ୍ର ଭାଷା। ମାତ୍ର ଏଇ ଆନ୍ଧ୍ର ଭାଷା କେବେ ପ୍ରଦେଶର ଭାଷା ନ ଥିଲା ବା ହୋଇ ନାହିଁ। ତଥାପି ବହୁ ଦିନରୁ ଆନ୍ଧ୍ରମାନେ ନିଜର ଭାଷା ସୂତ୍ରରେ ପ୍ରଦେଶ ଗଠନ କରିବା ଉଦ୍ଦେଶ୍ୟରେ ଲାଗିଚନ୍ତି।

ଏଇପରି ଭାଷାଗତ ପରିସ୍ଥିତି ମଧ୍ୟରେ ଓଡ଼ିଶା ନିଜର ଭାଷା ସୂତ୍ରରେ ପ୍ରଦେଶ ଗଢ଼ିବା ପାଇଁ ଛଟପଟ ହେଉଥିଲେ। ବଂଗାଳୀମାନେ ୧୮୮୪ରୁ ଆଇନ କଲା ପରି କଟକଣା କରି ମେଦିନୀପୁରରୁ ଓଡ଼ିଆ ଭାଷାକୁ ମୂଳ୍‌ପୋଛ ଉଠାଇ ଦେଇଥିଲେ। ଅନ୍ୟତ୍ର ସରକାରୀ ଚାକିରି ଓ ଅନ୍ୟ ପ୍ରଭାବରେ ଓଡ଼ିଆ ଉଠିଯାଉଥିଲା। ପୁଣି କୌଣସି ଭୂମିକୁ ଓଡ଼ିଆ ବୋଲି ସ୍ୱୀକାର କରିବାପାଇଁ ପ୍ରତିବେଶିମାନେ ରାଜି ନ ଥିଲେ। ରାଜଦ୍ୱାରରେ ମନାଇବାପାଇଁ ଓଡ଼ିଆଙ୍କର ସାମର୍ଥ୍ୟ ନ ଥିଲା। ଏଣୁ ଓଡ଼ିଆ ଏବେ ଯାହା ନିଜ ଭୂମି ବୋଲି ପାଇଚି, ତାହା ବଡ଼ ସଂକୁଚିତ। ଦରିଦ୍ରକୁ ଭିକ୍ଷା ଦେଲାପରି ତାହା ଦିଆଯାଇଚି। ମାତ୍ର ଏତିକି ମାତ୍ର ଠିକ୍ ଯେ ବର୍ତ୍ତମାନର ସଂକୁଚିତ ସୀମା ଭିତରେ ଓଡିଶା ପ୍ରଦେଶଟି ବରାବର ଓଡ଼ିଆ। ଏଇ ଭୂମିରେଏକା ପ୍ରଦେଶିକ ଭାଷା କେବଳ ଓଡ଼ିଆ ହୋଇ ପାରେ। ବଂଗ ଦେଶ ଜବରଦସ୍ତିରେ ତାହା କରିପାରନ୍ତି। ଏପରି କରିବା ପାଇଁ ସେ ଏକ ପରିସ୍ଥିତି ତିଆରି କରି ନେଇଚନ୍ତି। ହେଲେହେଁ ଓଡ଼ିଆ ଭୂମି ସମ୍ବନ୍ଧରେ ବଂଗ ପ୍ରଦେଶର ମଧ ଏପରି ଏକ ବଂଗଭାଷା କଟକଣା ଛାଡ଼ିବା ଉଚିତ। ମାତ୍ର ୧୮୮୪ ଠାରୁ ଯାହା ହୋଇଯାଇଚି, ତାର ପ୍ରତିକାର ଏଡ଼େ ସହଜ ନୁହେ।

କିନ୍ତୁ ଓଡ଼ିଶା ସରକାର, ଓଡ଼ିଶାର ଏକା ଓଡ଼ିଆ ଭାଷା ହେବ ବୋଲି ଠିକ୍ କରି ଜଣାଇ ଦେଇ ଥିବାରୁ, କେହି କେହି କହୁଚନ୍ତି, ତେବେ ବିହାର ପ୍ରଦେଶର ସିଂହଭୂମିରେ ପୁଣି ଆମେ ଓଡ଼ିଆ ପାଇଁ କିପରି ଦାବି କରିବା? ଏଠାରେ ବୁଝିବାର ଅଛି, ବିହାର ପ୍ରଦେଶ ନିଜକୁ ଏକ ଭାଷାଭାଷୀ କରିପାରିବେ ନାହିଁ। ବିହାରୀ ଭାଷା ଛାଡ଼ି ଉର୍ଦ୍ଦୁ ସୂତ୍ରରେ ହିନ୍ଦିକୁ ପ୍ରାନ୍ତୀୟ ଭାଷା କରି ଥିଲେହେଁ, ସମସ୍ତ ବିହାର ପ୍ରଦେଶରେ ହିନ୍ଦି ମଧ ଚଳେ ନାହିଁ। ନିଜେ ବିହାର ସରକାର ନିଜ ପ୍ରଦେଶରେ ହିନ୍ଦି ଓ ବଙ୍ଗଳା ଦୁଇଟି ଭାଷା ଚଳାଇବାର ଠିକ୍ କରିଚନ୍ତି। ପୁଣି ଛୋଟନାଗପୁରର ଆଦିମମାନେ ନିଜର ଭାଷା ସୂତ୍ରରେ ମଧ୍ୟ ପ୍ରଦେଶ ଦାବି କରୁଚନ୍ତି। ସେମାନେ ଏବେ ପ୍ରଦେଶ ପାଆନ୍ତୁ, ନ ପାଆନ୍ତୁ, ତାଙ୍କ ଭାଷା ବିହାର ପ୍ରଦେଶରେ ସ୍ୱୀକୃତ ହେବା ଖୁବ୍ ସମ୍ଭବ। ତେବେ ଓଡ଼ିଆ କି ଦୋଷ କଲା? ଆମେ ଓଡ଼ିଶାରେ ଓଡ଼ିଆକୁ ଏକମାତ୍ର ଭାଷା କରିଦେଲୁ ବୋଲି ସିଂହଭୂମିରେ ଯେ ଓଡ଼ିଆ ଦାବି ନ କରିବୁ ଏହାର କୌଣସି ଅର୍ଥ ବା ଯୁକ୍ତି ନାହିଁ। ବିହାର ଭାଷାସୂତ୍ରରେ ଗଠିତ ପ୍ରଦେଶ ନୁହେ। ପୁଣି ଯଥାର୍ଥ ବିହାର ଭିତରେ ଛୋଟନାଗପୁର ମଧ୍ୟ ଯାଏ ନାହିଁ।

ନବ ଭାରତ-୪/୧୦

Digitized by PPRACHIN, SOA

ହିନ୍ଦୁସ୍ଥାନି ଅକାଡେମି

ଯୁକ୍ତ ପ୍ରଦେଶରେ ହିନ୍ଦି ଓ ଉର୍ଦ୍ଦୁ ଭାଷା ତଥା ସାହିତ୍ୟର ଶ୍ରୀବୃଦ୍ଧି ଉଦ୍ଦେଶ୍ୟରେ ହିନ୍ଦୁସ୍ଥାନି ଅକାଡେମି ବୋଲି ଗୋଟିଏ ଅନୁଷ୍ଠାନ ସ୍ଥାପିତ ହୋଇ ଚଳୁଥିଲା। ଏବେ ଉଚ୍ଚ ଶ୍ରେଣୀମାନଙ୍କରେ ଦେଶୀ ଭାଷାରେ ଶିକ୍ଷା ଦେବାର ସମୟ ଆସିବାରୁ ସେଇ ଆକାଡେମିର କାର୍ଯ୍ୟର ପରିସର ବଢ଼ିଯିବ। ସେଥିପାଇଁ ସେଇ ଆକାଡେମିର କାର୍ଯ୍ୟକୁ ଶୃଙ୍ଖଳାବଦ୍ଧ ଓ ସଫଳ କରିବା ପାଇଁ ଯୁକ୍ତପ୍ରଦେଶ ସରକାର ଗୋଟିଏ କମିଟି ବସାଇଚନ୍ତି। ସେ କମିଟି ନିମ୍ନଲିଖିତ ବିଷୟମାନ ବିଚାର କରି ରିପୋର୍ଟ ଦେବେ।

୧. ବର୍ତ୍ତମାନ ପରିଚାଳନାର ନିୟମମାନ ସଂଶୋଧନ କରି ଆକାଡେମିକୁ ପୁଣି ଗଢ଼ିବା।

୨. ଆକାଡେମିର ଆୟ ବ୍ୟୟର ଶୃଙ୍ଖଳା ଓ ଶାସନ ନିମନ୍ତେ କାର୍ଯ୍ୟଦର୍ଶୀ କମିଟିର କାର୍ଯ୍ୟ।

୩. କି ଦରମାରେ କେତେ ଲୋକ ରହି କିପରି ଏଇ ଆକାଡେମିର କାର୍ଯ୍ୟ ଚଳାଇବେ।

୪. ହିନ୍ଦି ଓ ଉର୍ଦ୍ଦୁ ସାହିତ୍ୟ ବଢ଼ାଇବାରେ ଆକାଡେମିର ନିର୍ଦ୍ଦିଷ୍ଟ କାର୍ଯ୍ୟ।

୫. ବର୍ତ୍ତମାନ ଆବଶ୍ୟକତା ଦୃଷ୍ଟିରେ ହିନ୍ଦୁସ୍ଥାନି ଭାଷାର ବିକାଶ।

ବର୍ତ୍ତମାନ ଓଡ଼ିଆ ଭାଷା ଓ ସାହିତ୍ୟର ବିକାଶ ନିମନ୍ତେ ଏଇପରି ଏକ ଛାଇ ଅନୁଷ୍ଠାନ ନିତାନ୍ତ ଦରକାର। ସେ ବିଷୟରେ ସରକାର ତତ୍ପର ହୁଅନ୍ତୁ। ଉଚ୍ଚଶିକ୍ଷା ଓଡ଼ିଆରେ ହେବ। କ୍ରମେ କଲେଜ ଶିକ୍ଷା ମଧ୍ୟ ସେଇପରି ହେବା ଉଚିତ। ସେଥିପାଇଁ ପ୍ରସ୍ତୁତ ନ ହେଲେ ବଡ଼ ବିଷମ ଅବସ୍ଥାର ସୃଷ୍ଟି ଅନିବାର୍ଯ୍ୟ।

ପୁଣି ହିନ୍ଦୁସ୍ଥାନି ବିଷୟରେ ମଧ୍ୟ ଅନ୍ୟାନ୍ୟ ଅନେକ ପ୍ରଦେଶ ପରି ଓଡ଼ିଶାର ଭାବି[illegible] ଅଛି। ଏହା ଭାରତର ଜାତୀୟ ଭାଷା ହେବାର କଥା। ଭାଷା ଓ ସାହିତ୍ୟ ବିକାଶ ହିସାବରେ ଜାତୀୟ ଭାଷା ହେବା ନିମନ୍ତେ ହିନ୍ଦୁ ସ୍ଥାନିର ଦାବି କେତେ, ସେ କଥା ଭାବିବା ନିଷ୍ପ୍ରୟୋଜନ।

ବର୍ତ୍ତମାନ ଯେଉଁ ହିନ୍ଦୁ ସ୍ଥାନି ଜାତୀୟ ଭାଷା ହେବ ତା ସାମାନ୍ୟ 'ଖରିବୋଲି' ଅଂଚଳ (ମିରଟ ଓ ଅମ୍ବାଲା ବିଭାଗର କେତେକ ଅଂଶ) ଛଡା ଅନ୍ୟ କୁତ୍ରାପି ଲୋକରେ ଚଳେ ନାହିଁ। ମାତ୍ର ମୁସଲମାନ କଳରୁ ଏହା ଉତ୍ତର ଭାରତରେ ବହୁ ସ୍ଥଳରେ ମାର୍ଜିତ ଲୋକଙ୍କ ଭାଷା ହୋଇ ଯାଇଚି। ପୁଣି ଏବେ ବିଶିଷ୍ଟ ରାଜନୀତିକ କାରଣରୁ ଏହାକୁ ରାଷ୍ଟ୍ରଭାଷା କରିବାକୁ ହେବ। କାରଣ, ଭାରତର ମୁସଲମାନମାନେ ଏହାକୁ ନିଜ ଭାଷା କହିବାର ଆରମ୍ଭ କରିଚନ୍ତି। ମୁସଲମାନମାନେ ପୁଣି ଉର୍ଦ୍ଦୁ ଅକ୍ଷରରେ ଏହାକୁ ଲେଖନ୍ତି। ପଂଜାବ ପ୍ରଭୃତି ଅଂଚଳରେ ହିନ୍ଦୁମାନେ ମଧ୍ୟ ଏଇ ଉର୍ଦ୍ଦୁ ଅକ୍ଷର ବ୍ୟବହାର କରନ୍ତି।

Digitized by PPRACHIN, SOA

ମାତ୍ର ଏ କ୍ଷେତ୍ରରେ ଗୋଟିଏ କଥା କହିବାର ଅଛି। ପୂର୍ବ ଓ ଉତ୍ତର ଭାରତର ସବୁ ଭାଷା, ପୁଣି ଦକ୍ଷିଣ ଭାରତର ମରହଟି ଓ ଗୁଜୁରାଟି ଭାଷାମାନଙ୍କର ଏଇ ହିନ୍ଦୁସ୍ଥାନି ବା 'ଖରିବୋଲି' ସଙ୍ଗେ ସ୍ପଷ୍ଟ ଓ ସାକ୍ଷାତ ଜାତି ଓ ଆକୃତିଗତ ସମ୍ବନ୍ଧ ରହିଚି। ସେହି ହିସାବରେ ଓଡିଆକୁ ମଧ୍ୟ ହିନ୍ଦି ଅକ୍ଷରରେ ଲେଖିଦେଲେ, ସେଇ ସବୁ ଭାଷାଭାଷୀ ମାର୍ଜିତ ଲୋକେ ଅଳ୍ପାୟାସରେ ବୁଝି ଯାଇ ପାରନ୍ତି। ହିନ୍ଦିକୁ ମଧ୍ୟ ଓଡ଼ିଆ ବଙ୍ଗାଳୀ ବା ଗୁଜୁରାଟିରେ ଲେଖିଲେ, ସେଇ ସେଇ ପ୍ରଦେଶରେ ମାର୍ଜିତ ଲୋକେ ସେଇପରି ବୁଝିଯିବେ। ମାତ୍ର ଏ କ୍ଷେତ୍ରରେ ଗୋଟିଏ ଭୀଷଣ ଅସୁବିଧା ଅଛି। ସେଇ ଅସୁବିଧାଟି ସଳଖ ହୋଇଗଲେ ସମସ୍ତ ଉତ୍ତର ଭାରତ ମହାରାଷ୍ଟ୍ର ଓ ଗୁଜୁରାଟରେ ହିନ୍ଦୀ ବା ହିନ୍ଦୁସ୍ଥାନି ସହଜରେ ଚଳିଯିବ। ସେଥିପାଇଁ ପିଲାଙ୍କର ବିଦେଶୀ ଭାଷା ଶିଖିବାର କଷ୍ଟ ବହୁତ ଊଣା ହୋଇଯିବ।

ଏଇ ଅସୁବିଧା ହେଉଚି, ହିନ୍ଦୁସ୍ଥାନିରେ କ୍ରିୟା, ଓ ବିଶେଷଣର ଲିଙ୍ଗ ଭେଦ। ଛୋଟୀ ଲଡ୍‌କୀ ଖାତୀ, ଛୋଟା ଲଡ଼କା ଖାତା (ଛୋଟ ପିଲା ଖାଉଚି), ଏପରି ପ୍ରଭେଦ ହିନ୍ଦୁସ୍ଥାନରେ ଅଛି। ଉତ୍ତର ଭାରତର ଅନ୍ୟ କୌଣସି ଭାଷାରେ-ଓଡ଼ିଆ, ବଂଗଳା, ଆସାମୀ, ବିହାରୀ,ଛତିଶଗଡ଼, ଅବଧୀ (ଅଯୋଧ ଭାଷା) ପ୍ରଭୃତିରେ -ଏହା ନାହିଁ। ପଂଜାବରେ ମଧ ସ୍ପଷ୍ଟ ନାହିଁ। ପାରସ୍ୟ ଭାଷାରେ ଏହା ନାହିଁ। ସଂସ୍କୃତରେ ମଧ ତିଙନ୍ତ କ୍ରିୟାରେ ନାହିଁ। ଏହା ହିନ୍ଦୁସ୍ଥାନି ରାଷ୍ଟ୍ରଭାଷାରୁ ଉଠାଇଦେବା ନିତାନ୍ତ ଦରକାର।

ଏଥି ସଂଗେ ମଧ ଆଉ ଗୋଟିଏ ବିପଦ ସଫା ହୋଇଯିବ। ହିନ୍ଦୁସ୍ଥାନିରେ କେଉଁ ଶବ୍ଦ ସ୍ତ୍ରୀଲିଙ୍ଗ କିଏ ବପୁଂଲିଙ୍ଗ ତା ଜାଣିବା ବଡ଼ କଷ୍ଟ। ସଂସ୍କୃତ ଠାରୁ ହିନ୍ଦୁସ୍ଥାନିରେ ଏହା ଅଧିକ ଦୁର୍ଜ୍ଞେୟ। କ୍ରିୟା ଓ ବିଶେଷଣର ଲିଙ୍ଗଭେଦ ଉଠିଗଲେ ବା ଲେଖକ ଓ ବକ୍ତାର ଇଚ୍ଛାଧୀନ ହୋଇଗଲେ ଏ ବିପତ୍ତିଟି ମଧ ଯିବ।

ଏ ବିପତ୍ତିଗୁଡ଼ିକ ରଖି ଭାଷାର ମଧ୍ୟ କିଛି ଲାଭ ନାହିଁ। ଭାବପ୍ରକାଶରେ ବେଶି ସୁବିଧା ସିନା ଅସୁବିଧା ନାହିଁ। ତେବେ ଏ ସବୁ କାହିଁକି ରହିବ ? ଓଡ଼ିଶାରେ ଯେଉଁମାନେ ହିନ୍ଦି ପ୍ରଚାର ଉଦ୍ୟମ କରୁଛନ୍ତି ସେମାନେ ଏଇ ବିଷୟଟି ଧରି ଏଥିରେ ଅନ୍ୟାନ୍ୟ ପ୍ରାନ୍ତର ସହଯୋଗ ଲୋଡ଼ି ଲଢ଼ନ୍ତୁ।

ମାନ୍ଦ୍ରାଜ ପ୍ରଭୃତି ଯେଉଁଠାରେ ହିନ୍ଦୀ ଏକାବେଳକେ ବିଦେଶୀ ଭାଷା, ସେ ସବୁଠାରେ ମଧ୍ୟ ହିନ୍ଦି ପ୍ରଚାରର ସୁବିଧା ପାଇଁ ଏଇ ଲିଙ୍ଗଭେଦ ଉଠିଯିବା ଦରକାର। ବିଦେଶୀର ମଧ୍ୟ ଏଥିରେ ବେଶି ସୁବିଧା ହେବ।

ଏପରି ଗୋଟିଏ ସାଧୁ ଅତି ଦରକାର ସଂସ୍କାର କରିବାରେ ବାଧା ଦେବ କିଏ ? କେବଳ 'ଖରିବୋଲି' କହୁଥିବା ଲୋକେ, ପୁଣି ଯୁକ୍ତପ୍ରଦେଶ ଓ ବିହାରର କେତେକ

Digitized by PPRACHIN, SOA

ମାର୍ଜିତ ଲୋକେ। ସେମାନଙ୍କର ବାଧା ଦେବାରେ କିଛି ଯୁକ୍ତି ନାହିଁ। ଖାଲି ପ୍ରାଣର ପ୍ରତିଷ୍ଠିତ ଭାବରେ ଇ ସେମାନେ ବାଧା ଦେଇ ପାରନ୍ତି। ମାତ୍ର ସେମାନଙ୍କ ପ୍ରାଣର ପ୍ରତିଷ୍ଠିତ ଭାବ ସଙ୍ଗେ ଜାତୀୟ ଭାଷାର କୌଣସି ସଂପର୍କ ନାହିଁ।

ଉତ୍ତର ଭାରତର କେତେକ ଅଞ୍ଚଳର ମୁସଲମାନଙ୍କ ଛଡ଼ା ଅନ୍ୟତ୍ର ଗ୍ରାମବାସୀ ମୁସଲମାନ ମଧ୍ୟ ଏଇ ଭାଷା ସଂସ୍କାରଟିକୁ ପସନ୍ଦ କରିବେ-ଯଦି ଏଥିରେ ସାଂପ୍ରଦାୟିକତାର ଭାବ ବୃଥାରେ ପ୍ରତ୍ୟବାୟ ନ ହୁଏ।

ନବ ଭାରତ-୫/୩

ଭାଷାରେ ବ୍ୟାକରଣ

ଭାଷାରେ ବ୍ୟାକରଣ କାହିଁକି ଦରକାର, ସେ କଥା ବୁଝାଇବା ଦରକାର ନାଇ; ତଥାପି ବୁଝାଇବା ମଧ ଦୁର୍ଘଟ । ମୋଟ କଥା ହେଉଚି, ନିଜ ଭାଷାକୁ ଦେଶ ଆଉ କାଳରେ ସ୍ଥାୟୀ କରିବା, ବ୍ୟାକରଣର ଉଦ୍ଦେଶ୍ୟ । ପାଣିନି ସେଥିପାଇଁ ଅନେକ ଗୁଡ଼ିଏ ପ୍ରାଦେଶିକ ପ୍ରାକୃତକୁ ଭାଙ୍ଗିଚୂରି ଏକାକାର କରି ଗୋଟିଏ ନିର୍ଦ୍ଦିଷ୍ଟ ସ୍ୱର- ବିଜ୍ଞାନର ନିତ୍ୟ ନିୟମ କେବଳ ଆବିଷ୍କାର କରିଥିଲେ ନୁହେଁ, କେତେକ ପରିମାଣରେ ଉଦ୍ଭାବନ ମଧ କରିଥିଲେ କୁହାଯାଇପାରେ । ତଥାପି ଏ ସବୁ ଭିତରେ ମାନବ ମୁଖ- ବାକ୍- ଯନ୍ତର ସ୍ୱର ପରିଣାମ- ପଦ୍ଧତି ସେ କଦାପି ଛାଡ଼ି ନାହାନ୍ତି । ତେଣୁ ତାଙ୍କରି ବ୍ୟବହୃତ ଓ ପ୍ରଚାରିତ ଭାଷାକୁ ଧରି ଆଜି ସାର୍ବଜନୀନ ଆର୍ଯ୍ୟ ଭାଷା ଧରାପଡୁ । ସେ ଯାହାହେଉ, ପାଣିନିଙ୍କ ବ୍ୟାକରଣ ନ ଥିଲେ ଆଜି ସେ କାଳ ଲେଖା ବୁଝାଯାଉ ନ ଥାନ୍ତା କିମ୍ୱା ସେ କାଳର ଆଞ୍ଚଳିକ ଆର୍ଯ୍ୟ ଭାଷାମାନଙ୍କର ସମ୍ବନ୍ଧ ମଧ ଧରାପଡୁ ନ ଥାନ୍ତା ।

ତଥାପି ଭାଷାକୁ ବ୍ୟାକରଣରେ ବାନ୍ଧି ରଖିବା ବ୍ୟାକରଣର ଉଦ୍ଦେଶ୍ୟ ନୁହେଁ । ସେଥିରେ ବାଗ୍‌ବିକାଶ ପ୍ରତିହତ ହୁଏତ ଅବରୁଦ୍ଧ ହୁଏ । ଶିକ୍ଷିତର ଭାଷା କୃତ୍ରିମ ହୁଏ । ପ୍ରଚଳିତ ପ୍ରାକୃତରୁ ବ୍ୟାକରଣ ନିବଦ୍ଧ ସଂସ୍କୃତ ଭାଷା ଭିନ୍ନ ହୋଇ କ୍ରମେ ଭାବର ଆଦାନ ପ୍ରଦାନ ତଥା ପ୍ରକାଶ ଓ ବିକାଶରେ ଦୁର୍ବିପାକ ଘଟେ । ବ୍ୟାକରଣ ଭାଷା ପାଇଁ, ଭାଷାରେ ପ୍ରକାଶିତ ଭାବକୁ କାଳରେ ଓ ଦେଶରେ ଜୀବନ୍ତ ଓ ସ୍ଥାୟୀ କରିବା ପାଇଁ; ଭାଷା, ବ୍ୟାକରଣ ପାଇଁ ନୁହେଁ ।

ଓଡ଼ିଆରେ ଯେଉଁ ବ୍ୟାକରଣ ଏବେ ସେ ଦିନ ଯାଏ ଅନ୍ଧପରି ଶିକ୍ଷାବିଭାଗର କର୍ମଚାରୀ ତଥା ଶିକ୍ଷକମାନେ ଆଦର କରୁଥିଲେ ଓ ଚଳାଉଥିଲେ, ସେମାନେ ହୁଏତ ମନେ କରୁଥିଲେ, ସେହି ବ୍ୟାକରଣ ଛାଞ୍ଚରେ ପଡ଼ିବା ପାଇଁ ସତେ ଯେପରି ଓଡ଼ିଆ ଭାଷାଟା ଅଛି । ନିମାଇବଲ୍ଲଭ ବିଦ୍ୟାସାଗରଙ୍କ 'ସର୍ବସାର ବ୍ୟାକରଣ' ତଥା ଶିକ୍ଷା ବିଭାଗରେ ଚଳାଇବା ପାଇଁ ତାକୁଇ ଅଦଳ ବଦଳ କରି ସଂକ୍ଷେପରେ ପ୍ରକାଶ

Digitized by PPRACHIN, SOA

କରାଯାଇଥିବା ରାଧାନାଥଙ୍କ 'ବ୍ୟାକରଣ ପ୍ରବେଶ', ଏବେ ବି ଓଡ଼ିଶାର ସ୍କୁଲ୍ ବାୟୁମଣ୍ଡଳରୁ ଟିକିଏ ହେଲେ ପ୍ରଭାବ ହରାଇ ନାହିଁ । ଅତିଶୀଘ୍ର ଏହାର ପରିବର୍ତ୍ତନ ହେବା ଉଚିତ । ମାତ୍ର ଶଂକାର କଥା, ଏ ପରିବର୍ତ୍ତନକୁ ଧାରଣାରେ ଆଣିବା ଭଳି ଓଡ଼ିଆ ପଣ୍ଡିତ ଓଡ଼ିଶାରେ ବେଶୀ ନାହାନ୍ତି। ପଦସ୍ଥଙ୍କ ଭିତରେ ତାଙ୍କ ସଂଖ୍ୟା ହୁଏତ ଆଙ୍ଗୁଠିରେ ଗଣି ହୋଇଯିବ । ଧର ଯଦି ଆଜି କୁହାଯାଏ, ଓଡ଼ିଆରେ ପୁଲିଙ୍ଗ ଓ ସ୍ତ୍ରୀ ଲିଙ୍ଗ ଦୁଇଟି ଚଳେ । କ୍ଲୀବଲିଙ୍ଗ ନାହିଁ। ଏକଥା କେତେଜଣ ହଠାତ୍ ଧରିନେବେ ? ଅଥଚ, କିଏ ନ ଜାଣେ, କ୍ଲୀବଲିଙ୍ଗର ଭିନ୍ନ ରୂପ ଓଡ଼ିଆରେ ନାହିଁ ? ସେଇପରି 'ମୁଁ କରିପାରେ'। ବାଚ୍ୟାନ୍ତର, 'ମୋ ଦ୍ୱାରା କରି ପାରାଯାଏ' ନ ହୋଇ ଯଦି ହୁଏ 'ମୋ ହାତେ ବା ମୋ ଦେହି କରି ହୁଏ,' ତେବେ କେତେଜଣ ପଣ୍ଡିତ ଶ୍ରଦ୍ଧାଳୁ ହୋଇ ଗ୍ରହଣ କରିବେ ? ଏହିପରି ଅନେକ କଥା ଅଛି ।

ଉଚ୍ଚାରଣରେ ଦେଖ, ଆମେ ଲେଖୁ 'ମୂଷାୟନ୍ତା'; କିନ୍ତୁ କହୁ 'ମୁସାଜନ୍ତା' । ରୁଷିଆର ଲୋକ ଓଡ଼ିଆ ବ୍ୟାକରଣ ଧରି ଓଡ଼ିଆ ପଢ଼ିସାରି କଟକ ବଜାରରେ "ମୂଷାୟନ୍ତା" ମାଗିଲେ ପାଇବ ତ ?

ଏହିପରି ବହୁତ ବିଚାର କରିବାର ଅଛି । ଓଡ଼ିଆ ଭାଷାକୁ ଯଦି କିଛି କାଳପରେ ହିନ୍ଦିରେ ପରିଣତ କରିଦେବା ଭଳି ଜାତୀୟତାର କଳ୍ପନାରେ ଭାସି ନ ଯାଇ ଆମର ସାହିତ୍ୟର ବାହନ ରୂପେ ରଖିବାର ଅଭିଳାଷ ଥାଏ, ତେବେ ଓଡ଼ିଆ ବ୍ୟାକରଣର ଆଲୋଚନା କରି ଲେଖି ପ୍ରକାଶ କରିବା ନିତାନ୍ତ ଦରକାର ।

ନୂଆପ୍ରସ୍ଥ-୨/୧୦, ଆଲୋଚନା

ଓଡ଼ିଆ ବ୍ୟାକରଣରେ କେତୋଟି ସମସ୍ୟା

ପଣ୍ଡିତ ଶ୍ରୀ ନରସିଂହ ମହାପାତ୍ର ଏଇ ଶିରୋନାମାରେ ଓଡ଼ିଆ ବ୍ୟାକରଣ ସମ୍ବନ୍ଧରେ କେତୋଟି ପ୍ରଶ୍ନର ଉଲ୍ଲେଖ କରିଚନ୍ତି । ତାହା ଏଇ ସଂଖ୍ୟାରେ ଅନ୍ୟତ୍ର ପ୍ରକାଶିତ ହୋଇଚି । ପଣ୍ଡିତ ମହାଶୟ କହିଚନ୍ତି, 'ଓଡ଼ିଆରେ ପୂର୍ଣ୍ଣାଙ୍ଗ ବ୍ୟାକରଣ ପ୍ରଣୟନ ବର୍ତ୍ତମାନ ସୁଦ୍ଧା ହୋଇପାରି ନାହିଁ ।' ଆମେ ବାରମ୍ବାର କହିଚୁ, ବର୍ତ୍ତମାନ ବି କହୁଚୁ, ଓଡ଼ିଆ ଭାଷାର ବ୍ୟାକରଣ ଭାବରେ ବ୍ୟାକରଣ ଆଲୋଚନା କରିବାର ବାଟ ଫିଟି ନାଇଁ । କୌଣସି ଭାଷାର ବ୍ୟାକରଣରେ ବୈଜ୍ଞାନିକ ଭାବରେ ସେଇ ଭାଷାର ଆଲୋଚନା ଥାଏ । କୌଣସି ଭାଷାର ବ୍ୟାକରଣ ଲେଖିଲେ, ତାହାର ଯଥାର୍ଥ ପରୀକ୍ଷା ହେଉଚି, ବିଦେଶୀ ସେହି ବ୍ୟାକରଣ ପଢ଼ି ସେହି ଭାଷାକୁ ଆୟତ୍ତ କରିପାରିବ । ଓଡ଼ିଆରେ ତା' ହୋଇ ନାଇଁ। ଉଦାହରଣ ସ୍ୱରୂପ - (୧) ଓଡ଼ିଆ ବ୍ୟାକରଣରେ ବର୍ଣ୍ଣର ଉଚ୍ଚାରଣ ସ୍ୱତନ୍ତ୍ର ଭାବରେ ବିଚାର କରାହୋଇ ନାଇଁ । ପାଣିନିଙ୍କ ଶିକ୍ଷା ନିୟମରେ ତେଣୁ ଓଡ଼ିଆ ବର୍ଣ୍ଣର ଉଚ୍ଚାରଣ

Digitized by PPRACHIN, SOA

ବୁଝିବାକୁ ହେବ । ଆମେ କହୁଚୁ, 'ମୁସାଜନ୍ତା' ଲେଖୁଚୁ 'ମୂଷାଯନ୍ତା (ଯନ୍ତା ?)'। ଜାପାନୀ ଆସି କଟକ ବଜାରରେ ଏଇ ଉଚ୍ଚାରଣରେ ମାଗିଲେ ମୁସାଜନ୍ତା ପାଇବ ତ ?

ଉଚ୍ଚାରଣରେ ବିଶେଷ ବିଭ୍ରାଟ ଥିଲେ, ବା ଲେଖା ଓ ଉଚ୍ଚାରଣ ମଧ୍ୟରେ ବିଶେଷ ଭେଦ ଥିଲେ, ଅଭିଧାନ ବା ଡିକ୍‌ସନାରିରେ ତାହା ଦେଖାଇ ଦେବାର ବିଧି ଇଂରେଜି ଅଭିଧାନମାନ ପ୍ରଚାର କରିଚନ୍ତି । ପୁଣି ଏଇପରି ବ୍ୟାକରଣର ଜଟିଳତାମାନ ସମାଧାନରେ ଦେଖାଇବା ପାଇଁ ଅଭିଧାନ ଏ ଦେଶରେ ମଧ୍ୟ ବହୁକାଳରୁ ପ୍ରଯତ୍ନ କରିଚନ୍ତି । ସଂସ୍କୃତରେ ଶବ୍ଦର ଲିଙ୍ଗ ଠିକ୍ କରିବା ବଡ଼ କଷ୍ଟ । ସେଥିପାଇଁ ଅମରକୋଷାଦି ଅଭିଧାନମାନେ ବରାବର ଶବ୍ଦର ଲିଙ୍ଗ ଚିହ୍ନାଇ ଦେଇଚନ୍ତି । ମାତ୍ର ଏ ଭାବରେ ଓଡ଼ିଆ ଭାଷାର ଅଭିଧାନ ବି ହୋଇ ନାହିଁ । ବରଂ ଏକାନ୍ତ ଆଲୋଚନାବିହୀନ ଭାବରେ 'ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ'କାର ନିର୍ଦ୍ଦେଶ କରିଚନ୍ତି, ବଙ୍ଗଳା ପ୍ରଭୃତି ପରି ଓଡ଼ିଆର ଅକାରାନ୍ତ ବର୍ଣ୍ଣର ହଳନ୍ତ ଉଚ୍ଚାରଣ ନାହିଁ । ମାତ୍ର 'ମୋ ପାଇଁ ବହୁତ୍ ବହୁତ୍ କହିବୁ' । 'ଟଙ୍କାରେ ସାତ୍ ସେର୍ ଚାଉଳ ମିଳୁଚି' । 'ରଥଯାତ୍‌କୁ ଯାଉଚି' । ଘର୍ ଠୁଁ ଆସିଚି' । 'ବହୁତ୍ କଥା' । 'କାମ୍‌କା ଲୋକ' । ଗଣ୍‌ତି, ଭଣ୍‌ତି । ଧାନର ଦର୍ । ଚଉଦ ପୁରୁଷ୍ । ବହଳ୍ ଗଛ । ଛଇତ୍ ମଇତ୍ । ସାର୍ କଥା- ପ୍ରଭୃତିରେ ହଳନ୍ତ କଞ୍ଚା ଓଡ଼ିଆରେ ଯେ ବହୁକାଳରୁ ଚଳିଲାଣି ଓ ନିତି ବଢ଼ିବାରେ ଚାଲିଚି, ଏହାର କୌଣସି ସଙ୍କେତ ନାହିଁ ।

ସନ୍ଧି ନିୟମରେ ବି ଓଡ଼ିଆ ସନ୍ଧିର ବିଚାର କୁତ୍ରାପି ନାହିଁ । 'କହ୍' ଧାତୁ ଆକାରାଦି ପ୍ରତ୍ୟୟରେ ହେଲା- 'କୁହା', ସେଇପରି 'ବହ୍' 'ବୁହା', 'ନଅଁ' 'ନୁଆଁ', କଠାଉ - କଠୋଉ, କାଖାଇ- କାଖେଇ । ପୁଣି ଅମୃତ; ଅମୃତଭଣ୍ଡା; କାମୁଡ୍ - କାମ୍ଭୁଡ୍; ଶିରକମଳ- ଶିରକମ୍ଳ (ସାରଳା ମହାଭାରତରେ ଭୀମପୁତ୍ର ବୀରବଳୀର ଶିରକମ୍ଳ ଦେବା ଦେଖ); "ଆଶ୍ୱାସି କମ୍ଳେ (କୋମଳେ) କହିବ"- ଯମ ପୁରାଣ; 'ଯାମ୍ଳାର୍ଜ୍ଜୁନ' ପ୍ରଭୃତିର ବିଚାର ଆଦୌ ହୋଇ ନାହିଁ । ପୁଣି ଓଡ଼ିଆରେ ବେଶ ହୁଏ, ଭେଶ (ବେହେଶ); ସ୍ନାନ ହୁଏ, ସ୍ନାହାନ, ଚଲ୍ ହୁଏ, ଚହଲ୍; ଯା, କା, ତା, ହୁଏ ଯାହା, କାହା, ତାହା ଇତ୍ୟାଦି । ଅନ୍ୟତ୍ର - ବର୍ତ୍ତମାନ ହୁଏ, ବ୍ରତମାନ; ପୁରୁଷୋତ୍ତମ ହୁଏ, ପୁରସ୍ତମ । ଏ ସବୁର କୌଣସି ବିଚାର କେବେ ହୋଇନାହିଁ । ବରଂ ଅନେକେ ଖାମଖିଆଲିରେ ଏଥିରୁ ଗୋଟାଏ ଅଧେ ଧରି ସଂସ୍କୃତ ନିକଷରେ କଷିଦେଇ ଅଶୁଦ୍ଧ ବୋଲି ଅଳିଆ ଟୋକେଇକି ଫିଙ୍ଗି ଦିଅନ୍ତି ।

ଏପରି ସ୍ଥଳେ ଉପକାରିତା ହେବ, କି ଉପକାରୀତା ହେବ, ଏହା ଖୋଜିବା ମଳାପୁଅର ଷଠି ଘର ପରି ଲାଗୁଚି । ସଂସ୍କୃତରେ ଉପକାରୀ କହିଲା ବେଳେ ଦୀର୍ଘ 'ରୀ' ଓ ଉପକାରିତା କହିଲା ବେଳେ ହ୍ରସ୍ୱ 'ରି' କହୁଥିଲେ । ଓଡ଼ିଆରେ କିନ୍ତୁ ସେ ସବୁର ସ୍ୱତନ୍ତ୍ର ଆଲୋଚନା ଦରକାର ।

Digitized by PPRACHIN, SOA

ବାସ୍ତବିକ୍, ଉଚିତ୍, ବର୍ତ୍ତମାନ୍ ପ୍ରଭୃତି ଉଚ୍ଚାରଣରେ ଠିକ୍ । ମାତ୍ର ସେ ସବୁର ଲିପି ବ୍ୟବହାର ବିଚାର୍ଯ୍ୟ ।

ମୋର ସେଠାକୁ ଯିବା ଉଚିତ୍ ନୁହେଁ । ମୁଁ ସେଠାକୁ ଯିବା ଉଚିତ୍ ନୁହେଁ । ଦୁଇଟି ଯାକ ପ୍ରୟୋଗ ସାଧୁ। ଓଡ଼ିଆରେ ଏହା ଛଡ଼ା ମଧ୍ୟ ସ୍ୱଷ୍ଟ ଭାବରେ ବିକଳ୍ପେ କର୍ତ୍ତାରେ ଷଷ୍ଠୀ ବିଭକ୍ତି ହୁଏ । ଯଥା - ରାମ ମୁଁ ଦିହେଁ ଯିବୁ; ରାମର ମୋର ଦିହେଁ ଯିବୁ ।

'ଘଟଣା' ଓଡ଼ିଆରେ ଶୁଦ୍ଧ । 'ନ' ଠାରେ 'ଣ' ପ୍ରାକୃତରେ ସାଧାରଣ । ଯଥା -

"ଭଙ୍ଗ ହୋଉ ସଅସ୍‌ସଇଅ କଇଣୋ
  ଣନ୍ଦନ୍ତୁ ବାସାଇଣୋ
ଅଣ୍ଣାଣଂ ବି ପଆ ପଅଦ୍ୱଉ ବଆ
  ବାଣୀ ଛଇଲ୍ଲପିଆ
ବଚ୍ଛୋମୀ ତହ ମାଗହୀ ସ୍ଫୁରଉ ଣୋ
  ସାକିଂଚ ପଞ୍ଚାଳିଆ ।"

- କର୍ପୁର ମଞ୍ଜରୀ

କଇଣୋ (କବିନଃ - କବୟଃ); ଣନ୍ଦନ୍ତୁ (ନନ୍ଦନ୍ତୁ); ବାସାଇଣୋ (ବ୍ୟସାଦିନଃ - ବ୍ୟାସାଦୟଃ); ଅଣ୍ଣାଣଂ (ଅନ୍ୟାନ୍ୟଂ); ଣୋ (ନଃ, ଅସ୍ମାକଂ) ।

ଓଡ଼ିଆରେ ସେଇପରି ହଣା (ହନ୍‌ରୁ), ଖଣା (ଖନ୍‌ରୁ), ଜଣା (ଜ୍ଞଆରୁ) ଇତ୍ୟାଦି ।

ଘଟଣ ଶ୍ରୀମୁଖ ସୁନ୍ଦର - କମଳ ଲୋଚନ ।

ସଂସ୍କୃତର 'ଅନ' ଓ 'ଅନା' (ପ୍ରାର୍ଥନା, ସାଧନା ଇତ୍ୟାଦି) ପ୍ରତ୍ୟୟ ଓଡ଼ିଆରେ 'ଣ' ଣି ଓ ଣା ହୁଏ । ଯଥା :- ଜଣାଣ (ଜ୍ଞାପନ), ବଖାଣ (ବ୍ୟାଖ୍ୟାନ), ବଢ଼ାଣ, ବସଣି, ଦେଏଣି, ପାଳଣା, ଗଢ଼ଣ, ଜାଳେଣି, ପାଉଣା, ଅଳକଣା - କଳଣା ଇତ୍ୟାଦି ।

ବୁଦ୍ଧିମାନ୍ ପ୍ରଭୃତିହଲନ୍ତ ବିହୀନ ହେବା ଓଡ଼ିଆ ଲିପିର ଅସୁବିଧାରୁ ହେଉଛି । ଲିପିର ସ୍ୱତନ୍ତ୍ର ବିଚାର ଓ ଶୋଧନ ଲୋଡ଼ା ।

ଓଡ଼ିଆରେ 'କ୍ଲୀବଲିଂଗ' ବୋଲି ବ୍ୟକରଣରେ ରହିବା ଠିକ୍ ନୁହେଁ । ଏହା ଅନ୍ଧ ପରି ସଂସ୍କୃତକୁ ଅନୁକରଣ କରିବାରୁ ହୋଇଛି ।

'କାକୋଇ ଆମ୍ବ' ପ୍ରଭୃତିରେ 'କାକୋଇ' ପ୍ରଭୃତି ସ୍ତ୍ରୀଲିଙ୍ଗ ପଦର ବିଚାର କରି ଓଡ଼ିଆ ବ୍ୟାକରଣ ଲେଖା ହୋଇଥିଲେ, ସେଥିରେ ଥାଆନ୍ତା ।

Digitized by PPRACHIN, SOA

'ଗୁଣର', 'ସୁଧାର' ପଦ ଦିଓଟିରେ ବିଶେଷଣରେ ଷଷ୍ଠୀ ଚିହ୍ନ ଲାଗି ନାଇଁ । ଗୁଣ ଓ ସୁଧା ବିଶେଷଣ ନୁହନ୍ତି । ଏଠାରେ ବିଶେଷ୍ୟରେ ଷଷ୍ଠୀ ଚିହ୍ନ ଲାଗି ବିଶେଷଣ ହୋଇଚି । ଷଷ୍ଠୀ ଚିହ୍ନର ପ୍ରକୃତି ହେଉଚି ବିଶେଷ୍ୟକୁ ସଂବଂଧୀ ପଦର ବିଶେଷଣ କରିଦେବା । ଆମ(ର) ଘର, ରାମ(ର) ଘର, ବାବୁଙ୍କ ଘର, ବଡ଼ ଘର, ସାନ ଘର - ପ୍ରଭୃତି ସର୍ବତ୍ର ପୂର୍ବପଦ ଗୁଡ଼ିକ ଘର ପଦର ବିଶେଷଣ ।

ଓଡ଼ିଆର କାଳ ବିଚାର ପାଇଁ ପ୍ରକାଶିତ ପଣ୍ଡିତ ନୀଳକଣ୍ଠ ଦାସଙ୍କ "ଓଡ଼ିଆ ବ୍ୟାକରଣ" ଦେଖ। ଓଡ଼ିଆର କାଳ ବିଚାର ଅତି ସରଳ ଓ ବିଜ୍ଞାନ ସଂମତ । ଅନଦ୍ୟତନ, ପ୍ରାଗ୍‌ଭବିଷ୍ୟତ୍ ପ୍ରଭୃତି ପରି ଭାଷା କିଏ କିପରି କେବେ ଭର୍ତି କଲା ଠିକ୍ କହି ହେଉ ନାଇଁ । ନିମାଇବଲ୍ଲଭ ବିଦ୍ୟାସାଗର 'ସର୍ବସାର ବ୍ୟାକରଣ'ରେ ଏହା ଆରଂଭ କରିଥିଲେ । ରାଧାନାଥ ରାୟ ଏହାର ମାତ୍ରା ବଢ଼ାଇଚନ୍ତି ବୋଲି ମନେ ହୁଏ । ମାତ୍ର ଓଡ଼ିଆ ବ୍ୟାକରଣ ହିସାବରେ ଦେଖିଲେ, ଏସବୁ ପ୍ରମାଣ କରୁଚି, ଏ ସବୁର ଉଦ୍‌ଭାବକ ପୋଷକମାନେ, ଓଡ଼ିଆର 'କାଳ' କେବେ ଅନୁସଂଧାନ କରି ନାହାନ୍ତି । ବ୍ୟାକରଣରେ ଭାଷା ବିଜ୍ଞାନ ଜଡ଼ିତ ଅଛି । ପୁଣି ବିଜ୍ଞାନ ହେଉଚି, ଶୃଂଖଳିତ ଚିନ୍ତା । 'ନାନା ପ୍ରକାର', 'ଅନେକ ଗୁଡ଼ିଏ' ପ୍ରଭୃତି ଡବଲ୍ ବହୁବଚନ ପ୍ରୟୋଗ ଓଡ଼ିଆରେ ସୁପ୍ରତିଷ୍ଠିତ । ତେଣୁ ତାହା ଅସାଧୁ ହୋଇ ନ ପାରେ । ମାତ୍ର ଏପରି ପ୍ରୟୋଗର ତତ୍ତ୍ୱ ଅନୁସଂଧାନ କରିବାର ଅଛି । କିଛି ବିଚାର ନକରି କହିଲେ କୁହାଯିବ ଏହା ବିଶେଷ ପ୍ରୟୋଗ । 'ଆମ୍ଭେମାନେ', 'ତୁମ୍ଭେମାନେ' ମଧ୍ୟ ଡବଲ ବହୁ ବଚନ । ସଂସ୍କୃତରେ ମଧ୍ୟ 'ମୁଁ' ଅର୍ଥରେ 'ଅହଂ' ନ କହି 'ବୟଂ' କହିବା ବିଧି । ସୂତ୍ର ଅଛି - "ଅବିଶେଷଣସ୍ୟ ଅସ୍ମଦ୍ ଶବ୍ଦସ୍ୟ ବହୁତ୍ୱଂ ।"

ପ୍ରୟୋଜନୀୟ ଅନୁକରଣରେ ଆବଶ୍ୟକୀୟ ଲେଖା ଓଡ଼ିଆରେ ଚଳି ଯାଇଚି । ଏହା ଅପ ସଂସ୍କୃତ ହେଲେହେଁ, ପ୍ରୟୋଗ ବାହୁଲ୍ୟ ହୋଇ ଯାଇ ଥିବାରୁ ଏହାକୁ 'ନିପାତନ'ରେ ଧରିବା ଠିକ୍ ହେବ ।

ବଂଗଳାରେ ବହୁ କାଳରୁ 'ମୁଇଁ' ଲୋପ ପାଇଚି । ଏକ ବଚନରେ ବହୁବଚନାର୍ଥକ 'ଆମି' ଚଳେ । ଓଡ଼ିଆରେ ଏହା ହେବ 'ଆମେ'। 'ତୁଇ' ଓ ଅମାନ୍ୟାର୍ଥକ 'ସେ' ବଙ୍ଗଳାରେ ଏବେ ବି ଲୋପ ପାଇ ନାହିଁ। ସେ ଦୁଇଟିର ପ୍ରୟୋଗରେ ବହୁବଚନ କ୍ରିୟାର ପ୍ରଭେଦ ଅଛି। ମାତ୍ର ଅନ୍ୟାନ୍ୟ ସରଳତା ସଂଗେ ଏକବଚନ ଓ ବହୁବଚନ କ୍ରିୟାର ସମତା ଭାଷାର ପ୍ରଗତିରେ କ୍ରମେ ପ୍ରକାଶ ପାଇବାର କଥା, ତା ଯେ କାରଣରୁ ହେଉ। ଇଂରେଜିରେ ମଧ୍ୟ I ଓ We (ମୁଁ ଓ ଆମେ)ର କ୍ରିୟା ସମାନ ହୋଇଯାଇଚି । Thou (ତୁ) You (ତୁମେ) ହୋଇଯାଇଛି। He (ସେ)ର ମଧ୍ୟ th,eth ବିଭକ୍ତି s,es ହୋଇଚି ଓ କ୍ରମେ ବରାବର ଲୋପ ପାଇବ ।

Digitized by PPRACHIN, SOA

ଡ, ଡ଼; ଢ, ଢ଼ - ର ଉଚ୍ଚାରଣ ଭେଦ ବ୍ୟାକରଣରେ ସ୍ପଷ୍ଟ ନିର୍ଦ୍ଦେଶ କରି ହେବ । ତାହା କଲେ, ବିନ୍ଦୁ ଦେଇ ଚିହ୍ନାଇବା ଦରକାର ନାହିଁ । ଶବ୍ଦର ପ୍ରଥମରେ ଥିବା ଅନୁସ୍ୱାର ଛଡା ଅନ୍ୟ ବର୍ଣ୍ଣରେ ଯୁକ୍ତ ଥିବା 'ଡ' ମୂର୍ଦ୍ଧଣ୍ୟ; ଅନ୍ୟତ୍ର ଟିକିଏ ତାଲବ୍ୟ (ଡ଼) ଉଚ୍ଚାରଣ ପାଏ। ଢ଼ ସଂବଂଧରେ ସେଇୟା ।

ବାହ୍ୟ, ସହ୍ୟ ପ୍ରଭୃତିକୁ 'ବାଜ୍‌ହ୍ୟ', ସଜ୍‌ହ୍ୟ, ପ୍ରଭୃତି ପରି ଉଚ୍ଚାରଣ କରିବା ବଂଗଳାର ଅଯଥା ଅନୁକରଣ । ଓଡ଼ିଆରେ ବ୍ୟଂଜନରେ ଯୁକ୍ତ 'ଯ' (ଜ୍ୟ-ମାତ୍ରା) ସର୍ବତ୍ର 'ୟ' ଉଚ୍ଚାରଣ ପାଏ; 'ଜ' ବା 'ଜ୍ୟ' ହୁଏ ନାହିଁ । ୧ମ, ୨ୟ ପ୍ରଭୃତି ସଂକେତ । ଲିପିରେ ସେ ସବୁ ବିଚାର୍ଯ୍ୟ । ସେଥିରେ ଭାଷା ବା ବ୍ୟାକରଣର କିଛି କ୍ଷତି ନାହିଁ । ବରଂ ଲେଖା ସହଜ ହେବ ।

ପ୍ରଚଳିତ ବ୍ୟାକରଣ ମାନଙ୍କରେ ଓଡ଼ିଆ ଶବ୍ଦର ବିଚାର ନାହିଁ । ଯାହା ବା ଅଛି, ତାହା ଅନାଦରରେ ଅଭିଶପ୍ତ ପରି ପୁସ୍ତକରେ ଲାଗି ରହିଚି ମାତ୍ର । ପିଲାଏ ସ୍କୁଲ ବାହାରେ ସର୍ବତ୍ର ଯେଉଁ ଭାଷା ଶୁଣୁଚନ୍ତି, କହୁଚନ୍ତି, ସ୍କୁଲରେ ତାର ପରିଚୟ ପାଉ ନାହାନ୍ତି । ଶିକ୍ଷା ଏଥିରେ ପ୍ରତିହତ ହେଉଚି । ମାତୃଭାଷାରେ ଶିକ୍ଷା ଦେବାର ଉଦ୍ଦେଶ୍ୟ ହେଉଚି, ଶିକ୍ଷା ମନ୍ଦିରରେ ଶିଶୁକୁ ସର୍ବଦା ସ୍ୱାଭାବିକ ବେଷ୍ଟନୀରେ ରଖି ବଢ଼ାଇବାକୁ ହେବ । ମାତ୍ର ଆମ 'ପୁସ୍ତକ ଓଡ଼ିଆ' ବା ତଥାକଥିତ ଶୁଦ୍ଧ ଓଡ଼ିଆରେ ସେ ବେଷ୍ଟନୀ ମିଳୁ ନାହିଁ । ଏଣେ ପୁଣି ସ୍ୱାଭାବିକତାକୁ ସ୍କୁଲ୍ ଘରେ ପଦେ ପଦେ ବାନ୍ଧି ଦେବାରୁ ବାହାରେ ବିପ୍ଲବର ସୃଷ୍ଟି ହେଉଚି; କୌଣସି ନିୟମ ବା ବୈଜ୍ଞାନିକ ଶୃଙ୍ଖଳା ରହୁନାହିଁ । ଯାହା ମନକୁ ଯାହା ପାଉଚି ସେ ସେପରି କହୁଚି ଓ ଲେଖୁଚି । ପ୍ରଗତିରେ ଏହା ଶୁଭଲକ୍ଷଣ ନୁହେଁ । ସ୍କୁଲ ଓ ବାହାରର ସାମଂଜସ୍ୟ ଛିଣ୍ଡାଇ ଦେଇ ପାଣ୍ଡିତ୍ୟର ଅହଂକାର କରିବା ବିଜ୍ଞତା ନୁହେଁ - ବରଂ ଏ ଯୁଗରେ ରୁଚିହୀନତା।

ଅବଶ୍ୟ ପାଠଶାଳାର ଏ କୃତ୍ରିମତା ଏ ଦେଶରେ ଆଜିର ନୁହେଁ । ଗୁରୁ ଗୃହରେ ବେଦ ପାଠ ବେଳେ ମଧ୍ୟ ଏହା ଥିଲା । ପ୍ରାକୃତଭାଷା ଏ ଦେଶରେ ଘୃଣ୍ୟ ବା ହେୟ ଥିଲା । ସେଥିପାଇଁ ଶିକ୍ଷାର ନାମ ଏ ଦେଶରେ ଲେଖାପଢ଼ା । କେବଳ ଭାଷାଟାଏ ଶିଖିବା ଯେପରି ଜୀବନର ଉଦ୍ଦେଶ୍ୟ ଜୀବନ ସଂଗ୍ରାମର ସ୍ୱଚ୍ଛତାରେ ଏ ଉଦ୍ଦେଶ୍ୟ ଏକ ପ୍ରକାର ଠିକ୍ ଥିଲା । ଇଉରୋପରେ ମଧ୍ୟ ସେଇପରି ପ୍ରାଚୀନ ଲାଟିନ ଭାଷା ସମସ୍ତେ ଶିଖୁଥିଲେ । ଇଂରେଜିରେ ସେଥିପାଇଁ ଲେଖାପଢ଼ା ବୋଇଲେ Three r's (reading, writing, (A) rithmetic) ତିନୋଟି ଆର୍ ବା ପଢ଼ା, ଲେଖା ପୁଣି ହର୍ ଗୁଣ୍, ଫେଡ଼୍, ମିଶା ଶିଖିବା । ଏକାଳରେ ଇଉରୋପରେ ଆଉ ସେକଥା ନାହିଁ । କିନ୍ତୁ ପୁଣ୍ୟ 'ସତୀଦାହ' ଓ ସପ୍ତ ବର୍ଷୀୟା କୁମାରୀଦାନକୁ ଖୁରିଲା ପରି, ଏ ଦେଶରେ ସେଇ ଲେଖା ପଢ଼ା ମାତ୍ର

Digitized by PPRACHIN, SOA

ଶିଖିବା ପାଇଁ ଶିଶୁର ସବୁ ପରିଶ୍ରମ ଲୋଡ଼ା ହେଉଚି । ଜୀବନର ବିକାଶପ୍ରତି ଲକ୍ଷ୍ୟ ନାଇଁ । ଭାଷାକୁ କୃତ୍ରିମ କରି ଶିଖାଇଲେ, ଜୀବନ ବିକାଶକୁ ଦୃଷ୍ଟି ଯିବ ନାଇଁ । ସେଥିପାଇଁ ଜନମୁଖର ଓଡ଼ିଆଭାଷାକୁ ସ୍କୁଲରେ ଶିଖାଇବାକୁ ହେବ । ବ୍ୟାକରଣ ସେଇ ପନ୍ଥା ଧରିବା ଉଚିତ ।

ପଣ୍ଡିତ ମହାଶୟ ଯଥାର୍ଥ ଓଡ଼ିଆ ବ୍ୟାକରଣର ଆଲୋଚନା ଲୋଡ଼ିଚନ୍ତି । ସାଧୁ । ଏପରି ଆଲୋଚନା ପାଇଁ 'ନବଭାରତ' ଉନ୍ମୁକ୍ତ ।

ନବ ଭାରତ-୬/୧୦, ଆଲୋଚନା

ଓଡ଼ିଆ ବର୍ଣ୍ଣ ଓ ଲିପି

ଓଡ଼ିଆ ଭାଷାରେ ବର୍ଣ୍ଣର ଶୁଦ୍ଧାଶୁଦ୍ଧତ୍ୱ ବିଚାର ତଥା ପାରିଭାଷିକ ଶବ୍ଦ ତିଆରି କରି ପ୍ରଚାର କରିବା ପାଇଁ ସରକାର ଗୋଟିଏ କମିଟି ଗଢ଼ିଛନ୍ତି । ପଣ୍ଡିତ ନୀଳକଣ୍ଠ ଦାସ ସେହି କମିଟିର ସଭାପତି। ପଣ୍ଡିତ ଗୋପାଳଚନ୍ଦ୍ର ପ୍ରହରାଜ, ପଣ୍ଡିତ ଗୋଦାବରୀଶ ମିଶ୍ର, ଶ୍ରୀଯୁକ୍ତ ଶ୍ୟାମଚନ୍ଦ୍ର ତ୍ରିପାଠୀ, ଶ୍ରୀଯୁକ୍ତ ପ୍ରାଣକୃଷ୍ଣ ପରିଜା, ଶ୍ରୀଯୁକ୍ତ ଆର୍ତ୍ତବଲ୍ଲଭ ମହାନ୍ତି, ଶ୍ରୀଯୁକ୍ତ ଗିରିଜାଶଙ୍କର ରାୟ, ଶ୍ରୀଯୁକ୍ତ ଗୁରୁଚରଣ ମହାନ୍ତି, ଶ୍ରୀଯୁକ୍ତ ମହେଶଚନ୍ଦ୍ର ପ୍ରଧାନ, ଶ୍ରୀଯୁକ୍ତ ହରିହର ମିଶ୍ର, ମୌଲବି ରହେମତ ଅଲି, ଶ୍ରୀଯୁକ୍ତ ରାମଚନ୍ଦ୍ର ମହାପାତ୍ର ପ୍ରଭୃତି ସାହିତ୍ୟିକମାନେ ଏଥିରେ ମେମ୍ବର ଅଛନ୍ତି । ସବ୍ କମିଟିମାନ କରି ଅନ୍ୟାନ୍ୟ ବଛା ସାହିତ୍ୟିକମାନଙ୍କ ସାହାଯ୍ୟ ମଧ୍ୟ ନିଆଯାଉଛି । ସେମାନେ ଏବେ କେତୋଟି କଥା ନିର୍ଦ୍ଦିଷ୍ଟ ମତ ବୋଲି ପ୍ରାରମ୍ଭିକ ଭାବରେ ପ୍ରକାଶ କରିଛନ୍ତି । ମୋଟାମୋଟି ତାହା ଏହି :-

(୧) ଓଡ଼ିଆରେ ଅର୍ଥାତ୍ ତଦ୍ଭବ ଦେଶୀ ଓ ବିଦେଶୀ ଶବ୍ଦରେ ଗୋଟିଏ ଇକାର ଓ ଗୋଟିଏ ଉକାର ରହିବ । ତାହାର ଉଚ୍ଚାରଣ ହ୍ରସ୍ୱ । ବର୍ତ୍ତମାନ ପାଇଁ ତାହାର ମାତ୍ରା ହ୍ରସ୍ୱ ଇକାର ଓ ହ୍ରସ୍ୱ ଉକାର ହେବ ।

(୨) ହାତୀ, କୁମ୍ଭୀ, ସପ୍ତଫେଣୀ ପ୍ରଭୃତି ଓଡ଼ିଆ ଇନ୍‌ଭାଗାନ୍ତ ଶବ୍ଦ ତଥା ହସ୍ତୀ, ଗୁଣୀ, ଧନୀ ପ୍ରଭୃତି ଇନ୍‌ଭାଗାନ୍ତ ଶବ୍ଦ ମଧ୍ୟ ଦୀର୍ଘ ଈ ମାତ୍ରାରେ ପ୍ରକାଶ କରାଯିବ । ହାତୀକୁ, ଗୁଣୀକୁ, ହାତୀମାନେ, ଗୁଣୀମାନେ, କୁମ୍ଭୀପାଣି, ସପ୍ତଫେଣୀବଣ, ଧନୀମାନୀ ପ୍ରଭୃତି ସକଳ ବିଭକ୍ତ୍ୟନ୍ତ ଓ ସମସ୍ତ ପଦରେ ସେହି ଦୀର୍ଘଈ ମାତ୍ରା ରହିବ। କିନ୍ତୁ ଏଠାରେ କଥା ହେଲା, ଏହାର ଉଚ୍ଚାରଣ ହ୍ରସ୍ୱ ହେଲେ ମଧ୍ୟ ସଂସ୍କୃତ ନିୟମରେ ଏହାର ପ୍ରଥମା ଏକ ବଚନ ଏବେ ଦୀର୍ଘଈରେ ପ୍ରକାଶ କରାଯାଉଛି । ପରେ ଓଡ଼ିଆର ସମସ୍ତ ହ୍ରସ୍ୱଇ ଏହି ଦୀର୍ଘଈ ମାତ୍ରାରେ ପ୍ରକାଶ କଲେ ଲେଖା ଓ ଛପାରେ ସୁବିଧା ହେବ । ମାତ୍ର ଏହା ଲିପି - ସଂସ୍କାରର ଅପେକ୍ଷା ରଖେ ।

Digitized by PPRACHIN, SOA

(୩) ବ୍ୟଞ୍ଜନ ପୂର୍ବରୁ ବର୍ଗର ୫ମ ବର୍ଣ୍ଣ ସର୍ବତ୍ର ଅନୁସ୍ୱାରରେ ପ୍ରକାଶିତ ହେବ; କିନ୍ତୁ ଏଠାରେ ପ, ଫ, ଠ ପ୍ରଭୃତିରେ ଅନୁସ୍ୱାର ଦେବା ଏବେ ଅସୁବିଧାଜନକ । ପଙ୍କ, ଫନ୍ଦା, ଠେଙ୍ଗା ପ୍ରଭୃତିରେ ପ, ଫ ଓ ଠ ପରେ ଅନୁସ୍ୱାର ଦେବା ସୁବିଧାଜନକ ନୁହେଁ । ତେଣୁ ଏହିସବୁ ଅକ୍ଷରର ସୁବିଧାଜନକ ଲିପି ସଂସ୍କାରର ଅଙ୍ଗୀଭୂତ ।

(୪) ତଦ୍ଭବ ଦେଶୀ ଓ ବିଦେଶୀ ଶବ୍ଦରେ ସବୁ ପ୍ରକାର ସକାର କେବଳ 'ସ'ରେ ପ୍ରକାଶିତ ହେବ । ସେହିପରି ଯାହା, ଯେତେ, ଯଥା, ଯମୁନା ପ୍ରଭୃତିର ଯ 'ଜ'ରେ ପ୍ରକାଶିତ ହେବ। କ୍ଷ ଲେଖାଯିବ ଖ୍ୟ । ସେହିପରି ଜ୍ଞ, ଗ୍ୟଁ ।

(୫) ସମସ୍ତ ତତ୍ସମ ବା ସଂସ୍କୃତରୁ ଆସୁଥିବା ଶବ୍ଦ ବର୍ତ୍ତମାନ ପାଇଁ ସକାର ଓ ହ୍ରସ୍ୱଦୀର୍ଘ ସ୍ୱର ସଂପର୍କରେ ଠିକ୍ ସଂସ୍କୃତରେ ଯେପରି ଅଛି ସେହିପରି ଲେଖିବାକୁ ହେବ । ଇତ୍ୟାଦି ।

ଅବଶ୍ୟ ଓଡ଼ିଆରେ ଲିପିର ସଂସ୍କାର ନିତାନ୍ତ ଦରକାର । ଶିଶୁର ଶିକ୍ଷାର ସୁବିଧା ପାଇଁ ଦରକାର, ତଥା ଲେଖକ ଓ ମୁଦ୍ରାକରର ମଧ୍ୟ ଦରକାର । ଓଡ଼ିଆ ଅକ୍ଷରବିକାଶର ଇତିହାସ ଦେଖିଲେ ସ୍ପଷ୍ଟ ଜଣାଯାଏ ଦଶମ ଶତାବ୍ଦୀର କୁଟିଳାକ୍ଷର, ତାଳପତ୍ର ଲେଖା ଯୋଗେ ଆଜିର ଓଡ଼ିଆ ଅକ୍ଷରରେ ପରିଣତ ହୋଇଛି । ଉପରର ସିଧା ଗାର ସବୁ ତାଳପତ୍ରଟି ଫାଟିଯିବା ଭୟରେ ଲୋକେ ଗୋଲ କରି ଲେଖୁ ଲେଖୁ କାଳକ୍ରମେ ବର୍ତ୍ତମାନର ଓଡ଼ିଆ ଅକ୍ଷର ହୋଇଯାଇଛି । ଠିକ୍ କେତେଦିନ ହେଲା ଏହା ହୋଇଛି ତାହା ନିର୍ଦ୍ଦେଶ କରାହୋଇ ନାହିଁ । ମାତ୍ର ଏହା ନିଶ୍ଚିତ ଜଣାପଡ଼ିଛି, ଖ୍ରୀଷ୍ଟ ପଞ୍ଚଦଶ ଶତାବ୍ଦୀ ବେଳକୁ ବର୍ତ୍ତମାନ ପରି ଓଡ଼ିଆ ଅକ୍ଷର ଗୋଲ ହୋଇସାରିଥିଲା । ତେଣୁ ଆଜିର ଓଡ଼ିଆ ଅକ୍ଷର ପଛରେ ଅନ୍ତତଃ ପାଞ୍ଚଶହ ବର୍ଷର ପରମ୍ପରା ଅଛି । ଏହି ପରମ୍ପରା ସଂଗେ ନାନା ଅଭିଜାତ ସଂପର୍କ ଓ ପ୍ରତିଷ୍ଠିତ ଭାବ ଜଡ଼ିତ ରହିଛି । ତେଣୁ ଲିପିର ଆଜି ସଂସ୍କାର କରିବାକୁ ହେଲେ ସାରା ଓଡ଼ିଆଭାଷୀ ମୁଲକର ସାକ୍ଷର ସାଧାରଣ ବୁଝି ମତ ଦେବା ଉଚିତ । ଅନ୍ତତଃ ବିଶେଷଜ୍ଞମାନଙ୍କ ନବଲିପି ଗଠନ କ୍ରିୟାରେ ଲୋକେ ସର୍ବତୋଭାବରେ ପ୍ରଭାବିତ ହେବା ଉଚିତ । କାରଣ, ହଠାତ୍ ଲିପିର ଘୋର ସଂସ୍କାର ଆରମ୍ଭ କରିଦେଲେ ଭାଷାର ପ୍ରକାଶ ରାଜ୍ୟରେ ଏହା ଗୋଟିଏ ଘୋର ବିପ୍ଳବ ସୃଷ୍ଟି କରିବ । ସ୍କୁଲ କଲେଜରେ ଚିପି ଭର୍ତ୍ତିକଲେ ମଧ୍ୟ ତାହା ସହଜରେ ପଶିବ ନାହିଁ – ହୁଏତ ଦୁର୍ଲଂଘ୍ୟ ପ୍ରତିବାଦ ହେବ । ସେଥିପାଇଁ ଏଡ଼େ ବଡ଼ ମୌଳିକ ସଂସ୍କାର କିପରି କାର୍ଯ୍ୟରେ ପରିଣତ ହେବ ତାହାର ପନ୍ଥା ଠିକ୍ କରିବା ଉଚିତ । ବିଶେଷଜ୍ଞମାନେ ଚିଠା ଦେଇ ପାରନ୍ତି କିନ୍ତୁ ସମସ୍ୟାର ସମାଧାନ ତାଙ୍କ ହାତେ ନାହିଁ, ରହିବା ଉଚିତ ନୁହେଁ ।

ପ୍ରାକୃତ ଭାଷାରେ ବହୁ ପ୍ରାଚୀନ କାଳରେ ମଧ୍ୟ କେବଳ ହ୍ରସ୍ୱସ୍ୱର ଓ ଗୋଟିଏ ମାତ୍ର 'ସ'କାର ତଥା ଜ ଓ ଯ ପାଇଁ ଗୋଟିଏ ମାତ୍ର 'ଜ'କାର ସ୍ୱୀକୃତ ହୋଇଥିଲା ।

Digitized by PPRACHIN, SOA

ଓଡ଼ିଆ ପ୍ରାକୃତ ଭାଷା । ତେଣୁ ଓଡ଼ିଆରେ ସେହିପରି ଚଳିବାର ଯୁକ୍ତି ଯଥେଷ୍ଟ । ପ୍ରାକୃତ ଭାଷାରେ ମଧ୍ୟ ଦିନେ ସମସ୍ତ ବୌଦ୍ଧବିନୟ ଓ 'ଅଭିଧର୍ମ' ପ୍ରଚାରିତ ହୋଇଥିଲା । ସେଥିରେ ଆବଶ୍ୟକ ମତେ ପରିଭାଷାର ମଧ୍ୟ ଅଭାବ ନଥିଲା । ଏପରିକି ସଂସ୍କୃତ ଶବ୍ଦ ସବୁ ସଂସ୍କୃତରୁ ଅଣାହୋଇ ପ୍ରାକୃତ ଉଚ୍ଚାରଣରେ ତଦ୍‌ଭବ ପରି ଦେଖାଯାଉଥିଲା । 'ପ୍ରବର୍ତ୍ତତୁ' ନ ଲେଖି ରାଜଶେଖର ଲେଖିଛନ୍ତି 'ପଅଦ୍ଦଉ' । ସରସ୍ୱତୀ ନ ଲେଖି ଲେଖିଛନ୍ତି 'ସଅସ୍‌ସଇ' ଇତ୍ୟାଦି। କିନ୍ତୁ କେବଳ ଛନ୍ଦ ନିୟମରେ ସ୍ୱରର ହ୍ରସ୍ୱଦୀର୍ଘ ଥିଲା । ତା ନରହିବାକୁ ଚାରା ନାହିଁ । ଏବେ ମଧ୍ୟ ଓଡ଼ିଆ ଛାନ୍ଦରେ ତାହା ଅଛି । କିନ୍ତୁ ଓଡ଼ିଆ ଛାନ୍ଦର ପ୍ରକୃତି ସଂସ୍କୃତର ଛନ୍ଦ ନିୟମରୁ ପୃଥକ୍ ଥିବା ହେତୁ ସଂସ୍କୃତର ଦୀର୍ଘ ହ୍ରସ୍ୱ ବିଚାର ଓଡ଼ିଆ ଛାନ୍ଦରେ ନାହିଁ । ଗାୟକର ସ୍ୱରରେ ଦୀର୍ଘହ୍ରସ୍ୱ ରହିଛି । ପ୍ରାକୃତର ଛନ୍ଦ କିନ୍ତୁ ସଂସ୍କୃତ ନିୟମରେ ଥିବାରୁ ସଂସ୍କୃତର ଦୀର୍ଘ ଓ ଗୁରୁ ବର୍ଣ୍ଣସବୁ ପ୍ରାକୃତ ଛନ୍ଦରେ ଅବିକଳ ବ୍ୟବହାର କରାଯାଉଥିଲା । କିନ୍ତୁ ସେତେବେଳେ ଲେଖାରେ ତାହା ହ୍ରସ୍ୱ ଦୀର୍ଘରେ ପ୍ରକାଶ କରାଯାଉଥିଲା କି ନା କହିହେଉନାହିଁ। ପ୍ରାକୃତ ବ୍ୟାକରଣକାର ସେ ସଂପର୍କୀୟ ଲିପି ସଂବଂଧରେ କିଛି କହି ନାହାନ୍ତି । ହେଲେହେଁ ଓଡ଼ିଆ ଛାନ୍ଦରେ ଲିପିର ଦୀର୍ଘ ହ୍ରସ୍ୱ ବିଚାର ଦରକାର ହୋଇନାହିଁ । ଲେଖା ଓ ଛପାରେ ଏବେ ୫୦ । ୬୦ ବର୍ଷ ହେଲା ଯେ ଦୀର୍ଘ ହ୍ରସ୍ୱ ଓ ସକାରାଦିର ବିଚାର ରହିଛି ତାହା କେବଳ ଅନୁକରଣ, ଆହରଣ ନୁହେଁ । ଓଡ଼ିଆ ଭାଷାର ତଦ୍ଦ୍ୱାରା କୌଣସି ଲାଭ ହୋଇନାହିଁ ।

କୂଅ, ନୂଆ ପ୍ରଭୃତି ଆମେ ଦୀର୍ଘଊ କାରରେ ଲେଖିବା ଆରମ୍ଭ କରିଥିଲୁ । ସେଇପରି ଲେଖୁଥିଲୁ ନଈ, ଗାଈ, ଗ୍ରୀଷମ, ପୀରିତି (ପ୍ରୀରତି) ପ୍ରଭୃତି । କିନ୍ତୁ ସଂଗେ ସଂଗେ ଲେଖୁଥିଲୁ - ଖିରିପିଠା, ଚିରାଲୁଗା । ପୁଣି ସ୍ତ୍ରୀ ପ୍ରତ୍ୟୟର ଈର ଅନୁକରଣରେ ଆମେ ଲେଖୁ ବୁଢ଼ୀ, ମାଲୁଣୀ ତଥା ମେଢ଼ୀ, ମଢ଼ୀ, ତୁଣ୍ଡୀ, ଥାଳୀ, କଳିହୁଡୀ ପ୍ରଭୃତି - କିନ୍ତୁ ସଙ୍ଗେ ସଙ୍ଗେ ଲେଖୁ ଢ଼ିଙ୍କି, ବଗୁଲି, ଖଡ଼ି, ବଢ଼ି, ମରୁଡ଼ି ପ୍ରଭୃତି । ସ ସମ୍ବନ୍ଧରେ ମଧ୍ୟ ସେହିପରି ବିଶୃଙ୍ଖଳା । ଏବେ ଲେଖୁଛୁ ଶେଜ, ଶଗଡ଼, ମାତ୍ର ସଉରୀ, ସାମ, ପରସିବା, କସିବା, ଚୂଡ଼ାଘସା ଇତ୍ୟାଦି ।

ଗୀତ, ଶୀତ, ଶୀତଳ ପ୍ରଭୃତିର ଉଚ୍ଚାରଣ ଠାରୁ ଲେଖା ବରାବର ଭିନ୍ନ । କ୍ଷ ଓ ଙ୍କର ଉଚ୍ଚାରଣ ଆଦୌ ନାହିଁ, କିନ୍ତୁ ଏ ସବୁରେ ବନାନ ସମାଧାନ କରିବା ନିତାନ୍ତ ଦରକାର । ତତ୍ସମ ବା ସଂସ୍କୃତ ଶବ୍ଦକୁ ମୁଖର ଉଚ୍ଚାରଣ ପରି ଲେଖିବାକୁ ହେବ । ଏ ସମସ୍ୟା ମଧ୍ୟ ଏଥିରେ ଜଡ଼ିତ ଅଛି । ଶକଟରୁ ହେଲା ସଗଡ଼ । ଏଠାରେ ବ୍ୟଞ୍ଜନ ବର୍ଣ୍ଣର ଉଚ୍ଚାରଣ ଯେପରି ବଦଳିଗଲା ଗିତନାଟ ବା ଅନ୍ଧକୂପ କହିଲା ବେଳେ ସେହିପରି ଗୀତ ବା କୂପର ସ୍ୱର ଉଚ୍ଚାରଣ ବଦଳି ଗଲା । ତେବେ ଶବ୍ଦଟିକୁ ସଗଡ଼ ଲେଖି, ଗୀତକୁ ଗିତ

Digitized by PPRACHIN, SOA

ନ ଲେଖିବା କାରଣ କ'ଣ ? କେହି କହନ୍ତି, ଏପରି ହେଲେ ସଂସ୍କୃତରୁ ସମ୍ବନ୍ଧ ଛିଡ଼ିଯିବ, ନୂତନ ଶବ୍ଦ ତିଆରି କରିବାରେ ଅସୁବିଧା ହେବ । ତେଣୁ ଏସବୁର ସମାଧାନ ନିମନ୍ତେ ବିଶେଷଜ୍ଞମାନେ କେବଳ ନିଜ ମତ ଉପରେ ନିର୍ଭର କରିବା କେତେଦୂର ସଂଗତ ହେବ ତାହା ଭାବିବାର ଅଛି । ସମସ୍ତ ସଂସ୍କାର ପରମ୍ପରା ସଂଗେ ପରିସ୍ଥିତି ବିଚାର କରି ଭବିଷ୍ୟତ ମଙ୍ଗଳ ନିମନ୍ତେ କରିବାକୁ ହେବ । ଏ ବିଚାରରେ ଦେଶର ଲୋକେ ସତର୍କ ଭାବରେ ବିଚାର କରିବା ଉଚିତ । ସେହି ରୀତିରେ କାର୍ଯ୍ୟ ହେଉ ବୋଲି ଆମର ମତ ।

ନବ ଭାରତ-୬/୧, ଆଲୋଚନା

ଲିପିରେ ଅନୁସ୍ୱାର

ବିହାର, ଓଡ଼ିଶା ଶିକ୍ଷା ବିଭାଗର ଡିରେକ୍ଟର୍ ବା କର୍ତ୍ତା ଏବେ ବିଜ୍ଞାପନରେ ଜଣାଇ ଦେଇଛନ୍ତି, ବର୍ଗର ପଞ୍ଚମ ବର୍ଣ୍ଣରେ ଯୁକ୍ତ ବର୍ଣ୍ଣମାନ ବିକଳ୍ପରେ ପୂର୍ବରେ ଅନୁସ୍ୱାର ଦେଇ ଲେଖାଯାଇପାରେ। ସେଥିରେ କେହି ଆଉ ଭୁଲ୍ ହେଲା ବୋଲି କହିପାରିବେ ନାହିଁ। ବର୍ଣ୍ଣଜ୍ଞ, ଶବ୍ଦଭେଦୀ ଓ ଉଚ୍ଚାରଣର ଉଚ୍ଚାବଚ ବିଶ୍ଳେଷକମାନଙ୍କର ମତାମତ ଯାହାହେଉ, ଏହା ଅନ୍ତତଃ ଛାପା ଓ ଶିକ୍ଷା ପାଇଁ ସୁବିଧାଜନକ। ଏଥିରେ ବର୍ଣ୍ଣଭ୍ରାନ୍ତି ନାହିଁ। ସଂସ୍କୃତ ଲିପିର ପରଂପରାରେ ଏହା ପ୍ରତିଷ୍ଠିତ। ଭାରତ ଲିପିରେ ସାର୍ବଜନୀନତା ଆଡ଼କୁ ଏହାର ଆଭିମୁଖ୍ୟ ସ୍ପଷ୍ଟ। ଏ ବିଜ୍ଞାପନ ନିମନ୍ତେ ଶିକ୍ଷା ବିଭାଗର କର୍ତ୍ତାଙ୍କୁ ସାଧୁବାଦ କରୁଅଛୁ। ଯେଉଁ ମନସ୍ୱୀ ସାହିତ୍ୟିକମାନେ ଡିରେକ୍ଟରଙ୍କ ଏହି ମତ ପ୍ରଭାବିତ କରିଅଛନ୍ତି, ସେମାନଙ୍କର ଉଦ୍ୟମ ମଧ୍ୟ ସାଧୁ ଓ ଶ୍ଲାଘ୍ୟ।

ଲିପି ସଭ୍ୟତାର ପ୍ରଗତି ସଙ୍ଗେ ଗତି କରିବାର ହେଲେ କ୍ରମେ ସରଳ, ପ୍ରାଞ୍ଜଳ ଓ ଅଳ୍ପ ହେବା ଆଡ଼କୁ ଯିବାର କଥା। ମହାତ୍ମାଗାନ୍ଧୀ ଓ ଅଧ୍ୟାପକ ସୁନୀତ କୁମାର ଚଟ୍ଟୋପାଧ୍ୟାୟ ପ୍ରମୁଖ ମନୀଷୀମାନେ ଏବେ ଗୋଟିଏ ସଭା କରି ହିନ୍ଦି ଲିପି ସରଳ କରିବାରେ ଲାଗିଛନ୍ତି। ହିନ୍ଦୀ ଜାତୀୟ ଲିପି ବୋଲି କଳ୍ପିତ ହେଲେ ହେଁ ଓଡ଼ିଆ ମଧ୍ୟ ନିଜର ପ୍ରଦେଶାବଚ୍ଛେଦରେ ପ୍ରତିଷ୍ଠିତ। ଓଡ଼ିଆ ଲିପିରେ ମଧ୍ୟ ଏହାଛଡା ଆହୁରି ବହୁ ଦିଗରେ ଯଥା ସଂଶୋଧନର ଅବକାଶ ଅଛି। ଆଶା କରୁ, ଶିକ୍ଷାବିଭାଗ ଅବିଳମ୍ବେ ସେ ସବୁ ପ୍ରତି ପ୍ରଣିଧାନ ଦେବେ।

ନବଭାରତ-୨/୧, ଆଲୋଚନା

କବିତା ଓ ଛନ୍ଦ

କବିତା ସଂଗେ ଛନ୍ଦର ନିତ୍ୟ ସଂବଧ। କବିତା ହେଉଛି ଭାଷାରେ ଭାବର ଶିଳ୍ପ। ଭାଷା ସ୍ୱରରେ ପ୍ରକାଶିତ ହୁଏ। ତେଣୁ କବିତା ସଂଗେ ସ୍ୱରଶିଳ୍ପର ସଂବଂଧ। କିନ୍ତୁ ଏଇ

Digitized by PPRACHIN, SOA

ସଂବଂଧରେ ପ୍ରକାଶିତ ସ୍ୱରଶିକ୍ଷ ଠିକ୍ ନିରୁତା ସ୍ୱରଶିକ୍ଷ ବା ସଂଗୀତ ପରି ନୁହେ। ମାତ୍ର ସଂଗୀତର ମାତ୍ରା ଏଥିରେ ଅଛି।

ସ୍ୱରର ସମ୍ବାୟ ବିଶ୍ଳେଷଣକୁ ଛନ୍ଦ କହନ୍ତି। ଏହି ଛନ୍ଦରେ ଭାବର ସ୍ପଷ୍ଟ ପ୍ରକାଶ ହୁଏ। ଏକା କଥାକୁ ନାନା ସ୍ୱର ସମବାୟରେ ନାନା ଭାବରେ ପ୍ରକାଶ କରାଯାଏ। 'ଏ' ମୋ ଘର ନୁହେ-ଏଥିରେ 'ଏ'ଉପରେ ଜୋର ଦେଇ କହିଲେ ଯାହା ବୁଝା ଯାଏ, ଏ 'ମୋ' ଘର ନୁହେ-ଏଠାରେ 'ମୋ' ଉପରେ ଜୋର ଦେଇ କହିଲେ ତାହା ବୁଝାଯାଏ ନାହିଁ। ଏ ଭାବକୁ ଆଉରି ସ୍ପଷ୍ଟ କରିବା ପାଇଁ ପ୍ରଥମ ଭାବଟିକୁ ପ୍ରକାଶ କରାଯାଇ ପାରେ-ମୋ ଘର 'ଏ' ନୁହେ। କିଂବା ଆଉରି ସ୍ପଷ୍ଟ କରି କୁହାଯାଇ ପାରେ, ମୋ ଘର ନୁହେ 'ଏ'। ଏହି ଦୁଇଟି ବାକ୍ୟରେ 'ଏ' ଉଚ୍ଚାରଣରେ 'ୟେ' ହୋଇଯାଏ। ମାନବ ଭାଷାର ଏହିସବୁ ସହଜ ଛନ୍ଦ ଅତି ଆଦିମ କାଳରୁ କବିତାରେ ପ୍ରକାଶ ପାଇ ଆସିଛି। ଏହା ପୁଣି ଅଜ୍ଞାତ ଭାବରେ ମାନବର ଭାବ ବିକାଶରେ ଫୁଟିଛି। ପ୍ରତ୍ୟେକ ଅଜ୍ଞାତ ବିକାଶର ବିଶ୍ଳେଷଣରେ ଆମେ ବିଜ୍ଞାନ ଦେଖୁ। ସେହି ବିଜ୍ଞାନ ଆଜି କବିତାରେ ଛନ୍ଦର ବିଜ୍ଞାନ।

ଆମେ ଆଜି ଲୋକରେ ଭାବ ଦେବା ପାଇଁ କବିତା ଲେଖୁଁ। ମନେ ରଖିବାର ଅଛି କେବଳ ପଦ୍ୟରେ·ଯେ କବିତା ହୁଏ ତାହା ନୁହେ। ପଦ୍ୟରେ ଛନ୍ଦ ସରଳ ଓ ସ୍ପଷ୍ଟ ଥାଏ ସତ, କିନ୍ତୁ କବିତା ଓ ଛନ୍ଦର ଆଦି ବିକାଶ ଗଦ୍ୟରେ। ପରେ ଏହି ଗଦ୍ୟର କବିତା ଓ ଛନ୍ଦ ଲୋକ ରଞ୍ଜନ ଭାବରେ ଧରିବା ଓ ଧରାଇବା ପାଇଁ ପଦ୍ୟ ଫିଟିଥିଲା। ସେଥିପାଇଁ ଲୋକରେ କବିତାରେ ଭାବ ପ୍ରକାଶ ପ୍ରୟାସ ହେଲେ, ଲୋକ ଭାଷାର ଛନ୍ଦ ପ୍ରତି ଲକ୍ଷ୍ୟ କରିବା ଉଚିତ। ତାହା ନ କଲେ ବିକାଶ ଭ୍ରଷ୍ଟ ହେବ, ଲୋକରେ ଭାଷାର ବିଭ୍ରାଟ ହେବ। ଲୋକଭାଷା ଓ ଲେଖକଭାଷା ଦୁହିଙ୍କ ଭିତରେ ବ୍ୟବଧାନ ଫୁଟିବ। ସାହିତ୍ୟ ସଂଗେ ସମାଜର ପ୍ରଗତି ବିଘଟିତ, ହୁଏତ ବିଧ୍ୱସ୍ତ ହେବ।

ଭାରତର ପ୍ରାକୃତ ସ୍ୱଭାବିକ ଧାରାରେ ଗତି କରି ଆସୁଥିଲା। ସଂସ୍କୃତ ତିଆରି ହୋଇ ଜାତୀୟ ଭାଷା ରୂପେ ସମାଜରେ ପୁରାଇବାର ଉଦ୍ୟମ ହେଲା। ସେଥିରେ ଏଇ ବିଭ୍ରାଟର, ଧକ୍କା ଲାଗିଲା। କଥାର ସ୍ୱାଭାବିକ ଛନ୍ଦରେ କୃତ୍ରିମ ଗୁରୁଲଘୁ ନିୟମର ଚାପ ପଡ଼ିଲା। ବୈଦିକ ଗୀତର ନିସର୍ଗ ସରଳତା କ୍ରମେ ଶ୍ଳୋକର ଛନ୍ଦରେ ଫୁଟିଲା। ଉଦାହରଣ ଦେବାର ପ୍ରୟୋଜନ ନାହିଁ। ଯେଉଁମାନେ ସନ୍ଧିହୀନ ବୈଦିକ ତ୍ରିଷ୍ଟୁପ ପ୍ରଭୃତି ଛନ୍ଦ ପରବର୍ତ୍ତୀ କାଳର ଉପେନ୍ଦ୍ରବଜ୍ରା ପ୍ରଭୃତି ଛନ୍ଦ ସଙ୍ଗେ ମିଳାଇ ଦେଖିବେ ସେମାନେ ଏହା ବୁଝି ପାରିବେ। ବୈଦିକ କଥା ଛନ୍ଦ ଓ ଗଦ୍ୟ କବିତା ମଧ୍ୟ 'କାଦମ୍ବରୀ'ର ବିରାଟ ବିଶାଳ ସମାସନିଷ୍ପନ୍ନ ପଦ ସଙ୍ଗେ ଏହିପରି ତୁଳନା କରାଯାଇ ପାରେ।

Digitized by PPRACHIN, SOA

ସଂସ୍କୃତ ରେ କେବଳ ଗୋଟିଏ ଛନ୍ଦ ଅନୁଷ୍ଟୁପ୍। ବୈଦିକ କଥା ଛନ୍ଦରୁ ଆସି ଏହି ଗୋଟିକ ଛନ୍ଦ ପରବର୍ତ୍ତୀ କାଳର ସଂସ୍କୃତ କୃତ୍ରିମତା ଭିତରେ ଟିକିଏ ନିଜତ୍ୱ ରଖି ପାରିଥିଲା। ସେ ଛନ୍ଦରେ ବିଶେଷ ଧରା ବନ୍ଧା ନିୟମ ନାହିଁ। ଏହା ନାନାଭାବରେ ଲେଖାଯାଏ ଓ ସଂସ୍କୃତ କହିବା ଲୋକ ହେଳାରେ ମଧ୍ୟ ଏହି ଛନ୍ଦରେ ଭାବ ପ୍ରକାଶ କରିଯାଇପାରେ। ସଂସ୍କୃତର କାବ୍ୟ ମହାକାବ୍ୟ ପୁରାଣମାନ ଅଧିକାଂଶ ଏହି ଛନ୍ଦରେ ଲେଖା।

ସେ ଯାହାହେଉ ସଂସ୍କୃତ ଛନ୍ଦରେ କୃତ୍ରିମତା ସ୍ପଷ୍ଟ। ହ୍ରସ୍ୱ ଦୀର୍ଘର ନିୟମ ଧରା। 'କୂଜନ' ଏଠାରେ 'କୂ' ର ଉକୁ ଲମ୍ବ କରି କହିବାକୁହିଁ ହେବ। କିନ୍ତୁ କଥାରେ ଆମେ କହୁ ଚୋଟ କାଟୁନାହିଁ। ଏଠାରେ 'ଚୋ'ର 'ଓ' ହ୍ରସ୍ୱ। ଚାରିଚୋଟ ହାଣି ଦେଲା- ଏଠାରେ 'ଚୋ'ର 'ଓ' ଦୀର୍ଘ। ଧରାବନ୍ଧା ସଂସ୍କୃତ ସ୍ୱର ନିୟମରେ ଏ ପ୍ରଭେଦ ଉଠିଗଲା। ବକ୍ତାର ଇଚ୍ଛା ଅନୁସାରେ ସ୍ୱରକୁ ହ୍ରସ୍ୱ ଦୀର୍ଘ କରି ଛନ୍ଦ ଫୁଟାଇବା ସଂସ୍କୃତରେ ଆଉ ସେତେ ସଂଭବ ହେଲା ନାହିଁ।

ବହୁକାଳରୁ ଲୋକମୁଖରେ ଏହି କୃତ୍ରିମତାର ଅସୁବିଧା ଭାଙ୍ଗି ଯାଉଥିଲା। ହେଲେହେଁ ସଂସ୍କୃତ ଜାତୀୟ ଭାଷା, ତାର ପଦ୍ଧତି ଛାଡ଼ିବାର ଉପାୟ ନ ଥିଲା। ଏ ଦୁଇଟିର ସଂଘର୍ଷରେ ବହୁ ପ୍ରାଚୀନ କାଳରୁ ବାହାରି ପଡ଼ିଥିଲା 'ଯାତି'-ଅର୍ଯା ଆଦି ଯାତି। ଏହା ନାନାବିଧ। ଏଥିରେ କୌଣସି ନିୟମର ସ୍ଥିରତା ନାହିଁ। ତଥାପି ଏହା ଆର୍ଯ୍ୟ, ଅର୍ଥାତ୍ ଆର୍ଯ ଭାଷାଭାଷୀମାନେ ସମ୍ଭବତଃ ବାଧ୍ୟ ହୋଇ ସଂସ୍କୃତ-ଛନ୍ଦମାନଙ୍କ ଭିତରେ ଏହାକୁ ଉଚ୍ଚ ସ୍ଥାନ ଦେଇଥିଲେ। ଶଙ୍କରାଚାର୍ଯଙ୍କ ବେଳକୁ ବିଶେଷତଃ ଦ୍ରାବିଡ଼ଭାଷୀ ଦାକ୍ଷିଣାତ୍ୟମାନେ ଏହି ଯାତିର ପୂର୍ଣ୍ଣବିକାଶ କରାଇ କୃତ୍ରିମ ସଂସ୍କୃତ ଛନ୍ଦରେ ନୂତନ ସ୍ୱାଧୀନତା ଫିଟାଇଥିଲେ। 'ମୂଢ଼ ଜହୀହି ଧନାଗମ ତୃଷ୍ଣା'-ଏଇ ଏଗାରଟି ଅକ୍ଷର ମାତ୍ରାରେ ଯେତିକି, 'କୁରୁତନୁବୁଦ୍ଧେ ମନସି ବିତୃଷ୍ଣା' -ଏଇ ବାରଟି ମଧ୍ୟ ସେତିକି। ଏଥିରେ ଦୀର୍ଘ ନାହିଁ କହିଲେ ଚଳେ। ଯେଉଁ ଦୁଇ ଧାଡ଼ି ଉପରେ ଉଦ୍ଧାର କରାଗଲା, ଉଚ୍ଚାରଣରେ ସେମାନଙ୍କୁ ନିମ୍ନଲିଖିତ ମତେ ଚିହ୍ନାଇ ଦିଆଯାଇପାରେ।

ମୁଉଢ଼ ଜହିଇଦ ଧନାଆଗମ ତ୍ରୁଉଷ୍ଣାଆ
କୁରୁତନୁବୁଦ୍ଧେଏ ମନସି ବିତ୍ରୁଉଷ୍ଣାଆ

ଏ ଦୁଇଟିରେ ୧୬ଟି ଲୋଖାଏଁ ହ୍ରସ୍ୱସ୍ୱର। ପ୍ରତ୍ୟେକ ହ୍ରସ୍ୱସ୍ୱର ଗୋଟିଏ ମାତ୍ରା ବୋଲି ଧରା ହୁଏ। ଦୀର୍ଘ ସ୍ୱରକୁ ଦୁଇଟି ହ୍ରସ୍ୱ କରି ଯୋଡ଼ିଏ ମାତ୍ରା କରାଯାଏ।

ସଂସ୍କୃତର କୃତ୍ରିମ ଛନ୍ଦ ନିୟମ ଏଇପରି ପ୍ରାକୃତିକ ଲୋକମୁଖର ଛନ୍ଦ ନିୟମ ଆଡକୁ ଟଣା ହେଲେ ମଧ୍ୟ 'ଯାତି'ରେ ଛନ୍ଦ ହିସାବରେ ଲୋକମୁଖର ସଂପୂର୍ଣ୍ଣ ପ୍ରାକୃତିକତା ନାହିଁ।

ସ୍ୱର ନିୟମର ଆଉ ଗୋଟିଏ କଥା ପୁଣି ଏଠାରେ ମନେ ରଖିବାର ଅଛି। ମନୁଷ୍ୟର କଥାଛନ୍ଦରେ ଯେଉଁସବୁ ହ୍ରସ୍ୱ ଦୀର୍ଘ ପ୍ରକାଶ ପାଏ ପୃଥିବୀରେ ଅନେକ ଲୋକଙ୍କ ମୁହଁରେ

Digitized by PPRACHIN, SOA

ତାହା ଠିକ୍ ହ୍ରସ୍ୱ ଦୀର୍ଘ ନୁହେ। ହ୍ରସ୍ୱ କହିଲେ ଅଳ୍ପକାଳବ୍ୟାପୀ, ଦୀର୍ଘ କହିଲେ ଲମ୍ବା। ଉପରେ ଯେଉଁ ଚୋଟର ଉଦାହରଣ ଦିଆଗଲା, ସେଥିରେ 'ଚୋ'ର ଦୀର୍ଘ ସ୍ୱରଟି କେବଳ ଦୀର୍ଘ ନୁହେ। ଏହା ଗୁରୁ, ଏହା ପରବ୍ୟଞ୍ଜନରେ ଚିପି ହୋଇ ଓଜନରେ ବଢିଯାଏ। ଓଡିଆରେ ସବୁ ଅନୁଜ୍ଞା, ମଧ୍ୟମ ପୁରୁଷ ଏକବଚନର କ୍ରିୟା ଏଇ ଶ୍ରେଣୀର। ତୁ କର, ତୁ ବସ୍, ତୁ ଉଠ୍- ଏ ସବୁରେ କ, ବ ଓ ଉ କେବଳ ଦୀର୍ଘ ନୁହେ ଏହା ଗୁରୁ ହେବାରୁ ଦୀର୍ଘ ହୋଇଯାଇଛି। ଉତ୍ତର ଓଡିଶାରେ ତଥା ସମ୍ବଲପୁରରେ ଅଧିକାଂଶ ବିଶେଷଣରେ ଉପାନ୍ତ ସ୍ୱରର ଉଚ୍ଚାରଣ ଏହିପରି ହୋଇଯାଏ। ସେ ବହୁତ କଥା କହିଲା, ସେ ଜଣେ ବିଖ୍ୟାତ୍ ଲୋକ ପ୍ରଭୃତିରେ ବହୁତ୍‌ର 'ହୁ' ବିଖ୍ୟାତର 'ଖ୍ୟା' ଏହିପରି ଗୁରୁ।

ହିନ୍ଦିରେ ଏହି ଗୁରୁ ବହୁତ ଅଛି। କିନ୍ତୁ ହିନ୍ଦି ଭାରତରେ ଏକପ୍ରକାର କୃତ୍ରିମ ଭାଷା। ଏହା ପଞ୍ଜାବ, ଯୁକ୍ତପ୍ରଦେଶ ମଧ୍ୟରେ ଥିବା ଅତି ଅଳ୍ପ ସ୍ଥାନ ଛଡା- ଅର୍ଥାତ୍ 'ଖରିବୋଲି' ଭୂମି ଛଡା ଆଉ କୁତ୍ରାପି କଥିତ ଭାଷା ନୁହେ। ତେଣୁ ଏହାର ସ୍ୱାଭାବିକ ବିକାଶ ହୋଇପାରୁନାହିଁ। ଛନ୍ଦ ମଧ ଲୋକଛନ୍ଦ ହୋଇ ନାହିଁ। ହିନ୍ଦି କବିତା ପ୍ରାୟଶଃ ସଂସ୍କୃତ ଛନ୍ଦରେ ଲେଖାହୁଏ। ବଙ୍ଗଳା ପ୍ରଭୃତି ଲୋକଭାଷା। ସେଥିରେ ଏହି ଗୁରୁର ବ୍ୟବହାର ବଡ ବେଶୀ ହୋଇଗଲାଣି। ହସନ୍ତ ବର୍ଣର ପୂର୍ବକୁ ଗୁରୁ କରି ବଙ୍ଗଳାରେ ଏବେ ନାନା ଛନ୍ଦ ଚଳେ। କଥାଛନ୍ଦ ମଧ ଗଦ୍ୟ କବିତାରେ ପ୍ରକାଶ ପାଇଲାଣି।

ଦ୍ରାବିଡ଼ ଭାଷାର ଉଚ୍ଚାରଣ ବଙ୍ଗ ଭାଷା ପ୍ରଭୃତି ପରି ନୁହେ। ଏଥିରେ ସ୍ୱର ଲୋପ ବଡ଼ କମ୍ ହୁଏ। ଅନ୍ତ୍ୟ ସ୍ୱର, ସର୍ବଦା ଲମ୍ବା ହୁଏ। ଓଡ଼ିଆ ପ୍ରାକୃତର ଏହି ଦ୍ରାବିଡ଼ ପ୍ରକୃତି ଛନ୍ଦରେ ସ୍ପଷ୍ଟ। ଓଡ଼ିଆର ଛାନ୍ଦ ସବୁ ଏ କ୍ଷେତ୍ରରେ ଉଦାହରଣ। ସେଥିରେ ଗୁରୁ ବା ଦୀର୍ଘ ବର୍ଣ ନାହିଁ। ଗାୟକର ରୁଚି ଅନୁସାରେ ମାତ୍ରା ଦୀର୍ଘ ଓ ପ୍ଳୁତ ହୁଏ। ହେଲେହେଁ କୌଣସି ମାତ୍ରା ନିୟମ ସ୍ଥିର ନୁହେ। କବିତାକୁ କଥା ଛନ୍ଦରେ ପଢ଼ିଲେ ସବୁ ସ୍ୱର ହ୍ରସ୍ୱ ମାତ୍ରାରେ ପ୍ରକାଶିତ ହୁଏ।

କିନ୍ତୁ ବାସ୍ତବିକ ବିଶେଷରେ ଉତ୍ତର ଓଡିଶାର ଭାଷା ବହୁ ପରିମାଣରେ ଦ୍ରାବିଡ ପ୍ରକୃତି ଛାଡିଛି। ତାହା ଏ ପର୍ଯ୍ୟନ୍ତ ସାହିତ୍ୟରେ ବିଶେଷ ଲକ୍ଷ୍ୟ କରାଯାଇ ନାହିଁ। କିନ୍ତୁ ସାହିତ୍ୟରେ ସେହି ସବୁ ଲୋକମୁଖର ଛନ୍ଦ ପ୍ରକାଶ ନ କଲେ କବିତା ବା ସାହିତ୍ୟ ଲୋକଙ୍କର ହୋଇ ବିକାଶ ପାଇବ ନାହିଁ। ଏ କ୍ଷେତ୍ରରେ ବଙ୍ଗଳାରୁ ନାନା ଅନୁକରଣ ପ୍ରତି ଲକ୍ଷ୍ୟ କରାଯାଇପାରେ। ମାତ୍ର ଦରକାର ନାହିଁ। ସେ ସବୁ ସାହିତ୍ୟରେ ଭ୍ରଷ୍ଟାଚାର। ଲୋକଭାଷା ଓ ତାହାର ଛନ୍ଦ ଅନୁସନ୍ଧାନ ନ କରି ସେହି ପୀଠରେ ଅନୁକରଣକୁ ଆହରଣରେ ପରିଣତ ନ କଲେ ଏଇ ଭ୍ରଷ୍ଟାଚାରରେ ସାହିତ୍ୟ ନଷ୍ଟ ହୁଏ। ହୁଏତ ଅନ୍ୟ ସାହିତ୍ୟ ବହୁକାଳରେ ଫୁଟି ପାରେ, କିନ୍ତୁ ସମାଜ ବିକାଶର ଧାରା ସେଥିରେ ଛିନ୍ନ ହୁଏ, ହୁଏତ ନୂଆହୋଇ ଆଉଥରେ ଗଢ଼ା ହୁଏ। ସେ ଗଢ଼ାରେ ପୁଣି ମୂଳଦୁଆ ନୂଆ। ପରିସ୍ଥିତି ସଙ୍ଗେ

Digitized by PPRACHIN, SOA

ପରଂପରାର ସମ୍ପର୍କ ନ ରହିବାରୁ ସେ ବିକାଶରେ ପୁରୋଦୃଷ୍ଟି ସ୍ପଷ୍ଟ ବା ସଂଗତ ନୁହେ।

ଓଡିଆରେ ଲୋକକଥାରେ ଗୀତ ଅଛି-

ସ୍ୱର୍ଗେ ଲାଗେ ଡାଳ୍
ମଂଚେ ଲାଗେ ଡାଳ୍
ଆମେ ସାତ ଭାଇ ଭଉଣୀ ଥାଉ ଥାଉ
ମା ପୋଛେ ଘୋଡାଶାଳ୍।

ଏଠାରେ ଲୋକ ଛନ୍ଦର ପ୍ରକୃତିରେ ଗୁରୁ ସ୍ୱରର ବ୍ୟବହାର ସ୍ପଷ୍ଟ। ଏହା ସଙ୍ଗେ ତୁଳନା କରାଯାଇପାରେ-

'ଜଡ ଅକ୍ଷର ଭିତରେ ଜଡ଼ିତ ଆଚାର ନିୟମ ଥୋଡ଼ା।

ଏଠାରେ ଅକ୍ଷରର 'ଅ' କୁ ଗୁରୁ କରିବା ସଂସ୍କୃତ ନିୟମରେ ସାଧୁ ହେଲେହେଁ, ଓଡ଼ିଆ ଜଳବାୟୁରେ ତାହାକୁ ବିକାଶ କରାଇ ଏପର୍ଯ୍ୟନ୍ତ ଅଣା ଯାଇନାହିଁ। ତେଣୁ ଏପରି ଲେଖା ଲୋକ ସାହିତ୍ୟ ହେବା ସହଜ ନୁହେ। କେତେକ ଶ୍ରେଣୀର ଶିକ୍ଷିତଙ୍କର ସାହିତ୍ୟ ରୂପେ ଏହା ନୂଆ ଗଢ଼ା ହୋଇ ଉଠୁଛି ବୋଲି ମନେ ହୁଏ।

କେବଳ ଗୁରୁ ସ୍ୱର ନୁହେ, ଦୀର୍ଘ ସ୍ୱର ମଧ ଓଡ଼ିଆ ଲୋକକଥା ଛନ୍ଦରୁ ଅନୁସନ୍ଧାନ କରି ସେହି ପୀଠରେ କବିତାର ଛନ୍ଦ ଫୁଟାଇବା ଦରକାର। ପିଲାଏ ଖେଳ ଗୀତ ବୋଲନ୍ତି:-

ଏକରୁ ତ, ଦେବେଇ ଦୂତ
ତିନି ମିନେଇ , ଚାରି ଚାଉଳ

ଏଠାରେ 'ଏ' ପରେ ଯୋଡିଏ ଅକ୍ଷରର ସ୍ୱର ପ୍ରକାଶ ନ ପାଇଲେ ଛନ୍ଦର ମାତ୍ରା ପୂର୍ଣ୍ଣ ହେବ ନାହିଁ। ଏକ୍ ଯେ ରଜାଟିଏ ଥିଲା-ଏଠାରେ ମଧ୍ୟ 'ଏକ୍'ର 'ଏ' ଗୁରୁ ଓ ଦୀର୍ଘ। ଅଧିକାଂଶ ସ୍ଥଳରେ ବିଶେଷତଃ ସର୍ବନାମରେ ମଧ ଏହିପରି ଲୋପ ହୋଇ ପୂର୍ବସ୍ୱରକୁ ଦୀର୍ଘ କରେ; ଯଥା

ମଝିଆଁ ଭାଇର ଆମ୍ଭିଳି ଦହି
ତା-ଖାଇଗଲା ଓଲେଇ ଗାଈ

ଏହି ଲୋପ ଠିକ୍ ଧରି ନ ପାରି ଗଦ୍ୟରେ କଥା ଛନ୍ଦକୁ ଦ୍ରାବିଡ଼ ଶୈଳୀରେ ଫୁଟାଇବାକୁ ଯାଇ କାଳକ୍ରମେ 'ହ' ବ୍ୟବହାର ଫିଟି ପଡିଛି। ଯଥା:-

'ତା', 'ତାହା' କା'ର, କାହାର

ସାଧାରଣତଃ ଷଷ୍ଠୀ 'ର' ଲୋପ ହୋଇଯାଇଛି। ଯଥା:-

ମୋ ଘର, ରାମ ଘର, ଇତ୍ୟାଦି।

ଓଡିଆ ଛାନ୍ଦ ବିକାଶରେ ଏ ସବୁର ତନ୍ନ ତନ୍ନ ଅନୁସନ୍ଧାନ କରି ସେହି ପୀଠରେ ଲୋକସାହିତ୍ୟର ଛନ୍ଦ ଫୁଟାଇବାକୁ ହେବ।

ନବଭାରତ-୫/୩, ଆଲୋଚନା

Digitized by PPRACHIN, SOA

ଓଡ଼ିଆ କବିତା ତଥା ଛନ୍ଦର ପ୍ରଗତି

ପ୍ରାଚୀନ ଓଡ଼ିଶା କଳାନିପୁଣ ଥିଲା। ପ୍ରାଚୀନ ସ୍ଥାପତ୍ୟ ତାର ନିଦର୍ଶନ। ଓଡ଼ିଆ ମଧ୍ୟ ବଣିକ୍ ଓ ବିଜୟୀ ଥିଲେ। ବ୍ରହ୍ମ ଓ ପୂର୍ବ ଭାରତୀୟ ଦ୍ୱୀପମାନଙ୍କରେ ତାର ଚିହ୍ନ ଏବେ ସୁନ୍ଦର ଅନୁସନ୍ଧାନ କରାଯାଇ ପାରେ। ପୁରୀର ଜଗନ୍ନାଥ ସାର୍ବଜନୀନ ସଂସ୍କୃତି ଓ ସଭ୍ୟତାର ଜୀବନ୍ତ ବିଗ୍ରହ କହିଲେ ଚଳେ। କବିତା କଳାରେ ଉଦ୍‌ଭାବନୀ ଲେଖନୀ ଚଳାଇ ଥିବାର ତାଦୃଶ ନିଦର୍ଶନ ମିଳିନାହିଁ। 'ସାହିତ୍ୟ ଦର୍ପଣ', 'ଏକାବଳୀ', 'ପ୍ରାକୃତ-ସର୍ବସ୍ୱ' ପ୍ରଭୃତି ମୌଳିକ ଗ୍ରନ୍ଥ ନୁହେଁ। ପୁଣି ସେ ସବୁ ବିଶ୍ଳେଷଣ କ୍ରିୟାରେ ସଂଶ୍ଳେଷପ୍ରବଣତା ଓ ସମୂହ ଗଠନ ଚାତୁରୀ ଖୋଜିବାର ଅବକାଶ ନାହିଁ। ସ୍ଥାପତ୍ୟ ବିଦ୍ୟାରେ ସେ ସମୂହ ଗଠନ ଚାତୁରୀ ଓଡ଼ିଆ ପକ୍ଷରେ କେତେଦୂର ମୌଳିକ, ତା ଏବେ ମଧ୍ୟ ପ୍ରମାଣ ହୋଇଚି ବୋଲି ମନେ ହୁଏ ନାହିଁ। ବର୍ତ୍ତମାନର କଟକ ଜିଲ୍ଲାସ୍ଥ ନଳତିଗିରି, ଉଦୟଗିରି ଓ ରତ୍ନଗିରି ଭଗ୍ନସ୍ତୂପ ଖୋଦିତ ହେଲେ, ଏହାର ପ୍ରମାଣ ମିଳିବ ବୋଲି ପ୍ରାତ୍ନତାତ୍ତ୍ୱିକମାନେ ଆଶା କରନ୍ତି। ହେଲେହେଁ, ମଗଧର ଛାଞ୍ଚ ଓଡ଼ିଶାର ପ୍ରଚୀନ ମନ୍ଦିରମାନଙ୍କର ବିକାଶ ପୀଠ ବୋଲି ଏବେ ଅନେକଙ୍କର ମତ। ଏସବୁ ସତ୍ତ୍ୱେ, ଉତ୍କଳ କଳାର ବର୍ଣ୍ଣନାତ୍ମକ ବା ଚିତ୍ରଣବିନ୍ୟାସର ଚାତୁରୀ ଏକ ପ୍ରକାର ଅତୁଳନୀୟ କହିଲେ ଚଳେ।

ସ୍ଥାପତ୍ୟରେ ଯେପରି ଗଠନ ବିକାଶ ଓ ସେଇ ଗଠନର ସୌଷ୍ଠବ ସଂପାଦନରେ ଚିତ୍ରବିନ୍ୟାସ, କବିତାରେ ସେଇପରି ବିଷୟ ବିକାଶ ଓ ବର୍ଣ୍ଣନ ଭଙ୍ଗୀ। ଏଇ ଭଙ୍ଗୀରେ ଉତ୍କଳ କାବ୍ୟ କଳାର ଚିରନ୍ତନ ବଶିଷ୍ଟତା ରହିଚି। କୋଣାର୍କର ବର୍ଣ୍ଣନ କଳାର ଅତି ପରିଣତି ଯେପରି ଉତ୍କଳ ସ୍ଥାପତ୍ୟର ବିଶ୍ୱମାନଦଣ୍ଡ ନୁହେ, ଉପେନ୍ଦ୍ର ଭଞ୍ଜଙ୍କ ବର୍ଣ୍ଣନାର ଅତିବିଶ୍ଳେଷଣ ଚାତୁରୀ ସେଇପରି ଉତ୍କଳ କଳା ଚିହ୍ନିବାର ପ୍ରକୃଷ୍ଟ ଉପାଦାନ ନୁହେ। ଏ ଦେଶର ନବ ଯୁଗର ପ୍ରଥମ କବି ରାଧାନାଥଙ୍କ କବିତା ଇଂରେଜି ତଥା ସେକାଳ ବଙ୍ଗଳା ପ୍ରଭାବ, ଅନୁଭୂତି ଓ ଅନୁବାଦ ପୀଠ ଉପରେ ସେଇ ଉପେନ୍ଦ୍ରଙ୍କର ଅର୍ଦ୍ଧୋନ୍ମେଷ ମାତ୍ର। ଗଙ୍ଗାଧରଙ୍କ କବିତା ଏକ ପ୍ରକାର ରୁଚିମାର୍ଜିତ ଉପେନ୍ଦ୍ରଭଞ୍ଜ କଳାର ପୁନର୍ବିକାଶ। ଏବର ନବୀନ ନବିନାମାନେ ବେଳେବେଳେ ବର୍ଣ୍ଣନାରୁ ସୂଚନାକୁ ଉଠିବାର ଉଦ୍ୟମରେ ବରାବର ଛିନ୍ନବନ୍ଧନ ଓ ବିଶୃଙ୍ଖଳ ହେବାର ଦେଖାଯାଏ। ଉଦାହରଣ ଦେବାର ଅବକାଶ ଏଠାରେ ନାହିଁ। ତଥାପି ଶୃଙ୍ଖଳାର ଶୈଳୀ ସ୍ୱାଧୀନତାକୁ ଯେ ସୁନ୍ଦର କରେ, ଏହାକେହି ଅସ୍ୱୀକାର କରିବେ ନାହିଁ। ଓଡ଼ିଆର ପ୍ରତିଷ୍ଠିତ ଓ ସୁଗଠିତ ପ୍ରାଣ ଭାବ ଓ ଭାଷାରେହିଁ ଏଇ ଶୃଙ୍ଖଳାର ଧାରା ଖୋଳିବାକୁ ହେବ। ସେଥିପାଇଁ ଏ ଯୁଗରେ ସାଧାରଣ କବିକୁ ସର୍ବଦା ସମାଲୋଚନାର ଦିଗ୍‌ଦର୍ଶନ ମଧ୍ୟ ରଖିବାକୁ ହେବ। ବିଶିଷ୍ଟ ମନୀଷାସଂପନ୍ନକବିଙ୍କ କଥା

Digitized by PPRACHIN, SOA

ସ୍ୱତନ୍ତ ହୋଇପାରେ, କିନ୍ତୁ ସେପରି କବି ସାଧାରଣତଃ ଦେଖାଯାନ୍ତି ନାହିଁ। ଓଡ଼ିଶାରେ ଏବେ ଦେଖାଯାଇ ନାହାନ୍ତି।

ଭଷାରେ ଏଇ ବର୍ଣ୍ଣନ ଓ ଚାତୁରୀର ବିକାଶ ଛନ୍ଦରେ ପ୍ରତିଭାତ ହୁଏ। ବୈଦିକ ଓ ଭାଷା ସଂସ୍କୃତର ପୁଷ୍କଳ ଛନ୍ଦୋବିକାଶ 'ଶିକ୍ଷା'ର ସ୍ୱରସଂକେତ ବିଧି ସଙ୍ଗେ ଆଲୋଚନା କରି ଦେଖିଲେ ବିସ୍ମିତ ହେବାକୁ ହୁଏ। ଶିକ୍ଷାର ସଂକେତ ବିଧିରେ ବର୍ଣ୍ଣମାତ୍ରେ ସ୍ୱରର ଗୁରୁତ୍ୱ ନିୟମରେ ବନ୍ଧା ଥିଲେହେଁ, ସ୍ୱର ନିୟମବଦ୍ଧ ଛନ୍ଦ ସଙ୍ଗେ ସ୍ୱାଧୀନ ଗୀତିକାର ବିକାଶ ପାଇଁ ଯେଉଁ ମାତ୍ରାବଦ୍ଧ ଯତି ବାହାରିଥିଲା, ସେଥିରେ ସ୍ୱାଧୀନତା ମଧ୍ୟରେ ଶୃଙ୍ଖଳାହିଁ କାବ୍ୟର ପ୍ରାଣରୂପେ ପ୍ରତିଷ୍ଠିତ ରହିଅଛି।

କିନ୍ତୁ ଓଡ଼ିଆ ବର୍ଣ୍ଣମାଳା ଏକପ୍ରକାର ସଂସ୍କୃତର ଅପଭ୍ରଂଶ ବୋଲି ଧରାଗଲେ ମଧ୍ୟ, ତାହା ସଂସ୍କୃତର ଶିକ୍ଷା ନିୟମରେ ଆବଦ୍ଧ ନୁହେଁ। ସେଥିରେ ପୁଣି ବ୍ୟଞ୍ଜନାନ୍ତ ସ୍ୱରର ବ୍ୟଞ୍ଜନା ସ୍ୱରର ଗୁରୁତ୍ୱ ସଂପାଦନ କରିବାର କଦାଚିତ ଦେଖାଯାଏ। ଐ, ଔ ଦୁଇଟି ମଧ ଗୁରୁମାତ୍ରକ ସ୍ୱର ନ ହୋଇ ଫିଟିଯାଇ 'ଅଇ' 'ଅଉ' ହୋଇଯାଏ। 'ହନୁମାନ୍' ମଧ 'ହନୁମାନ' ପୁଣି 'ହନୁମନ୍ତ' ହୋଇଯାଏ। 'ସାକ୍ଷାତ୍' ନ କହି ଲୋକେ କହନ୍ତି 'ସାକ୍ଷାତ' 'କଣ୍ଟକ'କୁ 'କନ୍‌ଟକ' ନକହି ଲୋକେ ଏପରି କହନ୍ତି ଯେଉଁ ତାହା ତିନୋଟି ମାତ୍ର ମାତ୍ରାରେ ପ୍ରକାଶ ପାଏ। ଅତଏବ ଓଡ଼ିଆରେ ଯୁକ୍ତ ଅଯୁକ୍ତ ସ୍ୱର ବ୍ୟଞ୍ଜନ ସବୁପ୍ରାୟ ଏକମାତ୍ରକ ବର୍ଣ୍ଣ। ବରଂ ଦ୍ୱିମାତ୍ରକ ବର୍ଣ୍ଣ ସବୁ ବେଳେବେଳେ ଫିଟି ଅଲଗା ହୋଇଯାଏ। ଯଥା :- ପରବ, ପୁନିଅ, ସିନିଅ, ଦରବ, ଗରବ, ଖରଚା, ବାକସ, ସିଠାମ, ପାଦେରୀ ଇତ୍ୟାଦି।

ଏ ସବୁ ଓଡ଼ିଆ ଭାଷା ପ୍ରକାଶର ଦ୍ରବିଡ଼ ରୀତି ଓ ପ୍ରକୃତି ବିଶେଷ ଭାବରେ ପ୍ରକାଶ କରୁଛି। ହେଲେହେଁ ଏ ବିଷୟରେ ଆଲୋଚନାର ଏଇଠାରେ ଶେଷ ନୁହେ। ହିମାଳୟର ପାର୍ବତ୍ୟ ଭାଷା ମଧ୍ୟ ଏବେ ଏଇ ରୀତିରେ ପ୍ରକାଶିତ ହେବାର ଜଣାପଡ଼େ। ପୁଣି ସ୍ୱରାନ୍ତ ଶବ୍ଦକୁ ହଳନ୍ତ କରି କହିବା ବଙ୍ଗ ଓ ଉତ୍ତର ପଶ୍ଚିମାଞ୍ଚଳରେ ଦେଖା ଗଲେହେଁ, ଏହା ବୈଦକ ଓ ଭାଷା ସଂସ୍କୃତର ପ୍ରକୃତି ନୁହେ। ପ୍ରଚୀନ ବଙ୍ଗ ଓ ଉତ୍ତର ପଶ୍ଚିମାଞ୍ଚଳର ଭାଷା ମଧ ଏ ପ୍ରକାରରେ ପ୍ରକାଶିତ ହେଉ ନଥିଲା। ତେବେ ସ୍ୱରାନ୍ତ ଶବ୍ଦର ହଳନ୍ତତ୍ୱ ଓ ଭାଷାର ବର୍ଣ୍ଣମାନଙ୍କର ଏକମାତ୍ରକତ୍ୱ ଏକା କଥା ନୁହେ। ଶେଷୋକ୍ତପ୍ରକୃତିଟି ଦ୍ରାବିଡ଼ ବୋଲି ସ୍ପଷ୍ଟ ଜଣାପଡ଼େ।

ଓଡ଼ିଆର ଏଇ ଦ୍ରାବିଡ଼ ପ୍ରକୃତି କିନ୍ତୁ ସଂସ୍କୃତ ପଣ୍ଡିତମାନଙ୍କ ବର୍ଣ୍ଣ ପ୍ରକାଶ ବିଳାସକୁ ତୃପ୍ତିଦେଉ ନଥିବାର ଅନୁମାନ ମଧ ହୁଏ। ସେଥିପାଇଁ ବର୍ଣ୍ଣମାନଙ୍କର ମାତ୍ରା ଭାଷାରେ ପ୍ରକାଶକରି କବିତା ଲେଖିବାର ସେମାନଙ୍କୁ ବେଳେବେଳେ ଦେଖାଯାଏ। ଯଥା :-

Digitized by PPRACHIN, SOA

"ପଣ୍ଡା ପିଣ୍ଡା ତଳଙ୍କୁ ବସିଲେ ମଣ୍ଡପେ ଶାସନୀଏ
ଚାଣ୍ଡେ ଚାଣ୍ଡେ ବସି ବସି ଗଲେ ଚତ୍ୱରେ ପାଢ଼ୀଧାଡ଼ୀ।
ଗଣ୍ଡା ଗଣ୍ଡା ଲଡ୍ଡୁ ଗଡ୍ଡୁସମେ ଖଣ୍ଡପାକେ ସଜାଡ଼ୀ
ଭେଣ୍ଡା ଭେଣ୍ଡା ଦ୍ୱିଜ ପରସିଲେ ପୂର୍ଣ୍ଣ ପତ୍ରେ ଅଜାଡ଼ୀ। "

ମାତ୍ର କୌଣସି ସଂସ୍କୃତ ପଣ୍ଡିତ ମଧ୍ୟ ଓଡ଼ିଆ ଛନ୍ଦରେ କଦାପି ଏପରି ବର୍ଣ୍ଣରେ ମାତ୍ରା ବିକାଶର ଉଦ୍ୟମ କରି ନାହାନ୍ତି। ଏବେ କିନ୍ତୁ ଏ ଦେଶରେ ବଙ୍ଗଳାର ବିଶେଷ ପ୍ରଭାବ ପଡ଼ିବାରୁ କେହି କେହି ଏଇ ପ୍ରକାଶରେ ନୂତନତ୍ୱ ଦେଖି ତା ପ୍ରବର୍ତ୍ତାଇବାର ଉପକ୍ରମ କରନ୍ତି। ଅନୁକରଣ ସର୍ବଦା ଗ୍ରହଣୀୟ ନୁହେ। ମାତ୍ର ଖାଇଜୀର୍ଣ୍ଣ କଲେ ଦିହରେଲାଗେ, ଦିହ ସବଳ, ସୁସ୍ଥ ଓ ପୁଷ୍ଟ ହୁଏ। ତା ନ ହେଲେ ଅଜୀର୍ଣ୍ଣ ଏଉଡ଼ି ଉଠେ। ସେଥିରେ ହୁଏତ ଖାଦ୍ୟର ସ୍ୱାଦ ଗନ୍ଧଥାଏ ଓ ଅଧିକ ଅଜୀର୍ଣ୍ଣ ହୁଏ। ହେଲେ ସେଇ ଏଉଡ଼ି ଅତ୍ୟନ୍ତ ବିସ୍ୱାଦ ଓ ଦୁର୍ଗନ୍ଧଯୁକ୍ତ, ସେଥିରେ ପ୍ରାଣୀର ଅମଙ୍ଗଳ ହୁଏ।

ଏଇ ଅଯଥା ଅନୁକୃତି ରାଧାନାଥ ଓ ତାଙ୍କ ରୀତିର ତାଙ୍କ ସମସାମୟିକ ଲେଖକମାନେ ଆରମ୍ଭ କରିଥିଲେ। ସେତେବେଳେ ବାମଣ୍ଡାର ବିଦ୍ୟୋତ୍ସାହୀ ରାଜା ଶ୍ରୀ ବାସୁଦେବ ସୁଢ଼ଳଦେବଙ୍କ ପଣ୍ଡିତ ସଭାରେ ଅଳଙ୍କାରିକ ଭାଷାରେ ନାମକରଣ ହୋଇଥିଲା 'ପୂର୍ଣ୍ଣମିତ୍ରାକ୍ଷର'। ମନେ ଅଛି ସେକାଳ ସ୍କୁଲ ଇନ୍‌ସପେକ୍‌ଟର ଥାଇ ରାଧାନାଥବାବୁ ସ୍କୁଲ ପରିଦର୍ଶନ ବେଳେ ପଚାରୁଥିଲେ-

ଗୋଟିଏ ଦୁଷ୍ଟମିତ୍ରାକ୍ଷରର ଉଦାହରଣ ଦେଲ ?

ଛାତ୍ର ହୁଏତ କହୁଥିଲା :-

"ବାଟେ ଦେଖି ଅବଧାନ ଡରିଗଲେ ପୁଏ
ଚାଟଶାଳୀ ପାଠ ଛାଟ କାହାକୁ ଯୋଗାଏ"

ପୁଣି ପ୍ରଶ୍ନ ହେଉଥିଲା :-

ଗୋଟିଏ ଅପୂର୍ଣ୍ଣ ମିତ୍ରାକ୍ଷରର ଉଦାହରଣ ଦେଲ ?

ଛାତ୍ର ହୁଏତ କହୁଥିଲା :-

"ଦୁଇଟି ଯାକ ଚୁଙ୍ଗୁଡ଼ି ନେଇଗଲା କାଉ
ପୁଅପାଇଁ ଚୁଙ୍ଗୁଡ଼ି ତ ନମିଳିବ ଆଉ।"

ସ୍କୁଲର ପଣ୍ଡିତେ ବାବୁଙ୍କ ମନର ଗତି ଜାଣି ପିଲାଙ୍କୁ ଏହା ବହୁ ଯତ୍ନରେ ଶିଖାଇ ରଖୁଥିଲେ। 'ପୁଏ' 'ଗାଏ'- ଏଠାରେ 'ଉଏ' ସଙ୍ଗେ 'ଆଏ' ପଡ଼ିଲା। ଏହା ଦୋଷଯୁକ୍ତ ବା ଦୁଷ୍ଟ ମିତ୍ରାକ୍ଷର 'କାଉ' ସଙ୍ଗେ 'ଆଉ' ପକାଇଲେ ହେଲା ଅପୁର୍ଣ୍ଣ ମିତ୍ରାକ୍ଷର, କାହିଁକିନା ଉପରର ଉପଧା 'ଆ' 'କ୍'ରେ ଯୋଡ଼ି ହୋଇଛି; ମାତ୍ର ତଳର ଉପଧା 'ଆ'ଟି କାହାରି ସଙ୍ଗେ ଯୋଡ଼ି ନୋହି ଶୂନ୍ୟରେ ଲମ୍ବିଚି।

Digitized by PPRACHIN, SOA

ବର୍ଣ୍ଣ ଶିକ୍ଷର ଏ ଆଲୋଚନାରେ ବୈଜ୍ଞାନିକ ବିଶେଷତ୍ୱ ଥାଇପାରେ, ମାତ୍ର ଏହା ଓଡ଼ିଆ ନୁହେ। ଏହା ବଙ୍ଗଳା ଗ୍ରାସର ଅତ୍ୟନ୍ତକ ଅଜୀର୍ଣ୍ଣ। ଏଥିରେ ପୁଣି ଇଂରେଜ ଖାଦ୍ୟର ଦୋଷବି କିଂଚିତ୍ ରହିଚି। ବଙ୍ଗଳାରେ ଅଧିକାଂଶ ଶବ୍ଦପ୍ରାୟ ବିଶେଷ୍ୟ ଓ ଅବ୍ୟୟ ମାତ୍ରେ ଉଚ୍ଚାରଣରେ ଶେଷସ୍ୱର ହରାନ୍ତି। ଯଥା:- ବେଶ୍, ଆର୍ ଇତ୍ୟାଦି। ଇଂରାଜିରେ ମଧ୍ୟ ସେଇ କଥା ଆଉରି ବେଶି ପରିମାଣରେ ସତ୍ୟ। କିନ୍ତୁ ଓଡ଼ିଆରେ ତା ନୁହେ।

ମିତ୍ରାକ୍ଷର ଏକ ଶ୍ରେଣିର ପଦ୍ୟ କବିତାର ଏକ ଅତି ଆବଶ୍ୟକୀୟ ବିଧି। ଏହା ଅଳଙ୍କାର ନୁହେ। ଶେଷ ସ୍ୱରଯୁକ୍ତ ବର୍ଣ୍ଣ (ଇଂରେଜରେ Syllable) ଦୁଇଟି ଏଥିରେ ସମାନ ରହିବାର କଥା। ବଙ୍ଗଳାରେ କେଶ୍-ର ସ୍ୱରଯୁକ୍ତ ବର୍ଣ୍ଣ 'ଶ' ନୁହେ। ଏହା 'ଏଶ୍'। ତେଣୁ ଏହା ଦେଶ୍ ବା ବେଶ୍-ର 'ଏଶ୍' ସଙ୍ଗେ ମିଳିଲେ ମିତ୍ରାକ୍ଷର ଠିକ୍ ରହିବ। ଏଇ ହେତୁରୁ ବଙ୍ଗଳାରେ ଉପଧା ବା ଅନ୍ତବର୍ଣ୍ଣର ପୂର୍ବସ୍ୱର ମିଳାଇବା ବିଧିଟି କାଳକ୍ରମେ ବିକାଶ ପାଇଚି। ଇଂରେଜିରେ ମଧ୍ୟ ସେଇ କଥା। ପୁଣି ଇଂରେଜରେ ଶେଷରେ ସ୍ୱର ଥିଲେ ସେଇ ସ୍ୱର ସଙ୍ଗେ ମିଳି ରହିଥିବା ବ୍ୟଞ୍ଜନ ମିଳନ ଦରକାର ହୁଏ ନାହିଁ। ଇଂରେଜରେ କେ- (Key) ସଙ୍ଗେ ଡ଼େ- (Day)ରେ (Ray) ବା ଟ୍ରେ- (Tray) ମିଳିଲେ ପୂର୍ଣ୍ଣ ଓ ଅଦୁଷ୍ଟ ମିତ୍ରାକ୍ଷର ହୁଏ।

ମାତ୍ର ଓଡ଼ିଆ ଭାଷାର ଉଚ୍ଚାରଣରେ କୁତ୍ରାପି ଶେଷରେ ହଳନ୍ତ ଉଚ୍ଚାରଣ ନାହିଁ। ତେବେ ଉପଧାର ମିଳନ ମିତ୍ରକ୍ଷର ପାଇଁ କି ଦରକାର ?

କୌଣସି ଅଳଙ୍କାର ପାଇଁ ତାହା ଲୋଡ଼ା ହୋଇପାରେ। ସେଥିପାଇଁ ଓଡ଼ିଆରେ ସର୍ବଯମକ ପର୍ଯ୍ୟନ୍ତର ବ୍ୟବସ୍ଥା ମଧ୍ୟ ଅଛି। ଯଥା :-

"ଅହି-ମକର ତାପନାଶେ ଶୋଭା ସାରସ ଚକ୍ରେ
ଅହମ-କର ତାପନାଶେ ଶୋଭା ସାରସ ଚକ୍ରେ।"

- ଲାବଣ୍ୟବତୀ

ଅଳଙ୍କାର କଥା ସ୍ୱତନ୍ତ୍ର। ତାହା ସବୁ ପଦ୍ୟରେ ଲୋଡ଼ା ନାହିଁ। ତେବେ ପୂର୍ଣ୍ଣ ମିତ୍ରକ୍ଷର ପାଇଁ ଉପଧୀ ମିଳନର ଲୋଡ଼ା କେଉଁଠାରେ ? ର ସଙ୍ଗେ ର ପଡ଼ିଲେ ଓଡ଼ିଆରେ ହେଲା। ର (ର୍+ଅ) ଓଡ଼ିଆରେ ବ୍ୟଞ୍ଜନ ନୁହେ। ଏହା ସ୍ୱରାନ୍ତ ବ୍ୟଞ୍ଜନ ଇଂରେଜ ରୀତିରେ ମଧ୍ୟ ଓଡ଼ିଆରେ ର (ର୍+ଅ) ସଙ୍ଗେ କ (କ୍+ଅ) ପଡ଼ିଲେ ପୂର୍ଣ୍ଣ ମିତ୍ରାକ୍ଷର ହୁଅନ୍ତା। କାହିଁକି ନା, ଉପଧୀ ହେଉ ବା ଅନ୍ତ୍ୟ ହେଉ ଶେଷ ସ୍ୱରର ମିଳନ ହିଁ ମିତ୍ରାକ୍ଷରର ପ୍ରାଣ। ଦେଶ ସଙ୍ଗେ ହାସ ମିଳାଇଲେ ବଙ୍ଗଳାରେ ଯାହା, ର (ର୍+ଅ) ସଙ୍ଗେ କ (କ୍+ଅ) ମିଳାଇଲେ ଓଡ଼ିଆରେ ତାହାହିଁ। ବହୁକାଳ ପ୍ରଚଳିତ ବିଧିରେ ପଡ଼ି ବଂଗଳାରେ ଯେପରି ହାସ୍ ସଙ୍ଗେ ବେଶ୍ ପକାଇଲେ ଦୁଷ୍ଟ ମିତ୍ରାକ୍ଷର, ଓଡ଼ିଆରେ ସେଇପରି କ ସଙ୍ଗେ

Digitized by PPRACHIN, SOA

ର ପକାଇଲେ ଦୁଷ୍ଟ ହୁଏ। ମାତ୍ର ଓଡ଼ିଆରେ ଉପଧାମିଳନ ରୂପ ଆଉ ଏକ ପ୍ରଚଳିତ ବିଧି ତିଆର କରିବାର କିଛି ଦରକାର ନ ଥିଲା କି ନାହିଁ।

ବଙ୍ଗଳାରେ ଦ୍ରାବିଡ଼ର ପ୍ରଭାବ ଯଥେଷ୍ଟ ଅଛି। ମହିମମୟ ସେନ ରାଜବଂଶ ଦ୍ରାବିଡ଼ ଥିଲେ, ପୁଣି ଓଡ଼ିଶା ପରି ବଙ୍ଗଳାର ଲୋକେ ବହୁଶଃ ଦ୍ରାବିଡ଼ ରକ୍ତ ସଂଭୂତ। ଭାଷାରେ ମଧ୍ୟ ଦ୍ରାବିଡ଼ ଶବ୍ଦର ସଂଖ୍ୟା ଖୁବ୍ ବେଶି। ସେଥିପାଇଁ ଓଡ଼ିଆ ପରି ବଙ୍ଗଳାରେ ସ୍ୱରମାନେ ପ୍ରାୟ ଦ୍ରାବିଡ଼ ରୀତିରେ ଉଚ୍ଚାରିତ ହୁଅନ୍ତି। ମାତ୍ର ଏ ପ୍ରଭାବ ବଙ୍ଗଳାରେ ଓଡ଼ିଆ ପରି ବ୍ୟାପକ ନୁହେ। ବଙ୍ଗଳାରେ ଐ, ଔ ଏବେ ମଧ୍ୟ ଉଚ୍ଚାରଣରେ ଗୁରୁ। ପୁଣି ଶବ୍ଦମାନେ ହଳନ୍ତ ଯୁକ୍ତ ଥିବାରୁ ବର୍ଣ୍ଣର ପୂର୍ବସ୍ୱର ଗୁରୁ ଉଚ୍ଚାରଣ ପାଏ।

'ମନ' କହିଲେ 'ମ'-ର 'ଅ'ଟି ହ୍ରସ୍ୱ। ମାତ୍ର 'ମନ୍' କହିଲେ 'ମ'-ର 'ଅ'-ଟି ଦୀର୍ଘ ହେଲା। ହେଲେହେଁ 'ମନ' ଯେପରି ଦୁଇଟି ମାତ୍ରା, 'ମନ୍' ମଧ୍ୟ ସେଇପରି ଦୁଇଟି ମାତ୍ରା। କିନ୍ତୁ 'ମନ୍'-ର 'ଅ'-ଟି ଏକାବେଳକେ ଦ୍ୱିମାତ୍ରକ। 'ମ୍' ଓ 'ନ୍'ର ବ୍ୟଞ୍ଜନା ସେଇ ଅ - ସଙ୍ଗେ ମିଶିଯାଏ। ସେଇ ଅନୁକ୍ରମେ 'ନନ୍ଦନ୍' କହିଲେ ବଙ୍ଗଳାରେ ନନ୍+ଦନ୍ ହୁଏ। ଏହା ଚାରିମାତ୍ରା। ଅଡ଼ିଆରେ 'ନନ୍ଦନ' ତିନିମାତ୍ରା ନ୍ଦ-ଟିରେ ନ୍-ଦ ମିଶି ତରଳ ହୋଇ ଗୋଟିଏ ମାତ୍ରାରେ ଉଚ୍ଚାରିତ ହୁଏ।

ବଙ୍ଗଳାର ଏଇ ବିଶେଷତ୍ୱଟି ରବୀନ୍ଦ୍ରନାଥ ପ୍ରଥମେ ଭଲ କରି ବାହାର କରି ଦେଖାଇଦେଲେ। ହେଲେହେଁ ଭାରତଚନ୍ଦ୍ର ପ୍ରଭୃତିରେ ମଧ୍ୟ ଏହାର ଆଭାସ ସ୍ପଷ୍ଟ ମିଳେ। ସେଠାରେ ମଧ୍ୟ ଏହା ବୈଜ୍ଞାନିକ ରୀତିରେ କରା ହୋଇଚି। ଏଇ ରୀତିରେ ଐ, ଔ, ହଳନ୍ତ 'ଅ'- ଯୁକ୍ତ ବର୍ଣ୍ଣର ପୂର୍ବ ବା ସେଥିସଙ୍ଗେ ଅନୁସ୍ୱାରଯୁକ୍ତ ଓ ବିସର୍ଗଯୁକ୍ତ ସ୍ୱର ଗୁରୁ, ଆଉ ସବୁ ହ୍ରସ୍ୱ ବା ଏକମାତ୍ରକ।

ରବୀନ୍ଦ୍ରନାଥ ମଧ୍ୟ ଏଇ ରୀତିରେ ସବୁ କବିତା ଲେଖନ୍ତି ନାହିଁ । ପୁଣି ଏଇ ରୀତିର ସୌଷ୍ଠବ ରଖିବାରେ ରବୀନ୍ଦ୍ରନାଥଙ୍କ ପରି ସିଦ୍ଧହସ୍ତ ମନୀଷୀ ବାଟ ଦେଖାଉଚନ୍ତି।

ଓଡ଼ିଆରେ କିନ୍ତୁ ଏଇ ରୀତିର ଅନୁକରଣ ମହାନଦୀ ବଢ଼ିପରି ଚାଲିଚି। ସେଥିରେ ପୁଣି ଲୋକଙ୍କ ଭିତରେ ଏ ଶୈଳୀ ପୂରାଇବାର ଉଦ୍ୟମ ଥିଲାପରି କୌଣସି ପ୍ରମାଣ ମିଳୁ ନାହିଁ। ଖାଲି କବିତା ଲେଖିଦେଇ କେତେଜଣ ବଙ୍ଗଳାପଢ଼ାଙ୍କ ଭିତରେ ବସି ଖୁସି ହୋଇ ପରସ୍ପରର ଶ୍ଳାଘା କରିବାରେ ଓଡ଼ିଆ ଭାଷାର ପ୍ରାଣ ଫୁଟିବ ନାହିଁ। ଅନ୍ୟଠାରୁ ଭଲ ଜିନିଷଟିଏ ଆଣିବାରେ ଆପତ୍ତି ନାହିଁ, ତାହା ପୁଣି ଜାଣିଲେ ମଧ୍ୟ ଖୁବ୍ ଭଲ। ମାତ୍ର ଆଣିବାର ଜିନିଷ ବାଛିବାରେ, ତାକୁ ଚଳାଇବାର ପ୍ରଣାଳୀ ଓ ପଦ୍ଧତିରେ କିଛି ଚିନ୍ତା ଚାଳନା କରିବାର ଅଛି। ପୁଣି ଓଡ଼ିଆରେ ଏଇ ରୀତିରେ ଲିଖିତ ଅଳ୍ପମାତ୍ର କବିତାରେ ଏଇ ରୀତିର ଯଥାର୍ଥ ଆଲୋଚନାତ୍ମକ ଜ୍ଞାନ ଥିବାର ପ୍ରମାଣ ମିଳେ।

Digitized by PPRACHIN, SOA

ଏସବୁକୁ ଉଦାହରଣ ଦେଇ ବୁଝାଇବାର ଏଠାରେ ଅବକାଶ ନାହିଁ। ଏହା ଛଡ଼ା ସ୍ୱରଛନ୍ଦ ବିଷୟରେ ମଧ୍ୟ କହିବାର ଅଛି, ପରେ କୁହାଯିବ। ଏ ମଧ୍ୟରେ କେହି ଏ ବିଷୟରେ ସଂଯତ ଆଲୋଚନା କଲେ ପ୍ରକାଶ କରାଯିବ।

ନବ ଭାରତ-୧/୧୦, ଆଲୋଚନା

ଓଡ଼ିଆ ଛନ୍ଦ ଓ ଉପାନ୍ତ୍ୟ ମିଳନ

ଶ୍ରୀଯୁକ୍ତ ବିନାୟକ ଦାସଙ୍କ 'ଓଡ଼ିଆ ଛନ୍ଦ ଓ ଉପାନ୍ତ୍ୟ ମିଳନ' ନାମକ ଲେଖାଟି ଅନ୍ୟତ୍ର ପ୍ରକାଶ ପାଇଲା। ଆମେ ଗତ ଥର 'ଓଡ଼ିଆ କବିତା ତଥା ଛନ୍ଦର ପ୍ରଗତି' ବିଷୟରେ ଆଲୋଚନାର ଟିକିଏ ସୂଚନା ଦେଇଥିଲୁ। ସେଥିରେ କହିଥିଲୁ 'କେହି ଏ ବିଷୟରେ ସଂଯତ ଆଲୋଚନା କଲେ ପ୍ରକାଶ କରାଯିବ।' ଶ୍ରୀଯୁକ୍ତ ବିନାୟକ ଦାସ ଲେଖିଛନ୍ତି, 'ଛନ୍ଦ ସମ୍ବନ୍ଧେ ସଂଯତ ଲେଖା ପାଇଲେ ପ୍ରକାଶ କରିବି ବୋଲି 'ନବ ଭାରତ'ରେ ଲେଖାଯାଇଛି। ତେଣୁ ଏହି ଲେଖାଟି ପଠାଇଲି।' ତାଙ୍କ ଲେଖାଟି ତେଣୁ ଆମ ଲେଖାର ଆଲୋଚନାତ୍ମକ ଭୂୟୋବିକାଶ ରୂପେ ସେ କଳ୍ପନା କରିଛନ୍ତି। ଅତଏବ ନିମ୍ନଲିଖିତ କେତୋଟି କଥା ଲେଖାଯାଉଚି।

'ଏହା କେହି ସ୍ୱପ୍ନରେ ବି ବିଶ୍ୱାସ କରିବେ ନାହିଁ।' 'ଯେ ଚେଇଁ ଶୋଇଥିବ, ତାକୁ ଉଠାଇବା ଯେପରି ମୁସ୍କିଲ୍, ଯେ ବୁଝି ନ ବୁଝିବାର ଭାଣ (ବାହାନା?) ବା ଅଭିନୟ କରିବ, ତାକୁ ସେପରି ଯୁକ୍ତିତର୍କ ଦେଖାଇ ବୁଝାଇବା ବି ଦୁରୂହ ବ୍ୟାପାର। ଏଇଭଳି କଥା, ସୂଚନା ଓ ବାକ୍ୟମାନ ଗଭୀର, ସଂଯତ ସାହିତ୍ୟ ଆଲୋଚନାର ଅନୁକୂଳ ନୁହେଁ। ଅନୁସଂଧିତ୍ସୁମାନେ ଏ ସବୁରେ ବିଜ୍ଞତର ହୁଅନ୍ତି ନାହିଁ, ତେଣୁ ଏ ସବୁ ବଳରେ ଯେଉଁଠାରେ ଲେଖକ ନିଜ ଲେଖାକୁ ରସାଣିତ ବା ଟାଣୁଆ କରିବାକୁ ବସନ୍ତି, ସେଠାରେ ଚିନ୍ତାଶୀଳ ଅନୁସଂଧିତ୍ସୁମାନେ ଲେଖାକୁ ହେୟ ମନେ କରନ୍ତି। 'ଏହା ନିଃସନ୍ଦେହରେ କୁହାଯାଇପାରେ' ପ୍ରଭୃତି କହିବାରେ ଯୁକ୍ତି ଦୃଢ଼ତର ହୁଏ ନାହିଁ। ଅନ୍ତତଃ ସାହିତ୍ୟ ପତ୍ରର ସଂଯତ ଆଲୋଚନା ସେ ସବୁର ସ୍ଥାନ ନୁହେଁ।

ପ୍ରଥମରୁ ଲେଖକ ସଙ୍ଗୀତ ଓ ଛନ୍ଦର ସୀମା ଠିକ୍ ରଖି ନ ପାରି ଆଲୋଚନାରେ ଅବିମିଶ୍ର ଧାରା ଧରିପାରିନାହାନ୍ତି। ସଙ୍ଗୀତ - ସ୍ୱରଶିଳ୍ପ; ସେଥିରେ ଭାଷାର ଭାବ ଘେନି ବନ୍ଧନ ନ ଥାଏ। ଛନ୍ଦ-କାବ୍ୟ-ଶିଳ୍ପ; ସେଥିରେ ସ୍ୱର ଭାଷାର ଭାବକୁ ଅନୁସରଣ କରେ। ପ୍ରାଚୀନ ଓଡ଼ିଆ ଛନ୍ଦ ପାଇଁ ଗାଇବା ଲୋକ ଦରକାର ହେଲେ ହେଁ, କେବଳ ସଙ୍ଗୀତଜ୍ଞର ଲୋଡ଼ା ନାହିଁ। ଛନ୍ଦର ଗତି ସଙ୍ଗେ ଚିତ୍ରିତ ଭାବର ଧାରା ମିଳାଇ ବୋଲି ଜାଣିବା ସବୁ ଛନ୍ଦରେ ଲୋଡ଼ା - ପ୍ରାଚୀନ, ଆଧୁନିକ, ମିତ୍ରାକ୍ଷର, ଅମିତ୍ରାକ୍ଷର ସର୍ବତ୍ର ଏଇ ନିୟମ ଅନୁସଂଧାନ କରାଯାଇପାରେ। ଭାଷାର ପ୍ରକୃତି ଘେନି ମନୀଷୀମାନେ ଭିନ୍ନ ଭିନ୍ନ ବେଷ୍ଟନୀରେ

Digitized by PPRACHIN, SOA

ବିଭିନ୍ନ ଭାବରେ ତାକୁ ପ୍ରକାଶ କରନ୍ତି। ପରଂପରାରେ ମାନବର ସମୂହ ମନୀଷା ଏ କ୍ଷେତ୍ରରେ ବହୁ ସାହାଯ୍ୟ କରେ। ସେ ଯାହାହେଉ "ଗାଇ-ବଜାଇ ପାରିବା ଲୋକ" ଓଡ଼ିଆ ପ୍ରାଚୀନ ଛନ୍ଦ ପାଇଁ ଲୋଡ଼ା ନାହିଁ। ଉଦାହରଣ ସ୍ୱରୂପ ଦେଖାଯାଇପାରେ:-

"ମଦନାମା ମଦନାମା (ମତେ) କିଏ ଡାକୁଚି ?"
ବେମାରିଆ ପୁଅ ମୋର ଘରେ ପଡ଼ିଚି।
ବୋହୁକୁ ଷୋଳ ସତର
ବଇଦ ଡାକକୁ ମୁଁ ତ କାନ ପାଡ଼ିଚି
ମଦନାମା ମଦନାମା (ମତେ) କିଏ ଡାକୁଚି ?"

ଓଡ଼ିଆ ଯାତ୍ରାର ଏଇ ଛନ୍ଦ ଗାନଟି ସଙ୍ଗୀତର ସ୍ୱରଲୟଠାରୁ କଥାବୃତ୍ତ ପର୍ଯ୍ୟନ୍ତ ସବୁଥିରେ ସୁନ୍ଦର ପ୍ରକାଶ କରାଯାଇପାରେ। ଏଇ ରୀତିରେ ଛନ୍ଦତତ୍ତ୍ୱ ଆଲୋଚନା କରି ନୂତନ ଓ ନବାଗତ ଛନ୍ଦମାନ ଚଳାଇବା ଉଚିତ। ସ୍ୱର୍ଗତ ଶ୍ୟାମସୁନ୍ଦର ରାଜଗୁରୁ ଏଇ ରୀତିର ବୈଜ୍ଞାନିକ ଆଲୋଚନା ଆରମ୍ଭ କରିଥିଲେ।

ଭାଷାର ପ୍ରକୃତି ଉପରେ ପୁଷ୍କଳ ଛନ୍ଦ ବିଭବ ଫୁଟାଇବାରେ ଓଡିଆର ବିଶେଷତ୍ୱ ଭାରତର ଦେଶୀଭାଷାମାନଙ୍କ ଭିତରେ ଅନନ୍ୟସାଧାରଣ। ଓଡ଼ିଆ ସଭ୍ୟତା ମଧ୍ୟ ଭାରତରେ ଅନନ୍ୟସାଧାରଣ। ତାହାର ସ୍ପଷ୍ଟ ନିଦର୍ଶନ ଜଗନ୍ନାଥ। ସେଇପରି ଓଡ଼ିଆର କାବ୍ୟକଳା ପ୍ରକାଶ କରିବାରେ ଛନ୍ଦ। ଓଡ଼ିଆରେ କାବ୍ୟର ନାମ ଛାନ୍ଦ, ଯଥା "ସେ ଛାନ୍ଦ ପଢୁଛି"- ସର୍ଗର ନାମ ଛାନ୍ଦ, ଯଥା :- ଲାବଣ୍ୟବତୀରୁ ତିନି ଛାନ୍ଦ ପଢ଼ିଚି। ମଧୁବାବୁ ଲେଖିଥିଲେ 'ଛନ୍ଦମାଳା', ଅର୍ଥାତ୍ କବିତା ସମୂହ। ଭାରତର ଅନ୍ୟ କୌଣସି ଦେଶୀଭାଷାରେ ଏ ବିଭବନାଇ। ଏଥିରେ ସ୍ୱରଶିଳ୍ପ ଯେ ଭାବ ବିକାଶରେ ସାହାଯ୍ୟ ନ କରେ ତା ନୁହେ। ମାତ୍ର ଛାନ୍ଦର ଛନ୍ଦ ଓ ସ୍ୱରଶିଳ୍ପମୟ ସଙ୍ଗୀତ ଏକ ବସ୍ତୁ ନୁହେ। ଛାନ୍ଦ କିଂତୁ ଦରକାର ହେଲେ ସଙ୍ଗୀତ ପରି ବୋଲାଯାଇପାରେ। ଅନ୍ୟାନ୍ୟ ଅନେକ କବିତା - ଏପରି କି କଥାଛାନ୍ଦ ମଧ୍ୟ ସେପରି ବୋଲାଯାଇପାରେ। ସାହିତ୍ୟପୂର୍ଣ୍ଣ ସଙ୍ଗୀତ ରଚନା ମଧ୍ୟ ବିରଳ ନୁହେ। ବରଂ ଅଧିକାଂଶ ସଙ୍ଗୀତ ଲେଖକଙ୍କର ଏହା ହିଁ ଆଦର୍ଶ।

ଓଡ଼ିଆ ଛନ୍ଦ ବା ଛାନ୍ଦରେ "କୋଷ, ଅଭିଧାନ ବା ବ୍ୟାକରଣ ଅଥବା ଅନ୍ୟ ପକ୍ଷରେ ସ୍ୱରଲୟ ବା ତାଳ ସମନ୍ୱୟ" ଦରକାର ନାହିଁ। 'ଜୀବନ ଚିନ୍ତା', 'ନିଶୀଥ ଚିନ୍ତା' ପରି ଦିଓଟି ଗୋଟିଏ ପଦ୍ୟ ଛାଡି ଦେଲେ ମଧୁବାବୁଙ୍କର ସବୁ ପଦ୍ୟ ଓଡିଆ ଛାନ୍ଦର ଛନ୍ଦରେ ଲେଖା। ରାଧାନାଥ ଓଡ଼ିଆ ଛାନ୍ଦର ଛନ୍ଦ ଛଡା ଅନ୍ୟ ଛନ୍ଦରେ କଦାପି ଲେଖି ନାହାନ୍ତି।

'ଯାହାକୁ ରଖିବେ ଅନନ୍ତ
ତାକୁ କି କରେ ବଳବନ୍ତ"

Digitized by PPRACHIN, SOA

ଏ ନବାକ୍ଷରୀ ଭାଗବତ ବୃତ୍ତରେ କୌଣସି ଗୁରୁ ଲଘୁ ଉଚ୍ଚାରଣ କଳ୍ପନା ନାହିଁ। ଏଠାରେ ଅନନ୍ତ ତିନିମାତ୍ରା ଓ ବଳବନ୍ତ ଚାରିମାତ୍ରା। ରାଧାନାଥଙ୍କ ଲେଖାରେ କୁତ୍ରାପି ଏଇ ଓଡ଼ିଆମାତ୍ରା ଶୈଳୀର ବ୍ୟତିକ୍ରମ ନାହିଁ। ତେବେ ଯମକ ଅନୁପ୍ରାସାଦି ନିମନ୍ତେ ବେଳେବେଳେ ଓଡ଼ିଆରେ ବର୍ଣ୍ଣ ବ୍ୟବହାରରେ ସୁନ୍ଦର କ୍ରମ ଓ ସାମଞ୍ଜସ୍ୟ ଥାଏ। ସେଥିରେ ଉଚ୍ଚାରଣର ପରିମାଣ ଘେନି ବର୍ଣ୍ଣବିନ୍ୟାସର କ୍ରମରେ ଛନ୍ଦଗତିର ନିୟମ ନାହିଁ। ସେଥିରେ ଯାହା ନାହିଁ ତାହା ସେଥିରୁ ଅର୍ଥ କରି ଟାଣିବା ଠିକ୍ ନୁହେ। 'ଭାରତ ବନ୍ଦନା' ଗୀତ ଗୋବିନ୍ଦ- ପ୍ରସିଦ୍ଧ ଭୈରବୀ ନାମକ ସଂଗୀତ ବୃତ୍ତ। ଏହା ମାତ୍ରା ମିତା- ଜାତି। 'ମୋହ ମୁଦ୍‌ଗରାଦି'ରେ ଏଇ 'ଜାତି' କିପରି ଚାରୁ ସଙ୍ଗୀତମୟ ଛନ୍ଦରେ ଗତି କରେ ତାହା ଦେଖିସାରି, 'ଭାରତ ବନ୍ଦନା'ର 'ସ୍ତୂପ ବିଚିତ୍ରେ' ଓ 'କୀର୍ତ୍ତି ପବିତ୍ରେ' ଉଦ୍ଧାର କରିବାରେ ବିଶେଷତା କିଛି ନାଇ। ଲେଖକ ଯେଉଁବାଟେ ଏସବୁ ଆଲୋଚନା କରୁଛନ୍ତି, ସେବାଟେ ତହିଁରେ ପ୍ରବେଶ ନୁହେ।

ଉପଧାସ୍ୱର ମିଳନ ବରାବର ଅସଂଗତ ଏହା କେହି କହୁ ନାହିଁ। ଆମେମାନେ କହିଥିଲୁ "ଓଡ଼ିଆ ଭାଷାର ଉଚ୍ଚାରଣରେ କୁତ୍ରାପି ଶେଷରେ 'ହଳନ୍ତ' ଉଚ୍ଚାରଣ ପାଇଁ। ତେବେ ଉପଧାର ମିଳନ ମିତ୍ରାକ୍ଷର ପାଇ କି ଦରକାର ? କୌଣସି ଅଳଂକାର ପାଇଁ ତାହା ଲୋଡ଼ା ହୋଇପାରେ। xxx ଅଳଂକାର କଥା ସ୍ୱତନ୍ତ୍ର। ସବୁ ପଦ୍ୟରେ ତାହା ଲୋଡ଼ା ନାହିଁ।

ପୁଣି ଆମେ କହିଛୁ, "ଅନୁକରଣ ସର୍ବଦା ଗର୍ହଣୀୟ ନୁହେ।" ମାତ୍ର ଅନୁକରଣରେ ଅନୁକୃତ ବସ୍ତୁଟିକୁ ନିଜର କରି ନ ପାରିଲେ ଅନୁକରଣ ବିଡମ୍ବନା ହୁଏ। ରବୀନ୍ଦ୍ରଙ୍କୁ ଅନୁକରଣ କରିବାରେ ଆପତ୍ତି ନାହିଁ। ରବୀନ୍ଦ୍ର ପ୍ରତିଭାର ଜ୍ୟୋତି ଓଡ଼ିଆରେ କିଂଚିତ୍ ମାତ୍ର ପ୍ରତିଫଳିତ ହୋଇପାରିଲେ ଓଡ଼ିଶାର ପ୍ରଭୂତ ଉପକାର ହେବ। ମାତ୍ର ଯେଉଁମାନେ ସେ ପ୍ରତିଭାର ଜ୍ୟୋତି ଓଡ଼ିଆକୁ ଆଣିବାରେ ନିଜକୁ ମାଧ୍ୟମ (Medium) ବୋଲି ବିଚାରନ୍ତି, ସେମାନଙ୍କ ଏ ଦାୟିତ୍ୱ ଯଥାଯଥ ରୂପେ ବୁଝି କାର୍ଯ୍ୟରେ ହାତ ଦେବା ଉଚିତ।

ରବୀନ୍ଦ୍ରନାଥଙ୍କ ଛନ୍ଦଚାତୁରୀ ଓ କାବ୍ୟକଳାରେ ଇୟୁରୋପୀୟ ରୀତିରୁ ଯଥାଯଥ ଆହରଣ ଥାଇପାରେ, କିନ୍ତୁ ତାହା ସର୍ବଥା ସର୍ବତୋଭାବରେ ବଙ୍ଗଳା ଭିତ୍ତି ଉପରେ ପ୍ରତିଷ୍ଠିତ। ଆହରଣ ଯେଉଁଠାରେ ଦେଖାପଡ଼େ ସେଠାରେ ସଂସ୍କୃତ ଓ ପ୍ରାକୃତର ଛାପ ସେଥିରେ ସ୍ପଷ୍ଟ। ସଂସ୍କୃତର ବୃତ୍ତ, ଜାତି ପ୍ରଭୃତିରୁ ରବୀନ୍ଦ୍ରଙ୍କର ସମସ୍ତ ଛନ୍ଦଚାତୁରୀ- ଏପରିକି କଥାଛନ୍ଦର ବିଶିଷ୍ଟ ଶୈଳୀ ବାହାରିଚି, କିନ୍ତୁ ଛାଞ୍ଚଟି ସବୁବେଳେ ବଙ୍ଗଳା। ଯେ କୈଶୋରରେ 'ଭାନୁସିଂହର ପଦାବଳୀ' ଭିତରେ ନିଜର ବିକାଶୋନ୍ମୁଖ ବିରାଟ ବ୍ୟକ୍ତିତ୍ୱ ପର୍ଯ୍ୟନ୍ତ ଲୁଚାଇ ପାରିଥିଲେ, ତାଙ୍କ କବିତା ଓ ଲେଖାରେ ଇୟୁରୋପୀୟ ଶୈଳୀର ବନ୍ଧ ବାରିବା ସାଧାରଣ

Digitized by PPRACHIN, SOA

ସମାଲୋଚକର ଶକ୍ତିର ବହିର୍ଭୂତ। ସେ ଯହିଁରୁ ଯାହା ନିଅନ୍ତୁ, ବଂଗାଳୀ ରବୀନ୍ଦ୍ର ସବୁ ଉତ୍ତମରୂପେ ଚୋବାଇ ଖାଇ ଜୀର୍ଣ୍ଣ କରିପାରିଚନ୍ତି, ସେଥିରେ ଅଜୀର୍ଣ୍ଣ ଏଉଡ଼ି ନାହିଁ।

ଓଡ଼ିଆର ଛନ୍ଦଚାତୁରୀ ଭାରତ ଭାଷାମାନଙ୍କ ମଧ୍ୟରେ ଅନନ୍ୟସାଧାରଣ ବୋଲି କୁହାଯାଇଛି। ଏତେ ପୁଷ୍କଳ ମୌଳିକ ଛନ୍ଦ ବିଭବ ମଧ୍ୟରେ ସେକାଳ ଓଡ଼ିଆ ଆହରଣ ପାଇଁ ସବୁବେଳେ ଉତ୍କଣ୍ଠ ଥିଲେ। ନିଜର ମତୁଆରୀ ଛନ୍ଦକୁ ସେମାନେ ନାମ ଦେଇଥିଲେ ବଙ୍ଗଳାଶ୍ରୀ; ୧୪ ଅକ୍ଷରୀ ମଙ୍ଗଳ ରାଗର 'ପୟାର' ଛଡା ବଂଗଳାରେ ଏହି ବିଂଶାକ୍ଷରୀ 'ତ୍ରିପଦୀ' ବଂଗଳାର ବିଶେଷତ୍ୱ। ଏହି ତ୍ରିପଦୀ ବଡ଼ ସୁନ୍ଦର। ତେଣୁ ଓଡ଼ିଆ ଏହାର ନାମ ଦେଲେ ବଙ୍ଗଳାଶ୍ରୀ ବା ବଙ୍ଗ ଛନ୍ଦର ଲକ୍ଷ୍ମୀ। ଏହି ବଙ୍ଗଳାଶ୍ରୀ ଛନ୍ଦଟିର ବିକାଶ କରି ଓଡ଼ିଆ ଅନେକ ଛନ୍ଦ ରଚନା କରିଛନ୍ତି। ପ୍ରାୟ କୋଡ଼ିଏଟି ଛନ୍ଦ ଏହି ବଙ୍ଗଳାଶ୍ରୀରୁ ବାହାରିଥିବାର ଆମ୍ଭେମାନେ ଗଣନା କରିପାରିଅଛୁ। ଏହି ଛନ୍ଦ ଏବଂ ଏହାର ଶାଖାମାନେ ମଧ୍ୟ ସର୍ବଦା କଥା ଛନ୍ଦଠାରୁ ସଙ୍ଗୀତର ସ୍ୱରଲୟ ପର୍ଯ୍ୟନ୍ତ ସବୁଥିରେ ପ୍ରକାଶିତ ହୋଇପାରନ୍ତି। ଶ୍ରୀଯୁକ୍ତ ବିନାୟକ ଦାସ ଯେଉଁ ନବ ଛନ୍ଦଟି ଉଦାହରଣରେ ଦେଖାଇଛନ୍ତି, ତାହା ମଧ୍ୟ ଏହି ବଙ୍ଗଳାଶ୍ରୀର ରୂପାନ୍ତର। ବୈଦେହୀଶ ବିଳାସରେ ଛନ୍ଦସ୍ୱର ଘେନି ଏହି ରୂପାନ୍ତରଟିର ନାମ ଲଳିତକାମୋଦୀ। ଏହିସବୁ ଭାବରେ ଆଲୋଚନା କରି ଦେଖିଲେ ନୂତନ କଥାଛନ୍ଦରେ ମଧ୍ୟ ଓଡ଼ିଆ ପଲ୍ଲୀବାସୀର ପ୍ରାଣ ଆକର୍ଷଣ କରାଯାଇପାରେ। ତାହା ହେଉନାହିଁ। ଏହାହିଁ ଆକ୍ଷେପ।

ଗୁରୁ ଲଘୁ ଓଡ଼ିଆ ସ୍ୱର ଯନ୍ତର ବର୍ଣ୍ଣ ଉଚ୍ଚାରଣରେ ନାହିଁ। ସେଥିରେ ତତ୍ସମ ମଧ୍ୟ ଉଚ୍ଚାରଣରେ ତଦ୍ଭବ ହୋଇଯାଏ ! 'ଖଣ୍ଡଗିରି ଗୁମ୍ଫା ଦେଖୁଛି' ଏଠାରେ ଖଣ୍‌+ଡଗିରି ଗୁମ୍‌+ଫା ଦେଖୁଛି ଏପରି କେହି ତତ୍ସମ ମାତ୍ରାମିତ ଉଚ୍ଚାରଣ କରନ୍ତି ନାହିଁ। ତାହା କିପରି କରିବେ କବି ଲେଖିବା ପୂର୍ବରୁ ସେ କଥାର ଯଥାଯଥ ବିଚାର କରି ଲୋକଭାଷାରେ ଅନୁପ୍ରାଣିତ ରହିବା ଦରକାର। ଇଂରେଜୀରେ ଯାହାକୁ ସିଲେବଲ୍ (Syllable) କହନ୍ତି, ସଂସ୍କୃତ ବା ତଦ୍ଭବ ଭାଷାରେ ତାହା ଏକସ୍ୱରଯୁକ୍ତ, ବର୍ଣ୍ଣ ଯଥା :- ଅ, ର, ବାନ୍। (Quantity) ବା ଉଚ୍ଚାରଣ ପରିମାଣ ଇଂରାଜୀରେ (Accent) ସଂସ୍କୃତରେ ବର୍ଣ୍ଣର ଗୁରୁତ୍ୱରେ ପ୍ରକାଶିତ ହୁଏ। ଓଡ଼ିଆରେ ତାହା ନାହିଁ। ତେବେ କଥା କବିତାରେ ସର୍ବତ୍ର ଗୁରୁତ୍ୱ ପ୍ରକାଶ ପାଏ। ଓଡ଼ିଆରେ ତାହାର କିନ୍ତୁ ମାନ ସ୍ୱତନ୍ତ୍ର। ନିମ୍ନରେ ବଂଗଳାଶ୍ରୀର ଏକ ରୂପାନ୍ତର କଥା କବିତାରୁ ଦିଆଗଲା।

ଟୁ-କୁ ମୁସି, ଟୁକେଇ ମୁସି
ତୁ-ଥା ମୁଁ, ଯାଉଚି ରୁସି।
ଧାନ ଭରଣକ ଖାଉଥା ବସି।

Digitized by PPRACHIN, SOA

ଏସବୁ ଛନ୍ଦରେ ଉଚ୍ଚାରଣର ପରିମାଣ ସ୍ପଷ୍ଟ। ଏହିସବୁ ବକ୍ତାର ଆଶୟସଂବଳିତ ବର୍ଣ୍ଣ ପରିମାଣକୁ ଧରି ଓଡ଼ିଆର ଗୁରୁଲଘୁ ନିୟମ ସଂସ୍କୃତ ବଙ୍ଗଳା ପ୍ରଭୃତି ଭାଷାର ସାମଞ୍ଜସ୍ୟରେ ଫୁଟାଇ ପାରିବାର ମନୀଷା, ପାଣ୍ଡିତ୍ୟ ଓ ଅଧ୍ୟବସାୟ ଦରକାର। ଓଡ଼ିଆ କବିତା, ଓଡ଼ିଆ ଲୋକଙ୍କ ପାଇଁ ଲେଖିବାକୁ ହେବ। ଏକଥା ସବୁବେଳେ ମନେ ରଖିବା ଉଚିତ। 'ଭାନୁସିଂହର ପଦାବଳୀ'ରେ ପ୍ରଥମ ପଦକ୍ଷେପପୂର୍ବକ ଯେଉଁ ବିଶ୍ୱ ମନୀଷୀ ନୂତନ ଛନ୍ଦ ସୋପାନରେ ଆରୋହଣ କରି ଆଜି ବଙ୍ଗଭାଷା ଓ ସାହିତ୍ୟକୁ ଜୀବନ୍ତ କରିଅଛନ୍ତି, ତାଙ୍କର ଜୀବନ ବ୍ୟାପୀ ମହାପାଣ୍ଡିତ୍ୟ ଓ ସାଧନାର ସିଦ୍ଧିକୁ ଆଜି ଅନ୍ୟଭାଷୀ ଲୋକେ ହଠାତ୍ ଚିନ୍ତା ଓ ଗଣନାହୀନ ଭାବରେ ଅନୁକରଣ କରି ବସିବାହିଁ ଦୂଷଣୀୟ - ଯଥାର୍ଥ ଓ ଯଥାଯଥ ଅନୁକୃତି ଦୂଷଣୀୟ ନୁହେ।

ନବ ଭାରତ-୧/୧୧, ଆଲୋଚନା

ସାଧୁଭାଷା ଓ ସାହିତ୍ୟ

ସାଧୁଭାଷାରେ ଭ୍ରାନ୍ତି -

ପୂର୍ବେ ଓଡ଼ିଶାରେ ସାଧୁଭାଷା ବୋଇଲେ ହୁଏତ ବୁଝୁଥିଲେ ସଂସ୍କୃତ ଭାଷା । ଠିକ୍ ସେପରି ବୁଝନ୍ତୁ ବା ନ ବୁଝନ୍ତୁ ସଂସ୍କୃତ ଶବ୍ଦକୁ ସାଧୁ ଶବ୍ଦ ବୋଲି ଯେ ବୁଝୁଥିଲେ ଏଥିରେ ସନ୍ଦେହ ନାହିଁ । ପ୍ରାୟ ୩୦ ବର୍ଷ ତଳେ ଓଡ଼ିଆ ପିଲାଙ୍କୁ ସ୍କୁଲରେ ସାଧୁଶବ୍ଦ ବୋଇଲେ ଶିଖାଇ ଦିଆଯାଉଥିଲା ଓଡ଼ିଆ ଶବ୍ଦର ସଂସ୍କୃତ ସଂସ୍କରଣ; ଯଥା - ଶଗଡ଼ର ସାଧୁଶବ୍ଦ ଶକଟ, ପାଣିର ପାନୀୟ, ହାତର ହସ୍ତ, ଘରର ଗୃହ ଇତ୍ୟାଦି। ଭାଷାରେ ମଧ୍ୟ ସେହିପରି "ସେ ସନ୍ତୋଷ ହେଲେ" ଏହାର ସାଧୁ ସଂସ୍କରଣ କୁହାଯାଉଥିଲା - "ସେ ସନ୍ତୁଷ୍ଟ ହେଲେ", "ତୁ ପାଣି ହୋନା" ଏହାର ସାଧୁ ଭାଷା - "ତୁ ପାଣିଲିପ୍ତ ହୋନା"। ଇତ୍ୟାଦି । ଭୁଲ୍‌ରେ ମଧ୍ୟ କେହି ସଂସ୍କୃତ ନ ଜାଣିଥିବା ପଣ୍ଡିତ ଶିଖାଉଥିଲେ ପାହାଚର ସାଧୁଶବ୍ଦ ପାବଛ, ଛଇଳର ଛବିଳ ଇତ୍ୟାଦି । ପୁଣି "ରାମ ରାବଣର ବିରୁଦ୍ଧରେ ଯୁଦ୍ଧଯାତ୍ରା କଲେ" ଏହାକୁ ସାଧୁ କରି ଶିଖାଉଥିଲେ "ରାମ ରାବଣର ବିରୋଧରେ ଯୁଦ୍ଧଯାତ୍ରା କଲେ।" ସେସବୁ ଯାହାହେଉ, ଆଦର୍ଶ ଥିଲା, ସଂସ୍କୃତ ଶବ୍ଦ ଓ ବ୍ୟାକରଣ। ସେ ପରଂପରା ଏବେ ମଧ୍ୟ ବନ୍ଦ ହୋଇନାହିଁ । ଏପର୍ଯ୍ୟନ୍ତ ଓଡ଼ିଆ ପଣ୍ଡିତମାନେ ମଧ୍ୟ ଓଡ଼ିଆ ବ୍ୟାକରଣ ଓ ଶବ୍ଦତତ୍ତ୍ୱ ଅନୁସନ୍ଧାନ କରିବା ଆଡ଼କୁ ବିଶେଷ ଢ଼ଳି ନାହାନ୍ତି । ସେଥିପାଇଁ ଓଡ଼ିଆ ଭାଷା ଓ ବ୍ୟାକରଣର ବୈଜ୍ଞାନିକ ଆଲୋଚନା ଫିଟି ନାହିଁ । ପ୍ରାୟ ୫୦ ବର୍ଷ ପୂର୍ବେ ସ୍ୱର୍ଗତ ନିମାଇ ବଲ୍ଲଭ ବିଦ୍ୟାସାଗର ସଂସ୍କୃତ ସାରସ୍ୱତ ବ୍ୟାକରଣର ଅନୁକରଣରେ "ସର୍ବସାର ବ୍ୟାକରଣ" ବୋଲି ଖଣ୍ଡିଏ ଓଡ଼ିଆ ବ୍ୟାକରଣ ଲେଖିଥିଲେ । ତାହା ସେତେବେଳେ

Digitized by PPRACHIN, SOA

ଓଡ଼ିଆ ସ୍କୁଲମାନଙ୍କରେ ବହୁବର୍ଷ ଧରି ପାଠ୍ୟ ହୋଇଥିଲା । ଏବେ ରାଧାନାଥଙ୍କ ଠାରୁ ଆରମ୍ଭ କରି ଏବ୍ଧର୍ ବହୁ ଓଡ଼ିଆ ବ୍ୟାକରଣ - ଲେଖକ ପର୍ଯ୍ୟନ୍ତ ସେଇ ଦଉଡ଼ି ଧରି ଗଛ ଚଢ଼ିବାରେ ଲାଗିଛନ୍ତି । ଏବେ ମଧ୍ୟ ଓଡ଼ିଆ ବ୍ୟାକରଣରେ ସୁଲୋଚନୀ, ଯୌବନୀ, ଚାରୁନେତ୍ରୀ, ଚନ୍ଦ୍ରବଦନୀ, ନୃପନନ୍ଦନା, ବିଧର୍ମୀ, ଜଗବନ୍ଧୁ, ମନବୋଧ, ଏକତ୍ରିତ ପ୍ରଭୃତି ଭୁଲ୍ ବୋଲି କୁହାଯାଉଛି ଓ ଶିକ୍ଷା ଦିଆଯାଉଛି । ଭାଷାରେ ମଧ୍ୟ ପିଲାଙ୍କୁ ବାଚ୍ୟାନ୍ତର ଶିଖାଇଲା ବେଳେ କୁହାଯାଉଛି "ମୁଁ କହିପାରେ" ଏହି କର୍ତ୍ତୃବାଚ୍ୟକୁ କର୍ମବାଚ୍ୟ କଲେ "ମୋଦ୍ୱାରା କହି ପାରାଯାଏ ।" "ମଧୁ ଚନ୍ଦ୍ରକୁ ଦେଖୁଛି" ଏହାର କର୍ମବାଚ୍ୟ "ମଧୁଦ୍ୱାରା ଚନ୍ଦ୍ର ଦେଖା ହେଉଛି ।" "ରଙ୍ଗ ଟହଟହ" ନଲେଖି, ହୁଏତ ଲେଖୁଛନ୍ତି "ରଙ୍ଗ ଟକଟକ ।" ସୁଖ ପାଇବାକୁ ଭଲ ପାଇବା, ଦେଖି ପାରିବାକୁ ଭଲବାସିବା, ଯାହାକୁ ଯେତେ ନଲେଖି, ଯଥେଷ୍ଟ, ନିଆଁ ହୁତ୍ ହୁତ୍ ହୋଇ ନ ଜଳି ଧୂ ଧୂ ହୋଇ ଜଳୁଛି, ହୁ ହୁ ନହୋଇ ହୁବହୁ ହେଉଛି, ଏପରି ଅନୁକରଣର ଗୌଣ ମନୋବୃତ୍ତି ମଧ୍ୟ କ୍ରମେ ବେଶି ବେଶି ପ୍ରକାଶ ପାଉଛି । କିନ୍ତୁ ଏସବୁ କଥା ଏଠାରେ ମୁଖ୍ୟତଃ ବିଚାର କରାଯାଉନାହିଁ । ଆମର ଏଠାରେ ବିଚାର ସାଧୁଭାଷା ।

ସାଧୁ କିଏ ? –

ଏହି ସାଧୁଭାଷା ସଂସ୍କୃତ ଭାଷା ନୁହେଁ ବା ସାଧୁଶବ୍ଦ ସଂସ୍କୃ ଶବ୍ଦ ନୁହେଁ । ସାଧୁ ବୋଇଲେ ଶୁଦ୍ଧ ଅର୍ଥ ହୋଇପାରେ । ମାତ୍ର ଓଡ଼ିଆରେ ଏହି ସାଧୁ କଥାଟି ଏ ଅର୍ଥରେ ପ୍ରାଚୀନ । ଏହାର ବିପରୀତବୋଧକ କଥାଟି ହେଉଛି ସଂସ୍କୃତରେ ଗ୍ରାମ୍ୟଭାଷା । ଓଡ଼ିଆରେ ସାଧୁଶବ୍ଦଟି ବଡ଼ ପ୍ରାଚୀନ ଓ ପରଂପରାର ପ୍ରତିଷ୍ଠିତ ଭାବରେ ପୂର୍ଣ୍ଣ । ସାଧୁ ବୋଇଲେ ବଣିକ୍ ବା ବେପାରୀ । କଥାରେ ଏହାକୁ ସାଧବ ବା ସାଧୁତ କହୁଥିଲେ । ସାଧବାଣିବୋହୂ (ଅବଶ୍ୟ ଏବର ତଥାକଥିତ ଓଡ଼ିଆ ବୈୟାକରଣିକ ପଣ୍ଡିତମାନଙ୍କ ମତରେ ଏ ଶବ୍ଦଟି ଅଶୁଦ୍ଧ, ଶୁଦ୍ଧ ଶବ୍ଦଟି ସାଧବବୋହୂ) ଚିତା ମୁରୁଜରେ ବୋଇତ ଲେଖି ଏବେ ମଧ୍ୟ ପପେଇ ଉଆଁସ ବାସି ଦିନ ସକାଳୁ ବନ୍ଦାଇ ଆଣୁଛି । ଏ ସାଧୁ କିଏ ? ଓଡ଼ିଶାରେ କୃଷି ଓ ବାଣିଜ୍ୟ ଏକା ଲୋକ ବା ଜାତିର ବ୍ୟବସାୟ ଥିଲା । ସେହିମାନେ ପୁଣି ଭୂସେନା ଓ ନୌସେନାର କାର୍ଯ୍ୟ କରୁଥିଲେ । ଭୂସେନାର ନାମ ଥିଲା ଖଣ୍ଡାଇତ ବା ଖଣ୍ଡେଇତ ଅର୍ଥାତ୍ ଖଣ୍ଡା ଅଛି ଯାହାର । କିମ୍ବା ଏହା 'ଖଣ୍ଡାୟତ୍ତ' ଏହି ସଂସ୍କୃତ ଶବ୍ଦରୁ ବାହାରିଛି । ଏହାର ଅର୍ଥ ଖଣ୍ଡାଆୟତ୍ତରେ ଯାହାର । ନୌସେନାର ନାମ ଥିଲା କୈବର୍ତ୍ତ । ଅର୍ଥାତ୍ ଜଳରେ, 'କ' ବା ଜଳରେ ଯେଉଁମାନେ ରହନ୍ତି ବା ବୃତ୍ତି କରନ୍ତି । ଏ କୈବର୍ତ୍ତ କିନ୍ତୁ

Digitized by PPRACHIN, SOA

କେଉଟ ନୁହଁନ୍ତି ଯଦିଚ କେଉଟ ମଧ୍ୟ କୈବର୍ତ୍ତ ପଦବାଚ୍ୟ । ଏ କୈବର୍ତ୍ତ ଖଣ୍ଡାୟତଙ୍କ ପରି ଓଡ଼ିଶାର ସାଧୁ (ସାଧବ ବା ସାଧୁତ) ବା ବୈଦିକ ଭାଷାରେ ବିଶ୍ ବା ବୈଶ୍ୟ । ଏବେ ଓଡ଼ିଶାର ସେନା ନାହାନ୍ତି । ମାତ୍ର ଏହି ବୈଶ୍ୟମାନେ ଏବର ଖଣ୍ଡାୟତ । ଏମାନେ ଏବେ କ୍ଷତ୍ରିୟ ବୋଲି ଦାବୀ କରୁଛନ୍ତି । ଏ ଦାବୀରେ ଅସଙ୍ଗତି କିଛି ନାହିଁ । ବୁଝାଇ କୁହାଯାଇଛି ଓଡ଼ିଶାରେ ବୈଶ୍ୟ ହିଁ କ୍ଷତ୍ରୀୟ ଥିଲା। ଚାଷ ବାଣିଜ୍ୟରେ ଲାଗି ରହିଥିବା ପ୍ରଜାମାନେ ଭୂସେନା ଓ ନୌସେନାର କାର୍ଯ୍ୟ କରୁଥିଲେ । ଏହି କୈବର୍ତ୍ତମାନଙ୍କ ବଂଶଧରମାନେ ଏବେ ମଧ୍ୟ ମେଦିନୀପୁର କାନ୍ଥୀ ପ୍ରଭୃତି ଅଞ୍ଚଳରେ ଅଛନ୍ତି । ଦିନେ ଏହିମାନଙ୍କ ବଂଶୀୟ ପ୍ରାଚୀନ ବଙ୍ଗରେ ସାମ୍ରାଜ୍ୟ କରିଥିଲେ ।

ଏଇ ସାଧୁଙ୍କ ଭାଷା, ସାଧୁ ଭାଷା –

ଏହି ସାଧୁମାନଙ୍କର ଭାଷା ଓଡ଼ିଶାରେ ସାଧୁଭାଷା । ଏହା ଗ୍ରାମ୍ୟ ଭାଷା ନୁହେଁ । ଏହା ବରଂ ଚିରନୌବାଣିଜ୍ୟସେବୀ ଓଡ଼ିଆ ବଣିକ ଭାଷା । ଓଡ଼ିଆର ଜଗନ୍ନାଥ ଧର୍ମ ଯେପରି ଉଦାର ଓ ସର୍ବସମନ୍ୱୟର ସଂକେତ ଓଡ଼ିଆରୁ ଭାଷା ମଧ୍ୟ ସେପରି ସର୍ବଦା ଆହରଣପର ଓ ଆହରଣରେ ପୁଷ୍ଟ ଓ ବଳିଷ୍ଠ । ଏ ଆହରଣ ଅବଶ୍ୟ ଅନୁକରଣ ନୁହେଁ ।

ଇଂରେଜୀରେ ଦୃଷ୍ଟାନ୍ତ –

ଏ ଆହରଣ ଓ ଅନୁକରଣ ବିଷୟରେ ଅଧିକ କହିବାର ଅବକାଶ ନାହିଁ । ଓଡ଼ିଆର ସାଧୁଭାଷା ଆମର ବିଚାର୍ଯ୍ୟ। ଏହି ସାଧୁଭାଷା ସମସ୍ତ ଓଡ଼ିଶା ପାଇଁ ଗୋଟିଏ ଭାଷା । ତାନହେଲେ ଓଡ଼ିଆ ଭାଷା ବୋଲି କହିବାର ଅର୍ଥ କିଛି ନାହିଁ । ଉଦାହରଣ ସ୍ୱରୂପ ଇଂରେଜୀ ଭାଷା ପୃଥିବୀରେ ସର୍ବତ୍ର ଚଳେ । ବିଶେଷତଃ ଇଂରେଜ ସାମ୍ରାଜ୍ୟରେ ତାହା ନିଜର ଭାଷା ପରି ଚଳେ । ଆମେରିକାର ୟୁନାଇଟେଡ୍ ଷ୍ଟେଟସ୍‌ରେ ମଧ୍ୟ ଚଳେ । କିନ୍ତୁ ଇଂରେଜୀର ସାଧୁଭାଷା କିଏ ଓ କେଉଁଠାରେ ? ଲଣ୍ଡନ ଓ ମିଡ଼ଲ୍‌ସେକ୍‌ସର ଭାଷା ହେଉଛି ସାଧୁ ଇଂରେଜୀ ଭାଷା । ସ୍କଟ୍ ଲଙ୍ଗଫେଲୋଙ୍କ ପରି ଉପାନ୍ତ ଓ ଦୂରସ୍ଥିତ ଭୂମିର ପ୍ରସିଦ୍ଧ ଲେଖକମାନେ ଜୋର୍‌ରେ ବେଳେ ବେଳେ ପ୍ରାଦେଶିକ ଭାଷାର ଅଂଶମାନଙ୍କୁ ଇଂରେଜୀରେ ପୂରାଇ ଦେଇଛନ୍ତି ସତ, ହେଲେହେଁ ସେସବୁ ସାଧୁ ଭାଷାର ପ୍ରକୃତି ବଦଳାଇ ନାହିଁ । ଏପରି ବଦଳାଇଲେ ଇଂରେଜୀ ଭାଷା ଗୋଟିଏ ହୋଇ ରହିପାରନ୍ତା ନାହିଁ । ଅନ୍ୟ ଦେଶ ଲୋକେ ମଧ୍ୟ ଇଂରେଜୀ ବୋଲି ଭାଷାଟିଏ ପଢ଼ି ପାରନ୍ତେ ନାହିଁ । ଦରକାର ମତେ ଶବ୍ଦଟାଏ ବା ଭାବର ପ୍ରକାଶଟାଏ ଭାଷାରେ ମିଶିଯାଇପାରେ ମାତ୍ର ସେଥିରେ ଭାଷାର ଛାଞ୍ଚ ବିଗିଡ଼ି ଯାଏ ନାହିଁ । ସେହି ଛାଞ୍ଚଟା ହେଉଛି ପ୍ରତ୍ୟେକ ଭାଷାର ସାଧୁଭାଷା । ଏ ସାଧୁଭାଷା ଶବ୍ଦରେ ଯେପରି ଭାବପ୍ରକାଶରେ ମଧ୍ୟ ସେହିପରି ଖୋଜିବାକୁ ହେବ ।

Digitized by PPRACHIN, SOA

ପାଠ୍ୟପୁସ୍ତକ ବିଭ୍ରାଟ –

ଓଡ଼ିଆର ଏବେ ସାଧୁଭାଷାଟି କିଏ ? ଆଜି କୌଣସି ଲେଖକଙ୍କ ଭାଷା ଓଡ଼ିଆର ସାଧୁଭାଷା ହେବା ଅବସ୍ଥାରେ ନାହିଁ । କାରଣ କୌଣସି ଲେଖକଙ୍କ ଲେଖା ଦେଶରେ ବ୍ୟାପି ଯାଉନାହିଁ । ଭୁଲ୍‌ରେ ହେଉ ଭଲରେ ହେଉ, କୌଣସି କାରଣରୁ ଦିନେ ମଧୁ ରାଧାନାଥଙ୍କ ଭାଷା ଓଡ଼ିଶାରେ ବ୍ୟାପିଥିଲା । ଯଥାର୍ଥ ଓଡ଼ିଆ ଲେଖକ ଫକୀରମୋହନ କିନ୍ତୁ ସେପରି ପଶିପାରି ନଥିଲେ । ସେ ଯାହାହେଉ, ସେ ଦିନ ଏବେ ନାହିଁ । ବଙ୍ଗ ଦେଶ ବା ଅନ୍ୟ ଦେଶ ପରି ସାହିତ୍ୟ ସାଧନା ଧରି ଲୋକେ ଏ ପ୍ରଦେଶରେ ରହିପାରିବାର କୌଣସି ସୁବିଧା ନାହିଁ । ଗୋଟିଏ ମାତ୍ର ସୁବିଧା ହେଉଛି ପାଠ୍ୟ ପୁସ୍ତକ । ସେଥିପାଇଁ ଗୋଟିଏ କମିଟି ଅଛି । ସେଥିରେ ପୁଣି ସାହିତ୍ୟ ଠାରୁ ରାଜନୀତି ଓ ବ୍ୟବସାୟର ପ୍ରଭାବ ବେଶି । ପ୍ରଥମ ନିୟମ ହୋଇଛି, ଗ୍ରନ୍ଥର ଲେଖକମାନେ କମିଟିରେ ରହିପାରିବେ ନାହିଁ । ଅର୍ଥାତ୍ ମତାମତ ଦେବାର ଅଧିକାର ତାଙ୍କର ନାହିଁ । ଅଲେଖକ ମାନଙ୍କ ଭିତରେ ଭାଷା ସାହିତ୍ୟର ଚର୍ଚ୍ଚା କରି ଜାଣିବା ଲୋକେ ପ୍ରାୟ ନାହାନ୍ତି । କମିଟିର ସମାଲୋଚନା ମଧ ପଦାକୁ ବାହାରେ ନାହିଁ । ଅତଏବ ସେଠାରେ ସବୁ କାର୍ଯ୍ୟ "ଅନ୍ଧେନୈବ ନୀୟମାନା ଯଥାନ୍ଧାଃ" । ପୁଣି ସେଠାରେ ଭାଷା ଓ ସାହିତ୍ୟ ସଂଯତ ଓ ଶୃଙ୍ଖଳିତ କରିବା ପନ୍ଥା ନ ଜାଣିବା ଆଉ ଗୋଟିଏ ସ୍ପଷ୍ଟ ପ୍ରମାଣ ହେଉଛି ଭାଷା ଓ ସାହିତ୍ୟରେ ଦଶଖଣ୍ଡ ବହି ମଞ୍ଜୁର ହେବ । ପିଲା ଓ ମାଷ୍ଟ୍ରମାନେ ସେଥିରୁ ବାଛି ପଢ଼ିବେ ଓ ପଢ଼ାଇବେ । ଏଠାରେ ଦୃଷ୍ଟି ଅଛି ପ୍ରାଦେଶିକତା ପ୍ରତି । ଗଞ୍ଜାମ ଲୋକେ ଗଞ୍ଜାମୀ ଭାଷା ଥିବା ଭଳି ବହି ପଢ଼ିବେ, ସମ୍ବଲପୁର ଛାତ୍ରମାନେ ତାଙ୍କ ଜିଲାକୁ ହେଲା ଭଳି ବହି ପଢ଼ିବେ । ଏପରି ମଧ ଆମ୍ଭେମାନେ ଜାଣୁ ପୁରୀ କଟକର ବିଶିଷ୍ଟ ଗ୍ରନ୍ଥକାରମାନଙ୍କ ପୁସ୍ତକ ଗଞ୍ଜାମୀ ସମାଲୋଚକ ପ୍ରାଦେଶିକ ଶବ୍ଦବହୁଳ ବୋଲି ନାମଞ୍ଜୁର କରିବାକୁ ସୁପାରିସ୍ କରି କୃତକାର୍ଯ୍ୟ ହୋଇଛନ୍ତି । ସେହିପରି କଟକ ଲୋକେ ହୁଏତ ଘୁମୁସର ଭାଷାକୁ ପ୍ରାଦେଶିକତା ମଣି କାଟୁଥିବେ । ଏସବୁର ପ୍ରତିକାର ନହେଲେ, ସାଧୁଭାଷା ଶୀଘ୍ର ସ୍ଥିରୀକୃତ ନହେଲେ ଏ ଭାଷାରେ ଶିକ୍ଷା ବିକଟାକାର ହେବ ।

ବ୍ୟାକରଣର ଅଭାବ –

ପୁଣି ଏକ ଅସୁବିଧା । ଓଡ଼ିଆ ଭାଷାର ବ୍ୟାକରଣ ପଢ଼ା ବନ୍ଦ ହୋଇଛି । ସେ ଚର୍ଚ୍ଚା ହେଉ ନାହିଁ । କାହିଁକି ନା, ଇଂରେଜୀ ପଢ଼ାରେ ତାହା ହୁଏ ନାହିଁ ବା ନ ହେଲେ ଚଳେ । ବିଚାରିଦେଲେ ଖାଲି ଆମ ଭାଷା ଇଂରେଜୀ ପରି ହୋଇଯିବ ନାହିଁ । ଆମ ଭାଷାରେ ଶବ୍ଦର ପ୍ରକୃତି ଓ ପ୍ରୟୋଗ ତଥା ଭାବ ପ୍ରକାଶ ଶୈଳୀ ଏବେ ମଧ ମାପ କାଠିରେ ସ୍ଥିର ହେବା ଅବସ୍ଥାକୁ ଆସିନାହିଁ । ଏତେବେଳେ ବ୍ୟାକରଣର ସମ୍ୟକ୍

Digitized by PPRACHIN, SOA

ଆଲୋଚନା ଭାଷା ଓ ସାହିତ୍ୟ ଶିକ୍ଷାର ଏକାନ୍ତ ଅଙ୍ଗୀଭୂତ ହେବା ଉଚିତ । ଏହା ପୁଣି ଐଚ୍ଛିକ ନୁହେଁ, ଆବଶ୍ୟକ ।

ସାହିତ୍ୟ ସମାଜ -

ସାହିତ୍ୟ ସମାଜଙ୍କ ଏ କ୍ଷେତ୍ରରେ କର୍ତ୍ତବ୍ୟ ଅଛି । କିନ୍ତୁ ଯେଉଁ ଦେଶର ସାହିତ୍ୟିକ ଗଣକ ଓ ଜ୍ୟୋତିଷ, ବାମମାର୍ଗୀ ଓ ମାନ୍ତ୍ରିକ ତଥା ସଂସ୍କୃତ ଓ ଓଡ଼ିଆ ମଧ୍ୟରେ ପ୍ରଭେଦ ବୁଝନ୍ତି ନାହିଁ, ସେହି ଦେଶର ସାହିତ୍ୟିକମାନେ ସମାଜଟିଏ କଲେ କଣ ବା କରିବେ ? ଖାଲି କିଏ ସଭାପତି ହେବ, ତାଦ୍ୱାରା କାହାର କେତେ ଲାଭ ହେବ, କେଉଁ ଦଳର ପ୍ରତିପତ୍ତି ବଢ଼ିବ, ତାହାରି ଫଳରେ କାହା ବହି ପାଠ୍ୟପୁସ୍ତକ ରୂପେ ନିର୍ବାଚିତ ହୋଇ କେତେ ପଇସା ମିଳିବ, ଏହିସବୁ ବା ଏହିଭଳି ବିଚାରରେ ସାହିତ୍ୟ ସମାଜ ନିଜର କର୍ତ୍ତବ୍ୟ ଦେଖିଲା ପରି ମନେ ହେଉଛି । ଦିନେ ସାହିତ୍ୟ ସମାଜ ଗୋପୀନାଥ ନନ୍ଦଙ୍କ ଅଭିଧାନ ଲେଖାଇଥିଲେ । ତାହାର ଆଲୋଚନା କରିଥିଲେ । ସେହି ସୂତ୍ରରେ ନନ୍ଦଙ୍କୁ ଭାଷାତତ୍ତ୍ୱ ଲେଖିବା ପାଇଁ ଉତ୍ସାହିତ ମଧ୍ୟ କରିଥିଲେ । ଆଜି ପହରାଜଙ୍କ ବିରାଟ କୋଷ ଆସି ସରିବା ଉପରେ । କିନ୍ତୁ ଏକା ପହରାଜଙ୍କ ଛଡ଼ା ତାହାର ଆଉ ସମାଲୋଚକ ଥିବାର ଆମେ ଜାଣିନାହୁଁ । ଯେ ବା ଖଣ୍ଡିତ ସମାଲୋଚନା କରିଛନ୍ତି ସେ ଦେଶକୁ ପ୍ରଭାବିତ କରିବା ଭଳି ତାହା ଶୃଙ୍ଖଳିତ ଓ ବିଜ୍ଞାନସମ୍ମତ ଭାବରେ କରିନାହାନ୍ତି । ବଡ଼ କାମଟାଏ ଦେଖି କେବଳ ସ୍ତୁତି କରିଯିବା ସମାଲୋଚନା ନୁହେଁ । ବଡ଼ ବଣରେ ହିଁ ବଡ଼ ବାଘ ଥାଇପାରନ୍ତି । କବି ତାହାର ଶୋଭା ଦୂରରୁ ଦେଖି ସ୍ତୁତିଗାନ କରନ୍ତି । କିନ୍ତୁ ସେ ସ୍ତୁତି ବଣର ଯଥାର୍ଥ ପ୍ରକୃତି- ପ୍ରକାଶ ନୁହେଁ ।

ବାଟ ଦେଖାଇବା ଦରକାର -

ଅତଏବ ଓଡ଼ିଶାର ସାଧୁଭାଷା ଅତିଶୀଘ୍ର ଠିକ୍ କରିବାକୁ ହେବ । ଓଡ଼ିଆ ଭାଷାର ପ୍ରକୃତି ଓ ପ୍ରୟୋଗ ବୈଜ୍ଞାନିକ ଭାବରେ ଆଲୋଚନା କରି ବାଟ ଦେଖାଇବାକୁ ହେବ । ଶିକ୍ଷା ବିଭାଗ ତଥା ସାହିତ୍ୟ ସମାଜ ଏଥିରେ ମନ ଦିଅନ୍ତୁ । ପୁଣି ରାଜନୀତିର ପ୍ରଭାବରେ ସାଧୁ ଭାଷା ଓ ସାହିତ୍ୟର ଗତି ଯେପରି କଳୁଷିତ ନ ହୁଏ ତାହା ଜଣାନ୍ତୁ ।

ନବଭାରତ ୬/୫ ଆଲୋଚନା

◆◆◆

Digitized by PPRACHIN, SOA

ଚତୁର୍ଥ ଅଧ୍ୟାୟ

ପ୍ରତ୍ନତତ୍ତ୍ୱ ଓ ଗବେଷଣା ଭିତ୍ତିକ 'ଆଲୋଚନା'

ଓଡ଼ିଶାର ପ୍ରତ୍ନତତ୍ତ୍ୱ

ବହୁ ଉଦ୍ୟମ ପରେ ଶୁଣାଯାଏ, ଏବେ କଟକ ଜିଲାର ଉଦୟଗିରି, ଲଳିତ ଗିରି ଓ ରତ୍ନଗିରି ପ୍ରତ୍ନ-ସ୍ମୃତିରକ୍ଷାଆଇନ ଅନୁସାରେ ସରକାର ରଖିବାର ବ୍ୟବସ୍ଥା କରିଚନ୍ତି। ଆଶା କରାଯାଏ, ତାହାର ଖୋଦନ କାର୍ଯ୍ୟ ପାଇଁ ଏହି ଥର ଭାରତ ସରକାର ବଜେଟ୍‌ରେ କିଛି ଟଙ୍କା ଦେବେ। ଏହି ସ୍ଥାନଗୁଡ଼ିକ ପ୍ରାଚୀନ ପୁଷ୍ପଗିରି ବିହାରର ଧ୍ୱଂସାବଶେଷ ବୋଲି ପଣ୍ଡିତମାନେ ଅନୁମାନ କରନ୍ତି। ମାତ୍ର ଏଠାରେ କୌଣସି ବିଶେଷ ବୌଦ୍ଧ ଓ ଜୈନ ଅନୁଷ୍ଠାନ ଯେ ବହୁକାଳ ଥିଲା, ଏଥିରେ ସନ୍ଦେହ ନାହିଁ। ଏଠାରୁ ଯେଉଁ ସବୁ ଭିନ୍ନ ଶିଳ୍ପର ଅବଶେଷ ମଧ୍ୟେ ମଧ୍ୟେ ମିଳିଚି, ସେଥିରୁ ଜଣାଯାଏ, ସେସବୁ ଶିଳ୍ପ ଭୁବନେଶ୍ୱର ଶିଳ୍ପରୁ ପ୍ରାଚୀନତର। ମୟୁରଭଞ୍ଜର ଖିଚିଂରେ ଆବିଷ୍କୃତ ପ୍ରାଚୀନ ଶିଳ୍ପ ମଧ୍ୟ ଏହି ଶିଳ୍ପରେ ପ୍ରଭାବିତ ବୋଲି କେହି କେହି ଅନୁମାନ କରିଚନ୍ତି। ପୁଷ୍ପଗିରି ବିହାର କିନ୍ତୁ ବହୁ ପ୍ରାଚୀନ। ନଳନ୍ଦରୁ ଏହା ଅନ୍ତତଃ ଆଧୁନିକ ନୁହେଁ। ଖ୍ରୀ:୭ମ ଶତକର ପ୍ରଥମାର୍ଦ୍ଧରେ ହୁଏନ୍‌ସାଂ ଏହା ଦେଖିଥିଲେ। ଖ୍ରୀ: ୨ୟ କିମ୍ବା ତୃତୀୟ ଶତାବ୍ଦୀରେ ପ୍ରାଜ୍ଞ ଯୋଗ ଶିକ୍ଷା ପାଇଁ ନାଗାର୍ଜ୍ଜୁନ କୋଣ୍ଡାରୁ ଏଠାକୁ ଆସିଥିଲେ। ଗୋଦାବରୀ କୃଷ୍ଣା ମଧ୍ୟରେ ଆନ୍ଧ୍ର ଦେଶରେ ଏବେ ନାଗାର୍ଜ୍ଜୁନ କୋଣ୍ଡାର ଅବଶେଷ ବାହାରିଚି। ନଳନ୍ଦ ଦର୍ଶନ ଧର୍ମ ଚର୍ଚ୍ଚାରେ ଯେପରି ପ୍ରସିଦ୍ଧ ଥିଲା, ପୁଷ୍ପଗିରି 'ଯୋଗ' ରେ ସେହିପରି ଥିବାର ପ୍ରମାଣ ମିଳେ। ଖୋଳା ହୋଇ ଅନୁସନ୍ଧାନ କଲେ ଏବେ ବି ଏଠାରୁ ଭାରତ ଇତିହାସ ସଂକଳନ ନିମନ୍ତେ ବହୁତ. ସାମଗ୍ରୀ ମିଳିବ ବୋଲି ଆଶା କରାଯାଏ। ତଥାପି ବହୁକାଳ ଧରି ଜମିଦାର, ଭୂମିର ଅଧିକାରୀମାନେ କିମ୍ବା ତାଙ୍କ ଅବହେଳାରେ ଅନ୍ୟମାନେ ଏସବୁ ସ୍ଥାନରୁ ବହୁ ମୂର୍ତ୍ତି ଇଟା ପଥର ପ୍ରଭୃତି ଘେନି ଯାଇଅଛନ୍ତି।

'ଘୋଷ ସଂଗ୍ରହ' ଭିତରେ ଅନେକ ମୂର୍ତ୍ତି କଲିକତା ବାଟେ ବିଦେଶରେ ବିକ୍ରି ହୋଇଯାଇଚି। ଆଖପାଖ ଲୋକେ କେତେ ଜୈନ ଓ ବୌଦ୍ଧ ମୂର୍ତ୍ତି ଏଠାରୁ ନେଇ ସିନ୍ଦୂର ବୋଳି ଘଂଟାରେ ପୂଜାଦି କରୁଥିବାର ଆମେ ଦେଖିଚୁ। ଶିଳାଲିପି ମଧ୍ୟ ଏହପରି କେତେ ନଷ୍ଟ ହୋଇଯାଇଥିବ। ବହୁଦିନରୁ ଏହା ଆଇନ ଅନୁସାରେ ଅନ୍ତତଃ ସୁରକ୍ଷିତ ହେବାର ଥିଲା। ଯାହା ହେଉ, ଜମା ନ ହେବାଠାରୁ ବିଳମ୍ବରେ ହେବା ଭଲ। ଶୀଘ୍ର ଖୋଳା ହେବାର ବ୍ୟବସ୍ଥା ହେଲେ ଐତିହାସିକ ଜଗତ୍ ବିଶେଷରେ ସୁଖୀ ହେବେ, ସନ୍ଦେହ ନାହିଁ।

Digitized by PPRACHIN, SOA

ଘୋରଡ଼ିଆରେ କଳିଙ୍ଗ ନଗରୀ-

ପୁରୀଜିଲାର ଡେଲାଙ୍ଗ ପାଖ ଘୋରଡ଼ିଆ ଗ୍ରାମରେ 'ତରା' ବୋଲି ଏକ ବିରାଟ ପୋଖରୀ ଅଛି। ତାହା ବହୁକାଳର। ପୋଖରୀ ଏଡ଼େ ବଡ଼ ହେଲେ ମଧ୍ୟ ପୋତିହୋଇ ଆସିଲାଣି। ଏହା ଏବେ ପାରଳା ମହାରାଜାଙ୍କ ଜମିଦାରୀ ଓ ଜମିଦାରଙ୍କର ଖାସ ଦଖଲ। ଏହି ପୋଖରୀ ହୁଡ଼ାପାଖେ ବିରାଟ ଗଢ଼ା ପଥରର ସ୍ତୁପ ଅଛି। ତା'ମଧ୍ୟ ଜମିଦାରଙ୍କର ଖାସ। ଏହି ସୁଆଁସ ପଥର ସବୁ ଶହ ଦରରେ ବିକ୍ରିହୁଏ। ଲୋକେ ତାହା ନେଇ ନିଜର ଘରଦ୍ୱାର କରନ୍ତି। ଏହିପରି କେତେ କାଳରୁ ହୋଇ ଆସୁଚି। ଏ ସ୍ତୁପ ବା ସ୍ତୁପସମୂହ ଯେ କୌଣସି ପ୍ରାଚୀନ କୀର୍ତ୍ତି, ଏହା ମଧ୍ୟ ସମସ୍ତେ ଜାଣନ୍ତି; ମାତ୍ର ୪୦୦/୫୦୦ ବର୍ଷରୁ ପ୍ରାଚୀନ ବୋଲି କେହି କେବେ ମନେ କରିନ ଥିଲେ। ଏବେ ପ୍ରତ୍ନତତ୍ତ୍ୱ ବିଭାଗର ଦୀକ୍ଷିତ ସାହେବ ଏହା ଦେଖିବାକୁ ଯାଇଥିଲେ। ସେ ପୁଣି ଏଥିଁରେ ପଥର ସଙ୍ଗେ ୨୦୦୦ ବର୍ଷ ତଳରେ ଏ ଦେଶରେ ଯେପରି ପୋଡ଼ା ଇଟା ତିଆରି ହେଉଥିଲା, ସେହିପରି ଇଟା ସବୁ ଦେଖି ବିସ୍ମିତ ହେଲେ। ସେ କହନ୍ତି, ଏହାହିଁ ସମ୍ଭବତଃ କଳିଙ୍ଗରେ ମୌର୍ଯ ମହାମାତ୍ରଙ୍କ ସ୍ଥାନ ଥିଲା। କିନ୍ତୁ ମୌର୍ଯ୍ୟ ମହାମାତ୍ର ତୋଷଳୀରେ ରହୁଥିଲେ। ତୋଷଳୀ ଏବର ଧଉଳିଠାରେ ଥିବାର ବିଶେଷ ସମ୍ଭବ। କେବଳ ଧଉଳି ଓ ତୋଷଳୀ ନାମ ସାଦୃଶ୍ୟ ଛଡା, ଏଠାରେ ପୁଣି ଅଶୋକଙ୍କର ତୋଷଳୀ ଅନୁଶାସନ ପଥରରେ ଖୋଳା ହୋଇଚି। ତେଣୁ ଅନୁମାନ ହୁଏ , ଖାରବେଳ ପ୍ରଭୃତି ଚେତ (ଚୈତ୍ର) ବଂଶ ସମ୍ରାଟମାନଙ୍କର କଳିଙ୍ଗ ନଗରୀ ଏହିଠାରେ ଥିଲା। ଖାରବେଳ ଶିଳାଲିପିରେ ଅଛି, ଖାରବେଳ ତୋଷଳୀ ବଗିଚାରୁ ନିଜ ନଗରୀକୁ ପାଣି ନାଳ କାଟି ଦେଇଥିଲେ- "ତନ (ଉ) ସୁଲିଅକାଟା ପନାଡିଂ ନଅରଂ ପାବେସତି।" ସେହି ନାଳଟି ଦୟାନଦୀ । ଦୟାନଦୀ ସମ୍ବନ୍ଧରେ ବି କଥା ଅଛି- ଲୋକଙ୍କ ଦୁଃଖ ଦୂର କରିବା ପାଇଁ ଦଧୀଚି ଭର୍ଗବୀରୁ ଏହି ଦୟାଧାରଟି କାଟି ଦେଇଥିଲେ। ପୁଣି ତୋଷଳୀ ମହାମାତ୍ରଙ୍କୁ ଜିଣି ଚେତମାନେ କଳିଙ୍ଗକୁ ଆସି ତୋଷଳୀ ଛାଡି ଅନ୍ୟ ସ୍ଥାନରେ ନଅର ତୋଳି ରହିଥିବାର ସମ୍ଭବ। ଏ ବିଷୟରେ ଅନୁସନ୍ଧାନ ଶୀଘ୍ର ପ୍ରୟୋଜନ। ସରକାର ପ୍ରତ୍ନ ସ୍ମୃତି ରକ୍ଷା-ଆଇନରେ ଏହାକୁ ରଖିବା ପୁର୍ବରୁ ଆମେ ଅନୁରୋଧ କରୁ, ପାରଳାର ମହରାଜା ସାହେବ ଏଥିପ୍ରତି ପ୍ରଣିଧାନ ଦେବେ।

ପ୍ରତ୍ନୋଦ୍‌ଘାଟନରେ ଓଡ଼ିଆ

ଏବର ଓଡ଼ିଶୀ ଯାହାହେଉ, ପ୍ରାଚୀନ ଓଡ଼ିଶା ଭାରତରେ ଏକ ପ୍ରତିଷ୍ଠିତ ଓ ବହୁବିଶ୍ରୁତ ଅଂଶ ଥିଲା, ଏଥିରେ ପଣ୍ଡିତମାନଙ୍କର ମତଦ୍ୱୈଧ ନାହିଁ। କଳିଙ୍ଗର ନୌବାଣିଜ୍ୟ, ସମୁଦ୍ରପାରରେ ଉପନିବେଶ ଓ ସଭ୍ୟତା ବିସ୍ତାର, ବିପୁଳ ବିଭବ, ଶିଳ୍ପ ଭାସ୍କର୍ଯ ଓ ଗଠନ

Digitized by PPRACHIN, SOA

କୌଶଳ ଇତିହାସରେ ପ୍ରମାଣିତ। ଭାରତରେ ବିଶ୍ୱଧର୍ମର ଏକମାତ୍ର ପ୍ରତୀକ ଜଗନ୍ନାଥ କଳିଙ୍ଗ ଧର୍ମ ସମ୍ପଦର ଅବଶେଷ। ଭାରତରେ ପ୍ରତ୍ନତତ୍ତ୍ୱାନୁସନ୍ଧାନ ଅତି ଆବଶ୍ୟକୀୟ। ବିଶେଷତଃ ଓଡ଼ିଶାରେ ସେ କାର୍ଯ୍ୟଭାରି ଲୋଡ଼ା। କିଏ ଜାଣେ ପୁଣି ଯୋଗଭୂମି ଓଡ଼ିଶାର ଭୂମିତଳେ ସିନ୍ଧ, ପଞ୍ଜାବ, ବେଲୁଚିସ୍ଥାନ ପରି ପ୍ରାଗବୈଦିକ ସଭ୍ୟତାର ସ୍ମାରକମାନ ନାହିଁ? ଭାରତ ସରକାର ପ୍ରତ୍ନତତ୍ତ୍ୱକୁ ନିଜର କାର୍ଯ୍ୟ କରି ନେଇଚନ୍ତି; ଭାରତର ନାନା ସ୍ଥାନରେ ଖର୍ଚ୍ଚ କରି ଖୋଳାଇ ପ୍ରତ୍ନତତ୍ତ୍ୱ ସବୁ ବାହାର କରାଉଚନ୍ତି। ବିଳମ୍ବରେ ହେଲେ ମଧ୍ୟ ଓଡ଼ିଶାରେ ଏବେ ସେଇ କାର୍ଯ୍ୟ ଚାଲିବ। କିନ୍ତୁ ଦୁଃଖର କଥା, ଏ କାର୍ଯ୍ୟରେ ଓଡ଼ିଆ ପ୍ରତ୍ନତତ୍ତ୍ୱାନୁସନ୍ଧିତ୍ସୁଙ୍କର ଯୋଗ ରହିବ ନାହିଁ। ଅବଶ୍ୟ ପ୍ରତ୍ନତତ୍ତ୍ୱ ପରି ବିଦ୍ୟାର ଅନୁସନ୍ଧାନ ଓ ପ୍ରକାଶରେ ଆମେ ପ୍ରାଦେଶିକ ଭାବ୍‌ରେ ଚାଳିତ ହେଉ ନାହୁଁ; କିନ୍ତୁ ପ୍ରଦେଶର-ଭୁଗୋଳ, ଭାଷା ଓ କିମ୍ବଦନ୍ତୀ, ପରଂପରା ରକ୍ଷା ପ୍ରଭୃତିର ଜ୍ଞାନ ଏ କ୍ଷେତ୍ରରେ ନିତାନ୍ତ ପ୍ରୟୋଜନ। ପୁଣି ପ୍ରଦେଶାନ୍ତରର ଲୋକେ ପୂର୍ବରୁ ପଡ଼ିଯାଇଥିବାଧାରାରେ ନୂତନ ଆବିଷ୍କ୍ରିୟାର ବ୍ୟାଖ୍ୟା କରିବାକୁ ହଠାତ୍ ଯେପରି ଚାଳିତ ହେବେ, ଓଡ଼ିଆ ସେପରି ହେବେ ନାହିଁ। ଓଡ଼ିଆ ବିଶେଷଜ୍ଞମାନେ ଏସବୁ ଆବିଷ୍କ୍ରିୟାରେ ନୂତନ ଭାବ ଓ ନୂତନ ଦୃଷ୍ଟି ପକାଇବାର ବିଶେଷ ଆଶା। ଭାରତ ସରକାରଙ୍କ ପ୍ରତ୍ନତତ୍ତ୍ୱ ବିଭାଗ ଏଥିପ୍ରତି ପ୍ରଣିଧାନ ଦେବେ ଓ ଅନ୍ତତଃ ଏସବୁ ଆବିଷ୍କ୍ରିୟାରେ ଜଣେ ହେଲେ ଓଡ଼ିଆ ବିଶେଷଜ୍ଞଙ୍କର ସାହଚର୍ଯ୍ୟ ଓ ସହଯୋଗ ଏଥିପାଇଁ ସଂଗ୍ରହ କରିବେ ବୋଲି ଆଶା କରାଯାଏ।

ନବଭାରତ-୨/୮, ଆଲୋଚନା

ଓଡ଼ିଶାର ପ୍ରତ୍ନ ବିଦ୍ୟା

ଜାଣି ସୁଖୀ ହେଲୁ ଆମ ପ୍ରଧାନ ମନ୍ତ୍ରୀ ଓଡ଼ିଶାରେ ପୁରାତତ୍ତ୍ୱ ସନ୍ଧାନ ଓ ଚର୍ଚ୍ଚା ନିମନ୍ତେ ବଡ଼ ଆଗ୍ରହଶୀଳ। ସେଥିପାଇଁ ଅତିଶୀଘ୍ର ସେ ଗୋଟିଏ ସ୍ୱତନ୍ତ୍ର ଅନୁଷ୍ଠାନ କରିବେ ବୋଲି ମଧ୍ୟ ଜଣାପଡ଼ିଛି। ଆହୁରି ଆନନ୍ଦର କଥା ସେ ପୁରୀର ଜଣେ ପଣ୍ଡିତଙ୍କୁ ପ୍ରାଚୀନ ପୋଥି ସଂଗ୍ରହ କରିବାରେ ନିଯୁକ୍ତ କରି ଏହି କାର୍ଯ୍ୟର'ବହନି' କରି ସାରିଲେଣି। ଏ କାର୍ଯ୍ୟଟି ଲୋକଙ୍କ ମନକୁ ମଧ୍ୟ ଘେନିଛି। କାରଣ, ପୁରୀରୁ ଖବର ପ୍ରକାଶ ପାଇଛି, ଏହି ପଣ୍ଡିତଙ୍କୁ ପୁସ୍ତକାଦି ଦେଖିବାର ସୁବିଧା ଶୀଘ୍ର କରି ଦିଆଯାଉ। ଓଡ଼ିଶାରେ କୌଣସି ଯଥାର୍ଥ ନିସନ୍ଧା ବିଦ୍ୟାଚର୍ଚ୍ଚାର ଏପରି ବହନି ମାତ୍ରରେ, ଏପରି ଖବର ପ୍ରକାଶ ପାଇବା ଏଇ ବୋଧହୁଏ ପ୍ରଥମ।

ଆମେ ବରାବର କହି ଆସିଚୁ, ପୁରାତତ୍ତ୍ୱ ନିମନ୍ତେ ଓଡ଼ିଶାରେ ଏକ ପ୍ରକାର ଅଦ୍ୱିତୀୟ କ୍ଷେତ୍ର ପଡ଼ିରହିଛି। ଭାରତ ସରକାର ତଥା ଓଡିଶା ସରକାର ସେଆଡ଼େ ଆଖି

Digitized by PPRACHIN, SOA

ଦିଅନ୍ତୁ। ଭାରତ ସରକାରଙ୍କ ପତ୍ନତତ୍ତ୍ୱ ବିଭାଗରେ ଗୋଟିଏ ସ୍ୱତନ୍ତ୍ର ସର୍କଲ୍ (ଚକଡ଼ା) କରିବାପାଇଁ ଆମ ପ୍ରଧାନ ମନ୍ତ୍ରୀ କେନ୍ଦ୍ର ସରକାରଙ୍କୁ ଲେଖିଥିଲେ। ମାତ୍ର ଉତ୍ତର ମିଳିଛି, 'ପଇସା ନାହିଁ।' ପୃଥିବୀର ଏ ଦୁର୍ଦ୍ଦମନୀୟ ଶାନ୍ତି ମନ୍ତର ସମରସଜ୍ଜା ବେଳେ ପତ୍ନତତ୍ତ୍ୱ ଭଳି କବରଖୋଳା କାମଟା ପାଇଁ ଭାରତ ସରକାର ଟଙ୍କା ନ ପାଇବାର କଥା। ଆମେ ଜାଣୁ ଅନ୍ତତଃ ସ୍ପଷ୍ଟ ଭାବରେ ପଣ୍ଡିତ ନୀଳକଣ୍ଠ ଦାସ ଭାରତ ସରକାରଙ୍କୁ ଏହି ବିଷୟରେ କହି ଆସୁଛନ୍ତି। କେବଳ ସ୍ୱତନ୍ତ୍ର ଚକଡ଼ା କରିବା ନୁହେ, ଓଡ଼ିଶାରେ ପଇସା ଖର୍ଚ୍ଚକରି, ବିଶେଷରେ ଧଉଳି, ଘୋରଡ଼ିଆ ଓ ରତ୍ନଗିରି ପ୍ରଭୃତି ଅଞ୍ଚଳ ଖୋଳାଇ ଅନୁସନ୍ଧାନ କରାଇବାକୁ କହି ଆସୁଛନ୍ତି। ଏଥିପାଇଁ ସେ ବାରମ୍ବାର ବିଭାଗୀୟ କର୍ତ୍ତାଙ୍କ ସଙ୍ଗେ ପତ୍ର ବ୍ୟବହାର କରିଛନ୍ତି ଓ ତାଙ୍କୁ କହିଛନ୍ତି। ଥରେ ମଧ୍ୟ ସେ ଏଥିପାଇଁ କିଛି ଟଙ୍କା ଦେବାପାଇଁ ଖୋଦ୍ ଭାରତ ସରକାରଙ୍କ ଅର୍ଥବିଭାଗ କର୍ତ୍ତାଙ୍କୁ ତିନିବର୍ଷ ତଳେ କହିଥିଲେ। ସେ ମଧ ସେବର୍ଷ ୩୦ ହଜାର ଟଙ୍କା ଦେବାପାଇଁ ପ୍ରତିଶ୍ରୁତ ହୋଇଥିଲେ ଓ ଟଙ୍କା ପାଇଲେ ଓଡ଼ିଶାକୁ ସ୍ୱତନ୍ତ୍ର ଚକଡ଼ା କରି କାର୍ଯ୍ୟ ଆରମ୍ଭ କରିବେ ବୋଲି ପ୍ରତ୍ନତତ୍ତ୍ୱ ବିଭାଗ କର୍ତ୍ତା ମଧ ପ୍ରସ୍ତୁତ ଥିଲେ। କିନ୍ତୁ ସେ ବର୍ଷ ଅର୍ଥବିଭାଗ ୩୦ଟି ହଜାର ମାତ୍ର ଟଙ୍କା ଦେଇପାରିଲେ ନାହିଁ। ଯାହେଉ, ସେତେକିବେଳେ ରତ୍ନଗିରି ପ୍ରଭୃତି ଅଞ୍ଚଳ (ପ୍ରାଚୀନ ପୁଷ୍ପଗିରି ବିହାର) ସମ୍ବନ୍ଧରେ ଭାରତ ପ୍ରନ୍ସନ୍ଧାନ (Archeological survey) ବିଭାଗ ପ୍ରକାଶିତ ଶ୍ରୀଯୁକ୍ତ ରମାପ୍ରସାଦ ଚାନ୍ଦଙ୍କ ସ୍ମାରକ ପୁସ୍ତିକାଟି ଦେଖାଇ ଦାବୀ କରିବାରୁ ରତ୍ନଗିରି ଅଞ୍ଚଳର ପ୍ରତ୍ନକୀର୍ତ୍ତି ନିଦର୍ଶନ ଗୁଡ଼ିକ ପ୍ରାଚୀନ ସ୍ମୃତି ସଂରକ୍ଷଣ (ancient monuments preservation) ଆଇନ ପ୍ରୟୋଗ କରି ରକ୍ଷା କରିବାକୁ ବିଭାଗୀୟ କର୍ତ୍ତା ପ୍ରସ୍ତୁତ ହୋଇଥିଲେ। ତା ବୋଧହୁଏ ହୋଇ ଯାଇଛି। ପ୍ରତ୍ନ ସନ୍ଧାନର ଅଧକ୍ଷ ଦୀକ୍ଷିତ ସାହେବ ମଧ ଏ ମଧ୍ୟରେ ଥରେ ଘୋରଡ଼ିଆର ତରା ପର୍ଯ୍ୟନ୍ତ ଦେଖିବାକୁ ଯାଇଥିଲେ।

ତା'ଛଡା ଆଉ କିଛି ଏ ବିଷୟରେ କରାଯାଇ ପାରି ନ ଥିଲା। ପୁଣି ଏ ମଧ୍ୟରେ ପ୍ରାଦେଶିକ ସ୍ୱତନ୍ତ୍ର ସରକାରମାନ ବସିଗଲା। ଏଭଳି କାର୍ଯ୍ୟମାନଙ୍କରେ କ୍ରିୟାବାନ୍ ହେବା ପୂର୍ବରୁ କେନ୍ଦ୍ରସରକାର ପାଦେଶିକ ସରକାରଙ୍କ ନିବେଦନକୁ ଆଗ ଚାହିଁଲେ। ଏବେ ପ୍ରଧାନମନ୍ତ୍ରୀଙ୍କ ନିବେଦନ ପରେ ପଣ୍ଡିତ ନୀଳକଣ୍ଠ ଦାସ ମଧ୍ୟ ପୁଣି ସାକ୍ଷାତ୍‌ରେ ଶୁଣି ସାରିଲେଣି, "ଭାରତ ସରକାର ଓଡିଶାକୁ ସ୍ୱତନ୍ତ୍ର ଚକଡା କରି କାର୍ଯ୍ୟ ଆରମ୍ଭ କରିବା ବିଷୟରେ ଖୁବ୍ ଆଗ୍ରହଶୀଳ; ମାତ୍ର ଟଙ୍କାର ଏବେ ଅଭାବ। କମି କମି ଏ ବିଭାଗ ପାଇଁ ଗତ ବର୍ଷ ମାତ୍ର ୧୩ ଲକ୍ଷ ମିଳିଥିଲା। ଏ ବର୍ଷ ପୁଣି ୧୧ ଲକ୍ଷ ମାତ୍ର ମିଳିବାର ସମ୍ଭାବନା। ଏଥିରେ ତ ଓଡ଼ିଶାକୁ ଆଉ ନୂଆ ଚକଡା କରି ହେବ ନାହିଁ। ମାତ୍ର ଟଙ୍କା ମିଳିଲା ମାତ୍ରେ ଓଡିଶାକୁ ନୂଆ ଚକଡା କରାଯିବ।"

Digitized by PPRACHIN, SOA

ହେଲେହେଁ ପ୍ରଦେଶାନ୍ତରମାନଙ୍କରେ ବାଣ୍ଟି ହୋଇଥିବାରୁ ଅନ୍ୟାନ୍ୟ ଅନେକ ବିଷୟରେ ଯେପରି ଏ ବିଷୟରେ ସେଇପରି ଓଡିଶା ଉପରେ କାହାରି ଆଖି ପଡୁ ନ ଥିଲା। ଏଣିକି ସେ ଅବସ୍ଥା ରହିବ ନାହିଁ। ଆମର ଏ ଦାବୀ ମଧ୍ୟ ଭାରତ ସରକାରଙ୍କୁ ପୂରଣ କରିବାକୁ ହେବ। ହୋଇପାରେ ଓଡିଶାରେ ଦିନେ ପ୍ରାଚୀନ ସିନ୍ଧୁ ସଭ୍ୟତାର ସମ୍ବନ୍ଧ ଚିହ୍ନ ମିଳିବ। ପ୍ରତ୍ନବିଦ୍ୟାରେ ଯଥାର୍ଥରେ ଭାରତର ସ୍ଥାନ ବଡ ଉଚ୍ଚ। ପ୍ରସ୍ତର ଖୋଦିତ କୀର୍ତ୍ତି ଓ କଳାରେ ଉଦୟ ଗିରି ଭାରତରେ ପ୍ରାଚୀନତମ କହିଲେ ଚଳେ। ମୌଳିକ ସିନ୍ଧୁ ଭାରତୀୟ ସ୍ଥପତି କଳାର କ୍ରମ ବିକାଶ, ସେହିଠାରୁ ଦେଖିବାର ସୁବିଧା। ସେଠାରୁ ଭୁବନେଶ୍ୱର ଯାଏ- ଏ ମଧ୍ୟରେ ମଗଧର କଳା କିପରି ହଜମ କରାହୋଇ ଓଡ଼ିଆ କଳାରେ ପରିଣତ ହୋଇଛି, ତାହା ଦେଖି କଳାତତ୍ତ୍ୱବିତ୍‌ମାନେ ବିସ୍ମିତ ହୁଅନ୍ତି।

ଏହାଛଡ଼ା ସଭ୍ୟତା ଓ ସଂସ୍କାରରେ ପ୍ରାଗ୍‌ବୈଦିକ ଭାରତ ଧର୍ମର ଏକମାତ୍ର ଜୀବନ୍ତ ଅବଶେଷ ଏବେ ଓଡିଶାରେ। ଜଗନ୍ନାଥରେ ତାହା ହୁଏତ ସଂଶ୍ଳେଷଣରେ ଟିକିଏ ଆତ୍ମବିସ୍ମୃତ; ମାତ୍ର ମହିମା ଧର୍ମ ତଥା ଓଡିଶା ପଲ୍ଲିର ସଂକେତ- ପ୍ରଚାରିତ ଯୋଗ ସାଧନ ତତ୍ତ୍ୱରେ ତାହା ଜୀବନ୍ତ ଓ ଜାଗ୍ରତ। ପଞ୍ଚସଖାଦିଙ୍କ ଶାସ୍ତ୍ରରେ ତାହାର ପ୍ରସାର ପୂରା ଖୋଜା ହୋଇ ନାହିଁ। ମାତ୍ର ସଂକେତରୁ ଯାହା ଜଣାଯାଏ, ସେଥିରୁ ବୋଧହୁଏ ତାହା ସେଇ ପ୍ରାଚୀନ ଯୋଗ ତତ୍ତ୍ୱ ଓ ସଂସ୍କାର ପରଂପରାର ସଂକେତରେ ପୂର୍ଣ୍ଣ।

ଏହାଛଡ଼ା ଅତି ଏବକାଳର, ଅର୍ଥାତା ୩/୪ ଶହ ବର୍ଷ ତଳର ସାମ୍ରାଜ୍ୟ ସଂସ୍ଥାନ ଓ ଚାଳନରେ ଓଡ଼ିଶାରେ କୃତିତ୍ୱ ଏବେ ଯାହା ଶିଳା ଲେଖାରୁ ଜଣା ପଡୁଚି ତା ଅତି ବିସ୍ମୟକର। ଖାରବେଳ, ଶାନ୍ତିକର ପ୍ରଭୃତି ବହୁକାଳର କଥା। ମାତ୍ର କପିଳେନ୍ଦ୍ର ଦେବ ବଂଶୀୟ ଓଡ଼ିଆ କି ଗୌରବରେ ଦକ୍ଷିଣ ଓ ପୂର୍ବ ଭାରତର ଉପକୂଳ ଧରି ବସିଥିଲେ, ତାହା ବିଶେଷ ଗୌରବାବହ।

ନୌବାଣିଜ୍ୟ ଓ ସିଂଧୁପାରେ ସଭ୍ୟତା ଓ ରାଜ୍ୟ ବିସ୍ତାରରେ ପ୍ରାଚୀନ ଓଡିଆ (କଳିଙ୍ଗ) କ'ଣ କରିଥିଲେ ତା ଅତି କ୍ଷୀଣ ସୂଚନାରେ ମାତ୍ର ଅନୁମାନ ମାତ୍ରାରେ ଅଛି। ହୁଏତ ବ୍ରହ୍ମ, ଜାବା ଫିଲପାଇନ୍ ବାଟେ ତା ମଧ୍ୟ ଆମେରିକାର ପିରୁ ମେକ୍‌ସିକୋ ଓ ମୟଦେଶକୁ ବ୍ୟାପିଥିଲା। ଆମେ ଯେ ସେଇ ସଭ୍ୟତା ଓ କୀର୍ତ୍ତିର ଉତ୍ତରାଧିକାରୀ ଏହା ବୁଝି ବୁଝାଇବାର ଅଛି।

ଆଉ ଏ କ୍ଷୁଦ୍ର ଆଲୋଚନାରେ ବିଶେଷ କହିବା ନିଷ୍ପ୍ରୟୋଜନ। ପ୍ରଧାନମନ୍ତ୍ରୀ ତଥା ସରକାରଙ୍କର ଏ କ୍ଷେତ୍ରରେ ତତ୍ପରତା ଅତ୍ୟନ୍ତ ସାଧୁ। ଭାରତ ସରକାରଙ୍କ ଏଥିରେ ଯେ କର୍ତ୍ତବ୍ୟ ଅଛି, ତାହା କରାଇବା ନିମନ୍ତେ ବରାବର ସର୍ବପ୍ରଯତ୍ନ ଲଗାଇ ରଖିବାକୁ ହେବ ସଂଦେହ ନାହିଁ। ଆଜିର ଦୃଷ୍ଟିରେ ତାଙ୍କର ହୁଏତ ଏଭଳି ବିଷୟରେ ଖର୍ଚ୍ଚକୁ ଟଙ୍କା

Digitized by PPRACHIN, SOA

ନାହିଁ । କିଂତୁ ଏ ଦୃଷ୍ଟି ସବୁବେଳେ ରହିବ ନାହିଁ । ଏଇ ଧାରଣାରେ ସେ ଆଡ଼େ ଲାଗିବାକୁ ହେବ ।

ଏଣେ ପ୍ରଧାନମନ୍ତ୍ରୀ ଯେଉଁ ଅନୁଷ୍ଠାନର କଳ୍ପନାଟି କାର୍ଯ୍ୟରେ 'ବହନି' କରିଚନ୍ତି, ତାକୁ ଅତିଶୀଘ୍ର ଜାଗ୍ରତ ଜୀବନ୍ତ ଓ ନିର୍ବ୍ୟପେକ୍ଷ ବିଦ୍ୟାସାଧନାର ଗୋଟିଏ ଗୌରବାବହ କେନ୍ଦ୍ରରୂପେ ସ୍ଥାପନ କରନ୍ତୁ । ଏ ସାଧୁ କଳ୍ପନା ଭଗବାନ୍ କାର୍ଯରେ ସ୍ଥାୟୀ କରନ୍ତୁ ।

କାଲି ବିଶ୍ୱବିଦ୍ୟାଳୟ ବସିଲେ ଏଇ ଅନୁଷ୍ଠାନଟି ପୁଣି ତାର ଗୋଟିଏ ବିଶିଷ୍ଟ ଓ ଅତି ସ୍ପୃହଣୀୟ ବିଭାଗରେ ପରିଣତ ହେବ । ସେଇ ଆସୁଥିବା ବିଶ୍ୱବିଦ୍ୟାଳୟର ସାମଗ୍ରୀ ସଂଗ୍ରହରୂପେ ଏ ଅନୁଷ୍ଠାନଟି ବସିବ ବୋଲି ଆମେ ଆଶାକରୁ । ଏହା ଏକ ଯଥାର୍ଥ ବିଦ୍ୟାମନ୍ଦିର ହେବ । ରାଜନୀତିର ଦଳଭାବ ଓ ଶାସନର ଆଧିପତ୍ୟଜନିତ ମନୋଭାବରୁ ଏହାକୁ ଉପରେ ରଖିବାକୁ ହେବ । ଶେଷରେ ଏତିକି ଆମର ଏକାନ୍ତ ଅନୁରୋଧ । ଶୁଭମସ୍ତୁ ।

ନବଭାରତ-୫/୭-ଆଲୋଚନା

ଓଡ଼ିଶାର ପ୍ରତ୍ନତତ୍ତ୍ୱାନୁସନ୍ଧାନ

ପୁରୀ ଜିଲ୍ଲାର ପ୍ରତ୍ନକଳା -

ଭୁବନେଶ୍ୱର, ପୁରୀ ଓ କୋଣାର୍କର ପ୍ରତ୍ନକଳା ବିଷୟରେ କେତକ କଥା ଜାଣିବାର ସୁବିଧା ଅଛି । ଭୁବନେଶ୍ୱରର ଖଣ୍ଡଗିରି ଓ ଉଦୟଗିରି ଗୁମ୍ଫାମାନ ତଥା ଧୌଳିଗିରି ଅଶୋକ-ଅନୁଶାସନ ଛାଡ଼ିଦେଲେ ବାକୀ ସବୁ ପ୍ରୟ ୧୦ମ ଓ ଏକାଦଶ ଶତାବ୍ଦୀ ସେ ପାଖର ନୁହେ ବୋଲି ପଣ୍ଡିତ ମାନେ ସ୍ଥିର କରିଚନ୍ତି । ଦଶମ ଶତାବ୍ଦୀ ପରେ କିନ୍ତୁ ଓଡ଼ିଶାର ଶିଳ୍ପକଳା ସୂଚନାରୁ ବର୍ଣ୍ଣନାକୁ ଖସି ଆସିଥିଲା - ଏହା ସେଇ ପଣ୍ଡିତମାନଙ୍କ ମତ । ବାସ୍ତବିକ କୋଣାର୍କର ବିରାଟ କଳାବିଭବ ବେଳେବେଳେ ଆଖିର ପ୍ରୀତି ପରିବର୍ତ୍ତରେ ଅବସାଦ ଆଣେ । ସୂକ୍ଷ୍ମଶିଳ୍ପର ବ୍ୟାପ୍ତିରେ ଗଠନର ସୁଷମା ଏକାବେଳକେ ବୁଡ଼ି ରହିଚି । ସେଇ ସୂକ୍ଷ୍ମଶିଳ୍ପର ଅତିପ୍ରାଚୁର୍ଯ୍ୟ ମଧ୍ୟରେ ଦୃଷ୍ଟିବିରାମର ଅବକାଶ ନାହିଁ । ବିଚାର ବସିଲେ ମନେ ହୁଏ, କବିତାରେ ଭଞ୍ଜକଳା ଯାହା, ଗଠନ ଶିଳ୍ପରେ କୋଣାର୍କ ତାହାହିଁ । ହେଲେହେଁ କୋଣାର୍କରେ ଓଡ଼ିଆଶିଳ୍ପର ପର୍ଯ୍ୟାପ୍ତି ବା ପରିଣତି ହୋଇପାରେ; ମାତ୍ର ଭୁବନେଶ୍ୱରରେ ତାହାର ଆଦି ଦୀପ୍ତି ନାହିଁ । ଭୁବନେଶ୍ୱରର ପରଶୁରାମେଶ୍ୱର ମନ୍ଦିର ପ୍ରାଚୀନତମ । ଏହାର କାଳ ନବମ ବା ଅଷ୍ଟମ ଶତାବ୍ଦୀ ଆଡ଼କୁ ଯାଇପାରେ । କିନ୍ତୁ ପଣ୍ଡିତମାନେ କହନ୍ତି, ସେଥିରେ ମଧ୍ୟ ପ୍ରାଚୀନ ଓଡ଼ିଆ ଗଠନ ଓ ଖୋଦନ କଳା ପୂର୍ଣ୍ଣ ଯୁବଦୀପ୍ତିର ପରିଚୟ ଦିଏ ନାହିଁ ।

Digitized by PPRACHIN, SOA

ମୟୂରଭଞ୍ଜର ଖିଚିଙ୍ଗ -

ଏବେ କେତେ ବର୍ଷ ହେଲା ମୟୂରଭଞ୍ଜର ମହାରାଜା ନିଜ ରାଜ୍ୟରେ ଥିବା ଖିଚିଙ୍ଗର ପ୍ରଚୀନ ଶିଳ୍ପ ବାହାର କରି ପ୍ରଚାର କରୁଅଛନ୍ତି। ପଣ୍ଡିତ ମାନେ ସ୍ଥିର କରନ୍ତି, ତାହା ପ୍ରାଚୀନତର ଓ ଉତ୍କୃଷ୍ଟତର। ମୟୂରଭଞ୍ଜର ଏ ଜାତୀୟ କାର୍ଯ୍ୟରେ ଓଡ଼ିଆ ପ୍ରଗତିର ପ୍ରତ୍ନପୀଠ ଦୃଢ଼ତର ହୋଇଅଛି ଓ ହେଉଛି ସଂଦେହ ନାହିଁ।

ପୁଷ୍ପଗିରି ବିହାର -

ବହୁକାଳରୁ କଟକ ଜିଲ୍ଲାର ଉଦୟଗିରି ଓ ରତ୍ନଗିରିରେ ଥବା ପ୍ରାଚୀନ ଖୋଦନ ଓ ଗଠନ ଶିଳ୍ପର ଆଭାସ ମିଳିଚି। ସେହି ଅଭାସମାତ୍ର ଘେନି ପଣ୍ଡିତମାନେ କହନ୍ତି, ଏହା ୭ମ ଶତାବ୍ଦୀର ଶିଳ୍ପକଳା ଓ ଏହାର ଅନନ୍ୟ ବିଶେଷତ୍ୱ ଅଛି। ରାୟବାହାଦୁର ରମାପ୍ରସାଦ ଚନ୍ଦ କହନ୍ତି, ଏହି ସ୍ଥାନ ଓ ଏହାର ନିକଟବର୍ତ୍ତୀ ସ୍ଥାନରେ ମିଳିଥିବା ମୂର୍ତ୍ତି ଶିଳ୍ପମାନ ଭାରତରେ ଅନନ୍ୟସାଧାରଣ । ସେ ସୂଚନା ଦେଇଛନ୍ତି, ଏହାହିଁ 'ହୁଏନ୍‌ସା'ବର୍ଣ୍ଣିତ 'ପୁଷ୍ପଗିରି'। ଏଇଠାରେ ସେକାଳେ ନାଳନ୍ଦ ପରି ଏକ ବିଶ୍ୱବିଦ୍ୟାଳୟ ଥିଲା। ନାଳନ୍ଦ ଦର୍ଶନ ପାଇଁ ଓ ପୁଷ୍ପଗିରି ମହାଯାନ-ଯୋଗ ପାଇଁ ସେକାଳରେ ପ୍ରସିଦ୍ଧି ଲଭିଥିଲା। ଚୀନ ଦେଶରେ ସୁରକ୍ଷିତ ସେ କାଳର ଲେଖା ଧରି ଅଧ୍ୟାପକ ସିଲ୍‌ଭାନ୍ ଲେଭି (Prof. Sylvan Levy) ପ୍ରମାଣ କରନ୍ତି ଯେ, ୭ମ ଶତାବ୍ଦୀର ଶେଷକୁ ଉତ୍କଳରାଜା 'ଶୁଭକର କେଶରୀ' (ଅଧ୍ୟାପକ ବିନାୟକ କହନ୍ତି, ଶାନ୍ତିକର କେଶରୀ - କାରଣ ଚୀନ ଭାଷାରେ ନାମଟିର ଅନୁବାଦ ଅଛି - ଯେ ଉତ୍ତମ କାର୍ଯ୍ୟ କରେ) ଏଇ ବିଶ୍ୱବିଦ୍ୟାଳୟରୁ 'ପ୍ରାଜ୍ଞ'ଙ୍କୁ ଏକ ହାତଲେଖା ବୌଦ୍ଧ ଗ୍ରନ୍ଥ ଦେଇ ଚୀନ ସମ୍ରାଟଙ୍କୁ ତାହା ଉପହାର ଦେବା ନିମନ୍ତେ ଚୀନ ଦେଶକୁ ପଠାଇଥିଲେ। ଏଇ 'ପ୍ରାଜ୍ଞ' ପଶ୍ଚିମ ଭାରତରେ ଜନ୍ମ ହୋଇଥିଲେ; ଉତ୍ତର ବିଦ୍ୟାଶିକ୍ଷା ସାରି, ୧୮ବର୍ଷ କାଳ ନାଳନ୍ଦରେ ଅଧ୍ୟୟନରେ ରହି ଶେଷରେ ଉତ୍କଳରାଜାଙ୍କର ଏଇ ମଠରେ ଯୋଗ ଶିକ୍ଷାରେ ଜୀବନ କଟାଇବାର ସ୍ଥିର କରିଥିଲେ।

ସରକାରଙ୍କ କାର୍ଯ୍ୟ -

ଏବେ ସେଇ ପୁଷ୍ପଗିରି ବିହାର ବା ମଠଟି ପୋତିହୋଇ ପଡ଼ି ସ୍ଥାନେ ସ୍ଥାନେ ଗୋଟିଏ ଗୋଟିଏ ସ୍ତୂପ ପରି ରହିଚି। ତାହା ପ୍ରାୟ ଇଟାରେ ପୂର୍ଣ୍ଣ। କେବେ କେବେ ଖଣ୍ଡେ ପଥର ବା ପଥର ମୂର୍ତ୍ତି ପ୍ରଭୃତି ବାହାରି ପଡୁଚି । ଏଇପରି ସ୍ଥାନସବୁ ଖୋଳି ତତ୍ତ୍ୱାନୁସଂଧାନ କରିବା ପାଇଁ ସରକାରଙ୍କର ଗୋଟିଏ ବିଭାଗ ଅଛି। ପାଟଣାରେ ସେଇ ବିଭାଗର ଗୋଟିଏ ପ୍ରତିଷ୍ଠାନ ଅଛି। ପାଟଣା, ରାଜଗୃହ ଓ ନାଳନ୍ଦ ପ୍ରଭୃତିର ଖୋଦନ ଓ

Digitized by PPRACHIN, SOA

ଆବିଷ୍କ୍ରିୟାମାନ ସେଇ ପ୍ରତିଷ୍ଠାନର କାର୍ଯ୍ୟ। କିନ୍ତୁ ଓଡ଼ିଶା ଏବ ବିହାର ତଥା ପାଟଣାର ଅଙ୍ଗ। ନାଳନ୍ଦା ସମକକ୍ଷ ପ୍ରାଚୀନ ମଠ ଓଡ଼ିଶାରେ ଥିଲା ଓ ସେଠାରେ ପ୍ରାଚୀନ ସଂସ୍କୃତିର ଗୋଟିଏ ଅଙ୍ଗ ଅର୍ଥାତ୍ ଯୋଗର ଏକାନ୍ତ ଅଲୋଚନା ହେଉଥିଲା। ଅପରଂତୁ ସେଠାରେ ଦକ୍ଷିଣ ଭାରତର ଅନନ୍ୟସାଧାରଣ ସ୍ଥାପତ୍ୟର ବିକାଶ ହୋଇଥିଲା- ଏ ସବୁର ସୁଚନା ମିଳିବା ସ୍ଥଳେ, ସରକାରଙ୍କର ପ୍ରତ୍ନତତ୍ତ୍ୱ ବିଭାଗ ସେ ସବୁର ବିଶେଷ ଅନୁସଂଧାନ ଓ ଆବଷ୍କ୍ରିୟା ପାଇଁ ବ୍ୟବସ୍ଥା ନ କରିବା ଉଚିତ ନୁହେ। ଆଶାକରୁ, ପ୍ରତ୍ନତତ୍ତ୍ୱାନୁସଂଧାନ ବିଭାଗର ପାଟଣା କର୍ତ୍ତା ଏଥିରେ ମନ ଦେବେ।

ନବ ଭାରତ-୧/୮, ଆଲୋଚନା

ଓଡ଼ିଶାର ପ୍ରତ୍ନ ବିଭବ ଓ ଗବେଷଣାର ପନ୍ଥା

ପ୍ରାଚୀନ କଳିଙ୍ଗର ବ୍ୟାପ୍ତି -

ବ୍ରହ୍ମାବର୍ତ୍ତ ମଧ୍ୟଦେଶ ତଥା ହସ୍ତିନା, ପଞ୍ଚାଳ, କୋଶଳ ପ୍ରଭୃତି ବହୁ ପ୍ରାଚୀନ ସତ, ହେଲେହେଁ ସେ ପ୍ରାଚୀନତାର ପ୍ରଭାବ ସେ ଅଞ୍ଚଳମାନଙ୍କରେ ଏବେ ତାଦୃଶ ସ୍ୱଷ୍ଟ ନୁହେଁ। ବହୁ କାଳରୁ ରାଷ୍ଟ୍ର ଓ ସଂସ୍କୃତିର କେନ୍ଦ୍ର ମଗଧ ତଥା କଳିଙ୍ଗକୁ ଘୁଞ୍ଚି ଆସିଥିଲା। କଳିଙ୍ଗ ହିଁ ଏବର ଓଡ଼ିଶା । ପ୍ରାଚୀନ କଳିଙ୍ଗ ଗଙ୍ଗାକୂଳରୁ ବଂଶଧାରାର ସେପାଖଯାଏ ଥିଲା ଓ ପରେ ଗୋଦାବରୀ ଯାଏ ମଧ୍ୟ ବଢ଼ିଥିଲା । ଏଇ ଭୂମି ପରେ ଉତ୍କଳ ଓ ଏବେ ଓଡ଼ିଶା ହେଲା ।

ଏଇ କଳିଙ୍ଗ ଓ ମଗଧ ଭିତରେ ଚିର ଆଦାନ ପ୍ରଦାନ ଥିଲା। କଳିଙ୍ଗର ସିଂହପୁରରୁ ବିଜୟ ସିଂହ ଯାଇ ସିଂହଳରେ ରାଜ୍ୟ ବସାଇ ଥିଲେ । କଳିଙ୍ଗର ବନ୍ଦର ତାମ୍ରଲିପ୍ତିରୁ ଲୋକେ ଯାଇ ବ୍ରହ୍ମ, ସୁମାତ୍ରା, ଯବ, ବଳି, ଶ୍ୟାମ, ପୂର୍ବ ଉପଦ୍ୱୀପରେ ଧର୍ମ ଓ ଉପନିବେଶ ସ୍ଥାପନ କରିଥିଲେ । ଚୀନ୍ ଜାପାନ ସଙ୍ଗେ ମଧ୍ୟ କଳିଙ୍ଗର ସମ୍ବନ୍ଧ ବରାବର ରହିଆସିଥିଲା।

କଳିଙ୍ଗ ସଭ୍ୟତା -

ଆଲେକ୍‌ଜାଣ୍ଡର ଏ ଦେଶକୁ ଆସିଲା ବେଳେ ମଗଧ ଓ କଳିଙ୍ଗର ବିରାଟ ଶକ୍ତି କଥା ଶୁଣି ତାଙ୍କ ସୈନ୍ୟମାନେ ଆଗେଇ ନଥିଲେ । ଏଇ ମଗଧ ଓ କଳିଙ୍ଗ ମୂଳରୁ ବୌଦ୍ଧ ଓ ଜୈନ ଧର୍ମର ବିରାଟ କେନ୍ଦ୍ର ଥିଲା । ବୌଦ୍ଧଧର୍ମ ପରେ ଘୃଣିତ ହୋଇ ଏ ଦେଶରେ ପରିତ୍ୟକ୍ତ ହେଲା ଓ ଅଙ୍ଗ ବଙ୍ଗ କଳିଙ୍ଗ ମଗଧ ଏପରି କି ସୌରାଷ୍ଟ୍ର ମଧ୍ୟ ତୀର୍ଥଭୂମି ହୋଇଥିଲେ ହେଁ ପତିତ ଭୂମି ବୋଲି ହିନ୍ଦୁ ଶାସ୍ତ୍ରରେ ପରିଚିତ ହେଲା ।

ଅଙ୍ଗ ବଙ୍ଗ କଳିଙ୍ଗେଷୁ, ସୌରାଷ୍ଟ୍ର ମଗଧେଷୁଚ, ତୀର୍ଥଯାତ୍ରାଂ ବିନାଗଚ୍ଛନ୍, ପୁନଃ ସଂସ୍କାର ମର୍ହତି ।

Digitized by PPRACHIN, SOA

ବୌଦ୍ଧର ଶୂନ୍ୟବାଦ -

ଯୁଗ ଥିଲା ଯେତେବେଳେ ବୌଦ୍ଧ ମହାଯାନ ଧର୍ମ ଅଧଃପତିତ ହୋଇ ବଜ୍ରଯାନ, ସହଜଯାନ ପ୍ରଭୃତି ପନ୍ଥାରେ ବଙ୍ଗ ବିହାର ଉତ୍କଳରେ ଅପଚାର ବ୍ୟଭିଚାର ପ୍ରଭୃତି ବୁଣି ଦେଇଥିଲା। ମାତ୍ର ସମ୍ଭବତଃ କଇଙ୍ଗୋଡ଼ ବା ସେକାଳର କଳିଙ୍ଗ- ଓଡ୍ରରେ ସେ ଧର୍ମ ବ୍ୟାପି ନଥିଲେ ହେଁ ବୌଦ୍ଧ ମତର ଶୂନ୍ୟବାଦ ଯୋଗ ଯେ ଓଡ଼ିଶାର ନିଜସ୍ୱ ତାହାର ଆଭାସ ମିଳୁଚି । ପରେ ବୈଦିକ ଧର୍ମର ପୁନରୁ ।ନରେ ବୌଦ୍ଧମାନେ ତଳ ଜାତିରେ ଗୃହୀତ ହେଲେ - ବୌଦ୍ଧ ହୀନଯାନ ପୀଠ ସବୁ ଶୈବ ଓ ମହାଯାନ ପୀଠମାନ ବୈଷ୍ଣବ ଧର୍ମର କେନ୍ଦ୍ରରେ ପରିଣତ ହୋଇଥିଲା । ଏବର ରତ୍ନଗିରି ବା ସେ କାଳର ପୁଷ୍ପଗିରିବିହାର ଶୂନ୍ୟବାଦ ଯୋଗର ପ୍ରଧାନ୍ କେନ୍ଦ୍ର ଥିଲା ଓ ଭାରତ ଚୀନ, ତିବ୍ବତ ଓ ଅନ୍ୟାନ୍ୟ ବିଦେଶରୁ ଲୋକେ ଏଠାକୁ ଆସି ଏଠାରେ ରହି ଯୋଗ ଶିକ୍ଷା କରୁଥିଲେ।

ଓଡ଼ିଶାର ବୈଷ୍ଣବ ଧର୍ମ -

ଓଡ଼ିଶାର ନିଜସ୍ୱ ବୈଷ୍ଣବ ଧର୍ମ ବଙ୍ଗର ବ୍ରଜଲୀଳା ଠାରୁ ଭିନ୍ନ । ଏହା ବୈଦିକ ବୈଷ୍ଣବ ଧର୍ମ ହେଲେ ହେଁ ଏଥିରେ ସେଇ ଶୂନ୍ୟବାଦ ଯୋଗ ଓ ଶରୀର ସାଧନାର ସ୍ପଷ୍ଟ ଛାପ ଦେଖାଯାଏ। ଜଗନ୍ନାଥ, ବଳରାମ, ଅଚ୍ୟୁତ, ଅନନ୍ତ, ଯଶୋବନ୍ତ ପ୍ରଭୃତି ସାଧକ ଓ ସିଦ୍ଧମାନେ ଚୈତନ୍ୟଙ୍କ ସମସାମୟିକ ଓ ସହଯୋଗୀ ହେଲେ ହେଁ, ସେମାନଙ୍କ ପ୍ରଚାରିତ ମତ ଯେ ଚୈତନ୍ୟଙ୍କ ଦ୍ୱୈତ ମତରୁ ଭିନ୍ନ ଥିଲା, ଏହା ଜଣାପଡ଼େ। ସେମାନେ ଏଇ ଶରୀର ସାଧନା ଓ ଶୂନ୍ୟବାଦ ଯୋଗ ହିଁ ପ୍ରଚାର କରୁଥିଲେ। ଏବର ଭୀମାଭୋଇ ତଥା ଓଡ଼ିଶା ଗଡ଼ଜାତର ମହିମାଧର୍ମୀ ମାନେ ସ୍ପଷ୍ଟତଃ ଏଇ ଶୂନ୍ୟବାଦ ମତର ସାଧକ ଓ ପୋଷକ। ଏବେ ଏଇ ମତ ନାନା ଭାବରେ ହିନ୍ଦୁ ଧର୍ମର ନାନା ଶାଖାର ପୋଷାକ ପିନ୍ଧି ଓଡ଼ିଶାର ପଲ୍ଲିମାନଙ୍କରେ ବିସ୍ତୃତ ପ୍ରଭାବରେ ବ୍ୟାପି ରହିଅଛି। ଶରୀର ଭେଦ ଭଜନ, ଶୂନ୍ୟସଂହିତା, ମାଳିକା ପ୍ରଭୃତିରେ ଯେଉଁ ତତ୍ତ୍ୱର ପ୍ରକାଶ, ଓଡ଼ିଶାର ପଲ୍ଲିରେ ନାନା ଗ୍ରାମ୍ୟଗାନ, କିଂବଦନ୍ତୀ ଓ ସାମାଜିକ ରୀତି ତଥା ବ୍ୟକ୍ତିଗତ କ୍ରିୟାକଳାପରେ ସେଇ ତତ୍ତ୍ୱର ପ୍ରଭାବ ପୂରି ରହିଚି।

ସେ ସବୁର ଉଦ୍ଧାର କରୋର୍ -

ଏଇ ଶୂନ୍ୟବାଦ ସାଧନ ଓଡ଼ିଶାର ନିଜସ୍ୱ । ଏଥିରେ ଦକ୍ଷିଣ ଓଡ଼ିଶା ଓ ଗଡ଼ଜାତ ଏବେ ପୂରି ରହିଚି। ବିହାର ବଂଗ ଉତ୍କଳର ବୈଷ୍ଣବ ଧର୍ମ ବା ସହଜିଆ ମତ ପରି ଏଥିରେ ସେତେ ବୀଭତ୍ସତା ମଧ୍ୟ ସମ୍ଭବତଃ ଇତିହାସରେ କେବେ ପ୍ରକାଶ ପାଇନାହିଁ । ପୁଣି ଆମେ ମଧ୍ୟ ପୂର୍ବେ ପ୍ରବନ୍ଧାନ୍ତରରେ ସୂଚନା ଦେଇଥିଲୁ, ଏହା ହିଁ ଭାରତର ପ୍ରାଗ୍

Digitized by PPRACHIN, SOA

ବୈଦିକ ଧର୍ମ ଓ ସାଧନାର ଯଥାର୍ଥ ଅବତଂସ। କିନ୍ତୁ କାଳକ୍ରମେ ଏହା ନିଜର ମୌଳିକ ତୀବ୍ରତା, ସ୍ୱଷ୍ଟତା ହରାଇ ଏବେ ବୈଷ୍ଣବ ଧର୍ମର ଆବରଣରେ ନାନା ଭାବରେ ଆତ୍ମଗୋପନ କରିସାରିଚି । ଏବେ ମଧ୍ୟ ଏହା ଅବହେଳାରେ ପଡ଼ି କ୍ରମେ ଲୁପ୍ତ ହେବା ଉପରେ । ସେସବୁର ଉଦ୍ଧାର ଅତିଶୀଘ୍ର ଦରକାର । ସେଥିପାଇଁ ପଲ୍ଲୀରେ ପଲ୍ଲୀରେ ବୁଲି କିମ୍ବଦନ୍ତୀ, ପଲ୍ଲୀର ପ୍ରବଚନ, ଗୀତ, ବିଶିଷ୍ଟ ଆଚାର ବ୍ୟବହାର ପ୍ରଭୃତି ଅତି ଶୀଘ୍ର ସଂଗ୍ରହ କରିବା ଦରକାର । ଶିଳାଲେଖ ଓ ଶିଳ୍ପାବଶେଷ ଏଥିରେ ସାହାଯ୍ୟ କରିପାରେ। ଅତି ପ୍ରାଚୀନ ତାମ୍ରଶାସନାଦିରେ ମଧ୍ୟ ଏହାର କଥଂଚିତ୍ ସୂଚନା ଥାଇପାରେ। ସେ ସବୁ ମଧ୍ୟ କିମ୍ବଦନ୍ତୀ, ଗୀତ ପ୍ରଭୃତି ପରି କ୍ରମେ ଲୋପ ପାଉଚି। ଏ କଥା ମନେ ରଖି ଅଚିରେ କାର୍ଯ୍ୟକ୍ଷେତ୍ରରେ ଅବତୀର୍ଣ୍ଣ ହେବା ପ୍ରୟୋଜନ ।

ଆଧୁନିକ ଶିକ୍ଷାପଦ୍ଧତି ଓ ଆଭିମୁଖ୍ୟ –

ପୂର୍ବେ ଆମ ଦେଶରେ ଲୋକଶିକ୍ଷାର ଯେ ପଦ୍ଧତି ଥିଲା, ସେଥିରେ ଏସବୁ କେତେକ ଜୀବନ୍ତ ରହିବାର ସମ୍ଭାବନା ଥିଲା। ଶିଶୁ ଚାଟଶାଳୀରେ ଅଚ୍ୟୁତ ଦାସଙ୍କ ଶୂନ୍ୟ ସଂହିତା ଓ ବଳରାମ ଦାସଙ୍କ ବ୍ରହ୍ମାଣ୍ଡ ଭୂଗୋଳ ମୁଖସ୍ଥ କରୁଥିଲା । ଏବେ ସେସବୁର ଆଦୌ ସମ୍ଭାବନା ନାହିଁ। ପୁଣି ପଲ୍ଲୀରେ ଯାତ୍ରା, ପାଲା, ଉତ୍ସବ ପ୍ରଭୃତିରୁ ପ୍ରାଚୀନ ସଂସ୍କୃତି ଧାରା ଓ ପରଂପରାର ଯେ ସୂଚନା ମିଳୁଥିଲା, ତା ଲୋପ ପାଉଚି। ଏବେ ବରଂ ଲୋକେ ସେସବୁକୁ ଦୁର୍ନୀତି ଓ କୁରୀତି ବୋଲି ବୁଝି ପ୍ରଚାର କରୁଚନ୍ତି । ରଘୁ ଅରଖିତର ଭକ୍ତିରେ ପତ୍ନୀ ତ୍ୟାଗ ଓ କର୍ଣ୍ଣର ଦାତୃତ୍ୱରେ ପୁତ୍ରହତ୍ୟା, ରମଣୀର ସତୀତ୍ୱରେ ପର ପାଖେ ଆତ୍ମବିକ୍ରୟ ପ୍ରଭୃତି ଦେଶର ସଂସ୍କୃତିର ପାରଂପାରିକ ପ୍ରବାହ ଧାରା ଛିନ୍ନ ଓ ଲୀନ ହୋଇଯାଉଚି । ତାଳପତ୍ର ପୋଥି ଖେଦା ଆଉ ଲେଖା ହେଉନାହିଁ- ଯାହା ଥିଲା ଉଇ ଖାଉଚି ବା ପାଣିରେ ପଡୁଚି । ନାଥ ଯୋଗୀ ଓ ଚକୁଳିଆ ପଣ୍ଡା ଗୀତ ଗାଇ ଇତିହାସ ଓ ପରଂପରା ପ୍ରଚାର କରୁଥିଲେ, ତାଙ୍କୁ ଏବେ ଭିଖ ମାଗିବାର ଦେଖିଲେ ଟାଟା କମ୍ପାନୀରେ ଯାଇ କାମ କରି ପେଟ ପୋଷିବାର ଉପଦେଶ ଦିଆଯାଉଚି । ଏଇପରି ନାନା ଦିଗରେ ପରଂପରା ଲୋପ ପାଇବାକୁ ବସିଲାବେଳେ ଗବେଷଣାର ଅନୁଧାବନ କିପରି କଷ୍ଟସାଧ୍ୟ, ତା ବୁଝାଇବାର ବସ୍ତୁ ନୁହେଁ ।

ବିଦେଶରେ ସରଂଜାମ –

କେବଳ ଏଇ ଓଡ଼ିଶା ବା ଆଖପାଖ ପ୍ରଦେଶରେ ନୁହେଁ, ନେପାଳରେ ଯେଉଁ ମଧ୍ୟ-ଯୁଗର ବୌଦ୍ଧ ଓ ଜୈନ ସାହିତ୍ୟ ଏବେ ମିଳୁଚି, ସେଥିରେ ଓଡ଼ିଶାର ମହାଯାନ ମତର ମନୀଷୀଙ୍କ ଗ୍ରନ୍ଥ ମିଳିଚି। ଆଉ କେତେ ପ୍ରତ୍ନସଂପଦ ସେଠାରେ ଥିବ, କିଏ

Digitized by PPRACHIN, SOA

କହିପାରେ ? ବଂଗ ଛଡ଼ା ଆନ୍ଧ୍ର ଓ ତାମିଲ୍ ଦେଶରେ ଓଡ଼ିଶାର ପ୍ରାଚୀନ କୀର୍ତ୍ତିର ଅବଶେଷ ବୁଣା ହୋଇଚି। ବେଙ୍କଟେଶ୍ୱର ଓ ଜଗନ୍ନାଥଙ୍କ ଭ୍ରାତୃସଂବଂଧ ଏବେ ମଧ ଉଦ୍‌ଘାଟିତ ହୋଇନାହିଁ । ପୁରାଣ 'ମହାପ୍ରସାଦ' ସଂବଂଧରେ ତ କହିଚନ୍ତି -

"ସ୍ୱର୍ଣ୍ଣାଦ୍ରୌ ଚୈବ ନୀଳାଦ୍ରୌ
ତଥା ଚ ବେଙ୍କଟାଚଳେ।"

ଅର୍ଥାତ୍ ସ୍ୱର୍ଣ୍ଣାଦ୍ରି (ଭୁବନେଶ୍ୱର), ନୀଳାଦ୍ରି (ଜଗନ୍ନାଥ) ଓ ବେଙ୍କଟାଚଳ (ତିରୁମଲାଇର ବେଙ୍କଟେଶ୍ୱର)- ଏଇ ତିନି ସ୍ଥାନର ଭୋଗ ମହାପ୍ରସାଦ ହୁଏ । ଏଇ ତିନି ସ୍ଥାନର ସଂଖୁଡ଼ି ଭୋଗ ଜାତି ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଖାଆନ୍ତି। ଓଡ଼ିଶାର ଏ ବିଶିଷ୍ଟ ସଂସ୍କୃତି କି ଭାବରେ କି ପ୍ରଭାବରେ ଆନ୍ଧ୍ର ଓ ତାମିଲ୍ ଦେଶର ସୀମା ଚିତୋର ଜିଲାରୁ ତିରୁମଲାଇ ପର୍ବତରେ ଥିବା ବେଙ୍କଟେଶ୍ୱର (ଶ୍ରୀବୈଷ୍ଣବଙ୍କ ଉପାସ୍ୟ ଦେବତା)ଙ୍କ ଠାକୁ ବ୍ୟାପିଲା, ତାହା କେହି ଅନୁସଂଧାନ କରିନାହାନ୍ତି।

ସୁରତ୍ ବା ସୌରାଷ୍ଟ୍ରର ଆଉରି ପଶ୍ଚିମକୁ ଥିବା ସିଂଧୁ ଦେଶର ବଲ୍ଲଭିପୁର କଳିଙ୍ଗର ବାଣିଜ୍ୟ କେନ୍ଦ୍ର ଥିଲା। ସେଥିପାଇଁ ଅଙ୍ଗ, ବଙ୍ଗ, କଳିଙ୍ଗ ସଙ୍ଗେ ସୌରାଷ୍ଟ୍ର ସମଧର୍ମା ଥିବାର ପୂର୍ବେ କୁହାଯାଇଚି । ଖାରବେଳ ଶିଳାଲେଖରେ ପାରସ୍ୟ ଉପକୂଳରେ କଳିଙ୍ଗର ବାଣିଜ୍ୟ ଥିବାର ଜୟସ୍ୱାଲ୍ ଆଭାସ ପାଇଥିଲେ। ଫରାସୀ ପଣ୍ଡିତ ସିଲ୍‌ଭାନ୍ ଲେଭି ଚୀନ୍ ସଙ୍ଗେ ଉତ୍କଳରାଜଙ୍କର ସ୍ପଷ୍ଟ ଆଦାନ ପ୍ରଦାନ ଥିବା କଥା ଚୀନ୍ ଦେଶ ସାହିତ୍ୟରୁ ବାହାର କରି ଦେଖାଇଚନ୍ତି । ରୋମ ନଗରୀ ସଙ୍ଗେ ମାଲବାର ବାଟେ କଳିଙ୍ଗର ମଧ ସମ୍ପର୍କ ଥିବାର କେହି କେହି ଅନୁମାନ କରନ୍ତି । ଏହାଛଡ଼ା ସିଂହଳ, ବ୍ରହ୍ମ, ଜବ, ବଳି, ଶାମ୍ ପ୍ରଭୃତି ଯେଉଁ ସବୁ ଦେଶରେ ହୀନଯାନ ବୌଦ୍ଧମତ ଏବେ ଚଳେ, ସେଠାରେ ସେହି ମତ ଯେ ପ୍ରାଚୀନ ଓଡ଼ିଶାରୁ ଏକା ପ୍ରଭାବିତ ହୋଇଥିବ ସେ ସମ୍ଭାବନା ସ୍ପଷ୍ଟ, କାରଣ କଳିଙ୍ଗ ହିଁ ପୂର୍ବ ଉପକୂଳରେ ହୀନଯାନ ମତର ଏକମାତ୍ର ପୀଠ ଥିଲା। ସିଂହଳ ସଙ୍ଗେ କଳିଙ୍ଗର ସଂବଂଧ ଓ ଆଦାନ ପ୍ରଦାନ ସିଂହଳରେ ରକ୍ଷିତ ଇତିହାସ ସ୍ପଷ୍ଟ କହୁଚି। ବ୍ରହ୍ମଦେଶ ପେଗୁର ପ୍ରାଚୀନ ନାମ ଓଡ଼ିଶା। ଓଡ଼ିଶାର ସନ୍ନ୍ୟାସୀମାନେ ୭ମ ଶତାବ୍ଦୀରେ ସେଠାରେ ଉଦୟଗିରିର ଗୁମ୍ଫା ଅନୁକରଣରେ ବିହାର ଓ ମନ୍ଦିର ନିର୍ମାଣ କରିଥିବା କଥା ବ୍ରହ୍ମଦେଶର ଇଂରେଜ ଐତିହାସିକ ସ୍ପଷ୍ଟ ଲେଖିଛନ୍ତି। ବ୍ରହ୍ମ ଦେଶରେ କଳିଙ୍ଗ ବା କ୍ଲଙ୍ଗ୍ ବୋଲି ଗୋଟିଏ ଜାତି ଏବେ ଅଛନ୍ତି। ତେବେ ସେସବୁ ଭୂମିମାନଙ୍କରେ ଶିଳ୍ପ, ସ୍ଥାପତ୍ୟ, ଲେଖ, ଶାସନ, ପୁରାଣ, ପ୍ରବଚନ, କଥା, କିଂବଦନ୍ତୀ ପ୍ରଭୃତିରେ ପ୍ରାଚୀନ ଉତ୍କଳର କି ତଥ୍ୟ ମିଳିପାରେ, ତାହା ଅନୁସନ୍ଧାନ କରିବାକୁ ହେବ ।

Digitized by PPRACHIN, SOA

ଆଜିକାଲିର ଅନୁସଂଧାନ -

ବିଶ୍ୱ ବିଦ୍ୟାଳୟର ଉପାଧି ବା ଅଧ୍ୟାପକ ବୃତ୍ତିରେ ଯେପରି ଧନ ଓ ମହତ୍ତ୍ୱ ଅଛି, ସେଇ ଆଦର୍ଶ ଆଗରେ ରଖି ଗବେଷଣାରେ ଅନ୍ୟର ଲିଖିତ ଓ ପ୍ରକାଶିତ ଗ୍ରନ୍ଥରୁ ଅନୁସନ୍ଧାନ କରି କିଂବା ଦୁଇଟି ଗୋଟିଏ ପ୍ରାଚୀନ ତଥ୍ୟ ଦେଖାଇ ନିଜ ମତରେ ତା ଉପରେ ଗ୍ରନ୍ଥ ପ୍ରବଂଧ ଲେଖି ପ୍ରତିପତ୍ତି କମାଇବାକୁ ଲୋକେ ହୁଏତ ଗବେଷଣା ବୋଲି ମନେ କରନ୍ତି । ଆଜିକାଲି ଲୋକଙ୍କର ଦୃଷ୍ଟି ସବୁ କାର୍ଯ୍ୟରେ ଯେପରି ଏ କାର୍ଯ୍ୟରେ ମଧ୍ୟ ସେଇପରି ବହିରାବରଣ ଓ ପ୍ରତିପତ୍ତି ଆଡ଼େ । କାମ କରିବା ଦରକାର ନାହିଁ, କାମ ଦେଖାଇଲେ ହେଲା ।

ଏ କ୍ଷେତ୍ରରେ ଓଡ଼ିଆଙ୍କ କର୍ତ୍ତବ୍ୟ -

କିନ୍ତୁ ପଲ୍ଲୀରେ ବୁଲି କଥା କିଂବଦନ୍ତୀ ସଂଗ୍ରହ କରିବା, ପେଟରେ ଓଦାକନା ପକାଇ ଜବ, ବାଲି, ବ୍ରହ୍ମ ପ୍ରଭୃତିରେ ବୁଲି ସେ ଦେଶରୁ ତଥ୍ୟ ସଂଗ୍ରହ କରିବା, ବିଜ୍ଞାନସମ୍ମତ ରୀତିରେ ସେସବୁ ତଥ୍ୟ ଶୃଙ୍ଖଳାରେ ପ୍ରକାଶ କରିବା - ଏସବୁ ଯେ କିପରି ଦାରିଦ୍ର୍ୟ, ପାଣ୍ଡିତ୍ୟ ଓ ଧୈର୍ଯ୍ୟ ଦରକାର କରେ, ତାହା ହୁଏତ ଅନେକେ ଅନୁମାନରେ ସୁଦ୍ଧା କଳନା କରିନାହାନ୍ତି। ଓଡ଼ିଶା ଆଜିଯାଏ ସ୍ୱତନ୍ତ୍ର ପ୍ରଦେଶ ନଥିଲା। ଏବେ ଓଡ଼ିଶା ପ୍ରଦେଶ ପ୍ରତି ବିଶିଷ୍ଟ ଭାବରେ ବିଶ୍ୱଦୃଷ୍ଟି ଆକୃଷ୍ଟ ହେବ। ଓଡ଼ିଆ ଏ କ୍ଷେତ୍ରରେ କର୍ମଠତା ଦେଖାଇପାରିଲେ ତିଷ୍ଠିବେ। ଗବେଷଣାର ଏହି କୁଟିଳ ଓ କ୍ଷୁରଧାରା ଧରି ଗତି କରିବାକୁ ଯୁବକମାନେ ପ୍ରସ୍ତୁତ ହୁଅନ୍ତୁ । ପ୍ରାଚୀନତା ଉପରେ ଭବିଷ୍ୟତର ପ୍ରତିଷ୍ଠା କରିପାରିଲେ ଜାତିର ବ୍ୟକ୍ତିତ୍ୱ ଫୁଟିବ-ଓଡ଼ିଶା ପ୍ରତିବେଶୀ ପ୍ରଦେଶମାନଙ୍କ ସଙ୍ଗେ ଅଚିରେ ଅନ୍ତତଃ ସମକକ୍ଷ ହେବ ।

ନବଭାରତ-୩/୧ ଆଲୋଚନା

ଓଡ଼ିଶାର ପ୍ରତ୍ନତତ୍ତ୍ୱ ଓ ଗଡ଼ଜାତ

ଏବେ ଇତିହାସ ଅନୁସନ୍ଧାନକଲେ ଜଣାପଡୁଛି, ଆଜି ଯେଉଁ ଗଡଜାତ ବଣୁଆ ଓ ଅନ୍ଧାରି ମୁଳକ ହୋଇପଡ଼ିଛି, ଦିନେ ତାହା ବିରାଟ ଉତ୍କଳ ଓ ଉଡ୍ର ସଭ୍ୟତାର ରଙ୍ଗସ୍ଥଳୀଥିଲା । ସମୁଦ୍ର ଗୁପ୍ତଙ୍କୁ ଭେଟିଥିବା ବ୍ୟାଘ୍ରରାଜ ଯେଉଁଠାରେ ଥିଲେ, ଠିକ୍ ଜଣାନପଡିଲେ ମଧ୍ୟ ଓଡ଼ିଶାର ଗଡଜାତମାନ ତାଙ୍କ ରାଜ୍ୟର ଅନ୍ତର୍ଭୁକ୍ତ ଥିବାର ଅନୁମାନ ହୁଏ । ସେହି ସମୟର କୌରାଳକ ମନ୍ତରାଜ ବୌଦ ସୋନପୁର ରସଲକୋଣ୍ଡା ପ୍ରଭୃତି ଅଞ୍ଚଳରେ ରାଜତ୍ୱ କରୁଥିଲେ । ପରବର୍ତ୍ତୀ ଯୁଗରେ ଘୁମୁସରଠାରୁ ମୟୂରଭଞ୍ଜ ପର୍ଯ୍ୟନ୍ତ ବହୁକାଳ ଭଞ୍ଜ ରାଜଭୂମି ଥିଲା । ପରେ ସେମାବଂଶୀମାନେ ଏହି ଗଡ଼ଜାତକୁ ହିଁ ବହୁକାଳ ନିଜର କର୍ମକ୍ଷେତ୍ର କରିଥିଲେ ।

Digitized by PPRACHIN, SOA

ଆଉ ଯାହା ହେଉ, ଗଡଜାତର ପ୍ରତ୍ନ ବିଭବ କାଳରେ ସେତେ ଧ୍ୱଂସ ହୋଇନାହିଁ । ଉପକୂଳର ସମଭୂମି ପରି ବିଭିନ୍ନ ସଭ୍ୟତାର ଝଞ୍ଜା ଗଡଜାତକୁ ସେତେ ବାଧି ନାହିଁ । ଏବେ ପଣ୍ଡିତ ବିନାୟକ ମିଶ୍ର ହିନ୍ଦୋଳ ଓ ତାଳଚେର ପ୍ରଭୃତିରୁ ପ୍ରାଚୀନ ଭୌମ ବଂଶର ଲିପିମାନ କ୍ରମେ ପ୍ରକାଶ କରୁଛନ୍ତି । ମୟୂରଭଞ୍ଜର ପ୍ରାଚୀନ ଶିଳ୍ପ ସ୍ୱାତନ୍ତ୍ର୍ୟ ଗବେଷଣା ଜଗତରେ ଏବେ ସୁବିଦିତ । ମୟୂରଭଞ୍ଜ ମହାରାଜା ମଧ୍ୟ ନିଜ ରାଜ୍ୟର ତଥା ଓଡ଼ିଶାର ପ୍ରତ୍ନତତ୍ତ୍ୱ ପ୍ରଚାରରେ ଅତି ପ୍ରଶଂସନୀୟ ଭାବରେ ମନୋଯୋଗ ଦେଇଛନ୍ତି । ମୟୂରଭଞ୍ଜ ପରି କେନ୍ଦୁଝରରେ ପ୍ରତ୍ନତତ୍ତ୍ୱ ଗବେଷଣା ନିମନ୍ତେ ବହୁ ସାମଗ୍ରୀ ଏବେ ମଧ୍ୟ ପଡ଼ିରହିଛି । ସେଠାକୁ ଅନୁସନ୍ଧାନ କରିବା ନିମନ୍ତେ ଲୋକେ ଯାଇନାହାନ୍ତି । ଏହିପରି ଆଉ ଅନେକ ଗଡଜାତ ମଧ୍ୟ ଅଦେଖା ରହିଛି । କୌଣସି କୌଣସି ପ୍ରତ୍ନତତ୍ତ୍ୱପର ପଣ୍ଡିତଙ୍କ ଠାରୁ ଶୁଣାଯାଏ, ରାଜନୀତିକ କାରଣରୁ ସବୁ ଗଡଜାତରେ ସମାନ ଭାବରେ ଗବେଷଣା କରିବା ନିମନ୍ତେ ପ୍ରବେଶ କରିବାର ସୁବିଧା ମିଳୁନାହିଁ । ଭିନ୍ନ ଭିନ୍ନ ଗଡଜାତରେ ରାଜତ୍ୱର ନିୟମମାନ ବିଭିନ୍ନ ରୀତିର ହେଲେ ହେଁ ପ୍ରତ୍ନତତ୍ତ୍ୱ ଅନୁସନ୍ଧାନରେ ସେସବୁ ରୀତି-ବିଭିନ୍ନତାର ପ୍ରଭାବ ପଡ଼ିବା ବଡ଼ କ୍ଷୋଭର ବିଷୟ । ସମସ୍ତ ଗଡ଼ଜାତରେ ସମୂହ ନିୟାମକ ରୂପେ ପୂର୍ବ ଗଡ଼ଜାତମାନଙ୍କ ପାଇଁ ଏଜେଣ୍ଟ ରହିଛନ୍ତି । ଆମ୍ଭେମାନେ ସନିର୍ବନ୍ଧ ଅନୁରୋଧ କରୁ, ଏଜେଣ୍ଟ ମହାଶୟ ଗବେଷଣାପର ପଣ୍ଡିତମାନଙ୍କୁ ସବୁ ଗଡଜାତରେ ସମାନ ସୁବିଧା ଦେବା ପାଇଁ ଅଚିରେ ବ୍ୟବସ୍ଥା କରିବେ ।

ନବଭାରତ- ୨/୩ ଆଲୋଚନା

ଓଡ଼ିଶାରେ ଗବେଷଣା

ଆନନ୍ଦର କଥା, ଗବେଷଣା ମଣ୍ଡଳୀ ତିଆରି କରି ତାହାକୁ ସୁନିୟନ୍ତ୍ରିତ କରିବାରେ ଧାରାବାହିକ ଉଦ୍ୟମ ଚାଲିଛି । ଏ କ୍ଷେତ୍ରରେ ଗବେଷଣା କହିଲେ କେବଳ ଐତିହାସିକ ଗବେଷଣା ବୁଝାଯାଏ । ମାତ୍ର ଉତ୍କଳର ଗବେଷଣା ମଣ୍ଡଳୀରେ ଗ୍ରାମମାନଙ୍କର 'ଅର୍ଥ ସମସ୍ୟା' ଗୋଟିଏ ସ୍ୱତନ୍ତ୍ର ବିଷୟ ଅଛି । ଏ ବିଷୟଟି ଗବେଷଣା ମଣ୍ଡଳୀ କାର୍ଯ୍ୟର ଅଙ୍ଗୀଭୂତ କରିବାର ଅଭିପ୍ରାୟ ଯାହା ହେଉ, ଐତିହାସିକ ଗବେଷଣା ଉତ୍କଳରେ ଏ କ୍ଷେତ୍ରରେ ମଧ୍ୟ ଯଥେଷ୍ଟ କାର୍ଯ୍ୟକାରୀ ହୋଇପାରେ । ଓଡ଼ିଶାର ପ୍ରଜାସ୍ୱତ୍ୱ, ଓଡ଼ିଶାର ଭୂରାଜସ୍ୱ ପ୍ରଥା, ଓଡ଼ିଶାର ଜଳସେଚନ ବିଧି, ଗ୍ରାମର ସଂସ୍ଥିତି, କୋଠ, ଶ୍ମଶାନ ଓ ଗୋଚର ପ୍ରଭୃତିର ପରଂପରା ଓ ଇତିହାସ ଆଲୋଚନା କରିପାରିଲେ ଓଡ଼ିଶାର ଅର୍ଥ ସମସ୍ୟାର ସମାଧାନ ଆଡ଼େ ସୁଗମ ପନ୍ଥା ଫିଟିବ, ସନ୍ଦେହ ନାହିଁ । ସେଥିପାଇଁ ଆମେ ଏ ବିଷୟଟି ଯୋଡ଼ା ହେବା ଅନୁମୋଦନ କରୁଅଛୁ । କେଉଁ ଅଭିପ୍ରାୟରେ କିଏ ଏହା ଯୋଡ଼ିଛନ୍ତି, ସେ ସବୁର ଅନୁଧାବନ ଓ ଆଲୋଚନା ଅନାବଶ୍ୟକ ।

Digitized by PPRACHIN, SOA

ପରିଚାଳନା -

(୧) କିନ୍ତୁ ଏହି ଗବେଷଣା ମଣ୍ଡଳୀର କାର୍ଯ୍ୟପନ୍ଥାର ପ୍ରାରମ୍ଭ ଓ ପରିଚାଳନା ବଡ଼ ଦୁରୂହ ବ୍ୟାପାର । ପ୍ରଥମେ ପୁସ୍ତକ ଓ ସାମଗ୍ରୀ ସଂଗ୍ରହ । ସେ ଦିଗରେ ଓଡ଼ିଶାରେ କିଛି ହୋଇନାହିଁ । ସଂଗେ ସଂଗେ ଅର୍ଥ ସଂଗ୍ରହ କରି ପୁସ୍ତକ, ପତ୍ର, ପୋଥି, ଲିପି, ଲେଖ, ମୁଦ୍ରା, ଶିଳ୍ପାବଶେଷ ପ୍ରଭୃତିର ସଂଗ୍ରହରେ ଗୋଟିଏ ଦଳ ନିବିଷ୍ଟ ରହିବା ଉଚିତ। ଏ ଲମ୍ବା ତାଲିକା ଦେଖି ଡରି ଯିବାକୁ ହେବନାହିଁ। ଆଗେ ବେଦର ସଂହିତା, ବ୍ରାହ୍ମଣ (ଆରଣ୍ୟକ ଉପନିଷଦ ସହିତ), ମହାଭାରତ, ରାମାୟଣ, ପୁରାଣମାନ (ସଂଭବ ହେଲେ ସେମାନଙ୍କର ଭିନ୍ନ ଭିନ୍ନ ସଂସ୍କରଣ), ତହିଁ ଉପରେ ଲେଖା ଯାଇଥିବା ସୁପ୍ରତିଷ୍ଠିତ ପୁସ୍ତକମାନ, ପୁଣି ଲେଖ, ଲିପି, ଶାସନ, ମୁଦ୍ରା ସମ୍ବନ୍ଧୀୟ ପୁସ୍ତକମାନ କିଣିବାକୁ ହେବ ଓ ଏଇସବୁ ଗବେଷଣାର ସାମୟିକ ପତ୍ରମାନଙ୍କର ଗ୍ରାହକ ହେବାକୁ ହେବ। ସଂଭବ ହେଲେ ଏଇ ସବୁ ପତ୍ରମାନଙ୍କର ପ୍ରାଚୀନ ଭାଗ ଓ ସଂଖ୍ୟାମାନ କିଣି ରଖିବାକୁ ହେବ ।

(୨) ଏ ଦେଶର ପୋଥି, କିଂବଦନ୍ତୀ ପରଂପରା ପ୍ରଭୃତି ସଂଗ୍ରହ କରିବା ପାଇଁ ଦକ୍ଷ ଲୋକ ନିଯୁକ୍ତ କରି ବିଧିମତେ ତତ୍ତ୍ୱାବଧାନ କରିବାକୁ ହେବ । ଓଡ଼ିଶାର କମିଶନର ଅଫିସ ଓ ସେଇ ସୂତ୍ରରେ ପାରିଲେ ଇଷ୍ଟ ଇଣ୍ଡିଆ କୋମ୍ପାନିର ସଂଗୃହୀତ ପ୍ରାଚୀନ କାଗଜ ପତ୍ର ପର୍ଯ୍ୟନ୍ତ ଖୋଜି ଦେଖିବାକୁ ହେବ ।

(୩) ଭିନ୍ନ ଭିନ୍ନ ବିଭାଗରେ କମିଟି କରି ମଣ୍ଡଳୀକୁ ଶୃଙ୍ଖଳାବଦ୍ଧ କରିବାକୁ ହେବ । ଉଦାହରଣ ସ୍ୱରୂପ (କ) ବେଦ, ପୁରାଣ (ଖ) ଲିପି, ଲେଖ, ଶାସନ (ଗ) ଭାଷା, ସାହିତ୍ୟ, କିଂବଦନ୍ତୀ, ପରମ୍ପରା (ଘ) ନୂତନ ଆବିଷ୍କୃତ ସାମଗ୍ରୀ - ଏହି ଧରୁ ଘେନି ଭିନ୍ନ ଭିନ୍ନ କମିଟି କରି ଆଲୋଚନା କରିବାକୁ ହେବ ।

ଅନ୍ତତଃ ଏଥି ମଧ୍ୟରୁ ଗୋଟିଏ କମିଟି ମାସିକ ବୈଠକରେ ଗୋଟିଏ ସୁଚିନ୍ତିତ ପ୍ରବନ୍ଧ ପଢ଼ାଯିବାର ବ୍ୟବସ୍ଥା କରିବେ। ସେହି ପ୍ରବନ୍ଧର ସ୍ୱାଧୀନ ଆଲୋଚନା ବୈଠକରେ ଯେପରି କୌଣସି ପ୍ରକାରେ ବାଧା ନପାଏ, ତାହାର ବ୍ୟବସ୍ଥା କରିବାକୁ ହେବ। କାରଣ, ଓଡ଼ିଶାରେ ସଂସ୍କୃତି ଏବେ ପଶ୍ଚାତ୍‌ପଦ ଥିବାରୁ ଲେଖକ ଓ ସାଧକମାନେ ସ୍ପଷ୍ଟ ଓ ସ୍ୱାଧୀନ ସମାଲୋଚନା ସହିବାକୁ ଶିଖି ନାହାନ୍ତି । ଏହା ସର୍ବାଦୌ ପ୍ରତ୍ୟେକଙ୍କର ମନେ ରଖିବାକୁ ହେବ । ଏ ଆଲୋଚନାରେ କାହାରି ପ୍ରାଣ - ପ୍ରତିଷ୍ଠିତ ଧର୍ମମତ, ସାମାଜିକ ମତ, ରାଜନୀତି ବା ଅନ୍ୟ ନୀତି ପ୍ରଭାବିତ ଦେଶାତ୍ମବୋଧ ପ୍ରଭୃତିର ସ୍ଥାନ ରହିବ ନାହିଁ । ଆଲୋଚନାରେ ବିଶ୍ୱାସର ସାମଗ୍ରୀ ଉପରେ ଯୁକ୍ତି ଯୁକ୍ତ ଭାବରେ ଯେତିକି କୁହାଯାଇପାରେ, ସେତିକି ମାତ୍ର କହିବାକୁ ହେବ । ଇତିହାସର ସତ୍ୟ ସଙ୍ଗେ ଦେଶାତ୍ମବୋଧ, ବ୍ୟକ୍ତିଗତ ବିଶିଷ୍ଟ ଧର୍ମଧାରଣା କିମ୍ବା ତଦ୍‌ବିଧ ଅନ୍ୟାନ୍ୟ ମନୋବୃତ୍ତି ସବୁ ଖାପ ଖାଏ ନାହିଁ। ଏହା

Digitized by PPRACHIN, SOA

ବୁଝି ପ୍ରତ୍ୟେକଙ୍କୁ କାର୍ଯ୍ୟ ଆରମ୍ଭ କରିବାକୁ ହେବ। ଆଲୋଚନାର ଶୃଙ୍ଖଳା ପ୍ରତି ତନ୍ନତନ୍ନ କରି ଦୃଷ୍ଟି ନଦେଲେ ଆଜି ବିଂଶ ଶତାବ୍ଦୀର ତୃତୀୟ ଦଶନ୍ଧିର ପରାର୍ଦ୍ଧରେ ଏ କ୍ଷେତ୍ରରେ ଗତି ଅସମ୍ଭବ ହେବ।

ନବଭାରତ-୩/୨ ଆଲୋଚନା

ଗବେଷଣା ମଣ୍ଡଳୀ

ଓଡ଼ିଶାରେ ଏବର କିଛି ନାହିଁ-

ଓଡ଼ିଶା ଆଜି ପ୍ରଦେଶ ହେଲା। କିନ୍ତୁ ପୃଥିବୀରେ ଦେଖାଇବା କଥା ଦୂରେ ଥାଉ, ଭାରତରେ ଦେଖାଇବା ଭଳି ଓଡ଼ିଶାରେ ଏ ଯୁଗର ନୂଆ ବିଭବ କିଛି ନାହିଁ। ସରକାରୀ ବଡ଼ ବଡ଼ ଚାକିରୀରେ ଓଡ଼ିଆଙ୍କ ନାମ ନାହିଁ କହିଲେ ଚଳେ। ଦରିଦ୍ର ଓଡ଼ିଆ ବିଲାତ ଯାଇପାରୁ ନଥିଲେ ବୋଲି ଅବଶୋଷ କରୁଥିଲେ। ଏବେ ଆଠବର୍ଷ ହେଲା ଏହି ଦେଶରେ ସରକାରଙ୍କ ଶ୍ରେଷ୍ଠ ଚାକିରୀ (I.C.S.) ବା ମେଜେଷ୍ଟରୀ ପାଇଁ ଏହି ଦେଶରେ ଲୋକ ବଛା ହେଉଚନ୍ତି। ବିଶ୍ୱବିଦ୍ୟାଳୟ ଓ ପ୍ରତିଷ୍ଠିତ କଲେଜ ମାନଙ୍କରେ ଏଥିପାଇଁ ଅଧ୍ୟାପକମାନେ ଜାଗ୍ରତ ରହି ଛାତ୍ର ତିଆରି କରୁଚନ୍ତି-ସେମାନଙ୍କୁ କୃତକାର୍ଯ୍ୟ କରାଉଚନ୍ତି। କିନ୍ତୁ ଓଡ଼ିଶାରେ ସେ କ୍ଷେତ୍ରରେ ଆଜିଯାଏ ନାମ ପଡ଼ି ନାହିଁ।

ଅଧ୍ୟାପକ ଭାଣ୍ଡାରକର, ମେଘନାଦ ଶାହା, ସୁନୀତି ଚାଟର୍ଜିଙ୍କର ଠାରୁ ରାଖାଲ ଦାସ ବାନାର୍ଜି ଓ ଜୟସ୍ୱାଲଙ୍କ ପର୍ଯ୍ୟନ୍ତ କୃତୀ ପୁରୁଷମାନେ ନାନା ବିଷୟର ମୌଳିକ, ବିଶଦ ଓ ବିସ୍ତୃତ ଅନୁସନ୍ଧାନ ଓ ଆଲୋଚନାମାନ ପ୍ରକାଶ କରି, ଭାରତ ତଥା ପୃଥିବୀରେ ଖ୍ୟାତି ଅର୍ଜିଛନ୍ତି। କିନ୍ତୁ ଓଡିଶାର ଅଧ୍ୟପାକ ଓ ତଥାକଥିତ କୃତୀ ପୁରୁଷମାନଙ୍କ ସମ୍ବନ୍ଧରେ ଏ କ୍ଷେତ୍ରରେ ବାଚ୍ୟ ଅଛି, ବଚନୀୟ ନାହିଁ। ସେ ଦିନ ଦେଖୁଥିଲୁ, ଓଡିଶାର ଶ୍ରୀମନ୍ଦିର, କୋଣର୍କ ପ୍ରଭୃତି କେତେକ ନାଟକ ଗ୍ରାମୋଫୋନ୍ ରେକର୍ଡରେ ଦିଆଯାଇଛି। ବଙ୍ଗଳା ପ୍ରଭୃତି ଅନ୍ୟ ଭାଷାରେ ମଧ୍ୟ ଏହିପରି ବଷୟମାନ ରେକର୍ଡରେ ଅଛି। ଓଡିଆ 'ଶ୍ରୀମନ୍ଦିର' ଯେ କଳ୍ପନା କରିଛନ୍ତି ତାଙ୍କର ମୁଦ୍ରା, ଅନୁଶାସନାଦି କଥା ଦୁରେଥାଉ ସ୍କନ୍ଧ ପୁରାଣ ସଙ୍ଗେ ଦେଖାନାହିଁ। 'ଦେଉଳ ତୋଳା' ପୋଥିଖଣ୍ଡ ବି ସେ ପଢି ନାହାନ୍ତି, ସେ କାଳର ଐତିହାସିକ ଓ ଭୌଗୋଳିକ ପରିସ୍ଥିତି ସଙ୍ଗେ ତାଙ୍କର ସମ୍ପର୍କ ଥିଲା ପରି ଜଣାପଡୁ ନାହିଁ। ସେ କାଳର ସଂସ୍କୃତି ତାଙ୍କ କଳ୍ପନାରେ ବା କିଆଁ ପ୍ରକାଶ ପାଇବ? ଅପରନ୍ତୁ କବିତାରେ ଭାବାବେଶ ନାହିଁ କି ସଙ୍କେତରେ ବ୍ୟଞ୍ଜନା ନାହିଁ। କୋଣାର୍କ ପ୍ରଭୃତି ସମ୍ବନ୍ଧରେ ମଧ୍ୟ ସେହିପରି। ଖାଲି ଅନ୍ୟ ଦେଶ ଲୋକେ କରୁଚନ୍ତି ବୋଲି ଆମେ ବ୍ୟାକୁଳ ହେଲେ ବଢ଼ିଯିବା ନାହିଁ। ଏ ଖାଲି ଘରେ ପାଳ ପକାଇ ଉଚ୍ଚ ହେବା କଥା। **ବଚନ ଅଛି-**

Digitized by PPRACHIN, SOA

"ପଡ଼ିଶାଘର ପିଠା ଦେଖି
ମନ ରବେଇ ଖବେଇ
ଘସି ଖଣ୍ଡେକେ ଗୁଡ଼ ମଡ଼େଇ
ରଡ଼ଭଡ଼ ଚୋବେଇ।"

ଆଉ ବେଶୀ ଗୋଟି ଗୋଟି କରି ବିଷୟ ଚିହ୍ନାଇବା ଦରକାର ନାହିଁ। ସମ୍ପାଦକର ଆସନରେ ବସିଲାବେଳେ ନିର୍ଜୀବ ମଧ୍ୟ ବିଶ୍ୱସମାଲୋଚକ ହୁଏ। ସେ ହିସାବରେ ବେଳେବେଳେ ଏସବୁ ବିଷୟରେ ତନ୍ନ ତନ୍ନ କରି ବହୁତ କଥା ସୂଚନା ଓ ବର୍ଣ୍ଣନାରେ ବ୍ୟକ୍ତ କରିବାର ପ୍ରବୃତ୍ତି ହୁଏ। କିନ୍ତୁ ସେ ସବୁର ଅବକାଶ ନିମନ୍ତେ ଭୂମି ପ୍ରସ୍ତୁତ ହୋଇଛି ବୋଲି ମନେ ହୁଏ ନାହିଁ। ଏ ଦେଶରେ ଆମର ସଂସ୍କୃତି ତଥା ଦୃଷ୍ଟି ପରିସରର ଅଳ୍ପତା ହେତୁ ସାଧୁ ସମାଲୋଚନା ବ୍ୟକ୍ତିବିଦ୍ୱେଷ ବୋଲି ଧରା ହୁଏ। ଫଳରେ ମଧ୍ୟ ସମାଲୋଚକଙ୍କୁ ସାଂସାରିକ ଦୁର୍ଗତି ଭୋଗିବାକୁ ପଡ଼େ। ଏସବୁରୁ ଅତୀତ ହେବା ଦିନ ଶୀଘ୍ର ଆସୁ, ଏହାହିଁ ସମସ୍ତ ସଂସ୍କୃତିସେବୀଙ୍କର କାମନା ହେବା ଉଚିତ୍।

ଅଛି ପୁରାଣ କୀର୍ତ୍ତି ଓ କୃତି-

ହେଲେହେଁ ବର୍ତ୍ତମାନ ଯାହା ହେଉ, ଏ ଦେଶର ବିରାଟ ଇତିହାସ ଥିଲା। ତାହାର ସ୍ମୃତି ପର୍ଯ୍ୟନ୍ତ ଗତ ସାଢେ ତିନି ଶହ ବର୍ଷ ଭିତରେ ଲୁପ୍ତ ହୋଇଅଛି। ଯେଉଁ ଓଡ଼ିଆ ଦିନେ ଖଣ୍ଡାୟତ ଓ କୈବର୍ତ୍ତ ସେନା ବଳରେ ସମସ୍ତ କରମଣ୍ଡଳ ଭାରତ ତଥା ସମୁଦ୍ର ପାରେ ଉପନିବେଶ ଓ ବାଣିଜ୍ୟ ପ୍ରଭାବ ଘେନି ପୂର୍ବଭୁଖଣ୍ଡରେ ସଭ୍ୟତାକୁ ପ୍ରଭାବିତ କରୁଥିଲେ, ଯାହାର କୃତୀ ସନ୍ତାନ ବିଶ୍ୱନାଥ ଦିନେ ଜମ୍ମୁ ଦେଶର ସାନ୍ଧିବିଗ୍ରହକ (Foreign & Defence Minister) ଥିଲେ, ଯାହାର ଶିଳ୍ପୀ ଦିନେ ଇତିହାସ ପ୍ରସିଦ୍ଧ ମାଗଧଶିଳ୍ପର ବିଶ୍ୱବନ୍ଦ୍ୟ ବିକାଶରେ ଭାରତର ଆର୍ଯ ଶିଳ୍ପ କଳା ଶତବିଧ୍ୱଂସ ମୁଖରେ ଜାଗ୍ରତ ରଖିଥିଲେ, ସେହି ଉତ୍କଳର ଦାୟାଦ ଏବେ ଏ ଦେଶରେ ଅଛନ୍ତି ବୋଲି ମନେ ହୁଏ ନାହିଁ। ମନେ ହୁଏ ଯଥାର୍ଥରେ ବିଜୟଚନ୍ଦ୍ର ମଜୁମଦାର ଲେଖିଛନ୍ତି, ସେ ଦେଶର ଅଧିବାସୀ ଅନୁନ୍ନତ ଅନାର୍ଯ ପ୍ଳାବନରେ ଧ୍ୱସ୍ତ ଓ ବିଲୁପ୍ତ ହୋଇଥିଲେ। ସ୍ମୃତି ନ ଥାଇପାରେ, କିନ୍ତୁ କୃତି ଓ କୀର୍ତ୍ତିର ଅବଶେଷ ଅଛି। ସେ ସବୁର ଗବେଷଣା ତଥା ଅନୁସନ୍ଧାନ ଏ ପ୍ରଦେଶରେ ନିତାନ୍ତ ଦରକାର। ଜାତିର ଅତୀତ ଉଦ୍‌ବୋଧନ ଜାଗ୍ରତ ଓ ସ୍ୱଷ୍ଟ ହେଲେ ବର୍ତ୍ତମାନ ପ୍ରତିଷ୍ଠିତ ହେବ ଓ ଅତୀତ ଫୁଟିଉଠିବ। ସେଥିପାଇଁ ଯେଉଁମାନେ ଗବେଷଣା ମଣ୍ଡଳୀ ସ୍ଥାପନ କରିବାର ଉଦ୍ୟମ କରୁଛନ୍ତି, ସେମାନଙ୍କର ଉଦ୍ୟମ ସୁନ୍ଦର ଓ ଶ୍ଳାଘ୍ୟ।

Digitized by PPRACHIN, SOA

ଗବେଷଣା ମଣ୍ଡଳୀ ଦରକାର–

ଗଲା ଜୁନ୍ ୬ ତାରିଖରେ ସେଥିପାଇଁ କଟକରେ ଗୋଟିଏ ପ୍ରାରମ୍ଭିକ ମିଳନ ହୋଇଯାଇଚି ବୋଲି ଖବର କାଗଜରେ ପଢ଼ିଲୁଁ। କଳ୍ପନାର ଚାରୁତା ଓ ଉପଯୋଗିତାରେ ଆନନ୍ଦ ହେଲା।

କିଂତୁ–

ଏ କ୍ଷେତ୍ରରେ ମଧ ପନ୍ଥା ଏତେ ସୁଗମ ନୁହେ। ଘରେ ପାଳ ପକାଇ ଉଚ୍ଚ ହେବା ସବୁ କ୍ଷେତ୍ରରେ ସମ୍ଭବ ହୋଇପାରେ, ମାତ୍ର ପୃଥିବୀରେ ତଥା ଭାରତରେ ଐତିହାସିକ ଗବେଷଣା ଆଜି ନାନା ବିଭାଗରେ ବିଜ୍ଞାନର ସ୍ପଷ୍ଟ ନିୟମ ଉପରେ ସ୍ତରେ ସ୍ତରେ ଗଢ଼ାଯାଉଛି। ସେଥିରେ ଓଡିଆଙ୍କୁ ମୁଣ୍ଡ ଟେକି ଛିଡ଼ା ହୋଇ ନିଜର ନିରପେକ୍ଷ ସ୍ପଷ୍ଟ ବିଜ୍ଞାନଚୋଦିତ ଓ ସତ୍ୟାନୁମୋଦିତ ଗବେଷଣାଦି କରିବାକୁ ହେବ। ତାହାର ଅଭ୍ୟାସ ଓଡ଼ିଶାରେ ଅତି ଅଳ୍ପ ଲୋକଙ୍କର ଅତି କ୍ଷୀଣଭାବରେ ଅଛିକି ନାହିଁ ସନ୍ଦେହ। ଏ ପର୍ଯ୍ୟନ୍ତ ଅନ୍ୟତ୍ର ଆଦର ପାଇବା ଭଳି ଗବେଷଣାମୂଳକ କୃତି ଓଡିଶାରୁ ଅତି ଅଳ୍ପ ପ୍ରକାଶ ପାଇଚି, ହୁଏତ ଆଦୌ ପ୍ରକାଶ ପାଇ ନାହିଁ।

ଯେଉଁମାନେ ନିଜେ ଗବେଷଣା କରନ୍ତି ବୋଲି ମନେ କରନ୍ତି ସେମାନେ, ହୁଏତ ବାହାରେ ନିଜ କୃତିର ପ୍ରତିଷ୍ଠାରେ କେତେଦୂର ସାହସୀ ଓ ସମର୍ଥ ହେବେ, ତାହା ଭାବିବାର କଥା। ଯେଉଁମାନେ ସେହିପରି କାର୍ଯ୍ୟ କରିବାର ପଟୁତା ଲଭିବାର ଆଶା ଅଛି, ସେହିମାନଙ୍କୁ ବାଛି ସେଥିରେ ଲଗାଇବାକୁ ହେବ ହୁଏତ ଦରକାର ପଡ଼ିଲେ ବିଦେଶରୁ ବିଶେଷଜ୍ଞ ଆଣି ତାଙ୍କର ଚାଳନା ଓ ଇଙ୍ଗିତରେ ପ୍ରାରମ୍ଭିକ ଉଦ୍ୟମ ବେଳେ ଏହି ମଣ୍ଡଳୀ ବା ସଂଘଟି ସୁପ୍ରତିଷ୍ଠିତ କରି ଦେବାକୁ ହେବ। ମନେ ରଖିବାକୁ ହେବ, ଏ ଯୁଗରେ ଗବେଷଣା ଆରାମ ଚୌକିର ଖେଳ ନୁହେ, କିମ୍ବା ତଥାକଥିତ ରାଜନୀତିର ବିଭାଗ ବା ବିଭାବ ନୁହେ। ଏ ସବୁ ମନେ ନ ରଖିଲେ ଜଗତରେ ହାସ୍ୟାସ୍ପଦ ହେବାକୁ ହେବ। ଓଡ଼ିଶା ଆଜି ପ୍ରଦେଶ, ସେହି ହିସାବରେ ଓଡିଶାକୁ ଲୋକେ ଚାହିଁବେ। ଚାହିଁଲା ବେଳେ ପାଇବା ଉଚିତ।

ସାବଧାନ–

ଶୁଣିଲୁ କେହି କେହି କଳ୍ପନା କରିଛନ୍ତି, ସରକାରଙ୍କ ମୁଖ୍ୟ ସେକ୍ରେଟାରୀ ମ୍ୟାନ୍‌ସ୍‌ଫିଲ୍ଡ ସାହବ ଏଥିରେ ଚାଳନା ଦେବେ। ମ୍ୟାନ୍‌ସ୍‌ଫିଲ୍ଡ କନିଙ୍ଗ୍‌ହାମ୍ ବା ଗ୍ରିଅରସନ୍ ନୁହନ୍ତି ସତ, ମାତ୍ର ଇଂରେଜ ସିଭିଲିଆନ୍‌ମାନଙ୍କର ସର୍ବତୋମୁଖ ଦକ୍ଷତାରେ ଆମର ମଧ ବହୁତ ବିଶ୍ୱାସ ଅଛି। ବ୍ୟକ୍ତିଗତ ଭାବରେ ମ୍ୟାନ୍ସଫିଲ୍‌ଡଙ୍କୁ ଆମେ ଜାଣୁ କିନ୍ତୁ ସାର୍

Digitized by PPRACHIN, SOA

ଏଡ୍‌ୱାର୍ଡ୍ ଗୋଟ୍‌ଙ୍କ ପରି ମ୍ୟାନ୍‌ସଫିଲ୍ଡ୍ ଓଡିଶାର ପ୍ରାତ୍ନିକ ସମ୍ପଦରେ ମନପ୍ରାଣ ଦେବାକୁ ପ୍ରସ୍ତୁତ କି ନା, ସେ କଥା ବାରିନେବା ଉଚିତ। କେବଳ କୌଣସି ରାଜନୀତି ସୁଯୋଗ ସନ୍ଧାନରେ ମ୍ୟାନସଫିଲ୍ଡ ବା ସେହିଭଳି ଉଚ୍ଚପଦସ୍ଥ କର୍ମଚାରୀଙ୍କର ଅନୁକମ୍ପା ଲୋଡିବା ପାଇଁ ଏହା ଯେପରି କରା ନହୁଏ। ସିଭିଲିଆନ୍‌ମାନେ ମଧ୍ୟ ବଡ ବିଷୟ ଚତୁର। ସେମାନେ ମଧ୍ୟ ଉଦ୍ୟମର ଉଦ୍ଦେଶ୍ୟ ଅତି ସହଜରେ ବୁଝିବେ ଓ ଉଦ୍ୟୋକ୍ତାମାନଙ୍କର ଅଭିସନ୍ଧି ପୂର୍ଣ୍ଣ କରି ନିଜ ଶାସନ ତନ୍ତ୍ରର ଗତି ପରିଷ୍କାର କରିନେବେ। ଗବେଷଣା ହସାବରେ ହୁଏତ ଫଳ କିଛି ହେବ ନାହିଁ।

ଏସବୁ ସତ୍ତ୍ୱେ ଉଦ୍ୟମ ପ୍ରଶଂସନୀୟ। ଯୁକ୍ତ ବିବେଚନା, ସାଧୁତା ଓ ନିଷ୍ଠାହିଁ ଏ କ୍ଷେତ୍ରରେ ଏକାନ୍ତ କାମ୍ୟ- ଏହାହିଁ କହିବାର ଅଭିପ୍ରାୟ ।

ନବଭାରତ-୨/୧୨, ଆଲୋଚନା

THE KALINGA HISTORICAL RESEARCH SOCIETY

(କଳିଙ୍ଗ ଐତିହାସିକ ଗବେଷଣା ସମିତି)

ଗତବର୍ଷ ଶେଷରେ ଓ ଏ ବର୍ଷ ମଧ୍ୟରେ ଏଇ ସମିତିଟି ବଲାଙ୍ଗୀର ଠାରେ ପ୍ରତିଷ୍ଠିତ ହୋଇଚି। ଓଡ଼ିଶାରେ 'ପ୍ରାଚୀ' ଓ 'ଓଡ଼ିଶା ଏକାଡ଼େମି' ପ୍ରଭୃତି ଉଦ୍ୟମମାନ ରହି ନାଇ । ସେ ସବୁ ଉଦ୍ୟମ ଠାରୁ ଏ ଉଦ୍ୟମ ନୂଆ ଧରଣର। କଳାହାଣ୍ଡି ଓ ପାଟନା ମହାରାଜାମାନେ ଏହାର ପୃଷ୍ଟପୋଷକ । ଶ୍ରୀପୂର୍ଣ୍ଣଚନ୍ଦ୍ର ରଥ ଓ ଶ୍ରୀକେଦାରନାଥ ମହାପାତ୍ରଙ୍କ ପରି ଗବେଷଣା ସାଧକମାନେ ପ୍ରଥମରୁ ଏ କାର୍ଯ୍ୟ ହାତରେ ନେଇଚଂତି। ଏଇ ଦୁହିଁଙ୍କର ସଂପାଦକତ୍ୱରେ ଏଇ ସମିତି ତରଫରୁ ଗୋଟିଏ ଇଂରେଜି ତ୍ରୈମାସିକ ପ୍ରଥମଖଣ୍ଡ ପ୍ରକାଶିତ ହୋଇଚି । ଏଥିପାଇଁ ଅର୍ଥସଂଗ୍ରହ ଆରମ୍ଭ ହୋଇଚି । ତା'ର ପ୍ରକାର ଓ ପରିମାଣ ହେୟ ନୁହେଁ - ଆଶାପ୍ରଦ । ତ୍ରୈମାସିକଟିର ପ୍ରଥମ ଖଣ୍ଡ ମଧ୍ୟ ଯେପରି ପ୍ରକାଶିତ ହୋଇଚି, ତାହା ଅତିଶୟ ଉତ୍ସାହଜନକ। ପ୍ରବନ୍ଧମାନଙ୍କ ମଧ୍ୟରେ ଶ୍ରୀ ସତ୍ୟନାରାୟଣ ରଜାଗୁରୁଙ୍କ ଗବେଷଣାର ସୂକ୍ଷ୍ମ ଯୁକ୍ତି ପୂର୍ଣ୍ଣ, "The Ganga era of Kalinga" (କଳିଙ୍ଗର ଗଙ୍ଗାବ୍ଦ) ପରି କେବଳ ପଂଡ଼ିତ ସୁଲଭ ପ୍ରବନ୍ଧ ସଂଗେ ଶ୍ରୀ ପ୍ରଭାତ ମୁଖର୍ଜିଙ୍କ ଗବେଷଣାର ସାରସଂଗ୍ରହ ସୂତ୍ରେ ଲିଖିତ ଅତୀବ ସୁଖପାଠ୍ୟ 'The Chronology of Imperial Gangas'(ଗଙ୍ଗା ସମ୍ରାଟମାନଙ୍କର ଅନ୍ୱୟକ୍ରମ) ପ୍ରବନ୍ଧ, ପୁଣି ପୁନାର ଶ୍ରୀଯୁକ୍ତ କୋଡ଼େଙ୍କର ଭାରତୀୟ ଚିକିତ୍ସକ ସଂବନ୍ଧୀୟ ପ୍ରବନ୍ଧ ସଂଗେ ଉଦୀୟମାନ ଗବେଷଣାସେବୀ ଶ୍ରୀ ପ୍ରାଣକୃଷ୍ଣ ସାମଲଙ୍କ 'Religion of Konark'(କୋଣାର୍କର ଧର୍ମ) ପରି ପ୍ରବନ୍ଧମାନଙ୍କର ସୁସମାବେଶକୁ ପ୍ରଗତି ଓ ପରମ୍ପରାରେ ଠିକ୍ ରଖିପାରିଲେ, ଉଦ୍ୟମଟି ନିଶ୍ଚୟ ଉପାଦେୟ, ଉପେୟ ଆଡ଼କୁ ଗତି କରିବ ।

Digitized by PPRACHIN, SOA

ଓଡ଼ିଶାରେ ଏହା ବହୁକାଳରୁ ହେବାର ଥିଲା । ବିହାର ଓଡ଼ିଶା ପ୍ରଦେଶ ହେଲାପରେ ସ୍ୱୟଂ ପ୍ରଦେଶର ଲେଫ୍‌ଟେନାଣ୍ଟ ଗଭର୍ଣ୍ଣର ସାର୍‌ ଏଡ୍‌ୱାର୍ଡ୍‌ ଗୋଟ୍‌ Bihar-Orissa Research Society (ବିହାର-ଓଡ଼ିଶା ଗବେଷଣା ସମିତି) ଓ ସେଇ ସମିତିର ତ୍ରୈମାସିକରେ ଶୁଭ ଦେଇଥିଲେ । ସେ ତ୍ରୈମାସିକ ଏବେ ସାରା ପୃଥିବୀରେ ପ୍ରସିଦ୍ଧି ରଖିଚି । ଉଦୟଗିରିର ହାତୀଗୁଂଫା ଶୀଳାଲେଖରୁ କଳିଂଗ ସମ୍ରାଟ ଖାରବେଳଂକ ଯଶ ପ୍ରକାଶ କରିବା, ଏଇ ତ୍ରୈମାସିକର ଗୋଟିଏ ମୁଖ୍ୟ କାର୍ଯ୍ୟ ହୋଇଥିଲା । ପ୍ରାଚୀନ ଇତିହାସ ରାଜ୍ୟରେ ବିହାର ଯେପରି ଓଡ଼ିଶା ମଧ ସେଇପରି ବିଭବରେ ପୂର୍ଣ୍ଣ । ବିହାରର ନାଳନ୍ଦା, ରାଜଗିରି ଓ ପାଟଳୀପୁତ୍ର ପ୍ରଭୃତି ଆଜି ଲୋକ-ଲୋଚନ ବା ଅନୁସଂଧାନର ଅଗୋଚର ନୁହେଁ । କିଂତୁ ଓଡ଼ିଶାର ପୁଷ୍ପଗିରି, ଦନ୍ତପୁର, କଳିଂଗ ନଗରୀ ପ୍ରଭୃତି ଖୋଜି ଦେଖିବାର ତାଦୃଶ ଅବକାଶ ମଧ କେହି ଲୋଡ଼ି ନାହାଂତି । ଓଡ଼ିଶା ଅଲଗା ପ୍ରଦେଶ ହେଲା । ତଥାପି ଓଡ଼ିଶା ସରକାରଂକର ମଧ ଏ ଆଡ଼େ ଦୃଷ୍ଟି ପଡ଼ି ନାଇ । ହୀରାକୁଦ, ଡୁଡୁମାର ଅର୍ଥନୀତି ଓ ରାଜନୀତି ସମ୍ବଳିତ ବାଗ୍‌ଯୁଦ୍ଧ ତଥା ମଲ୍ଲୋଚିତ ବାହାସ୍ଫୋଟ ଭିତରେ ଏ ଆଡ଼କୁ ଦୃଷ୍ଟି ଫେରିବ କି ନାଁ, ଫେରିଲେ ବା କିପରି କେବେ ଫେରିବ, ତାହା କିଏ କହିବ ?

ଓଡ଼ିଶାର ସାହିତ୍ୟ, ଇତିହାସ ଦିଗରେ ମଧ୍ୟଯୁଗ ଠାରୁ ଏପର୍ଯ୍ୟନ୍ତ ଓଡ଼ିଶାର ଦେଶୀରାଜା ଓ ସେଇପରି ରାଜଭାବ- ଭାବିତମାନେ ଯଥାସାଧ କରିଚଂତି । ଆଜି ନୂତନ ଭାରତର ସିଂହଦ୍ୱାରରେ ଛିଡ଼ା ହୋଇ କଳାହାଣ୍ଡି, ପାଟନା ପ୍ରଭୃତିର ମହାରାଜାମାନେ ଏପରି ଗୋଟିଏ ନୂତନ ଭୂମିରେ କାର୍ଯ୍ୟ ଆରଂଭ କରିବା ଅଳ୍ପ ଭବିଷ୍ୟତର ସୂଚନା ନୁହେଁ । ଆଜିର ଓଡ଼ିଶା କହିଲେ, ସେଥିରେ କଳିଂଗ ଅଛି, ଉତ୍କଳ ଅଛି, କୋଶଳ ଅଛି । ଯେକୌଣସି ନାମରେ ହେଉ, ଏ ସ୍ୱାଦ୍ୟ ଓ ସୁନ୍ଦର ଉଦ୍ୟମ ଗୋଟିଏ ମହାଜାତୀୟ ଉଦ୍ୟମ । ବିଶ୍ୱ ଦେବତାଙ୍କର ଏଥିରେ ଆଶୀର୍ବାଦ ପଡୁ ।

ନୂଆପ୍ରସ୍ଥ-୧/୨ ଆଲୋଚନା

ଶିଶୁପାଳ ଗଡ଼ ଖୋଳା

ଓଡ଼ିଶାର ପ୍ରାଚୀନତା

ସୁଖର କଥା, ଏତେକାଳ ପରେ ଓଡ଼ିଶାରେ ପୁରାତତ୍ତ୍ୱ ଜାଣିବା ପାଇଁ ଶିଶୁପାଳ ଗଡ଼ ଖୋଳା ଆରଂଭ ହୋଇଚି । କଳିଙ୍ଗ ଗୋଟିଏ ଅତି ପ୍ରାଚୀନ ଭୂମି । ଏପରିକି ମହେଞ୍ଜୋଦାରୋ ଓ ହରପ୍ପାର ପ୍ରାଚୀନତା ଠାରୁ ଏହାର ପ୍ରାଚୀନତା ଊଣା ନୁହେଁ ବୋଲି ଅନୁମାନ ହୁଏ । କିନ୍ତୁ ଖୋଳିବାରେ ଏତେ ପ୍ରାଚୀନ କାଳ ସଂକେତ ମିଳିବ କି ନାଁ, କହିହେଉ ନାଇ । ତଥାପି ଏହା ଅନୁସନ୍ଧାନର ବସ୍ତୁ । ହେଲେହେଁ, ଏତେକାଳ ସେ

Digitized by PPRACHIN, SOA

ଦୃଷ୍ଟିରେ ଓଡ଼ିଶାକୁ କେହି ଦେଖି ନାହାନ୍ତି । ଏତେ କାଳର ନହେଲେ ମଧ୍ୟ ବିକ୍ରମଶିଳା ଓ ନଳନ୍ଦାଠାରୁ ଆଉରି ପ୍ରାଚୀନତାର ସଙ୍କେତ ଓଡ଼ିଶାରେ ନିଶ୍ଚୟ ମିଳିବ, ଖୁବ୍ ମିଳିବ । ହୁଏନ୍‌ସାଙ୍କ ବର୍ଣ୍ଣିତ ପୁଷ୍ପଗିରି ଓ ଚେଲିତାରୁ (ଚାରିତ୍ର୍ୟ ?-ଶ୍ରୀକ୍ଷେତ୍ର ?) ସମ୍ବନ୍ଧରେ ଏପର୍ଯ୍ୟନ୍ତ କିଛି ହୋଇନାଇ । ଶ୍ରୀ ରମାପ୍ରସାଦ ଚନ୍ଦ, ବଙ୍କିମ ବାବୁଙ୍କ ଉପନ୍ୟାସ ସଙ୍କେତମାନ ପାଇ କଟକର କେତେ ଗୁଡ଼ାଏ ଜାଗା ଟିକିଏ ବୁଲି ଯାଇ ରତ୍ନଗିରି, ଉଦୟଗିରି, ଲଳିତଗିରିକୁ ପୁଷ୍ପଗିରି ବୋଲି ସ୍ଥିର କରି ଖଣ୍ଡେ ପୁସ୍ତକ ଲେଖିଚନ୍ତି ମାତ୍ର । ସେଇ ଯେ ପୁଷ୍ପଗିରି, ତା ବି କହିହେବ ନାଇ । ଏବେ ପଣ୍ଡିତ ବାନାମ୍ବର ଆଚାର୍ଯ୍ୟ, ଆନନ୍ଦପୁରର ଫୁଲଚାଙ୍ଗୁଡ଼ି ପାହାଡ଼କୁ ପୁଷ୍ପଗିରି ବୋଲି ସନ୍ଦେହ କରି ଲେଖିଚନ୍ତି । ତା କିନ୍ତୁ ଖୋଳି ପରୀକ୍ଷା କରି ଦେଖିବା ଦରକାର । ତାପରେ ଇତିହାସରୁ ମିଳୁଚି, ତୋଷଳି ଓ କଳିଙ୍ଗ ନଗରୀ । ତୋଷଳିଟି ନିଶ୍ଚୟ ଅଶୋକଙ୍କ କାଳରୁ ପ୍ରାଚୀନ । କଳିଙ୍ଗ ନଗରୀ ଅନ୍ତତଃ ଖାରବେଳଙ୍କ କାଳର । ଏହାଛଡ଼ା ହୁଏତ ଦୁଇଥିରୁ ପ୍ରାଚୀନ ଯଥାର୍ଥ ଦନ୍ତପୁର କେଉଁଠି ତା' ଠିକ୍ ଜଣାଯାଇ ନାଇ । ମୁଖଲିଙ୍ଗମ୍ ପାଖ କଳିଙ୍ଗପଟ୍ଟନମ୍ ପ୍ରାଚୀନ କଳିଙ୍ଗ ନଗରୀ ନୁହଁ । କିମ୍ବା ଦନ୍ତବରକୋଟା, ଦନ୍ତପୁର ନୁହେଁ । ଯେତେଦୂର ମନେହୁଏ, କଳିଙ୍ଗ ସାମ୍ରାଜ୍ୟର କେନ୍ଦ୍ର ଓ ରାଜଧାନୀ ଯେତେବେଳେ ଦକ୍ଷିଣକୁ ଘୁଞ୍ଚିଯିବାକୁ ବାଧହେଲା, ସେତିକି ବେଳେ ରାଜଧାନୀର ନାମଗୁଡ଼ିକ ଧରି ସ୍ଥାନ ଓ ସହରମାନ ସେଠାରେ କରାଯାଇଥିଲା । ଏହା ଠିକ୍ "ନିଉଇଂଲଣ୍ଡ" 'ନିଉ ହେବ୍ରିଡ଼େଜ୍' ପ୍ରଭୃତିରେ ନାମ କରଣ ବୋଲି ମନେ ହୁଏ । ହେଲେହେଁ, ଖୋଦନ କାର୍ଯ୍ୟରେ ଏ ସବୁ ସଂଦେହ ଦୂର କରିବାକୁ ହେବ ।

ତୋଷଳି ଓ କଳିଙ୍ଗ ନଗରୀ

ଓଡ଼ିଶାରେ ଏହିପରି ବହୁତ ପୁରାତତ୍ତ୍ୱର ସାମଗ୍ରୀ ଖୋଳାରୁ ମିଳିବ । ପୁଣି ସିନ୍ଧୁ ସଭ୍ୟତା ତକ୍ଷଶୀଳା ପ୍ରଭୃତିର ଖୋଦନ ଠାରୁ ଓଡ଼ିଶାର ସ୍ଥାନମାନ ଖୋଳିବା କମ୍ ଗୁରୁତ୍ୱପୂର୍ଣ୍ଣ ନୁହେଁ । ତେଣୁ ଏତେ କାଳପରେ ଆଜି ଯେ ଶିଶୁପାଳ ଗଡ଼ରେ ନିଷ୍ଠା ଓ ତତ୍‌ପରତା ସହିତ ଏହା ଆରମ୍ଭ ହେଉଛି, ଏହା ଆଶା ଓ ଆନନ୍ଦର କଥା । ଧୌଳି ଗ୍ରାମଟି ଶିଶୁପାଳ ପାଖେ; ମଝିରେ ଖାଲି ଦୟାନଦୀ । ତୋଷଳି ଓ ଧଉଳି ଏକ କଥା ବୋଲି ଭାଷାବିତ୍‌ମାନଙ୍କର ମତ । ଖୁବ୍ ସଂଭବ ସେଇଆ । ଧୌଳି ଠାରୁ ଶିଶୁପାଳ ପର୍ଯ୍ୟନ୍ତ ସବୁ ବୋଧହୁଏ ଥିଲା, ତୋଷଳି । ଖାରବେଳଙ୍କ ଶିଳାଲିପିରେ ଅଛି, ତୋଷଳିର ଉଦ୍ୟାନରୁ ଖାରବେଳ ନିଜ କଳିଙ୍ଗ ନଗରୀକୁ ଗୋଟିଏ ପାଣିନାଳ କାଟି ପାଣିନେଇଥିଲେ । ଅନୁମାନ ହୁଏ, ଏହି ନାଳଟି ହେଉଛି ଦୟାନଦୀ। ଦୟାନଦୀ ସଂବନ୍ଧରେ ଏଇପରି ନାଳ କଟା ହେଇ ତିଆରି ହୋଇଥିବାର କିଂବଦଂତୀ ସମସ୍ତେ ଜାଣନ୍ତି । ପୁଣି ପରାଜିତ କଳିଂଗର

Digitized by PPRACHIN, SOA

ରାଜଧାନୀ ତୋଷଳି ଠାରୁ ଚେତ ବଂଶୀମାନେ- ବିଶେଷରେ ଖାରବେଳ- ଅନ୍ୟତ୍ର ରାଜଧାନୀ ଉଠାଇ ନେଇଥିବାର ସଂଭବ ମନେହୁଏ । ଏଇ ଶିଶୁପାଳ ଖୋଦନରୁ ଅଶୋକ ପୂର୍ବ ଯୁଗର ତୋଷଳି ତାଙ୍କ ଗଡ଼ ଓ ସହରର ସଙ୍କେତ ମିଳିବ । ପୁଣି ପରବର୍ତ୍ତୀ କାଳରେ ଏହି ତୋଷଳିକୁ ମଧ ରାଜଧାନୀ ଆସି ସମସ୍ତ ରାଜ୍ୟଟିର ନାମ ତୋଷଳି ହୋଇଥିଲା । ତେଣୁ ଶିଶୁପାଳ ଖୋଦନରୁ କୁଶାଣ-ମୁଦ୍ରା ମିଳୁଚି ବୋଲି ଯାହା ପ୍ରକାଶ ପାଇଚି, ତାହା ମଧ ଐତିହାସିକଙ୍କ ପକ୍ଷରେ ବହୁ ଉତ୍କୃଷ୍ଟ ରକମର ସାମଗ୍ରୀ । ଆମେ କେତେଦିନ ତଳେ ଏଇ ଦୟା କୂଳରେ ଘୋରଡ଼ିଆର ତରା ପୋଖରୀ ଉପରେ ଖାରବେଳଙ୍କ କଳିଙ୍ଗନଗରୀ ଥିବାର ଅନୁମାନ କରିଥିଲୁ । ସେ କଥା ମଧ ଭାରତ ଗବେଷଣା ବିଭାଗର ଅଧକ୍ଷ ଦୀକ୍ଷିତ ସାହେବଙ୍କୁ କୁହାଯାଇଥିଲା । ସେ ନିଜେ ସେଠା ଦେଖିଥିଲେ । ଗତ ୫୦ ବର୍ଷରୁ ଅଧିକ କାଳ ଧରି ସେଠାରୁ ଗଡ଼ ଓ ପାଚେରୀର ସୁଆଂସ ପଥର ସବୁ ଶହକୁ ଆଠ ଟଙ୍କା ଦରରେ ଯୁଦ୍ଧ ପୂର୍ବକାଳରେ ବରାବର ବିକ୍ରୀ ହେଉଥିଲା । ଅନେକ ପୁରାତତ୍ତ୍ୱର ସଂକେତ ସେଥିରେ ନଷ୍ଟ ହେଇଥିବ । ଏବେ ଅବସ୍ଥା କ'ଣ ଜଣା ନାହିଁ । ଆଇନ୍ ଅନୁସାରେ ତାହା "ରକ୍ଷିତ କୀର୍ତ୍ତି" କରାହେଇଚି କି ନାଁ, ଆଉ ସେହି ଘୋଷଣା ଅନୁସାରେ ତାକୁ ସରକାର ଜଗାଇ ରଖିଚନ୍ତି କି ନା, ଆମେ ଜାଣୁନାଇ । ନ ହେଇଥିଲେ, ଏହା ଶୀଘ୍ର ହେବା ଉଚିତ । ଶିଶୁପାଳ ତଥା ତୋଷଳୀ ସଙ୍ଗେ ଏହାର ସଂପର୍କ ଅଚ୍ଛେଦ୍ୟ ବୋଲି ମନେହୁଏ । ତେଣୁ ଶିଶୁପାଳ ସଙ୍ଗେ ଏହାର ଖୋଦନ କାର୍ଯ୍ୟ କରିବା ସମ୍ଭବ ନ ହେଲେ ତାହା ଶୀଘ୍ର କରାହେବା ଉଚିତ ।

ପୁଷ୍ପଗିରି

ତାହାପରେ ପୁଷ୍ପଗିରି । କଟକର ଉଦୟଗିରି ଅଂଚଳ ତଥା ଫୁଲପାହାଡ଼ିର କୀର୍ତ୍ତି ସଂକେତ ସବୁ କ୍ରମେ ଲୋପ ପାଉଚି । ଓଡ଼ିଶା ସରକାର ଅତି ଶୀଘ୍ର ଏଥିରେ ତତ୍ପର ହୋଇ କେନ୍ଦ୍ର ଗବେଷଣା ବିଭାଗକୁ ଧରି ଏ ସବୁକୁ ରକ୍ଷିତ କୀର୍ତ୍ତି ଭିତରେ ଅନ୍ତର୍ଭୁକ୍ତ କରାନ୍ତୁ । ଏହାଛଡ଼ା ଓଡ଼ିଶାରେ ସର୍ବତ୍ର ପ୍ରାଚୀନ କୀର୍ତ୍ତିର ସଂକେତମାନ ରହିଚି । ତାହା ସବୁ ଆଜି ଠାବ କରି ସେଇପରି କରିବା ଉଚିତ । ଓଡ଼ିଶା ବଡ଼ ପ୍ରାଚୀନଭୂମି; ଅତି ପ୍ରାଚୀନ କାଳରୁ ସୁସଭ୍ୟ ଓ ଶିଳ୍ପ ଚାତୁର୍ଯ୍ୟରେ ସମୁନ୍ନତ । ଆଜି ଶିଶୁପାଳ ଖୋଦନରୁ ଯେଉଁ ପୁରଦ୍ୱାର ଓ ରାସ୍ତାର ସଂକେତ ମିଳୁଚି, ତା ଏ କ୍ଷେତ୍ରରେ ବଡ଼ କମ୍ ସଂକେତ ଦେଉ ନାଇ । ଓଡ଼ିଶାର ଏ ସଂପଦ, ଏ ପ୍ରାଚୀନତା ଯଥାଶୀଘ୍ର ପୃଥିବୀ ଜାଣିବା ଉଚିତ । ଏହା ଓଡ଼ିଆଙ୍କର ଓ ଓଡ଼ିଶା ସରକାରଙ୍କର ବିକାଶମୂଳକ କାର୍ଯ୍ୟ ଭିତରେ ଗୋଟିଏ ଶ୍ରେଷ୍ଠ କାର୍ଯ୍ୟ ।

ନୂଆପ୍ରସ୍ଥ- ୨/ ୧

Digitized by PPRACHIN, SOA

ପୁଷ୍ପଗିରି ବିହାର

ଦିଲ୍ଲୀରେ ବଡଲାଟ ସଭା ବୈଠକ ବେଳେ ପଣ୍ଡିତ ନୀଳକଣ୍ଠ ଦାସ ଓଡ଼ିଶାର ପ୍ରତ୍ନତତ୍ତ୍ୱ ଆବିଷ୍କ୍ରିୟା ବିଷୟରେ ସରକାରଙ୍କ ଡିପାଟମେଣ୍ଟ ସେକ୍ରେଟାରୀଙ୍କୁ ଲେଖିଥିଲେ । ସେ କହିଥିଲେ, ନଳନ୍ଦ ଦର୍ଶନରେ ଯେପରି ପ୍ରସିଦ୍ଧ ଥିଲା, ଉତ୍କଳର ପୁଷ୍ପଗିରି ଆଗରେ ସେହିପରି ଥିଲା । ସରକାର ଟଙ୍କା ଖର୍ଚ୍ଚ କରି ନଳନ୍ଦ ଖୋଳାଇଛନ୍ତି, କିନ୍ତୁ ଓଡ଼ିଶାର ଅନ୍ୟାନ୍ୟ ପ୍ରତ୍ନତତ୍ତ୍ୱ ଖୋଳି ଦେଖିବା କଥା ଦୂରେ ଥାଉ, ପୁଷ୍ପଗିରି ସମ୍ବନ୍ଧରେ ମଧ୍ୟ କିଛି ହୋଇନାହିଁ । ଏ ଦିଗରେ ଅତି ଶୀଘ୍ର କାର୍ଯ୍ୟ କରିବା ଦରକାର । ଶ୍ରୀଯୁକ୍ତ ରମାପ୍ରସାଦ ଚନ୍ଦ ଏହି ପୁଷ୍ପଗିରି ସମ୍ବନ୍ଧରେ Archeological, Survey ରେ ଖଣ୍ଡିଏ ପୁସ୍ତକ ଲେଖିଛନ୍ତି । Archeological, Survey Of India No 44) ସେଥିରେ ସେ ଏହି ପୁଷ୍ପଗିରିର ଧ୍ୱଂସାବଶେଷ ଶୀଘ୍ର ଖୋଳି ବାହାର କରିବା ବିଷୟରେ ମତ ଦେଇଛନ୍ତି । ସରକାର ନିଜେ ସେ ପୁସ୍ତକ ଛପାଇଛନ୍ତି । କିନ୍ତୁ ଆଜି ସୁଦ୍ଧା ସେ ଦିଗରେ କିଛି କାମ ହୋଇନାହିଁ । ଚିନ୍ ପରିବ୍ରାଜକ ହୁଏନ୍‌ସା ଏହି ପୁଷ୍ପଗିରି ବିହାର କଥା ଲେଖିଛନ୍ତି । ଆଠ ବର୍ଷ ତଳେ ମଧ୍ୟପ୍ରଦେଶର ନାଗାର୍ଜୁନ କୋଣ୍ଡାରୁ ଏକ ଶିଳାଲିପି ମିଳିଅଛି । ସେଠା ବିହାର ସ୍ଥାପୟିତା ମଞ୍ଜୁଶ୍ରୀ ବହୁକାଳ ପୁଷ୍ପଗିରି ବିହାରରେ ଯୋଗ ଶିକ୍ଷା କରିଥିବାର ସେଥିରୁ ପ୍ରମାଣ ମିଳୁଅଛି ।

କଟକ ଜିଲ୍ଲାର ଲଳିତଗିରି, ଉଦୟଗିରି ଓ ରତ୍ନଗିରି ଅଞ୍ଚଳମାନ ଧରି ପ୍ରାଚୀନ ପୁଷ୍ପଗିରି ବିହାର ବ୍ୟାପି ଥିଲା । ଏବେ ପଣ୍ଡିତ ନୀଳକଣ୍ଠଙ୍କ ପତ୍ର ଫଳରେ ସରକାର ରମାପ୍ରସାଦ ଚନ୍ଦଙ୍କୁ କେଉଁଠାରୁ ଆରମ୍ଭ କରି ଖୋଳିଲେ ସୁବିଧା ହେବ ବୋଲି ପଚାରିଥିଲେ । ଚନ୍ଦ ମହାଶୟ ଉତ୍ତର ଦେଇଛନ୍ତି ରତ୍ନଗିରିକୁ ରାସ୍ତା ସୁଗମ । ସେଠାରେ ଡାକ ବଙ୍ଗଳା ଅଛି । ସେହିଠାରୁ ଆରମ୍ଭ କରି ଖୋଳିଲେ ସୁବିଧା ହେବ । ଓଡ଼ିଶା ପାଇଁ ଏ ଦିଗରେ ବିଶେଷ କିଛି କେବେ ହୋଇ ନଥିଲେ ମଧ୍ୟ ଜମା ନ ହେବା ଠାରୁ ବିଳମ୍ବରେ ହେବା ଭଲ ବୋଲି ସମସ୍ତେ କହିବେ । ଏବେ ସରକାରଙ୍କ ଉଦ୍ୟମରେ ପୁଷ୍ପଗିରି ବିହାରର ଧ୍ୱଂସାବଶେଷ ଖୋଳା ହେବାର ଆଶା ଦେଖାଯାଏ । ଓଡ଼ିଶା ନୂତନ ପ୍ରଦେଶ ହେବା ସଙ୍ଗେ ସଙ୍ଗେ ଭାରତ ସରକାରଙ୍କର ଏ ଉଦ୍ୟମ ପରମ୍ପରା ଓଡ଼ିଆଙ୍କର ମନକୁ ଘେନିବ, ସନ୍ଦେହ ନାହିଁ ।

ନବଭାରତ-୨/୩, ଆଲୋଚନା

ବାରାଣସୀରେ ହିନ୍ଦୁ ମନ୍ଦିର

କିଛି ଦିନ ତଳେ ପତ୍ରମୁଖରେ ପ୍ରକାଶ ପାଇଛି, ପଣ୍ଡିତ ମଦନମୋହନ ମାଳବୀୟ ବାରଣାସୀରେ ଚାନ୍ଦାରୁ କୋଡିଏ ଲକ୍ଷ ଟଙ୍କା ଖର୍ଚ୍ଚ କରି ଗୋଟିଏ ବିରାଟ ହିନ୍ଦୁ ମନ୍ଦିର

Digitized by PPRACHIN, SOA

ତୋଳାଇବେ । କାଶୀ ବିଶ୍ୱନାଥଙ୍କର ମନ୍ଦିରଟି ଏବେ ଯାହା ଅଛି, ତାହା କ୍ଷୁଦ୍ର ଓ ତାହାର ଇତିହାସ ବାରାଣାସୀ ପରି ପୁରାଣକଥିତ ହିନ୍ଦୁ ପୀଠର ଅନୁରୂପ ନୁହେଁ । କେହି ମନେ କରୁଥିବେ ହୁଏତ ସେଥିପାଇଁ ମାଳବୀୟଙ୍କର ଏ କୀର୍ତ୍ତିର କଳ୍ପନା । ହୋଇପାରେ, ମାତ୍ର ଉତ୍ତର ଭାରତର ଏ ଧର୍ମ ସାଂପ୍ରଦାୟିକତାରେ ଆମର କିଛି ମତାମତ ନାହିଁ । ଏଯୁଗରେ ପୂର୍ବ କାଳର ହିନ୍ଦୁ ମନ୍ଦିରମାନଙ୍କ ପରି ଆଉ ଗୋଟିଏ ବିରାଟ କୀର୍ତ୍ତି ସ୍ଥାପନ କରିବାର ଯଦି କେବଳ କଳ୍ପନା ଥାଏ, ତେବେ ବୃଦ୍ଧ ଓ ବନ୍ଦ୍ୟ ମାଳବୀୟଙ୍କ ଖାତିରରେ ସେ ସମ୍ବନ୍ଧରେ ମତ ବ୍ୟକ୍ତ କରିବା ମଧ୍ୟ ଆବଶ୍ୟକ ମନେ କରୁନାହୁଁ । ତେବେ ସମ୍ବାଦରେ ଗୋଟିଏ ନୂତନ କଥା ପ୍ରକାଶ ପାଇଛି, ତାହା ଏହି ମନ୍ଦିରଟି ଶୁଦ୍ଧ ପ୍ରାଚୀନ ଭାରତୀୟ ସ୍ଥାପତ୍ୟ ବିଧିରେ ତିଆରି ହେବ । ସେଥିପାଇଁ ଭାରତୀୟ ଶିଳ୍ପ ଶାସ୍ତ୍ରରେ ଗବେଷଣା ଓ ଆଲୋଚନା ବିଶାରଦ ଶ୍ରୀଯୁକ୍ତ ଏସ୍.ସି ମୁଖର୍ଜିଙ୍କୁ ମାଳବୀୟ ବରଣ କରିଅଛନ୍ତି । ଉତ୍ତର ଭାରତରେ ଶୁଦ୍ଧ ଭାରତୀୟ ହିନ୍ଦୁଶିଳ୍ପର ଅବଶେଷ ନାହିଁ କହିଲେ ଚଳେ । ଏ ଯୁଗରେ ତାହାର କିପରି ପୁନର୍ଗଠନ ହୋଇପାରେ ସେ ସମ୍ବନ୍ଧରେ ଏ ଯୁଗର ଭାରତୀୟ ଶିଳ୍ପ ପଣ୍ଡିତମାନେ ହୁଏତ କିଛି ସ୍ପଷ୍ଟ କଳ୍ପନା କରି ପାରିବେ ନାହିଁ; ତଥାପି ଶିଳ୍ପରେ ଭାରତୀୟ ଆର୍ଯ୍ୟଭୂମିର ଯଥେଷ୍ଟ ବିଶେଷତ୍ୱ ଥିଲା । ଦ୍ରାବିଡ଼ର ଶିଳ୍ପ ଏକ ପ୍ରକାର ଅକ୍ଷୁଣ୍ଣ ଅଛି । ତାଞ୍ଜୋର ଭେଙ୍କଟାଚଳ ପ୍ରଭୃତିର ତୁଙ୍ଗ ଗୋପୁର-ମଣ୍ଡିତ ଦେବାୟତନ ସବୁ ଏବେ ଆକାଶରେ ଶିରୋତ୍ତୋଳନ କରି ଇତିହାସର ସାକ୍ଷ୍ୟ ଦାନ କରୁଅଛି । କିନ୍ତୁ ଉତ୍ତର ଭାରତର ହିନ୍ଦୁ ଗଠନ ଶିଳ୍ପ ଲୁପ୍ତ କହିଲେ ଚଳେ । ବୌଦ୍ଧ ଗଠନ କଳାର ଅବଶେଷ କେତେକ ଅଛି । କିନ୍ତୁ ତାହାର ବିକାଶ ପରମ୍ପରାର ଇତିହାସ ନାହିଁ । ପୂର୍ବୋତ୍ତର ଭାରତର ଗୁପ୍ତ-ସ୍ଥାପତ୍ୟ ବଙ୍ଗ ବିହାରରେ ତାଦୃଶ ମଧ୍ୟ ଦେଖାଯାଏ ନାହିଁ । ପଣ୍ଡିତମାନେ ଏବେ ତାହାର ବିକାଶ ଓଡ଼ିଶାର ପ୍ରାଚୀନ ମନ୍ଦିର ମାନଙ୍କରେ ଦେଖିବାକୁ ଆରମ୍ଭ କରୁଛନ୍ତି । ନଳତିଗିରି, ଉଦୟଗିରି, ରତ୍ନଗିରି ପ୍ରଭୃତିର ଶିଳ୍ପକଳା ଆଜି ସ୍ତୂପଗର୍ଭଗତ । ତାହା ଖୋଳା ହୋଇ ନବାହାରିବା ଯାଏ ଓଡ଼ିଶାର ସ୍ୱତନ୍ତ୍ର ଶିଳ୍ପ କଣ ଥିଲା ତାହା କହି ହେଉ ନାହିଁ । ମାତ୍ର ମୟୂରଭଞ୍ଜର ଖିଚିଙ୍ଗଠାରୁ ଭୁବନେଶ୍ୱର ପୁରୀ କୋଣାର୍କ ପର୍ଯ୍ୟନ୍ତ ସର୍ବତ୍ର ରେଖ ମନ୍ଦିରମାନଙ୍କରେ ମଗଧର ଶିଳ୍ପ ପୀଠରୂପେ ରହିଛି ବୋଲି ସ୍ଥିର କରାହେଉଛି । ବାରଣାସୀର ଶିଳ୍ପରେ ତେଣୁ ଓଡ଼ିଶାର ଶିଳ୍ପ ବହୁ ପରିମାଣରେ ସାମଗ୍ରୀ ଯୋଗାଇବ ।

ନବଭାରତ-୨/୩, ଆଲୋଚନା

ନନ୍ଦପୁରର ଇତିହାସ

କୁମାର ଶ୍ରୀ ବିଦ୍ୟାଧର ସିଂହଦେଓ ନନ୍ଦପୁରର ଖଣ୍ଡିଏ ଇତିହାସ ଇଂରେଜିରେ ଲେଖିଚନ୍ତି । ପୁସ୍ତକର ନାମ 'Nandapur (A Forsaken kingdom)' ଅର୍ଥାତ୍

Digitized by PPRACHIN, SOA

ନନ୍ଦପୁର (ଏକ ପରିତ୍ୟକ୍ତ ରାଜ୍ୟ) । ପୁସ୍ତକଟିର ପ୍ରଥମ ଭାଗ ପ୍ରକାଶିତ ହୋଇଚି । ଏଥିରେ ଗ୍ରନ୍ଥକାର ମୂଳରୁ ଇଂରେଜ ଅମଳ ପର୍ଯ୍ୟନ୍ତ ରାଜ୍ୟଟିର ଇତିହାସ ଲେଖିଚନ୍ତି । ପୁସ୍ତକଟିର ମୂଲ୍ୟ ଦୁଇଟଙ୍କା । କଟକ 'ଉତ୍କଳ ସାହିତ୍ୟ' ପ୍ରେସ୍‌ରେ ଛପା ହୋଇଚି । କାଗଜ ଉତ୍ତମ । ଛପା ବି ସୁନ୍ଦର । ଅଶୁଦ୍ଧି ଆଶଂକାନୁରୂପ ନୁହେଁ । ପରିଶିଷ୍ଟ ଗୁଡ଼ିକ ସହିତ ପୁସ୍ତକଟି ୮+୧୫୬= ୧୬୪ ପୃଷ୍ଠା । ପୁସ୍ତକଟି ଗୋଟିଏ ସଂକଳନ। ମାତ୍ର ଦୁଇଟି ପରିଶିଷ୍ଟ ଗ୍ରନ୍ଥକାରଙ୍କ ନିଜ ମୌଳିକ ଅନୁସଂଧାନର ଫଳ ।

ହେଲେ ହେଁ, ଓଡ଼ିଶାରେ ଏ ଗୋଟିଏ ଉପାଦେୟ ପୁସ୍ତକ । ଓଡ଼ିଶାର ବିଭିନ୍ନ ଅଂଶର ଇତିହାସ ଏବେ ମଧ୍ୟ ଆଲୋଚିତ ହୋଇ ନାହିଁ । Sonepur in the Sambalpur Tract (ସଂବଲପୁର ଭୂମିରେ ସୋନପୁର) ବୋଲି ପ୍ରାୟ ୨୫ ବର୍ଷ ତଳେ ଶ୍ରୀଯୁକ୍ତ ବିଜୟଚନ୍ଦ୍ର ମଜୁମଦାର ଖଣ୍ଡେ ପୁସ୍ତକ ଲେଖିଥିଲେ । ମାତ୍ର ପଢ଼ିଲେ ସ୍ପଷ୍ଟ ମନେ ହୁଏ, ତାହା କୌଣସି ଉଦ୍ଦେଶ୍ୟରେ ଲେଖା । ଏ ପୁସ୍ତକରେ ସେପରି କିଛି ଥିଲା ପରି ଲାଗୁ ନାହିଁ ।

ନନ୍ଦପୁର ବୋଇଲେ ଦକ୍ଷିଣ ଓଡ଼ିଶାର ଜୟପୁର ରାଜ୍ୟ । ଓଡ଼ିଶାର ଅନେକେ ଏ ରାଜ୍ୟ ସଂବଂଧରେ କିଛି ଜାଣନ୍ତି ନାହିଁ । ଏହା ଏବେ ବସ୍ତୁତଃ ଏକ ଜମିଦାରୀ। ମାତ୍ର ଦିନେ ଏହା ଗୋଟିଏ ବିରାଟ ଓ ଶକ୍ତିଶାଳୀ ରାଜ୍ୟ ଥିଲା । ଓଡ଼ିଶାର ସୂର୍ଯ୍ୟବଂଶୀ ଗଜପତି, ପରେ ଗୋଲକୁଣ୍ଡାର ସୁଲତାନଙ୍କ ସଂଗେ ଏ ରାଜ୍ୟର ସଂପର୍କ ମହତ୍ତ୍ୱ ଓ ବୀରତ୍ୱପୂର୍ଣ୍ଣ । ଚୈତନ୍ୟଙ୍କ ନାମରେ ପ୍ରଚାରିତ ବ୍ରଜ ବୈଷ୍ଣବ ଧର୍ମ ଏ ରାଜ୍ୟରେ ଏକ ନୂତନ ଭାବ ଧରିଥିଲା। ପୁଣି ସାଲୁର, ବୋବିଲି, ବିଜୟନଗର, ଖଡ଼ିଆଳ ପ୍ରଭୃତି ଜମିଦାରୀ ଓ ବସ୍ତର, କଳାହାଣ୍ଡି ପରି ରାଜ୍ୟମାନ ଦିନେ ଏଇ ରାଜ୍ୟର ଅଙ୍ଗୀଭୂତ ଥିଲା । ସେତିକି ନୁହେଁ, ଏଇ ନନ୍ଦପୁର ରାଜାଙ୍କ ଅନୁଗ୍ରହରେ ଏଇ ସବୁ ଜମିଦାରୀ ଓ ରାଜ୍ୟମାନ ଆରଂଭ ହୋଇଥିଲା । ଏ ସବୁ କଥା ଅନେକେ ଜାଣି ନଥିବେ ।

ଭାରତର ଇତିହାସ ଅନୁସଂଧାନରେ ଭାରତୀୟମାନେ ତାଦୃଶ ମନ ଦେଇ ନାହାନ୍ତି। ତେଣୁ ଏଇ ସଂକଳନରେ ଗ୍ରନ୍ଥକାର ବିଶେଷ ଭାବରେ ଜିଲା ଗେଜେଟିଅରମାନଙ୍କ ଉପରେ ନିର୍ଭର କରିଚନ୍ତି। ଏଇ ଗେଜେଟିଅର ବା ଜିଲା ଇତିହାସଗୁଡ଼ିକ ଇଂରେଜ ମାନଙ୍କ ଲେଖା । ଲେଖକମାନେ ମଧ୍ୟ ଐତିହାସିକ ବୋଲି ପରିଚିତ ନୁହନ୍ତି । ବିଦେଶୀ ଶାସକମାନେ ଏ ଦେଶ ସଂବଂଧରେ ମୋଟାମୋଟି ଜାଣିରଖିବା ପାଇଁ ଏଗୁଡ଼ିକ ଲେଖା ହୋଇଥିଲା । ତେଣୁ ଏବେ ନୂତନ ଓ ମୌଳିକ ଅନୁସଂଧାନରେ ସେ ସବୁର ବହୁ ପରିବର୍ତ୍ତନ ହେବାର କଥା । ମାତ୍ର ଯେ ଉଦ୍ଦେଶ୍ୟରେ ସେଇ ଗେଜେଟିଅରମାନ ଲେଖା ହୋଇଥିଲା, ସେଇ ଉଦ୍ଦେଶ୍ୟରେ ଓଡ଼ିଶାର ପାଠକ ସାଧାରଣଙ୍କ ପାଇଁ ଏପରି ଓଡ଼ିଶାର

Digitized by PPRACHIN, SOA

ଅଂଶମାନଙ୍କ ସଂବଂଧରେ ପୁସ୍ତକମାନ ଲେଖା ହେବା ମଧ୍ୟ ଉଚିତ। ମୌଳିକ ଅନୁସଂଧାନ କଥା ଏବେ ଯା ହେଉ, ଦେଶକୁ ଭଲ କରି ଜାଣିବା ଆମର ଲୋଡ଼ା।

ଜଂୟପୁର ରାଜ୍ୟର ଏ ବିଶାଳ ଗୌରବାବହ ଅତୀତ ଜାଣିବା ହିଁ ନିତାନ୍ତ ଦରକାର । ଗ୍ରନ୍ଥକାର ଯଥାର୍ଥ କହିଚନ୍ତି, ବାହାମଣି, ବିଜୟନଗରର ଯେପରି ପ୍ରତିଷ୍ଠା ଥିଲା, ଜୟପୁର ସଂବଂଧରେ ତାହା ବହୁପରିମାଣରେ ପ୍ରଯୁଜ୍ୟ । ମାତ୍ର ଏହା ଜଗତ ଜାଣେ ନାହିଁ । ବିଶାଖାପାଟଣା ଠାରୁ ଦେଓଘର ବୈଦ୍ୟନାଥ ପର୍ଯ୍ୟନ୍ତ ସର୍ବତ୍ର ଏବେ ମଧ୍ୟ ସଂକଳ୍ପରେ 'ଝାଡ଼ଖଣ୍ଡ' ବୋଲି କୁହାଯାଏ । ଜୟପୁର ମହାରାଜାଙ୍କ ନାମରେ ଏବେ ବି ଅଛି - 'ଝାଡ଼ଖଣ୍ଡ ପାଦସା' । ଏ ପୁସ୍ତକ ପ୍ରକାଶିତ ହେବା ପୂର୍ବରୁ 'ଝାଡ଼ଖଣ୍ଡ ପାଦସା' କଥାଟିର ଅର୍ଥ ଅନେକେ ବୁଝି ନଥିଲେ । ଯେଉଁ ରାମଗିରିରେ ଯକ୍ଷଙ୍କ ନିର୍ବାସନ କଳ୍ପନା କରି କାଳିଦାସ ମେଘଦୂତ ଲେଖିଥିଲେ, ସେଇ ରାମଗିରି ଯେ ନନ୍ଦପୁରର ଅତି ରମଣୀୟ ରାମଗିରି ନୁହେଁ, ତା କିଏ କହିବ ? ଗ୍ରନ୍ଥକାର ବହୁ ନିଦର୍ଶନରୁ ଅନୁମାନ କରନ୍ତି, ଜୈନକାଳରୁ ଏଇ ରାଜ୍ୟ ଭାରତ ବିଶ୍ରୁତ ଥିଲା ଓ ମଗଧର ନନ୍ଦବଂଶ ସଂଗେ 'ନନ୍ଦପୁର' ଶବ୍ଦର ସଂପର୍କ ଅଛି । ହୋଇପାରେ। ଆଲୋଚନାର ଦିଗ୍‌ଦର୍ଶନ ଏଇପରି ସୂଚନାରୁ ଆରଂଭ ହୋଇଥାଏ । ଗ୍ରନ୍ଥକାରଙ୍କର ଏ ସାଧୁ ଉଦ୍ୟମ ବର୍ଧିଷ୍ଣୁ ଭାବରେ ଯଶସ୍ୱୀ ହେଉ।

ନବଭାରତ-୬। ୧୦, ଆଲୋଚନା

ଭୌମ ବଂଶର କାଳ ନିରୂପଣରେ ସଂକେତ

ପ୍ରଥମ ବର୍ଷ ପ୍ରଥମ ସଂଖ୍ୟା ଚତୁରଙ୍ଗରେ ଶ୍ରୀ କେଦାରନାଥ ମହାପାତ୍ରଙ୍କର ଭୌମ ବଂଶର ସମୟ ନିରୂପଣ ସମ୍ବନ୍ଧରେ ଗୋଟିଏ ଲେଖା ବାହାରିଚି । ସେଥିରେ ସେ ଭୌମ-ଲେଖ-ମାନଙ୍କରୁ ମିଳୁଥିବା ଅବ୍ଦକୁ ହର୍ଷାବ୍ଦ ବୋଲି ସ୍ୱୀକାର କରିବାକୁ ପ୍ରସ୍ତୁତ ନୁହନ୍ତି । ଯଥାର୍ଥରେ ହର୍ଷାବ୍ଦ ଓଡ଼ିଶାର ସର୍ବଭୌମ ଭୌମ ସମ୍ରାଟମାନଙ୍କର ପ୍ରଚଳିତ ଅବ୍ଦ ହେଲାପରି ମନେ ହେଉନାଇ । ପୁଣି ଭୌମ ବଂଶର ମିଳୁଥିବା ଲେଖମାନଙ୍କରେ ଶେଷ ସମ୍ରାଟ, ଦଣ୍ଡୀ ମହାଦେବୀ । ତାଙ୍କୁ କୌଣସି ମତେ ଟାଣି ଓଟାରି କୋଶଳର ସୋମବଂଶୀମାନଙ୍କ ଆଦି କାଳର ନିକଟବର୍ତ୍ତୀ କରାଇ ଓଡ଼ିଶା ଇତିହାସର ରାଜବଂଶ ଧାରା ସେତିକିର ଅବିଚ୍ଛିନ୍ନ ବୋଲି ପ୍ରମାଣ କରିବାର ଲୋଭ ମଧ୍ୟ ଏଡିବା ସହଜ ନୁହେଁ ।

ଯାହାହେଉ ମହାପାତ୍ରେ ଅନୁମାନ କରନ୍ତି ଭୌମ ବଂଶର ମୂଳ, କାଳରେ ଆହୁରି ଟିକିଏ ପଛକୁ ଯିବ। ଭୌମ ବଂଶର ନାମରେ 'ସିଂହ' ଓ 'କେଶରୀ' ଯୋଡ଼ା ହୋଇଥିବାର ପ୍ରାୟ ମିଳେ । ଉନ୍ମତ୍ତ ସିଂହ, ଶୁଭାକର କେଶରୀ ପ୍ରଭୃତି ଏହାର ଉଦାହରଣ । ଯଯାତି

Digitized by PPRACHIN, SOA

କେଶରୀ, ଉଦ୍ୟୋତ କେଶରୀ ପ୍ରଭୃତି କୋଶଳର ସୋମବଂଶ କେଶରୀଙ୍କ ଠାରୁ ଏ କେଶରୀ ବଂଶ ପୃଥକ୍ ଓ ପ୍ରାଚୀନ । ଏଥିପାଇଁ ଐତିହାସିକମାନେ ଏହି ଭୌମ ବଂଶକୁ ଓଡ଼ିଶାର ପ୍ରଥମ କେଶରୀ ବଂଶ ଓ ସୋମ ବଂଶକୁ ଦ୍ୱିତୀୟ କେଶରୀ ବଂଶ କହନ୍ତି ।

ଏହି ସମ୍ପର୍କରେ ଆଉ ଗୋଟିଏ ସଂକେତ ପ୍ରତି ମହାପାତ୍ର ମହାଶୟ ଲକ୍ଷ୍ୟ କରିଛନ୍ତି । ତାହା ହେଉଛି, ଗୁହଦେବ ବା ଗୁହଶିବ, ଯାହାଙ୍କ ସମୟରେ ବୌଦ୍ଧ ଇତିହାସ ମତରେ କଳିଙ୍ଗର ବୁଦ୍ଧଦନ୍ତ ନାନା ଭାବରେ ଆକ୍ରାନ୍ତ ହୋଇ ଶେଷକୁ ସିଂହଳକୁ ଯାଇଥିଲା । ଭୌମ ବଂଶର ଲେଖ ସବୁ ଯେଉଁଠାରୁ ଦିଆ ହୋଇଥିଲା, ସେହି ରାଜଧାନୀର ନାମ ହେଉଚି ଗୁହେଶ୍ୱରପାଟକ ବା ଗୁହଦେବ ପାଟକ । ଏହି ଗୁହଦେବଙ୍କୁ ମହାପାତ୍ର ମହାଶୟ ଭୌମ ବଂଶର ଆଦିମ ବା ଅତି ପ୍ରସିଦ୍ଧ କୌଣସି ପ୍ରାଚୀନ ପୁରୁଷ ବୋଲି ଅନୁମାନ କରୁଛନ୍ତି । ଗୁହଶିବ ନାମଟି ପାଲି ସାହିତ୍ୟ- ବିଶେଷରେ ସିଂହଳରେ ମିଳୁଥିବା 'ଦତ୍ତାବଂଶ' (କଳିଙ୍ଗ ବୁଦ୍ଧଦନ୍ତର ଇତିହାସ)ରେ ମିଳେ । କିଂତୁ ସେଥିରେ ନାମଟି କେବଳ ଗୁହଶିବ ନୁହେଁ । ଏହା ମଧ୍ୟ ଗୁହସିଂହ ବୋଲି ମଝେ ମଝେ ସେହି ପାଲି ସାହିତ୍ୟରେ ଲେଖା ଅଛି । ଖୁବ୍ ସମ୍ଭବ ନାମଟି ହେଉଚି ଗୁହସିଂହ ! ଉଚ୍ଚାରଣ ହେତୁରୁ ହେଉ ବା ଅନ୍ୟ କାରଣରୁ ହେଉ, ଏହା ଗୁହଶିବ ହୋଇ ଯାଇଚି ।

ଏବେ ଦେଖିବାର କଥା ଉନ୍ମଟସିଂହ, ଗୁହସିଂହ ତଥା ଶୁଭାକର କେଶରୀ, ଏକା ବଂଶର କି ନା । ନାମ ସାଦୃଶ୍ୟରୁ ଓ ଗୁହଦେବପାଟକ ନାମରୁ ଏମାନଙ୍କୁ ଏକ ଭୌମବଂଶର ବୋଲି ଅନୁମାନ କରାଯାଇପାରେ । ପୁଣି ଉନ୍ମଟ ସିଂହଙ୍କୁ ଡ଼େଇଁ ତାଙ୍କ ପୁଅଙ୍କ ପର୍ଯ୍ୟନ୍ତ ସମ୍ରାଟମାନେ ବୌଦ୍ଧ ଥିଲେ । ପଣ୍ଡିତ ବିନାୟକ ମିଶ୍ର ମହାଶୟ ପୁଣି ଅନୁମାନ କରନ୍ତି, ଉନ୍ମଟସିଂହଙ୍କ ପୁତ୍ର ଶୁଭାକର କେଶରୀଙ୍କ ସମୟରେ ଭୌମ ସମ୍ରାଟ ପ୍ରଥମେ ମହାଯାନ ବୌଦ୍ଧ ପନ୍ଥା ଧରିଥିଲେ ।

ଏବେ ଦେଖିବାକୁ ହେବ, ଯେଉଁ ଗୁହଦେବ, ଗୁହଦେବ ପାଟକର ପ୍ରତିଷ୍ଠା କରିଥିଲେ, ସେଇ ଏକା ପାଲି ସାହିତ୍ୟର ଗୁହସିଂହ କିନା ? ଗୁହସିଂହ, ଉନ୍ମଟସିଂହ ଦୁହିଁଙ୍କ ଭିତରେ ପୁଣି କି ସଂପର୍କ ? ଯଦି ସଂପର୍କ ଅଛି, ତେବେ ସେ ଦୁହିଁଙ୍କ ମଧ୍ୟରେ କାଳର ବ୍ୟବଧାନ କେତେ ? ସମୟ ନିର୍ଦ୍ଦେଶ କରିବା ପାଇଁ ଏଠାରେ ସୂଚନା ଦିଆଯାଇପାରେ, ଗୁହସିଂହଙ୍କ ରାଜ୍ୟରୁ ବୁଦ୍ଧଦନ୍ତ ଘେନିଯାଇ ଦନ୍ତକୁମାର ଓ ଦନ୍ତକୁମାରୀ ସିଂହଳରେ ପହଞ୍ଚିଥିଲେ, ୩୧୦ (ତିନିଶ ଦଶ) ଖ୍ରୀଷ୍ଟାବ୍ଦରେ । ଏହା ପାଲିସାହିତ୍ୟ ଓ ସିଂହଳ ଇତିହାସରୁ ପ୍ରମାଣିତ ହୋଇଚି ।

ନୂଆପ୍ରସ୍ଥ- ୧/୩, ଆଲୋଚନା

Digitized by PPRACHIN, SOA

ଋତୁ ନିରୂପଣ

ଏ ସଂବଧରେ ଶ୍ରୀଯୁକ୍ତ ଗୌରୀକୁମାର ବ୍ରହ୍ମା, ଶ୍ରୀଯୁକ୍ତ ବିମଳ କିଶୋର ମିଶ୍ର ଓ ପଣ୍ଡିତ ଶ୍ରୀ ବିନାୟକ ମିଶ୍ରଙ୍କର ନାନା ଦିଗରୁ ଆଲୋଚନା ଉତ୍ତର, ପ୍ରତ୍ୟୁତ୍ତରମାନ ବାହାରିଚି । ସେ ସବୁର ଶାସ୍ତ୍ରୀୟ ଓ ଜ୍ୟୋତିଷିକ ଭିତ୍ତି ଯଥାସାଧ୍ୟ ବୁଝାଇ ଏଥର "ଆମ ଋତୁଗଣନା" ବୋଲି ଗୋଟିଏ ପ୍ରବନ୍ଧ ଦିଆଯାଇଚି । (ଏଇ ସଂଖ୍ୟାରେ ପ୍ରକାଶିତ ନୀଳକଣ୍ଠଙ୍କ ଆମ ଋତୁଗଣନା ପ୍ରବନ୍ଧଟି ଏଠାରେ ଦ୍ରଷ୍ଟବ୍ୟ) ଏ ପ୍ରବନ୍ଧର ଉଦେଶ୍ୟ ହେଉଚି, ସେ ବିଷୟରେ ଏଣିକି ଉତ୍ତର, ପ୍ରତ୍ୟୁତ୍ତର ମାନ ବନ୍ଦ କରିବା । ମନେହୁଏ, ଏ ଉଦ୍ଦେଶ୍ୟ ସାର୍ଥକ ହେବ ।

କାଳିଦାସ ପ୍ରଭୃତିଙ୍କର 'ଆଷାଢ଼ସ୍ୟ ପ୍ରଥମ (ପ୍ରଶମ) ଦିବସେ' ବା 'ଭୁଜଗଶୟନା ଦୁତ୍‌ଥିତେ ଶାର୍ଙ୍ଗପାଣୌ,' 'ପରିଣତ ଶରଚ୍ଚନ୍ଦ୍ରି କାମୁଷପାସୁ' ପ୍ରଭୃତି ପ୍ରକୃତିର କ୍ରିୟା ଠିକ୍ ଋତୁଗଣନାର ନିୟାମକ ବୋଲି ଧରିବା ଠିକ୍ ନୁହେଁ । କବିତା ଓ ବିଜ୍ଞାନ ଗଣନା, ଦୁହିଁଙ୍କର ସ୍ଥିତି ଓ ବ୍ୟାପ୍ତି ସ୍ୱତନ୍ତ୍ର । ଲୋକ ବ୍ୟବହାର ମଧ୍ୟ ସେଇପରି ଏ କ୍ଷେତ୍ରରେ ଠିକ୍ ଦିନକାଳ ନିର୍ଣ୍ଣୟର ବିଜ୍ଞାନ ମୂଳକ ମାପ ନୁହେ । ଆଶାକରୁ ଏଇସବୁ ଦୃଷ୍ଟିରେ ଆଉ ଏଣିକି ଆକାଙ୍‌କ୍ଷାର ଅବକାଶ ରହିବ ନାଇ ।

ମାତ୍ର ଏଠାରେ ଗୋଟିଏ ନିର୍ଦ୍ଦିଷ୍ଟ ଓ ବିଖ୍ୟାତ ଲୋକ ବ୍ୟବହାର ପ୍ରତି ସୂଚନା ଦିଆଯାଇପାରେ । ପ୍ରବନ୍ଧରେ କୁହାଯାଇଚି ଗ୍ରୀଷ୍ମାଦ୍ୟ ହେଉଚି ବର୍ଷର ଆରମ୍ଭ ବା ମେଷାଦ୍ୟ ବିଷୁବନ୍‌ଠାରୁ । ସେହି ହିସାବରେ ବର୍ଷା ଋତୁର ଆଦ୍ୟ ହେଲା ମିଥୁନ (ଆଷାଢ଼) ପହିଲାରୁ । ଲୋକ ବ୍ୟବହାରରେ ଏହା ରଜ ସଂକ୍ରାନ୍ତି । ବୃଷ ମାସାନ୍ତ ଠାରୁ ପୃଥିବୀ ରାଜସ୍ୱଳା ହୁଅନ୍ତି । ମିଥୁନ ୨ ଦିନ ପୃଥିବୀଙ୍କର ଋତୁ ସ୍ନାନ ବା 'ଠାକୁରାଣୀ ଗାଧୁଆ' । ଏହିଠାରୁ ପୃଥିବୀ ଗର୍ଭ ଧାରଣ କରି ଶସ୍ୟ ଉତ୍ପାଦନ କରିବା ନିମନ୍ତେ ମେଘ - ପୁରୁଷ ସଙ୍ଗେ ତାଙ୍କର ସଙ୍ଗମ ହୁଏ; ଅର୍ଥାତ୍, ବର୍ଷାଋତୁ ଆରମ୍ଭ ହୁଏ । ବଚନ ଅଛି -

'ନାରୀସୁ ଧର୍ତ୍ରୀ ପୁରୁଷେଷୁ ମେଘଃ'

ଅର୍ଥାତ୍, ପୃଥିବୀ ଶ୍ରେଷ୍ଠ ନାରୀ ଓ ମେଘ ଶ୍ରେଷ୍ଠ ପୁରୁଷ । ଏହି ଦୁହିଁଙ୍କ ସଙ୍ଗମରେ ଶସ୍ୟ ଉତ୍ପନ୍ନ ହୁଏ ।

ନୂଆପ୍ରସ୍ଥ-୧/୭

Digitized by PPRACHIN, SOA

ଓଡ଼ିଶା ଇତିହାସର କାଳ ଗଣନାରେ
ଏକି ବଦ୍ଧ-ମୂଳ ଭ୍ରାନ୍ତି

ଅନେକେ ପ୍ରବନ୍ଧ ପୁସ୍ତକାଦି ଲେଖିଲା ବେଳେ ଷ୍ଟୀରଲିଂ ସାହେବଙ୍କ କାଳ (୧୮୨୫)ର ମଦଳା ପାଞ୍ଜିରୁ ସଂଗୃହୀତ ଓଡ଼ିଶା ଇତିହାସର କାଳାଦି ନିର୍ଦ୍ଦେଶ, ତଥା ସେଇଭଳି କିମ୍ବଦନ୍ତୀ ପରି ଚଳି ଆସୁଥିବା କଥାଗୁଡ଼ିକର ବ୍ୟବହାର ଏବେବି କରୁଚନ୍ତି। କେଉଁ ଯଯାତି କେଶରୀ ୪୭୬ ଖ୍ରୀ:ରେ ଯାଜପୁରରେ ସମ୍ରାଟ ହୋଇ ଦଶାଶ୍ୱମେଧ ଯାଗ କରିଥିଲେ, କେଉଁ ଲଳିତେନ୍ଦୁ କେଶରୀ ୭ମ (ଖ୍ରୀ:) ଶତାବ୍ଦୀରେ ଅର୍ଥାତ ହୁଏନ ସାଂ ଏ ଭୂମିକୁ ଆସିଲା ବେଳକୁ ଭୁବନେଶ୍ୱର ମନ୍ଦିର ତୋଳାଉ ଥିଲେ ? କେଉଁ ଲାଙ୍ଗୁଳା ନରସିଂହ କେବେ କୋଣାର୍କ ମନ୍ଦିର ନିର୍ମାଣ କରାଇଲେ, ଏ ସବୁ କଥା ଆଲୋଚନାଗତ ପ୍ରବନ୍ଧ ଓ ପୁସ୍ତକମାନଙ୍କରେ ଯେପରି ଲେଖାଯାଉଛି, ସେଥିରେ ଇତିହାସ ଓ ପ୍ରତ୍ନବିତ୍‌ମାନେ ହସିବାର କଥା । ଓଡ଼ିଶାର ଇତିହାସରେ ପୁଣି ପ୍ରତିବର୍ଷ, ପ୍ରତିମାସ ନୂଆ, ନୂଆ ତଥ୍ୟ ବାହାରୁଚି । ଭୌମମାନେ କେଶରୀ ଥିଲେ କି ନା, ପୁଣି ସେମାନେ କେତେ ବୌଦ୍ଧ, କେତେ ଶୈବ ବା ବୈଷ୍ଣବ ଥିଲେ, ଠିକ୍ ଜଣାନାଇ । ତଥାପି ଖ୍ରୀ: ନବମ ଶତାବ୍ଦୀ ପୂର୍ବରୁ ସେଇମାନେଇ ଉତ୍କଳର ସମ୍ରାଟ ଥିଲେ । ଶେଷ ଆଡକୁ ଦେଖା ଯାଉଚି, ଦେଶଟିର ନାମ ଥିଲା, ଉତ୍କଳ ନୁହେଁ- ତୋଷଳ । ତା'ପରେ କୋଶଳର ଶୈବ କେଶରୀମାନେ ଆସିବାର ଜଣାପଡ଼େ । ତାଙ୍କ ମଧ୍ୟରେ ଦୁଇଜଣ ଯଯାତି କେଶରୀ ଥିବାର ପୁଣି ଜଣାପଡୁଚି । ଏଥିରେ ପୁଣି ଲଳିତେନ୍ଦୁ କେଶରୀ କିଏ, ପୁଣି କେଉଁ କାଳର, ଲଳିତେନ୍ଦୁ କେଶରୀ ଛଡ଼ା ତାଙ୍କର ଆଉ କି ନାମ ଥିଲା ? ଭୌମ ବଂଶରେ ଲଳିତହାର ବୋଲି ଦୁଇଜଣ ସମ୍ରାଟ ଥିବାର ମିଳୁଚି । ତା'ମଧ୍ୟରୁ ପ୍ରଥମ ଜଣଙ୍କର ପ୍ରକାଶ ନାମ ଶାନ୍ତିକର ଦେବ, ୨ୟ ଜଣଙ୍କର ପ୍ରକାଶ ନାମ ଶିବକର ଦେବ । ଏହାଙ୍କ ଭିତରୁ ତେବେ ଜଣେ କଣ ଭୁବନେଶ୍ୱର ମନ୍ଦିର ନିର୍ମାଣ କର୍ତ୍ତା ? କିନ୍ତୁ ଏ ଦୁହିଁଙ୍କ ଭିତରୁ କେହି ଶୈବ ଥିବାର ପ୍ରମାଣ ମିଳୁନାଇ । ବରଂ ପ୍ରଥମ ଲଳିତହାରଙ୍କ ମହିଷୀ ତ୍ରିଭୁବନ ମହାଦେବୀ ବୈଷ୍ଣବ ଥିବାର ଅନୁମାନ ହୁଏ । ସେ ଯାହାହେଉ, ଏସବୁ ଅନୁସଂଧାନ ତତ୍ତ୍ୱପ୍ରତି ଆଦୌ ମନ ନଦେଇ ଗତାନୁଗତିକ ରୀତିରେ ଓଡ଼ିଶାର ଇତିହାସ ପଢ଼ିବା ଓ ଶିଖାଇବାର ଉଦ୍ଦେଶ୍ୟ କରିବା ଅତି ଅସ୍ପୃହଣୀୟ।

ନୂଆପ୍ରସ୍ଥ-୧/୭

◆◆◆

Digitized by PPRACHIN, SOA

ପଞ୍ଚମ ଅଧ୍ୟାୟ
ଶିକ୍ଷାଭିତ୍ତିକ 'ଆଲୋଚନା'

କମିଟିର ଗଠନ -

ଭାରତର ପ୍ରଦେଶାନ୍ତର ମାନଙ୍କର ଧାରା ଧରି ଓଡ଼ିଶାରେ ଏ ଗଠନ ପାଇଁ ଏବେ ଉଦ୍ୟମ ଲାଗିଚି । ନୂଆ ପ୍ରଦେଶର ଓଡ଼ିଶା ପ୍ରତି ଏହା ପ୍ରଥମ କାର୍ଯ୍ୟ ହେଲା ପରି ମନେ ହୁଏ। ଏଥିପାଇଁ କମିଟି ବସିଚି । ସରକାରୀ ଲୋକଙ୍କ ସଙ୍ଗେ ବେସରକାରୀ କେତେ ଜଣ ନିଆଯାଇଚନ୍ତି । ଏଇ ବେସରକାରୀଙ୍କ ଭିତରେ ଜମିଦାର, ପ୍ରଜା, ଅଶିକ୍ଷିତ, ଶିକ୍ଷିତ ସବୁ ସ୍ୱାର୍ଥର ପ୍ରଭାବ ପକାଇବାର ଉଦ୍ୟମ ମଧ୍ୟ ସରକାର ଅନ୍ୟାନ୍ୟ କ୍ଷେତ୍ରରେ ଯେପରି କରନ୍ତି, ସେଇପରି ଯଥାସମ୍ଭବ କରାଯାଇଚି । ସରକାରୀଙ୍କ ମଧ୍ୟରେ ନିଜେ ଡିରେକ୍‌ଟର ଡିପି ସାହେବ ଏଥିରେ ନେତା- ସେ ତ ଡିରେକ୍‌ଟର ବା ଚାଳକ । ଏଥିରେ ଚାଳନାର ମନ୍ତ୍ର ଅନ୍ୟ ହାତକୁ ଯିବାର କିଛି କାରଣ ନାହିଁ । ଅନ୍ୟାନ୍ୟ ବହୁଦର୍ଶୀ ଅଛନ୍ତି । ସେମାନେ ଅବଶ୍ୟ ଏ କ୍ଷେତ୍ରରେ ବିଶେଷଜ୍ଞ । ସରକାରୀ ବିଭାଗୀୟ କର୍ମଚାରୀମାନେ ଉପର ପାହିଆରେ ଥିଲେ ସର୍ବଦା ବିଶେଷଜ୍ଞ ହୁଅନ୍ତି । ଇଂରେଜ ସରକାରଙ୍କର ଏ ନୀତିରେ ଏଠାରେ ବ୍ୟତ୍ୟୟ ହେବ ବା କାହିଁକି ? ପୁଣି ଶୁଣାଯାଏ ଡିପି ସାହେବ ସବୁବେଳେ ନୂତନ ଓ ଉପଯୋଗୀ ପଦ୍ଧତିମାନ ଅନୁସନ୍ଧାନ ଓ ପରୀକ୍ଷା କରିବାରେ ବିଶେଷ ପଟୁ। ସେ ଓଡ଼ିଶାରେ ରହି ଓଡ଼ିଆର ମୌଳିକ ପଲ୍ଲିଭାଷା, ଆଚାର ବ୍ୟବହାର, ଆଶା, ଆକାଂକ୍ଷା, ଅଭାବ ଅଭିଯୋଗ ପ୍ରଭୃତିରେ ମନ ଦେଇଥାନ୍ତି । ବେସରକାରୀଙ୍କ ଭିତରେ ଜମିଦାର ଅଛନ୍ତି, ଓକିଲ ଅଛନ୍ତି, ଉପାଧିଧାରୀ ମଧ୍ୟ ଅଛନ୍ତି । ଧନୀମାନେ ଓ ଓକିଲମାନେ ଯେଉଁ ସ୍ୱାର୍ଥ ପ୍ରତି ତତ୍ପର ନୁହନ୍ତି, ସେପରି ସ୍ୱାର୍ଥ ଏ ଦେଶରେ ଏପର୍ଯ୍ୟନ୍ତ ଫୁଟି ନାହିଁ । ଧନୀ ଜମିଦାର ରୂପେ, ଜମିଦାରର ସ୍ୱାର୍ଥ ଜାଣେ ଓ ପ୍ରଜାର ସ୍ୱାର୍ଥରେ ମଧ୍ୟ ଆଖି ରଖେ, ମହାଜନ ରୂପରେ ସେଇପରି ମୂଳ ଓ ସୁଧ ଦୁଇ ସ୍ୱାର୍ଥ ତା ଭିତରେ। ଓକିଲଙ୍କ କଥା ତ ଦାଣ୍ଡରେ ପଡ଼ିଚି । ପୁଣି ସରକାରଙ୍କ ଉପାଧି କଥା ଏ କ୍ଷେତ୍ରରେ କମ୍ ଗୁଣର ପରିଚାୟକ ନୁହେଁ । ଦେଶରେ ନିଜର ଓ ଆଉ ଦଶ ଜଣଙ୍କର ସ୍ୱାର୍ଥରେ ମନ ଦେବାର ଦେଖି ନଥିଲେ ସରକାର ଉପାଧି ବା ଦିଅନ୍ତେ କିଆଁ ? ପୁଣି, ଏଥିରେ ସବୁ ସ୍ୱାର୍ଥର ସାମଞ୍ଜସ୍ୟ ଓ ସମାଧାନ ରଖିବା ପାଇଁ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ପରି ମନସ୍ୱୀ ଲୋକନେତା ମଧ୍ୟ ଅଛନ୍ତି । ଶିକ୍ଷା କ୍ଷେତ୍ରରେ ପଣ୍ଡିତ ଗୋଦାବରୀଶଙ୍କ ବହୁଦର୍ଶିତା ଦେଶରେ ସୁବିଦିତ । ସେ

Digitized by PPRACHIN, SOA

ଜଣେ ପରୀକ୍ଷିତ ବିଶେଷଜ୍ଞ । ଏଇ ଦେଶର ଶିକ୍ଷା ପଦ୍ଧତି ପରୀକ୍ଷା କରିବାରେ ସେ ମଧ୍ୟ ବହୁ ଶ୍ରମ ଓ ତ୍ୟାଗ କରିଚନ୍ତି ।

କମିଟିର କାର୍ଯ୍ୟ –

କିଂତୁ ସବୁ ହୋଇ ହେବ କଣ ? ଏ ଦେଶରେ ଯେ କାହାରି ସ୍ୱାଧୀନ ଆଭିମୁଖ୍ୟର ବାଟ ନାହିଁ। ଶିକ୍ଷା ସ୍ୱାଧୀନ ହେଲେ, ଆଉ ଯାହା ହଉ, ମନୁଷ୍ୟତାର ବିକାଶ ଅସଂଭବ । ଅବଶ୍ୟ ସାଂବାଦିକଙ୍କ ସୂଚନାରୁ ଜଣାପଡୁଚି, ଉଚ୍ଚ ଶିକ୍ଷାର ପନ୍ଥା ରୋଧ କରି, ଉପଯୋଗୀ ଶିକ୍ଷା ପାଇଁ ପନ୍ଥା ଫିଟାଇବାର ଉଦ୍ୟମ ହେଉଚି । କଲେଜ ପ୍ରବେଶ ନିମନ୍ତେ ଶିକ୍ଷାର କାଳ ଏକା ଆଉ ବରଷେ ବଢ଼ାଇଦେବାର କଥା ହେଉଚି। ସେତିକି ନୁହେଁ, ଖାଲି ନିରୁତା ବିଦ୍ୟା-ସେବକଙ୍କୁ କଲେଜକୁ ନେଇ ବାକୀ ଚଷୁ ଝାଡ଼ି ଫିଙ୍ଗି ଦେବା ପାଇଁ ଗୋଟିଏ ଚାପୁଆଣି ଦିଆ ପରୀକ୍ଷାର କଳ୍ପନା କରାଯାଉଚି । ପୁଣି ପ୍ରାଥମିକ ଶିକ୍ଷାରେ ପିଲାଙ୍କର ଗ୍ରାମ ଜୀବନରେ କିପରି ସଂସ୍ରବ ରହିବ, ତାର ଉଦ୍ୟମ କରାଯାଉଚି । ଆଉରି ମଧ୍ୟ ପେଟପୋଷା ଶିକ୍ଷା ପାଇଁ ସୁଚିନ୍ତିତ ଯୋଜନାମାନ କରାହେଉଚି । ମାତ୍ର ଏ ସବୁରେ ନୂଆ କ'ଣ ଅଛି ? ବାୟୁମଣ୍ଡଳରେ ଉଡୁନଥିବା ଭଳି ସ୍ୱତନ୍ତ୍ର ଜିନିଷ କ'ଣ ଅଛି ? ଉଚ୍ଚ ଶିକ୍ଷାର ପନ୍ଥା ଯେତେ ରୋକିଲେ ମଧ୍ୟ, ପିଲାଏ ବାପ ଓ ଅଭିଭାବକଙ୍କ ଅର୍ଥ ଶ୍ରାଦ୍ଧ କରି, ଚାକିରି କାମନାରେ 'ବିଶ୍ୱବିଦ୍ୟାଳୟ'ରେ ପଶିବେ । କାରଣ ଏ ଦେଶରେ ଇଂରେଜି ଶିକ୍ଷାର 'ଚାକିରି' ହେଉଚି ମୂଳ ଭିତ୍ତି । ସେ ଭିତ୍ତି ବଦଳି ନାହିଁ କି ବଦଳୁ ନାହିଁ । ପେଟ ପୋଷା ଶିକ୍ଷା ଯେତେ ଦେଲେ ମଧ୍ୟ ପଢୁଆ ପିଲାଏ ସହଜରେ ତନ୍ତୀ ବଢ଼େଇ ହେବେନାହିଁ । କାରଣ, ତନ୍ତୀ ବଢ଼େଇ ହେବାରେ ଭାରତରେ ସମାଜର ଅର୍ଥସମସ୍ୟାର ସମାଧାନ ହେବନାହିଁ- ହେବନାହିଁ, ଯେତେ ଦିନ ପର୍ଯ୍ୟନ୍ତ ଭାରତରେ ସମୂହ ଶିଳ୍ପ ସମସ୍ୟାର ଜାତୀୟ ସମାଧାନ ନ ହୋଇଚି । ଉପରୁ ବିଲାତୀ ଲୁଗା ଓ ଲୁହା ପ୍ରଭୃତି ଶିଳ୍ପଜାତ ଦ୍ରବ୍ୟ ଏ ଦେଶରେ ପୂରାଇବାର ନିରାଟ ଉଦ୍ୟମ ହେଉଥିବା ସ୍ଥଳେ, ଏସବୁ ପିଲା ଭଣ୍ଡିବାର ଖେଳ କୁଆଡ଼େ ଭାସିଯିବ । ଜାପାନ ପ୍ରଭୃତି ପରି ଦେଶର ଉଦ୍ୟମ ଭଳି ଏ ଦେଶରେ ଅନୁକରଣ କଲେ, ତାହା ଏପରି କ୍ଷୁଦ୍ର ଓ ଆଂଶିକ ଭାବରେ କଲେ, ଫଳ କିଛି ହେବନାହିଁ । ବଡ଼ ପାଠୁଆ, ବଡ଼ ଚାକିରିଆଯାକ ମଟରକାର, ପୋଷାକ ପରିଚ୍ଛଦ, ଚୌକି ବେଂଚ ପ୍ରଭୃତି କେଉଁଠାରୁ କିଣିବେ, ସେ କଥା ଆଗ ଠିକ୍ ନକଲେ, ପ୍ରାଇମେରି, ସେକେଣ୍ଡାରୀ ସ୍କୁଲ୍ ତାଙ୍କ ପରିତ୍ୟକ୍ତ ଅସହାୟ ଦେଶରେ ସର୍ବଦା କୃପାପାତ୍ର ହୋଇ ତନ୍ତୀ ବଢ଼େଇର ବ୍ୟବସାୟ ଧରି ବସିବ ନାହିଁ । ପୁଣି, ଯେଉଁ ତନ୍ତୀ ବଢ଼େଇ ପୁରୁଷାନୁକ୍ରମେ ଶିଳ୍ପ ପରଂପରା ଏ ଦେଶରେ ଏତେକାଳ ଜୀବନ୍ତ ଓ ଅକ୍ଷୁଣ୍ଣ ରଖି ଏବେ 'ଦାରିଦ୍ର୍ୟ ପଞ୍ଚାକ୍ଷରୀ' ଜପି ସନ୍ନ୍ୟାସରେ ଉପବାସ ବ୍ରତ ଧରି 'ନିର୍ବାଣ' କାମନା କରୁଚନ୍ତି, ତାଙ୍କ ଦଶା ମନେ ରଖି ଏ

Digitized by PPRACHIN, SOA

ବ୍ୟବସ୍ଥା ହେଉଚି ତ ? ଏ ସ୍କୁଲ୍ ପଢୁଆଯାକ କ'ଣ ତାଙ୍କରି ପ୍ରତିଦ୍ୱନ୍ଦ୍ୱୀ ହେବେ ? ହେଲେ ହେଁ ବେଳ ପଡ଼ିଲେ ତାଙ୍କୁ ଟପି ପାରିବେ ତ ? ନା, ତାଙ୍କୁ ମୂଲିଆ କରି ନିଜେ ଖାତାପତ୍ର ଧରି କାରଖାନାର ମାଲିକ ହେବେ ? ପ୍ରଥମ କଥା, ଏ ଦେଶଦ୍ରବ୍ୟ ପାଇଁ ଏ ଦେଶରେ ବଜାର ବଢ଼ାଇବା । ଏ ସରକାରରେ ସେ ଆଶା ନାହିଁ । ଗ୍ରାମେ ଗ୍ରାମେ ଏବେ ଦେଖ, ବିଜୁଳି ହୁଳା (Torch) ପ୍ରାୟ ଘରେ ଘରେ ପଶିଲାଣି । ଦଶବର୍ଷ ତଳେ ଆମେରିକା ଯାହାକୁ ୧୦ ଟଙ୍କାରେ ବିକୁଥିଲା, ଏବେ ଚୀନ ତାକୁ ଟ ୧ ।ରେ ବିକିଲାଣି । ଚୀନରେ ପୁଣି ନିତ୍ୟ ଦୁର୍ଭିକ୍ଷ ଓ ନିରନ୍ତର ସମର ଦୁର୍ଗତି ଓ ଦୁର୍ବିପାକ । ଏପରି ଅବସ୍ଥାରେ ପେଟ ପୋଷିବାକୁ ଚୀନ ଏହା ଏଡ଼େ ବେଗେ କରିପାରେ, କିନ୍ତୁ ଭାରତରେ ହୁଏତ ଏଇ ଦଶବର୍ଷ ଧରି ଶିକ୍ଷାର ପୁନର୍ଗଠନ ପାଇଁ କଳ୍ପନା ଜଳ୍ପନା ଲାଗିଚି- ଲୋକେ ରଡ଼ି କରୁଚନ୍ତି, ସରକାର 'ବିଚାରାଧୀନ' ରଖୁଚନ୍ତି । କେନ୍ଦ୍ର ଠାରୁ ପ୍ରାଦେଶିକ ସବୁ ସରକାରଙ୍କର ନୀତି ହେଉଚି, ଲୋକେ ଶିଳ୍ପ ନିଜ ଧନ ଓ ସାହସରେ ଆରମ୍ଭ କରିବେ, ପ୍ରତିଯୋଗିତାରେ ବିକି ପାରିବେ- ଇତ୍ୟାଦି ସବୁ ହୋଇ ସାରିଲେ, ସରକାର କିଛି ପରୀକ୍ଷା ସ୍ୱରୂପ କିଣିବା କଥା ବିଚାର କରିବେ । ଏଥିରେ ପୁଣି ବୈଷୟିକ ଶିକ୍ଷା- ଶିରୋନାସ୍ତି ଶିରୋବ୍ୟଥା !

ପିଲାଙ୍କ ଗ୍ରାମ ସଂସ୍ରବ -

ପୁଣି ସ୍କୁଲ୍ ପିଲାମାନେ ଗ୍ରାମ ସଂସ୍ରବୀ ହେବେ । ସ୍କୁଲ୍ ଶିକ୍ଷା ବାଟେ ପରା ସଭ୍ୟତା ଓ ଏ ଦେଶରେ ପଶୁଚି ? ଟା କମ୍ପି ପରା ସରକାର ଆଇନ କରି ଜଗି ଏ ଦେଶରେ ଭର୍ତ୍ତି କରୁଚନ୍ତି ? ପିଲାଏ ବାବୁ ହେବେ, ଗ୍ରାମରେ ମିଶିବେ ନାହିଁ । ଟକି ଦେଖିବା, ଚା ଖାଇବା, ବ୍ରିଜ ଖେଳିବା ପ୍ରଭୃତି ସଭ୍ୟତା ହିଁ ଶିକ୍ଷକମାନେ ଶିକ୍ଷା ଦେବେ, ପିଲାଏ ଏହି ସବୁକୁ ଜୀବନର ଶ୍ଲାଘ୍ୟ ଉପାଦାନ ବୋଲି ମନେ କରିବେ । ଏହାର କି ପ୍ରତିକାର ହେଉଚି ? ଏସବୁ ଶିଖିବାର ସଙ୍ଗେ ସଙ୍ଗେ ପୁଣି ନିଜର ଦାସତ୍ୱ, ହୀନତା ଓ ବର୍ବରତା ଛଡ଼ା ଆଉ କିଛି ଶିକ୍ଷା ତାଙ୍କୁ ମିଳିବ ନାହିଁ । ଇଂଲଣ୍ଡ ଏ ଦେଶକୁ ସଭ୍ୟ ଓ ସୁଖୀ କରିବାରେ କ'ଣ କରିଚି, ବିଲାତ ଲୋକେ କିପରି ଉନ୍ନତ ଓ ସୁଖୀ, ଆମେ କିପରି ଜାତିଭେଦ ଓ ସାମ୍ପ୍ରଦାୟିକତାରେ ସଢ଼ିଯାଉଚୁ, ନହେଲେ ଅର୍ଥାତ୍ ଆମେ ଉପଯୁକ୍ତ ହୋଇଥିଲେ ଇଂରେଜ ଆମକୁ ସବୁ କ୍ଷମତା ଦେଇସାରନ୍ତେଣି - ଆମେ ଅସଭ୍ୟ ଥିବାରୁ ଦେଉନାହାନ୍ତି, ଆମକୁ ବନ୍ଧୁକ ଦେଲେ କି ସୈନ୍ୟ କଲେ ଆମେ ଖାଲି ହଣାହଣି ହୋଇ ମରିଯିବା, ସେଥିପାଇଁ ଶୁଭକାମୀ 'ମା' ବାପା' ଆମକୁ ବନ୍ଧୁକ ଦେଉ ନାହାନ୍ତି ଇତ୍ୟାଦି ଓ ଏଇଭଳି ନାଗରିକତାର ଶିକ୍ଷା ସଙ୍ଗେ ପୁଣି ଗାନ୍ଧି ଗନ୍ଧ, କଂଗ୍ରେସ କଥା, ତଥା ଜାତୀୟତା ଓ ମନୁଷ୍ୟତାର ଅନ୍ୟାନ୍ୟ ପ୍ରସଙ୍ଗମାନ **ସ୍ପଷ୍ଟ** ମନା କରାହେବ। ଏଥିରେ ଶିକ୍ଷିତମାନେ ମଳିମୁଣ୍ଡିଆ ବର୍ବରଙ୍କ ସଙ୍ଗେ କି ସଂସ୍ରବ ରଖିବେ ?

Digitized by PPRACHIN, SOA

ଭ୍ରଷ୍ଟାଚାର –

କୁଆ ମୟୂର ପୁଚ୍ଛ ପିନ୍ଧି ମୟୂର ସଭାକୁ ଯାଇଥିବା ଗଳ୍ପ ଉପଦେଶଟି ସମସ୍ତେ ଜାଣିଥିବେ । ଚିରାଚରିତ ଶିକ୍ଷାଦିଲବ୍ଧ ଗୌଣତ୍ୱ ମନୋଭାବ ପ୍ରଭାବରେ ଏବେ ଅନୁକରଣର ଭ୍ରଷ୍ଟାଚାର ଏ ଦେଶକୁ ଗ୍ରାସି ରହିଛି । ଗ୍ରାମରେ ଯାଇ ଆମେ କଣ୍ଟା ଚାମଚରେ ଖାଇବାକୁ ସଭ୍ୟତା ମନେ କରୁ । ସିଗାରେଟ୍ ଖାଇବାରେ ପିଲାଏ ସଭ୍ୟତାର ଆଦର୍ଶ ଦେଖାନ୍ତି । ଦେଖ, ସାହେବ ଆମକୁ ଡାକି ଖାଇବାକୁ ଦେଲେ ଟେବଲ କଣ୍ଟା ଚାମଚରେ ତାଙ୍କରି ଖାନା ଦିଅନ୍ତି । ଆମେ କେବେ ଯଦି ସାହେବଙ୍କୁ ଆମ ଘରକୁ ଖାଇବାକୁ ଡାକୁ, ତେବେ ସେଇ ଟେବଲ କଣ୍ଟା ଚାମଚରେ ତାଙ୍କରି ଖାନା ତାଙ୍କୁ ଦେଉ । ଅନୁଗ୍ରହ କରି ଯେବେ ରସଗୋଲାଟାରେ ସାହେବ ଟିକିଏ କଣ୍ଟା ବା ଚାମଚ ଲଗାଇ ଦେଲେ, ତେବେ ଆମେ କେଡେ କୃତକୃତ୍ୟ ହେଉ । ଏ ସବୁର ଅର୍ଥ କ'ଣ ? କେଉଁ ଶିକ୍ଷା ଏହାର ସମାଧାନ କରିବ, ସେ ବିଚାର ଶୀଘ୍ର ହେବା ଉଚିତ ନୁହେଁ କି ? ଯୁକ୍ତି ପୁଣି ଶୁଣାଯାଏ, ଜାପାନ ମଧ୍ୟ ବେଶ ବ୍ୟବହାରରେ ଉତ୍ତରୋତ୍ତର ଅନୁକରଣ କରୁଚି। କିନ୍ତୁ ବୁଝିବାର ଅଛି, ଜାପାନର ସେସବୁ ଆହରଣ, ଆମର କିନ୍ତୁ ଆଭରଣ; ଜାପାନର ଯଥାର୍ଥ ଅନୁକରଣ, ଆମର ଯେ ବିଡ଼ମ୍ବନା ।

ଉଦାହରଣ –

ଏଠାରେ ଏସବୁ ତଥ୍ୟାତଥ୍ୟ ବିଶେଷ ଆଲୋଚନା କରିବାର ଅବକାଶ ନାହିଁ । ତଥାପି ସୂଚନା ପୁଷ୍ଟ କରିବାକୁ ଗୋଟିଏ ଉଦାହରଣ ଦିଆଯାଉଅଛି । ଇଉରୋପରେ ପିଲାଦିନୁ ଦାନ୍ତ ଘଷିବା ପାରଂପାରିକ ଶିକ୍ଷା ନୁହେଁ । ସେ ଦେଶରେ ସରକାର ଓ ଲୋକସେବକ ମାନଙ୍କର ସେଥିପାଇଁ କେତେ ଉଦ୍ୟମ । ଜର୍ମାନୀରେ ବାଳକ ବାଳିକାଙ୍କ ପାଇଁ ସ୍କୁଲରେ ଆଲମାରିରେ ପାରାଭାଡ଼ି କରାହୋଇ, ସେଥିରେ ନାମ ଲେଖା ହୋଇ ବ୍ରୁଶ୍ ଓ ଦାନ୍ତଘଷା ଗୁଣ୍ଡା ଥାଏ । ସ୍କୁଲ୍‌କୁ ଆସିଲା ମାତ୍ରେ ପିଲାଙ୍କର ପ୍ରଥମ କାର୍ଯ୍ୟ ଦାନ୍ତ ଘସିବା । ମାତ୍ର ଏ ଦେଶର ଶୌଚ ଧର୍ମ ଚିର ପ୍ରସିଦ୍ଧ । ଏ ଦେଶର ସମସ୍ତେ ସକାଳୁ ଦାନ୍ତ ଘସନ୍ତି । ଦାନ୍ତ ନ ଘସି କେହି କିଛି ମୁହଁରେ ଦିଅନ୍ତି ନାହିଁ । ଏ ଅବଶ୍ୟ ଏକ ଭଲ ପ୍ରଥା । ଏହାକୁ ଉଠାଇ ସ୍କୁଲରେ ପିଲାଙ୍କ ପାଇଁ ବ୍ରଶ ରଖିବା କେହି ଅନୁମୋଦନ କରିବେ ନାହିଁ । କିନ୍ତୁ ଇଂରେଜମାନେ ସକାଳୁ ନିଦ ଭାଜିଲା କ୍ଷଣି 'ବେଡ଼-ଟି' ବା ଶୋଇଥାଇ ଚା ଖାନ୍ତି । ତାପରେ ଉଠନ୍ତି । ଚା ଖାଇବାକୁ ତାଙ୍କର ମୁହଁ ଧୁଆ ଦରକାର ହୁଏନାହିଁ । ଆଜି ଆମ ପଢୁଆଙ୍କ ଭିତରେ ଅନେକେ ସେଇ ଅଧୁଆ ମୁହଁରେ 'ବେଡ଼-ଟି' ଧଇଲେଣି । ଏ କ'ଣ ଅନୁକରଣ ନା ବିଡ଼ମ୍ବନା ? ବିଜିତ ପକ୍ଷରେ ବିଜେତାର ସବୁ ସୁନ୍ଦର । ସ୍ୱାଧୀନତା ବିନା ସବୁ ଶିକ୍ଷା ଶୁଆର ପଞ୍ଜୁରି ଭିତର ରାମ ନାମ ପରି । ତେଣୁ ଏସବୁ ନିର୍ବିକଳ୍ପ

Digitized by PPRACHIN, SOA

ଭାବରେ ବିଚାର କରି ପିଲାଙ୍କୁ ସ୍ୱାଧୀନ ମାନବର ପରିସ୍ଥିତିରେ ଯଥାସମ୍ଭବ ରଖି ଶିକ୍ଷାର ବ୍ୟବସ୍ଥା କଲେ କିଛି ଫଳ ହୋଇପାରେ । ବାରାନ୍ତରରେ ସେ ସବୁ ଭଲ କରି କୁହାଯିବ ।

ନବଭାରତ-୩/୩, ଆଲୋଚନା

ଦେଶରେ ଶିକ୍ଷା

ଗଠନ ମୂଳକ ଦୁଇ ଚାରି କଥା -

ଗତ ଥର ଶିକ୍ଷା ଗଠନର ସମାଲୋଚନା କରି କେତେ କଥା କୁହା ଯାଇଥିଲା । ଏବେ ଗଠନମୂଳକ ଦୁଇ ଚାରି କଥା କୁହାଯାଉଛି । ଶିକ୍ଷା ସର୍ବତୋ ଭାବରେ ସ୍ୱାଧୀନ ହେବା ଉଚିତ । ସ୍ୱାଧୀନ ଶିକ୍ଷାରେ ଶିକ୍ଷାର ଆଦର୍ଶ ମନୁଷ୍ୟ ଜାତି ନୁହେଁ, ସମ୍ପ୍ରଦାୟ ନୁହେଁ, ଧର୍ମ ନୁହେଁ ବା ସେଭଳି ଅନ୍ୟ କିଛି ବିଭାଗରେ ଅବଚ୍ଛିନ୍ନ ବା ପରିଚ୍ଛିନ୍ନ ମାନବ ନୁହେଁ । ଭାରତର ଗୁରୁକୁଳ ଆଦର୍ଶ ଏ ସମ୍ପର୍କରେ ସ୍ମରଣୀୟ । ଗୁରୁଙ୍କୁ ଶିଷ୍ୟର ବାସଗ୍ରାସାଦିର ବ୍ୟବସ୍ଥା ଲାଗେ । ଶିଷ୍ୟ ହୁଏତ ପଢ଼ା ସନ୍ଥ ନିଅନ୍ତି, ପ୍ରଶ୍ନ କରି - ବାରମ୍ବାର ପ୍ରଶ୍ନ (ପରିପ୍ରଶ୍ନ) କରି ବୁଝୁଥାନ୍ତି । କିନ୍ତୁ ଗାଈ ଚରେଇବା, କାଠ ଭାଙ୍ଗିବା, ହିଡ଼ କଟି କରିବା, ବିଲରେ ପାଣି ମଡ଼େଇବାରୁ ଆରମ୍ଭ କରି ସବୁ ପ୍ରକାର ଘରକରଣା ଓ ଅଧିକାର ଅନୁସାରେ ଗୁରୁ ତାତ୍ତ୍ୱିକ ବିଷୟର ଅନୁସନ୍ଧାନ ଓ ଆଲୋଚନାରେ ଆତ୍ମନିବେଶ କରିବା ପର୍ଯ୍ୟନ୍ତ ସବୁ କାର୍ଯ୍ୟରେ ଶିଷ୍ୟର ଅଂଶ ଥିଲା । ଗୁରୁକୁଳର ବାୟୁମଣ୍ଡଳରେ ଏଇପରି ବିକାଶୋନ୍ମୁଖ ମାନବର ପୂର୍ଣ୍ଣ ସ୍ୱାଧୀନ ଭାବରେ ଆତ୍ମବିକାଶ କେବଳ ସମ୍ଭବ ନୁହେଁ ସୁଗମ ହେଉଥିଲା । ଏବ ପରି ପରୀକ୍ଷାରେ ଶିଷ୍ୟ ଉତ୍ତୀର୍ଣ୍ଣ ହେଉଥିବାର ଜଣା ନାହିଁ । ଗୁରୁ ଶିଷ୍ୟଙ୍କୁ ଜଗତରେ ମାନବୋଚିତ ବୋଲି ମନେ କଲେ, କହି ଦେଉଥିଲେ, 'ତୁମେ ଯାଅ, ତୁମର ଶିକ୍ଷା ପୂର୍ଣ୍ଣ ହେଲା ।'

ଆରୁଣି -

ମହାଭାରତର ଆରୁଣି ଉପାଖ୍ୟାନଟି ଏଇପରି ଶିକ୍ଷାଦାନ ଓ ଶିକ୍ଷା ସମାପ୍ତିର ଏକ ଜ୍ୱଳନ୍ତ ଉଦାହରଣ । ଗୁରୁ ଦିନେ ଶିଷ୍ୟ ଆରୁଣିଙ୍କୁ ବିଲରେ ପାଣି ବନ୍ଧାଇବାକୁ ପଠାଇ ଦେଲେ। ଆରୁଣି ଏଠାରେ ବହୁ ଚେଷ୍ଟା କରି ମଧ୍ୟ ପାଣି ବନ୍ଦ କରିପାରିଲେ ନାହିଁ । ସନ୍ଧ୍ୟା ପରେ ଗୁରୁ ଆରୁଣିଙ୍କୁ ଫେରିବାର ନ ଦେଖି ବ୍ୟସ୍ତ ହୋଇ ପଡ଼ିଲେ, ଶିଷ୍ୟଙ୍କୁ ଖୋଜିବାକୁ ଯାଇ ଦେଖିଲେ, ଆରୁଣି ପାଣି ବନ୍ଦ କରିବା ପାଇଁ ହିଡ଼ରେ ନିଜେ ଶୋଇ ରହିଛନ୍ତି । ଗୁରୁ ଆରୁଣିଙ୍କର ଏ କର୍ତ୍ତବ୍ୟନିଷ୍ଠା ଦେଖି ଜାଣିଲେ, ଆରୁଣି ଜଗତରେ ମନୁଷ୍ୟ ପରି ନିଜର ଜୀବନ ଚଳାଇ ପାରିବେ। ଏବେ ଗୁରୁ କହିଦେଲେ, ଆରୁଣି, ତୁମର ବିଦ୍ୟା ପୂର୍ଣ୍ଣ ହୋଇଚି ତୁମେ ଯାଅ, ଗୃହସ୍ଥାଶ୍ରମ କରିବ । ଏଇପରି ଉଦାହରଣ ପ୍ରାଚୀନ ଉପାଖ୍ୟାନ ମାନଙ୍କରେ ବହୁତ ଅଛି ।

Digitized by PPRACHIN, SOA

ଗୁରୁ ଦକ୍ଷିଣା -

ଏହାଛଡ଼ା ଅନ୍ୟ ପ୍ରକାର ପ୍ରରୀକ୍ଷା ଥିବାର ମଧ୍ୟ ଦେଖାଯାଏ । ଗୁରୁ ଶିଷ୍ୟକୁ କହନ୍ତି, ଏତେ ଗୁରୁ ଦକ୍ଷିଣା ଦେବାକୁ ହେବ । ସେଥିରେ ଗୁରୁ ଦେଖନ୍ତି ଶିଷ୍ୟ ତାହା ସଂଗ୍ରହ କରିପାରିବେ କି ନାହିଁ, କଲେ ବା କି ଉପାୟରେ ସଂଗ୍ରହ କରିବେ । ଏଇପରି ସଂସାରର ଜ୍ଞାନ ଓ ମନୁଷ୍ୟତାର ଆଦର୍ଶ ପରୀକ୍ଷା କରିବାର ପନ୍ଥା ପ୍ରାୟ ସାଧାରଣ ଥିଲା । ସେ ଦିନର ସେ ଆଜି ନାହିଁ । କିନ୍ତୁ ଶିଶୁ ଓ ଯୁବକକୁ ଯଥା- ସମ୍ଭବ ସ୍ୱାଧୀନ ପରିସ୍ଥିତିରେ ରଖି ଶିକ୍ଷା ଦେବା ଯେ ନିତାନ୍ତ କର୍ତ୍ତବ୍ୟ, ଏହା ଅସ୍ୱୀକାର କରିବାର ନାହିଁ । ରାଜନୀତିକ ପରାଧୀନତା ସତ୍ତ୍ୱେ ଭାରତ ଯେ ବଞ୍ଚି ରହିଛି, ତାହାର ଯଥାର୍ଥ ପୀଠ ଓ ଅଧିଷ୍ଠାନ ଏହି ଶିକ୍ଷା ପଦ୍ଧତିରେ । ଏବେ ପୃଥିବୀରେ କୁତ୍ରାପି ଶିକ୍ଷାରେ ଏ ସ୍ୱାଧୀନ ପରିସ୍ଥିତି ପାଇଁ ଅବକାଶ ବା ପ୍ରୟାସ ନାଇଁ । ପୂର୍ବେ କୁହାଯାଇଚି, ମନୁଷ୍ୟତା କୌଣସି ଠାରେ ଶିକ୍ଷାର ଆଦର୍ଶ ନୁହେଁ । ବିଶେଷତଃ ପରାଧୀନ ଭାରତରେ ଚିର ପରାଧୀନତା ହିଁ ଭାରତର ଆଦର୍ଶ ଧରାଯାଇଛି । ଏଥିରେ ବୈଷୟିକ ଅବୈଷୟିକ ଆଦି ଶିକ୍ଷାର ଭେଦ କଳ୍ପନା କରି ଲୋକଙ୍କର ବୁଦ୍ଧିଭେଦ ଜନ୍ମାଇ କିଛି ଲାଭ ହେବନାହିଁ । ଶିକ୍ଷାକୁ ଯଥାସମ୍ଭବ ସ୍ୱାଧୀନ କରିବାକୁ ହେଲେ ଶିକ୍ଷକ ଉପରେ ଶିକ୍ଷା ଭାର ଛାଡ଼ି ଦେବାକୁ ହେବ । ସେ ଶିକ୍ଷକଙ୍କୁ ବିଦ୍ୟାଳୟରେ ବନ୍ଦ କରି ଜେମ୍‌ସ ଭୁଣ୍ଟଙ୍କ ମନୋବିଜ୍ଞାନ ଠାରୁ ମର୍ଗାନଙ୍କ ଜନ୍ତୁ ଓ ମନୁଷ୍ୟର ତୁଳନାତ୍ମକ ଅଧ୍ୟାତ୍ମ ଦର୍ଶନ ପଢ଼ାଇଲେ କିମ୍ବା ପଞ୍ଚସୋପାନ, ମଣ୍ଟେସୋରି, କିଣ୍ଡରଗାର୍ଟନ ରୀତି ସବୁ ପଢ଼ାଇ ତାଲିମ କରି ଛାଡ଼ିଲେ ବିଶେଷ କିଛି ଲାଭ ହେବନାହିଁ । ଏସବୁ ମୂଳଦୁଆ ନଦେଇ ଦେଉଳ ତୋଳା । ସେଥିରେ ପୁଣି ପରିଦର୍ଶନ କର୍ମଚାରୀଙ୍କର ଅତି ଗୌରବ କେବଳ ସଂଖ୍ୟାରେ ନୁହେଁ, ଦରମାରେ ମଧ୍ୟ । ଏହାକୁ ଓଡ଼ିଆ କଥାରେ କୁହାଯିବ, "ଖଡ଼ା କିଆରୀକି ଇଟା ପାଚେରୀ ।" ଶିକ୍ଷକମାନଙ୍କୁ ଛାଡ଼ି ଦେବାକୁ ହେବ, ଜଗତର ଗ୍ରନ୍ଥାଳୟରେ ସେମାନଙ୍କ ସଙ୍କେତରେ ପୁସ୍ତକ ଦେଖାଇ ଦେବାକୁ ହେବ । ସବୁ ଦଳ ମତର ନୀତି ଖବର କାଗଜ ପ୍ରଭୃତିରେ ସେମାନଙ୍କୁ ପଢ଼ିବାର ସୁବିଧା ଦିଆଯିବ । ବିଶେଷଜ୍ଞ ସାମାନ୍ୟ କେତେ ଜଣ ପରିଦର୍ଶକ ଦେଖି ଦେଖି ସେମାନଙ୍କୁ ପସନ୍ଦ କରୁଥିବେ । ଏହା ହିଁ ବର୍ତ୍ତମାନ ଏ ଦେଶରେ ଶିକ୍ଷା ବିଧାନ ହେବା ଉଚିତ ।

ପୂର୍ବେ ଥିଲା, ଶିଶୁକୁ ଶିକ୍ଷା ଦେବା ପିତା ମାତା ଓ ଅଭିଭାବକଙ୍କର କର୍ତ୍ତବ୍ୟ । ଏବେ ମୋଟେ କର୍ତ୍ତବ୍ୟ ଘେନି କାହାର ମୁଣ୍ଡ ବଥାଇବାର ନାହିଁ- ଶିକ୍ଷାରେ ନାହିଁ କି ବ୍ୟବସ୍ଥାରେ ନାହିଁ । ଭାରତର ସେ ମହାପ୍ରାଣ ଏକ ପ୍ରକାର ଶେଷ ନିଃଶ୍ୱାସ ଛାଡ଼ିବା ଉପରେ । ତଥାପି ଯଥାସମ୍ଭବ ପିତା ମାତା ଅଭିଭାବକ ମାନଙ୍କର ସେ କର୍ତ୍ତବ୍ୟ ଜାଗ୍ରତ କରାଇବାର ଉଦ୍ୟମ ଆଜି ମଧ୍ୟ କରାଯାଇପାରେ । ସେଥିପାଇଁ ରାଜ୍ୟ ସଂସ୍ଥାରେ ପରିବର୍ତ୍ତନ

Digitized by PPRACHIN, SOA

ମଧ୍ୟ ଦରକାର । ଗ୍ରାମ ପଞ୍ଚାୟତ ନାମରେ ଯେଉଁ କଳୁଷିତ ଓ ବିକଟ ଅନୁଷ୍ଠାନର ସୃଷ୍ଟି ହୋଇଛି ଏଇ ଦୃଷ୍ଟିରେ ସେ ଅନୁଷ୍ଠାନର ଆମୂଳଚୂଳ ପରିବର୍ତ୍ତନ କରିବାକୁ ହେବ । ମଫସଲରେ ଯେଉଁସବୁ ୟୁନିଅନ୍ ବୋର୍ଡ଼ ଅଛି, ଅନ୍ତତଃ ତାହାର ଟିକିଏ ସଂଶୋଧନ କରି ବର୍ତ୍ତମାନ ଗ୍ରାମ ପଞ୍ଚାୟତର ଛାଞ୍ଚ ତିଆରି କଲେ ମନ୍ଦ ହେବ ନାହିଁ । ସେ ଛାଞ୍ଚରେ ମଧ୍ୟ ଶିକ୍ଷାର ପରାଧୀନତା ଏକାବେଳକେ ଉଠାଇ ଦେବାକୁ ହେବ ।

ଶିକ୍ଷା ଓଡ଼ିଶାରେ ଏବେ ସାଧାରଣତଃ ଅବୈଷୟିକ ହେବ । ବୈଷୟିକ ଶିକ୍ଷାର ପ୍ରେରଣା ଓ ବିଶେଷଜ୍ଞତା ନିମନ୍ତେ କେତୋଟି ଭଲ ଭଲ ଅନୁଷ୍ଠାନ ଦେଶରେ ରହିଲେ ରହିପାରେ । ଗ୍ରାମମାନଙ୍କରେ ପିତୃପିତାମହ କ୍ରମରେ ଯେଉଁ ବୈଷୟିକ ଶିକ୍ଷା ଏବେ ମଧ୍ୟ ପଡ଼ି ରହିଛି, ତାହାର ବ୍ୟବହାର ଓ ବିକାଶ କରାଇବାକୁ ହେବ । ସେଥିପାଇଁ ରାଜ୍ୟର ମୂଳମନ୍ତ୍ର ହେଉଛି ସ୍ୱଦେଶୀ । ରାଜ୍ୟ କୌଣସି ପ୍ରକାରେ ସ୍ୱଦେଶଜାତ ଦ୍ରବ୍ୟ ପ୍ରତି ଅବହେଳା କରିବେ ନାହିଁ, କରାଇ ଦେବେ ନାହିଁ । ତାହା ଯଥାର୍ଥରେ ହେଲେ ଆବଶ୍ୟକ ଓ ସେହି ଆବଶ୍ୟକ ପୂରଣ (demand & supply) ନୀତି ଆପେ ଆପେ ଦେଶସାରା ଜାଗି ଉଠିବ ଓ ବୈଷୟିକ ଶିକ୍ଷାର ସ୍ୱାଭାବିକ ବିକାଶ ହେବ। ଶିଶୁ ଓ ଯୁବକମାନଙ୍କୁ ଦେଶାତ୍ମଭାବ ଦେବାର ପନ୍ଥା ସ୍କାଉଟ୍ ଆନ୍ଦୋଳନ ନୁହେଁ, କିଂବା ସିନେମା ନୁହେଁ । ଘର ପୋଡ଼ି ଛଡ଼ାଇବାକୁ ହେବ ବୋଲି ସଭାପତି ଲାଟ ସାହେବଙ୍କ ଆଗେ ବର୍ଷକେ ଦିନେ ଗୋଟାଏ ନକଲି ଘର ତିଆରି କରି ଲିସୁଣୀ ପାଇପ୍ ବାଲ୍‌ଟି ଧରି ତାକୁ ଛଡାଇବାର ଶିକ୍ଷା ପରୀକ୍ଷା କରି ପଦକ ପୁରସ୍କାର ଦେଲେ କିଛି ହେବନାହିଁ । ଏ ଶିକ୍ଷିତର ବିଳାସରେ ସାଧାରଣ ଜୀବନର ହୃଦୟ ନାହିଁ । ଦୁର୍ଭିକ୍ଷ ଓ ମହାମାରୀ ବେଳେ ଶିକ୍ଷକମାନଙ୍କ ସଙ୍ଗେ ଶୃଙ୍ଖଳିତ ଭାବେ ଛାତ୍ରଙ୍କୁ ସେବା ଧର୍ମର ଶିକ୍ଷା ଓ ଅଭ୍ୟାସ କରିବାକୁ ସ୍ୱାଧୀନ ଭାବରେ ଛାଡ଼ି ଦେବାକୁ ହେବ । ଘର ପୋଡ଼ିର ଖବର ଶୁଣିଲେ ସେହିପରି ଲୋକଙ୍କର ସହାୟ ହେବା ନିମନ୍ତେ ସର୍ବତ୍ର ଶିକ୍ଷକ ଓ ଛାତ୍ରମାନେ କିପରି ପ୍ରସ୍ତୁତ ହେବେ, ତାହା ଦେଖିବା ଭଳି ପ୍ରେରଣାମୂଳକ ବିଧାନମାନ ଚଳାଇବାକୁ ହେବ । ଶିକ୍ଷକ ଓ ଛାତ୍ରମାନେ ବର୍ଷର କୌଣସି କୌଣସି ସମୟରେ ପଲ୍ଲୀରେ ଭ୍ରମଣ କରିବେ । ପ୍ରାଚୀନ କୀର୍ତ୍ତି, ପ୍ରାକୃତିକ ସୌନ୍ଦର୍ଯ୍ୟ, ପଲ୍ଲୀର ପରିସ୍ଥିତି ସବୁ ଅଜ୍ଞାତ ଭାବରେ ଯେପରି ତାଙ୍କ ଭିତରେ ଜୀବନ ପାଇବ, ତାହାର ବ୍ୟବସ୍ଥା ଦରକାର । ପୂର୍ବେ ଏ ଦେଶରେ ଯେଉଁ ସତ୍ୟବାଦୀ ସ୍କୁଲ୍ ଥିଲା, ସେଥିରେ ବହୁ ଦିଗରେ ଏଇ ସବୁ ପଲ୍ଲୀପ୍ରାଣତାର ଶିକ୍ଷା ଓ ଅଭ୍ୟାସ ପରୀକ୍ଷିତ ହୋଇଥିଲା ଓ ସେ ପରୀକ୍ଷାରେ କୃତିତ୍ୱ ନିମନ୍ତେ ଯଥେଷ୍ଟ ପ୍ରେରଣା ଥିଲା।

ଜାନପଦ ଓ ନାଗରିକ ଜୀବନର ଅଧିକାର କର୍ତ୍ତବ୍ୟ (Civics) ଶିକ୍ଷା ଦେବା ସଙ୍ଗେ ସଙ୍ଗେ ଗ୍ରାମମାନଙ୍କର ଆୟ ବ୍ୟୟ ଜମିବାଡ଼ି କରଜ ପ୍ରଭୃତିର ପରିସ୍ଥିତି ଶିକ୍ଷା ଦେଇ ସେହି ସୂତ୍ରରେ ଦେଶର ଆର୍ଥିକ ସମସ୍ୟା ଆଡ଼କୁ ଛାତ୍ରମାନଙ୍କର ମତି ଚଳାଇବାକୁ ହେବ।

Digitized by PPRACHIN, SOA

ଏ ସବୁ ସୂଚନାରେ ମାତ୍ର କେତେକ କୁହାଗଲା। ମାତ୍ର ଏ ସୂଚନାରେ ଆଭିମୁଖ୍ୟ ଏକାବେଳକେ ସ୍ୱତନ୍ତ୍ର । ଲକ୍ଷ୍ୟ କରି ସେଇ ଆଭିମୁଖ୍ୟ ଦିଗରେ ଚିନ୍ତା କଲେ ପନ୍ଥା ସ୍ପଷ୍ଟ ହେବ ।

ନବ ଭାରତ-୩/୪, ଆଲୋଚନା

ଦେଶର ଶିକ୍ଷା

ପୋଲାଣ୍ଡ କଥା

ସର ଜନ୍ ରସେଲ ଏକା ଇଂଲଣ୍ଡର କାହିଁକି, ପୃଥିବୀର ଜଣେ କୃଷିବିଶାରଦ। କୃଷି ବିଷୟରେ ସେ ଯାହା କହନ୍ତି, ତା ମାନିବାର କଥା। ସେ ଏବେ ଇଉରୋପର ପୋଲାଣ୍ଡ ଦେଶକୁ ବୁଲି ଦେଖିବାକୁ ଯାଇଥିଲେ। କୃଷି ବିଷୟରେ ପୋଲାଣ୍ଡ ଅବସ୍ଥା ବହୁ ପରିମାଣରେ ଭାରତ ପରି। ବିଶେଷରେ ଉଦାହରଣ ସ୍ୱରୂପ କୁହାଯାଇ ପାରେ, ପୋଲାଣ୍ଡରେ ଜମି ଭାଗବଣ୍ଟା ଠିକ ଆମରି ପରି। ବାପ ମରିଗଲେ ସବୁ ପୁଅଯାକ ସମାନ କରି ଜମି ବାଣ୍ଟି ନିଅନ୍ତି। ଏଥିରେ ଜମିସବୁ ଟିକି ଟିକି ହୋଇ ପାଖ ପାଖ ଜମି ଭିନ୍ନ ଭିନ୍ନ ଲୋକର ହୋଇଯାଏ। ଚାଷ ଏଥିରେ କ୍ରମେ କ୍ରମେ ଖରାପ ହୁଏ, ଏକଥା ବୁଝାଇବା ଦରକାର ନାହିଁ। ଏହା ନିବାରଣ କରିବା ପାଇଁ ପୋଲାଣ୍ଡ ସରକାର ଏବେ ନାନାଭାବରେ ଜମିସବୁ ଏକାଠି କରି, ଏକାବେଳକେ ଯେପରି ବଡ଼ ବଡ଼ ଜମି ଖଣ୍ଡମାନ ଏକାପରି ସମାନ ଭାବରେ ଚାଷ ହୋଇ ପାରିବ ସେଥିପାଇଁ ଘୋର ଉଦ୍ୟମ କରୁଛନ୍ତି। ଏଥିରେ କୃଷିର ପ୍ରଣାଳୀ ଓ ପ୍ରକାରରେ ବହୁ ଉନ୍ନତି ସ୍ପଷ୍ଟ ଦେଖା ପଡୁଛି। ଚାଷରୁ ଆମଦାନି ଜିନିଷ ବିକା'କିଣା ଚାରିଆଡ଼େ ଖେଳି ଯିବାରେ ବହୁତ ସୁବିଧା ହେଉଛି। ଏସବୁ ବିକା କିଣା ପ୍ରଭୃତି କ୍ରମେ ବେଶୀ ବେଶୀ ସହଯୋଗୀ ସମବାୟ ପ୍ରଣାଳୀ ଧରି କରା ହେଉଛି। ବିଶେଷରେ ଏ କ୍ଷେତ୍ରରେ ଯୁବକ ଶିକ୍ଷକମାନଙ୍କ କାର୍ଯ୍ୟ ରସେଲ୍ ସାହେବଙ୍କ ମନରେ ଲାଗି ରହିଲା। ସେମାନେ କି ସ୍କୁଲ କି ଛୁଟି ସବୁବେଳେ ପିଲାଙ୍କ ସଙ୍ଗେ ଧର୍ମପ୍ରଚାରକ ପାଦ୍ରୀ ପରି ଲାଗିଛନ୍ତି। ସ୍କୁଲ ବଗିଚା ଓ କୃଷିରେ ଭାରି ମମତା ଓ ଉତ୍ସାହରେ କାମ ଲଗାଇ ରଖିଛନ୍ତି।

ଶିକ୍ଷକଙ୍କ କାର୍ଯ୍ୟ

ରସେଲ ସାହେବଙ୍କ ଏଇ ଶେଷ କଥାଟି ଏ ଦେଶରେ ବିଶେଷରେ ଭାବିବାର କଥା। ବାସ୍ତବିକ ଯେବେ ଶିକ୍ଷକଙ୍କ ଭଳି ଦାୟିତ୍ୱଜ୍ଞାନପୂର୍ଣ୍ଣ ସୁଶିକ୍ଷିତ ଯୁବକମାନେ ସହର ଓ ସ୍କୁଲଘର ଛାଡ଼ି ଗ୍ରାମମାନଙ୍କର ଶିକ୍ଷା ଓ ଅନ୍ୟାନ୍ୟ ଉନ୍ନତିରେ ଯଥାର୍ଥ ଆତ୍ମନିୟୋଗ କରନ୍ତି, ତେବେ ଦୁଇ ଏକ ଦଶନ୍ଧି ଭିତରେ ଯେ ଦେଶରୁ ନିରକ୍ଷରତା ଏକା ଲୋପ ପାଆନ୍ତା, ସେତିକି ନୁହେ; ସଙ୍ଗେ ସଙ୍ଗେ ଦେଶରେ ନୂତନ ଜୀବନର ଚଞ୍ଚଳ ଆଭା ଫୁଟି ଉଠି ଦେଶକୁ ଜୀବନ୍ତ ଓ ଜାଗ୍ରତ କରନ୍ତା।

Digitized by PPRACHIN, SOA

ଏଦେଶର ପ୍ରାଥମିକ ଶିକ୍ଷକ

କିନ୍ତୁ ଏ ଦେଶରେ ସେ କଥା କାହିଁ ? ପ୍ରାଇମେରୀ ଶିକ୍ଷକମାନେ ସବୁବେଳେ 'ହା ଅନ୍ନ, ହା ଅନ୍ନ ' ହୋଇ 'ଦାରିଦ୍ର୍ୟ ପଞ୍ଚାକ୍ଷରୀ ଜପିବାରେ ଲାଗିଛନ୍ତି। ପୂର୍ବେ ଏ ଦେଶରେ ପିତା ଓ ମୁରବିମାନେ ବୁଝୁଥିଲେ, ପିଲାକୁ ଶିକ୍ଷା ଦେବା ସେହିମାନଙ୍କ କର୍ତ୍ତବ୍ୟ। ସେଥିପାଇଁ ସେମାନେ ଅବଧାନ ଓ ପଣ୍ଡିତ ବାଛି ରଖୁଥିଲେ; କାଳୋଚିତ ବିଚାରରେ ତାଙ୍କ ଖାଇବା ପିଇବା ଅଭାବ ଅସୁବିଧା ବୁଝି ଶୁଝି ତୁଲାଉ ଥିଲେ। ଶିକ୍ଷକମାନଙ୍କ ଅବସ୍ଥା, ପିତା ଓ ମୁରବିମାନଙ୍କ ଅବସ୍ଥା ଭିତରେ ବିଶେଷ ପ୍ରଭେଦ ନ ଥିଲା। ଶିକ୍ଷକ ସର୍ବତୋଭାବରେ ଜଣେ ଗ୍ରାମବାସୀ ହୋଇ ରହୁଥିଲେ। ବରଂ ଯୋଗ୍ୟ ଲୋକ ବୋଲି ମାନ ପାଉଥିଲେ; ଓ ବହୁ ସୁବିଧା ଅସୁବିଧାରେ ଗ୍ରାମବାସୀ ତାଙ୍କ ପରାମର୍ଶ ଓ ଚାଳନା ଲୋଡୁଥିଲେ ଓ ଶିକ୍ଷକ ପରାମର୍ଶ ଦେଇ ଚଳାଉଥିଲେ। ଖେତ୍ ହେଲା କି ନାହିଁ, ତଷାପିଲା ବାଲୁଙ୍ଗା ଚିହ୍ନିଚିକି ନାହିଁ, ବଢ଼େଇ ପିଲା ବାର୍‌ସିରେ ହାଣିବା ଅଭ୍ୟାସ କରୁଚି କି ନାହିଁ, ତନ୍ତିପିଲା ଘରେ ତାସଣରେ ମିଶୁଚି କି ନାହିଁ , ସବୁ ଅବଧାନେ ଦେଖୁଥିଲେ। କାହା ଘରେ କଳି ଲାଗିଲେ ଅବଧାନେ ତୁଟାଉ ଥିଲେ। ପିଲା ରୁଷି କରି ଭାତ ନ ଖାଇଲେ ଅବଧାନଙ୍କୁ ଡକରା ପଡୁଥିଲା। କାଳକୁ ଚାହିଁ ପିଲାଏ କୁଟାକରି ବିକ୍ରୀ (କ୍ରୟ ବିକ୍ରୟ), କଡ଼ାଗଣ୍ଡା ଓ ଗୁଣ୍ଠବିଶ୍ୱା ପଣିକିଆ, ଜମିଦାରୀ ସିରସ୍ତାର କାମ ଓ ନଡ଼ିଆ ଗଣତି ପର୍ଯ୍ୟନ୍ତ ଶିଖୁଥିଲେ। ଧରଣୀଧର ପ୍ରଭୃତିଙ୍କ ଅଂକ ପୁସ୍ତକରେ ମଧ୍ୟ ବିଲ ମାପିବା, ମାଛ ଧରିବା, ଧାନ କୁଟିବା, ହିଡ଼ ଦବା, ହିଡ଼ରେ ଚେକା ଛିଆଇବା, ପୋଖରୀରୁ ବିଲକୁ ପାଣି ମଡ଼ାଇବା, କଣ୍ଠାର ସୂତା ସଂଗେ ଲୁଗାର ପରିମାଣ ମାପିବା ପ୍ରଭୃତି ଦେଖିଲେ ସେକାଳ ଶିକ୍ଷାର ଧରଣ ବେଶ୍ ଜଣାପଡ଼େ।

ଏବ ଢ଼ଙ୍ଗ

ସେ ଗୋଟାଏ ପ୍ରକାର ଥିଲା। ଏବେ ସେ ପ୍ରକାର ଆଉ ରହୁ ନାହିଁ। ପିଲାକୁ ପଢ଼ାଇବା ଏବେ ଯେପରି କି ରାଜ୍ୟର କାମ, ପିତା ମୁରବିଙ୍କ କାମ ନୁହେ। ଏହି ଭାବଟି ପୁଣି ଆମ ଦେଶର ନୁହେ। ପୂରାପୂରି ଇଉରୋପର। ଆମେ ପରାଧୀନ ଜାତି। ଏହା ପରାଧୀନର ଅନୁକରଣ। ସେଥିପାଇଁ ଏଥିରେ ଆମର କର୍ତ୍ତୃତ୍ୱ ନାହିଁ; କାରଣ, ଏ ଭାବର ଯଥା ବିକଶରେ ଆମର ନିଜତ୍ୱ ନାହିଁ। ଦାୟିତ୍ୱ ଛାଡ଼ିଦେଇ ପରଠାରୁ ଦାବୀ କରିବାର ସୁଯୋଗ ପାଇଲେ, ମନୁଷ୍ୟ ଖୁସିରେ ତା କରିବାର କଥା। ପିତା ମୁରବିମାନେ ଖୁବ୍ ତା କରୁଛନ୍ତି। ଇଉରୋପରେ ରାଜ୍ୟଗୁଡ଼ିକ ପୁଣି ଲୋକଙ୍କର। ଏଠାରେ ତା ନୁହେ। ରାଜ୍ୟଟି ଏଠାରେ ପର। ରାଜ୍ୟ କରିବ ବୋଇଲେ ଯେ ଆମକୁଇ କରିବାକୁ ହେବ, ଏହା ଆମେ ସ୍ପଷ୍ଟ ବୁଝି ନାହୁଁ। ଏ ଉନ୍ନତ ସହଯୋଗ ସମବାୟ ଭାବ ଆମର ନିଜର ହୋଇ ନାହିଁ।

Digitized by PPRACHIN, SOA

ରାଜ୍ୟ ବି ସଂପୂର୍ଣ୍ଣରୂପେ ଲୋକଙ୍କର ନୁହେ। ରାଜ୍ୟ ଗୋଟିଏ ହାକିମଙ୍କ ମେଳ। ପ୍ରଜା, ତାକୁ ପ୍ରତି ପର। ସେଥିପାଇଁ ରାଜ୍ୟ ମଧ୍ୟ ପିଲାର ଦାୟିତ୍ୱ ମୁଣ୍ଡାଉ ନାହିଁ-ଅନୁଗ୍ରହ କରୁଛି। ବିଶେଷରେ ଏଇ ହାକିମ ମେଳ ଭିତରେ ଆଜି ଲୋକପ୍ରତିନିଧିଙ୍କ ସ୍ଥାନ। ସେମାନେ ଲୋକଙ୍କୁ ଠକି ଭୁଲାଇ ହାକିମ ମେଳରେ ପଶିବାକୁ ଚାହୁଁଛନ୍ତି। ପ୍ରତିନିଧିମାନେ ଦାୟିତ୍ୱ ଶିଖୁ ନାହାନ୍ତି, କି ଲୋକେ ପୁଣି ନିଜର ଦାୟିତ୍ୱ ଧରୁ ନାହାନ୍ତି।

ଲୋକଦୃଷ୍ଟି

ଧର, ଏଇ କ୍ଷେତ୍ରରେ ପିଲାର ଦାୟିତ୍ୱ ନିଜେ ଛାଡ଼ି ରାଜ୍ୟଠାରୁ ଦାବୀ କଲେ, ରାଜ୍ୟକୁ ବେଶୀ ଟଙ୍କା ଦେବାକୁ ହେବ ଓ ଏଇପରି ପ୍ରତ୍ୟେକ ବ୍ୟକ୍ତିକୁ ରାଜ୍ୟରେ ଭାଗ ନେବାକୁ ହେବ; ଲୋକେ ଏହା ବୁଝୁ ନାହାନ୍ତି ବା ଲୋକଙ୍କର ଏ ଦୃଷ୍ଟି ଫିଟାଇବାର ଉଦ୍ୟମ ହେଉ ନାହିଁ-ହୋଇପାରୁ ନାହିଁ। ଲୋକେ ଯେଉଁ ଟଙ୍କା ଖଜଣା ଟିକସ ରୂପେ ଦେଉଛନ୍ତି ସେଥିର ବେଉନ୍ତରେ ବି ଲୋକ ବା ଲୋକପ୍ରତିନିଧିଙ୍କର ପୁରା ହାତ ନାହିଁ, ଏହା ମଧ୍ୟ ଦାୟିତ୍ୱଜ୍ଞାନ ନ ଆସିବାର ଗୋଟିଏ ପ୍ରଧାନ କାରଣ। ଦେଶର ଆର୍ଥିକ ପରିସ୍ଥିତି ତିଆରି କରିବାରେ ଲୋକଙ୍କର ହାତ ନାହିଁ-ସୈନ୍ୟାଦିରେ ନାହିଁ, ଦରମାରେ ନାହିଁ, ବାଣିଜ୍ୟରେ ନାହିଁ, ଏହିପରି କେତେ କଥା। ଶିକାର ବୋଲି ଲୋକେ ଯେପରି 'ବାଘ ବାଜି ଖେଳନ୍ତି' ଯୁଦ୍ଧ ବୋଲି 'ନ୍ୟାୟବଳ' ଖେଳନ୍ତି, ଗୃହସ୍ଥତା ବୋଲି ପିଲାଏ ଯେପରି 'ବୋହୂ ବୋହୂକା' ଖେଳନ୍ତି ଓ ଭାତ ତିଅଣ ବୋଲି ଗୋଡି ବାଲି ରାନ୍ଧି ପରଶନ୍ତି, ଖେଳରେ 'କା' ରଖିବାରେ ଯେପରି ଆତ୍ମାର ଅମରତ୍ୱ ଫୁଟେ: ଏବେ ଆମେ ସେହିପରି ଲୋକ ଶାସନରେ ରାଜ୍ୟ କରୁଛୁ। ପିଲାଙ୍କ ଶିକ୍ଷାର ଭାର ଲୋକେ ଛାଡି ନିଜ କାନ୍ଧରୁ ଓହ୍ଲାଇ ଦେଇ ଚାହିଁଛନ୍ତି ରାଜ୍ୟକୁ । ରାଜା ମଧ୍ୟ ଲୋକ ଶାସନ ଖେଳରେ ମାତି ପିଲାଙ୍କ ଶିକ୍ଷା ପାଇଁ ଚାହିଁଛି ପିତା ଓ ମୁରବିଙ୍କୁ: କାହିଁକି ନା ସେ ଭାବ ଯାଉ ନାହିଁ। ପିଲାଏ ଖେଳରେ ବାଘ ନ ଆସିବ ବୋଲି ବାଲିବନ୍ଧ ଘରେ ରହି 'ଘିଡଘାଡ' କଲେ ମଧ୍ୟ ଭୁଆଟାଏ ଦେଖିଲେ କାନ୍ଦି ଉଠନ୍ତି। ଏ ସେଇପରି କଥା।

ଷ୍ଟାଇପେଣ୍ଡ ଓ ଶିକ୍ଷକ

ପ୍ରାଇମେରୀ ଶିକ୍ଷକଙ୍କୁ ଦିଆଯାଏ 'ଷ୍ଟାଇପେଣ୍ଡ' ବା ହାତଟେକିଆ ଦାନ। ସେଦିନ ଶୁଣି ଆଶ୍ଚର୍ଯ୍ୟ ହୋଇଗଲୁ, ଅନେକ ଶିକ୍ଷକ ମାସକୁ ଚାରିଟଙ୍କା ଏଇ ରାଜ୍ୟ ଦାନରୁ ପାଆନ୍ତି। ତେବେ ତାଙ୍କ କଥା ବୁଝେ କିଏ? ବାପ, ମୁରବିମାନେ? ରାଜ୍ୟ ଅବଶ୍ୟ ସେଇୟା ଆଶା କରନ୍ତି। ଏଣେ ବିନା ବ୍ୟୟରେ ପ୍ରାଇମେରୀ ଶିକ୍ଷା ଖେଳିବାରେ ପିଲାଙ୍କ ଦରମାଟକ ମଧ୍ୟ ଉଠେଇ ଦିଆ ହେଉଛି। କାଲି ହୁଏତ ବାଧ୍ୟତାମୂଳକ ଶିକ୍ଷା ନାମରେ ପିଲା ନ ପଢ଼ିବା ଦୋଷରେ ବାପ ଓ ମୁରବିଙ୍କୁ ଜୋରିମାନା ବା ଜେଲର ହୁକୁମ ହୋଇଯିବ।

Digitized by PPRACHIN, SOA

ମାତ୍ର ଶିକ୍ଷକଙ୍କୁ ଏହି ଷ୍ଟାଇପେଣ୍ଟ ଦାନର ପରିମାଣ ଓ ପ୍ରକୃତି ଏହିପରି ଥିବ, ପୁଣି ତାଙ୍କୁ ଦେବାରେ ଛଅ ଛଅମାସ ବାକୀ ପଡି ସେଇଥିରୁ ମନିଅର୍ଡର ଖର୍ଚ୍ଚ କଟା ହେଉଥିବ। ଶିକ୍ଷକ ମଧ୍ୟ ସେଇତକ ପାଇବା ପାଇଁ ହାକିମଙ୍କୁ ଖୁସାମଦ୍ କରୁଥିବେ, ଦଶଥର ଖର୍ଚ୍ଚାନ୍ତ ହୋଇ ସହରକୁ ଦୌଡି ଥିବେ। ଏଥିରେ ପ୍ରାଦ୍ରୀସାହେବଙ୍କ ପରି ଗ୍ରାମରେ ବୁଲି ଶିକ୍ଷା ପ୍ରଚାର କରିବା ତାଙ୍କ ପକ୍ଷରେ ସଂଭବ ନୁହେଁ। ଦେଶ ଓ ଦଶର ଶିକ୍ଷା ଛଡା ଆଉ ବହୁତ ଜିନିଷ ତାଙ୍କର ଭାବିବାର ଓ କରିବାର ଅଛି।

ଦରମା ଦୃଷ୍ଟି

ପୁଣି ଶିକ୍ଷକଙ୍କର ଦରମା ଉପରେ ହିଁ ଦୃଷ୍ଟି। ତାଙ୍କୁ କେତେ ଟଂକା ଦେଲେ, ସେ ସନ୍ତୁଷ୍ଟ ହେବେ, ତା କହିବାର ଉପାୟ ନାହିଁ। ଗାଁ ଲୋକଙ୍କ ଭିତରେ ରହି ତାଙ୍କରି ପରି ସେ ଚଳିପାରିବେ ନାହିଁ। ଯେଉଁମାନେ ବେଶି ଦରମା ପାଆନ୍ତି, ଆଦର୍ଶ ହେଲେ ସେଇମାନେ। ତାଙ୍କର ବି ଦେଶର ପରିସ୍ଥିତିରେ ଜୀବନର ଗତି ଫୁଟୁ ନାହିଁ। ଚାରିପଇସାର ଚା ଖାଇବା ପାଇଁ, ଆମ ଦରମା ଭୋଜୀ ସଭ୍ୟଙ୍କର ୪୦ ଟଙ୍କାର ଚା ଖାଇବା ବାସନ ଓ ଚାମଚ, ତହୁଁ ବଳି ଟେବୁଲ, ଚଉକି ଓ ଟେବୁଲ ଲୁଗା ନ ହେଲେ ସଭ୍ୟତାର ନିରିଖ ବିଗିଡିଯାଏ। ଉଚ୍ଚ ଶିକ୍ଷାର ଶିକ୍ଷକମାନେ ମଧ୍ୟ ଏ ସବୁ କରି ନ ପାରି, ଅନ୍ୟ ବିଭାଗମାନଙ୍କରେ ଦରମାଭୋଜୀଙ୍କ ବିଭବକୁ ସବୁବେଳେ ଦରିଦ୍ର ବୁଭୁକ୍ଷୁ, ଧନୀଙ୍କ ରୋଷେଇଶାଳ ପାଚିରି ତଳେ ବାସନା ବାରି ଠିଆ ହେଲା ପରି ଅଛନ୍ତି। ଏଥିରେ ଏ ଦେଶର ଗ୍ରାମ ଲୋକେ କେଉଁଠାରେ ଅଛନ୍ତି, ତାଙ୍କ ଉନ୍ନତି କାହାଦ୍ୱାରା କିପରି ହେବ, ହେଲେ ବା ତା କି ଧାରାରେ ଗତି କରିବ, ଏସବୁ ବଡ ଚିନ୍ତା ଓ ସାହସିକ ପରିକଳ୍ପନା ପୁଣି ନିର୍ଦ୍ଦିଷ୍ଟ କ୍ରିୟାର ଅପେକ୍ଷା ରଖେ।

ଗ୍ରାମପ୍ରତି ଦୃଷ୍ଟି

ବାବୁଙ୍କର ଗ୍ରାମ ପ୍ରତି ଆଖି ଫେରାଇବା ଓ ଗ୍ରାମ ଲୋକଙ୍କୁ ବାବୁତାର ଆଦର୍ଶରୁ ଛଡ଼ାଇବା ଏ କ୍ଷେତ୍ରରେ ପ୍ରଥମ କାର୍ଯ୍ୟ। ରାଜ୍ୟକୁ ଶୀଘ୍ର ସ୍ଥାନୀୟ ସ୍ୱାୟତ୍ତ ଶାସନରେ ବାଣ୍ଟିଦେଇ ଲୋକଙ୍କ ଭିତରେ ନିଜର ସମବାୟ କର୍ତ୍ତବ୍ୟରେ ଦାୟିତ୍ୱ ଫୁଟାଇବାକୁ ହେବ। ପ୍ରତ୍ୟେକ ଗ୍ରାମ ବା ନିର୍ଦ୍ଦିଷ୍ଟ ଗ୍ରାମସଂଘକୁ ମୂଳ କରି ଏଇ ଦେଶ ଗଠନ ଶୀଘ୍ର ଆରଂଭ କରିବା ଦରକାର। ଏ ସବୁ ଚିନ୍ତା କିଂତୁ ବହୁଦୂରେ ଥିଲା ପରି ଏବେ ମନେହୁଏ। କାର୍ଯ୍ୟ ତ ଆଉରି ଦୁରୂହ। ଶୁଣି ବିସ୍ମିତ ହେଲୁ ସରକାର ପୁଣି ଜିଲାବୋର୍ଡ ମୁନିସପାଲିଟିକୁ ନିଜର ମନୋନୀତ ମେମ୍ବର ଦେବା ରୂପ ହାତର ପାଞ୍ଚ ଛାଡିବାରେ ଦେଶର ଅମଙ୍ଗଳ ଦେଖି ତାହା ବନ୍ଦ କଲେ। ଏହାର ପର ସୋପାନ ହେଉଚି, ପ୍ରାଇମେରୀ ଶିକ୍ଷାର ଭାର ସବୁ ଡିରେକ୍ଟରଙ୍କ ହାତକୁ ନେବା। କାରଣ, ଏ ପର୍ବରେ ଅନ୍ୟ ପିଠା ହୋଇ ନ

Digitized by PPRACHIN, SOA

ପାରେ। ଲୋକଶାସନ କ୍ରମେ ଗୋଟିଏ ପର ରାଜ୍ୟର ହାକିମମେଳ ହେବ। ଏସବୁ ବିଚାର କରି ଶୀଘ୍ର ବ୍ୟବସ୍ଥା କରିବା ଉଚିତ।

ନବ ଭାରତ-୫/୩ , ଆଲୋଚନା

ଏ ଦେଶରେ କିଏ ଡାକ୍ତର ହେବ ?

ସେଦିନ ଭାରତ ବ୍ୟବସ୍ଥାପକ-ସଭାରେ ମେଡିକାଲ୍ କାଉନ୍‌ସିଲ ବିଲ୍ ବିଚାର ହେଲାବେଳେ ମୁସ୍‌ଲିମ୍ ଲିଗ୍ ପକ୍ଷର ମେମ୍ବର ମି.ଅଜ୍‌ହର ଅଲି ଆପତ୍ତି କରିଥିଲେ କି- ବ୍ୟବସ୍ଥାରେ ରହୁ, କୌଣସି ଡାକ୍ତର ଭାରତର ଦେଶୀ ଭାଷା ନ ଜାଣିଲେ ଏଠାରେ ଡାକ୍ତରୀ ଚାକିରି ପାଇପାରିବେ ନାହିଁ କି ବ୍ୟବସାୟ କରି ପାରିବେ ନାହିଁ। ପୁଣିସେ କହିଥିଲେ, ୟୁରୋପ ଆମେରିକାରୁ ଆସୁଥିବାଅନେକ ଡାକ୍ତରଙ୍କର ବଡ଼ ବଡ଼ ଉପାଧି ଥିଲେ ମଧ ସେମାନଙ୍କର ବିଦ୍ୟା ସେପରି ତାରିଫ୍ ନୁହେଁ। ଅତଏବ ଭାରତ ବାହାରୁ ଆସି ଭାରତରେ ଚାକିରି ଓ ବ୍ୟବସାୟ କରୁଥିବା ଡାକ୍ତରମାନଙ୍କ ପକ୍ଷେ ଏଠାକୁ ଆସି ପ୍ରସାର କରିବାର ସୁବିଧା ସେପରି ଊଣା ହୁଏ ତାହା ବ୍ୟବସ୍ଥାରେ କରାଯାଉ।

ଏହି ସଂଶୋଧନ ପ୍ରସ୍ତାବରେ ଭାରତ ସରକାର ପକ୍ଷ ଲୋକେ ମଙ୍ଗିଲେ ନାହିଁ କି ଭଳିଲେ ନାହିଁ। ଅବଶ୍ୟ କଂଗ୍ରେସ ତରଫ ଲୋକେ ସଭାରେ ନ ଥିବା କଥା ସମସ୍ତେ ଜାଣନ୍ତି। ଏଥର ସିମଳା ବୈଠକକୁ କଂଗ୍ରେସ ତରଫ ମେମ୍ବରମାନେ ଯିବାପାଇଁ ନିଖିଳ ଭାରତ କଂଗ୍ରେସ କମିଟିଙ୍କର ମନା ଅଛି। ତେଣୁ ଭାରତ ବ୍ୟବସ୍ଥାପକ ସଭାରେ ଭାରତ ସରକାରଙ୍କ ପକ୍ଷ ମେମ୍ବରମାନଙ୍କ ସଂଖ୍ୟାବେଶୀ। ମୁସ୍‌ଲିମ୍ ଲିଗ୍ ମେମ୍ବରମାନେ ଆପତ୍ତିକରି ଲଢ଼ିଲେ ମଧ କିଛି ଫଳ ହୁଅନ୍ତା ନାହିଁ। ମାତ୍ର ମି, ଅଜ୍‌ହର୍ ଅଲି ଯେଉଁ ସଂଶୋଧନ ପ୍ରସ୍ତାବଟି କରିଥିଲେ ଭାରତର ଜାତୀୟତା ପକ୍ଷରେ ତାହାର ସ୍ୱର ଓ ଗୁରୁତ୍ୱ ଖୁବ୍ ବେଶୀ ବୋଲି ଅନୁଭବ କରି ମୁସଲିମ୍ ଲିଗ୍ ମେମ୍ବରମାନେ ପ୍ରତିବାଦ ସ୍ୱରୂପ ସଭା ଛାଡ଼ି ଚାଲିଗଲେ।

ବଡ଼ ସୁଖର କଥା, ଭାରତର ଜାତୀୟ ଉନ୍ନତି କାମୀମାନେ ଏଭଳି ବିଷୟମାନଙ୍କ ନୈତିକ ପ୍ରଭାବ ବୁଝୁଛନ୍ତି। ଭାରତ ଆଜି ପରାଧୀନ ହୋଇଛି। ଅନ୍ୟ ଜାତି ଆସି ଭାରତକୁ ବାହୁବଳରେ ଜିଣିଛନ୍ତି ବୋଲି ଦାବି କରୁଛନ୍ତି, ମାତ୍ର ଅନ୍ୟ ଜାତି ଆସି ଏପରି ବାହୁବଳରେ ଜିଣି ପରାଧୀନ କରିବା ଭାରତ ପକ୍ଷରେ ନୂଆ କଥା ନୁହେଁ। ଇତିହାସରେ କାଳେ କାଳେ ଥରକୁ ଥର ଭାରତର ଏ ଦୁର୍ଭାଗ୍ୟ ଘଟି ଆସିଅଛି। ସ୍ପଷ୍ଟ ଇତିହାସରେ ଖ୍ରୀଷ୍ଟପୂର୍ବ ପଞ୍ଚମ ଷଷ୍ଠ ଶତାବ୍ଦୀର ପାରସ୍ୟ ସମ୍ରାଟ ଦରାୟସ୍ (ଦାରୟବାହୁ)ଙ୍କ ଠାରୁ ଆଜିର ଇଂରେଜଙ୍କ ପର୍ଯ୍ୟନ୍ତ ବହୁଲୋକେ ଭାରତ ଜିଣିବା ପାଇଁ ବାହାରିଛନ୍ତି ଓ ଜିଣିଛନ୍ତି। ସେମାନଙ୍କ ବିଜୟର ପ୍ରଭାବ ଭାରତ ଉପରେ ନ ପଡିଛି ନୁହେଁ, କିନ୍ତୁ ସ୍ପଷ୍ଟ ଜୀବନ୍ତ ଆହରଣରେ ଭାରତ

Digitized by PPRACHIN, SOA

ସଭ୍ୟତା ସେ ସବୁ ପ୍ରଭାବକୁ ଜୀର୍ଣ୍ଣ କରି ନିଜର ଅଙ୍ଗୀଭୂତ କରିଛି। ଆଜି କିନ୍ତୁ ଇଂରେଜ ପ୍ରଭାବ ଫଳରେ ଅବସ୍ଥା ସ୍ୱତନ୍ତ୍ର। ଦିନେ ଏ ଭୂମିରେ ଆର୍ଯ୍ୟନାମଧାରୀ କୌଣସି ବିଜେତା ଏ ଦେଶବାସୀଙ୍କୁ ପରାଧୀନ କରିଥିଲେ। ଯାହାଙ୍କୁ ପରାଧୀନ କରିଥିଲେ ତାଙ୍କ ପୁତ୍ର ପୌତ୍ରାଦି ଆଜି ଏ ଦେଶରେ ନାହାନ୍ତି, ନୁହେଁ। ବରଂ, ସେହିମାନେ ହିଁ ଏ ଦେଶର ଆଜି ମୁଖ୍ୟ ଅଧିବାସୀ। ଅର୍ଥାତ୍, ଭାରତୀୟମାନଙ୍କର ରକ୍ତଗତ ଅଭିଜାତ୍ୟ ପରୀକ୍ଷା କଲେ ସେହିମାନେ ହିଁ ଆଜି ସର୍ବତ୍ର ଅଛନ୍ତି। କିନ୍ତୁ ନାହିଁ ସେମାନଙ୍କର ନିଜ ସଂସ୍କୃତି, ଜାତୀୟତା, ବ୍ୟକ୍ତିତ୍ୱ ଓ ସେସବୁର ସ୍ପଷ୍ଟ ପରଂପରା। କେଉଁ ଅସୁର, ଶବର ବା ନାଗ ବଂଶର ଆର୍ଯ୍ୟେତରମାନେ ଏ ଦେଶର ବେଦବର୍ଣ୍ଣିତ ଦସ୍ୟୁ ଥିଲେ, ସେମାନଙ୍କର କେଉଁ ପୀଠରେ କି ସ୍ପଷ୍ଟ ସଂସ୍କୃତି ବଢ଼ିଥିଲା, ତାହା ଆଜି ଜାଣିବାର ଉପାୟ ନାହିଁ। ବରଂ ଆଜି ଦେଶର ଯଥାର୍ଥ ଆଦିମ ଅଧିବାସୀର ବଂଶଧର ଓଡ଼ିଆ ଖଣ୍ଡାୟତ ଓ ଓଡ୍ର ସେନାର ବଂଶଧରମାନେ ନିଜକୁ କହନ୍ତି ଆର୍ଯ୍ୟ,ଏପରି କି ଆର୍ଯ୍ୟ ବୋଲି ନ କହିଲେ ତାଙ୍କୁ ଅଭିମାନ ଲାଗେ। ସୁସଭ୍ୟ ଆଦିମ ଭାରତୀୟ ଜାତିର ଆର୍ଯ୍ୟମାନଙ୍କ ଦ୍ୱାରା ଏ ନିଜସ୍ୱ ଯଥାର୍ଥ ମାନବ ବିଜୟର ଏକ ସ୍ପଷ୍ଟ ଉଦାହରଣ। ଏ ବିଜୟ ହୁଏତ ପ୍ରଥମେ ବାହୁବଳର ବିଜୟରେ ଆରମ୍ଭ ହୋଇଥିଲା, ମାତ୍ର ସେତିକିରେ ଏହା ରହି ନାହିଁ। ବାହୁବଳର ବିଜୟ ପରେ ସାମାଜିକ ବିଜୟ ଏ ଭୂମିରେ ଅଳ୍ପ ସଂଖ୍ୟକ ଆର୍ଯ୍ୟଙ୍କୁ ପ୍ରତିଷ୍ଠିତ କରିଛି। ପରବର୍ତ୍ତୀ ଯୁଗରେ ବ୍ରାହ୍ମଣ ଏ ବିଜୟର ପ୍ରତୀକ। ଆଜି ଦେଶବାସୀ ହିନ୍ଦୁମାନେ ବ୍ରାହ୍ମଣକୁ ଯେ ସମ୍ମାନ ଦିଅନ୍ତି ତାହା ବ୍ରାହ୍ମଣର ବାହୁବଳ ଘେନି ନୁହେଁ। ଦକ୍ଷିଣାତ୍ୟର ପାରିଆ ବା ଚଣ୍ଡାଳମାନେ ବ୍ରାହ୍ମଣକୁ ଦେଖିଲେ ଦୂରରୁ ଘୁଂଚି ଯାଆନ୍ତି। ସେମାନଙ୍କର ସଂଖ୍ୟା ବା ଦଳ କିଛି କମ୍ ନୁହେଁ। ଆଜି ଆଇନରେ ମଧ୍ୟ ସେମାନେ ଘୁଂଚିଯିବାକୁ ବାଧ୍ୟ ନୁହନ୍ତି। କିନ୍ତୁ ସାମାଜିକ ପ୍ରଭାବରେ ସେମାନେ ବିଜିତ। ପୌରୋହିତ୍ୟ, ଶିକ୍ଷକତା, ବୈଦ୍ୟ ବୃତ୍ତି ପ୍ରଭୃତି ସାମାଜିକ ପ୍ରଭାବ ପ୍ରତିଷ୍ଠା କରିବାର ଯେତେ ଅନୁଷ୍ଠାନ ଅଛି ସେ ସବୁ ଆର୍ଯ୍ୟ ତଥା ବ୍ରାହ୍ମଣ ନିଜେ କୌଶଳରେ ହାତ କରିଥିଲା। ସେଥିରେ ବାହୁବଳ ଦରକାର ହୁଏ ନାହିଁ। ବରଂ କେବଳ ବାହୁ ବଳରେ ସେ ସବୁ ଭର୍ତ୍ତି କରିବାକୁ ଯାଇଥିଲେ ସାମାଜିକ ପ୍ରଭାବରେ ଆର୍ଯ୍ୟ ତିଷ୍ଠିପାରି ନଥାନ୍ତା। ବାହୁ ବଳର ଧକ୍କା ଲାଗୁଥିଲେ ମାନବ କେବେ ନିଜର ହୁଏ ନାହିଁ। ପ୍ରତିଘାତରେ ବ୍ୟକ୍ତିତ୍ୱ ସ୍ପଷ୍ଟ ଜାଗ୍ରତ ହୁଏ। ମାତ୍ର ସାମାଜିକ ପ୍ରଭାବରେ ଅତର୍କିତ ଭାବରେ ନିଜର ଅଧିକାର ଓ ଗୁରୁତ୍ୱ ଦ୍ୱାରା ମାନବକୁ ପ୍ରଭାବିତ କରିବା ପନ୍ଥା ଅନ୍ୟ ପ୍ରକାର। ସେଥିରେ ହିଁ ଜାତି ଚିରନ୍ତନ ବିଜୟର କବଳରେ ପଡି ଆତ୍ମବିସ୍ମୃତ ହୁଏ।

ଏବେ ପୁଣି ପ୍ରାୟ ଚାଳିଶ ଶତାବ୍ଦୀରୁ ଅଧିକ କାଳ ପରେ ଇଂରେଜମାନେ ଶତାଧିକ ବର୍ଷ ଧରି ଏ ଦେଶରେ ଏହି ସାମାଜିକ ବିଜୟ ଦୃଢ଼ କରି ଆସି ଅଛନ୍ତି। ସ୍କୁଲ କଲେଜରେ

Digitized by PPRACHIN, SOA

ସାହେବ ଶିକ୍ଷକ ଆମର ଶ୍ରେଷ୍ଠ ଗୁରୁ। ଧର୍ମ ଓ ସଂସ୍କୃତିରେ ସେଇମାନେ ବଡ଼ ଶିକ୍ଷକ; ସେଇମାନେ ବଡ଼ ଚିକିତ୍ସକ। ଏପରି କି ଏଇ ଭାରତର ପ୍ରାଚୀନ ସଭ୍ୟତା କଥା ୟୁରୋପୀୟମାନଙ୍କ ମୁହଁରୁ ନ ଶୁଣିଲେ ଅମର ପ୍ରତ୍ୟୟ ଫୁଟେ ନାହିଁ। ସେହିମାନଙ୍କ ମାନବିକତା, ସେହିମାନଙ୍କ ମାନବୀୟ ଅନୁକଂପା, ନ୍ୟାୟପରତା ଓ ବ୍ୟକ୍ତିଗତ ଚରିତ୍ରରେ ଆମ୍ଭେମାନେ ମୁଗ୍ଧ। ଯେ କୌଣସି ପ୍ରଭାବିତ ହେବାର କ୍ଷେତ୍ରରେ ସାହେବଙ୍କର ନାମ ପଡ଼ିଗଲେ ଅମର ପ୍ରତିବାଦ ନାହିଁ। ଆମେ ନିଜେ ବୁଝିନେଇଛୁ ସର୍ବତ୍ର ଅମର ସ୍ଥାନ ତଳେ, ସାହେବଙ୍କ ସ୍ଥାନ ଉପରେ। ରାଜ୍ୟ ଶାସନରେ ମଧ୍ୟ ଲୋକଶାସନ ବିଧି ଓ ତାହାର ପ୍ରୟୋଗ ଶିଖିବା ପାଇଁ ଆମେ ସେହି ଇଂରେଜ ତଥା ୟୁରୋପୀୟମାନଙ୍କୁ ଚାହିଁ ବସିଛୁ। ସମାଜରେ ନୂତନ ଆଦର୍ଶ ଫୁଟାଇବା ପାଇଁ ୟୁରୋପୀୟ ବୈଧାନିକତା ତଥା ସାମ୍ୟବାଦ ଯେପରି କି ଆମର ଦୀକ୍ଷା ମନ୍ତ୍ର।

ଅବଶ୍ୟ ବିଗତ ଦୁଇ ଦଶଂଧି ଧରି କେତେକ ଭାରତୀୟଙ୍କ ଭିତରେ ଏ ବିଷୟରେ ମନର ଗତି ଫେରିଲା ପରି ଦେଖାଯାଉଛି। କିନ୍ତୁ ଅନେକ ସ୍ଥଳରେ ତାହା ଯଥାର୍ଥ ଆତ୍ମପ୍ରତିଷ୍ଠାର ଲକ୍ଷଣ ବୋଲି ମନେ ହେଉନାହିଁ। ତାହା ଯେପରି କି ଦୁର୍ବଳର ଅଭିମାନ। ଗରୀବ ଲୋକ ବେଳେବେଳେ ନିମନ୍ତ୍ରଣ ସବିଧିରେ ହୋଇନାହିଁ ବୋଲି ଅନ୍ୟ ଘରକୁ ଖାଇବାକୁ ଯିବାକୁ ଅଭିମାନ କରେ। ସେଥିରେ ବ୍ୟକ୍ତିତ୍ୱର ପ୍ରତିଷ୍ଠା ନ ଥାଏ, ବରଂ ତାହା ଗୌଣତ୍ୱ ମନୋବୃତ୍ତିର ଏକ ସ୍ପଷ୍ଟ ଅଭିବ୍ୟକ୍ତି। ଅନେକ ଭାରତୀୟଙ୍କର ଆଜି ଜାତୀୟଭାବ ସେହି ରୀତିରେ ଗତି କରୁଛି। ହୁଏତ ଟେବୁଲ ଉପରେ ଲୁଗା ପକାଇ ଚୌକିରେ ବସି କଣ୍ଟା ଚାମଚରେ ଖାଇବା ଜିନିଷଟାକୁ ଆମେ ନାପସନ୍ଦ କରୁ ନାହୁଁ। ଏହାହିଁ ଯଥାର୍ଥ ସଭ୍ୟତାର ଅଙ୍ଗ ବୋଲି ମନେ କରୁଛୁ। ସେଥିପାଇଁ ଏ ଗରୀବ ଓ ସ୍ୱଚ୍ଛନ୍ଦଜୀବୀ-ଦେଶରେ ମଧ୍ୟ ଭଲ ଟେବଲ, ଚୌକି, ପ୍ଲେଟ, କଣ୍ଟା ଚାମଚ କିଣି ନିତି ଧୋବାଘରୁ ଆସୁଥିବା ଚାଦରମାନ ରଖି ଖାଇବା ଘର ସଜାଉଛୁ। ପୂଜାରୀକି ଓ ମାଇପକୁ ସେଥିରେ ପରଶିବାର ଢଙ୍ଗ ଶିଖାଉଛୁ। ଏହି ରୀତିରେ ସାହେବଙ୍କ ସଭ୍ୟତା ପ୍ରଭାବର ପ୍ରତିବାଦ ଯଥାର୍ଥ ପ୍ରତିକାର ନୁହେଁ।

ଆଇନରେ ମଧ୍ୟ ଆମର ଗତି ଠିକ୍ ସେଇ ଆଡ଼େ। ଉଦାହରଣ ସ୍ୱରୂପ ସେଦିନ ଭାରତ ବ୍ୟବସ୍ଥା ସଭାରେ ବିଚାର ପାଇଁ ଦିଆ ଯାଇଥିବା ବୋମ୍ୱେଇ ଡାକ୍ତର ଦେଶମୁଖଙ୍କ ନାରୀର ପତି ପରିତ୍ୟାଗ ବିଷୟକ ଆଇନ ଚିଠାଟି ଦେଖ। ବିବାହ ଏ ଦେଶରେ କେବଳ ଯୌନସଂଭୋଗ ପୀଠରେ ପ୍ରତିଷ୍ଠିତ ନୁହେ। ଏହା ଭାରତ ସଭ୍ୟତାର ଏକ ଘୋର ବିଶେଷତ୍ୱ। ଯୌନସଂଭୋଗକୁ ମଧ୍ୟ ଏ ଦେଶରେ କହନ୍ତି ପ୍ରଣୟ, ଅର୍ଥାତ୍ ବିଶେଷ ନୀତି। ଏ ଦେଶର ସଂସ୍କୃତି ପରଂପରାରେ ଜୀବନର ନୀତି ସଙ୍ଗେ ଯୌନସଂଭୋଗର ମଧ୍ୟ ସଂପର୍କ ରହିଛି।

Digitized by PPRACHIN, SOA

ତଥାପି ଏ ଦେଶରେ ନାରୀ ପୁରୁଷର ବିବାହ ସଂବନ୍ଧ ଛିଣ୍ଡାଇବାର ପ୍ରଚଳିତ ବିଧି ଓ ଦୃଷ୍ଟାନ୍ତର ଅଭାବ ନାହିଁ। କିନ୍ତୁ ଆଇନଟିରେ ଏ ସବୁ ଆଦର୍ଶ, ଏ ସବୁ ପ୍ରଚଳିତ ବିଧିପ୍ରତି ଆଦୌ ନଜର ନାହିଁ। ଏହା ଆତ୍ମ ପ୍ରତିଷ୍ଠା ନୁହେଁ, ଘୋର ପରାଧୀନ ଯୌନମାନସିକତା।

ମିଷ୍ଟର ଅଜହର ଅଲି ଆଜି ଯାହା କହିଛନ୍ତି ତାକୁ ଏଇ ଦୃଷ୍ଟିରେ ଦେଖି ଏଇ କଷଟିରେ ପରୀକ୍ଷା କରିବା ଉଚିତ। ଆଦର୍ଶ ଠିକ ଥିଲେ ଉପେୟ ସ୍ପଷ୍ଟ ଓ ଉପାୟ ସୁଗମ ହୁଏ।

ନବ ଭାରତ-୬।୨

ଶିକ୍ଷାରେ ଆତ୍ମପ୍ରସାଦ ଓ ବ୍ୟବହାର

ଶିକ୍ଷା ବିଷୟରେ ଏବେ ଏ ଦେଶରେ ନାନା କଳ୍ପନା ଚାଲିଛି। ଏକା ଏ ଦେଶରେ ନୁହେଁ, ପୃଥିବୀରେ ସର୍ବତ୍ର ଏବେ ଏହା ଏକ ସମସ୍ୟା ହୋଇଛି। ସଭ୍ୟତା ସଙ୍ଗେ ଶିକ୍ଷା ଜାଗ୍ରତ ହେଲା। ପଦେ ପଦେ ବ୍ୟବହାର ସୋପାନ ଧରି ଶିକ୍ଷା ଫୁଟିଥିଲା ସତ, ମାତ୍ର ବ୍ୟବହାର ସଙ୍ଗେ ସ୍ପଷ୍ଟ ସଂବଂଧ ଧରି ଶିକ୍ଷା ଫୁଟାଇବାର ଉଦ୍ୟମ ସେତେବେଳେ ନ ଥିଲା। ମାନବର ବିକାଶକ୍ରମ ବହୁକାଳ ଅଜ୍ଞାତ ଥିଲା ।

ଏଇ ଅଜ୍ଞାତ ବିକାଶରେ ମାନବ ସମଷ୍ଟି ସ୍ୱତ୍ୱ କର୍ତ୍ତବ୍ୟ ଘେନି ଗୋଟିଏ ସମୂହ ବସ୍ତୁ ଥିଲା। ତା' ଭିତରେ ଭାଗ ବାଣ୍ଟି ବ୍ୟବହାର ଦେଖିବାର କିଛି ନଥିଲା। ସମାଜ ପରିସ୍ଥିତି ପ୍ରଭୃତି ଘେନି ମାନବ କି ପ୍ରକାର ପୂର୍ଣ୍ଣବ୍ୟକ୍ତି ହେବ, ଏହାହିଁ ସେତେବେଳେ ଥିଲା ଶିକ୍ଷାର ଉଦ୍ଦେଶ୍ୟ। ଏଇ ଦେଶରେ ସେକାଳେ ଶିକ୍ଷା ଦେବା ଓ ଶିକ୍ଷା ପାଇବା ମାନବର ଯେପରି କି କର୍ତ୍ତବ୍ୟ ଥିଲା। ଗୁରୁକୁଳରେ ଅନ୍ତେବାସୀ ସାହିତ୍ୟ, ଗଣିତ ପ୍ରଭୃତି ବିଷୟରେ ଶିକ୍ଷିତ ହେଇ ପରୀକ୍ଷା ଦେଉ ନଥିଲେ। ଅନ୍ୟ ବ୍ୟବହାର ଦୃଷ୍ଟି କଥା ଏଠାରେ ଉଠିବା ଦରକାର ନାହିଁ। ଶିଷ୍ୟ ଗୁରୁଙ୍କ ଗାଈ ଜଗି ଯାଉଥିଲେ, ବିଲ ବନ୍ଧାଇ ମଧ ଯାଉଥିଲେ, ଜାଳ ଆଣୁଥିଲେ, ହୋମାଗ୍ନି ଲଗାଉଥିଲେ, ଇତ୍ୟାଦି ତାବତୀୟ କାର୍ଯ୍ୟ କରିବାରେ ତାର ଶିକ୍ଷା ହେଉଥିଲା।

ଆରୁଣିଙ୍କ କଥା ସମସ୍ତେ ଜାଣି ଥିବେ। ଗୁରୁ ତାଙ୍କୁ ବିଲର ବନ୍ଧଟି ପକାଇ ପାଣି ଅଟକାଇବାର ଭାର ଦେଇ ପଠାଇଥିଲେ। ଆରୁଣି ବନ୍ଧଟି ଏକାରେ ପକାଇବା ଅସଂଭବ ଦେଖି, ନିଜେ ବନ୍ଧ ପରି ଶୋଇ ରହି ପାଣି ଅଟକାଇଲେ। ଗୁରୁ ସଂଧ୍ୟାବେଳରୁ ଯାଇ, ଏହା ଦେଖି ସନ୍ତୋଷ ହେଲେ। କହିଲେ, "ଆରୁଣି, ତୋର ଶିକ୍ଷା ସାଙ୍ଗ ହୋଇଗଲା।" ଏସାର୍ଟିଫିକଟର ଅର୍ଥ ହେଉଛି, ଶିଷ୍ୟର ଦାୟିତ୍ୱଜ୍ଞାନ ପୂର୍ଣ୍ଣ ବିକଶିତ ହୋଇଛି। ଏଥର ସେ ମନୁଷ୍ୟପରି ଜଗତରେ ଛିଡ଼ା ହୋଇ ଚଳିପାରେ।

Digitized by PPRACHIN, SOA

ଏଇପରି ସମୂହ ମନୁଷ୍ୟତା-ପୂରା ମଣିଷ ପଣିଆ-ଥିଲା ଶିକ୍ଷାର ଆଦର୍ଶ। ଏହା ଏକପ୍ରକାର ବ୍ୟବହାର ଦୃଷ୍ଟି। ହେଲେହିଁ ଆଜିକାଲିର ବ୍ୟବହାର ଦୃଷ୍ଟି ନୁହେ। ଏଥିରେ ଆଜି ଯାହାକୁ ବୈଷୟିକ ଲାଭ କହନ୍ତି, ତାହା ନାହିଁ। ଏହାର ଆଦର୍ଶ ଆତ୍ମପ୍ରତିଷ୍ଠା ଓ ଫଳରେ ଆତ୍ମପ୍ରସାଦ। ଏଥିରେ ଆତ୍ମା ଭାଗ୍ ଭାଗ୍ ନୁହେ-ଏହା ପୂର୍ଣ୍ଣ ଓ ଅଖଣ୍ଡ। ଏହାରି ବିକାଶଇ ମନୁଷ୍ୟତା। ଏଥିରେ ଆତ୍ମବିକାଶର ମୂଳସୂତ୍ର ହେଉଛି, କର୍ତ୍ତବ୍ୟରେ ଦାୟିତ୍ୱଜ୍ଞାନ। ମୁଁ ମନୁଷ୍ୟ, ମତେ ଏହା କରିବାକୁ ହେବ, ମୁଁ ଠିକ୍ ମନ୍ତେକରିବି। ଆଉ କିଏ କଣ କଲା ନ କଲା, ସେ ଆଡ଼କୁ ଦୃଷ୍ଟି ନାହିଁ।

ମାତ୍ର ଏ ଶିକ୍ଷାର ଧାରା ପୃଥିବୀରେ ବହୁଦିନରୁ ଆଘାତ ପାଇଛି। ଏ ଆଘାତ ଆସିଛି, ପଶ୍ଚିମ ଦେଶରୁ। ସେଠାରେ ବହୁକାଳରୁ ବ୍ୟବହାର ଆଦର୍ଶରେ ଶିକ୍ଷା ଫୁଟିଛି। ଏ ବ୍ୟବହାର ସ୍ପଷ୍ଟ, ଏହାର ଆଦର୍ଶ ଆହରଣ। ଶିକ୍ଷାର ଫଳରେ, ମୁଁ କାହାଠୁ କେତେ ଆଦାୟ କରି ପାରିବି, ମୋ କର୍ତ୍ତବ୍ୟ ଏକା କରିଯାଇପାରିବି। ସେଥିପାଇଁ ମୋର ଶିକ୍ଷା ନୁହେଁ। ମୋ କର୍ତ୍ତବ୍ୟ କରିବାରେ ଅନ୍ୟଠାରୁ କେତେ କିପରି ପାଇବି, ଏହାହିଁ ଏ ବ୍ୟବହାରର ସ୍ପଷ୍ଟ ଆଭିମୁଖ୍ୟ।

ଏଇ ଆଭିମୁଖ୍ୟରେ ପଶ୍ଚିମ ଦେଶରେ ପ୍ରାୟ ୩୦୦ ବର୍ଷ ହେଲା, ଗୋଟିଏ ଅନୁଷ୍ଠାନ ଫୁଟଛି, ତା' ହେଉଛି- ଜାତି ବା ଜାତୀୟତା। ଏହାରି ଫଳରେ ରାଜନୀତିଇ ସେମାନଙ୍କର ବିଚାର୍ଯ ବିଷୟ। ରାଜ୍ୟ ହିଁ କାମ୍ୟ ଓ ସେହି ସୂତ୍ରରେ ବ୍ୟବହାର ଦେଖିବା ସେମାନଙ୍କର ସାଧନା। ରାଜ୍ୟ ପାଇଁ ସେଠାରେ ଠିକ୍ ଶିକ୍ଷାର ସାଧନା ଦେଖାଯାଏ। ତା ପୂର୍ବରୁ ଇଉରୋପର ମଧ୍ୟଯୁଗରେ ଧର୍ମ ମଧ୍ୟ ଠିକ୍ ଏଇପରି ଥିଲା। ଏଇ ରାଜ୍ୟ ତାର ପ୍ରତିକାର, ଓ ଏଣୁ ତାରି ପରି। ସେ ଯା'ହେଉ, ରାଜ୍ୟ ହେଉ ବା ଧର୍ମ ହେଉ ଏ ସାଧନାରେ ସମସ୍ତ କର୍ତ୍ତବ୍ୟର ଫଳଦୃଷ୍ଟି- ସବୁବେଳେ ଅନ୍ୟଠାରୁ ଆଦାୟ କରିବା। ସେଇ ଶିକ୍ଷାର ପରିଣାମରେ ଏବେ କନ୍‌ସ୍କ୍ରିପ୍‌ସନ୍ (Conscription) ବାଧ୍ୟତାମୂଳକ ଅସ୍ତ୍ରଶସ୍ତ୍ର ଶିକ୍ଷା। ତାହା ରାଜ୍ୟର ଦରକାର, ଅନ୍ୟ ବିରୁଦ୍ଧରେ ଆତ୍ମରକ୍ଷା ବା ଅନ୍ୟକୁ ଗ୍ରାସ କରି ନିଜର ପୁଷ୍ଟି କରିବା ଉଦ୍ଦେଶ୍ୟରେ। ଏହାର ଶରୀର ବିକାଶରେ ଆଜିର ବୈଷୟିକ ଓ ବ୍ୟାବହାରିକ ଶିକ୍ଷା।

ଭାରତ ଏବେ ଯେଉଁ ସ୍ୱାଧୀନତାର ଉଦ୍ୟମ କରୁଛି, ତାହା ଯଥାର୍ଥ ଭାରତରେ ସ୍ୱାତନ୍ତ୍ର୍ୟ ପାଇଁ ଉଦ୍ୟମ କି ନା, କହିବା ଦୁଷ୍କର। ପଶ୍ଚିମର ଏହି ରାଜ୍ୟତନ୍ତ୍ର ନୀତି ବିରୁଦ୍ଧରେ ଉଠି, ଏହା ଆଦର୍ଶ ଓ ଆଭିମୁଖ୍ୟରେ , ସେହି ପଶ୍ଚିମ ପରି ହୋଇଛି, ବିରୋଧରେ ଜିଣିଲେ ମଧ୍ୟ ତାହା ହେବା ସ୍ୱାଭାବିକ। ସେହି ପଶ୍ଚିମରେ ମଧ୍ୟ ଧର୍ମ ବିରୋଧରେ ରାଜ୍ୟ ଦିନେ ତାହାହିଁ ହୋଇଥିଲା। ଖୋଳଟା ବଦଳିଯାଏ ମାତ୍ର ପ୍ରାଣଟା ତାହାହିଁ ରହେ। ପରଂପରା

Digitized by PPRACHIN, SOA

ପ୍ରତିକ୍ରିୟାରେ ବିଧ୍ୱସ୍ତ ହୁଏ ନାହିଁ। ସ୍ୱାଭାବିକ ସମାଧାନରେ ହିଁ ଲୁପ୍ତ ହୁଏ। ଏହି ଭାରତର ଶିକ୍ଷା ବିଧାନରେ ସୂତାକଟା ପାଇଁ ଶିଶୁକୁ ବାଧ୍ୟ କରିବା ତାର ଏକ ସ୍ପଷ୍ଟ ଉଦାହରଣ। ଇଂରେଜ ସରକାର ନିଜର ବ୍ୟବହାର ପାଇଁ ଶିଖାଇଲେ, 'ଭାରତରେ ଇଂଲଣ୍ଡର କାର୍ଯ୍ୟ'(England's work in India)। ତାହାର ସ୍ପଷ୍ଟ ପ୍ରତିକ୍ରିୟା ହେଉଛି, ସୂତାକଟା ଶିଖାଇବା। କୌଣସିଟିରେ ଶିଶୁର ପୂର୍ଣ୍ଣ ମନୁଷ୍ୟତା, ଆତ୍ମପ୍ରତିଷ୍ଠା ଓ ଆତ୍ମପ୍ରସାଦ ଆଡ଼କୁ ସ୍ୱାଧୀନ ବିକାଶ ନାହିଁ।

ଏବେ ସର୍ବତ୍ର ସ୍ୱର ଉଠିଚି, ପ୍ରାଥମିକ ଶିକ୍ଷାହିଁ ସବୁ-ସେଥିରେ ପୁଣି ଖାଲି ହାତକାମ ଓ ରୋଜଗାର। ସେଥିପାଇଁ ବିଶ୍ୱବିଦ୍ୟାଳୟ ମଧ୍ୟ କେହି କେହି ଉଠାଇ ଦେବାକୁ ଲୋଡାନ୍ତି। କିଂତୁ ଆତ୍ମ ବିକାଶମୂଳକ ଉଚ୍ଚ ଶିକ୍ଷା ବିନା ପ୍ରାଥମିକ ଶିକ୍ଷାର ମୂଲ୍ୟ ବା ଆଭିମୁଖ୍ୟ ନାହିଁ। ପୁଣି ପ୍ରାଥମିକ ବା ମଧ୍ୟମ ଶିକ୍ଷା ମାତ୍ରରେ ଖାଲି ରୋଜଗାର ଦୃଷ୍ଟି ଫିଟାଇବାରେ ସମାଜ ବା ରାଜ୍ୟ ପରିଣାମରେ ତିଷ୍ଠିବ ନାହିଁ। ଏ ଦେଶର ପରଂପରାର ପରିସ୍ଥିତି ସଂଗେ ଏ ସବୁର ସମାଧାନ ଲୋଡିବାଟ ଫିଟାଇବା ଉଚିତ। ତାହା କିପରି ହେବ, ପରେ କୁହାଯିବ।

ନବ ଭାରତ-୪।୮, ଆଲୋଚନା

ପ୍ରାଥମିକ ଶିକ୍ଷାର ପୁନର୍ଗଠନ

ଉଆର୍ଦ୍ଧା ପଦ୍ଧତି

ପ୍ରାଥମିକ ଶିକ୍ଷା ସବୁବେଳେ ସବୁ ସମାଜରେ ବଡ଼ ଦରକାର। ଲୋକ ଶାସନରେ ପୁଣି ତାହା ଏକାନ୍ତ ଦରକାର। ଏ ଦେଶରେ ସେଥିପାଇଁ ଆଜି ସେଇ ପ୍ରାଥମିକ ଶିକ୍ଷା ଘେନି ଉଦ୍ୟମ ଚାରିଆଡ଼େ ଚଞ୍ଚଳ। ମହାତ୍ମା ଗାନ୍ଧିଙ୍କ ନେତୃତ୍ୱରେ ଭାରତ ଲୋକଶାସନ ଆଡ଼କୁ ଯାଉଚି, ପ୍ରଦେଶ ତାହା ଏବେ କେତେକ ପାଇଚି। ପୁଣି ଅଧିକାଂଶ ପ୍ରଦେଶରେ ସେଇ ମହାତ୍ମା ଗାନ୍ଧିଙ୍କ ମତ ନେତୃତ୍ୱ ନାମରେ ସେଇ ଲୋକ ଶାସନ ଚଳୁଛି। ସେଇ ମହତ୍ମା ଗାନ୍ଧିକ ମତ ନେତୃତ୍ୱରେ ମଧ୍ୟ ଉଅର୍ଦ୍ଧା ଶିକ୍ଷା ପଦ୍ଧତି ବାହାରିଚି।

ଏହା ଏକ ଆଦର୍ଶ

ଏଇ ଉଅର୍ଦ୍ଧା ଶିକ୍ଷା ପଦ୍ଧତି ଏକ ଆଦର୍ଶ ଭାରତର ବାସ୍ତବ ରାଜ୍ୟରେ କେଉଁ ଅଞ୍ଚଳରେ ଏହା କିପରି କେତେ କାର୍ଯ୍ୟକାରୀ ହେବ, ଏବେ କହି ହେଉ ନାହିଁ। ଏଥିପାଇଁ ଉପଯୁକ୍ତ ଶିକ୍ଷକ ଏବେ ମିଳିବା ସହଜ ନୁହେ। ପୁଣି ଯେତେ ଲୋକଙ୍କର ପ୍ରାଥମିକ ଶିକ୍ଷା ଦରକାର ସେତେ ଲୋକଙ୍କ ପାଇଁ ଏହି ପଦ୍ଧତିରେ ବ୍ୟବସ୍ଥା କରିବାର ଭବିଷ୍ୟତ ନିକଟରେ ଦେଖିବା ଅନେକଙ୍କ ପକ୍ଷରେ ସୁଗମ ନୁହେ। ମହାତ୍ମାଜୀ ଲୋକ କର୍ମରେ ମଧ୍ୟ ନିରାଟ ଆଦର୍ଶବାଦୀ। ତାଙ୍କ ଅହିଂସା ଏହାର ସ୍ପଷ୍ଟ ନିଦର୍ଶନ। ମହାତ୍ମା ଗାନ୍ଧିଙ୍କ ବ୍ୟକ୍ତିତ୍ୱ ପ୍ରଭାବରେ ସେହି ଅହିଂସାର ଛାପ ଏବେ ଭାରତର ଜାତୀୟ ସଂଗ୍ରାମରେ ମଧ୍ୟ ସର୍ବତ୍ର ପଡ଼ି ରହିଚି।

Digitized by PPRACHIN, SOA

ସେଇ କଠୋର ଅହିଂସା ବ୍ରତ ନାମରେ ସବୁ କାର୍ଯ ମଧ୍ୟ ଏବେ ଚାଲିଚି। ମାତ୍ର ଏ ସମସ୍ତ ଛାପ ତଳେ ବସ୍ତୁମାତ୍ରା କେତେ ତାହା ସମାଲୋଚନା କରିବାର ସମୟ ଏବେ ନୁହେ। ସମସ୍ତ ମହାପୁରୁଷଙ୍କ ଜୀବନ କ୍ରିୟାରେ ଏହା ହୋଇଥାଏ। ଆଜି ପୃଥିବୀରେ ଜିସୁଙ୍କ ପ୍ରେମ କାର୍ଯରେ କେତେ ଅଛି, ତା କହିବା ଯେପରି, ସବୁ ମହାପୁରୁଷଙ୍କ ଆଦର୍ଶକ୍ରିୟାର ପରିଣାମ ଏ ମାନବ ଜଗତରେ ତାହାହିଁ ହୋଇଥାଏ। ଉଅର୍ଦ୍ଧାର ଆଦର୍ଶ ଶିକ୍ଷା ପଦ୍ଧତି ଲୌକିକ ପ୍ରୟୋଗରେ କିପରି କି ପରିଣାମ ଲଭିବ, ତାହା ଏହି ସୂତ୍ରରେ ଭାବିବାର ବିଷୟ।

ପରିସ୍ଥିତିର ସୂଚନା

ଉଅର୍ଦ୍ଧା ଶିକ୍ଷା ପଦ୍ଧତି ଏବେ ପରୀକ୍ଷା କରା ଯାଉଚି। ଓଡ଼ିଶାରେ ମଧ୍ୟ କେତୋଟି ସ୍ଥାନରେ ତାହା ହବ। ମାତ୍ର ମନେ ରଖିବାର ଅଛି, ଓଡ଼ିଶାରେ ପ୍ରଥାମିକ ସ୍କୁଲରେ ମାସକୁ ଚାରି ଟଙ୍କାରେ ମଧ୍ୟ ଶିକ୍ଷକ ଅଛନ୍ତି। ସେମାନେ ସ୍କୁଲ କାମ ଛଡ଼ା ଅନ୍ୟ ସମୟରେ କେବେ ସ୍କୁଲ ସମୟରେ ମଧ୍ୟ -ତମସୁକ ଲେଖି ବା କୌଣସି ଦୋକାନୀ ବା ଗୃହସ୍ଥ ଘରେ ହିସାବ ଲେଖି ପେଟ ପୂରାନ୍ତି ଓ କୁଟୁମ୍ବ ପୋଷନ୍ତି। ସ୍କୁଲମାନଙ୍କରେ ଚାରି ଶ୍ରେଣୀରେ ପଚାଶରୁ ଅଧିକ ଛାତ୍ରଙ୍କ ପାଇଁ ଏହି ଶ୍ରେଣୀର ଯୋଡିଏ ଶିକ୍ଷକ ଅଧପୂରା ପେଟରେ ଗାଈ ଗୋଠରେ ଗଉଡ଼ ପଡ଼ିଲା ପରି ପଡ଼ିଥାନ୍ତି। ପିଲାଙ୍କର ବହି ସ୍ଲେଟ୍ ଯଥେଷ୍ଟ ନ ଥାଏ; ଅନେକ ପିଲା ହୁଏତ ପେଟପୂରା ଖାଇ ନଥାନ୍ତି; କିଏ ବା ମାଲେରିଆର ତାପ ସଂଧି ଭିତରେ ମାତ୍ର ଜର ଛାଡ଼ିଲାବେଳେ ସ୍କୁଲକୁ ଆସିଥାଏ; କେଉଁଠାରେ ଶିକ୍ଷକ ସକାଳ ସଂଧ୍ୟାରେ ଦୁଆରେ ଦୁଆରେ ବୁଲି ବଡ କଷ୍ଟରେ ଗାଈ ଜାଗା ପ୍ରଭୃତି କାମରୁ ଛଡ଼ାଇ ପିଲାଙ୍କୁ ଆଣିଥାନ୍ତି। ଆଉ ସ୍କୁଲ ଉପକରଣ କଥା କହିବାର ଦରକାର ନାହିଁ। ମାନ୍ଧାତା ଅମଳର ବେଞ୍ଚ ଚଉକି ଖଣ୍ଡମାନ କେବେ କେବେ ବାଉଁଶ ନଡ଼ିଆବତା ଗୋଡ଼ ଧରି ନିଜ କଳେବରରେ ଜୀର୍ଣସଂସ୍କାରର ମହିମା କୀର୍ତ୍ତନ କରୁଥାନ୍ତି। ଏପରି ଅବସ୍ଥା ହେଲେ ମଧ୍ୟ ପିଲାଙ୍କ ପାଇଁ ସ୍କୁଲ ଯଥେଷ୍ଟ ନାହିଁ, ଦେଶର ସବୁ ପିଲାଙ୍କ ଶିକ୍ଷା ପାଇଁ ସୁବିଧା ଦେବାର ଉପାୟ ବା ସାଧନା ନାହିଁ। କେନ୍ଦ୍ର ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ ମଧ୍ୟ ଉଆର୍ଦ୍ଧା ପଦ୍ଧତି ଦେଶରେ କେତେଦୁର ବ୍ୟାପିବ ଓ କାର୍ଯକର ହେବ, ତା' ତେଣୁ କହିବା ଏବେ ବଡ଼ କଷ୍ଟ।

ଉଆର୍ଦ୍ଧା ପଦ୍ଧତିର ଆଭିମୁଖ୍ୟ-

ଉଆର୍ଦ୍ଧା ଶିକ୍ଷାର ପୁଣି ଅଭିମୁଖ୍ୟ ହେଉଚି କର୍ମେନ୍ଦ୍ରିୟର ଚାଳନା ସଂଗେ ଜ୍ଞାନେନ୍ଦ୍ରିୟର ବିକାଶ। ଆବଶ୍ୟ ବ୍ୟକ୍ତିତ୍ୱ ବିକାଶ ସମସ୍ତ ଜ୍ଞାନ ତଥା ଶିକ୍ଷାର ଲକ୍ଷ୍ୟ। ଏହି ବ୍ୟକ୍ତିତ୍ୱ ବିକାଶରେ କର୍ମେନ୍ଦ୍ରିୟର ଚାଳନା ଅପରିହାର୍ଯ ଅବୟବ। ବୈଦିକ୍ କାଳର କୁଳଗୃହରେ

Digitized by PPRACHIN, SOA

ମଧ୍ୟ ଜାଳ ଭାଙ୍ଗି ଆଣିବା, ଗାଈ ଜଗିବା ପ୍ରଭୃତି ସେକାଳ ଦରକାରୀ କର୍ମେନ୍ଦ୍ରିୟ ଚାଳନାରୁ ସ୍ୱଷ୍ଟପରିସର ମଧ୍ୟରେ ବାଳକ ଶିକ୍ଷା ପାଉଥିଲା । ସେହି ପରିସର ମଧ୍ୟରେ ମୁଖ୍ୟତଃ ତା'ର କୃତିତ୍ୱର କଳନା ମଧ୍ୟ ହେଉଥିଲା । ସଂସାରରେ ସ୍ୱାଧୀନ ମନୁଷ୍ୟର ବକ୍ତିତ୍ୱ ଘେନି ରହିବା ଚଳିବାର କ୍ଷମତା ଥିଲା ଏହି କୃତିତ୍ୱର ଏକ ମାପ ।

ବ୍ୟକ୍ତିତ୍ୱ ଓ ବୁଦ୍ଧି

ମାତ୍ର ଏହି କର୍ମେନ୍ଦ୍ରିୟର ଯଥାଚାଳନ ଏକମାତ୍ର ମାପ ନଥିଲା । ଏହି ମାପ କ୍ରମେ ବ୍ୟକ୍ତିତ୍ୱର କଳନା ହେଉ ନଥିଲା । ଏଇଥିରେ ବ୍ୟକ୍ତିତ୍ୱର ବିକାଶ ଦେଖା ଯାଉଥିଲା ମାତ୍ର । ପ୍ରକୃତ ବ୍ୟକ୍ତିତ୍ୱର ପୀଠ ଥିଲା ସେହିଠାରେ, ଯେଉଁଠାରେ ଜ୍ଞାନେନ୍ଦ୍ରିୟ ଓ କର୍ମେନ୍ଦ୍ରିୟ ସମସ୍ତଙ୍କ ମୂଲ୍ୟର କଳନା ହୁଏ । ତାକୁ କହୁଥିଲେ ବୁଦ୍ଧି । ଏହି ବୁଦ୍ଧିରେ କାର୍ଯାକାର୍ଯ ବିନିର୍ଣ୍ଣୟ ହୁଏ । ଏହି ବୁଦ୍ଧିର ଆଦର୍ଶ ଥିଲା, ବ୍ୟବସାୟାତ୍ମିକା ବୃଦ୍ଧି । ଯେଉଁ ବୁଦ୍ଧିରେ କାର୍ଯାକାର୍ଯ ବିନିର୍ଣ୍ଣୟ ସର୍ବଦା ବ୍ୟକ୍ତିତ୍ୱର ଏକ ଓ ଅବିଚଳିତ ଆଦର୍ଶରେ ନିୟମିତ ଓ ପ୍ରକାଶିତ ହୁଏ, ତାହାହିଁ ସ୍ଥିର ବୁଦ୍ଧି ବା ବ୍ୟବସାୟାତ୍ମିକା ବୁଦ୍ଧି । ବ୍ୟକ୍ତିତ୍ୱର ଏହି ସ୍ଥିର ଆଦର୍ଶଟି ମନୁଷ୍ୟର ଇନ୍ଦ୍ରିୟ ସାଧନାରେ ଫୁଟିବା ସହଜ ନୁହେ । ତେଣୁ ଈଶ୍ୱର ବୋଲି ଏହାକୁ ଗୋଟିଏ ଆଦର୍ଶ ବ୍ୟକ୍ତିତ୍ୱ ରୂପେ ଧରିନେବାକୁ ହୁଏ । ଏ ଦେଶରେ କିନ୍ତୁ ଆଦର୍ଶ ଈଶ୍ୱରରୁ ଆହୁରି ଉପରେ । ଏହା ଜଗତର ଆଧାତ୍ମିକ ଭିତ୍ତି, ଏହା ମନୁଷ୍ୟର ମୁଁ ବା ଆତ୍ମା । ସମସ୍ତ କାର୍ଯ୍ୟରେ ଏଇ ମୁଁକୁ ସମାନ ଏକରୂପ କରି ଦେଖିପାରିଲେ, ବୁଦ୍ଧି ବ୍ୟବସାୟାତ୍ମିକା ହେବାର ବୁଝାଯାଏ ।

ବୁଦ୍ଧି ସ୍ଥିର ନ ହେଲେ ଶିକ୍ଷାର ମୂଲ୍ୟ ନାହିଁ

ବ୍ୟକ୍ତିତ୍ୱର ଏହି ଆଧାତ୍ମିକ ଆଦର୍ଶଛଡ଼ା କର୍ମେନ୍ଦ୍ରିୟ ତଥା ଜ୍ଞାନେନ୍ଦ୍ରିୟ ଚାଳନାରେ ଯେତେ ପଟୁତା ଥିଲେ ମଧ୍ୟ ବ୍ୟକ୍ତିତ୍ୱ ହିସାବରେ ତାର ମୂଲ୍ୟ ନିରୂପିତ ହୁଏ ନାହିଁ । ଏହି ବ୍ୟକ୍ତିତ୍ୱ, ଅର୍ଥାତ୍ ଏହି ମୂଲ୍ୟ ନିରୂପଣହିଁ ମାନବ ଶିକ୍ଷାର ଆଦର୍ଶ । ପ୍ରାଥମିକ ଶିକ୍ଷା ମଧ୍ୟ ଏହି ଭିତ୍ତିରେ ବିକଶିତ ହେବାର କଥା । ତା ନହେଲେ କର୍ମେନ୍ଦ୍ରିୟ ଓ ଜ୍ଞାନେନ୍ଦ୍ରିୟ ଚାଳନା ବିଶୃଙ୍ଖଳ, ଶିକ୍ଷା ଅନୁଦାର, ବ୍ୟକ୍ତିତ୍ୱ ହ୍ରସ୍ୱ ବା ଭ୍ରଷ୍ଟ । ଏପରି ଭ୍ରଷ୍ଟ ବା ହ୍ରସ୍ୱ ବ୍ୟକ୍ତିତ୍ୱରେ ସମାଜର ଶୃଂଖଳା ବା ସଭ୍ୟତା ବିକାଶ ପାଏ ନାହିଁ । ଏଥିରେ ଅଯଥା ଅସ୍ପୃହଣୀୟ ବିପ୍ଲବ ବା ଆହରଣରେ ଦ୍ୱନ୍ଦ୍ୱର ପ୍ରଳୟ ତାଣ୍ଡବ, କିଂବା ସମାଜ ନାମରେ ଏକର ବା କେତେକଙ୍କର ଆଦେଶ ନିବଦ୍ଧ କୁସଂସ୍କାରାଚ୍ଛନ୍ନ ବା ମତାନ୍ଧ ଜନସଂଘ ପ୍ରକାଶ ପାଏ ।

ବ୍ୟବସାୟ ଶିକ୍ଷା–

ମାହାତ୍ମା ଗାନ୍ଧି ବା ତାଙ୍କ ପ୍ରଭାବତି ବ୍ୟକ୍ତିମାନଙ୍କର ବ୍ୟକ୍ତିତ୍ୱରେ ଆଧ୍ୟାତ୍ମିକ ଆଦର୍ଶ ଫୁଟି ନାହିଁ ଏହା କୁହାଯାଉ ନାହିଁ । ମାତ୍ର ଉଆର୍ଦ୍ଧା ପଦ୍ଧତିରେ ବିଶେଷ ଆଭିମୁଖ୍ୟ କର୍ମେନ୍ଦ୍ରିୟ

Digitized by PPRACHIN, SOA

ଚାଳନା ଆଡ଼କୁ। ଏ ଯୁଗର ଅନ୍ନସଂସ୍ଥାନ ବ୍ୟାକୁଳତା ଭିତରେ ଏହିପରି ଅଭିମୁଖ୍ୟ ଫିଟିବା ସଂପୂର୍ଣ୍ଣ ସମୀଚୀନ ହେଉ ବା ନହେଉ, ସ୍ୱାଭାବିକ। ମାତ୍ର ଏଥିରେ ଅନ୍ୟପ୍ରକାର ବ୍ୟବସାୟାତ୍ମିକା ବୁଦ୍ଧି ଫୁଟାଇବା ଆଡ଼କୁ ଲକ୍ଷ୍ୟ ସ୍ପଷ୍ଟ। ଅନ୍ନବସ୍ତ୍ର ସଂସ୍ଥାନ ନିମନ୍ତେ ବ୍ୟବସାୟ ନିର୍ବାଚନ ଆଡ଼କୁ ବୁଦ୍ଧି ଚଳାଇବା ଏ ପଦ୍ଧତିର ଗୋଟିଏ, ଭୂୟୋବିକାଶ ହୋଇପାରେ। ହେବା ଏବେ ମନ୍ଦ ନୁହେ। ଦରକାର ମଧ୍ୟ। ମାତ୍ର ଏଥିରେ ସମାଜରେ ବ୍ୟକ୍ତିତ୍ୱର ସାମଂଜସ୍ୟ ଫୁଟିବାରେ ଅସୁବିଧା ହେବାର ଘୋର ଆଶଂକା ଅଛି।

ବ୍ୟବସାୟରେ ପୂର୍ବର ଜାତିବିଭାଗ-

ଆଧ୍ୟାତ୍ମିକ ବା ଈଶ୍ୱର ଆଦେଶରେ ବୁଦ୍ଧି ଠିକ୍ ରଖି ଦିନେ ଏ ଦେଶରେ ବ୍ୟବସାୟ ଭେଦରେ ସମାଜର ଶୃଂଖଳା କଳ୍ପନା କରାଯାଇଥିଲା। ତାହାର ନାମ ବ୍ୟବସାୟ ବା ଗୁଣକର୍ମଗତ ଜାତି। ଜାତି ବ୍ୟବସାୟରେ ଭିନ୍ନ ଭିନ୍ନ ହେଲେହେଁ ବୈଦିକ ଋଷି ଯୋର କରି ବୁଝାଇ କହିଥିଲେ -

"ବ୍ରାହ୍ମଣୋଽସ୍ୟ ମୁଖମାସୀତ୍
ବାହୁ ରାଜନ୍ୟଃ କୃତଃ
ଉରୁତଦସ୍ୟ ଯଦ୍‌ବୈଶ୍ୟଃ
ପଦ୍‌ଭ୍ୟାଂ ଶୂଦ୍ରୋଽଜାୟତେ।"

ଅର୍ଥାତ୍ ସେହି ଅନନ୍ତଶିର, ଅନନ୍ତର ଆଖି, ଅନନ୍ତ ପାଦ, ସର୍ବଗତ, ସର୍ବଭର୍ତ୍ତି ଅଧ୍ୟାତ୍ମ ପୁରୁଷଙ୍କର ମୁଖ ହେଉଚି ବ୍ରାହ୍ମଣ, ବାହୁ ହେଉଚିକ୍ଷତ୍ରିୟ, ଜଙ୍ଘ ହେଉଚି ବୈଶ୍ୟ, ପାଦ ହେଉଚି ଶୂଦ୍ର। ଏ ସମସ୍ତେ ସମାଜରେ ବ୍ୟବସାୟରେ ଭିନ୍ନ ହେଲେହେଁ ସମସ୍ତଙ୍କୁ ସାମଞ୍ଜସ୍ୟରେ ବୁଝିଲେ, ସେଇ ଅନନ୍ତ ଅଧ୍ୟାତ୍ମ ପୁରୁଷଙ୍କୁହିଁ ବୁଝିବାକୁ ହେବ।

ତାର ପରିଣାମ ଭାରତରେ

ଯେତେ ବୁଝାଇଲେ ମଧ୍ୟ ଇନ୍ଦ୍ରିୟ ଚାଳନାର କୁଶଳତା ଆଦର୍ଶ ଘେନି ବ୍ୟବସାୟରେ ସମାଜରେ ଭେଦର ଯେଉଁ ଅତି କୃତ୍ରିମତା ଫୁଟିଲା, ସେଥିରେ ଶେଷରେ ସେହି ବିଭିନ୍ନ ବ୍ୟବସାୟର ବିଭିନ୍ନ ବ୍ୟକ୍ତିତ୍ୱର ଆଦର୍ଶ ମାର୍ଗ ଧରି ସମାଜ ଶତଧା, ସହସ୍ରଧା ବିଭିନ୍ନ ହେଲା। ସମାଜ ବିକାଶ ବା ସମାଜ ରକ୍ଷାରେ ସମୂହ ପ୍ରଯତ୍ନ ଫୁଟିଲା ନାହିଁ। ଯେଝା କଥାଟି ଯେ ଧଇଲେ। ତାରି ଫଳରେ ମଧ୍ୟ ଆଜି ଦେଶର ପରାଧୀନତା ଓ ମନୁଷ୍ୟତ୍ୱର ଧ୍ୱଂସ ବୋଲି ସମାଜତତ୍ତ୍ୱବିତ୍‌ମାନେ ମତ ଦେବାର ମଧ୍ୟ ଶୁଣାଯାଏ।

ଅନ୍ୟତ୍ର

ଏ ପୁଣି ପେଟ ପାଟଣା ଚିନ୍ତା ସେତେ ନ ଥିଲା ବେଳରକଥା। ଆଜି ପେଟଚିନ୍ତାକୁ କେନ୍ଦ୍ରକରି ପାଟଣାର ଚିନ୍ତା ମଧ୍ୟ କମ ନୁହେ। କର୍ମେନ୍ଦ୍ରିୟ ମାତ୍ରକୁ ଚଳାଇ କାମରେ

Digitized by PPRACHIN, SOA

ଲାଗିବାକୁ ସମସ୍ତେ ବ୍ୟାଗ୍ର ଓ ବ୍ୟାକୁଳ। ଏଇ ବ୍ୟାକୁଳତାରେ ବ୍ୟକ୍ତିତ୍ୱ ହରାଇ ଏକ ଦିଗରେ ଋଷିଆରେ, ଅପର ଦିଗରେ ଯର୍ମାନ ଇଟାଲି ପ୍ରଭୃତିରେ ମନୁଷ୍ୟର ଭୌତିକ ଆବଶ୍ୟକତାଗତ, ରକ୍ତ ବା ଭୂମିନିବଦ୍ଧ ଜାତିଗତ ବ୍ୟକ୍ତିତ୍ୱ ଆଦର୍ଶରେ ହ୍ରସ୍ୱ ଓ ଭ୍ରଷ୍ଟ ହୋଇ ମନୁଷ୍ୟ ଆଜି ଦଳ ବା ବ୍ୟକ୍ତିର ଆଦେଶ ମାତ୍ରରେ ଆତ୍ମବିକ୍ରୟ କରି ସଂହତ ପଶୁତ୍ୱରେ ସାମାଜିକ ସାମଞ୍ଜସ୍ୟ ବଳି ଦେଉଚି। ଏ ପରିସ୍ଥିତିରେ ଓ ଏ ବେଷ୍ଟନୀ ମଧ୍ୟରେ ପ୍ରାଥମିକ ଶିକ୍ଷାରେ କର୍ମେନ୍ଦ୍ରିୟ ଚାଳନାକୁ ମୁଖ୍ୟ କରି ଫଳରେ ମନୁଷ୍ୟତାର ଦୃଷ୍ଟିକୁ ଏକାନ୍ତ ବ୍ୟବସାୟବଦ୍ଧ କଲେ ପରିଣାମ କ'ଣ ହେବ, ତାହା ଶଙ୍କାର ସୂଚନାରେ ହିଁ କୁହାଯାଇ ପାରେ, କଳନ କରିବା ଦୁଷ୍କର।

ଏବର ପ୍ରାଥମିକ ଶିକ୍ଷା ପ୍ରକୃତି

ସେ ଯା ହେଉ, ଏବେ ପୁଣିଏ ଅନ୍ନ ବସ୍ତ୍ର ବ୍ୟବସାୟ ବୁଦ୍ଧିରୁ ଉଦ୍ଧାର ନାହିଁ। ଏଥିରେ କେବଳ ମାନବ ଜୀବିର ଆବଶ୍ୟକତାଗତ ବା ସେଇ ଦୃଷ୍ଟିରେ ରକ୍ତଗତ ବା ଭୂମିଗତ ଜନ୍ମଜନିତ ବ୍ୟକ୍ତିତ୍ୱ ଆଦର୍ଶ ବା ଅନ୍ୟ ସେଇଭଳି ଜୀବିଧର୍ମମୂଳକ ଆଦର୍ଶ ଭିତରେ ଆଧ୍ୟତ୍ମିକ ଆଦର୍ଶ ଫୁଟାଇ କିପରି ସାମଞ୍ଜସ୍ୟ ରଖିବାକୁ ହେବ, ସେ ଗଭୀର ଚିନ୍ତା ଛାଡ଼ିଦେଲେ ବି ଅନ୍ୟ ଦିଗରେ ଦେଖିବାର ଅଛି। ଏ ଦେଶରେ ପ୍ରାଥମିକ ଶିକ୍ଷା ବୋଇଲେ, ଏବେ ଯାହା ବୁଝାଯାଏ ସେଇ ଶିକ୍ଷା ବା ସେତିକି ଶିକ୍ଷା ଦେଲେ ଚଳିବ ନାହିଁ। ସେଇ ଶିକ୍ଷା କହିବାର ଅର୍ଥ ହେଉଚି, ସେ ଶିକ୍ଷା ଏ ଯୁଗର ଆବଶ୍ୟକତା ଦୃଷ୍ଟିରେ ଆଦୌ କଳ୍ପନା କରାଯାଇ ନାହିଁ। ପୂର୍ବେ ଭାଗବତ, ଗୁଣସାଗର ପ୍ରଭୃତି ପଢୁଥିଲେ, ପଣକିଆ, କଡ଼ାଗଣ୍ଡା ପ୍ରଭୃତିରେ ହିସାବ ଶିଖୁଥିଲେ, ଲେଖନ୍ ଧରି ତାଳପତ୍ର ଲେଖୁଥିଲେ, ସେଥିରେ ସମାଜର ସାଧାରଣ ସ୍ତରର ଲୋକଙ୍କର ସେକାଳ ଆବଶ୍ୟକତା ମେଣ୍ଟୁଥିଲା। ମାତ୍ର ଏବେ ତା ହେବ ନାହିଁ। ଏବ ଶିକ୍ଷାର ମୂଳ ଆଦର୍ଶ ଥିଲା ସରକାରୀ ବା ସେଇ ଭଳି ଚାକିରୀ। ପ୍ରାଥମିକ ଶିକ୍ଷା ମଧ୍ୟ ତାର ପ୍ରଥମ ସୋପାନ ହୋଇ ରହିଛି। ପିତା ଅଭିଭାବକମାନେ ପିଲା କଣ ଶିଖିଲା ନ ବୁଝି, ପିଲା ପାସ କଲା କି ନାହିଁ, କିଭଳି ପାସ୍ କଲା, ତାହାଇ ବୁଝନ୍ତି। ତେଣୁ ଶିକ୍ଷାର ପ୍ରକାର ବଢ଼ାଇାକୁ ହେବ।

ତାହା ପୁଣି ଯଥେଷ୍ଟ ନୁହେ

ପୁଣି "ସେତିକି ଶିକ୍ଷା" କହିବାର ଅର୍ଥ ହେଉଚି, ପ୍ରାଥମିକ ଶିକ୍ଷା ବୋଲି ଏବେ ଯାହା ଦିଆଯାଉଚି ତାହା ଯଥେଷ୍ଟ ନୁହେ। ପ୍ରାଥମିକ ଶିକ୍ଷାରେ ଚାରିଆଡ଼େ ଦେଖି ବୁଝି ତା ଭିତରେ ନିଜକୁ ଠିକ୍ ମତେ ଚଳାଇ ନେବାର କ୍ଷମତା ନ ଜନ୍ମିଲେ, ସେ ପ୍ରାଥମିକ ଶିକ୍ଷା କିଛି ନୁହେ। ସାମାଜିକ ବ୍ୟକ୍ତି ବେଷ୍ଟନୀର ପ୍ରଭାବରେ ଠିକ୍ ପ୍ରତିକ୍ରିୟାପର କର୍ମ ନିମନ୍ତେ ସମର୍ଥ ଓ କୁଶଳ ନ ହେଲେ, ସମାଜର ପ୍ରଗତି ହ୍ରସ୍ୱ ହେବ, ବିଶୃଙ୍ଖଳ ବି ହେଇ

Digitized by PPRACHIN, SOA

ପାରେ। ଆଜି ଦେଶରେ ଲୋକଶାସନ। ଏ ରୀତିରେ ଲୋକଶାସନ ଏ ଦେଶରେ ନୂଆ। ଲୋକେ ସେଥିପାଇଁ ପ୍ରସ୍ତୁତ ହେବା ଦରକାର। ତା ନ ହେଲେ ଅତି ଶୀଘ୍ର ଲୋକଶାସନ ସହଜରେ ଦଳ ବା ବ୍ୟକ୍ତିର ଆଦେଶ ଶାସନରେ ପରିଣତ ହେବ। ତା ପୁଣି ଏ ଦେଶର ପାରମ୍ପରିକ ଜଳବାୟୁରେ ଜମିଦାରି ଓ ରାଜଗିରେ ପରିଣତ ହୋଇପାରେ। ସେସବୁ ବିଶେଷ ଆଲୋଚନା କରିବାର କ୍ଷେତ୍ର ଏ ନୁହେ। ମାତ୍ର ଲୋକଙ୍କୁ ଆର୍ଥିକ ସଂଗ୍ରାମରେ ସମର୍ଥ କରିବା ସଙ୍ଗେ ସଙ୍ଗେ ରାଜ୍ୟ ଶାସନରେ ବୁଦ୍ଧିମନ୍ତ ପ୍ରତିକ୍ରିୟା ପାଇଁ ପ୍ରସ୍ତୁତ କରିବା ଭଳି ପ୍ରାଥମିକ ଶିକ୍ଷାର ବ୍ୟବସ୍ଥା କରିବା ଦରକାର-ସେଥିରେ ପୁଣି ବିଳମ୍ବ ହେବା ଉଚିତ ନୁହେ।

ଓଡ଼ିଶା ସରକାରଙ୍କ କମିଟି

ଏବେ ପ୍ରାଥମିକ ଶିକ୍ଷାର ସଂଶୋଧନପାଇଁ ଓଡ଼ିଶା ସରକାର ଗୋଟିଏ କମିଟି ବସାଇଚନ୍ତି। ପୁନର୍ଗଠନ ନିମନ୍ତେ ସୁପାରିସ କରିବାପାଇଁ ଏ କମିଟିଙ୍କୁ ଅଧିକାର ଦିଆ ହୋଇଚି କି ନାହିଁ, ଠିକ୍ ଜାଣି ହେଉ ନାହିଁ। ହୁଏତ ଉଆର୍ଦ୍ଧା ପଦ୍ଧତିର ଯେ ପରୀକ୍ଷା ହେଉଚି, ତାର ଫଳ ଜଣାଗଲା ପରେ, ପୁନର୍ଗଠନରେ ହାତ ଦେବା ପାଇଁ କଳ୍ପନା ଥାଇପାରେ। ମାତ୍ର ଏଇ ସଂଶୋଧନରେ ମଧ ଶିକ୍ଷାଚାଳନା ମାତ୍ରରେ ପୁନର୍ଗଠନ ଆଡ଼କୁ ଦୃଷ୍ଟି ରଖି କେତେକ ସଂଶୋଧନ କରାଯାଇପାରେ।

ପିଲାର ବୟସ

କମିଟିଙ୍କର ପ୍ରଶ୍ନମାଳା ବାହାରିଚି। ସେଥିରେ ପଚରା ଯାଇଚି, ପିଲାକୁ କେତେ ବରଷ ବେଳୁ ପ୍ରାଥମିକ ବିଦ୍ୟାଳୟକୁ ପଠାଇବାକୁ ହେବ। ସାତ ବରଷରେ ପଠାଇଲେ ଅବଶ୍ୟ ଭଲ ହୁଅନ୍ତା। ମାତ୍ର ସାତ ବରଷ ଯାଏ ପିଲା ଘର ବେଷ୍ଟନୀରେ ରହି ପ୍ରାଥମିକ ବିଦ୍ୟାଳୟ ନିମନ୍ତେ ଉନ୍ମୁଖତା ଲାଭ କରିବା ଦରକାର। ଆମ ଘରେ ସେ ବେଷ୍ଟନୀ ନାହିଁ। ତାହା କିପରି ଆଣିବାକୁ ହେବ, ତା ବିଚାର କରିବା ଉଚିତ। ବୟସ୍କର ନିରକ୍ଷରତା ଦୂର କରିବା ପାଇଁ ପ୍ରଦେଶରେ ଯେଉଁ ଉଦ୍ୟମର ସୂଚନା ଦେଖାଯାଉଚି, ତା ଯଥେଷ୍ଟ ହେବ ନାହିଁ। ଗ୍ରାମ ସ୍ୱାୟତ୍ତ ଶାସନକୁ ସ୍ୱାଧୀନ କରି ଦେବାରେ କିଛି ଫଳ ହୋଇପାରେ। ମାତ୍ର ସେ ଦିଗରେ କୌଣସି ସ୍ପଷ୍ଟ ଆଭିମୁଖ୍ୟ ବା କୁଶଳତା ପ୍ରତୀକ୍ଷା କରିବାର ଏବେ କୌଣସି କାରଣ ନାହିଁ। ସେ ସବୁ ନ ହେବା ଯାଏ, ପିଲାକୁ ପାଞ୍ଚବରଷରେ ସ୍କୁଲକୁ ପଠାଇବାକୁ ହେବ, ଓ ସ୍କୁଲରେ ସେଇ ଶିଶୁର ଆଖି ଫିଟାଇବା ପାଇଁ ବ୍ୟବସ୍ଥା କରିବାକୁ ହେବ।

ଶିକ୍ଷକର ଶିକ୍ଷା ଓ ପରୀକ୍ଷା

ଶିକ୍ଷକମାନଙ୍କୁ ଶିକ୍ଷାବିଧାନକୁଶଳତା ଶିଖାଇବାରେ ଟ୍ରେନିଂ ସ୍କୁଲ କଲେଜମାନ କରି ଯେପରି ବ୍ୟବସ୍ଥା କରା ହେଉଛି, ତା ଯଥେଷ୍ଟ ନୁହେ। ତା ସଂଗେ ଶିକ୍ଷା ଦେବାରେ

Digitized by PPRACHIN, SOA

ଶିକ୍ଷକମାନଙ୍କୁ ପରୀକ୍ଷା କରି ନେବା ଦରକାର। ସେଥିପାଇଁ ଇନ୍‌ସପେକ୍‌ଟରମାନେ ବୁଲି ଦେଖିବେ, ଓ ଶିକ୍ଷକମାନେ ତାଲିମ୍ ହୋଇଛନ୍ତି କି ନା, ଠିକ୍ କରିବେ। ଏବେ ଇନ୍‌ସପେକ୍‌ଟର ସବ୍ ଇନ୍‌ସ୍‌ପେକ୍‌ଟରମାନେ ମୁଖ୍ୟତଃ ବିଭାଗୀୟ ଶାସନ ଶୃଂଖଳାର ଅଂଗ ପରି କାର୍ଯ କରନ୍ତି। ଏ ଆଭିମୁଖ୍ୟ ବଦଳାଇବାକୁ ହେବ।

ପ୍ରାଥମିକ ଶିକ୍ଷାରେ କୃତିତ୍ୱର ମାପ

ଶିକ୍ଷକମାନଙ୍କ ପାଠ ଓ ଦୃଷ୍ଟି ପରିସର ବଢାଇବାକୁ ହେବ। ସଂଗେ ସଂଗେ ଇନ୍‌ସପେକ୍‌ଟରମାନଙ୍କୁ ମଧ୍ୟ ଅଧିକ ତାଲିମ କରିବା ଦରକାର। ସୂଚନା ଦିଆଯାଇଚି ପ୍ରାଥମିକ ଶିକ୍ଷାର ମଧ୍ୟ ପରିସର ବଢାଇବାକୁ ହେବ ଓ ଏଇ ଶିକ୍ଷାର କୃତିତ୍ୱରେ ମାତ୍ର ଯୁବକ ଯେପରି ମନୁଷ୍ୟ ହୋଇ ବେଷ୍ଟନୀର ସମସ୍ତ ପ୍ରଭାବରେ ଠିକ୍ କୁଶଳ ପ୍ରତିକ୍ରିୟା କରିପାରିବ, ତା ଦେଖିବାକୁ ହେବ। ପ୍ରାଥମିକ ଶିକ୍ଷାର ଏହାହିଁ ଉଦ୍ଦେଶ୍ୟ ଓ ଆଦର୍ଶ। ଏହାକୁ ଏବେ ଅନୁବାଦରେ ନାଗରିକତା ବୋଲି କହୁଚନ୍ତି। ଏହାର ଇଂରେଜି ନାମ ସିଟିଜନ୍‌ସିପ୍ (Sitizenship) ଏଥିପାଇଁ ବାଳକକୁ ପ୍ରସ୍ତୁତ କରି ନ ପାରିଲେ ପ୍ରାଥମିକ ଶିକ୍ଷା ପୂର୍ଣ୍ଣ ହେଲା ନାହିଁ। ଯେ କୌଣସି ପ୍ରକାରେ ଲେଖାପଢା ଓ ଅଂକ ଗଣନା ଟିକିଏ ଶିଖାଇ ଦେବାପାଇଁ ପ୍ରାଥମିକ ଶିକ୍ଷାର ବ୍ୟବସ୍ଥା କଲେ, ସେ ବ୍ୟବସ୍ଥା ନିତାନ୍ତ ବୋକାମୀ। ସେଇ ଲେଖା ପଢା ଗଣନା ସଂଗେ 'ବିଧି ବ୍ୟବହାର' କଥା ଦିଓଟି ବରାବର ରହିଚି, ଓ ଆବଶ୍ୟକତା ଅନୁସାରେ ଏଇ କଥା ଦିଓଟିର ଅର୍ଥ କରାହୋଇ ଆସୁଚି। ଏବେ ବିଧିର ଅର୍ଥ ଆଇନ୍ ଓ ତାହାର କ୍ରିୟା ପୁଣି ଚାଳନା; ବ୍ୟବହାରର ଅର୍ଥ, ସମାଜରେ ପରସ୍ପର ସମ୍ବନ୍ଧ ଜନିତ କ୍ରିୟା।

ରାଜ୍ୟର କର୍ତ୍ତବ୍ୟ

ସର୍ବୋପରି ଶିକ୍ଷକଙ୍କର ଶିକ୍ଷା, ଆର୍ଥିକ ଓ ସାମାଜିକ ଅବସ୍ଥା ଓ ଦେଶର ତଥା ରାଜ୍ୟର ଆର୍ଥିକ ପରିସ୍ଥିତି। ଏ ସବୁର ବିଚାର ପାଇଁ ଆମ ମତରେ କେବଳ ଏକମାତ୍ର ପନ୍ଥା ହେଉଚି, ଗ୍ରାମର ଲୋକଙ୍କୁ ଦାୟିତ୍ୱ ଦେବା। ଏଥିରେ ସେମାନେ ବିଧି ବ୍ୟବହାରରେ ତାଲିମ୍ ହେବେ ଓ ନିଜର ଉନ୍ନତି ପାଇଁ ଖର୍ଚ୍ଚ କରିବାକୁ ସମର୍ଥ ହେବେ ଓ ଶିଖିବେ। ରାଜ୍ୟର ଭିନ୍ନ ଭିନ୍ନ ବିଭାଗର ସଂସ୍କାରରେ ବିଶିଷ୍ଟ ଧ୍ୟାନରେ ମାତିବାର ମୂଳପାଠ ହେଉଚି ଏଇଠାରେ। ଏଥିପାଇଁ ସରକାରଙ୍କର ଅତିଶୀଘ୍ର କୁଶଳ ପ୍ରଯତ୍ନ କରିବା ଦରକାର। ଚଉକିଦାରୀ ପ୍ରସଂଗରେ କହିଲା ବେଳେ ଆମେ ଏ ବିଷୟରେ କେତେକ ସ୍ପଷ୍ଟ ସୂଚନା ଦେଇଚୁ।

ନବ ଭାରତ-୫/୫-୬, ଆଲୋଚନା

Digitized by PPRACHIN, SOA

ପୁରୀ ଜିଲ୍ଲା ପ୍ରାଥମିକ ଶିକ୍ଷକ ସମ୍ମିଳନୀ

ଗଲା ଜୁନ ୧୭ ତାରିଖରେ ଡେଲାଙ୍ଗଠାରେ ପୁରୀ ଜିଲ୍ଲା ପ୍ରାଥମିକ ସ୍କୁଲ୍ ଶିକ୍ଷକମାନଙ୍କ ସମ୍ମିଳନୀ ହୋଇଯାଇଛି। ବିଶେଷ ଦେଖିବାର କଥା, ପ୍ରଦେଶର ଶିକ୍ଷାମନ୍ତ୍ରୀ ଓ ଶିକ୍ଷାବିଭାଗର ଡିରେକ୍ଟର ଦୁହେଁ ଏ ସଭାରେ ଉପସ୍ଥିତ ଥିଲେ। ଶିକ୍ଷାମନ୍ତ୍ରୀ ମଧ୍ୟ ଗୋଟିଏ ଭାଷଣ ଦେଇଥିଲେ। ସେ ଭାଷଣରେ ଅନ୍ୟାନ୍ୟ କଥା ମଧ୍ୟରେ ଥିଲା, ପ୍ରାଇମେରୀ ଶିକ୍ଷକମାନଙ୍କର ଦରମା ୪ ଟଙ୍କା, ୬ ଟଙ୍କା, ୯ ଟଙ୍କା ଭଳି ଥିବା ଅତ୍ୟନ୍ତ ପରିତାପର କଥା। ତାହା ଶୀଘ୍ର କରିବା ଉଚିତ। ଭଲ କଥା।

ଡିରେକ୍ଟର ସାହେବ ଦୀର୍ଘ ୫ ଘଣ୍ଟା ବ୍ୟାପୀ ସମ୍ମିଳନୀରେ ମୂଳରୁ ଶେଷ ଯାଏ ଅବହିତ ଭାବରେ ଉପସ୍ଥିତ ଥିଲେ। ତାଙ୍କ ସଙ୍ଗେ ବାଳିକା ସ୍କୁଲର ଅଧିନେତ୍ରୀ ଶ୍ରୀମତୀ କୁମୁଦିନୀ ଷଡ଼ଙ୍ଗୀ ମଧ୍ୟ ବରାବର ସେଠାରେ ଥିଲେ। ସେ ଦୁହେଁ କିଛି କହି ନ ଥିଲେ। ହେଲେହେଁ ଡିରେକ୍ଟର ସାହେବ ପ୍ରାଇମେରୀ ଶିକ୍ଷକମାନଙ୍କ ଅବସ୍ଥା ଓ ପ୍ରାଥମିକ ଶିକ୍ଷାର ଗତି ବିଷୟ ଘେନି ବରାବର ଚିନ୍ତିତ ଦେଖାଯାଉଥିଲେ। କି ପ୍ରଣାଳୀରେ ପ୍ରଦେଶର ପ୍ରାଥମିକ ଶିକ୍ଷା ଗଢ଼ିବାକୁ ହେବ, ତାହାହିଁ ଯେପରିକି ତାଙ୍କ ଚିନ୍ତାର ବିଷୟ ଥିଲା।

ଅନ୍ୟାନ୍ୟ ବିଷୟ ମଧ୍ୟରେ ପ୍ରାଇମେରୀ ଶିକ୍ଷକମାନେ ଲୋଡ଼ିଥିଲେ, ଗ୍ରାମବାସୀଙ୍କ ଦ୍ୱାରା ଗଠିତ କମିଟି, ଏପରି କି ଲୋକାଲବୋର୍ଡ଼, ହାତରୁ ଛଡ଼ାଇ ସେମାନଙ୍କୁ ସାକ୍ଷାତ୍ ଓ ପୂର୍ଣ୍ଣ ଭାବରେ ଶିକ୍ଷାବିଭାଗୀୟ କର୍ମଚାରୀଙ୍କ ଅଧୀନ କରାଯାଉ। ଗ୍ରାମବାସୀ ସମ୍ପାଦକଙ୍କ ହାତରେ ଥିବାରୁ ସେମାନଙ୍କର ନାନା ପ୍ରକାର ଅସୁବିଧା ହେଉଥିବା କଥା ସେମାନେ ସଭାରେ ଆଲୋଚନା ମଧ୍ୟ କରିଥିଲେ। ହଠାତ୍ ଆଦର୍ଶ ଦୃଷ୍ଟିରେ ଦେଖିବାକୁ ଗଲେ, ଏ ଗୋଟିଏ ଶୁଦ୍ଧ ଲକ୍ଷଣ ନୁହେଁ। ଏ ଯୁଗରେ ଲୋକଙ୍କ ଦୃଷ୍ଟି, ଲୋକଶାସନ ଉପରେ। ସେଥିରେ ଦେଶର ପ୍ରାଥମିକ ଶିକ୍ଷାଟିର ଚାଳନା ଲୋକଙ୍କ ହାତରୁ ଛଡ଼ାଇନେଇ କର୍ମଚାରୀଙ୍କ ହାତେ ଦେବା କଥା ଅଡୁଆ ଲାଗିପାରେ।

କିନ୍ତୁ ଏଠାରେ ଗୋଟିଏ କଥା ବୁଝିବାର ଅଛି। ଲୋକଙ୍କର ସାକ୍ଷାତ୍ ଚାଳନାରେ ଯାହା ରହିବ, ସେଥିରେ ସେଇ ଲୋକଙ୍କର ସାକ୍ଷାତ ଦାୟିତ୍ୱ, ତଥା ଦାୟିତ୍ୱ ବୁଦ୍ଧି ରହିବା ଦରକାର। ଏ ଦେଶରେ ଏବେ ଯେଉଁ ଲୋକଶାସନ ପାଇଁ ଉଦ୍ୟମ ଚାଲିଚି, ସେଥିରେ ମଧ୍ୟ ତାହାହିଁ ହେବା ଦରକାର। କିନ୍ତୁ କୌଣସି କ୍ଷେତ୍ରରେ ଦେଶରେ ସେ ବୁଦ୍ଧି ଫିଟୁ ନାହିଁ। ଇଂରେଜ ସରକାରଙ୍କ ଠାରୁ ସ୍ୱରାଜ୍ୟ ପାଇବା ଦିଗରେ ଆଦର୍ଶବାଦ ଧରି ଯତ୍ନ କରିବା, ଏକ କଥା। ପୁଣି ନିଜର ଦାୟିତ୍ୱ ବୁଝି ସେଇ ସ୍ୱରାଜ୍ୟ ଚଳାଇବା ଆଉ ଏକ କଥା।

Digitized by PPRACHIN, SOA

ଶାସନରେ ଯାହା, ଶିକ୍ଷାରେ ସେଇଆ। ଶାସନରେ ନେତୃତ୍ୱ କରିବା ଯେପରି, ଶିକ୍ଷକଙ୍କ ଉପରେ ସେକ୍ରେଟାରୀ ହେବା ମଧ୍ୟ ଠିକ୍ ସେଇପରି। ଲୋକଙ୍କର କାହିଁରେ ଦାୟିତ୍ୱ ରହୁ ନାହିଁ। ନେତାମାନେ ସେ ଦାୟିତ୍ୱ ଫିଟାଇବା ଦିଗରେ ମଧ୍ୟ କାମ କରୁ ନାହାନ୍ତି। ଶାସନରେ ବର୍ତ୍ତମାନ ବା ଭବିଷ୍ୟତରେ ଭୋଟ ପାଇବା ପାଇଁ ଲୋକଙ୍କୁ ଭୁଲାଇବା ଯେପରି, ଶିକ୍ଷା କ୍ଷେତ୍ରରେ ମଧ୍ୟ ନିଜର ଅଧିନାୟକତ୍ୱ ରଖିବାର କାମନା ସେଇପରି। ସ୍କୁଲ୍‌ର ସେକ୍ରେଟାରୀ ଜଣେ ଶାସକ; ଗ୍ରାମର ଶିକ୍ଷା ପାଇଁ ନିଜର ଦାୟିତ୍ୱ, କିମ୍ବା ସେଇ ଦୃଷ୍ଟିରେ ଅଭିଭାବକମାନଙ୍କର ଦାୟିତ୍ୱ ବୁଦ୍ଧି ଆଣିବାକୁ ସେ ନିଜର କର୍ତ୍ତବ୍ୟ ଭିତରେ ବୁଝନ୍ତି ନାହିଁ।

ଏସବୁ ଭିତରେ ଏ ଦେଶରେ ଆଦର୍ଶ ଦ୍ୱନ୍ଦ୍ୱର ଆଭାସ ସ୍ପଷ୍ଟ। ଭାରତର ପ୍ରାଚ୍ୟ ଆଦର୍ଶ ଆମର ଅସ୍ଥିମଜ୍ଜାଗତ ହୋଇ ରହିଚି। ନୂତନର ଧକ୍କା ଏଥିରେ ଘୋର ଆଘାତ କରି ବିପ୍ଳବର ସୃଷ୍ଟି କରିଚି। ଏ ବିପ୍ଳବର ଗଠନର ଧାରା ଧରି ରଖିବା କେଡ଼େ ଦୂରୁହ, ତାହା ବୁଝାଇ କହିବାର କଥା ନୁହେଁ। ଏଇ ବିପ୍ଳବରେ ବିଭ୍ରାନ୍ତ ନ ହୋଇ ଗଠନର ଧାରା ଠିକ୍ ରଖିବା ପ୍ରାଇମେରୀ ଶିକ୍ଷକମାନଙ୍କ କାର୍ଯ୍ୟ ବୋଲି ସମ୍ମିଳନୀର ସଭାପତି ପଣ୍ଡିତ ନୀଳକଣ୍ଠ ଦାସ ବହୁ ପ୍ରଯତ୍ନରେ ବୁଝାଇବାର ଚେଷ୍ଟା କରିଥିଲେ।

ଶିଶୁକୁ ଶିକ୍ଷାଦେବା ପିତା ମାତା ଓ ଅଭିଭାବକର ପ୍ରଥମ କର୍ତ୍ତବ୍ୟ ଥିଲା। ଗୁଣୀ ବିଦ୍ୱାନ ଓ ବହୁଦର୍ଶୀ ଲୋକର କର୍ତ୍ତବ୍ୟ ଥିଲା, ସେ ଶିଶୁଙ୍କୁ ପାଇଲେ, ତାଙ୍କୁ ମନୁଷ୍ୟ କରିବ। ରାଜା ବା ଧନପତିର କର୍ତ୍ତବ୍ୟ ଥିଲା, ସେ ଦେଖିବ ଆଶ୍ରମରେ କୁଳପତି ଶିଷ୍ୟମାନଙ୍କୁ ଘେନି ନିର୍ବିଘ୍ନରେ ଚଳି ପାରୁଛନ୍ତି କି ନା ? ଏ ଅତି ପ୍ରାଚୀନ ରୀତି। ଏହାପରେ ମଧ୍ୟଯୁଗରେ ଯେତେବେଳେ କୁଳପତି ଲୋପ ପାଇଲେ, ସେତେବେଳେ ହେଲା ଗ୍ରାମର ଚତୁଷ୍ପାଠୀ। ସେଠାରେ ପଣ୍ଡିତ ଓ ପ୍ରବୀଣମାନେ ନିଜ କର୍ତ୍ତବ୍ୟ ସାଧନ ବୁଦ୍ଧିରେ ଶିଶୁଙ୍କୁ ମନୁଷ୍ୟ କରିବାରେ ଲାଗିଲେ। ସେଥିପାଇଁ ସେ କାହାରିଠାରୁ ପ୍ରାପ୍ତିର ଅପେକ୍ଷା କରୁନଥିଲେ।

ପରେ ଲୋକସଂଖ୍ୟା ବୃଦ୍ଧି ସଙ୍ଗେ ଅନ୍ୟାନ୍ୟ କାରଣରୁ ପରିସ୍ଥିତି ବଦଳି ଯିବାରୁ ଅବଧାନର ସୃଷ୍ଟି। ସେଠାରେ ଶିଶୁର ଶିକ୍ଷାପାଇଁ ପିତା ବା ଅଭିଭାବକ ସ୍ପଷ୍ଟ ଦାୟୀ। ହେଲେହେଁ, ପ୍ରାଚୀନ କୁଳଗୃହ ଓ ଚତୁଷ୍ପାଠୀର ଛାୟା ସେଥିରେ ନ ଥିଲା ନୁହେଁ। ଅଭିଭାବକଙ୍କୁ ରଖିବା ଓ ଖାଇବାକୁ ଦେବା, ପିତା ଓ ଅଭିଭାବକର କାର୍ଯ୍ୟ ହେଲେ ହେଁ, ଅନ୍ୟଥା ଶିଶୁକୁ ସର୍ବତୋଭାବରେ ଅବଧାନଙ୍କ ଠାରେ ସମର୍ପି ଦେବା ଛଡ଼ା ପିତାଦିଙ୍କର ଅନ୍ୟ କର୍ତ୍ତବ୍ୟ ନ ଥିଲା। ଇଂରେଜ ଶାସନର ପ୍ରଥମ ଅବସ୍ଥାରେ ଯେତେବେଳେ ସରକାର ନିଜ ଖର୍ଚ୍ଚରେ ଶିକ୍ଷାର ଦାୟିତ୍ୱ ନେଲେ, ସେତେବେଳେ ଏଇ ଅବଧାନ ରୀତିକୁ ରଖି ତା

Digitized by PPRACHIN, SOA

ଉପରେ ଗଢ଼ିବାର ଚେଷ୍ଟା କରାହେଲା। ଅତି ପ୍ରାଥମିକ ଶିକ୍ଷାରେ ଅବଧାନଙ୍କୁ ଉତ୍ତୀର୍ଣ୍ଣ ଛାତ୍ରଙ୍କ ପାଇଁ ପୁରସ୍କାର ଦିଆ ଯାଉଥିଲା।

ମାତ୍ର କ୍ରମେ ଦେଶରେ କର୍ତ୍ତବ୍ୟ ଛାଡ଼ି ଲୋକେ ଧଇଲେ ଦାବି। କର୍ତ୍ତବ୍ୟ ଯେପରି କାହାରି ନିଜର ନୁହେଁ, ତାହା ଅନ୍ୟ କେହି କରାଇ ନେବାର କଥା। ନିଜର କାମ ହେଉଚି, ସେହି କରାଇନେବା କର୍ତ୍ତବ୍ୟ ପାଇଁ ମୂଲ୍ୟ ଦାବି କରିବା। ଏହାହିଁ ଏବେ ଭାବ ଓ ଆଦର୍ଶରେ ବିପ୍ଳବ। ଏହି ବିପ୍ଳବ ଫଳରେ ପୁରସ୍କାରର ନାମ ଆଜି ମାସୁଆରୀ ଷ୍ଟାଇପେଣ୍ଡ। ଏ ଷ୍ଟାଇପେଣ୍ଡ ପୁଣି ବେତନ ନୁହେ। ଏହି ଷ୍ଟାଇପେଣ୍ଡ ମାସକୁ ୪ ଠାରୁ ୯ ଟଙ୍କା ବା ୧୨ ଟଙ୍କା। ବାକିତକ ପିତା ବା ଅଭିଭାବକ ନିଜର କର୍ତ୍ତବ୍ୟ ବୁଝିଦେବେ ବୋଲି ଅପେକ୍ଷା।

ଏଣେ ପିତା ବା ଅଭିଭାବକ ନିଷ୍କ୍ରିୟ। ସେ ଖାଲି ଜଗତକୁ ପିଲା ଆଣିବାରେ କ୍ରିୟାବନ୍ତ। ପିଲାକୁ ମଣିଷ କରିବା ତାଙ୍କ କାମ ନୁହେଁ। ସେ କାମ ରାଜ୍ୟ ବା ରାଜାର। ସ୍ୱରାଜ୍ୟ ହେଲେହେଁ ତାହା ଏଠାରେ ପର ରାଜ୍ୟ। ପ୍ରତ୍ୟେକ ପିଲାକୁ ବିନା ବେତନ ଓ ଖର୍ଚ୍ଚରେ ପଢ଼ାଇବା ସେହି ରାଜ୍ୟର କାର୍ଯ୍ୟ। ପୁଣି ସେହି ରାଜ୍ୟର ମଧ କାର୍ଯ୍ୟ ପ୍ରଜାଙ୍କ ଖଜଣା କମାଇବା - ଏପରିକି ପ୍ରଜାଙ୍କ ଠାରୁ ମୋଟେ ଖଜଣା ନ ନେବା।

ଏ ଘୋର ସଂକଟ ଭିତରେ ବିଚରା ୪/୬ ଟଙ୍କା ଷ୍ଟାଇପେଣ୍ଡ ମାତ୍ର ଭୋଗୀ ପ୍ରାଇମେରୀ ଶିକ୍ଷକଙ୍କର ଚାରା କ'ଣ ? ଏ ଗୁରୁ ସମସ୍ୟା ଏକ ମହାଜାତୀୟ ସମସ୍ୟା। ଏଥିପାଇଁ ସମୂହ ଓ ସବିଶେଷ ଆଲୋଚନା ଲୋଡ଼ା। ସେହି ଦୃଷ୍ଟିରେ ଶିକ୍ଷକମାନେ ଏ ବର୍ଷ ଗୋଟିଏ ଜିଲ୍ଲାରେ ସଂଗଠନ ଆରମ୍ଭ କରିଛନ୍ତି। ଏ ସଂଗଠନ ମହାସଂଗଠନରେ ପରିଣତ ହେଉ ଓ ଏ ଆଦର୍ଶ ଓ କ୍ରିୟା ବିପ୍ଳବରେ ପରମ୍ପରା ଓ ପରିସ୍ଥିତି କଳନାରେ ପୁରୋଦୃଷ୍ଟିର କ୍ରିୟାଧାରା ଫିଟୁ।

ନବ ଭାରତ-୪/୧୨, ଆଲୋଚନା

ବାଣପୁର ସ୍କୁଲ

ବାଣପୁର ସ୍କୁଲର କଥା ବହୁଦିନରୁ ଶୁଣୁଥିଲୁ। ଘଟଣାକ୍ରମେ ଏବେ ସେହି ସ୍କୁଲଟି ଦେଖିବାର ସୁବିଧା ଆମ୍ଭମାନଙ୍କୁ ମିଳିଲା। ଛଅ ବର୍ଷ ହେଲା ସ୍କୁଲଟି ଆରମ୍ଭ ହୋଇଅଛି। ୧୯୩୪ ମସିହା ଜାନୁଆରିରେ ତାହାକୁ ପାଟନା ବିଶ୍ୱବିଦ୍ୟାଳୟ ହାଇସ୍କୁଲ ରୂପେ ସ୍ୱୀକାର କରିଅଛନ୍ତି। ଉତ୍କଳର ସୁପରିଚିତ, ଶିକ୍ଷାବିଧାନରେ ପଟୁ ଶ୍ରୀଯୁକ୍ତ ଗୋଦାବରୀଶ ମିଶ୍ରଙ୍କ ଉଦ୍ୟମରେ ଏହା ପ୍ରତିଷ୍ଠିତ ହୋଇ ଚାଲୁଅଛି। ବାଣପୁର ପଲ୍ଲୀରେ ଗୋଟିଏ ପ୍ରଧାନ ସ୍ଥଳୀ। ପଲ୍ଲୀର ଏହିପରି ସ୍ଥଳମାନଙ୍କରେ ହାଇସ୍କୁଲ ସବୁ ହେବା ଦରକାର। ଏହାଦ୍ୱାରା ଦେଶରେ ଶିକ୍ଷା ବିସ୍ତାର ହେବ ଓ ପଲ୍ଲୀର ଶିକ୍ଷକ ତଥା ଛାତ୍ରମାନେ ଆଦର୍ଶର ସଂସ୍ରବରେ ଆସି

Digitized by PPRACHIN, SOA

ଲାଭବାନ୍ ହେବେ । ଦେଶର ସଭ୍ୟତା ତଥା ଶିକ୍ଷା ଓ ସାହିତ୍ୟର ରୁଚି ବଢ଼ାଇବାରେ ଏସବୁ ପଲ୍ଲୀକେନ୍ଦ୍ରର ହାଇସ୍କୁଲ ନିତାନ୍ତ ଦରକାର ।

ଗୋଦାବରୀଶ ବାବୁ ସେ କାଳର ସତ୍ୟବାଦୀ ସ୍କୁଲର ଲୋକ । ସତ୍ୟବାଦୀ ସ୍କୁଲର ପ୍ରତିଷ୍ଠା, ଆଦର୍ଶ ଓ ପ୍ରକାଶରେ ତାଙ୍କର ଅନ୍ତରଙ୍ଗ ସାହଚର୍ଯ୍ୟ ଓ କର୍ତ୍ତୃତ୍ୱ ଥିଲା । ସତ୍ୟବାଦୀ ସ୍କୁଲ ପଲ୍ଲୀ କେନ୍ଦ୍ରରେ ଏହି ଅଭାବ ମୋଚନ କରିବା ପାଇଁ ଗଢା ହେଉଥିଲା । ନାନା ଦିଗରେ ଦେଶର ଶିକ୍ଷାର୍ଥୀ ଓ ଅଭିଭାବକମାନଙ୍କର ସୁବିଧା ଅସୁବିଧା ଲକ୍ଷ୍ୟ କରି ସତ୍ୟବାଦୀର ଆଦର୍ଶ ପରିପୁଷ୍ଟ କରିବାର ଉଦ୍ୟମ ହେଉଥିଲା । ଦେଖିଲୁ, ଗୋଦାବରୀଶ ବାବୁଙ୍କର ଏ ନୂତନ ଉଦ୍ୟମରେ ସେହି ଆଦର୍ଶ ଓ ଗଠନପରତାର ପ୍ରଭାବ ରହିଛି । ସ୍କୁଲର ସ୍ଥାନଟି ସୁନ୍ଦର, ଶିକ୍ଷକ ଓ ଛାତ୍ରମାନଙ୍କର ମୁଖରେ ସରସତା ଓ ପରସ୍ପର ଆତ୍ମୀୟତା, ଗୃହନିର୍ମାଣର ପଦ୍ଧତି ପ୍ରଭୃତି ଦେଖି ବଡ ସନ୍ତୋଷ ମିଳିଲା । ଆମ୍ଭେମାନେ ଏହି ନୂତନ ନୀତିର ନୂତନ ସ୍କୁଲଟିର ସର୍ବାଙ୍ଗୀନ ଉନ୍ନତି କାମନା କରୁଅଛୁଁ ।

ଏଥିପାଇଁ ଧନ ଓ ଜନ ପ୍ରୟୋଜନ । ଆଶା କରୁ, ଧନୀମାନେ ଧନ ଦେବେ । ଦେଶର ଶକ୍ତିଶାଳୀ ତ୍ୟାଗଶୀଳ ମତିମାନ୍ ଯୁବକମାନେ ଶିକ୍ଷକତା ନିମନ୍ତେ ବାହାରିବେ ଓ ଅଭିଭାବକ ତଥା ଛାତ୍ରମାନେ ଏହି କାର୍ଯ୍ୟରେ ସହଯୋଗ କରିବେ ।

ନବ ଭାରତ-୧/୭, ଆଲୋଚନା

ବଣପୁର ସ୍କୁଲ୍

ସେ ଦିନ ବାଣପୁର ହାଇସ୍କୁଲର ଯୁବକ ହେଡ୍‌ମାଷ୍ଟ୍ରଙ୍କ ସହିତ ଦେଖା ହୋଇଗଲା । ଶିକ୍ଷା ସଂବଂଧରେ କେତେକ କଥାବାର୍ତ୍ତା ତାଙ୍କ ସଙ୍ଗେ ହୋଇଥିଲୁଁ । ଯୁବକ ରଙ୍ଗନାଥମ୍‌ଙ୍କ କଥାବାର୍ତ୍ତା ଶୁଣି ବାସ୍ତବିକ ବଡ଼ ଆପ୍ୟାୟିତ ହୋଇଥିଲୁଁ । ପ୍ରକୃତ ଶିକ୍ଷକୋଚିତ ସେବାପରାୟଣତାରେ ସେ ବହୁ ଦୂରରୁ ଆସି ବାଣପୁର ହାଇସ୍କୁଲ୍‌ରେ ନିଜର କର୍ମକ୍ଷେତ୍ର ବାଛି ନେଇଛନ୍ତି । ଶ୍ରଦ୍ଧେୟ ପଣ୍ଡିତ ଗୋଦାବରୀଶ ବାଣପୁର ସ୍କୁଲର ପ୍ରତିଷ୍ଠାତା । ଶିକ୍ଷା ଦିଗରେ ତାଙ୍କର ଆଭିମୁଖ୍ୟ ସତ୍ୟବାଦୀ ସ୍କୁଲ୍‌ରେ ଫିଟିଥିଲା । ରାଜନୀତିକ ଘାତ ପ୍ରତିଘାତରେ ପଣ୍ଡିତ ଗୋଦାବରୀଶ ସେ ଆଭିମୁଖ୍ୟ ସଜୀବ ରଖିଛନ୍ତି, ଓ ବହୁ ଶ୍ରମ ସ୍ୱୀକାର କରି ନିଜର ସ୍ୱଳ୍ପ ଆୟର ଅଧିକାଂଶ ନିୟୋଗ କରି ସ୍କୁଲ୍‌ଟିକୁ ବଞ୍ଚାଇ ରଖିଛନ୍ତି । ଓଡ଼ିଶାରେ ସେପରି ବଡ଼ ଦାନୀଙ୍କର ସଂଖ୍ୟା ବଡ଼ କମ୍ । ପଣ୍ଡିତ ଗୋଦାବରୀଶଙ୍କ ଅଧ୍ୟବସାୟ ଫଳରେ ଯାହା ଅଳ୍ପ କିଛି ଓଡ଼ିଶାର କେତେକ ରାଜା, ଜମିଦାର ଓ ଭଦ୍ରବ୍ୟକ୍ତିଙ୍କ ଠାରୁ ଆଦାୟ ହୋଇଛି ତାହା ହାଇସ୍କୁଲ୍ ପରିଚାଳନା ସଦୃଶ ବିରାଟ କାର୍ଯ୍ୟ ପାଇଁ ପର୍ଯ୍ୟାପ୍ତ ନହେଲେ ହେଁ ବାଣପୁର ସ୍କୁଲ ଶିକ୍ଷକମାନେ ତ୍ୟାଗ ଭାବରେ ପ୍ରାଣିତ ହୋଇ ଅଭାବ ଅନଟନ ମଧ୍ୟରେ ଶିକ୍ଷା ଦିଗରେ ମହନୀୟ କାର୍ଯ୍ୟ ପନ୍ଥା ଧରି ଚାଲିଛନ୍ତି । ଶ୍ରୀଯୁକ୍ତ ରଙ୍ଗନାଥମ୍, ଶ୍ରୀମାନ୍ ବାମନଚରଣ ପ୍ରଭୃତି ଯେଉଁ ଶିକ୍ଷକମାନଙ୍କୁ ଆମ୍ଭେମାନେ ଜାଣୁ, ସେମାନଙ୍କ ଉତ୍ସାହ ଓ

Digitized by PPRACHIN, SOA

ଦୀପ୍ତି ଓ ପଣ୍ଡିତ ଗୋଦାବରୀଶଙ୍କ ଅଦମ୍ୟ ଚେଷ୍ଟା ଫଳରେ ଏ ସ୍କୁଲ୍ ଉତ୍ତରୋତ୍ତର ଉନ୍ନତ ସୋପାନରେ ଆରୋହଣ କରିବ ବୋଲି ଆଶା କରୁଁ । ଏ ସ୍କୁଲ୍ ପ୍ରତି ଓଡ଼ିଶାର ଜନସାଧାରଣ ସହାନୁଭୂତିପର ହେବା ଉଚିତ ।

ନବଭାରତ ୩/୭-୮, ଆଲୋଚନା

ବିଦ୍ୟାଳୟରେ ଗୁରୁଙ୍କ କର୍ମ ନିୟନ୍ତ୍ରଣ

ଉତ୍ତର ପ୍ରଦେଶର ଲକ୍ଷ୍ନୌ-ଫଇଜାବାଦ ଅଂଚଳରେ ୫୪୬୪ଟି ନିମ୍ନ ଓ ମଧ୍ୟ ବିଦ୍ୟାଳୟ ଅଛି । ସେ ସବୁ ସ୍କୁଲର ଶିକ୍ଷକମାନେ ବିଭାଗୀୟ ଉପର ହାକିମଙ୍କ ଠାରୁ, ଅର୍ଥାତ୍, ଶିକ୍ଷା ବିଭାଗର ଡେପୁଟିଡ଼ିରେକ୍ଟରଙ୍କ ଠାରୁ, ଅକସ୍ମାତ୍ ଗୋଟିଏ ଆଦେଶ ପାଇଚନ୍ତି ଯେ, ବର୍ଷ ପୂରିବା ପୂର୍ବରୁ ସେମାନେ ସିଲାଇ କାମ ଓ ଚିରାଲୁଗା ମରାମତି କାମ ଯେପରି ଶିଖି ସାରିଥିବେ । ଆଦେଶରେ କୁହାଯାଇଚି, ସୂଚୀ-ସୂତା ଖାଲି ପରିଦର୍ଶକଙ୍କୁ ଦେଖାଇବାକୁ ରଖିଲେ ଚଳିବ ନାଇ । ସେଥିରେ ବିଧିମତେ ଛାତ୍ରଙ୍କ ଚିରା ଫଟା ଲୁଗାସବୁ ମରାମତି କରିବାକୁ ହେବ। ସେତିକି ନୁହେଁ । ଏ ମରାମତି କାମ ଠିକ୍ ଭାବେ ଓ ସଅଳ କରି ନେବା ପାଇଁ ସବୁ ଛାତ୍ରଙ୍କ ଲୁଗା ବରାବର ରିଠାରେ ସଫା କରାଇବାକୁ ମଧ୍ୟ ପଡ଼ିବ ବୋଲି ଅର୍ଡରରେ ଅଛି । ଏଇସବୁ ସ୍କୁଲ୍‌ର ଛାତ୍ରଙ୍କ ସଂଖ୍ୟା ୪୩୭୦୦୦ ।

ଅବଶ୍ୟ ସଫା କରିବାକୁ ପଡ଼ିବ ବୋଲି ନ କହି କରାଇବାକୁ ପଡ଼ିବ ବୋଲି କୁହାହୋଇଚି । ମାତ୍ର ପେଟ ବିକଳିଆ ଶିକ୍ଷକମାନେ ଠିକ୍ ଅର୍ଥଟା ଖୁବ୍ ବୁଝିନେବେ।

ଯୁଦ୍ଧ ଆଗେ ପଢ଼ିଥିଲୁ, ଜର୍ମାନୀରେ ନିମ୍ନ ସ୍କୁଲ୍‌ରେ ଶିଶୁଙ୍କୁ ଦାନ୍ତଘସା ଶିଖାଇ ଅଭ୍ୟାସ କରାଇବା ପାଇଁ ପଢ଼ାଇବା ଆଗରୁ ତାଙ୍କୁ ଦାନ୍ତ ଘସାଇ ନିଅନ୍ତି । ସେଥିପାଇଁ ସ୍କୁଲ୍‌ରେ ବ୍ରସ୍ ଓ ଦାନ୍ତ ପିଠୋଉ, ପ୍ରତି ପିଲା ପାଇଁ ପାରାଭାଡ଼ି ପରି ଆଲମାରିରେ ସଜଡ଼ା ହୋଇ ରଖା ହୋଇଥାଏ । ପ୍ରାଚୀନ ଭାରତରେ ମଧ୍ୟ କୁଳପତିଙ୍କ ପତ୍ନୀ ନିଜେ ରାନ୍ଧି କୁଳଗୃହର ଅନ୍ତେବାସୀଙ୍କୁ ଖାଇବାକୁ ଦେଉଥିବାର ଦୃଷ୍ଟାନ୍ତ ହୁଏତ ଅଛି । କିନ୍ତୁ ଏପରି ଛାତ୍ରଙ୍କ ଲୁଗା ସଫାକରି ମରାମତି କରିବାର ପ୍ରେରଣାଟା କୁଆଡୁ ଆସିଲା ? ଟେନିସନ୍, ପ୍ରିନ୍‌ସେସ୍ କାବ୍ୟରେ ଝିଅକୁ ଦୁର୍ବିନୀତ ଦେଖି ବାପ ମୁହଁରେ କୁହାଇଚନ୍ତି,

"ଶୁଣିଥିଲି, ଲୌହ ଅଛି ମାନବ ଶୋଣିତେ,
ବିଶ୍ୱାସ ମୋ ହେଲା ତାହା। × × ×
× × କେମା ମୋର, କାହୁଁ ତୁ ପାଇଲୁ
ଏସନ ଆୟସ ହୃଦ ? ନୁହେଁ ମୋର ଏହା;
ନୁହେଁ ତ ମାତାର ତବ; × × × ×"

(ପ୍ରଣୟିନୀ - କାବ୍ୟ - ପୃ - ୨୦୨)

Digitized by PPRACHIN, SOA

ଏ ନୂତନ ଶିଶୁଶିକ୍ଷା- ବିଧାନ ଦେଖି ଆମର ସେଇ କଥା ଏକା ମନେ ପଡୁଚି । କିମ୍ବା ସ୍ୱାଧୀନତାର ଏ ବି ଏକ ସ୍ୱାଧୀନ ପ୍ରଚେଷ୍ଟା ! ଶିକ୍ଷକଗୁଡ଼ାକ ବେଶି ମଜୁରୀ ମାଗୁଚନ୍ତି । ଖାଲି ବସି ବସି ନେବେ କ୍ୟାଁ ? ଗୁଡ଼ାଏ କାମ କରିଯାନ୍ତୁ । ଏଇ କାମ ଫଳରେ ପିଲାଙ୍କ ସ୍କୁଲ୍ ଦରମା ବଢ଼ିବ । ସେଥିରେ ରାଷ୍ଟ୍ରର ଶିକ୍ଷାବିଭାଗ ଆୟବ୍ୟୟର ହିସାବ ଦେଖାଇ ବାହାବା ପାଇବେ । ପୁଣି ତେଣେ ପୁଲିସ୍ ରଖିବା ଓ ଉପରିଆଙ୍କ ଗସ୍ତଖର୍ଚ୍ଚ ପାଇଁ ଖୁବ୍ ଟଙ୍କା ମିଳିବ ।

କଲିକତାରେ ଗୁଲିଖୋରଙ୍କ ଗଳ୍ପ ଅଛି, ଗୋଟିଏ ପୋଷ୍ଟମାଷ୍ଟରଙ୍କ ମୁଣ୍ଡଟି ହାଉଡ଼ାପୋଲ ଉପରେ ଗାଡ଼ି ଚକରେ କଟିଗଲା ଓ ଗଣ୍ଡିଟା ଗଙ୍ଗାକୁ ଖସିପଡ଼ି ଭାସିଗଲା । ମେଡ଼ିକଲ କଲେଜ ଅଧ୍ୟକ୍ଷ ମୁଣ୍ଡଟି ପାଇ ସେଥିରେ ଗୋଟିଏ ଦୁହାଳୀ ଗାଇର ଗଣ୍ଡିଟା କାଟି ଲଗାଇ ଦେଲେ। ତାପରେ ସେ ପୋଷ୍ଟ ମାଷ୍ଟର ପୋଷ୍ଟ ଅଫିସରେ କାମ କରି ମାସକୁ ୩୦୦ ଟଙ୍କା ପାଆନ୍ତି ଓ ଘରେ ରାତି ଓ ସକାଳେ ଦୁଇ ଦୁଇ ସେର ହିସାବରେ ଚାରି ସେର ଦୁଧ ଦିଅନ୍ତି । ଏ କଥାଟି ସେଇପରି ଲାଗୁଚି । ଗୁରୁଏ ଏଣେ ପିଲାଙ୍କୁ ପଢ଼ାଇ ତାଲିମ୍ କରିବେ; ତେଣେ ରାଷ୍ଟ୍ରରେ ପୁଲିସ୍‌ରଖିବାରେ ଟଂକା ଯୋଗାଇବେ ।

ଏଇପରି ନୂଆ କଥାମାନ ଭାରତ ଠାରୁ ପୃଥିବୀ ଶିଖିବ ବୋଲି ମନେ ହୁଏ । ଶ୍ରମ ଓ ମୂଲ୍ୟମାନର ଏ ସମ୍ବନ୍ଧ ଓ ସମାଧାନ ସାମ୍ୟବାଦୀ ଋଷିଆର ବାପ ମଧ୍ୟ ଜାଣି ନଥିବ ।

ନୂଆପ୍ରସ୍ଥ- ୨/୯, ଆଲୋଚନା

ଶିକ୍ଷା ବିଭାଗରେ ପରିବର୍ତ୍ତନ

ତ୍ରିପାଠୀ

ଏବେ ଶିକ୍ଷା ବିଭାଗର ସଭା ଉପର ସ୍ତରରେ ଗୁଡ଼ିଏ ବଦଳା ବଦଳି ହୋଇ ଯାଇଚି । ଏତେଦିନ ଶ୍ରୀ ଶ୍ୟାମଚନ୍ଦ୍ର ତ୍ରିପାଠୀ ଥିଲେ ଡ଼ିରେକ୍ଟର । ସେ ସୁପରିଚିତ । ତାଂକ ଅମଳରେ ଓଡ଼ିଶାରେ ଦେଖିଲା ଭଳି ଶିକ୍ଷାର ବିସ୍ତାର ହୋଇଚି; ଶହ ଶହ ସ୍କୁଲ, କଲେଜ ବସିଚି; ବିଶ୍ୱବିଦ୍ୟାଳୟ ମଧ୍ୟ ପ୍ରତିଷ୍ଠିତ ହୋଇଚି । ଶିକ୍ଷା ପାଇଁ ସେ ଲାଗିପଡ଼ି ଯେଉଁ କ୍ଷେତ୍ର ପ୍ରସ୍ତୁତ କରିଗଲେ, ତା ବଡ଼ ପ୍ରଶଂସନୀୟ । ସେତିକି କରି ସେ ଏବେ ନିଜ ଉନ୍ନତି ପଥରେ ଚାଲିଲେ । ତାଂକର ମଧ୍ୟ ଆଉ କାର୍ଯ୍ୟକାଳ ବଳକା ନଥିଲା । କିଂତୁ ଲୋକେ ତାଂକୁ ବେଶ୍ ମନେ ରଖିବା ଭଳି କାର୍ଯ୍ୟ ସେ କରିଚନ୍ତି । ତାଂକ କ୍ଷମତା ଓ ବିଦ୍ୟାରେ ଯା ହୋଇପାରନ୍ତା, ସେ ସେଥିରେ ତ୍ରୁଟି କରି ନାହାନ୍ତି । କ୍ଷେତ୍ର ବଢ଼ାଇବାରେ ତାଂକ କୃତିତ୍ୱକୁ ବର୍ତ୍ତମାନ ବିଦ୍ୟାର ଯଥାର୍ଥ ପ୍ରତିଷ୍ଠାରେ ପୂର୍ଣ୍ଣାଙ୍ଗ କରିବାକୁ ହେବ ।

Digitized by PPRACHIN, SOA

ଏସ୍.ରାୟ

ଏ ବିଦ୍ୟା ହେବ, ପ୍ରଥମତଃ ଓଡ଼ିଶାର ଓଡ଼ିଶୀ ବିଦ୍ୟା । ଅର୍ଥାତ୍ ସମସ୍ତ ବିଦ୍ୟା ବିନୟର ସମୃଦ୍ଧି ଭିତରେ ଓଡ଼ିଶାର ସାହିତ୍ୟ, ଓଡ଼ିଆର ସଂସ୍କୃତି ଓ ଓଡ଼ିଆର ବିଶେଷତା ଫୁଟାଇ ଭାରତ ତଥା ପୃଥିବୀରେ ଓଡ଼ିଶାର ଯଥାର୍ଥ ପ୍ରାଣପ୍ରତିଷ୍ଠା କରିବାକୁ ହେବ । ସେଥିପାଇଁ ଆମେ ଆଜି ଶ୍ରୀ ସଚ୍ଚିଦାନନ୍ଦ ରାୟ (ବା ଏସ୍ ରାୟ)ଙ୍କୁ ଡ଼ିରେକ୍ଟର ପଦରେ ଅଭିବାଦନ କରୁଚୁ । ସେ ହେଉଚନ୍ତି, ଏ ଓଡ଼ିଶା ଭୂମିରେ ଯଥାର୍ଥ ସନାତନ ଓଡ଼ିଆ ସଂସ୍କୃତିର ଜନ୍ମତଃ ଉତ୍ତରାଧିକାରୀ । ଓଡ଼ିଶାର ଖଣ୍ଡାଏତ ରକ୍ତ ତାଂକଠାରେ ଜୀବନ୍ତ ଓ ପ୍ରାଣବନ୍ତ। ଓଡ଼ିଆ କିଏ ବୋଲି ପଚାରିଲେ, ସମସ୍ତେ ଏ ଭୂମିରେ ତାଙ୍କ ଭଳି ଲୋକଙ୍କୁ ଆଗ ଚିହ୍ନାଇବେ । ତାଂକରି ସଂସ୍କୃତିର ସଂକେତ ଯଥାର୍ଥ ସ୍ମରଣ କରି ଓଡ଼ିଆ ହୋଇଚନ୍ତି, ଓଡ଼ିଆ । ସାରଳାଦାସ ଓଡ଼ିଆର ଆଦିକବି । ସେ ହେଉଚନ୍ତି, ଏ ଦେଶରେ ସିଦ୍ଧ ସାରଳାଦାସ । ସେଇ ସଂସ୍କୃତିର ଯଥାର୍ଥ ଉତ୍ତରାଧିକାରୀ ରାୟ ମହାଶୟଙ୍କୁ ଆମେ ଆଗ ସେଇ କଥା ସ୍ମରଣ କରି ଆଜି କହୁଚୁ । ଆମର ଆଶା ଓ ବିଶ୍ୱାସ, ତାଂକ ନେତୃତ୍ୱରେ ଓଡ଼ିଆର ସାହିତ୍ୟ ଓ ସ୍ୱାତନ୍ତ୍ୟ ପୁଣି ଜୀବନ୍ତ ଭାବରେ ଫୁଟିବ । ତାଂକ କର୍ମରେ ବିଧାତାଙ୍କର ଆଶୀର୍ବାଦ ପଡୁ ।

ମହେଶଚନ୍ଦ୍ର ପ୍ରଧାନ

ରାୟ ମହାଶୟଙ୍କ ସ୍ଥାନରେ ଓଡ଼ିଶାର ଆଦର୍ଶ ଓ ବିଶାଳ ଶିକ୍ଷାନୁଷ୍ଠାନ ରେଭେନ୍‌ସା କଲେଜକୁ ପୁଣି ଆସିଲେ ଶ୍ରୀ ମହେଶଚନ୍ଦ୍ର ପ୍ରଧାନ । ସେ ରାୟ ମହାଶୟଙ୍କ ପରି ଖାଲି ଯେ ଓଡ଼ିଆର ପରଂପରାର ଯଥାର୍ଥ ଅଧିକାରୀ ଓ ପ୍ରତୀକ, ସେତିକି ନୁହେଁ, ଓଡ଼ିଶାର ଜଙ୍ଗଲ ମୂଳକରେ "ପୁରାଣ ଉତ୍କଳ ପ୍ରେତଛାୟା ପରି ଉଡେ ଯହିଁ ଏବେ ବିପିନ ବାଟେ" ସେଇ ମୁଲକର ଲୋକ । ଏତିକି କହିବାରେ ତାଂକ ସଂବଂଧରେ ଯଥେଷ୍ଟ କୁହାଗଲା । 'ପ୍ରେତଛାୟା'କୁ ଜୀବନ୍ତ ପୁରୁଷରେ ପରିଣତ କରିବା ଏବେ ହେଉଚି, ତାଂକ କାମ । ଟ୍ରେନିଂ କଲେଜର ଅଧ୍ୟକ୍ଷ ଭାବରେ ତାଂକୁ ବିଶାଳ କ୍ଷେତ୍ର ମିଳିଥିଲା । ଏବେ କିଂତୁ ବିଶାଳତା ଭିତରେ ବଳିଷ୍ଠତା ଫୁଟାଇବାର ସୁଯୋଗ ତାଂକୁ ମିଳିଲା । ତାଂକର ଏ ନବ ନିଯୁକ୍ତି ସ୍ୱାଧୀନ ଓ ଶୁଭଙ୍କର ହେଉ।

ନୂଆପ୍ରସ୍ଥ- ୨/୧

ପାଠାଗାର ପ୍ରତିଷ୍ଠା

ଓଡ଼ିଆ ପାଠାଗାର ଓ ପୁସ୍ତକ ପାଠ -

ଓଡ଼ିଶାରେ ଏବେ କେତେବର୍ଷ ହେଲା ପଲ୍ଲୀମାନଙ୍କରେ ନାନା ସ୍ଥାନରେ ପାଠାଗାର ପ୍ରତିଷ୍ଠାର ଉଦ୍ୟମ ଦେଖାଯାଉଚି। ଗଞ୍ଜାମରେ ବହୁଦିନରୁ ଏହା ହେଉଥିଲା। ଗଞ୍ଜାମର

Digitized by PPRACHIN, SOA

କୌଣସି କୌଣସି ପାଠାଗାର ଆମେ ଦେଖିଛୁ । ଅନେକ ସ୍ଥଳରେ ସେସବୁ ବଡ଼ ଶୃଙ୍ଖଳିତ ଭାବରେ ଚଳେ । ଅନେକ ସ୍ଥଳରେ ପୁଣି କେତେଦିନ ଚଳି ପୁଣି ବିଶୃଂଖଳ ହୋଇଯାଏ । ମାତ୍ର ଯେତେଦିନ ଚଳେ, ଲୋକେ ସେଠାରୁ ପୁସ୍ତକ ପତ୍ରାଦି ନିଅନ୍ତି ଓ ହୁଏତ ପଢ଼ନ୍ତି। ଉତ୍ତର ଓଡ଼ିଶାରେ ଏବେ କେତେକ ପରିମାଣରେ ସେଇପରି ହେଉଥିବ । ଅବଶ୍ୟ ଯା ହେଉଥିବ ତା' ଗଞ୍ଜାମରୁ ଊଣା । କାରଣ, ଗଞ୍ଜାମରେ ଓଡ଼ିଆ ପୁସ୍ତକାଦି ପଢ଼ିବାର ଗୋଟିଏ ନିଶା ଅଛି । ବଡ଼ ଓଡ଼ିଆ ଭୂମି ଖଣ୍ଡରୁ ବିଛିନ୍ନ ହୋଇ ରହିଥିବା, ପୁଣି ବିଛିନ୍ନ ଥିବାବେଳେ ତେଲେଙ୍ଗାଙ୍କ ସଙ୍ଗେ ରହିଥିବା ଏହାର କାରଣ । ଉତ୍ତର ଓଡ଼ିଶାରେ ଓଡ଼ିଆ ବହି ପଢ଼ିବାର ସେପରି ନିଶା ନାହିଁ । ତେବେ ବଙ୍ଗଳା ପୁସ୍ତକ ପତ୍ରାଦି ପଢ଼ିବାର ନିଶା ଖୁବ୍ ଅଛି । ଉତ୍ତର ଓଡ଼ିଶାରେ ବଙ୍ଗଳା ପୁସ୍ତକ ଓ ପତ୍ର ଯେତେ ବିକ୍ରୀ ହୁଏ, ଓଡ଼ିଆ ପୁସ୍ତକ ପତ୍ରାଦି ତାର ଦଶ ଭାଗରୁ ଭାଗେ ହୁଏ ନାହିଁ କହିଲେ ଚଳେ । ଓଡ଼ିଆ ପୁସ୍ତକ ତ ପ୍ରାୟ ବିକ୍ରୀ ହୁଏ ନାହିଁ, ପତ୍ର ପତ୍ରିକାଦି ଯାହା କିଛି ବିକ୍ରୀ ହୁଏ ।

ସାହିତ୍ୟର ଅବସ୍ଥା –

ଏଇ କାରଣରୁ ଓଡ଼ିଶାରେ ସାହିତ୍ୟର ମଧ୍ୟ ଉନ୍ନତି ହେଉନାହିଁ ବୋଲି କେତେ ଲୋକଙ୍କର ମତ । ଏହା ଏକମାତ୍ର କାରଣ ନହୋଇପାରେ । ମାତ୍ର ଏହା ଯେ ଗୋଟିଏ କାରଣ, ଏଥିରେ ସନ୍ଦେହ ନାହିଁ । ଓଡ଼ିଶାରେ ସାହିତ୍ୟର କେବଳ ଯେ ଉନ୍ନତି ହେଉ ନାହିଁ, ସେତିକି ନୁହେଁ । ଓଡ଼ିଶାରେ ସାହିତ୍ୟର ବରଂ ଅବନତି ହେଉଚି । ମଧୁ ରାଧାନାଥ ଦିନେ ଏ ଦେଶରେ ଯୁଗପତ୍ ସାହିତ୍ୟ ଓ ଶିକ୍ଷାବିଭାଗର କର୍ତ୍ତା ଥାଇ ନେଉଳକୁ ଅଫିମ ଖୁଆଇଲା ପରି ଏ ପ୍ରଦେଶରେ ଲୋକଙ୍କୁ ଯେଉଁ ସାହିତ୍ୟ ପଢ଼ାଇଥିଲେ ତାହାର ପରଂପରା ଏବେ ପରବର୍ତ୍ତୀ ପୁରୁଷରେ ବରଂ ଛିଣ୍ଡି ଯାଇଚି । ଏବର ଲେଖା ଖାଲି ଅନୁକରଣ, ନଚେତ୍ ଅପାଠ୍ୟ । ଏବର ସାହିତ୍ୟରେ ପୁଣି ଭାଷାଭାବର ବ୍ୟବହାରରେ ଗୌଣତ୍ୱର ମନୋବୃତ୍ତି ବରାବର ସ୍ପଷ୍ଟ ପ୍ରକାଶ ପାଇବାର ଦେଖାଯାଏ । ଭାଷାରେ ମଧ୍ୟ ଓଡ଼ିଶାର ଶୈଳୀ ସଂସ୍କାର ସୂଚନାଦି ବରାବର ଯେପରି କି ଲଜ୍ଜାରେ ସଂକୁଚିତ ହୋଇ ଆସୁଚି । ତାହାର କାରଣ ହୁଏତ ଓଡ଼ିଆ ଲେଖକମାନେ ପରଭାଷାର୍ଜିତ ଭାବାଦିର ଚର୍ବିତଚର୍ବଣରେ ଆତ୍ମଗ୍ଲାନିର ମାତ୍ର ପ୍ରତିକାର ନିମନ୍ତେ ନିଜେ ଏକା ପଢ଼ିବା ପାଇଁ ପୁସ୍ତକାଦି ଲେଖୁଚନ୍ତି ।

ସାହିତ୍ୟ ପଢ଼ିବାର ପନ୍ଥା –

ଏପରି ଅବସ୍ଥାରେ ଭାରତବାସୀ ଜାତୀୟଧର୍ମିମାନେ ଖଦଡ଼ ପିନ୍ଧିଲା ପରି ଏ ପ୍ରଦେଶ ଲୋକେ ପୁସ୍ତକ କିଣିବା ଉଚିତ । ଯାହାଙ୍କର ପୁସ୍ତକ ଅନ୍ୟ ପଢ଼ିବା ପାଇଁ କେବଳ ଲେଖା ହୁଏ, ସେମାନେ କେବଳ ପୁସ୍ତକ ଲେଖି ନିଜେ ଖର୍ଚ୍ଚ କରି ଛପାଇ ଆତ୍ମପ୍ରସାଦ ମାତ୍ର ପାଇବାକୁ ଲେଖନ୍ତି ନାହିଁ । କିମ୍ବା ଅନ୍ୟକୁ କୌଣସି ବାଟେ ପଢ଼ାଇ ସନ୍ତୋଷ ଲାଭ

Digitized by PPRACHIN, SOA

କରନ୍ତି ନାହିଁ । ସେମାନଙ୍କ ବିଦ୍ୟା ବାହାର କରିବା ବରଂ ଅନ୍ୟମାନଙ୍କ କାର୍ଯ୍ୟ । ଲୋକେ ପୁସ୍ତକ କିଣିଲେ ସେ ବିଦ୍ୟା ଉତ୍ସାହିତ ହୋଇ ବାହାରିବାର କଥା । ଲୋକେ କିଣିବାର ଆଶା ଦେଖିଲେ ଗ୍ରନ୍ଥ ଓ ପତ୍ର ପ୍ରକାଶକ ବ୍ୟବସାୟିମାନେ ସେମାନଙ୍କ ବିଦ୍ୟା ପୁସ୍ତକାଦିରେ ପ୍ରକାଶ କରନ୍ତି । ତାନହେଲେ ଏ ଯୁଗରେ ସାହିତ୍ୟ ବଢ଼ିବାର ଆଶା ନାହିଁ ।

ପାଠ୍ୟ ପୁସ୍ତକ -

ଉଦାହରଣ ସ୍ୱରୂପ ସ୍କୁଲ୍ - ପାଠ୍ୟପୁସ୍ତକ ଏ ଦେଶରେ ଏବେ ବହୁତ ଛାପା ହେଉଚି । ପ୍ରକାଶକମାନେ ପାଠ୍ୟପୁସ୍ତକ ଲେଖକଙ୍କୁ ଖୋଜି ବାହାର କରୁଛନ୍ତି । ସେଥିରେ ବ୍ୟବସାୟ ଚଳୁଚି । ପାଠ୍ୟପୁସ୍ତକ ପୁଣି ଲୋକେ କିଣିବାକୁ ବାଧ୍ୟ । ମାତ୍ର ପାଠ୍ୟପୁସ୍ତକ ଯେତେ ଉପାଦେୟ ହେଉ, ମଞ୍ଜୁର ନ ହେଲେ ତାର ବିକ୍ରୀ ନାହିଁ । ଆନୁସଙ୍ଗିକ ପାଠ୍ୟ ରୂପେ ମଞ୍ଜୁର ହେଲେ ହେଁ ତାର ବିକ୍ରୀ ନାହିଁ । ଏପରି ଅବସ୍ଥାରେ ସାହିତ୍ୟ ବା କିପରି ବଢ଼ିବ ?

କୁହାଯାଇପାରେ ଲୋକେ ଦରିଦ୍ର । ତେଣୁ କିଣି ପଢୁନାହାନ୍ତି । କିନ୍ତୁ ବୈଷ୍ଣବ ପାଣିଙ୍କ ଯାତ୍ରା, ଓ ନୃସିଂହପୁରାଣ ପ୍ରଭୃତି ପ୍ରାଚୀନ ଗ୍ରନ୍ଥ ଏ ଦେଶରେ ଖୁବ୍ ବିକ୍ରୀ ହେଉଥିଲା; ଏବେ ହେଉଚି । ଉପେନ୍ଦ୍ର ଭଞ୍ଜ ପ୍ରଭୃତି କବିଙ୍କ କାବ୍ୟଗ୍ରନ୍ଥ ମଧ୍ୟ ସେହିପରି । ଏ ଯୁଗରେ କିନ୍ତୁ ସେସବୁ କମିଆସୁଚି । ଏଣେ ଟର୍ଚ୍ଚ ସାଇକେଲ ସାବିନି ବାସତେଲ ଏପରିକି ସ୍ନୋ ପାଉଡ଼ର ପ୍ରଭୃତି ଅଙ୍ଗରାଗର କିଣା ଖୁବ୍ ଜୋର୍‌ରେ ବଢ଼ିଯାଉଚି । ତେଣୁ ଦାରିଦ୍ର୍ୟ ଏଠାରେ କାରଣ ନୁହେଁ । ଓଡ଼ିଆରେ ପାଠ ପଢ଼ିବା ପ୍ରତି ଅନାସ୍ଥା ଏହାର ପ୍ରଧାନ କାରଣ । ଏ ଅନାସ୍ଥା ଇଚ୍ଛା କରି ଯତ୍ନ କରି ଉଠାଇବାକୁ ହେବ । ନହେଲେ ଭାଷା ସୂତ୍ରରେ ଓଡ଼ିଆ ବୋଲି ଜାତି ବା ଜନସମାଜ ରହିବ ନାହିଁ ।

ପାଠାଗାରର ଗତି -

ଏପରି ଅବସ୍ଥାରେ ପାଠାଗାରର ପ୍ରତିଷ୍ଠା ଦେଖିଲେ ଆଶ୍ୱସ୍ତ ଓ ଉତ୍ସାହିତ ହେବାର କଥା । ମାତ୍ର ସମାଜର ରୋଗ ଅନୁଷ୍ଠାନରେ ହିଁ ସ୍ପଷ୍ଟ ପ୍ରକାଶ ପାଏ । ଗତ କୋଡ଼ିଏ ବର୍ଷରୁ ଅଧିକ କାଳ ଧରି ଆମେ ଏ ରୋଗର ବ୍ୟାପ୍ତି ଓ ବିକାର ଦେଖି ଆସୁଚୁ । ଗଞ୍ଜାମରେ ଏହାର ଆରମ୍ଭ ବୋଲି ମନେ ହୁଏ । ହୁଏତ ଏହାର କାରଣ ହୋଇପାରେ ଗଞ୍ଜାମ ରାଜା - ଜମିଦାରମାନେ ଆଗେ ଓଡ଼ିଆ ସାହିତ୍ୟର ଶ୍ରୀବୃଦ୍ଧି ପାଇଁ ଲୋକଙ୍କ ପୁସ୍ତକାଦି ଛପାଇ ଦେଉଥିଲେ ଓ ମାଗିଲେ ସେ ପୁସ୍ତକମାନ ମିଳୁଥିଲା, ହୁଏତ କେବେ ଅଯାଚିତ ଭାବରେ ମିଳୁଥିଲା । ପରେ ମାନ୍ଦ୍ରାଜ ସରକାର ମଧ୍ୟ ପାଠାଗାରଟିଏ ହେଲେ ଏକଶ ଟଙ୍କା କରି ସାହାଯ୍ୟ ଦେବା ଏହାର ଅନ୍ୟତମ କାରଣ । ମାତ୍ର ଏଇ ରୋଗ ବୀଜର ଏବେ ପରିଣତି ହୋଇଚି ପାଠାଗାର ପ୍ରତିଷ୍ଠାରେ । ପ୍ରତିବର୍ଷ ପ୍ରାୟ ୧୦ । ୧୨ଟି ପାଠାଗାର ଏଇ କଟକ ସହରରେ ଗ୍ରନ୍ଥ ମାଗି ବୁଲୁଛନ୍ତି । ପ୍ରକାଶକ ବୋଲି ଗୋଟିଏ

Digitized by PPRACHIN, SOA

ଜିନିଷ ଥିବାର ସମ୍ଭବତଃ ସେମାନଙ୍କୁ ଜଣାନାହିଁ । ସେମାନେ ମାଗୁଚନ୍ତି ପୁସ୍ତକ ଓ ପତ୍ରମାନଙ୍କର ଲେଖକ ଓ ସଂପାଦକମାନଙ୍କୁ । ପ୍ରସିଦ୍ଧ ଲୋକମାନେ, କିମ୍ୱା କେହି କେହି ପ୍ରସିଦ୍ଧି ଲାଭ କାମନାରେ ଏମାନଙ୍କୁ ସୁପାରିସ୍ ପତ୍ରମାନ ମଧ୍ୟ ଦେଉଚନ୍ତି । ଏ କି ରୀତି ? ଏ ରୀତି ଶୀଘ୍ର ବନ୍ଦ କରିବା ଉଚିତ । ବ୍ୟକ୍ତିଗତ ଭାବରେ ଲୋକେ ତ ପୁସ୍ତକାଦି କିଣୁ ନାହାନ୍ତି । ପୁଣି ପାଞ୍ଚ ପଚିଶ ମିଳି ମିଶି ମଧ୍ୟ କିଣିବେ ନାହିଁ, ମାଗି ବୁଲିବେ ? ଏଥିରେ କେଉଁ ଦିଗରେ କି ଉନ୍ନତି ଆଶା କରାଯାଏ ? ଭଲ ପୁସ୍ତକ ବା ଏଥିରେ ଲେଖା ହେବ କୁଆଡୁ ? ପୁଣି କଦାଚିତ୍ ଲେଖା ହେଲେ ବା ସେ ସବୁ ମାଗିବାକୁ ମିଳିବ କାହୁଁ ?

ପୁସ୍ତକର ମୂଲ୍ୟ –

ପଇସା ନ ଦେଲେ ପୁଣି କେହି ଜିନିଷର ମୂଲ୍ୟ ବୁଝେ ନାହିଁ । ଗୋରା ପାଦ୍ରିମାନେ ବହୁ ପୂର୍ବେ ନିଜର ଧର୍ମଗ୍ରନ୍ଥ ଛପାଇ ବାଣ୍ଟୁଥିଲେ । ସେମାନେ ଦେଖିଲେ, ଲୋକେ ତାହା ଫିଙ୍ଗିଦେଲେ, ପଢ଼ିଲେ ନାହିଁ । କିଏ ବା ସୁନ୍ଦର ପୁସ୍ତକଟିମାନ ଦେଖି ଘେନି ଯାଇ ପିଲାଙ୍କୁ ଖେଳିବାକୁ ଦେଲେ । ସେଥିପାଇଁ ପରେ ସେଇ ପାଦ୍ରିମାନେ ପୁସ୍ତକମାନଙ୍କର କିଛି କିଛି ମୂଲ୍ୟ ବସାଇ ଦେଲେ । ହୁଏତ ବିକ୍ରୀ ନହେଲା, ତଥାପି ସେମାନେ ଆଉ ବାଣ୍ଟିଲେ ନାହିଁ । ବିନା ମୂଲ୍ୟରେ ଲଭ୍ୟ ପୁସ୍ତକାଦି – ଗଠିତ ପାଠାଗାର ମାନଙ୍କର ଅଧିକାଂଶ ସ୍ଥଳରେ ସେହି ଦଶା ହେଉଥିବ । ବହି ସବୁ ଦଜାଡ଼ି ରଖିବାର ଠାଣି ଓ ବାହାଦୂରି ଛଡ଼ା ସେସବୁ ପାଠାଗାରର ଆଉ କିଛି ମୂଲ୍ୟ ନାହିଁ ।

ମୂଲ୍ୟହୀନ ଗ୍ରନ୍ଥର ଫଳ –

ଧର, ସବୁଠାରେ ଲୋକେ ପଢୁଛନ୍ତି, ବା ଯେଉଁଠାରେ ପଢୁଛନ୍ତି, ସେଠାରେ ବା ପାଠାଗାର କି କାମରେ ଲାଗୁଛି । ମାଗି ବୁଲିଲେ, 'ମାଗ ମାଗୁଣିଆଙ୍କର ପିଠା ବହୁତ' ହୋଇପାରେ; ମାତ୍ର ସେ ପିଠାରେ କୋଳଥ ମଣ୍ଡା ଓ ବାଞ୍ଝ ଚକୁଳି ବେଶି । ବେଳେ ବେଳେ ସେଇପରି ଅସାର ଜିନିଷ ଛଡ଼ା ଆଉ କିଛି ନଥାଏ । ମାଗିଲେ ଯେଉଁ ପୁସ୍ତକାଦି ମିଳୁଥିବ, ସେଥିରୁ ଅତ୍ୟଧିକାଂଶ ବା ସେସବୁ କଦାପି ଉତ୍କୃଷ୍ଟ ଗ୍ରନ୍ଥ ନୁହେଁ । ସେସବୁ ପଢ଼ି ପ୍ରଚାର କରିବାରେ ସାହିତ୍ୟର ରୁଚି ଭ୍ରଷ୍ଟ ହେବ ସିନା, ବିକଶିବ ନାହିଁ । ପୁଣି ପାଠାଗାରର ମହତ୍ତ୍ୱ ପୀଠ ଉପରେ ସେ ସବୁ ଯେଉଁ ପ୍ରତିଷ୍ଠା ଓ ପ୍ରତିପତ୍ତି ପାଇବ, ସେଥିରେ ଭାଷା ଓ ସାହିତ୍ୟର ଅଧୋଗତି ଅବଶ୍ୟଂଭାବୀ ।

ଯଥାର୍ଥ ପାଠାଗାର ହେଉ –

ଏହାଦ୍ୱାରା ପାଠାଗାର ପ୍ରତିଷ୍ଠାର ବିରୁଦ୍ଧରେ ଅବଶ୍ୟ କିଛି କୁହାଯାଉନାହିଁ । ସବୁ ଦେଶରେ ତଥା ଭାରତର ଅନ୍ୟ ପ୍ରଦେଶରେ ଏଇ ପାଠାଗାରମାନ ହେଉଛି ବିଦ୍ୟାପ୍ରଚାରର କେନ୍ଦ୍ର । ମାତ୍ର ସେଥିରେ ନିଷ୍ଠା ଯେପରି ଦରକାର, ଖର୍ଚ୍ଚ କରିବାର ମଧ୍ୟ ସେଇପରି ପ୍ରୟୋଜନ ଅଛି । ବ୍ୟକ୍ତିଗତ ଭାବରେ ବହୁ ଖର୍ଚ୍ଚରେ ପୁସ୍ତକାଦି ସଂଗ୍ରହ କରି ପଢ଼ି ପାରିବେ ନାହିଁ, କିମ୍ବା ଉପାଦେୟ ପୁସ୍ତକମାନ କିଣିପାରିବେ ନାହିଁ ବୋଲି ଲୋକେ ପାଠାଗାର କରନ୍ତି ।

Digitized by PPRACHIN, SOA

'ଦେ ଦଉଣି' ବହିରେ ପାଠାଗାର ହୁଏ ନାହିଁ'। ହେଲେ, ତାହା ନାମକୁ ମାତ୍ର ପାଠାଗାର । ସେଥିରେ ବରଂ କୁଫଳ ହୁଏ।

ନବ ଭାରତ ୬/୫, ଆଲୋଚନା

ପାଠାଗାର ପ୍ରତିଷ୍ଠା

ଏ ଶିରୋନାମାରେ ଗତସଂଖ୍ୟା "ନବ ଭାରତ"ରେ ଗୋଟିଏ ଆଲୋଚନା ଦିଆଯାଇଥିଲା । ଶ୍ରୀ ଦୀନବନ୍ଧୁ ମହାପାତ୍ର ଏମ୍.ଏ.ଚନ୍ଦନପୁର ବିନାୟକ ପାଠାଗାରରେ ଆଲୋଚିତ ଏହି ଆଲୋଚନାର ଗୋଟିଏ ପ୍ରତିବାଦ - ମୂଳକ ସମାଲୋଚନା ଲେଖିଛନ୍ତି । ଲେଖାଟି ଅଯଥା ବଡ଼ ହୋଇଛି । ତଥାପି ତାହା ଏଥର ଅନ୍ୟତ୍ର ଦିଆଯାଇଛି । ଲେଖକ ବିନାୟକ ପାଠାଗାରର ଗୋଟିଏ ସୁନ୍ଦର ଚିତ୍ର ଦେଇଛନ୍ତି । ଯଦି ସେପରି ହୋଇଥାଏ ତେବେ ବଡ଼ ଆହ୍ଲାଦର କଥା; କିନ୍ତୁ ସବୁ ପାଠାଗାର ବିନାୟକ ପାଠାଗାର ନୁହେଁ । ଲେଖକ ସମାଲୋଚନାରେ ମୂଳ ଲେଖାଟି ଅନେକ ସ୍ଥଳରେ ଠିକ୍ ଧରି ପାରି ନାହାନ୍ତି । ହୁଏତ ଆଶୟ ନ ବୁଝି ଶବ୍ଦାର୍ଥ ଧରି ବୁଝିବାକୁ ଚେଷ୍ଟା କରିବାରୁ ଅସୁବିଧା ହୋଇଛି । ଆମେ ଗଞ୍ଜାମ ତଥା ଉତ୍ତର ଓଡ଼ିଶାରେ ବହୁତ ପାଠାଗାର ଦେଖିଛୁ । ଅନେକ ପାଠାଗାରରେ ପୁଣି ଯଥାର୍ଥରେ ଅପସାହିତ୍ୟର ପ୍ରଚାର ହୁଏ । ସାହିତ୍ୟ ରୁଚିର ବିକାଶ ସେଥିରେ ବିଗିଡ଼ି ଯାଏ । ଆମେ ଜାଣୁ, ଦେ ଦଉଣି ବହି ଉପରେ ନିର୍ଭର କରିବା ଏହାର ମୁଖ୍ୟ କାରଣ । ପୁଣି ଲେଖକଙ୍କୁ ପୁସ୍ତକ **ମାଗିବା** ଠିକ୍ ନୁହେଁ । ଯେଉଁ ଯୁଗରେ ପଇସା ବିନା ପୁସ୍ତକ ଲେଖା ହୋଇ ପ୍ରକାଶ ହେଉଥିଲା, ଏ ସେ ଯୁଗ ନୁହେଁ। ଏବେ ନ ଛପାଇଲେ ବହି ପ୍ରକାଶ ପାଇବ ନାହିଁ । ଲେଖକ ବହି ଛପାଇବେ, ପୁଣି ବାଣ୍ଟିବେ, ପ୍ରଚାର କରି ମଧ୍ୟ ବିକିବାର ଉଦ୍ୟମ କରିବେ । ଏପରି ଆଶା କରି ପାଠାଗାରମାନେ ଥାଳି ଧରି ବୁଲିବା ଉଚିତ କି ? ଯଦି ଯଥାର୍ଥ ଲୋକଙ୍କ ଉପକାର ବୁଦ୍ଧିରେ ପାଠାଗାର କରି ଅପଠିତ ଦରିଦ୍ରମାନଙ୍କର ସେବା କରିବା ଉଦ୍ଦେଶ୍ୟ ହୁଏ, ତେବେ ସେଥିପାଇଁ ଅର୍ଥ ସାହାଯ୍ୟ ମାଗି ବୁଲିବା ବରଂ ଉଚିତ। ଲେଖକଙ୍କ ଦ୍ୱାରେ ପୁସ୍ତକ ଭିକ୍ଷା ଠିକ୍ ନୁହେଁ । ପୁଣି ଭଲ ପୁସ୍ତକର ପ୍ରକାଶକ ଓ ଧନମାଲିକ, ଲେଖକ ନିଜେ ପ୍ରାୟ ନୁହନ୍ତି । ନିଜେ ଲେଖକଙ୍କୁ ଦାନ କରିବାକୁ ହେଲେ ନିଜକୃତ ପୁସ୍ତକ କିଣି କରି ଦେବାକୁ ହୁଏ। ଏହା ଆମର ଅନୁଭବ; ସମାଲୋଚକ, ହୁଏତ, ଏହା ଜାଣନ୍ତି ନାହିଁ । ପ୍ରକାଶକଙ୍କୁ ମଧ୍ୟ ପୁସ୍ତକ ମାଗିବା ଠିକ୍ ନୁହେଁ । ପ୍ରକାଶକ ବ୍ୟବସାୟୀ, ତାଙ୍କୁ ଚାନ୍ଦା ମାଗି ପୁସ୍ତକ କିଣିବା ହିଁ ଉଚିତ୍ । ରୀତି ଅଛି, ପ୍ରକାଶକମାନେ ଗ୍ରନ୍ଥକାରଙ୍କୁ ଉପହାର ଦେବା ପାଇଁ ନିର୍ଦ୍ଦିଷ୍ଟ କେତେଖଣ୍ଡ ପୁସ୍ତକ ଦିଅନ୍ତି । ମାତ୍ର ସେସବୁ ପାଠାଗାରକୁ ଦାନ କଲା ଭଳି ଦେବାପାଇଁ ନୁହେଁ । ହୋଇପାରେ,

Digitized by PPRACHIN, SOA

କୌଣସି ପାଠାଗାରକୁ ବା ମିଉଜିୟମ୍‌କୁ ବା ଲାଟସାହେବଙ୍କ ଭଳି ବ୍ୟକ୍ତିଙ୍କ ଆତ୍ମପ୍ରସାଦ ପାଇଁ ବା ଉଦ୍ଦେଶ୍ୟ ରଖି ଲେଖକ ପୁସ୍ତକ ଉପହାର ଦେଇପାରନ୍ତି । ମାତ୍ର ଆମ ପୁସ୍ତକମଗା ପାଠାଗାର ସେ ଶ୍ରେଣୀର ଦାନରେ ବିଚାରକୁ ଆସୁନାହିଁ ।

ପାଦ୍ରୀମାନେ ଆଗ ବହି ବାଣ୍ଟି କାମଟି ହାସଲ କରି ନେଇ, ଏବେ ଅତର୍କିତ ଲୋକଙ୍କଠୁ ଅଲକ୍ଷିତ ଅସାକ୍ଷାତ କର ଆଦାୟ କରିବାକୁ ବହିକେ ପଇସାଏ ଅଧଲାଏ ନଉଚନ୍ତି । ଏହା ହେତ୍ୱାଭାଷ ହୋଇପାରେ- ଯୁକ୍ତି ନୁହେଁ । ଓଡ଼ିଆ ବହି ଲୋକେ ବେଶି କିଣନ୍ତି ନାହିଁ । ଏ ସତ୍ୟ କଥା। ହୁଏତ ବଙ୍ଗଳା ବହି ଏବେ ବେଶି କିଣୁ ନଥିବେ। ତା ବୋଲି ଓଡ଼ିଆ ବହିର କିଣା ଆଶାନୁରୂପ ବଢ଼ି ନାହିଁ । ତାହାର କିନ୍ତୁ ନାନା କାରଣ ଅଛି । ସେ ସବୁର ବିଶ୍ଳେଷଣ ପାଇଁ ଅବକାଶ ଏଠାରେ ନାହିଁ । କଟକରେ ବଙ୍ଗଳା ମାସିକ ପତ୍ରର ପ୍ରଚାର ଓ ଓଡ଼ିଆ ମାସିକ ପତ୍ରର ପ୍ରଚାର ସଙ୍ଗେ ତୁଳନା କରି ସମାଲୋଚକ ଦେଖି ପାରନ୍ତି । ଖଦଡ଼ ପିନ୍ଧିବାର କାରଣ ଯାହା ହେଉ ତାକୁ କରାଇବା ପାଇଁ ଲୋକଙ୍କ ଅନିଚ୍ଛା ସତ୍ତ୍ୱେ ଘୋର ଯତ୍ନ କରାଯାଉଛି । ସେହିପରି ଓଡ଼ିଶା ପୁସ୍ତକ କିଣନ୍ତୁ ବୋଲି ଆମେ ସୂଚନା ମାତ୍ର ଦେଇଥିଲୁ ! ବସ୍ତୁତଃ ଦୁଇଟି ଏକା ଜିନିଷ ନୁହେଁ, ଦୁଇଟିର ପ୍ରକାର ଏକା । ଏହା ବୁଝିବା ଉଚିତ । ସେହିପରି ମଧୁ ରାଧାନାଥଙ୍କ କାଳର ପଢ଼ିବାର ଅଭ୍ୟାସ କମି ଯାଉଛି । ଏହାର ଅର୍ଥ ନୁହେଁ, ସେ ସାହିତ୍ୟ ଏ ସାହିତ୍ୟ ଠାରୁ ଭଲ ଥିଲା । ସେମାନେ ଶିକ୍ଷା ବିଭାଗର ନାୟକ ଥାଇ, ନିଜେ ପୁସ୍ତକ ଲେଖି ନେଉଳକୁ ଅଫିମ ଧରାଇଲା ପରି, ଲୋକଙ୍କୁ ଓଡ଼ିଆ ସାହିତ୍ୟ ପଢ଼ା ଧରାଇ ପୋଷି ରଖୁଥିଲେ। ଏହି ଭାବରେ କଥାଟି କୁହାଯାଇଥିଲା । ଏବର ଲେଖା ଖାଲି ଅନୁକରଣ ନଚେତ୍ ଅପାଠ୍ୟ । ସେଇଥିପାଇଁ ଲୋକେ ପଢ଼ିବାରେ ନିଜେ ନିଜେ ପ୍ରବର୍ତ୍ତୁ ନାହାନ୍ତି ବୋଲି ଆମ ମତ। ତେବେ ଆଶ୍ରୟ ନୁହେଁ ଯେ ସବୁ ଲେଖା ବରାବର ଏପରି ଅନୁକରଣ ବା ଅପାଠ୍ୟ।

କୌଣସି କୌଣସି ପୁସ୍ତକ ଅନ୍ୟ ପୁସ୍ତକଠୁ ବେଶି ବିକ୍ରି ହୋଇଚି । ସେ ପୁସ୍ତକ ବିନାୟକ ପାଠାଗାରକୁ ହୁଏତ ଦିଆଯାଇ ଥିଲା । ଏଥିରୁ ସିଦ୍ଧାନ୍ତ କରିବା ଠିକ୍ ନୁହେଁ ଯେ, ପାଠାଗାରକୁ ଦେବା ସେ ବହି ବିକ୍ରି ହେବାର ବିଶିଷ୍ଟ ଅନ୍ୟତମ କାରଣ । ପୁଣି ସ୍ୱର୍ଗତ କୃପାସିନ୍ଧୁ ମିଶ୍ରଙ୍କ 'କୋଣାର୍କ' ଆଜକୁ ୨୩ ବର୍ଷ ତଳେ ୫୦୦ ଛାପା ହୋଇଥିଲା । ତାହା ଏବେ ବଜାରରେ ମିଳୁ ନାହିଁ। ଏଥିରେ ଓଡ଼ିଆ ପୁସ୍ତକର ପ୍ରଚାର ପ୍ରମାଣିତ ହେଉନାହିଁ । ଏସବୁ ସତ୍ୟ ହେଲେ ମଧ ନିପାତନ ରୁପେ ନିୟମ ପ୍ରମାଣ କରୁଚନ୍ତି ମାତ୍ର । ପୁଣି କାହିଁ କେଣ୍ଡାଏ ଆମ୍ବ ବଉଳ ଦେଖି ବସନ୍ତ ପଞ୍ଚମୀ ଉତ୍ସବ ଯୋଗାଡ଼ କରି ବସିବା ଠିକ୍ ନୁହେଁ ।

Digitized by PPRACHIN, SOA

ସେ ଯାହା ହେଉ ପାଠାଗାର ପ୍ରତିଷ୍ଠା ସୁନ୍ଦର ଓ ଶ୍ଳାଘ୍ୟ କର୍ମ । ବିନାୟକ ପାଠାଗାର ସମ୍ବନ୍ଧରେ ଯେପରି କୁହାଯାଇଛି ସେଇପରି ପାଠାଗାର ହେଉ । ମାତ୍ର ପ୍ରତ୍ୟେକ କ୍ରିୟାରେ କରିବାର ପଦ୍ଧତି ଓ ଶୈଳୀ ଅଛି। ସେଥିରେ ଭୁଲ୍ କଲେ ଜିନିଷଟି ଖାପ ଖାଏ ନାହିଁ । ତା ବାଦ୍ ଆମେ ଯାହା କରୁଛୁ ତାହା ଅତି ଭଲ କାର୍ଯ୍ୟ ବୋଲି ସମସ୍ତେ କାର୍ଯ୍ୟରେ ମାତନ୍ତି । କାର୍ଯ୍ୟଟିର ସମାଲୋଚନା ସେପରି ମାତିବା ଲୋକ ଅନ୍ୟ ଉପରେ ଛାଡ଼ି ଦେବାରେ ଯେ ସଂଯମ ଅଛି ତାହାହିଁ ସମସ୍ତ ବିକାଶ ଧର୍ମର ମେରୁଦଣ୍ଡ । ଏହା ବୁଝିବାକୁ ହେବ ।

ନବ ଭାରତ ୬।୬, ଆଲୋଚନା

ଉତ୍କଳରେ ବିଶ୍ୱବିଦ୍ୟାଳୟ

ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଆଶା ଭରସାରେ ପରିଣତ ହେବା ସଙ୍ଗେ ଉତ୍କଳରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ବିଷୟରେ ଆଲୋଚନା ହେଉଅଛି। ହବକ୍ କମିଟି ପର୍ଯ୍ୟଟନ ଓ ପର୍ଯ୍ୟବେକ୍ଷଣ କରି କହିଅଛନ୍ତି ଯେ ଓଡ଼ିଶାବାସୀଙ୍କର ବିଶ୍ୱବିଦ୍ୟାଳୟ ପାଇଁ ଘୋର ଇଚ୍ଛା। କେବଳ ଅର୍ଥାଭାବ କାରଣ ଦେଖାଇ ସେମାନେ ବିଶ୍ୱବିଦ୍ୟାଳୟର ଆଶୁ ପ୍ରତିଷ୍ଠା ଅନୁମୋଦନ କରି ନାହାନ୍ତି। ସେମାନଙ୍କ ପରେ ଅନେକେ ନାନାପ୍ରକାର ବାଦାନୁବାଦ କରୁଅଛନ୍ତି। କେହି କେହି ଉତ୍କଳେତର ପ୍ରାନ୍ତବାସୀ ଉତ୍କଳରେ ବିଶ୍ୱବିଦ୍ୟାଳୟର ସମ୍ପୂର୍ଣ୍ଣ ବିରୋଧୀ। କିନ୍ତୁ ଅଧିକାଂଶ ଧୀରପ୍ରଜ୍ଞ ପ୍ରବୀଣ ଲୋକେ ବିଶ୍ୱବିଦ୍ୟାଳୟର ପକ୍ଷପାତୀ। ସାର ରଅସ୍ ମସଦ (Sir Ross Mosood) ଓ ରଘୁନାଥ ପାରାଞ୍ଜପେ ଇତ୍ୟାଦି ସୁଧୀମାନେ ବିଶ୍ୱବିଦ୍ୟାଳୟ ସପକ୍ଷରେ ମତ ଦେଇଗଲେ। ତେବେ କାହିଁକି ଅନ୍ୟମାନେ ପ୍ରତିକୂଳ ମତ ଦେଉଅଛନ୍ତି ?

ଉତ୍କଳରେ ବିଶ୍ୱବିଦ୍ୟାଳୟ ସମସ୍ୟାର ମୀମାଂସା କରିବାକୁ ହେଲେ ୩ଟି ପ୍ରଶ୍ନର ଉତ୍ତର ଦେବାକୁ ହେବ।

୧. ଆମ୍ଭେମାନେ କାହିଁକି ବିଶ୍ୱବିଦ୍ୟାଳୟ ଲୋଡୁ ?
୨. ଯଦି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠିତ ହୁଏ, ତାହାହେଲେ କିପରି ବିଶ୍ୱବିଦ୍ୟାଳୟ ହେବ ?
୩. ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇ ଅର୍ଥ କାହିଁ ?

୧. ଆମ୍ଭେମାନେ ବିଶ୍ୱବିଦ୍ୟାଳୟ କାହିଁକି ଲୋଡୁ ?

ବିଶ୍ୱବିଦ୍ୟାଳୟ ଜାତୀୟ ବିଶେଷତ୍ୱର ଗୋଟିଏ ପ୍ରଧାନ ରକ୍ଷକ। ସେଦିନ ପାଟଣା ହାଇକୋର୍ଟର ପ୍ରଧାନ ବିଚାରପତି ଶିକ୍ଷକ ସମ୍ମିଳନୀରେ କହୁଥିଲେ ଯେ ଇଟାଲୀର ଶାସକ ମୁସୋଲିନି ଶିକ୍ଷକ ଓ ଶିକ୍ଷାମନ୍ଦିର ଦ୍ୱାରା ଇଟାଲୀୟ ଜାତିର ଚରିତ୍ର ବଦଳାଇଦେଇ ପାରିଅଛନ୍ତି। ଏହା ଯଦି ସତ୍ୟ ହୁଏ ତେବେ ଓଡ଼ିଆଙ୍କ ବିଶେଷତ୍ୱ ରକ୍ଷା କରିବା ପାଇଁ ବିଶ୍ୱବିଦ୍ୟାଳୟ ନିଶ୍ଚୟ ଲୋଡ଼ା। କାରଣ ନିଜର ବିଶ୍ୱବିଦ୍ୟାଳୟ ନ ହେଲେ ଜାତି ମନରେ ଦମ୍ଭ ଆସିବ କାହୁଁ ? ପୁଣି ବିଶ୍ୱବିଦ୍ୟାଳୟ ନ ହେଲେ ଜାତିର ଆବଶ୍ୟକ ଅନୁସାରେ

Digitized by PPRACHIN, SOA

ଶିକ୍ଷକ ନଡ଼ିବା କାହିଁ? ବିଶ୍ୱବିଦ୍ୟାଳୟ ସିନା ଜାତିର ସମସ୍ତ ଶିକ୍ଷକ ଗଢ଼େ। ଆମେ ଯଦି ବାର ଦ୍ୱାର ତେର ପିଣ୍ଡା ହେଉଥିବା ତାହାହେଲେ କେବେହେଲେ ନିଜର ବିଶେଷତ୍ୱ ଫୁଟିବ କି?

ଏବେ ଆମ୍ଭେମାନେ ବ୍ୟତିରେକୀ ପ୍ରମାଣ ଦେଖୁଁ। ଯଦି ଆମ୍ଭମାନଙ୍କର ବିଶ୍ୱବିଦ୍ୟାଳୟ ନ ହୁଏ, ତାହା ହେଲେ କ'ଣ ହେବ? ହବକ କମିଟିର ପରାମର୍ଶ ହେଉଛି ଯେ ଗଞ୍ଜାମ ଅଞ୍ଚଳ ଆନ୍ଧ୍ର ବିଶ୍ୱବିଦ୍ୟାଳୟର ଅଧୀନ ରହିବ ଏବଂ ବର୍ତ୍ତମାନ ଓଡ଼ିଶା ପାଟଣା ବିଶ୍ୱବିଦ୍ୟାଳୟର ଅଧୀନ ରହିବ। ଏପରି ବନ୍ଦୋବସ୍ତରେ କି ଫଳ ଫଳିବ ତାହା କହିବାର ନୁହେ। ଆନ୍ଧ୍ର ବିଶ୍ୱବିଦ୍ୟାଳୟ ପ୍ରସୂତ ଉପାଧିଧାରିମାନେ ନିଜକୁ ଉଚ୍ଚ ମନେ କରି ଅନ୍ୟାନ୍ୟ ମାନଙ୍କୁ ନିନ୍ଦାକରୁଥିବେ ଏବଂ ଅନ୍ୟାନ୍ୟମାନେ ସେମାନଙ୍କୁ ଲଘୁ ବୋଲି ଭାବିବେ। ଫଳରେ ଦ୍ୱନ୍ଦ। ପୁଣି ଆନ୍ଧ୍ରମାନେ ସଭାସମିତି କରି ଓଡ଼ିଆଙ୍କ ପ୍ରତି ଯେଉଁ ସଦ୍‌ଭାବ ଦେଖାଇଅଛନ୍ତି, ସେଥିରେ ଓଡ଼ିଆମାନେ ସେମାନଙ୍କ ବିଶ୍ୱବିଦ୍ୟାଳୟରେ କି ବ୍ୟବହାର ପାଇବେ ତାହା ସହଜରେ ଅନୁମେୟ। ସେହିପରି ପାଟଣାରେ ବିହାରିମାନେ ପ୍ରଦେଶ ଗଠନ ଆଗରୁ ନାକଛିଞ୍ଚିଡ଼ା ଆରମ୍ଭ କରିଦେଲେଣି। ପ୍ରଦେଶ ପୃଥକ୍ ହେଲେ କଣ ହେବ ସହଜରେ ଜଣାପଡୁଛି। ଏପରି ଅବସ୍ଥାରେ ନିଜର ବିଶ୍ୱବିଦ୍ୟାଳୟ ଛଡ଼ା ଆଉ କି ଉପାୟ ଅଛି?

ଲୋକେ କହୁଅଛନ୍ତି, ଖାଲି ଆଉ ବିଶ୍ୱବିଦ୍ୟାଳୟ କରି ଗ୍ରାଜୁଏଟ୍ ସୃଷ୍ଟିରେ ଲାଭ କ'ଣ? ବିଶ୍ୱବିଦ୍ୟାଳୟ ହେଲେ ଯେ ବର୍ତ୍ତମାନ ଅପେକ୍ଷା ବେଶି ଗ୍ରାଜୁଏଟ୍ ହୋଇଯିବେ, ଏହା କିଏ କହିବ? ଏବେ ତ ଗ୍ରାଜୁଏଟ୍ ସୃଷ୍ଟିରେ ହାନି ନାହିଁ। ପାଟଣା ଗ୍ରାଜୁଏଟ୍ ହେଉନ୍ତୁ ବା ଆନ୍ଧ୍ର ଗ୍ରାଜୁଏଟ୍ ହେଉନ୍ତୁ, ସୃଷ୍ଟି ତ ଚାଲିଛି, ଉତ୍କଳ ବିଶ୍ୱବିଦ୍ୟାଳୟ ହେଲେ ଛପା ବଦଳିବ ମାତ୍ର। କ୍ଷତି କ'ଣ? ବରଂ ଉପରେ ଯାହା କହିଲୁଁ ସେଥିରୁ ଜଣାପଡୁଛି ଯେ ଲାଭ ଅଛି। ଏହିସବୁ କାରଣରୁ ଆମ୍ଭେମାନେ ମନେକରୁଁ ବିଶ୍ୱବିଦ୍ୟାଳୟ ହେବା ନିତାନ୍ତ ଆବଶ୍ୟକ। ଏହାଦ୍ୱାରା ଜାତୀୟ ଗୌରବ ରକ୍ଷା ହେବ, ଅନ୍ୟମାନଙ୍କ ଆଗରେ ମୁଣ୍ଡ ଟେକି ହେବ। ମଧ୍ୟପ୍ରଦେଶରେ ପ୍ରଥମେ ବିଶ୍ୱବିଦ୍ୟାଳୟ ନ ଥିଲା। କିନ୍ତୁ ସେମାନେ ଅଚିରେ ବିଦ୍ୟାଳୟ ଗଢ଼ିଲେ। ପ୍ରଥମେ ସେମାନଙ୍କ ଛାତ୍ରସଂଖ୍ୟା ଓଡିଶାର ଛାତ୍ର ସଂଖ୍ୟାଠାରୁ ବେଶି ନ ଥିଲା। ପୁଣି ଆସାମରେ ବିଶ୍ୱବିଦ୍ୟାଳୟ ନାହିଁ। କିନ୍ତୁ ଆମ୍ଭେମାନେ ଦେଖୁଁ ସେମାନେ ବିଶ୍ୱବିଦ୍ୟାଳୟ ପାଇଁ ବର୍ତ୍ତମାନ ରଡ଼ି ଛାଡ଼ିଲେଣି। ଉତ୍ତର ପଶ୍ଚିମ ସୀମାନ୍ତ ପ୍ରଦେଶ ମଧ୍ୟ ଖାଇବାର ବିଶ୍ୱବିଦ୍ୟାଳୟ ପାଇଁ ତତ୍ପର। ଖାଲି ଓଡ଼ିଶା ପାଇଁ ବିଶ୍ୱବିଦ୍ୟାଳୟ ଲୋଡା ନାହିଁ ପରା! କେତେ ଓଡିଆ ମଧ୍ୟ ଏହିପରି ଭାବନ୍ତି। ଫକୀରମୋହନ କହିଛନ୍ତି:-

କୁକୁର ଗୋଟେ କିପାଇଁ ବନାଇବ ଘର
ଚାଟି ବୁଲେ ବାରଘର ଅଇଁଠା ପତର।

Digitized by PPRACHIN, SOA

୨.ବିଶ୍ୱବିଦ୍ୟାଳୟ ହେଲେ ସେ କିପରି ହେବ?

ଏ ପ୍ରଶ୍ନର ଉତ୍ତର ଦେବା ବର୍ତ୍ତମାନ କଠିନ। ପ୍ରଦେଶର ସୀମା ନିର୍ଦ୍ଦେଶ ହେଲେ ଏ ପ୍ରଶ୍ନର ଉତ୍ତର ସମ୍ଭବ। ଯାହାହେଉ ଆମ୍ଭମାନଙ୍କର ଏକାନ୍ତ ଇଚ୍ଛା ଯେ ବିଶ୍ୱବିଦ୍ୟାଳୟ ପ୍ରକୃତି ଯାହା ହେଉ ଛାତ୍ରଶିକ୍ଷକଙ୍କ ମଧ୍ୟରେ ଯେପରି ଘନିଷ୍ଠ ସମ୍ବନ୍ଧ ରହିପାରିବ ତାହାର ବନ୍ଦୋବସ୍ତ ରହିବା ଅତି ଆବଶ୍ୟକ। ଏପରି ସମ୍ବନ୍ଧ କେବଳ ନାଲନ୍ଦୀୟ (Residential) ବିଶ୍ୱବିଦ୍ୟାଳୟରେ ସମ୍ଭବେ। ଉତ୍କଳ ବିଶ୍ୱବିଦ୍ୟାଳୟରେ ଯେତେ ଶିକ୍ଷାକେନ୍ଦ୍ର ହେଉ ପଛକେ, ପ୍ରତ୍ୟେକ କେନ୍ଦ୍ର ଏହିପରି ନାଲନ୍ଦୀୟ ହେବା ଉଚିତ। ଏହା କିପରି ସାଧିତ ହେବ ତାହା ଦେଶର ନେତାମାନେ ବସି ବିଚାର ଦ୍ୱାରା ସ୍ଥିର କରିବା ଉଚିତ।

୩. ବିଶ୍ୱବିଦ୍ୟାଳୟ ସ୍ଥାପନପାଇଁ ଅର୍ଥ କାହିଁ?

ଆମ୍ଭେମାନେ ମନେକରୁଁ କଲେଜରେ ବର୍ତ୍ତମାନ ଯେତେ ଖର୍ଚ୍ଚ ହେଉଛି ତାହା ଉପରେ ବାର୍ଷିକ ୭୦୦୦୦ଟଙ୍କା ଅଧିକ ଖର୍ଚ୍ଚ ଲାଗିବ। ଏହାଛଡା ପ୍ରାଥମିକ ଖର୍ଚ୍ଚ ପ୍ରାୟ ୩/୪ ଲକ୍ଷ ଲାଗିବ। ଓଡ଼ିଆ ଜାତିର ଯଦି ଆତ୍ମସମ୍ମାନ ଜ୍ଞାନ ଥାଏ, ତେବେ ଆମ୍ଭେମାନେ ମନେକରୁଁ ଏ ଅର୍ଥର ଅଭାବ ରହିବ ନାହିଁ। ଏଡ଼େ ବଡ଼ କାର୍ଯ୍ୟରେ ଯଦି ଏତିକି ଅର୍ଥ ନ ମିଳେ, ତେବେ ଏ ଜାତିର ଉ ାନ କାହିଁ? ଫଳରେ, ପ୍ରଦେଶ ଗଢ଼ ବା କାଉନ୍‌ସିଲ କର ଜାତିର ହୃତ୍‌ପିଣ୍ଡରେ ରକ୍ତ ନାହିଁ ବୋଲି ଜାଣିବାକୁ ହେବ।

ଓଡ଼ିଆ ସାହିତ୍ୟର ଅପମାନ :

ଭାରତବର୍ଷର ଭାଷା ସଂହତିରେ ଓଡ଼ିଆ ଏକ ପ୍ରାଚୀନତମ ଭାଷା। ଏହାର ସାହିତ୍ୟ ମଧ୍ୟ ବିକାଶ ଓ ପୁଷ୍ଟତାରେ ବିଶାଳ। କିନ୍ତୁ ଓଡ଼ିଆମାନେ ନାନା ଦୁର୍ଦ୍ଦଶା, ଅସୁବିଧା, ଓ ଅବହେଳାରେ ପଡ଼ିଥିବାରୁ ଏ ଭାଷା ଓ ସାହିତ୍ୟର ଅପମାନ ଘଟୁଅଛି। ସମସ୍ତଙ୍କୁ ଜଣା ଭାରତବର୍ଷରେ ଜିଲା ମେଜେଷ୍ଟର ବଛାହେବା ପାଇଁ ଆଇ.ସି.ଏସ୍ (I.C.S)ପରୀକ୍ଷା ହୁଏ। ସେଥିରେ ଭାରତୀୟ ସବୁ କଥିତ ଭାଷାରେ ରଚନା ଇତ୍ୟାଦିରେ ପରୀକ୍ଷା ହୁଏ। ସେଥିରେ ମଧ୍ୟ ଭାରତୀୟ ଭାଷା ସାହିତ୍ୟ (Vernacular Literature)ରେ ପରୀକ୍ଷାର ବ୍ୟବସ୍ଥା ଅଛି। ଏହି ଭାଷା ସାହିତ୍ୟର ପରୀକ୍ଷା କେବଳ ବଙ୍ଗଳା, ବ୍ରହ୍ମ, ହିନ୍ଦି, ମରାଠୀ, ପଞ୍ଜାବୀ, ତାମିଲ, ତେଲୁଗୁ, ଉର୍ଦ୍ଦୁ, ଗୁଜରାତୀ ପ୍ରଭୃତି କେତୋଟି ଭାଷାରେ ହୁଏ। ଏମାନଙ୍କ ମଧ୍ୟରେ ଓଡ଼ିଆର ସ୍ଥାନ ନାହିଁ, ଓଡ଼ିଆ ଯୁବକଙ୍କର ଆଇ.ସି.ଏସ୍ ପରୀକ୍ଷା ପାଇଁ ଠିଆ ହେବାରେ ଏ ଏକ ଘୋର ଅନ୍ତରାୟ। ତଥାପି ଓଡ଼ିଆର ଦାବୀ କେହି ଏ କ୍ଷେତ୍ରରେ ସମର୍ଥନ କରିବାକୁ ନାହିଁ। ପଞ୍ଜାବୀ ଭାଷା ସ୍କୁଲ କଚିରିରେ ଚଳେ ନାହିଁ। ତାହାର ସାହିତ୍ୟ ମଧ୍ୟ ଅତି ସୀମାବଦ୍ଧ। ଓଡ଼ିଆ ସାହିତ୍ୟର ସ୍ଥାନ ତ ନିଶ୍ଚେ ପଞ୍ଜାବୀଠାରୁ ବହୁ ଉନ୍ନତ। କିନ୍ତୁ ଓଡ଼ିଆ ପାଇଁ କହୁଛି କିଏ? ଏ ପର୍ଯ୍ୟନ୍ତ ଓଡ଼ିଶା ଏ ପ୍ରଦେଶ ସେ ପ୍ରଦେଶରେ ବାରଓଳି ସୁଣ୍ଢିପିଣ୍ଡା ହେଉଥିଲା।

Digitized by PPRACHIN, SOA

ଏବେ ଯଦି ଓଡ଼ିଶାର ସ୍ୱାତନ୍ତ୍ୟ ହୁଏ, ତାହାହେଲେ ଓଡ଼ିଆ ଭାଷା ଓ ସାହିତ୍ୟର ଦାବୀ ମଧ୍ୟ ଗ୍ରହଣ କରିବାକୁ ହେବ। ସେଥିପାଇଁ ଆମ୍ଭେମାନେ କହୁଁ, ଓଡିଶାପାଇଁ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ହେଉ। ତାହାହେଲେ ଆମ୍ଭେମାନେ ଓଡ଼ିଆଭାଷା ଓ ସାହିତ୍ୟର ଦାବୀ ସହଜରେ ପ୍ରକାଶ କରିପାରିବା। ତେବେ ବିଶ୍ୱବିଦ୍ୟାଳୟ ତ ଅଲଗା କଥା। ବର୍ତ୍ତମାନ ଆଇ.ସି.ଏସ୍ ପ୍ରଭୃତି ପରୀକ୍ଷାରେ ଯେପରି ଓଡ଼ିଆ ସାହିତ୍ୟ ସ୍ଥାନ ପାଏ, ସେଥିପାଇଁ ଆମ୍ଭମାନଙ୍କର ପ୍ରଗାଢ଼ ଯତ୍ନ ହେବା ଉଚିତ।

ନବଭାରତ-୧/୭, ଆଲୋଚନା

ପୁରୀରେ ବିଶ୍ୱଭାରତୀ ବା ୟୁନିଭରସିଟି

ଓଡ଼ିଶା ପ୍ରଦେଶ ହେବ । ସେଥିରେ କିନ୍ତୁ ବନ୍ୟା ଦାରିଦ୍ର୍ୟ ଛଡା ଆଉ କିଛି ଥିଲାପରି ଦିଶୁ ନାହିଁ । ଜାତି ଗଢ଼ିବାକୁ ହେଲେ ମୂଳ ଧନ ଲୋଡା । ସେ ମୂଳ ଧନ ଲୋକେ କେଉଁଠାରୁ କିପରି ଯୋଗାଇବେ ତା ମଧ୍ୟ ବୁଝାଯାଉନାହିଁ । ସେଥିରେ ପୁଣି ଆମ ନାବାଳକଙ୍କ ପାଇଁ କଳ୍ପିତ ସୁଶାସନର ଓପର ସ୍ତରର ଖର୍ଚ୍ଚ ଯୋଗାଇବାକୁ ହେବ । ଓଡ଼ିଶାରେ ସହର ନାହିଁ, ବନ୍ଦର ନାହିଁ, କାରଖାନା ନାହିଁ-ଅଛି ପୂର୍ବପୁରୁଷଙ୍କର ଗୋଟିଏ ମହାକୀର୍ତ୍ତିର ଅବଶେଷ । ସେ ହେଉଚି-ପୁରୀ ବା ପୁରୁଷୋତ୍ତମ ପୁରୀ । ତାର ବ୍ୟବହାର ଓଡ଼ିଶା ଜାତି ଗଠନରେ ଲଗାଇ ପାରନ୍ତି । ସେ ଦିଗରେ ଚିନ୍ତା ଚଳାଇବା ନିତାନ୍ତ ଦରକାର । ଏଇ ସମ୍ପର୍କରେ ପୁରୀରେ ଉତ୍କଳର ବିଶ୍ୱଭାରତୀ ପ୍ରତିଷ୍ଠା କରିବା କଥା ବିଚାରିବା ଉଚିତ ।

ପ୍ରାୟ ପ୍ରତି ପ୍ରଦେଶରେ ଅନ୍ତତଃ ଗୋଟିଏ ହେଲେ ବିଶ୍ୱଭାରତୀ ଅଛି । କୌଣସି କୌଣସି ପ୍ରଦେଶରେ ଦୁଇ ତିନୋଟି ମଧ୍ୟ ଅଛି । ଆସାମ ଏବେ ନିଜର ବିଶ୍ୱଭାରତୀ ପାଇଁ ଲାଗିଛି, ଶୀଘ୍ର ଆସାମରେ ତାହା ହୋଇଯିବ । ପ୍ରଥମେ ବିଶ୍ୱଭାରତୀ କଥା ପ୍ରଦେଶ ସମ୍ପର୍କରେ ଭାବିଲେ ପ୍ରାଦେଶିକ ସଂସ୍କୃତି ଓ ପରମ୍ପରାର ବିକାଶ ପୀଠ ରୂପେ ତାହା ଭାବିବାକୁ ହୁଏ । ମାତ୍ର ଭାରତରେ ସାଧାରଣତଃ ପ୍ରାଦେଶିକ କେନ୍ଦ୍ରର ବିଶ୍ୱଭାରତୀ ସବୁ ସେ ଦୃଷ୍ଟିରେ କରା ହେବାର ସମୟ ଆସିନାହିଁ । ସବୁ ବିଶ୍ୱଭାରତୀ କେତେକ ସ୍ୱତନ୍ତ୍ୟ ଉଦ୍ଦେଶ୍ୟରେ ଗଢ଼ା ହୋଇଥିଲେ ହେଁ ସେ ସବୁରେ ଶିକ୍ଷାର ପଦ୍ଧତି ଓ ପ୍ରସାରର ସେପରି ବେଶି କିଛି ବିଶେଷତ୍ୱର ସ୍ଥାନ ଥିବା ଭଳି ଦେଖା ଯାଉ ନାହିଁ । ଏ ଦେଶରେ ଶିକ୍ଷାର ନୀତି ତଥା ଉଦ୍ଦେଶ୍ୟ ଯାହା ଅଛି ତାହା ଥିବା ଯାଏ, ପରିସ୍ଥିତି ଏଇପରି ଥିବାର ବିଶେଷ ସମ୍ଭାବନା । ତେବେ ପ୍ରଦେଶରେ ଉଚ୍ଚଶିକ୍ଷାର ବ୍ୟବସ୍ଥା ପ୍ରଦେଶ ମଧ୍ୟରେ ହେଲେ ଯେଉଁ ସୁବିଧା ଅଛି, ସେତିକି ମଧ୍ୟ ହେୟ ନୁହେଁ । ପାଟଣାରେ ଆମ ପିଲାଏ ଉଚ୍ଚଶିକ୍ଷା ପାଇ ଦେଶରେ ମୁଣ୍ଡ ଟେକିବା ତେତେ ସହଜ ନୁହେଁ । ଏହା ବୁଝାଇ କହିବା ଦରକାର ନାହିଁ । ଯେଉଁ ପ୍ରତିଷ୍ଠିତ ଭାବର ପ୍ରେରଣାରେ ଆମେ ଏତେ କାଳର ଆନ୍ଦୋଳନ ଫଳରେ

Digitized by PPRACHIN, SOA

ଆଜି ଖଣ୍ଡିଆ ପ୍ରଦେଶଟାଏ ପାଇ ମଧ୍ୟ ସୁଖୀ, ସେଇ ଭାବର ପ୍ରେରଣାରେ ସ୍ୱତନ୍ତ୍ର ବିଶ୍ୱଭାରତୀ ଦରକାର, ସନ୍ଦେହ ନାହିଁ । ଏଥିରେ ଜାତିର ପୁଣି ଦମ୍ଭ ଓ ଆତ୍ମପ୍ରତ୍ୟୟ ଆସିବ । ତେବେ ବର୍ତ୍ତମାନ ଅର୍ଥ କାହିଁ? ଏହାହିଁ ପ୍ରଶ୍ନ । ଏ କ୍ଷେତ୍ରରେ ଆମେ ବେନାରସ ହିନ୍ଦୁ ବିଶ୍ୱଭାରତୀ ପ୍ରତି ଦୃଷ୍ଟି ଆକର୍ଷଣ କରୁଅଛୁ । ଆଜକୁ ୧୬ବର୍ଷ ତଳେ ପଣ୍ଡିତ ମଦନ ମୋହନ ମାଳବ୍ୟ ଏଇ କଳ୍ପନା ଓ କାର୍ଯ୍ୟ ଆରମ୍ଭ କଲେ । ପ୍ରଥମେ ଏ କଳ୍ପନା ଘେନି ଯେତେବେଳେ ସେ କଲିକତାରେ ଆସି ପହଞ୍ଚିଲେ, ଅନେକଙ୍କର ଏବେ ମନେ ଥିବ, ସେତେବେଳେ ଇଂରେଜି ପଢୁଆ ପଣ୍ଡିମାଲୋକଗ୍ରସ୍ତ ଲୋକେ କଥାଟାକୁ ଉପହାସରେ ଉଡ଼ାଇ ଦେବାକୁ ବସିଥିଲେ। ସେକାଳର ମୁଖ୍ୟ ଜନସେବୀମାନଙ୍କ ମଧ୍ୟରୁ କେହି ସେଭଳି ଏକ ସଭାରେ ସଭାପତି ହେବାକୁ ମିଳିଲେ ନାହିଁ । ଶେଷକୁ ସେଇ ନୀରବ ଜନସେବୀ ଭାରତ ସଂସ୍କୃତିରେ ଅଟଳ ବିଶ୍ୱାସୀ ଶ୍ରୀ ରାସବିହାରୀ ଘୋଷ (ସାର୍ ରାସବିହାରୀ ଘୋଷ) ସଭାପତି ହେଲେ । କଲିକତା ଟାଉନ ହଲରେ ସଭା ହେଲା ଓ ସେଠାରେ ରାସବିହାରୀ ନିଜେ ଏଇ ହିନ୍ଦୁ ବିଶ୍ୱଭାରତୀ ପାଇଁ ଏକ ଲକ୍ଷ ଟଙ୍କା ଦେବାକୁ ଅଙ୍ଗୀକାର କଲେ । ସେଇ ସଭାରେ ସଭାପତି ହୋଇ ରାସବିହାରୀ ଏକ ସ୍ମରଣୀୟ ବକ୍ତୃତା ଦେଇଥିଲେ । ସେଥିରେ ହିନ୍ଦୁ ସଂସ୍କୃତି ଓ ତହିଁ ସଙ୍ଗେ ବେନାରସର ପରମ୍ପରା ସମ୍ବନ୍ଧରେ ସେ ଯାହା କହିଥିଲେ ତାହାହିଁ ଶଂସିତ ହିନ୍ଦୁ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଓ ପ୍ରଗତିର ଯଥାର୍ଥ ପୀଠ କହିଲେ ଚଳେ । ଏଇ ସମ୍ପର୍କରେ ଗୋଟିଏ ବିଶେଷ କଥା ପୁଣି ମନେ ରଖିବାର ଅଛି । ମାଳବୀୟଜୀଙ୍କ ଘର ଓ କର୍ମସ୍ଥାନ ଏଲାହାବାଦ । ଏଲାହାବାଦ ମଧ୍ୟ ଯୁକ୍ତ ପ୍ରଦେଶର ରାଜଧାନୀ । ପୁଣି ସେତେବେଳେ ଭାରତର ରାଜଧାନୀ ହୋଇଥିଲା ଦିଲ୍ଲୀ। କଲିକତା ଓ ବମ୍ବେଇ ପରି ବଡ଼ବଡ଼ ଧନୀ ସହର ମଧ୍ୟ ଥିଲା । ମାତ୍ର ମାଳବୀୟ ହିନ୍ଦୁ ବିଶ୍ୱବିଦ୍ୟାଳୟର ସ୍ଥାନ କରିଥିଲେ- ବାରାଣସୀ । ସେଇପରି ଓଡ଼ିଆମାନେ ପୁରୀରେ 'ଜଗନ୍ନାଥ ବିଶ୍ୱଭାରତୀ'ର କଳ୍ପନା କରି ସାରା ଭାରତର ଦୃଷ୍ଟି ଏବେ ସେ ଦିଗକୁ ଆକର୍ଷଣ କରିପାରନ୍ତି । ଏସବୁ କଳ୍ପନାରେ ଦରିଦ୍ର ଓଡ଼ିଆଙ୍କର ଗୌଣତ୍ୱ ବୃଦ୍ଧି ଅବଶ୍ୟ ଗୋଟିଏ ଅନ୍ତରାୟ । ହେଲେ ହେଁ ଇତିହାସର ପୀଠ ଉପରେ ଭବିଷ୍ୟତ କଳ୍ପନା ଗଢ଼ି କାର୍ଯ୍ୟରେ ବ୍ରତୀ ହେବାର ଏଇ ଏକମାତ୍ର କ୍ଷେତ୍ର । ଓଡ଼ିଆର ଆଉ କିଛି ଏବେ ନାହିଁ । କର୍ପୂର ଉଡିଯାଇ କନା ପଡ଼ିଲା ପରି ହେଲେ ବି, ଜଗନ୍ନାଥ ଅନୁଷ୍ଠାନ ଏବେ ପଡ଼ିରହିଛି। ତାହାର ସଦ୍‌ବ୍ୟବହାର ଓ ସୁ-ବ୍ୟବହାର କରିବାର ପୁରୋଦୃଷ୍ଟି ଓ ଶକ୍ତି ଫିଟାଇବାକୁ ହେବ । ଓଡ଼ିଆ କର୍ମବୀରମାନେ 'ଜଗନ୍ନାଥ ବିଶ୍ୱଭାରତୀ'ର କଳ୍ପନା କରି ଏବେ ଲଗିଯାଆନ୍ତୁ । ଏ କାର୍ଯ୍ୟରେ ଓଡ଼ିଆ ଦେଶୀ ରାଜା, ଏ ଦେଶୀ ଓ ବିଦେଶୀ ଜମିଦାର, ମହାଜନ ବେପାରୀଙ୍କଠାରୁ ମଠ ମହନ୍ତଙ୍କ ପର୍ଯ୍ୟନ୍ତ ସମସ୍ତଙ୍କର ଆନ୍ତରିକ ସହଯୋଗ ସହଜ ହେବ । ପୁଣି ଭାରତର ଜନସାଧାରଣ ଏଥିରେ ନୂତନତା ଦେଖି ଏ ଦିଗକୁ ଆକୃଷ୍ଟ ହେବା ଭଳି ଜିନିଷ ମଧ୍ୟ ଏଥରେ ଅଛି ।

ନବ ଭାରତ-୨/୩, ଆଲୋଚନା

Digitized by PPRACHIN, SOA

ଓଡ଼ିଶା ଇଉନିଭର୍ସିଟି ବା ବିଶ୍ୱଭାରତୀ

ଏଥିପୂର୍ବେ ଆମେ ପୁରୀରେ ଜଗନ୍ନାଥ ବିଶ୍ୱଭାରତୀ ସ୍ଥାପନ କରିବାର କଳ୍ପନା ସମ୍ବନ୍ଧରେ କିଞ୍ଚିତ୍ ଆଲୋଚନା କରିଥିଲୁ। ସେ ଆଲୋଚନାର ଭିତ୍ତି ଅବଶ୍ୟ ସ୍ୱତନ୍ତ୍ର। ଓଡ଼ିଶା ପରି ଭୂମିରେ ଥିବାରୁ ଏ ଯୁଗରେ ପୁରୀପରି ସ୍ଥାନର ପ୍ରତିଷ୍ଠା ଫୁଟିପାରି ନାହିଁ ସତ, ମାତ୍ର ହିନ୍ଦୁ ଭାରତ ତଥା ବୌଦ୍ଧ ଜଗତରେ ସମାନ ପ୍ରତିଷ୍ଠା ପାଇବା ଭଳି କ୍ଷେତ୍ର ଏକା ପୁରୀ। ଓଡ଼ିଆଙ୍କ ପୂର୍ବ ପୁରୁଷମାନେ ଏହାର କଳ୍ପନା ଓ ପ୍ରତିଷ୍ଠା କରିଥିଲେ। ଓଡ଼ିଆ ଏ ଯୁଗରେ ଏ କ୍ଷେତ୍ରରେ ଆଜିଯାଏ ନିଜର ଦାୟାଦତ୍ୱ ପ୍ରକାଶ କରିପାରି ନାହାନ୍ତି। ବିଧାତା କରନ୍ତୁ, ଓଡ଼ିଆ ପୁଅଙ୍କ ଭିତରେ ମନୁଷ୍ୟ ବାହାରନ୍ତୁ ଓ ଏଇସବୁ ପନ୍ଥାରେ ତାଙ୍କର ପୁରୋଦୃଷ୍ଟିପର କଳ୍ପନା କାର୍ଯ୍ୟରେ ଖେଳୁ।

ହେଲେହେଁ, ପୁରୀରେ ଯେଉଁ ବିଶ୍ୱଭାରତୀର କଳ୍ପନା ତାହା ପ୍ରଦେଶ ଭୂମିରେ ସୀମାବଦ୍ଧ ନୁହେଁ। ତାହା ବିରାଟ ସଂସ୍କୃତିମୂଳକ ଅନୁଷ୍ଠାନ ଓ ଫଳରେ ତାହା ବିରାଟ କୁଳଗୃହ ହେବାର କଥା। ଅଧ୍ୟାପକ ଓ ଅନ୍ତେବାସୀ ଏକତ୍ର ରହି ସେଠାରେ ସାହିତ୍ୟ ଶିଳ୍ପ ବିଜ୍ଞାନାଦି ଆଲୋଚନା କରିବାର କଥା। ଆଜିକାଲି ପ୍ରଦେଶାବଚ୍ଛେଦରେ ଶିକ୍ଷା, ସଂସ୍କୃତି, କଳା, ଜ୍ଞାନ ବିଜ୍ଞାନାଦି ଶୃଙ୍ଖଳିତ ଭାବରେ ଆଦର୍ଶ ଧରି କର୍ଷଣ କରିବା ନିମନ୍ତେ ଯେଉଁ ବିଶ୍ୱଭାରତୀମାନଙ୍କର କଳ୍ପନା କରାଯାଇଛି, ପୁରୀର କଳ୍ପିତ ବିଶ୍ୱଭାରତୀ ଗଠନ ଓ ପରିସରାଦିରେ ତା'ଠାରୁ ଭିନ୍ନ।

ପ୍ରଦେଶାବଚ୍ଛେଦରେ ଶିକ୍ଷାଦିର ଶ୍ରୀବୃଦ୍ଧି କଳ୍ପେ ଓଡ଼ିଶାରେ ଗୋଟିଏ ୟୁନିଭର୍ସିଟି ବା ବିଶ୍ୱଭାରତୀ ସ୍ଥାପନ କରିବାର ପ୍ରାରମ୍ଭ ଓଡ଼ିଶାବାସୀଙ୍କର ଏବେ ଦେଖାଯାଇଛି। ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବା ସଙ୍ଗେ ଏ ଅଭିଳାଷ ଓ ତଦନୁରୂପ ପ୍ରଯତ୍ନ ଦେଖାଯିବା ସ୍ୱାଭାବିକ। ଏ ମଧ୍ୟରେ ଏଇ ପ୍ରସଙ୍ଗରେ କଟକ କଲେଜର ଭୂତପୂର୍ବ ଛାତ୍ରମାନଙ୍କ ସଂସଦରେ ଆଲୋଚନା ହୋଇ ଏ ଦିଗରେ କ୍ରିୟାବାନ୍ ହେବା ଲାଗି ଗୋଟିଏ କମିଟି ଗଢ଼ାଯାଇ ଥିଲା। ସେ କମିଟିର କାର୍ଯ୍ୟ ଆରମ୍ଭ ନ ହେଉଣୁ ପୁଣି ବ୍ରହ୍ମପୁରଠାରେ ଏଇ ବିଷୟ ଘେନି ଗୋଟିଏ ବ୍ୟାପକ ସମ୍ମେଳନ ବସି ବିଷୟଟିର ଆଲୋଚନା କରି ରିପୋର୍ଟ ଦେବା ନିମନ୍ତେ ଗୋଟିଏ କମିଟି ଗଢ଼ିଛନ୍ତି। ଏ କମିଟିର ଅନେକ ମେମ୍ବର ସେ କମିଟିରେ ମଧ୍ୟ ଅଛନ୍ତି। ଶୀଘ୍ର ରିପୋର୍ଟ ପ୍ରକାଶିତ ହେବ। ଏଇ ରିପୋର୍ଟରେ କ'ଣ ବାହାରିବ ସେଥିପାଇଁ ସମସ୍ତେ ଚାହିଁ ରହିଛନ୍ତି। କାରଣ, ଏଇଭଳି ନାନାବିଧ ଜାତୀୟ ଅନୁଷ୍ଠାନ ପ୍ରତି ଓଡ଼ିଆଙ୍କର ଏବେ ଆଭିମୁଖ୍ୟ ଫିଟିଚି ବୋଲି ମନେ ହୁଏ।

ତଥାପି ଗୋଟିଏ କଥା ଏଠାରେ ମନେ ରଖିବାକୁ ହେବ। ଏ ଦେଶ ପରାଧୀନ - ରାଜନୀତିକ ଭାବରେ ଏହାର ପରାଧୀନତା ସ୍ପଷ୍ଟ। ଏ ଦେଶ ଆଜି ଯେ ଏପରି ପରାଧୀନ

Digitized by PPRACHIN, SOA

ହେଲା ତା ନୁହେଁ, ଏ ଦେଶର ଇତିହାସରେ ଏ ପ୍ରକାର ପରାଧୀନତା ବହୁବାର ଦେଖାଯାଇଛି। କିନ୍ତୁ ଏସବୁ ସତ୍ତ୍ୱେ ଭାରତର ଆତ୍ମା କେବେ ପରାଧୀନ ହୋଇନାହିଁ। ଆତ୍ମା ବା ସଂସ୍କୃତିର ପରାଧୀନତା ଭାରତରେ କେବେ ନିଜର ସର୍ବଗ୍ରାସୀ କ୍ଷୁଧା ତୃପ୍ତ କରିନାହିଁ। ବହୁ ଶତାବ୍ଦୀ ପରେ ଏ ଯୁଗରେ ତାହା ଆରମ୍ଭ ହୋଇଛି। ଏ ଦେଶକୁ ଖାଲି ଯେ ଜାହାଜରେ ଲୁହା, ଲୁଗା ପ୍ରଭୃତି ଆସି ଏ ଦେଶର ଆର୍ଥିକ ପରିସ୍ଥିତି ବଦଳାଇବାରେ ଲାଗିଚି ସେତିକି ନୁହେଁ, ଏ ଦେଶର ବ୍ୟକ୍ତିତ୍ୱ ଓ ପରିସ୍ଥିତି ଧ୍ୱଂସର ଯଥାର୍ଥ ଉପକରଣ ହେଉଚି - ଜାହାଜରେ ଆସୁଥିବା ଭାବ, ଚିନ୍ତା ଓ ଆଦର୍ଶ। ଓଡ଼ିଶା ଉପକୂଳକୁ ପୁଣି ସେ ଭାବ, ଚିନ୍ତା ଓ ଆଦର୍ଶ ଠିକ୍ ଜାହାଜରୁ ଆସୁ ନାହିଁ। ସେସବୁ ଆଗ କଲିକତା, ମାନ୍ଦ୍ରାଜ, ବୋମ୍ବେ, ଦିଲ୍ଲୀ ପ୍ରଭୃତିକୁ ଆସୁଚି। ସେଠାରୁ ପୁଣି ଓଡ଼ିଶାକୁ ଗୋଳିଆ ନାଳ ପାଣି ପରି ଗଡ଼ିଆସୁଚି। ଏଇ ଦୁରପନେୟ ଦୁର୍ଗତି ହେତୁରୁ ଏ ଦେଶର ପାଣିପାଗ ଓ ପରିସ୍ଥିତିରେ ବଢ଼ି ଏ ଦେଶକୁ ଜୀବନୋପକରଣ ଯୋଗାଇବା ଭଳି ଅନୁଷ୍ଠାନମାନ ଏ ଦେଶରେ ବଢୁନାହିଁ। ସବୁ କ୍ଷେତ୍ରରେ ଏଇ ଅଜ୍ଞାତ ଅନୁକରଣଜନିତ ଦୁର୍ଗତିର ଉଦାହରଣ ଦିଆଯାଇପାରେ। ମାତ୍ର ଏଇ ଶଂସିତ ବିଶ୍ୱଭାରତୀ ସମ୍ପର୍କରେ ସେ କଥାଟି ବୁଝାଯାଉ।

ଇଉନିଭର୍ସିଟିଟିଏ କଳ୍ପନା କଲେ ଆମ ଦୃଷ୍ଟି ହଠାତ୍ ଯାଏ କେଂବ୍ରିଜ୍, ଅକ୍ସଫୋର୍ଡ଼ ଆଡ଼କୁ କିମ୍ବା ସେ ବିଷୟରେ ଲେଖିଥିବା ଇଉରୋପୀୟମାନଙ୍କ ଲେଖା ଓ ସେଇ ଭାବାନ୍ୱିତ କମିଟିମାନଙ୍କ ରିପୋର୍ଟ ପ୍ରତି। ବିଶ୍ୱଭାରତୀ ପ୍ରସ୍ତାବ ପଢ଼ିଲେ ହଠାତ୍ ସେଥିପାଇଁ ଆମ ମନ ଦୌଡ଼େ- ଗୋଟାଏ ବିରାଟ ଜାଗାରେ କିପରି ବିରାଟ କୋଠାଘରମାନଙ୍କରେ ଉଚ୍ଚଶିକ୍ଷା ଓ ଚରିତ୍ର ସାଧନାଲାଗି ଛାତ୍ରମାନେ ଅଧ୍ୟାପକଙ୍କୁ ଘେନି ଏକତ୍ର ରହିବେ। ବିରାଟତର କୋଠାମାନ ଅଧ୍ୟାପନାର ମଞ୍ଚମାନ ଘେନି ବିରାଜିବ। ଆଖାପାଖରେ ଆଉ ସେପରି ଶିକ୍ଷାର ବ୍ୟବସ୍ଥା କରି ଦେଶରେ ଶିକ୍ଷା ଓ ସଂସ୍କୃତି ବିକାଶକୁ ବିକ୍ଷିପ୍ତ ଓ ହ୍ରସ୍ୱ କରିବାର କୌଣସି ସମ୍ଭାବନା ରଖି ଦିଆହେବନାହିଁ। ଅତ୍ୟୁଚ୍ଚ ଶିକ୍ଷା ସାଧାନାଦିର ବ୍ୟବସ୍ଥା ଛଡ଼ା ବିଶ୍ୱଭାରତୀ ତଳଶିକ୍ଷାର ବ୍ୟବସ୍ଥାଦିରୁ ନିଜକୁ ସର୍ବତୋଭାବରେ ଅନ୍ତର ରଖିବେ। ବିଶ୍ୱଭାରତୀର କେନ୍ଦ୍ରରେ ଛାତ୍ରାଦିଙ୍କୁ ରହିବା, ଖେଳିବା ପ୍ରଭୃତିରେ ସବୁପ୍ରକାର ଆଧୁନିକ ବିଜ୍ଞାନ ପ୍ରସୂତ ସୁବିଧା କରି ଦିଆଯିବ। ବେଶି ଖର୍ଚ୍ଚ ନ କରି କେହି ବିଶ୍ୱଭାରତୀର ସୁବିଧା ପାଇବେ ନାହିଁ। କାରଣ ଅଳ୍ପ ଖର୍ଚ୍ଚରେ ବିଶ୍ୱବିଦ୍ୟାଳୟରୁ ପ୍ରଥମ ଶ୍ରେଣୀର ବିଦ୍ୟା ବିନୟସମ୍ପନ୍ନ ବ୍ୟକ୍ତିମାନେ ବାହାରିବେ ନାହିଁ।

ଏସବୁ ଆଗରେ କଳ୍ପନା କଲେ ଆଖି ଝଲସି ଯିବାର କଥା। ମଫସଲି କୃଷକଙ୍କୁ ମଧ୍ୟ ଟକୀ ବା ବାଣୀମୟ ଚଳଚ୍ଚିତ୍ର ସାହାଯ୍ୟରେ ପ୍ରାଥମିକ ଶିକ୍ଷା ଦେବା ଏହିପରି ଏକ କଳ୍ପନା। ରୁଷିଆ ଦେଶରେ ହୁଏତ ତାହା କାର୍ଯ୍ୟରେ ହେଉଚି, କିନ୍ତୁ ଏ ଦେଶର ପାଣିପାଗ

Digitized by PPRACHIN, SOA

ଓ ବେଷ୍ଟନୀରେ ତାହା କଳ୍ପନୀୟ ନୁହେଁ। ବିଶ୍ୱବିଦ୍ୟାଳୟ ସମ୍ବନ୍ଧରେ ମଧ୍ୟ ସେହି ଧାରାରେ ଚିନ୍ତା ଚଳାଇବାକୁ ହେବ।

ଓଡ଼ିଶାର ବିଶ୍ୱବିଦ୍ୟାଳୟ ପ୍ରାଚୀନ କଲିକତା ଓ ଆଧୁନିକ ପାଟଣା ବିଶ୍ୱବିଦ୍ୟାଳୟ ପରି ଶିକ୍ଷା ଓ ସଂସ୍କୃତିଚାଳନପର ବ୍ୟକ୍ତିମାନଙ୍କୁ ଘେନି ଗୋଟିଏ ସ୍ୱାଧୀନ ଓ ସ୍ୱତନ୍ତ୍ର ଅନୁଷ୍ଠାନ ହେବ। ଯେ ଯେଉଁଠାରେ ଉଚ୍ଚ ଶିକ୍ଷାର ବ୍ୟବସ୍ଥାମାନ ଯେତେ ପରିମାଣରେ ଦେଶ ଭିତରେ କରିବେ କରାନ୍ତୁ। ସରକାର ଉଚ୍ଚ ଶିକ୍ଷାପାଇଁ ମୁଖ୍ୟତଃ ଦାୟୀ। ସେ ପ୍ରଜାଙ୍କ ଉଚ୍ଚଶିକ୍ଷାର ବ୍ୟବସ୍ଥା ଯେଉଁଠାରେ ଯେତେ ପାରିବେ କରନ୍ତୁ ଓ କରାନ୍ତୁ। ଦେଶରେ ଦ୍ୱିତୀୟ ଶ୍ରେଣୀ, ପ୍ରଥମ ଶ୍ରେଣୀ କଲେଜ ଓ ହାଇସ୍କୁଲମାନ ଯେତେ ହେବାର ହେଉ। ବିଶ୍ୱଭାରତୀ କେବଳ ସେମାନଙ୍କୁ ପନ୍ଥା ଦେଖାଇ ଚାଳନ କରିବାର ଭାର ନିଅନ୍ତୁ। କେବଳ ଚାକରି ମାତ୍ର ଆଦର୍ଶରୁ ଆଖି ଫେରି କିପରି ଆତ୍ମୋନ୍ନତି ଓ ବ୍ୟକ୍ତିତ୍ୱ ପ୍ରତିଷ୍ଠା ଆଡ଼କୁ ଯୁବକମାନଙ୍କର ଦୃଷ୍ଟି ଯିବ ବିଶ୍ୱଭାରତୀ ତାହା ଦେଖିବେ। ଚେଷ୍ଟା କରି ଅଳ୍ପ ସଂଖ୍ୟାରେ ପାଶ କରାଇ ଲୋକଙ୍କର ଶିକ୍ଷା ବଢ଼ାଇବାର ଗୋଟିଏ ଆଦର୍ଶ ମଧ୍ୟ କେତେକଙ୍କୁ ବ୍ୟାକୁଳ କରିବାର ଦେଖାଯାଏ। ସେପରି କ୍ଷେତ୍ର ହୁଏ ତ ଥାଇପାରେ। ମାତ୍ର ଏବେ ଓଡ଼ିଶାରେ ସେ କ୍ଷେତ୍ର ଗଢ଼ିବାକୁ କାଳ ଲାଗିବ। ଅନ୍ୟ ପ୍ରଦେଶକୁ ଚାହିଁ ସେସବୁ ସାଧନା ଅନୁକରଣ କରିବାରେ ଲାଗିଯିବା ଆମର ଆଦୌ ଠିକ୍ ହେବ ନାହିଁ। ଆଗେ ବହୁ ସଂଖ୍ୟାରେ ଯୁବକମାନେ ଇଉନିଭର୍ସିଟିରୁ ବାହାରନ୍ତୁ। ଉଚ୍ଚଶିକ୍ଷିତ ବୋଲି ତାଙ୍କର ଗୋଟାଏ ଆତ୍ମପ୍ରତ୍ୟୟ ଆସିବାର କ୍ଷେତ୍ର ତିଆରି ହେଉ। ସେତେବେଳେ ହୁଏ ତ ସେଇମାନେ ସଂକୋଚ ପାଇଁ ବ୍ୟଗ୍ର ହେବେ। ସେ କାମ ଏବେ ଆମର ନୁହେଁ।

ଆଦର୍ଶ ଦେଖାଇବା ପାଇଁ ଉଚ୍ଚ ଶିକ୍ଷାର କୌଣସି କୌଣସି ବିଭାଗ ନିଜ ହାତରେ ନେବା ଇଉନିଭର୍ସିଟିର ଦରକାର ହୋଇପାରେ। ମାତ୍ର ସେସବୁ ଦିଗରେ କାର୍ଯ୍ୟ ମେଲାଇ ବସିବାର ଅନେକ ପ୍ରତ୍ୟବାୟ ଅଛି। କେବଳ ଆର୍ଥିକ ପ୍ରତ୍ୟବାୟଟି ଏ କ୍ଷେତ୍ରରେ ନଗଣ୍ୟ ନୁହେଁ। ସେଥିପାଇଁ ସରକାର ନିଜ କଲେଜ ବା କଲେଜମାନଙ୍କରେ, ଅଥବା ଅନ୍ୟ କେହି ସେଇଭଳି ବିଦ୍ୟାନୁଷ୍ଠାନରେ ସେଭଳି ବ୍ୟବସ୍ଥା ନ କଲେ କିମ୍ବା ଇଉନିଭର୍ସିଟି ସମସ୍ତ ପ୍ରବର୍ତ୍ତନା ସତ୍ତ୍ୱେ ତାହା କରାଇ ନ ପାରିଲେ, ନିଜେ ସେଭଳି କିଛି ବ୍ୟବସ୍ଥା ହାତରେ ନେଇପାରନ୍ତି। କାରଣ ଓଡ଼ିଶାରେ ଏବେ ସାଧାରଣ ଶିକ୍ଷା ଓ ପାଣ୍ଡିତ୍ୟର ଆୟତନ ଓ ପରିସର ବଢ଼ିବା ବଡ଼ ଦରକାର। ଅନ୍ୟ ସବୁ ଦିଗ ଆପେ ଆପେ ବିକାଶ ପାଇବାର ଏହି ଆୟତନ ଓ ପରିସର ହିଁ ଯଥାର୍ଥ ପରିସ୍ଥିତି। ତେଣୁ, ପଡ଼ିଶା ଘରେ ହୁଏତ କାହାର ବିଭବରେ କାତର ହୋଇ ସେସବୁ ଦିଗ ପାଇଁ ହଠାତ୍ ଅଯଥା ମନ ବଳାଇ ସାହାରା ମଝିରେ ପଡ଼ିଲା ପରି ବ୍ୟାକୁଳ ହୋଇ ହାସ୍ୟାସ୍ପଦ ହେବା ଠିକ୍ ନୁହେଁ। ଓଡ଼ିଆ ପଢ଼ନ୍ତୁ,

Digitized by PPRACHIN, SOA

ଅଳ୍ପ ଖର୍ଚ୍ଚରେ ବଡ଼ ପାଠ ପଢ଼ନ୍ତୁ ଓ ଶହ ଶହ, ହଜାର ହଜାର ସଂଖ୍ୟାରେ କଲେଜମାନଙ୍କରୁ ବାହାରି ବଡ଼ ପାଠୁଆ ବୋଲି ଛାତି ଫୁଲାଇ ଓଡ଼ିଶା ଦାଣ୍ଡରେ ଓ ବାହାରେ ବୁଲନ୍ତୁ ଏବଂ ବାହାରେ ସେମାନଙ୍କର ସାହସ ବଢ଼ୁ ଓ ମନୁଷ୍ୟତା ଫୁଟୁ। ବିଶ୍ୱଭାରତୀ ଏବେ ଏଇ ଉଦ୍ଦେଶ୍ୟରେ କାର୍ଯ୍ୟ କରିବା ବିହିତ।

ଅତଏବ ଓଡ଼ିଶାର ପ୍ରାଦେଶିକ ବିଶ୍ୱଭାରତୀ ନିମ୍ନଲିଖିତ ପ୍ରକାରେ ହେବା ଉଚିତ –

୧. ମୁଖ୍ୟତଃ ଏହା ଗୋଟିଏ ସ୍ୱାଧୀନ ଶିକ୍ଷା ଚାଳନାର ସଂସଦ୍‌ରୂପେ ରାଜଧାନୀରେ ପ୍ରତିଷ୍ଠିତ ରହିବ ଓ ମାଟ୍ରିକୁଲେଶନ୍ ଠାରୁ ଆରମ୍ଭ କରି ସବୁ ପ୍ରକାର ପଢ଼ା ଓ ପରୀକ୍ଷାର ଭାର ନେବ।

୨. ସରକାରୀ ଓ ବେସରକାରୀ ସବୁ ପ୍ରକାର ପ୍ରଥମ ଓ ଦ୍ୱିତୀୟଶ୍ରେଣୀ କଲେଜମାନଙ୍କର ଶିକ୍ଷା ପ୍ରଣାଳୀ ନିୟମିତ କରି ସେମାନଙ୍କୁ ଆଫିଲିଏଟ୍ ବା ନିଜର ଅଙ୍ଗୀଭୂତ କରିବ।

୩. ସରକାରୀ ଓ ବେସରକାରୀ ଉଚ୍ଚ ବିଦ୍ୟାଳୟ ବା ହାଇସ୍କୁଲ୍‌ମାନଙ୍କୁ ପ୍ରବେଶିକା ବା ମାଟ୍ରିକୁଲେଶନ୍ ପରୀକ୍ଷା ପାଇଁ ଶିକ୍ଷାର ଆଦର୍ଶ ଓ ବିଧାନ ଦେବ ଓ ମଂଜୁର କରିବ।

୪. ଆବଶ୍ୟକୀୟ ନୂତନ ବିଷୟମାନଙ୍କରେ ଉଚ୍ଚ ଶିକ୍ଷାର ବ୍ୟବସ୍ଥା ପାଇଁ ସରକାରୀ ଓ ବେସରକାରୀ କଲେଜମାନଙ୍କୁ ପ୍ରବର୍ତ୍ତାଇ, ଯଥାସମ୍ଭବ ସେ ସବୁ ବିଭାଗରେ ଶିକ୍ଷାର ବ୍ୟବସ୍ଥା କରାଇବ।

୫. ଏସବୁ ସତ୍ତ୍ୱେ ଆବଶ୍ୟକ ପଡ଼ିଲେ ସାମର୍ଥ୍ୟ ଅନୁସାରେ କୌଣସି ବିଷୟ ବା ବିଭାଗରେ ନିଜେ ଆଦର୍ଶ ଶିକ୍ଷାଦାନର ବ୍ୟବସ୍ଥା କରିବ।

୬. କୌଣସି ଏକ କେନ୍ଦ୍ରରେ ସବୁ ପ୍ରକାର ଉଚ୍ଚଶିକ୍ଷାର ବ୍ୟବସ୍ଥା କରି ଶିକ୍ଷା ବ୍ୟାପ୍ତିକୁ ସଂଯତ କରି ଶିକ୍ଷାର ମୂଲ୍ୟ ଓ ଗୌରବ ବଢ଼ାଇବା ଆଦର୍ଶରେ ମାତିବ ନାହିଁ।

୭. ତେଣୁ କଟକର ରେଭେନ୍ସା କଲେଜ ବା ଅନ୍ୟ କୌଣସି ସେଇଭଳି କଲେଜକୁ ଇଉନିଭର୍ସିଟିରେ ପରିଣତ କରି ଜଗତରେ ହଠାତ୍ ଛାତି ଫୁଲାଇ ଦେଖାଇ ହେବା ମୋହରେ ମଧ୍ୟରେ ପଡ଼ିବ ନାହିଁ।

୮. ପ୍ରଦେଶରେ ସମସ୍ତ ସ୍କୁଲ୍ କଲେଜ ଓ ଉଚ୍ଚବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ପାଇଁ ପାଠ୍ୟର ବ୍ୟବସ୍ଥା କରିବ ଓ ଦରକାର ହେଲେ ପାଠ୍ୟ ପୁସ୍ତକମାନେ ନିଜସ୍ୱରୂପେ ପ୍ରକାଶ କରିବ।

ଏହାଛଡ଼ା ଆଉ ଗୋଟିଏ କଥା ବିଚାର କରିବାର ଅଛି। କେତେକ ବିଶ୍ୱଭାରତୀର ପରିସ୍ଥିତି ହେତୁରୁ ପ୍ରଦେଶାନ୍ତରରେ ବ୍ୟବସ୍ଥା ବାହାରିଚି, ଇଣ୍ଟରମିଡ଼ିଏଟ୍ ବା ଦ୍ୱିତୀୟ ଶ୍ରେଣୀ କଲେଜର ଯାହା ଶେଷ ପରୀକ୍ଷା, ସେ ପର୍ଯ୍ୟନ୍ତ ଇଉନିଭର୍ସିଟି ନିଜ ହାତେ ନ ରଖି ଅନ୍ୟ ଗୋଟିଏ ବୋର୍ଡ଼ ବା କମିଟି ହାତେ ଛାଡ଼ି ଦେବ। ଏ ସମ୍ବନ୍ଧରେ ଅନ୍ୟାନ୍ୟ କାରଣ ଯାହା ଥାଉ, ଓଡ଼ିଶାରେ ସେପରି କରିବାର ସମୟ ବା ପରିସ୍ଥିତି ଆସି ନାହିଁ। ଓଡ଼ିଶା ବିଶ୍ୱବିଦ୍ୟାଳୟ

Digitized by PPRACHIN, SOA

ଏବେ ଅତି ସହଜରେ ମାଟ୍ରିକୁଲେଶନ୍ ପର୍ଯ୍ୟନ୍ତ ସବୁ ପରୀକ୍ଷାର ଭାର ସ୍ୱଚ୍ଛନ୍ଦରେ ନେଇ ଚଳାଇପାରିବ। ବରଂ ଆବଶ୍ୟକ ହେଲେ ପ୍ରଦେଶର ସମସ୍ତ ଶିକ୍ଷା ସଂସ୍ଥାନ ଗୋଟିଏ ଆଦର୍ଶ ଓ ନୀତିରେ ବିକାଶ କରାଇବା ଉଦ୍ଦେଶ୍ୟରେ, ମଧ୍ୟ ଏପରିକି ପ୍ରାଥମିକ ଶିକ୍ଷା ପର୍ଯ୍ୟନ୍ତ ସର୍ବତ୍ର କିଞ୍ଚିତ୍ ଦୃଷ୍ଟି ରଖିବାର ବ୍ୟବସ୍ଥା କଲେ ବି ମନ୍ଦ ହେବ ନାହିଁ। ଅର୍ଥାତ୍ ସେସବୁ ମଧ୍ୟ ଓ ନିମ୍ନଶିକ୍ଷା ଯେ ଚଳାଇବେ ତାଙ୍କ କାର୍ଯ୍ୟରେ ଯୋଗଦେଇ ସାହାଯ୍ୟ କରିବା ପାଇଁ ଇଉନିଭର୍ସିଟି ନିଜର ଲୋକ ରଖାଇବା ବ୍ୟବସ୍ଥା କରିପାରନ୍ତି।

ଓଡ଼ିଶା କ୍ଷୁଦ୍ର ପ୍ରଦେଶ। କେବଳ କ୍ଷୁଦ୍ର ନୁହେଁ ଏଠାରେ ରାଜନୀତିସୃଷ୍ଟ ବିବଦମାନ ସ୍ୱାର୍ଥର ପ୍ରସାର ନିମନ୍ତେ ସ୍ଥାନ ବଡ଼ ସଂକୁଚିତ। ମାତ୍ର ଏବର ଶିକ୍ଷା ସଂସ୍କୃତିରେ ଏହା ପ୍ରତିବେଶୀ ପ୍ରଦେଶ ତଥା ପ୍ରାଦେଶିକ ଅନୁଷ୍ଠାନମାନଙ୍କୁ ନିଜ ଅବସ୍ଥା ଦୃଷ୍ଟିରେ ବ୍ୟବହାର କରି ଅତିଶୀଘ୍ର ଶିକ୍ଷା ସଂସ୍କୃତି ପ୍ରଭୃତିର ପରିସର ଯଥାଶୀଘ୍ର ବଢ଼ାଇବା ଦରକାର। କ୍ଷେତ୍ରର ପରିସର ସମ୍ପଦ୍ ବଢ଼ିଗଲେ, ପରେ ଫସଲର ପ୍ରକୃତି ଓ କର୍ଷଣର ଆପେକ୍ଷିକ କାର୍ଯ୍ୟକାରିତା ବିଚାର କରି ବ୍ୟବସ୍ଥା କରିବାର ସମୟ ଆସିପାରେ। ଯାହାର ଗୁଣ୍ଠେ ଜମି ସେଥିରେ ପୁଣି କୋଶଳା ଶାଗରୁ ବଡ଼ଫସଲ ନାହିଁ, ତା ପକ୍ଷରେ ଟ୍ରାକ୍ଟର ବା କଳ ଲଙ୍ଗଳ ଯୋଗେ ଚାଷ କରିବାର କଳ୍ପନା ବିଡ଼ମ୍ବନା।

ନବ ଭାରତ-୨/୫, ଆଲୋଚନା

ଓଡ଼ିଶା ବିଶ୍ୱବିଦ୍ୟାଳୟ

ବିଶ୍ୱବିଦ୍ୟାଳୟ ଦରକାର -

ଓଡ଼ିଶାରେ ବିଶ୍ୱବିଦ୍ୟାଳୟ ଦରକାର । ଏବେ ପାଟଣା ସାଙ୍ଗେ ଅଧାଅଧି ବଣ୍ଟରାରେ ହିନସ୍ତା । ଓଡ଼ିଶା ସରକାର ଟଙ୍କା ଦେବେ କିନ୍ତୁ ଓଡ଼ିଆ ବା ଓଡ଼ିଶା ସରକାର ସେଠରେ କୌଣସି କର୍ତ୍ତୃତ୍ୱ କରିପାରିବେ ନାହିଁ । ଟଙ୍କା ଦେଇ ଅନୁଗ୍ରହରେ ରହିବା ଠିକ୍ ନୁହେଁ । ପୁଣି ଓଡ଼ିଶାର ଯଦି କିଛି ଶିକ୍ଷାରେ ସ୍ୱାତନ୍ତ୍ର୍ୟ ଫୁଟାଇବାର ଦରକାର ହେବ ତା ପାଟଣାରେ ହୋଇପାରିବ ନାହିଁ। ସର୍ବୋପରି ସାଂପ୍ରଦାୟିକ ପ୍ରସଙ୍ଗରେ ପାଟଣା ଓ ଓଡ଼ିଶାର ମାପରେ କୌଣସି ସଂପର୍କ ନାହିଁ । ଅନ୍ୟାନ୍ୟ କଥା ମଧ୍ୟରେ ଦେଶୀ ଭାଷାର ପ୍ରସଙ୍ଗରେ ମଧ୍ୟ ଦୁଇ ପ୍ରଦେଶର ବ୍ୟବଧାନ ବିସ୍ତର । ବିହାରର ଶିକ୍ଷା ବା ବିଚାର ବିଭାଗରେ ନିଜ ଭାଷା ନାହିଁ । ଓଡ଼ିଶାର ସ୍ୱତନ୍ତ୍ର ଭାଷା ଅଛି ।

ଚେଷ୍ଟା ସାଧୁ, ମାତ୍ର -

ସେ ଯା ହଉ, ଓଡ଼ିଶା ପାଇଁ ଏଇ ବିଶ୍ୱବିଦ୍ୟାଳୟ କରିବାରେ ଅନେକଙ୍କର ଖୁବ୍ ମନ ଲାଗିଚି । ସାଧୁ । ମାତ୍ର ଏ ସମ୍ବନ୍ଧରେ ଦୁଇ ତିନୋଟି କଥା ମନେ ରଖିବାର ଅଛି ।

Digitized by PPRACHIN, SOA

ପ୍ରାଥମିକ ଶିକ୍ଷାର ମୋହରେ ଭୁଲିବା ଠିକ୍ ନୁହେଁ -

ପ୍ରଥମ କଥା, କେତେକ ଦେଶସେବୀ ମନେ କରନ୍ତି, ପ୍ରାଥମିକ ଶିକ୍ଷା ହିଁ ଏକାନ୍ତ କାମ୍ୟ। ତେଣୁ ବିଶ୍ୱବିଦ୍ୟାଳୟ ପରି ବିଳାସରେ ଟଙ୍କା ଖର୍ଚ୍ଚ କରିବା ଆଦୌ ଉଚିତ ନୁହେଁ । ସେମାନଙ୍କର ଏ ଧାରଣା ସାଧୁ ହୋଇପାରେ । ମାତ୍ର ବଡ଼ କଂଚା । ସଭ୍ୟତାର ପ୍ରଗତି ନିୟମିତ କରିବାରେ ଉଚ୍ଚ ଶିକ୍ଷା, ତଥା ଶିଳ୍ପ ବିଜ୍ଞାନ ଦର୍ଶନ ଗଣିତ ଇତିହାସ, ମୋଟ କଥାରେ ସାହିତ୍ୟ ସଂସ୍କାର ଯେ ଏକାନ୍ତ ଆବଶ୍ୟକ, ତା କେହି ଅସ୍ୱୀକାର କରିବେ ନାହିଁ । ପ୍ରାଥମିକ ଶିକ୍ଷା ବଢ଼ିଲେ ଜନସାଧାରଣରେ ସଂସ୍କାର ପ୍ରବେଶ କରିବ ସତ, ମାତ୍ର ଉଚ୍ଚ ଚିନ୍ତା ଓ ଗବେଷଣାଦିର ବାଟ ନ ଫିଟିଲେ ସଭ୍ୟତାର ଭୂୟୋବିକାଶ ହେବନାହିଁ । ତେଣୁ ବିଶ୍ୱବିଦ୍ୟାଳୟ ଏକାନ୍ତ ଦରକାର ।

ବିଶେଷଜ୍ଞଙ୍କ ମତ ପରଖି ନେବାର କଥା -

ପକ୍ଷାନ୍ତରେ ପୁଣି ଦଳେ ଅଛନ୍ତି, ତାଙ୍କର ମତ ନିୟମିତ ହୁଏ ତଥାକଥିତ ବିଶେଷଜ୍ଞଙ୍କ ଇଙ୍ଗିତରେ । ଆମ ଦେଶର ଦୁର୍ଭାଗ୍ୟ ଯେ, ଏଠାର ବିଶେଷଜ୍ଞ ଏଠାର ଦେଶ କାଳ ପରିସ୍ଥିତିକୁ ଖାପ ଖାଇଲା ଭଳି କଥାଟାଏ କହନ୍ତି ନାହିଁ । ପଲ୍ଲୀ ଶିଶୁକୁ ସ୍ୱାସ୍ଥ୍ୟରକ୍ଷାରେ କେବଳ ସାବିନି ଲଗାଇବା ଶିକ୍ଷା ଦିଆ ହୁଏ । ଟାଇପ ଠିକ୍ ରଖିବା ପାଇଁ ଖୋରଧା ଟାଙ୍ଗିରେ ମଧ ଟିଣ ଛାତରେ ଶିଶୁଙ୍କ ପାଇଁ ପ୍ରାଇମେରୀ ସ୍କୁଲ ତିଆରି ହୁଏ । ଅକ୍ସଫୋର୍ଡ ରୀତିର ଅନୁକରଣରେ ଏ ଦେଶରେ ବରଫ ଖସି ପଡ଼ିବା ଭଳି ଟାଇଲ ବା କନ୍‌କ୍ରିଟ୍ ଚାଳ କରି ଅଫିସ ବା ଡାକ୍ତରଖାନା ପାଇଁ କୋଠା ତିଆରି ହୁଏ। ଏଇପରି ଉଦାହରଣ ଅନେକ ମିଳିବ। ସେଇଭଳି ମତାଳପର ଲୋକେ ବିଶ୍ୱବିଦ୍ୟାଳୟ କଥା ପଡ଼ିଲାକ୍ଷଣି କହିବେ, 'କେବଳ ସାକ୍ଷାତ୍ ଭାବରେ ଉଚ୍ଚ ଶିକ୍ଷା ଦେବା ପାଇଁ ବିଶ୍ୱବିଦ୍ୟାଳୟ (Teaching University) କରିବାକୁ ହେବ। କେଂବ୍ରିଜ୍, ଅକ୍‌ସଫୋର୍ଡ, ପୁଣି ଢ଼ାକା ଆଲିଗଡ଼ ପ୍ରଭୃତି ପରି ଛାତ୍ରମାନେ ସେଇ ବିଶ୍ୱ ବିଦ୍ୟାଳୟରେ ରହି (Residential) ବରାବର ସର୍ବୋତୋଭାବରେ ଏକ ନିର୍ଦ୍ଦିଷ୍ଟ ଆଦର୍ଶରେ ମନୁଷ୍ୟତା ମନୋବୃତ୍ତି ପ୍ରଭୃତିରେ ବିକଶିତ ହୋଇ ଉଠିବେ। ଏପରି ନ ହେଲେ ବିଶ୍ୱବିଦ୍ୟାଳୟ ଶିକ୍ଷା ଦରକାର ନାହିଁ । ଉଚ୍ଚ ଶିକ୍ଷାରେ ଯେବେ ଏଇପରି ଆଦର୍ଶର ଛାପ ନ ପଡ଼େ ତେବେ ସେ ଉଚ୍ଚ ଶିକ୍ଷା ଏକ ବିଡ଼ମ୍ବନା ।'

ଉଚ୍ଚଶିକ୍ଷା ବଢ଼ୁ, ମାଡ଼ିଯାଉ -

ଏହା ଏକ ବିଡ଼ଂବନା ହୋଇ ପାରେ, ମାତ୍ର ସଭ୍ୟତାର ବିକାଶରେ ପରିସ୍ଥିତି ଭେଦରେ କ୍ରିୟାର ଗତି ନିୟମିତ କରିବାର ଅବକାଶ ଦେଖି ପାରିବାହିଁ ଯଥାର୍ଥ ମନୁଷ୍ୟତା । ବିଶ୍ୱବିଦ୍ୟାଳୟକୁ ଅନ୍ୟତ୍ର ପ୍ରଚଳିତ ଆଦର୍ଶର ମାପ କାଠିରେ କସି ଦେଇ ଉଚ୍ଚ ଶିକ୍ଷାର ରାସ୍ତା ସଂକୀର୍ଣ୍ଣ ଓ ସଂକୁଚିତ କରିବାର ଅବସ୍ଥା ଓ ପରିସ୍ଥିତି ଓଡ଼ିଶାରେ ଅଛି କି ନା,

Digitized by PPRACHIN, SOA

ହୋଇଚି କି ନା, ତାହା ଏ କ୍ଷେତ୍ରରେ ଆଦୌ ବିଚାର୍ଯ୍ୟ। "ଶିରୋ ନାସ୍ତି ଶିରୋ ବ୍ୟଥା"- ଉଚ୍ଚ ଶିକ୍ଷା ଏ ପ୍ରଦେଶରେ ନାହିଁ - ହୋଇ ନାହିଁ । ରାସ୍ତା ସଂକୁଚିତ କରିବ କାହାର ? ଉଚ୍ଚ ଶିକ୍ଷିତ ଏ ଦେଶରେ ନାହାନ୍ତି କହିଲେ ଚଳେ। ଉଚ୍ଚ ଶିକ୍ଷିତର ସଂଖ୍ୟା କମାଇବାର ଅବକାଶ ଏଠାରେ କାହିଁ ?

ସ୍ୱାଧୀନ ଜୀବନରେ ମୁକ୍ତ ଚିନ୍ତା ମନକୁ ଫୁଟୁ -

ଏ ପ୍ରଦେଶଟି ଖାଲି ନିଃସ୍ୱ, ସେତିକି ନୁହେଁ । ଏ ଇଂରେଜ ଯୁଗରେ ଶିକ୍ଷାରେ- ବିଶେଷରେ ଉଚ୍ଚ ଶିକ୍ଷାରେ ମଧ୍ୟ ଘୋର ପଶ୍ଚାତ୍‌ପଦ । ନିମ୍ନ ଶିକ୍ଷା ମଧ୍ୟ ଏଠାରେ ଶିଶୁର ଆଦର୍ଶ ଓ ଦୃଷ୍ଟି ଫିଟାଇବା ପାଇଁ କେବେ ଦିଆ ହୋଇଚି ବୋଲି ମନେ ହୁଏନାହିଁ । ମାତ୍ର ସେ କଥା ଏଠାରେ ନୁହେଁ । ଏଠାରେ ବିଶ୍ୱବିଦ୍ୟାଳୟ କଥା । କେତେଜଣ ବିଶ୍ୱବିଦ୍ୟାଳୟ ଉପାଧିଧାରୀ ଶିକ୍ଷିତ ଏ ପ୍ରଦେଶରେ ବିଦ୍ୟା ପାଇଁ ବିଦ୍ୟା ଚର୍ଚ୍ଚା କରନ୍ତି ? କେତେଜଣ ବା ନୂତନ ଚିନ୍ତାକୁ ବିଳାସ କରି ଜୀବନ କଟାନ୍ତି ?

ସାକ୍ଷାତ୍ ଉଚ୍ଚ ଶିକ୍ଷାର ବ୍ୟବସ୍ଥାଦି ଏବେ ଦରକାର ନାହିଁ -

ଏ ବିଷୟରେ ବେଶି କହିବା ବା ଉଦାହରଣ ଦେବା ଦରକାର ନାହିଁ । ତାହା କଲେ ହୁଏ ତ କାହାକୁ ତିକ୍ତ ଲାଗି ପାରେ । ତିକ୍ତତା ପ୍ରକାଶ କରିବା ଉଦ୍ଦେଶ୍ୟରେ ଏହା ଲେଖା ଯାଉ ନାହିଁ । ଏଠାରେ କହିବାର ଅଭିପ୍ରାୟ ଅନ୍ୟତ୍ର ଉପଯୋଗୀ ଓ ପ୍ରଚଳିତ ଛାଞ୍ଚରେ ଓଡ଼ିଶାର ବିଶ୍ୱବିଦ୍ୟାଳୟକୁ ଢ଼ାଳି ଦେଖା ସୁନ୍ଦର ଆକୃତିଟିଏ ବାହାର କରିବା ଦିଗକୁ ଯେପରି ଆମ ମନ ନ ଯାଏ । ସେଥିରେ ଖାଲି ଅର୍ଥ ଶ୍ରାଦ୍ଧ ହେବ, ଫଳ କିଛି ବିଶେଷ ହେବ ନାହିଁ। ନିତାନ୍ତ ଦରକାର ନ ହେଲେ ଓଡ଼ିଶା ବିଶ୍ୱବିଦ୍ୟାଳୟ ସାକ୍ଷାତ୍ ଶିକ୍ଷା ପାଇଁ ବ୍ୟବସ୍ଥା କରିବାର ମୋହରେ ଯେପରି ନ ପଡ଼ନ୍ତି, ତାହା ଦେଖିବାର ଅଛି ।

ପୂର୍ବେ କଲିକତା ବିଶ୍ୱ ବିଦ୍ୟାଳୟ ଯାହା ଥିଲା, ଠିକ୍ ସେଇ ରୀତିରେ ପରୀକ୍ଷା ଗ୍ରହଣ କରି ଉଚ୍ଚ ଶିକ୍ଷିତମାନଙ୍କୁ ବର୍ତ୍ତମାନ ପାଇଁ ନିଜ କର୍ତ୍ତବ୍ୟରେ ସ୍ୱାଧୀନ ଭାବରେ ଛାଡ଼ି ଦେବାକୁ ହେବ । ପ୍ରତିଯୋଗିତାର ପୀଠରେ ଶିକ୍ଷାର ଉନ୍ନତି କଳ୍ପନା କରି ଏବେ ବିଶ୍ୱ ବିଦ୍ୟାଳୟ ବସାଇବାକୁ ହେବ । ପରେ ହୁଏ ତ ଦିନେ ସେ ଶିକ୍ଷାର ବାଟ ସଂକୁଚିତ କରିବାର ସମୟ ଆସିବ । ମାତ୍ର ସେଦିନ ଏବେ ଆସି ନାହିଁ । ଦେଶରେ ଉପାଧିଧାରୀ ଉଚ୍ଚ ଶିକ୍ଷିତର ସଂଖ୍ୟା ଏବେ ବଢୁ । ସେଇ ପନ୍ଥାରେ ସେ ଶିକ୍ଷାର ଗତି ମନକୁ ନିୟମିତ ହୋଇ ଦେଶ କାଳ ପରିସ୍ଥିତିର ଉପଯୋଗୀ ଜିନିଷଟି ମନକୁ ଫୁଟି ଉଠୁ ।

ସମସ୍ତ ଶିକ୍ଷା ବିଭାଗରେ ବିଶ୍ୱ ବିଦ୍ୟାଳୟ ଆଭିମୁଖ୍ୟର ପ୍ରଭାବ ଦରକାର -

ପୁଣି ସରକାରଙ୍କ ଶିକ୍ଷା ବିଭାଗରେ ବିଶ୍ୱବିଦ୍ୟାଳୟର ଯଥେଷ୍ଟ ହାତ ରହୁ । ମାଟ୍ରିକୁଲେଶନ ପରୀକ୍ଷା ମଧ୍ୟ ଏକାନ୍ତ ବ୍ୟାବହାରିକ ଓ ବ୍ୟବସାୟିକ ପନ୍ଥା ନଧରି ବିଶ୍ୱ ବିଦ୍ୟାଳୟର ସ୍ୱାଧୀନତାରେ ଅନୁପ୍ରାଣିତ ହେବାର ବ୍ୟବସ୍ଥା କରାଯାଉ । ଶିକ୍ଷାରେ ଏ

Digitized by PPRACHIN, SOA

ପ୍ରଦେଶ ନିତାନ୍ତ ପଶ୍ଚାତ୍‌ପଦ । ଏଇ ରୀତିରେ ପ୍ରଦେଶାନ୍ତରର ସମକକ୍ଷ ବୋଲି ମନୋବୃତ୍ତି ବିକାଶ କରାଇବା ଦିଗରେ ଉଦ୍ୟମ କରାଯାଉ ।

ସାକ୍ଷାତ୍ ଶିକ୍ଷାର ଅବକାଶ -

ପୁଣି ବିଶ୍ୱ ବିଦ୍ୟାଳୟରେ ଯଦି ପ୍ରଦେଶର କୌଣସି ବିଶେଷତ୍ୱ ବା ଜାତିର କୌଣସି ବିଶିଷ୍ଟ ସୌକର୍ଯ୍ୟ ଫୁଟାଇବାର ଉଦ୍ଦେଶ୍ୟ ଥାଏ, ତେବେ ସେଥିପାଇଁ ମାତ୍ର ଏବେ ସାକ୍ଷାତ୍ ଶିକ୍ଷାଦିର କଥଂଚିତ୍ ବ୍ୟବସ୍ଥା କରାଯାଇପାରେ । ନୌ ବିଦ୍ୟା ଓ ବାଣିଜ୍ୟ କଳା ପୁଣି ସ୍ଥାନୀୟ ପାରଂପରିକ ଶିଳ୍ପ ଭାସ୍କର୍ଯ୍ୟ ପରି ବିଭାଗମାନ ଏଇ ବିଶେଷ ସୌକର୍ଯ୍ୟର ଉଦାହରଣ ବୋଲି ଧରାଯାଇପାରେ ।

ଅଧ୍ୟାପକ ଓ ଛାତ୍ରମାନଙ୍କ ଆଭିମୁଖ୍ୟ ଓ କାର୍ଯ୍ୟ -

ଦେଶରେ ଶିଳ୍ପ, କୃଷି ପ୍ରଭୃତିର ଉପଯୋଗୀ ଯୋଜନାମାନ ଫୁଟାଇବା ଉଦ୍ଦେଶ୍ୟରେ ଅଧ୍ୟାପକ ଓ ଛାତ୍ରମାନେ ତତ୍ପର ହେବା ଭଳି ବିଧାନ ସବୁ କଳ୍ପନା କରାଯାଉ । ଉଦାହରଣ ସ୍ୱରୂପ, ଅର୍ଥନୀତିରେ ମାର୍ଶାଲ ସାହେବଙ୍କ ମୂଳ ନୀତି ମାତ୍ର ଧରି କଳ୍ପନାର ଖେଳ ଚଳାଇବା ପରିବର୍ତ୍ତରେ, ଅଧ୍ୟାପକମାନେ ଶିଷ୍ୟମାନଙ୍କ ସହଯୋଗ ଓ ସାହଚର୍ଯ୍ୟରେ ଏ ପ୍ରଦେଶର ପୁରପଲ୍ଲିରେ ପ୍ରମାଣ ଯୋଗ୍ୟ ଖବରାଖବର ସଂଗ୍ରହ କରି, ତା ଉପରେ ପ୍ରତିଷ୍ଠିତ ତତ୍ତ୍ୱମାନ ପ୍ରକାଶ କରିପାରିବା ଭଳି ବ୍ୟବସ୍ଥା ଓ ବିଧାନ କରାଯାଉ । ଏଇପରି ସବୁ ଦିଗରେ ବିଶ୍ୱବିଦ୍ୟାଳୟର ଆଦର୍ଶ ଓ ପ୍ରତିଷ୍ଠା ପରିସ୍ଥିତିର ଉପଯୋଗୀ ହେଉ ।

କିଂତୁ ନୀଚ ପଦମୋହ ଓ ବ୍ୟକ୍ତି ସ୍ୱାର୍ଥର ମାୟା ସର୍ବଥା ତ୍ୟାଜ୍ୟ -

ମାତ୍ର ଏସବୁ ଉଚ୍ଚ ଆଦର୍ଶାଦିର କଥା ଭାବିଲା ବେଳେ ଆଉ ଗୋଟିଏ କଥା ଏଠାରେ ସ୍ୱତଃ ମନେ ପଡ଼େ। ଏ ପ୍ରଦେଶରେ ମାନବିକ ଆଦର୍ଶର ମାନଦଣ୍ଡ ଏବେ ନିଜର ପଦ ଲାଳସା ତଥା ବ୍ୟକ୍ତି ସ୍ୱାର୍ଥର ପରିସରରୁ ଉପରକୁ ଉଠିଚି ବୋଲି ମନେ ହେଉନାହିଁ । ହୁଏତ ବିଶ୍ୱବିଦ୍ୟାଳୟ ହେବା ପୂର୍ବରୁ, ମନରେ ହେବଣି, କିଏ ଭାଇସ୍ ଚାନ୍‌ସଲର ହେବ ? କିଏ ରେଜିଷ୍ଟ୍ରାର ହେବ ? ଏପରି କି କିଏ ପରୀକ୍ଷକ ହେବ, ଏହା ମଧ୍ୟ କଳ୍ପନାର ଚକ୍ରବାଳରେ ଉଠିଥିବା ବିଚିତ୍ର ନୁହେଁ । ଏଇ ବ୍ୟକ୍ତିସ୍ୱାର୍ଥ ଓ ବ୍ୟକ୍ତିସ୍ୱାର୍ଥ ପୋଷକ ପଦକାମନା ହେତୁ ଓଡ଼ିଶାରେ କୌଣସି ସାହିତ୍ୟର ଅନୁଷ୍ଠାନ ଉଠିପାରୁନାହିଁ, ସଂସ୍କୃତ ପୋଷାକ ସାହିତ୍ୟର ଆଦର ଓ ଆଦର୍ଶ ମଧ୍ୟ ଫୁଟୁ ନାହିଁ । ବହୁ ଆଡ଼ମ୍ବରରେ ନାମିତ 'ଉତ୍କଳ ସାହିତ୍ୟ ସମାଜ' ଏହାର ପ୍ରକୃଷ୍ଟ ଉଦାହରଣ । ଏହା ପ୍ରଦେଶାନ୍ତର ବା ଦେଶାନ୍ତରରେ ଶ୍ରଦ୍ଧାଭାଜନ ହେବା ଦୂରେ ଥାଉ, ଏଇ ପ୍ରଦେଶର ଜିଲ୍ଲା ମାନଙ୍କରେ ମଧ୍ୟ ନିଜ ଗୁଣ ଓ କ୍ରିୟାରେ ଅନାହତ ପ୍ରତିଷ୍ଠା ଅର୍ଜିପାରି ନାହିଁ । ବିଶ୍ୱ ବିଦ୍ୟାଳୟ ଯେପରି ସେଇ ଦୃଷ୍ଟିରେ ଓ ସେଇ ଭିତ୍ତିରେ ନ ହୁଏ, ସେଥିପ୍ରତି ଏକାନ୍ତ ସାବଧାନତା ଆବଶ୍ୟକ ।

ନବଭାରତ-୩/୧୦, ଆଲୋଚନା

Digitized by PPRACHIN, SOA

ଓଡ଼ିଶା ବିଶ୍ୱବିଦ୍ୟାଳୟ

ଓଡ଼ିଶା ପାଇଁ ଓଡ଼ିଶାରେ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ବସାଇବାର କଳ୍ପନା କରି ସେଇ ସମ୍ବନ୍ଧରେ ସମ୍ୟକ୍ ଆଲୋଚନା ଓ ଅନୁସନ୍ଧାନ କରି ରିପୋର୍ଟ ଦେବା ପାଇଁ ଓଡ଼ିଶା ସରକାର ଗୋଟିଏ କମିଟି ବସାଇଛନ୍ତି। ଦେଶର ମତ ନେଇ ତା'ରି ଉପରେ ପରାମର୍ଶ କରି ସରକାରଙ୍କୁ ସୁପାରିଶ୍ ଦେବେ ବୋଲି ସେ କମିଟି ସ୍ଥିର କରିଛନ୍ତି ଓ ସେହି ଦୃଷ୍ଟିରେ କେତେଗୁଡ଼ିଏ ପ୍ରଶ୍ନ ତିଆରି କରି ଉତ୍ତର ପାଇବା ପାଇଁ ସେସବୁ ପ୍ରଶ୍ନ ପ୍ରଚାର କରିଛନ୍ତି। ଯେଉଁମାନଙ୍କର ସେ ପ୍ରଶ୍ନସବୁ ଦରକାର, ଅଥଚ ପ୍ରଶ୍ନ ପାଇନାହାନ୍ତି, ସେମାନେ କମିଟିର ସେକ୍ରେଟାରୀ, କଟକ ଟ୍ରେନିଂ କଲେଜର ଅଧ୍ୟକ୍ଷ ଶ୍ରୀଯୁକ୍ତ ମହେଶଚନ୍ଦ୍ର ପ୍ରଧାନଙ୍କୁ ଲେଖି ସେ ପ୍ରଶ୍ନ ମଗାଇ ନେଇ ପାରନ୍ତି। ଉତ୍କଳର ବିଦ୍ୟୋତ୍ସାହୀ ସାଧାରଣଙ୍କୁ ଅନୁରୋଧ, ସେମାନେ ଏ ବିଷୟରେ କମିଟିଙ୍କୁ ଯଥାଯଥ ସାହାଯ୍ୟ ଦିଅନ୍ତୁ। ବିଶ୍ୱବିଦ୍ୟାଳୟରେ ବିଦ୍ୟାର ଚର୍ଚ୍ଚା ହେବ ଓ ସେହି ବିଦ୍ୟାରେ ଉତ୍କଳର ବିଶିଷ୍ଟ ବ୍ୟକ୍ତିତ୍ୱ ଓ ଉପେୟ ଭାରତ ତଥା ପୃଥିବୀରେ ଫୁଟିବ। ଏହାହିଁ ମୋଟାମୋଟି ବିଶ୍ୱବିଦ୍ୟାଳୟର ଅର୍ଥ। ସେଥିରେ ପ୍ରଥମରୁ ଆବିଳତା ବା ଏକାଦେଶଦର୍ଶିତା ରହିଲେ ହେବ ନାହିଁ। ଓଡ଼ିଶାର ଆର୍ଥିକ ଓ ଅନ୍ୟାନ୍ୟ ପରିସ୍ଥିତି ଦୃଷ୍ଟିରେ ପହିଲୁ ବିଶ୍ୱବିଦ୍ୟାଳୟଟି କଳ୍ପନାନୁଯାୟୀ ସର୍ବାଙ୍ଗ-ସୁନ୍ଦର ନହୋଇପାରେ, ହୁଏତ ତାହା ହୋଇପାରିବ ନାହିଁ। ମାତ୍ର ଘରଟିର ସମ୍ୟକ୍ ଓ ସମୀଚୀନ କଳ୍ପନା କରି ସେହି ଦୃଷ୍ଟିରେ ବୁନିୟାଦ୍ ପକାଇଥିବା ଦରକାର। ସେହି କଳ୍ପନାରେ ଅନ୍ତତଃ ଓଡ଼ିଶାର ସର୍ବାଞ୍ଚଳ ଓ ସର୍ବମତର ଲୋକେ ସାହାଯ୍ୟ କରିବାର କଥା। ପ୍ରଶ୍ନରେ ହୁଏତ ସବୁକଥା ନ ଥିବ ବା ଯାହା ଅଛି ତାହା ପୂରା ନଥିବ। ସେଥିପାଇଁ ସମସ୍ତଙ୍କୁ ଅନୁରୋଧ, ପ୍ରଶ୍ନଗୁଡ଼ିକ ପଢ଼ି ନିଜ ଚିନ୍ତା ଅନୁସାରେ ଯଥୋଚିତ ପରାମର୍ଶ ଦିଅନ୍ତୁ। ସେମାନେ ଏବେ ନିଜର ଉତ୍ତର ବା ଚିନ୍ତାଗୁଡ଼ିକ ଲେଖିକରି ଦେବେ। ପରେ ଦରକାର ଅନୁସାରେ କମିଟି ମୌଖିକ କଥାବାର୍ତ୍ତାରେ ଚିନ୍ତାଗୁଡ଼ିକ ନିଜେ ଭଲ କରି ବୁଝିନେବାର ବ୍ୟବସ୍ଥା ମଧ୍ୟ କରିପାରନ୍ତି। ଅନ୍ୟାନ୍ୟ ବିଷୟ ମଧ୍ୟରେ ନିମ୍ନଲିଖିତ ବିଷୟଗୁଡ଼ିକ ପ୍ରତି ବିଶେଷରେ ଦୃଷ୍ଟି ରଖି ସମସ୍ତେ ପରାମର୍ଶ ଦେବାରେ ସାହାଯ୍ୟ କଲେ ସୁବିଧା ହେବ।

୧) କେଉଁ ବିଶିଷ୍ଟ ବିଭାବ କିପରି ଭାବରେ ଫୁଟାଇବା ଆମ ବିଶ୍ୱବିଦ୍ୟାଳୟର ମୁଖ୍ୟ ଉଦ୍ଦେଶ୍ୟ ହେବ ? ସେଥିପାଇଁ କି କି ସରଞ୍ଜାମ କିପରି ଆହରଣ କରାଯିବ ?

୨) ଓଡ଼ିଶାର ଆର୍ଥିକ ଅବସ୍ଥା, ଆୟତନ ଓ ଶିକ୍ଷାର ପରିସର ଦୃଷ୍ଟିରେ ବର୍ତ୍ତମାନ କେଉଁ ଶ୍ରେଣୀଠାରୁ ବିଶ୍ୱବିଦ୍ୟାଳୟ ଦୃଷ୍ଟି ଦେବେ ? ପୁଣି ମାନବର ଶିକ୍ଷା କେଉଁଠାରୁ ଉଚ୍ଚ ଶିକ୍ଷାର ସ୍ୱଷ୍ଟ ଆଦର୍ଶରେ କିପରି ନିୟମିତ ହେବା ଉଚିତ ? ସେ ସମୂହ ଓ ସାଧାରଣ

Digitized by PPRACHIN, SOA

'ଉଚିତ' ଭିତରେ ପରିସ୍ଥିତି ଦୃଷ୍ଟିରେ ଓଡ଼ିଶା ବିଶ୍ୱବିଦ୍ୟାଳୟ କି ପରିସର ଧରି କିପରି କାମ ଆରମ୍ଭ କରିବେ ?

୩) ବର୍ତ୍ତମାନ ସାଧାରଣ ପ୍ରଚଳିତ ବିଶ୍ୱବିଦ୍ୟାଳୟ ଶିକ୍ଷା ପଦ୍ଧତିରେ ଏ ଦେଶୀ ପରମ୍ପରାର ସ୍ଥାନ କିପରି ନିର୍ଦ୍ଦେଶ କରାଯିବ ? ନା, ପରମ୍ପରା ପ୍ରତି ବିଶେଷ ଦୃଷ୍ଟି ନ ଦେଇ ସବୁ ନୂଆ କରି ଗଢ଼ିବାକୁ ହେବ ? ସବୁ ନୂଆ କରି ଗଢ଼ି ବସିଲେ ବରାବର ଗତାନୁଗତିକ ପନ୍ଥାରେ ଚାଲିବାର ଯେଉଁ ବିପଦ ଅଛି ତା'ର ପ୍ରତିକାର କ'ଣ ?

୪) ସଂସ୍କୃତ- ବୈଦ୍ୟଶାସ୍ତ୍ର ଦର୍ଶନାଦି ସହିତ - ଯେପରି ବିଶ୍ୱବିଦ୍ୟାଳୟରୁ ଅଲଗା ହୋଇ, ନିଜର ସ୍ୱତନ୍ତ୍ର ବ୍ୟବସ୍ଥାରେ ଚାଲିଚି, ସେହିପରି ଚାଲିବ, ନା ସେସବୁ ବିଶ୍ୱବିଦ୍ୟାଳୟର ଏକାବେଳକେ ଅଙ୍ଗୀଭୂତ ହେବ ? କିମ୍ବା ସେସବୁ ସେଇପରି ରହି ମଧ୍ୟ ବିଶ୍ୱବିଦ୍ୟାଳୟ ପୁଣି ସେସବୁ ବିଷୟମାନଙ୍କ ପ୍ରତି ବିଶେଷ ଦୃଷ୍ଟି ଦେବେ ? ସେସବୁ ବିଷୟମାନଙ୍କର ଆଲୋଚନାରେ ଗବେଷଣା ଓ ତଜ୍ଜନିତ ନୂତନ ଚିନ୍ତା ଓ କ୍ରିୟାଧାରା କିପରି କି ପରିମାଣରେ ନିର୍ଦ୍ଦିଷ୍ଟ ହେବ ? ଡାକ୍ତରୀ ପ୍ରଭୃତି ସଙ୍ଗେ ବୈଦ୍ୟଶାସ୍ତ୍ରର କି ସମ୍ପର୍କ ରହିବ ?

୫) ବ୍ୟାବସାୟିକ ଓ ବ୍ୟାବହାରିକ ଶିକ୍ଷାର ଉଚ୍ଚ ସୋପାନ ବିଶ୍ୱବିଦ୍ୟାଳୟରେ ରହିବ ନା ନାହିଁ ? ଯଦି ରହିବ ସେଥିପାଇଁ ବିଶ୍ୱବିଦ୍ୟାଳୟ ଖାଲି ଗବେଷଣାଦି ମାତ୍ରର ବ୍ୟବସ୍ଥା କରିବେ ନା ବେକାର ସମସ୍ୟା ପ୍ରତି ଦୃଷ୍ଟି ରଖି ମଧ୍ୟ ନିଜର କ୍ରିୟା ବିଧାନପୂର୍ବକ ସରକାରଙ୍କୁ କାର୍ଯ୍ୟ ଓ ପରାମର୍ଶାଦିରେ ସାହାଯ୍ୟ କରିବେ ?

ଏଇ ସବୁ ବିଷୟଗୁଡ଼ିକ ବଡ଼ ଜଟିଳ। କମିଟି ନିଜେ ବସି ପରାମର୍ଶ କରି ରିପୋର୍ଟ ଓ ସୁପାରିଶ୍ ଦେଲେ, ଏସବୁ ବିଷୟରେ ଆବିଳତା ନ ରହୁ ପଛକେ ଏକଦେଶଦର୍ଶିତା ରହିଯିବା ଖୁବ୍ ସମ୍ଭବ। ଯେଉଁ ଦେଶର ଲୋକଙ୍କ ପାଇଁ ବିଶ୍ୱବିଦ୍ୟାଳୟ ହେବ, ସେଇ ଦେଶର ସବୁପ୍ରକାର ଚିନ୍ତାଧାରା ଆଗରେ ପଡ଼ିଯିବା ପରେ କମିଟି ନିଜର ମତ ସ୍ଥିର କରିବେ ବୋଲି ଯାହା ବିଚାର କରିଛନ୍ତି, ତାହା ଆମ ବିଚାରରେ ଠିକ୍ ହୋଇଚି। ଦେଶବାସୀ ପୂର୍ଣ୍ଣ ପ୍ରାଣରେ ସାହାଯ୍ୟ ଓ ସହଯୋଗିତା କରନ୍ତୁ।

ନବଭାରତ-୫/୨ ଆଲୋଚନା

ଓଡ଼ିଶା ବିଶ୍ୱବିଦ୍ୟାଳୟ

ପ୍ରାୟ ବର୍ଷକରୁ କିଛି ଅଧିକ କାଳ ହେଲା ଏ ବିଷୟରେ ଗୋଟିଏ କମିଟି ବସିଛି। ବିଶ୍ୱ ବିଦ୍ୟାଳୟ ଓଡ଼ିଶାରେ ବସିବ କି ନା ତାହା ବିଚାର କରିବାକୁ ଏ କମିଟିକୁ ଦିଆଯାଇ ନାହିଁ। ସରକାର ସ୍ଥିର କରିଛନ୍ତି ବିଶ୍ୱବିଦ୍ୟାଳୟ ବସିବ। ବସିଲେ ତାହା କି ପ୍ରକାରର ହେବ, ତାହାର ଶାସନ - ଶୃଙ୍ଖଳା କିପରି ଚାଲିବ, ତାହାର ପରିସର ଓ ଅଭିପ୍ରାୟ କ'ଣ

Digitized by PPRACHIN, SOA

ହେବ ଓ ଓଡ଼ିଶାର ପରିସ୍ଥିତିରେ ତାହା କିପରି ସମାହିତ ଓ ସାଧିତ ହେବ – ଏହି ସବୁ ନିମନ୍ତେ କି ଆଇନ୍ କରି ତାହା କିପରି ଭାବରେ ଚଳାଇବାକୁ ହେବ, ଖର୍ଚ୍ଚ ପତ୍ର କେତେ ହେବ, କି ନିୟମରେ ତାହା ଶୃଙ୍ଖଳିତ ହେବ ଏହିସବୁ ଠିକ୍ କରିଦେବା ପାଇଁ କମିଟି କରାଯାଇଛି ।

କମିଟି ଏ ବିଷୟରେ ଯାହା ମତ ଦେବେ ବା ସୁପାରିସ୍ କରିବେ ତାହା ପ୍ରଦେଶର ଲୋକମତ ଉପରେ ପ୍ରତିଷ୍ଠିତ ହେବା ଉଚିତ । ଅନେକ ମନେକରନ୍ତି କୌଣସି ବିଷୟରେ କମିଟି ବସିଲା ମାତ୍ରେ ସେମାନେ ବିଷୟଟି ବିଚାର କରିପକାଇ ସଙ୍ଗେ ସଙ୍ଗେ ଗୋଟିଏ ରିପୋର୍ଟ ଲେଖିଦେବେ। ଅବଶ୍ୟ କୌଣସି ସୁବିଚାରିତ ବିଷୟ କେବଳ ଯୋଜନା ଓ ପନ୍ଥା ନିମନ୍ତେ ପୁଣି ବିଚାର୍ଯ୍ୟ ହେଲେ ବିଶେଷଜ୍ଞ କମିଟି ବସାଇ ଏହିପରି ମତ ନିଆଯାଇଥାଏ, କିମ୍ବା କୌଣସି ବିଷୟରେ ଭବିଷ୍ୟତ ରଚନାମୂଳକ ବ୍ୟବସ୍ଥାର ସୂଚନା ଦେବା ନିମନ୍ତେ ଏହିପରି କମିଟି ବସିପାରେ; କିନ୍ତୁ ଉପସ୍ଥିତ କମିଟି ଏ ଦୁଇଟି ପ୍ରକାରର ନୁହେଁ। ଏହାର ସୁପାରିସ ସର୍ବୋତୋଭାବରେ ଲୋକମତର ସୂକ୍ଷ୍ମାତିସୂକ୍ଷ୍ମ ବିଚାର ଉପରେ ନିର୍ଭର କରେ। ଗୋଟିଏ ଆଦର୍ଶରେ ଆଜି କମିଟି ଯଦି ଯୋଜନାଟିଏ ଗଢ଼ି ଦିଅନ୍ତି, ଲୋକମତର ଅନୁକୂଳ ନହେଲେ ବା ପରେ ତହିଁରେ ଲୋକେ ଅସହିଷ୍ଣୁ ହେଲେ ତାହା ସ୍ଥାୟୀ ହେବ ନାହିଁ। ଏପରିକି ଏହି ସମ୍ବନ୍ଧୀୟ କୌଣସି ବିଷୟରେ ଲୋକଙ୍କର ଭେଦଭାବ ବଢ଼ିଲେ ମତଭେଦରୁ ବୁଦ୍ଧିଭେଦ ଜନ୍ମିପାରେ । ଶେଷରେ ସରକାରଙ୍କ ଉଦ୍ଦେଶ୍ୟ ତଥା କମିଟିଙ୍କ ଶ୍ରମ ନିଷ୍ଫଳ ହୋଇପାରେ ।

ଅବଶ୍ୟ ଲୋକଶାସନର ଏ ନୂଆ ଉଦ୍ୟମ ବେଳେ କମିଟିର ଯଥାର୍ଥ କାର୍ଯ୍ୟକାରିତା ବୁଝିବା ସମସ୍ତଙ୍କ ପକ୍ଷରେ ହଠାତ୍ ସମ୍ଭବ ନୁହେଁ। ମାତ୍ର ମନେ ରଖିବାର ଅଛି ବିଷୟର ଗୌରବ ଦୃଷ୍ଟିରେ କମିଟି ନିଜର ସିଦ୍ଧାନ୍ତକୁ କାର୍ଯ୍ୟକାରିତାର ସୀମା ମଧ୍ୟରେ ସ୍ପଷ୍ଟ କଳନାରେ ଆଣି ମତ ଦେବା ଉଚିତ । ସେଥିପାଇଁ ଏହି ବିଶ୍ୱବିଦ୍ୟାଳୟ କମିଟି ବହୁ ଆଲୋଚନା ପରେ ଦେଶବାସୀଙ୍କ ଉତ୍ତର ପ୍ରତୀକ୍ଷାରେ କେତେଗୁଡ଼ିଏ ପ୍ରଶ୍ନ ଛପାଇ ପ୍ରଚାର କରିଥିଲେ। ଅନେକ ସେ ପ୍ରଶ୍ନର ଉତ୍ତର ଦେଇଛନ୍ତି । ସେଥିମଧ୍ୟରେ କେହି କେହି ପ୍ରଶ୍ନର ପରିସର ଲଙ୍ଘନ କରି ବିଶ୍ୱବିଦ୍ୟାଳୟ ଉଚିତ ନୁହେଁ ବୋଲି କଠୋର ଯୁକ୍ତିର ସହିତ ମତ ମଧ୍ୟ ଦେଇଛନ୍ତି।

ହେଲେହେଁ ଏହି ଉତ୍ତର ସବୁ ପାଇବା ଯଥେଷ୍ଟ ହେଲାନାହିଁ । ହେବା ମଧ୍ୟ ସବୁ କ୍ଷେତ୍ରରେ ସମ୍ଭବ ନୁହେଁ । ଲୋକେ ଉତ୍ତରରେ ସବୁବେଳେ କଥାଟି ହୁଏତ ଯଥାଯଥ ଭାବରେ ବୁଝାଇ କହିନାହାନ୍ତି। ଏକ ବିଷୟରେ ନାନା ସନ୍ଧି ବାରି ନାନା ଲୋକେ ହୁଏତ ନାନା କଥା କହିଛନ୍ତି । ଏସବୁ ଭିତରେ କମିଟିଙ୍କର ବହୁମତ ଠିକ୍ କରିବା ମଧ୍ୟ

Digitized by PPRACHIN, SOA

ସହଜ ନହୋଇପାରେ । ସେଥିପାଇଁ ଏହିପରି କମିଟିମାନେ ଉତ୍ତର ଦେଇଥିବା ଲୋକଙ୍କୁ ତଥା ଅନ୍ୟମାନଙ୍କୁ ଆଗକୁ ଡାକି ସାକ୍ଷ୍ୟ ନିଅନ୍ତି । ଜେରା କରି ତାଙ୍କ ମତ ସମ୍ବନ୍ଧରେ ଆଲୋଚ୍ୟ ବିଷୟରେ ସାରାଂଶ ଠିକ୍ କରନ୍ତି । ଏହିପରି ମତାମତ ସବୁ ନିୟମିତ ଓ ଶୃଙ୍ଖଳିତ କରିସାରି ସୁପାରିଶ ଦେଲେ କାର୍ଯ୍ୟରେ ସୁବିଧା ହୁଏ । ଲୋକଶାସନରେ ପୁଣି ଏସବୁ ବିଶେଷ ଦରକାର ।

(୧) ଓଡ଼ିଶାର ବିଶ୍ୱବିଦ୍ୟାଳୟ ସମ୍ବନ୍ଧରେ ତିନୋଟି ମୁଖ୍ୟ ପ୍ରଶ୍ନ ଉଠିପାରେ । ଗୋଟିଏ ହେଉଛି ଗଡ଼ଜାତ ସଂଗେ ଇଂରେଜ ଓଡ଼ିଶାର ଏହି ସଂପର୍କରେ ସମ୍ବନ୍ଧ ରହିବ କି ନା । ରହିଲେ ତାହା କିପରି ରହିବ ବା କିପରି ରହିବା ଉଚିତ । ପୁଣି କି ପ୍ରଣାଳୀରେ କାର୍ଯ୍ୟ କଲେ ସେ ସମ୍ବନ୍ଧ ରହିବ ବା ଦୃଢ଼ ହେବ ।

(୨) ସରକାରଙ୍କ ସଂଗେ ବିଶ୍ୱବିଦ୍ୟାଳୟର ସଂପର୍କ ରହିବ କି ନା । ରହିଲେ ବା ନରହିଲେ ତାହା କିପରି ହେବ । ସେଥିପାଇଁ କ'ଣ କରିବାକୁ ହେବ ।

(୩) ସର୍ବୋପରି ପ୍ରାଚ୍ୟ ସାହିତ୍ୟ, ବିଜ୍ଞାନ ଅର୍ଥାତ୍ କବିରାଜି ପ୍ରଭୃତିର ବିଶ୍ୱବିଦ୍ୟାଳୟ ସଂଗେ କିପରି ସଂପର୍କ ରହିବ ବା କୌଣସି ସଂପର୍କ ନ ରହିବ ।

ଏ ବିଚାର ଛଡ଼ା ଆର୍ଥିକ ପରିସ୍ଥିତି ଓ ପନ୍ଥା ସମ୍ବନ୍ଧରେ ମଧ୍ୟ ବିଚାର କରିବା ଦରକାର ।

ସାକ୍ଷ୍ୟ ନେବା ପାଇଁ କମିଟି ସ୍ଥିର କରି ଗତ କେତେଦିନ ତଳେ ପ୍ରଥମେ ବାଲେଶ୍ୱର ଯାଇଥିଲେ । ଜଣାଯାଇଛି ସାକ୍ଷ୍ୟ ନେବାର ପ୍ରସ୍ତାବରେ କେହି କେହି ସମ୍ମତ ନଥିଲେ । ସାକ୍ଷ୍ୟ ନେବାକୁ ଅନାବଶ୍ୟକ ବୋଲି ମନେ କରୁଥିଲେ । ମାତ୍ର ବାଲେଶ୍ୱରରେ ଦଶଜଣଙ୍କ ସାକ୍ଷ୍ୟ ନେବା ପରେ ଲୋକଙ୍କର ଏ ବିଷୟରେ ଚିନ୍ତା ଉଦ୍‌ବେଗ ଓ ଯଥାର୍ଥ ସହଯୋଗମୂଳକ ଯୁକ୍ତି ଦେଖି ସେମାନଙ୍କ ମତ ବଦଳି ଯାଇଛି । ସମସ୍ତେ ଏବେ ବୁଝୁଛନ୍ତି ଯଥାର୍ଥ ଲୋକମତ ଉପରେ କୌଣସି ଯୋଜନା ପ୍ରସ୍ତୁତ କରିବାକୁ ହେଲେ ଏହିପରି ସାକ୍ଷ୍ୟ ନେଇ ଲୋକଙ୍କ ଅଲକ୍ଷିତ ନେତୃତ୍ୱରେ କାର୍ଯ୍ୟପନ୍ଥା ସ୍ଥିର କରିବା ସଂଗତ ଓ ସୁନ୍ଦର । ଆମେ ଜାଣୁ କମିଟି ମେମ୍ବରମାନଙ୍କ ମଧ୍ୟରୁ କେହି ମତ ପ୍ରକାଶ କରୁଥିଲେ, ଆମକୁ ତାଲିମ୍ କରିବାପାଇଁ ଓ ଆମ ଚିନ୍ତାକୁ କାର୍ଯ୍ୟରେ ପରିଣତ କରିବା ପାଇଁ ଲୋକଙ୍କ ଭିତରେ ବହୁତ ସାମଗ୍ରୀ ଅଛି । ଖାଲି ତାକୁ ବାହାର କରି ବ୍ୟବହାର କରି ପାରିଲେ ହେଲା । ଆଶା କରାଯାଏ ବିଳମ୍ୱ ହେଉ ପଛକେ କମିଟି ଲୋକଚିନ୍ତା -ସମ୍ବଳିତ କାର୍ଯ୍ୟକର ରିପୋର୍ଟଟିଏ ବାହାର କରିବେ ।

ନବ ଭାରତ–୬/୧, ଆଲୋଚନା

Digitized by PPRACHIN, SOA

ବିଶ୍ୱବିଦ୍ୟାଳୟ ପାଇଁ ଯୋଗାଡ଼

ବିଶ୍ୱବିଦ୍ୟାଳୟ କରିବାରେ ଅସୁବିଧା

ଓଡ଼ିଶାରେ ବିଶ୍ୱବିଦ୍ୟାଳୟ ବସାଇବାକୁ ସ୍ଥିରକରି ସରକାର ଯୋଜନା ସୁପାରିସ୍ କରିବା ନିମନ୍ତେ କମିଟି ବସାଇଚନ୍ତି। ଯୋଜନାଟିଏ ସୁପାରିସ କରିଦେବା ବଡ଼ ସହଜ କାମ ନୁହେଁ। କାରଣ, ଯୋଜନା ଗଢ଼ିବାକୁ ଓଡ଼ିଶାରେ କୌଣସି ପ୍ରସ୍ତୁତ ସାମଗ୍ରୀ ନାହିଁ। ବଡ଼ ବଡ଼ ବିଦ୍ୟାବନ୍ତ ପଣ୍ଡିତ ଓ ବିଦ୍ୟାନୁରାଗୀ ବ୍ୟକ୍ତି, ଏକାନ୍ତ ବିଦ୍ୟାନିଷ୍ଠ ଛାତ୍ର ମଧ୍ୟ ଓଡ଼ିଶାରେ ଖୋଜି ବାହାର କରିବା ଭଳି ଜିନିଷ କହିଲେ ଚଳେ। ସର୍ବଶେଷ କଥା ପୁଣି ପଇସା ନାହିଁ। ହଠାତ୍ ବିସ୍ତର ପଇସା ଖର୍ଚ୍ଚ କରି ଆଖିଦୃଶିଆ ଜିନିଷଟାଏ ଠିଆକରି ଦେବାକୁ ଆମର ବଳ ନାହିଁ।

କିନ୍ତୁ ଦରକାର-

କିନ୍ତୁ କରିବାକୁ ହେବ। ଭାରତର ସମଷ୍ଟିଗତ ସଂହତ ବ୍ୟକ୍ତିତ୍ୱରେ ଓଡ଼ିଆ ତା'ର ବ୍ୟକ୍ତିତ୍ୱ ଦାବି କରିବ, ତାହାର ଯଥାସ୍ୱତନ୍ତ୍ର ବିକାଶ ସେ କରିବ। ଏହା ଗୋଟିଏ ଓଡ଼ିଆ ପ୍ରାଣର ଖାଲି ପ୍ରତିଷ୍ଠିତ ଭାବ ମାତ୍ର ହୋଇପାରେ, ମାତ୍ର ସମାଜର ପ୍ରଗତିରେ ଏଇ ପ୍ରତିଷ୍ଠିତ ଭାବର ପ୍ରଭାବ ଓ ପରିସର କମ୍ ନୁହେ। କମିଟି ମଧ୍ୟ ଓଡ଼ିଆଚ ଏଇ ଅଭିଳାଷଟି କାର୍ଯ୍ୟରେ ପରିଣତ କରିବାକୁ ଶୀଘ୍ର ଗୋଟିଏ ପ୍ରାଥମିକ ଯୋଜନା ଦେବେ। ହଠାତ୍ ସଂପୂର୍ଣ୍ଣ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠିତ ହୋଇ ନ ପାରିଲେ ମଧ୍ୟ, ଆସନ୍ତା ବର୍ଷ ବଜେଟରେ ଅନ୍ତତଃ ବିଶ୍ୱବିଦ୍ୟାଳୟ ବସାଇବା ପାଇଁ ପ୍ରାଥମିକ କାର୍ଯ୍ୟ ଆରମ୍ଭ ହେବାର ଖୁବ୍ ସଂଭାବନା।

ସାମଗ୍ରୀ ଏକା କଟକ କଲେଜ-

ହଠାତ୍ ବ୍ୟବହାରରେ ଲାଗି ପାରିବା ଭଳି ପ୍ରସ୍ତୁତି ସାମଗ୍ରୀ, ଏକା କଟକର ରେଭନ୍‌ସା କଲେଜ ବୋଲି ସମସ୍ତେ କହିବେ। ବାହାରେ ଦେଶ ସାରା ଖାଲି ନୂଆ ହୋଇ ମିଳିଥିବା ଲୋକାଶାସନ ରାଜନୀତିର ଉଚ୍ଛୃଂଖଳ ଆସ୍ୱାଦନ। ତାର ପ୍ରଭାବ ପୁଣି କଲେଜ ଉପରେ କମ ପଡୁ ନାହିଁ। ତଥାପି ଏଇ କଲେଜ ଛଡ଼ା ସାମଗ୍ରୀ ଯୋଗାଡ଼ କରିବାକୁ ଏବେ ଆଉ ସ୍ଥାନ ନାହିଁ। ଅନ୍ୟ କଲେଜ ଥିଲେ ମଧ୍ୟ ସେମାନେ କେହି ରେଭନ୍‌ସା କଲେଜର ପ୍ରତିଦ୍ୱନ୍ଦୀ ବା ପ୍ରତିଯୋଗୀ ହେବା ଅବସ୍ଥାରେ ନାହାନ୍ତି। ଏଣୁ ରେଭ୍‌ନସା କଲେଜରେ କିପରି ଶ୍ରେଷ୍ଠ ବିଦ୍ୟାବତ୍ତା ବିଷୟରେ ଅନୁରାଗ ଓ ପ୍ରଯତ୍ନ ପ୍ରକାଶ ପାଇବ, ସେଥିପାଇଁ ସ୍ପଷ୍ଟ ଶୃଂଖଳାବଦ୍ଧ ଉଦ୍ୟମ ଶୀଘ୍ର ଫିଟିବା ଦରକାର। ଛାତ୍ର ଶିକ୍ଷକ ସମସ୍ତେ ପୂର୍ଣ୍ଣ ପ୍ରାଣରେ ଏଥିରେ ମନ ଦିଅନ୍ତୁ। ସରକାର ମଧ୍ୟ ଯଥା- କର୍ତ୍ତବ୍ୟ କରନ୍ତୁ।

Digitized by PPRACHIN, SOA

ଛାତ୍ର-

ଛାତ୍ରମାନେ ଶୀଘ୍ର ଭିନ୍ନ ଭିନ୍ନ ବିଷୟରେ ବିଶେଷଜ୍ଞ ଓ ସତ୍ୟସଂଧିତ୍ସାରେ ଉଦାତ୍ତ ମତବାନ୍ ହେବା ଭଳି ବିଦ୍ୟା ଚର୍ଚ୍ଚାର ଦଳଟିମାନ ଗଢ଼ି ସେଇ ଚର୍ଚ୍ଚାରେ ଲାଗନ୍ତୁ। ସେଥିପାଇଁ କ୍ଷୁଦ୍ର କ୍ଷୁଦ୍ର ସମିତିମାନ ହେଉ। ସେଥିରେ ପ୍ରବନ୍ଧ ଓ ଆଲୋଚନା ରେ ଚର୍ଚ୍ଚା ହେଉ। ସମୂହ ଛାତ୍ର ଆସୋସିଏସନ ବା ଅନ୍ୟାନ୍ୟ ଛାତ୍ରକ୍ରିୟାରେ ଏହାର ସ୍ପଷ୍ଟ ଛାପ ପଡ଼ୁ। ବଡ଼ ବଡ଼ ଗୁରୁ ବିଷୟ ମାନଙ୍କର ଅନୁସଂଧାନପର ଓ ଉଦାର ଆଲୋଚନା ଫିଟୁ। ଏ ସବୁ ଆଲୋଚନାରେ ସମାଲୋଚନା ସହିଷ୍ଣୁତା ଓ ସତ୍ୟର ନିଷ୍ଠା ପ୍ରକାଶ ପାଉ। ଏଇ ଭାବରେ ଚିନ୍ତା ସ୍ୱାଧୀନ ଓ ଶୃଙ୍ଖଳିତ ହେଉ, ଅର୍ଥାତ୍ ସର୍ବଦା ବିଷୟର ଚର୍ଚ୍ଚା କେବଳ ବିବଦମାନ ବାକ୍‌ପଟୁତା (debating) କିମ୍ବା ବାହାରର ଆଶୁ ଫଳପ୍ରଦ ଉଦ୍ଦେଶ୍ୟଯୁକ୍ତ ରାଜନୀତିକ ଦଳ ଓ ମତମୂଳକ କ୍ରିୟାର ଛାଞ୍ଚରେ ଗଢ଼ା ହୋଇଥିବା ଦୃପ୍ତତାରେ ପର୍ଯ୍ୟବସିତ ନ ହୋଇ ପାଣ୍ଡିତ୍ୟର ସତ୍ୟସଂଧାନମୂଳକ ଆଲୋଚନାର ଆକାର ଧରୁ।

ଶିକ୍ଷକ-

ଶିକ୍ଷକମାନେ ଏଥିରେ ସହାୟ ହୁଅନ୍ତୁ। ଏଇ ଦିଗରେ ଯୁବକର ଚିନ୍ତା ଫେରାଇବାରେ ଆଦର୍ଶ ହୁଅନ୍ତୁ। ସେମାନେ ଗୁରୁ ବିଷୟମାନଙ୍କରେ ଚିନ୍ତାପୂର୍ଣ୍ଣ ପ୍ରବନ୍ଧ ବା ପ୍ରବନ୍ଧମାଳା ପଢ଼ନ୍ତୁ। ସେ ପ୍ରବନ୍ଧରେ ବିଦ୍ୟା ଚର୍ଚ୍ଚାର ପରିସର ବଢ଼ୁ। ମୌଳିକତା ଆଡକୁ ଆଭିମୁଖ୍ୟ ଓ ଉଦ୍ୟମ ଦେଖାଯାଉ। ଛାତ୍ରମାନେ ସେଥିରେ ଅଭିଭୂତ ଓ ପ୍ରଭାବିତ ହୋଇ, ସ୍ପଷ୍ଟ ଶାସନ ବିନା ଶିଷ୍ୟ ହୁଅନ୍ତୁ। ଚିନ୍ତାର ତରଳତା ଓ ଅଳ୍ପରେ କୃତିତ୍ୱ ବା ପ୍ରତିପତ୍ତି ପାଇଯିବାର ପ୍ରବୃତ୍ତି ତୁଟିଯିବା ଭଳି ଚିନ୍ତା ଓ ବ୍ୟକ୍ତିତ୍ୱ କ୍ରମେ ପ୍ରକାଶ ପାଉ। ଶିକ୍ଷକମାନେ ବିଶେଷରେ ବିଦ୍ୟା ଚର୍ଚ୍ଚା ଓ ସତ୍ୟ ସଂଧାନରେ ଛାତ୍ରର ଆଦର୍ଶ ନ ହେଲେ, ସେଇ ଭାବରେ ନିଜର ବ୍ୟକ୍ତିତ୍ୱ ଗୌରବରେ ଛାତ୍ରକୁ ବାନ୍ଧି ନ ପାରିଲେ, ଓଡ଼ିଶାରେ ବିଶ୍ୱବିଦ୍ୟାଳୟ ନାମରେ ଜିନିଷଟିଏ ପ୍ରତିଷ୍ଠିତ ହୋଇ ପାରେ, ହେଲେହେଁ ତାହା ଖାଲି ରବୀନ୍ଦ୍ରନାଥଙ୍କ ଅନୁକରଣ ଦର୍ପରେ ଓଡ଼ିଆରେ ଅବୁଝା କବିତା ଲେଖିଲା ପରି ହେବ। ଅନୁକରଣ ମଧ୍ୟ ହଜମ ହେବ ନାହିଁ, କି ଆହରଣରେ ପରିଣତ ହେବ ନାହିଁ।

ପରିସ୍ଥିତିର ଅସୁବିଧା-

ଏହା ସବୁ କହିବାକୁ ଆମକୁ ହୁଏତ ସୁଖ ଲାଗୁ ନାହିଁ। ଏଇ ସବୁ ସୂଚନା ହେତୁ ହୁଏତ କାହାର ବ୍ୟକ୍ତିତ୍ୱର ଅହଂକାର, ତଥା ପକ୍ଷାନ୍ତରେ ଜୀବନର କଳ୍ପିତ ପ୍ରେୟ ଓ ଉନ୍ମୁଖତାରେ ଆଘାତ ହେଉଥିବ। ସେପରି ଆଘାତ ଦେବା ଆମର ଉଦ୍ଦେଶ୍ୟ ନୁହେ। କିଂତୁ କହିବାର ବିଶେଷ କାରଣ ହେଉଚି, ଦେଶର ରାଜନୀତିକ ପରିସ୍ଥିତିର ଅସ୍ଥିରତା ଓ

Digitized by PPRACHIN, SOA

ଚପଳତା ଘେନି କଲେଜରେ ତରଳ ଅଗଭୀର ଚିନ୍ତା, ଉପେୟରେ ଭ୍ରାନ୍ତି ଓ କ୍ଷଣିକ କୃତିତ୍ୱର ବାସନା ଟିକିଏ ଅଧିକ ମାତ୍ରାରେ ପ୍ରକାଶ ପାଉଚି। ଏ ଯୁଗରେ ତାହା ଯେ ବରାବର ନ ପାଇବ ତାହା କହିବା ବୃଥା। ପରିସ୍ଥିତିର ପ୍ରଭାବ ସର୍ବବ୍ୟାପୀ ମାତ୍ର ସେହି ପରିସ୍ଥିତି କୁ ପୁଣି ପୁରାଦୃଷ୍ଟିର ସତ୍ୟନିଷ୍ଠାରେ ସଂଯତ କରି ସ୍ପଷ୍ଟ ନିର୍ଦ୍ଦିଷ୍ଟ ଉପେୟ ଆଡ଼କୁ ସଜାଡ଼ିବାହିଁ ଯଥାର୍ଥ ପ୍ରଗତି। ଏଇ ପ୍ରଗତି ଦେଖିବାହିଁ ବିଦ୍ୟା। ଏଇଥିପାଇଁ ବିଶ୍ୱବିଦ୍ୟାଳୟ ଦର୍କାର। ରେଭେନ୍‌ସା କଲେଜ ଏଇ ବିଶ୍ୱବିଦ୍ୟାଳୟକୁ ପ୍ରତୀକ୍ଷା କରିବା ଉଚିତ। ଆମର ପୁଣି ମାଲମସଲା ଅଳ୍ପ। କଲେଜ ବୋଲି ଆଖିକୁ ଦିଶିଲା ଭଳି ଗୋଟିଏ। ସାମଗ୍ରୀ ଅପଚୟ କରି ହୁଡି ଶିଖିବା ପାଇଁ କାଳକୁ ଅପେକ୍ଷା କରିବାର ବେଳ ନାହିଁ। ଏଇଥିପାଇଁ ବ୍ୟାକୁଳତାର ତାଡ଼ନାରେ ଆମେ ଏହା ଲେଖୁଚୁ।

ରାଜନୀତିକ -

କଥାଟି ଟିକିଏ ସ୍ପଷ୍ଟ କରି କୁହାଯାଉ। ପିଲାଏ ଏ ପରିସ୍ଥିତିରେ ହୁଏତ କେହି ମନେ କରୁଥିବେ ଆମୁକ ଆଜି ବଡ଼ ମେମ୍ବର, ସମୁକ ବଡ଼ ନେତା, ଆମର ଯେ ଶିକ୍ଷକ, ଶିକ୍ଷକଙ୍କର ଯେ ନିୟନ୍ତା ସେ ବି ଏଇ ନେତାଙ୍କ ତଳେ, ତାଙ୍କ କଥାକୁ ଚାହିଁଚନ୍ତି, ଏଇ ମେମ୍ବର, ନେତା ଶ୍ରେଣୀର ଲୋକେ ତ ଦେଶରେ ସବୁ , ରାଜ୍ୟରେ ସବୁ, ଶିକ୍ଷାରେ ବି ସେଇ ସବୁ, ଆମେ କାହିଁକି କଲେଜଟାରେ ଗ୍ରନ୍ଥକୀଟ ହେବା ? ଆମେ ବା କେଉଁ ଶିକ୍ଷା ସଭ୍ୟତା ବାଗ୍ମିତାରେ ସାନ ? ଏଥିରେହିଁ ହୁଏତ ଶିକ୍ଷା ସାଧନାର ଆଦର୍ଶ ବିଶୃଙ୍ଖଳ ହେଉଚି। ରାଜନୀତି କ୍ଷେତ୍ରରେ ନ ପଢ଼ି ପଣ୍ଡିତ ବନେଇବାର ସୁବିଧା ଅଛି। କଲେଜ ଛାତ୍ର ସେଥିରେ ଈର୍ଷା ଓ ଅଭିଳାଷ କରୁଚି। ଆତ୍ମଶକ୍ତି କଳନାରେ ତାର ହୁବ ପାଇ ଯାଉଚି। ଓଡ଼ିଶାରେ ପୁଣି ସେଥିପାଇଁ ଅବକାଶ ବିସ୍ତର।

କଲେଜଟି ସରକାରୀ-

ପୁଣି କଲେଜଟି ପୂର୍ଣ୍ଣ ମାତ୍ରାରେ ସରକାରଙ୍କର ହେବାରୁ ଏ ରୋଗ ବଡ଼ ସୁବିଧାରେ ବେଶି ପଶୁଚି। ବିଦ୍ୟାମନ୍ଦିର ବୋଲି ତାର ମହତ୍ତ୍ୱ ଓ ପବିତ୍ରତା ରହୁ ନାହିଁ। ଶିକ୍ଷକ ଓ ଶିକ୍ଷକନେତା ତାର ସଂପୂର୍ଣ୍ଣ ଦାୟିତ୍ୱ ଓ ଭାର ବହନ କରି ପାରୁ ନାହାନ୍ତି। ସେମାନଙ୍କର ହୁଏତ ଇଜ୍ଜତ ରହୁ ନାହିଁ। ହୁଏତ ବିଦ୍ୟାବତ୍ତା ଓ ବ୍ୟକ୍ତିତ୍ୱରେ ଅଧସ୍ତନ ଅଥଚ ନିଜ ରାଜନୀତିକ ଦଳମତର ପୁଷ୍ଟି ତଥା ଅଭିସନ୍ଧିର ସାଧନ ପ୍ରେପ୍‌ସୁ ଲୋକେ ଶିକ୍ଷକଙ୍କ ଉପରେ ଉଠି ଶିଷ୍ୟର ପବିତ୍ର ଶାସନ ଶୃଙ୍ଖଳାକୁ ନିଜ କଳ୍ପିତ ରାଜ୍ୟତନ୍ତ୍ରର ଚାଳନ କଳ୍ପନାରେ ପରିଣତ କରୁଚନ୍ତି। କେବେ ହୁଏତ ଶିଷ୍ୟ ଶାସନ ନୀତିରେ ଲୋକଶାସନ ନୀତିର ଅଭାବ (Want of democratic principles) ଦେଖି ବ୍ୟବସ୍ଥା ଦେବା ଓ କରିବାରେ ଲାଗି

Digitized by PPRACHIN, SOA

ଯାଉଚନ୍ତି। ପିଲାଏ ଦେଖୁଚନ୍ତି କଲେଜ ଶିକ୍ଷକ ଓ ଅଧ୍ୟକ୍ଷ ବଡ଼ ନୁହନ୍ତି। ତାଙ୍କଠୁ ବଡ଼ ହେଉଚନ୍ତି ରାଜନୀତିକ। ବିଦ୍ୟାଠାରୁ ରାଜନୀତି ବେଶି ସ୍ପୃହଣୀୟ। ତେବେ ବିଦ୍ୟାଚର୍ଚ୍ଚା, ସତ୍ୟସାଧନା, ପାଣ୍ଡିତ୍ୟ, ବ୍ୟକ୍ତିତ୍ୱ ଓ ଚରିତ୍ର ଏସବୁ ଦରକାର କଣ ? ଏ ସବୁର ବା ଅର୍ଥ କଅଣ ? ଶିକ୍ଷକର ପବିତ୍ର ଶିଷ୍ୟ ଶାସନ ଶୃଙ୍ଖଳା (discipline) ନାମରେ ପ୍ରଗତିପର ଯୁବକ ଯୁବତୀଙ୍କର ମୁକ୍ତତା ଓ ସ୍ୱାଧୀନତାକୁ ଶୃଙ୍ଖଳାରେ ପକାଇ ବାନ୍ଧିବାରେ ଫଳ କଣ ? ପୁଣି ରାଜନୀତିକ ନେତାମାନେ ମଧ୍ୟ କେବେ ସ୍ପଷ୍ଟ କହି ପକାଉଚନ୍ତି, "ଏସବୁ କିଛି ନୁହେ। ଏସବୁ ଅଯଥା ବନ୍ଧନ ପ୍ରଗତିର ବିରୋଧୀ, ଅନ୍ୟର ବିକାଶ ହ୍ରସ୍ୱ କରି ନିଜେ ଆଧିପତ୍ୟ କରିବାରେ ଏକ ମାୟାଜାଲ। ଏସବୁ ରକ୍ଷିତ ସ୍ୱାର୍ଥର ପାରମ୍ପରିକ ବଞ୍ଚକତା।" ଶିକ୍ଷକ ଓ ଅଧ୍ୟକ୍ଷଙ୍କର ଏ ସବୁକୁ କାଟି କହିବାକୁ ବଳ ବା ଅଧିକାର ନାହିଁ। ପ୍ରଭୁବାକ୍ୟ ଅବିଚାରଣୀୟ। ଶିକ୍ଷକ ହେଲେହେଁ ସେମାନେ ତ ପୁଣି ଚାକର। ବିଶେଷ ବିପଦର କଥା ସେଇ ଶିକ୍ଷକ ଓ ଅଧ୍ୟକ୍ଷଙ୍କ ମତି ଗତି ଓ କ୍ରିୟା ହୁଏତ ଏହିପରି ମତ ଓ କଥାରେ କ୍ରମେ ପ୍ରଭାବିତ ହେଉଚି। ସେମାନେ ଶିଷ୍ୟ ଶାସନରେ ରାଜନୀତି ବା ରାଜ୍ୟଶାସନ ନୀତିର ଛାଞ୍ଚ ହୁଏତ ପକାଇବାକୁ ଚେଷ୍ଟା କରୁଚନ୍ତି।

ପ୍ରତିଯୋଗିତାର ଅଭାବ-

ତା ନ କରିବାକୁ ବାଟ ନାହିଁ। ପ୍ରଦେଶରେ ପ୍ରତିଦ୍ୱନ୍ଦ୍ୱୀ ଓ ପ୍ରତିଯୋଗୀ କଲେଜ ଥିଲେ- ବିଶେଷରେ ସରକାରଙ୍କ ଅନଧୀନ ଓ ଅନୀଶ୍ୱର କଲେଜ ଥିଲେ-ହୁଏତ ତୁଳନାରେ କଲେଜ ଲୋକଦୃଷ୍ଟିରେ ଛୋଟ ହେବାର ବା ଭାଙ୍ଗିଯିବାର ଭୟ ସରକାରଙ୍କର ଯେପରି ଥାଆନ୍ତା, ସେହିପରି ଯୁବକମାନେ ପାଠ ପଢ଼ିବାକୁ ବାଧ୍ୟ ନ ହେଲେ· ଶିଷ୍ୟତ୍ୱ ଜାଗ୍ରତ ହେବାର ଟିକିଏ ସୁବିଧା ବି ପାଆନ୍ତା। ଏଠାରେ ତା ନାହିଁ। ଶିକ୍ଷକଙ୍କ ମନୁଷ୍ୟତା, ବିଦ୍ୟାବତ୍ତା ଓ ବ୍ୟକ୍ତିତ୍ୱରେ ଆକୃଷ୍ଟ ହୋଇ ପିଲାଏ ପଢ଼ିବାକୁ ଆସନ୍ତି ନାହିଁ। ପିଲାଏ ରାଜ୍ୟର ଯୁବକ; ସରକାରଙ୍କଠୁ ସେମାନେ ନିଜ ଶିକ୍ଷାର ବ୍ୟବସ୍ଥା ଦାବି କରନ୍ତି, ସରକାର ନିଜ କର୍ତ୍ତବ୍ୟରେ ଯୁବକର କଲେଜ ପଢ଼ା ସୁବିଧା ଦେବାକୁ ବାଧ। କଲେଜ ଶୃଙ୍ଖଳା ପିଲାଙ୍କ ମନକୁ ନ ପାଇଲେ ସରକାର ତା'ର ସୁବ୍ୟବସ୍ଥା କରିବେ। ରାଜନୀତିକ ଦଳ ମତ ଅନୁସାରେ ସେ ବ୍ୟବସ୍ଥା ମଧ ବଦଳୁ ଥିବ। ଶିକ୍ଷକ ସରକାରଙ୍କର ଚାକର। ତାଙ୍କ ଦାୟିତ୍ୱ ସେହିଠାରେ।

ସରକାରଙ୍କ କର୍ତ୍ତବ୍ୟ-

ଏ ପରିସ୍ଥିତିରେ ଉଚ୍ଚ ଶିକ୍ଷା ଚଳେ ନା'। ଏଥିରୁ ବିଦ୍ୟାବନ୍ତ ବାହାରିବା କାଠିକର ପାଠ-, ନିପାତନ ମାତ୍ର। ସରକାର, ବିଶେଷରେ ଶିକ୍ଷାମନ୍ତ୍ରୀ ଏସବୁ କଥାରେ ଅବଧାନ ଦିଅନ୍ତୁ। କଲେଜକୁ ବିଶ୍ୱବିଦ୍ୟାଳୟ ପାଇଁ ସାମଗ୍ରୀ ଯୋଗାଡ଼ କରିବାର କ୍ଷେତ୍ରରେ ପରିଣତ

Digitized by PPRACHIN, SOA

କରନ୍ତୁ। ଶିକ୍ଷକ ଶିଷ୍ୟ ସଂପର୍କ ଯେପରି ପବିତ୍ର ରହେ, ସେଥିରେ ରାଜ୍ୟତନ୍ତ୍ରର ନୀତି, ବା ରାଜ୍ୟ ଶାସନର ବିଧି ନିୟମ ପ୍ରବେଶ ନ କରେ, ତା'ଦେଖନ୍ତୁ। ସେମାନଙ୍କୁ ସ୍ୱାଧୀନ ପରାମର୍ଶ ଦେବାର ସୁବିଧାରେ ଦିଅନ୍ତୁ। ତାଙ୍କର ପରାମର୍ଶରେ କାମ କରନ୍ତୁ। ତାଙ୍କ ସମୂହ ପରାମର୍ଶରେ ତାଙ୍କୁ ପ୍ରବନ୍ଧ ପ୍ରବନ୍ଧମାଳା ଛପାଇ ମାନ ପ୍ରଚାର କରିବାର ବ୍ୟବସ୍ଥା କରନ୍ତୁ, ତାଙ୍କ ଯଥେଷ୍ଟ ସାଧନା ଓ ପ୍ରତିଯୋଗିତାର ଅବକାଶ ଦିଅନ୍ତୁ। ତାଙ୍କ ଭିତରେ କିପରି ବିଦ୍ୟାବତ୍ତା ଓ ବ୍ୟକ୍ତିତ୍ୱରେ ହୁଏତ ପ୍ରତିଯୋଗିତା ଫୁଟିବ, ସେଥିପାଇଁ କୌଶଳରେ ବାଟ କାଟନ୍ତୁ। ସେଇ ସୂତ୍ରରେ ଛାତ୍ରମାନେ କିପରି ଆକୃଷ୍ଟ ହେବେ ତାହା ଦେଖନ୍ତୁ। କୌଣସିପ୍ରକାରେ ସେମାନଙ୍କ ସାଧନାର ସ୍ୱାଧୀନତା ନଷ୍ଟ କରନ୍ତୁ ନାହିଁ। ଶିକ୍ଷକ ଓ ଶିଷ୍ୟର ସଂପର୍କ ପବିତ୍ର ଉନ୍ନତ ଓ ଆଦର୍ଶପର ହେଉ। ରାଜ୍ୟ ବା ରାଜନୀତିର କ୍ରିୟା ତାକୁ ପ୍ରଭାବିତ ନ କରୁ। ଛାତ୍ରମାନେ ସରକାରକୁ କର୍ତ୍ତବ୍ୟ ଯୋଗାଉଚନ୍ତି ବା ଶିକ୍ଷକଙ୍କୁ ଅନୁଗ୍ରହ କରୁଚନ୍ତି ବୋଲି ନ ବିଚାରିବା ଭଳି କ୍ଷେତ୍ର ତିଆରି ହେଉ। ଶିକ୍ଷକମାନେ ଶିକ୍ଷକ ହୁଅନ୍ତୁ, ଚାକର ହୁଅନ୍ତୁ ନାହିଁ, ରାଜ୍ୟର କର୍ମଚାରୀଙ୍କ ଭିତରେ ନିଜକୁ ଗଣନ୍ତୁ ନାହିଁ। କି ମଣନ୍ତୁ ନାହିଁ। ସ୍ୱାଧୀନତା, ସମ୍ମାନ ବା ମହତ୍ତ୍ୱରେ ହାନି ହେଲେ ସେପରି ଶିକ୍ଷକତା ଛାଡ଼ିବାକୁ ସର୍ବଦା ପ୍ରସ୍ତୁତ ହୁଅନ୍ତୁ। ଅର୍ଥାତ୍, ଏହିଭଳି ପ୍ରସ୍ତୁତ ହୋଇ ପାରିବା ଶିକ୍ଷକଙ୍କୁ ସରକାର ଚିହ୍ନନ୍ତୁ, ଓ ଆଦରନ୍ତୁ। ଶାସନ କ୍ଷେତ୍ରରେ ଏସବୁ ଠିକ୍ ନ ହେଲେ ମଧ୍ୟ ବିଶ୍ୱବିଦ୍ୟାଳୟ ଭଳି ବିଦ୍ୟାମନ୍ଦିର ପାଇଁ ସାମଗ୍ରୀ ଯୋଗାଡ଼ କରିବାରେ, ଏହା ସମୀଚୀନ। ଏହିପରି ଶିକ୍ଷକଙ୍କୁ ଏକା ସରକାର ସ୍ୱଚ୍ଛନ୍ଦରେ ସ୍ୱାଧୀନତା ଦେଇ ସମ୍ମାନ କରି ପାରିବେ।

କଷ୍ଟ, କିନ୍ତୁ କରଣୀୟ-

ଏକମାତ୍ର ସରକାରୀ କଲେଜ ଥିବା ସ୍ଥଳେ, ଏସବୁ ବଡ଼ କଷ୍ଟ ସତ, ମାତ୍ର ଓଡ଼ିଶାରେ ଉଚ୍ଚ ଶିକ୍ଷାର ଭବିଷ୍ୟତକୁ ଚାହିଁଲେ, ଆଉ ବାଟ, ଦିଶୁନାହିଁ। ବିଦ୍ୟାମନ୍ଦିରକୁ ଆଉ ସମାନ, ସଳଖ ବା ନିକଟ ରାସ୍ତା ନାହିଁ।

ନବ ଭାରତ-୫/୭, ଆଲୋଚନା

◆◆◆

Digitized by PPRACHIN, SOA

ଷଷ୍ଠ ଅଧ୍ୟାୟ

ସମାଜତାତ୍ତ୍ୱିକ 'ଆଲୋଚନା'

ଶାସ୍ତ୍ରର ଶାସନ

ସାଧାରଣ ମନୁଷ୍ୟ ପକ୍ଷରେ ନୂତନର ମୋହ ଅଦମ୍ୟ। ମନୁଷ୍ୟ ଉପସ୍ଥିତ ପରିସ୍ଥିତିରେ କେବେ ସଂତୁଷ୍ଟ ନୁହେଁ। ସବୁବେଳେ ନୂଆ କିଛି ଦେଖିଲେ ଅଗ୍ନିରେ ପତଙ୍ଗ ପରି ହୁଏ। ମାତ୍ର ଏହା ମାନବର ଜୀବିଧର୍ମ। ମାନବର ବିଶେଷତ୍ୱ ହେଉଚି, ତାର ପରଂପରା ଓ ପୁରୋଦୃଷ୍ଟି। ସାଇତା ଜିନିଷର ବ୍ୟବହାର ବୁଝିବା ଏଇ ପରଂପରାର ଲକ୍ଷଣ। ପରିସ୍ଥିତିର କଳନା ସଂଗେ ଏଇ ପରଂପରାର ଯଥାର୍ଥ ଜ୍ଞାନ ମିଶି ସେଥିରେ ଯେଉଁ ପୁରୋଦୃଷ୍ଟି ବା ଆଦର୍ଶ ଫୁଟେ, ସେଇ ଅନୁସାରେ କ୍ରିୟା ବିଧାନ କଲେ ପ୍ରଗତି ସ୍ଥିର ଓ ଦୃଢ଼ ହୁଏ। ମାତ୍ର କେବଳ ନୂତନର ମୋହରେ ପରଂପରା ଛାଡ଼ି ଆହରଣ ଧାଇଲେ ପ୍ରଗତିର ଧାରା ଛିନ୍ନ ହୁଏ। ହେଲେହେଁ ପରଂପରାର ମଧ୍ୟ ଗୋଟିଏ ମୋହ ଅଛି। ସେଥିରେ ପଡ଼ିଗଲେ, ମନୁଷ୍ୟ ବେଳେବେଳେ ଜ୍ଞାନାନ୍ଧ ହୁଏ, ଓ ତାହାର ପ୍ରଗତି ଅବରୁଦ୍ଧ ହୁଏ। ପୁରାତନ ସଙ୍ଗେ ନୂତନ ମିଶାଇ ଦେବାର ପ୍ରତିଭା ହିଁ ଯଥାର୍ଥ ପ୍ରତିଭା। ତାହା ବଡ ଅଳ୍ପ ଲୋକଙ୍କ ଠାରେ ପ୍ରକାଶ ପାଏ। ଯେଉଁ ମାନଙ୍କଠାରେ ତାହା ପ୍ରକାଶ ପାଏ, ତାଙ୍କରି ଚିନ୍ତାପ୍ରସୂତ ବଚନ ହିଁ ଯଥାର୍ଥ ଆପ୍ତ ବଚନ। ତାହା ହିଁ ଶାସ୍ତ୍ର।

ମନୁଷ୍ୟର ଅହଙ୍କାର ସଙ୍ଗେ ନୂତନର ମୋହ ମିଶିଲେ ପୁଣି ବେଳେବେଳେ ଏଇ ଶାସ୍ତ୍ରର ବିରୋଧ ନାମରେ ଯେଉଁ ଶାସ୍ତ୍ରର ଶାସନ ଫୁଟେ, ତା ପୁଣି ପ୍ରଗତିର ପରଂପରାରେ ଅତି ଭୀଷଣ ଅବସ୍ଥାର ସୃଷ୍ଟି କରେ। ଏହାକୁ ହିଁ କହନ୍ତି ବିପ୍ଳବ। କୌଣସି ପାରଂପରିକ ପ୍ରତିଷ୍ଠିତ କ୍ରିୟାରେ ଲୋକରେ ଅଂଧତ୍ୱ ପଶିଲେ, ବ୍ୟକ୍ତିବିଶେଷର ସ୍ୱାଧୀନତା ଭୀଷଣ ଭାବରେ ଉଦ୍ରିକ୍ତ ହୁଏ। ତାହା ଏକ ପ୍ରତିକ୍ରିୟା। ଏବେ ରକ୍ଷିତ ସ୍ୱାର୍ଥ ବିରୁଦ୍ଧରେ ସେଇପରି ଏକ ପ୍ରତିକ୍ରିୟା ସ୍ୱଷ୍ଟ ପୃଥିବୀରେ ସର୍ବତ୍ର ଦେଖାଯାଉଚି। ଏଇପରି ପ୍ରତିକ୍ରିୟାର ପ୍ରତୀକ ହେଉଚି ସ୍ୱାଧୀନ ଚିନ୍ତା ଓ ସ୍ୱାଧୀନ କ୍ରିୟା। ଏଥିରେ ପରିସ୍ଥିତି ଅସ୍ଥିର ଓ ଚଞ୍ଚଳ ହୁଏ। କିନ୍ତୁ ଯଥାର୍ଥ ପୁରୋଦୃଷ୍ଟିରେ କ୍ରିୟା ସଂଯତ ହୁଏ ନାହିଁ। ପରଂପରାର ଅତ୍ୟନ୍ତ ବିରୋଧରେ ଏ ସଂଯମ କୁତ୍ରାପି ରହେ ନାହିଁ। ପରଂପରା ହେଉଚି ପ୍ରଗତିର ପ୍ରତିଷ୍ଠା।

ହେଲେହେଁ ଏଇ ସ୍ୱାଧୀନ ଚିନ୍ତା ଓ କ୍ରିୟାରେ ଶାସ୍ତ୍ର ତୁଟେ ନାହିଁ। ଶାସ୍ତ୍ର ତୁଟାଇବାର

Digitized by PPRACHIN, SOA

ବାହାନାରେ ଶାସ୍ତ୍ରର ଶାସନ ଦୃଢତର ହୁଏ। ସ୍ୱାଧୀନତାର ନାମରେ ବ୍ୟକ୍ତି ବିଶେଷର ନାମରେ ଏକ ପ୍ରକାର ଧର୍ମାନ୍ଧତା ଘୋଟି ଯାଏ। ଖ୍ରୀଷ୍ଟ ମହମ୍ମଦ ପ୍ରଭୃତିଙ୍କ ବ୍ୟକ୍ତି ପ୍ରଚାରିତ ଧର୍ମରେ ଦିନେ ଏହାହିଁ ହୋଇଥିଲା। ଏବେ ମଧ୍ୟ ତାର ଛାପ ଲୁଚି ନାହିଁ। ଆଜି ପୁଣି ପୃଥିବୀର ସମସ୍ତ ନେତା କର୍ମୀମାନେ ମାର୍କସ୍ ଲେନିନ୍ ତଥା ତାଙ୍କ ଟୀକାକାରମାନଙ୍କ ଚିନ୍ତା ନାମରେ ଯଥା ଅଯଥା ମତ ବା ବଚନ ବାନ୍ତି ନକରି ନିଜର ସ୍ୱାଧୀନତା ପ୍ରକାଶ କରିବାରେ ଅକ୍ଷମ । ଏଇ ସଂବଂଧରେ ଗୋଟିଏ ଅନୁଭବ ମନେ ପଡୁଚି। ଦିନେ ଜଣେ ବହୁଦର୍ଶୀ ପ୍ରବୀଣ ଜଣେ କୃଷକୀ ସାମ୍ୟବାଦୀନାମିଙ୍କ ସଙ୍ଗେ କୌଣସି ଗଭୀର ନୀତି ବିଷୟରେ କଥାବାର୍ତ୍ତା କରୁ କରୁ କୌଣସି ଯୁକ୍ତି ଶୁଣି ହଠାତ୍ ସମର୍ଥନ ପାଇଁ ସଂସ୍କୃତରୁ ଏକ ଶାସ୍ତ୍ର ବଚନ ଉଦ୍ଧାର କଲେ। କୃଷକୀ ବନ୍ଧୁଟି ଅବଲେପର ବ୍ୟଙ୍ଗ କରି କହିଲେ, "ଶାସ୍ତ୍ର ବଚନର ସମର୍ଥନ ନ ଥିଲେ ଯୁକ୍ତି ସିଦ୍ଧ ହୁଏ ନାହିଁ ପରା। ଶାସ୍ତ୍ରରୁ ଉଦ୍ଧାର କରିବାଟି ଏକା ଦରକାର।" ବହୁଦର୍ଶୀ ବନ୍ଧୁଟି ବଡ ଶିଷ୍ଟ। ସେ ଟିକିଏ ହସିଲେ। କିଛି କହିଲେ ନାହିଁ। କାହିଁକି ହସିଲ ବୋଲି ବହୁତ ପଚାରିବାରୁ କହିଲେ, "ଯେଉଁମାନେ ନିଜର ଯୁକ୍ତି ବୋଲି ଯାହା କହନ୍ତି, ସେଥିରେ ସର୍ବଦା ଅନ୍ୟର ଚିନ୍ତା ଖଣ୍ଡିତ ଭାବରେ ମାତ୍ର ବାନ୍ତି କରୁଥାନ୍ତି, ସେଇମାନେ ପୁଣି ଶାସ୍ତ୍ରର ସମର୍ଥନ ଶୁଣି ବ୍ୟଙ୍ଗ କରନ୍ତି।ଏହା କଣ ହସିବା କଥା ନୁହେଁ। ଲେନିନ୍ ଷ୍ଟାଲିନ୍‌ଙ୍କ ନାମରେ ଯେ ଲେଖନ୍ତି. ପୁଣି ତାଙ୍କ ଲେଖା ଯେ ସବୁବେଳେ କହି ନିଜର ସ୍ୱାଧୀନ ଚିନ୍ତା ଓ କ୍ରିୟାର ଅହଙ୍କାର କରୁଥାନ୍ତି, ତାଙ୍କଠାରୁ ବେଶୀ ଶାସ୍ତ୍ରବାଦୀ ଏ ଜଗତରେ କିଏ ?

ଏଇ ଘୋର ଅଜ୍ଞାତ ଶାସ୍ତ୍ରବାଦ ଓ ପର ପ୍ରଚାରିତ ମତାନ୍ଧତା ଆଜି ଅନେକଙ୍କର ଏକା ଭାବିବାର କଥା।

ବିପ୍ଲବ କଣ ?

ବିପ୍ଲବ ହେଉଛି, ବିକାଶର କ୍ରମିକ ଧାରାରେ ବିତ୍‌ପାତ। ଏଇ ବିତ୍‌ପାତ ଘଟିଲେ ବିକାଶ, ବିନାଶରେ ପରିଣତ ହୋଇପାରେ। ମାତ୍ର ସବୁବେଳେ ତା ହବାର ଦେଖାଯାଏ ନାହିଁ। ଏହିପରି ନ ହେବାରେ ଯେଉଁ ବିପ୍ଲବ ଦେଖାଯାଏ ତା ସ୍ପୃହଣୀୟ। ବରଂ କୁହାଯାଇପାରେ, ଏଇ ସ୍ପୃହଣୀୟ ବିପ୍ଲବ ଠିକ୍ ବିପ୍ଲବ ନୁହେଁ। ଏହା ବିପ୍ଲବ ପରି ଜଣାପଡ଼େ ମାତ୍ର। ବିଶେଷଜ୍ଞ ପୁରୋଦୃଷ୍ଟିପର ଲୋକେ ଏହାକୁ ଚିହ୍ନନ୍ତି, ପୁଣି ଏଥିରେ ପ୍ରତିକ୍ରିୟାର ବିଘାତ ଓ ଧ୍ୱଂସ ନ ଦେଖି ପରିସ୍ଥିତିକୁ ଏଥିରେ ସହଜଶୀଳ କରି ନେଇ ଏଥିରେ ଫଳରେ ବିକାଶ ଓ ପ୍ରଗତିର ଧାରା ସ୍ପଷ୍ଟ କରନ୍ତି।

Digitized by PPRACHIN, SOA

ଉଦାହରଣରେ କଥାଟି ଦେଖିଲେ, ସୁବୋଧ୍ୟ ଓ ସ୍ପଷ୍ଟ ହେବ। ଉଦ୍ଭିଦ ଜୀବନରେ ବିକାଶର ପରୀକ୍ଷା ବଡ ସୁଗମ। କଢ ପତ୍ରାଦି ବାହାରି ବୃକ୍ଷର ବିକାଶ ହୁଏ।ଏଇ ବିକାଶ ଧାରାରେ ପରିସ୍ଥିତିର ବିଘ୍ନାତ ଘେନି ବେଳେ ବେଳେ ବିକାଶ ଧ୍ୱଂସ ହୁଏ। କଦଳୀ ବାଡ଼ିରେ ଲହସା ମାରିବା, ଧାନ କିଆରୀରେ ସଙ୍ଗି ଧରିବା ବା କାହାଳିଆ ମାରିବା, ବାଇଗଣ କିଆରିରେ ଜୁଳ୍‌ହିଆ ପାଇବା ପ୍ରଭୃତି ଯେଉଁମାନେ ଲକ୍ଷ୍ୟ କରିଥିବେ ସେମାନେ ଏହା ବୁଝି ପାରିବେ। ବେଶି ପାଣି ଓ ଖତ ପାଇସାରି ହଠାତ୍ ଶୁଖିଗଲେ କଦଳୀ ଗଛକୁ ଲହସା ମାରେ। ଯଥେଷ୍ଟ ପାଣି ନ ଦେଇ ବେଉଷଣ ବନ୍ଧା କରି ଧାନରେ ପରେ ପାଣି ଭର୍ତ୍ତି କରିଦେଲେ ଧାନଗଛକୁ କାହାଳିଆ ମାରେ। ବପୁ ନ ଥିବା ବିଲରେ ଧାନମୂଳେ ଅବିରତ ପାଣି ରଖିଲେ, ସଙ୍ଗି ଧରେ। ପାଣି ଜମି ରହିଲେ ଜୁଳ୍‌ହିଆ ପାଇ ଗଛ ଅକାଳରେ ପାଚି ମରିଯାଏ। ଦେଖାଯାଉଛି, ଅତ୍ୟନ୍ତ ଭାବରେ ବିକାଶ କରାଇବା ପାଇଁ ଜୀବନ ବିକାଶର ସାମଗ୍ରୀ ଚିପି ଭର୍ତ୍ତି କରିଦେଲେ କିମ୍ବା ସେହି ସାମଗ୍ରୀ ଭର୍ତ୍ତି ହେଲାବେଳେ ତାକୁ ପରିସ୍ଥିତି ସହ ନ କଲେ ବିକାଶ ବିନାଶରେ ପରିଣତ ହୁଏ। କଦଳୀର କଢ଼ ରୁଗ୍‌ଣ ହୁଏ, କେବେ ବା ମଞ୍ଜକିଲା ମାରେ, ସୀସା ନ ବାହାରି କାହାଳି ପରି ଧାନର ପତ୍ର ବାହାରି ପଡ଼େ ଇତ୍ୟାଦି। ଏ ସବୁ ବୃକ୍ଷ ଜୀବନରେ ଏକ ପ୍ରକାର ବିପ୍ଳବର ଉଦାହରଣ। ଏଥିରେ କଳ୍ପିତ ଫଳ ନ ହୋଇ ବିପରୀତ ହୁଏ। ପୁରୋଦୃଷ୍ଟିର ସ୍ପଷ୍ଟ ନିର୍ଦ୍ଦିଷ୍ଟତାରେ ପ୍ରଗତି ପୋଷଣ କରା ହୋଇ ନାହିଁ, ଏହା ଜଣା ପଡ଼ିଯାଏ।

ଏ ସବୁଠାରେ ଏହି ବିପ୍ଳବର ଲକ୍ଷଣ କ'ଣ? ବିକାଶର ଧାରାରେ ହାଠାତ୍ କିଛି ନୂଆ ହେଲେ, ଏଇ ବିପ୍ଳବ ଧରାଯାଏ। କିନ୍ତୁ ଏଇ ବିପ୍ଳବରେ ପରମ୍ପରା ଓ ପରିସ୍ଥିତି ସଙ୍ଗେ ପୁରୋଦୃଷ୍ଟିର ମାପ ଠିକ ଥିଲେ ତାହା ପୁଣି ଶ୍ରୀବୃଦ୍ଧି ବା ପ୍ରଗତିର ଲକ୍ଷଣ ହୋଇଥାଏ। ଉଦାହରଣ ସ୍ୱରୂପ, ଗଛ କଢ଼ କାଢ଼ି କଅଁଳ ପତ୍ର ଫିଟାଇ ବଢୁଥାଏ। ହଠାତ୍ ପରିସ୍ଥିତିର ଘୋର ତାଡ଼ନାରେ ପଡ଼ି ପତ୍ର କଢ଼ ନ କାଢ଼ି ଫୁଲକଢ଼ି କାଢ଼େ। ନ ଜାଣିବା ଲୋକ କହିପାରେ ଏହା ବିକାଶ ଧାରାରେ ଏକ ବିଘ୍ନାତ; ଏ ବିପ୍ଳବରେ ବୃକ୍ଷ ଜୀବନର ପ୍ରଗତି ଧ୍ୱଂସ ହେବ। ଏଇ ବିପ୍ଳବରେ ସେପରି ଧ୍ୱଂସ ବେଳେ ବେଳ ନ ହୁଏ, ନୁହେ। କୋମଳ ବୃକ୍ଷରେ ଫୁଲ ହେଲେ ବେଳେ ବେଳେ ଗଛ ମରିଯାଏ। ପୁରୋଦୃଷ୍ଟିର ମାପରେ ସେଥିପାଇଁ ପରିସ୍ଥିତି ସଜାଡ଼ି ବିକାଶ ପରମ୍ପରା ଠିକ ରଖିବା ନିମନ୍ତେ କଲମ ଆମ୍ବ ଗଛରେ ପ୍ରଥମରୁ ଦୁଇ ତିନି ବର୍ଷ ବଉଳ ଭାଙ୍ଗି ଦେବାକୁ ହୁଏ।

Digitized by PPRACHIN, SOA

ତଥାପି ବୃକ୍ଷ ବିଜ୍ଞାନବିତ୍ ବିଶେଷଜ୍ଞମାନେ ଜାଣନ୍ତି, ଏହା ବୃକ୍ଷ ଜୀବନରେ ସର୍ବଦା ଅହିତକର ବିପ୍ଳବ ନୁହେ, ଯଥାର୍ଥରେ ଫୁଲ ଓ ପତ୍ରର ପ୍ରକୃତିଗତ ଭେଦ ନାହିଁ। ଫୁଲ ପତ୍ର ବିକାଶରେ ବିପ୍ଲାତ ନୁହେ। ଏହା ବରଂ ପତ୍ରର ପୂର୍ଣ୍ଣତା ଆଡ଼କୁ ବିକାଶ। ଏପରି କି ଶସ୍ୟ ଜୀବନ ଏଇଥିରେ ପୂର୍ଣ୍ଣ ହୁଏ ଓ ଏହାହିଁ ବୃକ୍ଷଜୀବନର ଆଦର୍ଶ ଲାଭର ନିକଟବର୍ତ୍ତୀ। କିନ୍ତୁ ଏଠାରେ ସ୍ପଷ୍ଟ ଦେଖିବାର ଅଛି, ପରମ୍ପରା ଓ ପରିସ୍ଥିତି ଘେନି ପୁରୋଦୃଷ୍ଟି ମାପ ଠିକ ନ ରହିଲେ ଏହା ବିପ୍ଲାତ ଓ ବିପ୍ଳବ ଛଡ଼ା ଆଉ କିଛି ନୁହେ।

ସର୍ବତ୍ର ଏଇପରି ପରଂପରା ପରିସ୍ଥିତି ତଥା ପୁରୋଦୃଷ୍ଟି କଳନାରେ ବିପ୍ଳବର ପ୍ରକୃତି ବୁଝି ତାହାର ବ୍ୟବହାର ବା ପ୍ରତିକାର କରିବାକୁ ହୁଏ। ପ୍ରଗତି ପୋଷଣରେ ଏହାହିଁ ଧର୍ମ। କେବଳ ନୂତନ ବୋଲି କିଛି ହେୟ ବା ଆଦେୟ ନୁହେ। କିମ୍ବା ଯେ କୌଣସି ତାଡ଼ନାରେ ପରଂପରାବଦ୍ଧ ପରିସ୍ଥିତିରେ ପ୍ରତିକ୍ରିୟା ଉଠିଲେ ପ୍ରଗତି ପୁଷ୍ଟ ହୁଏ ନାହିଁ। ବିଶେଷ ଜ୍ଞାନରେ ପୁରୋଦୃଷ୍ଟିରେ ମାପ ଦରକାର।

ମାନବ ସମାଜ ଠିକ୍ ବୃକ୍ଷପରି ଏକ ପ୍ରଗତିପରାୟଣ ବ୍ୟକ୍ତିତ୍ୱ। ଏହାର ବିକାଶ ଧାରା ଠିକ୍ ବୃକ୍ଷ ବ୍ୟକ୍ତିତ୍ୱ ବା ସେଇପରି ଯେ କୌଣସି ଜୀବନ୍ତ ବ୍ୟକ୍ତିତ୍ୱର ଧାରା ଓ ପରଂପରା ପରି ଆଲୋଚନା କରାଯାଇପାରେ, ଓ କରିବାର ଅଛି।

ଶାସ୍ତ୍ର କ'ଣ ?

କୌଣସି କୌଣସି ଲୋକଙ୍କ କଥା ବା ପରଂପରାରେ ଆଗତ କଥା ଲୋକେ ମାନନ୍ତି। ଏଇ ସବୁ କଥା ହିଁ ଶାସ୍ତ୍ର। ଶାସ୍ତ୍ର ବୋଇଲେ, ଯାହାଦ୍ୱାରା ସାଧାରଣତଃ ମାନବର କ୍ରିୟା ଶାସିତ ବା ସଂଯତ ହୁଏ। ମାନବର ଅହଙ୍କାର କମ୍ ନୁହେଁ, ସ୍ୱାଧୀନ ଚିନ୍ତା ତଥା ସ୍ୱାଧୀନ କ୍ରିୟାପାଇଁ ଅକାଂକ୍ଷା ଓ ସ୍ୱାଧୀନ ଚିନ୍ତା ପୁଣି ସ୍ୱାଧୀନ କ୍ରିୟାର ବାହାନା ଓ ବଡେଇ ମଧ କମ୍ ନୁହେ। ଏ ସବୁ ଭିତରେ କିନ୍ତୁ ଶାସ୍ତ୍ରହିଁ ସଂବଳ। ସ୍ୱାଧୀନତାର ମୋହରେ ପୁଣି ମନୁଷ୍ୟ ବେଳେବେଳେ ଶାସ୍ତ୍ର ନ ମାନି ନିଜେ ଶାସ୍ତ୍ର ତିଆରି କରି ବସେ, କିମ୍ବା ଅଜ୍ଞାତ ଭାବରେ ଅନ୍ୟର ଚିନ୍ତାକୁ ଅଜୀର୍ଣ୍ଣରେ ବାନ୍ତି କରି ମଧ୍ୟ ଦେଖାଏ ସେ ସ୍ୱାଧୀନ। ସର୍ବତ୍ର ଏହି ଶାସ୍ତ୍ରହିଁ ସବୁ। ଶାସ୍ତ୍ରରୁ ଉଦ୍ଧାର ନାହିଁ।

ଶାସ୍ତ୍ରର ଏ ଅନନ୍ତ କ୍ରୀଡା ମଧ୍ୟରେ ପ୍ରକୃତ ଶାସ୍ତ୍ର ପାଇବାର ବା ବାରିବାର ମାପ କଣ ? କାହାକୁ ଯଥାର୍ଥ ଶାସ୍ତ୍ର ବୋଲି ବୁଝିବାକୁ ହେବ। ଶାସ୍ତ୍ରକୁ କାର୍ଯ୍ୟକାରିତାରେ ମାପିବସିଲେ କ'ଣ ଦେଖାଯାଏ। କେଉଁ କାର୍ଯ୍ୟକାରିତା ଘେନି ମାନବର ଚିନ୍ତା ଶାସ୍ତ୍ର ହୁଏ। ଯେ ବା ବିଶ୍ୱାସରେ ହେଉ, ଦର୍ପରେ ହେଉ ବା ବାହାନାରେ ହେଉ, ନିଜ ଚିନ୍ତାକୁ

Digitized by PPRACHIN, SOA

ଶାସ୍ତ୍ର ବୋଲି ପ୍ରଚାର କରନ୍ତି, ତାଙ୍କର ସେ ମାପଟି ନ ଥାଏ, ନୁହେ। ସେ ମାପଟି ପୁଣି ସର୍ବତ୍ର ଏକାପରି। ସେ ମାପଟି ହେଉଚି, ଲୋକର ବା ସମାଜର ମଙ୍ଗଳ। ଏଇ ମଙ୍ଗଳକୁ ଆଦର୍ଶ କରି ଚିନ୍ତା ଶାସ୍ତ୍ର ହୁଏ। ଜଗତରେ ଯେଉଁ ଚିନ୍ତା ଶାସ୍ତ୍ର ବୋଲି ପ୍ରତିଷ୍ଠା ପାଇଚି ବା ପାଏ, ତା ଏଇ ଲୋକମଙ୍ଗଳ ମାପରେ ହିଁ ଚିହ୍ନା ଯାଏ। କେହି କହିପାରନ୍ତି, ଲୋକେ ଯାହା ଯେତେବେଳେ ଇଚ୍ଛା ତା କରନ୍ତୁ। ତାହା ନ କଲେ ଲୋକର ସ୍ୱାଧୀନତା ବ୍ୟାହତ ଓ ବିପନ୍ନ ହେବ। ସ୍ୱାଧୀନତା ଏପରି ବ୍ୟାହତ ଓ ବିପନ୍ନ ହେଲେ କ୍ଷତି କଣ? ଏଠାରେ ମଧ୍ୟ ଉତ୍ତର ହେଉଚି, ସେପରି ହେଲେ ଲୋକର ମଙ୍ଗଳ ହେବ ନାହିଁ।

ମାତ୍ର ସମସ୍ତଙ୍କ ଚିନ୍ତା ବା ସବୁ ଚିନ୍ତା ଶାସ୍ତ୍ର ହୁଏ ନାହିଁ। ସବୁ ଶାସ୍ତ୍ର ବି ସମାନ ଭାବରେ ଶାସ୍ତ୍ର ହୁଏ ନାହିଁ। ମାତ୍ର ଯେ କୌଣସି ଚିନ୍ତା କମ୍ ବେଶି ଶାସ୍ତ୍ର ହୋଇଥାଏ। ଏପରି କି, କେହି ଯଦି ଦାଣ୍ଡରେ ଠିଆ ହୋଇ ଲୋକଙ୍କୁ ବୁଝାଏ ଯେ ଗୋଡ ଉପରକୁ କରି ହାତରେ ଗାଁ ଏ ମୁଣ୍ଡରୁ ସେ ମୁଣ୍ଡ ଯାଏ ଦିନକେ ଦୁଇଥର ଚାଲିଲେ, ମୁକ୍ତି ପାଇବ, ତେବେ ତାର ମଧ କିଛିକାଳ ପାଇଁ କେତେକ ଶିଷ୍ୟ ହେବେ। ଆଜି ହୁଏତ କେହି କେହି କହୁଚନ୍ତି, ବଳେ କଳେ କୌଶଳେ ଧନୀର ଧନ ନେଇ ଯାଇ ଆତ୍ମସାତ୍ କର। ତାହା ମଧ୍ୟ ଶାସ୍ତ୍ର ହେଉଚି। ତାର ଫଳରେ ହୁଏତ ଆଜି ଲୋକେ ମଜୁରିଆକୁ ବିଲକୁ ପଠାଇ ଦେଇ ଜଗି ନ ବସିଲେ, ମଜୁରିଆ ଆଦୌ କାମ କରୁନାହିଁ। ଠକେଇ ସବୁଆଡ଼େ ସମାଜର ନୀତିରେ ପରିଣତ ହୋଇ, ସମାଜର ଲକ୍ଷ୍ମୀ ଛାଡି ଯାଉଚି। ତଥାପି ତାହା ଶାସ୍ତ୍ର ହେଉଚି। କିଛି କାଳ ପାଇଁ ମଧ ଶାସ୍ତ୍ର ହେବ। ଏ ଚିନ୍ତାରେ ଶିଷ୍ୟ ବା ଶାସ୍ତ୍ରବଦ୍ଧ ହେଉଥିବା ଲୋକେ ହୁଏତ କିଛି କାଳ ପାଇଁ ଆପାତ ଲାଭର ମୋହର ବଢ଼ିବେ। ମାତ୍ର ତାହା ସ୍ଥାୟୀ ହେବ ନାହିଁ। ସ୍ଥାୟୀ ହେଲେ, ସମାଜର ମଂଗଳ ହେବ ନାହିଁ। ଅର୍ଜନରେ କର୍ମନିଷ୍ଠା ତୁଟିଗଲେ ଆର୍ଥିକ ପ୍ରଗତିରେ କେବଳ ବିତ୍‌ପାତ ନୁହେ, ପ୍ରଳୟ ଘଟିବ।

ସେଇପରି ଧର, ଆଜି ବ୍ୟକ୍ତିଗତ ଚିନ୍ତାରେ ଭରିକରି ସୁବିଧାବାଦୀ କହୁଚି, ସତ୍ୟ କହିବ ବୋଲି ଯେଉଁ ଶାସ୍ତ୍ରଟି ଚଳି ଆସିଚି, ତା ମାନବର ମଂଗଳରେ ନୁହେ। ସେଥିରେ ଲୋକର ଘୋର ଅସୁବିଧା ହେଉଚି। ଯେତେବେଳେ ଯାହା ଦରକାର ତାହା କହିବାହିଁ ଠିକ୍। ସେଥିରେ ଲୋକର ଲାଭ ହେବ ଓ ମଂଗଳ ହେବ। ବ୍ୟକ୍ତିଗତ ଭାବରେ ଏଥିରେ କିଛି କାଳ ପାଇଁ ମଂଗଳ ହୋଇପାରେ। କେହି କେହି ବିଚକ୍ଷଣ ଟିକିଏ ବେଶି କାଳ ପାଇଁ ମଧ ଏ ନୀତିକୁ କାର୍ଯ୍ୟରେ ସମ୍ଭାଳି ପାରନ୍ତି। ମାତ୍ର ପରିଣାମରେ ଏଥିରେ ଲୋକ ମଂଗଳ ଯେ ହେବ ନାହିଁ, ଏହା ନିଶ୍ଚିତ। ଯେକୌଣସି ସୁରୋଦୃଷ୍ଟିପର ଚିନ୍ତାଶୀଳ ଲୋକ ଏହା ବୁଝିବେ।

Digitized by PPRACHIN, SOA

ନାରୀର ସ୍ୱେଚ୍ଛା ବିହାରରେ ସଂଯମ ଓ ସତୀତ୍ୱ ମଧ୍ୟ ସେଇପରି। ସ୍ୱେଚ୍ଛା ବିହାର ଓ ଯୌନ ଭୋଗର ସ୍ୱାଧୀନତା ଲୋକରେ ଆପାତ ସ୍ପୃହଣୀୟ ହୋଇପାରେ। ମାତ୍ର ଏ ଶାସ୍ତ୍ର ସ୍ଥାୟୀ ହେବ ନାହିଁ। ଏହା ବିଶେଷ ବୁଝାଇବା ଦରକାର ନାହିଁ।

ତେବେ ଶାସ୍ତ୍ରର ଗୌରବ ଓ ଲାଘବ କେଉଁଠାରେ? ଯେଉଁ ଶାସ୍ତ୍ରରେ ଯେତେ ବେଶି ଲୋକର ଯେତେ ବେଶୀ ସ୍ଥାୟୀ ମଂଗଳ ହୁଏ ସେ ଶାସ୍ତ୍ରର ଗୁରତ୍ୱ ସେତେ ବେଶି। ସମାଜର ଭଂଗା ଗଢା ଭିତରେ ପରୀକ୍ଷାରେ ଏହା ପ୍ରମାଣିତ ହୁଏ। ପରଂପରାର ଭିତ୍ତି ଏଇଠାରେ। ଏଇ ପରଂପରାରେହିଁ ଶାସ୍ତ୍ର ବିଶେଷ ଭାବରେ ପରିଲକ୍ଷିତ ହୁଏ। ଏଇ ପରୀକ୍ଷିତ ଶାସ୍ତ୍ରରେହିଁ ସମାଜର ପରିସ୍ଥିତି ଫୁଟେ।

ଏଇ ପରଂପରାରେ ପରିସ୍ଥିତି କଳନା କରି ଯେଉଁମାନେ ପୁରୋଦୃଷ୍ଟି ଫିଟାଇ ନୂତନ ଚିନ୍ତା ବା ନୂତନ ଭାବରେ ଚିନ୍ତା ପ୍ରକାଶ କରନ୍ତି, ସେଇମାନେ ମନିଷୀ, ସେଇମାନେ ଦ୍ରଷ୍ଟା। ସେଇମାନଙ୍କ ବଚନ ଆପ୍ତ ବଚନ ବା ଶାସ୍ତ୍ର । ସବୁବେଳେ ଏଇ ଆପ୍ତ ବଚନ ହୁଏତ ହଠାତ୍ ଗ୍ରାହ୍ୟ ହୁଏ ନାହିଁ। ମାତ୍ର କାଳ ଓ ବ୍ୟାପ୍ତିରେ ପୁଣି ତାର ପରୀକ୍ଷା ହୁଏ। ଅର୍ଥାତ୍, ଯେଉଁ ଲୋକର ବଚନ ଯେତେକାଳ ଲୋକ ମଙ୍ଗଳ କରିବାରେ ସ୍ଥାୟୀ ହୁଏ, ଓ ଲୋକ ମଙ୍ଗଳ ହିସାବରେ ଯେତେ ବେଶି ଲୋକରେ ବ୍ୟାପ୍ତ ହୁଏ, ସେ ସେତିକି ମହାପୁରୁଷ, ତାର ବଚନ ସେତିକି ବଡ ଶାସ୍ତ୍ର।

କୁସଂସ୍କାର କ'ଣ

କୁସଂସ୍କାର କ'ଣ, ଏକଥାଟି ବୁଝିବା ଆଗରୁ ସଂସ୍କାର କ'ଣ, ଏହା ଆଗେ ଜାଣିବା ଉଚିତ। ସଂସ୍କାର ହେଉଚି ପ୍ରଗତି ପରଂପରାର ଲକ୍ଷଣ, ଚିହ୍ନ, ବା ଛାପା ଇଂରାଜି culture କଥାଟି ଏବେ ସଂସ୍କୃତି ବୋଲି ଅନୁବାଦ କରାହେଉଚି। ଏହାକୁ ଆଗେ ବୌଦ୍ଧ ଯୁଗରେ 'ବିନୟ' ବୋଲି କହୁଥିଲେ। ଗୀତାରେ ଅଛି-

"ବିଦ୍ୟା ବିନୟ ସମ୍ପନ୍ନେ
ବ୍ରାହ୍ମଣେ ଗବି ହସ୍ତିନି
ଶୁନି ଚୈବ ଶ୍ୱପାକେଚ
ପଣ୍ଡିତାଃ ସମଦର୍ଶିନଃ।"

ଅର୍ଥାତ୍ 'ବିଦ୍ୟା ବିନୟ ସମ୍ପନ୍ନ' ବ୍ରାହ୍ମଣ, ଗାଈ, ହାତୀ, କୁକୁର, ଚଣ୍ଡାଳ (କୁକୁର ମାଂସ ଭୋଜୀ ଅସଭ୍ୟ)- ଏ ସମସ୍ତଙ୍କଠାରେ ପଣ୍ଡିତମାନେ ସମଜ୍ଞାନ କରନ୍ତି।

ଏଠାରେ 'ବିଦ୍ୟା ବିନୟ ସମ୍ପନ୍ନ' ବୋଇଲେ 'ଜ୍ଞାନ-ସଂସ୍କାର-ଯୁକ୍ତ'। ତେଣୁ ସଂସ୍କାର ହେଉଚି, ଏହି ସଂସ୍କୃତି ବା 'ବିନୟ' ର ଲକ୍ଷଣ। ସଭ୍ୟତା ବା ସମାଜର ପ୍ରଗତିରେ ଏଇ ସଂସ୍କାର ପ୍ରକାଶ ପାଏ। ତେଣୁ ଏଇ ସଂସ୍କାରରେହିଁ ସଭ୍ୟତା ମପାହୁଏ।

Digitized by PPRACHIN, SOA

ଏହି ସଂସ୍କାର ଏକ ସାମାଜିକ ସ୍ଥିର ଅଭ୍ୟାସ କହିଲେ ଚଳେ। ଏହା ଏକ ଏକ ଅନୁଷ୍ଠାନରେ ପରିଣତ ହୋଇଯାଏ। ଲୁଗା ପିନ୍ଧିବା ଏହିପରି ଗୋଟିଏ ସଂସ୍କାର। ଶିଷ୍ଟ ଶ୍ରଦ୍ଧାରେ ନମସ୍କାର, ଦେବତାର ଆରାଧନା, ଋଣଦାନ ଓ ତାହାର ପରିଶୋଧ, ସେବାୟତ, ଶ୍ମଶାନ, ଗୋଚର ରାସ୍ତା ପ୍ରଭୃତିରେ ଗ୍ରାମ ଶୃଙ୍ଖଳା-ଏହିପରି ସବୁ ଗୋଟିଏ ଗୋଟିଏ ସଂସ୍କାର। ଏଇସବୁ ସଂସ୍କାର ଓ ଅନୁଷ୍ଠାନ ଆଲୋଚନା କଲେ, ସମାଜର ସଭ୍ୟତାର ପରିସ୍ଥିତି ଓ ସେଇ ସଭ୍ୟତାର ପରଂପରା ଜଣା ପଡେ।

ପୁରୋଦୃଷ୍ଟିରେ ପ୍ରଗତି ଧାରା ଦେଖି ଏହି ସଂସ୍କାର ନିୟମିତ କରାଯାଏ। ସେଥିରେ ହିଁ ଧରାଯାଏ, ଏହି ସଂସ୍କାର ମଧ୍ୟରୁ କୁସଂସ୍କାର କିଏ? ପୁଣି ଆଜି ଯାହା କୁସଂସ୍କାର ପରି ଲାଗୁଚି, ମୂଳତଃ ତାହା ହୁଏତ କୁସଂସ୍କାର ନ ଥିଲା। ଇଂରେଜିରେ ବଚନ ଅଛି- There is soul of truth even in superstition ଅର୍ଥାତ୍ କୁସଂସ୍କାର ଭିତରେ ମଧ୍ୟ ସତ୍ୟର ଆତ୍ମା ଅଛି। ଯେଉଁ ଜାତି ଓ ଅସ୍ପୃଶ୍ୟତା ହୁଏତ ଆଜି କୁସଂସ୍କାର, ଦିନେ ତା କି ଜୀବନ୍ତ ଉପାଦେୟ ବସ୍ତୁ ଥିଲା ତା' ବୁଝାଇବାର ଦରକାର ନାହିଁ। ଆଜି ମଧ୍ୟ ପୈତୃକ ଜାତି ପରଂପରାରେ ଏ ଦେଶରେ ଘୋର ଆର୍ଥିକ, ରାଜନୀତି ଓ ସାମାଜିକ ବିପ୍ଳବ ସତ୍ତ୍ୱେ ଶିଳ୍ପ ଓ ବ୍ୟବସାୟର ଚିରନ୍ତନ ଜୀବନଧାରା ଜାଗ୍ରତ ଅଛି। ପ୍ରଗତିର ଆବଶ୍ୟକତା ଦୃଷ୍ଟିରେ ଏହି କୁସଂସ୍କାରର ସଂସ୍କାର ହେବା ଉଚିତ। ମାତ୍ର କୁସଂସ୍କାର ସଙ୍ଗେ ସଂସ୍କାର ଲୋପ ପାଇବାର ଆଶଙ୍କା ଅଛି। ଏହା ମନେ ରଖି ପ୍ରଗତିର ଆଦର୍ଶ ଠିକ୍ କରି ମାପିବା ଉଚିତ। ପୁଣି ମନେ ରଖିବାର ଅଛି, ସବୁ ସଂସ୍କାର କୁସଂସ୍କାର ନୁହେଁ। କୁସଂସ୍କାର ସଂସ୍କାର କାମନାରେ ପୁଣି ପରଂପରା ପ୍ରତି ବରାବର ଦୃଷ୍ଟିହୀନ ହେଲେ ମତାନ୍ଧତା ଆସେ। ସବୁବେଳେ ସବୁକ୍ଷେତ୍ରରେ ବରାବର, ନୂଆ ତିଆରି କରିବାର ଅତିକାମନା ମଧ୍ୟ ସାଧୁ ନୁହେ, କି ସେଥିରେ ପୁରୋଦୃଷ୍ଟି ସ୍ୱଷ୍ଟ ନୁହେ।

ନବଭାରତ-୫/୪, ଆଲୋଚନା

ପୁରୀ ମନ୍ଦିରରେ ଅସ୍ପୃଶ୍ୟ ପ୍ରବେଶ

ଧରାକୋଟ ଯୁବରାଜ ଶ୍ରୀଶ୍ରୀ ବ୍ରଜକିଶୋର ଚନ୍ଦ୍ର ସିଂହ ଦେବ ପୁରୀ ମନ୍ଦିରରେ ଅସ୍ପୃଶ୍ୟମାନଙ୍କ ପ୍ରବେଶ ନିଷେଧ ପ୍ରମାଣ କରିବାପାଇଁ ଲେଖିଛନ୍ତି :

"ମ୍ଳେଚ୍ଛମାନଙ୍କ ମନ୍ଦିର ପ୍ରବେଶ ବିଷୟରେ ନୀଳାଦ୍ରି ମହୋଦୟ'ର ମତ :

ବିଷ୍ଣ୍ୱାଳୟେ ମନୋରମ୍ୟେ ପବିତ୍ରେ ପାପନାଶନେ
ମ୍ଳେଚ୍ଛାଶ୍ଚ ଯତ୍ର ଜନକେ ସାରମେୟାଦୟଃ କ୍ୱଚିତ୍

Digitized by PPRACHIN, SOA

ଗୃଧ୍ରାଦୟଃ ଦକ୍ଷିଣଶ୍ଚ ଯବନାଦ୍ୟାସ୍ତଥୈବଚ
ନବିଶେୟୁଃ କଦାଚିଦ୍‌ବୈ ତତ୍ରଯତ୍ନୋ ମହର୍ଷୟଃ
କର୍ତ୍ତବ୍ୟୋ ମାନବୈଃ ସର୍ବୈରଧିକାର ଯତୈଃସଦା
ପ୍ରମାଦାଦ୍ ଯଦି ତେଷାଂ ବୈପ୍ରବେଶୋଽତ୍ରୈ ବଜାୟତେ
ପାକଦ୍ରବ୍ୟଂଚ ଯଦ୍‌ବସ୍ତୁ ତତ୍ରସ୍ଥଂ ଜଳସଂଯୁତଂ
ତତ୍ସର୍ବଂ ଦୀର୍ଘଖାତେଷୁ ନିକ୍ଷିପେତ୍ତୁ ପ୍ରଯତ୍ନତଃ (୩୭ ଅଧ୍ୟାୟ)
ସ୍ପୃଶେନ୍ମୋପି ଦ୍ୱିଜେ ରାଜନ୍ ବିନାସ୍ୱର୍ଶାଧିକାରିଭିଃ
ବିଷ୍ଣୁମହାଭିଷେକେଣ ସ୍ନାପୟେଦତି ଭକ୍ତିତଃ
କ୍ଷତ୍ରିୟଶ୍ଚ ଯଦାବୈଶ୍ୟଃ ଶୂଦ୍ରଶ୍ଚ ଦୈବତଃ ସ୍ପୃଶନ୍
ତଦାଚରେନ୍ମହାସ୍ନାନଂ ଦ୍ୱିଗୁଣଂ କ୍ରମଶୋ ହରେଃ (୧୧ଶ ଅଧ୍ୟାୟ)
ବିଶ୍ୱାବସୋରନ୍ୟଜୈ ର୍ମନୁଜୈର୍ଜତୋଂ ପତୌ
ସ୍ପୃଷ୍ଟୋ ସାମାନ୍ୟ ବିଧିନା ସ୍ନାପୟେ ଦ୍ୱିଷ୍ଣୁମବ୍ୟୟଂ । (୧୦-ଅଧ୍ୟାୟ)

୩୭ ଅଧ୍ୟାୟର ଉଦ୍ଧୃତ ଶ୍ଳୋକଗୁଡ଼ିକରେ ଯେଉଁମାନଙ୍କ ମନ୍ଦିର ପ୍ରବେଶରେ ମହାସ୍ନାନ ବିଧି ଅଛି, ସେମାନଙ୍କ ଭିତରେ ମ୍ଳେଚ୍ଛ ଯବନାଦି ମାନବ। ମ୍ଳେଚ୍ଛ ଯବନାଦି କଥାରେ କୌଣସି ହିନ୍ଦୁ ବା ଆର୍ଯ୍ୟଧର୍ମୀ ଯାଇ ନ ପାରେ। ଯବନାଦି କଥାକୁ ଅନର୍ଥ କରି କେହି କେହି ଯବନ ସଙ୍ଗେ ଛୋଟ ଜାତି ହିନ୍ଦୁଙ୍କୁ ଯୋଡ଼ିବାର ଉଦ୍ୟମ କରିପାରନ୍ତି। କିନ୍ତୁ ସେଥିରେ ପ୍ରକ୍ରମଭଙ୍ଗ ହେବ। ପଦ ପଦାର୍ଥ ଯେଉଁ କ୍ରମରେ ଗ୍ରହଣ କରାଯାଏ, ତାହାର ଶାସ୍ତ୍ରୀୟ ବିଧି ଅଛି। ସେହି ବିଧିରେ ମ୍ଳେଚ୍ଛ ଓ ଯବନ ସଙ୍ଗେ ଆଦି ରହିଲେ ମ୍ଳେଚ୍ଛ ଯବନଙ୍କ ଭଳି ମନୁଷ୍ୟ ଛଡ଼ା ଅନ୍ୟ କାହାକୁ ବୁଝାଇବ ନାହିଁ। ମ୍ଳେଚ୍ଛ ଯବନଙ୍କ ସଙ୍ଗେ ହିନ୍ଦୁ ବା ଆର୍ଯ୍ୟ ରୀତିରେ ବିଶ୍ୱାସ କରୁଥିବା ଲୋକେ ଯାଇ ନ ପାରନ୍ତି। ଯବନ କହିଲେ ସ୍ପଷ୍ଟ ଆର୍ଯ୍ୟେତରମାନଙ୍କୁ ବୁଝାଉଛି। ସେମାନେ ବିଦେଶୀ ଓ ବିଧର୍ମୀ। ମ୍ଳେଚ୍ଛ ମଧ୍ୟ ଆର୍ଯ୍ୟେତର ଓ ଅହିନ୍ଦୁ। ମ୍ଳେଚ୍ଛ କିଏ, ଏ କଥା ବୁଝାଇବାକୁ ଯାଇ ବୌଦ୍ଧୟନ କହୁଛନ୍ତି –

ଗୋମାଂସ ଖାଦକୋ ଯସ୍ତୁ ବିରୁଦ୍ଧଂ ବହୁ ଭାଷତେ
ସର୍ବାଚାରବିହୀନଶ୍ଚ ମ୍ଳେଚ୍ଛ ଇତ୍ୟଭିଧୀୟତେ।

ଅର୍ଥାତ୍ ଯେ ଗୋ ମାଂସ ଖାଏ, ଅତିଶୟ ବିରୁଦ୍ଧ କଥା କହେ ଅର୍ଥାତ୍ ବେଦ ଶାସ୍ତ୍ରାଦିର ବିରୋଧୀ, ପୁଣି ଯେ ସବୁପ୍ରକାର ଆଚାରଶୂନ୍ୟ ଅର୍ଥାତ୍ ଆର୍ଯ୍ୟାବର୍ତ୍ତର ଆଚାର ବା ଆର୍ଯ୍ୟରୀତି ଧରି ଚଳେନାହିଁ, ସେ ମ୍ଳେଚ୍ଛ। ଏଥିରେ କୌଣସି ହିନ୍ଦୁ ମ୍ଳେଚ୍ଛ ନୁହେ। ଯେ

Digitized by PPRACHIN, SOA

ଦେବତା ବ୍ରାହ୍ମଣମାନେ, ଗୋଦାବରୀ ପ୍ରଭୃତି ତୀର୍ଥମାନେ ଓ ଶୁଦ୍ଧାଦି ହୁଏ, ସେ ମ୍ଳେଚ୍ଛ ନୁହେ। ପଞ୍ଚମ ବୋଲି ଗୋଟିଏ ଦକ୍ଷିଣିଆ କଥା ଅଛି। ସେ କଥାଟି ଏଆଡ଼େ ଚଳେ ନାହିଁ। ଏଆଡ଼େ ଏବେ ମଧ୍ୟ ଜାତି ଚାରୋଟି - ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର। ଅତି ନୀଚ ଓ ଉପେକ୍ଷିତ ଜାତି ଶୂଦ୍ର ଛଡ଼ା ଆଉ କିଛି ନୁହନ୍ତି। ସେ ଯାହା ହେଉ, ଉଦାହରଣ ସ୍ୱରୂପ ଧୋବା ଶିଅଳ ଦୁହେଁ ୩୬ ପାଟକରେ ଗଣା ହୁଅନ୍ତି। ସେ ଦୁହିଁଙ୍କ ଶୁଦ୍ରତ୍ୱରେ କାହାରି ଆପତ୍ତି ନାହିଁ। ସେମାନେ ଯେ ମ୍ଳେଚ୍ଛ ବା ଯବନ ନୁହନ୍ତି, ଏଥିପାଇଁ ପ୍ରମାଣ ଲୋଡା ନାହିଁ। ସେ ଦୁହେଁ ମନ୍ଦିରରେ ପଶିବେ ତ ? ଏହିପରି ଗୋଟି ଗୋଟି କଥା ଛିଣ୍ଡାଇ ଦେଲେ ନିଳାଦ୍ରି ମହୋଦୟର ଅର୍ଥ ସ୍ପଷ୍ଟ ଜଣାପଡ଼ିବ ବୋଲି ଆମ୍ଭମାନଙ୍କର ମତ।

ପୁଣି ଦେଉଳର ସର୍ବପ୍ରକାର କାର୍ଯ୍ୟ କରିବା ନିମନ୍ତେ ଛତିଶା ନିଯୋଗ ଅଛନ୍ତି। ସେମାନଙ୍କ ମଧ୍ୟରୁ ସ୍ପୃଶ୍ୟାସ୍ପୃଶ୍ୟ ବାଛି ଦେଉଳକୁ ପ୍ରବେଶ କରାଇବାର କାମ କାହାର, ଏ କଥା ନିଳାଦ୍ରି ମହୋଦୟ ବା ମାଦଳା ପାଞ୍ଜିରୁ ଖୋଜିବାକୁ ହେବ। ମ୍ଳେଚ୍ଛ ଯବନ ହିନ୍ଦୁ ନୁହନ୍ତି। ସେମାନେ ପ୍ରବେଶ କଲେ ହିନ୍ଦୁ ମାତ୍ରେ ସେଥିରେ ଆପତ୍ତି କରିବେ। ସେ କଥା ସ୍ୱତନ୍ତ୍ର। କୁକୁର ପଶିଲେ ଯେପରି, ମ୍ଳେଚ୍ଛ ପଶିଲେ ସେପରି ମହାସ୍ନାନ ବିଧି ଅଛି। ସେ ମନ୍ଦିର ଭିତରେ ମଳତ୍ୟାଗ କଲେ ମଧ୍ୟ ସେହି ବିଧି। ସେ ସବୁଥିରେ ବାଛିବା ପାଇଁ ନିଯୋଗ ଦରକାର ହୁଏ ନାହିଁ।

ଏକାଦଶ ଓ ଦଶମ ଅଧ୍ୟାୟରୁ ଯେଉଁସବୁ ଅଂଶ ଶ୍ରୀମାନ୍ ଉଦ୍ଧାର କରିଛନ୍ତି, ସେସବୁ ଅଧିକାର ଘେନି। କାହାରି ନିର୍ଦ୍ଦିଷ୍ଟ କର୍ମର ଅଧିକାର କେହି ଛାଡିବେ ନାହିଁ। ସେଥିପାଇଁ କଠୋର ବିଧିମାନ ରହିବା ସ୍ୱାଭାବିକ। ରାଜାଙ୍କ ମୋଟର କାରରେ ଯୁବରାଜ ଚଢ଼ିଲେ ମଧ୍ୟ ସେହି ବିଧି ଥାଇପାରେ। ସେ ସବୁରେ ମନ୍ଦିର ପ୍ରବେଶର କୌଣସି ସଂପର୍କ ନାହିଁ। ବ୍ରାହ୍ମଣ ଶାସନରେ ଯେଉଁସବୁ ଗ୍ରାମ ଦେବଦେବୀ ଅଛନ୍ତି, ସେମାନଙ୍କ ପୂଜା ଓ ପାକ ସେବକ ବ୍ରାହ୍ମଣମାନେ କରନ୍ତି। ଶ୍ରୋତ୍ରିୟ ବ୍ରାହ୍ମଣମାନେ ସେଥିରେ ଅଧିକାରୀ ନୁହନ୍ତି। ସେଥିପାଇଁ ଶ୍ରୋତ୍ରିୟ ବ୍ରାହ୍ମଣମାନେ ନୀଚ ବା ହୀନତର ନୁହନ୍ତି। ଯଦି ଶାସନର ଶ୍ରୋତ୍ରିୟମାନେ ସେ ଅଧିକାରରେ ବଳାତ୍କାର କରିବେ, ତେବେ ସେବକ ବ୍ରାହ୍ମଣ ବୃତ୍ତିହୀନ ହେବେ; ବୃତ୍ତି ରକ୍ଷାର ଏ ବିଧିସବୁ ସମୀଚୀନ ଓ ସୁନ୍ଦର। ସେସବୁ ଏଠାରେ ପ୍ରସଙ୍ଗାଧୀନ ନୁହେଁ।

ହିନ୍ଦୁର ଧର୍ମପୀଠ ହିସାବରେ ଜଗନ୍ନାଥ ଓଡ଼ିଆ ଜାତିର ଏକ ଅନନ୍ୟସାଧାରଣ ବିଶେଷତ୍ୱ। ଜାତି ଦୁର୍ଗତିରେ ପଡିଛି। ମୋହରେ ପଡି ସେ ବିଶେଷତ୍ୱ ବୁଝିବାରେ ବୁଦ୍ଧିହୀନ

Digitized by PPRACHIN, SOA

ହୋଇଛି। କାଳଜ୍ଞାନ ମାନବ ମନୀଷାର ପରିଚୟ ଦିଏ। ଏ କ୍ଷେତ୍ରରେ ଓଡ଼ିଆ ସେ କାଳଜ୍ଞାନ ହରାଇଛନ୍ତି। ପରବର୍ତ୍ତୀ ବଂଶଧରମାନେ ଏଥିପାଇଁ ଆମ୍ଭମାନଙ୍କୁ ଉଷ୍ଣୋଦକରେ ତର୍ପଣ କରିବେ ବୋଲି ଆମ୍ଭର ମତ।

ନବ ଆଲୋଚନା-୧/୧୧, ଆଲୋଚନା

ମହାତ୍ମାଗାନ୍ଧୀଙ୍କ ହରିଜନ ଯାତ୍ରା

୧୯୨୦ ମସିହାର ଶେଷବେଳକୁ, ୧୯୨୧ ଆରମ୍ଭରେ ଭାରତ ଜାତୀୟ ମହାସଭା ବା କଂଗ୍ରେସ କାର୍ଯ୍ୟର ନୂତନ ପ୍ରସ୍ଥ ଆରମ୍ଭ ହେଲା। ମୋଟାମୋଟି ଏହାକୁ ଅସହଯୋଗ ବୋଲି କୁହାଯାଏ। ମହାତ୍ମାଗାନ୍ଧୀ ଏହାର ଉଦ୍‌ଭାବକ, ପ୍ରତିଷ୍ଠାତା ଓ ଚାଳକ। କଂଗ୍ରେସର ରାଜନୀତିର ଭିତ୍ତି ଅର୍ଥାତ୍ ଦେଶକୁ ସ୍ୱାଧୀନ କରିବାରେ ଯେଉଁ ଉପାୟ ଦରକାର, ଏହି ଅସହଯୋଗ ତା'ର ଆଦର୍ଶ। କିନ୍ତୁ ସଂଗେ ସଂଗେ ଦେଶକୁ ବଢ଼ିବାକୁ ହେବ, ସେଥିପାଇଁ କେତେଗୁଡ଼ିଏ ଗଠନମୂଳକ କାର୍ଯ୍ୟର ଯୋଜନା ମଧ୍ୟ କରାଯାଇଛି। ସେଥିରେ ଖଦଡ଼ ଓ ଅସ୍ପୃଶ୍ୟତା ନିବାରଣ ଦୁଇଟି ପ୍ରଧାନ କଥା। ଏବେ ଏହି ଅସ୍ପୃଶ୍ୟତା ନିବାରଣ ନିମନ୍ତେ ମହାତ୍ମାଜୀ ପାଦରେ ଚାଲି ଗ୍ରାମେ ଗ୍ରାମେ ବୁଲିବାର ପନ୍ଥା ଧରିଛନ୍ତି।

ଏହିପରି ପାଦରେ ଚାଲିବାକୁ ଅନେକେ ଅନେକ ପ୍ରକାର ଭାବରେ ଦେଖୁଥିବେ। ମହାତ୍ମାଜୀ ଏହିପରି ଭାବରେ ବେଶି ସ୍ଥାନ ବୁଲିପାରିବେ ନାହିଁ। ହୁଏତ ବେଶି ଧନ ସଂଗ୍ରହ କରିପାରିବେ ନାହିଁ, ଏଥିପାଇଁ ଅନେକ ହୁଏତ ଏ ପ୍ରକାରର ହରିଜନ କାର୍ଯ୍ୟକୁ ପସନ୍ଦ କରୁ ନଥିବେ। ଏ ପ୍ରକାର କାର୍ଯ୍ୟକୁ ପସନ୍ଦ ନ କରିବାର ଆଉରି ମଧ ଏକ କାରଣ ଅଛି। ଲୋକେ ଆଜିକାଲି ସମସ୍ତ ପ୍ରକାର ଲୋକଶିକ୍ଷା, ସାଧନା ଓ କ୍ରିୟା ସହରରେ ଆରମ୍ଭ କରୁଛନ୍ତି। ଆଧୁନିକ ଶିକ୍ଷିତ ଓ ଧନୀମାନଙ୍କୁ ଘେନି ସେହି ସହରକୁ କର୍ମକେନ୍ଦ୍ର କରି ସବୁ ପ୍ରକାର ଅନୁଷ୍ଠାନ ଗଢ଼ାଯାଉଛି। କ୍ରମେ ସହରରୁ ପଲ୍ଲୀରେ ଭାବ ଓ କ୍ରିୟା ପ୍ରଚାର କରିବା ଉଦ୍ୟମ କରାଯାଉଛି। ସେ ହିସାବରେ ମହାତ୍ମାଗାନ୍ଧୀଙ୍କର ଏ ନୂତନ ପଲ୍ଲୀଭ୍ରମଣ ସେ ଅନେକଙ୍କୁ ଠିକ୍ ଯୋଗାଉ ନଥିବ ଏଥିରେ ବିଚିତ୍ରତା କିଛି ନାହିଁ। ମାତ୍ର ଏପରି ସହରର କର୍ମକେନ୍ଦ୍ରରୁ ଭାବ ପ୍ରଚାର କରିବା ପ୍ରାଚ୍ୟଦେଶ, ତଥା ଭାରତର ନୀତି ନୁହେ। ବିଶେଷରେ ସମସ୍ତ ପ୍ରାଚ୍ୟଦେଶ ତଥା ଭାରତ ବିରାଟ ପଲ୍ଲୀ ଦେଶ। ଏ ଦେଶରେ ସବୁ ସଭ୍ୟତା, ପଲ୍ଲୀ- କେବଳ ପଲ୍ଲୀ ନୁହେଁ- ବନସ୍ତରୁ ମଧ ବାହାରି ଯୁଗେ ଯୁଗେ ନଗରକୁ ପ୍ରଭାବିତ କରି ଆସୁଛି। ଏ ଦେଶର ବ୍ୟବସ୍ଥାଦାତା, ବନ ବିଦ୍ୟାଳୟର କୁଳପତି। ଏ ଦେଶର ବିଶ୍ୱଭାରତୀ ବନର କୁଳଗୃହିଣୀ। ବନବାସୀର, ପଲ୍ଲୀବାସୀର ସ୍ୱତଃ କର୍ତ୍ତବ୍ୟ

Digitized by PPRACHIN, SOA

ପାଳନରେ ଏ ଦେଶର ରାଜ୍ୟ ସଂସ୍କୃତି ଓ ସଭ୍ୟତା ପ୍ରତିଷ୍ଠିତ। ମନୁ ସହରରେ ବସି ସଂହିତା ଲେଖି ନଥିଲେ। କୌସୁମ୍ଭ ବଣରେ ବରତନ୍ତୁଙ୍କ ଆଶ୍ରମରେ ବିଦ୍ୟାଶିକ୍ଷା କରିଥିଲେ। ଏପରିକି ଏ ଦେଶର ରାଜାଙ୍କୁ କର ଆଦାୟ କରିବା ପାଇଁ ଜୁଲମ କରିବାକୁ ହେଉ ନଥିଲା। ବନଚାରି ଉଞ୍ଛବୃତ୍ତି ପ୍ରଜାଶସ୍ୟ ଗୋଟାଇ ଆଣି ଖାଇବାପୂର୍ବରୁ ସେହି ଗୋଟାଇଥିବା ଶସ୍ୟରୁ ମଧ ୬ଭାଗରୁ ଭାଗେ ରାଜାଙ୍କ ପାଇଁ ରଖି ଦେଉଥିଲା। ମନୀଷୀ, ପଣ୍ଡିତ, ଧନୀ, ବଣିକ ବ୍ୟବସ୍ଥାଦାତା ସମସ୍ତ ପଲ୍ଲୀରେ ରହି ପଲ୍ଲୀବାସୀଙ୍କ ଜୀବନରେ ନିଜ ଜୀବନ ମିଶାଇ ଦେଉଥିଲେ।

ଧର୍ମପ୍ରଚାରକମାନେ ମଧ ଚିରକାଳ ଏ ଦେଶରେ କୌଣସି ଯାନବାହାନର ଆଶ୍ରୟ ନ ନେଇ ପଲ୍ଲୀରୁ ପଲ୍ଲୀରେ ସାମାନ୍ୟ ପଲ୍ଲୀବାସୀ ପରି ବୁଲି ବୁଲି ଧର୍ମ ପ୍ରଚାର କରୁଥିଲେ। ବୁଦ୍ଧ, ଶଙ୍କର, ପ୍ରଭୃତିଙ୍କ କାଳରେ ନାନାପ୍ରକାର ଯାନବାହାନ ଥିଲା, ସନ୍ଦେହ ନାହିଁ। ବୁଦ୍ଧ ଲୋଡ଼ିଥିଲେ ଅନାଥ ପିଣ୍ଡଦଙ୍କ ପରି ଧନାଢ଼୍ୟ ଶିଷ୍ୟ ବେଗଗାମୀ ବାହନମାନ ଯୋଗାଇ ପାରିଥାନ୍ତେ। କିନ୍ତୁ ବୁଦ୍ଧ ଯେ ତାହା ଲୋଡ଼ି ନଥିଲେ ସେତିକି ନୁହେଁ, ନିଜେ କୁଶଳ ଅଶ୍ୱାରୋହୀ ଥାଇ ମଧ ଘରୁ ବାହାରି ପ୍ରବ୍ରଜ୍ୟା କରିବା ସଙ୍ଗେ ସଙ୍ଗେ ସର୍ବପ୍ରଥମେ ଅଶ୍ୱଟି ପରିତ୍ୟାଗ କରିଥିଲେ। ଖରା, ବର୍ଷା, ଶୀତ ସବୁ ସହି ବଣରେ ରହି, ପଲ୍ଲୀରୁ ପଲ୍ଲୀରେ ସେ ନିଜ ଧର୍ମ ଅତି ସାମାନ୍ୟ ଲୋକ ପରି ପ୍ରଚାର କରିଥିଲେ।

ଛଅ ବର୍ଷ ତପସ୍ୟାରୁ ଉଠି ବୁଦ୍ଧଦେବ ପ୍ରଥମେ ଗୋଟିଏ ଅସ୍ପୃଶ୍ୟ ନାରୀଠାରୁ ଅନ୍ନଗ୍ରହଣ କରିଥିଲେ। ତାହାର ଆଧ୍ୟାତ୍ମିକ ଫଳ ଯାହା ହୋଇଥିଲା, ବିବେକାନନ୍ଦ ତଥା କଂଗ୍ରେସ ଦଳ ଆଜି ସହରରେ ସଭା କରି ଶତ ଶତ କାଙ୍ଗାଳ ଓ ଅସ୍ପୃଶ୍ୟଙ୍କ ସଙ୍ଗେ ମିଳିମିଶି ଭୋଜି କରିବାରେ ତାହା ହେଉଛି ବୋଲି ମନେ ହେଉନାହିଁ। ଦୁର୍ଗତିରେ ଦୟା ଦେଖାଇ ମନୁଷ୍ୟଙ୍କୁ ସେବା କଲେ ବା ମନୁଷ୍ୟ ପାଇଁ ସେବାର ବ୍ୟବସ୍ଥା କଲେ ସେ ହୁଏତ ସ୍ଥଳବିଶେଷରେ କୃତଜ୍ଞ ହୋଇପାରେ, ମାତ୍ର ଦୟା ଦେଖାଇବା ଓ ଦୟା ପାଇବା ଲୋକ ମଧ୍ୟରେ ଗୋଟିଏ ଆଧ୍ୟାତ୍ମିକ ପ୍ରଭେଦ ରହିଯାଏ। ଦୁଃସ୍ଥଲୋକ ସଂଗେ ସର୍ବାତୋଭାବରେ ଏକ ହୋଇ ମିଶିଗଲେ, ସେ ପ୍ରଭେଦ ରହେ ନାହିଁ। ବୁଦ୍ଧ ଯେତେବେଳେ ଅସ୍ପୃଶ୍ୟଠାରୁ ଅନ୍ନ ଗ୍ରହଣ କରିଥିଲେ, ସେତେବେଳେ ପଲ୍ଲୀର ଜଣେ ସାଧାରଣ ବୁଭୁକ୍ଷିତ ଲୋକ ଅନ୍ୟ ଲୋକଠାରୁ ଖାଦ୍ୟଗ୍ରହଣ କଲାପରି ତାହା କରିଥିଲେ ମାତ୍ର। ଆଧ୍ୟାତ୍ମିକ ଶକ୍ତି ଏଇପରି ଆଧ୍ୟାତ୍ମିକ ଭାବରେ ପ୍ରଚାର ପାଏ। ସେଥିରେ କିଏ କେତେଦୂର ବୁଲିଲା, କେତେ ପଇସା ସଂଗ୍ରହ କଲା, କେତେ ଲୋକ ଦର୍ଶନକୁ ଆସିଲେ ବା ତାଳି ବାହା ବାହା ଦେଲେ, ଏ ସବୁର ହିସାବ ନଥାଏ।

Digitized by PPRACHIN, SOA

ମହାତ୍ମା ଗାନ୍ଧୀ ଆଜି ବହୁ ଅନୁଭୂତି ପରେ ଏ ସତ୍ୟର ଗଭୀର ଅନୁଭୂତିରେ ପ୍ରଣିତ ହୋଇଛନ୍ତି। ପୁରୀ ଜିଲ୍ଲାର ସତ୍ୟଭାମାପୁରଠାରେ ସେ ଗୋଟିଏ କୁଷ୍ଠରୋଗୀ ହଠାତ୍ ଦେଖିଲେ। ତାହାର ଦୁଇଖଣ୍ଡି ପିନ୍ଧିବାର କନା ବଡ଼ ମଇଳା ହୋଇଥିଲା। ମହାତ୍ମାଗାନ୍ଧୀ ତାକୁ ପାଖକୁ ଡାକି ନିଜ ଲୁଗା ଭିତରୁ କାଢ଼ି ତାକୁ ଦୁଇଖଣ୍ଡି ସଫା ଲୁଗା ଦେଲେ ଓ ତାହାର ମଇଳା ଲୁଗା ଦୁଇଖଣ୍ଡି ନିଜେ ରଖି ପରେ ପୋଡ଼ାଇ ଦେଲେ। ଏ ଦୃଶ୍ୟ ଯେ ଦେଖିଥିବେ, ସେ ମହାତ୍ମାଜୀଙ୍କ ମୋଟର ଅଭିଯାନ ଓ ବିରାଟ ସଭାମାନଙ୍କରେ ବକ୍ତୃତା ଓ ଅର୍ଥସଂଗ୍ରହ ଠାରୁ ଅଧିକ ପ୍ରଭାବିତ ହୋଇଥିବେ, ସନ୍ଦେହ ନାହିଁ।

ସେଇ ସତ୍ୟଭାମାପୁରଠାରେ ମହାତ୍ମାଜୀ କେତେଗୁଡ଼ିଏ ହରିଜନଙ୍କୁ ଦେଖି ଖାଇବାକୁ ନିମନ୍ତ୍ରଣ କଲେ। ସେହି ନିମନ୍ତ୍ରିତ ହରିଜନଙ୍କ ମଧ୍ୟରେ ନାନା କଥା ପଡ଼ିଲା, ଜାତିର ଆପତ୍ତି ଉଠିବା ଦେଖାଗଲା, କାହିଁକି ନା, ମହାତ୍ମାଜୀଙ୍କ ସଙ୍ଗରେ ସବୁ ଜାତି-ଧର୍ମର ଲୋକ ଥିଲେ, ଇଉରୋପୀୟ ସାହେବ ମଧ୍ୟ ଥିଲେ। ହରିଜନମାନେ ଜାତି ପାଟକ ବଂଧନ ତୁଟାଇ ଖାଇବେ କିପରି ନୀତି ସଂଧାନୀଙ୍କ ମଧ୍ୟରେ ବହୁତ ବିଚାର ପଡ଼ିଲା, କିନ୍ତୁ ପ୍ରାଣର ବାଣୀ ପ୍ରାଣରେ ବାଜେ। ମହାତ୍ମାଜୀ ସାଙ୍ଗ ସୁଖ କରି ନିଜେ ସେମାନଙ୍କୁ ଡାକିଛନ୍ତି, ସମସ୍ତ ଯୁକ୍ତିତର୍କ ମଧ୍ୟରେ ଏ ଡାକିବାର କଥା ପଡ଼ିଯାଉଥାଏ, ସେତେବେଳେ ସମସ୍ତେ ନୀରବ, ଭାବାନ୍ୱିତ ହେଲେ। ଶେଷକୁ ସେମାନଙ୍କ ଭିତରେ ବିଚାର ପଡ଼ିଲା, "ଆହା! ମହାତ୍ମାଜୀ ଆମକୁ ଏତେ ଆଦରରେ ଡାକିଚନ୍ତି, ଆମରି ପାଇଁ ଏତେ ଖରା କାକର ସହି ବୁଲୁଚନ୍ତି, କାଳେ ଆମେ ଖାଇବାକୁ ନ ଗଲେ ମହାତ୍ମା ନଖାଇ ଉପବାସ ରହିବେ" ଏ କଥାରେ ଆଉ ଜାତି ପାଟକର ଯୁକ୍ତି ନାହିଁ। ସେମାନେ ଯୁକ୍ତି ଛାଡ଼ି ଖାଇବାକୁ ଆସିଲେ। ଏବେ ମହାତ୍ମାଜୀଙ୍କ ଯାଗାରେ ବିନା ଯୁକ୍ତି ବିନା ବାଧାରେ ହରିଜନମାନେ ଆସି ମହାତ୍ମାଜୀଙ୍କ ରୋଷେଇରେ ଖାଉଚନ୍ତି। ସହରର କାଙ୍ଗାଳ ଭୋଜନ ବା ହରିଜନ ଭୋଜିରେ ଏକଥା ସଂଭବ କି? ପୁଣି ସହରରେ ତ ଭାରତୀୟ ଜୀବନର ପ୍ରାଣ ନାହିଁ, ସେଠାରେ ସମାଜର ଶକ୍ତି କାହିଁ? ଜାତି ପାଟକ ବା କାହିଁ। ଏହା ବେଶି ବୁଝାଇ ରହିବା ଅନାବଶ୍ୟକ।

ପଲ୍ଲୀର ହରିଜନ ଅଭିଯାନ ଗାନ୍ଧୀ ପୁରୀରୁ ଆରମ୍ଭ କଲେ

କେବଳ ଭାରତରେ କାହିଁକି, ସମସ୍ତ ପୃଥିବୀରେ ପୁରା ଜଗନ୍ନାଥ ଧର୍ମର ବିଶିଷ୍ଟତା ଅଛି। ମାନବକୁ ମାନବ କରି ଦେଖିବା, ସବୁ ମାନବକୁ ସମାନ ଦେଖିବା, ସବୁ ଧର୍ମର ମତ। କିନ୍ତୁ ପୃଥିବୀରେ କୌଣସି ଧର୍ମର ଲୋକମାନେ ଏହା କାର୍ଯ୍ୟରେ କରନ୍ତି ନାହିଁ। ଗୀତାବାଦୀ ବୈଦିକ ସ୍ମାର୍ତ୍ତ ହିନ୍ଦୁର 'ବାଡ଼ି ବାଇଗଣ', 'ପୋଥି ବାଇଗଣ'ରୁ ଅଲଗା। ସ୍ମାର୍ତ୍ତ

Digitized by PPRACHIN, SOA

କହନ୍ତି, "ଜ୍ଞାନୀ ଲୋକ ପକ୍ଷରେ ସମସ୍ତେ ସମାନ।" କିନ୍ତୁ କେଉଁଦିନ କିପରି ମନୁଷ୍ୟକୁ ଜ୍ଞାନୀ ବୋଲି ଜାଣିବ ତାହା ସେମାନେ କହନ୍ତି ନାହିଁ। ବୋଧହୁଏ ମନୁଷ୍ୟ ମୁଣ୍ଡରେ ରାତିରେ କେହି ଦେବତା ସ୍ଫଟିକ ଅକ୍ଷରରେ ଜ୍ଞାନୀ ବୋଲି ଲେଖିଦେଇ ଯିବା ପର୍ଯ୍ୟନ୍ତ ସେମାନେ ଅପେକ୍ଷା କରନ୍ତି। ସେ ପର୍ଯ୍ୟନ୍ତ କାର୍ଯ୍ୟରେ ଜ୍ଞାନୀ ବୋଲି ପ୍ରକାଶ କରିବା କାହାରି ଅଧିକାର ନାହିଁ। ଖିରସ୍ତାନ ଜଗତରେ ପୋପଙ୍କ ପୌରୋହିତ୍ୟଠାରୁ ଆରମ୍ଭ କରି ଦାସ ବ୍ୟବସାୟ ଓ ସାମ୍ରାଜ୍ୟବାଦ ପର୍ଯ୍ୟନ୍ତ କୌଣସି ଠାରେ ମାନବକୁ ମାନବ କରି ଦେଖିବା ପନ୍ଥା ନାହିଁ। ମୁସଲମାନ, ଅମୁସଲମାନଙ୍କୁ କାର୍ଯ୍ୟରେ ଯାହା ମନେ କରେ, ତାହା କହିବା ନିଷ୍ପ୍ରୟୋଜନ। ବୌଦ୍ଧ ଧର୍ମରେ ମଧ୍ୟ ଲାମାଙ୍କ ଦେବତ୍ୱରୁ ଆରମ୍ଭ କରି, ଭିକ୍ଷୁ ଭିକ୍ଷୁଣୀମାନଙ୍କର ଅସାଧାରଣ ବ୍ୟବହାର ଧର୍ମର ସାମ୍ୟବାଦକୁ କାର୍ଯ୍ୟରେ କିଛି ହେଲେ କ୍ଷୁଣ୍ଣ କରିଅଛି। ଜଗନ୍ନାଥଙ୍କୁ ବୌଦ୍ଧବତାର ବୋଲି ପୂଜା କରାଯାଏ। ସେଠାରେ ମହାପ୍ରସାଦ ଗ୍ରହଣରେ, ମାନବର ସାମ୍ୟଭାବ ଆଜି ମଧ୍ୟ ସ୍ପଷ୍ଟ ପ୍ରକଟିତ। ସ୍ମାର୍ତ୍ତ ହିନ୍ଦୁ ଅନ୍ୟ ହାତରୁ ଅନ୍ନଗ୍ରହଣ କରିବାକୁ ବି ଭୀଷଣ ପାପ ବୋଲି ବିଚାରେ ତାହା ସମସ୍ତେ ଜାଣନ୍ତି। କିନ୍ତୁ ଜଗନ୍ନାଥରେ ଆଜି ମଧ୍ୟ ସେ ବିଚାରରେ କାର୍ଯ୍ୟ ନାହିଁ। ଜଗନ୍ନାଥର ମହା ସାମ୍ୟ ଧର୍ମ କାଳକ୍ରମେ କାର୍ଯ୍ୟରେ ସ୍ମାର୍ତ୍ତ ହିନ୍ଦୁମାନଙ୍କ ଦ୍ୱାରା ବହୁଭାବରେ ଜର୍ଜରିତ ଓ କ୍ଷୁଣ୍ଣ ହୋଇଅଛି। ତଥାପି ଆଜି ମଧ୍ୟ ଅନ୍ନ ମହାପ୍ରସାଦ କୈବଲ୍ୟ। ଅର୍ଥାତ୍, ସେଠାରେ ସମସ୍ତେ ଏକ।

ଓଡ଼ିଆର ଏ କୀର୍ତ୍ତି ପୃଥିବୀରେ ଅଦ୍ୱିତୀୟ। ଭାରତର ଧର୍ମ ବିପ୍ଳବବେଳେ, ମାନବ ମାନବ ମଧରେ ଭେଦ ପ୍ରକଟିଲା ବେଳେ, ଯୁଗେ ଯୁଗେ ମହାପୁରୁଷମାନେ ଏ ଭୂମିକୁ ଆଶ୍ରୟ କରି ମାନବ ସେବାବ୍ରତ ପ୍ରଚାର କରିଅଛନ୍ତି। ଦିନେ ବିଶ୍ୱାବସୁ ଶବରର ଦେବତା ଏହି ନୀଳ ମାଧବଙ୍କୁ ମାଳବରାଜ ଇନ୍ଦ୍ରଦ୍ୟୁମ୍ନ ନିଜର ବ୍ରାହ୍ମଣ ମନ୍ତ୍ରୀ ବିଦ୍ୟାପତିଙ୍କୁ ଘେନି ନିଜର କରି ନେବାକୁ ଆସିଥିଲେ। ନୀଳାଚଳର ଦେବତା ଶବର ପ୍ରତି ବ୍ରାହ୍ମଣ କ୍ଷତ୍ରିୟର ଏ ହତାଦର ସହିଲେ ନାହିଁ। ସେଦିନ ପରେ ଏଠାରେ ଶବର, ବ୍ରାହ୍ମଣ, କ୍ଷତ୍ରିୟ ସମସ୍ତେ ଏକାକାର ହୋଇଥିଲେ। ଏହିଠାରେ ଦିନେ କଳିଙ୍ଗର କୈବର୍ତ୍ତ ଓ ବାଣିଜ୍ୟବାହିନୀମାନେ ବ୍ରହ୍ମ, ଜବ,ବଳି, ସିଂହଳରୁ ଲୋକଙ୍କୁ ଆଣି ମାନବ ମାନବରେ ପ୍ରଭେଦ ନାହିଁ ବୋଲି ଭାରତବାସିଙ୍କୁ ସାକ୍ଷାତ୍ ଶିକ୍ଷା ଦେଉଥିଲେ। ସ୍ମାର୍ତ୍ତଶିରୋମଣି ଶଙ୍କରାଚାର୍ଯ୍ୟ ଏଇ ଭୂମିରେ ଗୋବର୍ଦ୍ଧନ ମଠ ସ୍ଥାପନ କରିଥିଲେ। ମୁସଲମାନ ସଙ୍କୋଚରେ ଭାରତବାସୀ ଯେତେବେଳେ ଘୋର ସଙ୍କୁଚିତ ହୋଇ ଆସୁଥିଲେ, ସେତେବେଳେ ପଞ୍ଜାବ ଦେଶର ମହାମାନବ ନାନକ ଏଇ ଭୂମି ଆଶ୍ରୟ କରିଥିଲେ। ମହାପୁରୁଷ ରାମାନୁଜ ଓ ରାମାନନ୍ଦଙ୍କର

Digitized by PPRACHIN, SOA

ମଧ୍ୟ ଜୀବନକର୍ମର ଶ୍ରେଷ୍ଠକ୍ଷେତ୍ର ପୁରୀ। ଶେଷରେ ସେଦିନ ଚୈତନ୍ୟ ଏଇ ଭୂମିରୁ ନିଜର ସାମ୍ୟବାଦ ପ୍ରଚାର କରି ଏଇ ପବିତ୍ର ବିଶ୍ୱ ତୀର୍ଥରେ ନିଜର ଦେହ ତ୍ୟାଗ କରିଥିଲେ।

ଆଜି ସାତକୋଟି ଅଛୁଆଁ ହିନ୍ଦୁ ବା ହରିଜନଙ୍କୁ ମାନବ କରିବା ପାଇଁ ମହାତ୍ମାଗାନ୍ଧୀଙ୍କର ତୀର୍ଥଯାତ୍ରା। ସ୍ମାର୍ତ୍ତ ହିନ୍ଦୁର ବଡ ସାନ ଭାବ ଘୁଞ୍ଚାଇବାର ଏବେ ଏ ବେଳ। ଯୁଗପ୍ରବର୍ତ୍ତକ ମହାମାନବ ମହାତ୍ମାଗାନ୍ଧୀ ଏ ବେଳର ବିଶ୍ୱ ଦୂତ। ଆଜି ଯଥାର୍ଥ ଧାର୍ମିକ ରୀତିରେ ସେ ହରିଜନ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛନ୍ତି। ଏହି ପୁରୀଧାମରୁ ସେ ତାହା ଆରମ୍ଭ କରିଛନ୍ତି। ସେ ନିଜେ କହିଛନ୍ତି, "ଭାରତରେ ପୁରୀଧାମ ହିଁ ସାମ୍ୟପ୍ରଚାର ଆରମ୍ଭ କରିବାର ଯୋଗ୍ୟ ଭୂମି। ଚୈତ୍ୟନ୍ୟାଦି ପୂର୍ବେ ଏଇ ଭୂମିରୁ ସାମ୍ୟବାଦ ପ୍ରଚାର କରିଥିଲେ। ସେଥିପାଇଁ ସାମ୍ୟବାଦର ଏଇ ମହାତୀର୍ଥରୁ ମୋର ଏ ହରିଜନ ଯାତ୍ରା ଆରମ୍ଭ କରିବା ହିଁ ଠିକ୍ ହେବ।" ସେ ତାହାହିଁ କରିଅଛନ୍ତି। ତାଙ୍କର ଉଦ୍ଦେଶ୍ୟ ସିଦ୍ଧ ହେଉ। ଜଗନ୍ନାଥ ଧର୍ମର ଆଦର୍ଶ ଜୀବନ୍ତ ରହୁ।

ହରିଜନ କିଏ ?

ମହାତ୍ମାଗାନ୍ଧୀ ନିଜେ ବୁଝାଇଛନ୍ତି - "ଦୁର୍ଯ୍ୟୋଧନ ପକ୍ଷ ଯେତେବେଳେ ପିଶାଚ ବୁଦ୍ଧି ଧରି କୁରୁସଭାତଳେ ଦ୍ରୌପଦୀଙ୍କୁ ଲଙ୍ଗଳା କରିବାକୁ ବସିଲେ ସେତେବେଳେ ଦ୍ରୌପଦୀ ନିରାଶ୍ରୟ। ପ୍ରାଣର ଆବେଗରେ ସେ ଡାକିଲେ 'ହେ ହରି! ମୁଁ ଏତେବେଳେ କାହାରି ନୁହେଁ, ମୋର ପିତାମାତା, ସ୍ୱାମୀ, ଶ୍ୱଶୁର ପର୍ଯ୍ୟନ୍ତ କେହି ଏବେ ମୋତେ ନିଜର ପରି ବ୍ୟବହାର କରୁନାହାନ୍ତି। ତୁମେ ମତେ ଆଶ୍ରୟ ଦିଅ, ରକ୍ଷା କର। ହରି ଦ୍ରୌପଦୀଙ୍କୁ ନିଜ ଜନ କରିନେଲେ ଓ ରକ୍ଷା କଲେ। ଯାହାର କେହି ନାହିଁ, ସେ କାହାର ଜନ ନୁହେଁ, ତା'ର ହରି ଅଛନ୍ତି, ସେ 'ହରିଜନ'। ସେଥିପାଇଁ ହିନ୍ଦୁର ପରିତ୍ୟକ୍ତ ଏହି ଅଛୁଆଁ ଜାତିମାନଙ୍କୁ ମହାତ୍ମାଗାନ୍ଧୀ 'ହରିଜନ' ବୋଲି ନାମ ଦେଇଅଛନ୍ତି।

କିନ୍ତୁ ହିନ୍ଦୁର ଅଛୁଆଁ କିଏ ? ପ୍ରାଚୀନ ବେଦଶାସ୍ତ୍ର ସ୍ମୃତିରେ ଏହାର କୌଣସି ବିଶେଷ ଉଲ୍ଲେଖ ନାହିଁ। ମନୁଷ୍ୟକୁ ଛୁଇଁବ ନାହିଁ ବୋଲି କୌଣସି ନିଷେଧ ବିଧି ସେ ସବୁଥିରେ ମିଳିବ ନାହିଁ। ଚଣ୍ଡାଳ ବୋଲି ଗୋଟିଏ ଜାତିକୁ ନୀଚ ବୋଲି କୁହାଯାଇଛି, କିନ୍ତୁ ସେ ଚଣ୍ଡାଳ କିଏ- ତାହା ଦେଖିବାକୁ ଗଲେ ଦେଖାଯାଏ, ବ୍ରାହ୍ମଣୀ ଗର୍ଭରେ ଶୂଦ୍ର ଯେଉଁ ସନ୍ତାନ ଜନ୍ମ କରାଏ ସେ ଚଣ୍ଡାଳ। ଅବଶ୍ୟ ଉଚ୍ଚବର୍ଣ୍ଣ ବ୍ରାହ୍ମଣମାନଙ୍କର ଜାତି ଅଭିମାନରେ ଦର୍ପ କରିବାର ବିଶେଷ କାରଣ ଥିଲା। ସେଥିପାଇଁ ନିଜ ଜାତିର ସ୍ତ୍ରୀ ସଂଗେ ଶୂଦ୍ରର ବ୍ୟଭିଚାର ସେତେବେଳେ ମଧ୍ୟ ବ୍ରାହ୍ମଣକୁ ଘୋର ଆଘାତ ଦେଇଥିବା ହିଁ ସ୍ୱାଭାବିକ।

Digitized by PPRACHIN, SOA

ହେଲେ ହେଁ ବ୍ରାହ୍ମଣୀ ଗର୍ଭଜାତ ସନ୍ତାନ ଅସ୍ପୃଶ୍ୟ ବା କାହିଁକି ହେବ? ଜ୍ଞାତସାରରେ ବାପ ଯେ ହେଉ ନା କାହିଁକି?

ଆଧୁନିକ ପ୍ରାଦେଶିକ ସ୍ମୃତିମାନଙ୍କରେ ନାନାଜାତିର ଉଲ୍ଲେଖ ଅଛି। ସେମାନଙ୍କ ବ୍ୟବସାୟ ମଧ୍ୟ ଲେଖାଥିବାର ଦେଖାଯାଏ ଏବଂ ସେମାନଙ୍କ ପ୍ରତି ବ୍ରାହ୍ମଣାଦି ସବର୍ଣମାନଙ୍କର ବ୍ୟବହାର ସଂବନ୍ଧରେ ନାନା କଥା ଲେଖାଥିବାର ଦେଖାଯାଏ। କିନ୍ତୁ ଏକ ପ୍ରଦେଶର ସ୍ମୃତିରେ ଯେଉଁ ଜାତି ସଂବନ୍ଧରେ ଯେ ବ୍ୟବହାର ଅଛି ଅନ୍ୟ ପ୍ରଦେଶର ସ୍ମୃତିରେ ତାହାଠାରୁ ଭିନ୍ନ। ଦୃଷ୍ଟାନ୍ତ ସ୍ୱରୂପ ଓଡ଼ିଶାର ସ୍ମୃତିରେ ଅଛି – "ସଚ୍ଛୂଦ୍ରୌ ଗୋପନାପିତୌ", ଅର୍ଥାତ୍, ଗଉଡ଼, ଭଣ୍ଡାରୀ ଏ ଦୁହେଁ ଶୂଦ୍ର ହେଲେ ହେଁ ବ୍ରାହ୍ମଣାଦି ସବର୍ଣ ହିନ୍ଦୁଙ୍କ ସଙ୍ଗେ ସମାନ ଭାବରେ ଚଳାଚଳ ହୋଇପାରିବେ। ଏହି ସ୍ମୃତିକୁ ଧରି ପୁରୀ, କଟକ, ବାଲେଶ୍ୱର, ସିଂହଭୂମି, ମେଦନୀପୁରରେ ଓ ଗଞ୍ଜାମର କେତେକ ସାମାନ୍ୟ ଅଂଶରେ ଓଡ଼ିଆ ସବର୍ଣମାନେ ଗଉଡ଼, ଭଣ୍ଡାରିଙ୍କ ହାତରୁ ପାଣି ପିଅନ୍ତି ଓ ଅନ୍ୟାନ୍ୟ ଅନେକ କ୍ଷେତ୍ରରେ ସେମାନଙ୍କୁ ସମାନ ବ୍ୟବହାର କରନ୍ତି। କିନ୍ତୁ ଆନ୍ଧ୍ରଦେଶ ସ୍ମୃତିରେ ଏ ବିଧି ନାହିଁ। ସେମାନେ ଗଉଡ଼ ଭଣ୍ଡାରିଙ୍କ ଠାରୁ ପାଣି ଛୁଅନ୍ତି ନାହିଁ ବା ତାଙ୍କୁ ପାଖେ ପୂରାନ୍ତି ନାହିଁ। ଏହିପରି ଏକ ପ୍ରଦେଶରୁ ଅନ୍ୟ ପ୍ରଦେଶର ପ୍ରଭେଦ ବହୁତ ଦେଖାଇ ଦିଆଯାଇପାରେ।

ସେତିକି ନୁହେଁ, ଏହି ଓଡ଼ିଆ ରାଜ୍ୟ ଦେଖ, ସମ୍ବଲପୁରରେ ଭଣ୍ଡାରି ହାତରୁ ପାଣି ଛୁଅନ୍ତି ନାହିଁ, ଗଂଜାମର ଦକ୍ଷିଣାଂଚଳ ଓ ଜୟପୁରରେ ମଧ୍ୟ ସେଇ କଥା। ସେହି ସବୁ ଅଂଚଳର କେତେକ ଭଣ୍ଡାରି ଆସି ବହୁ କାଳରୁ ପୁରୀ, କଟକ ପ୍ରଭୃତିରେ ରହିଯାଇଥିବା ମନେହୁଏ। ପୁରୀରେ ସେମାନଙ୍କ ମଧ୍ୟରୁ କେତେକଙ୍କୁ 'କନାମୁଠିଆ' ଆଉ କେତେକଙ୍କୁ 'ଯବଖାରିଆ' ଭଣ୍ଡାରି ବୋଲି ନାମ ଦିଆଯାଇଛି। ଏ ସବୁ ଭଣ୍ଡାରିଙ୍କ ହାତେ ସବର୍ଣମାନେ ପାଣି ଛୁଉଁ ନଥିଲେ। ଏବେ କୌଣସି କୌଣସି ଠାରେ ଦରକାର ପଡିବାରୁ ପାଣି ଛୁଇଁଲେଣି। କୌଣସି ସ୍ମୃତିରେ ନ ଥିଲେ ମଧ୍ୟ ପଧାନ, ମାଳି ପ୍ରଭୃତି କେତେ ଶୂଦ୍ର ଜାତିଙ୍କଠାରୁ ପୁରୀ, କଟକ ପ୍ରଭୃତିରେ ପାଣି ଛୁଅନ୍ତି। କିନ୍ତୁ ସମ୍ବଲପୁର କୁଳିତା (ପଧାନ) ଓ ଜୟପୁରର ପରଜାଙ୍କ (ପଧାନ)ଠାରୁ ହୁଏତ କେହି ପାଣି ଛୁଅନ୍ତି ନାହିଁ। ପୁଣି ଦରକାର ପଡ଼ିଲେ ସେମାନଙ୍କ ହାତରୁ ଯେ ପାଣି ଛୁଇଁଯିବେ ଏହା ମଧ୍ୟ ଅନୁମାନ ହୁଏ।

ଏବେ ଅଛୁଆଁମାନଙ୍କ କଥା ଦେଖାଯାଉ – ପୁରୀର ବ୍ୟବହାରରୁ ଜଣାଯାଏ, ଧୋବା ଆଗେ ବରାବର ଅଛୁଆଁ ଥିଲେ, ଧୋବା ଯେଉଁ ଲୁଗା ଧୋବ କରି ଆଣେ, ତାକୁ ଥରେ ଦେଇ ସାରି ଆଉ ଥରେ ଭୁଲ୍‌ରେ ଛୁଇଁ ପକାଇଲେ ସେ ଲୁଗା ଛୁଆଁ ହୋଇଯାଏ। ଗତ

Digitized by PPRACHIN, SOA

୨୦/୨୫ ବର୍ଷ ମଧ୍ୟରେ ଏ ବିଧି ବଡ଼ ଶିଥିଳ ହୋଇଗଲାଣି। ଏବେ ଅନେକ ଧୋବା ଛୁଉଁଥିବା ଲୁଗାକୁ ଛୁଆଁ କରୁନାହାନ୍ତି। ପୁଣି ଏହି ଓଡ଼ିଶାରେ ଜିଲ୍ଲାକୁ ଜିଲ୍ଲା, ଅଂଚଳକୁ ଅଂଚଳ ଏହି ଛୁଆଁ ଅଛୁଆଁର ବ୍ୟବହାର ଭିନ୍ନ ଭିନ୍ନ। ପୁରୀ, କଟକ ପ୍ରଭୃତିରେ ବାଉରୀ ଭଣ୍ଡରାଙ୍କୁ ଛୁଇଁଲେ ଛୁଆଁ ହୁଅନ୍ତି। କିନ୍ତୁ ଅନୁଗୁଳରେ ବାଉରୀ କଣ୍ଡରା ଅଛୁଆଁ ନୁହନ୍ତି। ଏହିପରି ବ୍ୟବହାରର ପାର୍ଥକ୍ୟ ଖୋଜି ଲେଖିବାରେ ଗୋଟିଏ ଗ୍ରନ୍ଥ ହେବ।

ତେବେ ଅଛୁଆଁ କିଏ ? ସ୍ମାର୍ତ୍ତ ହିସାବରେ। ଏହାର କୌଣସି ମାପକାଠି ନାହିଁ। ବ୍ୟବହାରରେ ଏହାର ମଧ୍ୟ କୌଣସି ସ୍ଥିରତା ନାହିଁ।

ସ୍ଥିରତା ଅଛି ଏବେ ଗୋଟିଏ ସ୍ଥାନରେ। ତାହା ଇଂରେଜ ସରକାରଙ୍କ ପ୍ରକାଶିତ ଭାରତଶାସନ ଖସଡାର ଆଭାସ ବା ଚଳିତ କଥାରେ 'ଶ୍ୱେତପତ୍ର'। ସେହି 'ଶ୍ୱେତପତ୍ର'ରେ କେତେଗୁଡିଏ ହିନ୍ଦୁ ଜାତିଙ୍କୁ ଉପଜାତିର ଅତ୍ୟାଚାରରୁ ରକ୍ଷା କରିବା ଛଳରେ ସରକାର ଆସନ୍ତା ଶାସନ ଶୃଙ୍ଖଳାରେ ଅଲଗା ଅଧିକାର ଦେବାର ବ୍ୟବସ୍ଥା କରିଅଛନ୍ତି ଓ ସେହି ବ୍ୟବସ୍ଥାର କଳ୍ପନାରେ ଜାତିଗୁଡ଼ିକର ଗୋଟିଏ ତାଲିକା ଦେଇଅଛନ୍ତି। ଶ୍ୱେତପତ୍ରର ଏହି ତାଲିକାଟି ଏବେ ତଥାକଥିତ ସନାତନୀ ହିନ୍ଦୁମାନଙ୍କ ଶାସ୍ତ୍ର ପ୍ରମାଣ କି ? ସେହିମାନଙ୍କୁ ଅଛୁଆଁ ବୋଲି ଧରି, ସେମାନେ ମହାତ୍ମାଗାନ୍ଧୀଙ୍କ ପ୍ରଚାରିତ ହରିଜନ ଆନ୍ଦୋଳନରେ ସବୁ ପ୍ରକାର ବାଧା ପହଞ୍ଚାଉଛନ୍ତି। ଏହା ଉଚିତ କି ?

ସନାତନୀ କାହାକୁ କହନ୍ତି ?

ପୃଥିବୀରେ ବୁଦ୍ଧ, ଖ୍ରୀଷ୍ଟ ଓ ମୁସଲମାନ ଧର୍ମ ବୋଲି ଗୋଟିଏ ଗୋଟିଏ ଧର୍ମ ଅଛି। ସେ ପ୍ରତ୍ୟେକେ ଗୋଟିଏ ଗୋଟିଏ ଲୋକଦ୍ୱାରା ପଚାରିତ। ପ୍ରଚାରକମାନଙ୍କ ଆଦେଶ, ନିର୍ଦ୍ଦେଶ, ଉପଦେଶାଦି ସେହି ସେହି ଧର୍ମର ଶାସ୍ତ୍ର। ସେହି ହିସାବରେ ସେ ସବୁ ଧର୍ମ ସ୍ଥିର ଅଛି। ସହଜରେ ଅନ୍ୟପ୍ରକାର ହୋଇପାରୁନାହିଁ। ସେହିସବୁ ଅନୁକରଣରେ ହିନ୍ଦୁଧର୍ମ ବୋଲି କଥାଟି ଏବେ ଚଳୁଛି। ମାତ୍ର ହିନ୍ଦୁ ଧର୍ମ କୌଣସି ବ୍ୟକ୍ତିବିଶେଷ ପ୍ରଚାରତ ଧର୍ମ ନୁହେଁ। ହିନ୍ଦୁର ମହାପୁରୁଷ ଅଛନ୍ତି। ସେମାନେ କେବଳ ମାନବର ମୁକ୍ତି ସାଧନାକୁ ଭିନ୍ନ ଭିନ୍ନ ଭାବରେ ବାଖ୍ୟା କରି ଅଧିକାର ଭେଦରେ ସେ ସବୁ ସାଧନାର ଭିନ୍ନ ଭିନ୍ନ ପନ୍ଥା ନିର୍ଦ୍ଦେଶ କରିଅଛନ୍ତି ମାତ୍ର। ଯେ ପ୍ରତିମାକୁ ପୂଜା କରି ତା' ଆଗେ ବଳି ଦିଏ, ରୋଗ ବିଶେଷକୁ ଦେବତା ବୋଲି ପୂଜା କରେ, ସେ ଯେପରି ଜଣେ ହିନ୍ଦୁଧର୍ମୀ, ଯେ ନିରାକାର ଅକ୍ଷର ବ୍ରହ୍ମଜ୍ଞାନରେ ଧ୍ୟାନ ଦେଇ ସେହି ବ୍ରହ୍ମର ଉପାସନା କରେ ବା ସେହି ବ୍ରହ୍ମ ସଙ୍ଗେ ନିଜକୁ ଏକ ବୋଲି ବିଚାରେ ସେ ବି ସେହିପରି ଜଣେ ହିନ୍ଦୁଧର୍ମୀ। ସେତିକି ନୁହେ, ଯେ ଈଶ୍ୱର

Digitized by PPRACHIN, SOA

ଓ ବ୍ରହ୍ମ କିଛି ନମାନି ଅନୀଶ୍ୱର ହୁଏ ସେ ମଧ୍ୟ ଜଣେ ହିନ୍ଦୁଧର୍ମୀ। ଆତ୍ମସାଧନାର ଅଧିକାର ଘେନି, ଆତ୍ମଲାଭର ସ୍ତର ଭେଦରେ, ମନୁଷ୍ୟ ମାତ୍ର ପାଇଁ ଧର୍ମ ବା ସାଧନାର ପନ୍ଥା ସର୍ବଦା ଉନ୍ମୁକ୍ତ ବୋଲି ହିନ୍ଦୁଧର୍ମୀର ବିଶ୍ୱାସ। ମାନବର ଜୀବନ କ୍ରିୟା ଓ ଚିନ୍ତା ଯେତେ ପ୍ରକାର ବା ବିଭାବରେ ପ୍ରକାଶ ପାଇପାରେ, ସେ ସମସ୍ତ ପାଇଁ ହିନ୍ଦୁ ଧର୍ମରେ ସ୍ଥାନ ଅଛି। ମାନବର ଚିନ୍ତା ଓ କ୍ରିୟା କେବେ ସ୍ଥିର ନୁହେଁ। ଏହା ବିକାଶପର। ଏହା ବରାବର ଭିନ୍ନ ଭିନ୍ନ ରୂପ ଧାରଣା କରେ। ଏହା ନିତ୍ୟ ନୂତନ। ତେଣୁ ଏହି ଧର୍ମକୁ ସନାତନ ବୋଲି କୁହାଯାଏ। ସନାତନ ଶବ୍ଦର ଅର୍ଥ-ସଦା ଜାତ ଅର୍ଥାତ୍, ନିତ୍ୟ ନୂତନ। ପ୍ରଗତିର ପ୍ରବାହରେ ବିଶ୍ୱମୟ ଯେଉଁ ନିତ୍ୟ ନୂତନତ୍ୱର ଲୀଳା ଭୂତ ଜଗତରେ ସର୍ବଦା ପରିସ୍ଫୁଟ, ତାହା ହିଁ ସନାତନ ଧର୍ମର ସ୍ୱଷ୍ଟ ବିଗ୍ରହ। ଗୀତା ବ୍ରହ୍ମ ପଦାର୍ଥର ବର୍ଣ୍ଣନାରେ କହିଛନ୍ତି – "ନିତ୍ୟଃ ସର୍ବଗତଃ ସ୍ଥାଣୁ ଅଚଳୋୟଂ ସନାତନଃ" ଅର୍ଥାତ୍, ଏ ନିତ୍ୟ, ସବୁବେଳେ ଅଛନ୍ତି। "ଏ ସର୍ବଗତ", ସବୁଠାରେ ଅଛନ୍ତି "ଏସ୍ଥାଣୁ", ସ୍ଥାଣୁ ବା ଗଛ ପରି ଏ ବାହାରକୁ ସ୍ଥିର, "ଏ ଅଚଳ", ଏ ପଥର ପରି ବାହାର ଭିତର ଦୁଇ ଆଡେ ସ୍ଥିର। "ଏ ସନାତନ", ଏ ନିତ୍ୟ ନୂତନ, ଅର୍ଥାତ୍ ପ୍ରଗତି ପ୍ରବାହରେ ଏ ସର୍ବଦା ବିକାଶମୟ।

ବସ୍ତୁର ଯେତେ ପ୍ରକାର ଅବସ୍ଥା କଳ୍ପନା କରାଯାଇପାରେ, ସବୁ ପ୍ରକାର ଅବସ୍ଥାରେ ବ୍ରହ୍ମକୁ ଏଠାରେ ବିଶେଷିତ କରାଯାଇଅଛି। ସନାତନ କହିଲେ ଯେବେ ସ୍ଥିର, ଅଚଳ, ଏକରୂପ, ସର୍ବଦା ସମାନ ଏପରି ଅର୍ଥ ହୋଇଥାନ୍ତା, ତେବେ ଉକ୍ତ ଶ୍ଳୋକରେ ସନାତନ ପଦ ଦେବାର କୌଣସି ପ୍ରୟୋଜନ ନଥିଲା।

କିନ୍ତୁ ଏହି କାଳର କେତେକ ତଥାକଥିତ ସନାତନୀ, 'ସନାତନ' ଶବ୍ଦର ଏହିପରି ଅନର୍ଥ କରି କହୁଛନ୍ତି, ହିନ୍ଦୁଧର୍ମ ସନାତନ, ଅର୍ଥାତ୍ ଏଥିରେ ପରିବର୍ତ୍ତନ କଥା କେହି କେବେ ଚିନ୍ତା କରିନାହିଁ କି କରିବା ଉଚିତ ନୁହେ। ଏପରି ଅର୍ଥକୁ ଅନର୍ଥ କରିବା ଠିକ୍ ନୁହେଁ। ସେମାନେ ଯାହା କହନ୍ତି, ସେଥିରେ ସେମାନେ ଅଚଳଧର୍ମୀ ହୋଇପାରନ୍ତି ବା ଅନ୍ୟ କୌଣସି ସୁନ୍ଦରତର ନାମରେ ନିଜକୁ ନାମିତ କରିପାରନ୍ତି। ମାତ୍ର ନିଜକୁ ସନାତନୀ ବୋଲି କହିବା ଠିକ୍ ନୁହେଁ। ଯଥାର୍ଥ ପ୍ରଗତିପରାୟଣ ହିନ୍ଦୁମାନେ ହିଁ ସନାତନୀ ହିନ୍ଦୁ।

ନବ ଭାରତ-୧ମ ବର୍ଷ/୧ମ ସଂଖ୍ୟା, ଆଲୋଚନା

ମହାତ୍ମାଗାନ୍ଧୀଙ୍କ ଉପବାସ

ଆଜମୀରଠାରେ ହରିଜନଙ୍କ ପାଇଁ ହେଉଥିବା ସଭାରେ ମହାତ୍ମା ଗାନ୍ଧୀଙ୍କ ଆଗେ ସନାତନୀ ନେତା ପଣ୍ଡିତ ଲାଲନାଥଙ୍କ ଉପରେ ମାଡ ହେଲା। ମହାତ୍ମାଗାନ୍ଧୀ ତାହାର

Digitized by PPRACHIN, SOA

ପ୍ରାୟଶ୍ଚିତ ପାଇଁ ଏବେ ସଂକଳ୍ପ ପ୍ରଚାର କରିଛନ୍ତି ଯେ, ସେ ଆସନ୍ତା ଅଗଷ୍ଟ ତା୬ରିଖ ଠାରୁ ୭ଦିନ ଉପବାସ କରିବେ। ଗତବର୍ଷ ହିନ୍ଦୁର ଅସ୍ପୃଶ୍ୟତା ଦୋଷ ନିମନ୍ତେ ପ୍ରାୟଶ୍ଚିତ କରୁଣ ମହାତ୍ମା ଗାନ୍ଧୀ ୨୧ଦିନ ଉପବାସ କରିଥିଲେ। ତା' ପୂର୍ବରୁ ସେହି ଅସ୍ପୃଶ୍ୟ ଜାତିକୁ ଇଂରେଜ ସରକାର କିଛିଦିନ ପାଇଁ ଅଲଗା ନିର୍ବାଚନ ଦେଉଥିବାରୁ ମହାତ୍ମା ଗାନ୍ଧୀ ଜେଲରେ ଉପବାସ କରି କହିଥିଲେ, ଇଂରେଜ ରାଜ ମନ୍ତ୍ରୀ ଏ ବିଷୟରେ ଭାରତୀୟମାନଙ୍କର ସମାଧାନ ମଂଜୁର ନ କଲେ, ସେ ବରାବର ଉପବାସ କରି ମରିବେ। ପୁନାଠାରେ ସମାଧାନଟାଏ ହୋଇଗଲା। ଇଂରେଜ ମନ୍ତ୍ରୀ ସେଥିରେ ହିଁ ଭରିବାରୁ ମହାତ୍ମାଜୀ ଅନ୍ନଗ୍ରହଣ କଲେ। ଏହା ପୂର୍ବରୁ ମଧ୍ୟ ହିନ୍ଦୁ ମୁସଲମାନ କଳହ ଘେନି ମହାତ୍ମା ଗାନ୍ଧୀ ଆଉ ଥରେ ୨୧ଦିନ ଉପବାସ କରିଥିଲେ। ଅନ୍ୟାନ୍ୟ ଅନେକ କ୍ଷୁଦ୍ର ବୃହତ ଘଟଣାରେ ମହାତ୍ମା ଗାନ୍ଧୀ ଉପବାସ କରିବାର ଜଣାଅଛି।

ସମାଜର କଲ୍ୟାଣ ପାଇଁ ମହାତ୍ମା ଗାନ୍ଧୀ ଅହିଁସା ଧର୍ମ ପ୍ରଚାର କରୁଛନ୍ତି। ବୁଦ୍ଧଦେବ ମାନବ କଲ୍ୟାଣ ପାଇଁ ଏହା କରିଥିଲେ। ଭାଗବତରେ ମଧ ଅଛି:-

"ତୃଣାଦପି ସୁନୀଚେନ
ତରୋରପି ସହିଷ୍ଣୁନା
ଅମାନିନଂ ମାନଦେନ
କୀର୍ତ୍ତିନୀୟଃ ସଦା ହରିଃ"

ଅର୍ଥାତ୍, ନିଜକୁ ଘାସଠାରୁ ଆହୁରି ଛୋଟ ମନେ କରିବ, ଯେଉଁ ଗଛ ହାଣିଲା ଲୋକକୁ ମଧ୍ୟ ଛାଇ କରେ, ସେ ଗଛ ଯେପରି ସହିପାରେ, ତା'ଠାରୁ ବେଶୀ ସହିବ, ଯେ ମର୍ଯ୍ୟାଦାର ଅଯୋଗ୍ୟ ବୋଲି ଲୋକେ ବିଚାରନ୍ତି, ତାକୁ ମଧ୍ୟ ମର୍ଯ୍ୟାଦା ଦେଖାଇବ- ଏହିପରି ଯେ ନିଜକୁ ସାଧନାରେ ତିଆର୍ କରିପାରିବ, ସେଇ ଏକା ହରି-ଭକ୍ତିରେ ଅଧିକାରୀ। ମୁସଲମାନର ଉପଦ୍ରବବେଳେ ଚୈତନ୍ୟ ପ୍ରଭୃତି ଏ ଦେଶରେ ଏହି ଅହିଂସାର ମନ୍ତ୍ର ବିଶେଷ ଭାବେ ପ୍ରଚାର କରିଥିଲେ।

ମାନବହିତୈଷୀମାନଙ୍କ ମଧ୍ୟରେ, ପ୍ରତୀଚ୍ୟର ମହାଦେବତା ଯିଶୁ ଖ୍ରୀଷ୍ଟ ମଧ୍ୟ ଏହି ଅହିଂସା ପ୍ରଚାର କରିଥିଲେ। ରୋମ ରାଜ୍ୟର ଅତ୍ୟାଚାରରେ ଖ୍ରୀଷ୍ଟଙ୍କ ଦେଶ ଲୋକେ ସଢ଼ିଯାଉଥିଲେ। ତାକୁ ଦଂଭ ଦେବାପାଇଁ ଖ୍ରୀଷ୍ଟ କହିଥିଲେ, "ରୋମ ସମ୍ରାଟଙ୍କୁ ବିନା ବାଧା ବିବାଦରେ କର ଦେଇ ପକାଅ, କାହିଁକି ନା କରର ଅଧିକାରୀ ସମ୍ରାଟ (ମୁଦ୍ରା ଉପରେ ସମ୍ରାଟଙ୍କ ଛବି ଦେଖିଲେ, ତାହା ସ୍ପଷ୍ଟ ବୁଝାଯାଉଛି)। ପୁଣି କହିଥିଲେ, କେହି

Digitized by PPRACHIN, SOA

ତୁମକୁ ବାଁ ଗାଲରେ ଚାପୁଡା ମାଇଲେ ପୁଣି ଚାପୁଡା ମାରିବାକୁ ତାକୁ ଡାହାଣ ଗାଲଟି ଦେଖାଇ ଦିଅ।"

ଯୁଗେ ଯୁଗେ ଲୋକ ଅଶେଷ ଅତ୍ୟାଚାର ସହିଲାବେଳେ ଏକମାତ୍ର ଭଗବାନଙ୍କୁ ଆଶାକରି ଏହି ଭକ୍ତି-ଧର୍ମ ତଥା ଏହି ଅହିଂସାର ଆଶ୍ରୟ ନେଇଛନ୍ତି। ମହାତ୍ମା ଗାନ୍ଧୀ ଆଜି ଉପଦ୍ରୁତ ଭାରତବାସୀର ଉଦ୍ଧାର କଳ୍ପେ ଏ ଧର୍ମପ୍ରଚାର କରୁଛନ୍ତି। ବିଶେଷତଃ ରାଜନୈତିକ ସମସ୍ୟାର ସମାଧାନରେ ମହାତ୍ମା ଗାନ୍ଧୀ ଆଜି ଏହି ମନ୍ତ୍ରର ପ୍ରୟୋଗ ମଧ୍ୟ କରୁଛନ୍ତି। ଧର୍ମ କଥାଟି, ମାନବର ସମୂହ କ୍ରିୟାର ପରିଚାୟକ, ସେଥିରେ ଅବଶ୍ୟ ବ୍ୟକ୍ତିନୀତି, ସମାଜନୀତି, ରାଜନୀତି କୌଣସିଟି ବାଦ୍‌ପଡେ ନାହିଁ। ଆଜି ମହାତ୍ମା ଗାନ୍ଧୀଙ୍କର ହରିଜନ କ୍ରିୟା ସ୍ପଷ୍ଟ ରାଜନୈତିକ ନ ହେଲେ ହେଁ, ଏହାର ମୂଳ ଭାରତ ରାଜନୀତିରେ ଖୋଜିବାକୁ ହେବ। କୌଣସି କ୍ଷେତ୍ରରେ ମାନବନୀତି ରାଜନୀତିକୁ ଛାଡ଼ିବାର ଉପାୟ ନାଇଁ। ମହାତ୍ମା ଗାନ୍ଧୀ ଭାରତରେ ରାଜନୀତିକୁ ସମୂହ ମାନବ କ୍ରିୟାର ଅଙ୍ଗ ବୋଲି ପ୍ରଚାର କରିଛନ୍ତି। ତେଣୁ ସେ ଧର୍ମନୀତି ଓ ରାଜନୀତିର ପ୍ରଭେଦ ଦେଖନ୍ତି ନାହିଁ। ମାତ୍ର ଧର୍ମନୀତି ଭାବ ରାଜ୍ୟର ବସ୍ତୁ ହେବାରୁ ଅନେକ ସମୟରେ ଲୋକେ ସେଥିରେ ଚିନ୍ତାର ଚତୁରତା ଲଗାନ୍ତି ନାହିଁ। ଜନସାଧାରଣ ନ ବୁଝି ଏଥିରେ ପ୍ରଭାବିତ ହୁଅନ୍ତି। କିନ୍ତୁ ରାଜନୀତି କଥା ସ୍ୱତନ୍ତ୍ର। ମହାତ୍ମା ଗାନ୍ଧୀ ମଧ୍ୟ କରାଚିର ସାଂବାଦିକମାନଙ୍କୁ ଏବେ କହିଛନ୍ତି, ତାଙ୍କର ଏହି ଉପବାସ ଜନସାଧାରଣଙ୍କ ଭାଷା। ଠିକ୍ କଥା। କିନ୍ତୁ କୃଚ୍ଛସାଧ୍ୟ ବ୍ରତ କରି, ଏପରି କି ଲୋକେ ଲୁହା କଣ୍ଟାରେ ଖରାରେ ଶୋଇ ବିସ୍ମୟ ଓ ଅନୁକଂପାରେ ଜନସାଧାରଣର ହୃଦୟ ତରଳାଇ ପ୍ରଭାବିତ କରନ୍ତି। ତା'ର ଫଳ କଣ ହୁଏ, କିପରି ସ୍ଥାୟୀ ହୁଏ କି ମାର୍ଗରେ ଗତି କରେ, ତାହା ବିଚାର୍ଯ୍ୟ।

ଯାହା ହେଉ ଏକଥା ସ୍ପଷ୍ଟ ଯେ, ଉପବାସ କଥା ଚିନ୍ତାର ଚତୁରତାରେ ବୁଝିବା ସମସ୍ତଙ୍କ ପକ୍ଷରେ ସୁଗମ ନୁହେଁ। ଯିଶୁଖ୍ରୀଷ୍ଟ ଥରେ ୪୦ଦିନ ଉପବାସ କରିଥିବା କଥା ଅଛି। ବୈଷ୍ଣବର ଏକାଦଶୀ, ଜନ୍ମାଷ୍ଟମୀ ପ୍ରଭୃତି ଦିନମାନଙ୍କରେ ଉପବାସ ରହି ଭଗବାନଙ୍କୁ ଡାକିବାର ବିଧି ଅଛି। ବୋଧହୁଏ, ଯେଉଁମାନେ ଭକ୍ତି ସାଧନାରେ ସିଦ୍ଧ, ଭକ୍ତର ଭଗବାନଙ୍କୁ ସାକ୍ଷାତ୍‌କାର କରନ୍ତି, ସେମାନେ ଏ ଉପବାସର ଉପଯୋଗିତା ବୁଝୁଥିବେ।

ଗୀତରେ ଅଛି, "ଯୁକ୍ତାହାର ବିହାରସ୍ୟ xxxxx ଯୋଗୋଭବତି ଦୁଃଖହା" - ଅର୍ଥାତ୍, ଅତିଭୋଜନୀ ବା ଅତ୍ୟନ୍ତ ଅଳ୍ପାହାରୀ ନ ହୋଇ ସାଧାରଣ ଲୋକପରି ମଧ୍ୟ-ପନ୍ଥା ଧରି ରହିଲେ ଯୋଗ ସାଧନା ସୁଗମ ହୁଏ। ମହାତ୍ମା ଗାନ୍ଧୀ ନିଜ ଟୀକାରେ ଏଠାରେ

Digitized by PPRACHIN, SOA

କହିଛନ୍ତି, "ଏଠାରେ ଉପବାସ ନିରାକରଣ କରାଯାଇନାହିଁ".... ଇତ୍ୟାଦି। ଏଇପରି ଆର୍ଯ୍ୟ ଧର୍ମର ପ୍ରସ୍ଥାନ-ତ୍ରୟୀ ବା ଗୀତା, ବ୍ରହ୍ମସୂତ୍ର, ଉପନିଷଦ୍‌କୁ ସାଂପ୍ରଦାୟିକ ଟୀକାକାରମାନେ ନିଜମତ ଆଡକୁ ଅର୍ଥ କରିବା ଉଦାହରଣ ବହୁତ ଅଛି। ମହାତ୍ମା ଗାନ୍ଧୀ ଏ କ୍ଷେତ୍ରରେ ନୂଆ ନୁହନ୍ତି। ଫଳ କଥା, ମହାତ୍ମା ଗାନ୍ଧୀଙ୍କର ଉପବାସରେ ଈଶ୍ୱରଙ୍କୁ ଡାକି ମାନବ ମାତ୍ରର ଆଧ୍ୟାତ୍ମିକ ଭାବଧାରା ପ୍ରଭାବିତ କରିବାରେ ଅଖଣ୍ଡ ବିଶ୍ୱାସ ଅଛି।

ମହାପୁରୁଷମାନେ ନିଜ ବିଶ୍ୱାସରେ ବ୍ୟକ୍ତିତ୍ୱ ଧରି ସମାଜକୁ ପ୍ରଭାବିତ କରନ୍ତି। କିଂତୁ ଭକ୍ତିର ଗୋଟିଏ ବଡ଼ ଦୋଷ, ସେ ଜିନିଷଟି କ୍ରମେ ଅନ୍ଧ ପରଂପରାରେ ପରିଣତ ହୁଏ। ମହାପୁରୁଷଙ୍କ ଶିଷ୍ୟୋପଶିଷ୍ୟମାନେ କ୍ରମେ ଅସହିଷ୍ଣୁ ମଧ୍ୟ ହୋଇପଡ଼ନ୍ତି। ଯେଉଁ କ୍ରିୟା ସାଧାରଣ ମାନବ ଯୁକ୍ତିରେ ବୁଝିହୁଏ ନାହିଁ, ସେ କ୍ରିୟା ମହାପୁରୁଷର ବ୍ୟକ୍ତିତ୍ୱ ବଳରେ ଶିଷ୍ୟ ଦଳରେ ପ୍ରତିଷ୍ଠିତ ହେଲେ, ଏପରି ଅନ୍ଧ ପରଂପରା ଓ ଅସହିଷ୍ଣୁତା ଆସିଯିବା ସ୍ୱାଭାବିକ। ମହାତ୍ମାଜୀ ଅବଶ୍ୟ ବାରମ୍ବାର କହୁଚନ୍ତି, "ମୋର ଉପବାସ କେହି ଅନୁକରଣ ନ କରନ୍ତୁ।" ସେ ଅବଶ୍ୟ ଅଙ୍ଗେ ନିଭାଇ ଏତକ ଶିଖିଚନ୍ତି। ତାଙ୍କ ଉପବାସ ବେଳେ ଲୋକେ ଅନୁକରଣ କରିବା ଦେଖି ହୁଏ ତ ସେ ବାରଂବାର କ୍ଷୁଭିତ ହୋଇଚନ୍ତି। କିଂତୁ ଏପରି ମନା କରି ଶିଷ୍ୟମାନଙ୍କର ଅନ୍ଧ ପରଂପରା ସେ କେତେଦିନ ବନ୍ଦ କରିବେ, କେତୋଟି କାର୍ଯ୍ୟ ଗଣି କରି ଅବା ବନ୍ଦ କରୁଥିବେ? ସେଥିପାଇଁ ଭଗବାନ୍ ଶ୍ରୀକୃଷ୍ଣ ଗୀତରେ କହିଚନ୍ତି- "ସକ୍ତାଃକର୍ମଣ୍ୟବିଦ୍‌ବାଂସୋ ଯଥା କୁର୍ବନ୍ତି ଭାରତ, କୁର୍ଯ୍ୟାଦ୍ ବିଦ୍‌ବାଁସ୍ତଥାଽସକ୍ତଶ୍ଚିକୀର୍ଷୁର୍ଲୋକସଂଗ୍ରହଂ।". କର୍ମରେ ଆସକ୍ତ ଥିବା ସାଧାରଣ ଲୋକେ ଯେପରି କାର୍ଯ୍ୟ କରନ୍ତି ଅନାସକ୍ତ ଜ୍ଞାନୀ ମହାପୁରୁଷ ମଧ୍ୟ ସେହିପରି କାର୍ଯ୍ୟ କରିବ। ତାହା ନ ହେଲେ, 'ଲୋକ ସଂଗ୍ରହ'ରେ ବ୍ୟାଘାତ ଘଟିବ। ଅର୍ଥାତ୍, ଲୋକେ କିଛି ନ ବୁଝି ମହାପୁରୁଷଙ୍କ ବାହ୍ୟ କ୍ରିୟା ଅନୁକରଣ କରି ଅସ୍ତବ୍ୟସ୍ତ ହୋଇଯିବେ।

ମହାତ୍ମା ଗାନ୍ଧୀ ମହାମାନବ। ତାଙ୍କର ସମାଲୋଚନା ନାହିଁ। ମାତ୍ର ତାଙ୍କର ଅନ୍ୟାନ୍ୟ ଅନେକ କାର୍ଯ୍ୟ ମଧ୍ୟରେ ଏପରି ବାରମ୍ବାର ଉପବାସର ବ୍ୟାପ୍ତି ଲୋକେ ବୁଝିବେ ନାହିଁ। ଏଇ ଆଶଙ୍କାର ବ୍ୟଥାରେ, ଆମ୍ଭେମାନେ ଏତକ ଲେଖିଲୁଁ। ମଙ୍ଗଳମୟଙ୍କ ଇଚ୍ଛା ପୂର୍ଣ୍ଣ ହେଉ।

ନବ ଭାରତ-୧/୨ , ଆଲୋଚନା

ମହାତ୍ମାଙ୍କ ଉପବାସ ସାଙ୍ଗ ହେଲା

ପରଦିନ (କକଡ଼ ୩୦) ସକାଳେ ମହାତ୍ମା ଗାନ୍ଧିଙ୍କ ଉପବାସ ସାଙ୍ଗ ହେଲା। ହରିଜନ କର୍ମୀମାନେ 'ସନାତନୀ'ଙ୍କ ପ୍ରତି କ୍ରୋଧ ପ୍ରକାଶ କରିବାରୁ ମହାତ୍ମା ଗାନ୍ଧି ପ୍ରାୟଶ୍ଚିତ

Digitized by PPRACHIN, SOA

ସ୍ୱରୂପ ଏ ଉପବାସ କରିଥିଲେ। ନିଜର ପ୍ରାୟଶ୍ଚିତ ପ୍ରଭାବରେ ଅନ୍ୟର ଦୁରାଚାର ଦୂର କରିବା ଏକ ଅତି ଉନ୍ନତ ଆଧ୍ୟାତ୍ମିକ ଭାବ ଓ କ୍ରିୟା। ଯୀଶୁ ଦିନେ ମାନବ ମାତ୍ରର ପାପ ପାଇଁ ନିଜର ଜୀବନ ଦେଇ ପ୍ରାୟଶ୍ଚିତ କରିଥିଲେ। କିନ୍ତୁ କବୀନ୍ଦ୍ର ରବୀନ୍ଦ୍ର ଯଥାର୍ଥ କହିଛନ୍ତି- ମହାତ୍ମା ଗାନ୍ଧୀଙ୍କ ଜୀବନର ଏବେ ମଧ୍ୟ ପ୍ରୟୋଜନ ରହିଚି। ମହାତ୍ମା ଗାନ୍ଧି ଭାରତର ଆଶା ଓ ଅଭିଳାଷର ଅବତାର- ଅହିଂସା ତାଙ୍କର ନୀତି। ସେ ଯଥାର୍ଥ ଜନ ନାୟକ- ଜନସାଧାରଣ ତାଙ୍କ ଭାଷା ବୁଝନ୍ତି। ଏଇ ଉପବାସକୁ ସେ ଜନସାଧାରଣର ଭାଷା ବୋଲି କହିଚନ୍ତି। ବିଧାତା କରନ୍ତୁ, ଏହି ପ୍ରାୟଶ୍ଚିତରେ ସଂସ୍କାର ପ୍ରୟାସୀ ହରିଜନ କର୍ମୀ ତୀବ୍ରତା ଛାଡ଼ି ମାନବର ପାରମ୍ପରିକ ଦୁର୍ବଳତା ପ୍ରତି ପ୍ରାଣରେ ପ୍ରୀତି ଧରନ୍ତୁ.... 'ସନାତନୀ' ପରମ୍ପରାର ଦୁଚ୍ଛେଦ୍ୟ ଆବରଣ ଭେଦକରି ଯଥାର୍ଥ ସତ୍ୟର ଆଦର କରନ୍ତୁ। ବିବାଦୀୟ ଭେଦ ନ ବଢ଼ି, ପ୍ରାଣର ଆକର୍ଷଣ ପ୍ରଭାବରେ ସମାଧାନର ପନ୍ଥା ଫିଟୁ।

ନବ ଭାରତ-୧/୩, ଆଲୋଚନା

ବରୀରେ ସଂଗଠନ

ଶ୍ରୀଯୁକ୍ତ ଗୋପବଂଧୁ ଚୌଧୁରୀ ଏବେ ଓଡ଼ିଶାରେ ଗ୍ରାମ ସଂଗଠନ ଭାର ଆପଣା ଉପରେ ନେଇଛନ୍ତି। ସେ କଟକଜିଲ୍ଲାର ଯାଜପୁରର ମଫସଲ ବରୀରେ ନିଜର କର୍ମକେନ୍ଦ୍ର ସ୍ଥାପନ କରି ସ୍ତ୍ରୀ, କନ୍ୟା ଓ ଅନ୍ୟାନ୍ୟ କର୍ମୀମାନଙ୍କ ସହିତ ସେହିଠାରେ ଅଛନ୍ତି। ନିକଟରେ ସେ ଆଶ୍ରମଟି ଦେଖିବାର ସୁବିଧା ଆମ୍ଭମାନଙ୍କର ଘଟିଥିଲା। ଗୋପବଂଧୁ ତଥା ରମାଦେବୀଙ୍କ ତ୍ୟାଗପୂତ ସରଳ ଓ ପବିତ୍ର ଜୀବନ ସଂବଂଧରେ ଲୋକଙ୍କୁ ବିଶେଷ କିଛି ବୁଝାଇ କହିବାର ନାହିଁ। ପୁଣି ଗ୍ରାମସଂଗଠନର କାର୍ଯ୍ୟକ୍ରମ ଭାରତର ପଲ୍ଲୀମାନଙ୍କରେ କିପରି କେତେ କାର୍ଯ୍ୟକର ହେବ, ତାହା ମଧ୍ୟ ଏବେ ଜଣାନାହିଁ। ମାତ୍ର ଏହି ଗ୍ରାମ ସଂଗଠନର ଉଦ୍ୟମ ଯେ ନିତାନ୍ତ ସାଧୁ ଓ ପ୍ରୟୋଜନୀୟ, ଏଥିରେ ମତଦ୍ୱୈଧ ନାହିଁ। ଜାତିଗଠନ ହିଁ ଜାତିମୁକ୍ତିର ନିଦାନ। ଭାରତ ପଲ୍ଲୀର ଦେଶ, ପଲ୍ଲୀର ଗଠନ ହିଁ ଭାରତ ଭବିଷ୍ୟତର ପ୍ରବେଶ ଦ୍ୱାର। ମାତ୍ର ସେଥିପାଇଁ ତ୍ୟାଗ, ନିଷ୍ଠା, କର୍ମଠତା ଓ ଆନ୍ତରିକତାର ପ୍ରୟୋଜନ। ଉତ୍କଳରେ ଗୋପବଂଧୁ ଓ ରମାଦେବୀଙ୍କ ଠାରେ ସେସବୁ ଯଥେଷ୍ଟ ଅଛି। ଦେଖିଲୁ ସେମାନେ ନିଜ ନିଷ୍ଠାରେ ଲାଗିରହି ନିଜର ବେଷ୍ଟନୀ ଉପରେ ପ୍ରଭାବ ବିସ୍ତାର କରିବାର ଆରମ୍ଭ କରିଅଛନ୍ତି। କିନ୍ତୁ କର୍ମୀମାନଙ୍କଠାରେ ଏ ଦେଶର ପଲ୍ଲୀବାସୀ ସୁପରିଚିତ। କର୍ମର ନୂତନତ୍ୱରେ ସେମାନେ କେତେକ ପ୍ରଭାବିତ ହୁଅନ୍ତି, କିନ୍ତୁ ସେ ପ୍ରଭାବରେ ଆନୁପୂର୍ବିକ କ୍ରିୟା ସ୍ଥିର ରଖିବା ଭଳି

Digitized by PPRACHIN, SOA

ମେରୁଦଣ୍ଡ ଗଠନ କରିବାହିଁ ସେମାନଙ୍କର ଯଥେଷ୍ଟ ଗଠନ ହେବ। ଶ୍ରଦ୍ଧେୟ ଗୋପବଂଧୁ ଏହା ବୁଝନ୍ତି। ଆଶା କରୁ, ଗୋପବଂଧୁଙ୍କ ପ୍ରଭାବରେ ଏ ଦେଶର ନିଷ୍ଠାପର କର୍ମୀମାନଙ୍କ ମଧ୍ୟରେ ଏହି ସାଧୁ ଉଦ୍ୟମ ପାଇଁ ଐକାନ୍ତିକତା ପ୍ରକାଶ ପାଇବ। ଏଇ ଆଦର୍ଶର ପ୍ରଭାବ କାର୍ଯ୍ୟତଃ ଦେଶର ନାନା ସ୍ଥାନରେ ଫୁଟି ଉଠିଲେ ଦେଶର ମୁକ୍ତି ଅବଶ୍ୟମ୍ଭାବୀ। ଆମ୍ଭେମାନେ ଗୋପବଂଧୁ ଓ ରମାଦେବୀଙ୍କ କାର୍ଯ୍ୟର ଆଂତରିକ ଶୁଭକାମନା କରୁଅଛୁଁ।

ନବ ଭାରତ-୧/୭, ଆଲୋଚନା

ସମାଜ ସଂସ୍କାର

ବିଧବା ବିବାହ : ବିଧବା ବିବାହ କଥାଟି ନୂଆ ନୁହେ। ୭୦ ବର୍ଷରୁ ଅଧିକ କାଳ ହେଲା ବିଦ୍ୟାସାଗର ବଙ୍ଗଳାରେ ଏହା ଆରମ୍ଭ କରିଥିଲେ। ବଙ୍ଗଳା ବାଟେ ସଭ୍ୟତା ଏ ଯୁଗରେ ଓଡ଼ିଶାରେ ପଶୁଛି, ସେଥିରେ ପୁଣି ଓଡ଼ିଶା ବେଗତିକ, ଏ ବିଷୟରେ ପୂର୍ବେ ସୂଚନା ଦିଆଯାଇଥିଲା। ଏବେ କେବଳ କୁହାଯାଉଛି, ଏ ବିଧବା ବିବାହ ବିଧବାର ବିବାହ ପାଇଁ ନୁହେ - ବାଳ ବିଧବାର ପୁନର୍ବିବାହ ପାଇଁ। ଓଡ଼ିଶାରେ ବ୍ରାହ୍ମଣ ବଣିଆ ଛଡ଼ା ଆଉ କୌଣସି ଜାତିରେ ବାଳ ବିଧବା ରହିବାର ଶଂକା ନ ଥିଲା, ଏବେ ନାହିଁ। ତେଣୁ ଏ ବିଧବା ବିବାହ କେବେ ଓଡ଼ିଶାର ତାଦୃଶ ସମସ୍ୟା ନ ଥିଲା, ଏବେ ବିଶେଷରେ ଶାରଦା ଆଇନ ପରେ ଆଦୌ ନୁହେ। ତଥାପି ବଙ୍ଗ ଦେଶର ଅନୁକରଣରେ କେତେ ଲୋକ ଏହାକୁହିଁ ଗୋଟାଏ ବଡ ସଂସ୍କାର ବୋଲି ଧରି ଏଥିରେ ମାତିଥିଲେ। ନିଜେ ଚିନ୍ତା ନ କରି ଯେଉଁ କାର୍ଯ୍ୟ କରାଯାଏ, ସେଥିରେ ଗତାନୁଗତିକ କ୍ରମ ଧରି ଲୋକେ ଏହିପରି କରିଥାନ୍ତି। ଏଥିରେ କାର୍ଯ୍ୟ ଯାହା ହେଉ ନ ହେଉ, କାର୍ଯ୍ୟର ଯୋଜନାରେ ସ୍ୱାଧୀନ ଚିନ୍ତା କ୍ରମେ ନିଶ୍ଚଳ ହୋଇଯାଏ। ଆମ୍ଭମାନଙ୍କ ଦେଶରେ ଏ କ୍ଷେତ୍ରରେ ଅନେକଙ୍କର ତାହାହିଁ ହୋଇଥିଲା। କିନ୍ତୁ ଶାରଦା ଆଇନ୍ ହେବାପରେ ଲୋକଙ୍କର ଫେରି ଚାହିଁବାର ପୁଣି ଅବକାଶ ହେଲା। ସେତିକି ନୁହେ, ଚିନ୍ତାର ଚାଳନାରେ ସାହାଯ୍ୟ କରିବା ପାଇଁ ସମାଜର ଏକାନ୍ତ ନିଶ୍ଚଳତା ଏ ଘଟଣାରେ ଆଖି ଆଗରେ ପଡିଲା। ଶାରଦା ଆଇନ୍ ହେଲାବେଳେ ମୁଷ୍ଟିମେୟ ବ୍ରାହ୍ମଣମାନେ କହି ଉଠିଲେ, "ଧର୍ମ ଯିବ, ପିତୃ ପୁରୁଷଙ୍କର ନରକ ଗତି ହେବ।" ପୁରୀ ମୁକ୍ତିମଣ୍ଡପରେ ଏ କଥା ପଡ଼ିଥିଲା। ମନେ ଅଛି, ଆମେ ସେଦିନ କହିଥିଲୁ, 'ଯଦି ଏପରି କାହାର ଧର୍ମ ବିଶ୍ୱାସ ଅଛି, ସେ ବାହାରକୁ ବାହାରି ଏ ଆଇନରେ ପ୍ରକାଶ୍ୟ ବାଧା ଦିଅନ୍ତୁ। ବ୍ରାହ୍ମଣ ପଣ୍ଡିତମାନେ ଏଥିରେ ସତ୍ୟାଗ୍ରହର ଗନ୍ଧ ପାଇ ବିବ୍ରତ ହୋଇ ପଡ଼ିଥିଲେ। ଯେଉଁ ସମାଜରେ ବିଧର୍ମୀ ଦିନେ ନିତାନ୍ତ ହୀନ ଓ ପାଶବିକ ଅତ୍ୟାଚାର ସତ୍ତ୍ୱେ

Digitized by PPRACHIN, SOA

ଲୋକଙ୍କୁ ଧର୍ମ ଓ ସମାଜ ଛାଡ଼ିବାରେ ମନାଇ ପାରି ନଥିଲେ, ସେଇ ସମାଜରେ ନିଜର ବିଶ୍ୱାସ ବୋଲି କଥାଟାଏ କହି ତାକୁ ଦୃଢ଼ ଭାବରେ ପ୍ରଚାର କରି ନ ପାରିବା ସମାଜର ଘୋର ନିଶ୍ଚଳତାର ଲକ୍ଷଣ ଛଡ଼ା ଆଉ କିଛି ନୁହେ।

ସେତିକି ନୁହେ। ତାପରେ ବ୍ରାହ୍ମଣ ପଣ୍ଡିତମାନଙ୍କଠାରୁ ଆରମ୍ଭ କରି ଡେପୋଟି ଓକିଲ, ଧନୀ, ଶିକ୍ଷିତ ପ୍ରଭୃତି ଅଧୁନାତନ ସମାଜରେ ମୁଖ୍ୟ ବ୍ୟକ୍ତିମାନେ ନାନାଭାବରେ ଲୁଚାଇ ଚୋରାଇ ଜାଲ ଜୁଆଚୋରି ପର୍ଯ୍ୟନ୍ତର ଦାୟିତ୍ୱ ଆଗରେ ରଖି ବାଲ୍ୟ ବିବାହରେ ମାତି ହାଣ୍ଡିଶାଳେ ଧର୍ମ ରକ୍ଷା କରୁଛନ୍ତି। ଏପରି ଧର୍ମ ରକ୍ଷାର ପରିସର ଓ ପରିଣତି ବୁଝି ଦେଖିବାର ସାମର୍ଥ୍ୟ ମଧ ସେମାନଙ୍କର ତଥା ସମାଜର ଲୋପ ପାଇଛି। ଏ ଘୋର ଅପଚାରରେ ପୁଣି ଧର୍ମ ଯଦି ରହିପାରେ ତେବେ ଅଧର୍ମ ଓ ପାପର ସ୍ଥାନ କେଉଁଠାରେ? ଏପରି ବା ଧର୍ମ କେତେ ଦିନ ଆଢୁଆଳରେ ରହି ବଢ଼ିବ? ବିଶ୍ୱାସରେ ସାହସ ଥାଏ। ଏଠାରେ ଭୀରୁତା। ବିଶ୍ୱାସ ଏଥିରେ ଏକ ବାହାନା। ବାହାନାର ଆବରଣରେ ସାଧୁତା ରହି ନ ପାରେ। ସାଧୁତା ବିନା ସମାଜ ଭଳି ଜୀବନ୍ତ ବସ୍ତୁର ସ୍ଥିତି ଅସମ୍ଭବ।

ଏହା ଦେଖି ଶୁଣି ମଧ ଏବେ କେହି କେହି ଗତାନୁଗତିକ କ୍ରମ ଧରି ପୁଣି ସେହି ବାଲ୍ୟ ବିଧବା ବିବାହରେ ସମାଜ ସଂସ୍କାର କରିବାକୁ ମାତିଛନ୍ତି। ଏ ରାଜ୍ୟ ଆଜି ଆମର ନୁହେ ରାଜ୍ୟ ଶକ୍ତିରେ ସମାଜ ସୁଧାରିବାର ଦିନ ଯାଇଛି। ସେ ଦିନ ପୁଣି ଫେରିନାହିଁ ସତ, କିନ୍ତୁ ରାଜ୍ୟ ଶକ୍ତିର ଯଥା ସାହାଯ୍ୟ ଯେଉଁଠାରେ ପ୍ରୟୋଜନରେ ଲାଗିପାରେ, ସେଠାରେ ମଧ ଚିନ୍ତାହୀନତାରୁ ପଥଭ୍ରଷ୍ଟ ହେବା ପରିତାପର କଥା। ଓଡ଼ିଶାରେ ଅତି ଅଳ୍ପସଂଖ୍ୟକ ଲୋକଙ୍କ ଘରେ ବାଳବିଧବା ଥିଲେ। ଆମ୍ଭେମାନେ କହିଛୁ, ଗଲା ୭ବର୍ଷ ମଧରେ ଯେଉଁମାନେ ଘରେ ବାଳବିଧବା ରଖିଛନ୍ତି, ସେମାନଙ୍କ ଦୁଷ୍କାର୍ଯ୍ୟ ଲାଗି ସମାଜ ଦାୟୀ ନୁହେ। ବ୍ୟକ୍ତିଗତ କରୁଣାରେ ସେମାନଙ୍କ ଦୁଷ୍କୃତି କ୍ଷାଳନ କରିବାର ପ୍ରୟାସ ସମାଜ ସଂସ୍କାର ନାମରେ ବିକା ହେବ ନାହିଁ। ପୁଣି ବାଳ ବିଧବାର ବିବାହରେ ଏହି ନିଶ୍ଚଳ ସମାଜରେ ଯଦି ଆଜି କୌଣସି ଭେଦ ବା ଗଣ୍ଡଗୋଳ ସୃଷ୍ଟି କରାଯାଏ ସମାଜ ତାହା ସହିବ କାହିଁକି, କି ଆଶାରେ - କେତେ ଦିନ ପାଇଁ? ଭୀରୁ ସାମାଜିକମାନଙ୍କ ଅପକର୍ମରେ ଶାରଦା ଆଇନ୍‌ର ଗତିରୋଧ ହେବ ନାହିଁ। ଆଜି ଲୋକେ ଇଚ୍ଛା କରି ଯୁବତୀ କନ୍ୟାର ବିବାହ ଦେଉନାହାନ୍ତି। କିନ୍ତୁ ପଶୁପରି ଟଣା ହୋଇ ଆଇନ୍ ହେତୁରୁ ତାହା ଲୋକେ କରିବେ। ମନୁଷ୍ୟ ପରି ଆଜି କରିଥିଲେ, ସମାଜରେ ଜୀବନ ପ୍ରକାଶ ପାଇଥାନ୍ତା ଓ ପ୍ରଗତିର ପୁରୋଦୃଷ୍ଟି ଫିଟିଥାନ୍ତା। ତାହା ଏ ସମାଜ ଭାଗ୍ୟରେ ନାହିଁ। ହେଲେ ହେଁ, ଧର

Digitized by PPRACHIN, SOA

ଦଶବର୍ଷ ମଧ୍ୟରେ ଆଉ କ୍ଷୁଦ୍ର ବାଳିକାର ବିବାହ ରହିବା ସମ୍ଭବ ହେବ ନାହିଁ। ତେବେ ବାଳ ବିଧବାର ବିବାହ ପାଇଁ ଏ ନିଷ୍ଫଳ ସମାଜରେ ବୃଥା ଶକ୍ତି ପ୍ରୟୋଗ କରି ସମାଜର ପ୍ରଗତିରୋଧରେ ନିମିତ୍ତ ହେବା କାହାରି ଉଚିତ କି ?

ବରପଣ

ଏବେ ଦେଖାଯାଉଛି, ଆଉରି ଏକ ଦୁର୍ଗତିର ଘୋର ସ୍ରୋତ ସମାଜ ଉପରେ ବହିବାର ଆରମ୍ଭ ହୋଇଛି। ବଂଗଳାର ଅନୁକରଣରେ ଓଡିଶାର କୌଣସି କୌଣସି ବିଶିଷ୍ଟ ଜାତି ଓ ପରିବାର ମଧ୍ୟରେ ବରପଣ ଆରମ୍ଭ ହୋଇଥିଲା। ପୁରୀର ବ୍ରାହ୍ମଣମାନଙ୍କ ଭିତରେ ଏହା ନ ଥିଲା। ଜାତି ବଡ ସାନ ହିସାବରେ କିଛି ଟଙ୍କା ଦିଆନିଆ ହେଉଥିଲା ସତ, ମାତ୍ର ତାହା ଗର୍ହିତ ହେଉ ବା ପଥ୍ୟ ହେଉ ତାହା ବରପଣ ବା କନ୍ୟାପଣ ନୁହେ। ସେଥିରେ ଏକ ସ୍ୱତନ୍ତ୍ର ରୀତିରେ ଆଦାନ ଚଳୁଥିଲା। ଏବେ ଦେଖାଯାଉଛି ପୁଅଟି ପାଠ ପଢ଼ିଛି ବା ପଢୁଛି, ତେବେ ଆଖିବୁଜି ଲୋକେ ଘଣ୍ଟା ସାଇକଲ, ବିବାହ ଖର୍ଚ୍ଚ ଅଳଙ୍କାର ଠାରୁ ଓପରକୁ ପଢା ଖର୍ଚ୍ଚ ପର୍ଯ୍ୟନ୍ତ ଦାବୀ କରିବସୁଛନ୍ତି। ଭୀଷଣ ଏ ରୋଗ ଅତି ଶୀଘ୍ର ସମାଜକୁ କୁତ୍ସିତ କରିବ।

ଦେଶର ଯୁବକମାନେ ଏଥିରେ ଜାଗ୍ରତ ହେବା ଉଚିତ। ଏ ଦିଗରେ ସଂଘବଦ୍ଧ ହୋଇ ଶୀଘ୍ର କାର୍ଯ୍ୟ କରିବା ସେମାନଙ୍କର ଏକାନ୍ତ କର୍ତ୍ତବ୍ୟ। ମାତ୍ର ଆମର ଆଶଂକା ହୁଏ, ଏ ଦେଶରେ ଉନ୍ନତିକାମୀ ଯୁବକଙ୍କ ମଧ୍ୟରେ ସ୍ଥଳବିଶେଷର ଆନ୍ଦୋଳନର ବାତ୍ୟା ଛଡା ଆଉ କିଛି ଦେଖାଯାଏ ନାହିଁ। ନିଷ୍ପାପର କର୍ମଠତା ଓ ସୁଚିନ୍ତିତ କର୍ମପନ୍ଥା ଅନୁସରଣ କରିବାର ଧୈର୍ଯ୍ୟ ସେମାନଙ୍କ ଭିତରେ ଫୁଟିବା ଦରକାର। ବୃଥାରେ ଆନ୍ଦୋଳନର ବାତ୍ୟା ବୁହାଇ ବେଗତିକ ନିଷ୍ଫଳ ସମାଜକୁ ଆଘାତ କରିବାରେ ବିଳାସ ଥାଇପାରେ, ସାମୟିକ ଆତ୍ମଶ୍ଳାଘାର ମୋହ ଥାଇପାରେ; କିନ୍ତୁ ସେପରି କାର୍ଯ୍ୟରେ କଦାପି ଜାତିର ଗଠନ ହୁଏ ନାହିଁ ବରଂ ଆମ୍ଭମାନଙ୍କ ବର୍ତ୍ତମାନ ପରିସ୍ଥିତିରେ ତାହାର ବିପାକ ଶୁଭଂକର ନୁହ।

ସମାଜର ମା ବାପ ନାହିଁ

ଯୁବକମାନଙ୍କ ପ୍ରତି ଏଠାରେ ଆଉ ଗୋଟିଏ କଥା କହିଦେବାର ଅଛି। ପରାଧୀନତାରୁ ଫିଟି ପଡିବା ପାଇଁ ଦେଶ ବହୁକାଳ ଧରି ଛଟପଟ ହେଉଛି, ଯୁବ ଶକ୍ତି ଏ ଘାତ ପ୍ରତିଘାତରେ ଚଞ୍ଚଳ। ଭାଂଗି ଗଢ଼ିବାପାଇଁ ତାର ପ୍ରାଣ ଦରୀରୁଦ୍ଧ ପ୍ରଭଞ୍ଜନ ପରି ବ୍ୟାକୁଳ ଓ ଅସ୍ଥିର। ଏତେବେଳେ ଚିନ୍ତା ଚତୁରତାର ସାଧୁ ପ୍ରୟୋଗରେ ଧୀର କର୍ମପନ୍ଥା ଧରି ରହି ଗଠନରେ ଲାଗିବା ହୁଏତ ସୁକଠିଣ। ସୁକଠିଣ ବୋଲି ପନ୍ଥା ନିରୂପଣ ନ କରିବା

Digitized by PPRACHIN, SOA

ଠିକ୍ ନୁହେ। ପୁଣି ପ୍ରାଣର ଅତି ଚଞ୍ଚଳତାରେ ରାଜନୀତି ଅର୍ଥନୀତି ପ୍ରଭୃତିରେ ଧକ୍କା ଦେବାକୁ ଯାଇ ଘୋର ପ୍ରତିଘାତ ପାଇଲାବେଳେ ଚଞ୍ଚଳ ଯୁବଶକ୍ତି ସ୍ୱଭାବତଃ କୌଣସି ଦିଗରେ କାର୍ଯ୍ୟରେ ବହି ଯିବାପାଇଁ ବାଟ ଖୋଜୁଛି। ସେ ବାଟ ଫିଟୁଛି ସମାଜ ଆଡେ। ସମାଜର ଆଜି ମା'ବାପ କେହି ନାହିଁ। ତାକୁ ଧକ୍କା ଛାଡି ଗୋଇଠା ମାଇଲେ ବି ରାଜ୍ୟର ସେଥିରେ ପ୍ରତିରୋଧ ନାହିଁ। ଏ କଥା ମନେ ରଖିବା ଉଚିତ। ପ୍ରାଣର ପ୍ରବାହ କେଉଁ ଦିଗରେ ଗତି କରିବା ଉଚିତ, ତାହା ପଦେ ପଦେ ଦେଖିବାକୁ ହେବ। ନିରୀହ ସମାଜ ସେ ପ୍ରବାହ ବୁହାଇବାର ଏବେ ସୁଗମ କ୍ଷେତ୍ର ହୋଇପାରେ, କିନ୍ତୁ ଯଥାର୍ଥ କ୍ଷେତ୍ର ନୁହେ। ପରାଧୀନତା ବଂଧନର ଏ ଏକ କୁତ୍ସିତ ପ୍ରତିକ୍ରିୟା। ରାଜ୍ୟ ଆପଣାର ହେଲେ ସମାଜର ଦୁର୍ଗତିମୋଚନ କରିବାର କ୍ଷମତା ଆପେ ଆସିଯିବ। ସେତେବେଳେ ସମାଜ ଚଞ୍ଚଳ ଓ ଜୀବନ୍ତ ହେବ। ଦ୍ୱନ୍ଦ୍ୱ, ବିଭାଟ, ଆଲୋଡନ, ବିଲୋଡନ, ଆଘାତ ପ୍ରତିଘାତ ସବୁ ସହଜରେ ସହିପାରିବ। ଦେଶର ଯୁବ ଶକ୍ତି ଏହା ବୁଝୁ। ପ୍ରାଣର ପ୍ରବୃତ୍ତି ସଂଯତ କରି ସେହି ଦିନକୁ ଅପେକ୍ଷା କରୁ।

ପୁଣି ଆଜି ସମାଜପରି ନିରୀହ ବସ୍ତୁ ଉପରେ ଯଦି କିଛି ସଂସ୍କାର କ୍ରିୟା ଚଳାଇବାକୁ ହୁଏ, ସେଥିରେ ସମାଜର ସ୍ଥିତି ଓ ପ୍ରତିଷ୍ଠାନମାନଙ୍କର ପରଂପରା ପ୍ରତି ଦୃଷ୍ଟି ରଖି ଅବସ୍ଥା ଓ ବେଷ୍ଟନୀ ମଧ୍ୟରେ ଯଥା କର୍ତ୍ତବ୍ୟ ସ୍ଥିର କରିବା ଉଚିତ।

ନବ ଭାରତ-୧/୧୧ , ଆଲୋଚନା

ବିବରା ବିବାହ

ଓଡ଼ିଶାରେ ବିଧବା ବିବାହ ସବୁ ଜାତିରେ ହୁଏ- କେବଳ ବ୍ରାହ୍ମଣ, କରଣ ଓ ବଣିଆଙ୍କୁ ଛାଡି। ସେଥିରେ କେବଳ ବ୍ରାହ୍ମଣ ଓ ବଣିଆ କନ୍ୟାର ବାଲ୍ୟ ବିବାହ ହୁଏ, ସେଥିପାଇଁ ଏଇ ଦୁଇ ଜାତିରେ ମାତ୍ର ବାଳବିଧବା ରହିବା ସଂଭବ। ଏହି ବାଳବିଧବାଙ୍କୁ ଏବେ କେହି କେହି 'ବିବରା' ନାମ ଦେଇଚନ୍ତି। ସେହି 'ବିବରା'ଙ୍କ ବିବାହ ପାଇଁ ଭାରି ଧୁମ୍ ଦେଖାଯାଉଚି। କାହିଁକି ?

ବିବରା ନ ରହିବାପାଇଁ ଦେଶର ପ୍ରଗତିପର ସୁଧୀମାନେ ବହୁକାଳ ଲାଗି ୧୯୨୭ରେ ଗୋଟିଏ ଆଇନ କରାଇ ଦେଇଚନ୍ତି। ତାକୁ ଲୋକେ 'ସାରଦା ଆଇନ' କହନ୍ତି। ସେଥିରେ ୧୪ବର୍ଷରୁ କମ୍‌ରେ ବାଳିକାକୁ ବିବାହ ଦେବା ନିଷିଦ୍ଧ ଓ ଦଣ୍ଡନୀୟ। ୧୪ ବର୍ଷରୁ ବେଶି ହେଲେ ତେଣିକି ୧୬ / ୧୮ ବର୍ଷ ପାଇଁ କିଛି ଆପତ୍ତି ହୋଇ ନ ପାରେ। ଫଳ କଥା, ଜାତିର କଲ୍ୟାଣ ପାଇଁ ପୂର୍ଣ୍ଣ ପୁଷ୍ଟଯୌବନ ପୂର୍ବରୁ କନ୍ୟାକୁ ମାତା କରିବାର ସୁବିଧା ଦିଆଯିବ ନାହିଁ।

Digitized by PPRACHIN, SOA

ସମାଜ ଯାକ ପ୍ରାୟ ସମସ୍ତେ ଏ ଆଇନ ସତ୍ତ୍ୱେ ଲୁଚାଇ ଚୋରାଇ, ଜାଲ ଜୁଆଚୋରି କରି ନାନା ଭାବରେ ଅପକ୍ୱ ବାଳିକା ବିବାହ ଦେବାରେ ଲାଗିଚନ୍ତି। ସଂସ୍କାରକମାନେ ବିବରା ବିବାହରେ ମାତିବା ଦ୍ୱାରା ପ୍ରକାରାନ୍ତରେ ଏହି ଲୁଚାଚୋରା ବାଲ୍ୟ ବିବାହର ସୁବିଧା ଦିଆହେଉ ନାହିଁକି ? ଆଉ ବିବରା ବିବାହରେ ମାତିବାର ପ୍ରୟୋଜନ କ'ଣ ? ଆଇନ ହେବାର ୭ବର୍ଷ ହୋଇଗଲା। ଆଉ ବିବରା ବା ଆସିଲେ କାହୁଁ ? ତାପରେ ଯେଉଁମାନେ ବିବରା ହେଲେ, ସମାଜ ବା ରାଜ୍ୟ କେହି ତାଙ୍କ ପାଇଁ ଦାୟୀ ନୁହେଁ। ସାମାଜିକ ସଂସ୍କାରାଦି କ୍ରିୟା ସାମାଜିକ ଦୃଷ୍ଟିରେ ଦେଖିବାକୁ ହେବ। ବ୍ୟକ୍ତିଗତ କୃପା, ଦୁର୍ବଳତାର ସେଠାରେ ସ୍ଥାନ ନାଇଁ। ଏହି ଦୁର୍ବଳତାକୁ ଗୀତାରେ ଭଗବାନ୍ 'ମୋହ' କହିଚନ୍ତି। ଏଥିରେ ସମୂହ ମଂଗଳର ହାନି ହୁଏ। ସାମାଜିକମାନେ ଏକଥା ବୁଝନ୍ତୁ। ଅତି ଶୀଘ୍ର ବିବରା ବିବାହର ପ୍ରଯତ୍ନ ବନ୍ଦ କରନ୍ତୁ।

ଏଠାରେ ବିଧବା ବିବାହ କଥା ଉଠିପାରେ। ସେ ଗୋଟିଏ ସ୍ୱତନ୍ତ୍ର ସମସ୍ୟା, ସେଥିପାଇଁ ସ୍ୱତନ୍ତ୍ର ଆଭିମୁଖ୍ୟ ଓ ସ୍ୱତନ୍ତ୍ର ବିବେଚନା ପ୍ରୟୋଜନ। ବିବରା ବିବାହ ସଂଗେ ତା'ର ସଂପର୍କ ନାଇଁ।

ନବ ଭାରତ-୧/୨, ଆଲୋଚନା

ବିବରା ବିବାହ ପ୍ରସଙ୍ଗ

ବର୍ତ୍ତମାନ ଯାହାକୁ ବିବରା ବିବାହ କହୁଛନ୍ତି ସେ ବିଷୟରେ ଦୁଇଥର ଆମ୍ଭେମାନେ ଲେଖିଥିଲୁ। ଶ୍ରୀଯୁକ୍ତ ବୈରାଗୀ ଚରଣ ମିଶ୍ର ଗତ ଜୁଲାଇ ୮ତାରିଖ 'ଦୈନିକ ସମାଜ' ରେ ଆମ ଲେଖାମାନଙ୍କର ପ୍ରତିବାଦଟିଏ କରିଛନ୍ତି। ପ୍ରତିବାଦଟିରେ ରୁଚିର ଅଭାବ ନାହିଁ। ଏହା ବରଂ 'ନବ ଭାରତ' କୁ ଦେବା ଉଚିତ୍ ଥିଲା। ଯାହାହେଉ ମିଶ୍ର ମହାଶୟ କେବଳ ଗୁଡିଏ ଆଇନ୍ ତର୍କ କରିଛନ୍ତି ମାତ୍ର। ସେଥିରେ ସଂସ୍କାରକର ଯୁକ୍ତି କିଛି ମାତ୍ର ନାହିଁ। ୧୯୨୭ରେ ଶାରଦା ଆଇନର ଆସେମ୍ବ୍ଲିରେ ପ୍ରଥମ ଜନ୍ମ। ସରକାରଙ୍କ ମତ ଆଣିବା ପାଇଁ କେବଳ ଦୁଇ ତିନିବର୍ଷ ଲାଗିଥିଲା। ସଂସ୍କାରରମାନଙ୍କ ପକ୍ଷରେ ଏହା ୧୯୨୭ରୁ ବୋଲି ଧରାଯାଇପାରେ। ଯଦି ତାହା ନିରାଟ ଆଇନ୍ ହିସାବରେ ଆମର ଦୁଇ ବର୍ଷର ତାରିକ ଭୁଲ୍ ହୋଇଥାଏ, ସେଥିରେ ବସ୍ତୁତଃ ଯୁକ୍ତିର ଅପଳାପ କିଛି ହୋଇନାହିଁ। ତଥାପି ନିରାଟ ଆଇନ୍ ଦୃଷ୍ଟିରେ ଏ ତ୍ରୁଟି ସ୍ୱୀକାର କରିବାରେ ଆମର କୌଣସି ଆପତ୍ତି ନାହିଁ।

ଶାରଦା ଆଇନ ୧୪ ବର୍ଷର ଅର୍ଥ କ'ଣ ? ଏହାର ଅର୍ଥ ଯୁବତୀ ବିବାହ। ୧୪ ବର୍ଷରୁ କମ୍ ବୟସର କନ୍ୟାଙ୍କ ବିବାହ ଦିଆଯିବ ନାହିଁ। ଏହି କଥାଟି ମାନିଲେ ୧୬-

Digitized by PPRACHIN, SOA

୧୮ ବର୍ଷର କନ୍ୟା ବିବାହ ଦେବାରେ ସମାଜର କିଛି ଆପତ୍ତି ବା ଅସୁବିଧା ହେବ କି? ଏ କ୍ଷେତ୍ରରେ ସଂସ୍କାରକଙ୍କର ଏତେ ଆଇନ୍ ଖିଅ ଧରିବାର କିଛି ପ୍ରୟୋଜନ ନାହିଁ। ଯୁବତୀର ବିବାହରେ ଦୁର୍ବାକ୍ଷତ ଘରର ଯଥାର୍ଥ ପ୍ରଶ୍ନ ନାହିଁ। ଖାଲି ଯୁକ୍ତି ନ କରି କାର୍ଯ୍ୟକୁ ଦେଖିଲେ ସଂସ୍କାରକ ଭଲବାଟ ପାଇବେ।

ବିବରା ବିବାହ, ବଧବା ବିବାହ ଏକା କଥା ନୁହେଁ। ସଂସ୍କାର କାର୍ଯ୍ୟରେ ହାତ ଦେବା ସଂପାଦକଙ୍କର କର୍ତ୍ତବ୍ୟ ନ ହୋଇପାରେ, କିନ୍ତୁ ସଂସ୍କାର କାର୍ଯ୍ୟରେ ସୂଚନା, ନିର୍ଦ୍ଦେଶ, ଉପଦେଶାଦି ଦେବା ସଂପାଦକମାନଙ୍କ ଛଡା ଆଉ କାହାରି କାର୍ଯ୍ୟ ବୋଲି ମନେ ହେଉନାହିଁ। ଏସବୁ ଛାଡିଦେଲେ ସଂପାଦକମାନଙ୍କର ତେବେ କାର୍ଯ୍ୟ କ'ଣ? ମିଶ୍ର ମହାଶୟଙ୍କ ସିଦ୍ଧାନ୍ତ ଓ ଆଭିମୁଖ୍ୟର ଦାର୍ଶନିକ୍ ସଂବଂଧ ଆମେ ବୁଝିପାରିନାହୁଁ। ବିଧବା ବିବାହରେ କୌଣସି ସଂସ୍କାରକ କାର୍ଯ୍ୟରେ ବ୍ରତୀ ହେଲେ ସେଥିରେ ଯେଉଁ ଆଭିମୁଖ୍ୟ ଓ ବିବେଚନାର ସ୍ୱାତନ୍ତ୍ର୍ୟ ଅଛି ତାହା ସଂପାଦକ ବିଚାର କରିବେ। କିନ୍ତୁ ବର୍ତ୍ତମାନ ସେଥିରେ ସଂପାଦକଙ୍କର ବିଶେଷ କିଛି କହିବାର ନାହିଁ, ଏ କଥାରେ ଯଥେଷ୍ଟ ସତ୍ୟ ଅଛି। ଆମେ ମଧ୍ୟ ସେଥିପାଇଁ କିଛି କହି ନାହୁଁ।

ବିବରା ବିବାହ ଦେବାରେ ଗୌରୀଦାନ ପ୍ରବଣ ପିତାଦିଙ୍କର ପ୍ରବୃତ୍ତିରେ ଅଲକ୍ଷିତ ପ୍ରଶ୍ରୟ ଦିଆଯାଉଛି। ବିବରା ବିବାହ, ଧର, ସମାଜରେ ସଂସ୍କାରକମାନଙ୍କ କାର୍ଯ୍ୟ ପ୍ରଭାବରେ ଚଳିଗଲା ତେବେ ଶାରଦା ଆଇନ ଶଂସିତ ଯୁବତୀ ବିବାହର ବିରୋଧୀମାନେ ଯେ କନ୍ୟାର ବୈଧବ୍ୟ ଭୟ କରୁଥିଲେ, ସେଥିରୁ ସ୍ପଷ୍ଟ ରକ୍ଷା ପାଇବେ। ଶାରଦା ଆଇନ ବିରୋଧରେ ବିବରା ବିବାହର ପ୍ରଯତ୍ନ ବୋଲି ସେଥିପାଇଁ କୁହାଯାଇଛି। ଯେଉଁ ସମାଜର ଶ୍ରେଷ୍ଠମନ୍ୟମାନେ ଆଜି ଲୁଚାଇ ଚୋରାଇ ଝିଅଙ୍କୁ ଗୌରୀଦାନ କରିବାରେ ମାତିଛନ୍ତି, ସେଇମାନଙ୍କ ମଧ୍ୟରୁ ଅନେକେ ସେଇ କନ୍ୟାମାନଙ୍କର ବିବରା ବିବାହ ପାଇଁ ଏହି ସଂସ୍କାରକମାନଙ୍କୁ ଧରୁଛନ୍ତି ଓ ଧରୁଥିବେ।

ନବ ଭାରତ-୨/୨, ଆଲୋଚନା

କମ୍ୟୁନାଲ୍ ଆଓ୍ୟାର୍ଡ୍ ବା ସାମ୍ପ୍ରଦାୟିକ ନିଷ୍ପତ୍ତି

ଇଂରେଜ ସରକାର ହିନ୍ଦୁ, ମୁସଲମାନ୍, ଶିଖ, ଦେଶୀ ଗୋରା ଓ ଖାଣ୍ଟି ଗୋରାମାନଙ୍କ ପାଇଁ ନୂଆ ହୋଇ କରାଯାଉଥିବା ଭାରତ ସରକାରରେ ନିର୍ବାଚନମଣ୍ଡଳୀ ଓ ମେମ୍ବର ସଂଖ୍ୟା ଅଲଗା ଅଲଗା କରି ବାଣ୍ଟି ଦେଇଥିଲେ। ଏ ସମସ୍ତଙ୍କୁ ଦେଇସାରି ବାକି ଯାହା ରହିଲା ସେଥିରୁ କେତେଗୁଡିଏ ପୁଣି ଉପେକ୍ଷିତ ଜାତି ବା ହରିଜନଙ୍କୁ ଦିଆଗଲା। ସବର୍ଣ୍ଣ

Digitized by PPRACHIN, SOA

ହିନ୍ଦୁମାନଙ୍କ ପାଇଁ ବାକି ଯାହା ରହିଲା, ସେତିକି। ଅନ୍ୟମାନଙ୍କ ସଂଖ୍ୟା ତୁଳନାରେ ବେଶୀ ବେଶୀ ଦିଆଯାଇଚି, କାରଣ ସେମାନେ ସଂଖ୍ୟାରେ ଅଳ୍ପ। ଏହାର ନାମ ସାଂପ୍ରଦାୟିକ ନିଷ୍ପତ୍ତି ବା କମ୍ୟୁନାଲ୍ ଆୱାର୍ଡ। ଏହି ନିଷ୍ପତ୍ତିର କଥା ସମସ୍ତେ ଜାଣନ୍ତି। ଏହି ନିଷ୍ପତ୍ତି ଫଳରେ ସଂପ୍ରଦାୟମାନଙ୍କ ଭିତରେ ଭେଦ ବହୁତ ବଢ଼ିଯାଇଚି ଓ ଅଳ୍ପସଂଖ୍ୟକ ସଂପ୍ରଦାୟମାନେ ବହୁସଂଖ୍ୟକମାନଙ୍କ ସଂଗେ ବସି ମିଳାମିଶା କରି ନିଷ୍ପତ୍ତି କରିବାକୁ ଆଉ ପସନ୍ଦ କରୁନାହାନ୍ତି। କାହିଁକି ନା, ସେମାନେ ସରକାରଙ୍କ ନିଷ୍ପତ୍ତିରେ ବେଶୀ ଲାଭ କରିଚନ୍ତି।

ମୁସଲମାନମାନେ ଅଳ୍ପସଂଖ୍ୟକ ସଂପ୍ରଦାୟ ମଧ୍ୟରେ ପ୍ରଧାନ। ସେମାନଙ୍କୁ ଖୁସୀ କରି ରଖି ସାଂପ୍ରଦାୟିକ ବିବାଦ ଲଗାଇ ଶାସନର ସୂତ୍ର ହାତରେ ରଖିବା ଇଂରେଜ ସରକାରଙ୍କ ଅଭିପ୍ରାୟ ହେଲାପରି ଜଣାପଡୁଚି। ହିନ୍ଦୁ ମୁସଲମାନଙ୍କ ମଧ୍ୟରେ ନିଷ୍ପତ୍ତି ହୋଇଗଲେ ଅନ୍ୟମାନଙ୍କ କଥା ସହଜରେ ନିଷ୍ପତ୍ତିରେ ପଡିଯିବ। ଏହିପରି ଗୋଟିଏ ଆପୋସ ନିଷ୍ପତ୍ତି ହୋଇଗଲେ ଇଂରେଜ ସରାକର ତାହା ମାନିବେ ବୋଲି କହିଛନ୍ତି। ଦେଢ଼ବର୍ଷ ତଳେ ପଣ୍ଡିତ ମାଲବ୍ୟ ହିନ୍ଦୁ ମୁସଲମାନ ମାନଙ୍କୁ ଡକାଇ ଆଲ୍ଲାହାବାଦ ଠାରେ ଗୋଟାଏ ନିଷ୍ପତ୍ତି କରିବା ଉପରକୁ ଯାଇଥିଲେ। ଇଂରେଜ ଭାରତରେ ମୁସଲମାନଙ୍କ ସଂଖ୍ୟା ଶହକେ ୨୪। କେନ୍ଦ୍ର ବ୍ୟବସ୍ଥାପକ ସଭାରେ ମୁସଲମାନଙ୍କୁ ଶତକଡ଼ା ୩୨ଟି ସ୍ଥାନ ଦେବାର ପ୍ରସ୍ତାବ କରାଯାଇଥିଲା। ସେଥିରେ ମୁସଲମାନମାନେ ସ୍ୱତନ୍ତ୍ର ନିର୍ବାଚନମଣ୍ଡଳୀ ଛାଡ଼ି ହିନ୍ଦୁମାନଙ୍କ ସଙ୍ଗେ ଏକ ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହେବେ ବୋଲି ରାଜି ହୋଇଥିଲେ। ତାହାହେଲେ ସହଜରେ ଜାତୀୟ କାର୍ଯ୍ୟରେ ହିନ୍ଦୁ ମୁସଲମାନଙ୍କ ଏକତା ଆସିଯାଇଥାନ୍ତା। ଖାଲି ବଙ୍ଗଳା ଘେନି ଟିକିଏ ଅସୁବିଧା ଥିଲା। ଗୋଟିଏ ସ୍ଥାନ ସେଠାରେ ମୁସଲମାନଙ୍କୁ ଅଧିକ ଦେଇ ସାଲିସ କରିବାର ପ୍ରସ୍ତାବ ଚାଲିଥିଲା।

ଠିକ୍ ଏତିକିବେଳେ ବିଲାତ ମନ୍ତ୍ରୀ ପ୍ରଚାର କଲେ- କେନ୍ଦ୍ର ବ୍ୟବସ୍ଥାପକ ସଭାରେ ସ୍ୱତନ୍ତ୍ର ନିର୍ବାଚନ ମଣ୍ଡଳୀରୁ ମୁସଲମାନମାନଙ୍କୁ ତିନି ଭାଗରୁ ଭାଗେ ସ୍ଥାନ, ଅର୍ଥାତ୍ ଶହକେ ୩୩ରୁ ଟିକିଏ ବେଶି ସ୍ଥାନ ଦିଆଯିବ। ଫଳରେ ସାଲିସ ପ୍ରଶ୍ନ ଆଉ ଉଠିଲା ନାହିଁ।

ଏବେ ମହାତ୍ମାଜୀଙ୍କ ପ୍ରଭାବରେ କଂଗ୍ରେସ କାର୍ଯ୍ୟକାରୀ ସଭା ଠିକ୍ କଲେ, ସାଂପ୍ରଦାୟିକ ନିଷ୍ପତ୍ତି ବିଷୟରେ କଂଗ୍ରେସ କିଛି କହିବେ ନାହିଁ ଓ ଏଇ ସର୍ତ୍ତରେ ହିନ୍ଦୁ ମୁସଲମାନ ମିଳିତ ହୋଇ ଶାସନ ସଂସ୍କାରର ଖସଡ଼ାକୁ ବଦଳାଇବାରେ ଲାଗିବେ। ସଂଗେ ସଂଗେ ଭାରତ ସରକାରଙ୍କ ପତ୍ର ବାହାରିଗଲା। ସେଥିରେ ଯେଉଁ ସବୁ ଚାକିରୀପାଇଁ ଭାରତ ସରକାର ପଦୋନ୍ନତିରେ ଲୋକ ନ ନେଇ, ହଠାତ୍ ନୂଆ ଲୋକ ବାଛି ନିଅନ୍ତି

Digitized by PPRACHIN, SOA

ଯେସବୁ ଚାକିରୀରେ ମୁସଲମାନ ପାଇଲେ ଶହେକେ ୨୫ । ଅନ୍ୟାନ୍ୟ ଅଳ୍ପସଂଖ୍ୟକ ଜାତିମାନେ ୮ ¹/₃ । ଏମାନଙ୍କ ମଧ୍ୟରୁ କୌଣସି ଦଳ ପ୍ରତିଯୋଗିତା ହିସାବରେ ବେଶୀ ସଂଖ୍ୟା ପାଇଲେ ମଧ୍ୟ ଅନ୍ୟଦଳରୁ କମ୍ ହେବ ନାହିଁ। ବହୁସଂଖ୍ୟକ ଜାତିଠାରୁ ସେତକ ନିଆଯିବ। ସେଇପରି ଉପେକ୍ଷିତ ଜାତିଙ୍କର, ଖାଣ୍ଟି ଗୋରା ଓ ଦେଶୀ ଗୋରାଙ୍କର ଚାକିରିରେ ଭାଗମାନ ଠିକ୍ କରି ଦିଆ ହୋଇଚି। ସେମାନଙ୍କ ମଧ୍ୟରୁ ଯେ କେହି ପ୍ରତିଯୋଗିତାରେ ଆଉ ବେଶି ପାଇପାରନ୍ତି। ସେହି ବେଶିତକ ସବର୍ଣ ହିନ୍ଦୁଙ୍କ ଭାଗରୁ ନିଆହେବ। ଗୋରାଙ୍କୁ ଯେଉଁଠାରେ ଭାଗ ଦିଆଯାଇଛି, ସେଠାରେ ଅବଶ୍ୟ ଜନସଂଖ୍ୟା ହିସାବ ପାଖ ଆଖରେ ନାହିଁ। ସେମାନଙ୍କର ଏବର ଚାକିରୀରେ ସଂଖ୍ୟା ଯେତିକି ଅଛି, ପ୍ରାୟ ସେତିକି ତାଙ୍କପାଇଁ ଫୁଲପାଣି ପଡି ଥୁଆହେଲା।

ସେ ଯାହାହେଉ, କଂଗ୍ରେସ ନିଷ୍ପତ୍ତିରେ ମୁସଲମାନମାନଙ୍କର ମନ ମାନିଯାଉଥିଲା। ନିଜେ ସୌକତ ଅଲ୍ଲି ଭାରି ଖୁସୀ ହୋଇ ଗାନ୍ଧୀଙ୍କି ଏହା ଜଣାଇଥିଲେ ଓ ହିନ୍ଦୁ ମୁସଲମାନଙ୍କୁ ମିଳାଇ ଜାତୀୟ କାର୍ଯ୍ୟରେ ଲାଗିବା ଚେଷ୍ଟା କରିବେ ବୋଲି ପ୍ରକାଶ କରିଥିଲେ। ଏବେ କ'ଣ ହେଉଚି ଦେଖାଯାଉ।

ନବ ଭାରତ-୧/୨, ଆଲୋଚନା

ସାଲ୍‌ଭେସନ୍ ଆର୍ମି ଓ ଖ୍ରୀଷ୍ଟ ଧର୍ମର ବାର୍ତ୍ତା

ସେଦିନ ଅନୁଗୁଳରୁ ଆସୁଥିଲୁ, ଜଣେ ଗୋରାଙ୍କ ସଙ୍ଗେ ଦେଖାହେଲା । ତାଙ୍କ କୁର୍ତ୍ତା ଉପରେ ନାଲିରେ ଗୋଟାଏ ବଡ଼ 'ଏସ୍' (S) । ବୁଝାଗଲା ସେ ସାଲ୍‌ଭେସନ୍ ଆର୍ମି ବା ଲୋକ-ଉଦ୍ଧାରକ ଦଳର ଜଣେ। ଅନୁଗୁଳରେ ଅସଭ୍ୟ ଲୋକଙ୍କ ଉଦ୍ଧାର ପାଇଁ ସେ ଗୋଟିଏ ବୟନ ବିଦ୍ୟାଳୟ ଆଉ ଗୋଟିଏ ସାଧାରଣ ବିଦ୍ୟାଳୟ କରୁଚନ୍ତି। ଅର୍ଥାତ୍ ସେଇ ଦଳର ଲୋକେ ସେସବୁ ବିଦ୍ୟାଳୟ କରୁଛନ୍ତି । ଏ ଜଣେ ସେଇ ଦଳର ପଣ୍ଡା । ସେ କହିଲେ, ଏ ଦଳକୁ ଇଂଲଣ୍ଡରେ ଭାରତ ଫେରନ୍ତା ବା ଭାରତରେ ଇଂରେଜମାନଙ୍କ ହିତକାମୀମାନେ ଚାନ୍ଦା ଦିଅନ୍ତି। ସେଥିପାଇଁ ଦେଶୀ ଲୋକଙ୍କ ପାଇଁ ଏ ପଇସାରୁ ଖର୍ଚ୍ଚ କରିବାକୁ ବଡ଼ କଷ୍ଟ ପଡ଼େ । ତଥାପି କରାଯାଉଚି । ମାତ୍ର ଦାତାମାନଙ୍କର ଇଚ୍ଛା ଭାରତକୁ ଆସୁଥିବା ଇୟୁରୋପୀୟମାନେ ତଥା ଭାରତରେ ପୁରୁଷାନୁକ୍ରମେ ଜନ୍ମୁଥିବା ସେଇ ଇୟୁରୋପୀୟ ମାନଙ୍କର ପିଲାମାନେ (Anglo-Indian) - ଏଇମାନଙ୍କୁ ଉଦ୍ଧାର କରିବା ପାଇଁ ଲୋକେ ଏ ଧନ ଦିଅନ୍ତି । ଅନେକେ ଜାଣିଥିବେ, ଏଇ ଶ୍ରେଣୀର ଅନେକଙ୍କୁ ବିପଥରୁ ଉଦ୍ଧାର କରିବା ବଡ଼ ଦରକାର। ବିଶେଷରେ ଯୁବକ ଇୟୁରୋପୀୟମାନେ ଏ

Digitized by PPRACHIN, SOA

ଦେଶକୁ ସୈନିକାଦି ଚାକିରିରେ ଆସି ଯେପରି ବିପଥଗାମୀ ହୁଅନ୍ତି ଓ ସେଇ ସଂସର୍ଗରେ ଅନ୍ୟମାନଙ୍କର ଯେ ଅସ୍ଥା ହୁଏ ତାହାର ପ୍ରମାଣ ସରକାରୀ ଓ ବେସରକାରୀ ଲେଖାମାନଙ୍କରେ ବହୁତ ମିଳେ । ସୈନିକ ମାନଙ୍କ ପାଇଁ ବାରନାରୀ ଯୋଗାଇବାରେ ସରକାର ଏକ କାଳରେ ଖଜଣା ଖାନାରୁ ଖର୍ଚ୍ଚ କରୁଥିବାର ମଧ୍ୟ ପ୍ରମାଣ ଅଛି । ଏ ଉଦ୍ଧାରକ ଦଳ ହୁଏତ ବହୁପୂର୍ବେ ସେଇ ଉଦ୍ଦେଶ୍ୟରେ ଏ ଦେଶକୁ ଆସିଥିଲେ । ଏବେ ଅନୁଗୁଳ ପରି ସ୍ଥାନ ମାନଙ୍କରେ ଡୋମ ପ୍ରଭୃତି ଜାତିରେ ଏମାନେ କାର୍ଯ୍ୟ ଲଗାଇଛନ୍ତି । ତାଙ୍କୁ ଉଦ୍ଧାର କରିବା ସଙ୍ଗେ ସଙ୍ଗେ ଖୀରସ୍ତାନ କରିବା ମଧ୍ୟ ଏମାନଙ୍କର ଅନ୍ୟତର ଉଦ୍ଦେଶ୍ୟ । ଏମାନଙ୍କର ବିଶ୍ୱାସ, ଖୀରସ୍ତାନ ହେଲେ ସମସ୍ତେ ଉଦ୍ଧାରପା'ନ୍ତି । ପଚରାଗଲା- ଇୟୁରୋପର ଖୀରସ୍ତାନ ଦେଶମାନଙ୍କରେ ଏବେ କେତେ ଯଥାର୍ଥ ଖୀରସ୍ତାନ ଅଛନ୍ତି ? ଗୋରା ଭଦ୍ରଲୋକଟି କହିଲେ ଶତକଡ଼ା ୫ରୁ ବେଶୀ ନୁହେଁ । ଇଂଲଣ୍ଡ ପ୍ରଭୃତିରେ ଏତିକି ହେବେ । ଇଟାଲୀ ପ୍ରଭୃତିରେ ଆଉରି କମ୍ । ରୁସିଆ କଥା ପଚାରିବା ଦରକାର କ'ଣ ? ଅତଏବ ଘର ଛାଡ଼ି ବିଦେଶରେ ଖୀରସ୍ତାନ କରିବାକୁ ଆସିବାର ଉଦ୍ଦେଶ୍ୟ ଠିକ୍ ବୁଝାଗଲାନାହିଁ ।

ପୁଣି ପଚରାଗଲା, ଯୀଶୁଖ୍ରୀଷ୍ଟ ଯେଉଁ ପରିସ୍ଥିତିରେ ଯେଉଁ ଧର୍ମ ପ୍ରଚାର କରିଥିଲେ ତାହା କ'ଣ ସାର୍ବଜନୀନ ଓ ସାର୍ବକାଳୀନ ? ସମସ୍ତେ କ'ଣ 'ସିଜର୍'ଙ୍କ ମୁଣ୍ଡ ଟଙ୍କା ଉପରେ ଦେଖି ସେ ଟଙ୍କା ସିଜରଙ୍କୁ ଦେଇଦେବା କଥା ଶିଖୁଥିବେ ? ପୁଣି ଈଶ୍ୱର ଧାରଣା କରିବାରେ କ'ଣ ସଭ୍ୟତାର ଇତର ବିଶେଷ ଭେଦ ନାହିଁ ? ଗୋରା ଭଦ୍ରଲୋକ କହିଲେ- "ଈଶ୍ୱରଙ୍କୁ ପ୍ରାର୍ଥନା କଲେ ସେ ସବୁ ବୁଦ୍ଧି ଦେବେ ।" - ଈଶ୍ୱର କ'ଣ ଜଗତ୍‌ରୁ ଭିନ୍ନ ? ମନୁଷ୍ୟ ଠାରୁ ଅଲଗା ? ଆମକୁ ଯେପରି ରାଜା ଓ ବାପ ଶାସନ ପାଳନ କରନ୍ତି ସେ କ'ଣ ସେଇପରି କରୁଥାନ୍ତି ? ତେବେ ଏ ଦ୍ୱୈତ ବୁଦ୍ଧିରେ ଈଶ୍ୱର ସର୍ବଶକ୍ତିମାନ ଓ ସର୍ବବ୍ୟାପୀ କିପରି ? ଏପରି ଆତ୍ମିକ ସାମ୍ରାଜ୍ୟବାଦ ଅସଭ୍ୟ ଲୋକଙ୍କୁ ଶିଖାଇବାରେ କି ଲାଭ ? ଏ କ'ଣ ନିପଟ ପ୍ରତିମା ପୂଜା ପରି ଏକ କୁସଂସ୍କାର ନୁହେଁ ? ସେଠାରୁ ବେଦାନ୍ତ ଓ ଖ୍ରୀଷ୍ଟ ଦର୍ଶନବାଦ ସଂବଧରେ କେତେକ କଥାବାର୍ତ୍ତା ହେଲା । କିନ୍ତୁ ଭଦ୍ରଲୋକଟି ଏସବୁରେ ବିରକ୍ତ ହେବା ଛଡ଼ା ଆଉ କିଛି ଆଧ୍ୟାତ୍ମିକ ଗୁଣରେ ଶିକ୍ଷିତ ହୋଇନାହାନ୍ତି ବୋଲି ମନେ ହେଲା ।

ସେଠାରୁ ପଡ଼ିଲା ବୟନ ବିଦ୍ୟାଳୟ କଥା । ସଙ୍ଗେ ସଙ୍ଗେ ଏ ଦେଶରେ ବ୍ୟବସାୟିକ ଶିକ୍ଷା କଥା ମଧ୍ୟ ଉଠିଲା- ଏ ଦେଶରେ ବ୍ୟବସାୟ ଶିଖାଇ ଲାଭ କ'ଣ ? ବିଲାତରୁ ଟିକସ୍ କମାଇ ଶସ୍ତାରେ ଲୁଗା ଭର୍ତ୍ତି କରୁଥିବା ସ୍ଥଳେ ଲୋକଙ୍କୁ ଲୁଗାବୁଣା ଶିଖାଇଲେ ସେ ଲୁଗା କିଣିବ କିଏ ? ଏଥିରେ ବୟନ ବିଦ୍ୟାଳୟର କି କାର୍ଯ୍ୟ ପ୍ରସାର

Digitized by PPRACHIN, SOA

ହେବ - ପ୍ରଭୃତି କଥା ଗୁଡ଼ିକ ବୁଝାଇ ଦେବାରେ ଭଦ୍ରଲୋକଟି ଯୁକ୍ତି କରୁ କରୁ ମଝିରେ ହଠାତ୍ ରହିଯାଇ କହିଲେ "ଏସବୁ ରାଜନୀତି କଥାରେ ମନ ଦେବାକୁ ଆମକୁ ମନା ଅଛି ।" କୁହାଗଲା - ଏ ସବୁ କ'ଣ ଠକେଇ ? ବୟନ ବିଦ୍ୟାଳୟ କରୁଛ । ଉତ୍ତୀର୍ଣ୍ଣ ଛାତ୍ରର ଲୁଗା କିପରି ବିକା ହେବ ସେ କଥା ବିଚାର କରିବାକୁ ବନ୍ଧ ପଡ଼ିଛି ରାଜନୀତିରେ । ତେବେ ଧର୍ମ, ନ୍ୟାୟ ଓ ସଚ୍ଚରିତ୍ରର ଏତେ ପଟାଟୋପ କରି କହିବାରେ ଲାଭ କ'ଣ ? ପୃଥିବୀର ମହାଯୁଦ୍ଧରେ ମିତ୍ର ଶକ୍ତି ଜିଣିବେ ବୋଲି ସବୁ ଗିର୍ଜାରେ ଘଣ୍ଟା ବାଜି ଉପାସନା ହେଉଥିଲା କାହିଁକି ? ତମ ଉଦ୍ଧାରକ ଦଳ କ'ଣ ସେ ଉପାସନାରେ ଯୋଗ ଦେଇନଥିଲେ ? ଯଦି ଏତେ ଭୟ, ଏ ଭୟ କାହାକୁ ? ଧର୍ମକୁ ନା ପାପକୁ ? ଘରଦ୍ୱାର ଛାଡ଼ି ଜୀବନ ବ୍ୟୟ କରି ଏ କି ସାଧନା ଚାଲିଛି, କହିଦେବା ଉଚିତ୍ ନୁହେଁ କି ? ଯେଉଁ ରାଜ୍ୟ ଶୁଳ୍କ କମାଇ ଏ ଦେଶରେ ଶସ୍ତା ଲୁଗା ଭର୍ତ୍ତି କରି ତନ୍ତୀ ଓ ବୁଣାମାନଙ୍କର ଗ୍ରାସ ନାଶ କରୁଛି, ସେ ରାଜ୍ୟ ପାପ କରୁଛି । ସ୍ପଷ୍ଟ ଏକଥା କହିଦିଅ - ତେବେ ବୁଝାଯିବ ତୁମେ ଯେଉଁ ଖ୍ରୀଷ୍ଟିଆନ୍ ଧର୍ମରେ ବିଶ୍ୱାସ କରୁଛ, ଯାହା ଲୋକଙ୍କୁ ଧାର୍ମିକ ଓ ସତ୍ୟବାଦୀ ହେବାକୁ ଶିଖାଉଛ ତାହା ତୁମର ଯଥାର୍ଥମତ । ନିଜେ ମିଥ୍ୟାଚାର ଧରି, ଲୋକଙ୍କୁ ସତ୍ୟ ଶିଖାଇ ଉଦ୍ଧାର କରିବାର ପ୍ରୟାସ କାହିଁକି ? ଏ ଦେଶରେ ତମପରି ଉଦ୍ଧାରକମାନେ କି ଅନିଷ୍ଟ କରୁଛନ୍ତି, ବୁଝୁଛ ? ଭଦ୍ରଲୋକଟି ନୀରବ ଓ ଭାବିତ ହେଲେ ।

ନବ ଭାରତ-୩/୫, ଆଲୋଚନା

ଉତ୍କଳବାସୀ ବଙ୍ଗାଳି ସମାଜର ସମସ୍ୟା

(ଏ ସଂଖ୍ୟାର ବିମଳବାବୁଙ୍କ ପ୍ରବନ୍ଧ ଉପରେ)

ଗତ ସଂଖ୍ୟାରେ ଏଇ ବିଷୟରେ ଆମ୍ଭମାନଙ୍କ ଆଲୋଚନାର ଉଦ୍ଦେଶ୍ୟ ବୁଝିବାରେ ବୋଧହୁଏ କିଛି ପ୍ରମାଦ ଘଟିଛି। କାହାରି ଭାଷା ଲୋପ କରିବାର ପ୍ରଶ୍ନ ଉଠୁନାହିଁ। ରାଜ୍ୟରେ ଭାଷା ବ୍ୟବହାରର ନୀତି ସମ୍ବନ୍ଧରେ ଆଜିକାଲି ଦେଶ ଦେଶ ଭିତରେ ବା ୟୁରୋପ ଏସିଆ ଭିତରେ ସ୍ଥୂଳତଃ କିଛି ପ୍ରଭେଦ ନାହିଁ। ଏକ ରାଜ୍ୟରେ କୌଣସି ଭୂମିଖଣ୍ଡରେ ଭାଷା ଆବଦ୍ଧ ହେଲେ ତାହା ରକ୍ଷଣୀୟ, କିମ୍ବା କୌଣସି ରାଜ୍ୟରେ କୌଣସି ଭାଷାଭାଷୀ ସଂଖ୍ୟା, ଅନୁପାତରେ ନିର୍ଦ୍ଦିଷ୍ଟ ସୀମା ଡେଇଁଲେ ସେ ଭାଷା ରାଜ୍ୟର ଭାଷାରୁ ଗୋଟିଏ ହେବ। ବର୍ତ୍ତମାନ ରାଜ୍ୟ ବିଧାନରେ ଏ ନୀତି ଏକ ପ୍ରକାର ନିତ୍ୟ। ଭାରତର ପ୍ରଦେଶଗୁଡ଼ିକ ଏବେ ଗୋଟିଏ ରାଜ୍ୟ ବୋଲି ଧରିବାକୁ ହେବ। ସେଥିପାଇଁ ଭାଷା ସୂତ୍ରରେ ପ୍ରଦେଶ ଗଠନ ଏକମାତ୍ର ନୀତି ବୋଲି କଂଗ୍ରେସ ଧରିଛନ୍ତି। ସରକାର ମଧ

Digitized by PPRACHIN, SOA

ଧରିବା ଉଚିତ ଓ ଯଥାସାଧ୍ୟ ଧରୁଛନ୍ତି। ଏହି ହିସାବରେ ଭାରତ ଗୋଟିଏ ରାଷ୍ଟ୍ର ସଂଘ - ରାଷ୍ଟ୍ର ନୁହେଁ।

ସୋଭିଏଟ୍ ଋଷିଆ ମଧ୍ୟ ଗୋଟିଏ ରାଷ୍ଟ୍ରସଂଘ। ସେଠାରେ ଅନେକ ଭାଷା ସ୍ୱୀକାର କରାଯାଇଛି; କିନ୍ତୁ ପ୍ରତ୍ୟେକର ଭୂମିଖଣ୍ଡ ନିର୍ଦ୍ଦିଷ୍ଟ ଅଛି। ସୁଇଜରଲାଣ୍ଡ, କାନାଡ଼ା ପ୍ରଭୃତିରେ ଭିନ୍ନ ଭାଷାଭାଷିଙ୍କର ଅନୁପାତ ହେୟ ନୁହେଁ। ତେଣୁ ରାଜ୍ୟ ବହୁ ଭାଷା ସ୍ୱୀକାର କରିଛି। ଏଇ ଦୁଇଟି ହିଁ ଏ କ୍ଷେତ୍ରରେ ନୀତି। ଓଡ଼ିଶାର ସାମାଜିକ ବଙ୍ଗାଳିମାନେ ଏହି ଦୁଇଟି ନୀତି ପ୍ରତି ଅବଧାନ ଦିଅନ୍ତୁ। ପ୍ରାଣର ପ୍ରତିଷ୍ଠିତ ଭାବ ଛାଡ଼ି ବିଚାର କଲେ ସିଦ୍ଧାନ୍ତରେ ଅସୁବିଧା ହେବ ନାହିଁ। ରାଜ୍ୟର ଆର୍ଥିକ ଓ ଶାସନ ସମ୍ବନ୍ଧୀୟ ସମସ୍ୟାମାନଙ୍କର ସୁସମାଧାନ ନିମନ୍ତେ ଏ ଦୁଇଟି ନୀତି ଧରି ଚାଲିବା ଛଡ଼ା ଅନ୍ୟତ୍ର ଉପାୟ ଅଛି କି ? ସାମାଜିକତା ଓ ଧର୍ମ ସଙ୍ଗେ ଭାଷାର କଥଞ୍ଚିତ୍ ସମ୍ପର୍କ ଥାଇପାରେ। ମାତ୍ର କୌଣସି ବିଶିଷ୍ଟ ଭାଷାଭାଷୀଙ୍କର ଅନୁପାତ ଓ ଅବସ୍ଥିତି କେଉଁ ସୀମାକୁ ଆସିଲେସେ ଭାଷାପାଇଁ ରାଜ୍ୟ ବ୍ୟବସ୍ଥା କରିବେ- ତାହା ସର୍ବବାଦୀସମ୍ମତ ଭାବରେ ସ୍ଥିର ରହିବା ଉଚିତ। ବିଶ୍ୱବିଦ୍ୟାଳୟରେ କୌଣସି ଭାଷାର ଶିକ୍ଷା ପାଇଁ ବ୍ୟବସ୍ଥା କରିବା ସ୍ୱତନ୍ତ୍ର କଥା। ଜର୍ମାନୀର କୌଣସି କୌଣସି ବିଶ୍ୱବିଦ୍ୟାଳୟରେ ମଧ୍ୟ ବଙ୍ଗଳା ଶିକ୍ଷାର ବ୍ୟବସ୍ଥା ଅଛି। ବିଶ୍ୱବିଦ୍ୟାଳୟର ଉଦ୍ଦେଶ୍ୟ ଭିନ୍ନ। ତାହାର ଉଚ୍ଚଶିକ୍ଷା ସଙ୍ଗେ ରାଜ୍ୟର ଶାସନ ସୁବିଧାର ସାକ୍ଷାତ୍ ସମ୍ପର୍କ ନାହିଁ। ଏଠାରେ ରାଜ୍ୟ ସ୍କୁଲ୍ କଚେରୀରେ କିପରି କେଉଁ ଭାଷା ଚଳାଇବେ ତାହାର ବିଚାର ହେଉଛି। ବ୍ୟକ୍ତିଗତ ବା ସମାଜଗତ ଭାବରେ ଲୋକେ କୌଣସି ଭାଷାରେ ପିଲାଙ୍କୁ ଶିକ୍ଷା ଦେବେ ରାଜ୍ୟର ସେଥିରେ ମଧ୍ୟ କିଛି କହିବାର ନାହିଁ।

ମୁସଲମାନ ଓ ଉର୍ଦ୍ଦୁ ସମସ୍ୟା ଧରି ପ୍ରଦେଶର ବିଚାର କରିବାରେ ବହୁତ ପ୍ରମାଦ ଘଟିପାରେ ସେ ସମସ୍ୟା ଭାରତରେ ଏବେ ନାନା କାରଣରୁ ବଡ଼ ଜଟିଳ। ପଞ୍ଜାବରେ ଗୁରୁମୁଖୀ ବୋଲି ଭାଷା ନାହିଁ ଗୁରୁମୁଖୀ ଗୋଟିଏ ଲିପି। ଭାଷା-ହିନ୍ଦୁଙ୍କର ପଞ୍ଜାବୀ ଓ ମୁସଲମାନଙ୍କର ଉର୍ଦ୍ଦୁ। ଏବେ ପଞ୍ଜାବୀରେ ସେଠାରେ ଶିକ୍ଷା ଦିଆଯାଏ ନାହିଁ। ପଞ୍ଜାବୀ ମଧ୍ୟ କଚେରୀରେ ଚଳେ ନାହିଁ। ପଞ୍ଜାବର ହିନ୍ଦୁ ମୁସଲମାନ ସମସ୍ତଙ୍କର ଦେଶୀ ଭାଷା ଉର୍ଦ୍ଦୁ। ମୈଥିଳୀ ଭାଷା ମଧ୍ୟ ବିହାରରେ ଚଳେ ନାହିଁ ମୈଥିଳୀମାନଙ୍କର ଦେଶୀ ଭାଷା ହିନ୍ଦୀ।

ଡୋମିସାଇଲଡ଼ ସାର୍ଟିଫିକେଟ୍ ଏ ଦେଶୀ-ସାମାଜିକ ବଂଗାଳୀଙ୍କଠାରୁ ଦରକାର ହେଉଥିବା ଅସୁନ୍ଦର କଥା ବୋଲି ଲେଖିଥିଲୁ। ତାହା ଶୀଘ୍ର ଉଠାଇବା ଦିଗରେ ସକଳ ପ୍ରକାର ଚେଷ୍ଟା ପ୍ରୟୋଗ କରିବା ଉଚିତ ବୋଲି ମଧ୍ୟ କହିଥିଲୁ। ଏ ଦୃଢ଼ମତ ପୁଣି ଦୃଢ଼ତର ଭାବରେ ପ୍ରକାଶ କରୁଅଛୁ।

ନବ ଭାରତ-୧/୩, ଆଲୋଚନା

Digitized by PPRACHIN, SOA

ଓଡ଼ିଶା ଡୋମିସାଇଲଡ୍ ବେଙ୍ଗଲୀ କନ୍‌ଫରେନ୍ସ

ଗତ ଜୁନ୍ ୨୪ରେ ବାଲେଶ୍ୱରଠାରେ ଏଇ କନ୍‌ଫରେନ୍‌ସ (ସମ୍ମିଳନୀ) ହୋଇଥିଲା। ଏଇ ସମ୍ମିଳନୀର ଅଭିଭାଷଣ ଦିଓଟି ଆମମାନଙ୍କୁ ମିଳିଚି। ଦୁଇଟିଯାକ ଇଂରେଜ।

ଡୋମିସାଇଲ୍‌ର ଅର୍ଥ ନୂଆ ହୋଇ କୌଣସିଠାରେ ସ୍ଥାୟୀ ଭାବରେ ରହିଥିବା। ଏପରି ଅତି ଅଳ୍ପ ସଂଖ୍ୟକ ବଙ୍ଗାଳୀ ଏ ଦେଶରେ ଥିଲେ, ଥିବେ। ହୁଏତ ତାଙ୍କ ସଂଖ୍ୟା ଶହ ପୂରିବ ନାହିଁ। ବାକିଯାକ ଏ ଦେଶରେ ନୂଆ ନୁହନ୍ତି। ସେମାନେ ଓଡ଼ିଆ। ଅବଶ୍ୟ ଓଡ଼ିଆ ଓ ବଙ୍ଗାଳୀ ବ୍ରାହ୍ମଣମାନେ ଯେପରି କାନ୍ୟକୁବ୍ଜୀ ସେମାନେ ସେହିପରି ବଙ୍ଗାଳୀ ହୋଇପାରନ୍ତି। ଏଠାରେ ବିବାହାଦି ସାମାଜିକ କଥା କୁହାଯାଉନାହିଁ। ଭାରତ ସମାଜରେ, ଦୁଃଖର କଥା, ସେ ସବୁ ବିଧି ବିଧାନରେ ବହୁ ଜଟିଳତା ଏବେ ମଧ୍ୟ ଅଛି। ଓଡ଼ିଆମାନେ ଏବେ ବି ଜବଲପୁର ଦରଭଙ୍ଗା ପ୍ରଭୃତିରେ ବହୁକାଳୁ ରହିଥିବା ଓଡ଼ିଆଙ୍କ ଘରେ ବନ୍ଧୁ କରନ୍ତି। ପୁଣି ଏପରି ବଙ୍ଗାଳୀ ସାମାଜିକ ବିଧିରେ ଚଳୁଥିବା ଓଡ଼ିଆଙ୍କ ପାଇଁ ସରକାରି କାମ ଆଦିରେ ଡ଼ୋମିସାଇଲ୍‌ଡ୍ ସାର୍ଟିଫିକେଟ ବା ଏ ଦେଶର ସ୍ଥାୟୀ ଅଧିବାସୀ ବୋଲି ପ୍ରମାଣପତ୍ର ଦରକାର ହେଉଥିବା ମଧ୍ୟ ବଡ଼ ଅସୁନ୍ଦର କଥା। ଓଡ଼ିଶା ପରି କ୍ଷୁଦ୍ର ସ୍ଥାନରେ ଏ ଦୁର୍ଗତି କାହିଁକି? ଏ ଦୋଷର ମୂଳ କେଉଁଠାରେ? ଏସବୁ ବୁଝି ଏ ପ୍ରମାଦର ଯଥାର୍ଥ ନିରାକରଣରେ ଲାଗିବା ଓଡ଼ିଆମାନଙ୍କର କର୍ତ୍ତବ୍ୟ।

ସମ୍ମିଳନୀ ଅଭିଭାଷଣ ଠାଣୀରୁ ଜଣାପଡୁଚି, ଏପରି ସ୍ଥାୟୀ ବଙ୍ଗାଳୀମାନେ ଯେପରି କି ଓଡ଼ିଆଙ୍କଠାରୁ ଅଲଗା। ଓଡ଼ିଶାର ବହୁତ କାର୍ଯ୍ୟ କରିଛନ୍ତି ଓ ଓଡ଼ିଶାପାଇଁ ବହୁତ କରିବେ, ପୁଣି ସେଥିପାଇଁ ସେ ବଙ୍ଗଳାକୁ ନାନାଭାବରେ ଚାହିଁଛନ୍ତି- ଏପରି ଭାବ ଧରିବା ଓ ପ୍ରକାଶ କରିବାରେ କି ଫଳ ଫଳିପାରେ, ତାହା ଉକ୍ତ ସମ୍ମିଳନୀର ଉଦ୍ୟୋକ୍ତାମାନଙ୍କ ଭଳି କୃତବିଦ୍ୟ ଭାଇଙ୍କୁ ବୁଝାଇବା ଦରକାର ନାହିଁ।

ବଙ୍ଗଳା ଭାଷା ବିଷୟରେ କେତେ ଗୁଡ଼ିଏ କଥା କୁହାଯାଇଚି। ବୋଧ ହେଉଚି, ଜାତି ଓ ଜାତୀୟତାର ବିକାଶରେ ଦେଶୀ ଭାଷାର ବ୍ୟାପ୍ତି ଓ ଉପଯୋଗିତା ବୁଝିବାରେ କିଛି ପ୍ରମାଦ ଅଛି। ଅତି ମାତ୍ରାରେ ପ୍ରାଣର ପ୍ରତିଷ୍ଠିତ ଭାବ (sentiment)କୁ ଆଶ୍ରୟ କଲେ, ଏ ପ୍ରମାଦ ସ୍ୱାଭାବିକ। ସବୁ ଦେଶ ସବୁ ଭାଷାର ଲୋକେ ମିଶାମିଶି ହୋଇ ସବୁ ଦେଶରେ ରହିବେ। ମାତ୍ର ବିଶିଷ୍ଟ ଭୌଗୋଳିକ ସୀମାରେ ଗୋଟିଏ ଦେଶୀ ଭାଷା ରହିବ। ସେଇ ଭାଷା ସେ ଭୂମିଖଣ୍ଡର ସଂସ୍କୃତି ବହନ କରିବ। ତା' ନ ହେଲେ ମାନବ ସମାଜର

Digitized by PPRACHIN, SOA

ବିକାଶରେ ଘୋର ବିଶୃଙ୍ଖଳା ହେବ। ସେଥିପାଇଁ ମାତୃଭାଷା (Mother Tonge) ଓ ଦେଶୀ ଭାଷା (Vernacular)ର ପ୍ରଭେଦ ସ୍ପଷ୍ଟ କରି ଧାରଣା କରିବାକୁ ହେବ। ଉଦାହରଣ ସ୍ୱରୂପ, ଆମେରିକାର ଯୁକ୍ତ ରାଜ୍ୟର ମାତୃଭାଷା ଅନେକ ଓ ଇଂରେଜ ଛଡା ଅନ୍ୟ କୌଣସି କୌଣସି ମାତୃଭାଷା ଭାଷୀଙ୍କ ସଂଖ୍ୟା ଆଖିକୁ ଦିଶିଲା ଭଳି ହେଲେହେଁ, ଇଂରେଜକୁ ଦେଶୀ ଭାଷା କରାହୋଇଚି ଓ ତାହା ରାଜ୍ୟର ସ୍କୁଲ କଲେଜ କଚେରୀ ପ୍ରଭୃତିରେ ଦୃଢ଼ ଭାବରେ ଚଳାଇବା ପାଇଁ କଠୋର ଆଇନ ଅଛି।

ମାତ୍ର ଏ ସବୁ ସତ୍ତ୍ୱେ ପ୍ରାଣର ପ୍ରତିଷ୍ଠିତ ଭାବ ଫିଙ୍ଗିଦେବାର ବସ୍ତୁ ନୁହେ। ଏହା ବରାବର ଯୁକ୍ତିରାଜ୍ୟ ମାଡ଼ି ବସି ଘୋଡ଼ାଇ ପକାଉଚି। ଗତ ମହାଯୁଦ୍ଧ ପରେ ବିଜୟୀମାନେ ଏଇ ପ୍ରତିଷ୍ଠିତ ଭାବର ସୁବିଧା ଧରି କେତେ ଛୋଟ ରାଜ୍ୟ ତିଆରି କରି ଇଉରୋପକୁ ଖଣ୍ଡ ଖଣ୍ଡ କଲେ। ସେଥିରେ ଏଇ ଭାଷାର ପ୍ରଶ୍ନ ଉଠିଲା। ବହୁ ବାଦ ବିବାଦ ପରେ ଜାତି ସଂଘ (League of Nations) ଠିକ୍ କରିଦେଲେ, କୌଣସି ରାଜ୍ୟରେ ଇତରଭାଷୀ ଲୋକ ଶତକଡ଼ା ୨୦ରୁ ବେଶି ନ ହେଲେ ରାଜ୍ୟ ସେ ଭାଷାରେ ଶିକ୍ଷାଦି ବ୍ୟବସ୍ଥା କରିବେ ନାହିଁ। ସମ୍ମିଳନୀର ଉଦ୍ୟୋକ୍ତାମାନେ ଏ ସବୁ ପ୍ରତି ପ୍ରଣିଧାନ ଦେବେ ବୋଲି ଆଶାକରୁଁ। ପୁଣି ଭାରତର ଅନ୍ୟ ପ୍ରଦେଶରେ ଏ ପ୍ରଶ୍ନର ଏ ତୀବ୍ରତା ନାହିଁ। ବଂଗଳା ସଂସ୍କୃତି, ସାହିତ୍ୟ ଓ ଭାଷା ଏ ଯୁଗରେ ବଡ଼ ଉନ୍ନତ ଓ ବିଶାଳ ହୋଇ ପଡ଼ିଛି। ଏଥିରେ ଯେବେ ଗୌରୀଶଙ୍କର, ପ୍ୟାରୀମୋହନଙ୍କ ବଂଶଧରମାନେ ଝଲସିଯାଇ ପଥଭ୍ରଷ୍ଟ ହୁଅନ୍ତି, ତେବେ ଦୁର୍ଗତ ଓଡ଼ିଆର ଦୁର୍ଗତି ବଢ଼ିଯିବ। ଅଶେଷ ଆଶ୍ୱାସବାଣୀ ସତ୍ତ୍ୱେ ଅନ୍ୟ ଓଡ଼ିଆ ହୁଏତ କ୍ରମେ ଭାବରେ ଦୂରକୁ ଚାଲିଯିବେ। ବରଂ ବଂଗଳାର ବିରାଟତାର ଉପାଦାନ ସବୁ ବିଚକ୍ଷଣତାର ସହିତ ନିଜର କରି ସେଇ ବଳରେ ଓଡ଼ିଆର ସେବା କରିବା ହିଁ ପନ୍ଥା।

ଝିଅଙ୍କୁ ଭାଷା ଶିକ୍ଷା ନ ଦେବାରେ ଅସୁବିଧା ଅଛି। ସେମାନଙ୍କୁ ବଙ୍ଗଳା ଶିଖାଇବାର ବ୍ୟବସ୍ଥା କରିବା ଦରକାର ହୋଇପାରେ, ମାତ୍ର ସେଥିପାଇଁ ରାଜ୍ୟର ଶିକ୍ଷା ବିଭାଗରେ ବିଭ୍ରାଟ ଜନ୍ମାଇବାର କଳ୍ପନା ବା ଉଦ୍ୟମ ନ କଲେ ହୁଏ। ପୁଣି ସାମାଜିକ ଓଡ଼ିଆ ତଥା ସାମାଜିକ ବଙ୍ଗାଳୀଙ୍କ ଘରକୁ ବଙ୍ଗଳାରୁ କେବେ କେବେ ଝିଅ ଆସିବାର ଯେତେ ଦେଖାଯାଉଛି, ଏ ଦେଶରୁ ବଙ୍ଗଳାକୁ ସେତେ ଯିବାର ଦେଖାଯାଉନାଇ। ଯେଉଁମାନେ ଆସୁଚନ୍ତି ସେମାନେ ଯେପରି ବର୍ଣ୍ଣ ପରିଚୟରେ ଓଡ଼ିଆ ଶିଖିଯାଉଛନ୍ତି, ଯେ ଯିବେ ସେ ସେଇପରି ବଙ୍ଗଳା ଶିଖି ଯିବେ- ବିଶେଷରେ ତାଙ୍କ ସଂଖ୍ୟା ନଗଣ୍ୟ ଥିବାସ୍ଥଳେ ଅସୁବିଧା ବି ଅତି ନଗଣ୍ୟ।

Digitized by PPRACHIN, SOA

ବଙ୍ଗଳାରେ ଥିବା ଏ ଦେଶର ବଙ୍ଗାଳୀ ଜମିଦାରମାନଙ୍କୁ ଘେନି ଦଳ ଗଢ଼ିବାର ମଧ୍ୟ ଆକାଂକ୍ଷା ଦେଖା ପଡୁଚି। ଏଇପରି ଗୋଟିଏ ଅନୁଷ୍ଠାନକୁ ହାତଟେକିଆ କରି କିଛି କିଛି ଚାନ୍ଦା ଦେଇ ଓଡ଼ିଆଙ୍କ ଭିତରେ ଏତେ ବଡ଼ ଶକ୍ତିଶାଳୀ ଦଳଟାଏ ହାତ କରି ନେବାକୁ ସେ ଜମିଦାରମାନେ ଏବେ ବେଶି ଖୁସିରେ ବାହାରିବେ। ମାତ୍ର ଶାସନ ସଂସ୍କାରରେ ସାଂପ୍ରଦାୟିକ ମୁସଲମାନମାନେ ସରକାର ଦ୍ୱାରେ ହାତ ପତେଇଲା ପରି କଥା ଏ ହେବ ସିନା। ଏପରି ଅନୁପସ୍ଥିତ ଜମିଦାରମାନଙ୍କର ଏ ଦେଶରେ ବହୁ କର୍ତବ୍ୟ କରା ହୋଇନାଇଁ- ସେମାନଙ୍କଠାରୁ ଓଡ଼ିଆଙ୍କର ବହୁତ ଦାବୀ ଅଛି। ସେଥିପାଇଁ ସମସ୍ତେ ପ୍ରସ୍ତୁତ ହୁଅନ୍ତୁ। ସମ୍ମିଳନୀର ଭାଇମାନେ ଏ ଦିଗରେ ଲାଗିଲେ ବହୁ ଭାବରେ ବହୁତ ବେଶି ଲାଭବାନ୍ ହେବେ, ସନ୍ଦେହ ନାଇଁ।

ଯାହାହେଉ, ଏକଥା ସତ୍ୟ ଯେ ଏଇ ସମ୍ମିଳନୀ କରିଥିବା ସଂପ୍ରଦାୟର ଆଖି ଥିଲାବାଲା, ସଂଖ୍ୟାରେ ଅନ୍ୟ କୌଣସି ଓଡ଼ିଆ ସଂପ୍ରଦାୟଠାରୁ କମ୍ ନୁହନ୍ତି। ସମୂହ ଓଡ଼ିଆ ଜାତୀୟ ବିକାଶରେ ଲାଗିବାର ଶକ୍ତି ସାମର୍ଥ୍ୟ ଭାବୁକତା ଓ ଭବିଷ୍ୟତ ଦୃଷ୍ଟି ସେମାନଙ୍କର ଊଣା ନୁହେଁ। ପ୍ରାଣର ପ୍ରତିଷ୍ଠିତ ଭାବରେ ଅତି କାତର ନ ହୋଇ ଯୁକ୍ତିରାଜ୍ୟ ଧରି ସେମାନେ ଜନ୍ମଭୂମିର ସମୂହ ସେବାରେ ଲାଗିଲେ ଓଡ଼ିଶାର ସମୂହ ମଙ୍ଗଳ ସଙ୍ଗେ ସେମାନଙ୍କ ନିଜ ସଂପ୍ରଦାୟର ମଧ୍ୟ ଯେତେ ମଙ୍ଗଳ ହେବ, ଅନ୍ୟଥା ତାହା ହେବ ନାଇଁ। ଏ ଯୁଗରେ କୌଣସି ନିର୍ଦ୍ଦିଷ୍ଟ ଜନସଂଘର ବିକାଶରେ ସାଂପ୍ରଦାୟିକ ଭାବ କୁଷ୍ଠରୋଗ ପରି ବର୍ଜନୀୟ। ଏପରି ଗୋଟିଏ ଗୋଟିଏ ସଂପ୍ରଦାୟ ଧରି ଉନ୍ନତି କଲେ ସଂଘର ସମୂହ ଉନ୍ନତି ହେବ ବୋଲି କହି ଯୁକ୍ତି କରିବାରେ ହୁଏତ ମୂଳରୁ ଆନ୍ତରିକତା ନାଇଁ, ଥିଲେ ମଧ୍ୟ ତାହା ପ୍ରାମାଦକ। ଭୌଗୋଳିକ ଅବସ୍ଥିତି ସଂଗେ ଭାଷାର ବ୍ୟାପ୍ତି ଘେନି ମାନବ ସେବା ଓ ବିକାଶର କର୍ମଭୂମି ଗଢ଼ିବା ଛଡ଼ା ଉପାୟ ନାଇଁ।

ନବ ଭାରତ-୧/୨, ଆଲୋଚନା

ଓଡିଆ ଶ୍ରମିକ

କେଉଁ କାଳେ ଓଡ଼ିଆ ଭାରତ, ପ୍ରଶାନ୍ତ ତଥା ଆଟଲାଣ୍ଟିକ ମହାସଗାରରେ ବାଣିଜ୍ୟ ତରୀ ଚଳାଇ ଦେଶ ବିଦେଶରେ ଉପନିବେଶ ଓ ପ୍ରଭାବ ବିସ୍ତାର କରିଥିଲେ, ସେ ସବୁ କଥା ତ ଆଜି ଇତିହାସ ବି ନୁହେଁ, ବରଂ ପୁରାଣ । ଆଜି ଓଡ଼ିଆ ନିଜର ତରୀ ଚଳାନ୍ତି ନାହିଁ । କିନ୍ତୁ ପୃଥିବୀର ବାଣିଜ୍ୟ ତରୀମାନଙ୍କରେ ଓଡ଼ିଆର ସ୍ଥାନ ଆଜି କମ୍ ନୁହେଁ । କୁଲି ଖଲାସୀ ରୂପରେ ଓଡିଆ ପୃଥିବୀର କୌଣସି ବନ୍ଦର ନଦେଖି ନାହିଁ ।

Digitized by PPRACHIN, SOA

ସେଇ ଓଡ଼ିଆ ଦିନେ ପର୍ବତ କାଟି ଅଟାଳିକା ଗଢିବା ଠାରୁ ବିରାଟ ଶିଳାଖଣ୍ଡକୁ ଅନୁପାତରେ ଗଢ଼ି ସୂଚୀରେ ଚିତ୍ର କରି, ଖିଚିଂ, ଭୁବନେଶ୍ୱର, ଜଗନ୍ନାଥ, ସୀମାଚଳ, କୋଣାର୍କ ପଭୃତି ଗଢ଼ିଥିଲେ । ଯାଜପୁର, ପୁରୀର ଅଠରନଳା ତିଆରି କରିଥିଲେ, କଟକର ସୁସଜ୍ଞ ଓ ସୁଚିନ୍ତିତ ପଥର ବନ୍ଧ ପକାଇଥିଲେ । ଏସବୁ କଥା ଆଜି ଠିକ୍ ପୁରାଣ ନହେଲେ ମଧ୍ୟ ବିସ୍ମୃତି ଗର୍ଭରେ ଲୀନ ହୋଇ ଆସୁଛି ।

ପୁଣି ଓଡ଼ିଶାର ଗ୍ରାମମାନଙ୍କୁ ଏବେ ମଧ୍ୟ ଦେଖି ଅନୁସନ୍ଧାନ କଲେ ଜଣାଯାଏ, ଶାସନ ମାନଙ୍କର ତଥା ଅନ୍ୟାନ୍ୟ ଗ୍ରାମାମାନଙ୍କର ବସତିର ପରିପାଟି ସ୍ୱଚ୍ଛନ୍ଦ ଓ ଯୁକ୍ତିଯୁକ୍ତ । ଗ୍ରାମ ପାଖରେ ବଗିଚା ଓ ଗହିର ମାନଙ୍କରେ ଜଳ ସେଚନର ଆଧାର ଓ ପ୍ରଣାଳୀ ପନ୍ଥା ସସୁଜ୍ଜିତ ଓ ସୁନ୍ଦର । ଏପରି କି ଅନୁସନ୍ଧାନ କରିବା ଲୋକର ମନେ ହୁଏ, ଏସବୁ ଜଳସେଚନ ଆଧାର ପ୍ରଣାଳୀ ଓ ବନ୍ଧମାନଙ୍କର ଯେ ଅବଶେଷ ଅଛି ତାହାର ଯଥାର୍ଥ ମରାମତି ଓ ବିକାଶ ହେଲେ ଓଡ଼ିଶାରେ ବଢି, ମରୁଡି ସମସ୍ୟାର ସମାଧାନ ବହୁ ପରିମାଣରେ ଅଗ୍ରସର ହୋଇପାରେ। ଏସବୁ ସମସ୍ୟାର ଏସବୁ ରୀତିରେ ଦିନେ ଓଡ଼ିଆ କୃଷକ ସମାଧାନ କରିଥିଲା, ସନ୍ଦେହ ନାହିଁ ।

ଅତଏବ ପୋତବାହୀ, ଶିଳ୍ପୀ ଓ କୃଷକ ଭାବରେ ଓଡ଼ିଆ ଶ୍ରମିକର ସ୍ଥାନ ଚିରଦିନ ବଡ ଉଚ୍ଚରେ ଥିଲା । ଆଜି ମଧ୍ୟ ଜାହାଜରେ ଓଡ଼ିଆ କୁଶଳ ଖଲାସୀ-କିନ୍ତୁ ଓଡ଼ିଆଙ୍କ ଜାହାଜରେ ନୁହନ୍ତି । କଳ କାରଖାନା ମାନଙ୍କରେ ଓଡ଼ିଆ କୁଶଳ ଶ୍ରମିକ ଓ ଶିଳ୍ପଚତୁର, କିନ୍ତୁ ସେ କଳକାରଖାନା ଓଡ଼ିଆଙ୍କର ନୁହେଁ । ଚା ପ୍ରଭୃତିର ଚାଷରେ ଓଡ଼ିଆ ମଧ୍ୟ କୁଶଳ ମୂଲିଆ, ତଥା ନିପୁଣ କୃଷକ-ଓଡ଼ିଆଙ୍କ ଚାଷ ଜମିରେ ନୁହନ୍ତି ।

ଶ୍ରମିକ ମାନଙ୍କର ପୃଥିବୀରେ ଦିନ ଆସୁଛି । ମଜଦୁରମାନଙ୍କୁ ଦୀର୍ଘ ସ୍ୱରରେ ଆହ୍ୱାନ କରି ଭାରତୀୟ ରାଜନୀତିକମାନେ ଉଦ୍‌ବୋଧନ ଦେଉଛନ୍ତି । ଓଡ଼ିଆମାନେ ମଧ୍ୟ ତାହାର ପ୍ରତିଧ୍ୱନି କରିବାରେ ବରାବର ଅପଟୁ ନୁହନ୍ତି । କିନ୍ତୁ ଗୋଟିଏ କଥାରେ ଭୁଲ ହେଉଛି ବୋଲି ମନ ହୁଏ । ଯେଉଁଠାରେ ମୂଲିଆ ମାଲିକଙ୍କ ମଧ୍ୟରେ ସାମାଜିକ ସମ୍ବନ୍ଧ ଏବେ ନାହିଁ, କି କେବେ ରହିବ ନାହିଁ, ସେଠାରେ ରୁସିଆ, ଜର୍ମାନୀ, କିମ୍ବା ଇଟାଲୀ ଅଥବା ବମ୍ବେ, ଅହମ୍ମଦାବାଦ ପ୍ରଭୃତିର ଉଦ୍‌ବୋଧନ ସଂଗୀତର ଦୁଆ ଓଡ଼ିଆଙ୍କୁ ଶୁଣାଇବାରେ କି ଲାଭ ଅଛି ? ଚା'ବଗିଚାର ଅଧିକାରୀମାନେ ଓଡ଼ିଆ କୁଲିଙ୍କୁ ସ୍ୱଚ୍ଛନ୍ଦରେ ଅବହେଳା ଓ ଉତ୍‌ପୀଡନ କରି, ଇଚ୍ଛା କଲେ ସେମାନଙ୍କ ନୈତିକତା ନଷ୍ଟ କରିପାରନ୍ତି । ଓଡ଼ିଆ କୁଲିମାନେ ଯେଉଁ ସମାଜରେ ଅଛନ୍ତି ବା ରହିବେ ଚା ବଗିଚା ମାଲିକମାନଙ୍କର

Digitized by PPRACHIN, SOA

କୌଣସି ଉତ୍ତର ପୁରୁଷ କେବେ ସେମାନଙ୍କ ସଙ୍ଗେ ସାମାଜିକ ସଂସର୍ଗରେ ଆସିବାର ସମ୍ଭାବନା ନାହିଁ । ଆଜି କଟକରେ ଯଦି ଚା ବଗିଚା ଥାନ୍ତା, ତହିଁରେ ଯଦି ଓଡ଼ିଆ ମାଲିକ ହୋଇଥାନ୍ତେ, ତେବେ କୁଲିମାନଙ୍କ ଭିତରେ ନୈତିକତା ଧ୍ୱଂସର ଆଶଙ୍କା ଓ ତଜ୍ଜନିତ ଅସନ୍ତୋଷ ଆସିଲେ, ଓଡ଼ିଆ ଜନସାଧାରଣ କଂପି ଉଠନ୍ତେ, ଅବିଳମ୍ବେ ମାଲିକାମାନଙ୍କ ଉପରେ ଏହି କମ୍ପର ପ୍ରତିକ୍ରିୟା ପଡ଼ନ୍ତା। ମାଲିକମାନେ ମଧ୍ୟ ଅଜ୍ଞାତ ଭାବରେ ହେଲେ ହେଁ ଅନୁଭବ କରନ୍ତେ ଦେଶର ଶ୍ରମିକଙ୍କର ଆର୍ଥିକ ତଥା ନୈତିକ ମେରୁଦଣ୍ଡ ଭାଙ୍ଗିଗଲେ, ସେହି ମାଲିକମାନଙ୍କର ନିଜର ଉତ୍ତର ପୁରୁଷମାନେ ତାହାର କୁଫଳରେ ଅଂଶୀଦାର ହେବେ । ଏହିପରି ପରିସ୍ଥିତିରେ ଯଥାର୍ଥ ମାଲିକ ମୂଲିଆ ସମସ୍ୟାର ବିକାଶ ଓ ଏହି ପରିସ୍ଥିତିର ପ୍ରଭାବ ଉପରେ ବହୁ ପରିମାଣରେ ତାହାର ନିଷ୍ପତ୍ତି ନିର୍ଭର କରେ । ଆନ୍ତର୍ଜାତିକ ଭାବରେ ମାଲିକ ମୂଲିଆ ସମସ୍ୟାର କଳ୍ପନା ଭାବପ୍ରବଣ ପ୍ରାଣର ବିସ୍ତୀର୍ଣ୍ଣତା ସୂଚନା କରିପାରେ, କିନ୍ତୁ ସୀମାବଦ୍ଧ ମାନବ ନିଜର ଯଥାଯଥ କର୍ମକ୍ଷେତ୍ର ଓ ସେହି କ୍ଷେତ୍ରରେ ବିକଶିତ ପାରିପାର୍ଶ୍ୱିକ ଅବସ୍ଥା ପ୍ରତି ଦୃଷ୍ଟି ନ ଦେଲେ କାର୍ଯ୍ୟର ଫଳ ଆକାଶ କୁସୁମ ହୋଇପାରେ, ଏହା ମନେ ରଖିବା ଉଚିତ । ଓଡ଼ିଆ ଶ୍ରମିକର ଉନ୍ନତି କାମନା ସଙ୍ଗେ ସଙ୍ଗେ ଓଡ଼ିଆ ମାଲିକ ରହିବା ନିତାନ୍ତ ଦରକାର । ଆସାମରେ ଓଡ଼ିଆ କୁଲିଙ୍କୁ ଧ୍ୱଂସ କଲାବେଳେ ଓଡ଼ିଆମାନଙ୍କ ମାଲିକ ମୂଲିଆର ଭାବ କାର୍ଯ୍ୟରେ ଖାଟିବ ନାହିଁ । ଆନ୍ତର୍ଜାତିକ ସମସ୍ୟାର କଳ୍ପନା ମାନବିକ ହୋଇପାରେ, ସେଥିରେ ଆଶାଶୀଳତାର ପରାକାଷ୍ଠା ଥାଇପାରେ, କିନ୍ତୁ ତାହା ମାନବୀୟ ସାମର୍ଥ୍ୟର ଉପଯୋଗୀ ନୁହେଁ ।

ଅତଏବ ଓଡ଼ିଆ ଅତି ଶୀଘ୍ର ମାଲିକ ହୁଅନ୍ତୁ, ଓଡ଼ିଆ କୁଲିମାନଙ୍କୁ ସେହି ପୁରୋଦୃଷ୍ଟି ଦିଆଯାଉ । ଆଜି ଦୁଇ ଲକ୍ଷାଧିକ ଓଡ଼ିଆ ଜେମ୍‌ସେଦ୍‌ପୁର, କଲିକତା, ଆସାମ ଓ ରେଙ୍ଗୁନରେ ଶ୍ରମିକ- ମୋଟ କଥାରେ କୁଲି । ସେମାନେ ଶୃଙ୍ଖଳିତ ଭାବରେ ନିୟମିତ ଅର୍ଥ ସଞ୍ଚୟ କରି ଓଡ଼ିଶାରେ କାରଖାନା ଖୋଲନ୍ତୁ । ଏଇ ଭାବରେ ଜାଗ୍ରତ ହେଲେ ଓ ଶୃଙ୍ଖଳାରେ କାର୍ଯ୍ୟ କଲେ ସେଇସମାନଙ୍କ ପକ୍ଷରେ ହିଁ ଏହା ଅଚିରେ ସମ୍ଭବ ହେବ । ଧର ଶୃଙ୍ଖଳିତ ଭାବରେ ଓଡ଼ିଆ ମଜୁରିଆମାନେ ଜଣକେ ମାସକୁ ଆଠଅଣା କରି ସଞ୍ଚୟ କରିବେ । ଏହା ନେତାମାନଙ୍କର ନିଷ୍ଠାପର ଚେଷ୍ଟାରେ ଅସମ୍ଭବ ନୁହେଁ । ତା ହେଲେ ସେମାନେ ବର୍ଷକୁ ବାରଲକ୍ଷ ଟଙ୍କା ସଞ୍ଚୟ କରିପାରନ୍ତି । ସବୁ ପ୍ରକାର ଅକଳ୍ପିତ, ଅତର୍କିତ ବା ଆକସ୍ମିକ ଅସୁବିଧା ଓ ଅସାମର୍ଥ୍ୟ ବାଦ ଦେଲେ ମଧ୍ୟ ନିକୁଛରେ ୫/୬ ଲକ୍ଷ ଟଙ୍କା ଜମା ହେବା ଅସମ୍ଭବ ନୁହେଁ । ଏହି ଭଳି ବର୍ଷକୁ ବର୍ଷ ଏହି ଟଙ୍କାରେ ଓଡ଼ିଶାରେ

Digitized by PPRACHIN, SOA

କଳକାରଖାନା ଓ ଶିଳ୍ପ ପ୍ରତିଷ୍ଠାମାନ ବସିଯାଇପାରେ ଓ ଓଡ଼ିଆ କୁଲି ମୁଲିଆମାନେ ଏଥିରେ ହିଁ ମାଲିକ ହୋଇ ପାରନ୍ତି । ଓଡ଼ିଶାର ଆର୍ଥନୀତିକ ସମସ୍ୟାର ସମାଧାନରେ ମଧ୍ୟ ଏହା କିପରି ଫଳପ୍ରସବ କରିବ, ତାହା ବୁଝାଇ କହିବା ଦରକାର ନାହିଁ ।

କଳିକତାରେ ଦୁଇଥର ପ୍ରବାସୀ ଉତ୍କଳ ସମ୍ମିଳନୀ ହୋଇଯାଇଛି । କେତେକ କର୍ମୀ ଓ ନେତା ସେହି ଦୃଷ୍ଟିରେ ଓଡ଼ିଆମାନଙ୍କୁ ଶୃଙ୍ଖଳିତ ଓ ସଂଘବଦ୍ଧ କରି ଓଡ଼ିଆ ଜାତୀୟତା ବିକାଶ କରାଇବାର କଳ୍ପନା ରଖିଛନ୍ତି । ଆଶା କରୁ ଏଇଭଳି ଦୃଷ୍ଟିରେ ସେମାନେ କାର୍ଯ୍ୟରେ ବ୍ରତୀ ହେବେ ।

ନବଭାରତ- ୨/୩

ଆସାମରେ ଓଡ଼ିଆ କୁଲି

ଗଞ୍ଜାମର ଶ୍ରୀମାନ୍ ହରେକୃଷ୍ଣ ସାହୁ ପ୍ରଥମେ ଏଜେଣ୍ଟରୂପେ ଆସାମ ଚା'ବଗିଚାକୁ କୁଲି ଯୋଗାଉ ଥିଲେ। ସେଥିରେ ହିଁ ତାଙ୍କ ମନ ବଦଳି ଗଲା। ପରେ ସେ ଇସ୍ତଫା ଦେଇ ସେଇ କୁଲିଙ୍କ ଅବସ୍ଥା ସୁଧାରିବାରେ ବହୁକାଳ ଲାଗିଚନ୍ତି- ସେ ଲେଖିଛନ୍ତି- "ଆସାମ ଚା ବଗିଚା, କୋଇଲା ଓ ତେଲଖଣି ଇତ୍ୟାଦିରେ ପ୍ରାୟ ୪ଲକ୍ଷ ଓଡ଼ିଆ କୁଲି ଭାବରେ କାର୍ଯ୍ୟ କରନ୍ତି । ପ୍ରତିବର୍ଷ ସେସବୁ ଥାନକୁ ଓଡ଼ିଶାରୁ ହଜାର ହଜାର କୁଲି 'ଚାଲାଣ' ହୋଇ ଯାଆନ୍ତି। ଦୋଷୀକୁ ପୁଲିସ୍ 'ଚାଲାଣ' କରେ; ମାତ୍ର ଏ 'ଚାଲାଣ' ମଧ୍ୟ ଠିକ୍ ସେଇପରି। ଗତ ୭୫ ବର୍ଷ ମଧ୍ୟରେ କେତେ ଲକ୍ଷ ଓଡ଼ିଆ ଚା ବଗିଚାରେ ଖଟି ମରିଚନ୍ତି, ତାର ହିସାବ ନେବା ପ୍ରୟୋଜନ। ପ୍ରତି ବର୍ଷ ଯେଉଁ ହଜାର ହଜାର କୁଲି 'ଚାଲାଣ' ହୁଅନ୍ତି, ସେଥିରୁ ଲୋକେ ପୁଣି ବଛା ହୋଇ ଦେଶକୁ କୁଲି ସର୍ଦ୍ଦାର ରୂପେ ପଠା ହୁଅନ୍ତି। ସେଇ ସର୍ଦ୍ଦାରମାନେ ପୁଣି ଲୋକଙ୍କୁ ଭୁଲାଇ ଚାଲାଣ କରନ୍ତି। ପ୍ରତି କୁଲିପାଇଁ ସର୍ଦ୍ଦାର ୨୫ ଟଙ୍କା ପାଏ। ଏଇପରି କୌଣସି କୌଣସି ବର୍ଷ ଓଡ଼ିଶାରୁ ୩୦ ହଜାର ଖାଲି ଚା ବଗିଚାକୁ ଚାଲାଣ ହୋଇଚନ୍ତି। ପୁଣି ଚା ବଗିଚାର ଖଟଣି ଯେପରି ଅମାନୁଷିକ, ମଜୁରୀ ସେଇପରି ଅଳ୍ପ। ସକାଳୁ ବେଳବୁଡ଼ ଯାଏ ଖଟିଲେ ଜଣେକେ ହାରା ହାରି ଚାରିଅଣା ମିଳେ। ସେଥିରେ ପୁଣି ବିଦେଶି ବଗିଚା ମାଲିକଙ୍କର ଏ ଦେଶି କୁଲିଙ୍କ ପ୍ରତି ଦୟାମାୟା ନାହିଁ। ପୁଣି କୁଲି ଚାଲାଣ କରି ଆଣିବାରେ ମାଲିକର ସର୍ଦ୍ଦାର ପାଉଣା, ରେଳ ଭଡ଼ା ଇତ୍ୟାଦିରେ ଯାହା ଖର୍ଚ୍ଚ ହୁଏ, ସେସବୁ ସେଇ କୁଲିକୁ ଆଗତୁରା ଦିଆ ହେଲା ବୋଲି ଖାତାରେ ଲେଖା ରହେ। ସେଥିରେ କୁଲି ବିଚରାର ଟିପ ଚିହ୍ନ ବା (ଅକ୍ଷର ଲେଖି ଜାଣିଥିଲେ) ଦସ୍ତଖତ କରାଇ ନିଅନ୍ତି। କୁଲି ବାପୁଡ଼ା ଏବେ ବୁଝେ, ସେ କି ବିପଦରେ

Digitized by PPRACHIN, SOA

ପଡ଼ିଲା। ସେଠାରେ ତ ରୋଜଗାର ପେଟକୁ ନିଅଣ୍ଟ- ଆଉ ଋଣ ଶୁଝିବ, ନା ଗାଁକୁ ଫେରିବ ? କେତେ କୁଲି ସହି ନ ପାରି ଲୁଚି ପଳାଇ ଆସିବାକୁ ଚେଷ୍ଟା କରନ୍ତି। ପେଟକୁ ବା ବାଟକୁ ପଇସା ନାହିଁ- ଆସିବେ କିପରି ? ଆସିବେ ବା କେତେ ବାଟ ? ଅଧିକାଂଶ ବଗିଚାର ଜଗୁଆଳି ବା ଚୌକିଦାର ହାତରେ ଧରା ପଡ଼ନ୍ତି। ଏଇ ଚୌକିଦାରମାନେ ହାଟ ବାଟ ଘାଟ ଷ୍ଟେସନ ସବୁଠାରେ ରଖା ହୋଇଥାନ୍ତି। ଧରାପଡ଼ି ଫେରିଲେ, ପିଠିରୁ ଥରେ ହୁଏତ ଚମଡ଼ା ଛାଡ଼ିଯାଏ। ଯେଉଁ କେତେ ଜଣ ଖସି ଆସନ୍ତି, ସେମାନେ ପ୍ରାୟ ବାଟରେ ମରନ୍ତି। ବଗିଚାରେ ମଧ୍ୟ କୁଲିଙ୍କୁ ମାରୁ ମାରୁ ମାରି ପକାଇବାର ଦୃଷ୍ଟାନ୍ତ କମ୍ ନୁହେ। ପୁଣି ଦୁର୍ଭାଗ୍ୟକୁ କୁଲିର ଯୁବତୀ ମାଇପ ବା ଝିଅଟି ଯେବେ ସୁନ୍ଦରୀ ହେଲା, ତେବେ କେତେବେଳେ କିପରି ଯେ ବିପଦ ଆସି ପଡ଼ିବ, ତା କିଏ କହି ପାରେ ? ସାହେବ ମାନେ କୁଲି ରମଣୀ ବଳାତ୍କାର କରି ସତୀତ୍ୱ ସଙ୍ଗେ ପ୍ରାଣ ପର୍ଯ୍ୟନ୍ତ ନେବାର ଦୃଷ୍ଟାନ୍ତ ଅଛି, ଇତ୍ୟାଦି।”

ଏସବୁ ଓଡ଼ିଶାର ଲୋକେ ଜାଣନ୍ତି ନାହିଁ। ଆମ ଦେଶର ଜାଣିବା ଶୁଣିବା ଲୋକେ ସେ ଦେଶକୁ ଯାଇ ଏହା ଦେଖି ନାହାନ୍ତି; ପୁଣି କୁଲିଙ୍କ ଭଲମଂଦ ବିଷୟରେ ଯେଉଁ ସରକାରୀ ରିପୋର୍ଟ ଆଦି ବାହାରେ, ସେଥିରୁ କିଛି ଭଲ କରି ଜାଣି ହୁଏ ନାହିଁ। ସାହୁ ପୁଣି ଲେଖିଛନ୍ତି, “କୁଲିଙ୍କ ଶିକ୍ଷାପାଇଁ ବ୍ୟବସ୍ଥା ଦେଖାଇବା ଲାଗି କେତୋଟା ପ୍ରଇମେରୀ ସ୍କୁଲ ବା ପ୍ରଥମିକ ବିଦ୍ୟାଳୟ ଥାଏ । ତାହା କେବଳ ରିପୋର୍ଟରେ ଲେଖା ହେବା ପାଇଁ। ସେଥିରେ ଆସାମୀ ଭାଷାରେ ଶିକ୍ଷାର ବ୍ୟବସ୍ଥା ଥାଏ। ମାତ୍ର କୁଲିପିଲା କାମ ନ କଲେ ଖାଇବ କାହୁଁ ଯେ ପାଠ ପଢ଼ିବ ? ଯେତେ ଦିନୁ ବିଦ୍ୟାଳୟ ରହିଲାଣି, କୁଲିପିଲାମାନେ ପାଠ ପଢ଼ିଥିଲେ ବଗିଚା ମାନଙ୍କରେ କେତେ କିରାଣି ପ୍ରଭୃତି କୁଲିପିଲାଙ୍କ ଭିତରୁ ବାହାରି ସାରନ୍ତେଣି। କିନ୍ତୁ ସେପରି ଉଦାହରଣ ନାହିଁ। ବରଂ ପାଠ ପଢ଼ିଲେ କୁଲି ନିଜର ସ୍ୱତ୍ୱ ଦାବୀ କରି ଶିଖିବେ ବୋଲି ମାଲିକଙ୍କର ଭୟ ଥିବାର ଜଣାଯାଏ। ଏପରି କି କୁଲିଆଣୀ ଆଉ ସାହୀବଙ୍କର ହୋଇଥିବା ପିଲାମାନେ ମଧ୍ୟ ପଢ଼ି ଯୋଗ୍ୟ ହେବାର ଦେଖା ନାହିଁ।

ପୁଣି ସ୍ୱାସ୍ଥ୍ୟ ଧର୍ମାଦି କଥା। ସାହୁ ଲେଖିଚନ୍ତି - “ଆସାମର ଜଙ୍ଗଲ ରାଜ୍ୟରେ ଏ ସବୁ ବଗିଚା। ପ୍ରଚୁର ବର୍ଷା ଥିବା ଥାନରେଇ ‘ଚା’ ହୁଏ। ସେ ରାଜ୍ୟରେ ବ୍ୟାଧି ଭୟାନକ। ହୁକ୍‌ପୋକ, ଜଳୋଦର, ମାଲେରିଆ, ପ୍ଲୀହା, ଯକୃତ୍ ଇତ୍ୟାଦିରେ ଥରେ ପଡ଼ିଲେ କୁଲି ଆଉ ଜୀବନକୁ ଫେରେ ନାହିଁ। କୁଲିଙ୍କର ପୁଣି ଘର ନାହିଁ। ଖରା ବର୍ଷା ଶୀତରେ କାମ କରି ଆସି କୁଲି ବାପୁଡ଼ା ବାଉଁଶ ଚାଞ୍ଚେଡ଼ା ଘରେ ରହିବ। ମାଇପେ ପିଠିରେ ପିଲା ବାନ୍ଧି

Digitized by PPRACHIN, SOA

କାମ କରୁଥାନ୍ତି। ଏଇପରି ପିଠିରେ ପିଲା ମରିଯିବାର ଦୃଷ୍ଟାନ୍ତ ମଧ୍ୟ ଅଛି। କୁଲିଙ୍କ ମଧ୍ୟରେ ମରଣ ସଂଖ୍ୟା ଖୁବ୍ ବେଶୀ। ପୁଣି ଧର୍ମ, ଦେଉଳ, ପୂର୍ବ ପୁଣ୍ୟସବୁ କୁଲିଙ୍କ ସ୍ମରଣରୁ ଲିଭିଯାଏ। ଦିନେ ହେଲେ ଛୁଟି ନାହିଁ। ୯୦୦ ଟା ବଗିଚା ବୁଲି ଦେଖିଲି, କୌଣସି ଠାରେ ଗୋଟିଏ ହେଲେ ଦେବ ମନ୍ଦିର ଦେଖିଲି ନାହିଁ। ସବୁଠାରେ କିନ୍ତୁ ପାଦ୍ରିମାନେ ଗୀର୍ଜ୍ଜାମାନ କରି କୁଲିଙ୍କୁ ଖ୍ରୀଷ୍ଟାନ କରି ମୁକ୍ତି ଦେବାରେ ଲାଗିଚନ୍ତି।"

ଓଡ଼ିଶାର ଚକ୍ଷୁଷ୍ମାନ ଦେଶ ହିତୈଷୀମାନେ, ତଥା ସରକାର ଏ ସବୁର ଅନୁସଂଧାନ ଓ ସଂଶୋଧନ ବା ନିରାକରଣରେ ଶୀଘ୍ର ଯତ୍ନବାନ ହେବା ଉଚିତ୍।

ନବ ଭାରତ-୧/୮, ଆଲୋଚନା

ବିହାର ଓଡ଼ିଶା ସରକାରଙ୍କ ନିଶା ନୀତି

ସରକାରଙ୍କର ପଇସା ଦରକାର- ଲୋକ ପାଳନ ପାଇଁ। ବିହାର ଓଡ଼ିଶା ସରକାରଙ୍କର ପଇସା ଦରକାର- ପଇସା ପାଇଁ। ଲୋକଙ୍କୁ ନିଶା ବିକି ପଇସା କରିବା ମାନବ ପାଳନ ନୀତି ବିରୁଦ୍ଧ। ସରକାରଙ୍କର ଏହା କରଣୀୟ ନୁହେଁ। ସେଥିପାଇଁ ନିଶା ଦ୍ରବ୍ୟର ଦାମ ବଢ଼ାଇ ଦିଆଯାଏ- ଲୋକେ ଖର୍ଚ୍ଚ ଡରରେ କ୍ରମେ ଛାଡ଼ି ଦେବେ ବୋଲି। ଏବେ ବିହାର ଓ ଓଡ଼ିଶା ସରକାରଙ୍କ ରିପୋର୍ଟରେ ବାହାରିଛି- ଏ ଦର ବଢ଼ାଇବା ନୀତି ବଡ଼ ଖରାପ। କାହିଁକି ନା, ମାନବ ଦୁର୍ବଳ, ସେ ନିଶା ଖାଇବଇ ଖାଇବ। ଦର ବଢ଼ାଇଦେଲେ ଚୋରାଇ କରି ଖାଇବ। ସେଥିପାଇଁ ସରକାର ଏବେ କେତେ ବରଷ ହେଲା ନିଶା ଦ୍ରବ୍ୟ ସ୍ୱଭାବ-ଦୁର୍ବଳମାନଙ୍କ ପାଇଁ ସୁଲଭ କରିବାରେ ଲାଗିଛନ୍ତି। ପଇସିକିଆ ମଦ ବୋତଲ ଜଙ୍ଗଲି ଲୋକଙ୍କ ଦୁଆରେ ଯାଚିବାର ବ୍ୟବସ୍ଥା ହୋଇଛି। ସରକାର ଏଇଥିରେ ପଇସା କରି ଲୋକ ପାଳନ କରିବେ। ଦର ବଢ଼ିଲା ବେଳେ ଯେ ଲୋକେ ଲୁଚାଇ ଖାଉଥିଲେ, ତା'ର ବି ପ୍ରମାଣ ନାଇଁ। ଦଶବର୍ଷ ତଳେ ଯେତିକିଟା ଚୋରି ନିଶା ଧରା ହୋଇଥିଲା, ଏବେ ପ୍ରାୟ ସେତିକି ଅଛି। ତେବେ ବିହାର ଓଡ଼ିଶା ସରକାରଙ୍କର ବଡ଼ ଦୁଃଖ ହୁଏ ଲୋକେ ନିଶା ନ ଖାଇଲେ- ଏହାର ପ୍ରମାଣ ସେ ୧୯୨୨ ସାଲରେ ଦେଇଥିଲେ। ସେତେବେଳେ କଂଗ୍ରେସ କଥାରେ ପଡ଼ି ଲୋକେ ନିଶା ଛାଡ଼ିଦେଲେ। ସରକାର ସେଥିରେ ଦୁଃଖିତ ହୋଇ - ଯୀଶୁଖ୍ରୀଷ୍ଟ, ସେକ୍ସପିୟର ପ୍ରଭୃତି ଯେ ମଦ ଖାଉଥିଲେ, ସେସବୁ ଉଦାହରଣ ଦେଇ ଲୋକ ଶିକ୍ଷା ପାଇଁ ଗେଜେଟରେ ଏକ ବ୍ୟାଖ୍ୟାନ ପ୍ରକାଶ କରିଥିଲେ। ଭାରତରେ ତ କେତେ ପ୍ରଦେଶ ଅଛି। ବିହାର ଓଡ଼ିଶାର ଏକା ବିଚିତ୍ର ନୀତି କାହିଁକି ? ଓଡ଼ିଶା ତ ପୁଣି ବିହାରରୁ ବାହାରିବ। ଓଡ଼ିଶାରେ ମଧ୍ୟ ଏ ଶାସନରେ ଅର୍ଥାଭାବ

Digitized by PPRACHIN, SOA

ଯଥେଷ୍ଟ ହେବ। ଭଗବାନ୍ ନ କରନ୍ତୁ, ସରକାରର ଖଜଣା ବଢ଼ାଇବା ପାଇଁ ଏ ଦରିଦ୍ର ଭୂମିରେ ଗଞ୍ଜାଇ ଅଫିମ ମଦ ବିକ୍ରିର ନୂଆ ସୁବିଧା ନ ଫିଟୁ। ଦେଶୀ ଗଞ୍ଜେଇ କରି ଖାଇବା ଓ ବିକିବାର ସୁବିଧା ଦେବାପାଇଁ ପୁରୀ ଲୋକେ ଏ ଶତାବ୍ଦୀର ଆରମ୍ଭରେ ସର୍ ଜନ୍ ଉଡ୍‌ବରନ୍‌ଙ୍କୁ ତାଙ୍କ ପୁରୀ ଦର୍ଶନ ବେଳେ ମାଗିଥିଲେ। ସୁଖର କଥା, ସାର୍ ଜନ୍ ସେ କାଳର ବଙ୍ଗଲାଟ ଥିଲେ- ଏକାଳର ବିହାର ଓଡ଼ିଶା ଲାଟ୍ ନ ଥିଲେ। ଆମେ ଦରିଦ୍ର ହୋଇପାରୁ- ସୁନାମ ହରାଇବା ନ ହରାଇବା ତ ଆମ ହାତରେ। ଦାରିଦ୍ର୍ୟରେ ଏପରି ସ୍ମୃତିଭ୍ରଂଶ ଓ ବୁଦ୍ଧିନାଶ ହେଲେ ଆଉ ରକ୍ଷା ନାଇଁ- ସରକାର ଏହା ଏବେ ବୁଝନ୍ତୁ - ବିହାରରେ ବନ୍ଦ କରନ୍ତୁ- ଓ ବିଚରା ଓଡ଼ିଶାକୁ ଏ ଦାୟରେ ଭାଗୀ ନ କରନ୍ତୁ।

ନବ ଭାରତ-୧/୩

ଟଙ୍କା ଖିଆ

ଏବେ ଆମ ଦେଶରେ ଜନସେବୀମାନଙ୍କ ମଧ୍ୟରେ ଘୋର ଈର୍ଷା ଓ ଅସୂୟା ଦେଖାଯାଉଛି । ଏ ଈର୍ଷା ଅସୂୟା ଆଜି ନୂଆ ନୁହେଁ। ଦଳେ ଲୋକ ବାହାରେ ଦେଶସେବକର ଆବରଣ ପିନ୍ଧି ଏଇ ଦୋଷକୁ ବ୍ୟବସାୟ ପରି ଧରିଛନ୍ତି। ନିଜ ଅପେକ୍ଷା କୌଣସି ଜଣେ ଲୋକ ବେଶୀ ସମର୍ଥ, ବେଶୀ ଦକ୍ଷ ଓ ତେଣୁ ଅଧିକ ଲୋକପ୍ରିୟ ହେବାକୁ ଆରମ୍ଭ କଲେ ଏମାନେ ଈର୍ଷା ଅସୂୟାର ସହଚରୀ କୁତ୍ସାରଟନା ସାହାଯ୍ୟରେ ସମତା ଆଣିବାକୁ ଲାଗିପଡ଼ନ୍ତି। ଆଜି ଏଇ କୁତ୍ସାରଟନା ବଡ଼ ଭୀଷଣ ଆକାର ଧାରଣ କରିଛି । କଟକ ଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ଚାରିଆଡ଼େ ବ୍ୟକ୍ତିବିଶେଷଙ୍କ କୁତ୍ସାରଟନା ଚାଲିଛି । ଏଥିପାଇଁ ଟଙ୍କା ଖର୍ଚ୍ଚ କରି ଗସ୍ତ ମଧ୍ୟ କରାଯାଉଛି । ଏହି କୁତ୍ସାରଟନାର ପୁଣି ପ୍ରକାର ଓ ପ୍ରଣାଳୀ ଲକ୍ଷ କରିବାର ଅଛି । ବ୍ୟବସ୍ଥାବଦ୍ଧ ରାଜନୀତିକ ଜୀବନରେ ଯେପରି ସଭା ସମିତି ଖବରକାଗଜ ପ୍ରଭୃତିରେ ନିନ୍ଦା ପ୍ରଶଂସା ହୁଏ ଏଠାରେ ତାହା ହେଉନାହିଁ । ଯଥାର୍ଥ ବିଲାତୀ ରୀତିରେ ଖବରକାଗଜ ହାତ କରାହେଉଛି । ସ୍ପଷ୍ଟ କଂଗ୍ରେସର ଖବରକାଗଜକୁ ପ୍ରାଣପଣ ଚେଷ୍ଟା କରି ମାରି ଦିଆହୋଇଛି । ଗରିଷ୍ଠ ଓ ନିଷ୍ଠାପର ପୁରୋଦୃଷ୍ଟିସମ୍ପନ୍ନ ବ୍ୟକ୍ତିତ୍ୱବାନ୍ କର୍ମୀମାନଙ୍କୁ ଲୋକ ଚକ୍ଷୁରୁ ଅନ୍ତର କରି କାର୍ଯ୍ୟସାଧନ କରିବା ପାଇଁ ସବୁ ପ୍ରକାର ପ୍ରଚେଷ୍ଟା ଚାଲିଛି । ସେ ପ୍ରଚେଷ୍ଟାରେ ମିଥ୍ୟା ଜାଲ ପ୍ରଭୃତି କୌଣସି ପ୍ରକାର ନୀତିବିରୁଦ୍ଧ ଓ ଆଇନ୍‌ବିରୁଦ୍ଧ କାର୍ଯ୍ୟର ଅଭାବ ନାହିଁ। ଯେଉଁମାନେ ଭିତରେ ଏଇପରି ଏକାଗ୍ନି ଶରରେ ଶତ୍ରୁହତ୍ୟା କରିବାରେ ପ୍ରଯତ୍ନପର, ବାହାରେ ପୁଣି ସେଇମାନଙ୍କ ପରି ବକଧାର୍ମିକ ଆଉ କେହି ନାହିଁ । ଆଗରେ କୌଣସି କଥା ଦେଖାପଡୁନାହିଁ, ଭିତରେ

Digitized by PPRACHIN, SOA

ଭିତରେ ସ୍ୱାର୍ଥସେବୀ ଲୋକେ ଯେପରି ସ୍ୱାର୍ଥସାଧନ କରନ୍ତି ସେସବୁ କରାଯାଉଛି । ପୁଣି ଦେଶଲୋକେ ସବୁପ୍ରକାର ମିଥ୍ୟା କଥାରେ ଭୁଲିବେ ନାହିଁ ଜାଣି କୌଶଳରେ ଗୋଟିଏ ବ୍ରହ୍ମାସ୍ତ୍ର ପ୍ରୟୋଗ କରାଯାଉଛି, ସେଉଟି ହେଉଛି 'ଟଙ୍କା ଖାଇଯିବା'। ଓଡ଼ିଶା ଦରିଦ୍ର ଦେଶ, ଏ ଦେଶ ଲୋକ ଟଙ୍କା ଦେଖି ନାହାନ୍ତି । ଗରିବ ଲୋକଙ୍କ ଭିତରେ ଯେକୌଣସି ଲୋକ ସଂବଂଧରେ ଏପରି କଥାଟାଏ ମତାଇଦେଇ ଲୋକଙ୍କୁ ଭଙ୍ଗାଇ ଦେବାର ଚେଷ୍ଟା କରିବା ବଡ଼ ସହଜ; ଏପରିକି ବହୁଦିନ ତଳେ ଜଣେ ଚକ୍ରୀ ଜମିଦାରସେବୀ କିଛିଦିନ କଂଗ୍ରେସରେ ଯୋଗଦେଇ ଗାନ୍ଧିଙ୍କ ମତ ଧରି ବହୁତ ସୂତା କାଟିଲେ । ମାଞ୍ଚେଷ୍ଟର୍ ମସ୍‌ଲିନ୍ ଛାଡ଼ି ଆଣ୍ଠୁ ନ ଲୁଚିଲାଭଳି ଅଖାପରି ଖଦଡ଼ ପିନ୍ଧିଲେ, ଶେଷକୁ କୌଶଳରେ ଲୋକଙ୍କୁ କଂଗ୍ରେସରୁ ଛଡ଼ାଇବା ମାନସରେ ପ୍ରଚାର ଆରମ୍ଭ କରିଦେଲେ – "ମୁଁ ଏତେଦିନ ଗାନ୍ଧୀ ବୁଢ଼ା କଥାରେ ରହିଲି, ତା' କଥା ସବୁ ମାପିଲି, କିନ୍ତୁ ଗାନ୍ଧୀ ଠାରେ ନିଃସ୍ୱାର୍ଥପରତା ଦେଖିଲି ନାହିଁ। ସମସ୍ତେ ଯେଝା ଖଞ୍ଜାରେ ଅଛନ୍ତି। ଦେଖ, ଦେଶକୁ ସ୍ୱରାଜ୍ୟ ଦେବ ବୋଲି କୋଟିଏ ଟଙ୍କା ଚାନ୍ଦା ଉଠେଇଲା । ସାଙ୍ଗେ ସାଙ୍ଗେ କୌଶଳ କରିଦେଇ ଆପେ ଜେଲ୍, ପଛେ ପଛେ ପୁଅ ଜେଲ୍ । ଆଉ କୋଟିଏ ଟଙ୍କା କଥା କିଏ କାହାକୁ ପଚାରୁଛି ।" କିନ୍ତୁ ଏପରି ଯେଉଁ ସ୍ୱାର୍ଥସେବୀମାନେ କହନ୍ତି ସେମାନେ ବେଳ ପଡ଼ିଲେ ଆଗକୁ ବାହାରି ଲୋକମଙ୍ଗଳ ପାଇଁ ଟଙ୍କା ଖର୍ଚ୍ଚ କରି ପରିଶ୍ରମ କରିବାର ଦେଖାଯାଏ ନାହିଁ । ଅବଶ୍ୟ ଭିତରେ ଟଙ୍କା ଦେଇ କାହାକୁ କେମିତି ହାତ କରିବା ସ୍ୱତନ୍ତ୍ର କଥା । ସେ କଥା ବାହାରକୁ ଜଣାପଡ଼େ ନାହିଁ। କିନ୍ତୁ ତାଙ୍କ ପାଖେ ଧନ ଅଛି, ତେଣୁ ଖର୍ଚ୍ଚ କରିବାର କ୍ଷମତା ଅଛି । ଥରେ ସ୍ୱର୍ଗତ ପଣ୍ଡିତ ଗୋପବନ୍ଧୁ ଦାସ ଜଣେ ଧନାଧିପ ମହାଜନ ଜମିଦାରଙ୍କ ପାଖକୁ କିଛି ଚାନ୍ଦା ପାଇଁ ଯାଇଥିଲେ । ଧନାଧିପ ଲୋକଟି ଗୋପବଂଧୁଙ୍କର ବଡ଼ ବନ୍ଧୁ; ସେ ମଧ୍ୟ ଗୋପବନ୍ଧୁ ପ୍ରଭୃତିଙ୍କୁ ବଡ଼ ଆଦର କରୁଥିଲେ । ସେ କହିଲେ- ଆଶାନୁରୂପ ଚାନ୍ଦା ସେ ଦେଇପାରିବେ ନାହିଁ । ଗୋପବନ୍ଧୁ ବାବୁ ଅଳି କଲାପରି କହିଲେ- ତେବେ ଏତେ ଟଙ୍କା ରଖିଛନ୍ତି କାହିଁକି । ତହୁଁ ଧନାଧିପ ଟିକେଟି ରସିକତା କରି କହିଲେ- "ଗୋପବଂଧୁ ବାବୁ ! ଏତେ ଟଙ୍କା ରଖିଛି କାହିଁକି ? ଏଇ ଟଙ୍କା ଥିବାରୁ ତ ଆପଣମାନଙ୍କ ସଙ୍ଗେ ବନ୍ଧୁତା ଦାବୀ କରିପାରୁଛି । ଆପଣମାନେ ମୋ' ଦ୍ୱାରକୁ ଆସୁଛନ୍ତି କେତେବେଳେ ବା ୨।୫ ଟଙ୍କା ନେଉଛନ୍ତି । ନପାଇଲେ ମଧ୍ୟ ପୁଣି ଆସୁଛନ୍ତି । ମୁଁ ବାର୍ଦ୍ଧୁଷିକ ଉତ୍ତମର୍ଣ୍ଣ ହେଲେ ମଧ୍ୟ, ଯଥାର୍ଥରେ ଲୋକଙ୍କ ତୋଟି ଚିପି ପଇସା କଲେ ମଧ୍ୟ ଆପଣମାନଙ୍କ ପରି ତ୍ୟାଗପୂତ ନିଷ୍ଠାପର ପଣ୍ଡିତ ମନସ୍ୱୀ ଶ୍ରେଷ୍ଠ ପୁରୁଷ ମାନେ ମୋର କେବଳ ନିନ୍ଦା କରୁନାହାନ୍ତି ନୁହେଁ, ବରଂ ମୋର ପ୍ରଶଂସା କରୁଛନ୍ତି । ମୋର ବଂଧୁ ବୋଲି ପରିଚୟ ଦେବାକୁ ହୁଏତ ବେଳେ ବେଳେ ଶ୍ଳାଘ୍ୟ ମନେ କରୁଛନ୍ତି । ଏସବୁ ସଂପଦର ଅଧିକାରୀ ହେବା

Digitized by PPRACHIN, SOA

ପାଇଁ ମୋର କି ଗୁଣ ଗୌରବ ଅଛି ? ମୋର ଏହି ଟଙ୍କା ଏକମାତ୍ର ଗୁଣ ଗୌରବ - ଏହି ଟଙ୍କା- ଆପଣ କହିବେ, ପରର ତୋଟି ଚିପି ଟଙ୍କା, ରୟତ ଖାତକର ରକ୍ତରେ ତିଆରି ହୋଇଥିବା ଟଙ୍କା । ଆପଣମାନଙ୍କ ଭଳି ଲୋକଙ୍କୁ ଆଶାନୁରୂପ ଚାନ୍ଦା ଦେବାରେ ସେ ଟଙ୍କା ଯଦି ଖର୍ଚ୍ଚ ହୋଇଯାଏ, ତେବେ ମୋର ଆଉ ରହିବ କ'ଣ ? ଆପଣମାନେ ଆଉ ମୋ' ପାଖ ପଶିବେ କିଆଁ ? ଗୋପବନ୍ଧୁ ବାବୁ କମ୍ ରସିକ ନଥିଲେ । ରସିକତାରେ ଏ ସବୁର ପ୍ରତ୍ୟୁତ୍ତର ଦେଲେ ସତ, ଖୁବ୍ ଥଟା ତାମସା ହସ ଲାଗିଲା, କିନ୍ତୁ ପରେ ଆସି ସେ ବଡ଼ ଚିନ୍ତିତ ହୋଇପଡ଼ିଥିଲେ । ତାହାର କିଛିଦିନ ପରେ ମହାତ୍ମାଗାନ୍ଧୀ ମହୀଶୂର ରାଜାଙ୍କୁ ପ୍ରଶଂସା କରି ଲେଖିବା ତାଙ୍କୁ ବଡ଼ ବିସୁଖ ଲାଗିଥିଲା । ସେଥିରେ ଯାହାଫଳ ହୋଇଥିଲା ତାହା ଓଡ଼ିଶାର ଏବେ ଜୀବିତ କଂଗ୍ରେସ କର୍ମୀଙ୍କ ମଧ୍ୟରୁ ଅନେକେ ଜାଣନ୍ତି । ଭର୍ତ୍ତୃହରି ଏହି ଗରିବମାନଙ୍କ ମାନସିକତା ଅନୁମାନ କରି ଯଥାର୍ଥ ଉଦ୍ଧାର କରିଥିଲେ -

ଯସ୍ୟାସ୍ତି ବିତ୍ତଂ ସ ନରଃ କୁଳିନଃ
ସ ପଣ୍ଡିତଃ ସ ଶ୍ରୁତବାନ୍ ଗୁଣଜ୍ଞଃ
ସ ଏବ ବକ୍ତା ସ ଚ ଦର୍ଶନୀୟଃ
ସର୍ବେ ଗୁଣାଃ କାଞ୍ଚନମାଶ୍ରୟନ୍ତି ।

ଅର୍ଥାତ୍ ଯାହାର ଧନ ଅଛି ସେଇ କୁଳିନ, ସେଇ ପଣ୍ଡିତ, ସେଇ ଶାସ୍ତ୍ରଜ୍ଞ, ସେଇ ଗୁଣୀ, ସେଇ ବକ୍ତା, ସେଇ ବନ୍ଦନୀୟ ବା ଦାର୍ଶନିକ - କାରଣ, ସବୁ ଗୁଣ କାଞ୍ଚନକୁ ଆଶ୍ରା କରି ରହେ । ଶେଷରେ ବିଶେଷ କରି ଦରିଦ୍ର ଜନତା ମଧ୍ୟରେ ଯେ ସେହି ଦରିଦ୍ରଙ୍କ ଧନରେ ଧନାଧିପ ତା କଥା କହିବା ଦରକାର ନାହିଁ । ସେ ଟିକିଏ ମୁଣ୍ଡ ତଳକୁ କରି ହସିଦେଲେ ଲୋକେ କୃତକୃତ୍ୟ । ସେ ପ୍ରତିଦିନ ଟଙ୍କା ଖାନ୍ତି, ସେ ଅଭ୍ୟାସରେ ତାଙ୍କର ସମାଲୋଚନା ନାହିଁ। ତାଙ୍କ ଖାଇବା ଟଙ୍କା ଥାଳିରୁ ଅଇଣ୍ଠା ଝଡ଼ି ପଡ଼ିଲେ, ସେଥିରେ ତାଙ୍କ ପ୍ରଶଂସା ଉଠେ। କିନ୍ତୁ ଅନ୍ୟମାନେ ଯେତେ ନିଷ୍ଠାପର ହୁଅନ୍ତୁ, ଭିକ୍ଷା କରି ଚାନ୍ଦା କରି ଅତନ୍ଦ୍ରିତ ଶ୍ରମକରି ଯେତେ ଲୋକସେବା କରନ୍ତୁ ତାହାର ମୂଲ୍ୟ ସେତେ ନୁହେଁ। ଲୋକଙ୍କର ଏ ମାନସିକତା କୁଶଳୀ ରକ୍ଷିତସ୍ୱାର୍ଥ ଖୁବ୍ ବୁଝେ । ଏଇଭଳି ମାନସିକତାର ସୁବିଧା ଘେନି ସେ ନିଜକୁ ଜଗତରେ ରଖିଛି ଓ ଜନସାଧାରଣ ଯେତେଦିନ ଏ ତତ୍ତ୍ୱ ନବୁଝି ନିଜକୁ ଏଇ ସୁବିଧା ଯୋଗାଇବାର ଶିକାର ରୂପେ ରଖିଥିବେ, ସେତେଦିନ ରକ୍ଷିତ ସ୍ୱାର୍ଥ ଦକ୍ଷିଣ ଆମେରିକାର Vampire (ରକ୍ତ ଶୋଷି ଯାଉଥିବା ପକ୍ଷୀ) ପରି ତାଙ୍କ ଛାତିରେ ବସି ତାଙ୍କ ରକ୍ତ ଶୋଷଣ କରୁଥିବେ ।

ନବଭାରତ-୩/୯, ଆଲୋଚନା

Digitized by PPRACHIN, SOA

ଦୁଇଟି ସତକଥା

ସେଦିନ ଅକସ୍ମାତ୍ ଜଣେ ଭଦ୍ରଲୋକଙ୍କ ସଙ୍ଗେ ଦେଖା ହେଲା । ଏ ଯୁଗରେ ଉଚ୍ଚ ଶିକ୍ଷିତ ବୋଲି ଯାହାକୁ କହନ୍ତି, ଲୋକଟି ତା' ନୁହନ୍ତି । ମାତ୍ର ଲୋକଟି ବୟସ୍କ, ପ୍ରବୀଣ ଓ ସଂସ୍କାରବନ୍ତ । ଲୋକଟି ମଧ୍ୟ ସାଂପ୍ରଦାୟିକତା ହିସାବରେ ପରମ ବୈଷ୍ଣବ। ଓଡ଼ିଶାର ପ୍ରତ୍ୟେକ ବ୍ୟକ୍ତିକୁ ସେ ବିଚାରନ୍ତି ଚୈତନ୍ୟଙ୍କ ପରମ ସ୍ମୃତିଧର । ଲୋକଟି ଓଡ଼ିଆ ନୁହନ୍ତି । ମାତ୍ର ରାଜନୀତି ଅର୍ଥନୀତି ସମାଜନୀତି ଠାରୁ ଧର୍ମନୀତି ପର୍ଯ୍ୟନ୍ତ ଚୈତନ୍ୟ ପଦରେଣୁମୟ ଭୂମି ଓଡ଼ିଶାର ସବୁ ଖବର ସେ ରଖନ୍ତି ।

(୧) ଅମର କିଏ ? -

ପରିଚୟ ପଚାରିବାରେ ସେ ଅତି ବିନୀତ ଭାବରେ ନିଜର ନାମଟି କହିସାରି କହିଲେ, "ଆଉ ବିଶେଷ ପଚାରି ବୁଝିବା ଦରକାର ନାହିଁ। ଏତିକି ମାତ୍ର କହିଲେ ଯଥେଷ୍ଟ ହେବ- ଏ ଅଧମ ଅମର ବଂଶଜାତ ଓ ଅମର।" ଲୋକଟି ବଂଗଦେଶ' ବାରେନ୍ଦ୍ର ବ୍ରାହ୍ମଣ । ବ୍ରାହ୍ମଣକୁ ତ ଭୂସୁର କହନ୍ତି । ଭୂସୁର ବୋଇଲେ ପୃଥିବୀର ସୁର ବା ଦେବତା, ଅତଏବ ଅମର । ତେବେ ସେ ଲୋକଟି କ'ଣ ନିଜେ ବ୍ରାହ୍ମଣ ହୋଇଥିବା କଥାକୁ ଏଭଳି ଭାବରେ କହିଲେ ? ମାତ୍ର ଲୋକଟିର ଅତି ସୌଜନ୍ୟ ଓ ବିନୟ ପାଖେ ଏପରି ଏକ ଗର୍ବିତ ପରିଚୟ ଖାପ ଖାଇଲା ପରି ଲାଗିଲା ନାହିଁ । ପୁଣି ଶୁଣିବା ପାଇଁ ଆକାଂକ୍ଷା ହେଲା । ମୁହଁରୁ ତା ଜାଣିପାରି, ପର ପ୍ରଶ୍ନର ଅପେକ୍ଷା ନ ରଖି ଭଦ୍ର ଲୋକଟି କହିଲେ- "ଆପଣ ବୋଧହୁଏ ମୋ' ବଂଶ ମର୍ଯ୍ୟାଦା ଧରି ପାରିଲେ ନାଇଁ । ଗରିବ ଜନସାଧାରଣ ହିଁ ଏ ଜଗତରେ ଅମର । ଧନୀ, ଜମିଦାର, ମାଲିକ, ରାଜା, ସମ୍ରାଟ ପ୍ରଭୃତି ହଉଚନ୍ତି, ଯାଉଚନ୍ତି । ଏସବୁ କେତେ ହେଲେଣି, କେତେ ଗଲେଣି, କେତେ କେତେ ପୁଣି ଯିବେ। ଏମାନେ ବିଚାରୁଚନ୍ତି, ସବୁଦିନେ ଥିବେ। ମାତ୍ର ଏ ମାନବ ଜଗତରେ ମୃତ୍ୟୁ ଏଇମାନଙ୍କ ପାଇଁ । ଏମାନେ ଅଚିର ଅସ୍ଥାୟୀ । ଏମାନଙ୍କର ପୁଣି ସବୁ ଅତ୍ୟାଚାର ଓ ଉପଦ୍ରବ ଦୁଃଖୀ ଜନସାଧାରଣ ଉପରେ । ଜନସାଧାରଣକୁ ମାରି ଏମାନେ ରହିବାକୁ ଚାହାନ୍ତି । ମାତ୍ର ଯେତେ ମାଇଲେ ମଧ୍ୟ ସଭ୍ୟତାର ଆଦିକାଳରୁ ଏ ଦୁଃସ୍ଥ ଜନସାଧାରଣ ମରି ନାହାନ୍ତି, ମରୁ ନାହାନ୍ତି, ମରିବେ ନାହିଁ । ଏଇ ଗରିବ ଜନସାଧାରଣ ହିଁ ଯଥାର୍ଥରେ ଅମର । ଜଗତରେ ସେ ଚିର ଜୀବନ୍ତ।" ଯଥାର୍ଥରେ ପୁଣି ତାହାରି ଜୀବନ୍ତତାରେ ଜଗତ୍ ଜଗତ । ସମାଜର ସେଇ ବିଗ୍ରହ, ସେଇ ମୂର୍ତ୍ତିରେ ସମାଜକୁ ଯେ ଦେଖେ, ସେଇ ଏକା ଦେଖେ।

Digitized by PPRACHIN, SOA

ସମସ୍ତେ ଏଇ ଅମରର ଉପାସକ -

ଦୁଇ ପ୍ରକାରେ ଲୋକେ ଅମର ବା ଦେବତାର ଉପାସନା କରନ୍ତି । ଧନ ଖର୍ଚ୍ଚ କରି ପ୍ରଭୁତ୍ୱ ଦେଖାଇ ଯଜ୍ଞ ଭୋଗ ରାଗ ସବୁ କରି ଲୋକେ ଧନ ଜନ ଗୋପ ଲକ୍ଷ୍ମୀ କାମନା କରନ୍ତି। ମୃତ୍ୟୁ ତାଙ୍କର ସର୍ବଦା ଚୁଟିଧରି ବସିଥିଲେ ମଧ୍ୟ ସେମାନେ ଅଜର ଓ ଅମର ପରି ନିଜକୁ ବିଚାରି ଉପାସନାର ଘଟାରେ ଲାଗି ନିଜର ପ୍ରତିପତ୍ତି ଓ ପ୍ରଭୁତା ବଢ଼ାଇବାରେ ଲାଗିଥାନ୍ତି । ଶୁଣାଅଛି, ଜଣେ ତାନ୍ତ୍ରିକ ନିଜର ଉପାସ୍ୟ ଦେବତାଙ୍କୁ ପ୍ରୀତକରି ବର ମାଗିଥିଲେ। ଦେବତା ନିଜେ ଗୋଟାଏ ପଥର ସିଂହାସନ ମୁଣ୍ଡାଇ ଉପାସକଙ୍କ ସଙ୍ଗେ ବୁଲୁଥିବେ । ଉପାସକ ଯେଉଁଠାରେ ବସିବେ ସେଠାରେ ସିଂହାସନଟି ପକାଇ ଦେଇ ଦେବତା ଠିଆ ହୋଇଥିବେ । ଦେବତା ସେଇ ବର ଦେଲେ ଓ ସେଇପରି ଉପାସକଙ୍କ ପରିଚର୍ଯ୍ୟାରେ ରହିଲେ । ସେଇପରି ମୃତ୍ୟୁର ଛାୟାରେ ସର୍ବଦା ଆତ୍ମବିସ୍ମୃତ ରହି କାମନାସେବୀ ମାନବ, ଏଇ ଅମର ଜନସାଧାରଣର ଉପାସନା କରେ । ଏହାର ଧର୍ଷଣରେ ବିଜେତାର ବିଜୟ, ଏହାରି ପେଷଣରେ ସମ୍ରାଟର ସାମ୍ରାଜ୍ୟ, ଏହାରି କର୍ଷଣରେ ପୁରୋହିତର ପ୍ରତିପତ୍ତି ଓ ଏହାରି ଶୋଷଣରେ ମାନବର ପ୍ରଭୁତ୍ୱ । ଏଇପରି ନାନା ପ୍ରକାରରେ ଧନ ଜନ ଗୋପଲକ୍ଷ୍ମୀ ନିମନ୍ତେ ଏଇ ଅମର ଦେବତାର ଉପାସନା ପ୍ରସିଦ୍ଧ ।

ମୁକ୍ତିମନ୍ତ୍ର ଏଇଠାରେ -

ପୁଣି ପକ୍ଷାନ୍ତରେ ମୁକ୍ତି ପାଇଁ ଦେବତାର ନିଷ୍କାମ ଉପାସନା ହୁଏ । ସେଇପରି ମନୀଷୀ ମହାପୁରୁଷମାନେ ଏଇ ଜନସାଧାରଣର ସ୍ୱାର୍ଥସେବା କରନ୍ତି । ଏଇ ଜନସ୍ୱାର୍ଥ ପାଇଁ ସେମାନେ ଆତ୍ମଦାନ କରି ନିଜେ ଅଜର ଓ ଅମର ହୁଅନ୍ତି । ଏଇ ଦୁଃସ୍ଥ ଜନସାଧାରଣ ହିଁ ଅମର, ଏଇ ପରମ ଦେବତା, ଏଇ ଏକା ଯୁଗେ ଯୁଗେ ନାନା ଭାବରେ ଜଗତର ଉପାସ୍ୟ। ଭଦ୍ରଲୋକଟି ନିଜର ଅମର ବଂଶ କଥାରେ ଏଇ ମହା ସୂଚନା ଦେଲେ । ଜ୍ଞାନର ସଂସ୍କାର ଏଇପରି ସୂଚନାରେ ପ୍ରକାଶିତ ହୁଏ ।

(୨) କି ମୂଲ୍ୟରେ ସ୍ୱାଧୀନତା ଫେରସ୍ତ ମିଳିବ ?

ସେଇ ଭଦ୍ରଲୋକଟି ସଙ୍ଗେ ଆଳାପ କରିବାର କୌତୁହଳ ହେଲା। ଲୋକଟି ଜ୍ଞାନର ଆଚାରରେ ପରିପକ୍ୱ କହିଲେ ଚଳେ। ସାଧାରଣ କଥାବାର୍ତ୍ତାରେ ଏଇପରି ସତ କଥାଟିମାନ କହିଯାଉଥାନ୍ତି। ହଠାତ୍ ଭାରତ ସ୍ୱାଧୀନତା କଥା ଉଠିଲା । ସେଇ ସଙ୍ଗେ କଂଗ୍ରେସ ଓ ମନ୍ତ୍ରୀତ୍ୱ ପ୍ରଭୃତିର କଥା ମଧ୍ୟ ସୂଚନାରେ ଫୁଟିଲା । ଭଦ୍ରଲୋକଟି ହଠାତ୍

Digitized by PPRACHIN, SOA

କହିଲେ "ଆପଣ କ'ଣ ମନେ କରନ୍ତି, ଏଇ ମୂଲ୍ୟରେ ଭାରତବାସୀ ସ୍ୱାଧୀନତା ଫେରି ପାଇବେ ? ସର୍ବତ୍ର ପଦ ପାଇଁ ଲାଳସା, ସେଥିରେ ଭିତିରି ପେଞ୍ଚ, ଚକ୍ରାନ୍ତ, ମରାମରି, ଚକ୍ରାନ୍ତ ବଳରେ ପରସ୍ପରର କୁସ୍ତା । ଏବେ ପୁଣି ସ୍ୱାଧୀନତାର ବହିଣା ପଡୁ ପଡୁ ମନ୍ତ୍ରୀତ୍ୱର ଘଟା । ସେଥିରେ ପଦଲାଳସା ସଙ୍ଗେ ସ୍ୱାର୍ଥ ରକ୍ଷଣର ତୀବ୍ର ବିଷ ପଶି ସର୍ବତ୍ର ଚକ୍ରାନ୍ତ ଓ ଷଡ଼ଯନ୍ତ୍ରକୁ ଶତଗୁଣିତ କରିଛି । ରୁଟି ଓପର ଚୋପା ଟିକିଏ ଫିଙ୍ଗି ଦେଲେ କୁକୁର ଯେପରି ହୁଅନ୍ତି, ଏଇ ଦୃଶ୍ୟ ଦେବତାମାନେ ବସି ଅବାକ୍ ହୋଇ ଚାହିଁଥିବେ । ଏ ମୂଲ୍ୟରେ ସ୍ୱାଧୀନତା ମିଳିବ ନାହିଁ ।"

ଦେଶର ସ୍ୱାଧୀନତା ଯାଇଛି କାହିଁରେ –

ଏଇ ଆମ ଘର ପାଖେ ମିରଜାଫର, ଉମିଚାନ୍ଦ ପ୍ରଭୃତିଙ୍କ କଥା ଅତୀତର ଇତିହାସ ହୋଇଥିଲେ ମଧ୍ୟ, ଜନଶ୍ରୁତିରେ ଜୀବନ୍ତ । ପୃଥ୍ୱୀରାଜ ଜୟଚନ୍ଦ୍ରଙ୍କ କାଳର କଥା ସ୍ମରଣ କରିବା ଦରକାର ନାହିଁ । ଏ ଦେଶର ସ୍ୱାଧୀନତା ଯାଇଥିଲା କାହିଁକି ? ଯେଉଁ ଚକ୍ରାନ୍ତ, ଯେଉଁ ଷଡ଼ଯନ୍ତ୍ର, ଯେଉଁ ଆତ୍ମମ୍ଭରିତା, ଯେଉଁ ଗୁଣପୂଜାହୀନତା ଓ 'ପୂଜ୍ୟପୂଜା' ବ୍ୟତିକ୍ରମ ପ୍ରଭୃତି ସଞ୍ଚୟ କରି ସେଇ ମୂଲ୍ୟରେ ସେ କାଳର ନରପୁଙ୍ଗବମାନେ ଏ ଦେଶର ସ୍ୱାଧୀନତା ବିକିଥିଲେ ସେହି ସବୁ ମୂଲ୍ୟ ସେଇ ମାପକାଠିରେ ମାପି ଏବେ ଘରେ ସଞ୍ଚୟ କରିବାରେ ଏ କାଳର ଦେଶସେବୀନଂମନ୍ୟ ନରଶାର୍ଦ୍ଦୁଳମାନେ ଲାଗିଗଲେଣି ।' ଏ ମୂଲ୍ୟରେ ସ୍ୱାଧୀନତା ମିଳିବ ନାହିଁ ।

ଆମେ କ୍ଷୁଦ୍ର । ଯଥାର୍ଥରେ ଏବେ ମଧ୍ୟ ଆମର ଦେଶସେବା ଅନେକ ସ୍ଥଳରେ ସାଧନା ନୁହେଁ, ବାହାନା । ଅନେକ ସ୍ଥଳରେ ଅତି କ୍ଷୁଦ୍ର ମାନବିକ ଲାଳସାରେ ଦଳ ଗଠନ କରାଯାଉଛି । ଦେଶସେବା ନାମରେ ସେଇ ଦଳ ପୁଷ୍ଟ ହେଉଛି । ବିଶେଷରେ ଆଜି କଂଗ୍ରେସ ପ୍ରାଦେଶିକ ଶାସନରେ ଅତି ସୀମାବଦ୍ଧ ଅଧିକାର ପାଇବାର ଅପେକ୍ଷା ମାତ୍ରରେ ନେତାରଂମନ୍ୟମାନଙ୍କର, ସ୍ୱାର୍ଥ ସେବାର ଷଡ଼ଯନ୍ତ୍ରରେ ଅନେକ ସ୍ଥଳରେ 'ଦିଙ୍‌ମୋହ' ଘଟିଛି ବୋଲି କହିଲେ ଚଳେ । ଏ କ୍ଷୁଦ୍ରତାରେ ସଚ୍ଚାଭାବ ମିଳେ ନାହିଁ । ହୁଏତ ଏ କ୍ଷୁଦ୍ରଦାରୁ ଉଠିବାକୁ ହେବ, ନହେଲେ ସଚ୍ଚା ମାଲର ଆଶା ଛାଡ଼ିବାକୁ ହେବ । ବାବଦୂକତାରେ ସରଳ ବିଶ୍ୱାସୀ ଜନସାଧାରଣ ଭୁଲି ପାରନ୍ତି । କିନ୍ତୁ ସୂକ୍ଷ୍ମଦର୍ଶୀ ବିରାଟ ପ୍ରତିପକ୍ଷ ହାରିବେ ନାହିଁ ।

ନବ ଭାରତ-୩/୧୧-୧୨, ଆଲୋଚନା

Digitized by PPRACHIN, SOA

ବୁଭୁକ୍ଷିତଃ କିଂ ଦ୍ୱିକରେଣ ଭୁଂକ୍ତେ

ସଂସ୍କୃତରେ ଏ ବଚନଟି ପ୍ରାଚୀନ । ଭୋଖିଲା ଦି ହାତରେ ଖାଏ ନାହିଁ। ମାତ୍ର ଆମ୍ବେଦକର ଯାହା କରୁଛନ୍ତି, ସେଥିରେ ସଙ୍କେତ ମିଳୁଛି, ସେ ଦୁଇଆଡୁ ଲାଭ ମାରିବାକୁ ଚାହାନ୍ତି। ଗାନ୍ଧିଙ୍କ ଉପବାସ ବେଳେ ଯେଉଁ ସନ୍ଧି ହୋଇଥିଲା, ସେଥିରେ ଦଳିତ ଜାତିଙ୍କ ପକ୍ଷରୁ ସେଇଥିଲେ ପଇପୁରୋଧା । ହିନ୍ଦୁ ଦି ଭାଗେ ନ ହେବେ ବୋଲି ସେ ସନ୍ଧିରେ ଦଳିତ ଜାତିଙ୍କ ପକ୍ଷରୁ ଯାହା ଦାବୀ ହେଲା, ତାହା ଦିଆଗଲା। ଏବେ ଆମ୍ବେଦକର ଦୁଆ ଧରିଛନ୍ତି, ସେ ହିନ୍ଦୁଧର୍ମ ଛାଡ଼ିଦେବେ। ବାସ୍ତବିକ ହିନ୍ଦୁ ଧର୍ମରେ ଦଳିତ ଜାତିଙ୍କର ଯେ ସାଂସାରିକ ଅସୁବିଧା, ସେଥିରେ ଆମ୍ବେଦକର ବା ତାଙ୍କର ଅନୁଗାମୀମାନଙ୍କର ଯଦି ଏପରି ମନୋବୃତ୍ତି ହୁଏ, ତେବେ ସେଥିରେ ଜୋର କରି ବାଧା ଦେବା ଭଳି ବିଶେଷ ଯୁକ୍ତି ଉଚ୍ଚ ହିନ୍ଦୁଙ୍କର ନାହିଁ । କିନ୍ତୁ ଆମ୍ବେଦକର କହନ୍ତି, ଧର୍ମକୁ ଧର୍ମ ଛାଡ଼ିବେ, ପୁନା ସନ୍ଧି ଅନୁସାରେ ସୁବିଧାତକ ନେବେ ।

ଅନ୍ୟ ଧର୍ମୀଙ୍କ ପାଇଁ ଯେଉଁ ସ୍ୱତନ୍ତ୍ର ବ୍ୟବସ୍ଥା ଅଛି, ସେଥିକୁ ସେ ଚାହିଁବେ ନାହିଁ । ଆମ୍ବେଦକର ଓ ତାଙ୍କ ଅନୁଗାମୀମାନେ ଯଦି ମୁସଲମାନ ହୁଅନ୍ତି, ତେବେ ମଧ ସେ ପୁନା ସନ୍ଧିର ଅଧିକାର ମାଡ଼ି ବସିବେ। ମୁସଲମାନ ବୋଲି ଯେଉଁ ସ୍ୱତନ୍ତ୍ର ବ୍ୟବସ୍ଥା ଅଛି ତାହା ସେ ଲୋଡ଼ନ୍ତି ନାହିଁ । ଫଳ କଥା, ମୁସଲମାନ ବା ଖିରସ୍ତାନ ହୋଇ ମଧ ସେ ଦଳିତ ହିନ୍ଦୁ ହେବେ । ଏ ଯୁକ୍ତି ନୂତନ । ସମାଲୋଚନା ନିଷ୍ପ୍ରୟୋଜନ ।

ନବ ଭାରତ-୩/୨, ଆଲୋଚନା

◆◆◆

Digitized by PPRACHIN, SOA

ସପ୍ତମ ଅଧ୍ୟାୟ

କୃଷି, ପ୍ରଜାସ୍ୱତ୍ୱ ଓ ଭୂ ରାଜସ୍ୱ ସଂପର୍କୀୟ ଆଲୋଚନା

କୃଷି ଗବେଷଣା

ବଡ଼ଲାଟ ଲର୍ଡ଼ ଏରଉଇନ୍‌ଙ୍କୁ ଲୋକେ ଭୁଲି ନ ଥିବେ। ସେ ଏ ଦେଶକୁ ଲାଟ ହୋଇ ଆସିଲା ବେଳେ ସଙ୍ଗରେ ଭାରତୀୟ କୃଷିର ଶ୍ରୀବୃଦ୍ଧି ଲାଗି ଗୋଟିଏ ରାଜକୀୟ କମିଟୀ (Agricultural Commission) ଘେନି ଆସିଥିଲେ। ଲଡ ଲିନ୍ ଲିଥ୍‌ଗୋ ଏଇ କମିଟିର ସଭାପତି ଥିଲେ। ଦୁଇବର୍ଷ କାଳ ଏ ଦେଶରେ ଓ ବିଲାତରେ ବସି ଅନୁସନ୍ଧାନ କରି ସେଇ କମିଟୀ ଗୋଟିଏ ଦୀର୍ଘ ରିପୋର୍ଟ ପ୍ରକାଶ କରିଥିଲେ। ଅବଶ୍ୟ ଏ ଦେଶରେ କୌଣସି କମିଟି ବା କମିଶନ ବିଷୟର ମୂଳରୁ ଅନୁସନ୍ଧାନ କରି ରୋଗର ବ୍ୟବସ୍ଥା କରିବାକୁ ଅଧିକାର ପାଆନ୍ତି ନାହିଁ। କୃଷକର ଅବସ୍ଥା ଉନ୍ନତିରେ ପ୍ରଧାନ ଅନ୍ତରାୟ ଏ ଦେଶରେ ବନ୍ଦୋବସ୍ତ ଓ ଜମିସ୍ୱତ୍ୱ ପଦ୍ଧତି, ପୁଣି କୃଷକର ଜମି ବିଭାଗ। ଜମିରେ କୃଷକର ସ୍ୱତ୍ୱ ନାହିଁ। ଯେଉଁଠାରେ ଜମିଦାରମାନେ ଜମିରେ ସ୍ୱତ୍ୱବାନ ବୋଲିଧରା ହୋଇଚନ୍ତି, ସେଠାରେ ଜମିରେ ଜଳସେଚନାଦି ଦ୍ୱାରା ଜମିର ଉନ୍ନତି ଓ ପ୍ରଜାର ସହାୟତା କରିବା ନିମନ୍ତେ ସେମାନଙ୍କୁ ବାଧ କରିବା ଭଳି କିଛି ବିଶେଷ ଓ ନିର୍ଦ୍ଦିଷ୍ଟ ବ୍ୟବସ୍ଥା ନାହିଁ। ପୁଣି ପୈତୃକ ସମ୍ପତ୍ତିର ଭାଗ ଓ ଜମି ବିକ୍ରିର ବିଶୃଙ୍ଖଳା ହେତୁରୁ କୃଷକର ଜମି ବଡ଼ ଛୋଟ ଛୋଟ ଭାଗରେ ପରିଣତ ହୋଇ ଯାଉଚି। ସେଥିରେ ଭୂମି ଭଲକରି ଚାଷ କରିବାର ସୁବିଧା କମି ଯାଉଚି ଓ ଆୟ ମଧ୍ୟ ଶୀଘ୍ରଶୀଘ୍ର ଊଣା ହୋଇଯାଉଚି। ପୁଣି କୃଷକ ଜମିର ଆୟ ଅନୁସାରେ ଖଜଣା ନଦେଇ, ଜମି ଧରିବା ହେତୁ ଏ ପ୍ରକାର ଭଡ଼ା ଦେଉଚି। ଏଇ ହେତୁରୁ ଓ ଅନ୍ୟ ନାନା କାରଣରୁ କୃଷକର ଋଣଭାର ଅସହ୍ୟ ଭାବରେ ବଢ଼ି ଯାଉଚି। ଜମିସବୁ ମହାଜନଙ୍କ ହାତକୁ ଚାଲି ଯାଉଚି ଓ ଫଳରେ ଜମିର ଚାଷପାଇଁ କୃଷକର କୌଣସି ଉତ୍ସାହ ରହୁନାହିଁ। ଏଇପରି ଏ ଦେଶରେ କୃଷକକୁ ଭଲ ଅବସ୍ଥାକୁ ନେବା ପାଇଁ ବହୁ ବିଷୟର ବିଚାର ଦରକାର।

ରାଜକୀୟ କୃଷି କମିଶନଙ୍କୁ ଏସବୁର ବିଚାରକରି ମୂଳରୁ ସଂସ୍କାର ବ୍ୟବସ୍ଥା କରିବାର କ୍ଷମତା ଦିଆଯାଇ ନଥିଲା। ସବୁ ରାଜକୀୟ କମିଟି ଯେପରି କଳରେ ପଡ଼ିଯାଇଥିବା ପଦ୍ଧତି ଓ ପରିସ୍ଥିତିକୁ ମାନିଯାଇ ତାରି ଭିତରେ ଉପର ଠଉରିଆ ବ୍ୟବସ୍ଥା କରନ୍ତି, ଏ କୃଷି କମିଶନ ଇତର ବିଶେଷ ପରିମାଣରେ ସେଇ ରୀତିରେ ଅବସ୍ଥାର

Digitized by PPRACHIN, SOA

ବିଚାର କରି ବ୍ୟବସ୍ଥାମାନ ପ୍ରକାଶ କରିଥିଲେ। ତାଙ୍କର ବ୍ୟବସ୍ଥା ଅନୁସାରେ ସରକାର ଗୋଟିଏ ସ୍ଥାୟୀ କୃଷି ସମିତି ଗଢ଼ିଚନ୍ତି। ଏଇ କୃଷି ସମିତିର ଅଂଶ ସ୍ୱରୂପ ଗୋଟିଏ କୃଷି ଗବେଷଣାର ବ୍ୟବସ୍ଥା ହୋଇଚି। ପ୍ରଥମେ ସରକାର ଏଇ ବ୍ୟବସ୍ଥା ପାଇଁ ୫୦ ଲକ୍ଷଟଙ୍କା ଦେଇଥିଲେ। ଏବେ ସବୁକରି ଏ ବିଭାଗରେ ପ୍ରାୟ ବର୍ଷକୁ ୧୦ଲକ୍ଷ ଟଙ୍କା ଖର୍ଚ୍ଚହୁଏ।

ଏଇ ଗବେଷଣାର ପ୍ରଧାନ କାମ ଦେଶରେ କୃଷିକ୍ଷେତ୍ରର ଅବସ୍ଥା ଦୃଷ୍ଟିରେ ବିଭିନ୍ନ ଫସଲର ଅନୁସନ୍ଧାନ ଓ ସେଇସବୁ ଫସଲର ଯଥାସାଧ ଶ୍ରୀବୃଦ୍ଧିରେ ଲାଗିବା। ଆଖୁ, ତୁଳା ପ୍ରଭୃତିରେ ଏଇ ଗବେଷଣା ବିଭାଗ କିଛି କାର୍ଯ୍ୟକରିଚନ୍ତି। ବିଦେଶର ଲମ୍ବତନ୍ତୁ ତୁଳାଆଣି ଏ ଦେଶରେ ଚାଷ କରାଇବାର ଉଦ୍ୟମ ହୋଇଚି। ମାନ୍ଦ୍ରାଜ ପ୍ରଦେଶର କୋୟାମ୍ବାଟୁରରେ ଭିନ୍ନ ଭିନ୍ନ ପ୍ରକାର ଆଖୁର ପରୀକ୍ଷା କରାହୋଇ, ଭଲ ଆଖୁ ବାଛି ଦେଶରେ ପ୍ରଚାର କରାହେଉଚି। ପ୍ରଦେଶମାନଙ୍କର ସମବାୟ ସମିତିମାନ ଯଥାସାଧ ଏଇ ପ୍ରଚାରରେ ସାହାଯ୍ୟ କରୁଚନ୍ତି। ଦେଶର ବିଭିନ୍ନ ସ୍ଥାନରେ ଯେଉଁ ସରକାରୀ କୃଷିକ୍ଷେତ୍ରମାନ ଅଛି, ସେମାନେ ସବୁ ଫସଲମାନ ପରୀକ୍ଷାରେ ବାଛିବା ପାଇଁ ଉତ୍ସାହିତ କରା ହେଉଚନ୍ତି। ଏଇସବୁ କାର୍ଯ୍ୟ କରିବା ପାଇଁ ପ୍ରଦେଶମାନଙ୍କୁ ଟଙ୍କା ଦିଆଯିବାର ବ୍ୟବସ୍ଥା ଅଛି। ପ୍ରଦେଶମାନେ ମଧ ନିଜ ନିଜର ସୁବିଧା ଅସୁବିଧା, ଅଭାବ ଅଭିଯୋଗମାନ ଜଣାଇ ଟଙ୍କା ଦାବିକରି ନେଉଚନ୍ତି।

ମାତ୍ର ଏଇ ସମ୍ପର୍କରେ ଓଡ଼ିଶା କଥା ମନେପକାଇ ବଡ଼ ବ୍ୟସ୍ତଲାଗେ। ଓଡ଼ିଶାର ଅଧିକାଂଶ କୃଷିଭୂମି ବଢ଼ିରେ ବୁଡ଼ିଯିବା ଭୟରେ ବରାବର ରହିଚି। ବେଳେବେଳେ ହଜାର ହଜାର ବର୍ଗ ମାଇଲ ବୁଡ଼ି ନାରଖାର ହେଉଚି। (ମନେ ରଖିବାକୁ ହେବ ଏବର ଓଡ଼ିଶା ବିଭାଗଟି ପ୍ରାୟ ୧୨ ହଜାର ବର୍ଗମାଇଲରୁ ବେଶିନୁହେ।) ତଥାପି ବର୍ଷକୁ ବର୍ଷ ଓଡ଼ିଆ ପୂର୍ବପୁରୁଷର ଆଚରିତ ପ୍ରଥା ଓ ପନ୍ଥାରେ ଯେଉଁ ଧାନ ବୁଣୁଥିଲା, ସେଇ ଧାନ ବୁଣୁଚି, ବଢ଼ିରେ ଧାନ ସଢ଼ିଯାଇ ଭୂମି ପଡ଼ିଆ ହେଲେ ମଧ, ମୁଗ ବୁଣିବା ବେଳ ହେଲେ, ଲୁଣି ଜମିଛଡ଼ା ବାକୀ ସବୁ ଜମିରେ ରବି ବୁଣିବାର ସୁବିଧା ଓ ରୀତି ଥିଲେ ତାହାହିଁ କରୁଚି। ବଢିରେ ପଡ଼ିଆ ହୋଇ ସାଲପା ଥିବା ଜମିରୁ ପୋକ ଜନ୍ମି ହୁଏତ ସେ ରବିଫସଲ ପତ୍ର ବେଲୁଖାଇ ପଦା କରୁଚନ୍ତି। ତଥାପି ପର ବର୍ଷକୁ ପୁଣି ସେଇ କଥା। କୃଷକ ସର୍ବସ୍ୱାନ୍ତ ଓ ଦେଶର ସର୍ବନାଶ।

ଏଣେ କୃଷି ସମିତି ଓ କୃଷି ଗବେଷଣାରେ ସବୁ ସରକାରମାନେ ଜୋର କରି ମାଗିଲା ବେଳେ ବିହାର-ଓଡ଼ିଶା ସରକାରଙ୍କର ତାଦୃଶ ତୁଣ୍ଡ ଶୁଘୁ ନାହିଁ। ବିହାର ଓଡ଼ିଶା ସରକାର ହୁଏତ ବେଳେ ବେଳେ ମୁହଁ ରଖି କେତେ ହଜାର ମାଗନ୍ତି; ତା'ପୁଣି ଅନ୍ୟମାନେ

Digitized by PPRACHIN, SOA

ଲକ୍ଷେରେ ଟଙ୍କା ମାଗିଲାବେଳେ। ସେହି ହଜାର ମାଗିବାରେ ମଧ୍ୟ ବିହାର-ଓଡ଼ିଶା ସରକାରଙ୍କ କୌଣସି ବିଶିଷ୍ଟ ଓ ଅନ୍ୟ ଲୋକଙ୍କ ମନକୁ ପାଇଲା ଭଳି କର୍ମଯୋଜନା ନାହିଁ। ଆମେମାନେ ବ୍ୟକ୍ତିଗତ ଭାବରେ ଏ ସବୁ କଥା କୃଷି ସମିତିର କୌଣସି ସଦସ୍ୟଙ୍କଠାରୁ ଶୁଣିଚୁ। ସେ ପୁଣି କହୁଥିଲେ, ବିହାର ନାବାଳକ ('Baby') ପ୍ରଦେଶ। ସତ, କିନ୍ତୁ ପ୍ରାୟ ୨୩/୨୪ ବର୍ଷ ତ ହୋଇଗଲା, ଜଗତରେ ଲୋକ କେତେ ଦିନ ଆଉ ନାବାଳକ ହୋଇ ରହେ?

ବିହାରର ହୁଏତ ଏ କ୍ଷେତ୍ରରେ ଅଭାବ ଅଭିଯୋଗ ସେପରି କିଛି ନ ଥାଇପାରେ। ମାତ୍ର ଓଡ଼ିଶା ବିଚରା ଯେ ବିହାର ସଙ୍ଗେ ଉପକୂଳ ଯୋଗାଇବା ପାଇଁ ଯୋଡ଼ା ହୋଇଥିଲା, ସରକାରଙ୍କର ସେ କଥାମନେ ଅଛି ତ? ଓଡ଼ିଶା ଚିରଦିନ ଏଇପରି ବାର ଦୁଆର ଶୁଣ୍ଠିପିଣ୍ଡା ହୋଇ, ପର ଦୁଆରେ ଓପାସ ଭାବରେ ପଡ଼ି ନିଜର ସ୍ୱତ୍ୱ, ସମ୍ମାନ, ଦାୟ, ଦାବି, ବିଭବ, ବ୍ୟକ୍ତିତ୍ୱ ସବୁ ହରାଇଚି। କେନ୍ଦ୍ର ସରକାରଙ୍କ ବୁଝିବା ଉଚିତ, ଏଇ କ୍ଷେତ୍ରରେ ମଧ୍ୟ ଓଡ଼ିଶାର ଦାବି ଏକ ପ୍ରକାର ସର୍ବଶ୍ରେଷ୍ଠ। ତଥାପି କଟକପାଖ ବିଧାରପୁରରେ ସରକାରୀ କୃଷି କ୍ଷେତ୍ରରେ ଦେଶର ଗଠନ ଆଡ଼କୁ ପୂରା ଦୃଷ୍ଟି ଦେଇ କାମ କରାଇବାର ବ୍ୟବସ୍ଥା ହେଉ ନାହିଁ। ଦେଶର ବଡ଼ ସମସ୍ୟାରେ କୃଷି ସମିତି ଓ କୃଷି ଗବେଷଣା କଣ କରିପାରନ୍ତି, ତାହା ଥରେ ଦେଖିବାର ମଧ୍ୟ ଆବକାଶ ଘଟି ନାହିଁ। ଏହାର କାରଣ କଣ? ସରକାର ବୁଝନ୍ତୁ ଓ ଦେଶର ଲୋକେ ଜାଣନ୍ତୁ।

ନବ ଭାରତ ୧/୧୦, ଆଲୋଚନା

ଫସଲ ଉନ୍ନତି ସମ୍ମିଳନୀ

ଭାରତର ଫସଲ ଉନ୍ନତି ବିଷୟ ବିଚାର କରିବା ପାଇଁ ସିମିଳାରେ ଗୋଟିଏ ସମ୍ମିଳନୀ ବସିଥିଲା। ଏହା ଗୋଟିଏ ସରକାରୀ ବ୍ୟାପାର ହେଲେହେଁ ଏଥିରେ ବହୁତ ଭଲ କଥା କୁହାଯାଇଚି। (୧) ସେଥିମଧ୍ୟରୁ ଧାନର ଚାଷ କମାଇବାକୁ ହେବ ନାହିଁ। (୨) ବିଦେଶକୁ ଧାନ ପଠାଇବାରେ ଯେ ଶୁଳ୍କ ବା ଟଣ୍ଡ ଥିଲା ତାହା ଉଠାଇ ଦେଇ ପୁଣି ବିଦେଶରୁ ଏ ଦେଶକୁ ଆସୁଥିବା ଧାନ ଉପରେ ଶୁଳ୍କ ବସାଇ ଦର ବଢ଼ାଇବାରେ ସାହାଯ୍ୟ କରିବାକୁ ହେବ- ଏ ଦୁଇଟି ଆମ୍ଭମାନଙ୍କ ପକ୍ଷରେ ଉଲ୍ଲେଖଯୋଗ୍ୟ। ଦେଶର ଧାନ ଚାଷ କମାଇବା ଦରକାର ନାହିଁ, କାହିଁକି ନା ଦେଶରେ ଯେତେ ଧାନ ଖର୍ଚ୍ଚ ହୁଏ ସେତେ ଧାନ ମଧ୍ୟ ଆଦାୟ ହୁଏ ନାହିଁ, ଏହା ସମ୍ମିଳନୀଙ୍କର ମତ। ଧାନ ଦର ବଢ଼ାଇବାରେ ଅନେକେ ଆପତ୍ତି କରିପାରନ୍ତି- ବିଶେଷରେ ଶ୍ରମିକ- ହିତୈଷିମାନେ। କିଂତୁ ବୁଝାବାର ଅଛି ଏ ଦେଶରେ କୃଷକର ସଂଖ୍ୟା ଶ୍ରମିକଠାରୁ ବହୁତ ବେଶି। ଧାନର ଦର ବଢ଼ିଲେ ଶ୍ରମିକର

Digitized by PPRACHIN, SOA

ମଜୁରୀ ମଧ୍ୟ ବଢ଼ାଇବାରେ ସୁବିଧା ହେବ। ପୁଣି ଧାନର ଦର ନ ବଢ଼ିଲେ କୃଷକ ଖଜଣା ଦେଇପାରିବ ନାହିଁ। ଧାନ ଶସ୍ତା ହେବା ଭଲ ବୋଲି ଲୋକଙ୍କୁ ବୁଝାଇବାବେଳେ ବହୁତ ସମୟରେ କୁହାଯାଇଥାଏ, କିଂତୁ କୃଷକ ଧାନ ବିକି ଖଜଣା ଦିଏ, ବଳଦ କିଣେ, ଆଉ ଯେତେ କିଣିବାର ଜିନିଷ ସବୁ ଧାନ ବିକି କିଣେ ଓ ଧାନ ବିକି ମଜୁରୀ ଦିଏ। ଧାନ ଶସ୍ତା ହୋଇଗଲେ, ବଳଦ, ମଜୁରୀ ପ୍ରଭୃତି ହୁଏତ ଶସ୍ତା ହୋଇଯାଇପାରେ, ମାତ୍ର ଖଜଣା ବେଳକୁ ଉପାୟ କ'ଣ ? ଆମ୍ଭେମାନେ ଜାଣୁ ୧୮୨୯ ପୂର୍ବରୁ ଓଡ଼ିଶାରେ ଯେଉଁଠାରେ ବନ୍ଦୋବସ୍ତ ହୋଇଥିଲା ସେଠାରେ ସେତେବେଳେ ଧାନ କଟକୀ ମାପ ୧୪ଠାରୁ୧୬ ସେରରେ ହିସାବ କରି ଜମିର ଆୟ ଧରାଯାଇଥିଲା। ଏହି ମାପ ୧୫ସେରଟି ଓଜନରେ ପ୍ରାୟ ୧୦ ସେର ଓ ସେଥିରୁ କୁଟାଦରରେ ଚାଉଳ ମିଳିବ ୬ସେର। ଏଇ ଆୟର ୩ଭାଗର ଭାଗେ ଖଜଣା ଧାର୍ଯ୍ୟ ହୋଇଥିଲା। ଏବେ କୃଷକ ଖଜଣା ଦେବ କାହୁଁ? ଆମ୍ଭେମାନେ ଜାଣୁଁ ୩୮-୩୯ ସାଲରେ କୃଷକେ ବିଲରୁ ପାଇଥିବା ସବୁ ଧାନ ବିକି ମଧ୍ୟ ଖଜଣା ଦେଇପାରିନାହାନ୍ତି। ଅତଏବ ଧାନର ଦର ଶୀଘ୍ର ବଢ଼ିବାରେ ମଂଗଳ।

ଏହି ସଂପର୍କରେ ଭିନ୍ନ ଭିନ୍ନ ପ୍ରଦେଶରେ କି କୃଷି କରାଯାଇପାରେ ସେ ବିଷୟରେ କେତେକ ସୂଚନା ଓ ପରାମର୍ଶ ସମ୍ମିଳନୀ ଦେଇଛନ୍ତି। ସେଥିରେ ବିହାର ଓଡ଼ିଶାକୁ ଆଖୁ, ପେସୁ, ଗୋରୁଙ୍କ ଖାଦ୍ୟ, ଚେର ଚଣା, ରାଶି ବେଶି କରି କରିବାକୁ କୁହାଯାଇଚି। ଓଡ଼ିଶା ଏଥିରୁ କେଉଁ ଗୁଡିକୁ ବାଛି କରି ବଢ଼ାଇବ, ବୁଝାଯାଉନାହିଁ। ଆଖୁ କଲେ, ବିକିବ କୁଆଡେ ? ବିହାରରେ ବହୁତ ଚିନିକଳ ହେଲାଣି, ଓଡିଶା କ'ଣ ସେଇଠାକୁ ଆଖୁ ପଠାଇବ ? ପେସୁ ଓଡିଶାର କେଉଁ ଭୂମିରେ ହେବ ? ଧୋଇୟାରେ ବା ମରୁଡ଼ିଆରେ ? ଗୋରୁଙ୍କ ଖାଦ୍ୟ- ଏ ଦେଶରେ ଗୋରୁକାହାନ୍ତି ? ହଜାରରେ କେତେଟା ଶିଶୁ ଏ ଦେଶରେ ଦୁଧ ଖାଇବାକୁ ପାଆନ୍ତି ? ଗୋରୁଙ୍କ ଖାଦ୍ୟ ପାଇଁ, ଖର୍ଚ୍ଚ କରିବାକୁ କୃଷକ ପାରିବ ତ ? ପୁଣି ସେ ଖାଦ୍ୟ କେଉଁ ବଜାରରେ ବିକିବ ? ଏ ଦେଶରେ କଲିକତା, ପାଟଣା ପରି ସହର ନାହିଁ କି ବିହାର ବଙ୍ଗଳା ପରି ଗ୍ରାମେ ଗ୍ରାମେ ଛୋଟବଡ଼ ଜମିଦାର ନାହାନ୍ତି। ଗୋରୁଙ୍କ ଖାଦ୍ୟ କିଣିବ କିଏ ? ଚେରଚଣା- ଚେରଚଣା ଲୋକେ ଆଗେ ଆରମ୍ଭ କରିଥିଲେ, ମାଙ୍କଡ଼ ଖୋଳି ଖାଇଯିବାରୁ ଅନେକେ ତାହା ଛାଡ଼ିଦେଲେ। ରାଶିର ଅସୁବିଧା ମଧ୍ୟ ସେହିପରି। ପୁଣି ରାଶି, ପେସୁ ନିତାନ୍ତ ପଟୁ ପଡିବା ଜମିରେ ହୁଏ। ଅନ୍ୟ ଜମିରେ ସେଥିପାଇଁ ଯେତେ କମଣ ଓ ଖତ ଦରକାର ଓଡ଼ିଆ କୃଷକକୁ ତା' ଦବ କିଏ ?

ଏହିପରି ସବୁ ମହାଭାରତୀୟ ବିଷୟରେ ଓଡିଶା ଖାଲି ଗୋଟାଏ ନା' ହୋଇ ବିହର ସଙ୍ଗେ ଯୋଡ଼ା ହେଉଚି। ପ୍ରତ୍ୟେକ ଓଡ଼ିଆ ଏକଥା ହାଡ଼େ ହାଡ଼େ ଅନୁଭବ କରିବା ଉଚିତ।

ନବ ଭାରତ-୧/୧ ସଂଖ୍ୟା, ଆଲୋଚନା

Digitized by PPRACHIN, SOA

ବିଶ୍ୱ ବିଦ୍ୟାଳୟରେ ଆଳୁ ଚାଷ

ଚଳିତ ଡିସେମ୍ବର ମାସ ତା ୧୧ ରିଖରେ ଉତ୍କଳ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ ବା 'କନଭୋକେସନ' ହୋଇଥିଲା । ମହାକୁଳପତି ବା ଚାନ୍‌ସେଲର କୁଆଡେ ନିଜ ବକ୍ତୃତାରେ ପଢିଲେ, ବିଦ୍ୟାର୍ଥୀମାନେ ଗୋଲଆଳୁ ଚାଷ କରନ୍ତୁ । ସେଥିରେ ଯାହା ଲାଭ, ବିଶ୍ୱବିଦ୍ୟାଳୟ ଉପାଧି ବା ପଢ଼ାରେ ତା' ନାହିଁ। ଭଲ କଥାଟାଏ କହିଲେ । ହେଲେ କଣ ହେବ, ବିଦ୍ୟାର୍ଥୀ ଓ କୃତବିଦ୍ୟମାନେ କଥାଟାର ରସ ଗ୍ରହଣ କରିପାରିଲେ ନାହିଁ । ସେମାନେ କହିଲେ, "ଯେବେ ଆମେ ଆଳୁ ଚାଷ କରିବୁ, ସବୁ କଲେଜରେ କୃଷି ବିଜ୍ଞାନ ଶିଖାଉ ନାହାନ୍ତି କାହିଁକି ?" ମାତ୍ର ଏଠି କୃଷି କିମ୍ବା ଅକୃଷିର କୌଣସି ବିଜ୍ଞାନ ଶିକ୍ଷାର ପ୍ରଶ୍ନ ଉଠୁନାହିଁ । ଚାଷ କରିବାକୁ ହେବ, ବିଜ୍ଞାନ କଥା କାହିଁ ? ସେଠୁ ସେମାନେ କହିଲେ, ମହାକୁଳପତିଙ୍କ ଇଚ୍ଛା ଓ ନିର୍ଦ୍ଦେଶ ସତ୍ତ୍ୱେ କଲେଜ ଗୁଡ଼ାକ ଏତେ ରଖାହୋଇଚି କାହିଁକି ? ବାପା ବୁଝୁ·ନାହିଁ ? ଏ ଜଗତରେ ସୟତାନ ଯେପରି ଲୋଭନୀୟ ଜିନିସ ସବୁ ମଣିଷ ଆଗରେ ଥୋଇ ତାକୁ ପାପ ଆଡକୁ ଭୁଲାଉଚି, ସେହିପରି ବିଜ୍ଞାନ, ଦର୍ଶନ, ଆଇନ, ସବୁ ପଢ଼ିବା ପାଇଁ କଲେଜମାନ ଠିଆ କରାହୋଇଚି । ସଇତାନ ଠାରୁଚି, କଲେଜକୁ ଯାଅ । ଈଶ୍ୱର କହୁଚନ୍ତି, ଆଳୁଚାଷକୁ ଆସ।

ଯେନେଷ୍ଟଂ ତେନ୍ ଗମ୍ୟତାଂ ।

ନୂଆପ୍ରସ୍ଥ-୨/୧୨, ଆଲୋଚନା

ଓଡ଼ିଶାର ଜମିଜମା ଆଇନ

ଓଡ଼ିଶା ସରକାର ଏଇ ବିଷୟରେ ନୂଆ ଆଇନ୍ କରିବେ ବୋଲି ବିଚାରି ଲୋକମତ ଜାଣି କଳନା କରିବା ପାଇଁ ଲମ୍ବା ପ୍ରଶ୍ନମାନ ପ୍ରଚାର କରିଚନ୍ତି। କିଂତୁ ଆମ ମନେହୁଏ, ଲୋକଙ୍କୁ ଏତେ ଜଟିଳ ପ୍ରଶ୍ନ ଭିତରେ ପକାଇ ମତ ଲୋଡ଼ିବାର ପ୍ରୟୋଜନ ନାଇ । ସରଳ ଭାବରେ କଥାଟିକୁ ଭଲ ମନ୍ଦ ବୁଝି ଲୋକମତ ସୁଗଠିତ ଭାବରେ ପ୍ରକାଶ କରି କୌଣସି ନିର୍ଦ୍ଦିଷ୍ଟ ଆଦର୍ଶ ଓ ଉଦ୍ଦେଶ୍ୟରେ ଆଇନଟିକୁ କରିନେବା ଉଚିତ । ଆମେ ବିଶ୍ୱନାଥ ଦାସଙ୍କ ସରକାର ବେଳେ ଏ ସମ୍ବନ୍ଧରେ ସ୍ପଷ୍ଟ ସୂଚନାମାନ ଦେଇଥିଲୁ । ଏବେ ମଧ ସେଇ ସୂଚନାରେ କାର୍ଯ୍ୟ କରିବାରେ କୌଣସି ଅସୁବିଧା ନାଇ ।

(୧) ସବୁ ଜମି ସରକାରର ହେବ –

ନୀତି ହିସାବରେ ଏଥିରେ ଯୋଡ଼ିଏ ମତ । (୧) ସବୁ ଜମି ସରକାରର ହେବ । ବର୍ଷକୁ ବର୍ଷ ଚାଷ ପାଇ କୃଷକଙ୍କୁ ସରକାର ଜମି ବାଣ୍ଟିଦେବେ ଓ ଚାଷଲବ୍ଧ ଆୟରୁ

Digitized by PPRACHIN, SOA

'ବଳିଭାଗ' ବା କର ନେବେ । ଏପରି କରିବାରେ ବର୍ତ୍ତମାନ ନାନା ଅସୁବିଧା ଅଛି । ସେ ଭାବରେ ବିଚାର ଆରମ୍ଭ କଲେ ଏବେ ଚଳିବ ନାଇ ବୋଲି ହୁଏତ ସମସ୍ତଙ୍କର ମତ ହେବ ।

(୨) ଜମି ପ୍ରଜାଙ୍କର ହେବ -

ଅନ୍ୟଟି ହେଉଚି, ସରକାରଙ୍କ ତଳେ ରହିବେ ପ୍ରଜା, ମଝିରେ କର ଆଦାୟ କରିବାକୁ ସତ୍ୱାଧିକାରୀ କେହି ରହିବେ ନାଇ । ସତ୍ୱ ହେବ ପ୍ରଜାର । ପ୍ରଥମ ବ୍ୟବସ୍ଥାରେ କୃଷକ ହିଁ ଜମି ଚାଷ କରି କର ବା ଟିକସ ଦିଅନ୍ତା । ଏ ବ୍ୟବସ୍ଥାରେ ସମ୍ପୂର୍ଣ୍ଣ ରୂପେ ତାହା ହୋଇ ପାରିବ ନାଇ । ପ୍ରଜା ଭିତରେ କିଏ ନିଜେ ଚାଷ କରିବ, କାହାର ଜମି ବେଶି ହେଲେ, ସେ ଚାଷ କରାଇବ । ସେ ହଳିଆ ମୂଲିଆ ଲଗାଇ ଚାଷ କରାଇପାରେ କିମ୍ବା ଚୁକ୍ତିରେ ଆୟରୁ ଅଂଶଦେଇ ଚାଷ କରାଇପାରେ । ଏଇପରି ଅଂଶ ନେଇ ଚାଷ କରିବା ଲୋକକୁ କହନ୍ତି, 'ଭାଗଚାଷୀ' । ଭାଗଚାଷୀ ପ୍ରଜା ନୁହେଁ । ସେ ମୂଲିଆ । ମୂଲିଆର ମଜୁରୀ ପ୍ରଭୃତି ବଢ଼ାଇବା ଓ କମାଇବା ସଂଗେ ତାର ଭାଗ ବଢ଼ିବ ବା କମିବ । ଜମିରେ ତା'ର ପ୍ରଜାସତ୍ୱ ନାଇ, ଥିଲେ, ତା ଆଇନର ଭ୍ରାନ୍ତି ବୋଲି ଧରାଯିବ । ସ୍ପଷ୍ଟ ମନେ ରଖିବା ଉଚିତ, ମୂଲ ବଢ଼ାଇବା ପାଇଁ ତାକୁ ରୀତି ଅନୁସାରେ ଅଧେ ନ ଦେଇ ବେଶି ଦିଆ ଯାଇପାରେ । କିଂତୁ ମୂଲିଆ ଆଇନ (Labour law)ରେ ତାହା କରିବାକୁ ହେବ । ତାକୁ ସତ୍ୱାଧିକାରୀ ବୋଲି କହିଲେ ପରିସ୍ଥିତି ଜଟିଳ ହେବ ।

ପ୍ରଜା କିଏ ? -

ଯାହାର ଜମିର ଆୟ ସଂଗେ ସାକ୍ଷାତ ସଂପର୍କ ଅଛି, ଅଥଚ ଯାହା ଜମିର ଖଜଣା, ଜମିର ସତ୍ୱ ବିକି ବା ନିଲାମ କରି ଆଦାୟ କରାଯାଇପାରିବ, ସେଇ ହେଉଚି ପ୍ରଜା । ଜମିର ଆୟରେ ସଂପର୍କ ନ ଥାଇ ଯେ ନିର୍ଦ୍ଦିଷ୍ଟ ଖଜଣା ଗଣ୍ଡାକ ପାନ୍ତି, ଜମିର ଧୋଇ ମରୁଡ଼ି ବା ପଡ଼ିଆ ଉଠାରେ ଯାହାର କିଛି ଯାଏ ଆସେ ନାଇ, ସେ ହେଉଚି ମଧ୍ୟସତ୍ୱାଧିକାରୀ ବା ଜମିଦାର । ସେପରି ସତ୍ୱ ରହିବନାଇ । ଭାଗଚାଷ ଦେବା ଲୋକର ଜମିର ଆୟରେ ସାକ୍ଷାତ ସଂପର୍କ ଅଛି । ପୁଣି ଭାଗ ଚାଷୀକୁ ପ୍ରଜା ବୋଲି ଧରିଲେ, ତା'ର ଖଜଣା ତା'ର ପ୍ରଜାସତ୍ୱ ବିକି ବା ନିଲାମ କରି ଆଦାୟ କରି ହେବ ନାଇ । କାରଣ, ତା ସତ୍ୱକୁ ବିକିଲେ କିଛି ମିଳିବ ନାଇ ବା କିଛି ଅଳ୍ପ ମିଳିବ । ତେଣୁ ସେ ପ୍ରଜା ନୁହେଁ ।

ବିଚାରରେ ବିଭ୍ରାଟ -

ଚାଷୀକୁ ପ୍ରଜା କରି ବସିଲେ, ନାନା ବିଭ୍ରାଟ । ପ୍ରଜାସତ୍ୱର ମୂଲ୍ୟ ସେଥିରେ ରହିବ ନାଇ । ଧର, ୩୦ ଏକରରୁ ବେଶି ଜମି ରଖିଲେ, ପ୍ରଜା ପୁଣି ମଧ୍ୟସତ୍ୱାଧିକାରୀ

Digitized by PPRACHIN, SOA

ହେବ । ଏପରି ଜମିଦାରୀ ଉଠାଇ ପୁଣି ଜମିଦାରୀ ସୃଷ୍ଟି କରିବାର ଅର୍ଥ କିଛି ନାଇ । ପୁଣି ୩୦ ଏକରରୁ ବଳିଲେ ବଳକା ଜମି କିଣିବ କିଏ ? ଅଳ୍ପ ଜମିଥିବା ଲୋକକୁ କେବଳ ବିକିବାର ହେଲେ, ବିକିବା ବେଳେ ଯେଉଁ ଜମିର ଦାମ ଦଶଟଙ୍କା ହେବ, କିଣିବା ମାତ୍ରେ ସେଇ ଜମିର ଦାମ ଶହେ ଟଙ୍କାରୁ ବଳି ଯିବ । ଏପରି ସବୁ ଆଇନ କରି ବସିଲେ ନାନା ଅସୁବିଧା ସରକାରକୁ ହଇରାଣ କରିବ ।

ଜମି ବାଣ୍ଟିବାର ଉପାୟ -

ଜମି ଉପରେ କର ନ ରଖି ଜମିର ଆୟ ଉପରେ ଟିକସ ବସାଇବାକୁ ହେବ । କୁଟୁମ୍ବର ଖର୍ଚ୍ଚକୁ ନ ଅଣ୍ଟୁଥିବା ଭଳି ଜମି (un-economic holding) ଉପରେ କୌଣସି କର ବା ଟିକସ ରହିବ ନାଇ । ତେଣିକି ଆୟ କର ଭଳି କ୍ରମେ ଆୟର ପରିମାଣ ଅନୁସାରେ ଅଧିକା ଟିକସ ବସାଇ ଦିଆଯିବ । ସରକାର ଭୂମିରୁ ଯେତେ ଖଜଣା ଏ ପାଇବାକୁ ଲୋଡ଼ନ୍ତି, ସେଇ ଖଜଣାଏ ଟିକସରୁ ପାଇଲା ଭଳି ଟିକସ ବାଣ୍ଟି ଦେବେ । ଏଥିରେ ବହୁତ ଜମି କରିବା ପ୍ରଜା ମନକୁ ସଂଯତ ହୋଇଯିବେ । ନଚେତ୍ ଅଧିକା ଆୟର ଅଂଶ ଖଜଣାଖାନାକୁ ଆସିବା ହେତୁ ଅସାକ୍ଷାତ୍ ଭାବରେ ଗରିବଙ୍କ ହାତକୁ ଆସିଯିବ ।

ଜମି କ୍ଷୁଦ୍ର ଖଣ୍ଡ ଖଣ୍ଡ ହେବା ବନ୍ଦ କରିବା

ଏହା ବଂଦ କରିବା ପାଇଁ ସରକାର ଗୋଟିଏ ଡ଼ିପାର୍ଟମେଣ୍ଟ ଖୋଲି ଅତି ତତ୍ପରତାର ସହିତ ସମବାୟ ଚାଷକ୍ଷେତ୍ରମାନ ଖୋଲିବେ ଓ ଆଇନ କରି ସେଇ କ୍ଷେତ୍ରରେ ଥିବା ସମସ୍ତ ପ୍ରଜାକୁ ସେଥିରେ ଯୋଗ ଦେବା ପାଇଁ ବ୍ୟବସ୍ଥା କରିବେ । ପ୍ରଥମେ ସରକାର ନିଜେ ବିଭାଗୀୟ ଲୋକମାନଙ୍କ ଦ୍ୱାରା ଏହା ଆରମ୍ଭ କରିବେ ଓ କ୍ରମେ ଲୋକଙ୍କୁ ତାହା ଶିଖାଇ ଧରାଇ ଦେବେ । ଏଥିରେ ଭୂମି ଖଣ୍ଡ ଖଣ୍ଡ ହେବା କମିଯିବ । ଖଣ୍ଡ ଖଣ୍ଡ ଥିଲେ ବି, ଅସୁବିଧା ହେବ ନାଇ । ସମସ୍ତେ ଏଥିରେ ଲାଗି ମଜୁରି ନେବେ ଓ ନିଜ ଖଣ୍ଡ ମାଫିକ ଆୟରୁ ଅଂଶ ପାଇବେ ।

ଏ ସବୁ କରିବା ପାଇଁ କେତେକ ପ୍ରାଥମିକ ବ୍ୟବସ୍ଥା ଦରକାର ହେବ । ଯଥା- ଦକ୍ଷିଣୀ ଜମିଦାରଙ୍କ ପ୍ରଜାଙ୍କୁ ଭାଗଚାଷୀ ନ କରି ଟଙ୍କା କରଦିଆ ପ୍ରଜା କରିବା । ଉତ୍ତର ଓଡ଼ିଶାରେ ଥିବା ଭାଗଚାଷୀ ପ୍ରଜାଙ୍କୁ ଜମି କିଣି ନେବାର ସୁବିଧା ଦେବା ପ୍ରଭୃତି ।

ଠିକେ ଠିକେ ଏତିକି ମାତ୍ର ସୂଚାଇ ଦିଆଗଲା । ବ୍ୟବସ୍ଥାର ବିଶେଷ ବିଚାରରେ ଏଇ ଆଦର୍ଶ ଓ ଉଦ୍ଦେଶ୍ୟ ଧରି ଆଉ ସବୁ କଥା ସହଜରେ ଠିକ୍ କରାଯାଇ ପାରିବ । ଏଥିରେ ଅନ୍ୟ ପ୍ରଦେଶକୁ ଚାହିଁବା ଦରକାର ନାଇ । କିମ୍ବା ଓଡ଼ିଶାର ବିଭିନ୍ନ ଜିଲ୍ଲା ବା ଅଂଚଳର ଭେଦ ରଖିବାର ଆବଶ୍ୟକ ନାଇ ।

ନୂଆପ୍ରସ୍ଥ-୧/୮, ଆଲୋଚନା

Digitized by PPRACHIN, SOA

ଏ ବର୍ଷ ଦୁର୍ଭିକ୍ଷ

ଭାରତରେ ଏ ବର୍ଷ ବହୁ ଅଞ୍ଚଳରେ ବର୍ଷା ଅଭାବରୁ ଫସଲ ନଷ୍ଟ ହୋଇଛି। ଅନ୍ୟାନ୍ୟ ଅନେକ ପ୍ରଦେଶରେ ଆଂଶିକ ଭାବରେ ଏହା ହୋଇଛି, ମାତ୍ର ଓଡ଼ିଶାରେ ସର୍ବତ୍ର ଧାନ ଫସଲ ପୋଡ଼ି ଯାଇଛି। ଯେଉଁଠାରେ ସୁବିଧା ଥିଲା ସେଠାରେ ଚାଷୀମାନେ ଦୁଇ ତିନି ପାଣି ବୁହାଇ କିଞ୍ଚିତ୍ ଧାନ ବଞ୍ଚାଇଛନ୍ତି, କିନ୍ତୁ ତାହା କେତେ ? ସବୁ ବଞ୍ଚିଥିବା ଓ ପାଚିବା ଧାନ ହିସାବ କଲେ ଖୁବ୍ ବେଶି ପୂରା ଚାରିଅଣା ଫସଲ ବି ଏ ପ୍ରଦେଶରେ ଆଦାୟ ହେବ ନାହିଁ। ସରକାରଙ୍କ ହିସାବରେ ମଧ୍ୟ ଆଠଅଣା ପର୍ଯ୍ୟନ୍ତରୁ ବେଶି ଉଠିଲା ପରି ଲାଗୁ ନାହିଁ। ସରକାର ତ ବରାବର ଓଡ଼ିଶାର ଏଭଳି ଦୁର୍ଭିକ୍ଷକୁ ଟିକିଏ ମହର୍ଗ କାଳ ମାତ୍ର ପଡ଼ିଚି ବୋଲି ବୁଝାଇ ନିଜର ଦାୟିତ୍ୱ ତୁଟାଇବାରେ ଲାଗିବାର ଦେଖା ଅଛି। ଏପରି ବେଳେ ତାଙ୍କ ରିପୋର୍ଟରେ ପାଚିଥିବା ଫସଲର ପରିମାଣ ଦୁଇ ଗୁଣରୁ ବେଶି ବୋଲି ବାହାରିବାର କଥା। ମୋଟ କଥା, ସରକାରଙ୍କ ରିପୋର୍ଟରେ ଆଠଅଣା ଫସଲ ବୋଲି ବାହାରିଲେ, ଚାରି ଅଣାରୁ କମ୍ ବୋଲି ବୁଝିବାକୁ ହେବ।

ଏପରି ବାର ଅଣା ଫସଲ ହାନି ପୂର୍ବେ କେବେ ଏ ପ୍ରଦେଶର ସ୍ଥଳ ବିଶେଷରେ ହୋଇଚି; ମାତ୍ର ଏପରି ବ୍ୟାପକ ଭାବରେ ଗତ ତିରିଶ ବର୍ଷ ଭିତରେ ହୋଇ ନାହିଁ। ତିରିଶ ବର୍ଷ ତଳେ ଥରେ ହୋଇ ଥିଲା, ମାତ୍ର ସରକାର ତାକୁ ଦୁର୍ଭିକ୍ଷ ବୋଲି କହିନାହାନ୍ତି, କିମ୍ୱା ଦୁର୍ଭିକ୍ଷରେ ଲୋକଙ୍କୁ ରକ୍ଷା କଲାଭଳି କିଛି କରିଥିବାର ମନେ ହେଉ ନାହିଁ। ହେଲେ ହେଁ, ସେ କାଳ ଏ କାଳର ପ୍ରଭେଦ ବହୁତ। ସେ କାଳେ ଏ ଦେଶ ପ୍ରଜାଙ୍କର କିଣିବାର ବଳ ଆଜିଠାରୁ ଢେର ବେଶି ଥିଲା। ଏବେ ତା' ଏକାବେଳକେ ନାହିଁ। ଏହାର କାରଣ-

ସେତେବେଳେ ଗ୍ରାମର ଶିଳ୍ପ ବ୍ୟବସାୟ ଏବପରି ଲୋପ ପାଇ ନ ଥିଲା। ଏବେ ଗ୍ରାମରେ ଦୀପ, ସୋରିଷ ପୁଡ଼ି ବା ମଶାଲ ଆଉ ଜଳୁ ନାହିଁ। ଲଣ୍ଠନ, ପେଟ୍ରୋମାକ୍ସ, ଡେ ଲାଇଟ୍ ଓ ଚିନା ଜାପାନୀ ବିଜୁଳି ମଶାଲ ବା ଟର୍ଚ୍ଚରେ ଗ୍ରାମମାନ ଉଜ୍ଜ୍ୱଳ ହେଲାଣି। ଗ୍ରାମର ବାବୁମାନେ ସହର ଧୋବା ଓ ଭଣ୍ଡାରିଙ୍କ ଆଶ୍ରୟ ନେଲେଣି। ଗ୍ରାମ ତନ୍ତୀ ଆଜି ଚାଷୀ, ନ ହେଲେ ଭିଖାରି, ଗ୍ରାମର ବଢ଼େଇ କମାର ଆଉ ବେଶି ଦରକାର ନାହାନ୍ତି। ଧୂଳି, ଗୋଡ଼ିସାଲ, ନାଗଫେଣୀ ପ୍ରଭୃତି ଲୁହା କଣ୍ଟାମାନଙ୍କ ନାମ ହୁଏତ ଏବେ କେହି ବୁଝିପାରିବେ ନାହିଁ। କିରାସିନି ଡାବଲରୁ କଢ଼ା ହୋଇଥିବା କଣ୍ଟା ବିକ୍ରି ପାଇଁ ଗ୍ରାମେ ଗ୍ରାମେ ଦୋକାନରେ ରହିଛି। ଲଙ୍ଗଳ ଲୁହା, କଟୁରୀ, ଦାଆ ସବୁ କଳରେ ତିଆରି ହୋଇ ବିକ୍ରି ହେଉଛି। ଆଲମାରି ଚୌକି ପ୍ରଭୃତି ଦରକାର ହେଲେ ସହରରୁ କିଣା ହୋଇଯାଉଛି। ଏପରିକି ଜେକୋସ୍ଲୋଭାକିଆର ସୁନ୍ଦର କ୍ଷୁଦ୍ର ଓ ସୁବହ ଚୌକି ସବୁ ଗ୍ରାମରେ ଦେଖା

Digitized by PPRACHIN, SOA

ଦେଲାଣି । ଗ୍ରାମ ପାଠଶାଳାର ବେଞ୍ଚଠାରୁ ଟୁଲ୍ ପର୍ଯ୍ୟନ୍ତ ଜିଲ୍ଲାବୋର୍ଡ୍ ଦୂରରୁ କିଣି ପଠାଇ ଦିଅନ୍ତି । ଘରେ ପିଢ଼ାଟିଏ ଦରକାର ହେଲେ ମଧ୍ୟ କିରାସିନି ଡାବଲ ପଟାରେ ସେ କାର୍ଯ୍ୟ ଚଳି ଯାଉଛି, ଇତ୍ୟାଦି ବର୍ଣ୍ଣନା କରିବା ନିଷ୍ପ୍ରୟୋଜନ । ଏହାଛଡ଼ା ଦୂରରୁ ସଭ୍ୟତାରର ଆଲୋକ ଗ୍ରାମ ଭିତରେ ପଶି ଗ୍ରାମରେ ଲୋକଙ୍କର ଜୀବିକାର ମାନ (Standard of living) ବଢ଼ାଇବାରେ ଲାଗିଚି । ଲୋକଙ୍କର ଖର୍ଚ୍ଚର ବାଟ ଶତ ମୁଖରେ ମୁକୁଳା ହୋଇଚି । କିନ୍ତୁ ଗଲା ଛଅ ବର୍ଷ ଧରି କୃଷିଜାତ ଦ୍ରବ୍ୟର ମୂଲ୍ୟ କମିଯିବାରୁ ଲୋକେ ପୂର୍ବ ହାରରେ ଧରା ହୋଇଥିବା ଖଜଣା ପର୍ଯ୍ୟନ୍ତ ସୁବିଧାରେ ଦେବାକୁ ଅସମର୍ଥ ହୋଇଛନ୍ତି ।

ଏଥିରେ ପୁଣି ଭାରତ ସରକାର ଦେଶର ଧନବୃଦ୍ଧି କରାଇବା ମାନସରେ ଗୋଟିଏ ମାତ୍ର ଶଗଡ଼ଗୁଳା ଧରି ଶୁଳ୍କ ବସାଇ ସବୁ ପ୍ରକାର କଳକାରଖାନାର ଶିଳ୍ପଜାତ ଦ୍ରବ୍ୟର ମୂଲ୍ୟ ବଢ଼ାଇବାରେ ଲାଗିଚନ୍ତି । ଲୋକଙ୍କର କିଣିବା ସାମର୍ଥ୍ୟ ବଢ଼ାଇବା ପାଇଁ ଆଉ ଗୋଟିଏ ସର୍ବନାଶର ପନ୍ଥା ଧରିଛନ୍ତି । ତାହା ହେଉଚି, ଏ ଦେଶ ଲୋକଙ୍କ ଘରୁ ଦର ଲୋଭ ଦେଖାଇ ଚିନାଠାରୁ ରତିକ ପର୍ଯ୍ୟନ୍ତ ସୁନା କାଢ଼ି ବିଦେଶରେ ବିକାଇ ଦେବା ।

ଫଳରେ ବର୍ଷ ପରେ ବର୍ଷ ବିତିଯିବା ସଙ୍ଗେ ସଙ୍ଗେ ଲୋକେ କ୍ରମେ ନିଜ ଆୟରେ ଜୀବନ ଚଳାଇବାରେ ଅସମର୍ଥ ହୋଇ ଅଳଂକାର ବିକୁଚନ୍ତି ଓ କରଜ କରୁଛନ୍ତି । କୃଷିଜାତ ଦ୍ରବ୍ୟର ଭାଉ କମିଲେ ମଧ୍ୟ ମଫସଲରେ ସୁଧର ହାର ପୂର୍ବପରି ରହିଚି । ସେତିକି ନୁହେଁ, ଲୋକଙ୍କର ଅଭାବର ସୁବିଧା ଘେନି ମହାଜନମାନେ ଠାଏ ଠାଏ ସୁଧର ହାର ବଢ଼ାଇ ସଂକୁଚିତ ହେଲେ ମଧ୍ୟ ଅନ୍ୟ ଉପାୟରେ ନିଜର ଆୟ ବଢ଼ାଇବାରେ ଲାଗିଛନ୍ତି; ଯଥା- ଶହେ ଟଙ୍କା କରଜ ବୋଲି ଲେଖାଇ ନେଇ ଅଶି ଟଙ୍କା ଦେଉଛନ୍ତି; ସେଇପରି ଜବାବ ନ କଲେ ଟଙ୍କା ଦେଉ ନାହାନ୍ତି ।

ଦେଶର ଗ୍ରାମ ମାନଙ୍କରେ ଆଜି ହିସାବ ନେଲେ ଦେଖାଯିବ ଗତ ଛଅ ବର୍ଷ ମଧ୍ୟରେ ସବୁ ମଧ୍ୟବିତ୍ତ ପରିବାର ଘରର ସବୁ ଅଳଂକାର ପତ୍ର ବିକି ବା ବନ୍ଧା ପକାଇ ଧାନ ଓ ଟଙ୍କା କରଜରେ ବୁଡ଼ି ରହିଛନ୍ତି । ଅନେକଙ୍କର ଖଜଣା ଦିଆଯାଉନାହିଁ – କିପରି ଏଣିକି ଖଜଣା ଦେବେ ତା ସେ ବୁଝିପାରୁ ନାହାନ୍ତି । ସେମାନେ ଖାଲି ଠିଆ ହୋଇ ରହିଛନ୍ତି, ଚାହିଁଛନ୍ତି, କେତେବେଳେ ହଠାତ୍ ଟଳିପଡ଼ିବେ । ଏପରି ଅବସ୍ଥାରେ ଆଜି ଶସ୍ୟନାଶ । ଏ ତ ଖାଲି ମହର୍ଘ ବା ଦୁର୍ଭିକ୍ଷ ନୁହେଁ – ଏ ଦେଶର ସର୍ବନାଶର ସୂଚନା ।

ଏତିକି ବେଳେ ପ୍ରଦେଶ ମୋହ :

ଦେଶରେ ପୁଣି ଏତିକି ବେଳେ ନୂଆ ପ୍ରଦେଶଟାଏ ଆମୂଳଚୂଳ ଗଢ଼ା ହେବାର ଘଟା ଲାଗିଚି । ଓଡ଼ିଆ ଏଇପରି କିଛିପାଇଲେ ସ୍ୱତନ୍ତ୍ର ଭାବରେ ନିଜର ଭାଗ୍ୟ ଗଢ଼ି

Digitized by PPRACHIN, SOA

ପାରିବେ ବୋଲି ବହୁ କାଳରୁ ଚାହିଁ ବସି ଥିଲେ - ଏଥିପାଇଁ ଲୋକେ ଲଢ଼ି ନାହାନ୍ତି, ମାଗୁଥିଲେ। ଏବେ ଦାନ ପାଇଲା ପରି ପାଇଛନ୍ତି। ଯାହା ଦରକାର ତାହା ତ ପାଇ ନାହାନ୍ତି, ତେବେ ଦାନକୁ ସମାଲୋଚନା କରି ମୁହଁ ମୋଡ଼ିବା ଗ୍ରହୀତା ପକ୍ଷରେ ଶିଷ୍ଟାଚାର ନୁହେଁ, ଏ କଥା ଓଡ଼ିଆ ନେତାରଂମନ୍ୟମାନେ ଖୁବ୍ ବୁଝିଥିଲା ପରି କାର୍ଯ୍ୟରେ ଜଣା ପଡୁଚି। ସରକାର କହିଲେ, ସିଂହଭୂମି ଓଡ଼ିଶାକୁ ଆସିବ ନାହିଁ, ଅଥଚ ସେଇ ବାଟେ ଓଡ଼ିଶାର ଖଣିଜ ସମ୍ପଦ ବୁହା ହେବ। ବିଶାଖାପାଟଣା ରେଳରେ ସମ୍ବଲପୁରର କୃଷି ଓ ବନ୍ୟ ସମ୍ପଦ ଖସାଇ ଦିଆଯିବ। କଟକରୁ ସମ୍ବଲପୁରକୁ ରେଳବାଟ ଫିଟିବ ନାହିଁ, କି ଧାମରା ବନ୍ଦର ହେବ ନାହିଁ। ସବୁ ସହି ପ୍ରଦେଶ ନେବାକୁ ହେଲା। ଏବେ ପୁଣି କହୁଛନ୍ତି, ଓଡ଼ିଶା ବ୍ୟବସ୍ଥା ସଭାରେ ଲାଟ ସାହେବଙ୍କ ଚାରି ମେମ୍ବର ଖୁନ୍ଦା ହେବେ । ଏ ଦେଶରେ ଲୋକ ମଧ୍ୟ ଅଛନ୍ତି, ସେଥିରେ ହଁ ଭରିବା ପାଇଁ। ଏଇ ମାନସିକତା ଓଡ଼ିଶାରେ କେତେ ଲୋକଙ୍କ ଭିତରେ ପୂରି ରହିଛି। ସେମାନଙ୍କ ଭିତରୁ କେହି କେହି କହିବାର ଶୁଣାଯାଏ, ସରକାର ଯାହା କହୁଛନ୍ତି ହଁ କର। ନହେଲେ କାଳେ ପୁଣି ସରକାର ବିଗିଡ଼ିଯାଇ ପ୍ରଦେଶ ଛଡ଼ାଇ ନେବେ। ପୁଣି ଲୋକପ୍ରତିନିଧିଙ୍କୁ ପଚାରିବା ରୂପ ଲୋକଙ୍କ ଆଖିରେ ଧୂଳି ଦେବା। ସରକାରଙ୍କର ଦରକାର ହେଲେ ସରକାର ଏଇ ଲୋକଙ୍କ ଭିତରୁ ବାଛି ବାଛି ଦୁଇଟା ଗୋଟାଏ ଲୋକଙ୍କୁ ପଚାରି ଦେଇ ଗୋଟା କେତେ 'ହଁ' ନେଇଯାଇ ଯା' ଇଚ୍ଛା ତା' କରୁଛନ୍ତି। କୌଣସି ପୁରୋଦୃଷ୍ଟିପର ରାଜନୀତିକଙ୍କ ସ୍ୱର ବିଶେଷ ଶୁଣାଯାଉ ନାହିଁ। ଦୁର୍ଭିକ୍ଷ କଥା ଭାବିବ କିଏ ?

କ'ଣ କରାଯିବ -

ଏଇପରି ପ୍ରଦେଶ ମୋହ ବେଳେ ଏ ଦୁର୍ଭିକ୍ଷ ଆସି ଦ୍ୱାରରେ ଧକ୍କା ଦେଲା। ଏବେ କ'ଣ କରିବାକୁ ହେବ, ବଡ଼ ଚିନ୍ତାର ବିଷୟ। ଏ କିଛି ବିହାର ବା କ୍ୱେଟାର ଭୂମିକମ୍ପ କରି ହଠାତ୍ ଘଟି ନାହିଁ ଯେ ମାନବପ୍ରୀତିମାନ୍ ଜନସମାଜରେ ଚହଳ ପଡ଼ିଯିବ। ପ୍ରଦେଶ ତ ହେବ। ଯାହାଙ୍କର ପ୍ରଦେଶ ଓ ଯାହାଙ୍କ ପାଇଁ ପ୍ରଦେଶ, ସେ ଏବେ ସମ୍ପୂର୍ଣ୍ଣ ଅରକ୍ଷିତ। ଆଉ ବେଶି କିଛି କରି ନ ପାରିଲେ ମଧ୍ୟ ସରକାର ଜମିଦାରମାନଙ୍କୁ ଧରି ଏ ବର୍ଷ ପ୍ରଜା ଠାରୁ ଖଜଣା ନ ନେବାର ଶୀଘ୍ର ବ୍ୟବସ୍ଥା କରନ୍ତୁ। ଅବସ୍ଥା ଦେଖି ଖଜଣା ମଧ୍ୟ ଛାଡ଼ କରାଯିବାର ପ୍ରଯତ୍ନ ହେଉ। କେତେକ ଲୋକଙ୍କ ତଥାସ୍ତୁ ବଳରେ ସରକାର ଏତେବେଳେ ନିଶ୍ଚିନ୍ତ ରହିଲେ ଭବିଷ୍ୟତରେ ଘୋର ଦୁର୍ଗତି ଘୋଟିବ, ଏହା ସମସ୍ତେ ବୁଝନ୍ତୁ।

ଲୋକେ ମଧ୍ୟ ସ୍ଥାନେ ସ୍ଥାନେ ସଂଘବଦ୍ଧ ହୋଇ ଶୃଙ୍ଖଳିତ ଭାବରେ ଚେଷ୍ଟା

Digitized by PPRACHIN, SOA

କରନ୍ତୁ। ଗ୍ରାମରେ ଯେପରି ସହରର କିଣା ଜିନିଷ ନିତାନ୍ତ ଦରକାର ନ ହେଲେ ନ ପଶେ। ଗ୍ରାମରେ ଅର୍ଥାଗମ ନ ଥିଲା ବେଳେ ଗ୍ରାମରୁ ସହରକୁ ଅର୍ଥ ବୁହାଇ ଦେବାର କୌଣସି ଗ୍ରାମବାସୀର ଅଧିକାର ନାହିଁ, ଏକଥା ବୁଝିବାକୁ ହେବ। ସମସ୍ତେ ଗ୍ରାମ ତନ୍ତିର ଖଦି ପିନ୍ଧନ୍ତୁ, ଦୀପ ମଶାଲରେ କାମ ଚଳାନ୍ତୁ- ଇତ୍ୟାଦି ଶତମୁଖରେ ଗ୍ରାମରୁ ଅର୍ଥ ବୋହିଯିବା ବନ୍ଦ କରନ୍ତୁ। ଏସବୁ ନକଲେ ଏ ବିପଦ ବେଳେ ତିଷ୍ଠି ରହିବାର ଆଉ କିଛି ପନ୍ଥା ଦେଖାଯାଉ ନାହିଁ। ଅବସ୍ଥା ଦେଖି ବ୍ୟବସ୍ଥା କରିବା ହିଁ ଜୀବୀର ଧର୍ମ। ମନୁଷ୍ୟ ହୋଇ ଯେବେ ଆମେ ତାହା ନ କରୁ, ତେବେ ଆମେ ମନୁଷ୍ୟପଦବାଚ୍ୟ ନୋହୁ। ଆମକୁ ଧ୍ୱଂସରୁ ରକ୍ଷା କରିବାର ମଧ୍ୟ କାହାରି ଶକ୍ତି ନାହିଁ।

ପୁଣି ଯେଉଁମାନଙ୍କର କିଛି ହେଲେ ସଞ୍ଚିତ ଓ ଉଦ୍‌ବୃତ୍ତ ଧନ ଅଛି, ସେମାନେ ଏତେବେଳେ ସେଇ ଧନ କରଜାଦିରେ ଲଗାଇବାର ଅଭିମୁଖ୍ୟ ଛାଡ଼ି, ସେଇ ଧନରେ ଘର କୋଠି ତୋଳନ୍ତୁ, ପୋଖରୀ ଖୋଳାନ୍ତୁ, ବିଲ ବଗିଚା ତିଆରି କରନ୍ତୁ।

ସରକାର ମଧ୍ୟ ଏ କ୍ଷେତ୍ରରେ ଆଉ ଗୋଟିଏ ପ୍ରକାରେ ବଡ଼ ସାହାଯ୍ୟ କରି ପାରିବେ। ବ୍ୟବସ୍ଥା ସଭାରେ ଅଳ୍ପ ଦିନ ପାଇଁ ହେଲେ ମଧ୍ୟ ଗୋଟିଏ ସାମୟିକ ଆଇନ୍ କରାଇ ଯଥାସମ୍ଭବ ସୁଧର ହାର ସମ୍ୟକ୍ ସଂଯତ କରିବା ଓ ଅଧମର୍ଣ୍ଣକୁ ଅନ୍ୟାନ୍ୟ ଅତ୍ୟାଚାର ଉପଦ୍ରବରୁ ରକ୍ଷା କରିବାର ଉପାୟ ଏତେବେଳେ ସର୍ବଥା କର୍ତ୍ତବ୍ୟ। ପୁଣି ଏହା ନ ହେଉଣୁ ଶାସନ ଚାଳନ ବିଧିରେ କର୍ମଚାରୀଙ୍କୁ ଘରୋଇ ଓ ପ୍ରକାଶ୍ୟ ଉପଦେଶ ଦେଇ ଏ ସମ୍ବନ୍ଧରେ ଯଦି କିଛି କରାଯାଇ ପାରେ, ତାହା ମଧ୍ୟ ସରକାର କରନ୍ତୁ।

ନବଭାରତ-୨/୫, ଆଲୋଚନା

ପ୍ରଜାସ୍ୱତ୍ୱ ଆଇନ୍‌ର ସଂଶୋଧନ

ଏଥର ବିହାର ଓଡ଼ିଶା ବ୍ୟବସ୍ଥା ସଭାରେ ଓଡ଼ିଶା ପ୍ରଜାସ୍ୱତ୍ୱ ଆଇନ୍‌ର କେତେକ ସଂଶୋଧନ ଆଗତ କରାହୋଇଥିଲା। ତାହା ସେଠାରେ ବିଚାର ନହୋଇ ଲୋକମତ ନିମନ୍ତେ ପ୍ରଚାରିତ ହୋଇଅଛି। ସଂଶୋଧନ ପ୍ରସ୍ତାବଗୁଡ଼ିକ ନିମ୍ନରେ ଦିଆଗଲା। ବାବୁ ଗୋଦାବରୀଶ ମିଶ୍ର ପ୍ରସ୍ତାବ କରିଛନ୍ତି -

୧. ୧୮୯୭-୯୮ ବନ୍ଦୋବସ୍ତ ଅର୍ଥାତ୍ ୧୩୦୪ ସାଲ ବନ୍ଦୋବସ୍ତରେ ମିଆଦି ସରବରାକାରୀ ବୋଲି ଯାହା ଦରଜ କରାହୋଇଥିଲା ସେସବୁ ଚରସ୍ଥାୟୀ ସରବରାକାରୀ ବୋଲି ଧରାଯାଉ। ୧୯୨୭ ଜାନୁୟାରୀ ପରେ ଯେଉଁସବୁ ମିଆଦି ସରବରାକାରୀ ଜମିଦାରଙ୍କର ଖାସ୍ କରାଯାଇଛି ସେସବୁ ମଧ୍ୟ ଏହି ଆଇନ୍ ବଳରେ ଫେରାଇ ଦିଆଯାଉ।

Digitized by PPRACHIN, SOA

୨. ରୟତ ନିଜର ଖଜଣାଦିଆ ଜମିରେ ଘର କିମ୍ବା କୃଷିକାର୍ଯ୍ୟ ନିମନ୍ତେ ଇଟା ଟାଇଲ୍ ପ୍ରଭୃତି କରିବା, ପୋଖରୀ କୂଅ ପ୍ରଭୃତି ଖୋଳିବା, ଘର ଗୁହାଳ ଚାଳି ପ୍ରଭୃତି କରିବାର ଅଧିକାର ପାଉ।

ଯେଉଁ ରୟତ ଭାଗ ଦିଏ ସେ ଯଦି ଭାଗ ଜମିରେ ପୋଖରୀ ଖୋଳେ ତେବେ ସେ ପୋଖରୀର ଉପସ୍ୱତ୍ୱରେ ଜମିଦାର ଓ ରୟତ ଅଧାଅଧି ଭାଗିଦାର ହେବାର ବ୍ୟବସ୍ଥା ହେଉ।

୩. ଖଜଣା ଦିଆ ବା ନିଷ୍କର ଜମିରେ ରୟତକୁ ଗଛ ବାଉଁଶ ଲଗାଇବା ଓ ସେ ସବୁ କାଟି ଭୋଗ କରିବା, ସେହି ଜମିରେ ପୂର୍ବରୁ ଥିବା ଗଛ ବାଉଁଶ ସବୁ କାଟି ଭୋଗ କରିବା, ସେହି ଜମିରେ ଥିବା ଗଛ ବାଉଁଶମାନଙ୍କର ଫଳ ଫୁଲ ଓ ଅନ୍ୟାନ୍ୟ ଉପସ୍ୱତ୍ୱ ଭୋଗ କରିବାର ଅଧିକାର ରୟତକୁ ଦିଆଯାଉ। ଯେଉଁ ଜମି ରୟତ ଭାଗରେ ଚାଷ କରେ ସେଥିର ଗଛ ବାଉଁଶରେ ସମସ୍ତ ପ୍ରକାର ଅଧିକାର ରୟତ ଓ ଜମିଦାରର ଅଧାଅଧି ରହୁ। ସେହି ଜମିରେ ନୂଆ ଗଛ ଓ ବାଉଁଶ ଲଗାଇବାର ଅଧିକାର ଜମିଦାରର ବିନା ଅନୁମତିରେ ରୟତକୁ ଦିଆ ନଯାଉ; କିନ୍ତୁ ସେ ଜମିରେ ଥିବା ଗଛ ଓ ବାଉଁଶ କାଟି ଭୋଗ କରିବାର ଅଧିକାର ରୟତ ଓ ଜମିଦାରର ଅଧାଅଧି ରହୁ।

କିନ୍ତୁ ଉପରେ କୁହାଯାଇଥିବା କୌଣସି ରକମର ଜମିରେ ଯଦି ଗଛ ବାଉଁଶ ସମ୍ବନ୍ଧରେ ବନ୍ଦୋବସ୍ତ କାଗଜରେ ଜମିଦାର ବା ରୟତ ସମ୍ବନ୍ଧରେ କିଛି ଲେଖା ରହିଥାଏ, କିମ୍ବା ଆଦାଲତରେ ଯଦି କୌଣସି ନିଷ୍ପତ୍ତି ହୋଇଯାଇଥାଏ, ତେବେ ସେ ଲେଖା ବା ନିଷ୍ପତ୍ତିରେ ଏ ଆଇନ୍ ଖାଟିବ ନାହିଁ।

୪. ରୟତର ଜମି ବିକ୍ରୀର ଦାଖଲ ଖାରଜ ସମ୍ବନ୍ଧରେ ଆଇନ୍‌ରେ ଅଛି, ଜରସମନର ଚୌଠା ବା ଖଜଣାର ଛ ଗୁଣ, ଯେଉଁଟି ବେଶୀ ହେବ, ଜମିଦାର ସେହି ପରିମାଣ ଅର୍ଥ ଦାଖଲ ଖାରଜ ରୋସମ ସ୍ୱରୂପ ନେବେ - ଦାଖଲଖାରଜ ରୋସମ ଏଥିରୁ ଅଧିକ ହୋଇ ପାରିବ ନାହିଁ, କମ୍ ହୋଇପାରେ। ହେଲେହେଁ ଏପ୍ରକାର ଦାଖଲ ଖାରଜ କରି ଦେବାର କୌଣସି ନିୟମ ଚିରସ୍ଥାୟୀ ମାହାଲମାନଙ୍କୁ ଖାଟିବ ନାହିଁ। ଏବେ ପ୍ରସ୍ତାବ କରାଯାଉଛି, ଚିରସ୍ଥାୟୀ ବନ୍ଦୋବସ୍ତ ଜମିଦାରୀରେ ଜରସମନର ଶତକଡ଼ା ଆଠଟଙ୍କା ଓ ଅନ୍ୟତ୍ର ବା ମିଆଦି ବନ୍ଦୋବସ୍ତ ଜମିଦାରୀରେ ଜରସମନର ଶତକଡ଼ା ସାଢ଼େ ବାର ଟଙ୍କା ଅର୍ଥାତ୍ ଟଙ୍କାରେ ଦୁଇ ଅଣାରୁ ବେଶୀ ଦାଖଲ ଖାରଜ ରୋସମ ରୂପେ ଜମିଦାରଙ୍କୁ ଦେବାକୁ ହେବ ନାହିଁ।

Digitized by PPRACHIN, SOA

ମାତ୍ର ପୂରା ତିରିଶ ବର୍ଷ ବା ତହିଁରୁ ବେଶୀ ସମୟ ଧରି ଯେଉଁଠାରେ ଦାଖଲ ଖାରଜ ରୋସମ ଦେବାର ପ୍ରଥାର ପ୍ରମାଣ ନାହିଁ, ସେଠାରେ ରୋସମ ପଡ଼ିବ ନାହିଁ।

୫. ଡାକ ମନିଅର୍ଡ଼ରରେ ଖଜଣା ଦିଆଯାଇ ପାରିବ।

ଏହା ଛଡ଼ା ଅନ୍ୟାନ୍ୟ କେତେ ପ୍ରସ୍ତାବ ଅଛି। ସେଥିମଧ୍ୟରୁ ଅଧିକାଂଶ ଉପରଲିଖିତ ପ୍ରସ୍ତାବର ଆନୁସଙ୍ଗିକ। ମାତ୍ର କେତେକ ବିଷୟରେ ନିଷ୍ପତ୍ତି କରିବାର ଭାର କମିଶନର କିମ୍ବା ରେଭେନ୍ୟୁ ବୋର୍ଡ଼କୁ ଦେବାର ପ୍ରସ୍ତାବ ହୋଇଅଛି।

ଗତବର୍ଷ ବିହାର ପ୍ରଜାସ୍ୱତ୍ୱ ଆଇନ୍ ବୋଲି ଗୋଟିଏ ଆଇନ୍ ପାସ୍ ହୋଇଛି। ସେଥିରେ ବିହାର ପ୍ରଜା ବା ରୟତଙ୍କର ସ୍ୱତ୍ୱ ସାବ୍ୟସ୍ତ କରି ରକ୍ଷା କରିବାରେ ଯାହା ସବୁ ବିଧି କରାହୋଇଅଛି ଉପରଲିଖିତ ବିଧିଗୁଡ଼ିକ ତାହାରି ଆକ୍ଷରିକ ଅନୁକରଣ ମାତ୍ର। ଓଡ଼ିଶାର ଦୁର୍ଭାଗ୍ୟ ଆମ ନିଜ ଜିନିଷ ଖୋଜି ଦେଖିବାକୁ ଆମର ଚେଷ୍ଟା ନାହିଁ। ଆଉ କୁଆଡ଼େ କିଛି ଗୋଟାଏ ହେଲେ, ଭଲ ହେଉ ଭୁଲ ହେଉ ଏ ଭୂମିର ଉପଯୋଗୀ ହେଉ ବା ଅନୁପଯୋଗୀ ହେଉ, ଆମେ ସେଇପରି ଗୋଟାଏ ଅନୁକରଣ କରି ପକାଇବାକୁ ବଡ଼ ବ୍ୟାକୁଳ। ତେଣୁ ଆମର ଅନୁକରଣ ସବୁ ଆମ ଜଳବାୟୁର ହେବା ଭଳି ତିଆରି କରିବାର ଶକ୍ତି ମଧ୍ୟ ଆମର ଲୋପ ହେଲା ପରି ଲାଗୁଛି।

ଓଡ଼ିଶା ପ୍ରଜାସ୍ୱତ୍ୱ ଆଇନ୍ ବୋଲି ୧ ୯ ୧ ୩ରେ ଯେଉଁ ଆଇନ୍‌ଟି ତିଆରି ହୋଇଥିଲା ତାହା ବଙ୍ଗଳା ଆଇନ୍‌ର ଏହିପରି ଅନୁକରଣ, ଏହା ଆମ୍ଭେମାନେ ପୂର୍ବେ ଦେଖାଇ ଅଛୁ। ଉଦାହରଣ ସ୍ୱରୂପ ବଙ୍ଗଳାରେ ବାଜ୍ୟାପ୍ତିଦାର ନାହାନ୍ତି। ମାତ୍ର ମୌରସି ମୁକରିର ବୋଲି ଗୋଟିଏ ସ୍ୱତ୍ୱ ଅଛି। ସେହି ସ୍ୱତ୍ୱର ଅବିକଳ ଅନୁକୃତିରେ ଓଡ଼ିଶା ପ୍ରଜାସ୍ୱତ୍ୱ ଆଇନ୍‌ରେ ବାଜ୍ୟାପ୍ତଦାରଙ୍କ ସ୍ୱତ୍ୱ ଖର୍ବ କରାହୋଇଛି। ଅଧିକ ଉଦାହରଣ ଦେବା ଏଠାରେ ନିଷ୍ପ୍ରୟୋଜନ। ଓଡ଼ିଶା ପ୍ରଜାସ୍ୱତ୍ୱ ଆଇନ୍‌ର ସଂଶୋଧନ ପାଇଁ ଗୋଟିଏ କମିଟି ବସି ପୁଂଖାନୁପୁଂଖ ଅନୁସନ୍ଧାନ କରି ସୁଚିନ୍ତିତ ସଂଶୋଧନ ପ୍ରସ୍ତାବ ସବୁ ତିଆରି କରବା ଉଚିତ। ସେପରି ହେଲେ ତାହା ଓଡ଼ିଶା ପ୍ରଜାସ୍ୱତ୍ୱର ଯଥାର୍ଥ ବିକାଶ ଓ ଇତିହାସ ଉପରେ ପ୍ରତିଷ୍ଠିତ ହୁଅନ୍ତା।

ବର୍ତ୍ତମାନର ସଂଶୋଧନ ପ୍ରସ୍ତାବରେ ସେଥିପାଇଁ ବିଷୟଟି ଯୁକ୍ତିଯୁକ୍ତ ଭାବରେ ଦିଆହୋଇପାରି ନାହିଁ। ଅବଶ୍ୟ ଓଡ଼ିଶା ଠିକ୍ ଅଲଗା ହେବା ପୂର୍ବ ମୁହୂର୍ତ୍ତରେ ଏପରି ପ୍ରସ୍ତାବର ଫଳ କ'ଣ ହେବ ତାହା କହି ହେଉନାହିଁ। ତଥାପି ଏତିକି କୁହାଯାଇପାରେ, ଓଡ଼ିଶା ପ୍ରଜାଙ୍କର କଷ୍ଟ ଦୂର କରିବାରେ ଯେକୌଣସି ପ୍ରସ୍ତାବ ଯେତେବେଳେ ହେଲେ

Digitized by PPRACHIN, SOA

ସ୍ପୃହଣୀୟ ଓ ଆଦରଣୀୟ। ସେଥିପାଇଁ ସଂଶୋଧନ ପ୍ରସ୍ତାବଟିକୁ କିଞ୍ଚିତ୍ ଯୁକ୍ତିଯୁକ୍ତ କରିବା ମାନସରେ ନିମ୍ନଲିଖିତ ସୂଚନାମାନ ଦିଆ ଯାଇପାରେ।

ସଂଶୋଧନ ପ୍ରସ୍ତାବରେ ପ୍ରଜାଙ୍କର ଗଛ, ବାଉଁଶ, ପୋଖରୀ, ଇଟା ପ୍ରଭୃତି ସମ୍ବନ୍ଧରେ ଯେଉଁସବୁ ସ୍ୱତ୍ୱ ବା ଅଧିକାରର ପ୍ରସ୍ତାବମାନ ଅଛି ସେଥିରେ ବର୍ତ୍ତମାନ ଅବସ୍ଥାରେ କାହାରି କିଛି ଆପତ୍ତି ଥାଇ ନ ପାରେ। ଯେତେ ଅଳ୍ପ ବା ବିସ୍ତର ହେଉନା କାହିଁକି, ସେ ସବୁଥିରେ ପ୍ରଜାଙ୍କର କିଛି ନା କିଛି ଉପକାର ହେବ।

କିନ୍ତୁ ଦାଖଲ ଖାରଜ ରୋସମ ସମ୍ବନ୍ଧରେ ଯେଉଁ ସଂଶୋଧନ ପ୍ରସ୍ତାବ କରାଯାଇଛି ତହିଁରେ ବହୁତ ବିଷୟରେ ଆଲୋଚନା କରାଯିବାର ଅଛି। ପ୍ରଜାସ୍ୱତ୍ୱ ଆଇନର ୧୬ ଧାରାରେ ଯେଉଁ ଦାଖଲ ଖାରଜର ବ୍ୟବସ୍ଥା, ତାହାର ଫଳ ପ୍ରଜା ଉପରେ ଆହୁରି ଭୟାବହ ଓ କୌଣସି କୌଣସି ଘଟଣାରେ ପ୍ରଜାକୁ ଧ୍ୱଂସ କରିବାରେ ସେ ବ୍ୟବସ୍ଥାଟି ଯଥେଷ୍ଟ। ଉଦାହରଣସ୍ୱରୂପ ସରବରାକାରମାନେ ସାଧାରଣତଃ ଶତକଡ଼ା ୨୦ ଟଙ୍କା ନିଜର ମେହନ୍ତନା ରଖି ୮୦ ଟଙ୍କା ଜମିଦାରକୁ ଦିଅନ୍ତି । ଆଇନ୍‌ର ୧୬ ଧାରାଟି ସଂଶୋଧିତ ନ ହେଲେ ସେମାନେ ବର୍ତ୍ତମାନ ପ୍ରସ୍ତାବିତ ୩୧ ଧାରା ସଂଶୋଧନର ଫଳରେ ଭାଗୀ ହେବେ ନାହିଁ ଓ କୌଣସି ବିକ୍ରୀରେ ଜମିଦାରକୁ ଦେଉଥିବା ଖଜଣାର ଛ'ଗୁଣ ଦାଖଲ ଖାରଜ ରୋସମ ସ୍ୱରୂପ ସେମାନଙ୍କ ଠାରୁ ଦାବି କରାଯିବ। ଅର୍ଥାତ୍ ଯେଉଁ ସରବରାକାରୀରୁ ଖଜଣା ଆଦାୟ ହେଲା ଶହେ ଟଙ୍କା, ସେଥିରୁ ସରବରାକାର ନିଜର ମେହନ୍ତନା କୋଡ଼ିଏ ଟଙ୍କା କାଟି ରଖି ବାକି ୮୦ ଟଙ୍କା ଖଜଣା ଜମିଦାରକୁ ଦେଲା। ସେହି ସରବରାକାରୀଟି ବିକିଲେ କିଣିବା ଲୋକଠାରୁ ଜମିଦାର ଦାଖଲ ଖାରଜ ରୋସମ ଦାବି କରିବେ ୮୦ × ୬ = ୪୮୦ ଟଙ୍କା। ଯେଉଁ ସରବରାକାରୀର ଆୟ ୨୦ ଟଙ୍କା, ଖର୍ଚ୍ଚ ବର୍ଚ୍ଚା ଯାଇ କ୍ରେତାଙ୍କୁ ମିଳିବ, ଧର, ଖୁବ୍ ବେଶୀ ୧୫ ଟଙ୍କା। ଅତ୍ୟନ୍ତ ଅଧିକ ଦେଲେ ମଧ୍ୟ ୧୫ ଟଙ୍କା ଆୟର ସ୍ୱତ୍ୱ ପାଇଁ ୩୦୦ ଟଙ୍କା ମୂଲ୍ୟରୁ କେହି ବେଶୀ ଦେବ ନାହିଁ। ତେବେ ସରବରାକାରର ବିକ୍ରୀ କରିବା ସ୍ୱତ୍ୱ ଅଛି ନା ନାହିଁ, ଗୋଦାବରୀଶ ବାବୁଙ୍କ ସଂଶୋଧନ ପ୍ରସ୍ତାବରେ ଏସବୁ ଅଙ୍ଗୀଭୂତ ହେବା ଉଚିତ।

୧୫ ଧାରାରେ ମଧ୍ୟ ବିନା ରୋସମରେ ଦାଖଲ ଖାରଜ ହୋଇପାରିବ ବୋଲି କେତେକ ଅଧସ୍ତନ ସ୍ୱତ୍ୱ (Sub-proprietorship) ଓ ବାଜ୍ୟାପ୍ତି ପ୍ରଭୃତି ଉଲ୍ଲେଖ ଅଛି। ସଙ୍ଗେ ସଙ୍ଗେ ସେଥିପାଇଁ ପାଞ୍ଚଟଙ୍କା ଓ ଦୁଇଟଙ୍କା ଦାଖଲ ଖାରଜ ରୋସମର ମଧ୍ୟ ବ୍ୟବସ୍ଥା ରହିଛି। ୩୦ ବର୍ଷ ପୂର୍ବରୁ ରୀତି ପ୍ରମାଣ କରି ଦାଖଲଖାରଜ ରୋସମ ଦାବି କରିବାର ଯେଉଁ ବ୍ୟବସ୍ଥାଟି ସଂଶୋଧନ ପ୍ରସ୍ତାବରେ ଅଛି, ତାହା ସର୍ବତୋ ଭାବରେ ଏଠାରେ ଖାଟିବା ଉଚିତ।

Digitized by PPRACHIN, SOA

ପୁଣି ୩୧ ଧାରାର ସଂଶୋଧନ ପ୍ରସ୍ତାବରେ ଗୋଟିଏ ଖାତାରୁ ବିକ୍ରୀ ହୋଇ ଯାଇଥିବା ଅଂଶକୁ ଫାଡ଼ି ଅଲଗା କରିବାକୁ ଜମିଦାର ବାଧ୍ୟ। କିନ୍ତୁ ୧୫ ଓ ୧୬ ଧାରାରେ ଦାଖଲ ଖାରଜ କରି ମଧ୍ୟ ଜମିଦାର ତାହା କରିବାକୁ ବାଧ୍ୟ ନୁହନ୍ତି ବୋଲି ୧୮ ଓ ୯୯ ଧାରାମାନଙ୍କରେ ସ୍ପଷ୍ଟ ଲେଖା ରହିଛି। ଅତଏବ ସଂଶୋଧନ ପ୍ରସ୍ତାବରେ ୧୫ ଓ ୧୬ ଧାରାର ପ୍ରଜାସ୍ୱତ୍ୱମାନଙ୍କୁ ଏହି ହିସାବରେ ୩୧ ଧାରାର ବ୍ୟବସ୍ଥା ସଙ୍ଗେ ସମାନ କରି ୧୮ ଓ ୯୯ ଧାରାକୁ ସେହି ଅନୁସାରେ ସଂଶୋଧନ କରିବା ଉଚିତ। ତାହା ନ କଲେ ଗୋଦାବରୀଶ ବାବୁଙ୍କ ପ୍ରସ୍ତାବିତ ୩୧ ଧାରାର ସଂଶୋଧନ ସର୍ବଥା ଅଙ୍ଗହୀନ ହେବ ଓ ଦେଶରେ ଅନେକ ଶ୍ରେଣୀର ଲୋକଙ୍କର ସେ ସଂଶୋଧନରୁ ବିଶେଷ କିଛି ଲାଭ ହେବନାହିଁ। ସରବରାକାରୀ ଏବେ ଯେପରି ବିକ୍ରୀ ହୋଇ ନ ପାରି ଖାସ୍ ହେବା ଦ୍ୱାରା ଜମିଦାରଙ୍କର ଅଯାଚିତ ଧନ ବୃଦ୍ଧି କରୁଛି ତାହା ଭବିଷ୍ୟତରେ ସେହିପରି ଚାଲିବ।

ତା'ପରେ ରାୟ ବାହାଦୂର ଲୋକନାଥ ମିଶ୍ରଙ୍କର ସଂଶୋଧନ ପ୍ରସ୍ତାବ। ଓଡ଼ିଶା ପ୍ରଜାସ୍ୱତ୍ୱ ଆଇନ୍‌ରେ ଅଛି ଜମିଦାରଙ୍କ ବିନା ଅନୁମତିରେ କୌଣସି ମଧ୍ୟ-ସ୍ୱତ୍ୱାଧିକାରୀ ସ୍ୱତ୍ୱ ଖାତା ଫଡ଼ା ହୋଇପାରିବ ନାହିଁ। ସେଥିପାଇଁ ସଂଶୋଧନ ପ୍ରସ୍ତାବ କରା ହୋଇଛି ଦୁଇଟଙ୍କା ବା ତହିଁରୁ ଅଧିକ ଖଜଣା ଦେଉଥିବା ମଧ୍ୟ-ସ୍ୱତ୍ୱାଧିକାରୀ ସ୍ୱତ୍ୱ କେହି ଗୋଟିଏ ଖାତାରୁ ଅଲଗା କରିବାକୁ ଲୋଡ଼ିଲେ ଜମିଦାରଙ୍କ ଅନୁମତିର ମୂଲ୍ୟ ସ୍ୱରୂପ ସେହି ଜମିର ବାର୍ଷିକ ଖଜଣାର ତିନିଗୁଣ ଜମିଦାରଙ୍କୁ ଦେଇ ଖାତା ଫଡ଼ାଇ ନେଇ ପାରିବେ। ଅନେକଗୁଡ଼ିଏ ପ୍ରସ୍ତାବରେ ଯାହା ଲେଖା ହୋଇଛି ତାହାର ସାରମର୍ମ ଏହି -

ପ୍ରଥମ କଥା, ସରବରାକାରମାନେ ମଧ୍ୟ ଏହି ନିୟମର ଅଧୀନ ହେବେ। ଉପର ହିସାବରୁ ଦେଖାଯିବ, ଯେଉଁ ସରବରାକାରୀ ଖଣ୍ଡ କିଣିବା ପାଇଁ ବଜାରରେ ଖୁବ୍ ମହରଗରେ ମଧ୍ୟ ତିନିଶ ଟଙ୍କାରୁ ବେଶୀ ଦେବାକୁ କେହି ରାଜି ହେବେ ନାହିଁ, ସେହି ସରବରାକାରୀ ଖଣ୍ଡ ଭାଇଠାରୁ ଅଲଗା କରାଇ ନେବା ପାଇଁ ୨୪୦ ଟଙ୍କା ଜମିଦାରଙ୍କ ଅନୁମତିର ମୂଲ୍ୟ ରୂପେ ଦେବାକୁ ହେବ। ଆଇନ୍‌ଟି ଲେଖିକରି ଦେଲା ବେଳେ ଏସବୁ ବିଷୟ ପୁଙ୍ଖାନୁପୁଙ୍ଖ ରୂପେ ଚିନ୍ତା କରା ହୋଇଛି ବୋଲି ମନେ ହେଉ ନାହିଁ।

ଜମିଦାରମାନେ ସାଧାରଣତଃ ବର୍ଷକର ଖଜଣା ଅଧିକା ନେଇ ଖାତା ଅଲଗା କରି ଦେଉଛନ୍ତି। ପାଇକପଡ଼ା ଜମିଦାରୀ ବାଜ୍ୟାପ୍ତି ମଧ୍ୟସ୍ୱତ୍ୱାଧିକାରୀଙ୍କର ଖାତା ଫାଡ଼ିବା ପାଇଁ ଦାଖଲ ଖାରଜ ବେଳେ ଦୁଇଟଙ୍କା ରୋସମ ଉପରେ ଆଠଅଣା ମାତ୍ର ଅନୁମତି ମୂଲ୍ୟ ନେଇ ଆସୁଛନ୍ତି। ଏବେ ମାତ୍ର ଏକରକୁ ଟ ୨୧ଙ୍କା ହିସାବରେ ଅନୁମତି ମୂଲ୍ୟ ନେବେ ବୋଲି ପ୍ରସ୍ତାବ କରୁଥିଲେ। ସେଥିପାଇଁ ପ୍ରଜାମାନଙ୍କ ଭିତରେ ଘୋର ଅସନ୍ତୋଷ

Digitized by PPRACHIN, SOA

ଦେଖାଗଲା । ତେଣୁ ସେ ତାହାର ପୁନର୍ବିଚାର କରି କୌଣସି ପ୍ରକାରେ ପୂର୍ବ ବିଧିରେ ଖାତା ଫାଡ଼ିବା ପାଇଁ ପ୍ରସ୍ତୁତ ହେଉଛନ୍ତି ବୋଲି ଶୁଣାଯାଏ । ଏହି ଅଢ଼େଇ ଟଙ୍କା ମଧ୍ୟ ବର୍ଷକ ଖଜଣାରୁ ଊଣା, ବେଶୀ ନୁହେଁ । ସେହି ପାଇକପଡ଼ା ମଧ୍ୟ ଭାଇଭାଗ ଖାତା ଫାଡ଼ିବାରେ କେବେ ଏ ପର୍ଯ୍ୟନ୍ତ ଏକର ଅଢ଼େଇ ଟଙ୍କାରୁ ବେଶୀ ଦାବି କରିନାହାନ୍ତି । କ୍ଷୁଦ୍ର ଜମିଦାରମାନେ ଦାଖଲ ଖାରଜ ଓ ଖାତାଫଡ଼ା ଘେନି ପ୍ରଜାଙ୍କ ଉପରେ ଘୋର ଜୁଲମ କରିଥାନ୍ତି ବୋଲି କେବେ କେବେ ଶୁଣାଯାଏ । ମାତ୍ର ସେସବୁ ଧରି ତାକୁ ରୀତି ବୋଲି ମନେ କରି ତା ଉପରେ ଆଇନ୍ କରାଯାଏ ନାହିଁ । ରାୟ ବାହାଦୂର ଲୋକନାଥ ମିଶ୍ର ଏସବୁ କଥାର ଆଲୋଚନା କରିଥିଲେ ଆଇନ୍‌ଟି ଅନ୍ୟ ପ୍ରକାର ସଂଶୋଧନ କରିବାର ପ୍ରସ୍ତାବ କରିଥାନ୍ତେ । ଆମେ କହୁ ୧୫ ଧାରାରେ ଯେଉଁମାନଙ୍କର ଜମିଦାରଙ୍କ ବିନା ଅନୁମତିରେ ବିକିବାର ଅଧିକାର ରହିଛି, ସେମାନେ ଜମିଦାରଙ୍କ ବିନା ଅନୁମତିରେ ଖାତା ଅଲଗା କରିନେଇ ପାରିବେ; ପୁଣି ୧୬ ଧାରାରେ ଯେଉଁମାନେ ହସ୍ତାନ୍ତର କରିବାରେ ଦାଖଲ ଖାରଜ ରୋସମ ଦେବେ, ସେମାନେ ନାମକୁ, ଧର ଏକଟଙ୍କା ବା ସେହିଭଳି କିଛି ଫିସ୍ ବା ଜମିଦାର ଅଫିସର ମେହନ୍ତନା ଦେଇ ଖାତା ଅଲଗା କରିନେଇ ପାରିବେ । ଏହିପରି ପ୍ରସ୍ତାବ କରିବା ଯୁକ୍ତିଯୁକ୍ତ ଓ ସମୀଚୀନ ହେବ ।

ନବ ଭାରତ-୨/୫, ଆଲୋଚନା

ଓଡ଼ିଶାର ପ୍ରଜାସ୍ୱତ୍ୱ

କି ବିଚାର ହେଉଚି ?

ନାନା କାରଣରୁ ଜମିରେ ମାତ୍ର ଏବେ ' ଓଡ଼ିଶାର ସ୍ୱତ୍ୱ' ଦେଖିବା ସ୍ୱାଭାବିକ । ସରକାର ଏବେ ପ୍ରଜାସ୍ୱତ୍ୱ ସଂଶୋଧନ ପାଇଁ ଆଇନ କରୁଚନ୍ତି ଅବିଳଂବେ ଏକ ବ୍ୟାପକ ପ୍ରଜାସ୍ୱତ୍ୱ ଆଇନର କଳ୍ପନା ମଧ୍ୟ ଅଛି । ମାତ୍ର ପ୍ରସ୍ତାବିତ ଆଇନଟିମାନ ଦେଖିଲେ ମନେ ହୁଏ, ଏସବୁ ବିଚାରରେ ଓଡ଼ିଶାର ଲୋକେ କୌଣସି ପରିସ୍ଥିତି ଦେଖି ଓ ନିର୍ଦ୍ଦିଷ୍ଟ ଉପେୟ ବା ଲଭ୍ୟ ବସ୍ତୁ ଠିକ୍ କରି ସେଇ ଆଡ଼ିକୁ ଗତି କରିବାର ବୁଝା ଯାଉ ନାହିଁ । ପୁଣି କୌଣସି କୌଣସି ଠାରେ ଆଇନର ବିଚାରରେ ଅଭିସନ୍ଧିର ଲୀଳା ମଧ୍ୟ ପ୍ରକାଶ ପାଉଚି । କେହି ଅନ୍ୟ ପ୍ରଦେଶରେ କିଛି ଗୋଟାଏ ହୋଇ ଯାଉ ଥିବାର ଦେଖି ତରତର । କେହି କୌଣସି ପ୍ରକାରରେ ଲୋକଙ୍କର ଉପକାର କରୁଚନ୍ତି ବୋଲି ଦେଖାଇ ଲୋକମତରେ ନିଜର ସ୍ଥାନ ଆପାତତଃ ଠିକ୍ ରଖିବାରେ ବା ଠିକ୍ କରି ନେବାରେ ବ୍ୟଗ୍ର । କେହି ପ୍ରଚଳିତ ଆଇନର ସୀମା ସରହଦ୍ କୁ ବେଦ ବୋଲି ଧରି ନେଇ ତା'ରି ଉପରେ ସଂପୂର୍ଣ୍ଣ ନିର୍ଭର କରିବା ଛଡ଼ା ଆଉ କିଛି ଚିନ୍ତା କରି ପାରୁ ନାହାନ୍ତି । ଅଧିକାଂଶ କିଛି ନବୁଝି ଉପରକୁ ଚାହିଁଚନ୍ତି ।

Digitized by PPRACHIN, SOA

ଏ ବିଷୟରେ ଅଲୋଚନା ଠିକ୍ ମାର୍ଗରେ ପ୍ରାୟ ଚାଲୁ ନାହିଁ କହିଲେ ଚଳେ। ଯେଉଁଠାରେ ବା ଠିକ୍ ବିଚାର-ସୂଚନା ମିଳୁଛି, ତାହା ଖଣ୍ଡିତ। ପୁଣି ସେ ଧାରାରେ ବିଚାରର ଦିଗ୍‌ଦର୍ଶନ ଠିକ୍ କରି ଚାଲିବାକୁ କେହି ପ୍ରସ୍ତୁତ ଥିଲା ପରି ଜଣା ଯାଉ ନାହିଁ।

ଏ ରୀତି ଠିକ୍ ନୁହେ-

ଏ ଅବସ୍ଥା ବଡ଼ ଅସ୍ପୃହଣୀୟ। ପର ଶାସନର ନିରାଲଂବ ସମାଲୋଚନା ବେଳେ ଏ ସବୁ ହୁଏତ କାର୍ଯ୍ୟକାରୀ ହେଉ ଥିଲା। ଏବେ ଦେଶ ଶାସନ ତଥା ଦେଶ ଗଠନ ହାତକୁ ନେଇ ଏ ରୀତିରେ ଚାଲିବା ବଡ଼ କ୍ଷତିକର।

ସାମ୍ୟବାଦର ଆଦର୍ଶ -

ରାଜ୍ୟରେ ପ୍ରଜା ଓ ପ୍ରଜାସ୍ୱତ୍ୱର ଆଦର୍ଶ କଣ ? ଯେଉଁ ରାଜ୍ୟରେ ଅର୍ଜନର ଉପାୟ-ଅର୍ଥାତ୍, ଏ କ୍ଷେତ୍ରରେ ଭୂମି-ରାଜ୍ୟର, ତାହାହିଁ ଆଦର୍ଶ ବୋଲି ଏବେ ସାମ୍ୟବାଦୀ କହୁଚନ୍ତି। ତାହା ଯଥାର୍ଥରେ ସମାଜ ଦୁର୍ଗତିର ଏକମାତ୍ର ମହୌଷଧ କି ନା, ସେ କଥା ବିଚାର ନକରି, ଧର, ତାହାହି ହେଉଚି ଆଦର୍ଶ। ସେ ଆଦର୍ଶରେ ସମସ୍ତେ ହେବେ ଜମିରେ ଶ୍ରମିକ। ସ୍ୱାତ୍ତ୍ୱାଧିକାର କେହି ହେବେ ନାହିଁ। ଜମି ରାଜ୍ୟର ସ୍ୱତ୍ୱ ହେଲେ, ତାହାର ମୂଲ୍ୟ ନାହିଁ।

ପରିସ୍ଥିତି ମାପ-

ମାତ୍ର ସେ ଆଦର୍ଶ ଏକାବେଳକେ ଏ ଦେଶର ପରିସ୍ଥିତିରେ ଏବେ ସଂଭବ ନୁହେ। ଶ୍ରମିକ ଓ ସ୍ୱତ୍ୱାଧିକାରୀର ସଂଘର୍ଷ ଜନ୍ମାଇବାରୁ ଆରଂଭ କରି ଏବେ ସ୍ୱତ୍ୱାଧିକାରୀର ସ୍ୱତ୍ୱ ଲୋପ ଆଡ଼କୁ ଯିବାକୁ ହେବ। ଏଇ ସଂଘର୍ଷର ସାମ୍ୟବାଦରେ ପାରିଭାଷିକ ନାମ ହେଉଚି, ଶ୍ରେଣୀ ସଂଘର୍ଷ। ଏଇ ଶ୍ରେଣୀ ସଂଘର୍ଷ କଥାଟି ଅନେକେ ଏବେ କଥା କଥାକେ ନାମ ଘୋଷିଲା ଶୁଆ ପରି ବ୍ୟବହାର କରନ୍ତି। ମାତ୍ର ବଡ଼ ଦୁଃଖର କଥା, ଦେଖାଯାଏ, ସେମାନଙ୍କ ମଧ୍ୟରୁ ଅନେକେ ଏ କଥାର ଅର୍ଥ ବା ବ୍ୟାପ୍ତି ବୁଝନ୍ତି ନାହିଁ। ଏ କଥାର ଏକାନ୍ତ ଅବ୍ୟାପ୍ତି ଓ ଅତିବ୍ୟାପ୍ତି ବୁଝି ନ ପାରି ମଧ୍ୟ ଏ କଥାଟି ଉଚ୍ଚାରଣ ମାତ୍ରରେ ଯେ କୌଣସି କଥାର ଯଥେଷ୍ଟ ପ୍ରତିଯୁକ୍ତି ହେଲା ବୋଲି ନିଜେ ବୁଝିଲାପରି ମୁହଁ କରି ଶ୍ରୋତାଙ୍କ ଗ୍ରାହକତା ଅପେକ୍ଷାରେ ଅତ୍ମପ୍ରସାଦରେ କର୍କରିତ ହେବାର ଅନେକ ନେତାରଂମନ୍ୟଙ୍କୁ ଦେଖି ମର୍ମାହତ ହୋଇଚୁ। ଦିନେ ସେଇପରି ଜଣେ ସାମ୍ୟବାଦୀନଂମନ୍ୟ କହୁଥିଲେ, ଯେ ଯେଉଁଠାରେ ସାକ୍ଷାତ ଭାବରେ ଭୂମି ଚାଷ କରୁଚି ତାକୁ ସ୍ୱତ୍ୱ ଦିଆଯାଉ ଓ ଯେଉଁ ରୟତର ଜମି ସେ ଅଧାଭାଗ ଚୁକ୍ତି ମଜୁରିରେ ଧରିଚି, ତାକୁ ମଧ୍ୟ-ସ୍ୱତ୍ୱାଧିକାରୀ କରାଯାଉ। ପଚରା ଗଲା, ତେବେ କାଳରେ ଏଇପରି ମଧ୍ୟ-ସ୍ୱତ୍ୱ-ସୋପାନ ଶ୍ରେଣୀରେ ବଢ଼ିଯିବେ;

Digitized by PPRACHIN, SOA

କ୍ରମେ ଅଧାଚାଷୀ ରୟତ ତଳେ ଲୋକେ ଅଧିକରୁ କମ୍ ମଜୁରି ରୂପେ ନେଇ ଚାଷରେ ଜମି ଧରିବାକୁ ରାଜି ହେବେ। ପୁଣି ସେ ମଧ୍ୟ ରୟତରସ୍ୱତ୍ୱ ପାଇବେ। ଏଇପରି କ୍ରମନିମ୍ନତାରେ ପୁଣି ଶ୍ରମିକର ସର୍ବ ନାଶ ହେବ, ଓ ମଧ୍ୟସ୍ୱତ୍ୱମାନଙ୍କରେ ଅନର୍ଜିତ ଧନଲାଭୀଙ୍କ ସଂଖ୍ୟା ଓ ଶ୍ରେଣୀ ଦେଶରେ ବଢ଼ିଯିବ। ତୁମର ତେବେ ଉଦ୍ଦେଶ୍ୟ କଣ? ଉତ୍ତର ଶୁଣାଗଲା, ଆମର ଉଦ୍ଦେଶ୍ୟ ଶ୍ରେଣୀ ସଂଘର୍ଷ।

ଭୂମିରେ ଶ୍ରେଣୀ ସଂଘର୍ଷର ପନ୍ଥା-

ଛାଡ଼ ସେ କଥା। ଯଥାର୍ଥ ଶ୍ରେଣୀ ସଂଘର୍ଷ ଯଦି ଉପେୟ- ଓ ସେଇ ଉପେୟରେ ସ୍ୱତ୍ୱ ମାରି ଶ୍ରମିକର ପ୍ରତିଷ୍ଠା ଯଦି କାମ୍ୟ, ତେବେ ସ୍ୱତ୍ୱବାନ ଓ ଶ୍ରମିକ ଏଇ ଦୁଇଟିର ପୃଥକ୍ ଧାରଣା କରି, ପ୍ରତ୍ୟେକ ଶ୍ରେଣୀକୁ ଯଥା ସଂଭବ ଏକ ଜାତୀୟ କରିବା ସଙ୍ଗେ ସଙ୍ଗେ ସ୍ୱତ୍ୱବାନ୍ ଶ୍ରେଣୀ ଯେତେ କମିଯାଏ ତାହା ଦେଖିବାକୁ ହେବ। ପୁଣି ସ୍ୱତ୍ୱବାନ୍ ଶ୍ରେଣୀ ମଧ୍ୟରେ ଉପଶ୍ରେଣୀର ଜଟିଳତା ଯଥା ସମ୍ଭବ କମାଇ, ସଂଘର୍ଷର ସ୍ପଷ୍ଟତା ନିମନ୍ତେ ଶ୍ରମିକ ଶ୍ରେଣୀକୁ ସ୍ୱତ୍ୱବାନ୍ ଶ୍ରେଣୀର ସାକ୍ଷାତ୍ ସମ୍ପର୍କରେ ଆଣିବାକୁ ହେବ।

ସଂଘର୍ଷରେ ଦୁଇପକ୍ଷ-ମାଲିକ, ମୁଲିଆ

ଯେତେଦିନ ଜମିରେ ସ୍ୱତ୍ୱନାଶ ହୋଇ ନାହିଁ, ବା ସରକାରଙ୍କର ଜମି ହୋଇ ନାହିଁ, ସେତେଦିନ ଏହି ସାକ୍ଷାତ୍ ସ୍ୱତ୍ୱବାନ୍ ଶ୍ରେଣୀ ହେଉଛନ୍ତି, ପ୍ରଜା ବା ରଇତ। ଅତଏବ ବର୍ତ୍ତମାନ ପରିସ୍ଥିତିରେ ଯେଉଁ ନିକଟତମ ଲଭ୍ୟ ବସ୍ତୁଆଡ଼କୁ ଗତି କରିବାକୁ ହେବ, ସେ ହେଉଚି-ପ୍ରଜା ବା ରୟତର ହେବ ଭୂମିରେ ସ୍ୱତ୍ୱ, ପୁଣି ଚାଷର ଶ୍ରମିକ ହେବେ ଗୋଟିଏ ଅଲଗା ଶ୍ରେଣୀ। ସ୍ୱତ୍ୱାଧିକାରୀ ମଧ୍ୟ ଅଧାଅଧି ଶ୍ରମିକ ହେବ। ଜମିର ସ୍ୱତ୍ୱ ଲୋପ ହେଲେ ପୁଣି ସେଇ ସ୍ୱତ୍ୱାଧିକାରୀ ପୁର୍ଣ୍ଣ ଶ୍ରମିକ ହେବ। କିନ୍ତୁ ତା ନ ହେବା ଯାଏ, ରଇତ ଓ ମୂଲିଆ -ଏଇପରି ଦୁଇଟି ମାତ୍ର ଶ୍ରେଣୀ ରହିବେ। ଏଇ ଦୁଇଟି ମଧ୍ୟରେ ସଂଘର୍ଷ ହେବ। ପୁଣି ଏଇ ଶ୍ରମିକ ଏବେ ଦୁଇ ପ୍ରକାରରେ ଅଛନ୍ତି। ଗୋଟିଏ ହେଉଚି, ଦୈନିକ ମଜୁରିଆ। ଅନ୍ୟଟି ହେଉଚି, ଭାଗଚାଷୀ ବା ଚୁକ୍ତିବଦ୍ଧ ମଜୁରିଆ। ଏ ଦୁହେଁ ସଂଘର୍ଷରେ ସାମିଲ ହେବେ। ସ୍ୱତ୍ୱ ଲୋପ ନ ହେବା ଯାଏ ଏମାନେ ମଜୁରି ଘେନି ସ୍ୱତ୍ୱଧିକାରୀ ବା ରଇତ ସଙ୍ଗେ ସଂଘର୍ଷ ଚଳାଇବେ। ତାହା ଛଡ଼ା ଅନ୍ୟ ପନ୍ଥା ନାହିଁ- ସ୍ୱତ୍ୱଲୋପ ବା ରାଜ୍ୟର ଭୂମି କରିବା ନିମନ୍ତେ ଅନ୍ୟ ବାଟ ନାହିଁ।

ରଇତର ଇତିହାସ-

ଦେଖାଯାଉ ଏଇ ମାଲିକ ବା ରଇତର ଅବସ୍ଥା ଓ ପରିସ୍ଥିତି କ'ଣ? ବଂଗ ବିହାର ଓଡ଼ିଶା ଅଯୋଧ୍ୟା ପ୍ରଭୃତିରେ ଇଂରେଜମାନେ ୧୮ଶ ଶତକ ଶେଷ ଓ ୧୯ଶ ଶତକ

Digitized by PPRACHIN, SOA

ପ୍ରାରଂଭରେ ଜମିର ଖଜଣା ଆଦାୟ କରିବାରେ ସୁବିଧା ପାଇଁ ଜମିଦାର ବୋଲି ଦଳେ ଚୁକ୍ତିବଦ୍ଧ ତହସିଲଦାର ସୃଷ୍ଟି କଲେ, ରଇତ ପ୍ରତି ଆଉ ଦୃଷ୍ଟି ଦେଲେ ନାହିଁ। କର ପାଇବା ହିଁ ସେତେବେଳେ କଂପାନୀ ସରକାରଙ୍କର ଏକମାତ୍ର ଉଦ୍ଦେଶ୍ୟ ଥିଲା। ଏଇ ଚୁକ୍ତିବଦ୍ଧ ତହସିଲଦାର ବା ଜମିଦାରମାନେ ତେଣୁ ରଇତର ଯଥେଚ୍ଛା ବ୍ୟବହାର କଲେ। ସରକାରଙ୍କ କର-ମାତ୍ର-ଦୃଷ୍ଟିରେ- କ୍ରମେ ଏଇ ଜମିଦାର ମାନେ ହେଲେ ମାଲିକ। ଏଇ ଜମିଦାର ମାନେ ଆଦାୟର ସୁବିଧା ପାଇଁ ସେଇପରି ନିଜ ତହସିଲ ଇଲାକା ବା ଜମିଦାରିରେ ତଳ ତହସିଲଦାରିମାନ ସୃଷ୍ଟି କଲେ। ଏହିପରି ତଳକୁ ତଳ ତହସିଲର ପାହିଆ ଚାଲିଲା। ସେଇମାନେ କାଳକ୍ରମେ ହେଲେ ମଧ- ସ୍ୱତ୍ତ୍ୱାଧିକାରୀ (Tenure holder) । ଏ ପ୍ରଦେଶରେ ସରବରାକାରୀ ଓ ମକଦମି ପ୍ରଭୃତି ଏହି ଶ୍ରେଣୀର। ଏମାନଙ୍କ ମଧ୍ୟରେ କାହାରି ଭୂମି ସଂଗେ ସାକ୍ଷାତ୍ ସଂବଂଧ ନାହିଁ। ମାତ୍ର ଭୂମି ସଂଗେ ସାକ୍ଷାତ୍ ସଂବଂଧ ଥିବା ରଇତକୁ କେହି ଦୃଷ୍ଟି ନ ଦେବାରୁ ସେ ହୋଇଗଲା, ଦାସ ବା ସ୍ୱତ୍ତ୍ୱ ହୀନ ସେବକ (serf).

ସ୍ୱତ୍ତ୍ୱାଧିକାରୀ ଏବେ କିଏ ?-

ବାସ୍ତବରେ ହେବା ଉଚିତ ଥିଲା, ରଇତ ଯଥାର୍ଥ ସ୍ୱତ୍ତ୍ୱାଧିକାରୀ ଓ ଜମିଦାର ତଥା ମଧ୍ୟସ୍ୱତ୍ତ୍ୱାଧିକାରୀ, ତହସିଲଦାର ବା ସରକାରୀ କର୍ମଚାରୀ। କେବଳ ଭୂମିରେ ନୁହେ, ସେ କାଳେ ଅନ୍ୟାନ୍ୟ ରାଜ କର୍ମଚାରୀ ମଧ ଲୁଣ ମରା ପ୍ରଭୃତିରେ ଏଇପରି ଇଜରାର ଲଭ୍ୟାଂଶ, କମିଶନ୍ ପ୍ରଭୃତି ଭୋଗ କରୁଥିଲେ। ସେମାନେ ଥିଲେ ପ୍ରାୟତଃ ଇଂରେଜ। ତେଣୁ ତାଙ୍କ ଦରମା ବଢାଇଦେଇ ତାଙ୍କୁ ଇଜରାରୁ ଚିରକାଳ ପାଇଁ ବାହାର କରି ଦିଆଗଲା। ମାତ୍ର ଜମିର ତହସିଲଦାରମାନେ ହେଇଗଲେ, ମାଲିକ୍। ଏ ଭ୍ରମଟିର ସଂଶୋଧନ କରିବା ବିଦେଶୀ ସରକାର ପକ୍ଷରେ କଠିନ ହେଲା। ଏଇ ତହସିଲଦାର ମାଲିକମାନଙ୍କୁ ସରକାର ତିଆରି କଲେ। ପୁଣି ତାଙ୍କର ଉପରେ ନିର୍ଭର ନ କରି ଅନ୍ୟପ୍ରକାର ଏ ରାଜ୍ୟ ଚଳାଇବାର ଉପାୟ ନଥିଲା।

ଓଡ଼ିଶା ପ୍ରଜାସ୍ୱତ୍ତ୍ୱ ଆଇନ-

କ୍ରମେ ରଇତର ଦୁର୍ଗତି ଓ ବିଧ୍ୱଂସରେ ଦେଶର ଆର୍ଥିକ ପରିସ୍ଥିତିରେ ଘୋର ଧକା ଲାଗିଲା। ରଇତର ଜମିର ମୂଲ୍ୟ ଲୋପ ପାଇଲା। ତହସିଲଦାରମାନେ ତଳରଇତଙ୍କୁ ଧ୍ୱଂସକରି ନିଜେ କେତେ ଜମିରେ ରଇତ ହୋଇପଡିଲେ। ସରକାର ୧୮୮୪ରେ ପ୍ରଥମେ ଜାଗ୍ରତ ହେଲେ। ମାତ୍ର ରଇତରୁ ପୁଣି ସ୍ଥିତିବାନ୍ (ମୂଳ ସ୍ଥିତିରେ ପ୍ରତିଷ୍ଠିତ) କରି ପାରିଲେ ନାହିଁ। ତାହା କରିବାକୁ ଅନେକ ଦିନ ଲାଗିଲା। ୧୯୧୩ରେ ଓଡ଼ିଶା ପ୍ରଜାସ୍ୱତ୍ତ୍ୱ ଆଇନ୍ ହେଲା। ତଥାପି ସେଥିରେ ମଧ ରୟତ ପୂରା ସ୍ଥିତିବାନ୍ ହେଲା ନାହିଁ। ବାରଅଣା

Digitized by PPRACHIN, SOA

ମାତ୍ର ସ୍ଥିତିବାନ୍ ବୋଲି ଧରା ହେଲା (ବାରଅଣା କହିବା ଠିକ୍ ନୁହେ। ଏହା ପାଞ୍ଚ ସୁଉକାରେ ଟଙ୍କାଏ ବା ଶତକରା ୮୦)। ମାତ୍ର ଏପରି ବାରଅଣା ସ୍ଥିତିବାନ୍ ବୋଲି ଆଇନରେ ଧରାହେଲେ ମଧ୍ୟ, ରଇତକୁ ଏପରି-ଜମିଦାର ପ୍ରଭୃତି ତଥାକଥିତ ସ୍ୱତ୍ୱାଧିକାରିଙ୍କ କବଜ୍‌ରେ ରଖି ଦିଆଗଲା ଯେ ସେମାନେ କାର୍ଯ୍ୟରେ ବେଶି କିଛି ସ୍ୱତ୍ୱ ପାଇଲେ ନାହିଁ। ଜମିଦାର ଓ ମଧ୍ୟ- ସ୍ୱତ୍ୱାଧିକାରୀଙ୍କ ସ୍ୱତ୍ୱ ଦୃଷ୍ଟିରେ ସେଇ ଆଇନ୍‌ଟି ଗଢା ହେଲା। ତାହା ହେବା ଛଡ଼ା ଉପାୟ ନ ଥିଲା। କାରଣ, ସେଇ ସବୁ ଶ୍ରେଣୀରେ ଲୋକେ ସେତେବେଳେ ମୁଖିଆ ଥିଲେ। ପରିସ୍ଥିତିରେ ଅନ୍ୟଥା ସଂଭବ ନଥିଲା । ଏପରି କି ୧୯୧୩ର ଆଇନ୍ ଟିଠାରେ ଯେଉଁ ଉଦ୍ଦେଶ୍ୟ ଓ ଆବଶ୍ୟକତା (objects and reasons) ପ୍ରକାଶ କରାଯାଇଥିଲା, ସେଥିରେ କେତେକ ବାହିଲ୍‌ଦାର ବାଜିଆପ୍ତିଦାରଙ୍କୁ ଅନ୍ଧାଧୂନି ନୀତିରେ ମଧ୍ୟ-ସ୍ୱତ୍ୱାଧିକାରୀ କରି ଦିଆ ହୋଇ, କୁହା ଯାଇଥିଲା, ଆଇନ୍‌ରେ ସେମାନଙ୍କୁ ଏକ ଉଚ୍ଚ ପାହାଆକୁ ଉଠାଇ ଦିଆଗଲା। ଏହା କରିବାରେ ସେମାନଙ୍କର ବହୁ ମଂଗଳ କରାଗଲା ବୋଲି ସୂଚନା ସ୍ପଷ୍ଟ। ଏ 'ମଗଂଳ' କରିବାର ଅପୋଦ୍ୟମଟି ନ ହୋଇଥିଲେ, ଆଜି ଦେଶରେ ବହୁ କଲ୍ୟାଣ ହୋଇଥାନ୍ତା, ସଂଦେହ ନାହିଁ।

ରଇତର ସଂଜ୍ଞା-

ସେ କଥା କୁହା ଯାଉଚି। ମାତ୍ର ତାହା କହିବା ପୂର୍ବରୁ ସ୍ପଷ୍ଟ ମନେ ରଖିବାର ଅଛି, ଜମିଦାର ହେଲେ ସଭା ଉପର ତହସିଲ୍‌ଦାର। ମଧ୍ୟ-ସ୍ୱତ୍ୱାଧିକାରୀ ହେଉଚନ୍ତି, ତା' ତଳ ତହସିଲଦାର। ଏମାନେ ମୂଳରୁ ଖଜଣା ଆଦାୟ କରିବା ଲୋକ। ଏମାନଙ୍କର ବାସ୍ତବରେ ମୂଳତଃ ଜମିରେ ସ୍ୱତ୍ୱ ବା ଅଧିକାର ନାହିଁ; କେବଳ କର ଆଦାୟରେ ସ୍ୱତ୍ୱ ବା ଅଧିକାର। ଜମିର ସମସ୍ତ ଚାଷ ଲବ୍‌ଧ ଧନରେ ଯେ ଅଧିକାରୀ, ଅର୍ଥାତ୍, ଜମିଭଳି ଗୋଟିଏ ଉପାର୍ଜନର ସାଧନା ବା ଉପାୟକୁ ପ୍ରାକୃତିକ ପ୍ରଣାଳୀରେ ବ୍ୟବହାର କରି ସେଥିରୁ ଧନ ତିଆରି କରିବା ଯାହାର କାମ, ସେଇ ହେଉଛି ରଇତ। ରଇତ ନିଜେ ଚାଷ କରିପାରେ ବା ମୂଳ ଲଗାଇ ଚାଷ କରିପାରେ। ଚାଷଭାଗ ଚୁକ୍ତିରେ ଜମି ସାଧିବା ମଧ୍ୟ ମୂଳ ଲଗାଇ ଚାଷ କରିବାର ଅନ୍ତର୍ଗତ ଏହା କୁହାଯାଇଚି। (ଓଡ଼ିଶା ପ୍ରଜା ସ୍ୱତ୍ୱ ଆଇନର ୫ମ ଧାରା ଦେଖ।)

ଇନାମ, ବାହେଲ, ବାଜ୍ୟାପ୍ତ ପ୍ରଭୃତି-

ମୂଳରୁ ଅନ୍ୟସବୁ ରଇତଙ୍କ ସ୍ୱତ୍ୱ ଲୋପ କରାଗଲେ ମଧ୍ୟ ଗୋଟିଏ ଶ୍ରେଣୀରେ ରଇତଙ୍କ ସ୍ୱତ୍ୱ ଓଡ଼ିଶାରେ ଲୋପ କରି ହୋଇନଥିଲା। ତାହାର କାରଣ କିନ୍ତୁ ସ୍ୱତନ୍ତ୍ର। ବିଦେଶୀ ସରକାର ଏ ଦେଶର ଧର୍ମଗତ ସାମାଜିକ ଦୃଢମୂଳ ଓ ଦୃଢବଦ୍ଧ ରୀତିରେ ଘୋର ଆଘାତ ଦେବାକୁ ଭୟ କରୁଥିଲେ। ସେଥିପାଇଁ ୧୮୩୮-୪୧ ବନ୍ଦୋବସ୍ତ ବେଳେ

Digitized by PPRACHIN, SOA

(ଏଇ ବନ୍ଦୋବସ୍ତରେ ପ୍ରଥମେ ସ୍ୱତ୍ୱାସ୍ୱତ୍ୱ ବିଷୟରେ ଓଡିଶାରେ ସ୍ଥିର ଆଲୋଚନା କରାହୋଇଥିଲା) ବାହିଲ୍‌ଦାର, ବାଜ୍ୟାପ୍ତିଦାର, ଟଂକୀ ବାହିଲଦାର ଓ ଟଂକୀ ବାଜ୍ୟାପ୍ତିଦାରମାନଙ୍କୁ ଯଥାର୍ଥ ପୂର୍ଣ୍ଣ ସ୍ୱତ୍ୱାଧିକାରୀ ରୟତ୍ ବୋଲି ସ୍ୱୀକାର କରାଗଲା। ଏମାନେ କେହି କର-ଆଦାୟ-କାରୀ ତହସିଲଦାର ନୁହନ୍ତି। ପୂର୍ବ ସରକାର (ରାଜା)ମାନେ ଏମାନଙ୍କୁ ଅଳ୍ପ ବିସ୍ତର ଭୂମିଦାନ କରିଥିଲେ। ଏଇ ଭୂମି ଅନ୍ୟ ପ୍ରଜାଙ୍କଠାରୁ ଜମି ବଦଳ ସୂତ୍ରେ ନେଇ ଦାନ କରି ଥିବାର ସ୍ପଷ୍ଟ ପ୍ରମାଣ ଅନେକ ସ୍ଥଳରେ ଏବେ ସାକ୍ଷୀ ରୂପେ ରହି ଥିବାର ଆମେ ଜାଣୁ। ଗଂଜାମରେ ଏହାକୁ ଇନାମ୍ କହନ୍ତି। ଅନ୍ୟତ୍ର ଅନ୍ୟ ନାମ ମଧ୍ୟ ଥାଇପାରେ। ଏମାନେ ଜମିର ସାକ୍ଷାତ୍ ଅଧିକାରୀ ଓ ରଇତ-ମଧ୍ୟସ୍ୱତ୍ୱାଧିକାରୀ ବା କର-ଆଦାୟକାରୀ ଏମାନେ କଦାପି ନୁହନ୍ତି। ପୁଣି ଏଇ ଦାନ ଭୂମିରେ ସେବ ରାଜାଙ୍କୁ ତଥା ଏବେ ସରକାରଙ୍କୁ ବାହିଲ୍‌ଦାରମାନେ କେତେ କର ଦିଅନ୍ତି, କେତେ ଦିଅନ୍ତି ନାହିଁ। ପୁଣି ଯେଉଁ ବାହିଲ ସବୁ ସନନ୍ଦ ଦେଖାଇ ନ ପାରି ବାକିଆପ୍ତ କରା ହୋଇଥିଲା, ସେମାନେ ବରାବର ପୂରା କରି ଦିଅନ୍ତି। ଅନ୍ୟ ସରକାର (ରାଜ୍ୟ) ଯାହାକୁ ବିନା କରରେ ଦେଇଥିଲେ, ଆଜିର ସରକାର ସେଥିରେ କର ବସାଇ ପାରନ୍ତି। ସେପରି କଲେ ମଧ୍ୟ ଆପତ୍ତି କରିବାର କିଛି ନାହିଁ। ମାତ୍ର ସେମାନେ ଯେ ରଇତ୍-ପୁଣି ଚିରକାଳ ଅଖଣ୍ଡ ରଇତ-ହୋଇ ରହି ଆସିଚନ୍ତି, ସେଥିରେ କୌଣସି ସଂଦେହ ନାହିଁ।

ସେମାନେ ପୂରା ରଇତ ଥିବାର ଲକ୍ଷଣ-

ସେମାନେ ଚିରକାଳ ପୂରା ରଇତ ଥିବାର ଗୋଟିଏ ସ୍ପଷ୍ଟ ଲକ୍ଷଣ, ସେମାନଙ୍କର ପୂରା ଜମି ବିକ୍ରିରେ ସ୍ୱାଧୀନ ଅଧିକାର। ଅନ୍ୟ କାହାରି ଏ ଅଧିକାର ନଥିଲା। ମାତ୍ର କାଳକ୍ରମେ ଅନ୍ୟ ରଇତମାନେ ମଧ୍ୟ ଜମି ବିକ୍ରି କରିବା ଆରମ୍ଭ କରିଥିଲେ। ଜମିଦାର ଓ ମଧ୍ୟ-ସ୍ୱତ୍ୱବାଲାମାନେ ସେ ବିକ୍ରି ବନ୍ଦ କରିବାରେ କ୍ରମେ ଅକ୍ଷମ ହେଲେ। କେତେ ସ୍ଥଳରେ କିଛି କିଛି ଧନ ନେଇ ବିକ୍ରେତା ରଇତ ଠାରୁ ଇସ୍ତଫା ନେଇ କ୍ରେତାକୁ ପୁଣି ପଟା ଦେଲେ। କ୍ରମେ ଅନୁମତିରେ ବିକ୍ରି ହେଲା। ପରେ ବିନା ଅନୁମତିରେ ବିକ୍ରି ହେଲା। ଥାନୀ ପାହି ଭେଦ ବାହାରିଲା। ତାହା ମଧ୍ୟ ସ୍ଥିର ରହିଲା ନାହିଁ। ଏଇପରି ନାନା ଭାବରେ ସ୍ୱାଭାବିକ ବିକାଶ ଧର୍ମରେ ରଇତ ନିଜ ମୂଳ ସ୍ଥିତିକୁ ଫେରି ଆସୁଥିଲା। ସେତିକିବେଳେ ତଥାକଥିତ ସ୍ୱତ୍ୱାଧିକାରୀ ଜମିଦାରମାନେ ଲୋକ ମଙ୍ଗଳ ବାହାନାରେ ରଇତର ସ୍ୱତ୍ୱ ସ୍ଥିର କରିବା ପାଇଁ ୧୯୧୩ରେ ଓଡ଼ିଶା ପ୍ରଜାସ୍ୱତ୍ୱ ଆଇନ୍ କରିବାକୁ ବାହାରି ପଡ଼ିଲେ। ସେଥିରେ ରଇତକୁ ବିକ୍ରି କରିବାରେ ଆଂଶିକ ଅଧିକାର ଦେବାର ବାହାନା କରି ମୋଡ଼ି ମାଡ଼ି ଜମିଦାର ଦୁଆରରେ ପକାଇ ଦେଲେ। ତାର ଗଛ କାଟିବା ପ୍ରଭୃତି ବନ୍ଦ କଲେ।

Digitized by PPRACHIN, SOA

ମାତ୍ର ଏଇଥର ତାଙ୍କ ବଡ ଉଦ୍ୟମ ହେଲା, ଚିରକାଳର ଏକମାତ୍ର ସ୍ୱାଧୀନ ରଇତ ବାହିଲ୍ ବାଜ୍ୟାସ୍ତିଦାରଙ୍କୁ ଧ୍ୱଂସ କରିବାରେ। ବାହିଲଦାରଙ୍କୁ ସେମାନେ ଏକ ପ୍ରକାର ସରବରାକାର ବା ତଳି ଜମିଦାର (Sub-proprietor) କରିଦେଇ ତା ଉପରେ ନୂଆ କରି ବିକ୍ରି ମଞ୍ଜୁର କରିବାରେ ଦାଖଲଖାରଜ ରୋସମ ବସାଇ ଦେଲେ, କବଲାକେ ୫ ଟଙ୍କା, ଓ ବାଜ୍ୟାପ୍ତିଦାର ଉପରେ ସେଇପରି କବଲାକେ ୨ଟଙ୍କା। କିନ୍ତୁ ଏହା କଲେ ମଧ୍ୟ ସେମାନଙ୍କର ସ୍ୱାଧୀନ ରଇତତ୍ୱ ଦେଖି ଓ ବେଶିଦିନ ଖଣ୍ଡିତ ହୋଇ ନ ପାରେ ଦେଖି, ତାଙ୍କା ପାଇଁ ତଥାକଥିତ 'ଉଚ୍ଚ ପାହିଆ' ବା ମଧ୍ୟସ୍ୱତ୍ୱାଧିକାରୀତ୍ୱର ବ୍ୟବସ୍ଥା କରାହେଲା। ସମସ୍ତଙ୍କୁ ଆଇନ୍ ବଳରେ ଠେସି ଉଚ୍ଚ ପାହିଆକୁ ଉଠାଇବା ସାହାସ ହେଲା ନାହିଁ। ସୂତ୍ରରେ ପର ଉପରେ ପକାଇ କାମ ହାସଲ କରିବାରେ ପ୍ରଚେଷ୍ଟା କରାହେଲା।

ସେମାନଙ୍କ ସ୍ୱତ୍ୱ ନାଶର ଗତି-

ଠିକ୍ ଏକବର୍ଷ ପୂର୍ବରୁ ୧୯୧୨ ସାଲରେ ଗୋଟିଏ ବନ୍ଦୋବସ୍ତ ସରିଥିଲା। ସେଥିରେ ବଙ୍ଗାଳି ଅଫିସରମାନେ ସ୍ୱତ୍ୱାସ୍ୱତ୍ୱ ରେକର୍ଡ଼ କରିଥିଲେ। ସେମାନେ ପୁଣି କେହି ଆଇନଜ୍ଞ ମଧ ନ ଥିଲେ- ପରିସ୍ଥିତି ଦେଖି ସ୍ୱତ୍ୱ ସ୍ଥିର କରିବା ତ ଦୁରର କଥା। କେତେ ଡେପୁଟି ତାହା ଦେଖି ଉକ୍ତ ରଇତଙ୍କୁ ରଇତ ବୋଲି ଲେଖିଲେ। ଆଉ କେତେ ସେମାନଙ୍କୁ ମଧ-ସ୍ୱତ୍ୱାଧିକାରୀ ଲେଖି ବନ୍ଦୋବସ୍ତ କାମ ବାଢ଼େଇ ଦେଇ 'କର୍ତ୍ତବ୍ୟ' କରିବାରେ ଲାଗିଲେ। ଲୋକେ ଏଇ ରେକର୍ଡ ସଂଶୋଧନ ପାଇଁ କେଚେରୀରେ ଆଶ୍ରୟ ବା ନେଇଥାନ୍ତେ। କିନ୍ତୁ ଠିକ୍ ପରବର୍ଷ ଆଇନଟି ମାଡ଼ି ବସିଲା। ଆଇନ୍ କହିଲା, ଏବେ ୧୯୧୨ର ରେକର୍ଡ ଉପରେ କେହି କଥା କହି ପାରିବେ ନାହିଁ। (ପ୍ରଜାସ୍ୱତ୍ୱ ଆଇନର ୩ଧାରା)। ପୁଣି ଯେଉଁମାନେ ବାଜ୍ୟପ୍ତି ରଇତ ବୋଲି ଲେଖା ନ ହୋଇ ମଧ-ସ୍ୱତ୍ୱାଧିକାରୀ ବୋଲି ଲେଖା ହୋଇଛନ୍ତି, ସେମାନେ ରଇତ ବୋଲି ଆଉ କୌଣସି ପ୍ରକାରେ ଦାବି କରି ପାରିବେ ନାହିଁ। (ପ୍ରଜାସ୍ୱତ୍ୱ ଆଇନର ୬ ଧାରା)। ପୁଣି ଆଇନ୍ ହେଲା ବାଜ୍ୟାପ୍ତି ରଇତମାନେ ବିକ୍ରି ପ୍ରଭୃତିର ଖାତା ଫଡାରେ ମଧ ସ୍ୱତ୍ୱାଧିକାରୀ ବୋଲି ଧରା ହେବେ। ବିକ୍ରି ଖରିଦରେ ଏଣିକି ଭୀଷଣ ଗୋଳମାଳ ହେଲା, ଓ ଏଇ ଚିରଂତନ ରଇତମାନେ ସର୍ବମନ୍ତେ ଜମିଦାରଙ୍କ କବଜକୁ ଆସଲେ। ଦାଖଲ ଖାରଜ ବେଳେ ଜମିଦାର ଅନୁମତି ନ ଦେଲେ ଏକ ଖାତାରୁ ଜମି କାଟି ଅନ୍ୟ ଖାତାରେ ସାମିଲ୍ ହେବ ନାହିଁ। ମାତ୍ର ଜମିଦାରଙ୍କ ଏ ଅନୁମତିର ମୂଲ୍ୟ ପୁଣି ଟଙ୍କାରେ। ସେ ଟଙ୍କାର ମଧ ପରିମାଣ ନାହିଁ। ସରବରାକାରୀ ପ୍ରଭୃତି ଯଥାର୍ଥ ମଧ୍ୟସ୍ୱତ୍ୱ ସବୁ ଅଣାଏ, ଦିଅଣା, ପଇସାଏ, ଗଣ୍ଡାଏ, ଏପରି ଖଜଣା ଅସୁଲର ଅଂଶ ପରିମାଣରେ ବିକ୍ରି ହୁଏ। ତେଣୁ ସେଠାରେ ଖାତା ଫାଡିବାରେ

Digitized by PPRACHIN, SOA

ଅସୁବିଧା ଥାଇପାରେ। ମାତ୍ର ବାଜ୍ୟାପ୍ତି ବାହିଲଦାରଙ୍କର ସେପରି ବିକ୍ରି କରିବାକୁ ବାଟ ନାହିଁ। ସେମାନେ ସାଧାରଣ ରଇତ ପରି ମାଣ, ଗୁଣ୍ଠ ପ୍ରଭୃତି ଜମି ପରିମାଣରେ ବିକ୍ରି କରନ୍ତି। ଏଥିରେ ତାକୁ 'ଉଚ୍ଚ ପାହିଆ' ଦେଇ ଖାତା ନଫାଡି ଜମିଦାର କବଜରେ ଫିଙ୍ଗି ଦେବାର କୌଣସି ହେତୁ ବା ଯୁକ୍ତି ନାହିଁ।

ଖୋରଧାରେ ଏମାନେ ରଇତ-

ଏଇ ବାହିଲ ବାଜ୍ୟାପ୍ତିଦାର ମାନେ ପୁଣି ଖୋରଧା ଖାସ ମାହାଲରେ ସର୍ବତ୍ର ରଇତ କେହି ମଧ୍ୟ-ସ୍ୱତ୍ୱାଧିକାରୀ ନୁହନ୍ତି। ସର୍ବରାକାର ଥିଲେ ସେଠାରେ ମଧ୍ୟ-ସ୍ୱତ୍ୱାଧିକାରୀ। ତାଙ୍କୁ ଚାକରାନ ବା କର୍ମଚାରୀ ବା ଚୁକ୍ତି ତହସିଲଦାର କରି ତାଙ୍କର ଉଚ୍ଛେଦ କରା ହୋଇଚି। ରଇତକୁ ପୁଣି ସେଠାରେ ପୂର୍ଣ୍ଣ ରଇତ କରାହୋଇ ଥିବାରୁ ବାହିଲ ବାଜ୍ୟାପ୍ତିଦାରଙ୍କର ସେଠାରେ ଆଉ ସ୍ୱତନ୍ତ୍ର ନାମ ନାହିଁ। ଖଜଣା ପରିମାଣ ଘେନି ମଧ୍ୟ ସେ ନାମ ବ୍ୟବହାର କରିବାରେ କୌଣସି ଅର୍ଥ ନାହିଁ।

କାର୍ଯରେ ଏମାନେ ଏବେ ସର୍ବତ୍ର ରଇତ-

ବେ-ଖୋରଧା ଇଲାକରେ-ବିଶେଷରେ ପୁରୀ ସଦର ସବ୍‌ଡିଭିଜନରେ (ଆମେ ସେଇ ଅଞ୍ଚଳର ପରିସ୍ଥିତି ଭଲକରି ଜାଣୁ)- ଏଇ ବାହିଲ ବାଜ୍ୟାପ୍ତିଦାରମାନେ ଆଇନ ସତ୍ତ୍ୱେ କେବେ ନିଜେ କାର୍ଯ୍ୟରେ ମଧ୍ୟ-ସ୍ୱତ୍ୱାଧିକାର ହୋଇ ନାହାନ୍ତି। ଆଇନର ସନ୍ଧି ଧରି ସେମାନେ ହାଇକୋର୍ଟ ପର୍ଯ୍ୟନ୍ତ ବେଳେବେଳେ ଲଢ଼ି ଓ ଯଥାଶକ୍ତି ଶାସକମାନଙ୍କୁ ଜଣାଇ ଯଥାସମ୍ଭବ ନିଜର ରଇତତ୍ୱ ଏବେ ଠିକ୍ ରଖିଚନ୍ତି। ସମସ୍ତ ଗଛର ଫଳ ଭୋଗ ଅଧିକାର ତାଙ୍କର ଏବେ ଅଛି। ସେମାନେ ମଧ୍ୟ ଦାଖଲ ଖାରଜ ରୋସମ ପ୍ରାୟ ନେଇ ନାହାନ୍ତି କି ଦେଇ ନାହାନ୍ତି। ଜିଲା ବୋର୍ଡ ସେସ୍ (ଟିକସ୍) ଗଣନାରେ ମଧ୍ୟ କର୍ତାମାନଙ୍କୁ ବୁଝାଇ ନିଜକୁ ପ୍ରାୟ ରଇତ କରି ରଖିଛନ୍ତି। ସର୍ବତ୍ର ରଇତଙ୍କ ଅଧୀନରେ ସିକିମ୍ ରହିଲା ପରି, ତାଙ୍କ ତଳ ରଇତମାନେ ଏବେ ରହିଚନ୍ତି। ଅତଏବ ସର୍ବତ୍ର ସିକିମ୍ ରଇତଙ୍କ ପ୍ରତି ଯେ ବ୍ୟବସ୍ଥା ହେବ ତାଙ୍କ ତଳ ରଇତଙ୍କ ପାଇଁ ସେଇପରି ବ୍ୟବସ୍ଥା ହେବା ଉଚିତ୍। ଏବେ ସେମାନଙ୍କୁ ରଇତ ବୋଲି ସର୍ବମନ୍ତେ ଧରିବାକୁ ହେବ।

ବ୍ୟବସ୍ଥାର ସୂଚନା-

ତେବେ ବର୍ତ୍ତମାନ ପରିସ୍ଥିତି ସଂଶୋଧନ ପାଇଁ ଲଭ୍ୟ ବା ଉପେୟ ଦୃଷ୍ଟିରେ ଆଜି ଚିରକାଳ ସୂତ୍ରରୁ ଉଚ୍ଛେଦ କରା ହୋଇଥିବା ସ୍ୱତ୍ୱ ରଇତଙ୍କୁ ପୂରା ସ୍ୱତ୍ୱବାନ୍ କରିଦେବାକୁ ହେବ। ସଙ୍ଗେ ସଙ୍ଗେ ୨୪ ବରଷ ମାତ୍ର ଆଇନ୍‌ରେ ଉଚ୍ଛନ୍ନ କରାହୋଇ ଆସୁଥିବା ବାହିଲ୍ ବାଜ୍ୟାପ୍ତିଦାରମାନଙ୍କୁ ମଧ୍ୟ ରଇତ କରି ପରିସ୍ଥିତି ଠିକ୍ ରଖିବା ଏକାନ୍ତ ବାଞ୍ଛନୀୟ।

Digitized by PPRACHIN, SOA

ପୁଣି ମଧ୍ୟ-ସ୍ୱତ୍ୱ ଯେତେ କମିଯାଏ ତା ଦେଖିବାର କଥା। ଜମିରେ ରୟତ ଓ ଶ୍ରମିକ, ଦୁଇଟି ମାତ୍ର କୃଷକଙ୍କୁ ସ୍ୱୀକାର କରିବା ଦିଗରେ ଗତି କରିବାକୁ ହେବ। ଖୋରାଧାରେ ଏବେ ଯାହା ହୋଇଚି ତାହାହିଁ ସର୍ବତ୍ର ବର୍ତ୍ତମାନ ଲଭ୍ୟ। ସେଥିରେ ବଡ଼ ବଡ଼ ରଇତ ରହିବେ ସନ୍ଦେହ ନାହିଁ। ବଡ ରଇତର ଜମି ପରିମାଣ ଧରି ମଧ୍ୟସ୍ୱତ୍ୱ ତିଆରି କରିବାର ବାତୁଳତା ମଧ୍ୟ ଭୀଷଣ କ୍ଷତିକର। ଆଉ କୌଣସି ପ୍ରକାର ମଧ୍ୟସ୍ୱତ୍ୱ ସୃଷ୍ଟି କରିବାକୁ ହେବ ନହିଁ। ରଇତି ଜମି ବିକ୍ରି ମଧ୍ୟ କୌଣସି ପ୍ରକାରେ ସୀମାବଦ୍ଧ କରିବା ଠିକ୍ ନୁହେ। ଶ୍ରମିକ କୃଷକଙ୍କୁ ଶୃଙ୍ଖଳିତ କରି ସେ ସବୁର ପ୍ରତିବିଧାନ କରିବାକୁ ହେବ। ଏଇ ଦିଗରେ ପ୍ରତିବିଧାନ ନିୟମିତ ଓ ଶୃଙ୍ଖଳିତ ଗତି କଲେ କ୍ରମେ ଜମିରୁ ସ୍ୱତ୍ୱ ଲୋପ ପାଇବ, ଅର୍ଥାତ୍, ଜମି ସରକାରର ହୋଇ ଯିବାରେ ସୁଗମ ପନ୍ଥା ଫିଟିବ।

ଭାଗ ଚାଷୀ-

ଜମିଦାର ଓ ମଧ୍ୟ-ସ୍ୱତ୍ୱାଧିକାରୀଙ୍କୁ ତାଙ୍କ ନିଜ ନିଜ ଚାଷ ପ୍ରଭୃତି ଜମିରେ ତାଙ୍କୁ ରଇତ କରି ଦେବାକୁ ହେବ। ଧୂଳିଭାଗ ଚାଷୀଙ୍କୁ ସର୍ବତ୍ର ଚୁକ୍ତି ଶ୍ରମିକରେ ପରିଣତ କରି ଦେବାକୁ ହେବ। ଧୂଳି ଭାଗରେ ଜମି ଧରି କାହାରି ରଇତ ବୋଲାଇ ହେବା ଠିକ୍ ନୁହେ। କେବଳ ଗଞ୍ଜାମ ଜମିଦାରୀରେ ଲୋକେ ଏପରି ରଇତ ବୋଲାଇ ହୁଅନ୍ତି। ତାହା ସବୁ ବନ୍ଦ କରି, ସେ ସବୁଠାରେ ସରକାରୀ ମାହାଲ ପରି ଖଜଣା ବସାଇବାକୁ ହେବ, କାରଣ, ସେ ଜମିରେ ଯଥାର୍ଥରେ କୌଣସି ଲଭ୍ୟାଂଶ ନାହିଁ। ସ୍ୱତ୍ୱ କାହୁଁ ଅଇଲା? ପାଖରେ ଘୁମୁସରରେ ରାଇତଠାରୁ ଶ୍ରମିକ ମଧ୍ୟ ଏଇପରି ଅଧା ଭାଗରେ ଜମି ଧରେ। ତେବେ ଅଧା ଭାଗ ଚାଷରେ ସ୍ୱତ୍ୱ ସ୍ୱୀକାର କରିବା କିପରି ଅସଂଗତ ଓ କ୍ଷତିକର ତାହା ବେଶ୍ ବୁଝାଯାଉଛି। ଅଧା ଫସଲର ଅର୍ଥ-ମୂଲ୍ୟ ନିରୂପଣ କରି ଖଜଣା ବନ୍ଦୋବସ୍ତ କରିବା ମଧ୍ୟ ସେଇ ଧୂଳିଭାଗ ବୋଲି ଧରିବାକୁ ହେବ। ଏହା ପୁଣି ଧୂଳି ଭାଗ ଫସଲ ଖଜଣାଠାରୁ ଆଉରି ଭୀଷଣ। ଏଇ ଧୁଳିଭାଗରେ ସ୍ୱତ୍ୱ ଦେବା ଆର୍ଥିକ ଭାବରେ ମଧ୍ୟ ଭୀଷଣ କ୍ଷତିକର। ଏଥିରେ କଚିରୀରେ ଖଜଣା ଆଦାୟ କରିବା ଏକ ପ୍ରକାର ଅସଂଭବ। ପୁଣି ଅନ୍ୟତ୍ର ରଇତ ଠାରୁ ଏଇ ଧୂଳିଭାଗ ଚୁକ୍ତିରେ ମିଳୁଥିବା ସ୍ଥଳେ, ଏକ ଚାଷୀର ସ୍ୱତ୍ୱବାନ୍ ଧୂଳିଭାଗ ଓ ସ୍ୱତ୍ୱହୀନ ଧୂଳିଭାଗ ରହିଲେ, ପ୍ରଥମ ଜମିର ଚାଷ ଖରାପ ହେବାର ଘୋର ସଂଭାବନା ରହିଚି। ଯେଉଁଠାରେ ମୂଲ୍ୟ ନାହିଁ ସେଠାରେ ସ୍ୱତ୍ୱ ବୋଲି କହିବାରେ ଯେ ସବୁ ଅସୁବିଧା ତାହା ଏଠାରେ ଅଛି। ଏଥିରେ ଗ୍ରସ୍ତ ହୋଇ ଏବେ ଏ ଦେଶରେ କେତେ ଭୂମି ଯେ ପଡ଼ିଆ ପଡ଼ିଚି, ତାର କଳନା ନାହିଁ।

Digitized by PPRACHIN, SOA

ପନ୍ଥାର ସୂଚନା-

ଏହିସବୁ ଆଦର୍ଶ ଓ ନୀତିରେ ଦୃଷ୍ଟି ଠିକ୍ ରଖି ଏହି ଉପେୟ ପ୍ରତି ଆଭିମୁଖ୍ୟ ଠିକ୍ କରି ରାଜ୍ୟ ଧର୍ମରେ ବ୍ରତୀ ହେଲେ, ସରକାରଙ୍କୁ ଓ ଲୋକଙ୍କୁ ସୁପନ୍ଥା ଦିଶିଯିବ। ଯେ କୌଣସି ଦିଗରେ କାର୍ଯ୍ୟ କଲେ ମଧ ଏହିପରି ଆଦର୍ଶ ନୀତି ଦୃଷ୍ଟି ଓ ଅଭିମୁଖ୍ୟ ଠିକ୍ କରି ପରିସ୍ଥିତିର ପରିବର୍ତ୍ତନ କରିବାକୁ ହେବ। ତା' ନ କରି ଏକ ଦିଗରେ ଅନୁକରଣ ମାତ୍ରରେ ଲୋକେ ଦେଖାଣିଆ ଆତସବାଜି ଦେଖାଇବାକୁ ଲୋଡ଼ିଲେ ବା ଆଦର୍ଶବାଦରୁ ଦିଓଟି ଗୋଟିଏ ଅବୁଝା ବୈଦିକ ମନ୍ତ୍ର ଅଉଡାଇ ଲୋକେ ମୋହନରେ ମାତିଲେ ଅବସ୍ଥା ଭୀଷଣ ହେବ।

ନବ ଭାରତ-୪/୪, ଆଲୋଚନା

ଓଡ଼ିଶା ପ୍ରଜାସ୍ୱତ୍ୱ ସଂଶୋଧନ

ବଡ଼ ଆନନ୍ଦର କଥା, ଲାଟ ସାହେବ ଓଡ଼ିଶା ପ୍ରଜାସ୍ୱତ୍ୱ ସଂଶୋଧନ ଆଇନ୍‌ରେ ମତ ଦେଇଛନ୍ତି। ଅବଶ୍ୟ ଏଥିରେ ଲାଟ ସାହେବଙ୍କର ମତ ଦେବାରେ ଆପତ୍ତି କରିବା ଭଳି କିଛି ନ ଥିଲା। ମାତ୍ର ଆମେ ଏଥିପୂର୍ବେ ଏ ଆଇନ୍‌ର ସମାଲୋଚନା କରିଥିଲୁ। ଏଥିରେ ପ୍ରଜାଙ୍କର ଯଥାର୍ଥ ମଙ୍ଗଳ ବୁଝି ବିଚାରି କରାହୋଇ ନାହିଁ। ଦାଖଲଖାରଜ ରୋସମ ଗୋଟିଏ ମଧ୍ୟଯୁଗର ଜୀର୍ଣ୍ଣ ଅନୁଷ୍ଠାନ। ତାହା ସମୂଳେ ଯିବାର ଥିଲା, ଯାଇ ନାହିଁ। ଗଛ ଅଧିକାର ଘେନି ନୂଆ ବିଭ୍ରାଟମାନ ସୃଷ୍ଟି କରାହୋଇଛି। ପୁଣି ବେଆଇନ୍ ପାଉଣା ବନ୍ଦ କରିବାର ବିଧାନ ଅଯଥା ବିଦ୍ୱେଷମୂଳକ ହୋଇଚି ଓ କାର୍ଯ୍ୟରେ ନିଷ୍ଫଳ ହେଲାପରି ହୋଇଚି। ସେ ଯାହା ହେଉ ବର୍ତ୍ତମାନ ଲୋକରକ୍ଷା ପାଇଁ, ବହୁଦୂରରେ ଥିବା ପୂର୍ଣ୍ଣ ଓ ସର୍ବାଙ୍ଗ ପ୍ରଜାସ୍ୱତ୍ୱ ଆଇନ୍ ପର୍ଯ୍ୟନ୍ତ ଅପେକ୍ଷା ନ କରି ଏଇ ଓଡ଼ିଶା ପ୍ରଜାସ୍ୱତ୍ୱ ସଂଶୋଧନରେ ପୁଣି ନିମ୍ନଲିଖିତ ଅତି ଆବଶ୍ୟକୀୟ ସଂଶୋଧନଗୁଡ଼ିକ କରି ନିଅନ୍ତୁ -

୧) ସବୁପ୍ରକାର ଦାଖଲ ଖାରଜ ଉଠାଇ ଦିଆଯାଉ।

୨) ବିକ୍ରି ପୁଣି ଭାଗବଣ୍ଟାଦିରେ ଯେଝା ଖଜଣା ତା'ର ଅଲଗା ହେବାର ସର୍ବତ୍ର, ସବୁ ସ୍ୱତ୍ୱରେ ବ୍ୟବସ୍ଥା କରାଯାଉ । ଏହାହିଁ ଜମିଦାରଙ୍କ ବିନାଅନୁମତିରେ ଖାତାଫଡ଼ା।

୩) ଜମିଦାର ନାମରେ ଗଛ ବନ୍ଦୋବସ୍ତରେ ରେକର୍ଡ଼ ଥାଇ ମଧ ଯେଉଁଠାରେ ରୀତି ଅନୁସାରେ ପ୍ରଜାର ଗଛ ଫଳାଦିରେ ଦଖଲ ଥିଲା, ସେଠାରେ ଗଛକୁ ସମ୍ପୂର୍ଣ୍ଣରୂପେ ପ୍ରଜାର କରି ଦିଆଯାଉ।

(ରୀତି କଥାଟି ରଖିଲେ ମକଦ୍ଦମା ବଢ଼ିବ ବୋଲି ଯୁକ୍ତିକରି ମନ୍ତ୍ରୀମାନେ ବରାବର ପ୍ରଜାସ୍ୱତ୍ୱ ସଂଶୋଧନରେ 'ରୀତି' ଶବ୍ଦର ଉଚ୍ଛେଦ କରିବାର ଯେ ପ୍ରୟାସ କରିଚନ୍ତି,

Digitized by PPRACHIN, SOA

ତାହା ଭ୍ରମାତ୍ମକ ଓ ବିଷୟ ଜ୍ଞାନରେ ଆଦର୍ଶକୁ ମିଶାଇ ନ ନେବାର ଫଳ। ଏହା ଆମେ ପୂର୍ବେ ବୁଝାଇ ଦେଇଚୁ। ପ୍ରଜାସ୍ୱତ୍ୱ ଆଇନ୍‌ରେ ଏବେ ଅନେକ ସ୍ଥଳରେ ରୀତି ଛାଡ଼ି ହେବ ନାହିଁ। ପୁଣି ରୀତି ଘେନି ବିବାଦ ବିସଂବାଦ ଗୋଟିଏ ସମତାକୁ ଆସି ଯାଇଛି। ତାହା ଉଠାଇ ଦେଲେ ନିଶ୍ଚୟ ନୂତନ ଅସମତା ଓ ବିବାଦ ବାହାରିବ। ଯଦି ସେଭଳି ଜିନିଷ ସବୁ ଉଠାଇବାର ବିଚାର କରାଯାଏ, ତେବେ ତା ଏବେ ନୁହେଁ। ପ୍ରଜାସ୍ୱତ୍ୱର ତନ୍ନ ତନ୍ନ ଓ ବିଶେଷ ଅନୁସନ୍ଧାନ ପରେ ସବୁ ସ୍ଥାନର ସବୁ ରୀତି ଠିକଣା କରି ଜାଣି, ରୀତି ଶବ୍ଦ ଉଠାଯିବ କି ନା ବିଚାରରେ ଆସିପାରେ। ମାତ୍ର ଏବେ କଦାପି ନୁହେଁ।

୪) ଓଡ଼ିଶା ପ୍ରଜାସ୍ୱତ୍ୱ ଆଇନ୍‌ର ଛଅ ଧାରାରେ ଯେଉଁଠାରେ ଠେସି ପେଲି ପ୍ରଜାକୁ ମଧ୍ୟସ୍ୱତ୍ୱାଧିକାରୀ କରି ଉଁଚା ପାହିଆକୁ ଉଠାଇ ଦିଆଯାଇଛି ବୋଲି କୁହାଯାଇଛି, ସେଇଠାରେ ସେଇ ବାକ୍ୟାଂଶଟି ଉଠାଇ ଦେଇ, କୁହାଯାଉ, ସେଇ ଆଇନ୍‌ଟିର ପାଞ୍ଚଧାରାରେ ପ୍ରଜା ଓ ମଧ୍ୟସ୍ୱତ୍ୱାଧିକାରୀର ଯେଉଁ ଚିହ୍ନଟ ନିର୍ଦ୍ଦେଶ କରାଯାଇଛି, ସମସ୍ତେ ସେଇ ଅନୁସାରେ ପ୍ରଜା ଓ ମଧ୍ୟସ୍ୱତ୍ୱାଧିକାରୀ ବୋଲି ଧରା ଯାଆନ୍ତୁ। ପୁଣି ଠେସିକରି ପ୍ରଜାଙ୍କୁ ମଧ୍ୟସ୍ୱତ୍ୱାଧିକାରୀ କରିବା ଫଳରେ ଏ ମଧ୍ୟରେ ଯଦି କୌଣସି ସିକିମ୍ ପ୍ରକାର ପ୍ରଜାସ୍ୱତ୍ତ୍ୱ ଉଦ୍‌ଭବ ହୋଇ ଯାଇଥାଏ, ତାହା ସମୂହ ବିଚାର ପର୍ଯ୍ୟନ୍ତ ସେଇପରି ରଖି ଦିଆଯାଉ।

୫) ଧୂଳିଭାଗ ବା ସଂଜାସ୍ୱତ୍ୱ ସର୍ବତ୍ର ସିକିମ୍ ବୋଲି ଧରାଯାଉ। ନଚେତ୍ ପ୍ରଜା ଦୋଷରେ ଲାଗେ ଲାଗେ ଦୁଇ ବର୍ଷ ଧୂଳିଭାଗ ବା ସଂଜା ବାକି ପଡ଼ିଲେ, ସେ ସ୍ୱତ୍ୱ ଆଉ ରହିବ ନାହିଁ ବୋଲି ବ୍ୟବସ୍ଥା କରାଯାଉ।

୬) ପିଛିଲା ଦାଖଲଖାରଜ ରୋସମ୍ ଉଠାଇ ଦିଆଯାଉ। (ଆଗେ ବୁଝାଇ ଦେଇଚୁ ଏଥିରେ କାହାରି ସ୍ୱତ୍ୱ ଉଚ୍ଛେଦ ଆପତ୍ତି ଉଠି ନ ପାରେ। ଏଥିପାଇଁ ବିଶେଷଜ୍ଞ ଆଇନ୍ ବ୍ୟବସାୟୀଙ୍କ ମତ ଦରକାର ହେଲେ, ତାହା ଦେବାପାଇଁ ଆମେ ପ୍ରସ୍ତୁତ ଅଛୁ।

୭) ଉପର ୬ଷ୍ଠ ଦଫାଟି ଆଇନ୍‌ରେ ପରିଣତ ହେବା ପୂର୍ବରୁ ହଠାତ୍ ବ୍ୟବସ୍ଥା କରାଯାଉ, ପିଛିଲା ଦାଖଲଖାରଜ ରୋସମ୍ ପାଇଁ କେହି କିଣିଥିବା ପ୍ରଜାର ସ୍ୱତ୍ୱ ଉଚ୍ଛେଦ କରିବାକୁ କଚରିରେ ଦାବି କରି ପାରିବେ ନାହିଁ। ପୁଣି ବର୍ତ୍ତମାନ ପାଇଁ ଏ ଟଙ୍କା ସାଧାରଣ କରଜ ମଧ୍ୟରେ ଗଣତି ହେବ, ଅର୍ଥାତ୍ ରଇତ ରକ୍ଷା ଆଇନ୍ ହିସାବରେ ଏହା ଖଜଣା ବୋଲି ଧରା ନ ହୋଇ ସାଧାରଣ ଋଣ ବୋଲି ଧରା ହେବ। ପୁଣି ଦାଖଲଖାରଜ ରୋଷମ ପାଇଁ ବର୍ଷେ ବା ଛ'ମାସ ଯାହା ମିଆଦ ଅଛି, ତାହା କାର୍ଯ୍ୟକର ହେବ ନାହିଁ। ପିଛିଲା ଦାଖଲଖାରଜ ପୂର୍ଣ୍ଣରୂପେ ଟଙ୍କା କରଜ ବୋଲି ଧରା ହେବ।

Digitized by PPRACHIN, SOA

(ପୂର୍ବେ ଆଂଶିକ ଖାତାରେ ଦାଖଲଖାରଜ୍ ପାଇଁ ସ୍ୱତ୍ୱ ଉଚ୍ଛେଦ ନହୋଇ, କେବଳ କରଜ ଟଙ୍କା ପରି ଡ୍ରିଗୀ ଦିଆଯାଉଥିଲା। କେବଳ ପୂରାଖାତା ହେଲେ ସ୍ୱତ୍ୱ ଉଚ୍ଛେଦ ହେଉଥିଲା। ଏବେ ସେଦିନ କିନ୍ତୁ ଜଜ୍ କୋର୍ଟରେ ନିଷ୍ପତ୍ତି ହୋଇଯାଇଚି, ଆଂଶିକ ଖାତାରେ ମଧ୍ୟ ଜମିଦାର ସ୍ୱତ୍ୱ ଉଚ୍ଛେଦ କରିପାରିବେ। ଏହା ପ୍ରଜାମାନଙ୍କ ପକ୍ଷରେ ବଡ଼ ଭୀଷଣ ହେବ।)

୮) ପୁଣି ଆପାତ ହଠାତ୍ ବ୍ୟବସ୍ଥା କରାଯାଉ, ଓଡ଼ିଶା ପ୍ରଜାସ୍ୱତ୍ୱ ଆଇନ୍ ପାଶ୍ ହେବା (୧୯୧୩) ପୂର୍ବରୁ ଯେଉଁ ଅଞ୍ଚଳରେ ଯେ ପରିମାଣରେ ଦାଖଲ ଖାରଜ୍ ରୋସମ୍ ଆଦାୟ ହେଉଥିଲା, ଜମିଦାର ସେତକି ପାଇବେ। ଆଇନ୍‌ରେ ଥିବା Maximum (ଏତିକି ପର୍ଯ୍ୟନ୍ତ)ର ଏହା ଅର୍ଥ ବୋଲି ବୁଝିବାକୁ ହେବ। କଚେରିକି ମକଦ୍ଦମା ଗଲେ, ବିଚାରପତି ଜମିଦାରଙ୍କ ବା ସେଇ ଅଞ୍ଚଳ ଅନ୍ୟ ଜମିଦାରଙ୍କ ପୂର୍ବ ସିରସ୍ତାଦିରୁ ଓ ଅନ୍ୟ ପ୍ରକାରେ ପ୍ରମାଣ ନେଇ ସେତିକି ଡିଗ୍ରୀ ଦେବେ (ମାଡ଼କ୍‌ସ୍ ସାହେବଙ୍କ ପୂର୍ବ ପ୍ରଭିନ୍‌ସିଆଲ ବନ୍ଦୋବସ୍ତ ରିପୋର୍ଟରେ ସ୍ପଷ୍ଟ ଅଛି, ଏହା ବଡ଼ କମ୍ ଜାଗାରେ ଚାରିଅଣା ଥିଲା, ଅନେକ ଜାଗାରେ ଏକାବେଳକେ ଶୂନ୍ ଥିଲା। ମାତ୍ର ୧୯୧୩ ଆଇନ୍‌ରେ ଚାରିଅଣା (ଶତକଡ଼ା ୨୫) ପର୍ଯ୍ୟନ୍ତ ବୋଲି କହି କଥାଟି ଆକ୍ଷରିକ ଭାବରେ ଠିକ୍ ରଖି, ପେଞ୍ଚରେ ପ୍ରଜାଙ୍କୁ ମାରି ଦେବାର ବ୍ୟବସ୍ଥା ହୋଇଚି। ଏହାର ପରିମାଣ ସେଇ ଆଇନ୍‌ରେ ମଧ୍ୟ ନିର୍ଦ୍ଦିଷ୍ଟ ନୁହେଁ। ମାତ୍ର ପରିମାଣ ପ୍ରମାଣ କରିବା ଜମିଦାରଙ୍କ ଉପରେ ମୁଖ୍ୟତଃ ନ ପକାଇ ପ୍ରଜାଙ୍କ ଉପରେ ପକାଇ ମହାବିଭ୍ରାଟ ସୃଷ୍ଟି କରାଯାଇଛି। ଏହା ବୁଝିବାର ଅଛି।)

ଏହାପରେ ସମଗ୍ର ଓଡ଼ିଶାର ପ୍ରଜାସ୍ୱତ୍ୱ ସମୂହ ଭାବରେ ସଂଶୋଧନ କରିବାପାଇଁ ଅନୁସନ୍ଧାନର ସୁବ୍ୟବସ୍ଥା କରାଯାଉ।

ନବଭାରତ-୫/୨, ଆଲୋଚନା

ପ୍ରଜାସ୍ୱତ୍ୱର ପୁରୋଦୃଷ୍ଟି

କେହି ଜାଣି ବୁଝି କଲା ପରି ଦିଶୁନାହିଁ-

ବର୍ତ୍ତମାନ ଗୋଟିଏ ଶ୍ରେଣୀର ଜନସେବିଙ୍କ ଭିତରେ ଦୁଆ ଉଠିଚି, ଯେ ଚାଷ କରୁଚି ତାକୁ ଜମିରେ ସ୍ୱତ୍ୱ ଦିଆଯାଉ। କଥାଟି ଶୁଣିବାକୁ ଭଲ। ମାତ୍ର ତାହା କିପରି ହେବ ବା ହେଲେ ତାହାର ପରିଣାମ କଣ ହେବ, ଏ ସବୁ ଚିନ୍ତା କରି ସେମାନେ କୌଣସି ଯୋଜନା ଦେଉ ନାହାନ୍ତି। ଏଣେ ଖଣ୍ଡିତ ଚିନ୍ତାର କୋଳାହଳରେ ବିଶୃଙ୍ଖଳା ପଶି ପ୍ରଜାସ୍ୱତ୍ୱ ବିଷୟରେ ସମୂହ ପୁରୋଦୃଷ୍ଟି ଫିଟୁନାହିଁ। ପୁଣି କଥା କଥାକେ କେହି ବଂଗ, କେହି

Digitized by PPRACHIN, SOA

ବିହାର, କେହି ମାନ୍ଦ୍ରାଜକୁ ଦେଖାଇ ଦେଉଚନ୍ତି। ତାହା ପୁଣି ଅତି ଖଣ୍ଡିତ ଭାବରେ ଦେଖାଉଚନ୍ତି। ସମୂହ ଦୃଷ୍ଟିରେ ଚିନ୍ତା କରିବାର ଶକ୍ତି ବା ଧୈର୍ଯ୍ୟ ଥିଲା ପରି ମନେ ହେଉ ନାହିଁ। ସର୍ବୋପରି,ପ୍ରଦେଶର ପରିସ୍ଥିତି ସମ୍ୟକ ଅନୁଧାବନ କରି ବ୍ୟବସ୍ଥା ଚିନ୍ତା କରିବାର କାହାରିକୁ ଦେଖାଯାଉ ନାହିଁ। କେତେକ ଅଛନ୍ତି, ସେମାନେ ପୁଣି ବିନା ଚିନ୍ତାରେ ଲୋକଙ୍କୁ ଯେ କୌଣସିମତେ ଆପାତ ମଧୁର ଦୁଇ ଚାରି କଥା ଶୁଣାଇ ନେତୃତ୍ୱଟା ଆଗ ହାସଲ କରି ନେବାକୁ ଲୋଡ଼ନ୍ତି। ପୁଣି କେତେ ଏ ସବୁ କିଛି କାର୍ଯ୍ୟରେ ହେବା ସମ୍ଭବ ନୁହେଁ ବୋଲି ଜାଣି ମଧ୍ୟ ଏଥିରେ ପ୍ରଶ୍ରୟ ଦେଉଚନ୍ତି। ସେମାନେ ନିଜ ରକ୍ଷିତ ସ୍ୱାର୍ଥକୁ ଅବାନ୍ତର ଭାବରେ ରଖିବାପାଇଁ ଉନ୍ମୁଖ। ଚିନ୍ତାହୀନ ଖଣ୍ଡିତ ବ୍ୟବସ୍ଥାମାନ ଘେନି ଗୋଳମାଳ ପଶିଲେ, ସେମାନେ ଫଳରେ "ଶୁଖିଲାରେ ବାଳିଆ ପିଟିବେ।"

ଅବସ୍ଥା ଅସ୍ପୃହଣୀୟ-

ଏ ବଡ଼ ବିଭତ୍ସ ଅବସ୍ଥା। ଏଥିରେ କ୍ଷୁଦ୍ରତାର ବିବାଦହିଁ ସୃଷ୍ଟି ହେଉଛି, ଜାତୀୟତାର ନାମରେ ଜାତୀୟତା ଧ୍ୱଂସ ହେଉଛି। ସରକାରଙ୍କ ପୋଷକ ପ୍ରତିନିଧି କେତେ ଏହା ଦେଖି ମଧ୍ୟ ଦେଖୁ ନାହାନ୍ତି। ଆଖି ବୁଜି ଦେଉଚନ୍ତି। ତାହାର କାରଣ, ଜାତୀୟତା ବା ରାଜନୀତି ନିମନ୍ତେ, କଷ୍ଟଲବ୍ଧ ଓ ଅନେକଙ୍କ ପକ୍ଷରେ ଆଶାର ଅତିରିକ୍ତ ସ୍ୱାଚ୍ଛନ୍ଦ୍ୟ ସାଧକ ପଦଟିମାନ ଛାଡ଼ିବାକୁ ଅନେକେ ହୁଏ ତ ଭିତରେ ନାରାଜ। ବୁଝିଚୁ ଏ ବିଶ୍ଳେଷଣ ସୂଚନା ବଡ଼ କଠୋର। ମାତ୍ର ଏହା ସତ୍ୟ, ଓ ବର୍ତ୍ତମାନ ପରିସ୍ଥିତିରେ କେବଳ ବକ୍ତବ୍ୟ ନୁହେ ଆଲୋଚ୍ୟ ମଧ୍ୟ। କ୍ରମେ ହୁଏତ ଏହାର ବିଶଦ ଆଲୋଚନା କରାଯିବ। ମାତ୍ର ଏବେ ଏଇ ସୂଚନାରେ ଥାଉ। ବିଧାତା କରନ୍ତୁ, ଆଉ ବିଶଦ ଆଲୋଚନାର ଅବକାଶ ନ ଆସୁ।

କୃଷକମାତ୍ରର ସ୍ୱତ୍ୱ ଏବେ ହେବ କିପରି ?-

ଏବେ ପ୍ରଜାସ୍ୱତ୍ୱ ସଂବଂଧରେ କି ବ୍ୟବସ୍ଥା କରାଯିବ, ତା ଦେଖାଯାଉ। ଜମିରୁ ଲଭ୍ୟ, କୃଷକର ହେବା ଉଚିତ। ତା କିପରି ହେବ ? ସାକ୍ଷାତ୍ କୃଷକକୁ ଜମିରେ ସ୍ୱତ୍ୱ ଦେଲେ ତା ହେବ କି ? ସେପରି ସ୍ୱତ୍ୱ ଏବେ ଦେବାକୁ ଗଲେ ତାର ପ୍ରଣାଳୀ ଓ ପରିମାଣ କଣ ହେବ ? କୃଷକକୁ ରୟତ କରି ତା ଉପରେ ଥିବା ସ୍ୱତ୍ୱାଧିକାରୀ ରୟତକୁ ଏବେ ମଧ୍ୟ-ସ୍ୱତାଧିକାରୀ ବା ତଳି ଜମିଦାର କରି ଦେବାକୁ ହେବ। ଏଇପରି ରୀତିକୁ ବ୍ୟବସ୍ଥାରେ ପରିଣତ କରି କ୍ରମେ ଯାହାର ନିଜ କୃଷିରୁ ବେଶି ଜମି ହେଉଥିବ ତାକୁ ଏହିପରି ତଳି ଜମିଦାର କରାଯାଉଥିବ। ଏ ସବୁ କିସମ ଓ ପାହାଚର ତଳି ଜମିଦାରମାନେ କ୍ରମେ ଖଜଣା ଅସୁଲକାରିରେ ପରିଣତ ହେଉଥିବେ। ବସ୍ତୁତଃ ସେମାନେ ଅନର୍ଜିତ ଧନଭୋଗୀ ହେବେ। ଏହା ଦରକାର କି ? କାଲି ଧର ପ୍ରଜା ଉପରୁ ଟଙ୍କାରେ ଚାରିଅଣା ଖଜଣା କମାଇବାକୁ ହେବ। ଆଜି ସେଥିପାଇଁ ଜମିଦାର ଓ ସରବରାକାର ପ୍ରତିବନ୍ଧକ ହେଉଚନ୍ତି।

Digitized by PPRACHIN, SOA

କାଳକ୍ରମେ ପାହାଚକୁ ପାହାଚ ମଧ୍ୟସ୍ୱତ୍ୱର ପ୍ରତିବନ୍ଧକ କ୍ରମେ ଘନୀଭୂତ ହୋଇ ପ୍ରଜା ବା ସଭାତଳ ରଇତକୁ ସରକାରଠାରୁ ବହୁଦୂରକୁ ଘେନିଯିବ। ଦେଶ କେବଳ ପାହାଚରୁ ପାହାଚ ଜମିଦାରରେ ପୂର୍ଣ୍ଣ ହୋଇଯିବ। ପୁଣି ରଇତର ଖଜଣାକୁ କୃଷିଲବ୍ଧ ଆୟ ଟିକସରେ ପରିଣତ କରିବାର ଯେ କଳ୍ପନା ହେଉଚି, ସେ ଆଡକୁ ଯିବାର ଆଉ ପନ୍ଥା ରହିବ ନାହିଁ। ଆଉରି, ଏବେ ମଧ ଯେଉଁ କୃଷିର ଆୟ ଉପରେ ଟିକସ ବସାଇ ଅନ୍ୟ ଅନ୍ୟାଯ୍ୟ କରରୁ ଲୋକଙ୍କୁ ଅବ୍ୟାହତ ଦେବାର ବିଚାର ହେଉଚି, ତାହା ହୋଇପାରିବ ନାହିଁ।

ଅନ୍ୟ ଅସୁବିଧା-

ପୁଣି ବରାବର ଜମି ସାକ୍ଷାତରେ ଥିବା କୃଷକକୁ ଜମିରେ ସ୍ୱତ୍ୱ ଦେବ। ଜମିର ମଧ ମୂଲ୍ୟ ରହିବ ନାହିଁ। ଯେତେବେଳେ ତାର ନିଜର କୃଷି ପରିମାଣରୁ ଜମି ବେଶି ହେବ, ସେତେବେଳେ ସେ ଜମି ତାର ହେବ ନାହିଁ। ଏଥିରେ ଜମି କିଣା ବିକା ଆଉ ରହିବ ତ? ତାହା ନ ହୋଇ ଯଦି ଧର ନିୟମ କରାଯାଏ କୋଡିଏ ଏକରରୁ ଯାହାର ଜମି ବେଶି ହେବ ସେ ସଂଗେ ସଂଗେ ମଧ୍ୟସ୍ୱତ୍ୱାଧିକାରୀ ବା ତଳି ଜମିଦାର ହୋଇଯିବ, ତେବେ ପରିସ୍ଥିତିଟି କଣ ହେବ? ଜମିଟା ମଧ୍ୟସ୍ୱତ୍ୱାଧିକାର ସ୍ୱତ୍ୱ ହେବ, ନା ସେପରି ଲୋକଟା ମଧ୍ୟସ୍ୱତ୍ୱାଧିକାରୀ ହେବ। ଯଦି ଲୋକଟା ହୁଏ ତେବେ ତାହାର କୋଡିଏ ଏକରରୁ ଜମି କମିଗଲାମାତ୍ରେ ସେ ପୁଣି ରୟତ ହୋଇ ଯିବାର କଥା। ସେତେବେଳେ ତା ତଳ ରଇତର ଅବସ୍ଥା କଣ ହେବ? ଯଦି ଜମିଟା ମଧ୍ୟ ସ୍ୱତ୍ୱାଧିକାର ସ୍ୱତ୍ୱ ହୋଇଯାଏ, ତେବେ ଏକରେ ଅଧ ଏକରେ ଜମି ବିକା ହେବାରେ ମଧ୍ୟ ସାରା ପ୍ରଦେଶରେ ଖାଲି ମଧ୍ୟସ୍ୱତ୍ୱାଧିକରୀ ଅନର୍ଜିତ ଧନଭୋଗୀଙ୍କ ସଂଖ୍ୟା ପାହାଚକୁ ପାହାଚ ହୋଇ ବ୍ୟାପିଯିବ। ସେହିମାନଙ୍କ ସଂଖ୍ୟାହିଁ ବଢ଼ିବ। ସେମାନେ ପୁଣି ଅତି କ୍ଷୁଦ୍ର ଓ ଦରିଦ୍ର ହେବେ। ରଇତଙ୍କ ସଂଖ୍ୟା ହୁଏତ କାଳକ୍ରମେ ତାଙ୍କ ସଂଖ୍ୟା ଠାରୁ କମ ହେବ।

କାର୍ଯ୍ୟ ଓ ନୀତିରେ ବିରୋଧ-

ଆଉ ଗୋଟିଏ କଥା। ନୀତି ହିସାବରେ ପୁଣି ଜମିଦାର ଓ ମଧ୍ୟସ୍ୱତ୍ୱାଧିକାରୀ ଏକାବେଳେକେ ଉଠିଯିବା ଆମର ଉଦ୍ଦେଶ୍ୟ। ସେପରି ସ୍ଥଳେ ଗତାନୁଗତିକ ପନ୍ଥା ଧରି ଖାଲି ଜମିଦାର, ତଳି ଜମିଦାର, ତଳି ତଳି ଜମିଦାର ପାହାଚମାନ ଏବେ ତିଆରି କରିବାର ଉଦ୍ୟମରେ ବି ଚିନ୍ତା ବା ପୁରୋଦୃଷ୍ଟି ଅଛି? ଏସବୁ କଥା କେହି ଭାବି ଚିନ୍ତି କହୁଚନ୍ତି ତ? ବିଦେଶରେ ବା ଅନ୍ୟ ପ୍ରଦେଶରେ କଣ ହେଉଚି ସେଥିରୁ ଗୋଟାଏ ଗୋଟାଏ ଘୋଷା ଧରି, ଦୁଆ ଉଠାଇ ଲୋକଙ୍କୁ, ସରକାରକୁ, ତଥା ନିଜକୁ ଭ୍ରଷ୍ଟ କରିବାରେ ଅନିଷ୍ଟ ଛଡ଼ା ଇଷ୍ଟ ହେବ ନାହିଁ। ସମସ୍ତେ ଯୁକ୍ତିଯୁକ୍ତ ଭାବରେ ଚିନ୍ତା କରି କଥା କହନ୍ତୁ।

Digitized by PPRACHIN, SOA

ତେବେ କଣ ହେବ ?

ଏବେ ଏପରି ବ୍ୟବସ୍ଥା କରାଯାଉ, ଯହିଁରେ ଆଉ ଗୋଟିଏ ହେଲେ ତଳି ଜମିଦାର ତିଆର କରିବାର ହେବନାହିଁ। ଅଥଚ କୃଷକକୁ ଜମିର ଉପସ୍ୱତ୍ୱରେ ଭୋଗୀ କରିବାର ପନ୍ଥା ଫିଟିବ। ରାଜ୍ୟର ମଧ୍ୟ ଏ ଦିଗରେ ଆୟ ଠିକ୍ ରହିବ। ଭୂମିର କର କ୍ରମେ କୃଷିଲବ୍‌ଧ ଆୟର ଟିକସ ହେବା ଆଡକୁ ଯିବ। ଯେଉଁ ଜମିଦାର ବା ତଳିଜମିଦାରମାନେ ଅଛନ୍ତି, ସେମାନଙ୍କର ସଂଖ୍ୟା ଓ ପରିମାଣ କ୍ରମେ ସଂକୁଚିତ ହୋଇ ଲୋପ ଆଡକୁ କ୍ରମେ ସେମାନଙ୍କର ଗତି ହେବ ବା ଅନ୍ତତଃ ନିୟତି ଫିଟିବ।

ସାବଧାନତାର ସୂଚନା-

ମାତ୍ର ଏହା ସଂଗେ ସଂଗେ ମନେ ରଖିବାକୁ ହେବ, ପୂର୍ବରୁ ରକ୍ଷିତ ସ୍ୱାର୍ଥପ୍ରଭାବିତ ବିଭସ୍ଥ ପ୍ରଜାସ୍ୱତ୍ୱ ବ୍ୟବସ୍ଥା ପରମ୍ପରାରେ କୌଣସି ରଇତ ଯଦି କିଛି ଅଧିକାର କାର୍ଯ୍ୟରେ ଭୋଗ କରୁଥାଏ, ସେଥିରୁ ତାହାକୁ ବଞ୍ଚିତ କରିବାକୁ ହେବ ନାହିଁ। ଆଉ ତଳି ଜମିଦାର ତିଆର ନ କରିବା ବୋଲି କୌଣସି ରଇତର ପ୍ରାପ୍ତ ଭୋଗରୁ ତାହା ବାହାର କରିବା ଠିକ ହେବ ନାହିଁ। ତାଙ୍କର ପ୍ରାପ୍ତଭୋଗରେ ତାଙ୍କୁ ସ୍ଥିର ରଖିଦେବାକୁ ହେବ। ଆଉ ଜଟିଳତା ବଢ଼ାଇବାକୁ ହେବ ନାହିଁ- ଏହାହିଁ କହିବାର ଉଦ୍ଦେଶ୍ୟ।

ଏହି ପୁରୋଦୃଷ୍ଟିରେ ପ୍ରଜାସ୍ୱତ୍ୱ ଗଢ଼ିବାକୁ ହେବ। ଚିନ୍ତାର ଚତୁରତାରେ ପରିସ୍ଥିତି ମାପି ବେଷ୍ଟନୀର ପ୍ରଭାବକୁ ପଦେ ପଦେ ଲକ୍ଷ୍ୟ ରଖି ବ୍ୟବସ୍ଥା କରିବାକୁ ହେବ। ତାହା କଲେ ବ୍ୟବସ୍ଥାର ପ୍ରକୃତି ଓ ପ୍ରଣାଳୀ କିପରି ହେବ ତାହାର ସୂଚନା ପରେ ଦେବୁ।

ନବ ଭାରତ-୪/୫

ପ୍ରଜାସ୍ୱତ୍ୱର ପୁରୋଦୃଷ୍ଟି

ପ୍ରଜାକୁ ସ୍ୱତ୍ୱଦେବାପାଇଁ ଆଜି ଲୋକେ ବଡ ବ୍ୟାକୁଳ। ଭଲ କଥା। ମାତ୍ର ପ୍ରଜା କିଏ ? ଏବ ପରିସ୍ଥିତିରେ ତାର ସ୍ୱତ୍ୱର ରାଜ୍ୟ ଶୃଙ୍ଖଳାରେ କି ସମ୍ବନ୍ଧ ହେବ ବା ହେବା ଉଚିତ, ସେ ସମ୍ବନ୍ଧରେ କୌଣସି ବିଚାର-ବନ୍ତ ପୁରୋଦୃଷ୍ଟି ଦେଖା ଯାଉନାହିଁ।

ଏ ରାଜ୍ୟରେ ଜମିଦାର ବୋଲି ଗୋଟିଏ ମଧ୍ୟ ଯୁଗୋଚିତ ଅନୁଷ୍ଠାନରେ ପ୍ରଜାସ୍ୱତ୍ୱ ଆଜିଯାଏ ବନ୍ଧା ଥିଲା। ସେଥିରୁ ପ୍ରଜାକୁ ମୁକ୍ତ କରିବାକୁ ହେବ କିପରି ? ଅନେକେ ଏହା ସାଧନ କରିବାରେ 'କୃଷକ' ଶବ୍ଦଟିର ବଡ ବ୍ୟବହାର କରୁଛନ୍ତି। ତାଙ୍କର ଉଦ୍ଦେଶ୍ୟ କୃଷକକୁ ସ୍ୱତ୍ୱ ଦେଲେ ପରିସ୍ଥିତି ଠିକ୍ ରହିବ। କିନ୍ତୁ ତାହା କିପରି ହେବ ?

କୃଷକ କିଏ ? ଯେ ଭୂମି ଚାଷକରେ, ସେ କୃଷକ। ତାକୁ ଏବେ ସ୍ୱତ୍ୱ ଦିଆଯିବ

Digitized by PPRACHIN, SOA

କିପରି ? ଅବଶ୍ୟ ଯେଉଁ ପ୍ରଜାର ଭୂମିରେ ସ୍ୱତ୍ୱ ଅଛି, ସେ ସେ ଭୂମି ଚାଷ କରି କୃଷକ ହୋଇପାରେ। ମାତ୍ର ଯେ ଚାଷ କରୁଚି, ସେ ସ୍ୱତ୍ୱ ପାଇବ କିପରି ? ସମସ୍ତ ସ୍ୱତ୍ୱ ରାଜ୍ୟର ହୋଇଯିବା କଥା ଓ ପ୍ରତିବର୍ଷ କୃଷକଙ୍କୁ ଚାଷ କରାଇବା କଥା ଏଠାରେ ବିଚାର କରାଯାଉ ନାହିଁ। ସେ ଭାବରେ ଏବେ କାମ କରିବାର କୌଣସି ପରିସ୍ଥିତି ନାହିଁ, କି ତା ଅଛି ବୋଲି ମଧ କେହି କହୁ ନାହାନ୍ତି। ତେବେ କୃଷକ ମାତ୍ରେ ଭୂମିରେ ସ୍ୱତ୍ୱ ପାଇବେ କିପରି ?

ରାଜ୍ୟ ଛଡା ଭୂମିରେ ଆଉ କାହାରି ସ୍ୱତ୍ୱ ଥିବା ଯାଏ ଲୋକେ ଭୂମି କିଣିବେ ଓ ବିକିବେ। ଏଇ କିଣା ବିକା ପୁଣି ସ୍ୱାଧୀନକରି ପ୍ରଜାଙ୍କୁ ଭୁମିର ଉଚିତ ମୂଲ୍ୟ ଦେବା ପାଇଁ ଦାଖଲ ଖାରଜ୍ ଉଠାଇ ଦିଆ ଯାଉଚି। ଏହା କେତେକ ଉଠି ଗଲାଣି, ଆଉତକ ଶୀଘ୍ର ଉଠିଯିବ।

କେହି ପ୍ରଜା ଯଦି ଖୁବ୍ ବେଶି ଜମି କିଣେ, ତେବେ ତା ତଳେ ଥିବା କୃଷକ କି ସ୍ୱତ୍ୱ ପାଇବେ ? କିପରି ? ଧର ତାଙ୍କୁ ଯଦି ଭୂମିରେ ପ୍ରଜାର ସ୍ୱତ୍ୱ ଦିଆଯାଏ, ତେବେ ଜମି କିଣିଥିବା ପ୍ରଜା ହେବ ଏକ ଜମିଦାର। ଏଇପରି କ୍ରମେ ତଳକୁ ତଳ ଜମିଦାର ସୋପାନ ତିଆରି ହେବ। ଏଥିରେ ରାଜ୍ୟରେ ଯେ କି ଘୋର ପରିସ୍ଥିତି ସୃଷ୍ଟି ହେବ, ତାହା ବୁଝାଇବା ଦରକାର ନାହିଁ। ଜମିଦାରୀ ଉଠାଇବା କାମ କରୁ କରୁ ନ ଜାଣି ଏହିପରି ଜମିଦାର ସୋପାନ ଶ୍ରେଣୀ ତିଆରି କରିବାରେ ଯୁକ୍ତି ନାହିଁ, କି ବୁଦ୍ଧି ନାହିଁ।

ତେବେ ଏ କୃଷକଙ୍କୁ ସ୍ୱତ୍ୱ ଦେବାର ଗତି କେଉଁ ଆଡ଼େ ? ଆମେ କହୁ ଯେଉଁମାନେ ଏପରି କୃଷକ ଓ ପ୍ରଜାର ପ୍ରଭେଦ ନ ବୁଝି ବୃଥାରେ ଲୋକଙ୍କୁ ଭ୍ରଷ୍ଟ କରିବାରେ ଲାଗିଚନ୍ତି, ସେମାନେ ତାଙ୍କର ସମସ୍ତ ଚିନ୍ତାଟି ଶୃଙ୍ଖଳତି ଭାବରେ ପ୍ରକାଶ କରି, ସେହି ଦୃଷ୍ଟିରେ ବର୍ତ୍ତମାନ ପରିସ୍ଥିତି ବଦଳାଇବାପାଇଁ ଗୋଟିଏ ପୂର୍ଣ୍ଣ ଯୋଜନା ଦିଅନ୍ତୁ। ପୁଣି ସେଇ ଯୋଜନା ଦୃଷ୍ଟିରେ ଆଇନର ଚିଠାମାନ ପ୍ରସ୍ତୁତ କରନ୍ତୁ, ଓ ବ୍ୟବସ୍ଥା ସଭାରେ ପକାନ୍ତୁ। ତାପରେ ଲୋକଙ୍କୁ ସେହି ସବୁ କଥା ଧରି ବୁଝାନ୍ତୁ। ସେହିସବୁ କଥା ଉପରେ ଲୋକରେ ବିପ୍ଳବ ସୃଷ୍ଟି ହେଲେ କ୍ଷତି ବା ଚିନ୍ତା ନାହିଁ। କାରଣ, ପ୍ରଗତିରେ ସେପରି ଚିନ୍ତାନିବଦ୍ଧ ବିପ୍ଳବର କାର୍ଯ୍ୟକାରିତା ଅଛି। ତା ନ କରି ଖାଲି ଚିନ୍ତାଦରିଦ୍ର ନିଃସ୍ୱ ଲୋକଙ୍କୁ ଯାହା ତାହା କହି ଲୋଭାଇ ମତାଇ ଦେବାରେ କିଛିକାଳ ପାଇଁ ନେତୃତ୍ୱ ହାସଲ କରାଯାଇ ପାରେ, ମାତ୍ର ସେଥିରେ ପ୍ରଗତି ଫୁଟିବ ନାହିଁ।

ବର୍ତ୍ତମାନ ପାଇଁ ଆମେ କହୁ, ରାଜ୍ୟ ଓ ରାଜ୍ୟ ତଳେ କେବଳ ସ୍ୱତ୍ୱବାନ୍ ପ୍ରଜା ରଖି ଦେବାର ଉଦ୍ୟମ କରାଯାଉ। ମଝିରେ ଆଉ କେହି ନ ରହନ୍ତୁ। ଖୋରଧା ଓ ଘୁମୁସୁର

Digitized by PPRACHIN, SOA

ପ୍ରଭୃତିରୁ ଆରମ୍ଭ କରି ପୂର୍ବ ସରକାର ଏହିପରି କରି ଆସିଥିଲେ। ସେ ଧାରା ଛିଣ୍ଡାଇ ଦେବା ଠିକ୍ ହେବ ନାହିଁ। ତା କଲେ ପୁଣି ଦେଶର ଆର୍ଥିକ ଦୁରବସ୍ଥା ଦିନକୁ ଦିନ ବଢ଼ିବ।

ନବଭାରତ-୫/୪, ଆଲୋଚନା

ପ୍ରଜାସ୍ୱତ୍ୱର ସମାଧାନ

ଓଡ଼ିଶାର ପ୍ରଜାସ୍ୱତ୍ୱ ବଙ୍ଗଳାର ଅନୁକରଣ -

ଆମ ଉତ୍ତର ଓଡ଼ିଶା ଅର୍ଥାତ୍, ପୁରୀ, କଟକ, ବାଲେଶ୍ୱରରେ ଯେଉଁ ପ୍ରଜାସ୍ୱତ୍ୱ ଆଇନ୍ ଚଳେ ତାହା ବଙ୍ଗଳା ପ୍ରଜାସ୍ୱତ୍ୱ ଆଇନ୍‌ର ଏକାନ୍ତ ଅନୁକରଣ । ଓଡ଼ିଶାର ଅବସ୍ଥା ବୁଝି ସ୍ୱତ୍ୱର ଇତିହାସ ଆଲୋଚନା କରି ଫଳାଫଳ ବିଚାରରେ କେହି କେବେ ଓଡ଼ିଶାର ପ୍ରଜାସ୍ୱତ୍ୱ ଆଇନ ଗଢ଼ି ନାଇଁ। ଅନ୍ୟାନ୍ୟ ଅନେକ କଥାରେ ଆମେ ଯେପରି ବଙ୍ଗଳାକୁ ଚାହିଁ ବସିଥିଲୁ ପ୍ରଜାସ୍ୱତ୍ୱ ଆଇନରେ ମଧ୍ୟ ସେଇକଥା । ପ୍ରଦେଶର ଗଲା କଂଗ୍ରେସ ସରକାର କେତେ ଗୁଡ଼ାଏ ସଂଶୋଧନ କରିଥିଲେ । କିନ୍ତୁ ସେ ସଂଶୋଧନରେ କୌଣସି ବିଚାର ବା ଶୃଙ୍ଖଳା ନାଇଁ । ବାଲୁ ବାଲୁ କରି ଯାହା ତାହା ଆଇନ କରି ଦେଲେ ଏପରି କ୍ଷେତ୍ରରେ ଠିକ୍ କାମ ହୁଏ ନାଇଁ। ବହୁତ ଚିନ୍ତା ବିଚାର ଆଲୋଚନା କରି ପ୍ରଜାସ୍ୱତ୍ୱ ଆଇନ ତିଆରି କରିବା ଉଚିତ ।

ବଙ୍ଗ କମିଟି -

ସେହି ସବୁ ଆଲୋଚନା କରି ପରାମର୍ଶ ଦେବା ପାଇଁ ବଙ୍ଗଳା ସରକାର ଗତବର୍ଷ ଗୋଟିଏ କମିଟି ବସାଇଥିଲେ । ସେହି କମିଟି ଏବେ ରିପୋର୍ଟ ଦେଇଚନ୍ତି । ସେ ରିପୋର୍ଟରେ ଦୁଇଟି ମତ ପ୍ରକାଶ ପାଇଚି । ଗୋଟିଏ ବହୁ ପକ୍ଷ ପ୍ରଜାଙ୍କ ତରଫରୁ, ଆଉ ଗୋଟିଏ ଅଳ୍ପ ପକ୍ଷ ଜମିଦାରଙ୍କ ସ୍ୱାର୍ଥ ଘେନି । ଜମିଦାରମାନେ ସଞ୍ଚିତ ଓ ରକ୍ଷିତ ସ୍ୱାର୍ଥଭୋଗୀ । ତେଣୁ ଅତି ରକ୍ଷଣଶୀଳ । ସେମାନଙ୍କ ପୁରୋଦୃଷ୍ଟିର ପରିସର ସୀମାବଦ୍ଧ ହେବାର କଥା । ସେଥିରେ ତାଙ୍କୁ ଦୋଷ ଦେବାରେ କିଛି ନାଇଁ । ଏବେ ମଧ୍ୟ ବହୁତ ଚିନ୍ତାଶୀଳ ଜମିଦାର କହନ୍ତି, ଜମିଦାରୀ ଉଠିଗଲେ ପ୍ରଜାଙ୍କର ବହୁତ ଅସୁବିଧା ଓ କ୍ଷତି ହେବ । ଏ କଥା ଯେଉଁମାନେ କହନ୍ତି ସେମାନଙ୍କୁ ଏହା ନିରାଟ ସତ୍ୟ ପରି ଲାଗେ । ଅତି ରକ୍ଷଣଶୀଳର ବୁଦ୍ଧି ସର୍ବଦା ଏଇପରି । ସେମାନେ ବୁଢ଼ା ଗୋରୁ ଶଗଡ଼ ଗୁଳାରେ ଚାଲିଲା ପରି ଚିନ୍ତା କରନ୍ତି । ନୂଆ ବାଟ ଯେତେ ପ୍ରଶସ୍ତ ସରଳ ଓ ସୁଗମ ହୋଇଥିଲେ ମଧ୍ୟ ତାହା ତାଙ୍କୁ ଦିଶେ ନାଇଁ । ଦେଖାଇଲେ ପସନ୍ଦକୁ ବି ଆସେ ନାଇଁ । କିନ୍ତୁ ଜମିଦାରୀ

Digitized by PPRACHIN, SOA

ପ୍ରଥା ଏ ଦେଶରେ ଗୋଟିଏ ପୃଷ୍ଟବ୍ରଣ ପରି ରହିଚି । ସେ ରୋଗର ନିରାକରଣ ଅତ୍ୟନ୍ତ ଦରକାର, ଏଥିରେ କୌଣସି ସନ୍ଦେହ ନାହିଁ । ଗତ ୬ ବର୍ଷ ଭିତରେ ଆମେ ବାରମ୍ବାର ଏଇ କଥା ମଧ୍ୟ କହି ଆସିଚୁ।

ଜମିଦାରୀ ପ୍ରଥାର ଉଚ୍ଛେଦ –

ଅବଶ୍ୟ ଏହି ଜମିଦାରୀ ଯେପରି ଚେର ମାଡ଼ି ଅଛି ସେଥିରେ ତାହା କିପରି ଉଠିବ ସେ ବିଷୟରେ ବିଚାର ଆବଶ୍ୟକ । ଏକାବେଳକେ ଜମିଦାରୀ ଉଠି ଯାଉ ବୋଲି ଆଇନ୍ କରିଦେଲେ ଚଳନ୍ତା । କିନ୍ତୁ ସେଥିରେ ସମାଜର ପରିସ୍ଥିତିରେ ଅନ୍ୟ ଜଟିଳତା ଫିଟିପାରେ । ସରକାରଙ୍କର ମଧ୍ୟ ଅସୁବିଧା ଘଟିପାରେ । ସରକାରଙ୍କ ସ୍ଥିର ନୀତି ଉପରେ ଲୋକଙ୍କ ବିଶ୍ୱାସ କମି ଯାଇପାରେ । ବ୍ୟକ୍ତିଗତ ସଂପତ୍ତି ସ୍ୱୀକାର କରା ହେଉଥିବା ଯାଏ ଏପରି ଆଇନଟାଏ ହଠାତ୍ କରିଦେବା ସୁଗମ ହେବ ନାହିଁ । ବର୍ତ୍ତମାନ ଭାରତ ଶାସନ ଆଇନରେ ମଧ୍ୟ ହଠାତ୍ ଏପରି ଆଇନଟାଏ କରି ଦେବାରେ ବାଧା ଅଛି । ଯେତେ ଭୁଲ୍‌ରେ ଓ ଅନ୍ୟାୟରେ ହେଉ ପଛକେ ଜମିଦାରୀ ଗୋଟିଏ ବ୍ୟକ୍ତିଗତ ସଂପତ୍ତି ବୋଲି ଧରା ହୋଇ ଆସିଚି । ସେ ସଂପତ୍ତିର ଏକାନ୍ତ ଉଚ୍ଛେଦ କରିବା ଭଳି ଆଇନ ଏବେ କରି ହେବ ନାହିଁ ।

ତାହା କିପରି ହେବ ? –

ବଙ୍ଗ କମିଟିର ବହୁପକ୍ଷ ଲୋକେ ମତ ଦେଇଚନ୍ତି ଜମିଦାରୀ ରହିବା ଦରକାର ନାହିଁ। ହେଲେହେଁ ଜମିଦାରୀସବୁ ସରକାର କିଣି ନେବେ । ବର୍ତ୍ତମାନ ଏହି ମତ ଅନୁସାରେ କାର୍ଯ୍ୟ କରିବା ସମୀଚୀନ । ଏହି ମତରେ ଠିକ୍ କାର୍ଯ୍ୟ କରିପାରିଲେ କାହାରି ବିଶେଷ ଆପତ୍ତି ହେବ ନାହିଁ। ଭବିଷ୍ୟତରେ ସରକାର ମଧ୍ୟ ବିଶେଷ ଜଟିଳତାର ସମ୍ମୁଖୀନ ହେବେ ନାହିଁ । ଆମର ଏଇ ମତ ମଧ୍ୟ ବହୁ ପୂର୍ବେ ଆମେ ବାରମ୍ବାର ଜଣାଇଅଛୁ । ତା କିପରି କାର୍ଯ୍ୟରେ କରାହେବ, ସେ ସଂବଂଧରେ ମଧ୍ୟ ସ୍ପଷ୍ଟ ଯୋଜନା ଦେଇଚୁ । ଉପକୂଳର ଉତ୍ତର ଓଡ଼ିଶାରେ ଏହି ମତ ଅନୁସାରେ କାର୍ଯ୍ୟ କରିବା ମଧ୍ୟ ଅପେକ୍ଷାକୃତ ବଡ଼ ସୁଗମ୍ୟ । କାର୍ଯ୍ୟରେ କିପରି ତାହା କରିବାକୁ ହେବ ସେଥିପାଇଁ ଅବଶ୍ୟ କ୍ରିୟାରେ ବିଚାରର କୌଶଳ ଲୋଡ଼ା। ବଙ୍ଗ କମିଟୀ ସେ ବିଷୟରେ ତଥା ଆନୁସଂଗିକ ଅନ୍ୟାନ୍ୟ ବିଷୟରେ ବହୁତ କଥା କହିଚନ୍ତି । ଓଡ଼ିଶାରେ କିନ୍ତୁ ଠିକ୍ ସେଇକଥା ଅନୁସାରେ କାର୍ଯ୍ୟ ନହୋଇପାରେ । ନୀତି ଏକ ହେଲେ ମଧ୍ୟ କ୍ରିୟାଗତିରେ ଓଡ଼ିଶାର ଆଇନ ଯେ ଦୃଷ୍ଟିରେ ହେବ ତାହାର କେତେକ ସୂଚନା ଆମେ ବହୁ ପୂର୍ବେ ଦେଇଚୁ । ଏଠାରେ ତାହାର କେତେକ ଆବୃତ୍ତି କରାଯାଉଚି ।

Digitized by PPRACHIN, SOA

ସ୍ଥାୟୀ ଓ ଅସ୍ଥାୟୀ ବନ୍ଦୋବସ୍ତ ମାହାଲ -

ଏଇ ଉତ୍ତର ଓଡ଼ିଶାରେ କେବଳ କନିକା, କୁଜଙ୍ଗ, ଆଳି, ଦର୍ପଣୀ, ସୁକିନ୍ଦା, ହରିଶପୁର, ମଧୁପୁର, ଡଂପଡ଼ା, ପଟିଆ, ପାରିକୁଦ ଓ ଅନ୍ୟାନ୍ୟ କେତେକ କ୍ଷୁଦ୍ର ଜମିଦାରୀ ଛାଡ଼ି ଦେଲେ ବାକୀ ସବୁ ଜମିଦାରୀରେ ବନ୍ଦୋବସ୍ତ ଚିରସ୍ଥାୟୀ ନୁହେଁ । ଚିରସ୍ଥାୟୀ ବୋଇଲେ ସେହିସବୁ ଜମିଦାରୀରେ ଇଂରେଜ ଶାସନ ଆରମ୍ଭବେଳେ ଜମିଦାର ସରକାରଙ୍କୁ ଯେତିକି ଟଙ୍କା ଦେବେ ବୋଲି ଚୁକ୍ତି ହୋଇଥିଲା ସେତିକି ଟଙ୍କା ଚିରକାଳ ନିମନ୍ତେ ଧାର୍ଯ୍ୟ ରହିଚି । ଏଣେ ଆବାଦୀ ଜମି ବଢ଼ୁଚି ଓ ଜମି ଖଜଣା ବି ବଢ଼ୁଚି । ସେହି ବଢ଼ିବା ଅନୁସାରେ ଜମିଦାର ପ୍ରଜାଙ୍କ ଠାରୁ ଆଦାୟ କରୁଚନ୍ତି । କିନ୍ତୁ ସରକାରଙ୍କୁ ଆଉ ବେଶୀ ଦେଉ ନାହାନ୍ତି। ଯେଉଁଠାରେ ଚିରସ୍ଥାୟୀ ବନ୍ଦୋବସ୍ତ ନାହିଁ ସେଠାରେ ପ୍ରତି ୩୦ ବର୍ଷରେ ବନ୍ଦୋବସ୍ତ ହୋଇ ପ୍ରଜାଙ୍କ ଉପରେ ଖଜଣା ଧାର୍ଯ୍ୟ ହେଉଚି ଓ ଜମିଦାର ସେହି ଧାର୍ଯ୍ୟ ଖଜଣାରୁ ନିର୍ଦ୍ଦିଷ୍ଟ ଭାଗ ରଖି- ମୋଟାମୋଟି ଟଙ୍କାରେ ଆଠଅଣା ରଖି- ବାକୀତକ ସରକାରଙ୍କୁ ଦେଉଚନ୍ତି ।

ଅସ୍ଥାୟୀ ଜମିଦାରୀରେ ନିଜ ଚାଷ -

ଏହିପରି ଅସ୍ଥାୟୀ ବନ୍ଦୋବସ୍ତ ମାହାଲ ଉତ୍ତର ଓଡ଼ିଶାରେ ବେଶୀ । ସେହିସବୁ ମାହାଲରେ ଏବେ ଜମିଦାରୀ ଉଠାଇ ଦେବା ବଡ଼ ସହଜ । କେତୋଟି ଖୁବ୍ ବଡ଼ ଜମିଦାରୀ ଛାଡ଼ିଦେଲେ ବାକୀ ଜମିଦାରମାନେ ଖଜଣା ଆଦାୟ କରିବାରେ ବହୁତ ଖର୍ଚ୍ଚାନ୍ତ ହେଉଚନ୍ତି ଓ ବଡ଼ ହଇରାଣ ହେଉଚନ୍ତି । ଆଦାୟ ଧନରେ ଅନେକ ସମୟରେ ସରକାରଙ୍କୁ ଦେଉଥିବା କିସ୍ତୀ ଦେୟ ଉଠୁ ନାହିଁ । କେବଳ ଖଜଣା ଆଦାୟ କରି ତହିଁରୁ କିସ୍ତୀ ଦେବାର ଥିଲେ ସେମାନେ ଜମିଦାରୀ ରଖି ପାରନ୍ତେ ନାହିଁ, କି ରଖନ୍ତେ ନାହିଁ । ମାତ୍ର ପ୍ରଜାଙ୍କ ଜମି ନିଲାମ କରି ଆପଣାର କରିବାରେ ହେଉ ବା ଅନ୍ୟ କାରଣରୁ ହେଉ ଜମିଦାର ମାନଙ୍କର ନିଜ ଚାଷ ଜମି ସବୁ ଅଛି । ପ୍ରଜାଙ୍କ ଜମି ନିଲାମ କରି ନିଜେ ଧରି ନିଜ ଚାଷ ଜମି କରିବା ମଧ୍ୟ ଜମିଦାରଙ୍କ ପକ୍ଷେ ନିରାପଦ ନୁହେଁ । ଜମିଦାରମାନେ ସେ ଜମିସବୁ ପ୍ରଜାଙ୍କ ଠାରେ ବାକୀଥିବା ଖଜଣା ମୂଲ୍ୟରେ କିଣିଚନ୍ତି ସତ, କିନ୍ତୁ ଆଇନ ଅନୁସାରେ ଅନ୍ୟ ରୟତ ସେ ଜମି ଚାଷ କରିବା ମାତ୍ରେ ବିନା ମୂଲ୍ୟରେ ସେଇ ଚାଷୀର ସେଥିରେ ସଂଗେ ସଂଗେ ରୟତି ସ୍ୱତ୍ୱ ହୋଇଯିବ। ଏହି ଭୟରୁ ରକ୍ଷା ପାଇବା ପାଇଁ ଜମିଦାରମାନେ ଯେତେ ପ୍ରକାର ଅନାଚାର ଅପଚାର ଓ ମିଥ୍ୟାଚାର କରନ୍ତି, ତାହା ପୁଣି କହିବା ଦରକାର ନାହିଁ । ଅତଏବ ଆଇନ କରି ସରକାର ନୋଟିସ୍ ଦିଅନ୍ତୁ ଯେ ସେ ସମସ୍ତ ଜମିରେ ଜମିଦାରମାନେ ପ୍ରଜା ହୋଇ ଯାଆନ୍ତୁ; ଅବଶ୍ୟ ଯେଉଁମାନେ ଇଚ୍ଛା

Digitized by PPRACHIN, SOA

କରିବେ ସେମାନେ ସେଇପରି ପ୍ରଜା ହୁଅନ୍ତୁ । ଦେଖାଯିବ ପ୍ରାୟ ସମସ୍ତ ଜମିଦାର ଏଥିରେ ସମ୍ମତ ହେବେ । ଫଳରେ ସରକାର ସେ ଜମିରେ ମାଲିକ ହୋଇଯିବେ, ଓ ପ୍ରଜା ଠାରୁ ଜମିଦାର ଯେତିକି ଖଜଣା ପାନ୍ତେ ସେ ଜମିରୁ ସରକାର ସେତିକି ଖଜଣା ପାଇବେ । ଅର୍ଥାତ୍, ଏବେ ଆଠଅଣା ପାଇବା ସ୍ଥଳେ ପୂରା ଟଙ୍କାକ ଯାକ ସରକାର ପାଇବେ । କାରଣ ଜମିଦାରମାନେ ସେ ଜମିରେ ସ୍ପଷ୍ଟ ସରକାରଙ୍କ ଖାସମାହାଲରେ ରଇତ ହୋଇଯିବେ । ଏତିକି କରିଦେଲେ ବିନା ଖର୍ଚ୍ଚରେ ପ୍ରାୟ ୧୦ ଭାଗରୁ ଭାଗେ ଅସ୍ଥାୟୀ ଜମିଦାରୀର ଜମି ବିନା ବାଧାରେ ବିନା ଖର୍ଚ୍ଚରେ ସରକାରଙ୍କର ଖାସ ହୋଇଯିବ । ସରକାର ମଧ୍ୟ ସେ ଜମିରୁ ୨ ଗୁଣ ଖଜଣା ପାଇବେ ।

ଅସ୍ଥାୟୀ ଜମିଦାରୀ ଉଠିଯିବ –

ତା ପରେ ରହିବ ଖାଲି ମୁଣ୍ଡା ଜମିଦାରୀ; ଅର୍ଥାତ୍, ନିଜ ଚାଷ ପ୍ରଭୃତି କିଛି ନ ଥିବା ଜମିଦାରୀ । ସେଥିରେ ଖାଲି ଟଙ୍କା ଆଦାୟ କରି ସରକାରଙ୍କ କିସ୍ତି ଦେଇ ସମ୍ଭାଳିବାକୁ ହେବ। ବଡ଼ ବଡ଼ କେତୋଟି ଜମିଦାରୀ ଛଡ଼ା ଏ ଦାୟିତ୍ୱ ନେବା ଓଡ଼ିଶାର ଜମିଦାରଙ୍କ ପକ୍ଷରେ ବଡ଼ ଶକ୍ତ ହେବ । ତା'ପରେ ସରକାର ଇଚ୍ଛା କଲେ ଅତି ଅଳ୍ପ ମୂଲ୍ୟରେ ଏଇସବୁ ଜମିଦାରୀ କିଣି ନେଇ ପାରିବେ।

ଚିରସ୍ଥାୟୀ ଜମିଦାରୀ ମଧ୍ୟ ଉଠିଯିବ –

ଆଉ ରହିଲା ଚିରସ୍ଥାୟୀ ବନ୍ଦୋବସ୍ତ ଜମିଦାରୀ ମାହାଲ । ସେଥିରେ ମୂଳରୁ ଦେଖିବାକୁ ହେବ ଜମିଦାରଙ୍କର ନୂଆ ତିଆରି ହେଉଥିବା ଜମିରେ ଅଧିକାର କାହୁଁ ଆସିଲା ? ପୁଣି ପ୍ରଜାଙ୍କ ଉପରେ ଖଜଣା ବଢ଼ାଇବାର ଯୁକ୍ତି ବା କ'ଣ ? ଏ ସବୁ ବିବାଦ ବିସମ୍ବାଦ ନିଷ୍ପତ୍ତି କରି, ତା'ପରେ ଯୁକ୍ତିଯୁକ୍ତ ଭାବରେ ପ୍ରଜାଙ୍କ ଖଜଣା ଠିକ୍ କରି ଦେବାକୁ ହେବ, ଓ ଦରକାର ହେଲେ ଜମିଦାରମାନଙ୍କୁ ମଧ୍ୟ ନିଜ ଚାଷ ଜମିରେ ରଇତ କରି ଦେଇ, ପରେ ଜମିଦାରୀ କିଣି ନେବାକୁ ହେବ । ଏ ସ୍ଥଳରେ ଅନେକ ଜମିଦାରୀରେ ମୂଲ୍ୟ ଟିକିଏ ବେଶୀ ହେବାର କଥା । ହେଲେହେଁ ଆଜି ଯେ ସୁଧରେ ଟଙ୍କା ମିଳୁଚି ସେ ହିସାବରେ ଦେଖିଲେ ସରକାରଙ୍କର ଯଥେଷ୍ଟ ଲାଭ ରହିବ । ପୁଣି ଅସ୍ଥାୟୀ ବନ୍ଦୋବସ୍ତ ମାହାଲରୁ ଯେ ପ୍ରଚୁର ଲାଭ ହେବ, ତାହା ଏଇ ସୁଧ ବାବଦ୍‌କୁ ଦେଲେ, ସୁଧ ହୁଏତ ମୋଟେ ବାଧିବ ନାହିଁ ।

ଦକ୍ଷିଣ ଓଡ଼ିଶା ଜମିଦାରୀ –

ଦକ୍ଷିଣ ଓଡ଼ିଶାର ଜମିଦାରୀ ସବୁରେ ଅସ୍ଥାୟୀ ବନ୍ଦୋବସ୍ତ ନାହିଁ । ସେଠାରେ ସବୁ ଚିରସ୍ଥାୟୀ ବନ୍ଦୋବସ୍ତ। ପୁଣି ନ୍ୟାୟତଃ ବୁଝି ବସିଲେ ସେଠାରେ ଅଧିକାଂଶ ଜମିଦାରୀରେ

Digitized by PPRACHIN, SOA

ଜମିଦାରମାନେ ଦେଉଚନ୍ତି ଅଳ୍ପ ଖଜଣାରେ ଚିରସ୍ଥାୟୀ ରଇତ । ସେଠାରେ ଚାଷୀମାନଙ୍କର କିଛି ସ୍ୱତ୍ୱ ନାହିଁ। କାରଣ ଚାଷୀ ରଇତମାନେ ଜମିଦାରଙ୍କୁ ଉତ୍ପନ୍ନ ଫସଲର ଅଧା ଭାଗ ଦିଅନ୍ତି । ଜମି ଚାଷ କରି ଯେ ଅଧା ଭାଗ ଦିଏ ତା'ର ବାସ୍ତବରେ ଜମିରେ କିଛି ସ୍ୱତ୍ୱ ନାହିଁ । କାଗଜରେ ସ୍ୱତ୍ୱ ଅଛି ବୋଲି ଲେଖାଥିଲେ ମଧ୍ୟ ସେ ସ୍ୱତ୍ୱର ମୂଲ୍ୟ କିଛି ନାହିଁ । କାରଣ ଏ ଦେଶରେ ଉତ୍ପନ୍ନର ଅଧେ ଚାଷୀର ମଜୁରୀ ଓ ଲଗୁଡି ବୋଲି ଧରାହୁଏ । ତେଣୁ ସେଠାରେ ଚାଷୀମାନଙ୍କୁ ଆଗ ରୟତ କରିଦେବାକୁ ହେବ । ସରକାରୀ ଖାସମାହାଲ ପରି ଚାଷୀମାନଙ୍କର ଖଜଣା ନିର୍ଦ୍ଦିଷ୍ଟ କରିଦେବାକୁ ହେବ । ଅନ୍ତତଃ ସେ ଖଜଣା କଦାପି ଉତ୍ପତ୍ତିର ଅଧେ ହେବ ନାହିଁ । ହୁଏତ ଉତ୍ପତ୍ତିର ଚାରି ଅଣାରୁ ବେଶୀ ହେବା ଉଚିତ ନୁହେଁ । ଦରକାର ହେଲେ ଜମିଦାରମାନଙ୍କୁ ଏଥିରେ ସ୍ୱୀକାର କରାଇ ନେବାକୁ ହେବ । ଜମିଦାରଙ୍କର ବି ବୁଝିବା ଉଚିତ । ତା ନହେଲେ ଏ ଯୁଗରେ ଅବସ୍ଥା ବଡ଼ ବିଷମ ଓ ଦୁର୍ବହ ହେବ । ତା କରିବା ପରେ ଉତ୍ତର ଓଡ଼ିଶାରେ ଯେପରି କରାଯାଇଚି ସେଇପରି କରାଯିବ ।

ଅଧାଭାଗ ଚାଷୀକଥା –

ଏଠାରେ ଗୋଟିଏ କଥା ଭଲ ରୂପେ ବୁଝି ରଖିବାର ଅଛି । ତାହା ହେଉଚି ଚାଷୀ ଓ ରଇତର ପ୍ରଭେଦ । ଯେତେଦିନ ଜମିରେ ବ୍ୟକ୍ତିଗତ ଧନ ସ୍ୱୀକାର କରାଯାଉଚି, ସେତେଦିନ ସବୁ ଚାଷୀ କେବେ ରୟତ ହେବେ ନାହିଁ କି ସବୁ ରୟତ କେବେ ଚାଷୀ ହେବେ ନାହିଁ । ଯେ ଯେତିକି ପାରିବ ସେ ସେତିକି ଜମି ଚାଷ କରିବ ସତ, ମାତ୍ର ରଇତମାନେ ଶହ ଶହ ଏକର ରଇତି ଜମି କିଣି ପାରିବେ । ଏଥିରେ ହଠାତ୍ ଆଇନ କରି ସମୂହ ଭାବରେ ବାଧା ଦେଇ ହେବ ନାହିଁ । ଯେତେ କଟକଣା କଲେ ମଧ୍ୟ ବଡ଼ ରଇତ ହେବା ବନ୍ଦ କରି ହେବ ନାହିଁ । ରୀତି ଅନୁସାରେ ଯେ ଚାଷୀ ହେବ ସେ ଜମି ଉତ୍ପତ୍ତିରୁ ଅଧେ ପାଇବାର କଥା । ଏପରି ଅଧେ ଭାଗ ପାଇବାରେ କେହି ରଇତ ହୋଇପାରିବେ ନାହିଁ । ହେବା ମଧ୍ୟ ଠିକ୍ ନୁହେଁ । ସେମାନଙ୍କୁ ରଇତ କରିବାକୁ ଗଲେ ପୁଣି ପ୍ରଜାସ୍ୱତ୍ୱ ବିଧାନରେ ଆଉ ଗୋଟିଏ ଅନିବାର୍ଯ୍ୟ ବିପଦ ଅଛି । ସେ ବିପଦଟି ହେଉଚି, ରଇତ ତଳେ ପୁଣି ରଇତର ସୃଷ୍ଟି । ଏପରି କଲେ ଜମିଦାରୀ ପ୍ରଥା ପୁଣି ଡାଳପତ୍ର ମେଲି ବଢ଼ିବ । ତେଣୁ ଅଧାଭାଗ ବା ଧୂଳିଭାଗ ଚାଷୀ କୃଷକଙ୍କୁ ମୂଲିଆ ବା ମଜୁରିଆ ଶ୍ରେଣୀରେ ନେବାକୁ ହେବ । ମଜୁରିଆ ମାନଙ୍କ ମଜୁରୀ ବଢ଼ାଇବା କମାଇବାରେ ରାଜ୍ୟର ବା ସରକାରଙ୍କର ଯେ ଦାୟିତ୍ୱ ଅଛି ଏଠାରେ ମଧ୍ୟ ସେହି ଦାୟିତ୍ୱ ରହିବ । ଧର, ଆଇନ ହୋଇପାରେ, ଅଧାଭାଗ ଚାଷୀ ଅଧେ ନ ଦେଇ ସାତଅଣା ବା ଛ'ଅଣା ଦେବ । ସେ ଯାହା ହେଉ, ସେ ସବୁ ପ୍ରଜାସ୍ୱତ୍ୱ ଆଇନର ଅନ୍ତର୍ଗତ ହେବ ନାହିଁ ।

Digitized by PPRACHIN, SOA

ନୂଆ ପ୍ରଜାସତ୍ୱ ଆଇନରେ ମୋଟାମୋଟି କ'ଣ ହେବ ? –

ଏହିପରି ବିଧାନରେ ସମସ୍ତ ଜମିରେ ଖଜଣା ଆଦାୟ କରିବେ ସରକାର। ସମସ୍ତ ଜମିରେ ମାଲିକ ହେବେ ପ୍ରଜା ବା ରଇତ । ରଇତ ନିଜେ ଚାଷୀ ହୋଇ ନପାରିଲେ, ଅର୍ଥାତ୍ ନିଜର ସବୁ ଜମି ଚାଷ କରି ନପାରିଲେ ସେ ଧୂଳି ଭାଗରେ ଲଗାଇବେ । ଧୂଳିଭାଗ ଚାଷୀ ସଂପୂର୍ଣ୍ଣ ରୂପେ ମଜୁରିଆ ବୋଲି ବିବେଚିତ ହେବେ । ସମସ୍ତ ଓଡ଼ିଶାରେ ଏହି ସ୍ପଷ୍ଟ ଓ ସରଳ ନୀତିରେ ପ୍ରଜାସ୍ୱତ୍ୱ ବା ଜମିଜମା ଆଇନ ଧାର୍ଯ୍ୟ ହେବ ।

ଏଥିରେ ଜମି ଖଜଣା କଥା –

ଜମିର ଖଜଣା ମଧ୍ୟ କ୍ରମେ ଜମିର ଉତ୍ପତ୍ତିର ସ୍ପଷ୍ଟ ଅଂଶ ରୂପେ ନିର୍ଦ୍ଧାରିତ ହେବ । ଅନାବାଦୀ ଜମିରେ ଖଜଣା ରହିବ ନାହିଁ । ପୁଣି ଆଉ ଟିକିଏ ବିକାଶ ପାଇଲେ ନିଜ ପରିବାର ଖର୍ଚ୍ଚକୁ ନ ଅଣ୍ଟୁଥିବା ଭଳି ଜମି ଥିବା ଲୋକ ଉପରେ ଖଜଣା ଧାର୍ଯ୍ୟ ହେବ ନାହିଁ । କ୍ରମେ ଜମିର ପରିମାଣ ଅନୁସାରେ ଜମିରୁ ବେଶୀ ବେଶୀ ଆୟ କରୁଥିବା ଲୋକେ ଚଢ଼ା ଦରରେ ବେଶୀ ବେଶୀ ଖଜଣା ଦେବେ । ଏଇ ଶେଷ ଆଡୁ ଆରମ୍ଭ କରିବା ପାଇଁ ଏବେ ଭାରତ ଶାସନ ଆଇନରେ ବିଧାନ କରାଯାଇଚି । ସେହି ଆଇନ ସଂଗେ ସଂଗେ କାର୍ଯ୍ୟରେ ପ୍ରୟୋଗ କରିବାକୁ ହେବ। ଧର, ହଜାର କିମ୍ବା ଦୁଇ ହଜାର ଟଙ୍କା ଆୟ ଛାଡ଼ି ଦେଇ ଏବେ ତା ଉପରକୁ ବେଶୀ ବେଶୀ ହାରରେ ଖଜଣା ଦେବା ପାଇଁ ଆଇନ କରି ଦେବାକୁ ହେବ ।

ସରକାର କେଉଁଠାରୁ କିପରି ଟଙ୍କା କରଜ କରି ଏଇ ଜମିଦାରୀ ସବୁ କିଣିବେ, ସେ ବିଷୟରେ ପୂର୍ବେ ଏଇ 'ନବଭାରତ'ରେ ବିସ୍ତୃତ ଭାବରେ ଯୋଜନା ବୁଝାଇ କୁହା ଯାଇଚି । ସେଥିରେ କୁହାଯାଇଚି, କିପରି ପ୍ରଦେଶ ଭିତରୁ ଇ ସରକାର ସବୁ ଟଙ୍କା କରଜ କରିବେ ଓ ଆସନ୍ତା ପଚାଶ ବର୍ଷ ଯାଏ ପୁଣି ସେଇ ଟଙ୍କା ପ୍ରଦେଶ ଗଠନରେ ଲଗାଇ ସାରି ତା ପରେ ଲାଭରୁ କରଜ ସୁଝି ପାରିବେ।

ନବ ଭାରତ-୬।୯, ଆଲୋଚନା

ବିହାର ପ୍ରଜାସ୍ୱତ୍ୱ ଆଇନ

ବିହାର ବଙ୍ଗଦେଶ ସଙ୍ଗେ ଇଂରେଜମାନଙ୍କ ହାତକୁ ଯାଇଥିଲା। ସେଥିପାଇଁ ୧୭୯୩ ସାଲର ଲର୍ଡ କର୍ଣ୍ଣୱାଲିସ୍‌ଙ୍କ ଚିରସ୍ଥାୟୀ ବନ୍ଦୋବସ୍ତ ବିହାରରେ ଚଳେ। ସେକାଳେ ଚିରସ୍ଥାୟୀ ବନ୍ଦୋବସ୍ତ ହୋଇଥିଲା କେବଳ ଜମିଦାରଙ୍କ ସଙ୍ଗେ। ଲର୍ଡ କର୍ଣ୍ଣୱାଲିସ୍‌ଙ୍କ ପୂର୍ବରୁ ଜମିର ଖଜଣା ସବୁ ନିଲାମ ଦିଆଯାଉଥିଲା। କେତେବେଳେ

Digitized by PPRACHIN, SOA

ବର୍ଷକ ପାଇଁ କେତେବେଳେ ବା ଦୁଇ, ତିନି, ପାଞ୍ଚ ବର୍ଷ ପାଇଁ ଏହି ନିଲାମ ଧାର୍ଯ୍ୟ ହେଉଥିଲା । ଯେ ଯେତେଦିନ ପାଇଁ ନିଲାମ ଧରୁଥିଲା ସେ ସେତେଦିନ ଭିତରେ ପ୍ରଜାଙ୍କଠାରୁ ଯେତେ ପାରୁଥିଲା ସେତେ ଆଦାୟ କରୁଥିଲା, କାହିଁକି ନା, ସେ ନିଲାମରେ ବଢ଼ି ସରକାରଙ୍କୁ ଟଙ୍କା ଦେଇଥିଲା । ପ୍ରଜାଙ୍କ କଥା କେହି ବୁଝୁ ନଥିଲା । ସରକାର ଖାଲି ଲୋଡ଼ୁଥିଲେ, କିପରି ଟଙ୍କା ପାଇବେ, ଅନ୍ୟ ବିଚାର ସେତେବେଳେ ନଥିଲା । ଏହିପରି ଯେଉଁମାନେ ନିଲାମ ଧରିଥିଲେ ସେହିମାନଙ୍କ ସଙ୍ଗେ ଲର୍ଡ କର୍ଣ୍ଣୱାଲିସ୍ ଦଶବର୍ଷ ପାଇଁ ବନ୍ଦୋବସ୍ତ କଲେ, ୭ବର୍ଷ ପରେ ସେହି ବନ୍ଦୋବସ୍ତକୁ ଚିରସ୍ଥାୟୀ କଲେ । ଏହି ଚିରସ୍ଥାୟୀ ବନ୍ଦୋବସ୍ତରେ ମଧ ପ୍ରଜାଙ୍କ ହାରିଗୁହାରିପାଇଁ ବାଟ ନଥିଲା । ଜମିଦାରମାନଙ୍କର ସବୁ ସଂପତ୍ତି ବୋଲି ଧରାହେଲା । ପ୍ରଜାମାନେ କେହି ନୁହନ୍ତି । ବହୁଦିନପରେ ପ୍ରଜାସ୍ୱତ୍ୱ ପାଇଁ ଥରକୁ ଥର ଆଇନ କରିବାର ଉଦ୍ୟମ ହୋଇଛି, କିନ୍ତୁ ଜମିଦାରମାନେ ଯେ ଥାନ ମାଡ଼ି ବସିଛନ୍ତି ସେଥିରୁ ତାଙ୍କୁ ଟଳାଇବା ସହଜ ନୁହେଁ କି ହୋଇନାହିଁ । ଏବେ ବିହାର ପ୍ରଜାତନ୍ତ୍ର ପାଇଁ ନୂଆ ଆଇନ ହେଲା । ସେଥିରେ ଜମିଦାରମାନେ ଜମିର ଜରସମନ ଉପରେ ଶତକଡ଼ା ଆଠଟଙ୍କା ଦାଖଲଖାରଜ ପାଇବେ, ପୁଣି କେତେକ ସ୍ଥଳରେ ଖଜଣା ଦେଇ ଜମି ଭୋଗ କରୁଥିବା ସ୍ଥିତିବାନ୍ ପ୍ରଜାମାନେ ଗଛ କାଟି ପାରିବେ, କୂଅ ପୋଖରୀ ଖୋଳାଇ ପାରିବେ, ଜମିରେ ଇଟା କରି ଘର ତୋଳି ପାରିବେ । ବୁଝିବାକୁ ହେବ, ଜମି ବିକିବାର ସୁବିଧା କିମ୍ୱା ଗଛ କାଟିବା, କୂଅ ପୋଖରୀ ଖୋଳିବା, ଇଟା କରିବାର ଅଧିକାର ଏ ପର୍ଯ୍ୟନ୍ତ ବିହାର ପ୍ରଜାର ନଥିଲା । ଦାଖଲ ଖାରଜ ରୋସମ ଉଠାଇ ଦେବା ପାଇଁ ପ୍ରଜା ପକ୍ଷରୁ ବ୍ୟବସ୍ଥାପକ ସଭାରେ ଭାରି ଆପତ୍ତି ହୋଇଥିଲା । ଜମିଦାରମାନେ ମାନିଲେ ନାହିଁ, ସରକାର ମଧ୍ୟ ଜମିଦାରଙ୍କ ଆଡେ ଭୋଟ ଦେଲେ । ହେଲେହେଁ, ଯେପରି ଜଣାଯାଉଛି, ଶୀଘ୍ର ବିହାର ଜମିଦାରମାନଙ୍କୁ ଦାଖଲ ଖାରଜ ରୋସମ ଛାଡ଼ି ଦେବାକୁ ହେବ । ମାତ୍ର ଗୋଟିଏ ବଡ଼ ସୁବିଧା ହୋଇଛି ବିହାର ପ୍ରଜା ଏବେ ମନିଅର୍ଡର କରି ଖଜଣା ଓ ଦାଖଲ ଖାରଜ ରୋସମ ଜମିଦାରଙ୍କୁ ପଠାଇ ଦେଇପାରିବେ ।

ଏସବୁ ବିହାର ପାଇଁ ହେଉଛି, କିନ୍ତୁ ଓଡ଼ିଶାର ପ୍ରଜାସ୍ୱତ୍ୱ ଆଇନ ଏହି ବଙ୍ଗ ବିହାରରେ ଚଳୁଥିବା ରୀତିର ଗୋଟିଏ ବିକୃତ ଅନୁକରଣ । ଓଡ଼ିଶାର ପ୍ରଜା ଏ ଆଇନର ଦାଉ ସମ୍ଭାଳି ନ ପାରି ଧ୍ୱଂସ ହେବାକୁ ବସିଲାଣି । ଏକଥା ଓଡ଼ିଶାର ଜନସେବୀମାନେ ଶୀଘ୍ର ବୁଝିବା ଦରକାର । ଜମିଦାରମାନେ ମଧ୍ୟ ଏ କ୍ଷେତ୍ରରେ ଜନସେବୀମାନଙ୍କ ସଙ୍ଗେ ଯୋଗ ଦେବା ଉଚିତ । ପ୍ରଜା ନ ରହିଲେ ସେମାନେ ଆଉ ଜମିଦାର ହେବେ କାହା ଉପରେ, କେତେ ଦିନ ? ବସ୍ତୁତଃ ଏକଥା ସତ୍ୟ ଯେ, ଓଡ଼ିଶା ପ୍ରଜାତନ୍ତ୍ର ଆଇନର ଶୀଘ୍ର ବିହିତ ସଂଶୋଧନ ନ ହେଲେ ଓଡ଼ିଶାର ପ୍ରଜା ଆଉ ରହିବେ ନାହିଁ ।

Digitized by PPRACHIN, SOA

ଓଡ଼ିଶାର ପାଟଣା ଲାଟସଭା ମେମ୍ବରମାନେ ଏ ବିଷୟରେ ଅତି ଶୀଘ୍ର ତତ୍ପର ହେଲେ ହୁଏତ କାର୍ଯ୍ୟ କିଛି ଦୂର ଅଗ୍ରସର ହୋଇପାରେ। ବିହାର ପ୍ରଜାସ୍ୱତ୍ୱ ଆଇନ ହୋଇ ଗଲାବେଳେ, ସଙ୍ଗେ ସଙ୍ଗେ ବା ଅବ୍ୟବହିତ ପରେ ଓଡ଼ିଶା ପ୍ରଜାସ୍ୱତ୍ୱ ଆଇନ କଥା ଉଠାଇବା ଏକାନ୍ତ ପ୍ରୟୋଜନ ବୋଧ ହେଉଅଛି। ଅନ୍ତତଃ ପ୍ରଜାସତ୍ୱ ସିରସ୍ତା ଯଥାଯଥ ସଂଶୋଧନ ପାଇଁ ଯଦି ଗୋଟିଏ କମିଟି ବସେ ତେବେ ମଧ୍ୟ ବର୍ତ୍ତମାନ ପାଇଁ ଯଥେଷ୍ଟ କାର୍ଯ୍ୟ ହେବ।

ନବ ଭାରତ-୧/୪, ଆଲୋଚନା

ଜମିଦାରି ଓ ଜମିଦାର

ଜମିଦାରି ଦେଶୀ ମାଲ ନୁହେଁ-

ବାରମ୍ବାର କହିଚୁ, ଜମିଦାରି ଗୋଟିଏ ମଧ ଯୁଗୀୟ ପାଶ୍ଚାତ୍ୟ ଅନୁଷ୍ଠାନ। ଏହା ଭାରତୀୟ ଅନୁଷ୍ଠାନ ମଧ ନୁହେ। ଏ ଦେଶରେ ଜମିଦାରି ବୋଲି ଜିନିଷ ପୂର୍ବେ ନ ଥିଲା। ପ୍ରଜାର ସବୁ ଜମିଥିଲା। ରାଜା ଖାଲି ଆୟ ଉପରେ କେତେ ଅଂଶ କର ନେଉଥିଲେ। ପ୍ରଜା ଜମିରେ ରାଜାର ସ୍ୱତ୍ୱ ନ ଥିଲା। ମୁସଲମାନ ଅମଳରେ ମଧ ନୀତିରେ ଜମି ପ୍ରଜାର ଥିଲା। କେବଳ ଶାସନର ବିଶୃଙ୍ଖଳା ଆରମ୍ଭ ହେଲା ପରେ ବାଦସା ସୁଲତାନ ଓ ତାଙ୍କ ତଳ ରାଜସ୍ୱ କର୍ମଚାରୀମାନେ ଖଣ୍ଡେ ଖଣ୍ଡେ ଜମିର ରାଜସ୍ୱ ଇଜରା ଦେଉଥିଲେ ବା ଦାନ କରୁଥିଲେ। କେବଳ ରାଜସ୍ୱ ଆଦାୟ କରିବା ଭାର ଛଡା ଅନ୍ୟ କିଛି ତାଙ୍କୁ ଦିଆଯାଉ ନଥିଲା। ଏପରି କି ଯେଉଁମାନେ ବଡ ଜାଗିର ପାଉଥିଲେ, ସେମାନେ ଜାଗିର ଜମିରେ ସ୍ୱତ୍ୱ ପାଉ ନଥିଲେ। ସେ ଜମି ଆୟର ଯେଉଁତକ ରାଜସ୍ୱ ସେତିକି ମାତ୍ର ଆଦାୟ କରି ଉପଭୋଗ କରିବାର ଅଧିକାର ପାଉଥିଲେ। ଜମିରେ ସ୍ୱତ୍ୱ ଥିଲା ଏକା ପ୍ରଜାର, ଆଉ କାହାରି ନୁହେ।

ପୂରା ବିଦେଶୀ-

ଜମିଦାର ପ୍ରଥାଟି ଗୋଟିଏ ପୂରା ବିଲାତି ଜିନିଷ। ସେ ଦେଶରେ ପୂର୍ବେ ଜମିସବୁ ଥିଲା ରାଜାଙ୍କର କିମ୍ବା ତାଙ୍କୁ ଯୁଦ୍ଧରେ ସାହାଯ୍ୟ କରିବା ପାଇଁ ସାମନ୍ତମାନଙ୍କର। ଏଇ ସାମନ୍ତମାନେ ଲୋକଙ୍କୁ ଭତ୍ତା ସ୍ୱରୁପ ଖଣ୍ଡେ ଖଣ୍ଡେ ଜମି ଦେଉଥିଲେ। ସେହି ଲୋକେ ସାମନ୍ତଙ୍କ ପାଇଁ ଯୁଦ୍ଧ କରିବାକୁ ସେ ଜମି ଖାଉଥିଲେ ମାତ୍ର ତାଙ୍କ ସେଥିରେ ସ୍ୱତ୍ୱ ନ ଥିଲା। ଇଚ୍ଛାହେଲେ ସାମନ୍ତ ତାଙ୍କୁ ସେ ଜମିରୁ ବାହାରି କରି ଦେଉଥିଲେ। ଏଇ ଜମି ଭତ୍ତା ଖାଉଥିବା ଲୋକେ ସାମନ୍ତମାନଙ୍କର ଥିଲେ, ଦାସ (serf) । କଥାରେ ମଧ

Digitized by PPRACHIN, SOA

ସେମାନେ ସ୍ୱାଧୀନ ମାନବ (free man) ନଥିଲେ, କାର୍ଯ୍ୟରେ ସ୍ୱାଧୀନ ଭୂସତ୍ୱାଧିକାର ଥିବାତ ଦୂରର କଥା।

ଦେଓ୍ୟାନି ଓ ଇଜରା–

ଇଂରେଜ ବେପାରିମାନେ ଯେତେବେଳେ ଏ ଦେଶରେ ରାଜ୍ୟ ପାଇଥିଲେ, ପ୍ରଥମେ ସେମାନେ ମୋଗଲ ବାଦସାଙ୍କଠାରୁ ପାଇଥିଲେ ବଙ୍ଗ, ବିହାର, ଓଡ଼ିଶାର "ଦେଓ୍ୟାନି"। ଏଇ ଦେଓ୍ୟାନି କଥାଟିର ଅର୍ଥ ହେଉଚି ପ୍ରଜାଠାରୁ ରାଜଦେୟ ଆଦାୟ କରି ବଙ୍ଗ ନବାବଙ୍କୁ ବୁଝାଇ ସେଇ ବଙ୍ଗ ନବାବଙ୍କ ତଳେ କର୍ମଚାରୀ ହୋଇ ରହିବାର ଅଧିକାର। କାର୍ଯରେ କିନ୍ତୁ ଅତିଶୀଘ୍ର ସେମାନେ ନିଜେ ରାଜା ବନିଲେ ଓ ନିଜ ଦେଶର ପ୍ରାଚୀନ ଅସଭ୍ୟ ବେଳର ରୀତି ଅନୁସାରେ ନିଜକୁ ଜମିର ସ୍ୱାମୀ ବା ସ୍ୱତ୍ୱାଧିକାରୀ ବୋଲି ବିଚାରିଲେ। ପ୍ରଥମରୁ କେତେ ବର୍ଷ ସେମାନେ ଖଜଣା ଆଦାୟ କରିବା ଇଜରା ଦେଇ ବଷକୁ ବର୍ଷ ନିଲାମ କଲେ। ଖଣ୍ଡେ ଖଣ୍ଡେ ଭୂମିରେ ବର୍ଷକୁ ବର୍ଷ ଯେ ବଢ଼ିଲା ସେ ନେଲା। ଫଳରେ ରାଜସ୍ୱ ଯେ ଆୟର ନିର୍ଦ୍ଦିଷ୍ଟ ଅଂଶ ଏ ନୀତି ଭାଙ୍ଗି ପଡ଼ିଲା। ଇଜରାଦାରମାନେ ଯେତେ ଇଚ୍ଛା ସେତେ ଆଦାୟ କଲେ, ଯାହାକୁ ଇଚ୍ଛା ତାକୁ ଜମିରୁ ବାହାର କରି ଅନ୍ୟକୁ ଜମି ଦେଲେ। ଏଇପରି କାର୍ଯରେ ପ୍ରଜାର ଜମିରୁ ସ୍ୱତ୍ୱ ଉଠି ଆସିଲା। ଜମି ହେଲା ଯେପରି କି ଇଜରାଦାରର। ଯେ ସେ ଜମି ଧଇଲା, ସେ ଆୟ କରୁ ନ କରୁ, ଯାହା ଦେଣି ପଡ଼ିଲା ଦେଲା।

ଜମି ଟିକସ ଓ ଜମି ଜମା ବା ରେଣ୍ଟ–

ଏଇଠାରେ ସ୍ପଷ୍ଟ ଭାବରେ ଜମିର ରାଜସ୍ୱ ଆୟର ନିର୍ଦ୍ଦିଷ୍ଟ ଅଂଶ ବା ଭୂମି ଟିକସ (land tax)ନ ହୋଇ, ଜମିର ଜମା (rent)ରେ ପରିଣିତ ହେଲା। ଜମା ବା ରେଣ୍ଟ ବୋଇଲେ 'ଭଡା'। ଯେପରି ଘର ଭଡ଼ା ଦିଆଯାଏ, ଏ ଦେଶରେ ସେଇପରି ଜମିପାଇଁ ଏବେ ଭଡ଼ା ଦିଆଯାଏ। ତୁମ ଜମି ଆବାଦ୍ ହେଉ ବା ନ ହେଉ, ତୁମର ଥାଉ ବା ନଥାଉ, ତୁମେ ଯେବେ ଜମିଖଣ୍ଡ ତୁମର ବୋଲି ଆଦରିଚ, ତେବେ ଭଡ଼ା ଭଳି ଭୂମି କର ଜମିଦାରକୁ ଦେବାକୁ ବାଧ୍। ଏଇପରି ଭୂମିରେ ସ୍ୱତ୍ୱ ହେଲା ଜମିଦାରଙ୍କର, ସେ ଦେଲେ ସରକାରଙ୍କୁ 'ରାଜସ୍ୱ'। ପ୍ରଜାଙ୍କର କିଛି ରହିଲା ନାହିଁ। ଅଳ୍ପଦିନ ବାର୍ଷିକ ଇଜରା ନିଲାମ ଦେବା ପରେ ଇଂରେଜମାନେ ଏଇ ନୀତିରେ ଅର୍ଥାତ୍ ପ୍ରଜାକୁ ନିଃସ୍ୱତ୍ୱ କରି, ଜମିଦାରକୁ ଭୂମିରେ ସବୁ ସ୍ୱତ୍ୱ ଦେଇ ଆଇନ ତିଆରି କରି ଦେଲେ।

ଜମିଦାରି ନୀତି –

ଏଇପରି କେତେକ ଖଜଣା ଅସୁଲକାରିଙ୍କୁ ଭୂମିରେ ସ୍ୱତ୍ୱ ଦେଇ, ପ୍ରଜାଙ୍କ ସ୍ୱତ୍ୱରୁ ଉଚ୍ଛେଦ କରିବାଟି ହେଉଚି ଜମିଦାରି ନୀତି। ଆମେ ଲଢୁଥାଇଁ, ଏଇ ନୀତି ବିରୁଦ୍ଧରେ।

Digitized by PPRACHIN, SOA

ଅର୍ଥାତ୍ ଜମିରେ ଖଜଣା ଆଦାୟ କରିବା ଅଧିକାରଟାକୁ ଯେଉଁମାନେ ସ୍ୱତ୍ୱ ବୋଲି ମାଡ଼ି ବସିଚନ୍ତି, ସେମାନେ ତା ନ କରନ୍ତୁ। ପୁଣି ଜମିର ଖଜଣା ନିର୍ଦ୍ଦିଷ୍ଟ ହେଉ। ଏଇ ଖଜଣା ନିର୍ଦ୍ଦିଷ୍ଟ ହେବା କଥାଟି ମଧ୍ୟ ଟିକିଏ ବୁଝାଇ ଦେବା ଦରକାର।

ବିଶୃଙ୍ଖଳ ଚିନ୍ତା ଓ ପ୍ରଚାର-

ଜମିର ଖଜଣା ବୋଇଲେ ଆଜି କାଲିର ରେଣ୍ଟ ବା ଭଡ଼ା ନୁହେ। ଏହି ଜମିର ଆୟରୁ ନିର୍ଦ୍ଦିଷ୍ଟ ଅଂଶ ବା ଟିକସ୍। ଏହି ରେଣ୍ଟ ପ୍ରଥା ଭାଙ୍ଗି ତାକୁ ଟିକସରେ ପରିଣତ କରିବାକୁ ହେବ। ତା ହେଲେ କେବଳ ଜମିର ଆୟ ଓ ଅଂଶ ଛଡ଼ା ଅନ୍ୟ କେତେ ବିଚାର ଆସି ପଡ଼ିପାରେ। ତା ଠିକ୍ ଜମିଜମା ସଂକ୍ରାନ୍ତ ବିଚାର ମଧ୍ୟ ନ ହୋଇପାରେ ସେଥିରେ ରାଜ୍ୟର ପ୍ରଜାରକ୍ଷା କର୍ତ୍ତବ୍ୟ ମଧ୍ୟ ପଶିଚି। ସେଥିରେ ଗୋଟିଏ ପ୍ରଶ୍ନ ହେଉଚି ଯେଉଁ ପ୍ରଜାର ଜମିର ଆୟ କୁଟୁମ୍ବ ପୋଷିବାକୁ ଅଣ୍ଟୁ ନାହିଁ ସେ ଟିକସ୍ ଦେବ କି ନାହିଁ। ମାତ୍ର ଆମ ପ୍ରାଦେଶିକ ସରକାର ଏ ସବୁ ଗଭୀର ପ୍ରଜାସ୍ୱତ୍ୱ ବିଚାରରେ ଏବେ ମୁଣ୍ଡ ଖେଳାଉ ନାହାନ୍ତି। ମୁଣ୍ଡ ଖେଳାଇବାରେ ଆଇନଗତ ଓ ପରିସ୍ଥିତିଗତ ଅସୁବିଧା ମଧ୍ୟ ବହୁତ ଅଛି। କେତେକ ଆଦର୍ଶମାତ୍ରବାଦୀ ଏଇ ଠାରୁ ପ୍ରଚାର ସାହିତ୍ୟର ନଜରନଳୀରେ ରୁଷିଆକୁ ଚାହିଁ ବିଶୃଂଖଳ ଚିନ୍ତାରେ ନାନା କଥା କହୁଚନ୍ତି। କେତେବେଳେ କହୁଚନ୍ତି ଦାଖଲ ଖାରଜ ଉଠିଗଲେ ଜମିରେ ପ୍ରଜାର ପୂରାସ୍ୱତ୍ୱ ହୋଇଯିବ, ପୁଣି ସେହି ନିଃଶ୍ୱାସରେ ମଧ୍ୟ କହୁଚନ୍ତି, ସେ ଯେତିକି ଚାଷ କରିବ ଭୂମି ସେତିକି ତାର ହେବ। ଏ ଦୁଇଟି କଥା ଯେ ଅନ୍ଧାର ଆଲୁଅ ପରି ଦୁଇଟି ବିପରୀତ ଜିନିଷ ତା ସେମାନେ ବୁଝିବାକୁ ଅପେକ୍ଷା ମଧ୍ୟ କରୁନାହାନ୍ତି। ସେଇପରି ପୁଣି କହୁଚନ୍ତି, ଜମି ବେଶି ରଖି କେହି ଅନ୍ୟକୁ ଖଟାଇ ବସି ଅନର୍ଜିତ ଧନ ଭୋଗ କରି ପାରିବେ ନାହିଁ, ଅତଏବ ନିର୍ଦ୍ଦିଷ୍ଟ ପରିମାଣ ଜମି (୩୦ ବା ୫୦ଏକର) ଜମିରୁ ଯେଉଁ ପ୍ରଜାର ବେଶି ଅଛି, ତାକୁ ମଧ୍ୟ-ସ୍ୱତ୍ୱାଧିକାରୀ ବା ତଳି ଜମିଦାର କରି ଦିଆଯାଉ; ଏଣେ ପୁଣି କହୁଚନ୍ତି ପ୍ରଜା ଓ ରଇତ ମଝିରେ ଜମିଦାର ବୋଲି କେହି ନ ରହନ୍ତୁ। ଏ ଦୁଇଟି କଥା ମଧ୍ୟ ସେଇପରି ଦିନ ରାତି ପରି ବିରୁଦ୍ଧ ଜିନିଷ। ଶୃଂଖଳିତ ଭାବରେ ସେମାନଙ୍କର ନୀତି ଉପେୟ ଯୋଜନା ଓ ସେହି ହିସାବରେ ଆଇନର ସୂଚନା ବା ଚିଠା ନ ବାହାରିବା ଯାଏ, ସେମାନଙ୍କ କଥାମାନ ଶୁଣି ବିଚାର ଜାଲରେ ପଶି ଘାଣ୍ଟି ହେବାରେ କିଛି ଫଳ ନାହିଁ।

ଜମିଦାରି ସ୍ୱତ୍ୱ-ଦାଖଲଖାରଜ ରୋଷମ-

ସେ ସବୁ କଥା ଛାଡ଼। ଏବେ ଜମିଦାରି ପ୍ରଥା ଉଠାଇବା ଆମର ଉଦ୍ଦେଶ୍ୟ। ସବୁମନ୍ତେ ସେଇ ଆଡ଼କୁ ଗତି କରିବାକୁ ହେବ। ମୂଳତଃ ଯେଉଁମାନେ ଖଜଣା ଅସୁଲକାରୀ

Digitized by PPRACHIN, SOA

ସେମାନେ ଭୂମିରେ ସ୍ୱତ୍ୱବାନ୍ ହେବେ ନାହିଁ। ଏଠାରେ ପ୍ରଶ୍ନ ହୋଇପାରେ, ଜମିଦାର ଭୂମିରେ ସ୍ୱତ୍ୱ ପାଇଲା ପରେ ଯେଉଁମାନେ ସେଇ ସ୍ୱତ୍ୱ କିଣିଚନ୍ତି, ତାଙ୍କ କଥା କ'ଣ ? ଆମେ କହୁ, ସେମାନେ ସେଇ ଖଜଣା ଅସୁଲ କରି ତହିଁରୁ ଭାଗ ରଖି ବାକିତକ ସରକାରଙ୍କୁ ଦେବାର ଅଧିକାର ମାତ୍ର କିଣିଚନ୍ତି। ସମସ୍ତ ଉତ୍ତରଓଡ଼ିଶାରେ କାର୍ଯ୍ୟରେ ତାହାହିଁ ହୋଇଚି। ଗତ ୨୫ ବରଷ ହେଲା ଦାଖଲ ଖାରଜ ରୋଷମ ବୋଲି ଯେଉଁ ଆୟଟି ଫାଉରେ ଗଳି ପଡ଼ିଥିଲା, ତାହା ନିର୍ଦ୍ଦିଷ୍ଟ ନୁହେ। ଆମେ ବାରଂବାର ବୁଝେଇ କହିଚୁ, ସେଥିରେ ସ୍ୱତ୍ୱ ନ ଥିଲା। ତାକୁ ସ୍ୱତ୍ୱ ବୋଲି ଯେଉଁମାନେ ଗଣନା କରିଚନ୍ତି ସେମାନେ ଭୁଲ କରିଚନ୍ତି। ସେ ଭୁଲ ପାଇଁ ସେଇମାନଙ୍କ ଛଡ଼ା ଆଉ କେହି ଦାୟୀ ନୁହେ। ତାହା ଯେ ପୁଣି ସ୍ଥାୟୀ ହୁଅନ୍ତା ନାହିଁ ତା ମଧ ସେଇ ୧୯୧୩ ଆଇନରୁ ସୂଚନା ରେ ଜଣା ପଡ଼ିଚି।

ଗୋଚର ଓ ସର୍ବସାଧାରଣ-

ଜମିଦାରର ଭୂମିରେ ସ୍ୱତ୍ୱ ହେବା ସଂଗେ ସଂଗେ ପୁଣି ରାସ୍ତା ନାଳ ଗୋଚର ପୋଖରୀ ସମେତ ସବୁ ଅନାବାଦି ଜମିଦାରଙ୍କ ହୋଇଗଲା। ଯେଉଁମାନେ କିଣିଲେ ସେମାନେ ଅନାବାଦୀ କସରେ ମୂଲ୍ୟ ଦେଇ ଥିବେ। କିନ୍ତୁ ଏଇ ଅନାବାଦିରୁ କେତେକ ଯେ ଜମିଦାର ସ୍ୱତ୍ୱ ସଂଗେ ପୂରାପୂରି ନାହିଁ, ତା ପୂର୍ବସରକାର ଠିକ୍ କରି ଦେଇଚନ୍ତି। ଏଥିରେ ଗୋଚର ଶ୍ମଶାନ, ନାଳ. ପୋଖରୀ, ରାସ୍ତାପ୍ରଭୃତି ସର୍ବସାଧାରଣ ଏକପ୍ରକାର ଜମିଦାରଙ୍କର ନୁହେଁ ବୋଲି ଠିକ୍ ହୋଇଯାଇଚି। ଧୋବା ଭଣ୍ଡାରି ପ୍ରଭୃତି ସେବାଏତଙ୍କ ଜାଗରି ଜମିଦାର ନିଜର ବୋଲି ମଣି, ସେଇ ସୂତ୍ରରେ ପ୍ରଜାଙ୍କ ଉପରେ ଘୋର ସାମାଜିକ ଅତ୍ୟାଚାର କରନ୍ତି। ବାଲେଶ୍ୱରରେ ଜମିଦାରମାନେ ପୁଅ ଝିଅ ବାହାଘରେ ପ୍ରଜାଙ୍କ ଠାରୁ ୧୦ ଟଂକା ଲେଖାଁଏ ବାହାଚିନା (ବାହାଚିହ୍ନ) ? ନିଅନ୍ତି। ସେମାନେ ଏବେ ଅର୍ଥ କରନ୍ତି, ଜାଗରି ଖାଉଥିବା ସେବାଏତମାନଙ୍କ ବିଭାଘରେ କାମ କରିବାକୁ ଦେବାପାଇଁ ସେମାନେ ଏ ବାହାଚିନା ନିଅନ୍ତି। ବାହାଚିନା ଭଳି ଗୋଟିଏ ଅନର୍ଜିତ ଆୟକୁ ବେଆଇନ୍ ପାଉଣା ଦଫାରୁ ରକ୍ଷା କରିବା ପାଇଁ ଏ ଏକ ଫିସାଦି। ଏ ଫିସାଦି ବେଶିଦିନ କାର୍ଯ୍ୟକାରୀ ହେବ ନାହିଁ। ଶ୍ମଶାନ ପରି ସେବାଏତ ଜାଗରି ମଧ୍ୟ ଗ୍ରାମବାସିଙ୍କର। ଆଇନରେ ତାହା ଶୀଘ୍ର ହୋଇ ଯିବ। ସେଥିରେ ଆପତ୍ତି କରିବାର କିଛି ନାହିଁ।

ଅନାବାଦି, ନିଜଜୋତ୍ ଓ ନିଜଚାଷ-

ଏହାଛଡ଼ା ବାକି ଅନାବାଦୀ ଜମିଦାରଙ୍କର ଏବେ ସଂପୂର୍ଣ୍ଣ ଅଛି। ସେଥିରୁ କେତେକ ସେମାନେ ସଲାମି ନେଇ ପ୍ରଜାକୁ ବିକିଚନ୍ତି, ଆଉ କେତେକ ପାଇଁ ପ୍ରଜା ପରି ସରକାରଙ୍କୁ ଖଜଣା ଦିଅନ୍ତି ବା କିଛି ଉତ୍ପନ୍ନ ନ ଥିଲେ ନ ଦିଅନ୍ତି। ମୂଳତଃ ଯାହା ଅନବାଦି ଥିଲା,

Digitized by PPRACHIN, SOA

ତାହା ଏବେ ଆବାଦି ହୋଇ ନିଜଜୋତ୍ ବା ବେଳେ ବେଳେ ନିଜଚାଷ ହୋଇଯାଇଚି। ପୁଣି ଜମିଦାର ପ୍ରଜାଠାରୁ ଯାହା ନିଲାମରେ ବା ମୂଲ୍ୟରେ କିଣିଚନ୍ତି ସେସବୁ ଜମିଦାରଙ୍କର ନିଜଚାଷ, ବା ବେଳେ ବେଳେ ପ୍ରଜାସ୍ୱତ୍ତ୍ୱ ହୋଇ ରହିଚି।

ପ୍ରଜା କିଏ ?

ଏସବୁ କେବଳ ଆଇନରେ ସ୍ୱତ୍ୱ ଥିବା ନ ଥିବା କଥା କୁହାଗଲା। ଲୋକେ ଜାଣିବା ପାଇଁ ପ୍ରଜାସ୍ୱତ୍ୱର ନିଦର୍ଶନ କ'ଣ ? କେତେ ପ୍ରଜା ନିଜ ଜମିକୁ ନିଜେ ଚାଷ କରନ୍ତି। ବେଶି ଜମି ଥିଲେ ବା ଚାଷ କରିବାକୁ ଇଚ୍ଛା ନ କଲେ ଲୋକ ଅଧାଭାଗରେ ଜମିକୁ ଲଗାଇ ଦିଅନ୍ତି। ଚାଷୀ ଏଇ ଭୂମିରୁ ଯେଉଁ ଅଧିକ ନିଏ, ସେତକରେ ସ୍ୱତ୍ୱ କିଛି ନାହିଁ। ପରଂପରାର ଭୂୟୋଦର୍ଶନରେ ଠିକ୍ ହୋଇଚି ବିଲ ଚାଷ କଲେ ତାର ଲୋକ ହଳ ପ୍ରଭୃତିର ମଜୁରୀ ଓ ବିହନ ଖତ ପ୍ରଭୃତି ଲାଗୁତିର ମୂଲ୍ୟ ଜମିର ଆୟରୁ ଅଧେ। ଓଡ଼ିଶାର ସବୁ ଅଞ୍ଚଳରେ ଏଇ ବିଧି। ବୁଝିବାକୁ ହେବ, ଯେ ନିଜ ଜମି ଅଧଭାଗରେ ଚାଷ କରିବାକୁ ଦିଏ ସେ ପ୍ରଜା ଜମିଦାର ବା ମଧ୍ୟସ୍ୱତ୍ୱାଧିକାରୀ ନୁହେଁ।

ଜମିଦାରି ପ୍ରଥା ଉଠିଯିବ-

ଜମିଦାରି ପ୍ରଥା ଉଠାଇବା ଆଡକୁ ଯଥାସାଧ୍ୟ ଓ ଯଥାସଂଭବ ସ୍ୱଷ୍ଟ ଗତି କରିବାକୁ ହେବ। ଜମିଦାରି କହିଲେ ଜମିଦାରି ମଧ୍ୟ ସ୍ୱତ୍ୱାଧିକାରୀ ସବୁ ବୁଝିବାକୁ ହେବ। ଏ ଦିଗରେ କଅଣ କରିବାକୁ ହେବ ? କାହାରି ସ୍ୱତ୍ୱ ଲୋପ୍ କରି ସବୁ ଓଲଟପାଲଟ କରିଦେଇ ହଠାତ୍ ପୁଣି ଗଢ଼ି ଠିଆ କରିଦବାକୁ ଆମର କ୍ଷମତା ନାହିଁ- କେବଳ ଆଇନର ସୂଚନାରେ ସେ କ୍ଷମତା ଯେ ନାହିଁ ସେତିକି ନୁହେ। ଆମେ ସେଥିପାଇଁ ପ୍ରସ୍ତୁତ ନୋହୁଁ। ସୂଚନାରେ କହିଚି, ଯେଉଁମାନେ, ଧନୀ ଜମିଦାର ଧ୍ୱଂସ ହୁଅନ୍ତୁ, ଚାଷୀ ମାତ୍ରର ଜମିରେ ସ୍ୱତ୍ୱ ହେଉ, ଅନର୍ଜିତ ଧନରେ କେହି ଅଧିକାରୀ ନ ହେଉ ବୋଲି ପ୍ରଚାର ବାତ୍ୟା ବୁହାଇ ଲୋକ ସଗ୍ରଂହ କରିବାର ଉଦ୍ୟମ କରୁଚନ୍ତି, ସେମାନଙ୍କ ବିଶୃଙ୍ଖଳ ଓ ଖଣ୍ଡିତ ଚିନ୍ତା ଉପରେ ନିର୍ଭର କରି କାର୍ଯ୍ୟପନ୍ଥା ବିଚାର କରିବାର ଉପାୟ ନାହିଁ। ସେମାନେ ଏବେ କୌଣସି ପୂର୍ଣ୍ଣ ଭଙ୍ଗା ଓ ଗଢ଼ାର ଯୋଜନା ଦେଉନାହାନ୍ତି; ଖାଲି କାହାଠାରୁ ଶୁଣା କଥାରୁ ଖଣ୍ଡେ ଖଣ୍ଡେ ବିଶୃଙ୍ଖଳ ଭାବରେ ବାନ୍ତିକଲା ପରି ଲୋକଭୁଲାଣିଆ କଥା କହୁଚନ୍ତି। ପୂର୍ଣ୍ଣ ଯୋଜନା ପାଇଲେ ହୁଏତ ସେସବୁ କଥା ବିଚାରରେ ଆସନ୍ତା, ମାତ୍ର ସେ ପୂର୍ଣ୍ଣ ଯୋଜନା ମିଳୁନାହିଁ, କି ଏବେ ମିଳିବାର ଆଶା ନାହିଁ। ଗଢ଼ିବାରେ ଦୃଷ୍ଟି ନ ଦେଇ ଖାଲି ଭାଙ୍ଗି ଦେବାପାଇଁ ପ୍ରଚାର କରିବା ସହଜ। ମାତ୍ର ତାହା କରିବା ଆମର ଠିକ୍ ନୁହେ।

Digitized by PPRACHIN, SOA

ଜମିଦାର ଉପରେ ବ୍ୟକ୍ତିଗତ ଭାବରେ ଦାଉ ସାଧିବା ଠିକ୍ ନୁହେ

ତେବେ ଏସବୁ ବିଶୃଙ୍ଖଳ ଚିନ୍ତାରେ ଗୋଟିଏ ଦେଖିବାଭଳି ଫଳ ହେଉଚି, ଲୋକେ ଜମିଦାରି ପ୍ରଥା କଣ, ତା ନ ବୁଝି, ପ୍ରଥା ଭାଙ୍ଗିବାରେ ବ୍ୟକ୍ତିଗତ ଭାବରେ ବିଚରା ଜମିଦାରଙ୍କ ବିରୁଦ୍ଧରେ ମାତି ଉଠୁଛନ୍ତି। କେତେଟା ଅତ୍ୟଚାରୀ ଜମିଦାରଙ୍କୁ ବା ଏବେ ବଂଚିଥିବା ସବୁ ଜମିଦାରଙ୍କୁ ଆଜି ପ୍ରାଣରେ ମାରିଦେଲେ ବା ଅନ୍ୟ କୌଣସି ପ୍ରକାରେ ଧ୍ୱଂସ କରିଦେଲେ, ବ୍ୟକ୍ତି ଉପରେ ସଂଚିତ ରାଗ ସାଧିବା ହୋଇପାରେ, ମାତ୍ର ଜମିଦାରି ଉଠିଯିବ ନାହିଁ। ତାଙ୍କ ସଂପତ୍ତି ଖାସ୍ କରିବା ବାଟ ମଧ ସେଠାରେ ନାହିଁ। ଆଜି ଲୋକଙ୍କ ସରକାର ଆମେ ଲୋକ ମଙ୍ଗଳ ପାଇଁ ଚଳାଇଲା ବେଳେ ବ୍ୟକ୍ତିଗତ ଆକ୍ରୋଶର ଏ ବିଭୀଷିକା ମଧ ସୁନ୍ଦର ନୁହେ। ଦେଶର ଆର୍ଥିକ ପ୍ରରିସ୍ଥିତି ଏବର ବେଷ୍ଟନୀ ମଧରେ ଗଢ଼ିବାର ଏ ମଧ ପନ୍ଥା ନୁହେ। ଜମିଦାରି ଉପରେ ଆମର ଆକ୍ରୋଶ, ଜମିଦାର ଉପରେ ନୁହେ। ଜମିଦାରଙ୍କୁ ସାଧାରଣ ପ୍ରଜାରେ ପରିଣତ କରିଦେବା ଆମର ଆଦର୍ଶ, ହାତରେ ବା ଭାତରେ ତାଙ୍କୁ ବ୍ୟକ୍ତିଗତ ଭାବରେ ମାରିବା ଆମର ଉଦ୍ଦେଶ୍ୟ ନୁହେ। ମାତ୍ର ଲୋକେ କିନ୍ତୁ ଏକା ଜମିଦାରରେ ଜମିଦାରିକୁ ଦେଖି ଆସିଚନ୍ତି। ସେମାନଙ୍କ ସାଧାରଣ ଦୃଷ୍ଟିରେ ବ୍ୟକ୍ତିଗତ ଜମିଦାର ହିଁ ଯେପରି କି ଜମିଦାରି। କୌଣସି କୌଣସି ଜମିଦାରଙ୍କ ଅତ୍ୟାଚାର ପୁଣି ତାଙ୍କୁ ହୁଏତ ପୁରୁଷାନୁକ୍ରମେ ବାଧିଚି। ସେମାନେ ଏବେ ପୁଣି ବୁଝୁଛନ୍ତି ସବୁ ଜମିଦାର ଉଣା ଅଧିକେ ଅତ୍ୟାଚାରୀ ଏସବୁ ସତ୍ୟ: ମାତ୍ର ଜମିଦାରି ନ ଥିଲେ ସେ ବ୍ୟକ୍ତି ବା ବ୍ୟକ୍ତିମାନେ ଅତ୍ୟାଚାର କରିପାରି ନ ଥାନ୍ତେ। ଏବେ ବି ଜମିଦାରି ବିନା ସେମାନେ ସାଧାରଣ ଲୋକ ପରି। ଜମିଦାରି ପ୍ରଥାକୁ ଉଠାଇବା ଦିଗରେ ଯଥା ସାଧ ଗତି କରି ଜମିଦାରିକୁ କ୍ରମେ ଖର୍ବ କଲେ, ଜମିଦାରର ଗର୍ବ ରହିବ ନାହିଁ। ଧର ଆଜି ପୁଣି ଯେବେ ଜମିଦାର ପ୍ରଜା ହୋଇଯାନ୍ତି, ତେବେ ବ୍ୟକ୍ତିଗତଭାବରେ ତାଙ୍କଠାରେ ପୂର୍ବ ରାଗ ରଖିବା ଠିକ୍ ନୁହେଁ। ଗଠନ ଉଦ୍ଦେଶ୍ୟରେ ଯେଉଁମାନେ କାମ କରିବାକୁ ଲୋଡ଼ନ୍ତି ସେମାନେ ଲୋକଙ୍କୁ ଏହା ସ୍ପଷ୍ଟ କରି ଧରାଇବା ଉଚିତ।

ଏ ପ୍ରଭେଦ ବୁଝିବା ସହଜ ନୁହେ–

କିନ୍ତୁ ଲୋକେ ତଥା ପ୍ରଚାରକମାନେ ସବୁବେଳେ ତା ବୁଝିବେ ନାହିଁ। ପୁଣି ଦେଖିବାର ମଧ ଅଛି ଜମିଦାରକୁ, ଜମିଦାରିରୁ ନ ଛଡାଇଲେ, ବ୍ୟକ୍ତିଗତ ଭାବରେ ମଧ ଜମିଦାରଠାରୁ ସଂଦେହ ଯିବ ନାହିଁ। ଜମିଦାରି ଧ୍ୱଂସ କରିବାର ଉଦ୍ୟମ ଯେଉଁଠାରେ ହେବ ସେଠାକୁ ଜମିଦାରିକୁ ଲୋକେ ପଠାଇ ନିଶ୍ଚନ୍ତ ରହିବେ ନାହିଁ। ରହିବା ହୁଏତ ଉଚିତ ନୁହେ। ଜମିଦାରକୁ ଜମିଦାରିରୁ ଛଡ଼ାଇବାକୁ ସ୍ପଷ୍ଟ ଉଦ୍ୟମ କରିବାକୁ ହେବ। ତା

Digitized by PPRACHIN, SOA

ପୁଣି ଲୋକେ ଦେଖିବା ଭଳି ହେବା ଉଚିତ। ପୁଣି କୌଣସି ପ୍ରକାରେ ନୂଆ ଜମିଦାରଟିଏ ତିଆରି କରିବାକୁ ହେବ ନାହିଁ। ଜମିଦାର ଲୋପ କରିବାର ଆଶିଂକ ସୁବିଧା ପହଁଚିଲେ ସେ ସୁବିଧା ଛାଡ଼ିବାକୁ ହେବ ନାହିଁ। ଜମିଦାରିକୁ ଏପରି ଅଲଗା କରିଦେବାକୁ ହେବ, ତାହା ଯେପରି ସ୍ପଷ୍ଟ ଲୋକଙ୍କ ଆଗରେ ରହିବ, ଓ ଯଥାସଂଭବ ତାର ବିଷଦାନ୍ତ ଭାଙ୍ଗି ତାକୁ ଧ୍ୱଂସ ଆଡ଼କୁ ବାଟ ଦେଖାଇ ଦେବାକୁ ହେବ। ତା ଧ୍ୱଂସରେ ଲୋକର ଧ୍ୱଂସ ଯେତେ କମ ହୁଏ, ସେଥିପାଇଁ ବ୍ୟବସ୍ଥା କରିଦେବାକୁ ହେବ। ଏହା ସବୁ ଆଇନରେ କରିବାକୁ ହେବ ବୋଲି ଉଦ୍ଦେଶ୍ୟ ରଖି କୁହାଯାଉଚି। ଆଉ ବିଶେଷ ନ କହି କଣ କ'ଣ କରିବାକୁ ହେବ ତାର ଟିକିଏ ସୂଚନା ଦିଆଯାଉଚି;-

ବ୍ୟବସ୍ଥାରେ କାର୍ଯ୍ୟର ସୂଚନା-

୧। ଦାଖଲ ଖାରଜଠାରୁ ବାହାଚିନା ପର୍ଯ୍ୟନ୍ତ ଜମିଦାରିରୁ ସବୁ ପ୍ରକାର ବାଜେ ଆୟ ଉଠାଇ ଦେବାକୁ ହେବ। ଜମିଦାର ଦୁଆରକୁ ନ ଆସି ପ୍ରଜା ଖଜଣା ଦେଇ ପାରିବାର ବ୍ୟବସ୍ଥା କରିବାକୁ ହେବ। ଏଥିପାଇଁ ଏକାଧିକ ପ୍ରଜା ମିଶି ଏକତ୍ର ପୋଷ୍ଟ ଅଫିସରେ ମନିଅର୍ଡ଼ର କରି ପାରିବା ଓ ମେଜଷ୍ଟରିରେ ଅଳ୍ପ ଖର୍ଚ୍ଚରେ ସୁବିଧାରେ ଜମା ଦେଇ ପାରିବାର ବ୍ୟବସ୍ଥା କରି ଦେବାକୁ ହେବ। ବାକୀ ଖଜଣାପାଇଁ ଜମିଦାର ନାଲିସ କଲେ ତାହା ଯେପରି ଅତି କମ ଖରଚରେ ହୁଏ, ତା ମଧ୍ୟ କରିବାକୁ ହେବ। ସୁଧ କମାଇ ଦିଆ ଯାଇଚି। ଖର୍ଚ୍ଚ କମାଇ ଦେବା ଉଚିତ। ତା ନ ହେଲେ ପାଞ୍ଚଟଙ୍କା ନାଲିସ କଲେ ଆଦାୟ ବେଳକୁ ୧୫କି ୨୦ ଟଙ୍କା ହୋଇଯାଉଚି। ତାହା ପ୍ରଜା ଆଉ ଦେଇପାରୁ ନାହିଁ।

୨। ଧୂଳିଭାଗ ବୋଲି ପ୍ରଜାସ୍ୱତ୍ୱ ରହିବ ନାହିଁ। ଥରେ ନାଲିସ ହେଲେ ତା ମଧ୍ୟ ରହୁ ନାହିଁ। ଡ଼ିଗ୍ରିଟଙ୍କା ସ୍ୱତ୍ୱର ମୂଲ୍ୟକୁ ବହୁତ ବଳି ଯାଉଚି। ସେଥିରେ ପୁଣି ପ୍ରଜା ବୃଥାରେ ସ୍ୱତ୍ୱ ମୋହରେ ଘାଣ୍ଟି ହୋଇ ଆଉ ସଂପତ୍ତି ହରାଉଚି। ପୁଣି ସାଧାରଣତଃ ଧୂଳିଭାଗରେ ସ୍ୱତ୍ୱ ନାହିଁ। ଯେଉଁଠାରେ ଅଛି, ସେଠାରେ ପ୍ରଜା ମଧ୍ୟ ମନଦେଇ ଲାଗୁ ନାହିଁ, ଅଥଚ ନାଲିସ ବେଳେ ଗ୍ରାମ ରେଟରେ ଡିଗ୍ରି ହଉଚି। ପୁଣି ନାଲିସରେ ଲଢ଼ିଲେ ପ୍ରଜାର ବଡ଼ କ୍ଷତି। ଦେଶର ଆର୍ଥିକ ପରିସ୍ଥିତି ଖରାପ କରିବାରେ ଧୂଳି ଭାଗ ସ୍ୱତ୍ୱର ଆଉ ଅନେକ କାରଣରୁ ବହୁତ ଭାଗ ଅଛି। ପୁଣି ଯହିରେ ମଜୁରି ଛଡ଼ା ଲାଭ ନାହିଁ, ତହିଁରେ ସ୍ୱତ୍ୱ ନାହିଁ।

୩। ଜମିଦାରଙ୍କର ନିଜ ଚାଷ, ନିଜ ଜୋତ୍ ଓ ଅନାବାଦି ସବୁ ରୟତି ପ୍ରଜାସ୍ୱତ୍ୱ କରିଦେଇ ତାକୁ ଅଲଗା କରି ସେଥିପାଇଁ ପ୍ରଜାଭାବରେ ଜମିଦାର ଠାରୁ ଖଜଣା ନେବାକୁ ହେବ। ଜମିଦାରି ସଙ୍ଗେ ତାର କୌଣସି ସଂପର୍କ ରହିବ ନାହିଁ। ସେ ଜମିରେ କେହି

Digitized by PPRACHIN, SOA

ଜମିଦାର ହେବେ ନାହିଁ। ଖଜଣା ହିସାବରେ ସେଥିରୁ ମାଲିକାନା ବା ଜମିଦାରର ଅଂଶ କଟା ହେବ ନାହିଁ। ସରକାରଙ୍କ ଯେତିକି ପ୍ରାପ୍ୟ ସେ ସବୁ ଜମିରେ ସେତିକି ଖଜଣା ଧାର୍ଯ୍ୟ ହେବ। ଏଥିରେ କେତୋଟି ବଡ଼ ବଡ଼ ରଇତ ବାହାରି ପଡ଼ିବେ ସତ, ମାତ୍ର ଅନେକ କ୍ଷୁଦ୍ର ଜମିଦାର ଓ ତଳି ଜମିଦାର ବରାବର ରଇତ ପାଲଟି ଯିବେ। ତାଙ୍କର ଆଉ ଜମିଦାରି ବୋଲି କିଛି ରହିବ ନାହିଁ। ପୁଣି ଜମିଦାରି ସଂଗେ ବନ୍ଧା ହୋଇ ନିଜ ଚାଷ ପ୍ରଭୃତିର ମୂଲ୍ୟ ଓ ସ୍ଥାୟିତ୍ୱରେ ଯେଉଁ ଘୋର ଅସ୍ଥିରତା ଅଛି, ତାହା ଉଠିଗଲେ, ଜମି ଜମାରେ ଦେଶରେ ଆର୍ଥିକ ପରିସ୍ଥିତି ଓ ପ୍ରଗତି ସ୍ୱଷ୍ଟତର ଓ ସୁଗମ ହେବ।

ଏଠାରେ ମନେ ରଖିବାର ଅଛି, କୌଣସି ଜମିଦାର ବଡ଼ ରଇତ ହୋଇଯିବେ ବୋଲି ଆପତ୍ତି କରିବା ଠିକ୍ ନୁହେ। ଏହା ପୂର୍ବ ରାଗରୁ ଜନ୍ମିଥିବା ଈର୍ଷାର ଫଳ। ଖୋରଧା ଘୁମୁସର ଅନୁଗୁଳ ବାଙ୍କିରେ ଖୁବ୍ ବଡ଼ ରଇତ ଅଛନ୍ତି। ପ୍ରଜାସ୍ୱତ୍ୱ ସ୍ୱାଧୀନ ହେଲେ ଆଉ ଅନେକ ମଧ୍ୟ ସର୍ବତ୍ର ହେବେ। ବଡ଼ ରଇତ ଭାଙ୍ଗିବା ଦିଗରେ ଗତି କରିବାକୁ ଏବେ ବାଟ ନାହିଁ। ବଡ଼ ରଇତଙ୍କୁ ପୁଣି ଖଜଣା ଅସୁଲକାରୀ ଜମିଦାର କରିଦେଲେ, ଜମିଦାରୀ ପ୍ରଥା ବଢ଼ିବ, ଭାଙ୍ଗିବ ନାହିଁ। ଯେତେଦିନ ଯାଏ ଜମିରୁ ସ୍ୱତ୍ୱ ଉଠିନାହିଁ, ସେତେଦିନ ଯାଏ ସତ୍ୱାଧିକାରୀ ରଇତ, ଓ ଭାଗ ଚାଷୀ କୃଷକ, ଏ ଦୁଇଟି ରହିବେ। ଏ ଦୁଇଟିଙ୍କୁ ମିଶାଇ ଏକ କରି ଜମିଦାରୀ ଉଠାଇ ହେବ ନାହିଁ।

୪। ଏହା ପରେ ପାରିଲେ, ସରକାର ଜମିଦାରିର ଗୋଟିଏ ମୂଲ୍ୟ ନିର୍ଦ୍ଦିଷ୍ଟ କରି, ଜମିଦାରି ସବୁ ମିଳିଲେ କ୍ରମେ କିଣିବେ। ଏଇ ମୂଲ୍ୟ କ୍ରମେ କମି କମି ସମୟରେ ହୁଏତ ଶୂନ ହୋଇଯାଇପାରେ।

ଏ ପ୍ରସଙ୍ଗରେ ଗଞ୍ଜାମ ଓ ସଂବଲପୁରର ପ୍ରଜାସ୍ୱତ୍ୱ ସଂବଧରେ ଆମେ କିଛି କହୁ ନାହୁଁ। ଗଠନ ଉଦ୍ଦେଶ୍ୟରେ ଆମେ ଏହା ଲେଖୁଚୁ। କୌଣସି ପ୍ରକାର କାର୍ଯ୍ୟରେ ବାଧା ଦେବା ଆମର ଉଦ୍ଦେଶ୍ୟ ନୁହେ। ଗଞ୍ଜାମ ପ୍ରଜସ୍ୱତ୍ୱ ଘେନି ଏବେ ଗୋଟିଏ ଆଇନ୍ ହୋଇଚି, ତାର ଶେଷ ନିଷ୍ପତ୍ତି ହୋଇ ନାହିଁ। ତା ହେବା ପୂର୍ବରୁ ଆଉ କିଛି କହିବା ସଂଗତ ହେବ ନାହିଁ। ସଂବଲପୁର ପ୍ରଜାସ୍ୱତ୍ୱ ପାଇଁ କମଟି ବସିଚି। ତାଙ୍କର ଉଦ୍ଦେଶ୍ୟ ଅଧିକାର ଓ ପ୍ରଶ୍ନମାଳା ଆମେ ଦେଖି ନାହୁଁ। ମାତ୍ର ସମ୍ବଲପୁରରେ ପ୍ରଜାର ସ୍ୱତ୍ୱ ନାହିଁ। ଶୀଘ୍ର ଆଇନ କରି ସଂବଲପୁର ରଇତକୁ ଓଡ଼ିଶାର ଅନ୍ୟ ଅଂଚଳର ରଇତ ସଂଗେ ଆଗ ସମାନ କରିଦେବା ଉଚିତ। ଏହା ବଡ଼ ଜରୋର। ସହଯୋଗ ଅନୁସଂଧାନ କମିଟି ଆଗେ ସମ୍ବଲପୁର ଲୋକେ ସ୍ପଷ୍ଟ କହିଥିଲେ, ଜିଲାରେ ପ୍ରଜାକୁ ଜମିରେ ସ୍ୱତ୍ୱ ନ ଦେଲେ, ସମ୍ବଲପୁରରେ ସହଯୋଗ ଟେକିବ ନାହିଁ। ଏହି ପ୍ରଜାସ୍ୱତ୍ୱତକ ଏବେ ମୋଟା ମୋଟି ଦେବାରେ ଅସୁବିଧା କଅଣ ଅଛି ?

ନବ ଭାରତ-୫/୫-୬

Digitized by PPRACHIN, SOA

କୃଷକ କିଏ ?

ଚାଷୀମାନଙ୍କର ଉପକାର କରିବା କଂଗ୍ରେସର ମୁଖ୍ୟ ଉଦ୍ଦେଶ୍ୟ । ମାତ୍ର ଆମେମାନେ ବରାବର କହି ଆସୁଛୁ ଜନସାଧାରଣ ମଧ୍ୟରେ କୌଣସି ଆନ୍ଦୋଳନର ପ୍ରତିଷ୍ଠା କଲେ ଲୋକଙ୍କୁ ଯଥାଯଥ ଭାବେ କଥାଟି ବୁଝାଇବାରେ ତାହାର ମୂଳଦୁଆ ପକାଇବା ଉଚିତ । ଚାଷୀଙ୍କୁ କୁହାଯାଉଛି ଖଜଣା ଟଙ୍କାରେ ଆଠଅଣା ଛାଡ଼ ହେବ । ଧର, ସରକାରଙ୍କ ପକ୍ଷରେ ସମ୍ଭବ ହେଲା ସେ ଟଙ୍କାରେ ଆଠଅଣା ଖଜଣା ଛାଡ଼ି ଦେଲେ । ରୟତର ଲାଭ ହେବ, ସନ୍ଦେହ ନାହିଁ । କିନ୍ତୁ ରୟତ ଚାଷୀ ଏ ଦୁଇଟା କଥା କ'ଣ ସମାନ ? ପା' ଏକର ଅଧ ଏକର ଠାରୁ ଶହ ଶହ ହଜାର ହଜାର ଏକର ଥାଇ ଏ ଦେଶରେ ରୟତ ଅଛନ୍ତି । ଖଜଣା ଛାଡ଼ ହେଲେ ଏ ସମସ୍ତେ ଲାଭ କରିବେ । ଅବଶ୍ୟ ବେଶୀ ଲାଭ କରିବେ ବଡ଼ ରଇତ । ମାତ୍ର ରଇତ ହେବା ମାତ୍ରେ ସେ ଯେ ଚାଷୀ ଏକଥା କହିହେବ ନାହିଁ । ବେଶୀ ଜମିଥିବା ରୟତ ତ ପ୍ରାୟ ଚାଷୀ ନୁହେଁ । ପୁଣି ଅଳ୍ପ ଜମି ଥିବା ରୟତ ଘରେ ଯଦି ଖାଲି ବୃଦ୍ଧ ବିଧବା ବା ନାବାଳକ ଥାନ୍ତି, ଯେଉଁ ରୟତମାନେ ବାହାରେ ମଜୁରି ଖଟି ପଇସା ଆଣନ୍ତି ସେମାନେ ମଧ୍ୟ ପ୍ରାୟ ଚାଷୀ ନୁହନ୍ତି । ଏସବୁ ଜମିରେ ଚାଷୀ ରୟତ ନୁହେଁ ଅନ୍ୟ ଲୋକ । ତାଙ୍କୁ ଏ ଦେଶରେ କହନ୍ତି ଭାଗଚାଷୀ । କୌଣସି କୌଣସି ଅଳ୍ପ ସଂଖ୍ୟକ ବଡ଼ ଓ ମଧ୍ୟଭଳି ରୟତଙ୍କୁ ଛାଡ଼ିଦେଲେ ଆଉ କେହି ଏ ଦେଶରେ ମୂଲିଆ ଲଗାଇ ନିଜ ଜମି ଚଷନ୍ତି ନାହିଁ । ଭାଗରେ ଚାଷକୁ ଜମି ଦେଇଦେବା ଏ ଦେଶର ରୀତି ।

ଭାଗଚାଷୀ ରୟତ ନୁହେଁ –

ଭାଗଚାଷୀ ରୟତ ନୁହେଁ । ଅନ୍ତତଃ ଯେଉଁ ଜମିରେ ସେ ଭାଗଚାଷୀ ସେ ଜମିରେ ସେ ରୟତ ନୁହେଁ । ଅନେକ ସ୍ଥଳରେ ଅତି ଅଳ୍ପ ଜମିଥିବା ରୟତମାନେ, ମିଳିଲେ ଭାଗରେ ମାଣେ କୁଣେ କରନ୍ତି । ମାତ୍ର ଏହି ଭାଗଚାଷ ମିଶା ରୟତଙ୍କ ସଂଖ୍ୟା ଅତି ଅଳ୍ପ । ଅଳ୍ପ ବେଶୀ କଥା ଅବଶ୍ୟ ଏ କ୍ଷେତ୍ରରେ ବିଚାର୍ଯ୍ୟ ନୁହେଁ । ରାଜନୀତିକ ଦଳ ଗଠନରେ ଦଳର ସ୍ୱାର୍ଥକୁ ଠିକ୍ କରି ସେଇ ଦୃଷ୍ଟିରେ ଦଳକୁ ଗଢ଼ିବାହିଁ ଯୁକ୍ତି ଓ ବିଜ୍ଞାନ ସଂଗତ । ସେଇ ସ୍ୱାର୍ଥ ଦୃଷ୍ଟିରେ ରୟତ ଓ ଭାଗଚାଷୀର ଦୁଇଟି ପରସ୍ପର ବିରୋଧୀ ଶ୍ରେଣୀ । ଖଜଣା ଟଙ୍କାରେ ଆଠଅଣା କଟିଗଲେ ଭାଗଚାଷୀର କି ଉପକାର ହେବ ? ତେବେ ସମସ୍ତ ଚାଷୀଙ୍କୁ ଏକାଠି କରି ଖଜଣା କାଟ ପ୍ରସ୍ତାବ କରିବାରେ କି ଅର୍ଥ ଅଛି ? ପୁଣି ସେହିପରି ଗଛମାଛରେ ଅଧିକାର ପାଇବା ଦାଖଲ ଖାରଜ ରୋଷମ କଟିଯିବା ଇତ୍ୟାଦି ସବୁଥିରେ ଭାଗ ଚାଷୀର କି ସାର୍ଥ ଅଛି ?

Digitized by PPRACHIN, SOA

ରୟତ ଓ ଭାଗଚାଷୀଙ୍କ ସ୍ୱତନ୍ତ୍ର ସ୍ୱାର୍ଥ –

ଆଚ୍ଛା, ଭାଗଚାଷୀ କଥା ଧରାଯାଉ। କୃଷକର ସ୍ୱାର୍ଥ ପାଇଁ ଆନ୍ଦୋଳନ କରି ଯଦି କୁହାଯାଏ, ଭାଗଚାଷୀ ରୟତକୁ ଅଧିକରୁ କମ୍ ଦେବା ପାଇଁ ଆଇନ୍ କରାଯାଉ, ତେବେ ରୟତଚାଷୀର ସେଥିରେ କି ସ୍ୱାର୍ଥ ଅଛି ? କେବଳ ସ୍ୱାର୍ଥ ନାହିଁ, ନୁହେଁ। ଏ ଦୁହିଁଙ୍କ ସ୍ୱାର୍ଥରେ ସମ୍ପୂର୍ଣ୍ଣ ବିରୋଧ ମଧ୍ୟ ଅଛି। ଏ ବିରୋଧ ଜମିଦାର ପ୍ରଜାର ବିରୋଧଠାରୁ କମ୍ ନୁହେଁ। ଅତଏବ ଚାଷୀ ଆନ୍ଦୋଳନ ବୋଲି ଏ ଦୁହିଁଙ୍କୁ ଏକତ୍ର କରି କିପରି କି ଉଦ୍‌ବୋଧନ ଦିଆଯିବ, ବୁଝାଯାଉନାହିଁ। ଲୋକଙ୍କୁ ନ ବୁଝାଇ ଆନ୍ଦୋଳନ କରି ଯାହା ତାହା ବୁଝାଇ ମତାଇବା କ'ଣ ଜାତି ଗଠନର ପନ୍ଥା ? ଏଥିରେ କ'ଣ ବିପ୍ଲବର ମାନସିକତା ଆସିବ ? ଯଦି ଆସିବ, ତେବେ ସେ ବିପ୍ଲବର ପରିଣାମ କ'ଣ ? ସେ ବିପ୍ଲବରେ ପୁଣି ଯେଉଁମାନେ ନେତା ହେବେ ସେମାନଙ୍କର ଧର୍ମ ହେବ, ସବୁବେଳେ ଲୋକଙ୍କୁ ନ ବୁଝାଇ ଅନ୍ଧାରରେ ରଖିବା। ତେବେ ପୁଣି ଲୋକଙ୍କର ପ୍ରାଥମିକ ଶିକ୍ଷା ପଚାର ପାଇଁ ସ୍ୱର ଉଠାଇବା ସେଇ ଆନ୍ଦୋଳନରେ ସଂଗତ ହେଉଛି କିପରି ?

ଦୁଇଟି ଉପାୟ –

ପୁଣି କୁହାଯାଇପାରେ ଯେ ଯେଉଁଠାରେ ଚାଷ କରୁଛି ସେ ସେଠାରେ ରୟତ ହେଉ। ଏହା ଦୁଇପ୍ରକାରରେ ହୋଇପାରେ। ପ୍ରଥମ ପ୍ରକାର ହେଉଛି, ରୟତର ଭୂମିକୁ ଯେ ଭାଗଚାଷରେ ଧରିଛି, ତାକୁ ରୟତ କରି ଜମିର ଅଧିକାରୀ ରୟତକୁ ମଧ୍ୟସ୍ୱତ୍ୱାଧିକାରୀ କରାଯାଉ। ଏକଥା ମଧ୍ୟ ସ୍ପଷ୍ଟ କୁହାଯାଉଛି। ଗଲା ବର୍ଷ ଗଞ୍ଜାମ ରୟତଙ୍କ ପାଇଁ ଆଇନ୍ ହେଲାବେଳେ ଏଇ ଦାବୀ ବଢ଼ା ଯାଇଥିଲା। ଏହାର ଅର୍ଥ କ'ଣ ? ଏଥିରେ ସ୍ତରକୁ ସ୍ତର ଖାଲିଜମିଦାର, ତଳି ଜମିଦାର, ତଳି ତଳି ଜମିଦାର ସୃଷ୍ଟି ହେବାରେ ଲାଗିବ। ଲର୍ଡ଼ କର୍ଣ୍ଣଉଆଲିସ୍ ବଙ୍ଗ ବିହାର ଓଡ଼ିଶାରେ ଥରେ ଆଇନ୍ ଗାର ମାରିଦେଇ କେତେଗୁଡ଼ିଏ ଜମିଦାରୀ ସୃଷ୍ଟି କରିଥିଲେ। ସେଇ ପଦ୍ଧତିର ଧାରା ଧରି ଥରକୁ ଥର ଆଇନ୍ ଗାରରେ ପ୍ରସ୍ତକୁ ପ୍ରସ୍ତ ତଳି ଜମିଦାର କେତେ ହୋଇ ଯାଇଛନ୍ତି। ଆମର ଉଦ୍ଦେଶ୍ୟ ଏଇ ଜମିଦାରୀ ପଦ୍ଧତିକୁ ଧ୍ୱଂସ କରିବା। ତାହା କରିବାକୁ ଯାଇ ପୁଣି ଖଜଣା ଆଦାୟକାରୀ ଜମିଦାରୀମାନ ସୃଷ୍ଟି କରିବା କି ଯୁକ୍ତିର କଥା ? ଏଥିରେ ପୁଣି କିପରି ବିପ୍ଲବ ମାନସିକତା ତିଆର ହେବ ? ଏଥିରେ ପୁଣି କିପରି ବିପ୍ଲବ ମାନସିକତା ତିଆରି ହେବ ? କେହି କେହି ପୁଣି କହିବାର ଶୁଣା ଅଛି ଏହିପରି ରକ୍ଷିତ ସ୍ୱାର୍ଥ ସବୁ ବହୁତ ତିଆରି କରିଦେଲେ ଶେଷକୁ ରାଜ୍ୟ ଆବାକାବା ହୋଇଯିବେ ଓ ବଳେ ଶେଷକୁ ଆଉ ବୁଦ୍ଧି ବାଟ ନ ପାଇ ଏକା ଠେଙ୍ଗାକେ ସହସ୍ରେ ହାଣ୍ଡି ଭାଙ୍ଗିଦେବେ। ଯଦି ତାହା ହୁଏ ତେବେ ଆମେ କ'ଣ ଆଉ ରାଜ୍ୟ ଗଢ଼ିବାରେ

Digitized by PPRACHIN, SOA

ଲାଗିବା ନାହିଁ ? ଯେତେ ପାରିବା ରାଜ୍ୟରେ ଖାଲି ଅପଚାର ଅନାଚାର ସୃଷ୍ଟି କରିବା ! ଶୁଣାଅଛି, କୌଣସି କୌଣସି ଡାକ୍ତର ଶେଷରେ ନିଜର ବାହାଦୁରି ଦେଖାଇବା ପାଇଁ ଆଗ ଲାଗିପଡ଼ି ରୋଗକୁ ବଢ଼ାଇ ଦିଅନ୍ତି। ଫଳରେ ରୋଗୀ ମରିଯାଏ, ହୁଏତ ବାହାଦୁରୀ ଦେଖାଇବାକୁ ଡାକ୍ତରଙ୍କୁ ଆଉ ଅବକାଶ ମିଳେ ନାହିଁ। ଏହି ରୀତିରେ ଯେଉଁମାନେ ରାଜ୍ୟତନ୍ତ୍ର ବିକାଶ କରିବାକୁ ଚାହାନ୍ତି ସେ 'ବିକାଶୀ' ନୁହନ୍ତି କି ବିପ୍ଳବୀ ନୁହନ୍ତି।

ଦ୍ୱିତୀୟଟି ହେଉଛି, ଯେ ଯେ ପରିମାଣରେ ଜମି ଚାଷା କରୁଛି, ତାକୁ ସେହି ପରିମାଣ ଜମି ଚାଷ କରିବାକୁ ଦେଇ ଉଚିତ ମତେ ଟିକସ ଆଦାୟ କରିବା। ତା ହେଲେ ଜମିର ଦାମ ରହିବ ନାହିଁ। ବିକ୍ରି ଖରିଦ ପ୍ରଶ୍ନ ଉଠିବ ନାହିଁ। ଅତଏବ ଦାଖଲ ଖାରଜ ରୋଷମ ରହିବା ଉଠିବାର ଅର୍ଥ କିଛି ନାହିଁ। ଗଛ ମାଛ ଖାଇବା, କୂଅ ପୋଖରୀ ଖୋଳିବା, ଘର ତୋଳିବା ପ୍ରଭୃତିର ଅର୍ଥ କିଛି ନାହିଁ। ସବୁ ଜମି ସରକାରଙ୍କର ହେବ। ସରକାର ତାହା ଚାଷୀକୁ ପ୍ରତିବର୍ଷ ଆବଶ୍ୟକ ମତେ ବେଉନ୍ତ କରିବେ।

ଏହା ବର୍ତ୍ତମାନ ସମ୍ଭବ ନୁହେଁ –

ଏହା ବର୍ତ୍ତମାନ କରିହେବ ନାହିଁ। ମାତ୍ର ଏହା ଯେ ଦିନେ ହୋଇ ନପାରେ ତାହା ନୁହେଁ। କିନ୍ତୁ ଏହା ହେବା ସକାଶେ ସରକାରଙ୍କର ଅଧିକାର ଆସିଗଲେ ମଧ୍ୟ, ଏଥିରେ ଆଉ ଅନେକ କଥା ବିଚାର କରିବାର ଅଛି। ପ୍ରଥମ କଥା ସବୁ ଚାଷୀକୁ ଆବଶ୍ୟକମତେ ଜମି ଦେବାକୁ ଯଥେଷ୍ଟ ଜମି ନାହିଁ। ପୁଣି ଜମି ଥିଲେ ମଧ୍ୟ ସବୁ ବୃଦ୍ଧ ବିଧବା ନାବାଳକ ଚାଷୀ ନ ହୋଇପାରନ୍ତି। ତେବେ ରାଜ୍ୟ ସେମାନଙ୍କ ଖାଇବା ରହିବା ପଢ଼ିବା ପ୍ରଭୃତିର ବ୍ୟବସ୍ଥା କରିବେ। କାମ କରିପାରୁଥିବା ଅଥଚ କାମ ନ ପାଇବା ଲୋକକୁ କାମ ଯୋଗାଇବେ। ଏସବୁ ନ କରି ପାରିଲେ ଜମି ବାଣ୍ଟିବା ସରକାରଙ୍କ ପକ୍ଷରେ ସମ୍ଭବ ହେବ ନାହିଁ। ଏହା ଏକ ଆଦର୍ଶ ହୋଇ ବର୍ତ୍ତମାନ ରହିବ।

ତେବେ ସେକଥା ପଡ଼ିଛି କାହିଁକି ? ଆଜି ରୟତର ଜମିରୁ ସ୍ୱତ୍ୱ ଲୋପ କରି ସରକାରଙ୍କ ଅଧିକାରରେ ଜମିକୁ ରଖି ବର୍ଷକୁ ବର୍ଷ ଚାଷୀଙ୍କ ଭିତରେ ଜମି ବାଣ୍ଟିବା କଥା କାହାରି କଳ୍ପନାର ଦିଙ୍‌ମଣ୍ଡଳରେ ନାହିଁ। କାରଣ, ଚାଷୀକୁ ଜମି ଦେବା ସଙ୍ଗେ ଏ କମନୀୟ କଳ୍ପନା ଥିଲେ ସମସ୍ତେ ସର୍ବମୁଖରେ ଦାଖଲ-ଖାରଜ ରୋଷମ ଉଠାଇ ଓ ସେହିଭଳି ଅନ୍ୟାନ୍ୟ ବ୍ୟବସ୍ଥା କରି ଚାଷୀକୁ ଜମିରେ ପୂର୍ଣ୍ଣ ସ୍ୱତ୍ୱାଧିକାରୀ କରିବା ପାଇଁ ସମସ୍ତେ ସର୍ବମୁଖରେ ଲୋଡ଼ୁ ନଥାନ୍ତେ।

ରୟତ ଜମିରେ ସ୍ୱାଧୀନ ହେବ –

ତେବେ ବର୍ତ୍ତମାନ ପାଇଁ ରୟତକୁ ଜମିରେ ସ୍ୱାଧୀନ କରିବାକୁ ହେବ। ଜମିଦାର ସହିତ ସରକାର ଓ ରୟତ ମଧ୍ୟରେ ଆଉ ଯେତେ ସ୍ୱତ୍ୱାଧିକାରୀ ଅଛନ୍ତି, ସେ ସମସ୍ତଙ୍କୁ

Digitized by PPRACHIN, SOA

ଉଠାଇବା ଉଦ୍ଦେଶ୍ୟରେ ଯଥାଶକ୍ତି ଓ ଯଥାସମ୍ଭବ ପ୍ରଯତ୍ନ କରିବାକୁ ହେବ, କେବଳ ସରକାର ରହିବେ ଓ ତା' ତଳେ ରୟତ ରହିବେ। ରୟତ ତଳେ ଚାଷୀ ରହିବେ। କୃଷକ ବୋଇଲେ ସେହି ରୟତ ତଳ ଚାଷୀକୁ ବୁଝିବାକୁ ହେବ। କାରଣ ତାକୁ ପ୍ରତି ରୟତ ହେଉଛି ଜମିଦାର। ପରିସ୍ଥିତି ସହିଲେ ସେହି ଚାଷୀ ଅଧକରୁ କମ୍ ଦେବା ପାଇଁ ଆନ୍ଦୋଳନ କରାଯାଇପାରେ। ସରକାର ବିଚାର କରି ଆବଶ୍ୟକ ହେଲେ ସେ ସମ୍ବନ୍ଧରେ ଆଇନ୍ ମଧ୍ୟ କରିପାରନ୍ତି। କିନ୍ତୁ ସେ ଆଇନ ଶ୍ରମିକର ମଜୁରି ବଢ଼ାଇବା ଆଇନ୍‌ର ଅନ୍ତର୍ଗତ ହେବ। ଭୂମି ସ୍ୱତ୍ୱାଦି ବା ଭୂରାଜସ୍ୱାଦି ସଙ୍ଗେ ତାହାର ସମ୍ପର୍କ ନାହିଁ। ଏହା ସ୍ପଷ୍ଟ ବୁଝିବୁଝାଇ ଲୌକିକ ପରିସ୍ଥିତି ଠିକ୍ ରଖିବାକୁ ହେବ।

ରୟତର ଆନ୍ଦୋଳନ ଦରକାର ହେଲେ ତାହା ଚାଷୀ ଆନ୍ଦୋଳନରୁ ଅଲଗା ହେବ। ରୟତର ଯେତେଦିନ ସ୍ୱତ୍ୱ ଅଛି, ସେ ସ୍ୱତ୍ୱର ମୂଲ୍ୟ ରହିବ। ବେଶୀ ଜମିଥିବା ଭଳି ରୟତ ମଧ୍ୟ ରହିବେ। କ୍ଷୁଦ୍ର ରୟତଙ୍କର ଜମି କିପରି ମହାଜନ ହାତକୁ ନଯିବ, ତାହାର ବ୍ୟବସ୍ଥା ଦରକାର ହୋଇପାରେ। କିନ୍ତୁ ସେ ବ୍ୟବସ୍ଥାରେ ଅନ୍ଧ ହୋଇ ଜମିର ମୂଲ୍ୟ କମିଯିବା ଭଳି ବିଧି ବାନ୍ଧିବା ଠିକ୍ ନୁହେଁ। ମହାଜନକୁ ସଂଯତ କରିବା ବ୍ୟବସ୍ଥା କରି ଦରକାର ହେଲେ ସରକାର ନିଜେ ଅଳ୍ପସୁଧରେ ପ୍ରଜା ସହିପାରିବା ଭଳି କରଜ ଦେଇ ଓ ସେଇ କରଜ ଆଦାୟ କରି ତାହାର ସମାଧାନ କରିବେ। ଏଠାରେ ବଡ଼ ରୟତଙ୍କୁ ସଂଯତ କରିବା ପାଇଁ କୃଷିଲବ୍ଧ ଉପରେ ଆୟକର (Agricultural Income tax) ବସାଇବାକୁ ହେବ।

ଏସବୁ ବିଷୟ ଚିନ୍ତା କରି ରାଜ୍ୟର ବ୍ୟବସ୍ଥା ସୂତ୍ର ଧରି ଲୋକରେ ପରିସ୍ଥିତି ଠିକ୍ ରଖିବା ସମସ୍ତ ଦେଶସେବୀଙ୍କର ଏକାନ୍ତ କର୍ତ୍ତବ୍ୟ।

ଭାଗଚାଷୀ-୫/୧୦, ଆଲୋଚନା

ପ୍ରଜାର ଆର୍ଥିକ ଅବସ୍ଥା ଓ ବ୍ୟବସ୍ଥା

ଲୋକେ କାମ ଲୋଡ଼ନ୍ତି-

ଏବେ ପ୍ରଜାର ଅବସ୍ଥା ଘେନି ଭାରତରେ ସରକାରମାନଙ୍କର ଭାରି ଚିନ୍ତା- ବିଶେଷରେ ପ୍ରାଦେଶିକ ସରକାରମାନଙ୍କର। ଏଥିପାଇଁ ଏଇ କେତୋଟି କଥାରେ ସମସ୍ତଙ୍କ ଦୃଷ୍ଟି ପଡୁଚି-

୧। କରଜ ଛାଡ଼; ୨। ଖଜଣା ଛାଡ଼; ୩। ଜମିଦାରୀ ଉଠା।

ଆଦର୍ଶ ହିସାବରେ ଏଗୁଡିକ ଭଲ କଥା। ଲୋକଙ୍କୁ ଶୁଣାଇ ମୁଗ୍ଧ କରିବାରେ ମଧ୍ୟ ଏସବୁର ଢେର ବ୍ୟବହାର ଅଛି। ମାତ୍ର କଂଗ୍ରେସ ଏବେ ସାତୋଟି ପ୍ରଦେଶରେ

Digitized by PPRACHIN, SOA

ନିଜେ ସରକାର ହୋଇଚନ୍ତି। ବାହାରେ ଥାଇ ସରକାରକୁ ସମାଲୋଚନା କରିବା ଯାହା, ସରକାରରେ ଥାଇ ଲୋକଙ୍କର କାମ କରିବା ଠିକ୍ ତାହା ନୁହେ। ଲୋକେ ଏବେ ସରାକରଠାରୁ କାମ ଲୋଡ଼ନ୍ତି, ଖାଲି କଥାରେ ଚାହିଁ ରହିବାକୁ ଲୋଡ଼ନ୍ତି ନାହିଁ। କିଛି କାର୍ଯ୍ୟ କରିବାର ପନ୍ଥା ନ ଦେଖି ନ ଦେଖାଇ ଖାଲି କଥା କହିବା ମଧ୍ୟ ଲୋକେ ଏଣିକି ସହିବେ ନାହିଁ । ପୁଣି ପୂର୍ବେ ଅନେକ କଥା କୁହାଯାଇଚି। ଲୋକେ ଅନେକ ଆଶା କରି ଏବେ ସେଇ ଆଶାରେ ଫଳକୁ ଚାହିଁ ବସିଛନ୍ତି। ଏକଥା ମଧ୍ୟ ମନେ ରଖିବାର ଅଛି।

ଦୃଷ୍ଟି ବଦଳାଇବାକୁ ହେବ-

ଆଉ ଗୋଟିଏ କଥା ମଧ୍ୟ ମନେ ରଖିବାକୁ ହେବ। ଏ ଦେଶ ଲୋକଙ୍କର ଏ ଯୁଗରେ ନିଜେ ସରକାର ହୋଇ ରାଜ୍ୟ ଚଳାଇବାର ଅଭ୍ୟାସ ନାହିଁ। ସବୁବେଳେ ବୁଝିଚୁ, ଧାରଣା କରିଚୁ, ସରକାର ଲୋକଙ୍କଠାରୁ ଅତଏବ ଆମଠାରୁ ଅଲଗା-ଗଭର୍ଣ୍ଣର ଓ ସରକାରୀ ଗୋରା ଲୋକ ହିଁ ସରକାର। ଏବେ ମଧ୍ୟ ବହୁ କଳମୋଡ଼ା କ୍ଷମତା ହାତରେ ଧରି ଜୀଅନ୍ତା ଗଭର୍ଣର ବସି ରହିଚନ୍ତି। ସରକାର ଗଭର୍ଣରଙ୍କର କି ଆମର ସେ ବିଷୟରେ ସଂଦେହର ମାନସିକତା ଆମଠାରେ ପ୍ରକାଶ ପାଇବାର ମଧ୍ୟ ବହୁତ କାରଣ ଅଛି-ପୂର୍ଣ ଆଶଂକା ବି ଅଛି।

ସେଥିରେ ଶଂକା-

ଏପରି ସ୍ଥଳେ ଗୌଣତ୍ୱର ମନୋବୃତ୍ତି ଦୁଇଟି ଦିଗରେ ଆମକୁ ତଥା ଆମ କ୍ରିୟାକୁ ଗ୍ରାସ କରିପାରେ।ଏକ ଦିଗରେ ଉଦାମ ଉଚ୍ଛୃଂଖଳତା ଅନ୍ୟ ଦିଗରେ ପରିସ୍ଥିତିର ଦିଗ୍‌ଦର୍ଶନ ନାମରେ ଦାସ୍ୟତା। ପରିସ୍ଥିତିକୁ ନ ତକାଇ ଏକାବେଳକେ ଆଦର୍ଶରେ ଦେଶ ଓ ସମାଜ ଗଢ଼ିବା ମାନସରେ କ୍ରିୟାଯୋଜନା କଳ୍ପନା କରିବାରେ ଯେ ଘୋର ଗୌଣତ୍ୱର ମନୋବୃତ୍ତି ପ୍ରଚ୍ଛନ୍ନ ଥାଏ, ତାହା ଆପାତ ଗ୍ରାହ୍ୟ ନହେଲେ ହେଁ ସତ୍ୟ। ଏଥିରେ ମନୋବିଜ୍ଞାନତତ୍ତ୍ୱ ବିଶ୍ଳେଷଣରେ ଆଲୋଚନା ନ କରି ସତ୍ୟକୁ ସତ୍ୟ ବୋଲି ଧରି ନେବା ହିଁ ଶ୍ରେୟ।

ବିଷୟର ପ୍ରସ୍ତାବ-

ଏଇ ସବୁ କନା ଉପରେ ଏବେ ଚିତ୍ରଟି ଫୁଟାଇବାର ଚେଷ୍ଟା କରାଯାଉ।

୧। କରଜ ଛାଡ଼-

କରଜ ଛାଡ଼ ବୋଇଲେ ଅବଶ୍ୟ ପ୍ରଜାର ସବୁ କରଜ ଛାଡ଼ି ଦେବା କଥା କେହି କହୁ ନାହାନ୍ତି। ନିତାନ୍ତ ନ ଦେଇ ପାରିବା କରଜ ଛାଡ଼ କରି ଦିଆଯିବ। ତା'ତ ଯେ କୌଣସି ପ୍ରକାରେ ଛାଡ଼ ପଡ଼ିବ-ଏବେ ହେଉ, ବା କେବେ ହେଉ। ଯା'ର ନାହିଁ, ତାଠାରୁ ଆଦାୟ ହେବ ନାହିଁ। ତାକୁ ଏବେ ଛାଡ଼ି ଦେଇ ଦେଶର ଆର୍ଥିକ ପରିସ୍ଥିତିରୁ

Digitized by PPRACHIN, SOA

ଅଳିଆ ସଫା କରିଦେବା ଭଲ। ତା ବାଦ୍ ଦେଇ ପାରିବା ଭଳି ହେଲେ ମଧ୍ୟ ଯେଉଁ କରଜ ଅନ୍ୟାଯ୍ୟ ଥିବାର ଦେଖାଯିବ, ତା ମଧ୍ୟ ଛାଡ଼ରେ ପଡିବ। ଉଦାହରଣ ସ୍ୱରୂପ, ପୁରୁଷାନୁକ୍ରମେ ସୁଧରେ ଗଡୁଥିବା ଧାର କରଜ। ଏଇପରି କରଜ ଛଡ଼ା ଅନ୍ୟ କୌଣସି କରଜ ଛାଡ଼ରେ ପଡ଼ିବ ନାଇ।

ପରିଶୋଧର ସୁବିଧା-

ଅନ୍ୟ କରଜରେ ଆଦାୟର ସୁବିଧା କରି ଦେବାକୁ ହେବ। ବର୍ତ୍ତମାନ ଥିବା କରଜରେ ଓ ପରେ ହେବା କରଜରେ-ଦୁଇଥିରେ ସୁଧର ଯଥା ସଂଭବ ସୁବିଧା କରି ଦେବାକୁ ହେବ। ଏହା କରି କିସ୍ତି ପ୍ରଭୃତିର ସୁବିଧାରେ ଆଦାୟର ବ୍ୟବସ୍ଥା କରିବା ପାଇଁ କେତେଗୁଡ଼ିଏ ପନ୍ଥା ଦେଶର ବାୟୁ ମଣ୍ଡଳରେ ଖେଳୁଚି। ତହିଁ ମଧ୍ୟରେ ସହଯୋଗୀ ସମିତି, ଭୂମିବନ୍ଧା ବ୍ୟାଙ୍କ୍, ସରକାରଙ୍କ ଋଣ ପତ୍ର ପ୍ରଭୃତି ଉଲ୍ଲେଖ କରାଯାଇପାରେ ଏଇଥିରୁ ଗୋଟିଏ ବାଛି, ପରିସ୍ଥିତିରେ ଖାପ ଖାଇଲା ଭଳି କରି ଦେବାକୁ ହେବ।

ଋଣ ଶୋଧର ଉଦ୍ଦେଶ୍ୟ-

କିନ୍ତୁ ଏହାସବୁ କରି ମଧ୍ୟ ପ୍ରଜାର ପୁଣି କରଜ କରିବା ବନ୍ଦ କରିହେବ ତ ? "ଢୋକେ ପି, ଦଣ୍ଡେ ଜୀ", ନୀତିରେ ପ୍ରଜାକୁ ପାଳିଲେ ଦେଶ ଗଢିବା କାର୍ଯ୍ୟ ହେବ ନାହିଁ। ଆଜି କରଜ ଛାଡ ବା ସଫା କରିଦେଲେ ପୁଣି ସେଥିରେ ରାଜ୍ୟର ଅର୍ଥ କ୍ଷତି, ଏପରି କି ଦେଣା ମଧ୍ୟ ହୋଇପାରେ। ଆଗେ ଦେଶରୁ ଆଦାୟ କରି ତାହା ପୂରଣ ବା ପରିଶୋଧ କରିବାକୁ ହେବ। ସେ ବାଟ ନ ଦେଖି କରଜ କାଟି ମଧ୍ୟ ହେବ ନାହିଁ। ଖାଲି କରଜ କାଟିଦବା ଗୋଟିଏ ଜାତୀୟ ବା ରାଜ୍ୟର କାର୍ଯ୍ୟ ନୁହେ। ଏହା କାର୍ଯ୍ୟର ପନ୍ଥା। ପନ୍ଥା ସର୍ବତ୍ର ଲୋକେ ଧରନ୍ତି, ମଦଲ ମୁଣ୍ଡରେ ପହଞ୍ଚିବା ପାଇଁ। ପନ୍ଥାକୁ ଗନ୍ତବ୍ୟ କରି ଧଇଲେ ଭ୍ରଷ୍ଟ ହେବାକୁ ହୁଏ। ଏ କ୍ଷେତ୍ରରେ ଗନ୍ତବ୍ୟ ଧରିବାର ବାଟ, କିଂତୁ ବଡ ଦୁର୍ଗମ। ପ୍ରଜା କିପରି ପରେ କରଜ ନ କରିବ, ତା' ଠିକ୍ ନ କଲେ ଏ ପନ୍ଥାରେ ହୁଏତ ବାଟ ବଣା ହେବାର ସମ୍ଭାବନା ଅଛି। ଅବଶ୍ୟ ବୁଝିବା ଉଚିତ ନୁହେଁ, କେହି ପ୍ରଜା କେବେ କରଜ କରିବେ ନାହିଁ। ତା କୁହାଯାଉ ନାଇ। ନିଜର ଚାଷ ପ୍ରଭୃତି କାର୍ଯ୍ୟରେ ଲଗାଇ ଧନ ଅର୍ଜିବା ପାଇଁ ଲୋକେ କରଜ କରିପାରନ୍ତି। ବିଧିମତେ ତା ହୁଏତ କ୍ଷେତ୍ର ବିଶେଷରେ କରିବା ଉଚିତ୍। ସେଥିପାଇଁ ମଧ୍ୟ ସରକାର ବ୍ୟବସ୍ଥା କରିବେ। ପୁଣି କେତେ ଆଳସ୍ୟ ବ୍ୟସନରେ ପଡ଼ି କରଜ କରି ହୁଏତ୍ ଧ୍ୱଂସ ହେବେ। ତା ଏବେ ବନ୍ଦ କରିବାଭଳି, ଆଦର୍ଶ ରାଜ୍ୟ କଥା ମଧ୍ୟ କୁହାଯାଉ ନାହିଁ। ମାତ୍ର ସାଧାରଣତଃ ପ୍ରଜା ଆଉ କିପରି କରଜ ନ କରିବେ- ଅର୍ଥାତ୍, କରଜରେ ବୁଡି ପୁଣି ଏଇ ଅବସ୍ଥାକୁ ନ ଆସିବେ। ଏହାହିଁ ଭାବିବାର ବିଷୟ।

Digitized by PPRACHIN, SOA

ଋଣ କାରବାର ବନ୍ଦକରିବା ଠିକ୍ ନୁହେଁ-

ଆଇନ ବଳରେ ସେପରି କରଜର ପନ୍ଥା ବନ୍ଦ କରିଦେଲେ, ଏ ସମସ୍ୟାରେ ସମାଧାନ ହେବନାହିଁ। ତା ହେଲେ ଦେଶର ପତିଆରା ଉଠିଯିବ ଓ ଲୋକଙ୍କର ଆର୍ଥିକ ସ୍ୱାତନ୍ତ୍ର୍ୟ ତଥା ମୌଳିକ ମାନବିକତା ଉପରେ ଘୋର ବାଧାପଡ଼ି, ସମାଜକୁ ଶୀଘ୍ର ସ୍ଥବିରତା ଓ ଧ୍ୱଂସ ଆଡ଼କୁ ଟାଣିବ। ଶିଳ୍ପ ବାଣିଜ୍ୟର ପ୍ରଗତି ହ୍ରସ୍ୱ ହୋଇ ଆସିବ ଓ ଲୋକେ ହୁଏତ ଅଚଳନ୍ତି ସଂପତ୍ତିକୁ ଚାହିଁ ଚାହିଁ ଅନାହାରରେ ମରିବେ। ଅଚଳନ୍ତି ସଂପତ୍ତିର ଦର ଖସିପଡ଼ିବ। ଲୋକଙ୍କର ଭବିଷ୍ୟତ ବୋଲି କିଛି ରହିବ ନାହିଁ। ନିରାଶା ଓ ନଷ୍ଟଳତା ସମାଜକୁ ଗ୍ରାସ କରିବ। ଆର୍ଥିକ ପରିସ୍ଥିତିରେ ମହାପ୍ରଳୟର ସୂତ୍ରପାତ ହେବ। ତେଣୁ ରୋଗର ଏ ଔଷଧ କେହି ବ୍ୟବସ୍ଥା କରୁ ନାହାନ୍ତି, କରିବେ ନାହିଁ।

ପ୍ରଜାର ଧନ ବୃଦ୍ଧିହିଁ ପନ୍ଥା-

ତେବେ କି ବ୍ୟବସ୍ଥା ? ହଠାତ୍ ସମସ୍ତେ କହିବେ, ଏଠାରେ ବ୍ୟବସ୍ଥା ହେଉଚି ପ୍ରଜାର ଧନ ବୃଦ୍ଧି। ଥରେ କରଜ ଛାଡ଼ରେ କିଛି ସୁବିଧା ହୋଇପାରେ, ମାତ୍ର ସେଇଠାରେ ରହିଯିବା ଠିକ୍ ନୁହେଁ। ସେପରି କରି ପ୍ରଜାର ମୁହଁ ବଢ଼ାଇ ତାକୁ ଅନ୍ୟବାଟ ନ ଦେଇ ଛାଡ଼ି ଦେବାରେ ବରଂ କୁଫଳ ଫଳିପାରେ। ମାତ୍ର ଆଉ ଯେଉଁ ଦିଓଟି ପନ୍ଥା- ଖଜଣା ଛାଡ଼ ଓ ଜମିଦାରୀ ଉଠାଇବା- କଳ୍ପନା କରାଯାଉଚି, ସେଥିରେ ପ୍ରଜାର କିଛି ଧନ ବୃଦ୍ଧି ହେବ। ତାହା କେତେ ଦୂର କିପରି ହେବ, ପୁଣି ତାର କାର୍ଯ୍ୟକାରିତା କେତେ ଦେଖାଯାଉ।

ମନେ ରଖିବାର ଅଛି, ଏବର ପରିସ୍ଥିତିରେ ଜମିଦାରୀ ବରାବର ଉଠିଯିବ ନାହିଁ, କି ଖଜଣା ବରାବର ଛାଡ଼ ହେବନାହିଁ। ଯାହା କରାଯାଇ ପାରିବ, କଥାଟି ସେଇ ଭାବରେ ସେତିକି ସୀମାରେ ବିଚାର କରାଯାଉ।

୨। ଖଜଣା ଛାଡ଼- ଖଜଣାର କିସମ୍ ମାନ ପୂରାପ୍ରଜା

ଖଜଣା ଛାଡ଼ କହିଲେ, ସହଜରେ କଥାଟିର ଅର୍ଥ ବୁଝିଯିବା ଭଳି କଥାଟିଏ, ଏ ନୁହେଁ। ପ୍ରଥମେ ବୁଝିବାକୁ ହେବ ଖଜଣା କଣ? ଖଜଣା କହିଲେ, ଭୂମି ଖଜଣା, ବା ଭୂରାଜସ୍ୱ। ମୂଳରୁ ଏହା ଗୋଟିଏ ଲକ୍ଷ୍ମୀଛଡ଼ା କଥା। ଏ କଥାର ଅର୍ଥ, ଜମିରେ ପ୍ରଜାର କିଛି ମାତ୍ର ସ୍ୱତ୍ୱ ନାହିଁ। ଜମି ସରକାରଙ୍କର, ସରକାର ତାହା ଜମିଦାରଙ୍କଦ୍ୱାରା ବା ନିଜେ ଭଡ଼ା ଲଗାଇଚନ୍ତି। ଜମିଦାରୀରେ ମଧ୍ୟ ଏବେ ଅର୍ଥ କରା ହେଉଚି, ଜମିଟି ଗୋଟିଏ ସ୍ଥାୟୀ ବା ଅସ୍ଥାୟୀ ଚୁକ୍ତିରେ ଜମିଦାର ସରକାରଙ୍କଠାରୁ ନିଜର କରି ନେଇଚନ୍ତି, ପୁଣି ସେଇ ଜମି ପ୍ରଜାକୁ ଭଡ଼ା ଲଗାଇ ଦେଇଚନ୍ତି। ସେଇ ପ୍ରଜା ସଂଗେ ପୁଣି ସେଇ ଭଡ଼ାସର୍ତ୍ତ ସ୍ଥାୟୀ, ଅର୍ଦ୍ଧସ୍ଥାୟୀ, ଅସ୍ଥାୟୀ ଭେଦରେ ନାନା କିସମର। ଯେଉଁଠାରେ ପ୍ରଜା ସ୍ୱାଧୀନ

Digitized by PPRACHIN, SOA

ଭାବରେ ବିକ୍ରିଖରିଦ କରିପାରେ, ସେଠାରେ ସେଇ ସର୍ତ୍ତ ସ୍ଥାୟୀ। ସରକାରୀ ଖାସମାହଲ ଅନୁଗୁଳ ପରି କେତେକ ହସ୍ତମୁଦି ମାହାଲଛଡ଼ା, ପ୍ରାୟ ଅନ୍ୟ ସର୍ବତ୍ର କାର୍ଯ୍ୟରେ ଏ ସ୍ଥାୟୀସର୍ତ୍ତ ଅଛି। ଜମିଦାରୀରେ ଏପରି ଜମି ପ୍ରାୟ ନାହିଁ। ଏପରି ଜମି ଯେଉଁଠାରେ ପ୍ରଜାର ଅଛି, ବା ଥିଲା, ତାହା ଏକ ପ୍ରକାର ଗୋଟିଏ ଭଡ଼ା ସ୍ୱତ୍ୱ-କେବଳ ଭଡ଼ା ସର୍ତ୍ତରେ ଭୋଗ୍ୟ ମାତ୍ର। ଗଞ୍ଜାମ ଜମିଦାରୀରେ ଏଇପରି ବିନା ବାଧାରେ ବିକ୍ରି ଖରିଦ୍ ହୁଏ। ମାତ୍ର ତାହା (ଏକା ପାରଳାଛଡ଼ା) ଅନ୍ୟତ୍ର ଭଡ଼ାସ୍ୱତ୍ୱ ନୁହେ। କାରଣ ସେସବୁ ଜମିଦାରୀରେ ପ୍ରଜା ନାହାନ୍ତି। ଭଡ଼ା ମଧ୍ୟ କେହି ଦିଅନ୍ତି ନାହିଁ। ସମସ୍ତେ ଶ୍ରମ ଲଗୁତି ସର୍ତ୍ତରେ ଭାଗ ଚାଷ କରି ଅଧେ ଦିଅନ୍ତି। ଯେ କୌଣସି ବଡ଼ ରଇତ ବା ପ୍ରଜା ତଳେ ଚୁକ୍ତିବଦ୍ଧ ମୁଲିଆମାନେ ତାହାହିଁ କରଥାନ୍ତି। ଅତଏବ ଗଞ୍ଜାମ ଜମିଦାରମାନେ ନିଜେ ସରକାରଙ୍କଠାରେ ସ୍ଥାୟୀ ଭଡ଼ା ଚୁକ୍ତିବଦ୍ଧ ପ୍ରଜା। ତାଙ୍କ ତଳ ରଇତମାନେ ମୁଲିଆ। ଏହା ବାରାନ୍ତରରେ ବୁଝାଇ ଦିଆଯାଇଚି। ଯୁକ୍ତପ୍ରଦେଶରେ ମଧ୍ୟ ସ୍ଥାନେସ୍ଥାନେ ଏଇପରି ଜମିଦାର (ତାଲୁକ ଦାର) ଅଛନ୍ତି।

ଅଧା ପ୍ରଜା-

ଯେ ଦାଖଲଖାରଜ ରୋସମ୍ ଦିଏ, ସେ ଅର୍ଦ୍ଧସ୍ଥାୟୀ ପ୍ରଜା। ଦାଖଲ ଖାରଜ ରୋସମ ଦିଏ ବୋଇଲେ, ନିଜେ ଇଛା କରି ବିକିଲେ, ଜମି ମୂଲ୍ୟରୁ ଜମିଦାରକୁ ଅଂଶ ଦିଏ, ଅର୍ଥାତ୍, ଜମିଦାର ଅନୁମତି ନିମନ୍ତେ ମୂଲ୍ୟ ଦେଇ, ଅନୁମତି ପାଇ ଜମି ବିକେ। ତାର ନିଜର ବିକିବାର ପୁରା ଅଧିକାର ନାହିଁ। ଜମିଦାରର କିଂତୁ ଦରକାର ହେଲେ, ସେ ରାଜସ୍ୱପାଇଁ ଜମିକୁ ନିଲାମରେ ଅନ୍ୟକୁ ଦେଇପାରେ। ଏଠାରେ ସ୍ୱତ୍ୱର ଅଧିକାର କାହାପାଖେ, ତା ସ୍ପଷ୍ଟ ହେଉଚି। ଏଇ ଅର୍ଦ୍ଧସ୍ୱତ୍ୱରେ ଆଇନ ମଧ୍ୟ ଏପରି ହୋଇ ଯାଇଚି ଯେ ସେଥିରେ ପ୍ରଜାର ମୋଟେ ସ୍ୱତ୍ୱ ନାହିଁ କହିଲେ ଚଳେ। ଜମିଦାରଙ୍କ ଦ୍ୱାରରେ କବଲା ଧରି ପହଞ୍ଚି ଅନୁମତି କିଣିବାର ଯେଉଁ ଅସଂଗତ ବ୍ୟବସ୍ଥା ଅଛି, ତାହାଇ ଏକା ଏ ଅର୍ଦ୍ଧସ୍ଥାୟୀ ସ୍ୱତ୍ୱକୁ ଅସ୍ଥାୟୀ କରି ଦେଇଚି କହିଲେ ଚଳେ। ସରକାରୀ ମାହାଲରେ ମଧ୍ୟ ଯେଉଁଠାରେ ଜମି ବିକିବାରେ ପ୍ରଜା ସରକାରଙ୍କ ଅନୁମତି ନେବାକୁ ବାଧ୍ୟ, ସେଠାରେ ସର୍ତ୍ତ ଅର୍ଦ୍ଧସ୍ଥାୟୀ।

ଅସ୍ଥାୟୀ ପ୍ରଜା ବା ଅପ୍ରଜା-

କିଂତୁ କନିକା କୁଜଂଗ ପ୍ରଭୃତି ପରି ଯେଉଁଠାରେ ସରକାରଙ୍କର ଜମିଦାରଙ୍କ ସଙ୍ଗେ ସ୍ଥାୟୀ ବନ୍ଦୋବସ୍ତ, ସେଠାରେ ପ୍ରଜା ଚାଷ କରି ଭଡା ଦେଲେ ମଧ୍ୟ, ଭଡ଼ା ସର୍ତ୍ତଟି ଅସ୍ଥାୟୀ। ପ୍ରଜାର ସେଠାରେ ବିକ୍ରିର ଅଧିକାର ମୋଟେ ନାହିଁ। ରାଜ୍ୟର ବ୍ୟବସ୍ଥା

Digitized by PPRACHIN, SOA

ହିସାବରେ ସଂବଲପୁରର ଗଉଁତି ମଧ ଏଇ ଶ୍ରେଣୀର। ମାତ୍ର ନାନା ସ୍ଥାନୀୟ କାରଣରୁ କାର୍ଯ୍ୟରେ ସଂବଲପୁରରେ ଏହା ସେତେ କଡ଼ା ନୁହେ। ହେଲେହେଁ, ଏ ସବୁଠାରେ ଜମି ବିକିବାକୁ ଲୋଡ଼ିଲେ ପ୍ରଜା କିଛି ହାତଟେକିଆ କରି ଜମିଦାରଠାରୁ ପାଏ, ଓ ଜମିଦାରକୁ ଜମି ବିକି ଦିଏ। ଜମିଦାର ଦାମ ନେଇ ତା' ଅନ୍ୟକୁ ଦିଏ। ସ୍ୱଇଚ୍ଛାରେ ପ୍ରଜାଙ୍କ ଭିତରେ ବିକ୍ରି ଖରିଦ ହେଲେ, ସର୍ବଦା ଏଇ ଅଭିନୟ ହୁଏ। ମାତ୍ର ଜମିଦାର ରାଜସ୍ୱ ଦେଣାରେ ପ୍ରଜାର ଜମି ନିଲାମ କରି ନିଜେ ନ ନେଲେ ଅନ୍ୟକୁ ଦେଇପାରେ।

ଖଜଣା ଛାଡ଼ରେ ଅସୁବିଧା -

ଏତେ କିସମର ସର୍ତ ଓ ସ୍ୱତ୍ୱ ଥିବା ସ୍ଥଳେ, ଖଜଣା ଛାଡ଼ ଯେ କି ଭୀଷଣ ଓ ଜଟିଳ ବ୍ୟାପାର ତା ସହଜରେ ଅନୁମେୟ। ପ୍ରଜାର ଯେଉଁଠାରେ ସ୍ଥାୟୀ ସର୍ତ ବା ସ୍ୱତ୍ୱ- ଯଥା- ଓଡ଼ିଶାରେ ଖୋରଧା ଘୁମୁସର ମହୁରୀ ପ୍ରଭୃତି- ସେଠାରେ ସବୁ ଖଜଣା ସରକାର ନିଅନ୍ତି। ସେଥିରେ ପୁଣି ଜମିର ଖଜଣା ଜମିର କିସମ ହିସାବରେ ସର୍ବତ୍ର ସମାନ ନୁହେଁ। ଛାଡ଼ିବ କିପରି ? କି ହିସାବରେ ? ଅବସ୍ଥା ଏପରି ଯେ, ଯେ କୌଣସି ହିସାବରେ ଛାଡ଼ିଲେ ସବୁ ପ୍ରଜାଙ୍କ ମୋଟାମୋଟି ସମାନ ସୁବିଧା ଦେଇ ହେବ ନାହିଁ। ତେବେ ବଢ଼ି ମରୁଡ଼ିରେ ଛାଡ଼ିଦେଲେ, ସେ ସ୍ୱତନ୍ତ୍ର କଥା।

ସ୍ଥାୟୀ ଜମିଦାରୀରେ-

ହେଲେହେଁ ଜମିଦାରୀରେ ବଢ଼ି ମରୁଡ଼ିରେ ମଧ ଛାଡ଼ିହେବ ନାହିଁ। ସୂଚନା ଦିଆ ଯାଇଚି, ଜମିଦାରୀ ଦୁଇ ପ୍ରକାର ଗଞ୍ଜାମ ଜମିଦାରୀ, ଜୟପୁର, ଉତ୍ତର ଓଡ଼ିଶାର କନିକା, କୁଜଙ୍ଗ, ଡମପଡା ପ୍ରଭୃତି ଚିରସ୍ଥାୟୀ ବନ୍ଦୋବସ୍ତ। ସେ ସବୁରେ ଜମିଦାର ପ୍ରଜାଠାରୁ ବରାବର ବନ୍ଦୋବସ୍ତ କରି ବା ଅନ୍ୟ ଭାବରେ ଖଜଣା ବଢାଉଛନ୍ତି। କେଉଁ ଜମିଦାରୀରେ ଗଲା୧୩୫ ବର୍ଷ ଭିତରେ ଆୟ ଟ ୩୦୦୦୦ କୁ ହୁଏତ ତିନିଲକ୍ଷ ହେଲାଣି। ମାତ୍ର ସେଇ ୧୩୫ ବର୍ଷ ତଳେ ଟ ୩୦୦୦୦/- ଆୟକୁ ଚାହିଁ ସରକାର ଯେତିକି ନେବାର ଠିକ କରି ଚିରସ୍ଥାୟୀ ବନ୍ଦୋବସ୍ତ ମୋହର ମାରି ଦେଇଥିଲେ, ସେତିକି ନେଉଚନ୍ତି। ସେଠାରେ ପ୍ରଜାଙ୍କୁ ଯେତିକି ଛାଡିଦେବ, ବର୍ତ୍ତମାନ ହିସାବରେ ଜମିଦାରଙ୍କର ସେତିକ କ୍ଷତି ହେବ। ସରକାର ସେ କ୍ଷତି ତକ ଜମିଦାରଙ୍କୁ ଦେବେ କି ନା ଏହା ବିଚାର୍ଯ୍ୟ, ଧର ଯଦି ଦେବେ ତେବେ ଗଞ୍ଜାମ ପରି ଜମିଦାରୀରେ ଯେବେ ପ୍ରଜାକୁ ଟଙ୍କାରେ ଚାରିଅଣା ଛାଡ଼ି ଦିଆଯାଏ, ତେବେ ସରକାର ଯାହା ଦେବେ, ଜମିଦାରଙ୍କ ପେସ୍‌କସ୍‌ରୁ ତାଠାରୁ ଢେରକମ୍ ପାଇବେ। ଏ ବଡ କଷ୍ଟ କଥା। ଏଥିରେ ପ୍ରଜାକୁ ଛାଡ଼ି ଦେବାରେ ରାଜ୍ୟର ଯେ ଅଯଥା ଧନ କ୍ଷତି ହେବ, ତା ଦେବ କିଏ ? ଯାହାକୁ ଛାଡ଼ି ଦିଆଗଲା, ତାର ଧନ

Digitized by PPRACHIN, SOA

ବଢ଼ିଲେ କିଂବା ରାଜ୍ୟର ହଠାତ୍ ଦରକାର ପଡିଲେ, ସରକାର ସେ ଛାଡ଼ ଭୋଗକରି ବଢ଼ିଥିବା ପ୍ରଜା ଉପରେ ସାକ୍ଷାତ୍ ଭାବରେ ହାତ ପକାଇ ପାରିବା ବଡ଼ ସହଜ ମଧ ନୁହେଁ। ଧର, କାଲି ପ୍ରଜାଠାରୁ ଜଙ୍ଗଲକର ବା ଉତ୍ତରାଧିକାର କର ଆଦାୟ କରିବାକୁ ହେବ। ତା କିଏ ନେବ, ଏ ପ୍ରଶ୍ନ ସେତେବେଳେ ଉଠିପାରେ? ପୁଣି କୃଷି ବିଭାଗରେ ଖର୍ଚ୍ଚ କରି ପ୍ରଜାର ଆୟ ଧର, ୪ ଗୁଣ କରି ଦିଆଗଲା। ସେଥିରେ ସରକାର ଇଚ୍ଛା କଲେ ମଧ ପ୍ରଜାଠାରୁ ଟଙ୍କା ପାଇବେ ନାହିଁ।

ଅସ୍ଥାୟୀ ଜମିଦାରୀରେ-

ଅନ୍ୟାନ୍ୟ ଚିରସ୍ଥାୟୀ ମାହାଲରେ ନ୍ୟୂନାଧିକ ଏଇପରି। ପୁଣି ଏହା ଛଡା, ଅନ୍ୟ ୩୦ ସାଲ ବନ୍ଦୋବସ୍ତ ପ୍ରଭୃତିର ଅସ୍ଥାୟୀ ଜମିଦାରୀ କଥା ଏଇ ପନ୍ଥାରେ ବୁଝିବାକୁ ହେବ। ଖଜଣା ଛାଡ଼ରେ ଛାଡ଼ ପରିମାଣ ଜମିଦାରଙ୍କ ଦେୟରୁ କମିଯାଉ ବୋଲି ଜମିଦାର ସ୍ୱର ଉଠାଇବେ। ନ ହେଲେ ସେଠାରେ ଯୋରକରି ଅନ୍ତତଃ ଯାହା ଛାଡ଼ ଦିଆହେବ, ସେଥିରୁ ଅନୁପାତ ଅନୁସାରେ ଜମିଦାରଙ୍କୁ ଭାଗ ଦେବାକୁ ହେବ। ବର୍ତ୍ତମାନ ପ୍ରଚଳିତ ଅନୁସାରେ ତା ମଧ ହେବା ସହଜ ନୁହେ। ତାଂକୁ ମଧ୍ୟ ସବୁ ଟଙ୍କା ଦେବାକୁ ହେବ। ତେବେ ସର୍ବଥା ଜମିଦାରଙ୍କୁ ଆର୍ଥିକ ଦୁର୍ଗତିରେ ସାହାଯ୍ୟ କରି ପ୍ରଜାର ଖଜଣା ଛାଡ଼ି କରିବାକୁ ହେବ। ପ୍ରଜାଙ୍କ ପରି ଦୁଃସ୍ଥ ଜମିଦାର ବହୁତ ଅଛନ୍ତି। ତାଙ୍କ କଥା ସ୍ୱତନ୍ତ୍ର। ମାତ୍ର ସବୁ ଜମିଦାର ତା ନୁହନ୍ତି। ପ୍ରଜାଙ୍କ ଛାଡ଼ରେ ସେମାନେ ସହିବେ କି? ସହିଲେ, କିଏ ସହିବ। ଏ ଜଗତରେ ଦୁସ୍ଥ କିଏ ନୁହେ? ଯୁକ୍ତି ଅଛି, 'ଯେଡ଼େ ବାଉଁଶକୁ ସେଡ଼େ ପୋଲ।' ଢେଙ୍କାନାଳିଆ ଠେଙ୍ଗାରେ ଯେ ଜମା ପୋଲ ନଥାଏ ସେ କଥା ଶୁଣୁଚି କିଏ?

ଜମିଦାରୀ ଉଠିବା-

ଅତଏବ ଏଇ ପରିସ୍ଥିତି ଥାଇ ଖଜଣା ଛାଡ଼ କରିବା ଏକ ଦୁରୂହ ବ୍ୟାପାର। ଲୋକଙ୍କୁ ଭଣ୍ଡିବା ପାଇଁ କୁଠି କିଛି କରାଯାଇପାରେ। ମାତ୍ର ସେଥିରେ କିଛି ହେବ ନାଇ। ପୁଣି ଖଜଣା ଛାଡିଦେବା ଏକ କଥା। ଅନ୍ୟକୁ ଖଜଣା ଛାଡିଦେ' ବୋଲି କହି, ପ୍ରଜାଙ୍କୁ ଖଜଣା ଛାଡ଼ିଦେଲା ବୋଲି, ଧନିମାନଙ୍କୁ ଖଜଣା ଖାନାରୁ ଟଙ୍କା ଗଣିବା ସ୍ୱତନ୍ତ୍ର କଥା। ଜମିଦାରଙ୍କୁ ବୁଝାଇଲେ ସେମାନେ ବଦାନ୍ୟତାରେ ଏହା ବୁଝିବେ ବୋଲି ମନେ ହେଉ ନାହିଁ। ଅତଏବ ରାଜ୍ୟ ଏ ବିଷୟରେ ଶୀଘ୍ର ଆଇନ କରିବା ଦରକାର।

ବିଚାର ଲୋଡ଼ା-

ଏ ଆଇନ୍ ପୁଣି ଯୁକ୍ତିହୀନ ଭାବରେ ମନମୁଖିଆ କରିବା ଠିକ୍ ନୁହେ। ଯୁକ୍ତିଯୁକ୍ତ ଭାବରେ ଜଗତକୁ ବୁଝାଇ ତା' କରିବାକୁ ହେବ। ଯେଉଁମାନେ ଜମିଦାର ହୋଇ ଅସିଚନ୍ତି,

Digitized by PPRACHIN, SOA

ତାଙ୍କୁ ହଠାତ୍ ତୋଟି ଚାପି ମାରିବା କଥା ମଧ ହେବ ନାହିଁ। ଦେଖିବାକୁ ହେବ, ଏ ଜମିଦାରୀର ଭିତ୍ତି କଣ? ବାସ୍ତବିକ ମୂଳତଃ ଏଥିରେ କି ସ୍ୱତ୍ୱ ଥିଲା? ତା’ ଦେଖିଲେ ଦେଖାଯିବ, ଟଙ୍କା ଆଦାୟ କରି ପାରିଶ୍ରମିକ ରଖି ବାକିତକ ସରକାରଙ୍କୁ ଦେବାହିଁ ପ୍ରାୟଶଃ ଏସବୁ ଜମିଦାରୀର ଭିତ୍ତି। ଅନେକ ମକଦ୍ଦମି ସରବରାକାରୀରେ ସେଇ ଭିତ୍ତି ଏବେ ମଧ ଅକ୍ଷୁଣ୍ଣ ରହିଅଛି। ମୂଳରେ ଯଥାର୍ଥ କେତେ ପାଇବା ପାଇଁ ସେମାନେ ଜମିଦାରୀ ରଖିଥିଲେ? ଏ ମଧରେ କେତେ ବା ମୂଳ ଧନ ଖର୍ଚ୍ଚ କରିଚନ୍ତି? ଏବେ କ’ଣ ପାଇବା ପାଇଁ ସେମାନେ ହକ୍‌ଦାର ହୋଇପାରନ୍ତି? ଏସବୁ ବିଚାର କରି ସେଇ ହିସାବରେ ନୂତନ ପରିସ୍ଥିତି ଗଢ଼ିଲେ ତା’ର ମଧ ଫଳ ସମାଜ ଉପରେ କଣ ହବ? ଏସବୁ ଦେଖି ବୁଝି ସୁଚିନ୍ତିତ ବ୍ୟବସ୍ଥାରେ ଜାତି ଗଠନରେ ଲାଗିବାକୁ ହେବ।

ଖଜଣାକୁ ଟିକସ୍ କରିବାକୁ

ପୁଣି ପ୍ରଜାକୁ ଜମିରେ ସ୍ୱତ୍ୱବାନ୍ କରିବାର ବ୍ୟବସ୍ଥା କରିବାକୁ ହେବ। ଏହା ହେଲେ ପ୍ରଜାକୁ ଆଉ ଏବପରି ଉଡ଼ାସର୍ତ୍ତରେ ଜମି ଧରିବାକୁ ହେବ ନାହିଁ, କିମ୍ବା ଆୟରୁ ଅଧେ ଦେବାକୁ ହେବ ନାହିଁ। ଯଥା ସଂଭବ ଖଜଣାକୁ ଟିକସ୍‌ରେ ପରିଣତ କରିବାକୁ ହେବ। ଏହାର ଅର୍ଥ ହେଉଚି, ଜମିଦାର ବା ସରକାରର ଏତେ ଜମି ଧରିଚି ବୋଲି ତାକୁ ଏକର ହିସାବରେ ଏତେ ଦବାକୁ ହବ, ତା ନୁହେ। ଜମିର ଆୟରୁ ପ୍ରଜାର ଖାଇବା ବଂଚିବା ଖର୍ଚ୍ଚବାଦ୍, ଯାହା ବଳିବ ସେଥିରୁ ଅଂଶ ସେ ସରକାର ଖର୍ଚ୍ଚପାଇଁ ଦେବ। ଆୟର ପରିମାଣ ଅନୁସାରେ ଏଇ ଦେୟର ହାର ବଢ଼ିବ। ଧର, ଯାହାର ବର୍ଷକୁ ଶହେ ଟଂକା ବଳିଲା, ସେ ଯେବେ ଟଂକାରେ ପଇସାଏ ଦିଏ, ତେବେ ଯାହାର ହଜାରେ ବଳିଲା, ସେ ହୁଏତ ଟଂକାକେ ଦୁଇଅଣା ଲେଖାଏଁ ଦେବ। ଏଇପରି କିଛି ଅବସ୍ଥା ଓ ପରିସ୍ଥିତି ସହିବା ଭଳି କରିବାକୁ ହେବ।

ଏବର କାର୍ଯ୍ୟ ଓ ଦୂରର ଦୃଷ୍ଟି-

ତଥାପି ସ୍ୱୀକାର କରିବାକୁ ହେବ, ଜମିଦାରୀ ପ୍ରଥା ଥିବା ଯାଏଁ, ଏ ସବୁ କରିବା ସହଜ ହେବ ନାହିଁ। ବର୍ତ୍ତମାନ ଜମିଦାରୀ ପ୍ରଥା ସଂଗେ ଖାପ ଖାଇଲାଭଳି ଯଥାସଂଭବ ଏସବୁ ନୀତି କାର୍ଯ୍ୟରେ ପରିଣତ କରିବା ଛଡ଼ା ଉପାୟ ନାହିଁ। ତେବେ ଦାଖଲଖାରଜ ରୋସମ୍ ଓ ଜମି ବିକ୍ରିରେ ଅନୁମତି ଦେବା ପ୍ରଭୃତି ଉଠାଇବା ସହଜ କଥା। ତାହା ସବୁ ଉଠାଇ ପ୍ରଜାକୁ ସ୍ୱାଧୀନ କରି ଦେବାକୁ ହେବ। ପୁଣି ପ୍ରଜାର ଖଜଣା କମାଇ ଜମିଦାର ଓ ବଡ ଚାଷୀ ଉପରେ ଆୟକର ବସାଇ ଯଥାସଂଭବ ଆୟ ବ୍ୟୟ ସମାନ କରିବାର ଚେଷ୍ଟା ଏବେ ମଧ କରାହେବ। ହେଲେହେଁ ଜମିଦାରୀ ଉଠାଇବା ଆଡକୁ ସେ ଦୃଷ୍ଟି ରଖିବାକୁ ହେବ ଏଥିରେ ସଂଦେହ ନାହିଁ।

Digitized by PPRACHIN, SOA

ଜମିଦାର କିଏ:-

ଏହା କରିବା ଆଗରୁ ଠିକ୍ କରି ଦେବାକୁ ହେବ ଜମିଦାର କିଏ? ଲର୍ଡ କର୍ଣଓୟାଲିସ୍ ବଂଗ ଦେଶରେ ଚିରସ୍ଥାୟୀ ବନ୍ଦୋବସ୍ତ କଲାଦିନୁ ଏ ରାଜ୍ୟରେ ପ୍ରଜାର ଧନ ଧ୍ୱଂସ କରି ଭୂମି ପ୍ରଥା ଯାହା କରା ହୋଇଛି ଓ ଯେପରି ଜମିଦାର, ଉପ-ଜମିଦାର ଓ ଉପ-ଉପ- ଜମିଦାର-ଏଇପରି ନିମ୍ନଗ ପାହ୍ୟାମାନ-ତିଆରି କରାହୋଇ ଦେଶର ଆର୍ଥିକ ପରିସ୍ଥିତି ତଥା ପ୍ରଜାଙ୍କ ଆର୍ଥିକ ଅବସ୍ଥା ନାରଖାର କରାହୋଇଚି, ତାହା ବର୍ଣ୍ଣନା କଲେ ଶୁଣି ସେଇ ଜମିଦାରମାନେ ମଧ୍ୟ ଲଜ୍ଜିତ ଓ ବ୍ୟଥିତ ହେବେ। ୧୯୧୩ରେ ପୁଣି ସେଇ ଅନୁକ୍ରମେ ପ୍ରଜାପାଇଁ ଭାଷଣ ବିଶୃଙ୍ଖଳ ବ୍ୟବସ୍ଥାମାନ ହୋଇ ଯଇଚି। ନୂଆ ନକଲି ଜମିଦାର କେତେ ତିଆରି କରାହୋଇଚି ଓ ପୁରୁଣା ଜମିଦାରଙ୍କୁ ଉଚ୍ଛୃଂଖଳ ଚେଷ୍ଟାର ପଶ୍ରୟ ଦିଆହୋଇଚି। ମାନ୍ଦ୍ରାଜ ଭୂମି ଆଇନ୍ ତ କୌଣସି ବ୍ୟବସ୍ଥିତ ଦେଶର ଆଇନ ପରି ବି ନୁହେ। ସଂବଲପୁରର ତ ଏପର୍ଯ୍ୟନ୍ତ ଆଇନ୍‌ରେ ପ୍ରଜାର ଭୂମି ନାହିଁ। ତହିଁ ଉପରେ ପୁଣି ହସ୍ତମୁଦି ମାହଲ। ଓଡିଶାର ଏଇ ଅବସ୍ଥା। ସେ କଥା ବେଶି କହିବା ଦରକାର ନାହିଁ। ଏଠାରେ ସେ କଥା ନୁହେଁ। ଏବେ ଜମିଦାର କିଏ, ତାହାହିଁ ଠିକ୍ କରି କାର୍ଯ୍ୟ ଆରମ୍ଭ କରିବାକୁ ହେବ।

ଯେ ସରକାରଙ୍କୁ ଦେବା ପାଇଁ ଖଜଣା ଆଦାୟ କରେ

ମୋଟାମୋଟି ସମାଧାନ ହେଉଚି, ଯେ ଖଜଣା ଆଦାୟ କରି ସେଥିରୁ ଜମିଦାର ବା ସରକାରଙ୍କୁ ଭାଗ ଦିଏ, ବା ଦେବାପାଇଁ ଅଭିପ୍ରେତ, ସେଇ ଜମିଦାର। ଅନ୍ୟ ସମସ୍ତେ ପ୍ରଜା । ବରଂ ଯେ ଯେଉଁ ଜମିରୁ ଖଜଣା ଆଦାୟ କରି ଉପର ଜମିଦାର ବା ସରକାରଙ୍କୁ ଦିଏ ବା ଦେବାପାଇଁ ଅଭିପ୍ରେତ, ସେ ସେଇ ଜମିପାଇଁ ଜମିଦାର। ଏହି ଭାବରେ ଜମିଦାର ମକଦ୍ଦମ ପ୍ରଭୃତି ମଧ୍ୟ ନିଜ ଚାଷରେ ନିଜେ ପ୍ରଜା ହୋଇଯିବେ, ଅଧାଭାଗରେ ଜମି ଧରି କେହି ପ୍ରଜା ହେବେ ନାଇ। ତାହା ଚାଷ ପରିଶ୍ରମ ଭାଗ ବୋଲି ଧରାଯିବ। ସେପରି ଚାଷୀମାନେ କୃଷି ଶ୍ରମିକ ବୋଲି ଧରା ହେବେ। କାରଣ ସେମାନେ ଧୋଇ ମରୁଡିରେ କିଛି ଦିଅନ୍ତି ନାହିଁ ଓ ତାଙ୍କ ଲୋକସାନ ଲାଭରେ ଜମିବାଲା ସହେ। ସେମାନେ ଇଚ୍ଛାମତେ ନିଜର ମଜୁରିଭାଗ କୁ କମାଇ ପାରିବେ, ବଢାଇ ପାରିବେ। ଶ୍ରମିକର ଧର୍ମଘଟରେ ମଧ୍ୟ ଯୋଗ ଦେଇ ପାରିବେ। ଆଇନରେ ପ୍ରଜା ହେଲେ, ତାହା ହୋଇପାରିବ ନାହିଁ। ମାତ୍ର ଗଞ୍ଜାମ ଜମିଦାରଙ୍କ ଭଳି ଯେଉଁ ଜମିଦାର ମକଦ୍ଦମମାନେ ଖଜଣା ବୋଲି ଧୂଳିଭାଗ ନେଇ ଆସୁଛନ୍ତି, ସେମାନଙ୍କର ଖଜଣା କରି ଦିଆଯିବ। ସେ ଖଜଣା କିଂତୁ ଅଧକର ମୂଲ୍ୟ ନୁହେଁ। ଗଞ୍ଜାମ ଜମିଦାରଙ୍କ ଛଡା ଏପରି ହୁଏତ ଆଉ କେହି ନାହାନ୍ତି। ଏଇ

Digitized by PPRACHIN, SOA

ବ୍ୟବସ୍ଥା ଏପରି ଦୃଢ଼ କରି ଦିଆଯିବ, ଯେପରି କି ଆଉ କେବେ ନୂଆ ଜମିଦାରୀ ବା ମଧ୍ୟସ୍ୱତ୍ୱାଧିକାରୀ ସ୍ୱତ୍ୱ ସୃଷ୍ଟି ନ ହୁଏ। ଠିକ୍ କଣ କରାଯିବ ତା କୁହାଯାଉ ନାହିଁ। କହିବାର କ୍ଷେତ୍ର ଏ ନୁହେ। କିଂବା ବିଶେଷ ଅନୁସଂଧାନ ଓ ଲୋକମତର ଯଥାଯଥ କଳନା ବିନା ତା ନିର୍ଦ୍ଦିଷ୍ଟ କରିଦେବା ମଧ ଠିକ୍ ନୁହେଁ। ମାତ୍ର ଏ ସୂଚନାର ଉଦ୍ଦେଶ୍ୟ ହେଉଚି, ଜମିଦାରୀ ସ୍ୱତ୍ୱ ଯଥାଶକ୍ତି କମାଇ ଦିଆଯିବ ଓ ଆଉରି କମିବା ଆଡକୁ ନିଆଯିବ।

ବଡ ପ୍ରଜା ଓ ମହାଜନ-

ଏଠାରେ ଗୋଟିଏ ପ୍ରଶ୍ନ ଉଠିପାରେ, ଏଥିରେ ବଡ଼ ବଡ଼ ଜମିଦାର ପରି ରୟତମାନ ବାହାରି ପଡିବେ। ଏବେ ନ ବାହାରିଲେ ବି ପରେ ବାହାରିବେ ଓ ମୂଲ ଲାଗିବା ଲୋକଙ୍କ ସଂଖ୍ୟା ବଢିଯିବ। ବିଶେଷ କାରଣ, ଅଧା ଭାଗ ଚାଷୀକି ମଧ ମୂଲିଆ ବୋଲି ଧରାଯିବ। ବର୍ତ୍ତମାନ ପରିସ୍ଥିତିରେ ତା'ର ଅନ୍ୟ କି ଉପାୟ ଅଛି ? ଏବେ ମଧ ବଡ଼ ବଡ଼ ପ୍ରଜା ବହୁତ ଅଛନ୍ତି। ସେଥିମଧ୍ୟରୁ କେତେକ ମଠବାଡ଼ି। ସେ ସବୁ ସ୍ୱତନ୍ତ୍ର ଆଇନରେ ସଂଯତ ହେବେ। ତେଣୁ ତାଙ୍କ କଥା ଏଠାରେ ଛାଡ଼ି ଦିଆଯାଉ। ତା'ଛଡ଼ା ଗାଁମାନ ଥିବା ପ୍ରଜା ବି ଅଛନ୍ତି। ମହାଜନମାନେ ବହୁତ ପ୍ରଜାସ୍ୱତ୍ୱ କିଣିଛନ୍ତି। ସେମାନଙ୍କୁ ଆଉ କିଣିବାର ଅଧିକାର ଦିଆଯିବ କି ନା ? ଏହା ବି ଏକ ସମସ୍ୟା। ମାତ୍ର ଏବେ ମନେ ହେଉଚି, ସେମାନଙ୍କଠାକୁ ଜମି ଯିବାର ବାଟ ବନ୍ଦ କଲେ, ପ୍ରଜାର ଜମି ବିକ୍ରିରେ ସ୍ୱାଧୀନତା ନଷ୍ଟ ହେବ ଓ ଜମିର ଦାମ୍ କମିଯିବ। ପଞ୍ଜାବରେ ଏ ବ୍ୟବସ୍ଥା ଏକ ପ୍ରକାର କରି ପ୍ରଜାର ଅବିମିଶ୍ର ମଙ୍ଗଳ ହୋଇନାହିଁ। ତେବେ ଦରକାର ହେଲେ ତା'ପରେ କରିବାକୁ ହେବ। ବର୍ତ୍ତମାନ ପାଇଁ ମହାଜନର ମହାଜନୀ ସଂଯତ କରିବାକୁ ହେବ ଓ ପ୍ରଜା ଯେପରି କରଜ କରି ସୁଧ ଦାଉରେ ଜମି ବିକ୍ରି କରୁଛି, ତାହା ବନ୍ଦ କରିବାର ପନ୍ଥା ଫିଟାଇବାକୁ ହେବ। ପ୍ରଜାର ଅର୍ଥଶକ୍ତି ଓ ବୁଦ୍ଧି ବଢ଼ାଇ ତା'ର କରଜ କରିବା କମାଇ ଦେବାକୁ ହେବ ଓ ଶ୍ରମଭାଗର ସ୍ୱାଭବିକ ଗତିରେ ପ୍ରଜାର ଜମିକୁ ଛାଡ଼ି ଦେବାକୁ ହେବ।

ଚାଷୀ ଶ୍ରମିକ-

ଏଇଠାରେ ଚାଷୀ ଶ୍ରମିକ ସମସ୍ୟା ସମ୍ବନ୍ଧରେ ଗୋଟିଏ କଥା ଉଁକାରି ଦେଇଥିବା ଉଚିତ। ଚାଷୀ ଶ୍ରମିକ ଶୃଙ୍ଖଳିତ ହେଲେ ଦେଶର ପରିସ୍ଥିତି ଅନୁସାରେ ମଜୁରି ବଢ଼ିଯିବ। ସେତେବେଳେ ଜମି କ୍ରମେ ବଡ଼ ପ୍ରଜାଙ୍କ ହାତରୁ ଖସି ଆସିବ, କିମ୍ୱା କୃଷିଲବ୍ଧ ଧନର ସଂଗତ ବଣ୍ଟନରେ ପରିସ୍ଥିତି ଠିକ୍ ରହିବ। ଏଣେ ବର୍ତ୍ତମାନ ପାଇଁ ବଡ଼ ପ୍ରଜା ନ ରହିଲେ ଛୋଟ ପ୍ରଜାଙ୍କ ଖଜଣା କମାଇ ହେବ ନାହିଁ। କୃଷି ଧନର ବୃଦ୍ଧି ହାରରେ କର ଦେବାପାଇଁ ଅନ୍ତତଃ କେତେ କାଳ ଲୋକ ରହିବା ଦରକାର। ପୁଣି ଏସବୁ ହେଲେ, କ୍ରମେ କୃଷି ଓ

Digitized by PPRACHIN, SOA

ଜମିରେ ଲାଗିବା ଧନ ଅନ୍ୟଆଡ଼େ ଯିବାର ବାଟ ସୁଗମ ହୋଇଯିବ, ଓ ଦେଶରେ ଶିଳ୍ପ ବ୍ୟବସାୟ ବଢ଼ିବ।

ଜମିଦାରୀ ଉଠାଇବାର ଦୁଇଟି ପନ୍ଥା-

ଏବେ ଜମିଦାରୀ ବରାବର ଉଠାଇବା ଦିଗରେ କ'ଣ କରାଯାଇପାରେ। ସେ ଦିଗରେ ଯୋଡିଏ ପନ୍ଥା। ଗୋଟିଏ, ତାଙ୍କ ଜମିଦାରୀ କିଣିନେବା। ସେ ସମ୍ବନ୍ଧରେ ଗତ ଥର ଆଲୋଚନା କରାଯାଇଥିଲା। ଆର ବାଟଟି ହେଉଚି, ଜମିଦାରୀ ଉଚ୍ଛେଦ କରିବା। କିନ୍ତୁ ଜମିଦାରୀ ହଠାତ୍ ଉଚ୍ଛେଦ କରି ହେବ ନାହିଁ। କ୍ରମେ କ୍ରମେ ପରିସ୍ଥିତିକୁ ନ ବାଧିଲାଭଳି ତାହା ଭୁୟୋବିକାଶର ଗତିରେ ଉଚ୍ଛେଦ କରିବା ବିଷୟ ଚିନ୍ତା କରାଯାଇପାରେ।

ଦ୍ୱିତୀୟ ପନ୍ଥାଟିର ପ୍ରସ୍ତାବ-

ସେ ଗତିଟି କଣ, ସେ ବିଷୟରେ ଗୋଟିଏ ସୂଚନା ଦିଆଯାଉଅଛି। ସେଥିପାଇଁ ଧର ୫୦ ବରଷର ଗୋଟିଏ ଯୋଜନା କରାଗଲା। ପଚାଶ ବରଷ ବୋଇଲେ, ଦୁଇ ପୁରୁଷ। ଆଜି ଯେ ଜମିଦାର ଅଛି, ତା ନାତି କିମ୍ବା ଅଣନାତି ବେଳକୁ ସେ ଯୋଜନାଟି ସଂପୂର୍ଣ୍ଣ ଫଳିବ। ତୃତୀୟ ପୁରୁଷକୁ ଜଗତରେ କେତେ ଜଣକର ବା ଜମିଦାରୀ ରହେ? ପୁଣି ଏ ୫୦ ବର୍ଷ ଭିତରେ ଯେ ଅନ୍ୟ ବ୍ୟବସ୍ଥା କରି ନ ପାରିବ; ତାର ପୁଅ ନାତି ଚିନ୍ତା କରିବା ଠିକ୍ ନୁହେ। ଏ କଥା ମଧ୍ୟ ଦେଖିବାର ଅଛି, ଜମିଦାର ମଧ୍ୟ ଏଇ ଦେଶର ଲୋକ। ଜମିଦାରୀ ଉଠିବାରେ ଯେବେ ଦେଶର ଆର୍ଥିକ ପରିସ୍ଥିତି ଉନ୍ନତି ହେବା ଯଥାର୍ଥ ବୋଲି ବିବେଚିତ ହୁଏ, ତେବେ ଆଜିଠାରୁ ୫୦ ବର୍ଷ ଲାଗି ତାକୁ ଉଠାଇବାରେ ଏବର ଜମିଦାରଙ୍କର ବି ସାହାଯ୍ୟ କରିବା ଉଚିତ। ପୁଣି ଦେଖିବାର ଅଛି ପୃଥିବୀରେ ଏବେ ଭାବ ଓ କ୍ରିୟାର ପ୍ଲାବିନୀ ବନ୍ୟା ଉଠୁଛି, ସେଥିରେ ଜମିଦାରୀ ପରି ମଧ୍ୟ-ଯୁଗୋଚିତ ଅନୁଷ୍ଠାନଟିଏ ବା କେତେଦିନ? ପଚାଶ ବର୍ଷତ ପଚାଶ ବର୍ଷ। ରୁଷିଆ କଥା ଛାଡ଼ିଦିଅ, ଆଲ୍‌ବାନିଆ, ଜେକୋସ୍ଲୋଭାକିଆ ପ୍ରଭୃତି ଦେଶରେ ମଧ୍ୟ ଲୋକମଙ୍ଗଳର ବିକାଶ ପାଇଁ ନିଜେ ଜମିଦାରମାନେ ବାହାରି ରାଜ୍ୟ ହାତକୁ ନେଇ ଆଗ ଜମିଦାରୀ ଉଠାଇ ଦେଲେ। ଆମ ଜମିଦାରମାନେ ଏବେ ୫୦ ବରଷରେ ଜମିଦାରୀ ଉଠାଇବାର ଯୋଜନାରେ ଯୋଗଦେଲେ କେବଳ ଯେ ଶ୍ରଦ୍ଧା, ସମ୍ମାନ ଓ ଆଦର ପାଇବେ ସେତିକି ନୁହେ, କାଳେ କାଳେ ଲୋକମଙ୍ଗଳରେ କୀର୍ତ୍ତିସ୍ତମ୍ଭ ହୋଇ ରହିବେ।

ସେ ଯୋଜନାଟିର ପ୍ରକାର-

ତେବେ ଏ ଯୋଜନାଟି କ'ଣ? ଏହା ବେଶି କିଛି ନୁହେ। ଜମିଦାରମାନଙ୍କର ଆୟ ପ୍ରତିବର୍ଷ ଶତକାରା ଦୁଇଟଙ୍କା ହିସାବରେ କମିଯିବ। ଏହିପରି ୫୦ ବରଷ ଶେଷ

Digitized by PPRACHIN, SOA

ବେଳକୁ ସେମାନଙ୍କର ଜମିଦାରୀର ଆୟ ଆଉ ରହିବ ନାହିଁ। ଏଥିପାଇଁ ବର୍ତ୍ତମାନ ତାଙ୍କର ଆଦାୟ ଅସୁଲ ପ୍ରଭୃତିର ଖର୍ଚ୍ଚ କାଟି ତାଙ୍କ ଆୟର ନିରୁତା ପରିମାଣ କେତେ ତାହା ଧରି ଦିଆଯିବ, ଓ ସଂଗେ ସଂଗେ ସରକାର ଚୁକ୍ତିକରି ଜମିଦାରୀଗୁଡ଼ିକ ନିଜ ହାତକୁ ଘେନିଯିବେ। କେବଳ ଚୁକ୍ତି ରହିବ, ସରକାର ଜମିଦାରଙ୍କୁ ନିରୁତା ଆୟ ଧନ ବର୍ଷକୁ ବର୍ଷ କୌଣସି ନିର୍ଦ୍ଦିଷ୍ଟ ସମୟରେ, ପ୍ରତିବର୍ଷ ଶତକରା ଦୁଇଟଙ୍କା କାଟି ଦେଇ ଦେଉଥିବେ। ଆଜି ଯାହାର ଆୟ ଲକ୍ଷେ ଟଙ୍କା ଧରାହେଲା, ସେ ଏ ବର୍ଷ ଲକ୍ଷେ ଟଙ୍କା ପାଇବ। ଆର ବର୍ଷକୁ ଅଠାନବେ ହଜାର, ତା ଆର ବର୍ଷକୁ ଛୟାନବେ ହଜାର, ତା ପରବର୍ଷ ଚଉରାନବେ ହଜାର-ଏଇପରି ପ୍ରତିବର୍ଷ ଦୁଇହଜାର କମି କମି ଆଜିକୁ ୫୦ ବର୍ଷ ପରେ ଯେଉଁ ବର୍ଷ ପଡ଼ିବ, ସେ ବର୍ଷ କିଛି ପାଇବ ନାହିଁ। ତା ପରେ ମଧ ଆଉ ତାର ସେ ଜମିଦାରୀରେ କିଛି ସ୍ୱତ୍ୱ ରହିବ ନାହିଁ। ଏ ଗୋଟିଏ ସୂଚନା ମାତ୍ର। ଏଇ ଧାରାରେ ଜମିଦାର ଓ ଲୋକ-ନେତାମାନେ ଚିନ୍ତାକରି ସହଜରେ ଗୋଟିଏ ବାଟ କାଢ଼ିପାରନ୍ତି। ଏଭଳି ଭାବରେ ଏକ ଦିଗରୁ ଆପାତ ସ୍ୱାର୍ଥତ୍ୟାଗ ଓ ଅନ୍ୟ ଦିଗରୁ ଆଦର୍ଶର ପରିସ୍ଥିତିରେ ପ୍ରତିଷ୍ଠା ବୁଦ୍ଧିରେ ସମସ୍ତେ ଆଦାନ ପ୍ରଦାନ ଓ ସହିଷ୍ଣୁତାରେ ସହଯୋଗ କଲେ, ଜାତିର ଯଥାର୍ଥ ମଙ୍ଗଳ ହେବ, ସନ୍ଦେହ ନାହିଁ। ଯଥାର୍ଥ ଦୂରଦର୍ଶୀ ନାୟକମାନେ ଏହିପରି ବିପ୍ଳବର ସମ୍ମୁଖୀନ ହୋଇ ମଧ ବିପ୍ଳବରେ ଭାସି ନ ଯାଇ, ବିପ୍ଳବକୁ ବିକାଶରେ ପରିଣତ କରି ପାରନ୍ତି।

ଏ ସବୁ ହେଲେ ବି ସମାଧାନ ହେବ କି ?–

ଧର, ଏ ସବୁ ଯଥାସମ୍ଭବ କାର୍ଯ୍ୟରେ ହେଲା। ପ୍ରଜାର କରଜ ପରିଶୋଧର ସୁବିଧା ହୋଇଗଲା; ଜମିଦାର ଦାଉ ଖସିଗଲା ଓ ଖଜଣା ବି କିଛି କମିଗଲା। କିଂତୁ ଏତିକିରେ କଣ ଦେଶର ଆର୍ଥିକ ସମସ୍ୟାର ସମାଧାନ ହେବ ? ପ୍ରଜାତ କରଜ ଶୁଝିବ ଯାହା କିଛି ଖଜଣା ଦେବ, ପୁଣି ଖାଇ ପିଇ ସ୍ୱଚ୍ଛନ୍ଦରେ ରହିବ, ପୁଣି ନ ଶୁଝିବାଭଳି ବାଂଝ କରଜ ନ କରିବ ଓ ନିଜର ଶ୍ରୀବୃଦ୍ଧି ପାଇଁ ମଧ ଧନ ଖର୍ଚ୍ଚ କରିବାକୁ ପ୍ରସ୍ତୁତ ହେବ। ଏ ସବୁ ପାଇଁ ଦେଶରେ ଧନ କାହିଁ ? ଉପୁଜିବ କେତେ ? ଖଜଣା ଛାଡ଼ରେ ବା ପ୍ରଜାର ଅବସ୍ଥା ବଦଳିବା ଆଡକୁ ଲାଭ ହେବ କେତେ ? ପୁଣି ଦେଶ ତିଆରି କରିବାକୁ ଯେ ପ୍ରଜାକୁ କ୍ରମେ ଅନ୍ୟ ପ୍ରକାରେ ଟିକ୍‌ସ ପ୍ରଭୃତି ଦେବାକୁ ପଡ଼ିବ। ସେଥିପାଇଁ ଦେଶରେ ଧନ କାହିଁ ? ସେତିକି ନୁହେଁ। ପ୍ରଜା ମଧ ବେଶି ବେଶି କିଣି ବ୍ୟବହାର କରିବାକୁ ପ୍ରସ୍ତୁତ ହେବା ଦରକାର। ତା'ନ ହେଲେ ଦେଶରେ ଶିଳ୍ପ ବ୍ୟବସାୟ ବଢ଼ିବ ନାହିଁ, ଦେଶର ମଧ ଯଥାର୍ଥ ଉନ୍ନତି ହେବନାହିଁ।

Digitized by PPRACHIN, SOA

ଉନ୍ନତି ପାଇଁ ପଇସା କାହିଁ ?-

ବର୍ତ୍ତମାନ ପାଇଁ ଓଡିଶା ପରି ପ୍ରଦେଶରେ ଏସବୁ ପାଇଁ ପଇସା ବାହାରିବ ସେଇ ଜମିରୁ । ଏତେ ଧନ ଜମିରୁ ଏବେ ବାହାରିବ ତ ? ଧର, ସରକାର ଜମି ଆୟ ବଢ଼ାଇବାରେ ଯତ୍ନ କରିବେ। ସେ ବା କେତେ ? ତା ପୁଣି ଲୋକେ ଟିକସ ପ୍ରଭୃତି ରୂପେ ଟଙ୍କା ନ ଦେଲେ ହେବ ନାହିଁ। ଲୋକଙ୍କୁ ମଧ୍ୟ ସଙ୍ଗେ ସଙ୍ଗେ ଅଧିକା ମୂଳ ଧନ ଲଗାଇବାକୁ ପ୍ରସ୍ତୁତ ହେବାକୁ ପଡ଼ିବ।

ଚାଷ ଦ୍ରବ୍ୟର ମୂଲ୍ୟ ବଢ଼ାଇବା-

ମୋଟ କଥା, ଏ କ୍ଷେତ୍ରରେ ଏକ ମହା ସମାଧାନ ହେଉଚି ଚାଷ ଲବ୍ଧ ଜିନିଷର ମୂଲ୍ୟ ବଢ଼ିବା। ତା' ହେଲେ ପ୍ରଜାର ଆୟ ବଢ଼ିବା ସଙ୍ଗେ ସଙ୍ଗେ କିଣିବା ଓ ଖର୍ଚ୍ଚ କରିବାର କ୍ଷମତା ବଢ଼ିବ। ତାହାରି ଫଳରେ ଦେଶରେ ଶିଳ୍ପ ବ୍ୟବସାୟ ବଢ଼ିବ। ଶିଳ୍ପୀ ବ୍ୟବସାୟୀ ବେଶି ଲାଭବାନ ହେଲେ, ପୁଣି ତା ଫଳରେ ଚାଷ ଦ୍ରବ୍ୟ ସେମାନେ ବେଶି ପଇସା ଦେଇ କିଣି ପାରିବେ ଓ କିଣିବେ ? ଏଇପରି ପରସ୍ପର ଆଦାନ ପ୍ରଦାନ ଓ ସାମଞ୍ଜସ୍ୟ ଫଳରେ ଦେଶ କ୍ରମେ ହସି ଉଠିବ।

ତାହା ଠିକ୍ ପ୍ରଦେଶ ହାତେ ନାହିଁ-

ଚାଷ ଲବ୍ଧ ଦ୍ରବ୍ୟର ମୂଲ୍ୟ ବଢିବା କିଂତୁ ଓଡ଼ିଶା ପ୍ରଦେଶ ବା କୌଣସି ପ୍ରଦେଶ ହାତେ ନାହିଁ। ଏହା ଏବେ ସମଗ୍ର ପୃଥିବୀର ଆର୍ଥିକ ପରିସ୍ଥିତି ଉପରେ ନିର୍ଭର କରେ। କେଉଁ ଦେଶ କିପରି କେଉଁ ଜିନିଷ ଉପରେ ଟିକସ ବସାଇଲା, କେଉଁ କେଉଁ ଦେଶ ବା ଦେଶମାନଙ୍କ ଭିତରେ କିପରି କିଣା ବିକାର ସର୍ତ୍ତ ହେଲା, କିଏ ସ୍ୱର୍ଣ୍ଣମାନ ଛାଡି ଖାଲି ନୋଟ ମୁଦ୍ରା ଉପରେ କିପରି ନିର୍ଭର କଲା, କିଏ ବା ନିଜ ମୁଦ୍ରାର ମୂଲ୍ୟ କମାଇଲା- ପ୍ରଭୃତି, ପୃଥିବୀର ଜାତିମାନଙ୍କ କ୍ରିୟାରେ ଆଜି ଦ୍ରବ୍ୟର ମୂଲ୍ୟ ଭୀଷଣ ଭାବରେ ବଦଳୁଚି। ତାହା ନିୟମିତ କରିବାରେ ପ୍ରଦେଶର ହାତ ନାହିଁ। ଭାରତ ସରକାର ବିଚାରିଲେ କିଛି କରି ପାରନ୍ତି। ମାତ୍ର କୃଷିଜାତ ଦ୍ରବ୍ୟର ମୂଲ୍ୟ ବଢ଼ାଇବା ଦିଗରେ ସେଆଡୁ ବିଶେଷ ଆଶା କରିବା ଠିକ୍ ନୁହେଁ। କାରଣ କୃଷିଜାତ ଦ୍ରବ୍ୟ ପ୍ରତି ବିଶେଷ ଦୃଷ୍ଟି ଦେଲେ କିଣିଖିଆ କୃଷିଜାତ ଦ୍ରବ୍ୟ କିଣି ଶିଳ୍ପରେ ଲଗାଇବା ଦେଶମାନଙ୍କର କ୍ଷତି। ଶିଳ୍ପଜାତ ଦ୍ରବ୍ୟ ବିକି ସେମାନେ କୃଷିଜାତ ଦ୍ରବ୍ୟ କିଣିବେ। ଇଂଲଣ୍ଡ ପ୍ରଭୃତି ଶିଳ୍ପଜୀବୀ ଦେଶମାନଙ୍କରେ ବହୁ ଲୋକେ ଆଜି ନିଷ୍କର୍ମା। ଶିଳ୍ପଜାତ ଦ୍ରବ୍ୟର ମୂଲ୍ୟ ବଢ଼ିବା ଓ ସଙ୍ଗେ ସଙ୍ଗେ ବରଂ କୃଷିଜାତ ଦ୍ରବ୍ୟର ମୂଲ୍ୟ ସେଇ ପରିମାଣରେ ନ ବଢ଼ିବା- ସେମାନଙ୍କର ଲୋଡ଼ା। ଭାରତରେ ମଧ୍ୟ ବୋମ୍ବେଇର ଲୁଗାକଳ, ଯୁକ୍ତପ୍ରଦେଶ, ବିହାର ପ୍ରଭୃତିର ଲୁହା କଳ କାରଖାନା ଓ ଅନ୍ୟାନ୍ୟ

Digitized by PPRACHIN, SOA

ବହୁତ ଶିଳ୍ପର କ୍ଷୁଦ୍ର ବୃହତ୍ କଳ କାରଖାନା, ନିଜ ନିଜର ଜିନିଷ ବିକିବା ପାଇଁ- ଭଲମୂଲ୍ୟରେ ବିକିବା ପାଇଁ ବ୍ୟାକୁଳ। ସେଥିପାଇଁ ଦେଶର ଲୋକେ ମଧ୍ୟ ବହୁ ଟିକସ ଦେଇ ସେ ସବୁର ଉଚ୍ଚ ଦର ମୂଲ୍ୟ ଟେକି ରଖିଚନ୍ତି। ସେଥିରେ ସେ ସବୁ ପ୍ରଦେଶର ହୁଏତ ଶିଳ୍ପରେ ଲାଭ ହେଉଚି। ସେଥିପାଇଁ ଭାରତ ସରକାରରେ ସେଇସବୁ ଶିଳ୍ପ ଟେକି ରଖିବା ପାଇଁ ସର୍ବଦା ଦାବି। ଏଇପରି ନାନା କାରଣରୁ ଓଡ଼ିଶା ପରି ଶିଳ୍ପହୀନ ପ୍ରଦେଶର କୌଣସି ଆଶା ନାହିଁ। ଶିଳ୍ପର ଧନ ଏ ପ୍ରଦେଶକୁ ପଶିବ ନାଇଁ। ମାତ୍ର ଏ ପ୍ରଦେଶରେ କୃଷି ଧନରେ ଶିଳ୍ପ ଦ୍ରବ୍ୟ ସବୁ କିଣା ହେବ। ଚିନି,ଲୁଗା, ଲୁହା, ଟିଣ, ଚା, ଛତା, ଲଣ୍ଠନ, ହାତରେ ପିନ୍ଧିବା କାଚ, ପାନିଆ, ଦର୍ପଣ, ରଂଗ, ତେଲ, ସାବୁନ, ଫିତା, ଦୁଆତ, କଲମ, କାଳି, କାଗଜ, ଖେଳନା ପ୍ରଭୃତି ସବୁ ଓଡ଼ିଶାରେ ବାହାରୁ କିଣା ହେବ। ଧନ ଆସିବ କାହୁଁ? ସେଇ ଧାନରୁ ବା ମୁଗ, ବିରି, କୋଳଥରୁ। ଏପରି କି ତୁଳା, ଆଖୁ ପ୍ରଭୃତି କଳ କାରଖାନାରେ ଦରକାର ହେବା କୃଷି ଦ୍ରବ୍ୟ ମଧ୍ୟ ଓଡିଶାରେ ନାହିଁ। ପୁଣି ପାଟନାରୁ ବା କଲିକତାରୁ ଓଡିଶାକୁ ଆଳୁ, କୋବି, ପୋଟଳ ଆସେ, ଗୋଦାବରୀ କୃଷ୍ଣାରୁ ଆମ୍ବ ଆସେ, ଗୁଣ୍ଟୁରୁରୁ ଘିଅ ଆସେ, କାନାଡାରୁ ରାଶିତେଲ, ମଲବାର ବା ବୋମ୍ବେରୁ ନଡିଆତେଲ, ଏପରିକି ବନାରସ ପ୍ରୟାଗରୁ ଚାଉଳିଆ ପର୍ଯ୍ୟନ୍ତ ଓଡିଶାକୁ ଆସେ। ଧନ ଆମାଦାନିର କୌଣସି ପନ୍ଥା ନାହିଁ। ଏ ସବୁ ବିଷୟରେ ଟିକିଏ ଖଦଡ଼ ବୁଦ୍ଧି ଧରି ଚିନ୍ତା କରିବାକୁ ହେବ।

ନବ ଭାରତ-୪/୩, ଆଲୋଚନା

କୃଷକର ଋଣ ପରିଶୋଧ

ପ୍ରଜା ସାଧାରଣର ଋଣଭାର-

ଦେଶର ଋଣଭାର ଗୋଟିଏ ସମସ୍ୟା। କେବଳ ଯେ ଲୋକେ ଋଣରେ ଚିପି ହୋଇ ଅଛନ୍ତି, ଓ ମୂଳ ଫେରାଇବା କଥା ଦୂରେ ଥାଉ, ସୁଧ ବି ଦେଇ ପାରୁ ନାହାନ୍ତି, ପୁଣି ସୁଧ ବା ମୂଳ ଦେଇ ଦେଇ ସର୍ବସ୍ୱାନ୍ତ ହେଉଚନ୍ତି, ଏତିକିରେ ଏ ସମସ୍ୟାଟିର ବର୍ଣ୍ଣନା ହେଲା ନାହିଁ। ଅନ୍ୟାନ୍ୟ ଦିଗରୁ ଏ ସମସ୍ୟାର ବିଚାର କରିବାର ଅଛି। ଜାତିର ସଂପଦ ବା ଆର୍ଥିକ ପରିସ୍ଥିତିରେ ଏ ସମସ୍ୟାର କି ସ୍ଥାନ, ତାହା ଦେଖିବାକୁ ହେବ ଓ ଦେଖି ସମାଧାନର ବ୍ୟବସ୍ଥା ଚିନ୍ତା କରିବାକୁ ହେବ।

କୃଷକ ହିଁ ପ୍ରଜା-

ପ୍ରଥମତଃ ପ୍ରଜାସାଧାରଣ ହିଁ କୃଷକ। ଗ୍ରାମ ଶିଳ୍ପିମାନେ ପ୍ରଜାସାଧାରଣରେ ଗଲେ ମଧ୍ୟ ଏ କ୍ଷେତ୍ରରେ ତାଙ୍କ କଥା ଉଠୁ ନାହିଁ। କାରଣ, କାରିଗରି ଉପରେ ଏ ଦେଶରେ

Digitized by PPRACHIN, SOA

କେହି ଏ ଯୁଗରେ ଧାର ଦେବାର ଦେଖା ଯାଏ ନାହିଁ। ସେମାନେ ଦେଶର ଆର୍ଥିକ ପରିସ୍ଥିତିରେ ପ୍ରାୟ କେହି ନୁହନ୍ତି। ତେଣୁ ସେମାନେ ଅଣହେଳାରେ ମରୁଚନ୍ତି। ଏଣେ ବ୍ୟବସାୟିକ ଶିକ୍ଷାର ଅନୁକରଣ ପାଇଁ ଘୋର ଉଦ୍ୟମ ଲାଗିଚି। ସରକାରଙ୍କ ଖର୍ଚ୍ଚରେ ଶିଳ୍ପ ବଢ଼ାଇବା ଓ ରଖିବା ଆଜିର ନୂଆ କଥା ନୁହେଁ। ଏହା ପ୍ରାଚ୍ୟ ଦେଶମାନଙ୍କର ଚିରନ୍ତନ ରୀତି। ମାତ୍ର ଏହା ଜିନିଷ କିଣିବାରେ ଥିଲା, ଖାଲି ସ୍କୁଲ ବସାଇବାରେ ନଥିଲା। ସେ ରୀତି ପୁଣି ପ୍ରତିଷ୍ଠା କରିବା କେତେଦୂର ସଂଭବ, ତାହା ଏବେ ଚିନ୍ତ୍ୟ। ଦେଶର ବିକ୍ରିଖରିଦ ଏବେ ଆମେ ହାତେ ନାହିଁ କହିଲେ ଚଳେ। ଆମେ ଖାଲି ଚଢେଇ ଧରିବୁ ବୋଲି ବୁଦା ବାଡ଼େଉଚୁ। ଯା ହଉ ସେ କଥା ଏଠାରେ ନୁହେ।

ଋଣ ପରିମାଣ-

ମାତ୍ର ଏତିକି ବୁଝିବାର ଅଛି, ଦେଶରେ ଋଣରେ ଲାଗୁଥିବା ଧନ ସେ ଆଡକୁ ଯାଉନାହିଁ। ଏହା ବ୍ୟବସାୟର ମୂଳଧନ ହେଉନାହିଁ। ଶିଳ୍ପୀ ବା ବ୍ୟବସାୟୀର ଏ ଦେଶରେ ପଡିଆରା ନାହିଁ। ତେଣୁ ଦେଶର ମୂଳଧନ ନୂଆ ଧନ ତିଆରି କରିବାରେ ଲାଗୁନାହିଁ। ସମସ୍ତଙ୍କ ଆଖି ଜମି ଉପରେ। ଜମିକୁ ଚାହିଁ ବା ଜମି ବନ୍ଧା ରଖି ଲୋକେ ଋଣ ଦେଉଚନ୍ତି। ଏଇପରି ଋଣର ପରିମାଣ ଭାରତରେ ବଡ ବେଶି। କୌଣସି କୌଣସି ମତରେ ଏହା ପ୍ରାୟ ଦୁଇହଜାର କୋଟି। ଓଡିଶାରେ ଏହାର ପରିମାଣ କେତେ ହେବ, ତାହା ଠିକ୍ କହିବାର ଉପାୟ ନାହିଁ। ଅତିଶୀଘ୍ର ଏହାର ପରିମାଣ ଅନୁସଂଧାନରେ ଠିକ୍ ହେବା ଉଚିତ। ମାତ୍ର ଅନୁମାନରେ କୁହାଯାଇ ପାରେ ଏ କ୍ଷେତ୍ରରେ ଓଡିଶା ଅନ୍ୟ ପ୍ରଦେଶଠାରୁ ପଶ୍ଚାତ୍‌ପଦ ହେବନାହିଁ। ଓଡ଼ିଶାକୁ ଚାହିଁ, ତାହାର ଭାଗ ଠିକ୍ ଆସିଯିବ। ବରଂ ଭାଗବଣ୍ଟାରେ ଓଡ଼ିଶାକୁ ଅଧିକ ମିଳିପାରେ।

ଏ ଋଣରେ ଟଂକା ବାଂଝ-

ଫଳରେ ଜମି ସବୁ ମହାଜନ ହାତରେ ଠୁଳ ହେଉଚି ବା ହେବାକୁ ବସିଚି। ଦେଶର ମୂଳଧନ ମଧ୍ୟ ଜମିରେ ବନ୍ଧା ହୋଇ ପଡିଚି। ଜମିରୁ ଯେତିକି ମିଳୁଥିଲା, ଏଇ ମୂଳଧନ ଯୋଗେ ତା ବଢିନାହିଁ-ବରଂ କମିଚି, ମହାଜନ ଜମି ପାଇଁ ମଧ୍ୟ ନିଜେ କିଛି ତସୁ ନାହିଁ। ଯେ ଚାସ କରୁଚି ସେ କାହିଁକି ବା ମନ ଲଗାଇବ? ପୁଣି ଭାଗ ଚାସରେ ମନ ଲଗାଇଲେ ବା, କେତେ ଲଗାଇବ, ମୂଳ ଧନ କାହୁଁ ପାଇବ? ଫଳରେ ହୁଏତ ଭାଗଚାସୀର ଭାଗ କାଢ଼ିଆରେ ବନ୍ଧା ପଡିଥାଏ। ସେ ଧାନ ଆମଦାନି କରି ମହାଜନ ବା ଜମିମାଲିକ ଦ୍ୱାରେ ସବୁ ମାପି ଦେଇ, ମେଢି କାନ୍ଧେଇ ଘରକୁ ଆସେ। ଫଳ କଥା, ଏ କରଜ ବାଂଝ ହୋଇ ପଡିଚି- ଜନ୍ମ କରୁନାହିଁ। ଏ ଟଂକା ଲାଗିବାକୁ ବରଂ ଚାଷର ଆୟ କମୁଚି, ଓ ଅନ୍ୟାନ୍ୟ ଅନେକ କାରଣରୁ ଏହା ଦେଶରେ କ୍ଷତି କରୁଚି।

Digitized by PPRACHIN, SOA

ଋଣ ଛାଡ଼ରେ ଦେଶର ଧନ ଧ୍ୱଂସ

ତେବେ ଉପାୟ କ'ଣ ? କେତେକ ଆଦର୍ଶ ମାତ୍ର ବାଦୀ ହଠାତ୍ କହିବେ, ଏସବୁ ଋଣ ଏକାବେଳେ ଆଇନ୍ କରି ଉଠାଇ ଦିଅ। ଅର୍ଥାତ୍, ଏ ଋଣ କେହି ଆଉ ଆଦାୟ ନ କରନ୍ତୁ। ଏଥିରେ ଯୋଡ଼ିଏ କଥା ହେବ। ପ୍ରଥମତଃ ଧନ ଥିବା ଲୋକେ ଆଉ କୃଷକକୁ କୌଣସି ପ୍ରକାରେ ଧନ ଦେବେ ନାହିଁ। ପୁଣି ହଠାତ୍ ଯେ ଅନ୍ୟତ୍ର ବ୍ୟବସାୟାଦିରେ ଲଗାଇବାକୁ ଧନ କାଢ଼ିବେ ତା' ମଧ୍ୟ ନୁହେ। ହୁଏତ ଧନ ଥିବା ଲୋକେ ପ୍ରଦେଶ ବାହାରକୁ ଚାହିଁବେ ବା ଯତ୍ କିଞ୍ଚିତ୍ ଥିବା ଧନ ହୁଏତ ପୋତି ପକାଇବା ପରି ଗାବି ଦେବେ। ଦ୍ୱିତୀୟତଃ ଏକା ଆଇନ୍‌କେ ଦେଶର କୋଟି କୋଟି ଟଙ୍କା ଧ୍ୱଂସ ହୋଇଯିବ। ସେ ଟଙ୍କା ଆଉ କେବେ ହେଲେ କୌଣସି କାମକୁ ଆସିବନାହିଁ। ଦେଶର ଏତେ ଧନ ଏକାବେଳକେ ହଠାତ୍ ତୁବିଗଲେ, ଅବସ୍ଥା କ'ଣ ହେବ, ତା ଭାବିବାର କଥା। ଋଣ ଆଦାୟ କେତେ କାଳ ପାଇଁ ବନ୍ଦ କରିବ, ପୁଣି ବିଚାର କରି ଋଣ କାଟି ଦେବା, ଏ ସବୁଥିରେ କମ ବେଶି ସେଇ ଅସୁବିଧା ଅଛି।

ଏ ଧନକୁ କାମରେ ଲଗାଇବାକୁ ହେବ–

ଅବଶ୍ୟ ବିଚାର କରି କେତେ ସୁଧ ଓ ମୂଳ ମଧ୍ୟ ଯେ କାଟି ଦେବା ଦରକାର ନ ହେବ ତା କୁହାଯାଉ ନାହିଁ। ପିତୃପିତାମହ କାଳରୁ କେତେ ଖାତାରେ ଧାନ ଓ ଟଙ୍କା କରଜ ଗଡ଼ି ଆସୁଚି। ସେ ସବୁର ସାଲିସ ସମାଧାନ ଅବଶ୍ୟ କର୍ତ୍ତବ୍ୟ। ମାତ୍ର କୌଣସି ସାଲିସ ସମାଧାନରେ ଦେଶର ଯଥାର୍ଥ ଧନ ଧ୍ୱଂସ ଯେପରି ନ ହୁଏ ତାହାହିଁ ଦେଖିବାର କଥା। ଖାଲି ଯେ ଧନ ଧ୍ୱଂସ କରା ନ ହେବ, ସେତିକି ନୁହେଁ। ଧନ ଯେ ବାଂଝ ହୋଇ ପଡ଼ିଚି, ତାକୁ ମଧ୍ୟ ବାହାର କରି ଦେଶର ଆର୍ଥିକ ଶ୍ରୀବୃଦ୍ଧିରେ ଲଗାଇବାକୁ ହେବ।

ସରକାର ଆର୍ଥିକ ଏ ଋଣକୁ ହାତକୁ ନେବେ–

ଆଜି ପ୍ରାଦେଶିକ ସ୍ୱାୟତ୍ତ ଶାସନରେ ପ୍ରଦେଶମାନେ କରଜ କରୁଚନ୍ତି। ଏଇ ଋଣ ଭାରଟି ପ୍ରାଦେଶିକ ସରକାର ନିଜ ହାତରେ ନେଇ ପାରନ୍ତି। କିପରି ? ପ୍ରଥମେ ଗୋଟିଏ କମିଟି ବସି କୌଣସି ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଯଥାଯୋଗ୍ୟ ସାଲିସ ସମାଧାନ ସବୁ କରି ଋଣର ପରିମାଣ ଠିକ୍ କରି ରିପୋର୍ଟ ଦିଅନ୍ତୁ। ଏହି ଋଣ ପରିଶୋଧ କରିବା ପାଇଁ ପ୍ରାଦେଶିକ ସରକାର ଆଇନର ବିଧି ଅନୁସାରେ ବ୍ୟବସ୍ଥିତ ହୋଇ ସମସ୍ତ ଟଙ୍କା ପାଇଁ 'ସରକାରୀ ଋଣ ପତ୍ର' ବାହାର କରନ୍ତୁ। ଏଇ ଋଣ ପତ୍ରର ସବୁଠାରୁ ନ୍ୟୂନ୍ୟ ପରିମାଣ ଦଶଟଙ୍କା ହେଉ। ଧର, ପଚାଶ ବର୍ଷରେ ଏଇ 'ଋଣପତ୍ର' ପରିଶୋଧ କରିବାକୁ ସରକାର ନିଜର ବାଧ୍ୟତା ପ୍ରକାଶ କରନ୍ତୁ। ଫଳରେ ସମସ୍ତ ମହାଜନମାନଙ୍କଠାରୁ ଏ ଟଙ୍କା ୫୦ ବର୍ଷ

Digitized by PPRACHIN, SOA

ଶେଷରେ ଦବାପାଇଁ ସରକାର କରଜ କରନ୍ତୁ। ଅର୍ଥାତ୍, ସରକାର ମହାଜନମାନଙ୍କୁ ପ୍ରତି ବର୍ଷ ସୁଧ ଦେବେ ଓ ପଚାଶବର୍ଷ ପୂରିଲାଦିନ ଋଣପତ୍ର ଫେରାଇ ନେଇ ଟଙ୍କା ଦେବେ। ଏଇ ଋଣପତ୍ର ପୁଣି ଭାରତ ସରକାରଙ୍କ 'ଋଣପତ୍ର' ପରି ବିକ୍ରି ଖରଦି ହୋଇ ପାରିବ। ଏଇ 'ଋଣପତ୍ର'ରେ ସୁଧ ହେବ ଶତକରା ୩ ବା ୪ ଟଙ୍କା।

କିପରି ?

ଏହା କାର୍ଯ୍ୟରେ କିପରି ହେବ ? ସମସ୍ତ ଋଣପାଇଁ ସରକାର ଋଣପତ୍ର ବାହାର କରିବେ। ମହାଜନମାନଙ୍କ ଋଣ ପରିମାଣ ୧୦ ରେ ଛିଡ଼ିବା ଭଳି କରି ଦିଆଯିବ। ଧର ଶହେବାର ଟଙ୍କା ଦଶଅଣା ହେଲେ ତାହା ଟ ୧୧୦(ଶହେ ଦଶଟଙ୍କା) ବୋଲି ଧରାଯିବ। କିମ୍ୱାଏଇଭଳି କିଛି କରିବାର ଅନ୍ୟ କୌଣସି ପ୍ରକାରେ ବ୍ୟବସ୍ଥା କରାଯିବ। ଏଇ ଋଣପତ୍ର ମହାଜନମାନଙ୍କୁ ଯେଝାଋଣ ପରିମାଣ ଅନୁସାରେ ଦେଇ ସରକାର ସବୁ ଋଣ ଏକାବେଳେ ପରିଶୋଧ କରି ଦେବେ। ଫଳରେ ସରକାର ମହାଜନମାନଙ୍କଠାରୁ ସମସ୍ତ ଟଙ୍କା ଋଣ କରିବେ ଓ ଅଧମର୍ଣ୍ଣ ପ୍ରଜାମାନେ ସରକାରଙ୍କଠାରେ ଋଣୀ ରହିବେ।

ଆଦାୟ ଓ ପରିଶୋଧ ପନ୍ଥା-

ଆଦାୟ ଓ ପରିଶୋଧ କିପରି ହେବ ? ସରକାର ପଚାଶ ବରଷ ପାଇଁ କରଜ କରିବେ। ସୁଧ, ଧର, ଶତକରା ଚାରି (ସାଢ଼େତିନି ବା ତିନି ମଧ କରାଯାଉପାରେ)। ପ୍ରତ୍ୟେକ ଋଣୀ ପ୍ରଜା ନିଜ ଋଣ ପରିମାଣ ଅନୁସାରେ ପ୍ରତିବର୍ଷ ସୁଧ ଦେବ ଓ ଅଧିକା ପଚାଶ ଭାଗରୁ ମୂଳରୁ ଦେବ। ଧର ଯାହାର ଶହେ ଟଙ୍କା କରଜ ଅଛି, ସେ ପ୍ରଥମ ବର୍ଷ ଛଅ ଟଙ୍କା ଦବ। ତା'ପର ବର୍ଷକୁ ୨ଟଙ୍କା ମୂଳ ସଙ୍ଗେ୯୮ ଟଙ୍କାର ସୁଧ ଦବ। ଏଇପରି ବର୍ଷକୁ ବର୍ଷ ୫୦ ବରଷ ଯାଏ ସୁଧର ପରିମାଣ କମୁଥିବ। ପ୍ରଜାଠାରୁ ଖଜଣା ସଙ୍ଗେ ଏହା ଆଦାୟ କରାଯିବ। ମହାଜନମାନେ ନିଜ ଋଣପତ୍ରର ଧନ ପରିମାଣ ଅନୁସାରେ ଶହକେ ୪ ହାରରେ ସୁଧ ପାଉଥିବେ। ପଚାଶ ବର୍ଷ ପୂରିଲେ ସରକାର ଟଙ୍କା ଦେଇ ସବୁ ଋଣପତ୍ର ଫେରାଇ ନେବେ।

ସମସ୍ତେ ଇଚ୍ଛାମତେ ଦେବେ ନେବେ

ମହାଜନମାନେ କିଛି ପଚାଶବର୍ଷ ଋଣପତ୍ର ଧରି ଚାହିଁ ବସିଥିବେ ତା ନୁହେଁ। ଏଇ ଋଣପତ୍ର ସାଧାରଣ ଚଳନ୍ତି ସଂପତ୍ତି ପରି ବଜାରରେ ବିକ୍ରି ଖରିଦ ହେବ। ଯାହାର ଇଚ୍ଛା ସେ ଏହା କାଳୋଚିତ ମୂଲ୍ୟରେ ବଜାରରେ ବିକି ଟଙ୍କା କରି ନେଇପାରେ। ଯେଉଁ ଅଧମର୍ଣ୍ଣ ଏକାବେଳେ ନିଜର ସବୁ କରଜ ଶୁଝି ଦେବାକୁ ଲୋଡ଼ିବ, ସେ ମଧ ବାର୍ଷିକ ସରକାରଙ୍କ ଦେୟ ଟଙ୍କା ମୁତାବକ ଟଙ୍କା ସୁଧର ସରକାରୀ ଋଣପତ୍ର କିଣି ରଖି ଦେଲେ ହେବ।

Digitized by PPRACHIN, SOA

ଋଣପତ୍ରର ମୂଲ୍ୟ-

କାଳୋଚିତ ମୂଲ୍ୟ କଥାଟି ଏଠାରେ ବୁଝାଇ ଦେବାର ଅଛି। ସରକାରୀ ଋଣ ବଜାରରେ ସୁଧର ପରିମାଣ ବଢ଼ିଲେ, ଏଇ ଋଣ କାଗଜର ମୂଲ୍ୟ କମେ ଓ ସୁଧ କମିଗଲେ ଏହି କାଗଜର ମୂଲ୍ୟ ବଢ଼େ। ଯେଉଁମାନେ 'କମ୍ପାନୀ କାଗଜ' ବ୍ୟବହାର କରନ୍ତି, ସେମାନେ ଏହା ଜାଣନ୍ତି। ଯଦି ଏଇ କାଗଜର ମୂଲ୍ୟ ୧୦୦ ଟଙ୍କିଆକୁ ବର୍ଷକୁ ଆୟ ଚାରି ଟଙ୍କା ହେଲା, ତେବେ ଦାଣ୍ଡରେ ସୁଧ ଶତକରା ପାଞ୍ଚଟଙ୍କା ହେଲେ, ଏଇ କାଗଜର ମୂଲ୍ୟ ୧୦୦କେ ୮୦ ହୋଇଯିବ; ସେଇପରି ଦାଣ୍ଡରେ ଟଙ୍କା ଶସ୍ତା ହୋଇ ସୁଧ ଶହକେ ବର୍ଷକୁ ୨ଟଙ୍କା ହୋଇଗଲେ, ଏଇ କାଗଜର ମୂଲ୍ୟ ଦୁଇଗୁଣ ହୋଇଯିବ।

ଉତ୍ତମର୍ଣ୍ଣର ସୁବିଧା-

ଏଥିରେ ଅଧମର୍ଣ୍ଣର ଋଣ ଶୁଝିବାରେ କିଛି ଅସୁବିଧା ହେବ ନାହିଁ, ଅଥଚ ଉତ୍ତମର୍ଣ୍ଣର ଧନ ବୁଡ଼ିଲା ନାହିଁ, କି ବାଂଝ ହୋଇ ପଡ଼ିଲା ନାହିଁ। ପୁଣି ଶତକରା ୪ ସୁଧ ମଧ୍ୟ ଉତ୍ତମର୍ଣ୍ଣ ନେବାରେ କିଛି ଆପତ୍ତି କରିବାର ନାହିଁ। ପ୍ରଥମ କଥା, ନାଲିସ କରି ଟଙ୍କା ଆଦାୟ କରିବାରେ ଏଇ ୪ ଟଙ୍କା ମଧ୍ୟ ପାଇବା ଦୁଷ୍କର। ସେଥିରେ ପୁଣି ହିନସ୍ତାର ସୀମା ନାହିଁ। ବେଳେ ବେଳେ ମୂଳ ମଧ୍ୟ ବୁଡ଼ି ଯିବାର ସଂଭାବନା ଅଛି। ପୁଣି ଟଙ୍କାକୁ ଯେବେ ଜମି ମିଳିଲା, ତେବେ ଜମିର ଆୟ ଶହକେ ଚାରିଟଙ୍କା ମିଳିବା କଷ୍ଟ।

ସରକାରଙ୍କ ସୁବିଧା-

ଏଣେ ସରକାର ୫୦ ବର୍ଷଯାଏ ବର୍ଷକୁ ବର୍ଷ ବହୁତ ବହୁତ ଟଙ୍କା ପାଇବେ- କାରଣ, ମୂଳ କ୍ରମେ ଆଦାୟ ହେଉଥିବ। ଏଇ ଟଙ୍କା ୫୦ ବର୍ଷଯାଏ ପ୍ରାଦେଶିକ ସରକାର ଦେଶର ସଂଗଠନ ଓ ବିକାଶରେ ଖର୍ଚ୍ଚ କରିପାରିବେ। ବର୍ତ୍ତମାନ ପ୍ରାଦେଶିକ ସରକାରମାନେ ସଂଗଠନ ଓ ବିକାଶ ନିମନ୍ତେ ଭାରତ ସରକାରଙ୍କଠାରୁ କରଜ ଲୋଡୁଚନ୍ତି। ତା ବଦଳରେ ଏଇ କରଜ ପାଇଁ ଅନୁମତି ନେଇ, ଯଥାବିହିତ ସୁବିଧା କରାଇ ନେଇ ପାରିଲେ, ଆଉ ହୁଏତ କରଜ ନେବା ଦରକାର ହେବ ନାହିଁ। ଏବେ ଜରୋରି ଖର୍ଚ୍ଚ ପାଇଁ କରଜ କଲେ ମଧ୍ୟ ଅଳ୍ପ ଦିନରେ ସେ କରଜ ଶୁଝି ଦେଇ ପାରିବେ।

ଓଡ଼ିଶାର ମନ୍ତ୍ରୀମାନେ ଏଇ ଦିଗରେ ମନ ଦେବେ ବୋଲି ଆଶା କରୁଁ।

ଓଡ଼ିଶାର ଧନ ଓ ଜମିଦାରୀ

କୃଷି ଜଙ୍ଗଲ ଓ ଖଣିଜ ଦ୍ରବ୍ୟ -ଏଇ ତିନୋଟି ମୋଟା ମୋଟି ଓଡ଼ିଶାର ପ୍ରଧାନ ସଂପଦ। କୃଷି ସମ୍ବନ୍ଧରେ ଆଗ ବିଚାର କରାଯାଉ। ବଢ଼ି ମରୁଡ଼ି କୃଷିର ସ୍ପଷ୍ଟ ଆଖିରେ ପଡ଼ିବା ଭଳି ବିପଦ। ସେଥିପାଇଁ ସରକାର ଜାଗ୍ରତ ହୋଇ ଉଠୁଛନ୍ତି- ଯଥାସଂଭବ

Digitized by PPRACHIN, SOA

କରିବା ସ୍ପଷ୍ଟ ସୂଚନା ମିଳୁଛି। ମାତ୍ର କୃଷିର ବଡ ପ୍ରତ୍ୟବାୟ ଓଡ଼ିଶାରେ ଜମିଦାରୀ ତଥା ସମ୍ବଲପୁରେ କେତେକ ପରିମାଣରେ 'ଗଉଁତ'। ଜମିଦାରମାନଙ୍କ ମଧ୍ୟରୁ ପୁଣି ଅନେକେ ଜମିଦାରୀରେ ଅନୁପସ୍ଥିତ। ସେ ସବୁ ଜମିଦାରୀ, ବିଶେଷରେ ଜମିଦାର କର୍ମଚାରୀମାନଙ୍କର ଚରାଭୂମି।

ପୁଣି ଜଙ୍ଗଲ ଓ ଖଣିଜ ଦ୍ରବ୍ୟ। ସେ ସବୁ ଅଧିକାଂଶ ଦେଶୀ ରାଜ୍ୟ ଗଡଜାତରେ। ଯାହା କିଛି ଆମ ପ୍ରଦେଶରେ ଅଛି ତାହାର ଶତକଡା ୮୦ ମଧ୍ୟ ଜମିଦାରୀରେ। ଅନେକ ଜମିଦାରୀରେ ଜଙ୍ଗଲ ନ ଥିଲେ ମଧ୍ୟ ପଡ଼ିଆ ଭୂମି ବିସ୍ତର ପଡ଼ିଚି। କାଲି ଯଦି ସେଥିରେ ଜଙ୍ଗଲ ହୁଏ, ବା ଖଣି ବାହାରେ ତେବେ ତାର ଉପସ୍ୱତ୍ୱ ଓ ରାଜ ଭାଗ ହେବ ଜମିଦାରଙ୍କର ଖଣିରେ ସବୁ ନ ହେଲେ ମଧ୍ୟ ଜମିଦାରଙ୍କ ଭାଗ ରହିବ। ଏ ପରିସ୍ଥିତିରେ ରାଜ୍ୟ ଯେ ଚଳିବ କିପରି, ତାର ବିକାଶ ବା କେଉଁ ଆଡକୁ କିପରି ହେବ, ଏ ସବୁ ଚିନ୍ତା କଲେ, ପ୍ରାଣ ଶୁଖିଯାଏ। ମନ୍ତ୍ରୀମାନେ ବା କରିବେ କଣ?

କୃଷିଲବ୍ଧ ଧନରେ ଆୟକର ବସାଇବା ସଂଭବ ହେଲେ ମଧ୍ୟ, ତା ବା କେତେ ହେବ? ପରିସ୍ଥିତି ଯାହା ଅଛି, ସେଥିରେ ଆଇନ ବଳରେ ଜମିଦାରଙ୍କୁ ପିତୃ ପିତାମହ କ୍ରମେ ଭୋଗକରି ଆସୁଥିବା ସ୍ୱତ୍ୱରୁ ବଞ୍ଚିତ ମଧ୍ୟ କରି ହେବା ସଂଭବ ନୁହେଁ। ତେବେ କଂଗ୍ରେସ ମନ୍ତ୍ରୀ କରିବେ କ'ଣ? କଳ୍ପନାର ଉତ୍ସାହରେ ଅନେକ ପନ୍ଥା ଓ କ୍ରିୟାଧାରା ଦେଖା ଯାଇପାରେ। କିନ୍ତୁ ସେ ସବୁରୁ ଅଧିକାଂଶ ବାହାରେ ରହି ସମାଲୋଚନା କରିବାରେ ଯେତେ ସୁନ୍ଦର ଦିଶେ, କାର୍ଯ୍ୟ ହାତରେ ନେଲେ ସେତେ ସହଜ ହୁଏ ନାହିଁ।

କ'ଣ କରିବାକୁ ହେବ?

ଅତଏବ ଦୁଇଟି ଦୁରୁହ କାର୍ଯ୍ୟରେ ହାତ ଦେବାକୁ ହେବ। ପ୍ରଥମତଃ ସରକାର ସମସ୍ତ ଜମିଦାରୀ କିଣି ନେବାପାଇଁ ପ୍ରସ୍ତୁତ ହୁଅନ୍ତୁ ଓ ବ୍ୟବସ୍ଥା କରନ୍ତୁ। ଏଥିପାଇଁ ଅନେକ ଜମିଦାର ପ୍ରସ୍ତୁତ ହେବେ। ଏହା କରିବା ପୂର୍ବରୁ ପକି ଜମିଦାରୀରେ ଯଥାବିହିତ ନିୟମରେ ବନ୍ଦୋବସ୍ତ କରି ପ୍ରଜାର ସର୍ବତ୍ର ଯୁକ୍ତିଯୁକ୍ତ ଦେୟ ଧାର୍ଯ୍ୟ କରାଯାଉ। ସେଇ ଦେୟ ପରିମାଣ ହିସାବରେ ଜମିଦାରୀର ମୂଲ୍ୟ ନିରୂପଣ କରାଯାଉ। ଜମିଦାର ଇଚ୍ଛା କଲେ ଯେତେ ଇଚ୍ଛା ସେତେ ଜମିରେ ରୟତ ହୁଅନ୍ତୁ, ଓ ସେ ସ୍ୱତ୍ୱ ପୁଣି ସରକାର ଜମିଦାରଙ୍କୁ ବିକନ୍ତୁ, ଅର୍ଥାତ୍ ସେଇ ପରିମାଣ ଜମିଦାରଙ୍କ ପ୍ରାପ୍ୟରୁ କାଟି ନିଅନ୍ତୁ।

ପୁଣି ଅତିଶୀଘ୍ର ପ୍ରଦେଶର 'ଭୂତତ୍ତ୍ୱକଳନା' (Geological Survey) କରା ଯାଉ। ସେଥିପାଇଁ ଲୋକ ନିଯୁକ୍ତ ହୁଅନ୍ତୁ। ସେଥିପାଇଁ ଯଥାସଂଭବ ଦେଶୀ ରାଜ୍ୟମାନଙ୍କ ସଂଗେ ଚୁକ୍ତି ସର୍ତ୍ତ ପ୍ରଭୃତି ଯାହା ଯାହା ଦରକାର ତା କରାଯାଉ, ଓ ସେମାନଙ୍କୁ ଏଥିରେ ଯଥାସଂଭବ

Digitized by PPRACHIN, SOA

ଅଙ୍ଗୀଭୂତ କରା ହେଉ । କେଉଁଠାରେ ନଦୀ ବନ୍ଧ ବା ପ୍ରପାତ ଶୃଙ୍ଖଳିତ କରି ବିଦ୍ୟୁତ ଶକ୍ତି ବିସ୍ତର ବ୍ୟବହାର ନିମନ୍ତେ ବାହାର କରିବାର ବ୍ୟବସ୍ଥା ହୋଇପାରିଲେ ତା ମଧ୍ୟ କରିବାର ବ୍ୟବସ୍ଥା ହେଉ ।

ସଂହଭୂମିରେ ଅଭ୍ର ତମ୍ବା ପ୍ରଭୃତି ବିସ୍ତର ଅଛି । ସଂବଲପୁର ବା ଗଡ଼ଜାତରେ ତାହା ମିଳି ପାରେ । ଲାଖ ପାଇଁ ବ୍ୟବସ୍ଥା କଲେ, ଅଭ୍ରର କାରଖାନା ଓ କାରବାର ବଢ଼ିବ । ଗାଙ୍ଗପୁରର ମାଙ୍ଗାନିଜ ଓ ମୟୂରଭଞ୍ଜର ଲୁହାରେ ଟାଟା କମ୍ପାନୀ ଆଜିଯାଏ ବରାବର ଚଳୁଥିଲା । କେନ୍ଦୁଝରର ଯେଉଁ ଲୁହା ଖଣି ବା ମାକେଡ଼ା ପଥର ପାହାଡ଼ ମିଳିଚି, ତା' ପୃଥିବୀରେ ଶେଷ୍ଠ ଲୁହାର ଖଣି ଓ ତା ମଧ୍ୟ ବିସ୍ତର । ଭୁବନେଶ୍ୱର ଜୟପୁର ପ୍ରଭୃତି ଅଂଚଳ ଏଥିପାଇଁ ଦେଖା ଯାଇ ପାରେ । ଭୁବନେଶ୍ୱରରେ ମଧ୍ୟ ରଙ୍ଗର କାରଖାନା ଥିଲା । ଖଡ଼ିର ପାହାଡ଼ ମଧ୍ୟ ଓଡ଼ିଶାରେ ଥାଇ ପାରେ । ଖଡ଼ି ଓ ଅଭ୍ରରେ ସୁନ୍ଦର ଚିନ୍ ବାସନ ତିଆରି ହେବାର ସଂଭବନା ଅଛି । ପଥର କୋଇଲା ପାଇଁ ଓଡ଼ିଶାରେ ପୁଣି ଅନୁସଂଧାନ କରା ଯିବ । ନ ମିଳିଲେ ଦୂରରୁ ଆଣିବାର ଖର୍ଚ୍ଚାଦି ବୁଝି ବ୍ୟବସ୍ଥା କରିବାକୁ ହେବ । ବାରଙ୍ଗରେ କାଚର କାରଖାନା ଚଳୁଥିଲା । କାଗଜପାଇଁ ଓଡ଼ିଶାରେ କ୍ଷେତ୍ର ଅଛି । ବନ ସଂପଦରୁ ନାନା ରାସାୟନିକ ଔଷଧ ପ୍ରଭୃତି ତିଆରି ହେବାରେ ସମ୍ଭାବନା ଯେ ଅଛି, ତାହା ସମସ୍ତେ ମୋଟା ମୋଟି ଜାଣନ୍ତି । ଚମଡ଼ା ଓ ଯୋତା ପ୍ରଭୃତି ପାଇଁ ବୁଝାଇବା ଦରକାର ନାହିଁ । ବିଶେଷଜ୍ଞ ଆସି ଅନୁସଂଧାନ କଲେ ଏସବୁ ବିଷୟରେ ଯଥେଷ୍ଟ ସୂଚନା ମିଳିବ । ଯଥାର୍ଥରେ ଏ ପ୍ରଦେଶକୁ କେବେ ଭୂତତ୍ତ୍ୱ ବା ଶିଳ୍ପ ବ୍ୟବସାୟ ଦୃଷ୍ଟିରେ ବିଶେଷଜ୍ଞ ଆସି ଅନୁସଂଧାନ କଲେ ଏସବୁ ବିଷୟରେ ଯଥେଷ୍ଟ ସୂଚନା ମିଳିବ । ଯଥାର୍ଥରେ ଏ ପ୍ରଦେଶକୁ କେବେ ଭୂତତ୍ତ୍ୱ ବା ଶିଳ୍ପ ବ୍ୟବସାୟ ଦୃଷ୍ଟିରେ ବିଶେଷଜ୍ଞ ଦେଖି ନାହାନ୍ତି । ସେ ବ୍ୟବସ୍ଥା ଶୀଘ୍ର ହେବା ଉଚିତ ।

ସଂଗେ ସଂଗେ ଯୁବକମାନଙ୍କୁ ପ୍ରଦେଶାନ୍ତରକୁ ଓ ବିଦେଶକୁ ପଠାଇ ସଂଭାବିତ ଶିଳ୍ପାଦି ଶିଖାଇ ଆଣିବାର ବ୍ୟବସ୍ଥାକରାଯାଉ ।

ଏ ପ୍ରଦେଶରେ ହଠାତ୍ ବ୍ୟବସାୟ ଓ କାରଖାନା ପାଇଁ ବାହାରିବାକୁ ଧନ ନାହିଁ । ଅଧିକାଂଶ ମୂଳଧନ ଜମି ବନ୍ଧକରେ ଆବଦ୍ଧ । ଧନୀମାନେ ଏଇପରି ବନ୍ଧକ ବା ବନ୍ଧା ବୃଦ୍ଧିର ବେଷ୍ଟନୀରେ ପଡ଼ି ଥିବାରୁ ମୂଳଧନ ବଡ଼ ସଂକୁଚିତ । ସେଥିପାଇଁ ସରକାର ନିଜେ କାରଖାନା ଫିଟାନ୍ତୁ । ପରେ ଦରକାର ହେଲେ ଦେଶ ଲୋକେ ହୁଏତ ବାହାରିବେ । ସରକାର ଦେଶରେ ଦରକାର ମେଣ୍ଟାଇବାକୁ ଏପରି ବ୍ୟବସାୟାଦିରେ ଯୋଗଦେବା ପୃଥିବୀରେ ବହୁ କାଳରୁ ଚଳିଲାଣି । ଇଂରେଜ ସରକାରଙ୍କ ତୁରସ୍କ, ଦକ୍ଷିଣ ଆଫ୍ରିକା ଓ

Digitized by PPRACHIN, SOA

ପାରସ୍ୟରେ ତେଲ କଂପାନୀ ଅଛି। ଜାପାନର ମାଂଚୁରିଆରେ ଲୁହା ଓ ପଥର କୋଇଲା ବ୍ୟବସାୟ, ପୁଣି ଜର୍ମାନୀର ପଟାସ୍ ବ୍ୟବସାୟ ପ୍ରଭୃତି ମଧ୍ୟ ଉଦାହରଣ ଦିଆଯାଇପାରେ। ରୁଷିଆ କଥା ଛାଡ଼ି ଦିଅ। ଭାରତ ସରକାର ମଧ୍ୟ ଲାଭ ପାଇଁ ରେଳ ବ୍ୟବସାୟଟିଏ ଆରଂଭ କରିଚନ୍ତି।

ଧନ କାହୁଁ ଆସିବ?

ଜମିଦାରୀ କିଣିବା ଠାରୁ ବ୍ୟବସାୟ ଚଳାଇବା ପର୍ଯନ୍ତ- ଏତେ କଥା ପାଇଁ ଓଡ଼ିଶା ସରକାର ପରି ଦରିଦ୍ର ସରକାରର ଧନ କାହୁଁ ଆସିବ? ବୁଝା ଯାଉଚି, ନିଜେ ବ୍ୟବସାୟ ନ କଲେ ମଧ୍ୟ ଜଂଗଲ ଓ ଖଣିରୁ ସରକାର ରାଜଭାଗ ପାଇବେ। ପୁଣି ଦେଶରେ ବ୍ୟବସାୟ ବଢ଼ିଲେ ମଧ୍ୟ ନାନା ଭାବରେ ଖଜଣାଖାନାକୁ ଟଙ୍କା ଆସିବ। ପୁଣି ବଛା ଲୋକ ରଖି ବିଧିମତେ ବ୍ୟବସାୟ ଚଳାଇ ପାରିଲେ ତ ଆଉ କଥା ନାହିଁ। ମାତ୍ର ଦିଅଣିଆ ମୂଲିଆକୁ ଯଦି କୁହା ଯାଏ, ପ୍ରତିଦିନ ଚାଉଳ ନ କିଣି ପୁଷ ମାସରେ ଧାନ କିଣି ରଖି ଦେଲେ ବର୍ଷ ଶେଷକୁ ବିସ୍ତର ଲାଭ ହେବ ଓ ବହୁତ ପଇସା ବଳି ପଡ଼ିବ, ତେବେ ସେ ବାପୁଡ଼ା ସେ କଥା ଶୁଣିବ କିଆଁ? ତାକୁ ମୂଳରୁ ପୁଷ ମାସରେ ମୁଠାଏ ଟଙ୍କା କାହୁଁ ମିଳିବ ଯେ ସେ ଶେଷରେ ସଂଚିତ ଧନ ଦେଖିବ।

ମାତ୍ର ଏତେ ନିରାଶ ହେବାର କିଛି ନାହିଁ। ଆଜି ବଜାରରେ ଧନ ବଡ଼ ଅଳ୍ପ ସୁଧରେ ମିଳୁଚି। ଜମିଦାରୀ କିଣିବାରେ ଶତକଡ଼ା ୧୦ଟଙ୍କା ଯାଏ ନିରୁତା ଲାଭ ରହିପାରେ। ମାତ୍ର ବଜାରରେ ଧାର କଲେ ଶତକରା ୩ ଟଙ୍କା ସୁଧ ଦେବାକୁ ହେବ। ସେଥିରେ ଶହକେ ସାତ ଟଙ୍କା ସରିକି ଲାଭ ହେବ। ସେଇ ଲାଭରେ ବିସ୍ତର କାମ ହୋଇପାରେ। ଖାଲି ସାହସ କରି କର୍ମଯୋଜନା ତିଆରି କରିବାକୁ ହେବ। ପୁଣି ହୁଏତ ସେଇ ଯୋଜନାରେ ଭାରତ ସରକାରଙ୍କ ବିଶ୍ୱାସ ଜନ୍ମାଇ କରଜର ବ୍ୟବସ୍ଥା କରିବାକୁ ହେବ। ମାତ୍ର ଏତେ ଦୂରକୁ ନ ଯାଇ ଯେବେ ଭାରତ ସରକାରଙ୍କୁ ବୁଝାଇ ଋଣ ପତ୍ରରେ ପ୍ରଜାର ଋଣଭାର ବହନ କରିବାର ଯେ ଯୋଜନା ଦିଆଯାଇଚି, ତାହା କାର୍ଯ୍ୟରେ ପରିଣତ କରା ଯାଇପାରେ, ତେବେ ପ୍ରଦେଶର ଧନରେ ପ୍ରଦେଶର କାର୍ଯ୍ୟ ଚାଲିବ, ପ୍ରଦେଶାନ୍ତରକୁ ବା ବିଦେଶକୁ ସୁଧ ମଧ୍ୟ ଯିବ ନାହିଁ। ଏଇପରି ବିରାଟ କଳ୍ପନାରେ କାର୍ଯ୍ୟ ଆରଂଭ ନ କଲେ ଓଡ଼ିଶା ପରି ପ୍ରଦେଶର ଉନ୍ନତି ଦେଖିବା ସହଜ ନାହିଁ।

ପୁଣି ଗୋଟିଏ କଥା-

ଖଣିଜ ଓ ଶିଳ୍ପ ସଂପଦ କେବଳ ଓଡ଼ିଶାର ବିଶେଷ ନୁହେ। ଭାରତର ସବୁ ପ୍ରଦେଶରେ ତା ଅଛି। ବିହାରରେ ପଥରକୋଇଲା, ଅଭ୍ର, ରଙ୍ଗ, ଲୁହା, ତମ୍ବା, ଖଡ଼ି ପ୍ରଭୃତି ବିସ୍ତର

Digitized by PPRACHIN, SOA

ଅଛି। ମଧ୍ୟପ୍ରଦେଶରେ କୋଇଲା, ଲୁହା, ଅଭ୍ର, ଆଲୁମିନିଅମ୍; ବୋମ୍ବେରେ ଆଲୁମିନିଅମ୍; ମାନ୍ଦ୍ରାଜରେ ଅଭ୍ର ଓ ଖଡ଼ି; ଉତ୍ତର ପଶ୍ଚିମ ପ୍ରଦେଶରେ ତମ୍ବା ପ୍ରଭୃତି ଥିବାର ଜଣାଅଛି। ଅନୁସନ୍ଧାନରେ ଆଉ କେତେ ବାହାରିପାରେ ବା ଥିବା ମାଲର ବ୍ୟବହାର ବିଶେଷ ସ୍ପଷ୍ଟ ହୋଇପାରେ। ଏ ସବୁ ଗୁଡ଼ିକରେ ଆଜି କଂଗ୍ରେସ ସରକାର। ନିଖିଳ ଭାରତ କଂଗ୍ରେସ କମିଟି ଯଦି ଏ ସବୁ ପ୍ରଦେଶର ଖଣି ସଂପଦ ପ୍ରଭୃତି ବିକାଶ କରିବାର ଭାର ନେଇ ସମସ୍ତଙ୍କୁ ଧରି, ସମସ୍ତଙ୍କ ସହଯୋଗରେ ବ୍ୟବସ୍ଥା କରନ୍ତି, ତେବେ ବଡ଼ ଭଲ ହୁଅନ୍ତା। ଲୋକେ ହୁଏତ ସହଜରେ ଟଙ୍କା କାଢ଼ନ୍ତେ। ଓଡ଼ିଶାର ମନ୍ତ୍ରୀମାନେ କଂଗ୍ରେସକୁ ଧରି ଏ କାର୍ଯ୍ୟ କରାଇବାରେ ପ୍ରଯତ୍ନଶୀଳ ହେଲେ, ସୁନ୍ଦର ହୁଅନ୍ତା। ଏ କାର୍ଯ୍ୟ ସଙ୍ଗେ ମଧ୍ୟ ପ୍ରଜାର ଋଣଭାର ଶାନ୍ତିର ବ୍ୟବସ୍ଥା। ଏହା ମଧ୍ୟ ସବୁ ପ୍ରଦେଶର କାମ।

ନବ ଭାରତ-୪/୨, ଆଲୋଚନା

ଖଜଣା ନୁହେ ଟିକସ

ଏହି ସମ୍ମିଳନୀରେ ପାର୍ଲିଆମେଣ୍ଟରୀ ବୋର୍ଡର ସମ୍ପାଦକ ବୋମ୍ବେର ଶ୍ରୀଯୁକ୍ତ ବୁଲାଭାଇ ଦେଶାଇ କାର୍ଯ୍ୟୋପଲକ୍ଷରେ ପାଟନାରେ ଥିବାରୁ ବକ୍ତୃତା ଦେବାପାଇଁ ନିମନ୍ତ୍ରିତ ହୋଇଥିଲେ। ସେ କୃଷକର ଅର୍ଥୋନ୍ନତି ସମ୍ବନ୍ଧରେ ଗୋଟିଏ ମୂଳନୀତିର କଥା ଉ ।ପନ କରିଅଛନ୍ତି। ସେ କହନ୍ତି, "ଏ ଦେଶରେ କୃଷକ ଜମିରେ ଖଜଣା ଦିଏ। ଏହା ପୃଥିବୀର ଅନ୍ୟ କୌଣସି ସଭ୍ୟ ଦେଶରେ ନାହିଁ। ଖଜଣାର ଅର୍ଥ ଭୂମି ରାଜାଙ୍କର ବା ସରକାରଙ୍କର। କିନ୍ତୁ ଅନ୍ୟାନ୍ୟ ଦେଶପରି କୃଷକର ଜମିର ଆୟ ଉପରେ ଟିକସ ଦେବା ଉଚିତ। ତାହା ହେଲେ ପଲ୍ଲୀର ଆର୍ଥିକ ସମସ୍ୟା ସମାଧାନରେ ବହୁତ ବାଟ ଫିଟିଯିବ।"

ବାସ୍ତବିକ ଏ ଦେଶର ପ୍ରାଚୀନ ରୀତିରେ ଜମି ଥିଲା କୃଷକର। ବେଦ ଶାସ୍ତ୍ରମାନଙ୍କରେ ସେହି ପ୍ରମାଣ। ମନୁ ସ୍ପଷ୍ଟ କହିଛନ୍ତି "ସ୍ଥାଣୁଂ ଛେଦସ୍ୟ କେଦାରଂ ଆହୁଃ ଶଲ୍ୟବତୋ ମୃଗଂ।"

ଅର୍ଥାତ୍ ଶିକାରୀ ମାରିଥିବା ପଶୁରେ ଅଧିକାରୀ। ଯେ ପଡ଼ିଆ ବା ଜଙ୍ଗଲ ଭାଙ୍ଗି ଜମି କରେ, ଜମି ତାଆରି ଅର୍ଥାତ୍ ସେ ହିଁ ଜମିରେ ସ୍ୱତ୍ୱବାନ୍ ବା ଅଧିକାରୀ। ରାଜା ଜମିର ଆୟରୁ ବଳି ନିଅନ୍ତି। ଗୃହସ୍ଥ ମଧ୍ୟ ନିଜ ଖାଦ୍ୟରୁ ଦେବ, ଋଷି, ପିତୃ, ଅତିଥି ବା ବାୟସ ପର୍ଯ୍ୟନ୍ତ ପାଇଁ ବଳି କାଢ଼ି ଦିଏ। ଏହା ବୋଲି ଗୃହସ୍ଥର ଖାଦ୍ୟରେ ଅତିଥି ବାୟସାଦିର ସ୍ୱତ୍ୱ ସ୍ୱାମିତ୍ୱ ବା ଅଧିକାର ନ ଥାଏ। ଜମିର ଆୟରେ ରାଜା ସେହିପରି। ରକ୍ଷା କରିବା ନିମନ୍ତେ ରାଜା କର (କାର୍ଯ୍ୟ ମୂଲ୍ୟ) ବା ବଳି ନିଅନ୍ତି। ତାହା ଜମିର ଖଜଣା ନୁହେ ବା ଜମିସ୍ୱତ୍ୱରେ ଭାଗ ନୁହେ। ବିଶ୍ୱଜିତ୍ ଯଜ୍ଞ ବିଧିରେ ଅଛି, ଯାଜ୍ଞିକ ଯଜ୍ଞପରେ ସର୍ବସ୍ୱ ଦାନ କରିବେ,

Digitized by PPRACHIN, SOA

ନିଜର କରି କିଛି ରଖିବେ ନାହିଁ। ରାଜାମାନେ ଏହି ଯଜ୍ଞ କଲେ ସ୍ପଷ୍ଟ ବିଧି ଅଛି, ରାଜା ପ୍ରଜାର ଭୂମିରେ କୌଣସି ସ୍ୱତ୍ୱଦାନ କରିପାରିବେ ନାହିଁ। ଭାଷ୍ୟକାର ଶାୟନାଚାର୍ଯ୍ୟ ବୁଝାଇ ଦେଇଛନ୍ତି - ରାଜାଙ୍କର ଜମି ସ୍ୱତ୍ୱରେ ଭାଗ ନ ଥିବାରୁ ସେ ଜମିଦାନର ଅଧିକାରୀ ନୁହନ୍ତି। ଫସଲ ରକ୍ଷାଦି କରିବାରେ ଯେ ସାହାଯ୍ୟ କରିବେ, ସେ ବଳି ନେବେ।

ମୋଗଲ ରାଜତ୍ୱବେଳେ ବୋଧହୁଏ ରାଜାର ଜମିରେ ସ୍ୱାମିତ୍ୱ ଦାବୀ କରିବା ଆରମ୍ଭ ହୋଇଥିଲା। ଆଇନ ଆକବରୀରେ ସେହିପରି ନିର୍ଦ୍ଦେଶ ଅଛି। ସେଥିପାଇଁ ଇଂରେଜ ସରକାର ଏ ଦେଶରେ ଜମିରେ ସ୍ୱାୟିତ୍ୱ ଦାବୀ କରି ଖଜଣା ଆଦାୟ କରୁଛନ୍ତି। ଜମିର ଆୟ ସଙ୍ଗେ ଫଳରେ ଖଜଣା ସମ୍ପର୍କ ରହୁନାହିଁ। ଏହା ଭାରତୀୟ ବିଧି ନୁହେଁ, ପୁଣି ସଭ୍ୟତା ବିକାଶରେ ଏ ବିଧି ଅସୁନ୍ଦର ଦେଖାଯାଉଛି। ପ୍ରଜାର ସ୍ୱାୟତ୍ତ ଶାସନରେ ଜମିର ସ୍ୱାମିତ୍ୱ ସରକାରର ହେବା ଉଚିତ ମଧ୍ୟ ନୁହେ। ଏ ମଧ୍ୟ ଯୁଗର ରୀତି ବନ୍ଦ ହେବା ସର୍ବଥା ଉଚିତ। ପ୍ରଜାର ଆର୍ଥିକ ଉନ୍ନତିରେ ଏହା ଘୋର ଅନ୍ତରାୟ।

ଏହି ବଳି ବା ଲୋକଙ୍କର ଲଭ୍ୟାଂଶରେ ସରକାରର ଭାଗକୁ ଏବେ ଟିକସ କହନ୍ତି। ଆୟ ଉପରେ ଟିକସ ଦେବାକୁ ହୁଏ। ଆମଦାନି ଓ ରପ୍ତାନି ଜିନିଷ ଉପରେ ମଧ ଲୋକଙ୍କୁ ଟିକସ ଦେବାକୁ ହୁଏ। ତାହାର କାରଣ ସରକାରଙ୍କ ରକ୍ଷଣାବେକ୍ଷଣ ଶାସନ ହେତୁ ଆୟ ତଥା ଦ୍ରବ୍ୟ ଆମଦାନି ରପ୍ତାନିର ସୁବିଧା ହୁଏ ଓ ସେ ସବୁ ନିରାପଦ ହୁଏ। ସେହିପରି ଜମିର ଆୟ ନିରାପଦ କରିବାରେ ସରକାରଙ୍କର କାର୍ଯ୍ୟ ଅଛି। ସେଥିପାଇଁ ଜମି ଆୟରେ ସରକାର ଟିକସ ନେବା ଉଚିତ। ଜମିର ଅଧିକାରୀ ହୋଇ ସେଥିପାଇଁ ଖଜଣା ନେବାର କୌଣସି ଅର୍ଥ ନାହିଁ।

ନବ ଭାରତ-୧/୭, ଆଲୋଚନା

ଏ ଦେଶ ନଡ଼ିଆ

ଲଙ୍କାରେ ବହୁତ ନଡ଼ିଆ। ପୂର୍ବେ ସେ ସବୁରୁ ବହୁତ ବେଦେଶକୁ ବିକ୍ରି ପାଇଁ ଯାଉଥିଲା। ଭାରତ-ବିଶେଷତଃ, ମଲବାର ନଡ଼ିଆ ଏଇ ଦେଶରେ ଚଳୁଥିଲା। ଏବେ ପୃଥିବୀରେ ଲୋକଙ୍କର ଜିନିଷ କଣିବାର କ୍ଷମତା କମି ଯାଇଚି। ତେଣୁ ଦେଶମାନେ ପରଦେଶୀ ମାଲ ନ କିଣିବା ପାଇଁ ନାନା ଉପାୟମାନ କରୁଚନ୍ତି। ପରଦେଶୀ ମାଲ କେହି ବା ପୂରାଇ ଦେଉ ନାହାନ୍ତି, କେହି ବା ତା ଉପରେ ଖୁବ୍ ଟାଣୁଆ ଟିକସ୍ ବସାଇ ଦେଉଚନ୍ତି। ଜିନିଷଟି ମାନବର ନିତ୍ୟ ବ୍ୟବହାର୍ଯ୍ୟ ବା ନିଶ୍ଚିତରେ ଦରକାରୀ ନହେଲେ ଏଇପରି ଟିକସ ବସାଇଲେ ହୁଏତ ମାଲ ବିକ୍ରି ବନ୍ଦ ହୋଇଯାଏ କିମ୍ବା କେବଳ ଥିଲା ଲୋକେ ସେ ସବୁ କିଣନ୍ତି ଓ ବିଳାସ ଭଳି ସେସବୁ ବ୍ୟବହାର କରନ୍ତି।

Digitized by PPRACHIN, SOA

ଏଇପରି ନଡ଼ିଆ ବିକ୍ରି ପର ଦେଶରେ ବନ୍ଦ ହୋଇଯିବାରୁ, ସଂହଳୀମାନେ ନଡ଼ିଆ ଗୁଡ଼ାଏ ଶସ୍ତାରେ ଭାରତରୁ ପଠାଇ ଦେଉଚନ୍ତି। ତାର ଫଳରେ ମଲବାରର ନଡ଼ିଆ ବଡ଼ ଶସ୍ତା ହେଇ ଚାଷୀଙ୍କର ସର୍ବନାଶ କରୁଅଛି ବୋଲି ସରକାର ପାଖେ ବାରମ୍ବାର ଭାରି ଆପତ୍ତି ହେଉଚି।

ଏହି ବିଷୟରେ କିଛି ବ୍ୟବସ୍ଥା ଶ୍ରୀଘ୍ର କରିବା ପାଇଁ ବୋମ୍ବେ ଲୋକ ସେବକ ସମାଜର ସଭାପତି ଶ୍ରୀଯୁକ୍ତ ଦେବଧର କେନ୍ଦ୍ରସରକାରଙ୍କ କୃଷି ସିମିତରେ କଥା ଉଠାଇ ଥିଲେ। ସେ ବିଷୟରେ ଆମେମାନେ ଏଥି ପୂର୍ବେ ଆଲୋଚନା କରିଥିଲୁ।

ମାତ୍ର ନଡିଆ ପୁରୀ ଓ ଗଞ୍ଜାମ ଜିଲ୍ଲା ଚାଷୀଙ୍କର ଗୋଟିଏ ମୁଖ୍ୟ ଅବଲମ୍ବନ। ୬ବର୍ଷ ପୂର୍ବେ ଯେଉଁତକ ନଡ଼ିଆର (୨୮୮ ଗୋଟାର) ଦାମ୍ ୧୨ ଠାରୁ ୧୬ ଟଙ୍କା ପର୍ଯ୍ୟନ୍ତ ଥିଲା, ଆଜି ତାରଦାମ ପ୍ରାୟ ପାଞ୍ଚ ଟଙ୍କା। ଚାଷୀର କୌଣସି ଜିନିଷରେ ଏପରି ଦାମ୍ କମିଗଲେ, ଅବସ୍ଥା କିପରି ହେବ, ବୁଝାଇବା ଦରକାର ନାହିଁ। ଝୋଟରେ ଏଇପରି ଦାମ୍ କମିଯିବାରୁ ବଙ୍ଗସରକାର ବିବ୍ରତ ହୋଇ ଝୋଟ ଦାମ୍ ବଢ଼ାଇବା ପାଇଁ କେତେ ପ୍ରକାରେ ଲାଗି ପଡ଼ିଚନ୍ତି। କିନ୍ତୁ ଓଡ଼ିଶାର ସରକାରତ ପାଟଣାରେ। ତାଙ୍କୁ ହୁଏତ ପୁରୀ ଜିଲ୍ଲାର ବିପତ୍ତି ବୁଝିବାକୁ ହେଲେ ବଡ ନଜର ନଳୀଟାଏ ଲଗାଇବାକୁ ହୁଏ। ତେବେ ଲୋକେ ଏ ବିଷୟରେ କିଛି ନ କରି ତୁନି ହୋଇ ବସିବା ବଡ଼ ଦୁଃଖର ବିଷୟ। ଯେପରି ଜଣା ପଡୁଛି, ଇଂରେଜ ରାଜତ୍ୱରେ ଓଡ଼ିଶାର ବୋଲି କୌଣସି ସରକାର ନଥିବାରୁ ସରକାରଙ୍କୁ କର୍ତବ୍ୟ କରାଇବା ପାଇଁ ଆନ୍ଦୋଳନ ଯେ କରିବାକୁ ହୁଏ, ତାହା ଓଡ଼ିଆ ଲୋକେ ଭୁଲି ଯାଇଚନ୍ତି। ପୁଣି ଏ ଦେଶରେ ସରକାରଙ୍କ ପରିସ୍ଥିତି ଯେପରି, ସେଥିରେ ପ୍ରଜାଙ୍କ ଆପତ୍ତି ବିପତ୍ତି ଘେନି ଆନ୍ଦୋଳନ କଲେ ଯେ ବିଶେଷ କିଛି ଫଳ ହୁଏ, ତା ମଧ ଅନେକଙ୍କ ଭୂୟୋଦର୍ଶନ ଓ ଧାରଣାର ବାହାରେ। ଧନକୁବେର ଓ କଳ କାରଖାନାର ଅଧିପତିମାନେ ଆପତ୍ତି କଲେ ଏକା ବେଳେ ବେଳେ ସେ ଆପତ୍ତି ଶୁଣାଯାଏ। ହେଲେହେଁ ଦେଶର ଅବଗତି ଓ ଜାଗରଣ ନିମନ୍ତେ ଏ ସବୁ ବିଷୟରେ ସର୍ବଦା ଆନ୍ଦୋଳନ ଦରକାର।

ନବ ଭାରତ-୧/୧୦, ଆଲୋଚନା

ବିଦେଶୀ ନଡ଼ିଆ ଉପରେ ଶୁଳ୍କ

ଭାରତ ସାମ୍ରାଜ୍ୟର କୃଷିବିଷୟକ ଅନୁସନ୍ଧାନ ନିମନ୍ତେ ଗୋଟିଏ କାଉନ୍‌ସିଲ ଅଛି। ସେହି କାଉନସିଲ୍‌କୁ ପରାମର୍ଶ ଦେବା ପାଇଁ ଗୋଟିଏ ବୋର୍ଡ଼ ଅଛି। ଭାରତର ସବୁଆଡୁ ବଛା ହୋଇ ଲୋକେ ଏ ବୋର୍ଡ଼ରେ ମେମ୍ବର ହୁଅନ୍ତି। ଓଡ଼ିଶା ବୋଲି ଭାରତରେ ଅଲଗା ଜିନିଷ କିଛି ନାହିଁ। ଓଡ଼ିଶାରୁ ବି ଏ କାଉନ୍‌ସିଲ୍ ବା ବୋର୍ଡ଼ରେ କେହି ନାହାନ୍ତି।

Digitized by PPRACHIN, SOA

ଏହି ସେପ୍ଟେମ୍ବର ମାସ ପ୍ରଥମ ସପ୍ତାହରେ ସିମଲାଠାରେ ସେହି ବୋର୍ଡ଼ ବସିଥିଲା। ସେଥିରେ ବମ୍ବେର ଦେବଧର ପ୍ରସ୍ତାବ କଲେ, ବିଦେଶୀ ନଡ଼ିଆ ଉପରେ ପ୍ରତି ଟନ୍‌ରେ ଶହେ ଟଙ୍କା ଶୁଳ୍କ ବସାଯାଉ (ଏକଟନ୍-ମ ୨୭୧/୨)। କୃଷକମାନଙ୍କର ଏ ଆର୍ଥିକ ଦୁର୍ଗତିବେଳେ ଯେ ଦୁରବସ୍ଥା ଘଟିଛି, ତାହା ଲଘୁ କରିବା ପାଇଁ ଦେବଧର ଏ ପ୍ରସ୍ତାବ କରିଥିଲେ। ମାତ୍ର ଭାରତର ଅନ୍ୟାନ୍ୟ ପ୍ରଦେଶ ଲୋକଙ୍କର ବିଶେଷରେ ବଙ୍ଗଦେଶୀ ମେମ୍ବରମାନଙ୍କର ଏଥିରେ ଭାରି ଆପତ୍ତି ହେଲା। ବଙ୍ଗଦେଶୀମାନେ କହିଲେ, "ଏଥିରେ କଲିକତାର ନଡ଼ିଆତେଲ ବ୍ୟବସାୟୀଙ୍କର ଭାରି ଅସୁବିଧା ହେବ।" ହେବାର କଥା, ନଡ଼ିଆ ଉପରେ ଶୁଳ୍କ ବସାଇ ତେଲ ଉପରେ ଶୁଳ୍କ ନ ବସାଇଲେ ବିଦେଶୀ ତେଲ ଏ ଦେଶରେ ଶସ୍ତାରେ ବିକ୍ରୀ ହେବ। ଏ ଦେଶର ତେଲ ବ୍ୟବସାୟ ଚଳିବ ନାହିଁ।

ମାତ୍ର ଚାଷୀମାନଙ୍କୁ ଦୁରବସ୍ଥାରୁ ରକ୍ଷା କରିବା ପାଇଁ ସରକାର ଏତେବେଳେ ସବୁପ୍ରକାର ଉପାୟ ଅବଲମ୍ବନ କରିବା ଉଚିତ। ବୋମ୍ବେ, ମାନ୍ଦ୍ରାଜ ଓ ଓଡ଼ିଶା ଉପକୂଳରେ ନଡ଼ିଆ ଚାଷୀମାନଙ୍କର ଗୋଟିଏ ବଡ ଆୟ। ନଡ଼ିଆର ଦାମ୍ ଏବେ ଅଧକରୁ ଊଣା ହୋଇଯାଇଛି। ଚାଷୀ ଫସଲର ଆୟରେ କୁଟୁମ୍ବ ଚଳାଇବା କଥା ଦୂରେ ଥାଉ, ବେଳେବେଳେ ଖଜଣାତକ ସୁଦ୍ଧା ଦେଇପାରୁନାହିଁ। ଏତେବେଳେ ଚାଷୀର ଆୟ ବଢ଼ାଇବା ପାଇଁ ସବୁ ଉପାୟ କରିବା ଦରକାର। ନଡ଼ିଆ ଉପରେ ଶୁଳ୍କ ବସାଇଲେ ତେଲ ବ୍ୟବସାୟକୁ ମଧ୍ୟ ରକ୍ଷା କରିବାକୁ ଚେଷ୍ଟା କରିବା ଦରକାର।

ସରକାର ତାହା ଦୁଇ ପ୍ରକାରରେ କରିପାରନ୍ତି, ବିଦେଶୀ ତେଲ ଉପରେ ଟିକସ ବସାଇ ପାରନ୍ତି, ସରକାର କିନ୍ତୁ ବେଳେ ବେଳେ ତାହା କରନ୍ତି ନାହିଁ। ଫଳରେ ଶୁଳ୍କ ବସାଇ ଦେଶର ଧନବୃଦ୍ଧି କରୁ କରୁ ଦେଶର ବେଶୀ ଅନିଷ୍ଟ ହୁଏ। ପାଞ୍ଚ ସାତ ବର୍ଷ ତଳେ ବିଦେଶୀ ଗହମ ଉପରେ ଶୁଳ୍କ ବସାଇବାବେଳେ ସରକାରଙ୍କ ଏ ବୁଝାମଣା ଦେଖାଯାଇଥିଲା। ଅଷ୍ଟ୍ରେଲିଆରୁ ବେଶୀ ଗହମ ଆସୁଥିଲା ଓ ଫଳରେ ଏ ଦେଶ ଗହମ ବିକ୍ରୀ ହୋଇପାରୁ ନଥିଲା ବୋଲି ଅଷ୍ଟ୍ରେଲିଆ ଗହମ ଉପରେ ଶୁଳ୍କ ବସାଇ ଦିଆଗଲା। ସଙ୍ଗେ ସଙ୍ଗେ ଅଷ୍ଟ୍ରେଲିଆରୁ ମଇଦା ଆସି ବିକ୍ରୀ ହେଲା। ବିଦେଶୀ ମଇଦା ଉପରେ ଶୁଳ୍କ ନଥିଲା। ଅତଏବ ନଡ଼ିଆ ସଙ୍ଗେ ସଙ୍ଗେ ତେଲ ଉପରେ ଶୁଳ୍କ ବସାଇବା ଉଚିତ।

ପୁଣି ଆଜିକାଲି ସମସ୍ତ ଇଂରେଜ ସାମ୍ରାଜ୍ୟର ଅର୍ଥୋନ୍ନତିର ସ୍ୱାର୍ଥ ଏକ ବୋଲି ଧରି ଅଟଓ୍ୱାଠାରେ କେତେ ବାଣିଜ୍ୟ ସନ୍ଧି ସର୍ତ୍ତମାନ ହୋଇଛି, ସେଥିରେ ଭାରତର ମାଲସବୁ ଆଉ ବିଦେଶକୁ ଯିବାର ବାଟ ବନ୍ଦ କରା ହୋଇଛି। ଇଂଲଣ୍ଡ ତଥା ଇଂରେଜ ସାମ୍ରାଜ୍ୟ ଭାରତ ମାଲ କିଣିବାର ଭାର ନେଇଛନ୍ତି। ଏବେ ସେହି ହିସାବରେ ଦର ଦେଇ

Digitized by PPRACHIN, SOA

ଇଂରେଜ ସାମ୍ରାଜ୍ୟ କଲିକତାର ନଡ଼ିଆ ତେଲ କିଣିପାରନ୍ତି। ସେଥିରେ ଶୁଳ୍କ ହେତୁରୁ ଚାଷୀଙ୍କର ଲାଭ ହେବ, ତେଲ ବ୍ୟବସାୟୀଙ୍କର ମଧ୍ୟ ଅସୁବିଧା ହେବନାହିଁ। କିନ୍ତୁ ଇଂରେଜ ସରକାର ଭାରତର ଏସବୁ ସୁବିଧା ଅସୁବିଧା ଖୋଜି ବ୍ୟବସ୍ଥା କରିବେ ବୋଲି ମନେ ହେଉନାହିଁ। ପୁଣି ନଡ଼ିଆତେଲ କାମ ଅନ୍ୟ ତେଲରେ ଚଳିପାରେ। ତେଣୁ ଖାଲି ବିଦେଶୀ ନଡ଼ିଆତେଲ ଉପରେ ଶୁଳ୍କ ବସାଇଲେ ହୁଏତ ଚଳିବ ନାହିଁ। ନଡ଼ିଆତେଲ ନ ଚଳିଲେ ଚାଷୀଙ୍କର ନଡ଼ିଆ ମଧ୍ୟ ବିକ୍ରୀ ହେବନାହିଁ। ବିଦେଶୀ ନଡ଼ିଆ ଉପରେ ଶୁଳ୍କ ବସାଇବାର କିଛି ଫଳ ହେବନାହିଁ।

ତେବେ ଆଉ ଗୋଟିଏ ପନ୍ଥା ଅଛି। ଏପରି ଦୁର୍ଗତି ବେଳେ ଦେଶର ଧନବୃଦ୍ଧି ପାଇଁ ସେ ପନ୍ଥା ଅବଲମ୍ବନ କରିବା ଜାତିର ସରକାରଙ୍କର ଏକାନ୍ତ କର୍ତ୍ତବ୍ୟ। ବିଦେଶୀ ନଡ଼ିଆ ଉପରେ ଶୁଳ୍କ ବସାଇବାକୁ ହେବ, ଦରକାର ପଡ଼ିଲେ ସେ ଶୁଳ୍କ ଲବ୍ଧ ଟଙ୍କାରୁ ତେଲ ବ୍ୟବସାୟୀମାନଙ୍କୁ ସାହାଯ୍ୟ ଦେବାକୁ ହେବ। ତାହା ହେଲେ ପ୍ରଜାର ଅବସ୍ଥା ସୁଧୁରିବ ଓ ଦେଶର ଧନ ବୃଦ୍ଧି ହେବ, କିନ୍ତୁ ନାନା କାରଣରୁ ଏ ଦେଶ ସରକାର କୌଣସି ଶିଳ୍ପଜାତ ଦ୍ରବ୍ୟକୁ ଆର୍ଥିକ ସାହାଯ୍ୟ (Baunty) ଦେବାକୁ ଏକାନ୍ତ ନାରାଜ୍। ଏ ଦେଶର କୃଷିଜାତ ଦ୍ରବ୍ୟ ବିଦେଶରେ ବିକ୍ରୀ ହେବ ଏବଂ ବିଦେଶ, ବିଶେଷରେ ଇଂଲଣ୍ଡର ଶିଳ୍ପଜାତ ଦ୍ରବ୍ୟ ଏ ଦେଶରେ ବିକ୍ରୀ ହେବ। ଏହା ହିଁ ଏବର ଭାରତ ସରକାରଙ୍କର ଅର୍ଥନୀତି ହେଲାପରି ଜଣାପଡୁଚି। ୧୯୨୪ ଠାରୁ ୨୭ ଯାଏଁ ଲୁହା ଶିଳ୍ପକୁ ଏହିପରି କେତେ ସାହାଯ୍ୟ ଦିଆଯାଇଥିଲା, ତା'ପରେ କୌଣସି ଶିଳ୍ପକୁ ଏପରି ସାହାଯ୍ୟ ଦେବାର ନାମଗନ୍ଧ ସୁଦ୍ଧା ସରକାର କରୁନାହାନ୍ତି। ଶିଳ୍ପକୁ ସାହାଯ୍ୟ ଦେବାପାଇଁ ଏବେ ଯେଉଁ ବ୍ୟବସ୍ଥାମାନ ହେଉଛି, ସେଥିରେ ଇଂଲଣ୍ଡର ଶିଳ୍ପଜାତ ଦ୍ରବ୍ୟ ବିକିବା ଫନ୍ଦି କରିବା ଛଡ଼ା ଆଉ କିଛି ଅଭିପ୍ରାୟ ସ୍ପଷ୍ଟ ଦେଖାପଡୁନାହିଁ। ବଡ଼ ବଡ଼ ଶିଳ୍ପ ସମ୍ବନ୍ଧରେ ତ ଏ କଥା, କ୍ଷୁଦ୍ର ନଡ଼ିଆତେଲ ଶିଳ୍ପ କଥା ବିଚାର କରୁଛି କିଏ ? କିନ୍ତୁ ନଡ଼ିଆତେଲ ଶିଳ୍ପର ଅସୁବିଧା ଦେଖାଇ ବିଦେଶୀ ନଡ଼ିଆ ଉପରେ ଶୁଳ୍କ ବନ୍ଦ କରିବା ସହଜ କଥା। ଚାଷୀ ବିଚରା ଏ ଦେଶରେ କାହାରି ନୁହେ।

ଓଡ଼ିଶାର ନଡ଼ିଆ ଓ ଅନ୍ୟାନ୍ୟ କ୍ଷୁଦ୍ର ବ୍ୟବସାୟ :

ଭଲପାଇଁ ହେଉ, ମନ୍ଦପାଇଁ ହେଉ- ସେ ମତାମତ ଏଠାରେ ବିଚାର କରାଯାଉନାହିଁ। ଓଡ଼ିଶା ଖୁବ୍ ସମ୍ଭବ ଗୋଟିଏ ନୂଆ ପ୍ରଦେଶ ହେଉଛି। ଏତେଦିନ ଓଡ଼ିଆମାନେ ନିଜ କଥା ନିଜେ କରିବାର ସୁବିଧା ପାଇ ନ ଥିଲେ, ଏବେ ନିଶ୍ଚୟ ତାଙ୍କରି ଘରପାଖେ, ତାଙ୍କରି

Digitized by PPRACHIN, SOA

ଆଖିଆଗେ ଓଡ଼ିଶାର ଶାସନର ଆୟବ୍ୟୟ ବ୍ୟବସ୍ଥା ଚାଲିବ। ଅତି ଶୀଘ୍ର ଓଡ଼ିଆ ଜନସେବୀମାନେ ଏ ବିଷୟରେ ସତର୍କ ଦୃଷ୍ଟି ଦିଅନ୍ତୁ।

ପୁରୀଜିଲ୍ଲାର କେତେକ ଅଞ୍ଚଳରେ ଚାଷୀର ଗୋଟିଏ ପ୍ରଧାନ ଫସଲ ନଡ଼ିଆ। ପାଞ୍ଚବର୍ଷ ତଳେ ଯେଉଁ ନଡ଼ିଆର ଦାମ୍ ଥିଲା ୧୨ଠାରୁ ୧୬ ଟଙ୍କା ଆଜି ତାହାର ଦାମ୍ (୪ ଠାରୁ ୫ଟଙ୍କା)। ଏପରି ଦାମ୍ କମିଯିବାର ଗୋଟିଏ କାରଣ ପୃଥିବୀର ଆର୍ଥିକ ଦୁର୍ଗତି। ସେଥିପାଇଁ ଶୀଘ୍ର ବିଦେଶୀ ନଡ଼ିଆ ଉପରେ ଶୁଳ୍କ ବସାଇବା ବ୍ୟବସ୍ଥା ହେବା ଉଚିତ। କିନ୍ତୁ ଓଡ଼ିଶାରେ ନଡ଼ିଆ ଦର କମିଯିବାର ଆଉ ଗୋଟିଏ ସ୍ଥାନୀୟ କାରଣ ଅଛି। ଆଗେ ଓଡ଼ିଶା ନଡ଼ିଆ ନାଗପୁର ବାଟେ ଚାଲାଣ ହେଉଥିଲା। ସେତେବେଳେ ଭାଇଜାଗ୍ ରାୟପୁର ରେଲୱେ ନଥିବାରୁ ମାନ୍ଦ୍ରାଜ ଉପକୂଳର ନଡ଼ିଆ ଓ ଓଡ଼ିଶାର ନଡ଼ିଆ ରେଳ ମହାସୁଲ ହିସାବରେ ସୁବିଧା ପାଉଥିଲା। ଏବେ ମାନ୍ଦ୍ରାଜ ଉପକୂଳ ନଡ଼ିଆ ଅଳ୍ପ ମହାସୁଲରେ ରାୟପୁର ଯାଉଅଛି। ପୁଣି ସେ ନଡ଼ିଆରେ ରେଳ ମହାସୁଲ କିଛି କମ୍ ଥାଇପାରେ। କାରଣ, ବାଣିଜ୍ୟ ସୁବିଧା ପାଇଁ ସରକାର ଏପରି ବେଳେବେଳେ ଜିନିଷ ବିଶେଷରେ ମହାସୁଲ୍ କମ୍ କରିଦିଅନ୍ତି। କିନ୍ତୁ ବିଚରା ଓଡ଼ିଶା କଥା ଅତି ଶୋଚନୀୟ। ଓଡ଼ିଶାରେ ନଡ଼ିଆ ଚାଷୀ ଆଉ ତିଷ୍ଠିବାର ଉପାୟ ନାହିଁ। ସରକାର ଏ ବିଷୟରେ ଶୀଘ୍ର ବିଧାନ କରନ୍ତୁ। ପ୍ରଥମରୁ ଓଡ଼ିଶାର ଚାଲାଣୀ ନଡ଼ିଆର ରେଳ ମହାସୁଲ କମାଇ ଦେବା ଅତ୍ୟନ୍ତ ଦରକାର।

ଓଡ଼ିଶାର ଆଉ ଗୋଟିଏ ବ୍ୟବସାୟ ଚିଲିକାର ମାଛ। ବରଫ ଦିଆହୋଇ ବହୁତ ଚିଲିକା ମାଛ ଆଗେ କଲିକତାକୁ ପଠାଯାଉଥିଲା। ଏବେ ସେ ବ୍ୟବସାୟ ପ୍ରାୟ ନାହିଁ କହିଲେ ଚଳେ। ଚିଲିକାରୁ ମାଛ ସରିଯିବା ଏହାର କାରଣ ନୁହେ। ଦିନେ ହୁଏ ତ ମାଛ ସରିଯିବ ସେଥିପାଇଁ ପ୍ରାଦେଶିକ ସରକାର ବ୍ୟବସ୍ଥା କରିବା ଉଚିତ। ମାତ୍ର ବ୍ୟବସାୟଟିକୁ ଜୀବନ୍ତ ରଖିବା ଭାରତ ସରକାରଙ୍କର ହାତରେ ଅଛି। ପଞ୍ଜାବ ସୀମାନ୍ତରୁ ତଥା ପେଶବାର ଠାରୁ କଲିକତାକୁ ତାଜାଫଳ ରେଳରେ ଆସେ। ସେଥିପାଇଁ ରେଳ କମ୍ପାନୀ ଅତି କମ୍ ଭଡ଼ା ନିଅନ୍ତି ଓ ସ୍ୱତନ୍ତ୍ର ବ୍ୟବସ୍ଥା କରନ୍ତି। ସୀମାନ୍ତ ପ୍ରଦେଶର ଫଳପାଇଁ ଏହା କରାଯାଉଛି, କିନ୍ତୁ ଚିଲିକାର ମାଛ ବ୍ୟବସାୟ କଥା ସରକାରଙ୍କ ଆଖିରେ ପଡୁନାହିଁ। ମାଛର ରେଳ ମହାସୁଲ ଫଳ ମହାସୁଲ୍‌ଠାରୁ କୌଣସି ପ୍ରକାରେ ଅଧିକ ହେବା ଅସଙ୍ଗତ ଓ ଅନ୍ୟାୟ। ପୁଣି ମାଛ ଚାଲାଣ କରିବା ପାଇଁ ରେଳ କଂପାନୀ ଗୋଟିଏ ବୈଦ୍ୟୁତିକ ପ୍ରଣାଳୀରେ ଥଣ୍ଡା ରଖିବାର ଡବା (Refrigerating wagon)ର ବ୍ୟବସ୍ଥା କରିବା ଉଚିତ। ଓଡ଼ିଶାର ଲୋକେ ଅତି ଶୀଘ୍ର ଏ ସବୁ ବିଷୟରେ ଆନ୍ଦୋଳନ କରନ୍ତୁ।

ନବ ଭାରତ-୧/୪, ଆଲୋଚନା

Digitized by PPRACHIN, SOA

ସ୍ୱାଧୀନତା ପରେ ଗ୍ରାମ

ଦରମାପ ଓଦର

ଭାରତ କହିଲେ ବୁଝାଯାଏ, ଗ୍ରାମ। ମନେ କରାଯାଉଥିଲା, ସ୍ୱାଧୀନତା ପରେ ଗ୍ରାମରେ ସରକାରଙ୍କ ଦୃଷ୍ଟି ପଡ଼ିବ। ଗୋଟିଏ ହିସାବରେ ଦୃଷ୍ଟି ଖୁବ୍ ପଡ଼ିଚି। ସହରରେ ତ କାରଖାନା। ସହରରେ ଚୋରାବଜାର, ସହରରେ କିଳାପୋଡେଇ, ସହରରେ ଲାଞ୍ଚମିଛ, ସବୁ। ଏସବୁ ସହରରେ କିପରି ଭଲ ହୋଇ ଚଳିବ, ସେଥିପାଇଁ ମାଡ଼ ପଡ଼ିଛି ଗ୍ରାମ ଉପରେ। ଗାଁରେ ଲୋକେ ଉତ୍ପନ୍ନ ବଢ଼ାଇବେ, ଟଙ୍କା ବଣ୍ଟା ହେଲା। ଉତ୍ପନ୍ନର ନାମ ଗନ୍ଧ ନାହିଁ, ଟଙ୍କା ଗଲା କୁଆଡ଼େ ? ଗାଁ ଚାଷୀ ପାଖକୁ ଚାଷ କରିବା ପାଇ ଯଥାର୍ଥରେ କେତେ ଆସିଛି ? ଏ ହିସାବ କେହି ରଖୁଛନ୍ତି କି ? ଦେଖ, ଚାଉଳ, ଗହମର ଦର ଠିକ୍ ହେଲା। ଦରର ମାପଟା ହେଉଛି, ଲୋକଙ୍କର କିଣିବା କ୍ଷମତା। ବେଶ, କାହା କିଣିବା କ୍ଷମତା ଉପରେ ଏହି ଦରଟା ଭିଡ଼ା ଯାଇଛି ? ଟାଟା କମ୍ପାନୀଠାରୁ ବମ୍ବେ, ମାନ୍ଦ୍ରାଜ, କଲିକତା, ଅହମ୍ମଦାବାଦ ପ୍ରଭୃତି ମିଲରେ କାମ କରୁଥିବା ମଜୁରିଆମାନଙ୍କ ରୋଜଗାରକୁ ମାପକାଠି କରି ସରକାର ବାନ୍ଧି ରଖିଛନ୍ତି ଦର। ଏ ଦର ଗାଁ ଚଷା, ପାଣ, ବାଉରୀମାନେ ସହିବେ କିପରି ? ପୁଣି ମଫସଲରେ ଛୋଟ ଛୋଟ ଚାଷୀମାନଙ୍କର କାମ କରୁଥିବା ବଢ଼େଇ, କମାର ପ୍ରଭୃତି କାରିଗରମାନେ ମଜୁରି ବରାବର ନେଉଥିଲେ ଧାନରେ, ଚାଉଳରେ। ଏବେ ଚଷା, ଧାନ, ଚାଉଳରେ ଦଉ ନାହିଁ- ପଇସାରେ ଦେବାକୁ ଚାହୁଁଛି - କାରିଗରମାନେ ପାଉଥିବା ଧାନ, ଚାଉଳ ଦରକୁ ବଳି ମଜୁରି ଦାବି କରୁଛନ୍ତି। ଏଥିରେ ଯେ ଅବସ୍ଥା ସୃଷ୍ଟି ହେଉଛି ତାକୁ କୌଣସି ସରକାର ବେଶୀଦିନ ସମ୍ଭାଳି ପାରିବେ ନାହିଁ। କାଗଜ କଳରୁ କାଗଜ କିଣି ନାସିକ ଛପା ଖାନାରୁ ନୋଟ୍‌ରୂପେ ବାହାର କଲେ, ଦେଶରେ ଧାନ ବଢ଼ିବ ନାଇଁ, କେବଳ ମୂଲ୍ୟ ବଢ଼ିବ। ଉତ୍ପନ୍ନ ନ ବଢ଼ିଲେ, ଦେଶ ରହିବ ନାହିଁ। ଅବଶ୍ୟ ସରକାର ତୁଣ୍ଡରେ ଏକଥା ଖୁବ୍ କହୁଛନ୍ତି, କାର୍ଯ୍ୟରେ କ'ଣ ହେଉଛି ? ଗୋଟିଏ ଉଦାହରଣ ଦେଖ।

ଉତ୍ପନ୍ନର ପରିସ୍ଥିତି :

ଚାଷୀକୁ କୁହାଯାଉଛି ଉତ୍ପନ୍ନ ବଢ଼ାଅ। ଚାଷୀ ବିଚାରୁଛି, ଜମି ତ ମୋର ହେବ କି ଜମିଦାରର ହେବ, ଜଣାନାହିଁ; ପୁଣି ମୁଁ ବା ଏଇଲାଗେ ଉତ୍ପନ୍ନ ବଢ଼ାଇବି କାହା ପାଇଁ ? କଂଗ୍ରେସୀଙ୍କ ଭୋଟ ସଂଗ୍ରହମୂଳକ ବକ୍ତୃତାରେ ଚାଷୀଙ୍କ ଭିତରେ ଜମି ବଣ୍ଟା ହେବା ଯେପରିକି ଠିକ୍ ହୋଇଗଲାଣି। ସେଥିରେ ଜମିର ଅଧିକାରୀ କିଏ, ଏହା, ଠିକ୍ ନ

Digitized by PPRACHIN, SOA

ହେବା ଯାଏଁ, ପ୍ରଜା, ଅର୍ଥାତ୍, ଜମିପାଇଁ ଖଜଣା ଦେଉଥିବା ଲୋକ ବା ସେ ଜମିର ଅବସ୍ଥା ବଢ଼ାଇବ କାହିଁକି ? ଏଇ ଗୋଲକ ଧନ୍ଦାରେ ପଡ଼ି କଂଗ୍ରେସ ପତ୍ର ପତ୍ରିକା ଓ କଂଗ୍ରେସ କର୍ମୀମାନଙ୍କ କାରିଣୀ ଫଳରେ ଦେଶର ଉତ୍ପନ୍ନ ଦିନକୁ ଦିନ ତଳକୁ ଯାଉଛି। ସରକାର ଏକଥା ଭାବିବା ପାଇଁ ତାଙ୍କର ବେଳ ନାଇଁ, କି ବଳ ନାଇଁ।

ଚାଷୀର ମୂଳ ଧନ କାହିଁ :

ଆଉରି ଗୋଟିଏ ଉଦାହରଣ ଦେଖ। କୁହାଗଲା, ଭଲ ଖତ ଦିଅ, ଅଳ୍ପ ଚାଷ କର, ଆଖୁ ଚାଷ କର, ବିଲାତି ବାଇଗଣ କର। କିଏ କରିବ ଓ କିପରି କରିବ ? ଟଙ୍କା କାହୁଁ ଆସିବ ? ଅଥଚ, ଏହି ପ୍ରଚାରରେ ଯେତେ ଟଙ୍କା ଖର୍ଚ୍ଚ ହେଉଛି, ସେଥିରୁ କିଛି ଅଂଶରେ ଦେଲେ, ଗ୍ରାମରେ ଚାଷୀକୁ ଟଙ୍କା ସାହାଯ୍ୟ କରିବା ପାଇଁ କୃଷିବ୍ୟାଙ୍କମାନ ଖୋଲିବାରେ ହେଲେ ଖର୍ଚ୍ଚ କରାହେଉଥାନ୍ତା। ଏହା ବା ଭାବୁଛି କିଏ ? କରୁଛି କିଏ ?

ଆଦର୍ଶ ଚାଷ :

ଆଉରି ଏକ କଥା, ସରକାରଙ୍କର କୃଷି ବିଭାଗ ଅଛି। କୃଷିକ୍ଷେତ୍ରମାନ ଅଛି। ସେଥିରେ କ'ଣ ହେଉଛି ? ଡେପୁଟିମାନେ ବା ସେହିଭଳି ଅଫିସରମାନେ ବଛା ହୋଇ କୃଷି ବିଭାଗକୁ ଆସୁଛନ୍ତି, ବଦଳୀ ହୋଇ ଯାଉଛନ୍ତି। କେହି କିଛି ଜାଣୁନାହାନ୍ତି କି ଶିଖିବାକୁ ବି ସୁବିଧା ପାଉନାହାନ୍ତି। ଯୋଜନା ନାମରେ ଖାଲି କ୍ଷେତ୍ରମାନ କିଣା ହୋଇ ଟଙ୍କା ଖର୍ଚ୍ଚ କରାହୋଇ ସେଥିରେ ସରକାରଙ୍କର ବାଡ଼ବୁଜାହିଁ ଲାଗିଚି। ଲୋକଙ୍କ ଭିତରେ କଥା ତ ପୁଣି ଅଛି- 'ଆଗେ ବନ୍ଧ, ପଛେ ଖନ୍ଧ'। ଆଗ ଦୁଇତିନି ବର୍ଷ ଖଜଣାଖାନାରୁ ଖର୍ଚ୍ଚ ହୋଇ ବାଡ଼ ବୁଜା ହୋଇଯାଉ। ସେଥିରେ ପୁଣି ବଡ଼ ବଡ଼ ଗସ୍ତ ଖର୍ଚ୍ଚ କେତେ; ପୁଣି ଉଦ୍‌ଘାଟନ ପ୍ରଭୃତିରେ ମନ୍ତ୍ରୀଙ୍କ ସମ୍ବର୍ଦ୍ଧନା, ଦରକାର ପଡ଼ିଲେ, ଉଡ଼ାଜାହାଜରୁ ପୁଷ୍ପବୃଷ୍ଟି, ଆଉ ଆଉ ରାଜଭୋଗ ଓ ରାଜୁଡ଼ା ଖର୍ଚ୍ଚ କଥା କହିବା ଦରକାର ନାଇଁ। ଜାଣିବା ଲୋକେ ହୁଏତ ହସୁଚନ୍ତି କିମ୍ୱା ଚଷାଏ ଡରିଯାଇ ଭାଗବତ ବୋଲୁଚନ୍ତି-

"ଏ ବଡ଼ ଲୋକଙ୍କର ମତ,
ଅଳପ ଲୋକେ ବିପରୀତ।"
"ଆମେ କ'ଣ ଏଥିକି ପାତ୍ର!"

ସାକ୍ଷିଗୋପାଳରେ ନଡ଼ିଆ ଚାଷ :

ଉଦାହରଣ ସ୍ୱରୂପ, ସାକ୍ଷିଗୋପାଳ ଷ୍ଟେସନ ପାଖେ ଚାଷୀଙ୍କୁ ଆଦର୍ଶ ଦେଖାଇବା ପାଇଁ ନଡ଼ିଆ ଚାଷର ଯୋଜନା ହୋଇଗଲା। ପାଖରେ ଆବାଦ କରିବା ପାଇଁ ବିସ୍ତୀର୍ଣ୍ଣ ପଡ଼ିଆ ଥିଲା। ପାଖଲୋକେ ଜାଣନ୍ତି, ସେଥିରେ ଖୁବ୍ ଭଲ ନଡ଼ିଆ ଚାଷ ହୋଇପାରିଥାନ୍ତା। ସେ ଜମି ମନକୁ ପାଇଲା ନାଇଁ। ହୁଏତ, ବିଜ୍ଞାନ ମନ୍ଦିରର ପରୀକ୍ଷା ନାହିଁ କରିଥିବ।

Digitized by PPRACHIN, SOA

ଲୋକେ ବହୁ ପରିଶ୍ରମ କରି ସୁନ୍ଦର ନଡ଼ିଆ ଓ ଅନ୍ୟାନ୍ୟ ଫଳର ବଗିଚାମାନ କରିଥିଲେ। ସରକାରୀ କୃଷିକାରୀଙ୍କର ଦୃଷ୍ଟି ପଡ଼ିଲା, ତାରି ଉପରେ। ତାଙ୍କ ଚାଷ-ଘର ସଙ୍ଗେ ନନ୍ଦନ କାନନ ପରି ବଗିଚା ସରକାରଙ୍କର କିଣା ହେଲା। ତା' ପାଖକୁ ଲାଗି ଯେଉଁ ଠେଙ୍ଗୁରା ଜମି ଥିଲା, ସେସବୁ ବି କିଣା ହେଲା। ଲାଗିଲା ଖାଲି ବାଡ଼ବୁଜା। ସଙ୍ଗେ ସଙ୍ଗେ ଠେଙ୍ଗୁରା ଜମିରେ ବୁଣାହେଲା ନଳିତା। ନନ୍ଦନ କାନନର ଫଳଭୋଗୀ ହେଲେ ସମସ୍ତେ ଦେଖିବାପାଇଁ ସରକାରୀ କର୍ମଚାରୀ ଓ କର୍ମୀ। ୩ ବର୍ଷ ହେଲା। ଏବେ ଶୁଣିବାରେ ସିଂହଳ, ସିଙ୍ଗାପୁର ପ୍ରଭୃତି ଜାଗାରୁ ମଧ୍ୟ ନଡ଼ିଆ ମଞ୍ଜି ଅଣାହୋଇ ପରୀକ୍ଷା ଚାଲିଚି। ବଗିଚାର ମାଲିକ ମୁଣ୍ଡରେ ହାତ ଦେଇ କାନ୍ଦି କାନ୍ଦି ମୂଲ୍ୟ ପାଇବା ପାଇଁ ଲଢୁଚନ୍ତି। ଠେଙ୍ଗୁରା ଜମିରେ ଏଣିକି କ'ଣ ହେବ ବୋଲି, ସରକାରୀ କୃଷିକାରୀଙ୍କର ହୁଏତ ଚିନ୍ତା ପଡ଼ିଚି। ଉତ୍ପନ୍ନରେ ଲାଭ ହେବାଠାରୁ ଲୋକଶିକ୍ଷା ପର୍ଯ୍ୟନ୍ତ ସବୁ ଏଇପରି ଚାଲିଚି।

କୌଶଲ୍ୟାଗଙ୍ଗରେ ମାଛଚାଷ :

ଆଉଠାଏ ହେଉଚି ମାଛଚାଷ ଉଦ୍ୟମ। ପୁରୀଜିଲ୍ଲା ପିପିଲି ଥାନାରେ କବି ରାଧାନାଥଙ୍କ 'ପାର୍ବତୀ-ପ୍ରସିଦ୍ଧ' କୌଶଲ୍ୟାଗଙ୍ଗ କଥା ସମସ୍ତେ ଜାଣିଥିବେ। ଏ ଗୋଟାଏ ହ୍ରଦ ପରି ପୋଖରୀ - ଅଡ଼ ଦୀର୍ଘରେ ମଇଲିଏ ଲେଖାଏଁ। ଏହା ଖୋଦ୍ ସରକାରଙ୍କ ସମ୍ପତ୍ତି। ବର୍ଷକୁ ବର୍ଷ ସରକାର ଏଥିରୁ ବହୁତ ମାଛ ମରାନ୍ତି ଓ ସ୍ଥାନୀୟ ଲୋକଙ୍କୁ 'କୁତ' ଦେଇ ବହୁତ ଟଙ୍କା ପାଆନ୍ତି। ସରକାରଙ୍କ ମାଛ ବିଭାଗ ଏବେ ବିଚାରିଲେ, ଏଇ ପୋଖରୀଟିକୁ ଖୋଳାଇ ମାଛ ଚାଷକରି ଲୋକଙ୍କୁ ଆଦର୍ଶ ଦେଖାଇ ମଣାଇ ଦେବେ। ଖୋଳିବା ଆଗରୁ ସେ ପୋଖରୀରୁ ପାଣି ଶୁଖାଇବା ଆରମ୍ଭ ହେଲା।

ଦୟାନଦୀ ଉପରେ ଏ ପୋଖରୀଟି। ଦୟା ପେଟ ଏବେ ଶୁଖି ପଡ଼ିଚି। କିନ୍ତୁ କାହିଁକି, କି ବିଚାରରେ କେଜାଣି, ପାଣିବୁହା ହେଲା ବିଲ ଗହିରକୁ। ଗହିରରେ ହୋଇଥିଲା ମୁଗ। ଏବେ ସେଥିରେ ପଶିଲା ଆଣ୍ଠୁଏ ଲେଖାଏଁ ପାଣି। ରବି ଫସଲ ତ ଶେଷ। ଏବେ ଶାରଦ ଧାନ ବି ବୁଣି ହେବ ନାଇ। ସେଥିପାଇଁ, ଶୁଣିବାରେ ଲୋକେ ସଭା କରି ସରକାରଙ୍କଠାରୁ କ୍ଷତିପୂରଣ ଦାବି କରିବେ ବୋଲି ଚଞ୍ଚଳ ହେଲେଣି। ଏଣେ ପୋଖରୀ ଶୁଖି ଆସିବାରୁ ବଡ଼ ବଡ଼ ରୋହିମାଛ ଡିଆଁ ଡେଇଁ କଲେ। ଭାକୁଡ଼, ଚିତଳ, ବାଳିଆ, ପାଟୁ ପାଟୁ ହୋଇ ଲେଉଟିଲେ।' ସ୍ଥାନୀୟ 'କୁତ' ନେବା ଲୋକେ ଆସି ପହଞ୍ଚିଲେ। ଏ ସ୍ୱାଧୀନ ସରକାରର କର୍ମଚାରୀ ଆଉ କାହାକୁ ଲାଭ ନେବାକୁ ଛାଡ଼ିଦେବେ କିପରି ? ସେମାନେ ବିଚାରିଲେ, ସବୁ ମାଛ ନିଜେ ମାରି ବିକିବେ। ଖୁବ୍ ଲାଭ ହେବ। ସେମାନେ ଥିଲେ ମୋଟେ ୮/୧୦ ଜଣ - ସମସ୍ତେ ବେଥାନି। କେତେ ମାଛ, ଜାଲ ପକାଇ

Digitized by PPRACHIN, SOA

ବିକିଲେ। ପାଣି ଖୁବ୍ କମିଯିବାରୁ ଆଉ କାଳ ସହିଲାନାହିଁ। ଚାରି ପଟ ଗାଁରୁ ଡାକିଦେଲେ ପୋଢୁଆଳି। ସେମାନଙ୍କର ପୋଢୁଅ ଥିଲା ଓ ସେହି ପୋଖରୀରେ ବର୍ଷକୁ ବର୍ଷ ମାଛ ମାରିବାର ଅଭ୍ୟାସ ବି ଥିଲା। ରୀତି ହେଉଚି, କୁତଦାର ସେମାନଙ୍କୁ ଦରକାରମତେ ଡକାଏ, ମାଛମାରି ତାଙ୍କଠାରୁ ଅଧେ 'ତୋଳା' ଆଦାୟ କରେ। କର୍ମଚାରୀମାନେ ସେଇ ବୁଦ୍ଧିରେ ଉପସ୍ଥିତ କୁତଦାରଙ୍କୁ ମନା କରିଦେଇ ନିଜେ ସବୁ 'ତୋଳା' ଆଦାୟ କରି ବିକିବେ ବୋଲି ବିଚାରି ପାଖ ଗାଁମାନଙ୍କରେ ଢେଙ୍ଗୁରା ପିଟି ଦେଲେ - 'ଯେ ମାଛ ମାରିବ ପୋଢୁଅ ଘେନି ଆସ।' ପୋଢୁଅ ନେଇ ଆସିଲେ ପ୍ରାୟ ହଜାରେ ଲୋକ। କର୍ମଚାରୀ ୮।୧୦ ଜଣ (ସେ ପୁଣି କାହାକୁ ଚିହ୍ନନ୍ତି ନାହିଁ, କି ସ୍ଥାନୀୟ ଅବସ୍ଥା କିଛି ଜାଣନ୍ତି ନାହିଁ।) କରିବେ କ'ଣ ପୁଞ୍ଜାଏ ଲୋକଙ୍କୁ ଜଗୁ ଜଗୁ ପଚାଶ ଲୋକ ସେ ପାଖେ ମାଛ ଘେନି ଚାଲିଗଲେ। ତାକୁ ଅଟକାଉ ଅଟକାଉ ଏଣେ ବି ଲୋକ ଗଲେ। ଏହିପରି ଯେ ଯାହା ମାଛ ମାରିଥିଲେ, ସେ ତାହା ଘେନି ଚାଲିଗଲେ। ହୁଏତ କର୍ମଚାରୀଏ ଶେଷକୁ ଡରି ଅବାକ୍ ହୋଇ ଯାଇଥିବେ। କୁତ ନେବାକୁ ଆଶା କରିଥିବା ଲୋକେ ଖଣ୍ଡେ ଦୂରେ ଠିଆହୋଇ ମୁରୁକି ହସା ମାରୁଥିଲେ କିନା, ଆମେ ଠିକ୍ କହିପାରୁନାଉ। ଏବେ ଶୁଣିବାରେ ପୁଲିସ ଫୌଜଙ୍କୁ ଡକା ହୋଇଚି। ମାଛ ମରାଳୀଙ୍କୁ ତଲାସ କରିବା ପାଇଁ ଓ ଧରିବା ପାଇଁ। ଅବଶ୍ୟ ତଲାସରେ ଆଉ ମାଛ ମିଳିବାର ନାହିଁ। ତେଣିକି ଯାହାହେବ, କହିବା ଦରକାର ନାହିଁ। ଫଳରେ ଲୋକପ୍ରିୟତା ଅର୍ଜନ କରିବାରେ ସରକାର ଯେପରି ଗତି କରୁଛନ୍ତି, ସେଇ ଗତିରେ ଆଉ ଖଣ୍ଡେ ଦୂର ଆଗକୁ ଯିବେ। ଲୋକେ ମାଛ ଚାଷ ଶିଖିବେ। କର୍ମଚାରୀଏ ମଧ୍ୟ ତାଲିମହେବେ।

ଏ ସରକାରଙ୍କ ସ୍ଥାନ ଏକା ସ୍ୱର୍ଗଦ୍ୱାର :

ଏ ସରକାର ଓ ଏଭଳି କର୍ମଚାରୀଙ୍କୁ ସ୍ୱର୍ଗକୁ ବାଟ ଦେଖାଇଲେ ମଧ୍ୟ ସେମାନେ ଏ ସୁବିଧା ଛାଡ଼ି ଆଉ କୁଆଡ଼େ ଯିବେ ନାହିଁ। ଏହାଙ୍କୁ ଧରି ମାରି ମରଣ ଦ୍ୱାର ବାଟେ ସ୍ୱର୍ଗକୁ ପଠାଇଦେବା ହେଉଚି, ଲୋକଙ୍କ କାମ। ଏ ବହୁତ ଜେଲ ଯାଇଚନ୍ତି ଓ କଷ୍ଟ ପାଇଚନ୍ତି ବୋଲି କହୁଚନ୍ତି। ଏ ଧାର୍ମିକେ ଶୀଘ୍ର ସ୍ୱର୍ଗ ଦ୍ୱାରକୁ ଯାଆନ୍ତୁ।

ନୂଆପ୍ରସ୍ଥ-୩/୨, ଆଲୋଚନା

◆◆◆

Digitized by PPRACHIN, SOA

ଅଷ୍ଟମ ଅଧ୍ୟାୟ

ଶିଳ୍ପ-ଶ୍ରମିକ ଓ ଅର୍ଥସମସ୍ୟା ଭିତ୍ତିକ ଆଲୋଚନା

ଭାରତର ପ୍ରଗତି ଧାରା

ଗୋଟିଏ ଗ୍ରାମ ଶିଳ୍ପ -

ଦିନେ ପୁରୀ ନିକଟସ୍ଥ କୌଣସି ଗ୍ରାମରେ ବସି ଆଳାପ କରିବା ବେଳେ ହଠାତ୍ କଥା ଉଠିଲା ସ୍ତ୍ରୀ ଲୋକମାନଙ୍କର ବେଶ ବିନ୍ୟାସର ସାମଗ୍ରୀ ଘେନି । ସେ ଅଂଚଳରେ ନଡ଼ିଆ ଗଛ ବହୁତ ଅଛି । ସେ ଅଂଚଳରୁ ନଡ଼ିଆ ବିଦେଶକୁ ଚାଲାନ୍ ଯାଏ । ସ୍ୱଭାବତଃ ସ୍ତ୍ରୀ ଲୋକମାନେ କେଶ ରଚନାରେ ନଡ଼ିଆ ଘିଅ ବ୍ୟବହାର କରନ୍ତି। ନଡ଼ିଆ ଘିଅ ଆଜିକାଲି କଳରେ ତିଆରି ହୁଏ । ଭାରତ ବାହାରରୁ ମଧ୍ୟ ଆସେ । କିନ୍ତୁ ନଡ଼ିଆକୁ କୋରି ଚିପୁଡ଼ି ସେହି ରସକୁ ଜାଳ ଦେଇ ସେଥିରୁ ତେଲ ବାହାର କରାଯାଏ । ତାକୁ କହନ୍ତି ମରା ନଡ଼ିଆ ଘିଅ । ଆଜିକାଲି ଯାହା କଳରେ ହେଉଛି ତାହା ତେଲି ଘଣାରେ ମଧ୍ୟ ହୁଏ । ନଡ଼ିଆକୁ ସରୁ ସରୁ ଖଣ୍ଡରେ କାଟି ଶୁଖାଇ ଘଣାରେ ପେଡ଼ି ଏଇ ତେଲ ବାହାର କରାଯାଇପାରେ ।

ଆଜି ସେଇ ଶିଳ୍ପର ଗତି -

ଶରୀରର ପ୍ରସାଧାନ ବ୍ୟବହାର ପାଇଁ ମରା ନଡ଼ିଆ ଘିଅ ଓ ପିଠା ପ୍ରଭୃତିରେ ଖାଇବା ପାଇଁ ମରା ଓ ପେଡ଼ା ନଡ଼ିଆ ଘିଅ, ପୂର୍ବେ ଏ ଦେଶରେ ବିଶେଷତଃ ନଡ଼ିଆ ଥିବା ଅଞ୍ଚଳରେ ବ୍ୟବହାର ହେଉଥିଲା । ବିଶେଷରେ ମରା ନଡ଼ିଆ ଘିଅ ଅତି ସୁଗନ୍ଧ ଓ ସୁସ୍ୱାଦୁ । କିନ୍ତୁ ସେଦିନ କଥାବାର୍ତ୍ତାରେ ବୁଝାଗଲା, ଏବେ ପ୍ରାୟ ଦଶ ବର୍ଷରୁ ଅଧିକ କାଳ ହେବ ଗ୍ରାମରେ ନଡ଼ିଆ ଘିଅ କେହି ମାରୁ ନାହାନ୍ତି କିଂବା ନଡ଼ିଆ ସେ ଅଂଚଳରେ ପେଡ଼ା ହେଉନାହିଁ। ନଡ଼ିଆ ଘିଅର ବ୍ୟବହାର କିନ୍ତୁ ବଢ଼ିଛି, ଏପରି କି ଘିଅ ମହର୍ଗ ହେବାରୁ ପର୍ବ ପୁଣ୍ୟ ପିଠାରେ ନଡ଼ିଆ ଘିଅର କାରବାର ଖୁବ୍ ବେଶୀ ହୋଇଛି। ସ୍ତ୍ରୀ ଲୋକମାନେ ମଧ୍ୟ ଶରୀର ପ୍ରସାଧନ ପାଇଁ ଅଧିକରୁ ଅଧିକ ନଡ଼ିଆ ଘିଅ ବ୍ୟବହାର କରୁଛନ୍ତି । ଏଇ ଅଧିକ ବ୍ୟବହାରର ଆଉ ଗୋଟିଏ କାରଣ ମଧ୍ୟ ପ୍ରକାଶ ପାଇଲା । ପୂର୍ବେ ଯେଉଁମାନଙ୍କ ବାଡ଼ିରେ ନଡ଼ିଆ ନଥିଲା ସେମାନେ ବାଡ଼ିରେ ଗବ ଲଗାଇ ସେଇ ଗବର ଫଳ ଓ ମଞ୍ଜି ରାନ୍ଧି ସେଥିରୁ ଏକ ପ୍ରକାର ପରିଷ୍କାର ଜଡ଼ା ତେଲ ବାହାର କରୁଥିଲେ। ସେମାନଙ୍କ ଘରେ ପୁରୁଷ ସମସ୍ତେ ସେହି ରନ୍ଧା ଜଡ଼ା ତେଲ ବ୍ୟବହାର କରୁଥିଲେ । ଏବେ ଗବ କରିବା ଓ ଜଡ଼ା ରାନ୍ଧିବା ଏକାବେଳକେ ଲୋପ ପାଇଛି ।

Digitized by PPRACHIN, SOA

ଏତେ ଯେ ନଡ଼ିଆ ଘିଅର ବ୍ୟବହାର ବଢ଼ିଛି, ତାହା ଆସୁଛି କୁଆଡୁ ? ବୁଝାଗଲା ଗ୍ରାମର ଦୋକାନୀ ସହରରୁ ଟିଣ ଦରରେ ବରାବର ନଡ଼ିଆ ଘିଅ କିଣି ଆଣୁଛି ଓ ଗ୍ରାମବାସୀଙ୍କୁ ବିକ୍ରୀ କରୁଛି । ଏଣେ ଘରେ ସ୍ତ୍ରୀ ଲୋକମାନଙ୍କର ନଡ଼ିଆ ଘିଅ ରାନ୍ଧିବା କାମଟି ଏକାବେଳକେ ଲୋପ ପାଇଛି । ଅଥଚ ସେ ସ୍ଥଳରେ ସେମାନଙ୍କର ଅନ୍ୟ କିଛି ନୂଆ କାମ ଫିଟି ନାହିଁ ।

ତାର ଫଳ –

ଏହିଭଳି କ୍ରମେ ଗ୍ରାମ୍ୟ ଶିଳ୍ପ ଓ ବ୍ୟବସାୟ ଲୋପପାଇ କିପରି ଖର୍ଚ୍ଚ ବଢୁଛି ଓ ଲୋକେ କ୍ରମେ ଆଳସ୍ୟ ଅବଲମ୍ବନ କରୁଛନ୍ତି, ଏହାର ଆଲୋଚନା ଆମେ ବାରଂବାର କରିଛୁ । ଆମ ମତରେ ଯେକୌଣସି ପ୍ରକାରେ ଏଇସବୁ ଶିଳ୍ପର ପୁନରୁଦ୍ଧାର ବର୍ତ୍ତମାନ ଏକାନ୍ତ କରଣୀୟ । ଯଦି ତାହା ସଂଭବ ନୁହେଁ, ତେବେ ଆଳସ୍ୟ ନିରାକରଣର ଉପାୟ ବାହାର ନକଲେ ଆର୍ଥିକ ଭାବରେ ଦେଶ ଯେ ନଷ୍ଟ ହେବ ଏଥିରେ ସନ୍ଦେହ ନାହିଁ । ମାତ୍ର ଏଠାରେ ବିଶେଷ କଥା, ସେହି ଗ୍ରାମରେ କେତେ ଗୁଡ଼ିଏ ଯୁବକଙ୍କ ସଙ୍ଗେ ଏହି ବିଷୟ ଘେନି କଥା ଉଠିଲା। ଯୁବକମାନେ ଉଦୀୟମାନ, ଦେଶସେବାର ବହୁ ବାକ୍ୟଛଟାରେ ବାବଦୂକ, ଗ୍ରାମରେ ରହିଲେ ମଧ୍ୟ ଅଭ୍ୟାସର ଗ୍ରାମ୍ୟତା ଛାଡ଼ିବାରେ ତତ୍ପର, ସାବିନ୍ ନହେଲେ କିପରି ଗାଧୋଇବେ ତାହା ସେମାନଙ୍କ ମଧ୍ୟରୁ ଅନେକ ବୁଝି ପାରୁନାହାନ୍ତି। ପୃଥିବୀର ସଭ୍ୟତା ସେମାନଙ୍କୁ ପ୍ରତିମୁହୂର୍ତ୍ତରେ ଗ୍ରାସ କରୁଛି । ସେଇ ସଭ୍ୟତାର ପ୍ରଭାବରେ ସେମାନେ ଦେଶୋଦ୍ଧାର କଳ୍ପନା କରନ୍ତି।

ଭ୍ରାନ୍ତ ଯୁକ୍ତି –

ଭଲ କଥା । କିନ୍ତୁ ଏହି କ୍ଷୁଦ୍ର ବ୍ୟବସାୟ ଓ ତାହାର ଲୋପରେ ଗ୍ରାମବାସୀଙ୍କର ଆଳସ୍ୟ ବୃଦ୍ଧି କଥା ପଡୁ ପଡୁ ଯୁବକମାନେ କହିଲେ, "ଏ ଯୁଗରେ ଆଉ ସେସବୁ ବ୍ୟବସାୟରେ ଲୋକଙ୍କୁ ପୂରାଇବା ଅସଂଭବ କଥା । ପରିଶ୍ରମର ମୂଲ୍ୟ ବହୁତ ବଢ଼ି ଗଲାଣି । ନଡ଼ିଆ ତେଲ ରାନ୍ଧିବାରେ ପରିଶ୍ରମ କରି ଲୋକେ ଆଉ ସନ୍ତୋଷ ରହିବେ ନାହିଁ ।" ଅରଟରେ ସୂତା କାଟିବା ସଂବଂଧରେ ମଧ୍ୟ ଏଇ କଥା ଶୁଣାଯାଏ । ଏବେ ସେମାନଙ୍କର ସିଦ୍ଧାନ୍ତ, ବୋଧହୁଏ ଲୋକେ ଆଳସ୍ୟରେ ସନ୍ତୋଷ ରହିବେ। ସନ୍ତୋଷର ପରିଣାମ ଶାନ୍ତି। ସେହିପରି ଆଳସ୍ୟର ପରିଣାମ, ଚିରନ୍ତନ ଆଳସ୍ୟ ବା ମହାନିଦ୍ରା। ଏହା ହିଁ ତେବେ କ'ଣ ଯୁବକମାନଙ୍କ କାମ୍ୟ ? ଏହା ହିଁ କି ଏ ଦେଶର ଭାଗ୍ୟ ?

ଏ କ'ଣ ବିକାଶ –

ଯୁବକ ଦେଶର ଜୀବନ ବୀଜ ଏକଥା ଅସ୍ୱୀକାର କରିବାର ଉପାୟ ନାହିଁ। ଏ ଯେଉଁ ଯୁବକର ଦୃଷ୍ଟାନ୍ତ ଦିଆଗଲା, ଆଜି ନାନା ବାବଦୂକତାର ବାହାନା ଧରି ଭାରତର ଯୁବକ ମଣ୍ଡଳୀ ଇତର ବିଶେଷ ଏଇ ପନ୍ଥାରେ ପଥିକ ହେଉଥିଲା ପରି ଲାଗୁଛି ।

Digitized by PPRACHIN, SOA

ପରାଧୀନତାର ପ୍ରତିବିଧାନ କଳ୍ପେ ଯେଉଁ ଜାତୀୟତା ଓ ସ୍ୱଦେଶୀ ତଥା ସ୍ୱରାଜ୍ୟ ଭାବ ଦେଶରେ ଉଠି ଆସୁଥିଲା, ତାହାର ପ୍ରବାହ ଧାରା ଏଇପରି ବଦଳି ଯାଉଛି । କିନ୍ତୁ ଏ କ'ଣ ବିକାଶ ? ନା ପ୍ରଗତିରେ ପଟକ୍ଷେପଣ ।

ବିକାଶ କ'ଣ –

ବିକାଶ କହିଲେ କ'ଣ ବୁଝାଯାଏ ? ମାନବର ବିକାଶ ହୁଏ ସମାଜରେ । ଅର୍ଥାତ୍ ପୂର୍ବପୁରୁଷ ବା ପୂର୍ବକାଳର ଭାବ ଓ ଆଚାର ଆହରଣରେ ପରବର୍ତ୍ତୀ କାଳର ଆଚାର ଗଠିତ ଓ ପୁଷ୍ଟ ହୁଏ । ଏହାହିଁ ପ୍ରଗତି। ତା' ନହେଲେ ଗୋଟିଏ ଆଚାର ଧାରା ଏକାବେଳକେ ଛିନ୍ନ ହେଲେ ଯେ ପ୍ରକାଶ ହୁଏ ତାହା ବିକାଶ ନୁହେଁ କି ପ୍ରଗତି ନୁହେଁ – ଏକଥା ବିଶେଷ ବୁଝାଇବା ଦରକାର ନାହିଁ।

ସିଂହ ମୁହଁରେ ହରିଣ ମନକୁ ପଶିବ ନାହିଁ –

ପୃଥିବୀରେ ପରିଶ୍ରମର ମୂଲ୍ୟ ବଢ଼ିପାରିଥାଏ। ଆମେ ଜାଣୁ, ସାତବର୍ଷ ତଳେ ଆମେରିକାର ଫୋର୍ଡ କଂପାନୀର ସାଧାରଣ ମଜୁରିଆ ଦିନରେ ଆଠ ଘଣ୍ଟା ପରିଶ୍ରମ କରି ଘଣ୍ଟାକୁ ପ୍ରାୟ ଚାରି ଟଙ୍କା ରୋଜଗାର କରୁଥିଲେ। ସେହି ଅନୁକ୍ରମେ ପୃଥିବୀର କଳକାରଖାନା ମହଲରେ ଶ୍ରମର ମୂଲ୍ୟ ବଢ଼ିଛି । କିନ୍ତୁ ଗଳ୍ପର ଯେଉଁ ଅଳସୁଆ ଜାମୁଗଛ ମୂଳେ କୋଳି ପାଟିରେ ପଡ଼ିବ ବୋଲି ଆଁ କରି ଶୋଇଥିଲା, ଅଥଚ ଛାତିରେ କୋଳିଟା ପଡ଼ିଲେ ମଧ୍ୟ ଶ୍ରମ ସ୍ୱୀକାର କରି ତାହା ତୁଣ୍ଡକୁ ନେଇନଥିଲା, ତାର ଜାମୁକୋଳିରେ କି ଲାଭ ? ଟାକି ଶୋଇ ରହିବାରେ ବା କି ଫଳ ? ଆଜି ପୃଥିବୀରେ ଶ୍ରମର ମୂଲ୍ୟ ବଢ଼ିଛି ବୋଲି ଓଡ଼ିଶାର ଗ୍ରାମବାସୀ ଗୃହଶିଳ୍ପ ଓ ବ୍ୟବସାୟ ଛାଡ଼ି ଯଦି ଆଁ କରି ଟାକି ବସେ ତେବେ ଶୋଇଲା ସିଂହ ମୁହଁରେ ହରିଣ ଆସି ମନକୁ ପଶିବ ନାହିଁ।

ଚିନ୍ତା ଓ କ୍ରିୟା ଫିଟୁ –

ଏ ରାଜ୍ୟ ଯୁବକର । ଯୁବକ ଅତିଶୀଘ୍ର ଏ କ୍ଷେତ୍ରରେ ଚିନ୍ତାନ୍ୱିତ ଓ ଚିନ୍ତାଯୁକ୍ତ ହେଉ। ପ୍ରଗତିର ଧାରା ଥରେ ଲୋପ ପାଇଲେ ଆଉ ଥରେ କଳ-କୂଅ ଖୋଳି ସେ ପ୍ରବାହର ପୁଷ୍କଳତା ସାଧିବା ସଂଭବ ନ ହୋଇପାରେ। ପୁଣି ଭାରତରେ ସର୍ବତ୍ର ମାନବସମାଜ ସମସଭ୍ୟତାପନ୍ନ ନୁହେଁ । ଭାବ ଓ କ୍ରିୟାର ପ୍ରଚାର ଏଠାରେ ଇଂଲଣ୍ଡ ଅଷ୍ଟ୍ରେଲିଆ ପରି କଳଶିଳ୍ପୀଙ୍କ ଦେଶ ଭଳି ସଂଭବ ନୁହେଁ ।

କୋଟି କୋଟି କୃଷକ, ବିଲ ମଜୁରିଆ, ଗ୍ରାମ ଶିଳ୍ପୀ, ବଣୁଆ, ଅସ୍ପୃଶ୍ୟ ପ୍ରଭୃତିଙ୍କୁ ଘେନି ବିଶାଳ ଭାରତ ସମାଜ ଯଦି ଏହିପରି ତନ୍ଦ୍ରାରୁ ନିଦ୍ରାକୁ ଯାଉଥିବା ବେଳେ ଯୁବକମାନେ ସହରରେ ବିଦେଶୀ ବିପ୍ଳବ ବା ପରିଣାମ ବାଦ ଓ କ୍ରିୟାପାଠ ପଢ଼ି ସାବିନିରେ ସଭ୍ୟତା ଦେଖନ୍ତି ଓ ଶ୍ରମର ଆର୍ଥିକ ମୂଲ୍ୟ ବୃଦ୍ଧିରେ ଗ୍ରାମବାସୀର ଆଳସ୍ୟ ସହିବାକୁ

Digitized by PPRACHIN, SOA

ପ୍ରସ୍ତୁତ ହୁଅନ୍ତି, ତେବେ ଏ ଦେଶର ବିରାଟ ମାନବ ସମାଜ ପୃଥିବୀର ପୁଷ୍କଳ ପ୍ରଗତିରେ ନିଜର ଯଥାର୍ଥ ଆତ୍ମଦାନ କରିବାକୁ ସମର୍ଥ ହେବ କି ନା ତାହା ଆଦୌ ଚିନ୍ତ୍ୟ।

ନବ ଭାରତ-୩/୯, ଆଲୋଚନା

ସୁଭାଷ ବାବୁଙ୍କ ମତ ପରିବର୍ତ୍ତନ

କଳ କାରଖାନା ଓ ମହାତ୍ମା ଗାନ୍ଧି -

ଦେଶରେ କଳକାରଖାନା କରିବାକୁ ହେବ ନାହିଁ ବୋଲି ମହାତ୍ମା ଗାନ୍ଧିଙ୍କ ମତ। ଏହା ବହୁ ଲୋକେ ବୁଝନ୍ତି। ମାତ୍ର ଆମ ବିଚାରରେ ଏପରି ବୁଝିବାର କାରଣ ନାହିଁ। ଯେତେଦିନ ପୃଥିବୀରୁ ଯୁଦ୍ଧ ଶଙ୍କା ଲୋପ ପାଇ ନାହିଁ, ସେତେଦିନ କଳ କାରଖାନା ନ ରହିଲେ କୌଣସି ଦେଶ ଆତ୍ମପ୍ରତିଷ୍ଠାରେ ରହିପାରିବ ନାହିଁ। ଲୋହରା ପାହାଡ଼ ତଳେ ହାତରେ ଚଳାଇବା ଭାତି ବସାଇ ଲୁହା ତିଆରି କଲେ, ସେଇ ଲୁହା ସଂଗ୍ରହ କରି ଲୋକ ଲଗାଇ ବିନା କଳରେ ରେଳ ଇଞ୍ଜିନ୍ ତିଆରି କରିହେବ ନାହିଁ। ରେଳ ପ୍ରଭୃତି ନିଶ୍ଚୟ ସର୍ବଦା ସବୁ ଅବସ୍ଥାରେ ଦରକାର ହେବ। ସେଥିପାଇଁ ମଧ୍ୟ କଳକାରଖାନା ରହିବ। ତେବେ ଯେତିକି ଆବଶ୍ୟକ ଜିନିଷ କଳକାରଖାନାରେ ନ ହେଲେ ନ ଚଳେ, ସେସବୁ କଳକାରଖାନାରେ କରାହେବ। ବାକି ସବୁ, ଧର, ଲୁଗା, ଡିଆସିଲି, କୋଡ଼ି, ଲଙ୍ଗଳ, ଛୁଞ୍ଚ, ଦାଆ - ଏପରିକି ବାଇସାଇକଲ, ଟର୍ଚ୍ଚଲାଇଟ୍ - ଏସବୁ ହାତରେ କରାଯାଇପାରେ ଓ କରିବା ଉଚିତ। ଧାନ କୁଟିବା, ତେଲ ପେଢ଼ିବା ପ୍ରଭୃତି ପାଇଁ କଳ ଲୋଡ଼ାନାହିଁ। ଏହାହିଁ ଗାନ୍ଧିଙ୍କ ମତ ବୋଲି ଆମେ ବୁଝୁ। ଏସବୁ ନ ହେଲେ ଲୋକେ କାମ ପାଇବେ ନାହିଁ, କି ଖାଇବାକୁ ପାଇବେ ନାହିଁ।

କଳ କାରଖାନାର ସମସ୍ୟା -

ପୃଥିବୀରେ ମନୁଷ୍ୟ ହାତରେ ହେବା ସବୁ କାମକୁ କଳରେ କରାଇବା ଦ୍ୱାରା ଯାହା ଫଳ ହୋଇଚି, ତା'ର ପ୍ରତିକାର କ'ଣ ? କଳ କାରଖାନାରେ ଏବେ ମନୁଷ୍ୟ ହାତ କାମକୁ କଳରେ କରାଇବାରେ ଦେଖା ଯାଇଛି, କଳର ମାଲ ବିକ୍ରି ହେଲା ନାହିଁ। ଲୋକେ ମଜୁରି ପାଇଲେ ନାହିଁ। ଏଣେ ବିଜ୍ଞାନ ଓ କଳ ମିଶିବାରୁ ପୃଥିବୀରେ କୃଷିର ଆମଦାନୀ ମଧ୍ୟ ଭୟଙ୍କର ବଢ଼ିଗଲା। କିନ୍ତୁ ଶିଳ୍ପ କାରଖାନାର ମାଲ ବିକ୍ରି ନ ହେବାରୁ ପଇସାର ଯେଉଁ ଅଭାବ ହେଲା ତା ଏଇ ଆମଦାନୀ ସଙ୍ଗେ କୃଷିଜାତ ଦ୍ରବ୍ୟର ଦାମ କମାଇ ଦେଲା। ସବୁ ଜିନିଷ ସବୁଆଡ଼େ ଏପରି ଶସ୍ତା ହୋଇଗଲା ଯେ ପୃଥିବୀରେ ବହୁତ ଆମଦାନୀ ଭିତରେ ମଧ୍ୟ ଦୁର୍ଭିକ୍ଷ ହେଲା। ଲୋକେ କାମ ପାଇଲେ ନାହିଁ କି ପଇସା ପାଇଲେ ନାହିଁ। ଏ ଅସୁବିଧାରେ ଶିଳ୍ପ ଓ ହାତକାମ ଦୁଇଟିର ସମତା ନ ରଖିଲେ ଚଳିବ ନାହିଁ। ତା' ହେବ କିପରି ?

Digitized by PPRACHIN, SOA

କୃଷି ଓ କାରଖାନାର ସମତା ଓ ସମାଧାନ -

ପୃଥିବୀର ସବୁ ଦେଶକୁ ଏକ ରାଜ୍ୟ କରି ଦେଖିଲେ ଏସବୁରେ କିପରି ସମାଧାନ ହେବ, ତାହା ଏପର୍ଯ୍ୟନ୍ତ ଅର୍ଥନୀତିକମାନେ ସ୍ଥିର କରିପାରି ନାହାନ୍ତି। ସେଥିପାଇଁ ପୁଣି ନିଜ ଦେଶଗତ ଜାତୀୟତା ପ୍ରବଳ ଭାବରେ ଫୁଟୁଚି। ରୁଷିଆ ପରି ଆନ୍ତର୍ଜାତିକ ଦୃଷ୍ଟିରେ ଆରମ୍ଭ ହୋଇଥିବା ରାଜ୍ୟ ମଧ୍ୟ ପୁଣି ନିଜ ଦେଶକୁ ଚାହିଁ ଆର୍ଥିକ ସମସ୍ୟା ସମାଧାନର ପରିକଳ୍ପନା ଓ କ୍ରିୟାରେ ମାତିଛନ୍ତି। ଭାରତର ମଧ୍ୟ ସେଇ ଦୃଷ୍ଟି। କିନ୍ତୁ କିଛି ନ ବିଚାରି ଖାଲି 'ଦୃଷ୍ଟି' ବୋଲି ଆଦର୍ଶଟିଏ ଅନିର୍ଦ୍ଦିଷ୍ଟ ଭାବରେ କହିଦେଲେ କିଛି ହେବ ନାହିଁ। ଭାରତ କୃଷି ପ୍ରଧାନ ଦେଶ। ଶିଳ୍ପ କାରଖାନାରେ ପୁଣି ଯେତେ ମଜୁରି ମିଳିବ, କୃଷିରେ ତାହା କଦାପି କୁତ୍ରାପି ମିଳିବ ନାହିଁ। ଏଥିରେ କୃଷି ଓ ଶିଳ୍ପରେ ଆର୍ଥିକ ସମତା ରଖି ପରିକଳ୍ପନା ଓ କାର୍ଯ୍ୟ କରିବା ଏକ ମହା ସମସ୍ୟା। ମହାତ୍ମା ଗାନ୍ଧି ସେଇ ସମସ୍ୟାର ସମାଧାନରେ ବ୍ୟସ୍ତ। ସେ ଯଥାର୍ଥରେ ରେଳ ଛାଡ଼ି ଗୋରୁଗାଡ଼ିରେ ମାନ୍ଦ୍ରାଜଠାରୁ ଦିଲ୍ଲୀ ସଭାକୁ ଯାତ୍ରା କରିବା କଥା କହୁ ନାହାନ୍ତି।

ସୁଭାଷ ବାବୁଙ୍କ ମତ-

ମାତ୍ର ସେଦିନ କଲିକତାରେ ପ୍ରଫେସର ସାହାଙ୍କର 'ଭାରତ ଶିଳ୍ପ କାରଖାନାର ଦେଶ ହେବା ଉଚିତ ଓ ତା ନ ହେଲେ ପୃଥିବୀର ଅଧୁନାତନ ସଂଘର୍ଷରେ ଭାରତ ତିଷ୍ଠି ପାରିବ ନାହିଁ', ଏସବୁ କଥା ଶୁଣି ସୁଭାଷ ବାବୁ ମତ ଦେବାର ଶୁଣାଗଲା, ଯଥାର୍ଥରେ ଭାରତ ଶିଳ୍ପ କାରଖାନାର ଦେଶରେ ପରିଣତ ନ ହେଲେ, ଭାରତର ଉଦ୍ଧାର ନାହିଁ। ଏକଥାକୁ ଧରି ସୁଭାଷ ବାବୁଙ୍କର ଘୋର ମତ ପରିବର୍ତ୍ତନ ବୋଲି ଖବରକାଗଜମାନେ କହିଲେ। ପୁଣି ପରଦିନ ପ୍ରଫେସର ସାହା ମଧ୍ୟ ସୁଭାଷ ବାବୁଙ୍କୁ ସାଧୁବାଦ କରି ସେଇଭଳି ମତ ବ୍ୟକ୍ତ କଲେ। ମାତ୍ର ସୁଭାଷ ବାବୁ ବା କୌଣସି ଦୃଷ୍ଟିମାନ ରାଜନୀତିକଙ୍କର କେବେ କଳ କାରଖାନା ବରାବର ଭାଙ୍ଗି ଦେବାର ମତ ଥିଲା, ତା ଆମକୁ ଜଣାନାହିଁ। ସୁଭାଷ ବାବୁ ୫୧ ବଳଦର ରଥରେ ଚଢ଼ି 'ହରିପୁରା' କଂଗ୍ରେସକୁ ବିଜେ କରିଥିଲେ ସତ, ମାତ୍ର ସେଥିରୁ କିଛି ପ୍ରମାଣ ହେଉ ନାହିଁ ଯେ ସେ ରେଳ ପରିବର୍ତ୍ତେ ଗୋରୁଗାଡ଼ିକୁ ପସନ୍ଦ କରନ୍ତି। ଆମେ ମଧ୍ୟ 'ସୋମପା' ପିତୃଙ୍କୁ ନିତି ତର୍ପଣ କରୁ। ଏହାର ଅର୍ଥ ନୁହେଁ ଯେ ଆମେ ମଦ ଖାଇବାକୁ ପସନ୍ଦ କରୁ।

ମତର ଯଥାର୍ଥ ନିର୍ଦ୍ଦେଶ ବିନା କଳନା ନାହିଁ -

ତେବେ ଭାରତ କୃଷିଶିଳ୍ପର ଦେଶ ହେବ, ଏ କଥାଟିର ଯଥାର୍ଥ ଅର୍ଥ କଅଣ, ଓ ବ୍ୟାପ୍ତି କେତେଦୂର, ଏହା ଭଲ କରି ବୁଝି ପ୍ରକାଶ କରିବା ଦରକାର। ତାହା ନ ହେବା ଯାଏ ଏପରି ଅନିର୍ଦ୍ଦିଷ୍ଟ କଥାଗୁଡ଼ାକରେ କାହାର ମତ କ'ଣ ତାହା ଜାଣିବାର କୌଣସି

Digitized by PPRACHIN, SOA

ଉପାୟ ନାହିଁ। ମନୁଷ୍ୟ ଓ ସମାଜ ଗଢ଼ିବାରେ କେଉଁ ମତଟିର ପ୍ରୟୋଗ ପ୍ରକ୍ରିୟା କ'ଣ, ତାହା ନଜାଣି ନ ବୁଝି, ଏଇପରି ଅନିର୍ଦ୍ଦିଷ୍ଟ ମତ ପ୍ରକାଶ ଓ ତା'ର ପ୍ରଚାରରେ ମାନବ ଜାତିର, ବିଶେଷରେ ଭାରତର ବହୁତ ଅମଙ୍ଗଳ ହେଉଛି। ଏହାର ନାନା କ୍ଷେତ୍ରରେ ଉଦାହରଣ ଦିଆଯାଇପାରେ। ସେଥିପାଇଁ ମତକୁ କାର୍ଯ୍ୟର ବ୍ୟାପ୍ତି ଓ ପରିସରରେ ନିର୍ଦ୍ଦିଷ୍ଟ କରି ତାହାର ପରିଣାମ କଳ୍ପନା ଓ କଳନା କରିବା ଦରକାର। ତା' ନ ହେବା ଯାଏ ମତଟି ଠିକ୍ ଯେ କଅଣ ତା' ବୁଝିବାର ଉପାୟ ନାହିଁ। ଆଜି ଗାନ୍ଧିପନ୍ଥୀଙ୍କ ସାଧୁବାଦ, କାଲି ପ୍ରଫେସର ସାହାଙ୍କ ସାଧୁବାଦ ମଧ୍ୟରେ ମତର ଯଥାର୍ଥ ନିର୍ଦ୍ଦେଶ ଥିବାର କୌଣସି ପ୍ରମାଣ ନାହିଁ।

ନବ ଭାରତ-୫/୨., ଆଲୋଚନା

ଦେଶର ଅର୍ଥସମସ୍ୟା

ପୃଥିବୀର ଏ ଅର୍ଥସଂକଟ ବେଳେ ସବୁ ଦେଶ ପ୍ରାଣପଣେ ନିଜ ନିଜ ଅର୍ଥ ସମସ୍ୟାର ସମାଧାନରେ ଲାଗିଛନ୍ତି। ଭାରତ ଇଂଲଣ୍ଡ ତଥା ପ୍ରକାରାନ୍ତରେ ଇଂରେଜ ସାମ୍ରାଜ୍ୟର ଅଧୀନ। ଭାରତର ଅର୍ଥ ସମସ୍ୟାର ବିଚାର ଇଂରେଜ ସରକାରଙ୍କ ହାତେ; ତେଣୁ ଇଂଲଣ୍ଡ ତଥା ଇଂରେଜ ସାମ୍ରାଜ୍ୟର ଅର୍ଥ ସମସ୍ୟା ସମାଧାନରେ, ଭାରତକୁ ବ୍ୟବହାର କରାଯାଉଅଛି। ସ୍ୱତନ୍ତ୍ର ଭାବରେ ଭାରତର ଅର୍ଥସମସ୍ୟା ବିଚାର କଲେ ତାହା କି ଆକାର ଧରିବ, ଏବେ ସେ କଥା କହିବା ମଧ୍ୟ ସହଜ ନୁହେଁ। କିନ୍ତୁ ଭାରତର ଦାରିଦ୍ର୍ୟ ଲୋକପ୍ରସିଦ୍ଧ। ପୃଥିବୀର ଅର୍ଥ ସଂକଟ ପୂର୍ବରୁ ମଧ୍ୟ ଏହି ଦାରିଦ୍ର୍ୟ ବଢୁଥିଲା। ଯୁଦ୍ଧପରେ ଇଂଲଣ୍ଡର ଶିଳ୍ପ ବ୍ୟବସାୟ ବଢାଇବାରେ ଭାରତର ଧନ ବ୍ୟବହାର କରିବାର ପନ୍ଥା ଫିଟାଇ ଦିଆ ଯାଉଥିଲା। ସେ ବିଷୟରେ ବିଶେଷ ଆଲୋଚନା ନ କରି ଏହି ଦାରିଦ୍ର୍ୟ ବଢ଼ାଇବାର ଭିତ୍ତି କଣ, ତାହାହିଁ ମୋଟରେ କୁହାଯାଉ।

ବିକା କିଣାରେ ଜଗତର ଅର୍ଥନୀତି ଚାଲେ। ଶିଳ୍ପ ଓ କୃଷି ଦୁଇପ୍ରକାରରେ ଜାତୀୟ ଧନ ବଢ଼େ। ଏହି ଶିଳ୍ପଜାତ ଓ କୃଷିଜାତ ଦ୍ରବ୍ୟର ବିକା କିଣା ବିଚାର କଲେ ଦେଖାଯିବ, କୃଷିଜାତ ଦ୍ରବ୍ୟ ତିଆରି ହେବାରେ ଏକପ୍ରକାର ସୀମାବଦ୍ଧ। ଶିଳ୍ପଜାତ ଦ୍ରବ୍ୟର ପ୍ରକୃତି ତାହା ନୁହେଁ। ଶିଳ୍ପଜାତ ଦ୍ରବ୍ୟ ବଢାଇ ଦିଆ ଯାଇପାରେ; ଲୋକର ଦରକାର ବଢ଼ିଗଲେ ତାହା ମଧ୍ୟ ବହୁତ ବଢ଼ିଯାଇପାରେ। ଶୂନ୍ୟରୁ ଧନ ବାହାର କରି ଭୋଗ କରିବାର ପ୍ରଧାନ ଉପାୟ ହେଉଚି ଶିଳ୍ପ। ଭାରତ ପୂର୍ବେ ପୃଥିବୀକୁ ବହୁତ ଶିଳ୍ପଜାତ ଦ୍ରବ୍ୟ ବିକୁଥିଲା। ତେଣୁ ଭାରତକୁ ପୃଥିବୀର ଲୋକେ ସ୍ୱର୍ଣ୍ଣପ୍ରସୂ ବୋଲି କହୁଥିଲେ। ଏବେ ଇଂଲଣ୍ଡର ଧନ ଇଂଲଣ୍ଡର ଶିଳ୍ପ ଉପରେ ପ୍ରାୟ ସମ୍ପୂର୍ଣ୍ଣ ନିର୍ଭର କରେ। ଯୁଦ୍ଧ ପରେ ଇଂଲଣ୍ଡର ଶିଳ୍ପଜାତ ଦ୍ରବ୍ୟର ବିକିରି ଭାରତରେ ବଢ଼ାଇ ଭାରତକୁ କ୍ରମେ ବେଶି ଦରିଦ୍ର କରିବାର ବାଟ

Digitized by PPRACHIN, SOA

ଫିଟାଇ ଦିଆ ହୋଇଥିଲା। ତଥାପି ଭାରତ ପୃଥିବୀକୁ ଯେତେ କୃଷିଜାତ ଦ୍ରବ୍ୟ ବିକୁଥିଲା, ତାହାଠାରୁ ଅଳ୍ପ ମୂଲ୍ୟର ଶିଳ୍ପଜାତ ଦ୍ରବ୍ୟ ପୃଥିବୀଠାରୁ କିଣୁ ଥିଲା। ଧନ ଆହରଣର ବାଟ କମି ଯାଇଥିଲେ ମଧ୍ୟ ଭାରତର ବର୍ଷକୁ ବର୍ଷ ଆମଦାନି ରପ୍ତାନି ରେ ଅବସ୍ଥା ଏକପ୍ରକାର ସମାନ ରହୁଥିଲା। ଏବେ ସାମ୍ରାଜ୍ୟର ସ୍ୱାର୍ଥ ରକ୍ଷାରେ ମନ ଦେବାରୁ ଓ ସେଥିପାଇଁ ଭାରତକୁ ବ୍ୟବହାର କରିବାରୁ ଭାରତରୁ ବିଦେଶକୁ ଯିବା ଜିନିଷର ମୂଲ୍ୟ ବର୍ଷକୁ ବର୍ଷ କମୁଚି ଓ ଭାରତକୁ ଆସିବା ଜିନିଷର ମୂଲ୍ୟ ପରିମାଣ ବର୍ଷକୁ ବର୍ଷ ବହୁତ ବଢ଼ିଛି। ସେଥିପାଇଁ ଭାରତରେ ଦରିଦ୍ରର ସଂବଳ ସଂଚିତ ସୁନାକୁ ମୂଲ୍ୟର ଲୋଭ ଦେଖାଇ ବିଦେଶକୁ ପଠାଇ ଦିଆଯାଉଛି। ସେଥିରେ ହିଁ କୌଣସି ପ୍ରକାରେ ଭାରତର ବାଣିଜ୍ୟଗତ ଆୟବ୍ୟୟ ଏକପ୍ରକାର ସମାନ ଥିବାର ଦେଖାଇ ଦିଆ ଯାଉଅଛି। କିନ୍ତୁ ଏହା ବେଶି ଦିନ ଚାଲିବ ନାହିଁ। ସୁନା ସରିଗଲେ ଦରିଦ୍ର ଭାରତ କ'ଣ ଯେ କରିବ, ତାହା ଏବେ କହିବା ମୁସ୍କିଲ।

ଭାରତବାସୀ ନିଜ ଦେଶର ଶିଳ୍ପଜାତ ଦ୍ରବ୍ୟ କିଣିବାରେ ବଦ୍ଧପରିକର ହେଲେ ଏ ଅର୍ଥସମସ୍ୟା କିଂଚିତ୍ ସମାଧାନ ହୋଇପାରେ; କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ସେ ଆଶା ନାହିଁ। ପୁଣି ବିଦେଶୀ ବର୍ଜନ ସରକାର ଆଇନ କରି ନିଷେଧ କରିଅଛନ୍ତି। ପୃଥିବୀର ବଜାରରେ ଶସ୍ତା ଦେଖି ଜିନିଷ କିଣିଲେ ମଧ୍ୟ ଆପାତତଃ କିଛି ଦିନ ପାଇଁ ଚିନ୍ତା ଲଗାଇ କ୍ରିୟା ବିଧାନ କରିବାକୁ ବେଳ ମିଳିପାରେ। ଜାତିର ଶିଳ୍ପ ଓ ଅନ୍ୟାନ୍ୟ ପ୍ରକାର ଗଠନ ପାଇଁ ସେଇ କାଳ- ମଧ୍ୟରେ ଧନ ଲଗାଇ ଚେଷ୍ଟା କରାଯାଇ ପାରେ। କିନ୍ତୁ ସେ ଆଶା ନାହିଁ। ଇଂଲଣ୍ଡର ଶିଳ୍ପଜାତ ଦ୍ରବ୍ୟକୁ ଭାରତରେ ବିକାଇ ପାରିଲାଭଳି, ପୃଥିବୀର ଅନ୍ୟଠାରୁ ଆସୁଥିବା ସବୁ ଶିଳ୍ପଜାତ ଦ୍ରବ୍ୟ ଉପରେ ଶୁଳ୍କ ବସାଇ ମୂଲ୍ୟ ଚଢ଼ାଇ ଦିଆଯିବାର ସ୍ପଷ୍ଟ ବ୍ୟବସ୍ଥା ହୋଇଅଛି। ଫଳକଥା, ଯେତେ ଦାମ୍ ହେଉ, ଭାରତର ବିଦେଶୀ ଜିନିଷ କିଣିବାର ହେଲେ ସେ ଇଂରେଜ ଜିନିଷ କିଣିବା ଛଡା ଅନ୍ୟ ଜିନିଷ ଯେପରି ନ କିଣେ, ସେଇ ମାପରେ ଦ୍ରବ୍ୟର ମୂଲ୍ୟ ବଢ଼ାଇ ଦେବା ଭଳି ବିଦେଶାଗତ ଦ୍ରବ୍ୟମାନଙ୍କ ଉପରେ ଟିକସ ବସା ହେଉଛି। ଏଥିରେ ଭାରତର କର୍ତ୍ତବ୍ୟ କଣ, ତାହା ଠିକ୍ କରିବା ସହଜ ନୁହେଁ। ବରାବର ଜାତୀୟତାରେ ପ୍ରାଣିତ ରହି, ବିଦେଶୀ ଜିନିଷ ନ କିଣିବାର ନିଷ୍ଠାରେ ସ୍ଥିର ରହିବା ସମ୍ଭବ ହେଲେଏତେବେଳେ କିଛି ବା କାମ ହୁଅନ୍ତା। କିନ୍ତୁ ସେ ଆଶା ଆକାଶ-କୁସୁମ ପରି, ଅବାସ୍ତବ ଆଦର୍ଶର ଫଳ ଛଡା ଆଉ କିଛି ହୋଇ ନ ପାରେ।

ପଲ୍ଲୀର ସମସ୍ୟା ଓ ଓଡ଼ିଶା-

ଦେଶରୁ ବିକିରି ହେଉଥିବା ଧନ ବିଦେଶରୁ କିଣିବାର ଧନ ଯୋଗାଇ ନ ପାରିଲେ ଜାତିର ଆର୍ଥିକ ଦୁର୍ଗତି, ଶେଷରେ ବିନାଶ ଅନିବାର୍ଯ୍ୟ କେବଳ ସମସ୍ତ ଦେଶ

Digitized by PPRACHIN, SOA

ସଂବଂଧରେ ଏ କଥା ନୁହେଁ, ପ୍ରତ୍ୟେକ ଘରର ଆର୍ଥିକ ପରିସ୍ଥିତିରେ ଏଇ ହିସାବ। ଯେଉଁ ଘରକୁ ଆସୁଥିବା ଧନ ଠାରୁ ଘରୁ ଯାଉଥିବା ଧନ ଅଧିକ ହୁଏ, ସେ ଘର ଭାଙ୍ଗିଯାଏ। ଚାଷ ବାଣିଜ୍ୟ ମୂଲ୍ୟ ପ୍ରଭୃତିରେ ଘରେ ଯେଉଁ ଧନ ଉପୁଜେ ବା ଘରକୁ ଯେଉଁ ଧନ ଆସେ ଘର ବ୍ୟବହାର ପାଇଁ ଯେବେ ତାଠାରୁ ବେଶି ଟଙ୍କା ଖଜଣା ପ୍ରଭୃତି ଦେବା ଓ ଜିନିଷ ପ୍ରଭୃତି କିଣିବାରେ ଖର୍ଚ୍ଚ ହୁଏ, ତେବେ ସେ ଘର ରହେ ନାହିଁ। ସାରା ଭାରତ କଥା ଏଇ ଦୃଷ୍ଟିରେ ଦେଖିଲା ବେଳେ ଭାରତର ଯଥାର୍ଥ ଆର୍ଥିକ ପୀଠ ପଲ୍ଲିକଥା ବିଚାର କରାଯାଉ। ବମ୍ବେ ପ୍ରଭୃତିର ପଲ୍ଲି କି ଅବସ୍ଥାରେ ଅଛି, ତାହା ଏଠାରେ ବିଚାର କରିବାର ସରଞ୍ଜାମ କିଛି ନାହିଁ। ଯେଉଁ ମାନେ ବମ୍ବେ ପ୍ରଭୃତିର କଳ କାରଖାନା ତଥା ସରକାରୀ ବେସରକାରୀ ଅଫିସ ଓ କର୍ମକେନ୍ଦ୍ରମାନଙ୍କରେ କାମ କରନ୍ତି, ସେମାନଙ୍କ ମଜୁରୀ ଧନ ସେଠାରେ ପଲ୍ଲିକୁ କିପରି ପ୍ରଭାବିତ କରେ ତା ବୁଝିବାପାଇଁ ଅନୁସଂଧାନର ପ୍ରୟୋଜନ; ମାତ୍ର ଆମ ନିଜ ପ୍ରଦେଶ ଉତ୍କଳ କଥା ସାଧାରଣ ଭାବରେ ବିଚାର କରିବାରେ ଏବେ କିଛି ଅସୁବିଧା ନାହିଁ। ଏବେ ସରକାରଙ୍କ ଦୃଷ୍ଟି ମଧ ପଲ୍ଲି ଉପରେ। ବେସରକାରୀ କର୍ମୀମାନେ ପୁଣି ପଲ୍ଲିକୁ ଜାତୀୟ ଜୀବନର କେନ୍ଦ୍ରବୋଲି ବୁଝି ପଲ୍ଲିର ବିକାଶ ଓ ସଂସ୍କାରରେ ଲାଗିଚନ୍ତି। ସମସ୍ତେ ଏବେ ଗୋଟି ଗୋଟି କରି ଧରି ପଲ୍ଲିର ହିସାବ ନିଅନ୍ତୁ। ଦେଶ-ବାସୀଙ୍କ ଅବଗତ ନିମନ୍ତେ ତାହା ପ୍ରକାଶ ଓ ପ୍ରଚାର କରନ୍ତୁ। ତେବେ ଦେଖାଯିବ, ଏଇ ଆୟ ବ୍ୟୟ ହିସାବରେ ପଲ୍ଲିର ଆଜି କି ଅବସ୍ଥା। ଯେ କୌଣସି ସାଧରଣ ଗ୍ରାମରେ ହିସାବ ନେଲେ ଦେଖାଯିବ, ଉଦ୍‌ବୃତ୍ତ କୃଷିଜାତ ଦ୍ରବ୍ୟ ଓ ବାହାରରୁ ଆସୁଥିବା ମଜୁରି ପ୍ରଭୃତିରେ ଗ୍ରାମର ଯେତେ ଆମଦାନୀ ହୁଏ, ଗ୍ରାମର ବାହାରେ ଖର୍ଚ୍ଚ ହୁଏ ତହିଁରୁ ବେଶି। ଗ୍ରାମ ଭିତରେ ମଜୁରି ବର୍ତନ ପ୍ରଭୃତି ଦେବା ନେବାରେ ଯେଉଁ ଆଦାନ ପ୍ରଦାନ ହୁଏ, ତାହା ଅବଶ୍ୟ ଏଠାରେ ହିସାବରେ ଆସିବ ନାହିଁ। ବାହାରରୁ ଲୁଗା ଲୁହା, ଲଣ୍ଣନ, କାଚ, ଟର୍ଚ୍ଚ ଆଲୁଅ, ସାଇକଲ୍, ଘଡ଼ି, ବାସନ, ଫଳ, ଶସ୍ୟ, ପରିବା, ଘିଅ, ଚିନି, ଡ଼ିଆସିଲି, ବାଣ, ଖେଳନା, ଅଳଂକାର ପ୍ରଭୃତି କିଣିବା, ଖଜଣା ଦେବା, ମାମଲା ମକଦ୍ଦମାରେ ଖର୍ଚ୍ଚ କରିବା ଓ ଜରିମାନା ପ୍ରଭୃତି ଦେବାରେ ଯେଉଁ ଧନ ଖର୍ଚ ହୁଏ, ସେ ଧନ ଗ୍ରାମରୁ ଯାଏ ବା ରପ୍ତାନୀ ହୁଏ ବୋଲି ବୁଝିବାକୁ ହେବ। ଯଦି ଏହି ଧନ ଠାରୁ ବେଶି ଧନ ଗ୍ରାମରେ ଉପୁଜେ ବା ଗ୍ରାମକୁ ଆସେ, ତେବେ ଗ୍ରାମର ଶ୍ରୀବୃଦ୍ଧି ହେବ। କିଂବା ହିସାବର ଦୁଇ ପାଖ ସମାନ ହେଲେ, ଗ୍ରାମ ଯେ ଅବସ୍ଥାରେ ଅଛି ସେଇ ଅବସ୍ଥାରେ ରହିବ। ଆୟରୁ ବ୍ୟୟ ବେଶି ହେଲେ ଗ୍ରାମ କ୍ରମେ ଉଚ୍ଛନ୍ନ ହୋଇ ଧ୍ୱଂସ ହେବ। ଏବେ ଦେଶବାସୀ ବୁଝନ୍ତୁ- ଓଡ଼ିଶାର କେତେ ଗ୍ରାମରେ ବ୍ୟୟ ଠାରୁ ଆୟ ବେଶି ବା ବ୍ୟୟ ସଙ୍ଗେ ଆୟ ସମାନ। ଓଡ଼ିଶାରେ ଏପରି ଗ୍ରାମ ପ୍ରାୟ ନାହିଁ। ତେବେ ଏ ଦେଶର ଭବିଷ୍ୟତ

Digitized by PPRACHIN, SOA

କଣ ? ଏଠାରେ ପୁଣି ନୂତନ ପ୍ରଦେଶର ଘଟା ଲାଗିଚି। ସେଥିରେ ଆହୁରି ଧନ କ୍ଷୟର ପନ୍ଥା ଘଟିବାର ମଧ୍ୟ ଯୋଗାଡ଼ ଲାଗିଚି। କାଲି ମନ୍ତ୍ରୀମାନେ ଦେଶ ଶାସନ ନିଜେ ହାତକୁ ନେଇ ବୁଝିବେ। ସେମାନେ ସହରରେ ବସି ପଲ୍ଲିର ଏ ଅବସ୍ଥା ପ୍ରତି କାର୍ଯ୍ୟ ବିଧାନ କରିବେତ ? ଏତ ବଡ଼ କଠିନ ରୋଗ। ଏ ରୋଗର ଚିକିତ୍ସା କ'ଣ ? ଦିନକୁ ଦିନ ପଲ୍ଲିରେ ଜାତି ନିର୍ଜୀବ ହେଉଚି। ଏଥିରୁ ଜାତିକୁ ଉଦ୍ଧାର ନ କଲେ ଆଉ ରକ୍ଷା ନାହିଁ। ଏହାରି ସୁପନ୍ଥା ହେଲେ ଦେଶ ରହିବ, ନଚେତ୍ ଆଉ ଆଶା ନାହିଁ।

ବିଦେଶରେ ମଜୁରି -

ଅନେକ ଓଡ଼ିଆ ବିଦେଶରେ ମଜୁରି ଲାଗନ୍ତି। କଲିକତା, ରେଙ୍ଗୁନ୍, ଜେମସେଦପୁର, ଆସାମର ଚା ବଗିଚା ପ୍ରଭୃତି ସ୍ଥାନରେ ଅନେକ ଓଡ଼ିଆ ନିଜର ଜୀବିକା ଅର୍ଜନ କରନ୍ତି। ଦିଲ୍ଲୀ, ସିମଳା ପ୍ରଭୃତିରେ ମଧ ପାଣି କଳ ପ୍ରଭୃତି ପାଇଁ ଓଡ଼ିଆଙ୍କୁ କେବେ କେବେ ନିଆ ହୁଏ। ବନ୍ଦରମାନଙ୍କରେ ଓଡ଼ିଆ ଖଲାସୀ କାମ କରି ସେହି ସୂତ୍ରରେ କେହି କେହି ଜାହାଜରେ ପୃଥିବୀ ବୁଲନ୍ତି। ଏଇମାନଙ୍କର ରୋଜଗାରରୁ କିଛି ପୁଣି ଏ ପ୍ରଦେଶକୁ ଆସେ। ଏପରି କି ଅନେକ ଗ୍ରାମରେ ଲୋକେ ପୈତୃକ ଜମି ରଖିବା ପାଇଁ ବିଦେଶରେ ମଜୁରି ଖଟି ଆଣି ଖଜଣା ଦିଅନ୍ତି। ସେମାନେ ଜମିର ଆଦାୟ ଓ ଖଜଣାର ହିସାବ ରଖନ୍ତି ନାହିଁ। ଏହି ମଜୁରିଆମାନଙ୍କ ରୋଜଗାର ହେତୁ କେତେକ ଗ୍ରାମରେ ଆୟ ବ୍ୟୟ ସମାନ ହୁଏ, କିଂବା କଦାଚିତ୍ ଗ୍ରାମର ଆୟ ବ୍ୟୟରୁ ବଢ଼ିଯାଏ। ସେହି ହେତୁରୁ ଗ୍ରାମସବୁ ଭାଙ୍ଗି ନ ଯାଇ ରହିଚି। ଏହିପରି ବିଦେଶରେ ମଜୁରି ଲାଗିବା ଓଡ଼ିଆଙ୍କ ସଂଖ୍ୟା ଯେତେ ବଢ଼ିବ ଓ ମଜୁରିର ପରିମାଣ ମଧ ଯେତେ ବଢ଼ିବ, ସେଥିରେ ଓଡ଼ିଶାର ଆର୍ଥିକ ଉନ୍ନତି ହେବାର ଆଶା ଥିଲା; କିଂତୁ ସେ ଆଶା କ୍ରମେ ଲୋପ ପାଇଁବାକୁ ବସିଚି। ଏହା ମଧ ବୁଝିବା ପ୍ରୟୋଜନ।

ପ୍ରାଦେଶିକତାର ଠେଲା-

ପ୍ରାଦେଶିକତା ଭାରତୀୟ ଜାତୀୟ ଭାବ ହିସାବରେ ଭଲ ହେଉ ବା ନ ହେଉ, ପୁଣି ତାହାର ଉଚିତ ସୀମା ପରିସର ଯାହା ହେଉ, ସରକାରୀ ବିଧାନ ହେତୁରୁ ହେଉ ବା ଅନ୍ୟ କାରଣରୁ ହେଉ, ପ୍ରାଦେଶିକତା ଭାରତ ଶାସନ ଶୃଙ୍ଖଳାରେ ଗୋଟିଏ ଅପରିହାର୍ଯ୍ୟ ଉପାଦାନ ରୂପେ ଦିନକୁ ଦିନ ବଢୁଚି। ପୂର୍ବରୁ ଭାରତ ସଭ୍ୟତା ପ୍ରାଦେଶିକ ସଭ୍ୟତାର ସଂଶ୍ଳେଷଣ ଓ ସଂହିତିରେ ବଢ଼ିଥିଲା। ଏବେ ସେଇ ନୀତିର ଅନୁକୃତି ବାହାନାରେ ଶାସନ ବିଧାନରେ ପ୍ରାଦେଶିକ ସ୍ୱାତନ୍ତ୍ର୍ୟ ସ୍ୱୀକାର କରାଯାଇ ପ୍ରତିଷ୍ଠିତ ହୋଇଚି। ହେଲେହେଁ, ସେପରି ହେବା ଉଚିତ କି ନୁହେ, ସେ ବିଚାର ଏଠାରେ କରାଯାଉ ନାହିଁ। ପ୍ରାଦେଶିକ ଭାବରେ ଆର୍ଥିକ ପରିସ୍ଥିତି ଦେଖିବା ଛଡ଼ା ଏବେ ଆଉ ଉପାୟ ନାହିଁ।

Digitized by PPRACHIN, SOA

ପୁଣି ଏବେ ଦେଶରେ ଅକର୍ମା ବଢୁଚନ୍ତି। ଲୋକଙ୍କୁ ମଜୁରି ମିଳୁ ନାହିଁ। ଏ ଗୋଟିଏ ସମସ୍ୟା। ଏହାର ସମାଧାନରେ ପ୍ରଦେଶମାନେ ସ୍ୱତନ୍ତ୍ର ଭାବରେ ଲାଗୁଚନ୍ତି ଓ ଲାଗିବେ। ଯୁକ୍ତ ପ୍ରଦେଶରେ ଏଥିପାଇଁ ଏକ କମିଟି ବସି ଅନୁସଂଧାନ କରି ରିପୋର୍ଟ ଦେଇ ସାରିଲେଣି। ବଙ୍ଗରେ ବଂଗରକ୍ଷା ସଂଘମାନ କରି ପ୍ରଦେଶର ସବୁ ମଜୁରି କାମ ସୁଦ୍ଧା ସେଇ ପ୍ରଦେଶ ଲୋକଙ୍କୁ ଦେବା ପାଇଁ ଘୋର ଉଦ୍ୟମ ଲାଗିଚି। ଆଚାର୍ଯ୍ୟ ପ୍ରଫୁଲ୍ଲଚନ୍ଦ୍ରଙ୍କ ପରି ବିଶିଷ୍ଟ ବଂଗ ନେତାମାନେ ସ୍ୱସ୍ୱାକ୍ଷରରେ ଲେଖି ପ୍ରଚାର କରୁଚନ୍ତି- "ଓଡିଆ ଓ ମାରୁଆଡ଼ିଙ୍କୁ ବଂଗ ଦେଶରୁ ନ ତଡ଼ିଲେ ଆଉ ବଂଗ ଦେଶର ରକ୍ଷା ନାହିଁ।" ମାରୁଆଡ଼ିଙ୍କୁ ତଡ଼ିବା କିଂତୁ ଏତେ ସହଜ ନୁହେଁ। ବହୁତ ବଂଗାଳୀ ଚାକିରି, ବାଣିଜ୍ୟ ତଥା ଭିକ୍ଷାପାଇଁ ତାଙ୍କ ଦ୍ୱାରସ୍ଥ ହୁଅନ୍ତି; କିଂତୁ ବିଚରା ଓଡିଆ କୁଲି ଚେହେରାର ସେଠାରେ ହୁଏତ ଆଉ କେହି ପୃଷ୍ଠପୋଷାକ ବା ଆଶ୍ରୟ ରହିବେ ନାହିଁ। ବ୍ରହ୍ମଦେଶରେ ଭାରତୀୟଙ୍କ ବିରୁଦ୍ଧରେ ଯେ ଆଭିମୁଖ୍ୟ ଦେଖାଗଲାଣି, ସେଥିରେ ରେଙ୍ଗୁନ ପ୍ରଭୃତି ସ୍ଥାନରେ ମଧ୍ୟ ଓଡ଼ିଆଙ୍କର ସ୍ଥାନ ଆଉ ବେଶି ଦିନ ନୁହେଁ। ଆସାମରେ ମଧ୍ୟ ପ୍ରସ୍ତାବ ହେଲାଣି, ଯେଉଁ କୁଲିମାନେ ଜମି ଘରଦ୍ୱାର କରି ଆସାମରେ ରହିବାକୁ ପ୍ରସ୍ତୁତ, ସେମାନେ ଆଗ କୁଲିରୂପେ ନିଆ ହେବେ। ସେଥିପାଇଁ ଆସାମ ସରକାର ଓ ଜମି ମାଲିକମାନେ ମଧ୍ୟ ବିସ୍ତର ଜମି ଛାଡ଼ି ଦେଉଛନ୍ତି। ଏସବୁ ବିଚାର କଲେ, ଓଡ଼ିଆ ରହିବେ ଆଉ କେଉଁ ବିଦେଶରେ? ବିଦେଶରୁ ଓଡ଼ିଆ କାମ ଛାଡ଼ି ଫେରି ଆସିବାରେ ସ୍ରୋତ ଚାଲିଲେ, ଓଡ଼ିଶାର ଆର୍ଥିକ ତଥା ସାମାଜିକ ଅବସ୍ଥା କଣ ହେବ? ଏହା ଭାବିଲେ ପ୍ରାଣରେ ଆତଙ୍କ ହୁଏ।

ଓଡ଼ିଆଙ୍କ କାରିଗରୀ-

ସମସ୍ତ ପ୍ରାଦେଶିକତା ସତ୍ତ୍ୱେ ଗୋଟିଏ ଉପାୟ ଅଛି, ଯାହା ଧଇଲେ ଓଡ଼ିଆଙ୍କୁ ବିଦେଶରୁ କେହି ସହଜରେ କାଢ଼ିଦେଇ ପାରନ୍ତେ ନାହିଁ। ସସ୍ତା ଓ ସୁବିଧାରେ କାର୍ଯ୍ୟ କରାଇବା ନିମନ୍ତେ ଯେ ଦରକାର ତାକୁ କେହି କାଢ଼ି ନ ପାରେ। ଓଡ଼ିଆ ହୁଏତ ସସ୍ତାରେ କାମ କରନ୍ତି। ସେହି ସୂତ୍ରରେ ସେମାନେ ଆଜିଯାଏ ନିରାପଦରେ ବିଦେଶରେ ମଜୁରୀ ସ୍ଥାନ ସବୁ ଅଧିକାର କରି, ଦିନକୁ ଦିନ ସେ ସ୍ଥାନର ପରିସର ବଢ଼ାଉଥିଲେ। କିନ୍ତୁ ଏବେ ସବୁଠାରୁ ଅକର୍ମା ସମସ୍ୟା ଘନୀଭୂତ ହେଉଚି। ଭୂମିରୁ ଉତ୍ପନ୍ନ ଶସ୍ୟର ଦର କମିଯାଇ ଲୋକଙ୍କୁ ଉଚ୍ଛନ୍ନ କରୁଚି। ସମସ୍ତେ ସେଥିପାଇଁ ସସ୍ତାରେ କାମ କରିବାକୁ ରାଜି। ଏତେବେଳେ ପୁଣି ନିଜ ଦେଶର ଲୋକେ ସସ୍ତାରେ କାମ କରିବାକୁ ରାଜି ହେଲେ ଓଡ଼ିଆଙ୍କୁ ପଚାରେ କିଏ?

ଓଡ଼ିଆଙ୍କୁ ତଥାପି ପଚାରିବାର ଆହୁରି ଗୋଟିଏ କାରଣ ଥାଇପାରେ। ତାହା ଓଡ଼ିଆଙ୍କ କାମରେ କାରିଗରି। ଓଡିଆ ଭଲ କାରିଗର। ସେଥିପାଇଁ କଲିକତା ପ୍ରଭୃତି ପରି

Digitized by PPRACHIN, SOA

ସ୍ଥାନରେ ପାଣିକଳ, ପାଇଖାନା ଓ ଗ୍ୟାସରେ ବହୁ କାଳ ଓଡିଆଙ୍କର ଏକାଧିପତ୍ୟ ଥିଲା। ସିମଳା ସରକାର ମଧ୍ୟ ବେଶି ଟଙ୍କା ଦେଇ ପାଣିକଳ ପାଇଁ ଓଡିଆ କୁଲି ମଗାଇ ନେଇଛନ୍ତି। କିନ୍ତୁ ପୁରୁଷାନୁକ୍ରମେ ପରଂପରାରେ ମାତ୍ର ଯେମିତି କାରିଗରି ନିହିତ ରହିଚି, ତାଛଡା ଓଡିଆଙ୍କର ଆଉ କିଛି ନାହିଁ। ଦରିଦ୍ର ଓଡିଆ ନିଜର ବା ଜାତିର ଭବିଷ୍ୟତ ଭାବି କାର୍ଯ୍ୟ କରେ ନାହିଁ। ତାହା କରିବାକୁ ବି ତାର ବଳ ନାହିଁ। ପାଣିକଳ ପ୍ରଭୃତିରେ କାରିଗରି ଓଡ଼ିଆମାନଙ୍କର ବହୁ କାଳରୁ ଅଛି। କିନ୍ତୁ ଆଜିଯାଏ ଓଡିଆଙ୍କ ଭିତରେ ଇଂଜିନିୟର ବା ବଡ କଣ୍ଟ୍ରାକ୍ଟରଟିଏ ମଧ୍ୟ ଥିବାର ଦେଖାଯାଏ ନାହିଁ। ବିଦେଶରେ ଯାଇ ଶୃଙ୍ଖଳାବଦ୍ଧ ଭାବରେ ନିଜ ନିଜର ତଥା ପିଲାଙ୍କର କାରିଗରି ବଢାଇବାର ପ୍ରବୃତ୍ତି ଓ ତଦନୁରୂପ କ୍ରିୟା ଓଡିଆଙ୍କର ନାହିଁ। ଫଳରେ ଆଜି ଯେତେବେଳେ ସସ୍ତାରେ ଇଂଜିନିୟର, ଓଭରସିଅରମାନେ ମିଳୁଚନ୍ତି, ପୁଣି ସେମାନେ ସେଇ ପ୍ରଦେଶର ଅନ୍ୟ ସାଧାରଣ ଅକର୍ମାଙ୍କୁ ଶିଖାଇ ତାଲିମ୍ କରି ମଜୁରି ଲଗାଇବାରେ ବ୍ୟସ୍ତ ଓ ପ୍ରସ୍ତୁତ, ସେତେବେଳେ ଓଡିଆଙ୍କ ବିକ୍ଷିପ୍ତ ପାରଂପରିକ କାରିଗରି ତାଙ୍କୁ କେତେ ସାହାଯ୍ୟ କରିବ ?

ନବଭାରତ-୨/୮, ଆଲୋଚନା

ଭୋଗ ଓ ତ୍ୟାଗ

ଲୋକର ଭୋଗ ପାଇଁ ଏବେ ସଭ୍ୟତାର ଚରମ ତାଣ୍ଡବ । ଅବଶ୍ୟ ଭୋଗ ଜୀବୀ ଧର୍ମ । ଜନ୍ତୁ କାମନା ମାତ୍ରରେ ଚାଳିତ । କିନ୍ତୁ ଭାରତର ପ୍ରାଚୀନ ଦ୍ରଷ୍ଟାମାନେ ବରାବର କହିଥିଲେ, ତ୍ୟାଗ ହିଁ ଭୋଗ । ତ୍ୟାଗ ହିଁ ମାନବର ମାନବତ୍ୱ । ଜୀବୀଧର୍ମରୁ ଏହା ମାନବର ବିଶେଷ । ଏହା ଯେ କହୁଥିଲେ ତାଙ୍କୁ କହନ୍ତି ଦ୍ରଷ୍ଟା, ଅର୍ଥାତ୍ ସେ ଦେଖୁଥିଲେ । ଏବେ ଯେଉଁମାନେ ଭୋଗକୁ ଧରୁଛନ୍ତି ସେମାନେ ଯଥାର୍ଥରେ ତ୍ୟାଗକୁ ହିଁ ଧରିଛନ୍ତି, କିନ୍ତୁ ଦେଖୁ ନାହାନ୍ତି । ତ୍ୟାଗକୁ ଭୋଗ ବୋଲି କହି ଛାଇକୁ କାମୁଡ଼ି ଧରିଛନ୍ତି । ମନୁଷ୍ୟକୁ ଜନ୍ତୁ ସଙ୍ଗେ ସମାନ ମଣି କାର୍ଯ୍ୟରେ ଲାଗିଚି ବୋଲି ବିଚାରୁଛନ୍ତି । କିନ୍ତୁ ଯଥାର୍ଥରେ ତାହା ସେ କରୁନାହାନ୍ତି । ସେ ଦ୍ରଷ୍ଟା ନୁହଁନ୍ତି। ତେଣୁ ଜଗତରେ ଆଜି ଘୋର ଗଣ୍ଡଗୋଳ ।

ସାମ୍ୟବାଦ ଲୋକର ଭୋଗର ବ୍ୟବସ୍ଥା କରିବ । ଲେନିନ୍ ନିଜ ଭୋଗର ବ୍ୟବସ୍ଥା କରୁନଥିଲେ। ଆଜି ମଧ ଯେତେ କ୍ଷୁଦ୍ର ହୁଅନ୍ତୁ ନା କାହିଁକି, ଯେ ସେଇ ମୁଖରେ ସମାଜର ସଂସ୍କାର ଲୋଡୁଛନ୍ତି ତାଙ୍କର ନିଜ ଭୋଗ ସଙ୍ଗେ ସମ୍ପର୍କ ନାହିଁ। ସେ ଆଡ଼କୁ ଦୃଷ୍ଟି ପର୍ଯ୍ୟନ୍ତ ନାହିଁ, ସବୁବେଳେ ଦୃଷ୍ଟି ଅନ୍ୟର କିପରି ଭୋଗ ବ୍ୟବସ୍ଥା କରିବେ । ମାତ୍ର ପ୍ରଭେଦ ଏହିଠାରେ। ସେ ଅନ୍ୟର ଭୋଗ ବ୍ୟବସ୍ଥା କଲାବେଳେ ନିଜର ବା ଏହିପରି ସଂସ୍କାରକ ମାନଙ୍କର କ୍ରିୟାର ତତ୍ତ୍ୱ, ଆଦର୍ଶରେ ପ୍ରଚାର କରୁନାହାନ୍ତି। ତେବେ ସେ ପ୍ରଚାର କରନ୍ତେ,

Digitized by PPRACHIN, SOA

ଆମେମାନେ ଯେପରି ଅନ୍ୟର ସୁବିଧା ଅସୁବିଧା ଘେନି ବ୍ୟାକୁଳ, ଜଗତରେ ସମସ୍ତେ ସେଇପରି ବ୍ୟାକୁଳ ହୁଅନ୍ତୁ । ଏହା କହିଲେ ସେ ହୁଅନ୍ତେ ଦ୍ରଷ୍ଟା । ଏହା କହିଲେ ମଧ୍ୟ ସଙ୍ଗେ ସଙ୍ଗେ ଜୀବୀ ଧର୍ମ ମାନବତ୍ୱରେ ପରିଣତ ହୁଅନ୍ତା । ଏହି ପ୍ରଭେଦଟିକ ହେତୁରୁ ଜଗତରେ ସମାଧାନ ପଛକୁ ଘୁଞ୍ଚି ଯାଉଚି । ଦ୍ୱନ୍ଦ୍ୱର ତାଣ୍ଡବ ସଭ୍ୟତାକୁ ବେଳକୁ ବେଳ ଗ୍ରାସ କରୁଚି ।

ଏଇ ଇଂରେଜ ସମ୍ରାଜ୍ୟର ଗୋଟିଏ ଖମ୍ଭ ପରି ଦିନେ ଲିଭିଙ୍ଗ୍‌ଷ୍ଟୋନ୍ ବୋଲି ଜଣେ ସାହେବ ଆଫ୍ରିକାର ଜଙ୍ଗଲ ଭିତରେ ନୀଳ ନଦୀର ଆଦିସ୍ଥାନ ଖୋଜି ଖୋଜି ହିଂସ୍ରଜନ୍ତୁ ଓ ହିଂସ୍ରତର ମାନବ ମାନଙ୍କ ମଧ୍ୟରେ ପ୍ରାଣାନ୍ତ ଶ୍ରମ ପରେ ତାହା ପାଇଥିଲେ । ସେ ଇଂଲଣ୍ଡକୁ ଫେରିଲେ ମଧ୍ୟ ସେଠାରେ ରହିନପାରି ପୁଣି ସେହି ବର୍ବର ଭୂମି ପ୍ରତି ଆକୃଷ୍ଟ ହେଉଥିଲେ । ଏଥିରେ ତାଙ୍କର ନିଜର କି ଭୋଗର ଆଦାନ ଥିଲା । କିନ୍ତୁ ଲୋକେ କହିବେ, ସେ ନିଜର ବଡ଼ାଇ ବାହାଦୂରି ବା ଇତିହାସରେ ନାମ ନିମନ୍ତେ ତାହା କରୁଥିଲେ । ତାହାହିଁ ତାଙ୍କର ଭୋଗ । ହୁଏତ ସେଇ ଭୋଗର ଆଦାନରେ ଲେନିନ୍ ମଧ୍ୟ ଲାଗିଥିଲେ, ହେଲା । ଯୁକ୍ତି ପାଇଁ ତାହା ହିଁ ଯଦି ଧରାଯାଏ, ତେବେ ଏପରି ବଡ଼ାଇ ବାହାଦୂରି ବା ଇତିହାସରେ ନାମ ରଖିବା କଦାପି ଜୀବୀ ଧର୍ମ ନୁହେଁ । ଏ କାମନା ଜନ୍ତୁର କାମନା ନୁହେଁ । ଏହା ବିସ୍ତୀର୍ଣ୍ଣ । ଦେଶ କାର୍ଯ୍ୟରେ ଏହାର ସୀମା ପରିସର ଦେଖି ବସିଲେ ଏହାର ପ୍ରକୃତି ବୁଝାଯିବ । ଏହାର ପ୍ରକୃତି ଭୌତିକ ନୁହେଁ, ଆତ୍ମିକ । ଏହା ହିଁ ଜୀବୀ ମାନବର ମାନବତା । ଏହି ନାମ ପ୍ରୟାସ କୌଣସି ଭୌତିକ ସୁଖର ମାପ କାଠିରେ ମପା ଯିବାର ବସ୍ତୁ ନୁହେଁ । ଏହା ଅନ୍ତରାତ୍ମାର ବିକାଶ । ଏହାହିଁ ଦେଖିଲେ ମାନବ ଦ୍ରଷ୍ଟା ।

ଅନ୍ୟ ଦିଗକୁ ଦେଖ, ମନୁଷ୍ୟର ଭୋଗ କ'ଣ ? ମନୁଷ୍ୟ ଭୋଗ ପାଇଁ ଧନ ସଂଚୁଛି, ମଟର, ଏରୋପ୍ଲେନ୍, କରୁଛି, ଦାସ ଦାସୀ ରଖୁଛି, ସିନେମା ଦେଖୁଛି, ଏଇପରି ଅନେକ କଥା କରୁଛି । ଏସବୁଥିରେ ଜୀବୀର ଯାହା ଭୋଗ, ତାର ମାତ୍ରା କେତେ ? କେହି କାରଖାନାର ଲୁହା ବା ମୋହରର ସୁନା ଖାଏନାହିଁ । ତଥାପି ସେସବୁ ଭୋଗର ସାମଗ୍ରୀ । ବାସ୍ତବରେ ସଂଚିତ ଧନ ପରହାତକୁ ଦେବାହିଁ ଭୋଗ । ଯେତେ ଭୋଗ ବଢ଼େ ସେତେ ନିଜର ଧନ ପରର ଭୋଗରେ ଲାଗେ। ଏହା ହିଁ ମାନବର ଭୋଗ, ଜୀବୀର ଭୋଗଠାରୁ ଏହାର ପ୍ରଭେଦ ସ୍ପଷ୍ଟ। ଭୋଗ ମଧ୍ୟରେ ଏହି ତ୍ୟାଗ ଦେଖିବା ହିଁ ଯଥାର୍ଥ ଦେଖିବା। ଏହା ହିଁ ଯେ ଦେଖେ ସେ ଦ୍ରଷ୍ଟା। ତାହାରି ବଚନ ହିଁ ଆପ୍ତ ବଚନ ।

ଏହି ତ୍ୟାଗକୁ ତ୍ୟାଗ ନକହି କର୍ତ୍ତବ୍ୟ କହନ୍ତି । କର୍ତ୍ତବ୍ୟ ଜୀବୀ ଧର୍ମ ନୁହେଁ, ଏହା ମନୁଷ୍ୟ ଧର୍ମ । ସନ୍ତାନପାଳନାଦିରେ ଜୀବୀର କର୍ତ୍ତବ୍ୟ ଦେଖାଯାଏ । ମାତ୍ର ତାହାର ସ୍ତର ବଡ଼ ତଳେ । କର୍ତ୍ତବ୍ୟରେ ଲୋକ ସବୁବେଳେ ନିଜ ଭିତରୁ ବାହାରି ଅନ୍ୟର ଅଭାବ

Digitized by PPRACHIN, SOA

ଖୋଜି ବୁଲେ। ଏହି ପରପ୍ରାଣତା ତ୍ୟାଗର ଯଥାର୍ଥ ଜୀବନ। କର୍ତ୍ତବ୍ୟ ତ୍ୟାଗର ଗୋଟିଏ ପରଂପରା।

ଜଗତରେ ଦୁସ୍ଥର ଭୋଗାଧୀନ କରାଇବା ମନୁଷ୍ୟତା । ତାହା ସର୍ବବାଦୀସମ୍ମତ । ଏଠାରେ ବୁଦ୍ଧ ଲେନିନ୍‌ଙ୍କର ଭେଦ ନାହିଁ। ମାତ୍ର ଦୁସ୍ଥ ଆରମ୍ଭରୁ ନିଜେ ନିଜର ଏ ଭୋଗାଧୀନ କରିବାରେ କଦାପି ପ୍ରବୃତ୍ତ ହୁଏ ନାହିଁ । ହୋଇପାରେ ନାହିଁ। ଯାହାର ସ୍ୱାଚ୍ଛନ୍ଦ୍ୟ ଅଛି ସେହି ନିଜର ପରପ୍ରାଣତା ଓ କର୍ତ୍ତବ୍ୟରେ ବ୍ୟାପ୍ତ ହୋଇ ଯେଉଁ କ୍ରିୟା ପରଂପରା ସୃଷ୍ଟି କରନ୍ତି ତାହା ହିଁ ଜଗତରେ ଦୁଃସ୍ଥର ଦୁଃସ୍ଥତା ଦୂରକରେ । ଏଠାରେ ଭୋଗ କାହିଁ ? ଦୁଃସ୍ଥକୁ ଆଜି କହିଲେ ମଧ୍ୟ ସେ ପେଟକଥା ଛାଡ଼ି ପର କଥାରେ ମନ ବଳାଇବାରେ କିପରି ସମର୍ଥ ହୁଏ, ତାହା ଦେଖିବାର ଅଛି । ଏହା ହିଁ ଯେ ଦେଖେ ସେ ଦ୍ରଷ୍ଟା । କର୍ତ୍ତବ୍ୟ ହିଁ ମାନବ ସମାଜର ପୀଠ। ଏହା ଦେଖିବା ହିଁ ଯଥାର୍ଥ ଦେଖିବା ।

ନବଭାରତ-୩/୫, ଆଲୋଚନା

ପେଟ ସମସ୍ୟାର ସମାଧାନ

ଏବେ ମାନ୍ଦ୍ରାଜଠାରେ ବଂଗଳାର ସାର ପ୍ରଫୁଲ୍ଲଚନ୍ଦ୍ର ରାୟ କହିଛନ୍ତି, "ଭାରତର ପ୍ରଧାନ ସମସ୍ୟା ଏବେ ହେଉଚି- ଲୋକଙ୍କର ଖାଇବା ଯୋଗାଡ଼ କରିବା। ଏ ବର୍ଷ କଲିକତା ବିଶ୍ୱବିଦ୍ୟାଳୟରେ ୨୫୦୦୦ ଛାତ୍ର ମାଟ୍ରିକୁଲେଶନ୍ ଦେଇଥିଲେ, ପଞ୍ଜାବରେ ୨୦୦୦୦। ମାନ୍ଦ୍ରାଜରେ ଏଥିରୁ କମ୍ ହୋଇନଥିବ। ଏଥିରୁ ସମାନ ଅନୁପାତରେ କୃତୀ ଛାତ୍ରମାନେ ଉଚ୍ଚ ଶିକ୍ଷା ପାଇଁ ଯିବେ। ଏଣେ ସ୍କୁଲ କଲେଜରୁ ବାହାରି ଖାଇବାକୁ ନ ପାଇ ଆତ୍ମହତ୍ୟା କରିବାର ଦୃଷ୍ଟାନ୍ତ ପ୍ରତିଦିନ ବଢୁଚି। ଏ ସମସ୍ୟାର ସାମଧାନ ହେଉଛି-ପିଲାଦିନେ ସବୁପ୍ରକାର ଶିକ୍ଷା କେବଳ ନିଜ ଦେଶୀ ଭାଷାରେ ହେବା ଉଚିତ। ଜାପାନରେ ୭ ବର୍ଷଠାରୁ ୧୪ ବର୍ଷଯାଏ ପିଲା ସଂବଂଧରେ ଏଇ ବ୍ୟବସ୍ଥା। ଏଥିରେ ପିଲାଏ ଶୀଘ୍ର ଜ୍ଞାନ ଲାଭ କରିବେ। ୧୪ବର୍ଷ ପରେ ପିଲାକୁ ଶିଳ୍ପ ଓ ବ୍ୟାବସାୟ ଶିକ୍ଷା ଦେବାକୁ ହେବ। ପିଲାମାନେ ବ୍ୟବସାୟ ଓ କାରଖାନାମାନଙ୍କରେ କିପରି ଶିକ୍ଷାର୍ଥୀ ରୂପେ ନିଆଯିବେ ତାର ବ୍ୟବସ୍ଥା କରିବାକୁ ହେବ। କେବଳ ଯେଉଁମାନେ ଧନ ଓ ବୁଦ୍ଧି ବିଚକ୍ଷଣତାରେ ଉପର ଶିକ୍ଷାପାଇଁ ଉପଯୁକ୍ତ ଥିବେ, ସେଇମାନେ ଉପାଧି ପାଇବାକୁ ଉପରକୁ ଯିବେ। ସେଥିରେ ହିଁ ଆମର ନିଉଟନ୍, ଆଇନ୍‌ଷ୍ଟାଇନ୍ ଓ ରୋମାଁରୋଲାଁ ଯଥେଷ୍ଟ ବାହାରିପାରନ୍ତି।"

ମୋଟାମୋଟି ଏ କଥାରେ ସତ୍ୟପୂର୍ଣ୍ଣ ଅଛି। ମାତ୍ର ଏ ସତ୍ୟ ସାଧାରଣ ଜନନୀତି- ଭାରତ ପାଇଁ ଏ ନୀତିର ପ୍ରୟୋଗ ବିଚାର ବସିଲେ ବହୁତ ଅଙ୍ଗେ ନିଭାଇବା କଥା ଭାବିବାର ଅଛି। ଏ ଦେଶରେ ଶିଳ୍ପ ବ୍ୟବସାୟ କାହିଁ? ସେଥିପାଇଁ ମୂଳଧନ ବା କିଏ କେଉଁଠାରେ ଖଟାଉଚି? ସରକାରଙ୍କର ସବୁ ମିଶି ପ୍ରାୟ ୮୦ କୋଟି ଟଙ୍କାର ମାଲ

Digitized by PPRACHIN, SOA

ବର୍ଷକୁ ଖରିଦ ହୁଏ। ସେ ସବୁ ତ ବ୍ୟବସାୟର ଲାଭ କ୍ଷତି ହିସାବ କରି କିଣା ହେବ ଫଳରେ ସେ ସବୁର ବିଶେଷ ଭାଗ ବିଲାତକୁ ଯିବ। ସମସ୍ତ ଆବଶ୍ୟକ ଜିନିଷ ଭାରତ କେବଳ ନିଜ ଦେଶରେ ତିଆରି କରିବ ଓ ନିଜ ଦେଶର ଜିନିଷକୁ ଆଗ ପସନ୍ଦ କରିବ- ଏହି ନୀତିବିରୁଦ୍ଧରେ ଆଇନ ତିଆରି ହେଉଛି। ଏପରି ସ୍ଥଳେ ଜାପାନର ନୀତି ଧରି ଏ ଦେଶରେ ପ୍ରତିଧ୍ୱନି କରି କି ଲାଭ ?

ନବଭାରତ-୨/୨, ଆଲୋଚନା

ଅର୍ଥନୀତିକ ସମ୍ମିଳନୀ, (Economic Conference)

ଖାଲି ବଡ଼ କାରଖାନା ପନ୍ଥା ନୁହେଁ

ଗଲା ଡିସେମ୍ବର ୨୬ତାରିଖ ଦିନ ପାଟଣାଠାରେ ଏହି ଅର୍ଥନୀତିକ ସମ୍ମିଳନୀର ଅଷ୍ଟାଦଶ ବାର୍ଷିକ ଅଧିବେଶନ ବସିଥିଲା। ବମ୍ବେର ସି.ଏନ୍.ଭକିଲ୍ ସଭାପତି ହୋଇଥିଲେ। ସେ କହିଥିଲେ, "ଭାରତର ବର୍ତ୍ତମାନ ଅର୍ଥନୀତିରେ କୌଣସି ସୁଚିନ୍ତିତ ଓ ଦୃଢ଼ମତ ପ୍ରକାଶ ପାଇବା ଭଳି ଅବସ୍ଥା ଆସିଛି ବୋଲି ମନେ ହେଉନାହିଁ। ସରକାର, ଧନୀ, କାରଖାନାର ନିୟନ୍ତାମାନେ, ରାଜନୀତିକମାନେ ପୁଣି ଖାଲି ପାଠପଢୁଆ ପ୍ରଫେସରମାନେ ସାଧାରଣତଃ ଏ ବିଷୟରେ ମତ ଦିଅନ୍ତି। ଦେଶର କୃଷକ ମତଦେବା ଭଳି ଅବସ୍ଥାକୁ ଆସିନାହାନ୍ତି। କାରଖାନାର ଶ୍ରମିକମାନେ କୌଣସିଠାରେ ନିଜର ସଂଗଠନରେ ଲାଗିଛନ୍ତି ସତ, କିନ୍ତୁ ତାହା ଏବେ ମଧ୍ୟ ସୁପରିଚାଳିତ ବା ଯଥେଷ୍ଟ ନୁହେଁ।

ଖାଲି ବଡ଼ କାରଖାନା ଅର୍ଥୋନ୍ନତିର ପନ୍ଥା ନୁହେଁ

ଭାରତ କୃଷକ ଓ ମଧ୍ୟବିତ୍ତଙ୍କର ଦେଶ। ଏ ଦେଶରେ ଧନିକ ଓ କାରଖାନାର ଅଧିକାରୀ ଓ ଚାଳକମାନେ ଯଥାର୍ଥରେ ଅର୍ଥନୀତିର ସମାଧାନ କରିପାରିବେ ନାହିଁ। କିନ୍ତୁ ଏ କଥା ସତ୍ୟ ଯେ କାରଖାନାସର୍ବସ୍ୱ ଦେଶମାନଙ୍କର ଅନୁକୃତିରେ ଏ ଦେଶର ଅର୍ଥନୀତି ଦିନକୁ ଦିନ ବିଭ୍ରାନ୍ତ ଦିଗରେ ଗତି କରୁଅଛି। ଶ୍ରମିକ ସଂଗଠନଠାରୁ ତଥାକଥିତ ସାମ୍ୟବାଦ ପର୍ଯ୍ୟନ୍ତ ସବୁ ସେହି କାରଖାନା ବା ତଦ୍‌ବିଧ ସ୍ଥାନର ପୁଞ୍ଜିଭୂତ ଶ୍ରମିକମାନଙ୍କୁ ଘେନି ବ୍ୟସ୍ତ। ସାରା ଦେଶରେ କୃଷକ, ଗ୍ରାମଶିଳ୍ପୀ ଓ ଜାନପଦ ଶ୍ରମିକ ପୂରି ରହିଅଛନ୍ତି। ଆଜି ପୃଥିବୀର ଆର୍ଥିକ ଅବସ୍ଥା ସଙ୍ଗେ ସଙ୍ଗେ ଭାରତର ଆର୍ଥିକ ଅବସ୍ଥା ଭୟଙ୍କର ଦୁର୍ଗତିରେ ପଡ଼ିଅଛି। ଭାରତର ଜାନପଦ ଶିଳ୍ପୀ କିଛି ତିଆରି କରୁନାହିଁ। ଅତଏବ ସେ ଦିଗରେ ଅର୍ଥାଗମର ପନ୍ଥା ନାହିଁ। ତାକୁ କାମ ମିଳୁନାହିଁ। ସେଥିରେ ପୁଣି କୃଷକର ଆୟଦ୍ରବ୍ୟ ଏତେ ଶସ୍ତା ହୋଇଛି ଯେ, ତାହାର ଖଜଣା ଦେଇ ବଞ୍ଚି ରହିବାର ସୁବିଧା ନାହିଁ। ପୁଣି ଏ ଦେଶରେ କୃଷକ ଜମିସବୁ ଏତେ କ୍ଷୁଦ୍ର କ୍ଷୁଦ୍ର ଖଣ୍ଡରେ ବିଭକ୍ତ ଯେ, କୃଷିରେ ଯଥେଷ୍ଟ ଆୟ କରିବାର କୌଣସି ସୁବିଧା କୃଷକ ହାତେ ନାହିଁ।

ନବଭାରତ-୧/୭, ଆଲୋଚନା

Digitized by PPRACHIN, SOA

ଭାରତ ରାଜସ୍ୱରେ ପ୍ରଦେଶମାନଙ୍କର ଭାଗ

ପ୍ରାଦେଶିକ ଆୟ

୧୯୧୯ ଖ୍ରୀଷ୍ଟାବ୍ଦର ଶାସନ ସଂସ୍କାରରେ କେନ୍ଦ୍ର ଓ ପ୍ରାଦେଶିକ ସରକାରମାନଙ୍କ ଭିତରେ ରାଜସ୍ୱ ଆୟର ଭାଗବଣ୍ଟା ହୋଇଥିଲା । ସେଥିରେ ଯେଉଁ କର କେବଳ ପ୍ରଦେଶ ଲୋକେ ଦେବାର କଥା, ତାହାହିଁ ପ୍ରାୟଶଃ ପ୍ରାଦେଶିକ ଆୟ ବୋଲି ଧରା ହୋଇ ପ୍ରାଦେଶିକ ସରକାରଙ୍କ ଖର୍ଚ୍ଚ ପାଇଁ ଧାର୍ଯ୍ୟ କରାହୋଇଥିଲା । ଉଦାହରଣ ସ୍ୱରୁପ, ପ୍ରଦେଶର ଜମି ଖଜଣା ବା ଗଞ୍ଜେଇ, ଅଫିମ, ତାଡ଼ି, ମଦ ପ୍ରଭୃତିରୁ ପ୍ରଦେଶରେ ହେଉଥିବା ଆୟ, ପ୍ରଦେଶର ବନରୁ ଆୟ, ପ୍ରଦେଶର କୋଟଫି ଓ ଅନ୍ୟାନ୍ୟ କଚିରି ଆୟ ଇତ୍ୟାଦି ।

କେନ୍ଦ୍ରସରକାର ଆୟ

(୧) ଆମଦାନୀଶୁଳ୍କ (Import Duty):-

ତାହା ଛଡ଼ା ଯେଉଁ ଆୟରେ ପ୍ରଦେଶିକତାର କୌଣସି ସ୍ପଷ୍ଟ ସୀମା ନାହିଁ ଅର୍ଥାତ୍ ଯେଉଁ ଆୟ ଏହି ପ୍ରଦେଶର ବୋଲି ଠିକଣା କରି କହିହେବ ନାହିଁ, ତାହା କେନ୍ଦ୍ରସରକାରର । ଉଦାହରଣ ସ୍ୱରୁପ ଆୟକର, ଆମଦାନୀ ଜିନିଷ ଉପରେ ଶୁଳ୍କ ପ୍ରଭୃତି । ବୁଝିବାକୁ ହେବ ଆୟକର ଯେଉଁଠାରୁ ଆଦାୟ ହୁଏ, ସେ ଆୟ ସର୍ବଦା ସେଇଠାରେ ସୀମାବଦ୍ଧ ନୁହେ । କଟକର ଅଟା ବା କାଚ କଳର ଯେଉଁ ଆୟ ଉପରେ ଟିକସ ଧରା ହୁଏ, ସେ ଆୟ କଟକରୁ, ଓଡ଼ିଶାରୁ ଏପରି କି ବିହାର ଓଡ଼ିଶାରୁ ହୋଇଚିବୋଲି କହି ହେବନାହିଁ । ଅଟା ହୁଏତ ସମୁଦ୍ର ପାରରେ ବିକ୍ରି ହୋଇଚି ଓ ସେଇ ଅଟା କିଣିବା ବା ଖାଇବା ଲୋକଙ୍କ ଠାରୁ ହୋଇଥିବା ଆୟ ଉପରେ ଟିକସ ହୋଇଚି । ବିଦେଶରୁ ଆସିଥିବା ଲୁହା, ଲୁଗା ପ୍ରଭୃତି ଉପରେ ଯେଉଁ ଶୁଳ୍କ ହୁଏ, ତାହା ମଧ ସେଇପରି ଫଳରେ ସାରା ଦେଶର କିଣିବା ଲୋକଙ୍କ ଉପରୁ ଉଠେ । କାରଣ ଶୁଳ୍କ ଯୋଗେ ଶୁଳ୍କ ପରିମାଣରେ ଜିନିଷର ଦାମ ବଢ଼ିଯାଏ ।

(୨) ଦେଶଜାତ ଦ୍ରବ୍ୟ ଉପରେ ଶୁଳ୍କ (Excise Duty):-

ଏଇ ଶୁଳ୍କ ପୁଣି ଦେଶରେ ଉପଜାତ ହେଉଥିବା ଦ୍ରବ୍ୟ ଉପରେ ହୁଏ । ତାହା ଦୁଇପ୍ରକାର । ଗୋଟିଏ ପ୍ରକାର ଚିନି, ଦିଆସିଲି, ଲୁହା, କିରାସିନି, ମଟରତେଲ ପ୍ରଭୃତି ଯାହା ଏଇ ଦେଶରେ ତିଆରି ହୋଇ ଏଇ ଦେଶରେ ବିକ୍ରି ହୁଏ । ସେଥିରେ ମଧ ସେଇପରି ଶୁଳ୍କ ପରିମାଣରେ ଜିନିଷର ଦାମ ବଢ଼ିଯାଏ ଓ ଫଳରେ କିଣିବା ଲୋକ ଉପରୁ ଶଳ୍କ ଆଦାୟ ହୁଏ ।

(୩) ରପ୍ତାନୀ ଶୁଳ୍କ (Export Duty) :-

ଅନ୍ୟଟି ଦେଶରୁ ରପ୍ତାନୀ ଜିନିଷ ଉପରେ – ଯେପରିକି ଝୋଟ, ଚାଉଳ ପ୍ରଭୃତି । ଏଇଠାରେ ଟିକିଏ ବିଚାର କରି ଦେଖିବାର ଅଛି । ଏ ଟିକସ ଦିଏ କିଏ ?

Digitized by PPRACHIN, SOA

(କ) କିଣିବା ଲୋକ ଦିଏ -

ଯେତେବେଳେ ପୃଥିବୀର ଅନ୍ୟ ସ୍ଥାନର ଲୋକେ ଅର୍ଥାତ୍ ଯେଉଁମାନେ ଏସବୁ ଜିନିଷ ଲୋଡ଼ନ୍ତି- ଏସବୁ ଜିନିଷ ପାଇଁ ଏଇ ଦେଶକୁ ନିଶ୍ଚୟ ଅପେକ୍ଷା କରିବେ, ଅନ୍ୟ କୌଣସିଠାରୁ ଏଇ ଜିନିଷ ଏଇ ପରିମାଣରେ ବା ଏଇ ଦରରେ ପାଇବେ ନାହିଁ ସେତେବେଳେ ସରକାର ଜିନିଷ ଉପରେ ଯେଉଁ ଟିକସ ବସାନ୍ତି, ସେ ଟିକସ ବିଦେଶରେ ଜିନିଷର ଦାମ ଉପରେ ପ୍ରାୟ ଅଧିକା ହୋଇଯାଏ। ବିଦେଶୀ କିଣିବା ଲୋକେ ତା ସବୁ ନଦେଲେ ମଧ ଅନେକ ପରିମାଣରେ ଦିଅନ୍ତି। ସେଇ ରପ୍ତାନୀ ଶୁଳ୍କ ହେତୁରୁ ହୁଏତ ଦେଶର ଚାଷୀ ବା ଜିନିଷ ଆମଦାନୀ କରିବା ଲୋକ ପାଇଁ ଜିନିଷ ଟିକିଏ ଶସ୍ତା ହୋଇଯାଏ। ମାତ୍ର ବିଦେଶରେ ଜିନିଷର ଚଢ଼ା ଦାମ ମିଳିଲେ, ତା ବାଧେ ନାହିଁ। କାହିଁକି ନା, ଚାଷୀ ବା ଜିନିଷ କମାଇବା ଲୋକ ନିଜର ଖର୍ଚ୍ଚ ଖଜଣାଦି ପାଇସାରି ତା ଉପରେ ଖୁବ୍ ଲାଭପାଏ।

(ଖ) ବିକିବା ଲୋକ ଉପରେ ପଡ଼େ -

ମାତ୍ର ପୃଥିବୀର ଅନ୍ୟ ସ୍ଥଳରେ ଚାହିଦା କମିଗଲେ ବା ଜିନିଷ କିଣିବା ପାଇଁ ସେସବୁ ସ୍ଥାନର ଲୋକଙ୍କ ହାତେଧନ ନଥିଲେ କିମ୍ବା ଗୁଞ୍ଜିକରି ଜିନିଷ ବିଦେଶରେ ବିକିବାକୁ ଗଲେ ସେ ଜିନିଷର ରପ୍ତାନୀ ଶୁଳ୍କ ଚାଷୀ ବା ଜିନିଷ ତିଆରି କରି ବିକିବା ଲୋକ ଉପରେ ପଡ଼ିବା ସ୍ୱାଭାବିକ। ତାହାହିଁ ହୁଏ।

ଝୋଟ ଶୁଳ୍କ -

ଝୋଟ ଏକାଏଇ ଦେଶରେ ହୁଏ। ଅନ୍ୟ ପ୍ରଦେଶରେ ମଧ୍ୟ ହୁଏ ନାହିଁ। ଓଡ଼ିଶାରେ ଅତି ସାମାନ୍ୟ ହୁଏ। ବାକୀସବୁ ବଙ୍ଗଦେଶରେ ହୁଏ। ପୃଥିବୀର ବ୍ୟବସାୟୀମାନେ ଅଖା କେରପାଲ ପ୍ରଭୃତିରେ ବହୁତ ଝୋଟ ବ୍ୟବହାର କରନ୍ତି। ସେମାନେ ତାସବୁ ବଙ୍ଗଦେଶରୁ କିଣନ୍ତି। କଲିକତା ପାଖେ ବହୁତ ଝୋଟକଳ (ଚଟକଳ)ମଧ ଅଛି। ସେ ସବୁରେ ଅଖା କେରପାଲ ପ୍ରଭୃତି ତିଆରି ହୋଇ ବିଦେଶରେ ବିକ୍ରି ହୁଏ। ଏଇ ଝୋଟ ଉପରେ ବହୁ କାଳରୁ ଗୋଟିଏ ରପ୍ତାନୀ ଶୁଳ୍କ ଅଛି। ସେଇ ଶୁଳ୍କ ଭାରତର କେନ୍ଦ୍ରସରକାର ନେଇ ଆସୁଥିଲେ। ବଙ୍ଗଦେଶ କିନ୍ତୁ ସେ ଶୁଳ୍କଟି ନିଜ ପ୍ରଦେଶର ପ୍ରାପ୍ୟ ବୋଲି ଦାବିକରି ଆସୁଥିଲେ। ମାତ୍ର ସେତେବେଳର ଅବସ୍ଥା ଥିଲା ସ୍ୱତନ୍ତ୍ର। ସେ କରଟି ହୁଏତ ସେତବେଳେ ଠିକ୍ ବଙ୍ଗଦେଶରୁ ଆଦାୟ ହେଉ ନଥିଲା। ମାତ୍ର ଏବେ ଆଉ ବାଣିଜ୍ୟ ବ୍ୟବସାୟରେ ସେ ଦିନ ନାହିଁ। ପୃଥିବୀରେ ପୂର୍ବପରି ଝୋଟ ବିକ୍ରି ହେଉ ନାହିଁ। ପୃଥିବୀର ବଜାରରେ ଗୁଞ୍ଜିଲେ ମଧ ଲୋକେ ଝୋଟ ନେଉ ନାହାନ୍ତି। ଝୋଟ ମୂଲ୍ୟ ବହୁତ ଊଣା ହୋଇଯାଉଚି। ଏବେ ପୁଣି ଝୋଟ ଉପରେ ସେଇ ରପ୍ତାନୀ ଶୁଳ୍କ ଅଛି। ସେ ଶୁଳ୍କ ଏବେ ବସୁଚି ଫଳରେ କାହା ଉପରେ ?

Digitized by PPRACHIN, SOA

ବଙ୍ଗଳା ପାଇବ –

ଫଳରେ କୃଷକର ଜମି ଉପରେ ତା ଗୋଟିଏ ନୂଆ ଟିକସ ପରି ହୋଇଯାଇଚି। ଶୁଳ୍କ ପରିମାଣରେ ଦର କମ୍‌କରି ନ ବିକିଲେ, କୃଷକ ଠାରୁ ଏବେ ଆଉ କେହି ଝୋଟ କିଣିବେ କାହିଁକି ? ପୁଣି ମାଲ ବିକ୍ରି ନ ହୋଇ ଜମା ହେବାରୁ ବିକ୍ରିର ଦରରେ ପ୍ରତିଯୋଗିତା ମଧ୍ୟ ଖୁବ୍ ବଢ଼ିଚି। ଫଳରେ ଏଇ ଝୋଟ ଟିକସ ଏବେ ଜମିଟିକସ ପରି ଗୋଟିଏ ପ୍ରାଦେଶିକ ଟିକସ ବୋଲି ଧରିବାରେ ଯୁକ୍ତିର ଅଭାବ ନାହିଁ। ଏବେ ବର୍ଷକୁ ପ୍ରାୟ ୪କୋଟି ଟଙ୍କା ଝୋଟ ଟିକସ ଆଦାୟ ହୁଏ। ସେଥିରୁ ଅଧେ ପ୍ରଦେଶକୁ ଦେବାର ଭାରତ ସରକାର ଆରମ୍ଭ କରିଚନ୍ତି। ବିହାର ଓଡ଼ିଶା ଭାଗରେ ମଧ୍ୟ ଅତି ସାମାନ୍ୟ କିଛି ପଡ଼ିଛି।

ଆସାମର ତେଲ ଶୁଳ୍କ –

ଆସାମର ଖଣିରୁ ମଟରତେଲ ଓ କିରାସିନି ବାହାରେ। ସେ ସବୁ ଉପରେ ଗୋଟିଏ ଶୁଳ୍କ ଅଛି। ଏହା ଦେଶଜାତ ଦ୍ରବ୍ୟ ଉପରେ ଅବକାରୀ ଶୁଳ୍କ (Excise Duty)। ବଙ୍ଗଦେଶ ଝୋଟ ଶୁଳ୍କ ପାଇବାର ଦେଖି ଆସାମ ଏବେ ତେଲ ଶୁଳ୍କ ମାଗି ବସିଲାଣି। ଆସାମର ପୁଣି ପ୍ରଦେଶ ଭଲରେ ଚଲାଇବାରୁ ଆୟ ଅଣ୍ଟୁ ନାହିଁ। ପ୍ରଦେଶରେ ବିଶ୍ୱବିଦ୍ୟାଳୟ ଓ ହାଇକୋର୍ଟ ନାହିଁ। ସେଥିପାଇଁ ମଧ୍ୟ ସମସ୍ତ ତେଲ ଶୁଳ୍କ ବା ତହିଁରୁ ଭାଗ ପାଇବାକୁ ଆସାମ ଦାବି କରୁଚି। କିନ୍ତୁ ଏ ଶୁଳ୍କରେ ଯେଉଁ ଧନ ମିଳେ, ତା ଦିଏ କିଏ ? ସରକାର ଏ ଶୁଳ୍କ ଆଦାୟ କରିବାପାଇଁ ବିଦେଶୀ ତେଲ ଉପରେ ସେତିକି ପରିମାଣର ଗୋଟିଏ ଆମଦାନୀ ଶୁଳ୍କ (Import Duty) ବସାଇଚନ୍ତି। ସେଥିପାଇଁ ଏ ଶୁଳ୍କଟି ବସାଇବା ଓ ଆଦାୟ କରିବା ସମ୍ଭବ ହୋଇଚି। ପୁଣି ଦେଶରେ ଯେତେ ଲୋକେ ମଟରତେଲ ଓ କିରାସିନି କିଣୁଚନ୍ତି, ସେ ସମସ୍ତେ ମିଶି ଏ ଶୁଳ୍କର ଧନ ଦେଉଚନ୍ତି। ଏଇ ଶୁଳ୍କ ଧନର ଗୋଟିଏ ଅଂଶ ମହାଭାରତୀୟ ରାସ୍ତା ତିଆରିପାଇଁ ମଧ୍ୟ ଦିଆ ଯାଉଚି।

ଆସାମ ପାଇବ କି ?

ତେବେ ଏ ଶୁଳ୍କ ଧନ ବା ତହିଁର ଭାଗ ଆସାମ ପାଇବ କିପରି ? ନ୍ୟାୟତଃ ଆସାମର ଏହା ପାଇବାର ନୁହେ। ମାତ୍ର ଏ ଜଗତ ଏସବୁ କ୍ଷେତ୍ରରେ ନ୍ୟାୟରେ ସବୁବେଳେ ଚଳୁନାହିଁ। ଚଳୁଥିଲେ ପୃଥିବୀର ବହୁ ଦୁର୍ଗତି କମି ଯାଆନ୍ତାଣି। ଆସାମରେ ଏଇ ତେଲ ବ୍ୟବସାୟ ପ୍ରାୟଶଃ ସାହେବମାନଙ୍କ ହାତରେ। ପୁଣି ଚା ବଗିଚାର ମାଲିକ ଓ ଚାଳକ ରୂପେ ଆସାମରେ ବହୁତ ସାହେବ ଅଛନ୍ତି। ଏପରି ସ୍ଥଳେ ଆସାମ ଦିନେ ଏ ଶୁଳ୍କ ବା ଏହାର ଅଂଶ ପାଇପାରେ। ପୁଣି ଯେ ପାଟି କରିପାରିଲା ତାରି କଥା ଏ ଯୁଗରେ ଶୁଣା ଯାଉଚି। ଆସାମ ପାଟି କରିବାକୁ ଆରମ୍ଭ କଲାଣି।

Digitized by PPRACHIN, SOA

ଓଡ଼ିଶା ତେବେ କ'ଣ କରିବ ?

ଓଡ଼ିଶାରେ ଝୋଟ ନାହିଁ କି ତେଲ ନାହିଁ କିମ୍ବା କଳକାରଖାନା ନାହିଁ ଯେ ଓଡ଼ିଶା ଲୋକେ ଲାଭବାନ ହୋଇ ନୂଆ କର ଦେଇ ସରକାରଙ୍କୁ ପୋଷିବେ। ଓଡ଼ିଆ ପ୍ରଜା ବି ଆଉ କରଦେବା କଥା ଦୂରେଥାଉ, ତାର ଅବସ୍ଥା ନ ବଦଳିଲେ, ସେ ଏବେ ଯେଉଁ କର ଦେଉଚି, ତା ମଧ୍ୟ ଦେଇପାରିବ ନାହିଁ। ପୁଣି ଓଡ଼ିଆ ରଇତର ଜମି ତା ନିଜର ନୁହେ। ଜମିଦାରୀରେ ଓଡ଼ିଶା ଭରା। ସେଥିରେ ଅନେକ ଜମିଦାର ପୁଣି ଏ ଦେଶରେ ରହନ୍ତି ନାହିଁ। ଏ ଦେଶର ଜମିଦାରୀ ଧନ ସେଥିପାଇଁ ବିଦେଶକୁ ଚାଲିଯାଉଛି। ଓଡ଼ିଶାରେ ଲୁହା କୋଇଲା ପ୍ରଭୃତି ଅଛି, କିନ୍ତୁ ସେଥିରୁ ସିଂହଭୂମି ବାଟେ ବିହାର ଲାଭ କରିବାର ବ୍ୟବସ୍ଥା ସରକାର କରିଚନ୍ତି। ସିଂହଭୂମି ମଧ୍ୟ ଏବେ ଓଡ଼ିଶାକୁ ଆସୁନାହିଁ। ଓଡ଼ିଶାର ଖଣିଜ ଦ୍ରବ୍ୟରେ ଓଡ଼ିଶାର କିଛି ଲାଭ ନାହିଁ। ଓଡ଼ିଶା ତେବେ କ'ଣ କରିବ ?

ଆମଦାନୀ ଶୁଳ୍କରେ ଓଡ଼ିଶାର ଭାଗ :

ଭାରତରେ ଏବେ ବିସ୍ତର ଆମଦାନୀ ଶୁଳ୍କ (Import Duty) ଆଦାୟ ହୁଏ। ଲୁଣ ଚିନି, ଲୁଗା, କିରାସିନି, ଦିଆସିଲି ପ୍ରଭୃତି ସବୁ ଜିନିଷ ଏ ଦେଶକୁ ଆସିବା ବେଳେ ସରକାରଙ୍କୁ ଶୁଳ୍କ ଦିଅନ୍ତି। ସେଇ ସେଇ ଦ୍ରବ୍ୟ ଏ ଦେଶରେ ତିଆରି ବା ଆମଦାନୀ ହେଲେ ମଧ୍ୟ ସେଥିରେ ଅନେକଠାରେ ଶୁଳ୍କ ବସେ। ସେସବୁ ଜିନିଷର ଦର ଉପରେ ବସେ। ଯେଉଁଠାରେ ଏ ଦେଶଜାତ ଦ୍ରବ୍ୟ ଉପରେ ଶୁଳ୍କ ନାହିଁ (ଯଥା - ଲୁଗା), ସେଠାରେ ମଧ୍ୟ ବିଦେଶରୁ ଶୁଳ୍କ ଦେଇ ଆସୁଥିବା ସେଇପ୍ରକାର ଜିନିଷର ଦାମ ଅନୁସାରେ ଏ ଦେଶ ଜିନିଷ ଚଢ଼ା ଦାମରେ ବିକ୍ରି ହୁଏ। ଅତଏବ ଏ ଦେଶର କିଣିବା ଲୋକ ଏଇସବୁ ଟିକସ ଦିଏ। ଏଇସବୁ ଟିକସରୁ ଏ ବର୍ଷ ସରକାର ପ୍ରାୟ ୫୨ କୋଟି ଟଙ୍କା ପାଇବେ ବୋଲି ଆଶା କରନ୍ତି। ଇଂରେଜ ଭାରତର ପ୍ରଜା ୨୭ କୋଟି ୫୦ ଲକ୍ଷ। ଏଇ ହିସାବରେ ହାରାହାରି ପ୍ରତି ପ୍ରଜା ଏଇ ଶୁଳ୍କ ବାବଦକୁ ସରକାରଙ୍କୁ ପ୍ରାୟ ଏକ ଟଙ୍କା ଚଉଦ ଅଣା ପର୍ଯ୍ୟନ୍ତ ଦିଏ। ଏତକ ଟଙ୍କା କେବଳ ସରକାର ନିଅନ୍ତି। ତା'ଛଡ଼ା ଦେଶୀ ଜିନିଷ ଯେ ଏଇ ଶୁଳ୍କ ହେତୁରୁ ଚଢ଼ା ଦାମରେ ବିକ୍ରି ହୁଏ, ସେଥିପାଇଁ ପ୍ରଜା ପ୍ରାୟ ଆଉ ସେତିକି ବା ସେଥିରୁ କିଛି କମ୍ ଦିଏ। ଏଇପରି ଧରି ବସିଲେ ନୂତନ ଓଡ଼ିଶା ପ୍ରଦେଶର ପ୍ରାୟ ୮୦ ଲକ୍ଷ ଅଧିବାସୀ ଶୁଳ୍କ ବାବଦକୁ ପ୍ରାୟ ଦେଢ଼କୋଟି ଟଙ୍କା ଦେବେ। ଏଇ ଦେଢ଼କୋଟି ଟଙ୍କା ଇଂରେଜ ଓଡ଼ିଶାର ପ୍ରଜା ପ୍ରତି ବର୍ଷ ଦେବେ। ଅଥଚ ଓଡିଶା ପ୍ରଦେଶର ନିଜର ସାକ୍ଷାତ୍ ଖଜଣା ଦେବା ଦେଢ଼ କୋଟି ଟଂକା ହେବ କି ନା ସଂଦେହ। ଓଡ଼ିଶା ବର୍ତ୍ତମାନ ଏଇ ଆମଦାନୀ ଶୁଳ୍କ (Import Duty) ବାବଦକୁ ଦେଉଥିବା ଦେଢ଼ କୋଟି ଟଙ୍କାରୁ ଅଂଶ ଦାବୀ କରୁ। ସରକାର ଓଡ଼ିଶାକୁ ବହୁ ହେଳାରେ ଏତେଦିନ ଦେଖି

Digitized by PPRACHIN, SOA

ଓ ବ୍ୟବହାର କରି ସୁନାର ଓଡ଼ିଶାକୁ ଚୁନା କରିଛନ୍ତି। ଏତେବେଳେ ନୂଆ ପ୍ରଦେଶକୁ ହାତଟେକିଆ କରି ୨୫-୩୦ଲକ୍ଷ ଟଙ୍କା ଦେଇ ଆଉ ଓଡ଼ିଶାର ଦାରିଦ୍ର୍ୟ ଦୁର୍ନାମ ପ୍ରଚାର ନ କରନ୍ତୁ। ଦରିଦ୍ରର ଏ କାଳ ଜଗତରେ ସ୍ଥାନ ନାହିଁ। ପଶ୍ଚାତ୍‌ପଦ ଜାତି ବୋଲି ମଧ୍ୟ କେହି ଅପେକ୍ଷା କରିବେ ନାହିଁ। ଜଗତରେ ନିଜର ଦାବି ଦୃଢ଼ କରି ନିଜର ସ୍ଥାନ କରି ନେବାହିଁ ପ୍ରକୃଷ୍ଟ ପନ୍ଥା।

ନବ ଭାରତ-୧/୯, ଆଲୋଚନା

ଦେଶି ଲୁଗା ଉପରେ ରାଜ ଦୃଷ୍ଟି

ଆର୍ଥିକ ସ୍ୱାଧୀନତା ଓ ଦେଶି ଶିଳ୍ପ ରକ୍ଷା -

ଶାସ୍ତ୍ରରେ ଶୁଣା ଥିଲା 'ଅତ୍ୟାସନ୍ନ ରାଜା' ଏକ 'ଈତି' ଭୟ । ଅର୍ଥାତ୍ ରାଜଦୃଷ୍ଟି ପଡ଼ିଲେ ଲୋକଙ୍କ ଧନ ରାଜସ୍ୱ ହୋଇଯାଏ । ଏ ଯୁଗରେ କାହାରି ଧନ ଅବଶ୍ୟ କେହି ଠିକ୍ ଆଗରେ କାଢ଼ି ନେଉନାହିଁ । ମାତ୍ର କୌଶଳରେ ଠିକ୍ ତାହା ହିଁ କରାଯାଉଚି । ୧୯୧୯ରେ ଭାରତରେ ଯେଉଁ ନୂତନ ଶାସନ ପଦ୍ଧତି ହେଲା, ସେଥିରେ କଥା ହେଲା ଇଂରେଜରାଜ ଏ ଦେଶ ଲୋକଙ୍କୁ ଅନ୍ତତଃ ଆର୍ଥିକ ସ୍ୱାତନ୍ତ୍ର୍ୟ (Fiscal Autonomy) ଦେବେ। ଅର୍ଥାତ୍ ଦେଶର ଆର୍ଥିକ ଉନ୍ନତି ବା ପରିସ୍ଥିତି ବିଷୟରେ ଲୋକ ପ୍ରତିନିଧିଙ୍କ କଥାରେ ସମ୍ପୂର୍ଣ୍ଣ ଆସ୍ଥା ରଖି ଇଂରେଜ ଏ ରାଜ୍ୟ ଚଳାଇବେ। ସେଥିପାଇଁ କଥା ହୋଇଗଲା, ଏ ଦେଶର କଳ କାରଖାନାଦିକୁ ସାହାଯ୍ୟ କରି ଏ ଦେଶରେ ଶିଳ୍ପର ଶ୍ରୀବୃଦ୍ଧି କରାହେବ । ସେଇ ହିସାବରେ ବିଦେଶୀ ଲୁଗା ଉପରେ ଟିକସ ବସାଇ ଏ ଦେଶରେ ଲୁଗାର ଦାମ୍ ବଢ଼ାଇ ଲୁଗା କଳର ଶ୍ରୀବୃଦ୍ଧି କରିବାର ଠିକ୍ ହେଲା। ଏକା ଲୁଗା ନୁହେଁ, ଲୁହାରେ ମଧ୍ୟ ସେଇ କଥା ହେଲା । ମାତ୍ର ଲୁହାର ଦୁର୍ଗତି କଥା ଏବେ କୁହାଯାଉନାହିଁ; ଲୁଗା କଥା ପଡ଼ିଚି । ଏ ସାହାଯ୍ୟ ଯେ ମନମୁଖୀ କରାହେଲା ତା' ନୁହେଁ । ଏଥିପାଇଁ ସରକାର ବିଶେଷଜ୍ଞ କମିଟି ବସାଇ ହିସାବ କରି ଦେଖିଲେ- କେତେ ଟିକସ ବସାଇଲେ, ବା ଏ ଦେଶୀ ଲୁଗାକୁ କେତେ ଦରରେ ବିକାଇଲେ ଲୁଗା କଳ ବାଲାଙ୍କର କ୍ଷତି ହେବନାହିଁ, କଳ ମଜୁରିଆଙ୍କ ମଜୁରି ଊଣା କରିବାକୁ ହେବନାହିଁ । ସେଇ ଅନୁସାରେ ଟିକସ ବସିଲା । ଫଳରେ ଗ୍ରାମ ତନ୍ତୀଙ୍କର କିଛି ସୁବିଧା ମଧ୍ୟ ହେଲା ।

ଫଳରେ ଇଂରେଜଙ୍କ କ୍ଷତି -

ଏହା ପୂର୍ବରୁ ଇଂରେଜ ଏ ଦେଶରେ ବହୁତ ଲୁଗା ବିକୁଥିଲେ । କିନ୍ତୁ ଇଂରେଜ କଳବାଲାମାନେ ଅନ୍ୟ ଦେଶ କଳବାଲାଙ୍କ ପରି ମାଲିକ ମୂଲିଆ ସମସ୍ୟାର ସମାଧାନ କେବେ କରିପାରୁନାହାନ୍ତି । ଜାପାନ ପରି ଦେଶମାନଙ୍କରେ ମାଲିକ ମୂଲିଆ ସମସ୍ତେ ଦେଶର ପ୍ରଜା । ରାଜ୍ୟ ସମସ୍ତଙ୍କ ମଙ୍ଗଳ ଦେଖେ । ତେଣୁ ସମସ୍ତେ ଯେପରି କି ଦେଶର

Digitized by PPRACHIN, SOA

ମଙ୍ଗଳରେ ଲାଗିଚନ୍ତି ବୋଲି ଶିଳ୍ପାଦିରେ ଉନ୍ନତି କରନ୍ତି । କିନ୍ତୁ ଇଂଲଣ୍ଡ ରକ୍ଷିତ ସ୍ୱାର୍ଥର କେନ୍ଦ୍ରଭୂମି । ସେଠାରେ ମାଲିକ ନାବାବ, ମୂଲିଆ ଦାସ । ଏ ଭାବ ଇଂଲଣ୍ଡରୁ ଯାଇନାହିଁ । ମୂଲିଆକୁ ଲାଭ୍ୟାଂଶରେ ଭାଗୀ କରିବାରେ ମାଲିକ ନାରାଜ । ମୂଲିଆ ମଧ୍ୟ ଦାସ ପରି କାମ କରିବାରେ ନାରାଜ । ଏଇ ଭିଡ଼ାଭିଡ଼ି ଲାଗିଛି । ଏଣେ ଜାପାନ୍ ପରି ଦେଶମାନେ ନିଜ ଶିଳ୍ପ ବଢ଼ାଇ ପୃଥିବୀର ବଜାର ଇଂରେଜ ହାତରୁ କାଢ଼ି ନେବାରେ ଲାଗିଚନ୍ତି । ଭାରତ ବଜାରରେ ଦେଶୀ ଲୁଗା ପାଇଁ ଏପରି ସୁବିଧା କରିବା ସଙ୍ଗେ ସଙ୍ଗେ ଦେଖାଗଲା, ଭାରତ କଳବାଲାଙ୍କ ଛଡ଼ା, କେବଳ ଜାପାନ ଏ ଦେଶରେ ଲୁଗା ବିକିବାରେ ଲାଗିଲେ । ସେଠାରୁ ଇଂରେଜ ରାଜ୍ୟର ଶକ୍ତିର ଆଶ୍ରୟ ନେଲେ । କଥା ହେଲା, ସବୁ ବିଦେଶୀ ଲୁଗା ଉପରେ ସମାନ କର ବସିବ ନାହିଁ। ତାହେଲେ ଯେଉଁ ଦେଶର ଲୁଗା ଶସ୍ତା, ତା ଉପରେ ଯେତେ କର ବସିବ, ଇଂରେଜ ଉପରେ ସେତେ କର ବସିଲେ, ଇଂରେଜ ଖଣ୍ଡେ ହେଲେ ଲୁଗା ବିକି ପାରିବେ ନାହିଁ । ଧର, କମିଟି ଦେଖିଲେ ଏ ଦେଶୀ ଲୁଗା ଖଣ୍ଡକୁ ବିକା ହେବ ୧ ଟଙ୍କାରେ । ସେ ସ୍ଥଳରେ ଜାପାନୀ ଲୁଗା ଖଣ୍ଡକର ଦାମ୍ ଯେବେ ହୁଏ ଦଶ ଅଣା ଓ ଇଂରେଜ ଲୁଗା ହୁଏ ଚଉଦ ଅଣା, ତେବେ ଛ'ଅଣା କର ବସାଇ ଦେଲେ, ଇଂରେଜି ଲୁଗାର ଦାମ୍ ହୋଇଯିବ ଏକଟଙ୍କା ଚାରିଅଣା ଜାପାନି ଓ ଦେଶୀ ପ୍ରତ୍ୟେକେ ହେବେ ଟଙ୍କାଏ ଲେଖାଏଁ ।

ତେଣୁ ଇଂରେଜଙ୍କୁ ଲାଞ୍ଚ –

ଏହା ଦେଖି କଥା ହୋଇଗଲା ଇଂରେଜି ଲୁଗା ଉପରେ କର ଊଣା ହେବ। ଏହାକୁଇ କହନ୍ତି ଇଂରେଜ ଦ୍ରବ୍ୟକୁ ଏ ଦେଶରେ ବିଶେଷ ସୁବିଧା ଦେବା (British Preference) । ଏକା ଇଂରେଜ ଛଡ଼ା ଆଉ କେହି ଏ ସୁବିଧା ପାଇବେ ନାହିଁ । ସମସ୍ତଙ୍କ ପଦାର୍ଥ କିଛି ଜାପାନି ପଦାର୍ଥ ପରି ଶସ୍ତା ନୁହେଁ। ଫଳରେ ଇଂରେଜି ଛଡ଼ା ଅନ୍ୟ ବିଦେଶୀ ମାଲ ଉପରେ ଯେତେ ଇଚ୍ଛା ସେତେ କର ବସିଲା । କେହି କିଛି କହିଲେ ନାହିଁ । 'ସମଦର୍ଶୀ' ଇଂରେଜ ରାଜତ୍ୱ ମଧ୍ୟ ସେଥିରେ କାହିଁକି ଆପତ୍ତି କରିବ ?

ଭାରତର ଅକ୍ଷମତା –

ଭାରତକୁ ବେଳେ ବେଳେ ପୁଣି ସୂଚନା ଦିଆଗଲା, ଏପରି ସଦ୍‌ଭାବ ଦେଖାଇଲେ ଇଂରେଜ ମାନେ ସଅଳ୍ ସାଆଲ୍ ସ୍ୱରାଜ୍ୟ ଦେଇ ଦେବାରେ ମନ ବଳାଇବେ । ଏ ଦେଶର କେତେକ ମାନ୍ଦା ଦଳିଆ ରାଜନୀତିକ ମଧ୍ୟ ସେଇ ଦୁଆ ଧରିବାର ଶୁଣାଗଲା । ସେମାନଙ୍କ ମଧ୍ୟରେ ଏକା ମିଲ ମାଲିକଙ୍କ ସଂଖ୍ୟା କମ୍ ନୁହେଁ। ଯାହା ହଉ ମତର ଦୁଆ ଉଠିଲା । ଭିତର ଦେଖୁଚି କିଏ ? ଭିତର ଦେଖିଲେ ବା ପରାଧୀନ ଭାରତବାସୀର କି ଚାରା ଅଛି ? ଭାରତ ଇଂରେଜର ଧନ ଭଣ୍ଡାର- ଏ କଥା ଭୁଲିଗଲେ ତ ଚଳିବ ନାହିଁ ।

Digitized by PPRACHIN, SOA

ସ୍ୱରାଜ ପୁଣି ମଗା ଯାଉଚି । ସରକାର ମନମୁଖୀ ଲୋକଙ୍କୁ ଡାକି ପୁଣି ସେଇ ସ୍ୱରାଜ ଲଣ୍ଡନରେ ଗୋଲଟେବୁଲ, ଚଉଖୁଣ୍ଟା ଟେବୁଲ, ଶେଷକୁ ଲମ୍ବା ଟେବୁଲରେ ଗଢ଼ି କରି ଦେବେ । ଏପରି ସ୍ଥଳେ ସବୁ ଜାଣିକରି ବା କ'ଣ ହେବ ?

ଅପମାନ –

ଯା ହେବ, ସେତିକି ନୁହେଁ; କଥା ହୋଇଗଲା, ଆଉ ଦେଶ କଥା ଯାହେଉ, ଇଂରେଜ ମାଲର ମୂଲ୍ୟ ସଙ୍ଗେ ଏ ଦେଶି ମାଲର ମୂଲ୍ୟକୁ ସବୁବେଳେ ତୁଳନା କରି ଦେଖାଯାଉଥିବ । ଏ ସରକାରଙ୍କ କମିଟି ଇଂରେଜ କଳ ମାଲିକଙ୍କ କଥା ଶୁଣୁଥିବେ ଓ ସେଇ ଅନୁସାରେ ଦୁଇ ମୂଲ୍ୟ ମଧ୍ୟେ ମଧ୍ୟେ ମଧ୍ୟ ସମାନ କରାହେଉଥିବ । ଏ କଥା ଅନ୍ୟ କୌଣସି ଦେଶରେ କେହି ପ୍ରସ୍ତାବ କରିବେ ନାହିଁ। ଏ ଦେଶରେ ସେ ଦେଶ ଲୋକେ ଏକା ଆସି ସାକ୍ଷ୍ୟ ଦେବେ ଓ ସେଇ ସାକ୍ଷ୍ୟରେ ତାଙ୍କରି ସୁବିଧା ପାଇଁ କାମ ହେବ । ଆର୍ଥିକ ସ୍ୱାଧୀନତା ନାମରେ ପରାଧୀନତାର ଏ ଚରମ ଅଭିନୟ ଓ ଅପମାନ କେବଳ ଭାରତରେ ସମ୍ଭବ ଓ ଇଂରେଜଙ୍କୁ ଏକା ଶୋଭନୀୟ ।

ସରକାର କମିଟି ବସାଇ ନିଷ୍ପତ୍ତି କରାଇନେଲେ –

ଇଂରେଜ ଲୁଗା ବିକ୍ରି ଜାପାନୀ ଲୁଗା ପରି ଏ ଦେଶରେ ବଢ଼ି ପାରୁନଥିଲା । ଇଂଲଣ୍ଡ କଳରେ ମୂଲିଆମାନେ ବେଶୀ ବେଶୀ କାମ ପାଇବା ତ ଦରକାର । ସେଥିପାଇଁ ଏବେ ସରକାର ଗୋଟାଏ କମିଟି ବସାଇ, ଇଂରେଜ ମିଲ ମାଲିକଙ୍କ ଠାରୁ, ସେମାନଙ୍କ ସୁବିଧା ଅସୁବିଧା ବୁଝିବାକୁ ତାଙ୍କୁ ଆଦେଶ ଦେଲେ । କମିଟିଙ୍କର ଚାରା କ'ଣ ? ଯେତିକି କାମ ତାଙ୍କୁ କରିବାକୁ କୁହାହେଲା, ସେତିକି ସେ କଲେ- କେବଳ ତାଙ୍କୁ କୁହାହେବା କଥା ନୁହେଁ, ସେ ମଧ୍ୟ ସରକାରଙ୍କ ଇଙ୍ଗିତ ବୁଝିଲେ । ସେ ସୁପାରିସ୍ କଲେ ଇଂରେଜ ଲୁଗା ଉପରୁ ଶତକଡ଼ା ୫ ଶୁଳ୍କ କମାଇ ଦିଆଯାଉ ।

ଆଉ ତର ସହିଲା ନାହିଁ –

ଯେଉଁ ଦିନ ଏ ସୁପାରିସ ବାହାରିଚି ସରକାର ଠିକ୍ ସେଇଦିନ ଇଂରେଜ ଲୁଗାରୁ ୧୦୦ କେ ପାଞ୍ଚ ଶୁଳ୍କ କମାଇ ଦେଲେ। ତର ସହିଲା ନାହିଁ, ବ୍ୟବସ୍ଥା ସଭାକୁ ପଚାରିବାକୁ । ଆଇନ୍‌ରୁ ପେଞ୍ଚ ବାହାର କରି ନିଜେ ନିଜେ ହଠାତ୍ କରିପକାଇଲେ । ଏଠାରେ ବ୍ୟବସ୍ଥାସଭାର ତ କିଛି କ୍ଷମତା ବା କୃତିତ୍ୱ ନାହିଁ । ଏ ଏକ ବ୍ୟବସ୍ଥା ସଭା ଖେଳ । ବ୍ୟବସ୍ଥାସଭା କଥା ମାନିବାକୁ ସରକାର ବାଧ୍ୟ ନୁହନ୍ତି, ନ ମାନିଲେ ତାଙ୍କ ଦେହରେ କିଛି ଆଞ୍ଚ ଲାଗେ ନାହିଁ । ସ୍ୱାଧୀନ ଦେଶରେ ଅବଶ୍ୟ ସ୍ୱତନ୍ତ୍ର ନିଧି ।

ବ୍ୟବସ୍ଥା ସଭାର ନିଷ୍କାମ କର୍ମ ଓ ତାର ଫଳ –

ମାତ୍ର ବ୍ୟବସ୍ଥାସଭା ତ ନିଲଠା ମୁହଁରେ ସବୁବେଳେ ଯୁକ୍ତି କରନ୍ତି, ସମାଲୋଚନା

Digitized by PPRACHIN, SOA

କରନ୍ତି। ସେ ଏକଥା ସଭାରେ ପକାଇଲେ । ସରକାର କହିଲେ, ଖର୍ଚ୍ଚ ଚଳାଇବାକୁ ଟଙ୍କାର ଅଭାବ । ଶହକେ ପାଞ୍ଚ ଟଙ୍କା କମାଇଦେଲେ ମଧ ବିଲାତି ଲୁଗା ଶୁଳ୍କରୁ ଢ଼େର ବେଶୀ ଲାଭ ହେବ। ଅର୍ଥାତ୍ ସରକାର ବୁଝିଚନ୍ତି, ଏହା କରିବାରେ ବିଲାତି ଲୁଗା ଏ ଦେଶକୁ ଶ୍ରାବଣରେ ମହାନଦୀ ବଢ଼ି ପରି ମାଡ଼ି ଆସିବ । ଜାପାନରୁ ଅବଶ୍ୟ ଯେତିକି ଆସୁଥିଲା ସେତିକି ଆସିବ । କାରଣ, ଜାପାନକୁ ଏ ପ୍ରତିଯୋଗିତା ବାଧିବ ନାହିଁ । ଏହା ମଧ ସରକାର ଜାଣନ୍ତି । ତେବେ କ'ଣ ଏ ଦେଶ ଲୋକେ ଏଇ ଶୁଳ୍କ କମି ଯିବାରେ ପରଦ୍ୱାରେ ଧାନ ଚାଉଳ ବିକି ଖାଲି ବିଲାତି ଲୁଗା କଣିବାରେ ଲାଗିଯିବେ ? ଏ ଦେଶରେ ମୋଟରେ ଯେତିକି ଲୁଗା କିଣା ହୁଏ, ତାଠାରୁ ଯେ ବେଶି ହେବନାହିଁ, ସେ କଥା ସରକାର ଖୁବ୍ ଭଲକରି ଜାଣନ୍ତି । ତେବେ ଏତେ ବେଶି ଯେ ଲୁଗା ବିକ୍ରି ବଢ଼ିବ, ଲୁଗା ବିକ୍ରି କମିବ କାହାର ? କମିବ, ଦେଶି କଳବାଲାମାନଙ୍କର - ଓ ବିଶେଷରେ ବିଚରା ଗାଁ ତନ୍ତୀର - ନୂତନ ଶାସନ ବୋଲି ଯେଉଁ ସ୍ୱରାଜ୍ୟ ମହାକାଳ ଆସୁଚି, ତା' ପାଇଁ ଏତକ ପ୍ରଥମ କହିବା । "ଅପରେ କିଂ ଭବିଷ୍ୟତି ?"

ନବ ଭାରତ-୩/୩, ଆଲୋଚନା

ଲୁହା ଜିନିଷ ଉପରେ ପୁଣି ଶୁଳ୍କ

ପୃଥିବୀର ଏ ଧନ ବିପ୍ଳାତବେଳେ ପ୍ରଜାଘରେ ପଇସା ନାଇଁ। ନ ଥିଲା ଲୋକ ପରେ ଲାଭ କରିବ ବୋଲି ସଞ୍ଚି ରଖିପାରେ ନାଇଁ, କି ଦାନ କରିପାରେ ନାଇଁ। ସେ କିପରି ବଂଚିବ, ତାହାଇ ତାର ଲୋଡ଼ା। ଖଦଡ଼ ମହର୍ଗ ହେଲେହେଁ ବହୁ ଦିନଯିବ, ଏକାଠି ପୁଷ ମାସରେ ଧାନ କିଣିଲେ ଅଳ୍ପ ଖର୍ଚ୍ଚରେ ବର୍ଷ ବିତିଯିବ, ଏସବୁ ନିଃସ୍ୱ ଲୋକଙ୍କୁ ବୁଝାଇବାର ଅର୍ଥ ନାଇଁ।

ଭାରତ ସରକାରଙ୍କର ଟଙ୍କା ଅଣ୍ଟୁନାଇଁ, ସେଥିପାଇଁ କର ଭାର ବଢୁଚି। ମାତ୍ର କୁହାଯାଉଚି, ଦେଶୀ ଶିଳ୍ପକୁ ରଖିବା ପାଇଁ ବେଗେ ବିଦେଶୀ ଜିନିଷ ଉପରେ କର ବସାଯାଉଚି। ଫଳରେ ପ୍ରଜା, ଲୁଗାରେ ଟଙ୍କାକେ ଟଙ୍କେ, ଲୁହା ଜିନିଷ ଉପରେ ଟଙ୍କାରେ ଆଠଅଣାରୁ ବାରଅଣା, ଦିଆସିଲି ଉପରେ ଟଙ୍କାକେ ଦିଟଙ୍କା ଇତ୍ୟାଦି- ଏହିପରି ଯାବତୀୟ ପ୍ରୟୋଜନୀୟ ଜିନିଷରେ ନ ଜାଣି କର ଦେଇ ଦେଇ ଧ୍ୱଂସ ହେଉଚି।

ଏବେ ପ୍ରସ୍ତାବ ହେଉଚି, ତାତା (ଟାଟା) କଂପାନୀଙ୍କୁ କେତେଗୁଡ଼ିଏ ଜିନିଷରେ ପୁଣି ବହୁତ ଦରରେ ବିକିବା ପାଇଁ ୭ବର୍ଷ ସୁବିଧା ଦିଆଯିବ। ଅର୍ଥାତ୍, ସେଇସବୁ ଜିନିଷ ବିଦେଶରୁ ଶସ୍ତାରେ ଆସିଲେ ମଧ୍ୟ ଶସ୍ତାରେ ତାହା ବଜାରକୁ ଛାଡ଼ି ଦିଆଯିବ ନାଇଁ। ତା' ଉପରେ ସରକାର ଟିକସ ବସାଇ ଦେବେ। ପୁଣି ଏତେ ସୁବିଧା ପାଇ ତାତା ଯେ ସେ ସବୁ ଜିନିଷ, ଏ ଦେଶରେ ଯେତେ ଦରକାର, ତା ସବୁ କେବେ ଯୋଗାଇ ପାରିବେ ତା

Digitized by PPRACHIN, SOA

ମଧ୍ୟ ନୁହେଁ। ବିଦେଶରୁ ନିଷ୍ଟେ ଭାରତବାସୀ କିଣିବେ ଓ ଟାଟାକୁ ଦେଖାଇ ଦେଇ, ତା ନା' ଧରି ସରକାର ରାଜକୋଷ ଭର୍ତ୍ତି କରିବେ। ଏହାକୁଇ ଏବେ କୁହାଯାଉଚି, ଭାରତର ଶିଳ୍ପ ସଂରକ୍ଷଣ-ନୀତି।

ଧନୀମାନଙ୍କ କାରଖାନାର ଶିଳ୍ପ ଜାତ ଦ୍ରବ୍ୟ ସଂରକ୍ଷଣ କରିବାକୁ ହେବ। ତା କରିବ କିଏ? ନା, ବିଚରା ଚଷା - ଯାହାର ଧାନ କୋଠିରେ ଛାତ କରିବା ପାଇଁ ଟିଣ ଦରକାର। ସଂରକ୍ଷଣ ନୀତି ନଥିଲେ, ଯେଉଁ ଟିଣ ସେ ୧୮୦ଟଙ୍କାରେ କିଣନ୍ତା, ତାକୁ କିଣିବ ୨୬୫ଟଙ୍କାରେ। ଏପରି କିଣି କିଣି ଏ ଦେଶରେ ପ୍ରଜା ଆଉ ରହିବ ତ? ଶିଳ୍ପସଂରକ୍ଷଣ କରିବାକୁ ହେଲେ ରାଜ୍ୟର ଉଚିତ ହେଉଚି, ସେ କାରଖାନାମାନଙ୍କୁ ରାଜକୋଷରୁ ସାହାଯ୍ୟ ଦେବେ। ରାଜକୋଷରେ ସେଥିପାଇଁ ଧନ ଦରକାର ହେଲେ, ଧନୀଙ୍କ ଉପରେ ବିଶେଷତଃ ଅର୍ଜି ନ ଥିବା ଧନ ଭୋଗ କରୁଥିବା ଲୋକଙ୍କ ଉପରେ, ନାନା ଭାବରେ ଟିକସ ବସାଇ ତାହା ପୂରଣ କରିବାକୁ ହେବ। କିନ୍ତୁ ଏ ଦେଶରେ, ରାଜ୍ୟରେ ତ ପ୍ରଜାର କିଛି କହିବାର ନାଇଁ। ଏ ସବୁ କଥା ଶୁଣୁଚି କିଏ, ବିଚାରୁଚି କିଏ? ବରଂ ଧନୀମାନଙ୍କର ରାଜ୍ୟରେ ପ୍ରଭାବ ଅଛି ଓ ନାନା କାରଣରୁ ମଧ୍ୟ ଏ ଦେଶର ରାଜ୍ୟ ଧନମାଲିକମାନଙ୍କୁ ଆପଣାର କରିବାର କାରଣ ଅଛି।

ପୁଣି ଯେଉଁ ପ୍ରଦେଶରେ ଲୁହା, ଲୁଗା ପ୍ରଭୃତିର କାରଖାନା ସବୁ ଅଛି ବା ଯେଉଁଠାରେ ସେଇସବୁ କାରଖାନାର ମାଲିକ ଓ ଉପସ୍ୱତ୍ୱ ଭୋଗିମାନେ ଅଛନ୍ତି ସେଠାରେ ହୁଏତ କେତେକ ଲୋକ ଏ ସଂରକ୍ଷଣରୁ ଲାଭ କରୁଥିବେ। ଉଦାହରଣ ସ୍ୱରୂପ - ବମ୍ବେ ସହର ଲୋକେ ଅବଶ୍ୟ ଲାଭ କରୁଥିବେ। ମାତ୍ର ଓଡ଼ିଶା ଭଳି ଦେଶ, ଯେଉଁଠାରେ କାରଖାନା ନାଇଁ କି ମାଲିକ ନାହାନ୍ତି, କି ସେଭଳି ଆଶା କରିବା ଲୋକ ପର୍ଯ୍ୟନ୍ତ ନାହାନ୍ତି, ସେଠାରେ ବନ୍ୟାକ୍ଲିଷ୍ଟ, ନିରନ୍ନ, ଦରିଦ୍ର ପ୍ରଜା କାହିଁକି ଏ ଟିକସ ଦେଇ ମରୁଚନ୍ତି? ଯଦି ସରକାରଙ୍କ ନିଶ୍ଚୟ ବିଦେଶୀ ମାଲ ଉପରେ ଟିକସ ନେବା ଅଭିପ୍ରାୟ, ତେବେ ଓଡ଼ିଶା ପରି ଦେଶର ଲୋକେ ଏଇ ଟିକସ ସୂତ୍ରରେ ଯାହା ଦେଉଚନ୍ତି ସେ ଟଙ୍କା ହିସାବ କରି ଅନ୍ତତଃ ତାହାର ନିର୍ଦ୍ଦିଷ୍ଟ ଆଖିଦୃଶିଆ ଅଂଶ ଦେଶର ପ୍ରଜାର ଆର୍ଥିକ ଅବସ୍ଥା ଉନ୍ନତି କଳ୍ପେ ଲଗାଇବା ସରକାରଙ୍କର ଉଚିତ।

ଅନୁମାନତଃ ହାରାହାରି ଏସବୁ ଶୁଳ୍କ ରୂପେ ଅତି କମ୍‌ରେ ପ୍ରତ୍ୟେକ ପ୍ରଜା ଯଦି ବର୍ଷରେ ଆଠଅଣା ଦେଉଥାଏ, ତେବେ ଓଡ଼ିଆ ଦେଶରୁ ପ୍ରତିବର୍ଷ ଏଇ ସୂତ୍ରରେ ୫୦ ଲକ୍ଷରୁ ଅଧିକ ଟଙ୍କା ଭାରତ ରାଜକୋଷକୁ ମିଳୁଚି। ହୁଏତ ଏଥିରୁ କେତେକ ଅଂଶ କାରଖାନାର ମାଲିକମାନଙ୍କ ପକେଟକୁ ଯାଉଥିବ। ହେଲେହେଁ, ସ୍ୱତନ୍ତ୍ର ପ୍ରଦେଶରେ ଖର୍ଚ୍ଚ ନିଅଣ୍ଟ ହେବ ବୋଲି ଶଙ୍କା କରି ସରକାର ଓଡିଶାକୁ ସ୍ୱତନ୍ତ୍ର କଲେ ମଧ୍ୟ ବିଶ୍ୱବିଦ୍ୟାଳୟଟିଏ

Digitized by PPRACHIN, SOA

ଦେବାକୁ ହୁଏତ ନାରାଜ । କେନ୍ଦ୍ର ସରକାର ପ୍ରଥମରୁ କେତେବର୍ଷ ପାଇଁ ଓଡ଼ିଆ ପ୍ରଦେଶକୁ କିଛି କିଛି ଟଙ୍କା ଦେବେ ବୋଲି କଥା ହେବାରୁ କୁହାଯାଉଚି, ସେ'ଟା ହାତ ଟେକିଆ ଦାନ । ଏ ବିଷୟ ଏବଂ ଏହିଭଳି ଅନେକ ବିଷୟ ଓଡ଼ିଆଙ୍କର ବିବେଚନା କରି ସେ ସବୁ ବିଷୟରେ ପ୍ରବଳ ଲୋକମତ ଗଠନ ପୂର୍ବକ ତୀବ୍ର ଆନ୍ଦୋଳନ କରିବା ଉଚିତ ।

ନବ ଭାରତ-୧/୨, ଆଲୋଚନା

ଓଡ଼ିଶାର ଶିଳ୍ପ

ପାରଂପରିକ ସୌକର୍ଯ -

ଗୋଟିଏ ଗୋଟିଏ ମାନବ ସମାଜର ଗୋଟିଏ ଗୋଟିଏ ସ୍ୱତନ୍ତ୍ର ସୌକର୍ଯ ପରଂପରାରେ ପ୍ରତିଷ୍ଠିତ ହୋଇଯାଏ । ସେ ସମାଜର ସଂସ୍କୃତିର ତାହା ହିଁ ସଂକେତ। ସେଇ ସୌକର୍ଯ ଧାରାରେ ମଧ୍ୟ ସେ ସମାଜର ବିକାଶ ଲୋଡ଼ିବାକୁ ହୁଏ । ବ୍ୟତିକ୍ରମ ନହୁଏ, ନୁହେଁ; ମାତ୍ର ଏହା ହିଁ ସାଧାରଣ ନିୟମ । ଇତାଲୀୟଙ୍କର ରନ୍ଧନ କଳା, ଫ୍ରାନ୍ସର ଭୋଗରେ ଲାଳିତ୍ୟ ଓ ସଂଗୀତ, ଜର୍ମାନୀର ଆତ୍ମପ୍ରତିଷ୍ଠାର ପ୍ରଭାବ, ଇଂରେଜର ବ୍ୟବସାୟ ବାଣିଜ୍ୟ ପ୍ରଭୃତି ଏଇସବୁ ସୌକର୍ଯର ଉଦାହରଣ । କାଳରେ ଏଇ ସୌକର୍ଯର ଧାରା ବଦଳି ଯାଏ, ଓ ସମାଜଟି ଅନ୍ୟ ସୌକର୍ଯର ଧାରା ଧରେ । ମାତ୍ର ଧାରାଟି ଲୋପ ପାଇ ଅନ୍ୟ ଦିଗରେ ବିକାଶ ନ ଦିଶିଲେ ସମାଜଟି ପକ୍ଷରେ ତାହା ଶୁଭଂକର ନୁହେଁ । ଏଇପରି କେତେ ସମାଜ ପତିତ ଓ ପରଂପରାରୁ ଏକାନ୍ତ ବିଚ୍ଛିନ୍ନ ହୋଇ ଆଦିମ ଅବସ୍ଥାକୁ ଫେରିଚି, କିଂବା ଅନ୍ୟର ଅନୁକରଣରେ କକ୍ଷଚ୍ୟୁତ ହୋଇ ଭ୍ରଷ୍ଟ ହୋଇଚି । ବ୍ୟକ୍ତି ପ୍ରଚାରିତ ଧର୍ମରେ ଦୀକ୍ଷିତ ହୋଇ ଧର୍ମାନ୍ଧ ହେଲେ ଲୋକ ବହୁ ସ୍ଥଳରେ ଏଇପରି ହୋଇଥାଏ। ସାଁତାଳଙ୍କ ଭିତରେ ଯେଉଁମାନେ ଆଜି କିରସ୍ତାନ ହୁଅନ୍ତି ବା କୁକିଙ୍କ ଭିତରେ ମୁସଲମାନ ହୁଅନ୍ତି, ତାଙ୍କୁ ଲକ୍ଷ୍ୟ କଲେ ଏହାର ପ୍ରମାଣ ଉଦାହରଣରେ ସ୍ପଷ୍ଟ ହୋଇପାରେ ।

ଅଧିକାର -

ଏଇ ପାରଂପରିକ ଓ ପ୍ରତିଷ୍ଠିତ ସୌକର୍ଯ୍ୟର ଧାରାରେ ମାନବ ତଥା ସମାଜର ସ୍ୱଧର୍ମ ବୀଜ ତଥା ଅଧିକାର ଜାଗ୍ରତ ହୁଏ । ବିକାଶକୁ ଏଇ ଅଧିକାର ପୀଠରେ ପ୍ରତିଷ୍ଠିତ କଲେ ଶ୍ରୀବୃଦ୍ଧି ସୁବିଧାଜନକ ହୁଏ। ସବୁ ବ୍ୟକ୍ତି ଓ ସମାଜକୁ ଗୋଟିଏ ଗୋଟିଏ ଜମାଖର୍ଚ୍ଚ ତଥା 'ଯୋଗକ୍ଷେମ'ର କଳ ବୋଲି ବିଚାରି ସମାଜର ବିକାଶ ଲୋଡ଼ିବାରେ ବିଶେଷ ମାନବୀୟତାର ଦର୍ପ ଥାଇପାରେ, ମାତ୍ର ଯଥାର୍ଥ ସତ୍ୟ ଅଛି କି ନା ତା ବିଚାର୍ଯ୍ୟ ।

ଶିଳ୍ପ, ଓଡ଼ିଶାର ସୌକର୍ଯ -

ଓଡ଼ିଶାର ଏଇ ସୌକର୍ଯ ଥିଲା ଶିଳ୍ପ । ମନ୍ଦିରାଦିର କଳ୍ପନା, ନିର୍ମାଣ ତଥା ଚାରୁକଳା ସମନ୍ୱିତ ଖୋଦନରେ ଓଡ଼ିଆ ପିତୃପୁରୁଷମାନଙ୍କର ଏଇ ସୌକର୍ଯର ପ୍ରତିଷ୍ଠା ସ୍ପଷ୍ଟ । ଏବେ

Digitized by PPRACHIN, SOA

ମଧ୍ୟ ପୁରୀର ପୋଢ଼ାମାଟିର ମୂର୍ତ୍ତି ତଥା ଭୁବନେଶ୍ୱରର ପ୍ରସ୍ତର ସ୍ଥାପତ୍ୟରେ ତାହାର ଅବଶେଷ ସ୍ପଷ୍ଟ । ହେଲେହେଁ, ବ୍ୟାପକ ଭାବରେ ଏହାର ପ୍ରସାର ଏବେ ଦେଖାଯାଏ ନାହିଁ । ସାଧାରଣ ବ୍ୟବହାର୍ଯ୍ୟ ଦ୍ରବ୍ୟରେ ଏଇ ଶିଳ୍ପର ପ୍ରସାର ଏବେ ନାହିଁ । କଟକର ରୂପା ତାରକାମ ଓ ଯୋତାରେ ମଧୁବାବୁ ତାହା ଜୀବନ୍ତ କରିବାକୁ ଲୋଡ଼ିଥିଲେ । ଓଡ଼ିଶାର ହାତିଦାନ୍ତ କାମ କଲିକତା ଯାଦୁଘରେ ଅଗ୍ରସ୍ଥାନ ପାଇଚି । ମାତ୍ର ଏସବୁ ସମୂହ ଭାବରେ ଓଡ଼ିଶାର ପୁରପଲ୍ଲି ପ୍ରଭାବିତ କରୁନାହିଁ । ଓଡ଼ିଶାର ଶିଳ୍ପ ବିକାଶରେ ଏଇ ବିଭାଗଟି ପ୍ରତି ଦୃଷ୍ଟି ଦେବା ଆଦୌ କର୍ତ୍ତବ୍ୟ ବୋଲି ମନେହୁଏ ।

ଏଇ ସୌକର୍ଯ୍ୟର ବିନାଶ ଓ ତାର ହେତୁ –

ଉଦାହରଣ ସ୍ୱରୂପ, ପାନ ଖାଇବା ଓଡ଼ିଆର ସାଧାରଣ ବିଳାସ । ସେଥିପାଇଁ ସମସ୍ତେ ଗୁଆ କାଟନ୍ତି ଓ ଗୁଆକାତି ପ୍ରାୟ ସମସ୍ତଙ୍କର ଲୋଡ଼ା। ଏବେ ପ୍ରତି ଷ୍ଟେସନରେ ଲୋକେ ରେଳ ପାଖେ ବୁଲି ଗୁଆକାତି ବିକନ୍ତି – ବଜାରରେ ସର୍ବତ୍ର ତାହା କିଣିବାକୁ ମିଳେ । ତଥାପି ଭଲ ଗୁଆକାତିଟିଏ କିଣିବାକୁ ବିଚାରିଲେ, ଲୋକେ ବୁନ୍ଦେଲଖଣ୍ଡ ବା ଗୁଜରାତ ପ୍ରଭୃତି ଯାଉଥିବା ଯାତ୍ରୀ ଗୁମାସ୍ତାଙ୍କ ଠାରେ ଅନୁସନ୍ଧାନ କରି କିଣନ୍ତି। କିଂବା କେଉଁ ଦୂର ପଲ୍ଲିରେ କେଉଁ କମାର ତାହା କରି ଜାଣେ ତାରି ଖବର ନେଇ, ତାରି ତିଆରି ଗୁଆକାତି ବା ତାର ହାତେ ତିଆରି କରାଇ ଗୁଆକାତି ବ୍ୟବହାର କରନ୍ତି। ଦେଶୀ ଲୋକେ ବଜାରରୁ ବା ଷ୍ଟେସନରୁ ଗୁଆକାତିଟିଏ ପ୍ରାୟ କିଣନ୍ତି ନାହିଁ, ବିଦେଶୀ କିଣି ସାରି ବୁଝି ଯାଆନ୍ତି ଓଡ଼ିଶାରେ ଭଲ ଗୁଆକାତି ମିଳେ ନାହିଁ । ଅତି ଅଳ୍ପ ମୂଲ୍ୟରେ ଗୁଆକାତି ମିଳେ ସତ, ମାତ୍ର ତାର ଲୁହା କଞ୍ଚା, ପୁଣି ଆକାର ପ୍ରକାର କାର୍ଯ୍ୟର ଉପଯୋଗୀ ନୁହେଁ । ଶୁଆ ଥଣ୍ଟ, କୁଆ ଆଖି, ସିଂହ ମୁହଁ ଠାରୁ ଆରଂଭ କରି ନାନା ପ୍ରାକୃତିକ କୃତ୍ରିମ କଳ୍ପନା ଓ କାରୁକ୍ରିୟାର ଛନ୍ଦରେ ଗୁଆକାତିଟି ତିଆରି ହେବାର ବେଳେ ବେଳେ ଦେଖାଯାଏ । ମାତ୍ର ସେସବୁ ଆକାର ଓ ଛନ୍ଦ ସଂଗେ ଉପଯୋଗିତାର କୌଣସି ସମ୍ପର୍କ ନଥାଏ । କାଟିବାରେ କିପରି ଚାପର ମାତ୍ରା ଯଥେଷ୍ଟ ବଢ଼ିଯିବ, ଗୁଆଟି କିପରି ଗୁଆକାତି ଭିତରେ ଚାପି ହୋଇ ରହିବ, ଚାପ ଦେଲାବେଳକୁ ଖସି ଯିବନାହିଁ, ହାତର ଆଙ୍ଗୁଠି ସୁବିଧାରେ ରହିବ, ଏସବୁର ବିଚାର କରାହୋଇ ସେଥିରେ ଆକାର ଛନ୍ଦର ସନ୍ନିବେଶ ହୋଇନଥାଏ । ଗୋଟିଏ ଜାମନଗରୀ ବା ବୁନ୍ଦେଲଖଣ୍ଡି ଗୁଆକାତି ସଂଗେ ସାଧାରଣ ଓଡ଼ିଶାର ଗୁଆକାତି ଆକୃତିରେ ତୁଳନା କରି ଦେଖାଯାଇପାରେ । ପୁଣି କଟୁରି, ତାଳ, ଗିଲାସ ପ୍ରଭୃତି ସବୁଥିରେ ଏଇପ୍ରକାର ଲକ୍ଷ୍ୟ କରାଯିବ । କଟୁରି ସାଧାରଣତଃ ବେଣ୍ଟ ଆଡୁ ବଡ଼ ଓ ଆଗ ଆଡକୁ ଅପେକ୍ଷାକୃତଃ ଉଣୁଆସ । ଚୋଟ କଟିବାରେ ବାହାବଳ ବେଶି ଦରକାର । କୋଡ଼ି ମଝିରେ ହିଡ଼ ଓ ପିଠିରେ ଖାଲ । ତାଳରେ ଏ ଦେଶରେ ଟେକି କରି ପାଣି ପିଅନ୍ତି ।

Digitized by PPRACHIN, SOA

ତଥାପି ବାଲକାଟି ଡାଳର ଫନ୍ଦ ଏପରି ପତଳା ଓ କୁଣିଆ ହୋଇ ତିଆରି ଯେ ସେଥିରେ ପାଣି ଓସାରି ହୋଇ ପଡ଼େ । କଂସା ବାଟି ଗିନା ଗିଲାସ ସବୁ ଏଇପରି ନାନା ଭାବରେ ବିଷଦୃଶ ଓ ବିଘଟିତ ଯୋଜନାରେ ତିଆରି ହୁଏ । ପୁଣି ଦାରିଦ୍ର୍ୟ ହେତୁରୁ ହେଉ, ଯେକୌଣସି ହେତୁରୁ ହେଉ, ଠକି କରି ଶସ୍ତାରେ ଜିନିଷ ବିକିବାର ପ୍ରବୃତ୍ତି ପଶି ଜିନିଷର କାର୍ଯ୍ୟକାରିତା ଏକାବେଳକେ ପଛକୁ ପକାଇ ଦିଏ । ଗୁଆକାତି ଓ କଟୁରି ପ୍ରାୟଶଃ କଞ୍ଚା ଲୁହାରେ ତିଆରି ହୁଏ । ଦିନେ ବ୍ୟବହାର ସହେ ନାହିଁ । ମେଳଣରେ ଯେଉଁ ପଇସାକିଆ ଛୁରୀ ବିକ୍ରି ହୁଏ, ତାହା ଲେଉଟିଆ ଶାଗ କାଟିବାରେ ମଧ ଲାଗେ କି ନା ସଂଦେହ । ପୁଣି ବଡ଼ଲୋକି ଦେଖାଇବାର ଏ ଦେଶରେ ଏକମାତ୍ର ଉପାୟ ଓଜନ ଓ ବଡ ଜିନିଷ କିଣିବା । ଏ ଦେଶ ଡାଳ ଗରାରେ ଯେଉଁ ପାଣି ଧରେ ତା'ଠାରୁ ଖାଲି ଡାଳ ଓ ଗରାର ଓଜନ ଢେର ବେଶି । କଟୁରି ପ୍ରଭୃତି ସେଇପରି । ତହୁଁ ବଳି ମାଇପଙ୍କ ଶାଢ଼ୀ ଓ ପଲଙ୍କ । ଆଉ ବେଶି ଉଦାହରଣ ଦେବା ଦରକାର ନାହିଁ । ଏଥିରେ ପୁଣି ଦେଶର ବିକଶିତ ରୁଚି ପ୍ରତି ଲକ୍ଷ୍ୟ ନାହିଁ । ଫଳରେ ଗ୍ରାମ ଶିଳ୍ପ ଲୋପ ପାଉଚି । ଦରିଦ୍ର ହୋଇ ମଧ ଲୋକେ ବିଦେଶୀ ଜିନିଷରେ ଘର ଭର୍ତ୍ତି କରୁଚନ୍ତି । କ୍ରମେ ଦେଶ ବେଶି ଦରିଦ୍ର ହେଉଚି । ଏହାର ଶୀଘ୍ର ପ୍ରତିକାର କରିବାକୁ ହେବ । ତା ନହେଲେ ଜାତି ଆର୍ଥିକ ଭାବରେ ରହିପାରିବ ନାହିଁ ।

ତାହାର ପ୍ରତିକାର- ଗ୍ରାମ ଶିଳ୍ପସଂଘ -

ଏବେ ମହାଭାରତୀୟ ଗ୍ରାମ ଶିଳ୍ପ ସଂଘ ଓଡ଼ିଶାରେ ମଧ କାର୍ଯ୍ୟ କରୁଚନ୍ତି । ହଜାର ହଜାର ଟଙ୍କା ସେଥିରେ ଖର୍ଚ୍ଚ ହେଉଚି । ଯୁବକମାନେ ସେଥିରେ ବର୍ଷେ ବର୍ଷେ ଶିକ୍ଷା ପାଇ ଗ୍ରାମମାନଙ୍କୁ ପଠାଇ ଦିଆ ହେଉଚନ୍ତି । କିଂତୁ ଏସବୁ ବିଷୟ ପ୍ରତି ସେଥିରେ ଆଦୌ ଦୃଷ୍ଟି ଦିଆଗଲାପରି ମନେ ହେଉନାହିଁ । ଏଇପରି ଜଣେ ଶିକ୍ଷାପ୍ରାପ୍ତ ଯୁବକଙ୍କୁ ଆମେ ଭେଟିଥିଲୁ । ଦେଖି ବିସ୍ମିତ ହେଲୁ, ତାଙ୍କର ଏସବୁ ବିଷୟ ଆଡ଼କୁ ଦୃଷ୍ଟି ସୁଦ୍ଧା ଫିଟି ନାହିଁ । କେତେ ଗୁଡ଼ାଏ ଖାଦ୍ୟ ପେୟର ଅଭ୍ୟାସ, ସୂତା କାଟିବା ଓ ଗ୍ରାମର ଆବର୍ଜନାଦି ନିଜେ ପରିଷ୍କାର କରିବା ଛଡ଼ା ଅନ୍ୟ କିଛି ତାଙ୍କ ଶିକ୍ଷାରେ ଥିବାର ବୁଝାଗଲା ନାହିଁ । ଶିକ୍ଷାର ଶ୍ରେଷ୍ଠ ଉପାଦାନ ଦୃଷ୍ଟି ପ୍ରସାର- କେବଳ କେତେଗୁଡ଼ିଏ ଅଭ୍ୟାସ ନୁହେଁ । ଏହା ସର୍ବଦା ବୁଝି ଏସବୁ କାର୍ଯ୍ୟରେ ବ୍ରତୀ ନହେଲେ, ଶ୍ରମ ପଣ୍ଡ ହେବ, ବୃଥା ଅର୍ଥ ନାଶ ହେବ ।

ସରକାରଙ୍କ କର୍ତ୍ତବ୍ୟ -

ପୁଣି ଏ କ୍ଷେତ୍ରରେ ସରକାରଙ୍କର କାର୍ଯ୍ୟ ଯଥେଷ୍ଟ ଅଛି । ଶିଳ୍ପୀଙ୍କ ପାଇଁ ସହଯୋଗ ସମିତି କରି ଏସବୁରେ ଶିଳ୍ପୀଙ୍କୁ ତାଲିମ୍ କରିବା ତ ଏକ କଥା । ମାତ୍ର ସେତିକିରେ

Digitized by PPRACHIN, SOA

ହେବନାହିଁ। ଅଳ୍ପ ମୂଲ୍ୟରେ ଠକି ବିକିଦବା ଲୋଭରେ ନୀରସା ଜିନିଷ ତିଆରି କରିବାର ପ୍ରବୃତ୍ତି ବନ୍ଦ କରିବା ପାଇଁ ବ୍ୟାପାରୀ ଓ ଶିଳ୍ପୀ ସଂଘମାନ ଜାଗ୍ରତ କରିବାକୁ ହେବ। ଦରକାର ହେଲେ ଆଇନ୍‌ର ଆଶ୍ରୟରେ ତାହା ସାଧନ କରିବାର ଉଦ୍ୟମ ମଧ୍ୟ ଅସଂଗତ ହେବନାହିଁ ।

ଅନ୍ୟାନ୍ୟ ବ୍ୟବସ୍ଥାର ସଂକେତ –

ଏ କ୍ଷେତ୍ରରେ କେବଳ ଏତିକି କରିବାକୁ ହେବ, ତା' କୁହାଯାଉ ନାହିଁ । ଗ୍ରାମ ଶିଳ୍ପ ନ ବଢ଼ିଲେ, ଓଡ଼ିଶା ରହିବ ନାହିଁ । ସେଥିପାଇଁ ଶିଳ୍ପୀଙ୍କୁ ସଂଘବଦ୍ଧ କରି ଦ୍ରବ୍ୟର ଆଦର୍ଶ ଓ ବଜାର ତାଙ୍କ ପାଇଁ ଫିଟାଇବାକୁ ହେବ । ପ୍ରତ୍ୟେକ ଅଞ୍ଚଳରେ ନିଜ ଅଞ୍ଚଳ ଜାତ ଦ୍ରବ୍ୟ କିପରି ବିକ୍ରି ହେବ, ତାର ସବୁ ପ୍ରକାର ବାଟ ଫିଟାଇବାକୁ ହେବ। ଗ୍ରାମ ତଥା ଅଞ୍ଚଳମାନଙ୍କର ସାମୟିକ ଆୟ ବ୍ୟୟ ପ୍ରକାଶ କରି ତାର ଫଳାଫଳରେ ଲୋକଙ୍କୁ ପରିଚିତ କରାଇବାକୁ ହେବ। ଏସବୁର ବ୍ୟୟ କାଳକ୍ରମେ ଶିଳ୍ପ ନିଜେ ସହିପାରିବାର ଦୂରଦୃଷ୍ଟିରେ କାର୍ଯ୍ୟପନ୍ଥା ଫିଟାଇବାକୁ ହେବ। ଅତିଶୀଘ୍ର ଏଇ ଭାବରେ ତତ୍ପରତା ଦେଖାନଗଲେ, ଦୁର୍ଗତିରୁ ପନ୍ଥା ସୁଗମ ନୁହେଁ।

ନବ ଭାରତ-୩।୭-୮, ଆଲୋଚନା

ଭାରତୀୟ ରାସାୟନିକ ଦ୍ରବ୍ୟର ବ୍ୟବସାୟ

ବାବୁ ଭୁବନାନନ୍ଦ ଦାସ ସମ୍ବାଦ ପତ୍ର ମୁଖରେ ପ୍ରକାଶ କରିଛନ୍ତି ଯେ ଲଣ୍ଡନରୁ କୌଣସି ସୂତ୍ରରେ ତାଙ୍କୁ ଜଣାପଡ଼ିଛି, ଇମ୍ପରିଆଲ୍ କେମିକାଲ କମ୍ପାନୀ (Imperial Chemical Company) ଭାରତ ସରକାରଙ୍କ ସଙ୍ଗେ ୫୦।୬୦ ବର୍ଷ ପାଇଁ ଗୋଟିଏ ଚୁକ୍ତି କରିବାର ଉଦ୍ୟମ କରୁଛନ୍ତି। ଏହି କମ୍ପାନୀ ଝେଲମ୍ ଜିଲ୍ଲାରେ ଗୋଟିଏ ବଡ଼ କାରଖାନା ଖୋଲିବେ ଏବଂ କାଳି, ଔଷଧ, ରଙ୍ଗ ପ୍ରଭୃତି ଯେତେ ପ୍ରକାର କେମିକାଲ୍ ବା ରାସାୟନିକ ଦ୍ରବ୍ୟ ସରକାରଙ୍କ ଦରକାର ତାହା ସବୁ ଯୋଗାଇବେ। ଏହାହିଁ ପ୍ରସ୍ତାବ। ଅବଶ୍ୟ ଏହା ସତ୍ୟ ହେଲେ ଚୁକ୍ତି ଦସ୍ତଖତ କରିବା ପୂର୍ବରୁ ସରକାର ହୁଏତ ବ୍ୟବସ୍ଥାପକ ସଭାକୁ ପଚାରି ଦେବେ, କିନ୍ତୁ ସେ ପଚାରିବାର ଏବେ ଅର୍ଥ କିଛି ନାହିଁ।

ଭାରତରେ କେମିକାଲ୍ସ ତିଆରି କରିବା ମାଲ୍ ମସଲା ଅଛି। ବହୁତ କ୍ଷୁଦ୍ର ବୃହତ୍ କମ୍ପାନୀ ଏ କ୍ଷେତ୍ରରେ କାର୍ଯ୍ୟ କରିଛନ୍ତି ଓ ଭବିଷ୍ୟତରେ ବିଶେଷରେ ସରକାରଙ୍କ ସାହାଯ୍ୟ ଓ ଉତ୍ସାହ ପାଇଲେ, ଆଉ ବହୁତ କମ୍ପାନୀ ବାହାରିବେ। ସରକାର ମଧ୍ୟ ଦେଶର ନାନା ସ୍ଥାନରେ ଏଭଳି କମ୍ପାନୀମାନଙ୍କୁ ସାହାଯ୍ୟ ଦେଇ ଦେଶର ଧନ ବୃଦ୍ଧି ଦିଗରେ ଯଥେଷ୍ଟ କାର୍ଯ୍ୟ କରି ପାରନ୍ତି। ଏପରି ସ୍ଥଳେ ଏଡ଼େ ବଡ଼ ବିରାଟ ବିଲାତି କମ୍ପାନୀକୁ ଆଣି ଏ ଦେଶରେ ପ୍ରତିଷ୍ଠା କରିବାର କି ପ୍ରୟୋଜନ ଅଛି ? ଦେଶର ଶିଳ୍ପ ବୃଦ୍ଧି କଲେ ଏହିପରି

Digitized by PPRACHIN, SOA

ଅଯଥା ବିରାଟ ସର୍ବଗ୍ରାସୀ ବିଦେଶୀ ଧନ ଏ ଦେଶରେ ଖଟାଇବାରେ ଏ ଦେଶର ବହୁତ ଅକାର୍ଯ୍ୟ ହେଉଛି। ଭାରତର ସର୍ବାଞ୍ଚଳର ଲୋକେ ଏସବୁ ବୁଝି ଏଭଳି ବିଷୟମାନଙ୍କରେ ଘୋର ପ୍ରତିବାଦ କରିବା ଉଚିତ।

ଏଇ ସମ୍ପର୍କରେ ଓଡ଼ିଶାର କଥା ବିଶେଷ ବିଚାର୍ଯ୍ୟ। ଓଡ଼ିଶାର ଆର୍ଥିକ ଓ ରାଜନୈତିକ ଅବସ୍ଥା ଦୃଷ୍ଟିରେ ଲୁହା, ଲୁଗା ପ୍ରଭୃତିର କାରଖାନା ପରି ବଡ଼ ବଡ଼ କାରଖାନା ଏ ଦେଶରେ ନିକଟରେ ହେବାର ସମ୍ଭାବନା କମ୍ ? ଚମଡ଼ା ସଫା କରିବା ଜୋତା ସଫାଇର ମାଲ ମସଲାଠାରୁ ଆରମ୍ଭ କରି କାଳି, ରଙ୍ଗ, ଦ୍ରାବକ ପ୍ରଭୃତି ତିଆରି କରିବାର ମାଲ ମସଲା ଏ ଦେଶରେ ବିସ୍ତର ଅଛି। ଓଡ଼ିଶା ମଧ୍ୟ ସ୍ୱତନ୍ତ୍ର ପ୍ରଦେଶ ହେଉଛି। ଏତେବେଳେ ନାନା ଭାବରେ ଦେଶର ଅର୍ଥୋନ୍ନତି ଦିଗରେ ଲୋକଙ୍କ ଆଖି ଫିଟିବା ବେଳ। ବିଶେଷରେ ଏହି କେମିକାଲ୍ସ ତିଆରି କରିବା ଓଡ଼ିଶାରେ ବଡ଼ ସୁଗମ ହୋଇପାରେ । ଏଇ କ୍ଷେତ୍ରରେ ଶ୍ରୀଯୁକ୍ତ ନିଧିରାମ ମିଶ୍ର ଏବେ ବ୍ୟାପକ ଭାବରେ ଗୋଟିଏ କାର୍ଯ୍ୟ ଆରମ୍ଭ କରିବାକୁ ମଧ୍ୟ ବସିଛନ୍ତି। ଗତମାସରେ ଆମେ ତାଙ୍କର ସେଇ ବିଷୟକ ଉଦ୍ଦେଶ୍ୟ ପତ୍ର ସମ୍ବନ୍ଧରେ ଲେଖି ତାଙ୍କ ପ୍ରତି ଦେଶବାସୀଙ୍କର ଦୃଷ୍ଟି ଆକର୍ଷଣ କରିଥିଲୁ। ଏବେ ଭୁବନାନନ୍ଦ ବାବୁ ଯାହା ପ୍ରକାଶ କରିଛନ୍ତି, ତାହା ଯଦି ସତ୍ୟ ହୁଏ ତେବେ ସାରା ଭାରତରୁ ଏ କଳ କାରଖାନାର ସମ୍ଭାବନା ମଧ୍ୟ ଉଠିଯିବ। ଓଡ଼ିଶା କଥା କିବା କଥା।

ଏହି ଶିଳ୍ପ ବା ଏହିଭଳି ଶିଳ୍ପ ସବୁ ଓଡ଼ିଶାର ଆର୍ଥିକ ସମସ୍ୟା ସମାଧାନରେ ଅବଲମ୍ବନ ହେବାର ଆଶା। ଓଡ଼ିଶା ଏତେବେଳେ ନୂତନ ଜୀବନ ଆରମ୍ଭ କରିବାକୁ ଯାଉଛି। ତେଣୁ ନିକଟ ଭବିଷ୍ୟତରେ ବିଶେଷ ଭାବରେ ଏ କ୍ଷେତ୍ରରେ ପ୍ରତିବାଦର ଆନ୍ଦୋଳନ ଉଠାଇବା ଉଚିତ।

ନବ ଭାରତ-୧/୩, ଆଲୋଚନା

ଓଡ଼ିଶାରେ ବ୍ୟବହାର ଶିଳ୍ପ

ରସାୟନ ବିଦ୍ୟା ସାହାଯ୍ୟରେ ଗଛ ଓ ଖଣିଜ ଦ୍ରବ୍ୟରୁ ବହୁପ୍ରକାର ବ୍ୟବହାରୋପଯୋଗୀ ଦ୍ରବ୍ୟ ତିଆରି ହେଉଛି। କାଳି, ସିନ୍ଦୂର, ଲାଖ, ରଙ୍ଗ ପ୍ରଭୃତି କ୍ଷୁଦ୍ର କ୍ଷୁଦ୍ର ଦ୍ରବ୍ୟ ଓ ନାନାବିଧ ଆବଶ୍ୟକୀୟ ଔଷଧ ଓ ଦ୍ରାବକମାନ ଏହିପରି ତିଆରି କରାହୁଏ। ଓଡ଼ିଶାରେ ଏଇସବୁ କ୍ଷୁଦ୍ର ଶିଳ୍ପ ପାଇଁ ବିସ୍ତର ସାମଗ୍ରୀ ଓ କ୍ଷେତ୍ର ଅଛି। ମାତ୍ର ଆଜିଯାଏ ଏ ଦିଗରେ ନିଷ୍ଠା ଧରି କାହାକୁ ଲାଗିବାର ଦେଖାଯାଇନାହିଁ। ଶ୍ରୀଯୁକ୍ତ ନିଧିରାମ ମିଶ୍ର, ମ୍ୟାନେଜର ଥାଇ ଏହିପରି ଜିନିଷ ତିଆରି କରିବା ନିମନ୍ତେ ଗୋଟିଏ କାରଖାନା ଫିଟାଇଛନ୍ତି। ସେଥିରେ ଉଦ୍ଦେଶ୍ୟ ଓ ଅଭିପ୍ରାୟ ସୂଚକ ଇଂରେଜୀରେ ଲେଖା ହୋଇଥିବା ଖଣ୍ଡିଏ କ୍ଷୁଦ୍ର ପୁସ୍ତିକା ଆମ୍ଭଙ୍କୁ ମିଳିଚି। ଉଦ୍ଦେଶ୍ୟ ଓ ଅଭିପ୍ରାୟ ଉତ୍ତମ। ଓଡ଼ିଶାରେ ବଡ଼ କାରଖାନା

Digitized by PPRACHIN, SOA

ଫିଟିବାର ନିକଟ ଭବିଷ୍ୟତରେ ଆଶା ନାହିଁ। ମାତ୍ର ଏଭଳି କ୍ଷୁଦ୍ର କ୍ଷୁଦ୍ର ଉପଯୋଗୀ ଶିଳ୍ପ ଭଲକରି କରିପାରିଲେ, ଓଡ଼ିଶାର ଜଙ୍ଗଲ ଓ ଖଣିଜ ଦ୍ରବ୍ୟର ବହୁ ବ୍ୟବହାର ପାଇଁ ବାଟ ଫିଟିଯିବ। ଲୋକେ ଅଳ୍ପ ମୂଳଧନରେ କୁଟୀର ଶିଳ୍ପପରି ଏସବୁ କାର୍ଯ୍ୟ କରି ଲାଭବାନ୍ ହେବେ। ସେଥିପାଇଁ ଏଭଳି କାର୍ଯ୍ୟ ପ୍ରତି ଆମ୍ଭେମାନେ ଦେଶବାସୀଙ୍କର ସାନୁକଂପ ଦୃଷ୍ଟି ଆକର୍ଷଣ କରୁଅଛୁଁ।

ନବ ଭାରତ-୧/୨, ଆଲୋଚନା

ଓଡ଼ିଶା କେମିକାଲ୍

ଶ୍ରୀମାନ ନିଧିରାମ ମିଶ୍ରଙ୍କ ଅଦ୍ୟମ ଉତ୍ସାହ ଓ ଅଧ୍ୟବସାୟ ଫଳରେ ଓଡ଼ିଶା କେମିକାଲ ଏବଂ ଫର୍ମାସ୍ୟୁଟିକାଲ କମ୍ପାନୀଟିର ଭବିଷ୍ୟତ ଉଜ୍ଜ୍ୱଳ ଦିଶୁଛି। ଶ୍ରୀମାନ୍ ନିଧିରାମ ଗତବର୍ଷ ଏହି ସମୟରେ ନବଭାରତ ସ୍ତମ୍ଭରେ ଆମେ ତାଙ୍କ ସାଧୁ ଉଦ୍ୟମ ପ୍ରତି ଦେଶବାସୀଙ୍କର ଦୃଷ୍ଟି ଆକର୍ଷଣ କରିଥିଲୁଁ ଓ ଏ ଅନୁଷ୍ଠାନର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲୁଁ। ଗତବର୍ଷ ମଧ୍ୟରେ କମ୍ପାନୀର ଯେଉଁ ପ୍ରଗତି ହୋଇଛି, ତାହା ଦେଖି ଅଳ୍ପ ସମୟ ମଧ୍ୟରେ ଏହା ଆଖିକୁ ଦିଶିଲା ଭଳି ଗୋଟିଏ ଅନୁଷ୍ଠାନ ହେବ ବୋଲି ସ୍ପଷ୍ଟ ଜଣାଯାଇଛି। ଗତବର୍ଷ ମଧ୍ୟରେ କମ୍ପାନୀ ସକାଶ ବହୁସଂଖ୍ୟକ ଅଂଶ ଓଡ଼ିଶାରୁ ମିଳିଛି ଏବଂ ଶ୍ରୀମାନ୍ ନିଧିରାମଙ୍କ ଉତ୍ସାହରେ ପ୍ରାଣିତ ହୋଇ ଅନେକ ଶିକ୍ଷିତ ଯୁବକ ଦରମା ନ ନେଇ କମ୍ପାନୀର ଉନ୍ନତି କଳ୍ପେ ଚେଷ୍ଟା କରୁଛନ୍ତି। ଅଂଶ ବିକ୍ରୀ କରି ସେମାନଙ୍କୁ ଯେଉଁ ଅଳ୍ପ କିଛି କମିଶନ ମିଳୁଛି, ତାହା ଦେଇ କମ୍ପାନୀ ସକାଶ ଆସବାବପତ୍ର କିଣୁଛନ୍ତି। ଓଡ଼ିଶାରେ କାଳି, ସିନ୍ଦୂର, ଲାଖ, ରଙ୍ଗ, ସାବୁନ ଓ ଅନ୍ୟାନ୍ୟ ପ୍ରସାଧନ ସାମଗ୍ରୀର ବେଶ୍ ଚାହିଦା ଅଛି ଏବଂ ଏହି ସୂତ୍ରରେ ବିସ୍ତର ଧନ ଓଡ଼ିଶା ବାହାରକୁ ଚାଲିଯାଉଛି। ଏହି ସବୁ ଶିଳ୍ପ ପାଇଁ ବିସ୍ତର ସାମଗ୍ରୀ ମଧ୍ୟ ଓଡ଼ିଶାରେ ଅଛି। ଏବେ କେତେଦିନ ହେଲା ଏ ଦିଗରେ ଅନେକ ଲୋକ ଅନେକ ଚେଷ୍ଟା କରିଆସୁଛନ୍ତି ସତ, କିନ୍ତୁ ନିଷ୍ଠା ଧରି ସାଧୁ ଭାବରେ ଏପର୍ଯ୍ୟନ୍ତ କେହି ଏ କାର୍ଯ୍ୟରେ ଲାଗିବାର ଦେଖାଯାଇ ନଥିଲା। ଶ୍ରଦ୍ଧେୟ ନିଧିରାମ ବାବୁଙ୍କ ନିଷ୍ଠା ପ୍ରଶଂସନୀୟ ଏବଂ ଏ ନିଷ୍ଠାର ଫଳ ଯେ ଅବଶ୍ୟମ୍ଭାବୀ, ତାହା କହିବା ନିଷ୍ପ୍ରୟୋଜନ। ଓଡ଼ିଶା କେମିକାଲର ପ୍ରସ୍ତୁତ କାଳି, ସାବୁନ ପ୍ରଭୃତି ଆମେ ବ୍ୟବହାର କରି ଦେଖିଛୁ, ତାହା ବଜାରରେ ମିଳୁଥିବା ଉତ୍କୃଷ୍ଟ ତେଲଠାରୁ କୌଣସି ରୂପେ ନିକୃଷ୍ଟ ନୁହେଁ। ଆମ୍ଭମାନଙ୍କର ଆଶା, ଓଡ଼ିଶାରେ ଏହି କମ୍ପାନୀରେ ପ୍ରସ୍ତୁତ ଜିନିଷର ଆଦର କ୍ରମେ କ୍ରମେ ବଢ଼ିବ ଏବଂ ନିଧିରାମ ବାବୁଙ୍କ ଉଦ୍ୟମରେ ଓଡ଼ିଶା କେମିକାଲ ଓଡ଼ିଶାର ଗୋଟିଏ ପ୍ରଧାନ ବ୍ୟବହାର ଶିଳ୍ପ ଅନୁଷ୍ଠାନ ହେବ। ଆମ୍ଭେ ନିଧିରାମ ବାବୁ ଏବଂ ତାଙ୍କ

Digitized by PPRACHIN, SOA

ସହକର୍ମୀ ଯୁବକମାନଙ୍କୁ ଆମର ଆନ୍ତରିକ ଶୁଭକାମନା ଜଣାଉଅଛୁ ଏବଂ ଅନନ୍ତ ଆଶା ଧରି କାର୍ଯ୍ୟରେ ଅଗ୍ରସର ହେବାକୁ ଉତ୍ସାହିତ କରୁଛୁ ।

ନବ ଭାରତ- ୨/୧ ,ଆଲୋଚନା

ଓଡ଼ିଶା କେମିକାଲ

ଏ ଦେଶର ଶିକ୍ଷିତ ଯୁବକ, ଶିକ୍ଷା ଶେଷ କରି ଉପରକୁ ଚାହିଁ ବସେ, ଖଣ୍ଡେ ଚାକିରୀ ପାଇଁ, ଚାକିରୀ ମିଳିଲେ ସେ ସନ୍ତୁଷ୍ଟ । ବଡ଼ ଚାକିରୀ ମିଳିଲେ ସେ ଛାତ୍ର ଜୀବନରେ ପୋଷିଥିବା ଆଶାକୁ କାର୍ଯ୍ୟରେ ପରିଣତ କରିବାର ସୁଯୋଗ ପାଏ । ବଡ଼ ଘର, ଭଲ ମଟର, ଭଲ ଲୁଗାପଟା, ସ୍ତ୍ରୀ କନ୍ୟାଙ୍କ ପାଇଁ ଭଲ ଗହଣା, ମୋଟା ଅଙ୍କର ଜୀବନ ବୀମା - ଏଇ ମାପକାଠିରେ ଜୀବନ ସମ୍ଭୋଗ ମାପେ - ଏକ କଥାରେ, ବଡ଼ଲୋକ ହୋଇଯାଏ; ଜୀବନର ମଧ୍ୟାହ୍ନ ବା ଅପରାହ୍ନ ଆଡ଼କୁ ଜମିଦାରୀ କିଣିବାରେ ମନ ଲଗାଇ ଦିଏ । ଯେଉଁମାନେ ଏଡ଼େ ବଡ଼ ଭାଗ୍ୟର ଅଧିକାରୀ ହୁଅନ୍ତି ନାହିଁ, ସେମାନେ ଘର ପୋଡ଼ିରୁ କୁଟାଖିଏ ପାଇଲେ ସନ୍ତୁଷ୍ଟ ହେଲାପରି, ନିଜର ଅଭାବ ଓ ପ୍ରୟୋଜନକୁ ଯଥାସଂଭବ ସଂଯତ କରି ନିଜ ଭାଗ୍ୟଧର ବନ୍ଧୁମାନଙ୍କ ପଦାଙ୍କ ଅନୁସରଣ କରନ୍ତି । ଏହି ଗତାନୁଗତିକ ପନ୍ଥାର ବ୍ୟତିକ୍ରମ ହୁଏନାହିଁ, ଗତ ୬୦ ବର୍ଷ ଭିତରେ ଏ ପନ୍ଥାରେ ବ୍ୟତିକ୍ରମ ହୋଇନାହିଁ। ଆଗ ଅବସ୍ଥା ସ୍ୱତନ୍ତ୍ର ଥିଲା; ଆଗ ଯେଉଁମାନେ ବିଶ୍ୱବିଦ୍ୟାଳୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଉଥିଲେ ସେମାନଙ୍କ ପାଇଁ ଚାକିରୀ ଥୁଆଥିଲା । ଯେଉଁମାନେ ଫେଲ୍ ହେଉଥିଲେ ସେମାନେ ମଧ୍ୟ ନିରାଶ ହେଉନଥିଲେ। କିନ୍ତୁ ଆଜି ପାସ୍ କରୁଥିବା ଛାତ୍ରମାନଙ୍କ ମଧ୍ୟରୁ ଶତକଡ଼ା ୫ ଜଣ ମଧ୍ୟ ଭଲ ଚାକିରୀଟିଏ ପାଉନାହାନ୍ତି; ଓ ଶତକଡ଼ା ୨୫ ଜଣ ବେକାର ହୋଇ ବସୁଛନ୍ତି।

ଏ ଅବସ୍ଥାରେ ମଧ୍ୟ ଜୀବିକା ଉପାର୍ଜନ ପାଇଁ ଅନ୍ୟପନ୍ଥା ଅବଲମ୍ବନ କରିବାକୁ ପରାମର୍ଶ ଦେଲେ, ଆମ ଶିକ୍ଷିତ ଯୁବକମାନେ ପରାମର୍ଶକୁ ହସରେ ଉଡ଼ାଇ ଦିଅନ୍ତି । ବ୍ୟବସାୟର ନାମ ଧଇଲେ କେତେକଙ୍କୁ ବଡ଼ ଅପସନ୍ଦ ଲାଗେ, ଅନ୍ୟମାନଙ୍କୁ ଆକାଶିଆ ଜଣାପଡ଼େ। ବ୍ୟବସାୟ ଆଡ଼କୁ ଯେଉଁ ଶିକ୍ଷିତ ଯୁବକଙ୍କର ମନ କଦବା ଝୁଙ୍କେ ସେମାନେ ପ୍ରଥମ ପଦକ୍ଷେପରେ ମୂଳଧନ ଅଭାବ - ଭୂତ ଦେଖନ୍ତି, ସହକର୍ମୀ ମାନଙ୍କ ଠାରେ ଅସାଧୁତା ଦେଖନ୍ତି ବା କଳ୍ପନା କରନ୍ତି, ଓ ବିଶେଷ କରି ଏହି ଭୂତ ଭୟରେ ଅସ୍ଥିର ହୋଇ, ଦୁଇ ତିନି ମାସ ମଧ୍ୟରେ ନିଜର ସଂଗୃହୀତ ଯତ୍ ସାମାନ୍ୟ ମୂଳଧନ ବୁଡ଼ାଇ, ଫେରେ ଯାଇ ଚାକିରୀର ଆଶ୍ରୟ ଲୋଡ଼ନ୍ତି । ଓଡ଼ିଶାରେ ଯେଉଁମାନେ ଧନୀ, ସେମାନଙ୍କର ବ୍ୟବସାୟରେ ଟଙ୍କା ଲଗେଇବାକୁ ସାହସ ନାହିଁ । ଗୋଟାଏ ଦୁଇଟା ସ୍ଥଳରେ ଜଣେ

Digitized by PPRACHIN, SOA

ଦୁଇଜଣ ନ ପାରିଥିବାର ଦେଖିଲେ, ସେମାନେ ଏଇ ଦୃଷ୍ଟାନ୍ତକୁ ଗଣ୍ଠିଧନ କରି ଧରନ୍ତି, ଓ ଏପରି କମର କଷି ବସିଯାନ୍ତି ଯେ, ଭବିଷ୍ୟତ୍‌ରେ ତାଙ୍କ ପାଖରୁ ବ୍ୟବସାୟ ପାଇଁ ଋଣ ବା ଧାର ବା ଅଂଶ (Share) ଆଣିବା ଅସଂଭବ ହୋଇପଡ଼େ ।

ଏଇ ସବୁ ପରିସ୍ଥିତିରେ ଶିକ୍ଷିତ ଯୁବକ କେହି ବ୍ୟବସାୟ କରିବାକୁ ବାହାରିଲେ, ତାହାଙ୍କର ବନ୍ଧୁମାନେ ମଧ୍ୟ ତାଙ୍କୁ ସଂକଳ୍ପରୁ ନିରସ୍ତ କରିବାକୁ କମ୍ ଯତ୍ନ କରନ୍ତି ନାହିଁ। ୧ ୯୩୪ ସାଲର ପ୍ରଥମରେ ଶ୍ରୀମାନ୍ ନିଧିରାମ ମିଶ୍ର ଯେତେବେଳେ ଓଡ଼ିଶାରେ ରସାୟନ ଶିଳ୍ପର ବିରାଟ କଳ୍ପନା ଧରି କାର୍ଯ୍ୟ କରିବାକୁ ଆସି ବସିଗଲେ ସେତେବେଳେ ଆମ୍ଭେମାନେ ଯେତେ ଆନନ୍ଦିତ ହୋଇଥିଲୁ, ତହିଁରୁ ଅଧିକ ବିସ୍ମିତ ହୋଇଥିଲୁ । ଏ ଶିଳ୍ପ ପାଇଁ ଓଡ଼ିଶାରେ ସୁବିଧା ବହୁତ୍। ତଥାପି ଶ୍ରୀମାନ୍ ନିଧିରାମ ମୂଳଧନ ପାଇବେ ନାହିଁ, ଉପଯୁକ୍ତ ସହକର୍ମୀ ପାଇବେ ନାହିଁ, ଓ ଓଡ଼ିଶାର ଜନସାଧାରଣଙ୍କର ଉପଯୁକ୍ତ ସହଯୋଗ ଓ ସହାନୁଭୂତି ନପାଇ ଶେଷରେ ନିରାଶ ହେବେ ବୋଲି, ତାଙ୍କୁ ଅନେକ ଅନୁଭବୀ ଯେଉଁ ପରାମର୍ଶ ଦେଇଥିଲେ, ସେ ପରାମର୍ଶ ବିରୁଦ୍ଧରେ କିଛି ବିଶେଷ କହିବାକୁ ମନକୁ ଆସୁନଥିଲା । କିନ୍ତୁ ଅପ୍ରକାଶ୍ୟ ଭାବେ ଆମ୍ଭେମାନେ ଏ ଦିଗରେ ଶ୍ରୀମାନ୍ ନିଧିରାମଙ୍କ ଚେଷ୍ଟାକୁ ଅନୁମୋଦନ କରୁଥିଲୁଁ, ଓ ଶ୍ରୀମାନ୍ ନିଧିରାମଙ୍କ ଅଧ୍ୟବସାୟ ଉତ୍ସାହ ଓ କାର୍ଯ୍ୟକୁଶଳତାରେ ଆସ୍ଥା ଥିବାରୁ ଆଶା ରଖିଥିଲୁଁ ଯେ ସେ ସହଜେ ନିରାଶ ହେବେନାହିଁ, ଦିନେ ତାଙ୍କ ପ୍ରତିଷ୍ଠିତ ଓଡ଼ିଶା କେମିକାଲ୍ କମ୍ପାନୀ ଯଶସ୍ୱୀ ହେବ ।

ବଡ଼ ଆହ୍ଲାଦର ବିଷୟ ଆଜି ଆମ୍ଭମାନଙ୍କ ଆଶା ଓ କାମନା ଫଳବତୀ ହେବାକୁ ଆରମ୍ଭ କରିଛି । ଶ୍ରୀମାନ୍ ନିଧିରାମ୍ ଅଦ୍ୟାପି ଉପଯୁକ୍ତ ପରିମାଣରେ ଅଂଶ ପାଇ ନାହାନ୍ତି, ଯଥାପଥ ସହଯୋଗ ଓଡ଼ିଶାରୁ ପାଇନାହାନ୍ତି । ଯେଉଁମାନେ ଡିରେକ୍‌ଟର ଅଛନ୍ତି, ସେମାନେ ତାଙ୍କୁ ବିଶେଷ କିଛି ସାହାଯ୍ୟ କରୁ ନାହାନ୍ତି ବା କରିପାରୁ ନାହାନ୍ତି । ପ୍ରଦେଶର ଅନେକ ଲୋକ ଓଡ଼ିଶା ସୁଲଭ ପରଶ୍ରୀକାତରତାରେ ତାଙ୍କ ପତନକୁ ଚାହିଁ ବସିଛନ୍ତି । କିନ୍ତୁ ଏ ସବୁ ଶ୍ରୀମାନ୍ ନିଧିରାମଙ୍କୁ ନିରାଶ କରିପାରି ନାହାନ୍ତି, ସେ ଅନ୍ଧାର ଭିତର ଆଲୋକ ଦେଖି ଆଗକୁ ଚାଲିଛନ୍ତି । ବଡ଼ ସୁଖର କଥା ଆସନ୍ତା ବର୍ଷ ପାଇଁ ଓଡ଼ିଶା ସରକାରଙ୍କ ଠାରୁ ସେ ଲେଖିବା କାଳି ଓ ମୋହର ଜଉ ପାଇଁ ଅର୍ଡର ପାଇଛନ୍ତି, ଆସନ୍ତା ବର୍ଷ ଭିତରେ ଓଡ଼ିଶା ସରକାରଙ୍କର ଯେତେ କାଳି ଓ ଜଉ ଖର୍ଚ୍ଚ ହେବ ସବୁ ଓଡ଼ିଶା କେମିକାଲଙ୍କ ପାଖରୁ ଓଡ଼ିଶା ସରକାର କିଣିବେ। ଏହା କମ୍ ନୁହେଁ। ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଡ଼ିରେକ୍‌ଟର ଭର୍ବିଜ୍ ସାହେବ ଓଡ଼ିଶା କେମିକାଲ୍ କୋମ୍ପାନୀ ପରିଦର୍ଶନ କରି କମ୍ପାନୀର ତିଆରି ଫିନାଇଲ୍ ଓଡ଼ିଶାର ସବୁ ଡାକ୍ତରଖାନାରେ ବ୍ୟବହାର କରିବେ

Digitized by PPRACHIN, SOA

ବୋଲି ପ୍ରତିଶ୍ରୁତ ହୋଇଛନ୍ତି । ଲାଟ ସାହେବ ମଧ୍ୟ ବାଙ୍କୀ ପ୍ରଦର୍ଶନୀରେ ଓଡ଼ିଶା କେମିକାଲର ଦୋକାନ ବୁଲି ଦେଖିଛନ୍ତି ଓ ସହଯୋଗ କରିବାକୁ କହିଛନ୍ତି । ମୟୂରଭଞ୍ଜରେ ଓଡ଼ିଶା କେମିକାଲ୍‌ର ଜିନିସ କିପରି ଚାଲିବ ସେ ଦିଗରେ ମୟୂରଭଞ୍ଜର ଯୋଗ୍ୟପୁତ୍ର ଶ୍ରୀଯୁକ୍ତ ତ୍ରିପାଠୀ ଯତ୍ନବାନ୍ ହୋଇଛନ୍ତି ।

ଯେଉଁମାନେ ଏପର୍ଯ୍ୟନ୍ତ ଓଡ଼ିଶା କେମିକାଲ୍ ପ୍ରତି ଉଦାସୀନ ଥିଲେ ସେମାନେ କମ୍ପାନୀର ଭବିଷ୍ୟତ ଉନ୍ନତିର ଶକୁନ ଦେଖି ଶିଖନ୍ତୁ । ଓଡ଼ିଶା କେମିକାଲ, ଉପରେ ଯେଉଁ ଅର୍ଡର ଗୁଡ଼ିକ ପାଇବାର ଉଲ୍ଲେଖ କଲୁଁ ସେତିକି ଶୁଣିଲେ ବି ଏହାର ଭବିଷ୍ୟତ, ପ୍ରଦେଶ ବାହାର ଲୋକେ ବୁଝିଯିବେ, ଏବଂ ଓଡ଼ିଶାର ଲୋକେ ସାବଧାନ ନହେଲେ ଅଳ୍ପ ଦିନ ଭିତରେ ବାହାର ଲୋକେ ବହୁ ପରିମାଣରେ କମ୍ପାନୀର ଅଂଶ କିଣି କମ୍ପାନୀକୁ ନିଜ ହାତରେ ରଖିବାକୁ ଚେଷ୍ଟା କରିବେ ବୋଲି ଆଶଙ୍କା କରିବା ନିତାନ୍ତ ଅମୂଳକ ନୁହେଁ ।

ନବ ଭାରତ-୩/୭-୮, ଆଲୋଚନା

ରୂପସାଠାରେ ମୋହନ କାରଖାନା

ହେଲେ, ଏହା ଓଡ଼ିଶାର ହେବ ତ ?

ହଠାତ୍ ଖବରକାଗଜରେ ପଢ଼ି ବିସ୍ମିତ ହେଲୁ ରୂପସାଠାରେ 'ମୋହନ କେମିକାଲ ଉଅର୍କସ' ବୋଲି କାରଖାନା ହେଉଚି । କଲିକତାରୁ ବଙ୍ଗାଳୀମାନେ ଆସି ତାକୁ କରିବେ । ଅଧିକାଂଶ ମୂଳଧନ ପ୍ରଦେଶ ବାହାରୁ ଆସିବ । ତା' ତ ଆସନ୍ତା । ମାତ୍ର ସେ କମ୍ପାନୀରେ ମ୍ୟାନେଜିଂ ଏଜେଣ୍ଟ ହେବେ କଲିକତା ବଙ୍ଗାଳୀ । କମ୍ପାନୀ ଡିରେକ୍ଟରଙ୍କ ଭିତରେ ନିଶ୍ଚୟ ଅଧିକାଂଶ ରହିବେ ବଙ୍ଗଳାର ବଂଗାଳୀ ବା ଅନ୍ୟ କେହି । ସେମାନେ ଓଡ଼ିଆ କୁଲି କର୍ମଚାରୀଙ୍କୁ ରଖିବେ ବୋଲି ଜବାବ ଦେଇ କୁଆଡ଼େ ଓଡ଼ିଶା ସରକାରଙ୍କୁ ବାନ୍ଧୁଛନ୍ତି । କର୍ମଚାରୀ ଅବଶ୍ୟ ସେତେ ଓଡ଼ିଆ ରହିବା ସମ୍ଭବ ନୁହେଁ । ତେବେ ଖୁବ୍ ବେଶୀ କୁଲି ୫୦୦ କି ହଜାରେ ଲାଗି ପାରନ୍ତି । କଲିକତା ଓ ବଙ୍ଗଳାର ଅନ୍ୟତ୍ର ମଧ୍ୟ କାରଖାନା ହେଲେ ବଙ୍ଗାଳୀ-ବିଶେଷରେ ବଙ୍ଗାଳୀ ହିନ୍ଦୁ - କୁଲି ହୁଅନ୍ତି ନାହିଁ, ଏହା ସମସ୍ତଙ୍କୁ ଜଣା । କୁଲି ନିଯୁକ୍ତ କରିବାରେ ବିଶେଷ ବଦାନ୍ୟତା କିଛି ନାହିଁ । ଏ ସମ୍ବନ୍ଧରେ ଜବାବ୍ ଦେଇ ସରକାରଙ୍କୁ ବାନ୍ଧିବାର କିଛି କାରଣ ନାହିଁ । ଶୁଣିବାରେ ଏଇ ଜବାବ୍‌ତକର ବାହାନାରେ ସରକାର କୁଆଡ଼େ ୪୦ ବର୍ଷ, ଅର୍ଥାତ୍ ପୂରା ଦୁଇ ପୁରୁଷ ପାଇଁ ଏଇ କାରଖାନାରୁ ସବୁ ଆବଶ୍ୟକୀୟ ଜିନିଷ କିଣିବା ପାଇଁ କଞ୍ଚାମାଲ ଯୋଗାଇବାରେ ସାହାଯ୍ୟ କରିବାପାଇଁ କରାନ୍ନାମା ଲେଖି ଦେଲା ପରି କରୁଛନ୍ତି । ଯଦି ସତ୍ୟ ହୁଏ ତେବେ ଏ କିପରି କଥା ? ସରକାର ବୋଧହୁଏ ଏହା କରୁନାହାନ୍ତି ।

Digitized by PPRACHIN, SOA

ମୋହନଙ୍କ ଇତିହାସ -

ଏଇ 'ମୋହନ'ଙ୍କ ଇତିହାସ ସମ୍ବନ୍ଧରେ ଆମର କିଛି ବିଶେଷ ଅଭିଜ୍ଞତା ଅଛି। ଏଇ ସମ୍ପର୍କରେ ତାହା ପ୍ରକାଶ କରିବା ସଂଗତ ମନେ କରୁଚୁ।

ହରିପଦ ଭଟ୍ଟାଚାର୍ଯ୍ୟ -

ନବଭାରତ କାଗଜ ବାହାରିବା ସଙ୍ଗେ ସଙ୍ଗେ ବା କିଛିଦିନ ପରେ ଯେତେବେଳେ ପଣ୍ଡିତ ନୀଳକଣ୍ଠ ଦାସ ଉତ୍କଳ ପ୍ରାଦେଶିକ କଂଗ୍ରେସର ସଭାପତି ହେଲେ ଓ ଭାରତ ବ୍ୟବସ୍ଥା ସଭାର ମେମ୍ବର ନିର୍ବାଚିତ ହେଲେ, ସେତେବେଳେ ଶ୍ରୀଯୁକ୍ତ ହରିପଦ ଭଟ୍ଟାଚାର୍ଯ୍ୟ ଏମ୍.ଏ. କଲିକତାରେ ନୀଳକଣ୍ଠ ଦାସଙ୍କ ସଙ୍ଗେ ଦେଖା କରିବା ଆରମ୍ଭ କଲେ। ଏଇ ହରିପଦ ବାବୁ ପୂର୍ବେ ଓଡ଼ିଶା କମିଶନରଙ୍କ ପର୍ସନାଲ୍ ଆସିଷ୍ଟାଣ୍ଟ ଥିବା ଶ୍ରୀଗୋପାଳ ଭଟ୍ଟାଚାର୍ଯ୍ୟଙ୍କ ବଡ଼ପୁଅ। ଏ ସେଇ ସୂତ୍ରରେ କଟକ ସ୍କୁଲ୍‌ରେ କିଛିକାଳ ପଢ଼ିଥିଲେ, ଓଡ଼ିଆଙ୍କୁ ଜାଣନ୍ତି ଓ ସେ କାଳର କଟକର କେତେ ଲୋକଙ୍କ ସଙ୍ଗେ ୟାଙ୍କର ପରିଚୟ ମଧ୍ୟ ଥିଲା। ଦେଖାକଲା ବେଳକୁ ସେ ଅଳ୍ପଦିନ ପୂର୍ବରୁ କଲିକତାରେ 'ମୀରା କେମିକାଲ ଉଆର୍କସ୍' ବୋଲି ଗୋଟିଏ କାରଖାନା ସ୍ଥାପନ କରି ସାରିଥିଲେ।

ନୀଳକଣ୍ଠ ଦାସଙ୍କ ସମ୍ପର୍କ -

ଏଇ ସମ୍ପର୍କରେ ପୁଣି କୁହାଯାଇପାରେ କଲିକାତରେ ଗୋଟିଏ ବେଙ୍ଗଲ ଇଣ୍ଡଷ୍ଟ୍ରିଜ୍ ଆସୋସିଏସନ୍ (Bengal Industries Association) ବୋଲି ଅନୁଷ୍ଠାନ ଅଛି। ବଙ୍ଗଳାର ଶ୍ରେଷ୍ଠ ଶିଳ୍ପକର୍ମୀ ଟାଟାନଗର ଫାଉଣ୍ଡରି (Tatanagar Foundry) ର ମ୍ୟାନେଜିଂ ପାର୍ଟନର (Managing partner) ଅର୍ଥାତ୍ ମ୍ୟାନେଜର ଓ ସେଇ ଭାବରେ ଅଂଶୀଦାର, ପୁଣି ବେଲୁରର ବେଙ୍ଗଲ ନ୍ୟାସନନାଲ ଷ୍ଟୀଲ୍ ଓ୍ୱାର୍କସ୍ (Bangal National Steel Co.) ର ଡିରେକ୍ଟର, ନୀଳକଣ୍ଠ ଦାସଙ୍କ ବାଲ୍ୟବନ୍ଧୁ କଲିକତାର ଶ୍ରୀଯୁକ୍ତ ନଗେନ୍ଦ୍ରନାଥ ରକ୍ଷିତ ଏଇ ବେଙ୍ଗଲ୍ ଇଣ୍ଡଷ୍ଟ୍ରିଜ୍ ଆସୋସିଏସନ୍‌ର ସଭାପତି; ଶ୍ରୀଯୁକ୍ତ ହରିପଦ ଭଟ୍ଟାଚାର୍ଯ୍ୟ ସମ୍ପାଦକ। ବିଶେଷରେ ସେଇ ସୂତ୍ରରେ ନୀଳକଣ୍ଠ ଦାସଙ୍କର ହରିପଦ ଭଟ୍ଟାଚାର୍ଯ୍ୟଙ୍କ ସଙ୍ଗେ ଦେଖା ହେଲା-ବାରମ୍ବାର ଦେଖା ହେଲା। କ୍ରମେ ଓଡ଼ିଶାରେ କେମିକାଲ ଇଣ୍ଡଷ୍ଟ୍ରି କରିବା କଥା ମଧ୍ୟ ପଡ଼ିଲା। ତା' ପୂର୍ବରୁ ସେଇ ନଗେନ୍ଦ୍ରନାଥ ରକ୍ଷିତଙ୍କ ପରାମର୍ଶରେ ଶ୍ରୀଯୁକ୍ତ ନିଧିରାମ ମିଶ୍ର କଟକରେ ଆସି "ଓଡ଼ିଶା କେମିକାଲ ଉଆର୍କସ୍" ସ୍ଥାପନ କରି ସାରିଥିଲେ ଓ ସେଥିରେ ସାହାଯ୍ୟ କରିବା ପାଇଁ ନଗେନ୍ଦ୍ରନାଥ ରକ୍ଷିତ ନୀଳକଣ୍ଠ ଦାସଙ୍କୁ ଅନୁରୋଧ କରୁଥାନ୍ତି ଓ ନୀଳକଣ୍ଠ ଦାସେ ସେଥିରେ ପୂର୍ଣ୍ଣ ପ୍ରାଣରେ ଯୋଗ ଦେଲେ ସେ ନିଜେ ଖୁବ୍ ଅର୍ଥ ସାହାଯ୍ୟ କରିବେ ବୋଲି ମଧ୍ୟ କହୁଥାନ୍ତି । କିନ୍ତୁ ଏପରି ଶିଳ୍ପ ସଂକ୍ରାନ୍ତ ଓ ଅର୍ଥକର ବିଷୟରେ ପୂର୍ଣ୍ଣ ପ୍ରାଣରେ ଯୋଗ ଦେବାକୁ ନୀଳକଣ୍ଠ ଦାସଙ୍କର ବେଳ ନଥାଏ। ନୀଳକଣ୍ଠ

Digitized by PPRACHIN, SOA

ଦାସଙ୍କର ସେତେବେଳେ ପ୍ରଧାନ ଚିନ୍ତା ଓ କାର୍ଯ୍ୟ ଥାଏ, ଓଡ଼ିଶାରେ କିପରି କଂଗ୍ରେସ ରାଜନୀତିକ ଭାବରେ ପ୍ରତିଷ୍ଠିତ ହେବ ଓ ଦରକାର ହେଲେ ଓଡ଼ିଶାର ସରକାର କିପରି କଂଗ୍ରେସ ସରକାର ହେବ ।

ନୀଳକଣ୍ଠ ଦାସଙ୍କ ସଙ୍ଗେ ପରାମର୍ଶ ଓ ତାଙ୍କ ମତ -

ହରିପଦ ଭଟ୍ଟାଚାର୍ଯ୍ୟ କିନ୍ତୁ ଛାଡ଼ିଲେ ନାହିଁ। ଶେଷକୁ ପୂର୍ଣ୍ଣ ପ୍ରାଣରେ ନ ଲାଗିଲେ ମଧ୍ୟ କାର୍ଯ୍ୟଟିରେ ଯଥା ସମ୍ଭବ ଯୋଗ ଦେବାପାଇଁ ନୀଳକଣ୍ଠ ଦାସ ସ୍ୱୀକାର କଲେ। କିନ୍ତୁ ନୀଳକଣ୍ଠ ଦାସ ବରାବର ଧରିଥାନ୍ତି, କଟକରେ ଆରମ୍ଭ ହୋଇଥିବା ଓଡ଼ିଶା କେମିକାଲକୁ ଅଲଗା କରି ଛାଡ଼ି ଦେବାକୁ ହେବ ନାହିଁ, କିମ୍ବା ମାନେଜିଂ ଏଜେଣ୍ଟ ଅନ୍ୟ ପ୍ରଦେଶର ଲୋକେ ହେବେ ନାହିଁ, ପୁଣି ଅନୁଷ୍ଠାନଟିର ରକ୍ଷଣାବେକ୍ଷଣ ଓ ଚାଳନା ମୁଖ୍ୟତଃ ଓଡ଼ିଆଙ୍କ ହାତେ ରହିବ। ଏଇ ଭାବରେ କିଛିଦିନ ପରାମର୍ଶ ଚାଲିଲା ପରେ ବିରଳା ଭାଇମାନଙ୍କୁ ଏ ବିଷୟ କହିଛନ୍ତି ବୋଲି ହରିପଦ ବାବୁ ଦିନେ ନୀଳକଣ୍ଠ ଦାସଙ୍କୁ ଘେନି ଏ ବିଷୟରେ ଦୁର୍ଗାପ୍ରସାଦ ଖଇତାନଙ୍କ ପାଖକୁ ଗଲେ। ଦୁର୍ଗାପ୍ରସାଦଙ୍କ କଥାରୁ ଜଣାଗଲା, ସେ ଓଡ଼ିଶାରେ କେମିକାଲ ଓଆର୍କସ୍ କରିବାକୁ ଅନିଚ୍ଛୁକ ନୁହନ୍ତି, କିନ୍ତୁ ଅନୁଷ୍ଠାନରେ ସମସ୍ତ କର୍ତ୍ତୃତ୍ୱ ତାଙ୍କର ରହିଲେ ସେ ତାହା ବିଚାର କରିବେ। ଫେରିଲା ବେଳେ ନୀଳକଣ୍ଠ ଦାସ ହରିପଦ ବାବୁଙ୍କୁ କହିଥିଲେ, ଓଡ଼ିଆମାନେ ଖାଲି କୁଲି କର୍ମଚାରୀ ହେବା ପାଇଁ କୌଣସି ଅନୁଷ୍ଠାନ ଯଦି ହୁଏ, ତେବେ ସେ ନିଜେ ସେଥିରେ ଯୋଗ ଦେଇ ପାରିବେ ନାହିଁ। ଅବଶ୍ୟ ସେତେବେଳେ ଭବିଷ୍ୟତରେ ଓଡ଼ିଶା ସରକାର ହେଲେ ତାଙ୍କୁ ଧରି ଏଇ କେମିକାଲ କମ୍ପାନୀର ଜିନିଷାଦି କିଣାଇବା ପ୍ରଭୃତି ନ ପଡ଼ିଥିଲା ନୁହେଁ। ଓଡ଼ିଶାରେ ବର୍ଷକୁ ଅନ୍ତତଃ କେତେ ଟଙ୍କା ବିକ୍ରି ହୋଇପାରେ ତାହା ମଧ୍ୟ ସ୍ଥୂଳ ଅନୁମାନରେ ଏଷ୍ଟିମେଟ୍ ହୋଇଥିଲା। ମାତ୍ର ଅନୁଷ୍ଠାନଟିରେ କର୍ତ୍ତୃତ୍ୱ ଓ ମାନେଜିଂ ଏଜେନ୍ସି ପ୍ରଧାନ କଥା। ସେତକ ଛାଡ଼ିଦେଇ ସାହାଯ୍ୟ କରିବାକୁ ସ୍ୱୀକୃତ ହୋଇଥିଲେ, ହୁଏତ ୧୯୩୬ରେ କଟକରେ କେମିକାଲ ଓଆର୍କସ୍ ସ୍ଥାପିତ ହୋଇଥାନ୍ତା। ନିଧିରାମ ମିଶ୍ରଙ୍କ ଅନଷ୍ଠାନଟି କିଣି ନେବାକୁ ମଧ୍ୟ ହରିପଦ ବାବୁ ପ୍ରସ୍ତାବ କରିଥିଲେ। କିନ୍ତୁ ନାମ (ଓଡ଼ିଶା କେମିକାଲ୍) ଓ ସେଥିରେ ଓଡ଼ିଆଙ୍କ କର୍ତ୍ତୃତ୍ୱ ଥିଲା, ସେତେବେଳେ ପ୍ରଧାନ କଥା।

ଓଡ଼ିଶା କଂଗ୍ରେସ ସରକାର ଓ ହରିପଦ ବାବୁ -

ହୁଏତ ଓଡ଼ିଶା ସରକାରରେ ନୀଳକଣ୍ଠ ଦାସଙ୍କ ପରାମର୍ଶ ଚଳିବାର ଦେଖାଯାଇଥିଲେ, ହରିପଦ ବାବୁ ସେହିପରି ଓଡ଼ିଆଙ୍କ କର୍ତ୍ତୃତ୍ୱାଦିରେ ରାଜି ହୋଇ ଓଡ଼ିଶା କେମିକାଲରେ ଯୋଗ ଦେଇଥାନ୍ତେ। ସେ ବୋଧହୁଏ ସେଇଥିପାଇଁ ରହ ରହ ହେଉଥିଲେ। ଏ ମଧ୍ୟରେ ଓଡ଼ିଶାରେ ଭିନ୍ନ ବାୟୁମଣ୍ଡଳ କାର୍ଯ୍ୟ କଲା। ତା'ପରେ ନୀଳକଣ୍ଠଙ୍କ ସଙ୍ଗେ

Digitized by PPRACHIN, SOA

ହରିପଦଙ୍କର ଆଉ ଦେଖା ନାହିଁ । ମାତ୍ର ଓଡ଼ିଶାର ବର୍ତ୍ତମାନ ସରକାର ହେବା ପରେ ଶୁଣାଗଲା ହରିପଦ ବାବୁ ନିଜେ କଟକ ଆସି ତତ୍‌କାଳୀନ କଂଗ୍ରେସ ମୁଖ୍ୟ ଓ ସରକାରଙ୍କ ସମ୍ପର୍କୀୟ ଲୋକଙ୍କ ସଙ୍ଗେ ଦେଖା କରିଥିଲେ। ସେତେବେଳେ ଶୁଣାଯାଇଥିଲା ବାଲେଶ୍ୱରରେ କୌଣସିଠାରେ ଓଡ଼ିଶାର କଂଗ୍ରେସ ସରକାରଙ୍କ ଆନୁକୂଲ୍ୟରେ ଗୋଟିଏ କେମିକାଲ ୱାର୍କସ୍ ସ୍ଥାପିତ ହେବ। ସେକଥା କିଏ କରିବ, ତା ଅନୁମାନ କରିବାରେ ଆମର ଆଉ କିଛି ଅସୁବିଧା ହେଲା ନାହିଁ। ବ୍ୟକ୍ତିଗତ ଭାବରେ ଜାଣିଥିଲୁ, ଆମକୁ ତ ଆଉ କେହି ପରାମର୍ଶ ମାଗିବେ ନାହିଁ- କାହିଁକି ପଚାରିବେ ନାହିଁ ସେ ସ୍ୱତନ୍ତ୍ର କଥା - ସେକଥା ଆଉ କିଏ ଜାଣନ୍ତୁ, ନ ଜାଣନ୍ତୁ ଶ୍ରୀଯୁକ୍ତ ଗୋପବନ୍ଧୁ ଚୌଧୁରୀ, ଆଜି ନୁହେଁ, ଅନ୍ତତଃ ପୁରୀ କଂଗ୍ରେସ ଅଭ୍ୟର୍ଥନା ସେମିତି ବେଳୁ ଭଲକରି ଜାଣନ୍ତି ବୋଲି ଆମର ବିଶ୍ୱାସ। ତଥାପି ମନେ କରିଥିଲୁ, ଯଦି ସରକାର ସାହାଯ୍ୟ କରନ୍ତି, ତେବେ ଏ ଅନୁଷ୍ଠାନଟି ନିଶ୍ଚୟ ଓଡ଼ିଶାର ଗୋଟିଏ ଗୌରବାବହ ଜିନିଷ ହେବ।

ଏବର ଗୁଜବ ଓ ଓଡ଼ିଶା କେମିକାଲ୍ସ -

କିନ୍ତୁ ଏବେ କାଗଜରେ ପ୍ରକାଶ ପାଇଚି, କେବଳ ଓଡ଼ିଆଙ୍କ ପାଇଁ କେତୋଟି କୁଲି କର୍ମଚାରୀ ପାଇବାର ଆଶାରେ ସରକାର ୪୦ ବର୍ଷକୁ କଲିକତାରେ ତିଆରି ହୋଇଥିବା 'ମୋହନ'ଙ୍କ ସଙ୍ଗେ ଚୁକ୍ତିରେ ଓଡ଼ିଶାକୁ ବାନ୍ଧୁଚନ୍ତି। କଟକରେ ତିଆରି 'ଓଡ଼ିଶା କେମିକାଲ'ଙ୍କର ନାଁ ଆଉ ପଡ଼ିବ ନାହିଁ। ଯଦି ଏହା ହୁଏ, ତେବେ ଏଇ 'ଓଡ଼ିଶା କେମିକାଲ'ଟିକୁ ମାରିଦେବାର ଫଳ ଭୀଷଣ ହେବ। ବହୁଲୋକ ଏହାର ନାମ ଜାଣନ୍ତି ଓ ବହୁଲୋକ ଅଂଶ ଦେଇଛନ୍ତି। କୌଣସି କୌଣସି ପ୍ରଧାନ ଓଡ଼ିଆ ପୂର୍ବେ ଏପରି ଓଡ଼ିଶାର ଯୌଥଶିଳ୍ପ ବ୍ୟବସାୟର ଅନୁଷ୍ଠାନ ଲାଗି ଅଂଶ ସଂଗ୍ରହ କରି ନେଇ, କାର୍ଯ୍ୟ କରିପାରି ନାହାନ୍ତି। ସେକଥା ଓଡ଼ିଆ ଏବେ ମଧ୍ୟ ଭୁଲି ନାହାନ୍ତି। ସରକାରଙ୍କର ଉଚିତ ଓଡ଼ିଶା କେମିକାଲ ବା ସେଇଭଳି କୌଣସି ପ୍ରତିଷ୍ଠିତ ପୁରୋଦୃଷ୍ଟିପର ଯୌଥ ଅନୁଷ୍ଠାନ ଥିଲେ ତାକୁ ସର୍ବତୋଭାବରେ ସାହାସ ଓ ସାହାଯ୍ୟ ଦେଇ ଉଠାଇବା-ତାହାର ତ୍ରୁଟି ଥିଲେ ସେ ତ୍ରୁଟି ସଂଶୋଧନ କରିବା। ତା ନହେଲେ ଲୋକେ ପୂର୍ବେ ଏ କ୍ଷେତ୍ରରେ ଯେ ଘାଆ ପାଇଥିଲେ, ତା ପୁଣି ଓସାରି ହୋଇ ହୁଏତ ଜୀର୍ଣ୍ଣ କ୍ଷତରୋଗରେ ପରିଣତ ହେବ। ପୁଣି କଂଗ୍ରେସ ସରକାର ଥିଲାବେଳେ ଏହା ହେଲେ ପ୍ରଦେଶର ଭବିଷ୍ୟତ ଆର୍ଥିକ ଉନ୍ନତିରେ ଫଳ ବଡ଼ ବିଷମୟ ହେବ।

କଅଣ ହେବା ଉଚିତ -

ଏସବୁ ବିଚାରରେ ଆମେ କହୁ, ଯଦି କେହି ବାହାରୁ ଆସି ନିଜ ଦାୟିତ୍ୱରେ କୌଣସି ଯୌଥ ଅନୁଷ୍ଠାନ ଓଡ଼ିଶାରେ ଆରମ୍ଭ କରିବେ, ସେ କରନ୍ତୁ ସେଥିରେ କାହାରି

Digitized by PPRACHIN, SOA

ଆପତ୍ତି କରିବାର କିଛି ନାହିଁ। ମାତ୍ର ଓଡ଼ିଶା ସରକାରଙ୍କ ଆନୁକୂଲ୍ୟ ବା ପୃଷ୍ଠପୋଷକତାରେ ଯେବେ କୌଣସି ଅନୁଷ୍ଠାନ ହୁଏ ତେବେ ସ୍ପଷ୍ଟ ସର୍ତ୍ତ ହେଉ -

୧) କମ୍ପାନୀ କଟକରେ ରେଜିଷ୍ଟରି ହେବ। (ଯେବେ କେମିକାଲ କମ୍ପାନୀ ହୁଏ, ତେବେ ନିଶ୍ଚୟ ଓଡ଼ିଶା ସରକାରଙ୍କ ପୃଷ୍ଠପୋଷକତା ବିନା ତାହା ହୋଇପାରିବ ନାହିଁ। କାରଣ, ଜିଲ୍ଲାବୋର୍ଡ଼ ଡାକ୍ତରଖାନା ପର୍ଯ୍ୟନ୍ତ ସରକାରଙ୍କ ହାତରେ। ସରକାର ନ ବିଚାରିଲେ, କୌଣସି କେମିକାଲ କମ୍ପାନୀ ଏ ପ୍ରଦେଶରେ କିଛି ବିକିପାରିବେ ନାହିଁ। ଖାଲି ତେଲ, କାଳୀ ଲୋକଙ୍କ ଭିତରେ ବିଜ୍ଞାପନ ଦେଇ ବିକିବା ପାଇଁ କେହି ଓଡ଼ିଶାରେ କେମିକାଲ କମ୍ପାନୀ ଖୋଲିବେ ନାହିଁ। ସେ ବ୍ୟବସାୟ କଲିକତାରୁ ମଧ୍ୟ ସୁନ୍ଦର କରାଯାଇପାରେ। ଔଷଧ, ଏସିଡ୍ ପ୍ରଭୃତିରେ ପ୍ରାଦେଶିକ ଟିକସ ଅଛି। ସେଥିପାଇଁ କେମିକାଲ କମ୍ପାନୀରେ ଓଡ଼ିଶା ସରକାରଙ୍କର ପୃଷ୍ଠପୋଷକତା ନିତାନ୍ତ ଦରକାର। ପୁଣି ସେ ସବୁ ଜିନିଷର କଞ୍ଚା ମାଲ ଓଡ଼ିଶାରେ ବହୁତ ଅଛି ଓ ଓଡ଼ିଶାର ମଜୁରି ଶସ୍ତା। ଏଇଥିପାଇଁ ଓଡ଼ିଆ ମଜୁରିଆଙ୍କୁ ରଖିବାର ସର୍ତ୍ତରୂପ ବାହାନା ବୋଲି ମଧ୍ୟ ବୁଝାଯାଇପାରେ।

ଏସବୁ ଦୃଷ୍ଟିରେ ଯଦି କେମିକାଲ କମ୍ପାନୀ ହୁଏ ତେବେ ତା'ର ନାମ 'ଓଡ଼ିଶା କେମିକେଲ୍‌ସ' ହେବା ଛଡ଼ା ଅନ୍ୟ କିଛି ହେବା ଉଚିତ ନୁହେଁ। ସେଥିପାଇଁ ଦରକାର ହେଲେ ନାମ ସହିତ ନିଧିରାମ ମିଶ୍ରଙ୍କ କମ୍ପାନୀଙ୍କୁ କିଣି ନିଆଯାଉ, ତା'ର ଅଂଶଦାତାମାନେ ରହନ୍ତୁ। ନିଧିରାମ ମିଶ୍ର ମଧ୍ୟ ମ୍ୟାନେଜମେଣ୍ଟରେ ରଖିବା ପରି କରାହେବା ସ୍ପୃହଣୀୟ। କାରଣ, ସେଇ ଏହା କରିଚନ୍ତି ଓ ଏପର୍ଯ୍ୟନ୍ତ ଅଶେଷ ଅସୁବିଧା ଭିତରେ ରଖିଚନ୍ତି।

୨) ମ୍ୟାନେଜିଂ ଏଜେନ୍ସି ଓଡ଼ିଆଙ୍କ ହାତେ ରହିବ।

୩) କମ୍ପାନୀର ଡିରେକ୍ଟରଙ୍କ ଭିତରେ ଅଧିକରୁ ବେଶୀ ଓଡ଼ିଆ ବରାବର ରହିବାର ବ୍ୟବସ୍ଥା ହେବ।

ଏହିପରି ଅଂଶଦାରୀ ଭାବରେ ଯାହାଙ୍କର ଟଙ୍କା ଅଛି ସେ ଖଟାନ୍ତୁ। ଅନ୍ୟପ୍ରଦେଶରୁ ଯେତେ ଇଚ୍ଛା ସେତେ ମୂଳଧନ ଆଣିବାରେ କୌଣସି ଆପତ୍ତି ନାହିଁ। ଯେ ଧନ ଦେବେ ସେ ଯଥୋଚିତ ଲଭ୍ୟାଂଶ ନେବେ। ଏଠାରେ କିନ୍ତୁ ଆବଶ୍ୟକ ହେଲେ ସରକାର ଲଭ୍ୟାଂଶର ପରିମାଣ ନିମନ୍ତେ ଗ୍ୟାରେଣ୍ଟି ଦେଇ ଦାୟୀ ରହିପାରନ୍ତି; କିମ୍ବା ସୁବିଧା ହେଲେ ଲଭ୍ୟାଂଶର ଉଚ୍ଚସୀମା ନିର୍ଦ୍ଦେଶ କରିପାରନ୍ତି; ଅଥବା ଦୁଇକଥା କରିପାରନ୍ତି। ମାତ୍ର ସେସବୁ ପରକଥା ଓ ହୁଏତ ଉପସ୍ଥିତ କ୍ଷେତ୍ରରେ ଅଧିକା କଥା। ମାତ୍ର ଏବେ ଖାଲି ସମୟରେ ଦରକାର ହେଲେ ଲଭ୍ୟାଂଶର ସୀମା ନର୍ଦ୍ଦେଶ କରିପାରିବେ ବୋଲି କଥା ରଖିପାରନ୍ତି।

ଗୋପବନ୍ଧୁ ଚୌଧୁରୀ ଓ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ -

ଶ୍ରୀଯୁକ୍ତ ଗୋପବନ୍ଧୁ ଚୌଧୁରୀ ବର୍ତ୍ତମାନ ଓଡ଼ିଶା କଂଗ୍ରେସର କର୍ଣ୍ଣଧାର। ତାଙ୍କୁ ଆମର ଏକାନ୍ତ ଅନୁରୋଧ, ସେ ଏସବୁ ଗୁଜବର ସତ୍ୟାସତ୍ୟ ନିରୂପଣ କରି ଅତିଶୀଘ୍ର

Digitized by PPRACHIN, SOA

ବାୟୁମଣ୍ଡଳ ପରିଷ୍କାର କରିବା ପାଇଁ ଏକ ସ୍ପଷ୍ଟ ବିବୃତ୍ତି ଦିଅନ୍ତୁ। ପ୍ରଧାନମନ୍ତ୍ରୀ ମଧ୍ୟ ସେହିପରି ବିବୃତ୍ତି ଦିଅନ୍ତୁ। ଓଡ଼ିଆଙ୍କ ଭିତରେ ବିଶେଷ ଲୋକଙ୍କର ଏସବୁ ବ୍ୟବସାୟରେ ପଶିବା ଭଳି ବୁଦ୍ଧି ନାହିଁ। କାହାରି କାର୍ଯ୍ୟକ୍ଷେତ୍ରରେ ଅଭ୍ୟାସ ନାହିଁ। ଶିଳ୍ପ ବ୍ୟବସାୟ ବଢ଼ିଲେ ପ୍ରଦେଶର ଭଲ ହେବ ବୋଲି କେତେଗୁଡ଼ିଏ ଲୋକଙ୍କ ଯାହା କିଛି ଝାପ୍‌ସା ଝାପ୍‌ସା ଗୋଟିଏ ହୃଦ୍‌ଗତ ଭାବ ମାତ୍ର ଅଛି। ମାତ୍ର ସେ ଭାବକୁ ଯଥାଯଥ ଭାବରେ କାର୍ଯ୍ୟରେ ପରିଣତ କରିବାର ପନ୍ଥା ଭୁଲିଲେ ପ୍ରଦେଶ ଆର୍ଥିକ ଭାବରେ ଗଠିତ ହେବା ପରିବର୍ତ୍ତରେ ବିନାଶ ଆଡ଼କୁ ଯିବ।

ବ୍ୟବସ୍ଥାସଭା ମେମ୍ବରଙ୍କୁ ଅନୁରୋଧ –

ବ୍ୟବସ୍ଥାସଭାର ମେମ୍ବରମାନଙ୍କୁ ମଧ୍ୟ ଆମେ ଅନୁରୋଧ କରୁଚୁ, ସେ ଦଳ ସଭାରେ ବୁଝି ବିଚାରି ସରକାରଙ୍କୁ ପରାମର୍ଶ ଦିଅନ୍ତୁ। ବ୍ୟକ୍ତିଗତ ଭାବ କାହାର କିଛି ଥିଲେ, ସେ ତାହା ଛାଡ଼ନ୍ତୁ। ନହେଲେ କଂଗ୍ରେସ ସରକାର କରି ମଧ୍ୟ ଓଡ଼ିଆ କ୍ଷୁଦ୍ର ହେବେ ଓ କ୍ଷୁଦ୍ର ରହିଯିବେ। ଯଦି 'ମୋହନ'ଙ୍କ ସମ୍ବନ୍ଧରେ ଯାହା ପ୍ରକାଶ ପାଇଚି, ତାହାର କୌଣସି ଅଂଶ ମଧ୍ୟ ସତ୍ୟ ହୁଏ, ତେବେ ଏ ଖାଲି ଓଡ଼ିଆଙ୍କୁ କ୍ଷୁଦ୍ର ଓ ଅଳ୍ପକ ବୁଦ୍ଧି ଦେଖି ଲୁଟ ବା ନିଜ ସ୍ୱାର୍ଥ ପାଇଁ ବ୍ୟବହାର (Exploit) କରିବାର ଉଦ୍ୟମ।

ଏକଲିକତାରେ ବିକ୍ରି ଓଡ଼ିଶାର ଜମିଦାର ପରି –

ଏଇ ସମ୍ପର୍କରେ ଗୋଟିଏ ପୁରୁଣା କଥା ମନେପଡ଼ୁଚି। ଗତ ଶତାବ୍ଦୀର ପ୍ରାରମ୍ଭରେ ଓଡ଼ିଶା ଯେତେବେଳେ ଇଂରେଜ ନେଲେ ସେତେବେଳେ ସେ କାଳର କଲିକତି ବଙ୍ଗାଳୀମାନେ ରାଜପୁରୁଷମାନଙ୍କୁ ହାତକରି, ଓଡ଼ିଆମାନଙ୍କୁ ଅସଭ୍ୟ ବୋଲି ପ୍ରଚାର କରି, ଓଡ଼ିଶାର ଜମିଦାରୀସବୁ କଲିକତାରେ ନିଲାମ କରାଇ ନାଆଁକୁ ମାତ୍ର ଅତି ସାମାନ୍ୟ ମୂଲ୍ୟରେ ନିଜ ଭାଇ ବିରାଦରଙ୍କ ନାମରେ ସ୍ୱନାମୀ ଓ ବେନାମୀରେ ଧରାଇ ଥିଲେ। ତାହାର ଫଳ ଓଡ଼ିଶା ଏବେ ବି ଭୋଗୁଚି। ଏ ଯୁଗରେ ପୁଣି ଯୌଥ ଶିଳ୍ପ ଓ ବ୍ୟବସାୟର କରିବାରସବୁ ସେଇପରି ଗୋଟିଏ ଗୋଟିଏ ଜମିଦାରୀ। ଅନ୍ୟ ପ୍ରଦେଶ ଲୋକଙ୍କର ସେହି ଜମିଦାରୀ ଏ ପ୍ରଦଶେରେ ସୃଷ୍ଟି କରାଇବାରେ ଓଡ଼ିଶା ସରକାର ଯଦି ୪୦।୪୦ ବରଷକୁ ଓଡ଼ିଶାର ପ୍ରାକୃତିକ ସମ୍ପଦ ଓ ପ୍ରଦେଶର ଆର୍ଥିକ ଅବସ୍ଥା ବଢ଼ାଇବାର କ୍ଷମତା କୌଣସି ରୂପେ ବନ୍ଧକ ଦେଇ ବସନ୍ତି ତେବେ କି ଅବସ୍ଥା ହେବ, ଭାବିବା ଦରକାର।

ଭାରତ ସରକାରଙ୍କର ଠିକ୍ ଏହିପରି ଏକ କାର୍ଯ୍ୟ ଓ ତା'ର ପରିଣାମ –

ପୁଣି ଯେଉଁମାନେ ଖବର ରଖନ୍ତି, ସେମାନଙ୍କର ମନେ ଥିବ, ୪।୫ ବର୍ଷ ତଳେ ତଳେ ଇଂଲଣ୍ଡରେ ରେଜିଷ୍ଟରି ହୋଇ ପ୍ରତିଷ୍ଠିତ ହୋଇଥିବା ଇମ୍ପିରିଆଲ୍ କେମିକାଲ୍

Digitized by PPRACHIN, SOA

କମ୍ପାନୀ (Imperial Chemicals Company) ବୋଲି ଗୋଟିଏ କମ୍ପାନୀ ଲାହୋରରେ ଭାରତ ପାଇଁ ନିଜର ଗୋଟିଏ ଅନୁଷ୍ଠାନ ଖୋଲିବାର କଳ୍ପନା କରିଥିଲେ। ସରକାରଙ୍କ ପୂର୍ଣ୍ଣ ପୃଷ୍ଠପୋଷକତା ବିନା ଏପରି ଗୋଟିଏ କେମିକାଲ କମ୍ପାନୀ ଚଳି ନ ପାରେ। କାରଣ ଏ ଦେଶରେ ବେଙ୍ଗଲ ଓ ବମ୍ବେ ପ୍ରଭୃତିରେ ଭାରତର ନିଜସ୍ୱ କେମିକାଲ କମ୍ପାନୀ ଏବେ ଅଛି ଓ ପୁଣି ଅନ୍ୟ କମ୍ପାନୀ ଉଠିପାରେ ଓ ହୋଇପାରେ। ସେଥିପାଇଁ ସେହି ଇମ୍ପରିଏଲ୍ କେମିକାଲ କମ୍ପାନୀ ଲୋଡ଼ିଲେ ଭାରତ ସରକାର ୫୦ ବର୍ଷ ପାଇଁ ନିଜର ସମସ୍ତ ଆବଶ୍ୟକୀୟ କେମିକାଲ୍ସ (ଔଷଧାଦି) ଏହି କମ୍ପାନୀରୁ କିଣିବା ପାଇଁ ଚୁକ୍ତି କରନ୍ତୁ। ଶୁଣିବାରେ ସେଇ କମ୍ପାନୀ ଏଇ ଚୁକ୍ତି ନିମନ୍ତେ ତତ୍କାଳୀନ ବଡ଼ଲାଟ୍ ଲର୍ଡ଼ ୱିଲିଂଡ଼ନ ଓ ସରକାରର ଅନ୍ୟାନ୍ୟ ମୁଖ୍ୟମାନଙ୍କୁ ଆପଣା ସପକ୍ଷରେ ଢଳାଇ ସାରିଥିଲେ। ମାତ୍ର ଏଥିପାଇଁ ଦେଶରେ ଘୋର ଆପତ୍ତି ଉଠିଲା ଓ ଲାଟସଭାରେ ପ୍ରଶ୍ନ ହେଲା। ଫଳରେ ଭାରତସରକାର ସେ ଚୁକ୍ତିର କଳ୍ପନା ତ୍ୟାଗ କଲେ। ତେଣୁ କମ୍ପାନୀଟି ମଧ୍ୟ ଆଉ ଲାହୋରରେ ବସି ପାରିଲା ନାହିଁ।

ନବଭାରତ-୫/୨, ଆଲୋଚନା

କେମିକାଲ୍ ଶିଳ୍ପ ବ୍ୟବସାୟ

ଗତ ସଂଖ୍ୟାରେ ଆମେ ଓଡ଼ିଶାରେ ହେବାକୁ ଥିବା ମୋହନ କେମିକାଲ୍ କାରଖାନା ବିଷୟରେ ଲେଖିବା ସଂପର୍କରେ ଓଡିଶାରେ କେମିକାଲ ଶିଳ୍ପର ସୁବିଧା ଓ କରଣୀୟତା ବିଷୟରେ କେତେକ ସୂଚନା ଦେଇଥିଲୁ। ତା ପରେ ପ୍ରଧାନମନ୍ତ୍ରୀଙ୍କର ସେ ବିଷୟରେ ଗୋଟିଏ ବିବୃତ୍ତି ବାହାରି ଥିଲା। ସେଥିରେ ବହୁତ କଥା ଉହ୍ୟ ଓ ଅସ୍ପଷ୍ଟ ଥିଲେହେଁ, ଓଡିଶା ସରକାରଙ୍କ ପୂରା ସହଯୋଗ ଓ ପୃଷ୍ଠପୋଷକତାରେ ତା' ହେଉନାହିଁ ବୋଲି ଅନୁମାନ ହୁଏ। ମାତ୍ର ଏବେ ମଧ୍ୟ 'ମୋହନ' କଂପାନୀ ପୁଣି ଓଡ଼ିଶା ସରକାରଙ୍କ ନା' ବିକିବା ଛାଡି ନାହାନ୍ତି। ମନ୍ତ୍ରୀ ଏ ବିଷୟରେ ସ୍ପଷ୍ଟ କଥା କହି ଦିଅନ୍ତୁ ଓ ଓଡିଶା ସରକାରଙ୍କ ନା' ବିକିବାର କୌଣସି କାରଣ ନାହିଁ, ପୁଣି ଏପରି ନା ବିକିବାରେ କେହି ବିଶ୍ୱାସ ନ କରନ୍ତୁ ବୋଲି ଜଣାଇ ଦିଅନ୍ତୁ। ଏହାହିଁ ଆମର ଏକାନ୍ତ ଅନୁରୋଧ। ବିବୃତ୍ତିଟି ଇଂରେଜିରେ କଲିକତା କାଗଜରେ ଦେବାକୁ ମଧ୍ୟ ଅନୁରୋଧ କରୁଅଛୁ।

ଏଇ ସଂପର୍କରେ ଆଉ ଗୋଟିଏ କଥା ଏ ପ୍ରଦେଶ ଲୋକ ତଥା ସରକାରଙ୍କର ଜାଣିବା ଦରକାର। ଗଲା ନଭେମ୍ବର ମାସରେ, ଅର୍ଥାତ୍ ନୂଆ ପ୍ରାଦେଶିକ ସରକାରମାନ ହେବାର ଅଳ୍ପ ଦିନପରେ, ଦିଲ୍ଲୀଠାରେ ଗୋଟିଏ ସମ୍ମିଳନୀରେ ପ୍ରସ୍ତାବ ହୋଇଥିଲା, ଭାରତ ସରକାର ଏ ଦେଶର କେମିକାଲ୍ ଶିଳ୍ପର ସୁବିଧା ନିମନ୍ତେ ପ୍ରଦେଶ ପ୍ରଦେଶ ଭିତରେ ସ୍ପିରିଟ୍ ପ୍ରଭୃତି କାରବାରରୁ ପ୍ରାଦେଶିକ ଟିକସ ଉଠାଇ ଦିଅନ୍ତୁ। ଏସବୁ ଟିକସ୍

Digitized by PPRACHIN, SOA

ବସାଇବା ଉଠାଇବା ଭାର ପ୍ରାଦେଶିକ ସରକାରଙ୍କ ହାତରୁ ଭାରତ ସରକାର ନିଜ ହାତକୁ ନିଅନ୍ତୁ। ଏବେ ଗଲା ସେପଟେମ୍ବର ୨୦ ତାରିଖରେ କଲିକତାରୁ ଆସୋସିଏଟେଡ୍ ପ୍ରେସରୁ ଖବର ବାହାରିଚି ଭାରତର କେମିକାଲ ଶିଳ୍ପସଂଘ (Chemical Manufacturers' Association) ଠିକ ସେଇ ସବୁ କଥା ଉପରେ ଜୋର ଦେଇ ଭାରତ ସରକାରଙ୍କୁ ଏକ ଆବେଦନ କରିଚନ୍ତି। ଭାରତର ପ୍ରଧାନ କେମିକେଲ ଶିଳ୍ପ ପ୍ରତିଷ୍ଠାନ କଲିକତାରେ ଅଛି। ତା ହେଉଚି ବେଙ୍ଗଲ କେମିକାଲ୍ ଓଆର୍କସ୍ (Bengal Chemical & Pharmaceutical works)। ଏହାଛଡ଼ା ଏଇଭଳି ଗୋଟିଏ କାରଖାନା ବୋମ୍ବେଇରେ ଏବେ କେତେ ବର୍ଷ ହେଲା ଫଟିଛି। ତା ବାଦ୍ ବାକୀ ସବୁ ପ୍ରଦେଶରେ ଛୋଟ ଛୋଟ କାରଖାନାମାନ ଅଛି । ମାନ୍ଦ୍ରାଜ ଓ ପଂଜାବ ଏବେ ବଡ କାରଖାନାର ଉଦ୍ୟମ କରୁଚନ୍ତି। ତେଣୁ ଏବେ ଉକ୍ତ ଶିଳ୍ପସଂଘର ପ୍ରଧାନ ହେଉଚନ୍ତି ବଂଗଳାର ଲୋକେ।

କେମିକାଲ କାରଖାନାରେ ଡାକ୍ତରି ଔଷଧ, ଦ୍ରାବକ ପ୍ରଭୃତି ଯାହା ହୁଏ, ସେଥିରେ ସ୍ପିରିଟ୍ ଲାଗେ। ସେଇ ସ୍ପିରିଟ୍ ଏକ ପ୍ରଦେଶରୁ ଅନ୍ୟ ପ୍ରଦେଶକୁ ଆସିବାରେ ପ୍ରାଦେଶିକ ଟିକସ ଅଛି। ସେଥିପାଇଁ ଧର, ଯେବେ ବଂଗଳା ବା ମାନ୍ଦ୍ରାଜରୁ ସେଇସବୁ ଜିନିଷ ବା ତିଆରି ସ୍ପିରିଟ୍ ଓଡ଼ିଶାକୁ ଆସେ, ତେବେ ଓଡ଼ିଶା ସରକାର ତା' ଉପରେ ଟିକସ ନିଅନ୍ତି। ଏଣୁ ଏବେ ବାହାର ଜିନିଷ ଓଡ଼ିଶାରେ ବିକ୍ରି ହେବାରେ ଓଡ଼ିଶା ସରକାରଙ୍କର ଲାଭ ଅଛି, ପୁଣି ଓଡିଶାର ସେଇ ଶିଳ୍ପ ଶୀଘ୍ର ଗଜୁରି ଉଠିବାର ସୁବିଧା ଅଛି। ଏବେ ଆବେଦନଟିରେ ଯାହା ପ୍ରାର୍ଥନା କରାଯାଇଚି ତାହା କାର୍ଯ୍ୟରେ ପରିଣତ ହେଲେ ସେ ସବୁ ପ୍ରାପ୍ତି ଓ ସୁବିଧା ଉଠିଯିବ।

ଏତେବେଳେ ଆମର କର୍ତ୍ତବ୍ୟ ସ୍ପଷ୍ଟ। ଓଡିଶାରେ କେମିକାଲ୍ ଶିଳ୍ପ ଜାଗ୍ରତ କରାଇବା ଦରକାର। କଟକରେ ଓଡିଶା କେମିକାଲ୍ ଉଅର୍କସ ବୋଲି ଗୋଟିଏ ଯୌଥ ଶିଳ୍ପ କାରବାରର ମୂଳଦୁଆ ପଡିଛି। ଓଡିଶା ଲୋକେ ଓ ଓଡିଶା ସରକାର ସେ ପ୍ରତି ଶୀଘ୍ର ଦୃଷ୍ଟି ଦିଅନ୍ତୁ।

ନବ ଭାରତ-୫/୩ , ଆଲୋଚନା

ଓଡ଼ିଶାରେ ଲୁଣ ତିଆରି

ଲୁଣ ବିଭାଗରେ ଓଡ଼ିଶାକୁ ଅଲଗା କରି ସ୍ୱତନ୍ତ୍ର ଚକଡ଼ା କରିବାକୁ ଓଡ଼ିଶା ସରକାର ଭାରତ ସରକାରଙ୍କୁ ନିବେଦନ କରିଥିଲେ। ପ୍ରତ୍ନବିଦ୍ୟା ବିଷୟରେ ଯେପରି, ଏଥିରେ ସେଇପରି ଉତ୍ତର ମିଳିଚି, 'ଟଙ୍କା ନାହିଁ'। ବିଚରା ଓଡ଼ିଶାକୁ ଏତେକାଳ ନାନା ଭାବରେ ଦୋହିଁ ସାରି ସିଠା କରି ଏବେ ସ୍ୱତନ୍ତ୍ର ପ୍ରଦେଶଟାଏ କରି ପକାଇଦେଇ, ଏପରି ସବୁକଥାରେ 'ଟଙ୍କା ନାହିଁ' ବୋଲି କହିବା କେବଳ ଅବହେଳାର ଚିହ୍ନ ନୁହେ; ଏହା ଅନ୍ୟାୟ। ସ୍ୱତନ୍ତ୍ର ପ୍ରଦେଶ ସଂଗେ ଏସବୁ ସ୍ୱାତନ୍ତ୍ୟ ଆମର ଅବଶ୍ୟ ପ୍ରାପ୍ୟ। ତା ନ ହେବାରୁ ଅନ୍ୟାନ୍ୟ

Digitized by PPRACHIN, SOA

ଅସୁବିଧା ଯା ହେଉ ନ ହେଉ, ସେଇସବୁ ବିଭାଗର ଚାକିରିରେ ମଧ୍ୟ ଓଡ଼ିଆଙ୍କ ସ୍ଥାନ ନାହିଁ। ଏ ତ ସବୁବେଳେ ଆଖିକି ଦିଶିବା ଭଳି କଥା। ରେଳରେ ଓଡ଼ିଆ ଚାକିରି ପାଇବାପାଇଁ ଆମେ ଲଢୁଛୁ; ପୋଷ୍ଟ ଟେଲିଗ୍ରାମ ପ୍ରଭୃତିରେ ଆମେ ସେଇପରି ଖାଲିକୁଲି ମଜୁରିଆ। କେନ୍ଦ୍ର ସରକାରଙ୍କ ଚାକିରୀରେ କିରାଣିଟିଏ ମଧ୍ୟ ଓଡ଼ିଆ ନାହିଁ। ଏଇପରି କେତେ ବାହୁନିବୁ? ବାହୁନିଲେ ବା ଫଳ କଣ? ସବୁ କ୍ଷେତ୍ରରେ ସ୍ୱତନ୍ତ୍ରତା ଓ ସ୍ୱତନ୍ତ୍ର ବିଚାର ଆମର ପାଇବାର କଥା।

ଲୁଣରେ ଏଇ ସ୍ୱାତନ୍ତ୍ର୍ୟ ପୁଣି ୧୯୧୮ରେ ବିହାର ବ୍ୟବସ୍ଥା ସଭାରେ ସ୍ୱର୍ଗତ ପଣ୍ଡିତ ଗୋପବନ୍ଧୁ ଦାସ ଆରଂଭ କରିଥିଲେ। ସେଇକାଳୁ ଓଡ଼ିଆ ଚାହିଁଚନ୍ତି। ଓଡ଼ିଶାର ଲୁଣଶିଳ୍ପ ଏଇ ସ୍ୱାତନ୍ତ୍ର୍ୟ ସଂଗେ ଯେ ମରିଯାଇଚି, ଏହା ଗୋପବନ୍ଧୁ ଅକାଟ୍ୟ ଯୁକ୍ତିରେ ପ୍ରମାଣ କରିବାପରେ ଆଉ ବିଶେଷ କହିବା ଦରକାର ନାହିଁ।

ଏବେ ଓଡ଼ିଶା ସରକାର ଲୁଣଶିଳ୍ପ ପରୀକ୍ଷା କରିବାପାଇଁ ଓଡ଼ିଶାର ଲୁଣ ବିଭାଗରେ ସ୍ୱାତନ୍ତ୍ର୍ୟ ଲୋଡୁଛନ୍ତି ବୋଲି ଜଣାଯାଇଚି। ଆମେ ଜାଣୁ ଏଇପରି ସ୍ୱତନ୍ତ୍ର ଚକଡ଼ାରେ ଏଇ ଶିଳ୍ପର ପୁନରୁଦ୍ଧାର କରିବାପାଇଁ ପଣ୍ଡିତ ନୀଳକଣ୍ଠ ଦାସ ୧୯୨୫/୨୬ରେ ଚେଷ୍ଟା କରିଥିଲେ। ସେତେବେଳେ ବହୁଦିନ ଧରି ଏ ବିଷୟରେ ଆଲୋଚନା ଓ ଲେଖା ଲେଖି। ଚାଲିଥିଲା। ଶେଷରେ ଅନୁସଂଧାନ ଫଳରେ ଭାରତ ସରକାରଙ୍କ ପକ୍ଷରୁ ପ୍ରକାଶ ପାଇଲା-

"ନୌପଡ଼ା, ସୁରଳା(ସେତେବେଳେ ସୁରଳାରେ ଲୁଣମରା ଥିଲା) ଓ ରଂଭା ସଂଗେ ଚିଲିକାର ଲୁଣ ପ୍ରତିଯୋଗିତାରେ ଠିଆ ହୋଇ ପାରିବ ନାହିଁ। ବାଲୁଗାଁକୁ ବୋହିବାର ଅସୁବିଧା ଘେନି ଅନ୍ତତଃ ମହଣକେ ଦୁଇ ପଇସା ବେଶି ପଡ଼ିବ। ଏ ଜାଣିଲାପରେ ଯଦି କେହି ନିଜ ଦାୟିତ୍ୱରେ ଚିଲିକା କୂଳରେ ଲୁଣ କରିବାକୁ ଲୋଡ଼ନ୍ତି, ତେବେ ସରକାର ଆପତ୍ତି କରିବେ ନାହିଁ।"

ପରେ ପାରିକୁଦର ରାଜସାହେବ ଚିଲିକା କୂଳରେ ଲୁଣ କରିବା ପାଇଁ ମନସ୍ଥ କରି କେତେକ ଅନୁସନ୍ଧାନ କରାଇଥିଲେ। ଫଳ କଣ ହେଲା ଆମେ ଜାଣି ନାହୁଁ। ଓଡ଼ିଶା ସରକାର; ଏବେ କି ଅନୁସନ୍ଧାନ କରି କି ଫଳ ପାଇଚନ୍ତି, ତାହା ମଧ୍ୟ ଆମେ ଜାଣି ନାହୁଁ। ଅନୁସନ୍ଧାନ ଫଳରେ ବ୍ୟବସାୟଟି ସ୍ଥାୟୀ ହେବ ବୋଲି ଜଣା ପଡ଼ିଲେ, ନିଶ୍ଚୟ ତାହା କରିବା ଉଚିତ।

ବଙ୍ଗଳା ବହୁ କାଳରୁ ବିଦେଶରୁ ବା ଅନ୍ୟ ପ୍ରଦେଶରୁ ଆସୁଥିବା ଲୁଣ ଖାଆନ୍ତି। ତାଙ୍କ ଲୁଣ ବ୍ୟବସାୟ ଏହିପରି ପ୍ରତିଯୋଗିତା ଫଳରେ ମରି ଯାଇଚି। ବଙ୍ଗଳା ଲୁଣ ପୁଣି ଆମ ପାରିକୁଦ କାକଟପୁର ମରିଚପୁର ପ୍ରଭୃତିର କରକଚ ବା 'ଗୋଡ଼ା' ଲୁଣ ପରି କିଆରୀରେ ଖରାରେ ମରାହୁଏ ନାହିଁ। ବଙ୍ଗଳାରେ ପଙ୍ଗା ଲୁଣ ହେଉଥିଲା। ଲୁଣ ପାଣିକୁ

Digitized by PPRACHIN, SOA

ହାଣ୍ଡିରେ ରଖି ଜାଳ ଜାଳି ଲୁଣ ତିଆରି କଲେ ତାକୁ ପଙ୍ଗା ବା 'ଫୁଲା' ଲୁଣ କହନ୍ତି। କରକଚ ଲୁଣ ଠାରୁ ପଙ୍ଗାଲୁଣ ତିଆରିରେ ଖର୍ଚ୍ଚ ବହୁତ ବେଶି। ଏହା ଜାଳ ଖର୍ଚ୍ଚ। ପୂର୍ବେ ବାଲେଶ୍ୱରରେ ବି ବଙ୍ଗଳା ପରି ପଙ୍ଗାଲୁଣ ହେଉଥିଲା। ସେ ସବୁଠାରେ ସେକାଳେ ସମୁଦ୍ରକୂଳରେ ବହୁତ ବଡ଼ ଘାସ ଜନ୍ମି ଖରାଦିନେ ଶୁଖି ଜାଳ ହେଉଥିଲା। ସେ ଘାସ ନ ମିଳିବାରୁ ଲୁଣମରା ବନ୍ଦ ହୋଇଗଲା।

ବଂଗଳାର ଆନ୍ଦୋଳନରେ ଭାରତ ସରକାର ଏବେ କେତେବର୍ଷ ବିଦେଶୀ ଲୁଣ ଉପରେ ମହଣକେ ଏକ ଅଣା ଟିକସ ବସାଇ, ବଂଗଳା ଲୁଣ ବ୍ୟବସାୟକୁ ସେଇ ଟଙ୍କା ଦେବାର ବ୍ୟବସ୍ଥା କରିଥିଲେ। ସେଥିରେ କେତେକ ପରୀକ୍ଷା କଲାପରେ ଦେଖାଗଲା, ଜାଳ ଥିବା ଜାଗା ଦେଖି ଲୁଣ ମାଇଲେ କ୍ଷତି ହେବ ନାହିଁ। ସେଥିପାଇଁ ଏବେ ଲକ୍ଷେ ଟଙ୍କା ମୂଳଧନରେ କଲିକତାର ଏକ କମ୍ପାନୀ ହେଉଚି। ସେ ସୁନ୍ଦରବଣରେ ବହୁତ ଜାଳ ମାଗେଣାରେ ମିଳୁଥିବା ଜାଗାରେ ଲୁଣ ମାରିବ। ବଂଗଳାରେ ପୁଣି ଆଉ ଗୋଟିଏ ସୁବିଧା। ବଂଗଳାର ପାଖ ଆଖରେ ଲୁଣ ତିଆରି ହୁଏ ନାହିଁ। ରମ୍ଭା ନୌପଡ଼ା ଲୁଣ ମଧ ମଇଳା ବୋଲି ବଙ୍ଗଳା ଖାଆନ୍ତି ନାହିଁ। ପଙ୍ଗାଲୁଣ ସଫା। ସେଇଭଳି ସଫା ଲୁଣ ନ ହେଲେ ବଙ୍ଗଦେଶରେ ଚଳେନାହିଁ। ଏବେ ସେପରି ଲୁଣ ଏକା କରାଚୀ, ଏଡ଼େନ କିମ୍ବା ଇଉରୋପରୁ ଆସେ। ଏଇ ଦୂରରୁ ଆସୁଥିବା ଲୁଣ ସଂଗେ ବଂଗଳାରେ ତିଆରି ହେବା ଲୁଣ ପ୍ରତିଯୋଗିତା କରିବ। ଏଥିରେ ମଧ୍ୟ ସୁବିଧା ଅଛି।

ଓଡ଼ିଶାରେ ଏବେ ଉପକୂଳରେ ଲୋକେ ନିଜେ ଖାଇବା ଓ ଗାଁ ପାଖରେ ବିକିବାପାଇଁ ଲୁଣ ମାରନ୍ତି। ସେଥିପାଇଁ ତାଙ୍କୁ ହିସାବ ବା ଟିକସ୍ ଦେବାକୁ ହୁଏ ନାହିଁ। ସେଥିରେ ପ୍ରତିଯୋଗିତାର ଫଳାଫଳ ବୁଝିହେବାକୁ କିଛି ହିସାବ ନାହିଁ। ସେଇ ଲୁଣମରାର ହିସାବ ରଖି ପ୍ରତିଯୋଗିତାର ଫଳାଫଳ କଳନା କରି ସରକାର ଶିଳ୍ପ ଆରଂଭ କରିପାରନ୍ତି। ତାହା ହୋଇଚି କି ନା ଆମେ ଜାଣି ନାହୁଁ। ମେମ୍ବରମାନେ ଏସବୁ ସରକାରଙ୍କୁ ପ୍ରଶ୍ନ କରି ଜାଣିବା ଓ ଜଣାଇବା ଉଚିତ। ସରକାର ମଧ ନିଜେ ମଧେ ମଧେ ଏସବୁ ଲୋକଙ୍କୁ ଯଥାଯଥ ଭାବରେ ଜଣାଇଲେ ଭଲ ହୁଅନ୍ତା।

ମାତ୍ର ଏଠାରେ ଆମର କହିବାର କଥା, ଏବେ ଲୋକେ ଲୁଣ ମାରି ବିକିବା ଓ ଖାଇବାର ଯେ ସୁବିଧା ପାଇଚନ୍ତି, ତାକୁ ଶକ୍ତି ଓ ସୁବିଧାନୁସାରେ ପରିସର ଓ ପ୍ରକ୍ରିୟାରେ ଟକିଏ ବଢ଼ାଇ ଦେଲେ ଭଲ ହେବ, କି ବ୍ୟବସାୟ ସୂତ୍ରରେ ଟିକସ ଦିଆ ଲୁଣ ମାରିବା ଆରମ୍ଭ କଲେ ଭଲ ହେବ, ଏକଥା ତନଖି କରି ଦେଖି ବ୍ୟବସାୟ ଆରଂଭ କରିବା ଉଚିତ।

Digitized by PPRACHIN, SOA

ପୁଣି ବର୍ତ୍ତମାନ ଯେଉଁ; ଅଂଚଳରେ ଲୁଣ ମାରୁଚନ୍ତି ଓ ମାରିପାରନ୍ତି, ତା ଭିନ୍ନ ଅନ୍ୟ ଅଂଚଳରେ ମରାଯାଇପାରିବ କି ନା; ଯଦି ମରାଯିବ ତେବେ ତାର ପରିମାଣ ଓ ଆୟତନ କେତେ; ଏଇ ଲୋକଙ୍କ ଛଡ଼ା ଆଉ କେତେ ଲୋକ କାମ ପାଇବେ; ଫଳରେ ଲୋକଙ୍କର ଯାହା ଲାଭ ହେଉଚି (ଟିକସ ଓ ମଜୁରିରେ) ତା ଠାରୁ ବେଶି ଲାଭ ମୋଟରେ ହେବ କି ନା-ଏସବୁ ବିଚାର କରି ଲୁଣମରା ବ୍ୟବସାୟରେ ହାତ ଦେବା ଉଚିତ। ଏ ସବୁ ହିସାବରେ ବାଗ ନ ପଟିଲେ, ଭାରତ ସରକାରଙ୍କ ଲୁଣ ଟିକସ ଥିବାଯାଏ, ତାହା ନ କଲେ ଚଳେ।

ନବ ଭାରତ-୫/୭, ଆଲୋଚନା

କାକଟପୁର ଲୁଣ

ପୁରୀଜିଲ୍ଲାର କାକଟପୁର ଅଞ୍ଚଳଟି ଦଇବିଛାଡ଼୍ ମୁଲକ। ବଢ଼ି ନ ହେଲେ ମରୁଡ଼ି ଲାଗି ରହିଚି। ପୁଣି ବଢ଼ି ହେଇ ବନ୍ଧବାଡ଼ ସବୁ ଏପରି ମେଲା ମୁକୁଳା ହୋଇ ପଡ଼ିଚି ଯେ, ମହାନଦୀରେ ପାଣି ପଡ଼ି କୁଆଖାଇ କୁଶଭଦ୍ରା ଧଇଲେ, କାକଟପୁର ଏକାବେଳେକେ ନାରଖାର। ଏପରି ମୁଲକ ପାଇଁ ଭଗବାନ ଲୁଣର ସୁବିଧା ଦେଇଥିଲେ। ଏ ମୁଲକ ଲୋକେ ଚିରକାଳ ଲୁଣ ମାରି ଚଳୁଥିଲେ। ୧୯୧୯ରେ - ଯେତେବେଳେ ବଢ଼ି ମରୁଡ଼ି ପଡ଼ିଥିଲା, ସେତେବେଳେ ବିହାର ଓଡ଼ିଶା ଛୋଟ ଲାଟ ଭାରତ ସରକାରଙ୍କୁ କହି କାକଟପୁରରେ ଲୁଣମରା ଛାଡ଼ କରି ଦେଇଥିଲେ। ସେ ଘଡ଼ି ଲୋକେ ବଞ୍ଚିଗଲେ। ଏବେ ଗୋଦସ୍ତାବର୍ଷ ବଢ଼ି ପରେ ବନ୍ଧ ବାଡ଼ ମେଲା ହୋଇଯାଇଚି। ମାତ୍ର ଭାଗ୍ୟକୁ ତିନି ବରଷ ହେଲା ଲୁଣମରା ଛାଡ଼ ଥିଲା। ଲୋକେ କୌଣସିମତେ ବଞ୍ଚି ଯାଉଥିଲେ। ବିହାର ଓଡ଼ିଶା ସରକାରଙ୍କୁ ଏତିକି ବେଳକୁ ବୁଦ୍ଧି ଦିଶିଲା, ସେ କୁଆଡ଼େ ଏବେ ଭାରତ ସରକାରଙ୍କୁ ଜଣାଇ ଲୁଣମରା ବନ୍ଦ କରି ଦେଉଚନ୍ତି। ସେ ମୁଲକ ଲୋକେ ଯେ କଣ କରିବେ କେହି କହିବେ କି? ଆଗେ ଲୋକେ ପେଟ ବିକଳରେ ହେଲେ ରେଙ୍ଗୁନ୍, କଲିକତା, ଟାଟା ଆସାମ ପଳାଉଥିଲେ। ଏବେ ତ ସେ ବାଟବନ୍ଦ। ଲୋକେ ଘରେ ପଡ଼ି 'ହା ଅନ୍ନ' 'ହା ଅନ୍ନ' ହୋଇ ମରିବା ଛଡ଼ା ଆଉ କିଛି ବୁଦ୍ଧି ଦିଶୁନାହିଁ।

ଜଣେ କିଏ ଆମକୁ ଗୁପ୍ତରେ କହୁଥିଲା, ଗଲା ବଡ଼ଲାଟସଭା ନିର୍ବାଚନରେ କଂଗ୍ରେସ ପକ୍ଷ ପ୍ରର୍ଥୀମାନେ କାକଟପୁରର ସବୁତକ ଭୋଟ ପାଇଲେ; ଅନ୍ୟ ପକ୍ଷର ସପକ୍ଷରେ ବିଶିଷ୍ଟ ଲୋକେ ଘୋର ଚେଷ୍ଟା କରିଥିଲେ ମଧ୍ୟ, ଅନ୍ୟ ପକ୍ଷ କିଛି ମାତ୍ର ଭୋଟ ପାଇ ନ ଥିଲେ। ଏ କଥା କୁଆଡ଼େ ଜଣା ପଡ଼ିଗଲା। ସେଥିପାଇଁ ପୁଲିସ ବା ହାକିମ ସରକାର କାହାକୁ ଜଣାଇ କାକଟପୁର ଲୋକଙ୍କୁ ଶିକ୍ଷା ଦେବା ପାଇଁ ଏ ଲୁଣମରା ବନ୍ଦ କରିଦିଆ ହୋଇଚି। ଏହା କିନ୍ତୁ ଆମର ସମ୍ଭବ ହେଉନାହିଁ। ମାତ୍ର ଏପରି ଇଚ୍ଛା ସୁଦ୍ଧା

Digitized by PPRACHIN, SOA

କାହାର ହୋଇଥିଲେ, ଏ ବଡ଼ ଦୁରନ୍ତ ବୃତ୍ତି। ଭଗବାନ୍ ଏ ଶ୍ରେଣିର ଲୋକଙ୍କୁ ସୁବୁଦ୍ଧି ଦିଅନ୍ତୁ।

ବଡ଼ ବଡ଼ ସରକାରମାନେ ଏ ଦୁର୍ଗତି ବେଳେ ପ୍ରଜାଙ୍କୁ ଖଜଣାର ଅଂଶ ଛାଡ଼ି ଦେଉଚନ୍ତି। ସେ ସବୁ ଜାଗାରେ ପ୍ରଜାର ଅବସ୍ଥା, ଓଡ଼ିଶା ତଥା ବିଶେଷରେ କାକଟପୁର ପ୍ରଜାର ଅବସ୍ଥାଠାରୁ କେତେ ଗୁଣେ ଯେ ଭଲ, ତାହା କହିବା ଦରକାର ନାହିଁ। ଓଡ଼ିଶାରେ ତ ଖଜଣା ଛାଡ଼ କଥା ଉଠିବ ନାହିଁ। କାରଣ କୌଣସି କୌଣସି ସରକାରଘରିଆ ତଥାକଥିତ ରାଜନୀତିକ ବୁଝନ୍ତି ଯେ ଏ ସବୁକଥା କହିଲେ, ସରକାର ବିଚିଟି ଯାଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ଗଠନ ବନ୍ଦ କରିଦେବେ। ପୁଣି ଆଉ କେତେ ସେଇପରି ରାଜନୀତିକ ଭବିଷ୍ୟତ ସ୍ୱତନ୍ତ୍ର ଓଡ଼ିଶାକୁ ଆଖି ଆଗରେ ଗୁଡ଼ମୁଆଁ ପରି ଖାଇ ବିଚାରୁଚନ୍ତି, ଏତେବେଳେ ପ୍ରଜାଙ୍କୁ ଖଜଣା ଛାଡ଼ ପ୍ରଭୃତି ଶିଖାଇବା ଚୋରକୁ ହାତ କାମୁଡ଼ା ଶିଖାଇବାରୁ ବଳିଯିବ ପ୍ରଜାଙ୍କୁ ଏ କଥା ଶିଖାଅ ନାହିଁ। ନୂଆ ପ୍ରଦେଶରେ ସେମାନେ ହୁଏତ ସେଇ ଦାବି କରି ବସିବେ। ଆଉ ପୁଣି କୌଣସି ଜମିଦାରିଆ ଢ଼ଙ୍ଗ ଲୋକଙ୍କର ଅନ୍ୟପ୍ରକାର ବିଚାର ଥାଇପାରେ। ସରକାର ତ ଯେଉଁ ଲୋକଙ୍କ ମତକୁ ନିଜର ସୁବିଧାଜନକ ଦେଖିବେ, ସେଇ ଲୋକଙ୍କୁ ଲୋକପ୍ରତିନିଧି ବୋଲି ଧରିନେବେ। ତେବେ ଦରିଦ୍ର ମେରୁଦଣ୍ଡହୀନ ଓଡ଼ିଶା ପ୍ରଜା ଯେ ଏଣିକି କ'ଣ କରିବେ, ତା ଭଗବାନ ଜାଣନ୍ତି।

ସେ କଥା ଯାହାହେଉ, କାକଟପୁର ବିଚରା ଏବେ କ'ଣ କରିବ? ସରକାର କାହାର କଥାକୁ ଲକ୍ଷ୍ୟ ନ ରଖି କାକଟପୁରର ଲୁଣମରା ଛାଡ଼ିଦେବା ଉଚିତ। ଏ ରାଜ୍ୟରେ କଣ 'ଉଚିତ' କରାହେବ?

ନବ ଭାରତ–୧/୧୦, ଆଲୋଚନା

ଚିଲିକା ଓ ମାଛ

ସେକାଳ ବନ୍ଦର –

ଚିଲିକା ଓଡ଼ିଶାର କେବେ ବନ୍ଦର ଥିଲା, ସେ କଥା ଇତିହାସ ଦ୍ୱାର ଫିଟାଇ ଏବେ ମଧ୍ୟ କେହି ସ୍ପଷ୍ଟ ଦେଖି ନାହିଁ । କିନ୍ତୁ ଅବସ୍ଥିତି ଦେଖିଲେ ବୁଝାଯାଏ, ଏହା ଗଭୀର ଥିଲାବେଳେ ପୋତବାହୀ ଓଡ଼ିଆଙ୍କର ନିଶ୍ଚୟ ଗୋଟିଏ ଶ୍ରେଷ୍ଠ ବନ୍ଦର ଥିଲା। ପୂର୍ବ ଉପକୂଳରେ ଏପରି ବନ୍ଦର ହୁଏତ ସେତେବେଳେ ଆଉ ଥିଲା କି ନା ସନ୍ଦେହ । କିନ୍ତୁ ଟାଇଗ୍ରିସ୍ ଇଉଫ୍ରେଟିସ୍ ପ୍ରାଚୀନ ସିନ୍ଧୁସେବୀ ସୁମେରମାନଙ୍କ ସୁନ୍ଦର ପୋତାଶ୍ରୟ ନଷ୍ଟ କଲାପରି ଦୟା ଭାର୍ଗବୀ ନାମକ ମହାନଦୀର ମୁହାଣ ଦୁଇଟି ବହୁଶତାବ୍ଦୀ ଲାଗି ପର୍ବତ ଧୋଇ ଚିଲିକାରେ ଭର୍ତ୍ତି କରିଛନ୍ତି । ସେଦିନ ପାଇକପଡ଼ା ଜମିଦାରୀ ବନ୍ଧ ପକାଇ ଚିଲିକାରୁ ୧୭ ଶହ ଏକର ଆବାଦୀ ଜମି ବାହାର କରିଥିବାର ସମସ୍ତେ ଜାଣନ୍ତି। ଏହିପରି ଶତାବ୍ଦୀ

Digitized by PPRACHIN, SOA

ଧରି ଶତାବ୍ଦୀ ଚାଲିଛି । ଫଳରେ ଚିଲିକା ଆଉ ପୋତାଶ୍ରୟ ନୁହେଁ, ତାହା ବର୍ତ୍ତମାନ ବଡ଼ ଅଗଭୀର ।

ଏକାଳ ମାଛ –

ମାତ୍ର ଚିଲିକାର ଦୃଶ୍ୟ - ବିଭବ କବିର କାମ୍ୟ । ଆର୍ଥିକ ସଂପଦ୍ ହିସାବରେ ବର୍ତ୍ତମାନ ସୁଦ୍ଧା ମାଛ ଥିଲା ଚିଲିକାର ପ୍ରଧାନ ଉପାଦାନ । ପୂର୍ବେ ଚିଲିକାର ଆଖପାଖ ଲୋକେ ଏ ମାଛ ଖାଉଥିଲେ। ବଡ଼ ବଡ଼ ମାଛ ବହୁତ ମିଳୁଥିଲା । ଗୋଟାଏ ମଣିଷ ଟେକି ନ ପାରିବାଭଳି ଭେକଟାମାନ ଚିଲିକାରୁ ଆସୁଥିବା ଅନେକଙ୍କର ମନେ ଥିବ ।

ମାଛ ବ୍ୟବସାୟ –

କ୍ରମେ ରେଳ ହେବା ସଙ୍ଗେ ବିଦେଶୀ ଲୋକେ ଚିଲିକାର ମାଛ ବ୍ୟବସାୟ କଲେ । ପ୍ରଚୁର ମାଛ ଧରା ହୋଇ ଚାଲାଣ ହେଲା । ମାଛର ମଞ୍ଜି ବହୁତ ରପ୍ତାନି ହେଲା । ବଡ଼ ସାନ ସବୁ ପ୍ରକାର ମାଛ ଧରିବା ପାଇଁ ଭିନ୍ନ ଭିନ୍ନ ଜାଲ ଓ କୌଶଳ ସୃଷ୍ଟି ହେଲା । ଡବା ଡବା ମାଛ ଶୁଖିଲା ଓ ବରଫ ଦେଇ କଲିକତା ଚାଲାଣ ହେଲା । ଗ୍ରୀଷ୍ମକାଳରେ ପାହାଡ଼ ପରି ରାଶି ରାଶି ଚୁଙ୍ଗୁଡ଼ି ମାଛ ଧରାହୋଇ, ସଝା ହୋଇ, ଶୁଖି ଚୋପା ଛଡ଼ା ହୋଇ (Golden shrimp) ବସ୍ତା ମାନଙ୍କରେ ଜାହାଜରେ ବ୍ରହ୍ମଦେଶକୁ ଚାଲାଣ ହେଲା। ଅନେକ ମନେକଲେ ଚିଲିକା ଓଡ଼ିଶାର ଗୋଟିଏ ସଂପଦ ।

ରେଳରେ ମାଛ ଚାଲାଣର ସୁବିଧା ଓ ଚିଲିକା –

ଗୋଆଲନ୍ଦ ପ୍ରଭୃତିରୁ କଲିକତାକୁ ପଦ୍ମାର ମାଛ ଚାଲାଣ ହୁଏ । ସେ ମାଛ ମଧ୍ୟ ଆଗ ବରଫ ଦିଆ ହୋଇ ରେଳ ଡବାରେ ଆସୁଥିଲା । ଏବେ ସେଥିପାଇଁ ବିଦ୍ୟୁତ୍‌କ୍ରିୟାରେ ସବୁବେଳେ ବରଫ ପରି ଥଣ୍ଡା ରହୁଥିବା ରେଳଡବା (Refrigerating wagon)ର ବ୍ୟବସ୍ଥା ହେଉଛି । ଚିଲିକାର ମାଛ ବ୍ୟବସାୟ ପାଇଁ ବେଙ୍ଗଲନାଗପୁର ରେଳୱେ ସେହି ଡବା କିଣନ୍ତୁ ବୋଲି ଆପତ୍ତି ହେଲା । ହିସାବରେ ଦେଖାଗଲା ଚିଲିକାରୁ ଏବେ ଯେଉଁ ମାଛ ଚାଲାଣ ହୁଏ, ସେ ମାଛରେ ସେପରି ଥଣ୍ଡା ଡବାର ଖର୍ଚ୍ଚ ଉଠିବ ନାହିଁ।

ଚିଲିକାର ମାଛ ସରିଯାଉଛି –

ଗତ ୩୦ ବର୍ଷ ମଧ୍ୟରେ ଚିଲିକାର ମାଛ ବହୁତ କମିଯାଇଛି। ବାସ୍ତବିକ ଏବେ ଯେଉଁମାନେ ଚିଲିକାରେ ମାଛମରା ଦେଖିଥିବେ ସେମାନେ ଜାଣିଥିବେ ଚିଲିକାରେ ବଡ଼ ଭେକଟା, ବଡ଼ ଖଙ୍ଗା, ବଡ଼ ଶାହାଳ, ବଡ଼ ଖୁରାଣ୍ଟି ଆଉ ପ୍ରାୟ ମିଳୁନାହାନ୍ତି । ବହୁଦିନ ଧରି ମଞ୍ଜିଥିବା ମାଛ ଓ ପିଲା ମାଛ ଧରିବାରେ ମାଛ ସରିଆସିଲାଣି। ଚିଙ୍ଗୁଡ଼ି ବ୍ୟବସାୟ ମଧ୍ୟ ଆଉ ପୂର୍ବ ପରି ନାହିଁ । କ୍ରମେ ବ୍ୟବସାୟୀ ଓ କେଉଟମାନେ ଲାଭବାନ୍ ହେବା ପରବର୍ତ୍ତିରେ କ୍ଷତିଗ୍ରସ୍ତ ହେଉଛନ୍ତି ।

Digitized by PPRACHIN, SOA

ମାଛ ବଢ଼ାଇବା ଦରକାର -

ଏହାର କି ଉପାୟ ? ମାଛ ରକ୍ଷା ଓ ମାଛ ବଢ଼ାଇବା କାର୍ଯ୍ୟରେ ମନ ନ ଦେଲେ ଅତିଶୀଘ୍ର ଚିଲିକା ମାଛଶୂନ୍ୟ ହୋଇଯିବ । ଓଡ଼ିଶାର ଗୋଟିଏ ବଡ଼ ସଂପଦ ବେଫାଇଦାରେ ପଡ଼ି ରହିବ । ଏଥିପାଇଁ ଦେଶବାସୀଙ୍କର ତଥା ସରକାରଙ୍କର ଅତିଶୀଘ୍ର ଦୃଷ୍ଟି ଆକୃଷ୍ଟ ହେବା ଉଚିତ ।

ଅନୁସଂଧାନ ଲୋଡ଼ା -

ଓଡ଼ିଶା ବଙ୍ଗଦେଶରେ ସାମିଲ ଥିଲାବେଳେ ଥରେ ବଙ୍ଗ ସରକାର ଏହି ଉଦ୍ଦେଶ୍ୟରେ ପ୍ରମାଣଯୋଗ୍ୟ ତଥ୍ୟ ସଂଗ୍ରହ କରିବା ପାଇଁ ସାର୍ କୃଷ୍ଣଗୋବିନ୍ଦ ଗୁପ୍ତଙ୍କୁ ପଠାଇଥିଲେ। ସେ ହୁଏ ତ ରିପୋର୍ଟ ଦେଇଥିବେ । କଥାବାର୍ତ୍ତାରେ ସେ କହୁଥିଲେ, ଚିଲିକାରେ ମାଛ ତିଆରି କରି ବଢ଼ାଇବାର ବହୁତ ସୁବିଧା ଅଛି । ସରକାର ଏ ବିଷୟରେ ତତ୍ପର ହେବା ଉଚିତ । ମାତ୍ର ତାଙ୍କ ରିପୋର୍ଟ ଆମେ ଦେଖିନାହୁଁ । କେଉଁଠାରେ ହୁଏତ ସରକାରଙ୍କ ପରିତ୍ୟକ୍ତ ରିପୋର୍ଟ ଭିତରେ ତାହା ଏବେ ମଧ୍ୟ ମିଳିପାରେ । ନହେଲେ ବିଶେଷଜ୍ଞ ଲଗାଇ ପୁଣି ଯଥାବିଧି ଅନୁସଂଧାନରେ କର୍ମଯୋଜନା ଠିକ୍ କରି ନେବାକୁ ହେବ । ତା ନହେଲେ, ଚିଲିକାର ଲବଣ ସଂପଦ ଯାଇଛି, ମତ୍ସ୍ୟ ସଂପଦ ମଧ୍ୟ ଯିବ। ଲୋକେ ପୁଣି ନିଷ୍କର୍ମା ହୋଇ ରେଙ୍ଗୁନ କଲିକତା ପଳାଇବାକୁ ଲୋଡ଼ିବେ । ଏ ଦୁର୍ଗତିରୁ ଲୋକଙ୍କୁ ରକ୍ଷା କରିବା ଆଗ ଦରକାର ।

ନଦୀର ମାଛ ଓ ମାଛ ଚାଷ -

ପୁଣି ଚିଲିକାର ମାଛ ସମ୍ଭାଳି ବଢ଼ାଇବା ଏକମାତ୍ର ସମସ୍ୟା ନୁହେଁ। ନଦୀମାନଙ୍କରୁ ମଧ୍ୟ ମାଛ ସରି ଯିବାର ଦେଖା ଯାଉଛି । ବଡ଼ ଛୋଟ ସବୁ ସହରରେ ମାଛର କାଟତି ଓ ଦାମ୍ ଖୁବ୍ ଅଛି । ଗଞ୍ଜାମ, ଜୟପୁର, ସମ୍ବଲପୁର, ଅନୁଗୁଳ ପରି ସ୍ଥାନରେ ଭଲ ମାଛ ପ୍ରାୟ ମିଳେ ନାହିଁ । ମିଳିଲେ ଲୋକେ କିଣନ୍ତେ । ଅନେକ ସମୟରେ ଡାଲି ପ୍ରଭୃତି ଠାରୁ ମାଛ ପୁଣି ଏ ଦେଶ କୃଷକ ପକ୍ଷରେ ସୁଲଭ ଓ ଅଳ୍ପ ବ୍ୟୟସାପେକ୍ଷ ହୁଅନ୍ତା । ମାତ୍ର ସେଥିପାଇଁ ଲୋକଶିକ୍ଷା ଓ ତତ୍ପରତା ଦରକାର । ପୋଖରୀରେ ମାଛ ତିଆରି କରି ବିକ୍ରି କରିବାର ବିଧି ବଂଗ ଦେଶରେ ଅଛି । ଉତ୍ତର ବାଲେଶ୍ୱରରେ ମଧ୍ୟ କଦାଚିତ୍ ଦେଖାଯାଏ । ହେଲେହେଁ ସେଇ ଉତ୍ତର ବାଲେଶ୍ୱରରେ ମଧ୍ୟ କେହି ତା ବ୍ୟବସାୟ ଦୃଷ୍ଟିରେ କରନ୍ତି ବୋଲି ମନେ ହୁଏ ନାହିଁ । ବଡ଼ ମଧ୍ୟବିତ୍ତ ଲୋକଙ୍କର ତା ଗୋଟିଏ ବିଳାସ ପରି ଥାଏ । କୃଷି ବିଭାଗରେ ଏଇ ମତ୍ସ୍ୟ ବ୍ୟବସାୟରେ ଲୋକଙ୍କୁ ସାହାଯ୍ୟ କରିବାର ବ୍ୟବସ୍ଥା ଅଛି । ମାତ୍ର କୃଷି ବିଭାଗର ଧାନ, ଲେମ୍ବୁ, ଆମ୍ବ ଠାରୁ କୋବି, ମୂଳା, ହଳଦୀ ଚେରଚଣା ପର୍ଯ୍ୟନ୍ତ ସବୁ ଯେପରି ପ୍ରଚାର ପାଏ, ମାଛ ମଧ୍ୟ ସେଇପରି ପ୍ରଚାର ପାଇବାର କଥା । ଏପର୍ଯ୍ୟନ୍ତ କୃଷି ବିଭାଗ ଗୋଟିଏ ପ୍ରଦର୍ଶନୀ ମାତ୍ର। ଲୋକଙ୍କ ଅବସ୍ଥା ଓ ବେଷ୍ଟନୀ ଧରି

Digitized by PPRACHIN, SOA

ଚାଷ କରିବା ଓ କରାଇବା ସେଠାରେ ହୁଏ ନାହିଁ । ତେଣୁ ଲୋକେ ବୁଝନ୍ତି, ଏହା ତାଙ୍କ ପହଁଚରେ ନୁହେଁ ।

ଶିଖାଇବାର ବ୍ୟବସ୍ଥା -

ତେଣୁ କୃଷି ସଙ୍ଗେ ମାଛ ଚାଷ ଶିଖାଇବାର ସୁବ୍ୟବସ୍ଥା କରିବା ଉଚିତ । ଦେଶକାଳ ପରିସ୍ଥିତି ଓ ଅବସ୍ଥା ବିଚାରରେ ସେ ସବୁର ଶିକ୍ଷା ପାଇଁ ବାଟ ଫିଟାଇବା ଦରକାର ।

ଲୋକଙ୍କର ଆଭିମୁଖ୍ୟ -

ମାତ୍ର ଏ ସବୁ ପୂର୍ବରୁ ଲୋକଙ୍କର ଦୃଷ୍ଟି ଫିଟିବା ଉଚିତ । ଲୋକେ ନିଜେ ଏ ସବୁ ବିଷୟରେ ବ୍ୟାକୁଳତା ଦେଖାଇବା ବିହିତ । ସେଥିରେ କି ଉପାୟ, ତାହା ଆଦୌ ବିଚାର୍ଯ୍ୟ ।

ନବ ଭାରତ-୩/ ୧୦, ଆଲୋଚନା

ଶ୍ରମିକ ସମସ୍ୟା

ଜଗତର ସ୍ୱାଧୀନତାରେ ଏବେ ଶ୍ରମିକଙ୍କର ପାଳି ପଡ଼ି ଆସୁଚି । ପ୍ରଗତିର ନୂଆପ୍ରସ୍ଥରେ ଏବେ ଶ୍ରମିକ ଉଠୁଚନ୍ତି । ଯେଉଁ ଦେଶସବୁ ନିଜକୁ ସ୍ୱାଧୀନ ମଣୁଥିଲେ, ସେଠାରେ ମାଲିକମାନେ ମୂଲିଆଙ୍କ ଅର୍ଜିତ ଧନରେ ବିଳାସ ଭୋଗ କରି ଆସୁ ଥିବାରୁ ପରାଧୀନ ଶ୍ରମିକ ଏବେ ନିଜର ଭାଗ ଦାବି କରି ନୂତନ ସ୍ୱାଧୀନତା ଲୋଡ଼ୁଚନ୍ତି । ପ୍ରତ୍ୟେକ ଦେଶର ପରିସ୍ଥିତି ଘେନି ଏହି ଦାବି ଓ ତଦନୁସାରୀ କ୍ରିୟା ଭିନ୍ନ ଭିନ୍ନ ରୂପ ଧରୁଅଛି । ରୁସିଆରେ ଏହି ଦାବିର ଘୋର ବଳାତ୍କାର ଠାରୁ ଆରମ୍ଭ କରି ଇଂଲଣ୍ଡ ପ୍ରଭୃତି ଦେଶରେ ଜାତୀୟ ଶ୍ରମିକ ଦଳର କବୋଷ୍ଣ ସହଯୋଗ ପର୍ଯ୍ୟନ୍ତ ନାନା ପ୍ରକାରରେ ଏହି ଦାବିର କ୍ରିୟା ପ୍ରକାଶ ପାଉଅଛି । ଭାରତ ଯୁବକ ସ୍ୱାଧୀନତାର କାମନାରେ ସର୍ବଦା ଆଦର୍ଶବାଦୀ । ତାହାହିଁ ତାହାର ପରଂପରା । ସେଥିରୁ ତାହାର ନିସ୍ତାର ନାହିଁ । ସେ ବହୁକାଳ ହେଲା ନିଜର ରାଜନୀତିକ ପରିସ୍ଥିତି ବୋଲି କିଛି ଜାଣି ନାହିଁ । ଖାଲି ଜାଣେ, ନିଜ ପରିସ୍ଥିତି ନିଜେ ତିଆରି କରି ପାରିଲେ ସେ ସ୍ୱାଧୀନ ହେବ । ଏହି ଆଦର୍ଶରେ ଫରାସୀ ରାଷ୍ଟ୍ର ବିପ୍ଳବ, ଆମେରିକାର ସ୍ୱାଧୀନତା ସମର, ରୁଷିଆର ନିହିଲିଷ୍ଟ ଆନ୍ଦୋଳନ ତଥା ଶ୍ରମିକର ସାମ୍ୟବାଦ ସବୁ ତାର ସମସେବ୍ୟ । ସେତେବେଳେ ପୃଥିବୀରେ ଯେଉଁ ବାଦ ବା କ୍ରିୟାରେ ଲୋକସ୍ୱାଧୀନତା ସମ୍ଭବ ହେଲା ବୋଲି ଦେଖାଗଲା ଓ ହୁରି ଉଠିଲା, ଭାରତ ଯୁବକ ବିଚାରିଲା ସେଇ ପନ୍ଥାରେ ତାକୁ ସ୍ୱାଧୀନତା ମିଳିଯିବ । ଆଦର୍ଶବାଦୀ-ବିଶେଷରେ ଅସହ୍ୟ ଅତ୍ୟାଚାରଗ୍ରସ୍ତ ବ୍ୟକ୍ତିତ୍ୱବାନ୍ ଆଦର୍ଶବାଦୀ, ଫଳାଫଳ କଳନା କରି ଅତ୍ୟାଚାରର ପ୍ରତିକ୍ରିୟା କରିବାକୁ ଧୈର୍ଯ୍ୟ ପାଏ ନାହିଁ । ଯାହା ହେଉ, ଏହା ପ୍ରକୃତିର ନିୟମ ।

ଏବେ ଶ୍ରମିକଙ୍କୁ ଶୃଙ୍ଖଳିତ କରି ମାଲିକଙ୍କ ବିରୁଦ୍ଧରେ ଉଠାଇବା ପନ୍ଥାରେ ବା ସାମ୍ୟବାଦ କ୍ରିୟାରେ ଜଗତ ସ୍ୱାଧୀନ ହେବ ବୋଲି ହୁଆ ଉଠିଚି । ଭାରତରେ ମଧ୍ୟ

Digitized by PPRACHIN, SOA

ସେହି ପେଟେଣ୍ଟ ଔଷଧର ବ୍ୟବହାର, ବିନା ନିଦାନ ନିରୀକ୍ଷଣରେ କାର୍ଯ୍ୟକର ହେବ ବୋଲି ଯୁବକ ଇତରବିଶେଷ ଉଦ୍‌ବୁଦ୍ଧ ହେଉଚି-ହେବା ସ୍ୱାଭାବିକ। କିନ୍ତୁ ସବୁ ସ୍ୱାଭାବିକ ପ୍ରବୃତ୍ତିରେ ସମାନ ଭାବରେ ଚାଲିଲେ ମାନବସଭ୍ୟତା ପଥଭ୍ରଷ୍ଟ ହେବ। ମନୁଷ୍ୟ ପାରିପାର୍ଶ୍ୱିକ ଅବସ୍ଥାରେ ବିକାଶ ଲଭେ। ଏହି ପାରିପାର୍ଶ୍ୱିକ ଅବସ୍ଥା ଦୃଷ୍ଟିରେ 'ସ୍ୱାଭାବିକ'ର ସଂଯମହିଁ ମାନବ ସଭ୍ୟତାର ଭିତ୍ତି।

ଭାରତ କୃଷିର ଦେଶ। ଏବେ ପୃଥିବୀର ଆର୍ଥିକ ପରିସ୍ଥିତିରେ ନିଜକୁ ଠିକ୍ ରଖିବାକୁ ଭାରତ କଳ କାରଖାନାରେ ଅର୍ଥ ତିଆରି କରିବାକୁ ବସିଚି। ସେଇଠାରେ ତେଣୁ ପୃଥିବୀର ଅନ୍ୟ ସଭ୍ୟ ଦେଶ ଅନୁକରଣରେ ଶ୍ରମିକ ଆନ୍ଦୋଳନର ପ୍ରତିଷ୍ଠା କରାହେଉଚି। ସେଥିରେ ଧର୍ମଘଟ ପୁଣି ପ୍ରଧାନ ଅସ୍ତ୍ର। ତାହାର ପ୍ରୟୋଗ ମଧ୍ୟ କରା ହେଉଚି। କୃଷକର ସେଥିରେ କିଛି ସଂବନ୍ଧ ନାହିଁ। ପ୍ରାୟ ଚାରିଲକ୍ଷ କଳକାରଖାନା ଓ ହୁଏତ ଆସାମ ଚା ଓ ଦକ୍ଷିଣ ଭାରତ କଫି ପରି ଶୃଙ୍ଖଳିତ କୃଷିକ୍ଷେତ୍ରର ଶ୍ରମିକ ଘେନି ଆନ୍ଦୋଳନଟି ଉଠୁଛି। ସେଥିରେ ମହାଭାରତର କୃଷକ ସମାଜ କିପରି କେତେ ପରିମାଣରେ ପ୍ରଭାବିତ ହେବ, ସେ ଏକ କଥା।

ଓଡିଆ ଶ୍ରମିକ ଓ ଧର୍ମଘଟ

ପୁଣି ଆମେ ବରାବର କହୁଚୁ, ଯେଉଁଠାରେ ଶ୍ରମିକ, ବଡ କର୍ମଚାରୀ ଓ ମାଲିକ ଏକା ସମାଜର ପ୍ରଭାବରେ ବଢନ୍ତି ନାହିଁ, ସେଠାରେ ଶ୍ରମିକ ମାଲିକ ବିରୋଧର ଫଳ ଶ୍ରମିକଙ୍କ ପ୍ରତି ମଙ୍ଗଳକର ନୁହେଁ। ପୁଣି ଭାରତ ପରି ପରାଧୀନ ଦେଶରେ ତୃତୀୟ ପକ୍ଷ ସର୍ବଦା ଅନ୍ତର୍ବିବାଦରେ ନିଜର ସୁବିଧା କରି ନେବାକୁ ଚାହିଁ ବସିଚନ୍ତି।ଏହାସବୁ କାର୍ଯ୍ୟରେ ସର୍ବଦା ମନେ ରଖିବାକୁ ହେବ। ଦୁଇ ଦଳର ବିବାଦରେ ମୀମାଂସା ପାଇଁ କୌଣସି ଅଭ୍ୟନ୍ତରିକ ଉପାଦାନ ନ ଥିଲେ, ଯେ କୌଣସି ବିବାଦ ଦେଶାତ୍ମବୋଧର ବିରୋଧରେ ପ୍ରୟୋଗ କରାହେବ ସଂଦେହ ନାହିଁ।

ଓଡ଼ିଆ ନିଜ ପ୍ରଦେଶର ବାହାରେ ଶ୍ରମିକ। ସେଠାରେ ଓଡ଼ିଆ ଶ୍ରମିକ ନିତାନ୍ତ ଦରକାର ନ ଥିଲେ କେହି ମାଲିକ ଧର୍ମଘଟରେ ଭଳିଯବେ ନାହିଁ; ବରଂ ଧର୍ମଘଟ ଓଡିଆଙ୍କ ବିରୋଧରେ ଯିବ। ପୁଣି ଆଜି ଯେପରି ଭାରତରେ ପ୍ରତି ପ୍ରଦେଶ ନିଜର ଅକର୍ମା ସମସ୍ୟାରେ ବିବ୍ରତ, ସେଥିରେ ଅନେକ ସ୍ଥଳରେ ଓଡିଆଙ୍କ ଧର୍ମଘଟର ଫଳ ହେବ- 'କଂକଡାକୁ ଗୋଳି ପାଣି ସୁହାଇଲା।'

ଅନ୍ୟପ୍ରଦେଶୀମାନେ ଓଡିଆଙ୍କ ଧର୍ମଘଟ ଲୋଡ଼ନ୍ତି

ସେ ଦିନ କଲିକତା ଉତ୍କଳ ସମାଜରେ ଏହି ବିଷୟରେ ଖୁବ୍ ତର୍କ ହୋଇ ଯାଇଚି। କଲିକତା କର୍ପୋରେସନ ତଥା କଲିକତାର ଅନ୍ୟ କୌଣସି କୌଣସି ଅନୁଷ୍ଠାନରେ

Digitized by PPRACHIN, SOA

ଶ୍ରମିକମାନେ ମାଲିକଙ୍କ ବିରୁଦ୍ଧରେ ନିଜର ମଜୁରି ବଢାଇବାର ଦାବି କରି ଆକୃତକାର୍ଯ୍ୟ ହେଉଛନ୍ତି । ସେଥିପାଇଁ ଶ୍ରମିକ ନେତାମାନେ ଶ୍ରମିକମାନଙ୍କୁ ଧର୍ମଘଟ କରାଇବାକୁ ଲୋଡ଼ନ୍ତି । ସେଥିରେ ଯେଉଁ ଓଡ଼ିଆ ଶ୍ରମିକ ଅଛନ୍ତି, ସେମାନଙ୍କୁ ଏଇ ଧର୍ମଘଟରେ ମତାଇ ଦିଆ ହେଉଚି । କୌଣସି ଶ୍ରମିକ ନେତା (ସେ ଜଣେ ଓଡ଼ିଆ ଯୁବକ) ପୁଣି ସ୍ପଷ୍ଟ କହିଲେ, "ବଙ୍ଗାଳୀ କର୍ମଚାରୀମାନେ ଇଚ୍ଛାକରି ଏହି ଧର୍ମଘଟର ପ୍ରଶ୍ରୟ ଦେଉଚନ୍ତି । କାରଣ ସେମାନଙ୍କର ଗୂଢ଼ ଅଭିପ୍ରାୟ, ଶ୍ରମିକମାନେ ଧର୍ମଘଟକଲେ, ଅନ୍ୟ ଶ୍ରମିକଙ୍କୁ ସହଜରେ ବାହାର କରିଦେଇ ବଙ୍ଗଳୀ ବେକାର ଯୁବକଙ୍କୁ ସେଥିରେ ଭର୍ତ୍ତି କରିଦେବାକୁ ହେବ ।" ଏଥିର ପ୍ରତିକାର କ'ଣ ? ଓଡ଼ିଆମାନେ ପୁଣି ଧର୍ମଘଟରେ ଯୋଗ ନ ଦେଲେ ତାଙ୍କୁ ଭୀରୁ ବୋଲି ଲୋକେ କହିବେ । ଶ୍ରମିକମାନେ ଧର୍ମଘଟ କଲାବେଳେ ଓଡ଼ିଆ ଶ୍ରମିକ ହୋଇ ସେଥିରେ ଯୋଗ ବା ନ ଦେବେ କିପରି ! ଶ୍ରମିକ ସମସ୍ୟାର ତ ଓଡ଼ିଆ, ବଙ୍ଗାଳୀ ପଶ୍ଚିମା ନାହିଁ । ଏହା ଏକ ଜାତୀୟ କାର୍ଯ୍ୟ-ଇତ୍ୟାଦି ।"

ଓଡ଼ିଆ ଘରକୁ ଏବେ ଫେରିବେ କି ?

ଯାହା ହେଉ ଏସବୁ ଦୁର୍ଗତିର କଳ୍ପନା କରି ମଧ୍ୟ ନେତା ଓଡ଼ିଆ ଶ୍ରମିକଙ୍କୁ ମହାଭାରତୀୟ ଆନ୍ଦୋଳନର ମର୍ଯ୍ୟାଦା ରକ୍ଷା ନିମନ୍ତେ ଧର୍ମଘଟରେ ଯୋଗ ଦିଆଇବେ ବୋଲି ଏକ ପ୍ରକାର କୃତପ୍ରତିଜ୍ଞ । ଆମେ ମହାଭାରତୀୟ ଆନ୍ଦୋଳନର ବିରୋଧୀ ନୋହୁ; ଓଡ଼ିଆଙ୍କ ସ୍ୱାର୍ଥରକ୍ଷା ପାଇଁ ମଧ୍ୟ ବ୍ୟଗ୍ର । ଏ ଦୁଇଟିର ସମାଧାନ ଆମକୁ ଯାହା ଦେଖାଯାଉଚି, ସେଥିରେ ଶ୍ରମିକନେତାମାନେ ଏକମତ ହୋଇ ନ ପାରନ୍ତି; ମାତ୍ର ତାହା କହିଦେବା ଉଚିତ । ଓଡ଼ିଶାର ଶ୍ରମିକ ଏବେ ଭାରତର ଅନ୍ୟ ପ୍ରଦେଶରେ ଦାସତ୍ୱ କରନ୍ତି । ସେମାନେ ଯଥାର୍ଥ ଶ୍ରମିକ ନୁହନ୍ତିଁ । ଏହି ଦାସତ୍ୱରୁ ତାଙ୍କୁ ମୁକ୍ତି ଦେଇ ଘରକୁ ଘେନି ଆସିବା ଉଚିତ । ଆଚାର୍ଯ୍ୟ ପ୍ରଫୁଲ୍ଲଚନ୍ଦ୍ର ରାୟ ପ୍ରଭୃତି କହୁଛନ୍ତି, "ଓଡ଼ିଆମାନେ ବଂଗ ଦେଶରେ ପଶି ବହୁତ ଧନ ଲୁଟି ନେଉଛନ୍ତି ।" ଓଡ଼ିଆଙ୍କୁ ବଙ୍ଗ ଦେଶରୁ ବରାବର ତଡ଼ିଦେଇ ଓଡ଼ିଆ କରୁଥିବା କାର୍ଯ୍ୟରେ ବଙ୍ଗାଳୀ ଅକର୍ମାଙ୍କୁ ଲଗାଇବା ତାଙ୍କ ପ୍ରସ୍ତାବ । ଆମେ କହୁ ଓଡ଼ିଆ ବିଦେଶରେ ତଥା ବଙ୍ଗଦେଶରେ ଆଉ କୁଲି ନ ହୁଅନ୍ତୁ; ଓଡ଼ିଆ ବଂଗ ଦେଶରେ ଯେଉଁ କାର୍ଯ୍ୟ କରି ଧନ ଲୁଟି କରୁଛନ୍ତି, ବଙ୍ଗାଳୀ ଏ ଦେଶରେ ସେଇ କାର୍ଯ୍ୟ କରି ଧନ ଲୁଟି କରିବାର ଦିନ ଆସୁ-ଏହାହିଁ ଆମର ଏକାନ୍ତ କାମନା ।

ସେ ଦିନ ଆସି ନାହିଁ

କିନ୍ତୁ ସେ ଦିନ ତ ଆସି ନାହିଁ, ତାହା ଆସିବ ବା କିପରି ? ପୁଣି ଏବେ ଓଡ଼ିଆ ଶ୍ରମିକଙ୍କର ଉପାୟ ବା କଣ ? କାଲି ଯଦି ଲକ୍ଷ ଲକ୍ଷ ଓଡ଼ିଆଙ୍କୁ ଧର୍ମଘଟ ସୁବିଧାରେ ବିଦେଶରୁ ହଠାତ୍ ତଡ଼ି ଦିଅନ୍ତି, ତେବେ ଓଡ଼ିଶାରେ ସେମାନଙ୍କର କି ବ୍ୟବସ୍ଥା ହେବ ?

Digitized by PPRACHIN, SOA

ତେଣୁ ଆମେ ଇଚ୍ଛା କରୁ ବା ନ କରୁଁ, ପ୍ରାଦେଶିକ ଭାବ ଓ ତଦନୁସାରୀ କ୍ରିୟା ଯେ ଭାରତରେ ନଇବଢ଼ି ପରି ମାଡି ଆସୁଚି, ତାହା ରୋଧ କରିବାରେ ଓଡ଼ିଶାର କ୍ଷୀଣ ଶକ୍ତି କିଛି ନୁହେ। ଅନିବାର୍ଯ୍ୟ ପାଖେ ଆମକୁ ମୁଣ୍ଡ ନୁଆଁଇବାକୁ ହେବ। ଆମ ଶ୍ରମିକ ନେତାଙ୍କର ଏଇ ଧାରାରେ ଏବେ ଚିନ୍ତା ଚଳାଇବା ଛଡ଼ା ଗତି ନାହିଁ। ଅନ୍ୟଥା, ଶ୍ରମିକମାନେ ହଠାତ୍ ଫେରି ଆସିଲେ, ଓଡ଼ିଶା ଧ୍ୱଂସ ହେବ। ପୁଣି ଏପରି ଓଡ଼ିଶାକୁ ବଳି ଦେଇ ଯଦି ଭାରତ ଜାତୀୟତାରେ କିଛି ଯଥାର୍ଥ ସାହାଯ୍ୟ ହୁଅନ୍ତା, ତେବେ ହୁଏତ ତାହା କରା ଯାଆନ୍ତା; କିନ୍ତୁ ଏ କ୍ଷେତ୍ରରେ ସେ ଆଶା ବି ନାହିଁ।

ଓଡ଼ିଆ ଶ୍ରମକ ଭୀରୁ ନୁହନ୍ତି

ଆଜି ଓଡିଆଙ୍କୁ ଭୀରୁ କହିବେ ବୋଲି ଓଡିଆ ଶ୍ରମିକ ନେତାଙ୍କ କଥାରେ ଧର୍ମଘଟ ହୁଏତ କରିବେ; କିନ୍ତୁ ବାସ୍ତବିକ କଣ ଓଡ଼ିଆ ଶ୍ରମିକ ଭୀରୁ? ନେତାମାନଙ୍କର ଏ କଥା ବିଶେଷ ଭାବରେ ପର୍ଯ୍ୟାଲୋଚନା କରିବା ଉଚିତ। ୧୯୨୧ ଅସହଯୋଗ ବେଳେ ମହାଭାରତୀୟ ଭାବର ଉଦ୍‌ବେଳ ତରଙ୍ଗ ମଧ୍ୟରେ ପ୍ରାଦେଶିକ ସମସ୍ୟାର ସ୍ଥାନ ନ ଥିଲା। ସେତେବେଳେ ଓଡ଼ିଆ ଶ୍ରମିକହିଁ ଏକା କଲିକତାରେ ଜାତୀୟ ମର୍ଯ୍ୟାଦା ରଖିଥିଲେ। ସେ ବର୍ଷ ଯୁବରାଜ ଏ ଦେଶ ବୁଲି ଆସିଲା ବେଳେ ଯେଉଁ ହରତାଳ ହୋଇଥିଲା, ସେଥିରେ ଓଡ଼ିଆ ଶ୍ରମିକ ବେହେରା ପୂଜାରୀ ମାନେହିଁ ସମସ୍ତ କଲିକତାରେ ଶାନ୍ତିମୟ ଭାବରେ ସେ ହରତାଳକୁ ସଂପୂର୍ଣ୍ଣ ରୂପେ କୃତକାର୍ଯ୍ୟ କରାଇଥିଲେ। ସେତେବେଳର ଖବରକାଗଜ କାଢ଼ି ଦେଖିଲେ ଦେଖାଯିବ, ସେ ଦିନ ବୃତ୍ତିଛେଦ ଭୟ ନ ମାନି ମଧ୍ୟ ଓଡ଼ିଆ ସର୍ଦାର ବେହେରାମାନେ ନିଜର ଇଉରୋପୀୟ ମାଲିକଙ୍କ ଘରକୁ କାମ କରିବାକୁ ଯାଇ ନ ଥିଲେ। ତାହା ସମଗ୍ର ଜାତିର କାର୍ଯ୍ୟ, ଜାତୀୟ ଭାବର ଉଦ୍‌ବୋଧନରେ କରା ହୋଇଥିଲା। ଆଜି ଅବସ୍ଥା ତାହା ନୁହେଁ। ଓଡ଼ିଆଙ୍କର କୌଣସି ତ୍ୟାଗରେ ମଧ୍ୟ ପ୍ରତି ବେଶୀଙ୍କ ପ୍ରାଦେଶିକ କଠୋରତା ନରମ ହେବ ନାହିଁ। ଏତେବେଳେ ପାରିପାର୍ଶ୍ୱିକ ପରିସ୍ଥିତିରେ କ୍ରିୟା ନିୟମିତ କରି ନ ପାରିଲେ ବଡ଼ ଅଶ୍ରେୟ ହେବ।

ଓଡ଼ିଆ ଶ୍ରମିକ କିପରି ବିଦେଶରେ ରହିବେ?

ସେ ଯାହା ହେଉ, ଏଣିକି ଓଡ଼ିଆ ଯେ ବିଦେଶରେ ଅନାଦୃତ ହେବେ, ଏଥିରେ ସଂଦେହ ନାହିଁ। ସମସ୍ତେ ସବୁବେଳେ ହୁଏତ ତାଙ୍କୁ ତଡ଼ିବାକୁ ଚାହିଁ ବସିଥିବେ। ପୃଥିବୀର ତଥା ଭାରତର ଆର୍ଥିକ ପରିସ୍ଥିତି ଓ ଅକର୍ମାର ଅବସ୍ଥା ନ ବଦଳିବା ଯାଏ ଏହିପରି ଦୁର୍ଗତି ଓଡ଼ିଆଙ୍କର ହେବହିଁ ହେବ। ଓଡ଼ିଆ ବିଦେଶରେ ରହିଲେ ମଧ୍ୟ ଯେ କୌଣସି ମଜୁରିରେ ମୁଣ୍ଡ ଲୁଆଁଇବେ। ଏ ମଧ୍ୟ ଜାତିର ବିକାଶରେ ଅନୁକୂଳ ନୁହେଁ। ଏଥିରେ ଦରିଦ୍ର ଓଡ଼ିଆର ନୈତିକ ମେରୁଦଣ୍ଡ ଏକାବେଳେକେ ଭାଙ୍ଗି ଯିବ। ତେବେ ଚାରା କଣ? ଏହିଠାରେ

Digitized by PPRACHIN, SOA

ଦେଖିବାକୁ ହେବ ଓଡ଼ିଆ କିପରି ବିଦେଶରେ ଦରକାର ବୋଲି ବିବେଚିତ ହେବ। ଓଡ଼ିଆଙ୍କ କାରିଗର କଥା କୁହାଯାଇଛି। ସେହି କାରଗରିର ସମୟୋପଯୋଗୀ ବ୍ୟବହାର ଏବେ ଲୋଡ଼ା। ତାହା କିପରି ହୋଇପାରେ? ସାଧାରଣ ଶିଳ୍ପ ଓ କାରିଗରିରେ ଓଡ଼ିଆ ସ୍ୱଭାବତଃ ଶୀଘ୍ର ନିପୁଣ ହୁଅନ୍ତି। ରୋଷେଇ କାମ, ରାଜକାମ, ପାଣିକଳ କାମ, ବଢ଼େଇକାମ ପ୍ରଭୃତିରେ ଓଡ଼ିଆମାନେ ବଡ଼ ଶୀଘ୍ର ନିଜକୁ କୁଶଳ କରି ପାରନ୍ତି। ପୁଣି ଏସବୁ କାମରେ ଅନ୍ୟତ୍ର ସେତିକି ନିପୁଣ ଲୋକେ ଯେ ମଜୁରି ନେବେ, ଓଡ଼ିଆ ତହିଁରୁ କମ୍ ମଜୁରିରେ କାମ କରିବେ। ଚୀନାମାନେ ବିଦେଶୀ ବୋଲି ବଢ଼େଇ- କାମ ଓ ଯୋତା କାମରୁ ସେମାନଙ୍କୁ କେହି ଏପର୍ଯ୍ୟନ୍ତ ତଡ଼ି ପାରି ନାହିଁ। ସେହିପରି ଓଡ଼ିଆଙ୍କୁ ତଡ଼ିବା ହୁଏତ ସହଜ ହେବ ନାହିଁ। ମାତ୍ର ଏବେ ଓଡ଼ିଆ ଯେପରି ବ୍ୟକ୍ତିଗତ ନିପୁଣତାକୁ ସଂବଳ କରି କାମ ଖୋଜି ବୁଲୁଚନ୍ତି, ସେଥିରେ ଚଳିବ ନାହିଁ। ଏ ବିଜ୍ଞାପନ ଯୁଗରେ ଓଡ଼ିଆଙ୍କର ଏ ନିପୁଣତା ପ୍ରଚାରରେ ପ୍ରତିଷ୍ଠିତ କରିବାକୁ ହେବ। ଧର, କଲିକତା ପରି ସ୍ଥାନରେ ଏଥିପାଇଁ ଅନୁଷ୍ଠାନ ଫିଟାଇ ଶୃଂଖଳିତ ଭାବରେ ଓଡ଼ିଆଙ୍କର ଏହି ସବୁ ଶିଳ୍ପ ବିକାଶ କରିବାର ବାଟ କରିବାକୁ ହେବ। ଏହିପରି ଗୋଟିଏ ଅନୁଷ୍ଠାନ କରି ସେଥିରେ କାମ ଜାଣିଥିବା ଲୋକଙ୍କୁ ଆଗ ମେମ୍ବର କରି ନେବାକୁ ହେବ। ପରେ ସେମାନେ ନିଜ କାମରେ ଯେଉଁ ସହକାରୀ ବା ସାଧାରଣ ମୂଲିଆ ଲୋଡ଼ନ୍ତି, ଅନ୍ୟ ଓଡ଼ିଆଙ୍କୁ ସେହିପରି ମୂଲିଆ ଭାବରେ ଶିକ୍ଷାନବିସ୍ ରୂପେ ଯୋଡ଼ିଦେବାକୁ ହେବ। ପରେ ଏଠାରେ ଭଲ କରିଗର (କାମର ନାମ ଦେଇ) ମିଳନ୍ତି ବୋଲି ବିଜ୍ଞାପନ ଦେବାର ବ୍ୟବସ୍ଥା କରି ଯେ ଲୋଡ଼ିବ ତାକୁ ନିର୍ଦ୍ଦିଷ୍ଟ ମଜୁରୀରେ ଲୋକ ଯୋଗାଇବାକୁ ହେବ। କ୍ରମେ ଅନୁଷ୍ଠାନଟି ବଢ଼ିଲେ ତାର ଶାଖା ବିଭାଗମାନ ମନକୁ ଫିଟିଯିବ। ଓଡ଼ିଶାର ରାଜଧାନୀ କଟକରେ ମଧ୍ୟ ଏହିପରି ଗୋଟିଏ ଶିକ୍ଷାର ଅନୁଷ୍ଠାନ କରି ଦାୟିତ୍ୱଜ୍ଞାନବନ୍ତ ଶିଳ୍ପୀ ଓ ଶ୍ରମିକ ଦୂରସ୍ଥାନକୁ ଯୋଗାଇବାର ବ୍ୟବସ୍ଥା କରା ଯାଇପାରେ। କିଂତୁ ସେଥିପାଇଁ ବହୁ ବ୍ୟୟ ଅବଶ୍ୟକ। ତାହା ହୁଏତ ପରେ ହେବ। ଏବେ କଲିକତା ପରିଶ୍ରମିକ କେନ୍ଦ୍ରରେ ଏହା ଆରଂଭ କଲେ ଅର୍ଥବ୍ୟୟ ବିଶେଷ ଦରକାର ନାହିଁ। ଉତ୍କଳ ସମାଜ ପରି ଅନୁଷ୍ଠାନ ମଧ୍ୟ ଏହା ହାତରେ ନେଇ ପାରନ୍ତି। ସମାଜର ସଭାପତି ରାୟବାହାଦୁର ଭୂୟାଁ ଭାସ୍କରଚନ୍ଦ୍ର ମହାପାତ୍ର ଏଥିରେ ଦୃଷ୍ଟି ଦେଲେ ପୁଣି ଏହା ଆହୁରି ସହଜରେ ହୋଇପାରେ।

କଣ ଦରକାର

ମାତ୍ର ଏଥିପାଇଁ ଅର୍ଥର ଅଭାବ ନୁହେଁ, ଏଥିକି କର୍ମୀ ଦରକାର। ଏହି କାର୍ଯ୍ୟରେ ଅନନ୍ୟକର୍ମା ହୋଇ ଲାଗିବା ନିମନ୍ତେ କୌଣସି ସାମ୍ୟବାଦୀ ବା ଶ୍ରମିକ ନେତା ଯୁବକ ବା ଯୁବକମାନେ ପ୍ରତିଜ୍ଞା କରି ବାହାରିଲେ ବଡ଼ ଭଲ ହୁଅନ୍ତା। ସେମାନେ ଏହିପରି

Digitized by PPRACHIN, SOA

ବର୍ତ୍ତମାନ ଯଥାର୍ଥ ଶ୍ରମିକ ସମସ୍ୟାର ସମାଧାନରେ ଆତ୍ମ ନିୟୋଗ କଲେ, ଲୋକେ ଏ କାର୍ଯ୍ୟର ଗୁରୁତ୍ୱ ଓ ଏ କାର୍ଯ୍ୟରେ ତ୍ୟାଗ ବୁଝନ୍ତେ। ମାତ୍ର କୌଣସି ଦାୟିତ୍ୱଜ୍ଞାନ ପୂର୍ଣ୍ଣ ନିଷ୍ଠାପର ଜନସେବୀଙ୍କ ବିନାଏ କାର୍ଯ୍ୟର କଳ୍ପନା କାର୍ଯ୍ୟରେ ପରିଣତ ହେବ ନାହିଁ। ପୁଣି ସୂଚନା ଦିଆଯାଇଚି, କୌଣସି କ୍ଷେତ୍ରରେ ଓଡ଼ିଆଙ୍କର ଯଥାର୍ଥ ସମୂହ ଜାତୀୟତା ପ୍ରକାଶ ପାଇବାର ଦେଖା ଯାଉନାହିଁ। ଯେ କାରିଗର, ସେ ବିଚାରେ ଏକା ତା ନିଜ କଥା। ଆଉ ପାଞ୍ଚୋଟିଙ୍କୁ ସଙ୍ଗରେ ରଖିବାର ଜାତୀୟ ଉପଯୋଗିତା ସେ ବୁଝେ ନାହିଁ। ଏକା ଏହି କ୍ଷେତ୍ରରେ ନୁହେଁ, ଓଡିଶାର ସବୁ କ୍ଷେତ୍ରରେ ଏହି ନୀତି। ଏଥିରୁ ଜାତିକୁ ଅତି ଶୀଘ୍ର ଉଦ୍ଧାର କରିବାକୁ ହେବ। ସେଥିପାଇଁ ଜାତିରେ ଉଦାରଚେତା ଯଥାର୍ଥ ପରାର୍ଥପର ଯୁବକଙ୍କର ନିଷ୍ଠା ଓ ଶକ୍ତି ଦରକାର। ଦେଶର ଯୁବକମାନେ ଏଥିପାଇଁ ଶୀଘ୍ର ପ୍ରସ୍ତୁତ ହୁଅନ୍ତୁ। ଏକା ଆମେ ନିଜେ କଣ ହେଲୁ ବା ହେବୁ, ଏ କଥା ନ ଭାବି ଓଡ଼ିଆ ଭାରତରେ କଣ ହୋଇଚନ୍ତି ବା ହେବେ, ଏ କଥା ଭାବନ୍ତୁ। ଏହା ପ୍ରାଦେଶିକତାର ଭାଷା ପରି ଶୁଭିପାରେ, ମାତ୍ର ବୁଝିବା ଉଚିତ୍, ନିଜର ପ୍ରାଦେଶିକ ଉନ୍ନତି ଓ ପୁରୋଦୃଷ୍ଟି ନ ଫିଟିଲେ କେହି ଏ ଦେଶରେ ଭାରତ ମହାଜାତିର ବିଶେଷ ସେବା କରି ପାରିବେ ନାହିଁ। ଘରେ ଯାହାର ସ୍ଥାନ ନାହିଁ, ଅନ୍ୟତ୍ର ତାର ପ୍ରତିଷ୍ଠାର ଆଶା ବା କଳ୍ପନା ବୃଥା। ଏ ଦେଶରେ ପ୍ରଦେଶହିଁ ଏବେ ସ୍ପଷ୍ଟ ଓ ନିକଟତମ ସାଧନା କ୍ଷେତ୍ର। ଏ କ୍ଷେତ୍ରର ସାଧନାରେହିଁ ମହାସିଦ୍ଧି ସମ୍ଭବ: ନଚେତ୍ ଅନ୍ୟତ୍ର ପନ୍ଥା ନାହିଁ।

କଲିକତା ଉତ୍କଳ ସମାଜର କାର୍ଯ୍ୟ

କଲିକତା ଉତ୍କଳ ସମାଜ କଲିକତା ଓଡିଆ ଶ୍ରମିକମାନଙ୍କ ଅବସ୍ଥା, ପରିସ୍ଥିତି ଓ ଭବିଷ୍ୟତ ସବଂଧରେ ଚିନ୍ତା କରୁଛନ୍ତି। ସେମାନେ ଏହି ଶ୍ରମିକ ମାନଙ୍କ ପ୍ରତି କରାଯାଉଥିବା କେତେ ଅତ୍ୟାଚାର ଉପଦ୍ରବରେ ମଧ୍ୟ ଯଥାସାଧ୍ୟ ମନ ଦେବାରେ ଲାଗିଚନ୍ତି। ଏବେ ଗୋଟିଏ ଡାକ୍ତର ଘରେ ଜଣେ ଓଡିଆ ପାଚକର ଅପମୃତ୍ୟୁ ଘଟିଲା। ଅନୁସଂଧାନରେ ଜଣାଗଲା, ସେ ପାଚକଟିର ମୃତ୍ୟୁର ଏକ ହେତୁ, ପଟାସ୍ ସାଏନାଇଡ୍ ନାମକ ତୀବ୍ର ବିଷ ପ୍ରୟୋଗ। ଏହା ଛଡା ମୃତ୍ୟୁ ପୂର୍ବରୁ ତା ଉପରେ ମାଡର ଲକ୍ଷଣ ମଧ୍ୟ ଥିଲା। ସେଥିରେ ଉତ୍କଳ ସମାଜ ନ୍ୟାୟ ବିଚାର ଲାଗି ଯତ୍ନ କରୁଚନ୍ତି। ଏହିପରି ବ୍ୟକ୍ତିଗତ ଭାବରେ ଓଡିଶାର ବିଦେଶସ୍ଥ ଶ୍ରମିକମାନଙ୍କ ତତ୍ତ୍ୱ ନେବା ଅବଶ୍ୟ ସୁଖର କଥା। ବିଶେଷରେ ରାୟବାହାଦୂର ଭୂୟାଁ ଭାସ୍କରଚନ୍ଦ୍ର ମହାପାତ୍ର ଏହି ଉତ୍କଳ ସମାଜର ସଭାପତି ଥିବା ଯୁବକ କର୍ମୀମାନେ ଉତ୍ତରୋତ୍ତର ଉତ୍ସାହରେ ଓଡିଆଙ୍କ ଉନ୍ନତିରେ ଏହିପରି କ୍ରମେ ଲାଗିବେ ଯଶସ୍ୱୀ ହେବେ ବୋଲି ଆଶା କରାଯାଏ। କିନ୍ତୁ ସବୁବେଳେ ପାରିପାର୍ଶ୍ୱିକ ଅବସ୍ଥା ଓ ପରିସ୍ଥିତି ପ୍ରତି ଲକ୍ଷ୍ୟ ରଖି ସେଇ ଅନୁସାରେ ଶୃଙ୍ଖଳାବଦ୍ଧ କ୍ରିୟାରେ ବ୍ରତୀ ହେବା ଦରକାର।

Digitized by PPRACHIN, SOA

ତା ନ ହେଲେ ବହୁ ପ୍ରାରଂଭିକ ଶ୍ରମପଣ୍ଡ ହୋଇପାରେ। ଓଡିଆଙ୍କ ଭିତରେ, ଘରେ ବାହାରେ ସର୍ବତ୍ର, ଶୃଙ୍ଖଳାବଦ୍ଧ ନିଷ୍ଠାପର ଧାରାବାହିକ କାର୍ଯର ଏକାନ୍ତ ଅଭାବ-ଏହା ମଧ୍ୟ ମନେ ରଖି କାର୍ଯରେ ଲାଗିବା ଉଚିତ। ପରାର୍ଥେ ପ୍ରାଣ ଦେବାଭଳି ନୈଷ୍ଠିକ କର୍ମୀ ! କେତେ ଜଣ ମଧ୍ୟ ଏବେ ସବୁ ଅନୁଷ୍ଠାନରେ ଲୋଡା। ତାହାର ଅଭାବରୁ ବହୁ ସୁଚିନ୍ତିତ କଳ୍ପନା ମଧ୍ୟ କାର୍ଯରେ ଆତ୍ମପ୍ରକାଶ କରି ପାରୁ ନାହିଁ। ଅନେକଙ୍କର ସାଧୁ ଚିନ୍ତା ସଂହତ ଭାବରେ ଶୃଙ୍ଖଳା ଓ ପରଂପରାର ସହିତ ମନକୁ କାର୍ଯରେ ଫୁଟିବାର ପରିସ୍ଥିତି ଏ ଦେଶରେ, ବିଶେଷରେ ଓଡ଼ିଆଙ୍କ ଭିତରେ ଆସିନାହିଁ। ତେଣୁ ଏବେ ଅନୁଷ୍ଠାନର ମେଢ଼ି ରୂପେ କୌଣସି ନିଷ୍ଠାପର ଜନସେବୀ ବା ଜନସେବୀଙ୍କର ଅତିନ୍ଦ୍ରିତ ଶ୍ରମ ଲୋଡ଼ା।

ନବ ଭାରତ-୨/୮, ଆଲୋଚନା

ଶ୍ରମିକ ସମସ୍ୟା

ବର୍ତ୍ତମାନ ଯୁଗରେ ଶ୍ରମିକର ସମସ୍ୟାହିଁ ଏକପ୍ରକାର ସମସ୍ୟା। ଶ୍ରମିକ ଧନ ଅର୍ଜୁଚି, ମାତ୍ର ସେ ଧନ ସେ ସବୁ ପାଉ ନାହିଁ। ଯାହା ବା ପାଉଚି, ତାହା ନିଜର ବୋଲି ପାଉ ନାହିଁ, ଅନ୍ୟର ଚାକର ପରି ପାଉଚି। ମାତ୍ର ଏ ସବୁ ଠିକ୍ ନୁହେ। ଶ୍ରମିକ ଯେଉଁ ଧନ ଅର୍ଜୁଚି, ତା' ସେ ନିଜେ ନିଜର ବୋଲି ପାଇବ। ମାଲିକ ରହିବେ ନାହିଁ। ଶ୍ରମିକର ସଂଗ୍ରହ ବା ସରକାରହିଁ ମାଲିକ ହେବେ। ରକ୍ଷିତସ୍ୱାର୍ଥ ଓ ଅର୍ଜିବା ପାଇଁ ଯେଉଁ ସାମଗ୍ରୀ ଦରକାର ସେଥିରେ ବ୍ୟକ୍ତି ବା ଦଳଗତ- ସ୍ୱାର୍ଥଲୋପ ପାଇବ।

ଏ ଚିନ୍ତାକୁ କାର୍ଯ୍ୟରେ ପରିଣତ କରିବାରେ କିନ୍ତୁ ଏବେ ଦିଓଟି ଜାଗାରେ ଖଇଚା ରହିଯାଉଚି। ପ୍ରଥମ କଥା, ବୁଦ୍ଧି ଓ ଚିନ୍ତା ଲଗାଇ ଯେ ଶ୍ରମ କରେ, ସେ ମଧ ଶ୍ରମିକ। ଶୃଙ୍ଖଳାରେ ଶ୍ରମିକଙ୍କୁ ଚଳାଇ ଯେ ଅର୍ଜନର ବାଟ, ପରିମାଣ, ପ୍ରକୃତି ପ୍ରଭୃତି ଠିକ୍ ରଖେ ସେ ଶ୍ରମିକ-ସେ କେବଳ ଶ୍ରମିକ ନୁହେ, ସେ ମହାଶ୍ରମିକ। ମାତ୍ର ଶ୍ରମିକ ରାଜ୍ୟର ଏ ଭୀଷଣ ଚିତ୍ତବୃତ୍ତିର ଚିନ୍ତାଧାରାରେ, ତାର ଯଥାର୍ଥ ସ୍ଥାନ ଠିକ୍ ରହୁଛି ବୋଲି ମନେ ହେଉ ନାହିଁ। ପୁଣି ଦ୍ୱିତୀୟତଃ, ଶ୍ରମିକ ସଂଗ୍ରହରେ ଯେଉଁ ରାଜ୍ୟ ହେବ ସେଥିରେ ନେତୃତ୍ୱ କରି ଯେ ଚାଳନ କରିବେ, ତାଙ୍କର ନିର୍ଦ୍ଦିଷ୍ଟ ସ୍ଥାନ କେଉଁଠାରେ ? ସେ ଶ୍ରମିକ ନା ଚାଳକ ? ସେପରି ଚାଳକର ନିୟନ୍ତ୍ରଣଶକ୍ତି ଓ ଚାଳନା ସଙ୍ଗେ ଶ୍ରମିକର ଶାରୀର ଓ ମାନସକ୍ରିୟାର କି ସଂବଂଧ ? ଏ ସବୁ ମଧ ଠିକ୍ ହୋଇ ପାରୁ ନାହିଁ। କାରଣ ପ୍ରଥମଟିରୁ ଧନରେ ରକ୍ଷିତ ସ୍ୱାର୍ଥ ବାହାରିବା ଏକପ୍ରକାର ଅବଶ୍ୟମ୍ଭାବୀ। ପୁଣି ଦ୍ୱିତୀୟଟିରୁ ଯଥେଚ୍ଛାଚାରୀ ଶାସନର ଉଦ୍ଭବ।

ସେ ଯା ହେଉ, ରକ୍ଷିତ ସ୍ୱାର୍ଥ ଓ ଯଥେଚ୍ଛାଚାର ବିରୁଦ୍ଧରେ ପୃଥିବୀରେ ଏବେ ଯେଉଁ ଘୋର ପ୍ରତିକ୍ରିୟାର ବନ୍ୟା ଫୁଟିଛି, ସେଥିରେ ଦାର୍ଶନିକର ଏ ଦର୍ଶନ ହୁଏତ ସ୍ପଷ୍ଟ

Digitized by PPRACHIN, SOA

ନ ଫୁଟିବାର କଥା। ତାହା ଫୁଟୁ ନାହିଁ। ଏଣେ କାର୍ଯ୍ୟରେ ଆନ୍ତର୍ଜାତିକ ଶ୍ରମିକ ସମସ୍ୟା ସୀମାବଦ୍ଧ ହୋଇ ଏକ ଦିଗରେ ଜାତୀୟ ଶ୍ରମିକ ଓ ମାଲିକର ସମାଧାନ (Fascism) ଓ ଅନ୍ୟ ଦିଗରେ ଭୀଷଣ ଯଥେଚ୍ଛାଚାରୀ ବ୍ୟକ୍ତିର ରାଜତ୍ୱ (Dictatorshib) ଫୁଟି ଉଠୁଛି। ପୃଥିବୀର ନବ ମାନବ ସମସ୍ୟାର ସମାଧାନରେ ଏହି ଦୁଇଟିରୁ କେହି ଉଦ୍ଧାର ପାଉ ନାହାନ୍ତି। ଶ୍ରମିକ ମଜୁରୀ ବେଶି ପାଉଚି କି କମ୍ ପାଉଛି, ସେ ସ୍ୱତନ୍ତ୍ର କଥା। କିନ୍ତୁ ସେହି ଶ୍ରମିକ ନାମରେ ଆଜି ନେତୃତ୍ୱ ଚାତୁରୀ ପୃଥିବୀର ଆଖିକୁ ଝଲସାଇ ଦେଉଛି। ଆଜି ଯେ ନେତା କାଲି ସେ ଦୁରନ୍ତ ରକ୍ଷିତ ସ୍ୱାର୍ଥ। ଏ ଗୋଲକଧନ୍ଦାରୁ ବାଟ ଦେଖାଯାଉ ନାହିଁ। ତଥାପି ଏହା ଚାଲିଛ, ଏବେ ଚାଲିବ।

ଏ ଗଲା ପୃଥିବୀର ସମସ୍ୟା ଓ ତାହାର ସମାଧାନର କଳ୍ପନା। କିନ୍ତୁ ଖାଲି ପୃଥିବୀର ସମସ୍ୟା ଘେନି ବାବଦୂକ ହୋଇ ଗୋଲକଧନ୍ଦାରେ ପଶିଲେ, ସର୍ବତ୍ର ମାନବିକ କର୍ତ୍ତବ୍ୟ ଫୁଟିବ ନାହିଁ। ଯେଉଁ ଘଟଣାରାଶି ଓ ବେଷ୍ଟନି ଭିତରେ ଚିନ୍ତା ଚଳାଇ ସମାଜ ଗଠନ କରିବାକୁ ହେବ ସେଥିରେ ସମସ୍ତ ସମସ୍ୟାର ତନ୍ନ ତନ୍ନ ପରୀକ୍ଷା କରି ପ୍ରୟୋଗ କରିବା ଉଚିତ। ବିଶେଷରେ ଭାରତ ପରି ପରାଧୀନ ଦେଶରେ ପୃଥିବୀର ଶ୍ରମିକ ସମସ୍ୟା କି ରୀତିରେ ପରୀକ୍ଷା କରି ଫଳାଫଳ ବୁଝି ତାହାର ସମାଧାନ ଲୋଡ଼ିବାକୁ ହେବ ଏହା ବଡ଼ ଦୁରୂହ ବ୍ୟାପାର। ଏ ବ୍ୟାପାରର ଦୁରୂହତା ନ ବୁଝି ଅନେକ ଖଣ୍ଡିଉଡ଼ା ଦେଲା ଚଢ଼େଇ ପୃଥିବୀକୁ କ୍ଷୁଦ୍ର ମଣିଲା ପରି ବିଚାରିବାର ଦେଖାଯାଉଛି। ଏହା ସ୍ୱାଭାବିକ ହୋଇପାରେ, କିନ୍ତୁ ସ୍ପୃହଣୀୟ ନୁହେ।

ଭାରତର ଶ୍ରମିକ କଥା କହିଲାବେଳେ ଏବେ କଳକାରଖାନାର ଶ୍ରମିକ କଥା ଧରାଯାଉ। କଳକାରଖାନାର ଶ୍ରମିକମାନଙ୍କୁ ଧରି ଆପତ୍ତି ଓ ଜୁଲମଠାରୁ ଧର୍ମଘଟ ପର୍ଯ୍ୟନ୍ତ କରାଯାଉଛି। କାରଣ ପୃଥିବୀର ସମସ୍ୟା ହେଉଛି ଅର୍ଜନରେ ଶ୍ରମିକର ସର୍ବସ୍ୱତ୍ୱ। ପୃଥିବୀର କଳକାରଖାନା ସାମ୍ୟବାଦର ଏଇ ଏକମାତ୍ର ଦୃଷ୍ଟି ହେଲେହେଁ ଭାରତର ଅବସ୍ଥା ସଙ୍ଗେ ତାହାକୁ ମିଳାଇ କାର୍ଯରେ ପରିଣତ କରିବାରେ କି ଉଦ୍ୟମ ହେଉଛି ? ଭାରତରେ କଳକାରଖାନାର ଶ୍ରମିକ ଆଜି ଯାହା ପାଉଛି ତାହା ସବୁ ସେ ଅର୍ଜେ ନାହିଁ। ମାଲିକମାନେ ଯେତେଦିନ ଅଛନ୍ତି ଅର୍ଥାତ୍ ଯେତେଦିନଯାଏଁ ତାଙ୍କୁ ଉଠାଇଦେଇ ସରକାର କଳକାରଖାନର ସ୍ୱତ୍ୱ ଗ୍ରହଣ କରିନାହାନ୍ତି ସେତେଦିନଯାଏଁ ମୂଳଧନର ଯତ୍କିଞ୍ଚିତ୍ ହେଲେହେଁ ପ୍ରାପ୍ୟ ଅଛି। ସେ ପ୍ରାପ୍ୟ ଧନପତି କେତେ ପାଉଛି ନ ପାଉଛି ତାହାର ନିର୍ଦ୍ଦିଷ୍ଟ ହିସାବ କେହି ରଖୁ ନାହିଁ। କୌଣସିଠାରେ ଯଥାର୍ଥରେ ଶ୍ରମିକ ଅର୍ଜନ ଭାଗରୁ ଧନପତି ମାଲିକମାନେ ଭାରତରେ କିଛିମାତ୍ର ପାଉନାହାନ୍ତି। ଧନପତିର ଭାଗ, ପୁଣି ଶ୍ରମିକ ପାଉଥିବା ଧନର କେତେକ ଅଂଶ କାହୁଁ ଆସୁଛି ତାହା ଶ୍ରମିକ ନେତା ମାନଙ୍କର ଏ ଦେଶରେ ବିଚାର କରିବା ଉଚିତ।

Digitized by PPRACHIN, SOA

ଶିଳ୍ପ ସଂରକ୍ଷଣ (Protection) ବୋଲି ଏ ଦେଶର ସରକାର ଗୋଟାଏ ଭାଲୁ ଧରାଇଛନ୍ତି। ସେ କଥାର ଉଦ୍ଦେଶ୍ୟ ଓ ପରିସର ଯଥାଯଥ ଭାବରେ ବିଚାର କରି ଦେଖାଇବାର ଅବକାଶ ଏଠାରେ ନାହିଁ, ମାତ୍ର ଏ କଥା ସତ୍ୟ ଯେ ସବୁ ଶିଳ୍ପକୁ ରାଶି ରାଶି ଧନ ସାହାଯ୍ୟ ଦେଇ ବଞ୍ଚାଇ ରଖାଯାଉଛି। ସେ ସାହାଯ୍ୟର ପରିମାଣ କମାଇବା ଦରକାର ବୋଲି କହୁଁ କହୁଁ ; ସେଥିରେ ସ୍ୱାର୍ଥ ଥିବା ଲୋକେ ମାଡ଼ିବସୁଛନ୍ତି। ସରକାର ମଧ ନାନା କାରଣରୁ ଶିଳ୍ପ ସଂରକ୍ଷଣ ନୀତିର ଦ୍ୱାହି ଦେଇ ସାହାଯ୍ୟ କରୁଚନ୍ତି। ଫଳରେ ଏ ସମସ୍ତ ଧନ ଗରିବ ପ୍ରଜାର ସ୍ୱୋପାର୍ଜିତ ଧନରୁ ବଳାତ୍କାରରେ ଟଣାହୋଇ ଆସୁଛି। ଅତଏବ ସମସ୍ତ ଶିଳ୍ପର ଅର୍ଜନ ବୋଲି ଯାହା ଦେଖାପଡୁଛି ସେଥିରୁ ଗୋଟିଏ ବଡ଼ ଅଂଶ ଗରିବ ପ୍ରଜାଙ୍କର ବାଧ ଦାତବ୍ୟ।

ଏଥିରେ ଶ୍ରମିକମାନଙ୍କର ମଜୁରି ବଢ଼ାଇବା ଛଡ଼ା ଶ୍ରମିକ ନେତାଙ୍କ ଚିନ୍ତାରେ ଆଉ କିଛି ଥିବା ଦେଖାଯାଉ ନାହିଁ। ଧର୍ମଘଟ ବା ଅସନ୍ତୋଷରେ ଶିଳ୍ପଜାତ ଧନର କ୍ଷତି ହେଲେ କିମ୍ବା ମଜୁରିବଢ଼ିଲେ ସେ ଧନ ଦେଉଛି କିଏ ? ଦେଉଛି ଗରିବ ନିରନ୍ନ ପ୍ରଜା ସାଧାରଣ। ଇଚ୍ଛା କରି ସେ ତାହା ଦେଉନାହିଁ। ଦେଉଛି ବୋଲି ମଧ ସେ ଜାଣୁନାହିଁ। ବାଧ ହୋଇ ସେ ଦେଉଛି। ବୟସ ବା ରୋଗରେ ରକ୍ତ କ୍ରମେ ଶୁଖିଗଲା ପରି ତା'ଠାରୁ ସେ ଧନ ଯାଉଛି। ସେଥିରେ ତାର କ ଲାଭ ହେଉଛି କେତେ ଲାଭ ହେଉଛି। କେବେ ବା ହେବ ନେତାମାନେ ତାହାର ବିଚାର ବା କଳନା କରୁନାହାନ୍ତି। ଏ ଶ୍ରମିକ ସ୍ୱାଧୀନତାର ମନୋବୃତ୍ତିରେ ଦେଶ ବଢୁଛି କି ସଢୁଛି କେହି ଯଥାଯଥ ଭାବରେ ବୁଝାଇ କହିବେ କି ? ଯଦି ଜାତୀୟ ଧନ ଏଥିରେ ବଢୁଛି ବା କୌଣସି ନିର୍ଦ୍ଦିଷ୍ଟ କାରଣରୁ ବଢ଼ିବାର ଆଶା ଅଛି, ତେବେ ତାହା କରାଯାଉ। ଯଦି ତାହା ନ ହୋଇ ଏଥିରେ କେବଳ ଜାତୀୟ ଧନର କ୍ଷୀଣ ନିର୍ଝରଟି ଦିନକୁ ଦିନ ଶୁଖିଯାଉଛି ତେବେ ଚିନ୍ତା ଚତୁରତା ପ୍ରୟୋଗ କରି ଏହାର ମୂଳ ପ୍ରତିକାର ଲୋଡ଼ିବା ଉଚିତ।

ନବଭାରତ-୪/୬-୭, ଆଲୋଚନା

ଗ୍ରାମ ଶିଳ୍ପର ସାଧନା

ଗ୍ରାମର ଆୟବ୍ୟୟ

ଏଥି ପୂର୍ବରୁ କହିଥିଲୁ ଦେଶ ଗଠନର ମୂଳ ସୂତ୍ର ହେଉଛି ଗ୍ରାମର ଆୟ ବ୍ୟାୟଜାଣିବା। ସେହିଠାରେ ଦେଶର ଆର୍ଥିକ ପରିସ୍ଥିତିର ଯଥାର୍ଥ ମାପ କାଠି ରହିଛି। ଯେ କୌଣସି ଗ୍ରାମ ଦେଖ ସେଥିରେ ପ୍ରତିବର୍ଷ ଏପରି କି ପ୍ରତିଦିନ ଆୟଠାରୁ ବ୍ୟୟ ବଢ଼ି ଯାଉଛି। ବ୍ୟୟ ବରାବର ବଢ଼ିବାରେ ଚାଲିଛି। ଆୟ ବଢୁ ନାହିଁ। ଏହା ଗୋଟିଏ କଳ୍ପନା ନୁହେ। ହିସାବ କରି ଦେଖିଲେ ପ୍ରତ୍ୟେକ ପଲ୍ଲୀରେ ଏହା ପ୍ରମାଣିତ ହେବ। ସ୍ପଷ୍ଟ ପ୍ରମାଣ କରିବା ପାଇଁ କେତେକ ପଲ୍ଲୀରେ ହିସାବ ନେଇ ଏହା ଦେଖା ଯାଇପାରେ। ସବୁ

Digitized by PPRACHIN, SOA

ପଲ୍ଲୀରେ ଏ ହିସାବ ଦେଖିବା ନିମନ୍ତେ ମଧ୍ୟ ସରକାର ବ୍ୟବସ୍ଥା କରି ପାରନ୍ତି। ଗ୍ରାମରେ ଆଜି ସାଇକେଲଠାରୁ ଟର୍ଚ୍ଚ ଲାଇଟ ପର୍ଯ୍ୟନ୍ତ ଓ ଚାଷର ସରଞ୍ଜାମ ଠରୁ ଖେଳଣା ପର୍ଯ୍ୟନ୍ତ ସବୁ ଗ୍ରାମ ବାହାରରୁ ଆସିବାର ଆରମ୍ଭ ହୋଇଛି। ଗ୍ରାମବାସୀ ଆଜି ବହ୍ନିରେ ପତଙ୍ଗ ପଡ଼ିଲା ପରି ଦୂର ସହରରେ ଯାଇ ସିନେମା ଦେଖୁଛି। ସେଥିପାଇଁ ବେଳେବେଳେ ତାହାର ପରିବାରଙ୍କୁ ଉପବାସ ରହିବାକୁ ହେଉଛି।

ଏ ସବୁର ପ୍ରତିକାର

ହେଲେହେଁ ଏ ଯୁଗରେ ବଣର ଋଷିବୃତ୍ତି ଧରି ଧରି ଏସବୁ ବନ୍ଦ କରିବାର ଉଦ୍ୟମ ସଫଳ ହେବ ନାହିଁ। ପ୍ରଗତିର ପ୍ରସାରରେ ହୁଏତ ଠିକ୍ ମଧ୍ୟ ହେବ ନାହିଁ। ତେବେ କର୍ତ୍ତବ୍ୟ କଅଣ ? ଏହାର ପ୍ରତିକାର କିପରି ହେବ ? ଏହାର ପ୍ରତିକାର ନ ହେଲେ ଦେଶର ଆର୍ଥିକ ପରିସ୍ଥିତି କ୍ରମେ କ୍ରମେ ଜୀର୍ଣ୍ଣ ହୋଇ ପରିଣାମରେ ଦେଶ ଯେ ଏକାବେଳେ ଧ୍ୱଂସରେ ପଡ଼ିଯିବ ଏହା ବୁଝାଇବା ଦରକାର ନାହିଁ। ଏ ଧ୍ୱଂସରୁ ଦେଶକୁ ରକ୍ଷା କରି ନ ପାରିଲେ ରାଜନୀତି ବୋଲ, ଶାସନ ବୋଲ, ଶିକ୍ଷାବୋଲ, ସଭ୍ୟତା ବୋଲ-ଏ କୌଣସି କଥାର ଏ ଦେଶ ପକ୍ଷରେ ଅର୍ଥ ନାହିଁ। ଏଥିପାଇଁ ଗ୍ରାମର ଆୟ ବଢ଼ାଇବା ଦରକାର। ପ୍ରତ୍ୟେକ ଗ୍ରାମର ଆୟ କିପରି ବେଶି ନ ହେଉ ପଛକେ ବ୍ୟୟ ସଙ୍ଗେ ସମାନ ହେବ ତାହା ଦେଖିବା ଦରକାର। ଏ ଆୟ କୃଷିର ଉନ୍ନତିରେ ହୋଇପାରେ, ବାହାରେ ଚାକିରୀ କରି ଧନ ଅର୍ଜିବାରେ ହୋଇପାରେ, ଶିଳ୍ପର ଶ୍ରୀବୃଦ୍ଧିରେ ହୋଇପାରେ, କିମ୍ବା କରଜଦ୍ୱାରା ହୋଇପାରେ। କରଜଦ୍ୱାରା ଆୟ ବଢ଼ିବା-ବଢ଼ିବା ନୁହେ, ଏହା ଶରୀରରେ ରୋଗ ବଢ଼ିବା ସଙ୍ଗେ ସମାନ। ବାହାରରେ ଚାକିରୀ କରିବା ଯଥାର୍ଥ ଗ୍ରାମର ଧନବୃଦ୍ଧିର ପନ୍ଥା ନୁହେ। ଏଥିରେ ଯଥାର୍ଥରେ ମାନବର ପ୍ରତିଭା ବଳରେ ପ୍ରକୃତିର ସାମଗ୍ରୀ ଧନରେ ପରିଣତ ହୁଏ ନାହିଁ କୃଷିରେ ତାହା ହେଲେ ମଧ୍ୟ କୃଷିର ଆୟ ପରିସର ନାନା କାରଣରୁ ଏ ଦେଶରେ ଏବେ ଅତ୍ୟନ୍ତ ସୀମାବଦ୍ଧ। ପୃଥିବୀର ଶିଳ୍ପ ଲବ୍‌ଧ ସାମଗ୍ରୀ କିଣିବାକୁ ଭାରତର ଗ୍ରାମ କୃଷକ କୃଷିମାତ୍ରରେ ଧନ ଅଣ୍ଟାଇ ପାରିବ ନାହିଁ। ଶିଳ୍ପ ବଢ଼ାଇବା ତେଣୁ ଏ କ୍ଷେତ୍ରରେ ଏକମାତ୍ର ପନ୍ଥା।

ଶିଳ୍ପ କିପରି ବଢ଼ାଇବାକୁ ହେବ ?

ଗ୍ରାମ ସଂଗଠନର ଉଦ୍ୟମ ନ କଲେ ଶୃଙ୍ଖଳିତ ଭାବରେ ଏ ଦେଶରେ ଶିଳ୍ପ ବଢ଼ିବ ନାହିଁ। ସରକାର ଏଥିପ୍ରତି ଅତି ଶୀଘ୍ର ପ୍ରଣିଧାନ ଦିଅନ୍ତୁ। ପୁଣି ଲୋକେ ଯେଉଁ ଜିନିଷ ସବୁ ବ୍ୟବହାର କରୁଛନ୍ତି, ଶିଳ୍ପ ସାଧନାରେ ସେହି ଜିନିଷ ସବୁ ଯଥାସମ୍ଭବ ତିଆରି କରିବାର ଉଦ୍ୟମ କରିବାକୁ ହେବ। ଟର୍ଚ୍ଚ ଲାଇଟ ପ୍ରଥମେ ଆମେରିକାରୁ

Digitized by PPRACHIN, SOA

ବାହାରିଥିଲା । ତା ପରେ ଜର୍ମାନୀ ତାହା କଲା । ପୂର୍ବ ଦେଶରେ ତାହାର ବିକ୍ରୀ ବଜାର ବଢ଼ିଲା । ସଙ୍ଗେ ସଙ୍ଗେ ଜାପାନ ତଥା ଚୀନ ଗ୍ରାମ ଶିଳ୍ପରେ ସେହି ଜିନିଷ ତିଆରି କଲେ । ତିଆରି କରି ନିଜେ ବ୍ୟବହାର କଲେ । ସେତିକି ନୁହେଁ ଅଳ୍ପ ସମୟ ମଧ୍ୟରେ ଭାରତର ବିସ୍ତୀର୍ଣ୍ଣ ବିପଣିରେ ତାହା ଅତି ଅଳ୍ପ ମୂଲ୍ୟରେ ବହୁ ସଂଖ୍ୟାରେ ଆଣି ପକାଇ ଦେଲେ । ଏହାକୁ କହନ୍ତି ଜାତିର ଶିଳ୍ପ-ସାଧନା ।

ଶିଳ୍ପସାଧନାର ପ୍ରଣାଳୀ

ଏ ଶିଳ୍ପ ସାଧନା ମୂଳରେ ଗୋଟିଏ ତତ୍ତ୍ୱ ଦେଖିବାକୁ ହେବ । ଜାତି ନିଜେ ନିଜକୁ ରକ୍ଷା କରିବା ପାଇଁ ଏ କାର୍ଯ୍ୟ କରୁଛି ବୋଲି ବୁଝିବା ଦରକାର । ସେଥିପାଇଁ ସୁଚିନ୍ତିତ ଆଇନ ବଳରେ ଗ୍ରାମବାସୀକୁ ସ୍ୱାଧୀନ କରି ଦେବାକୁ ହେବ । ତାହାର ପୁଲିସ, ତାହାର କର୍ମଚାରୀ, ତାହାର ଆୟ ବ୍ୟୟ, ତାହର କୃଷି, ତାହାର ଶିକ୍ଷା, ତାହାର ସ୍ୱାସ୍ଥ୍ୟ-ସବୁ ସେ ନିଜର ବୋଲି ବୁଝିବ ଓ ସେହି ଦୃଷ୍ଟିରେ କାର୍ଯ୍ୟ କରିବାକୁ ଶିଖିବ । ନିଜର ଅବଶ୍ୟକ ମତେ ଟିକସ ଦେବାପାଇଁ ସେ ପ୍ରସ୍ତୁତ ହେବ । ଏହାର ସାଧନା ଏକ ଗୁରୁ ସମସ୍ୟା । କିନ୍ତୁ କଂଗ୍ରେସ ସରକାରଙ୍କୁ ଅତିଶୀଘ୍ର ଏ ସମସ୍ୟାର ସମାଧାନ କରିବାକୁ ହେବ । ସ୍ୱାଧୀନ ସଂଗଠିତ ଗ୍ରାମ ବା ସଂହତ ଗ୍ରାମପଂକ୍ତି ନିଜର ଆୟ ବ୍ୟୟ ହିସାବ ଦେଖିବା ଭଳି ବ୍ୟବସ୍ଥା କରିବାକୁ ହେବ । ଜ୍ଞାନ ନ ଆସିଲେ ଦୃଷ୍ଟି ଫିଟେ ନାହିଁ । ତେଣୁ ଏ ଜ୍ଞାନଟି ଆଦୌ ଦରକାର । ତା ପରେ ଭିନ୍ନ ଭିନ୍ନ ସଂଗଠିତ ଗ୍ରାମ ବା ଗ୍ରାମପଂକ୍ତି ମଧ୍ୟରେ ପ୍ରତିଯୋଗିତାର ଭାବ ଜନ୍ମାଇବାକୁ ହେବ । ସେଥିରେ କିଏ କେତେ ଆୟ ବଢ଼ାଇଲା ବା ବ୍ୟୟ କମାଇଲା ତାହାର ହିସାବ ରଖିବାକୁ ହେବ । ଏ ସବୁ କିନ୍ତୁ ଖାଲି ଆଇନ ବଳରେ ହେବ ନାହିଁ । ଏଥିପାଇଁ ମନ୍ତ୍ରୀଙ୍କର ବଳିଷ୍ଠ ଚିନ୍ତା ଓ ପୁଷ୍କଳ ପୁରୋଦୃଷ୍ଟି ଶାସନ କାର୍ଯ୍ୟରେ ଲାଗିବା ଦରକାର । ତାହା ନ କରି ଖାଲି ଗତାନୁଗତିକ ରୀତିରେ ଶାସନ ଚଳାଇବା ପାଇଁ କଂଗ୍ରେସ ସରକାର ହୋଇ ନାହିଁ-ଏହା ମନେ ରଖିବାର ଅଛି ।

ନବ ଭାରତ-୪/୬-୭, ଆଲୋଚନା

ଶ୍ରମିକ ଆନ୍ଦୋଳନ

କଳକାରଖାନାର ଶ୍ରମିକମାନଙ୍କ ମଧ୍ୟରେ ଯେ ଆନ୍ଦୋଳନ ଲାଗିଚି, ତା'ର ପ୍ରଧାନ ଉପେୟ ମଜୁରି ବଢ଼ାଇବା । ଶ୍ରମିକର ମଜୁରୀ ବେଶୀ ହେବାରେ ଦେଶର ପରମ ମଙ୍ଗଳ, ଏଥିରେ କାହାରି କିଛି ଆପତ୍ତି କରିବାର ନାହିଁ । କିନ୍ତୁ ଦେଶର ପରିସ୍ଥିତି ଉପରେ ସବୁ ଉପେୟ ପରି ଏ ଉପେୟ ମଧ୍ୟ ପ୍ରତିଷ୍ଠିତ ହେବା ଉଚିତ । ତାହା ନ ହେଲେ ଦାୟିତ୍ୱହୀନ

Digitized by PPRACHIN, SOA

ଆଂଶିକ ବିକାଶରେ ସମୂହ ପରିସ୍ଥିତିରେ ଯେ ଆଘାତ ହେବ, ତା ସମ୍ଭାଳିବା ସହଜ ହେବ ନାହିଁ।

ପ୍ରଥମ କଥା, କଳକାରଖାନାରେ ଏହପିରି ଶ୍ରମିକମାନଙ୍କର ମଜୁରୀ ବରାବର ବଢ଼ି ଚାଲିଲେ, ଏ ଟଙ୍କା କିଏ ଦବ ? ପୁଣି ଯେ ଦବ, ସେଥିରେ ଦେଶର ଧନ ବଢ଼ିବ ନା ଅନ୍ୟ କିଛି ସୁବିଧା ଅସୁବିଧା ହେବ ? ଏ ବିଷୟରେ ଆମେ ପୂର୍ବେ ଆଲୋଚନା କରିଚୁ। ଆମେ କହିଥିଲୁ, ଏ ଦେଶର ସବୁ କଳ ଓ ବହୁ ହାତ ଶିଳ୍ପ ମଧ୍ୟ ଏବେ ଲୋକେ ଟିକସ ଦେଇ ରଖିଚନ୍ତି। ଶ୍ରମିକର ରୋଜଗାର ଶ୍ରମିକ ନେଲେ ଭଲ ହୁଅନ୍ତା, ମାତ୍ର ଏ ଦେଶରେ କୌଣସି ଶିଳ୍ପରେ ଶ୍ରମିକର ରୋଜଗାର ନାହିଁ। ମାଲିକର ମୂଳଧନ ଓ ଶ୍ରମିକର ଶ୍ରମ ମିଶି ଏ ଦେଶର ଶିଳ୍ପ ବିଦେଶ ସଙ୍ଗେ ପ୍ରତିଯୋଗିତାରେ ମାଲ ବିକି ପାରୁନାହାନ୍ତି, ସେଥିପାଇଁ ଲୋକେ ବିସ୍ତର ଟିକସ ଦେଇ ଏହି ମାଲ୍ ବିକ୍ରିର ବ୍ୟବସ୍ଥା କରୁଛନ୍ତି। ଦୁଇବର୍ଷ ତଳେ ଭାରତ ସରକାର ହିସାବ ଦେଇଥିଲେ, କେବଳ ଲୁଗା ଓ ଚିନିରେ ଏ ଦେଶ ଲୋକେ ବର୍ଷକୁ ୩୪ କୋଟି ଟଙ୍କା ଟିକସ ଦିଅନ୍ତି। ସେ ପରିମାଣ ଏବେ ଟିକିଏ ବଢ଼ିଚି ସିନା, କମି ନାହିଁ।

ଦେଶରେ ଶିଳ୍ପ ବଢ଼ାଇବା ପାଇଁ ଲୋକଙ୍କୁ ବାଧ୍ୟ କରି ସରକାର ଏ ଟଙ୍କା ଦିଆଉଚନ୍ତି। ଇଂରେଜ ସରକାର ପୁଣି ଇଚ୍ଛା କରି ଏହା କରୁନାହାନ୍ତି। ଦେଶ ଲୋକେ ବହୁ ଆପତ୍ତି କରିବା ଫଳରେ ସରକାର ଏହା କରିଚନ୍ତି। ଏହା କରିବାର ଅର୍ଥ ହେଉଚି, କିଛିଦିନ ଲୋକେ ଏହିପରି ଟଙ୍କା ଦେଇ ଶିଳ୍ପ ରଖିଲେ, ଶିଳ୍ପଗୁଡ଼ିକ କ୍ରମେ ପୃଥିବୀର ପ୍ରତିଯୋଗିତାରେ ନିଜେ ଠିଆ ହୋଇଯିବେ। ସେତେବେଳେ ଆଉ ଲୋକେ ଦେବେ ନାହିଁ, ମାତ୍ର ଦେଶର ଧନ ବୃଦ୍ଧି ହେତୁ ଲୋକେ ସେହି ଧନର ସୁବିଧା ପାଇବେ। ମଜୁରିଆ ବେଶୀ ମଜୁରି ପାଇବେ, ଲୋକେ ଶସ୍ତାରେ ମାଲ ପାଇବେ ଓ ଭଲ ଦାମ୍ ପାଇ ତୁଳା ଆଖୁ ଧାନ ଗହମ ପ୍ରଭୃତି ବିକିବେ, ସରକାର ମଧ୍ୟ ବେଶୀ କର ପାଇବେ। ଏହିପରି ଦେଶ କ୍ରମେ ନାନା ଦିଗରେ ହସିଉଠିବ। ଏହି ଅବସ୍ଥା ଆଣିବା ପାଇଁ ଲୋକଙ୍କୁ ଏବେ ଟିକସ ରୂପରେ ମୂଳଧନ ଦେବାକୁ ହେଉଛି, ଭବିଷ୍ୟତରେ ଲାଭ ପାଇଁ।

ହେଲେ ହେଁ ଶ୍ରମିକ କିଛି ମରିକରି କାମ କରିବେ ନାହିଁ। ଏହି ଟିକସ ହିସାବ କଲାବେଳେ ଶ୍ରମିକଙ୍କର ଅବସ୍ଥା ଦୃଷ୍ଟିରେ ମଧ୍ୟ ଠିକ୍ ମଜୁରି ଧରି ଦିଆଯାଇଥାଏ। ସେହି ମଜୁରି କମ୍ ହୋଇପାରେ। କିନ୍ତୁ ତାକୁ ଅଯଥା ବଢ଼ାଇବା ମାନସରେ ନିତି ଧର୍ମଘଟ ପନ୍ଥା ଧଇଲେ ଫଳ କ'ଣ ହେବ ତା ଭାବିବା ଉଚିତ।

Digitized by PPRACHIN, SOA

ଆଜି ପୁଣି ଏଇ ଶ୍ରମିକ ସମସ୍ୟାର ସମାଧାନ ପ୍ରାଦେଶିକ ସରକାରଙ୍କ ହାତରେ। ଭୋଟ ପାଇବା ଓ ଭୋଟରଙ୍କ ମନ ରଖିବା ପାଇଁ ଏ ନୂଆ ପ୍ରାଦେଶିକ ସରକାରମାନେ ଶ୍ରମିକର ପକ୍ଷ। ଶ୍ରମିକର ଆପତ୍ତି ଶୁଣୁ ଶୁଣୁ ଏମାନେ ସବୁ କଥାରେ ଏକତରଫା ରାୟ ଦେଉଚନ୍ତି, ମାଲିକମାନେ ନିଶ୍ଚୟ ଲୋଭୀ ଓ ବଦମାସ; ସେମାନେ ଲାଭ ମାରି ନଉଚନ୍ତି; ଶ୍ରମିକଙ୍କୁ ଖୁବ୍ ଦିଆଯାଉ- ତାଙ୍କୁ ଭଲ ଘର ଦିଆଯାଉ, ବିଜୁଳିବତୀ ଓ ପଙ୍ଖା ଦିଆଯାଉ, ତାଙ୍କ ପିଲାଙ୍କୁ ବିନା ଖର୍ଚ୍ଚରେ ପଢ଼ାଇବା ପାଇଁ ଦିଆଯାଉ, ତାଙ୍କୁ ସିନେମା ଦିଆଯାଉ ଇତ୍ୟାଦି। ପୃଥିବୀର ପ୍ରତିଷ୍ଠିତ ଶିଳ୍ପଜୀବୀ ଦେଶର ସବୁ ଉପେୟ ଏକାବେଳକେ ଭାରତ ଶ୍ରମିକର ଏକାନ୍ତ ପ୍ରାପ୍ୟ ବୋଲି ଧରି ନିଆଯାଉଚି।

ଶିଳ୍ପର ଶ୍ରମିକମାନେ ପୁଣି ଦେଶର ପରିସ୍ଥିତି କଳ୍ପନା ସଙ୍ଗେ କେବେ ବିଚାର କରାଯାଉ ନାହାନ୍ତି। ଅବଶ୍ୟ ଗ୍ରାମ ଓ ସହରର ଖର୍ଚ୍ଚର ପରିମାଣ ଏକ ନୁହେଁ। ମାତ୍ର ଏ ଦେଶରେ ଗ୍ରାମର ମଜୁରି ଓ କଳକାରଖାନା ଶ୍ରମିକର ମଜୁରିରେ ପ୍ରଭେଦ ଠିକ୍ ଗ୍ରାମ ସହର ପରିସ୍ଥିତିର ଭେଦକୁ ଢେର ଟପି ଗଲାଣି। ଏହା ମଧ୍ୟ କେହି ବୁଝୁ ନାହାନ୍ତି। ଦେଶର ସମ୍ପଦ ବଢ଼ିବା ସଙ୍ଗେ ଶ୍ରମିକର ମଜୁରି ବଢ଼ିବାର କିଛି ସମ୍ପର୍କ ରହୁ ନାହିଁ।

ପ୍ରଦେଶମାନଙ୍କର ବି ଶିଳ୍ପ ରକ୍ଷାର ଟିକସ ସଙ୍ଗେ କିଛି ସମ୍ପର୍କ ନାହିଁ। ତାହା ବସାନ୍ତି ଓ ଆଦାୟ କରନ୍ତି ଭାରତ ସରକାର। ଏଥିରେ ପ୍ରଦେଶ ଯେବେ, ଖାଲି ମଜୁରି ଦୃଷ୍ଟିରେ ଆଇନ୍ କରି ଯାନ୍ତି, ତେବେ କିଏ ବା ତାଙ୍କୁ ବାଧା ଦେବ ? ପୁଣି ପ୍ରଦେଶ ଭିତରେ ବି ଏ ବିଷୟରେ କୌଣସି ସାମଞ୍ଜସ୍ୟ ରହୁ ନାହିଁ। ସେଦିନ ବମ୍ବେ ସରକାର ଯେଉଁ ଶ୍ରମିକ ମଜୁରି ରିପୋର୍ଟ ବିଚାର କରି ଆଇନ କରିବାକୁ ବାହାରିଚନ୍ତି, ବେରାରର ତା ସଙ୍ଗେ କିଛି ଇଲାକା ନାହିଁ; ଅନ୍ୟାନ୍ୟ ପ୍ରଦେଶ ତ ଦୂରର କଥା। ଓଡ଼ିଶାରେ ମଧ୍ୟ ଶିଳ୍ପ ବା କାରଖାନା ଭଳି କିଛି ଆଖଦୃଶିଆ ନ ଥିଲେ ମଧ୍ୟ, ଓଡ଼ିଶାର ଶ୍ରମିକ ସଦସ୍ୟ ଆଇନ୍ ପ୍ରସ୍ତାବ କଲେଣି, ମାସିକ ୨୦ ଟଙ୍କାରୁ କୌଣସି ଶ୍ରମିକ ଊଣା ପାଇବେ ନାହିଁ। ଶ୍ରମିକମାନେ ଏଥିରେ ଗଦ୍‌ଗଦ୍। କିନ୍ତୁ ଏକପାଖେ ଖଡ଼ଗପୁର, ଆରପାଖେ ଇଛାପୁର, ପୁଣି ପାଖେ ପାଖେ ଗଡ଼ଜାତ- ଏ ସମସ୍ତେ ଓଡ଼ିଶା ଆଇନ ମାନିବେ କି ? ଏଇ ଟିକକ ବିଚାର ସୁଦ୍ଧା ପ୍ରଥମରୁ କରାଯାଉ ନାହିଁ ବା ଦେଖାଯାଉ ନାହିଁ।

ଅପ୍ରେଲ ଦୁଇ ତାରିଖରେ ଦିଲ୍ଲୀରେ ମାଲିକମାନଙ୍କର ଗୋଟିଏ ସମ୍ମିଳନୀରେ ଏ ବିଷୟରେ ଏବେ ବଡ଼ ଚିନ୍ତା ପଡ଼ିଯାଇଥିଲା। ଶ୍ରୀଯୁକ୍ତ ଘନଶ୍ୟାମ ଦାସ ବିରଳା ଏହି

Digitized by PPRACHIN, SOA

ସମ୍ମିଳନୀର ସଭାପତି ହୋଇଥିଲେ। ଅବଶ୍ୟ ମାଲିକ ଓ ବିରଳା ନାମ ଶୁଣିଲା ମାତ୍ରକେ ଏକତରଫା ରାୟ ଯାହା ବାହାରି ପଡ଼ିବ, ତା ଆମେ ଜାଣୁ। ଦାୟିତ୍ୱ ହୀନ, ଭାଙ୍ଗିବାର ଉନ୍ମାଦକ ଉଦ୍‌ବୋଧନ ବେଳେ ଯାହା ଯୁକ୍ତି ଥିଲା, ଏବେ ତା' ରହିବାର ବେଳ ନୁହେଁ। ମାଲିକମାନେ ଏତେଦିନ ଧରି ଏ ଦେଶର ଶିଳ୍ପ ବିଭବ ବଢ଼ାଇ ଆସିଛନ୍ତି - ବିଦେଶର ଧନସ୍ରୋତ ବନ୍ଦ କରିବା ପାଇଁ ପୁଣି ଅନେକେ ଏହା କରିଚନ୍ତି। ସେମାନଙ୍କ କଥା ଅନ୍ତତଃ ଶୁଣି ବିଚାର କରିସାରି ରାୟ ବାହାର କରିବାର ଦିନ ଆସିଚି ବୋଲି ମନେ ହୁଏ। ସେମାନେ ପୁଣି ଦେଶମାତୃକାର ମଙ୍ଗଳ ଉଦ୍ଦେଶ୍ୟରେ ବିଚ୍ ଦାଣ୍ଡରେ ଯୁକ୍ତିମାନ ବାଢ଼ୁଛନ୍ତି। ଏକତରଫା ନାକଟେକାରେ ସେ ସବୁ ଫୁଟୁକି ମାରି ଉଡ଼ାଇ ଦେଲେ, ହୁଏତ ଭବିଷ୍ୟତରେ ନିଷ୍ଫଳ ପଶ୍ଚାତ୍ତାପ କରିବାକୁ ପଡ଼ିପାରେ। ଯୁକ୍ତିର ଆଲୋଚନା କରି ଅନ୍ତତଃ ତା'ର ଅସାରତା ହେଲେ ଦେଖାଇଦେବା ଉଚିତ। ସେସବୁ ଯୁକ୍ତି ସତ୍ତ୍ୱେ ଶ୍ରମିକଙ୍କର ତଥା ଦେଶର କେଉଁବାଟେ କିପରି ମଙ୍ଗଳ ହେବ, ତା ଜଣାଇ ଦେବାହିଁ ବିଧି। ନଚେତ୍ ଖାଲି ଦାୟିତ୍ୱହୀନ ଉଦ୍‌ବୋଧନ ଦେଇ ଶ୍ରମିକ ତଥା ଲୋକଙ୍କୁ ମୁକ୍ତିର ଆଲୋକ ନାମରେ ନରକର କରାଳ ବହ୍ନିକୁ ଆଣିବା ମଧ୍ୟ ହୋଇପାରେ।

ବିରଳା ଯାହା କହିଚନ୍ତି ତା'ର ସାରତକ ଗୋଟି ଗୋଟି କରି ଦିଆଗଲା -

ବଢ଼ା ଦରରେ ଯେଉଁ ମଜୁରି ଦିଆଯିବ, ତା ଫଳରେ ଦେବ କିଏ ?

ଦେବ- ୧ । ନିଜେ ଶ୍ରମିକ। କାରଣ, କ୍ରମେ ମାଲିକମାନେ ଶ୍ରମିକ କମ୍ ଲଗାଇ କାମ କରିବାକୁ ମୂଲମାନ ଆଣିବେ।

ଅନ୍ୟ ଦେଶ ଦେଶମାନଙ୍କରେ ତାହାହିଁ ହୁଏ। କେବଳ ଲୁଗା କଳରେ ଏ ଦେଶରେ ୨୦୦ ତାକୁଡ଼ି ଓ ୨ଟି ତନ୍ତରେ ଜଣେ କାମ କରେ। ମାତ୍ର ଇଂଲଣ୍ଡରେ ଜଣେ ବାଳିକା ୧୦୦୦ ତାକୁଡ଼ି ଓ ୬ଟି ତନ୍ତର କାମ ଚଳାଏ। କୌଣସି କୌଣସି ଦେଶରେ ଜଣେ ଲୋକ ୪୦ଟି ତନ୍ତ ଚଳାଏ। ଭାରତରେ ମଜୁରି ଶସ୍ତା ଥିବାରୁ ସେସବୁ କଳ ଅଣାଯାଏ ନାହିଁ। ମାତ୍ର ମଜୁରି ବଢ଼ିଗଲେ ବିଦେଶରୁ କୋଟି କୋଟି ଟଙ୍କାର କଳ କିଣା ହେବ ଓ ପୁଣି ବହୁଲୋକ କାମ ନ ପାଇ ବେକାର ହେବେ।

୨) ମାଲ କିଣିବା ଲୋକ- ମଜୁରିରେ ଦାମ ବଢ଼ିଯିବ ଓ ଲୋକେ ବେଶି ମୂଲ୍ୟରେ କିଣିବେ।

Digitized by PPRACHIN, SOA

୩) କରଦାତା ପ୍ରଜା- ବିଦେଶ ସଙ୍ଗେ ପ୍ରତିଯୋଗିତା ରଖିବା ପାଇଁ ମାଲଉପରେ ଟିକସ୍ ବେଶି ବେଶି ହେବ।

୪) ତୁଳା, ଆଖୁ ପ୍ରଭୃତି ମାଲ୍ ବିକିବା ଚାଷୀ। ଶିଳ୍ପର କିଣିବା କ୍ଷମତା କମିଲେ, ଏହି ମାଲ ସବୁ କ୍ରମେ ଯାଚି ଯାଚି ଅଳ୍ପ ମୂଲ୍ୟରେ ବିକିବାକୁ ହେବ।

ତେଣୁ ମଜୁରି ବଢ଼ିବାରେ କେବଳ ମାଲିକମାନେ ଦେବେ ବୋଲି ବୁଝିବା ଠିକ୍ ନୁହେଁ। ମାଲିକମାନେ ପାଇଲେ ଦେବେ। ପାଇ ବାଣ୍ଟିଦେବା ହେଉଚି, ତାଙ୍କର ବଡ଼ କାମ।

ପୁଣି ଏ ଦେଶରେ ବହୁଦିନ ଶିଳ୍ପ ରକ୍ଷା ଟିକସ ଦେଇ ଦେଇ ଲୋକେ ହାହାକାର କରିବା ଆରମ୍ଭ କଲେଣି। ବାଧ କରି ତାଙ୍କଠାରୁ ଭବିଷ୍ୟତ ମଙ୍ଗଳ ପାଇଁ ଏ ଜାତୀୟ ମୂଳଧନ ନିଆ ଯାଉଚି। କିନ୍ତୁ ଯାହାର ଦାନା କନା ନାହିଁ ସେ ଏପରି ମୂଳ ଧନ ଦେବ କୁଆଡୁ ? କେତେ ଦିନ ଦେବ ? କିପରି ବା ଦେବ ? ସେଥିପାଇଁ ହୁଏତ ମଜୁରି ବଢ଼ାଇବାରେ ପ୍ରଜାସାଧାରଣଙ୍କୁ ଚିପୁଡ଼ି ବେଶି ବେଶି ନେବାକୁ ହେବ, ନଚେତ୍ ଏତେଦିନ ତା'ଠାରୁ ଯେଉଁ ମୂଳ ଧନ ନିଆ ଯାଇଛି, ସେସବୁ ପାଣିରେ ପଡ଼ିବ। ଫଳରେ ଦେଶରେ ବହୁ ଶିଳ୍ପ ଧ୍ୱଂସ ହେବ, ବହୁ ଜାତୀୟ ଧନ ନଷ୍ଟ ହେବ; ପୁଣି ବିଦେଶରୁ ମାଲ ଆସି ଭାରତ ବଜାରରେ ଭର୍ତ୍ତିହେବ। ଭାରତର ତଥା ମଜୁରିଆମାନଙ୍କର ସେତେବେଳେ କି ଦଶା ହେବ, କେହି କହିବେ କି ?

ନବ ଭାରତ-୪/୧୨, ଆଲୋଚନା

◆◆◆

Digitized by PPRACHIN, SOA

ନବମ ଅଧ୍ୟାୟ

ନବଭାରତର ଆଲୋଚନାରେ ଓଡ଼ିଶା ରାଜନୀତି

ବୃହତ୍ତର ଉତ୍କଳ

ସଭ୍ୟ ଜଗତରେ ଭାରତର ପ୍ରଚାର କଥା ଭାବିଲାବେଳେ ଭାରତରେ ଉତ୍କଳର ପ୍ରଚାର କଥା ସ୍ୱତଃ ମନକୁ ଆସେ। ଦିନ ଥିଲା ଯେତେବେଳେ ଧର୍ମଭେଦ ଜର୍ଜରିତ ଭାରତ ବକ୍ଷରେ ଉତ୍କଳ ସାମ୍ୟମୈତ୍ରୀର ବିଜୟ ଧ୍ୱଜା ନୀଳାଚଳରେ ପୋତି ସିନ୍ଧୁପାରେ ଓ ଭାରତରେ ବୃହତ୍ତର ଉତ୍କଳର ପରିସର ଘେନି ବ୍ୟାପି ରହିଥିଲା। ହିନ୍ଦୁ ଜଗତରେ ମଧ୍ୟ ବିଜୟନଗର, ବାହାମଣି ଓ ବଂଗ ପରି ତିନୋଟି ପ୍ରବଳପ୍ରତାପୀ ରାଜ୍ୟ ମଧ୍ୟରେ ଉତ୍କଳ ନିଜର ବିରାଟ ହିନ୍ଦୁ ସାମ୍ରାଜ୍ୟ ଟେକି ରଖିଥିଲା। କପିଳେନ୍ଦ୍ର ଦେବ ପଞ୍ଚଦଶ ଶତାବ୍ଦୀର ସମ୍ରାଟ। ସେଦିନ ମଧ୍ୟ ଆଜିକାଲିର ମାନ୍ଦ୍ରାଜଠାରୁ ଗଙ୍ଗାପର୍ଯ୍ୟନ୍ତ- ବାହାମଣିର ସୀମାଠାରୁ ବଙ୍ଗୋପସାଗର ପର୍ଯ୍ୟନ୍ତ ବିଶାଳ ଉତ୍କଳ ବ୍ୟାପି ରହିଥିଲା। କପିଳେନ୍ଦ୍ରଙ୍କ ପୂର୍ବତନ ସମ୍ରାଟ୍ ନରସିଂହ ଦେବଙ୍କ ପ୍ରଶସ୍ତି ଘେନି ତାମ୍ର ଶାସନରେ କବି ଲେଖିଅଛନ୍ତି -

ରାଢ଼ାବରେନ୍ଦ୍ର ଯବନୀ ନୟନାଞ୍ଜନାଶ୍ରୁ
ପୂରେଣ ଦୂର ବିନିବେଶିତ କାଳିମ ଶ୍ରୀ
ତଦ୍ ବିପ୍ରଲମ୍ଭକରୁଣାଦ୍‌ଭୂତ୍ ନିସ୍ତରଙ୍ଗା
ଗଙ୍ଗାପିନୂନମନୁନା ଯମୁନାଧୁନାଭୁତ୍"

ଅର୍ଥାତ୍ ପଶ୍ଚିମ, ପୂର୍ବ ଓ ଉତ୍ତର ବଙ୍ଗର ଯବନ ନାରୀମାନେ ବିଧବା ହୋଇ କାନ୍ଦିବାରୁ ତାଙ୍କ ଆଖିର କଜଳ ବୋହି ଆସି ଗଙ୍ଗାକୁ କଳା କରି ଯମୁନାରେ ପରିଣତ କରିଥିଲା। ଏହା ନରସିଂହ ଦେବଙ୍କ ପ୍ରତାପରୁ ହୋଇଥିଲା। ନରସିଂହ ରାଢ଼ ଓ ବାରେନ୍ଦ୍ରର ଯବନ ରାଜ୍ୟ ଧ୍ୱଂସ କରିଥିଲେ।

ଆଜି ମଧ୍ୟ ପୂର୍ବ ବଙ୍ଗପରି ଗଙ୍ଗାର ଏପାଖ ବା ପଶ୍ଚିମ ବଙ୍ଗ ଯେ ମୁସଲମାନ ଅଧିବାସରେ ପୂର୍ଣ୍ଣ ହୋଇନାହିଁ, ତାହାର କାରଣ, ବଙ୍ଗ ବା ପୂର୍ବୋତ୍ତର ବଙ୍ଗ ୧୧୯୯ ଖ୍ରୀଷ୍ଟାବ୍‌ଦଠାରୁ ମୁସଲମାନ ରାଜ୍ୟ ହୋଇଥଲେ ମଧ୍ୟ ୧୫୬୮ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ପଶ୍ଚିମବଙ୍ଗ ବହୁ ସମୟରେ ଓଡ଼ିଶାର ଅନ୍ତର୍ଭୁକ୍ତ ଥାଇ ସ୍ୱାଧୀନ ଓଡିଶା ହେତୁରୁ ହିନ୍ଦୁ ପ୍ରଭାବରେ ପ୍ରଭାବିତ ରହିଥିଲା।

ସେହି କପିଳେନ୍ଦ୍ରଙ୍କ କୀର୍ତ୍ତିକୁ ସ୍ମରଣ କରି ଚଳିଆସିଛି-

"ବୀର ଶ୍ରୀ ଗଜପତି ଗୌଡ଼େଶ୍ୱର ନବକୋଟୀ କର୍ଣ୍ଣାଟ କଳବର୍ଗେଶ୍ୱର।"

Digitized by PPRACHIN, SOA

ଏହା ଆଜି ପୁରୀ ରାଜାଙ୍କ ଉପାଧି। କଳବର୍ଗ ପ୍ରାଚୀନ ବାହାମଣି ରାଜ୍ୟର ରାଜଧାନୀ। କର୍ଣ୍ଣାଟ ଅର୍ଥାତ୍ ବମ୍ବେ ପ୍ରଦେଶର କାନଡ଼ା ରତ୍ନଗିରି ପ୍ରଭୃତି ସେ କାଳ ଓଡ଼ିଶାର ନବକୋଟୀ ବା ନୂତନ ସୀମାଥିଲା। ଗୌଡେଶ୍ୱର ଅର୍ଥାତ୍ ପୂର୍ବ ଓ ଉତ୍ତର ବଙ୍ଗର ଅଧିପତି।

କିନ୍ତୁ ଏ ସବୁ ପ୍ରାଚୀନ କଥାରେ ଛାତି ଫୁଲାଇବାର ଓଡ଼ିଶାରେ ଆଜି କିଛି ସାମଗ୍ରୀ ନାହିଁ। ଏ ଦୁରବସ୍ଥାର କଥା ବଖାଣି କିଛି ଲାଭ ନାହିଁ। ଆଜି କିଏ ଆମକୁ ଯାତ୍ରାରେ ଥଟା କଲା, କିଏ ପାଠ୍ୟ ପୁସ୍ତକରେ ଆମ ଭାଷାକୁ ପଶୁରାବ ବୋଲି ଲେଖିଲା, ଏ ସବୁ କଥା ଧରି ଘରେ ଦୁଆର କିଳି ଛଟପଟ ହେବାରେ ଜାତୀୟତାର ବିକାଶ ହେବ ନାହିଁ। ଗୌଣଦ୍ୱର ମନୋଭାବ ବଢ଼ିବ ମାତ୍ର।

କାର୍ଯ୍ୟ କରିବାକୁ ହେବ। ଭାରତର ସବୁ ଅଞ୍ଚଳରେ ନିଜର ଅସ୍ତିତ୍ୱର ଚିହ୍ନ ପ୍ରକଟାଇବାକୁ ହେବ। କେଉଁଠାରେ ବେନାରସରେ ଓଡିଆଙ୍କର ଗୋଟିଏ ଅନୁଷ୍ଠାନ ଅଛି, ବିଶାଖାପାଟଣାରେ ହୁଏତ ଉତ୍କଳ ସମିତି ଅଛି, ଖଡଗପୁର ରେଙ୍ଗୁନ କଲିକତା ପ୍ରଭୃତିର ପ୍ରବାସୀ ଓଡ଼ିଆଙ୍କର କେତେ କ୍ଲବ୍ ଅଛି, ସ୍କୁଲ ଅଛି, ସେ ସବୁର ଖବର ନେବାକୁ ହେବ। ଦେଶର ପତ୍ରପତ୍ରିକାମାନ ସେ ସବୁଠାରେ ପ୍ରଚାର କରିବାକୁ ହେବ। ଦେଶସେବୀ ଓ ଦେଶପ୍ରାଣ ଜନନାୟକମାନେ ସେସବୁ ସ୍ଥାନକୁ ଯାଇ ସେମାନଙ୍କୁ ଉଦ୍‌ବୋଧନ ଦେବେ। ପଣ୍ଡିତମାନେ ବକ୍ତୃତା ଦେଇ ପ୍ରବଂଧାଦି ପାଠ କରି ସେମାନଙ୍କ ଭିତରେ ସଂଗଠନ ଓ ଜାତୀୟ ଭାବ ଜାଗ୍ରତ କରିବେ। ଅନ୍ୟାନ୍ୟ ସ୍ଥାନରେ କିପରି ସେହିଭଳି ଅନୁଷ୍ଠାନମାନ ସ୍ଥାପିତ ହେବ ତାହାର ସୁଚିନ୍ତିତ ଉଦ୍ୟମ ମଧ୍ୟ କରାଯିବ। ଏ ସବୁ କରିବାକୁ ହେବ। ଉତ୍କଳ ଜାତୀୟତା ପୀଠ ବଢ଼ିବାକୁ ଏହି ବୃହତ୍ତର ଉତ୍କଳର ଉଦ୍ୟମ ସର୍ବଥା କରଣୀୟ। ଭାରତରେ ଉତ୍କଳର ପରିଚୟ ଜାଗ୍ରତ କରିବାକୁ ହେବ।

ନବଭାରତ ୧/୫, ଆଲୋଚନା

ଓଡ଼ିଶା ପ୍ରଦେଶ ଗଠନରେ ଆନ୍ଧ୍ର ବିରୋଧ

ଐତିହାସିକ ଓଡ଼ିଆ ଭୂମି

ଇତିହାସରେ ଓଡ଼ିଶା ଗୋଟିଏ ବିରାଟ ରାଜ୍ୟ। ଷୋଡଶ ଶତାବ୍ଦୀତକ ଏହାର ସୀମା ବହୁ ବିସ୍ତୃତଥିଲା। ସମୁଦ୍ର କୂଳରେ ଗଙ୍ଗାଠାରୁ କାବେରୀ ପର୍ଯ୍ୟନ୍ତ ଏହା ବ୍ୟାପି ରହିଥିଲା। ଭିତରକୁ ଠିକ୍ କେତେ ଥିଲା କହି ନ ହେଲେ ମଧ୍ୟ ସିଂହଭୂମି, ଫୁଲଝର, ଜୟପୁର ପ୍ରଭୃତି ଘେନି ଏହା ବହୁତ ଭିତରକୁ ବ୍ୟାପିଥିଲା, ସନ୍ଦେହ ନାହିଁ। କିନ୍ତୁ ଏସବୁ କିଛି ଓଡ଼ିଆ ରାଜ୍ୟ ନଥିଲା। ଏଥିମଧ୍ୟରୁ ଅନେକେ ବିଜିତ ରାଜ୍ୟ। ରାଜମହେନ୍ଦ୍ରୀଠାରୁ ଗଙ୍ଗା ପର୍ଯ୍ୟନ୍ତ ସେ କାଳରେ ସ୍ପଷ୍ଟ ଓଡ଼ିଆ ରାଜ୍ୟଥିବାର ପ୍ରମାଣ ମିଳେ। ପୁଣି ଏ ରାଜ୍ୟ ଖଣ୍ଡ ଇତିହାସରେ ପ୍ରାୟ ବିଜିତ ରାଜ୍ୟ ନୁହେ। ବହୁ ଶତାବ୍ଦୀ ଧରି ଏହା ଓଡ଼ିଶା ରାଜାଙ୍କ

Digitized by PPRACHIN, SOA

ରାଜ୍ୟ ଥିଲା । ସେହିପରି ସିଂହଭୂମି, ଫୁଲଝର ପ୍ରଭୃତି ମଧ୍ୟ ଓଡ଼ିଆ ରାଜ୍ୟ । କିନ୍ତୁ ସିଂହଭୂମି ପ୍ରଭୃତି ସମ୍ବନ୍ଧରେ ବର୍ତ୍ତମାନ ଏଠାରେ କିଛି କୁହାଯାଉନାହିଁ । କେବଳ ଓଡ଼ିଶାର ଆନ୍ଧ୍ରସୀମା ଘେନି ଯେଉଁ ବୃଥା ବିବାଦ ଲାଗିଛି, ତାହାର ଟିକିଏ ଆଲୋଚନା କରାଯିବ ।

ଐତିହାସିକ ରାଖାଲ ଦାସ ବନ୍ଦୋପାଧ୍ୟାୟ ଲେଖିଛନ୍ତି :-

"Portions of the Telgu speaking districts to the north of the Delta of the Godabari were Oriya Speaking Districts (History of Orissa Vol.-I) P-I)

ପୁଣି :

"Originally the Andhra Country seems to have lain to the south of Godabari, Though the Telgue Language has now crept up north words along the coast in the Vizagpatam District" (Ibid-P-3)

ଅର୍ଥାତ୍ ଗୋଦାବରୀର ମୁହାଣମାନଙ୍କ ଦ୍ୱାରା ବ୍ୟାପ୍ତ ହୋଇଥିବା ଓ ଗୋଦାବରୀର ଉତ୍ତରକୁ ଥିବା ଏବର ତେଲୁଗୁଭାଷୀ ସ୍ଥାନମାନଙ୍କର ଅଂଶ ସବୁ ପହିଲେ ଉତ୍କଳଭାଷା ସ୍ଥାନମାନ ଥିଲା ।

ପୁଣି -

ପହିଲେ ଆନ୍ଧ୍ର ଦେଶ ଗୋଦାବରୀଠାରୁ ଦକ୍ଷିଣକୁ ଥିବାର ଅନୁମାନ ହୁଏ । ଏବେ ତେଲୁଗୁ ଭାଷା ବିଶାଖାପାଟଣା ଜିଲ୍ଲାର ସମୁଦ୍ର କୂଳେ କୂଳେ ଉତ୍ତର ଆଡ଼କୁ ମାଡି ଆସିଛି ମାତ୍ର ।

ପ୍ରତିବେଶୀମାନଙ୍କ ସ୍ୱାର୍ଥାନ୍ଧତା :-

ଐତିହାସିକ ରାଖାଲ ଦାସଙ୍କ ପରେ ଏ ସବୁ ଦେଶ ସମ୍ବନ୍ଧରେ ମୌଳିକ ଗବେଷଣାପନ୍ନ ବଡ଼ ଐତିହାସିକ ଆଉ କେହି ହୋଇନାହାନ୍ତି । ବିଶେଷରେ ଆଜିକାଲିର ଓଡିଆମାନେ ଓଡ଼ିଶା ପାଇଁ ଦାବୀ କରୁଥିବା ଭୂମି ଯେ ଇତିହାସରେ ଓଡ଼ିଆ ଭାଷୀ ନଥିଲା, ଏହା କେହି କହୁନାହିଁ । ତେବେ ଚରାଭୂମି ଛଡ଼ାଇ ନେଲେ ଜନ୍ତୁର ଯେ ମନୋଭାବ ହେବାର କଥା, ତାହାଠାରୁ ଅଧିକ କିଛି ଆନ୍ଧ୍ରମାନଙ୍କଠାରେ ଏ ଘଟଣାରେ ଦେଖାଯାଉଛି ବୋଲି ମନେ ହେଉନାହିଁ । ବଡ ଦୁଃଖର କଥା ସରକାରୀ, ବେସରକାରୀ, ବେକଂଗ୍ରେସ ଓ ବିଶେଷରେ କଂଗ୍ରେସ ସମସ୍ତେ ଚରାଭୂମିର ଲୋଭ ତଥା ଅତିବ୍ୟାକୁଳତା ଛଡା ଆଉ କିଛି ଯୁକ୍ତିଯୁକ୍ତ କଥା କହିବାର ଜଣାନାହିଁ । ୧୯୨୧ଠାରୁ କଂଗ୍ରେସ ଆନ୍ଧ୍ରକୂଳର ସୀମା ସମାଧାନ କରିବାରେ ଲାଗିଛନ୍ତି, କିନ୍ତୁ ଆନ୍ଧ୍ର କଂଗ୍ରେସ ନେତାମାନେ ତାହା କରାଇ ଦେଇନାହାନ୍ତି । ନାନା କ୍ଷେତ୍ରରେ ସେମାନେ ଏପରି ସମାଧାନ ପାଇଁ ବିଚାରି ବସିବାରେ ମଧ ଘୋର ପ୍ରକାଶ୍ୟ ଅପ୍ରକାଶ୍ୟ ବାଧାମାନ ତିଆରି କରିଛନ୍ତି । ଓଡ଼ିଆ ଏ ଦୁଃଖ କାହା ଦୁଆରେ କହିବ ? ଦୁଃଖ କହିବା ଛଡ଼ା ଓଡିଆର ଆଉ କି ଉପାୟ ବା ଅଛି ? ତାହାର

Digitized by PPRACHIN, SOA

ନିଜର ପ୍ରଦେଶ ନାହିଁ, ପ୍ରତିବେଶୀମାନେ ତାର ଭୂମି ଗ୍ରାସ କରିବା ପାଇଁ ସବୁବେଳେ ଆଁ କରିଛନ୍ତି। ଦୁର୍ବଳ ଜାତି ହେବାରୁ ସରକାର ମଧ୍ୟ ଗୁହାରୀ ଶୁଣି ଶୁଣୁନାହାନ୍ତି। ଆମ୍ଭେମାନେ କହିଛୁ, ଏବେ ଓଡ଼ିଶାକୁ ଯାହା ମିଳିବାର ପ୍ରସ୍ତାବ ହୋଇଛି ତାହା 'ଘର ପୋଡ଼ିରୁ କୁଟାଖିଏ ପରି'; ତଥାପି ଯେ ସବୁ ହରାଇବାକୁ ବସିଛି, ସେ କିଛି ପାଇଲାବେଳେ ଯେପରି ସ୍ୱତଃ ଖୁସି ହୁଏ ଓ ସେହି ଦାତାକୁ ମନେ ମନେ ସାଧୁ ବୋଲି କହେ, ଓଡ଼ିଆମାନେ ଏପରି ଘଟଣାରେ ସେପରି କହିବା ଓ କରିବା ସ୍ୱାଭାବିକ। ଆମ୍ଭେମାନେ ଏ ସ୍ୱାଭାବିକ ମନୋବୃତ୍ତିରୁ ଅଲଗା ହୋଇ ନ ପାରୁ। କିନ୍ତୁ ଓଡ଼ିଆର ଆକାଂକ୍ଷା ପୂରିନାହିଁ। ଏତେବେଳେ ପ୍ରତିବେଶୀମାନଙ୍କର ଅତିସ୍ୱାର୍ଥ ସମ୍ବଳିତ ଅନ୍ତରାୟ ଦୁର୍ବଳ ଓଡ଼ିଆର ପ୍ରାଣରେ କି ବ୍ୟଥା ଦେଉଥିବ, ତାହା କହିବାର ମଧ୍ୟ ସ୍ଥାନ ନାହିଁ।

ବେଜବାଡା ସଭା

ଜଏଣ୍ଟ ପାର୍ଲିମେଣ୍ଟରୀ ରିପୋର୍ଟ ବାହାରିବା ସଙ୍ଗେ ସଙ୍ଗେ ଆନ୍ଧ୍ର ନେତାମାନେ ବିଶେଷରେ କଂଗ୍ରେସ ନେତାମାନେ ଘୋର ପ୍ରତିବାଦ କରିବାକୁ ବେଜବାଡ଼ାରେ ସଭା କରି ବସିଗଲେ। ପ୍ରତିବାଦରେ କହିଲେ, "ଓଡ଼ିଶାକୁ କୌଣସି ନୂଆଭୂମି ଦେବା ଉଚିତ ନୁହେଁ"। ଏ ବିଷୟରେ ଆକାଶ ପାତାଳ- ଲଣ୍ଡନ, ଦିଲ୍ଲୀ, ସିମଳା ସବୁ କମ୍ପାଇ ଦେବା ପ୍ରସ୍ତାବ ହୋଇଗଲା। ଯାହାର ପଇସା ଥାଏ, ସେ ହୁଏତ ସବୁ କରିପାରେ, ନିଜର ସ୍ୱାର୍ଥକୁ ସାଧୁତା ବୋଲି ଶୁଣାଇପାରେ। ଆନ୍ଧ୍ର ନେତାମାନେ ସେହି ବଳ ଦେଖାଇ ଆସିଛନ୍ତି। ସବୁବେଳେ ମଧ୍ୟ କହୁଛନ୍ତି, "ଓଡିଶା ଦରିଦ୍ର। ସେଥିପାଇଁ ଆମ୍ଭଙ୍କୁ ଓଡ଼ିଆ ରାଜ୍ୟ ସବୁ ପାଳିବାକୁ ଦିଅ, ଓଡ଼ିଶା ପ୍ରଦେଶକୁ ଦିଅ ନାହିଁ।" ବାସ୍ତବରେ ଗଲା ଓଡନଲ୍ କମିଟି ପାଖେ ସେମାନେ ଏହି ଯୁକ୍ତିରେ ଦାବୀ କରିଥିଲେ। ଋଷିକୁଲ୍ୟା ନଦୀଠାରୁ ଦକ୍ଷିଣକୁ ଅର୍ଥାତ୍ ଯେଉଁଠାରେ ଶତକଡା ୮୦ ପର୍ଯ୍ୟନ୍ତ ଓଡିଆ ବାସ କରନ୍ତି, ସେହି ଭୂମିସବୁ ସେ ଏବେ ମାନ୍ଦ୍ରାଜରେ- ଉଦ୍ଦେଶ୍ୟତଃ ପରେ ଆନ୍ଧ୍ରରେ ରଖିବା ପାଇଁ ଲୋଡ଼ିଥିଲେ। ଏଥିପାଇଁ କାରଣ ଦେଇଥିଲେ, "ଓଡ଼ିଆମାନେ ଦରିଦ୍ର, ପ୍ରଦେଶ ଓ ଜାତିର ବିକାଶ ଓ ଗଠନରେ ଅସମର୍ଥ ହେବେ। ଆନ୍ଧ୍ରମାନଙ୍କ ତଳେ ରହିଲେ ତାଙ୍କର ଭଲ ହେବ।" ଆହା ! କି ପ୍ରାଣପ୍ରାଚୁର୍ଯ୍ୟ।

ବ୍ରହ୍ମପୁର କନ୍‌ଫରେନ୍ସ

ଏବେ ବ୍ରହ୍ମପୁର କନ୍‌ଫରେନ୍ସରେ ଜୟପୁର, ପାରଳାଖେମୁଣ୍ଡିର ଓଡ଼ିଆ ଅଂଶ ତଥା ବ୍ରହ୍ମପୁର ସହର ଓଡ଼ିଶାକୁ ନ ଦେବାପାଇଁ ସମ୍ରାଟ୍ ତଥା ପାର୍ଲିମେଣ୍ଟକୁ ବ୍ୟାକୁଳ ଭାବରେ ନିବେଦନ କରାଯାଇଛି। କାଉନ୍‌ସିଲ୍, ଆସେମ୍ବ୍ଲିମାନଙ୍କରେ ଥିବା ଆନ୍ଧ୍ର ମେମ୍ବରମାନଙ୍କୁ ଜଏଣ୍ଟ କମିଟି ରିପୋର୍ଟ ବିଚାରବେଳେ ଏହି ଆପତ୍ତି ଉଠାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି

Digitized by PPRACHIN, SOA

ଓ ଏହି ବିଷୟରେ ଦେଶରେ ତୁମୂଳ ଆନ୍ଦୋଳନ କରିବାର ବ୍ୟବସ୍ଥା ପ୍ରସ୍ତାବିତ ହୋଇଛି। ଗ୍ରାସ ନାଶରେ ଲୋକର ବୁଦ୍ଧିଭ୍ରଂଶ ହୁଏ। ଏତିକି କହିଲେ ସମସ୍ତ ଆନ୍ଧ୍ର ବ୍ୟାକୁଳତାର ଯଥେଷ୍ଟ ପ୍ରତିଯୁକ୍ତି ହୁଅନ୍ତା, ତଥାପି ସାଧାରଣ ଲୋକେ ବୁଝିବା ପାଇଁ ଏହି ଆନ୍ଧ୍ର ଦାବିର ବିଷୟମାନ ଟିକିଏ ବିଶ୍ଳେଷଣ କରି ଦେଖାଯାଉ :

ପ୍ରସ୍ତାବମାନଙ୍କ ଉପରେ ହୋଇଥିବା ବକ୍ତୃତାମାନ ଆମ୍ଭମାନଙ୍କ ପାଖରେ ନାହିଁ। ସଭାପତିଙ୍କ ଭାଷଣରେ ଏ ସମ୍ବନ୍ଧରେ ଯେଉଁସବୁ ଯୁକ୍ତି ଅଛି ତାହାର କେତେକ ଅଂଶ ଖବର କାଗଜରେ ଦିଆଯାଇଛି। ସେଥିର ପ୍ରାସଙ୍ଗିକ ଯୁକ୍ତିଗୁଡିକ ଏଠାରେ ଆଲୋଚନା କରାଯାଉଛି।

ଭାଷାସୂତ୍ରରେ ପ୍ରଦେଶ ଗଠନ ବରଂ ବନ୍ଦ ରହୁ

(୧) ଆନ୍ଧ୍ର, କର୍ଣ୍ଣାଟକ, କେରଳ ପ୍ରଭୃତି ପ୍ରଦେଶ ତିଆରି ହେବା ପୂର୍ବରୁ ଓଡ଼ିଶା କାହିଁକି ତିଆରି ହେଲା? 'ବର ପଛକେ ମରୁ ସଉତୁଣୀ ରାଣ୍ଡ ହେଉ।' ଭାଷା ସୂତ୍ରରେ ପ୍ରଦେଶ ତିଆରି କଥା ସରକାର କାର୍ଯ୍ୟତଃ ଆରମ୍ଭ କଲେ, ସେଥିରେ ଅନ୍ୟ ପ୍ରଦେଶ ତିଆରି ପାଇଁ ବ୍ୟବସ୍ଥାର ବାଟଲୋଡ଼ିବା ଉଚିତ। ତାହା ନ କରି ଏପରି କରିବା ଜାତୀୟତା ଧର୍ମର ଅନୁକୂଳ ନୁହେ। ଆନ୍ଧ୍ରପ୍ରଦେଶ ତିଆରି ହେଲାବେଳେ ଓଡ଼ିଶା ସୀମାପାଇଁ ଆନ୍ଧ୍ରମାନେ ଆଉ କଣ ଅଧିକ ଯୁକ୍ତି ଓ ବଳ ଦେଖାଇବେ ବୁଝାଯାଉନାହିଁ। ତାଙ୍କର ତ ଏକମାତ୍ର ବଳ, ଆମ ପ୍ରଦେଶର ଧନ ଅଛି। ଆମେ ଅସଭ୍ୟ, ସଭ୍ୟ ସବୁ ଓଡ଼ିଆଙ୍କୁ ତାରି ନେଇପାରିବୁ। ମାନ୍ଦ୍ରାଜ ପ୍ରଦେଶରେ ଥାଇ ମଧ୍ୟ ଏ ଯୁକ୍ତିର ଶକ୍ତି ଠିକ ଅଛି।

ପାରଳାଖେମୁଣ୍ଡି :

(୨) ପାରଳାଖେମୁଣ୍ଡି ସମ୍ବନ୍ଧରେ ବଡ଼ ଆପତ୍ତି- ପ୍ରଜାଙ୍କ କଥା ଶୁଣାଗଲା ନାହିଁ। ରାଜାଙ୍କ କଥା ଶୁଣାଗଲା। ସଙ୍ଗେ ସଙ୍ଗେ ଆପତ୍ତି ଉଠିଛି, ଜମିଦାରୀଟାକୁ କାହିଁକି ଦୁଇଭାଗ କରି ଦିଆଗଲା? କଣ ସେଥିରେ ରାଜାଙ୍କର ସୁବିଧା ହେଲା? ନା, ପ୍ରଜାଙ୍କ ସୁବିଧା ପାଇଁ ତାହା କରାଗଲା? - ଏ ଯୁକ୍ତି ନା ପିଲାଖେଳ? ଏଥିରେ କଅଣ ଯଥାର୍ଥ ମନର ଭାବ ପ୍ରକାଶ ପଡୁନାହିଁ ଯେ, ଓଡ଼ିଆ ଅଂଶଟି କାହିଁକି ଅଲଗା କରି ଓଡ଼ିଶାରେ ମିଶାଇ ଦିଆଗଲା? ଉଦ୍ଦେଶ୍ୟ ରଖି କଥା କହିଲେ ଲୋକ ଏହିପରି ଯୁକ୍ତିରେ ପୂର୍ବାପର ସଙ୍ଗତି ଭୁଲିଯାଏ।

ଜୟପୁର :

(୩) ଜୟପୁର ସମ୍ବନ୍ଧରେ ଆଉ ଯୁକ୍ତି କିଛି ନାହିଁ; ପୁଣି ସେହି କଥା ଓଡ଼ିଶା ନିର୍ଦ୍ଧନ। ଜୟପୁରର ଅନୁନ୍ନତ ଅବସ୍ଥାକୁ ଉନ୍ନତ କରିବା ନିମନ୍ତେ ଓଡ଼ିଶାରେ ଧନର ଅଭାବ ହୋଇପାରେ। ଗତ ୧୩୦ବର୍ଷ ଭିତରେ ମାନ୍ଦ୍ରାଜରେ ରହି ଅନୁନ୍ନତ ଜୟପୁରର କି ବିଶେଷ ଉନ୍ନତି ହୋଇଛି, ତାହାର କୌଣସି ପ୍ରମାଣ ଦିଆ ହୋଇନାହିଁ। ତଥାପି ଆମ୍ଭେମାନେ

Digitized by PPRACHIN, SOA

ଜାଣୁ, ତେଲଙ୍ଗା କର୍ମଚାରୀମାନେ ଜୟପୁର ସଂସ୍ଥାନରୁ ଓଡ଼ିଆଙ୍କୁ ପ୍ରାୟ ବାହାର କରି ଦେଇଛନ୍ତି। ପୂର୍ବେ ଓଡ଼ିଆ ପଣ୍ଡିତ, ବଣିକ୍, ବ୍ୟବସାୟୀ, ଜୟପୁରରେ ସ୍ଥାନ ପାଉଥିଲେ। ଏବେ ତେଲଗୁମାନେ ସେହି ସ୍ଥାନ ପାଇଅଛନ୍ତି। ମାନ୍ଦ୍ରାଜ ସରକାର ଅଧୀନରେ ଜୟପୁର ଥିବାରୁ ତାହା ଏକପ୍ରକାର ତେଲେଙ୍ଗାଙ୍କ ହାତେ କ୍ରୀଡ଼ନକ ପରି ଅଛି। ସେହି ସୂତ୍ରରେ ଏବେ ଆନ୍ଧ୍ର ବିଶ୍ୱବିଦ୍ୟାଳୟ ବର୍ଷକୁ ଲକ୍ଷେ ଟଙ୍କା ଜୟପୁର ମହାରାଜାଙ୍କଠାରୁ ଲେଖାଇ ନେଇଛନ୍ତି। ଏ ରାଜାଙ୍କ ଦାନରେ ଜୟପୁର ପ୍ରଜା ତଥା ଲୋକଙ୍କର ମତ ଅଛି ତ? ନା, ଖାଲି ପାରଳାଖେମୁଣ୍ଡି ବେଳକୁ ରଜାଙ୍କ କହିବା କଥା ଗୁଡାକ ଅସୁନ୍ଦର ହୁଏ, ଆଉ କାହାରିବେଳକୁ ହୁଏନାହିଁ।

ବ୍ରହ୍ମପୁର :

(୪) ପୁଣି ବ୍ରହ୍ମପୁରଟା ଓଡ଼ିଶାକୁ ଆସିବା ଠିକ୍ ନୁହେଁ ବୋଲି ଆପତ୍ତି। ଏଠାରେ ବୋଧହୁଏ, ଭାଷାଭାଷୀଙ୍କ ଅଧିକ ସଂଖ୍ୟା କାରଣ ଧରାଯାଇଛି। ଯେଉଁ ସ୍ଥାନରେ ଯେଉଁ କାରଣଟା ଯେପରି ଭାବରେ ଦରକାର, ତାହା କହିବାରେ ଆଉ ଭାଇମାନଙ୍କର ବୋଧହୁଏ କିଛି ଆପତ୍ତି ନାହିଁ। ଏହିପରି ଲୋକଙ୍କୁ କୁହାଯାଏ, ସମୟସେବୀ। ଗଲାସେନ୍‌ସେସରେ ବ୍ରହ୍ମପୁର ମ୍ୟୁନିସ୍‌ପାଲଟିରେ ତେଲଗୁ ଶୁଣିବାରେ ଶତକଡ଼ା ୫୧, ଓଡ଼ିଆ ୪୯ ବା ଏହିଭଳି କିଛି। ଓଡ଼ିଆଙ୍କଠାରୁ ତେଲୁଗୁ ହୁଏତ ୪୦୦। ୫୦୦ ବେଶୀ। ମ୍ୟୁନିସ୍‌ପାଲିଟି ବରାବର ତେଲୁଗୁଙ୍କ ହାତରେ ରହିଆସିଛି। ଗୋସାଣୀନୂଆଗାଁ, ଲାଞ୍ଜିପଲ୍ଲୀ, ଦୁଇଟିଯାକ ମ୍ୟୁନିସ୍‌ପାଲଟିରେ ନ ନେଇ ଯେଉଁ ଗାଁଟିରେ ତେଲୁଗୁ ବେଶୀ ସେହି ଗାଁଟି କାହିଁକି ନିଆ ହୋଇଛି, ତାହା ଆମ୍ଭେମାନେ ଜାଣୁନାହୁଁ। ପୁଣି ସେନ୍‌ସେସ୍ ଦିନ ରାତିରେ ଗଣିଲା ବେଳେ ରେଳ କୁଲି ଓ ରେଳ କର୍ମଚାରୀ ତଥା ଜେଲରେ କଏଦୀ ଓ ଅନ୍ୟାନ୍ୟ ତେଲୁଗୁ ଉଡ଼ା, ବଣିକ, କର୍ମଚାରୀ, ତାଙ୍କ କୁଟୁମ୍ବ ଓ ଚାକର (ତେଲୁଗୁ କର୍ମଚାରୀ ତ ନିଶ୍ଚୟ, ଓଡ଼ିଆ କର୍ମଚାରୀଙ୍କୁ ସଂଖ୍ୟାରେ ବୁଡାଇ ପକାଇଲା ପରି ବେଶୀ) ଏବଂ ଏହିଭଳି ଅନ୍ୟାନ୍ୟ ଉଡ଼ା ତେଲୁଗୁ ବ୍ରହ୍ମପୁରରେ କେତେ ଥିଲେ ଓ ଉଡ଼ା ଓଡ଼ିଆଙ୍କଠାରୁ ତାଙ୍କ ସଂଖ୍ୟା କେତେ ବେଶୀ ତାହାର ହିସାବ କେହି ରଖିଛ କି? ସରକାର କି ଯୁକ୍ତି ଦେଇଛନ୍ତି ତାହା ଏଠାରେ ଆମ୍ଭେ କହୁ ନାହୁଁ। ତେଲୁଗୁ ଭାଇମାନେ ବ୍ରହ୍ମପୁର ଖଣ୍ଡ ଯେବେ ନବାକୁ ଚାହାନ୍ତି, ତେବେ ବୋଧହୁଏ ପୁରୀର ନୋଳିଆ ସାହୀଟା ତାଙ୍କର ଅଧିକ ଚାହିବା ଉଚିତ୍ କାହିଁକି ନା ସେଠାରେ ସମସ୍ତେ ନୋଳିଆ-ଶତକଡ଼ା ଶହେ।

ଜଣାଯାଉଛି, ବ୍ରହ୍ମପୁର ସଙ୍ଗେ ସେହିଠାରୁ ଗୋଟିଏ ସୋରା ଓଡ଼ିଆ ଭୂମି ସେମାନେ ମାନ୍ଦ୍ରାଜରେ ମିଶାଇ ରଖିବାକୁ ଲୋଡନ୍ତି। ଯେପରି କି ପୂରା ଓଡ଼ିଆ ଭୂମି ମଧ୍ୟରେ ଗୁଂଫିତ ରହିଥିବା ବ୍ରହ୍ମପୁର ଓଟରା ହୋଇଗଲାବେଳେ, ଯେଉଁ ଭୂମିଟାରେ ଘୋସରା ପଡ଼ିଯିବ,

Digitized by PPRACHIN, SOA

ସେଇଟା ବି ଗୋଟାସୁଦ୍ଧା ଆନ୍ଧ୍ର ବୋଲି ଧରା ହେବ। ଏହିପରି ଦାବୀସବୁ ଯଦି ଶୁଣାଯିବ, ତେବେ ଦରିଦ୍ର ଓଡ଼ିଆକୁ କପାଳ ଆଦରି ରହିବାକୁ ହେବ ସିନା।

ଗ୍ରାସନାଶର ବ୍ୟାକୁଳତାରେ ବୁଦ୍ଧିଭ୍ରଂଶ :

(୫) ତେଲ୍‌ଗୁ ଭାଇମାନେ ଏହିପରି ଗ୍ରାସନାଶର ବ୍ୟାକୁଳତା ଦେଖାଇ ଯୁକ୍ତିମାନ ବାଢୁଛନ୍ତି, ପୁଣି ସବୁବେଳେ କହୁଛନ୍ତି, ଓଡ଼ିଆ ଦରିଦ୍ର, ତାଙ୍କୁ ଧନୀ ତେଲଗୁଙ୍କ ତଳେ ରଖ। ଦରିଦ୍ର ଓଡ଼ିଆ କିନ୍ତୁ ଏ ବଦାନ୍ୟତା ଏତେ ଦିନ ଧରି ବୁଝିପାରି ନାହାନ୍ତି। ଏ ଲଜ୍ଜା କାହାର ? ବୃଥାରେ ପ୍ରତିବେଶୀ ଓଡ଼ିଆମାନଙ୍କ ସଙ୍ଗେ ଏପରି ଦୁରନ୍ତ ବିରୋଧ ସୃଷ୍ଟି କରିବାରେ ପୁରୋଦୃଷ୍ଟି କଅଣ ଅଛି ? ପୁଣି ଗଞ୍ଜାମର ଓଡ଼ିଆ ଅଂଚଳରେ ଥିବା ତେଲଗୁମାନେ ଏସବୁ ଆନ୍ଦୋଳନରେ ଯୋଗ ଦେଇ କି ଜାତୀୟ ବା ବ୍ୟକ୍ତିଗତ ସ୍ୱାର୍ଥସାଧନ କରୁଛନ୍ତି, ଜଣାନାହିଁ। ସେ ଦିନ ମନେ ଅଛି ତ, ଓଡ଼ିଆଙ୍କ ଭିତରେ ଗିରିଙ୍କଠାରୁ କୌଣସି ଅଂଶରେ କମ୍ ନୁହନ୍ତି ଏପରି ଜାତୀୟ ଓ କଂଗ୍ରେସଧର୍ମୀ ଥିଲେ ମଧ୍ୟ ତେଲୁଗୁମାନେ କୌଣସିମତେ ଓଡ଼ିଆ କଂଗ୍ରେସବାଦୀଙ୍କୁ ଭୋଟ ଦେବେ ନାହିଁ ବୋଲି ଶଙ୍କା କରି ଗିରିଙ୍କୁ ସର୍ବସମ୍ମତିକ୍ରମେ ବଡଲାଟ ସଭାପାଇଁ ଠିଆ କରାଗଲା। ଓଡ଼ିଆ ଜାତିର ସମସ୍ତ ଜାତୀୟଧର୍ମୀ ଅତ୍ୟନ୍ତ ଉତ୍ସାହରେ ପ୍ରାଣପଣେ ଗିରିଙ୍କୁ ନିଜର ପ୍ରତିନିଧି ବୋଲି ମାନି ତାଙ୍କୁ ଯଶସ୍ୱୀ କରିବାରେ ଲାଗିଗଲେ। କୌଣସି ଓଡ଼ିଆ କଂଗ୍ରେସବାଦୀ ଠିଆ ହୋଇଥିଲେ ତେଲୁଗୁମାନେ ଜାତୀୟତାରେ ସାଂପ୍ରଦାୟିକତା ଭୁଲି ଏପରି ଯେ କରି ନ ଥାନ୍ତେ, ଏଭଳି ଯେଉଁ ସଂଦେହ ହୋଇଥିଲା, ତାହା ଅମୂଳକ କି ? ଆଚ୍ଛା, ଗିରିଙ୍କ ପାଇଁ ଏ ଘଟଣାରେ ଓଡ଼ିଆମାନେ ଯେ ପରିସ୍ଥିତିରେ ଯେପରି କାର୍ଯ୍ୟ କଲେ, ତେଲୁଗୁମାନେ କେତେ ଘଟଣାରେ ସେପରି କରିଛନ୍ତି କହିବେ କି ? ବ୍ରହ୍ମପୁରରେ ମଧ ଦୁଇଟି ଖଦୀକେନ୍ଦ୍ର ଚଳୁଛି। ଦୁଇଟି କଂଗ୍ରେସ କମିଟି ରଖିବାଲାଗି ଉଦ୍ୟମ ଲାଗି ରହିଛି। କଂଗ୍ରେସ ସମ୍ବନ୍ଧୀୟ ପ୍ରତି ଘଟଣାରେ ମଧ ତେଲୁଗୁମାନେ ଓଡ଼ିଆଙ୍କର ଅସ୍ତିତ୍ୱ ଅସ୍ୱୀକାର କରିବାରେ ବରାବର ନିଷ୍ଫଳ ଉଦ୍ୟମ କରିଆସିଛନ୍ତି। ତଥାପି ସତ୍ୟାଗ୍ରହ ପ୍ରଭୃତି କଂଗ୍ରେସ କାର୍ଯ୍ୟରେ ଯାହା ଦେଖାଯାଇଛି, ସେଥିରେ ବ୍ରହ୍ମପୁରରେ ତେଲୁଗୁଙ୍କର ସ୍ଥାନ କେଉଁଠାରେ, ସେମାନେ ତାହା ବୁଝିପାରୁଥିବେ। ପୁଣି ବ୍ରହ୍ମପୁର ମୁନିସିପାଲଟିରେ ମଧ୍ୟ ଓଡ଼ିଆମାନଙ୍କର ଆଜିଯାଏଁ ସ୍ଥାନ ହୋଇପାରିନାହିଁ। ଯଦି ଓଡ଼ିଆଙ୍କର କୌଣସି ଠାରେ କିଛି ସ୍ଥାନ ହୋଇଥାଏ ତାହା ଓଡ଼ିଆଙ୍କ ଦ୍ୱାରା ବା ଓଡ଼ିଆଙ୍କ ଅର୍ଥ ବଳରେ। ତେଲୁଗୁମାନଙ୍କର ଏ କଥା ବୁଝିବା ଉଚିତ।

ଜଗନ୍ନାଥ ଦେଶହିଁ ଓଡ଼ିଆଦେଶ :

(୬) ଜୟପୁର ଓଡ଼ିଆଙ୍କ ସମ୍ବନ୍ଧରେ କହୁ କହୁ ସଭାପତି କେତେଗୁଡ଼ାଏ ଲମ୍ବା ଶାସ୍ତ୍ରୀୟ କଥା କହି ପକାଇଛନ୍ତି। ସେ କହିଛନ୍ତି 'ଜୟପୁର ଲୋକେ ଓଡ଼ିଆଙ୍କ ସଙ୍ଗେ ମାନବୀୟ ବର୍ଗ (Racially) ବଂଶ (Ethnologically) ଓ ଭାଷା (Linguistically) ରେ

Digitized by PPRACHIN, SOA

ଏକ ନୁହନ୍ତି । ଅବଶ୍ୟ ସେହି ଲୋକେ ତେଲୁଗୁଙ୍କ ସଙ୍ଗେ ଏକ ବୋଲି କହିବାକୁ ସେ ସାହସ କରିନାହାନ୍ତି । ଭାରତର ଭିନ୍ନ ଭିନ୍ନ ପ୍ରଦେଶବାସୀଙ୍କ ଭିତରେ ଏହି ବର୍ଗ ବଂଶାଦିର ବିଚାର ବିଶେଷଜ୍ଞମାନେ ଠିକ୍ କରିପାରୁନାହାନ୍ତି । ସଭାପତିଙ୍କର ଏତେ ଗହୀରରେ ଚାଷ ନ ଥିବ । ସେଥିପାଇଁ ସେ ବିଷୟରେ ସେ ଯାହା ତାହା କହିବାରେ ଅଧିକାରୀ ହୋଇପାରନ୍ତି । କିନ୍ତୁ ଭାଷାଟା ଓଡିଆଙ୍କ ସାଙ୍ଗେ ଏକ ନୁହେଁ, ଏହା କହିବାରେ ସେ ହୁଏତ ଶାବରୀ ଭାଷାକୁ ଲକ୍ଷ୍ୟ କରିଛନ୍ତି । ସେ ଭାଷା ଜୟପୁର ଲୋକେ ଆପଣା ଭିତରେ ଏବେ କଦାଚିତ୍ କହନ୍ତି, କିନ୍ତୁ ବହୁ ଶତାବ୍ଦୀର ଅଭ୍ୟାସ ଫଳରେ ସମସ୍ତେ ବାହାରେ ଓଡ଼ିଆ କହନ୍ତି ଓ ବୁଝନ୍ତି । ଶାବରୀ ଭାଷା ତେଲୁଗୁ ନୁହେଁ କିମ୍ବା ତେଲୁଗୁ ସଙ୍ଗେ ତାର କୌଣସି ସାକ୍ଷାତ୍ ସମ୍ବନ୍ଧ ନାହିଁ । ଜୟପୁରର ଲୋକେ ତେଲୁଗୁ ଜାଣନ୍ତି ନାହିଁ । ମିସନାରୀଠାରୁ ବଣିକ ସମସ୍ତେ ଏ ବିଷୟରେ ସାକ୍ଷ୍ୟ ଦେବେ । ପୁଣି ଶାବରୀ ଦେବତା ଜଗନ୍ନାଥ ଏବେ ମଧ୍ୟ ଓଡ଼ିଆର ଦେବତା । ଜଗନ୍ନାଥ ଦେଶ ହିଁ ଓଡ଼ିଆ ଦେଶ ।

ଆଟ୍‌ଲିଙ୍କ ପ୍ରସ୍ତାବର ସମୀଚୀନତା

(୭) ଜଏଣ୍ଟ କମିଟିରେ ମେଜର ଆଟ୍‌ଲି (Atlee) ସାହେବଙ୍କର ପ୍ରସ୍ତାବମାନଙ୍କ ପ୍ରତି ସଭାପତି ବହୁତ ଆକ୍ଷେପ କରିଛନ୍ତି । ମାନ୍ଦ୍ରାଜ ସରକାର ପ୍ରାଦେଶିକ ସ୍ୱାର୍ଥର ଚୋଦନାରେ ଯାହା କହନ୍ତୁ ନା କାହିଁକି, ନିରପେକ୍ଷ ବିଚାରକମାନେ ଓଡ଼ିଆଭାଷୀ ପ୍ରଦେଶର ସୀମା ସମ୍ବନ୍ଧରେ ବାରମ୍ବାର କଅଣ କହିଛନ୍ତି ? ଗତ ଶତାବ୍ଦୀର ଶେଷ ଭାଗରେ ଭାରତୀୟ ଭାଷାର ବିଶେଷଜ୍ଞ ଗ୍ରୀଏର୍‌ସନ୍ ସାହେବ ଲିନ୍‌ଗ୍ୱିଷ୍ଟିକ୍ ସର୍ଭେ ଅଫ୍ ଇଣ୍ଡିଆ (Linguistic Survey of India)ରେ ଓଡ଼ିଆଭାଷୀ ପ୍ରଦେଶର ସୀମା ବାରୁଆଠାରୁ ପାରଳାଖେମୁଣ୍ଡି, ଜୟପୁର ସହିତ ସ୍ପଷ୍ଟ ମାନଚିତ୍ର କାଟି ଦେଖାଇ ଦେଇ ସେ ବିଷୟରେ ଯଥେଷ୍ଟ ଆଲୋଚନା କରିଛନ୍ତି । ୧୯୧୩ରେ ବଡ଼ଲାଟ ଲର୍ଡ କର୍ଜନ୍ ଯେଉଁ ଓଡ଼ିଆଭାଷୀ ଭୂମିର ସୀମା ନିର୍ଦ୍ଦେଶ କରିଥିଲେ, ସେଥିରେ ମଞ୍ଜୁଷା, ଜୟପୁର ପ୍ରଭୃତି ସବୁ ସ୍ପଷ୍ଟ ଓଡ଼ିଆଭାଷୀ ବୋଲି କୁହା ହୋଇଥିଲା । ପୁଣି ଫିଲିପ୍-ଡ଼ଫ କମିଶନବେଳେ ଜୟପୁର ପାରଳା ପ୍ରଭୃତି ଓଡ଼ିଆଭାଷୀ ପ୍ରଦେଶରୁ ବାଦ୍ ପଡ଼ିନାହିଁ । ସର୍ବଶେଷରେ ଓଡନେଲ ସାହେବଙ୍କ ସଭାପତିତ୍ୱରେ ୧୯୩୨ର ଓଡ଼ିଆ କମିଟି ରିପୋର୍ଟରେ ଜୟପୁର ଓଡ଼ିଆଭାଷୀ ବୋଲି ସ୍ପଷ୍ଟ ସିଦ୍ଧାନ୍ତ ଲେଖାଅଛି । ପାରଳାଖେମୁଣ୍ଡି ଓଡ଼ିଆ ଅଂଶ ତେଲୁଗୁ ଅଂଶରୁ ଅଲଗା କରିବା ପାଇଁ ପାରଳା ରାଜା ମତ ନ ଦେଇଥିବାରୁ ପାରଳା ସମ୍ବନ୍ଧରେ ସାମାନ୍ୟ ମତଭେଦ ମାତ୍ର ହୋଇଅଛି । କିନ୍ତୁ ପାରଳା ଜମିଦାରୀକୁ ଭାଗ କରି ଗୋଟିଏ ଓଡ଼ିଆ ଅଂଶ ଅଲଗା କରାଯାଇପାରିବ ବୋଲି ସର୍ବବାଦିସମ୍ମତ ଭାବରେ ସେ ରିପୋର୍ଟରୁ ପ୍ରକାଶ ପାଉଅଛି । କେଉଁ ନିରପେକ୍ଷ ବିଚାରକ କେବେ ଏସବୁକୁ ତେଲୁଗୁ ରାଜ୍ୟ ବୋଲି କହିଛନ୍ତି, ଆମ୍ଭମାନଙ୍କୁ ଜଣାନାହିଁ ।

Digitized by PPRACHIN, SOA

ଆନ୍ଧ୍ରମାନେ ତାହା ମଧ୍ୟ କିଛି କହୁନାହାନ୍ତି। ତେବେ ବଡ଼ ଯୁକ୍ତି ବୋଧହୁଏ 'ଶ୍ୱେତପତ୍ର' (White Paper)। ଶ୍ୱେତପତ୍ରର ଏହି ପ୍ରସ୍ତାବରେ ମାନ୍ଦ୍ରାଜ ସରକାରଙ୍କର ହାତ ସ୍ପଷ୍ଟ ଦିଶୁଥିଲା, ସନ୍ଦେହ ନାହିଁ। ନଚେତ୍ ଶ୍ୱେତପତ୍ରରେ ଜୟପୁର, ପାରଳା କାଟି ଦେବାର ଅନ୍ୟ କୌଣସି କାରଣ ନାହିଁ। ଆଟ୍‌ଲି ସାହେବ ସେଥିପାଇଁ ତାହା ସଂଶୋଧନ କରି ୨୨.୦୬.୩୪ରେ ଜୟପୁର ମିଶାଇବା ପ୍ରସ୍ତାବ ଆଣିଲେ। ପାରଳାଟି ବାଣ୍ଟିବା ପାଇଁ ସେତେବେଳେ ମଧ୍ୟ ତାଙ୍କର ସାହସ ହୋଇନାହିଁ। ପରେ ପ୍ରଜାଙ୍କ ପକ୍ଷରୁ ସୁବିଧା ଅସୁବିଧା ବିଚାର କରି ଓଡନେଲ୍ କମିଟିର ସିଦ୍ଧାନ୍ତକୁ ବିଶ୍ଳେଷଣ କରି ସେ ଯଦି ୮.୧୦.୩୪ରେ ପାରଳାର ଓଡ଼ିଆ ଅଂଶଟି ଅଲଗା କରି ଓଡ଼ିଶାରେ ମିଶାଇବାର ପ୍ରସ୍ତାବ କରିଥାନ୍ତି, ତେବେ ଦୋଷଟା ରହିଲା କେଉଁଠାରେ? ଖାଲି ଆନ୍ଧ୍ରମାନେ ଯଥା, ଅଯଥା ଯାହା କହିବେ ବା ମାନ୍ଦ୍ରାଜ ସରକାରଙ୍କୁ କୁହାଇବେ, ତାହାହିଁ କଣ ଯୁକ୍ତି? ତାହା ଛଡ଼ା ତ ଆଉ କିଛି ବିଶେଷ ଯୁକ୍ତି ଆନ୍ଧ୍ରମାନଙ୍କ ଆକୁଳତା ପଛରେ ଥିଲାପରି ଜଣାପଡୁନାହିଁ।

ଓଡ଼ିଆ ଜାଗ୍ରତ ହୁଅନ୍ତୁ

ଅବଶ୍ୟ ଯୁକ୍ତି ଥିବା ନ ଥିବା ସ୍ୱତନ୍ତ୍ର କଥା। ଓଡ଼ିଆମାନଙ୍କୁ ଏବେ ବିଶେଷ ଭାବରେ ଜାଗ୍ରତ ରହିବାକୁ ହେବ। କାରଣ କେବଳ ଯୁକ୍ତିରେ ସବୁବେଳେ ଏ ରାଜ୍ୟ ଚଳୁନାହିଁ। ତାହା ଚଳୁଥିଲେ ମୟୂରଭଞ୍ଜର ପାଞ୍ଚପୀଢ଼ କଟାହୋଇ ଯେଉଁ ସିଂହଭୂମିର ଅଧିକାଂଶ ଏକପ୍ରକାର ତିଆରି ହୋଇଛି, ତାହା ଆଜି ଓଡ଼ିଶା ବାହାରେ ନ ଥାନ୍ତା। ଏ ଗୋଟିଏ ଉଦାହରଣ ମାତ୍ର। ଏ ସମ୍ବନ୍ଧରେ ଅଧିକ ବିସ୍ତାରି କହିବା ଏଠାରେ ପ୍ରାସଙ୍ଗିକ ନୁହେଁ, କିନ୍ତୁ ଓଡ଼ିଆମାନଙ୍କର ଏତେବେଳେ ନିଶ୍ଚିନ୍ତ ହୋଇ ରହିବା ସମୟ ନୁହେଁ, ଏତିକି ମାତ୍ର କହିବାର ଅଭିପ୍ରାୟ। ଓଡ଼ିଆ ଜାଗ୍ରତ ହୁଅନ୍ତୁ।

ନବ ଭାରତ- ୧/୭, ଆଲୋଚନା

ଜଏଣ୍ଟ ପାର୍ଲିମେଣ୍ଟାରୀ ରିପୋର୍ଟ ଓ ଓଡ଼ିଶା

ଓଡ଼ିଶାର ପ୍ରଦେଶ ଗଠନ ଦିଗରେ ଜଏଣ୍ଟ୍ ପାର୍ଲିମେଣ୍ଟାରୀ କମିଟି କେତେକ ଅଧିକା ସୁପାରିଶ କରିଛନ୍ତି। ସେଥିରେ ଓଡ଼ିଶା ଖୁସି ହେବାର କଥା। ଜୟପୁର ଓ ପାରଳାଖେମୁଣ୍ଡିର ଓଡ଼ିଆ ଅଞ୍ଚଳମାନ ଓଡ଼ିଶା ପ୍ରଦେଶରେ ମିଶାଇବା ପାଇଁ କମିଟି ବ୍ୟବସ୍ଥା ଦେଇଛନ୍ତି। ଶ୍ୱେତପତ୍ରରେ ବାଇଶ ହଜାର ବର୍ଗମାଇଲ ମାତ୍ର ଘେନି ଓଡ଼ିଶା ଗଢ଼ା ହେବାର ସୂଚନା ଦିଆଯାଇଥିଲା। ଏବେ ଆଉ ଏଗାର ହଜାର ବର୍ଗମାଇଲ ମିଶିବାର ସୁପାରିଶ ହୋଇଛି। ଏ ବଡ଼ କମ୍ କଥା ନୁହେ। ଚିରୋପଦ୍ରବ-ଜର୍ଜରିତ ଚିର ବ୍ୟାକୁଳ ଗଞ୍ଜାମ ବିଶାଖାପାଟଣାର ଭାଇମାନେ ଅନ୍ତତଃ ଏଇତକ ଏବେ ପାଇବା ପାଇଁ ଚାତକ ପରି ଚାହିଁ ବସିଥିଲେ। ମଞ୍ଜୁଷା ପ୍ରଭୃତି ଅନ୍ୟାନ୍ୟ ଅଞ୍ଚଳମାନ ଏହା ସଙ୍ଗେ ଆସିବ ବୋଲି ସେମାନେ ବିଚାରିଥିଲେ,

Digitized by PPRACHIN, SOA

କିନ୍ତୁ ତାହା ଏବେ ହେଲା ନାହିଁ। ହେଲେହେଁ ଯାହା ହେଲା ସେଥିରେ ସେମାନଙ୍କ ଆନ୍ଦୋଳନ ବହୁ ପରିମାଣରେ ଜୟଯୁକ୍ତ ହୋଇଛି। ଆମ୍ଭେମାନେ ସେଥିପାଇଁ ସେମାନଙ୍କୁ ଆନ୍ତରିକ ଅଭିବାଦନ ଜଣାଉଅଛୁ। ବିଶେଷରେ ପାରଳା ରାଜା ସାହେବ ଏହି ଜୟପୁର ପାରଳାଦି ଆସିବା ପାଇଁ ପ୍ରାଣପଣ ଚେଷ୍ଟା କରିଛନ୍ତି। ଆଜି ସେ ଯଥାର୍ଥରେ ଜାତିର ସାଧୁବାଦର ପାତ୍ର। ଆଜି ପାରଳା ଓ ଜୟପୁରର ଭାଇମାନଙ୍କ ସହିତ ପାରଳା ଓ ଜୟପୁର ଅଧୀଶ୍ୱରଙ୍କୁ ସାଦର ସ୍ୱାଗତ ଜଣାଉଅଛୁଁ।

କିନ୍ତୁ ସାଧାରଣ ଓଡ଼ିଆଙ୍କୁ ଏ ଘରପୋଡ଼ିରୁ କୁଟାଖିଏ ପାଇବା ପରି ଲାଗିବା ଘୋର ଆଶଙ୍କା ରହିଛି। ଇଂରେଜ ଶାସନରେ ଓଡ଼ିଆର ଘର ପୋଡ଼ିଯାଇଛି କହିଲେ ଚଳେ। ବହୁକାଳ ପରିତ୍ୟକ୍ତ ଅବହେଳିତ ଛିନ୍ନବିଚ୍ଛିନ୍ନ ଓଡ଼ିଆ ଆଜି ଜୀବନର ଆଶା ଭରସା ହରାଇ ନିସ୍ତେଜ ହୋଇ ପଡ଼ିଛି। ସେ ଦରିଦ୍ର। ଭବିଷ୍ୟତ ତାର ଶୂନ୍ୟ। କୌଣସି ଆନ୍ଦୋଳନରେ ତାର ବିଶ୍ୱାସ ନାହିଁ। ତେଣୁ ଶକ୍ତି ମଧ ନାହିଁ। ଆନ୍ଦୋଳନ ଫଳରେ ଆଜି ଜୟପୁର ପାରଳା ଆସିଛି। ଏଥିରେ ଯଦି ଜାତିର ଟିକିଏ ଉଦ୍‌ବୋଧନ ଜାଗ୍ରତ ହୁଏ, ତେବେ ଆମ୍ଭମାନଙ୍କର ଆଶା, ତାର ନୂତନ ଉଦ୍ୟମ ଓ ନୂତନ ଆନ୍ଦୋଳନ ପାଇଁ ବଳ ଆସିବ। ସେ ଯାହା ହେଉ, ସିଂହଭୂମି ଫୁଲଝର ପ୍ରଭୃତି ଯେଉଁ ଅଞ୍ଚଳମାନ ପ୍ରତିବେଶୀମାନଙ୍କ ଗ୍ରାସରୁ ଏବେ ମଧ ଓଡ଼ିଆ ହୋଇ ବଞ୍ଚି ରହିଛି, ସେ ସବୁ ଓଡ଼ିଶା ପ୍ରଦେଶକୁ ନ ଆସିବା ଯାଏ ଓଡ଼ିଆ ପ୍ରାଣରେ ଶାନ୍ତି ବା ସୌଖିନତା ନାହିଁ। ଜାତୀୟ ବିକାଶରେ ମଧ ତାର ଉଜ୍ଜ୍ୱଳ ଆଶା ଫୁଟିବ ନାହିଁ।

ଅର୍ଥନୀତି ଆଜିକାଲି ରାଜ୍ୟର ମଜ୍ଜା ଓ ମେରୁଦଣ୍ଡ। ଦେଶ ବା ଜାତିର ବିକାଶ କରିବାକୁ ହେଲେ ପ୍ରାକୃତିକ ଉପାଦାନରୁ ଅର୍ଥାଗମର ପନ୍ଥା ଫିଟାଇବାକୁ ହେବ। ତାହା ନ ହେଲେ ଜାତିର ବିକାଶର ଆଶା ନାହିଁ। ଏତେକାଳ ପରେ ଓଡ଼ିଶା ଆଜି ପ୍ରଦେଶ ହେଉଛି। ଶହେ ତିରିଶ ବର୍ଷରୁ ଅଧିକକାଳ ଓଡ଼ିଆ ଭିନ୍ନ ଭିନ୍ନ ପ୍ରଦେଶରେ ବାଣ୍ଟିହୋଇ ରହିବାରେ ପ୍ରାଦେଶିକ ରାଜଧାନୀମାନଙ୍କର ଅନୁଷ୍ଠାନମାନଙ୍କରେ ଓଡ଼ିଶାର ବହୁ ଧନ ଲାଗି ଆସିଛି। କଲିକତା, ପାଟନା, ମାନ୍ଦ୍ରାଜ, ଆନ୍ଧ୍ର, ନାଗପୁର, ପ୍ରଭୃତିର ହାଇକୋଟ, ବିଶ୍ୱବିଦ୍ୟାଳୟ ଓ ଅନ୍ୟାନ୍ୟ କୈନ୍ଦ୍ରିକ ଅନୁଷ୍ଠାନମାନ ତିଆରି ହେବାରେ ଓଡ଼ିଶାର ଭାଗ ଅଛି, ଏ କଥା କେହି ଅସ୍ୱୀକାର କରିବେ ନାହିଁ। ଶାସନ ଚକ୍ରରେ ପଡ଼ି ଓଡ଼ିଶାର ଜମିଦାରୀମାନ ଦିନେ କଲିକତାରେ ନିଲାମ ହୋଇଯାଇଥିଲା। ସେ ଧନର ବ୍ୟବହାର ଓ ଦାନରେ ଆଜି ବଙ୍ଗଦେଶର ଅନୁଷ୍ଠାନମାନ ପୁଷ୍ଟ ରହିଛି। କାଲିପରି ଜୟପୁରର ମହାରାଜା ଆନ୍ଧ୍ର ବିଶ୍ୱବିଦ୍ୟାଳୟକୁ ବାର୍ଷିକ ଲକ୍ଷେ ଟଙ୍କା ଦାନ କରି ପକାଇଛନ୍ତି। ଏସବୁ ପରିସ୍ଥିତିରେ ଓଡ଼ିଶାର ଏବେ କି ଗତି ହେବ, ସେ କଥା ବିଚାର କରି ସୁଚିନ୍ତିତ ସୁପରିଚାଳିତ, ସୁଦୃଢ଼ ଆନ୍ଦୋଳନ ଚଳାଇବା ଦରକାର।

Digitized by PPRACHIN, SOA

ଓଡ଼ିଶା ପ୍ରଦେଶ ଗଠନରେ ଆଉରି ଗୋଟିଏ ବିଶେଷ ଅସୁବିଧା ପ୍ରଦେଶର ସୀମା ନିର୍ଦ୍ଦେଶ ସାଙ୍ଗେ ଓତପ୍ରୋତ ଭାବରେ ଜଡିତ ରହିଛି । ଓଡ଼ିଶାରେ ଧନବୃଦ୍ଧି ନିମନ୍ତେ ପ୍ରାକୃତିକ ଉପାଦାନର ଅଭାବ ନାହିଁ। କିନ୍ତୁ ଶିଳ୍ପ ବ୍ୟବସାୟର କୌଣସି କେନ୍ଦ୍ର ଓଡ଼ିଶାର ସୀମା ମଧ୍ୟରେ ରହୁ ନାହିଁ। ମୟୂରଭଞ୍ଜ, କେନ୍ଦୁଝର, ଗାଙ୍ଗପୁର ପ୍ରଭୃତି ଓଡ଼ିଆ ରାଜ୍ୟମାନଙ୍କର ସମସ୍ତ ଖଣିଜ ଦ୍ରବ୍ୟର ବ୍ୟବସାୟ ବିକାଶ କେନ୍ଦ୍ର ଜେମସେଦପୁର। ତାହା ସିଂହଭୂମିରେ। ସିଂହଭୂମି ଏବେ ଓଡ଼ିଶାକୁ ଆସୁନାହିଁ। ପୁଣି ରାୟପୁର-ବିଶାଖାପାଟଣା ରେଳରେ ବିଶାଖାପାଟଣାର ବିରାଟ ନୌବାଣିଜ୍ୟର କେନ୍ଦ୍ରବାଟେ ଜୟପୁର କଳାହାଣ୍ଡି ସମ୍ବଲପୁର ପ୍ରଭୃତି ଅଞ୍ଚଳର ସମସ୍ତ ପ୍ରାକୃତିକ ସଂପଦର କାରବାର ଚାଲିବ। ଓଡ଼ିଶାର ନିଜ ଭୂମିରେ ବିଶାଖାପାଟଣା କେବେ ରହିବାର ଆଶା ନାହିଁ, କିନ୍ତୁ ସିଂହଭୂମି ରହିବାର କଥା। ତାହା ଅତି ଶୀଘ୍ର ଓଡ଼ିଶାକୁ ଆସିବା ଉଚିତ। ଓଡ଼ିଶାର ଦାରିଦ୍ର୍ୟ ସମସ୍ୟା ସମାଧାନରେ ଏହା ନିତାନ୍ତ ଆବଶ୍ୟକ।

ଏବେ ଓଡ଼ିଶା ପ୍ରଦେଶର ଆୟକୁ ଖର୍ଚ୍ଚ ଅଣ୍ଟିବ ନାହିଁ ବୋଲି ଧରାଯାଇଛି। ଆୟ ବଢ଼ାଇବାରେ କଣ କରାଯାଇପାରିବ, ତାହା ଏବେ ଜଣାନାହିଁ। ବର୍ତ୍ତମାନ ପରିସ୍ଥିତିରେ ଲୋକଙ୍କ ଉପରେ କର ବଢ଼ାଇବାର କୌଣସି ଉପାୟ ନାହିଁ, ବରଂ ଅନେକ କ୍ଷେତ୍ରରେ କର କମାଇବାର ଦରକାର ରହିଛି। ଇଂରେଜ ଶାସନର ତଳିପାଠାରୁ ତାଳୁ ବଡ ଗରୁ। ଏଥିରେ ମେଜେଷ୍ଟର ଓ ପୁଲିସ ସାହେବ ପ୍ରଭୃତିଙ୍କ ଦରମାରେ ହାତ ନ ଦେବାପାଇଁ ସୁଦୃଢ଼ ବ୍ୟବସ୍ଥାମାନ ହେଉଛି। ଅନ୍ୟାନ୍ୟ ଉପରିସ୍ଥଙ୍କ ଦରମାମାନ ସେହି ଅନୁକ୍ରମେ ହେବାର ସମ୍ଭାବନା। ପିୟନ, ଚପରାଶି, କନେଷ୍ଟବଳ ପ୍ରଭୃତିଙ୍କ ଦରମା କମାଇ ହେବ ନାହିଁ, କମାଇଲେ ମଧ୍ୟ ରାଜ୍ୟର ବିଶେଷ କିଛି ଲାଭ ନାହିଁ। ଏପରି ସ୍ଥଳେ ଦେଶର ମନ୍ତ୍ରୀ କ'ଣ କରିବେ ତାହା ବିଶେଷ ଚିନ୍ତାର ବିଷୟ। ରିପୋର୍ଟରେ କମିଟି ସେଥିପାଇଁ କେନ୍ଦ୍ର ସରକାରରୁ ଓଡ଼ିଶା ପାଇଁ ଗୋଟିଏ ସ୍ଥାୟୀ ଗ୍ରାଣ୍ଟର ପ୍ରସ୍ତାବ କରିଛନ୍ତି। ଏପରି ପ୍ରସ୍ତାବ ଅନ୍ୟ କୌଣସି ପ୍ରଦେଶ ପାଇଁ କରାହୋଇନାହିଁ। ବଙ୍ଗ ଦେଶ ଝୋଟ ରପ୍ତାନି କରରୁ ଅଧେ ନେବ। ଆସାମ କିରାସିନି ପେଟ୍ରୋଲ ପ୍ରଭୃତି ତେଲ କରରୁ ଅଂଶ ପାଇବାର ସମ୍ଭାବନା। ସୁକର ବେରେଜ କେନାଲମାନ ୧୫ବର୍ଷ ଭିତରେ ସିନ୍ଧୁର ମରୁଭୂମିକୁ ଶ୍ୟାମଳ କୃଷିକ୍ଷେତ୍ରରେ ପରିଣତ କରିବ। ସେଥିପାଇଁ କମିଟି ଆଶା କରନ୍ତି ଯେ, ପରେ ସିନ୍ଧୁପ୍ରଦେଶକୁ ଆଉ ଗ୍ରାଣ୍ଟ ଦେବାକୁ ପଡ଼ିବ ନାହିଁ। କିନ୍ତୁ ସେମାନଙ୍କ ମତରେ ଚିର ଦରିଦ୍ର ଓଡ଼ିଶା ପ୍ରଦେଶ କଥା ସ୍ୱତନ୍ତ୍ର। ତାହାକୁ ବର୍ଷକୁ ବର୍ଷ ସ୍ଥାୟୀ ଭାବରେ କିଛି କିଛି ଦେବାର ବ୍ୟବସ୍ଥା କରିବାକୁ ହେବ। ପରେ ପ୍ରଦେଶ ହେଲାବେଳକୁ ହିସାବ କରି ଦେଖି ଏ ଦାନର ପରିମାଣ ଠିକ୍ କରିବାକୁ ହେବ ବୋଲି ସେମାନେ କହୁଛନ୍ତି। ଅନୁମାନ ହୁଏ, ଓଡ଼ିଶା ପ୍ରତିବର୍ଷ ପ୍ରାୟ ୨୫ରୁ ୩୦ ଲକ୍ଷ ଟଙ୍କା କେନ୍ଦ୍ର ସରକାରରୁ ପାଇବ।

Digitized by PPRACHIN, SOA

କିନ୍ତୁ ଗୋଟିଏ କଥା ଓଡ଼ିଆମାନେ ତଥା ସରକାର ଏଠାରେ ବୁଝି ରଖିବା ଉଚିତ। ଓଡ଼ିଶା ଚିରକାଳ ପ୍ରଦେଶାନ୍ତରମାନଙ୍କର କେନ୍ଦ୍ର ଅନୁଷ୍ଠାନମାନ ଗଢ଼ିବାରେ ସାହାଯ୍ୟ କରିଛି। ସେ କଥା ଛାଡ଼। ଏବେ ମଧ୍ୟ ଭାରତର ଶିଳ୍ପ ବ୍ୟବସାୟ ରକ୍ଷା କରିବାପାଇଁ ରକ୍ଷଣ ଶୁଳ୍କ ବା Protection Duty ଭାରତର ପ୍ରଜା ପ୍ରତିବର୍ଷ କୋଟି ବା କୋଟି ଟଙ୍କା କେନ୍ଦ୍ର ସରକାରକୁ ଦେଉଛନ୍ତି। ଏ ଟଙ୍କା ସରକାରଙ୍କର ପ୍ରାପ୍ୟ ନୁହେଁ। ଆଜି ଏ ଟଙ୍କା ଦେବାରେ ଦେଶର କଳକାରଖାନାରର ଶିଳ୍ପ ବ୍ୟବସାୟ ସବୁ ବଢ଼ିବ। ଯେଉଁ ପ୍ରଦେଶରେ ଲୁହା, ଲୁଗା, ଚିନି, ପ୍ରଭୃତିର କଳକାରଖାନା ଅଛି ବା ହେଉଛି, ସେ ପ୍ରଦେଶମାନ କାଳକ୍ରମେ ଏ ରକ୍ଷଣଶୁଳ୍କର ଫଳ ପାଇବେ ଓ ଭୋଗ କରିବେ। କିନ୍ତୁ ଓଡ଼ିଶା ପରି ଶିଳ୍ପହୀନ ଦେଶର ପ୍ରଜା ଏ ବାବଦରେ ବର୍ଷକୁ ଅନ୍ତତଃ ଏକ କୋଟି ଟଙ୍କାରୁ କମ୍ କେନ୍ଦ୍ର ସରକାରଙ୍କୁ ଦେଉନାହିଁ। ଲୁଗା, ଲୁହା, ଚିନି ପ୍ରଭୃତି ସବୁ ବେଶି ଦରରେ କିଣିବାରେ ଓଡ଼ିଶାର ପ୍ରତ୍ୟେକ ପ୍ରଜା ହାରାହାରି ଅନ୍ତତଃ ଏବେ ବର୍ଷକେ ଏକ ଟଙ୍କାରୁ ବେଶି କେନ୍ଦ୍ର ସରକାରଙ୍କୁ ଦେଉଛି ବୋଲି ଧରି ଏହି ଟଙ୍କା ହିସାବ କରାଯାଉଛି। ଆଜି ପ୍ରାଦେଶିକ ସ୍ୱାୟତ୍ତଶାସନର ଏ ଘଟଣାବେଳେ ଏ ଟଙ୍କା ତକରୁ କେନ୍ଦ୍ର ସରକାରଙ୍କର ରାଜସ୍ୱ ଶୁଳ୍କ ପରିମାଣରେ ଟଙ୍କା କାଟି ନେଇ ବାକିତକ ପଲ୍ଲିଶିକ୍ଷାଦି ଗଠନ କରିବା ଉଦ୍ଦେଶ୍ୟରେ ଓଡ଼ିଶା ସରକାରଙ୍କ ମନ୍ତ୍ରୀଙ୍କ ହାତେ ଦେବା ଉଚିତ ନୁହେ କି ? ଓଡ଼ିଶାର ରାଜନୀତିକମାନେ ଏ ବିଷୟ ପ୍ରତି ଅତି ଶୀଘ୍ର ଧ୍ୟାନ ଦିଅନ୍ତୁ। ଏ ବିଷୟରେ ମଧ୍ୟ ସୁଦୃଢ଼ ଆନ୍ଦୋଳନ ଦରକାର।

ପ୍ରଦେଶର ବ୍ୟବସ୍ଥା ସଭା ଗଢ଼ିବାପାଇଁ ଲୋକେ ସାକ୍ଷାତ୍‌ଭାବରେ ଭୋଟ ଦେବେ। ଏହି ଭୋଟ ଅଧିକାର ସ୍ଥିର କରିବା ପାଇଁ ଲୋଦିଆନ କମିଟିର ପ୍ରସ୍ତାବକୁ ଶ୍ୱେତପତ୍ର ମଞ୍ଜୁର କରିଥିଲେ। ଏବେ କମିଟି ସ୍ଥୁଳତଃ ତାହାହିଁ କରିଛନ୍ତି। ଯାହା ଟିକିଏ ବଦଳାଇଛନ୍ତି, ଦୁର୍ଭାଗ୍ୟକୁ ତା'ର ମାଡ଼ ବିଶେଷ ଭାବରେ ଓଡ଼ିଶା ଉପରେ ପଡ଼ିଛି। ଲୋଦିଆନ କମିଟି ସୁପାରିଶ ଅନୁସାରେ ଶ୍ୱେତପତ୍ର କହିଥିଲେ; ବିହାର ଓଡ଼ିଶାରେ ଯେ ଚୌକିଦାର ଟିକସ ଦେଉଛି କିମ୍ବା ସେହି ପରିମାଣ ସମ୍ପତ୍ତିର ଅଧିକାରୀ, ସେ ପ୍ରାଦେଶିକ ବ୍ୟବସ୍ଥାପକ ସଭାପାଇଁ ମେମ୍ବର ବାଛିବାରେ ଭୋଟ ଦେଇପାରିବ। ଏପରି ହିସାବରେ ମଧ୍ୟ ଅନ୍ୟାନ୍ୟ ପ୍ରଦେଶରେ ଯେ ଅନୁପାତରେ ଭୋଟର ସଂଖ୍ୟା ବଢ଼ିଥିଲେ, ବିହାର ଓଡ଼ିଶାରେ ସେ ପରିମାଣକୁ ଉଠିପାରି ନଥିଲା। ଏବେ ଜଏଣ୍ଟକମିଟି କହିଛନ୍ତି, ଯାହାର ଚୌକିଦାର ଟିକସ ବାରଅଣା କିମ୍ବା ଚୌକିଦାରି ଟିକସ ନ ଥିବା ଜାଗାରେ ଯେ ଏହିଭଳି ପରିମାଣର ସମ୍ପତ୍ତିର ଅଧିକାରୀ, ବିହାର, ଓଡ଼ିଶା ପ୍ରଦେଶରେ ତାଙ୍କୁ ଏବେ ଭୋଟ ଅଧିକାର ଦିଆଯାଉ। ପରେ ଦରକାର ହେଲେ (ଆଠଅଣା) ଚୌକିଦାର ଟିକସକୁ ଭୋଟ ଖସାଇ ଆଣିବାକୁ ହେବ। ଏହାର କାରଣରେ ବିହାର ଭୂମିକମ୍ପ କଥା ସେମାନେ ଉଠାଇଛନ୍ତି। ଭୂମିକମ୍ପରେ ଲୋକଙ୍କର

Digitized by PPRACHIN, SOA

ଅବସ୍ଥା ଖରାପ ହୋଇଯାଇଅଛି । ସେଥିପାଇଁ ତ ଭୋଟ ଅଧିକାର ଆହୁରି ତଳକୁ ଖସାଇ ଦେବାର କଥା । କିନ୍ତୁ କମିଟି ବୋଧହୁଏ ମନେ କରନ୍ତି, ଏତେ ଭୋଟରଙ୍କୁ ଭୋଟ ଦିଆଇବାର ବ୍ୟବସ୍ଥା କରିବାରେ ପ୍ରଦେଶର ଖର୍ଚ୍ଚ ବଢ଼ିଯିବ । ଅତଏବ ଭୋଟର ସଂଖ୍ୟା କମାଇ ଦିଆଯାଉ । ଖର୍ଚ୍ଚକୁ ଡରି ଆଉ କିଛି ବନ୍ଦ କରା ହେଉନାହିଁ । ଲୋକଙ୍କର ଅଧିକାର କାଢ଼ି ନେବାରେ ଏପରି ବିଚାର ଅତି ଅସଙ୍ଗତ । ପୁଣି ବିହାର ସଙ୍ଗେ ଓଡ଼ିଶା ଯୋଡ଼ା ହୋଇଥିଲା ବୋଲି ଇଷ୍ଟନିଷ୍ଟା ସବୁଥିରେ ଓଡ଼ିଶାକୁ ଭାଗୀ ହେବାକୁ ପଡୁଥିଲା । ଏବେ ଓଡ଼ିଶା ଅଲଗା ହେଲା । ବିହାର ଭୂମିକମ୍ପ ସଙ୍ଗେ ଅଲଗା ଓଡ଼ିଶାର କୌଣସି ସମ୍ପର୍କ ନାହିଁ । ତଥାପି ବିହାର ସଙ୍ଗେ ଓଡ଼ିଶାକୁ ଯୋଡ଼ି ଦେଇ ଓଡ଼ିଶାର ଏ ଅନିଷ୍ଟ କାହିଁକି କରାଯାଇଛି, ବୁଝାଯାଉନାହିଁ ।

ଓଡ଼ିଶାର ଅଙ୍ଗ, ଓଡ଼ିଶାର ସୀମା ବଢ଼ାଇବାରେ ଆକାର ଖୁବ୍ ବଢ଼ାଇବା ସୁପାରିଶ କରାହୋଇଛି । ଏହା ଦେଢ଼ା ହୋଇଯିବ । କିନ୍ତୁ ପ୍ରାଦେଶିକ ବ୍ୟବସ୍ଥା ସଭାର ସଭ୍ୟ ସଂଖ୍ୟା କିମ୍ବା କେନ୍ଦ୍ର ବ୍ୟବସ୍ଥା ସଭାମାନଙ୍କରେ ଓଡ଼ିଶାର ପ୍ରତିନିଧିଙ୍କ ସଂଖ୍ୟା ବଢ଼ାଇବାରେ କୌଣସି ସୂଚନା ନାହିଁ । ଶ୍ୱେତପତ୍ରରେ କେନ୍ଦ୍ର ସଭାମାନଙ୍କ ପାଇଁ ଓଡ଼ିଶାରୁ ମୋଟେ ୫ଜଣ ଲେଖାଏଁ ନିର୍ବାଚିତ ହୋଇଯିବାର କଥା ଥିଲା । ସିନ୍ଧୁ ପ୍ରଦେଶର ଲୋକସଂଖ୍ୟା ୩୯ ଲକ୍ଷ, ସୀମାନ୍ତ ପ୍ରଦେଶର ୨୪ ଲକ୍ଷ, ଓଡ଼ିଶାର ୬୭ଲକ୍ଷ ବୋଲି ସେତେବେଳେ ଧରାଯାଇଥିଲା । ତଥାପି ସମସ୍ତଙ୍କ ଭାଗରେ ସମାନ ପାଞ୍ଚ ପାଞ୍ଚୋଟି ଲେଖାଏଁ ମେମ୍ବର ପଡ଼ିଥିଲା । ଆସାମର ଲୋକସଂଖ୍ୟା ୮୬ ଲକ୍ଷ । ଏବେ ଯେ ଓଡ଼ିଶା ହେଲା ତା'ର ଲୋକସଂଖ୍ୟା ୮୩ ଲକ୍ଷ । ଆସାମ ଭାଗରେ ତଳ କେନ୍ଦ୍ର ସଭାପାଇଁ ଦଶୋଟି ମେମ୍ବର ପଠାଇବା ନିର୍ଦ୍ଦେଶ ହୋଇଛି । କିନ୍ତୁ ସେହି ତଳକେନ୍ଦ୍ର ସଭାପାଇଁ ମଧ୍ୟ ଓଡିଶାରେ ପାଞ୍ଚୋଟି ମେମ୍ବରର ବ୍ୟବସ୍ଥା କିପରି ସଙ୍ଗତ ବୋଧ ହେଲା, ତାହା ବୁଝିବା ଦୁଷ୍କର । ଏବେ ଓଡିଶାରୁ ଦୁଇଟି (ଅମୁସଲମାନ) Non Mohommedan ମେମ୍ବର ଏ ତଳ ସଭାକୁ ଯାନ୍ତି । ଗଞ୍ଜାମ ମିଶିବା ପରେ ମଧ୍ୟ General ବା ସାଧାରଣ ନିର୍ବାଚନ ମଣ୍ଡଳୀରୁ ତିନୋଟି ଓ ଉପେକ୍ଷିତ ସଂଗତି ମଧ୍ୟରୁ ଗୋଟିଏ ଯିବାର ବ୍ୟବସ୍ଥାରେ ଅନୁପାତର କୌଣସି ସଂଗତି ନାହିଁ । ଏବେ ନିର୍ବାଚିତ ମେମ୍ବରଙ୍କ ସଂଖ୍ୟା ତଳ କେନ୍ଦ୍ର ସଭାରେ ୧୦୫ । ସେଥିରୁ ବର୍ତ୍ତମାନ ଓଡିଶାରୁ ଦୁଇ । ଦୁଇଶହ ପଚାଶ ନିର୍ବାଚିତ ମେମ୍ବର ହେବା ପ୍ରସ୍ତାବ ହୋଇଥିବା ସ୍ଥଳେ କେବଳ ବର୍ତ୍ତମାନ ଓଡିଶାରୁ ପ୍ରାୟ ପାଞ୍ଚୋଟି ଅମୁସଲମାନ ବା Non Mohommedan ଯିବାର କଥା । ଯେଉଁ ନୂଆ ଅଂଶମାନ ଓଡ଼ିଶାରେ ମିଶୁଛି, ତାର ବିଚାର ସ୍ୱତନ୍ତ୍ର ।

Digitized by PPRACHIN, SOA

ଏବେ ରିପୋର୍ଟ କିନ୍ତୁ ଜୟପୁର ପାରଳାର ୧୧ ହଜାର ବର୍ଗମାଇଲ ମିଶାଇ ମଧ୍ୟ ସେହି ପାଞ୍ଚୋଟିରୁ ବେଶି ବ୍ୟବସ୍ଥା କରିନାହାନ୍ତି। ଏ କଥାରେ କଣ ଭିତିରି ରହସ୍ୟ ଅଛି କି ?

ଚିର-ଉପେକ୍ଷିତ ଓଡ଼ିଶା ଖାଲି ଓଡ଼ିଶା ପ୍ରଦେଶ ଓ ସୀମାପାଇଁ ଆନ୍ଦୋଳନ କରୁଥିଲା। ସେଥିପାଇଁ ଶ୍ୱେତପତ୍ର ବା ଜଏଣ୍ଟ୍ କମିଟିର ଦୃଷ୍ଟି ଏ ମେମ୍ବର ନିର୍ବାଚନ ଆଡ଼କୁ ଯାଇନାହିଁ, ଏହାହିଁ ଅନୁମାନ ହୁଏ। ଆଶା କରାଯାଏ, ଓଡ଼ିଶା ଏ ବିଷୟରେ ନୀରବ ରହିବ ନାହିଁ ଓ ଶାସନ ବ୍ୟବସ୍ଥାବେଳେ ଆସାମ ସଙ୍ଗେ ଓଡ଼ିଶା ଏ କ୍ଷେତ୍ରରେ ସମାନ ବୋଲି ବିବେଚିତ ହେବ।

ଓଡ଼ିଶା ପ୍ରଦେଶକୁ ସ୍ୱତନ୍ତ୍ର କରିବା ପାଇଁ ସୁପାରିଶ କଲାବେଳେ କମିଟି ଯଥାର୍ଥ କହିଛନ୍ତି 'A Separate province of Orissa would however be perhaps the most homogenious province in the whole of British India, both racially and linguistically, the communal difficulty is practically non-existence and its claim appears to have the sympathy and support of all parties India". "ଭାରତର ପ୍ରଦେଶମାନଙ୍କ ମଧ୍ୟରେ ଓଡ଼ିଶା ଭାଷା ଓ ଜାତି ସୂତ୍ରରେ ଏକମୁଖୀ ପ୍ରଦେଶ ହେବ। ସାମ୍ପ୍ରଦାୟିକ ଦ୍ୱୈଧ ଏଠାରେ ନାହିଁ କହିଲେ ଚଳେ।"

ଭାରତର ବର୍ତ୍ତମାନ ପରିସ୍ଥିତିରେ ସାମ୍ପ୍ରଦାୟିକତା ଥିବା ସତ୍ତ୍ୱେ ସ୍ୱାୟତ୍ତ ଶାସନର ସୁବିଧା ମିଳିଲେ ଏପରି ଗୋଟିଏ କ୍ଷୁଦ୍ର ସୁନ୍ଦର ପ୍ରଦେଶ ଘେନି ବହୁତ କରାଯାଇପାରେ। କିନ୍ତୁ ପ୍ରାଦେଶିକ ସ୍ୱାୟତ୍ତଶାସନର ଯେଉଁ ବ୍ୟବସ୍ଥାମାନ କରାହେବାର ଆଭାସ ମିଳୁଛି, ସେଥିରେ ସ୍ୱାୟତ୍ତଶାସନ ବହୁଭାବରେ ଖର୍ବ କରାହୋଇଛି ସନ୍ଦେହ ନାହିଁ। କୁହାଯାଇପାରେ ଏହା ସ୍ୱାୟତ୍ତଶାସନ ନୁହେ। ଭାରତର ଜାତୀୟ ଅଭିଳାଷ ଏଥିରେ ଘୋର କ୍ଷୁଣ୍ଣ ହେବାର କଥା। ଜାତୀୟ ଆତ୍ମସମ୍ମାନ ମଧ୍ୟ ଏଥିରେ ଅବହେଳିତ ହୋଇଛି। ପ୍ରଦେଶମାନେ କି ମତ ଧରି ଏଥିର କି ବ୍ୟବହାର କରିବେ, କହିହେଉନାହିଁ। କିନ୍ତୁ ଏ କଥା ସତ୍ୟ, ଲୋକେ ମନ୍ତ୍ରୀସଭା ଗଢ଼ି ପ୍ରଦେଶ ଶାସନରେ ଯୋଗଦେଲେ ହୁଏତ ବର୍ତ୍ତମାନ ପ୍ରସ୍ତାବିତ ପରିସ୍ଥିତିରେ ଲୋକଙ୍କପାଇଁ ବିଶେଷ କିଛି କରିପାରିବେ ନାହିଁ। ମାତ୍ର ଦେଶର ପ୍ରତିକ୍ରିୟାପର ଲୋକଙ୍କ ହାତେ ମନ୍ତ୍ରିପଦ ତଥା ପ୍ରଦେଶ ଶାସନ ଛାଡ଼ିଦେଇ ଅଲଗା ହେଲେ ସେମାନେ ଯେ ଦେଶର ଘୋର କ୍ଷତି କରିପାରନ୍ତି, ଏଥିରେ କୌଣସି ସନ୍ଦେହ ନାହିଁ। ମନ୍ତ୍ରୀସଭା ଧରି ବସି ଲୋକଙ୍କର ଅନିଷ୍ଟ କରିବାର ସୁବିଧା ଏ ଶାସନ ଖସଡ଼ାରେ ବହୁତ ରହିବ। ରାଜନୀତିକମାନେ ବିଶେଷତଃ ଓଡ଼ିଶାର ଭବିଷ୍ୟତ ଆଶାଦୀପମାନେ ଏହି କଥା ମନରେ ରଖି ଏ ସମ୍ବନ୍ଧରେ ମହାଭାରତୀୟ ଚାଳନାକୁ ଅପେକ୍ଷା କରନ୍ତୁ।

ନବଭାରତ-୧/୬, ଆଲୋଚନା

Digitized by PPRACHIN, SOA

ଭାରତ ସରକାରଙ୍କ ଜାତିଗଠନ ଉଦ୍ୟମ ଓ ଓଡ଼ିଶାର ଦାବୀ

ଭାରତ ସରକାର ଦେଶରୁ ବହୁତ ରକମ ଅସାକ୍ଷାତ୍ କର ବା ଟିକସ ନିଅନ୍ତି। ତହିଁ ମଧ୍ୟରୁ ଅନେକଗୁଡ଼ିଏ ଟିକସ ଏ ଦେଶର କଳକାରଖାନା ସବୁ ରକ୍ଷା କରିବାପାଇଁ ଦିଆଯାଏ। ଏ ବିଷୟ ପୂର୍ବେ ବାରମ୍ବାର କୁହାଯାଇଅଛି। ଲୋକେ ଯେ ଏତେ ଅସାକ୍ଷାତ୍ ଟିକସ ଦିଅନ୍ତି, ପୁଣି କଳକାରଖାନାର ଶିଳ୍ପରକ୍ଷା କରିବାପାଇଁ ଦିଅନ୍ତି, ସେଥିରେ ପ୍ରଜା ସାଧାରଣର ବିଶେଷ କିଛି ଲାଭ ହୁଏ ନାହିଁ। ଚିନିକଳ, ଲୁଗାକଳ, ଲୁହାକଳ, ଦିଆସିଲି କଳ ପ୍ରଭୃତି ରକ୍ଷା କରିବାପାଇଁ ଏ ଦେଶର ଲୋକେ କୋଟି କୋଟି ଟଙ୍କା ଟିକସ ଦିଅନ୍ତି। ଭାରତର ଅର୍ଥସଚିବ ଏବେ କହିଥିଲେ, କେବଳ ଲୁଗା ଓ ଚିନିକଳ ରକ୍ଷା କରିବା ପାଇଁ ଏ ଦେଶର ଲୋକେ ଚିନି ଓ ଲୁଗା କିଣିବାରେ ଅଧିକା ଦାମ ରୂପରେ ଯେଉଁ ଟିକସ ଦିଅନ୍ତି, ତାହାର ପରିମାଣ ବର୍ଷକୁ ୩୪ କୋଟି ଟଙ୍କା। ସେଥିମଧ୍ୟରୁ ୭ କୋଟି ଟଙ୍କା ଭାରତ ସରକାରଙ୍କ ଖଜଣାଖାନାକୁ ଯାଏ। ବାକୀସବୁ ଲୁଗା ଓ ଚିନି କଳବାଲାମାନଙ୍କ ହାତକୁ ଯାଏ। ସେଥିରୁ ଆଖୁଚାଷୀ, ତୁଳାଚାଷୀ ଓ କଳ ମୁଲିଆମାନେ ୧୫କୋଟି ଟଙ୍କା ନେଲେ ମଧ ବାକୀ ପ୍ରାୟ ୧୨କୋଟି ଟଙ୍କା କଳକାରଖାନାବାଲାମାନେ ଲାଭ କରନ୍ତି। ଦେଶର ଜନସାଧାରଣ ଏହି ୧୨+୭=୧୯ କୋଟି ଟଙ୍କାରୁ କିଛିମାତ୍ର ଫଳ ପାନ୍ତି ନାହିଁ କହିଲେ ଚଳେ। ସେଥିପାଇଁ ଏହି ଟଙ୍କାର ଗୋଟିଏ ଅଂଶ ପଲ୍ଲିଶିଳ୍ପର ଉନ୍ନତିରେ ଖର୍ଚ୍ଚ କରିବା ସରକାରଙ୍କର କର୍ତ୍ତବ୍ୟ। ସରକାର ଏହି କର୍ତ୍ତବ୍ୟ କରିବା ଉଦ୍ଦେଶ୍ୟରେ ଏବେ ତିନୋଟି ଦିଗରେ କିଛି କିଛି ସାମାନ୍ୟ ଖର୍ଚ୍ଚ କରିବାର କଳ୍ପନା କାର୍ଯ୍ୟରେ ପରିଣତ କରିବା ଆରମ୍ଭ କରିଛନ୍ତି।

(୧) ଗ୍ରାମ ସଂଗଠନ :

ଗ୍ରାମସଂଗଠନ ନିମନ୍ତେ ଭାରତ ସରକାର ଏ ବର୍ଷ ଏକକୋଟି ଟଙ୍କା ଦାନ କରିଅଛନ୍ତି। ତାହା ଶୁଣାଯାଏ, ପ୍ରଦେଶମାନଙ୍କ ମଧ୍ୟରେ ଲୋକସଂଖ୍ୟା ଅନୁପାତରେ ବଣ୍ଟା ହେବ।

(୨) କୃଷିଜାତ ଜିନିଷର ବିକ୍ରି ବ୍ୟବସ୍ଥା :

ଦେଶର କୃଷି ଜାତ ଦ୍ରବ୍ୟ ସବୁ ଯେପରି ଭଲ ମୂଲ୍ୟରେ ଦରକାର ଥିବା ସ୍ଥାନରେ ବିକ୍ରି ହୋଇପାରିବ, ସେଥିପାଇଁ ଭାରତ ସରକାର ଗୋଟିଏ ବିକ୍ରି ସଂଘ (Marketing Board) କରି ପ୍ରତ୍ୟେକ ପ୍ରଦେଶରେ ତାହାର ଶାଖାମାନ ରଖିବା ସକାଶେ ବ୍ୟବସ୍ଥା କରୁଛନ୍ତି।

(୩) ତନ୍ତୀମାନଙ୍କୁ ସାହାଯ୍ୟ :

ଏ ଦେଶକୁ ଯେତେ ବିଦେଶୀ ସୂତା ଆସେ, ସେଥିରେ ପ୍ରତି ପାଉଣ୍ଡ ବା ବାଲେଶ୍ୱର ଅଧସେର ଉପରେ ପଇସାଟିଏ ଲେଖାଏଁ ଅଧିକା ଟିକସ ବସାଇ ସେହି ଟିକସରୁ ମିଳିବା

Digitized by PPRACHIN, SOA

ଟଙ୍କା ପ୍ରଦେଶମାନଙ୍କୁ ତନ୍ତୀଙ୍କ ସାହାଯ୍ୟ ପାଇଁ ବା ତନ୍ତ ବୁଣା ଲୁଗାର ଉନ୍ନତି ପାଇଁ ବାଣ୍ଟି ଦେବାର ବ୍ୟବସ୍ଥା ହେଉଛି। ଏହିସବୁ ସୂତ୍ରରେ ପ୍ରଦେଶର ସରକାରମାନଙ୍କୁ ଭାରତ ସରକାର ନାନା ସର୍ତ୍ତରେ ସାହାଯ୍ୟ ଦେବେ। ସେଥିରେ ଓଡ଼ିଶାର ଭାଗ ଅଲଗା ନ ହୋଇ ବିହାର ଓଡ଼ିଶା ସରକାର ସଙ୍ଗେ ଯୋଖା ହେବ। ନାନା କାରଣରୁ ବିହାର ସରକାର ନିଜର ଭାଗ ଦାବୀ କରିବାରେ ଟିକିଏ ଅପଟୁ। ପୁଣି ଗତ ଭୂମିକମ୍ପରେ ବିହାର ବହୁତ ସାହାଯ୍ୟ ପାଇଥିବାରୁ ଏ ସାହାଯ୍ୟର ଭାଗ ସବୁ ଦାବୀ କରିବାରେ ସେ ଟିକିଏ ସଙ୍କୁଚିତ ହୋଇପାରେ। ଫଳ କଥା, ବିହାରକୁ ଅନୁପାତ ଅନୁସାରେ ଅଳ୍ପ ମିଳିବାର ବହୁତ ସମ୍ଭାବନା ଅଛି। ସେଥିରେ ପୁଣି ଓଡ଼ିଶା ବିହାରର ଗୋଟିଏ ଅଧସ୍ତନ ଅଂଶ। ଓଡ଼ିଶାର କଥା ପାଟନାକୁ ଶୁଭେ ନାହିଁ। ପାଟନାର ଅନୁଗ୍ରହ ପାଇଁ ଓଡ଼ିଶା ଚାହିଁ ବସିଥାଏ। ତଥାପି, ବିହାର କହେ, ଓଡ଼ିଶାକୁ ଖୁବ୍ ଭାଗ ଦିଆଯାଉଛି। ହିସାବ କରି ଦେଖାଯାଇଛି, ସମସ୍ତ ବିହାର ଓଡ଼ିଶାରୁ ଯେଉଁ ଖଜଣା ଓ ଟିକସ ଆଦାୟ ଓ ଖର୍ଚ୍ଚ ହୁଏ, ସେଥିରେ ବିହାରର ପ୍ରତ୍ୟେକ ଲୋକପାଇଁ ହାରାହାରି ଏକ ଟଙ୍କା ତିନିଅଣା ଛ'ପାହୁଲା ପଡ଼େ। କିନ୍ତୁ କେବଳ ଓଡ଼ିଶା ବିଭାଗର ଚାରିଜିଲ୍ଲାରୁ ଯାହା ଆଦାୟ ହୁଏ, ତାହାକୁ ଭାଗ କରି ଦେଖିଲେ ଜଣ ପିଛା ପ୍ରାୟ ଏକଟଙ୍କା ତେରଅଣା ୬ ପାହୁଲା ପଡ଼େ। ଏଥିରେ ଓଡ଼ିଶାକୁ ବେଶି ଭାଗ ଦିଆଯାଉଛି ବୋଲି କହିଲେ କଥାଟାକୁ ଭଲକରି ବୁଝାଇ କହିବା ଦରକାର। ସେଥିରେ ପୁଣି ହାଇକୋର୍ଟ, ବିଶ୍ୱବିଦ୍ୟାଳୟ, ଡାକ୍ତରୀ କଲେଜ, ସେଣ୍ଟ୍ରାଲ ଜେଲ ଓ ସବୁ ବିଭାଗୀୟ ହେଡକ୍ୱାଟର୍ସ ପାଇଁ ଓଡ଼ିଶାର ଧନ ବର୍ଷକୁ ବର୍ଷ ପାଟନାରେ ଖର୍ଚ୍ଚ କରା ହେଉଛି। ଏ ସବୁ କଥା ବିଚାର କଲେ ଓଡ଼ିଶା ଯେ ବିହାର ସଙ୍ଗେ ରହି ଲାଭ କରୁଛି ତାହା ମନେ ହେଉନାହିଁ, ବରଂ ଓଡ଼ିଶାର ଆର୍ଥିକ କ୍ଷତି ଥିବା ସମ୍ଭାବନା।

ପୁଣି ବିହାରରେ ବହୁତ ଚିନିକଳ ଅଛି। ଟାଟାର ଲୁହାକାରଖାନା ଏବେ ରାଜନୀତିକ ବିହାରରେ ଅଛି। ଅସାକ୍ଷାତ୍ ଟିକସରୁ ଏହି ହିସାବରେ ବିହାର କୋଟି କୋଟି ଟଙ୍କା ଲାଭ କରେ। ଓଡ଼ିଶା ସେ ଟଙ୍କା ବରାବର ଦିଏ। ସେଥିରୁ କିଛିମାତ୍ର ଲାଭ ପାଏ ନାହିଁ। କାରଣ ଓଡ଼ିଶାରେ କଳକାରଖାନା ବୋଲି କିଛି ନାହିଁ।

ଓଡ଼ିଶା ଏବେ ସ୍ୱତନ୍ତ୍ର ପ୍ରଦେଶ ହେଉଛି। ଓଡ଼ିଶାର ସରକାରି ତରଫ ଲୋକମାନେ ଏ ସବୁ କଥା ବୁଝି ଓଡ଼ିଶା ପାଇଁ ଏସବୁ କ୍ଷେତ୍ରରେ ସ୍ୱତନ୍ତ୍ର ଦାବୀ କରିବା ଉଚିତ। ବଡ଼ଲାଟ ସଭାରେ ଏଥର ଏହି ସ୍ୱତନ୍ତ୍ର ଦାବୀ ବିଷୟ କହି ସ୍ୱତନ୍ତ୍ର ଭାଗ ଦେବାପାଇଁ ଆପତ୍ତି କରାଯାଇଥିଲା। ଉତ୍ତର ମିଳିଲା, "ବିହାର୍ ସଙ୍ଗେ ଓଡ଼ିଶା ଥିବାଯାକେ ଓଡ଼ିଶାକୁ ସ୍ୱତନ୍ତ୍ର ଭାବରେ କୌଣସି ଧନ ଦିଆଯାଇପାରିବ ନାହିଁ। ଓଡ଼ିଶା ବିହାରରୁ ଭାଗ ପାଇବ।" କେବଳ ସରକାରୀ ଲୋକେ ନୁହେଁ, ଦେଶର ଜନସେବୀମାନେ ଏସବୁ କଥା ପ୍ରତି ଶୀଘ୍ର ପ୍ରଣିଧାନ ଦେବା ଉଚିତ। ପୁଣି ମନେ ରଖିବାକୁ ହେବ, ଅସାକ୍ଷାତ୍ କର ହିସାବରେ

Digitized by PPRACHIN, SOA

ଓଡ଼ିଶାର ପ୍ରତ୍ୟେକ ଲୋକ ହାରାହାରି ଅନ୍ତତଃ ୪ଟଙ୍କା କରିଦିଏ। ଭବିଷ୍ୟତ୍ ଓଡ଼ିଶାର ଲୋକସଂଖ୍ୟା ୮୦ଲକ୍ଷ ଧଇଲେ ଓଡ଼ିଶା ଏହି ହିସାବରେ ଭାରତସରକାର ତଥା କଳବାଲାମାନଙ୍କୁ ଅନ୍ତତଃ ୩ କୋଟି ୨୦ ଲକ୍ଷ ଟଙ୍କା ଦେଉଛି। ଏପରି କରଭାର ସହି ସେଥିରୁ କିଛି ମାତ୍ର ଲାଭ ନ ଉଠାଇ ଓଡ଼ିଶା ଯେ ପ୍ରଦେଶ ହୋଇ କିପରି ରହିବ, ତାହା ବୁଝାଯାଉନାହିଁ। ଲୋକେ କର ଦିଅନ୍ତି ନିଜର ଉନ୍ନତି ପାଇଁ। ବମ୍ବେ, ଟାଟା ବା ବିହାରରେ କଳକାରଖାନାର ଖାଲି ଉନ୍ନତି ହେଲେ ଓଡ଼ିଶାର ଆର୍ଥିକ ଉନ୍ନତିର ବାଟ ଫିଟିବାର କୌଣସି ପନ୍ଥା ନାହିଁ। ସରକାର ଏହା ବୁଝନ୍ତୁ ଓ ଦେଶଲୋକେ ଏହା ଭଲ କରି ବିଚାର କରନ୍ତୁ।

ଲୋକେ କିପରି ଦେଶ ଗଢ଼ିବେ

କୁହାଯାଇଛି, ଲୋକେ ଅସାକ୍ଷାତ ଭାବରେ ଜଣ ପିଛା ବର୍ଷକେ ଚାରି ଟଙ୍କା ଭାରତ ସରକାରକୁ କର ଦିଅନ୍ତି। ଏ ହିସାବରେ ଓଡ଼ିଶା ଲୋକେ ବର୍ଷକେ ୩କୋଟି ୨୦ଲକ୍ଷ ଟଙ୍କା କର ଦେଉଛନ୍ତି। କିନ୍ତୁ ସେଥିରୁ କିଛି ମାତ୍ର ଲାଭ ପାଉ ନାହାନ୍ତି। ଏପରି କର ପୀଡାରେ ପେସି ହୋଇ ସେଥିରୁ କିଛି ଲାଭ ନ ପାଇଲେ ଓଡ଼ିଆ କେବେ ଜାତି ହୋଇ ପାରିବ ନାହିଁ। ଭାରତ ସରକାର ହାତ ଟେକିଆ ଦାନ ଦେବେ, ତାହାର ପରିମାଣ ସମୁଦ୍ରକୁ ଶଙ୍ଖେ ପଣା ମଧ୍ୟ ନୁହେ। ଏହି ଶଙ୍ଖେ ପଣା ମିଳିବା ମଧ୍ୟ ହୁଏତ ଲୋକଙ୍କ ହାତେ ନାହିଁ। ତେବେ ଉପାୟ କଣ ?

ଓଡ଼ିଶା କାଲି ପ୍ରଦେଶ ହେବ। ଓଡ଼ିଶାରେ ଚାଟଗାଁ, କଲିକତା, ବିଶାଖାପାଟଣା, ମାନ୍ଦ୍ରାଜ, ବମ୍ବେ, କରାଚି ପରି ବନ୍ଦର ନାହିଁ। ପାଟଣା, ପ୍ରୟାଗ, ଲକ୍ଷ୍ନୌ, ଲାହୋର ବା ନାଗପୁର, ଜବଲପୁର ପରି ମଧ୍ୟ ସହର ନାହିଁ। ଦେଶରେ କଳକାରଖାନା ନାହିଁ କିମ୍ବା ଦେଶର ଧନ ବିଦେଶରେ ଖଟୁନାହିଁ। ଯେଉଁ କୁଲିମାନେ ବିଦେଶରେ ଖଟି ପଇସା କମାନ୍ତି, ସେମାନଙ୍କ ଭିତରେ ଜୀବନର ଶୃଙ୍ଖଳା ନାହିଁ, ସାମାଜିକ ପ୍ରତିଷ୍ଠିତ ଭାବ ନାହିଁ, ଦେଶ ପ୍ରେମ ଫୁଟାଇବା ଭଳି ଶିକ୍ଷା ବା ସଂସ୍କୃତି ମଧ୍ୟ ନାହିଁ। ସେମାନଙ୍କ ଉପରେ ନିର୍ଭର କରି ଦେଶର ଭବିଷ୍ୟତକୁ ଚାହିଁ ବସିବା ଆଦୌ ଠିକ୍ ନୁହେଁ।

ପ୍ରଦେଶ ହେଉଛି ବୋଲି କେତେ ଲୋକ କେତେ କଥା ଭାବୁଥିବେ। କିଏ ଭାବୁଥିବେ ଧାମରା ଆଜିଯାଏ ବନ୍ଦର ହୋଇ ପାରୁନଥିଲା, ଏବେ ଓଡ଼ିଶା ପ୍ରଦେଶ ହେଲେ ତାହା ହୋଇଯିବ ଓ ସେହି ଧାମରା ଆଡକୁ ବିଶାଖାପାଟଣା ଓ କଲିକତାର ବାଣିଜ୍ୟ ସ୍ରୋତରୁ ଗୋଟିଏ ଗୋଟିଏ ଧାରା ବହିବ। କେହି ମନେ କରୁଥିବେ, ସୁବର୍ଣ୍ଣରେଖା ଖୋଳା ହୋଇ ଜେମସେଦ୍‌ପୁରରୁ ସ୍ରୋତ ବୁହାଇବାର ବ୍ୟବସ୍ଥା ହେବ ଓ ଫଳରେ ସୁବର୍ଣ୍ଣରେଖା ମୁହାଣରେ ବିରାଟ ଜାହାଜ ଓ ଇଞ୍ଜିନିଅରିଂ କାରଖାନା ଖୋଲା ହେବ। କେହି ମନେ କରୁଥିବେ ମୟୂରଭଞ୍ଜ, କେନ୍ଦୁଝରର ଲୁହା ଓ ଗାଙ୍ଗପୁରରୁ ମେଙ୍ଗେନିଜ୍

Digitized by PPRACHIN, SOA

ପ୍ରଭୃତି ଖଣିଜାତ ଦ୍ରବ୍ୟମାନ ତାଳଚେର କୋଇଲା ସାହାଯ୍ୟରେ କଟକର ନିର୍ଗୁଣ୍ଡି ପାଖେ ବିରାଟ ଲୁହା କାରଖାନା ଖୋଲାଇ ଦେବ। କଟକରେ କାଗଜର କଳ, ଭୁବନେଶ୍ୱରରେ ରଙ୍ଗର କଳ, ସତ୍ୟବାଦୀରେ ନଡ଼ିଆ ତେଲ ଓ ସାବୁନ କଳ, ଚିଲିକା କୂଳରେ ମାଛ ଖତର କଳ ପ୍ରଭୃତି ନାନା କଳ୍ପନା ଲୋକେ କରୁଥିବେ। କିନ୍ତୁ ବୁଝିବା ଉଚିତ, ଏସବୁ କଳ୍ପନାକୁ କାର୍ଯ୍ୟରେ ପରିଣତ କରିବାର ସାମଗ୍ରୀ ଏବେ କଣ ଅଛି ? ଦେଶର ସ୍ୱାୟତ୍ତ ସରକାର ବହୁ ମୁଖରେ ପ୍ରଯତ୍ନ କରି ଦେଶ ଲୋକଙ୍କର ଅର୍ଥବୃଦ୍ଧି ଅଚିରେ କରାଇପାରନ୍ତି ସତ, କିନ୍ତୁ ଏ ଦେଶ ସରକାର ଏବେ ସ୍ୱାୟତ୍ତ ହେଉନାହାନ୍ତି। ମନ୍ତ୍ରୀପଦର ମୋହ କାହା ଭିତରେ କେତେ ଅଛି, କି ଭାବରେ ଅଛି, ସେ ମାପ କାଠି ଏବେ ଆମ ପାଖେ ନାହିଁ, ମାତ୍ର ପ୍ରାଦେଶିକ ମନ୍ତ୍ରୀ ସାପ ହେବେ କି ବେଙ୍ଗ ହେବେ, ସେ କଥା ଏବେ ସ୍ପଷ୍ଟ ଜଣାନାହିଁ। ହୁଏତ ସେମାନେ ବେଙ୍ଗ ହୋଇପଶି ସାପ ପାଲଟିବେ। ସେ କଥା ଯାହା ହେଉ, ସରକାରଙ୍କ ପୂର୍ଣ୍ଣ ସାହାଯ୍ୟ ସାହଚର୍ଯ୍ୟ ବିନା ଏସବୁ ଆକାଶ କୁସୁମର କଳ୍ପନା ଛଡ଼ା ଆଉ କିଛି ନୁହେଁ।

ଓଡ଼ିଶା ପୁଣି ସରକାର ବିଧାନରେ ମଧ୍ୟ ପୂର୍ଣ୍ଣ ପ୍ରଦେଶ ହେଉନାହିଁ। ଏହା ନାନା ଭାବରେ ଖଣ୍ଡିତ। ଓଡ଼ିଶାର ଜମିଦାରଙ୍କ ଆଇନ ବେଆଇନ ମୁନାଫା ସବୁ ବହୁତ ବିଦେଶରେ ଖର୍ଚ୍ଚ ହୁଏ। ବିଶ୍ୱବିଦ୍ୟାଳୟ, ହାଇକୋର୍ଟ ପ୍ରଭୃତି କେତେ କଥା ବିଦେଶରେ ରହିବ। ସେଥିପାଇଁ ଓଡ଼ିଶା ଖଜଣାଖାନାରୁ ଖାଲି ଯେ ଟଙ୍କା ଦେବ ସେତିକି ନୁହେ, ଓଡ଼ିଶାର ମହକିଲମାନଙ୍କ ଟଙ୍କାଧାରା ଅନ୍ୟ ପ୍ରଦେଶକୁ ବୋହିବ, ଛାତ୍ରମାନଙ୍କର ଖର୍ଚ୍ଚ ଅନ୍ୟ ପ୍ରଦେଶରେ ହେବ। ଫଳରେ ହୁଏତ ଏ ଦେଶରେ ଅନ୍ୟ ପ୍ରଦେଶର ଜଜ୍, ପ୍ରଫେସର ଓ ତତ୍‌ସଂଲଗ୍ନ ଲୋକେ ଆସି ରହିବେ। ଏହିପରି ନାନାଭାବରେ ଆଂଶିକ ଆର୍ଥିକ ଅପଗତିର ଲକ୍ଷଣମାନ ମଧ ନୂତନ ପ୍ରଦେଶରେ ରହିଛି।

ତେବେ ଏ କ୍ଷେତ୍ରରେ ଲୋକଙ୍କର କଣ କରିବାର ଅଛି ? ଆମେ କହୁଁ ଲୋକଙ୍କର ଏବେ ଏକମାତ୍ର ପନ୍ଥା ସ୍ୱଦେଶୀ। ଏଠାରେ ବରଂ ସ୍ୱଦେଶୀ କହିଲେ ସ୍ୱପ୍ରଦେଶୀ ବୋଲି ବୁଝିବାକୁ ହେବ। କଥାଟି ବୁଝାଇ ଦେବା ପୂର୍ବରୁ ଏଥିରେ ଗୋଟିଏ ନୀତିର ସନ୍ଦେହ ଫେଡ଼ି କହିଦେବା ଉଚିତ। କାରଣ ଏଥିରେ କେହି କେହି ପ୍ରାଦେଶିକତାର ଗନ୍ଧ ପାଇ ହଠାତ୍ ନାକ ଟେକି ଦେଇପାରନ୍ତି। ମାତ୍ର ଆମେ କହୁଁ, ସବୁ ପ୍ରାଦେଶିକତା ଅତି-ପ୍ରାଦେଶିକତା ନୁହେଁ। ଅବଶ୍ୟ ଜାପାନର ଭୂମିକଂପବେଳେ ଭାରତ ସାହାଯ୍ୟ ଦିଏ। କ୍ୱେଟାର ଭୂମିକଂପରେ ଅଷ୍ଟ୍ରେଲିଆର ସରକାର ସାହାଯ୍ୟ ଦେଇଛନ୍ତି। ଆମେରିକାରେ ମଧ୍ୟ ଚାନ୍ଦା ଉଠୁଚି। ମାନବର ଏସବୁ ମାନବୀୟତା ମଧ୍ୟରେ ପ୍ରତ୍ୟେକ ଦେଶ ଲୋକଙ୍କର ସ୍ୱଜାତୀୟତା ନିନ୍ଦ୍ୟ ନୁହେଁ। ସେହିପରି ଭାରତ ଜାତୀୟତାର ପରିକଳ୍ପନାରେ ପ୍ରାଦେଶିକତାର

Digitized by PPRACHIN, SOA

ସ୍ୱତନ୍ତ୍ର ସ୍ଥାନ ଓ ଅଧିକାର ଅଛି। ବରଂ ଏହି ପ୍ରାଦେଶିକତା ବିନା ଭାରତର ଜାତୀୟତା ହ୍ରସ୍ୱ ହେବ। ମୁନଷ୍ୟର କର୍ତ୍ତବ୍ୟ ପ୍ରତିବେଶୀର ଦୁଃଖ ନିବାରଣ। ମନୁଷ୍ୟ ତାହା କରେ। କିନ୍ତୁ ନିଜ ଘରେ ସମସ୍ତଙ୍କର ଖାଇବାକୁ ବ୍ୟବସ୍ଥା ନ କରି ବା ନକରିପାରି ଯେ ପ୍ରତିବେଶୀକୁ ଖାଇବାକୁ ଦେବାପାଇଁ ଚାନ୍ଦା କରି ବୁଲେ, ତାହାର କ୍ରିୟା ଯେପରି ଦୂଷଣୀୟ, ପ୍ରଦେଶର ଧ୍ୱଂସବେଳେ ତାହାର ଉନ୍ନତିରେ ଅପାରଗ ହୋଇ ଯେ ଦେଶ ଦେଶ ବୋଲି ଖାଲି ଘାଣ୍ଟି ହୁଏ, ତାହାର କଳ୍ପନା ଓ କ୍ରିୟା ମଧ୍ୟ ସେହିପରି।

ଓଡ଼ିଶାର ଲୋକେ ତେବେ କଣ କରିବେ ? ପ୍ରଥମ କଥା, ସମସ୍ତେ ନିୟମ କରି କେବଳ ଓଡ଼ିଶାରେ ତିଆରି ଜିନିଷ କିଣନ୍ତୁ। ଓଡ଼ିଶାରେ ଯେଉଁ ଜିନିଷ ତିଆରି ହୋଇନାହିଁ, ତାହାର ଅଭାବରେ କଷ୍ଟ ବୁଝନ୍ତୁ। ଯଦି ଜାତୀୟ ଭାବରେ ପ୍ରଭାବିତ ହୋଇ ଓଡ଼ିଆ ଏବେଠାରୁ ନିୟମ କରି ଏହା କରନ୍ତି, ତେବେ ଲୁଗାରେ ଆମେ ଯେଉଁ ଅସାକ୍ଷାତ୍ ଟିକସ ଦେଉଛୁ, ତାହା ଆମରି ତନ୍ତୀ ଘରେ ପଶିବ। ଚିନିରେ ଯାହା ଦେଉଛୁ, ତାହା ଆମରି ଆଖୁ ଚାଷୀ ଓ ଗୁଡିଆ ଘରକୁ ଯିବ। ଲୁହାରେ ଯାହା ଦେଉଛୁ, ତହିଁରୁ ଅଧିକାଂଶ ଆମର କମାର ଘରକୁ ଯିବ। ଏହିପରି ନାନା ଭାବରେ ଦେଶର ପଲ୍ଲିଶିଳ୍ପ ଓ ସଙ୍ଗେ ସଙ୍ଗେ କୃଷି ଜାଗ୍ରତ ହେବ। କ୍ରମେ ଗ୍ରାମରେ ଧନ ବୃଦ୍ଧି ହେଲେ ଲୋକେ ଜାତୀୟ ଭାବରେ ଶୃଙ୍ଖଳିତ ହେବେ ଓ ପ୍ରଗତିର ପନ୍ଥା ମନକୁ ଫିଟିଯିବ। ମନେ ରଖିବାକୁ ହେବ, ହିସାବ କରି କୁହାଯାଇଛି, ଏ ପ୍ରଦେଶରୁ ବର୍ଷକୁ ତିନି କୋଟି କୋଡ଼ିଏ ଲକ୍ଷ ଟଙ୍କା ଅସାକ୍ଷାତ୍ କର ରୂପେ ଚାଲିଯାଉଛି। ଏ ଟଙ୍କାର ଅଧିକଂାଶ ଏହି ଦେଶର ଉନ୍ନତିରେ, ଏହି ଦେଶବାସୀର ଧନ ବୃଦ୍ଧିରେ ଲଗାଇବାର ପ୍ରଧାନ ଉପାୟ ଏହି ସ୍ୱଦେଶୀ ବା ସ୍ୱପ୍ରଦେଶୀ। ଦେଶବାସୀଙ୍କୁ ଆମର ଏକାନ୍ତ ଅନୁରୋଧ, ଏତେବେଳେ ପ୍ରାଣ ପଣ କରି ଜାଗ୍ରତ ହୁଅନ୍ତୁ। ନିୟମ କରି ନିଜ ପ୍ରଦେଶ ଜାତ ଦ୍ରବ୍ୟ ବ୍ୟବହାର କରନ୍ତୁ।

ନବଭାରତ-୨/୧, ଆଲୋଚନା

ଜାତୀୟତାର ମୋହ ଓ ଆତ୍ମରକ୍ଷା

ମାନବ ପ୍ରତି ଦୟା ଓ ଉଦାର ଭାବ ସବୁଧର୍ମର ପୀଠ। ତଥାପି ସେଇ ଧର୍ମରେ ଅତିପ୍ରୀତି ମୋହରେ ପରିଣତ ହୁଏ ଓଏହି ଧର୍ମ ମୋହରେ ପଡ଼ି ଲୋକେ ମାନବ ପ୍ରତି ଯେତେ ଘୃଣା ଓ ଦ୍ୱେଷ କରନ୍ତି, କୌଣସି ନୀଚ ସ୍ୱାର୍ଥ ପ୍ରେରଣାରେ ମଧ୍ୟ ସେତେ ଜନଦ୍ୱେଷ ଦେଖାଯାଏ ନାହିଁ। ଧର୍ମ ନାମରେ ଯେତେ ନରହତ୍ୟା ହୁଏ, ଡକାୟତର ଧନ ଲୋଭରେ ସେତେ ହୁଏନାହିଁ। ସେଇପରି ଜାତୀୟତାର ମୋହ ମଧ୍ୟ ଘୋଟିପାରେ - ବିଶେଷରେ ଭାରତ ପରି ଏକ ପରାଧୀନ ଜଗତରେ। ମାନବପ୍ରୀତି ଓ ଜନସେବା ମାନବ

Digitized by PPRACHIN, SOA

ମାତ୍ରର କାମ୍ୟ। ହେଲେହେଁ ପ୍ରତ୍ୟେକ ମାନବର ଏ ଉପେୟ ଲାଭରେ ସାଧନା କ୍ଷେତ୍ର ନିର୍ଦ୍ଦିଷ୍ଟ ଅଛି। ଜାତି ଏ ଯୁଗରେ ହୋଇଛି ସେଇ ସାଧନା କ୍ଷେତ୍ର। କିନ୍ତୁ ଭାରତ ଜାତୀୟତା, ଇଂଲଣ୍ଡ ପ୍ରଭୃତିର ଜାତୀୟତା ପରି ସୀମାବଦ୍ଧ ଓ ସର୍ବତ୍ର ସମଧର୍ମାନ୍ୱିତ ବସ୍ତୁ ନୁହେ। ଭାରତ ଏକ ବିରାଟ କୃଷି ପ୍ରଧାନ ଦେଶ। ଏଥିରେ ପୁଣି ପ୍ରଦେଶମାନଙ୍କର ସ୍ୱାର୍ଥ ସଂଘର୍ଷ ପାଇଁ ଯଥେଷ୍ଟ କ୍ଷେତ୍ରଅଛି। ଓଡ଼ିଶା ଏବେ ଭାରତରେ ଏକ ପ୍ରଦେଶ ହେଉଚି। ଓଡ଼ିଶାର ସ୍ୱତନ୍ତ୍ର ଆର୍ଥିକ ପରିସ୍ଥିତି ବୁଝି ବିଚାରବନ୍ତ ହୋଇ କାର୍ଯ୍ୟ ନ କଲେ ଭାରତ ଜାତୀୟତାରେ ଓଡ଼ିଶାର ଦାନ କରିବାକୁ ହୁଏତ କିଛି ରହିବ ନାହିଁ। ଏ ସଂବଂଧରେ ପ୍ରତିବେଶୀ ପ୍ରତିଷ୍ଠିତ ଓ ଅତ୍ୟୁନ୍ନତ ବଂଗ ଦେଶର କ୍ରିୟା ପ୍ରବନ୍ଧରୁ ଏକ ଉଦାହରଣ ଦେଇ କଥାଟି କୁହାଯାଉ।

ବଂଗୀୟ ରକ୍ଷା ସଂଘ

ବଂଗୀୟମାନଙ୍କ ଆର୍ଥିକ ରକ୍ଷା ନିମନ୍ତେ ଏବେଁ ହାବଡ଼ାରେ ଏକ ସଂଘ ଆରମ୍ଭ ହୋଇଚି। ମିଷ୍ଟର ଏସ୍. ଚାଟର୍ଜି ସେଇ ସଂଘର ଜଣେ ପ୍ରଧାନ ଚାଳକ। ସେ ଗଲା ମିଥୁନ ମାସାନ୍ତ ବା ବଂଗୀୟ ମତରେ ଆଷାଢ ସଂକ୍ରାନ୍ତି ଦିନ କବି ରବୀନ୍ଦ୍ରନାଥଙ୍କ ସଙ୍ଗେ ଦେଖା କରିବାକୁ ଯାଇଥିଲେ। କବି ତାଙ୍କଠାରୁ ବଂଗୀୟ ରକ୍ଷା ସଂଘ ସ୍ଥାପିତ ହୋଇଥିବାର ଶୁଣି ହଠାତ୍ କହି ପକାଇଲେ, "ତୁମ ସଂଘ କଥା ମୁଁ ଶୁଣି ନ ଥିଲି ସତ, କିନ୍ତୁ ବଂଗାଳୀମାନେ ଆଉ ଏ ଜଗତରେ ରହିବେ ନାହିଁ।" ଚାଟର୍ଯି ମହାଶୟ କହିଲେ, "ସେ କଥା ସତ। ସେଇଥିପାଇଁ ଆମେ ଏ ସଂଘ ଗଢ଼ିଚୁ। ଏବେ ଏଇ ସଂଘର ସଭାପତି ହାବଡ଼ା ମ୍ୟୁନିସପାଲଟିରେ ଗୋଟିଏ ପ୍ରସ୍ତାବ କରିଥିଲେ ଯେ ଏଣିକି ସବୁ ଚାକିରି ଓ କଣ୍ଟ୍ରାକ୍ଟର ବଂଗାଳୀକୁ ଖୋଜି ଦିଆଯିବ। ସେ ପ୍ରସ୍ତାବଟି ଧାର୍ଯ୍ୟ ହୋଇଚି। ପୁଣି ଆମେମାନେ ଏବେ ବଂଗାଳୀଙ୍କ ଭିତରେ ଗୋଟିଏ ଭୀଷଣ ପ୍ରଚାର ଆରମ୍ଭ କରୁଚୁ ଯେ, ବୋମ୍ୱେଇ ଓ ଅହମଦାବାଦର ଲୁଗାକଳ ବାଲାମାନେ ବଂଗଦେଶ କୋଇଲା ଖଣିରୁ କୋଇଲା ନ କିଣିଲେ, ବଂଗାଳୀମାନେ ସେମାନଙ୍କ କଳର ଲୁଗା କିଣିବେ ନାହିଁ। ବଂଗଦେଶ ପ୍ରାୟ ୧୨କୋଟି ଟଙ୍କାର ଲୁଗା ସେମାନଙ୍କଠାରୁ କିଣେ। ସେମାନେ ଏ ପ୍ରଦେଶରୁ ୧୨କୋଟି ଟଙ୍କାର କୋଇଲା କିଣିବାକୁ ରାଜି ହେବା ଉଚିତ।" କବି କହିଲେ, 'ତୁମେ ଏ ବିଷୟ କାହିଁକି ମହାତ୍ମାଗାନ୍ଧିଙ୍କି କହିଲ ନାହିଁ?' ଚାଟର୍ଯି କହିଲେ, "ସେ ଉଦ୍ୟମ ହୋଇଥିଲା। କଂଗ୍ରେସରଏ କଥା ଉଠିବାରେ, ଜହରଲାଲ ସେ ମିଲବାଲାମାନଙ୍କୁ କହିଥିଲେ। ସେମାନେ କହିଲେ- ବଂଗ ଦେଶରୁ କୋଇଲା କିଣିଲେ ସେମାନଙ୍କ ମିଲ (କଳ)ର ପ୍ରତି ମାସରେ ଟ.୨୫୦ ଲେଖାଏଁ କ୍ଷତି ହେବ। ଚାଟର୍ଯି ପୁଣି କହିଲେ, 'ଏ କ୍ଷତି ଅତି ସାମାନ୍ୟ। ସେମାନେ ଯେପରି ଲୁଗାକଳ କରି ବସିଚନ୍ତି, ବଂଗାଳୀମାନେ ସେଇପରି କୋଇଲା ଖଣିମାନ ଧରି ବସିଛନ୍ତି। ସେମାନଙ୍କ ଲୁଗା କାରବାର ବଂଗଦେଶ ଯୋଗେ ଲାଭବାନ୍ ହେଉଥିବାସ୍ଥଳେ ସେମାନେ ବଂଗଦେଶରୁ କୋଇଲା କିଣିବା ଉଚିତ।"

Digitized by PPRACHIN, SOA

କବି କହିଲେ, "ଏ କଥା କରିବା ଉଚିତ। ବଂଗଳାରୁ କୋଇଲା କିଣିବାକୁ ତାଙ୍କୁ ବାଧ୍ୟ କରାଇପାରିଲେ ଏକା ହେବ।"

ଓଡ଼ିଶାର କଣ ଅଛି ?

ଅନ୍ୟ ପ୍ରଦେଶକୁ ବଂଗଳାରୁ ଲୁଗାରେ ଧନ ବୋହିଯିବାରୁ ବଂଗାଳୀଏ ସେଥିରେ ନିଜର ଆର୍ଥିକ ବିପତ୍ତି ଗଣି ଏଇପରି ବ୍ୟବସ୍ଥାରେ ଧନର ଆଦାନ ପ୍ରଦାନରେ ତାହା ଫେରାଇ ଆଣିବାରେ ଲାଗିଚନ୍ତି। ତା ନ କଲେ ବଂଗଦେଶ ଉଚ୍ଛନ୍ନ ହୋଇଯିବ ବୋଲି କବି ରବୀନ୍ଦ୍ର ମଧ୍ୟ ଚିନ୍ତିତ। କିଂତୁ ଆମେ ବାରମ୍ବାର କହିଚୁ ଓ ଏହା ମଧ୍ୟ ସତ୍ୟ ଯେ ଓଡ଼ିଶାରୁ ସରକାରଙ୍କ ଦ୍ୱାରା ଶୁଳ୍କ-ରକ୍ଷିତ ଶିଳ୍ପର ମାଲ କିଣିବାରେ ବର୍ଷକୁ ୩କୋଟି ୨୦ଲକ୍ଷ ଟଙ୍କାରୁ କମ୍ ଯାଉନାହିଁ। ଏଥିରୁ କେତେ ଫେରାଇ ଆଣିବା ପାଇଁ ଓଡ଼ିଶାରେ କଣ ଅଛି ? ଓଡ଼ିଆ ସେ ନିଜ ରକ୍ଷାପାଇଁ କଣ ବିଚାର କରୁଚନ୍ତି ? ପ୍ରଦେଶ ହୋଇ ନଥିଲା, ହୁଏତ ଭଲ ଥିଲା। ଅନ୍ୟ ପ୍ରଦେଶମାନଙ୍କରେ ଖଣ୍ଡ ଖଣ୍ଡ ହୋଇ ଥାଇ ହୁଏତ ସେଇ ଦୁର୍ଗତିରେ କିଛି କାଳ ପରେ ଓଡ଼ିଆର ନାମ ଭାରତରୁ ବରାବର ଲୋପ ପାଇଥାଆନ୍ତା। ଏଇପରି ଭାରତର ସମୂହ ଉନ୍ନତିରେ ଦରିଦ୍ର ଓ ଦୁର୍ବଳ ଓଡ଼ିଆର ରକ୍ତତକ ହୁଏତ ଅଜ୍ଞାତ ଭାବରେ ଲୁଚିଯାଇଥାନ୍ତା। କିଂତୁ ଏବେ ? ଓଡ଼ିଶା ଯେ ଜେମସେଦପୁର ପର୍ଯ୍ୟନ୍ତ ହରାଇ ପ୍ରଦେଶ ନାମଟାଏ ପାଇଲା। ଜାତୀୟତା ତ ପ୍ରାଣର ଏକ ପ୍ରତିଷ୍ଠିତ ଭାବ। ସେଇ ଭାବ ଲୋପ ନ ହୋଇଥିବାରୁ ଓଡ଼ିଆ ବଂଚିଚନ୍ତି। ଏବେ ଜାଣିଶୁଣି ଆତ୍ମବଳି ଦେବା ସହଜ ନୁହେଁ। ତାହା ଚିନ୍ତା କରିବା ମଧ୍ୟ କାମର କଥା ନୁହେଁ।

ଓଡ଼ିଆ କରିବେ କ'ଣ ?

ଆମେ କହିଚୁ ଏତେବେଳେ ସଂଘବଦ୍ଧ ହୋଇ ଓଡ଼ିଆ ଜିନିଷ କିଣିବାରେ ବରାବର ସାଧ୍ୟମତେ ସ୍ୱପ୍ରଦେଶୀ ହୁଅନ୍ତୁ। ସବୁବେଳେ ସବୁଦୋକାନରେ କିଣିଲାବେଳେ ପଚାରନ୍ତୁ, ଓଡ଼ିଶାରେ ତିଆରି ଜିନିଷ ଅଛି କି ନାହିଁ। ଶିଳ୍ପ କାରଖାନା ସବୁ ପ୍ରତିଷ୍ଠା କରି ପିଲା ଶିଖାଇ ପ୍ରଦେଶରେ ବ୍ୟବହାରର ଜିନିଷ ତିଆରି କରିବା ଏବେ ଦୂରର କଥା। ତାହା ଯେ ଯେତେ କରିପାରୁଛନ୍ତି, କରନ୍ତୁ। ଲୋକେ ସେ ସବୁକୁ ସର୍ବଦା ଆଖି ଆଗରେ ଅତି ପ୍ରିୟ ବସ୍ତୁ କରି ରଖି ତାହା ବଢ଼ାଇବାର ଚେଷ୍ଟା କରନ୍ତୁ। ମାତ୍ର, ଏବେ ମଧ୍ୟ ଏ ଦେଶରେ ପାରଂପରିକ ଶିଳ୍ପକୁଶଳତା ଯଥେଷ୍ଟ ଅଛି। ତାହାର ବ୍ୟବହାର ସର୍ବାଦୌ ଦରକାର। ବାହାରରେ ଆକଟ କରି ଥରକୁ ଥର ତିନିଥର ଓଡ଼ିଶା ତିଆରି ଛୁରି ବା ଲୁଗା ମାଗିଲେ ଓଡ଼ିଆ କମାର ଓ ତନ୍ତୀ ତାହା ଯୋଗାଇ ଦେବ। ଏଇ ନୀତିରେ ଦୃଢ଼ ରହି ବର୍ତ୍ତମାନ ଜାତିର ଶିଳ୍ପ ସଂରକ୍ଷଣ କରିବାକୁ ହେବ। ବଂଗାଳୀ କୋଇଲା ଖଣିବାଲାଙ୍କ ପରି ମହାତ୍ମା ଗାନ୍ଧିଙ୍କୁ ପଚାରିବାକୁ ହେବ ନାହିଁ। ମହାତ୍ମାଗାନ୍ଧି ଏହି ମନ୍ତ୍ର ବିଶାଳ ଭାବରେ କାର୍ଯ୍ୟରେ ପ୍ରଚାର କରିବା ପାଇଁ

Digitized by PPRACHIN, SOA

ଏବେ ଗ୍ରାମ ସଂରକ୍ଷଣରେ ଲାଗିଚନ୍ତି। ଲୋକେ ଗ୍ରାମଶିଳ୍ପର ପକ୍ଷପାତୀ ହେବା ମହାତ୍ମାଜୀଙ୍କର ଏବେ ଏକାନ୍ତ ଆକାଂକ୍ଷା।

ଓଡ଼ିଆଙ୍କ ଚାକିରି

ଓଡ଼ିଶାର ଚାକିରି ବା କଣ୍ଟ୍ରାକ୍‌ଟରୀ କୌଣସିଟି ଏବେ ଓଡ଼ିଆଙ୍କ ହାତେ ନାହିଁ କହିଲେ ଚଳେ। ପ୍ରାଦେଶିକ ସରକାର ଯାହା ହେବ, ସେଥିରେ ଲୋକଙ୍କର କେତେ ହାତ ରହିବ, ଏବେ ଠିକ୍ ଜଣାନାହିଁ। ହାତ ରହିଲେ ବି କି ବିବେଚନାରେ କାମ ସବୁ ଦିଆ ହେବ ତାହା ମଧ୍ୟ ଏବେ ଜାଣିବା ଦୁଷ୍କର। ମାତ୍ର ଚାକିରି ମଧ୍ୟ ପ୍ରଦେଶରେ ଆର୍ଥିକ ପରିସ୍ଥିତିରେ ହେଳା କରିବାର ବସ୍ତୁ ନୁହେଁ। ଏ ଦେଶ କର-ଧନ ଏଇ ଦେଶରେ ରହିବା ଉଚିତ। ସେଥିପାଇଁ ଓଡ଼ିଆ ସବୁ ଚାକିରି ପାଇବାର କଥା। ଯୋଗ୍ୟତାର ପ୍ରଶ୍ନ ଉଠିପାରେ। ମାତ୍ର ଯୋଗ୍ୟତା ନ ଥିଲେ ସଂଗେ ସଂଗେ କରାଇ ନେବାକୁ ହେବ। ଯେଉଁମାନେ ଚାକିରିରେ ଆଗରୁ ବସିଯାଇଥିବେ, ସେମାନଙ୍କର ତନ୍ତ୍ର ଫିଟାଇ ଓଡ଼ିଆଙ୍କ ପାଇଁ ବାଟ ସଫା କରିବାକୁ ହେବ।

ଭାରତ ସରକାରଙ୍କ ଚାକିରି:

ଭାରତ ସରକାରଙ୍କ ଚାକିରିରେ ମଧ୍ୟ ଓଡ଼ିଆଙ୍କର ଭାଗ ଅଛି। ତାହା ଭୁଲିଗଲେ ଚଳିବ ନାହିଁ। ଯେଉଁସବୁ ଚାକିରିରେ ପ୍ରତିଯୋଗିତାର ପରୀକ୍ଷା ହୁଏ, ସେଥିରେ ଓଡ଼ିଆ ଏବେ ପ୍ରାୟ ନାହାନ୍ତି। ଦୁଇଟି ମାତ୍ର ଜିଲ୍ଲା ମେଜେଷ୍ଟର ଓଡ଼ିଆ ଅଛନ୍ତି। ଅନ୍ୟ ଚାକିରିରେ ତାଙ୍କର ସ୍ଥାନ ହୋଇନାହିଁ। ପ୍ରଦେଶର ଲୋକେ ତଥା ସରକାର ମଧ୍ୟ ଏ ସବୁ ପ୍ରତିଯୋଗିତାରେ ପିଲାଙ୍କୁ ଉପଯୁକ୍ତ କରାଇବା ପାଇଁ ଯତ୍ନ କରିବା ଉଚିତ। ଜାତି ଗଠନର ଏହା ଗୋଟାଏ ପ୍ରଧାନ ଦିଗ। ଏହାଛଡ଼ା ରେଳ, ପୋଷ୍ଟ ଅଫିସ୍ ଓ ନୂତନ ହେଉଥିବା ବ୍ରଡ୍‌କାଷ୍ଟିଙ୍ଗ (Broad casting) ବା ବେତାର ବାର୍ତ୍ତା ପ୍ରଚାର, କୃଷି ଗବେଷଣା ସରକାରଙ୍କ ପ୍ରତିଷ୍ଠିତ କୃଷିଶିଳ୍ପଜାତ ଦ୍ରବ୍ୟ ବିକ୍ରି ବୋର୍ଡ ପ୍ରଭୃତିରେ ବହୁତ ଲୋକ ଦରକାର। ସେଥିପାଇଁ କଣ କରିବାକୁ ହେବ, ତାହା ସୁବିଚାରରେ ଆଣି କ୍ରିୟା ବିଧାନ କରିବା ଦରକାର। ଯେଉଁମାନେ ପୂର୍ବରୁ ଚାକିରିରେ ଅଛନ୍ତି ସେମାନଙ୍କର ଗୋଟିଏ ଗୋଟିଏ ଚକ୍ର ଏପରି ଦୃଢ ଭାବରେ ସବୁ ଭିତର କଥା ଘୋଡ଼ାଇ ରଖିଚି ଯେ, ତାହା ଭେଦ କରିବା ନୂତନ ପ୍ରାର୍ଥୀର କର୍ମ ନୁହେ। ସେଠାରେ ଗୁଣର ଆଦର ବା ପ୍ରତିଯୋଗିତା କାର୍ଯ୍ୟ କରିପାରିବା ସଂଭବ ବା ସହଜ ନୁହେ। ଆମେ ଏହା କ୍ଷେତ୍ରାନ୍ତରର ବ୍ୟକ୍ତିଗତ ଅନୁଭବରୁ କହୁଅଛୁ।

ରେଳ ଚାକିରି:

ବେଙ୍ଗଲ ନାଗପୁର ରେଳ ତିନି ଚଉଠରୁ ବେଶି ଓଡ଼ିଆ ଭୂମିରେ ଚାଲେ। ରେଳଟିର ନାମରେ ଯେପରି ଦୁଇପ୍ରାନ୍ତ ନାମ ମଧ୍ୟରେ ଓଡ଼ିଆର ନାମ ପର୍ଯ୍ୟନ୍ତ ପଶିପାରିନାହିଁ,

Digitized by PPRACHIN, SOA

ଚାକିରିରେ ମଧ୍ୟ ସେହିପରି। ପ୍ରାନ୍ତ ପ୍ରାନ୍ତୀୟମାନଙ୍କ ଚକ୍ରବ୍ୟୂହ ମଧ୍ୟରେ ପଶି ଓଡ଼ିଆ ଚାକିରି ପାଇ ପାରିନାହାନ୍ତି। ଯେ କେତେ ଜଣ ଛୋଟ ଛୋଟ ଚାକିରି ପାଇଛନ୍ତି ସେ ନିପାତନ ମାତ୍ର। ଏ କ୍ଷେତ୍ରରେ ଆମେ କାର୍ଯ୍ୟାନ୍ତରର ସୁବିଧା ଘେନି ରେଳର ଶୀର୍ଷ ସ୍ଥାନରେ ବହୁ କାଳରେ ଲାଗିଛୁ। ଓଡ଼ିଆଙ୍କୁ ନିର୍ଦ୍ଦିଷ୍ଟ ଅନୁପାତରେ ଚାକିରି ଦେବାପାଇଁ ଉପରୁ ଆଦେଶ ମଧ୍ୟ ଥରେ କରାଇ ନିଆ ହୋଇଛି। କିନ୍ତୁ ଫଳରେ କିଛି ହୋଇପାରୁନାହିଁ। ଏବେ ପୁଣି ସେ କଥା ଧରି ଲାଗିବାକୁ ହେଉଛି। ମାତ୍ର ଏବେ ରେଲୱେ ବୋର୍ଡରୁ ଉତ୍ତର ମିଳିଛି 'ସେ ବିଷୟରେ ଆମ ଅନୁରୋଧ ରକ୍ଷା କରି ବୋର୍ଡରୁ ଏଜେଣ୍ଟଙ୍କୁ କୁହାଯିବ ସତ, କିନ୍ତୁ ପ୍ରଦେଶ ଦୃଷ୍ଟିରେ ରେଳରେ ଚାକିରି ଦେବା ସରକାରଙ୍କର ନୀତି ହୋଇନାହିଁ, ହେବାର ବି ସମ୍ଭବ ଦିଶୁନାହିଁ।

ସରକାରଙ୍କ ନୀତି:

ପ୍ରଦେଶ ହିସାବରେ ରେଳ ପ୍ରଭୃତିରେ ଚାକିରି ଦେବା ଭାରତ ସରକାରଙ୍କ ନୀତି ହୋଇ ନାହିଁ ସତ, ମାତ୍ର ଗତବର୍ଷ କେନ୍ଦ୍ରୀୟ ରେଲୱେ ଆଡଭାଇଜରୀ କାଉନ୍‌ସିଲରେ (Central Advisory Council) ପ୍ରସ୍ତାବ ଧାର୍ଯ୍ୟ ହୋଇଯାଇଛି, ଯେଉଁ ପ୍ରଦେଶରେ ମୁସଲମାନଙ୍କର ଅନୁପାତ ଯେତେ ସେହି ପ୍ରଦେଶରେ ଚାଲୁଥିବା ରେଳର ଚାକିରିରେ ସେଇ ଅନୁପାତରେ ମୁସଲମାନଙ୍କୁ ଚାକିରି ଦେବାକୁ ହେବ। ଏ ଚାକିରି ପାଇଁ ପୁଣି ମୁସଲମାନ ଖୋଜା ହେବାର ଆମକୁ ଜଣାଅଛି। ଏବେ ବଙ୍ଗ ନାଗପୁର ରେଳର ଏଜେଣ୍ଟଙ୍କୁ ଏ.ଟି.ଏସ୍. ଚାକିରିରେ ଓଡ଼ିଆ କାହିଁକି ନାହାନ୍ତି ବୋଲି କହିବାରୁ ସେ ହଠାତ୍ ପଚାରିଥିଲେ, 'ଓଡ଼ିଶାରେ ମୁସଲମାନ ଅନୁପାତରେ ମୁସଲମାନ ଦେବାର କଥା। ସେଥିପାଇଁ ମୁସଲମାନ ଦରକାର। ୨୩ ବର୍ଷରୁ ଊଣା ଭଲ ମୁସଲମାନ୍ ବି.ଏ., ବି.ଏସ୍‌ସି ବା ତହିଁରୁ ବଡ଼ ପାସ୍‌ବାଲା ଓଡ଼ିଆ ମୁସଲମାନ ଥିଲେ ଏଥିପାଇଁ ଶୀଘ୍ର ପ୍ରାର୍ଥୀ ହେବାକୁ ଆମେ ଅନୁରୋଧ କରୁଅଛୁଁ। ହେଲେ ହେଁ ହିନ୍ଦୁ, ଖ୍ରୀଷ୍ଟାନଙ୍କ ପାଇଁ ସେ ବ୍ୟବସ୍ଥା କାହିଁକି ନୀତିର ବହିର୍ଭୂତ ହେବ ?

ଏହା ଅବଶ୍ୟ ଆମେ କୌଣସି ସାମ୍ପ୍ରଦାୟିକ ଭାବରେ କହୁ ନାହୁଁ। ଓଡ଼ିଆଙ୍କୁ ଚାକିରି ଦେବାରେ ମୁସଲମାନ ସଂଖ୍ୟା ବେଶି ହୁଅନ୍ତୁ, ଆପତ୍ତି ନାହିଁ। ମାତ୍ର ଓଡ଼ିଆଙ୍କ ଆର୍ଥିକ ସମସ୍ୟା ସମାଧାନର ଏହା ଏକ ବିଶେଷ ଅଙ୍ଗ। ପୁଣି ରେଳ ପରି ଜନସାଧାରଣର ନିତ୍ୟ ବ୍ୟବହାର୍ଯ୍ୟ ବ୍ୟବସାୟରେ ସରକାର ଓଡ଼ିଆ ଯାତ୍ରୀ ଓ କାରବାରୀଙ୍କ ପାଇଁ ଓଡ଼ିଆ କର୍ମଚାରୀ ନ ରଖିବା ମଧ୍ୟ ଅସୁବିଧାଜନକ। ଏଥିରେ ଓ ଏଇଭଳି ସବୁ ବିଷୟରେ ଦେଶର ପାତ୍ରିକମାନେ ଖବରାଖବର ସଂଗ୍ରହ କରି ଶୀଘ୍ର ଆନ୍ଦୋଳନରେ ଲାଗିବା ଦରକାର। ଏ ପ୍ରଦେଶରେ ତିନୋଟି ଦୈନିକ ଓ ଏ ବାଦ୍ କେତେ ସାପ୍ତାହିକ ମାସିକ ଅଛି। ସେମାନେ ଏ ଗଣ୍ଡିବେଳେ ଏସବୁ କର୍ତ୍ତବ୍ୟ ପ୍ରତି ଆନ୍ତରିକ ପ୍ରଣିଧାନ ଦେବେ ବୋଲି ଆଶାକରୁଁ।

Digitized by PPRACHIN, SOA

ବେତାର ବର୍ତ୍ତା ପ୍ରଚାର:

ଭାରତ ସରକାର ଏବେ ଏ ଦେଶରେ ବେତାର ବାର୍ତ୍ତା ପ୍ରଚାରର ବିଶେଷ ବ୍ୟବସ୍ଥା କରିବାରେ ବ୍ରତୀ ହୋଇଅଛନ୍ତି। ସେଥିପାଇଁ ଏ ବର୍ଷ ବଜେଟରେ ସାମାନ୍ୟ କେତେ ଲକ୍ଷଟଙ୍କାର ବ୍ୟବସ୍ଥା ହୋଇଅଛି। କ୍ରମରେ ଏଥିରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେବ। କଟକରେ ମଧ୍ୟ ଗୋଟିଏ ବେତାର କେନ୍ଦ୍ର ବସିବ। ଭାରତର ଏ ରାଜନୀତିକ, ଆର୍ଥିକ ଓ ଆର୍ଥନୀତିକ ଦୁର୍ଗତିବେଳେ ଏ ଏକ ବ୍ୟସନ ପରି ଲାଗୁଛି। ଏଥିପାଇଁ କଳ ଓ ମାଲ ମସଲା, ପୁଣି ଚାଳନ କୌଶଳ ଏ ଦେଶରେ ମିଳିବାର କୌଣସି ବ୍ୟବସ୍ଥା ହେଉ ନାହିଁ। ଯାହାର ମାଲ ମସଲା ତିଆରି କରିବାର ନାହିଁ କି ବିଶେଷଜ୍ଞର କୌଶଳ ଯୋଗାଇବାର ନାହିଁ, ତାର ବେତାର ବାର୍ତ୍ତାରେ ସଙ୍ଗୀତ ଶୁଣିବା ସଭ୍ୟତାର ଚିହ୍ନ ନା କୁଆ ହଂସ ହେଲାପରି ବିଡ଼ମ୍ବନା? ମାତ୍ର ସେସବୁ ବିଚାରରେ ଏବେ ଆମର ଲାଭ ନାହିଁ। ଏ ସବୁ ବିଷୟରେ ଆମ ବିଚାର ଆନ୍, ଆମ ନିତ୍ୟସିଦ୍ଧ କର୍ତ୍ତାମାନଙ୍କର ବିଚାର ଆନ୍। ଏଠାରେ ପୁଣି ଆମେ କହୁଛୁ ଓଡ଼ିଆଙ୍କ ଚାକିରି କଥା। ଏ ଆମ ଅଦା ବେପାରରେ ଜାହାଜର ଖବର ବୁଝିବା କି ଦରକାର?

ଆମର କହିବାର କଥା, ଏ କ୍ଷେତ୍ରରେ ଓଡ଼ିଆ ପଶିବା ପାଇଁ ଶୀଘ୍ର ପ୍ରସ୍ତୁତ ହୁଅନ୍ତୁ। ଭାରତର ସର୍ବତ୍ର ଏଥିପାଇଁ କ୍ଷେତ୍ର ଖୋଲିବ। ଏତେବେଳେ ମୂଳରୁ ପଶି ନ ପାରି ଓଡ଼ିଆ ପୁଣି ପରେ ପରର ଏକାନ୍ତ ଅନୁଗ୍ରହକୁ ଚାହିଁ ବସିବେ।

ଏବେ କଲିକତା ବୋମ୍ବାଇ ପ୍ରଭୃତିରେ ଏଇ ବେତାର ବାର୍ତ୍ତା ଓ ତତ୍ ସମ୍ପର୍କୀୟ ଯନ୍ତ୍ରପାତିର କ୍ରିୟା, ନିର୍ମାଣ, ମରାମତି ପ୍ରଭୃତି ଶିକ୍ଷା ଦେବାପାଇଁ ଲୋକେ ଅନୁଷ୍ଠାନମାନ ଖୋଲିଲେଣି। ସରକାରଙ୍କ ନିର୍ଦ୍ଦେଶମତେ ସେମାନେ ସବୁ ପ୍ରଦେଶରୁ ଶିକ୍ଷାର୍ଥୀ ନେବେ। କଲିକତା ଚିତ୍ତରଞ୍ଜନ ଏଭିନିଉର ଏହିପରି ଏକ ଅନୁଷ୍ଠାନ ଏବେ ଆମକୁ ନିଜର ବିଧିବିଧାନମାନ ପଠାଇଛନ୍ତି। ସେଥିରୁ ଦେଖାଯାଉଛି ସେଠାରେ କୌଣସି ପାଶ ଦରକାର ନାହିଁ। ଇଂରେଜ ଭଲ କରି ବୁଝି କହି ଲେଖିପାରିବା ଦରକାର। ମାଟ୍ରିକ୍ୟୁଲେଶନ ହୋଇଥିଲେ ଚଳିବ। ପୁଣି ଆଇ.ଏ., ଆଇ.ଏସ୍‌ସି, ବି.ଏସ୍‌ସି ବା ଏମ୍.ଏସ୍‌ସି ହେଲେ ଭଲ ଶିକ୍ଷା ଓ ଭଲ ଚାକିରି ପାଇ ପାରିବ। ଶିକ୍ଷାର୍ଥୀ ପ୍ରଥମେ ଟ.୧୦୦ ମାତ୍ର ଦେବେ ଓ ଅନ୍ତତଃ ୬ମାସ ନିଜେ ଖାଇବା ରହିବାର ବ୍ୟବସ୍ଥା ପାଇଁ ପ୍ରସ୍ତୁତ ହେବେ। ପରେ ଶିକ୍ଷା କରୁ କରୁ ଯାହା ଦରମା ପାଇବେ ବା ରୋଜଗାର କରିବେ ସେଥିରେ ପ୍ରାୟ ତାଙ୍କର ଚଳିଯିବ। ଦରକାର ହେଲେ ଏ ବିଷୟରେ ବିଶେଷ ଖବରାଖବର ଅଣାଇ ପ୍ରକାଶ କରାଯାଇପାରେ। ଓଡ଼ିଶାର ଦୈନିକମାନେ ମଧ ଏ ବିଷୟରେ ତତ୍ପର ହେଲେ ଭଲ ହେବ। ଫଳ କଥା, ଓଡ଼ିଆ ଯୁବକମାନେ ଏ ସବୁ ଅନୁଷ୍ଠାନରେ ଶିକ୍ଷା ପାଇବାକୁ ଯାଆନ୍ତୁ।

Digitized by PPRACHIN, SOA

ଓଡ଼ିଶାର କଣ୍ଟ୍ରାକ୍ଟରୀ:

ବଂଗୀୟ ରକ୍ଷାସଂଘ ପ୍ରଥମେ ହାବଡ଼ା ମ୍ୟୁନିସିପାଲିଟିରେ ପ୍ରସ୍ତାବ ଧାର୍ଯ୍ୟ କରାଇ ନେଇଛନ୍ତି, ସେଠାରେ ସବୁ କଣ୍ଟ୍ରାକ୍ଟରୀ ବଙ୍ଗାଳୀକୁ ଦିଆ ହେବାର ବ୍ୟବସ୍ଥା କରାହେବ। ଓଡ଼ିଶାର ସରକାର ତଥା ଜିଲାବୋର୍ଡ଼ ମ୍ୟୁନିସିପାଲିଟିମାନେ ଏ ବିଷୟରେ ତତ୍ପର ହେବା ଦରକାର। ଓଡ଼ିଶାର ସରକାର ଏବେ ବିହାରର ଅଂଶ। ସେଥିପାଇଁ ଜେଲ ଓ କଚିରିର ଫର୍ମ ସବୁ ଓ ଅନ୍ୟାନ୍ୟ ସରକାରୀ ଛପାଛପି ସବୁ ବିହାରର କୌଣସି ସ୍ଥାନରୁ କରାହୋଇ ଆସିଲେ ମଧ୍ୟ କାହା ମନକୁ ସେ କଥା ଯାଏନାହିଁ। କୌଣସି କୌଣସି ଜିଲାବୋର୍ଡ ମ୍ୟୁନିସିପାଲିଟିମାନେ ମଧ୍ୟ ଦୁଇ ପଇସା ସସ୍ତା ବାଟ ଦେଖି ଛପାଛପି ଦୂର ବିହାର ସହରମାନଙ୍କରୁ କରାଇ ଆଣୁଥିବାର ଜଣାଅଛି। କିନ୍ତୁ ଏସବୁ ବରାବର ବନ୍ଦ କରି ଦେବାକୁ ହେବ। ରେଳର ଇଂଜିନ୍ ଡବା ପ୍ରଭୃତି ଭାରତ ସରକାର ସସ୍ତା ପାଇବେ ବୋଲି କହି ଇଉରୋପରୁ, ବିଶେଷରେ ଇଂଲଣ୍ଡରୁ କିଣିବାର ବାଟ କରି ଆସୁଥିଲେ, କିଣି ଥିଲେ ମଧ୍ୟ। ଏବେ ଦେଶର ପ୍ରତିନିଧିମାନେ ଦାବି କରି ବସିଲେ, ଏଠାରେ ସାମାନ୍ୟ ଲାଭ କ୍ଷତି କଥା ଧରି ଏତେବେଳେ ଏ ଦେଶର ଲୋକଙ୍କ ଧନରେ ବିଦେଶୀ ଶିଳ୍ପର ମାଲ କିଣିବା ଅନୁଚିତ। ଏସବୁ ମାଲ ତିଆରି କରିବା ପାଇଁ କୌଣସି କାରଖାନା ଏ ଦେଶରେ ନଥିଲେ ଶୀଘ୍ର ସରକାର କାରଖାନା କରି ସେସବୁ ତିଆରି କରାନ୍ତୁ। ପୁଣି ଏଥିରୁ ଯେଉଁସବୁ ଜିନିଷ ଏ ଦେଶର କାରଖାନାମାନଙ୍କରେ ତିଆରି ହୋଇପାରେ ସେ ସବୁ ପାଇଁ ଏ ଦେଶର ଦାମ୍ (tender) ମଗାଯାଉ। କାରଖାନାମାନେ ଯେଉଁ ଦାମ୍ ଦେବେ, ସେଥିରୁ ସର୍ବନିମ୍ନ ଦାମ୍‌ଟି ପ୍ରକୃତ ନ୍ୟାୟସଂଗତ ଭାବରେ ଧାର୍ଯ୍ୟ କରି ସେ ସବୁ ମାଲ ସେଇ କାରଖାନାମାନଙ୍କରୁ କିଣାଯାଉ। ସରକାର ଲୋକପ୍ରତିନିଧିମାନଙ୍କର ଏଇସବୁ ପ୍ରସ୍ତାବ ଯୁକ୍ତିଯୁକ୍ତ ଦେଖି ତାହା ଗ୍ରହଣ କରିଛନ୍ତି। ଓଡ଼ିଶାର ଆସନ୍ତା ସରକାର ତଥା ଜିଲାବୋର୍ଡ ମ୍ୟୁନିସିପାଲିଟିମାନେ ଏଥିରୁ ଶିଖନ୍ତୁ। ଲୋକେ ମଧ୍ୟ ନିଜର ଧନ କିପରି ନିଜ ଦେଶରେ ସର୍ବତୋ ଭାବରେ ବ୍ୟୟିତ ହେବ ସେଥିପାଇଁ ପଦେ ପଦେ ସୂକ୍ଷ୍ମ ଦୃଷ୍ଟି ରଖନ୍ତୁ। କୌଣସି କଂଟ୍ରାକ୍‌ଟରୀ ଯେପରି ଓଡ଼ିଆ ଛଡା ଅନ୍ୟ ହାତକୁ ନଯାଏ, କୌଣସି ମାଲ ଯେପରି କେବଳ ଦୁଇ ପଇସା ଲାଭ ଲାଗି ଓଡ଼ିଶା ବାହାରୁ କିଣା ନଯାଏ, ସେଥିପାଇଁ ଦୃଷ୍ଟି ରଖନ୍ତୁ। ନିକଟରେ ରାଜଧାନୀ ତିଆରି କରିବାରେ ତଥା ସେହିଭଳି ନାନା କାର୍ଯ୍ୟରେ ସରକାର ବିସ୍ତର ଖର୍ଚ୍ଚ କରିବେ। ସେ ସବୁ ଖର୍ଚ୍ଚ କଲାବେଳେ ସରକାର ଏଇ ପ୍ରଦେଶର ସରକାର ବୋଲି ନିଜକୁ ସଂପୂର୍ଣ୍ଣରୂପେ ମନେ କରିବା ଉଚିତ। ଏହିପରି ସୂକ୍ଷ୍ମ ଦୃଷ୍ଟି ରଖି ଦେଶର ଆର୍ଥିକ ଅବସ୍ଥା ପ୍ରତି ଯତ୍ନବାନ ନ ହେଲେ, ଓଡ଼ିଆଙ୍କର ଉଦ୍ଧାର ଏକାବେଳେକେ ଅସଂଭବ। ଏକଥା ସବୁ ପକ୍ଷର ଲୋକେ ବୁଝନ୍ତୁ। ଏହା ସଂକୀର୍ଣ୍ଣତା ନୁହେ - ଏହା ଆତ୍ମରକ୍ଷା।

Digitized by PPRACHIN, SOA

ଓଡ଼ିଶାର ବ୍ୟବସାୟ:

ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ନାମଟିଏ ପାଇବ, କିନ୍ତୁ ବ୍ୟବସାୟ ବାଣିଜ୍ୟ ବୋଲି ଯଥାର୍ଥରେ ଓଡ଼ିଶାରେ କିଛି ଆଖିକୁ ଦିଶିଲା ଭଳି ହେବ ନାହିଁ। ତଥାପି ବିକ୍ରି ଖରିଦର ଯେଉଁସବୁ ସାମାନ୍ୟ ବ୍ୟବସାୟ ଅଛି, ସେଥିରେ ଅତିଶୀଘ୍ର ଓଡ଼ିଆମାନେ ହାତ ଦେବା ଉଚିତ। ସେ ମୁହଁରେ ଓଡ଼ିଶାର ବହୁଧନ ଏବେ ବାହାରକୁ ଯାଉଚି। ଓଡ଼ିଆମାନେ ଆଦୌ ସେଆଡ଼କୁ ଆଖି ଦେବାର ଦେଖାଯାଉ ନାହିଁ। ପୁଣି ଓଡ଼ିଆମାନଙ୍କର ବ୍ୟବସାୟରେ ଜମାରୁ ଅଭ୍ୟାସ ନାହିଁ। କେଉଁଦିନେ ଆମର ପୂର୍ବପୁରୁଷେ ଜାବା, ବାଲି, ବ୍ରହ୍ମ, ସିଂହଳ, ବୋର୍ଣ୍ଣିଓ ପୁଣି ଆମେରିକା ପର୍ଯ୍ୟନ୍ତ ଜାହାଜ ଚଳାଇ ବାଣିଜ୍ୟ କରୁଥିଲେ ବୋଲି ଶୁଣାଯାଏ। ମାତ୍ର ସେସବୁ ଆଜି ପୁରାଣ କଥା। ସେଥିର ଅବଶେଷ ଓଡ଼ିଆ ଚରିତ୍ରରେ ଥିବା ତ ଦୂର କଥା, ତାହାର ଐତିହାସିକ ସ୍ମୃତି ପର୍ଯ୍ୟନ୍ତ ଆଜି ଓଡ଼ିଶାର ଜଳବାୟୁରେ ନାହିଁ। ଆଜି ପାଠ ପଢ଼ି ଲୋକେ ଚାକିରି ପାଇଁ ବ୍ୟାକୁଳ- ନ ହେଲେ ଓକିଲାତି ପୋଷାକ ପିନ୍ଧି କଚିରିରେ ବୁଲୁଚନ୍ତି। ପାଠପଢୁଆ ପିଲାଙ୍କ ଭିତରେ କ୍ରମେ ଅକର୍ମା ସଂଖ୍ୟା ବଢିବାର ଦେଖାଗଲାଣି। ଅକର୍ମା ହୁଅନ୍ତୁ କର୍ମା ହୁଅନ୍ତୁ, ସେମାନେ ହେଲେ ବାବୁ। ସ୍ୱାଧୀନ ଶ୍ରମ କରି ସାଧୁ ଭାବରେ ଧନ କମାଇବା ପ୍ରବୃତ୍ତି ବା ପ୍ରବଣତା ତାଙ୍କର ନାହିଁ। ସେମାନେ ପୁଣି ପଢ଼ିଲାବେଳେ ସୁନ୍ଦର ହାଉଆ ଲାଗୁଥିବା ଦୋମହଲାରେ ରହିଚନ୍ତି। ହୁଏତ ବିଜୁଳି ଆଲୁଅ ଓ ପବନରେ ଅଭ୍ୟସ୍ତ ହୋଇଚନ୍ତି। ଦାମି ଚୁନାରେ ଦାନ୍ତ ଘଷିବାଠାରୁ, ବାସନା ତେଲ ଓ ପେଆର ନିର୍ମିତ ନିର୍ମଳ ସାବିନିରେ ସ୍ନାନ କରି, ସନ୍ଦେଶ ରସଗୋଲା ଜଳଖିଆ ସଂଗେ ଚା ନିମନ୍ତେ ଚାକରକୁ ବରାଦ କରି, ପୂଜାରି ପାଚିତ ଚର୍ବ୍ୟ ଚୂଷ୍ୟ ଲେହ୍ୟ ପେୟ କୁ ଅପେକ୍ଷା କରିବା ପର୍ଯ୍ୟନ୍ତ ସବୁ ବାବୁ ସାଧନାରେ ଅଭ୍ୟସ୍ତ ହୋଇଚନ୍ତି। ଏଥିସଙ୍ଗେ ସିଗାରେଟ୍ ଆଦି ସୁସଭ୍ୟତାର ଅଙ୍ଗମାନ ହାସଲ କରି ସଭ୍ୟ ହୋଇଚନ୍ତି। ଦୋକାନ ବଜାର ଧରି ବ୍ୟବସାୟ କରିବା ତାଙ୍କୁ ରୁଚୁ ନାହିଁ। ସାମୟିକ ଉତ୍ସାହ, ଉତ୍ତେଜନାରେ ଉଦ୍ଦୀପ୍ତ ହୋଇ ତାହା କରିବସିଲେ ମଧ୍ୟ ଅଭ୍ୟାସ ଦୋଷରୁ ସେଥିରେ ସାଧୁତା ଧରି କାର୍ଯ୍ୟ କରି ପାରୁନାହାନ୍ତି। କୃଷି ପଢ଼ି ସରକାରଙ୍କ କୃଷି ବିଭାଗରେ ଚାକିରି ଖୋଜିବା ଓ ସେଇପରି ଚାକିରି ଆଡ଼କୁ ଆଖି ରଖି କମର୍ସ ବା ବେପାର ବ୍ୟବସାୟ ପଢ଼ିବା ଛଡା ତାଙ୍କର ଆଉ ଅନ୍ୟ ପୁରୋଦୃଷ୍ଟି ନାହିଁ। ସାମାନ୍ୟ ଚାକିରୀ କଲେ ମଧ୍ୟ ଘରେ ମାଇପ ନ ରାନ୍ଧି ପୂଜାରୀ ରହୁଚି। ଏପରି ସ୍ଥଳେ ହଠାତ୍ ବ୍ୟବସାୟର ମନୋବୃତ୍ତି ତାଙ୍କଠାରୁ ଆଶା କରିବା ସୁଗମ ନୁହେ। ପୁଣି ଯେଉଁମାନେ ମଫସଲରେ ଅଛନ୍ତି ଓ କିଛି ହେଲେ ପଇସା କରିଚନ୍ତି, ସେମାନେ ଏ ଦରିଦ୍ର ଓ ଅର୍ଥହୀନ ଦେଶରେ ଉଚ୍ଚ ଦରରେ ସୁଧ ଲଗାଇ ଟଙ୍କା ବଢ଼ାଇବା ଓ ସେଇ ସୂତ୍ରରେ ପ୍ରଜାର ଜମି ଆତ୍ମସାତ୍ କରି ଜମିଦାର ଶ୍ରେଣୀଙ୍କ ସଂଖ୍ୟା ବଢାଇବା ଛଡା ଅନ୍ୟ ବାଟକୁ ଯାଉନାହାନ୍ତି। ଏ ସହଜ ବାଟ ଛାଡ଼ି ଅନ୍ୟ ବାଟକୁ ଯିବେ କିଆଁ? ଫଳ କଥା,

Digitized by PPRACHIN, SOA

ସାଧୁ ଭାବରେ ବୁଦ୍ଧି ଓ ଧନ ଖଟାଇ, ସାଧୁ ଓ ସ୍ୱାଧୀନ ଶ୍ରମ କରି, ନିଜ ବିଚକ୍ଷଣତା ଓ ସାଧୁତାରେ ନିର୍ଭର କରି ଧନ କରିବାର ପନ୍ଥା ଏ ଦେଶରେ କାହାକୁ ଦେଖାଯାଉ ନାହିଁ। ଏ ଘୋର ଦୁର୍ଗତିରୁ ଏ ଦେଶକୁ ରକ୍ଷା କରିବାର ସଫଳ ଉପାୟ ଶୀଘ୍ର ଅବଲମ୍ବନ ନ କଲେ, ରକ୍ଷା ନାହିଁ। ବ୍ୟବସାୟର ଧନ ଏ ଦେଶରେ ରଖିବାକୁ ହେବ। ଓଡ଼ିଆ ବ୍ୟବସାୟୀ ଖୋଜି ସେମାନଙ୍କୁ ପ୍ରଶ୍ରୟ ଦେବାକୁ ହେବ ଓ ସେମାନଙ୍କର ସଂଖ୍ୟା ବଢାଇବାରେ ସବୁମତେ ଲାଗିବାକୁ ହେବ।

ଓଡ଼ିଶାର ଶିଳ୍ପ:

ଶିଳ୍ପ ବୋଇଲେ ଏ ଦେଶରେ ବୁଝନ୍ତି ପଥର ଗଢ଼ିବା ବା ଚିତ୍ରାଦି କରିବା। କେବଳ ସେତିକି ନୁହେଁ, ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ତିଆରି କରିବା ମଧ୍ୟ ଶିଳ୍ପ। ଏଇ ଶିଳ୍ପ ବଢ଼ିଲେ ଏ ଦେଶର ଧନ ଏ ଦେଶରେ ରହିବ। ସେଥିପାଇଁ ସବୁପ୍ରକାର ବ୍ୟବହାର ଜିନିଷ କିଣିବାରେ ସ୍ୱପ୍ରଦେଶୀ ହେବା କଥା କୁହାଯାଇଚି। ସେଥିରେ ଯଥାସାଧ୍ୟ ସର୍ବଥା ନିଜ ଦେଶରେ ଶିଳ୍ପ ରକ୍ଷାର ପ୍ରଯତ୍ନ କରିବାକୁ ହେବ। ଉଦାହରଣ ସ୍ୱରୂପ ଯେଉଁମାନେ ଦେଶୀ ବୋଲି ମିଲ୍ ଲୁଗା କିଣୁଚନ୍ତି, ସେମାନେ ତାହା ନ କରି ଦେଶୀ ତନ୍ତବୁଣା ଲୁଗା ଖୋଜି କିଣିବା ଉଚିତ। ଏସବୁ ବୁଝାଇ ଦିଆଯାଇଚି। ଏହା ଛଡା କ୍ଷୁଦ୍ର କାରଖାନାମାନ କରି ଯଥାସମ୍ଭବ ଦେଶରେ ବ୍ୟବହାର୍ଯ୍ୟ ଜିନିଷ ତିଆରିର ବ୍ୟବସ୍ଥା କରିବାକୁ ହେବ। ବଂଗ ଦେଶର ସରକାରଙ୍କ ଶିଳ୍ପ ବିଭାଗ ଏ କ୍ଷେତ୍ରରେ ଯଥେଷ୍ଟ କାର୍ଯ୍ୟ ଆରମ୍ଭ କରିଅଛନ୍ତି। ଦେଢ଼ ହଜାର, ଦୁଇ ହଜାର ଟଙ୍କାର ଚିନି କଳ ଗ୍ରାମରେ ପ୍ରଚାର କରୁଚନ୍ତି। ଏବେ କଲିକତାରେ ଜଣେ ପାଞ୍ଚ ହଜାର ଟଙ୍କା ମଧ୍ୟରେ ଗୋଟିଏ ଲୁଗା ତିଆରି କରିବା କଳ ବାହାର କରିଚନ୍ତି। ବଂଗ ସରକାର ଦେଶର ଭିନ୍ନ ଭିନ୍ନ ସ୍ଥାନକୁ ଲୋକ ପଠାଇ ତେଲ, ନଡିଆ କତା, ମାଛ ପ୍ରଭୃତି ଲୋକେ କେଉଁଠାରେ କିପରି ଶିଳ୍ପରେ ଲଗାନ୍ତି, ତାହା ସବୁ ବଂଗଳାରେ କିପରି କେତେଦୂର ହୋଇପାରେ- ଏସବୁ ଅନୁସଂଧାନ କରୁଅଛନ୍ତି। ମାନ୍ଦ୍ରାଜ ସରକାରଙ୍କ ଶିଳ୍ପବିଭାଗ କେରଳ ସୋପ୍ ଫାକ୍ଟରି ନିଜେ ବସାଇ ସାବିନି ତିଆରି କରୁଚନ୍ତି ଓ ଲୋକଙ୍କୁ ତାହା ପଲ୍ଲିଶିଳ୍ପ ହିସାବରେ ଶିକ୍ଷା ଦେଉଚନ୍ତି। ଅନ୍ୟ ପ୍ରଦେଶ ଲୋକମାନଙ୍କୁ ମଧ୍ୟ ସେଠାରେ ଶିକ୍ଷା ଦେବାର କିଞ୍ଚିତ ବ୍ୟବସ୍ଥା ହୋଇ ପାରେ ବୋଲି ଆମେ ଜାଣୁଁ। ଏ ବିଷୟରେ ପ୍ରଦେଶମାନଙ୍କର ସରକାର ଓ ଜନସେବୀ ଲୋକେ ନାନାବିଧ ଗ୍ରନ୍ଥ ଓ ପତ୍ରିକାମାନ ପ୍ରଚାର କରନ୍ତି। ଏଇ ସଂପର୍କରେ ଦୁଇଖଣ୍ଡ ବଡ଼ ଗ୍ରନ୍ଥ ପ୍ରତି ଆମେ ଲୋକଙ୍କ ଦୃଷ୍ଟି ଆକର୍ଷଣ କରୁଅଛୁ: (୧) ସାର୍ ବିଶ୍ୱେଶ୍ୱର ଆୟାରଙ୍କର (Ten 'years' plan) (ଦଶବର୍ଷର କାର୍ଯ୍ୟ ନିର୍ଘଣ୍ଟ) ଓ (୨) ଶ୍ରୀଯୁକ୍ତ ଏସ.ସି.ମିତ୍ରଙ୍କର Rural Reconstruction of Bengal (ବଂଗଳାର ଗ୍ରାମ ସଂଗଠନ ବା ପୁନର୍ଗଠନ)। ସାର୍ ବିଶ୍ୱେଶ୍ୱର ଆୟାର

Digitized by PPRACHIN, SOA

ଏବେ ଏ କ୍ଷେତ୍ରରେ ଭାରତର ଜନସେବୀଙ୍କ ଭିତରେ ପ୍ରଧାନ। ସେ ଏବେ ଏ ଦେଶରେ ମଟର ତିଆରି କରିବା ଉଦ୍ଦେଶ୍ୟରେ ବିଦେଶରେ ବୁଲି ତଥ୍ୟ ସଂଗ୍ରହ କରୁଚନ୍ତି।

ଓଡ଼ିଆ କିଏ

ଓଡ଼ିଶା ପ୍ରଦେଶରେ ସବୁପ୍ରକାର ଧନାଗମର ପନ୍ଥାରେ ଓଡ଼ିଆଙ୍କୁ ଲଗାଇବାକୁ ହେବ। ଖୋଜି ଖୋଜି ଓଡ଼ିଆଙ୍କୁ ସବୁ ପ୍ରକାର ସୁବିଧା ଓ ଅନୁକଂପା ଦାନ କରି ଏ କ୍ଷେତ୍ରରେ ବଢ଼ାଇବାକୁ ହେବ। ଏଠାରେ ପ୍ରଶ୍ନ ଉଠିପାରେ, ଓଡ଼ିଆ କିଏ ? ଏ ପ୍ରାଦେଶିକ ଓ ଅନ୍ୟାନ୍ୟ ସାଂପ୍ରଦାୟିକତାର ପରିସ୍ଥିତି ମଧ୍ୟରେ କେହି ଏ ପ୍ରଶ୍ନ କରିପାରନ୍ତି। ଏହି 'ଓଡ଼ିଆ' କଥାଟିକୁ ନାନା ଲୋକେ ନାନା ଅର୍ଥ ଦେଇପାରନ୍ତି। ସେଇଥିପାଇଁ ଯେଉଁ ଓଡ଼ିଆ ଉଦ୍ଦେଶ୍ୟରେ ଏସବୁ କୁହାଯାଉଚି, ସେଇ ଓଡ଼ିଆକୁ ଚିହ୍ନାଇ ଦେବା ଦରକାର ଯେଉଁମାନେ ଓଡ଼ିଶାକୁ ନିଜର ସ୍ଥାୟୀ ସ୍ଥାନ କରିଛନ୍ତି, କରୁଛନ୍ତି ବା କରିବାକୁ ପ୍ରସ୍ତୁତ ଅଛନ୍ତି, ସେମାନେ ଓଡ଼ିଆ, ମୋଟାମୋଟି ଏତିକି କହିଲେ ଯଥେଷ୍ଟ ହୁଅନ୍ତା। କିନ୍ତୁ ସେଥି ସଙ୍ଗେ ଆଉ ଗୋଟିଏ କଥା ମନେ ରଖିବାକୁ ହେବ। ଯେଉଁମାନେ ଓଡ଼ିଆର ଭାଷା, ଓଡ଼ିଆର ଆଶା ଓ ଓଡ଼ିଆର ଆକାଂକ୍ଷାରେ ନିଜକୁ ସଂପୂର୍ଣ୍ଣ ରୂପେ ମିଶାଇ ଦେଇ ଓଡ଼ିଆର ଅଭାବ ଅଭିଯୋଗକୁ ସଂପୂର୍ଣ୍ଣରୂପେ ନିଜର କରି ଓଡ଼ିଶାକୁ ନିଜର ସ୍ଥାୟୀ ସ୍ଥାନ କରିବାକୁ ଲୋଡ଼ନ୍ତି, ସେମାନେ ସମସ୍ତେ ଓଡ଼ିଆ।

ନିଉ ଇଣ୍ଡିଆ କେମିକାଲ କଂପାନୀ :

ଗତ ସଂଖ୍ୟାରେ ଆମ୍ଭେମାନେ ବାବୁ ନିଧିରାମ ମିଶ୍ରଙ୍କ ପ୍ରତିଷ୍ଠିତ କେମିକାଲ କଂପାନୀ ବିଷୟରେ ଲେଖିଥିଲୁଁ ଏବଂ ଏ ଦିଗରେ ଓଡ଼ିଶାରେ ଅନ୍ୟ କେହି ନିଷ୍ଠା ଧରି କାର୍ଯ୍ୟ ଆରମ୍ଭ କରିନାହାନ୍ତି ବୋଲି ଇଙ୍ଗିତ ଦେଇଥିଲୁ। ଏକାବେଳେ କେହି ନିଷ୍ଠାପର ଉଦ୍ୟମ କରିନାହାନ୍ତି ବୋଲି କହିବା ଠିକ୍ ହେବନାହିଁ, କାରଣ ପୁରୀର ନିଉ ଇଣ୍ଡିଆ କେମିକାଲ କଂପାନୀର କାର୍ଯ୍ୟ ଏ ଦିଗରେ ପ୍ରଶଂସନୀୟ ଏବଂ ଏହାର ଭବିଷ୍ୟତ କମ୍ ଆଶାପ୍ରଦ ନୁହେ। ଏହାର ପ୍ରତିଷ୍ଠାତା ଶ୍ରୀଯୁକ୍ତ ଭୋଳାନାଥ ସାହା ଏକୁଟିଆ ଉତ୍ସାହ ଓ ଉଦ୍ୟମରେ କୋଟିଙ୍କ ସଙ୍ଗେ ସମାନ। ପରିଚାଳକ ଶ୍ରୀମାନ୍ ଜୟକୃଷ୍ଣ ପଟ୍ଟନାୟକ ଜଣେ ନିଷ୍ଠାପର କର୍ମୀ। ବହୁ କ୍ଷେତ୍ରରେ ଏ ଦୁହିଁଙ୍କର କର୍ମକୁଶଳତା ଦେଖି ଆଶା କରୁଁ ଏ କ୍ଷେତ୍ରରେ ମଧ୍ୟ ଏମାନେ କୃତୀ ହେବେ। ଭୋଳିବାବୁ ଅନେକ ଦିନରୁ ପ୍ରସାଧନ ସାମଗ୍ରୀ ଇତ୍ୟାଦିର ପ୍ରସ୍ତୁତି ବିଷୟରେ ମନ ବଳାଇଛନ୍ତି। କିନ୍ତୁ ଏବେ ତାଙ୍କ ନିଉ ଇଣ୍ଡିଆ କେମିକାଲ ଅଧିକ ସୁନିୟନ୍ତିତ ହୋଇ କାର୍ଯ୍ୟ ଆରମ୍ଭ କରିଛି। ଓଡ଼ିଶାର ଲୋକେ ଏ ଉଦ୍ୟମରେ ଅନୁକଂପାପର ହେବା ଉଚିତ। ଏହି ଛୋଟ ଛୋଟ ବ୍ୟବହାର ଶିଳ୍ପଗୁଡ଼ିକ ଯଦି ଲୋକଙ୍କର ସହାନୁଭୂତି ଅଭାବରେ ବିଲୟ ପାଏ, ତେବେ ଓଡ଼ିଶା ଆତ୍ମଘାତୀ ହେବ।

ନବ ଭାରତ- ୨/୨, ଆଲୋଚନା

Digitized by PPRACHIN, SOA

ଓଡ଼ିଶାରେ ରାଜନୀତିକ ଦଳ

ପ୍ରାୟ ଅର୍ଦ୍ଧ ଶତାବ୍ଦୀବ୍ୟାପୀ ଉଦ୍ୟମ ପରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ନାମରେ ଗୋଟିଏ ଜିନିଷ ପାଇବାର ଆଶା ଦେଖାଯାଉଛି। ଓଡ଼ିଆଙ୍କର ନିଜର ବୋଲି କେବେ ସରକାର ନ ଥିଲା। ଏବେ ତାହା ହେବ। ଯାହାର ଯାହା ନ ଥାଏ, ସେଥିପାଇଁ ଯେ ବ୍ୟାକୁଳ ହେଉଥାଏ, ପାଇଲେ ସେ ଜିନିଷର ବ୍ୟବହାର କରିବା ତାହା ପକ୍ଷରେ ସବୁବେଳେ ସହଜ ହୁଏ ନାହିଁ, ଏ କଥା ଓଡ଼ିଆଙ୍କର ଆଦୌ ମନେ ରଖିବା ଉଚିତ। ଦିନ ଥିଲା, ଯେତେବେଳେ ଚାକିରୀ ପାଇଁ ଲୋକେ ସରକାରଙ୍କୁ ଲୋଡ଼ୁଥିଲେ। ତା ଉତ୍ତାରୁ ସ୍ୱର ଉଠିଲା, ବଡ଼ ବଡ଼ ଚାକିରି ଆମକୁ ଦିଅ। ୧୯୨୦ ପରେ ପୁଣି ମନ୍ତ୍ରୀ ବୋଲି କଥାଟାଏ ବାହାରିଲା। ନାମଟା ମନ୍ତ୍ରୀ ସତ, କିନ୍ତୁ ବିହାର ପ୍ରଦେଶରେ କେବେହେଲେ ଯଥାର୍ଥ ମନ୍ତ୍ରୀ ଜଣେ ହୋଇନାହିଁ। ମନ୍ତ୍ରୀଙ୍କ ହାତେ ଆଇନ ଅନୁସାରେ ସରକାରଙ୍କର ଗୋଟିଏ ଭାଗ ଥିଲା। ସେ ଭାଗଟିର ଯେତିକି ସୀମା ଥିଲା, ତାହା ଭିତରେ ମନ୍ତ୍ରୀ ଏକ ପ୍ରକାର ସ୍ୱାଧୀନ ହେବାର କଥା। ସେ ସ୍ୱାଧୀନତାକୁ ରଖିବା ନିମନ୍ତେ ବ୍ୟବସ୍ଥାପକ ସଭାରେ ବହୁପକ୍ଷଙ୍କ ମତ ସବୁବେଳେ ପଛରେ ରହିବା ଦରକାର। ବିହାର ଓଡ଼ିଶା ପ୍ରଦେଶରେ ବହୁପକ୍ଷଙ୍କ ମତ କେବେ ଲୋକ ପ୍ରତିନିଧିଙ୍କ ହାତରେ ନଥିଲା। ସରକାରୀ ମେମ୍ବରଙ୍କ ସଂଖ୍ୟା ମିଶାଇ ଇଂରେଜ ସରକାର ଏକା ବ୍ୟବସ୍ଥାପକ ସଭାରେ ବହୁପକ୍ଷ ମତ ଧରି ବରାବର ବସିଥିଲେ। ସେଥିପାଇଁ ବିହାରର ମନ୍ତ୍ରୀ ଇଂରେଜ ସରକାରଙ୍କ ହାତରେ କ୍ରୀଡ଼ା ପୁତ୍ତଳିକା ପରି ଚାଳିତହେବା ଛଡ଼ା ତାଙ୍କର ଅନ୍ୟ ଉପାୟ ନଥିଲା। ବିହାର ପ୍ରଦେଶରେ ତାହାହିଁ ଚଳି ଆସିଥିବାରୁ ଅନେକ ଓଡ଼ିଆ ଦୂରରେ ରହି ମନ୍ତ୍ରୀପଦକୁ ଗୋଟିଏ ବହୁତ ଟଙ୍କା ପାଇବା ଚାକିରି ଛଡ଼ା, କେତେଗୁଡ଼ିଏ କ୍ଷମତା ଜାରି କରିବାର ସୁବିଧା ଛଡ଼ା ଆଉ କିଛି ବୋଲି କେବେ ଦେଖିନାହାନ୍ତି। ଅନେକ କ୍ଷେତ୍ରରେ ଦେଖାଯାଇଛି, ବଡ଼ ବଡ଼ ଧନୀ ଲୋକେ, ସରକାରଙ୍କ ଦୁଆଧରା ଲୋକେ ମେମ୍ବର ହୋଇଯିବା ମାତ୍ରେ ଗଭର୍ଣ୍ଣର ପ୍ରଭୃତିଙ୍କୁ ଧରି ମନ୍ତ୍ରୀ ହେବାର ଆଶାରେ ଏ ପ୍ରଦେଶରେ ଲାଟସଭାକୁ ଠିଆ ହୁଅନ୍ତି। ସେହି କଥା କହି ମଧ୍ୟ ଭୋଟ ସଂଗ୍ରହ କରିବାର ଦେଖାଅଛି। ଯେପରି କି ବିହାରୀ ଜଣେ ମନ୍ତ୍ରୀ ନ ହୋଇ ଓଡ଼ିଆ ଜଣେ ମନ୍ତ୍ରୀ ହେଲେ ଓଡ଼ିଶା ଉଦ୍ଧାର ହୋଇଯିବ। କ୍ଷୁଦ୍ର ନିଷ୍ପେଷିତ ଓଡ଼ିଆ। ଜାତିର ସବୁ କ୍ଷେତ୍ରରେ ଏହି ଗୌଣତ୍ୱ ବୁଦ୍ଧି! ଯଥାର୍ଥ ପ୍ରଗତି ଦିଗରେ କେବେ ତାଙ୍କର ଦୃଷ୍ଟି ଫିଟିଛି ବୋଲି ମନେ ହେଉନାହିଁ।

ଆଜି ନୂଆ ଶାସନ ଆସୁଛି। ଇଂଲଣ୍ଡରେ ତାହାର ଚିଠା ହୋଇ ଆଇନ ତିଆରି ଲାଗିଛି। ସେ ଆଇନରେ ମନ୍ତ୍ରୀ କଣ ହେବେ, ତାଙ୍କର ଅଧିକାର, ସ୍ୱତ୍ୱ ଓ କର୍ତ୍ତବ୍ୟ କଣ ରହିବ, ସେ କଥାର ଶେଷ ନିଷ୍ପତ୍ତି ହୋଇନାହିଁ। ଯାହା ନାକ କାନରୁ ଜଣାପଡ଼ୁଛି, ସେଥିରେ ମନ୍ତ୍ରୀପଦ ନେବା ଉଚିତ କି ନା, ନେଲେ ବା ତାହାର କି ବ୍ୟବହାର କଲେ ଜାତିର ପ୍ରଗତି

Digitized by PPRACHIN, SOA

ଫୁଟିବ, ତାହାର ବିଚାର ଘେନି ଭାରତର ରାଜନୀତିକମାନେ ଆଜି ବ୍ୟତିବ୍ୟସ୍ତ। କିନ୍ତୁ ଓଡ଼ିଶାରେ ଅନେକେ ସେ ସବୁ ଆଇନ ସନ୍ଧି, ଅଧିକାର, କର୍ତ୍ତବ୍ୟ, ଜାତିର ପ୍ରଗତି, ଅପ୍ରଗତି ପ୍ରଭୃତି କଥା କିଛି ନ ବିଚାରି ପ୍ରକାଶ କରି ପକାଉଛନ୍ତି, 'ଅମୁକ ମନ୍ତ୍ରୀ ହେବେ, କଂଗ୍ରେସକୁ ଛାଡ଼ି ଜାତୀୟ ଦଳ ଗଢ଼ା ଯାଉ' ଇତ୍ୟାଦି। ଏସବୁ କଥାରେ କି ଚିନ୍ତା ଅଛି, କି ପୀଠ ଓ ପୁରୋଦୃଷ୍ଟି ଉପରେ ସେ ଚିନ୍ତା ପ୍ରତିଷ୍ଠିତ ରହିଛି, ତାହା କେହି କହୁନାହାନ୍ତି। ପ୍ରଦେଶ ଆସିଲେ ସେ ପ୍ରଦେଶ ଯାହାହେଉ, ଆଉ କିଛି ନ ବିଚାରି ସେ ପ୍ରଦେଶର ଲାଟସାହେବଙ୍କ ଇଙ୍ଗିତ ଘେନି ମନ୍ତ୍ରୀ ହୋଇ ପ୍ରଦେଶକୁ ଚଳାଇବାକୁ ହେବ - ଏପରି ସିଦ୍ଧାନ୍ତରେ ବଡ଼ ଚାକିରର ଲାଳସା ଚରିତାର୍ଥ କରିବା ଛଡ଼ା ଅନ୍ୟ କିଛି ଦୂର ବା ନିକଟ ଦୃଷ୍ଟି ଦେଖାଯାଉନାହିଁ। ମନେ ରଖିବାକୁ ହେବ, ଚାକିରି ଚିନ୍ତା ଓ ସେହି ଦୃଷ୍ଟିରେ ଦେଶ ସେବା କରିବାର ବିଳାସ ଏ ଦେଶରେ ପୁରୁଣା ହୋଇଗଲାଣି। ଆଜି ଯଦି ଓଡ଼ିଆ ସେହି ଦୃଷ୍ଟିରେ ଚାଳିତ ହୋଇ କିଛି କହେ ବା କରେ, ତେବେ ସ୍ୱତନ୍ତ୍ର ପ୍ରଦେଶ ହେଲେ ମଧ୍ୟ ପଛୁଆ ତଥା ଅର୍ଦ୍ଧସଭ୍ୟ ବୋଲି ଓଡ଼ିଆଙ୍କ କଳଙ୍କକାଳିମା ଭାରତ ବକ୍ଷରେ ବୋଳା ହେବ।

ସେ ଦିନ ଶୁଣାଗଲା, କାଗଜରେ ମଧ ବାହାରିଥିଲା, କଂଗ୍ରେସକୁ ଛାଡ଼ି ଗୋଟିଏ ଜାତୀୟ ଦଳ ଗଢ଼ିବା ପାଇଁ ଓଡ଼ିଶାର କେତେକ ଜଣାଶୁଣା ଲୋକେ ଭାରି ଲାଗି ପଡ଼ିଛନ୍ତି। କଂଗ୍ରେସ ଦଳ ଛଡ଼ା ଓଡ଼ିଶାରେ ଜାତୀୟ ଦଳ ବୋଲି ମଧ ଦଳ ଗଢ଼ିବା ଭଳି ଲୋକ ବିଶେଷ କେହିଥିବାର କେବେ ଦେଖାଯାଇନାହିଁ। ଯଦି କେହି ଥିବେ, ତେବେ ତାଙ୍କ ମତାମତ ବା କ୍ରିୟାଯୋଜନା ଦେଶବାସୀ କେବେ ଦେଖିନାହାନ୍ତି। କୌଣସି ଚିନ୍ତା ସଙ୍ଗେ ସେଭଳି କାହାରି କିଛି ପରିଚୟ ଥିବାର ବାହାରକୁ ଜଣାପଡ଼ିନାହିଁ। ଆଜି ସେଭଳି ଲୋକ ହଠାତ୍ କୁଆବସାରେ କୋଇଲି ଡିମ୍ବ ଫୁଟିଲା ପରି ବାହାରି ପଡ଼ିବାର କାରଣ କିଛି ନାହିଁ। ତାହା ମଧ୍ୟ ସମ୍ଭବ ନୁହେଁ। ଜାତିଧ୍ୱଂସକାରୀ ଦଳ ଗଢ଼ିବା ପାଇଁ ଓଡ଼ିଶାରେ ବହୁତ ବାହାରିବେ। କଂଗ୍ରେସ ବାହାରେ ସେଭଳି ଲୋକ ସର୍ବତ୍ର, ସର୍ବଦା ଅଛନ୍ତି। କଂଗ୍ରେସ ଭଳି ଜାତୀୟ ଅନୁଷ୍ଠାନ ପ୍ରାଣପଣେ ଲଢ଼ି ଲୋକଙ୍କ ପାଇଁ ଯେଉଁ ସ୍ୱତ୍ୱ ବା ଅଧିକାର ଆଣୁଛି, ଲୋକଙ୍କୁ ଠକି ଡରାଇ ସେ ସ୍ୱତ୍ୱ, ଅଧିକାରର ଫଳ ମାରିନେବା ଭଳି ଲୋକ ଅଛନ୍ତି, ରହିବେ। ସେମାନେ ସମାଜର ମାଛରଙ୍କା- ସୁଖରେ ଆକାଶରେ ଉଡୁଥିବେ, ଛକିଥିବେ, ପାଣିକି ଯିବେ ନାହିଁ, ଜାଲ ଖିଅ ପୋଡୁଅରେ ହାତ ଦେବେ ନାହିଁ, ଅସ୍ଥିହାଡ଼ ପର୍ଯ୍ୟନ୍ତ ଓଦା କରିବେ ନାହିଁ, ପାଇଲେ ଟପ୍ କରି ମାଛ ମାରିନେବେ। ସେମାନେ ଜାତୀୟବାଦୀ ହୋଇ ନ ପାରନ୍ତି।

ତେବେ ଏ ଜାତୀୟବାଦୀ ଆଜି କିଏ? କଂଗ୍ରେସରେ ଯେଉଁମାନେ ଥିଲେ ବା ଅଛନ୍ତି, ସେମାନେ ଏପରି ଜାତୀୟବାଦୀ ଦଳ, ଲୋକସେବୀ ଦଳ ପ୍ରଭୃତି ଉଢବାଟରେ

Digitized by PPRACHIN, SOA

ଭୁଲିବା ଠିକ୍ ନୁହେଁ। କଂଗ୍ରେସ ଲୋକଙ୍କ ପାଇଁ ସ୍ୱତ୍ୱ, ଅଧିକାର ଦାବୀ କରୁଛି ସତ, କିନ୍ତୁ ତାହା ଖାଲି ଭୋଗ କରି ମୌଜ କରିବା ପାଇଁ ନୁହେଁ। ସେଥିସଂଗେ କଂଗ୍ରେସଧର୍ମୀ ବୁଝନ୍ତି, ସେମାନଙ୍କର ଦେଶବାସୀଙ୍କ ପାଇଁ ଘୋର କର୍ତ୍ତବ୍ୟ ମଧ୍ୟ ରହିଛି। ଯେଉଁ ଅଧିକାର ଭୋଗ ବାସନା ସଂଗେ ଦୃଢ଼ ଭାବରେ କର୍ତ୍ତବ୍ୟ କରିବାର ପ୍ରବୃତ୍ତି ନାହିଁ, ସେ ଅଧିକାର ପ୍ରତି ଲାଳାୟିତ ହେଲେ ପାପ ହୁଏ। ଏହା ମାନବ ସେବା ନୁହେଁ। ଏଥିରେ ବରଂ ମାନବ ଦ୍ୱେଷ ଥାଇପାରେ।

କଂଗ୍ରେସଧର୍ମୀଙ୍କର ଏପରି ଭୁଲିବାର ଏ ସମୟ ନୁହେଁ। କଂଗ୍ରେସ ଲୋକର ମଙ୍ଗଳ ପାଇଁ ସର୍ବଦା ଚିନ୍ତିତ ଓ ବ୍ୟାକୁଳ। ଓଡିଶାର ମଙ୍ଗଳ ପାଇଁ ଓଡିଶାର କଂଗ୍ରେସ ବିଶେଷ ଭାବରେ ବ୍ୟାକୁଳ ହେବା ଉଚିତ। ଯୁକ୍ତ ପ୍ରଦେଶର କଂଗ୍ରେସ କୃଷକ ଓ ତାଲୁକଦାରଙ୍କ ସମ୍ବନ୍ଧ ବିଷୟରେ ସ୍ୱତନ୍ତ୍ର ବିଧାନ ଲୋଡ଼ିଲା। ତାହା ସେଠାରେ ନିତାନ୍ତ ଦରକାର। ମାନ୍ଦ୍ରାଜରେ ତାହା ଦରକାର ନ ହେଲେ ମଧ୍ୟ ମାନ୍ଦ୍ରାଜ ସେଥିରେ ଆପତ୍ତି କଲା ନାହିଁ। ଫଳରେ କୃଷକ ଆନ୍ଦୋଳନ ଯୋଗୁଁ ଆଜି ଯୁକ୍ତପ୍ରଦେଶରେ କୋଟି କୋଟି ଟଙ୍କା ଖଜଣା ଛାଡ଼ ହୋଇଅଛି। କଂଗ୍ରେସ ସେଥିରେ ବରଂ ଆନନ୍ଦିତ। ନିଖିଳ ଭାରତ କଂଗ୍ରେସ ସେଥିପାଇଁ ଯୁକ୍ତ ପ୍ରଦେଶ କଂଗ୍ରେସକୁ ବହୁମାନ ଦେଉଅଛନ୍ତି। ଅନ୍ୟତ୍ର ଦେଖ, ଭୁଲରେ ହେଉ, ଭଲରେ ହେଉ, ବଙ୍ଗଦେଶ ବୁଝିଲା ନିଖିଳ ଭାରତ କଂଗ୍ରେସର ସାମ୍ପ୍ରଦାୟିକ ସମାଧାନ ଯୋଜନା ଠିକ୍ ନୁହେଁ। ସେ ତାହା ସର୍ବମନ୍ତେ କଂଗ୍ରେସରେ ପ୍ରଚାର କରି କଂଗ୍ରେସକୁ ସ୍ୱୀକାର କରାଇ ନେବାପାଇଁ ଲାଗିଛି। କଂଗ୍ରେସ ମଧ୍ୟ ବାଧ୍ୟ ହୋଇ ବଙ୍ଗଳାରେ ସେହି ମତବାଦ ପ୍ରତି ସବୁପ୍ରକାର ବିଚାରବତ୍ତା ଦେଖାଉଛନ୍ତି।

ଦିନେ ଲାହୋର କଂଗ୍ରେସରେ ଲାଟସଭା ବର୍ଜନ ସଙ୍ଗେ ଜିଲାବୋର୍ଡ, ମ୍ୟୁନିସିପାଲିଟି ପ୍ରଭୃତି ଛାଡ଼ିବାର ପ୍ରସ୍ତାବ ଆସୁଥିଲା। ସମସ୍ତଙ୍କର ମନେ ଥିବ, ସେତେବେଳେ ମଧ୍ୟପ୍ରଦେଶ, ଚା[illegible] ଜ[illegible] ଜିଲାବୋର୍ଡ ଅଧ୍ୟକ୍ଷ ଶ୍ରୀଯୁକ୍ତ ରବିଶଙ୍କର ଶୁକ୍ଳ ଉଠି ନିଜେ ଜିଲ୍ଲାବୋର୍ଡରେ ଯାହା ଜାତୀୟ କାର୍ଯ୍ୟ କରିଥିଲେ ଓ ଜାତୀୟ କାର୍ଯ୍ୟ କରିବେ ବୋଲି ବିଚାରିଥିଲେ, ତାହା ସବୁ ବୁଝାଇ କହି ଦେବାରୁ ସମସ୍ତ କଂଗ୍ରେସ ଜିଲାବୋର୍ଡ ମ୍ୟୁନିସିପାଲିଟି ବର୍ଜନ ବିରୁଦ୍ଧରେ ମତ ଦେଇଥିଲେ। ଆଜି ମନେ ପଡୁଛି, ସେ କହିଥିଲେ, "୪୮୦ ସ୍କୁଲରେ ଜାତୀୟ ସଂବାଦ ବାର୍ତ୍ତା ପ୍ରଚାରିତ ହେଉଛି ସ୍କୁଲ ଉପରେ ଜାତୀୟ ପତାକା ଉଡୁଛି। ସ୍କୁଲରେ ହରିଜନ ପ୍ରବେଶରେ କୌଣସି ବାଧା ନ ଦେବା ପାଇଁ ବ୍ୟବସ୍ଥା ରହିଛି। ଅରଟ ଚାଲୁଛି। ଶିକ୍ଷକମାନେ ଖଦଡ଼ ପିନ୍ଧୁଛନ୍ତି। ଛାତ୍ରମାନେ ପିନ୍ଧିବାରେ ଉତ୍ସାହିତ ହେଉଛନ୍ତି। ଏସବୁ କାର୍ଯ୍ୟ ଏକାବେଳକେ ବନ୍ଦ ହୋଇଯିବ। ମୁଁ ଛାଡ଼ିଦେଲେ ଏସବୁ କିଛି ରହିବ ନାହିଁ। ଆପଣମାନେ ଜିଲାବୋର୍ଡ ବର୍ଜନ କରିବା ଦ୍ୱାରା ଦେଶରେ ସର୍ବତ୍ର ଏସବୁ ସୁବିଧା ଛାଡ଼ିବାକୁ ଚାହାନ୍ତି ?"

Digitized by PPRACHIN, SOA

ସେହିପରି ଓଡ଼ିଶାର କଂଗ୍ରେସଧର୍ମୀ ଓ କଂଗ୍ରେସବାଦୀମାନେ ଚିନ୍ତାର ଚତୁରତା ଲଗାଇ ନିଜର ନିଷ୍ଠା ଫଳରେ ଓଡ଼ିଶାର ମଙ୍ଗଳରେ ବ୍ରତୀ ହୁଅନ୍ତୁ। ଓଡ଼ିଶାର କୌଣସି ସ୍ୱତନ୍ତ୍ର ସମସ୍ୟା ଥିଲେ ତାହା କଂଗ୍ରେସ ନିଶ୍ଚୟ ସ୍ୱୀକାର କରିବେ। ସେଥିରେ କଂଗ୍ରେସ ଖୁସୀ ହେବେ। କଂଗ୍ରେସକୁ ତାହା ବୁଝାଇ ପାରିବାରେ ଯଦି ଭୟ ବା ସଙ୍କୋଚ ହେଉଛି, ତେବେ ସେ କାର୍ଯ୍ୟରେ ନିଶ୍ଚୟ କିଛି ଦୋଷ ଅଛି ବୁଝିବାକୁ ହେବ। ନିଜର ସେଥିରେ ଦୁର୍ବଳତା ଅଛି। ଦୁର୍ବଳତା ପାଖେ କୌଣସି ଜାତି ପ୍ରତିଷ୍ଠିତ ହୋଇ ନ ପାରେ। ଦୁଆର କିଳି ଘରେ ବକ୍ତୃତା ଦେଇ କେହି ବକ୍ତା ହୁଏ ନାହିଁ। ପାଣିକୁ ନ ଓହ୍ଲାଇ ଉପରେ କେହି ପହଁରା ଶିଖେ ନାହିଁ। କଂଗ୍ରେସଧର୍ମୀମାନେ ଏ କଥା ବିଚାର କରି ବୁଝନ୍ତୁ ଓ ତତ୍ପର ହୋଇ କାର୍ଯ୍ୟବ୍ରତୀ ହୁଅନ୍ତୁ। ମୋହରେ ପଡ଼ନ୍ତୁ ନାହିଁ। ମନେ ରଖନ୍ତୁ, 'ସ୍ୱଳ୍ପମପସ୍ୟ' ଧର୍ମସ୍ୟ ତ୍ରାୟତେ ମହତୋ ଭୟାତ୍'।

ନବଭାରତ-୧/୧୨, ଆଲୋଚନା

ଓଡ଼ିଶାର ଭାବୀ ନିର୍ବାଚନ ମଣ୍ଡଳୀ

ମାନ୍‌ସ୍‌ଫିଲ୍ଡ ସାହେବଙ୍କ ସଂପାଦକତ୍ୱରେ ଓଡ଼ିଶାରେ ଭାବୀ ନିର୍ବାଚନ ମଣ୍ଡଳୀ ଗଢ଼ିବା ପାଇଁ ଗୋଟିଏ କମିଟି ଗଢ଼ା ହୋଇଚି। ସେଥିରେ ଓଡ଼ିଶାର କମିଶନର ହର୍ନେଲ ସାହେବ ସଭାପତି। କନିକା ରାଜା, ବାବୁ ଲକ୍ଷ୍ମୀଧର ମହାନ୍ତି (କଟକ), ବାବୁ ଲୋକନାଥ ମିଶ୍ର (ପୁରୀ), ବାବୁ ବ୍ରଜମୋହନ ପଣ୍ଡା (ସମ୍ବଲପୁର), ବାବୁ ରାଧାରଞ୍ଜନ ଦାସ (ବାଲେଶ୍ୱର) ଓ ରେଭରେଣ୍ଡ ବ୍ରଜାନନ୍ଦ ଦାସ ଏଇମାନେ ମେମ୍ବର ହୋଇଚନ୍ତି। ଯେପରି ଦେଖାଯାଉଚି ଅତି ଶୀଘ୍ର ନିର୍ବାଚନ ମଣ୍ଡଳୀମାନ ତିଆର ହୋଇଯିବ। କିନ୍ତୁ ଦୁଇଟି କଥା ଏ ସମ୍ବନ୍ଧରେ ମନରେ ହୁଏ। ପ୍ରଥମତଃ ପ୍ରଦେଶିକ ସ୍ୱାୟତ୍ତଶାସନ ବା ଲୋକପ୍ରତିନିଧି ଚାଳିତ ଶାସନ ନାମରେ ଏ ନିର୍ବାଚନ ମଣ୍ଡଳୀ ସବୁ ଗଢ଼ା ହେବ। ସେଥିପାଇଁ ହେଉଥିବା କମିଟିରେ ଯଥାର୍ଥ ଲୋକପ୍ରତିନିଧିଙ୍କର ସ୍ଥାନ ଥିବା ଉଚିତ ଥିଲା। ବିହାର ଓଡ଼ିଶା ବ୍ୟବସ୍ଥାପକ ସଭାରୁ ଲୋକେ ନିଆ ହୋଇଛନ୍ତି ସତ, ମାତ୍ର ବିହାର ଓଡ଼ିଶାର ନିର୍ବାଚନ ପାଞ୍ଚ ବର୍ଷ ପୂର୍ବେ ହୋଇଥିଲା। ସେତେବେଳେ ଯେ ନିର୍ବାଚିତ ବୋଲି ଧରା ହୋଇଥିଲେ, ସେ କେତେଦିନ ଲୋକପ୍ରତିନିଧି ବୋଲି ଧରା ହେବେ? ଲୋକପ୍ରତିନିଧି ହେବା ଅବଶ୍ୟ କାହାରି ଜୀବନୀ ସ୍ୱତ୍ୱ ନୁହେ - ମୌରସି ହେବା ତ ଦୂରର କଥା। ପୁଣି ଯେପରି ଅବସ୍ଥା ଓ ପରିସ୍ଥିତିରେ ସେମାନେ ନିର୍ବାଚିତ ବୋଲି ଧରା ହୋଇଥିଲେ, ଦେଶର ସେ ଅବସ୍ଥା ଓ ସେ ପରିସ୍ଥିତିର କବର ଦିଆ ହୋଇ, ସେ କବର ଉପରେ ଯେ କଣ୍ଟାଗଛ ଉଠିଲାଣି, ଏହା କିଏ ନ ଜାଣେ? ସରକାର ଜାଣନ୍ତି, ଆମେ ଜାଣୁ, ପ୍ରତିନିଧିମାନେ ନିଜେ ବି ଜାଣନ୍ତି। ପୁଣି ନିର୍ବାଚନ ମଣ୍ଡଳୀର ନିର୍ମାଣ, ସୀମାକରଣ ଓ ନିୟନ୍ତ୍ରଣ ଉପରେ ଯେ କି

Digitized by PPRACHIN, SOA

ପରିମାଣରେ ନିର୍ବାଚନର ଫଳ ନିର୍ଭର କରେ, ଏ କଥା ପ୍ରତି ସମସ୍ତେ ସତର୍କ ରହିବା ଉଚିତ। କଂଗ୍ରେସ ପକ୍ଷ ବା କଂଗ୍ରେସଭାବାନ୍ୱିତି ଲୋକଙ୍କୁ ଏ କମିଟିରେ ରଖିବା ସରକାରଙ୍କର ଏକାନ୍ତ ଉଚିତ। ଗତ ଭାରତ ବ୍ୟବସ୍ଥାପକ ସଭାର ନିର୍ବାଚନରେ କଂଗ୍ରେସହିଁ ଲୋକପ୍ରତିନିଧି ବୋଲି ପ୍ରମାଣିତ ହୋଇ ଯାଇଛି। ପ୍ରାଦେଶିକ ସଭାର ନିର୍ବାଚନ ହେଲେ, ତାହହିଁ ଯେ ହେବ ଏହା ସମସ୍ତେ ଜାଣନ୍ତି।

ଦ୍ୱିତୀୟ କଥା, ଓଡ଼ିଶାର ସୀମା ଓ ଜନସଂଖ୍ୟା ଏତେ ବଢ଼ିଲେ ବି, ମେମ୍ବର ସଂଖ୍ୟା ବଢ଼ି ନାହିଁ। ବରଂ ଅଦଳ ବଦଳରେ ଯଥାର୍ଥ ଲୋକପ୍ରତିନିଧିଙ୍କ ସଂଖ୍ୟା ଟିକିଏ ଊଣା ହୋଇଯାଇଚି। ଓଡ଼ିଆ ଦରିଦ୍ର ଓ ପଶ୍ଚାତ୍‌ପଦ ବୋଲି ତାକୁ ଏପରି ବ୍ୟବହାର କରିବା ଠିକ୍ ନୁହେ। ତାର ବି ନୀରବରେ ଏପରି ବ୍ୟବହାର ସହିବା ଗର୍ହଣୀୟ। ପୁଣି ସମ୍ବଲପୁର ପରି ଜିଲ୍ଲାକୁ କରଯାଉଚି ଉପେକ୍ଷିତ ବା ଅଲେହିଦା ଲାଟଙ୍କ ହସ୍ତମୁଦୀ ମାହାଲ। ଜୟପୁର ଓ ଗଞ୍ଜାମମାଳର ସେଇ ଦଶା। ଏମାନେ ସବୁ ଏବେ ପ୍ରତିନିଧି ନିର୍ବାଚନ କରିବାର ପୂରା ସ୍ୱତ୍ୱ ଭୋଗ କରୁଚନ୍ତି। ଅନୁଗୁଳ ପୁଣି ଏତେ କାଳର ଟେକାପାଣି ଟେକାଭାତ ଖାଇ ଖାଇ ଏବେ ମୁଣ୍ଡ ଟେକି ଠିଆ ହେବାକୁ ଚାହିଁ ବସିଚି। ଏସବୁ କଥାର ବିଚାର ପରେ ତ ନିର୍ବାଚନ ମଣ୍ଡଳୀ ଗଢ଼ାହେବ। ଦେଖାଯାଉ ଆମର ସରକାରଙ୍କ ମନୋନୀତ ପ୍ରତିନିଧିମାନେ କ'ଣ କରୁଚନ୍ତି ?

ଏ ସବୁର ନିଶ୍ଚିତ ବିଚାର ଓ ସିଦ୍ଧାନ୍ତ ପୂର୍ବରୁ ନିର୍ବାଚନ ମଣ୍ଡଳୀ ଗଢ଼ିବାରେ ବହୁତ ବିପଦ ମଧ୍ୟ ଅଛି। ପ୍ରତ୍ୟେକ ମେମ୍ବରର ନିର୍ବାଚନ ମଣ୍ଡଳୀ ସ୍ୱତନ୍ତ୍ର ହେବା ଉଚିତ। ତା ନ ହେଲେ ଯଥାର୍ଥ ଲୋକମତ ପ୍ରତିଫଳିତ ହେବାରେ ଘୋର ବାଧା ପଡ଼ିବ। ମାତ୍ର ଅଧା ହାତମୁଦା ମାହାଲ୍, ପୂରା ହାତମୁଦା ମାହାଲ୍, ଦଳିତ ଜାତି, ବଣୁଆ ଜାତି ଏ ସବୁ ବିଚାର ପଛକୁ ପକାଇ, ନିର୍ବାଚନ ମଣ୍ଡଳୀ ଗଢ଼ିଲେ ଠିକ୍ ହେବ ତ ? ପରେ ପୁଣି ମେମ୍ବର ସଂଖ୍ୟା ବଢ଼ିଲେ, ଆଉ ଥରେ ମଣ୍ଡଳୀଯାକ ନ ଭାଙ୍ଗି ଯେବେ ଦୁଇ ମେମ୍ବରିଆ ତିନି ମେମ୍ବରିଆ ମଣ୍ଡଳୀମାନ ଗଢ଼ି ଦିଅନ୍ତି, ତେବେ କଣ ହେବ ? ଆମମାନଙ୍କ ମତରେ ମେମ୍ବର ବଢ଼ିବାହିଁ ଉଚିତ। ନ ହେଲେ ଘୋର ଅନ୍ୟାୟ କରା ହେବ ଓ ଲୋକରେ ଅସନ୍ତୋଷ ବଢ଼ିବ।

ନବ ଭାରତ-୧/୧୦, ଆଲୋଚନା

ଓଡ଼ିଶା ପ୍ରଦେଶର ଭୋଟ ବ୍ୟବସ୍ଥା

ଜଏଣ୍ଟ ପାର୍ଲାମେଣ୍ଟାରି କମିଟିର ରିପୋର୍ଟ ବାହାରିଲା ବେଳେ ସେଥିରେ ଭୋଟ ବ୍ୟବସ୍ଥାରେ ନୂତନ ପ୍ରଦେଶ ଓଡ଼ିଶା ପ୍ରତି ଯେଉଁ ଦୁର୍ବିଚାର ହୋଇଥିଲା ସେ କଥା ଆମେ ଲେଖିଥିଲୁ। ପ୍ରଥମ ଗୋଲଟେବୁଲ ବୈଠକ ପରେ ଇଂଲଣ୍ଡର ପ୍ରଧାନମନ୍ତ୍ରୀ କହିଥିଲେ,

Digitized by PPRACHIN, SOA

ଭାରତର ନୂଆ ଶାସନରେ ଶତକଡ଼ା ୨୦ରୁ ୨୫ ପର୍ଯ୍ୟନ୍ତ ଲୋକଙ୍କୁ ଭୋଟ ଅଧିକାର ମିଳିବ । ତାପରେ ଭୋଟ ଅଧିକାର ନିର୍ଣ୍ଣୟ କରିବା ପାଇଁ ଲର୍ଡ ଲୋଥିଆନ୍‌ଙ୍କ ସଭାପତିତ୍ୱରେ କମିଟି ବସିଲା । ସେହି ଲୋଥିଆନ୍ କମିଟିର ରିପୋର୍ଟରେ ହାରାହାରି ଶତକଡ଼ା ୧୪ ଭାରତବାସୀଙ୍କୁ ଭେଟ ଅଧିକାର ଦେବାର ବ୍ୟବସ୍ଥା ହେଲା । ଭାରତରେ ହାରାହାରି ୧୪ ହେଲେ ମଧ୍ୟ ସେହି ହିସାବରେ ବିହାର ଓଡ଼ିଶା ପ୍ରଦେଶରେ ଶତକଡ଼ା ୯ଜଣ ମାତ୍ର ଭୋଟ ପାଇବାର କଥା । ମାତ୍ର ଜଏଣ୍ଟ ପାର୍ଲାମେଣ୍ଟାରି କମିଟି ଅନ୍ୟସବୁ ପ୍ରଦେଶ ପାଇଁ ଇତର ବିଶେଷ ପରିମାଣରେ ସାଧାରଣତଃ ଲୋଥିଆନ୍ କମିଟିର ସୁପାରିସ ଅନୁସାରେ ବ୍ୟବସ୍ଥା କଲେ ମଧ୍ୟ ବିହାର ଓଡ଼ିଶାରେ ଭୋଟ ଅଧିକାର ଆହୁରି ସଂକୁଚିତ କରିଦେଲେ । ଲୋଥିଆନ୍ କମିଟିଙ୍କ ମତରେ ମାସକୁ ଦୁଇ ପଇସା ଚଉକିଦାରି ଟିକସ ଦେଉଥିବା ଲୋକ କିମ୍ବା ସେହିଭଳି ସମ୍ପତ୍ତିରେ ଅଧିକାରୀ ଥିବା ଲୋକ ପ୍ରାଦେଶିକ ଲାଟ ସଭାକୁ ଭୋଟ ଦେଇ ପାରିବେ ବୋଲି ସୁପାରିସ ଥିଲା । ଜଏଣ୍ଟ ପାର୍ଲାମେଣ୍ଟରି କମିଟି କେବଳ ବିହାର ଓଡ଼ିଶା ପ୍ରଦେଶ ପାଇଁ ବ୍ୟବସ୍ଥା କଲେ ଯେ ଯାହାର ମାସକୁ ଅଣାଏ ଚଉକିଦାରି ଟିକସ ବା ସେହିଭଳି ସଂପତ୍ତି ଥିବ ସେହି ଏକା ବିହାର ବା ଓଡ଼ିଶା ପ୍ରଦେଶର ଲାଟ ସଭାକୁ ଭୋଟ ଦେଇ ପାରିବେ । ଏହି ହିସାବରେ ହୁଏତ ବିହାର ଓଡ଼ିଶା ପ୍ରଦେଶରେ ଭୋଟ ଅଧିକାରୀଙ୍କ ସଂଖ୍ୟା ଶହକେ ଛଅ ଜଣରୁ ଅଧିକ ହେବ ନାହିଁ । ତିନିବର୍ଷ ପରେ ମାସକୁ ତିନି ପଇସା ଚଉକିଦାରି ଟିକସ ଦେଉଥିବା ଲୋକ ବିହାର ଓଡ଼ିଶାରେ ଭୋଟ ଦେଇ ପାରିବେ ବୋଲି ସୁପାରିସ ଅଛି । ସେ ହିସାବରେ ହୁଏତ ଶହକେ ୭ଜଣ ଲୋକ ଭୋଟ ଦେବେ । ସେ ଯାହାହେଉ ଜଏଣ୍ଟ ପାର୍ଲାମେଣ୍ଟାରି କମିଟି ଏ ବିଷୟରେ ଯାହା କରିଥିଲେ ତାହା ଏବେ ଭାରତ ସରକାର ଆଇନରେ ବିଧିବଦ୍ଧ ହୋଇଗଲା ।

ବିହାର ଓଡ଼ିଶା ପ୍ରତି ଏପରି ସ୍ୱତନ୍ତ୍ର ବିଚାର କରିବାର କାରଣ ଦିଆହୋଇଛି- ବିହାରର ଭୂମିକମ୍ପ । ଭୂମିକମ୍ପ ହେତୁ ପ୍ରଦେଶରେ ଅର୍ଥନାଶ ଘଟିଅଛି । ଏଥିଯୋଗୁ ବହୁ ଭୋଟରଙ୍କଙ୍କ ଦ୍ୱାରା ନିର୍ବାଚନ ଚଳାଇବାରେ ଗୁଡ଼ାଏ ଖର୍ଚ୍ଚା କରିବାକୁ ପ୍ରଦେଶର ଶକ୍ତି ନାହିଁ ବୋଲି ଜଏଣ୍ଟ ପାର୍ଲାମେଣ୍ଟାରି କମିଟି ଏ ବ୍ୟବସ୍ଥା କଲେ । ଚିରକାଳ ଅନ୍ୟ ପ୍ରଦେଶ ସଙ୍ଗେ ଖଣ୍ଡେ ଖଣ୍ଡେ ହୋଇ ଯୋଡ଼ା ହେବାରୁ ଓଡ଼ିଶା ସେହି ସେହି ପ୍ରଦେଶ ସଙ୍ଗେ ସୁଖ ଦୁଃଖରେ ଭାଗୀ ହୋଇଛି ବୋଲି କୁହାଯାଏ । କିନ୍ତୁ ବାସ୍ତବରେ ସୁଖରେ ଭାଗୀ ହେବା କଥା ବିଶେଷ ଜଣାନାହିଁ । ଦୁଃଖ ଓ ଦୁର୍ଗତିରେ ହିଁ ଓଡ଼ିଶା ସବୁବେଳେ ଭାଗୀ । ବିହାର ଭୂମିକମ୍ପ ସଙ୍ଗେ ଓଡ଼ିଶାର ସମ୍ପର୍କ ନାହିଁ ତଥାପି ଭୂମିକମ୍ପ ହେତୁରୁ ବିହାର ପାଇଁ ଯେଉଁ ବ୍ୟବସ୍ଥା ଓଡ଼ିଶା ପାଇଁ ସେହି ବ୍ୟବସ୍ଥା ହେଲା । ଓଡ଼ିଶାର ରାଜନୀତିକମାନେ ଏ ବିଷୟରେ ବିଶେଷ କିଛି ଆନ୍ଦୋଳନ ମଧ୍ୟ କଲେ ନାହିଁ । ରାଜନୀତିକ ଦୃଷ୍ଟିରେ ଆନ୍ଦୋଳନ କରିବା

Digitized by PPRACHIN, SOA

ଓଡ଼ିଶାରେ ଅତି କମ୍ ଦେଖାଯାଏ । ଯେ କୌଣସି କାରଣରୁ ହେଉ ଏ ସବୁ ଗୁରୁ ବିଷୟରେ ଓଡ଼ିଶାରେ କିଛି ଉଚ୍ଚବାଚ ଶୁଣା ଯାଇ ନାହିଁ । ଓଡ଼ିଶାକୁ ଏ ଦୁର୍ଗତି ଭୋଗିବାକୁ ହେବ ।

ସେତିକି ନୁହେଁ । ଏଇତ ଘରପାଖେ ମାନ୍ଦ୍ରାଜ । ସେଠା ଲୋକେ ଯେପରି ଭୋଟ ଅଧିକାର ପାଇବେ ଓଡ଼ିଶାର ଲୋକେ ହୁଏତ ତହିଁର ତୃତୀୟାଂଶ ସୁବିଧା ପାଇବେ ନାହିଁ । ଭାରତଶାସନ ଆଇନରେ ବ୍ୟବସ୍ଥା ହୋଇଯାଇଛି, ସମ୍ପତ୍ତି ଅନୁସାରେ ଭୋଟ ଅଧିକାର ପାଇବା ଛଡ଼ା ଶିକ୍ଷା ଅନୁସାରେ ଯେଉଁମାନେ ଭୋଟ ଅଧିକାର ପାଇବେ, ସେମାନଙ୍କର ବର୍ଣ୍ଣ ପରିଚୟ ଥିଲେ ଯଥେଷ୍ଟ ହେଲା । ପୁରୁଷ ସ୍ତ୍ରୀ ଦୁହିଁଙ୍କ ସମ୍ବନ୍ଧରେ ସେଠାରେ ଏହି ବ୍ୟବସ୍ଥା । ମାନ୍ଦ୍ରାଜ, ବମ୍ବେ, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ପଞ୍ଜାବ, ସିନ୍ଧ ଓ ଆସାମ ସର୍ବତ୍ର ବର୍ଣ୍ଣ ପରିଚୟ ଥିବା ନାରୀମାନଙ୍କର ଭୋଟ ଅଧିକାର ଥିବାର ବ୍ୟବସ୍ଥା ରହିଛି । କିନ୍ତୁ ହତଭାଗ୍ୟ ଓଡ଼ିଶାରେ ମ୍ୟାଟ୍ରିକ୍ୟୁଲେସନ ପାଶ କରିନଥିଲେ ପୁରୁଷ ନାରୀ କାହାରି ଭୋଟାଧିକାର ନାହିଁ । ପରେ ଏହାର କିପରି ଯେ କି ପରିବର୍ତ୍ତନ ହୋଇପାରେ ସେ ବିଷୟ ମଧ୍ୟ ସ୍ପଷ୍ଟ କରା ହୋଇନାହିଁ । ଇଂଲଣ୍ଡର ମନ୍ତ୍ରୀସଭା ଏହା ବଦଳାଇବେ କି ପ୍ରାଦେଶିକ ଲାଟ ସଭାରେ ଏହାର ପରିବର୍ତ୍ତନ ହୋଇପାରିବ ତାହା ଠିକ୍ ଜାଣି ହେଉନାହିଁ ।

ହେଲେ ହେଁ, ଏତେବେଳେ ମଧ୍ୟ ଯାହା କରାହୋଇପାରେ ତାହା କରିବା ଦେଶବାସୀଙ୍କର ତଥା ସରକାରଙ୍କର ଉଚିତ । ଦେଶବାସୀ ଏସବୁ ବିଷୟରେ ହୁଏତ ମୁଣ୍ଡ ଫିଟାଇ ନାହାନ୍ତି । ସରକାର ସେହି ସୁବିଧାରେ ହୁଏତ ଦେଶପାଇଁ ଏପରି ବିଧାନ ସବୁ ହୋଇ ଯିବାରେ ବାଧା ଦେଇ ନାହାନ୍ତି । ହେଲେ ହେଁ ସରକାରଙ୍କର ମଧ୍ୟ ଏ କ୍ଷେତ୍ରରେ କର୍ତ୍ତବ୍ୟ ରହିଛି । ଏତେବେଳେ ଅନ୍ତତଃ ଆଶା କରାଯାଏ, ବିଧିରେ ଭୋଟର ହୋଇ ପାରିବା ଲୋକଙ୍କ ମଧ୍ୟରୁ ଜଣେ ଯେପରି ବାଦ ନ ପଡ଼େ ସରକାର ତାହା ଦେଖିବେ ।

ଫ୍ରନ୍‌ଚାଇଜ୍ କମିଟି

ଭୋଟ ଅଧିକାର ଓ ତାହାର ବ୍ୟବହାରକୁ ଫ୍ରାନ୍‌ଚାଇଜ୍ କହନ୍ତି । ଏହି ଫ୍ରାନ୍‌ଚାଇଜ୍ ଯଥାଯଥ ରୂପେ ବିଚାର କରି ନୂତନ ଶାସନର ବ୍ୟବସ୍ଥା କରିବା ପାଇଁ ପ୍ରାଦେଶିକ ସରକାରମାନେ ଗଲା ଜୁନ୍ ପୂର୍ବରୁ ଗୋଟିଏ ଗୋଟିଏ କମିଟି ବସାଇଥିଲେ । ଏହି କମିଟିମାନଙ୍କରେ ପ୍ରାଦେଶିକ ଲାଟ ସଭାରୁ କେତେକ ମେମ୍ବରଙ୍କୁ ନିଆଯାଇଥିଲା । ଏପରି ମେମ୍ବର ନେବା ଉଦ୍ଦେଶ୍ୟ ଯେ ଏହି କମିଟିରେ ଲୋକମତ ପ୍ରତିଫଳିତ ହେବ । ଏହିପରି ଲୋକମତ ନିମନ୍ତେ ପ୍ରତିନିଧି ବାଛିବା ସରକାରଙ୍କର ଗୋଟାଏ ନୀତି । ସରକାର ଜାଣନ୍ତି, ଲୋକେ ଜାଣନ୍ତି, ଆଜିକାଲିର ଲାଟ ସଭାଗୁଡିକ ଲୋକପ୍ରତିନିଧିଙ୍କୁ ଘେନି ଗଢା ହୋଇନାହିଁ । ପ୍ରଥମ କଥା ଯଥାର୍ଥ ଲୋକମତର ଦ୍ୟୋତକ କଂଗ୍ରେସ ନିର୍ବାଚନରୁ ଅନୁପସ୍ଥିତ ଥିଲାବେଳେ ଏହିସବୁ ସଭାଗୁଡିକ ଗଢ଼ା ହୋଇଥିଲା । ତଥାପି ସରକାରଙ୍କର

Digitized by PPRACHIN, SOA

ଦେଖାଇବା ପାଇଁ ସେହିସବୁ ସଭାଗୁଡ଼ିକରେ ଯାହା ସବୁ ଲୋକମତର ଆଭାସ ଥିଲା ତାହା ମଧ୍ୟ ଆଜି ନାହିଁ । ଲୋକେ ୩ବର୍ଷ ପାଇଁ ପ୍ରାଦେଶିକ ଲାଟସଭାକୁ ମେମ୍ବର ପଠାନ୍ତି, ସରକାର ନିଜର ସୁବିଧା ନିମନ୍ତେ ବିଲାତରେ ଆଇନ୍ କରାଇ ୧୯୩୦ ବା ତହିଁ ପୂର୍ବରୁ ନିର୍ବାଚିତ ଲାଟ ସଭାମାନଙ୍କୁ ଏବେ ମଧ୍ୟ ମଲା ଘୋଡାକୁ ସଡ଼କରେ ଘୋସାରି ବାଟ କାଟିଲା ପରି ନିଜର ରାଜନୀତିକ ବାଟରେ ଚାଲିଛନ୍ତି । ଅତଏବ ଏବେ ଲାଟସଭାରେ ଯେଉଁମାନେ ଅଛନ୍ତି ସେମାନେ କାର୍ଯ୍ୟରେ ବା ନୀତିରେ-କାହିଁରେ ଲୋକପ୍ରତିନିଧି ନୁହନ୍ତି, ସେହିମାନଙ୍କ ଭିତରୁ ଗୋଟିକେତେ ମେମ୍ବର ଯୋଡ଼ିଦେଇ ଯେଉଁ କମିଟି ଗଢ଼ା ହେଲା ସେଥିରେ ଲୋକମତ ଫୁଟିବାର କୌଣସି ଶଙ୍କା ବା ସ୍ପୃହା ମଧ୍ୟ ନାହିଁ । ଏହିମାନେ ସରକାରଙ୍କ କର୍ମଚାରୀଙ୍କ ସଙ୍ଗେ କମିଟିରେ ବସି ଫ୍ରନ୍‌ଚାଇଜ୍‌ର ଯେଉଁ ଚିଠା କରି ରିପୋର୍ଟ ବାହାର କଲେ ଲାଟସଭାମାନଙ୍କରେ ତାହାର ବିଚାର୍ ହୋଇଗଲା । ଲାଟସଭାରେ ତ ଲୋକପ୍ରତିନିଧି ନାହାନ୍ତି । ସେ ବିଚାରରେ ବା ଲୋକମତର ପ୍ରଭାବ ପଡ଼ିବ କିପରି ବା କାହିଁକି ? ପୁଣି ଏ ସବୁ ଯାଞ୍ଚ କରି ନିଷ୍ପତ୍ତି କରିବା ପାଇଁ ଇଂଲଣ୍ଡରୁ ସମସ୍ତ ଭାରତ ପାଇଁ ହ୍ୟାମଣ୍ଡ ସାହେବଙ୍କ ସଭାପତିତ୍ୱରେ ଗୋଟିଏ କମିଟି ବସିଛି । ସେ କମିଟିରେ ଲୋକେ ନିଜ ନିଜର ମତ ଜଣାଇଲେ ସେ ତାହା ବିଚାର କରିବେ ବୋଲି ଆଶା କରାଯାଏ । ସରକାରଙ୍କ ବ୍ୟବସ୍ଥା ସବୁ ଶଗଡ଼ ଗୁଳାରେ ଚାଲେ । ଆଶା କରୁ ହ୍ୟାମଣ୍ଡ କମିଟି ଏ ଶଗଡ଼ ଗୁଳା ଛାଡ଼ି ଲୋକମତ ଅନୁସାରେ ଫ୍ରାଞ୍ଚାଇଜ୍ କମିଟିର ବ୍ୟବସ୍ଥା ସବୁ ଯଥାଯଥ ଭାବେ ବିଚାର କରିବେ । ଲୋକେ ମଧ୍ୟ ଖୁବ୍ ସ୍ୱାଧୀନତା ଅବଲମ୍ବନ କରି ଏ କମିଟି ଜାଣିବା ଭଳି ନିଜ ନିଜର ମତାମତ ଜଣାନ୍ତୁ । ଶାସନ ସଂସ୍କାର ଯାହା ହେଉ ଲୋକଙ୍କର ଭୋଟ ଅଧିକାର କୌଣସି ପ୍ରକାର ଉପେକ୍ଷାର ବସ୍ତୁ ନୁହେଁ ।

ଓଡ଼ିଶା ପ୍ରଦେଶର ଫ୍ରାନ୍‌ଚାଇଜ୍

ଓଡ଼ିଶା ନୂଆ ପ୍ରଦେଶ ହେବ । ତାହାର ସ୍ୱତନ୍ତ୍ର ଲାଟସଭା ନାହିଁ । ବିରାଟ ବିହାର ଲାଟସଭାରେ ଓଡ଼ିଶାର ସ୍ୱର ଶୁଭିବା କଥା ନୁହେଁ । ପୁଣି କଂଗ୍ରେସ ନିର୍ବାଚନରୁ ଅନ୍ତର ଥିଲାବେଳେ ଅନ୍ୟାନ୍ୟ କୌଣସି କୌଣସି ପ୍ରଦେଶରୁ ରାଜନୀତିକ ମତବାଦୀମାନେ ଲାଟସଭାରେ ପଶିଥିଲେ । ଓଡ଼ିଶାରେ କଂଗ୍ରେସ ଛଡ଼ା ମଧ୍ୟପନ୍ଥାର ରାଜନୀତି ନାହିଁ କହିଲେ ଚଳେ । କଂଗ୍ରେସ ନିର୍ବାଚନରୁ ବାହାରେ ଥିଲାବେଳେ ଯେଉଁମାନେ ଲାଟସଭାରେ ପଶିଥିଲେ ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କର ନୀତି ସରକାରଙ୍କ ହାଇରେ ଫୁଟିକି ମାରିବା ମାତ୍ର । ଭୂତ ଭବିଷ୍ୟତ ବିଚାର କରି ଦେଶର ମଙ୍ଗଳାମଙ୍ଗଳ ଆଦର୍ଶରେ ନୀତି ନିୟମିତ କରିବାର ଅଭ୍ୟାସ ବା ଉଦ୍‌ବେଗ ସେମାନଙ୍କ ମଧ୍ୟରେ ପ୍ରାୟଶଃ ଦେଖାଯାଏ ନାହିଁ । ବସ୍ତୁତଃ ଇଂରେଜୀରେ ଯାହାକୁ ବେସରକାରୀ (Non official) କହନ୍ତି ସେମାନଙ୍କ ସମ୍ବନ୍ଧରେ ସେ ପଦ ପ୍ରୟୋଗ କରିବା ଏକ ପ୍ରକାର ବିଡମ୍ବନା । ସେହିମାନଙ୍କୁ ଘେନି

Digitized by PPRACHIN, SOA

ଓଡ଼ିଶାରେ ଯେଉଁ ଫ୍ରାନ୍‌ଚାଇଜ୍ କମିଟି ହୋଇଥିଲା ତାହାର ବିଚାର ହେଲା ପାଟଣାର ଲାଟସଭାରେ । ଏଥିରେ ଫଳ ଯାହା ହୋଇଥିବ ତାହା ବୁଝାଇ କହିବା ଦରକାର ନାହିଁ । ଓଡ଼ିଶା ଫ୍ରାନ୍‌ଚାଇଜ୍ କମିଟିର ପ୍ରାଥମିକ ରିପୋର୍ଟ ପ୍ରକାଶ ପାଇଛି । ଆମେ ସେଥିରେ ଓଡ଼ିଶାର ମେମ୍ବରମାନଙ୍କ ଯୁକ୍ତିପଟୁତା ଦେଖିବାର ପ୍ରୟାସ ମଧ କରିଥିଲୁ । କିନ୍ତୁ ଆମେ ଶୁଣିଲୁ କମିଟିର କାର୍ଯ୍ୟ ଅତି ଅଳ୍ପ ସମୟ ମଧରେ ଶେଷ ହୋଇଗଲା । ସରକାର କମିଟି ଆଗେ ଯେଉଁ ପ୍ରସ୍ତାବ ସବୁ ବାଢ଼ିଥିଲେ ସେଥିରେ କୌଣସି ଉଲ୍ଲେଖଯୋଗ୍ୟ ପରିବର୍ତ୍ତନ ହୋଇ ନାହିଁ । କେବଳ ହୁଏତ କୌଣସି ବ୍ୟକ୍ତି ବିଶେଷ ନିଜର ମତ ଅନୁସାରେ ଭବିଷ୍ୟତ ମେମ୍ବର ନିର୍ବାଚନ ସୁବିଧା ଲୋଡିଥିବାର କିଞ୍ଚିତ ଆଭାସ ମିଳିପାରେ ମାତ୍ର । କୌଣସି ବିଶେଷ ଯୁକ୍ତ ତର୍କର ଆଭାସ ରିପୋର୍ଟରେ ନ ଥିବାରୁ ଆଉ ମଧ ବିଶେଷ କିଛି ଜାଣିବାର ଉପାୟ ନାହିଁ । ଏହି ପ୍ରାଥମିକ ରିପୋର୍ଟରେ ଯେଉଁ ସବୁ ଅବସ୍ଥା ପ୍ରକାଶ ପାଇଛି ତାହାର କେତେକ ଆଲୋଚନା ତଳେ ଦିଆଗଲା ।

ତିନୋଟି ଗୁରୁ ବିଷୟ

(୧) ପଶ୍ଚାତ୍‌ପଦ ଜାତିଙ୍କ ପାଇଁ ଓଡ଼ିଶାରେ ଗଭର୍ଣ୍ଣର ନିଜର ମନମୁଖିଆ ମେମ୍ବର ଭର୍ତ୍ତି କରି ଦେବେ । ନୂତନ ଶାସନରେ ପ୍ରଦେଶମାନଙ୍କରେ ସ୍ୱାୟତ୍ତ ଶାସନ ହେବ ବୋଲି ଡାକ ପଡିଛି । ଗଭର୍ଣ୍ଣରଙ୍କର ନିଜସ୍ୱ କେତେକ କ୍ଷମତା ଏହି ସ୍ୱାୟତ୍ତ ଶାସନକୁ ହ୍ରସ୍ୱ କରିଛି ବୋଲି ସମସ୍ତେ ଜାଣନ୍ତି । ସେହି ନିଜସ୍ୱ କ୍ଷମତା ଛଡ଼ା ଅନ୍ୟ କୌଣସି ପ୍ରତ୍ୟବାୟ ଥିବାର କଥା କେବେ ପ୍ରକାଶ କରାଯାଇ ନାହିଁ, କିମ୍ବା ବ୍ୟବସ୍ଥା ସଭାରେ ଗଭର୍ଣ୍ଣର ମନମୁଖିଆ ମେମ୍ବରମାନ ଭର୍ତ୍ତି କରି ନିଜସ୍ୱ କ୍ଷମତାକୁ ବଳବତ୍ତର କରିବାର କୌଣସି କଳ୍ପନା ଥିଲା ପରି ଜଣାଯାଉ ନାହିଁ । ସେ ଜାତିମାନଙ୍କ ସମ୍ବନ୍ଧରେ ମନ୍ତ୍ରୀ ସଭା ତଥା ବ୍ୟବସ୍ଥାସଭାର ଯେ କୌଣସି ମତକୁ ଗଭର୍ଣ୍ଣର ଏକାରେ ଏଡ଼ି ଦେବାର କ୍ଷମତା ରହିଛି । ତଥାପି ଗଭର୍ଣ୍ଣରଙ୍କ ମନୋନୀତ ମେମ୍ବର ଦ୍ୱାରା ବ୍ୟବସ୍ଥା ସଭାରେ ଲୋକପ୍ରତିନିଧିଙ୍କର ବଳ ହ୍ରାସ କରିବାର ଅଭିପ୍ରାୟ କାହିଁକି ? ଓଡ଼ିଶାରେ ପୁଣି ଷାଠିଏ ଜଣିଆ ଗୋଟିଏ ଛୋଟ ବ୍ୟବସ୍ଥା ସଭା ହେବ । ସେଥିରେ ଗଭର୍ଣ୍ଣର ଯଦି ଚାରୋଟି ମେମ୍ବର ଭର୍ତ୍ତି କରି ଦିଅନ୍ତି ତେବେ ସ୍ୱାୟତ୍ତଶାସନର ମୂଲ୍ୟ ରହିଲା କେଉଁଠାରେ ? ଗଭର୍ଣ୍ଣରଙ୍କ ମନୋନୀତ ଏହି ଚାରୋଟି ମେମ୍ବରଙ୍କର ଶକ୍ତି ଓ ଓଜନକୁ ବାଧା ଦେବାପାଇଁ ପ୍ରତିପକ୍ଷଦଳର ଚାରୋଟି ନିର୍ବାଚିତ ମେମ୍ବରଙ୍କୁ ସର୍ବଦା ବଳି ଦେଇ ରଖିବାକୁ ହେବ । ଏହିପରି ଆଠୋଟି ମେମ୍ବର କଟିଗଲେ ବାକି ବ୍ୟବସ୍ଥା ସଭାରେ ନିର୍ବାଚିତ ମେମ୍ବରଙ୍କର କି କାର୍ଯ୍ୟ ପ୍ରକାଶ ପାଇବ ତାହା ସହଜରେ ବୁଝାଯାଉଛି । ଫଳରେ ଗୋଟିଏ ପକ୍ଷ ୨୭ଟି ନିର୍ବାଚିତ ମେମ୍ବର ଘେନି ସଭାରେ ବହୁ ପକ୍ଷ ହେବେ, ଅନ୍ୟପକ୍ଷ ୩୧ ନମ୍ବର

Digitized by PPRACHIN, SOA

ନ ହେଲେ ବହୁ ପକ୍ଷ ହୋଇପାରିବ ନାହିଁ । ଓଡ଼ିଶା ପ୍ରତି ଏ ବ୍ୟବସ୍ଥା କାହିଁକି ? ସରକାର ନୂଆକରି ପ୍ରଦେଶ ଦେଲେ ବୋଲି ପୁଣି କଣ ଓଡ଼ିଶାକୁ ୧୯୨୧ର ଆଇନ୍ ଭଳି ବ୍ୟବସ୍ଥା ସଭା ଦେବାକୁ ଚାହାନ୍ତି, ତାହା ନହେଲେ ନୂତନ ବିଧାନରେ ମନୋନୀତ ସଭ୍ୟ ରଖିବାର ଅର୍ଥ କ'ଣ ? ବିହାରରେ ଏହି ପଶ୍ଚାତପଦ ଜାତିଙ୍କର ସାତ ଜଣ ମେମ୍ବର ରହିବେ । କିନ୍ତୁ ସେମାନେ ସମସ୍ତେ ନିର୍ବାଚିତ । ମାନ୍ଦ୍ରାଜ କଥା ଦେଖ । ବିଶାଖାପାଟଣାର ମାଳ ଅଞ୍ଚଳ ମାନ୍ଦ୍ରାଜ ଓ ଓଡ଼ିଶା ଭିତରେ ଦୁଇ ଭାଗରେ ବଣ୍ଟା ହେବ । ବିଶାଖାପାଟଣାର ମାଳ ଅଞ୍ଚଳରେ ଯେଉଁ ପଶ୍ଚାତପଦ ଜାତିମାନେ ଅଛନ୍ତି ସେମାନେ ସମସ୍ତେ ତ ଏକାପରି, କିନ୍ତୁ ଯେଉଁ ଖଣ୍ଡକ ମାନ୍ଦ୍ରାଜରେ ରହିଲା, ସେଠାର ପାଶ୍ଚତପଦ ଜାତିମାନଙ୍କର ମେମ୍ବର ମାନ୍ଦ୍ରାଜ ବ୍ୟବସ୍ଥା ସଭାକୁ ନିର୍ବାଚିତ ହୋଇଯିବେ । ମାତ୍ର ଓଡ଼ିଶାକୁ ଯେଉଁ ମାଳଖଣ୍ଡ ଆସିବ, ସେଠାରେ ପଶ୍ଚାତ୍‌ପଦ ଜାତିମାନଙ୍କ ପାଇଁ ଓଡ଼ିଶାର ଗଭର୍ଣ୍ଣର ମନମୁତାବକ ମେମ୍ବର ଭର୍ତ୍ତି କରିଦେବେ । ଓଡ଼ିଶାର ଏ ଦୁର୍ଗତ ନୁହେଁ, ଓଡ଼ିଶାପ୍ରତି ଏହା ସ୍ପଷ୍ଟ ଦୁର୍ବ୍ୟବହାର ।

(୨) ସବୁ ନିର୍ବାଚନ ମଣ୍ଡଳୀରୁ ପ୍ରାୟ ଗୋଟିଏ ଗୋଟିଏ ଲୋକ ନିର୍ବାଚିତ ହେବାର ବ୍ୟବସ୍ଥା ହୋଇଅଛି । ଖାଲି ଯେଉଁଠାରେ ଉପେକ୍ଷିତ ଜାତି ମେମ୍ବର ଯୋଡା ହୋଇଛନ୍ତି ସେଠାରେ ନିର୍ବାଚନ ମଣ୍ଡଳୀରୁ ୨ଟି ଲେଖାଏଁ ମେମ୍ବର ଯିବେ । ଏହାଛଡ଼ା ବ୍ରହ୍ମପୁର ଓ ତାହା ପାର୍ଶ୍ୱବର୍ତ୍ତୀ କେତେକ ସ୍ଥାନ ଧରି ଯେଉଁ ନିର୍ବାଚନ ମଣ୍ଡଳୀ ଗଢ଼ା ହୋଇଛି, ସେଥିରୁ ତିନୋଟି ମେମ୍ବର ଯିବେ, ମାତ୍ର ଏହି ଏକାଧିକ ମେମ୍ବର ପଠାଉଥିବା ନିର୍ବାଚନ ମଣ୍ଡଳୀମାନଙ୍କରେ ଯେଉଁ ଭୋଟ ବ୍ୟବସ୍ଥା ହୋଇଛି ତାହା ଏକାବେଳେକେ ବିସ୍ମୟକର ଓ ଅସମୀଚୀନ । ଏଥିରେ ଯେତେ ମେମ୍ବର ଯାନ୍ତୁ ପଛକେ ପ୍ରତ୍ୟେକ ଭୋଟର ଗୋଟିଏ ଲେଖାଏ ଭୋଟ ଦେବେ ଓ ଏହି ହିସାବରେ ଯେ ବେଶୀ ଭୋଟ ପାଇବ ସେ ନିର୍ବାଚିତ ହେବ । ଏଠାରେ ଦେଖିବାକୁ ଗୋଟିଏ ନିର୍ବାଚନ ମଣ୍ଡଳରୁ ଏକାଧିକ ମେମ୍ବର ନିର୍ବାଚିତ ହେବାର ବ୍ୟବସ୍ଥା ଥିଲେ ମଧ୍ୟ ଫଳରେ ଯେଝା ଲୋକକୁ ଯେ ଭୋଟ ଦେବେ । ଜାତି ସଂପ୍ରଦାୟ ଧରି ଲୋକେ ଭୋଟ ଦେବାଭଳି ବାଟ କରିଦେବା ସକାଶେ ଏହା କରାହୋଇଛି ବୋଲି ମନେହୁଏ । ଉପେକ୍ଷିତ ଜାତିଙ୍କ ସମ୍ବନ୍ଧରେ ଗାନ୍ଧିଙ୍କ ପ୍ରଭାବରେ ପୁନା ଠାରେ ଯେଉଁ ସାଲିସ୍ ହୋଇଥିଲା ଏ ଭୋଟ ଦେବା ବ୍ୟବସ୍ଥା ସେ ସାଲିସର ଏକାବେଳେକେ ବିରୋଧୀ, କାରଣ ଉପେକ୍ଷିତ ଜାତି ଓ ବର୍ଣ୍ଣ-ହିନ୍ଦୁ ଦୁହେଁ ମିଶା ମିଶି ଭୋଟ ଦେଇପାରିବେ ବୋଲି ପୁନାସାଲିସ୍ ହୋଇଥିଲା, ଉପସ୍ଥିତ ବ୍ୟବସ୍ଥା ଫଳରେ ଦେଖିବାକୁ ସମସ୍ତେ ଏକା ଘରକୁ ଯାଇ ଭୋଟ ଦେଲେ ମଧ୍ୟ ଫଳରେ ନିଜ ଜାତି ଲୋକକୁ ନିଜେ ଭୋଟ ଦେବା ଛଡ଼ା ଆଉ କିଛି ହେବାର ସମ୍ଭାବନା ଅଧିକ ନାହିଁ । ଏ ବିଧିର ପରିବର୍ତ୍ତନ ନିତାନ୍ତ ବାଞ୍ଛନୀୟ । ଓଡ଼ିଶାର ଆସେମ୍ଲି ନିର୍ବାଚନ ମଣ୍ଡଳୀରେ ଏବେ

Digitized by PPRACHIN, SOA

ଯେପରି ଲୋକେ ଦୁଇଟି ଭୋଟ ବ୍ୟବହାର କରୁଛନ୍ତି ଠିକ୍ ସେହି ରୀତିରେ ପଠାଯିବା ମେମ୍ବରଙ୍କ ସଂଖ୍ୟାମତେ ପ୍ରତ୍ୟେକ ଭୋଟର ଭୋଟ ଦେବା ଉଚିତ । ଯେଉଁଠାରେ ଦୁଇଟି ମେମ୍ବର ସେଠାରେ ପ୍ରତ୍ୟେକ ଭୋଟର ଜଣକୁ ଗୋଟିଏ ଲେଖାଏଁ ଦୁଇଟି ଭୋଟ ଦେବେ । ଯେଉଁଠାରେ ୩ଟି ମେମ୍ବର ସେଠରେ ପ୍ରତ୍ୟେକ ଭୋଟର ଜଣକୁ ଗୋଟିଏ ଲେଖାଏଁ ୩ଟି ଭୋଟ ଦେବେ ଇତ୍ୟାଦି ।

ଏହାଛଡ଼ା ଏପରି ଭୋଟ ବ୍ୟବସ୍ଥାରେ କୌଣସି ରାଜନୀତିଜ୍ଞ ଦଳ ଦେଶରେ ଫୁଟି ଉଠିବାରେ ଘୋର ବାଧାପଡିବ । ଧର ବ୍ରହ୍ମପୁର ନିର୍ବାଚନ ମଣ୍ଡଳୀରେ ୩ଟି ମେମ୍ବର ନିର୍ବାଚିତ ହେବେ, ସେଥିରେ ଯେ କୌଣସି ଦଳରୁ ୩ଜଣ ଛିଡା ହେବା ସ୍ୱାଭାବିକ, କିନ୍ତୁ ଭୋଟ ସଂଗ୍ରହ କାଲାବେଳେ ଏକା ଦଳର ମେମ୍ବରମାନେ ଗୋପନରେ ପରସ୍ପର ବିରୁଦ୍ଧରେ ଲୋକଙ୍କୁ ନିଜ ଆଡକୁ ଆକୃଷ୍ଟ କରି ନିଜର ଭୋଟ ସଂଗ୍ରହ କରିବେ । ଏଥିରେ ଯେ କୌଣସି ରାଜନୀତିଜ୍ଞ ଦଳର ଭାଙ୍ଗିଯିବାର ସମ୍ଭାବନା ରହିଛି ।

(୩)-ନିର୍ବାଚନ ମଣ୍ଡଳୀ ସବୁ ଜଣେ ଜଣେ ମେମ୍ବର ପାଇଁ ଗଢ଼ା ହେବା ଏ ଦେଶର ପରିସ୍ଥିତିରେ ସମୀଚୀନ ନୁହେଁ । ସାଂପ୍ରଦାୟିକ ଜାତିଗତ ସ୍ୱାର୍ଥ ଏ ଦେଶର ନିର୍ବାଚନ ବିଧାନରେ ଅଙ୍ଗୀଭୂତ କରା ହୋଇଛି, ପୁଣି କ୍ଷୁଦ୍ରକ୍ଷୁଦ୍ର ଭୂମି ଖଣ୍ଡରେ ଲୋକେ ସଂକୀର୍ଣ୍ଣ ସ୍ୱାର୍ଥ ଦେଖି ଭୋଟ ଦେବାର ସମ୍ଭାବନା ରହିଛି । ଅତଏବ ନିର୍ବାଚନ ମଣ୍ଡଳୀ ସବୁ ବଡ଼ ବଡ଼ କରି ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀରୁ ଦୁଇ ତିନୋଟି ବା ତତୋଧିକ ମେମ୍ବର ପଠାଇବାର ବ୍ୟବସ୍ଥା କଲେ ଲୋକଙ୍କର ପ୍ରାଦେଶିକ ରାଜନୀତିକ ଜାତୀୟଭାବ ଫୁଟିବ । ତାହା ନକଲେ ଏ ଦେଶର ଲୋକଙ୍କର ରାଜନୀତି ଶିକ୍ଷାରେ ଘୋର ବାଧା ପଡ଼ିବ ଏବଂ ଜାତି ସଂପ୍ରଦାୟ ଓ ସଂକୀର୍ଣ୍ଣ ସ୍ୱାର୍ଥ ପାଖେ ରାଜନୀତିକ ଦଳଭାବ ଫୁଟିବାର ସମ୍ଭାବନା ଦୂରକୁ ଚାଲିଯିବ ।

ଏହାଛଡ଼ା ଆଉ ଗୋଟିଏ କଥା ଏ ସମ୍ପର୍କରେ ଉଲ୍ଲେଖଯୋଗ୍ୟ । ସ୍ତ୍ରୀ ଲୋକମାନଙ୍କର ନିର୍ବାଚନ ମଣ୍ଡଳୀ ଓଡ଼ିଶାରେ ଦୂର ଦୂରନ୍ତ ସହରମାନଙ୍କୁ ଘେନି ଗଢ଼ା ହୋଇଛି । ତାହା ପରିସରରେ ସଂକୁଚିତ ହେବା ଉଚିତ । ପୁରୁଷଙ୍କର ନିର୍ବାଚନଠାରୁ ସ୍ତ୍ରୀମାନଙ୍କ ନିର୍ବାଚନ ବେଶୀ କଷ୍ଟସାଧ ହେବା କଦାପି ଉଚିତ ନୁହେଁ । ଓଡ଼ିଶାର ବର୍ତ୍ତମାନ ପରିସ୍ଥିତିରେ ଦୂର ଦୂରନ୍ତ ସହରମାନଙ୍କରେ ଭୋଟ ସଂଗ୍ରହ କରି ନାରୀମାନେ ନିର୍ବାଚନର ପ୍ରୟାସ ଚରିତାର୍ଥ କରିବାକୁ ହୁଏତ ସୁଖକର ମଣିବେ ନାହିଁ କିଂବା ଦୂର ଦୂରନ୍ତ ସହରର ନାରୀ ଭୋଟରମାନେ ଯଥାର୍ଥ ଲୋକ ଚିହ୍ନି ହୁଏତ ଭୋଟ ଦେଇ ପାରିବେ ନାହିଁ ।

Digitized by PPRACHIN, SOA

ସରକାରୀ ଚାକିରିଆ ପ୍ରାର୍ଥୀ ହେବେ କି ?

ସରକାରୀ ଓକିଲମାନେ ସରକାରରୁ ମାସୁଆରି ଦରମା ପାଆନ୍ତି । ସେମାନେ ସରକାରୀ ଚାକିରିଆ । କାର୍ଯ୍ୟରେ ମଧ୍ୟ ସେମାନେ ଅନ୍ୟ ପ୍ରକାର ଥିବାର କେହି କେବେ କହି ପାରିବେ ନାହିଁ । ବର୍ତ୍ତମାନ ଚଳୁଥିବା ବିଧାନରେ ମାନ୍ଦ୍ରାଜ ପ୍ରଦେଶରେ ସେମାନେ କୌଣସି ନିର୍ବାଚନରେ ପ୍ରାର୍ଥୀ ହୋଇ ପାରନ୍ତି ନାହିଁ । କେହି ପ୍ରାର୍ଥୀ ହେବାକୁ ଲୋଡ଼ିଲେ ତାକୁ ଆଗ ସରକାରୀ ଓକିଲତି ଇସ୍ତଫା ଦେବାକୁ ପଡେ । କିନ୍ତୁ ଦୁର୍ଗତ ଓଡ଼ିଶାରେ ଏକଥା କେବେ କାହାର ଆଖିରେ ପଡିନାହିଁ । ଓଡ଼ିଶାରେ ସରକାରୀ ଓକିଲମାନେ ସ୍ୱଚ୍ଛନ୍ଦରେ ଜିଲ୍ଲା ବୋର୍ଡ, ମ୍ୟୁନିସିପାଲିଟି ଠାରୁ ଲାଟସଭା ପର୍ଯ୍ୟନ୍ତ ସର୍ବତ୍ର ପ୍ରାର୍ଥୀ ହୋଇଆସୁଛନ୍ତି ଏବଂ ନିର୍ବାଚିତ ହେଉଛନ୍ତି । ସରକାରୀ ଚାକିରିଆ ହୋଇ ମଧ୍ୟ ସେମାନେ ଓଡ଼ିଶାରେ ଲୋକପ୍ରତିନିଧି । ଆସନ୍ତା ବିଧାନରେ ଏହାର ପ୍ରତିକାର ହେବା ନିତାନ୍ତ ପ୍ରୟୋଜନ ।

ସେତିକି ନୁହେଁ । ୱାର୍ଡସ ଷ୍ଟେଟ୍‌ର ମେନେଜରମାନେ ବେଳେବେଳେ ସରକାରଙ୍କ ଚାକିରିଆ ଉଧାର ଦିଆହୋଇଥାନ୍ତି । ସେମାନେ ମଧ୍ୟ ଅନ୍ୟାନ୍ୟ ବେସରକାରୀ ଏଷ୍ଟେଟର ମ୍ୟାନେଜରଙ୍କ ପରି ନିର୍ବାଚନରେ ଠିଆ ହୁଅନ୍ତି । ସରକାର ଏପରି ଧର୍ମକୁ ଆଖିମିଟିକା ମାଇଲା ପରି ସନ୍ଧି ଖୋଜି ନିଜର ଚାକିରିଆମାନଙ୍କୁ ନିର୍ବାଚନରେ ଭର୍ତ୍ତି କଲେ ସ୍ୱାୟତ୍ତ ଶାସନର ଅର୍ଥ ବା ମୂଲ୍ୟ କିଛି ରହିବ ନାହିଁ ।

ଏହିପରି ଆଉ ଗୋଟିଏ ଶ୍ରେଣୀର ଚାକିରିଆ ଖୋର୍ଦ୍ଧାର ସରବରାକାର । ପୁରୀ ଜିଲ୍ଲାର ଖୋର୍ଦ୍ଧା ସବ୍‌ଡିଭିଜନ ସରକାରଙ୍କ ଜମିଦାରୀ । ସେଠାରେ ଖଜଣା ଆଦାୟ କରିବା ପାଇଁ ଗ୍ରାମେ ଗ୍ରାମେ ସରବରାକାରମାନେ ଅଛନ୍ତି; ସେମାନେ ସରକାରଙ୍କର ତହସିଲଦାର । ସେଥିପାଇଁ ଶତକଡା ୨୦ଟଙ୍କା ସେମାନଙ୍କର ଦରମା ବା କମିଶନ । ସେତିକି ନୁହେଁ । ଏକର ଯେତେ ହାରରେ ସେମାନେ ଖଜଣା ଆଦାୟ କରନ୍ତି, ସେହି ହାରରେ ଏ ଶତକଡ଼ା ୨୦ ମଜୁରୀ ହେବା ଭଳି ସେମାନଙ୍କ ପ୍ରତ୍ୟେକଙ୍କର ଜାଗିରି ଜମିଥାଏ । କାହାର କାହାର ଏଥିରୁ ବେଶୀ ମଧ୍ୟ ଥାଏ । ଏ ଜାଗିରିର ନାମ ଚାକରାନ୍ ଜାଗିରି, ଅର୍ଥାତ୍ ଚାକରର ଭତ୍ତା । ଏହି ଚାକର ସରବରାକାରମାନଙ୍କର କୌଣସି ମୌରସି ସତ୍ତ୍ୱ ନାହିଁ । ଖୋର୍ଦ୍ଧା ସବ୍‌ଡିଭିଜନ ଅଫିସରଙ୍କ ଇଙ୍ଗିତ ମତେ ସରକାର ଏମାନଙ୍କୁ ନମୁଦ କରନ୍ତି, ମାଦୁଲ କରନ୍ତି । ଏମାନେ ସର୍ବତୋଭାବରେ ସବ୍‌ଡିଭିଜନ ଅଫିସରଙ୍କ ଇଙ୍ଗିତରେ ଚାଳିତ ହୁଅନ୍ତି । ଏମାନେ ସରକାରଙ୍କର ସର୍ବତୋଭାବେ ଚାକର ହେଲେ ହେଁ ଏମାନେ ବରାବର ନିର୍ବାଚନରେ ପ୍ରାର୍ଥୀ ହୋଇ ଆସୁଚନ୍ତି । ଏହା ନହେବା ଉଚିତ । ଆସନ୍ତା ବିଧାନର ନିର୍ବାଚନ ନିୟମ ତିଆରି ବେଳେ ଏ ସବୁ ବିଷୟ ପ୍ରତି ସରକାର ପ୍ରଣିଧାନ ଦିଅନ୍ତୁ ।

ନବଭାରତ-୨/୪, ଆଲୋଚନା

Digitized by PPRACHIN, SOA

ଓଡ଼ିଶା ପ୍ରଦେଶର ମାନଚିତ୍ର

ଓଡ଼ିଆଭାଷୀ ପ୍ରଦେଶ ଯାକ ସବୁ ମିଶି ଓଡ଼ିଆ ପ୍ରଦେଶ ହେବ ବୋଲି ବହୁ ଦିନ ଆଶା ଥିଲା। ଏବେ ଖଣ୍ଡିଆ କୁଣ୍ଢେଇରେ ଥରକୁଥର ମାଟି ଯୋଡ଼ା ହେଲାପରେ ଆଜି ଗଞ୍ଜାମ, ଖଡିଆଳ; କାଲି ପାରଳା, ଜୟପୁର-ଏହିପରି ଶତ ଚେଷ୍ଟାରେ ଥରକୁ ଥର ଯୋଡ଼ା ହୋଇ ଓଡ଼ିଶା ବୋଲି ଗୋଟାଏ ପ୍ରଦେଶ ନାମ ମିଳିବାର ହେଉଚି। ସେଥିରେ ପୁଣି ପ୍ରତିବେଶୀଙ୍କର ଏତେବେଳେ ବି ଶ୍ୟେନ ଦୃଷ୍ଟି। ଗୋଟିଏ ଗ୍ରାମ ମଧ୍ୟ ଛଡ଼ାଇ ନେଇ ପାରିଲେ, ସେମାନେ ନେବେ। ସେମାନେ ପୁଣି ନାନାଭାବରେ ଶକ୍ତିଶାଳୀ ଆମେ ସେପରି ନୋହୁ। ଆମେ ସରକାରଙ୍କୁ ମାଗି ମଧ୍ୟ ମାଗି ଜାଣିନାହୁଁ। ଆମକୁ ଯାହା ଦିଆଯାଇଛି ତାହା ବେଖାତିରରେ ଦାନ। ଏପରି ପରିସ୍ଥିତିରେ ଓଡିଶାର ମାନଚିତ୍ର କାଟି ଦେଖାଇବା ଏବେ ବଡ଼ ଗହନ କଥା । କେଉଁଠାରୁ କେଉଁତକ ଠିକ୍ ଓଡ଼ିଶା ହେଲା, ତାହା କିନ୍ତୁ ଏବେ ଦେଶକୁ ଜଣାଇ ଦେବାର ଦିନ ଆସିଛି। ମାନ୍ଦ୍ରାଜ, ମଧ୍ୟପ୍ରଦେଶ ଓ ବିହାର ଓଡ଼ିଶା-ଏହି ତିନି ପ୍ରଦେଶରୁ ଠିକ୍ ସ୍ଥାନଗୁଡିକ ମିଶାଇ ଏବେ ପଣ୍ଡିତ ଆକୁଳ ମିଶ୍ରଙ୍କ କଟକ ଟ୍ରେଡ଼ି କଂପାନି ଗୋଟିଏ ନୂଆ ଓଡ଼ିଶାର ମାନଚିତ୍ର ପ୍ରକାଶ କରିଅଛନ୍ତି। ଆମେ ସେଥିପାଇଁ ତାଙ୍କୁ ସାଧୁବାଦ କରୁଅଛୁ। ବହୁପୂର୍ବେ ବାଲେଶ୍ୱରର ଦେଙ୍କ ଉତ୍କଳପ୍ରେସ୍ ଖଣ୍ଡିଏ ଆଟଲାସ୍ କାଢ଼ିଥିଲେ। ତା'ପରେ ଓଡ଼ିଶାର ଆଉ କେହି ମାନଚିତ୍ରର ଉଦ୍ୟମ କରିଛନ୍ତି ବୋଲି ଆମକୁ ଜଣା ନାହିଁ। ତାପରେ କଲିକତା ଶଶିଭୂଷଣ ଚାଟୁର୍ଯୀଙ୍କ ଓଡ଼ିଆ ଲେଖା ମାନଚିତ୍ରମାନ ବହୁଦିନ ଚଳୁଥିଲା। ସେ ସବୁରେ ଓଡ଼ିଆ ଅକ୍ଷରରେ ଯେପରି ଆକୁଞ୍ଚନ ପ୍ରସାରଣ ବୈରୁପ୍ୟ ଓ ବିଭଙ୍ଗ ଦେଖାଯାଏ, ତାହା ମନେ ପଡ଼ିଲେ ଏବେ ଯୁଗପତ୍ ହର୍ଷ ଓ ଲଜ୍ଜା ଆସେ। ଟ୍ରେଡିଂ କଂପାନିଙ୍କ ମାନଚିତ୍ରଟି କିଂତୁ ସ୍ପଷ୍ଟ, ସୁଚିତ୍ରିତ, ସୁନ୍ଦର। ବିଭିନ୍ନ ରଂଗର ବିଭାଗ ଗୁଡିକ ଦେଖିଲେ ଓଡ଼ିଶାର ଗୋଟିଏ ସମୂହ ଧରଣା ହୁଏ। ଏ ଗୋଟିଏ ନୂତନ, ସୁନ୍ଦର ଓ ଉପଯୋଗୀ ଉଦ୍ୟମ ଦେଶରେ ଏହାର ଆଦର ହେବ ବୋଲିଆଶା କରୁଁ।

ନବ ଭାରତ-୨(୬-୭),ଆଲୋଚନା

ପ୍ରବାସୀ ଉତ୍କଳ ସମ୍ମିଳନୀ

ଏହି ନଭେମ୍ବର ୨୫ ତାରିଖରେ କଲିକତାରେ ପ୍ରବାସୀ ଉତ୍କଳ ସମ୍ମିଳନୀର ୨ୟ ଅଧିବେଶନ ବସିଥିଲା। ରାୟ ବାହାଦୂର ଭୂୟାଁ ଶ୍ରୀଯୁକ୍ତ ଭାସ୍କରଚନ୍ଦ୍ର ମହାପାତ୍ର ଅଭ୍ୟର୍ଥନା ସଭାର ସଭାପତି ହୋଇଥିଲେ। ଦିଲ୍ଲୀର ସ୍ୱନାମଧନ୍ୟା କବିନାରୀ ଉତ୍କଳଭାରତୀ ଶ୍ରୀମତୀ କୁନ୍ତଳାକୁମାରୀ ଦେବୀ ସମ୍ମିଳନୀର ସଭାପତି ଥିଲେ। ଏହି ପ୍ରବାସୀ ଉତ୍କଳ ସମ୍ମିଳନୀର

Digitized by PPRACHIN, SOA

ଐତିହାସିକ ମୂଳଦୁଆ ଅନେକଙ୍କର ମନେ ନ ଥିବ। ୧୯୨୧ରେ ସ୍ୱର୍ଗୀୟ ପଣ୍ଡିତ ଗୋପବନ୍ଧୁ କଲିକତାର ଓଡ଼ିଆ ଶ୍ରମିକମାନଙ୍କୁ ପ୍ରଥମେ ସଂଘବଦ୍ଧ ଭାବରେ ଜାତୀୟ କାର୍ଯ୍ୟପାଇଁ ଜାଗ୍ରତ କରନ୍ତି। କ୍ରମେ ସେହି ଜାଗରଣ 'ଓଡ଼ିଆ ସମାଜ' ନାମକ ଗୋଟିଏ ସଂଘରେ ପ୍ରକାଶିତ ହେଲା। ପ୍ରାୟ ଛ'ବର୍ଷ ଏହା ଓଡ଼ିଆର ସଂଘପ୍ରାଣ କଲିକତାରେ ଜୀବନ୍ତ ରଖିଥିଲା। ନାନା କାରଣରୁ ସଂଘଟି ଶିଥିଳ ହେବାରୁ କିଛିଦିନ ପରେ ୧୯୨୮ ଜୁନ ମାସରେ ଗୋପବନ୍ଧୁ ଶେଷଥର ଏହାର ପୁନରୁ ।ନ ନିମନ୍ତେ କଲିକତା ଯାଇଥିଲେ। ଓଡ଼ିଆର ସଂଘଗତ ପ୍ରାଣ ସେତେବେଳେ ପୁଣି ଜାଗି ଉଠିଥିଲା। ଗୋପବନ୍ଧୁ କିନ୍ତୁ ସେହିଆଡ଼ୁ ଜ୍ୱର ଘେନି ଫେରିଆସି ଇହଧାମ ଛାଡ଼ିଲେ। ଯଥାର୍ଥରେ ଅଭ୍ୟର୍ଥନା ସଭାର ସଭାପତି ଓ ସମ୍ମିଳନୀର ସଭାପତି ଦୁହେଁ ଗୋପବନ୍ଧୁଙ୍କର ପୁଣ୍ୟ ନାମସ୍ମରଣ କରି ଏଥର କାର୍ଯ୍ୟ ଆରମ୍ଭ କରିଛନ୍ତି। ସଭାପତି କହିଛନ୍ତି :- xxx

"ଆଜି ଗୋପବନ୍ଧୁଙ୍କର ସ୍ୱର୍ଗୀୟ ଆତ୍ମା ଆମର ଧାମରୁ ତାଙ୍କ ପ୍ରିୟ ଉତ୍କଳୀୟଙ୍କୁ ଶୁଭ ପ୍ରେରଣା ପ୍ରଦାନ କରନ୍ତୁ।

ଭାଇମାନେ! ଆମ୍ଭେମାନେ ଉତ୍କଳମଣିଙ୍କୁ ଭୁଲିବା ସମ୍ଭବ କି? ଆମରି କତିରୁ ଫେରି ଭୀଷଣ ଆନ୍ତ୍ରିକ ଜ୍ୱରରେ ତାଙ୍କର ନଶ୍ୱର ଦେହାବସାନ ଘଟିଥିଲା। ବୋଧହୁଏ ମୃତ୍ୟୁର ପୂର୍ବ ମୁହୂର୍ତ୍ତ ପର୍ଯ୍ୟନ୍ତ ସେ ଆମ୍ଭମାନଙ୍କର କଥା ଚିନ୍ତା କରିଥିବେ। xxx

ତାଙ୍କ ରକ୍ତର ପ୍ରତ୍ୟେକ ବିନ୍ଦୁ ଦେଶମାତୃକାର ପଦ ସିକ୍ତ କରି ବହିଯାଇଛି। ସେ ରକ୍ତର ଋଣୀ ଆମ୍ଭେମାନେ, ସେ ରକ୍ତର ପ୍ରତ୍ୟେକ ଟୋପାର ମୂଲ୍ୟ ଆମ୍ଭମାନଙ୍କୁ ଦେବାକୁ ହେବ। xxx ଆମେ ଦେଶ ବିଦେଶରେ ଲାଞ୍ଛିତ ହେଉଥିବା ଯାକେ, ଆମ ମଧ୍ୟରେ ସଂଘଶକ୍ତି ଜାଗ୍ରତ ନ ହେଲା ଯାକେ, ଗୋପବନ୍ଧୁ ବଳିଦାନର ଯୋଗ୍ୟ ଆମେ ହେବୁ ନାହିଁ। ଭାଇମାନେ! ଥରେ ତାଙ୍କୁ ମନେ ପକାଅ, ଥରେ ସ୍ମରଣ କର, ସେ ଆମରିପାଇଁ ଜୀବନ ଦାନ କରିଛନ୍ତି।"

୧୯୨୮ ସାଲ ଡ଼ିସେମ୍ବରରେ କଲିକତା କଂଗ୍ରେସବେଳେ ଯେଉଁ ସର୍ବଦଳ ସମ୍ମିଳନୀ ବସିଥିଲା, ସେଥିରେ ତଥା ନିଖିଳଭାରତ କଂଗ୍ରେସ କମିଟିରେ ସେ ବର୍ଷର କଂଗ୍ରେସ ସଭାପତି ସ୍ୱର୍ଗୀୟ ପଣ୍ଡିତ ମୋତିଲାଲ ନେହେରୁ ଦାରିଦ୍ର୍ୟ କାରଣ ଦେଖାଇ ଓଡ଼ିଶା ସ୍ୱତନ୍ତ୍ରପ୍ରଦେଶ ହେବା ପ୍ରସ୍ତାବରେ ପ୍ରତିବାଦ କରିଥିଲେ। ସେହି ପ୍ରତିବାଦର ପ୍ରତିବାଦରୂପେ କଲିକତାର ବିରାଟ ଓଡ଼ିଆ ଜନସଂଘ ଶୋଭାଯାତ୍ରା କରି ପ୍ରଥମ ପ୍ରବାସୀ ଉତ୍କଳ ସମ୍ମିଳନୀର ଶୁଭ ଦେଇଥିଲେ। ଫଳରେ ମୋତିଲାଲ ନଇଁ ପଡ଼ିଲେ। ଗୋପବନ୍ଧୁଙ୍କ ଉଦ୍‌ବୋଧନ ସେତେବେଳେ ଜୀବନ୍ତ ଓ ଜାଗ୍ରତ ଥିଲା।

ଆଜି ସାତ ବର୍ଷ ପରେ ପ୍ରବାସୀ ଓଡ଼ିଆର ସେହି ଶକ୍ତି ପୁଣି ଜାଗିଛି। ଏ ସମ୍ମିଳନୀର ଅଭ୍ୟର୍ଥନା ସଭାପତି, ସମ୍ମିଳନୀର ସଭାପତି ଦୁହିଁଙ୍କର ଅଭିଭାଷଣ ତଥା ପ୍ରସ୍ତାବମାନଙ୍କ

Digitized by PPRACHIN, SOA

ଭିତରେ ସ୍ପଷ୍ଟ ଦିଶୁଛି ସେହି ଏକ କଥା - ଜାତିର ଜାଗରଣ ଓ ଜାଗରଣ ସଙ୍ଗେ ସଙ୍ଗେ ସଂଘବଦ୍ଧ ଆତ୍ମବିନିଯୋଗ। ଅଭ୍ୟର୍ଥନା ସଭାର ସଭାପତି ଉତ୍କଳର ଅତୀତ ଗୌରବ ପ୍ରତି ଲକ୍ଷ୍ୟ କରି ଗୋପବନ୍ଧୁ, ମଧୁବାବୁଙ୍କ ଜାତୀୟ ଉଦ୍‌ବୋଧନ ସ୍ମରଣ କରିସାରି ସେହି ଶ୍ରମିକ ସଂଗଠନର କଥା କହିଛନ୍ତି। କଲିକତା ମୁନସିପାଲଟି ତଥା ବଙ୍ଗ ବ୍ୟବସ୍ଥାପକ ସଭାରେ ଓଡ଼ିଆ କିପରି ସ୍ଥାନ ପାଇବେ, ତାହାର ଆଭାସ ଦେଇସାରି ସେ କହିଛନ୍ତି :-

"ଉପରୋକ୍ତ ସମସ୍ତ କାର୍ଯ୍ୟ ପରିଚାଳନା ପାଇଁ ଗୋଟିଏ ସ୍ଥାୟୀ କାର୍ଯ୍ୟାଳୟ ରଖିବା ଦରକାର ହୋଇ ଉଠିଛି। କଲିକତାର କେନ୍ଦ୍ର ସ୍ଥାନରେ ଖଣ୍ଡେ ସ୍ଥାନ ଖରିଦ କରି ଘରଟାଏ ତିଆରି କରିବାକୁ ହେବ। ଏହାର ଅଭାବରେ ଆମର ଅସୁବିଧା ଦିନକୁ ଦିନ ବଢ଼ିଯାଉଛି। ଆମ୍ଭେମାନେ କୌଣସି କାର୍ଯ୍ୟରେ ପାଞ୍ଚଜଣ ଏକାଠି ବସି କଥାବାର୍ତ୍ତା ହେବାକୁ ସ୍ଥାନ ନାହିଁ। ପରସ୍ପର ପରସ୍ପରକୁ ଚିହ୍ନିବାର ଉପାୟ ନାହିଁ। ତେଣୁ ସ୍ଥାୟୀ କାର୍ଯ୍ୟାଳୟଟିଏ ରଖିବା ନିତାନ୍ତ ଦରକାର।"

ସଭାପତି ଶ୍ରୀମତୀ କୁନ୍ତଳା ଯଥାର୍ଥ କହିଛନ୍ତି "କୁଲୀ ବା ଶ୍ରମିକ ହେବା ଅର୍ଥ ପୃଥିବୀର ଭାଗ୍ୟଡ଼ୋରିକୁ ନିଜ ହାତରେ ରଖିବା। ଯେ ପୃଥିବୀର ମାଟିରୁ ଶସ୍ୟ ଉତ୍ପନ୍ନ କରେ, ଯେ କପାରୁ ସୂତା ଓ ଲୁଗା ବାହାର କରେ, ଯେ ଜୀବନ ଉପାୟର ସମସ୍ତ ସାମଗ୍ରୀ ତିଆରି କରେ, ସେହି ତାର ପ୍ରକୃତ ମାଲିକ, ଅନ୍ୟ ନୁହେଁ। ସାମାନ୍ୟ ମଜୁରି ଦେଇ ଅନ୍ୟ ତା ଉପରେ ମାଲିକାନାସ୍ୱତ୍ୱ ହାସଲ କରି ହସୁଥିବ, ଆଉ ସେହିପରି ମାଲିକଙ୍କଠୁଁ ଜୋତା ଖାଇ ଦେହରେ ଚନ୍ଦନ ବୋଳିଲାଭଳି ଘେନିବା ଅର୍ଥ ପ୍ରକୃତ କୁଲିଗିରି ନୁହେଁ। ପଶୁ ବି ଅତ୍ୟାଚାର ପାଇଲେ ଆତ୍ମବଳ ଦେଖାଏ; ମନୁଷ୍ୟ କଣ ପଶୁଠୁ ଅଧମ ? କୁଲିର ସଂଘବଦ୍ଧ ଶକ୍ତି ହିଁ ପୃଥିବୀର ଅସଲ ଭାଗ୍ୟବିଧାତା। କଲିକତା ସହରର କୁଲି ! ତୁମେହିଁ କଲିକତାର ବିଧାତା। ଏକ ଦଣ୍ଡରେ ତୁମ୍ଭେମାନେ ଏ ସହରର ଆଲୁଅକୁ ଅନ୍ଧାରରେ ପରିଣତ କରିପାର- ଏକ ଦଣ୍ଡରେ ଏ ପରିଚ୍ଛନ୍ନ ରାଜପଥକୁ ନରକକୁଣ୍ଡ କରି ଦେଇପାର। ତୁମ ଯୋଗେ ତୁମ ମାଲିକମାନଙ୍କ ଅଣ୍ଟିରେ ପଇସା। ପୁଣି ସେହିମାନେ ତୁମର ତଣ୍ଟି ଚିପିବେ, ଆଉ ତୁମେ ଭୟାର୍ତ୍ତ ଠେକୁଆ ଭଳି ଏତେତେଣେ ନସର ପସର ହେଉଥିବ- ଏହା ନୁହେ ଆତ୍ମବଳ ବା ଜାତୀୟତା। କୁଲିଗିରି କର, ଚିନ୍ତାନାହିଁ, ଶ୍ରମରେ କାମ କରିବାରେ କିଛି ଲାଜ ନାହିଁ, କିନ୍ତୁ ମଣିଷ ହୋଇ କାମ କର। ତୁମ ଭିତରେ ଯେ କେତେ ଶକ୍ତି ଲୁଚି ଛପି ରହିଛି, ସେଇଟା ଥରେ ଭାବ। ସେହିପରି ଶକ୍ତିର ଆରାଧନା କର। ସଂଘବଦ୍ଧ ହୁଅ। ସଂଘଗୁଡ଼ିକୁ ଚିହ୍ନ। ଏକାଠି ହେବା ମୂଳରେ ଯେ ମହାବଳ ରହିଚି, ସେଇଟା ଭାବ। କେବଳ ଆତ୍ମଚିନ୍ତା ନୁହେଁ- ଆତ୍ମୀୟର ବି ଚିନ୍ତା କର। ତା ହେଲେ ଯାଇ ନିଜର, ନିଜ ଦେଶର, ନିଜ ଜାତିର କି ଦେଶ କି ବିଦେଶ ସବୁଠାରେ ମୁଖ ଉଜ୍ଜ୍ୱଳ କରିପାରିବ। xxxଏହି ମାଟିର ମଣିଷ

Digitized by PPRACHIN, SOA

ଭିତରେ ମହାନ୍ ଆତ୍ମା ଗୁପ୍ତ ଅଛି- ଏ ନିଶ୍ଚୟ ଏ ଜାତିର ପ୍ରାଣକୁ ଉଦ୍‌ବୁଦ୍ଧ କରିବ।xxx କଦାପି ହତାଶ ହୁଅ ନାହିଁ। ଦୁର୍ବଳ ଭୀରୁ। ଅଧିକାର ତୁମ୍ଭମାନଙ୍କର। ତୁମ୍ଭେମାନେ ଯେ ଧରଣୀ ମାତାର ମାଟିର ସନ୍ତାନ। ତୁମ୍ଭମାନଙ୍କର ଦାବୀକୁ ଉପେକ୍ଷା କରିବା ଭଳି କ୍ଷମତା ପୃଥିବୀର ନାହିଁ।"

ପୁଣି ପ୍ରବାସୀ ଉତ୍କଳୀର ଭାରତୀୟ ଭାବକୁ ଉଦ୍‌ବୋଧନ ଦେଇ ସେ କହିଛନ୍ତି, "ତୁମେ ମାତୃଭୂମି ଉତ୍କଳରୁ ବିଚ୍ଛିନ୍ନ ହୋଇ ରହିଥିଲେ ସୁଦ୍ଧା ମନେ ରଖ, ଆସମୁଦ୍ର ହିମାଚଳ ତୁମର ଜନ୍ମଭୂମି, ତୁମର ମାତୃଭୂମି। ତୁମେ ପ୍ରତ୍ୟେକ ସ୍ଥାନରେ ମାତୃଭୂମିର ଗୌରବକୁ ଭାରତୀୟ ଭାବରେ ରକ୍ଷା କରିବାକୁ ଶିକ୍ଷା କର। ଭାରତ ଗୋଟିଏ ଜାତି ଭାବରେ ଉ ିତ ହେଲାବେଳକୁ ତୁମେ ସେଥିରେ ପ୍ରକୃତ ଭାରତୀୟରୂପେ ଆପଣା ଆପଣା ସ୍ଥାନ ଦଖଲ କର। ତୁମେ ନିଜର ଓଡ଼ିଆ ସ୍ୱରୂପଟି ମାତ୍ର ଚିନ୍ତା କର ନାହିଁ, ବୃହତ୍ତର ଭାରତୀୟ ସ୍ୱରୂପକୁ ସଦା ଆଖି ଆଗରେ ଥୋଇ ନିଜ ଜାତିର ବୈଶିଷ୍ଟ୍ୟ ଓ ପ୍ରତିଷ୍ଠା ପ୍ରତିପାଦନ କର। ତାହେଲେ ଭାରତର ଅନ୍ୟାନ୍ୟ ଜାତି ବଙ୍ଗାଳୀ, ମାରବାଡ଼ୀ, ହିନ୍ଦୁସ୍ଥାନୀ, ତେଲଗୁ ଆଦି କେହି ତୁମକୁ ହତମାନ କରିପାରିବେ ନାହିଁ।xxx ଭାରତର ବିଭିନ୍ନ ସ୍ଥାନରେ ଥିବାରୁ ପ୍ରବାସୀ ଉତ୍କଳୀୟ ! ତୁମର ଅନ୍ତର୍ଭାରତୀୟ ହେବାର ମହାନ୍ ସୁଯୋଗ ସ୍ୱତଃ ଲାଭ ହୋଇଛି। ଏ ସୁଯୋଗରୁ ନିଜକୁ ବଞ୍ଚିତ କର ନାହିଁ। ଜଗତକୁ ଜଣାଅ, ତୁମର ଶକ୍ତି ଅଛି, ଅତ୍ୟାଚାରୀକୁ ଉତ୍ତର ଦେଲାଭଳି ଆତ୍ମବଳ ଅଛି। xxxମୋର ପ୍ରଧାନ କଥା, ତୁମେ ସଂଗଠିତ ହୁଅ, ତୁମେ ଶିକ୍ଷିତ ହୁଅ- ଦିନରେ ନ ହେଲେ ରାତିରେ ବି ପଢ଼, ଦେଶବିଦେଶର ଖବର ରଖ, ନିଜର ସ୍କୁଲ, କ୍ଲବ, ପାଠାଗାର, ଆମୋଦଶାଳା, ବ୍ୟାୟାମଶାଳା ଗଢ଼। ଅବିଶ୍ୱାସ କୁସଂସ୍କାରକୁ ଛାଡ଼। ନାରୀ ପୁରୁଷ ଉଭୟେ ଶକ୍ତିର ସାଧନା କର। ପରିବାର ଘେନି ରହ। xxx ଅନ୍ୟ ଦେଶରେ ଯାହା ସମ୍ଭବ ହୋଇଛି, ପ୍ରବାସୀ ଉତ୍କଳୀୟଙ୍କ ଦ୍ୱାରା ମଧ୍ୟ ତାହା ସମ୍ଭବ ହେବ- ଏ ମୋର ଖୁବ୍ ବିଶ୍ୱାସ।"

ତାପରେ ସଭାପତି ଶେଷକୁ ନିଜର ସଂଘସଂସ୍କୃତି ଓ ଶକ୍ତି ବଢ଼ାଇ ନିଜର ଯଥାର୍ଥ ଦାବୀରେ ପ୍ରତିଷ୍ଠିତ ହେବା ନିମନ୍ତେ ଗୋଟିଏ ସୁନ୍ଦର କର୍ମଯୋଜନା ଦେଇଛନ୍ତି।

ପ୍ରସ୍ତାବମାନଙ୍କ ମଧ୍ୟରେ ନାନା ବିଷୟର ଅବତାରଣା ହୋଇଛି। ଖବରକାଗଜ କରିବାଠାରୁ ଓଡ଼ିଆଙ୍କୁ ଗାଳି ଦେବା ଲୋକଙ୍କୁ ଯଥାର୍ଥ ଉତ୍ତର ଦେବା ପର୍ଯ୍ୟନ୍ତ ପ୍ରସ୍ତାବମାନ ଗୃହୀତ ହୋଇଛି। ଏ ସବୁର ମୂଳ ସଂଘବଦ୍ଧ ଶକ୍ତି ଓ ସମାଜର ପ୍ରତିଷ୍ଠା। ସେଥିପାଇଁ ଗୋଟିଏ ଦୀର୍ଘ ପ୍ରସ୍ତାବରେ ବହୁତ ଯୋଜନା କରାହୋଇଛି। ଯୋଜନାରେ ବିଶେଷ ଚିନ୍ତା ଦିଆହୋଇଥିବାର ଅନୁମାନ ହୁଏ। ସମସ୍ତେ ପ୍ରାଣପଣେ କର୍ମୀମାନଙ୍କ ସଙ୍ଗେ ସହଯୋଗ କରି ଏହିପରି ଗୋଟିଏ ପ୍ରବାସୀ ଉତ୍କଳ ସଂଘ ପ୍ରତିଷ୍ଠା କରିବାର ଆଶାରେ ଆମ୍ଭେମାନେ

Digitized by PPRACHIN, SOA

ଚାହିଁ ବସିଛୁ। ପ୍ରତ୍ୟେକ ଓଡ଼ିଆ ଏ କଥା ଅନୁଭବ କରନ୍ତୁ। ବିଦେଶକୁ ଯାଉଥିବା ଓଡ଼ିଆ ଯଥାର୍ଥ କର୍ମୀ ଓ ଶ୍ରମୀ; ତାଙ୍କରିଦ୍ୱାରା ଓଡ଼ିଶାର ଶକ୍ତି ଜାଗ୍ରତ ହେବାର ସମ୍ଭାବନା ଅଧିକ। ସେହିମାନେ ହିଁ ଦୀପସ୍ତମ୍ଭ ରୂପେ ଘରର ଓଡ଼ିଆଙ୍କୁ ବାଟ ଦେଖାଇପାରନ୍ତି।

କଳିକତା ଓଡ଼ିଆଙ୍କର ସଂଘପ୍ରଯତ୍ନ ସର୍ବତୋ ଭାବରେ କାର୍ଯ୍ୟରେ ପରିଣତ କରିବାର ଭାର ନେଇଛନ୍ତି – ନିଜେ ଅଭ୍ୟର୍ଥନା ସଭାର ସଭାପତି ଶ୍ରୀଯୁକ୍ତ ଭୂୟାଁ ଭାସ୍କରଚନ୍ଦ୍ର ମହାପାତ୍ର। ଆମ୍ଭମାନଙ୍କର ବିଶ୍ୱାସ, ଓଡ଼ିଶାର ଏ ସ୍ୱତନ୍ତ୍ର ପ୍ରଦେଶ ଗଠନବେଳେ ଭାସ୍କର ବାବୁ ଆନ୍ତରିକତାର ସହିତ ଏ କାର୍ଯ୍ୟଟି ସମାଧାନ କରି ଅକ୍ଷର କୀର୍ତ୍ତି ରଖିଯିବେ।

ନବଭାରତ-୧/୬ ଆଲୋଚନା

ପ୍ରବାସୀ ଉତ୍କଳ ସମ୍ମିଳନୀ

କଳିକତା ପ୍ରବାସୀ ଉତ୍କଳ ସମ୍ମିଳନୀର ଯେଉଁ ଦ୍ୱିତୀୟ ଅଧିବେଶନ ଗତ ନଭେମ୍ବରରେ କଳିକତାରେ ବସିଥିଲା ତାହାର ରିପୋର୍ଟ ବାହାରି ଅଛି। ରିପୋର୍ଟଟି ବଡ଼ ସୁନ୍ଦର ଓ ବହୁ ବିଷୟ ସମନ୍ୱିତ। ପଢ଼ିଲେ କଳିକତା ଓଡ଼ିଆମାନଙ୍କର ଶୃଙ୍ଖଳିତ କ୍ରିୟାକଳାପ ବିଷୟରେ ବହୁତ କଥା ଜଣାପଡ଼େ। କୌଣସି କୌଣସି କର୍ମୀଙ୍କର ହିସାବପତ୍ର ଠିକ୍ ସମୟରେ ନ ଦେବା ଅସୁନ୍ଦର। ତଥାପି ସେ ଦୋଷ ଏ କ୍ଷେତ୍ରରେ ଚନ୍ଦ୍ରରେ କଳଙ୍କ ପରି ଦେଖାପଡୁନାହିଁ। ବହୁତ ଗୁଡ଼ିଏ ଜୀବିତ ଓ ଲୁପ୍ତ ଅନୁଷ୍ଠାନର ସଂକ୍ଷେପ ବିବରଣୀ ଦିଆଯାଇଅଛି। ସେଗୁଡ଼ିକ ସମସ୍ତଙ୍କର ପଢ଼ିବା ଉଚିତ ଜୀବିତ ଅନୁଷ୍ଠାନଗୁଡ଼ିକର କିପରି ଶ୍ରୀବୃଦ୍ଧି ହେବ, ତାହା ସମସ୍ତଙ୍କର ଭାବିବା ଉଚିତ। ସମ୍ମିଳନୀର ପ୍ରସ୍ତାବିତ ଅନୁଷ୍ଠାନମାନଙ୍କ ମଧ୍ୟରେ କଳିକତା ଉତ୍କଳ ସମାଜ ମୁଖ୍ୟଭାବରେ ଦୃଷ୍ଟିରେ ପଡ଼େ। ରାୟ ବାହାଦୂର ଭୂୟାଁ ଭାସ୍କରଚନ୍ଦ୍ର ମହାପାତ୍ରଙ୍କ ଉପରେ ଏହି ସମାଜ ଗଠନ ଭାର ସମ୍ମିଳନୀ ଦେଇଥିଲେ। ସେ ତାହା ଗୋଟିଏ ସବ୍ କମିଟି ଦ୍ୱାରା ପ୍ରଯତ୍ନର ସହିତ କରାଉଥିବା ପ୍ରଶଂସାର ବିଷୟ। ଏହି ସବ୍‌କମିଟିର ସଭ୍ୟମାନେ ଶ୍ରୀଯୁକ୍ତ ହରେକୃଷ୍ଣ ରାଉତରାୟ, ଶ୍ରୀଯୁକ୍ତ ବୈଦ୍ୟନାଥ ଦାସ, ଶ୍ରୀଯୁକ୍ତ ଶରତ୍‌ଚନ୍ଦ୍ର ପାତ୍ର, ଶ୍ରୀ ଜୟରାମ ବିଷୋଇ, ଶ୍ରୀ ଅଭୟଚରଣ ନାୟକମାନେ ଏ ବିଷୟରେ ପ୍ରଯତ୍ନପର ହୋଇ ଲାଗିଥିବା ସୁଖର କଥା। ଏବେ ୨୫ ଜଣ ସଦସ୍ୟଙ୍କୁ ଘେନି ଏହାର କାର୍ଯ୍ୟକାରୀ ସମିତି ଗଢ଼ା ହୋଇଅଛି ବର୍ତ୍ତମାନ ପାଇଁ ଏହି ସମାଜର ସିରସ୍ତା ୬୭ ନମ୍ବର ଶଶିଭୂଷଣ ଦେ ଷ୍ଟ୍ରିଟରେ ଅଛି। ସମ୍ମିଳନୀର ଅଭ୍ୟର୍ଥନା ସମିତିର ଅନ୍ୟତର ସଂପାଦକ ଶ୍ରୀଯୁକ୍ତ ଭାଗୀରଥି ମହାପାତ୍ର ଯଥେଷ୍ଟ ଉତ୍ସାହରେ ମଧ୍ୟ ଏ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏ ସମାଜର ଭବିଷ୍ୟତ ଅଛି। ଏହି ସମାଜ କଳିକତାର ସବୁ ଜିବୀତ

Digitized by PPRACHIN, SOA

ଅନୁଷ୍ଠାନକୁ ଶୃଙ୍ଖଳିତ କରି ଦିନେ କଲିକତାରେ ଓଡ଼ିଆ ସଂଗଠନର ବିରାଟ ଭିତ୍ତି ପ୍ରତିଷ୍ଠା କରିପାରେ। କର୍ମୀମାନଙ୍କର ଏ ଉଦ୍ୟମରେ ଆମେ ଦେଶବାସୀଙ୍କର ଆଶୀର୍ବାଦ ଓ ଅନୁକଂପା ଭିକ୍ଷା କରୁଅଛୁ।

ନବଭାରତ- ୨/୧ ଆଲୋଚନା

ଉତ୍କଳ ସମ୍ମିଳନୀ

ଏଇ ନଭେମ୍ବର ୧୭ ଓ ୧୮ ତାରିଖ କଟକରେ ଉତ୍କଳ ସମ୍ମିଳନୀର ଗୋଟିଏ ବୈଠକ ହୋଇଥିଲା। ଏହାକୁ ଗୋଟିଏ ଆକସ୍ମିକ ବୈଠକ କୁହାଯାଇପାରେ। କେଉଁଦିନ କେଉଁଠାରେ କିପରି ଏହାର କଳ୍ପନା ହେଲା, ତାହା ବିଶେଷ କେହି ଜାଣନ୍ତି ନାହିଁ। ଏବେ ଜଣାଯାଏ, ମାତ୍ର ୧୧ ତାରିଖରେ କେତୋଟି ଲୋକ ବସି ଏହାର କଳ୍ପନା କରି ସଙ୍ଗେ ସଙ୍ଗେ ଅଭ୍ୟର୍ଥନା ସଭା ଗଢ଼ି ସମ୍ମିଳନୀର ସଭାପତି ଠିକ୍ କରି ପକାଇଲେ। ସିଂହଭୂମି ଓ ସମ୍ବଲପୁରର ଅଞ୍ଚଳ ବିଶେଷର ଲୋକେ ଚିଠି ପାଇ ଆସିବାକୁ ହୁଏତ ବେଳ ପାଇ ନଥିଲେ । ସିଂହଭୂମିରୁ ଅକସ୍ମାତ୍ ଆସିଥିବା ପଣ୍ଡିତ କୃଷ୍ଣଚନ୍ଦ୍ର ଆଚାର୍ଯ୍ୟ ସ୍ପଷ୍ଟ ସମ୍ମିଳନୀରେ ଏହା ପ୍ରକାଶ କରିଥିଲେ ଓ ସମ୍ମିଳନୀର ଉଦ୍ୟୋକ୍ତାମାନେ ପ୍ରକାଶ୍ୟରେ ସଭାମଣ୍ଡପରେ ସ୍ୱୀକାର କରିଥିଲେ, ଏହା କୌଣସି ବିଧି ବା ନିୟମ ଅନୁସାରେ ହୋଇନାହିଁ, ପରନ୍ତୁ ଦରକାର ପଡ଼ିବାରୁ ଅତି ତରତରରେ କରା ହୋଇଅଛି । ଦରକାର ପଡ଼ିବା କଥାଟି ଏକା ସତ। ନୂଆ ପ୍ରଦେଶ ହେବାର ପୂର୍ବ ମୁହୂର୍ତ୍ତରେ ସରକାର ବହୁତ ବିଷୟ ତରତରରେ ନିଷ୍ପତ୍ତି କରି ପକାଇବା ସମ୍ଭବ। ଓଡ଼ିଶାର ଲୋକମତ ସେ ସବୁରେ ଅତିଶୀଘ୍ର ପ୍ରକାଶ ପାଇବା ଉଚିତ। ଓଡ଼ିଶାର ସବୁ ଶ୍ରେଣୀ, ସବୁ ମତର ଲୋକଙ୍କର ଏ ମତ ପ୍ରକାଶରେ ଯୋଗ ଦେବା ବାଞ୍ଛନୀୟ, ଏହା ବୁଝି କଟକରେ ଥିବା କଂଗ୍ରେସ ମତାବଲମ୍ବୀମାନେ ୧୪ ତାରିଖ ସନ୍ଧ୍ୟାରେ ଏ ସଭାର ଉଦ୍ୟମ ଜାଣିପାରି ଜାଗ୍ରତ ହେଲେ ଓ ଯୋଗ ଦେବାର ସ୍ଥିର କଲେ। ମାତ୍ର ଓଡ଼ିଶାର ଅନ୍ୟାନ୍ୟ ଅଞ୍ଚଳର ସାମାନ୍ୟ କେତେକ କଂଗ୍ରେସ ମତାବଲମ୍ବୀ ଆସିବାକୁ ସମର୍ଥ ହୋଇଥିଲେ। ଗଞ୍ଜାମର କୋଦଳାଠାରେ ୧୭ ତାରିଖରେ କୃଷକ ସଭା ହେବାର ଥିଲା। କଂଗ୍ରେସ ମତାବଲମ୍ବୀ ସେଠାର କେତେକ କର୍ମୀ ତଥା ସଭାପତି ପଣ୍ଡିତ ଗୋଦାବରୀଶ ମିଶ୍ର ସେ ସଭା ମକୁବ କରି ଆସି ଯୋଗ ଦେବା ଉଲ୍ଲେଖ ଯୋଗ୍ୟ। ପୁରୀର ଲୋକେ ଏହା ପୂର୍ବରୁ ଏକ ସଭା କରି ଏପରି ବିଧିଭ୍ରଷ୍ଟ ଓ ଗୋପନରେ କଳ୍ପିତ ଆକସ୍ମିକ ସଭାରେ ଯୋଗ ଦେବେ ନାହିଁ ବୋଲି ପ୍ରସ୍ତାବ କରି ପ୍ରକାଶ କରିଥିଲେ। ନିଜର କାର୍ଯ୍ୟାନ୍ତର ହେତୁ ଆକସ୍ମିକ ଆଗନ୍ତୁକ ରାୟସାହେବ ଶ୍ରୀଶଚନ୍ଦ୍ର ଘୋଷଙ୍କ ଛଡ଼ା ସେଠାରୁ କେହି ଆସ ନଥିଲେ। ସିଂହଭୂମିରୁ ଆକସ୍ମିକ ଆଗନ୍ତୁକ ଏକା ପଣ୍ଡିତ କୃଷ୍ଣଚନ୍ଦ୍ର

Digitized by PPRACHIN, SOA

ଆଚାର୍ଯ୍ୟ, ବାଲେଶ୍ୱରରୁ ଆସିଥିଲେ ଶ୍ରୀଯୁକ୍ତ ମୁକୁନ୍ଦ ପ୍ରସାଦ ଦାସ ଓ ରାୟସାହେବ ପ୍ରଫୁଲ୍ଲ ପଟ୍ଟନାୟକ। ସମ୍ବଲପୁରରୁ ଉପସ୍ଥିତି ଏକା ବେଳକେ ଶୂନ୍ୟ। ପୁରୀ ଓ ବାଲେଶ୍ୱରର ସାମାନ୍ୟ କେତେକ ଏଠାରେ ରହିବା ବ୍ୟକ୍ତି ପ୍ରତିନିଧି ଟିକଟ କିଣି ଉପସ୍ଥିତ ହୋଇଥିଲେ। ଯେ ଟଙ୍କାଏ ଚାନ୍ଦା ଦେଇଥିଲା ସେ ପ୍ରତିନିଧି ହୋଇଥିଲା। କଟକରୁ ଅନେକ ପ୍ରତିନିଧି ହୋଇଥିଲେ। ତାପରେ ଗଞ୍ଜାମରୁ ବିଶେଷରେ ପାରଳାଖେମୁଣ୍ଡିରୁ ପାରଳାର ଗଜପତି ରାଜା, ଧରାକୋଟ ରାଜା ସାହେବ, ଦର୍ପଣର ରାଜା, କନିକାର ଯୁବରାଜ ଓ ଭୀଷ୍ମକଟକର ଥାଟ ରାଜାମାନଙ୍କର ଲୋକପ୍ରତିନିଧି ଭାବରେ ଉପସ୍ଥିତି ଉଲ୍ଲେଖଯୋଗ୍ୟ। କଂଗ୍ରେସ ମତାବଲମ୍ବୀ ବ୍ୟକ୍ତିଙ୍କୁ ପରାମର୍ଶ ନ କରି କାର୍ଯ୍ୟ ଆରମ୍ଭ କରିଥିଲେ ମଧ୍ୟ କଂଗ୍ରେସପକ୍ଷୀୟ ଭାରତ ବ୍ୟବସ୍ଥାପକ ସଭାର ସଦସ୍ୟ ଶ୍ରୀଯୁକ୍ତ ଭୁବନାନନ୍ଦ ଦାସଙ୍କୁ ଉଦ୍ୟୋକ୍ତାମାନେ ସଭାପତି କରି ପକାଇଥିଲେ। କଂଗ୍ରେସ ଦଳର ଲୋକେ ଯୋଗ ଦେବାରେ ଏହା ହୁଏତ ଅନ୍ୟତମ କାରଣ ଥିଲା। ହେଲେ ହେଁ, ସଭାରେ କଂଗ୍ରେସ ମତ ପ୍ରତି ସର୍ବ ମତ ଓ ଦଳର ଲୋକେ ଯଥେଷ୍ଟ ସମ୍ମାନ ଓ ସଦ୍‌ଭାବ ଦେଖାଇଥିବା ବଡ଼ ଆହ୍ଲାଦର ବିଷୟ। ଏହି ଦେଶରେ ରାଜନୀତିକ ଅଭ୍ୟୁଦୟର ସ୍ପଷ୍ଟ ସୂଚନା ବୋଲିବାକୁ ହେବ। ଅଭ୍ୟର୍ଥନା ସଭାର ଅଧ୍ୟକ୍ଷ ଏକ ବହୁ ବିଷୟସ୍ପର୍ଶୀ ବକ୍ତୃତାରେ ଉପସ୍ଥିତ ଅନପେକ୍ଷଣୀୟ ସମସ୍ୟାମାନଙ୍କର ଅଭାଷ ଦେଇଥିଲେ। ସଭାପତି ବହୁ ଦୂରରେ ଉତ୍ତର ଭାରତରେ ଥିଲେ। ତାର ପାଇ ତରତରରେ ଆସି ୧୭ ତାରିଖ ସକାଳେ ପହଞ୍ଚିବା ମାତ୍ରେ କଂଗ୍ରେସର ନେତୃସ୍ଥାନୀୟ କେତେକ ବ୍ୟକ୍ତି ଯାଇ ତାଙ୍କୁ ସଭାପତି ହୋଇଥିବା ହେତୁ ଅଭିବାଦନ କରି ନିଜେ ଯୋଗଦେବା କଥା ତାଙ୍କୁ ଜଣାଇ ଦେଇଥିଲେ। ତାଙ୍କ ନିରବଲଂବ ଓ ବଳିଷ୍ଠ ଅଭିଭାଷଣରେ କଂଗ୍ରେସ ପ୍ରତି ସମ୍ମାନ ଓ କଂଗ୍ରେସ ଭାବର ତରଙ୍ଗ ଖେଳୁଥିଲା। ଲୋକେ ଅନୁଭବ କରିଥିଲେ, ୧୫ ବର୍ଷ ପରେ ସମ୍ମିଳନୀରେ ଯେପରି କି ପୁଣି ନିର୍ବ୍ୟପେକ୍ଷ ରାଜନୀତିର ଆତ୍ମା ପ୍ରକାଶ ପାଇଥିଲା। ସେଦିନ ଲାଲା ଲଜ୍‌ପତ୍‌ରାୟଙ୍କ ଶ୍ରାଦ୍ଧ ଥିବାରୁ ସଭାପତି ତାଙ୍କୁ ପ୍ରଥମେ ସମ୍ମାନ ଦେଖାଇ, ଶେଷରେ କଂଗ୍ରେସ ଜୁବିଲିରେ ଯୋଗ ଦେବା ପାଇଁ ଲୋକଙ୍କୁ ଅନୁଯୋଗ କରିଥିଲେ। କଂଗ୍ରେସ ମତାବଲମ୍ବୀଙ୍କ ପ୍ରସ୍ତାବ ମତେ ସଭାରେ ଦୁଇଟି ପ୍ରସ୍ତାବ ସାଗ୍ରହ ନିର୍ବିବାଦରେ ଗୃହୀତ ହୋଇଥିଲା। ତହିଁରୁ ଗୋଟିଏ ୧୭ ତାରିଖରେ ପଞ୍ଜାବକେଶରୀ ଲାଲା ଲାଜପତ୍ ରାୟଙ୍କ ଅଷ୍ଟମ ଶ୍ରାଦ୍ଧ ଦିବସ ପଡ଼ିଥିବାରୁ, ତାଙ୍କ ସ୍ମରଣ ଓ ସମ୍ମାନ ପ୍ରସ୍ତାବ ସମସ୍ତେ ଛିଡ଼ାହୋଇ ଗ୍ରହଣ କରିବା। ଅନ୍ୟଟି ଆସନ୍ତା ଡିସେମ୍ବର ୨୮ରେ ଭାରତ ଜାତୀୟ କଂଗ୍ରେସର ୫୦ତମ ବାର୍ଷିକ ଉତ୍ସବ ଉଚିତ ପ୍ରକାରେ ପାଳନ କରବା ପାଇଁ ଦେଶବାସୀଙ୍କୁ ଆହ୍ୱାନ କରିବା। ଏହାଛଡ଼ା ପୁରୀଜିଲ୍ଲାକୁ କଟକରୁ କାଢ଼ି ଗଞ୍ଜାମ ଜଜ୍‌ଙ୍କ ଅଧୀନରେ ରଖିବା ପାଇଁ ଓ ସମ୍ବଲପୁରକୁ କଟକ ଜଜ୍‌ଙ୍କ ଅଧୀନରେ

Digitized by PPRACHIN, SOA

ରଖିବା ପାଇଁ ସରକାର ଏବେ ଯେଉଁ ପ୍ରସ୍ତାବ କରୁଚନ୍ତି, ତାହାର ପ୍ରତିବାଦ କରି ପୁରୀକୁ ପୂର୍ବ ପରି କଟକ ସଙ୍ଗେ ଓ ସମ୍ବଲପୁରକୁ ଗଞ୍ଜାମ ସଙ୍ଗେ ରଖିବାର ଦାବି ହେଉଥିଲା। ଏଥିରେ କେବଳ ପୁରୀ ଜିଲ୍ଲାର ଲୋକ ତଥା ପୁରୀର ଓକିଲ, ହୁଏତ କଟକ ଓକିଲଙ୍କର ସୁବିଧା ବିଚାର କରା ହୋଇ ଅନୁପସ୍ଥିତ ସମ୍ବଲପୁରର ସୁବିଧା ଧରି ନିଆ ହେଉଥିଲା। ଦେଖାଗଲା, ନିଜ ନିଜ ଜିଲ୍ଲାର ସ୍ୱାର୍ଥ ଛଡ଼ା ବିଚାରରେ ଆଉ କିଛି ନ ଥିଲା। କଂଗ୍ରେସର ମତାବଲମ୍ବୀମାନେ ପ୍ରାଦେଶିକ ବାୟୁମଣ୍ଡଳରେ ରହି ପ୍ରାଦେଶିକ ମାନସିକତା ଦେଖାଇବାର ଉପଯୋଗିତା ଓ ଆବଶ୍ୟକତା ବୁଝାଇଥିଲେ। ପୁଣି ସମ୍ବଲପୁରକୁ ନ ପଚାରି ଏପରି ସିଦ୍ଧାନ୍ତ କରିବା ଅନ୍ୟାୟ ହେବ ବୋଲି ଦୃଢ଼ ମତ ପ୍ରକାଶ କରିଥିଲେ। ସୁଖର କଥା, କଟକର କଂଗ୍ରେସେତର ପ୍ରତିନିଧିମାନେ ଯୁକ୍ତିର ସମୀଚୀନତା ବୁଝି ନିଜର ବହୁପ୍ରିୟ ଓ ଦୃଢ଼ ମତ ଛାଡ଼ିଥିଲେ ଓ ଜିଲ୍ଲା ଜିଲ୍ଲା ବୁଲି ଅନୁସନ୍ଧାନ ଓ ମତ ସଂଗ୍ରହ କଲାପରେ ଏ ବିଷୟରେ ସ୍ୱାଲୋଚିତ ସୁଚିନ୍ତିତ ଦାବୀ ପ୍ରକାଶ କରିବା ପାଇଁ ଗୋଟିଏ କମିଟି କରିବାର ପ୍ରସ୍ତାବ ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା।

କେବଳ କଟକ ରାଜଧାନୀ ହେବାରେ ବିଶେଷ ଅସୁବିଧା ଅଛି ବୋଲି ବିଶେଷଜ୍ଞ ମତ ପ୍ରକାଶ ପାଇଲେ ପୁରୀ, ଖୋର୍ଦ୍ଧା ବା ବ୍ରହ୍ମପୁର ରାଜଧାନୀ ହେବାର ଉପଯୋଗିତା ବିଚାର କରାଯାଉ ବୋଲି ଗଞ୍ଜାମର ଶଶିଭୂଷଣ ରଥେ ସଂଶୋଧନ ପ୍ରସ୍ତାବ ଆଣିଲେ ମଧ୍ୟ କଟକ ଲୋକେ ପ୍ରାଣର ପ୍ରତିଷ୍ଠିତ ଭାବରେ ଦୃଢ଼ ରହି କଟକରେ ହିଁ ଏହି ରାଜଧାନୀ ରହୁ ବୋଲି ପ୍ରସ୍ତାବ କରିଥିଲେ। ଘୋର ବିବାଦ ଲାଗିଥିଲା। ମୁଖ୍ୟତଃ କଟକର ଶତାଧିକ ପ୍ରତିନିଧି ଓ ଗଞ୍ଜାମର ୧୦-୧୨ ଜଣ ମାତ୍ର ପ୍ରତିନିଧି ଏଥିରେ ପରସ୍ପରର ପରିପନ୍ଥୀ ହୋଇ ଲଢୁଥିଲେ। ପୁରୀ ଓ ବାଲେଶ୍ୱର ନୀରବ ଥିଲେ କହିଲେ ଚଳେ। କଂଗ୍ରେସ ମତାବଲମ୍ବୀମାନେ ପ୍ରସ୍ତାବ ତଥା ସଂଶୋଧନର କୌଣସି ଆବଶ୍ୟକତା ନ ଦେଖି କୌଣସି ଆଡ଼େ ଯୋଗ ଦେଲେ ନାହିଁ। କଟକ ନିଶ୍ଚୟ ରାଜଧାନୀ ହେବାକୁ ଥିବାରୁ ସଭାପତି ମଧ୍ୟ ପ୍ରସ୍ତାବଟି ନ ପକାଇବାକୁ ସୂଚନା ଦେଇଥିଲେ। ପଣ୍ଡିତ ନୀଳକଣ୍ଠ ଦାସ ପ୍ରସ୍ତାବ ଦୁଇଟିର ଯୁକ୍ତିବାଦ ଶେଷରେ ପ୍ରକାଶ୍ୟରେ ଜଣାଇ ଦେଇଥିଲେ, ସେ ଓ ତାଙ୍କ ବନ୍ଧୁମାନେ ଏ ଯୁକ୍ତି ଜାଲରେ ଯୋଗ ଦେଇ ନାହାନ୍ତି କି କୌଣସି ପକ୍ଷରେ ଭୋଟ ବି ଦେବେ ନାହିଁ। ବାସ୍ତବରେ ଏପରି ପ୍ରସ୍ତାବର ବିଶେଷ କିଛି ଉପଯୋଗିତା ଥିବାର ମନେ ହେଉ ନାହିଁ। ସରକାରଙ୍କ ଦୃଷ୍ଟିରେ ମଧ୍ୟ ରାଜଧାନୀ ପାଇଁ କଟକର ଦାବି ବଳିଷ୍ଠ। ତାହା ବଦଳାଇବା ପୂର୍ବରୁ ସେ ବହୁ ଚିନ୍ତା କରିବେ ସନ୍ଦେହ ନାହିଁ। ସେ ସତ୍ତ୍ୱେ ଯେବେ କୌଣସି ଅଦ୍ୟାପି ଅନାଶଙ୍କିତ କାରଣ ଦେଖି କଟକର ଏଡ଼େ ବଳବତ୍ତର ଦାବି ଉପେକ୍ଷା କରାଯାଏ, ତେବେ ପ୍ରାଣର ପ୍ରତିଷ୍ଠିତ ଭାବରେ ଭୁଲି ବା ଭୁଲାଇ କୌଣସି ପ୍ରକାରେ ଭୋଟ କରାଇ ନେବାରେ

Digitized by PPRACHIN, SOA

ପୁରୋଦୃଷ୍ଟିପର ପ୍ରଦେଶାତ୍ମତା ପ୍ରକାଶ ପାଉନାହିଁ। ଲୋକଙ୍କୁ ଭୁଲାଇବା ପଟୁତାରେ ଆତ୍ମଶ୍ଲାଘାର ତୃଷା ହୁଏ ତ ଚରିତାର୍ଥ ହୁଏ, ହୁଏ ତ ସେଥିରେ ମୋହର ଆତ୍ମପ୍ରସାଦ ଥାଏ, ମାତ୍ର ସେଥିରେ ଦେଶପ୍ରାଣତାର ସାଧନା ଭ୍ରଷ୍ଟ ହୁଏ, ଦୃଷ୍ଟିର ସୀମା ସଂକୁଚିତ ହୋଇ ଆସେ। ଯେଉଁମାନେ ପ୍ରଦେଶର ଭାଗ୍ୟବିଧାତା ହେବା କଳ୍ପନା କରନ୍ତି, ସେମାନେ ସ୍ଥାନ ବିଶେଷର ନ ହୋଇ କାର୍ଯ୍ୟରେ ନିଜକୁ ପ୍ରଦେଶର ସମ୍ପତ୍ତି ବୋଲି ବିଚାରିବା ବିହିତ। ବ୍ୟକ୍ତିର ଏହି ଆଭିମୁଖ୍ୟହିଁ ସ୍ଥାୟୀ ଭାବରେ ଜନସମାଜକୁ ପ୍ରାଣିତ ଓ ପ୍ରଭାବିତ କରେ।

ଏହା ଛଡ଼ା ଅଗାମୀ ପ୍ରଦେଶ ସମ୍ପର୍କୀୟ ବହୁ ସମସ୍ୟା ଘେନି ପ୍ରସ୍ତାବମାନ ହୋଇଥିଲା। ଅଧିକାଂଶ ନିର୍ବିବାଦ ଥିବାରୁ ସଭାପତିଙ୍କ ଦ୍ୱାରା ପ୍ରସ୍ତାବିତ ହୋଇ ଗୃହୀତ ହୋଇଥିଲା। ସେଥି ମଧ୍ୟରେ ଓଡ଼ିଶା ପାଇଁ ହାଇକୋର୍ଟ, ବିଶ୍ୱବିଦ୍ୟାଳୟ, ପ୍ରଦେଶ ବେଳେ ଚାକିରିରେ ଓଡ଼ିଆଙ୍କ ଦାବୀର ଆଲୋଚନା, ଭାରତ ସରକାର ଟଙ୍କା ଦେବାରେ ଗତ ୧୩୦ ବର୍ଷର ଇତିହାସ ପ୍ରତି ଦୃଷ୍ଟି ରଖି ସର୍ବପ୍ରକାର ଜାତି ଗଠନର ଉଦ୍ୟମ ଅଭିପ୍ରାୟରେ ଓଡ଼ିଶା ପ୍ରଦେଶ ପ୍ରତି ସାହାଯ୍ୟର ପରିମାଣ ନିର୍ଣ୍ଣୟ କରିବା ଓ ଓଡ଼ିଶା ପ୍ରତି କଳ୍ପିତ ଋଣଭାର କଥା ବିଚାର କରିବା ପ୍ରଭୃତି ପ୍ରଧାନ।

କାର୍ଯ୍ୟ ୧୭ ତାରିଖ ଦିନ ସରିଲା ନାହିଁ। ଲୋକଙ୍କର ଭୋଟ ଦେବାର ବ୍ୟବସ୍ଥା ଓ ସଭା ପାଇଁ ପ୍ରାର୍ଥୀ ହେବାର ସାମର୍ଥ୍ୟାଦି ଘେନି ଗୋଟିଏ ବଡ଼ ପ୍ରସ୍ତାବ ଆଗତ କଲାବେଳେ ସେଥିରେ ଗୋଟିଏ ଅଂଶ ଥିଲା, ତାହାର ଅର୍ଥ ସରକାରୀ ଓକିଲ, ଖୋର୍ଦ୍ଧାର ସରବରାକାର ଓ ୱାର୍ଡ଼ସ୍ ଜମିଦାରୀ ପ୍ରଭୃତିରେ ସାମୟିକ କାମ କରୁଥିବା ଡେପୁଟି ପ୍ରଭୃତି ଚାକିରିଆମାନେ ସରକାରୀ ଚାକିରିଆ ଥିବାରୁ ସେମାନଙ୍କୁ ବ୍ୟବସ୍ଥା ସଭା ନିର୍ବାଚନ ନିମନ୍ତେ ପ୍ରାର୍ଥୀ ହେବାରୁ ରହିତ କରାଯାଉ। ମାନ୍ଦ୍ରାଜରେ ଏହି ଶ୍ରେଣୀର ଲୋକେ ଏବେ ମଧ୍ୟ ପ୍ରାର୍ଥୀ ହୋଇପାରନ୍ତି ନାହିଁ, ସରକାରୀ ଓକିଲ ମଧ୍ୟ ହୁଅନ୍ତି ନାହିଁ। ବିହାର ଓଡ଼ିଶାରେ ଏକଥା କେହି କେବେ ଉଠାଇ ନ ଥିବାରୁ ଏପରି ଗୋଟିଏ ଭ୍ରାନ୍ତି ଚଳି ଆସିଛି। ଏ ସତ୍ତ୍ୱେ ସମ୍ମିଳନୀର ମୂଳ ଉଦ୍ୟୋକ୍ତା ମଧ୍ୟରୁ କେହି କେହି ଏ ବିଷୟରେ ବଡ଼ କ୍ଷୁଣ୍ଣ ହୋଇ ପଡ଼ିଲେ। ସେଥିପାଇଁ ୧୮ ତାରିଖକୁ ସମ୍ମିଳନୀ ରହିଲା। ୧୮ ତାରିଖ ଏଇ ପ୍ରସ୍ତାବ ଘେନି ବିବାଦ ଓ ଯୁକ୍ତିର ସ୍ରୋତ ଛୁଟିଲା। ମାତ୍ର ଶେଷରେ ଏହା ସପକ୍ଷରେ ୪୭ ଓ ବିପକ୍ଷରେ ୧୮ଟି ମାତ୍ର ଲୋକ ଭୋଟ ଦେଇଥିଲେ। ପ୍ରସ୍ତାବ ଗୃହୀତ ହେଲା। ବସ୍ତୁତଃ ଏହି ପ୍ରସ୍ତାବ ଓଡ଼ିଆ ରାଜନୀତିକମାନଙ୍କ ଆଭିମୁଖ୍ୟର ଗୋଟିଏ ପରୀକ୍ଷା ବୋଲିବାକୁ ହେବ। ଯେଉଁମାନେ ଏପରି ପ୍ରସ୍ତାବର ବିପକ୍ଷରେ ରହୁଥିଲେ ସେମାନଙ୍କର ଯେ ବେସରକାରୀ ଆଭିମୁଖ୍ୟ ବଡ଼ ଆବିଳ ଓ ଲୋକଶାସନ ନୀତିର ଘୋର ଅପଚାର ଏହା

Digitized by PPRACHIN, SOA

ସେମାନେ ବୁଝିବା ଉଚିତ। ଆଶା କରାଯାଏ, ଭବିଷ୍ୟତରେ ସେମାନେ ଏସବୁ କଥା ପ୍ରତି ସାବଧାନ ହେବେ। ଆସନ୍ତା ଶାସନରେ ଆଉ କିଛି ଥାଉ ନ ଥାଉ, ସରକାରୀ ଓ ବେ-ସରକାରୀ ବିଭାଗ ଓ ବ୍ୟବସ୍ଥା ସଭାରେ ବେ-ସଭାକାରୀ ଭାବ ଓ ମତର ଅଭିବ୍ୟକ୍ତି ତଥା ପ୍ରତିଷ୍ଠା ସର୍ବତୋଭାବରେ ଲୋଡ଼ିବାର ଲୋକଙ୍କର ଯେ ଅଧିକାରର ସୂଚନା ଅଛି ସେତିକି ମାତ୍ର ବିଶେଷ। ତାହା ଛାଡ଼ି ଶଗଡ଼-ଗୁଳା ଧରି ସରକାରୀ ସାହାଯ୍ୟରେ ଯେଉଁମାନେ ଦେଶର ନେତୃତ୍ୱ ଲୋଡ଼ନ୍ତି ସେମାନେ ଏଣିକି ଅନ୍ୟ ପନ୍ଥା ଦେଖନ୍ତୁ। ଆସନ୍ତା ଶାସନରେ ଯୋଗ ଦେବାର କଳ୍ପନା ଯେଉଁମାନଙ୍କର ଅଛି ସେମାନେ ବ୍ୟକ୍ତିସ୍ୱାର୍ଥ ଓ ବ୍ୟକ୍ତିମୋହ ଛାଡ଼ି ନୀତିର ପ୍ରତିଷ୍ଠା ଓ ପ୍ରଚାରରେ ଲୋକସ୍ୱାର୍ଥ ଓ ଲୋକ ସେବାର ପନ୍ଥା ଫିଟାନ୍ତୁ।

ବ୍ୟବସ୍ଥା ସଭାରେ ପ୍ରାର୍ଥୀ ହେବା ଅଧିକାର

ସରକାରୀ ଚାରିକିରିଆମାନେ ଏ ଅଧିକାର ପାଇବେ ନାହିଁ, ଏହାହିଁ ସ୍ୱାୟତ୍ତଶାସନର ମୂଳ ନୀତି। ଏହି ଭାରତରେ ଦିନେ ହୁଏତ କଂଗ୍ରେସ ମଧ୍ୟ ପ୍ରଦେଶରେ ସରକାର ହୋଇପାରନ୍ତି, ବିପ୍ଳବୀ ହୋଇପାରନ୍ତି, ଆଉ ଯେ କୌଣସି ଦଳ ମଧ୍ୟ ହୋଇପାରନ୍ତି। ସ୍ୱାୟତ୍ତଶାସନ ନୀତିରେ ପ୍ରଦେଶ ଚଳିଲେ ଏହାହିଁ ହେବ। ଯେ ସରକାର ହୁଅନ୍ତୁ, ସରକାରୀ ଚାକିରିଆ ଗନ୍ଧ ଯେଉଁଠି ଅଛି, ସେ ଶାସନ ଚଳାଇବାରେ ଭାଗ ପାଇବେ ନାହିଁ, ଏହାହିଁ ନୀତି। ସେଥିପାଇଁ ଏବେ ଯେଉଁ ଭାରତ ଶାସନ-ଆଇନ୍ ଅଛି ସେଥିରେ ଏ ସମ୍ବନ୍ଧରେ ଯେଉଁ ଦଫାଟି ଥିଲା, ନୂଆ ଆଇନ୍‌ରେ ମଧ୍ୟ ୬୯ (କ) ଦଫାରେ ସେହି ବିଧିଟି ରଖା ହୋଇଛି। ତାହାର ଓଡ଼ିଆ ଅନୁବାଦ ହେଉଛି -

"ସରକାରଙ୍କ ଅଧୀନରେ ଯେ ଲାଭଜନକ କର୍ମସ୍ଥାନ ଧରିଅଛନ୍ତି ସେ ପ୍ରାର୍ଥୀ ହୋଇପାରିବେ ନାହିଁ।"

ଏଥିରେ ସରକାରୀ ଓକିଲ, ଖୋର୍ଦ୍ଧା ସର୍ବରାକାର, ଉଧାରରେ କୋର୍ଟ ଅଫ୍ ୱାର୍ଡ଼ସ୍‌ରେ ସରକାରୀ ଡିପୋଟି ପ୍ରଭୃତି ଚାକିରିଆ ସମସ୍ତେ ଗଲେ। ଗଲେ ସତ, କିନ୍ତୁ ସେହି ଦଫା ଅନୁଯାୟୀ ଯେଉଁ ନିର୍ବାଚନ ନିୟମ କରାହୋଇଛି ସେଥିରେ ସରକାରୀ ଓକିଲ ଖୋର୍ଦ୍ଧା ସର୍ବରାକାର ପ୍ରଭୃତି ନାମଗୁଡ଼ିକ ସ୍ପଷ୍ଟ ଲେଖା ନାହିଁ। ସେମାନେ ସେହି ଦଫାରେ ପଡ଼ିବା ଭଳି ସରକାରୀ ଚାକିରିଆ କି ନୁହନ୍ତି, ଏହା କହିବ କିଏ ? ସେମାନେ ଯଦି ପ୍ରାର୍ଥୀ ହୁଅନ୍ତି, ତେବେ ନର୍ବାଚନ ମକଦ୍ଦମା କରି ତାଙ୍କର ପ୍ରାର୍ଥୀତ୍ୱ ରଦ୍ଦ କରିବା କାଠିକର ପାଠ। ଓଡ଼ିଶାରେ ତାହା କରିବାର ବଳ ଓ ପ୍ରଯତ୍ନ କମ୍ ଲୋକଙ୍କ ଭାଗ୍ୟରେ ଅଛି। ସେଥିପାଇଁ ମୂଳରୁ ନିୟମ କଲାବେଳେ ତାହା ଗୋଟି ଗୋଟି କରି ଗଣି ଲେଖିଦେବା ଦରକାର। ମାନ୍ଦ୍ରାଜରେ ଲେକେ ଦାବି କରି ତାହା ବହୁକାଳରୁ ଲେଖାଇ ନେଇଛନ୍ତି, ସେଥିପାଇଁ ସେଠାରେ କେବେ ସରକାରୀ ଓକିଲ ବା ଉଧାରରେ ବେ-ସରକାରୀ ଭଳି

Digitized by PPRACHIN, SOA

କାମ କରୁଥିବା ସରକାରୀ ଚାକିରିଆ ପ୍ରାର୍ଥୀ ହୋଇପାରନ୍ତି ନାହିଁ। ଓଡ଼ିଶାରେ ହୋଇ ଆସୁଛନ୍ତି। ଏହି ଦୁର୍ଗତିରୁ ଓଡ଼ିଶା ପ୍ରଦେଶକୁ ରକ୍ଷା କରିବାପାଇଁ ଗଲା ୧୭।୧୮ ତାରିଖ କଟକରେ ଯେଉଁ ଉତ୍କଳ ସମ୍ମିଳନୀ ବସିଥିଲା ସେଥିରେ ଦାବି ପ୍ରକାଶ କରାହୋଇଥିଲା କି, ସେହି ଆଇନ୍ ଦଫା ଅନୁଯାୟୀ ଯେଉଁ ନିର୍ବାଚନ ନିୟମ ହେବ ସେଥିରେ ସରକାରୀ ଓକିଲ, ଖୋର୍ଦ୍ଧା ସର୍ବରାକାର ଓ ଉଧାରରେ ଅନ୍ୟତ୍ର କାମ କରୁଥିବା ସରକାରୀ ଚାକିରିଆମାନଙ୍କ କଥା ଗୋଟିଏ ଗୋଟିଏ କରି ଦରଜ କରାଯାଉ। ଏଥିରେ ସମ୍ମିଳନୀରେ ଆପତ୍ତି ହେବା ଦୁଃଖର କଥା। ହେଲେହେଁ ପ୍ରବଳ ଲୋକମତ ଏହାର ପ୍ରତିବାଦରେ ସେହି ସମ୍ମିଳନୀରେ ଯଶସ୍ୱୀ ହୋଇଥିଲା। ସରକାର ତଥା ଦେଶବାସୀ ଏହା ବୁଝନ୍ତୁ। ଏସବୁ ସରକାରୀ ବେ-ସରକାରୀ ବିଭାଗ ଠିକ୍ ରଖି ନିଜର ସ୍ୱାୟତ୍ତ ଶାସନ ଆଭିମୁଖ୍ୟ ଠିକ୍ କରନ୍ତୁ। କ୍ରମେ କ୍ରମେ ଏହିଭଳି ଆଭିମୁଖ୍ୟ ଏବଂ ତଦନୁଯାୟୀ କାର୍ଯ୍ୟ ଦିନକୁ ଦିନ ବିଶେଷ ପ୍ରୟୋଜନ ପଡ଼ିବ। ବେ-ସରକାରୀ ମାନସିକତା ଦେଶରେ ଯେତେ ପରିସ୍ଫୁଟ ହେବ, ସ୍ୱାୟତ୍ତଶାସନର ପ୍ରଗତି ସେତିକି ଅଗ୍ରସର ହେବ, ଅନ୍ୟତ୍ର ପନ୍ଥା ନାହିଁ।

ନବ ଭାରତ-୨/୫, ଆଲୋଚନା

ଓଡ଼ିଶା ପ୍ରଦେଶ

ସ୍ୱତନ୍ତ୍ର ପ୍ରଦେଶ ହେଲା

ପ୍ରଦେଶ ହିସାବରେ ଓଡ଼ିଶାର ସ୍ୱାତନ୍ତ୍ର୍ୟ ଚିର କାମ୍ୟ ଥିଲା। ଗଲା ୩୩ ବର୍ଷ ଧରି ଜାତିର ସର୍ବ ଦଳ, ସର୍ବ ମତ, ସର୍ବ ପରିସ୍ଥିତିର ଲୋକେ ଏହି କାମନା କରି ଆସୁଥିଲେ, ନାନା ଭାବରେ ଏହାକୁ ପ୍ରକାଶ କରିଥିଲେ। ପ୍ରଥମରୁ ବହୁ କାଳଯାଏ ଠିକ୍ ପ୍ରାଦେଶିକ ସ୍ୱାତନ୍ତ୍ର୍ୟ ନ ଲୋଡ଼ି କହୁଥିଲେ, ସମସ୍ତ ଓଡ଼ିଆଭାଷୀ ପ୍ରଦେଶକୁ ଏକାଠି କରି ଗୋଟିଏ ପ୍ରଦେଶରେ ରଖାଯାଉ। ୧୯୨୭ ଫେବୃଆରୀରେ ପଣ୍ଡିତ ନୀଳକଣ୍ଠ ଦାସ ପ୍ରଥମେ ଜାତିର ଏହି ଅକାଙ୍କ୍ଷା ଓ ଦାବିକୁ ବଡ଼ଲାଟ୍ ସଭାରେ ଏକ ପ୍ରସ୍ତାବରେ ଆଗତ କରି ସ୍ୱତନ୍ତ୍ର ପ୍ରଦେଶ ଛଡ଼ା ଏ ଦାବିର ଅନ୍ୟ କିଛି ଉଦ୍ଦେଶ୍ୟ ହୋଇନପାରେ ବୋଲି ସ୍ପଷ୍ଟ ଭାଷାରେ କହିଲେ। ସେତେବେଳେ ଅନେକେ ଏଇ ଦାବିକୁ ଏଇପରି ପ୍ରକାଶ କରିବା ସଂଗତ ହୋଇନାହିଁ ବୋଲି ଆପତ୍ତି କରୁଥିଲେ ହେଁ ଅଚିରେ ଓଡ଼ିଆଙ୍କର ଦାବି ଏହି ଆଦର୍ଶରେ ନିବଦ୍ଧ ହେଲା। ସରକାରଙ୍କର ମଧ୍ୟ କୌଣସି କାରଣରୁ ଏହି ଦାବି ଏହି ଭାବରେ ପୂରଣ କରିବା ଇଚ୍ଛା ହେଲା। ଏବେ ଅପ୍ରେଲ ପହିଲାରୁ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେଲା।

ସ୍ୱାଗତ :

ଯେତେବେଳ ଏଇପରି ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବାର ସ୍ଥିର ହେଲା, ଭାରତ ଶାସନ ବ୍ୟବସ୍ଥାର ପରିସ୍ଥିତି ଆଲୋଚନା କରି ଆମେ କହିଥିଲୁ, କୌଣସି ଦାୟିତ୍ୱରେ

Digitized by PPRACHIN, SOA

ପଡ଼ି ସରକାର ସିନ୍ଧୁ ପ୍ରଦେଶ ତିଆରି କରୁ କରୁ ଓଡ଼ିଶା ପ୍ରଦେଶଟି ମନକୁ ବାହାରି ପଡ଼ିଲା (By-product of Sind)। ତଥାପି ପ୍ରାଦେଶିକ ସ୍ୱାତନ୍ତ୍ୟ ଓଡ଼ିଆର ଚିର କାମ୍ୟ ବସ୍ତୁ। ସେଥିରେ ପ୍ରାଣର ପ୍ରତିଷ୍ଠିତ ଭାବ ଦୃଢ଼ ଭାବରେ ନିହିତ ଅଛି, ପୁଣି ପ୍ରାଦେଶିକ ସ୍ୱାତନ୍ତ୍ୟର ମର୍ଯ୍ୟାଦା ଛଡ଼ା ଓଡ଼ିଆର ବିରାଟ ଐତିହାସିକ ବ୍ୟକ୍ତିତ୍ୱ ଓ ବିଶାଳ ସଂସ୍କୃତିର ଉଦ୍‌ବୋଧନ ଜାଗ୍ରତ ହୋଇପାରୁ ନାହିଁ। ଏଣୁ ଯେକୌଣସି ପ୍ରକାରେ ହେଉ ନା କାହିଁକି, ପ୍ରଦେଶ ପ୍ରତ୍ୟାଖ୍ୟାନ କରିବା ଆମର କାମ୍ୟ ନୁହେଁ। ଆମେ ସର୍ବାନ୍ତଃକରଣରେ ପ୍ରଦେଶକୁ ସ୍ୱାଗତ କରୁଅଛୁ ଓ ଏହାର ଭାବୀ ଶ୍ରୀବୃଦ୍ଧିରେ ଆଖି ରଖି ପ୍ରାଣରେ ପୁଲକ ଅନୁଭବ କରୁଅଛୁ।

କିନ୍ତୁ –

ହେଲେହେଁ ପ୍ରାଣର ପ୍ରତିଷ୍ଠିତ ଭାବରେ ବରାବର ଭୁଲି ରହିବା ମୁକ୍ତିକାମୀର ଧର୍ମ ନୁହେଁ। ପ୍ରଦେଶଟି କ'ଣ ହୋଇଛି ଦେଖାଯାଉ।

ବହୁତ ଓଡ଼ିଆ ଏବେ ବାହାରେ :

(୧) ପ୍ରଥମତଃ ପ୍ରଦେଶ ହେଲାବେଳୁ ଓଡ଼ିଆଭାଷୀଙ୍କର ଦାବି ଓ ସୁବିଧା ଅସୁବିଧା ଓଡ଼ିଆଙ୍କ ଛଡ଼ା ଆଉ କାହାରି ଚିନ୍ତାରାଜ୍ୟରେ ଆନ୍ଦୋଳନ ଉଠାଇ ନାହିଁ। କୁଆଡ଼କୁ କିପରି ରାସ୍ତା ଅଛି, କୁଆଡ଼ ବାଣିଜ୍ୟ କୁଆଡ଼େ ଯିବ, କେଉଁଆଡୁ କେତେ ଟଙ୍କା ମିଳିବ, କେଉଁ ଆଦିମ ଜାତିଙ୍କୁ ଏବେ ଓଡ଼ିଆଙ୍କ କବଳରୁ ଛଡ଼ାଇ ରଖିବାକୁ ହେବ, ଏଇଭଳି ବିଚାରମାନ ସରକାରଙ୍କୁ ବେଶୀ ଗ୍ରାସିଲା। ପ୍ରାଦେଶିକ ପ୍ରତିବେଶୀମାନେ ଚରାଭୂମି ନଛାଡ଼ିବା ପାଇଁ ଭୀଷଣ ଭାବରେ ଛଟପଟ ହେଲେ। ଏହି ପ୍ରତିବେଶୀମାନେ ଚିରକାଳ ତତ୍ ତତ୍ ସରକାରମାନଙ୍କରେ କାନକୁହା ତଥା ପରାମର୍ଶଦାତାର ସ୍ଥାନ ମାଡ଼ି ବସିଥିଲେ। ସେଥିର ଫଳ ଯାହା ହେବାର ତାହା ହେଲା। କଂଗ୍ରେସ ମଧ୍ୟ କ୍ଷଣିକ ଉଦାରତାରେ ଦିନେ 'ଉତ୍କଳ' ବୋଲି ପ୍ରଦେଶଟିଏ ସ୍ୱୀକାର କରିଥିଲେ। ସେ ଆଜିକି ୧୬ ବର୍ଷର କଥା। ୧୯୨୦ରେ ନାଗପୁର କଂଗ୍ରେସରେ ଏହା ହୋଇଥିଲା। ସେହି କାଳରୁ କାଂଗ୍ରେସିକ ପ୍ରତିବେଶୀମାନେ ମଧ୍ୟ ଏକ ବର୍ଗଇଞ୍ଚ ସ୍ଥାନ ଛାଡ଼ିବାକୁ କେବେ ପ୍ରସ୍ତୁତ ହୋଇଛନ୍ତି ବୋଲି ମନେହୁଏ ନାହିଁ। ସେମାନେ ମଧ୍ୟ ଓଡ଼ିଶାକୁ ତା'ର ଅପହୃତ ଭୂମି ଫେରାଇ ନ ଦେବେ ବୋଲି ବଦ୍ଧପରିକର ହୋଇ ଲଢୁଥିଲେ। ମେଦିନୀପୁରରେ ବଙ୍ଗ, ସିଂହଭୂମିରେ ବିହାର, ଫୁଲଝରରେ ମହାକୋଶଳ ଯାହା କରିଛନ୍ତି, ତାହା କହିବା ଦରକାର ନାହିଁ। ଦକ୍ଷିଣରେ ଆନ୍ଧ୍ରମାନେ ମଧ୍ୟ ଦେଢ଼ ଶତାବ୍ଦୀର ପ୍ରଭାବରେ ଓଡ଼ିଆ ରାଜ୍ୟକୁ ପ୍ରଭାବିତ କରିସାରି ଏବେ ଦାବି କରୁଥିଲେ ଏକ ସେନ୍‌ସସ୍‌ରେ ମଧ୍ୟ ଶତକଡ଼ା ୮୦ ଥିବା ରାଜ୍ୟ ଆନ୍ଧ୍ରରେ ରହିବା ଉଚିତ। ସେସବୁ ଇତିହାସ ଆଲୋଡ଼ନ କରି ଆଉ ଏବେ ଲାଭ ନାହିଁ। ଫଳରେ ସମସ୍ତ ଓଡ଼ିଆଭାଷୀ ପ୍ରଦେଶ ଓଡ଼ିଶା ପାଇ ନାହିଁ। ଛିନ୍ନମସ୍ତା ଉତ୍କଳମାତାର ବ୍ୟଙ୍ଗ କଳେବର ଅଦ୍ୟାପି, ସୁସ୍ପଷ୍ଟ।

Digitized by PPRACHIN, SOA

ଓଡ଼ିଶାରୁ ବାର'ଣା ଲୋକଶାସନ ବାହରେ :

(୨) ସରକାରଙ୍କ ବିଧାନରେ ଏବେ ଦେଶୀ ରାଜ୍ୟ ଛାଡ଼ି ଇଂରେଜ ଓଡ଼ିଶାର ପରିମାଣ ପ୍ରାୟ ୩୨ ହଜାର ବର୍ଗ ମାଇଲ୍। ସେଥିରୁ ପ୍ରାୟ ୨୦ ହଜାର ବର୍ଗ ମାଇଲ୍ ଅସଭ୍ୟ ଓ ଅନୁନ୍ନତ ଭୂମି (backward tracts) ବୋଲି ସରକାର ନିର୍ଦ୍ଦେଶ କରି ଦେଇଛନ୍ତି। ଅସଭ୍ୟ ବା ଅନୁନ୍ନତ କଥା କହିଲେ ଲୋକଙ୍କୁ ବାଧିବ ବୋଲି ସରକାର ଗୋଟିଏ ନୂଆ ନାମ ବାହାର କରି କହୁଛନ୍ତି, ଏ ସବୁ ଲୋକ ଶାସନରୁ ବାହାର-କିଏ ଅଧାଅଧି ବାହାର, କିଏ ପୁଣି ପୂରା ବାହାର। ଓଡ଼ିଶାର ଏହି କୋଡ଼ିଏ ହଜାର ବର୍ଗ ମାଇଲ ଯାକ ଅଧାଅଧି ବାହାର ବୋଲି କୁହାଯାଅଛି। ଫଳରେ ପୂରା ବାହାର ହୋଇଥିଲେ ହୁଏତ ସେ ସବୁ ଭୂମି ପାଇଁ ଭାରତ ସରକାରରୁ କିଛି ଟଙ୍କା ମିଳୁଥାନ୍ତା, ଅଧାଅଧିରେ ସେତକ ନାହିଁ। ତା'ଛଡ଼ା ଆଉ ବିଶେଷ କିଛି ସୁବିଧା ହେବ ବୋଲି ଏବେ ମନେ ହେଉ ନାହିଁ। ଲୋକଙ୍କର ଦୁର୍ଗତି ଦୁଇଥିରେ ସମାନ। ଲାଟ ସାହେବ ସେ ଭୂମିରେ ସର୍ବେସର୍ବା। ସେ ଶାସନରେ ଲୋକେ ଯାହା କହିବେ ତାହା ଲାଟ୍ ସାହେବ ହୁଏତ କହିବାକୁ ମନା କରିଦେଇପାରନ୍ତି ଅଥବା ଶୁଣି ନ ପାରନ୍ତି।-

କେଉଁ ଭୂମି ଲୋକଶାସନ ବାହାରେ ? :

ସେଇ ଭୂମିଗୁଡ଼ିକ ହେଉଛି, (୧) ଜୟପୁର, (୨) ଗଞ୍ଜାମ ମାଳ, (୩) କନ୍ଧମାଳ, (୪) ଅନୁଗୁଳ, (୫) ସମ୍ବଲପୁର। ଆଉ ଓଡ଼ିଶା ହୋଇ ରହିଲା, କେବଳ ଉପକୂଳରେ ଖଣ୍ଡେ ଧୋଇଆ ମରୁଡ଼ିଆ ଜମି ଅର୍ଥାତ୍ ପୁରୀ, କଟକ, ବାଲେଶ୍ୱର ଓ ଗଞ୍ଜାମ କୂଳରୁ ଚେନେ।

ଗଞ୍ଜାମ ମାଳ -

ଗଞ୍ଜାମ ମାଳ, କନ୍ଧମାଳ ଓ ଜୟପୁର କଥା ଛାଡ଼ିଦିଅ। ଜୟପୁର ବହୁକଷ୍ଟରେ ମିଳିଛି। କନ୍ଧମାଳ ପୁଣି ବୌଦର, ହେବ କି ଇଂରେଜଙ୍କର ହେବ, ସନ୍ଦେହ ପ୍ରକାଶ ପାଇଥିଲା। ଓଡ଼ିଆମାନେ ସେ ଦୁଇଟି ବିଷୟରେ ଆଲୋଚନା କରିବାକୁ କାଳ ପାଇ ନାହାନ୍ତି। ଏ ଦୁହିଙ୍କ ମଝିରେ ଗଞ୍ଜାମ ମାଳ। ଗଞ୍ଜାମ ମାଳ ସମ୍ବନ୍ଧରେ ମାନ୍ଦ୍ରାଜ ସରକାର କହିଛନ୍ତି -

"It contains a considerable proportion of population that is neither primitive nor specially backward, as it is closely connected with the adjoining 'plains areas', in which some of its markets lie"-(White Paper on Excluded Areas.)

ଅର୍ଥାତ୍, "ଏଇଁ ଭୂମିରେ ଲୋକସଂଖ୍ୟାର ଅନେକେ ଆଦିମ ବା ଏପରି କିଛି ଅନୁନ୍ନତ ନୁହନ୍ତି; କାରଣ, ଏଇ ଭୂମି ଉପକୂଳର ସମତଳ ଭୂମିକୁ ଠିକ୍ ଲାଗିଛି ଓ ସମତଳ ଭୂମିରେ ଏଇ ଭୂମିର କିଣା ବିକା ପ୍ରଭୃତି ସବୁ କାରବାର।"

Digitized by PPRACHIN, SOA

ଏଇ ଭୂମିରେ କନ୍ଧମାନେ ଆଦିମ ଓ ଅନୁନ୍ନତ। ଏହାର ଗୋଟିଏ ଅଂଶରେ ଥିବା କନ୍ଧମାନଙ୍କ ସମ୍ବନ୍ଧରେ କୁହାଯାଇଚି -

"The Konds there, are generally more advanced than those in the Agency, and are on the whole able to hold their own,"

(Ibid. Enclosures-P.16)

ଅର୍ଥାତ୍ ଏଇ ଭୂମିଖଣ୍ଡର କନ୍ଧମାନେ ସାଧାରଣତଃ ମାଳ କନ୍ଧଙ୍କ ଠାରୁ ଉନ୍ନତ ଓ ମୋଟା-ମୋଟି ନିଜର ସ୍ୱତ୍ୱାଦି ସଂରକ୍ଷଣ କରିବା ବିଷୟରେ ସମର୍ଥ। ଘୁମୁସର କନ୍ଧଙ୍କ ସମ୍ବନ୍ଧରେ ଏହା କୁହାଯାଇଛି। ଏଇ ଭୂମିଖଣ୍ଡ ମାଳକୁ ଲାଗିଚି। ଆଗରୁ ମାଳ ଅନ୍ତର୍ଗତ କରିଥିଲେ ମଧ୍ୟ ହୋଇପାରିଥାନ୍ତା, ଭାଗ୍ୟକୁ ଏ ଖଣ୍ଡ ମାଳ ଶାସନରେ ନ ଥିବାରୁ ଓଡ଼ିଆ ଲୋକଙ୍କ ସଂସ୍ରବ ଓ ସହଯୋଗରେ ଏମାନେ ଏ ଅବସ୍ଥାକୁ ଉଠି ପାରିଛନ୍ତି। ଲୋକ ଶାସନ ତଥା ଲୋକ ସଂସ୍ରବ ବାହାରେ ଥିଲେ ଏମାନଙ୍କର ନିଶ୍ଚୟ ଏ ଅବସ୍ଥା ହୋଇ ନ ଥାନ୍ତା। ପୁଣି ମାଳର କନ୍ଧମାନେ ଏଇ କନ୍ଧମାନଙ୍କର ସ୍ୱଜାତି ଓ ନାନା ଭାବରେ ବିବାହାଦି ସୂତ୍ରରେ ଏଇ କନ୍ଧମାନଙ୍କ ସଙ୍ଗେ ଆବଦ୍ଧ ରହିଛନ୍ତି। ଏଇଭଳି କନ୍ଧମାନେ ସମସ୍ତ ମାଳ ତଥା ଅନ୍ୟାନ୍ୟ ସଂଲଗ୍ନ ଅଞ୍ଚଳର ଅନୁନ୍ନତ ଜାତିଙ୍କ ସ୍ୱାର୍ଥପାଇଁ ଲଢ଼ି ପାରନ୍ତେ, ଏଥିରେ ସନ୍ଦେହ ନାହିଁ।

ହରିଜନଙ୍କୁ ଅନୁନ୍ନତରେ ମିଶାଇ ଗଢ଼ାଯାଇଛି :

ଏଠାରେ ପୁଣି ଯୁକ୍ତି ଯୋଗାଡ଼ କରିବା ପାଇଁ ଜିଲ୍ଲା ସାହେବ କେତେକ ହରିଜନଙ୍କୁ ମିଶାଇ ଅନୁନ୍ନତ ଲୋକଙ୍କ ସଂଖ୍ୟା ଦେଖାଇଛନ୍ତି। ସେ ଲେଖିଛନ୍ତି -

"The Ganjam Agency contains... a large percentage of semiaborigines - mainly Panos - a supressed class tribe."

ଅର୍ଥାତ୍ ଗଞ୍ଜାମ ମାଳରେ ବହୁତ ଅର୍ଦ୍ଧ ଅନୁନ୍ନତ ହରିଜନ - ଯଥା, ପାଣ ଅଛନ୍ତି। ହରିଜନ ଥିବାଟା କ'ଣ ଏ କ୍ଷେତ୍ରରେ କାରଣ ?

ବିଶାଖାପାଟଣା ମାଳ :

ଗଞ୍ଜାମ ମାଳ ଓ କନ୍ଧମାଳ ମିଶି ପ୍ରାୟ ୪୦୦୦ ବର୍ଗ ମାଇଲ। ଏକା ବିଶାଖାପାଟଣା ମାଳ (Agency) ପ୍ରାୟ ୧୧୦୦୦ ବର୍ଗ ମାଇଲ୍। ସମ୍ବଲପୁର ଅନୁଗୁଳ ଛାଡ଼ିଦେଲେ ବାକୀ ଓଡ଼ିଶାରେ ଯେଉଁ ଲୋକଶାସନ ବାହାରେ ରହିବା ଭୂମି ରହିଲା, ଏକା ବିଶାଖାପାଟଣା ମାଳ ତା'ର ବାରଅଣା। ସେଇ ବିଶାଖାପାଟଣା ମାଳ ସମ୍ବନ୍ଧରେ ମାନ୍ଦ୍ରାଜ ସରକାର କହିଛନ୍ତି -

"On the whole the Vizagapatam Agency is less backward than Ganjam Agency, and the population more assimilated to the ordinary 'plains' population"- (Ibid. Enclosures P-6)

Digitized by PPRACHIN, SOA

ଅର୍ଥାତ୍ ମୋଟ ଉପରେ ବିଶାଖାପାଟଣା ମାଳ ଗଞ୍ଜାମ ମାଳଠାରୁ କମ୍ ଅନୁନ୍ନତ। ଏଠାର ଲୋକେ ଉନ୍ନତ ଉପକୂଳ ଭୂମି ଲୋକଙ୍କ ସଙ୍ଗେ ବେଶୀ ସମାନ ହୋଇଯାଇଛନ୍ତି।

କନ୍ଧମାଳ :

ଏଇ ମାଳକୁ ଲାଗିଛି କନ୍ଧମାଳ। ଏହା ୮୦ ବରଷ ହେଲା ସରକାରୀ କର୍ମଚାରୀଙ୍କ ହସ୍ତମୁଦୀ ମାହାଲ। ଗଞ୍ଜାମ ଓ ବିଶାଖାପାଟଣା ମାଳ ଲୋକଙ୍କର ପ୍ରଦେଶର ଅନ୍ୟ ଲୋକଙ୍କ ସଙ୍ଗେ ମିଶିବାର ଅନେକ ସୁବିଧା ଥିଲା। ସେଠାରେ ଓକିଲ ଓକିଲାତି କରନ୍ତି; ଏପରିକି ଆଜିଯାଏ ସେମାନେ ଭୋଟ ଦେବାର ଅଧିକାର ବ୍ୟବହାର କରିବାର ସୁବିଧା ପାଉଥିଲେ। ସେ ଭୂମିରେ ଅନୁନ୍ନତ ବୋଲି କାହାରିକୁ ଭୋଟ ଦେବା ଅଧିକାରରୁ ବଞ୍ଚିତ କରିବାର କଳ୍ପନା ପର୍ଯ୍ୟନ୍ତ ମାନ୍ଦ୍ରାଜ ସରକାର କରି ନ ଥିଲେ। କିନ୍ତୁ କନ୍ଧମାଳ ତଥା ଅନୁଗୁଳରେ ଲୋକେ ଦୀର୍ଘ ଇଂରେଜ ଶାସନରେ ବଡ଼ ଠାରୁ ସାନ (ଚଉକିଆ ଯାଏ) ସରକାରୀ କର୍ମଚାରୀଙ୍କ ଯଥେଚ୍ଛାଚାର ଛଡ଼ା ଆଉ କିଛି ଜାଣି ନାହାନ୍ତି, କିମ୍ୱା ଆଉ କାହାରି ସଙ୍ଗେ ମିଶିବାର ସୁବିଧା ପାଇ ନାହାନ୍ତି।

ଏ ଭୂମିରେ ଓକିଲ ପଶିବାକୁ ମନା। ସଭାସମିତି, ବକ୍ତୃତା କ'ଣ, ଏମାନେ ଜାଣନ୍ତି ନାହିଁ। ଖାଲି ଜାଣନ୍ତି, ହାକିମ ହୁକୁମରେ ବେଠି କରିବାକୁ ହୁଏ, ରସଦ୍ ଯୋଗାଇବାକୁ ହୁଏ ଓ ଆଉ ଯାହା ହାକିମଙ୍କ ଇଚ୍ଛା ତା' କରିବାକୁ ହୁଏ। ଏଥିରେ ସରକାର ଯଦି ତାଙ୍କୁ ଅନୁନ୍ନତ କରନ୍ତି, ତେବେ ଏଥିର ପ୍ରତିକାର ହେଉଛି, ତାଙ୍କୁ ଲୋକସମ୍ପର୍କରେ ଆଣିବା, ପୁଣି ହସ୍ତମୁଦୀ କରି ରଖିବା ନୁହେଁ। ହେଲେ ହେଁ ଏ ସମସ୍ତ ୧୫୦୦୦ ବର୍ଗମାଇଲ୍‌ରେ କନ୍ଧମାଳ ମୋଟେ ୮୦୦ ବର୍ଗମାଇଲ୍- ଷୋଳପଣରୁ ପଣକୁ ଊଣା। ଏଇ ଖଣ୍ଡକ ପାଇଁ ଅବଶ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା ଦରକାର ହୁଅନ୍ତା ନାହିଁ। ତାହାହିଁ ସରକାରଙ୍କର ପ୍ରଥମ ପ୍ରସ୍ତାବ ଥିଲା। ତାହା କୁହା ଯାଉଚି।

ସମ୍ବଲପୁର ଓ ଅନୁଗୁଳ :

ତା'ପରେ ଅନୁଗୁଳ ଓ ସମ୍ବଲପୁର। ଏ ଦୁଇଟିକୁ ଏପରି ଅନୁନ୍ନତ କରି ରଖିବାର କୌଣସି କାରଣ ସରକାରଙ୍କର ମଧ୍ୟ ନାହିଁ। ପ୍ରଥମେ ସରକାରଙ୍କ ଇଚ୍ଛା ଥିଲା, ଅଳ୍ପ କେତେକ ଅନୁନ୍ନତ ଭୂମି ପାଇଁ କିଛି ସ୍ୱତନ୍ତ୍ର ବ୍ୟବସ୍ଥା କରିବେ। ହଠାତ୍ ୧୦.୫.୧୯୩୫ରେ କ୍ୟାଡ଼ୋଗନ୍ ସାହେବ ପାର୍ଲିଆମେଣ୍ଟରେ ଏହି ଅନୁନ୍ନତ ଓ ବାହାରେ ରହିବା ଭୂମିକୁ ଖୁବ୍ ବେଶୀ ବଢ଼ାଇବା ପାଇଁ ପାର୍ଲିଆମେଣ୍ଟରେ ପ୍ରସ୍ତାବ କଲେ। ସଙ୍ଗେ ସଙ୍ଗେ ଭାରତ ମନ୍ତ୍ରୀଙ୍କୁ ସେଇ ବୁଦ୍ଧି ଦେଖାଗଲା। ଭାରତ ସରକାର ଏହା ପୂର୍ବରୁ ଏ ସମ୍ପର୍କରେ ରିପୋର୍ଟ ଦେଇ ସାରିଥିଲେ। ଏବେ ଭାରତ ମନ୍ତ୍ରୀ ପୁଣି ଆଦେଶ କଲେ - ବିଶେଷ ରକ୍ଷିତ ଭୂମି ସବୁ ବଢ଼ାଇ ଦିଅ। ଭାରତ ସରକାରଙ୍କ ତଳଲିଖିତ ଲେଖା ୨୪.୧୨.୧୯୩୫ରୁ ଏହା ସ୍ପଷ୍ଟ ହେଉଛି -

Digitized by PPRACHIN, SOA

"It is true, as indeed it is obvious, that there has been no uniformity, province by province, in the notification hitherto of backward tracts, under the provisions of Sec 52 A of the present Act. We read the instructions communicated to us in your letter as indicating your wish that, so far as, local circumstances may permit, the selection of excluded and partially excluded areas throughout British India should now be subjected to a general uniformity of treatment with the possible consequence of a considerable increase in specially protected areas."

(Ibid. Despatch P. 1 & 2.)

ଅର୍ଥାତ୍, ସତ କଥା, ସ୍ପଷ୍ଟ ବି ଜଣାପଡୁଛି, ଏବର ଭାରତ ଶାସନ ଆଇନ୍‌ରେ ଯେଉଁସବୁ ଅନୁନ୍ନତ ଭୂମି ଚିହ୍ନାଇ ଦିଆଯାଇଛି, ସେ ସବୁର ବିଚାରରେ କିଛି ସମତା ନାହିଁ। ଏଇ ସମ୍ପର୍କରେ ଆପଣଙ୍କ ଉପଦେଶ ପଢ଼ିଲୁ। ଆପଣ ଇଚ୍ଛା ପ୍ରକାଶ କରିଛନ୍ତି ଯେ ଏହିସବୁ ଅନୁନ୍ନତ ଭୂମି ସାରା ଭାରତଯାକ କିପରି ସମାନ ବିଚାରରେ ଠିକ୍ କରାଯିବ। ତାହା କରିବାକୁ ହେବ। ପୁଣି ଆପଣଙ୍କ ଇଚ୍ଛା ଯେ ସେପରି କଲେ ଏହି ରକ୍ଷିତ ଭୂମି ହୁଏତ ବହୁତ ବଢ଼ିଯିବ।

ଏଥିରୁ ସ୍ପଷ୍ଟ ଜଣାଯାଉଚି, ପୂର୍ବରୁ ହୁଏ ତ କେତେକ ଅନୁନ୍ନତ ବୋଲି ଚିହ୍ନିତ ନ ଥିବା ଭୂମିକୁ ଏବେ ଅନୁନ୍ନତ କରାଯିବ। ସେଥିରେ ପୁଣି ସମ୍ବଲପୁର, ଅନୁଗୁଳ କଥାରେ ଅନ୍ୟପ୍ରକାର ବିଚାର ହେବାରେ କି ସମ୍ଭାବନା ବା ଥିଲା ? କୌଣସି କାରଣରୁ ଶାସନ ଇତିହାସରେ ଏଇ ଦୁଇ ଭୂମି ନାମରେ ଟିକିଏ ଅନୁନ୍ନତ ବୋଲି ଅଙ୍କ ଲାଗିଯାଇଥିଲା, ବିଶେଷତଃ ଅନୁଗୁଳ ତ ଇଂରେଜ ଶାସନରେ ହସ୍ତମୁଦି ମାହାଲ ହୋଇଥିଲା। ସେଠାର ଲୋକଙ୍କୁ ରସଦ ପ୍ରଭୃତି ଯୋଗାଇବା, ପୁଣି ଛୋଟ ବଡ଼ କର୍ମଚାରୀଙ୍କର ଅନ୍ୟାନ୍ୟ ଅସଂଗତ ହୁକୁମ ତାଲିମ କରିବାରେ ପଶୁ ପରି ବ୍ୟବହାର କରାଯାଇ ଆସୁଥିଲା।

ଅନୁଗୁଳ :

ତଥାପି ସମ୍ବଲପୁର ଓ ଅନୁଗୁଳ ସମ୍ବନ୍ଧରେ ଭାରତ ସରକାର ଶେଷ ଯେଉଁ ରିପୋର୍ଟ କରିଛନ୍ତି, ସେଥିରୁ କେତେକ କଥା ନିମ୍ନରେ ଦିଆଯାଉଛି –

"The Sadar Sub-division (Anugul) under direct Govt. Management is stated now to be so advanced that it should be possible within a few years to place it on a level with the normal districts."

(Ibid. Des-P.12)

ଅର୍ଥାତ୍, ଅନୁଗୁଳ ଏତେ ଉନ୍ନତ ହୋଇଛି ଯେ ଅତି ଅଳ୍ପ କେତେକ ବର୍ଷରେ ତାହାକୁ ଅନ୍ୟ ଜିଲ୍ଲାମାନଙ୍କ ସଙ୍ଗେ ସମାନ ଲୋକଶାସନ ଦିଆଯାଇପାରେ।

ଅନୁଗୁଳର ଜିଲ୍ଲା ହାକିମ ଓ ଓଡ଼ିଶା କମିଶନରଙ୍କ ରିପୋର୍ଟରେ ଅଛି –

Digitized by PPRACHIN, SOA

"It will be recognised that in many respects Anugul is ahead of, and not behind, "regulation districts", in which we are attempting to revive the community system and by legal enactments (e.g. the Village Administration Act.) propaganda and organisation of rural welfare, to secure what Angul already possesses."

ଅର୍ଥାତ୍, ଏହା ସ୍ୱୀକାର କରିବାକୁ ହେବ ଯେ ବହୁ ବିଷୟରେ ଅନୁଗୁଳ ସାଧାରଣ ଶାସନରେ ଥିବା ଜିଲ୍ଲାମାନଙ୍କଠାରୁ ଆଗରେ ଅଛି । ଏହି ସାଧାରଣ ଶାସନରେ ଥିବା ଜିଲ୍ଲାମାନଙ୍କରେ ଗ୍ରାମପଞ୍ଚାୟତ ପ୍ରଥା ଆଇନ୍ ପ୍ରଚାରାଦି କରି ପୁନରୁଦ୍ଧାର କରାଯାଉଛି । କିନ୍ତୁ ଅନୁଗୁଳରେ ଏହା ଆଗରୁ ଚଳୁଛି ।

ଅନୁଗୁଳର ଲୋକ ସଂଖ୍ୟା

ଅନୁଗୁଳର ଲୋକସଂଖ୍ୟାରେ ମଧ୍ୟ ଅନୁନ୍ନତ ଶ୍ରେଣୀଙ୍କ ସଂଖ୍ୟା ସରକାର ଏହି ସମ୍ପର୍କରେ ଦେଇଥିବା ହିସାବରେ ପୁରୀ, କଟକ, ବାଲେଶ୍ୱର, ଗୟା ପ୍ରଭୃତିର କୌଣସି କୌଣସି ସବ୍‌ଡିଭିଜନ ବା ଥାନାଠାରୁ ବେଶୀ ନୁହେଁ, ବରଂ ଊଣା । ସରକାର ଦେଇଥିବା ହିସାବରେ ଅନୁଗୁଳରେ ଏମାନଙ୍କ ସଂଖ୍ୟା ଶତକଡ଼ା ୧୭ ୧/୨, ଗୟା ସଦର ସବ୍‌ଡିଭିଜନରେ ୧୬, କଟକ ଯାଜପୁରରେ ୧୭, ପୁରୀ ସଦର ୧୧ ୧/୨, ଗୟାର ବଡ଼ ଛତି ଥାନାରେ ୨୫ ୧/୨, ସେରଘାଟିରେ ୨୪, କଟକ ଧର୍ମଶାଳା ଥାନାରେ ୨୨, ପୁରୀର ପିପିଲି ଥାନାରେ ୧୪ ୧/୨ । ଅନୁଗୁଳର କୌଣସି ଥାନାରେ ଏପରି ବେଶୀ ନୁହେଁ ।

ହରିଜନ ଆଦିମ ନିବାସୀ ନୁହନ୍ତି

ତେବେ ଅନୁଗୁଳ ପରି ସ୍ୱଭାବତଃ ଉନ୍ନତ ଭୂମିକୁ ଏବେ ଲୋକଶାସନ ବାହାରେ ରଖିବାକୁ ହେବ ବୋଲି ବିହାର ସରକାର ବାଉରି, ଭୋଗତା, ଘାସି, କିଷାନ୍, କୋଲି, ମାଳି, ପାଣ ପ୍ରଭୃତି ହରିଜନ ଜାତିମାନଙ୍କୁ ଅଧା ଅନୁନ୍ନତ ଜାତି ବୋଲି ଦରକାର ବେଳେ ଅନୁନ୍ନତଜାତି ଭିତରେ ଗଣି ଶତକଡ଼ା ହିସାବ ଦେଖାଇ ଦେଇଛନ୍ତି । ଗଞ୍ଜାମ ମାଳ ସମ୍ବନ୍ଧରେ କୁହାଯାଇଛି, ସେଠାରେ ମଧ୍ୟ ହରିଜନ ପାଣ ଜାତିକୁ ଅନୁନ୍ନତ ଜାତିରେ ଗଣି ହିସାବ ଦେଖାହୋଇଛି । ହରିଜନମାନେ ଭାରତ ଶାସନ ଆଇନ୍‌ରେ କଦାପି ଅନୁନ୍ନତ ନୁହନ୍ତି । ସେମାନଙ୍କର ନିର୍ବାଚନ ବ୍ୟବସ୍ଥା ଆଇନ୍‌ର ଗୋଟିଏ ମୁଖ୍ୟ ଅଙ୍ଗ । ମାତ୍ର ଇଂରାଜୀରେ କଥା ଅଛି, 'Give the dog a bad name and hang it'. କୁକୁରକୁ ମାରିବା ଦରକାର ହେଲେ ତା ନାଁ ଦିଆ ହୁଏ କାମୁଡ଼ା । ଅନୁଗୁଳରେ ଅନ୍ୟାନ୍ୟ ହରିଜନଙ୍କର ହିସାବ ଅନୁନ୍ନତ ଶ୍ରେଣୀରେ ଚିହ୍ନାଇ ଦିଆଯାଇ ନାହିଁ । ମାତ୍ର କେବଳ ପାଣଙ୍କ ସଂଖ୍ୟା ଦେଖାଯାଉ । ଅନୁଗୁଳ ଥାନାରେ ୯୦୯୩ ଅନୁନ୍ନତ ଗଣତିରୁ ୭୪୪୮ ଜଣ ପାଣ । ବନ୍ତଲା ଥାନାରେ ୩୭୮୮ ରୁ ୨୫୬୪, ଜାରପଡ଼ା ଥାନାରେ ୩୦୮୪ ରୁ ୨୦୪୧ । ଏଇପରି ଗଣତି କରି ଅନୁନ୍ନତଙ୍କ ସଂଖ୍ୟା ଶତକଡ଼ା ୧୭.୬୮ କରାଯାଇଛି ।

(Vide Ibid. Enclosures-P. 142)

Digitized by PPRACHIN, SOA

ବେସରକାରୀ ମତ :

୧୮୩୨ ସାଲ ସେପ୍ଟେମ୍ବରରେ କେତେକ ଅନୁଗୁଳବାସୀ ବହୁ କଷ୍ଟରେ ଥରେ ଏକାଠି ହୋଇ ଜଏଣ୍ଟ ପାର୍ଲିଆମେଣ୍ଟାରୀ କମିଟିକୁ ଦେବାପାଇଁ ଗୋଟିଏ ଆବେଦନ ତିଆରି କରିଥିଲେ। ସେଥିରେ ସେମାନେ ୧୯୩୧ର ସେନ୍‌ସସ୍ ସଂଖ୍ୟାରୁ ସଂଗ୍ରହ କରି ଗୋଟିଏ ନିରୁତା ହିସାବ ଦେଇଥିଲେ। ସେଥିରେ ଅନୁଗୁଳ ଲୋକସଂଖ୍ୟା ୧୪୦୪୫୮। ସେଥିରୁ ଉତ୍ତମ ଜାତି ବର୍ଣ୍ଣର ହିନ୍ଦୁ, ୧୦୪୫୧୪, ହରିଜନ ୩୬୨୪୯, ମୁସଲମାନ ୨୬୫, ଖ୍ରୀଷ୍ଟିଆନ୍ ୨୨୧ ଓ ସରକାର କଥିତ ଅନୁନ୍ନତ tribal konds ୨୦୯। ଏଥିରୁ ଦେଖାଯାଏ, ସରକାରୀ ହିସାବରେ ଯେଉଁମାନଙ୍କୁ ଯଥାର୍ଥ ଅନୁନ୍ନତ ଜାତି ବୋଲି ଧରିବାକୁ ହେବ, ସେମାନଙ୍କ ସଂଖ୍ୟା ଅନୁଗୁଳରେ ୭୦୦ରେ ଜଣେ।

ସମ୍ବଲପୁର :

ସମ୍ବଲପୁର ସମ୍ବନ୍ଧରେ ସେଇ ସମ୍ପର୍କରେ ବିହାର ଗଭର୍ଣ୍ଣମେଣ୍ଟ ରିପୋର୍ଟ କରିଛନ୍ତି-

"In the Sambalpur District the problem is somewhat analogous to that in the Angul Subdivision. Here, although the aboriginal element is stronger, amounting 32% the district cannot really be described as backward. Looking to the general level of the population, there would be little objection to removing protection, but the local Govt. consider that this should not be done immediately."

ଅର୍ଥାତ୍ ସମ୍ବଲପୁରର ସମସ୍ୟା ଅନୁଗୁଳର ସମସ୍ୟା ସଙ୍ଗେ ସମାନ। ଏଠାରେ ଆଦିମ (aboriginal) ଲୋକସଂଖ୍ୟା, ଅନୁଗୁଳଠାରୁ ବେଶୀ। ହେଲେହେଁ ଏ ଲୋକଙ୍କୁ ପଶ୍ଚାତ୍‌ପଦ ବା ଅନୁନ୍ନତ କୁହାଯାଇ ନପାରେ। ଲୋକଙ୍କ ଅବସ୍ଥା ଦୃଷ୍ଟିରେ ଏଠାରୁ ଲାଟଙ୍କ ରକ୍ଷାକବଚ ଉଠାଇଦେବାରେ କୌଣସି ଆପତ୍ତିର କାରଣ ନ ଥିଲେ ମଧ୍ୟ ବିହାର ଓଡ଼ିଶା ସରକାରଙ୍କ ମତ ଯେ ଏଡ଼େ ବେଗାବେଗି ସେ ରକ୍ଷାକବଚ ଉଠାଇଦେବା ଠିକ୍ ନୁହେଁ। ଆମର ଆଉ ବେଶୀ କହିବା ନିଷ୍ପ୍ରୟୋଜନ। (ଅନୁଗୁଳ ସବ୍‌ଡିଭିଜନ କହିଲେ ଅନୁଗୁଳ ବୁଝିବାକୁ ହେବ। କାରଣ ଯେଉଁ ଅନୁଗୁଳ ଜିଲ୍ଲା ଥିଲା, ଅନୁଗୁଳ ତାହାର ସଦର ସବ୍‌ଡିଭିଜନ୍ ଓ କନ୍ଧମାଳ ଅନ୍ୟ ସବ୍‌ଡିଭିଜନ୍ ଥିଲା।) ଏହି ଅନୁଗୁଳ ସମ୍ବଲପୁରକୁ ଲୋକଶାସନ ବାହାରେ ରଖିବାର ପ୍ରଧାନ କାରଣ ହେଉଛି, ସେମାନଙ୍କର ସ୍ୱତନ୍ତ୍ର ଆଇନ୍ ଓ ସ୍ୱତନ୍ତ୍ର ଗ୍ରାମ ଶାସନ ପଦ୍ଧତି। ସରକାରଙ୍କର ଏ ଯୁକ୍ତି ବିଶ୍ଳେଷଣ କରିବାରେ କିଛି ଲାଭ ନାହିଁ। ଗ୍ରାମବାସୀମାନଙ୍କୁ ସରବରାକାରମାନଙ୍କ ଅଧୀନରେ ରଖି ସେସବୁ ରାଜ୍ୟରେ ବଡ଼ ସାନ ସବୁ ସରକାରୀ କର୍ମଚାରୀଙ୍କର କିପରି ବେଠି ରସଦ ଓ ଅନ୍ୟାନ୍ୟ ଆଦିମ ସ୍ୱେଚ୍ଛାଚାର ରାଜତ୍ୱରେ ସୁବିଧା ହେଉଛି, ତାହା ଆଲୋଚନା କରିବାର ଅବକାଶ ଏଠାରେ ନାହିଁ। ଆମ୍ଭମାନଙ୍କ ମତରେ ସେଇସବୁ ପାଶବିକ ଆଧିପତ୍ୟ କ୍ରିୟାର ସୁବିଧା ଲୋଡ଼ିବା ଛଡ଼ା

Digitized by PPRACHIN, SOA

ଏସବୁ ଭୂମିକୁ ଅନୁନ୍ନତ ବୋଲି କହି ଲୋକ ଶାସନର ବାହାରେ ରଖିବାର ଅନ୍ୟ କୌଣସି ଯୁକ୍ତିଯୁକ୍ତ କାରଣ ନାହିଁ।

ସମ୍ବଲପୁର ଡେପୁଟି କମିଶନର ତଥା ଓଡ଼ିଶାର କମିଶନର ପୁଣି ନିଜ ରିପୋର୍ଟରେ କହିଛନ୍ତି –

"There is no doubt that the more educated classes of Sambalpur resent - and not unnaturally resent, the stigma of being claused as 'backward'... Even an aboriginal may resent being regarded as an inferior being; and indeed, not a few aboriginal tribes (the Santals specially) claim superiority to their non-aboriginal neighbours. 'Partial Exclusion' should not carry that stigma and the reasons for it should be carefully explained".

(Ibid Enclosures P. -121)

ଅର୍ଥାତ୍ ଏହା ନିଃସନ୍ଦେହ ଯେ, ସମ୍ବଲପୁରର ଶିକ୍ଷିତ ଶ୍ରେଣୀମାନେ ଅନୁନ୍ନତ ବୋଲି କୁହାହେବାରେ ବଡ଼ ବିରକ୍ତ। ଏପରି ହେବା ସ୍ୱାଭାବିକ। ...ଆଦିମ ନିବାସୀମାନେ ମଧ୍ୟ ଅନୁନ୍ନତ ବୋଲି ଧରାଗଲେ ଏପରି ବିରକ୍ତ ହୋଇପାରନ୍ତି। ବାସ୍ତବିକ ସାନ୍ତାଳ ପ୍ରଭୃତି କେତେକ ଆଦିମ ଜାତି ମଧ୍ୟ ଅନାଦିମ ପ୍ରତିବେଶୀଙ୍କ ଠାରୁ ବଡ଼ ବୋଲି ଦାବି କରନ୍ତି। ତେବେ ଅନୁନ୍ନତ ନ କହି 'ସାଧାରଣ ଲୋକଶାସନରୁ କେତେକ ବାହାରେ' ବୋଲି କହିଲେ ଏ କଳଙ୍କ ପ୍ରକାଶ ପଡ଼ିବ ନାହିଁ। ଏହା ମଧ୍ୟ ଲୋକଙ୍କୁ ଭଲ କରି ବୁଝାଇ ଦେବାକୁ ହେବ।

ଲୋକଶାସନରୁ ବାହାରକୁ ଫିଙ୍ଗି ଦେବାରେ କୌଣସି କଳଙ୍କ ବା ବିରକ୍ତିର କାରଣ ନାହିଁ- ଏହା ସରକାର କର୍ମଚାରୀ ଲଗାଇ ବୁଝାଇ ପାରନ୍ତି। ଏ ଖାଲି ନିମ୍ବକୁ କୁଷ୍ଠଘ୍ନ ବୋଲି କହି ଲୋକଙ୍କୁ ବୁଝାଇବା କଥା ସିନା! ନାମ ବଦଳାଇ ଦେଲେ ତିକ୍ତତ୍ୱ କମିଯିବ ନାହିଁ ତେବେ ସରକାରଙ୍କର ଶାସନ ଆଇନ୍‌ରେ ଏହି ନାମ ରୂପର ପ୍ରହେଳିକା ଛଡ଼ା ଆଉ କ'ଣ ବା ଅଛି ? ଓଡ଼ିଶା ପ୍ରତି ଏ ଦୁର୍ବ୍ୟବହାର ଯେ ସୀମା ଲଂଘନ କରିଛି, ତାହାହିଁ ଏଠାରେ କହିବାର ଅଭିପ୍ରାୟ। ସମ୍ବଲପୁର ଓ ଅନୁଗୁଳକୁ ଶାସନ ବାହାରେ ରଖିବାର କୌଣସି କାରଣ ନାହିଁ। ସରକାର ମଧ୍ୟ ଏତେ ଯୁକ୍ତି ଗୋଟାଇ କୌଣସି ବୋଧଗମ୍ୟ କାରଣ ଦେଖାଇ ପାରି ନାହାନ୍ତି।

ଓଡ଼ିଶାରେ କୌଣସି ଭୂମି ଲୋକଶାସନ ବାହାରେ ରଖିବାର କଳ୍ପନା ନଥିଲା :

ଖାଲି ସମ୍ବଲପୁର ଅନୁଗୁଳ କାହିଁକି, ମେ' ମାସରେ ପାର୍ଲିଆମେଣ୍ଟ ମେମ୍ବର କାଡ଼ିଗନ୍ ସାହେବଙ୍କ ପ୍ରସ୍ତାବ ପୂର୍ବରୁ ଓଡ଼ିଶାର କୌଣସି ଭୂମିକୁ ଟିକିଏ ହେଲେ ଲୋକଶାସନ ବାହାରେ ରଖିବାର ପ୍ରସ୍ତାବ ନ ଥିଲା। ୧୯୩୫ ସାଲ ଜୁଲାଇ ମାସରେ ହ୍ୟାମଣ୍ଡ କମିଟି

Digitized by PPRACHIN, SOA

ନିର୍ବାଚନ ମଣ୍ଡଳୀ ସ୍ଥିର କରିବା ପାଇଁ ବସିଲା। ସରକାର ଏଣେ ଯେ ଲୋକ ଶାସନ ବାହାରେ ରଖିବା ଭୂମିର ପରିମାଣ ଭିତରେ ଭିତରେ ବଢ଼ାଉଥିଲେ, ତାହା ହ୍ୟାମଣ୍ଡ କମିଟିକୁ ଜଣା ନ ଥିଲା। ହ୍ୟାମଣ୍ଡ କମିଟି ରିପୋର୍ଟ ତ ଜାନୁଆରୀରେ ପ୍ରକାଶିତ ହେଲା ମାତ୍ର ସରକାରଙ୍କ ଲୋକଶାସନ ବାହାରେ ରଖିବା ଭୂମି ବଢ଼ାଇବାର ସିଦ୍ଧାନ୍ତ ସେତେବେଳଯାଏ ପକ୍କା ହୋଇ ନଥିଲା। ଭାରତ ସରକାର ୧୯୩୫ ଡିସେମ୍ବର ଶେଷ ସପ୍ତାହରେ ମାତ୍ର ଏ ବିଷୟରେ ରିପୋର୍ଟ ଦେଇଥିଲେ। ସେତେବେଳକୁ ହ୍ୟାମଣ୍ଡ କମିଟି ରିପୋର୍ଟର ଅଧିକାଂଶ ଛାପା ସରିଥିଲା। ହ୍ୟାମଣ୍ଡ କମିଟି ରିପୋର୍ଟରେ ପ୍ରଥମରୁ ପ୍ରଦେଶମାନଙ୍କ ଆୟତନ ଓ ଲୋକସଂଖ୍ୟାଦି ଘେନି ଯେଉଁ ତାଲିକାଟି ଅଛି ସେଥିରେ ଏବର ସମସ୍ତ ଓଡ଼ିଶା ପ୍ରଦେଶର ଆୟତନ ୩୨୬୮୧ ବର୍ଗ ମାଇଲ ଓ ଲୋକସଂଖ୍ୟା ୮୧୭୪୨୫୧ ଦିଆଯାଇଅଛି। ତାଲିକାର ସଭା ଉପରେ ଲେଖା ହୋଇଛି, "The figures of area shown against individual provinces do not take account of those areas expected to be classed as excluded and partially excluded areas" (India Delhi mitation Committee Report Vol-I, XIII)

ଅର୍ଥାତ୍, ଆୟତନ ପରିମାଣ ଦେଖାଇବା ପାଇଁ ପ୍ରଦେଶାନଙ୍କର ଯେଉଁ ବର୍ଗ ମାଇଲ ସଂଖ୍ୟା ଦିଆହୋଇଛି, ସେଥିରେ କୌଣସି କୌଣସି ପ୍ରଦେଶରେ ଯେଉଁସବୁ ଭୂମି ଆଂଶିକ ବା ପୂର୍ଣ୍ଣଭାବେ ଲୋକଶାସନ ବାହାରେ ରହିବା ସମ୍ଭବ, ସେସବୁ ଭୂମିର ଆୟତନ ଧରାଯାଇ ନାହିଁ। ତେବେ ଓଡ଼ିଶାର ୩୨୬୮୧ ବର୍ଗ ମାଇଲ୍ ମଧ୍ୟରେ କୌଣସି ଭୂମି ଆଂଶିକ ହେଲେ ମଧ୍ୟ ଲୋକଶାସନ ବାହାରେ ରହିବାର କଳ୍ପନା ସେତେବେଳେ ନ ଥିଲା। ଏବେ କିନ୍ତୁ ଏହି ୩୨ ହଜାର ବର୍ଗ ମାଇଲ ମଧ୍ୟରୁ ୨୦ ହଜାର ବର୍ଗ ମାଇଲ ଆଂଶିକଭାବେ ଲୋକଶାସନର ବାହାରେ ରଖାଯିବାର ବ୍ୟବସ୍ଥା ହୋଇଛି। ଅନ୍ୟ କୌଣସି ପ୍ରଦେଶର ଏତେ ବଡ଼ ଦୁର୍ଗତି ଘଟି ନାହିଁ।

ସେତିକି ନୁହେଁ। ସେହି ରିପୋର୍ଟରେ ଓଡ଼ିଶାର ନିର୍ବାଚନ ମଣ୍ଡଳୀ ପ୍ରସଙ୍ଗରେ ଯେଉଁ ତାଲିକା ଦିଆ ହୋଇଛି, ସେଥିରେ ମଧ୍ୟ ଆୟତନ ୩୨୬୮୧ ବର୍ଗ ମାଇଲ୍ ଲେଖାଯାଇ ସେଥିରେ ତାରା ଚିହ୍ନ ଦିଆ ହୋଇ ପାଦ ଟୀକାରେ ଲେଖା ଅଛି – "There is no excluded or parrtially excluded areas in Odisha." Report Vol.-I. P94." ଅର୍ଥାତ୍ ଓଡ଼ିଶାରେ ପୂର୍ଣ୍ଣ ବା ଆଂଶିକ ଲୋକଶାସନ ବାହାରେ ରହିବା ଭଳି ଭୂମି ନାହିଁ।

ଅନ୍ୟତ୍ର ଅଛି; "The district of Sambalpur ceases to be a partially excluded area."

ଅର୍ଥାତ୍, ସମ୍ବଲପୁର ଆଉ ଟିକିଏ ହେଲେ ଲୋକଶାସନ ବାହାରେ ରହିବ ନାହିଁ।

Digitized by PPRACHIN, SOA

ଏଇସବୁରୁ କେତେ, ପରେ ଗୋଟିଏ ହଳଦିଆ ଶୁଦ୍ଧିପତ୍ରରେ ସଂଶୋଧନ କରାହୋଇଛି। ମାତ୍ର ସେ ଶୁଦ୍ଧିପତ୍ରରେ ମଧ ଏଇଭଳି ମନ୍ତବ୍ୟଗୁଡ଼ିକ ସବୁ ସଂଶୋଧିତ ହୋଇ ପାରି ନାହିଁ।

ଖଡ଼ିଆଳ କଥା :

ଏହିଠାରେ ଏହି ପ୍ରସଙ୍ଗ ଶେଷରେ ଟିକିଏ ଖଡ଼ିଆଳ କଥା କହିଦେବା ଉଚିତ। ଓଡ଼ିଶାକୁ ଆସି ଅନେକ ଓଡ଼ିଆଙ୍କର କିପରି ଦୁର୍ଗତି ହୋଇଛି ଓ ଫଳରେ ସରକାର ଓଡ଼ିଆଙ୍କ ନିଜ ଭାଇଙ୍କ ସଙ୍ଗେ ମିଶି ଏକ ଶାସନରେ ରହିବା ବାସନାର କି ସୁବିଧା ଦେଇଛନ୍ତି, ଏହା ତାହାର ଗୋଟିଏ ଉଦାହରଣ। ମଧ୍ୟପ୍ରଦେଶ ସରକାର କହୁଛନ୍ତି -

"Khariar is the largest and the most importnt of these (three) Zamindaries. There is now a Ry. Station - Khariar Road - on the borders of the Zimindari, which is comparatively opened and developed. It is to be transfered to the NewProvince of Odisha, but the Governor in Council takes the oppportunity to record his opinion that it is not necessary to declare any of these three Zamindaries to be partialy excluded areas." (White Paper, Enclosures P.155)

ଅର୍ଥାତ୍ ଏଇ ତିନୋଟି ଜମିଦାରୀରେ ଖଡ଼ିଆଳ ସବୁଠାରୁ ବଡ଼। ଏବେ ଏଇ ଖଡ଼ିଆଳ ଜମିଦାରୀର ଏକ ପ୍ରାନ୍ତରେ ଖଡ଼ିଆଳ-ରୋଡ ବୋଲି ରେଳ ଷ୍ଟେସନ ହୋଇଛି। ଖଡ଼ିଆଳ ତୁଳନାରେ ଏ ତିନିଙ୍କ ଭିତରେ ଯାତାୟାତ, ବାଣିଜ୍ୟ, ସମୃଦ୍ଧି ପ୍ରଭୃତିରେ ଏବେ ଉନ୍ନତିଶୀଳ। ଏ ନୂଆ ଓଡ଼ିଶା ପ୍ରଦେଶକୁ ଯିବ। ତେବେ, ଶାସନ ସଭାର ପରାମର୍ଶରେ ଗଭର୍ଣ୍ଣର ଏଇ ଘଟଣାରେ ନିଜର ଏଇ ମତ ସ୍ପଷ୍ଟ କରିବାକୁ ଚାହାନ୍ତି ଯେ, ଏ ତିନୋଟି ଜମିଦାରୀ ମଧ୍ୟରୁ କୌଣସିଟିକୁ ଟିକିଏ ହେଲେ ଲୋକଶାସନର ବାହାରେ ରଖିବାର ଆବଶ୍ୟକତା ନାହିଁ। ତଥାପି ଖଡ଼ିଆଳ ଓଡ଼ିଶାକୁ ଆସି ସମ୍ବଲପୁର ସଙ୍ଗେ ଲୋକଶାସନ ବାହାରେ ଫିଙ୍ଗି ଦିଆ ହୋଇଛି। ମଧ୍ୟପ୍ରଦେଶ ସରକାରଙ୍କ ଉପରର ମତ ଉଦ୍ଧାର କଲାପରେ ଏ ବିଷୟରେ ଆମର ଆଉ କିଛି କହିବାର ନାହିଁ।

ଓଡ଼ିଶାରେ ଲୋକଶାସନ :

ଏଇଥରର ଶାସନ ସଂସ୍କାରରେ ଓଡ଼ିଶା ନୂଆ ପ୍ରଦେଶ ହେଲା। ନୂଆ ଭାରତ ଶାସନ ଆଇନ୍‌ର ବସ୍ତୁତତ୍ତ୍ୱ ଯାହା ହେଉ, ସ୍ୱରର ଦୁଆ ଉଠିଛି ଯେ ଏଥିରେ ପ୍ରଦେଶକୁ ଲୋକଶାସନ ଦିଆ ହୋଇଛି। ଆଉ ସବୁ ଦିଗରୁ ଦେଖିଲେ ଏ ସ୍ୱରର ଅର୍ଥ ଯାହା ହେଉ, ଲୋକଙ୍କ ପାଇଁ ଯୋଡ଼ିଏ କଥା ଏଥିରେ ଅଛି। ସେଥିରେ ଯେତେ ସାମାନ୍ୟ ଉପକାର ହେଉ ପଛକେ ତାହା ଲୋକଙ୍କର ଅକାମ୍ୟ ନୁହେଁ। ସେଇ କଥା ଦିଓଟି ହେଉଛି- (୧)

Digitized by PPRACHIN, SOA

ବିସ୍ତୃତତର ଭୋଟ ଅଧିକାର ଓ (୨) କେବଳ ସେଇ ଭୋଟ ସଂଗ୍ରହରେ ହିଁ ପ୍ରାଦେଶିକ ତଳ ବ୍ୟବସ୍ଥା ସଭାର ଗଠନ।

୧) ଭୋଟ ଅଧିକାର -

ବିସ୍ତୃତତର ଭୋଟ ଅଧିକାର। ଏଥିରେ ଓଡ଼ିଶା ପ୍ରତି ଭୀଷଣ ଦୁର୍ବ୍ୟବହାର କରା ହୋଇଚି। ଓଡ଼ିଶା ସାଧାରଣତଃ ଦୁଇଟି ପ୍ରଦେଶରୁ ଗଢ଼ା ହୋଇଚି। ସେଥିରେ ମାନ୍ଦ୍ରାଜରୁ ଅଧିକରୁ ବେଶି। ମାନ୍ଦ୍ରାଜରେ ସ୍ତ୍ରୀ ପୁରୁଷ ମାତ୍ରେ ସାକ୍ଷର ହେଲେ ଶିକ୍ଷିତ ହିସାବରେ ଭୋଟ ଅଧିକାର ପାଇବେ। ମାତ୍ର ଓଡ଼ିଶାରେ ମାଟ୍ରିକୁଲେଶନ ପାଶ ନ କଲେ କେହି ଶିକ୍ଷିତ ଥିବା ହିସାବରେ ଭୋଟ ଅଧିକାର ପାଇବେ ନାହିଁ। ପୁଣି ବିହାର ଓଡ଼ିଶାରେ ବର୍ଷକୁ ଛଅଅଣା ଚୌକିଦାରୀ ଟିକସ ଥିବା ଲୋକ ଭୋଟ ଅଧିକାର ପାଇବେ ବୋଲି ପ୍ରଥମେ ପ୍ରସ୍ତାବ ହୋଇଥିଲା। ପରେ ବିହାର ଭୂମିକମ୍ପ ହେତୁରୁ ନିର୍ବାଚନାଦି ଖର୍ଚ୍ଚ ଊଣା କରବା ପାଇଁ ଏହି ଛଅଣାକୁ ବାରଅଣା କରି ଦିଆ ହେଲା। ଓଡ଼ିଶା ମଧ୍ୟ ସେଇ ବାରଅଣାକୁ ଉଠିଲା। ପାଞ୍ଚବର୍ଷ ପରେ ଏଇ ବାରଅଣା ନଅଣା ହେବ, ଆଉ ଛଅଣାକୁ କେବେ ଫେରିବେ ନାହିଁ। ଭାରତର କୌଣସି କୌଣସି ଅଞ୍ଚଳରେ ଲୋକସଂଖ୍ୟାର ଶତକଡ଼ା ୧୪ ରୁ ବେଶୀ ଭୋଟର ହୋଇଛନ୍ତି। ବିହାରରେ ଶତକଡ଼ା ୯; ମାତ୍ର ଓଡ଼ିଶାରେ ଶତକଡ଼ା ୭ ଭୋଟ ଅଧିକାର ପାଇବେ। ଓଡ଼ିଶା କ'ଣ ସତେ ତୁଳନାରେ ଏଡ଼େ ଅସଭ୍ୟ ଓ ଅନୁନ୍ନତ। ଓଡ଼ିଶାରେ ତ ଭୂମିକମ୍ପ ହୋଇ ନଥିଲା। ତେବେ ଓଡ଼ିଶା ଅଲଗା ହୋଇ ମଧ୍ୟ ତାକୁ ବିହାର ଦୁର୍ଦ୍ଦଶାରେ ଭାଗୀ କରାହେଲା। ଏ ବିଚିତ୍ର ବ୍ୟବସ୍ଥା ଏଇ ଓଡ଼ିଶା ପାଇଁ ସମ୍ଭବ ହେଲା।

୨) ବ୍ୟବସ୍ଥା ସଭାର ଗଠନ -

ପୁଣି କେବଳ ସେଇ ଭୋଟ ସଂଗ୍ରହରେ ହିଁ ପ୍ରାଦେଶିକ ତଳ ବ୍ୟବସ୍ଥା ସଭାର ଗଠନ। ଓଡ଼ିଶା ଛଡ଼ା ଭାରତରେ ଅନ୍ୟ କୌଣସି ପ୍ରଦେଶରେ ଏ ନୀତିର ଅପଳାପ ହୋଇ ନାହିଁ। କିନ୍ତୁ କେବଳ ଓଡ଼ିଶାରେ ଅନୁନ୍ନତ ଜାତିର ଦ୍ୱାହି ଦେଇ ଗଭର୍ଣ୍ଣର ବ୍ୟବସ୍ଥା ସଭାରେ ୪ଟି ମେମ୍ବର ନିଜ ଇଚ୍ଛାରେ ଭର୍ତ୍ତି କରିଦେବେ। ଖାଲି ଯେ ଓଡ଼ିଶା ପାଇଁ ଏ ବ୍ୟବସ୍ଥାଟି ହେବାରେ ଓଡ଼ିଶାକୁ ବିଶେଷ ଓ ସ୍ପଷ୍ଟ ଭାବରେ ଲାଞ୍ଛିତ ଓ ଅପମାନିତ କରାହୋଇଛି ସେତିକି ନୁହେଁ, ଉପସ୍ଥିତ ଶାସନ ବ୍ୟବସ୍ଥାରେ ଏପରି କରିବାର ଟିକିଏ ହେଲେ ହେତୁ ନାହିଁ। ପୁଣି ଏହି ଘଟଣାଟିର ଇତିହାସ ଦେଖିଲେ ଓଡ଼ିଆ ଯେ ସରକାରରେ କିପରି ଅବହେଳିତ, ତାହା ଜଣାପଡ଼େ। ଅତଏବ ଏଇ ଦୁଇ ଦିଗରୁ ସେ ପ୍ରଶ୍ନଟି ଟିକିଏ ଦେଖାଯାଉ।

Digitized by PPRACHIN, SOA

ଲାଟସାହେବ କାହିଁକି ଚାରୋଟି ମେମ୍ବର ମନୋନୀତ କରିବେ ?

(କ) ଲାଟସାହେବ ଏପରି ମନୋନୀତ ମେମ୍ବର ଅନୁନ୍ନତ ଜାତିଙ୍କ ପାଇଁ ଭର୍ତ୍ତି କରିବେ କାହିଁକି ? ଅନୁନ୍ନତ ଭୂମି ଓ ଅନୁନ୍ନତ ଜାତିଙ୍କର ସ୍ୱାର୍ଥ ରକ୍ଷା କରିବାର ପୂର୍ଣ୍ଣ କ୍ଷମତା ଆଇନ୍‌ରେ ଲାଟ୍‌ସାହେବଙ୍କୁ ଦିଆ ହୋଇଛି। ଆଂଶିକ ଭାବରେ ଲୋକ ଶାସନ ବାହାରେ ଥିବା ସମସ୍ତ ଭୂମିରେ ଲାଟସାହେବ ଯାହା ବିଚାରିବେ, ତାହା ହେବ; ଯେତେ ବିଚାରିବେ ସେତେ, ଯେପରି ବିଚାରିବେ ସେପରି ଖର୍ଚ୍ଚ କରି ପାରିବେ। ସେସବୁ ବିଷୟରେ ସେ ମନ୍ତ୍ରୀଙ୍କ କଥା ମାନିବାକୁ ଟିକିଏ ହେଲେ ବାଧ ନୁହନ୍ତି। ତେବେ ଆଉ ଅନୁନ୍ନତ ଜାତିଙ୍କ ନାମରେ ଚାରୋଟି ଖୁସାମଦିଆ ଲୋକ, ହୁଏତ ମିଶନେରୀ ବା ଜମିଦାର ବା ସେଇଭଳି ଶ୍ରେଣୀର ଲୋକ ଲାଟ ସଭାରେ ଭର୍ତ୍ତି କରିଦେବାରେ କି ଯୁକ୍ତି ଅଛି ? ଅନୁନ୍ନତ ଜାତିଙ୍କ ପାଇଁ ଏସବୁ ମେମ୍ବରଙ୍କ ଭୋଟ ଲାଟ ସାହେବଙ୍କର ଟିକିଏ ହେଲେ ଦରକାର ନାହିଁ। ତେବେ ସମସ୍ତ ଭାରତବର୍ଷର ସମନୀତି-ଚାଳିତ ଶାସନ ବ୍ୟବସ୍ଥାକୁ କେବଳ ଓଡ଼ିଶା ପାଇଁ ଭାଙ୍ଗି ଏପରି ଚାରୋଟି ଲାଟ୍‌ପକେଟ୍ ମେମ୍ବର ଓଡ଼ିଶାର ବ୍ୟବସ୍ଥା ସଭା ପାଇଁ କାହିଁକି କରାଗଲା ? ତାହାର ପ୍ରଥମ କାରଣ, ଓଡ଼ିଶାରେ ଲୋକମତ ନାହିଁ। ଆମରି ନେତାରଂମଣ୍ୟମାନେ ପ୍ରାଦେଶିକ ଫ୍ରାଞ୍ଚାଇଜ୍ କମିଟିରେ ଏ ବିଷୟରେ ବିଶେଷ ତୁଣ୍ଡ ମୁଣ୍ଡ ଶୁଣାଇ ନାହାନ୍ତି। ସବୁଥିରେ ହାଁ-ଜୀ ଭରି ନିଜର ଦେଶସେବା ବାସନା ଚରିତାର୍ଥ କରିଛନ୍ତି। ଫଳରେ କେବଳ ଓଡ଼ିଶା ପାଇଁ ଏପରି ଗୋଟାଏ ଦୂରପନେୟ ଅବିଚାର ହୋଇଯାଉଛି ବୋଲି ଲୋକରେ ବିଶେଷ କିଛି ଚହଳ ପର୍ଯ୍ୟନ୍ତ ପଡ଼ିନାହିଁ। ଦ୍ୱିତୀୟ କଥା, ସରକାର ଏଇ ଲୋକମତହୀନ ରାଜ୍ୟରେ ନିଜର କିଛି ଭବିଷ୍ୟତ୍ ସୁବିଧା କରିନେବା ମାନସରେ ହୁଏତ ଏହା କରିଛନ୍ତି। ଏ ପ୍ରଦେଶରେ ସାମ୍ପ୍ରଦାୟିକ ବିବାଦ, ବିସଂବାଦ, ବିରୋଧ ସମ୍ଭାବନା ନାହିଁ। ତେଣୁ ଦିନ ଆସିପାରେ, ଯେତେବେଳେ ଦୃଢ଼ ଲୋକମତ ପଛରେ ରଖି ମନ୍ତ୍ରୀ ହୁଏତ ଲାଟଙ୍କୁ ନିରାଟ କଥା କହିବେ। ସେଥିପାଇଁ ବ୍ୟବସ୍ଥା ସଭାରେ ଲୋକମତର ବହୁପକ୍ଷ ଖର୍ବ କରବାର ଏ ଉପଦାନଟି- ଅର୍ଥାତ୍ ଚାରୋଟି ପକେଟ୍-ମେମ୍ବର ଏତିକି ବେଳୁ ଅସ୍ତାଗାରରେ ସାଇତି ରଖିଥିବା ମନ୍ଦ ନୁହେଁ। ଅବଶ୍ୟ ମଧ୍ୟପ୍ରଦେଶ ପରି କୌଣସି କୌଣସିଠାରେ ସାମ୍ପ୍ରଦାୟିକ ହିସାବରେ ଅବସ୍ଥା ଓଡ଼ିଶା ପରି ହେଲେ ହେଁ, ସେଠାରେ ଲୋକମତ ଅଛି; ସେପରି ସ୍ଥଳରେ ଏପରି କଥାଟାଏ କରିପକାଇବା ସୁନ୍ଦର ନୁହେଁ।

ଏହାର ଇତିହାସ –

(ଖ) ଏଇ ମନୋନୀତ ମେମ୍ବର ଭର୍ତ୍ତି ହେବାର ଇତିହାସ କ'ଣ ? ଗୋଲଟେବଲ୍ ବୈଠକ ଶେଷ ବେଳକୁ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବାର ସ୍ଥିର ହେଲା। ଶାସନ ବିଷୟକ

Digitized by PPRACHIN, SOA

ଶ୍ୱେତ ପତ୍ରରେ ସେଇ ଅନୁସାରେ ପ୍ରାଦେଶିକ ବ୍ୟବସ୍ଥା ସଭାମାନଙ୍କରେ ଗୋଟିଏ ଯୋଜନା ପ୍ରକାଶିତ ହେଲା । ସେଇ ଯୋଜନାଟି ପରେ ଅବିକଳ ଭାରତ ଶାସନ ଆଇନ୍‌ରେ ଗୃହୀତ ହୋଇଛି । ମାତ୍ର ଯାହା ପରିବର୍ତ୍ତନ ହୋଇଛି ତାହା କେବଳ ଓଡ଼ିଶା ପାଇଁ । ସେ କଥାଟି ବୁଝାଇ ଦିଆଯାଉଛି ।

ଶ୍ୱେତପତ୍ରର ବ୍ୟବସ୍ଥା :

ଶ୍ୱେତପତ୍ରର ଓଡ଼ିଶା ଥିଲା ୨୨୦୦୦ ବର୍ଗ ମାଇଲ୍ । ସେଥିରେ ବିଶାଖାପାଟଣା ଅଂଶ ତକ ନ ଥିଲା । ପରେ ଏହି ବିଶାଖାପାଟଣା ଅଂଶ ୧୧୦୦୦ ବର୍ଗ ମାଇଲ୍ ମାନ୍ଦ୍ରାଜରୁ କଟା ହୋଇ ଓଡ଼ିଶାରେ ଯୋଡ଼ା ହେଲା । ଶ୍ୱେତପତ୍ର ପ୍ରସ୍ତାବ ଅନୁସାରେ ଓଡ଼ିଶାରେ ଏବର ଅନୁନ୍ନତଙ୍କ ଭୂମି (ସମ୍ବଲପୁର ଓ ଅନୁଗୁଳ ଘେନି) ଥିଲା ୧୦୦୦୦ରୁ କିଛି ବେଶି । ମାନ୍ଦ୍ରାଜରେ ଏଇ ଭୂମି ଥିଲା (ଗୋଦାବରୀ ଓ ବିଶାଖାପାଟଣାମାଳ ମିଶାଇ) ପ୍ରାୟ ୧୫୦୦୦ ବର୍ଗ ମାଇଲ । ମାନ୍ଦ୍ରାଜ ପାଇଁ ବ୍ୟବସ୍ଥା ସଭାରେ ମେମ୍ବର ବ୍ୟବସ୍ଥା ଥିଲା ୨୧୫ । ସେଥିରୁ ସାଧାରଣ ବା ହିନ୍ଦୁଙ୍କର ୧୧୬+୬ ନାରୀ+୩୦ ହରିଜନ = ୧୫୨ । ଓଡ଼ିଶା ପାଇଁ ବ୍ୟବସ୍ଥା ଥିଲା ମୋଟ ମେମ୍ବର ୬୦ରୁ ସାଧାରଣ ବା ହିନ୍ଦୁଙ୍କର ୪୦+୨ ନାରୀ+୭ ହରିଜନ =୪୯ । ଏହାଛଡ଼ା ମାନ୍ଦ୍ରାଜରେ ୧୫୦୦୦ ବର୍ଗ ମାଇଲ ଅନୁନ୍ନତଙ୍କ ଭୂମି (ବିଶାଖାପାଟଣା ଓ ଗୋଦାବରୀ ମାଳ) ପାଇଁ ମେମ୍ବର ବ୍ୟବସ୍ଥା ଥିଲା ୧ (ଜଣେ) ଓ ଓଡ଼ିଶାର ଅନୁନ୍ନତ ଭୂମି ୧୦୦୦୦ ବର୍ଗ ମାଇଲ ପାଇଁ ମେମ୍ବର ବ୍ୟବସ୍ଥା ଥିଲା ୨ ।

ଭାରତ ଶାସନ ଆଇନ୍‌ରେ ବ୍ୟବସ୍ଥା :

ଭାରତ ଶାସନ ଆଇନ୍ ଧାର୍ଯ୍ୟ ହେଲା ବେଳକୁ ମାନ୍ଦ୍ରାଜରୁ ୧୧୦୦୦ ବର୍ଗ ମାଇଲ୍ ଅନୁନ୍ନତ ଲୋକ ଥିବା ଭୂମି (ଏଥିରେ ପୁଣି ଅଧାଅଧି ଉନ୍ନତ ଭୋଟ ଦେବା ଲୋକେ ବି ଅଛନ୍ତି) କଟା ହୋଇ ଓଡ଼ିଶାରେ ଯୋଡ଼ା ହେଲା । ମାତ୍ର ଅନ୍ୟାନ୍ୟ ପ୍ରଦେଶରେ ଯେପରି ଶ୍ୱେତପତ୍ର ମେମ୍ବର ବିଧାନ ଆଇନ୍‌ରେ ଅକ୍ଷୁଣ୍ଣ ରଖାଗଲା, ମାନ୍ଦ୍ରାଜରେ ଠିକ୍ ସେହିପରି ରଖାଗଲା । କେବଳ ଫଳରେ ମାନ୍ଦ୍ରାଜରେ ବାକିଥିବା ପ୍ରାୟ ୪୦୦୦ ବର୍ଗମାଇଲ୍ ଅନୁନ୍ନତ ଲୋକ ଥିବା ଭୂମି ପାଇଁ, ସେଇ ଗୋଟିକ ମେମ୍ବର ରଖା ହେଲା ଓ ପରେ ହାମଣ୍ଡ କମିଟି ବ୍ୟବସ୍ଥାରେ ତାହା ଅନ୍ୟାନ୍ୟ ସବୁ ପ୍ରଦେଶର ଅନୁନ୍ନତ ମେମ୍ବର ପରି ନିର୍ବାଚିତ ହେବାର ବ୍ୟବସ୍ଥା ହେଲା ।

ଓଡ଼ିଶାରେ କିନ୍ତୁ ମେମ୍ବର ସଂଖ୍ୟା ଯେଉଁ ୬୦ ଥିଲା, ତାହା ସେଇପରି ରହିଲା । ୨୨୦୦୦ ବର୍ଗ ମାଇଲ୍‌ରେ ୧୧୦୦୦ ବର୍ଗ ମାଇଲ ଯୋଡ଼ା ହେଲା, ୬୬ ଲକ୍ଷ ଲୋକସଂଖ୍ୟାରେ ଆଉ ୧୬ ଲକ୍ଷ ଯୋଡ଼ା ହେଲା- ମାତ୍ର ବ୍ୟବସ୍ଥା ସଭାରେ ମେମ୍ବର ସଂଖ୍ୟା ଯେଉଁ ୬୦ ଥିଲା, ସେଇ ୬୦ ରହିଲା । ଏଇ ୬୦ରୁ ୪୯ ସାଧାରଣ ବା ହିନ୍ଦୁ

Digitized by PPRACHIN, SOA

ନିର୍ବାଚନ ମଣ୍ଡଳୀରୁ ଓ ୨ ଅନୁନ୍ନତ ନିର୍ବାଚନ ମଣ୍ଡଳୀରୁ ହେବାର କଥା। ଶ୍ୱେତପତ୍ର ବ୍ୟବସ୍ଥାର ଅନ୍ୟ ପ୍ରଦେଶରେ ଯେ ପ୍ରୟୋଗ ହେଲା, ଓଡ଼ିଶାରେ ସେଇ ହିସାବରେ ଏଇ ଆଶା କରିବା ସ୍ୱାଭାବିକ।

ଓଡ଼ିଶାକୁ ଏକଘରିଆ କରାଗଲା :

କିନ୍ତୁ ହେଲା କ'ଣ ? ଏଇ ୪୯ରୁ ତିନୋଟି କଟା ହୋଇ ଅନୁନ୍ନତଙ୍କୁ ଦିଆ ହେଲା। ଫଳରେ ସାଧାରଣ ହିନ୍ଦୁ ଏବେ ନିର୍ବାଚନ କରିବେ ମୋଟେ ୪୬ଟି। ଅନୁନ୍ନତ ଭିତରୁ ସମ୍ବଲପୁରରେ ଗୋଟିଏ ନିର୍ବାଚିତ ଓ ବାକି ଚାରୋଟି ଲାଟସାହେବ ମନ ଇଚ୍ଛାରେ ଭର୍ତ୍ତି କରିଦେବେ।

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ପାଇଁ ପୁଣି ଏ ସ୍ୱତନ୍ତ୍ର ବ୍ୟବସ୍ଥା। ଭାରତର ଅନ୍ୟ କୌଣସି ପ୍ରଦେଶରେ କୁତ୍ରାପି ଏହା ହୋଇ ନାହିଁ। ଗଞ୍ଜାମ ଓ ବିଶାଖାପାଟଣା ମାନ୍ଦ୍ରାଜରେ ଥିଲେ ଯେ ତାଙ୍କର ଏ ଦୁର୍ଗତି ଓ ଲାଞ୍ଛନା ହୋଇ ନ ଥାନ୍ତା, ଏହା ମଧ୍ୟ ସ୍ପଷ୍ଟ ଜଣା ପଡୁଚି।

ମାନ୍ଦ୍ରାଜ କଥା ଦେଖ :

ଏ ବ୍ୟବସ୍ଥାରେ ପୁଣି ମାନ୍ଦ୍ରାଜରୁ ଆସିଥିବା ତଥାକଥିତ ଅନୁନ୍ନତଙ୍କ ଭୂମିର ତଥାକଥିତ ଅନୁନ୍ନତଙ୍କ ଭୂମିର ତଥାକଥିତ ଅନୁନ୍ନତଙ୍କର ଯେ ଭୀଷଣ ନୈତିକ ଓ ରାଜନୀତିକ କ୍ଷତି ହେଲା, ତା ଲେଖିବାକୁ ହୁଏତ ହାତ ଯିବାର ନୁହେଁ। ବର୍ତ୍ତମାନ ପ୍ରଚଳିତ ଭାରତ ଶାସନ ବିଧି ଅନୁସାରେ ଗଞ୍ଜାମ ଓ ବିଶାଖାପାଟଣା ମାଳର କି ଆଦିମ, କି ଦ୍ରାବିଡ଼, କି ଆର୍ଯ୍ୟ, କି ଉନ୍ନତ ଜାତି, କି ଅନୁନ୍ନତ ଜାତି ଓ ଉପେକ୍ଷିତ ଜାତି - ସମସ୍ତେ ଅଧିବାସୀ ମାତ୍ରକେ ଯୋଗ୍ୟତା ଘେନି ଭୋଟ ଅଧିକାର ପାଉଛନ୍ତି। ମାନ୍ଦ୍ରାଜରେ ଥିଲେ ବା ଅନ୍ୟ କୌଣସି ପ୍ରଦେଶରେ ଥିଲେ, ସେଠାରେ ଅନୁନ୍ନତ ଶ୍ରେଣୀମାନେ ଭୋଟ ଅଧିକାର ଓ ନିର୍ବାଚନ ମଣ୍ଡଳୀ ପାଇଥାନ୍ତେ, କାହିଁକି ନା, ଭାରତରେ ଓଡ଼ିଶା ଛଡ଼ା ଆଉ ସର୍ବତ୍ର ଅନୁନ୍ନତ ଶ୍ରେଣୀର ଲୋକେ ନିର୍ବାଚନ ମଣ୍ଡଳୀ ଓ ନିର୍ବାଚନରେ ଅଧିକାର ପାଇଛନ୍ତି- ଓଡ଼ିଶା ଭୂମିକୁ ଲାଗିଥିବା ଓଡ଼ିଶା ଅନୁନ୍ନତ ଭୂମିର ଅଂଶ ମାନ୍ଦ୍ରାଜରେ ମଧ୍ୟ ନର୍ବାଚନ ଛଡ଼ା ଅନ୍ୟ ବ୍ୟବସ୍ଥା କଳ୍ପନା କରାଯାଇ ନାହିଁ। ମାତ୍ର ଓଡ଼ିଶାକୁ ଆସି ମାଳର କେତେକ ଶ୍ରେଣୀର ଲୋକେ ଏବେ ଅନୁନ୍ନତ ବୋଲି ନିର୍ବାଚନ ଅଧିକାର ହରାଇବେ। ଓଡ଼ିଶାରେ ପୁଣି ଏ ବିଷୟରେ କୌଣସି ଆନ୍ଦୋଳନ ବା ଅସନ୍ତୋଷ ଯଥେଷ୍ଟ ପ୍ରକାଶ ପାଉନାହିଁ। ଏ ଜାତି ଲୋକଶାସନ ଚଳାଇବ କିପରି, ତାହା ଚିନ୍ତାର ବିଷୟ। ପୁଣି ସରକାର ପ୍ରଦେଶଟାଏ ଦେବା ବାହାନାରେ ଓଡ଼ିଆଙ୍କୁ ଏପରି ଭଣ୍ଡି, ଅପମାନ ଦେଇ, ଭାରତରେ ଲୋକହସା କରାଇବାର କି କାରଣ ଅଛି, ବୁଝାଯାଉ ନାହିଁ। ସିନ୍ଧୁ ପ୍ରଦେଶରେ ଏପରି କିଛି ହେଉଛି କି ?

Digitized by PPRACHIN, SOA

ଏ ପ୍ରସ୍ତାବ କେବେ ହେଲା :

ପୁଣି ଏପରି ଚାରୋଟି ମନୋନୀତ ମେମ୍ବର ଭର୍ତ୍ତି କରି ଓଡ଼ିଶା ବ୍ୟବସ୍ଥାପକ ସଭାକୁ ଖର୍ବ କରିବାର କଳ୍ପନା କେବେ ହେଲା ? ହାମଣ୍ଡ କମିଟିକୁ ଯେଉଁ ଉପଦେଶ ଦେଇ ଗଢ଼ା ଯାଇଥିଲା, ସେଥିରେ ଏପରି କିଛିଥିଲା ପରି ତ ଜଣାପଡୁନାହିଁ। ସେଥିରେ ବରଂ ସ୍ପଷ୍ଟ ଅଛି -

"A number of points still remain unsettled in connection with the electorates for the constituencies to represent special interests, such as, ...backward tribes."

"They (His Majesty's Govt.) would be glad also if in the case of the seats to represent special interests.Your Committee should, if they find it necessary, include in their report proposals dealing with qualifications of voters, the conduct of the elections (including election inquiries); and qualifications necessary for candidature, when no specific provision conveying these matters has been made in the Bill on its schedules".

(Para 4-Hammond Committee Report, Vol I. P277)

Again -

"In particular it should be possible in your Committee to perform a useful work of co-ordination in connection with the constituencies alloted to special interests."

(Para 7 - Ibid, P.278)

Again -

"His Majesty's Government attach great importance to your Committee's ensuring that it is fully informed of the views and wishes of the various intersts for which representation is to be provided, particularly in the case of those interests, such as the scheduled castes, labour, women and the backward areas and tribes, for which specific provision has hither to either been absent or has been made by means of nomination." (Para 8 - Ibid, P. 278)

ଅର୍ଥାତ୍, ଅନୁନ୍ନତ ଭୂମି ଓ ଜାତିଙ୍କ ସ୍ୱାର୍ଥ ଭଳି ବିଶିଷ୍ଟ ସ୍ୱାର୍ଥର ଲୋକଙ୍କୁ ନିର୍ବାଚନରେ ବ୍ୟବସ୍ଥା ସଭାକୁ ଆଣିବା ପାଇଁ ଯେଉଁ ନିର୍ବାଚନ ମଣ୍ଡଳୀମାନ ହେବ, ତା'ର ଭୋଟ ଅଧିକାର ପ୍ରଭୃତି ସମ୍ବନ୍ଧରେ କେତେଗୁଡ଼ିଏ ବିଷୟ ସ୍ଥିର କରିବାର ଅଛି।

ଏଇସବୁ ବିଶିଷ୍ଟ ସ୍ୱାର୍ଥର ଲୋକଙ୍କୁ ନିର୍ବାଚନରେ ବ୍ୟବସ୍ଥା ସଭାକୁ ଆଣିବା ପାଇଁ ଯେଉଁଠାରେ ପ୍ରସ୍ତାବିତ ଭାରତ ଶାସନ ଆଇନ୍‌ରେ ଭୋଟର ଓ ପ୍ରାର୍ଥୀ-ଅଧିକାର ଓ ନିର୍ବାଚନ

Digitized by PPRACHIN, SOA

ବ୍ୟବସ୍ଥା ସମ୍ବନ୍ଧରେ କିଛି ଉଲ୍ଲେଖ ନାହିଁ, ସେସବୁ ଠାରେ ତୁମ କମିଟି ନିଜ ରିପୋର୍ଟରେ ଆବଶ୍ୟକମତେ ସେପରି ବ୍ୟବସ୍ଥାଦିର ଯୋଜନା ଦେଲେ ଇଂରେଜ ସରକାର ସୁଖୀ ହେବେ ।

(ପୁଣି) ବିଶେଷରେ ଏଇ ବିଶିଷ୍ଟ ସ୍ୱାର୍ଥ ସବୁର ନିର୍ବାଚନ ମଣ୍ଡଳୀମାନଙ୍କ ସମ୍ବନ୍ଧରେ ପରସ୍ପରର ସାମଞ୍ଜସ୍ୟ ରଖି ଯେପରି କାର୍ଯ୍ୟ କରାଯାଏ, ତା ତୁମ କମିଟି ଦେଖିବେ ।

(ପୁଣି) ସମସ୍ତ ସ୍ୱାର୍ଥ ପାଇଁ ନିର୍ବାଚନ ବ୍ୟବସ୍ଥା କଲାବେଳେ ସେଇ ସେଇ ସ୍ୱାର୍ଥ ଥିବା ଲୋକଙ୍କ ମତାମତ ଭଲ କରି ବୁଝି ତୁମ କମିଟି କାର୍ଯ୍ୟ କରିବେ ବୋଲି ଇଂଲଣ୍ଡର ସରକାର ବିଶେଷ ଅନୁଯୋଗ କରନ୍ତି । ଏହା ବଡ଼ ଦରକାର । ବିଶେଷରେ ହରିଜନ, ନାରୀ, ଶ୍ରମିକ ଓ ଅନୁନ୍ନତ ଭୂମି ଓ ଜାତି ଭଳି ଯେଉଁ ସବୁ ସ୍ୱାର୍ଥର ନିର୍ବାଚନ ବ୍ୟବସ୍ଥା ନ ଥିଲା କିମ୍ବା ଏଥିପୂର୍ବରୁ ମନୋନୀତ ମେମ୍ବରଦ୍ୱାରା ପ୍ରଥା ରକ୍ଷା କରାଯାଇଥିଲା, ସେ ସମ୍ବନ୍ଧରେ ଏଇ କଥା ଭଲକରି ମନେ ରଖିବାକୁ ହେବ ।

ଏଥିରୁ ସ୍ପଷ୍ଟ ହେଉଛି ଯେ, ଅନୁନ୍ନତ ଭୂମି ବା ଜାତିଙ୍କ ପାଇଁ ଲାଟଙ୍କ ଇଚ୍ଛାରେ କୌଣସି ମନୋନୀତ ମେମ୍ବର କୌଣସିଠାରେ ଭର୍ତ୍ତି କରିବାର କଳ୍ପନା ନ ଥିଲା । ହାମଣ୍ଡ କମିଟିକୁ ସେସବୁରେ ସର୍ବତ୍ର ନିର୍ବାଚନ ବ୍ୟବସ୍ଥା କରିବା ପାଇଁ ସ୍ପଷ୍ଟ କୁହାଯାଇଥିଲା । ହାମଣ୍ଡ କମିଟି ମଧ୍ୟ ଓଡ଼ିଶା ଛଡ଼ା ସର୍ବତ୍ର ତାହାହିଁ କରିଛନ୍ତି ।

ଓଡ଼ିଶା କମିଟି ଆପତ୍ତି କଲେ ନାହିଁ :

ଓଡ଼ିଶାରେ ଏଥିପାଇଁ ଯେଉଁ ପ୍ରାଦେଶିକ ଭୋଟ ଭୋଟରାଦି ବ୍ୟବସ୍ଥା ପାଇଁ କମିଟି (Odisha Franchise Committee) ଗଢ଼ା ହୋଇଥିଲା, ସେ କମିଟି ହୁଏତ ଅତି ଆନନ୍ଦରେ ଏଇ ୪ଟି ମନୋନୀତ ମେମ୍ବର ରହନ୍ତୁ ବୋଲି କହିଥିଲେ । ଏଇଭଳି ବାକ୍ୟହୀନ ଯୁକ୍ତିହୀନ ପରିସ୍ଥିତିଜ୍ଞାନହୀନ ଲୋକେ ଯେଉଁ ଦେଶରେ ଲୋକଶାସନ ବ୍ୟବସ୍ଥାମାନଙ୍କରେ ନେତୃତ୍ୱ କରନ୍ତି, ସେ ଦେଶ ପ୍ରତି ଇଂରେଜ ସରକାରଙ୍କର ଏପରି ଅନାଦର ଓ ଅନାସ୍ଥା ହେବାରେ ବିଚିତ୍ରତା କିଛି ନାହିଁ ।

ଓଡ଼ିଶା ପ୍ରତି ଆଉ ଏକ ଅବିଚାର :

ଏଇ ନିର୍ବାଚନ ବ୍ୟବସ୍ଥା ପ୍ରସଙ୍ଗରେ ଓଡ଼ିଶା ପ୍ରତି ଆଉ ଏକ ବିଶେଷ ଅନ୍ୟାୟର କଥା ହେଉଛି, ବ୍ରହ୍ମପୁରର ସାଧାରଣ ହିନ୍ଦୁ ନିର୍ବାଚନ ମଣ୍ଡଳୀରୁ ତିନିଜଣ ନିର୍ବାଚିତ ହେବେ ଓ ବହୁ ଲୋକ ଠିଆ ହେଲେହେଁ କୌଣସି ଭୋଟର ଜଣକରୁବେଶୀ ଲୋକଙ୍କୁ ଭୋଟ ଦେଇ ପାରିବେ ନାହିଁ (Single non-transferable vote) । ହାମଣ୍ଡ କମିଟି ପୂର୍ବରୁ ହରିଜନ ଥିବା ନିର୍ବାଚନ ମଣ୍ଡଳୀମାନଙ୍କରେ ଏଇ ବ୍ୟବସ୍ଥାର କଳ୍ପନା ଥିଲା । ସେଥିରେ ସବୁ ପ୍ରାଦେଶିକ କମିଟିରୁ ଘୋର ଆପତ୍ତି ହେଲା । ସେଇ ଆପତ୍ତି ଫଳରେ ପ୍ରାଦେଶିକ

Digitized by PPRACHIN, SOA

ବ୍ୟବସ୍ଥା ସଭାର ସବୁ ସାଧାରଣ ହିନ୍ଦୁ ନିର୍ବାଚନ ମଣ୍ଡଳୀରୁ ସେ ବିଧି ଉଠାଇ ଦିଆଗଲା। କେବଳ ଅନୁନ୍ନତ ଜାତିମାନେ ଯେଉଁଠାରେ ସାଧାରଣ ହିନ୍ଦୁଙ୍କ ସଙ୍ଗେ ଏକ ନିର୍ବାଚନ ମଣ୍ଡଳୀରୁ ବଛା ହେବେ, ସେଇଠାରେ ଏହା ରଖିବା ପାଇଁ ହାମଣ୍ଡ କମିଟି ମତ ଦେଲେ। ମାତ୍ର ଏକା ଓଡ଼ିଶା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହେଲା। ଓଡ଼ିଶାରେ ବ୍ରହ୍ମପୁର ନିର୍ବାଚନ ମଣ୍ଡଳୀରେ ତାହା ରଖାଗଲା। ଓଡ଼ିଶା କମିଟି ମଧ୍ୟ ଏଥିରେ ସେପରି କିଛି ଆପତ୍ତି କରିଥିବାର ଜଣା ନାହିଁ। ତଥାସ୍ତୁ ଯେଉଁମାନଙ୍କର ସାଧାରଣ ଧର୍ମ, ସେମାନେ ଆପତ୍ତି କରିବାର ସୁଫଳ ଜାଣିବେ କାହୁଁ ? ଆପତ୍ତି ନ କଲେ ଯେ ସୁଶାସନରୁ ବାଟ ବନ୍ଦ, ଏହା ଜାଣିବାର ଦିନ ପର୍ଯ୍ୟନ୍ତ ଓଡ଼ିଶାରେ କେତେ ଜଣ ଉପରମୁହାଁଙ୍କ ଭାଗ୍ୟରେ ଘଟିଛି ?

ଏଥିରେ ରାଜନୀତିକ ଦଳ ହୋଇ ପାରିବ ନାହିଁ

ଏବେ ଏଥିରେ ଫଳ କ'ଣ ହେବ ? ଏକା ରାଜାନୀତିକ ଦଳର ପ୍ରାର୍ଥୀମାନେ ପରସ୍ପର ବିରୁଦ୍ଧରେ ଭିତିରି ଭୋଟ ସଂଗ୍ରହ କରିବେ ଓ ରାଜନୀତିକ ଦଳ ଗଢ଼ିବା ସହଜ ହେବ ନାହିଁ। ଆନ୍ଧ୍ରଙ୍କ ପାଇଁ ଗୋଟିଏ ସ୍ଥାନ ଅବାନ୍ତର ଭାବରେ ରଖିବା ପାଇଁ ଏ ବ୍ୟବସ୍ଥା ହୋଇଚି ବୋଲି କୁହାଯାଏ। ମାତ୍ର ଆନ୍ଧ୍ରଙ୍କୁ ଯଦି ଏପରି ବିଶିଷ୍ଟ ସ୍ୱାର୍ଥ ବୋଲି ଧରାଯାଏ, ତେବେ ତିନୋଟିରୁ ଗୋଟିଏ ସ୍ଥାନ ତାଙ୍କ ପାଇଁ ରକ୍ଷିତ ହୋଇଥିଲେ ଭଲ ହୋଇଥାନ୍ତା। ଏକା ସାଧାରଣ ହିନ୍ଦୁ ସ୍ୱାର୍ଥରେ ଏପରି ଗୁପ୍ତ ରାଜନୀତିକ ବ୍ୟଭିଚାରର ସୂତ୍ରପାତ କରିବା ଠିକ୍ ହେଲା କି ? ଅବଶ୍ୟ କୌଣସିଠାରେ ଏ ବ୍ୟବସ୍ଥା ଭଲ ନୁହେଁ। ମାତ୍ର କର୍ତ୍ତାଙ୍କର ଏଥିପ୍ରତି ବଡ଼ ଝୁଙ୍କ। ସେଥିପାଇଁ ବିଶିଷ୍ଟ ସ୍ୱାର୍ଥରେ ଏହା ରଖାଗଲା। କିନ୍ତୁ ସାଧାରଣ ନିର୍ବାଚନ ମଣ୍ଡଳିରେ ଏକା ଓଡ଼ିଶା ପାଇଁ ଏ ଅବିଚାର କାହିଁକି ?

ଓଡ଼ିଶାର ଆର୍ଥିକ ପରିସ୍ଥିତି :

୨୪ ବର୍ଷ ତଳେ ବିହାର ଓଡ଼ିଶା ପ୍ରଦେଶ ତିଆରି ହୋଇଥିଲା। ୫ ବର୍ଷ ତଳେ ଉତ୍ତରପଶ୍ଚିମ ସୀମାନ୍ତ ପ୍ରଦେଶ ତିଆରି ହୋଇଚି। ଏବେ ମଧ୍ୟ ସିନ୍ଧୁ ପ୍ରଦେଶ ତିଆରି ହେଲା, ସେଥିସଙ୍ଗେ ଓଡ଼ିଶା ମଧ୍ୟ ହେଲା। ପ୍ରଥମେ ବିହାରକୁ ହିସାବ ଆରମ୍ଭ କରିବା ପାଇଁ ଯଥେଷ୍ଟ ଧନ ଦିଆ ହୋଇଥିଲା। ପରେ ଏବେ ଏପର୍ଯ୍ୟନ୍ତ ବିହାର ଶିଶୁ ପ୍ରଦେଶ ହୋଇ ରହିଚି। ପ୍ରଦେଶମାନେ ୧୯୨୧ ଠାରୁ କେନ୍ଦ୍ରକୁ ଯାହା ଦେଇଥିଲେ, ତା ବିହାରକୁ କେବେ ଦେବାକୁ ପଡ଼ି ନାହିଁ। ଭୂମିକମ୍ପ ବେଳେ ବିହାର ପ୍ରତି ଯାହା କରାହେଲା, ଓଡ଼ିଶାର ଭୀଷଣ ବଢ଼ି ମରୁଡ଼ିରେ ମଧ୍ୟ ସେଥିରୁ ଶତାଂଶର ଏକାଂଶ କେହି କରିବାର କଳ୍ପନା କରି ନାହିଁ। ପୁଣି କୃଷି ଶିଳ୍ପ ପ୍ରଭୃତିରେ ବିହାର ଓଡ଼ିଶା ପ୍ରତି ଯାହା ଦିଆ ଯାଇଚି, ଓଡ଼ିଶା ତହିଁରୁ କି ସୁବିଧା ପାଇଚି, ତା' ଜଣାଶୁଣା କଥା। ଓଡ଼ିଶା ବଢ଼ି ମୂଳକର ଫସଲ ପରୀକ୍ଷା ପାଇଁ ଖର୍ଚ୍ଚ କରିବା କଥା କେହି ଭାବି ନାହିଁ, ମାତ୍ର ଚିନିର ତତ୍ତ୍ୱ ଅନୁସନ୍ଧାନ

Digitized by PPRACHIN, SOA

ଫଳରେ ବିହାର କିପରି ଲାଭବାନ୍ ହୋଇଚି ତା ସମସ୍ତେ ଜାଣନ୍ତି। ବିହାର ଏବେ ଭାରତରେ ପ୍ରଧାନ ଚିନି ତିଆରିର ପ୍ରଦେଶ। ଏଥିପାଇଁ ବିହାରରେ ଶିକ୍ଷା ଓ ପରୀକ୍ଷା କେନ୍ଦ୍ର ଇତ୍ୟାଦି। ନାନା ଭାବରେ ବିହାର ଓଡ଼ିଶା ପ୍ରଦେଶ ଥିଲା ବେଳେ ମଧ୍ୟ ଓଡ଼ିଶା ଅବହେଳିତ, ମାତ୍ର ବିହାର ଯଥେଷ୍ଟ ଲାଭବାନ ହୋଇଚି।

ଉତ୍ତରପଶ୍ଚିମ ପ୍ରଦେଶ :

ଉତ୍ତରପଶିମ ସୀମାନ୍ତ ପ୍ରଦେଶ କଥା ତ ଅନ୍ୟ ପ୍ରଦେଶ ସଙ୍ଗେ ସମାନ ନ ହେବାର କଥା। ସେଠାରେ କେନ୍ଦ୍ର ସରକାର ଧନ ଢାଳୁଚନ୍ତି। ସାମରିକ ଅଜସ୍ର ବ୍ୟୟର କଥା ଛାଡ଼ିଦେଲେ ମଧ୍ୟ ସେ ପ୍ରଦେଶର ସାଧାରଣ ଶାସନ ଓ ଲୋକହିତ ପାଇଁ ସରକାର ବର୍ଷକେ କୋଟିକରୁ ବେଶୀ ଟଙ୍କା ଦିଅନ୍ତି। ଫଳରେ ସେଠରେ ଜଣକେ ଆଠଟଙ୍କା ହିସାବରେ ଖର୍ଚ୍ଚ କରିବା ଭଳି ପ୍ରାଦେଶିକ ସରକାରଙ୍କୁ ଧନ ମିଳେ। ଏ ପ୍ରଦେଶ ପୁଣି ଅତି କ୍ଷୁଦ୍ର। ଓଡ଼ିଶାର ଲୋକସଂଖ୍ୟା ୮୨ ଲକ୍ଷ ଥିବା ସ୍ଥଳେ ଏ ପ୍ରଦେଶର ଲୋକସଂଖ୍ୟା ୨୪ ଲକ୍ଷ।

ସିନ୍ଧୁ ପ୍ରଦେଶ :

ତା ପରେ ସିନ୍ଧୁ ପ୍ରଦେଶ। ଏ ପ୍ରଦେଶର ବିକାଶ ପାଇଁ ସୁକ୍କୁର ବ୍ୟାରେଜ୍ ଭାରତ ସରକାରଙ୍କ ଧନରେ କରାହୋଇଛି। ସିନ୍ଧୁ ନଦୀର ଏହି କେନାଲ୍‌ରେ ଜଳ ସେଚନ ବ୍ୟବସ୍ଥା ଫଳରେ ଦିନେ ସିନ୍ଧୁର ମରୁଭୂମି ଶ୍ୟାମଳ ଶସ୍ୟକ୍ଷେତ୍ରରେ ପରିଣତ ହେବ। ଏବେ ସିନ୍ଧୁର ସେହି ଆର୍ଥିକ ବିକାଶ ସକାଶେ କେନ୍ଦ୍ରସରକାର ବର୍ଷକୁ ବର୍ଷ ହିସାବ କରି ଟଙ୍କା ଦେବେ। ସେହି ହିସାବରେ ସିନ୍ଧୁ ୧ କୋଟି ୫ ଲକ୍ଷ ଟଙ୍କା ବର୍ଷକୁ ବର୍ଷ ପାଇବାର ବ୍ୟବସ୍ଥା ଅଛି। ସୁକ୍କୁର ବ୍ୟାରେଜ୍ ହେତୁକ ପରବର୍ତ୍ତୀ ବିକାଶର କଥା ଛାଡ଼ିଦେଲେ ମଧ୍ୟ ବର୍ତ୍ତମାନ ପାଇଁ ସିନ୍ଧୁ ଦେଶରେ ସରକାର ନିଜର ଓ କେନ୍ଦ୍ର ସରକାର ଧନ ମିଶାଇ ଜଣକେ ଛ' ଟଙ୍କାରୁ ଅଧିକ ଧନ ଖର୍ଚ୍ଚ କରିବେ। ସିନ୍ଧୁ ପ୍ରଦେଶର ଲୋକସଂଖ୍ୟା ମଧ୍ୟ ୩୯ ଲକ୍ଷ।

ଓଡ଼ିଶା କଥା :

ତାପରେ ଓଡ଼ିଶା କଥା। ଓଡ଼ିଶାରେ କୌଣସି ଭାବୀ ବିକାଶର ସୂଚନା ନାହିଁ। ସେଥିପାଇଁ ସରକାର କିଛି ହିସାବ ଦେଉନାହାନ୍ତି। ଖାଲି କର୍ମଚାରୀଙ୍କ ଦରମା ଦେଇ ଦେଶଟି ଚଳାଇବା ଭଳି ହିସାବ କରାଯାଇଛି। ସେହି ହିସାବରେ କେନ୍ଦ୍ର ସରକାର ବର୍ଷକୁ କେବଳ ୫୦ ଲକ୍ଷ ଟଙ୍କା ଏବେ ଓଡ଼ିଶାକୁ ଦେବେ। ଏଥିରେ ଓଡ଼ିଶା ସରକାର ଜଣପିଛା ପ୍ରାୟ ଟଙ୍କାଏ ବାରଅଣା ହିସାବରେ ଖର୍ଚ୍ଚ କରିବାକୁ ସମର୍ଥ ହେବେ। ମାତ୍ର ଓଡ଼ିଶା ଭଳି କ୍ଷୁଦ୍ର ପ୍ରଦେଶରେ ଏ ହାରାହାରି ଜଣେ ପିଛା ଟଙ୍କା ତେର ଅଣାର ଅର୍ଥ କିଛି ନାହିଁ। ବଙ୍ଗ ଓ ବିହାର ପ୍ରଦେଶରେ ଜଣପିଛା ହିସାବରେ ଏହିଭଳି କିଛି ଖର୍ଚ୍ଚ ପଡ଼େ।

Digitized by PPRACHIN, SOA

କିନ୍ତୁ ସେସବୁ ବିରାଟ ପ୍ରଦେଶରେ ଉପର କର୍ମଚାରୀମାନଙ୍କ ପାଇଁ ଯାହା ଖର୍ଚ୍ଚ ହୁଏ, ଓଡ଼ିଶା ପରି ପ୍ରଦେଶରେ ଅନୁପାତରେ ତା'ଠାରୁ ଢେର ବେଶୀ ଖର୍ଚ୍ଚ ପଡ଼ିବ। ତେଣୁ ଏହି ଟଙ୍କାଏ ତେରଅଣାରୁ ଯଥାର୍ଥରେ ଲୋକଙ୍କ ଶାସନରେ କେତେ ଖର୍ଚ୍ଚ ହେବ ତାହା ଚିନ୍ତା କରିବାର ଅଛି।

ଓଡ଼ିଶାକୁ ଦିଆଯାଉଥିବା ଟଙ୍କାର ଆଲୋଚନା :

ପୁଣି ସରକାର ଏବେ ବର୍ଷକୁ ପଚାଶ ଲକ୍ଷ ଟଙ୍କା ଓଡ଼ିଶାକୁ ଦେବେ ବୋଲି କଥା କରୁଛନ୍ତି। ସିନ୍ଧୁ ପ୍ରଦେଶକୁ ଦେବେ ୧୦୫ ଲକ୍ଷ।

ଓଡ଼ିଶାକୁ ଏହି ପଚାଶ ଲକ୍ଷ ଦେବାରେ ଭାରତ ସରକାର କେବଳ କର୍ମଚାରୀଙ୍କ ବେତନ ଦେବା ଛଡ଼ା ଆଉ କିଛି ଯେ ବସ୍ତୁତଃ ହିସାବରେ ଆଣି ନାହାନ୍ତି, ତାହା ସ୍ପଷ୍ଟ ଜଣାପଡୁଛି। ଓଡ଼ିଶାର ଯେଉଁ ଖଣ୍ଡ ମାନ୍ଦ୍ରାଜରେ ସେଥିପାଇଁ ମାନ୍ଦ୍ରାଜ ସରକାର ଆୟଠାରୁ ବର୍ଷକୁ ସାଢ଼େ ଆଠଲକ୍ଷ ଟଙ୍କା ବେଶୀ ଖର୍ଚ୍ଚ କରୁଥିଲେ ବୋଲି ସରକାରୀ ରିପୋର୍ଟମାନଙ୍କରୁ ପ୍ରକାଶ। ସେହିପରି ବିହାର ସରକାର ବର୍ଷକୁ ହାରାହାରି ଆୟଠାରୁ ୨୦ ଲକ୍ଷ ଟଙ୍କା ବେଶୀ ଓଡ଼ିଶା ପାଇଁ ଖର୍ଚ୍ଚ କରୁଥିଲେ ବୋଲି ହିସାବ କରି ଦେଖାଇ ଦିଆଯାଉଛି। ଏପରି ଦୁଇଆଡୁ ଓଡ଼ିଶା ପାଉଥିଲା ସାଢ଼େ ୨୮ ଲକ୍ଷ। ସରକାରୀ ହିସାବରେ ଏବେ ପ୍ରଦେଶ ହେବାରୁ ଓଡ଼ିଶାରେ ପ୍ରଚଳିତ ଖର୍ଚ୍ଚ ଠାରୁ ବର୍ଷକେ ୧୯ ଲକ୍ଷ ଟଙ୍କା ଅଧିକା ଖର୍ଚ୍ଚ ପଡ଼ିବ। ଏପରି ତିନି ପଦକୁ ମୋଟ ହେଲା ସାଢ଼େ ସତଚାଳିଶ ଲକ୍ଷ ଟଙ୍କା। ବାକି ଅଢ଼େଇ ଲକ୍ଷ ଟଙ୍କା ମାତ୍ର ସରକାର ଓଡ଼ିଶାକୁ ଦେବେ ବୋଲି ପ୍ରସ୍ତାବ ହୋଇଛି।

ବିକାଶ ଅସମ୍ଭବ :

ଓଡ଼ିଶାରେ ସିନ୍ଧୁ ପ୍ରଦେଶ ପରି କୌଣସି ବିକାଶର ସମ୍ଭାବନା ନାହିଁ, କିମ୍ବା ଶିଳ୍ପ ବାଣିଜ୍ୟ ବା କରାଚୀ ପରି ବନ୍ଦର ପ୍ରଭୃତି ଓଡ଼ିଶାରେ ନାହିଁ। ଏପରି ସ୍ଥଳେ ଲୋକଙ୍କୁ କେବଳ ଅଫିମ ଗଞ୍ଜାଇ ଖୁଆଇବା ଓ ମାମଲା ମକଦ୍ଦମା, ଟଙ୍କା କରଜ ଓ ଜମି ବିକ୍ରୀ କରାଇବା ଛଡ଼ା ଅସାକ୍ଷାତ୍ କରରେ ଆୟ ବଢ଼ାଇବାର କୌଣସି ସମ୍ଭାବନା ନାହିଁ। ସାକ୍ଷାତ କର ଭୂରାଜସ୍ୱ। ସେଥିରେ ଦେଶର ପ୍ରଜାମାନେ ଭୀଷଣ ଭାବରେ ନିଷ୍ପେଷିତ। ଜମିଦାରୀ ବିଶେଷରେ ଚିରସ୍ଥାୟୀ ବନ୍ଦୋବସ୍ତ ଓ ଗଞ୍ଜାମ ପ୍ରଭୃତିରେ ଆୟର ଭାଗ ଦେବାର ବ୍ୟବସ୍ଥା ଥିବାରୁ ଲୋକଙ୍କ ଉପରେ ଏ କର ବଢ଼ାଇ ସରକାରଙ୍କର ଲାଭ କରିବାର କୌଣସି ପନ୍ଥା ନାହିଁ। ତେବେ ଓଡ଼ିଶାର ଗତି କ'ଣ ହେବ ? ଓଡ଼ିଆ ପୁଣି ଖଣ୍ଡିଆ ପ୍ରଦେଶଟାଏ ପାଇଛନ୍ତି। ବିଶ୍ୱବିଦ୍ୟାଳୟ ହାଇକୋର୍ଟ, ପୁଲିସ ଟ୍ରେନିଂ ପ୍ରଭୃତି ନାନା ବିଭାଗରେ ଏବେ ମଧ୍ୟ ପରଦ୍ୱାରେ ଅର୍ଥୋପହାର ଦେଇ ସାହାଯ୍ୟ ଓ ସହଯୋଗ ଭିକ୍ଷା କରୁଛନ୍ତି। ସେଥିରୁ ବା ଉଦ୍ଧାର ପାଇବେ କିପରି ? ଆଉ କିଛି ନ ହେଲେ ମଧ୍ୟ ସେତକ ତ ଦରକାର।

Digitized by PPRACHIN, SOA

ଓଡ଼ିଶା କେନ୍ଦ୍ରସରକାରକୁ କ'ଣ ଦିଏ ?

ଅସାକ୍ଷାତ୍ କର ଓଡ଼ିଶା ଯେ ନ ଦିଏ ତା ନୁହେଁ। ଅନ୍ୟାନ୍ୟ ପ୍ରଦେଶଠାରୁ ଓଡ଼ିଶା ଏ କ୍ଷେତ୍ରରେ କିଛି କମ୍ ଦିଏ ନାହିଁ। କିନ୍ତୁ ଅନ୍ୟାନ୍ୟ ପ୍ରଦେଶରେ ଏ ଅସାକ୍ଷାତ୍ କରରୁ ପ୍ରଦେଶର କେହି ହେଲେ ଲୋକେ ଭାଗ ପାନ୍ତି। ସେଥିରେ ପ୍ରଦେଶର ଧନ ବଢ଼ିଲେ ବଢ଼େ ଓ ଫଳରେ ପ୍ରାଦେଶିକ ସରକାର ଲାଭବାନ୍ ହୁଅନ୍ତି। କିନ୍ତୁ ଓଡ଼ିଶାର ସେସବୁ ଧନ ଚୂନା ଜାଲରେ ମାଛ ଧରି ନେଲାପରି କେନ୍ଦ୍ର ସରକାର ଧରି ଘେନି ଯାନ୍ତି। ଓଡ଼ିଶା ପାଇଁ ସେଥିରୁ କିଛି ଭାଗ ରହେ ନାହିଁ। ଲୁଗା, ଚିନି, ଲୁହା, ଲୁଣ, ଡିଆସିଲି, ଏପରି କି ଛୁଞ୍ଚି, ଫିତା, ପିନ୍, କାଗଜ, ପେନ୍‌ସିଲ, ଖେଳନା ପ୍ରଭୃତି ସବୁଥିରେ ଏ ଦେଶ ଲୋକଙ୍କୁ ଟିକସ ଦେବାକୁ ହୁଏ। ପୋଷ୍ଟକାର୍ଡ୍, ଲଫାଫା, ଟେଲିଗ୍ରାମ, ଟେଲିଫୋନ୍ ଓ ରେଳ ଟିକସରେ ମଧ୍ୟ ଭାରତ ସରକାରଙ୍କୁ ଟିକସ ଦେବାକୁ ହୁଏ। ଭାରତ ସରକାର ବିଦେଶରୁ ଆସୁଥିବା ଲୁଗା ଓ ଚିନି ପ୍ରଭୃତିରେ ଟିକସ ବସାଇ ଦିଅନ୍ତି। ସେ ଟିକସ ଧନ ଭାରତ ସରକାରଙ୍କ ଖଜଣା ଖାନାକୁ ଯାଏ। ସେଥିରେ ଲୁଗା ଚିନି ପ୍ରଭୃତି ସେହି ସବୁ ଜିନିଷର ଏ ଦେଶ ବଜାରରେ ଯେଉଁ ଦାମ ହୁଅନ୍ତା ତାହା ଉପରେ ଟିକସ ପରିମାଣ ଅନୁପାତରେ ଦାମ ବଢ଼ିଯାଏ। ଫଳରେ ଲୋକେ ଏ ଅଧିକା ଧନତକ ଭାରତ ସରକାରଙ୍କ ଖଜଣାଖାନାକୁ ଅସାକ୍ଷାତ୍ କର ରୂପେ ଦିଅନ୍ତି। ଲୋକେ ସେତିକି ଦିଅନ୍ତି ନାହିଁ। ବିଦେଶୀ ଲୁଗା ଚିନି ପ୍ରଭୃତିର ଦାମ୍ ବଢ଼ିଯିବାରୁ ଏ ଦେଶରେ ତିଆରି ହେଉଥିବା ଚିନି ଓ ଲୁଗା ପ୍ରଭୃତିର ଦାମ ସେହି ହିସାବରେ ବଢ଼ିଯାଏ। ସେଥିରେ ଲୁଗା, ଚିନି ପ୍ରଭୃତି ତିଆରି କରୁଥିବା ଲୋକଙ୍କୁ ଯେଉଁ ଅଧିକା ଲାଭ ମିଳେ, ତାହା ମଧ୍ୟ ଆମ ପ୍ରଦେଶ ଲୋକେ ଏହି ଟିକସ ରୂପରେ ଦିଅନ୍ତି।

କେନ୍ଦ୍ରସରକାରଙ୍କ ଅସାକ୍ଷାତ୍ କାରର ପ୍ରକୃତି :

ଭାରତ ସରକାରଙ୍କ ଅର୍ଥ ସଚିବ ଏବେ ହିସାବ ଧରି କହିଥିଲେ, କେବଳ ଲୁଗା ଓ ଚିନିରେ ଏ ଭାରତ ଲୋକେ ୩୪ କୋଟି ଟଙ୍କା ଏହି ରୂପ କର ସ୍ୱରୂପ ଦିଅନ୍ତି। ସେଥିରୁ ୭ କୋଟି ମାତ୍ର ଟଙ୍କା ଭାରତ ସରକାରଙ୍କ ଖଜଣା ଖାନାକୁ ଆସେ। ବାକୀ ୨୭ କୋଟି ଟଙ୍କା ମିଲ୍ ପ୍ରଭୃତିର ମାଲିକ ଓ ବ୍ୟବସାୟୀଙ୍କ ଠାରୁ ଯାଏ। ଏଇ ୨୭ କୋଟିରୁ ଆଖୁ ତୁଳା ମଜୁରି ପ୍ରଭୃତି ପାଇଁ ୨୦ କୋଟି କାଟି ଦେଲେ ହେଁ, ବାକୀ ୭ କୋଟି ମିଲ ମାଲିକ ଓ ବଡ଼ ବ୍ୟବସାୟୀ-ପାଆନ୍ତି। ତେବେ ଏଇ ବାବଦରେ ସରକାର ଲୋକଙ୍କଠୁ ଯେତେ ପାଆନ୍ତି, ଅନ୍ତତଃ ଆଉରି ସେତିକି ମିଲ୍ ମାଲିକମାନେ ପାଆନ୍ତି। ଏବର ଅସାକ୍ଷାତ କର ଏଇ ହିସାବରେ ସାଧାରଣତଃ ଧରାଯାଇପାରେ।

Digitized by PPRACHIN, SOA

ଲୋକେ କେତେ ଦିଅନ୍ତି ?

ଏ ବର୍ଷ ବଜେଟରେ ଏ ଦେଶ ଲୋକେ ୬୪ କୋଟି ଟଙ୍କା ଅସାକ୍ଷାତ୍ କର ରୂପେ ଭାରତ ସରକାରଙ୍କୁ ଦେବେ, ଅର୍ଥାତ୍, ଜଣକେ ହାରାହାରି ୨ ଟଙ୍କା ଦେବେ। ଉପର ହିସାବ ଅନୁସାରେ ଦେଖିଲେ ପୁଣି ସେତିକି ଟଙ୍କା ଏ ଦେଶର ମିଲ୍ ମାଲିକ ଓ ବ୍ୟବସାୟୀଙ୍କୁ ଦେବେ। ଏଇପରି ଜଣକେ ବର୍ଷକୁ ଏବେ ୪ ଟଙ୍କା ଅସାକ୍ଷାତ୍ କର ଦେବାକୁ ପଡ଼ିଚି। ଏଥିରେ ଦେଶୀରାଜ୍ୟ ପ୍ରଜାଙ୍କୁ ମଧ୍ୟ ଧରାଯାଇଚି। ଦେଶୀରାଜ୍ୟ ମିଶାଇ ଓଡ଼ିଶାର ଲୋକସଂଖ୍ୟା ୮୨+୪୦=୧୨୨ ଲକ୍ଷ। ତେବେ, ଓଡ଼ିଶାର ଲୋକେ ଅସାକ୍ଷାତ୍ କର ବାବଦରେ ବର୍ଷକୁ ପ୍ରାୟ ପାଞ୍ଚ କୋଟି ଟଙ୍କା ଦେଉଛନ୍ତି।

ଓଡ଼ିଶା କେତେ ଦିଏ ?

ଅନ୍ୟ ପ୍ରଦେଶର ଲୋକେ ବି ଏଇ ହିସାବରେ ଦେଉଚନ୍ତି। କିନ୍ତୁ ସେସବୁ ପ୍ରଦେଶରେ ମିଲ୍ ଶିଳ୍ପ ଓ ବ୍ୟବସାୟ ପ୍ରଭୃତି ଥିବାରୁ, ଏ ଟଙ୍କାରୁ ଅନେକ ଭାଗ ସେସବୁ ପ୍ରଦେଶକୁ ଆସୁଚି। କିନ୍ତୁ ଓଡ଼ିଶାରେ ମିଲ ନାହିଁ, କାରଖାନା ନାହିଁ, କି ବ୍ୟବସାୟ ନାହିଁ। ଓଡ଼ିଶା କେବଳ ଭାରତ ମଙ୍ଗଳ ପାଇଁ ବର୍ଷକେ ଏଇ ୫ କୋଟି ଟଙ୍କା ଦେଇ ଦିନକୁ ଦିନ ଦରିଦ୍ର ହେଉଚି। ଅତଏବ ପ୍ରଦେଶର ବିକାଶ ପାଇଁ ସରକାର ଓଡ଼ିଶାକୁ ଦେଲା ବେଳେ ଏକଥା ମନେ ରଖିବା ଉଚିତ।

ଓଡ଼ିଶା ଏଥିରୁ କ'ଣ ପାଏ ?

ବଙ୍ଗଦେଶ ଦାବି କରିପାରିଲା ବୋଲି ଝୋଟ କର ପାଇଲା। ଆସାମ ପେଟ୍ରୋଲ କର ଲୋଡ଼ୁଛି। ବିହାର ମଧ୍ୟ ଚିନିର ଅବକାରୀ ଶୁଳ୍କ ମାଗିବାର ଆରମ୍ଭ କରୁଛି। ସେମାନେ ହୁଏତ ପୂରା ବା ଆଂଶିକ ପାଇବେ। ମାତ୍ର ଓଡ଼ିଶାରେ ଏସବୁ ଦାବି କରିବା ବା ମାଗିବାର ପ୍ରଣାଳୀ ପର୍ଯ୍ୟନ୍ତ ଅନେକଙ୍କୁ ଜଣା ନାହିଁ। ଲୋକମତର ଉଜ୍ଜ୍ୱଳତା ଓ ଦୃଢ଼ତା, ଏ କ୍ଷେତ୍ରରେ ନିତାନ୍ତ ପ୍ରୟୋଜନ।

ନବ ଭାରତ-୨/୧୧, ଆଲୋଚନା

ଓଡ଼ିଶାର ରାଜଧାନୀ ଗଠନ

ବାରାଣାସୀର ମନ୍ଦିର, ଗଠନରେ ପ୍ରାଚୀନ ଭାରତୀୟ ସ୍ଥାପତ୍ୟ କଳା ନିଜର ଅଙ୍ଗୀଭୂତ କରିବ ବୋଲି କହିଲେ ବୁଝିବାର ନୁହେଁ ଯେ, ଏହା ଠିକ୍ ଖିଚଙ୍ଗ ବା ଭୁବନେଶ୍ୱରର ରାଜାରାଣୀ ମନ୍ଦିର ପରି କିମ୍ବା ପୁରୀର ଅଭ୍ରଭେଦୀ ରେଖ ମନ୍ଦିର ପରି ଖାଲି ଗୋଟିଏ ଶିଳାସ୍ତୂପ ହେବ । ହୁଏତ ତାହା ହୋଇପାରେ । କିନ୍ତୁ ଶ୍ରୀଯୁକ୍ତ ଏସ୍.ସି ମୁଖାର୍ଜୀଙ୍କ

Digitized by PPRACHIN, SOA

ଭାରତୀୟ ଶିଳ୍ପ ବ୍ୟବହାରର ଆଦର୍ଶ ଠିକ୍ ତାହା ନୁହେଁ । ଏବେ ଏଇ ସମ୍ବୋଧନରେ ଶ୍ରୀଯୁକ୍ତ ଏସ୍.ସି ମୁଖର୍ଜି ଆମ ସଙ୍ଗେ କଥାବାର୍ତ୍ତା ହୋଇଥିଲେ । ସେ ଏବେ କଲିକତା ବିଶ୍ୱବିଦ୍ୟାଳୟରେ ଗୋଟିଏ ମୌଳିକ ଭାରତୀୟ ଶିଳ୍ପ ସାଧନାର ସ୍ଥାୟୀ ଅନୁଷ୍ଠାନ ଫିଟାଇବାରେ ଲାଗିଛନ୍ତି । ସେଥିପାଇଁ ଓଡ଼ିଶାର ଶିଳ୍ପ କଳା ଘେନି ଶିକ୍ଷା ଓ ଆଲୋଚନାର ବ୍ୟବସ୍ଥା ଏକାନ୍ତ ଆବଶ୍ୟକ ବୋଲି ତାଙ୍କର ଧାରଣା । ଏହି ଉଦ୍ଦେଶ୍ୟରେ ସେ ଦିନ ଭୁବନେଶ୍ୱର ସ୍ଥପତି ବଂଶର ଗୋଟିଏ କର୍ମୀ ସେ ଲୋଡ଼ିଥିଲେ ।

ଏଥିରୁ କେହି ନ ବୁଝନ୍ତୁ ଯେ, ସେହି କାଳର ମନ୍ଦିର ତୋଳିବାହିଁ ମୁଖର୍ଜିଙ୍କ ଅନୁଷ୍ଠାନର ଆଦର୍ଶ । ସେ ବିଶ୍ୱବିଦ୍ୟାଳୟରେ ଯେଉଁ ଅନୁଷ୍ଠାନଟି କରୁଛନ୍ତି, ତହିଁରେ ଗୋଟିଏ ପ୍ରସ୍ତାବ ହେଉଚି, କଲିକତା କର୍ପୋରେସନ କୌଣସି ନୂତନ ରାସ୍ତା, ପାର୍କ ବା କୋଠା ତିଆରି କରାଇବା ପୂର୍ବରୁ ଏହି ଅନୁଷ୍ଠାନରୁ ମଞ୍ଜୁର କରାଇ ନେବେ । ଏହି ଅନୁଷ୍ଠାନ ସେସବୁ ତନଖି କରି ସେସବୁ ଭାରତୀୟ ଶିଳ୍ପକଳା ଅନୁସାରେ ହେଉଛି କି ନା ତାହା କହିବେ । ଏହିପରି କ୍ରମେ ଭାରତର ନୂତନ ସହର ପ୍ରଭୃତିର ଗଠନ ସବୁ ଏବର ୟୁରେପୀୟ ରୀତି ଛାଡ଼ି ଭାରତୀୟ ଶିଳ୍ପ ରୀତିରେ ଗଠିତ ହେବ । ଏହି ଆଦର୍ଶରେ ମୁଖର୍ଜି ମହାଶୟ ଭାରତୀୟ ଶିଳ୍ପର ଅନୁଧାବନରେ ବ୍ରତୀ ହୋଇଛନ୍ତି । କଟକରେ ଏବେ ନୂଆ ହୋଇ ରାଜଧାନୀ ଗଢ଼ା ହେବ । କେତେ ରାସ୍ତା, ପାର୍କ, ସରକାରୀ ଓ ବେସରକାରୀ ଅଟ୍ଟାଳିକା ମାନଙ୍କର କଳ୍ପନା, ଯୋଜନା ଓ ଗଠନ ହେବ । ଭାରତୀୟ ଶିଳ୍ପର କଳାରେ ଓଡ଼ିଶାର ପ୍ରତିଷ୍ଠିତ ବିଶିଷ୍ଟତା ଥିବା ସ୍ଥଳେ ଓଡ଼ିଶାର ରାଜଧାନୀ ଗଠନରେ ଭାରତୀୟ ଶିଳ୍ପ ଓ ସ୍ଥାପତ୍ୟ କଳା ପ୍ରତି ଆଦର ଦେଖାଇବାର ଏଠାରେ ସ୍ୱଷ୍ଟ ଅବକାଶ ଅଛି ।

ନବ ଭାରତ–୨/୩, ଆଲୋଚନା

ଓଡ଼ିଶାର ରାଜଧାନୀ

ଓଡ଼ିଶାର ଲୋକମତ

ଓଡ଼ିଶାରେ ଲୋକମତ ନାହିଁ କହିଲେ ଚଳେ। ସରକାର ଏ କଥାଟିର ସୁବିଧା ନେବା ସ୍ୱାଭାବିକ। ଗଞ୍ଜାମ ଜଜ୍‌ଙ୍କ ସଙ୍ଗେ ପୁରୀ ରଖିବାକୁ ହେବ, ସେଥିରେ ଲୋକଙ୍କର ଯୁକ୍ତି ଶୁଣାଗଲା କେବଳ ଓକିଲାତି କରିବାର ସୁବିଧା ଘେନି। ଯାହା ବା ଶୁଣାଗଲା, ସେ ବଡ଼ ଦୁର୍ବଳ। ସେଥିରେ ପୁଣି ପ୍ରାଦେଶିକ ଶାସନ ଦୃଷ୍ଟିରୁ କୁହାଯିବା ଭଳି କଥା ନ ଥିଲା କହିଲେ ଚଳେ। ଓଡ଼ିଶାର ବାରଅଣା ଅନୁନ୍ନତ ଭୂମି ହେଲା। ତୁଣ୍ଡମୁଣ୍ଡ ନାହିଁ। ବ୍ୟବସ୍ଥା

Digitized by PPRACHIN, SOA

ସଭାରେ ମନୋନୀତ ମେମ୍ବର ଭର୍ତ୍ତି କରି ସରକାର ଭାରତରେ ଓଡ଼ିଶାର ସ୍ୱାତନ୍ତ୍ର୍ୟ ଦେଖାଇ ଦେଲେ। ଲୋକେ ଏକପ୍ରକାର ସେକଥା ଜାଣିଲେ ନାହିଁ। କମିଟିରେ ବସି କେତେଜଣଙ୍କର ତଥାସ୍ତୁ ବାଣୀ ଛଡ଼ା ଦେଶରେ ବଡ଼ ବେଶୀ ଚହଳ ପଡ଼ିଲା ନାହିଁ। ସେହିପରି କେନ୍ଦ୍ର ବ୍ୟବସ୍ଥା ସଭା ସମ୍ବନ୍ଧରେ ଓଡ଼ିଶା ପ୍ରତି ବହୁ ଅନ୍ୟାୟ କରାଯାଇଛି। ପରେ ତାହା ଆଲୋଚନା କରାଯିବ। ମାତ୍ର ଏଠାରେ କହିବା କଥା, ଦେଶରେ ସେଥିପାଇଁ ଚହଳ ନାହିଁ। ସରକାର ଏସବୁ ସୁବିଧା ଘେନି ଓଡ଼ିଆଙ୍କୁ ବେଖାତିର କରି କୌଣସି କୌଣସି ବିଶିଷ୍ଟଂମନ୍ୟ ଲୋକଙ୍କୁ ସଂକୀର୍ଣ୍ଣ ସ୍ୱାର୍ଥରେ ଭୁଲାଇ ଖେଳାଇବା ସ୍ୱାଭାବିକ।

କଟକର ଦାବି

ଓଡ଼ିଶାର କମିଶନରଙ୍କ ସ୍ଥାନ ଥିଲା କଟକ। ସେହିଠାରେ ଓଡ଼ିଶାର କଲେଜ ଥିଲା। ଇଞ୍ଜିନିୟରିଂ ଓ ଡାକ୍ତରୀ ସ୍କୁଲ ଥିଲା। ସମସ୍ତ ବିଭାଗୀୟ କର୍ମଚାରୀ ମାନଙ୍କର ଏ ପ୍ରଧାନ ସ୍ଥାନ ଥିଲା। ଛାପାଖାନା ସେହିଠାରେ ମୁଣ୍ଡ ଟେକୁଥିଲା। ଓଡ଼ିଶାରେ ଯାହା କିଛି ବାଣିଜ୍ୟ ବ୍ୟବସାୟ ଥିଲା, ନଦୀ ଓ ରେଳ ସୁବିଧାରୁ ସେହିଠାରେ ମଧ ସେସବୁର କେନ୍ଦ୍ର ଥିଲା; ଏବେ ମଧ ଅଛି। ଗଡ଼ଜାତ ପ୍ରାଦେଶିକ ଲୋକ ଶାସନରୁ ଅଲଗା ହେଲେ ମଧ ସାମାଜିକତା, ଶିକ୍ଷା ସଂସ୍କୃତିରେ ଓଡ଼ିଶାର ଏକ ଅଙ୍ଗ। ଏହି କଟକରେ ଗଡ଼ଜାତର ସଂସ୍ରବ କେନ୍ଦ୍ରୀଭୂତ ଓ ଘନିଷ୍ଠ। ଗଞ୍ଜାମ-ପୁରୀ-ବାଲେଶ୍ୱର ସମ୍ପର୍କ ରେଳ ହେତୁ କଟକ ସଙ୍ଗେ ସୁଗମ। ଦୂର ସମ୍ବଲପୁର ସଙ୍ଗେ ମଧ ନଦୀ, ରେଳ, ବସ୍ ପ୍ରଭୃତି ଯୋଗେ ଏହି କଟକର ସମ୍ବନ୍ଧ ସୁଲଭ ଓ ସ୍ପଷ୍ଟ। ଜୟପୁର, କଳାହାଣ୍ଡି, ପାଟଣା ପ୍ରଭୃତି ଦୂର ଉପାନ୍ତ ଭୂମିମାନଙ୍କର ଗଞ୍ଜାମ ସଙ୍ଗେ ଯେପରି ସମ୍ବନ୍ଧ, ସମ୍ବଲପୁର ଓ ଖଡ଼ିଆଳ ସଙ୍ଗେ ସେହିପରି ଥିଲା। ଏବେ ମଧ ବିଶାଖାପାଟଣା ଓ ରାୟପୁର ଦୁହେଁ ରେଳରେ ଯୋଡ଼ା ହୋଇଥିବାରୁ ସେ ସଂବନ୍ଧ ସେହିପରି ରହିଛି। ଏହି ରେଳବର୍ତ୍ମ ଅଧିକାଂଶ କଳାହାଣ୍ଡି, ପାଟଣା ଓ ସମ୍ବଲପୁର ଭିତରେ। ତେଣୁ ସମ୍ବଲପୁର ସଙ୍ଗେ ଏଇ ଭୂମିର ସମ୍ବନ୍ଧ ସ୍ପଷ୍ଟତର। ଏହିପରି ସବୁମନ୍ତେ କଟକ ଓଡ଼ିଶାର କେନ୍ଦ୍ର। ଓଡ଼ିଶାରେ ଯାହା ଲୋକମତ ଅଛି, କଟକରେ ତାହା କେନ୍ଦ୍ରୀଭୂତ। ଆଉ ପରେ ଯାହା ଲୋକମତ ଜାଗ୍ରତ ହୋଇପାରେ କଟକର ପ୍ରଭାବରେ ତାହା ଯେତେଦୂର ହେବାର ସମ୍ଭାବନା, ଅନ୍ୟତ୍ର ସେ ସମ୍ଭାବନା ନାହିଁ।

ଓଡ଼ିଶା ଲୋକମତର କେନ୍ଦ୍ର କଟକ

ଲୋକ ଶାସନରେ ଲୋକମତର ଉପଯୋଗିତା କଥା କହିବାର ପ୍ରୟୋଜନ ନାହିଁ। ପ୍ରାଦେଶିକ ଶାସନ କେନ୍ଦ୍ର, ପ୍ରାଦେଶିକ ଲୋକମତର କେନ୍ଦ୍ରରେ ରହିଲେ ଲୋକଶାସନର ଶକ୍ତି ବଢ଼ିବ ଓ ସୁବିଧା ହେବ। କଟକ ପୁଣି ଓଡ଼ିଶାରେ ସବୁଠାରୁ ବହୁ ଜନାକୀର୍ଣ୍ଣ ସହର। କୌଣସି ଦୈନିକ ସାପ୍ତାହିକାଦି ପତ୍ର କଟକରେ ଯେତେ ସୁବିଧାରେ ପ୍ରକାଶ ପାଇବ

Digitized by PPRACHIN, SOA

ଏବଂ ଯେପରି ସୁବିଧାରେ ତାହା ଯଥାର୍ଥ ଲୋକର ମୁଖପତ୍ର ହୋଇପାରିବ, ଅନ୍ୟତ୍ର ସେ ସମ୍ଭାବନା ନାହିଁ। ଓଡ଼ିଶାର ଅନ୍ୟ କୌଣସି ସହରର ଲୋକସଂଖ୍ୟା କଟକ ଲୋକସଂଖ୍ୟାର ଅଧାଅଧିରୁ ବେଶୀ ନୁହେଁ। ପୁଣି ଅନ୍ୟ କୌଣସି ସହରରେ ଏପରି କଲେଜ, ଏତେ ସ୍କୁଲ ନାହିଁ। ଶିକ୍ଷିତ ସାଧାରଣଙ୍କ ସଂଖ୍ୟା କଟକରେ ସବୁଠାରୁ ବେଶୀ। ଲୋକମତର ଗଠନ ପାଇଁ ଏହାର ଉପଯୋଗିତା ନିର୍ବିବାଦ।

ଅନ୍ୟତ୍ର ରାଜଧାନୀ ହେବାର ପ୍ରସ୍ତାବ

ଏଇଠାରେ ପ୍ରଦେଶର ରାଜଧାନୀ ହେବା ସ୍ୱାଭାବିକ, ଏଥିରେ ମଧ କାହାରି କିଛି ସନ୍ଦେହ ନ ଥିଲା; ହଠାତ୍ ଦପ୍ତରରୁ ଗୁପ୍ତ ସମ୍ବାଦ ମିଳିଲା, ଖୋର୍ଦ୍ଧାର ବରୁଣାଇ ପାହାଡ଼ ଉପରେ ଲାଟସାହେବଙ୍କ ଘର ହେଲେ ହାଉଆ, ଶିକାରର ସୁବିଧା ହେବ। ସେଥିପାଇଁ ବରୁଣେଇ ଓଡ଼ିଶାର ରାଜଧାନୀ ହୋଇପାରେ। ଏ ସମ୍ବାଦ ପ୍ରଚାରିତ ହେଉ ନହେଉଣୁ, ସବୁ କଥାରେ ଯେପରି, ଏ କଥାରେ ମଧ ସେହିପରି, ଜିଲ୍ଲାର ମୁଖ୍ୟଂମନ୍ୟ ମାନେ ବିବାଦ ବିସଂବାଦରେ ମାତିଗଲେ। ପୁରୀବାଲା କହିଲେ ପୁରୀରେ ହେବ। ଖୋର୍ଦ୍ଧାବାଲା ବରୁଣେଇକୁ ଭିଡ଼ିଲେ। ଏଥିରେ ପୁରୀ ଖୋର୍ଦ୍ଧାଙ୍କର ଗୋଟାଏ ସାଲିସ୍ ହୋଇ ବରୁଣୀ ନିର୍ଦ୍ଧାରଣ ସ୍ଥିର ହୋଇଗଲା। ଗଞ୍ଜାମ ସେତେବେଳେ ଡରି ଡରି କହିଲେ, କଟକ ନହେଲେ ବ୍ରହ୍ମପୁର ହେଉ। ବ୍ରହ୍ମପୁର ଠାରୁ ଗୋପାଳପୁର ପର୍ଯ୍ୟନ୍ତ ଅପନ୍ତରା ବାଲିପାଟ ପଡ଼ିଛି। ଏ ବାଲିପାଟର ତିନି ପଟେ ତିନି ସହର। ଏଥିରେ ସବୁ ପାଣି ନିଗିଡ଼ି ଯାଏ। ସମୁଦ୍ର ହାଉଆ ବର୍ଷ ତମାମ ସମଶୀତଳ। ଗୋପାଳପୁରରେ ଦିନେ ବନ୍ଦର ହେଲେ କଳ୍ପିତ ଧାମରାକୁ ମଧ ନାଶ ଶୁଙ୍ଘି ଦେବ। ବିଚରା ବାଲେଶ୍ୱର ସମ୍ବଲପୁର କି କରିବେ ? ଇଚ୍ଛା ହେଲେ ମଧ ସାହସ କରିପାରୁ ନାହାନ୍ତି। ବାଲେଶ୍ୱର ତ ଭୁଲରେ ହେଉ ଠିକ୍‌ରେ ହେଉ ମ୍ୟାଲେରିଆ ବୋଲି ଗୋଟାଏ ଦୁର୍ନାମ ଅର୍ଜି ବସିଛି। ମାତ୍ର ସମ୍ବଲପୁରର ଯେ ବରୁଣେଇ ଗଞ୍ଜାମ ଠାରୁ ବେଶୀ ଦାବି ଅଛି, ସେ କଥା କାହିଁକି ଶୁଣା ଯାଉ ନାହିଁ, ବୁଝିବା ଦୁଷ୍କର। ସମ୍ବଲପୁର ଜିଲ୍ଲାଟି ଓଡ଼ିଶାରେ ବୃହତ୍ତମ। ତିନି ଦିଗରେ-ବିଶାଖା ପାଟଣା-ରାୟପୁର ରେଳ, ଝାରସୁଗୁଡ଼ା-ଖଡ଼ଗପୁର ରେଳ, ତଥା ମେଢ଼ାମଣ୍ଡଳି-ପୁରୀ ରେଳ-ସମ୍ବଲପୁର ପୋଢୁଅ ପକାଇ ଭିତରେ ହାତ ପୂରାଇଲା ପରି ଓଡ଼ିଶାକୁ ରଖିପାରିବ। ରେଳ ଛଡ଼ା ପୁଣି ନଈ ସମ୍ବଲପୁର ପରି ନଈ ସୁବିଧା ଓଡ଼ିଶାରେ ନାହିଁ। ମନକୁ ତ ସମ୍ବଲପୁର ପୁରୀ କଟକ ଯୋଡ଼ାଏ ଜିଲ୍ଲାରେ ପାଣି ଛିଞ୍ଚିଛି। ମାତ୍ର ସମ୍ବଲପୁରରେ ଗୋଟାଏ ଆନିକଟ କରି ପାଣି ଧରି ଦେଲେ ଓଡ଼ିଶା ଯାକ ଯେ ବସୋ ପବିତ୍ରମସି ଶତଧାର' ହୋଇଯିବ, ଏକଥା ଜାଣିବା ପାଇଁ ଇଞ୍ଜିନିୟର ବୋଧହୁଏ ଦରକାର ନାହାନ୍ତି। ସମ୍ବଲପୁରର ସ୍ୱାସ୍ଥ୍ୟ କଥା କିଏ ନ ଜାଣେ ? ସମ୍ବଲପୁରର ସୌମ୍ୟ ମୂର୍ତ୍ତି ଷ୍ଟେସନରେ ଦେଖୁ ଦେଖୁ ଉପକୂଳ ଓଡ଼ିଶାରୁ ଯାଉଥିବା ଲୋକେ ଚମକି

Digitized by PPRACHIN, SOA

ପଡ଼ନ୍ତି। ପନ୍ଦର ବର୍ଷ ତଳେ ମଶା ତ ସମ୍ବଲପୁରରେ ନଥିଲେ। ଏବେ ମ୍ୟୁନିସିପାଲିଟି ତିଆରି କରିଥିଲେ ମଧ ବେଶୀ ହୋଇ ନ ଥିବ। ଖରାଦିନେ ପାଚିଲା ଗାମୁଛାର ସୁଖ, ବର୍ଷାଦିନେ ନଇ ପହଁରା, ଶୀତ ନ ସରୁଣୁ ଚାରିଆଡ଼େ ଦୂରରେ ପର୍ବତ ଯୋଡ଼ି (ମାକଡ଼ ବିହା) ପ୍ରଭାବିତ କବୋଷ୍ଣ ସମୀରଣ। ତା' ଛଡ଼ା ଚାଉଳ ଡାଲିର ଶ୍ରେଷ୍ଠତା, ଜିଲ୍ଲାଟିର ସାଧାରଣ ପରିଷ୍କାର ପରିଚ୍ଛନ୍ନତା, ଶିକ୍ଷାରେ କିଳାର ଶ୍ରୀବୃଦ୍ଧି ପ୍ରଭୃତି ବିଚାର କଲେ ସମ୍ବଲପୁରର ଦାବି ସର୍ବୋପରି।

ଏସବୁ କାରଣ ନୁହେଁ

କିନ୍ତୁ ଆମେ ପଚାରୁଁ, ଏ ଯୁଗରେ ଏସବୁ ବିଚାରରେ କ'ଣ ରାଜଧାନୀର ଉପଯୋଗିତା ଠିକ୍ କରାଯାଏ ? ଖାଲି ଲାଟ ସାହେବଙ୍କର ହାଓଆ ଖାଇବା ପାଇଁ କ'ଣ ରାଜଧାନୀଟିଏ ଦରକାର ? ସରକାରୀ ତରଫରୁ ରାଜଧାନୀ ବଦଳାଇବା ପାଇଁ ଯେ ସୂଚନା ଫିଙ୍ଗି ଦିଆଗଲା, ପୁଣି ସେହି ସୂଚନାକୁ ଯେ ଏବେ ଆଣି କମିଟିରେ ଠିଆ କରାଗଲାଣି, କେହି କହିବେ କି ଏପରି ଗୋଟିଏ ଅନାଗତ, ଆକସ୍ମିତ କଳ୍ପନାର ଭିତ୍ତି କ'ଣ ? କଟକ ତ ରାଜଧାନୀ ହେବାର କଥା। ସେଠାରେ ରାଜଧାନୀ ନ ହୋଇ ଅନ୍ୟତ୍ର ରାଜଧାନୀ ହେବାର କଳ୍ପନା ସରକାରୀ କର୍ମଚାରୀଙ୍କ ମନକୁ କାହିଁକି ଗଲା ? ସରକାର ପକ୍ଷରୁ ତାହାର ଗୋଟିଏ ସ୍ପଷ୍ଟ ବିବୃତି, କଳ୍ପନା ସଙ୍ଗେ ସଙ୍ଗେ ପ୍ରକାଶିତ ହେବା ଉଚିତ ନ ଥିଲା କି ? ଆମେ ବର୍ତ୍ତମାନ ବିଷୟଟିକୁ କି ଭାବରେ ଦେଖିବୁ, କି ବିଭାବରୁ ଆଲୋଚନା କରିବୁ, ବୁଝିପାରୁନାହିଁ। ଠେକୁଆ ନ ଦେଖି ବୁଦା ବାଡ଼େଇବାରେ ଲାଭ ନାହିଁ।

ଲୋକମତରୁ ଦୂରକୁ ରାଜଧାନୀ ନେବାର ଉଦ୍ୟମ

ଗୋଟିଏ କଥା। ଏ ଦେଶ ସରକାର ଲୋକ ଶାସନ ଦେଉଛନ୍ତି ବୋଲି ଯେତେ ବାହାନା କଲେ ମଧ ଲୋକମତର ଅନ୍ତରାଳରେ ଯଥାସମ୍ଭବ ଶାସନର ଚକ୍ର ଘୁରାଇବାକୁ ଚାହାନ୍ତି। ସେହି କଳ୍ପନାରେ ଦିନେ ଭାରତର ରାଜଧାନୀ କଲିକତାରୁ ଦିଲ୍ଲୀକୁ ନିଆ ହୋଇଥିଲା। କୋଡ଼ିଏ କୋଟି ଟଙ୍କା ଖର୍ଚ୍ଚ କରି ୨୪ ବର୍ଷ ଭିତରେ ସେଠାରେ ଏକ ଶ୍ମଶାନରେ ମହାଦେବଙ୍କ ଭୂମି ତିଆର ହୋଇଅଛି। ପାଣିର ଅଭାବ - ମଶାଙ୍କର ପ୍ରାଦୁର୍ଭାବ ହେତୁରୁ ନୂଆଦିଲ୍ଲୀରେ ବର୍ଷ ତମାମ୍ ରାଜଧାନୀ ରହିପାରିବ ନାହିଁ ବୋଲି ବିଶେଷଜ୍ଞମାନେ ଏବେ ମତ ଦେଉଛନ୍ତି। ଓଡ଼ିଶା ପରି କ୍ଷୁଦ୍ର ଭୂମିରେ ଏପରି ଦୁର୍ଗତିର କଳ୍ପନା କାହିଁକି ?

ସରକାର କାରଣ ପ୍ରକାଶ କରନ୍ତୁ

ଆମେ କହିଥିଲୁ, କଟକରେ ରାଜଧାନୀ ହେବାର କଥା। କଟକ ବିରୋଧରେ ବଳିଷ୍ଠ କାରଣ ବିନା ସରକାର ମଧ ଏହାର ଅନ୍ୟଥା କରିବେ ନାହିଁ। ସେ ବଳିଷ୍ଠ କାରଣ

Digitized by PPRACHIN, SOA

କ'ଣ ? କଟକର କୌଣସି ଅଞ୍ଚଳରେ ଜଳ ନିଷ୍କାସନର ଅସୁବିଧା ଥାଇପାରେ। କିନ୍ତୁ ପ୍ରଦେଶର ରାଜଧାନୀରେ ଏଭଳି ଅସୁବିଧା ଅସୁବିଧା ନୁହେଁ। ତେବେ କ'ଣ ପରିଶେଷରେ ଅବହେଳାରେ କଟକକୁ ଧ୍ୱଂସ କରିବାର କଳ୍ପନା କରାଯାଉଛି ? ସରକାର ଏ ସମ୍ବନ୍ଧରେ ନିଜର ସମସ୍ତ ଯୁକ୍ତି ପ୍ରକାଶ କରନ୍ତୁ। ଲୋକେ ସଂକୀର୍ଣ୍ଣ 'ଆମ'ତ୍ୱରେ ନ ଭୁଲି ଶୀଘ୍ର ସ୍ପଷ୍ଟ ଲୋକମତ ପ୍ରକାଶ କରିବାରେ ତତ୍ପର ହୁଅନ୍ତୁ। ଲୁଚା ଚୋରାରେ ଆଉ ଲୋକଶାସନର ଭିତ୍ତି ନ ପଡୁ।

ନବଭାରତ-୨/୧୧, ଆଲୋଚନା

ଓଡ଼ିଶା କାଉନ୍‌ସିଲ୍‌ର ପ୍ରଥମ ବୈଠକ

ସିନ୍ଧୁ ଓଡ଼ିଶା ଏକ ସଙ୍ଗେ ପ୍ରଦେଶ ହେଲା। ସିନ୍ଧୁର ଲୋକସଂଖ୍ୟା ୩୯ ଲକ୍ଷ, ଓଡ଼ିଶାର ୮୨ ଲକ୍ଷ। ଦୁଇ ପ୍ରଦେଶରେ ଗୋଟିଏ ଗୋଟିଏ ପରାମର୍ଶ ସଭାର ବ୍ୟବସ୍ଥା ହେଲା। ଏଥିରେ ସବୁ ମେମ୍ବର ଲାଟ୍ ସାହେବଙ୍କ ମନୋନୀତ। ମାତ୍ରକ ପୁରୁଣା ପ୍ରାଦେଶିକ ସଭା ମେମ୍ବରଙ୍କୁ ଏ ଘଟଣାରେ ଅନୁଗ୍ରହ ଦେଖାଇ ମନୋନୀତ କରି ନିଆ ହେଲା। ହେଲେହେଁ ସିନ୍ଧୁରେ ମେମ୍ବର ସଂଖ୍ୟା ହେଲା ୨୫, ଓଡ଼ିଶାରେ ହେଲା ୨୦। ଏଥିର କାରଣ ସରକାର ବୁଝନ୍ତି। ଦିଲ୍ଲୀ ସରକାର କହିଥିଲେ, ଯେଉଁ ଭୂମିର ପ୍ରାଦେଶିକ ସଭାରେ ଯେ ପରିମାଣ ମେମ୍ବର ଥିବେ, ସେହି ଅନୁପାତରେ ଏ ମେମ୍ବର ସଂଖ୍ୟା ଧରାଯାଇଛି। ସେ ମେମ୍ବର ସଂଖ୍ୟା ପାଇଁ ଓଡ଼ିଶା ବା ସିନ୍ଧୁ କେହି ଦାୟୀ ନୁହନ୍ତି। ଏଥିପାଇଁ ମଧ୍ୟ ନୁହନ୍ତି। ଏତିକି ନୁହେଁ, ଓଡ଼ିଶା ସିନ୍ଧୁ ଦୁଇ କାଉନ୍‌ସିଲ୍‌ରେ ପରେ ୬୦ ଲେଖାଏଁ ମେମ୍ବର ହେବେ। କେନ୍ଦ୍ର ସଭାରେ ମଧ୍ୟ ଦୁଇ ପ୍ରଦେଶରୁ ପ୍ରତ୍ୟେକ ସଭାକୁ ୫ ଜଣ ଲେଖାଏଁ ମେମ୍ବର ଯିବେ। ଏସବୁ ପରିସ୍ଥିତି, ତାହାର କାରଣ ଓ ବ୍ୟାପ୍ତି ବାରାନ୍ତରରେ ଆଲୋଚନା କରିବୁ।

ଏବେ ଗତ ମେ ୮ ଠାରୁ ୧୧ ମଧ୍ୟରେ ଓଡ଼ିଶାର ପରାମର୍ଶ ସଭାର ବୈଠକ ହୋଇ ଯାଇଛି। ଏ ସଭାର ସଭାପତି ଓଡ଼ିଶାରେ ଖୋଦ୍ ଲାଟ ସାହେବ। ସିନ୍ଧୁରେ ପରାମର୍ଶଦାତାଙ୍କ ମଧ୍ୟରେ ସବୁ ସମୟରେ ପରାମର୍ଶ ଦେବା ପାଇଁ ଅର୍ଥାତ୍ ମନ୍ତ୍ରୀ ଭଳି କାର୍ଯ୍ୟ କରିବା ପାଇଁ ଲୋକ ବଛା ହୋଇ ନିଯୁକ୍ତ ହୋଇଛନ୍ତି। ଓଡ଼ିଶାରେ ତାହା ହେଲା ନାହିଁ।

ସଭାର ବିଚାର :

ସଭାର ବିଚାର ପୁରୀଠାରେ ଆରମ୍ଭ ହେଲା। ଲାଟ ସାହେବ କାହିଁକି ସଭାପତି ହେବେ ବୋଲି ଘୋର ଆପତ୍ତି ହେବା ଉଚିତ ଥିଲା। କେହି କେହି ମଧ୍ୟ ସେଥିପାଇଁ ପ୍ରସ୍ତୁତ ଥିଲେ। କିନ୍ତୁ ସେମାନଙ୍କ ସଂଖ୍ୟା ନଗଣ୍ୟ ହେବାରୁ କିଛି ହେଲା ନାହିଁ। କିଏ ବା

Digitized by PPRACHIN, SOA

ଆପତ୍ତି କରିବ ? ମାନ୍ଦ୍ରାଜରୁ ଆସିଥିବା ଓଡ଼ିଶାର ତିନିଜଣ ମେମ୍ବର ଓ ବିହାରରୁ ଆସିଥିବା ଓଡ଼ିଶାର କେବଳ ପଣ୍ଡିତ ଗୋଦାବାରୀଶଙ୍କୁ ଛାଡ଼ିଦେଲେ ଆଉ କେହି ବ୍ୟବସ୍ଥା ସଭାରେ କଥା କହି ଜାଣୁଥିବାର କୌଣସି ପ୍ରମାଣ ମିଳିଲା ନାହିଁ। ପୂର୍ବରାତିର ଲେଖା ଖଣ୍ଡମାନ ଧରି ସମସ୍ତେ ବଜେଟ ବକ୍ତୃତା କୌଣସିମତେ ପଢ଼ି ସାଙ୍ଗ କଲେ। ଏମାନଙ୍କ ମଧ୍ୟରୁ ଅନେକେ ବହୁକାଳ ବିହାର ବଜେଟ୍ ଆଲୋଚନା ଦେଖିଛନ୍ତି। ସେଠାରେ ଯଦି ଏହିପରି ଆଲୋଚନା କରୁଥିବେ, ତେବେ ଏଭଳି ଲୋକପ୍ରତିନିଧିଙ୍କ ପ୍ରତି ଉଚ୍ଚ ସରକାରୀ କର୍ମଚାରୀଙ୍କର ଯେ କି ଖାତିର ଥିବ ତାହା ଅନୁମାନ ହେଉଛି। ଏଥିରେ ବେସରକାରୀ ସଭାପତି ପ୍ରଶ୍ନ ସରକାରଙ୍କ ମନକୁ ବା ଯିବ କାହିଁକି ?

ସମୟର ଅଭାବ କାରଣ ନୁହେଁ :

ପୁଣି ଆପତ୍ତି ଶୁଣାଗଲା, ସମସ୍ତ ବଜେଟ୍ ପଢ଼ିବା ପାଇଁ ଦିନେ ମାତ୍ର ସମୟ ମିଳିଥିଲା। ଆମେ ଜାଣୁ, ଭାରତ ବ୍ୟବସ୍ଥା ପରିଷଦରେ ପ୍ରାୟ ଏକଶହ କୋଟି ଟଙ୍କାର ରେଳ ବଜେଟ୍ ପାଇଁ ମେମ୍ବରଙ୍କୁ ଗୋଟିଏ ମାତ୍ର ଦିନ ସମୟ ଦିଆଯାଏ ଓ ବିରାଟତର ସାଧାରଣ ବଜେଟ୍ ପାଇଁ ଦୁଇଦିନ ମାତ୍ର ସମୟ ମିଳେ। ସାମାନ୍ୟ ଓଡ଼ିଶାର କର୍ମଚାରୀ-ବେତନ-ସର୍ବସ୍ୱ ବଜେଟ୍ ପାଇଁ ଗୋଟିଏ ଦିନ କାହିଁକି, ଗୋଟିଏ ଘଣ୍ଟା ମଧ୍ୟ ଯଥେଷ୍ଟ ହୋଇପାରେ। ଲୋକପ୍ରତିନିଧି ରୂପେ ଯେଉଁମାନେ ଲୋକଶାସନରେ ଯୋଗ ଦେବାର କାମନା ରଖନ୍ତି, ସେମାନେ ପୂର୍ବରୁ ଶାସନର ସବୁ ଅନ୍ଧି ସନ୍ଧି ଓ ଆୟ ବ୍ୟୟର ମୋଟାମୋଟି ପରିସ୍ଥିତି ଜାଣିଥିବା ଉଚିତ। ବଜେଟ୍ ଦେଖି ବିଷୟ ବଶେଷରେ ତାହା ମିଳାଇ ନେବାକୁ ହୁଏ। ନିଜ କଳ୍ପନାରେ ଯାହାର ବଜେଟ ଖେଳୁନାହିଁ, ତାକୁ ଦିନେ ଛାଡ଼ି ମାସେ ସମୟ ଦେଲେ ମଧ୍ୟ ସେ ବିଶେଷ କିଛି ଲାଭ କରିପାରିବ ନାହିଁ।

ମନ୍ତ୍ରୀ ଭଳି ଲୋକ ନିୟୋଗ :

ଦ୍ୱିତୀୟ କଥା, ଏହି ସଭାରୁ ସବୁ ସମୟ ଶାସନ ଚିନ୍ତାରେ ଦେବା ପାଇଁ ଲୋକ ବାଛିବା। ଓଡ଼ିଶା ପରିଭାଷାରେ କହିବାର ଶୁଣାଗଲା, ସରକାର 'Paid Adviser' ବା ସବେତନ ପରାମର୍ଶଦାତା ରଖିବେ। ସବେତନ କଥାଟି ଅନୁବାଦ, ମାତ୍ର ବୁଝାଗଲା କାର୍ଯ୍ୟରେ ଏହା 'ବେତନ-ସର୍ବସ୍ୱ' ବୋଲି ମେମ୍ବରମାନଙ୍କ ମଧ୍ୟରୁ ଅନେକେ ବୁଝିଥିବେ ଓ ସେହି ହିସାବରେ ହିଁ ପୂର୍ବରୁ ଦୁଇ ପକ୍ଷର ବିଚାର ଚାଲିଥିଲା। ଉଦ୍ଦେଶ୍ୟ ଖାଲି, କେହି ଜଣେ ଦୁଇଜଣ ମୋଟା ବେତନ ନେଇ ଗୋଟିଏ ନାମ ପାଇବେ। ସମସ୍ତଙ୍କର ବ୍ୟକ୍ତି ବିଶେଷଙ୍କ ପ୍ରତି ଦୃଷ୍ଟି ପଡ଼ିଲା। ଫଳରେ ବହୁ ପକ୍ଷରେ ନାମଞ୍ଜୁର। ସଭାକୁ ଆସିଲା ବେଳକୁ ଏକ ପକ୍ଷରୁ ସେ ବିଷୟରେ ତୀବ୍ର ପ୍ରତିବାଦ ଓ ଲାଟ ସାହେବଙ୍କ ଜୟଧ୍ୱନି ଘୋଷଣା, ଅନ୍ୟ ପକ୍ଷରୁ ଦୁଇ ତିନି ଜଣଙ୍କର ବେତନ ଭୋଗର ଦୁର୍ବଳ ସୂଚନା। ସରକାର

Digitized by PPRACHIN, SOA

ଆଗରୁ ଏ ଉଦ୍ଦେଶ୍ୟ ଓ ମାନସିକତା ବୁଝିଥିଲେ ସନ୍ଦେହ ନାହିଁ। ସରକାର କହିଦେଲେ, ଧନହୀନ ଅବସ୍ଥାରେ ବେତନ ଦେଇ ଲୋକ ରଖାଯାଇ ପାରିବ ନହିଁ। ଦରକାର ପଡ଼ିଲେ କିମିଟିଟାଏ କରି ସରକାର ବେଳେବେଳେ ତଥାସ୍ତୁ କରାଇ ନେଇ ପାରନ୍ତି- ଯିମିତି ଦିଅଙ୍କୁ ସେମିତିପୂଜା।

ନୀତି ହିସାବରେ ଏହା ହେବା ଉଚିତ୍-

ନୀତି ହିସାବରେ ଆମେ କହୁଁ, ବେତନ ଦିଆଯାଉ ବା ନ ଯାଉ ବେସରକାରୀ ପ୍ରତିନିଧି ଶ୍ରେଣୀର ଲୋକଙ୍କ ମଧ୍ୟରୁ ଅନ୍ତତଃ ଦୁଇ ଜଣଙ୍କୁ ଆଜିଠାରୁ ଶାସନକାର୍ଯ୍ୟରେ ଚିରସଙ୍ଗୀ କରି ରଖିବା ଲାଟ ସାହେବଙ୍କର ଉଚିତ୍। କାଲି ଲୋକଶାସନ ଆସିବ କୁହାଯାଇଛି, ମନ୍ତ୍ରୀମାନେ ଶାସନର ସମସ୍ତ ଭାରନେବେ। ଏହି ମନ୍ତ୍ରୀଙ୍କ ପରାମର୍ଶରେ ଲାଟ ସାହେବ କାମ କରିବେ। ତାହାର ପୂର୍ବରଙ୍ଗ ଲାଟ ସାହେବଙ୍କ 'ମେରିରାୟ', ନୁହେଁ। ଓଡ଼ିଶାର ପ୍ରାଦେଶିକ ଶାସନ ନଥିଲା। କେହି କେବେ ମନ୍ତ୍ରୀ ନ ଥିଲେ। ସେ ବିଷୟରେ ଏ ଦେଶରେ ଲୋକଶିକ୍ଷା ନାହିଁ କହିଲେ ଚଳେ। ଆଜିଠାରୁ ଲୋକ ପ୍ରତିନିଧିଙ୍କୁ ସେଥିରେ ତାଲିମ ହେବାକୁ ସୁବିଧା ଦେବା ଉଚିତ୍। କେଉଁ ଦଳର,କେଉଁ ମତର ଲୋକ ବର୍ତ୍ତମାନ ପାଇଁ ସେ କାର୍ଯ୍ୟ କରିବେ, ସେ ସ୍ୱତନ୍ତ୍ର କଥା। ହେଲେହେଁ, ଯେ ଲାଟ ହୋଇଚନ୍ତି, ସେ ଇଚ୍ଛା କଲେ ବହୁପକ୍ଷ ମତ ଓ ଲୋକଶାସନର ଯଥାର୍ଥ ସରଞ୍ଜାମ କେଉଁ ବ୍ୟକ୍ତିଙ୍କ ପଛରେ ବିଶେଷ ଅଛି, ତାହା ସହଜରେ ବୁଝି ନେଇ ପାରିବେ।

ଏ ବିଷୟରେ କେହି ନୀତି ଧରି ଯୁକ୍ତି କଲେ ନାହିଁ-

କିନ୍ତୁ କାହିଁକି ଏପରି କିଛି ସଦ୍‌ଯୁକ୍ତିର ତୀବ୍ର ଅବତାରଣା ସଭାର ବୈଠକରେ ଶୁଣାଗଲା ନାହିଁ। ଯେଉଁମାନଙ୍କର ଏପରି ଲୋକ ବଛା ହେବାର ମତ, ସେମାନଙ୍କ ମତ ରହୁ ବା ନ ରହୁ, ସେମାନଙ୍କ ସଂଖ୍ୟା ବେଶୀ ହେଉ ବା ଅଳ୍ପ ହେଉ,ସେମାନେ ନିଜର ବ୍ୟାଖ୍ୟାନରେ ଦୃଢ଼ ଲୋକଶାସନ ନୀତି ଉପରେ ଛିଡ଼ାହୋଇ ସରକାରଙ୍କୁ ତଥା ଲାଟସାହେବଙ୍କୁ ଜଣାଇଦେବା ଉଚିତ୍ ଥିଲା। ଶିକ୍ଷା,ଶିଳ୍ପ, କୃଷି, ସ୍ଥାନୀୟ ସ୍ୱାୟତ୍ତଶାସନ ତଥା ପୁଲିସ ଅବକାରୀ ଜଙ୍ଗଲ ପ୍ରଭୃତି ପ୍ରତ୍ୟେକ କ୍ଷେତ୍ରରେ ଆଜିଠାରୁ ଯଥାର୍ଥ ଲୋକ ସଂପର୍କରେ ଆସି ଲୋକଙ୍କର ମତାମତ, ଅଭାବ ଅଭିଯୋଗ ଅବଧାରଣ କରି ଭବିଷ୍ୟତ୍ ପାଇଁ ସୁଚିନ୍ତିତ କଳ୍ପନା ଓ ଯୋଜନାମାନ କରିବାର ସୁବିଧା ଲୋକପ୍ରତିନିଧିଙ୍କୁ ନ ଦେଲେ, ଭବିଷ୍ୟତ୍‌ର ଲୋକଶାସନ ସୁଗମ ଓ ସୁଲଭ ହେବ ନାହିଁ। ଏ ଦେଶରେ ପୁଣି ଟଙ୍କା ନାହିଁ, ଲୋକେ କର ଦେଇଦେଇ ରକ୍ତହୀନ, ଦାରୁଣ ଋଣ ଭାରାକ୍ରାନ୍ତ। ସହଯୋଗ ସମିତିମାନ ଗ୍ରାମେ ଗ୍ରାମେ ଜୀର୍ଣ୍ଣ ଓ ଭାଙ୍ଗି ନ ଥିଲେ ମଧ୍ୟ ଅତ୍ୟନ୍ତ ଭଙ୍ଗ-ପ୍ରବଣ। ଦେଶର କୃଷି ଚିର-ପରିତ୍ୟକ୍ତ। ଜଳସେଚନ ଅନେକଠାରେ ନାହିଁ। ଯେଉଁଠାରେ ଅଛି ସେଠାରେ

Digitized by PPRACHIN, SOA

କେବଳ କରଭାର ଛଡ଼ା ଲୋକେ ତାକୁ ଅନ୍ୟ ଦୃଷ୍ଟିରେ ଦେଖି ନାହାନ୍ତି। ଶିଳ୍ପର ବିକାଶ ପାଇଁ ଏ ଦେଶରେ କୌଣସି କଳ୍ପନା ପର୍ଯ୍ୟନ୍ତ ନାହିଁ। ବଢ଼ି ମରୁଡ଼ିଗ୍ରସ୍ତ ପ୍ରଜା ଏ ଦେଶରେ ବିଦେଶରୁ ଧନ ଆଣି କର ଦେଉଚି। ଏ ସବୁର ପ୍ରତିକାର, ସଂଶୋଧନ ଓ ବିକାଶ କାଲି ମନ୍ତ୍ରୀଙ୍କ ହାତେ ପଡ଼ିବ। ସେ କେଉଁଆଡୁ ଟଙ୍କା ଆଣିବେ, କେଉଁ ସ୍ୱାଭାବିକ ସଂପଦ ବା ଅସ୍ୱାଭାବିକ କରଭାର ଘେନି ଦେଶରେ ଧନ ବଢ଼ାଇବେ ? ଲୋକଶାସନ ପୁଣି ଲୋକପ୍ରିୟ ହେବା ଉଚିତ୍। ସରକାରୀ କର୍ମଚାରୀ ଜଣେ ଏ ସବୁ କରିପାରିବାକୁ ଖାଲି ଯେ ଅସମର୍ଥ ତାହା ନୁହେଁ, ଲୋକଙ୍କ ଅବସ୍ଥା, ଅଭିପ୍ରାୟ, ଆକାଂକ୍ଷାଦି ତାଙ୍କ ପକ୍ଷରେ ଜାଣିବା ସେତେ ସହଜ ନୁହେଁ। ସେ ଶାସକଙ୍କୁ କେବଳ କର ସଂଗ୍ରହ ଓ କର୍ମଚାରୀ ବେତନ ହିସାବରେ ଆୟବ୍ୟୟ ସମାନ କରିବା ଛଡ଼ା ଏ ବର୍ଷ ମଧ୍ୟରେ ଅନ୍ୟ କୌଣସି ଦୃଷ୍ଟିରେ ଦେଖିବେ ନାହିଁ। ସେପରି ଦେଖିବାର ମଧ୍ୟ ବଜେଟ୍‌ରେ କୌଣସି ସୂଚନା ନାହିଁ। ତେବେ ବର୍ଷ ପାଇବା ମାତ୍ରେ ଦୁଇ ଜଣ ବେସରକାରୀ ଲୋକଙ୍କ ଉପରେ ଏହି ଚିରାଚରିତ ଶାସନ-ଚକ୍ର ଚିପି ଦେଇ ତାଙ୍କୁ ମନ୍ତ୍ରୀବୋଲି କହିବାରେ କି ଲାଭ ହେବ ? ଏସବୁ ପ୍ରଦେଶରେ ଦ୍ୱୈତ ଶାସନରୁ ଲୋକଶାସନ ବିକାଶ ପାଇବ। ଓଡ଼ିଶାରେ ଉଷୁନା ଧାନରୁ ଏକାବେଳକେ ଗଜା ହେଲାପରି ଏ କଳ୍ପନା କାହିଁକି କରାଯାଉଛି ?

ଫଳରେ କ'ଣ ହେବ ?–

ଫଳରେ ମନ୍ତ୍ରୀ ଗୋଟିଏ ନୂତନ ଚରାଭୂମିରେ ଅତର୍କିତ ଭାବରେ ପଡ଼ିଯିବେ। ହୁଏତ ସେ ମନ୍ତ୍ରୀତ୍ୱ ଛାଡ଼ିବେ, କିମ୍ବା ଯେଉଁମାନେ ଶାସନଚକ୍ର ପ୍ରାଚୀନ ମତରେ ଗଢ଼ି ତାଙ୍କ ଉପରେ ଚିପି ଦେବେ, ସେହିମାନଙ୍କ କଥାରେ ତଥାସ୍ତୁ ଭରିବେ। ଏ ଉଭୟରୁ କୌଣସିଟି ଲୋକଶାସନର ଉଦ୍ଦେଶ୍ୟ ନୁହେଁ। ଆଜିଠାରୁ ଲୋକପ୍ରତିନିଧି ତଥା ଲୋକଙ୍କର ଚିନ୍ତାଧାରାକୁ ସ୍ୱଷ୍ଟ ଲୋକଶାସନନୀତି ଓ ପ୍ରଣାଳୀ ଆଡ଼କୁ ଚଳାଇବାକୁହେବ। ଏ ଯଥେଚ୍ଛାଚାର ଶାସନ ତାହାର ପନ୍ଥା ନୁହେଁ। ଏ ଶାସନ ଶିଖିବାପାଇଁ କୌଣସି ପରିଶ୍ରମ ଲୋଡ଼ା ନାହିଁ। ଉଦାହରଣ ପାଇଁ ମଧ୍ୟ ଏଇ ଓଡ଼ିଶାରେ ଅନେକ ଦେଶୀ ରାଜ୍ୟ ଅଛି- ଅନୁଗୁଳ ମଧ୍ୟ ଅଛି।

ଓଡ଼ିଶାର ଭାବୀ ଦୁର୍ଗତି–

ମାତ୍ର ଏ ସବୁ ଦୃଷ୍ଟିରେ ବିଷୟଟି ଛିଡ଼ା କରିବାର କାହାରି କୌଣସି କଳ୍ପନା ଥିଲା ପରି ଜଣାପଡିଲା ନାହିଁ। ଏଥିରୁ ଓଡ଼ିଶାର ଭବିଷ୍ୟତ ଶାସନ ବହୁ ପରିମାଣରେ ଅନୁମାନ କରାଯାଉଛି। ଆଶା କରୁଁ ଅତି ଶୀଘ୍ର ଏ ଦେଶରେ ଚିନ୍ତାଧାରା ଫେରିବ। ଲୋକଶାସନର ସ୍ୱଷ୍ଟ ନୀତିରେ ଉଦ୍‌ବୁଦ୍ଧ ହୋଇ ଲୋକେ ନିଜର ଦାବୀ ତୀବ୍ର ଭାବରେ ପ୍ରକାଶ କରିବେ। ଲାଟସାହେବଙ୍କ ପ୍ରିୟ ହୋଇ 'Paid' ବା ବେତନ ସର୍ବସ୍ୱ ହେବାକୁ ଯେପରି ଲୋକେ

Digitized by PPRACHIN, SOA

ତଥା ପ୍ରତିନିଧିମାନେ ଲୋକଶାସନର ସର୍ବସ୍ୱ ବୋଲି ନ ମଣନ୍ତି। ଲୋକେ ଶୀଘ୍ର ଉଦ୍‌ବୁଦ୍ଧ ନ ହେଲେ ଓଡ଼ିଶାର ଲୋକଶାସନ ଯଥାର୍ଥ ଗଡ଼ଜାତ ଶାସନରେ ପରିଣତ ହେବ, ସନ୍ଦେହ ନାହିଁ।

ନବ ଭାରତ- ୨/୧୧, ଆଲୋଚନା

କେନ୍ଦ୍ର ସରକାରରେ ଓଡ଼ିଶା

ଗତ ଥର କି ପ୍ରଦେଶ ପାଇଚୁଁ ବୋଲି ଆଲୋଚନା କଲାବେଳେ କେବଳ ପ୍ରାଦେଶିକ ସରକାରର ପରିସ୍ଥିତି ବିଷୟରେ କହିଥିଲୁଁ। ଏବେ କେନ୍ଦ୍ର ସରକାରରେ ଓଡ଼ିଶା କିପରି ଅବହେଳିତ ହୋଇ ଦୁର୍ବ୍ୟବହାରରେ ପଡିଛି, ତାହା ଦେଖାଯାଉ।

କେନ୍ଦ୍ରସରକାରର ବ୍ୟବସ୍ଥା ସଭା-

ଓଡ଼ିଶାର ଲୋକସଂଖ୍ୟା ୮୨ ଲକ୍ଷ। ଆସାମର ମଧ ୮୨ ଲକ୍ଷ। ସିନ୍ଧୁପ୍ରଦେଶ ୩୯ ଲକ୍ଷ ଓ ଉତ୍ତରପଶ୍ଚିମ ସୀମାନ୍ତ ପ୍ରଦେଶ ୨୪ ଲକ୍ଷ। ଆସାମ କଥା ଛାଡ଼ି ଦିଅ। ସେଠାରେ ବହୁ ଭୁମି ଅନୁନ୍ନତ ହେଲେହେଁ କେତେଗୁଡିଏ ଇୟୁରୋପୀୟ ଚା ବଗିଚା ମାଲିକ ଅଛନ୍ତି। ଅତଏବ୍ ଇଂରେଜ ସରକାରଙ୍କର ତାହା ପ୍ରତି ଯେ ସ୍ୱତନ୍ତ ବ୍ୟବସ୍ଥା ହୋଇଛି, ସେଥିରେ ଆଶ୍ଚର୍ଯ୍ୟ କଥା କିଛି ନାହିଁ। ତାର ସମାଲୋଚନା ନ କରିବାହିଁ ଭଲ।

କିନ୍ତୁ ଓଡ଼ିଶା, ସିନ୍ଧୁ ଓ ସୀମାନ୍ତ ପ୍ରଦେଶ ତିନିଙ୍କର କେନ୍ଦ୍ର ବ୍ୟବସ୍ଥା ସଭା ଦିଓଟିରେ ସମାନସଂଖ୍ୟକ ଅର୍ଥାତ୍ ୫ଟି ଲେଖାଁଏ ଆସନ ଦିଆ ହୋଇଛି-ଏ ପ୍ରତ୍ୟେକ ଉପର ସଭାକୁ ୫ଟି ଓ ତଳ ସଭାକୁ ୫ଟି ଲେଖାଏଁ ମେମ୍ବର ପଠାଇବେ। ଏପରି ବ୍ୟବସ୍ଥାର କୌଣସି କାରଣ ଦେଖାଯାଉ ନାହିଁ। ଯେଉଁ ଶାସନକୁ କେନ୍ଦ୍ର ଶାସନ କୁହାଯାଉଚି, ସେଥିରେ ଲୋକସଂଖ୍ୟା ହିସାବରେ ବ୍ୟବସ୍ଥା ସଭା ଗଢ଼ିବା ହିଁ ଉଚିତ। ଓଡିଶା ଭାଗ୍ୟକୁ ତାହା ହୋଇ ନାହିଁ।

ଉପର ବ୍ୟବସ୍ଥା ସଭା

ଉପର ବ୍ୟବସ୍ଥା ସଭାକୁ ସଭ୍ୟ ନିର୍ବାଚିତ ହେବେ। ସେଥିପାଇଁ ଭୋଟ ଦେବା ଲୋକଙ୍କର ଯୋଗ୍ୟତା ନିର୍ଦ୍ଦେଶ କରାଯାଇଛି। ଉତ୍ତର ପଶ୍ଚିମ ପ୍ରଦେଶ ପାଇଁ ବ୍ୟବସ୍ଥା ହୋଇଛି, ଯେ ୪ ହଜାର ଟଙ୍କା ବା ତହିଁରୁ ଅଧିକ ଟଙ୍କା ଉପରେ ଇନ୍‌କମ୍ ଟିକସ ଦେଉଥିବେ, ସେ ଉପର ବ୍ୟବସ୍ଥା ସଭା ପାଇଁ ନିର୍ବାଚନରେ ଭୋଟ ଦେଇ ପାରିବ। ମାତ୍ର ଓଡ଼ିଶା ପାଇଁ ବ୍ୟବସ୍ଥା ହୋଇଛି, ଯେ ୧୦ ହଜାର ଟଙ୍କା ବା ତହିଁରୁ ଅଧିକ ଟଙ୍କା ଉପରେ ଆୟକର (ଇନ୍‌କମ୍ ଟିକସ) ଦେଉଥିବେ, ସେ ଏହି ନିର୍ବାଚନରେ ଭୋଟ ଦେଇ ପାରିବ। ସେତିକି ନୁହେ, ଅନ୍ୟାନ୍ୟ କେତେକପ୍ରଦେଶର ଏହି ଭୋଟର

Digitized by PPRACHIN, SOA

ଯୋଗ୍ୟତାରେ ଅନ୍ୟୂନ କେତେ ଟଙ୍କାରେ ଆୟକର ଦେବାକୁ ହେବ, ତାହା ଦେଖାଯାଉ ।

ଆସାମ ୩ହଜାର, ମଧ୍ୟ ପ୍ରଦେଶ ୭ ହଜାର

ବିହାର ୭ ହଜାର ୫ ଶହ, ପଞ୍ଜାବ ୫ ହଜାର

ଯୁକ୍ତ ପ୍ରଦେଶ ୪ ହଜାର, ଉ.ପ. ପ୍ରଦେଶ ୪ ହଜାର

ବଙ୍ଗ ୫ ହଜାର, ମାନ୍ଦ୍ରାଜ ୭ ହଜାର ୫ ଶହ

ଆଜମିର ଯେ ଇନ୍‌କମ୍ ଟିକସ ଦେଉଥିବ (ବର୍ତ୍ତମାନ ପାଇଁ ୨ ହଜାର)

କୁର୍ଗ ୫ ହଜାର

କେବଳ ଦିଲ୍ଲୀ ୧୦ ହଜାର, ବମ୍ବେ ଓ ସିନ୍ଧୁ ପ୍ରଦେଶ ଦଶହଜାରରୁ ବେଶୀ । ଓଡ଼ିଶା କ'ଣ ତେବେ ଦିଲ୍ଲୀ, ବମ୍ବେ ବା ସିନ୍ଧୁ ପରି ଧନୀ ବୋଲି ଏ ବ୍ୟବସ୍ଥା କରାଯାଇଛି ? ଓଡିଶାରେ କଣ ବହୁତଟଙ୍କା ଉପରେ ଇନକମ୍ ଟିକସ ଦେଉଥିବା ଲୋକ ସଂଖ୍ୟା ବେଶୀ ? ଏପରି ବ୍ୟବସ୍ଥା ଯେ କାହିଁକି ହୋଇଛି ତାହାର କାରଣ ବୁଝିବା ଦୁର୍ଘଟ ଫଳରେ କଣ ହୋଇଛି ଦେଖାଯାଉ । ବିରାଟ ଓଡ଼ିଶାରୁ ତୁଳନାରେ ଅତି ଅଳ୍ପ ସଂଖ୍ୟକ ସଭ୍ୟ ନିର୍ବାଚିତ ହେଉଥିଲେ ମଧ୍ୟ ଅର୍ଥାତ୍ ନିର୍ବାଚନ ମଣ୍ଡଳୀ ସୁବୃହତ୍ ହୋଇଥିଲେ ମଧ୍ୟ ଅନ୍ୟାନ୍ୟ ତୁଳନାରେ ଓଡ଼ିଶାରେ ଭୋଟରଙ୍କ ସଂଖ୍ୟା କିପରି କମିଯାଇଛି, ତାହା ଦେଖାଯାଉ । ଓଡିଶାରେ-

କଟକରୁ ଜଣେ

ଲୋକସଂଖ୍ୟା-୨୨ ଲକ୍ଷ ୫୦ ହଜାର, ଭୋଟର ସଂଖ୍ୟା-୩୩୫ ।

ବାଲେଶ୍ବରରୁ ଜଣେ

ଲୋକସଂଖ୍ୟା ୧୦ଲକ୍ଷ , ଭୋଟର ସଂଖ୍ୟା ୧୭୦

ପୁରୀ ସମ୍ବଲପୁରରୁ ଜଣେ

ଲୋକସଂଖ୍ୟା ୨୦ ଲକ୍ଷ , ଭୋଟର ସଂଖ୍ୟା ୨୩୬

ଗଞ୍ଜାମ କୋରାପଟରୁ ଜଣେ

ଲୋକ ସଂଖ୍ୟା ୨୭ ଲକ୍ଷ , ଭୋଟର ସଂଖ୍ୟା ୧୬୯

ସମସ୍ତ ଓଡିଶାରୁ ମୁସଲମାନ ଜଣେ

ଭୋଟର ସଂଖ୍ୟା ୮୩

ଉତ୍ତର ପଶ୍ଚିମ ସୀମାନ୍ତ ପ୍ରଦେଶରେ

ସମସ୍ତ ପ୍ରଦେଶରୁ ହିନ୍ଦୁ ଶିଖ ଜଣେ

ଲୋକସଂଖ୍ୟା ୨ ଲକ୍ଷ , ଭୋଟର ସଂଖ୍ୟା ୬ ଶହ

ସମସ୍ତ ମ୍ୟୁନିସିପାଲିଟିରୁ ମୁସଲମାନ ଜଣେ

Digitized by PPRACHIN, SOA

ଲୋକସଂଖ୍ୟା ୨ ଲକ୍ଷ , ଭୋଟର ସଂଖ୍ୟା ୨ ହଜାର

ପେସବାର ଜିଲା ମଫସଲରୁ ଜଣେ ଆସିବ

ଲୋକ ସଂଖ୍ୟା ୮ଲକ୍ଷ, ଭୋଟର ସଂଖ୍ୟା ୬ଶହ

ହାଜରା ଜିଲା ମଫସଲରୁ ଜଣେ

ଲୋକସଂଖ୍ୟା ୬ ଲକ୍ଷ , ଭୋଟର ସଂଖ୍ୟା ୨ଶହ

ଦକ୍ଷିଣ ଜିଲାମାନଙ୍କରୁ ଜଣେ

ଲୋକସଂଖ୍ୟା ୬ ଲକ୍ଷ , ଭୋଟର ସଂଖ୍ୟା ୬ ଶହ

ଯୁକ୍ତ ପ୍ରଦେଶରେ ନିର୍ବାଚନ ମଣ୍ଡଳୀର ଲୋକ ସଂଖ୍ୟା ଦିଆଯାଇ ନାହିଁ। ମାତ୍ର ସହରର ନିର୍ବାଚନ ମଣ୍ଡଳୀରେ ଭୋଟର ସଂଖ୍ୟା ୨୭୬୩, ମଫସଲ ହିନ୍ଦୁ ନିର୍ବାଚନ ମଣ୍ଡଳୀରେ ୧୭୫୭, ୧୪୪୭, ୧୪୫୭, ୧୪୪୧, ୧୩୯୧, ୯୦୩, ୮୭୪,୫୧୨ ଓ ୩୦୭। ସେଇପରି ମୁସଲମାନ ନିର୍ବାଚନ ମଣ୍ଡଳୀମାନଙ୍କର ୬୬୮ ରୁ ୨୭୪ ପର୍ଯ୍ୟନ୍ତ ଭୋଟର ସଂଖ୍ୟା ଉଠିଅଛି।

ଅନ୍ୟାନ୍ୟ ପ୍ରଦେଶର ଭୋଟର ସଂଖ୍ୟା ମଧ ଏହିପରି ବେଶୀ ବେଶୀ ହୋଇଅଛି। କିନ୍ତୁ ଦେଖା ଯାଉଛି, ଯେପରି କି ଇଚ୍ଛା କରି ଓଡ଼ିଶାରେ ଏ କ୍ଷେତ୍ରରେ ଭୋଟର ସଂଖ୍ୟା କମାଇ ଦିଆଯାଇଛି।

ଫଳ କ'ଣ ହେବ ?-

ଓଡ଼ିଶା ଜମିଦାରଙ୍କ ଦେଶ। ଏହି ଜମିଦାରମାନେ ପୁଣି ସରକାର ଓ ଲୋକଙ୍କ ମଧ୍ୟରେ ଗୋଟିଏ ମାତ୍ର ଶ୍ରେଣୀ ନୁହନ୍ତି। ମଧ୍ୟସ୍ୱତ୍ୱାଧିକାରୀ, ନିମ୍ନମଧ୍ୟ ସ୍ୱତ୍ୱାଧିକାରୀ (ସର୍ବରାକାର,ମକଦମ ପ୍ରଧାନ ପ୍ରଭୃତି) ଭେଦରେ ଏହି ଜମିଦାରଙ୍କ ରୂପହିଁ ଓଡିଶାରେ ସର୍ବତ୍ର ଆଖିରେ ପଡ଼େ। ଓଡ଼ିଶାର ପ୍ରଜା ଅତ୍ୟନ୍ତ ଦରିଦ୍ର ପୁଣି ଋଣଭାରାକ୍ରାନ୍ତ। ଶିଳ୍ପ, ବ୍ୟବସାୟରୁ ଧନ କରୁଥିବା ଲୋକ ଓଡ଼ିଶାରେ ନାହାନ୍ତି କହିଲେ ଚଳେ। ଏହି ଜମିଦାର ଶ୍ରେଣୀରେ ଲୋକ ବଡ଼ ବଡ଼ ଭୂମ୍ୟଧିକାରୀମାନେ ଓଡ଼ିଶାରେ ପ୍ରଜାଙ୍କ ଜମିଖଣ୍ଡ ଉପରେ ଆଖି ରଖି ଦୁର୍ବହ ସୁଧରେ ଟଙ୍କା କରଜ ଦେଇ ମହାଜନୀ କରନ୍ତି। ସୁଧର ହାର କମିବା ବା ମହାଜନୀ ଓ ଜମିଦାରୀର ସୁବିଧା କମିବା ପାଇଁ ଏମାନେ କଦାପି ମତ ଦେବେ ନାହିଁ। ଯେଉଁଠାରେ ଏମାନେ ବହୁ ସଂଖ୍ୟାରେ ରହିବେ ସେଠାରେ ଲୋକଶାସନ ପଣ୍ଡ ହେବ। ଓଡ଼ିଶାରେ ନାନା କାରଣରୁ ଲୋକଶାସନ ପ୍ରତିଷ୍ଠିତ ହେବାର ଆଶଙ୍କା ଥିଲା, ତେଣୁ ତାହାକୁ ଖର୍ବ କରିବା ପାଇଁ ଅନ୍ୟାନ୍ୟ ଅନେକ କୂପାଞ୍ଚ ମଧ୍ୟରେ ଏ ଗୋଟିଏ।

ଓଡ଼ିଶାରେ ଏ ନିର୍ବାଚନ ମଣ୍ଡଳୀରୁ ଯେଉଁମାନେ ନିର୍ବାଚିତ ହେବେ, ତାଙ୍କ ଭିତରେ ନିଶ୍ଚୟ ଯଥାର୍ଥ ଲୋକ ପ୍ରତିନିଧି କେହି ରହିବାର ସମ୍ଭାବନା ନାହିଁ। ପୁଣି ଉଚ୍ଚ, ମଧ୍ୟବିତ୍ତ

Digitized by PPRACHIN, SOA

ଲୋକଙ୍କର ଏ ଚକ୍ରରେ ପଶିବାର ପନ୍ଥା ବା ଉପାୟ କୌଣସି ସାଧାରଣ ଲୋକନେତାଙ୍କ ହାତେ ଅଛି ବୋଲି ମନେ ହେଉ ନାହିଁ।

ତଳ ବ୍ୟବସ୍ଥା ସଭା

ତଳ ବ୍ୟବସ୍ଥା ସଭାଟି ଯଥାର୍ଥ ଲୋକଶାସନର ମୁଖ୍ୟ ସଭା ହେବା ଉଚିତ ଥିଲା। ଇଂଲଣ୍ଡରେ ତାହାହିଁ ହୋଇଛି। କିନ୍ତୁଏଠାରେ ଏବେ ତାହା ହେବ ନାହିଁ। ସେ ଅବଶ୍ୟ ସ୍ୱତନ୍ତ୍ର କଥା। ସେ ଭାବରେ ଆମେ ଏଠାରେ ଆଲୋଚନା ଲୋଡ଼ୁ ନାହୁଁ। ଖାଲି ଓଡ଼ିଶା କଥା କଣ ହୋଇଛି ଦେଖା ଯାଉ। ଏଠାକୁ ଓଡ଼ିଶାରୁ ୫ଟି ସଭ୍ୟ ଯିବେ। ଏମାନଙ୍କୁ ଲୋକେ ମନୋନୀତ କରି ପଠାଇବେ ନାହିଁ। ପ୍ରାଦେଶିକ ବ୍ୟବସ୍ଥା ସଭାହିଁ ଏମାନଙ୍କର ନିର୍ବାଚନ କ୍ଷେତ୍ର। ତେବେ ଏଥିରୁ ପ୍ରାଦେଶିକ ବ୍ୟବସ୍ଥା ସଭା ଭିତରୁ ପ୍ରାର୍ଥୀ ହେବେ, ନା ବାହାରୁ ମଧ ହୋଇ ପାରିବେ, ତାହା ଏପର୍ଯନ୍ତ ଜଣାଯାଇ ନାହିଁ। ସମ୍ଭବତଃ ବାହାର ଲୋକଙ୍କୁ ମଧ୍ୟ ପ୍ରାର୍ଥୀ ହେବା ଅଧିକାର ଦିଆଯିବ।

ଏହି ୫ଟିରୁ ୪ଟି ପ୍ରାଦେଶିକ ସଭାର ସାଧାରଣ ବା ଅମୁସଲମାନ ମେମ୍ବରମାନେ ବାଛିବେ, ବାକୀ ଗୋଟିକ ମୁସଲମାନ ମେମ୍ବରମାନେ ବାଛିବେ। ମୁସଲମାନ ମେମ୍ବର ଓଡ଼ିଶା ବ୍ୟବସ୍ଥାସଭାରେ ୪ ଜଣ ମାତ୍ର। ଏହି ଚାରିଜଣ ଗୋଟିକୁ ଭୋଟ ଦେଇ ପଠାଇବାର କଥା। ବାକୀ ୪ଜଣଙ୍କ ମଧ୍ୟରୁ ହରିଜନ ଜଣେ। ତାଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଅଛି। ଓଡ଼ିଶା ଆସେମ୍ବ୍ଲିର ପ୍ରଥମ ହରିଜନ ନିର୍ବାଚନରେ ଯେତେଜଣ କୃତକାର୍ଯ ହୋଇ ଥିବେ,ସେ ସମସ୍ତେ ମିଶି ଆଗ କେନ୍ଦ୍ର ତଳ ବ୍ୟବସ୍ଥା ସଭା ପାଇଁ ୪ଜଣ ପ୍ରାଥୀ ବାଛିବେ। ସେହି ୪ଜଣଙ୍କ ଛଡା ଆଉ କେହି କେନ୍ଦ୍ର ତଳ ବ୍ୟବସ୍ଥା ସଭାକୁ ହରିଜନ ପ୍ରାର୍ଥୀ ହୋଇ ପାରିବେ ନାହିଁ। ଏହି ୪ ଜଣଙ୍କ ମଧରୁ ଯେଉଁ ଜଣକ ବେଶୀ ଭୋଟ ପାଇବେ, ସେଇ ବଛା ହେବେ।

ମାତ୍ର ପ୍ରାଦେଶିକ ବ୍ୟବସ୍ଥା ସଭାର କେବଳ ହରିଜନ ମେମ୍ବରମାନେ ଏହାଙ୍କୁ ଭୋଟ ଦେଇ ବାଛିବେ ନାହିଁ। ଆଉ ଯେଉଁ ତିନି ଜଣ ଅମୁସଲମାନ ବା ସାଧାରଣ ସଭ୍ୟଙ୍କ ଦ୍ୱାରା ବଛା ହେବେ, ଏ ଜଣକ ତାଙ୍କରି ଭିତରେ ଜଣେ ହୋଇ ବଛା ହେବ। ମାତ୍ର ଏହାଙ୍କ ସ୍ଥାନଟି ରକ୍ଷିତ ହେବ।

ଧର, ହରିଜନ ସଭ୍ୟ ୬ଜଣଙ୍କୁ ମିଶାଇ ବ୍ୟବସ୍ଥା ସଭାରେ ସାଧାରଣ ସଭ୍ୟସଂଖ୍ୟା୪୫। ଏହି ୪୫ଜଣ ଭୋଟ ଦେଇ ଚାରିଜଣଙ୍କୁ ବାଛିବେ। ଏହି ୪ ଜଣଙ୍କ ଭିତରୁ ପ୍ରଥମ, ୨ୟ, ୩ୟ ତିନି ଜଣ ବଛା ହେଲା ପରେ ୪ର୍ଥ ଜଣକ ଯଦି ହରିଜନ ନ ହୁଅନ୍ତି, ତେବେ ତାଙ୍କୁ ବା ତାଙ୍କ ତଳେ ଥିବା ଅହରିଜନ ପ୍ରାର୍ଥୀମାନଙ୍କୁ ବାଦ୍‌ଦେଇ ହରିଜନଙ୍କ ମଧରେ ଯେ ସର୍ବୋଚ୍ଚ ସ୍ଥାନ ପାଇଥିବେ, ତାଙ୍କୁ ବାଛି ୩ରେ ଏକ ମିଶାଇ ୪କରିବାକୁ ହେବ।

Digitized by PPRACHIN, SOA

ତେବେ ଏହି ୪ଙ୍କ ପାଇଁ କିଏ ଭୋଟ ଦେବ? ଯେଉଁମାନେ ସାଧାରଣ (General) ବୋଲି ଚିହ୍ନିତ ହୋଇଛନ୍ତି, ସେଇମାନେ ଭୋଟ ଦେବାର ବିଧି। ସେମାନଙ୍କ ସଂଖ୍ୟା ଓଡ଼ିଶାରେ ଷାଠିଏରୁ ୪୪। ଅବଶ୍ୟ ଜମିଦାର, ଶ୍ରମିକ, ବଣିକ ପ୍ରଭୃତି ନିର୍ବାଚନ କ୍ଷେତ୍ରରୁ ଆସିଥିବା ସଭ୍ୟମାନେ ଏ ନିର୍ବାଚନରେ ଭୋଟ ଦେବେ ନାହିଁ। ମାତ୍ର ଅନୁନ୍ନତ ଶ୍ରେଣୀର ସଭ୍ୟମାନଙ୍କ କଥା ଅଲଗା। ସେମାନଙ୍କ ମଧ୍ୟରୁ ଯେଉଁ ଜଣକ ସମ୍ବଲପୁରରୁ ନିର୍ବାଚିତ ହେବେ, ସେ ୪୪ଜଣଙ୍କ ସଙ୍ଗେ ଭୋଟ ଦେବେ ବୋଲି ବ୍ୟବସ୍ଥା ଅଛି। ବାକୀ ଯେଉଁ ଚାରିଜଣ, ଗଭର୍ଣ୍ଣର ସ୍ୱେଚ୍ଛାରେ ଅନୁନ୍ନତମାନଙ୍କ ପାଇଁ ବୋଲି ଭର୍ତ୍ତି କରିବେ, ସେ ଏ କ୍ଷେତ୍ରରେ ଭୋଟ ଦେବାର କୌଣସି ବ୍ୟବସ୍ଥା ବିଧିରୁ ପ୍ରକାଶ ପାଉନାହିଁ। ମାତ୍ର ଓଡ଼ିଶାରେ କେହି କେହି ସନ୍ଦେହ କରିଛନ୍ତି, ସେ ୪ଜଣ ଏ କ୍ଷେତ୍ରରେ ଭୋଟ ଦେବାର ଅଧିକାର ପାଇ ପାରନ୍ତି। ଓଡ଼ିଆଙ୍କ ପକ୍ଷରେ ଏପରି ସନ୍ଦେହ ସ୍ୱାଭାବିକ, କାହିଁକି ନା, କ୍ଷେତ୍ରେ କ୍ଷେତ୍ରେ ଓଡ଼ିଆଙ୍କ ପ୍ରତି ଯେ ଅବହେଳା ଓ ଦୁର୍ବ୍ୟବହାର କରା ହେଉଚି, ସେଥିରେ ସରକାର ଏପରି କିଛି ଗୋଟିଏ ଫନ୍ଦି ବାହାର କରି ସେମାନଙ୍କୁ ଏ କ୍ଷେତ୍ରରେ ଭୋଟ ଅଧିକାର ଦେବା ବିଚିତ୍ର ନୁହେଁ। ମାତ୍ର ବର୍ତ୍ତମାନ ଯାହା ବିଧି ଅଛି, ସେଥିରେ ତାହା ହୋଇ ନ ପାରେ। ଭାରତ ଶାସନ ଆଇନର ୫ମ ପରିଶିଷ୍ଟରେ ୧୦ଧାରା ଦ୍ୱିତୀୟ ଦଫାରେ ଅଛି-

"ଯେଉଁ ପ୍ରଦେଶରେ ଅନୁନ୍ନତ ଭୂମି ବା ଅନୁନ୍ନତ ଜାତିଙ୍କର ପ୍ରତିନିଧିଙ୍କ ଦ୍ୱାରା କୌଣସି ସ୍ଥାନ ପୂର୍ଣ୍ଣ ହେବ, ସେ ସ୍ଥଳରେ ସେଇ ସବୁ ସ୍ଥାନକୁ ଅଧିକା ସାଧାରଣ ସଭ୍ୟଙ୍କ ସ୍ଥାନ ବୋଲି ଧରାଯିବାର ବ୍ୟବସ୍ଥା କରାଯାଇ ପାରେ।" (ଇଂରାଜୀର ଅନୁବାଦ)

ମାତ୍ର ଗଭର୍ଣ୍ଣର ଯେଉଁ ଚାରିଜଣଙ୍କୁ ଭର୍ତ୍ତି କରିବେ ସେମାନେ ପ୍ରତିନିଧି ନୁହନ୍ତି। ସେଥିପାଇଁ ସମ୍ବଲପୁରର ଅନୁନ୍ନତ ଭୂମି ଓ ଲୋକଙ୍କ ପାଇଁ ଗୋଟିଏ ମେମ୍ବରର ବ୍ୟବସ୍ଥା କଲାବେଳେ ହ୍ୟାମଣ୍ଡ୍ କମିଟି ସ୍ପଷ୍ଟ ଲେଖି ଦେଇଛନ୍ତି-

'ଅନୁନ୍ନତ ଭୂମି ଓ ଜାତିଙ୍କ ପାଇଁ ପାଇଁ ନିର୍ଦ୍ଦିଷ୍ଟ ଥିବା ୫ଟି ସ୍ଥାନ ମଧ୍ୟରୁ ଏହି ସ୍ଥାନଟି ପାଇଁ ୧୯୩୫ ଭାରତ ଶାସନ ଆଇନର ୫ମ ପରିଶିଷ୍ଟ ୧୦ ଦଫାର ୨ୟ ଧାରା ଅନୁସାରେ ନିର୍ବାଚନ ବ୍ୟବସ୍ଥା କରାଗଲା।" (ଇଂରାଜୀର ଅନୁବାଦ)

ଲୋକମତ ଜାଗ୍ରତ ରହୁ-

ହେଲେ ହେଁ ଯେଉଁ ଦୁର୍ଗତି ହେତୁ ଏକା ଓଡ଼ିଶା ପ୍ରଦେଶରେ ୪ଟି ଲାଟ ମନୋନୀତ ମେମ୍ବରର ବ୍ୟବସ୍ଥା ହୋଇଗଲା, ସେହି ଦୁର୍ଗତିର ଅଳ୍ପ ପ୍ରସାରରେ ପୁଣି ସେ ୪ଟି ଯାକ କେନ୍ଦ୍ରର ତଳ ବ୍ୟବସ୍ଥା ସଭାକୁ ଭୋଟର ରୂପେ ରଖା ହେବା କଳ୍ପନା କରାଯାଇ ପାରେ। ସେଥିପାଇଁ ଲୋକମତ ବରାବର ଜାଗ୍ରତ ରହିବା ଉଚିତ୍। ଦୁଃଖର କଥା, ଓଡ଼ିଶାରେ

Digitized by PPRACHIN, SOA

ଲୋକ ମତ ପ୍ରକାଶ ଅନାବିଳ ହେଉନାହିଁ। ବ୍ୟକ୍ତି ସ୍ୱାର୍ଥ, କୁଟୁମ୍ବ ସ୍ୱାର୍ଥ, ଜାତି ସ୍ୱାର୍ଥଠାରୁ ଆରମ୍ଭ କରି ନାନା ପ୍ରକାର କୁତ୍ସିତ ଭାବର ପ୍ରଭାବ ଓ ପ୍ରଦୀପନା ଜାତୀୟ ସ୍ୱାର୍ଥ ନାମରେ ପ୍ରକାଶିତ ହୋଇ ଲୋକମତର ଶକ୍ତି ହ୍ରାସ କରୁଅଛି। ମନେ କରିବା ଠିକ୍ ନୁହେଁ ଯେ, ସରକାର ମହଲରେ ଏସବୁ ବୁଝାପଡୁନାହିଁ। ଏସବୁ କ୍ଷେତ୍ରରେ ସରକାର ସହସ୍ରାକ୍ଷ। ଯେଉଁମାନେ ଯେ ସ୍ୱାର୍ଥ ଘେନି ତାହାକୁ ଜାତୀୟ ସ୍ୱାର୍ଥ ରୂପେ ପ୍ରକାଶ କରନ୍ତୁ ନା କାହିଁକି ସରକାର ତାହା ବୁଝନ୍ତି ଏବଂ ତାହାର ସୁବିଧା ନେବାକୁ ସର୍ବଦା ପ୍ରସ୍ତୁତ ଥାନ୍ତି। ଓଡ଼ିଶାର ଏ ସନ୍ଧି ବେଳେ ସମସ୍ତେ ତୀବ୍ର ଜାତୀୟ ଭାବରେ ଜାଗ୍ରତ ନ ହେଲେ ଭବିଷ୍ୟତ ଅନ୍ଧକାର।

ନବ ଭାରତ-୨/୧୨, ଆଲୋଚନା

କିପରି ଲୋକମତ ତିଆରି କରିବାକୁ ହେବ ?

ଉପେୟ ଓ ଆବଶ୍ୟକତା-

ଲୋକମତକୁ ତିଆରି କରିବା ଦରକାର। ଲୋକମତ ଶୃଂଖଳିତ ଓ ଆଦର୍ଶ ବା ଉପେୟନିଷ୍ଠ ନ ହେଲେ ପୁଣି ଲୋକଶାସନ ଚଳିବ ନାହିଁ। ଏଥିରେ ପନ୍ଥା ହେଉଚି. ଉପେୟକୁ ଆଲୋଚନାରେ ସ୍ଥିର କରି, ଲୋକଙ୍କ, ମଧ୍ୟରେ ଆବଶ୍ୟକତାର ଭାବ ସୃଷ୍ଟି କରିବା। ଓଡ଼ିଶାକୁ ଧରି ଏ କ୍ଷେତ୍ରରେ ଗୋଟିଏ ଦୁଇଟି ଉଦାହରଣ ଦିଆ ଯାଉଅଛି।

ଉଦାହରଣ ୧-ପ୍ରଜାସ୍ୱତ୍ୱ-

ଧର; ଓଡ଼ିଶାର ପ୍ରଜାସ୍ୱତ୍ୱ। ପ୍ରଜା ବା ଜନସାଧାରଣଙ୍କୁ ଜମିରେ ସ୍ୱତ୍ୱ ଦେବାକୁ ହେବ। କହିଚୁ, ସେ ବିଷୟରେ ଖଣ୍ଡିତ ଆଇନମାନ ହେଉଚି। ପୁଣି ହୁଏତ ତାଳି ପଡ଼ିବ; ତାଳି ଉପରେ ପୁଣି ତାଳି ପଡୁଥିବ। ସେଥିପାଇଁ, ସରକାର ଜଣାଇ ଦିଅନ୍ତୁ। ଏ ବିଷୟରେ ତାଙ୍କ ପୂରା କଳ୍ପନା ଓ ଯୋଜନାଟି କଅଣ। ଏହାର ଆଲୋଚନା ଓ ସମାଲୋଚନା ହେଉ, ଲୋକଙ୍କ ଭିତରେ ଏ ବିଷୟରେ ଯଥାର୍ଥ ଆବଶ୍ୟକତାର ଭାବ କ୍ରମେ ଶୃଂଖଳିତ ହେଉ।

ମଧ୍ୟସ୍ୱତ୍ୱର ବିକାଶ-

ଧର, ଚାଷୀ ପ୍ରଜାକୁ ବା ଚାଷୀ ଶ୍ରମିକକୁ ଜମିରେ ଅଧିକାର ଓ ସ୍ୱତ୍ୱ ଦେବାକୁ ହେବ। ଏହା ଯଦି ଉପେୟ ହୁଏ, ତାହା କିପରି କରିବାକୁ ହେବ ? ତଳ ଚାଷିକୁ ସ୍ୱତ୍ୱ ଦେଲେ, ଉପରେ ବରାବର 'ମଧ୍ୟସ୍ୱତ୍ୱ' ତିଆରି ହେଉଥିବ। ତାହା କରାହେବ କି ନାହିଁ ? ତାହା କଲେ, ପ୍ରଜାସ୍ୱତ୍ୱ ଓ ଜମି ଜମାରେ କି ବିକଟ ଅବସ୍ଥା କ୍ରମେ କ୍ରମେ ଫୁଟିବ, ତାହା ବୁଝାଇବା ଦରକାର ନାହିଁ। ଗଂଜାମ ପ୍ରଜାସ୍ୱତ୍ୱ ଆଇନରେ ସେଇପରି ତଳି ଜମିଦାର ସୃଷ୍ଟି କରିବାର ବାଟ ଫିଟି ଯାଇଚି। ପୁଣି ଇନାମ୍ ଆଇନ୍ ମଧ୍ୟ ଆସୁଚି। ତା'ପରେ ସେଇ

Digitized by PPRACHIN, SOA

ନୀତିର ପ୍ରସାରରେ ଘୁମୁସର, ମହୁରି, ଖୋରଧା, ବାଙ୍କି, ଅନୁଗୁଳ ପ୍ରଭୃତି ଖାସ୍‌ମାହାଲ, ପୁଣି ସଂବଲପୁର ଏସବୁ ସ୍ଥାନରେ ଶହ ଶହ ନୂଆ ଜମିଦାର ବର୍ଷାରଂଭରେ ଡିଗିରିଆ ଜଂଗଲରେ ଛତୁ ଫୁଟିଲା ପରି ଫୁଟି ଉଠିବେ। ଆଜି ଯେ ରଇତ, କାଲି ସେ ପୁଣି ତଳି ଜମିଦାର ହେବ। କାହାରି ଜମିରେ ମମତା ରହିବ ନାହିଁ।

ମଧ୍ୟସ୍ୱତ୍ୱର ପରିଣାମ-

ପୁଣି ପ୍ରଶ୍ନ ଉଠିବ, ଏଇପରି ମଧ୍ୟାସ୍ୱତ୍ୱ ସବୁ ଜମିରେ ରହିବ ନା ଲୋକଠାରେ ରହିବ? ଧର, ତିରିଶି ଏକରରୁ ବେଶି ଜମି ଯାହାର, ତାକୁ ତଳି ଜମିଦାର ବା ଖଜଣା ଆଦାୟରେ ସ୍ୱତ୍ୱଭୋଗୀ କରି ତା ତଳ ରଇତକୁ ସ୍ୱତ୍ୱ ଦିଆ ଯିବାର କଥା ହେଲା। ତେବେ ଏଇ ତିରିଶି ଏକର ମଧ୍ୟସ୍ୱତ୍ୱ ହେଲା, ନାଁ ଯେଉଁ ଲୋକର ତିରିଶି ଏକର ଥିଲା, ସେ ମଧ୍ୟସ୍ୱତ୍ତ୍ୱାଧିକାରୀ ହେଲା- ଅର୍ଥାତ୍ ତା ଜମିରୁ ୧୦ ଏକର କମିଗଲେ, ସେ ପୁଣି ରଇତ ହୋଇଯିବ? ଉଭୟତ୍ର ରକ୍ଷା ନାହିଁ। ପ୍ରଥମ କଳ୍ପନାରେ ଦେଶ ଏକରିକିଆ, ଅଧଏକରିକିଆ ମଧ୍ୟସ୍ୱତ୍ୱାଧିକାରୀରେ ପୂରିଯିବ। ଦ୍ୱିତୀୟ କଳ୍ପନାରେ ରୟତକୁ ସ୍ଥାୟୀ ସ୍ୱତ୍ୱ ଦେଇ ହେବ ନାହିଁ- ଲୋକେ ଜମିରେ ଟଙ୍କା ଲଗାଇବେ ନାହିଁ।

କଅଣ କରିବାକୁ ହେବ?

ଏହା ଉପରେ ପୁଣି କର ଭାଗ ଓ ରାଜ୍ୟର କର ଭାଗ ବିଚାର ପଡ଼ିଲେ, କୂଳ କିନାରା ମିଳିବ ନାହିଁ। ପୁଣି ଏହା ଯଦି ନ କରାଯାଏ, ତେବେ ପ୍ରଜାସ୍ୱତ୍ୱ ଓ ଜମି ଜମାର ପରିସ୍ଥିତି କିପରି ଭାବରେ ବିକାଶ କରାଇବାକୁ ମନ୍ତ୍ରୀ ଲୋଡ଼ନ୍ତି ଓ ସେଇ ଦୃଷ୍ଟିରେ କି ଆଇନ୍‌ମାନ କିପରି ଭାବରେ ଓ କେବେ କରିବାର କଳ୍ପନା କରିଚନ୍ତି, ଏସବୁ ସ୍ପଷ୍ଟ ବର୍ଣ୍ଣନା କରି ମନ୍ତ୍ରୀମାନେ ଇସ୍ତାହାର ଦିଅନ୍ତୁ। ତାର ଆଲୋଚନା ହେଉ। ମନ୍ତ୍ରୀମାନେ ମଧ୍ୟେ ମଧ୍ୟେ ପୁନଃ ପୁନଃ ନିଜର ଯୋଜନା ବ୍ୟାଖ୍ୟା କରି ଲୋକଙ୍କର ଭ୍ରମ ଭାଙ୍ଗନ୍ତୁ, ବା ନିଜର ଭ୍ରମ ସଂଶୋଧନ କରନ୍ତୁ।

ଆତ୍ମଜ୍ଞାନ ଓ ଆତ୍ମବିଶ୍ୱାସରେ ପ୍ରତିଷ୍ଠା-

ଏହାହିଁ ଏ କ୍ଷେତ୍ରରେ ସତ୍ୟ ଓ ଅହିଂସାର ମାର୍ଗ। ଏଥିରେ ମାନ୍ଦ୍ରାଜ ଓ ବିହାର ପ୍ରଭୃତିରେ କଅଣ ହେଉଚି ସେ ସବୁ ଖବର ରଖି ନିଜ ପରିସ୍ଥିତିରେ ତୁଳନା କରି ବିଚାର କରିବା ଠିକ୍ ମାତ୍ର ତାକୁ ଅନୁକରଣ କରିବାକୁ ଚାହିଁ ବସିବା ଆତ୍ମବିଶ୍ୱାସ ଓ ଆତ୍ମଜ୍ଞାନର ପରିଚୟ ନୁହେଁ। ସେଥିରେ ଲୋକ ମଧରେ ଯଥାର୍ଥ ଆବଶ୍ୟକତାର ଜ୍ଞାନ ଫୁଟିବ ନାହିଁ। ନିଜର ପରିସ୍ଥିତି ବିକାଶରେ ପଡିବ ନାହିଁ। ଅନୁକରଣ ବୃତ୍ତି ଜାଗ୍ରତ କରାଇ ଯେଉଁ ଆବଶ୍ୟକତାର ସୃଷ୍ଟି କରାଯାଏ, ତାହା ପରିସ୍ଥିତିର ଯଥାର୍ଥ ବିକାଶ କରେ ନାହିଁ। "ତେଲେଙ୍ଗା ଓ ବଙ୍ଗାଳୀ ଚାକିରି ପାଇଗଲେ, ଆମେ ଓଡ଼ିଆ ପଛୁଆ, ଆମକୁ ଚାକିରି ଦିଅ"- ଏ ସବୁ ଅଳି ଗୁହାରିରେ ଯେ ମନୋବୃତ୍ତି ବିକାଶ ପାଏ, ତାହାହିଁ ଏ କ୍ଷେତ୍ରରେ

Digitized by PPRACHIN, SOA

ଉଦାହରଣ । ଯଥାର୍ଥ ଉପେୟର ଆବଶ୍ୟକତାରେ ଲୋକମତ ଚଞ୍ଚଳ ଜାଗ୍ରତ ଓ ଶୃଙ୍ଖଳିତ କରିବାର ପନ୍ଥା ଏ ନୁହେଁ।

୨ । ବିଦେଶରେ ଓଡ଼ିଆ ଶ୍ରମିକ-

ଓଡିଶାର ବହୁଲୋକେ ବିଦେଶରେ (ବିଶେଷତଃ, ଅନ୍ୟ ପ୍ରଦେଶ ଓ ବ୍ରହ୍ମଦେଶରେ) ମଜୁରିରେ ଖଟି କୁଟୁମ୍ବ ପୋଷନ୍ତି । ବ୍ରହ୍ମଦେଶରେ ଭାରତୀୟଙ୍କ ସ୍ଥାନ କ୍ରମେ ଦୁର୍ବହ ହେଉଚି । ସେଦିନ ଶରତ ପଟ୍ଟନାୟକ ଲେଖିଥିଲେ, କଲିକତା କର୍ପୋରେସନରେ ଓଡ଼ିଆଙ୍କୁ କାଢ଼ି ଦେବାପାଇଁ ୬ ବର୍ଷର ଯୋଜନା ହେଲାଣି । ଓଡ଼ିଆ ପୂଜାରୀ ଚାକର ମଧ୍ୟ ବଙ୍ଗଦେଶରେ ନ ରଖିବାକୁ ଆଚାର୍ଯ୍ୟ ପ୍ରଫୁଲ୍ଲଚନ୍ଦ୍ରଙ୍କ ଭଳି ଲୋକେ ପ୍ରାଣପଣେ ଲାଗିଚନ୍ତି । ସେଦିନ ବେରବୋଇଠାରେ ବଙ୍ଗନେତା ପ୍ରଫୁଲ୍ଲଚନ୍ଦ୍ର ଘୋଷ ସ୍ପଷ୍ଟ କ୍ଷୋଭରେ କହିବାର ପ୍ରକାଶ, "ବଙ୍ଗଳାର ଲୋକେ ବରଂ ସାହେବଙ୍କୁ ନିଜ ପ୍ରଦେଶରେ ରଖିବା ସହିବେ, ମାତ୍ର ପ୍ରଦେଶାନ୍ତର ଲୋକଙ୍କୁ ରଖିବା ସହିବେ ନାହିଁ।" ପୁଣି ଜାମସେଦପୁରରେ ବରାବର ବିହାରୀ ନିଯୁକ୍ତ କରିବା ପାଇଁ ବିହାର ମନ୍ତ୍ରୀ ଲାଗିଥିବା କଥା ସମସ୍ତେ ଜାଣିଥିବେ । ଆସାମ କଥା ଜଣା ନାହିଁ। ମାତ୍ର ପୂର୍ବବଙ୍ଗର ଦରିଦ୍ର ମୁସଲମାନ କୃଷିଜୀବୀମାନଙ୍କୁ ନେଇ ଆସାମରେ ରଖାଯାଉଚି, ହୁଏତ ପ୍ରଦେଶାନ୍ତରରୁ ମଜୁରୀଆ ନନେବା ପାଇଁ। ପୁଣି କ୍ରମେ କ୍ରମେ ଖାଲି ଦିନ ମଜୁରିଆଙ୍କ କାମରେ ଚା- ବଗିଚା ଚଳାଇବାର ଉଦ୍ୟମ ହେଉଚି । ଅନେକ କ୍ଷୁଦ୍ର ମଧ୍ୟମ ଚା ବଗିଚା ଏବେ ସେଇପରି ଚଳେ।

ଫେରି ଆସିଲେ କଅଣ ହେବ ?

ଏ ସବୁ ଓଡ଼ିଶା ସରକାର ଓ ନେତାମାନେ ଦେଖୁଚନ୍ତି ତ ? ଏ ସମସ୍ତେ ଓଡ଼ିଶାକୁ ଫେରି ଆସିବେ । ଆସିଲେ ଓଡ଼ିଶାର କି ଦଶା ହେବ । ହୁଏତ ମନ୍ତ୍ରୀମାନେ ମନେ କରୁଥିବେ, ଆସନ୍ତା ଚାରି ବର୍ଷ ମଧ୍ୟରେ ଏଇ ପ୍ରାଦେଶିକତାର ଫଳ ଓଡ଼ିଶାରେ ତୀବ୍ର ପରିସ୍ଥିତି ସୃଷ୍ଟି କରି ପାରିବ ନାହିଁ। କିନ୍ତୁ ଏ କଣ ଯୁକ୍ତି ? ଲୋକଙ୍କୁ ସମ୍ଭାଳିବା ପାଇଁ ସରକାର ଅନ୍ତତଃ ଚିନ୍ତିତ ହେବା ଦରକାର, ପୁଣି ଏ ଚିନ୍ତା ଦେଶର ପୁରପଲ୍ଲୀରେ ଚମକିବା ଉଚିତ । ସମସ୍ତ ଦେଶବାସୀ ଏ ଚିନ୍ତାରେ ସାହାଯ୍ୟ କରିବାର କଥା । କିନ୍ତୁ ତତ୍ପରତା ଓ ଆଲୋଚନାଦିରେ ଚିନ୍ତାରେ ସାହାଯ୍ୟ କରିବା ଦୂରେ ଥାଉ, ଲୋକେ ଏ ସବୁ ଭଲ କରି ଜାଣୁ ନାହାନ୍ତି । ସରକାର ମଧ୍ୟ ଜାଣିବାରେ ବା ଜଣାଇବାରେ ହୁଏତ ନିଜର କର୍ତ୍ତବ୍ୟ ଦେଖୁ ନାହାନ୍ତି । ଏହିପରି ଅକର୍ତ୍ତବ୍ୟର ସୁଅରେ ଚାଲି ଚାଲି ଓଡ଼ିଶା କୁଆଡ଼େ ଯିବ ? ଏ ପରି ଜୀବନ ମରଣ ସମସ୍ୟାରେ ଶୀଘ୍ର ଧ୍ୟାନ ଦେବା ଉଚିତ । ସରକାର ଏ ବିଷୟରେ ଉପେୟ ସ୍ଥିର କରି ପନ୍ଥା ଫିଟାନ୍ତୁ । ଲୋକରେ ଏ ଦିଗରେ ଆବଶ୍ୟକତା ଘେନି ଚଞ୍ଚଳତା ଆସୁ ।

Digitized by PPRACHIN, SOA

୩। ଅର୍ଥାଗମ-

ଆମେ ବରାବର ହିସାବ କରି ଦେଖାଇଚୁ। ଗଡ଼ଜାତ ଛାଡ଼ି କେବଳ ଆଜିର ରାଜନୀତିକ ଓଡ଼ିଶାରୁ ଲୁଗା, ଲୁହା, ଟିଣ, ଚିନି, କିରାସିନି, ଢ଼ିଆସିଲି ପ୍ରଭୃତି ବାବଦ୍‌ରେ ବର୍ଷକୁ ତିନିକୋଟିରୁ ଅଧିକ ଟଙ୍କା ବାହାରକୁ ଯାଏ। ଏଥିରୁ ବହୁତ ଭାଗ ପୁଣି ଏବେ ଅନ୍ୟ ପ୍ରଦେଶମାନେ ନିଅନ୍ତି। ମାତ୍ର ଓଡ଼ିଶାରୁ ଅନ୍ୟ ପ୍ରଦେଶ ବା ଦେଶରୁ କେତେ ଆସେ, କେଉଁ ବାଟେ କିପରି ଆସେ, ତାହାର ଯଥାଯଥ କଳନା କେହି କରି ନାହାନ୍ତି। ଶୀଘ୍ର ଏ ଦିଗରେ ଉଦ୍ୟମ ହେବା ଉଚିତ। ସଂଗ୍ରହ କରି ପ୍ରକାଶ କରିବା ଉଚିତ। ଆଉ କେଉଁବାଟେ ଆସିପାରେ ସେ ବାଟ ଚିନ୍ତା କରି ପ୍ରକାଶ କରିବା ଦରକାର। ଏ ସବୁରେ ଦେଶବାସୀ ଆପେ ଆପେ ସହଯୋଗ କରିବେ। ବିରୋଧକୁ ସହଯୋଗରେ ପରିଣତ କରିବାର ଏ ସବୁ ସାଧୁପନ୍ଥା ସରକାରଙ୍କର ଫିଟାଇ ଦେବା ଉଚିତ। ଏପରି କଲେ ପୁଣି ସରକାର ଆଲୋଚନା ସମାଲୋଚନା ବାରଣ ନ କରି ବରଣ କରିବାରେ ସୁଖୀ ହେବେ।

ଯାତ୍ରୀରୁ ଆୟ-

ପୁରୀ, ଭୁବନେଶ୍ୱର, ସାକ୍ଷୀଗୋପାଳ ପରି ତୀର୍ଥ ସବୁ ଓଡ଼ିଶାରେ ଅଛି। ଧର୍ମ ହିସାବରେ ଯାହା ହେଉ, ଆର୍ଥିକ ଦୃଷ୍ଟିରେ ସେ ସବୁର ଉପଯୋଗ ବିସ୍ତର। ଏଇ ସୂତ୍ରରେ ଭାରତ ବାହାରୁ ବର୍ଷକୁ ଖୁବ୍ କମରେ ପ୍ରାୟ ୨୫ଲକ୍ଷ ଟଙ୍କା ଓଡ଼ିଶାକୁ ଆସି ଏଠାରେ ଖର୍ଚ୍ଚ ହୁଏ। ଇଉରୋପର ସୁଇଜରଲ୍ୟାଣ୍ଡ ଦେଶ ଏହିପରି ବାହାରର ଦୃଶ୍ୟ ଓ ସ୍ୱାସ୍ଥ୍ୟସେବୀଙ୍କ ଧନରେ ଚଳେ। ଏବେ ତିନିବର୍ଷ ହେଲା ବେଶିଲୋକ ସୁଇଜଲ୍ୟାଣ୍ଡକୁ ନ ଯାଉଥିବାରୁ ସୁଇଜର୍‌ଲାଣ୍ଡର ଆର୍ଥିକ ଅବସ୍ଥା ବଡ଼ ଖରାପ ହୋଇଯାଉଚି। ଭାରତ ସରକାରଙ୍କ ରେଳ ବିଭାଗ ଏହି ଦୃଷ୍ଟିରେ ଇଉରୋପ ଆମେରିକାରେ ପ୍ରଚାର କରି ଯାତ୍ରୀ ଆଣିବା ପାଇଁ ବିସ୍ତର ଖର୍ଚ୍ଚ କରନ୍ତି। ସେହି ସୂତ୍ରରେ କୋଣାର୍କ ଭୁବନେଶ୍ୱର ଖଣ୍ଡଗିରି ପ୍ରଭୃତି ଦେଖିବାକୁ ମଧ କେହି କେହି ପର୍ଯ୍ୟଟକ ଆସିଥାଆନ୍ତି। ଓଡ଼ିଶା ସରକାରଙ୍କ ଏ ଦିଗରେ ଦୃଷ୍ଟି ପଡ଼ିବା ଉଚିତ। ଗୋପାଳପୁରରେ ମଧ ପୁରୀ ଓ ଉଅଲଟେଆର ପରି ସ୍ୱାସ୍ଥ୍ୟ ନିବାସ କରି ବିଦେଶୀମାନଙ୍କୁ ଆକର୍ଷଣ କରାଯାଇପାରେ। ପୁଷ୍ପଗିରିର ଉଗ୍ନାବଶେଷ ପ୍ରତି ଏବେ ଭରତ ସରକାର ଦୃଷ୍ଟି ଦେଇଛନ୍ତି। ଓଡିଶା ସରକାର ଏ କ୍ଷେତ୍ରରେ ମଧ ଭାରତ ସରକାରଙ୍କ ସହଯୋଗରେ ଗୋଟିଏ ପ୍ରାଚୀନ ଶିଳ୍ପ ସଭ୍ୟତା ଓ ସାଧନାର କେନ୍ଦ୍ର ଫିଟାଇ ପାରନ୍ତି। ଓଡ଼ିଶାର ଆର୍ଥିକ ପରିସ୍ଥିତି ସଜାଡ଼ିବାରେ ଏ ସବୁର ବହୁତ ସ୍ଥାନ ଅଛି। ୧୫ ବର୍ଷ ତଳେ ମୟୂରଭଞ୍ଜର ଖିଚଙ୍ଗ ଗୋଟିଏ ଅତି ପରିତ୍ୟକ୍ତ ଜନପଦ ଥିଲା। ଆଜି ସେ ପ୍ରତ୍ନସେବୀଙ୍କର ଏକ ମହାତୀର୍ଥ। ସେଦିନ କେନ୍ଦୁଝରରେ ପଣ୍ଡିତ ବିନାୟକ ଅଜନ୍ତା କାଳର ଚିତ୍ର ଦେଖି

Digitized by PPRACHIN, SOA

ପ୍ରକାଶ କରିଚନ୍ତି। ଓଡିଶା ଏ ସବୁରେ ପୂର୍ଣ୍ଣ। ଏଇଠାରେ ପୁଣି ଉତ୍ତର ଭାରତର କଳା ଦ୍ରାବିଡ କଳାରେ ଆତ୍ମବିର୍ସଜନ ନ କରି ନିଜର ଦୃପ୍ତ ଓ ଦୀପ୍ତ ବ୍ୟକ୍ତିତ୍ୱରେ ଏବେ ରହିଚି। ବିଶ୍ୱସେବୀ ଅଶୋକ ମଧ୍ୟ ଏଇ ଭୂମିରେ ସଂଗ୍ରାମ କରି ମନ୍ତଦୀକ୍ଷା ପାଇ ଧୌଳି ଓ ଜଉଗଡରେ ତାର କୀର୍ତ୍ତିସ୍ତମ୍ଭ ରଖି ଯାଇଚନ୍ତି। ଏ ସବୁର ପ୍ରକାଶ,ବିକାଶ ଓ ପ୍ରଚାରର ମଧ୍ୟ ଦେଶର ଆର୍ଥିକ ପରିସ୍ଥିତିରେ ସ୍ୱଷ୍ଟ ସ୍ଥାନ ଅଛି। ମାଲ ଅଛି, ମାତ୍ର ତାକୁ ବ୍ୟବହାର କରିବା ପାଇଁ ଚିହ୍ନରା ରସିକର ପ୍ରୟୋଜନ। ଅନେକ ହୁଏତ ଏ କଥାଟାକୁ ହଠାତ୍ ପସନ୍ଦ କରିବେ ନାହିଁ। ମାତ୍ର ଏ ସବୁର ମୂଲ୍ୟ କମ୍ ନୁହେଁ। ସରକାର ଏ ସବୁକୁ ଅର୍ଥ ମୂଲ୍ୟରେ ମାପିବା ବ୍ୟବସ୍ଥା କରନ୍ତୁ। ଏଥିରେ ବିଭୂତି ସମ୍ମାନ ଦୁଇ ମିଳିବ। ଓଡିଶାକୁ ଲୋକେ ଚିହ୍ନିବେ, ପୁଣି ପଇସା ଦେଇ ଚିହ୍ନିବେ। ଏ ଦିଗରେ ମଧ୍ୟ ଲୋକଙ୍କର ଆବଶ୍ୟକତାର ଦୃଷ୍ଟି ଫିଟାଇଲେ ଶିକ୍ଷା ଓ ସଭ୍ୟତାର ଆଲୋଚନା ଦିଗରେ ଏହାର ଏକ ପ୍ରଭାବ ପଡ଼ିବ।

ନବ ଭାରତ ୪/୯, ଆଲୋଚନା

କଟକ ମୁନିସ୍ପାଲିଟି

ଏହା ସ୍ୱାୟତ୍ତ ଶାସନର ଭିତ୍ତି-

ସ୍ୱାୟତ୍ତ ଶାସନର ପ୍ରଥମ ସୋପାନ ସ୍ୱରୁପ ୧୮୮୪ରେ ଲର୍ଡରିପନ୍ ଏଦେଶକୁ ଯେଉଁ ସ୍ଥାନୀୟ ସ୍ୱାୟତ୍ତଶାସନ ଦେଇଥିଲେ, ମ୍ୟୁନିସିପାଲିଟି ତହିଁରେ ଅନ୍ୟତର। ବିଭିନ୍ନ ପ୍ରଦେଶରେ ଏହି ସ୍ଥାନୀୟ ସ୍ୱାୟତ୍ତ ଶାସନ ଅନୁଷ୍ଠାନର ବିଭିନ୍ନ ବିକାଶ ହୋଇଥିଲା। ଯେଉଁ ସମ୍ବଲପୁରକୁ ଆଜି ଅନୁନ୍ନତଙ୍କ ଭୂମି ବୋଲି ସରକାରଙ୍କ ବିଚାରରେ ଲୋକଶାସନ ଶୃଙ୍ଖଳାର ବାହାରେ ପକାଇ ଦିଆହୋଇଛି, ସେହିଠାରେ ବହୁପୂର୍ବରୁ-କଟକର ବହୁପୂର୍ବରୁ- ଏହି ଅନୁଷ୍ଠାନରେ ବେସରକାରୀ ଚେୟାରମେନ ହୋଇଆସୁଥିଲେ।

ଏ କ୍ଷେତ୍ରରେ ମନ୍ତ୍ରୀ ମଧୁସୂଦନଙ୍କ କାର୍ଯ୍ୟ-

ପରେ ୧୯୨୦ରେ ପ୍ରାଦେଶିକ ଶାସନରେ ଦ୍ୱୈତଶାସନ ଦିଆଗଲା। ସେଥିରେ ଶାସନରୁ ଗୋଟିଏ ଅଂଶ ଲୋକପ୍ରତିନିଧିମାନେ ମନ୍ତ୍ରୀ ହୋଇ ଚଳାଇଲେ। ସ୍ଥାନୀୟ ସ୍ୱାୟତ୍ତ ଶାସନ ସମ୍ପୂର୍ଣ୍ଣରୂପେ ମନ୍ତ୍ରୀଙ୍କ ଅଧୀନରେ ରଖାଗଲା। ଏହି ଅର୍ଦ୍ଧ ସ୍ୱାୟତ୍ତଶାସନ ଚାଳନରେ ମନ୍ତ୍ରୀ ସାରା ଭାରତବର୍ଷରେ ଦୁଇଟି ସ୍ମରଣୀୟ ବ୍ୟବସ୍ଥା କରିଥିଲେ। ତହିଁରୁ ଗୋଟିଏ ବଙ୍ଗଦେଶରେ ସର୍ ସୁରେନ୍ଦ୍ରନାଥ ବାନାର୍ଜିଙ୍କର କଲିକତା କର୍ପୋରେସନ ଆଇନ, ଅପରଟି ବିହାର ଓଡିଶାର ମନ୍ତ୍ରୀ ଶ୍ରୀଯୁକ୍ତ ମଧୁସୁଦନ ଦାସଙ୍କର ସ୍ଥାନୀୟ ସ୍ୱାୟତ୍ତଶାସନ ଆଇନ। ମଧୁସୂଦନଙ୍କର ଏହି ଆଇନ ଫଳରେ ବିହାର- ଓଡିଶାରେ , ଏହି ସ୍ଥାନୀୟ ଶାସନ ଯେତେ ସ୍ୱାଧୀନ ପୁଣି ଲୋକମତରେ ପ୍ରତିଷ୍ଠିତ ଓ ଚାଳିତ, ଭାରତରେ ଅନ୍ୟ କୁତ୍ରାପି ସେପରି ନୁହେ।

Digitized by PPRACHIN, SOA

କଟକ ସେଇ ମଧୁସୂଦନଙ୍କ କର୍ମଭୂମି-

ଏହି କଟକ ସହର ସେହି ମଧୁସୂଦନଙ୍କ କର୍ମଭୂମି। ଦୁଃଖର କଥା, ଏଠାରେ ମୁନିସ୍‌ପାଲିଟିର ଲୋକ ପ୍ରତିନିଧିମାନଙ୍କର ନାନା ବିବାଦ ବିସଂବାଦ ହେତୁରୁ ମୁନିସ୍‌ପାଲିଟିଟି ଦୁଇ ବର୍ଷ ତଳେ ସରକାର ନିଜ ହାତକୁ ନେଇଥିଲେ। ଏଥିରେ ଓଡିଶାବାସୀ କ୍ଷୁଭିତ ଓ କଟକ ବିଶେଷରେ ଲଜ୍ଜିତ ହେବାରକଥା।

ସରକାରଙ୍କ ଶାସନ-

ଲୋକେ ଏହାକୁ ଭଲ ଚଳାଉଥିଲେ, କି ସରକାର ଭଲ ଚଳାଉଛନ୍ତି, ତାହା ଏଠାରେ ବିଚାର କରାଯାଉ ନାହିଁ। ସରକାରଙ୍କର ଯନ୍ତ୍ର ବସିଛି, କାର୍ଯ୍ୟ ପଛେ ବିରାଟ କ୍ଷମତା ଅଛି। ଇଚ୍ଛାମତେ କର ବସାଇ ଆଦାୟ କରି ଲୋକଙ୍କୁ ତୁନି କରାଇ ଖର୍ଚ୍ଚ କରିବାର ଶକ୍ତି ଓ ଅଭ୍ୟାସ ଅଛି। ସେଥିରେ ସେ ଭଲ ବିଷୟ କଲେ ଭଲ, ମନ୍ଦ କଲେ ବି ଭଲ ବୋଲି କହିବାକୁ ଲୋକଙ୍କର ଅଭାବ ନାହିଁ। ଏଠାରେ ଗୋଟିଏ ଉଦାହରଣଦେଇ, ସରକାରଙ୍କର ଏହିଭଳି କାର୍ଯ୍ୟରେ କିପରି କୃତିତ୍ୱ ପ୍ରକାଶ ପାଏ, ତାହା ସୂଚନାରେ ବୁଝାଇ ଦେଲେ, ବିଷୟଟି ସାଧାରଣରେ ସୁବୋଧ ହେବ।

ସହଯୋଗ ସମିତିରେ ଉଦାହରଣ-

ସହଯୋଗ ସମିତି ସବୁ ବସାଇ ଲୋକଙ୍କୁ ମିତବ୍ୟୟତା ଶିଖାଇବା ସରକାରଙ୍କ ଇଚ୍ଛା ହେଲା। ସରକାରଙ୍କର ଖାସ ରାଜ୍ୟରେ ଠାଏ, ସର୍ବୋସର୍ବା ସରକାରୀ କର୍ମଚାରୀଙ୍କ ତତ୍ତ୍ୱାବଧାନରେ ଲୋକଙ୍କ ପକ୍ଷରୁ ଜଣେ ସହଯୋଗ କାର୍ଯ ଚଳାଇଲେ। ସେ ଲୋକଙ୍କୁ ଟଙ୍କା କରଜ ଦିଅନ୍ତି; ସେଥିରେ ପୁଣି କମିସନ ନିଅନ୍ତି। ସ୍ଥାନୀୟ କର୍ମଚାରୀ ଏହା ଜାଣନ୍ତି। ଅବଶ୍ୟ ଜାଣି ସେ କମିଶନରୁ ଭାଗ ନିଅନ୍ତି କିନା ତାହା ଆମ୍ଭଙ୍କୁ ଜଣା ନାହିଁ। କିସ୍ତି ସମୟ ଆସିଲା ବେଳକୁ, ସେ ବେସରକାରୀ ମୁଖ୍ୟ ବ୍ୟକ୍ତିଟି କର୍ମଚାରୀଙ୍କ ଅବଗତିରେ କାବୁଲି ମହାଜନମାନଙ୍କୁ ଆଣି, ସଙ୍ଗରେ ଧରି, ସୋସାଇଟିମାନଙ୍କରେ କିସ୍ତି ଟଙ୍କା ଆଦାୟ କରିବାକୁ ଯାଆନ୍ତି। ସୋସାଇଟିରୁ କରଜ ନେଇଥିବା ମେମ୍ବରମାନେ ବାଧ୍ୟ ହୋଇ କାବୁଲିଠାରୁ ଟଙ୍କାରେ ବର୍ଷକେ ବାରଅଣା ବା ତହିଁରୁ ବେଶି ସୁଧରେ ଟଙ୍କା କରଜ କରି କିସ୍ତି ନିକାଶ କରନ୍ତି। ଏପରି ବର୍ଷକୁ ବର୍ଷ ଠିକ୍ ସମୟରେ କିସ୍ତି ଆଦାୟ ହୁଏ ଓ ସରକାରୀ ମହଲର ରିପୋର୍ଟରେ ସେହି ବେସରକାରୀ ଲୋକଟିର ଦକ୍ଷତା, ନିଷ୍ଠା ଓ ଲୋକସେବାର ଡିଣ୍ଡିମ ବାଜେ। ଫଳରେ ସେହି ନଗଣ୍ୟ ଗ୍ରାମବାସୀଟି ସରକାରଙ୍କଠାରୁ ବହୁ ମାନ ସ୍ୱରୂପ ବଡ ଉପାଧି ପାଇଲେ। ଏ ଆଜିକି ପ୍ରାୟ କୋଡିଏ ବର୍ଷର କଥା। ସରକାରଙ୍କର କାର୍ଯ୍ୟ ସବୁ ଅନେକ ସମୟରେ ଏହପରି ଦକ୍ଷତାରେ ଚାଳିତ ହୁଏ, ଏହାହିଁ କହିବାର ଅଭିପ୍ରାୟ। ଯଥାର୍ଥ ଲୋକ ଏବଂ ଲୋକ ପ୍ରତିନିଧିମାନେ ଏହିପରି ଦକ୍ଷତା ଦେଖାଇବାରେ ଅବଶ୍ୟ ଅକ୍ଷମ ହେବେ।

Digitized by PPRACHIN, SOA

ଲୋକଶାସନ କ'ଣ ?-

ଏପରି ନାହୋଇ ଧର ସରକାର କର୍ମଚାରୀ ଲଗାଇ ମୁନିସିପାଲିଟ ଭଳି କୌଣସି ଅନୁଷ୍ଠାନ ଖୁବ୍ ଭଲରେ ଚଳାଇଲେ। କିନ୍ତୁ ସ୍ୱାୟତ୍ତ ଓ ପରାୟତ୍ତ ଶାସନ ମଧ୍ୟରେ ଭଲର ମାପକାଠି କଣ, ତାହା ଜାଣି ରଖିବାର ଅଛି। ଶୁଆ ଦୁଧ ଭାତ ଖାଇ ସୁନାପଞ୍ଜୁରୀରେ ରହିଲେ ଆପାତତଃ ସୁଖୀ ହୋଇପାରେ; କିନ୍ତୁ ତାହା ତାହାର ଜୀବନର କାର୍ଯ୍ୟ ନୁହେ। ବଣରେ ବୁଲି ଅନ୍ୟ ଶୁଆଙ୍କ ପରି ଦିନରାତି ଜୀବନ ସଂଗ୍ରାମରେ ମାତି ରହି ଉଦରପୋଷଣ କଲେ ସେ ଯଥାର୍ଥ ସୁଖୀ ହୁଏ, ବରଂ ପଞ୍ଜୁରୀର ଦୁଧଭାତରେ ସନ୍ତୋଷ ରହି, ସେହି ରୀତିରେ ବେଶି ଦିନ ଅଭ୍ୟସ୍ତ ହୋଇଗଲେ ବାହାରର ଶୁଆଙ୍କ ଭିତରେ ସେ ଲାଂଛିତ ଓ ଅପଦସ୍ତ ହୁଏ। କେତେ କାଳ ପରେ ବାହାରକୁ ବାହାରିଲେ ଆଉ ସ୍ୱାଧୀନତା ଭୋଗ କରିପାରେ ନାହିଁ। ହୁଏତ ସେହି ପଞ୍ଜୁରୀକୁ ପୁଣି ଫେରିଯାଏ, ନଚେତ୍ ଅନ୍ୟ ଶୁଆମାନେ ତାକୁ ଆଯୋଗ୍ୟ ବୋଲି ପରିହାର କରନ୍ତି।

ସେ ଦିନ ପୁରୀର ଶାସନ ପରାମର୍ଶ ସଭାରେ କଟକର କୌଣସି ଲୋକପ୍ରତିନିଧିମାନଙ୍କର ସେହି ଅବସ୍ଥା ଦେଖାଗଲା। ସରକାର ମୁନିସିପାଲିଟି ଫେରାଇ ଦେବେ ବୋଲି ଆଶଙ୍କା କରି ସେ ବକ୍ତୃତା କଲେ " ହଜୁର ଏ କଥା କରନ୍ତୁ ନାହିଁ। ଯେପରି ଚଳାଉଛନ୍ତି ସେପରି ଆଉ ଦିନା କେତେ ଚଳାନ୍ତୁ।" ଜୁଲାଇ ମାସରେ ମୁନିସିପାଲିଟି ଲୋକଙ୍କହାତକୁ ଫେରାଇ ଦେବା ସରକାରଙ୍କର କଳ୍ପନା ଥିଲା ବୋଲି କୌଣସି କାରଣରୁ ଲୋକେ ଆଶା କରିଥିଲେ। କିନ୍ତୁ ପରାମର୍ଶସଭା ବେସରକାରୀ ମେମ୍ବର କହିଲେ, ଡିସେମ୍ବର ପୂର୍ବରୁ ଏହା କରିବା ଠିକ୍ ହେବ ନାହିଁ। ସରକାରଙ୍କର ଫେରାଇ ଦେବାରେ କି କି ଅସୁବିଧା ହେବ, ତାହା ସବୁ ମେମ୍ବର ମହାଶୟ ଆଗରୁ ତନ୍ନ ତନ୍ନ କରି ଦେଖାଇଗଲେ। ଏପରି ପରାମର୍ଶ ଏକା ମନ୍ତ୍ରୀମାନଙ୍କଠାରୁ ଲାଟ ସାହେବ ଲୋଡନ୍ତି !

ସୁଖର କଥା-

ଅବଶ୍ୟ ସୁଖର କଥା, ବହୁ ପକ୍ଷରେ ବେସରକାରୀ ମେମ୍ବରଙ୍କର ଏ କଥା ରହିଲା ନାହିଁ। କଟକ ମୁନିସିପାଲିଟି ଅବିଳମ୍ବେ ଫେରାଇ ଦିଆଯାଉ ବୋଲି ପ୍ରସ୍ତାବ ପାସ୍ ହୋଇଗଲା।

ସ୍ୱଷ୍ଟ ଲୋକମତ ଜାଗ୍ରତ ହେଉ-

ତଥାପି ସରକାର କହନ୍ତି, ଲୋକେ ଉପଯୁକ୍ତ ନ ହେବାରୁ ଲୋକଙ୍କୁ ଶାସନ ଦିଆଯାଉ ନାହିଁ। ଲୋକେ ଯଦି ସେହି କଥାକୁ କାର୍ଯରେ ଏପରି ତୀବ୍ର ସମର୍ଥନ ଦଅନ୍ତି, ତେବେ ଓଡ଼ିଶା ପ୍ରଦେଶର ଏହିଭଳି ବେସରକାରୀ ଲୋକଙ୍କୁ ଘେନି ଯେ ଶାସନଚନ୍ତ୍ର

Digitized by PPRACHIN, SOA

ଗଢା ହେବ, ତାହା ଅତି ଅସ୍ପୃହଣୀୟ, ଲୋକେ ଏ ସବୁ ବୁଝନ୍ତୁ । ଏହିଭଳି କାର୍ଯ୍ୟ ସମ୍ବନ୍ଧରେ ସ୍ପଷ୍ଟ ଲୋକମତ ଶୀଘ୍ର ପ୍ରକଟିତ ହେବା ଉଚିତ ।

ନବ ଭାରତ-୨/୧୨, ଆଲୋଚନା

ଓଡ଼ିଶା ଶାସନର ଭବିଷ୍ୟତ

ଭୂରାଜସ୍ୱ -

ଓଡ଼ିଶାର ପ୍ରାଦେଶିକ ଶାସନ ନଥିଲା । ଏବେ ହେବ । ପ୍ରାଦେଶିକ ଶାସନ ଚଳାଇବା ପାଇଁ ଭୂରାଜସ୍ୱ, ସରକାରଙ୍କ ଗଞ୍ଜେଇ ଅଫିମ ପ୍ରଭୃତି ବିକା ଲାଭ ଅର୍ଥାତ୍ ଅବକାରୀ ରାଜସ୍ୱ ଛଡ଼ା ଓଡ଼ିଶାରେ ଅନ୍ୟ କିଛି ବିଶେଷ ଆୟର ସମ୍ଭାବନା ନାହିଁ । ଭୂମି ବିକ୍ରୀ, ଟଙ୍କା କରଜ, ମକଦ୍ଦମା, ଜଙ୍ଗଲ, ସ୍କୁଲ୍ କଲେଜ୍ ବେତନ ପ୍ରଭୃତିରୁ ଯାହା ଲାଭ ହେବ, ତାହା ଅତି ସାମାନ୍ୟ ମାତ୍ର । ତେବେ ଜମି ଓ ଅବକାରୀ କର ଦିଓଟି ଭିତରୁ ଅବକାରୀ କର ଜାତୀୟବାଦୀଙ୍କର ଆଦୌ ସ୍ପୃହଣୀୟ ନୁହେଁ । ଜମି କର ହିଁ ପ୍ରଧାନ ଆୟ ହେବ । ଏହି ଜମିକର ଆଉ ବଢ଼ାଇ ହେବନାହିଁ । ଜାତୀୟବାଦୀମାନେ ଏହା କମାଇବାକୁ ଦାବୀ କରିବେ । ହେଲେ ହେଁ ଏ ଜମିକରର ପରିମାଣ ବା ଓଡ଼ିଶାରେ କେତେ ?

ଏହାର ପରିମାଣ -

ଓଡ଼ିଶାର ଅଧେ ଜମିରେ ଚିରସ୍ଥାୟୀ ବନ୍ଦୋବସ୍ତ । ଇଂରେଜ ପୂର୍ବରୁ ଓଡ଼ିଶାର ବହୁ ଅଞ୍ଚଳରେ କ୍ଷୁଦ୍ର କ୍ଷୁଦ୍ର ରାଜା ଥିଲେ ବା ଅନେକ ସ୍ଥଳରେ କ୍ଷୁଦ୍ର କ୍ଷୁଦ୍ର ଖଜଣା - ଇଜରାଦାରମାନେ ରାଜା ବୋଲାଉ ଥିଲେ । ସେ କାଳର ଇଂରେଜ କମ୍ପାନୀ ଶାସନ ସେମାନଙ୍କ ଠାରୁ ନାଁକୁ ସାମାନ୍ୟ କିଛି କିଛି ନେବାର କଥା କରି ସେମାନଙ୍କୁ ଚିରସ୍ଥାୟୀ ଜମିଦାର କରିଦେଇଛନ୍ତି । ଗଞ୍ଜାମ, କୋରାପୁଟ ଜିଲ୍ଲାର ସମସ୍ତ ଜମିଦାରୀ ଓ କଟକ ପୁରୀର କନିକା, କୁଜଙ୍ଗ, ଆଳି, ଦର୍ପଣି, ସୁକିନ୍ଦା, ହରିଶପୁର, ମଧୁପୁର, ଡମପଡ଼ା, ପଟିଆ, ପାରିକୁଦ, ମାଲୁଦ ପ୍ରଭୃତି ଏହି ଶ୍ରେଣୀର । ଏମାନଙ୍କ ଠାରୁ ସରକାର ବଡ଼ କମ୍ ଟଙ୍କା ପାନ୍ତି । ଏହାଛଡ଼ା ଓଡ଼ିଶାର ବାକୀ ଅଧକରୁ ପ୍ରାୟ ଦଶପଣ ଅର୍ଥାତ୍ ମୋଟ ଓଡ଼ିଶାର ତିନି ଭାଗରୁ ଭାଗେ ଅସ୍ଥାୟୀ ବନ୍ଦୋବସ୍ତ ଜମିଦାରୀ । ସେଥିରେ ପ୍ରଜାମାନେ ଯେତେ କର ଦିଅନ୍ତି, ସେଥିରୁ ଅଧେ ପ୍ରାୟ ଜମିଦାର ନିଅନ୍ତି, ବାକୀ ଅଧେ ମାତ୍ର ସରକାରଙ୍କ ଖଜଣାଖାନାକୁ ଆସେ । ଏହାଛଡ଼ା ଖୋର୍ଦ୍ଧା, ଘୁମୁସର, ମହୁରି, ବାଙ୍କୀ ଓ ଅନ୍ୟାନ୍ୟ କେତେକ ଅତି କ୍ଷୁଦ୍ର ସ୍ଥାନ ମାତ୍ର ଓଡ଼ିଶାରେ ସରକାରଙ୍କ ଖାସମାହାଲ । ସେଠାର ସବୁ ଖଜଣା ସରକାର ନିଅନ୍ତି । ଏହିପରି ହିସାବ କରି ଦେଖିଲେ ଓଡ଼ିଶାର ପ୍ରଜା କରପୀଡ଼ାରେ ଭୟଙ୍କର ଭାରାକ୍ରାନ୍ତ ହେଲେ ମଧ୍ୟ ସେ କର ରାଜ୍ୟର କାମରେ ଲାଗେ ନାହିଁ । ସେଥିରୁ ମୋଟେ ତିନି ଭାଗରୁ ଭାଗେ ସରକାର ପାନ୍ତି ଓ ଏହି ତିନି ଭାଗରୁ ଭାଗକରେ ଓଡ଼ିଶାର

Digitized by PPRACHIN, SOA

ସମସ୍ତ ପ୍ରଜାଙ୍କୁ ଏବେ ଚଳାଇବାକୁ ହେବ। ସମସ୍ତ ଶାସନର ବ୍ୟୟ ନିମନ୍ତେ ଏଇତକ ମାତ୍ର ଭୂରାଜସ୍ୱ ସରକାରଙ୍କୁ ମିଳିବ ।

ଅବକାରୀ କର –

ଏଥିରେ ରାଜ୍ୟ ଚଳିବ ନାହିଁ । ଭୂରାଜସ୍ୱ କମାଇବା କଥା ଯାହା ହେଉ, ଆଉ ବଢ଼ାଇବାର ଉପାୟ ନାହିଁ । ତେଣିକି ସରକାର ଆୟ ବଢ଼ାଇବାକୁ ଅବକାରୀ କରକୁ ଚାହିଁବେ କିମ୍ବା କୌଣସି ଆଇନ୍ ବିଧିରେ ରାଜା ଜମିଦାରମାନଙ୍କର ଅନୁପାର୍ଜିତ ଆୟରୁ କେତେକ ନେବା ପାଇଁ ଚେଷ୍ଟା କରିବେ। କିନ୍ତୁ ତାହା ନେବା ବଡ଼ ସହଜ ହେବନାହିଁ । ଏହି ଅନୁପାର୍ଜିତ ଆୟଭୋଗୀମାନଙ୍କ ସଂଖ୍ୟା ଓ ପ୍ରଭାବ ଓଡ଼ିଶାରେ ବଡ଼ ବେଶୀ । ସରକାର ଉପରେ ସେ ପ୍ରଭାବ ପଡ଼ିବାର ଯଥେଷ୍ଟ ଆଶଂକା ଅଛି । ତେଣୁ ଏ ପ୍ରଦେଶରେ ଯେ ମନ୍ତ୍ରୀ ହେବେ, ସେ ହୁଏତ ଅବକାରୀ କର ଚଢ଼ାଇ ଶାସନର ଆୟ ବ୍ୟୟ ନିର୍ବାହ କରିବେ, ନହେଲେ ମନ୍ତ୍ରିତ୍ୱ ଛାଡ଼ିବେ ।

କୃଷକର କର ପୀଡ଼ା –

ଏ ଦେଶର କୃଷକ କର ପୀଡ଼ାରେ ନିଷ୍ପେଷିତ, ଏ କଥା ସତ। ସେହି ବିଷୟକୁ ଲକ୍ଷ୍ୟ ରଖି ଏବେ ଚାରିଆଡ଼େ କୃଷକ ଆନ୍ଦୋଳନ କରାଯାଉଛି। ବାସ୍ତବିକ କୃଷକର କରଭାର ଲଘୁ ନହେଲେ ସାଧାରଣ ସମୟରେ ଓଡ଼ିଶାର କୃଷକ ଜମି ଉପରେ ନିର୍ଭର କରି ସଂସାର ଚଳାଇ ରହିପାରିବ ନାହିଁ । ଏବେ ପୁଣି ସାତ ବର୍ଷ ହେଲା ଜମିରୁ ଉତ୍ପନ୍ନର ମୂଲ୍ୟ ଏତେ କମିଯାଇଛି ଯେ ସେଥିରେ ଆୟଠାରୁ ଅନେକ ସମୟରେ କରଭାର ବଳି ପଡୁଛି। ତେଣୁ ଏବେ କୃଷକର କର ଭାର କମାଇବାରେ ଦିଓଟି ପ୍ରଶ୍ନ ଉଠିବ। ଗୋଟିଏ ଉତ୍ପନ୍ନର ମୂଲ୍ୟ ନଥିବା ବେଳେ କୃଷକକୁ କରରୁ ଛାଡ଼ ଦେଇ ତାର ଅବସ୍ଥା ଅନୁକୂଳ ରାଜସ୍ୱ ଆଦାୟ କରିବାକୁ ହେବ। ଦ୍ୱିତୀୟ କଥା, ସାଧାରଣ ଭାବରେ କୃଷକର କର ଭାର ଲଘୁ କରିବାକୁ ହେବ । ବର୍ତ୍ତମାନ ଉତ୍ପନ୍ନର ମୂଲ୍ୟ ନଥିଲା ବେଳେ କୃଷକକୁ କରଛାଡ଼ ଦେବା କଥା ଗୋଟିଏ ସ୍ୱତନ୍ତ୍ର ଓ ସାମୟିକ ବ୍ୟାପାର । ତାହା ସବୁ ସରକାରଙ୍କର ସର୍ବଥା କର୍ତ୍ତବ୍ୟ । ଅନ୍ୟ ପ୍ରଦେଶର ସରକାରମାନେ କୌଣସି କୌଣସି ଠାରେ ତାହା କରୁଛନ୍ତି । ଓଡ଼ିଶାର ସରକାର କେନ୍ଦ୍ରରୁ ସାହାଯ୍ୟ ଆଣନ୍ତୁ, କିମ୍ବା ନିଜର ଦୁଃସମୟ ମେଣ୍ଟାଇବା ପାଇଁ ଋଣ କରନ୍ତୁ, ଏ କରଭାର ଏବେ ସାମୟିକ ଲଘୁ କରିବା ତାଙ୍କର ଏକାନ୍ତ କର୍ତ୍ତବ୍ୟ।

କରଭାର ସ୍ଥାୟୀ ଭାବରେ ଲଘୁ କରିବା –

କିନ୍ତୁ ସ୍ଥାୟୀ ଭାବରେ ଏ କରଭାର ଲଘୁ କରାଯିବ କିପରି ? କୃଷକମାନେ ନିଜ ଆନ୍ଦୋଳନରେ ସେ ବିଷୟର ସୁଚିନ୍ତିତ ଯୋଜନା ଦିଅନ୍ତୁ । କୁହାଯାଇଚି, ସରକାର

Digitized by PPRACHIN, SOA

ଓଡ଼ିଶା ମୂଳକରେ ପ୍ରାୟ ୪ ଭାଗରୁ ଭାଗେ ଜମିରେ ପ୍ରଜାଙ୍କ ଠାରୁ ନିଜେ କର ଆଦାୟ କରି ଖଜଣାଖାନାକୁ ନିଅନ୍ତି। ଏହାଛଡ଼ା ବାକୀ ସବୁ ଜମିଦାରୀ । ପୁରୀ କଟକ ଅଞ୍ଚଳରେ ଥିବା ଚିରସ୍ଥାୟୀ ଜମିଦାରୀ ମାହାଲରେ ପ୍ରଜାର ସ୍ୱତ୍ୱ ନାହିଁ। ଜମିଦାରମାନେ ସେଠାରେ ଜମିର ପୂର୍ଣ୍ଣ ମାଲିକ । ଅତଏବ କରର ପରିମାଣ ସେଠାରେ କଳନା କରିବାର କିଛି ମାପକାଠି ନାହିଁ । ପ୍ରଜା ଜମି ବିକିବା ଦରକାର ହେଲେ ସେ ତାହା ଜମିଦାର ଦ୍ୱାରେ ଦେବା ଛଡ଼ା ତାର ଅନ୍ୟ ଉପାୟ ନାହିଁ । ଅତଏବ ଜମିଦାର ଯାହା କର ନିଅନ୍ତି, ତାହାର ପରିମାଣ ସ୍ଥିର ଅଛି ବୋଲି ବିଚାରିବାରେ ଯୁକ୍ତି କିଛି ନାହିଁ । ଗଞ୍ଜାମ, କୋରାପୁଟ ଜିଲ୍ଲାର ସ୍ଥାୟୀ ଜମିଦାରୀରେ ପ୍ରଜାର ସ୍ୱତ୍ୱ ଅଛି ସତ, କିନ୍ତୁ ସେ ସ୍ୱତ୍ୱର ଅର୍ଥ କିଛି ନାହିଁ। ପ୍ରଜା ନିଜର ଚାଷ ଖର୍ଚ୍ଚ ପାଇଁ ଆୟରୁ ଅଧେ ମାତ୍ର ରଖି ବାକୀ ଅଧିକ ଜମିଦାରକୁ ଦିଏ। ଏ ସମସ୍ତ ଭୂମିରେ ପୁଣି ଜମିଦାର ଯାହାପାନ୍ତି, ତହିଁରୁ କିଞ୍ଚିତ୍ ମାତ୍ର ସରକାରଙ୍କ ହାତକୁ ଆସେ । ବାକୀତକ ଗୋଟିଏ ଘୋର ଜାତୀୟ ଅପବ୍ୟୟ ଥଳୀରେ ବରାବର ପଡୁଛି। ପୁଣି ଅସ୍ଥାୟୀ ଜମିଦାରୀ । ସେଥିରେ ମଧ୍ୟ ପ୍ରଜାର ସ୍ୱତ୍ୱ ଅତ୍ୟନ୍ତ ସୀମାବଦ୍ଧ । ୧୯୧୩ ଠାରୁ ଆଇନ୍ ହୋଇ ଯାଇଚି, ପ୍ରଜା ଜମି ବିକି ବସିଲେ ବିକ୍ରୀଲବ୍ଧ ଅର୍ଥରୁ ଚାରିଅଣା ବା ବିକ୍ରୀ ଜମିର ଖଜଣାର ଛଗୁଣ- ଯେଉଁଟିର ପରିମାଣ ବେଶୀ ହେବ, ତାହା ଜମିଦାର ନେବେ । ତା ନହେଲେ ବିକ୍ରୀ ସିଦ୍ଧ ନୁହେଁ । ଏ ଆଇନ୍‌ଟିରେ ପୁଣି ନ୍ୟାୟ ବା ଯୁକ୍ତି ନାହିଁ । ଯେଉଁ ଜମିରେ ପ୍ରଜା ଖଜଣା ବେଶୀ ଦିଏ, ସେ ଜମିର ମୂଲ୍ୟ ସେହି ପରିମାଣରେ କମିଯାଏ । ଅତଏବ ଜମିଦାର ଯେଉଁ ଜମିରୁ ଖଜଣା ରୂପେ ବେଶୀ ଭାଗ ନିଅନ୍ତି, ସେ ଜମି ପ୍ରଜା ବିକ୍ରୀ କରିପାରିବ ନାହିଁ । ଆଜିକାଲି ଜମିର ଯେପରି ଦର ହୋଇଛି, ସେଥିରେ ଅଧିକାଂଶ ଜମି ଏଇ ବିକ୍ରୀ ନହେବା ଶ୍ରେଣୀର । ଅତଏବ ଅସ୍ଥାୟୀ ବନ୍ଦୋବସ୍ତରେ ପ୍ରଜାର କିଞ୍ଚିତ୍ ସ୍ୱତ୍ୱ ଆଇନ୍‌ରେ ଥିଲେ ମଧ୍ୟ କାର୍ଯ୍ୟରେ ତାହା ନାହିଁ । ପୁଣି ପ୍ରଜା ଯେଉଁ ଖଜଣାତକ ଦିଏ, ସେଥିରୁ ଅଧାଅଧି ସରକାରକୁ ନଯାଇ ସେହି ଜାତୀୟ ଅପବ୍ୟୟ ଥଳୀରେ ପଡୁଛି ।

ପ୍ରଜାଙ୍କ କର ଲଘୁ କରିବା ଅର୍ଥ କଣ ? –

ଏହିପରି ଦେଖିଲେ ଦେଖାଯିବ, ସର୍ବତ୍ର କେବଳ ଜମିକର ହିସାବରେ ସରକାରୀ ଖାସ୍ ମାହାଲରେ ଜମିଦାରୀ ମାହାଲ ଠାରୁ କରଭାର ତୁଳନାରେ ଲଘୁ । ତେବେ କରଭାର କମିବ କେଉଁଠାରେ ? ବିଶେଷରେ ଏହି ଜମିଦାରୀ ମାହାଲରେ କରଭାର କମାଇବାକୁ ହେବ । ପ୍ରଜାକୁ ପୂର୍ଣ୍ଣ ସ୍ୱତ୍ୱ ଦେବା ଏହି କର ଭାର କମାଇବାର ପ୍ରଥମ ସୋପାନ । ଦ୍ୱିତୀୟ ସୋପାନ ହେଉଚି, ଜମିଦାରୀ ମାହାଲଆଡୁ ଆରମ୍ଭ କରି କରଭାର ଊଣା କରିବା । ତେବେ ଏଠାରେ ପ୍ରଶ୍ନ ହୋଇପାରେ, ଏହି କରଭାର ଊଣା କରିବାରେ ସହିବ କିଏ ?

Digitized by PPRACHIN, SOA

ଚିରସ୍ଥାୟୀ ମାହାଲରେ ହୁଏତ ଜମିଦାର ପୂରା ମାତ୍ରାରେ ସହିବେ। କାରଣ, ସେଠାରେ ପ୍ରଜାର କରରେ ଜମିଦାରଙ୍କର ଭାଗ ନାହିଁ। ଜମିଦାର ସରକାରଙ୍କୁ ଯାହା ଦେବେ, ତାହା ଧରା ଅଛି ।

ଅସ୍ଥାୟୀ ଜମିଦାର କଣ କରିବେ ?

କିଂତୁ ଅସ୍ଥାୟୀ ଜମିଦାରଙ୍କ ସଂବଂଧରେ କି ବିଚାର ? ସେମାନଙ୍କ ପ୍ରଜାଙ୍କର କର ଭାର କମିଲେ ସରକାର ସେଥିରୁ ଅଧେ ସହିବେ । ଏଇପରି ଅଧେ ସହିଲେ ସ୍ୱଷ୍ଟ ଫଳ ହେବ, ସରକାର ତାହା ପାଇବେ ନାହିଁ। ଅସ୍ୱଷ୍ଟ ଫଳ ହେବ, ସରକାର ଏ ଖଜଣା କମାଇ ନଦେବାରେ ଅସ୍ଥାୟୀ ଜମିଦାରଙ୍କର ପ୍ରଧାନ ଅବଲମ୍ବନ ହେବେ। ସ୍ଥାୟୀ ଜମିଦାରମାନେ ମଧ ପ୍ରାଣପଣେ ସର୍ବତୋଭାବରେ ଏହି ଖଜଣା କମାଇବାର ବିରୋଧରେ ଯିବେ। ଅତଏବ ଅସ୍ଥାୟୀ ଜମିଦାର, ସରକାର ଓ ସ୍ଥାୟୀ ଜମିଦାର ଦଳ ବାନ୍ଧି ପ୍ରଜାର ସମସ୍ତ ଆଶା ଓ ଭରସା ପଣ୍ଡ କରିବାରେ ଲାଗିବେ ।

ଦେଶସେବୀର କର୍ତ୍ତବ୍ୟ –

ମାତ୍ର ସୁଖର କଥା, ଏ ଦେଶର ଦେଶସେବୀ ତଥା କୃଷକ- ସ୍ୱାର୍ଥ- ଦର୍ଶୀଙ୍କ ମଧ୍ୟରେ ମଧ୍ୟଶ୍ରେଣୀର ଲୋକେ ଅଛନ୍ତି; କେତେକ ଅସ୍ଥାୟୀ ଜମିଦାର ମଧ ଅଛନ୍ତି । ସେମାନେ ଏ କ୍ଷେତ୍ରରେ ନିଜର ସ୍ୱାର୍ଥ ଓ ଭବିଷ୍ୟତ୍ ସମ୍ବନ୍ଧରେ ସ୍ୱଷ୍ଟାକ୍ଷରରେ ମତ ବ୍ୟକ୍ତ କରନ୍ତୁ । ସେମାନେ ସ୍ୱଷ୍ଟ କହନ୍ତୁ, ଅସ୍ଥାୟୀ ଓ ସ୍ଥାୟୀ ଜମିଦାରଙ୍କର ଅନୁପାର୍ଜିତ ଆୟ କମାଇ କୃଷକର ରକ୍ଷା ଆରମ୍ଭ କ୍ବରିବାକୁ ହେବ । ତାହେଲେ ବର୍ତ୍ତମାନର ସରକାର ଏ ଆନ୍ଦୋଳନରେ ଯଥାର୍ଥ ଆନ୍ତରିକତା ଦେଖି କୃଷକର କର ପୀଡ଼ାର ପ୍ରତିକାର କରିବା ପାଇଁ ସୁଚିନ୍ତିତ ଆଭିମୁଖ୍ୟ ଗ୍ରହଣ କରିବେ । ସ୍ଥାୟୀ ଜମିଦାରଙ୍କ ଉପରେ ମଧ ନୈତିକ ଚାପ ପଡ଼ିବ। ଏହା ନକରି ଖାଲି ପ୍ରଜାସ୍ୱତ୍ୱ ଆଇନ୍ ସଂଶୋଧନ କରିବାର ବାଟ ଖୋଜିଲେ ଯଥାର୍ଥ ପ୍ରତିକାର ହେବ ବୋଲି ମନେ ହେଉନାହିଁ । ଲୋକମତ ମଧ ସ୍ୱଷ୍ଟ କରି ଆଦର୍ଶ ଆଡ଼କୁ ଚଳାଇବାର ଏ ସୁଗମ ପନ୍ଥା ନୁହେଁ ।

ନବ ଭାରତ-୩/ ୨, ଆଲୋଚନା

ନିମିଆର ବ୍ୟବସ୍ଥା ଓ ଓଡ଼ିଶା ସରକାର

ପ୍ରାଦେଶିକ ଓ କେନ୍ଦ୍ର ସରକାରର ଆର୍ଥିକ ସାମଞ୍ଜସ୍ୟ ଓ ସମୀକରଣ ନିମନ୍ତେ ସର୍ ଓଟୋ ନିମିଆର ସାହେବ ନିଯୁକ୍ତ ହୋଇଥିଲେ। ସେ ନିଜ ରିପୋଟ ଦେଇଛନ୍ତି। ସେଥିରେ ପ୍ରଦେଶମାନଙ୍କର ଆୟ ବ୍ୟୟ ସମାନ କରିବା ଲାଗି କେତେକ ପ୍ରଦେଶ ପାଇଁ ଅର୍ଥ ସାହାଯ୍ୟର ବ୍ୟବସ୍ଥା ଅଛି। ତା ବାଦ୍ ବଙ୍ଗଳାକୁ ଝୋଟ ରପ୍ତାନି ଶୁଳ୍କର ଅର୍ଦ୍ଧାଂଶ ଓ ପ୍ରଦେଶମାନଙ୍କୁ ଭାରତ ସରକାରଙ୍କ ଆୟ କରରୁ ଅଂଶ ଦେବାର ବ୍ୟବସ୍ଥା ମଧ ଅଛି।

Digitized by PPRACHIN, SOA

ଓଡ଼ିଶାକୁ ବର୍ଷରେ ୫୦ ଲକ୍ଷ ଭାରତ ସରକାର ଦିଅନ୍ତୁ ବୋଲି ସେ ସୁପାରିସ କରିଛନ୍ତି। ତାହା ଉପରେ ଓଡ଼ିଶା ସରକାର ଲେଖିଛନ୍ତି –

"ଏ ବର୍ଷ ଓଡ଼ିଶାକୁ ସାଢ଼େ ଚାଳିଶ ଲକ୍ଷ ଦିଆଯାଇଚି । ସେଥିରେ ମଧ ଖାଲି ଦରମା ଦେଇ ପ୍ରଦେଶ ଚଳାଇବାକୁ ହେଲେ ସାଢ଼େ ଚାରିଲକ୍ଷ ନିଅଣ୍ଟ ହେବ। ଯେତେ ଖର୍ଚ୍ଚ କାଟିଲେ ମଧ ଏହି ସାଢ଼େ ଚାରିଲକ୍ଷରୁ ଏକ ଲକ୍ଷରୁ ବେଶୀ କାଟି ପାରିବାର କୌଣସି ଆଶା ଓଡ଼ିଶା ସରକାର ଦେଖୁ ନାହାନ୍ତି। ତା ମଧ ଅତ୍ୟନ୍ତ ଆବଶ୍ୟକୀୟ ଖର୍ଚ୍ଚ ନ କମାଇଲେ ହେବନାହିଁ। ଏପରି ହେଲେ ମଧ ଭାରତ ସରକାରଙ୍କର ଦାନ ଛାଡ଼ିଦେଲେ ଓଡ଼ିଶାରେ ଏ ବର୍ଷ ୪୪ ଲକ୍ଷ ନିଅଣ୍ଟ ହେବ। ପରବର୍ଷକୁ ପୁଣି ନୂତନ ବ୍ୟବସ୍ଥା ଓ ନୂତନ ବ୍ୟବସ୍ଥାସଭାର ଖର୍ଚ୍ଚ ଅଛି । କର୍ମଚାରୀମାନଙ୍କର ବେତନ ବୃଦ୍ଧି ଅଛି । ଏ ବର୍ଷ ପୁଣି ଏଗାର ମାସର ଖର୍ଚ୍ଚ ହିସାବ ହୋଇଛି । ଆର ବର୍ଷ ଠାରୁ ବାର ମାସର ଖର୍ଚ୍ଚ ପଡ଼ିବ । ସରକାରୀ ଘର ସବୁର ବାର୍ଷିକ ଖର୍ଚ୍ଚ ଓ କେନ୍ଦ୍ର ଫଣ୍ଡରୁ ହୋଇଥିବା ରାସ୍ତା ରକ୍ଷା ଖର୍ଚ୍ଚ ପ୍ରଭୃତିରେ ଖର୍ଚ୍ଚ ମଧ ଆଉରି ବଢ଼ିଯିବ। ପ୍ରଦେଶର ପୁଣି ଭିନ୍ନ ଭିନ୍ନ ଅଂଶରେ ଭିନ୍ନ ଭିନ୍ନ ପ୍ରକାର ଖର୍ଚ୍ଚ ପଡ଼ିବ। ସବୁଆଡ଼େ ଖାଲି ଖର୍ଚ୍ଚ କମାଇ କର୍ମଚାରୀ ଦରମା ମାତ୍ର ଦେଇ ଶାସନ ଚଳାଇଲେ ହେବନାହିଁ । ଅତଏବ ଖର୍ଚ୍ଚ କାଟି କାଟି ଚଳାଇଲେ ମଧ ଆୟ ଠାରୁ ବ୍ୟୟ ନିଶ୍ଚୟ ୫୦ ଲକ୍ଷ କମ୍ ହେବ। ପ୍ରଦେଶକୁ ୫୦ ଲକ୍ଷ ସାହାଯ୍ୟ ଦେଲେ ପ୍ରଦେଶର କୌଣସି ଉନ୍ନତି ଅସମ୍ଭବ । ଶିକ୍ଷା, କୃଷି, ସ୍ୱାସ୍ଥ୍ୟ ବଢ଼ିବ ନାହିଁ । ଦୁଇଟି ବିଶ୍ୱ ବିଦ୍ୟାଳୟରେ ପଡ଼ି ଛଟପଟ ହେଉଥିଲେ ମଧ ଓଡ଼ିଶାରେ ବିଶ୍ୱ ବିଦ୍ୟାଳୟ ହୋଇପାରିବ ନାହିଁ। ନିମିଆର୍ ସାହେବ ତ ନିଜେ କହିଛନ୍ତି, ଆୟ ବଢ଼ାଇବାର ସମ୍ଭାବନା ନାହିଁ। ଓଡ଼ିଶାରୁ ଅଧେ ଚିରସ୍ଥାୟୀ ବନ୍ଦୋବସ୍ତ, ବାକୀ ଅଧକର ବନ୍ଦୋବସ୍ତ ଏବେ ୨୦ ବର୍ଷ ପାଇଁ ସ୍ଥାୟୀ। ପ୍ରଦେଶରୁ ୨/୩(ଦୁଇ ତୃତୀୟାଂଶ) ଅଂଶତଃ ଲୋକଶାସନ ବାହାରେ ଓ ଓଡ଼ିଶାରୁ ଅଧେ ଲୋକଶାସିତ ଭାରତରେ ସବୁଠାରୁ ଅନୁନ୍ନତ । ତା'ପରେ ବନ୍ୟା ପାଇଁ ବ୍ୟବସ୍ଥା। ସେଥିରେ ମଧ ୧୯୨୮ର ବିଶେଷଜ୍ଞ କମିଟି ଯାହା କହିଥିଲେ ସେଥିରୁ ପ୍ରାୟ କିଛି ହୋଇପାରିନାହିଁ। ଘର ତୋଳା ପାଇଁ ଅଧିକା ୧୫ ଲକ୍ଷ ଦିଆଯାଇଚି ସତ, କିନ୍ତୁ ପ୍ରଦେଶର ରାଜଧାନୀ, ଗୋଟିଏ ଜିଲ୍ଲାର ଓ ଦୁଇଟି ସବ୍‌ଡିଭିଜନ୍‌ର ପ୍ରଧାନ ସହର ଓ କେନ୍ଦ୍ର ଜେଲ୍ ତିଆରି କରିବାକୁ ହେବ। ଏ ବର୍ଷ ହାତରେ ଦୁଇ ଲକ୍ଷ ମାତ୍ର ଟଙ୍କା ଗଚ୍ଛିତ ଦିଆଯାଇଚି। ବର୍ଷ ଶେଷକୁ ତାହା ସରିଯାଇଥିବ। ପରେ ଆଉ କିଛି ଦରକାର ପଡ଼ିଲେ ଓଡ଼ିଶା ସରକାରଙ୍କର ଆଉ ଉପାୟ ନଥିବ । ଯେବେ କେନ୍ଦ୍ର ସରକାର ପ୍ରଦେଶମାନଙ୍କୁ ଦେବା କଥା ସ୍ଥିର ହେଲା, ତେବେ ସବୁ ପ୍ରଦେଶକୁ ଯଥାସମ୍ଭବ ଏକାଭଳି ରଖିଦେବା ଉଚିତ। ମାତ୍ର ପ୍ରସ୍ତାବରୁ ଦେଖାଯାଉଚି ପ୍ରଦେଶ ପ୍ରଦେଶ ମଧରେ ପ୍ରଭେଦ ବହୁତ । ଓଡ଼ିଶାକୁ ୫୦ ଲକ୍ଷ ଦେଲେ

Digitized by PPRACHIN, SOA

ମଧ୍ୟ ଜଣପିଛା ଓଡ଼ିଶାରେ ଯାହା ଖର୍ଚ୍ଚ ପଡ଼ିବ, ଅନ୍ୟାନ୍ୟ ପ୍ରଦେଶରେ ଜଣପିଛା ତାହାଠାରୁ ଢ଼େର ବେଶୀ ଖର୍ଚ୍ଚ ହୋଇ ଆସୁଛି ଓ ହେବ। ଓଡ଼ିଶା ସରକାର ଅତର୍କିତ ଖର୍ଚ୍ଚ ନିମନ୍ତେ ହାତରେ ୧୦ ଲକ୍ଷ ଟଙ୍କା ଗଚ୍ଛିତ ଲୋଡ଼ନ୍ତି । ପୁଣି ବାର୍ଷିକ ସାହାଯ୍ୟ ଆଉ ୧୦ ଲକ୍ଷ ବଢ଼ାଇ ଦେବାକୁ କହନ୍ତି। ତାହାହେଲେ ଓଡ଼ିଶାର ନୂଆ ସରକାର ଯତ୍‌କିଞ୍ଚିତ୍ ହେଲେ ମଧ୍ୟ ଓଡ଼ିଶାର ଉନ୍ନତି ଆଡ଼କୁ ଆଖି ଦେଇ କାର୍ଯ୍ୟ ଆରମ୍ଭ କରିବେ। ପୁଣି ଗଭର୍ଣ୍ଣର ଲୋକଶାସନରୁ ଆଂଶିକ ବାହାରେ ଥିବା ଭୂମି ପ୍ରତି ନିଜର କର୍ତ୍ତବ୍ୟ ସମାଧାନରେ କିଞ୍ଚିତ୍ ସମର୍ଥ ହେବେ। ଏତକ ଅତି ଦରକାର। ତା ନହେଲେ ଇଂରେଜ ସରକାର ଓଡ଼ିଶାକୁ ପ୍ରଦେଶ କରିବା ବୃଥା ହେବ।'

ଯୁକ୍ତି ସୁନ୍ଦର ଓ ସ୍ପୃହଣୀୟ –

ଆଜିଯାଏ ଓଡ଼ିଶାର ପ୍ରାଦେଶିକ ସରକାର ନଥିଲା। ଏବେ ଓଡ଼ିଶା ସରକାରଙ୍କର ଏ ଯୁକ୍ତି ନିଶ୍ଚୟ ଲୋକଙ୍କୁ ଆହ୍ଲାଦ ଦେବ ।

ଦାବୀ ଦୁର୍ବଳ –

ମାତ୍ର ଆମ ମତରେ ଦାବୀର ପରିମାଣ ଯୁକ୍ତିର ତୀବ୍ରତା ସଙ୍ଗେ ଖାପ ଖାଉନାହିଁ। ଏତେ କମ୍ କରି ମାଗିବାର ଅର୍ଥ କ'ଣ ? ବୋଧହୁଏ ଅଳ୍ପ ମାଗିଲେ ମିଳିଯିବ ବୋଲି ସରକାର ଏହା କରିଛନ୍ତି। କିନ୍ତୁ ଆମେମାନେ ଜାଣୁ, ପୂର୍ବେ ବିହାର ଓଡ଼ିଶା ସରକାର ମାଗି ନଜାଣି ଓ ମାଗି ନପାରି ଅନେକ କ୍ଷେତ୍ରରେ ଉପେକ୍ଷିତ ହୋଇଛନ୍ତି। ଯେତେ ପାଇବାର ତାହା ପାଇ ନାହାନ୍ତି। ଯାହା ପାଇଛନ୍ତି, ତାହା ପାଇ ମଧ୍ୟ ଓଡ଼ିଶାକୁ ଚାହିଁ ନାହାନ୍ତି। ଆମ ସରକାର ମୂଳରୁ ଏପରି ଦୁର୍ବଳ ହେଲେ ପ୍ରଦେଶରେ କି ଅବସ୍ଥା ହେବ, ତାହା ଅନୁମାନ ରାଜ୍ୟରୁ ଦୂରରେ ନୁହେଁ । ଓଡ଼ିଶାରେ ଜଣ ପ୍ରତି ଯାହା ଖର୍ଚ୍ଚ ହେବ, ତାହାର ପରିମାଣ ଦେଖିଲେ ପାଖରେ ମାନ୍ଦ୍ରାଜ, ଅଳ୍ପ ଦୂରରେ ବମ୍ବେ, ପୁଣି ପ୍ରତିଯୋଗୀ ଭାବରେ ସିନ୍ଧୁ ଓ ସୀମାନ୍ତ ପ୍ରଦେଶକୁ ଚାହିଁ ଲୋକେ ନିରାଶ ହେବେ । ଓଡ଼ିଶା ପରି ଉପେକ୍ଷିତ ଭୂମିକୁ ଶାସନ- ଯନ୍ତ୍ର ସାହାଯ୍ୟରେ ଆଜି ଉଠାଇ ପ୍ରତିବେଶୀମାନଙ୍କ ସଙ୍ଗେ ସମାନ କରିବା ଭାରତ ସରକାରଙ୍କର କାର୍ଯ୍ୟ। ସରକାର ପୁଣି କହିଛନ୍ତି- ଓଡ଼ିଶାରେ (ଦୁଇ ତୃତୀୟାଂଶ) ୨/୩ ଭୂମି ଆଂଶିକ, ଲୋକଶାସନ ବାହାରେ। ସେ ଭୂମିକୁ ଉନ୍ନତ କରିବାର ଦାୟିତ୍ୱ ମୁଖ୍ୟତଃ ଭାରତ ସରକାରଙ୍କର। ଏପରି ସ୍ଥଳେ ଓଡ଼ିଶା ସରକାରଙ୍କ ଦାବୀର ଏ ଦୁର୍ବଳତା ଏକାନ୍ତ ଅସ୍ପୃହଣୀୟ ।

ବିଶେଷ ଯୁକ୍ତି –

ପୁଣି ଆଉ ଗୋଟିଏ ଯୁକ୍ତି କାହିଁକି ଓଡ଼ିଶା ସରକାରଙ୍କ ମନକୁ ଯାଇ ନାହିଁ ବୁଝି ହେଉନାହିଁ । ଆମଦାନୀ କର ଯେପରି ରପ୍ତାନୀ ତଥା ଅବକାରୀ କର ସେହିପରି ପ୍ରଦେଶର

Digitized by PPRACHIN, SOA

ଆୟ ନୁହେଁ । ଯେଉଁ ଦ୍ରବ୍ୟର ଆମଦାନୀ, ରପ୍ତାନୀ ଓ ଉତ୍ପନ୍ନି ଉପରେ ଯେଉଁ କର ବସେ, ସେହି ଦ୍ରବ୍ୟ ଯେଉଁମାନେ କିଣନ୍ତି, ସେହିମାନଙ୍କ ଉପରେ ଶେଷରେ ସେ କରର ଭାର ପଡ଼େ। ଧର, ବଙ୍ଗଳାରୁ ଯେଉଁ ଝୋଟ ବାହାରକୁ ଯାଏ, ତାହା ଉପରେ ଯେଉଁ କର ବସେ ତାହା ଦିଏ କିଏ ? ଝୋଟ ପୃଥିବୀରେ ବିକିବାକୁ ଆଉ କାହାରି ନାହିଁ, ମାତ୍ର ଝୋଟ ଦରକାର । ତେଣୁ ସେ କର ବଙ୍ଗଳାର ଝୋଟ ଚାଷୀ ଦିଏ ନାହିଁ । ତାହା ବିଦେଶରେ ଝୋଟ କିଣିବାବାଲା ଭାରତ ସରକାରକୁ ଦିଏ । ସେହିପରି ଆସାମରେ ଯେଉଁ ମୋଟର ତେଲ ଓ କିରାସିନୀ ବାହାରେ, ତା ଉପରେ ଭାରତ ସରକାର ଯେଉଁ ଟିକସ ବସାନ୍ତି, ତାହା ଦିଏ କିଏ ? ସାରା ଭାରତରେ ଯେଉଁମାନେ ମୋଟର ତେଲ ଓ କିରାସିନି ବ୍ୟବହାର କରନ୍ତି, ସେଇମାନେ ସେ କର ଦିଅନ୍ତି । ଆସାମର ପ୍ରଜା ଏକା ତାହା ଦିଏ ନାହିଁ । କିନ୍ତୁ ବଙ୍ଗ ଦାବୀ କରିପାରିଲା, ତେଣୁ ତାହାକୁ ଝୋଟ କରରୁ ଆଜି ଅଧେ ଦିଆଗଲା । କାଲି ଆହୁରି ବେଶୀ ଦିଆଯିବାର ସମ୍ଭାବନା ଅଛି । ଆସାମ ଏବେ ମୋଟର ତେଲ ଓ କିରାସିନି ଶୁଳ୍କରୁ ଅଂଶ ଦାବୀ କରିବାର ଶୁଣାଯାଉଚି। ସେ ହୁଏତ ଦିନେ ତାହା ପାଇବ । କିନ୍ତୁ ଓଡ଼ିଶା ଭାରତ ସରକାରଙ୍କୁ ସମସ୍ତ ଅସାକ୍ଷାତ୍ କର ଦେଇ ଦେଇ କାଙ୍ଗାଳ। ଓଡ଼ିଶା ସେଥିରୁ ପାଏ କ'ଣ ? ଓଡ଼ିଶା ସରକାର ଏ କଥା ସ୍ପଷ୍ଟ ଭାବରେ ଶୁଣାଇ ଭାରତ ସରକାରଙ୍କ ପାଖେ ନିଜର ତୀବ୍ର ଦାବି ବାଢ଼ିବା ଉଚିତ୍ ।

ଆୟକର –

ଆୟ କରର ଅଂଶ ପ୍ରଦେଶରେ ବଣ୍ଟା ହେବ । ବମ୍ବେର ଗରିଷ୍ଠମାନଙ୍କର ବଳିଷ୍ଠ ଯୁକ୍ତି ଓ ଦାବି ଛଡ଼ା ଏ କ୍ଷେତ୍ରରେ ଆଉ ବା କ'ଣ କାରଣ ଅଛି ? ଏବେ ଆଜି ବମ୍ବେ ସରକାର ଜଣ ପିଛା ଯାହା ଖର୍ଚ୍ଚ କରନ୍ତି, ତାହାର ପରିମାଣ ଓଡ଼ିଶା ଜଣପିଛାର ପ୍ରାୟ ଚାରିଗୁଣ। ଏଥିରେ ପୁଣି ତେଲିଆ ମୁଣ୍ଡରେ ତେଲ । ଏ ଦେଶରେ ଆୟ କର ଦିଏ କିଏ ? ତାହା ବଣ୍ଟା ହେବ କିପରି ? କୁହାଯାଇଚି, ପ୍ରଦେଶର ଆୟ ସଙ୍ଗେ ଲୋକସଂଖ୍ୟାର ସାମଞ୍ଜସ୍ୟ ରଖି ଏହା ବଣ୍ଟା ହେବ । ବସ୍ତୁତଃ ଏ ସାମଞ୍ଜସ୍ୟର କିଛି ଅର୍ଥ ନାହିଁ । ଲୋକସଂଖ୍ୟା କଥାଟା କେବଳ ଲୋକଙ୍କୁ ତୁନି କରିବା ପାଇଁ ଯୋଡ଼ା ହୋଇଛି ବୋଲି ମନେ ହୁଏ । ଫଳରେ ଯେଉଁଠାରେ ଆୟ କର ଆଦାୟ ହୁଏ, ସେଇ ପ୍ରଦେଶ ଏ ଭାଗବଣ୍ଟାର ଯେ ବିଶେଷ ସୁବିଧା ପାଇବ, ଏହା ସୁନିଶ୍ଚିତ।

ଆୟକର କାହାର ଧନ –

ଆମେମାନେ ଜାଣୁ, ଏ ଦେଶରେ କେତେକ ମହାଜନଙ୍କ ଛଡ଼ା ଆଉ ବିଶେଷ କେହି ଆୟକର ଦିଅନ୍ତି ନାହିଁ। ମହାଜନମାନେ ଯାହା ସୁଧ ନିଅନ୍ତି, ତା କହିବା ଦରକାର ନାହିଁ । ସେଥିପାଇଁ ସରକାରଙ୍କ ଅଦାଲତର କାଗଜପତ୍ର ସାକ୍ଷୀ। ଏ ସବୁ ସୁଧ ଦିଏ ଗରିବ

Digitized by PPRACHIN, SOA

ପ୍ରଜା । ସେତିକି ନୁହେଁ, ଏ ଦେଶରେ ଅନେକ ମହାଜନଙ୍କ କଥା ଆମେ ଜାଣୁ। ସେମାନେ ଶହେ ଟଙ୍କା କରଜ ଦେବାର ଅଙ୍ଗୀକାର କଲେ ଖାତକ ଠାରୁ ଶହେ ଟଙ୍କାର ଚୁକ୍ତିପତ୍ର ଲେଖାଇ ବା ରେଜିଷ୍ଟ୍ରି କରି ନିଅନ୍ତି ଓ ଶହେରୁ ଦୁଇଟି ଟଙ୍କା ଆୟ କର ବାବଦରେ କାଟି ନେଇ ୯୮ ଟଙ୍କା ଖାତକ ହାତକୁ ଦିଅନ୍ତି। ଶେଷରେ ସୁଧ ହିସାବ କରି ନେଲାବେଳେ ମଧ ଆୟକରର ହିସାବ ବାଦ୍ ଯାଏନାହିଁ। ଏହିପରି ଦୀନ ଦରିଦ୍ର ପ୍ରଜା ସାକ୍ଷାତ୍ ଭାବରେ ଅନ୍ତତଃ ଏ ପ୍ରଦେଶରୁ ଭାରତ ସରକାରଙ୍କ କୋଷାଗାରକୁ ଆୟକର ପଠାଇ ଦିଏ ।

ଛାଡ଼ ସେ କଥା। ଯେଉଁ ବେପାରୀ ବା ଶିଳ୍ପୀ ଆୟକର ଦିଏ, ସେ ମଧ ପରିଶେଷରେ କିଣିବା ଲୋକଠାରୁ ସେ ଆୟକର ଆଦାୟ କରେ । ଓଡ଼ିଶାର ପ୍ରଜା ଏସବୁ ହିସାବରେ ମଧ ଓଡ଼ିଶା ବାହାରୁ ଆସୁଥିବା ଜିନିଷରେ ସର୍ବଦା ଆୟକର ଦେଇଆସୁଛି। ଓଡ଼ିଶା ଭିତରେ ସେ ଆୟକର ପ୍ରାୟ ଆଦାୟ ହୁଏ ନାହିଁ, କାରଣ ଓଡ଼ିଶାରେ ବଡ଼ ବେପାରୀ ବା ଶିଳ୍ପୀ ନାହାନ୍ତି।

ଏସବୁ ଦେଖିଲେ ଆୟକର ବଣ୍ଟାରେ ମଧ ଓଡ଼ିଶାର ଯେ ଦୁର୍ଗତି ହେବ ତାହା ଓଡ଼ିଶା ସରକାରଙ୍କର ବୁଝି ରଖି ଭାରତ ସରକାରଙ୍କ ପାଖେ ସ୍ପଷ୍ଟ ଭାବରେ କହିବା ଉଚିତ । ଲୋକଙ୍କର ମଧ ଏ କ୍ଷେତ୍ରରେ ବହୁ କର୍ତ୍ତବ୍ୟ ଅଛି । ଅତନ୍ଦ୍ରିତ ଭାବରେ ସେମାନେ ନିଜ ସରକାରଙ୍କୁ ଏସବୁ କଥାରେ ଜାଗ୍ରତ ରଖିବା ସେମାନଙ୍କର ମଧ କର୍ତ୍ତବ୍ୟ।

ନବ ଭାରତ-୩/୧, ଆଲୋଚନା

ପ୍ରଦେଶରେ ମନ୍ତ୍ରିତ୍ୱ

ପ୍ରଦେଶ ଓ ନିର୍ବାଚନ -

ବର୍ଷକରୁ ଅଧିକ ହେଲା, ଏହି ମନ୍ତ୍ରିତ୍ୱ ଘେନି ଏ ଦେଶରେ ନାନା ମତାମତ ବିବାଦ ବିସଂବାଦ ଚାଲିଥିଲା। କିନ୍ତୁ କଂଗ୍ରେସର ସର୍ବମତର ଲୋକେ ବ୍ୟବସ୍ଥା ସଭା ମାନଙ୍କୁ ମେମ୍ବର ପଠାଇବାରେ ଏକମତ ଥିଲେ। ଗତ ନିର୍ବାଚନ ଫଳରେ ଦେଖାଗଲା, ଦେଶସାରା ସମସ୍ତେ କଂଗ୍ରେସ ଲୋକଙ୍କୁ ବ୍ୟବସ୍ଥା ସଭାକୁ ପଠାଇବାରେ ଏକାବେଳକେ ତନ୍ମୟ । ଇଂରେଜ ଭାରତରେ ଏବେ ଗୋ ୧୧ଟି ପ୍ରଦେଶ - ସିନ୍ଧୁ, ପଞ୍ଜାବ, ସୀମାନ୍ତ, ବଙ୍ଗ, ଆସାମ, ପୁଣି ଓଡ଼ିଶା, ବିହାର, ଯୁକ୍ତ ପ୍ରଦେଶ, ମଧ୍ୟପ୍ରଦେଶ, ବମ୍ବେ ଓ ମାନ୍ଦ୍ରାଜ । ପ୍ରଥମ ୫ଟି ପ୍ରଦେଶରେ ମୁସଲମାନ ଭାବ ଜାଗ୍ରତ କରିବାର ସୁବିଧା ଥିବାରୁ, ସେ ସୁବିଧାର ଯଥେଷ୍ଟ ବ୍ୟବହାର କରାଯାଇଚି । ଫଳରେ ସେ ସବୁଠାରେ କଂଗ୍ରେସ ଦେଖିବା ଭଳି ଫଳ ନିର୍ବାଚନରେ ପାଇପାରିନାହିଁ । ଶେଷୋକ୍ତ ୬ଟି ପ୍ରଦେଶରେ କଂଗ୍ରେସ୍ ପକ୍ଷରୁ ଅଧିକରୁ ଅଧିକ ସଂଖ୍ୟକ ମେମ୍ବର ପ୍ରତ୍ୟେକଟିରେ ନିର୍ବାଚିତ ହୋଇଚନ୍ତି । ୫ଟି ମୁସଲମାନାଧିକ ପ୍ରଦେଶରେ ମଧ ଏହି କଂଗ୍ରେସର ପ୍ରଭାବ ଏବେ ଯଥେଷ୍ଟ ପରିସ୍ଫୁଟ

Digitized by PPRACHIN, SOA

ହୋଇ ଆସୁଚି । ବଙ୍ଗଳା ପରି ପ୍ରଦେଶରେ ମଧ୍ଧ ପ୍ରଜାଦଳ ବୋଲି ନକହିଲେ, ଲୋକେ ମୁସଲମାନମାନଙ୍କ ଭୋଟ ସୁଦ୍ଧା ପାଇପାରିନଥାନ୍ତେ । ଏହା ଦେଖିବାର କଥା ମୁସ୍‌ଲିମ୍ ଲିଗ୍ ମଧ୍ଧ ଏବେ କଂଗ୍ରେସ ସଂଗେ ସ୍ପଷ୍ଟ ସ୍ୱର ମିଳାଇବାର ଆରମ୍ଭ କରିଚନ୍ତି ।

କଂଗ୍ରେସର ଦୁଇ ଦଳ -

ସେ ଯାହା ହେଉ, କାଂଗ୍ରେସବାଦୀଙ୍କ ମଧ୍ୟରେ ମୂଳରୁ, ଦୁଇ ମତ ଘେନି ଦୁଇଟି ଦଳ ଫୁଟିଚନ୍ତି। ଦୁହିଙ୍କର ସ୍ୱାଧୀନତା ସାକ୍ଷାତ୍ କାମ୍ୟ ହେଲେହେଁ ଦୁଇଟି ଦଳର ଉପାୟ ତଥା ନିର୍ଦ୍ଦିଷ୍ଟ ଉପେୟରେ ମଧ୍ଧ ତାରତମ୍ୟ ଯଥେଷ୍ଟ ସ୍ପଷ୍ଟ । ଗୋଟିଏ ଦଳ ସ୍ୱାଧୀନତା ସଂଗେ ବା ସ୍ୱାଧୀନତା ଆଡ଼କୁ ଗତି ସଙ୍ଗେ ସମାଜର ବୈଷୟିକ ତଥା ପରଂପରାରେ ପ୍ରତିଷ୍ଠିତ ପରିସ୍ଥିତିରେ ଯେ ତାରତମ୍ୟ ଜନିତ ବିସଦୃଶତା ଅଛି, ତାର ସାମଂଜସ୍ୟରେ ସମାଧାନ ଲୋଡ଼ନ୍ତି । ଏମାନଙ୍କର କଳ୍ପନା ଆଦର୍ଶର ଅନୁକୂଳ ଉପାୟରେ ପରିସ୍ଥିତିର ପର୍ଯ୍ୟାଲୋଚନା ପ୍ରତି ଯଥେଷ୍ଟ ସହନଶୀଳ ଓ ସାବଧାନ । ମତାନ୍ତରରେ ଅନ୍ୟ ଦଳ ଏକ ପ୍ରକାର ନିର୍ବିକଳ୍ପ ଆଦର୍ଶବାଦୀ । ସେମାନଙ୍କ ମତରେ ଉପେୟରେ ଦୃଷ୍ଟି ଦୃଢ଼ ରହିଲେ ଉପାୟରେ କର୍ମ ପନ୍ଥା ନିଜେ ନିଜେ ଫିଟିଯାଏ । ସେମାନେ ବେଷ୍ଟନୀୟ ପରିସ୍ଥିତିର ପ୍ରଚଣ୍ଡତା ଦେଖିଲା ବେଳେ ଆଦର୍ଶରେ ଅନୁପ୍ରାଣିତ ହୋଇ, ନିଜେ ଦୃଢ଼ ହୁଅନ୍ତି ଓ ପରିସ୍ଥିତିର ପ୍ରତିବିଧାନ କଳ୍ପେ ସେହି ଦୃଢ଼ତା ସମାଜ ଠାରୁ ଆଶା କରି ସେଥିରେ ହିଁ ଅନୁପ୍ରାଣିତ ରହି, ଆଶାର ସଙ୍କେତରେ, ଉପାୟ ପ୍ରତୀକ୍ଷା କରନ୍ତି । ଏହି ପ୍ରତୀକ୍ଷା ହିଁ ସେମାନଙ୍କର ପ୍ରଚୋଦନା । ପୁଣି ଏହି ପ୍ରଚୋଦନା ମାତ୍ର ହିଁ ତାଙ୍କ ସାମର୍ଥ୍ୟର ପରାକାଷ୍ଠା କହିଲେ ଚଳେ । ସେମାନେ ସେଥିରେ ତନ୍ମୟ ଓ ଏହି ତନ୍ମୟତାରେ ସେମାନଙ୍କର ସମସ୍ତ ଉପାୟ ଜାଗ୍ରତ ଓ ନିୟମିତ । ଏମାନେ ପରିସ୍ଥିତିର ପ୍ରଚଣ୍ଡ ପରିବର୍ତ୍ତନ ଲୋଡ଼ନ୍ତି । ତେଣୁ ଏମାନେ ବିପ୍ଳବବାଦୀ । ଏହି ହିସାବରେ ପ୍ରଥମଟି ସଂସ୍କାରବାଦୀ ବା ପରଣାମବାଦୀ । ଏମାନଙ୍କର ଗତି ପରିସ୍ଥିତିର ପରିଣାମରେ ନିୟମିତ । ସେହି ପରିଣାମର ଆଦାନରେ ଏମାନେ ବ୍ୟଗ୍ର ମାତ୍ର ବିବ୍ରତ ନୁହଁନ୍ତି । ବିପ୍ଳବବାଦୀ ସର୍ବଦା ବିବ୍ରତ, ପରିସ୍ଥିତିର ପରିଣାମକୁ ଅପେକ୍ଷା କରିବାରେ ତାର ଧୈର୍ଯ୍ୟ ନାହିଁ। ସେ ଅସହିଷ୍ଣୁ, ଆଦର୍ଶ ହିଁ ତାହାର ସର୍ବସ୍ୱ। ପରିଣାମବାଦୀ ଆଦର୍ଶରେ ନିବଦ୍ଧ ଦୃଷ୍ଟି ଦେଲେହେଁ ଉପାୟ ଚିନ୍ତାରେ ନିବିଷ୍ଟ ।

ନିର୍ବାଚନରେ ଦୁହେଁ ଏକମତ -

ଏହି ଦୁଇ ମତର ଅନୁକ୍ରମରେ ଭାରତ ଜାତୀୟବାଦୀ ତଥା କଂଗ୍ରେସବାଦୀଙ୍କ ମଧ୍ୟରେ ୨ଟି ଦଳ। ନିର୍ବାଚନରେ ଦୁଇ ଦଳଯାକ ଏକ ବାକ୍ୟରେ ଯୋଗଦେଲେ ହେଁ ଏକ ମନରେ ଯୋଗ ଦେଇନାହାନ୍ତି। ଦୁହେଁ କହନ୍ତି, ଇଂରେଜ ସରକାର ଦେଖନ୍ତୁ

Digitized by PPRACHIN, SOA

ଲୋକମତ କୁଆଡ଼େ। ମାତ୍ର ଏହିଠାରେ ହିଁ ସମ୍ଭବତଃ ଦୁହିଁଙ୍କର ଐକ୍ୟର ଅବସାନ । ତାପରେ ବିପ୍ଲବବାଦୀ କହନ୍ତି ଏହି ଲୋକମତ ହିଁ ଯଥେଷ୍ଟ । ଏହାର ନିକଟତମ ପରିଣାମ, ବିପ୍ଲବ। ଏ ଜନମତରେ ବାଧା ଦେଇ ତିଷ୍ଠିବାର ସାମର୍ଥ୍ୟ କୌଣସି ପର ରାଜ୍ୟର ଥାଇନପାରେ; ତାହା ନାହିଁ । ମାତ୍ର ଅନ୍ୟ ଦଳର, ବା ପରିଣାମବାଦୀର ପଦକ୍ଷେପ ଏଠାରେ ସାବଧାନ । ସେ କହେ, ନିର୍ବାଚନରେ ଜନମତର ପ୍ରକାଶ - ପର ରାଜ୍ୟ ପ୍ରତିକାରର ସାକ୍ଷାତ୍ ଓ ଯଥେଷ୍ଟ ସଂକେତ ନୁହେଁ । ଏଥିରେ ପରରାଜ୍ୟ ପ୍ରତିକାରର ଉନ୍ମୁଖତା ସ୍ପଷ୍ଟ ସତ, ମାତ୍ର ଏହି ଉନ୍ମୁଖତା ହିଁ, ବିପ୍ଲବ ନିମନ୍ତେ ଯଥେଷ୍ଟ ଉନ୍ମାଦନା ଆଣିନପାରେ । ଏହି ଉନ୍ମୁଖତାକୁ ବ୍ୟବହାର କରି ଉନ୍ମାଦନାରେ ପରିଣତ କରିବା ନିମନ୍ତେ ପରିସ୍ଥିତିର ତୀବ୍ରତା ଘୁଞ୍ଚାଇବାର ଯତ୍କିଞ୍ଚିତ ହେଲେ ଚେଷ୍ଟା କରିବାକୁ ହେବ । ତାହା ନକରି ଉନ୍ମାଦନାର ବିଦ୍ୟୁତ୍ ଖେଳାଇ ବସିଲେ, ଏହି ବିଦ୍ୟୁତ୍ କ୍ରିୟାରେ ରକ୍ତ ଛାଡ଼ିବା ପରିବର୍ତ୍ତରେ, ହୃତ୍ପିଣ୍ଡର କ୍ରିୟା ପର୍ଯ୍ୟନ୍ତ ବନ୍ଦ ହୋଇଯାଇପାରେ। ରକ୍ତ ଛଡ଼ାଇବାକୁ ହେଲେ, ଯେପରି ଆସ୍ତେ ଆସ୍ତେ ସହନଶଳତାର ପରିସ୍ଥିତି ମାପି ଶରୀରରେ ବିଦ୍ୟୁତ୍ କମ୍ପନର କ୍ରିୟା କ୍ରମେ ବଢ଼ାଇବାକୁ ହୁଏ, ଏ କ୍ଷେତ୍ରରେ ଉନ୍ମାଦନାର ଗତି ସେହିପରି, ପରିସ୍ଥିତିର କରାଳ କ୍ରିୟା ମଧ୍ୟରେ ହଠାତ୍ ଆଦର୍ଶର ଉନ୍ମାଦନା ମତାଇ ଦେଲେ ଜନଶକ୍ତିର କ୍ଷୀଣ ସ୍ପନ୍ଦନ ପର୍ଯ୍ୟନ୍ତ ଲୋପ ହୋଇ ଜାତିକୁ ଏକାବେଳକେ କକ୍ଷଚ୍ୟୁତ କରିଦେବା ବିଚିତ୍ର ନୁହେଁ ।

ମନ୍ତ୍ରିତ୍ୱ -

ଏହିଠାରେ ବର୍ତ୍ତମାନ ପ୍ରଦେଶିକ ଶାସନ ବ୍ୟବସ୍ଥାର ମନ୍ତ୍ରିତ୍ୱ କଥା ବିଚାର୍ଯ୍ୟ । ବିପ୍ଲବବାଦୀ କହନ୍ତି, ଏ ମନ୍ତ୍ରିତ୍ୱ ଅଗ୍ରାହ୍ୟ। ଏଥିରେ ଜନସାଧାରଣର କିଞ୍ଚିତ ଭଲ ହୁଏ ତ କରାଯାଇପାରେ, କିନ୍ତୁ ସେପରି ଭଲ କରି ବସିଲେ ଜନଶକ୍ତି ଆଦର୍ଶ ଆଡ଼କୁ ଗତି କରିବାରେ ଶିଥିଳ ଓ ମନ୍ଥର ହେବ । କାହିଁକି ନା, ସାମାନ୍ୟ ଆଶ୍ୱାସନାରେ ପରିସ୍ଥିତିର ତୀବ୍ରତାର ଅନୁଭୂତି ଜାଗ୍ରତ ନହୋଇ ଶ୍ରାନ୍ତ ବା ଶାନ୍ତ ହୋଇପାରେ । ଆଶ୍ୱାସନାର ଏହା ହିଁ ସ୍ୱାଭାବିକ ଗତି । ଯାହାର ଉଦ୍ଦେଶ୍ୟ ବିପ୍ଲବ, ତାର ଏ ଗତି ଏକାନ୍ତ ଅହିତ ଓ ଅସ୍ପୃହଣୀୟ । ପୁଣି ପର ରାଜ୍ୟର ପ୍ରତିକାରରେ ଏ ମନ୍ତ୍ରିତ୍ୱ ପନ୍ଥା ଅନ୍ୟ ଭାବରେ ମଧ୍ୟ ବିପଦସଂକୁଳ । ଯେଉଁ ରାଜ୍ୟର ଏକାନ୍ତ ପ୍ରତିକାର କରିବାକୁ ହେବ ସେହି ରାଜ୍ୟର ବ୍ୟବସ୍ଥାରେ ମନ୍ତ୍ରିତ୍ୱ ଧରି ଲୋକର ଉପକାର କରି ବସିଲେ ପର ରାଜ୍ୟ ପ୍ରତି କ୍ରମେ ଆଦର ଫୁଟିବ । ଲୋକେ ବୁଝିଯିବେ, ଯେଉଁ ରାଜ୍ୟର ଲୋପ କରିବା ନିମନ୍ତେ ପ୍ରଯତ୍ନ କରାଯାଉଚି, ସେଇ ରାଜ୍ୟର ବ୍ୟବସ୍ଥାରେ ଏପରି ଉପକାର ମଧ୍ୟ ମିଳୁଚି । ପରିସ୍ଥିତିର ପ୍ରଚଣ୍ଡତା ଅନୁଭବ ନକଲେ ତାର ରାଜ୍ୟର ପ୍ରତିକାର ସଂଭବ ନୁହେଁ। ମାତ୍ର ଏ ମନ୍ତ୍ରିତ୍ୱ

Digitized by PPRACHIN, SOA

ଘେନି ଯଦି ଲୋକଙ୍କର ପରିସ୍ଥିତି କ୍ରମେ ସ୍ୱାଦ୍ୟ ଓ ସୁଖସେବ୍ୟ କରାଯାଏ ତେବେ ସ୍ୱରାଜ୍ୟ କ୍ରମେ ଦୂରରୁ ଦୂରତର ହେବ।

ଶୁଦ୍ଧ ଯୁକ୍ତିବାଦୀ –

ପୁଣି ଏଇ ବିପ୍ଳବବାଦୀଙ୍କ ମତରେ ମତ ମିଳାଇ କେହି କେହି ନ୍ୟାୟଶାସ୍ତ୍ରର ନିୟମାନୁବର୍ତ୍ତିତାରେ ଜାତିର ମୁକ୍ତି କଳ୍ପନା କରନ୍ତି । ସେମାନେ କହନ୍ତି ଯେଉଁ ପର ରାଜ୍ୟର ସଂସ୍ଥା ତାଡ଼ି ଫିଙ୍ଗି ଦେବାର ଉଦ୍ଦେଶ୍ୟ, ସେଇ ସଂସ୍ଥାର ବ୍ୟବହାର ହିଁ ମନ୍ତ୍ରିତ୍ୱ ଗ୍ରହଣ। ବ୍ୟବସ୍ଥା ସଭାରେ ପଶିଲା କ୍ଷଣି ଯେଉଁ ନିୟମ ପ୍ରମାଣ କରି କାର୍ଯ୍ୟରେ ଯୋଗ ଦିଆଯାଏ, ସେଥିରେ ମଧ୍ୟ ଯୁକ୍ତିର ଏକାନ୍ତ ଅଭାବ । ଯେଉଁ ଶାସନ ବର୍ଜନୀୟ, ତାରି ଅଧୀନରେ କାର୍ଯ୍ୟ କରିବାର ନିୟମ ପ୍ରମାଣ ଏକାନ୍ତ ଅଯୌକ୍ତିକ । ଏମାନେ ଶୁଦ୍ଧ ଯୁକ୍ତିବାଦୀ – କାମକା ନୁହନ୍ତି। ଏ ଜଗତ ଯେଉଁ ଯୁକ୍ତିରେ ଆତଯାତ ହେଉଚି, ତାହା ସେମାନେ ବୁଝନ୍ତି ନାହିଁ। ମଂଗଳହିଁ ଯେ ଯଥାର୍ଥ ସତ୍ୟଂ, ତାହା ତାଙ୍କ କଳନାରୁ ଅତୀତ । ଏଇ ଶୁଦ୍ଧ ଯୁକ୍ତିବାଦୀଙ୍କ କଥା ତେଣୁ ବିଚାର୍ଯ୍ୟ ନୁହେଁ ।

ପ୍ରଚ୍ଛନ୍ନ ଅଭିସନ୍ଧି –

ଏଇ ଯୁକ୍ତିରେ ପୁଣି ହେତ୍ୱାଭାସ ପୂର୍ଣ୍ଣ ରହିଚି। ତେଣୁ ବହୁ ସୁବିଧାବାଦୀ ମଧ୍ୟ ପ୍ରଚ୍ଛନ୍ନ ଭାବରେ ଏଇ ଯୁକ୍ତିର ଆଶ୍ରୟ କରି ଲୋକ ଭୁଲାଇବାର ପ୍ରଯତ୍ନ କରନ୍ତି । ଏଥିରେ ସହଜରେ ନାନା ଭାବ ଓ ଅଭିସନ୍ଧି ଘୋଡ଼ାଇ ହୋଇ ରହେ। ତେଣୁ ଏ ଯୁକ୍ତି ପ୍ରତି ମଧ୍ୟ ସାବଧାନ ହେବା ବିହିତ ।

ମାନବେନ୍ଦ୍ରଙ୍କ ମତ –

ଗତ ଦିଲ୍ଲି କନ୍‌ଭେନ୍‌ସନ୍ ବା ବିଶେଷ କାର୍ଯ୍ୟ ଘେନି ବିଶେଷ ମିଳନରେ ଏଇ ଯୁକ୍ତିର ଘୋର ପ୍ରତିବାଦ ସ୍ୱରୂପ ଏ ଦେଶର ଶ୍ରେଷ୍ଠ ବିପ୍ଳବବାଦୀ ଶ୍ରୀଯୁକ୍ତ ମାନବେନ୍ଦ୍ର ନାଥ କହିଥିଲେ, 'ମନ୍ତ୍ରିତ୍ୱ ଗ୍ରହଣ କଲେ ଯେ ପରିଣାମବାଦୀର ମନୋବୃତ୍ତି ଜାଗ୍ରତ ହେବ, ପୁଣି ମନ୍ତ୍ରିତ୍ୱକୁ ଏଇକ୍ଷଣି ଫିଙ୍ଗି ଦେଲେ ଯେ ଏକାବେଳକେ ଦେଶରେ ବିପ୍ଳବ ଭାବ ଜାଗି ଉଠିବ, ଏପରି ଭାବରେ ଯଥାର୍ଥ ଯୁକ୍ତି ନାହିଁ । ବିପ୍ଳବକାମୀ ମଧ୍ୟ ମନ୍ତ୍ରିତ୍ୱ ଗ୍ରହଣ କରିପାରେ, ପୁଣି ପରିଣାମବାଦୀ ମଧ୍ୟ ତାହା ଫିଙ୍ଗି ଦେବା ହୁଏତ ସଂଗତ ମନେ କରିପାରେ । କାର୍ଯ୍ୟପନ୍ଥାର କଳନାରେ ଏପରି ନ୍ୟାୟଶାସ୍ତ୍ରର ପାରିଭାଷିକ ଯୁକ୍ତି ଖାଟେ ନାହିଁ । ମନ୍ତ୍ରିତ୍ୱ ଗ୍ରହଣ ବା ବର୍ଜନରେ ଯଥାର୍ଥ ଭଲ ବା ମନ୍ଦ ନାହିଁ । କଅଣ କରୁଚ, ତାକୁ ନ୍ୟାୟଶାସ୍ତ୍ର ପରିଭାଷାରେ ମାପି ବସିଲେ, କିଛି ହୁଏ ନାହିଁ; କିପରି ଓ କାହିଁକି ତାହା କରିବାକୁ ଯାଉଚ, ତାହା ହିଁ ବିଚାର କରି ଦେଖିଲେ ପନ୍ଥା ଫିଟେ।' ସେ ସ୍ପଷ୍ଟ କହିଲେ, ମନ୍ତ୍ରିତ୍ୱ ଗ୍ରହଣ କରାଯାଉ; ସ୍ପଷ୍ଟ ଭାବରେ ସେଇ ମନ୍ତ୍ରିତ୍ୱ ପ୍ରୟୋଗରେ ଲୋକ ମଙ୍ଗଳରେ ଲାଗି

Digitized by PPRACHIN, SOA

ଲୋକର ମେରୁଦଣ୍ଡ ବଳିଷ୍ଠତର କରିବାର ଆଭିମୁଖ୍ୟରେ କର୍ମପନ୍ଥା ଠିକ୍ କରାଯାଉ; ପରେ ସେ କର୍ମପନ୍ଥାରେ ଶାସନର ବାଧା ପଡ଼ିଲେ, ସେଇ ସୂତ୍ର ଧରି ଲୋକର ବିପ୍ଳବ ଭାବ ଜାଗ୍ରତ ଓ ସୁବ୍ୟବହାର କରିବାର ବ୍ୟବସ୍ଥା କରାଯାଉ ।

ଲୋକଶକ୍ତିର କଳନା -

ମାନବେନ୍ଦ୍ର ଅନୁଭବୀ, ତାଙ୍କର ପରାମର୍ଶ କେବଳ କଳ୍ପନା ବା ନ୍ୟାୟଶାସ୍ତ୍ର ଯୁକ୍ତିର ଖେଳ ନୁହେଁ । ନିରବଲଂବ କଳ୍ପନାର ଯୁକ୍ତିରେ ଭରତୋଦ୍ଧାର କରିବାର କାମନା ଶ୍ଳାଘ୍ୟ ହୋଇପାରେ, ମାତ୍ର ବାସ୍ତବତାର ପ୍ରତ୍ୟକ୍ଷ ପ୍ରମାଣ ବିନା କଳ୍ପନାର ଅନୁମାନ କାର୍ଯ୍ୟକର ନୁହେଁ । ସମସ୍ତ ବିପ୍ଳବର ମୂଳ ପୀଠ ଲୋକଙ୍କର ସହନଶୀଳତା । ଦଳେ ଲୋକ ବିପ୍ଳବ ଭାବରେ ଉନ୍ମତ୍ତ ହୋଇ ଏକ ରାଜ୍ୟ ପରିବର୍ତ୍ତରେ ଅନ୍ୟ ରାଜ୍ୟ ସ୍ଥାପନ କରି ଲୋକସେବା ନାମରେ ସ୍ୱାର୍ଥସାଧନ କରିବା ଅବଶ୍ୟ ଉଦ୍ଦେଶ୍ୟ ନୁହେଁ। ତେବେ ଲୋକର ସହନଶୀଳତାର ସୀମା ଓ ପରିସର ଦେଖି କାର୍ଯ୍ୟରେ ବ୍ରତୀ ହେବାର କଥା। ଲୋକଶକ୍ତି ଯାହା ସହିବାରେ କ୍ଷମ ନୁହେଁ ସେ ସୀମାରେ ଲୋକଙ୍କୁ ପକାଇ ଘୋସାରି ଦେଲେ ବିପ୍ଳବ ଭାବର ମଧ୍ୟ କି ପରିଣାମ ହେବ, ତାହା ଚିନ୍ତାର ବିଷୟ । ପୁଣି ବିଗତ ନିର୍ବାଚନରେ ସ୍ୱରାଜ୍ୟ ପୀଠରେ ହେଉ ବା ଅନ୍ୟ ଯେ ଭାବରେ ହେଉ ନିର୍ବାଚନ ଫଳରେ ଲୋକଙ୍କର ଆର୍ଥିକ ତଥା ନୈତିକ ପରିସ୍ଥିତି ଉନ୍ନତ ଓ ସହନକ୍ଷମ ହେବାର କଳ୍ପନା ଦେଖାଇ ଭୋଟ ମଗାଯାଇଚି । ସର୍ବତ୍ର ଏହାଇ କରାଯାଇଚି । ଏପରି ସ୍ଥଳେ, ଲୋକଙ୍କର ଯେବେ ବରାବର "ପଦ୍ମ ଘୁଞ୍ଚି ଘୁଞ୍ଚି ଯାଏ" ତେବେ ବିପ୍ଳବ ନା ସଂହାର କେଉଁଟି ଆଗ ଆସିବ, ତାହା ମଧ୍ୟ ବିଚାରର ବିଷୟ। ସହିବାକୁ ହେବ ବୋଲି କହିଲେ, ଲୋକେ ସହିବେ ନାହିଁ, ସେମାନଙ୍କର ସହିବାର ସାମର୍ଥ୍ୟ ଯୋଗାଡ଼ କରିବା ଉଚିତ । ୧୯୩୨ର ସତ୍ୟାଗ୍ରହ ବେଳେ ଏହାର ସଂକେତ ଥରେ ମିଳିଥିଲା। ଏବେ ଗୋଟିଏ ନିର୍ବାଚନ ପରେ ସେ ପିରସ୍ଥିତି ବଦଳି ଯାଇଛି ବୋଲି ଭାବିବାର କାରଣ ନାହିଁ। ପୁଣି ଏଇ ଓଡ଼ିଶାରେ ଜୟପୁର, ଅନୁଗୁଳ, ପଦ୍ମପୁର, ଆଳି ପ୍ରଭୃତି ସ୍ଥାନର ଲୋକଙ୍କୁ ଯେ ଅବସ୍ଥା ଓ ପରିସ୍ଥିତିରେ ଥିବାର ଦେଖାଯାଇଚି ସେଥିରେ ତାଙ୍କ ସହନକ୍ଷମତା କିପରି କେତେ ଦୂର ଉଠିବ ତାହା ମଧ୍ୟ ଦେଖି ବ୍ୟବସ୍ଥା କରିବାର ଅଛି ।

ଦେଶର ଯଥାର୍ଥ ଅବସ୍ଥା -

ଏସବୁ ବଡ଼ ବଡ଼ ତତ୍ତ୍ୱ କଥାର ବିଚାର - ପୁଣି ଏସବୁ ତ୍ୟାଗନିଷ୍ଠ ଆଦର୍ଶକାମୀ ନେତାମାନଙ୍କ କର୍ମପନ୍ଥାର ଯୁକ୍ତି । ମାତ୍ର ନିର୍ବାଚନ ଫଳରେ ମନ୍ତ୍ରିତ୍ୱ ଘେନି ଯେପରି ଦେଖାଗଲା, ସେଥିରେ ଏ ଦେଶରେ ଏସବୁ ଯୁକ୍ତି ପାଇଁ କାଳ ଆସିଥିଲା ପରି ମନେ ହୁଏନାହିଁ । ଏଇ ଓଡ଼ିଶାରେ ଏ କ୍ଷେତ୍ରରେ ଯାହା ଘଟିଚି, ତାକୁଇ ଇଂରେଜ ଭାରତର

Digitized by PPRACHIN, SOA

ସାଧାରଣ ଅବସ୍ଥାର ସଂକେତ ବୋଲି ଧରାଯାଇପାରେ । କାରଣ ଗତ ନିର୍ବାଚନରେ ଓଡ଼ିଶା କୌଣସି ପ୍ରଦେଶ ଠାରୁ କମ୍ କରି ନାହିଁ - ଏପରି କି ଓଡ଼ିଶାର ଆଦର୍ଶ ପ୍ରଦେଶାନ୍ତର ମାନଙ୍କୁ ଉଦ୍‌ବୁଦ୍ଧ କରିବାକୁ ସୁବିଧା ମଧ ପାଇଚି । ପୁଣି ନିର୍ବାଚନ ପରେ ମନ୍ତ୍ରିତ୍ୱର ଆକାଂକ୍ଷା ପ୍ରଚ୍ଛନ୍ନ ରଖି ଓଡ଼ିଶାରେ ଯେପରି ନୀଚ କୁତ୍ସିତ ବାଦାନୁବାଦ ଓ ମିଥ୍ୟା ବ୍ୟକ୍ତିକୁତ୍ସା ପ୍ରକାଶ ପାଇଚି, ପ୍ରଦେଶାନ୍ତରରେ ମଧ ସେଇପରି ସବୁ ଇତର ବିଶେଷ ଘଟୁଥିବାର ଖବର କାଗଜ ସଂବାଦରୁ ଅନୁମାନ ହେଉଚି । ଯେଉଁ କାର୍ଯ୍ୟ ଆଗରେ ପଡ଼ିଲା ତାହାର କିପରି ସୁସମାଧାନ ସଂଭବ ହେବ, ସେ ବିଚାର କାହାରି ପ୍ରକାଶ ପାଇଲା ପରି ମନେ ହେଉନାହିଁ । ଯେଉଁମାନେ ହୁଏତ କଂଗ୍ରେସରେ କେବେ ଆନ୍ତରିକତା ସହିତ ଯୋଗଦେଇନଥିଲେ, ଏଇ ନିର୍ବାଚନରେ ମଧ ଘୋସରା ହୋଇ ଦଳକୁ ଆସିଥିଲେ, ସେମାନେ ଆଜି 'ସ୍ୱରାଟ୍'। ଯେଉଁମାନେ କଂଗ୍ରେସ ହିସାବରେ ଲୋକରେ ଯେତେ ଅପରିଚିତ, ପୁଣି ସେଇ ହିସାବରେ ଯେଉଁମାନଙ୍କ ସାକ୍ଷାତ୍ ସ୍ୱାର୍ଥସଂଘର୍ଷ ଅବଶ୍ୟଂଭାବୀ, ସେଇମାନେ ଆଜି ମନ୍ତ୍ରିତ୍ୱ ବଳରେ କଂଗ୍ରେସ ନୀତିର ଦୃଢ଼ ପ୍ରତିଷ୍ଠା ନିଜେ କରିବାକୁ ବ୍ୟାକୁଳ । ସେଥିପାଇଁ ଯେ ବୁଦ୍ଧିଠାରୁ କୁଟୁମ୍ବ ପ୍ରୀତି ପର୍ଯ୍ୟନ୍ତ ସବୁ ପ୍ରକାର ବ୍ରହ୍ମାସ୍ତ୍ର ପ୍ରୟୋଗରେ ମତ ସଂଗ୍ରହ। କଂଗ୍ରେସ କାର୍ଯ୍ୟ ଓ ନୀତିରେ ପୁଣି ଶିକ୍ଷାନବିସ୍ ହେବାର ଯୁକ୍ତି ଏତିକି ବେଳେ ପ୍ରୟୋଗ କରାଯାଉଚି । ଗୁଣ ଓ କର୍ମର ଆଦର ଏକାବେଳକେ ଲୀନ । ଏସବୁର ବର୍ଣ୍ଣନା କରିବା ଦରକାର ନାହିଁ । ଏପରିକି ଯେଉଁମାନେ ମନ୍ତ୍ରିତ୍ୱ ଗ୍ରହଣର ବିରୋଧରେ ଦାଣ୍ଡରେ ଶ୍ରେଷ୍ଠ ବାବଦୁକ, ସେଇମାନେ ଭିତରେ ମନ୍ତ୍ରିପଦରେ ନିଜ ଲୋକଙ୍କୁ କୌଶଳରେ ଭର୍ତ୍ତି କରିବାରେ ବିବ୍ରତ । ଏସବୁ ଦେଖି ମନେହୁଏ, ମନ୍ତ୍ରିତ୍ୱ ବ୍ୟବହାର କରି ଲୋକ ଶକ୍ତିର ଉଦ୍‌ବୁଦ୍ଧ କରିବାର ବେଳ ଆସିନାହିଁ । ମନ୍ତ୍ରିତ୍ୱ ହେୟ ବୋଲି ତ୍ୟାଜ୍ୟ ନୁହେଁ। ମନ୍ତ୍ରିତ୍ୱର ଜ୍ୟୋତିରେ ଆଖି ଝଲସି ଅନ୍ଧ ହୋଇଯିବାର ଭୟ ହେଉଚି ବୋଲି, ତାହା ତ୍ୟାଜ୍ୟ । ମନେହୁଏ ଏ ଜାତିର ଯଥାର୍ଥ ସ୍ୱାଧୀନତା ନିମନ୍ତେ ପ୍ରଚେଷ୍ଟାର ଦିନ ଆସି ନାହିଁ । କଂଗ୍ରେସ ନୀତି ତଥା କ୍ରିୟାର ଚିକ୍କଣ ଚାକଚକ୍ୟ ମଧ୍ୟରେ ପ୍ରାଣ ଆସିଚି ବୋଲି ମନେ ହେଉନାହିଁ ।

ସୁରୁଚି ଓ ସୁନୀତି -

ଭଲ ମନୁଷ୍ୟ ବୋଲି ଦେଖାଇ ହେବା 'ସୁରୁଚି'ର ଚିହ୍ନ । ପୁରାଣରେ ସେଇ 'ସୁରୁଚି'ର ସନ୍ତାନ 'ଉତ୍ତମ' । ମାତ୍ର 'ସୁନୀତି'ର ସନ୍ତାନ 'ଧ୍ରୁବ' । ଏହା ମନେ ରଖିବାର ଅଛି । ଦୁହିଁଙ୍କର ଜନକ କିନ୍ତୁ 'ଉତ୍ତାନପାଦ' ବା ଉଚ୍ଚ ଆଦର୍ଶର ଅଭିଳାଷ । ଏହା ମଧ ମନେ ରଖିବାକୁ ହେବ । ସୁରୁଚିରେ ମୁକ୍ତି ମିଳେ ନାହିଁ । 'ଧ୍ରୁବ' ଏକା ସେ ପନ୍ଥା ଫିଟାଇ ପାରେ । କୌଶଳରେ ଅନ୍ୟର କୁତ୍ସା କରି ଲୋକ ସୁରୁଚିସଂପନ୍ନ ବୋଲି ପରିଚିତ ହୋଇପାରେ । ମାତ୍ର ଧ୍ରୁବ ନୀତି ଏକା ମୁକ୍ତିପନ୍ଥାରେ କାମ୍ୟ। ଭାରତ ଜାତୀୟ ମୁକ୍ତିକାମୀର

Digitized by PPRACHIN, SOA

ଏହି ଧ୍ରୁବ ନୀତି ଓ ଚରିତ୍ର ଫୁଟୁ। ତେବେ ଯାଇ ମାନବେନ୍ଦ୍ରଙ୍କ ଭାଷାରେ ମନ୍ତ୍ରିତ୍ୱ ଗ୍ରହଣ ଓ ବର୍ଜନ ବା ସେହିଭଳି ବିରୋଧୀ କ୍ରିୟାମାନ ଜାତିର ମୁକ୍ତି ପନ୍ଥାରେ ସମାନ ଓ ଏକରୂପ ହେବ ।

ନବ ଭାରତ-୩/୭-୮, ଆଲୋଚନା

ନୂଆ ସରକାର ଓ କଂଗ୍ରେସ

ସରକାର ବୋଲି ଲୋକେ ଯାହା ବୁଝିଥିଲେ, ଏଣିକି ତାହା ବଦଳିବ। ଅଭ୍ୟାସ ବଶରୁ ଓ ଜାଣିବାର ଅଭାବରୁ ଅନେକ ତାହା ବଦଳାଇ ଧାରଣା କରି ପାରୁ ନ ଥିବେ। ମାତ୍ର ଅତି ଶୀଘ୍ର ଦେଶରେ ଏ ବିଷୟଟିରେ ସଂପୂର୍ଣ୍ଣ ଭାବ ଓ ଧାରଣା ବଦଳିଯିବା ଦରକାର। ତାହା ଦୁଇ ପ୍ରକାରରେ ହେବ-କର୍ମୀ ଓ କାଗଜମାନଙ୍କ ଦ୍ୱାରା ପୁଣି ସରକାର ଅର୍ଥାତ ମନ୍ତ୍ରୀମାନଙ୍କ ଆଦର୍ଶ, ଉଦ୍ୟମ, ଓ କ୍ରିୟାରେ।

କଂଗ୍ରେସର ମନ୍ତ୍ରୀ ହେଲେ, ବୋଇଲେ କଣ ହେଲା? ପୁଣି ମନ୍ତ୍ରୀ ବୋଇଲେ କଣ? ଆଇନ ହୋଇଛି, ପ୍ରଦେଶର ରାଜ୍ୟ ମୁଖ୍ୟ ଭାବରେ ପ୍ରଦେଶର କେତେକ ଲୋକଙ୍କୁ ଦିଆଗଲା। ରାଜ୍ୟ ବୋଇଲେ କଣ? ଲୋକେ ଖଜଣା ଟିକସ ଦିଅନ୍ତି। ତାହା ଲୋକଙ୍କ ପାଇଁ ଖର୍ଚ୍ଚ କରା ହୁଏ। ଲୋକଙ୍କର ଯେତିକି ଖର୍ଚ୍ଚ ଦରକାର, ସେତିକି ତୁଲାଇବା ପାଇଁ ଲୋକଙ୍କ ଉପରେ ଖଜଣା ଟିକସ ବସାହୁଏ। ଏହାହିଁ ରାଜ୍ୟ ବା ରଜାର କାର୍ଯ୍ୟ। ଲୋକେ ରଜାଙ୍କୁ ବିଶ୍ୱାସ ନ କରି ଏବେ ଏହି ରାଜ୍ୟ ନିଜେ କରିବେ ବୋଲି ଲୋଡନ୍ତି। ଏହାହିଁ ସ୍ୱରାଜ୍ୟ।

କଂଗ୍ରେସର ଦାବୀ ଓ ଲଢେଇ ଏଇ ସ୍ୱରାଜ୍ୟ ପାଇଁ। ଆଇନରେ ଏବେ ପ୍ରଦେଶକୁ ପ୍ରାୟ ଏଇ ସ୍ୱରାଜ ଦିଆ ହୋଇଛି। ଯାହା ଦିଆ ହୋଇଛି ସମସ୍ତଙ୍କୁ ଦିଆ ହୋଇ ନାହିଁ। ଯେଉଁମାନେ ଭୋଟର ହୋଇଛନ୍ତି, ସେଇମାନଙ୍କୁ ସେତିକି ଦିଆ ହୋଇଛି। ଏବେ ରାଜ୍ୟରୁ ଯେତିକ ମିଳିଛି, ସେଇ ଭୋଟରମାନେ ସେତକର ରାଜା ବା ସରକାର।

ଭୋଟରମାନେ ବାଛି ବହୁ ମତରେ ମେମ୍ବର ପଠାଇଲେ। ମେମ୍ବରମାନଙ୍କ ଭିତରେ ଯେଉଁ ଦଳର ମତ ବେଶୀ ହେଲା ସେଇ ଦଳର ମତ ସବୁ ମେମ୍ବରଙ୍କର ବୋଲି ଧରା ହେଲା। ଲୋକମତ ଶୃଂଖଳାରେ ଏହାହିଁ ସୁସଂଗତ ଓ ପ୍ରତିଷ୍ଠିତ ନିୟମ। ଯେଉଁଠାରେ କେତେ ଲୋକଙ୍କ ମତରେ ଗୋଟିଏ କଥା ସ୍ଥିର କରିବାକୁ ହୁଏ, ସେଠାରେ ସେଇ ଲୋକଙ୍କ ମଧ୍ୟରୁ ଅଧିକରୁ ବେଶୀଙ୍କର ଯାହା ମତ ହୁଏ, ତାହାହିଁ ସେ ସମସ୍ତ ଲୋକଙ୍କର ମତ ବୋଲି ଧରାହୁଏ। ମାତ୍ର ସଭାରେ ଅଧିକରୁ ବେଶୀ ଲୋକ ମତ ଦେଇ ରାଜ୍ୟ ଚଳିବାର ପନ୍ଥା ଠିକ୍ କଲେ ମଧ୍ୟ ଚଳାଇବ କିଏ? ସେଥିପାଇଁ ସେମାନେ ନିଜ ଭିତରୁ

Digitized by PPRACHIN, SOA

କେତେଜଣ ଚାକିରିଆ ବାଛନ୍ତି। ସେମାନେ ସବୁବେଳେ ସେହି ଲୋକଙ୍କର ମତକୁ ଧରି ରାଜ୍ୟ ଚଳାନ୍ତି। ସେହିମାନଙ୍କୁ କୁହାଯାଏ ମନ୍ତ୍ରୀ।

ଛ'ଟି ପ୍ରଦେଶ ମଧ୍ୟରେ ଓଡ଼ିଶାରେ କଂଗ୍ରେସ ଦଳ ଏହିପରି ମନ୍ତ୍ରୀତ୍ୱ ଗ୍ରହଣ କରି ସରକାର ହୋଇଛି। କେହି ପଚାରି ପାରନ୍ତି, ଏ ବ୍ୟବସ୍ଥାରେ ଲାଟସାହେବ କଣ? ଲାଟ ସାହେବ ହେଉଛନ୍ତି, ଲୋକ ସ୍ୱାର୍ଥର ପୁଣି ଏକ ଜଗୁଆଳି। ଲୋକେ ରାଜ୍ୟ ବୁଝିବାପାଇଁ ଲୋକ ବାଛି ପଠାଇ ଦେଲେ ପାଞ୍ଚବର୍ଷ ପାଇଁ। ସେହି ବଛା ଲୋକମାନେ ତଥା ମନ୍ତ୍ରୀମାନେ ଭ୍ରାନ୍ତିରେ, ଚରିତ୍ର- ହୀନତାରେ, ସଂକୀର୍ଣ୍ଣ ସ୍ୱାର୍ଥ ସାଧନ ଉଦ୍ଦେଶ୍ୟ କିଂବା ଅନ୍ୟ କୌଣସି କାରଣରେ ହୁଏତ ଲୋକଙ୍କର ଅନିଷ୍ଟ କରିବାକୁ ଯାଇପାରନ୍ତି। ହଠାତ୍ ଏପରି ଦେଖାଗଲେ ଲାଟ ସାହେବ ଦାବି ଦେବେ। ସେତେବେଳେ ସଭା ଭାଙ୍ଗିଯିବ। ମନ୍ତ୍ରୀ ଙ୍କ କାର୍ଯ୍ୟଟି ଭଲ କି ମନ୍ଦ ତାହା ଲୋକଙ୍କ ଆଗରେ ପକାଇ ଦିଆଯିବ ଓ ଫେରେ ଭୋଟରେ ଲୋକମତ ଗ୍ରହଣ କରାଯିବ। ଏହିପରି ଲୋକେ ହେଲେ ରଜା। ଶେଷ ରାୟ ରହିଲା ଲୋକଙ୍କ ହାତରେ। ଏହାହିଁ ଏ ଯୁଗର ସ୍ୱରାଜ୍ୟର କ୍ରିୟା ପ୍ରଣାଳୀ।

ମାତ୍ର ସଂପୂର୍ଣ୍ଣ ଏପରି ଭାବରେ ସ୍ୱରାଜ୍ୟ ପ୍ରଦେଶକୁ ମିଳି ନାହିଁ। ମନ୍ତ୍ରୀମାନଙ୍କ କାର୍ଯ୍ୟରେ ଲାଟ ସାହେବ କେଉଁ ଦୃଷ୍ଟିରେ ବାଧା ଦେବେ, ତାହା ଜାଣିବାର କୌଣସି କରଣୀ ଲୋକଙ୍କ ହାତେ ନାହିଁ। ସେତକ ହେଲେ ପ୍ରଦେଶର ସ୍ୱରାଜ୍ୟ ପୂର୍ଣ୍ଣ ହେବ। ହୁଏତ ଆମ ପରିସ୍ଥିତିରେ ଲୋକଙ୍କ ମତ ଅନୁସାରେ ଯେବେ ଲାଟ ସାହେବ ବସିବେ ତେବେ ଏହା ହୋଇପାରେ। ସେତେବେଳେ ପ୍ରାଦେଶିକ ସ୍ୱରାଜ୍ୟ ପୂର୍ଣ୍ଣ ହେବ।

ଏବେ ଯାହା ହୋଇଛି ସେଥିରେ ମନ୍ତ୍ରୀମାନେ ଏକ ପ୍ରକାର ଲୋକମତକୁ ଧରି ରଖିଛନ୍ତି। ସେମାନଙ୍କର ନିୟନ୍ତା ଏବେ ମୁଖ୍ୟଭାବରେ ଦେଶର ଲୋକେ। ପାଞ୍ଚବର୍ଷ ଭିତରେ ସେ ଭୁଲ କରି ପାରନ୍ତି। ଅନ୍ୟାୟ କରି ପାରନ୍ତି। ସେଥିପାଇଁ ଲୋକେ ସର୍ବଦା ଜାଗ୍ରତ ରହିବା ଦରକାର। ଏହି ପ୍ରକାର ଲୋକମତ ଠିକ୍ ରଖିବାର ଓ ଲୋକମତରେ ମନ୍ତ୍ରୀଙ୍କୁ ଶାସନ କରିବାର ଭାଗ ଏବେ ନେଇଛନ୍ତି କଂଗ୍ରେସ। ଏହି କଂଗ୍ରେସ ସର୍ବଦା ମନ୍ତ୍ରୀଙ୍କ କାର୍ଯ୍ୟକୁ ନିଖାରି ନିଖାରି ଦେଖୁଥିବେ। ମନ୍ତ୍ରୀଙ୍କୁ ଉପଦେଶ ଦେଉଥିବେ, ଶାସନ କରୁଥିବେ। ମନ୍ତ୍ରୀମାନେ ଏ ସବୁରେ ଶାସିତ ଓ ସୁସଂଯତ ନ ହୋଇ ଉଦ୍‌ବର୍ତ୍ତନ କଲେ, କଂଗ୍ରେସ ସେଥିରେ ଲୋକସ୍ୱାର୍ଥ ଠିକ୍ ରଖିବାପାଇଁ ସର୍ବଦା ପ୍ରସ୍ତୁତ ରହିବେ।

ଲୋକେ ପାଞ୍ଚବର୍ଷ ପାଇଁ ବ୍ୟବସ୍ଥା ସଭାକୁ ଭୋଟ ଦେଇ ଲୋକ ପଠାଇଛନ୍ତି। ଏବେ ବର୍ଷକୁ ବର୍ଷ କଂଗ୍ରେସରେ ଭର୍ତ୍ତି ହୋଇ କଂଗ୍ରେସକୁ ନିଜ ପ୍ରତିନିଧିଙ୍କ ଦ୍ୱାରା ଗଢ଼ି ଠିକ୍ ରଖନ୍ତୁ। କେତେକ ଭୋଟର ବ୍ୟବସ୍ଥା ସଭାକୁ ଲୋକ ପଠାଇ ମନ୍ତ୍ରୀ ତିଆରି କରିଛନ୍ତି। କିନ୍ତୁ କଂଗ୍ରେସକୁ ବଳିଷ୍ଠ କରିବାରେ ସମସ୍ତ ସାବାଳକ ନରନାରୀ ସେହି ମନ୍ତ୍ରୀଙ୍କୁ ଶାସନରେ

Digitized by PPRACHIN, SOA

ରଖିବାଦ୍ୱାରା ସରକାରକୁ ଏବେ ସଂପୂର୍ଣ୍ଣ ହାତ କରି ପାରିବେ। ଲୋକଙ୍କର ଏ ଦୃଷ୍ଟି ଶୀଘ୍ର ଫିଟୁ।

ନବ ଭାରତ ୪/୧, ଆଲୋଚନା

ଓଡ଼ିଶାର ନୂଆ ସରକାର

ମନ୍ତ୍ରୀଙ୍କୁ ଅଭିବାଦନ -

ନୂଆ ମନ୍ତ୍ରୀମାନଙ୍କୁ ଅଭିବାଦନ କରୁଅଛୁଁ। ସରକାରଟା ସବୁ ଲୋକଙ୍କୁ ଦିଆ ହୋଇ ନାହିଁ। ତଥାପି ତିନିମାସର ନିଷ୍ପାପର ସାଧନା ପରେ ଇଂରେଜ ସରକାରଙ୍କ ପ୍ରତିନିଧି କଥା ଦେଇଛନ୍ତି, ଯାହା ମିଳିଛି ସେଥିରେ ଓପରୁ ବିଶେଷ ହାତ ବାଜିବ ନାହିଁ। ହାତ ବାଜିଲେ ମନ୍ତ୍ରୀମାନେ ବିଚ ଦାଣ୍ଡରେ ତାହା କହି ଦେବେ। ଯେତିକି ମିଳିଲା ସେତିକିରେ ଆମ ମନ୍ତ୍ରୀମାନେ ସରକାର ଗଢ଼ିଲେ। କିନ୍ତୁ ଏ ଦେଶରେ ଏପରି ସରକାରର ପରଂପରା ନାହିଁ। ସେଥିରେ ପୁଣି ବହୁମୁଖ ବ୍ୟକ୍ତିଗତ ଚୋଦନା ଶୃଙ୍ଖଳିତ କରିବାର ସ୍ୱଷ୍ଟ ପରୀକ୍ଷା ସମସ୍ତେ କିଛି ଦେଇ ଉତ୍ତୀର୍ଣ୍ଣ ହୋଇ ନାହାନ୍ତି। ସେପରି ଘଟଣାରେ ଲୋକେ ହୁଏତ ପଡ଼ି ନ ଥିଲେ। ଏସବୁ ବିପଦ ଆଦୌ ମନେ ରଖି ମନ୍ତ୍ରୀମାନଙ୍କୁ ତଥା କଂଗ୍ରେସ କର୍ମୀମାନଙ୍କୁ ଏବେ କାର୍ଯ୍ୟରେ ଅଗ୍ରସର ହେବାକୁ ହେବ ।

ସାଧାରଣ କଥା, ଏବେ ହଠାତ ଓଡ଼ିଶାରେ କରିବାକୁ ହେବ କଣ ? ଯେତେଦିନ ମନ୍ତ୍ରୀତ୍ୱ ଅଛି- କେତେଦିନ ଅଛି କିଏ କହିବ-ସେ ମଧ୍ୟରେ ଯଥା ଶୀଘ୍ର ଯଥା ସଂଭବ ଭାବିଚିନ୍ତି ଲୋକଙ୍କର କି କି କାର୍ଯ୍ୟ କରାଯାଇ ପାରେ , ତାହା କିପରି ଭାବରେ କରାଯାଇ ପାରେ, ସେଥିପାଇଁ ଗୋଟିଏ ଯୋଜନା ଠିକ୍ କରି ମୋଟେ କାଳ ବିଳମ୍ବ ନ କରି ଯୋଜନାଟି କାର୍ଯ୍ୟରେ ପରିଣତ କରିବାପାଇଁ ଲାଗି ପଡ଼ିବାକୁ ହେବ।

କାର୍ଯ୍ୟର ଗୁରୁତା-

ଯୁକ୍ତ ପ୍ରଦେଶ ପ୍ରଭୃତିରେ ଏହିପରି ଯୋଜନା ତିଆରି କରିବାରେ ନିର୍ବାଚିତ ବ୍ୟବସ୍ଥାପକମାନେ ଗଲା ତିନି ଚାରିମାସ ଧରି ବରାବର ସ୍ୱଷ୍ଟଭାବରେ ଲାଗିଥିଲେ। ସେହି ଯୋଜନାରେ ଲୋକମତକୁ ସଂଗେ ନେବାପାଇଁ ମଧ୍ୟ ସର୍ବଦା ତତ୍ପର ରହିଥିଲେ। ସେହିପରି କରିବା ପାଇଁ ଓଡ଼ିଶାର ବ୍ୟବସ୍ଥାପକମାନଙ୍କୁ ଏଥିପୂର୍ବରୁ ଆମେ ଦୃଷ୍ଟାନ୍ତସହ ସୂଚନା ଦେଇଥିଲୁଁ। କିନ୍ତୁ ଓଡ଼ିଶାର ବ୍ୟବସ୍ଥାପକମାନେ ସେ ଦିଗରେ କିଛି କାର୍ଯ୍ୟ କରିଥିବାର ସାଧାରଣ ଜାଣି ନାହାନ୍ତି। ଏବେ ସେଇହେତୁ ବିଷୟର ଗୁରୁତା ବଢ଼ି ଯାଇଛି। ଏବେ ଯୋଜନା ସଂଗେ କାର୍ଯ୍ୟ ଆରମ୍ଭ ହେବ। ନ ହେବାକୁ ଚାରା ନାହିଁ। ଯୋଜନାରେ ଲୋକମତ ନିୟମିତ କରି ପରେ କାର୍ଯ୍ୟ କରାଯିବ ବୋଲି ଚାହିଁ ବସିବାକୁ ତର ନାହିଁ। ତଥାପି କରିବାକୁ ହେବ।

Digitized by PPRACHIN, SOA

କାର୍ଯ୍ୟର କ୍ରମ ଓ ସୂତ୍ର -

ଅତଏବ ଯେଉଁ ବିଷୟରେ ସାଧାରଣ ଲୋକମତ ପ୍ରକାଶ ପାଇଛି, ତାହାର ଉପରେ ଏବର୍ଷ ପାଇଁ ଯୋଜନା ତିଆରି କରି ମନ୍ତ୍ରୀମାନେ କାର୍ଯ୍ୟରେ ଲାଗି ଯାନ୍ତୁ। ପର ବର୍ଷମାନଙ୍କ ପାଇଁ ଶୃଙ୍ଖଳିତ କଳ୍ପନାମାନ ପ୍ରକାଶ କରି ଲୋକରେ ପକାଇ ଦିଅନ୍ତୁ। ଏଠାରେ ମନେ ରଖିବାକୁ ହେବ, କୌଣସି କଳ୍ପନାରେ ଯେପରି ଏହା ଆଇନରେ ଥିଲା, କିପରି ବଦଳାଇବା, ଅମୁକ ବା ଅମୁକ ଶ୍ରେଣୀର ଗୁଡ଼ାଏ ସ୍ୱତ୍ୱ ଥିଲା, ତାହା ଆଇନ୍ ସ୍ୱୀକାର କରି ଯାଇଛି, ଆମେ କିପରି ସେଥିରେ ହାତ ଦେବା- ଏସବୁ ଚିନ୍ତା ଯେପରି ମନ୍ତ୍ରୀ ବା ଚାଳକମାନଙ୍କୁ ଅଯଥା ଗ୍ରାସ ନ କରେ। ଏହା ଲୋକ ଶାସନ, ଏହାର କୃତ୍ୟାକୃତ୍ୟମାପିବାର ଏକମାତ୍ର ମାନଦଣ୍ଡ ହେଉଛି ଲୋକମତ ଓ ଲୋକ ସ୍ୱାର୍ଥ। ଯେଉଁଠାରେ କୌଣସି କାର୍ଯ୍ୟ କଲେ ଲୋକମତ ପ୍ରକୃତରେ ଅସହିଷ୍ଣୁ ହେବ, ସେଠାରେ ଲୋକମତ ସଂଗେ ନ ନେଇ ତାହା କରାଯିବ ନାହିଁ। ପୂର୍ବେ ଥାଉ ବା ନ ଥାଉ, ଯହିଁରେ ଲୋକସ୍ୱାର୍ଥ ବଢ଼ିବ ଓ ଲୋକମତ ଯାହାକୁ ସାହାଯ୍ୟ କରିବ, ତାହା କରିବାକୁ ହେବ।

କେନ୍ଦ୍ରରୁ ଟଙ୍କା -

ଏବେ ଓଡ଼ିଶାରେ ଟଙ୍କା ନାହିଁ। ଓଡ଼ିଶା ପ୍ରାୟ ତିନିକୋଟି ୨୦ ଲକ୍ଷ ଟଙ୍କା ଅଲକ୍ଷିତ ଟିକସ ରୂପେ କେନ୍ଦ୍ର ସରକାରକୁ ଦିଏ। ଏହା ଆମେ ପୂର୍ବେ ଦେଖାଇ ଦେଇଛୁ। ସେଥିପାଇଁ ଓଡ଼ିଶା ପ୍ରାୟ କିଛି ପାଏ ନାହିଁ। ଓଡ଼ିଶାର ଅର୍ଜନରେ ଅନ୍ୟ ପ୍ରଦେଶ ଇନ୍‌କମ୍ ଟ୍ୟାକ୍‌ସ୍ ପର୍ଯ୍ୟନ୍ତ ହିସାବ କରନ୍ତି। ଓଡ଼ିଶାର ପ୍ରାକୃତିକ ବିଭବରେ ମନ୍ତ୍ରୀମଣ୍ଡଳ ଅନ୍ୟ ପ୍ରଦେଶରେ ସରକାରଙ୍କ ଆୟର ହିସାବ ଉଠେ। ଓଡ଼ିଶାର ଆବଶ୍ୟକ ଦ୍ରବ୍ୟ ବ୍ୟବହାରରେ ପ୍ରଦେଶାନ୍ତର ସ୍ଥାନମାନଙ୍କରେ କର ଆଦାୟ ହୁଏ। ଓଡ଼ିଶା ଦିଏ ଦେଖାଯାଏ ନାହିଁ, କିନ୍ତୁ ଓଡ଼ିଶା ଦିଏ। ଏଥିରେ କେନ୍ଦ୍ର ସରକାର ୪୦ ଲକ୍ଷ ଟଙ୍କା ମାତ୍ର ଦାନ କଲାପରି ଦେଉଛନ୍ତି। ପୁଣି ପୂର୍ବେ ଅନୁଗୁଳ, ଜୟପୁର, କନ୍ଧମାଳ ପ୍ରଭୃତି ରାଜ୍ୟମାନଙ୍କ ପାଇଁ କେନ୍ଦ୍ର ସରକାର ଯାହା ଦେଉଥିଲେ ତାହା ଦେବେ ନାହିଁ। ଏପରି ସ୍ଥଳରେ ଓଡ଼ିଶା ପାଇଁ କେନ୍ଦ୍ର ସରକାର ଅଧିକ ଧନ କିପରି ଦେବେ, ମନ୍ତ୍ରୀମାନେ ସେଥିପାଇଁ ଜାଗ୍ରତ ହୋଇ କାର୍ଯରେ ବ୍ରତୀ ହେବା ଉଚିତ। ଏକଥା ମନେ ରଖିବାର ଅଛି, ଗତ ଦେଢଶ ବର୍ଷ ମଧ୍ୟରେ ଓଡ଼ିଶାକୁ ଏପରି ଦରିଦ୍ର ଓ ଦୁରବସ୍ଥ କରିବାର କାରଣ ହେଉଛି, ହୁଏତ କେନ୍ଦ୍ର ସରକାର, ନିଚେତ୍ ପ୍ରତିବେଶୀ ପ୍ରାଦେଶିକ ସରକାର। ତନ୍ନ ତନ୍ନ କରି ଯୁକ୍ତିଯୁକ୍ତ ଭାବରେ ଏ ହିସାବଗୁଡିକ ଫିଟାଇଦେଇ କେନ୍ଦ୍ର ସରକାରକୁ ଜୋରରେ କହିବାକୁ ହେବ, ଲୋକରେ ମଧ୍ୟ ସେ ସବୁ ହିସାବ ଓ ତାହାର ଯୁକ୍ତି ଯୁକ୍ତତା ପ୍ରକାଶ କରି ସ୍ପଷ୍ଟ ଲୋକମତ ଫିଟାଇବାକୁ ହେବ।

Digitized by PPRACHIN, SOA

ମନୋନୀତ ବ୍ୟବସ୍ଥାପକ-

ଓଡ଼ିଶା ସରକାରରେ ଚାରୋଟି ଲାଟସାହେବଙ୍କ ମନୋନୀତ ମେମ୍ବର ପୂର୍ବ ପ୍ରତିନିଧିମାନଙ୍କର ଗୋଟିଏ ନା ପକେଇବାଭଳି କୀର୍ତ୍ତି। ସେପରି ମନୋନୀତ ପ୍ରତିନିଧି ରହିବାର କୌଣସି କାରଣ ନାହିଁ। ଅନୁନ୍ନତ ଜାତିଙ୍କ ସମ୍ବନ୍ଧରେ ଲାଟ ସାହେବଙ୍କ ହାତରେ ପୂରା ଚାବି ଅଛି। ସଭାରେ ଚାରିଜଣେ ଭର୍ତ୍ତିକରି ଲୋକମତ କ୍ଷୁଣ୍ଣ କରିବାର ଉଦ୍ୟମ ଓଡ଼ିଶାର ଲୋକ- ସରକାରକୁ କେବଳ ଅପମାନ ନୁହେ, ଗୋଟିଏ ଆଘାତ; ସ୍ପଷ୍ଟ ଭାବରେ ଏ ବିଷୟଟି ଅତି ଶୀଘ୍ର ମନ୍ତ୍ରୀମଣ୍ଡଳରେ କାର୍ଯ୍ୟର ଅଙ୍ଗୀଭୂତ ହେବା ଉଚିତ।

ଉପାନ୍ତ ଓଡ଼ିଆଭୂମି ଓ ସିଂହଭୂମି-

ସିଂହଭୂମି, ପୁଲଝରି ପ୍ରଭୃତି ଏବେ ମଧ ଓଡ଼ିଆ ହୋଇ ରହିଥିବା ବହୁ ଉପାନ୍ତ ଭୂମିରୁ ଓଡ଼ିଶାକୁ ଅଯଥା ବଞ୍ଚିତ କରାଯାଇଅଛି। ବିଶେଷରେ ଆଦିମ ନିବାସୀ ନାମରେ ସ୍ୱର୍ଣ୍ଣପ୍ରସୂ ସିଂହଭୂମିକୁ ଓଡ଼ିଶାରୁ କାଢିନିଆ ଯାଇଛି। ଯଦି ବାସ୍ତବିକ ଆଦିମ ନିବାସୀଙ୍କ ପାଇଁ ଏହା କରାଯାଇଥାଏ, ତେବେ ସିଂହଭୂମିର ଆଦିମ ନିବାସୀ, ଆଦିମ ନୁହନ୍ତି। ସେମାନଙ୍କୁ ନିର୍ବାଚନ ଅଧିକାର ଦେଇ ଏହା ଇଂରେଜ ସରକାର ସ୍ୱୀକାର କରିଛନ୍ତି। ଅପରନ୍ତୁ ସେମାନେ ଆଦିମ ହେଲେ ମଧ, ଓଡ଼ିଶାରେ ସବୁ ପ୍ରଦେଶଠାରୁ ଆଦିମ ନିବାସୀ ବେଶୀ ଅଛନ୍ତି ବୋଲି ଇଂରେଜ ସରକାରଙ୍କ ମତ। ଏପରି ସ୍ଥଳେ ସେ ବିଷୟରେ ମନ୍ତ୍ରୀମଣ୍ଡଳ ଅତି ଶୀଘ୍ର ଦୃଢ କାର୍ଯପନ୍ଥା ସ୍ଥିର କରି କାର୍ଯ୍ୟରେ ଲାଗିଯାନ୍ତୁ।

ପ୍ରଜାଙ୍କ ପାଇଁ ଆଶୁ କର୍ତ୍ତବ୍ୟ-

ନିର୍ବାଚନ ଇସ୍ତାହାରରେ ନାମଜାରି ରୋସମ ଉଠାଇ ଦେବା ଓ ପ୍ରଜାର ସ୍ୱତ୍ୱ ଦୃଢ କରିବା ସଂବଧରେ ସ୍ପଷ୍ଟ ଉଲ୍ଲେଖ ଥିଲା। ଲୋକେ ସେହି ଦୃଷ୍ଟିରେ ଭୋଟ ଦେଇଛନ୍ତି। ସେହି ସଂପର୍କରେ ନିମ୍ନଲିଖିତ କାର୍ଯମାନ କରାଯାଉ:-

ସମସ୍ତ ଓଡିଶା ପ୍ରଜାସ୍ୱତ୍ୱ ଆଇନକୁ ଠିକ୍ କରିବା ବ୍ୟବସ୍ଥା ପୂର୍ବରୁ ଆଗେ ହଠାତ୍ ଆଇନ୍ କରି ଦିଆଯାଉ ଯେ-

୧- ନାମଜାରି ରୋସମ ଉଠିଗଲା।

୨- ଜମିଦାରମାନେ ପ୍ରଜାଙ୍କଠାରୁ ଯାହା ସବୁ ଖର୍ଚ୍ଚା ବାହାଟିନା ପ୍ରଭୃତି ବେଆଇନ୍ ପାଉଣା ଆଦାୟ କରନ୍ତି ସେ ସବୁ ଦଣ୍ଡବିଧି ଆଇନ୍‌ର ଦଫା ଅନୁସାରେ ଦଣ୍ଡନୀୟ ବୋଲି ଧର୍ଯ୍ୟ ହେଲା।

୩- ପ୍ରଜାକୁ ନିଜ ଜମିରେ ଗଛ କାଟିବା, ଗଛ ପୋତିବା, ଇଟା କରିବା, ପୋଖରୀ ଖୋଳିବା ପ୍ରଭୃତି ଅଧିକାର ଦିଆଗଲା।

Digitized by PPRACHIN, SOA

୪- ପକ୍କି ମାହାଲରେ ତଥା ସମ୍ବଲପୁରରେ ସ୍ୱାଧୀନ ଭାବରେ ବିକ୍ରି ଖରିଦ କରିବାର ଅଧିକାର ଦିଆଗଲା।

୫- ଗତ ୧୯୧୩ ଠାରୁ ଯେଉଁ ଜମିଦାରୀମାନେ କୌଣସି ବେଆଇନ୍ ପାଉଣା ବା ଆଇନ ବିହର୍ଗତ ଟିକସ ପ୍ରଭୃତି ଆଦାୟ କରିଛନ୍ତି ସେଥିପାଇଁ କମିଟି ବସାଯାଉ ଓ କମିଟି ପାଉଣା ଧାର୍ଯ୍ୟ କଲେ ତାହା ମୂଳେ ମୂଳେ ପ୍ରଜାକୁ ଫେରାଇ ଦିଆଯାଉ।

୬- ଗଞ୍ଜାମ ଜମିଦାରୀମାନଙ୍କରେ ପ୍ରଜାସ୍ୱତ୍ୱର ଦେୟ ଯୁକ୍ତିଯୁକ୍ତ ଭାବରେ ସ୍ଥିର କରିବା ନିମନ୍ତେ ଶୀଘ୍ର ବନ୍ଦୋବସ୍ତ (Settlement) କରାଯାଉ। ଗଂଜାମରେ ପ୍ରଜା ଅଧେ ଦିଅନ୍ତି। ମାତ୍ର ଏ ଦେଶରେ ସର୍ବତ୍ର ଚାଷ-ଖର୍ଚ୍ଚ ଓ ମଜୁରି ବିଲ ଆୟୁରୁ ଅଧେ ବୋଲି ଧରାଯାଏ। ଏଆଡ଼େ ତାହାକୁ ଧୂଳିଭାଗ ବା ଭାଗଚାଷ କହନ୍ତି। ପାରଳା ଛଡ଼ା ଗଂଜାମର ସମସ୍ତ ଜମିଦାରୀରେ ପ୍ରଜାନାମ ଧରି ଲୋକେ ଭାଗଚାଷ ହିଁ କରନ୍ତି। ତାହା ଅତି ଶୀଘ୍ର ବନ୍ଦ କରାଯାଉ। ଘୁମୁସର ପ୍ରଭୃତିରେ ପ୍ରଜା ଯେପରି ଖଜଣା ଦିଅନ୍ତି, ଜମିଦାରିରେ ପ୍ରଜା ସେହିପରି ଖଜଣା ଦିଅନ୍ତୁ। ପାରଳାରେ ମଧ ଖଜଣା ବଢ଼ାଇ ଦିଆଯିବାକୁ ମାନ୍ଦାଜ ସରକାର ଗତବର୍ଷ ଯେ ଆଦେଶ କରିଛନ୍ତି, ସେ ଆଦେଶ ଅନୁସାରେ ହେବା କାର୍ଯ୍ୟ ବନ୍ଦ କରାଯାଉ। ପୁଣି ଅନ୍ୟାନ୍ୟ ଜମିଦାରିରେ ଯେଉଁପରି ବନ୍ଦୋବସ୍ତ ହେବ ସେହି ହିସାବରେ ପାରଳା ପ୍ରଜାଙ୍କ ଉପରେ କରଧାର୍ଯ୍ୟ କରାଯାଉ।

୭- ଧୂଳିଭାଗ ବା ଭାଗଚାଷରେ କୌଣସି ପ୍ରଜାସ୍ୱତ୍ୱ ଅଛି ବୋଲି ଧରା ନ ଯାଉ। ଯେଉଁଠାରେ ଧୂଳିଭାଗରେ ପ୍ରଜା ରହିବା ଉଚିତ ସେଠାରେ ଏହିପରି ଯୁକ୍ତିଯୁକ୍ତ ବନ୍ଦୋବସ୍ତରେ ଟଙ୍କା ଧାର୍ଯ୍ୟ କରାଯାଉ।

୮- ତା'ପରେ ପ୍ରଜାର ଋଣଭାର। ସଙ୍ଗେ ସଙ୍ଗେ ଏଥିପାଇଁ ଗୋଟିଏ ଋଣ ରଫା ଓ ପରିଶୋଧ କମିଟି ବସାଯାଉ। ମୂଳର ଦୁଇ ଗୁଣରୁ କେହି ଅଧିକ ସୁଧ ନପାନ୍ତୁ। ଯେଉଁଠାରେ ଦେବାର ଶକ୍ତି ନାହିଁ, ସେଠାରେ ଋଣ ଛାଡ଼ ଦିଆଯାଉ। ଧାନ କରଜରେ ବର୍ଷେ କିମ୍ବା ଦୁଇ ବର୍ଷରୁ ଅଧିକ ଥିବା ବାକୀ ବରାବର କାଟି ଦିଆ-ଯାଉ। ଏଣିକି ସୁଧର ସର୍ବୋଚ୍ଚ ହାର ଆଇନରେ ଠିକ୍ କରି ଦିଆଯାଉ ଓ ସୁଧ ସହିତ ମୂଳର ଦୁଇଗୁଣରୁ ଅଧିକ କୌଣସି ମହାଜନ ଆଦାୟ ନକରିବାର ବ୍ୟବସ୍ଥା ହେଉ। ଧାନ କରଜରେ ବରଷେ କିମ୍ବା ଖୁବ୍ ବେଶୀ ହେଲେ ଦୁଇ ବର୍ଷରୁ ଅଧିକ ଥିବା କରଜ ତମାଦି ହେଉ।

ଏହା ଛଡ଼ା ଏସବୁ ବିଷୟରେ ସୁଚିନ୍ତିତ ବ୍ୟବସ୍ଥା ପ୍ରଣୟନ କରିବାପାଇଁ ଅତି ଶୀଘ୍ର ଦୁଇଟି କମିଟି ବସାଇ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ତାଙ୍କ ରିପୋର୍ଟ ମିଳିବାର ବ୍ୟବସ୍ଥା ହେଉ।

Digitized by PPRACHIN, SOA

ସ୍ୱତ୍ୱାସ୍ୱତ୍ୱ ସ୍ଥିର କରିବାପାଇଁ ଯେଉଁ କମିଟି ବସିବ ସେହି କମିଟିପାଇଁ କେତେଗୁଡ଼ିଏ ନୀତି ଦେଖାଇ ସେମାନଙ୍କ କାର୍ଯ୍ୟପନ୍ଥା ନିୟମିତ କରିଦେବାକୁ ହେବ। ସେଥିପାଇଁ ନିମ୍ନଲିଖିତ କଥାଗୁଡ଼ିକ ପ୍ରତି ବିଶେଷରେ ଦୃଷ୍ଟି ଦିଆଯାଉ-

୧- ପ୍ରଜା ଓ ସରକାର ମଧ୍ୟରେ ଜମିଦାର ପ୍ରଭୃତି ଅନ୍ୟ ମଧ୍ୟସ୍ୱତ୍ୱ ରହିବା ଉଚିତ ନୁହେ। କିନ୍ତୁ ଜମିଦାରୀ ଭଳି କେତେକ ସ୍ୱତ୍ୱ ବର୍ତ୍ତମାନ ପାଇଁ ଯଦି ଅବଶ୍ୟ ରଖିବାକୁ ହୁଏ, ତେବେ ତାହା ଯେତେ କମ୍ ରଖାଯାଇପାରେ ସେତେ ଭଲ।

୨- ମକଦମ, ସରବରାକାର ପ୍ରଭୃତି ସ୍ୱତ୍ୱରେ କେବଳ ଖଜଣା ଅସୁଲ ବା ମାଲିକାନା ଛଡା ଅନ୍ୟ ସ୍ୱତ୍ୱ ରହିବା ଠିକ୍ ନୁହେଁ। ନିଜ ଚାଷ, ନିଜ ଯୋତ ପ୍ରଭୃତିରେ ହୁଏତ ସୁସଂଗତ ଭାବରେ ଜମିଦାର ଓ ମକଦମମାନଙ୍କୁ ରୟତ କରାଯାଉ କିମ୍ୱା ଖୁବ ବେଶୀ ପରିମାଣ ହେଲେ ସେଠାରେ ଅନ୍ୟ ଜମିପରି ରୟତର ବ୍ୟବସ୍ଥା କରାଯାଉ।

୩- ଜମିଦାରମାନଙ୍କ ନିଜଚାଷ, ନିଜ ଯୋତରେ ଯଥାସଂଭବ ସେହିପରି ବ୍ୟବସ୍ଥା କରାଯାଉ। ନିଜର ଚଳିବା ମାଫିକ ଧାନ ବାହାରୁ ଥିବା ଜମିଛଡ଼ା ଅନ୍ୟ ଜମିରେ କୌଣସି ଜମିଦାରର ନିଜଯୋତ ପ୍ରଭୃତି ସ୍ୱତ୍ୱ ନରହୁ।

୪- ଇନାମଦାର, ବାହିଲଦାର, ବାଜ୍ୟାପ୍ତିଦାର ପ୍ରଭୃତି ସମସ୍ତେ ସେହିପରି ଯଥାସଂଭବ ନିଜେ ରୟତ ହୁଅନ୍ତୁ। ଯେଉଁଠାରେ ଜମିର ପରିମାଣ ଅତ୍ୟନ୍ତ ବେଶୀ ସେଠାରେ ଜମି ରୟତଙ୍କର କରିଦେବା ବ୍ୟବସ୍ଥା ହେଉ।

୫- ବଡ଼ ବଡ଼ ରୟତମାନେ ଓଡ଼ିଶା ପ୍ରଜାସ୍ୱତ୍ୱ ଆଇନରେ ଥିଲା ପରି ମଧ୍ୟ ସ୍ୱତ୍ୱାଧିକାରୀ ବିବେଚିତ ନ ହୁଅନ୍ତୁ। ସେମାନଙ୍କର ଜମି ଅନ୍ୟ ରୟତର କରିବା ପାଇଁ ଯଦି କିଛି ବ୍ୟବସ୍ଥା ହୋଇପାରେ ତେବେ ତାହା କରାଯାଉ।

କିନ୍ତୁ ଯେତେଦିନ ଏପରି ବଡ଼ ବଡ଼ ରୟତଙ୍କୁ ମଧ୍ୟବିତ୍ କରିବାର ବ୍ୟବସ୍ଥା ସଂଭବ ନ ହୋଇଛି ସେତେଦିନ ବଡ଼ ବଡ଼ ବାହିଲଦାର, ବାଜ୍ୟାପ୍ତିଦାର, ମକଦମ, ସରବରାକାର ତଥା ଜମିଦାରମାନଙ୍କୁ ତାଙ୍କ ନିଜ ଜମିରେ ରୟତ ବୋଲି ଗ୍ରହଣ କରାଯାଉ। ବଙ୍ଗଳା ଅନୁକରଣରେ ଓଡ଼ିଶା ପ୍ରଜାସ୍ୱତ୍ୱ ଆଇନରେ ବହୁତ ମଧ୍ୟସ୍ୱତ୍ୱ ଓ ନିମ୍ନ ମଧ୍ୟସ୍ୱତ୍ୱ ସୃଷ୍ଟି କରିବାରୁ ଯେ ବିଶୃଂଖଳା ହୋଇଛି ତାହାର ଗତି ବନ୍ଦ କରାଯାଉ। ଓଡ଼ିଶାରେ ପୂର୍ବେ ଜମିଦାର ବା ମଧ୍ୟସ୍ୱତ୍ୱାଧିକାରୀ ନଥିଲେ। ବଡ଼ ରୟତ ଥିଲେ। ସେନାବିଭାଗରେ ବଡ଼ ଜାଗିରଦାର ତଥା ଅନ୍ୟତ୍ର ଛୋଟ ଓ ବଡ଼ ଇନାମଦାର ଅର୍ଥାତ୍ ବାହିଲଦାରମାନେ ଥିଲେ। ତେଣୁ ସରକାର ପ୍ରଜା ମଧ୍ୟରେ ଅଯଥା ପ୍ରଜାର ଧନ ଶୋଷଣ

Digitized by PPRACHIN, SOA

କରିବା ନିମନ୍ତେ ଅନ୍ୟ କୌଣସି ଦଳ ବା ସ୍ୱତ୍ୱବାନ୍ ବ୍ୟକ୍ତି ନ ଥିଲେ। ଓଡ଼ିଶାର ପ୍ରାଚୀନ ସମୃଦ୍ଧିର ଏହା ଗୋଟିଏ। ପ୍ରଧାନ କାରଣ ଥିଲା। ବର୍ତ୍ତମାନ ଯଥାସଂଭବ ସେହିଆଡ଼କୁ ଦୃଷ୍ଟି ଦିଆଯାଉ।

ସମସ୍ତ ଓଡ଼ିଶାର ଭୂମିରେ ପ୍ରଜା ପ୍ରତି କରଭାର କିପରି ଅନୁପାତରେ ସମାନ ହେବ ତାହାର ବ୍ୟବସ୍ଥା କରିବା ନିମନ୍ତେ କମିଟି ଦୃଷ୍ଟି ଦିଅନ୍ତୁ। ତା ନ କରି ଖଜଣା କମାଇ ଦେବା, ବଢ଼ାଇ ଦେବା ପ୍ରଭୃତି କଥା କହିବାର ଅର୍ଥ କିଛି ନାହିଁ। ଆମେ ଜାଣୁ ଓଡ଼ିଶାରେ କୌଣସି କୌଣସିଠାରେ ଯେଉଁ ଦରର ଜମିପାଇଁ ପ୍ରଜା ଏକରକୁ ଏକ ଟଙ୍କା ଛ'ଅଣା ଖଜଣା ଦିଏ ଅନ୍ୟତ୍ର ସେହି ଜମିପାଇଁ ପ୍ରଜାକୁ ଛଅଟଙ୍କା ଖଜଣା ଦେବାକୁ ପଡ଼େ। ଏପରି ସ୍ଥଳେ ମୋଟ ଉପରେ ଅଫିସ ଘରେ ବସି ନଥି ପତ୍ର ଧରି ଖଜଣା କାଟି ଦେବା, ବଢ଼ାଇ ଦେବା ଭଳି କାର୍ଯ୍ୟରେ ମନ ଦେଲେ କୌଣସି ଶୃଙ୍ଖଳା ଫୁଟିବ ନାହିଁ। ଯାହା ଉପରେ ଯଥାର୍ଥରେ କରଭାର ବେଶୀ ତାକୁ ବେଶୀ ଲଘୁ କରିବାକୁ ହେବ। ତାହା କିପରି କରାଯିବ ସେ ବିଷୟରେ କମିଟି ରିପୋଟରେ ମତ ଦିଅନ୍ତୁ।

ଏହା ଛଡ଼ା କୃଷିକାତ ଧନ ଉପରେ କି ପରିମାଣରେ କିପରି ଆୟକର ବସାଇବାକୁ ହେବ ତାହାର ଶୀଘ୍ର ବ୍ୟବସ୍ଥା କରାଯାଉ। ହୁଏତ ଦରକାର ହେଲେ କୌଣସି ଏକ ଅସ୍ଥାୟୀ ବ୍ୟବସ୍ଥାରେ ସେ କର ବସାଇ ପରେ ସୁଚିନ୍ତିତ ମତ ଦେବାପାଇଁ କମିଟିକୁ କୁହାଯାଉ। ଏ ଦେଶରେ ଖାଲି ଜମିଦାରଙ୍କ ଉପରେ ଏ ଟିକସ ପଡ଼ିବ ନାହିଁ। ବହୁ ପ୍ରଜା ଓ ଇନାମଦାର ବା ବାହିଲଦାରଙ୍କ ଉପରେ ଏ କର ବସିପାରେ। ତେଣୁ ହିସାବ କରି ଦେଖିବାକୁ ହେବ ଏ କରଦ୍ୱାରା ଦୁସ୍ଥ ପ୍ରଜାର କରଛଡ଼ା କରାଯାଇ ପାରେ କି ନା କିମ୍ୱା କି ପରିମାଣରେ ତାହା କରା ଯାଇପାରେ।

ମାନ୍ଦ୍ରାଜ ପ୍ରଦେଶରେ ଅଳ୍ପ ଆୟ ଥିବା ପ୍ରଜାକୁ କର ଛାଡ଼ି ଦିଆ ଯାଉଛି, ଓ ଅନ୍ୟ ପ୍ରଜାଙ୍କର କରଭାର କମାଇ ଦିଆ ଯାଉଛି। ଠିକ୍ ସେହି ପନ୍ଥାରେ ଯିବାପାଇଁ ଏବେ ଓଡ଼ିଶା ସରକାରଙ୍କ ବଳ ଅଛି କି ନା ତାହା ମାପି ଦେଖିବାର କଥା। ମାତ୍ର ଦୁଃସ୍ଥ ପ୍ରଜାକୁ କରି ଛାଡ଼ି ଦେବା ନୀତିରେ କାର୍ଯ୍ୟ ଆରମ୍ଭ କରିବା ଉଚିତ।

ପୁଣି ଜମିକର ବା ଭଡ଼ା (rent) ଯେତେ ଜମି ଆୟର ଟିକସ ଆଡ଼କୁ ଯାଏ ତାହାର ବ୍ୟବସ୍ଥା କରିବାକୁ ହେବ। ସେଥିପାଇଁ ସୁଚିନ୍ତିତ ସୁପାରିସ କରିବା ନିମନ୍ତେ କମିଟିଙ୍କୁ ମଧ୍ୟ କୁହାଯିବ।

ସ୍ଥାନୀୟ ସ୍ୱାୟତ୍ତ ଶାସନ ଓ ଶିକ୍ଷା

ଜିଲାବୋର୍ଡ଼ ଓ ମ୍ୟୁନିସିପାଲିଟିରେ ଭୋଟ ଅଧିକାର ସମସ୍ତ ସାବାଳକମାନଙ୍କୁ ଅତିଶୀଘ୍ର ଦେବାକୁ ହେବ। ଗ୍ରାମ ପଞ୍ଚାୟତ ଆମୂଳଚୂଳ ବଦଳାଇ ଦେବାକୁ ହେବ। ଗ୍ରାମ

Digitized by PPRACHIN, SOA

ପଞ୍ଚାୟତ ସମସ୍ତ ସାବାଳକ ଭୋଟରେ ସାମୟିକ ନିର୍ବାଚନରେ ଗଢ଼ା ହେବେ। ସେମାନେ ଆବଶ୍ୟକ ମତେ ଚୌକିଦାର, ଦଣ୍ଡାସି ରଖିବେ, ସ୍କୁଲ ବସାଇବେ, ଚଳାଇବେ ଓ ରାସ୍ତାଘାଟ କରିବା ଓ ପରିଷ୍କାର ରଖିବାର ଭାର ନେବେ। ଦରକାର ହେଲେ ଜିଲାବୋର୍ଡ଼ ବାଟେ ସରକାର ସେମାନଙ୍କୁ ସେହିସବୁ କାର୍ଯ୍ୟରେ ଆର୍ଥିକ ସାହାଯ୍ୟ ଦେବେ। ଯେଉଁଠାରେ ପାଞ୍ଚାୟତ ନାହିଁ ସେଠାରେ ଏହିପରି ପଞ୍ଚାୟତ ବସାଇବାର ବ୍ୟବସ୍ଥା ହେବ। ଏହିପରି କାଳକ୍ରମେ ଶିକ୍ଷାକର ସରକାରଙ୍କ ଦ୍ୱାରା ନବସି ଲୋକରେ ଶିକ୍ଷା ପ୍ରଚାର ବଢ଼ିବ ଓ ସମୟରେ ସମସ୍ତେ ଶିକ୍ଷା ପାଇବା ଆଡ଼କୁ କାର୍ଯ୍ୟପନ୍ଥା ଫିଟିଯିବ। ଏଥିପାଇଁ ଇନ୍‌ସ୍ପେକ୍ଟିଂ ଅଫିସର ପ୍ରଭୃତି, ତଥା ଶିକ୍ଷକ ଓ ତାଙ୍କର ଟ୍ରେନିଂ, ଶିକ୍ଷା ବିଧାନର ପରିବର୍ତ୍ତନ ପ୍ରଭୃତି ଯାହା ଯାହା ଦରକାର ତାହାର ବିଶେଷ ବିଧିମାନ ସହଜରେ ସ୍ଥିର କରାଯାଇ ପାରିବ। କୌଣସି ବିଲାତୀ ବା ବିଦେଶାଗତ ଗତ ବା ଶଗଡ଼ଗୁଳାରେ ଶିକ୍ଷାକୁ ଆଉ ଘୋଷାରିଲେ ଚଳିବ ନାହିଁ। ଇସ୍କୁଲ ଘରପାଇଁ ଟାଇପ୍ ପ୍ଲାନ୍ ତିଆରି କରି ଲୁହାଟିଣ କଂପାନୀକୁ ରାଶି ରାଶି ଟଙ୍କା ଖୁଆଇବା ଦରକାର ହେବ ନାହିଁ। ଚୌକୀବେଞ୍ଚ ସହରରୁ ତିଆର କରି ଦୂର ମଫସଲକୁ ଶଗଡ଼ରେ ପଠାଇବାକୁ ପଡ଼ିବ ନାହିଁ। ହୁଏତ ଟ୍ରେନିଂ ଦେବା ଲୋକମାନେ ବୁଲି ବୁଲି ଶିକ୍ଷକଙ୍କୁ ସାର୍ଟିଫିକେଟ ଦେବେ। କିଂବା ସେହିଭଳି ଅନ୍ୟ କୌଣସି ବ୍ୟବସ୍ଥା ହେବ। ଗ୍ରାମ ଶିଶୁକୁ ଗ୍ରାମର ବେଷ୍ଟନୀ ମଧ୍ୟରେ ମିଶାଇ ରଖି ତାହାର ବିକାଶ କରାଇବାକୁ ହେବ।

ଶିଳ୍ପ ଓ ବ୍ୟବସାୟର ଶିକ୍ଷାପାଇଁ ସବୁଆଡ଼େ ହୁରି ପଡ଼ିଛି। ଅନେକଙ୍କୁ ଏକାବେଳେକେ ସେହି ଝୁଙ୍କ ଲାଗି ଯାଇଛି। କିନ୍ତୁ ସେଠାରେ ମଧ ଚିନ୍ତା କରିବାର ଅଛି, ଦେଶରେ ବର୍ତ୍ତମାନ ବଞ୍ଚିଥିବା ଶିଳ୍ପ ବ୍ୟବସାୟକୁ କିପରି ଜୀବନ୍ତ ଓ ବିକାଶପର କରା ଯାଇପାରେ। ବର୍ତ୍ତମାନ ଶିଳ୍ପ ବ୍ୟବସାୟ ଶିକ୍ଷାର ଯେ କ୍ଷୀଣ ଓ ଦୁରୂହ ଉଦ୍ୟମ କରା ଯାଉଛି ବା କରାଯିବ, ସେଥିରେ ପୁରୁଣା ମରିଯିବ ନୂଆ ଫୁଟିବ ନାହିଁ। ଏଥିପାଇଁ ସରକାର ସର୍ବତ୍ର ପ୍ରତିଷ୍ଠାନରେ ସେହି ସ୍ଥାନ ଜାତ ଦ୍ରବ୍ୟ କିଣିବାର ଓ କିଣାଇବାର ପ୍ରବଳ ଉଦ୍ୟମ କରନ୍ତୁ। ହୁଏତ କୋଅପରେଟିଭ୍ ସୋସାଇଟି ବା ଅନ୍ୟ କୌଣସି ସୂତ୍ରରେ ଶିଳ୍ପୀ ଓ ବ୍ୟବସାୟୀଙ୍କୁ ସଂଗଠିତ କରି ତାଙ୍କ ପାଇଁ ଆଦର୍ଶ ଶିକ୍ଷାଳୟ ବସାନ୍ତୁ। ତାଙ୍କୁ ଭଲ ଜିନିସର ନମୁନା ଦିଅନ୍ତୁ ଓ ଦରକାର ଅନୁସାରେ ଦୂର ବଜାରରେ ତାଙ୍କ ଜିନିସ ବିକ୍ରିୟର ବ୍ୟବସ୍ଥା କରନ୍ତୁ। ବିଧିବଦ୍ଧ ଭାବରେ ଏଇ ଦିଗରେ କାର୍ଯ୍ୟ କଲେ ଅତି ଅଳ୍ପ ସମୟରେ ଶିଳ୍ପ ବ୍ୟବସାୟ ଜାଗି ଉଠିବ। ଗ୍ରାମିଣ ସ୍କୁଲ ଶିକ୍ଷକ ଓ ବାଳକ ବାଳିକା ମାନେ ସ୍ୱଚ୍ଛନ୍ଦରେ ସେ ସବୁରେ ଯୋଗ ଦେବେ। ବର୍ତ୍ତମାନପାଇଁ ଦରକାର ହେଲେ ପିଲାଙ୍କୁ କୌତୁକ କରିବାପାଇଁ ନେଇ ସେଇସବୁ ଆଦର୍ଶ ଶିଳ୍ପ କାରଖାନା ସବୁ ଦେଖାଇବାରେ ଲାଭ

Digitized by PPRACHIN, SOA

ହୋଇ ପାରେ। କିନ୍ତୁ ପ୍ରତି ସ୍କୁଲରେ ପକା କାନ୍ଥ ତିଶ ଛାତ କରି ପ୍ରତିଦିନ ପାଠପଢ଼ା ସାଙ୍ଗେ ବଗିଚାରୁ ଦୁଇଟା ଘାସ ଉପଡ଼ାଇବା ଓ ଦିବିଣ୍ଡା ମାଟି ଚକଟାଇବା ପ୍ରଭୃତି କାର୍ଯ୍ୟରେ କିଛି ଲାଭ ନାହିଁ। ଏଥିରେ ବାବୁମାନେ କୌତୁକରେ କାମ କଲା ପରି ପିଲାଏ କାମ କରି ଶିଖନ୍ତି ଓ ବାବୁ ହୁଅନ୍ତି। ଏସବୁ ଯଥାଶୀଘ୍ର ଓ ଯଥାସଂଭବ କୌଣସି ଆଦର୍ଶରେ ଶୃଂଖଳିତ କରିବାକୁ ହେବ।

ପିଲାଙ୍କ ଶିକ୍ଷାପାଇଁ ବର୍ଷ ପରେ ବର୍ଷ ବନ୍ଧା ହୋଇଅଛି। ତାହାର କଟକଣା ମଧ ଶିଥିଳ କରିବାକୁ ହେବ। ସ୍କୁଲ ଘର ପୂର୍ବର ଜେଲଖାନା ନୁହେ। ଆମେ ଦେଖିଛୁ କୌଣସି ବୁଦ୍ଧିମାନ ବିଚକ୍ଷଣ ପିଲା ଏକା ବର୍ଷକେ ତିନିକ୍ଲାସର ପାଠ ପଢ଼ି ପାରେ। ୨୫/୩୦ ବର୍ଷ ତଳେ ସେପରି ପଢ଼ି ଉପରକୁ ଯିବା ବ୍ୟବସ୍ଥାଥିଲା। ଏବେ ସ୍କୁଲ ଗୋଟିଏ କଳକାରଖାନାରୁ ବଳିଛି। ସେଠାରେ ବାଳକ ବାଳିକା ମନୁଷ୍ୟ ପିଲା ନୁହନ୍ତି। ସେମାନେ ଗୋଟିଏ ଗୋଟିଏ କଳ ବା ଯନ୍ତ୍ର। କେତେ ଅତି ଉତ୍ତମ ଶିକ୍ଷକ ଏଥିପାଇଁ ବହୁ ଦୁଃଖ କରିବାର ଆମେ ଦେଖିଛୁ। ସ୍ଥାନୀୟ ଲୋକଙ୍କୁ ଏ ସବୁ ବିଷୟ ବିଚାର କରି ବିଧି ବିଧାନ ଶିଥିଳ କରିବାରେ କେତେକ ସ୍ୱାଧୀନତା ଦେବାକୁ ହେବ।

ଏ ନିମ୍ନ ଶିକ୍ଷାର କଥା। ଉଚ୍ଚ ଶିକ୍ଷା ଏ ଦେଶରେ ଏବେ ମଧ ବଡ଼ ପ୍ରସରହୀନ। ସେଥିପାଇଁ ଗୋଟିଏ ପରୀକ୍ଷା ନେବାର ବିଶ୍ୱବିଦ୍ୟାଳୟ ଅତିଶୀଘ୍ର ଫିଟାଇ ସେଥିରେ ବିଶିଷ୍ଟ ବିଷୟର ଶିକ୍ଷା ପାଇଁ ଯଥାସଂଭବ ବ୍ୟବସ୍ଥା କରିବାକୁ ହେବ। ସରକାର ଇଚ୍ଛା କଲେ ଏଥିପାଇଁ ବିଶେଷ ଅର୍ଥର ଅଭାବ ହେବ ନାହିଁ। କିନ୍ତୁ ହଠାତ୍ ବିଶ୍ୱବିଦ୍ୟାଳୟ କହିଲେ ଯଦି ଆମ ଆଖି ଅକ୍‌ସ୍‌ଫୋର୍ଡ, କେମ୍ବ୍ରିଜ୍ ଆଡ଼କୁ ଯାଏ ସେ ସ୍ୱତନ୍ତ୍ର କଥା। ଏ ବିଷୟରେ ଆମେ ପୂର୍ବେ ବହୁ ସୂଚନା ଦେଇଛୁ। ଏଥିପାଇଁ ଗତ ପୂର୍ବ ବର୍ଷ ପଣ୍ଡିତ ନୀଳକଣ୍ଠ ଦାସଙ୍କ ସଭାପତିତ୍ୱରେ ଗୋଟିଏ କମିଟି ବସିଥିଲା। ସେହି କମିଟିର ରିପୋର୍ଟ ପ୍ରତି ମଧ ଲକ୍ଷ୍ୟ କରାଯାଇ ପାରେ।

ଏହା ବାଦ ଦେଶରେ ବନ୍ୟା ସମସ୍ୟା ସର୍ବଦା ତରାଟି ଚାହୁଁଛି। କିନ୍ତୁ ଏ ସବୁ କରିବାକୁ ହୁଏତ ଅର୍ଥ ଏବେ ନାହିଁ। ମାତ୍ର କାର୍ଯ୍ୟ ଆରମ୍ଭ କରିବା ଉଚିତ। କୃଷିର ଉନ୍ନତି ନିମନ୍ତେ ଜାଗ୍ରତ ହେବାକୁ ହେବ। ମାତ୍ର ଏ ସବୁ ହଠାତ୍ ହେଉ ନାହିଁ। ତେଣୁ ବାରାନ୍ତରରେ ଆଲୋଚନା କରାଯିବ।

ମନ୍ତ୍ରୀଙ୍କ ପ୍ରେରଣା ଓ ଲୋକଙ୍କ କର୍ତ୍ତବ୍ୟ–

ଗୋଟିଏ କଥା। ସରକାର ଦେଶର ଆଖି ଫିଟାନ୍ତୁ। ଲୋକେ ଜାଗ୍ରତ ହୋଇ ନିଜର ସ୍ୱାର୍ଥ ଆଲୋଚନା କରନ୍ତୁ। ଲୋକେ ତଥା ଦେଶସେବୀମାନେ ଏ କ୍ଷେତ୍ରରେ ଗଠନମୂଳକ ଆଲୋଚନା ଦ୍ୱାରା ସରକାରଙ୍କୁ ସାହାଯ୍ୟ କରନ୍ତୁ। ସମସ୍ତେ, ନିଜର ସରକାର

Digitized by PPRACHIN, SOA

ହେଲେ କଣ ହୁଏ ତାହା ବୁଝନ୍ତୁ। ଏହିପରି ସବୁ ଦିଗରୁ ସହଯୋଗ ଓ ପରସ୍ପରର ପ୍ରେରଣା ବିନା ବହୁ କଳ୍ପନା ପଣ୍ଡ ହେବ।

ନବ ଭାରତ-୪/୧, ଆଲୋଚନା

ଆମ କଂଗ୍ରେସ ସରକାର

ଏ ପ୍ରଦେଶରେ କଂଗ୍ରେସ ସରକାର ହେବାର ବହୁପୂର୍ବରୁ ଆରମ୍ଭ କରି ଆମେ ନାନା ବିଷୟରେ ଦେଶ କିପରି ଗଢ଼ିବାକୁ ହେବ, ପ୍ରଜାସ୍ୱତ୍ୱ, ଋଣ, ଶିଳ୍ପ, ଶ୍ରମିକ ପ୍ରଭୃତି ସମ୍ବନ୍ଧରେ କିପରି କ'ଣ କ'ଣ କରିବାକୁ ହେବ- ଏ ବିଷୟରେ ନାନା କଥା ବାରମ୍ବାର କହିଛୁ। ଯାହାଙ୍କର ସେସବୁ କଥା ଶୁଣିବା ଉଚିତ ସେମାନେ ଶୁଣିଥିବାର ଅବଶ୍ୟ କୌଣସି ସ୍ପଷ୍ଟ ପ୍ରମାଣ ମିଳୁନାହିଁ। ପୁଣି ଏ ସରକାରରେ ସରକାର ଦଳଙ୍କ ବାହାରେ ବିରୋଧ ବୋଲି ଜିନିଷ ନାହିଁ କହିଲେ ଚଳେ। ସରକାର ଦଳ ଭିତରେ ମଧ୍ୟ କୌଣସି ସମାଲୋଚନା ନାହିଁ। କୌଣସି ଦିଗରୁ ସମାଲୋଚନା ନ ହେବାପାଇଁ ଘୋର ଉଦ୍ୟମ ମଧ୍ୟ ଚାଲିଛି। ତାହା ପୁଣି ଶୃଙ୍ଖଳିତ ଓ ଧାରାବାହିକ ଭାବରେ ଚାଲିଛି। ଏପରି ପରିସ୍ଥିତିରେ ଲୋକଶାସନ କ୍ରମେ ଗୋଟିଏ କ୍ଷୁଦ୍ର ଦଳର ଯଥେଚ୍ଛାଚାରରେ ପରିଣତ ହେବା ଆଡ଼କୁ ହୁଏତ ଗତି କରୁଚି। ଜାଣିବା ଶୁଣିବା ଲୋକେ ଏହା ଜାଣିପାରି ସ୍ତମ୍ଭିତ ହୋଇ ଚାହିଁ ରହିଛନ୍ତି। ନ ଜାଣିବା ଲୋକଙ୍କୁ ନାନା ଭାବରେ ଭୁଲାଇ ଭାଲେଇ ଡରାଇ ରଖିବାର ପନ୍ଥା ଫିଟୁଛି।

ଅନ୍ଧେନୈବ ନୀୟମାନା ଯଥାନ୍ଧାଃ-

ସେଦିନ ଘଟଣାକ୍ରମେ ଶ୍ରୀମତୀ ସରଳା ଦେବୀ ଏମ୍.ଏଲ୍.ଏ. ଆମ ପାଖକୁ ଆସିଥିଲେ। ତାଙ୍କ ସଙ୍ଗେ କଟକ ମ୍ୟୁନିସିପାଲ୍ ଚେୟାରମ୍ୟାନ ଶ୍ରୀଯୁକ୍ତ ଭାଗୀରଥି ମହାପାତ୍ର ଓ କଟକ କଂଗ୍ରେସ କମିଟିର ଅଧ୍ୟକ୍ଷ ପଣ୍ଡିତ ପ୍ରାଣକୃଷ୍ଣ ପଢ଼ିଆରୀ ଥିଲେ। କଥାବାର୍ତ୍ତା ପ୍ରସଙ୍ଗରେ ଓଡ଼ିଶା ପ୍ରଜାସ୍ୱତ୍ୱ ଆଇନ୍‌ର ସଂଶୋଧନରେ ପ୍ରଜାଙ୍କୁ ଗଛରେ ଅଧିକାର ଦିଆଯାଇଥିବା କଥା ଉଠିଲା। ଆଇନ୍ ହୋଇଚି, ପୂର୍ବ ବନ୍ଦୋବସ୍ତରେ ଗଛ ଯାହା ନାମରେ ଲେଖା (ରେକର୍ଡ଼) ହୋଇଥିବ, ଗଛ ତାହାରି ହେବ। ପୂର୍ବ ବନ୍ଦୋବସ୍ତରେ ଗଛ ରେକର୍ଡ଼ କରିବା ପାଇଁ ବନ୍ଦୋବସ୍ତ ବିଧାନର କୌଣସି ସ୍ପଷ୍ଟ ନିର୍ଦ୍ଦେଶ ନ ଥିଲା। ନାନା କାରଣରୁ ମାତ୍‌ପର ଲୋକେ ଅମିନମାନଙ୍କୁ ଧରି ଅନେକ ସ୍ଥାନରେ ନିଜ ନାମରେ ଗଛ ଲେଖାଇ ଦେଇଥିଲେ। ଜମିଦାର ଓ ମଧ୍ୟସ୍ୱତ୍ୱାଧିକାରୀମାନେ ଏହିପରି ଅନେକ ସ୍ଥଳରେ ନିଜ ନାମରେ ପ୍ରଜାର ଜମିରେ ଥିବା ଗଛକୁ ରେକର୍ଡ଼ କରାଇ ନେଇଥିଲେ। ତଥାପି ପ୍ରଚଳିତ ରୀତି ଅନୁସାରେ ସେ ରେକର୍ଡ଼ ସତ୍ତ୍ୱେ ପ୍ରଜା ହିଁ ଗଛର ଫଳ ଭୋଗ କରି ଆସୁଥିଲା। ଏବେ ଆଇନ୍‌ରେ ପ୍ରଚଳିତ ରୀତିକୁ ଏକାବେଳକେ ଅସ୍ୱୀକାର କରି ରେକର୍ଡ଼କୁ ହିଁ ସ୍ୱୀକାର

Digitized by PPRACHIN, SOA

କରାଗଲା। ଫଳରେ ସେସବୁ ସ୍ଥଳରେ ପ୍ରଜା ଗଛର ଫଳ ଭୋଗ କରିବା ଅଧିକାରରୁ ମଧ୍ୟ ବଞ୍ଚିତ ହେଲା। ଏହା ଶୁଣି ସରଳା ଦେବୀ ଅବାକ୍ ହୋଇ ପଚାରିଲେ, "ଏ ଆଇନ୍‌ରେ କଅଣ ଏପରି ହୋଇଯିବ ?" ବୁଝିଲେ, ହୋଇଯିବ। ତା'ପରେ ପଚାରିବାରେ ସରଳା ଦେବୀ କହିଲେ, "ଆଇନ୍‌ଟି ବ୍ୟବସ୍ଥା ସଭାରେ ଯେ ଆଗତ କରନ୍ତି, ସେଇ ସେ ଆଇନ୍ ସମ୍ବନ୍ଧରେ ସବୁ ଜାଣନ୍ତି। ଆମେମାନେ ତ କିଛି ଜାଣୁନାହିଁ। ଅନ୍ୟମାନେ କାହିଁକି ସେ ବିଷୟରେ ଖବର ରଖିବେ ? ତେବେ ଦଳ ହିସାବରେ ସମସ୍ତେ ନ ବୁଝି ହାତ ଟେକନ୍ତି। ଏକଥା ଶୁଣି ଆମର ଗୋଟିଏ ବହୁପ୍ରାଚୀନ ବେଦବଚନ ମନେ ପଡ଼ିଲା-

"ଅବିଦ୍ୟାୟାମନ୍ତରେ ବର୍ତମାନାଃ,
ସ୍ୱୟଂ ଧୀରାଃ ପଣ୍ଡିତଂମନ୍ୟମାନାଃ,
ତଂ ଦଂଦ୍ରମ୍ୟମାନାଃ ପରିୟନ୍ତି ମୂଢ଼ାଃ,
ଅନ୍ଧେନୈବ ନୀୟମାନା ଯଥାନ୍ଧାଃ ॥"

ଅର୍ଥାତ୍ ମୂଢ଼ମାନେ (କେତେକ ମୂଢ଼) ନିଜେ ଅଜ୍ଞାନର ଅନ୍ଧପୋଟଳି ମଧ୍ୟରେ ରହି ଆପଣାକୁ ଖୁବ୍ ବିଚାରବନ୍ତ ଜାଣିବା ଲୋକ ବୋଲି ମନେ କରି କୌଣସି କାରଣରୁ ଲୋକେ ତାଙ୍କୁ ମାନୁଥିବାରୁ ସେଇ ଅହଂକାରରେ ଅନ୍ଧ ଅନ୍ଧକୁ ଚଳାଇଲା ପରି ଲୋକନେତୃତ୍ୱ କରନ୍ତି। ଏହି ସମ୍ପର୍କରେ ଜଣେ ବହୁଦର୍ଶୀ ଆଇନଜ୍ଞ ବ୍ୟବସ୍ଥା ସଭା ସଦସ୍ୟ ଥରେ କହୁଥିଲେ, "କଂଗ୍ରେସ ଦଳ ସଭାରେ ଆଲୋଚନା ଫିଟିଲେ ଯୁକ୍ତିକୁ ଆମର ଭୟ ନାହିଁ; ମାତ୍ର ମୂଢ଼ତାର ଭୟରେ ଆମେ ନୀରବ ରହିବାକୁ ବାଧ୍ୟ।"

ହୁଏତ ଏସବୁ ନିଷ୍ଫଳ ଲେଖା ଆଉ ଲେଖି ନଥାନ୍ତୁ। ମାତ୍ର ଗଲା ମାର୍ଚ୍ଚ ଶେଷରେ ଡେଲାଙ୍ଗଠାରେ ସର୍ଦ୍ଦାର ପଟେଲ୍ ପ୍ରମୁଖ ନେତାମାନେ ଆସି ଶ୍ରୀଯୁକ୍ତ ଗୋପବନ୍ଧୁ ଚୌଧୁରୀଙ୍କୁ ଓଡ଼ିଶା କଂଗ୍ରେସର ନେତୃତ୍ୱ ଦେବା ସଙ୍ଗେ ସଙ୍ଗେ ଲୋକଙ୍କର ବହୁ ଆଶା ଓ ଆଶ୍ୱାସନାର ସୂତ୍ରପାତ କରି ଯାଇଅଛନ୍ତି। ସେଦିନ ଓଡ଼ିଶା ପ୍ରାଦେଶିକ ସମ୍ମିଳନୀରେ ଅନାହାର ମୃତ୍ୟୁ ଘେନି ମନ୍ତ୍ରୀମାନଙ୍କ କାର୍ଯ୍ୟର ତୀବ୍ର-ମଧୁର ସମାଲୋଚନା ମଧ୍ୟ ଆରମ୍ଭ ହୋଇଚି। କିନ୍ତୁ ଅନାହାର ମୃତ୍ୟୁ ଲୋକଙ୍କର ସ୍ପଷ୍ଟ ଆଖିରେ ପଡ଼ିବା ଭଳି କଥା; ଆଇନ୍ ପ୍ରଭୃତିରେ ଯାହାସବୁ ହୋଇଯାଉଛି ତାହାର ଫଳ ସେପରି ଆଖିରେ ପଡ଼ିବା ଭଳି କଥା ନୁହେଁ। ତେଣୁ ଆଜି ଓଡ଼ିଶା ବ୍ୟବସ୍ଥା ସଭା କରିଥିବା କେତୋଟି ଆଇନ୍‌ର କିଞ୍ଚିତ୍ ଫଳାଫଳ ଆଲୋଚନା କରାଯିବା ଉଚିତ।

ମହାପ୍ରସାଦ ସେବା :

ଆଉ ଗୋଟଏ କଥା। ପ୍ରାୟ ସମସ୍ତ ଆଇନ୍ ଓ ସରକାରୀ କାର୍ଯ୍ୟରେ ଦେଖା ଯାଉଛି ଓଡ଼ିଶା ଯେପରି କି ସବୁବେଳେ ଅନ୍ୟ ପ୍ରଦେଶମାନଙ୍କୁ ଚାହିଁ ବସିଚି। ଅବଶ୍ୟ

Digitized by PPRACHIN, SOA

ନିଜର ପରିସ୍ଥିତି ଆଲୋଚନା ବେଳେ ଅନ୍ୟ ପ୍ରଦେଶର କାର୍ଯ୍ୟପ୍ରତି ପ୍ରତି ଦୃଷ୍ଟି ରଖିବା ମନ୍ଦ ନୁହେଁ। କିନ୍ତୁ କାହିଁ ବୋମ୍ବେ ବା ବିହାରରେ ଶ୍ରମିକମାନଙ୍କ ପାଇଁ ମଜୁରି ଓ କାର୍ଯ୍ୟ ସମୟ ନିର୍ଦ୍ଦେଶ କରି ଆଇନ୍ ହେଲା ତ ଆମର ମଧ୍ୟ ତାହାର ଅନୁକରଣ କରିବାକୁ ହେବ; ପ୍ରଜାସ୍ୱତ୍ୱ, କୃଷକର ଋଣଭାର, ଦେବୋତ୍ତର ଆଇନ୍ ପ୍ରଭୃତି ସର୍ବତ୍ର ଏହି ଆଭିମୁଖ୍ୟ ଦେଖାଯାଉଚି। ଯାହା ବା ଅଲଗା ହେଉଚି, ସେଥିରେ ପରିସ୍ଥିତି ଜ୍ଞାନ ଓ ପୁରୋଦୃଷ୍ଟି ନାହିଁ; ହୁଏତ ସଂକୀର୍ଣ୍ଣ ସ୍ୱାର୍ଥ ମାତ୍ର ବେଳେ ସ୍ପଷ୍ଟ ହେଉଛି।

ଆମ ଦେଶ ଜଗନ୍ନାଥଙ୍କ ଦେଶ। ଏଠାରେ ଲୋକେ ଦେଉଳରେ ରନ୍ଧା ହୋଇ ଭୋଗ ଲାଗିଥିବା ମହାପ୍ରସାଦ ଖାଆନ୍ତି। ସେଥିରେ ଚାଉଳରେ ପୋକ ଓ ଗୋଡ଼ି ଥାଏ, ସାରୁରେ ଚୋପା ଥାଏ, ଆଳୁରେ ପୋଚିଆ ଥାଏ; ସେ ସବୁ ମହାପ୍ରସାଦ। ସବୁ ଆଦରରେ ଖାଇବାକୁ ହୁଏ। ଏପରି କି ଶୁଣାଅଛି ଜଣେ ମହନ୍ତ ମହାପ୍ରସାଦ ସେବା କଲାବେଳେ ଦେଖିଲେ ଡାଲିରେ ବିଛାଟିଏ ପଡ଼ି ସିଝି ଯାଇଚି। ମହନ୍ତ ଆମୀଷ ଖାଇବେ ନାହିଁ। ବିଛା ମଧ୍ୟ ଆମିଷ ହେଲେହେଁ ଖାଦ୍ୟ ନୁହେଁ। ତଥାପି ସେ ଯେ ମହାପ୍ରସାଦ; ତାକୁ ଜଗନ୍ନାଥ ଖାଇଚନ୍ତି। ତେଣୁ ଉକ୍ତ ମହନ୍ତ ଆଉ କିଛି ନ ବିଚାରି ଆଦୌ ଘୃଣା ନ କରି ସମସ୍ତ ବିଛାଟି ଡାଲି ସଙ୍ଗେ ଉଦରସାତ କଲେ। ଓଡ଼ିଶା ସରକାରଙ୍କର ସବୁ ବାହାରେ ରନ୍ଧା ହୋଇଥିବା ଆଇନ୍ ଓ ରାଜକାର୍ଯ୍ୟରେ ଏଇପରି ବୁଦ୍ଧି ହେଲେ ମହାପ୍ରସାଦ ଭକ୍ତିର ପରମ୍ପରା ରକ୍ଷା ହୋଇପାରେ, ମାତ୍ର ଫଳ ଭଲ ହେବ ନାହିଁ; ସେ ଯାହାହେଉ ଏବେ କେତେଗୁଡ଼ିଏ ଆଇନ୍‌ର ଟିକିଏ ଆଲୋଚନା କରାଯାଉ।

ଆମର ସାବଧାନତା ଆଲୋଲୋଚନାର ହେତୁ :

ଆଲୋଚନାର ସୂଚନା ଦେବା ପୂର୍ବରୁ କେତେଗୁଡ଼ିଏ କଥା ମନେ ରଖିବାକୁ ହେବ। ସରକାର ଆଇନ୍‌ମାନ କରିଯାଉଛନ୍ତି। ଶୃଙ୍ଖଳିତ ଓ ସୁଗଠିତ ବିରୋଧ ନ ଥିବାରୁ ସେ ସବୁର ଯଥାଯଥ ଆଲୋଚନା ହେଉନାହିଁ। ସରକାର ମଧ୍ୟ କାହିଁକି କେଉଁ ଆଇନ୍‌ରେ କି ବ୍ୟବସ୍ଥା କଲେ, ସେଥିରେ କି ଦୋଷାଦୋଷ ବା ଅପୂର୍ଣ୍ଣତା କାହିଁକି ରହିଲା, ପରେ ସେସବୁ ତ୍ରୁଟିମାର୍ଜନା କରି ପୂର୍ଣ୍ଣତା ଆଣିବାରେ କେବେ କି କି ସୋପାନରେ କି ପ୍ରଣାଳୀରେ କ'ଣ ବା କରାଯିବ- ସେସବୁ ବିଷୟରେ ଲୋକଙ୍କୁ ବୁଝାଇ କିଛି କହୁ ନାହାନ୍ତି। କି ଦୃଷ୍ଟିରେ କ'ଣ ତିଆରି କରିବାକୁ ଯାଇ କ'ଣ ବା କରୁଚନ୍ତି, ତାହା କିଛି ପ୍ରକାଶ ପାଉନାହିଁ। ଖାଲି ଜଣେ ଦୁଇଜଣ ବା ଖୁବ୍ ବେଶି ତିନି ଚାରି ଜଣ ଆପଣାଭିତରେ ବିଚାର କରି ଗୋଟାକୁ ଗୋଟା ଆଇନ୍ ମୂକ ଓ ସମାଲୋଚନାହୀନ ବହୁପକ୍ଷ ବଳରେ କରିଦେଇ ଯାଉଚନ୍ତି। ଏଥିରେ ଅବିଦ୍ୟାର ଏକଦେଶଦର୍ଶିତା ଓ ସ୍ୱାର୍ଥର ସଂକୀର୍ଣ୍ଣତା ସବୁ ରହିଯିବାର କଥା। ତାହା ହୁଏତ ରହୁଚି। ଅନ୍ତତଃ ଦେଶର ଜାଣିବା ଶୁଣିବା ଲୋକେ ଅନେକେ ଏଇ

Digitized by PPRACHIN, SOA

ସନ୍ଦେହ କରୁଚନ୍ତି। ସରକାର ପ୍ରତି ସେମାନଙ୍କର ଆସ୍ଥା ଓ ଭକ୍ତି କ୍ରମେ ତୁଟିଯାଉଚି। ଅନେକେ କହିବାକୁ ଇଚ୍ଛା କଲେ ମଧ୍ୟ ସରକାରଙ୍କ ଶକ୍ତିକୁ ଭୟ କରି ପୁଣି କିଛି କହୁ ନାହାନ୍ତି। କଂଗ୍ରେସ ଭିତରେ ମଧ୍ୟ ଏ ବିଷୟରେ ଘୋର ମତ ଚାଞ୍ଚଲ୍ୟ ଅଛି। ହେଲେହେଁ "ସବୁ ଯାଉ ପଛକେ କଂଗ୍ରେସର ଟେକ ଥାଉ" ବୋଲି ସେମାନେ ନୀରବ। ତା' ଉପରେ ପୁଣି ସାତ ପ୍ରଦେଶରେ ସରକାର ଲଭି କେନ୍ଦ୍ର କଂଗ୍ରେସ ଆଜି ନାନା ଭାବରେ ନିଜର ଶକ୍ତି ଦୃଢ଼ କରି ବିରୋଧ ଜବତ୍ କରିବାକୁ କଠୋର ଶାସନ ଦଣ୍ଡ ଧରି ବସିଛନ୍ତି। କଂଗ୍ରେସ ଲୋକଙ୍କ ପକ୍ଷରେ ଏ ଭୟ ବି କମ୍ ଭୟ ନୁହେଁ। ଏସବୁ ପରିସ୍ଥିତି କଳନାରେ ମିଶାଇ ଆମର ନିମ୍ନଲିଖିତ ସମାଲୋଚନାରେ ସୂଚନା ପାଠକମାନେ ଦେଖିବେ ବୋଲି ଆଶାକରୁ। କେବଳ କେତେକ ସୂଚନା ନଦେଲେ ନଚଳେ ବୋଲି ଦିଆଯାଉଚି। ଆଜି ଏ ସରକାର ଅଛି, କେତେକ ଦିନ ବା ବର୍ଷ ମଧ୍ୟରେ ଏ ସରକାର ଚାଲିଯିବ, ଅନ୍ୟ ମନ୍ତ୍ରୀ ହେବେ। କିନ୍ତୁ ଏମାନେ ଯାହା କରିଥିବେ ତାହାର ଫଳ ସେମାନେ ଭୋଗିବେ; ଦେଶ ଭୋଗିବ। ଆଜିର ବାହାଦୁରୀ ସେତେବେଳେ କାମ ଦେଖାଇବ ନାହିଁ। ଏଥିପାଇଁ ପୁଣି ନିମ୍ନଲିଖିତ ସମାଲୋଚନାର ସୂଚନା।

ଓଡ଼ିଶା ପ୍ରଜାସ୍ୱତ୍ୱ ଆଇନ :

ଗତ ନିର୍ବାଚନ ବେଳେ ପ୍ରଜାଙ୍କ ପାଇଁ କରାଯିବ ବୋଲି ତିନୋଟି ସ୍ପଷ୍ଟ କଥା କୁହାଯାଇଥିଲା। ଗୋଟିଏ ଦାଖଲଖାରଜ ରୋଷମ ଉଠାଇବା; ଦ୍ୱିତୀୟଟି ପ୍ରଜାଙ୍କୁ ଗଛରେ ଅଧିକାର ଦେବା; ତୃତୀୟଟି ପ୍ରଜାଙ୍କ ଖଜଣା କମାଇବା। ତତ୍କାଳୀନ ଉତ୍କଳ କଂଗ୍ରେସ ସଭାପତି ପଣ୍ଡିତ ନୀଳକଣ୍ଠ ଦାସ ଓଡ଼ିଶାରେ ପ୍ରାୟ ସର୍ବତ୍ର ବାରମ୍ବାର ବୁଲି ଏଇସବୁ ନିର୍ବାଚନ ସର୍ତ୍ତ ଲୋକଙ୍କୁ ବୁଝାଇ ଥିଲେ। ଅନ୍ୟ କେହି ସେପରି ସମୂହ ଭାବରେ ତାହା କରି ନାହାନ୍ତି। ଆମେ ଜାଣୁ ଦାଖଲ ଖାରଜ ରୋଷମ ଉଠିଯିବା ଓ ଗଛରେ ଅଧିକାର ମିଳିବା କଥା ସେ **ସ୍ପଷ୍ଟ** କରି ବାରମ୍ବାର ବୁଝାଇ କହିଥିଲେ। ସେ କହିଥିଲେ, ପ୍ରଜାକୁ ଜମି ବିକ୍ରିରେ ଜମିଦାର ଦୁଆରେ ଦାଖଲ ଖାରଜ ରୋଷମ ଦେବାକୁ ବାଧ୍ୟ କରିବାର କୌଣସି **ଯୁକ୍ତିଯୁକ୍ତ** କାରଣ ନାହିଁ। ନ୍ୟାୟତଃ ଜମି ପ୍ରଜାର, ଜମିଦାରର ନୁହେଁ। ତେଣୁ ପ୍ରଜା ଜମି ବିକିରିରେ ସ୍ୱାଧୀନ ହେବା ଉଚିତ। ପ୍ରଜା ବୋଇଲେ କେବଳ ଜମି ଚାଷ କରୁଥିବା ଲୋକ ନୁହେଁ। ନାନା କାରଣରୁ ଏ ଦେଶ ପରମ୍ପରାରେ ପ୍ରଜାର ବହୁ ସୋପାନ **ଫିଟିଛି**। ଜମିଦାର ପ୍ରତି ସରବରାକାର ପ୍ରଜା, ସରବରାକାର ପ୍ରତି ତା ତଳ ରଇତ ପ୍ରଜା, ଏଇପରି ଧାରାରେ ବୁଝିବାକୁ ହେବ। ଓଡ଼ିଶାର ପ୍ରଜାସ୍ୱତ୍ୱ ଆଇନ୍ ମଧ୍ୟ ତାହାହିଁ ବୁଝିଛନ୍ତି (ଓଡ଼ିଶା ପ୍ରଜାସ୍ୱତ୍ୱ ଆଇନ୍‌ରେ ଟେନାଣ୍ଟ (Tenant) ଶବ୍ଦର ପାରିଭାଷିକ ଅର୍ଥ ଦେଖ)। ପୁଣି ଦାଖଲ ଖାରଜ ରୋଷମ ମଧ୍ୟ ଆଇନ୍‌ରେ ନିର୍ଦ୍ଦିଷ୍ଟ ନୁହେଁ। ଆଇନ୍‌ରେ ଅଛି, ଜମିଦାର ଇଚ୍ଛା କଲେ ଜରସମନ ଟଙ୍କାର ଚଉଠେ କିମ୍ବା ଖଜଣାର ଛ'ଗୁଣ ଯେଉଁଟି ବେଶୀ

Digitized by PPRACHIN, SOA

ସେଉଟି ନେଇପାରେ। ପ୍ରଜାଙ୍କୁ ଅଯଥା ଜମି ବିକ୍ରିରୁ ବନ୍ଦ କରିବା ପାଇଁ ଏହା ଯେପରିକି ଗୋଟିଏ ଧମକ୍। ଏଥିରେ ଜମିଦାରର ପ୍ରାପ୍ୟ ହିସାବରେ କୌଣସି ସ୍ୱତ୍ୱ ହୋଇ ନ ପାରେ କି ନାହିଁ। ଏହା ଉଠାଇ ଦେଲେ କାହାରି ସ୍ୱତ୍ୱାପହରଣ ହେଉ ନାହିଁ। ଯାହାର ପରିମାଣ ଅନିର୍ଦ୍ଦିଷ୍ଟ ତାହା ଶୂନ୍ୟ ମଧ୍ୟ ହୋଇପାରେ। ମ୍ୟାଡ଼କ୍‌ସ୍ ସାହେବଙ୍କ ବନ୍ଦୋବସ୍ତ ରିପୋର୍ଟରେ ଅଛି, ଅନେକ ଠାରେ ଏହାର ପରିମାଣ ଶୂନ୍ୟ ଥିଲା ବା ଏହା ଜମାରୁ ନ ଥିଲା। ୧୯୧୩ ସାଲର ଓଡ଼ିଶା ପ୍ରଜାସ୍ୱତ୍ୱ ଆଇନ୍ ପୂର୍ବରୁ ପୁରୀ ଜିଲ୍ଲାର ଅଧିକାଂଶ ସ୍ଥଳରେ ଓ କଟକ ଜିଲ୍ଲାର ଅନେକ ସ୍ଥଳରେ ଏହା ବରାବର ନ ଥିଲା। ମାତ୍ର ନାନା କାରଣରୁ ଜମିଦାରଙ୍କର ବିକିରି ଖରିଦିରେ ଅନୁମତି ଦେବାର ରୀତି ପଡ଼ି ଯାଇଥିଲା।

ନିର୍ବାଚନ ଚୁକ୍ତି

କେବଳ କେତେକ ବାହିଲି ବାଜ୍ୟାପ୍ତିଦାର ଏ ଦେଶରେ ଚିରକାଳ ସ୍ୱାଧୀନ ରୟତ ଥିଲେ। ସେମାନେ ମୂଳତଃ ସମାଜର ମାର୍ଜିତ ଶ୍ରେଣୀର ଲୋକ ଥିବାରୁ ଜମି ବିକିରି ଖରିଦିରେ ସେମାନଙ୍କ ଉପରେ କୌଣସି ଅଙ୍କୁଶ ନ ଥିଲା। କିନ୍ତୁ ୧୯୧୩ ଆଇନରେ ଅତି ଅନ୍ୟାୟ ଭାବରେ ସେମାନଙ୍କ ଉପରେ ଦାଖଲ ଖାରଜ ରୋଷମ ବସାଇ ଦିଆଗଲା। ପୁଣି ସେମାନଙ୍କ ମଧ୍ୟରୁ ଅନେକଙ୍କୁ ବନ୍ଦୋବସ୍ତ ରେକର୍ଡ଼ର ସୁବିଧା ଘେନି ମଧ୍ୟସ୍ୱତ୍ୱାଧିକାରୀ ବା ତଳି ଜମିଦାର କରିଦେଇ ସେମାନଙ୍କର ପୃଥକ୍ ପୃଥକ୍ ଖାତା କରିବା ବରାବର ଜମିଦାରର ଇଚ୍ଛାଧୀନ କରି ଦିଆଗଲା। ସେଥିରେ ହଜାର ହଜାର ପ୍ରଜା ଆଜି ନୈତିକ ଓ ଆର୍ଥିକ ଦୁର୍ଗତିରେ ପଡ଼ି ପ୍ରତିଦିନ ଧ୍ୱଂସ ଆଡ଼କୁ ଯାଉଛନ୍ତି। ସାଧାରଣ ରଇତ ଠାରୁ ଏମାନଙ୍କର ଦୁରବସ୍ଥା ପ୍ରଜାସ୍ୱତ୍ୱ ହିସାବରେ ଅଧିକ ଭୀଷଣ ଓ କୁତ୍ସିତ ହୋଇ ପଡ଼ିଚି। ଏସବୁର ନିରାକରଣ ନିମନ୍ତେ ନିର୍ବାଚନରେ ଚୁକ୍ତି ଥିଲା।

ଦ୍ୱିତୀୟଟି ହେଉଚି, ଗଛରେ ପ୍ରଜାର ଅଧିକାର। ରୀତି ଅନୁସାରେ ପ୍ରଜା ଏ ଦେଶରେ ନିଜ ଜମିରେ ଥିବା ଗଛର ଫଳ ଭୋଗ କରୁଥିଲା। ପୂର୍ବେ ସେ ଗଛ କଟାଇ ପାରୁଥିଲା। ମାତ୍ର ୧୯୧୩ର ପ୍ରଜାସ୍ୱତ୍ୱ ଆଇନରେ ଗଛ କାଟିବାର ଅଧିକାର ପ୍ରଜାଠାରୁ କାଢ଼ି ନିଆ ହୋଇଥିଲା। ସେଥିପାଇଁ ଅନେକ ସ୍ଥଳରେ ଏବେ ଜମିଦାରର ଅନୁମତି ବିନା ପ୍ରଜା ଗଛ କାଟିପାରୁ ନାହିଁ କିମ୍ବା କାଠ ପ୍ରଭୃତି ଭୋଗ କରିପାରୁନାହିଁ। ବନ୍ଦୋବସ୍ତ ରେକର୍ଡ଼ରେ ଗଛ ସବୁଠାରେ ପ୍ରଜା ନାମରେ ଲେଖା ହୋଇନାହିଁ। ଜମିଦାରମାନେ ଅମିନଙ୍କୁ ହାତ କରି ଅନେକ ସ୍ଥଳରେ ନିଜ ନାମରେ ଗଛ ଲେଖାଇ ନେଲେ ମଧ୍ୟ ସେଇ ରେକର୍ଡ଼ ସତ୍ତ୍ୱେ ପ୍ରଜା ରୀତି ଅନୁସାରେ ଗଛର ଫଳ ଭୋଗ କରି ଆସୁଅଛି। ନିର୍ବାଚନ ସର୍ତ୍ତରେ ପ୍ରଜାକୁ ଗଛରେ ଅଧିକାର ଦେବାର ଅର୍ଥ ହେଉଛି ତାକୁ ଗଛ କାଟି ଭୋଗ କରିବାରେ ଅଧିକାର ଦେବା, ଅର୍ଥାତ୍ ୧୯୧୩ ପ୍ରଜାସ୍ୱତ୍ୱ ଆଇନ୍‌ରେ ଗଛ କାଟି ଭୋଗ କରିବାରେ ପ୍ରଜା ପ୍ରତି ଯେଉଁ ନିଷେଧ ଅଛି ତାହା ଉଠାଇ ଦେବା।

Digitized by PPRACHIN, SOA

ତୃତୀୟଟି ଖଜଣା ଛାଡ଼। ପଣ୍ଡିତ ନୀଳକଣ୍ଠ ସ୍ପଷ୍ଟ କରିଥିଲେ ଏ ସର୍ତ୍ତର କିଛି ଅର୍ଥ ନାହିଁ। ଭୋଟ୍ ପାଇବା ପାଇଁ ଲୋକଙ୍କୁ ଭୁଲାଇବା ଭଳି କଥା ସେ କେବେ କହୁ ନଥିଲେ। ସେ ସ୍ପଷ୍ଟ ବୁଝାଇଥିଲେ ଓଡ଼ିଶାରେ ସର୍ବତ୍ର ସମପରିମାଣରେ ଖଜଣା ଛାଡ଼ କରି ହେବ ନାହିଁ। ହୁଏତ ଖଜଣା କେଉଁଠାରେ ଛାଡ଼ କଲେ ଅନ୍ୟତ୍ର ବଢ଼ାଇବାକୁ ହେବ। ସେସବୁ ଜଟିଳ ସମସ୍ୟା ବୁଝାଇଲା ବେଳେ ସେ କହିଥିଲେ, ଏ ବିଷୟରେ ବିନା ଅନୁସନ୍ଧାନରେ ହଠାତ୍ କିଛି କରିଦେବା ମଧ୍ୟ ଦୁଷ୍କର; ଲୋକେ ଏଥିରେ ଭୁଲନ୍ତୁ ନାହିଁ।

ସେକଥା ଛାଡ଼। ଏବେ ଓଡ଼ିଶା ପ୍ରଜାସ୍ୱତ୍ୱ ଆଇନର ଯେଉଁ ସଂଶୋଧନଟି ବ୍ୟବସ୍ଥା ସଭା ପାସ୍ କରିଛନ୍ତି ତାହାର ଟିକିଏ ଆଲୋଚନା ଏହି ଦୃଷ୍ଟିରେ କରାଯାଉ।

ଦାଖଲ ଖାରଜ ରୋଷମ ଛାଡ଼-ସବୁ ଦାଖଲ ଖାରଜ ଉଠିନାହିଁ :

ପ୍ରଜାସ୍ୱତ୍ୱ ଆଇନଟି ନ ଦେଖି, ଦାଖଲ ଖାରଜ ଆଇନ୍‌ର ପ୍ରକାର ଓ ପରିସର କିଛି ନ ବୁଝି, ଗୋଟିଏ ଦଫା (ଆଇନ୍‌ର ୩୧ ଧାରା) ଧରି ପକାଇ ସଂଶୋଧନ କରାଗଲା- ପ୍ରଜାର ଦାଖଲ ଖାରଜ ରୋଷମ ଉଠିଯିବ। କେହି କେହି ବହି ଦେଖାଇ ଦେଲେ ମଧ୍ୟ ସରକାରଙ୍କ ନିଦ ଭାଙ୍ଗିଲା ନାହିଁ। ସରକାର ଯେପରିକି ଅନ୍ଧପରି ଧରି ବସିଲେ- ଆମେ ଯାହା କରିଚୁ ତାହାହିଁ ହେବ, ସେତିକି ହେବ; ଯୋଗ କରାହେବ ନାହିଁ କି କଟା ହେବ ନାହିଁ। କୁଆଡ଼େ କହିବାର ଶୁଣାଗଲା, ଅନ୍ୟ ଦଫାର ସଂଶୋଧନ ଯୋଗ କଲେ ତାହା ପ୍ରସ୍ତାବିତ ଆଇନର ପରିସର ବାହାରକୁ ଚାଲିଯିବ। ଲୋକେ ତ ବୁଝନ୍ତି ନାହିଁ। ଏ ଯୁକ୍ତି ସରକାରଙ୍କର କୌଣସି ପ୍ରସ୍ତାବିତ ଆଇନ୍‌କୁ ବାଧିବାର ନୁହେଁ। ସରକାର ସେଇ ଆଇନରେ ଯୋଡ଼ି ପାରିଥାନ୍ତେ, ନ ହେଲେ ଆଉ ଗୋଟାଏ ଆଇନ୍ ସଙ୍ଗେ ସଙ୍ଗେ ଭର୍ତ୍ତି କରି ଦେଇପାରିଥାନ୍ତେ। କିନ୍ତୁ ତାହା କଲେ ନାହିଁ। କାହିଁକି କଲେ ନାହିଁ, ସେ ବିଷୟରେ ନାନା ଲୋକେ ନାନା ସଂକୀର୍ଣ୍ଣ ସନ୍ଦେହ କରିବା ମଧ୍ୟ ସ୍ୱାଭାବିକ; ତାହା ହୁଏତ କରୁଛନ୍ତି। ସରକାର ସେ ସନ୍ଦେହ ନିରାସ କରିବା ପାଇଁ ପଦେ ହେଲେ କିଛି କହୁ ନାହାନ୍ତି। ପୁଣି ସରକାରଙ୍କ ତରଫର କାହାରି କାହାରିଠାରୁ କଥାବାର୍ତ୍ତାରେ ଶୁଣାଯାଉଚି ଦେଶରେ ରଇତ ବହୁତ। ଭୋଟ୍ ସେଇମାନଙ୍କର ହାତେ। ସରବରାକାର, ବାଜ୍ୟାପ୍ତିଦାର, ବାହିଲିଦାର ପ୍ରଭୃତ ପ୍ରଜା ଶହକେ ଦଶ ହେବେ ନାହିଁ। ସେମାନଙ୍କୁ ଚିପି ଦେଲେ କ୍ଷତି କ'ଣ ?

ଦୁଷ୍ଟ ଯୁକ୍ତି :

ଜଣେ ଦିନେ କହୁଥିଲେ- ଏଇ ଅଳ୍ପସଂଖ୍ୟକ ପ୍ରଜା ପୁଣି ସମାଜର ମାର୍ଜିତ ଶ୍ରେଣୀରେ ଯାନ୍ତି। ଲୋକଙ୍କର ମତକୁ ଏଇମାନେ ଚାଳନ କରି ହୁଏତ ନିଜ ସ୍ୱାର୍ଥରେ ବ୍ୟବହାର କରନ୍ତି। ଅତଏବ ଜନସାଧାରଣଙ୍କୁ ଏଇମାନଙ୍କ ହାତରୁ ଛଡ଼ାଇ ନେଇ ଭେଦ ଭର୍ତ୍ତି କରିଦେଲେ ଲୋକ-ପ୍ରତିନିଧି ବାଛିବାରେ ଭୋଟ୍ ବେଳକୁ ସୁବିଧା ହେବ। ସେ

Digitized by PPRACHIN, SOA

ହୁଏତ ବୁଝନ୍ତି ନାହିଁ ଏହର ଅର୍ଥ ହେଉଚି, ଯେଉଁମାନଙ୍କର ଲୋକଙ୍କୁ ବୁଝାଇ ଭୋଟ ପାଇବାର ଶକ୍ତି ନାହିଁ ସେମାନେ ଲୋକଙ୍କୁ ଭୂଆଁ ବୁଲାଇ ଭୋଟ୍ ପାଇବାର ଏହା ଗୋଟିଏ ସ୍ପଷ୍ଟ ଉଦ୍ୟମ।

ପିଛଲା ରୋଷମ :

ଯାହାହେଉ, ଯେଉଁ ରଇତ ପାଇଁ ଦାଖଲ- ଖାରଜ ଛାଡ଼ର ବ୍ୟବସ୍ଥା ହେଉଛି ତା'ର ମଧ୍ୟ ଆଇନ୍‌ଟି ଲାଟ ସାହେବଙ୍କ ମଞ୍ଜୁରୀ ପାଇଁ ପ୍ରକାଶିତ ହେବା ପୂର୍ବରୁ ଯେଉଁ ବିକିରିଖରିଦ ହୋଇଚି ସେ ସବୁରେ ଦାଖଲଖାରଜ ରୋଷମ ଉଠାଇ ଦିଆ ହୋଇନାହିଁ। ସେ ବିଚରା କଂଗ୍ରେସକୁ ଭୋଟ ଦେଇ ଛାଡ଼ ପାଇବା ପାଇଁ ଅଜିଯାଏ ଚାହିଁ ବସି ବସି ଏବେ ଦାଖଲ ଖାରଜ ରୋଷମ ଦେବାପାଇଁ ଜମିଦାର ଦୁଆରେ କବଲା ଧରି ଯାଇ ପଡ଼ିବ; ଜମିଦାର ଭଲ ମଣିଷ ହୋଇଥିଲେ ଖାଲି ସୁଧ ମାତ୍ରରେ ଖସିଯିବ, ନଚେତ ଅତ୍ୟାଚାର ସହିବ ଜମି ହରାଇବ। ଜମିଦାର ବା ଏ ଶେଷ ଗ୍ରାସ ଛାଡ଼ିବ କାହିଁକି ? ଭଲ ମଣିଷ ହେବ ବା କାହିଁକି ? କଂଗ୍ରେସ ସରକାର ପୁଣି ତାକୁ ଭଲ ମଣିଷ ବିଚାର କରିବେ କାହିଁକି ? ଫଳରେ ଜମି କିଣି ଦାଖଲ ଖାରଜ ନ କରି ରହିଥିବା ରାଉତଙ୍କର ଘରେ ହାହାକାର ପଡ଼ିଯିବ। ଏହି ଶେଷ ଗ୍ରାସ କ୍ଷୁଧାରେ ଖୋର୍ଦ୍ଧା ଏଖରାଜାତରେ ପୁଣି ଯେଉଁ ତାଣ୍ଡବ ଲାଗିଗଲାଣି ତାହା ସରକାର ଦେଖନ୍ତୁ। ତେବେ ଏଥିରେ ପ୍ରପୀଡ଼ିତଙ୍କ ସଂଖ୍ୟା ଅଳ୍ପ; ପୁଣି ସେମାନେ ସମସ୍ତେ ତ କିଣିବା ଲୋକ; ଅତଏବ ଲୋକମଙ୍ଗଳର ଶତ୍ରୁ। ତାଙ୍କୁ ଚିପି ମାରିଦେବା ଉଚିତ। ସେଥିରେ ଭୋଟ୍‌ର କିଛି କ୍ଷତି ହେବ ନାହିଁ। କିଣିବା ଲୋକଙ୍କ ସଂଖ୍ୟା ହୁଏତ କମ୍ ବୋଲି ସରକାର ବୁଝିଛନ୍ତି କିମ୍ବା ସରକାରଙ୍କ ଭିତରେ କୌଣସି ସଂକୀର୍ଣ୍ଣ ସ୍ୱାର୍ଥ କାମ କରୁଛି, କିଏ କହବ ? ଏ ସମ୍ବନ୍ଧରେ ସରକାର ନୀରବ ରହିବା କି ଭୀଷଣ, କି ଜଘନ୍ୟ। ଯଦି କୌଣସି ସାଧୁ ଉଦ୍ଦେଶ୍ୟରେ ସରକାର ଏହା କରି ଥାଆନ୍ତି, ତେବେ ଲୋକଙ୍କୁ ଶୀଘ୍ର ବୁଝାଇ ଦିଅନ୍ତୁ।

ଫଳରେ ନିର୍ବାଚନ ସର୍ତ୍ତରେ ଯେଉଁ ଦାଖଲ-ଖାରଜ ରୋଷମ ଉଠାଇବାର ଚୁକ୍ତିଥିଲା ତାକୁ କାର୍ଯ୍ୟରେ କଲୁ ବୋଲି ଦେଖାଇଦେଇ ଭୁଲାଇବା ଛଡ଼ା ଏ ଆଇନ୍‌ରେ ଆଉ କିଛି କରା ହୋଇନାହିଁ। ଏ ଖାଲି ଧର୍ମକୁ ଆଖିମିଟିକା ମାରିବା କଥା। ଅଧିକାଂଶ ଲୋକେ ଏଥିରେ ଭୁଲି ଭୋଟ୍ ଦେଇପାରନ୍ତି; ନିର୍ବାଚନ ସର୍ତ୍ତ ପାଳିତ ହେଲା ବୋଲି ପ୍ରତିନିଧିମାନେ ବାହାଦୁରି କରିପାରନ୍ତି। କିନ୍ତୁ ଏପରି ଖଣ୍ଡିତ, ଦୋଷଯୁକ୍ତ ହୁଏତ ସଂକୀର୍ଣ୍ଣ ସ୍ୱାର୍ଥନିବନ୍ଧ, ଲୋକ ଭୁଲାଣିଆ ଆଇନ୍ କରିବା ନିର୍ବାଚନ ସର୍ତ୍ତର କଦାପି ଉଦ୍ଦେଶ୍ୟ ନ ଥିଲା। ଏବେ କ'ଣ କରିବେ, କେବେ କରିବେ- ମନ୍ତ୍ରୀମାନେ ତାହା ସ୍ପଷ୍ଟ କରିଦିଅନ୍ତୁ। ତା ନହେଲେ ଫଳ ଖରାପ ହୋଇପାରେ।

ଗଛରେ ପ୍ରଜାର ଅଧିକାର- ଏଥିପାଇଁ ଆଉରି ବିଚିତ୍ର ବ୍ୟବସ୍ଥା ହେଇଚି। କେତେକ

Digitized by PPRACHIN, SOA

ବାହିଲିଦାର ଓ ବାଜ୍ୟାପ୍ତିଦାର ପ୍ରଜାଙ୍କୁ ୧୯୧୩ର ଆଇନ୍‌ରେ ଧରି ମଧ୍ୟସ୍ୱତ୍ୱାଧିକାରୀ ପ୍ରଜା କରିଦିଆଯାଇଥିଲା। ସେମାନେ କାର୍ଯ୍ୟରେ ମଧ୍ୟସ୍ୱତ୍ୱାଧିକାରୀ ହୋଇନାହାନ୍ତି। ଗଛର ଫଳ କିମ୍ବା ଗଛ କାଟିବା କୌଣସି ଅଧିକାର ସେମାନଙ୍କ ହାତରୁ ଯାଇନାହିଁ। ଆଇନ୍ ହିସାବରେ ମଧ୍ୟ ନ୍ୟାୟତଃ ସେମାନେ ମଧ୍ୟସ୍ୱତ୍ୱାଧିକାରୀ ହୋଇ ନ ପାରନ୍ତି, କାରଣ, ପରିପୋଷଣ ହେବା ନିମନ୍ତେ ସେମାନଙ୍କୁ ଅଳ୍ପ ଅଳ୍ପ ଭୂମି ଦିଆଯାଇଥିଲା। ସର୍ବରାକାର ଓ ମକଦ୍ଦମଙ୍କ ପରି ସେମାନେ କେବଳ ରଇତଠାରୁ ଖଜଣା ଅସୁଲ କରିବା ପାଇଁ ଜମିପାଇ ନ ଥିଲେ। ଏସବୁ ଘେନି ମନ୍ତ୍ରୀଙ୍କୁ ଜଣାଇବା ପାଇଁ ସେମାନେ ବହୁ ଯତ୍ନ କରିଛନ୍ତି; ରାଜସ୍ୱ ମନ୍ତ୍ରୀ ମଧ୍ୟ ସେମାନଙ୍କ ଯୁକ୍ତି ଠିକ୍ ବୋଲି ସ୍ପଷ୍ଟ ସ୍ୱୀକାର କରିଛନ୍ତି। ସେମାନଙ୍କ ପାଇଁ ପ୍ରଜାତ୍ୱର ବ୍ୟବସ୍ଥା କରିଦେବା ଉଚିତ ବୋଲି କହିଛନ୍ତି। କିନ୍ତୁ ଫଳରେ ହେଲା କ'ଣ ? କି ବିଚାର ହେଲା କେଜାଣି, ଭିତିରି କଥା ଭଗବାନଙ୍କୁ ଏକା ଗୋଚର, ହଠାତ୍ ଆଇନ୍‌ରେ ଯୋଡ଼ା ହେଲା, "ପୂର୍ବ ବନ୍ଦୋବସ୍ତରେ ଯେଉଁମାନଙ୍କ ନାମରେ ଗଛ ରେକର୍ଡ଼ ହେଇଚି, ଗଛ ସେଇମାନଙ୍କର ହେବ।" ଗଛ ରେକର୍ଡ଼ କରିବା ପାଇଁ ବନ୍ଦୋବସ୍ତରେ ସ୍ପଷ୍ଟ ଆଦେଶ ନ ଥିଲା। ମାତ୍‌ପର ମଧ୍ୟସ୍ୱତ୍ୱାଧିକାରୀ ଓ ଜମିଦାରମାନେ ଅନେକ ସ୍ଥଳରେ ପ୍ରଜା ଜମିରେ ଥିବା ଗଛ ନିଜ ନାମରେ ରେକର୍ଡ଼ କରାଇଛନ୍ତି। ଅଧିକାଂଶ ସ୍ଥଳରେ ଗଛ ଗଣତିରେ ସଂଖ୍ୟା ଠିକ୍ ନାହିଁ। ୫୦ ଗଛ ଠାରେ ୩୦ ମଧ୍ୟ ଲେଖା ହୋଇଛି। ଅମିନମାନେ ଗୋଟାଏ ସ୍ଥାନରେ ବସି କାହାକୁ ପଚାରିଦେଇ ପଟ୍ କରି ଗଛ ସଂଖ୍ୟା ଲେଖିଦେବା ପ୍ରଣାଳୀ ଅନେକଙ୍କର ଏବେ ସ୍ମରଣ ଥିବ। ହେଲେହେଁ ପ୍ରଜାକୁ ଆଜିଯାଏ ସେ ରେକର୍ଡ଼ ବାଧି ନଥିଲା। ରୀତି ଅନୁସାରେ ସେ ଅନ୍ତତଃ ଗଛର ଫଳ ଭୋଗ କରି ଆସୁଥିଲା। ଏବେ ଗଛର ଫଳ, କାଠ ସବୁ ତା' ହାତରୁ ଗଲା। ପୁଣି ଯେଉଁ ବାଜ୍ୟାପ୍ତି ବାହିଲଦାରମାନେ ଆପତ୍ତି କରୁଥିଲେ, ସେମାନଙ୍କ ଭିତରେ ମୁଖିଆ ମୁଖିଆ ଲୋକେ ବନ୍ଦୋବସ୍ତରେ ନିଜ ନାମରେ ଗଛ ଲେଖାଇ ନେଇଚନ୍ତି। ସେହି ସୂତ୍ରରେ ବନ୍ଦୋବସ୍ତ ଅମିନମାନଙ୍କର ରୋଜଗାରର ଆଶା ଥିବାରୁ ଅନେକ ସ୍ଥଳରେ ଗରିବ ବିଧବା ଓ ନାବାଳକମାନେ ହୁଏତ ନିଜ ନାମରେ ଗଛ ଲେଖାଇପାରି ନାହାନ୍ତି। ଫଳରେ ଗରିବଗୁଡ଼ିକ ଧ୍ୱଂସ ହେଲେ। ପୁଣି ସେଇ ଶ୍ରେଣୀର ବାହିଲ ବାଜ୍ୟାପ୍ତିଦାରମାନେ ଏକମୁଖ ହୋଇ ଆଉ ଆନ୍ଦୋଳନ କରିବାର ସୁବିଧା ମଧ୍ୟ ରହିଲା ନାହିଁ। ଯାହାଙ୍କ ନାମରେ ଗଛ ଲେଖା ହୋଇଛି, ସେମାନେ ଆଉ ଗରିବ ବିଧବା ଓ ନାବାଳକମାନଙ୍କ ସଙ୍ଗେ ଏକ ହୋଇ କାହିଁକି ଲଢ଼ିବେ ?

ପୁଣି ଏଇ ସମ୍ବନ୍ଧରେ ଶୁଣାଯାଉଥିଲା ପୁରୀ ଜିଲ୍ଲାର ବ୍ରାହ୍ମଣ ଶାସନମାନେ ଏଇଶ୍ରେଣୀର ବାହିଲ ଓ ବାଜ୍ୟାପ୍ତିଦାର। ପୁରୀଠାରୁ ନିରାକାରପୁର ଷ୍ଟେସନ ପର୍ଯ୍ୟନ୍ତ ବ୍ରାହ୍ମଣ

Digitized by PPRACHIN, SOA

ଶାସନ ସବୁ ଛାଡ଼ିଦେଲେ ଏ ଗୋଳମାଳ ଅନ୍ୟତ୍ର ପ୍ରାୟ ନାହିଁ। ଏମାନେ ସମାଜରେ ମାର୍ଜିତ ଶ୍ରେଣୀର ଲୋକ। ଏମାନଙ୍କ ସଂଖ୍ୟା ମଧ୍ୟ ଅଳ୍ପ। ତେଣୁ କେତେକ ରାଜନୀତିକଙ୍କ ଦୃଷ୍ଟିରେ ଏଇମାନେ ଏକା ଜନସାଧାରଣର ସ୍ୱାର୍ଥ ଲୁଟ କରିବାର ଲୋକ (Exploiters)। ତାଙ୍କୁ ଧ୍ୱଂସ କର।

ଅନ୍ୟ ଦିଗରେ ଅନେକ ସ୍ଥଳରେ କ୍ଷୁଦ୍ର ବୃହତ୍ ଜମିଦାରମାନେ ମଧ୍ୟ ବେଶ୍ ଲାଭବାନ ହେଲେ। ସେମାନେ ପ୍ରଜାଙ୍କୁ ହୁଏତ ଜବତ୍ କରି ରଖିପାରିବେ। ସରକାର ପ୍ରକାଶ ନକରନ୍ତୁ ପଛକେ, ହୁଏତ ଭିତିରି ଗଣନାରେ ଜାଣିଥିବେ ଏପରି ରଇତଙ୍କ ସଂଖ୍ୟା ବେଶି ନୁହେଁ କିମ୍ବା ସେମାନଙ୍କ ଭିତରେ ନିଜ ସ୍ୱାର୍ଥ ବୁଝି ଲଢ଼ିବା ଭଳି ମାର୍ଜିତ ଲୋକଙ୍କ ସଂଖ୍ୟା ବେଶୀ ନୁହେଁ।

ମକଦ୍ଦମା ସୃଷ୍ଟି :

ଯାହା ହଉ, ପ୍ରଜାଙ୍କୁ ଲଢ଼ିକରି ଗଛରେ ନିଜର ସ୍ୱତ୍ୱ ସାବ୍ୟସ୍ତ କରିବାର ଗୋଟାଏ ସୁବିଧା ଦିଆ ହୋଇଚି। ପ୍ରଜା ଇଚ୍ଛା କଲେ ମାଜିଷ୍ଟ୍ରେଟ୍‌ଙ୍କ ପାଖେ ନିଜ ଜମିରେ ଥିବା ଗଛ ଦାବି କରି ମକଦ୍ଦମା କରିପାରିବ। ମାଜିଷ୍ଟ୍ରେଟ୍ ଜମିଦାରଙ୍କୁ କ୍ଷତିପୂରଣ ଦେଇ ବା ନ ଦେଇ ସେ ଗଛ ପ୍ରଜାର ବୋଲି ସ୍ଥିର କରି ଦେଇପାରିବେ। ଗରିବ ପ୍ରଜାଙ୍କୁ ଗୋଟି ଗୋଟି କରି ମାରିବାର ଏପରି ବ୍ୟବସ୍ଥା ଆଇନ୍‌ରେ ବଡ଼ କମ୍ ଥିବ। ହୁଏତ ସରକାର ଏଇ ସୂତ୍ରରେ କୋର୍ଟଫିସ୍‌ରୁ ଲାଭ କରି ପ୍ରଜାଙ୍କ ଖଜଣା ଛାଡ଼ ଆଡ଼େ ଦୃଷ୍ଟି ଦେବାପାଇଁ ଉଦ୍ଦେଶ୍ୟ ରଖିପାରି ଥାଆନ୍ତି। ମାତ୍ର ପ୍ରଜା ତ ଖାଲି କୋର୍ଟଫିସ୍ ଦେବ ନାହିଁ। ଓକିଲ, ଅମଲା, ଗାଡ଼ି ଖର୍ଚ୍ଚ, ସାକ୍ଷୀଙ୍କ ଖାଇବା ଖର୍ଚ୍ଚ ପ୍ରଭୃତି କୋର୍ଟଫିସର କେତେ ଶହ ଗୁଣ। ଏଥିରେ ପୁଣି ପ୍ରଜାଙ୍କ ଭିତରେ ମାମଲା ମକଦ୍ଦମାର ନିଶା ମାଡ଼ିଯିବ। ଫଳ ଯାହା ହେବ ତାହା କହିବା ନିଷ୍ପ୍ରୟୋଜନ। ଆଇନ୍‌ର ଏ ବିଧିଟିରେ ଟରଣି, ଟାଉଟ୍ ଶ୍ରେଣୀର ଲୋକେ ବଡ଼ ଆନନ୍ଦିତ ଅଛନ୍ତି। ସେଇ ଶ୍ରେଣୀର ଜଣେ ଭଦ୍ରଲୋକ ଦିନେ ବଡ଼ ଆନନ୍ଦ ପ୍ରକାଶ କରି ଆମକୁ କହୁଥିଲେ, "ଓଡ଼ିଶା ପ୍ରଜାସ୍ୱତ୍ୱ ଆଇନ୍‌ର ୪୭ ଧାରା, ଅର୍ଥାତ୍ ଧୂଳିଭାଗ ପ୍ରଜାର ଦେୟକୁ ଟଙ୍କା କରିବା ବ୍ୟବସ୍ଥା ଘେନି ବନ୍ଦୋବସ୍ତ ପରେ ୫-୭ ବର୍ଷ ଖୁବ୍ କାମ ଲାଗିଥିଲା। ଆଚ୍ଛା ଦି ପଇସା ମିଳୁଥିଲା। ଏବେ ଲୋକଙ୍କର ସେ ନିଶା କମି ଆସିଥିଲା। ଲୋକେ ଭୁଲୁ ନ ଥିଲେ। କଚିରୀକୁ ଟାଣିଲେ ବାହାରୁ ନ ଥିଲେ। ଏବେ ଏଇ ଗଛ ଅଧିକାର ଘେନି ମକଦ୍ଦମା କରିବାକୁ କହିଲେ ପ୍ରଜାମାନେ ବଡ଼ ଉତ୍ସାହ ଦେଖାଉଛନ୍ତି। ବିଶେଷରେ ଗଛ ସଂଖ୍ୟା, ରେକର୍ଡ଼ରେ କୁତ୍ରାପି ନିର୍ଦ୍ଦିଷ୍ଟ ନଥିବାରୁ ମାମଲା ମକଦ୍ଦମାର ବଡ଼ ସୁବିଧା ହେବ।"

ରାଜସ୍ୱ ମନ୍ତ୍ରୀଙ୍କ ପାଖେ ଥରେ କୁହାଯାଇଥିଲା- ଯେଉଁଠାରେ ଯାହା ରୀତି ଅଛି ତା ପ୍ରତି ଦୃଷ୍ଟି ଦିଆଯିବ ବୋଲି ଆଇନ୍‌ରେ ରହୁ। ରାଜସ୍ୱ ମନ୍ତ୍ରୀ କହିଥିଲେ, "ରୀତି କଥା

Digitized by PPRACHIN, SOA

ଆଇନ୍‌ରେ ରଖିବାକୁ ସରକାର ଏକାବେଳକେ ନାରାଜ, କାରଣ ସେଥିରେ ମାମଲା ମକଦ୍ଦମା ବଢ଼ିବ।” ଏକଥା ଶୁଣି ଆମେ ବିସ୍ମୟରେ ହସିଥିଲୁ। ସରକାରଙ୍କ ପାଖରେ କୌଣସି ସମ୍ବାଦ ନାହିଁ, ହିସାବ କିତାବ ନାହିଁ। ସରକାର କୌଣସି ଅନୁସନ୍ଧାନ କରାଇ ନାହାନ୍ତି। କେଉଁ ଆଇନ ଫଳରେ କେତେ ଲୋକଙ୍କର କେତେ ଲାଭ ହେବ, କାହାର ବା କି କ୍ଷତି ହେବ, ସେ କ୍ଷତି ସହନୀୟ ନା ବର୍ଜନୀୟ- ଇତ୍ୟାଦି କଳନା କରିବାର ସରକାରଙ୍କ ପାଖେ କୌଣସି ସାଧନ ନାହିଁ, ତଥାପି ପ୍ରଜାସ୍ୱତ୍ୱ ଆଇନ୍ ପରି ଆଇନରେ ‘ରୀତି’ ଶବ୍ଦକୁ ଏକାବେଳକେ ଉଠାଇ ଦେବାକୁ ହେବ - ଏ କିପରି କଥା ? ଏ ଆଇନ କରିବା ବୁଦ୍ଧି ନା ପିଲାଖେଳ ? ଯାହାହେଉ, ରୀତି ଶବ୍ଦ ତ ଉଠାଇ ଦିଆଗଲା, ଏବେ ବନ୍ଦୋବସ୍ତ ରେକର୍ଡ଼ ଓ ତହିଁରେ ମକଦ୍ଦମା କରି ନିଜର ସ୍ୱତ୍ୱ ସାବ୍ୟସ୍ତ କରିବାରେ ପ୍ରଜାର ଅଧିକାର ବିଧାନଟି ପ୍ରଜାକୁ ମକଦ୍ଦମାରୁ ରକ୍ଷା କରିବାରେ କିପରି ସୁନ୍ଦର ବ୍ୟବସ୍ଥା ହେଲା ? ଯେଉଁ ଜମିଦାରମାନେ ପ୍ରଜାର ଗଛ ପାଇଗଲେ ସେମାନେ କିନ୍ତୁ ଏ ମକଦ୍ଦମାକୁ ଡରି ପ୍ରଚଳିତ ରୀତିକୁ ଖାତିର କରିବେ ନାହିଁ - ଏହା ନିଶ୍ଚିତ। ଏଥିରେ ମଧ୍ୟ ଜମିଦାରଙ୍କ ପାଇଁ ବ୍ୟବସ୍ଥାରେ ଯେତେ ସୁବିଧା, ପ୍ରଜାଙ୍କ ପାଇଁ ନୁହେଁ। ଏ ମଧ୍ୟ ନିର୍ବାଚନ ସର୍ତ୍ତ କାର୍ଯ୍ୟରେ କଲୁ ବୋଲି ଦେଖାଇ ହେବା ପରି ଲାଗୁଚି। ମନ୍ତ୍ରୀମାନେ କାହିଁକି, କେଉଁ ବିକାଶ ଦୃଷ୍ଟିରେ, ଏହା କରିଚନ୍ତି ତାହା ଶୀଘ୍ର ଲୋକଙ୍କୁ ବୁଝାଇ ଦେବା ଉଚିତ।

ଛୋଟ ଦଲିଲ ରେଜିଷ୍ଟ୍ରି :

ଅନ୍ୟାନ୍ୟ କଥା ତନ୍ନ ତନ୍ନ କରି ଆଲୋଚନା କରିବା ନିଷ୍ପ୍ରୟୋଜନ। ସେଗୁଡ଼ାକ ଛୋଟ ଛୋଟ କଥା। ଧର ଗୋଟିଏ ଦଫା। ଗୋଟିଏ ଦଫାରେ ବ୍ୟବସ୍ଥା ହୋଇଚି - ଶହେ ଟଙ୍କାରୁ କମ୍ ମୂଲ୍ୟର ଜମି ବିକିରିରେ ମଧ୍ୟ ଲୋକେ ଦଲିଲ ରେଜିଷ୍ଟ୍ରି କରିବାକୁ ବାଧ୍ୟ ହେବେ। ଏହା ପୂର୍ବରୁ ଏପରି ଦଲିଲ୍ ରେଜିଷ୍ଟ୍ରି କରିବାକୁ ଲୋକେ ବାଧ୍ୟ ନ ଥିଲେ। ଏ ଦଫାଟି କାହିଁକି କରାହେଲା ? ଏଥିରେ ଲୋକଙ୍କର ସୁବିଧା ହେଉଥିଲା କି ଅସୁବିଧା ହେଉଥିଲା- ତାହାର କି ପ୍ରମାଣ ସରକାର ଦେଖାଇଛନ୍ତି ? ଗତ ୧୦ ବର୍ଷ ମଧ୍ୟରେ କେତେ ଏପରି ବିନା ରେଜେଷ୍ଟ୍ରିରେ ବିକିରି ଦଲିଲ ହୋଇଥିଲା ? ସେଥିମଧ୍ୟରୁ ଶତକଡ଼ା କେତେ ଦଲିଲରେ ରେଜିଷ୍ଟ୍ରି ନ ହେବା ଦୋଷରୁ ପରେ ଗୋଳମାଳ ହୋଇଚି ? ସେ ଗୋଳମାଳ ସହନୀୟ କି ବର୍ଜନୀୟ ? ଏସବୁ ବିଚାର ପାଇଁ କିଛି ମାଲ ମସଲା ପ୍ରକାଶ ପାଇନାହିଁ। ହୁଏତ କୌଣସି ବ୍ୟକ୍ତିଙ୍କର ନିଜ ସମ୍ପର୍କରେ ଠାଏ ଅଧେ ଗୋଳମାଳ ହୋଇଥିବ, ବା କୌଣସି ମାମଲତକାର ଶ୍ରେଣୀର ଲୋକ ଏପରି ଗୋଳମାଳର କଳ୍ପନା କରିଥିବେ। ସରକାର ସେଥିରେ ପ୍ରଭାବିତ ହୋଇଥିବେ। କିନ୍ତୁ ଏପରି ଆଇନ୍ କରି ଅଳ୍ପକ ଲୋକଙ୍କୁ ଖର୍ଚ୍ଚାନ୍ତ ହେବାପାଇଁ ବାଧ୍ୟ କରିବାର କି ଦରକାର ଥିଲା ?

Digitized by PPRACHIN, SOA

ପାଉଣାରେ ଦଣ୍ଡ :

ଆଉ ଗୋଟିଏ ଦଫାରେ ଜମିଦାରଙ୍କ ଗୁମାସ୍ତାମାନେ କିମ୍ବା ଜମିଦାରମାନେ ପ୍ରଜାଙ୍କ ଠାରୁ ପାଉଣା ନେଲେ ତାଙ୍କ ପାଇଁ କଠୋର ଦଣ୍ଡର ବ୍ୟବସ୍ଥା। କେବଳ ଦଣ୍ଡର କଠୋରତାରେ ଅନ୍ୟାୟର ଶାନ୍ତି ହୁଏ ନାହିଁ। ଇଂଲଣ୍ଡରେ ପୂର୍ବେ ବିଧାନ ଥିଲା ଚୋରି କଲେ, ଜାଲ୍ କଲେ, ଏପରିକି ମିଛ କହିଲେ ପ୍ରାଣ ଦଣ୍ଡ ହେବ। ନନ୍ଦକୁମାରଙ୍କ ଫାସୀ ଏହାର ଉଦାହରଣ। କିନ୍ତୁ କେବଳ ଏଇ ଦଣ୍ଡ ଭୟରେ ସେସବୁ ଅପକର୍ମର ନିରାକରଣ ପ୍ରଥା ପରେ ବନ୍ଦ କରିଦିଆ ହୋଇଚି, ଏହା ଏଠାରେ ମନେ ରଖିବାର ଅଛି। ରାଗରେ ଦଣ୍ଡବିଧାନ କରିବା ଆଇନ୍‌ର କାର୍ଯ୍ୟ ନୁହେଁ। ଶ୍ରୀଯୁକ୍ତ ନୀଳମଣି ସେନାପତି ପୁରୀର ଜିଲ୍ଲା କଲେକ୍ଟର ଥିଲାବେଳେ ଏସବୁ ପାଉଣା ନିରାକରଣ ସମ୍ବନ୍ଧରେ ଯାହା କରିପାରିଥିଲେ ଏ ଆଇନ୍‌ରେ ତାହା ହେବ ବୋଲି ମନେ ହେଉନାହିଁ। କେତେ ପ୍ରଜା ମକଦ୍ଦମା କରି ପାଉଣା ନେବା ଲୋକକୁ ଦଣ୍ଡିତ କରିବାକୁ ଯିବେ ? କିଏ ବା ଜମିଦାର ବିରୁଦ୍ଧରେ ସାକ୍ଷୀ ଦେବ ? ସାଧାରଣତଃ ପ୍ରଜାଠାରୁ ଜଣକେ କେତେ ବା ପାଉଣା ଆଦାୟ ହୁଏ ? ପୁଣି ବାଲେଶ୍ୱରରେ ଶୁଣିଥିଲୁ ଗୋଟାଏ 'ବାହାଚିନା' ବୋଲି ପାଉଣା ଅଛି। କୌଣସି ଜମିଦାର ପ୍ରଜାର ପ୍ରତ୍ୟେକ ଝିଅ ବିଭାରେ ଦଶଟଙ୍କା ଓ ପୁଅ ବିଭାରେ ପାଞ୍ଚଟଙ୍କା ସେହି ପ୍ରଜାଠାରୁ ନିଅନ୍ତି। ଜମିଦାରଟି ଜଣେ ଦାଣ୍ଡକୁ ବାହାରୁଥିବା ଲୋକ। ତାଙ୍କୁ ପଚାରିବାରୁ ସେ ଆମକୁ କହିଥିଲେ, ପ୍ରଜାଙ୍କ ବିଭାଘରରେ ଧୋବା ଭଣ୍ଡାରୀ ପ୍ରଭୃତି ଯୋଗାଇବା ପାଇଁ ଓ ରାସ୍ତାଦି ସ୍ୱଚ୍ଛନ୍ଦରେ ବ୍ୟବହାର କରିବାପାଇଁ ସେ ଗୋଟାଏ ଫିସ୍ ବୋଲି ଆମେ ଧରୁ। ସେଟାକୁ ଅନ୍ୟାଯ୍ୟ ପାଉଣା ବୋଲି ଧରିବା ଠିକ୍ ନୁହେଁ। ଏସବୁ ପାଉଣା ଏଇସବୁ ଅର୍ଥ ସହିତ କଚିରୀରେ ଉଡ଼ିଯିବ ନା ଦେଉଥିବା ଆଇନ୍‌ଟିରେ ଦଣ୍ଡନୀୟ ହେବ ? ସୁନିଆଁ ଭେଟି ପ୍ରଭୃତି ପୁଣି କ'ଣ ହେବ କିଏ ଜାଣେ। ଜଣେ କଂଗ୍ରେସୀ ଜମିଦାର ଏ ମଧ୍ୟରେ ସୁନିଆଁ ଦିନ ଦିଆଯାଉଥିବା ଭେଟି ବନ୍ଦ କରିଦେଇ ଅନ୍ୟ ଦିନ ତାହା ବେଭାରରୂପେ ନେବାର ବ୍ୟବସ୍ଥା କରିଚନ୍ତି ବୋଲି ଆମେ ଶୁଣିଥିଲୁ। ଜମିଦାରଙ୍କ ଭୋଜିରେ ଏହା ବେଭାର। ବିବାହ ଭୋଜି ପ୍ରଭୃତିରେ ଏପରି ବେଭାର ଚଳେ। ଏବେ ଏ ବେଭାର ଆଇନ୍‌ରେ ଦଣ୍ଡନୀୟ ହେବ କି ନା ?

ଲୋକ ଶିକ୍ଷାରେ ଏ ପାଉଣା ସବୁ କ୍ରମେ ଉଠିଯାଉଥିଲା। ପୁରୀ ଜିଲ୍ଲାର ରାହାଙ୍ଗ ପ୍ରଭୃତି ଅଞ୍ଚଳରେ ଆମେ ଜାଣୁ ଏସବୁ ପାଉଣା ଏକପ୍ରକାର ଲୋପପାଇଲାଣି। ଯେଉଁଠାରେ ତହସିଲଦାରମାନେ ନିଅନ୍ତି, ସେଠାରେ ବଡ଼ ଗୋପନରେ ନିଅନ୍ତି। ବେଳେ ବେଳେ ପ୍ରଜା ହଇରାଣ ହେବା ଭୟରେ କିଛି ପାଉଣା ଦିଏ। ତାହା କଚିରୀରେ ଅମଲାକୁ ଦେଲା ପରି। ଏସବୁ ବନ୍ଦ କରିବା ପାଇଁ କ'ଣ କଠୋର ଶାସ୍ତିର ବିଧାନ ଦରକାର ? ନା ଆଉ କିଛି ବିଧାନ ହୋଇପାରିଥାନ୍ତା ? ମନ୍ତ୍ରୀମାନେ ଶାସ୍ତି ବିଧାନ କରିଦେବାର କ୍ଷମତାକୁ

Digitized by PPRACHIN, SOA

ଏଠାରେ ଲଗାଇବା ପାଇଁ ହଠାତ୍ ନ ଢଳି ଆଉ ସବୁ ବିଧାନ ବିଚାର କରିସାରି ଏପରି ଶାସ୍ତିକୁ ଆସିବା ଉଚିତ ନଥିଲା କି ? ହୁଏତ ଏହି ଶାସ୍ତି ବିଧାନ ଫଳରେ ଗୁଣହୀନ ଭୋଟପ୍ରାର୍ଥୀମାନେ ଆଗରୁ ଭୋଟ୍‌ସଂଗ୍ରହ ପାଇଁ ପ୍ରଜାଙ୍କୁ ଧରି ମକଦ୍ଦମାମାନ ଲଗାଇଦେଇ ନିଜର ନେତୃତ୍ୱ ତିଆରି କରିବେ। ଅନ୍ୟଥା ଏହା ନିଷ୍ଫଳ ହେବ। ବରଂ ଏ କ୍ଷେତ୍ରରେ ସବୁ ପ୍ରକାର ପାଉଣା ନେବାକୁ ଫୌଜଦାରୀ ଦଣ୍ଡ ବିଧିର କୌଣସି ସାଧାରଣ ଦଫାରେ ପକାଇଦେଇ ଜିଲ୍ଲା କଲେକ୍ଟରମାନଙ୍କୁ ଏସବୁର ନିରାକରଣ ପାଇଁ ବରାବର ଜାଗ୍ରତ ରହି ମଧ୍ୟେ ମଧ୍ୟେ ନ ଜଣାଇ ଯାଞ୍ଚ୍ ପ୍ରଭୃତି କରିବାର ବ୍ୟବସ୍ଥା କରିଥିଲେ ଏଥିରେ ଲୋକ ଶିକ୍ଷା ହୋଇଥାନ୍ତା, ପୁଣି ସହଜରେ ଏ ସବୁ ପାଉଣା ଦୋଷ ସମାଜରୁ ବିଦାୟ ନେଇଥାନ୍ତା।

ଧୂଳିଭାଗ ସ୍ୱତ୍ୱ :

ଆଇନ୍‌ରେ ନ ଥିବା ଅତ୍ୟନ୍ତ ଜରୋରି କଥାମାନ ବହୁତ ଅଛି। ଉଦାହରଣ ସ୍ୱରୂପ ଗୋଟିଏ ସୂଚନା ଏଠାରେ ଦିଆଯାଉଛି। ତାହା ଧୂଳିଭାଗରେ ପ୍ରଜାର ସ୍ୱତ୍ୱ। ଯେଉଁଠାରେ ନ୍ୟାୟତଃ ସୁବିଧା ଅଛି ସେଠାରେ ଧୂଳିଭାଗକୁ ଗ୍ରାମର ଅନ୍ୟାନ୍ୟ ଖଜଣା ଜମି ମଥୋଟରେ ଖଜଣା କରିଦେବା ଉଚିତ; ଅନ୍ୟତ୍ର ଧୂଳିଭାଗରେ ସ୍ୱତ୍ୱ ଉଠାଇ ଦେବାର କଥା। ଧୂଳିଭାଗରେ ପ୍ରଜା ଅଧେ ନିଏ। ସେ ଅଧକ ଚାଷର ଲଗୁତି ଓ ମଜୁରି। ଯେଉଁଠାରେ ଧୂଳିଭାଗରେ ପ୍ରଜାର ସ୍ୱତ୍ୱ ନାହିଁ ସେଠାରେ ମଧ୍ୟ ଚାଷଭାଗ ସେହି ଅଧେ। ମାତ୍ର ଯେଉଁଠାରେ ସ୍ୱତ୍ୱ ଅଛି ସେଠାରେ ଆଦାୟ କରିବା ଏକାବେଳକେ ଅସମ୍ଭବ। ଦୁଇ ବର୍ଷର ଖଜଣା ନାଲିସ୍ କଲେ ଡିଗ୍ରୀ ଟଙ୍କା ଜମିର ମୂଲ୍ୟଠାରୁ ବଳି ପଡ଼ିବାର କଥା। ପୁଣି ଥରେ ନିଲାମ କରି କ୍ଷତିଗ୍ରସ୍ତ ହୋଇ ସେହି ରଇତକୁ ବା ସେହିଭଳି ରଇତକୁ ଜମି ଦେବାକୁ ହେବ। ଦେବା ମାତ୍ରେ ଆଇନ ଅନୁସାରେ ତାର ଧୂଳିଭାଗ ସ୍ୱତ୍ୱ ହେଲା। ପୁଣି ନାଲିସ, ପୁଣି କ୍ଷତି, ପୁଣି ସ୍ୱତ୍ୱ। ଏହି କାରଣରୁ ଅନେକ ଗରିବ ଲୋକ ସ୍ୱତ୍ୱଥିବା ଧୂଳିଭାଗ ଜମିରୁ କିଛି ପାଉ ନାହାନ୍ତି। ଚାଷୀ ମଧ୍ୟ ସେ ଜମିରେ ମନଦେଇ ଚାଷ କରୁନାହିଁ, କାରଣ ଯାହା ହେବ ସେ ସେଥିରୁ ଅଧେ ଦେବ। ସେ ଅଧକ ଭୂସ୍ୱାମୀ ସେ ଭୂମିପାଇଁ ଦେଉଥିବା ଖଜଣାକୁ ଅଣ୍ଟିଲା କି ନାହିଁ ତାହା କଳନା ଚାଷୀର କାର୍ଯ୍ୟ ନୁହେଁ, କଚେରୀର ମଧ୍ୟ କାର୍ଯ୍ୟ ନୁହେଁ। ଏପରି ଗତ ବନ୍ଦୋବସ୍ତ ଫଳରେ ଜଣେ ଜଣେ ଚାଷୀ ଅନେକ ଗରିବ ନାବାଳକ ବିଧବା ଭୂସ୍ୱାମୀଙ୍କର ଜମି ଧୂଳିଭାଗ ସ୍ୱତ୍ୱରେ ଧରି ରଖିଛି। ମୁଠାଏ ବୁଣିଦେଇ କାଟି ନେଉଛି। ଏଥିରେ କେବଳ ଯେ ଆର୍ଥିକ ପରିସ୍ଥିତି ଖରାପ ହେଉଛି ତାହା ନୁହେଁ, ଦେଶର ଭୀଷଣ ଧନକ୍ଷୟ ହେଉଛି। ସରକାରଙ୍କ ଅବଧାନରେ ଏସବୁ ବିଷୟ ଆସିଥିବାର କୌଣସି ଲକ୍ଷଣ ପ୍ରକାଶ ପାଇନାହିଁ। ତେଣୁ ଏଭଳି ଅନ୍ୟାନ୍ୟ ବିଷୟ ଆଲୋଚନା କରି ଏବେ ଲାଭ କିଛି ନାହିଁ।

ଏହାପରେ ଗଞ୍ଜାମର ମାନ୍ଦ୍ରାଜ ଜମିଜମା ଆଇନ ରଇତ ରକ୍ଷା ଆଇନ ବିଷୟରେ ଆଲୋଚନା ଦିଆଯିବ।

ନବ ଭାରତ-୪/୧୧, ଆଲୋଚନା

Digitized by PPRACHIN, SOA

ଅଭିବାଦନ

ଓଡ଼ିଶାରେ ଦ୍ୱିତୀୟ ଥର ପାଇଁ କଂଗ୍ରେସ ସରାକର ହୋଇପାରିଚି । ଓଡ଼ିଶାପ୍ରଦେଶ ରାଜନୀତିକ ଭାବରେ କଂଗ୍ରେସର ଛଡ଼ା ଆଉ କାହାକୁ ଭଜି ନାଇ । ଏ ବିଷୟରେ ଅନ୍ୟ ସବୁ ପ୍ରଦେଶଠାରୁ ଓଡ଼ିଶା ଆଗୁଆ ହୋଇଆସିଚି । ୧୯୩୬ରେ ଓଡ଼ିଶା ପ୍ରଦେଶ ହେଲା । ସେଇ ବର୍ଷ ପୁଣି ପ୍ରାଦେଶିକ ନିର୍ବାଚନ । ଲୋକେ କଂଗ୍ରେସରେ ପ୍ରାର୍ଥୀ ହେବାକୁ ଡରିଲେ । ନେତାମାନେ ପ୍ରାୟ ସମସ୍ତେ କଂଗ୍ରେସ ପକ୍ଷରୁ ନିର୍ବାଚନ କରାଇବାକୁ ପଛାଇଲେ । ତଥାପି ଓଡ଼ିଶାର ଜନସାଧାରଣ ପ୍ରତିଦ୍ୱନ୍ଦ୍ୱିମାନଙ୍କୁ ଠିକ୍ ଉତ୍ତର ଦେଇଥିଲେ । ମାତ୍ରକ୩୭ ସ୍ଥାନରେ ପ୍ରାର୍ଥୀ ଛିଡ଼ା କରାଇ କଂଗ୍ରେସ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ । ଅତି ବଡ଼ ବଡ଼ଙ୍କ ବିରୁଦ୍ଧରେ ସାମାନ୍ୟ ଅପାଠୁଆ କୃଷକ ଓ ଅଣ-ଓଡ଼ିଆମାନଙ୍କୁ ମଧ୍ୟ ଠିଆ କରାଇଥିଲେ- ଅବଶ୍ୟ ଓଡ଼ିଆ ନ ମିଳିବାରୁ । ୩୭ରୁ ୩୬ଟି ସ୍ଥାନ କଂଗ୍ରେସ ଜିଣିଥିଲେ । ଅନେକେ ପ୍ରତିଦ୍ୱନ୍ଦ୍ୱୀ ଜମାଟଙ୍କା ହରାଇଥିଲେ । କେବଳ ଗୋଟିଏ ସ୍ଥାନରେ ମହାତ୍ମା ଗାନ୍ଧୀଙ୍କ ଅନୁମୋଦନ ନ ଥିବାରୁ ପ୍ରାର୍ଥୀ ଅତି ଅଳ୍ପ ଭୋଟରେ ହାରିଥିଲେ ମାତ୍ର । ଏ ମଧ୍ୟରେ ଯୁଦ୍ଧ ପର୍ବ । ତା'ର ଠିକ୍ ପୂର୍ବରୁ ଓଡ଼ିଶା, ନେତାଜୀ ସୁଭାଷଙ୍କ ମତକୁ ଅବଧରି ସାଂପ୍ରଦାୟିକ ବିପତ୍ତିରେ ମନ୍ତ୍ରିମଣ୍ଡଳ ବର୍ଜନ ନୁହେଁ, ମିଳିତ ମନ୍ତ୍ରିମଣ୍ଡଳହିଁ ଏକମାତ୍ର ପନ୍ଥା ବୋଲି କାର୍ଯ୍ୟରେ ଦେଖାଇବାକୁ ଗୋଟିଏ ଘୋର ପ୍ରଚେଷ୍ଟା କରିଥିଲା । ଦୁଃଖର କଥା, ନାନା ଆଭ୍ୟନ୍ତରିକ କାରଣରୁ ସେ ଚେଷ୍ଟାଟି ପୂର୍ଣ୍ଣ ଫଳବତୀ ହୋଇ ଭାରତ ରାଜନୀତିକୁ ପ୍ରଭାବିତ କରିବା ଅବସ୍ଥାକୁ ଆସିପାରିଲା ନାଇଁ ।

ତା'ପରେ ନେତାମାନେ ଜେଲରୁ ଆସି କଂଗ୍ରେସ ପାଇଁ ନିର୍ବାଚନ ଆରମ୍ଭ କରିଦେଲେ । ଏଥର ଓଡ଼ିଶା ପୂର୍ଣ୍ଣ ପୁରୋଦୃଷ୍ଟିରେ ପ୍ରାଣିତ ହୋଇ ରାଜନୀତିରେ ପ୍ରତିଦ୍ୱନ୍ଦ୍ୱୀ ଦଳ ପର୍ଯ୍ୟନ୍ତ ଗଢ଼ିଲା ନାଇ- ସ୍ୱାଧୀନତାର ସଂଗ୍ରାମ ଅବାଧରେ ଚାଲୁ ବୋଲି । ଅଳ୍ପ ସଂଖ୍ୟାରେ ବ୍ୟକ୍ତିଗତ ପ୍ରତିଦ୍ୱନ୍ଦ୍ୱୀ ହୋଇଥିଲେ । ପ୍ରତିଦ୍ୱନ୍ଦ୍ୱୀକୁ ପରାସ୍ତ କରିବାରେ ଗତଥର ପରି ପୂର୍ଣ୍ଣ କୃତକାର୍ଯ୍ୟତା ନ ଦେଖାଇ ପାରିଥିଲେ ମଧ୍ୟ, କଂଗ୍ରେସ ଏକଛତ୍ର ପ୍ରତିନିଧିରୂପେ ଓଡ଼ିଶାରେ ଠିଆ ହେଲେ । ଭାରତରେ ଏପରି ଆଉ କୁତ୍ରାପି ହୋଇ ନାଇ । ଶ୍ରୀଯୁକ୍ତ ହରେକୃଷ୍ଣ ମହତାବ ଏଇ ବିଶାଳ କର୍ମ କ୍ଷେତ୍ରରେ ନେତାରୂପେ ଉଠିଲେ । ନିମ୍ନଲିଖିତ ରୂପେ ମନ୍ତ୍ରିତ୍ୱ ଗଢ଼ାଗଲା-

୧) ଶ୍ରୀ ହରେକୃଷ୍ଣ ମହତାବ- ପ୍ରଧାନମନ୍ତ୍ରୀ, ଶାସନ ଓ ଶୃଙ୍ଖଳା ବିଭାଗ ।

୨) ଶ୍ରୀ ନବକୃଷ୍ଣ ଚୌଧୁରୀ- ରାଜସ୍ୱ ଓ ଯୋଗାଣ ।

Digitized by PPRACHIN, SOA

୩) ଶ୍ରୀ ନିତ୍ୟାନନ୍ଦ କାନୁନଗୋ- କଳା ଓ କୃଷିର ବିକାଶ।

୪) ପଣ୍ଡିତ ଶ୍ରୀ ଲିଙ୍ଗରାଜ ମିଶ୍ର- ଶିକ୍ଷା, ସ୍ୱାସ୍ଥ୍ୟ।

୫) ଶ୍ରୀ ରାଧାକୃଷ୍ଣ ବିଶ୍ୱାସ ରାୟ- ପୂର୍ତ୍ତ।

ଓଡ଼ିଶାରେ ଏମାନଙ୍କର ପରିଚୟ ଦେବା ଦରକାର ନାଇ। ଏମାନେ ସମସ୍ତେ ପରିଚିତ। ଆମେ ଏମାନଙ୍କୁ ପୂର୍ଣ୍ଣପ୍ରାଣରେ ଅଭିବାଦନ ଜଣାଉଛୁ। ଏମାନଙ୍କ କଳ୍ପନା ଓ କର୍ମରେ ବିଶ୍ୱଦେବତାଙ୍କର ଆଶୀର୍ବାଦ ପଡୁ। ସ୍ୱାଧୀନ ଭାରତ ପଟରେ ପରିଣତି ସ୍ପଷ୍ଟ ନିୟତିର ଚିତ୍ର ଫୁଟୁ। ଏକଥା ଲେଖିସାରି, ଆଜି (୧୫.୧୦.୪୬) ପ୍ରାଣର ଗୋଟିଏ ବେଦନାର କଥା କହିବାକୁ ବାଧ ହେବାକୁ ପଡୁଚି। ଏଇ ମନ୍ତ୍ରୀମଣ୍ଡଳ ଗଠିତ ହେବା ପରେ ପରେ, ଯେପରି ଯେ କାରଣରୁ ହେଉ, କଂଗ୍ରେସ ପୂର୍ଣ୍ଣ ସ୍ୱାଧୀନତାର ସିଂହଦ୍ୱାରରେ ଛିଡ଼ା ହୋଇ ଭାରତର ଭାଗ୍ୟ ନିୟନ୍ତ୍ରଣ, ହାତକୁ ନେଲେ। ଏ ଦିନ ଦେଖିବୁ ବୋଲି ମନେ ନ ଥିଲା। ପ୍ରାଣ ପୂରି ଉଠିଲା। ଏପରି କି ଭାବର ଗଭୀରତା, ଭାଷାର ପ୍ରକାଶକୁ ବଳି ଗଲା। କର୍ମୀ ଜୀବନର ଶେଷ ଅଧ୍ୟାୟରେ ଆଶାର ଏ ପରିଣତି, ସୁଲଭ ନୁହେଁ। ସାଂପ୍ରଦାୟିକ ହଣାକଟା ସତ୍ତ୍ୱେ ସାଂପ୍ରଦାୟିକତା, ଜାତୀୟତା ଉପରେ ପୁଣି ପ୍ରଭାବ ପକାଇ ପାରେ ବୋଲି ଆଉ ଶଙ୍କା ନ ଥିଲା। କିନ୍ତୁ ଆଜି ଶାସକ ପ୍ରତିନିଧି ଉଏଭେଲ ପୁଣି ଦୀର୍ଘ ପଛକୁ ଚାହିଁ, ଗଲା ମଇମାସ ୧୬ତାରିଖକୁ ଡେଇଁପଡି, ଜିନ୍ନାଙ୍କୁ ପୁଣି ପୂର୍ବପରି ଧରି ଜାତୀୟ ସରକାରଙ୍କୁ ଯେ ବିପତ୍ତିରେ ପକାଇବାକୁ ବସିଚନ୍ତି, ସେଥିରେ ଆମେ ସାମ୍ରାଜ୍ୟବାଦୀର ଚକ୍ରଦେଖିବୁ, କି ଜାତିର ଶ୍ରୀବୃଦ୍ଧିରେ ସଂଖ୍ୟାଲଘିଷ୍ଠ ଜନତା ପ୍ରତି ଯଥା-ଆଦର ଦେଖି ଆଶାରେ ପୁଣି ବିଶ୍ୱାସ ଆଣିବୁ, ତା' ଏବେ ବୁଝି ପାରୁ ନାହୁଁ। କାମନା ଓ ପ୍ରାର୍ଥନା କରୁ, ଆମର ଅଭିବାଦନ ସାର୍ଥକ ହେଉ। ଭାରତର ପୂର୍ଣ୍ଣ ସ୍ୱାଧୀନତା ଫୁଟୁ। ଓଡ଼ିଶା ସେଥିରେ ନିଜର ସାର୍ଥକ ଦାନ କରିବାକୁ ସମର୍ଥ ହେଉ।

'ମଙ୍ଗଳମସ୍ତୁ'।

ନବ ଭାରତ- ୧/୧, ନୂଆପ୍ରସ୍ଥ

ଓଡ଼ିଶାର ପ୍ରାଦେଶିକ ସରକାରର କାର୍ଯ୍ୟ

ସତେ କଂଗ୍ରେସ ସରକାର ହୋଇ ଯାଉଛି ବୋଲି ଏକଥା କୁହାଯାଉ ନାହିଁ । ଆମେ ଏଠାରେ ଯାହା କରିବୁ, ସେଥିରେ କଂଗ୍ରେସ ବେକଂଗ୍ରେସର ବିଶେଷ ଭେଦାଭେଦ ନାହିଁ । ତାହାର ଗୋଟିଏ ଯୁକ୍ତି ଅଛି । ତାହା ହେଉଛି ଓଡ଼ିଶାରେ ପ୍ରାଦେଶିକ ସରକାର କେବେ ନଥିଲା। ସେଥିପାଇଁ ଓଡ଼ିଶାକୁ ଓଡ଼ିଶା ବୋଲି କେହି ସାକ୍ଷାତ ଓ ସ୍ପଷ୍ଟ ଭାବରେ

Digitized by PPRACHIN, SOA

ଦେଖି କଳନା କରୁନଥିଲେ । ସେପରି କଳନା କରାଇ ନେବା ପାଇଁ ଓଡ଼ିଶାର ମେରୁଦଣ୍ଡ ନଥିଲା । ବହୁକାଳରୁ ଓଡ଼ିଶା ନାନା କାରଣରେ ଆତ୍ମଜ୍ଞାନ ହରାଇ ଥିଲା । ବିଶେଷରେ ଇଂରେଜ ଶାସନରେ ତାର ଯେପରି ଭାବରେ ଦେହପାତ ହୋଇଥିଲା ଓ ଏବେ ମଧ୍ୟ କେତେକ ପରିମାଣରେ ହୋଇ ରହିଛି, ତାହା କହିବା ଦରକାର ନାହିଁ । ଏବେ ଯେପରି ହେଉ ଓଡ଼ିଆଙ୍କ ପାଇଁ ଓଡ଼ିଶା ବୋଲି ପ୍ରଦେଶଟିଏ ହୋଇଛି । ସେତିକି କେବଳ ଆଜି ଏଠାରେ କହିବାର ଯୁକ୍ତି । ମୋଟ କଥା, ଓଡ଼ିଶା ଗୋଟିଏ ସ୍ୱତନ୍ତ୍ର ସାଧନାର କ୍ଷେତ୍ର, ଏଇ ଦୃଷ୍ଟିରେ ଏକଥା କୁହାଯାଉଛି ।

କୃଷି ଓ ଶିଳ୍ପ –

ପ୍ରଦେଶର ଉନ୍ନତି କଥା ଭାବିବା ମାତ୍ରେ ସମସ୍ତେ କହିବେ କୃଷି ଶିଳ୍ପ । ଏଥିରେ ନୂଆ କଥା କିଛି ନାହିଁ । ଉତ୍କଳ ସମ୍ମିଳନୀ ୧୯୦୩ରେ ଆରମ୍ଭ ହୋଇଥିଲା । ସଙ୍ଗେ ସଙ୍ଗେ ବରତନିଆ ପ୍ରଚାରକ ବୁଲି ବୁଲି ପ୍ରଚାର କଲେ, ସମସ୍ତେ କୃଷି କର, ବାଣିଜ୍ୟ କର । ବାଣିଜ୍ୟ କଥାଟିରେ ଶିଳ୍ପ ଅନ୍ତର୍ଗତ ବୁଝିବାକୁ ହେବ । ବାଣିଜ୍ୟରେ ଯେଉଁ ଜିନିସ ଦରକାର ତାହା ତିଆରି କରିବାରେଇ ଶିଳ୍ପ ରହିଗଲା । ଏଇ କୃଷି ଶିଳ୍ପ ଓ ବାଣିଜ୍ୟ ଛଡ଼ା ମୂଳତଃ ଆଉ କି ସମସ୍ୟା ଅଛି ? ସବୁ ସମସ୍ୟା ମୂଳରେ ଅନ୍ନ ବସ୍ତ୍ରର ସମସ୍ୟା । ଆଉ ସବୁ କଥା ଛାଡ଼ିଦେଲେ ମଧ୍ୟ ଅନ୍ନ ସଙ୍ଗେ କୃଷି ଓ ବସ୍ତ୍ର ସଙ୍ଗେ ଶିଳ୍ପ ବା ବାଣିଜ୍ୟର ନିତ୍ୟ ସମ୍ବନ୍ଧ । ଖାଦ୍ୟ ବୋଲ, ସ୍ୱାସ୍ଥ୍ୟ ବୋଲ, ବିଚାର ବୋଲ ପୁଣି ବ୍ୟବହାର ବୋଲ ସବୁ ଏଇ ଅନ୍ନ ସମସ୍ୟାର ତଥା କୃଷି ଶିଳ୍ପର ଅଙ୍ଗୀଭୂତ ।

କିପରି ଆରମ୍ଭ କରାଯିବ ? –

ଏହି କୃଷି ଶିଳ୍ପ ନାମରେ ଚାରିଆଡ଼େ ଘଟା ଉଠିଛି । ସବୁ ପ୍ରଦେଶ ଏଥିରେ ଏକମତ । କମିଟିମାନ ବସି, ଶିକ୍ଷିତମାନଙ୍କର ବେକାର ସମସ୍ୟା ତୁଟାଇବାରେ ମଧ୍ୟ ଏହି କୃଷି ଶିଳ୍ପର ଉଲ୍ଲେଖ କରୁଅଛନ୍ତି । ତାହାର ବ୍ୟାବସାୟିକ ଶିକ୍ଷା ସ୍କୁଲ୍‌ରେ ଦେବାପାଇଁ ପ୍ରସ୍ତାବମାନ କରାଯାଉଛି । ବିଶ୍ୱବିଦ୍ୟାଳୟ ମଧ୍ୟ ସେଥିପାଇଁ ବ୍ୟବସ୍ଥା କରିବା ପାଇଁ ବସିଛନ୍ତି । କିନ୍ତୁ ଓଡ଼ିଶାରେ ହଠାତ୍ ଏହି ରୀତିରେ ସମାଧାନ ଖୋଜିବା ଏକାବେଳକେ ସଙ୍ଗତ ହେବ ବୋଲି ମନେ ହେଉନାହିଁ । ଶିକ୍ଷିତମାନଙ୍କ ମଧ୍ୟରେ କର୍ମହୀନତା ଓଡ଼ିଶାରେ ଏବେ ମଧ୍ୟ ସମସ୍ୟାକୁ ଉଠିନାହିଁ । ସେଥିରେ ବ୍ୟବସାୟିକ ଶିକ୍ଷାରେ ବହୁତ ବ୍ୟବସ୍ଥା କରି ବସିଲେ ଲାଭ ଠାରୁ କ୍ଷତିର ଶଙ୍କା ବେଶି ଥାଇପାରେ । ଆମେ କହୁଛୁ, ସମାଧାନ ହୁଏତ ହେବ, ଶିକ୍ଷିତ ଲୋକ, ଚୌକି ମେଜତିଆରି କରି, ଦ୍ୱାରେ ଦ୍ୱାରେ ଲୋକର ଅନୁକମ୍ପାରେ ନିର୍ଭର କରି ବିକି ବୁଲିବେ । ସେଥିରେ ବଢ଼େଇଙ୍କ ଦାନା ମରିଯିବ । ଗ୍ରାମମାନଙ୍କର

Digitized by PPRACHIN, SOA

ମ୍ରିୟମାଣ ଶିଳ୍ପ ଜୀବନ୍ତ ନହୋଇ ମରିଯିବ । ସମାଜର ପରିସ୍ଥିତିରେ ଦୁର୍ଲଂଘ୍ୟ ବିପଦ ଆସି ପହଞ୍ଚିବ । ବେତ, କତା, ଲୁହା, ଲୁଗା ପ୍ରଭୃତି ସବୁ ବ୍ୟବସାୟରେ ଏହା ହିଁ ଘଟିବ । ପୁଣି ଶିକ୍ଷିତମାନେ ପଇଡ଼ ଛଡ଼ାଇ ଗ୍ରାମମାନଙ୍କରେ ସୋଡ଼ାପାଣି ପିଆଇ ବୁଲିବେ । ଛେନା ଖଇର ବ୍ୟବସାୟରେ ଗୁଡ଼ିଆକୁ ମାରି ଲଜେଞ୍ଜସ୍ ପ୍ରଚାର କରିବେ । ଗୃହିଣୀର ଆଚାର ତିଆରିରେ ଘୃଣା ଜନ୍ମାଇବା ବାୟୁମଣ୍ଡଳ ସୃଷ୍ଟି କରି ଶିଶିରେ ଜ୍ୟାମ ଜେଲି ଘେନି ବୁଲିବେ । ଏହାଛଡ଼ା ମରା ନଡ଼ିଆ ଘିଅ ବଦଳରେ ଫୁଲୁରି ତେଲ, ହଳଦି ଛଡ଼ାଇ ଚର୍ମ ରୋଗର ବ୍ୟବସ୍ଥା କରି ସାବୁନ ବିକିବାର ଉଦ୍ୟମ ପ୍ରଭୃତି କହିବା ଦରକାର ନାହିଁ । ଏସବୁ କେବେ ଯେ ନହେବ ତାହା କୁହାଯାଉ ନାହିଁ । କିନ୍ତୁ ଏବେ ସ୍କୁଲ୍ କଲେଜ ପିଲଙ୍କର ବିରାଟ ବ୍ୟବସାୟିକ ଶିକ୍ଷା ଫଳରେ ସମାଜରେ ଏ ସବୁ ଚିପି ଭର୍ତ୍ତି କରିବାରେ ଲାଭ କି କ୍ଷତି ତାହାହିଁ ବିଚାର୍ଯ୍ୟ । ମାତ୍ର ଶିକ୍ଷାର ଗତି ବଦଳାଇ ଶିକ୍ଷିତ ଓ ସାଧାରଣର ସଂଶ୍ରବ ଘନିଷ୍ଠତର କରିବାକୁ ହେବ ଓ ଲୋକଙ୍କୁ ସର୍ବଥା ସର୍ବତୋ ଭାବରେ ଦେଶୀ ଶିଳ୍ପଜାତ ଦ୍ରବ୍ୟ ବ୍ୟବହାର କରିବା ଦିଗରେ ଉନ୍ମୁଖ କରି ତିଆରି କରିବାକୁ ହେବ । ଏହି ସମ୍ବନ୍ଧରେ ସରକାରଙ୍କର ଯାହା ଯାହା କର୍ତ୍ତବ୍ୟ ତାହାର କେତେକ ସୂଚନା ଆମେ ବାରାନ୍ତରରେ ଦେଇଥିଲୁ ଓ ପରେ ସେ ବିଷୟରେ ବିଶେଷ ବିଚାର ଦିଆଯିବ ।

କୃଷି –

କୃଷିରେ ମଧ୍ୟ ବିଶେଷ ବିଚାର ଏବେ ଦିଆଯାଉ ନାହିଁ । ଏହି ବିଷୟର ଆଲୋଚନାରେ ପ୍ରଜାସ୍ୱତ୍ୱ ଠାରୁ ବଢ଼ି ମରୁଡ଼ିର ଦାଉ ପର୍ଯ୍ୟନ୍ତ ସବୁ ଆସି ପଡ଼ିଯିବ । ସରକାର ସେଥିପାଇଁ କିପରି କି ବ୍ୟବସ୍ଥା କରିବେ, ତାହା ଦେଶର ଅବସ୍ଥା ଓ ପରିସ୍ଥିତି ବିଷୟରେ ସମ୍ୟକ୍ ଅବଗତ ଥିବା ସୁରୋଦୃଷ୍ଟିପର ବିଶେଷଜ୍ଞମାନେ ବସି ହୁଏତ ପ୍ରାରମ୍ଭିକ ସିଦ୍ଧାନ୍ତ ଦେବେ। କିନ୍ତୁ ଏବେ ଗୋଟିଏ ମାତ୍ର କଥା ଆଜି ଏଠାରେ ନିତାନ୍ତ ଉଲ୍ଲେଖଯୋଗ୍ୟ ମନେ କରାଯାଉଅଛି । ଭାରତ ସରକାରଙ୍କ କୃଷି ଶିକ୍ଷା ଦେବାର ବ୍ୟବସ୍ଥା ଅଛି । ସ୍ଥାନେ ସ୍ଥାନେ ପ୍ରାଦେଶିକ ସରକାରଙ୍କ କୃଷି ବିଦ୍ୟାର କାର୍ଯ୍ୟକାରିତା ଦେଖାଇବା ପାଇଁ 'ଫାର୍ମ' ନାମରେ ପ୍ରଦର୍ଶନୀମାନ ଫିଟି ରହିଛି । ଆମେ ଜାଣୁ କୌଣସି କୃଷି ଶିକ୍ଷାପ୍ରାପ୍ତ ସିଦ୍ଧ ଯୁବକ ଶିକ୍ଷା ପାଇ ଫେରି ଆସି, ନିଜେ ନିଜ ଗୋଡ଼ରେ ଠିଆ ହୋଇ କୃଷି କର୍ମରେ ଲାଗି ଜୀବିକା ନିର୍ବାହ କରିବା ପାଇଁ ପ୍ରସ୍ତୁତ ନୁହନ୍ତି। ସେମାନଙ୍କର ସେ ଦମ୍ ନାହିଁ । 'ଫାର୍ମ' ମାନଙ୍କରେ ବା ବିଭାଗୀୟ କିରାନି ଖାନାରେ ଚାକିରି କରିବା ଛଡ଼ା ଅନ୍ୟ କୌଣସି ଦୃଷ୍ଟିରେ ସେମାନେ ନିଜର ଶିକ୍ଷାକୁ ଦେଖନ୍ତି ନାହିଁ । ଜଣେ ସିଦ୍ଧ ଯୁବକଙ୍କୁ ଥରେ ଆମେ ପଚାରିଥିଲୁଁ, "ବାବୁ, କଲେଜରୁ କୃଷି ଶିକ୍ଷା କରି ଆସିଲ, ଚାଲ କେତେ ଏକର ଜମି ନିତାନ୍ତ କମରେ ତୁମର ଦରକାର ତାହା କୌଣସି ପ୍ରକାରେ ସରକାର କିମ୍ବା

Digitized by PPRACHIN, SOA

ଜମିଦାରଙ୍କ ଠାରୁ ଠିକ୍ କରିବା । ତମର କି ମୂଳଧନ ଦରକାର ତା ବି କହ, ଯୋଗାଡ଼ କରାଯିବ । ତୁମ୍ଭେ ନିଜର କୃଷି କର୍ମରେ କୃଷକ ସାଧାରଣଙ୍କୁ ଦେଖାଇ ଦିଅ ସେମାନେ କିପରି ନିଜ କାର୍ଯ୍ୟରେ ଲାଗି ନିଜର ଜୀବିକାର୍ଜନରେ ଉତ୍ତରୋତ୍ତର ଅଧିକ କୃତିତ୍ୱ ଦେଖାଇପାରିବେ । ସଙ୍ଗେ ସଙ୍ଗେ ତୁମ୍ଭେ ମଧ୍ୟ ନିଜ ବିଦ୍ୟାବଳରେ ନିଜର ଜୀବିକାରେ ସ୍ୱାଧୀନ ଭାବରେ ପ୍ରତିଷ୍ଠିତ ହେବ।" ଯୁବକଟି ଟିକିଏ ହସିଲେ । ପୁଣି କହିଲୁଁ "ବୋଧହୁଏ ଦମ୍ଭ ପାଉନାହିଁ । ହୁଏତ କେବଳ ବିଜ୍ଞାନ ନାମ ଧରି କୃଷି କରିବା ବାହାନାରେ ଅର୍ଥଶ୍ରାଦ୍ଧ କରିବା ହିଁ ଶିଖି ଆସିଛ । ଗ୍ରାମୀଣ କୃଷକର ପରିସ୍ଥିତିରେ ନିଜକୁ ରଖି ଉନ୍ନତ ଭାବରେ କୃଷି କରି ଜୀବିକାର୍ଜନ କରିବା ବିଦ୍ୟା ଶିଖି ନାହଁ।" ଯୁବକଟି ନୂତନ କଲେଜ ଫେରନ୍ତା, ଜଟିଳତାର ପେଶାରେ ପୁରୁଖା ହୋଇନଥିଲେ । ସରଳ ଭାବରେ କହି ପକାଇଲେ, "ଆପଣ କ'ଣ ମନେ କରିଥିଲେ, ଦେଶର ପରିସ୍ଥିତିରେ ରହି କୃଷିର ଉନ୍ନତିରେ ଆତ୍ମପ୍ରତ୍ୟୟ ଜନ୍ମିବା ଭଳି ଶିକ୍ଷା ଆମ୍ଭଙ୍କୁ ଦିଆଯାଏ । କୃଷି ବିଭାଗରେ ଚାକିରୀଟିଏ ନ ମିଳିଲେ, ବୋଧହୁଏ ଉପବାସରେ ପୈତୃକ ପ୍ରାଣଟି ବଳି ଦେବାକୁ ହେବ ।" ଆମେ କହିଲୁ, "ତେବେ ତମେ ଉଚ୍ଚ ଶିକ୍ଷିତ ଯୁବକ ଏସବୁ ପ୍ରକାଶ କରି ଲୋକଙ୍କର ଆଖି ଫିଟାଇବା ଉଦ୍ୟମ କରୁନାହଁ କାହିଁକି ?" ଯୁବକ କହିଲେ, "ସରକାରୀ ଚାକିରି ପାଇଁ ଯାହାର ଜୀବନରେ ସମସ୍ତ ଶିକ୍ଷା ସାଧନା, ସେହି ଚାକିରିର ମୂଲ୍ୟ ଆହରଣ କରିବା ଛଡ଼ା ଯାହାର ବିଦ୍ୟା ବିକ୍ରୟର ଅନ୍ୟ ଉପାୟ ନାହିଁ, ସେ ଲୋକ ସରକାରି କୃଷି ଶିକ୍ଷାର ସମାଲୋଚନା କରିବା ପାଇଁ ଅଭିପ୍ରେତ ନୁହେଁ। ଆପଣଙ୍କ ସଙ୍ଗେ ମୋର ଏ କଥାବାର୍ତ୍ତା ପ୍ରକାଶ ପାଇବା ମଧ୍ୟ ମୋ' ପକ୍ଷରେ ମଙ୍ଗଳକର ହେବନାହିଁ ।"

ସରକାରି ଫାର୍ମ ବା କୃଷିକ୍ଷେତ୍ର –

ପ୍ରଦେଶର ବହୁ କେନ୍ଦ୍ରରେ ଯେଉଁ ସବୁ କୃଷିକ୍ଷେତ୍ର ଅଛି, ଆମେ କହୁ ସେସବୁ ଶିକ୍ଷାର ଆଦର୍ଶ ପାଇଁ ନୁହେଁ। ସେ ଏକ ଏକ ପ୍ରଦର୍ଶନୀ । ଲୋକେ ତାହା ଦେଖି ହୁଏତ ଚମତ୍କୃତ ହେବେ । କିନ୍ତୁ ସେହି ଅନୁସାରେ ପନ୍ଥା ଧରିବେ ନାହିଁ । ପରୀକ୍ଷା କରି କରି କୃଷିକ୍ଷେତ୍ରରେ ମଞ୍ଚା ଧାନ ବଛା ହୋଇଥିଲା । ବଡ଼ ଆଶା ଓ ଆଦରରେ ପଲ୍ଲୀ କୃଷକକୁ ସେଥିରୁ ସେରେ ସେରେ କିଣି ବିହନ ଧରାଇ ଦିଆଗଲା । ତିନିବର୍ଷ ପରେ କୃଷକଙ୍କୁ ପୁଣି ଦେଖି ପଚାରିବାରେ କୃଷକ ଅତି ବିମର୍ଷ ହୋଇ କହିଲେ, 'ସେ ଧାନ ଫଳିଲା ନାହିଁ, ବହୁତ କ୍ଷତି ହେଲା। ଏ ବର୍ଷ ବିହନ ଭାଙ୍ଗିଦେଲି।' କୃଷିକ୍ଷେତ୍ରର ଅଧ୍ୟକ୍ଷ ଏହା ଶୁଣି ବହିରୁ ଫର୍ଦ କାଢ଼ି ଯାହା କହିଲେ, ସେଥିରୁ ବୁଝାଗଲା, ପଲ୍ଲୀ କୃଷକର ଜୀବନରେ ସେସବୁ ଧାନ ଫଳାଇବା ଏବେ ସମ୍ଭବ ହେବନାହିଁ । ଠିକ୍ ଦିନ ଠିକ୍ ପରିମାଣରେ ପାଣି

Digitized by PPRACHIN, SOA

ଦେବାକୁ ହେବ । କୃଷି କ୍ଷେତ୍ରରେ କେନାଲରୁ ପାଣି ଅଜଡ଼ା ହେଉଛି, କୃଷକ ବାପୁଡ଼ା ଦିନକାଳ ପରିମାଣ ଜାଣିଲେ ବି ପାଣି ଦେବ କାହୁଁ କିପରି ? ନଳକୂଅ କରି କଳ ବସାଇବାକୁ କହିଲେ, କୃଷକ ଗୁରୁକର୍ଣ୍ଣୀ ହେଲା ମାତ୍ର । ପୁଣି ଓଡ଼ିଶାର ଉପକୂଳ ଭୂମିରେ ନଳକୂଅରେ କଳ ବସାଇଲେ ପାଣି ବାହାରିବ ଲୁଣୀ । ବଡ଼ ଯନ୍ତ୍ରରେ ଶୋଧନ କରି ସେ ପାଣି କ୍ଷେତ୍ରରେ ଦେବା ଛଡ଼ା ଅନ୍ୟ ଉପାୟ ଏବେ ମଧ୍ୟ ବାହାରି ନାହିଁ। ପୁଣି ଖତର ହିସାବ ଓ ପ୍ରକାର ଦେଖିଲେ, କୃଷକ ବିସ୍ମିତ ହେବ, କର୍ମରେ ଚାଳିତ ହେବନାହିଁ, କୃଷି କ୍ଷେତ୍ରର ଅମଳ ପରିମାଣ ଦେଖିବାରେ କୃଷକର କି କାର୍ଯ୍ୟ ?

କୃଷି ଗବେଷଣା –

ଫସଲର ରୋଗ ଓ କୀଟାଦି ଶତ୍ରୁ ନାଶ କରିବାରେ ଗବେଷଣା କରାହେଉଛି । ଓଡ଼ିଶାର ଉପକୂଳରେ ନଡ଼ିଆରେ ଅନେକ ଲୋକ ନିର୍ବାହ ହୁଅନ୍ତି । ଥରେ ନଡ଼ିଆରେ ପୋକ ଲାଗି ଗଛର ବରଡ଼ା ସହ ଝାଟି କରି ଦେଲେ । ଗଛରୁ ସବୁ ଦୁର୍ଗନ୍ଧ ବାହାରିଲା । ଫଳ ବନ୍ଦ ହୋଇଗଲା । ଠିକ୍ ସେତିକି ବେଳେ କାଗଜରେ ପଢ଼ାଗଲା, ଫିଲିପାଇନ ଦ୍ୱୀପରେ ଏହିପରି ନଡ଼ିଆରେ ପୋକ ଲାଗିବାରୁ ସେଠା ସରକାର କୃଷି ବିଭାଗରେ ଗବେଷଣା କରାଇ, ଫଳରେ ପୋକ ଏକାବେଳକେ ନିର୍ମୂଳ କରାଇ ଦେଇଥିଲେ। ସେହି ଉତ୍ସାହ ଘେନି ସରକାରଙ୍କ କୃଷି ବିଭାଗକୁ ଲେଖାଗଲା ଓ ପୋକ ଡିମ୍ବ ଠାରୁ ପତଙ୍ଗ ପର୍ଯ୍ୟନ୍ତ ସବୁ ପଠାଗଲା। ଜଣାଅଛି ବହୁଦିନ ପରେ ଉତ୍ତର ମିଳିଥିଲା, ପଟାସିୟମ ପରମାଙ୍ଗାନେଟ (ହଇଜା ହେଲେ ଯାହା ପାଣିରେ ପକାଇ ରଙ୍ଗ କରି ଦିଅନ୍ତି) ପାଣିରେ ବହୁ ପରିମାଣରେ ଦେଇ ପିଚକାରିରେ ସେହି ପାଣିରେ ନଡ଼ିଆ ଗଛର ପତ୍ର ସବୁ ତିନ୍ତାଇ ଦିଅ । ଏହିପରି ବ୍ୟବସ୍ଥାମାନଙ୍କରେ କୃଷି ବିଭାଗର ରିପୋର୍ଟ ହୋଇପାରେ । ସରକାରଙ୍କର ସୁନ୍ଦର ଉତ୍ତର ଦେବା ପାଇଁ ଯୁକ୍ତିର ଅଭାବ ନୋହିପାରେ । ମାତ୍ର ଯଥାର୍ଥ କୃଷକ କାମରେ ଆସିବା ଭଳି କୌଣସି କାର୍ଯ୍ୟ ଏଥିରେ ହେବନାହିଁ । ତେବେ ପ୍ରଦେଶାନ୍ତରରେ ଆଖୁ, ତୁଳା ପ୍ରଭୃତିରେ ଯେଉଁ ସବୁ ଗବେଷଣାର ଫଳ ଲୋକଙ୍କ କାମରେ ଯଥାର୍ଥରେ ଲାଗିଚି ସେସବୁର କ୍ଷେତ୍ରରେ କାରଣ ଓ ପରିସ୍ଥିତି ସ୍ୱତନ୍ତ୍ର, ତା ମଧ୍ୟ ନିପାତନ ବୋଲି କହିଲେ ଚଳେ ।

ଯାହା ହେଉ, ଗବେଷଣାରେ ହଠାତ୍ ଫଳାଫଳକୁ ମୂଲ୍ୟରେ କଳନା କରିବା ସହଜ ନୁହେଁ । ମାତ୍ର ଓଡ଼ିଶାରେ ବଢ଼ିର ଧାନ ଓ ବଢ଼ି ଅଂଚଳରେ କରାଯିବା ଭଳି ଫସଲ ପାଇଁ ଖୁବ୍ ଗବେଷଣା କରାହୋଇଥିଲେ, ବହୁତ କାମ ହୁଅନ୍ତା ।

Digitized by PPRACHIN, SOA

କୃଷିକ୍ଷେତ୍ର ବ୍ୟବସ୍ଥାର ଆମୂଳଚୂଳ ପରିବର୍ତ୍ତନ -

ସେ ଯାହାହେଉ, କୃଷି କ୍ଷେତ୍ରକୁ ଆଉ ପ୍ରଦର୍ଶନୀ କରି ରଖିବା ଠିକ୍ ହେବନାହିଁ । ଏ ଅର୍ଥହାନି ଓ ମନସ୍ତାପର ଶୀଘ୍ର ମୂଳ ବାଡ଼ିଆ ପ୍ରତିକାର କରିବାକୁ ହେବ । କୃଷକର ଯେପରି ଭୂମି ଅଛି, ତାହାର ଯେପରି ଯେଉଁ ସୁବିଧା ଅଛି, ସେହି ପରିମାଣ ଭୂମିରେ ସେହି ସେହି ସୁବିଧାରେ ତାକୁ କିପରି ଉତ୍ତରୋତ୍ତର ସମୃଦ୍ଧିରେ ପ୍ରତିଷ୍ଠିତ କରାଯାଇପାରେ, ସେହି ଦୃଷ୍ଟିରେ କୃଷି ବିଭାଗର ପରୀକ୍ଷା ଓ କ୍ରିୟା ଚଳାଇବା ସର୍ବଦା ଉଚିତ । ସେଥିରେ ଯେ ସବୁ ପରିବର୍ତ୍ତନ ନିତାନ୍ତ ଦରକାର ଓ ସୁଗମ, ସେତିକି କରି କରାଇ କାର୍ଯ୍ୟପନ୍ଥାର କ୍ରମ ବିସ୍ତାର ଦେଖିବାକୁ ହେବ । ଦରକାର ହେଲେ, କୃଷକର ଜମିବଣ୍ଟା କିପରି ବନ୍ଦ ହୋଇ ବା ପାଖ ଜମି ବଦଳା ବଦଳି କରାହୋଇ ତାର ବୈଜ୍ଞାନିକ କୃଷି ଉପଯୋଗୀ ଜମିର ପରିମାଣ ହେବ, ସେଥିପାଇଁ ଆଇନ୍‌ରେ ଅତିଶୀଘ୍ର ବ୍ୟବସ୍ଥା କରିବାକୁ ହେବ । ପୁଣି ସହଯୋଗ ସମିତି ମାନଙ୍କୁ ଜାଗ୍ରତ କରି, କ୍ଷେତ୍ରକୁ ବୈଜ୍ଞାନିକ କୃଷିର ଅଧୀନ କରିବାର ବାଟ ଫିଟାଇବା ମଧ୍ୟ ଦରକାର । ସର୍ବୋପରି ସରକାରଙ୍କ କୃଷି କ୍ଷେତ୍ରରେ ଗବେଷଣା ବିଭାଗଟି ଅଲଗା କରିଦେଇ ବାକି ବିଭାଗର ଆୟ ବ୍ୟୟ ରଖି ସେଥିରେ ଲାଭ ଦେଖାଇବାକୁ ହେବ । ତା ନହେଲେ, ଲୋକେ ସରକାରୀ କ୍ଷେତ୍ରର କୃଷିଲବ୍ଧ ଦ୍ରବ୍ୟ ଦେଖି ବାହା ବାହା ଦେଇପାରନ୍ତି । ମାତ୍ର ଅନୁକରଣ କରିବାକୁ ସାହସ କରିପାରିବେ ନାହିଁ । କୃଷି ଏ ଦେଶରେ ବିଳାସର ଖେଳ ନୁହେଁ । ଏହା ଦେଶବାସୀର ଜୀବନ ମରଣର ସମସ୍ୟା । ଏକଥା ସର୍ବଦା ମନେ ରଖିବାକୁ ହେବ । ପରେ ବାରାନ୍ତରେ ଏ ସମ୍ବନ୍ଧରେ ବିଶେଷ ବିଚାର କରି କେତେକ ସଂକେତ ଦିଆଯିବ ।

ନବ ଭାରତ -୩/୧୧-୧୨, ଆଲୋଚନା

ସରକାରଙ୍କ କର୍ତ୍ତବ୍ୟ

କର୍ତ୍ତବ୍ୟ କାହାପାଇଁ

ଏହା ବିଚାର କରିବା ପୂର୍ବରୁ ବୁଝିବା ଉଚିତ, ସରକାରର ଯଥାର୍ଥ ଗର୍ଣ୍ଣ କେଉଁଠାରେ ? ଦୁଇଟି ଦୃଷ୍ଟିରୁ ଏହା ଦେଖାଯାଇପାରେ। ଦୃଷ୍ଟି ଦୂରକୁ ନ ଫିଟାଇଲେ ହଠାତ୍ ଆଖି ପଡିବ ବ୍ୟବସ୍ଥା ସଭା ଘର ଭିତରେ। ଦିଶିଯିବ ସରକାର ସେହିଠାରେ। ସେହିଠାରେ ବହୁପକ୍ଷ ମତ ହିଁ ସରକାରଙ୍କର ସର୍ବସ୍ୱ। ଆଜି କଂଗ୍ରେସ ସରକାରରେ ଓଡ଼ିଶା ବ୍ୟବସ୍ଥା ସଭାରେ କଂଗ୍ରେସ ହିଁ ବହୁ ପକ୍ଷ, ଓ ଏହି ବହୁ ପକ୍ଷର ୩୬ ଜ'ଣ ଗୋଟିଏ ପାଣି ନ ଗଳିଲା ଭଳି ଦଳ। ଅନ୍ତତଃ ବାହାରକୁ ତାହାର ଆକୃତି ପ୍ରକୃତି ସେହିପରି। ତେଣୁ ସରକାର ସେହି ଦଳକୁ ହଠାତ୍ ଚାହିଁବା ସ୍ୱାଭାବିକ। ସେତିକି ଚାହିଁ କାମ କଲେ

Digitized by PPRACHIN, SOA

କିନ୍ତୁ କାମରେ ପ୍ରଗତି ଫିଟିବ ନାହିଁ। ଦଳରେ ମଧ ଶୃଙ୍ଖଳା ରହିବ ନାହିଁ। ସେ ଦଳ ଭିତରେ କାହାକୁ କି ଉପାୟରେ ସନ୍ତୁଷ୍ଟ କରିବାକୁ ହେବ ଓ କେଉଁ ବ୍ୟକ୍ତିବିଶେଷମାନଙ୍କୁ ଲକ୍ଷ୍ୟକରି ସେ ଦଳର ସ୍ଥିତି ଠିକ୍ ରଖିବାକୁ ହେବ ଏହାହିଁ ଚିନ୍ତା କରୁ କରୁ ସମୟ ଯିବ, କାମ କିଛି ହେବ ନାହିଁ। କିନ୍ତୁ ପନ୍ଥା ତା ନୁହେ। ଲୋକ ଶାସନ ଜନମତ ଉପରେ ପ୍ରତିଷ୍ଠିତ। ସେ ଜନ ଦେଶର ପୁରପଲ୍ଲୀରେ ବ୍ୟବସ୍ଥା ସଭା ଘରେ ନୁହେ। ସରକାର ସେହି ଜନସାଧାରଣ ପାଇଁ, ପୁଣି ସେହି ଜନ ସାଧାରଣ ସରକାର ଗଢ଼ିଛନ୍ତି। ତେଣୁ ତାଙ୍କୁଇ ଦେଖି ସରକାର ଚଳାଇବାକୁ ହେବ। ପୁରପଲୀରେ ସେହି ଜନସମାଜର ମତ ଶୃଙ୍ଖଳିତ କରି ନ ପାରିଲେ ବ୍ୟବସ୍ଥା ସଭାରେ ମଧ ଅଚିରେ ଶୃଙ୍ଖଳା ଭାଜିଯିବ। ସରକାର ପ୍ରତ୍ୟେକ କାର୍ଯ୍ୟରେ ଦେଖିବାର କଥା, ସେଇ ଜନସାଧାରଣଙ୍କ ମଧ୍ୟରେ ମତାମତ ସୁଗଠିତ ଭାବରେ କୌଣସି ନିର୍ଦ୍ଦିଷ୍ଟ ଉପେୟ ପନ୍ଥାରେ ଚାଲିଛି। ତା କରି ନ ପାରିଲେ ଜନଶାସନ ପଣ୍ଡ ହେବ।

କର୍ତ୍ତବ୍ୟ କଣ ?

ମନ୍ତ୍ରୀମାନଙ୍କ ଏହି ଜନମତକୁ ଲକ୍ଷ୍ୟକରି ସର୍ବଦା କର୍ତ୍ତବ୍ୟ ଧାରା ଠିକ୍ କରିବା ଉଚିତ। ଖବର କାଗଜ ଓ ସଭାର ବକ୍ତୃତାଦିରେ ଏହି ଜନମତ ପ୍ରକାଶିତ ହୁଏ। ସେ ସବୁକୁ ଏଡ଼ି ଦେବାର ଉପାୟ ନାହିଁ। କାହିଁକି ଜନମତ ମନ୍ତ୍ରୀଙ୍କ କାର୍ଯ୍ୟକୁ ସର୍ବତୋଭାବେ ସମର୍ଥନ କରୁନାହିଁ ବୋଲି ଦୁଃଖ କରିବାରେ ମଧ ଫଳ ନାହିଁ। ଅବଶ୍ୟ ଜନମତରେ ଦ୍ୱୈଧଭାବ ନ ରହିବ ନୁହେ। କିନ୍ତୁ କି ଉପାୟରେ ଓ କି କାର୍ଯ୍ୟରେ ଜନମତକୁ ଶୃଂଖଳିତ ଓ ସୁଗଠିତ କରି ବିରୋଧକୁ ହେୟ ସ୍ଥିତିକୁ ଆଣିବାକୁ ହେବ ତାହା ବୁଝି ସେଇ ଅନୁସାରେ ନିଜର କ୍ରିୟା ନିୟମିତ କରିବା ହିଁ ଯଥାର୍ଥ ଜନନେତୃତ୍ୱ। ବଚନ ଅଛି, 'ଲୋକଙ୍କ ମୁହଁରେ କିଏ ହାତ ଦେବ।' ରାଜଧାନୀରେ ବସି ଦୁଃଖ କଲେ ଲୋକେ ଥଣ୍ଡା ହେବେ ନାହିଁ। ଅଯଥା ଖାତିର ନ କରି ଜନମତ ଦ୍ୱୈଧ ବଢାଇବାରେ ସାହାଯ୍ୟ କଲେ ବିଶୃଖଂଳାରେ ସମସ୍ତ ଗଠନ ବିଲୁପ୍ତ ହେବାର ଆଶଙ୍କା ଅଛି। ତେଣୁ ପ୍ରତ୍ୟେକ ବିଶୃଂଖଳାର ସୂଚନାରେ ଜାଗ୍ରତ ରହି ଜନମତ ନିୟନ୍ତ୍ରିତ କରିବାକୁ ହେବ। ମନ୍ତ୍ରୀମାନେ ଶ୍ରେଷ୍ଠ ପ୍ରତିନିଧି। ସମସ୍ତେ ଯଥା ଅଯଥା ତାଙ୍କର ନିନ୍ଦା କରିବାକୁ ପ୍ରସ୍ତୁତ ଏହା ନୁହେଁ, ସର୍ବଦା ସ୍ତୁତି କରିବାକୁ ମଧ ଲୋକେ ପ୍ରସ୍ତୁତ ହେବେ ନାହିଁ। ନିନ୍ଦା ସ୍ତୁତି ସବୁ ଲକ୍ଷ୍ୟ କରି ମନ୍ତ୍ରୀମାନେ ନିଜର ପରିସ୍ଥିତି ମଧେ ମଧେ ପରିଷ୍କାର କରନ୍ତୁ। କାର୍ଯ୍ୟର ଉଦ୍ଦେଶ୍ୟ ଓ ଗତି ଲୋକଙ୍କୁ ସ୍ପଷ୍ଟ ଭାବରେ ତନ୍ନ ତନ୍ନ କରି ବୁଝାଇ ଦିଅନ୍ତୁ। ସେମାନଙ୍କର ଦାୟିତ୍ୱ ବଡ ଗୁରୁ। ଖାଲି କମିଟିମାନ ବସାଇ ସବୁଥିରେ ପର ଉପରେ ଦାୟିତ୍ୱ ଫିଙ୍ଗିଦେବା ମଧ୍ୟ ସର୍ବଦା ସମୀଚୀନ ନୁହେ। ଉଦାହରଣ ସ୍ୱରୂପ, ଶିକ୍ଷାବିଭାଗର ନିୟମାବଳୀ ବା

Digitized by PPRACHIN, SOA

କୋଡ ବଦଳାଇବା ପାଇଁ ଏକ୍‌କମିଟି ବସିଛି। ଏପରି କାର୍ଯ୍ୟ ସଂଗତ ନୁହେ। କୋଡ ବଦଳାଇବାରେ କୌଣସି ଶିକ୍ଷା ଚାଳକଙ୍କର ସୂଚନା ମାତ୍ରରେ ପ୍ରଥମେ କାର୍ଯ୍ୟ ହୋଇଯିବା ଉଚିତ। କାଳକ୍ରମେ ଆଂଶିକ ଅସୁବିଧାମାନ ନିରାକରଣ କରିବା ପାଇଁ ତାହାର କ୍ରମ ପରିବର୍ତ୍ତନ ଦରକାର ହେବା ସଂଭବ। ସେଥିରେ ହିଁ ତାହା ପ୍ରଗତିରେ ପୂର୍ଣ୍ଣାଙ୍ଗ ହେବାର କଥା। ଅନ୍ୟାନ୍ୟ କମିଟି ସମ୍ବନ୍ଧରେ ବିଶେଷ କହିବା ଏବେ ଦରକାର ନାହିଁ। ତନ୍ନ ତନ୍ନ କରି ପ୍ରତ୍ୟେକ କମିଟିର ଆବଶ୍ୟକତା ଆଲୋଚନା କରିବାର ମଧ୍ୟ ଏଠାରେ ଅବକାଶ ନାହିଁ। କେବଳ ସରକାରଙ୍କ କର୍ତ୍ତବ୍ୟ ସୂଚନା ଦେବାରେ ଏ ଗୋଟିଏ ଉଦାହରଣ ଦିଆଗଲା। ପୁଣି ଆଇନ ପ୍ରଣୟନରେ ମଧ୍ୟ ସେହିପରି ଉଦାହରଣ ଦିଆଯାଇ ପାରେ। ଏବେ ପ୍ରଜାସ୍ୱତ୍ୱ ଘେନି ଏକାଧିକ ଆଇନ୍ ବ୍ୟବସ୍ଥା ତିଆରି ହେବାର ଉଦ୍ୟମ ହେଉଛି। ସେଥିମଧ୍ୟରୁ ଅନେକ ସ୍ଥଳରେ ମତାମତ ଓ ପରିସ୍ଥିତିରେ କଳନା ବଡ଼ ଦରକାର ଥିଲା। ତାହା କରାଯାଇ ନାହିଁ। ଲୋକରେ ମଧ୍ୟ ଏହା ଘେନି ଯେଉଁ ମତାମତ ପ୍ରକାଶ ପାଉଛି ସରକାରଙ୍କ ବିବୃତିରେ ତାହା ନିୟନ୍ତ୍ରିତ କରିବାରେ କୌଣସି ଲକ୍ଷଣ ପ୍ରକାଶ ପାଉ ନାହିଁ। ଲୋକମତର ଏଭଳି ବିଶୃଙ୍ଖଳା ପ୍ରତି ଅବହେଳା ଥରେ ପରଂପରାରେ ପଡ଼ିଲେ ଲୋକଶାସନଗତ ସରକାରର ଏଥିରୁ ରକ୍ଷା ନାହିଁ। ଏହା ଜାଣି ରଖିବାର ଅଛି।

ପୁରୋଦୃଷ୍ଟି–

ସବୁବେଳେ ସମସ୍ତେ ବିଚାରୁଛନ୍ତି ଏ ସରକାର କେତେଦିନ ରହିବ କିଏ ଜାଣେ ? ସତ କଥା। କେତେଦିନ ରହିବ କିଏ ଜାଣେ ? କିନ୍ତୁ ସର୍କାରଙ୍କର ଏ ମନୋଭାବ ଥିଲେ ତାହା ଦୂଷଣୀୟ। ଯେତେ ଦିନ ରହୁ ସରକାର ନିଜକୁ 'ଅଜର, ଅମର' ବୋଲି ମନେ କରି ନିଜ କାର୍ଯ୍ୟରେ ଲାଗନ୍ତୁ। ଗୋଟିଏ ଗୋଟିଏ ନିର୍ଦ୍ଦିଷ୍ଟ ଯୋଜନା କରି ମୂଳଦୁଆ ପକାନ୍ତୁ। ଯୋଜନା ପ୍ରକାଶ କରନ୍ତୁ, ମୂଳଦୁଆ ବୁଝାଇ ଦିଅନ୍ତୁ। ବିଶେଷକରି ପୁଣି ଏ ଯୋଜନାର ମୂଳଦୁଆ କେଉଁଠାରେ ପକାଇବାକୁ ହେବ ତାହା ବୁଝିବାର ଅଛି। ଦଶଟା ଇସ୍କୁଲ ବସାଇ ଦେବା କିମ୍ବା ଦୁଇଶମାଣ ଆମ୍ବ ବଗିଚା କରାଇ ଦେବା ଏକପ୍ରକାର ସାଧୁ କାର୍ଯ୍ୟ। କିନ୍ତୁ ଏ ସବୁ ମୁଖ୍ୟତଃ ଜନସେବୀର କାର୍ଯ୍ୟ। ସରକାରଙ୍କ କାର୍ଯ୍ୟ ଆଇନ ଶାଳରେ ଆବଦ୍ଧ। କିପରି ନିୟମରେ କି ପୁରୋଦୃଷ୍ଟିରେ କି ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ଧରି ଆଇନରେ ଦେଶ ଓ ଜାତି ଗଠନର ଦୃଢ଼ ମୂଳଦୁଆ ପକାଇ ଦେବାକୁ ହେବ ତାହାହିଁ ସରକାରଙ୍କର ଆଦୌ ଚିନ୍ତା। କପା ଚାଷ କରାଇବା ସୂତା କଟାଇବା ପ୍ରଭୃତି ଏକ ପ୍ରକାର ଗ୍ରାମ ସଂଗଠନ। କିନ୍ତୁ ଆଇନ କରି ଗ୍ରାମ ଲୋକଙ୍କୁ ଗ୍ରାମ ପୁଲିସ ଉପରେ କର୍ତ୍ତୃତ୍ୱ ଦେବା, ଗ୍ରାମ ଶିଳ୍ପ ଓ ଶିକ୍ଷାରେ ତାଙ୍କର ଆତ୍ମଭାବ ଜନ୍ମାଇବା, ନିଜ ଉପରେ ଟିକସ ବସାଇ ତାହାର ଯଥାର୍ଥ

Digitized by PPRACHIN, SOA

ଗଠନ ମୂଳକ ବ୍ୟବହାର ଲୋକଙ୍କୁ ଶିଖାଇବା, ଓ ସେଇ ପ୍ରଣାଳୀରେ ଲୋକଙ୍କର ଶିଳ୍ପ ଶିକ୍ଷା ସ୍ୱାସ୍ଥ୍ୟ ସବୁଥିରେ ଲୋକଙ୍କୁ ଜନଶାସନ ମନ୍ତ୍ରରେ ମନାଇ ନେବା ସରକାରଙ୍କ ଏକପ୍ରକାର ନିଜସ୍ୱ କାର୍ଯ୍ୟ। ଏ ସବୁ ଫଳରେ ହୁଏ ତ କପା ଚାଷଠାରୁ ଆମ୍ବ ବଗିଚା ପର୍ଯ୍ୟନ୍ତ ସବୁ ମନକୁ ମାଡ଼ିଯିବ। ୧୯୧୪ରେ ଜାପାନ କୃଷି ସଂଗଠନ ପାଇଁ ଆଇନ କରି ଦେଲା। ଦଶବର୍ଷ ମଧ୍ୟରେ ଦେଶର ଆର୍ଥିକ ପରିସ୍ଥିତି ବଦଳି ଗଲା। ଜାପାନର ଶିଳ୍ପ ଆଦି ଗ୍ରାମରୁ ବାହାରି ଜଗତର ଆଖି ଝଲସାଇ ଦେଇଛି। ଏ ସବୁ କରିବାର ସୁବିଧା ବହୁ ପରିମାଣରେ ଏବେ ପ୍ରାଦେଶିକ ସରକାରଙ୍କ ହାତରେ ଅଛି। ପୁରୋଦୃଷ୍ଟି ଫିଟାଇ ସେ ସବୁରେ ସରକାର ମନୋନିବେଶ କରିବେ ବୋଲି ଦେଶ ଚାହିଁଛି। ଏ ସବୁ ପାଇଁ କମିଟି ହୋଇ ପାରେ। କିନ୍ତୁ ସରକାର ଯେ ସବୁ କମିଟିର ନିୟାମକ ଏହା ମଧ୍ୟ ମନେ ରଖିବାର ଅଛି।

ନବ ଭାରତ-୪/୫, ଆଲୋଚନା

ଗତ ନିର୍ବାଚନ ପରେ

ଗତ ପ୍ରାଦେଶିକ ନିର୍ବାଚନ କଂଗ୍ରେସ ନାମରେ ହୋଇଥିଲେ ହେଁ ବସ୍ତୁତଃ ଓଡ଼ିଶା ପ୍ରଦେଶରେ ଏହା ବଡ଼ ବଡ଼ ଜମିଦାର, ମହାଜନ ଓ ଉପାଧିଧାରୀ ମାନଙ୍କ ବିରୁଦ୍ଧରେ ଲୋକସ୍ୱାର୍ଥ ଜାଗ୍ରତ କରିବା ଉଦ୍ଦେଶ୍ୟରେ ହୋଇଥିଲା । କଂଗ୍ରେସକୁ ଯଥାର୍ଥ ଲୋକସ୍ୱାର୍ଥର ପ୍ରତୀକ କରିବାରେ ଏହାହିଁ ହେବାର କଥା । କଂଗ୍ରେସ ଏହା ନ ହେବାଯାଏଁ ଦେଶରେ ଯଥାର୍ଥ ସ୍ୱାଧୀନତାର ଭାବ ଜାଗିବା ସଂଭବ ନୁହେଁ। ଏହି ଲୋକସ୍ୱାର୍ଥ ବିରୁଦ୍ଧରେ ଯେଉଁମାନେ ଲଢୁଥିଲେ ସେମାନେ ମୁଖ୍ୟତଃ ବଡ଼ ବଡ଼ ଜମିଦାର - ବିଶେଷରେ ଯେଉଁ ଜମିଦାରଙ୍କୁ ଏ ପ୍ରଦେଶରେ ରାଜା କହନ୍ତି, ଏମାନେ ସେହି ଜମିଦାର । ସେହି ଜମିଦାରମାନଙ୍କ ମଧ୍ୟରୁ ଅନେକଙ୍କର ପ୍ରଜାଙ୍କ ଉପରେ ଅଖଣ୍ଡ ଅଧିକାର, ପ୍ରଭାବ ଓ ପ୍ରତିପତ୍ତି । ଲୋକେ କେତେ ଦାୟିତ୍ୱ ମୁଣ୍ଡାଇ ଯେ ସେମାନଙ୍କ ବିରୁଦ୍ଧରେ ଭୋଟ ଦେଇଥିଲେ ତାହା ଏଠାରେ ବୁଝାଇ କହି ହେବନାହିଁ । ଜୟପୁର ରାଜ୍ୟରେ ପୂର୍ବେ ସ୍ପଷ୍ଟ ଭାବରେ କଂଗ୍ରେସ କେବେ ପଶି ନଥିଲା। ସେଠାରେ ନିର୍ବାଚନ ବେଳେ କଂଗ୍ରେସରୁ ଛଡ଼ାଇବା ପାଇଁ ପ୍ରଜାଙ୍କ ଉପରେ ଘୋର ଜୁଲମ ହୋଇଥିବାର ପ୍ରକାଶ ପାଇଥିଲା। ସେଥିପାଇଁ ଲାଟସାହେବ ତଥା କୋରାପୁଟ ଜିଲ୍ଲା ସାହେବଙ୍କୁ ତାର କରା ହୋଇଥିଲା । ଫଳରେ ପୁଲିସକୁ ସାବଧାନ ରଖି ନିର୍ବାଚନ କାର୍ଯ୍ୟ କରା ହେଉଥିଲା । ଆଳିରେ ମଧ ସେହିପରି ବା ତହିଁରୁ ଅଧିକ ଭୀଷଣ କାଣ୍ଡ ଓଡ଼ିଆ କଂଗ୍ରେସ ତଥା ନିର୍ବାଚନ କାର୍ଯ୍ୟର ନେତା ପଣ୍ଡିତ ନୀଳକଣ୍ଠ ଦାସଙ୍କ ସମକ୍ଷରେ ଘଟିଥିବାର ସମସ୍ତେ ଜାଣନ୍ତି । ଜିଲ୍ଲାବୋର୍ଡ଼ ରାସ୍ତା ଉପରେ ଷାଠିଏ ସତୁରୀ ଜଣ ଠେଙ୍ଗାଧରା ଲୋକ ମଟର ଘେରିଯାଇ କହିଥିଲେ -

Digitized by PPRACHIN, SOA

"ମାନେଜର ସାହେବଙ୍କ ହୁକୁମ୍, ଫେରିଯାଅ । ଭଦ୍ର ଭାବରେ କହୁଛି, ଫେରିଯାଅ । ନ ହେଲେ ଏଥିରୁ ଅଧିକ ହେବା ଭଲ ହେବନାହିଁ ।" ଫେରି ଆସିବାକୁ ହୋଇଥିଲା । ପରଦିନ ସବ୍‌ଡିଭିଜନାଲ ଅଫିସରଙ୍କ ଚାଳିତ ପୁଲିସ ଦ୍ୱାରା ରାସ୍ତା ସଫା କରି ଯିବାକୁ ହେଲା ସତ, ମାତ୍ର ଆଳି ରାଜ୍ୟରେ ଜଣେ ସୁଦ୍ଧା ଲୋକ ଘରୁ ବାହାରି କଥାବାର୍ତ୍ତା ହେବାକୁ ସାହସ କରିନଥିଲେ । ପଞ୍ଚାଏ ଲୋକ ଗୋଳମାଳ କରି ସଙ୍ଗେ ସଙ୍ଗେ ଚାଲୁଥାନ୍ତି । ପ୍ରଚାର କାଗଜ ଫିଙ୍ଗି ଦେଲେ ବିକଟାଳ ଧ୍ୱନି କରି ତାକୁ ଖଣ୍ଡ ଖଣ୍ଡ କରି ଚିରି ଫିଙ୍ଗି ଦେଉଥାନ୍ତି । ଅଭାଷା, କୁଭାଷା ବରାବର ବ୍ୟବହାର କରୁଥାନ୍ତି । ସେଠାରେ ଯେପରିକି କୌଣସି ଶୃଙ୍ଖଳିତ ଶାସନ ନାହିଁ, ଏହା ହିଁ ଦେଖାଯାଇଥିଲା ।

ଏ କେବଳ ଉଦାହରଣ ମାତ୍ର । ଏହିପରି ଓଡ଼ିଶା ତମାମ୍ କେତେଠାରେ କେତେ ହୋଇଥିବ, ଲୋକେ ଆଶା କରି ଭୋଟ ଦେଇଥିଲେ, କଂଗ୍ରେସ ବହୁ ପକ୍ଷରେ ନିର୍ବାଚିତ ହେବ ଓ ସେଥିରେ ଆପଦ ବିପଦରେ ଲୋକଙ୍କୁ ମଦତ୍ ମିଳିବ ବୋଲି । କିନ୍ତୁ ଆଜି ନିର୍ବାଚନ ସରିଛି । କଂଗ୍ରେସ ବହୁ ସଂଖ୍ୟାରେ ନିର୍ବାଚିତ ହୋଇଛନ୍ତି । କଂଗ୍ରେସ ପକ୍ଷ ମନ୍ତ୍ରୀ ନହେଲେ ମଧ୍ୟ ପୁରା ସରକାରଟା ଉପରେ କଂଗ୍ରେସର ଯଥେଷ୍ଟ ପ୍ରଭାବ ପଡ଼ିଛି । କିନ୍ତୁ କଂଗ୍ରେସ ଲୋକେ ସେସବୁ ଦୁସ୍ଥ ଦୁର୍ଗତ ପ୍ରଜାମାନଙ୍କ କଥା ମନେ ରଖିଥିଲା ପରି କିଛି କାର୍ଯ୍ୟ ଦେଖାଯାଉ ନାହିଁ । ହୁଏତ ଭୋଟ ଦେବା ଫଳରେ କୌଣସି କୌଣସି ଠାରେ ଅନ୍ଧ ଦୁର୍ନୀତି ଚାଲିଥିବ । କେତେ ଠାରୁ ଉଡ଼ା ଖବର ମଧ୍ୟ ମିଳୁଛି । ସେଥିରୁ ଜଣାଯାଏ ପ୍ରଭାବଶାଳୀ ଲୋକେ ନିର୍ବାଚନରେ ଅକୃତକାର୍ଯ୍ୟ ହୋଇ ଲୋକଙ୍କ ଉପରେ ଦାଉ ସାଧିବାର ଆରମ୍ଭ କରିଛନ୍ତି । ଲୋକଙ୍କର ମେରୁଦଣ୍ଡ ଭାଙ୍ଗି ଦେବା ପାଇଁ ଉଦ୍ୟମ କରାଯାଉଅଛି । ଏ ଶୁଣା କଥା ସଂଭବ ହେଉଛି । କିନ୍ତୁ ସତ୍ୟ ବୋଲି କହିବାର କୌଣସି ପ୍ରମାଣ ଏବେ ବି କଂଗ୍ରେସ ବା ଜନସାଧାରଣଙ୍କ ପାଖେ ନାହିଁ ।

କଂଗ୍ରେସ, ବିଶେଷରେ ନିର୍ବାଚିତ ମେମ୍ବରମାନେ, ଏ ବିଷୟରେ ମୂଳରୁ ତତ୍ପର ହେବା ଉଚିତ୍ ଥିଲା । ନେତାମାନେ ଏହି ଦିଗରେ କାର୍ଯ୍ୟର ଯୋଜନା ପ୍ରସ୍ତୁତ କରି କର୍ମରେ ଅବତୀର୍ଣ୍ଣ ହେବା ସମସ୍ତେ ଆଶା କରିଥିଲେ । ଗୋଟିଏ ସମୂହ ଅନୁସଂଧାନର ଦୃଢ଼ ବ୍ୟବସ୍ଥା କରି ଶାଖା କମିଟିମାନ ବସାଇ ମେମ୍ବରମାନଙ୍କ ତତ୍ତ୍ୱାବଧାନରେ ଏ ସବୁର ସତ୍ୟାସତ୍ୟ ବାହାର କରି ପଦାରେ ପକାଇବାର ଚେଷ୍ଟା ନିତାନ୍ତ ଦରକାର । ଅନୁସଂଧାନ ନିମନ୍ତେ ଓ ସେହି ସୂତ୍ରରେ ଲୋକଙ୍କୁ ଜାଗ୍ରତ ରଖିବା କାମନାରେ କର୍ମୀ ଓ ନେତାମାନେ ସର୍ବଦା ଲୋକଙ୍କ ସଂପର୍କରେ ରହିବା ମଧ୍ୟ ଆବଶ୍ୟକ । ଗୋଟିଏ ନିର୍ବାଚନରେ ମାତ୍ର ଲୋକଙ୍କୁ ନାନା ଆଶା ଓ ଉତ୍ସାହ ଦେଇ ତତ୍କାଳିକ କାର୍ଯ୍ୟ ହାସଲ କରି ଏପରି ବସି ରହିବା ଅର୍ଥାତ୍ ପୁଣି ଲୋକଙ୍କୁ ପ୍ରତିଷ୍ଠିତ ବେଷ୍ଟନୀର କରାଳ କବଳରେ ଛାଡ଼ି ଦେବା

Digitized by PPRACHIN, SOA

ଶୋଭନୀୟ ନୁହେଁ । ଏବେ ମଧ୍ୟ ସମୟ ଅଛି । ବର୍ଷା କାଳର ବାଧାକୁ ନ ମାନି ମୁଖ୍ୟମାନେ ଏଥିପାଇଁ ବ୍ୟବସ୍ଥା କରନ୍ତୁ ।

ନବ ଭାରତ-୩/୧୦, ଆଲୋଚନା

ନୂତନ ରାଜଧାନୀ ଗଠନ

ଓଡ଼ିଶାର ଗଠନ କଳା -

ଶିଳ୍ପ ସ୍ଥାପତ୍ୟର ପ୍ରକୃତି ଓ ମାତ୍ରା ସଭ୍ୟତା ସଂସ୍କୃତିର ଏକ ଶ୍ରେଷ୍ଠ ନିଦର୍ଶନ । କଳ୍ପନା, ଗଠନ ଓ କାରୁକର୍ମ ବା ଚିତ୍ରଣ ଏଇ ଶିଳ୍ପ ତଥା ସ୍ଥାପତ୍ୟର ତିନୋଟି ଉପାଦାନ । ଦିନେ ଭାରତ ଏଇ ବିଦ୍ୟାରେ ନିଜର ସଂସ୍କୃତି କିପରି ପ୍ରକାଶ କରିଥିଲା ତାହା ଆଜି କହିବା ଦରକାର ନାଇଁ । ଭାରତର ପ୍ରାଚୀନ ସ୍ଥପତି କଳାର ଅବଶେଷ ତାହାର ନିଦର୍ଶନ । ପ୍ରାୟ ୫୦୦୦ ବର୍ଷ ପୂର୍ବର ସିଂଧୁ ସଭ୍ୟତାରେ ମଧ୍ୟ ତାହା ପୁଷ୍ଟ ଓ ପୁଷ୍କଳ । ଓଡ଼ିଶାର ହୁଏ ତ ଆଉ କିଛି ରହିନାଇଁ- ମାତ୍ର ଏଇ ସ୍ଥପତି କଳାର ଅବଶେଷ ଅଦ୍ୱିତୀୟ । ଦ୍ରାବିଡ଼ ଓ ମୋଗଲ କଳା ଦକ୍ଷିଣ ଓ ଉତ୍ତର ଭାରତରେ ବ୍ୟାପ୍ତ । ମାତ୍ର ଓଡ଼ିଶାର କଳା କୌଶଳ ଏ ଦୁଇଟିରୁ ଭିନ୍ନ ଗୋଟିଏ ବଳିଷ୍ଠ ଶୁଦ୍ଧ ଭାରତୀୟ ସଭ୍ୟତାର ପ୍ରତୀକ । ଗୁହା ମନ୍ଦିର ପ୍ରଭୃତି ଛାଡ଼ି ଦେଲେ ମଧ୍ୟ ପୁରୀ ଯାଜପୁରର ଅଠରନଳା ପୁଣି କାଠଯୋଡ଼ିର ପଥର ବନ୍ଧ ଏବର ସ୍ଥପତିମାନଙ୍କର ବିସ୍ମୟର ସାମଗ୍ରୀ । ଓଡ଼ିଶା ମନ୍ଦିରମାନଙ୍କର କଳ୍ପନାରେ ବିଶାଳତା ଓ ସାମଞ୍ଜସ୍ୟ, ଗଠନର ଦୃଢ଼ତା ସଂଗେ ବିନ୍ୟାସର ସୌଷ୍ଠବ, ପୁଣି ଆଭରଣରେ ଆହରଣ - ସୁଲଭ କମନୀୟ ସମୀଚୀନତା ବିଶେଷଜ୍ଞଙ୍କୁ ମଧ୍ୟ ମୁଗ୍ଧ କରେ । ଜାତିର ଏକ ଏକ ବିଶେଷତ୍ୱ ଥାଏ । ଆମେ ବରାବର କହୁ ଓଡ଼ିଆର ଏ ପରଂପରା ପ୍ରତିଷ୍ଠିତ ବିଶେଷତ୍ୱ ହେଉଚି କଳା - କୁଶଳତା ।

ସଂସ୍କୃତିର ପରାଧୀନତା ବର୍ଜନୀୟ -

ମାତ୍ର ଆଜି ତାର ଅବଶେଷ କାହିଁ ? ସେ ଦିଗରେ ବିକାଶର ଉଦ୍ୟମ ତ ଦୂରର କଥା। ପରାଧୀନର ନିଜତ୍ୱ ଠିକ୍ ଥାଏ, କେତେବେଳେ ଯାଏଁ ? ଯେତେବେଳେ ଯାଏଁ ସେ ବୁଝେ, ସେ ପରାଧୀନ । କେବଳ ଆର୍ଥିକ ବା ରାଜନୀତିକ ପରାଧୀନତା ମାନବକୁ ସହଜରେ ହତଜ୍ଞାନ କରେ ନାଇଁ । ସେଥିରେ ତାହାର ସ୍ୱାଧୀନତାର ବୋଧ ଲୋପ ପାଏ ନାଇଁ । ସେ ବୋଧ ଲୋପ ପାଏ କାହିଁରେ ? ସଂସ୍କୃତିରେ ପରାଧୀନତା ପଶିଲେ ସେ ବୋଧ ଲୋପ ପାଏ । ସେତିକି ବେଳେ ମନୁଷ୍ୟ ଯଥାର୍ଥ ପରାଧୀନ ହୁଏ । ସଂସ୍କୃତିର ପରାଧୀନତା ପୁଣି ପ୍ରକାଶ ପାଏ କାହିଁରେ ? ଯାବତୀୟ ସଂସ୍କାର ବା ଆଚାରରେ । ଏଥିରେ ହିଁ କଳା ସାହିତ୍ୟ ଠାରୁ ରୀତି ନୀତି, ଭୋଜନ ପାନ ପରିଧାନ ପ୍ରଭୃତିର ବିଧି ଅନୁଷ୍ଠାନ, କ୍ରିୟା କଳାପ ପର୍ଯ୍ୟନ୍ତ ସବୁ ଅଭିଭୂତ ହୁଏ । ଚୈତନ୍ୟ ପ୍ରଭାବ ପରେ ଓଡ଼ିଶାରେ

Digitized by PPRACHIN, SOA

କୌଳିନ୍ୟ ଓ ଦେବୀପୂଜାର ବିଭସ୍ତତା ଏଇପରି ସମାଜକୁ ଅଭିଭୂତ କରି ଆସିଥିଲା । ଆଜି ଇଂରେଜ ପ୍ରଭାବରେ ଭାରତ ସେଇପରି ଅଭିଭୂତ । ଓଡ଼ିଶା ଭାରତରୁ ବାହାରେ ନୁହେଁ । ପୁଣି ଓଡ଼ିଶା ସାକ୍ଷାତ୍ ଧାରାରେ ମଧ ଇଂରେଜ ଦ୍ୱାରା ଅଭିଭୂତ ନୁହେଁ କହିଲେ ଚଳେ ।

ହେଲେ ହେଁ, ଭାରତର ଆଜି ଆତ୍ମବୋଧ ଫୁଟୁଛି । କଳା ସାହିତ୍ୟ ଚିତ୍ରଣ ସ୍ଥାପତ୍ୟ ପ୍ରଭୃତିରେ ଏକ ନୂତନ ଜାଗରଣ ଦେଖା ଦେଉଚି । ବିଭିନ୍ନ ମୌଳିକ ଆଦର୍ଶର ପ୍ରଭାବରେ ନାନା ଭାବରେ ଭାରତରେ ଆତ୍ମବୋଧ ଓ ଆତ୍ମବିକାଶର ପ୍ରଚେଷ୍ଟା ଦେଖାଯାଉଚି । ନୂତନ ଜାତୀୟ ଜୀବନର ଏହା ହିଁ ଲକ୍ଷଣ । ପରଂପରା ହିଁ ଜାତୀୟ ଆତ୍ମବୋଧର ଭିତ୍ତି । ଏହା ହିଁ ସାମାଜିକ ସଂସ୍କୃତିର ମେରୁଦଣ୍ଡ । ଶିକ୍ଷାର କ୍ରମ ପରିଣାମରେ ସଂସ୍କୃତିର ଭୂୟୋବିକାଶ । ସମାଜର ପରଂପରା ବିନା ଏହା ସଂଭବ ନୁହେଁ । ପୂର୍ବର ଶିକ୍ଷା ପରବର୍ତ୍ତୀ କାଳର ସଂପଦ ନହେଲେ ଉନ୍ନତି ସଂଭବ ନୁହେଁ। ପୁଣି ସମାଜ ବିନା ପରିସର ଅଭାବରେ ତାହା ଲୁପ୍ତ ହେବ। ଏଣୁ ପରଂପରାରେ ପ୍ରତିଷ୍ଠିତ ସଂସ୍କୃତି ଧାରାକୁ ସର୍ବଦା ଲକ୍ଷ୍ୟ କରି ସମାଜର ଗତି ନିୟମିତ କରିବାକୁ ହୁଏ। ଏଇ ପରଂପରାରେ ପୁଣି ମାନବର ବୃତ୍ତ ମାର୍ଜିତ ହୋଇ ନିୟତ ଆଭିମୁଖ୍ୟ ଧରେ। ଏଥିରେ ହିଁ 'ସ୍ୱଧର୍ମ' ପ୍ରକାଶ ପାଏ ବୋଲି ଶାସ୍ତ୍ର କହନ୍ତି। ତେଣୁ ଭାରତବାସୀ ଆଜି ଏଇ ସ୍ୱଧର୍ମ ଧାରା ଧରି ପ୍ରଚେଷ୍ଟାରେ ଲାଗିବାର ଦେଖାଯାଉଚି । ଓଡ଼ିଆର ଏଇ ସ୍ୱଧର୍ମର ଏକ ବିଶେଷ ଉପାଦାନ ହେଉଚି ସ୍ଥପତି କଳା।

ବର୍ତ୍ତମାନ ଭାରତର ଗଠନ କଳା –

ଏକା ଓଡ଼ିଆର ନୁହେଁ, ଓଡ଼ିଆର ଏଇ ସ୍ଥପତି କଳାରେ ଏକ ବିଶେଷତା ଥିଲା ସତ, ମାତ୍ର ଭାରତର ସର୍ବତ୍ର ଏଇ କଳାର ପ୍ରଖ୍ୟାତି ଚିରନ୍ତନ । ହେଲେହେଁ, ମନ୍ଦିର ମସ୍‌ଜିଦ୍ କବର ପ୍ରଭୃତି ସ୍ଥାୟୀ ସ୍ଥାପତ୍ୟର ନିଦର୍ଶନ ଛଡ଼ା, ଏ କଳାର ସ୍ପଷ୍ଟ ଚିହ୍ନ ଏବେ କିଛି ନାହିଁ। ଏବେ ବଡ଼ ବଡ଼ ସହର, ସରକାରୀ ଘର ପ୍ରଭୃତି ଦେଖିଲେ ସେଥିରୁ ଭାରତ ଚିହ୍ନା ଯିବନାହିଁ । ସେ ସବୁରେ ସ୍ଥାପତ୍ୟର ନିର୍ଦ୍ଦିଷ୍ଟ ଆଦର୍ଶ ନାହିଁ। ତାହା ଏକ ବିଭସ୍ତ ମିଶ୍ରଣ। ଏବେ କଳା ବିଦ୍ୟାଳୟମାନଙ୍କରେ ଯାହା ଶିଖା ହୁଏ, ସେ ସବୁରେ ମଧ କୌଣସି ଶୃଙ୍ଖଳା ନାହିଁ ବୋଲି କଳା ବିଶେଷଜ୍ଞଙ୍କର ମତ। ଏଥିରେ ଅସାମଞ୍ଜସ୍ୟ ଆଜି ଆମ ଦୃଷ୍ଟିରେ ପଡ଼େ ନାହିଁ । କାହିଁକି ? ପରାଧୀନତାରେ ଅଭିଭୂତ ହେଲେ ଏହା ହିଁ ହୁଏ । ଏ ଅବସ୍ଥାରେ ମାନବର ବିଶ୍ୱରାଜ୍ୟରେ ନୂତନ ଗଢ଼ିବାର ବୃତ୍ତି ନଷ୍ଟ ହୁଏ; ନିଜର ଯଥାର୍ଥ ଆତ୍ମବିକାଶ ଭ୍ରଷ୍ଟ ହୁଏ । ନୂତନ ଗଢ଼ିବାର ବୃତ୍ତି ହିଁ ଆତ୍ମବିକାଶର ଲକ୍ଷଣ । ଏଇ ନିତ୍ୟ ମାନବୀୟ ନୀତିକୁ ଲକ୍ଷ କରି ବଡ଼ଲାଟ ପଦ ଗ୍ରହଣ କଲାବେଳେ ନିଜର ବେତାର ପ୍ରଚାର ବାଣୀରେ ଲର୍ଡ ଲିନ୍‌ଲିଥ୍‌ଗୋ ଯଥାର୍ଥ କହିଥିଲେ :-

Digitized by PPRACHIN, SOA

"ବର୍ତ୍ତମାନ ଭାରତରେ ଯେଉଁ ଘୋର ରାଜନୀତିକ କ୍ରିୟା ପରଂପରା ଦେଖା ଯାଉଚି, ତାହାର ପରିଣାମରେ ଯଦି ଜାତୀୟ କଳା ଓ ସାହିତ୍ୟ କ୍ଷେତ୍ରରେ ନୂତନ ଗଠନ ପ୍ରବଣତା ଜାଗିଉଠେ, ତେବେ ସର୍ବ ଦେଶରେ ସର୍ବ କାଳରେ ଯଥାର୍ଥ ସ୍ୱାଧୀନତାପ୍ରେପ୍ସୁ ଜାତିମାନେ ଯାହା କରନ୍ତି, ଭାରତରେ ତାହାହିଁ ହେଉଚି ବୋଲି ବୁଝାଯିବ।"

ସେ ପୁଣି ମଧ୍ୟ କହିଚନ୍ତି, "ମୁଁ ସେଇ ବିଭାବ ଉଦ୍‌ବୁଦ୍ଧ କରିବାରେ ସାହାଯ୍ୟ କରିପାରିଲେ, କୃତାର୍ଥ ହେବି ।" ଉଦ୍ଦେଶ୍ୟର ଏ ପ୍ରକାଶ ସାଧୁ ସଂଦେହ ନାହିଁ । ମାତ୍ର ଦିଲ୍ଲୀ ପରି ବିରାଟ ସ୍ଥାପତ୍ୟ ବ୍ୟାପାର ଲିନ୍‌ଲିଥ୍‌ଗୋଙ୍କ ପୂର୍ବରୁ ହୋଇଯାଇଚି। ସେଥିରେ ଇଂରେଜ ସ୍ଥପତିବର ଇଟାଲୀୟ ସ୍ତମ୍ଭ ଗରିମା ଓ ପାରସ୍ୟ ଗଂମ୍ବୁଜ ବିଭବ ସଂଗେ 'ସାଂଚି'ର ପଥର କଟା ବାଡ଼ର ଦୁର୍ବିଚିନ୍ତ୍ୟ ମିଶ୍ରଣରେ ଯେଉଁ ସାରୁ ଚୁଙ୍ଗୁଡ଼ିପକା ତାଡ଼ିଆ ମହାପ୍ରସାଦ ତିଆରି କରିଚନ୍ତି, ତାହା ଲାଟଭବନ, ଅମଲାଖାନା ଓ ବ୍ୟବସ୍ଥା ମଣ୍ଡପରେ ବେଶ୍ ଦେଖାଯାଏ। କିନ୍ତୁ ଏବେ ଓଡ଼ିଶାର ରାଜଧାନୀ ପାଇଁ ବେଶୀ ନହେଲେ ଅନ୍ତତଃ ୫୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ଏଥିରୁ ପ୍ରାୟ ସବୁ ଭାରତ ସରକାର ଦେଇଚନ୍ତି । ପରେ ହୁଏତ ପ୍ରଦେଶ ଧନରୁ କ୍ରମେ ଆଉରି ମଧ୍ୟ ଖର୍ଚ୍ଚ ହେବ। ଓଡ଼ିଆଙ୍କର ସ୍ଥାପତ୍ୟରେ ପରଂପରା ଅଛି। ଏ କ୍ଷେତ୍ରରେ ତାଙ୍କ ନୂତନ ଗଠନ ପ୍ରବଣତା ଜାଗ୍ରତ କରି କାର୍ଯ୍ୟରେ ଲଗାଇବାର ଉଦ୍ୟମ ଏବେ ଏକାନ୍ତ କର୍ତ୍ତବ୍ୟ, ଲିନ୍‌ଲିଥ୍‌ଗୋ କହିଚନ୍ତି। ମାତ୍ର ଓଡ଼ିଆ ଏହା କରିବେ । ଓଡ଼ିଶାର ସରକାର ଏହା କରାଇବେ । ଏହା ସର୍ବଥା ମନେ ରଖିବା ଉଚିତ।

ଓଡ଼ିଶାର ସ୍ଥପତି ବଂଶ ଏବେ ଜୀବିତ –

ଏଇ ଓଡ଼ିଶାରେ ମଧ୍ୟ ସ୍ଥପତି ବଂଶ ଏବେ ଲୋପ ପାଇ ନାହାନ୍ତି । ଭୁବନେଶ୍ୱରର ସ୍ଥପତିବର ବୈରାଗୀ ମହାରଣା ୩୮ ବର୍ଷ ତଳେ ବଂଗ ଲାଟ୍ ସର ଜଜ୍ ଉଡ୍‌ବର୍ଣ୍ଣଙ୍କ ଠାରୁ କଳା ପାରଗତା ହେତୁ ପଦକ ପାଇଥିଲେ । ସେ ବୃଦ୍ଧ ହେଲେ ହେଁ ଏବେ ଜୀବିତ । ସେଇ ଭୁବନେଶ୍ୱରରେ ମଧ୍ୟ ଶିଳ୍ପାଚାର୍ଯ୍ୟ ଦାମୋଦର ମହାରଣା ଏବେ ଯୁବକ । ମାତ୍ର ସେମାନଙ୍କ ପରଂପରା ଲବ୍ଧ ସ୍ଥାପତ୍ୟରେ ଯୁଗୋଚିତ କଳା ନିୟମ ଓ ସାମଗ୍ରୀର ବ୍ୟବହାର ମିଶାଇ ନେବା ଦରକାର ହୋଇପାରେ ସତ, ମାତ୍ର ବେଷ୍ଟନୀରେ ପରଂପରା ବିକାଶ କରାଇବାରେ ସେଇଭଳି ସ୍ଥପତିମାନଙ୍କ ସାହଚର୍ଯ୍ୟ ଓ ସହଯୋଗ ନିତାନ୍ତ ଦରକାର ।

ଭାରତର ଶିଳ୍ପୀ ଶ୍ରୀଶଚନ୍ଦ୍ର –

ପୁଣି କଲିକତାର ଶିଳ୍ପବିଶାରଦ ଶ୍ରୀଶଚନ୍ଦ୍ର ଚାଟର୍ଜୀଙ୍କ ନାମ ଏ କ୍ଷେତ୍ରରେ ଉଲ୍ଲେଖଯୋଗ୍ୟ। ସେ ମହାଶୟ ଭାରତୀୟ ଭାସ୍କର୍ଯ୍ୟ ମଧ୍ୟରେ ଓଡ଼ିଶାର ସ୍ୱାତନ୍ତ୍ୟ ହିଁ ପସନ୍ଦ କରନ୍ତି । ନବ ବେଷ୍ଟନୀ ଓ ନବ ସାମଗ୍ରୀରେ ସେଇ ଓଡ଼ିଶା ସ୍ଥାପତ୍ୟର ସ୍ୱାତନ୍ତ୍ୟ ଫୁଟାଇବାରେ ସେ ସର୍ବତ୍ର ବିଦିତ ଓ ପୃଥିବୀ ବିଖ୍ୟାତ। ନୂଆଦିଲ୍ଲୀରେ ହିନ୍ଦୁ ସଭାଭବନ

Digitized by PPRACHIN, SOA

ତଥା ମନ୍ଦିରରେ ସେ ସେଇ କଳା ପାଣ୍ଡିତ୍ୟ କାର୍ଯ୍ୟରେ ଦେଖାଇଚନ୍ତି। ପଣ୍ଡିତ ମଦନ ମୋହନ ମାଳବ୍ୟଙ୍କ କଳ୍ପିତ ବିଂଶତିଲକ୍ଷ ମୁଦ୍ରା ବ୍ୟୟରେ ଯେଉଁ ହିନ୍ଦୁ ମନ୍ଦିର କାଶୀ ନଗରୀରେ ହେବାର କଥା, ତାହାର ଶିଳ୍ପନିୟନ୍ତା ମଧ୍ୟ ସେଇ ଶ୍ରୀଶଚନ୍ଦ୍ର। ଭାରତରେ ସୁବିଧା ପାଇଲେ ଏଇପରି କେତେ ଶ୍ରୀଶଚନ୍ଦ୍ର ବାହାରି ପାରନ୍ତି। ମାତ୍ର ବର୍ତ୍ତମାନ ସବୁ ବିଷୟରେ ପାଶ୍ଚାତ୍ୟ ପୁଣି ବିଶେଷରେ ଇଂରେଜ କଳା ସଂସ୍କୃତିର ଏ ଦେଶରେ ଯେଉଁ ଅନ୍ଧ ଆଦର ଓ ପ୍ରତିପତ୍ତିର କୃତ୍ରିମ ପରଂପରା ଭର୍ତ୍ତି କରାହେଉଚି, ସେଥିରେ ଦେଶୀ ପ୍ରତିଭା ଫୁଟିବା ଦୁଷ୍କର। ସବୁ କ୍ଷେତ୍ରରେ ଯେପରି ଏ କ୍ଷେତ୍ରରେ ମଧ୍ୟ ସେଇପରି ବିଦେଶୀୟ ରକ୍ଷିତ ସ୍ୱାର୍ଥ ଏ ଦେଶର ଅସ୍ଥି ମଜ୍ଜା ଗ୍ରାସ କରୁଚି । ଏବେ ଦେଶର ନବ ଜାଗରଣ ଯୁଗରେ ସେସବୁର ପ୍ରତିବିଧାନ ହେବା ଉଚିତ ।

ଇଂରେଜ କଳାର ଅନୁକୃତି ଅସ୍ପୃହଣୀୟ –

କେବଳ ଜାତୀୟତାର ପ୍ରାଣ ପ୍ରତିଷ୍ଠିତ ଭାବରେ ଏହା କୁହାଯାଉନାହିଁ । ବାସ୍ତବରେ ଭାରତ ଶିଳ୍ପ ତଥା ସ୍ଥାପତ୍ୟର ଯେ ବିଶେଷତା ଅଛି ତାହା ଏକ ଦୁର୍ଲ୍ଲଭ ବସ୍ତୁ । ଇଂରେଜ କଳାରେ ତାହାର ତୁଳନା ନାହିଁ ବୋଲି ବିଶେଷଜ୍ଞଙ୍କ ମତ। ଲଣ୍ଡନର କଳା ସମାଜ (Society of Arts) ରେ ଶିଳ୍ପ ବିଶାରଦ ହେନରି କୋଲ ଜେମସ୍ ଫର୍ଗୁସନ୍ ସାହେବଙ୍କ ଭାରତ କଳା ସଂବଂଧୀୟ ପ୍ରବନ୍ଧାବଳୀ (Essays on Indian art) ଆଲୋଚନା କରିବାରେ ଭାରତୀୟଙ୍କର ଇଉରୋପୀୟ କଳା ଅନୁକରଣକୁ ଘୋର ନିନ୍ଦା କରିଥିଲେ। ସେ କହିଥିଲେ- "ବାସ୍ତବରେ ଭାରତୀୟର ଇଉରୋପୀୟ ଶିଳ୍ପ ଅନୁକରଣ କରିବାର ଉଦ୍ୟମ ଭଳି ଜଘନ୍ୟ କଥା ଆଉ କିଛି ନାହିଁ। କଳାରେ ଆମେ ଭାରତୀୟଙ୍କୁ ଯେତେ ଶିଖାଇବୁ ତାଠାରୁ ବେଶୀ ତାଙ୍କ ଠାରୁ ଆମର ଶିଖିବାର ଅଛି । ଭାରତୀୟ କଳା ବିଦ୍ୟାରେ ପାଶ୍ କରିବା ଭଳି ସମସ୍ତ ଇଉରୋପରୁ ଅଧ ଡଜନେ ଶିଳ୍ପୀ ବାହାରିବେ କି ନା ସଂଦେହ ।" ଅନ୍ୟ ବକ୍ତାମାନେ ଏଇ ମତ ହିଁ ପ୍ରକାଶ କଲେ । ଶେଷକୁ ପ୍ରସ୍ତାବ ହେଲା – "ଭାରତର ବିରାଟ ସ୍ଥାପତ୍ୟର ପରଂପରା ରଖିବାରେ ଇଂରେଜ ସରକାର ତତ୍ପର ହୁଅନ୍ତୁ ।" ଫର୍ଗୁସନ୍ ସାହେବ ଯଥାର୍ଥ କହିଚନ୍ତି – "ଶିଳ୍ପ ଶିକ୍ଷାର୍ଥୀ ଭାରତ ଶିଳ୍ପରେ ହିଁ ଶିଳ୍ପ ନୀତିର ଜୀବନ୍ତ ବିକାଶ ଲକ୍ଷ୍ୟ କରିବାକୁ ସମର୍ଥ ହେବେ । ଭାରତର ନିଖୁଣ ତଥା ବିଶାଳ ସ୍ଥାପତ୍ୟ ଦେଖିଲେ ବୁଝାଯାଏ ଇଉରୋପ ଶିଳ୍ପୀର ଭ୍ରାନ୍ତି କିପରି ପ୍ରଣାଳୀରେ ନିୟତ ଭାବରେ ନିରାକରଣ କରାଯାଇପାରେ।"

ଭାରତ ଶିଳ୍ପ ଲୋପ ପାଇ ନାହିଁ –

ଭାରତରେ ଶିଳ୍ପର ପରଂପରା କେବଳ ଲୋପ ପାଇନାହିଁ ନୁହେଁ, ଏବେ ବି ଜୀବନ୍ତ ଅଛି । ଇଲୋରା ଭୁବନେଶ୍ୱର ଠାରୁ ତାଜମହଲ ପର୍ଯ୍ୟନ୍ତ ସବୁ ସେଇ ଜୀବନ୍ତତାରେ

Digitized by PPRACHIN, SOA

ଉଜ୍ଜ୍ୱଳ । ମୋଗଲ ସ୍ଥାପତ୍ୟରେ ମଧ୍ୟ ଆଗତ ସାମଗ୍ରୀ ଓ ନିୟମରେ ଭାରତ ଶିଳ୍ପର ଜୀବନ୍ତ ଭୂୟୋବିକାଶ ଦେଖିଲେ ବିସ୍ମିତ ହେବାକୁ ହୁଏ । ଏପରି କି ନୂଆ ଦିଲ୍ଲୀର ବିରାଟ ଶିଳ୍ପ ସ୍ତୂପ ମଧ୍ୟରେ ଠାଏ ଠାଏ ଯେଉଁଠାରେ ଭାରତ ଶିଳ୍ପୀ ସ୍ୱାଧୀନ ଭାବରେ ଟିକିଏ ପ୍ରତିଭା ଫୁଟାଇବାର ଅବକାଶ ପାଇଚି, ସେ ସବୁର ଅକୃତ୍ରିମତା ସ୍ୱତଃ ଦୃଷ୍ଟି ଆକର୍ଷଣ କରିଥାଏ । ମାତ୍ର ନିୟତିର କରାଳତା ମଧ୍ୟରେ ସେ ଅବକାଶ ଭାରତୀୟକୁ ମିଳୁ ନାହିଁ । ରକ୍ଷିତ ସ୍ୱାର୍ଥର ପେଷଣରେ ଭାରତର ଶିଳ୍ପ ମଧ୍ୟ ପେଷି ହୋଇଯାଉଛି ।

ବିଶେଷ ପାଶ୍ଚାତ୍ୟ ମତ -

ଏବେ କିଛିଦିନ ତଳେ ଆମେରିକାର ନିୟୁୟର୍କ ସହରର ରୋରିଚ (Roerich) ମିଉଜିୟମରେ ଭାରତ ଶିଳ୍ପର ନମୁନା ଦେଖାଇବାକୁ ଭାରତୀୟ ଶିଳ୍ପୀ ଶ୍ରୀଶଚନ୍ଦ୍ର କେତେଗୁଡ଼ିଏ ଚିତ୍ର ଦେଇଥିଲେ । ଡାକ୍ତର ହାର୍ଭେ ଉଇଲି କର୍‌ବେଟ୍ (Dr Harvey wiley Corbett) ସେଇ ସେଇ ଚିତ୍ର ମଧ୍ୟରୁ କେତେକର ପ୍ରତିକୃତି ଦେଇ ଆମେରିକାର ଆର୍କିଟେକଚର (Architecture) କାଗଜରେ ଏକ ପ୍ରବନ୍ଧ ଲେଖିଥିଲେ । ଏଇ କର୍‌ବେଟ୍ ପୁଣି ୧୯୩୩ରେ ଚିକାଗୋରେ ହୋଇଥିବା ପୃଥିବୀର ଶିଳ୍ପ ସମ୍ମିଳନୀ (World's fair)ର ସଭାପତି ଥିଲେ। ସେ ପ୍ରବଂଧରେ ସେ କହିଥିଲେ-

"We of the west, especially here in the United states. concerned primarily with our own progress, commercial and cultural, immersed in our own problems and dificulties, are hardly conscious of India with her teeming population two or three times the size of our own. Here is the oldest continuing civilisation of which we have a record, architecture, sculpture. painting, crafts. which have been slowly developing through the centuries while we pride ourselves on our achievements of 200 years at the most."

"India is threatened by the march of Western civilisation. The world may lose so much of real value in art, philosophy spiritual force, that we should look with interest and keen attention to the effort now being successfully made by Mr. Sris Chandra Chatterjee to establish a real renaissance of Indian architecture for his own country."

"Mr. Chatterjee is a man of broad culture, has travelled extensively and knows what is best in Western science and engineering. But he also realises that the true functional expression of a people rests in their architecture and allied arts. Their spiritual

Digitized by PPRACHIN, SOA

and philosophic beliefs are best expressed through this medium. While he realises that India must come abreast of modern trends in town planning, sanitation and commercial development, he still knows that through the preservation of her arts. she will retain her individuality as a people, and therefore, retain for the world those rare qualities of spiritual value which the onrush of Industrialism has so seriously threatened."

"He goes far beyond a simple theory as to what an architectural renaissance would mean in India. As a practising architect he has erected many buildings in which he definitely shows not only a keen sense of rational plan arrangement fitting modern needs but great architectural skill in retaining and adapting motiffs which recall beautifully the best of Indian art and yet are not lacking in originality ... He Possesses that rare faculty of seeing his problems from a broad constructive angle and at the same time deals with the most minute details of sculpture and ornament with studied care and characteristic spirit."

ଅର୍ଥାତ୍ - "ଆମେ ପାଶ୍ଚାତ୍ୟ ମାନେ, ବିଶେଷରେ ଇଉନାଇଟେଡ୍ ଷ୍ଟେଟସ୍ ଲୋକେ, ଆମରି ବାଣିଜ୍ୟ ଓ ସଂସ୍କୃତିର ଉନ୍ନତି ଘେନି ମୂଳତଃ ବିବ୍ରତ । ଆମରି ସମସ୍ୟା ମାନଙ୍କର ସମାଧାନରେ ବୁଡ଼ି ରହି ଭାରତ କଥା ଜାଣୁ ନାହୁଁ । କିନ୍ତୁ ଭାରତରେ ଆମଦେଶପରି ୨ଟା ବା ୩ଟାର ଲୋକ ଅଛନ୍ତି। ଇତିହାସ ଯେତେ ସଭ୍ୟତା ଜାଣେ ସେଥିରେ ଭାରତର ସଭ୍ୟତା ପ୍ରାଚୀନତମ । ଗଠନ ବିଦ୍ୟା, ସ୍ଥାପତ୍ୟ, ଚିତ୍ରକଳା ଓ ବ୍ୟବହାର ଶିଳ୍ପ ସେ ଦେଶରେ ବହୁ ଶତାବ୍ଦୀ ଧରି ବିକାଶରେ ବଢୁଛି । କିନ୍ତୁ ଆମେ ମାତ୍ର ଦୁଇଶ ବର୍ଷର କୁଶଳତା ଘେନି ଆତ୍ମହରା।"

"ପାଶ୍ଚାତ୍ୟ ସଭ୍ୟତାର ଆକ୍ରମଣରେ ଭାରତ ତ୍ରସ୍ତ। ଫଳରେ ଶିଳ୍ପ, ଦର୍ଶନ ଓ ଆଧ୍ୟାତ୍ମିକ ଶକ୍ତିରେ ପୃଥିବୀ କେତେ ଯେ ହରାଇବ ତାହାର କଳନା ନାହିଁ। ତେଣୁ ଶ୍ରୀଯୁକ୍ତ ଶ୍ରୀଶଚନ୍ଦ୍ର ଚାଟାର୍ଜୀ ନିଜ ଦେଶ ନିମନ୍ତେ ଭାରତୀୟ କଳାର ପୁନରୁ ।ନ ପାଇଁ ଯେ ସଫଳ ଉଦ୍ୟମ ଆରମ୍ଭ କରିଛନ୍ତି ତାହା ସର୍ବଥା ଆଦର ଓ ପ୍ରଣିଧାନ ଯୋଗ୍ୟ।"

"ଶ୍ରୀଯୁକ୍ତ ଚାଟର୍ଜିଙ୍କ ସଭ୍ୟତାର ସଂସ୍କାର ସୁବିସ୍ତୀର୍ଣ୍ଣ। ସେ ବହୁଦେଶ ବୁଲିଛନ୍ତି ଓ ପାଶ୍ଚାତ୍ୟ ବିଜ୍ଞାନ ଓ ଗଠନ ବିଦ୍ୟା ଭଲ ଜାଣନ୍ତି। ହେଲେ ହେଁ ସେ ବୁଝନ୍ତି ସ୍ଥାପତ୍ୟ ଓ ତଦ୍‌ବିଧ କଳାମାନଙ୍କରେ ଜାତି ବିଶେଷର ଯଥାର୍ଥ ଆତ୍ମବିକାଶ ଫୁଟେ। ସେମାନଙ୍କର ଆଧ୍ୟାତ୍ମିକ ଓ ଦାର୍ଶନିକ ବିଶ୍ୱାସମାନ ଏଇଥିରେ ଯଥାର୍ଥ ଆତ୍ମପ୍ରକାଶ କରେ । ନଗର

Digitized by PPRACHIN, SOA

ନିର୍ମାଣ ବିଧି, ସ୍ୱାସ୍ଥ୍ୟ ସାଧନ ଓ ବାଣିଜ୍ୟ ବିକାଶରେ ଭାରତ ଯେ ବର୍ତ୍ତମାନ ଧାରାରେ ପୃଥିବୀ ସଙ୍ଗେ ସମାନ ହୋଇ ଚାଲିବ ଏହା ସେ ବୁଝିଛନ୍ତି, ତଥାପି ସେ ଜାଣନ୍ତି ତାହାର ସଂରକ୍ଷଣରେ ହିଁ ଭାରତ ନିଜର ଜାତୀୟ ବ୍ୟକ୍ତିତ୍ୱ ରଖିବ ଓ ଏହି ସୂତ୍ରରେ କାରଖାନା ନୀତିରେ ପୃଥିବୀର ଏ ପ୍ଲାବନ ବେଳେ ଭାରତ ଜଗତ ପାଇଁ ଏପରି ଜିନିଷ ରଖିଦେବ, ଯାହାର ଆଧ୍ୟାତ୍ମିକ ମୂଲ୍ୟ ସଭ୍ୟତା ବିକାଶରେ ଅତୀବ ସ୍ପୃହଣୀୟ।"

"ଭାରତର ଗଠନ- ଶିଳ୍ପର ଏ ନବୋତ୍ଥାନର ଅର୍ଥ କ'ଣ ସେ ବିଷୟରେ ତାଙ୍କ ଦୃଷ୍ଟି ବଡ଼ ସୀମାବଦ୍ଧ ନୁହେଁ, ଏହା ବିସ୍ତୀର୍ଣ୍ଣ । ସେ ଅନେକ ଘର ମନ୍ଦିରାଦି ଗଢ଼ିଛନ୍ତି । ସେଥିରେ ସେ ବର୍ତ୍ତମାନର ଯୁକ୍ତିଯୁକ୍ତ କଳ୍ପନା ଓ ବିନ୍ୟାସ ଦେଖାଇବା ସଙ୍ଗେ ସଙ୍ଗେ ଭାରତ କଳାରେ ଯେ ସବୁ ବିଶେଷତା ଅଛି, ତାହାର ସାମଞ୍ଜସ୍ୟମୟ ନିବେଶରେ ଅତ୍ୟନ୍ତ ନିପୁଣତା ଦେଖାଇଛନ୍ତି, ପୁଣି ସେଥିରେ ମୌଳିକତା ମଧ୍ୟ ପୂରି ରହିଛି । ଶିଳ୍ପର ସମସ୍ୟାରେ କଳ୍ପନାର ବିଶାଳତା ସଙ୍ଗେ ବିନ୍ୟାସ ଓ ଆଭରଣର ସୂକ୍ଷ୍ମତାର ଅଙ୍ଗାଙ୍ଗୀ ମିଳନ ବିନା ସମାଧାନ ସଂଭବ ନୁହେଁ। ଏ ସମାଧାନ ଫୁଟାଇବାରେ ତାହାଙ୍କର ବଳିଷ୍ଠ ପ୍ରଯତ୍ନ ଓ ସମୀଚୀନ ପୁରୋଦୃଷ୍ଟି ପ୍ରଶଂସନୀୟ ।"

ଏତିକି ନୁହେଁ । ତାଙ୍କ ସଂବଂଧରେ ପାଶ୍ଚାତ୍ୟ କଳାପଣ୍ଡିତମାନେ ଏହିପରି ସୁନ୍ଦର ମତ ସବୁ ଅନେକ ପ୍ରକାଶ କରିଛନ୍ତି । ହେଲେହେଁ ଶ୍ରୀଶଚନ୍ଦ୍ର ପୃଥିବୀର ସଭ୍ୟ ଦେଶମାନ ବୁଲି ଭାରତ କଳାର ବିଶେଷତା ଏବେ କିପରି କାର୍ଯ୍ୟରେ ଲାଗିବ ତାହା ପ୍ରଚାର କରି ଦେଖାଇଛନ୍ତି ବୋଲି ଏସବୁ ମତ ତାଙ୍କ ସଂବଂଧରେ ଦେଖାଯାଉଛି । ମାତ୍ର ଏ ପୁରାଣପ୍ରସିଦ୍ଧ ଭୂମିରେ କେତେ ଯେ ଶିଳ୍ପୀ ସ୍ଥପତି ଦାୟାଦ 'ବନର ମାଳତୀ' ପରି ଫୁଟୁଛନ୍ତି, କିଏ କହିବ ?

ନୂତନ ଓଡ଼ିଶାରେ ନୂତନ ରାଜଧାନୀ ହେଉ -

ଆମେ ଜାଣୁ ଶ୍ରୀଶଚନ୍ଦ୍ର ଭାରତ ଶିଳ୍ପର ସେବକ ହେଲେହେଁ, ଭାରତ ଶିଳ୍ପରେ ଉତ୍କଳକୁ ମୁଖ୍ୟ ସ୍ଥାନ ଦିଅନ୍ତି । ତାଙ୍କର ଲେଖା ଓ ବ୍ୟାଖ୍ୟାନ ମାନଙ୍କରେ ଭୁବନେଶ୍ୱରର ଶିଳ୍ପାଚାର୍ଯ୍ୟ ଦାମୋଦରଙ୍କ ସ୍ମୃତି ଯେପରିକି ସହଜ ଓ ଜାଗରୁକ ଥିବାର ଦେଖାଯାଏ । ପୁଣି ତାଙ୍କ କଳ୍ପିତ ଓ ଗଠିତ ଗୃହ ମନ୍ଦିରାଦିରେ ପ୍ରାଚୀନ ଓଡ଼ିଆ ଶିଳ୍ପର କଳା ବିନ୍ୟାସ ଯେପରି ସ୍ପଷ୍ଟ ସେଥିରେ ଆମେ କହୁଁ, କଟକର କଳ୍ପନା ଓ ଗଠନର ଭାର ଦେବା ନିମନ୍ତେ ତାହାଙ୍କୁ ଅଧ୍ୟକ୍ଷରୂପେ, ନିମନ୍ତ୍ରଣ କରାଯାଉ; ତାଙ୍କ ସଙ୍ଗେ କୌଣସି ଇଉରୋପୀୟ ବିଶେଷଜ୍ଞ ମଧ୍ୟ ରହନ୍ତୁ । ମୋଗଲ, ଦ୍ରାବିଡ଼, ବିଶେଷରେ ଓଡ଼ିଆ ଶିଳ୍ପର କାରିଗରମାନେ ନିଯୁକ୍ତ ହୁଅନ୍ତୁ । ନୂଆ ପ୍ରଦେଶରେ ନୂଆ ରାଜଧାନୀ କ୍ଷୁଦ୍ର ହେଲେହେଁ, ଓଡ଼ିଶାର ତଥା ଭାରତର ସଂଚିତ ଗୌରବର ଭୂୟୋବିକାଶରେ ଫୁଟି ଉଠୁ ।

ନବ ଭାରତ-୩/୯, ଆଲୋଚନା

Digitized by PPRACHIN, SOA

ଭାଷା ସୂତ୍ରରେ ପ୍ରଦେଶ ଗଠନ

କଂଗ୍ରେସ ନୀତି -

ଭାଷା ସୂତ୍ରରେ ଭୂମିଧରି ରହିବା ଏ ଯୁଗରେ ମାନବର ସାମାଜିକ ପ୍ରଗତିର ଶ୍ରେଷ୍ଠ ଉପାଦାନ । ଭାରତ କଂଗ୍ରେସ ପରାଧୀନ ଥିଲାବେଳେ ଏହା ଖୁବ୍ ବୁଝିଥିଲା । ବିଶେଷରେ ଓଡ଼ିଶା ପରି ପ୍ରଦେଶ, କଂଗ୍ରେସର ଏଇ ନିଷ୍ପତ୍ତିରେ ଉତ୍ସାହିତ ହୋଇ ଭାରତର ସ୍ୱାଧୀନତା ପାଇଁ ପ୍ରାଣପାତ କରି ଲଢ଼ିବାରେ ଲାଗିଯାଇଥିଲା । ଏବେ ଦେଖାଯାଉଚି, ପରାଧୀନ ଭାରତର ତ୍ୟାଗପୂତ କଂଗ୍ରେସ ବିଦାୟ ନେଲାପରେ ଭୋଗନିଷ୍ଠ ଚାତକମାନେ କଂଗ୍ରେସର ଅନ୍ୟ ଅନେକ ନୀତି ସଂଗେ ଏଇ ଭାଷାସୂତ୍ରରେ ପ୍ରଦେଶ ଗଠନ ନୀତିକୁ 'ପୋଥିବାଇଗଣ' କଲେଣି ।

ରାଜେନ୍ଦ୍ରଙ୍କ କମିସନ -

ଖାଲି କଂଗ୍ରେସ ନୀତିକୁ ମାନୁଚି ବୋଲି କହି ପଟା ଟୋପ କରି ସେଦିନ କଂଗ୍ରେସ ସଭାପତି ଡାକ୍ତର ରାଜେନ୍ଦ୍ର ପ୍ରସାଦ ଭାଷାସୂତ୍ରରେ ନୂଆ ପ୍ରଦେଶମାନ ଗଢ଼ିବା ପାଇଁ ଗୋଟାଏ କମିସନ ବସାଇ ଦେଲେ । କମିସନରେ ଯେଉଁମାନେ ସଭ୍ୟ ରହିଲେ, ତାଂକ ଭିତରେ ସମସ୍ତେ ହିନ୍ଦୀ ଭାଷା ଭାଷୀ । ଭାରତରେ ଏବେ ଅନେକ ହିନ୍ଦୀ ଭାଷାଭାଷୀଙ୍କର ଦେଶ ଓ ପ୍ରଦେଶର ଭାଷା ଘେନି ଯେ ଦୁର୍ବହ ମନୋଭାବ ପ୍ରକାଶ ପାଉଚି, ତାହା ଏଠାରେ ନ କହିଲେ ମଧ୍ୟ ଚଳେ। ସେ ଯାହାହେଉ ସେମାନେ ଜିନିଷଟାକୁ ବରାବର ଏଡ଼ିନଦେଇ ନାନା ଅସୁବିଧାର ବାହାନା ଦେଖାଇ କହିଲେ, 'ଭାଷା ସୂତ୍ରରେ ପ୍ରଦେଶ ଗଢ଼ିବା କଥା ଏବେ ଦଶବର୍ଷ ବନ୍ଦ ନରହିଲେ ଭାରତରେ ଅନ୍ତର୍ବିବାଦ ବ୍ୟାପିଯିବ ।'

କମିସନଙ୍କ ଆନ୍ଧ୍ର - ପ୍ରୀତି -

ଅବଶ୍ୟ ଏ କଥାଟା ସେମାନେ ନୂଆ କରି କହିଲେ ନାଇ । ତାଙ୍କ ରିପୋର୍ଟ ବାହାରିବା ପୂର୍ବରୁ ବହୁ ତୁଙ୍ଗନେତା ଏଇ ଭାବରେ ମତ ପ୍ରକାଶ କରି କମିସନଙ୍କ ମତକୁ ପ୍ରଭାବିତ କରିବା କଥା ଅଜଣା ନୁହେଁ । ଯାହାହେଉ, ଗୋଟିଏ କଥା, ସେ କମିସନଙ୍କ ରିପୋର୍ଟରେ ଉଲ୍ଲେଖଯୋଗ୍ୟ । ସେ କମିସନଙ୍କର କାମ ନଥିଲା କୌଣସି ପ୍ରଦେଶର ସୀମା ଭାଙ୍ଗିବା ବା ଗଢ଼ିବା ବିଷୟରେ କିଛି କହିବା । ତଥାପି ସେମାନେ, କାହିଁକି କେଜାଣି, କେବଳ ଆନ୍ଧ୍ରପ୍ରଦେଶ ସଂବଂଧରେ କହିବା ସମୟରେ କହିପକାଇଚନ୍ତି, ଆନ୍ଧ୍ରମାନେ ଏବ ଓଡ଼ିଶାରେ ରହି ବଡ଼ ଦୁଃଖ ପାଉଚନ୍ତି। ଭାଷା ସୂତ୍ରରେ ପ୍ରାଦେଶିକ ଭାବ ଘେନି ଯେଉଁ ଅନ୍ତର୍ବିବାଦର ଆଶଙ୍କା କରାଯାଉଚି, ତାକୁ ନିରାକରଣ କରିବାରେ ପୁଣି ଏ ସୂଚନା କିପରି ସାହାଯ୍ୟ କରିବ, ବୁଝା ଯାଉନାଇ। କମିସନଙ୍କର ମଧ୍ୟ ମାନ୍ଦ୍ରାଜ ସୀମା ଡେଇଁ ଓଡ଼ିଶା ଭିତରକୁ ଆସି ଅନୁସନ୍ଧାନ କରିବାର ନଥିଲା । ସେ ମଧ୍ୟ ତାହା କରିନାହାନ୍ତି ।

Digitized by PPRACHIN, SOA

ଓଡ଼ିଶାର ଲୋକେ ଓଡ଼ିଶା ବାହାରେ ଅର୍ଥାତ୍ ମାନ୍ଦ୍ରାଜରେ ଥିବା ଓଡ଼ିଆଙ୍କ ବିଷୟରେ କହିବାକୁ ଲୋଡ଼ିଲବେଳେ ତାଙ୍କୁ କିଛି କହିବାକୁ ଅନୁମତି ଦିଆଯାଇନାଇ । ତଥାପି ଏପରି ଘରଭଙ୍ଗା କଥାଟା ଯେ ସେମାନେ କାହିଁପାଇଁ କି ଦୃଷ୍ଟିରେ କହିଚନ୍ତି, ସେଥିପାଇଁ ତାଙ୍କର କି ପ୍ରମାଣ ବା ପ୍ରୟୋଜନ ଥିଲା, ତା ବୁଝିବାକୁ ଏବେ ସ୍ଥାନ ନାଇ ବା କାହାର ସାମର୍ଥ୍ୟ ନାଇ । ଦୁଃଖର କଥା ।

ରାଜେନ୍ଦ୍ର ପ୍ରସାଦଙ୍କ ଉର୍ଦ୍ଦୁପ୍ରୀତି -

ଡାକ୍ତର ରାଜେନ୍ଦ୍ର ପ୍ରସାଦ କଂଗ୍ରେସର ସଭାପତି ଥିବା ବେଳେ କମିଟିଟା ବସାଇଥିଲେ । ସମସ୍ତେ ଜାଣନ୍ତି, ରାଜେନ୍ଦ୍ର ପ୍ରସାଦ ପୁରୁଷାନୁକ୍ରମେ ଉର୍ଦ୍ଦୁଭାଷୀ । ଏବେ ନିଜ ଉର୍ଦ୍ଦୁକୁ ହିନ୍ଦି ବୋଲି କହୁଚନ୍ତି । ମୋଗଲଙ୍କ ତଳେ ତାଙ୍କ ପୂର୍ବ ପୁରୁଷ ଚାକିରି କଲା କାଳରୁ ସେ ଓ ତାଂକ ଭଳି ଲାଲା କାୟସ୍ଥମାନେ ବିହାରୀଙ୍କ ଭାଷାକୁ ଖାତିରି ନ କରି, ଏପରି କି ମୈଥିଳୀ ଭଳି ସଂପନ୍ନ ଭାଷାକୁ ତୋଟି ଚିପି ମାରି ଉର୍ଦ୍ଦୁକୁ ବିହାରର ଭାଷା କରିବାରେ ଲାଗିଚନ୍ତି । ସିଂହଭୂମ ସଂଗେ ସଢ଼େଇକଳା, ଖରସୁଆଁ ପର୍ଯ୍ୟନ୍ତ ଏବେ ତାଙ୍କରି କର୍ତ୍ତୃତ୍ୱରେ ବିହାର ଗ୍ରାସ କରିଚି । ସେ ଅଂଚଳରେ ବିଶେଷତଃ ସଢ଼େଇକଳା, ଖରସୁଆଁରେ ଏତେ ଯୋର କରି ଯେପରି ହିନ୍ଦି ଭର୍ତି କରାଯାଉଚି, ତା କିଛି ବୁଝାଇବାର ଜିନିସ ନୁହେଁ । ମୋଟ କଥା, ଭାରତର ଅନ୍ୟ କୌଣସି ଭାଷା ପ୍ରତି, ଏପରିକି ବିହାରର ଲୋକଭାଷା ପ୍ରତି ମଧ ତାଂକ ପ୍ରାଣରେ ପ୍ରାସ ନାଇ । ସେ ବିଷୟରେ ସେ ବଡ଼ ନିପ୍ରାସୀ ତାଂକର ଦରକାର ଜେମସେଦ୍‌ପୁର, ଦରକାର ମାନଭୂମ୍‌ର କୋଇଲା ଖଣି । ତାଂକର ଦରକାର ତମ୍ବା । ତାଂକର ଦରକାର ଅଭ୍ର । ଭାଷା ତାଂକର ଦରକାର ନାଇ । ମାତ୍ର ସେ ଆଜି ଜଣେ ତୁଙ୍ଗତମ ନେତା । ଦେଶ ଗଢ଼ିବା ପାଇଁ ବିଧାତାଙ୍କ ଠାରୁ ଯେଉଁମାନେ କଣ୍ଟ୍ରାକ୍‌ଟର ନେଇଚନ୍ତି, ତାଂକ ଭିତରେ ସେ ଜଣେ । ଆଉ କାହାର ସେଥିରେ କଣ କହିବାର ଅଛି ? ଭାଷାସୂତ୍ରରେ ପ୍ରଦେଶ ନଗଢ଼ିବାରୁ ଭାରତର ଭିତର ବିପତ୍ତି ବଢୁଚି ନା ସେପରି ପ୍ରଦେଶ ନ ଗଢ଼ି ଖାଲି ଖଣିଜ ଦ୍ରବ୍ୟ, ପ୍ରାକୃତିକ ସଂପଦ ଓ ଅନ୍ୟ ପ୍ରଦେଶୀଙ୍କ ନିରାଶାତପ୍ତ ନିଶ୍ୱାସକୁ ନ ଚାହିଁ ନିଜ ପ୍ରଦେଶୀଙ୍କ ମଜୁରୀ ପନ୍ଥାକୁ ଚାହିଁ ବସିଲେ, ଭାରତ ଭିତରେ ବିପତ୍ତି ବଢ଼ିବ - ଏସବୁ ଯୁକ୍ତି କରିବାର ଆଉ କାହାର କି ଅଧିକାର ଅଛି ? ଦେଶ ଗଢ଼ିବା କାମ ଯେପରି କି ଆଉ କାହାର ନୁହେଁ ।

ପଟାଭିଙ୍କ କୃତି -

ତଥାପି ଡକ୍ଟର ପଟାଭି ସୀତାରାମାୟା ମଧ ଆଉ ଜଣେ ତୁଙ୍ଗନେତା । ଡକ୍‌ଟର ରାଜେନ୍ଦ୍ର ପ୍ରସାଦ ଲାଗିପଡ଼ି ତାଂକୁଇ କଲେ, ଏବେ କଂଗ୍ରେସର ସଭାପତି । ତାଂକ ସଭାପତି ନିର୍ବାଚନରେ ଡକ୍‌ଟର ରାଜେନ୍ଦ୍ର ପ୍ରସାଦ ଯେପରି ଚିହ୍ନାପଡ଼ି ଲାଗିଲେ, ସେଥିରୁ

Digitized by PPRACHIN, SOA

ମନେହୁଏ, ଜାତି ଗଢ଼ିବା କାମରେ ଦୁହେଁ ସମପନ୍ଥୀ । ତଥାପି ଦେଖାଗଲା ଡକ୍‌ଟର ପଟାଭି କଂଗ୍ରେସର ସଭାପତି ହେବାମାତ୍ରେ ଭାଷାସୂତ୍ରରେ ପ୍ରଦେଶ ତିଆରି କରିବା ପାଇଁ ତୁଙ୍ଗନେତାମାନଙ୍କୁ ଧରି ଆଉ ଗୋଟିଏ କମିଟି ଗଢ଼ି ଦେଲେ । ଅବଶ୍ୟ କେହି ହୁଏତ ବୁଝିଥିବେ, ରାଜେନ୍ଦ୍ର ପ୍ରସାଦଙ୍କ କମିସନ୍ ଯାହା କହିଗଲେ, ତାକୁ ନ ମାନି ପଟାଭି ଏ କାର୍ଯ୍ୟଟା କଲେ । କିଂତୁ ଆମେ କହୁ, ଏବେ ନୂଆ ଭାରତରେ ଜାତି ଗଢ଼ିବାର ରହସ୍ୟ ଏଡ଼େ ସହଜରେ ବୁଝିବାର ବସ୍ତୁ ନୁହେଁ । ମୁହଁରେ ଯାହା କହନ୍ତୁ, କାର୍ଯ୍ୟରେ ପଟାଭି ଯାହା କରିବେ ଓ ଯେଉଁଥିପାଇଁ କମିଟି ବସାଇଚନ୍ତି, ବା ଆମକୁ ଦେଖା ପଡୁଚି । ସେ ଗଢ଼ିବେ ଏକା ଆନ୍ଧ୍ରପ୍ରଦେଶ । ତାଙ୍କରି ମାନ୍ଦ୍ରାଜରେ ମଧ କେରଳ ଏବେ ଅଲଗା ପ୍ରଦେଶ ହେବ ନାଇ କର୍ଣ୍ଣାଟକ ବେଳକୁ ବହୁ ଅସୁବିଧା ବାହାରିବ । ମହାରାଷ୍ଟ୍ର ତ ମାତ୍ରକ ଏବେ ମୁଣ୍ଡ ଟେକୁଚି । ତା କଥା ଏବେ ପଚାରେ କିଏ ? ପୁଣି ଏକଥା ନିଶ୍ଚିତ ଯେ ବଂଗଳା, ବିହାର ଓଡ଼ିଶା ପ୍ରଭୃତିର ସୀମା କଥା ଏ କମିଟିରେ ଆଦୌ ଉଠିବ ନାଇ ।

ବିଧାତା ଓଡ଼ିଶାକୁ ରକ୍ଷା କରନ୍ତୁ –

ସେ ଯାହାହେଉ, ପଟାଭିଙ୍କ ଆନ୍ଧ୍ର ପ୍ରଦେଶ ଗଢ଼ାହେଲେ, ଓଡ଼ିଶାର ଦିଶା କ'ଣ ହେବ ? ଆନ୍ଧ୍ରରେ ଥିବା ଓଡ଼ିଆ ଭୂମି ଏପରିକି କୋଡ଼ରସିଙ୍ଘ, କଳନ୍ତର ପରି ଓଡ଼ିଆଭୂମି ଆଉ ଓଡ଼ିଶାକୁ ଆସିବା ପରି ଆଶା ନାଇ । ପୁଣି ଗଂଜାମ ଓ କୋରାପୁଟର ମଧ ଅଙ୍ଗଚ୍ଛେଦ ଅସମ୍ଭବ ନୁହେଁ । ଶୁଣା ଯାଉଥିଲା ଓଡ଼ିଶା ବହୁତ ଗୁଡ଼ାଏ ଗଡ଼ଜାତ ପାଇଗଲା । ସିଂହଭୂମକୁ ଷଢ଼େଇକଳା, ଖରସୁଆଁ ବାହାରକୁ ଚାଲିଗଲେ ଓଡ଼ିଶାର କ୍ଷତି କଣ ?ଡୁଡୁମାରେ ଓଡ଼ିଶାର ଭାଗ ମାନ୍ଦ୍ରାଜର ଫୁଲ ପାଣି ଧରି ମାନ୍ଦ୍ରାଜକୁ ଟେକି ଦିଆଯାଇଚି । ଦକ୍ଷିଣକୁ ଆଉ ଖଣ୍ଡେ ଗଲେ କ୍ଷତି ନାଇଁ ବୋଲି ହୁଏତ ମତଟାଏ ଶୁଣାଯିବ । ବିଧାତା ଓଡ଼ିଶାକୁ ରକ୍ଷା କରନ୍ତୁ ।

ନୂଆପ୍ରସ୍ଥ- ୨/୨-୩, ଆଲୋଚନା

ନୂଆ ପ୍ରଦେଶ ଓ ପ୍ରାଦେଶିକ ସୀମା

ସେଦିନ ଇଂଲଣ୍ଡ ସରକାର ପାର୍ଲାମେଣ୍ଟରେ ଏକ ପ୍ରଶ୍ନର ଉତ୍ତରରେ ଜଣାଇ ଦେଇଚନ୍ତି, ଭାରତରେ ନୂଆ ପ୍ରଦେଶ ତିଆରି କରିବା କଳ୍ପନା ଏବେ ସରକାରଙ୍କ ନାହିଁ। ଅବଶ୍ୟ ଏବେ କଳ୍ପନା ନାହିଁ, ଏକଥାର ଅର୍ଥ ମଧ ଥାଇପାରେ। ମାତ୍ର ପ୍ରଦେଶମାନେ ଦାବି କଲେ ନୂଆ ପ୍ରଦେଶ ନ ହେବ, ନୁହେଁ।

ପୁଣି ପ୍ରଦେଶ ତିଆରି ଏକ କଥା ଓ ପ୍ରଦେଶମାନଙ୍କର ସୀମାରେ ପରିବର୍ତ୍ତନାଦି କରବା ଅନ୍ୟ କଥା। ମାତ୍ର ପ୍ରଦେଶମାନେ ଏ ବିଷୟରେ ମଧ ଏକମତ ନହେଲେ, କିଛି ହେବ ନାହିଁ। ବିହାର ଆନ୍ଧ୍ର ବଙ୍ଗ ଓ ମଧ ପ୍ରଦେଶକୁ ଏ ବିଷୟରେ ଏକମତ କରିବାର ଉପାୟ କ'ଣ ? ଯଦି ଏକା ନିଖିଳଭାରତ କଂଗ୍ରେସ କାର୍ଯ୍ୟକାରୀ କମିଟିକୁ ଏହା ବୁଝାଇ

Digitized by PPRACHIN, SOA

ଦିଆଯାଏ, ତେବେ ଏହା କାର୍ଯ୍ୟରେ ପରିଣତ ହେବାରେ ଆଉ କିଛି ବାଧା ଅଛି ବୋଲି ମନେ ହେଉ ନାହିଁ। କିନ୍ତୁ ରାଜେନ୍ଦ୍ର ପ୍ରସାଦ, ସୁଭାଷ, ପଟ୍ଟାଭି ପ୍ରଭୃତିଙ୍କୁ ଓଡ଼ିଶାର ଯଥାର୍ଥ ଦାବି ଏବେ ବୁଝାଇବ କିଏ ? ଦିନେ ମହାତ୍ମା ଗାନ୍ଧି ଓଡ଼ିଶାକୁ ସ୍ୱତନ୍ତ୍ର କଂଗ୍ରେସ ପ୍ରଦେଶ ବୋଲି ସ୍ୱୀକାର କରିଥିଲେ। ସିଂହଭୂମି କଂଗ୍ରେସ ଓଡ଼ିଶାରେ ଥିଲା। ଏପରି କି ବସ୍ତର ରାଜ୍ୟ ମଧ୍ୟ କଂଗ୍ରେସ ଦିନେ ଓଡ଼ିଶାକୁ ଦେଇ ପକାଇ ଥିଲେ। ମାତ୍ର ସେତେବେଳେ ଏସବୁ ଦେଇ ପକାଇବାରେ ଯଥାର୍ଥ ବାସ୍ତବତା କେତେ ଥିଲା, ତାହା ଜାଣିବାରେ କିଛି ନିର୍ଦ୍ଦିଷ୍ଟତା ନ ଥିଲା। ଏବେ ଅବସ୍ଥା ତା ନୁହେଁ।

ଆଉରି ଗୋଟିଏ କଥା। ଏବେ ଓଡ଼ିଶା ନେତାଙ୍କର ସବୁ କ୍ଷେତ୍ରରେ ଲୋଡ଼ା ପଡ଼ିଚି, ପ୍ରଦେଶାନ୍ତର ନେତାମାନଙ୍କର ସାହାଯ୍ୟ ଓ ଅନୁଗ୍ରହ। ସରକାରକୁ କଂଗ୍ରେସ ନେଲାଦିନ ସ୍ପଷ୍ଟ କାରଣରୁ ଏ ବ୍ୟାଧି ଘୋଟିଚି। ଏଇ ପ୍ରଦେଶକୁ ଚାହିଁ ଆମ ନେତାଙ୍କର ସ୍ଥିର ରହିବାର ଉପାୟ ନାହିଁ। ସେମାନେ ସର୍ବଦା ମନେ କରୁଛନ୍ତି, ସବୁ କ୍ଷେତ୍ରରେ ବାହାରର ସାହାଯ୍ୟ ଓ ଅନୁଗ୍ରହ ବିନା, ସେମାନଙ୍କର ନିଜର ଆତ୍ମୀକୃତ ପ୍ରତିଷ୍ଠା ରଖିବା ହୁଏତ ସମ୍ଭବ ହେବ ନାହିଁ। ଏପରି ପରିସ୍ଥିତିରେ ସେମାନେ ବାହାର ନେତାଙ୍କ ସଙ୍ଗେ ଲଢ଼ି, ବାଘ ମୁହଁରୁ ଆହାର ଛଡ଼ାଇବାର ଚେଷ୍ଟା କରିବେ କି ନା, କଲେ କିପରି, କେତେ ଦୂର କରିବେ, ଦେଖାଯାଉ।

ଓଡ଼ିଶା ପ୍ରଦେଶର ସୀମାସମ୍ବନ୍ଧରେ ବାହାରର ନେତାମାନେ କହିବାର ଶୁଣା ଗଲାଣି, "ଯାହା ଗୋଟାଏ ନିଷ୍ପତ୍ତି ହୋଇଗଲା, ତାକୁ ପୁଣି ଘାଣ୍ଟିବାର ପ୍ରୟୋଜନ କ'ଣ ?" କିନ୍ତୁ ବୁଝିବାର ଅଛି, ଏ ନିଷ୍ପତ୍ତିଟା ଯେ ହୋଇଗଲା, ସେ କାହାର ନିଷ୍ପତ୍ତି ? ଆମମାନଙ୍କ କଳିରେ ଏହା ଇଂରେଜ ସରକାରଙ୍କ ନିଷ୍ପତ୍ତି। ନେତାମାନଙ୍କର ମନେ ରଖିବା ଉଚିତ, ଏଇପରି ଆଉ ଗୋଟାଏ ନିଷ୍ପତ୍ତି ହେଉଚି, ନିର୍ବାଚନାଦିରେ ସାମ୍ପ୍ରଦାୟିକ ଭାଗବଣ୍ଟା। ଏ ନିଷ୍ପତ୍ତି ମାନିଯିବା ପାଇଁ ମଧ୍ୟ ବହୁତ ମୁସଲମାନ ନେତା କହୁଚନ୍ତି। ଓଡ଼ିଶାର ସୀମା ସମ୍ବନ୍ଧୀୟ ନିଷ୍ପତ୍ତି ଠିକ୍ ସେଇପରି।

ନବ ଭାରତ-୪/୧୨, ଆଲୋଚନା

ଉପାନ୍ତ ଓଡ଼ିଶା ସମସ୍ୟା

ଭାଷାସୂତ୍ରରେ ପ୍ରଦେଶ କଂଗ୍ରେସ ନୀତି -

କଂଗ୍ରେସ ୧୯୨୦ର ବୈଠକରେ ନାଗପୁର ଠାରେ ପ୍ରଥମେ ସ୍ପଷ୍ଟ ଭାବରେ ଭାଷାସୂତ୍ରରେ ପ୍ରଦେଶ ଗଠନ ନୀତି ଗ୍ରହଣ କଲେ ଓ ସେଇ ଭାଷାସୂତ୍ରରେ ପ୍ରଦେଶମାନ ବାଣ୍ଟିଦେଲେ। ଏବେ କଂଗ୍ରେସ, ପ୍ରାଦେଶିକ ସରକାରମାନ ନେଲା ପରେ ଶାସନ ବିଧାନରେ ସ୍ପଷ୍ଟ ଭାଷା ସୂତ୍ରରେ ପ୍ରଦେଶମାନ ଗଢ଼ିବା ପାଇଁ ଚାଞ୍ଚଲ୍ୟ ପଡ଼ିଯାଇଛି। କଂଗ୍ରେସ

Digitized by PPRACHIN, SOA

ମଧ୍ୟ ତାହା ପୂର୍ଣ୍ଣ ଭାବରେ ସମର୍ଥନ କରୁଛନ୍ତି। ଗଲା ଜୁଲାଇ ବୈଠକରେ ୱାର୍ଦ୍ଧା ଠାରେ କଂଗ୍ରେସ କାର୍ଯ୍ୟକାରୀ କମିଟି ପ୍ରସ୍ତାବ ଧାର୍ଯ୍ୟ କରିଛନ୍ତି, କଂଗ୍ରେସ ଭାରତ ସରକାରରେ ଯଥାକର୍ତ୍ତୃତ୍ୱ ପାଇଲା ମାତ୍ରେ ଶାସନ ଶୃଙ୍ଖଳା ନିମନ୍ତେ ଭାଷାସୂତ୍ରରେ ପ୍ରଦେଶ ବାଣ୍ଟି ଦେବେ।

ଆନ୍ଧ୍ର କେରଳ କର୍ଣ୍ଣାଟ ପ୍ରଭୃତି –

ଆନ୍ଧ୍ର ଓ କେରଳ ଦୁହେଁ ପୂର୍ଣ୍ଣ ଭାବରେ, ପୁଣି କର୍ଣ୍ଣଟୀ (କାନାଡ଼ୀ) ଭାଷୀ କୁର୍ଗ କେତେକ ପରିମାଣରେ ଓ କର୍ଣ୍ଣାଟକର ଆଉ ଖଣ୍ଡେ ମାନ୍ଦ୍ରାଜ ପ୍ରଦେଶରେ ଅଛି। କର୍ଣ୍ଣାଟକର ଆଉ ଖଣ୍ଡକ ଅଛି, ବୋମ୍ବାଇ ପ୍ରଦେଶରେ। ସେମାନଙ୍କ ଆନ୍ଦୋଳନରେ ମାନ୍ଦ୍ରାଜ ସରକାର ନିଜ ବ୍ୟବସ୍ଥାସଭାରେ ଏବେ ଭାଷାସୂତ୍ରରେ ପ୍ରଦେଶ ବିଭାଗ ଗ୍ରହଣ କରି ପ୍ରସ୍ତାବ ଧାର୍ଯ୍ୟ କରିଛନ୍ତି। ସେଇପରି ସମସ୍ତ କର୍ଣ୍ଣାଟକକୁ ଏକ ସ୍ୱତନ୍ତ୍ର ପ୍ରଦେଶ କରିବା ପାଇଁ ବୋମ୍ବାଇ ବ୍ୟବସ୍ଥା ସଭାରେ ବୋମ୍ବାଇ ସରକାରଙ୍କ ସମ୍ମତିରେ ପ୍ରସ୍ତାବ ଧାର୍ଯ୍ୟ ହୋଇଛି। ମହାରାଷ୍ଟ୍ର ଓ ଗୁଜୁରାଟର ସୀମା ବିଷୟରେ କୌଣସି ଗୋଳମାଳ ନାହିଁ। ପୁଣି ଗୁଜୁରାଟର ଏଇକ୍ଷଣି ସେ ବିଷୟରେ ଆନ୍ଦୋଳନ କରିବା ଦରକାର ନାହିଁ। ମହାରାଷ୍ଟ୍ରର ସେହି ଅବସ୍ଥା। ମହାରାଷ୍ଟ୍ରରେ ମଧ୍ୟ ବେ-କଂଗ୍ରେସୀ ନେତାମାନେ ସେଥିପାଇଁ ଆଦୌ ବ୍ୟାକୁଳ ନୁହନ୍ତି। ସେମାନଙ୍କର ଭାଷା ସୂତ୍ରରେ ପ୍ରଦେଶ ଗଢ଼ିବା ମତ ନୁହେଁ। ଆହୁରି ମଧ୍ୟ ବେରାର ପୂର୍ଣ୍ଣ ଭାବରେ ସେମାନଙ୍କର ଅଛି। ମଧ୍ୟପ୍ରଦେଶରେ ସେହିମାନେ ହିଁ ବଳଶାଳୀ। ବୋମ୍ବାଇରେ ବି ସେମାନେ କମ ନୁହନ୍ତି। ଏପରିକି ମଧ୍ୟପ୍ରଦେଶ ଓ ବେରାରର ଜନନାୟକ ଖାରେ ଓ ଆଣେ, ପୁଣି ବୋମ୍ବାଇର ପ୍ରଧାନମନ୍ତ୍ରୀ ଖେର୍ ଏ ସମସ୍ତେ ମରହଟ୍ଟୀ।

ବଙ୍ଗଳାର ଅବସ୍ଥା –

ଆଉ ରହିଲା ବଙ୍ଗଳା। ବଙ୍ଗଳାଭାଷୀମାନେ ବଙ୍ଗ ବାହାରେ ବାସିନ୍ଦା ଅଛନ୍ତି ବୋଲି ବଙ୍ଗାଳୀମାନେ ସେମାନଙ୍କୁ ନିଜ ପ୍ରଦେଶକୁ ଆଣିବାକୁ ବରାବର ଲଢୁଛନ୍ତି। ମାତ୍ର ବଙ୍ଗଳାରେ ଏବେ କଂଗ୍ରେସ ସରକାର ନୁହେଁ। ପୁଣି ବଙ୍ଗଳା ଦାବି କରୁଥିବା ଏବ ବିହାରର ବଙ୍ଗଭାଷୀ ଅଞ୍ଚଳ ବଙ୍ଗଳାକୁ ଆସିବା ହୁଏତ ମୁସଲମାନଙ୍କ ଇଚ୍ଛା ନୁହେଁ। କାରଣ, ଏଇସବୁ ଭୂମିରେ ମୁସଲମାନ ସଂଖ୍ୟା ବଡ଼ ଊଣା। ସେସବୁ ବଙ୍ଗଳାରେ ମିଶିଲେ ଜନସଂଖ୍ୟାର ଅନୁପାତରେ ବଙ୍ଗଳାର ମୁସଲମାନ କମ୍ ହେଇଯିବେ। ଏବେ କିନ୍ତୁ ବଙ୍ଗଳାରେ ମୁସଲମାନ ସରକାର ହୋଇଛି କହିଲେ ଚଳେ। ସେଠା ସରକାରରେ କଂଗ୍ରେସର ଏବେ କୌଣସି କର୍ତ୍ତୃତ୍ୱ ନାହିଁ।

କଂଗ୍ରେସରେ ବଙ୍ଗାଳୀଙ୍କ ପ୍ରସ୍ତାବ ଓ ଓଡ଼ିଆଙ୍କ ନିଶ୍ଚେଷ୍ଟତା –

ସେଥିପାଇଁ କଂଗ୍ରେସ, ସରକାରମାନ ନେବା ସଙ୍ଗେ ସଙ୍ଗେ ସେମାନେ ନିଖିଳ ଭାରତ କଂଗ୍ରେସରେ ଉଦ୍ୟମ ଲଗାଇଲେ। ସେଠାରେ କଂଗ୍ରେସକୁ ସ୍ୱୀକାର କରାଇ

Digitized by PPRACHIN, SOA

ନେଲେ। ଅବଶ୍ୟ ଏକଭାଷାଭାଷୀ ସ୍ଥାନ ଏକ ପ୍ରଦେଶରେ ରହିବା କଂଗ୍ରେସ ନିଶ୍ଚୟ ମାନିବେ। ଆମେ ମଧ ନାହିଁ କରୁନାହୁଁ। ମାତ୍ର ବଙ୍ଗାଳୀମାନେ ଯେତେବେଳେ କଲିକତାର ନିଖିଳ ଭାରତ କଂଗ୍ରେସ କମିଟି ବୈଠକରେ ଏହି ପ୍ରଶ୍ନ ଉଠାଇଥିଲେ, ସେତେବେଳେ ପ୍ରସ୍ତାବଟିରେ ଥିଲା ବିହାର ଓ ଅନ୍ୟତ୍ର ଥିବା ବଙ୍ଗଭାଷୀ ପ୍ରଦେଶମାନ ବଙ୍ଗଳାକୁ ଆସୁ। ଓଡ଼ିଶା କ୍ଷୁଦ୍ର ପ୍ରଦେଶ। ନିଖିଳ ଭାରତ କଂଗ୍ରେସ କମିଟିରେ ଭୋଟ ଟଣାଟଣିରେ ଜିଣିବାର ଆଶା ଓଡ଼ିଶାର ବଡ଼ କ୍ଷୀଣ। ତଥାପି ନ୍ୟାୟ ଉପରେ ଠିଆହୋଇ କଥାଟି ସ୍ପଷ୍ଟକରି କହିବା ଉଚିତ। ନିଖିଳ ଭାରତ କଂଗ୍ରେସର ନ୍ୟାୟ ବିଚାର ଉପରେ ନିର୍ଭର କରିବା ଛଡ଼ା ସେ କ୍ଷେତ୍ରରେ ଆଉ କିଛି କରିବାର ନ ଥିଲା। ସେ ବୈଠକରେ ଯେଉଁ ତିନି ଜଣ ଓଡ଼ିଆ ଥିଲେ, ସେମାନଙ୍କର ଉଚିତ ଥିଲା ସଙ୍ଗେ ସଙ୍ଗେ ଏକ ସଂଶୋଧନ ପ୍ରସ୍ତାବରେ ବା ଅନ୍ୟ ଏକ ପ୍ରସ୍ତାବରେ ଯୋଡ଼ିଥାନ୍ତେ- 'ବିହାର, ମାନ୍ଦ୍ରାଜ, ମଧ୍ୟପ୍ରଦେଶ ଓ ବଙ୍ଗରେ ଥିବା ଓଡ଼ିଆଭାଷୀ ଅଞ୍ଚଳମାନଙ୍କୁ ଓଡ଼ିଶାର ଅନ୍ତର୍ଭୁକ୍ତ କରାଯାଉ।' ସେମାନେ ତାହା କଲେ ନାହିଁ। ପରେ ସେଇ ପ୍ରସ୍ତାବ ଉପରେ ବକ୍ତୃତା ଦେଲାବେଳେ ବଙ୍ଗାଳୀ ବକ୍ତାମାନେ ଅନ୍ୟାନ୍ୟ ଅଞ୍ଚଳ ମଧରେ ସ୍ପଷ୍ଟ ଭାବରେ ସିଂହଭୂମିକୁ ଦାବି କରି ପ୍ରସ୍ତାବର ତାହାହିଁ ଅର୍ଥ ବୋଲି ପ୍ରକାଶ କଲେ। ଓଡ଼ିଆ ମେମ୍ବରମାନେ ସେତେବେଳେ ମଧ ଆପତ୍ତି କଲେ ନାହିଁ। ପ୍ରସ୍ତାବଟି ପାଶ୍ ହୋଇଗଲା।

ସେଇ ସିଂହଭୂମି ଲାଗି ବଙ୍ଗଳାରେ ବେ-କଂଗ୍ରେସ ଉଦ୍ୟମ –

ତା'ପରେ ଏ ବର୍ଷ ମାର୍ଚ୍ଚ ମାସରେ ବଙ୍ଗଳାର କଂଗ୍ରେସୀ ବେକଂଗ୍ରେସୀ ନେତାମାନେ ସେହି ବଳରେ ଇଣ୍ଡିଆନ୍ ଆସୋସିଏସନ୍‌ରେ ସ୍ପଷ୍ଟ ସିଂହଭୂମିର ନାମ ରଖି ସେହି ମର୍ମରେ ଗୋଟିଏ ପ୍ରସ୍ତାବ ପାଶ୍ କରି କଂଗ୍ରେସକୁ ଓ ସରକାରମାନଙ୍କୁ ପଠାଇ ଦେଲେ। ଇଂଲଣ୍ଡର ସରକାରଙ୍କୁ ମଧ ସେମାନେ ଏହି ପ୍ରସ୍ତାବ ପଠାଇଥିଲେ।

ଓଡ଼ିଶା କଂଗ୍ରେସ ଓ ସରକାର ତତ୍ପର ହୁଅନ୍ତୁ –

ଏସବୁ ସତ୍ତ୍ୱେ ଓଡ଼ିଶା କଂଗ୍ରେସ ତଥା ସରକାର ଉପାନ୍ତ ଓଡ଼ିଆ ଭୂମି ସମ୍ବନ୍ଧରେ କ'ଣ ଚିନ୍ତା କରୁଛନ୍ତି କିଛି ଜଣାପଡୁ ନାହିଁ। ସେଦିନ ମଞ୍ଜୁଷାରେ ଏହି ଉଦ୍ଦେଶ୍ୟ ଘେନି ଉତ୍କଳ ସମ୍ମିଳନୀର ଗୋଟିଏ ବୈଠକ ହୋଇଗଲା। ତାହାର କାର୍ଯ୍ୟକାରୀ କମିଟି ମଧ ଏବେ କଟକରେ ବସିଥିଲା। ମାତ୍ର ସରକାର ବା ମନ୍ତ୍ରୀମଣ୍ଡଳ ତଥା କଂଗ୍ରେସ ମୁଖ୍ୟମାନେ ଉତ୍କଳ ସମ୍ମିଳନୀର ଏ ଉଦ୍ୟମକୁ କି ଦୃଷ୍ଟିରେ ଦେଖୁଚନ୍ତି ? ଏହା କହିବାର ଅଭିପ୍ରାୟ, ପ୍ରଦେଶ ଭିତରେ ସାଧାରଣ ପରିସ୍ଥିତି ବା ମନୋଭାବ ଯାହା ହେଉ, ଏବେ ଓଡ଼ିଶାର ମନ୍ତ୍ରୀ ଓ କଂଗ୍ରେସ ମୁଖ୍ୟମାନେ ଯାହାକୁ ଠିକଣା କରି ନ ଧରିବେ, ପ୍ରଦେଶ ବାହାରେ ତାହାର ପ୍ରଭାବ ପଡ଼ିବାର ଓଡ଼ିଶାର ଏବ ପରିସ୍ଥିତିରେ କୌଣସି ଆଶା ନାହିଁ। କଂଗ୍ରେସ

Digitized by PPRACHIN, SOA

ମୁଖ୍ୟମାନେ ବା ମନ୍ତ୍ରୀମଣ୍ଡଳ ଯହିଁରେ ସମ୍ମତି ସହିତ ସଂପୃକ୍ତ ନୁହନ୍ତି, ସେକଥାର ସମ୍ବାଦ ପର୍ଯ୍ୟନ୍ତ ବାହାରର ଖବର କାଗଜରେ ବାହାରିବା ମଧ୍ୟ ଦୁଷ୍କର। ଏପରି ଅବସ୍ଥାରେ ଆମର ଏକାନ୍ତ ଅନୁରୋଧ, ପ୍ରଧାନମନ୍ତ୍ରୀ ଓ ଓଡ଼ିଶା କଂଗ୍ରେସ ସଭାପତି ଏ ବିଷୟରେ କର୍ତ୍ତବ୍ୟ ଓ କାର୍ଯ୍ୟପନ୍ଥା ନିର୍ଦ୍ଦେଶ କରି ଶୀଘ୍ର ପ୍ରଦେଶ ଓ ପ୍ରଦେଶାନ୍ତରେ ନିଜର ବିବୃତ୍ତିମାନ ପ୍ରକାଶ କରନ୍ତୁ ଓ ସେହି ନିର୍ଦ୍ଦେଶରେ ଶୀଘ୍ର କାର୍ଯ୍ୟ ଚାଲୁ।

ଓଡ଼ିଶାର ଅଳ୍ପ ଧନ ଘେନି ଓଡ଼ିଶାକୁ ଯେପରି ପୂର୍ଣ୍ଣ ପ୍ରାଣରେ ଗଢ଼ିବାର ଆରମ୍ଭ କରିବାକୁ ହେବ, ଅଦ୍ୟାପି ପରିତ୍ୟକ୍ତ ଓଡ଼ିଆମାନଙ୍କୁ ଓଡ଼ିଶାକୁ ଆଣିବାରେ ସେହିପରି ଲାଗିବାକୁ ହେବ। ଅବଶ୍ୟ କେହି ବୁଝି ଶୁଝି ଆସିବାକୁ ଅନିଚ୍ଛୁକ ହେଲେ, ସେ ସ୍ୱତନ୍ତ୍ର କଥା। କିନ୍ତୁ ଅବସ୍ଥା କୌଣସି ଉପାନ୍ତଭୂମିରେ ହୁଏତ ଆଜି ତାହା ନୁହେଁ।

ମଂଜୁଷା ଓ ସିଂହଭୂମିର ଅବସ୍ଥା –

ମଂଜୁଷାରେ ସେଦିନ ଏଇଥିପାଇଁ ଉତ୍କଳସମ୍ମିଳନୀ ହୋଇଯାଇଛି। ପୁଣି ମାନ୍ଦ୍ରାଜରେ ଥିବା ଓଡ଼ିଆଙ୍କ ସମ୍ବନ୍ଧରେ ସନ୍ଦେହ କରିବାର କିଛି ନାହିଁ। ପ୍ରକୃତ ପକ୍ଷେ କହିବାକୁ ଗଲେ ଯେଉଁ ଓଡ଼ିଆମାନେ ମାନ୍ଦ୍ରାଜରେ ଥିଲେ, ମୁଖ୍ୟତଃ ସେଇ ଓଡ଼ିଆମାନଙ୍କର ଅତନ୍ଦ୍ରିତ ପ୍ରଯତ୍ନ ଆନ୍ଦୋଳନ ଓ ତ୍ୟାଗ ଫଳରେ ଆଜି ଓଡ଼ିଶାର ସ୍ୱତନ୍ତ୍ର ବ୍ୟକ୍ତିତ୍ୱ ଯାହା ବା ପ୍ରତିଷ୍ଠା ପାଇଚି ତାହା ସମ୍ଭବ ହୋଇଚି। ଏବେ ବି ମଞ୍ଜୁଷା ପ୍ରଭୃତି ସେ ଆଡ଼ର ପରିତ୍ୟକ୍ତ ଭୂମି ସେହି ଭାବରେ ପ୍ରଣିତ ରହିଛନ୍ତି। ଏବେ ଆମେ ସିଂହଭୂମି ଯାଇଥିଲୁ। ସେଠାର ଓଡ଼ିଆମାନଙ୍କର ଓଡ଼ିଶାକୁ ଆସିବା ପାଇଁ ବ୍ୟାକୁଳତା ଦେଖି ପାଣରେ ଆଘାତ ଲାଗିଲା। ସେମାନଙ୍କର ଭାଷା କ୍ରମେ ଉଠିବା ଉପରେ। ବିଶେଷରେ ଶୁଣି ଦୁଃଖିତ ହେଲୁ, ସେମାନେ ଉପସ୍ଥିତ ଜିଲ୍ଲାକଂଗ୍ରେସ କମିଟିଙ୍କ କାର୍ଯ୍ୟ ଓ ନିୟମ ଫଳରେ ଓଡ଼ିଆଙ୍କ ଭିତରେ ଇଚ୍ଛାନୁସାରେ କଂଗ୍ରେସ ମେମ୍ବର କରିବାର ସୁବିଧା ପାଉନାହାନ୍ତି। କର୍ତ୍ତାମାନଙ୍କର ଭୟ, କାଳେ ଓଡ଼ିଆ ବେଶି କଂଗ୍ରେସ ମେମ୍ବର ହେଲେ ସିଂହଭୂମି ଉତ୍କଳ କଂଗ୍ରେସକୁ ପୁଣି ଚାଲିଯିବ। ଏହା ଆମର ଅବଶ୍ୟ ଏକ ପକ୍ଷରୁ ଶୁଣିବା କଥା। ଓଡ଼ିଶାର କଂଗ୍ରେସ କର୍ତ୍ତାମାନେ ଏହାର ଅନୁସନ୍ଧାନ କରିବା ଉଚିତ। ପୁଣି ଏହି ସମ୍ପର୍କରେ ମନେ ରଖିବାର ଅଛି, ସିଂହଭୂମି କଂଗ୍ରେସ କମିଟି ବରାବର ଓଡ଼ିଶାରେ ଥିଲା। ଶ୍ରୀଯୁକ୍ତ ରାଜେନ୍ଦ୍ରପ୍ରସାଦ ଭାରତ କଂଗ୍ରେସର ସଭାପତି ଥିଲାବେଳେ କିପରି ତାହା ହଠାତ୍ ବିହାରକୁ ଯାଇଚି, ତାହା ସମସ୍ତେ ଜାଣନ୍ତି, ଅତଏବ ଏଠାରେ କହିବା ଦରକାର ନାହିଁ। ସେକାଳ ପୁଲିସ କୃପାରୁ ସେ ସମ୍ବନ୍ଧୀୟ କାଗଜପତ୍ର ସବୁ ଉତ୍କଳ କଂଗ୍ରେସ ଅଫିସରେ ନଥାଇ ପାରେ; ମାତ୍ର ବିହାରରେ କି କାଗଜପତ୍ର ଅଛି ? ସ୍ୱର୍ଗତ ଗୋପବନ୍ଧୁ ଦାସ ଥିଲାବେଳେ ଶ୍ରୀଯୁକ୍ତ ରାଜେନ୍ଦ୍ରପ୍ରସାଦ ମଧ୍ୟସ୍ଥ ଥାଇ, ସିଂହଭୂମି କଂଗ୍ରେସ ମେମ୍ବରଙ୍କର ରିପ୍ଲାଇ ପୋଷ୍ଟକାର୍ଡ଼ରେ ଭୋଟ ନିଆଯାଇଥିଲା।

Digitized by PPRACHIN, SOA

ଓଡ଼ିଶା ସପକ୍ଷରେ ପ୍ରାୟ ଚାରି ହଜାର ଭୋଟ୍ ହୋଇଥିବା ସ୍ଥଳେ ବିହାର ସପକ୍ଷରେ ଅର୍ଦ୍ଧଶତରୁ ଊଣା ଥିଲା। ଶ୍ରୀଯୁକ୍ତ ଗୋଦାବରୀଶ ମିଶ୍ରଙ୍କର ଠିକ୍ ସଂଖ୍ୟା ହୁଏତ ମନେଥିବ। ଏ ସମ୍ବନ୍ଧୀୟ କାଗଜ ପତ୍ର ହୁଏତ ନାହିଁ, ମାତ୍ର ଏହା ତ ରାଜେନ୍ଦ୍ରପ୍ରସାଦଙ୍କ ମନେଥିବ। ପୁଣି ସତ୍ୟାଗ୍ରହରେ ଜେଲ୍ ଗଲାବେଳେ ସିଂହଭୂମିରେ ଏକମାତ୍ର ଉତ୍କଳର ଜିଲ୍ଲା କଂଗ୍ରେସ କମିଟି କାର୍ଯ୍ୟ କରୁଥିବା କଥା ଅଛପା ନାହିଁ। କେତେଜଣ ବିହାରୀ ଓ କେତେଜଣ ଓଡ଼ିଆ ସିଂହଭୂମିରୁ ଜେଲ୍ ଯାଇଥିଲେ, ତାହା ମଧ ଦେଖାଯାଇ ପାରେ। ତଥାପି ଦୁର୍ଭାଗ୍ୟ ଯେ ଓଡ଼ିଆଙ୍କୁ ଏକା ସବୁବେଳେ କାଗଜପତ୍ର ପ୍ରମାଣାଦି ଦେଖାଇ ଦାବି ସାବ୍ୟସ୍ତ କରିବାକୁ ହେବ।

ଛୋଟନାଗପୁର ଓ ସିଂହଭୂମି -

ହେଲେହେଁ ଏସବୁ ସତ୍ତ୍ୱେ ପୁଣି ସିଂହଭୂମି ଓଡ଼ିଶାର ନ ହୋଇ ବିହାରର ହୋଇପାରେ। ଭୋଟ୍ ନେଲାବେଳେ ବିହାରୀଙ୍କ ଭିତରେ କଂଗ୍ରେସ ମେମ୍ବର ବେଶି ଥାଇପାରନ୍ତି। ପୁଣି ଜେଲ୍ ଯିବାକୁ ସିଂହଭୂମିରୁ ବେଶି ଓଡ଼ିଆ ନ ବାହାରି ପାରନ୍ତି। ଭାଷା ହିସାବରେ ସିଂହଭୂମି କେଉଁ ପ୍ରଦେଶରେ ରହିବ, ତାହାହିଁ ଦେଖିବା ଉଚିତ। ଏ ସମ୍ପର୍କରେ ଆପଣା ଆପଣା ଭିତରେ ବୃଥା ବିବାଦ ନ କରି ଭାଷାତତ୍ତ୍ୱରେ ବିଶେଷଜ୍ଞଙ୍କଠାରୁ ବୁଝିବା ଦରକାର। ସେମାନେ କ'ଣ କହନ୍ତି ? ପ୍ରଥମ କଥା ବିହାର ସଙ୍ଗେ ଛୋଟନାଗପୁରର ବିଶେଷ ସମ୍ପର୍କ ନାହିଁ। ଇଂରେଜ ଶାସନରେ ମାତ୍ର ନାନା ଚକ୍ରରେ ପଡ଼ି ଓଡ଼ିଶା ଯେପରି ସେଦିନ ଯାଏ ବଙ୍ଗଳା ତଥା ବିହାରରେ ଯୋଡ଼ା ହୋଇଥିଲା, ଛୋଟ ନାଗପୁର ସେଇପରି ବିହାରରେ ଯୋଡ଼ା ହୋଇଛି। ବରଂ ଏହାର ନାମ 'ଛୋଟ ନାଗପୁର'-ଛୋଟ ପାଟନା' ବା 'ଛୋଟ ଗୟା' ନୁହେଁ, ଏହା ଏଠାରେ ମନେରଖିବାର ଅଛି। ପୂର୍ବ ଭାରତର ଆଦି ଭାରତୀୟ ଭାଷା ଓ ସଭ୍ୟତା ଆଗନ୍ତୁକମାନଙ୍କ ପେଷଣରେ ଚାରିଆଡୁ ଚିପି ହୋଇ ହୋଇ ଏବେ ଛୋଟ ନାଗପୁରରେ ମାତ୍ର ରହିଛି। ଦକ୍ଷିଣ ଓ ପଶ୍ଚିମ ଭାରତର ଆଦି ଭାଷା ତଥା ସଭ୍ୟତା ଦ୍ରାବିଡ଼ଭୂମିରେ ନିଜର ଚିରନ୍ତନ ସତ୍ତା ଓ ମହତ୍ତ୍ୱ ଜାଗ୍ରତ ରଖିଚି ଓ ରଖିବ। ମାତ୍ର ବଙ୍ଗାଳି ଓଡ଼ିଆ ଓ ବିହାରୀ ତିନିଦିଗରୁ ପୂର୍ବ ଭାରତର ଆଦି ସଭ୍ୟତା ଓ ଭାଷାର ନିଜତ୍ୱ ଲୋପ କରିବାକୁ ଆଉ ହୁଏତ ବେଶୀ ଦିନ ନାହିଁ। ସେଥିପାଇଁ ଏବେ ସ୍ୱତନ୍ତ୍ର ଛୋଟନାଗପୁର ପ୍ରଦେଶ ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ତାହା ଯଦି ସଫଳ ହୁଏ, ସେ ସ୍ୱତନ୍ତ୍ର କଥା। ସେତେବେଳେ ସିଂହଭୂମି ପାଇଁ ଓଡ଼ିଆ ହୁଏତ କଳି କଲେ, ଛୋଟନାଗପୁରର ଆଦିମ ବା ଯଥାର୍ଥ ଅଧିବାସୀଙ୍କ ସଙ୍ଗେ କଳି କରିବେ। ହୁଏତ ସିଂହଭୂମି ଓଡ଼ିଶାକୁ ଆସିବ, ନଚେତ୍, ଓଡ଼ିଆ ନିଶ୍ଚୟ ଅନ୍ୟତର ଭାଷା ରୂପେ ସିଂହଭୂମିରେ ଚଳିବ।

Digitized by PPRACHIN, SOA

ବିହାରର ଭାଷା ବିଭ୍ରାଟ -

ମାତ୍ର ଭାଷାସୂତ୍ରରେ ବିହାରରର ସିଂହଭୂମି ଉପରେ କି ଦାବି ? ହିନ୍ଦୁସ୍ତାନୀ ଏବେ ବିହାର ପ୍ରଦେଶର କଚେରୀ ଓ ସ୍କୁଲ୍ ଭାଷା। କିନ୍ତୁ ହିନ୍ଦୁସ୍ଥାନୀ ବିହାରର କୌଣସି ଅଞ୍ଚଳର ମାତୃଭାଷା ନୁହେଁ; କିମ୍ବା ଜନ୍ମତଃ ବିହାରୀ ଭାଷା ସଙ୍ଗେ ହିନ୍ଦୁସ୍ଥାନୀର ସାକ୍ଷାତ୍ ସମ୍ବନ୍ଧ ନାହିଁ। ବିହାରରେ ତିନୋଟି ଭାଷା ଏବେ ଲୋକରେ ଚଳେ- (୧) ଭୋଜପୁରୀ, (୨) ମଘି, ଓ (୩) ମୈଥିଳୀ। ସେଥିମଧ୍ୟରୁ ମଘି ପାନ ଓ ଭୋଜପୁରୀ ଢେଗୁଆ (ଏକପ୍ରକାର ପ୍ରାଚୀନ ତାମ୍ର ମୁଦ୍ରା- ଏହି ତାମ୍ର ଖଣ୍ଡ ସବୁ ତାମ୍ର ମୂଲ୍ୟରେ ମୁଦ୍ରାପରି ଏବେ କୌଣସି କୌଣସି ଠାରେ ହାଟବଜାରରେ ଚଳେ) ଛଡ଼ା, ଅନ୍ୟ ସମ୍ପର୍କରେ ସେ ନାମ ଦିଓଟି ବାହାରେ କେହି ପ୍ରାୟ ଜାଣନ୍ତି ନାହିଁ। ସେମାନଙ୍କର ଭାଷାରେ ସାହିତ୍ୟ ଫୁଟି ନାହିଁ। ମାତ୍ର ମୈଥିଳୀରେ ପ୍ରାଚୀନ ସାହିତ୍ୟ ଅଛି। ସ୍ୱୟଂ ବିଦ୍ୟାପତି ମୈଥିଳୀ। ପୁଣି ଅନ୍ୟଥା ମିଥିଳାର ପାଣ୍ଡିତ୍ୟ ଓ ପ୍ରତିଭା ଚିରପ୍ରସିଦ୍ଧ। 'ନବ୍ୟନ୍ୟାୟ' ମିଥିଳାର ଭାରତକୁ ଦାନ। 'ନବ୍ୟନ୍ୟାୟ' ପ୍ରତିଷ୍ଠାତା 'ଗଙ୍ଗେଶ' ମୈଥିଳୀ। ଓଡ଼ିଆ ପରି ମୈଥିଳୀ ସାହିତ୍ୟର ଚର୍ଚ୍ଚା କରିବା ପାଇଁ କଲିକତା ବିଶ୍ୱବିଦ୍ୟାଳୟ ମୈଥିଳୀରେ ଏମ୍.ଏ. କ୍ଲାସ୍ର ବ୍ୟବସ୍ଥା କରିଛନ୍ତି। କେତେବର୍ଷ ତଳେ ମିଥିଳା ବା ତ୍ରିହୁତ ବିଭାଗର ସ୍କୁଲ୍ କଚେରୀରେ ମୈଥିଳୀ ଲିପି ଓ ଭାଷା ଚଳାଇବା ପାଇଁ ଦରଭଙ୍ଗାର ଭୂତପୂର୍ବ ମହାରାଜାଙ୍କ ନେତୃତ୍ୱରେ ଗୋଟିଏ ଆନ୍ଦୋଳନ ଆରମ୍ଭ ହୋଇଥିଲା। ସେ କ'ଣ ହେଲା ଏବେ ଜଣାନାହିଁ।

ହିନ୍ଦି କିପରି ବିହାରର ଭାଷା ହେଲା ?

ପାଟନାର ଦକ୍ଷିଣକୁ ଗୟା ପ୍ରଭୃତିର ଭାଷା ମଘି, ପୁଣି ପଶ୍ଚିମକୁ ପ୍ରାୟ ସାହାବାଦ ବିଭାଟିରେ 'ଭୋଜପୁରୀ' ଭାଷା ଚଳେ। ଏ ଦୁଇ ଭାଷା ମୈଥିଳୀ ପରି ଓଡ଼ିଆ ବଙ୍ଗଳା ଆସାମୀ ଭାଷା ସଙ୍ଗେ ଏକ ମାଗଧି ପ୍ରାକୃତରୁ ବାହାରିଛନ୍ତି। ହିନ୍ଦିର ଏମାନଙ୍କ ସଙ୍ଗେ ମୂଳ ପ୍ରାକୃତ ହିସାବରେ ସମ୍ପର୍କ ନାହିଁ। ପୁଣି ମଘି ଓଡ଼ିଆ ପାଖକୁ ଲାଗିଥିବାରୁ ତା ଅନେକ ପରିମାଣରେ ଓଡ଼ିଆ ପରି। ଲରିଆ ସଙ୍ଗେ ସମ୍ବଲପୁରୀ ଭାଷାର ଯେ ସମ୍ପର୍କ ମଘି ସଙ୍ଗେ ସିଂହଭୂମି ଓଡ଼ିଆର ସମ୍ପର୍କ ତା'ଠାରୁ ଆହୁରି ନିକଟତର। ମାତ୍ର ଏ ଦୁଇ ଭାଷାରେ ସାହିତ୍ୟ ଯେ ଫୁଟି ନାହିଁ, ତା'ର କାରଣ ହେଉଛି, ମୁସଲମାନ ଓ ମୋଗଲ ରାଜତ୍ୱରେ ବିହାରୀ - ବିଶେଷରେ ବିହାରୀ କାୟସ୍ଥ-ମାନେ ରାଜକର୍ମରେ ରହି ପାରସୀ ତଥା ଉର୍ଦ୍ଦୁରେ ମନ ଦେଲେ। ବହୁପୁରୁଷ ଧରି ଉର୍ଦ୍ଦୁ ସେମାନଙ୍କର ଘର ଭାଷା ପରି ହୋଇଗଲା। ଦେଶୀ ଭାଷାକୁ କେହି ପଚାରିଲେ ନାହିଁ। ତାହା ଗ୍ରାମ୍ୟ ଭାଷା ବୋଲି ଘୃଣିତ ହେଲା। ବର୍ତ୍ତମାନ ସେଇ ଉର୍ଦ୍ଦୁ ସୂତ୍ରରେ ବିହାରର ଭାଷା ହୋଇଚି, କାର୍ଯ୍ୟରେ ହିନ୍ଦୁସ୍ଥାନୀ ବା ଉର୍ଦ୍ଦୁ, ମାତ୍ର ନାମରେ ହିନ୍ଦୀ। ଏବେ ମଧ୍ୟ ସହର ବାହାରେ ପ୍ରାଇମେରୀ ସ୍କୁଲ୍ରେ ପିଲାଏ ସେ ହିନ୍ଦୀ

Digitized by PPRACHIN, SOA

ବୁଝନ୍ତି ନାହିଁ। ଗ୍ରାମ ଲୋକେ ମଧ୍ୟ ଅର୍ଜିରେ ଲେଖାଥିବା ହିନ୍ଦୀ ବୁଝନ୍ତି ନାହିଁ। ଏହା ସହର ପାଖ ଛଡ଼ା ବାକୀ ସର୍ବତ୍ର ଚିପି ଭର୍ତ୍ତି କରାହେଉଚି। ବିଶେଷରେ ମଘି ବଙ୍ଗଳା ଓଡ଼ିଆ ଭିତରେ ଥିବା ଛୋଟନାଗପୁରର ଅନାଦିମ ଅଧିବାସୀମାନଙ୍କ ପକ୍ଷେ ମଧ୍ୟ ଏ କ୍ଷେତ୍ରରେ ଅସୁବିଧା ବଡ଼ ବେଶୀ। ସିଂହଭୂମିର ଶିକ୍ଷା ମଧ୍ୟ ସେଇ କାରଣରୁ ବହୁପରିମାଣରେ ପଛକୁ ପଡ଼ି ରହିଛି। ବଙ୍ଗଳା ସ୍କୁଲ କଚେରୀରେ ଗୃହୀତ ଭାଷା ଥିବାରୁ ମାନଭୂମିରେ ତାହା ସେତେ ହୋଇ ନାହିଁ।

ପ୍ରାଥମିକ ଶିକ୍ଷା ଓ ବ୍ୟବହାର ମାତୃଭାଷାରେ ହିଁ ହେବା ଉଚିତ -

ଏଥିରେ ଯୁକ୍ତି ହୋଇପାରେ, ଅନେକ ମଧ୍ୟ ଯୁକ୍ତି କରିବାର ଶୁଣାଯାଏ, ହିନ୍ଦୁସ୍ଥାନୀ ବା ହିନ୍ଦୀ ଯେତେବେଳେ ରାଷ୍ଟ୍ର ଭାଷା ହେଉଚି, ସେତେବେଳେ ଯେତେ ଭୂମିରେ ସ୍କୁଲ୍ କଚେରୀରେ ହିନ୍ଦୀ ଗୃହୀତ ଭାଷା ହୁଏ ସେତେ ଭଲ। ମାତ୍ର ଏଥିରେ ପ୍ରଗତି ପ୍ରତିହତ ହେବ। କୌଣସ ଆଗନ୍ତୁକ ରାଷ୍ଟ୍ରଭାଷା ବା କଳ୍ପିତ ଦେଶୀଭାଷା ସହଜରେ ମାତୃଭାଷାର ସ୍ଥାନ ପୂରଣ କରି ପାରିବ ନାହିଁ। ସେ ଚେଷ୍ଟା ପୃଥିବୀରେ କମ୍ ହୋଇନାହିଁ। ସମସ୍ତ ମଧ୍ୟଯୁଗରେ ରୋମାନ୍-କାଥଲିକ୍ ଇଉରୋପରେ ଲାଟିନ୍ ଭାଷା ଏହପିରି ସ୍କୁଲ କଚେରୀ ଓ ସାହିତ୍ୟର ଭାଷା ଥିଲା। ଆର୍ଯ୍ୟ ଅହଂକାର ଘେନି ଏଇ ଭାରତରେ ମଧ୍ୟ ସଂସ୍କୃତକୁ ସେବ କାଳେ ସ୍କୁଲ୍ କଚେରୀ ଓ ସାହିତ୍ୟର ଭାଷା କରାଯାଇଥିଲା। ଫଳରେ, ଜନସାଧାରଣର ଶିକ୍ଷା ତ ହେଲା ନାହିଁ, ପୁଣି ଘୋର ରକ୍ଷଣଶୀଳତା ଓ ଅନ୍ଧବିଶ୍ୱାସ ଘୋଟିଗଲା। ଏବେ ପ୍ରାୟ ହଜାରେ ବର୍ଷ ଏଇ ଭାରତରେ ପ୍ରାକୃତ ମାତୃଭାଷା ସବୁ ଚଳିଲାଣି। ମାତ୍ର ଦେଶର ଆଦିମ ନିବାସୀଙ୍କ ଭାଷାକୁ ସେଥିରେ ଦୃଷ୍ଟି ଦିଆ ନ ଯିବାରୁ, ସେମାନେ ପ୍ରଗତିରେ କି ଅବସ୍ଥାରେ ଅଛନ୍ତି ? କନ୍ଧ ସାନ୍ତାଳ ହୋ ଓରାଓଣ୍ଡ ପ୍ରଭୃତିମାନେ ପ୍ରାଚୀନ କାଳରେ ତାମିଲମାନଙ୍କ ଠାରୁ କମ୍ ସଭ୍ୟ ଥିବାର କୌଣସି ପ୍ରମାଣ ନାହିଁ। ଦେବୀପୂଜା ଓ ଶକ୍ତି ତନ୍ତ୍ରର ମୂଳ ସୂତ୍ର ମୁଖ୍ୟ ଭାବରେ ଏହିମାନଙ୍କର ଭାରତ ସଂସ୍କୃତିକୁ ଦାନ ଥିବାର ଅନୁମାନ ଅସଂଗତ ନୁହେଁ। ମାତ୍ର ତାମିଲମାନଙ୍କର ମାତୃଭାଷା ରହିଗଲା। ଏମାନଙ୍କର ମାତୃଭାଷା ଚିପି ହୋଇ ଅତି ସଂକୁଚିତ ହୋଇଗଲା। ଫଳ କ'ଣ ହୋଇଚି ? ଆଜି ମଧ୍ୟ ଇଂରେଜୀକୁ ପ୍ରାଇମେରୀ ସ୍କୁଲ୍‌ରେ ଏକମାତ୍ର ଭାଷା କଲେ ଫଳ କ'ଣ ହେବ ? ବାଧ୍ୟତାମୂଳକ ପ୍ରାଥମିକ ଶିକ୍ଷା କଲେ ମଧ୍ୟ ଏ କ୍ଷେତ୍ରରେ ଗତି ସୁକର ନୁହେଁ, ଏହା ସର୍ବବାଦୀ ସମ୍ମତ।

ବିହାରରେ ହିନ୍ଦୀ ଶିକ୍ଷାର ଫଳ -

ଏବେ ବିହାରରେ ମାତୃଭାଷାରେ ଶିକ୍ଷା ଦିଆହୁଏ ନାହିଁ, ଓଡ଼ିଶାରେ ହୁଏ। ବିହାର ଓଡ଼ିଶା ଯୁଗ୍ମ ପ୍ରଦେଶ ଥିଲା ବେଳେ, ଦୁଇ ପ୍ରଦେଶର ହିସାବ ଥାଇ ପ୍ରାଇମେରୀ ଶିକ୍ଷାର

Digitized by PPRACHIN, SOA

ରିପୋର୍ଟ ବାହାରୁ ଥିଲା । ଯେ କେହି ତାହା ଆଜି ଦେଖିପାରନ୍ତି । ପାଟନା ଛଡ଼ା ଅନ୍ୟ କୌଣସି ଜିଲ୍ଲାର ପ୍ରାଇମେରୀ ଶିକ୍ଷା ଲୋକପ୍ରିୟତାରେ ବା ପ୍ରଗତିରେ ଓଡ଼ିଶା ଜିଲ୍ଲାମାନଙ୍କର ପାଖଆଖରେ ନାହିଁ ।

ସିଂହଭୂମିରେ ଓଡ଼ିଆ ସଂଖ୍ୟା –

ପୁଣି ଗତ ସେନ୍‌ସସ୍‌ରେ ମଘିଭାଷୀ ଲୋକଙ୍କୁ ଓ ଅନେକ ଆଦିମ ଓ ହିନ୍ଦୀପଢ଼ା ଓଡ଼ିଆଙ୍କୁ ମଧ୍ୟ ହିନ୍ଦୀଭାଷୀ ବୋଲି ଲେଖାଯାଇଛି । ଜେମସେଦ୍‌ପୁର ପଞ୍ଜାବୀ ପ୍ରଭୃତିଙ୍କୁ ମଧ୍ୟ ହିନ୍ଦୀଭାଷୀ ବୋଲି ଲେଖାଯାଇଛି । ତଥାପି ଆଦିମଭାଷୀଙ୍କୁ ଛାଡ଼ିଦେଲେ ଓଡ଼ିଆଭାଷୀଙ୍କ ସଂଖ୍ୟା ଜିଲ୍ଲାରେ ଅନ୍ୟସବୁ ଭାଷୀଙ୍କଠୁ ବେଶୀ । ଏହିଠାରେ ଜାଣିବାର ଅଛି, ସେହି ସେନ୍‌ସସ୍‌ରେ ବଙ୍ଗଭାଷୀଙ୍କ ସଂଖ୍ୟା ଓଡ଼ିଆଭାଷୀଙ୍କ ତଳକୁ । କିନ୍ତୁ ସିଂହଭୂମିର ଏକ ବଡ଼ ସବ୍‌ଡିଭିଜନ୍ ଧଳଭୂମିରେ ହିନ୍ଦୀ ନୁହେଁ, ବଙ୍ଗଳା ହେଉଛି ଏକମାତ୍ର ସ୍କୁଲ ଓ କଚେରୀରେ ଗୃହୀତ ଭାଷା । ସେଦିନ ଧଳଭୂମିର ପ୍ରାଇମେରୀ ଶିକ୍ଷକଙ୍କର କାର୍ଯ୍ୟକାରୀ ସମିତି ମେମ୍ବରଙ୍କର ଏକ ତାଲିକା ପ୍ରକାଶ ପାଇଥିଲା । ସେଥିରେ ଜଣକ ଛଡ଼ା ବାକୀ ସମସ୍ତଙ୍କର ନାମର ଉପାଧି ତ୍ରିପାଠୀ, ସାହୁ, ମହାନ୍ତି, ନାୟକ – ଏହିପରି । ମାତ୍ର ଏ ସମସ୍ତେ ବଙ୍ଗଳା ପ୍ରାଇମେରୀ ସ୍କୁଲ୍‌ର ଶିକ୍ଷକ ଓ ବଙ୍ଗାଳୀ । ପୁଣି ସେ ସବୁ ଭୂମିରେ ଓଡ଼ିଆମାନେ ବଙ୍ଗାଳୀ ବୋଲି ପରିଚୟ ଦେବାର ଅନ୍ୟାନ୍ୟ କାରଣମାନ ଓଡ଼ିଆଙ୍କୁ ବୁଝାଇବା ଦରକାର ନାହିଁ । ଧଳଭୂମିର 'ଧଳ' ଉପାଧିଧାରୀ 'ରାଜା' ବୋଲି ପରିଚିତ ଜମିଦାର ନିଜକୁ ଓଡ଼ିଆ ବୋଲି ପରିଚୟ ଦେବାକୁ ଏବେ ଅପମାନ ବୋଲି ମନେ କରନ୍ତି । ମାତ୍ର ଏହାଙ୍କ ପୂର୍ବାଧିକାରୀ ନିଜକୁ ଓଡ଼ିଆ ବୋଲିବାକୁ ଗୌରବ ମଣୁଥିଲେ । ପୁଣି ଜାମ୍‌ସେଦ୍‌ପୁରରେ ମଧ୍ୟ ବହୁସଂଖ୍ୟକ ବଙ୍ଗାଳୀ ଚାକିରି କରନ୍ତି । ସିଂହଭୂମିର ଅନ୍ୟାନ୍ୟ କାରଖାନାରେ ସେଇୟା । ଏହାଛଡ଼ା ସେନସସ୍‌ବେଳେ ସିଂହଭୂମି ପରି ଉପାନ୍ତ ଭୂମିରେ ବଙ୍ଗାଳିଙ୍କ ସତର୍କତା ସହଜରେ ଅନୁମାନଗମ୍ୟ । ଏ ସମ୍ବନ୍ଧରେ ମେଦିନୀପୁରର ବଙ୍ଗାଳୀ ସୁପରଭାଇଜରମାନଙ୍କର ଏନ୍ୟୁମରେଟରମାନଙ୍କ ପ୍ରତି ହୋଇଥିବା କଡ଼ା ସର୍କୁଲାର ପ୍ରଦେଶ ଓ ଭାରତ ବ୍ୟବସ୍ଥାସଭାମାନଙ୍କରେ ପ୍ରକାଶ ପାଇଥିଲା । ମେଦିନୀପୁରରେ ଯେଉଁ କଥା ଧଳଭୂମିରେ ସେହି କଥା ।

ଫୁଲଝର ଓ ମେଦିନୀପୁରର ଅବସ୍ଥା –

ଫୁଲଝରରୁ ଅନେକ ଦିନୁ ଖବର ମିଳୁ ନାହିଁ । ସେଠାର ଏବେ ନେତୃସ୍ଥାନୀୟ ଆଉ କେହି ନାହାନ୍ତି । ସେଠାକୁ ଯାଇ ନେତା ବାହାର କରିବାକୁ ହେବ । ମେଦିନୀପୁର ଓଡ଼ିଆମାନେ ଓଡ଼ନେଲ କମିଟି ବେଳେ ବଡ଼ କବୋଷ୍ଣ ମମତା ଦେଖାଇଥିଲେ । ପୁଣି କନ୍ଥୀ ଲୋକେ ବିରୋଧ କରିଥିଲେ । ସେହି ଅବସ୍ଥା ଯେବେ ବର୍ତ୍ତମାନ ଥାଏ, ତେବେ

Digitized by PPRACHIN, SOA

କିଛି କହିବାର ନାହିଁ। କାହାର ଇଚ୍ଛା ବିରୁଦ୍ଧରେ କାହାକୁ ଝିଙ୍କିବା ଠିକ୍ ନୁହେଁ। ମାତ୍ର ମେଦିନୀପୁର ଓଡ଼ିଆଙ୍କ ଭିତରେ ଅବସ୍ଥା ବଦଳି ଥିବାର ଏବେ ବହୁତ କାରଣ ହୋଇଛି। ସେକଥା ଟିକିଏ ବାରି ନେବା ଉଚିତ। ଆଉ ଯାହା ହେଉ ଓଡ଼ିଶାରୁ ଏ ସମ୍ବନ୍ଧରେ ପ୍ରଥମେ ନେତୃତ୍ୱର ପ୍ରେରଣା ଖେଳିଯିବା ଦରକାର। ଏକଥା ବେଶି କରି ବୁଝାଇବା ପ୍ରୟୋଜନ ନାହିଁ।

ଉତ୍କଳ କଂଗ୍ରେସର କାର୍ଯ୍ୟ –

ଅତଏବ ଉତ୍କଳ କଂଗ୍ରେସ କମିଟି ଏ ବିଷୟରେ ଶୀଘ୍ର କର୍ମଯୋଜନା ତିଆରି କରନ୍ତୁ। ଦରକାର ହେଲେ ବାଛି ବାଛି ବେ-କଂଗ୍ରେସ ଲୋକଙ୍କୁ ମଧ୍ୟ ସଂଗରେ ନେଇ କମିଟି ଗଢ଼ି କାର୍ଯ୍ୟରେ ଲାଗିଯାଆନ୍ତୁ। ଉପାନ୍ତ ଅଞ୍ଚଳରେ, ବିଶେଷତଃ ସିଂହଭୂମି ପରି ଜିଲ୍ଲାରେ, ବହୁ ସଂଖ୍ୟାରେ କଂଗ୍ରେସ ମେମ୍ବର ହୋଇ ଜିଲ୍ଲାମାନଙ୍କର କଂଗ୍ରେସ କମିଟି ହାତରେ ରଖନ୍ତୁ ବା ସେଥିରେ ଜୋର ପକାନ୍ତୁ। ନିଖିଳ ଭାରତ କଂଗ୍ରେସ କମିଟିରେ ଓଡ଼ିଶାର ଉପାନ୍ତ ପ୍ରଦେଶ ପାଇଁ ଦୃଢ଼ଭାବରେ ଦାବି କରାଯାଉ। ବିଶେଷରେ ସିଂହଭୂମି ଗୋଟିଏ ପୁରା ଜିଲ୍ଲା ଥିବାରୁ ସେଇଠାକୁ କର୍ମର ପୀଠ କରାଯାଉ। ଦରକାର ହେଲେ ଯାଜପୁରରୋଡ୍ ଠାରେ ମଟର ବ୍ୟବସ୍ଥା କରି ସିଂହଭୂମି ସଙ୍ଗେ ସମ୍ପର୍କ ଘନିଷ୍ଠ କରାଯାଉ।

ଓଡ଼ିଶା ସରକାରଙ୍କ କାର୍ଯ୍ୟ –

ସରକାର ଏଥିରେ ପ୍ରାଦେଶିକ କଂ[illegible] ସଙ୍ଗେ ଯୋଗ ଦିଅନ୍ତୁ। ପ୍ରାଦେଶିକ ବ୍ୟବସ୍ଥାସଭାରେ ଦୃଢ଼ଭାବ ବ୍ୟକ୍ତକରି ଏ ବିଷୟରେ ପ୍ରସ୍ତାବ ଧାର୍ଯ୍ୟ କରି ଭାରତ ତଥା ସଂପୃକ୍ତ ପ୍ରଦେଶର ବ୍ୟବସ୍ଥା ସଭାମାନଙ୍କୁ ପଠାଯାଉ। ଇଂଲଣ୍ଡ ସରକାରଙ୍କ ପାଖକୁ ଏ ଆନ୍ଦୋଳନ ଓ ଦାବି ପହଞ୍ଚିବାର ବ୍ୟବସ୍ଥା ମଧ୍ୟ କରାଯାଉ। ନିଖିଳ ଭାରତ ପାର୍ଲାମେଣ୍ଟରି କମିଟିକୁ ଧରି ଅନ୍ତତଃ କଂଗ୍ରେସ ପ୍ରଦେଶମାନଙ୍କରେ ଥିବା ଓଡ଼ିଆ ଉପାନ୍ତ ଭୂମି ସବୁରେ ଏବେ କିପରି ଶୀଘ୍ର ଅନ୍ୟତର ସ୍କୁଲ୍ ଓ କଚେରୀ ଭାଷା ରୂପେ ଓଡ଼ିଆ ଭାଷା ଚଳିବ ତା'ର ବ୍ୟବସ୍ଥା କରାଯାଉ।

ଓଡ଼ିଶାରେ ପ୍ରତିବେଶୀଙ୍କ ରକ୍ଷିତ ସ୍ୱାର୍ଥର କ୍ରିୟା-ଆନ୍ଧ୍ର –

ଶୁଣାଯାଉଥିଲା, ଆମେ ଯେତେବେଳେ ଓଡ଼ିଶା ପାଇଁ ଏକମାତ୍ର ଓଡ଼ିଆ ଭାଷା ପ୍ରାଥମିକ ସ୍କୁଲ୍ ଓ କଚେରୀ ଭାଷା ରୂପେ ନିର୍ଦ୍ଦେଶ କରୁଥାଇଁ ସେତେବେଳେ ପ୍ରଦେଶାନ୍ତରରେ ଓଡ଼ିଆ ଚଳାଇବାକୁ କିପରି କହିବା ? ଦେଖିବାର ଅଛି, ଭାରତର ପ୍ରଦେଶମାନ ଆମେ ଗଢ଼ି ନାହୁଁ କି ସେସବୁ ଭାଷାସୂତ୍ରରେ ଗଢ଼ା ହୋଇ ନାହିଁ। ଓଡ଼ିଶା ବଙ୍ଗଳା ଓ ସେଇପରି ଆଉ କେତୋଟି ପ୍ରଦେଶ ଯେ ଏକଭାଷୀ ଅଛନ୍ତି, ତାହା ଆକସ୍ମିକ, ବିଚାରରେ କଳ୍ପିତ ନୁହେଁ। ପୁଣି ବଙ୍ଗଳା କି ଓଡ଼ିଶା କେହି ଭାଷା ସୂତ୍ରରେ ନିଜର ସବୁତକ

Digitized by PPRACHIN, SOA

ମଧ୍ୟ ପାଇନାହାନ୍ତି । ଅନ୍ୟ ଭାଷାଭାଷୀଙ୍କ ଭିତରେ କ୍ଷୁଦ୍ର କ୍ଷୁଦ୍ର ଖଣ୍ଡରେ ବଣ୍ଟା ହୋଇ ରାଜଧାନୀର ବହୁ ଦୂରରେ ରହି ଓଡ଼ିଆମାନଙ୍କର ଭୂମିରେ ପ୍ରାୟ ଦେଢ଼ଶହ ବର୍ଷ ଧରି ଅନ୍ୟମାନଙ୍କର ଭୀଷଣ ରକ୍ଷିତସ୍ୱାର୍ଥ ସୃଷ୍ଟି ହୋଇ ଯାଇଛି । ଏହିପରି ବ୍ୟବସ୍ଥାରେ ଯେ ରକ୍ଷିତ ସ୍ୱାର୍ଥ ସୃଷ୍ଟି ହୁଏ ତା ବୁଝାଇବା ଦରକାର ନାହିଁ। ସେଇ ସ୍ୱାର୍ଥରେ ଭାରତ ଆଜି ଆର୍ଯ୍ୟଭୂମି; ଆମେରିକା ଆଫ୍ରିକା ଓ ଅଷ୍ଟ୍ରେଲିଆ ପ୍ରଭୃତିର ଇଉରୋପୀୟମାନଙ୍କ ବିଜିତ ଭୂମି ଆଜି ଗୋରାଭୂମି । ଏକଥା ଗୋଳାଇ ପୋଳାଇ ଦେଇ ମହାଭାରତୀୟ ଆଦର୍ଶର ବହିରାବରଣ ଆଭାଷରେ ଭାସିଯିବାର କୌଣସି କାରଣ ନାହିଁ। ସେଇ ରକ୍ଷିତସ୍ୱାର୍ଥ ପାଇଁ ପ୍ରତିବେଶୀମାନେ ଏବେ ଛଟ୍‌ପଟ୍ ହେଉଛନ୍ତି । ଏପରିକି ସେଦିନ ସ୍ପଷ୍ଟ ଭାବରେ ଓଡ଼ନେଲ କମିଟି ଆଗରେ ଆନ୍ଧ୍ରମାନେ ଋଷିକୂଲ୍ୟା ଯାଏ ଦାବି କରିଥିଲେ । ଶତକଡ଼ା ଅଶୀରୁ ବେଶୀ ଓଡ଼ିଆ ଯେଉଁ ଭୂମିରେ ନାହାନ୍ତି ସେ ଭୂମି ଓଡ଼ିଶାକୁ ଯିବା ଓଡ଼ିଆଲୋକଙ୍କ ପକ୍ଷେ ମଙ୍ଗଳକର ନୁହେଁ ବୋଲି ପଟାଭିସିତାରାମାୟା ପ୍ରମୁଖମାନେ ସ୍ପଷ୍ଟ ଦାବି ବାଢ଼ି ଇଂଲଣ୍ଡ ଯାଏ ଉଦ୍ୟମ ଭିଡ଼ିଥିଲେ । ଏଇ ଅଶୀ ଭିତରେ ପୁଣି ଆଦିମମାନେ ଓଡ଼ିଆଭାଷୀ ହେଲେ ହେଁ ଗଣା ହୋଇନଥିଲେ । ଜୟପୁର ସେଥିପାଇଁ ଆନ୍ଧ୍ର ବୋଲି ଦାବି କରାଯାଉଥିଲା ।

ବଙ୍ଗାଳୀ –

ବଙ୍ଗାଳିମାନେ ଦିନେ ସମସ୍ତ ଓଡ଼ିଶାକୁ ଦାବିକରି ପ୍ରମାଣ କରୁଥିଲେ ଓଡ଼ିଆ ବଙ୍ଗଳା ଠାରୁ ଅଲଗା ଭାଷା ନୁହେଁ । କଲିକତା ବିଶ୍ୱବିଦ୍ୟାଳୟରେ ଓଡ଼ିଆକୁ ଇଚ୍ଛାଧୀନ ବିଷୟରୂପେ ମଧ୍ୟ ଭର୍ତ୍ତିକରି ଦେଇନଥିଲେ । ସେ ତ ପୁରୁଣା କଥା । ଏବେ ସେଦିନ ବାଲେଶ୍ୱରକୁ ମଧ୍ୟ ଦାବି କରି ବସିଥିଲେ । ପୁଣି ବଙ୍ଗଳା କଂଗ୍ରେସ କମିଟିଙ୍କ ଅବଗତି ଏବା କାହିଁକି, ଅନୁମତିରେ ମେଦନୀପୁର ସଭାମାନଙ୍କରେ ଓଡ଼ିଆ ନେତାଙ୍କ ଉପରେ ଟେକା ମାଡ଼ ହୋଇଥିଲା । ଏ ତ ୧୯୩୦ ସାଲର ଓଡ଼ନେଲ କମିଟି ବେଳର କଥା । ଏବେ ମଧ୍ୟ ମେଦିନୀପୁରେ ଓଡ଼ିଆଭାଷାର ଗନ୍ଧ ପୂରାଇ ଦିଆଯାଉନାହିଁ ଖଡ଼ଗପୁରରେ ସହସ୍ର ସହସ୍ର ଓଡ଼ିଆ ରେଳ କର୍ମଚାରୀ ଥିଲେ ମଧ୍ୟ, ଖଡ଼ଗପୁରର ରେଳ କମ୍ପାନୀଙ୍କ ଚାଳିତ ସ୍କୁଲ୍‌ରେ ଓଡ଼ିଆ ଭାଷାର ପଠନ ବ୍ୟବସ୍ଥା ହୋଇପାରୁନାହିଁ । ଏବେ ମଧ୍ୟ ବଙ୍ଗାଳିମାନେ ସିଂହଭୂମି ଦାବି କରି କୃତକାର୍ଯ୍ୟ ହେବାକୁ ବସିଛନ୍ତି ।

ବିହାରୀ –

ବିହାରୀଙ୍କ କଥା କହିବା ଦରକାର ନାହିଁ । ଓଡ଼ନେଲ କମିଟିରେ ଥିଲାବେଳେ ଶ୍ରୀଯୁକ୍ତ ସଚ୍ଚିଦାନନ୍ଦ ସିଂହଙ୍କ ଓଡ଼ିଆ ଭାଷା ଓ ଅକ୍ଷର ପ୍ରତି ଆକ୍ଷେପ ଅନେକଙ୍କର ମନେ ଥିବ । ପୁଣି ସେତେବେଳେ ଶ୍ରୀକୃଷ୍ଣ ସହାୟ ବେଳ ଦେଖି ବଙ୍ଗାଳିମାନଙ୍କ ସଙ୍ଗେ ଭିତରେ ଯୋଗ ଦେଇ ସିଂହଭୂମି ଓଡ଼ିଶାକୁ ଆସିବାରେ ଯେପରି ବାଧା ଦେଇଥିଲେ, ତାହା ମଧ୍ୟ

Digitized by PPRACHIN, SOA

ସ୍ମରଣୀୟ। କଂଗ୍ରେସ ଜିଲ୍ଲା ହିସାବରେ ସିଂହଭୂମିରେ ବିହାରୀମାନେ ଯାହା କରିଛନ୍ତି ତା'ର ସୂଚନା ଦିଆଯାଇଛି।

ମଧ୍ୟପ୍ରଦେଶୀ –

ମଧ୍ୟପ୍ରଦେଶର ଓଡ଼ିଶାରେ ରକ୍ଷିତସ୍ୱାର୍ଥସ୍ପୃହା ମଧ୍ୟ ଦେଖା ନ ଯାଇଛି, ନୁହେଁ। ସମ୍ବଲପୁରକୁ ଓଡ଼ିଆ ଭୂମି ବୋଲି ସ୍ୱୀକାର କରି ଓଡ଼ିଶା ସଙ୍ଗେ ମିଶାଇ ଦେବାର ଉଦ୍ୟମରେ ସେମାନେ ଯେଉଁ ବାଧା ଦେଇଥିଲେ, ତାହା ମନେରଖିଥିବା ଲୋକ ଅଳ୍ପ ଅଛନ୍ତି। ଲର୍ଡ଼ କର୍ଜନଙ୍କ ପରି ଟାଣୁଆ ବଡ଼ଲାଟ ନ ଥିଲେ, ସେତେବେଳେ ସମ୍ବଲପୁର ଓଡ଼ିଶାକୁ ଆସିପାରିଥାନ୍ତା କି ନାହିଁ ସନ୍ଦେହ। ପୁଣି ଏ ସମ୍ବନ୍ଧରେ ସେତେବେଳର ସ୍ୱର୍ଗତ ବୈକୁଣ୍ଠ ପୂଜାରୀ ପ୍ରମୁଖ ସମ୍ବଲପୁରର ନେତାମାନେ ତଥା ଲୋକସାଧାରଣଙ୍କ ଅତନ୍ଦ୍ରିୟ ଚିନ୍ତା ଓ ଚେଷ୍ଟା ଏବେ ମଧ୍ୟ ଓଡ଼ିଶାରେ ଜାତୀୟ ଭାବରେ ସ୍ମରଣୀୟ। ଏବେ ଓଡ଼ନେଲ କମିଟିରେ ମଧ୍ୟ ଫୁଲଝର କଥା ଦୂରେ ଥାଉ ଓଡ଼ିଶା ଭିତରେ ବନ୍ଧା ହୋଇଥିବା ବିନ୍ଦ୍ରାନୁଆଗଡ଼ ଖଣ୍ଡ ପର୍ଯ୍ୟନ୍ତ ଓଡ଼ିଶାକୁ ଆସି ନାହିଁ।

ସବୁ ଓଡ଼ିଆ ଭୂମି ଓଡ଼ିଶାକୁ ଆସି ନାହିଁ –

ଏହି ପରିସ୍ଥିତିରେ ସବୁ ଓଡ଼ିଆଭୂମି ଯେ ଓଡ଼ିଶାକୁ ଆସି ନାହିଁ, ଏହା କେବଳ ନିଜେ ବୁଝିବାକୁ ଯେ ସହଜ, ସେତିକି ନୁହେଁ, ଯେ କୌଣସି ନିରପେକ୍ଷ ବୁଭୁତ୍ସୁ ଲୋକକୁ ବୁଝାଇବା ମଧ୍ୟ ଅତି ସହଜ। ଓଡ଼ିଶାର ମଝିଟି ମାତ୍ର ଆମେ ପାଇବୁ। ଆଉସବୁ ବାକୀ ପଡ଼ିଚି। ପୁଣି ଯେଉଁ ଓଡ଼ନେଲ କମିଟି ଓଡ଼ିଶା ଗଢୁଥିଲେ, ସେ ମୁଖ୍ୟତଃ ଭାଷାସୂତ୍ରରେ ପ୍ରଦେଶଗଠନ କଥା ବିଚାର କରୁନଥିଲେ। ଅନ୍ୟାନ୍ୟ କଥା ମଧ୍ୟରେ ଯାତାୟାତର ସୁବିଧା ପର୍ଯ୍ୟନ୍ତ ମଧ୍ୟ ତାଙ୍କ ବିଚାରରେ ଯଥେଷ୍ଟ ସ୍ଥାନ ପାଇଥିଲା। ଏଥିରେ ସିଂହଭୂମି ଫୁଲଝର ପ୍ରଭୃତି ନ ଆସିବାର କଥା, ଆସି ନାହିଁ।

ଅନ୍ୟ ପ୍ରଦେଶ ଓଡ଼ିଆ ଭାଷା ପାଇଁ ବ୍ୟବସ୍ଥା କରନ୍ତୁ –

ଏଥିପାଇଁ ଆମେ ଓଡ଼ିଶାରେ ଏକା ଓଡ଼ିଆ ସ୍କୁଲ୍ କଚେରୀ ଭାଷା କଲୁ ବୋଲି, ପ୍ରତିବେଶୀ ପ୍ରଦେଶମାନଙ୍କ ପାଖେ ଉପାନ୍ତ ଭୂମି ପାଇଁ ଓଡ଼ିଆ ଦାବି କରିବାରେ ସଂକୋଚ ବା ଆପତ୍ତି କ'ଣ ଅଛି। ବିହାର, ମଧ୍ୟପ୍ରଦେଶ, ମାନ୍ଦ୍ରାଜ – ତିନୋଟି ଭିତରୁ ପୁଣି କେଉଁଟି ଏକଭାଷୀ ପ୍ରଦେଶ ? ବିହାର ଭାଷା କଥା ବହୁତ କୁହା ଯାଇଛି। ତେବେ, ସେଠାରେ ବିଶେଷତଃ ଛୋଟନାଗପୁରେ ହିନ୍ଦୀ ଛଡ଼ା ବଙ୍ଗଳା ଯେବେ ଚଳିଲା, ଓଡ଼ିଆ ନ ଚଳିବାର କାରଣ ବା କ'ଣ ? ଛୋଟନାଗପୁର ସହିତ ବିହାର ଏକଭାଷୀ ହେଲା ବେଳେ, ସିଂହଭୂମିରେ ଓଡ଼ିଆ ସ୍କୁଲ କଚେରୀ ଭାଷା କରିବାପାଇଁ ହୁଏତ ଯୁକ୍ତି ଦରକାର ହୋଇପାରେ, ଏବେ ନୁହେଁ। ଠିକ୍ ବିହାର ପରି ନ ହେଲେ ମଧ୍ୟ, ମଧ୍ୟପ୍ରଦେଶରେ

Digitized by PPRACHIN, SOA

ଏବେ ମରାଠୀ ଓ ହିନ୍ଦୀ ଦୁଇଟି ଭାଷା ଚଳେ। ଓଡ଼ିଆ ଭୂମିରେ ଓଡ଼ିଆ ଚଳିବାରେ ଆପତ୍ତି କାହିଁକି ? ମାନ୍ଦ୍ରାଜର ଭାଷା ସଂଖ୍ୟା ଆଉରି ଭୀଷଣ। ସେଠାରେ ଚାରୋଟି ଭାଷା ଚଳେ। ଓଡ଼ିଆ ଭୂମିରେ ଓଡ଼ିଆ ଭାଷା ଚଳିବା ଉଚିତ। ସରକାରମାନଙ୍କର ଏଥିରେ ଖର୍ଚ୍ଚ ବଢ଼ିଯିବ ବୋଲି କହିବା ଠିକ୍ ନୁହେଁ। ସରକାର ଲୋକଙ୍କ ପାଇଁ, ଲୋକେ ସରକାର ପାଇଁ ନୁହନ୍ତି। ଯେତେଦିନ ଗୋଳିଆ ପୋଳିଆ କରି ନାନାଭାଷୀ ଲୋକଙ୍କୁ ପ୍ରଦେଶରେ ରଖିବାକୁ ହେବ ଓ ସେମାନଙ୍କଠାରୁ ଖଜଣା ଟିକସ ନେବାକୁ ହେବ, ସେତେଦିନ ସେମାନଙ୍କ ପାଇଁ ବିହିତ ବ୍ୟବସ୍ଥା କରିବାକୁ ସରକାର ବାଧ୍ୟ ।

ନିଖିଳ ଭାରତ କଂଗ୍ରେସ କମିଟିରେ କଣ କରିବାକୁ ହେବ –

ପୁଣି କୁହାଯାଇପାରେ ନିଖିଳ ଭାରତ କଂଗ୍ରେସ କାର୍ଯ୍ୟକାରୀ କମିଟି, ଆନ୍ଧ୍ର ପ୍ରଭୃତିଙ୍କ ଠାରୁ ଆପତ୍ତି ଶୁଣି, ଭାରତସରକାର ହାତକୁ ଆସିଲେ ଭାଷାସୂତ୍ରରେ ପ୍ରଦେଶ ସବୁ ଗଢ଼ି ଦେବେ ବୋଲି କହି, ଏବେ ଭାରତରେ କଂଗ୍ରେସ ରାଜନୀତିର ପରିସ୍ଥିତି ଦୃଷ୍ଟିରେ, ସେ ବିଷୟରେ ଆଉ ଆନ୍ଦୋଳନ ନ କରିବାକୁ କହିଛନ୍ତି। ତେବେ ବଙ୍ଗଳାଠାରୁ କର୍ଣ୍ଣାଟକ ଯାଏ ସମସ୍ତେ ତ ନିଜ ନିଜ ଦାବି ଦୃଢ଼କରି ବାଢ଼ି କଂଗ୍ରେସରେ ତଥା ଯଥାସମ୍ଭବ ସରକାରମାନଙ୍କରେ ପ୍ରସ୍ତାବମାନ ପାସ କରାଇ, ଅସଲ୍ ବେଳକୁ ବାରୁଦ ତାଜା କରି ରଖିଛନ୍ତି। ଓଡ଼ିଆ କ'ଣ ଖାଲି ଫାଉରେ ପାଇଯିବେ ? ଆମେ ମଧ୍ୟ କଂଗ୍ରେସର ରାଜନୀତିକ ପରିସ୍ଥିତିରେ ଖଟା ଲଗାଇବାକୁ ଲୋଡୁନାହୁଁ। ମାତ୍ର ଭାରତର କଂଗ୍ରେସ ତଥା କଂଗ୍ରେସ ସରକାର କର୍ତ୍ତାମାନେ ପ୍ରସ୍ତାବମାନ ଧାର୍ଯ୍ୟ କରି ସ୍ପଷ୍ଟ କହନ୍ତୁ, ଠିକ୍ ଭାଷାସୂତ୍ରରେ ପ୍ରଦେଶ ଗଠନ ବେଳ ଆସିଲେ, ସିଂହଭୂମି ପ୍ରଭୃତି ପ୍ରତିବେଶୀ ପ୍ରଦେଶମାନଙ୍କରେ ଥିବା ଓଡ଼ିଆ ଭୂମିମାନ ବୁଝି ଶୁଝି ବାହାର କରି ଓଡ଼ିଶାକୁ ଦିଆଯିବ। କାରଣ, ଓଡ଼ଶା ଭାଷାସୂତ୍ରରେ ପୂର୍ଣ୍ଣରୂପେ ଗଢ଼ା ହୋଇନାହିଁ। ସଙ୍ଗେ ସଙ୍ଗେ କଂଗ୍ରେସ ସରକାରମାନଙ୍କୁ ଧରି ସିଂହଭୂମି ଫୁଲଝର ମଞ୍ଜୁଷା ପ୍ରଭୃତିରେ ଓଡ଼ିଆ ଅନ୍ୟତର ବା ଅନ୍ୟତମ ଭାଷା ରୂପେ ସ୍କୁଲ୍ କଚେରୀରେ ଚଳାଇବାର ବ୍ୟବସ୍ଥା କରାଯାଉ। ଅର୍ଥାତ୍ ଉପାନ୍ତ ଓଡ଼ିଆ ଭୂମମାନଙ୍କରେ ଭାଷା ହିସାବରେ ଓଡ଼ିଆର ଓଡ଼ିଆତ୍ୱ ଯେପରି କ୍ରମେ ଲୋପ ନ ପାଏ, ତା'ର ସୁବ୍ୟବସ୍ଥା କର୍ତ୍ତମାନେ କରାଇ ଦିଅନ୍ତୁ। ଦରକାର ବିବେଚିତ ହେଲେ ବା ଅନ୍ୟାନ୍ୟ ବିଶେଷ ଅସୁବିଧା ନ ଥିଲେ ସିଂହଭୂମି ଜିଲ୍ଲା କଂଗ୍ରେସ ଉତ୍କଳ ପ୍ରଦେଶରେ ପୁଣି ରଖାଯାଉ ଓ ସମ୍ଭବ ହେଲେ ଫୁଲଝର ପ୍ରଭୃତି ସମ୍ବଲପୁର, ପୁଣି ମଞ୍ଜୁଷା ପ୍ରଭୃତି ଗଞ୍ଜାମ କଂଗ୍ରେସ କମିଟିକୁ ଆସୁ। ଏସବୁ ବା ଏଇଭଳି କିଛି ସ୍ପଷ୍ଟ ପ୍ରସ୍ତାବ ଓ କାର୍ଯ୍ୟ ହେଲେ, ଆଉ କିଛି କହିବା ବା ବିଶେଷ କରିବା ଏବେ ଦରକାର ହେବ ନାହିଁ।

ନବଭାରତ-୫/୨, ଆଲୋଚନା

Digitized by PPRACHIN, SOA

କେତୋଟି ଜରୋରି କଥା

ଓଡ଼ିଶା କଂଗ୍ରେସ ତଥା ଓଡ଼ିଶା ସରକାର ନିମ୍ନଲିଖିତ କେତୋଟି ଅତି ଜରୋରି ବିଷୟରେ ଶୀଘ୍ର ସ୍ପଷ୍ଟ ହାତ ଦେବା ଦରକାର। ଏ ବିଷୟ ଗୁଡ଼ିକରେ କଅଣ କରୁଚନ୍ତି, କେତେଦୂର କିପରି ଭାବରେ ଅଗ୍ରସର ହେଉଚନ୍ତି, ଏ ସବୁ ବିଷୟ ବାହାରେ ସମସ୍ତଙ୍କୁ ସବୁବେଳେ ଜଣାଇ ରଖୁଥିବା ଦରକାର କେବଳ ଓଡ଼ିଶାରେ ନୁହେ ଓଡ଼ିଶା ବାହାରେ ମଧ୍ୟ ଜଣାଇବା କଥା ଏଠାରେ କୁହାଯାଉଚି। ସମସ୍ତଙ୍କ ଦୃଷ୍ଟି ଏବେ ନିକଟ ସ୍ୱାର୍ଥରେ ସୀମାବଦ୍ଧ ହୋଇ ରହିଚି। ପ୍ରଜାସ୍ୱତ୍ୱ, ଋଣ, ପ୍ରାଥମିକଶିକ୍ଷା, ଚଉକିଦାରି ଇତ୍ୟାଦି ଘେନି ସମସ୍ତେ ବ୍ୟସ୍ତ। ତା ହେବା ସ୍ୱାଭାବିକ। ଏଥିରେ ମୂଳ ବିଷୟ ସବୁ କ୍ରମେ ଦୂରକୁ ରହି ପାସୋର ହୋଇ ଯିବାର କଥା। ତାହେଲେ ଭଲ ହେବ ନାହିଁ। ସେଥିପାଇଁ ସୁଚାଇ ଦେଉଚୁ।

୧। ଉପାନ୍ତ ଓଡ଼ିଆଭୂମି

ଏ ବିଷୟରେ ଆମେ ବାରମ୍ବାର ବହୁତ କହିଚୁ। ବଂଗଳା ଏ କ୍ଷେତ୍ରରେ ଯାହା କରିବାର ପ୍ରାୟ କରିନେଇ ସାରିଲାଣି। ଏବେ ଆନ୍ଧ୍ରମାନେ ପ୍ରବଳ ଉଦ୍ୟମ କରୁଚନ୍ତି। ଶ୍ରୀଯୁକ୍ତ ଜୟମଙ୍ଗଳ ଓ ଅନ୍ୟାନ୍ୟମାନଙ୍କ ପ୍ରକାଶିତ ପତ୍ରରୁ ଯାହା ଜଣାପଡୁଚି, ସେ ଅତି ଭୟାବହ। ଏଥିପାଇଁ ଓଡ଼ିଶା ସରକାର ଆଗ ଏକ ଦୃଢ଼ଭାଷୀ ପ୍ରସ୍ତାବ ବ୍ୟବସ୍ଥାସଭାରେ ପାସ କରାଇ, ଭାରତ ସରକାର, ଇଂଲଣ୍ଡ ସରକାର, ଓ କଂଗ୍ରେସର ଉପର ସଭାକୁ ପଠାନ୍ତୁ। ପ୍ରଦେଶିକ କଂଗ୍ରେସ କମିଟି ଶୀଘ୍ର ଏଇପରି ଏକ ପ୍ରସ୍ତାବ ପାସ କରି ଭାରତ କଂଗ୍ରେସ କମିଟିକୁ ଏକ ପ୍ରସ୍ତାବରେ ସ୍ୱୀକାର କରାଇ ନିଅନ୍ତୁ ଯେ, ଭାଷାସୂତ୍ରରେ ଓଡ଼ିଶାର କେତେକ ଅଂଚଳ ଏବେ ବାହାରେ ଅଛି। ପ୍ରଦେଶର ସୀମା ବିଚାର ବେଳେ ସେ ସବୁ ଅଂଚଳ ଅନ୍ୟପ୍ରଦେଶରୁ କାଢ଼ି ଓଡ଼ିଶାକୁ ଦିଆଯିବ।

ଏହାବାଦ ସିଂହଭୂମି ଉତ୍ତର ବିଶାଖାପାଟଣା ଫୁଲଝର ଓ ପାରିଲେ ଦାନ୍ତୁନ ପ୍ରଭୃତି ଅଂଚଳରେ ଓଡ଼ିଆ ଭାଷା ଭାବ ଓ ଜାତୀୟ କ୍ରିୟା ଜାଗ୍ରତ ରଖିବାକୁ ଯୋଜନା ତିଆରି କରି ଲୋକ ପଠାଇ କାର୍ଯ୍ୟ କରାନ୍ତୁ। ସେ ସବୁ ଭୂମିରେ ଓଡ଼ିଆ କଂଗ୍ରେସ ମେମ୍ବର ହୋଇ ପ୍ରାଇମେରି କମିଟି ଗଢ଼ନ୍ତୁ। ଜିଲା ଓ ପ୍ରାଦେଶିକ କମିଟି, ତଥା ଜିଲା ଓ ଲୋକାଲ ବୋର୍ଡ଼ରେ ଓଡ଼ିଆ ପଶନ୍ତୁ, ଦରକାର ହେଲେ ଆସେମ୍ଲିରେ ପଶିବାପାଇଁ ପ୍ରସ୍ତୁତ ରହନ୍ତୁ। ସିଂହଭୂମି କଂଗ୍ରେସ କମିଟିରେ ଓଡ଼ିଆ ମେମ୍ବରମାନେ ଅଧିକାଂଶ ରହନ୍ତୁ। ଏଇସବୁ ଉପାନ୍ତ ଭୂମିରେ ଏବେ ଓଡିଆ ଗୋଟିଏ କଚିରି ସ୍କୁଲ ଭାଷା ହେଉ। ଏଇ ସବୁ ଦୃଷ୍ଟିରେ କାର୍ଯ୍ୟ ଚାଲୁ। କାର୍ଯ୍ୟର ପ୍ରଗତି ବରାବର ଲୋକେ ଜାଣନ୍ତୁ। ଖବରକାଗଜରେ ସେ ବିଷୟ

Digitized by PPRACHIN, SOA

ମଧ୍ୟେ ମଧ୍ୟେ ଜୀବନ୍ତ ଭାବେ ପ୍ରକାଶ ପାଉଥାଉ। ଆସନ୍ତା ଜନ ଗଣନାବେଳେ ବିଷମ ହେବ। ସେ କଥାରେ ସମସ୍ତଙ୍କୁ ଜାଗ୍ରତ କରାଯାଉ।

୨ । ହସ୍ତମୁଦୀମାହାଲ-

ଓଡିଶାର ଏଗାର ଅଣା ଦରଦର ହସ୍ତମୁଦୀ ମାହାଲ-ସମ୍ବଲପୁର ଅନୁଗୁଳ ପରି ଭୂମି ଆଜି ହସ୍ତମୁଦୀ। ଓଡିଶା ସରକାର ଏହାକୁ ଉଠାଇବାପାଇଁ ଦୃଢ ପ୍ରସ୍ତାବ ପାଶ କରି ଭାରତସରକାରଙ୍କୁ ଓ ବିଲାତକୁ ପଠାନ୍ତୁ। ଓଡିଶା କଂଗ୍ରେସ ମଧ୍ୟ ସେଇପରି ପସ୍ତାବ ପାସ୍ କରି ଭାରତ କଂଗ୍ରେସ ନେତାମାନଙ୍କୁ ଏ କାର୍ଯ୍ୟରେ ଯଥାସାଧ୍ୟ ଲଗାଇବାର ଚେଷ୍ଟା କରନ୍ତୁ। ହସ୍ତମୁଦୀ ଅଂଚଳ ମାନଙ୍କରେ ଏ ବିଷୟରେ ଜାଗ୍ରତ ଆନ୍ଦୋଳନ ହେଉ।

୩। ବ୍ୟବସ୍ଥା ସଭାରେ ମନୋନୀତି ମେମ୍ବର

ବ୍ୟବସ୍ଥା ସଭାରେ ଚାରୋଟି ମନୋନୀତ ମେମ୍ବର ଭର୍ତ୍ତି କରିଦେଇ କେବଳ ଓଡିଶାକୁ ଅପମାନ କରାଯାଇଚି। ମାଳର ଯେଉଁ ଲୋକେ ପୂର୍ବେ ନିର୍ବାଚନ କରିବାର କ୍ଷମତା ପାଇଥିଲେ, ସେ ଆଜି ତା ହରାଇଚନ୍ତି। ବିଶାଖାପାଟଣା ମାଳର ଯେଉଁତକ ପୁଣି ମାନ୍ଦ୍ରାଜରେ ରହିଲା, ସେଠାଲୋକେ ହେଲେ ସଭ୍ୟ; ସେମାନେ ନିର୍ବାଚନ ଅଧିକାର ହରାଇଲେ ନାହିଁ: ମାତ୍ର ଯେଉଁତକ ଓଡିଶା ପ୍ରଦେଶରେ ଯୋଡା ହେଲା, ସେଠା ଲୋକେ ହୋଇଗଲେ ହଠାତ୍ ଅସଭ୍ୟ ଭୂତ, ସେମାନେ ପୂର୍ବର ନିର୍ବାଚନ ଅଧିକାର ହରାଇଲେ।

ପୁଣି ଭାରତର ଅନ୍ୟ କୌଣସି ପ୍ରଦେଶରେ ମନୋନୀତି ମେମ୍ବର ନାହାନ୍ତି। ଓଡିଶାରେ ୬୦ ଟି ମେମ୍ବରୁ ପୁଣି ଚାରୋଟି ମନୋନୀତ। ଏହା ପୁଣି ଶ୍ରମିକ ପ୍ରତିନିଧି ସଂଖ୍ୟାର ଚାରିଗୁଣ । ହାମଣ୍ଡ କମିଟି ରିପୋଟ ଉପରେ ଭାରତ ବ୍ୟବସ୍ଥା ସଭା (Assembly) ଯେଉଁ ପ୍ରସ୍ତାବ ଧାର୍ଯ୍ୟ କରିଥିଲେ, ସେଥରେ ଓଡିଶାର ଏଇ ଚାରୋଟି ମନୋନୀତ ମେମ୍ବେର ଉଠାଇ ଦିଆଯାଉ ବୋଲି ଏକ ସ୍ୱଷ୍ଟ ଦଫା ଅଛି।

ସରକାର ଶୀଘ୍ର ଏ ବିଷୟରେ ପ୍ରସ୍ତାବ ପାସ କରନ୍ତୁ ଓ ଭିତରେ ଓ ବାହାରେ ଆନ୍ଦୋଳନ ଜାଗ୍ରତ ରଖନ୍ତୁ; ଜୟପୁର ଗଞ୍ଜାମ ଲୋକେ ଓଡିଶାର ଆଉ ସବୁରି ସଙ୍ଗେ ସମାନ ଏହା କାର୍ଯ୍ୟରେ ପ୍ରମାଣ କରାଇ ନିଅନ୍ତୁ।

ଓଡିଶା କଂଗ୍ରେସ ମଧ୍ୟ ଏ ବିଷୟରେ ପ୍ରସ୍ତାବ ପାସ କରି ସେହିପରି ପ୍ରସ୍ତାବ ଭାରତ କଂଗ୍ରେସ କମିଟିରେ ପାଶ କରାଇ ନିଅନ୍ତୁ। ଲୋକଙ୍କୁ ମଧ୍ୟ ଜାଗ୍ରତ କରାଯାଉ ଓ ରଖାଯାଉ।

ଓଡିଶା ସରକାରଙ୍କ ନିଜ ଅଧୀନରେ ଏପରି ଗଡଜାତ ବୁଝାମଣା ନ ରହୁ।

ନବ ଭାରତ-୫/୭, ଆଲୋଚନା

Digitized by PPRACHIN, SOA

ଉପାନ୍ତ ଓଡ଼ିଆ ଭୂମି

କଂଗ୍ରେସ ଓ ଉତ୍କଳ

ଭାଷା ସୂତ୍ରରେ ପ୍ରଦେଶ ଗଠନ ନୀତି କଂଗ୍ରେସ ସ୍ପଷ୍ଟ ଭାବରେ ଗ୍ରହଣ କରିଛନ୍ତି। ଅବଶ୍ୟ ନୀତି ଗ୍ରହଣ କଲେ ତାହା କାର୍ଯ୍ୟରେ ପରିଣତ କରିବା ସବୁ ଅବସ୍ଥାରେ ସମାନ ଭାବରେ ସମ୍ଭବ ହୁଏ ନାହିଁ। କଂଗ୍ରେସ ଯେତେବେଳେ ଇଂରେଜ ସରକାର ସଙ୍ଗେ ଲଢ଼େଇ ମୁଖ୍ୟ ଭାବରେ ୧୯୨୧ରେ ଆରମ୍ଭ କଲା, ସେତେବେଳେ ହଠାତ୍ ମହାତ୍ମା ଗାନ୍ଧିଙ୍କ ପୁରୋଦୃଷ୍ଟିପର ନିର୍ଦ୍ଦେଶରେ ଭାରତବର୍ଷକୁ ଯଥାସମ୍ଭବ ଭାଷା ଅନୁସାରେ ପ୍ରଦେଶମାନଙ୍କରେ ବାଣ୍ଟି ଦେଲା। ସ୍ପଷ୍ଟ ଓଡ଼ିଶା ଭାଗରେ ସିଂହଭୂମି ପଡ଼ିଥିଲା। ଏପରି କି ନାଗପୁର କଂଗ୍ରେସର ଅବ୍ୟବହିତ ପରେ ୧୯୨୧ ମସିହାର ପ୍ରାରମ୍ଭରେ ସିଂହଭୂମର ଚକ୍ରଧରପୁରରେ ସେ ବର୍ଷ ଉତ୍କଳ ସମ୍ମିଳନୀର ଶେଷ ବୈଠକ ବସିଥିଲା। ଏହା ପୁଣି ସମ୍ମିଳନୀର ଶେଷ ବୈଠକ। ଏହିଠାରେ ସମ୍ମିଳନୀ କଂଗ୍ରେସ ନୀତି ଗ୍ରହଣ କଲେ, କାରଣ ଉତ୍କଳ ସମ୍ମିଳନୀର ଉଦ୍ଦେଶ୍ୟ ପୂର୍ଣ୍ଣ ହେଲା ବୋଲି ଓଡ଼ିଆମାନେ ବୁଝିଲେ। ୧୯୦୩ରେ ଉତ୍କଳ ସମ୍ମିଳନୀ ଆରମ୍ଭ ହୋଇଥିଲା ଓଡ଼ିଶା ଦେଶ ମିଶ୍ରଣ ପାଇଁ, ଅର୍ଥାତ୍, ସମଗ୍ର ଓଡ଼ିଆଭାଷୀ ପ୍ରଦେଶକୁ ଏକତ୍ର କରି କୌଣସି ପ୍ରଦେଶରେ ରଖିବା ପାଇଁ। ଏହିଠାରେ ସ୍ମରଣ କରାଇଦେବା ଉଚିତ ଉତ୍କଳର ତତ୍କାଳୀନ ନେତା ସ୍ୱର୍ଗତ ମଧୁସୂଦନ ଗୋଟିଏ ବିଶିଷ୍ଟ ଘଟଣାର ପ୍ରେରଣାରେ ଏହି ଉତ୍କଳସମ୍ମିଳନୀ ଆରମ୍ଭ କରିଥିଲେ। ସେ କାଳରେ କଂଗ୍ରେସ ସଙ୍ଗେ ଏହି ଘଟଣାଟିର ସମ୍ପର୍କ। ମଧୁସୂଦନ ସୁରେନ୍ଦ୍ରନାଥ ବାନାର୍ଜି ପ୍ରଭୃତିଙ୍କ ସଙ୍ଗେ ସେ କାଳ କଂଗ୍ରେସରେ ଥିଲେ। ବଙ୍ଗ ବିହାର ଓଡ଼ିଶା ସେତେବେଳେ ଗୋଟିଏ ପ୍ରଦେଶ ଥିବାରୁ ବଙ୍ଗ ପ୍ରାଦେଶିକ କଂଗ୍ରେସରେ ସେ ଦଳଭୁକ୍ତ ଥିଲେ। ୧୯୦୩ରେ ସେଥିପାଇଁ ବଙ୍ଗ ପ୍ରାଦେଶିକ ସମ୍ମିଳନୀକୁ କଟକକୁ ଡାକିଥିଲେ। ଏହି ସମ୍ମିଳନୀରେ ଓଡ଼ିଆଭାଷୀ ପ୍ରଦେଶକୁ ଏକତ୍ର କରି ତାହାର ସ୍ୱାତନ୍ତ୍ର୍ୟ ସ୍ୱୀକାର କରିବା ପାଇଁ ଗୋଟିଏ ପ୍ରସ୍ତାବ ଘେନି ଆଗରୁ ମଧୁସୂଦନଙ୍କର ସୁରେନ୍ଦ୍ରନାଥ ପ୍ରଭୃତିଙ୍କ ସଙ୍ଗେ ମତଭେଦ ହେଲା। ପ୍ରଥମ କଥା ସେ କାଳର ଫିରୋଜସା ମେହେଟ୍ଟା ପ୍ରଭୃତି ନେତାମାନେ ପ୍ରଦେଶ ଗଠନ ସଙ୍ଗେ ଭାଷାର କୌଣସି ସମ୍ପର୍କ ବୁଝୁ ନ ଥିଲେ। ଏବେ ମଧ ସେହି ରାଜନୀତି-ପନ୍ଥୀ ଲିବରାଲମାନେ ସେ ବିଷୟ ବୁଝନ୍ତି ବୋଲି ମନେ ହେଉ ନାହିଁ। ସୁରେନ୍ଦ୍ରନାଥ ପ୍ରଭୃତି ବଙ୍ଗଳାର ତତ୍କାଳୀନ ରାଜନୀତିକମାନେ ସେହି ଭାବରେ ପ୍ରଭାବିତ ହୋଇଥିବେ। ମାତ୍ର କେବଳ ସେତିକି ନୁହେଁ।

ପ୍ରତିବେଶୀଙ୍କ ବିରୋଧ

ଖ୍ରୀଷ୍ଟ ସପ୍ତଦଶ ଶତାବ୍ଦୀର ଅପରାର୍ଦ୍ଧରେ ଏକ ପ୍ରକାର ଶେଷ ହିନ୍ଦୁ ସାମ୍ରାଜ୍ୟ ଗଜପତିଙ୍କର ବିରାଟ ଓଡ଼ିଶା ଧ୍ୱଂସ ହେଲା। ତା'ପରେ ନାନା ଐତିହାସିକ କାରଣରୁ

Digitized by PPRACHIN, SOA

ଗୋଦାବରୀ ଠାରୁ ଉତ୍ତରକୁ ଆନ୍ଧ୍ରମାନେ ଓ ଗଙ୍ଗା ନ ହେଲେ ବି ରୂପନାରାୟଣଠାରୁ ଦକ୍ଷିଣକୁ ବଙ୍ଗାଳୀମାନେ ଓଡ଼ିଶାକୁ ମାଡ଼ି ଆସିଥିଲେ। ଅବଶ୍ୟ ପ୍ରାୟ ୧୦୦ ବର୍ଷ ପରେ ନାଗପୁରର ମରହଟ୍ଟାମାନଙ୍କ ହେତୁରୁ କେତେକ ଓଡ଼ିଆ ରାଜ୍ୟରେ ମଧ୍ୟପ୍ରଦେଶ ଆତ୍ତୁ ଲୋକେ ସେହିପରି ଶକ୍ତି ବିସ୍ତାର କରିଥିଲେ। ଏବେ ମଧ୍ୟ ସେହି କାରଣରୁ ଫୁଲଝର, ଚନ୍ଦ୍ରପୁର, ବିନ୍ଦ୍ରାନୂଆଗଡ଼ ପ୍ରଭୃତି କେତେଗୁଡ଼ିଏ ସ୍ୱଷ୍ଟ ଓଡ଼ିଆଭୂମି ଓଡ଼ିଶାକୁ ଆସି ନାହିଁ। ମାତ୍ର ଭାଷା ହିସାବରେ ଦ୍ୱୈଧ ପ୍ରାକୃତିକ ମଧ୍ୟପ୍ରଦେଶ ସରକାରଙ୍କର ସେସବୁ ଭୂମି ଓଡ଼ିଶାକୁ ଦେବାରେ ତାଦୃଶ ଆପତ୍ତିର କଥା ଶୁଣାଯାଇ ନାହିଁ। ଓଡ଼ିଶାର କଂଗ୍ରେସ ସରକାର ଟିକିଏ ଜୋର ଦେଲେ ହୁଏତ ସେସବୁ ଆସିପାରେ ନ ହୁଏତ ପ୍ରତିବେଶୀଙ୍କ ବିରୋଧ ରୂପବାନ୍ ହୋଇପାରେ। ତାହା ଯେତେଦିନ ହୋଇନାହିଁ, ସେ ବିଷୟରେ ବିଶେଷ ଆଲୋଚନା କରିବାର ଅବକାଶ ନାହିଁ।

ବଙ୍ଗଳା

ମାତ୍ର ବଙ୍ଗଳା ଓ ଆନ୍ଧ୍ର ପ୍ରଶ୍ନ ଠିକ୍ ସେପରି ନୁହେଁ। ନାନା ଐତିହାସିକ କାରଣରୁ ବଙ୍ଗ ପ୍ରଦେଶ ପାର୍ଶ୍ୱବର୍ତ୍ତୀ ଅନ୍ୟ ଭାଷାଭାଷୀଙ୍କୁ ଛାଡ଼ିବାକୁ ପ୍ରସ୍ତୁତ ନଥିଲେ। ନବଦ୍ୱୀପର ବଙ୍ଗ ଭାଷାକୁ ପାଠ କରି ସେମାନେ ଗୋଟିଏ ଭାଷା ଗଢ଼ି ତାକୁ ସବୁ ଭୂମିରେ ଭର୍ତ୍ତି କରୁଥିଲେ। ଓଡ଼ିଆ ସ୍ୱତନ୍ତ୍ର ଭାଷା ନୁହେଁ ବୋଲି ଆନ୍ଦୋଳନ ଉଠାଇ ମଧ୍ୟ ନିରସ୍ତ ହୋଇଥିଲେ। ୧୮୮୪ରେ ଅର୍ଥାତ୍ ଭାରତ କଂଗ୍ରେସ ବସିବାର ଠିକ୍ ପୂର୍ବବର୍ଷ ଭାରତ ରିପନଙ୍କ ଦାନରେ ଯେଉଁ ସ୍ଥାନୀୟ ସ୍ୱାୟତ୍ତଶାସନ ପାଇଥିଲା, ସେହି ବଳରେ ଆଇନ୍ କଲା ପରି କରି ମେଦିନୀପୁରରୁ ଏକାବେଳକେ ଜବରଦସ୍ତି ଓଡ଼ିଆର ସତ୍ତା ଲୋପ କରିଦେଲେ।

ବିହାର

ମେଦିନୀପୁର ଯାଇଛି, ସେଠା ଲୋକେ ଆଉ ଓଡ଼ିଆ ହେବାକୁ ଚାହିଁଲେ ନାହିଁ। ମାତ୍ର ସେଇ ସୂତ୍ରରେ ସିଂହଭୂମ ବିହାରକୁ ଯାଇଥିଲା। ସିଂହଭୂମ ଯେ କାହିଁକି ବିହାରରେ ରହିବ, ତାହାର କୌଣସି କାରଣ କେହି ଦେଇ ପାରିବେ ନାହିଁ । ଭାଷା ସୂତ୍ରରେ ସ୍ୱଷ୍ଟତଃ ତାହା ଓଡ଼ିଶାର ଅଂଶ। ଖରସୁଆଁ ଷଢ଼େଇକଳା ଏବେ ମଧ୍ୟ ଓଡ଼ିଆ। ୧୯୩୪ ପର୍ଯ୍ୟନ୍ତ ସିଂହଭୂମ କଂଗ୍ରେସ ହିସାବରେ ଉତ୍କଳରେ ଥିଲା। ଉତ୍କଳ କଂଗ୍ରେସରୁ ସେଠା ଲୋକେ ସତ୍ୟାଗ୍ରହରେ ଜେଲ ଭୋଗିଛନ୍ତି। ଧଳଭୂମ ଘେନି ବଙ୍ଗାଳୀମାନେ କେତେକ ଆଶା ରଖିଥିଲେ ସତ, କିନ୍ତୁ ବିହାରର ଗନ୍ଧ ସମ୍ବନ୍ଧ ସେଠାରେ ନ ଥିଲା। ୧୯୩୨ ବେଳକୁ ଗୋଲଟେବୁଲ ବୈଠକରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବା ଭଳି ସୂଚନା ସ୍ୱଷ୍ଟ ହେଲା। ୧୯୩୪ରେ ଡାକ୍ତର ରାଜେନ୍ଦ୍ର ପ୍ରସାଦ ଭାରତ କଂଗ୍ରେସର ସଭାପତି ହେଲେ। ସଙ୍ଗେ

Digitized by PPRACHIN, SOA

ସଙ୍ଗେ ସିଂହଭୂମ ଉତ୍କଳରୁ କଢ଼ା ହୋଇ ବିହାରରେ ଯୋଡ଼ା ହେଲା। କାହିଁକି ଏପରି ହେଲା ବୋଲି ଓଡ଼ିଆମାନେ ପଚାରିଲେ ଛଟପଟ ହେଲେ। କିନ୍ତୁ କର୍ତ୍ତା ସେଥିରେ କର୍ଣ୍ଣପାତ କଲେ ନାହିଁ। ଓଡ଼ିଶା ପ୍ରଦେଶ ଗଢ଼ିଲା ବେଳେ ସିଂହଭୂମ ଓଡ଼ିଶାକୁ ଆସିବାରେ ବାବୁ ରାଜେନ୍ଦ୍ର ପ୍ରସାଦଙ୍କ ଏହି କାର୍ଯ୍ୟଟି ଘୋର ଅନ୍ତରାୟ ହେଲା। ସିଂହଭୂମ ଓଡ଼ିଶାକୁ ଆସିଲା ନାହିଁ।

ଆନ୍ଧ୍ରମାନଙ୍କ ଦାବି

ପୁଣି ଦକ୍ଷିଣରେ ଆନ୍ଧମାନଙ୍କ କଥା। ଓଡ଼ିଶା ପ୍ରଦେଶ ଗଢ଼ା ହେବା ପୂର୍ବରୁ ସୀମା ଠିକ୍ କରିବା ପାଇଁ ଯେଉଁ କମିଟି ବସିଥିଲା, ସେହି କମିଟିର ଅନୁସନ୍ଧାନ ବେଳୁ ଆନ୍ଧ୍ରମାନେ ଧରି ବସିଲେ ଅନ୍ତତଃ ୪ଡକଡ଼ା କୋଡ଼ିଏ ଯେଉଁଠାରେ ଆନ୍ଧ୍ର ଅଛନ୍ତି ତାହା ଓଡ଼ିଶାକୁ ଯିବା ଉଚିତ ନୁହେଁ ଏବଂ ନ ଯାଉ। ଏହାର କାରଣରେ ସେମାନେ ଦକ୍ଷିଣ ଓଡ଼ିଶାରେ ଜନ୍ମିଥିବା ଆନ୍ଧ୍ରଙ୍କର ନାନା ରକ୍ଷିତ ସ୍ୱାର୍ଥ ବାଢ଼ି ବସିଲେ। ରକ୍ଷିତ ସ୍ୱାର୍ଥର ପୋଷଣ ମାନବ ସମାଜରେ 'ବଡ଼ ରୋଗ'। ସେ ବିଷୟରେ ବିଶେଷ କହିବା ଦରକାର ନାହିଁ। ଇଂରେଜମାନେ ପୁଣି ଏ ଦେଶରେ ରକ୍ଷିତ ସ୍ୱାର୍ଥ ଧରି ସେହି ସୂତ୍ରରେ ଅନ୍ୟର ସଂପଦ ଲୁଟି କରିବା ବିଧିଟାକୁ ଯେ ପସନ୍ଦ କରିବେ ଏଥିରେ ସନ୍ଦେହ କ'ଣ ? ବହୁତ ଟଣାଟଣିରେ ଦକ୍ଷିଣରୁ ଓଡ଼ିଶାକୁ ଯାହା ଆସିଲା ସେଥିରେ ଅନେକ ଓଡ଼ିଆ ଦେଶ ବାହାରେ ରହିଗଲା; ଏପରି କି ପାରଳା ଜୟପୁର ମଧ୍ୟ ଓଡ଼ିଶାକୁ ନ ଆସିବାର କଥା ହୋଇ ଯାଇଥିଲା। ଯେ କଷ୍ଟରେ ତାହା ଆସିଛି ସେ କଷ୍ଟ ଯେଉଁମାନେ ଭୋଗିଛନ୍ତି ସେମାନେ ଜାଣନ୍ତି।

କଂଗ୍ରେସ କମିଟିରେ ପ୍ରସ୍ତାବ –

ଏହି ଜୁନ୍ ୨୭ ତାରିଖରେ ନିଖିଳ ଭାରତ କଂଗ୍ରେସ କମିଟିର ବମ୍ବେ ବୈଠକରେ ପ୍ରସ୍ତାବ ଆସିଲା, "ଅତିଶୀଘ୍ର ଆନ୍ଧ୍ରକୁ ସ୍ୱତନ୍ତ୍ର ପ୍ରଦେଶ କରିବାର ବ୍ୟବସ୍ଥା ହେଉ।"

ଓଡ଼ିଶାର ସଂଶୋଧନ –

ଏହା ଭଷା ସୂତ୍ରରେ ପ୍ରଦେଶ ଗଢ଼ିବାର ପ୍ରସ୍ତାବ। ମାତ୍ର କେରଳ, କର୍ଣ୍ଣାଟକ ପ୍ରଭୃତିର ନାମ ଏଥିରେ ନାହିଁ। ଓଡ଼ିଶା ପକ୍ଷରେ ଏ ପ୍ରସ୍ତାବର ପରିଣାମ ଖୁବ୍ ଚିନ୍ତା କରିବାର ବିଷୟ। ଏ ପ୍ରସ୍ତାବ ହେବା ସଙ୍ଗେ ସଙ୍ଗେ ଓଡ଼ିଶା ପକ୍ଷରୁ ଶ୍ରୀଯୁକ୍ତ ଯଦୁମଣି ମଙ୍ଗରାଜ ସଂଶୋଧନ ପ୍ରସ୍ତାବ ଯୋଡ଼ିଲେ –

ଏହା ହେବା ସଙ୍ଗେ ସଙ୍ଗେ ମାନ୍ଦ୍ରାଜରେ ଥିବା ଓଡ଼ିଆ ଭୂମି ଓଡ଼ିଶା ପ୍ରଦେଶର ଅଙ୍ଗୀଭୂତ କରିବା ପାଇଁ ଗୋଟିଏ ନିରପେକ୍ଷ କମିଟି ଗଢ଼ାଯାଉ।

ପଣ୍ଡିତ ନୀଳକଣ୍ଠ ଦାସ ଓ ଶ୍ରୀଯୁକ୍ତ ବୋଧରାମ ଦୁବେ ଏ ସଂଶୋଧନ ପ୍ରସ୍ତାବ ପାଇଁ ଖୁବ୍ ଲଢ଼ି କରି କହିଲେ। ତଥାପି ଏ ସଂଶୋଧନ ପ୍ରସ୍ତାବ ସପକ୍ଷରେ ଅଧିକ ଭୋଟ

Digitized by PPRACHIN, SOA

ହେଲା ନାହିଁ। ନିଖିଳ ଭାରତ କଂଗ୍ରେସ କମିଟିର ଉପସ୍ଥିତ ବାୟୁମଣ୍ଡଳରେ ତାହା ହେବା ମଧ୍ୟ ସହଜ ନୁହେଁ। ମାତ୍ର ଓଡ଼ିଆଙ୍କର ଏସବୁ ପ୍ରସ୍ତାବ ଆଦିରେ ଅତ୍ୟନ୍ତ ଜାଗ୍ରତ ଭାବରେ କର୍ମତତ୍ପର ହେବା ଉଚିତ ବିଶେଷରେ ଓଡ଼ିଶା ସରକାରଙ୍କର ତତ୍ପରତା ଏ କ୍ଷେତ୍ରରେ ଅତ୍ୟନ୍ତ ଦରକାର।

ଓଡ଼ିଶା ପ୍ରଦେଶ ନ ହୋଇଥିଲା ବେଳେ କେଉଁ ଭୂମି ଆସିବ ନ ଆସିବ ସବୁ ସନ୍ଦେହରେ ଥିଲା। ଓଡ଼ିଶା ପ୍ରଦେଶ ହୋଇଯିବା ପରେ ଆଜି ବାହାରର ବିଚାରକ ପକ୍ଷରେ ସେ ଅବସ୍ଥା ନାହିଁ। ଓଡ଼ିଶାର ଇତିହାସ ସମସ୍ତେ ଜାଣନ୍ତି ନାହିଁ, ତେଣୁ ଗଲା ତିନିଶହ ବର୍ଷ ହେଲା ଓଡ଼ିଶାକୁ ଚାରିଆଡୁ ସମସ୍ତେ ମାଡ଼ିବସି ରକ୍ଷିତ ସ୍ୱାର୍ଥ ତିଆରି କରି ଲୁଣ୍ଠନ ଭୂମି କରିଥିବାରୁ ଏବେ ଇଞ୍ଚେ ସୁଦ୍ଧା ଛାଡ଼ିବାକୁ ନାରାଜ ବୋଲି ମଧ୍ୟସ୍ଥ କେହି ହଠାତ୍ ବୁଝିବେ ନାହିଁ। ତାଙ୍କୁ ବୁଝାଇବାକୁ ହେବ। ପୁଣି ଆଜି ଯେପରି ପରିସ୍ଥିତି ହୋଇଛି, ସେଥିରେ ସରକାର ସ୍ୱର ନ ଉଠାଇଲେ ଅନ୍ୟମାନଙ୍କ ସ୍ୱରର ଗୁରୁତ୍ୱ ଆଦୌ ରହିବ ନାହିଁ।

ଏ କ୍ଷେତ୍ରରେ ଆଉ ଗୋଟିଏ ଅସୁବିଧା ମଧ୍ୟ ଅଛି। ଓଡ଼ିଶାର ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ବିଶ୍ୱନାଥ ଦାସ ତଥା ନିଖିଳ ଭାରତ କାର୍ଯ୍ୟକାରୀ ସମିତିରେ ବସୁଥିବା ଶ୍ରୀଯୁକ୍ତ ହରେକୃଷ୍ଣ ମହତାବ୍ ଦୁହେଁଯାକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ହେବାର ଘୋର ବିରୋଧୀ ଥିବା କଥା ସମସ୍ତେ ସ୍ପଷ୍ଟ ଜାଣନ୍ତି। ସେମାନେ ଏ ପ୍ରସ୍ତାବର ଆଲୋଚନାରେ ଯୋଗ ଦେଇଥିଲେ ବା ଭୋଟ ଯୋଗାଡ଼ରେ ଲାଗିଥିଲେ ଭଲ ହୋଇଥାନ୍ତା ବୋଲି କେହି କେହି ମନେ କରିବା ସ୍ୱାଭାବିକ। ଅବଶ୍ୟ ଭୋଟ ଗଣତିରେ ବେଶୀ ପ୍ରଭେଦ ନ ଥିଲା।

ଓଡ଼ିଆ ଜାଗ୍ରତ ହୁଅନ୍ତୁ –

ଓଡ଼ିଆ ପ୍ରଦେଶ ହେଲା ଦିନୁ ଓଡ଼ିଆମାନେ ଯେପରି କି ନିଶ୍ଚିନ୍ତ ହେଲାପରି ଜଣାପଡୁଛି। ସମ୍ବଲପୁରରେ ପ୍ରଥମେ ଓଡ଼ିଆ ଭାବ ଜାଗ୍ରତ ହୋଇଥିଲା। ତ୍ରୀବ୍ର ଆନ୍ଦୋଳନ ପରେ ବଡ଼ ଭୂମିଖଣ୍ଡ ଓଡ଼ିଶାକୁ ଆସିଗଲା। ତାପରେ ସମ୍ବଲପୁରବାସୀ ଟିକିଏ ଶିଥିଳ ହୋଇଯାଇଥିଲେ। ଦକ୍ଷିଣ ଓଡ଼ିଶା ଆସି ନଥିଲା ସେମାନେ ଆନ୍ଦୋଳନକୁ ଜାଗ୍ରତ ରଖିଥିଲେ, ଏବେ ସେଆଡୁ ବଡ଼ଖଣ୍ଡ ଆସିଗଲା ବୋଲି ଆନ୍ଦୋଳନ ଶିଥିଳ କରିଦେଲେ ପରିଣାମ ବଡ଼ ଭୟଙ୍କର ହେବ। ଏବେ ମଧ୍ୟ ବୁଢ଼ାରସିଂଘ, ମଞ୍ଜୁଷା, ଟିକାଲି, ତରଳା, ବିନ୍ଦ୍ରା ନୂଆଗଡ଼, ଚନ୍ଦ୍ରପୁର, ଫୁଲଝର, ସିଂହଭୂମ ପ୍ରଭୃତି ଓଡ଼ିଶାକୁ ଆସିନାହିଁ ଏକଥା ଓଡ଼ିଆ ସର୍ବଦା ମନେ ରଖନ୍ତୁ। ଓଡ଼ିଶା ସରକାର ଏଥିରେ ପ୍ରାଣପଣେ ଲାଗନ୍ତୁ ଓ ଲୋକଙ୍କୁ ଲଗାନ୍ତୁ।

ନବଭାରତ–୫/୧୦ ଆଲୋଚନା

Digitized by PPRACHIN, SOA

ଉପାନ୍ତ ଓଡିଶା

ସରକାରଙ୍କ କର୍ତ୍ତବ୍ୟ-

ମଂଜୁଷାର ଓଡ଼ିଆମାନେ ଏ ବର୍ଷ ଉତ୍କଳ ସମ୍ମିଳନୀ କରୁଚନ୍ତି। ବଡ ଆନନ୍ଦର କଥା। ସିଂହଭୂମି ଓଡ଼ିଆମାନେ ମଧ୍ୟ ଓଡ଼ିଆ ଶିକ୍ଷା ପାଇଁ ବିହାର ସରକାର ସଂଗେ ଲଢୁଚନ୍ତି। ତାଙ୍କ ପ୍ରାଣ ବିକଳ ହେଉଚି। ଏଇ ପ୍ରାଣବ୍ୟାକୁଳତାରେ ଗଂଜାମ ଜୟପୁର, ମାନ୍ଦ୍ରାଜ ପରି ଧନୀ ସରକାରର ଲାଳନ ଛାଡ଼ି ଆଜି ଓଡ଼ିଶାକୁ ପ୍ରଦେଶରେ ପରିଣତ କରିଛନ୍ତି। କିଂନ୍ତୁ ଆମ ସରକାର ଏବେ ଉପାନ୍ତ ଓଡ଼ିଶା ପାଇଁ କଣ କରୁଚନ୍ତି ? ବ୍ୟବସ୍ଥା ସଭାରେ ସରକାରଙ୍କ ପ୍ରଥମ ପ୍ରସ୍ତାବ ଏହାହିଁ ହେବାର ଥିଲା। ତା ପରେ ଭାରତ ସରକାର, ନିଖିଳ ଭାରତ ପାର୍ଲିମେଣ୍ଟରି କମିଟି ଓ କଂଗ୍ରେସ କାର୍ଯ୍ୟକାରୀ କମିଟି ଦ୍ୱାରା ପ୍ରତିବେଶୀ ପ୍ରଦେଶମାନଙ୍କୁ ମନାଇବାର ଚେଷ୍ଟା କରିବାର ମଧ୍ୟ ଥିଲା। ବିଲାତ ପର୍ଯ୍ୟନ୍ତ ଜଣାଇବାର ମଧ୍ୟ ଥିଲା। ସେ ବିଷୟରେ ସରକାରମାନଙ୍କ ମଧ୍ୟରେ ବରାବର ଆନ୍ଦୋଳନ ଲାଗିରହିଲେ, ଲୋକେ ପ୍ରଭାବିତ ଓ ଉଜ୍ଜୀବିତ ହେବେ। ତା' ନ ହେଲେ ଲୋକେ କ୍ରମେ ହଦେଇଯିବେ।

କଂଗ୍ରେସର କର୍ତ୍ତବ୍ୟ

ଏ ବିଷୟରେ ଓଡିଶା ପ୍ରତି ସୁବିଚାର କରି ନାହାନ୍ତି। ଅତି ଅବିଚାରରେ ସିଂହଭୂମିକୁ ଉତ୍କଳରୁ କାଢ଼ି ବିହାରରେ ଯୋଡ଼ି ଦିଆହୋଇଚି। ପୁଣି ଗତବର୍ଷ କଲିକତାରେ ଭାଷା ସୂତ୍ରରେ ପ୍ରଦେଶ ଠିକ୍ କରିବା ପ୍ରସ୍ତାବରେ ନିଖିଳ ଭାରତ କଂଗ୍ରେସ ସଭାରେ ବଙ୍ଗାଳୀମାନେ ସ୍ପଷ୍ଟ ଭାବରେ ନିଜ ନିଜ ବକ୍ତୃତାରେ ସିଂହଭୂମି ଦାବି କରି, ସେହି ବଳରେ ସେହିଦିନଠାରୁ ଆନ୍ଦୋଳନ ଚଳାଇଚନ୍ତି। ଓଡ଼ିଶାର କୌଣସି କୌଣସି ମେମ୍ବର ସେଠାରେ ଥାଇ ମଧ୍ୟ ପ୍ରତିବାଦର ସ୍ୱର ପର୍ଯ୍ୟନ୍ତ ଶୁଣାଇ ନ ଥିବା, ଗୋଟିଏ ବିଶେଷ ଯୁକ୍ତି ବୋଲି କଲିକତାର ଖବରକାଗଜମାନେ ବାରଂବାଂର ଲେଖିଚନ୍ତି। ଏ ସବୁର ଶୀଘ୍ର ପ୍ରତିବିଧାନ ହେବା ଉଚିତ। କିନ୍ତୁ ଏ ସବୁର ବିହିତ ଦୃଢ଼ ପ୍ରତିବିଧାନରେ ବ୍ରତୀ ହେବାକୁ ଓଡ଼ିଆଙ୍କର ସାମର୍ଥ୍ୟ ଅଛି ତ ? ମହାତ୍ମାଜୀ ସେଦିନ ବେରବୋଇଠାରେ କହିଗଲେ, ସେ ଓଡ଼ିଶାକୁ ବଡ଼ ସ୍ନେହ କରନ୍ତି। ମହାତ୍ମାଙ୍କ ପଟ୍ଟଶିଷ୍ୟ ଶ୍ରୀଯୁକ୍ତ ଗୋପବନ୍ଧୁ ଚୌଧୁରୀ ଏ ଦିଗରେ ଉଦ୍ୟମ କଲେ ଶୀଘ୍ରଫଳ ହେବ ବୋଲି ଆଶା କରାଯାଏ। ସିଂହଭୂମିକୁ ପୁଣି କଂଗ୍ରେସ ଉତ୍କଳ ପ୍ରଦେଶକୁ ଆଣିବାରେ ଯୁକ୍ତିର ଅଭାବ ନାହିଁ। ତେଣୁ ଗୋପବନ୍ଧୁ ବାବୁ ଅତି ଶୀଘ୍ର ସେ ଦିଗରେ ଯତ୍ନ କରିବେ ଓ ସଫଳ ହେବେ ବୋଲି ଆଶା କରୁଁ। ଓଡିଶା କଂଗ୍ରେସ ପକ୍ଷରେ ଏ ଗୋଟିଏ ଅପମାନ ଓ ଅବହେଳାର ସମସ୍ୟା ହୋଇ

Digitized by PPRACHIN, SOA

ରହିଚି। ଗତବର୍ଷଯାକ ଓଡ଼ିଆ କର୍ଣ୍ଣଧାରମାନେ ଯେ କାର୍ଯ୍ୟରେ ଲାଗିଥିଲେ, ସେଥିରେ ହୁଏତ, ଏ କାର୍ଯ୍ୟ ପାଇଁ ଅବକାଶ ହୋଇ ନାହିଁ।

ନବ ଭାରତ-୪/୯, ଆଲୋଚନା

ଉପାନ୍ତ ଓଡ଼ିଆ ଭୂମି

ସିଂହଭୂମି ମଞ୍ଜୁଷା ଜଳନ୍ତର୍ ଫୁଲଝର୍ ପ୍ରଭୃତି ଓଡ଼ିଆ ଭୂମି ଓଡ଼ିଶାକୁ ଆସିନାହିଁ। ସିଂହଭୂମି ସମନ୍ଧରେ ପ୍ରଧାନ ମନ୍ତ୍ରୀ ତଥା ଗୋପବନ୍ଧୁ ଚୌଧୁରୀ ଶୀଘ୍ର କାର୍ଯ କରିବାପାଇଁ ଆମେ ସୂଚନା ଦେଇଥିଲୁ। ଏ ମଧ୍ୟରେ ମାନ୍ଦ୍ରାଜ ଓ ବୋମ୍ବେଇରେ ଭାଷା ସୂତ୍ରରେ ଦେଶ ଗଢ଼ିବା ପାଇଁ ସେଇ ସେଇ ସରକାରମାନେ ପ୍ରସ୍ତାବ ଧାର୍ଯ୍ୟ କଲେଣି। କଂଗ୍ରେସର ୧୮ ବର୍ଷ ହେଲା ଏ ମତ ଦୃଢ ଭାବରେ ପ୍ରତିଷ୍ଠିତ ହୋଇଯାଇଛି। ବଂଗଳା ଗତବର୍ଷ କଲିକତାରେ ନିଖିଳ ଭାରତ କଂଗ୍ରେସ୍ କମିଟିରେ ବଂଗଭାଷୀ ଅଂଚଳମାନ ବଂଗଳାକୁ ଆସୁ ବୋଲି ପ୍ରସ୍ତାବ ପାସ୍ କରାଇ ନେଲେ, ପୁଣି ବକ୍ତୃତା ଦେଲାବେଳେ ବଙ୍ଗାଳୀମାନେ ସ୍ପଷ୍ଟ ଭାଷାରେ ସିଂହଭୂମିକୁ ବଂଗଳା ପାଇଁ ଦାବି କରିଥିଲେ। ଓଡ଼ିଆ ମେମ୍ବରମାନେ କେହି କେହି ସେଠାରେ ଉପସ୍ଥିତ ଥାଇ କେବଳ "ମୌନଂ ସମ୍ମତି ଲକ୍ଷଣଂ" ମାତ୍ର ପ୍ରକାଶ କରିଥିଲେ।

ଏବେ ପୁଣି କଲିକତାର ଇଣ୍ଡିୟାନ ଆସୋସିଏସନ୍ ଗଲା ଅପ୍ରେଲ- ୮ତାରିଖରେ ବିହାର ଓ ଆସାମର ସେଇ ବଗଂଭାଷୀ ଅଞ୍ଚଳମାନଙ୍କୁ ବଙ୍ଗଳାକୁ ଦେବା ପାଇଁ ଦାବି କରି ବିହାର ଓ ଆସାମ ସରକାରଙ୍କୁ ପ୍ରସ୍ତାବ ପଠାଇଛନ୍ତି। ସେଥିରେ ସେମାନେ କଂଗ୍ରେସର ଏହା ମତ ବୋଲି ମଧ୍ୟ କହିଚନ୍ତି। ଏଇପରି ଆନ୍ଦୋଳନରେ ବିହାରର କଂଗ୍ରେସ ସରକାର ହୁଏତ ପ୍ରସ୍ତାବ କରିଦେବେ। ଡୋମିସାଇଲ୍ଡ୍ ବଂଗାଳୀ ପ୍ରଶ୍ନ ଘେନି ପୁଣି ବଂଗଳାରେ ବିହାର ସରକାରଙ୍କ କାର୍ଯର ଯେ ତୀବ୍ର ଓ କାର୍ଯକର ସମାଲୋଚନା ଚାଲିଚି, ତାହା ଆଜି ନିଖିଳ ଭାରତ କଂଗ୍ରେସ୍‌ର ନିଷ୍ପାଦ୍ୟ ବିଷୟ ହେବାଯାଏଁ ଗଲାଣି। ଏହା ମଧ୍ୟ ବିହାରର ବଂଗଭାଷୀ ଅଂଚଳଗୁଡ଼ିକ ବଂଗଳାକୁ ଫେରାଇ ଦେବାର ପ୍ରସ୍ତାବରେ ସାହାଯ୍ୟ କରି ପାରେ। ତେଣେ ପୁଣି ଆନ୍ଧ୍ର ପ୍ରଦେଶ ହେବାରେ ମଞ୍ଜୁଷା ପ୍ରଭୃତିର ପ୍ରଶ୍ନ ଉଠିନାହିଁ।

ସମସ୍ତେ କଂଗ୍ରେସ ଧରି, ନିଜ ସରକାରପାଇଁ ଘୋର ପ୍ରଚାର ଓ କାର୍ଯକର ଉଦ୍ୟମରେ ଲାଗିଚନ୍ତି। ଓଡ଼ିଆ ବସିଚନ୍ତି କାହିଁକି? ସରକାର ଓ ପ୍ରାଦେଶିକ କଂଗ୍ରେସ ନେତା ଏ ବିଷୟରେ କଅଣ କରୁଚନ୍ତି, ତାହା ପ୍ରଦେଶ ଓ ପ୍ରଦେଶାନ୍ତରରେ ଜଣାନ୍ତୁ। ଆନ୍ଦୋଳନ ସ୍ପଷ୍ଟ ହୋଇ ବଢ଼ୁ। ଉପାନ୍ତ ଅଂଚଳରେ କାର୍ଯ ଆରଂଭ ହେଉ।

ତାହା ନ କରି ଆଉ ଚାହିଁ ବସିବା ଠିକ୍ ନୁହେ।

ନବ ଭାରତ-୪/୧୦, ଆଲୋଚନା

Digitized by PPRACHIN, SOA

ବଂଗ-ବିହାର-ଓଡ଼ିଶା ମିଶି ପୁଣି ଗୋଟିଏ ପ୍ରଦେଶ ହଉଚି ?

ବିଶ୍ୱସ୍ତ ସୂତ୍ରରୁ ଖବର ମିଳୁଚି, ବଂଗ, ବିହାର ଓ ଓଡ଼ିଶାକୁ ଏକତ୍ର କରି ଗୋଟିଏ ବିରାଟ ପୂର୍ବ ସୀମାନ୍ତ ପ୍ରଦେଶ ଗଢ଼ା ହେବ । ଅସାମ ଏଥିରେ ମିଶିବ କି ନାଇ, ଜଣାଯାଇ ନାଇ । ଏଥିରେ ଦୁଇଟି ଉଦେଶ୍ୟ ସାଧିତ ହେବ ବୋଲି ମନେ ହୁଏ । ଗୋଟିଏ ହେଉଚି, ପୂର୍ବ ପାକିସ୍ତାନ ପ୍ରଭୃତିର ବୈଦେଶିକ ବିରୋଧ ଦୃଷ୍ଟିରେ ଭାରତକୁ ସର୍ବମନ୍ତେ ଦୃଢ଼ କରିବା। ଅନ୍ୟଟି ହେଉଚି, ଭାଷା ସୂତ୍ରରେ ପ୍ରଦେଶର ସୀମା ଘେନି ଯେଉଁ ବିବାଦ ଲାଗିଚି ତାର ସମାଧାନ କରିବା ।

ଏହା ଯଦି ହୁଏ ତେବେ ମାନଭୂମ୍, ଓ ଷଢ଼େଇକଳା, ଖରସୁଆଁ ସମେତ ସିଂହଭୂମ୍ ଆଦିକୁ ଏପରି ଧରି ମାରି ଭାଷାରେ ବିହାରୀ ଓ ହିନ୍ଦି କରିବାର ଉଦ୍ୟମଟା ବେଶ ଅର୍ଥ କରାଯାଇପାରେ । ପ୍ରଦେଶ ଗୋଟାଏ ହେଇଗଲେ, ପୂର୍ବପରି ବଂଗାଳି ବାଲେଶ୍ୱର ଡେଇଁ ପୁରୀ ପର୍ଯ୍ୟନ୍ତ ବଂଗଭାଷୀ ବୋଲି ଦାବି କରିବେ । ହୁଏତ ୧୮୭୦-୮୦ କାଳର 'ଓଡ଼ିଆ ସ୍ୱତଂତ୍ର ଭାଷାନୟ' ଉଦ୍ୟମ ପୁଣି ଜୀବନ୍ୟାସ ପାଇବ ଓ ଛୋଟନାଗପୁର ସଂଗେ ଓଡିଶାର ଗଡ଼ଜାତ ମାନଙ୍କୁ ଧରି, ବିହାରୀ, ହିନ୍ଦି ଭାଷୀ କରି ନିଜର କରିବେ । ଫଳରେ ଭାଷା ଦ୍ୱନ୍ଦ୍ୱ ଲାଗି ରହିବ । ନହେଲେ ଭାରତ ସରକାର ପ୍ରଦେଶର ପ୍ରକାଶିତ ଜନମତମାନଙ୍କୁ ଓଜନ କରି, ଦୁର୍ବଳକୁ ଚିପି ଦେଇ ସମାଧାନ କରିଦେବେ । ଏଣେ ପୁଣି ପରିସ୍ଥିତିକୁ ଶାନ୍ତ କରିବା ମାନସରେ ଦକ୍ଷିଣ ଓଡ଼ିଶାକୁ ପ୍ରସ୍ତାବିତ ଆନ୍ଧ୍ର ପ୍ରଦେଶରେ ଯୋଡ଼ିଦେବା ଅସଂଭବ ନୁହେଁ । ଓଡ଼ିଆଏ ଏ ସବୁ କଥା ଆଗରୁ ବିଚାର କରି ବାଟ ଠିକ୍ କରନ୍ତୁ ।

ନୂଆପ୍ରସ୍ଥ-୨/୨-୩, ଆଲୋଚନା

ଦେଶୀ ରାଜ୍ୟ ସମସ୍ୟା

ଗଡ଼ଜାତ ମିଶ୍ରଣ (merger)-

ଏଇ ଦେଶୀ ରାଜ୍ୟ ସମସ୍ୟା ଆମ ଓଡ଼ିଶାରେ ଟିକିଏ ବିକୃତ ଆକାର ଧାରଣ କରିଚି । ସେଥିପାଇଁ ସେ କଥା ଟିକିଏ ଭଲ କରି କହିଦେବାର ବେଳ ଆସିଚି, ମନେ ହୁଏ । ପ୍ରଧାନମନ୍ତ୍ରୀ ମହତାବ ମହାଶୟ, ମୂଳରୁ ଧରି ବସିଲେ, ଓଡ଼ିଆ ଦେଶୀ ରାଜ୍ୟ ସବୁ ବରାବର ମୋଗଲବନ୍ଦୀ କିଲାପରି ହୋଇ ମିଶିଯାଉ (merger) । ଆମେ ଏ କଥାରେ ବେଶି ଧ୍ୟାନ ଦେଇ ନଥିଲୁ। କାରଣ, ଆମେ ବୁଝିଥିଲୁ, ପ୍ରଧାନମନ୍ତ୍ରୀଙ୍କର ଏପରି କଥାଟେ କହିବାରେ ଅଭିଳାଷ ଠାରୁ ଅଭିସନ୍ଧି ପର୍ଯ୍ୟନ୍ତ ଖୋଳି ଲୋକେ ନାନା କାରଣ

Digitized by PPRACHIN, SOA

ଦେଖିବେ, ଦେଖାଇବେ। ସେ ସବୁ ଗୁଡ଼ାଏ ହୋଇଗଲେ, ତାପରେ ସେ ବିଷୟର ଯଥାଯଥ ବିଚାର ଲୋକଙ୍କ ଆଗେ ପକାଇବାର ବେଳ ଆସିବ । ମାତ୍ର ସେ ସବୁ ବିଶେଷ କିଛି ହୋଇ ନାଇ । ଗଡ଼ଜାତ ଅଂଚଳମାନ ଏହିପରି ଓଡ଼ିଶାର ଜିଲାମାନଙ୍କ ପରି ହୋଇ ମିଶିଯିବାର ଅର୍ଥ, ବ୍ୟାପ୍ତି, କ'ଣ, କେତେ, ରାଜାମାନେ ସେଥିରେ ରହିବେ କି ନା, ରହିଲେ ପେନ୍‌ସନ୍ ପାଇବେ କି କନିକା, ଖଲିକୋଟ ପରି ଜମିଦାର ହୋଇ ପ୍ରାଦେଶିକ ସରକାରଙ୍କ ଚାରିପଟେ ଉପଗ୍ରହପରି ବୁଲିବେ, କିଂବା ଲୁଗାପଟା ବାନ୍ଧି ଅଂଚଳ ଛାଡ଼ିବେ କି ଦେଶ ଛାଡ଼ି ଏକକାଳୀନ ଅର୍ଥ ପାଇ ଲଣ୍ଡନରେ ତୀର୍ଥବାସ କରିବେ, ଅଥବା ଥାଳ ଧରି ଭିକ୍ଷାଟନ କରିବେ- ସେ ସବୁକଥା କିଛି ପ୍ରକାଶ ପାଇ ନାଇ । ବିଚାର ପାଇଁ ସମାଗ୍ରୀ କିଛି ନାଇ ।

କୋଶଳ ଓ ରାଷ୍ଟ୍ରସଂଘ -

ତେଣେ ପୁଣି ଓଡ଼ିଆ ଦେଶୀରାଜ୍ୟମାନେ ନିଜ ଭିତରେ ଗୋଟିଏ ରାଷ୍ଟ୍ର ସଂଘର କଳ୍ପନା କରୁଚନ୍ତି । ପୁଣି ସମ୍ବଲପୁର ଓ ଅନ୍ୟାନ୍ୟ ବିଭିନ୍ନ ଉପାନ୍ତ ଓଡ଼ିଆ ଅଚଂଳକୁ ଘେନି କୋଶଳ ରାଜ୍ୟ କରିବା, କଳ୍ପନା ଏକା ନୁହେଁ; ଉଦ୍ୟମ ଆରମ୍ଭ ହୋଇଚି । ସେଥିରେ ପୁଣି ପ୍ରକାଶ ପାଇଚି, ରାଜାମାନେ ପ୍ରଜାମାନଂକୁ ଶାସନ ଅଧିକାର ଛାଡ଼ିଦେଇ ନିଜେ ବୈଧାନିକ ରାଜା ହୋଇ, (Constitutional Ruler) ଜୀବାତ୍ମା ଭୋଗ କରୁଥିଲା ବେଳେ ପରମାତ୍ମା ନିଃସଙ୍ଗ ଭାବରେ ଚାହିଁ ବସିଥିଲା ପରି କେବଳ ଚାହିଁ ବସିବାର କଳ୍ପନା କରୁଚନ୍ତି । କିଂତୁ କେବେ କିପରି କ୍ଷମତା ଦେଉଚଂତି, କିପରି ସଂଘ ଗଢ଼ି କାହା ଦ୍ୱାରା ତାହା ଚଳାଇବାକୁ ଯାଉଚନ୍ତି, ସେ ସବୁ ମଧ୍ୟ ପ୍ରକାଶ ପଡ଼ିନାହିଁ ।

ଉତ୍କଳ ସମ୍ମିଳନୀର ପୋଷକତା -

ତଥାପି କେଉଁ ବିଚାରରେ କେଜାଣି ବର୍ଷ ଶେଷକୁ ଦୁଇ ଦିନ ବାକି ଅଛି, ଉତ୍କଳ ସମ୍ମିଳନୀ ଓଡ଼ିଶାର ବାହାରେ ଓଡ଼ିଆ ଭୂମି ମଞ୍ଜୁଷାରେ ବସି ପ୍ରସ୍ତାବ କରି ପ୍ରଧାନ ମନ୍ତ୍ରୀଙ୍କ ଅଭିଳାଷ ଓ ଘୋଷଣାକୁ ସମର୍ଥନ ଦେଲେ । ବକ୍ତୃତାରେ କ'ଣ ପ୍ରକାଶ ପାଇଚି, ଜଣାନାଇ। ଆଶାକରୁ ଅତି ଶୀଘ୍ର ଏ ବିଷୟରେ ଉତ୍କଳ ସମ୍ମିଳନୀଙ୍କର ଚିନ୍ତାର ଧାରା ସମସ୍ତେ ଜାଣିବେ ।

ସେହି ଚିନ୍ତା ଅନୁସାରେ ସମ୍ମିଳନୀ କି କାର୍ଯ୍ୟ କରୁଚଂତି ଓ କି କାର୍ଯ୍ୟ କରିବାକୁ ଯାଉଚଂତି, ତାହା ବି ସ୍ପଷ୍ଟ ହେବା ଉଚିତ । ତା'ନହେଲେ ଓଡ଼ିଶାର ରାଜନୀତିକ ବାୟୁମଣ୍ଡଳରେ, ଏ ଆଡ଼େ ଖାଲି ନିଷ୍ଫଳ ବାଗ୍ମୀତାର ଧୂଆଁ ଉଠିଲାବେଳକୁ ସେ ଧୂଆଁ ଭିତରେ କଟକରୁ ଚାହିଁଲେ ଆଜି ସମ୍ବଲପୁର କୋରାପୁଟ ନ ଦିଶିବା ଉପରେ ।

ଯେଉଁମାନେ ଆଜି ଇତିହାସ ଗଢୁଚନ୍ତି, ସେମାନେ ଏପରି ଇତିହାସର ଧାରା ଭ୍ରଷ୍ଟ କରନ୍ତୁ ନାଇ । ଭାରତ ଏବେ ସ୍ୱାଧୀନ । ରାଜ୍ୟ ଶକ୍ତି ଲୋକଙ୍କ ହାତେ । ଲୋକେ

Digitized by PPRACHIN, SOA

ବୁଝଂନ୍ତୁ, ଲୋକେ କରଂନ୍ତୁ । ମନ୍ତ୍ରୀ ହୁଅଂନ୍ତୁ, ସମ୍ମିଳନୀ ହୁଅଂନ୍ତୁ, ଏମାନେ ଏଇ ଲୋକଶକ୍ତି ଚାଳନାରେ ନିମିତ୍ତ ମାତ୍ର ।

କଂଗ୍ରେସ ସଂପାଦକଙ୍କ ମତ

ଦେଶୀ ରାଷ୍ଟ୍ର ସଂଘ –

ହେଲେହେଁ ସବୁ ନଜାଣି ଆଉ ବେଶି ଏବେ କହିବା ଠିକ୍ ନୁହେଁ । ତଥାପି ଗୋଟାଏ ଆଡ଼କୁ ଟିକିଏ ବିଶି ଆଙ୍ଗୁଠି ଦେଖାଇ ଦେବାକୁ ମନ ହେଉଚି । ଦକ୍ଷିଣ ଭାରତର ଦେଶୀ ରାଜ୍ୟମାନଙ୍କ ସମସ୍ୟା ଘେନି । ଏହିପରି ଦୁଇଟି ମତ ମଧ୍ୟରେ ନାନାବିବାଦ ବିଷମ୍ବାଦ ପ୍ରକାଶ ପାଇଥିଲା । ଦଳେ କ୍ଷେତ୍ରକର୍ମୀ କହୁଥିଲେ, ସେ ସବୁ ଦେଶୀରାଜ୍ୟ ଶାସନ ହିସାବରେ ମିଶିଯାଇ ପୂରାପୂରି ବମ୍ବେ, ମାନ୍ଦ୍ରାଜ ପ୍ରଦେଶର ଅଂଶ ହୋଇଯାଉ । ଅନ୍ୟ ଦଳେ ପ୍ରବୀଣ କହିଲେ, ଏଇ ଦେଶୀ ରାଜ୍ୟମାନେ ଗୋଟିଏ ରାଷ୍ଟ୍ରସଂଘ ଗଢ଼ିବେ ଓ ସେଇ ରାଷ୍ଟ୍ରସଂଘ ସଂଗେ ପ୍ରଦେଶ ବା ଭାରତ ସରକାରଙ୍କର ଯୁକ୍ତି ଓ ଚୁକ୍ତି ସବୁ ହେବ । ଏବେ କେତେଦିନ ତଳେ ଭାରତ ଜାତୀୟ କଂଗ୍ରେସର ମୁଖ୍ୟ ସଂପାଦକ ଶ୍ରୀ ଶଙ୍କର ରାଓ ଦେଓ ଏଇ ବିବାଦ ନିବାରଣ କରି ସ୍ପଷ୍ଟ ମତ ଦେଇଛନ୍ତି, ରାଜ୍ୟମାନେ ଲୋକ ପ୍ରତିନିଧି ଶାସନମାନ ଧରି ରାଷ୍ଟ୍ରସଂଘ ଗଢ଼ନ୍ତୁ। ସେଇ ପ୍ରତିନିଧି ମୂଳକ ରାଷ୍ଟ୍ରସଂଘ ସଂଗେ ପ୍ରଦେଶ ବା ଭାରତ ସରକାରଙ୍କର ସବୁ ବିଷୟରେ ସନ୍ଧି, ସମ୍‌ଝୋତା ସବୁ ଚାଲିବ ।

ଏହାହିଁ ସୁପନ୍ଥା –

ଆମର ମନେ ହୁଏ, ଏହାହିଁ ସୁପନ୍ଥା । ରାଜାମାନଙ୍କ ସଂଗେ ଏବେ ପ୍ରାଦେଶିକ ସରକାର କୌଣସି ପ୍ରକାରେ ଚୁକ୍ତିବଦ୍ଧ ହୋଇ ବସିଲେ, ପ୍ରଜାଙ୍କ ହାତକୁ କ୍ଷମତା ଆସିବାରେ ବଡ଼ ବାଧା ପଡ଼ିବ ଓ ଦେଶୀରାଜ୍ୟ ପ୍ରଜାଙ୍କର ଉନ୍ନତି ପଥରେ ଏହା ସହାୟ ନହୋଇ ଅନ୍ତରାୟ ହେବ। ଦେଶୀ ରାଜ୍ୟର ରାଜା ଓ ପ୍ରଜାଙ୍କ ଭିଡ଼ରେ କ୍ଷମତା ଦେବା ନେବା ଘେନି ଯୁକ୍ତିତର୍କ ବା ଲଢ଼ାଇ ଚାଲିଲାବେଳେ ବାହାରର କୌଣସି ଶୃଙ୍ଖଳିତ ପ୍ରତିଷ୍ଠିତ ଶକ୍ତି, ମଧ୍ୟସ୍ଥତା କରି ପ୍ରଜାଙ୍କ ପ୍ରଗତି ପଥରେ ଠିଆ ହେବା ଠିକ୍ ହେବନାଇ । ହିନ୍ଦୁ, ମୁସଲମାନଙ୍କ ଭିତରେ ଇଂରେଜ ଠିଆ ହୋଇ ଯେପରି ଦୁହିଁଙ୍କ – ସ୍ୱାର୍ଥ ରଖିଚନ୍ତି, ତା ଆମେ ଭୁଲି ନାହୁଁ। ଜୟପୁର ପ୍ରଭୃତି ରାଜ୍ୟରେ ଉନ୍ନତ ଆନ୍ଧ୍ରମାନେ ଆସି ସେଠା ଲୋକଙ୍କର ଯେପରି ଉନ୍ନତି କରୁଚନ୍ତି, ସବର୍ଣ୍ଣମାନେ ଆସି ଭୂମିରେ ପ୍ରତିଷ୍ଠିତ ଅଧିବାସୀ ଅବର୍ଣ୍ଣଙ୍କର ଯେ ଉପକାର କରିଚନ୍ତି, ତା ସବୁ ଏ କ୍ଷେତ୍ରରେ ସ୍ମରଣୀୟ । ଦେଶୀରାଜ୍ୟ ଲୋକେ ନିଜଗୋଡ଼ରେ ଠିଆ ହୋଇ କ୍ଷମତା ହାସଲ କରନ୍ତୁ । ସେଇ ବାଟେ ଚାଲିବାରେ ତାଙ୍କ ହିତୈଷୀମାନେ ତାଙ୍କୁ ସାହାଯ୍ୟ କରନ୍ତୁ। ଶେଷରେ କ୍ଷମତା ଧରି ବସିଥିବା ସେଇ ଲୋକ

Digitized by PPRACHIN, SOA

ପ୍ରତିନିଧି ଆମ ସଂଗେ କିପରି ଚଳିବେ, ସେ କଥା ବିଚାର କରିବାର ବେଳ ଆସିବ। ଏବେ ଧର, ଆମ ଦେଶପ୍ରେମୀମାନେ ଏଆଡ୍ରୁ ଯାଇ ରଜାଙ୍କ ସଂଗେ ଚୁକ୍ତି କରି ରଜାଙ୍କର ପେନ୍‌ସନ୍ ବାନ୍ଧି ଦେଲେ । ସେ ପେନ୍‌ସନ୍ ରଖିବା ପାଇଁ ଦାୟୀ ହେଲେ କିଏ ? ଦାୟୀ ହେଲେ, ପ୍ରାଦେଶିକ ସରକାର- ସେ ରାଜ୍ୟର ଲୋକେ ନୁହନ୍ତି । ଏହା ହେଲେ, ଅବସ୍ଥା କ'ଣ ହେବ ? ଦେଶୀରାଜ୍ୟ ଲୋକଙ୍କ ଭବିଷ୍ୟତ ବା କ'ଣ ହେବ ? ଏସବୁ ନାନା ଦିଗରୁ ଏ କଥାଟିର ବିଚାର ଓ ଆଲୋଚନା କରିବାର ଅଛି ।

ନୂଆପ୍ରସ୍ଥ-୧/୩, ଆଲୋଚନା

ଉତ୍କଳ ସମ୍ମିଳନୀ

ଏ ବିଷୟରେ ଆମର ପୂର୍ବ ଆଲୋଚନା ଉପରେ ଗତ ସଂଖ୍ୟାରେ ସଂମିଳନୀର ସଂଗଠନ - ସଂପାଦକ ଶ୍ରୀ ନଂଦକିଶୋର ଦାସଙ୍କ ପତ୍ର ଓ ତା ଉପରେ ଆମ ଟିପ୍‌ପଣୀକୁ ଘେନି ଦୁଇଖଂଡି ପତ୍ର ମିଳିଚି । ତହିଁରୁ ଖଣ୍ଡିଏ ସେଇ ନବକିଶୋର ଦାସଙ୍କ ଠାରୁ । ଅନ୍ୟ ଖଣ୍ଡିକ 'ଉତ୍କଳ-ବାହିନୀ'ର ଶ୍ରୀଜଗନ୍ନାଥ ଦାସଙ୍କ ଠାରୁ । ଦୁଇଟି ଯାକ ପତ୍ର ନିମ୍ନରେ ଦିଆଗଲା । ଆଉ ଏ ବିଷୟରେ ବାଦାନୁବାଦ ଉଠାଇବା ଆମର ଇଚ୍ଛା ନୁହେଁ ।

[୧] ଶ୍ରୀ ନବକିଶୋର ଦାଶଙ୍କ ପତ୍ର :-

"ନବଭାରତ"ର ସଂପାଦକ ମହୋଦୟ,

ଆପଣଙ୍କ ସମ୍ପାଦିତ 'ନବଭାରତ' ନୂଆପ୍ରସ୍ଥ ପ୍ରଥମ ଭାଗ ପଞ୍ଚମ ସଂଖ୍ୟାରେ "ଉତ୍କଳ ସମ୍ମିଳନୀ ସମ୍ପାଦକଙ୍କ ପ୍ରତିବାଦ" ପ୍ରକାଶ କରିଛନ୍ତି; ମାତ୍ର ତାହା ତଳକୁ ଯେଉଁ ଟିପ୍‌ପଣୀ ଆପଣ ଯୋଡ଼ିଲେ, ତହିଁରେ ମୁଁ ଏକମତ ନୁହେଁ । ଆପଣ କିପରି ମୋ ଲେଖାରୁ ଏପରି ଏକ ଭ୍ରମାତ୍ମକ ଉପସଂହାରକୁ ଆସିଲେ, ମୁଁ ବୁଝିପାରୁ ନାଇ ।

ଆପଣ ଯଦି ମୋର ସେହି ଲେଖା ପ୍ରତି ଆଉ ଟିକିଏ ଦୃଷ୍ଟି ଦେବେ, ଦେଖିବେ ଯେ ମୁଁ ଶେଷ ଆଡକୁ ଗୋଟିଏ ପ୍ରଶ୍ନ ଉଠାଇ ଅଛି । ପ୍ରଶ୍ନଟି ହେଉଛି ଯେ ଓଡ଼ିଶା ଗଡ଼ଜାତ ଓ ଓଡ଼ିଶା ପ୍ରଦେଶ ମଧ୍ୟରେ ଦୃଢ଼ ସାଂସ୍କୃତିକ ବନ୍ଧନ ଭଳି କୌଣସି ଦୃଢ଼ ରାଷ୍ଟ୍ରୀୟ ବନ୍ଧନ ରହିବ କି ନାଇ ? ଏହାର ଉତ୍ତର ସ୍ୱରୂପ ମୁଁ ତହିଁରେ ପ୍ରକାଶିତ ଉତ୍କଳ ସମ୍ମିଳନୀର ଗୃହୀତ ପ୍ରସ୍ତାବାଂଶ ପ୍ରତି ଆପଣ ଓ ପାଠକ ପାଠିକାମାନଙ୍କର ଦୃଷ୍ଟି ଆକର୍ଷଣ କରିଥିଲି । ଏବଂ ସେହି ବର୍ଣ୍ଣିତ ପ୍ରସ୍ତାବର "ଏକ ରାଷ୍ଟ୍ରୀୟ ଯୋଜନା" ବାକ୍ୟାଂଶଟି କିପରି ବ୍ୟାପକ ତାହା ମଧ୍ୟ ସେହି ପ୍ରକାଶିତ ଲେଖା ସ୍ତମ୍ଭର ୬ଷ୍ଠ ପାରାରେ ସୂଚେଇ ଦିଆଯାଇଅଛି ।

ଏଥିରୁ କିପରି ଆପଣ ଏକ ଉପସଂହାରରେ ପହଞ୍ଚିଲେ ଯେ "ଏକ ରାଷ୍ଟ୍ରିୟ ଯୋଜନା କଥାଟି ରାଜନୀତିକ ଭାବରେ କୁହାଯାଇ ନାଇ," ତାହା ମୁଁ ଜାଣିପାରୁ ନାଇ ।

Digitized by PPRACHIN, SOA

ଉତ୍କଳ ସମ୍ମିଳନୀ ରାଷ୍ଟ୍ରୀୟ (Political) ଅନୁଷ୍ଠାନ କି ନୁହେଁ, ଏହା ତାହାର ଲକ୍ଷ୍ୟ, ଦୀର୍ଘ ଇତିହାସ ଓ ପରମ୍ପରାରୁ ପ୍ରମାଣିତ। ଉତ୍କଳ ସମ୍ମିଳନୀ ଭଳି ଜାତୀୟ ଅନୁଷ୍ଠାନ ପୁରୁଣା ହେଲେ ମଧ୍ୟ ଏହାର ଲକ୍ଷ୍ୟଟା ହୁଏତ ଆପଣ ଭୁଲି ଯାଇନଥିବେ । ଉତ୍କଳ ସମ୍ମିଳନୀର ବ୍ୟବସ୍ଥା ପତ୍ରରୁ "ଲକ୍ଷ୍ୟ"ଟି ଦେଉଚି । ତାହା ଏଇ :- "ପ୍ରାକୃତିକ ଉତ୍କଳର ଏକତା ସ୍ଥାପନ ଓ ସର୍ବାଙ୍ଗୀନ ଉନ୍ନତି ସାଧନ ଓ ଓଡ଼ିଆ-ଭାଷୀ ଅଞ୍ଚଳମାନଙ୍କୁ ଶାସନ ସୂତ୍ରରେ ଏକତ୍ରୀକରଣ ଏବଂ ପ୍ରବାସୀ ପରିତ୍ୟକ୍ତ ଅଞ୍ଚଳ ଓଡ଼ିଆମାନଙ୍କ ସ୍ୱାର୍ଥ ସଂରକ୍ଷଣ ।

ଏହି 'ଲକ୍ଷ୍ୟ'ରୁ ଉତ୍କଳ ସମିଳନୀ ରାଷ୍ଟ୍ରୀୟ ଅନୁଷ୍ଠାନ (Political) କି ନୁହେଁ, ତାହା କହିବା ଆଉ ଦରକାର ନାହିଁ ।"

[୨]ଶ୍ରୀ ଜଗନ୍ନାଥ ଦାସଙ୍କ ପତ୍ର :-

"ମାନନୀୟ ସମ୍ପାଦକ ମହୋଦୟ,

'ନବଭାରତ'ର ଗତ ସଂଖ୍ୟାରେ ମୁଁ ଶ୍ରୀଯୁକ୍ତ ନବକିଶୋର ଦାସଙ୍କର 'ଉତ୍କଳ ସମ୍ମିଳନୀ' ସଂପର୍କୀୟ ଲେଖା ଏବଂ ତାହା ତଳେ ଆପଣଙ୍କର ଟିପ୍ପଣୀଟି ପାଠକଲି । 'ଉତ୍କଳ ସମ୍ମିଳନୀ' ଦେଶର ଯେଉଁ ପରିସ୍ଥିତିରେ ପୁନର୍ଜନ୍ମ ଲାଭ କରିଥିଲା ସେଥିରୁ ମୁଁ ମନେ କରିଥିଲି ଯେ 'ଉତ୍କଳ ସମ୍ମିଳନୀ' ଯୁଗ ସହିତ ତାଳ ପକାଇ ଚାଲିବାକୁ ଏକ ଯୁଗୋପଯୋଗୀ ଅନୁଷ୍ଠାନ ରୂପେ ଛିଡ଼ା ହେବାକୁ ଯାଇଚି । ଭୋଟହିଁ ଏବେ ଲୋକମତ ବ୍ୟକ୍ତ କରିବାର ଏକମାତ୍ର ପନ୍ଥା । କାରଣ, ଯେଉଁମାନେ ପ୍ରାଦେଶିକ ସରକାରର କର୍ଣ୍ଣଧାର ହୋଇଚନ୍ତି ସେମାନେ ପତ୍ରପତ୍ରିକା ଏବଂ ସଭାସମିତି ବା ଶୋଭାଯାତ୍ରାଦି ଦ୍ୱାରା ପ୍ରକାଶିତ ହେଉଥିବା ଲୋକମତକୁ ଗ୍ରହଣ କରିବାକୁ ଆଦୌ ପ୍ରସ୍ତୁତ ନୁହଁନ୍ତି । ସେଥିପାଇଁ ଓଡ଼ିଶା ଆସେମ୍ବ୍ଲି ବୈଠକରେ ତୁତୁମା ସଂପର୍କୀୟ ଆଲୋଚନାର ଉତ୍ତର ଦେଇ ପ୍ରଧାନମନ୍ତ୍ରୀ ମହୋଦୟ କହିଲେ ଯେ, ତୁତୁମା ପ୍ରସ୍ତାବ ଉପରେ ଭୋଟ ଲଢ଼େଇ ହେଲେ ଅସଲ ଲୋକମତ ଜଣାପଡ଼ିବ ।

ଦେଶର ବିଭିନ୍ନ ରାଜନୈତିକ ସମସ୍ୟା ହାତକୁ ନେଇ ଯେଉଁ ସାଧାରଣ ଅନୁଷ୍ଠାନ ଆପଣାକୁ ଏକ କୃଷ୍ଟିଗତ ଅନୁଷ୍ଠାନ ବୋଲି ବୋଲାଇ ହୁଏ, ସେ ହେଉଛି 'ଉତ୍କଳ ସମ୍ମିଳନୀ' । ତୁତୁମା ଚୁକ୍ତି, ଡ଼ୋମିସାଇଲଡ଼ କମିଟି ରିପୋର୍ଟର ଆଲୋଚନା, ହୀରାକୁଦ ବନ୍ଧ ସଂପର୍କୀୟ ସମସ୍ତ ଦିଗର ବିଚାର ଏବଂ ପ୍ରଦେଶର ରାଜନୈତିକ ସୀମା-ବିବାଦ ଇତ୍ୟାଦି ବିଷୟ ଏକ ଏକ ରାଜନୈତିକ ସମସ୍ୟା ଏବଂ ଯେଉଁ ଅନୁଷ୍ଠାନ ଏ ସବୁ ବିଷୟ ଆଲୋଚନା କରି ମତବ୍ୟକ୍ତ କରେ ଏବଂ ସେହି ଦିଗରେ ଲୋକମତକୁ ଚାଳିତ କରି କର୍ମପନ୍ଥା ନିର୍ଦ୍ଧାରଣ କରେ ସେ ହେଉଚି ଏକ ରାଜନୈତିକ ଅନୁଷ୍ଠାନ । ତେଣୁ 'ଉତ୍କଳ ସମ୍ମିଳନୀ' କି ଏକ ସ୍ୱତନ୍ତ୍ର ରାଜନୈତିକ ସଂସ୍ଥା ବୋଲି ମନେ କରିବା ସମସ୍ତଙ୍କ ପକ୍ଷେ ସ୍ୱାଭାବିକ ଏବଂ ସେ ଅନୁଷ୍ଠାନ ପ୍ରଦେଶର ରାଜନୈତିକ ଦିଗ ଜଗିବା ପାଇଁ ରାଜନୈତିକ

Digitized by PPRACHIN, SOA

ଧାରାରେ କାହିଁକି ଅଗ୍ରସର ନ ହେଉଚି ସେଥିପାଇଁ ଅନେକଙ୍କ ପକ୍ଷେ ଏହାପ୍ରତି ଆକ୍ଷେପ କରିବା ମଧ୍ୟ ସମୀଚୀନ । ଅନେକେ ଦୁଃଖ କରନ୍ତି ଯେ ଯେତେବେଳେ ଏହା ପ୍ରତି ନାନା ଦିଗରୁ ନାନା ଆକ୍ଷେପ ଆସି ପହଞ୍ଚୁଛି ସେତେବେଳେ ଏ ଅନୁଷ୍ଠାନ ସାଂସ୍କୃତିକ ଆବରଣ ତଳେ ଆଶ୍ରୟ ନେବାପାଇଁ ଖସି ଯାଉଛି ।

ମୁଁ ସମ୍ମିଳନୀର କେତେକ ବୈଠକରେ ଉପସ୍ଥିତ ରହି ଯାହା ଅନୁଭବ କଲି ସେଥିରୁ ମୋର ନାନା ସନ୍ଦେହ ଜାତ ହେଲା । 'ଉତ୍କଳ ସମ୍ମିଳନୀ'ର ବ୍ରହ୍ମପୁର ବୈଠକରେ ମୋର ଓ ମୋର ଦୁଇଜଣ ବନ୍ଧୁଙ୍କର ଯେଉଁ ରାଜନୈତିକ ପନ୍ଥାର ପ୍ରସ୍ତାବ ତିନୋଟି ଦିଆଯାଇଥିଲା, ତାହା ସେତେବେଳର ବିଷୟ ନିର୍ବାଚନ ସଭାର ଗୋଚରକୁ ମଧ୍ୟ ଆସିପାରିଲା ନାହିଁ ଏବଂ ଭୋଟ ଲଢ଼େଇ ପାଇଁ ମହତାବବାବୁ ଛଟି ସ୍ଥାନ ଇସ୍ତଫା ଦିଅନ୍ତୁ ବୋଲି ଯେଉଁ ପ୍ରସ୍ତାବଟି ଆସିଥିଲା, ତାହା ଏପରି ଦୁର୍ବଳ ଓ ଅନୁନୟ ପୂର୍ଣ୍ଣ ଥିଲା ଯେ ସେଥିରେ ମୁଁ ସ୍ତବ୍‌ଧ ହେଇଯାଇଥିଲି । ବୋଧହୁଏ ଏକାଳର କୌଣସି ରାଜନୈତିକ ଅନୁଷ୍ଠାନ ଏପରି ପ୍ରସ୍ତାବ ସ୍ୱପ୍ନରେ ସୁଦ୍ଧା କଳ୍ପନା କରିନଥିବ । ଗତ ମଞ୍ଜୁଷା ବୈଠକରେ ମୁଁ ଏକ ପ୍ରସ୍ତାବ ଆଣିଲି, ଡୁଡୁମା ପ୍ରସ୍ତାବ ଉପରେ ଭୋଟ ଲଢ଼େଇ ପାଇଁ – "ସୌଭାଗ୍ୟକୁ ବର୍ତ୍ତମାନ ଖଡ଼ିଆଳ ଉପନିର୍ବାଚନ ପାଇଁ ଗୋଟିଏ ଭୋଟ ଲଢ଼େଇର ବାଟ ଅଛି, ତେଣୁ ଉକ୍ତ ସ୍ଥାନରେ 'ସମ୍ମିଳନୀ' ଭୋଟ ଲଢ଼ାଇ କରୁ ।" ମୋର ଏ ପ୍ରସ୍ତାବ ଉପରେ କେହି କେହି ଯାହା କହିଲେ ସେଥିରୁ ଏହାହିଁ ପ୍ରକାଶିତ ହେଲା ଯେ ଡୁଡୁମା ପ୍ରସ୍ତାବ ଉପରେ ଭୋଟ ଲଢ଼େଇ ପାଇଁ ମହତାବ ବାବୁଙ୍କର ଅନୁମତି ଦରକାର । ଏପରି ମତ କୌଣସି ରାଜନୈତିକ ଅନୁଷ୍ଠାନର ନେତାଙ୍କ ପକ୍ଷେ ଆଦୌ ସମ୍ଭବ ନୁହେଁ ।

ଶ୍ରୀଯୁକ୍ତ ବିଶ୍ୱନାଥ ଶତପଥୀ କହିଲେ ଯେ, 'ଉତ୍କଳ ସମ୍ମିଳନୀ' ପରି ପୂତ ପବିତ୍ର ଅନୁଷ୍ଠାନକୁ ଏପରି ରାଜନୈତିକ ଦଳାଦଳିକି ଟାଣିନେବା ଉଚିତ ନୁହେଁ । ଭୋଟ ଲଢ଼େଇ ସଂପର୍କୀୟ ମୋର ଏକ ପ୍ରଶ୍ନର ଉତ୍ତର ଦେଇ ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ସାହୁ କହିଲେ ଯେ, 'ଉତ୍କଳ ସମ୍ମିଳନୀ'ର ସଂଗଠନ କାର୍ଯ୍ୟ ଶେଷ ହେଲେ ଏ ବିଷୟ ବିଚାର କରାଯିବ । ଅର୍ଥାତ୍, ଉତ୍କଳ ସମ୍ମିଳନୀକି ଶ୍ରୀଯୁକ୍ତ ବିଶ୍ୱନାଥ ଶତପଥୀଙ୍କର ପୂତ ପବିତ୍ର ଛାୟାଶ୍ରିତ ଉପବନରୁ ନେଇ ମୋଦ୍ୱାରା ସୂଚିତ କଠୋର କର୍ମକ୍ଷେତ୍ରର ତତଲା ଭୂଇଁରେ ଛିଡ଼ା କରିବା କଥା ପରେ ବିଚାର କରାଯିବ । ତେଣୁ ବର୍ତ୍ତମାନ ଏ ଅନୁଷ୍ଠାନଟିକି ରାଜନୈତିକ ଦଳାଦଳିରୁ ବହିସ୍ଥ ପୂତ ପବିତ୍ର ସାଂସ୍କୃତିକ ଅନୁଷ୍ଠାନ ବୋଲି ମୁଁ ବୁଝିବାକୁ ଆରମ୍ଭ କରିଚି ।

ସେ ଯାହାହେଉ, ଯେ କାରଣରୁ ହେଉ, ଏବେ କାର୍ଯ୍ୟରେ 'ଉତ୍କଳ ସମ୍ମିଳନୀ' ହୋଇଚି, ଏବଂ ରାଜନୀତି-ଗନ୍ଧହୀନ, ସାଂସ୍କୃତିକ ସାମାଜିକ ପୂତ ପବିତ୍ର ଶାନ୍ତିମୟ ଅନୁଷ୍ଠାନ । ଶ୍ରୀଯୁକ୍ତ ନବବାବୁଙ୍କ ଲେଖା ମୋର ଏ ଧାରଣାକୁ ଆହୁରି ବଦ୍ଧମୂଳ ଓ

Digitized by PPRACHIN, SOA

ଦୃଢ଼ୀଭୂତ କରିଚି । ତେଣୁ 'ଉତ୍କଳ ସାହିତ୍ୟ ସମାଜ' 'କଳିଙ୍ଗ ଭାରତୀ' 'ତରୁଣ ସାହିତ୍ୟ ମନ୍ଦିର' ପ୍ରଭୃତି କୃଷ୍ଟି ଓ ସାହିତ୍ୟ ମୂଳକ ଅନୁଷ୍ଠାନ ଗୁଡ଼ିକ ସହିତ ଦୃଢ଼ ସଂପର୍କ ରଖି ଉତ୍କଳ ସମ୍ମିଳନୀ ଶାନ୍ତିମୟ ଭାବରେ ଗତି କରୁ । ଇତି ।

ନୂଆପ୍ରସ୍ଥ-୧/୬, ଆଲୋଚନା

ଷଢ଼େଇକଳା-ଖରସୁଆଁ କଥା

ଷଢ଼େଇକଳା, ଖରସୁଆଁ, ଗଲା କାହିଁକି ?

ଷଢ଼େଇକଳା, ଖରସୁଆଁ ଭାଗ୍ୟକୁ ଓଡ଼ିଶାକୁ ଆସିଥିଲା । ବିହାର ତା ମାରିନେଲା । ଆମେ ରଖି ପାରିଲୁ ନାଇ । ସେ ଆମର କି ବିହାରର, ଏ କଥା ଆମର ଘରେ ଯୁକ୍ତି କରି ଆଉ କିଛି ଲାଭ ନାଇ । ଆଡ଼ଭୋକେଟ୍ ଜେନେରାଲ ଶ୍ରୀ ଲିଙ୍ଗରାଜ ପାଣିଗ୍ରାହୀ, ସେକ୍ରେଟେରୀ ମେନନ୍ ସାହେବଙ୍କ ଆଗେ ସବୁ ଯୁକ୍ତି ବାଢ଼ିଥିଲେ । ଗଲା ମେ ମାସ ୧୫ ତାରିଖ 'ନିଉ ଓଡ଼ିଶା'ରେ ତା ସମସ୍ତେ ପଢ଼ି ପାରନ୍ତି । ଆଉ କେତେଠି ବି ପୂରା, ଆଂଶିକ ଯୁକ୍ତିମାନ ବାହାରୁଚି । ଯୁକ୍ତିରେ ପାଇବାର ଥିଲେ, ଓଡ଼ିଶା ସେ ଦୁଇରାଜ୍ୟ ପାଇବାର କଥା । କିଂତୁ ଯୁକ୍ତିରେ ରାଜ୍ୟ ମିଳେ ନାଇ - ରାଜ୍ୟ ଯାଏ ନାଇ । ଇଂରେଜ ଯୁକ୍ତିରେ ପରାସ୍ତ ହୋଇ ଭାରତ ଛାଡି ନାହାନ୍ତି। ଗାନ୍ଧିଜୀ ଯୁକ୍ତି ଦେଇ ଜିନ୍ନାଙ୍କୁ ପାକିସ୍ଥାନରୁ ଛଡ଼ାଇ ପାରିନଥିଲେ । ଆଲିବର୍ଦ୍ଦିଙ୍କ ଠାରୁ ମରହଟ୍ଟାମାନେ ଯୁକ୍ତିରେ ଓଡ଼ିଶା ନେଇନଥିଲେ । ମରହଟ୍ଟାଙ୍କ ଠାରୁ ଇଂରେଜମାନେ ଓଡ଼ିଶା ନେଲାବେଳେ ବିଶ୍ୱବିଦ୍ୟାଳୟର ଯୁକ୍ତିଜୀବୀ ଅଧ୍ୟାପକଙ୍କ ସାହାଯ୍ୟ ଲୋଡ଼ି ନଥିଲେ । ଅବଶ୍ୟ ଏସବୁଥିରେ ଯୁକ୍ତି ନାଇ ବି ନୁହେଁ । କିଂତୁ ସେ ଯୁକ୍ତି ଭିନ୍ନ ପ୍ରକାରର ଯୁକ୍ତି । ବିହାର ସେ ଯୁକ୍ତି ଜାଣେ, ସେ ନେଲା । ଆମେ ଚାହିଁଚୁ, ଭାରତ ସରକାର ପାଶ୍ଚାତ୍ୟ ପୁରାଣର 'ନ୍ୟାୟ ଦେବ'ଙ୍କ ପରି ଆଖିରେ ଅନ୍ଧପୁଟୁଳି ବାନ୍ଧି ଦିରାଣ୍ଡି କରି ଯୁକ୍ତି ଓ ଦାବୀ ଓଜନ କରୁଚନ୍ତି । ତୁଳା ଦଣ୍ଡ କୁଆଡ଼କୁ ହଲିବାର ନାଇ- କି ତାଂକର କାହାମୁହଁ ଦେଖି ଭୁଲିବାର ନାଇ । ଏ ଦୁର୍ବଳର ନିଜକୁ ବୋଧଦେବା କଥା । ଏଥିରେ ସତ୍ୟ ନାଇ ।

ଏ ଶାନ୍ତି, ଶ୍ମଶାନର ଶାନ୍ତି

ଭାରତ, ଗୋଟିଏ ମିଳିତ ରାଜ୍ୟ ବା ଇଉନିୟନ । ସବୁ ପ୍ରଦେଶ ତା ପାଖେ ସମାନ, ଏକଥା ନୁହେଁ । ଆଜି ବଂଗ ବିହାରର ସୀମା ଘେନି ଦ୍ୱନ୍ଦ୍ୱ ଉଠିଲାଣି । ସେଥିରେ ବିହାରର ଦୁରନ୍ତତା ଦେଖି, କଂଗ୍ରେସ ସେକ୍ରେଟେରୀ ଶଙ୍କର ରାଓ, ବିହାରକୁ କାନମୋଡ଼ି ଦେଲାପରି କଥା କହିସାରିଲେଣି । କିଂତୁ ଆମ ଓଡ଼ିଶା ସାମ୍ୟର ଭୂମି, ଶାନ୍ତିର ଭୂମି । ଜୀବୀଧର୍ମରେ ଏହାକୁ କୁହାଯାଏ, ଶ୍ମଶାନର ଶାନ୍ତି ।

Digitized by PPRACHIN, SOA

ଏହାର ଫଳ କଣ ହେବ, ଭାବ

ଆଉ ଗୋଟିଏ କଥା, ଆମ ପ୍ରାଦେଶିକ କଂଗ୍ରେସ ତଥା ସରକାରଙ୍କ ଅକର୍ମଣ୍ୟତା । ପ୍ରାଦେଶିକ କଂଗ୍ରେସ ବୋଲି ଏଠାରେ କୌଣସି ଜୀବନ୍ତ ଅନୁଷ୍ଠାନ ରଖାହୋଇ ନାଇ । ତା ଆଉ ବେଳକୁ ଖୋଜିଲେ ମିଳିବ କୁଆଡୁ ? ଏଠାରେ ସରକାରଇ ସବୁ । ତାଂକ ସମାଲୋଚନା କରିବାକୁ କେହି ନାଇ, କି ପରାମର୍ଶ ଦେବାକୁ କେହି ନାଇ । ଲୋକ-ସରକାର ହୁଅନ୍ତୁ, ଅ-ଲୋକ - ସରକାର ହୁଅନ୍ତୁ, ଲୋକଙ୍କ ପାଖରେ, ସେ ସରକାର-ଅର୍ଥାତ୍, କ୍ଷମତା ଓ ଖଜଣାଖାନାର ଅଧିକାରୀ, ସରକାର । ଅନ୍ତତଃ ଆମ ଦେଶରେ ସେଇଆ । କୁଉଦିନ, କ'ଣ ପାଇ ଭୋଟ ଦେଇଥିଲେ, ସେ କଥା ଲୋକଙ୍କ ମନେ ନାଇ । କ'ଣ ଘେନି ଭୋଟ ପାଇ କ'ଣ କରି ଯାଉଚନ୍ତି, ସେକଥା ବି ସରକାର ବୁଝୁନାହାନ୍ତି । ତାଂକୁ ବୁଝାଇବ ବା କିଏ ? ମନୁଷ୍ୟ, ଧନ ଓ କ୍ଷମତାର ବ୍ୟବହାରରେ ଅନ୍ଧହୁଏ । ସେଥିପାଇଁ ବିରୋଧ ଦରକାର । ନ ହେଲେ, ଅନ୍ତତଃ ବାହାରର ନିରପେକ୍ଷ ପରାମର୍ଶଦାତା ଦରକାର । କଂଗ୍ରେସ ଅନୁଷ୍ଠାନଟିକୁ ଜୀବନ୍ତ ରଖିଥିଲେ, ସରକାର ତାଂକ ଠାରୁ ହେଲେ କିଛି ପରାମର୍ଶ ପାଉଥାନ୍ତେ । କିଂତୁ ଆମ ସରକାରଙ୍କ ଭାଗ୍ୟରେ ତା ନାଇ । ଖାଲି କ୍ଷମତା ଓ ଧନରେ ନିର୍ଭର କରି, ଗତି ଚାଲିଚି । ଏ ଗତିର ପରିଣାମରେ ଦେଶର ଚିନ୍ତା ପରାଧୀନ ହୋଇ ଦେଶର ସର୍ବନାଶ ହେବ; କିଂବା ବିରୋଧ ପରିବର୍ତ୍ତେ ବିଦ୍ରୋହର କରାଳଜ୍ୱାଳା ଅସଂଭାଳ ହେବ - ଏ ଗତିରେ ତୃତୀୟ ପରିଣତି ନାଇ ।

କହିଲେ – 'କୁଳ କୁଟୁମ୍ବକୁ ଲାଜ୍'

ଷଢ଼େଇକଳା, ଖରସୁଆଁ ଗଲା କିପରି, କେହି ଜାଣନ୍ତି ନାଇ । ଶେଷକୁ ଜଣାପଡ଼ିଲା, ଆମ ସରକାର ପାରିଲେ ନାଇ । ତେଣୁ ସେକ୍ରେଟେରୀ ମେନନ୍ଙ୍କ ବିଚାରପତିତ୍ୱର ଗୋଟିଏ ବାହାନା କରି ଛାଡ଼ିଦେଲେ । ଯଥାର୍ଥରେ ହୋଇଥିଲା, ତାଙ୍କ ବିଚାର ଗୋଟାଏ ବାହାନା । ମେ ମାସ ୭ ତାରିଖ ସକାଳୁ ଶୁଣାଣି ଆରଂଭ ହେଲା । ସେତିକିବେଳେ ବେତାରରେ ତଥା କଲିକତା ଓ ଦିଲ୍ଲୀର 'ଷ୍ଟେଟସ୍‌ମ୍ୟାନ'ରେ ଏକାବେଳକେ ଖବର ବାହାରିଗଲା - 'ଷଢ଼େଇକଳା, ଖରସୁଆଁ ବିହାରକୁ ଦିଆଗଲା ।' ବାସ୍ତବରେ ଏ ଖବର ସତ୍ୟ ନ ହୋଇଥିଲେ, ସମ୍ବାଦଦାତାଙ୍କର କି ଅବସ୍ଥା ହୋଇଥାନ୍ତା, ତା ଅନୁମେୟ । 'ଷ୍ଟେଟସ୍‌ମ୍ୟାନ୍'ଙ୍କୁ କୁହାଯାଇଥିଲା, ଏପରି ଅମୂଳକ ଖବର ତୁମ ଲୋକ କାହିଁକି ଦେଲା ବୋଲି ।' 'ଷ୍ଟେଟ୍‌ସମ୍ୟାନ' କହିଥିଲେ, 'ଖବର ଅମୂଳକ ବୋଲି ଜଣାଗଲେ, ଆମେ ସେ ଲୋକକୁ ବରଖାସ୍ତ କରିବୁ ।' ତେଣୁ ଅନୁସନ୍ଧାନ କରି ପୁଣି ଛପାଇ ଦେଲେ, 'ଆମ ସମ୍ବାଦଦାତା ଯେଉଁ ଖବର ଦେଇଥିଲେ, ତା ସଂପୂର୍ଣ୍ଣ ଓ ନିରାଟସତ୍ୟ ।' ଏଣେ ଏ ସବୁ ହେଉଚି, ତେଣେ ଶୁଣାଣି, ଜବାବ ସୁଆଲ୍ ଚାଲିଚି । ସେତିକି ନୁହେଁ । କେନ୍ଦ୍ର ସରକାର

Digitized by PPRACHIN, SOA

ଓ ଆମ ପ୍ରାଦେଶିକ ସରକାର ଦୁହେଁ ଇସ୍ତାହାର ବି ଝାଡୁଚନ୍ତି - 'ସବୁର୍ କର, ସବୁର୍ କର, ଶୁଣାଣି ସରିନାଇ ନିଷ୍ପତ୍ତି ହୋଇ ନାଇ । ବେସରକାରୀ ଭାବରେ ଯାହା ପ୍ରକାଶ ପାଇଚି, ସେ ସବୁ ଠିକ୍ ନୁହେଁ।' ଏଇପରି କହି କହି, ୭ ତାରିଖରୁ ୧୪ ତାରିଖ ଯାଏଁ ଗଡ଼ାଇ ଦେଲେ । ପରେ ଶୁଣାଗଲା, ଲୋକମତ କାଳେ ଚହଲି ଯିବ, ତାକୁ ସମର୍ଥାଇ ରଖି କଥାଟା ଆସ୍ତେ ପ୍ରକାଶ କରିବା ପାଇଁ ଏହା କୁହାଯାଉଥିଲା ଓ ଶୁଣାଣିର ଅଭିନୟ ହେଉଥିଲା । ଏ କାର୍ଯ୍ୟ ଓ ଏ ପ୍ରକାର ସଂବଂଧରେ ଆଉ ବିଶେଷ କହିବା ଦରକାର ନାଇ । ଏ ତ ଆଉ ଇଂରେଜ ସରକାର ବା ଅନ୍ୟ ବିଦେଶୀ ସରକାର ନୁହେଁ - ଏ ତ ଆମ ନିଜ ସରକାର । କହିଲେ ଯେ 'କୁଳ କୁଟୁମ୍ବକୁ ଲାଜ୍' - ନ କହିଲେ, ଯା ହେଉ ।

ପ୍ରଚାର ବନ୍ଧ କର ନାଇ

ଆମ ପ୍ରତିନିଧିମାନେ ବୁଝାଇବାକୁ ଯାଇଥିଲେ । ସେମାନେ କହୁଥିଲେ, କଲିକତା ଛାଡ଼ିବା ଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ସବୁ ପରିପ୍ରଚାର ଖାଲି ବିହାର ତରଫରୁ । ଓଡ଼ିଶା ତରଫରୁ ପ୍ରଚାରର ନାମ ଗନ୍ଧ ନାଇ। ଓଡ଼ିଶା ତରଫରୁ ଯାହା ବାହରେ ପ୍ରକାଶ ପାଏ, ତା ଖାଲି ମନ୍ତ୍ରୀଙ୍କ ବକ୍ତୃତା । ଆଉ ଓଡ଼ିଶାରେ କିଛି ମତ ଅଛି, ଚିନ୍ତା ଅଛି, ଯୁକ୍ତି ଅଛି, ବା ଉଦ୍‌ବେଗ ଅଛି ବୋଲି ଓଡ଼ିଶା ବାହାରେ କେହି ଜାଣନ୍ତି ନାଇ । ଅବଶ୍ୟ ଆଜି ସବୁ ପ୍ରଚାର ଯନ୍ତ ସରକାରଙ୍କ ହାତେ, ବା ସରକାରଙ୍କ ଲୋକଙ୍କ ହାତେ । ଆମ ସରକାର ଏ ସମ୍ବନ୍ଧେ କ'ଣ କରୁଚନ୍ତି । ନିଆଁକୁ ଏପରି ଅଣ୍ଟିରେ ଭର୍ତି କରୁଚନ୍ତି କାହିଁକି ? ସେମାନେ ନ ବିଚାରିଲେ ପ୍ରଚାର ହେବ ନାଇ । ସେମାନେ ବିଚାରିଲେଇ ହେବ । ଲୋକଙ୍କର ଏ କ୍ଷେତ୍ରରେ ଚାରା କ'ଣ ? ସରକାରଙ୍କୁ ସାହାଯ୍ୟ କରିବେ ବୋଲି ଇଚ୍ଛା କଲେ ବା କରିବେ ବା କିପରି ? ଅବଶ୍ୟ ସରକାରଙ୍କ 'ହାଇ ମାରିବା'ରେ ଯଦି 'ଫୁଟୁକି ଫୁଟାଇବାଟା' ସାହାଯ୍ୟ ସହଯୋଗ ବୋଲି ଧରାଯାଏ, ତା ସ୍ୱତନ୍ତ କଥା । କିଂତୁ ସେ ତ ଯଥାର୍ଥ ସାହାଯ୍ୟ ଓ ସହଯୋଗ ନୁହେଁ।

ଅନ୍ୟ ଓଡ଼ିଆ ଭୂମି ସବୁ ରହିବ ତ ?

ଶୁଣାଯାଉଚି, କେହି କେହି କହୁଚନ୍ତି, ଛାଡ଼, ଷଢ଼େଇକଳା, ଖରସୁଆଁ ସିନାଗଲା, ଯାଉ ! ଓଡ଼ିଶା ତ କେଡ଼େ ବଡ଼ ହୋଇଚି । ଆଉରି ତେଇଶି ଗଡଜାତ ତ ଅଛି । ଚିନ୍ତା କ'ଣ ? ଆଉ ସବୁ ଯାହା ରହିଚି ତାକୁଇ ଘେନି ଘର କର । କିଂତୁ ଖରସୁଆ, ଷଢ଼େଇକଳା ଗଲା କାହିଁକି ଓ କିପରି ? ଏହା ଭଲକରି ଜାଣି ବିଚାର ନକଲେ, ଆଉ ତକ ଘେନି ଘର କରିବାକୁ ସାହସ ଆସିବ କାହୁଁ ? ଦମ୍ଭ ଆସିବ କୁଆଡୁ ? ଆଜି ଷଢ଼େଇକଳା, ଖରସୁଆଁ ଯେଉଁ କାରଣରୁ ଗଲା, ସେଇ କାରଣ ଓ ସେଇଭଳି କାରଣରୁ ମୟୂରଭଞ୍ଜକୁ ଘେନି

Digitized by PPRACHIN, SOA

ବାଲେଶ୍ୱରରୁ ଖଣ୍ଡେ ବଂଗଳାକୁ ନ ଯିବ ବୋଲି କହିବ କିଏ ? କୋରାପୁଟ, ଗଂଜାମ ଆନ୍ଧ୍ରକୁ ନଯିବ ବୋଲି ବା କିଏ କହିବ ? ପୁଣି ଝାଡ଼ଖଣ୍ଡ ବାତ୍ୟାରେ ଗଂଗପୁର, ବାମଣ୍ଡା, ବଣାଇ ଆଦି ବିହାରକୁ ନଯିବ ବୋଲି କହିବାକୁ କି ଯୁକ୍ତି ବା କି ବଳ ଅଛି ? କାହାପାଖେ ? ଆମର ହରାଇବାର କାରଣ ଯଦି ରଖି ନ ପାରିବା ହୁଏ ବା ସଂଭାଳିବାରେ ଅକର୍ମଣ୍ୟତା ହୁଏ, ତେବେ ଯାହାଙ୍କ ଅକର୍ମଣ୍ୟତାରେ ଏହା ହେଲା, ତାଂକରି ଆଶ୍ୱାସନାରେ ଲୋକେ ଦମ୍ଭ ପାଇବେ କି ? କାହିଁକି ଗଲା, କାହିଁକି ବା ରହିବ ବୋଲି କୁହାଯାଉଚି ? ଏ ସବୁ କଥା ହେଲେ ଲୋକେ ଭଲକରି ଜାଣନ୍ତୁ । ସରକାରଙ୍କୁ ଡ଼ରିକରି 'ହଁ' ଭରିଦେବା କଥା ଅବଶ୍ୟ ଏଠାରେ ବିଚାର କରାଯାଉ ନାଇ । ବନ୍ଧୁକଧାରୀ ପୁଲିସ ବା ଫୌଜ୍ ଦେଖି, ସରକାରୀ ପ୍ରଚାରକ ପଲ ଦେଖି, ମତ ପ୍ରକାଶ ମାତ୍ରକୁ ଜବତ୍ କରିବା ପାଇଁ ଆଇନର ଯଥେଛା ପ୍ରଣୟନ ଓ ନିରଂକୁଶ ପ୍ରୟୋଗ ଦେଖି, ଲୋକେ ଡରି ଯାଇପାରନ୍ତି; ବୁଝିଯିବେ ନାଇ ।

ଏ ରାଜ୍ୟରେ ଓଡ଼ିଆର ଏକା କ'ଣ ସ୍ୱାଧୀନତା ନାଇ ?

ଯେତେବେଳେ ଗଡ଼ଜାତ ସବୁ ଓଡ଼ିଶାରେ ମିଶିଲା, ସେତେବେଳେ ଜାଣିଶୁଣି ବସ୍ତର, ରାଏଗଡ଼, ସାରଂଗଗଡ଼ ଶକ୍ତି, କଙ୍କେର୍ ପରି ରାଜ୍ୟଗୁଡ଼ିକ ଛାଡ଼ି ଦିଆ ହୋଇଥିଲା । ତା ସଂଗେ ମଧ୍ୟପ୍ରଦେଶରେ ଥିବା ଫୁଲଝର, ବିନ୍ଦ୍ରାନୂଆଗଡ଼ ଭଳି ଓଡ଼ିଆ ଭୂମିମାନ ବି ଥିଲା ଲୋକେ ସେ କଥା କ୍ରମେ ଭୁଲି ଯାଉଚନ୍ତି । ସରକାର କହିବେ କି, ସେ ସବୁ ଓଡ଼ିଶାକୁ ଆସିବା ନ ଆସିବା ସଂବଂଧରେ କ'ଣ ବିଚାର ହୋଇଚି, ହେଉଚି ବା ହେବ ? ଆମର ତ ବାହାରେ ପ୍ରଚାର ନାଇ । ଦେଶ ଭିତରେ ବି ଆନ୍ଦୋଳନ ଅସ୍ୱାଦ୍ୟ ହେଉଚି । ତେବେ ଓଡ଼ିଆର କ'ଣ ଏ ରାଜ୍ୟରେ ସତେ ମା' ବାପା ନାଇ ? ଆମ କଥା କ'ଣ କୌଣସି ଠାରେ ବିଚାର ହୋଇ ନିଷ୍ପତ୍ତି ହେବ ନାଇ ? ଆମକୁ କ'ଣ ଖାଲି ଘର ଓ ବାହାରର 'ମେରୀରାଏ'ରେ ଚଳିବାକୁ ହେବ ? ବିଧାତା ଏହା ନ କରନ୍ତୁ। କାହିଁକି ? ଅନ୍ୟ କୌଣସି ପ୍ରଦେଶ ସଂବଂଧରେ ତ ଏହା ହେଉନାଇ । କଂଗ୍ରେସର ଭାଷା ସୂତ୍ରରେ ପ୍ରଦେଶ ଗଠନ ନୀତିକୁ ସମସ୍ତେ ତ ଧରି ବସିଚନ୍ତି । ସେଥିପାଇଁ ଲଢ଼ିବାକୁ କେହି ତ ପଶ୍ଚାତପଦ ନୁହନ୍ତି । ଏପରି ଲଢ଼ାଇରେ କ'ଣ ଆମର ସ୍ୱାଧୀନତା ନାଇ ?

ହୀରାକୁଦ୍ ଦେଇ କ'ଣ ଷଡ଼ୈକଳା ନେବେ ?

ପୁଣି ଶୁଣାଯାଉଚି, କେନ୍ଦ୍ର ସରକାର ଆମକୁ ହୀରାକୁଦ୍ ଓ ରାଜଧାନୀ ପାଇଁ ବିସ୍ତର ଟଙ୍କା ଦେଉଚନ୍ତି । ଆମେ ତାଙ୍କ ସଂଗେ ଏଇସବୁ ଉପାନ୍ତ ଭୂମି ପାଇଁ ଲଢ଼ିବା କିପରି ? ଅବଶ୍ୟ, ତାଂକ ସଂଗେ ଲଢ଼ିବା କଥାଟାର ଅର୍ଥ ବୁଝାଯାଉ ନାଇ । ଆମେ ବୁଝିଥିଲୁ, ତାଂକ ମଧ୍ୟସ୍ଥତାରେ ପାର୍ଶ୍ୱବର୍ତୀ ପ୍ରଦେଶ ସଂଗେ ଲଢ଼ିବାକୁ ହେବ । ଏଥିରେ ଯଦି ଫଳରେ

Digitized by PPRACHIN, SOA

ତାଂକ ସହିତ ଲଢ଼ିବା ହୁଏ, ତେବେ ଆମ ଅବସ୍ଥା କ'ଣ ହେବ ? କେନ୍ଦ୍ର ସରକାର ତେବେ କାହାଆଡ଼େ ଅଛନ୍ତି - ସେ କଥା ତ ଅନ୍ତତଃ ଆମର ଜାଣିବା ଦରକାର । ତେବେ କ'ଣ ଆମକୁ କେନ୍ଦ୍ର ସରକାର ଧନ ଦେବାର ଲୋଭ ଦେଖାଇ ଆମ ଭୂମି ନେଇ ଅନ୍ୟକୁ ଦେବେ ? ଯେଉଁ ରାଜା, ଜମିଦାରଙ୍କୁ ଆମେ ଆଜି ବାହାର କଲୁ ବା କରୁଚୁ ସେମାନେ ଏଇପରି ଧନ ଲୋଭ ଦେଖାଇ ବହୁତ କଥା ନେଉଥିଲେ ! ଆମର ଅବଶ୍ୟ ସେଇ ଧନ ଲୋଭରେ ବହୁତ କଥାରେ ହୁଏତ ତୁନି ରହିବାର ଅଭ୍ୟାସ ଅଛି । ତଥାପି ଆଜି କ'ଣ ସ୍ୱାଧୀନ ହୋଇ ମଧ୍ୟ ସେଇ ଅଭ୍ୟାସ ସ୍ମରଣ କରି କାର୍ଯ୍ୟରେ ଲଗାଇବା ? ପୁଣି କେନ୍ଦ୍ର ସରକାର ଖାଲି ହୀରାକୁଦକୁ ତ ଦେଉ ନାହାନ୍ତି ? ଏହାଠାରୁ ଖୁବ୍ ବଡ଼ ଦାମୋଦର ଉପତ୍ୟକା ଜଳଭଣ୍ଡାର ପାଇଁ ମଧ୍ୟ ଦେଉଚନ୍ତି; ଦେଶରେ ଆଉ କେତେ କ'ଣ ଯୋଜନା ପାଇଁ ଦେଉଚନ୍ତି । ସେ ସମସ୍ତେ ଆମରି ପରି ଭାବୁ ନାହାନ୍ତି କାହିଁକି ? ଆମେ କହୁ, ଏ ସବୁ ଅକର୍ମଣ୍ୟର ଯୁକ୍ତି । ନିର୍ମଳ ଦୃଷ୍ଟିରେ କର୍ତବ୍ୟ କରିବାର ଏ ସବୁ ଯୁକ୍ତି ନୁହେଁ ।

'ଇଉନିୟନ' ଆତଂକ କାହିଁକି ?

ପୁଣି ଗୋଟିଏ ଲୋକ ଭାଗୁଣିଆ ପ୍ରଚାର କରାଯାଉଚି, ଓଡ଼ିଶାର କେହି କେହି ଗଡ଼ଜାତରେ ୟୁନିଅନ୍ ଗଢ଼ିବା ପାଇଁ ଉଦ୍ୟମ କରୁଚନ୍ତି ଓ ସେ ୟୁନିଅନ୍ ଗଢ଼ାଗଲେ, ରାଜାମାନେ ପୁଣି ଗାଦିକୁ ଫେରିବେ । ସେଥିପାଇଁ ରାଜାମାନେ ଭିତିରି ଟଂକା ଦେଇ ଏ ଉଦ୍ୟମ କରାଉଚନ୍ତି ! ଏ କି ହାସ୍ୟସ୍ପଦ କଥା । ୟୁନିୟନ ଗଢ଼ିବାଟା କ'ଣ ଆମ ଓଡ଼ିଶାର କୌଣସି ଲୋକଙ୍କ ହାତେ ଅଛି । କେନ୍ଦ୍ର ସରକାର ନ ବିଚାରିଲେ, ଓଡ଼ିଶାର ଶତକଡ଼ା ଶହେ ଲୋକ କହିଲେ ମଧ୍ୟ କ'ଣ ୟୁନିଅନ ହୋଇପାରେ ? ତଥାପି, ଯଦି କେହି ମନେ କରେ, ୟୁନିୟନ ହେଲେ, ପୁଣି ଷଢ଼େଇକଳା, ଖରସୁଆଁ ବିହାରରୁ ଫେରିବ ଓ ତା ସଂଗେ ପରେ ସିଂହଭୂମି ଫେରିବାର ବାଟ ଫିଟିବ, ତେବେ ସେ ମତ ପ୍ରକାଶିତ ହେବାରେ ଏତେ ଆପତ୍ତି କାହିଁକି ? ମିଶ୍ରଣ ବିରୁଦ୍ଧରେ ଏହା କୁହାଗଲା ବୋଲି ଜବତ୍ କରାହେଉଚି, କାହିଁକି ? ଯଦି ଏଇ କେତେ ଜଣକ ମତର ଫଳରେ କେନ୍ଦ୍ର ସରକାର ୟୁନିୟନ କରିଦେବେ ବୋଲି ମତହୁଏ, ତେବେ କେନ୍ଦ୍ର ସରକାର କ'ଣ ଯଥାର୍ଥରେ ଗଡ଼ଜାତ ମିଶ୍ରଣର ବିରୋଧୀ ? ସେ କଥା ତେବେ ଆମ ସରକାର ସ୍ପଷ୍ଟ କହୁ ନାହାନ୍ତି କାହିଁକି ? ତେବେ ଏ ଭୟଟା କେନ୍ଦ୍ର ସରକାରକୁ, ନା ଇଉନିୟନକୁ ?

ପୁଣି ଯୁକ୍ତି ପାଇଁ କୁହାଯାଉ, ଉଷୁନା ଧାନ ଗଜା ହବ । ଧର, କେନ୍ଦ୍ର ସରକାର ପୁଣି ଆମ ସରକାରଙ୍କୁ ଏଡ଼ି ଦେଇ, ଷଢ଼େଇକଳା, ଖରସୁଆଁ ବିହାରକୁ ଦେଲାପରି, ଫସ୍ କରି ଇଉନିୟନଟାଏ ଗଢ଼ି ଦେଲେ । ତେବେ ବା ଏତେ ଭୟ କାହିଁକି ? ଇଉନିୟନରେ

Digitized by PPRACHIN, SOA

ଯଥାର୍ଥ ଲୋକମତରେ ନିର୍ବାଚିତ ପ୍ରତିନିଧିମାନେ ମତ ଦେଲେ, ପୁଣି ସମସ୍ତେ ଓଡ଼ିଶାକୁ ଆସିବାର ବ୍ୟବସ୍ଥା ତ ସ୍ପଷ୍ଟ ଆଇନରେ ଅଛି ? ତେବେ ବା ଏତେ ଭୟ କାହାକୁ ? ଯଥାର୍ଥ ଭୟଟା ତେବେ ଇଉନିୟନକୁ ନୁହେଁ; ଭୟଟା ହେଉଚି, ଗଡ଼ଜାତର ଲୋକମତକୁ । ଆମ ସରକାର ତେବେ ଡରୁଚନ୍ତି, ଗଡ଼ଜାତ ଲୋକେ ଆମର ଆପଣାର ନୁହନ୍ତି - ଯେତେ ଚେଷ୍ଟା କଲେ ବି ହୋଇପାରିବେ ନାଇ । ଏ କି ଦୁର୍ଗତି ? ଲୋକେ ଯଦି ଆମର ନୁହନ୍ତି, ତେବେ ମିଶ୍ରଣ ବା ସଂଭଳା ଯିବ କେମିତି ? ଲୋକଙ୍କୁ ଜବତ୍ କରି, ଏ ଯୁଗରେ ମତ କରିହେବ ନାଇ । ଏହା ବୁଝିବା ଉଚିତ ।

ରାଜାଏ କଦାପି ଗାଦିକୁ ଫେରୁ ନାହାନ୍ତି

ପୁଣି ରାଜାମାନେ ଟଙ୍କା ଦେଉଚନ୍ତି ବୋଲି କୁହାଯାଉଚି । ରାଜାମାନେ ଟଙ୍କା ଦେବେ କାହିଁକି । ସୂର୍ଯ୍ୟ ପଶ୍ଚିମରୁ ଉଇଁବା ସମ୍ଭବ ହେଲେ ମଧ୍ୟ ୟୁନିଅନ ହେଉ, ମିଶ୍ରଣ ହେଉ, କେନ୍ଦ୍ର ସରକାର ଅଧୀନରେ ଗଡ଼ଜାତ ରହୁ, ବା ଆଉ ଯାହାହେଉ, କୌଣସି ପରିସ୍ଥିତିରେ ରାଜାମାନେ ଆଉ ଗାଦିକୁ ଫେରୁନାହାନ୍ତି । ଏହା ତ ନିଶ୍ଚୟ କଥା । ତେବେ ସେମାନେ ଆଉ ଟଙ୍କା ଦେବେ କିଆଁ ?

ଟଙ୍କାଖିଆ - ଯୁକ୍ତି କାଢ଼ି ଆଉ ଲୋକଙ୍କୁ ଭୁଲାଅ ନାଇ

ଦୁଃଖର କଥା, ମିଛରେ ଅମୁକ ଟଙ୍କା ଖାଉଚି ବୋଲି ଲୋକକୁ ମତାଇ ଏ ଦେଶର ବହୁତ ଅନିଷ୍ଟ କରାଯାଇଚି । ପୁଣି ଆଜି ଦେଶରେ ନାନାଭାବରେ ଯେଉଁ ଟଙ୍କାଖିଆ ଚାଲିଚି, ସେ କଥା ଫଳାଇ କହିବା ଦରକାର ନାଇ । ଦେଶ ସେଥିରେ କୁଆଡ଼କୁ ଯାଉଚି ? ସେଥିରେ କି ପ୍ରତିକାର କରାହେଉଚି ? ଏପରି ଟଙ୍କାଖିଆର ମିଥ୍ୟା ପରିପ୍ରଚାରରେ ସେ ସବୁ ମହାପାପର କଳଙ୍କ ଆଉ ଘୋଡ଼ାଇ ହେବ ନାଇ ।

ଶେଷକୁ ଆମ ଅନୁରୋଧ

ଆମର ଏକାନ୍ତ ଅନୁରୋଧ, ଲୋକଙ୍କୁ ସ୍ୱାଧୀନ କରାଯାଉ । ସ୍ୱାଧୀନ ଲୋକମତ ପ୍ରଚାର ପାଉ, ଭିତରେ ଓ ବାହାରେ ପ୍ରଚାରର ବାଟ ଫିଟୁ । ମନ୍ତ୍ରିମାନେ ଯଦି ନିଜକୁ ଅକର୍ମଣ୍ୟ ବୋଲି ବିଚାରୁଚନ୍ତି, ତେବେ ସେମାନେ ତାହାର ଯଥାର୍ଥ ବୈଧାନିକ ପ୍ରତିକାର କରନ୍ତୁ । ଏହି ଷଢ଼େଇକଳା, ଖରସୁଆଁ ସମସ୍ୟା ଘେନି ମଧ୍ୟ ଷଢ଼େଇକଳା, ଖରସୁଆଁ ତଥା ସମଗ୍ର ଓଡ଼ିଶାରେ ସ୍ୱାଧୀନ ଆନ୍ଦୋଳନର ବାଟ ଫିଟୁ । ତା ନହେଲେ ପରିସ୍ଥିତି ଦିନକୁ ଦିନ ଅସହାୟ ହେବ । ଗଡ଼ଜାତକୁ ଓଡ଼ିଶାରେ ମିଶାଇବାରେ ସମସ୍ତ ଓଡ଼ିଶାଟାଯାକ ଗୋଟାଏ ଗଡ଼ଜାତ ହୋଇଗଲା ବୋଲି ଲୋକେ ନ ବୁଝନ୍ତୁ । ଏହାଇ ଆମର ଏକାନ୍ତ ଆନ୍ତରିକ କାମନା ।

ନୂଆପ୍ରସ୍ଥ-୨/୧, ଆଲୋଚନା

Digitized by PPRACHIN, SOA

ଗଞ୍ଜାମ ଜିଲ୍ଲାବୋର୍ଡ଼

ସରକାର ଗଂଜାମ ବୋର୍ଡଟି ଆପାତତଃ ଭାଙ୍ଗି ଦେଇଛନ୍ତି। ସ୍ଥାନୀୟ ସ୍ୱାୟତ୍ତଶାସନ ଉପରେ କଂଗ୍ରେସ ସରକାରଙ୍କର ଏ ଆଘାତ ଲୋକେ ବୁଝି ପାରୁ ନାହାନ୍ତି। ପୁଣି କଂଗ୍ରେସ ରାଜନୀତିରେ ମଧ୍ୟ ଗଂଜାମ ଜିଲା ବୋର୍ଡର ଏବର କାର୍ଯ୍ୟକର୍ତ୍ତାମାନେ ପ୍ରଧାନମନ୍ତ୍ରୀଙ୍କ ସଙ୍ଗେ ଏକମତ ନଥିବାର ଲୋକେ ଜାଣନ୍ତି। ତା' ଘେନି ଲୋକଙ୍କ ମନରେ ମଧ୍ୟ ନାନା ପ୍ରକାର ସଂଦେହ ସୃଷ୍ଟି ହୋଇଛି। ଜିଲ୍ଲାବୋର୍ଡ ଯେବେ ପ୍ରଥମେ କଂଗ୍ରେସର ହୋଇ ଥିଲା ସେତେବେଳେ ଏବର ସରକାରୀ ଓକିଲ ବାବୁ ଉମାଚରଣ ପଟ୍ଟନାୟକ ସଭାପତି ହୋଇଥିଲେ। ମତଭେଦ ହେବାରୁ ତାଙ୍କ ଉପରେ ଅନାସ୍ଥା ପ୍ରସ୍ତାବ ହୋଇ ତାଙ୍କୁ ବାହାର କରି ଦିଆଗଲା। ଏହି ଉମାଚରଣ ପଟ୍ଟନାୟକ ପ୍ରଧାନମନ୍ତ୍ରୀ ବିଶ୍ୱନାଥ ବାବୁ ଦୁହେଁ ଏହି ଗଂଜାମ ଜିଲ୍ଲା ବୋର୍ଡ ଗଢ଼ା ହେଲାବେଳେ ପାରଳା ମହାରାଜଙ୍କ ପକ୍ଷରେ ଥାଇ ସହଯୋଗ କରିଥିଲେ। ନିର୍ବାଚନ ବେଳୁ ମଧ୍ୟ ଏମାନଙ୍କ ଏହି ସହଯୋଗ ଆରମ୍ଭ ହୋଇଥିଲା। ଏବର ପ୍ରେସିଡେଣ୍ଟ ଦିବାକର ବାବୁଙ୍କ ସହିତ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଏ ସହଯୋଗକୁ ସେତେବେଳୁ ମଧ୍ୟ ପସନ୍ଦ କରି ନଥିଲେ। ମୁଖ୍ୟତଃ ଏହାହିଁ ବିରୋଧର ପ୍ରଧାନ କାରଣ ବୋଲି ସମସ୍ତେ ଜାଣନ୍ତି।

ତଥାପି ଆଜି ଯେ ବୋର୍ଡଟି ଭାଙ୍ଗି ଦିଆଯାଇଛି ଏହି ବିରୋଧ ତା'ର କାରଣ ବୋଲି କୁହାଯାଇ ନ ପାରେ। ଭାଙ୍ଗିବାର ଅନ୍ୟ ଯଥାର୍ଥ କାରଣ ମଧ୍ୟ ଥାଇପାରେ। ଜିଲ୍ଲା ବୋର୍ଡ ଗୁଡ଼ିକ ମୁଖ୍ୟତଃ ପ୍ରାଦେଶିକ କଂଗ୍ରେସ କମିଟି ଦ୍ୱାରା ପରିଚାଳିତ ହୁଅନ୍ତି। ଉମାଚରଣ ବାବୁଙ୍କ ଉପରେ ଅବିଶ୍ୱାସ ପ୍ରସ୍ତାବ ହେଲା ପରେ ପ୍ରାଦେଶିକ କଂଗ୍ରେସ କମିଟିର ତାତ୍‌କାଳିକ ସଭାପତି ଶ୍ରୀ ଗୋପବନ୍ଧୁ ଚୌଧୁରୀ ବୋର୍ଡଟି ଦେଖିବାକୁ ଯାଇ କଂଗ୍ରେସ ମେମ୍ବରମାନଙ୍କୁ ବୋର୍ଡ ଛାଡ଼ିଦେବାକୁ ପରାମର୍ଶ ଦେଇଥିଲେ।

ସେପରି ପରାମର୍ଶ ଦେବାର ପ୍ରଧାନ କାରଣ ଥିଲା, କଂଗ୍ରେସ ଦଳ ମେମ୍ବରମାନେ ବୋର୍ଡରେ ଅଧିକରୁ ବେଶୀ ନ ଥିଲେ। ମାତ୍ର କେତେଗୁଡ଼ିଏ ସ୍ଥାନ ଖାଲି ଥିବାରୁ ବୋର୍ଡରେ କଂଗ୍ରେସ ବହୁପକ୍ଷ ହେବା ଆଶା କରି କଂଗ୍ରେସ ପକ୍ଷ ଲୋକେ ହଠାତ୍ ବୋର୍ଡଟି ଛାଡ଼ିଦେଇ ନ ଥିଲେ ଓ ଛାଡ଼ିବା ପାଇଁ ସମୟ ନେଇଥିଲେ। ପୁଣି ଉତ୍ତରପଶ୍ଚିମ ସୀମାନ୍ତ ପ୍ରଦେଶ ଓ ଆସାମରେ କଂଗ୍ରେସ ଦଳ ଅନ୍ୟଦଳ ସଙ୍ଗେ ମିଶି ସରକାର ଗଢ଼ିଛନ୍ତି। ଏଥିରେ ମଧ୍ୟ ଅନ୍ୟଦଳ କେତେକଙ୍କୁ ନିଜର କରି କଂଗ୍ରେସ ବୋର୍ଡ ଚଳାଇବାରେ ହୁଏତ ଆପତ୍ତି ହୁଅନ୍ତା ନାହିଁ। ସମ୍ଭବତଃ ପ୍ରାଦେଶିକ କଂଗ୍ରେସ କମିଟିର ପରବର୍ତ୍ତୀ କାର୍ଯ୍ୟକର୍ତ୍ତାମାନେ ସେହି ଦୃଷ୍ଟିରେ ବିଷୟଟି ଦେଖିବାକୁ ବସିଥିଲେ।

Digitized by PPRACHIN, SOA

ସେ ଯାହା ହେଉ, ସେ କାରଣରୁ ବୋର୍ଡଟି ଭାଙ୍ଗିଦିଆ ଯାଇନାହିଁ। ସରକାର ଜଣେ ମାଜିଷ୍ଟ୍ରେଟଙ୍କ ଦ୍ୱାରା ଅନୁସନ୍ଧାନ କରାଇ ବୋର୍ଡ ଭାଙ୍ଗିଛନ୍ତି। ଯେତେବେଳେ ବୋର୍ଡ ଭାଙ୍ଗି ତା'ର ଉଦ୍ଦେଶ୍ୟ ପ୍ରକାଶ ପାଇଲା, ସେତେବେଳେ ପ୍ରାଦେଶିକ କଂଗ୍ରେସ କମିଟିର ସଭାପତି, ଅନୁସନ୍ଧାନର ରିପୋର୍ଟଟି କ'ଣ, ସେଥିରେ କି ଦୋଷାଦୋଷ ଅଛି, କାହିଁକି ସରକାର ଏପରି ଗୋଟିଏ ଗୁରୁକ୍ରିୟା ଅବଲମ୍ବନ କରିବାକୁ ଯାଉଛନ୍ତି, ବିଶେଷରେ ପ୍ରଧାନମନ୍ତ୍ରୀଙ୍କ ସଙ୍ଗେ ବୋର୍ଡର କାର୍ଯ୍ୟକର୍ତ୍ତାମାନଙ୍କର ଅମେଳ ଥିବାବେଳେ ସରକାର ଏଥିରେ ଏ ଦାୟିତ୍ୱ କାହିଁକି ନେଉଛନ୍ତି, ଏସବୁ ବିଷୟ ଉଲ୍ଲେଖ କରି ଖବରାଖବର ଓ ଅନୁସନ୍ଧାନର ତଥ୍ୟାଦି ଜାଣିବା ପାଇଁ ପ୍ରଧାନମନ୍ତ୍ରୀଙ୍କୁ ବାରମ୍ବାର ଲେଖିଥିଲେ ବୋଲି ଜଣା ଯାଇଛି। ପ୍ରଧାନମନ୍ତ୍ରୀ ସେ ସବୁର ଉତ୍ତର ନ ଦେବାରୁ ପ୍ରାଦେଶିକ କଂଗ୍ରେସ କାର୍ଯ୍ୟକାରୀ କମିଟି ନିଜେ ବିଷୟଟିର ଅନୁସନ୍ଧାନ କରିବା ପାଇଁ ଗୋଟିଏ ନିରପେକ୍ଷ କମିଟି ଗଢ଼ିଥିଲେ। ସେ କମିଟି ମଧ୍ୟ ଅନୁସନ୍ଧାନ କରିବାକୁ ଯାଇ ନାହାନ୍ତି, ଏ ମଧ୍ୟରେ ହଠାତ୍ ବୋର୍ଡଟି ଭାଙ୍ଗି ଦିଆଯାଇଛି।

ଏ ଲୋକଶାସନର ସରକାର। ଏଥିରେ ଏପରି ଗୋଟିଏ କାର୍ଯ୍ୟରେ ଲୋକେ ସବୁ କଥା ଜାଣିବାକୁ ଲୋଡ଼ିବାରେ ତାଙ୍କର ଅଧିକାର ଅଛି। ସରକାରଙ୍କର ସବୁ କଥା ଭଲ କରି ଦାଣ୍ଡରେ ପକାଇ କରିବା ଉଚିତ୍। ସାମାନ୍ୟ ସାମାନ୍ୟ କଥାରେ ବିଶେଷଜ୍ଞ କମିଟିମାନ ବସୁଛି। ସେଥିରେ ମଧ୍ୟ ବିଶେଷ କିଛି କାର୍ଯ୍ୟ ହେଉନାହିଁ। ମାତ୍ର ଲୋକମତକୁ ପରିଷ୍କାର କରିବା ପାଇଁ ଏ ବିଷୟରେ ଗୋଟିଏ ନିରପେକ୍ଷ ମତ ପ୍ରକାଶ କରି ତାହାରି ଉପରେ କାର୍ଯ୍ୟ କରିଥିଲେ ଭଲ ହୋଇଥାନ୍ତା। ପୁଣିଲୋକଶାସନ ଆମର ନୂଆ ଜିନିଷ। ସରକାର ଯେତେ ନିଷ୍କଳଙ୍କ ଓ ନିରପେକ୍ଷ ହୁଅନ୍ତୁ ପଛେ, ଯେଉଁଠାରେ ବ୍ୟକ୍ତିଗତ ବିରୋଧର ଛାୟା ପଡ଼ିଛି ସେଠାରେ ବହୁତ ସାବଧାନ ହୋଇ ଲୋକଙ୍କୁ ମନାଇ କାର୍ଯ୍ୟ କରିବାର କଥା।

ଆଉ ଗୋଟିଏ କଥା। ଏ ଘଟଣାରେ ଆଇନତଃ ନିଷ୍ପତ୍ତି କରିବାରେ ସରକାର ସର୍ବେସର୍ବା। ହାଇକୋଟ କିମ୍ବା ଅନ୍ୟ କୌଣସି ନ୍ୟାୟ ବିଚାର ଦେବା ସ୍ଥାନରେ ସରକାରଙ୍କ ଏ ନିଷ୍ପତ୍ତିର ପୁନର୍ବିଚାର ପ୍ରାର୍ଥନା ହୋଇପାରିବ ନାହିଁ। ଅବଶ୍ୟ ଏ କ୍ଷେତ୍ରରେ ଶେଷ ବିଚାରକ ଭୋଟରମାନେ; ମାତ୍ର ତାଙ୍କ ମତ ମାପିବାରେ ଏବର କଂଗ୍ରେସ ସରକାର ବହୁତ ଅସୁବିଧା ପକାଇ ପାରନ୍ତି। ଏଠାରେ ମୁଖ୍ୟ କଥା, କଂଗ୍ରେସ ନାମରେ ଲୋକଙ୍କ ମଧ୍ୟରେ ଏକ ମୋହ ଜନ୍ମାଇ ଦିଆଯାଉଛି। ଲୋକଶାସନରେ ମତାମତ ଯଥାର୍ଥ ବୁଦ୍ଧିଚାଳନାରେ ସ୍ୱଷ୍ଟ ଫିଟାଇବାର ଉଦ୍ୟମ ହେଉନାହିଁ। କଂଗ୍ରେସ ପକ୍ଷରୁ ପ୍ରାର୍ଥୀ ଛିଡ଼ା ହେବା ନ ହେବାରେ ବହୁତ ପ୍ରଭେଦ ରହୁଛି। ଲୋକେ ଏବେ ଠିକ୍ ବୁଝି ସୁଝି ଭୋଟ

Digitized by PPRACHIN, SOA

ଦେବାର ଅବସ୍ଥାକୁ ଆସିବା ବାଟରେ ରହିବାକୁ ତାଙ୍କୁ ଶିକ୍ଷା ଦିଆଯାଉନାହିଁ। କଂଗ୍ରେସ ବୋଲି ନାମକୁ ପୂଜା କରିବା, କଂଗ୍ରେସର ରୀତି ବୁଝି ସେଥିପ୍ରତି ଆଗ୍ରହାନ୍ୱିତ ହେବା- ଏ ଦୁଇଟି ଭିତରେ ବହୁତ ପ୍ରଭେଦ ଅଛି। 'ନାମେ ଭକ୍ତି' ଏ ଦେଶର ଚିରନ୍ତନ ରୀତି। ରାଜନୀତିରେ ଏ ଚିରନ୍ତନ ପ୍ରତିଷ୍ଠିତ ଭାବ ଖୁବ୍ କାମରେ ଲଗାଇବାର ଚେଷ୍ଟା ଚାଲିଛି। ଏ ସବୁ କଥା ଦେଶବାସୀ ବୁଝିବା ଉଚିତ୍। ବିଧାତା କରନ୍ତୁ, ଆଦର୍ଶ କ୍ରିୟାଗତି ସୃଷ୍ଟି ହେଉ। ଫଳରେ ବୋର୍ଡଟି କଂଗ୍ରେସ ହାତରୁ ଅନ୍ତତଃ ନ ଯାଉ।

ନବ ଭାରତ-୬।୨

ସମ୍ବଲପୁରରେ ସ୍ଥାନୀୟ ସ୍ୱାୟତ୍ତ ଶାସନ

କହିବା ବାହୁଲ୍ୟ ଓଡ଼ିଶା ଗଂଜାମରେ କଂଗ୍ରେସ ସରକାର ସ୍ୱାୟତ୍ତଶାସନ ପାଇଁ କୌଣସି ଆଦର୍ଶ ଥାଇ କିଛି ବ୍ୟବସ୍ଥା ଏପର୍ଯ୍ୟନ୍ତ କରି ନାହାନ୍ତି, ବରଂ ଯାହା କରିଛନ୍ତି ସେଥିରେ ପ୍ରଚଳିତ ସ୍ୱାୟତ୍ତଶାସନ ବିଧିକୁ ବିଗାଡିଛନ୍ତି। ପୁରୀ, କଟକ, ବାଲେଶ୍ୱରରେ ମନୋନୀତ ମେମ୍ବର ସଂଖ୍ୟା ନିମୂର୍ଳ କରି ଦେବା ପରିବର୍ତ୍ତରେ ବରଂ ବଢ଼ାଇଛନ୍ତି। ଏହା ପ୍ରକାରାନ୍ତରେ ବିରୋଧ ଦଳ ତାଳୁରେ ଘୋର ପଦାଘାତ। ଧର, ଗୋଟିଏ ବୋର୍ଡରେ ମୋଟ ମେମ୍ବର ସଂଖ୍ୟା ତିରିଶଟି। ସେଥିରୁ ୨୧ଟି ଭୋଟରମାନଙ୍କ ଦ୍ୱାରା ନିର୍ବାଚିତ, ଆଉ ନଅଟି ସରକାରଙ୍କ ଦ୍ୱାରା ମନୋନୀତ। ତିରିଶିଟି ଭିତରୁ ଯେଉଁ ଦଳ ଷୋଳଟି ମେମ୍ବର ପାଇବେ ସେ ବୋର୍ଡ ଚଳାଇବେ। ସରକାରଙ୍କ ପକ୍ଷ ଲୋକେ ଭୋଟରେ ସାତୋଟି ମାତ୍ର ସ୍ଥାନ ଅଧିକାର କଲେ ସେମାନେ ବୋର୍ଡ ଚଳାଇବାର ଅଧିକାର ପାଇବେ। ସେଇ ସ୍ଥଳରେ ଅନ୍ୟ କୌଣସି ବିରୋଧ ପକ୍ଷକୁ ଭୋଟରେ ପୂରା ଷୋଳଟି ସ୍ଥାନ ଅଧିକାର କରିବାକୁ ପଡ଼ିବ। ଏଥିରେ ସମାଲୋଚନାର ବିରୋଧ ମୁଣ୍ଡ ଟେକିବା ଏକାବେଳେକେ ଅସମ୍ଭବ। ପୁଣି କଂଗ୍ରେସ ପକ୍ଷ ମେମ୍ବରମାନେ ମଧ୍ୟ ସମାଲୋଚନାର ପନ୍ଥା ଧରି ସହଯୋଗ କରିବାର କୌଣସି ସୁବିଧା ପାଇବେ ନାହିଁ। ସରକାରଙ୍କ ସଙ୍ଗେ ସର୍ବତ୍ର ସମସ୍ତେ ଏକାକାର ହେବେ ଓ 'ଆଜ୍ଞା ଯାହା କହୁଛନ୍ତି ସବୁ ଠିକ୍' ଏହି ଆଜ୍ଞାକାରୀ ରୀତିରେ ସମସ୍ତ ଶାସନ-ଚକ୍ରଟି ଚାଲିବ। ଏହା ଲୋକଶାସନ ନୁହେଁ। ଭୋଟରମାନେ ସମସ୍ତେ କଂଗ୍ରେସ ଲୋକ, ପୁଣି ଏକମତର କଂଗ୍ରେସ ଲୋକ ବୋଲି ଧରି ନେବା କିମ୍ବା ତାଙ୍କୁ ମାଡ଼ିଯାକି ସେହିପରି ହେବାର ପନ୍ଥାରେ ରଖି ଦେବାରେ ସରକାରଙ୍କର ପୁରୋଦୃଷ୍ଟି ପ୍ରକାଶ କରୁନାହିଁ।

ଏହି ସଂପର୍କରେ କୁହାଯାଇପାରେ ପୁରୀ ଜିଲ୍ଲା ବୋର୍ଡରେ ୨୮ଟି ମେମ୍ବର ଭିତରୁ ସରକାରଙ୍କ ମନୋନୀତ ମେମ୍ବର ମାତ୍ର ତିନୋଟି। ସରକାର ଏହି ମନୋନୀତର ସଂଖ୍ୟା ବଢ଼ାଇବା ପାଇଁ ଉଦ୍ୟମ ମଧ କରୁଥିବାର ଜଣାଅଛି। ନାନା କାରଣରୁ ତାହା ହୋଇପାରି ନାହିଁ। ଫଳରେ ସରକାରଙ୍କ ସଂପୂର୍ଣ୍ଣ ପକ୍ଷଭୁକ୍ତ ଦଳ ଏବେ ସେଠାରେ କଂଗ୍ରେସ ବୋର୍ଡ

Digitized by PPRACHIN, SOA

ଭିତରେ ବିରୋଧ ପରି ଅଛି। ଏହା ଭଲ ହୁଅନ୍ତା। କିନ୍ତୁ ସରକାର ଏଥିପାଇଁ ହୁଏତ ବୋର୍ଡଟିକୁ ସୁଦୃଷ୍ଟିରେ ଦେଖୁନାହାନ୍ତି। ଏହା ଅବାଞ୍ଛନୀୟ।

ଗଂଜାମ ଜିଲା ବୋର୍ଡଟି ମାନ୍ଦ୍ରାଜ ଆଇନରେ ଚଳୁଥିବାରୁ ସେଥିରେ ମନୋନୀତ ମେମ୍ବର ଜମାରୁ ନାହାନ୍ତି। ସରକାର ଏ ବୋର୍ଡକୁ ସର୍ବତୋ ଭାବରେ ନିଜ ମତାବଲମ୍ବୀ କରିବା ପାଇଁ ବହୁ ଯତ୍ନ କରିଛନ୍ତି, ମାତ୍ର ପାରି ନାହାନ୍ତି। ଏବେ ସେ ବୋର୍ଡଟିକୁ ବରାବର ଭାଙ୍ଗି ଦେଉଛନ୍ତି। ଭାଙ୍ଗି ଦେଲେ ମଧ୍ୟ ପୁଣି ନିର୍ବାଚନ ହେବ। ଖବ୍ ସଂମ୍ଭବ ବର୍ତ୍ତମାନର କଂଗ୍ରେସ ମେୟରମାନେ କଂଗ୍ରେସ ପକ୍ଷରୁ ଛିଡ଼ା ହେଲେ ପୁଣି ଭୋଟ ପାଇବେ। କିନ୍ତୁ କଂଗ୍ରେସ ମଧ୍ୟ ଆଉ ମନ୍ତ୍ରିରୁ ସ୍ୱତନ୍ତ୍ର ଅନୁଷ୍ଠାନ ହୋଇ ହୁଏତ ରହିବ ନାହିଁ। ଏବର କଂଗ୍ରେସ ମେମ୍ବରମାନେ ପୁଣି କଂଗ୍ରେସ ମେମ୍ବର ହୋଇ ଛିଡ଼ା ହେବାକୁ କିପରି ସୁବିଧା ନ ପାଇବେ ତାହାଲେ ଉଦ୍ୟମ ହୁଏତ ହେଉଥିବା ଅସମ୍ଭବ ନୁହେଁ। କିନ୍ତୁ ଏତିକି ମାତ୍ର କୁହାଯାଇ ପାରେ, ଏସବୁ ଅପ୍ରକାର ରୀତି ଧରି କଂଗ୍ରେସର ଲୋକଶାସନ ସରକାର ଲୋକପ୍ରିୟତାରେ ବଢୁ ନାହାନ୍ତି।

ଆଜି ସମ୍ବଲପୁରକୁ ନିର୍ବାଚିତ ବୋର୍ଡ ଦେବା ସୁବିଧା କରିବା ପାଇଁ ଆଇନ୍ ହେଉଛି। ମନୋନୀତ ମେମ୍ବର ବରାବର ନ ହେଲେ ଅବଶ୍ୟ ଭଲ ହୁଅନ୍ତା। କିନ୍ତୁ ଲୋକଶାସନକୁ ଚେର ମଡାଇବା ଓ ପୁରୋଦୃଷ୍ଟିରେ ପନ୍ଥା ଫିଟାଇବା ଉଦ୍ୟମ ହେଉଛି ବୋଲି ମନେ ହେଉନାହିଁ।

ଏହି ସଂପର୍କରେ କୁହାଯାଇଛି, ସମ୍ବଲପୁରରେ ନିର୍ବାଚିତ ବୋର୍ଡ ନ ଥିବାରୁ କେବଳ ଜମିଦାର ଓ ଗୌଂତିଆମାନେ ମନୋନୀତ ହୋଇ ବୋର୍ଡକୁ ଆସୁଛନ୍ତି। ତାହା ବନ୍ଦ କରିବାକୁ ହେବ। ଏଇ କଥା ଧରି ଆଉ ଗୋଟିଏ କଥା କହିବାକୁ ମନ କହୁଛି। ସମ୍ବଲପୁରେ ପ୍ରଜାର ଜମି ବିକ୍ରି ଖରିଦ କରିବାର ଅଧିକାର ଆଦୌ ନାହିଁ। ଏବେ ମଧ୍ୟ ଯଦି କେହି ଗରଜ ପଡ଼ିବାରୁ ଜମିଖଣ୍ଡେ ବିକ୍ରି କରିବାକୁ ଦୌଡ଼େ ତେବେ ସେ ଗ୍ରାହକ ଠିକ୍ କରି ଗଉଁତିଆ ପାଖକୁ ଯାଏ। ଗଉଁତିଆକୁ ଜମିଟି ନା- ଦାବୀ କରିଦିଏ। ଗଉଁତିଆ ପୁଣି ସେ ଜମିଟି ଇଚ୍ଛାହେଲେ କିଣିବା ଲୋକକୁ ଦିଅନ୍ତି। ଏଥିରେ ଟଙ୍କା ଦିଆନିଆରେ ଗଉଁତିଆଙ୍କ ଭାଗଟି ନିଶ୍ଚୟ ଗଉଁତିଆଙ୍କ ଇଚ୍ଛାଧୀନ। ବିକିବା ଲୋକ ବିଚରା ଯାହା ପାଇଲା ସେତିକିରେ ସନ୍ତୋଷ। ସାଧାରଣତଃ ଏହି ବିଧିର ଫଳରେ ଗଉଁତିଆମାନେ ଗାଁକୁ ଗାଁ ନିଜର କରି ନେଉଛନ୍ତି। କୌଶଳୀ ଗଉଁତିଆମାନେ ପ୍ରଜାଙ୍କୁ ଅକଳରେ ପକାଇ ମଧ୍ୟ ଏହା କରୁଛନ୍ତି।

ଗତ ବର୍ଷ ସହଯୋଗ ସମିତିର ପୂର୍ବପର ଆଲୋଚନା କରିବା ପାଇଁ ଦେବଶିଖାମଣି ମୁଦାଳିଆଙ୍କୁ ମାନ୍ଦ୍ରାଜରୁ ଅଣା ଯାଇଥିଲା। ତାଙ୍କୁ ସାହାଯ୍ୟ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ଗୋଟିଏ ଜିଲା କମିଟି ବସିଥିଲା। ସମ୍ବଲପୁର ଜିଲା କମିଟିଙ୍କ ସିଦ୍ଧାନ୍ତରେ ପ୍ରକାଶ

Digitized by PPRACHIN, SOA

ପାଇଛି, ପ୍ରଜାଙ୍କୁ ଜମି ବିକ୍ରି ଖରିଦି କରିବାରେ ସ୍ୱାଧୀନତା ଦିଆ ନ ଗଲେ ସେ ଜିଲ୍ଲାରେ ସହଯୋଗ ଆନ୍ଦୋଳନ ଉଧେଇ ପାରିବ ନାହିଁ। ଏହା ସତ୍ତ୍ୱେ କାହିଁକି ଯେ ଏ ପର୍ଯ୍ୟନ୍ତ ସମ୍ବଲପୁର ପ୍ରଜାଙ୍କୁ ବିକ୍ରି ଖରିଦ ସ୍ୱାଧୀନତା ଦେଇ ଧାଡିଏ ଆଇନ କରା ହୋଇନାହିଁ, ତାହା ବୁଝା ଯାଉ ନାହିଁ।

ଗଂଜାମରେ ରଇତର ବିକ୍ରି ଖରିଦିରେ ପୂର୍ଣ୍ଣ ସ୍ୱାଧୀନତା ଅଛି। ଉତ୍ତର ଓଡ଼ିଶାରେ ଦାଖଲଖାରଜ ବା ନାମଜାରୀ ରୋଷମ ଏହି ସ୍ୱାଧୀନତାରେ ଅନ୍ତରାୟ ଥିଲା। ସାମୟିକ ଆଇନଟିଏ କରି ନାମ-ଜାରୀ ରୋଷମ ଉଠାଇ ଦିଆଯାଇଛି। ସମ୍ବଲପୁରରେ କାହିକି ସେପରି କରାଯାଉନାହିଁ। ଶୀଘ୍ର କରାଯିବା ଉଚିତ୍।

ସମ୍ବଲପୁରର ଏହି ସ୍ଥାନୀୟ ସ୍ୱାୟତ୍ତଶାସନ ଆଇନରେ ବିରୋଧ ପକ୍ଷରେ ମେମ୍ବର ମାନଧାତା ଗୋରାଚାନ୍ଦ ପଟ୍ଟନାୟକ ଓ ଅନ୍ୟମାନେ କହିଥିଲେ, ସମ୍ବଲପୁର ପାଇଁ ଏପରି ସାମୟିକ ଆଇନଟିଏ ନ କରି ଓଡ଼ିଶାର ସମସ୍ତ ଜିଲ୍ଲାର ସ୍ଥାନୀୟ ସ୍ୱାୟତ୍ତ ଆଇନକୁ ଏକାଠି କରି ବିଚାର କରି ଗୋଟିଏ ପୂରା ଆଇନ କରାଯାଉ। ତାହା ହେବାକୁ ବିଳମ୍ବ ହେବ। ଅତଏବ ସମ୍ବଲପୁର ପାଇଁ ଅତି ଦରକାରୀ ଏଇ ସାମୟିକ ଆଇନଟି କରି ଦେବା ଉଚିତ୍ ବୋଲି ମନ୍ତ୍ରୀ ବୋଧରାମ ଉତ୍ତର ଦେଇଥିଲେ। ପ୍ରଜାସ୍ୱତ୍ୱ କ୍ଷେତ୍ରରେ ମଧ ଏହିପରି ସାମୟିକ ଆଇନଟିଏ କରି ପ୍ରଜାଙ୍କୁ ଜମି ବିକ୍ରି ଖରିଦରେ ସ୍ୱାଧୀନତା ଦେବା ଯେ ଉଚିତ୍ ଏହା ଆଉ କହିବା ଦରକାର ନାହିଁ।

ନବ ଭାରତ-୬। ୨

ଓଡ଼ିଶା ବ୍ୟବସ୍ଥା ସଭାରେ ବେସରକାରୀ ପ୍ରସ୍ତାବ

ଏଇ ସେପ୍ଟେମ୍ବର ମାସ ୧୫ ତାରିଖ ଓ ୧୮ ତାରିଖ ଓଡ଼ିଶା ବ୍ୟବସ୍ଥାସଭାରେ ବେସରକାରୀ ପ୍ରସ୍ତାବ ପାଇଁ ନିର୍ଦ୍ଦିଷ୍ଟ ଅଛି। ପଢ଼ିବା ପାଇଁ ମୋଟେ ସାତଟି ପ୍ରସ୍ତାବ ଅଛି। ତା' ଭିତରୁ ଛଅଟି କଂଗ୍ରେସ ପକ୍ଷ ଲୋକଙ୍କର, ବିରୋଧରେ ଥିବା ମେମ୍ବରଙ୍କ ପକ୍ଷରୁ ଗୋଟିଏ ମାତ୍ର। ସାଧାରଣତଃ ବେସରକାରୀ ପ୍ରସ୍ତାବ ଓ ଆଇନ୍ ଚିଠାରେ ବିରୋଧ ପକ୍ଷ ଲୋକେ ବେଶୀ ଯୋଗ ଦେବାର କଥା। କିଂତୁ ତାହା ହେଉନାହିଁ। ଏଥିର କାରଣ ବୋଧହୁଏ ବିରୋଧ ପକ୍ଷ ଲୋକଙ୍କର ବ୍ୟବସ୍ଥାସଭା କାର୍ଯ୍ୟରୁ ଆଗ୍ରହ ତୁଟି ଯାଉଛି। ଆମେମାନେ ବରାବର କହୁଛୁ, ଲୋକଶାସନ ବିଧିର ପ୍ରଚଳନରେ ଏହା ଏକ ଘୋର ଅନ୍ତରାୟ। ଲୋକ ଶାସନରେ ବିରୋଧ ଯେତେ ସଂକୁଚିତ ହେବ, ସମାଲୋଚନାର ଅନୁସନ୍ଧାନର ଆଲୋକ ତେତେ ଅସ୍ପଷ୍ଟ ହେବ ଓ ସରକାର ସେତିକି ଯଥେଚ୍ଛାଚାରୀ ହେବେ। କଂଗ୍ରେସ ସରକାର ବୋଲି ନିଶ୍ଚିନ୍ତ ହୋଇ ବସିଲେ ଚଳିବ ନାହିଁ। କଂଗ୍ରେସ ସରକାର ହେଉ, ବେ-କଂଗ୍ରେସ ସରକାର ହେଉ ଲୋକଶାସନର ପ୍ରକୃତି ପ୍ରଗତିରେ

Digitized by PPRACHIN, SOA

ଠିକ ରଖିବାକୁ ହେଲେ ବିରୋଧ ସ୍ୱଷ୍ଟ ହେବା ଉଚିତ୍। ଲୋକଶାସନ ଏ ଦେଶରେ ଗୋଟିଏ ନୂଆ ଆମଦାନୀ ଜିନିଷ। ତାକୁ ସଂଭାଳି ଭୋଗ କରିବା ଏଡ଼େ ସହଜ କଥା ନୁହେଁ।

ଭାରତରେ ଆଜି ପ୍ରଦେଶମାନଙ୍କରେ ଲୋକଶାସନ ଚାଲୁଛି। ଏଗାରଟିରୁ ସାତୋଟି ପ୍ରଦେଶରେ କଂଗ୍ରେସ ଆଜି ସେହି ଲୋକଶାସନ ପାଇଁ ସ୍ୱଷ୍ଟ ଦାୟୀ। ସବୁଠାରେ କଂଗ୍ରେସର ବିରୋଧରେ କେଉଁମାନେ ଅଛନ୍ତି ? ସେଇମାନେ ଅଛନ୍ତି- ଯେଉଁମାନେ ଏତେ ଦିନ ଧରି ପୁରୁଷାନୁକ୍ରମେ ଇଂରେଜ ସରକାର ଓ ତାଙ୍କ କର୍ମଚାରୀମାନଙ୍କୁ ପ୍ରଭୁ ବୋଲି ଭାବିଥିଲେ। ସେମାନଙ୍କ ରାଜନୀତିକ ଦୃଷ୍ଟି ଆଦୌ ନାହିଁ। ପୁଣି ସେମାନଙ୍କ ମଧ୍ୟରୁ ଅଧିକାଂଶ ରକ୍ଷିତ ସ୍ୱାର୍ଥର ଅଧିକାରୀ। ଏହି ରକ୍ଷିତ ସ୍ୱାର୍ଥର ସଂରକ୍ଷଣ ପାଇଁ ସେମାନେ ଇଂରେଜଙ୍କ ଉପରେ ନିର୍ଭର କରି ବସିଥିଲେ। ଆଜି ମୁହଁଟିମାନ ଶୁଖାଇ ହୁଏତ ସେହିମାନଙ୍କୁ ଚାହିଁ ଦିନ ଗଣୁଛନ୍ତି। ସେମାନଙ୍କଠାରୁ ହଠାତ୍ ଲୋକଶାସନର ସ୍ୱଷ୍ଟ ବିରୋଧ- ନୀତିଗତ ରାଜନୀତିକ ବିରୋଧ ଆଶା କରିବାର କଳ୍ପନା ବୃଥା। ତଥାପି ସରକାରଙ୍କର କର୍ତ୍ତବ୍ୟ, ସେମାନଙ୍କୁ ଯଥାଶକ୍ତି ଓ ଯଥାସଂଭବ ମଦତ୍ ଦେବା। ଆମେ କ୍ଷମତାରେ ଅଛୁ ବୋଲି ଅହଂକାରରେ ଭୋଳ ହୋଇ ସେମାନଙ୍କୁ ବେଖାତିର କରିବା ଠିକ ନୁହେଁ। ଏଥିରେ ଲୋକଶାସନ ଅଚିରେ ପଥଭ୍ରଷ୍ଟ ହେବ।

ଲୋକଶାସନ ହେଉଛି, ଭିନ୍ନ ଭିନ୍ନ ସ୍ୱାର୍ଥ-ସଂଘର୍ଷର ଗୋଟିଏ ଲୀଳା-ଭୂମି। ଏହି ସଂଘର୍ଷ ଫଳରେ, ଏହି ସ୍ୱାର୍ଥମାନଙ୍କ ଭିତରେ ଯେତେ ସାଧୁ ସାଲିସ୍ ହେବ ଲୋକଶାସନ ସେତେ ଚେର ମାଡିବ। ସାମୟିକ କ୍ଷମତାର ମୋହରେ କୌଣସି ସ୍ୱାର୍ଥକୁ ଘୋର ଅନାଦରରେ ଚିପି ଦେବା ଉଦ୍ୟମ ଠିକ୍ ନୁହେଁ। ସେଥିରେ କ୍ରମବିକାଶ ପଦ୍ଧତି ଭ୍ରଷ୍ଟ ହୁଏ। ରୀତି ଦୃଷ୍ଟିରେ ଆଦର୍ଶ ଆଡ଼କୁ ବାଟ କାଟିବା ଏକ କଥା। ମାତ୍ର ଏବେ ସୁବିଧା ଅଛି ବୋଲି ନିଜର ଅସମାଲୋଚିତ ଆଦର୍ଶକୁ ଚିପି ଭର୍ତ୍ତି କରିବାକୁ ଉଦ୍ୟମ କରିବା ଅନ୍ୟ କଥା।

ସେ ଯାହା ହେଉ ସାତୋଟି ପ୍ରସ୍ତାବ ମଧ୍ୟରୁ ଛ'ଟା ହେଉଛି କଂଗ୍ରେସ ଦଳରେ ଥିବା ମେମ୍ବରଙ୍କର। ବେସରକାରୀ ପ୍ରସ୍ତାବ ବିରୋଧ ଦଳର ପନ୍ଥା। ତେବେ କଣ ବୁଝିବାକୁ ହେବ, କଂଗ୍ରେସ ଦଳ ଭିତରେ ଏହି ବିରୋଧ ଫୁଟୁଛି। ମାତ୍ର ସେପରି କୌଣସି ଲକ୍ଷଣ ଅନ୍ତତଃ ଓଡ଼ିଶାରେ ଦେଖାଯାଉ ନାହିଁ। ପ୍ରାଦେଶିକ କଂଗ୍ରେସ କମିଟି ସରକାରଙ୍କୁ ସମାଲୋଚନାର ଅନୁସନ୍ଧାନ ପଥରେ ଠିକ୍ ରଖିବା ପାଇଁ କଳ୍ପିତ ହୋଇଥିଲା। କଂଗ୍ରେସର ପ୍ରସ୍ତାବରେ ଏକ ପ୍ରକାର ତାହା କୁହାଯାଇଛି। କିନ୍ତୁ କାର୍ଯ୍ୟରେ, ତାହା ଆଦୌ ହେଉନାହିଁ। କଂଗ୍ରେସ ମନ୍ତ୍ରୀମଣ୍ଡଳ ସବୁ ପ୍ରଦେଶରେ ସର୍ବତୋଭାବରେ ପ୍ରାଦେଶିକ କଂଗ୍ରେସ

Digitized by PPRACHIN, SOA

କମିଟିମାନଙ୍କୁ ନିଜର ତାବେଦାର କରି ରଖିବାକୁ ଲୋଡୁଛନ୍ତି। ଅଧିକାଂଶ ପ୍ରଦେଶରେ ତାହା କରିଛନ୍ତି। ଯେଉଁଠାରେ ତାହା କରି ପାରୁ ନାହାନ୍ତି ସେଠାରେ ତାହା ଉପରୁ ତଳ ପର୍ଯ୍ୟନ୍ତ ସବୁ ପ୍ରକାର ଯଥା ଅଯଥା ବଳ ପ୍ରୟୋଗ କରି କରିବାକୁ ଲୋଡୁଛନ୍ତି। କୌଣସି ଠାରେ ପ୍ରାଦେଶିକ କଂଗ୍ରେସ କମିଟି ଏହି ତୀବ୍ର ନୀତିର ପ୍ରୟୋଗ ସହ୍ୟ କରି ଉଠିପାରୁ ନାହିଁ। ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟିର ସଭାପତି ପଣ୍ଡିତ ନୀଳକଣ୍ଠ ଦାସ ଏଥିପାଇଁ ଏବେ ଇସ୍ତଫା ଦେଇଛନ୍ତି। ତାଙ୍କ ନିଜ ଇସ୍ତଫା ପତ୍ରରେ ସେ ସ୍ପଷ୍ଟ ଲେଖିଛନ୍ତି, ପ୍ରାଦେଶିକ କଂଗ୍ରେସ ସରକାର ତାଙ୍କ ସହଯୋଗ ଲୋଡୁ ନାହାନ୍ତି। ବର୍ତ୍ତମାନ କଂଗ୍ରେସ ଶୃଙ୍ଖଳାରେ ସେ ଲୋଡ଼ା ପଡୁ ନାହାନ୍ତି। ତେଣୁ ତାଙ୍କ ସ୍ଥାନ ନାହିଁ।

ସମାଲୋଚନା ଯେ ଯଥାର୍ଥ ସହଯୋଗ, କୌଣସି କଂଗ୍ରେସ ସରକାର ହୁଏତ ଏହା ବୁଝିବା ଅବସ୍ଥାକୁ ଆସି ନାହାନ୍ତି। ସର୍ବତୋଭାବରେ ସମାଲୋଚନା ଲୋଡ଼ିବା ସରକାରଙ୍କ କର୍ତ୍ତବ୍ୟ। ସେ ଦୃଷ୍ଟିତ ପିଟୁ ନାହିଁ। ବରଂ ସେ କୌଣସି ସମାଲୋଚନାର ଉଦ୍ରେକ ପର୍ଯ୍ୟନ୍ତ ଅଯଥା କ୍ଷମତାର ସ୍ୱଭାବରେ ଜବତ୍ କରିବାର ଅନେକତ୍ର ଦେଖା ଯାଉଛି।

ଏପରି ସ୍ଥଳରେ କଂଗ୍ରେସ ଦଳ ଭିତରେ ବିରୋଧ ମୁଣ୍ଡ ଟେକୁଛି ବୋଲି ସାଧୁ ଆଶା କରିବାର କୌଣସି କାରଣ ନାହିଁ। ତେଣୁ ଏ ସବୁ ପ୍ରସ୍ତାବର ଘଟା କାହିଁକି ? ଲୋକଶାସନରେ ଅନଭ୍ୟସ୍ତ ଜନସାଧାରଣଙ୍କୁ ରଙ୍ଗ ଦେଖାଇ ଭୁଲାଇବାର ଉଦ୍ୟମ ଏ ହୋଇପାରେ। କିନ୍ତୁ ଯଦି ଏହା ହୋଇଥାଏ ତେବେ ଏ ଗତିର ଆଶୁ ପୁନର୍ବିଚାର ଅତୀବ ସ୍ପୃହଣୀୟ ଓ ଆବଶ୍ୟକ।

ବିଶେଷ ଦେଖିବାର କଥା, କଂଗ୍ରେସ ଦଳର ଦଳପତି ବା ପ୍ରଧାନମନ୍ତ୍ରୀଙ୍କ ଦକ୍ଷିଣହସ୍ତ ପରି କାର୍ଯ୍ୟ କରୁଥିବା ଦଳର ହ୍ୱିପ୍ ଯୋଡ଼ିଏ ବେସରକାରୀ ପ୍ରସ୍ତାବ ପାଇଁ ଦାୟୀ। ଏ କି କଥା। ଏ ଯୋଡ଼ିକ ପ୍ରସ୍ତାବ ବେସରକାରୀ ହେଲା କାହିଁକି ବୁଝା ଯାଉନାହିଁ।

ଏ ଯୋଡ଼ିକ ଭିତରୁ ଗୋଟିଏ ପ୍ରସ୍ତାବରେ କେତେଗୁଡ଼ିଏ ନୂଆ ଟିକସ ବସାଇବାର ସୂଚନା ଅଛି। ସେଥିମଧ୍ୟରୁ ଗୋଟିଏ କୃଷିଲବ୍ଧ ଆୟ ଉପରେ ଆୟକର। ଏଥିପାଇଁ କଣ ବେସରକାରୀ ପ୍ରସ୍ତାବ ଦରକାର। ସରକାର ନିଜେ ଏ ପ୍ରସ୍ତାବ କଲେ ନାହିଁ କାହିଁକି ? ଆଉ ତିନି ରକମ କରର ସୂଚନା ପ୍ରସ୍ତାବରେ ଅଛି। 'ଅମୃତବଜାର' ର ସମ୍ବାଦଦାତା ସେ ସବୁର ବିଶ୍ଳେଷଣ କରି ବେଶ୍ ରସିକତାଟିଏ କରିଛନ୍ତି। ସେକହିଛନ୍ତି, ବିଳାସ ବୋଲି ସିଗାରେଟ୍ ଉପରେ ଟିକସ ହେବ, ବିଡି ଛାଡ଼ ପଡ଼ିବ କାହିଁକି ? ବିଲାତି ମଦ ଉପରେ ଟିକସ ହେବ, ଦେଶୀ ମଦଟା ତେବେ କଣ ବିଳାସ ନୁହେଁ ?- ନିତ୍ୟ ସେବ୍ୟ ?

ଥାଉ ଏ ରସିକତା। ଆଉ ଗୋଟିଏ ପ୍ରସ୍ତାବରେ ସେ ଦେଶର ଶିକ୍ଷା ଉପରେ ହାତ ପକାଇଛନ୍ତି। କହୁଛନ୍ତି- ଭାରତ ଇତିହାସରେ ଅନ୍ଧକୂପ ହତ୍ୟା କଥା କିଂବା କୌଣସି

Digitized by PPRACHIN, SOA

ସାଂପ୍ରଦାୟିକ ବୁଦ୍ଧିଭେଦ ହେବା ଭଳି କଥା ରହିଲେ ସେ ପୁସ୍ତକ ଅଗ୍ରାହ୍ୟ ହେବ। ସମସ୍ତ ମିତାକ୍ଷରା ସଂହିତା ଭିତରେ ଝିଅକୁ ଭାଗଦେବାର ଅଖାଡୁଆ ବ୍ୟବସ୍ଥା ଟାଏ ଭର୍ତ୍ତି କରି ଦେଲାପରି ଇତିହାସ ଓ ସାହିତ୍ୟ ରାଜ୍ୟରେ ପ୍ରସ୍ତାବକଙ୍କର ଏ କି ଅନଧିକାର ଚର୍ଚ୍ଚା ? ଇତିହାସବିତ୍‌ମାନେ ଯଦି ଅନ୍ଧକୂପହତ୍ୟାଟା ଠିକ୍ ବୋଲି ବୁଝନ୍ତି ତେବେ ପୁସ୍ତକରେ ନ ଦେବେ ବା କହିଁକି ? ଯଦି ତାହା ଠିକ୍ ନୁହେଁ ତେବେ ତାହା ନ ଦେବା ପାଇଁ ଆଇନ୍ ଦରକାର କ'ଣ ? ବ୍ୟବସ୍ଥାସଭା କ'ଣ ଐତିହାସିକ ହେବେ ? ଶିକ୍ଷାର ସ୍ୱାଧୀନତାରେ ରାଜନୀତିର ଏ ଶୃଙ୍ଖଳା କେବଳ ଦୁର୍ବିସହ ନୁହେଁ, ଏଥିରେ ମାନବର ବିକାଶ ହ୍ରସ୍ୱ ହୁଏ। ଶିକ୍ଷାର ଧାରା ଏପରି ସଂଯତ କରିବା ଠିକ୍ ନୁହେଁ।

ପୁଣି ଆଉ କଥାଟି ହେଉଛି ସାଂପ୍ରଦାୟିକ ଭେଦଭାବ ଥିବା ଭଳି ଲେଖା ପୁସ୍ତକରେ ରହିବ ନାହିଁ। ମେଜର ବି.ଡି.ବୋଷ 'Rise of christian point in India' ବୋଲି ଏକ ବିରାଟ ପୁସ୍ତକ ଲେଖିଛନ୍ତି। ଏହା ଇଂରେଜ ଯୁଗର ଏକ ଭାରତ ଇତିହାସ। ଏହାକୁ ପଢ଼ିଲେ ପଦେ ପଦେ ଖ୍ରୀଷ୍ଟିୟାନ ଇଂରେଜମାନଙ୍କ ପ୍ରତି ଭାରତୀୟ ହିନ୍ଦୁ ମୁସଲମାନଙ୍କ ମନରେ କି ଭାବ ହୁଏ ତାହା ପାଠକ ମାତ୍ରେ ଜାଣନ୍ତି। ସେହିପରି ସିପାହୀ ବିଦ୍ରୋହ ପରେ ଇଂରେଜମାନେ ଏ ଦେଶରେ ଯେଉଁସବୁ ଦୁର୍ଦ୍ଦାନ୍ତ ପାଶବିକ ଅତ୍ୟାଚାର କରିଥିଲେ ତାହାର ବର୍ଣ୍ଣନା କରି 'The otherside of the medal' ବୋଲି ପୁସ୍ତକ ଲେଖା ଯାଇଛି। ଏହା ଛଡ଼ା ମାହାମୁଦଙ୍କ ସୋମନାଥ ଆକ୍ରମଣ, ଉମିଚାନ୍ଦଙ୍କୁ ଲେଖି ଦେଇଥିବା କ୍ଲାଇବଙ୍କର ଜାଲ ହେଣ୍ଡନୋଟ, ବ୍ୟକ୍ତିଗତ ଦ୍ୱେଷ ଘେନି ନନ୍ଦକୁମାରଙ୍କ ଫାସୀ, ଏ ସବୁ ଇତିହାସରେ ରହିବ କି ନାହିଁ ? କେଉଁଟା ସାଂପ୍ରଦାୟିକ, କେଉଁଟା ସତ୍ୟରେ ସୁନ୍ଦର ସେ ସବୁ କଥା ଶିକ୍ଷାବିଧାନ ପ୍ରବୀଣ ବିଶେଷଜ୍ଞ ପଣ୍ଡିତମାନଙ୍କୁ ସ୍ଥିର କରିବା ପାଇଁ ଛାଡି ଦେବା ଉଚିତ୍। ରାଜନୀତିକର ସେ ସବୁରେ ହାତ ଦେଇ ପଣ୍ଡିତମାନଙ୍କୁ ବାଧ ବାଧକତାରେ ବାନ୍ଧିବାର ଉଦ୍ୟମ କରିବା ଠିକ୍ ନୁହେଁ।

ନବ ଭାରତ-୬/୨

ଗ୍ରାମ ପଞ୍ଚାୟତ ଆଇନ

ସେଦିନ (୯-୪-୫୧)ରେ ଓଡ଼ିଶା ସ୍ୱାୟତ୍ତ ଶାସନ ମନ୍ତ୍ରୀ କପିଳ ପ୍ରସାଦ ନନ୍ଦେ ଓଡ଼ିଶାର ଗ୍ରାମ ପଞ୍ଚାୟତ ଆଇନ୍ ଅନୁସାରେ କାମ କରୁଥିବା ସରପଞ୍ଚ, ନାୟବ ସରପଞ୍ଚ ଓ ଅଦାଲତ ସରପଞ୍ଚ ଓ ମେମ୍ବରମାନଙ୍କ ଶିକ୍ଷାପାଇଁ ଗୋଟିଏ କେନ୍ଦ୍ର ଖୋଲି ପ୍ରାରମ୍ଭିକ ଭାଷଣରେ କହିଚନ୍ତି, ଉତ୍ତର ପ୍ରଦେଶରେ ଏହି ଗ୍ରାମ ପଞ୍ଚାୟତ ଆଇନ ଅନୁସାରେ ଲୋକେ କାମ କରିବାରୁ ଦେଶର ଅବସ୍ଥା ଏକପ୍ରକାର ବଦଳି ଗଲାଣି। ଏଇ ଆଇନ୍‌ରେ ଲୋକସେବା କରିବା ପାଇଁ ବାଟମାନ ଫିଟି କରି ରହିଚି। ଖାଲି କାର୍ଯ୍ୟରେ କରିପାରଲେ ହେଲା।

Digitized by PPRACHIN, SOA

ଏହାସବୁ କହି ସେ ଉପସ୍ଥିତ ଶ୍ରୀପଞ୍ଚ ପ୍ରଭୃତିଙ୍କୁ ଏଇ ଗ୍ରାମ ପଞ୍ଚାୟତ ଆଇନ ଅନୁସାରେ ଲୋକସେବା ଧର୍ମରେ ଲାଗିଯିବା ପାଇଁ ଖୁବ୍ ବୁଝାଇ କହିଛନ୍ତି।

ନନ୍ଦ ମହାଶୟଙ୍କର ବ୍ୟକ୍ତିଗତ ଉଦ୍ଦେଶ୍ୟ ଖୁବ୍ ସାଧୁ ହୋଇପାରେ। ସେ ହୁଏତ ଜୀବନରେ ଅବୈତନିକ ସାଧକ ଥିବା ବେଳେ ଯେଉଁ ଲୋକସେବା ଅଭ୍ୟାସ କରି ଉପନେତୃତ୍ୱରୁ ନେତୃତ୍ୱକୁ ଉଠିଥିଲେ, ତା ମନେ ରଖିଛନ୍ତି ଓ ତା ମନେରଖି ଏସବୁ କଥା କହୁଛନ୍ତି। ତେଣୁ ହୁଏତ ପୂର୍ବେ ଯେପରି କଟକକୁ ଚାହିଁ ନିଜର ସେବା ଧର୍ମ ବାଗେଇ କରି କହୁଥିଲେ, ଏବେ ଉତ୍ତର ପ୍ରଦେଶ ବା ଅନ୍ୟ କୌଣସି ପ୍ରଦେଶକୁ ଦୂରରୁ ଦେଖି ମୁଗ୍ଧ ହେଉଛନ୍ତି ଓ ଲୋକକୁ ଦେଖାଇ କଥା କହୁଛନ୍ତି। ଏହାକୁଇ ହୁଏତ ଅନେକେ କହିବେ, 'ଅନ୍ଧେନୈବ ନୀୟମାନା ଯଥାନ୍ଧାଃ' ଅର୍ଥାତ୍, ଏଇ ବୁଦ୍ଧି ଏକା ଅନ୍ଧକୁ ଆଗରେ ରଖି, ତାରି ନିର୍ଦ୍ଦେଶରେ ବାଟ ଚାଲିଲା ପରି। ଉତ୍ତରପ୍ରଦେଶରେ ଯଥାର୍ଥରେ କ'ଣ ହେଉଚି, ତା' ଆମେ ଜାଣୁନାଇ। ନନ୍ଦେ କେତେ ଜାଣନ୍ତି, ଆମକୁ ଜଣା ନାଇ। ଲୋକେ ନନ୍ଦଙ୍କ କଥାକୁ ମହାପ୍ରସାଦ ପରି ସେବାକରି କେ◌ି କୈବଲ୍ୟ ଲାଭ କରିବେ, ଆମେ ବି ତାହା କହିପାରିବୁ ନାଇ।

ମାତ୍ର ଆମେ ପଚାରୁ, ଗତାନୁଗତିକ ମନ୍ତ୍ରୀ ଓ ସେଇପରି ମୁଖ୍ୟମାନେ କ'ଣ ଏବେବି ମନେକରନ୍ତି, ଯାଙ୍କ ବକ୍ତୃତା ଶୁଣି, ଯାଙ୍କ ମୁହଁକୁ ଚାହିଁ, ଯେଉଁମାନେ 'ହାଁଜି' 'ହାଁଜି', କହି କୃତାର୍ଥ ହୁଅନ୍ତି, ସେମାନଙ୍କ ଗ୍ରାହକତାର କିଛି ହେଲେ ମୂଲ୍ୟ ଅଛି ? କାହିଁକି ଆଉ ଭୂଆଁ ବୁଲାଉଚନ୍ତି ଓ ଭୂଆଁ ବୁଲୁଛନ୍ତି। କଂଗ୍ରେସ ତଥା କଂଗ୍ରେସ ସରକାର ବୋଇଲେ ଲୋକେ ଆଜି ଘୃଣାରେ ନାକ ଟେକନ୍ତି। ଯାଙ୍କ ଯୋଜନା, ଯାଙ୍କ ଆଇନ, ଯାଙ୍କ କରଣୀ, ସବୁ ଠକେଇ ବୋଲି ଲୋକେ ବୁଝନ୍ତି। ଲୋକେ ବୁଝନ୍ତି, ଏ ସବୁଥିରେ ହାକିମିରେ ଦେଶକୁ ଜବତ କରି ଲୋକମତକୁ ଆପଣାର କରିବା, ପୁଣି ସେଇବାଟେ ଉତ୍ତରୋତ୍ତର ଶୋଷଣର ବାଟ କାଟିବା ପାଇଁ କଂଗ୍ରେସ ତଥା କଂଗ୍ରେସ ସରକାର ପଣ୍ଡାମାନେ ଏହାସବୁ କରୁଛନ୍ତି। ଲୋକମନରୁ ଏ ଭାବ ନ ତୁଟିଲେ, ଏମାନେ ଯେତେ ଭଲ ବିଚାରି କାମ କଲେ ମଧ୍ୟ ଲୋକେ ଖାଲି ସନ୍ଦେହ କରିବେ। ତା'ଛଡ଼ା ଏମାନଙ୍କ କୌଣସି କାର୍ଯ୍ୟ, କଥା ଏବ ଯୋଜନାର ଅନୁକୂଳ ନୁହେଁ। ସେଥିରେ ଅବସ୍ଥା କ'ଣ ହେବ ? ବଡ଼ ଦୁଃଖର କଥା, ମନ୍ତ୍ରୀ ଓ କଂଗ୍ରେସ ମୁଖ୍ୟମାନେ ତାହା ବୁଝୁ ନାହାନ୍ତି।

ଏଇ ଗ୍ରାମପଞ୍ଚାୟତ ଆଇନ ଦେଖ। ଏ କ'ଣ ଆଇନ୍ ନାଁ ଆଦେଶ, ନାଁ ଦୈବାଜ୍ଞା ? ଏଥିରେ ଲୋକମଙ୍ଗଳ ଅଛି, ନୈତିକତା ଅଛି, ନା ଚିନ୍ତା ଅଛି, ନା ବିଚାର ଅଛି, ନା କ'ଣ ଅଛି ?

(୧) ପ୍ରଥମ କଥା, ଓକିଲ ବା ଆଇନ ଜାଣିବା ଲୋକେ ଏଥିରେ କଥା କହିବେ ନାଇ। ଅବଶ୍ୟ ଓକିଲମାନେ ଲୋକଙ୍କଠାରୁ ଟଙ୍କା ନିଅନ୍ତି ଓ ସେଥିରେ ଲୋକେ ହଇରାଣ

Digitized by PPRACHIN, SOA

ଓ କ୍ଷତିଗ୍ରସ୍ତ ହୁଅନ୍ତି। କିନ୍ତୁ ମୁଣ୍ଡ ବଥାଏ ବୋଲି ମୁଣ୍ଡଟା କେହି କାଟି ଦିଏ ନାଇ। ଯାହା ହେଉ ଓକିଲ ତ ଆସିବେ ନାଇ, ଆରପାଖଟା କ'ଣ ? ଆରପାଖଟା ହେଉଛି, ମନ୍ତ୍ରୀ ଓ ମାଜିଷ୍ଟ୍ରେଟ ସାହେବଙ୍କ ମେରୀରାୟ। ସମସ୍ତେ କିଛି ଶାସନ ବିଧାନର ଆଇନ ଧରି ନିଜର ମୌଳିକ ଅଧିକାରକୁ ଜାରି କରିବା ପାଇଁ ହାଇକୋର୍ଟକୁ ଯିବେ ନାଇ। ଅବଶ୍ୟ ମନ୍ତ୍ରୀମାନେ ଏ ଆଇନ୍ କଲାବେଳେ, ପୁଣି ଏ ଆଇନରେ ଓକିଲକୁ ମନା କଲାବେଳେ ଏଭଳି ମୌଳିକ ଅଧିକାର ଓ ହାଇକୋର୍ଟ କଥା ଜାଣି ନ ଥିଲେ, କି ଭାବି ନଥିଲେ। ଏବେ ଜାଣି ସେଇ ଆଇନ୍‌ର ଅସୁବିଧା ଏଡ଼ିବାକୁ ପୋଷା ପାର୍ଲିଆମେଣ୍ଟକୁ ଧରି ଆଇନ ବଦଳାଇ ହାଇକୋର୍ଟକୁ ଜବତ କରି ନିଜର ସ୍ୱେଚ୍ଛାଚାର କିପରି ଅବାଧରେ ଜାରି କରିପାରିବେ, ସେଇ କାମରେ ଲାଗିଚନ୍ତି। ମାତ୍ର ସେ ଯାହା ହେଉ, ମନ୍ତ୍ରୀ, ମାଜିଷ୍ଟ୍ରେଟ୍ ଏଇ ଦୁହିଁଙ୍କ ଭିତରେ ପଡ଼ି କେଉଁ ଲୋକ ସ୍ୱାଧୀନତାର ଭାବଟା ଗ୍ରାମପଞ୍ଚାୟତରେ ଖେଳିବ, ତା' ଦାଣ୍ଡରେ ପଡ଼ି ହାଟରେ ଗଡୁଚି। ଏ ସରକାରମାନଙ୍କ ମନ୍ତ୍ରୀ କ'ଣ ଏସବୁ କଥା ବୁଝିବେ ? ଦେଶରେ ଜାଣିବା ଲୋକେ ବୁଝୁଚନ୍ତି, ହୁଏତ ହସୁଚନ୍ତି, ନ ହୁଏତ ଦେଶର ସର୍ବନାଶ ଆଡ଼କୁ ଗତି ଦେଖି ତାଙ୍କର ପ୍ରାଣ ଫାଟି ଯାଉଛି। ଆଉ ଯେଉଁମାନେ ସରପଞ୍ଚ, ନାଏବ ସରପଞ୍ଚ ଆଦି ପଦବୀ ମଣ୍ଡିତ ହୋଇ ମନ୍ତ୍ରୀ ମାଜିଷ୍ଟ୍ରେଟ୍‌ଙ୍କ ତଳେ ଲୋକ ଉପରେ ଅଧିପତ୍ୟ କରିବା ପାଇଁ କଥାର ବାଘ ପାଖେ ବିଲୁଆ ବସି ମୃଗମାଂସ ଆଶାରେ ଓଠ ଚାଟିଲା ପରି ଆନନ୍ଦରେ ହାଁଜି ହାଁଜି କରୁଛନ୍ତି, ସେମାନଙ୍କ ମତାମତ ଓ ମତିଗତି ଦେଶରେ ସମସ୍ତେ ଜାଣୁଚନ୍ତି। ଲୋକେ, 'ନିରାଶ୍ରୟ ମାଂ ଜଗଦୀଶ ରକ୍ଷ' ବୋଲି ହୁଏତ ନିଷ୍କ୍ରିୟ ସ୍ତୁତି ଆରମ୍ଭ କରିଛନ୍ତି।

(୨) ଏ ଆଇନ୍‌ରେ ପୁଣି ଅଛି କ'ଣ ? - ସେଥିରୁ ଗୋଟିଏ ପ୍ରଧାନ କଥା ହେଉଚି, ଲୋକକୁ ବେଠି କରାଇବା। ଗଡ଼ଜାତ ରାଜତ୍ୱ ଉଠିଗଲା। କିନ୍ତୁ ସେ ରାଜୁତିରେ ଲୋକଙ୍କ ବେଠିଟା ରାଜକର୍ମଚାରୀମାନଙ୍କର ଦରମା ଓ ଉପରି ସାଙ୍ଗକୁ ଗୋଟାଏ ବଡ଼ ଭଲ ମାଲଥିଲା। ଗ୍ରାମପଞ୍ଚାୟତ ଏବେ ସେଇ ବେଠିକାମଟା ଗାଁମାନଙ୍କରେ କରାଇବାର ଭାର ନେଇଛନ୍ତି। ଗଡ଼ଜାତରେ ପଲିଟିକାଲ ଏଜେଣ୍ଟ ଆସିବା ପାଇଁ ରାସ୍ତା ତିଆରିରେ ବେଠି ଦରକାର ହୁଏ। ସେ କ'ଣ ଲୋକ ସେବା ନୁହଁ ? ବେଠିର ସେ ଲୋକ ସେବା ଅଂଶଟା ଗ୍ରାମପଞ୍ଚାୟତରେ ଭର୍ତ୍ତି ହୋଇଛି। ମନ୍ତ୍ରୀ, ମାଜିଷ୍ଟ୍ରେଟ୍ ଗ୍ରାମପଞ୍ଚାୟତ ଦେଖି ଗଲାବେଳକୁ ମଟର ରାସ୍ତା ସଫା କରିବା ପାଇଁ ଏ ବେଠିଟା କିନ୍ତୁ ଖୁବ୍ କାମରେ ଲାଗିବ। ସେଇ ସୂତ୍ରରେ ଗ୍ରାମର ରାସ୍ତା ମଧ୍ୟ ସଫା ହୋଇଯିବ। ଏକ ଠେଙ୍ଗାକେ ଦୁଇ ଠେକୁଆ ମଲେ। ହରିଣ ଛୋଟା ହୋଇ ପଡ଼ିଲା, ବିଲୁଆ ବି ମଲା।

(୩) ଆଇନରେ ପୁଣି ବିଧାନ ଦେଖ। ଗ୍ରାମପଞ୍ଚାୟତକୁ (ସରପଞ୍ଚଙ୍କ ହାତେ) ମାଜିଷ୍ଟ୍ରେଟ୍ ସାହେବ ଯାହା ଆଦେଶ ବା ଇଙ୍ଗିତ ଦେବେ, ତାହା ସବୁ ସେମାନେ ମାନିବାକୁ

Digitized by PPRACHIN, SOA

ବାଧ। କେତେଟା ଚୌକିଆ ରହିବେ, କେତେ ଦଫାଦାର ରହିବେ, ସେମାନେ କେତେ ଦରମା ପାଇବେ, କିପରି ପୋଷାକ ଲାଗି କେତେ ପାଇବେ- ପୁଣି ବଜେଟ୍‌ରେ କ'ଣ ପାଇଁ କେତେଟଙ୍କା କେମିତି ରହିବ, ସବୁ ମାଜିଷ୍ଟ୍ରେଟ ସାହେବଙ୍କ ହାତେ। ଏସବୁ ପଞ୍ଚାୟତଙ୍କ ତଣ୍ଟିରେ କଣ୍ଟା ଲାଗିଲା ପରି ରହିଚି ବନିଶି ଖଡ଼ା। ବନିସି ରହିଛି ମାଜିଷ୍ଟ୍ରେଟଙ୍କ ହାତେ। ଲୋକଶାସନର ଛାୟା ଏ ଆଇନରେ ନାଇ। ମନ୍ତ୍ରୀଙ୍କ ତଳେ ମାଜିଷ୍ଟ୍ରେଟ୍, ମାଜିଷ୍ଟ୍ରେଟଙ୍କ ତଳେ ଲୋକେ। ଆଲୋଚନା ନାଇ, ସମାଲୋଚନା ନାଇ,- ଏପରି ବେଙ୍ଗଳା ଯୋଚି ଲୋକଙ୍କୁ ଦେଶସେବା କରାଇବା ଯଦି ଲୋକ ସ୍ୱାଧୀନତାର ଶିକ୍ଷା ହୁଏ, ତେବେ ଆମେ ନାଚାର।

(୪) ଆଉରି ଦେଖ। କଲିକତା ପରି ବଡ଼ ବଡ଼ ସହରରେ ରାସ୍ତାରେ ଠାଏ ଠାଏ ଲେଖା ହୋଇଥାଏ, ଏଠାରେ ପ୍ରସା କରିବ ନାଇ। ସମସ୍ତେ ସେଇଠାରେ ପ୍ରସା କରନ୍ତି। କାହିଁକିନା, ଲୋକେ ବୁଝିଯାନ୍ତି, ଏଇଠାରେ ଅନେକ ଲୋକ ପ୍ରସା କରୁଚନ୍ତି। ଗ୍ରାମ ପଞ୍ଚାୟତ ଆଇନ୍‌ରେ ଆଛି, 'ଆଇନ ଅନୁସାରେ ବିଚାର ଅଦାଲତରେ ଯେ ଟାଉଟ୍ ବୋଲି ଘୋଷିତ ହୋଇଥିବ, ସେ ପଞ୍ଚ, ସରପଞ୍ଚ ଆଦି ହୋଇପାରିବ ନାଇ।' ଅତଏବ ସ୍ପଷ୍ଟ ହେଲା, ସରକାର ଜାଣୁଛନ୍ତି, ଲୋକେ ଜାଣୁଛନ୍ତି, କେବଳ ଟାଉଟ୍ ଶ୍ରେଣୀର ମଫସଲି ମାମଲତ୍‌କାରମାନଙ୍କ ଛଡ଼ା ଏଥିରେ କେହି ରହିବେ ନାଇ। ଆଉ ଯେ ବା ରହିବେ, ସେ ଏହି ଟାଉଟ୍‌ମାନଙ୍କର ଗୋଡ଼ାଣିଆ ଓ ବୋଲକରା ହେବେ। ଆଚ୍ଛା, କୌଣସି ଟାଉଟ୍‌ଙ୍କୁ କଚେରୀରେ ଟାଉଟ୍ ବୋଲି ଘୋଷଣା କରିବାର କୌଣସି ଉପାୟ ଅଛି କି ? ମନ୍ତ୍ରୀଙ୍କୁ ଆମେ ଆହ୍ୱାନ କରୁଚୁ, ତାଙ୍କ ପଞ୍ଚ, ସରପଞ୍ଚମାନଙ୍କ ଭିତରୁ ସି.ଆଇ.ଡି. ଲଗାଇ ସେମାନେ ଟାଉଟ୍‌ମାନଙ୍କୁ ବାଛନ୍ତୁ। ନ ହେଲେ, ଆମଠାରୁ ନାମ ତାଲିକା ନିଅନ୍ତୁ। ମାତ୍ର ସବୁ ପ୍ରମାଣ ସତ୍ତ୍ୱେ ବିଚାର ଅଦାଲତରେ ତାକୁ ଟାଉଟ୍ ବୋଲି ଘୋଷଣା କରି ହେବ କି ? ତେବେ ଏ ଗ୍ରାମ ପଞ୍ଚାୟତର ଅବସ୍ଥା କ'ଣ ହେବ ?

(୫) ପ୍ରାଇମେରୀ ସ୍କୁଲ ଶିକ୍ଷକମାନେ ଗ୍ରାମର ନୈତିକ ଜୀବନରେ ଓ ବୁଦ୍ଧିଗତ ଜୀବନରେ ଏକ ପ୍ରକାର ନେତା। ସେମାନେ ଶିଶୁକୁ ମଣିଷ କରନ୍ତି। ସାଧୁତା, ସରଳ ଜୀବନ ପ୍ରଭୃତିରେ ଦେଶରେ ସେ ଶ୍ରେଣୀ ଲୋକଙ୍କ ପରି କେହି ଅଛନ୍ତି ବୋଲି ମନେ ହେଉ ନାଇ। ବିଚରାଏ ଅଳ୍ପ ଦରମା ପାନ୍ତି। ତେଣୁ ଲାଞ୍ଚ ମିଛ ବାଟ ଧରି ବଡ଼ ହେବାର ଉଚ୍ଚାଭିଳାଷ ବି ତାଙ୍କୁ ଏଯାଏ ଛୁଇଁ ନାଇ। ମାତ୍ର ଆଇନରେ ଗ୍ରାମପଞ୍ଚାୟତରେ ଏଇମାନଙ୍କର ପ୍ରବେଶ ନିଷେଧ।

ଏଇପରି ଗାଁଉଲୀ କଥାରେ କହିବାକୁ ଗଲେ ଖଜୁରୀଗଛକୁ କି ବାହୁନିବି ଲୋ, ମୂଳରୁ ପାହାଁଚିଆ, ପାହାଁଚିଆ। ସମାଲୋଚନା କରି ବସିଲେ ସରିବ ନାଇ। କାହାର ଦରକାର ଥିଲେ, ଆମେ ପ୍ରସ୍ତୁତ ଅଛୁ। ଏଠି ଏତିକି।

ନୂଆପ୍ରସ୍ଥ-୩/୩, ଆଲୋଚନା

Digitized by PPRACHIN, SOA

ଓଡ଼ିଶାର ନୂଆ ହାଇକୋଟ୍

ଶ୍ରୀ ବୀରକିଶୋର ରାୟ

ଓଡ଼ିଶାର ନୂଆ ହାଇକୋର୍ଟ ବସୁଚି । ସେଥିରେ ଅଧ୍ୟକ୍ଷ ବା ପ୍ରଧାନ ବିଚାରପତି ହେଉଚନ୍ତି, ଶ୍ରୀ ବୀରକିଶୋର ରାୟ । ସେ ଏବେ ପାଟନା ହାଇକୋର୍ଟର ବିଚାରପତି ଥିଲେ । ସେଠାରେ ସେ ନିଜର ଯେଉଁ ବିଦବତ୍ତା, ନିରପେକ୍ଷତା ଓ ନୂତନତା ଦେଖାଇଚନ୍ତି, ତା ସମସ୍ତେ ଜାଣନ୍ତି । ଏଠାରେ ତା କହି ବଢ଼ାଇ ହେବ ନାଇ । ଓଡ଼ିଶାର ସେ ଜଣେ ଅଦ୍ୱିତୀୟ କୃତୀ ସଂତାନ । ସେ ଦୀର୍ଘଜୀବୀ ହୁଅନ୍ତୁ ।

ଶ୍ରୀ ଲିଙ୍ଗରାଜ ପାଣିଗ୍ରାହୀ

ଆଉ ଜଣେ ବିଚାରପତି ହେଉଚନ୍ତି, ଆଡଭୋ଼୍କେଟ୍ ଜେନେରାଲ୍ ଶ୍ରୀ ଲିଙ୍ଗରାଜ ପାଣିଗ୍ରାହୀ । ସଂସ୍କୃତରେ କଥା ଅଛି, 'ଯୋଗ୍ୟଂ ଯୋଗ୍ୟେନ ଯୋଜୟେତ୍' - ଏହା ତାଂକ ଠାରେ ଯଥାର୍ଥ । ସେ ଖାଲି ଭଲ ଆଇନଜ୍ଞ ନୁହନ୍ତି, ତାଂକର ପାଣ୍ଡିତ୍ୟ ଓ ବାଗ୍ମିତା, ଅଳ୍ପ ଲୋକଙ୍କ ଠାରେ ଦେଖାଯାଏ । ସେ ହାଇକୋଟ ଜଜ୍ ହେବାରେ ଅନ୍ୟାନ୍ୟ ଅନେକ କ୍ଷେତ୍ରରେ ଲୋକେ ତାଂକ ଅଭାବ ଅନୁଭବ କରିବେ । ତଥାପି, ଆମେ ଆଶାକରୁ, ଏ ନୂତନ କ୍ଷେତ୍ରରେ ସେ ମଧ୍ୟ ଅନନ୍ୟସାଧାରଣ ପ୍ରତିଷ୍ଠା ଅର୍ଜନ କରିବେ। ତାଂକର ଏ ଆରଂଭ ଶୁଭଙ୍କର ହେଉ ।

ଆଉ ୩ ଜଣ ଏ ନୂଆ ହାଇକୋଟରେ ଜଜ୍ ହେବେ । ସେମାନଙ୍କ ଭିତରୁ ଦୁଇଜଣ ହେଉଚନ୍ତି, ଜଣେ ବିଭାଗୀୟ ସେକ୍ରେଟେରୀ ଶ୍ରୀ ନରସିଂହ, ଆଉ ଜଣେ, ଗଂଜାମର ଶ୍ରୀ ଜଗନ୍ନାଥ ଦାସ । ବ୍ୟକ୍ତିଗତ ଭାବରେ ଏ ଦୁହିଁଙ୍କୁ ଆମେ ଜାଣି ନାହୁଁ । ଏ ଦୁହିଁକର ମଧ୍ୟ ନିଷ୍ଠା, ନିରପେକ୍ଷତା ଓ କୃତିତ୍ୱ କାମନା କରୁ ।

ନୂଆପ୍ରସ୍ଥ- ୨/୧

◆◆◆

Digitized by PPRACHIN, SOA

ଦଶମ ଅଧ୍ୟାୟ

ଜାତୀୟ ରାଜନୀତି ସଂପର୍କୀୟ ଆଲୋଚନା

ରାଜନୀତିରେ ନବବିଧାନ

ମହାତ୍ମାଗାନ୍ଧୀ କଂଗ୍ରେସ ଭିତରେ ରହି ଜାତୀୟକାର୍ଯ୍ୟ କରିବା ଛାଡିଦେଲେ। ସେ ବରାବର ଛାଡି ଦେଇଛନ୍ତି ଏପରି ବୁଝିବା ବି ଠିକ୍ ନୁହେ। କଂଗ୍ରେସ ଭିତରେ ଅହିଂସାନୀତି ପୂର୍ଣ୍ଣ ଭାବରେ ପଶିଲା ନାହିଁ। କିନ୍ତୁ ଅହିଂସା ମହାତ୍ମାଜୀଙ୍କ ସିଦ୍ଧିର ମନ୍ତ୍ର। କଂଗ୍ରେସର ଅହିଂସା ମନୋଭାବ ପ୍ରତିଷ୍ଠିତ ହେବାର ଦେଖିଲେ ସେ ପୁଣି ଆସି କଂଗ୍ରେସ ଭିତରେ ପ୍ରାଣ ମନ ଦେଇ କାର୍ଯ୍ୟ କରିବେ ବୋଲି କହିଛନ୍ତି।

ସେ ଯାହାହେଉ ପୃଥିବୀରେ ଏ ଗୋଟିଏ ନୂଆ କଥା। ରାଜନୀତିକ ନେତା ସ୍ୱଷ୍ଟ ରାଜନୀତିର କ୍ଷେତ୍ର ଅଧିକାର କରିଥାନ୍ତି, ଅନ୍ୟମାନେ ତାହାର ସମାଲୋଚନା କରି ସେ ଅଧିକାର ଛଡ଼ାଇ ନେବାକୁ ଚେଷ୍ଟା କରୁଥାନ୍ତି। ନେତା ନିଜର ବ୍ୟକ୍ତିତ୍ୱ କଳ୍ପନା ଓ କର୍ମ ଯୋଜନା ବଳରେ ଉକ୍ତ ଅଧିକାର ହାତରେ ରଖିବାହିଁ ଜଗତରେ ରାଜନୀତିର କର୍ମପନ୍ଥା ବୋଲି ଧାରଣା ଥିଲା। ଆଜି ମହାତ୍ମାଗାନ୍ଧୀ ଜଗତର ସେ ଧାରଣା ବଦଳାଇ ଦେଲେ। କଂଗ୍ରେସ ଭିତରେ ଦଳ ଦଳର ମତବାଦ ଖୁବ୍ ଜନ୍ମିଛି। ସାମ୍ୟବାଦୀମାନେ ମହାତ୍ମା ଗାନ୍ଧୀଙ୍କର ନେତୃତ୍ୱ ସ୍ୱୀକାର ନ କରିବା ଉପରେ। ମହାତ୍ମାଗାନ୍ଧୀ ଗତାନୁଗତିକ ରାଜନୀତିକ ନୀତିରେ ଯଦି କାର୍ଯ୍ୟ କରିଥାନ୍ତେ ସେ କଣ କରନ୍ତେ ? ସେ ନିଜର ବ୍ୟକ୍ତି ପ୍ରଭାବ ଓ ପ୍ରତିଷ୍ଠା ଲଗାଇ ସାମ୍ୟବାଦୀ ମତକୁ ଅଳ୍ପ ଲୋକଙ୍କ ଭିତରେ ଆବଦ୍ଧ କରିବାର ଚେଷ୍ଟା କରି ଦେଶର ଜନମତ ନିଜର କରନ୍ତେ। ଆଜି ମହାତ୍ମାଜୀ ଯେ ତାହା କରିବାକୁ ଅକ୍ଷମ ତାହା ନୁହେ। ସେ ବିଚାରିଲେ, ଆଜି ମଧ୍ୟ ଭାରତର କଂଗ୍ରେସ ପନ୍ଥୀ ଜନସାଧାରଣ ତାଙ୍କ ପଛରେ ଅନ୍ଧ ପରି ଚାଲନ୍ତେ। ତାଙ୍କ ନିର୍ଦ୍ଦେଶ ମାନିବାର ବ୍ୟବସ୍ଥା କରନ୍ତେ, ମାନି ନ ପାରିଲେ ମଧ୍ୟ ମାନିବାର ଉଦ୍ୟମର ଭାବ କରି ମହାତ୍ମାଜୀଙ୍କୁ ସାହାଯ୍ୟ କରନ୍ତେ।

କିନ୍ତୁ ମହାତ୍ମାଜୀ ସେ ପନ୍ଥା ଲୋଡ଼ିଲେ ନାହିଁ। ଜଗତର ଇତିହାସରେ ମହାତ୍ମାଜୀ ଏକ ନୂତନ ଆବିର୍ଭାବ। ବ୍ୟକ୍ତିଗତ ଆତ୍ମିକ ବିଶୁଦ୍ଧତା ସଙ୍ଗେ ଜନସେବା ଓ ଜନସଂଘକୁ ପ୍ରଭାବିତ କରିବା ଅର୍ଥାତ୍ ଧର୍ମନୀତି ପୀଠରେ ରାଜନୀତି ଓ ଅର୍ଥନୀତି ଗଢ଼ିବା ଏହା ପୃଥିବୀକୁ ମହାତ୍ମାଜୀଙ୍କର ଅଭିନବ ଦାନ। ପୁଣି ଏ ଦାନର ଶକ୍ତି ବଳରେ ନୁହେ, ଆହରଣରେ ନୁହେ- ଏହାର ଶକ୍ତି କ୍ଷମାରେ, ତ୍ୟାଗରେ। ସେହି ତ୍ୟାଗଧର୍ମର ଏ ନୂତନ ବିଭାବ ଆଜି

Digitized by PPRACHIN, SOA

ଜଗତକୁ ବିମୁଗ୍ଧ ଓ ସ୍ତମ୍ଭିତ କରିବ। ମହାତ୍ମାଜୀଙ୍କ ନବବିଧାନରେ ବିଧାନର ଏହି ପୁଣ୍ୟୋଦର୍କ ଜଗତର ଏ ନିତ୍ୟ ସଂଗ୍ରାମପର ପ୍ରତିଦ୍ୱନ୍ଦିତା ଭିତରେ ଫୁଟିଲେ ଜଗତ ଶାନ୍ତ ହେବ, ସନ୍ଦେହ ନାହିଁ।

ଆଉ ଗୋଟିଏ କଥା। ଗତ ୧୫ ବର୍ଷ ଭିତରେ କଂଗ୍ରେସ କହିଲେ ଲୋକେ ବୁଝୁଥିଲେ ମହାତ୍ମାଗାନ୍ଧୀ। କଂଗ୍ରେସର ସମସ୍ତ ପରିଚାଳନାର ଭାର ମହାତ୍ମାଗାନ୍ଧୀଙ୍କ ଉପରେ ଥିଲା। ଲୋକେ ପ୍ରାୟତଃ ପରୀକ୍ଷା ନ କରି ମହାତ୍ମାଗାନ୍ଧୀଙ୍କ ମତାମତ ଓ କର୍ମଯୋଜନା ଅଙ୍ଗୀକାର କରୁଥିଲେ। ଉଦାହରଣ ସ୍ୱରୂପ, ଖଦଡ଼ ତଥା ସୂତାକଟା ତୁଳାଭିଣା ପ୍ରଭୃତିର ପ୍ରଚାର ବାସ୍ତବିକ ଏ ଦେଶର ଅନେକ ଲୋକଙ୍କ ମନକୁ ଘେନେ ନାହିଁ। କଂଗ୍ରେସ ବାହାରେ ଯେଉଁମାନେ ଅଛନ୍ତି, ସେମାନଙ୍କ କଥା କହିବା ଦରକାର ନାହିଁ। କିନ୍ତୁ ଦେଶସାରା କଂଗ୍ରେସର ଭିତରେ ଓ ବାହାରେ ସମସ୍ତେ ଖଦଡ଼ର ନାମ ଶୁଣିଲେ ଲଇଁ ପଡୁଛନ୍ତି। ଦେଶୀ ଲୁଗା କଥାଟି ଖଦଡ଼ରେ ପର୍ଯ୍ୟବସିତ ହୋଇଅଛି। ପୁଣି ହରିଜନ। ହରିଜନ ଆନ୍ଦୋଳନ ଆଜି କଂଗ୍ରେସ ଆନ୍ଦୋଳନର ଅଙ୍ଗୀଭୂତ ନୁହେଁ। ତଥାପି ଏ ତାତ୍ତ୍ୱିକ ବିଭେଦ କେହି ବୁଝନ୍ତି ନାହିଁ। ମହାତ୍ମାଜୀ ହରିଜନ କାମ କରୁଛନ୍ତି- ସେ ହେଲା କଂଗ୍ରେସ କାମ। କଂଗ୍ରେସ ସ୍ପଷ୍ଟ ରାଜନୀତିକ ଅନୁଷ୍ଠାନ। ମହାତ୍ମାଜୀ କହିଲେ ହରିଜନ କାର୍ଯ୍ୟର ରାଜନୀତି ସଙ୍ଗେ ସଂପର୍କ ନାହିଁ। ସଙ୍ଗେ ସଙ୍ଗେ ଆମ୍ଭେମାନେ ସେହି ମତ ଧଇଲୁ ଓ ପ୍ରଚାର କଲୁ। ଅସ୍ପୃଶ୍ୟତା ନିବାରଣ ଭାରତ ରାଜନୀତିକ ସମସ୍ୟା ସମାଧାନରେ ସାତୋଟିରୁ ଗୋଟିଏ ବିଷୟ ବୋଲି ପ୍ରଥମେ ଧରା ହୋଇଥିଲା। ଶେଷରେ ମହାତ୍ମାଜୀ ଜେଲରେ ଥିବାବେଳେ ବିଲାତ ମନ୍ତ୍ରୀଙ୍କ ଭୋଟ ଅଧିକାରର ଭାଗବଣ୍ଟାରେ ଚମକି ପଡ଼ି ନିଜେ ମହାତ୍ମାଜୀ ହରିଜନ ଆନ୍ଦୋଳନକୁ ଆଗକୁ ଟାଣି ଆଣିଲେ। ସଂଗେ ସଂଗେ ସେହି ପରିସ୍ଥିତିରେ ଗୁରୁବାୟୁର ଠାରେ କଳାପନଙ୍କ ଉପବାସରେ ସମବେଦନା ପ୍ରକାଶ କରି ମହାତ୍ମାଜୀ ହରିଜନଙ୍କ ମନ୍ଦିର ପ୍ରବେଶ କଥାକୁ ହରିଜନ ଆନ୍ଦୋଳନର ମୁଖ୍ୟ ବିଭାବ କଲେ। ଏ ସବୁ ସ୍ପଷ୍ଟ ରାଜନୀତି, ତଥାପି ଆମ୍ଭେମାନେ ନିଶ୍ଚିନ୍ତ। ମହାତ୍ମାଜୀ କହିଲେ ହରିଜନ ଆନ୍ଦୋଳନର ରାଜନୀତିକ ବିଭାବ ମନରୁ ପୋଛିଦେବାକୁ। ଦେଶ ସେ ବିଭାବ ବରାବର ମନରୁ ପୋଛି ଦେଇ କାର୍ଯ୍ୟରେ ଛଡ଼ା ହେଲା। ମନ୍ଦିର ପ୍ରବେଶ ଆନ୍ଦୋଳନରେ ଦେଶର ରାଜନୀତିକ ପରିସ୍ଥିତି ଚହଲି ଯିବାର ଆଶଙ୍କା ହେଲା। ମହାତ୍ମାଜୀ ପୁରୀ ଧର୍ମପୀଠରେ ପ୍ରଚାର କଲେ ଜଣେ ଲୋକ ଆପତ୍ତି କରୁଥିବା ଯାଏ ସେ ହରିଜନଙ୍କୁ ମନ୍ଦିରରେ ପ୍ରବେଶ କରାଇବାକୁ ଅନୁମତି ଦେବେ ନାହିଁ। ଆମ୍ଭେମାନେ ସଂଗେ ସଂଗେ ସେହି କଥାକୁ ସାଧନାର ମନ୍ତ୍ର କରି ଦେଲୁଁ।

ପୁଣି ବ୍ୟବସ୍ଥାପକ ସଭାମାନଙ୍କରେ ପଶିବାର କଥା। ମହାତ୍ମାଜୀ ବେନାରସଠାରେ ସ୍ପଷ୍ଟ କହିଲେ, ଗତ ୩ବର୍ଷର ଭୁୟୋଦର୍ଶନ ଫଳରେ ସେ ବୁଝିଛନ୍ତି ଲାଟସଭା ଛାଡିବା

Digitized by PPRACHIN, SOA

ଠିକ୍ ହୋଇନାହିଁ, ସତ୍ୟାଗ୍ରହ ଯୁଦ୍ଧବେଳେ ମଧ୍ୟ ଲାଟସଭାରେ କଂଗ୍ରେସ ଲୋକେ ବହୁସଂଖ୍ୟାରେ ଥିବା ଉଚିତ ଥିଲା। ଲୋକେ ଏକଥା ଶୁଣିବା ମାତ୍ରେ ସେଇଆକୁ ନିଜର ମତ କରିନେଲେ।

ଏହିପରି ମହାତ୍ମାଜୀଙ୍କ ବ୍ୟକ୍ତିତ୍ୱ ଦେଶର ସମୂହ ରାଜନୀତିକ ଏକମାତ୍ର ଦୀପସ୍ତମ୍ଭ, ଚାଳକ ଓ ନିୟାମକ ଥିଲା। ଆଜି ମହାତ୍ମାଜୀ ସ୍ପଷ୍ଟ ସେହି କଥା ଦେଖିପାରି ଦେଶବାସିଙ୍କ ଉପରେ ଦାୟିତ୍ୱର ବୋଝ ଦେବା ପାଇଁ କଂଗ୍ରେସର ମୁଖ୍ୟ କାର୍ଯ୍ୟକ୍ଷେତ୍ର ଛାଡ଼ି ଅଲଗା ହୋଇଛନ୍ତି। ସେ ସ୍ପଷ୍ଟ କହିଛନ୍ତି, ସେ ରହିବାରୁ କଂଗ୍ରେସ ଲୋକେ ନିଜକୁ ହରାଉଛନ୍ତି। ତାହା ତାଙ୍କର ଇଚ୍ଛା ନୁହେ। ଜାତିର ମନତନ୍ତ୍ର ବିକାଶରେ ତାହା ସ୍ପୃହଣୀୟ ନୁହେ।

୧୫ ବର୍ଷର ଲାଳନପାଳନ ପରେ ଆଜି ଦେଶବାସୀଙ୍କ ଉପରେ ସ୍ପଷ୍ଟ ଦାୟିତ୍ୱର ବୋଝ ପଡ଼ିଲା। ମତଭେଦ ହେବ, କିନ୍ତୁ ବ୍ୟକ୍ତିତ୍ୱ ପ୍ରଭାବରେ ସେ ମତଭେଦର ସମାଧାନ ଏଣିକି ଆଶା କରିବା ଦୁରୂହ। ପ୍ରତିବାଦ ଓ ପ୍ରତିରୋଧ ପରେ ବହୁପକ୍ଷର ମତକୁ ଦେଖି ବାକ୍ୟରେ ବୋଲି କାର୍ଯ୍ୟରେ ମାନି ଚଳିବାର ଶୃଙ୍ଖଳା ଓ ତ୍ୟାଗ ଆମ୍ଭମାନଙ୍କ ମଧ୍ୟରେ ଅନେକେ ଅଭ୍ୟାସ କରିବାର ସୁବିଧା ହୁଏତ ପାଇନାହାନ୍ତି। ବସ୍ତୁତଃ ମହାତ୍ମାଜୀଙ୍କ ବାହୁଛାୟା ତଳେ ରହି ଆମ୍ଭେମାନେ ଆପଣା ଆପଣା ମଧ୍ୟରେ ବାଦ ପ୍ରତିବାଦ ଓ କଳହ କରୁଥିଲୁଁ। ସେ କଳହାଦିରେ ନିଜର ଦାୟିତ୍ୱ ହୁଏତ ବୁଝୁ ନଥିଲୁଁ। କିନ୍ତୁ ଆଜି ପ୍ରତ୍ୟେକ ଦେଶବାସୀ ନିଜ ଉପରେ ନିଜର ଭାର ନେବେ। ନିଜର ମତାମତ ପ୍ରକାଶ କରି ବାଦ ପ୍ରତିବାଦ ଆରମ୍ଭ କରିବା ପୂର୍ବରୁ ପରିଣାମ କଳନା କରି ସମସ୍ତେ ସାବଧାନ ହେବା ଉଚିତ। ତା ନ ହେଲେ କି କୁଫଳ ଫଳିବ ତାହା ବର୍ଣ୍ଣନା କରିବା ନିଷ୍ପ୍ରୟୋଜନ।

ନବ ଭାରତ–୧/୫, ଆଲୋଚନା

ମହାତ୍ମାଗାନ୍ଧୀ ଓ ପଲ୍ଲୀ ସଂଗଠନ

ଏବେ ମହାତ୍ମାଗାନ୍ଧୀ ଗ୍ରାମସଂଗଠନ କାର୍ଯ୍ୟରେ ଲାଗିଛନ୍ତି। କୃଷକର ଆର୍ଥିକ ଅବସ୍ଥା ବିଷୟରେ ଅନୁସନ୍ଧାନ କରୁଛନ୍ତି। ବିଲାତର "ଗାର୍ଡିଏନ" ଖବରକାଗଜର ଜଣେ ଭାରତୀୟ ସମ୍ବାଦଦାତା ଏବେ ମହାତ୍ମାଗାନ୍ଧୀଙ୍କ ସଙ୍ଗେ ଏ ବିଷୟରେ ଦେଖା କରିଥିଲେ। ସେ ଯାହା ଲେଖିଛନ୍ତି ତାହା ତା୨୭ରିଖ କଲିକତାର 'ଅମୃତ ବଜାର' ପତ୍ରିକାରେ ବାହାରିଅଛି। ସେଥିରୁ ପ୍ରାସଙ୍ଗିକ କଥାଟି ତଳେ ଅନୁବାଦ କରି ଦିଆଗଲା।

"ଭାରତୀ ପଲ୍ଲୀ ସମସ୍ୟା ତନଖି କରି ମହାତ୍ମାଗାନ୍ଧୀ ଯାହା ଦେଖିଛନ୍ତି, ତାହା ପ୍ରମାଣ କରି ଦେଖାଇ ଦେବାକୁ ତାଙ୍କ ପାଖେ ଯଥେଷ୍ଟ ମାଲମସଲା ଅଛି। ମୁଁ ଏହା ଦେଖିଲା ବେଳେ ମୋ ଆଗରେ ଗୋଟିଏ ରୂପ ପଡ଼ିଛି। ଏହା କେତେକ ଆଦର୍ଶ କୃଷକପଲ୍ଲୀର ଗୋଟିଏ ସଂପୂର୍ଣ୍ଣ ସାମାଜିକ ଓ ଆର୍ଥିକ ଅବସ୍ଥାର ବିବରଣ। ଏହି ପଲ୍ଲୀଗୁଡ଼ିକ

Digitized by PPRACHIN, SOA

ଦକ୍ଷିଣ ଭାରତରେ ମାନ୍ଦ୍ରାଜ ସହରରୁ ୩୦ ମାଇଲ ଦୂରରେ। ମାନ୍ଦ୍ରାଜ ସରକାରଙ୍କ ଶିଳ୍ପ, କୃଷି ଓ ସ୍ୱାସ୍ଥ୍ୟ ବିଭାଗର ଡିରେକ୍ଟରମାନେ ନିଜେ ଅନୁସନ୍ଧାନ କରି ନିଜ ରିପୋର୍ଟରେ ଏହି ବିବରଣଟି ପ୍ରକାଶ କରିଛନ୍ତି। ଏହା ଏବେ କେତେକ ସପ୍ତାହ ପୂର୍ବେ ପ୍ରକାଶିତ ହୋଇଅଛି। ଏଥିରୁ ଜଣାଯାଏ, ପାଞ୍ଚଜଣ ପରିବାର ଥିବା ଗୋଟିଏ ପଲ୍ଲୀ କୁଟୁମ୍ବର ହାରାହାରି ବାର୍ଷିକ ଆୟ ୩୦ଟଙ୍କା ଠାରୁ ୧୦୦ ଟଙ୍କା ପର୍ଯ୍ୟନ୍ତ। ପ୍ରାୟ ଅଧିକରୁ ବେଶୀସଂଖ୍ୟକ କୁଟୁମ୍ବଙ୍କର ଆୟ ୩୦ ଟଙ୍କା ଆଡ଼କୁ, ଶହେ ଟଙ୍କା ଆଡ଼କୁ ନୁହେ। ରିପୋର୍ଟ କହନ୍ତି, ଚିର ଦରିଦ୍ରତା ଓ ଆୟର ସ୍ୱଳ୍ପତା ହିଁ ଗ୍ରାମମାନଙ୍କରେ ବିକାଶର ପନ୍ଥା ରୋକି ବସିଛି। ଏହି ବାଧା ବନ୍ଦ କରିବାକୁ ହେଲେ ଶିକ୍ଷା, ସ୍ୱାସ୍ଥ୍ୟ, ରୋଗ ପ୍ରତିକାର, ଶିଳ୍ପ ପ୍ରଭୃତି ସବୁ ଦିଗରେ ସମାନ ଭାବରେ ଉନ୍ନତି ଦରକାର। କୃଷିକ୍ଷେତ୍ରରେ କାମ କରି ହାରାହାରି ଜଣେ ଶ୍ରମିକକୁ ବର୍ଷକେ ୫୦ଟଙ୍କାଠାରୁ ୬୦ ଟଙ୍କା ଯାଏ ମଜୁରି ମିଳେ। ବର୍ଷକରୁ ଶହେଦିନ ଏହି ଶ୍ରମିକମାନେ ସଂପୂର୍ଣ୍ଣରୂପେ ଅଳସୁଆ ହୋଇ ବସିବାକୁ ବାଧ୍ୟ ହୁଅନ୍ତି। ବରଷକରୁ ଛ ମାସ ସେମାନେ ହୁଏ ତ ଯାହା ପାଆନ୍ତି, ତାହା ଖାଆନ୍ତି କିମ୍ବା ଦରପୂରା କରି ଖାଇ ଜୀବନ କଟାନ୍ତି।”

କୃଷକର ସଂଗଠନ :

ଦେଶର ଏଇ ଅବସ୍ଥାରେ ଗ୍ରାମର ଶିଳ୍ପ ତଥା କୃଷି ବିଷୟରେ ଅତି ଶୀଘ୍ର ସୁବ୍ୟବସ୍ଥାମାନ ନ ହେଲେ ଦେଶର କି ଭବିଷ୍ୟତ ହେବ, ତାହା ଅନୁମାନ କରିବା ସହଜ ନୁହେ। ଏଥି ସମ୍ବନ୍ଧରେ ଏହି ସମ୍ମିଳନୀରେ ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟର ଅର୍ଥନୀତି ଅଧ୍ୟାପକ ଡାକ୍ତର ରାଧାକମଳ ମୁଖର୍ଜି କହିଛନ୍ତି - “ଉତ୍ତର ପଶ୍ଚିମ ପ୍ରଦେଶର ଏକଲକ୍ଷ ଏଗାର ହଜାର ଗ୍ରାମରେ ଏକାବେଳକେ ଆର୍ଥିକ ଉନ୍ନତିର ସମୂହ ଚେଷ୍ଟା କରିବା ହୁଏତ ଅସମ୍ଭବ, କାରଣ ସେଥିପାଇଁ ଜନ, ଧନ ଓ ସାମଗ୍ରୀର ଯଥେଷ୍ଟ ଅଭାବ। ଗୋଟିଏ ଗୋଟିଏ ସ୍ଥାନ ବାଛି ପ୍ରଥମେ ସେହିଠାରେ ଭଲ କରି କାର୍ଯ୍ୟ ଆରମ୍ଭ କଲେ ଦିନେ ସମସ୍ତ ପ୍ରଦେଶର ଆଖି ଫିଟିଯିବ। ଯେଉଁଠାରେ ବିଶେଷ ସୁବିଧା ଅଛି, ଲୋକ ଓ ସାମଗ୍ରୀ ଯୋଗାଇହେବ ଓ ଯେଉଁଠାରେ ଲୋକଙ୍କର ଅବସ୍ଥା ହୁଏତ ବିଶେଷ ଖରାପ, ତେଣୁ କାର୍ଯ୍ୟର ଫଳ ଦେଖାଇ ହେବ, ସେହିଠାରେ ସମସ୍ତ ଶକ୍ତି ପ୍ରୟୋଗ କରି କାର୍ଯ୍ୟ ଆରମ୍ଭ କରିବା ଦରକାର। ଏହିପରି ସ୍ଥାନ ଗୋଟିଏ ଗୋଟିଏ ତହସିଲ ବା ପ୍ରଗନ୍ନା ହେଲେ ଭଲ ହେବ। ତାହାଠାରୁ କୌଣସିମତେ କ୍ଷୁଦ୍ର ହେବ ନାହିଁ। ଗୋଟିଏ ସୁଚିନ୍ତିତ ଓ ସୁକଳ୍ପିତ ଯୋଜନା ଆଗରେ ରଖି ଏଇ କାର୍ଯ୍ୟ ଆରମ୍ଭ କରିବାକୁ ହେବ, ଯେପରି କି ଏହି ପରୀକ୍ଷାବେଳେ କୌଣସି ଦୁଇଟି କାର୍ଯ୍ୟ ମଧ୍ୟରେ ବିରୋଧ ନ ଘଟେ। ଆର୍ଥିକ ଉନ୍ନତି ସମ୍ବନ୍ଧରେ ଯୋଜନା ପ୍ରସ୍ତୁତ କରିବା ନିମନ୍ତେ ଗୋଟିଏ ବିଭାଗ ରହିବ ଏବଂ ନିମ୍ନଲିଖିତ ମତେ କାର୍ଯ୍ୟ ଆରମ୍ଭ କରାଯିବ, ଯଥା: ଭିନ୍ନ ଭିନ୍ନ ଲୋକଙ୍କର କ୍ଷୁଦ୍ର କ୍ଷୁଦ୍ର ଜମି ଏକାଠି କରିବା, ଉନ୍ନତ ଧରଣର କୃଷି

Digitized by PPRACHIN, SOA

କରାଇବା, ଗୋରୁ ମଇଁଷିଙ୍କର ଉନ୍ନତି କରାଇବା, କୃଷିଲବ୍ଧ ଦ୍ରବ୍ୟ ବିକ୍ରିର ବ୍ୟବସ୍ଥା କରିବା, ପରସ୍ପର ସହଯୋଗରେ କୃଷି ପ୍ରଭୃତି କରାଇବା, ଗ୍ରାମର ଶିଳ୍ପୀମାନଙ୍କୁ କାମ ଦେବା, ଦ୍ରବ୍ୟ ନେବା ଆଣିବା ଓ ଯିବା ଆସିବାପାଇଁ ରାସ୍ତାମାନଙ୍କର ଉନ୍ନତି କରାଇବା, ପଲ୍ଲୀରେ ସ୍ୱାସ୍ଥ୍ୟକର ଘରସବୁ କରାଇ ଶିଖାଇବା। ସରକାରଙ୍କର ବିଭାଗୀୟ କର୍ମଚାରୀମାନେ, ଜିଲାବୋର୍ଡ ତଥା ପଞ୍ଚାୟତମାନେ ବସି ପାଞ୍ଚ ବର୍ଷପାଇଁ ଏହି ଯୋଜନା ସ୍ଥିର କରିବେ। ପ୍ରତ୍ୟେକ ବିଭାଗରେ କିପରି କେତେ ଉନ୍ନତି କଳ୍ପନା କରାଯାଇପାରେ, ତାହା ସେମାନେ ଠିକ୍ କରିବେ, ଯଥା : ଏତେ ଏକରରେ ଏହିପରି ଭାବରେ ଏହିପରି ଉନ୍ନତ ଶସ୍ୟ ବା ଆଖୁ କରାଯାଇପାରେ, ଏହିପରି ଭାବରେ ଏତେ ଗୋଚର ଭୂମି ରଖାଯାଇ ତାହାର ଏହିପରି ଉନ୍ନତି କରାଯାଇପାରେ, ଏହିପରି ଭାବରେ ଏତେ କ୍ଷୁଦ୍ରଜମି ଖଣ୍ଡମାନ ମିଶାଇ କୃଷିର ସୁବିଧା ଭଳି ବଡ ଜମିମାନ ତିଆରି କରାଯାଇପାରେ, ଏତେ ସମବାୟ ବା ସହଯୋଗ ସମିତି, ଏତେ ଟିଉବ୍‌ଓ୍ୱେଲ୍ ବା ନଳକୂଅ, ଏତେ ସ୍କୁଲ, ଏତେ ସ୍ୱାସ୍ଥ୍ୟ ନିବାସ, ଏତେ ଭଲ ଷଣ୍ଢ ଏହିପରି ଭାବରେ କରାଯାଇପାରେ ଓ କାର୍ଯ୍ୟରେ ଲଗାଯାଇପାରେ, ଇତ୍ୟାଦି ଇତ୍ୟାଦି।

ସେ ନିଜେ ଏହି ବ୍ୟବସ୍ଥାର ଗୋଟିଏ ଅସ୍ଥାୟୀ ଯୋଜନା ଦେଇଥିଲେ। ଗୋଟିଏ ତହସିଲ ଯୋଜନାର ଡିରେକ୍ଟର ରହିବେ, ସେ ସବୁ ବିଭାଗର ସହଯୋଗ ସମାଧାନ କରି ଯୋଜନା ଅନୁସାରେ କାର୍ଯ୍ୟ ଚଳାଇବେ। ତାଙ୍କ ତଳେ କୃଷି, ଜଳସେଚନ, ସମବାୟ, ଜନିସ ବିକିରି, ଶିଳ୍ପ, ଶିକ୍ଷା, ସ୍ୱାସ୍ଥ୍ୟ ଓ ପଶୁପାଳନ ଏହିପରି ଭିନ୍ନ ଭିନ୍ନ ବିଭାଗରେ ଆଠୋଟି କର୍ମଚାରୀ ରହିବେ। ତାହା ଛଡା ପାଞ୍ଚୋଟି ବିଭାଗରେ ପାଞ୍ଚୋଟି ଯାଞ୍ଚ କର୍ମଚାରୀ ରହିବେ। ସେମାନେ ତହସିଲଯାକ ସବୁବେଳେ ବୁଲି ବୁଲି କାମ ତନଖି କରିବେ। ତହସିଲରେ ଯୋଡିଏ କୃଷି ବିଭାଗୀୟ ବାରିକ୍‌ମିସ୍ତ୍ରୀ ରହିବେ। ଜମି ତିଆରି କରିବା, ବନ୍ଧ, ବାଡ଼, ରାସ୍ତା ପ୍ରଭୃତି ପକାଇବା, କୂଅ ପ୍ରଭୃତି ପାଇଁ ଜାଗା ଠିକ୍ କରିବା ଓ କୂଅ ଖୋଳା, ପୋଖରୀ କଟା ପ୍ରଭୃତିରେ ସାହାଯ୍ୟ କରିବା ସେମାନଙ୍କର କାର୍ଯ୍ୟ ହେବ। ଦୁଇଟି ଜଙ୍ଗଲ ବିଷୟ ଜାଣିଥିବା କର୍ମଚାରୀ ରହିବେ। ସେମାନେ ଜଙ୍ଗଲ କାଟିବାରେ ଗୋଚର ପ୍ରଭୃତି ରଖିବାରେ, ବାଲି ମାଡିଯାଉଥିବା ଜାଗାରେ ବାଲି ରୋକିବାଭଳି ଗଛ ଲଗାଇବାରେ ସାହାଯ୍ୟ କରିବେ। ଗ୍ରାମ ସଂଗଠନ ବିଷୟରେ ବିଶିଷ୍ଟ ଶିକ୍ଷା ପାଇଥିବା ଶିକ୍ଷକମାନେ ପ୍ରତି ସ୍କୁଲରେ ରହିବେ। ଘର ସମ୍ଭାଳିବା ବିଦ୍ୟାରେ ବିଶେଷ ଶିକ୍ଷା ପାଇଥିବା ଶିକ୍ଷକମାନେ ବାଳିକା ବିଦ୍ୟାଳୟରେ ରହିବେ। ନାରୀମାନଙ୍କର ସୁବିଧା ନିମନ୍ତେ ଜଣେ ନାରୀ ତତ୍ତ୍ୱାବଧାରକ ରହିବେ। ଏହି ଯୋଜନାର ବିଭାଗ ସଙ୍ଗେ ବିପଦ ଆପଦରେ ସାଧାରଣର କାର୍ଯ୍ୟ କରିବା ନିମନ୍ତେ ଅବୈତନିକ ଗ୍ରାମଚାଳକ ସଂଘ ଓ ବଏସ୍କାଉଟ୍ ଦଳସବୁର ବ୍ୟବସ୍ଥା କରିବାକୁ ହେବ।

Digitized by PPRACHIN, SOA

ପୁଣି ଏଥିପାଇଁ ବିଶ୍ୱବିଦ୍ୟାଳୟମାନଙ୍କରେ ଗ୍ରାମ ସଂଗଠନ ବିଷୟରେ ଛାତ୍ରମାନଙ୍କୁ ବିଶିଷ୍ଟ ଶିକ୍ଷା ଦେବାକୁ ହେବ।

ପ୍ରଫେସର ମୁଖର୍ଜି ଆଗ ନିଜର ଅନୁସନ୍ଧାନ ବାଖ୍ୟା କରିବାରେ ଓ ଯୋଜନା ଦେବାରେ ସରକାରୀ ବିଭାଗମାନଙ୍କ ପ୍ରତି ତେତେ ଦୃଷ୍ଟି ଦେବା ଦେଖାଯାଉ ନଥିଲା। ବର୍ତ୍ତମାନ ତାଙ୍କ ଲେଖାରେ ସରକାରୀ ବିଭାଗର ସହଯୋଗ ଆଡକୁ ଦୃଷ୍ଟି ଫେରିଥିବା ସ୍ପଷ୍ଟ। ବର୍ତ୍ତମାନ ଯେଉଁ ପ୍ରାଦେଶିକ ଶାସନର ଯୋଜନା ବାହାରିଛି, ସେହି ଦୃଷ୍ଟିରେ ବୋଧହୁଏ ସେ ଦୃଷ୍ଟି ଫେରାଇଛନ୍ତି। ଯେଉଁ ଯୋଜନା ବାହାରିଛି, ସେଥିରେ ଆମ୍ଭେମାନେ କି ଁ ପ୍ରତିକ୍ରିୟାଶୀଳ ଲୋକେ ସରକାରୀ ବିଭାଗମାନ ମାଡ଼ି ନ ବସିଲେ ଦେଶର ବହୁ ଅମଙ୍ଗଳ ପ୍ରତିରୋଧ କରାଯାଇପାରେ। ବିଶେଷରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଶିଳ୍ପ ପ୍ରଭୃତି ସମ୍ବନ୍ଧରେ ମନ୍ତ୍ରୀମାନେ ନୂତନ ଯୋଜନା ଓ କ୍ରିୟାମାନ କରିପାରନ୍ତି। ବିଶେଷରେ, ଲୋକସାଧାରଣଙ୍କ ଦିଗରୁ ସେ ଦିଗରେ ଉଦ୍ୟମ ହେଲେ ମନ୍ତ୍ରୀମାନେ ତହିଁରେ ସାହାଯ୍ୟ ସହଯୋଗ କରିବାରେ ବିଶେଷ ବାଧା ଘଟିବ ବୋଲି ମନେ ହେଉନାହିଁ। ଯେଉଁ ରାଜନୀତିକ ବା ଦେଶସେବୀମାନେ ଆପତିତ ଅବସ୍ଥାକୁ ସହି ସମ୍ଭାଳି ନରମପନ୍ଥା ଧରି ଦେଶ ଗଠନର ପରୀକ୍ଷା ବା ଉଦ୍ୟମ କରିବାକୁ ଚାହାନ୍ତି, ସେମାନେ ଆଜହୁଁ ଏହି ଦିଗରେ ଦୃଷ୍ଟି ଚଳାଇଲେ ଫଳ ହେଉ ବା ନ ହେଉ, ଆଶଙ୍କା କିଛି ନାହିଁ।

କିନ୍ତୁ ପ୍ରାଦେଶିକ ଶାସନ ଯୋଜନାରେ ସ୍ଥାନେ ସ୍ଥାନେ ସାମ୍ପ୍ରଦାୟିକ ଭାବ ଘୋର ଅନ୍ତରାୟ। ଯେଉଁଠାରେ ତାହା ନାହିଁ ବା କରା ହୋଇପାରିବ ନାହିଁ, ସେଠାରେ ପ୍ରତିକ୍ରିୟାଶୀଳ ଲୋକଙ୍କ ହାତେ ପ୍ରଦେଶ ଶାସନ ପଡ଼ିଯିବା ଭଳି ତୀବ୍ର ଉଦ୍ୟମ ସବୁ ଦେଖାଯାଉଛି। ଗ୍ରାମେ ଗ୍ରାମେ ଅଯଥା ଶ୍ୱେତପତ୍ରାଦିର ନାନାପ୍ରକାର ଅସଙ୍ଗତ ଓ ଅସୁନ୍ଦର ପ୍ରଚାର ଆରମ୍ଭ ହେବା ଦେଖାଗଲାଣି। ଏତେବେଳେ ତୁନି ହୋଇ ବସିବାର ନୁହେ। ଯେଉଁମାନେ ପୂର୍ଣ୍ଣ ସ୍ୱରାଜ୍ୟ ନ ହେଲେ, ଆଉ କୌଣସି କଥାର ବିଚାରରେ ମନ ଦେବେ ନାହିଁ, ସେମାନଙ୍କ କଥା ସ୍ୱତନ୍ତ୍ର। କିନ୍ତୁ ଅବସ୍ଥା ଦୃଷ୍ଟିରେ ବ୍ୟବସ୍ଥା କରିବାଭଳି ରାଜନୀତିକ ଦଳ ଭାରତରେ ସର୍ବତ୍ର ଅଛନ୍ତି। ସେମାନଙ୍କର ନିଜ ପନ୍ଥାରେ କାର୍ଯ୍ୟ କରିବାକୁ ଏବହୁଁ ତତ୍ପର ହେବା ବାଞ୍ଛନୀୟ।

ବିଶେଷତଃ ଓଡିଶାର କଥା ଏ କ୍ଷେତ୍ରରେ ଉଲ୍ଲେଖଯୋଗ୍ୟ। ଓଡ଼ିଶା କେବେ ନିଜର ପ୍ରଦେଶଟିଏ ଦେଖିନାହିଁ। ପ୍ରଦେଶ ପାଇବା ପାଇଁ ଅଧିକାଂଶ ଓଡ଼ିଆଙ୍କର ସମସ୍ତ ଆକାଂକ୍ଷା ଓ ଉଦ୍ୟମ ଚଳିଆସୁଛି। ପ୍ରଦେଶର ସୀମା ଘେନି ପ୍ରତିବେଶୀମାନଙ୍କର ଦୁରନ୍ତ ବିରୋଧ ସହି ସହି ଓଡ଼ିଆ ଆଉ କିଛି ଭାବିବାକୁ ହୁଏ ତ ବେଳ ପାଉନାହିଁ, ମାତ୍ର ସେ ଯାହାହେଉ କେବଳ ପ୍ରତିବେଶୀଙ୍କ ପ୍ରତିବାଦ ବା ପ୍ରଦେଶର ସୀମା ଗଠନରେ ଲାଗି ରହିବାର ବେଳ

Digitized by PPRACHIN, SOA

ଆଉ ନାହିଁ। ଅନ୍ୟ କାର୍ଯ୍ୟ ଆଗରେ ପଡ଼ିଲାଣି। ଯାହାର ପ୍ରଦେଶ ବୋଲି କିଛି ନାହିଁ କିମ୍ବା ପ୍ରଦେଶ ସମ୍ବନ୍ଧରେ କିଛି ମାତ୍ର ଭାବିବାର ନାହିଁ, ତାହା ପକ୍ଷରେ ମହାଭାରତୀୟ ଭାବରେ ନିଜକୁ ଭସାଇ ଦେଇ ନିଶ୍ଚିନ୍ତ ରହିବା ଯେପରି ସୁଗମ, ଓଡିଆ ପକ୍ଷରେ ସେପରି ନୁହେ। ଏତେବେଳେ ବେଳ ଜାଣି ସର୍ବତୋମୁଖ ଉଦ୍ୟମରେ ଜାତିଗଠନର ଯୋଜନା ବିଚାର କରି, ଅବସ୍ଥା ବୋଧରେ କାର୍ଯ୍ୟରେ ବ୍ରତୀ ନ ହେଲେ ଭବିଷ୍ୟତ ଶୂନ୍ୟ ହେବ। ଲୋକେ ସ୍ୱାର୍ଥତ୍ୟାଗ କରନ୍ତି। ଯାହାର ସ୍ୱାର୍ଥ ଥାଏ, ସେ ତାହା ତ୍ୟାଗ କରେ। ଯେ ବାଧ ହୋଇ ଭିକ୍ଷାବୃତ୍ତିରେ ପେଟ ପୋଷେ, ସେ ସଂସାର ଛାଡ଼ି ସନ୍ନ୍ୟାସୀ ହେଲେ ତାହାର ଯଥାର୍ଥ ସନ୍ନ୍ୟାସ ଆସେ ନାହିଁ। ଅତଏବ ସୁଗଠିତ ସ୍ୱାର୍ଥ ଉପରେ ଠିଆ ନ ହେଲେ ଓଡ଼ିଆର ସ୍ୱାର୍ଥତ୍ୟାଗର ମଧ୍ୟ ଅଧିକାର ନାହିଁ। ଓଡ଼ିଆର ଏତେଦିନ ଓଡ଼ିଆ ବୋଲି ରାଜନୀତିକ ବା ଆର୍ଥିକ ସ୍ୱାର୍ଥ ଗଠନ କରିବାର ସ୍ଥାନ ବା ଉପାୟ ନ ଥିଲା। ଙ୍ଗ କି ସେ ସ୍ଥାନ, ସେ ଉପାୟ ତାକୁ ମିଳିବାର ସମ୍ଭାବନା ଦିଶୁଛି। ଏତେବେଳେ ସ୍ୱାର୍ଥ ଗଢିବାର ଉଦ୍ୟମ କରି ତାହାର ରକ୍ଷଣ ବା ତ୍ୟାଗ ପାଇଁ ପ୍ରସ୍ତୁତ ହେବାକୁ ହେବ।

ନବଭାରତ- ୧/୭, ଆଲୋଚନା

ଭାରତ ସରକାର ବ୍ୟବସ୍ଥା

ଇଂରେଜ ପାର୍ଲିମେଣ୍ଟରେ ଏବେ ଭାରତ ସରକାର ବ୍ୟବସ୍ଥା (Govt. of India Bill)ର ବିଚାର ଚାଲିଚି। ଏ ବ୍ୟବସ୍ଥାଟି ପଦେପଦେ ଜଏଣ୍ଟ ପାର୍ଲିମେଣ୍ଟାରି କମିଟିର ରିପୋର୍ଟକୁ ଅନୁସରଣ କରିଚି। ଯାହାକିଛି ବଦଳିଚି ତାହା ଭାରତର ପ୍ରଗତି ଅଧିକ ଦୃଢ଼ ଭାବରେ ଅଟକାଇବା ପାଇଁ। ଜଏଣ୍ଟ କମିଟି ସମ୍ବନ୍ଧରେ ପୂର୍ବେ କୁହାଯାଇଚି। ଏବେ ପ୍ରଭେଦରୁ କେତୋଟି ମାତ୍ର କୁହାଯିବ।

ରେଳ

କେନ୍ଦ୍ର ସରକାରରେ ଏବେ ଜଣା ପଡିଚି ଯେ, ରେଳ ସମ୍ବନ୍ଧରେ ବ୍ୟବସ୍ଥାସଭା ଆଉ ଆୟବ୍ୟୟର ବିଚାର ସିଦ୍ଧାନ୍ତାଦି କିଛି କରି ପାରିବେ ନାହିଁ। ରେଳ ଭାରତ ସରକାରଙ୍କର ଏକ ବ୍ୟବସାୟ। ସେଥିରେ ଭାରତ ପ୍ରାୟ ୭୦୦ କୋଟି ଟଙ୍କା କରଜ କରି ଲଗାଇଚି । ପ୍ରାୟ ୩୦ କୋଟି ଟଙ୍କା ବରଷକୁ ସୁଧ ଦେବାକୁ ହୁଏ। ଲୋକେ ପଇସା ଦେଇ ବାଣିଜ୍ୟ ବ୍ୟବସାୟ, ଯିବା ଆସିବା ପ୍ରଭୃତି କରନ୍ତି। ସେ ସବୁରେ ପ୍ରାୟ ୧୦୦ କୋଟି ଟଙ୍କାର ଆୟବ୍ୟୟ ବିଚାର ବରଷକୁ ବରଷ ଭାରତ ବ୍ୟବସ୍ଥା ସଭାରେ ପଡୁଥିଲା। ବ୍ୟବସ୍ଥା ସଭା ମଞ୍ଜୁର ନ କଲେ ଖର୍ଚ୍ଚାଦି କରିବା ସୁବିଧାଜନକ ନ ଥିଲା। ପୁଣି ସେଥିରେ ବରଷକେ ପ୍ରାୟ ୧୫ କୋଟି ଠାରୁ ୨୫ କୋଟି ପର୍ଯ୍ୟନ୍ତ ଜିନିଷ କିଣାଯାଏ।

Digitized by PPRACHIN, SOA

ସେଥିରୁ ଲୁହା ଜିନିଷ ବେଶି। ଇଂଲଣ୍ଡର ଲୁହା ଜିନିଷ ବିକାଇବା ଉଦ୍ଦେଶ୍ୟରେ ଥରେ ଭାରତ ସରକାର ବରଷକୁ ୩୦କୋଟି ଲେଖାଏଁ କରଜ କରି ପାଞ୍ଚ ବରଷର ଗୋଟିଏ ଯୋଜନା କରାଇ ନେଇଥଲେ (୧୯୨୩-୧୯୨୭)।ସେ କଥାର ଅଭିସଂଧିଟି ଧରାପଡ଼ି ଯାଇଥିଲା। ଏ ଗୋଟିଏ ଉଦାହରଣ ମାତ୍ର। ଏଣିକି ଆଉ କିଛି ଧରା ପଡ଼ିବାର ଉପାୟ ନ ରହିବା ପାଇଁ ବ୍ୟବସ୍ଥା ହେଉଚି।

ପ୍ରଦେଶିକ ଉଚ୍ଚସଭା

ବୋମ୍ବେ, ମାନ୍ଦ୍ରାଜ, ବଂଗ, ବିହାର, ଉତ୍ତରପଶ୍ଚିମ ପ୍ରଦେଶରେ ବ୍ୟବସ୍ଥାପକ ସଂଘ ଦୁଇ ଭାଗହୋଇ ଗୋଟିଏ ଗୋଟିଏ ଉଚ୍ଚ ସଭା ହେବା କଥା ପ୍ରକାଶ ପାଇଥିଲା। କିନ୍ତୁ ସେ ଉଚ୍ଚସଭା ଏଡ଼େ ଉଗ୍ର ହେବ ବୋଲି ଜଣା ନଥିଲା। ଏବେ ଜଣା ପଡୁଛି, ସେମାନେ ଆଇନ୍ ତିଆରିରେ ସମାନ ଅଧିକାର ପାଇବେ। ସେତିକି ନୁହେଁ, ସେମାନଙ୍କ ଭିତରୁ ମନ୍ତ୍ରୀ ମଧ ବଛା ହେବେ। ମନ୍ତ୍ରୀସଭାରେ ବହୁପକ୍ଷ ଲୋକମତ ପ୍ରତିଫଳିତ ନ ହେବାର ଆଶଂକା ଏଥିରେ ବେଶି ଦୃଢ଼ ହେଉଚି। ପୁଣି ପୂର୍ବେ ଲାଟମାନେ ଓ ବଡ଼ଲାଟ ମନ୍ତ୍ରୀ ହୁଅନ୍ତୁ ବା ମେମ୍ବର ହୁଅନ୍ତୁ ଗୋଟିଏ ଗୋଟିଏ ସଭା ଧରି ବିଚାର କରି ସବୁ କାମ କରୁଥିଲେ। ଏବେ ତ ସେମାନେ ଗୋଟିଏ ଗୋଟିଏ ଯଥେଚ୍ଛାଚାରୀ ମଧ୍ୟଯୁଗ ରାଜା ହେବେ। ସେମାନେ ସେପରି ମନ୍ତ୍ରୀସଭା ଗଢ଼ି ରାଜ୍ୟ କରିବେ, ତାହା ଏବେ ଜଣା ପଡ଼ି ଆସିଲା।

ଲାଟଙ୍କ ହସ୍ତମୁଦି ମାହଲ

ଉତ୍ତର ପୂର୍ବ ସୀମାନ୍ତର ଖାସିଆ, ଗାରୋ ପ୍ରଭୃତି ପାହାଡ଼ ଭୂମିମାନ ଓ ସେଇଭଳି ଜାତୀୟ ଲୋକେ ଲାଟଙ୍କ ହସ୍ତମୁଦି ମାହାଲ ହେବେ ବୋଲି ଜଣା ପଡୁଥିଲା। ଏବେ ସ୍ପଷ୍ଟ ପ୍ରକାଶ ଯେ ଓଡିଶାର ଅନୁଗୁଳ, ତଥା ଗଞ୍ଜାମମାଳ, ଜୟପୁର, ପୁଣି ସମ୍ବଲପୁର ପରି ଜିଲ୍ଲା ଓ ସ୍ଥାନମାନ ଲାଟଙ୍କ ହସ୍ତମୁଦି ମାହାଲ ଭିତରକୁ ଯିବ। ସମ୍ବଲପୁର ତଥା ଗଞ୍ଜାମମାଳ ଓ ଜୟପୁର ତ ଆଜିଯାଏ ଲାଟସଭାମାନଙ୍କୁ ନିର୍ବାଚିତ ପ୍ରତିନିଧି ପଠାଇଥିଲେ। ଏବେ କିପରି ବ୍ୟବସ୍ଥାରେ ତାଙ୍କ ପ୍ରତିନିଧି ଆସିବେ ବୁଝାଯାଉ ନାହିଁ। ସମ୍ବଲପୁର ପରି ଉନ୍ନତ ଜିଲ୍ଲାର ପୁଣି ଏ ଦୁର୍ନାମ କାହିଁକି ?

ଓଡ଼ିଶା କଥା

ଓଡ଼ିଶା ବ୍ୟବସ୍ଥା ସଭାପାଇଁ ଜୟପୁର ପ୍ରଭୃତି ମିଶିବା ଯୋଗେ ମେମ୍ବର ସଂଖ୍ୟା ବଢ଼ିବାର ବ୍ୟବସ୍ଥା ନାହିଁ, ମାତ୍ର ୨ଜଣ ପରିବର୍ତ୍ତରେ ୬ଜଣ ହସ୍ତମୁଦି ମାହଲ ଓ ଜାତିରୁ ନିଆଯିବାର ଉଲ୍ଲେଖ ଅଛି। ସାଧାରଣ ନିର୍ବାଚନ ମଣ୍ଡଳୀରୁ ୬ଟି ହରିଜନ ସହିତ ୪୪(୪୬ ?)ଟି ମେମ୍ବର ଯିବାର ଉଲ୍ଲେଖ ଅଛି। ଶ୍ୱେତପତ୍ର ଓ କମିଟି ରିପୋର୍ଟରେ ୭ଟି

Digitized by PPRACHIN, SOA

ହରିଜନ ଘେନି ୪୯ଟି ଥିଲା। ବଡ଼ଲାଟ ସଭା ମାନଙ୍କ ଯେଉଁ ୫ଟି ଲେଖାଏଁ ଥିଲା, ସେତିକି- ଜୟପୁର ପାରଳା ମିଶି ମଧ୍ୟ। ଓଡ଼ିଶାର ହାଇକୋର୍ଟ ରହିବ ପାଟଣାରେ; ମାତ୍ର ନୂତନ ବ୍ୟବସ୍ଥା ଚଳିବା ପୂର୍ବରୁ ହୁଏତ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେଇପାରେ।

କଂବଳରୁ ବାଳ ବାଛି କି ଲାଭ ?-

ମାତ୍ର ଏସବୁ ଆଲୋଚନାରେ କିଛି ଲାଭ ନାହିଁ। କୌଣସିମତେ ବ୍ୟବସ୍ଥାଟିର କୌଣସି ଅଂଶ ଭାରତର ମନୋମତ ବା ପ୍ରୟୋଜନମତ ନୁହେ। ଶାସନ ବ୍ୟବସ୍ଥା ନାମରେ ଇଂରେଜ ଯଦି ସଭ୍ୟ ଜଗତରେ ପରିଭାଷା ମାତ୍ର ଦେଖାଇ ଏହିପରି ସାମ୍ରାଜ୍ୟ ଦୃଢ଼ୀକରଣର ଘୋର ଜଘନ୍ୟ ବ୍ୟବସ୍ଥା ଭାରତ ଉପରେ ଚିପି ଭର୍ତି କରିବାକୁ ଯାଆନ୍ତି, ତେବେ ଏଥିରେ କିଛି ଭଲ ହେବ ନାହିଁ। ସାମ୍ରାଜ୍ୟ ଭୋଗର ମୋହରେ ଲୋକ ଏପରି ଅନ୍ଧଦୃଷ୍ଟିପର ହେବାର ଦୃଷ୍ଟାନ୍ତ ପୃଥିବୀର ଇତିହାସରେ ନୂଆନୁହେଁ। ପରିଭାଷାରେ ପ୍ରାଣ ଆସେ ନାହିଁ। ଅନ୍ଧକୁ 'କମଳ ଲୋଚନ' ବୋଲି ଡାକିଲେ, ତା ଆଖିକୁ ଦିଶେ ନାହିଁ।

ବର୍ତ୍ତମାନ ଯେଉଁ ବ୍ୟବସ୍ଥାରେ ଭାରତ ଶାସନ ଚଳୁଚି, ତାହା ଯେ ଏହି ଶଂସିତ ବ୍ୟବସ୍ଥାଠାରୁ ବହୁତ ଭଲ ଓ ନୀତି ଉପରେ ପ୍ରତିଷ୍ଠିତ, ଏଥିରେ କୌଣସି ସଂଦେହ ନାହିଁ। ଶଂସିତ ବ୍ୟବସ୍ଥାରେ କୌଣସି ଚକ୍ଷୁଷ୍ମାନ୍ ଭାରତବାସୀର ମତ ନାହିଁ। ସମସ୍ତେ ଏ ବ୍ୟବସ୍ଥାର ପ୍ରସ୍ତାବରେ ଆତଂକ ଗଣୁଚନ୍ତି, ତଥାପି ୩୫କୋଟି ନିରୁପାୟ ଲୋକଙ୍କର ବିକାଶ ରୋଧକରି, ତାଙ୍କୁ ପଛକୁ ଠେଲି ମଧ୍ୟଯୁଗର ଅନ୍ଧକାରରେ ପକାଇ ଦେବାର ବ୍ୟବସ୍ଥା ହେଉଚି। ନୀତିଧ୍ୱଜୀର ନୂତନ ସାମ୍ରାଜ୍ୟ ବାଦ ପ୍ରତିଷ୍ଠାରେ ଏ ଏକ ଉଦାହରଣ।

ନବଭାରତ-୧/୮, ଆଲୋଚନା

ବ୍ରିଟିଶ୍-ଭାରତ-ବାଣିଜ୍ୟସଂଧି

ଗଲା ଜାନୁଆରୀ ୯ ତାରିଖରେ ବ୍ରିଟନ୍ ଓ ଭାରତ ମଧ୍ୟରେ ଗୋଟିଏ ବାଣିଜ୍ୟସଂଧି ଦସ୍ତଖତ ହେଲା। ବ୍ରିଟନ୍ ପକ୍ଷରୁ ସରକାରଙ୍କ ବାଣିଜ୍ୟ ନାୟକ ଓ ଭାରତ ପକ୍ଷରୁ ଲଣ୍ଡନସ୍ଥ ଆମ ସରକାରଙ୍କର ହାଇ କମିଶନର (High Commissioner) ବା 'ତୁଂଗଦୂତ'- ଏଇ ଦୁହେଁ ସେଥିରେ ଦସ୍ତଖତ କଲେ।

ସର୍ତ୍ତମାନ - [ସେଥିରେ କଥା ହେଲା :-

(୧) ଜଣା ତ ଅଛି, ଭାରତର ଶିଳ୍ପବାଣିଜ୍ୟ ରକ୍ଷାପାଇଁ ବିଦେଶି ମାଲରେ ରକ୍ଷା ଶୁଳ୍କ (କର) ବସାଇବା ଦରକାର। ତେବେ ସେଇ ରକ୍ଷା ପାଇଁ ଅନ୍ୟ ବିଦେଶି ମାଲଠାରୁ ଇଂରେଜ ମାଲରେ କମ୍ ବସାଇବା ଯେ ଠିକ୍, ତା ବି ଜଣା ଅଛି।

(୨) ଭାରତରେ ଖଜଣା ତ ଖର୍ଚ୍ଚକୁ ଅଣ୍ଟୁ ନାହିଁ। ତେଣୁ ରକ୍ଷାଶୁଳ୍କ ଭାରତ ସରକାରଙ୍କର ଆୟର ଏକ ଅଂଗ - ଏହା ବି ପୁଣି ଜଣା ଅଛି।

Digitized by PPRACHIN, SOA

(୩) (କ) ଭାରତ ସରକାରଙ୍କ ଟାରିଫ୍‌ବୋର୍ଡ (Tariff Board) ବା ଶୁଳ୍କ କମିଟି ଅନୁସଂଧାନ କରି ନ କହିଲେ ଭାରତୀୟ ଶିଳ୍ପ ସାହାଯ୍ୟ ପାଇବେ ନାହିଁ।

(ଖ) ଦେଶିମାଲ ସଂଗେ ବିଦେଶିମାଲର ମୂଲ୍ୟ ସମାନ କରିବା ଭଳି ମାତ୍ର ଶୁଳ୍କ ବସାଇବାକୁ ହେବ ଓ ସେଥିରେ ଦରକାର ହେଲେ ଇଂରେଜ ମାଲ ଉପରେ ଅନ୍ୟ ବିଦେଶିମାଲ ଉପର ଠାରୁ କମ୍ ଶୁଳ୍କ ବସାଯିବ । (ଇଂରେଜ ମାଲର କରମୂଳ ଅନ୍ୟ ବିଦେଶିମାଲର କରମୂଳ ଠାରୁ ପ୍ରାୟ ସର୍ବଦା ବେଶି।)

(ଗ) ଇଂରେଜ ମାଲ ଉପରେ ଅନ୍ୟ ବିଦେଶି ମାଲ ଠାରୁ ଯେତିକି କମ୍ ଶୁଳ୍କ ବସିଥିବ, ତାହା ବରାବର ରଖିବାକୁ ହେବ।

(ଘ) ମାତ୍ର ଦରକାର ହେଲେ ଭାରତ ସରକାର କର ଲାଭ ନିମନ୍ତେ ସବୁ ବିଦେଶି ଜିନିଷ ଉପରେ ସମାନ ଭାବରେ ଇଚ୍ଛାମତେ ଶୁଳ୍କ ବସାଇ ପାରିବେ।

(୪) ଭାରତ ସରକାରଙ୍କ ଶୁଳ୍କ କମିଟି କୌଣସି ଭାରତୀୟ ଶିଳ୍ପକୁ ରକ୍ଷା କରିବା ମାନସରେ ଅନୁସଂଧାନ କଲାବେଳେ ବିଲାତର ସେଇ ଶିଳ୍ପ ବ୍ୟବସାୟୀଙ୍କୁ ନିଜ କଥା କହିବା ଓ ଭାରତଶିଳ୍ପର ଦାବିକୁ ପ୍ରତିବାଦ କରିବାର ସୁବିଧା ଦେବାକୁ ବାଧ୍ୟହେବେ। ଭାରତ ସରକାର କୌଣସି କାରଣରୁ କୌଣସି ଦେଶି ଶିଳ୍ପର ରକ୍ଷାଶୁଳ୍କ ବଦଳାଇବାର ଇଚ୍ଛାକଲେ, ସେ ଇଂରେଜ ସରକାରଙ୍କୁ ଜଣାଇ, ଇଂରେଜ ବଣିକଙ୍କୁ ଅଣାଇ ତାଙ୍କ ସଂଗେ ବିଚାର କରି ସାରି, ତାହା କରିବାକୁ ବାଧ୍ୟ ରହିବେ।

(୫) ଭାରତର କଚାମାଲ (ଯାହା ଶିଳ୍ପ ବା ମାନବର ଖାଦ୍ୟ ଓ ବ୍ୟବହାର୍ଯ୍ୟ) ସବୁ ସୁବିଧାରେ କିଣିବା ନିମନ୍ତେ ବ୍ୟବସାୟୀଙ୍କୁ ପରାମର୍ଶ ଦେବାକଥା ଇଂରେଜ ସରକାର ବିଚାର କରିବେ । ଇଂରେଜ ବ୍ୟବସାୟୀମାନେ ଏବେ ଭାରତ ତୁଳା କିଣୁଚନ୍ତି। କିପରି ବେଶି ବେଶି ସେମାନେ କିଣିବେ, ତାର ବ୍ୟବସ୍ଥା କରିବାକୁ ଇଂରେଜ ସରକାର ପ୍ରସ୍ତୁତ ରହିବେ।

(୬) ଯେତେ ଦିନ ଭାରତ ସରକାର ବିଲାତ ଲୁହାମାଲ ସୁବିଧାରେ କିଣୁଥିବେ, ସେତେଦିନ ବିନା ଶୁଳ୍କରେ ଭାରତର କଂଚାଲୁହା ଇଂଲଣ୍ଡକୁ ନେବାପାଇଁ ଇଂରେଜ ସରକାର ପ୍ରସ୍ତୁତ ରହିବେ।

(୭) ଦୁଇ ଦେଶର ପ୍ରତିଷ୍ଠିତ ବ୍ୟବସାୟୀମାନେ ମିଳିମିଶି କୌଣସି ଚୁକ୍ତି ସିଦ୍ଧାନ୍ତ ଆଦି କଲେ ସରକାରମାନେ ତହିଁରେ ସାହାଯ୍ୟ କରିବାକୁ ବାଧ୍ୟ ହେବେ।

ପୁଣି ଇଂରେଜ ସାମ୍ରାଜ୍ୟର ଅନ୍ୟ ଦେଶମାନେ ଭାରତୀୟ ଲୁଗାକୁ ସୁବିଧାରେ ପୂରାଇ ନ ଦେଲେ, ଇଂରେଜ ସରକାର ସେମାନଙ୍କୁ ଡାକି ଭାରତ ଲୁଗାକୁ ଇଂରେଜ ଲୁଗା ଭଳି ସୁବିଧାରେ ସେ ଦେଶମାନଙ୍କୁ ପୂରାଇ ଦେବାର ପରାମର୍ଶ ଦେବେ।

Digitized by PPRACHIN, SOA

ଏହି ଚୁକ୍ତି ବା ସଂଧିକୁ ଭାରତ ବ୍ୟବସ୍ଥାପକ ସଭା ଜାନୁଆରୀ (୧୯୩୫) ୨୯ ତାରିଖରେ ବିଚାର କରିଥିଲେ। ସେମାନେ ଏହି ସଂଧି ରଦ୍ଦ କରିବାକୁ ସରକାରଙ୍କୁ ଜଣାଇ ଦେଇ ଅଛନ୍ତି। ସ୍ୱାଧୀନ ଦେଶ ହୋଇଥିଲେ ଏତିକିରେ ସରକାରଙ୍କ ମନ୍ତ୍ରିସଭା ଇସ୍ତଫାଦେଇ ଥାନ୍ତେ। ସରକାର ଭାଂଗି ଯାଇ, ପୁଣି ନିର୍ବାଚନ ହୋଇ ନୂଆ ସରକାର ଗଢ଼ା ହୋଇଥାନ୍ତା। କିନ୍ତୁ ପରାଧୀନ ଦେଶର ସରକାର ଭାଂଗି ଯିବାର ପଦାର୍ଥ ନୁହେ। ଆମ ସରକାର ଇଚ୍ଛା କଲେ ବ୍ୟବସ୍ଥା ସଭାର ଏ ମତକୁ ମଧ ନ ମାନି ପାରନ୍ତି। ତେବେ ବ୍ୟବସ୍ଥା ସଭାର ଆଲୋଚନାବେଳେ ସରକାରୀ ମେମ୍ବରଙ୍କଠାରୁ ଓ ପରେ କୌଣସି ସରକାରୀ ଦୁହାଧରାଙ୍କ ଠାରୁ ଯୁକ୍ତି ଶୁଣାଯାଏ, ବ୍ୟବସ୍ଥା ସଭା ସଂଧିଟି ମଂଜୁର କରିଥିଲେ, ଇଂରେଜ ସରକାର ଖୁସ୍ ହୋଇ, ଆମକୁ ସୁନା ପୁଅ ବୋଲି ପ୍ରଚାର କରି ଶାସନ ସଂସ୍କାରଟାଯାହା ଚିଠା କରିଛନ୍ତି, ତାହା ସୁରୁଖୁରରେ ପାଶ୍ କରାଇ ନେଇ ପାରିଥାନ୍ତେ। ମାତ୍ର ଦୁଃଖର କଥା, ଆମର ସେପରି ସୁନା ପୁଅ ହୋଇ ଲଡୁନବା ଦିନ ଥାଉ ଏବେ ନାହିଁ।

ଇଂରେଜ ଏ ଦେଶକୁ ରାଜ୍ୟ କରିବାକୁ ଆସି ନ ଥିଲେ। ଆସିଥିଲେ ବେପାର କରି ଟଂକା କରିବାକୁ। ଗତ ଶତାବ୍ଦୀର ଶେଷ ପର୍ଯ୍ୟନ୍ତ ଏ ଦେଶର ଶିଳ୍ପ ଲୋପ କରି ନିଜ ଦେଶର ମାଲ ଏ ଦେଶରେ ବିକିବାର ଯେ ଜଘନ୍ୟ ଉଦ୍ୟମମାନ କରି ଆସିଥିଲେ, ତାହା କାହାରିକୁ ଅଜଣା ନଥିବ। ଅଷ୍ଟାଦଶ ଶତାବ୍ଦୀର ଶେଷ ଓ ଊନ୍ନବିଂଶ ଶତାବ୍ଦୀର ପ୍ରାରମ୍ଭରେ ଇଂଲଣ୍ଡରେ ଆଇନ ପର୍ଯ୍ୟନ୍ତ ହୋଇଥିଲା, ଭାରତୀୟ ଲୁଗା ଖଣ୍ଡେ କିଣିବାର ଯାହାକୁ ଦେଖାଯିବ ସେ ୨୦୦୦ ପାଉଣ୍ଡ ବା ୨୭୦୦୦ ଟଙ୍କା ଜୋରିମାନା ଦେବ। ଏ ଗୋଟିଏ ଉଦାହରଣ। ଏଇପରି ଅସାଧୁ ଉଦ୍ୟମମାନ କରି ଇଂରେଜ ଏ ଦେଶର ଶିଳ୍ପଲୋପ କରିଥିଲେ।

ମାତ୍ର ଗତ ଶତାବ୍ଦୀର ଶେଷାର୍ଦ୍ଧରେ ବମ୍ବେର ଲୋକେ ଇଂରେଜ ରୀତିରେ କଳକାରଖାନାମାନ କରି ଲୁଗା ଶିଳ୍ପ ଆରମ୍ଭ କଲେ। ସେତେବେଳେ ରକ୍ଷାଶୁଳ୍କ ଦେବା ଦୂରେ ଥାଉ, ଏ ଦେଶର ଲୁଗା ଉପରେ ଗୋଟିଏ ଶୁଳ୍କ ବସାଇ ସରକାର ବିଲାତି ଲୁଗା ସୁବିଧାରେ ଭର୍ତ୍ତି କରିବାର ବ୍ୟବସ୍ଥା କରିଥିଲେ। ଇଂରେଜ ଶିଳ୍ପ ବ୍ୟବସାୟ ସେତେବେଳେ ପୃଥିବୀରେ ସର୍ବଶ୍ରେଷ୍ଠ ଥିଲା।ତେଣୁ ସେମାନେ ପ୍ରଚାର କରୁଥିଲେ ଯେ, ପୃଥିବୀରେ କିଣିବା ଲୋକଙ୍କ ସୁବିଧା ପାଇଁ ଶିଳ୍ପାଦିର ପ୍ରୟୋଜନ। ରକ୍ଷା ଶୁଳ୍କ ବସାଇବା ଘୋର ଦୁର୍ନୀତି ।

ଭାରତର ବଜାର ଥିଲା ତାଙ୍କ ଲେଉଟିଆ କିଆରି। ମାତ୍ର ଭାରତର କଳ ସୁତା ଓ ଲୁଗା ବଢ଼ିବାରୁ ୧୯୦୩ରେ ଶୁଳ୍କ ବସାଇ ସେଥିରେ ବିଲାତି ଜିନିଷକୁ ଅଳ୍ପ ଶୁଳ୍କର ସୁବିଧା ଦେବାର ଏକ ପ୍ରସ୍ତାବ ହେଲା। ସେ କାଳର ଭାରତ ବଡ଼ଲାଟ ସେଥିରେ 'ନାହିଁ' ଭରିଦେଲେ।

Digitized by PPRACHIN, SOA

ପୃଥିବୀର ମହାଯୁଦ୍ଧ ପରେ ସବୁ ଦେଶ ଶିଳ୍ପ ବଢ଼ାଇଲେ। ଇଂରେଜ ଶିଳ୍ପଜାତ ଦ୍ରବ୍ୟ ବିକ୍ରି ହେଲା ନାହିଁ। ଏଣେ ଭାରତ ନିଜ ଶିଳ୍ପ ରକ୍ଷା ପାଇଁ ଶୁଳ୍କ ଦାବି କରି ଆସୁଥିଲା। ସେତିକି ବେଳେ ପୁଣି ବିଲାତି ମାଲ୍‌କୁ ଅଳ୍ପ ଶୁଳ୍କର ସୁବିଧା ଦେବା ପାଇଁ ରକ୍ଷା ଶୁଳ୍କର ପ୍ରଶ୍ନ ଉଠିଲା। ଦେଶିଶିଳ୍ପ ବଢ଼ାଇବାର କାମନାରେ ଭାରତ ରକ୍ଷାଶୁଳ୍କ ପାଇଁ ଅବଶ୍ୟ 'ହଁ' ଭରିଥିଲା। ସେଇ 'ହଁ'କେ ଏବେ ଭାରତର ସର୍ବନାଶର ବାଟ ଫିଟିଲା ପରି ଦେଖା ଯାଉଚି।

ଏଇ ରକ୍ଷା ଶୁଳ୍କରେ ବୋମ୍ବେ ପ୍ରଭୃତିର କେତେକ କାରଖାନାବାଲା ଘୋର ସୁବିଧା ପାଇବାରୁ ସରକାରଙ୍କ ପଟ ଧରିବା ସ୍ୱାଭାବିକ। ପୁଣି ଦେଶର ଲୋକେ ମଧ ଏ ପେଂଚ ନ ବୁଝି ବେଳେବେଳେ ଯାତ୍ରାଦଳରେ ହାଉଡ଼ାଟା ଆଁ କରିଦେଲା ପରି ଦେଶି ଶିଳ୍ପକୁ ରକ୍ଷା କରିବା ପାଇଁ ସବୁ ପ୍ରକାର ଶୁଳ୍କ ବ୍ୟବସ୍ଥାରେ ରାଜି ହୋଇ ଯାଉଚନ୍ତି। ଫଳରେ ଇଂରେଜ ମାଲ ଦେଶର ବଜାର ଗ୍ରାସ କରୁଚି, କାରଣ ଇଂରେଜ ମାଲକୁ ଅଳ୍ପ ଶୁଳ୍କରେ ପୂରାଇବାର ସଂଧି ନ ରଖି କୌଣସି ରକ୍ଷା ଶୁଳ୍କର ବ୍ୟବସ୍ଥା ହେଉ ନାହିଁ।

ଚିନି ପରି କେତେକ ଶିଳ୍ପର କଥା ସ୍ୱତନ୍ତ୍ର; କାହିଁକି ନା ସେଥିରେ ଇଂରେଜ ଶିଳ୍ପ ପ୍ରତିଦ୍ୱନ୍ଦୀ ନୁହେ। କିନ୍ତୁ ଲୁଗା, ବିଶେଷତଃ ଲୁହା ପ୍ରଭୃତିରେ ଭାରତର ରକ୍ଷା ପାଇଁ ରକ୍ଷାଶୁଳ୍କର ବ୍ୟବସ୍ଥା ହୋଇ ନାହିଁ – ହୋଇ ନ ପାରେ। କଂପାନି ରାଜ୍ୟବେଳେ ଯେଉଁ ରୀତିରେ ଭାରତକୁ ପୂରାପୂରି ଇଂରେଜ ଶିଳ୍ପର ବଜାରରେ ପରିଣତ କରାହୋଇଥିଲା, ଏବେ ସଭ୍ୟ ଜଗତ ଆଗରେ ସେ ଦୁର୍ନୀତି ଧରି କାର୍ଯ୍ୟ କରି ହେବ ନାହିଁ ବୋଲି, ଏ ନୂଆ ରୀତି ବାହାରିଚି।

ବଚନ ଅଛି –

'ବଇନତେୟ ବୀର ଥିଲା, ଭାରିଯା ରୂପେ ତା ମାଇଲା'। କୃଷ୍ଣ ଅନ୍ୟ ଉପାୟ ନ ଦେଖି ଭାର୍ଯ୍ୟା ରୂପେ ବୈନତ୍ୱେୟ ସଂଗେ ପ୍ରୀତି କରି ତାକୁ ମାରିଥିଲେ।ଏବେ ଇଂରେଜ ଆମ ଶିଳ୍ପରକ୍ଷକ ରୂପ ଧରି ଆମର ଶିଳ୍ପ ନାଶ କରିବାର ଯେଉଁ ଉଦ୍ୟମ କରୁଛନ୍ତି, ତାହା ବଡ଼ ଭୟଙ୍କର।

ଇଂରେଜ ସରକାରଙ୍କର ଭାରତ ସରକାରଙ୍କ ସଂଗେ ଚୁକ୍ତି ବା ସଂଧି। ଶୁଣିବାକୁ କଥାଟା ଅମୃଶ୍ଳାଘାକର ସତ। କିନ୍ତୁ ଏହାର କି ଅର୍ଥ, ତାହା ଭାରତବାସୀ ଜାଣନ୍ତି। ଅତଏବ ଲୁଗା ଲୁହା ପ୍ରଭୃତି ଯେଉଁଠାରେ ଇଂରେଜଙ୍କ ସଂଗେ ଭାରତର ପ୍ରତିଦ୍ୱନ୍ଦିତା ଅଛି, ସେଠାରେ ରକ୍ଷାଶୁଳ୍କ ସର୍ବଦା ବିପଦ ଜନକ। ଏଥିରେ ଭାରତର ଜାତୀୟ ଭାବକୁ ପ୍ରୀତି ଦେବାର ମୋହ ରହିଚି। ମୋହରେ ଲୋକ ଅନ୍ଧ ହୋଇଯାଏ। ପୁଣି କେତୋଟି କାରଖାନାବାଲାଙ୍କୁ ରକ୍ଷାକରି ସରକାର ତାଙ୍କୁ ପଟ କରୁଚନ୍ତି। ଏ ଆଉରି ଭୀଷଣ କଥା।

Digitized by PPRACHIN, SOA

ଏ ଦେଶର ଜମିଦାର ପରି ଏ ଏକ 'ଶିଳ୍ପଦାର' ଶ୍ରେଣୀ ତିଆର ହେଉଚନ୍ତି। ଜାତୀୟବାଦୀ ଭାରତବାସୀ ସାବଧାନ।

ନବ ଭାରତ-୧/୮, ଆଲୋଚନା

ଜଏଣ୍ଟ ପାର୍ଲିମେଣ୍ଟାରୀ କମିଟି ରିପୋର୍ଟ

ଶ୍ୱେତ ପତ୍ର (ଭାରତ ଶାସନ ସଂସ୍କାର ସମ୍ବନ୍ଧରେ ବିଲାତ ସରକାରଙ୍କ ପ୍ରସ୍ତାବ) ଉପରେ ଯେଉଁ ଜଏଣ୍ଟ ପାର୍ଲିମେଣ୍ଟାରୀ କମିଟି (ବିଲାତ ପାର୍ଲିମେଣ୍ଟର ଦୁଇସଭାରୁ ବଛା ମେମ୍ବର ଘେନି କୌଣସି ବିଶେଷ ବିଷୟରେ ଅନୁସନ୍ଧାନ କରି ରିପୋର୍ଟ ଦେବାପାଇଁ ବସିଥିବା କମିଟି) ବସିଥିଲା, ତାହାର ରିପୋର୍ଟ ବାହାରିଛି। ନିୟମ ଅନୁସାରେ ଏହି ରିପୋର୍ଟ ଉପରେ ଗୋଟିଏ ଭାରତର ଶାସନ ସଂସ୍କାର ଆଇନ ଖସଡ଼ା କରାହୋଇ, ସେହି ଆଇନଟି ପାର୍ଲିଆମେଣ୍ଟରେ ପାଶ୍ ହେବାର କଥା। ପରେ ସେହି ଆଇନ ଅନୁସାରେ ଭାରତରେ ଶାସନ ସଂସ୍କାର ଗଢ଼ା ହେବ। ଆଇନରେ ଯାହା ଯାହା କରାହେବ ତାହାର ସୂଚନାମାନ ଏହି ରିପୋର୍ଟରେ ଦିଆ ହୋଇଛି।

ଶ୍ୱେତପତ୍ରରେ ଥିବା ପ୍ରସ୍ତାବମାନ ସମସ୍ତେ ଜାଣିଥିବେ ସେସବୁ ପ୍ରସ୍ତାବରେ ପ୍ରଦେଶମାନଙ୍କୁ ଏହି ପ୍ରକାର ନିଜ ଲୋକଙ୍କ ଦ୍ୱାରା ନିଜେ ନିଜର ଶାସନ କରିପାରିବା ଭଳି କେତେକ ସୂଚନା ଥିଲା। ପ୍ରାଦେଶିକ ଲାଟ ସାହେବଙ୍କ ହାତେ ବେଳ ପଡ଼ିଲେ କାହାକୁ ନ ମାନି ସବୁ ଶାସନ କାମରେ ହାତ ଭର୍ତ୍ତି କରି କରି ଯିବାର ବ୍ୟବସ୍ଥା ଥିଲେ ସୁଦ୍ଧା ସାଧାରଣ ସମୟରେ ପୁଲିସ ପ୍ରଭୃତି ସବୁ ଲାଟସଭାରୁ ବଛା ହୋଇଥିବା ମନ୍ତ୍ରୀ ପରିଷଦ ହାତେ ରହିବାର ଆଶାଥିଲା। ଏବେ ରିପୋର୍ଟରେ ପୁଲିସ ଉପରୁ ଦେଶୀ ମନ୍ତ୍ରୀଙ୍କର ସବୁ କ୍ଷମତା କାଢ଼ି ନିଆହୋଇଛି। ପ୍ରଦେଶର ଆୟ ବ୍ୟୟରେ ଲାଟ ସାହେବ ଇଚ୍ଛାମତେ ହାତ ଭର୍ତ୍ତି କରିପାରିବା ଭଳି କ୍ଷମତା ରଖିବାର ବ୍ୟବସ୍ଥା ଅଛି। ମେଜେଷ୍ଟର ପୁଲିସ ସାହେବମାନେ ମନ୍ତ୍ରୀଙ୍କ କଥା ନ ମାନିବା ଭଳି ଅଧିକାର ଶ୍ୱେତପତ୍ର ପ୍ରସ୍ତାବରେ ପାଇଥିଲେ। ଏବେ ତାହା ସେହିପରି ଅଛି। ତାଙ୍କ ଦରମା ପ୍ରଭୃତିରେ କେହି କଥା କହିପାରିବେ ନାହିଁ।

ସବୁ ସ୍ୱାୟତ୍ତ ଶାସନରେ ଲାଟସଭାରେ ଯେଉଁ ମତର ଲୋକ ବେଶିଥା'ନ୍ତି, ତାଙ୍କର ଭିତରୁ ମନ୍ତ୍ରୀ ବଛା ହୁଅନ୍ତି। ଏବେ ରିପୋର୍ଟରେ ଯେପରି ବ୍ୟବସ୍ଥା ହେଉଛି ସେଥିରେ ତାହା ନ ହୋଇପାରେ। ଭିନ୍ନ ଭିନ୍ନ ମତ, ଦଳ ବିଶେଷରେ ସଂପ୍ରଦାୟରୁ ଲାଟ ସାହେବ ବୁଝି ବିଚାରି ମନ୍ତ୍ରୀ ବାଛିବେ। ସେଥିରେ ମନ୍ତ୍ରୀମାନଙ୍କ କାର୍ଯ୍ୟ ଜଗିବା ପାଇଁ ଲାଟସଭାର ବଳ କିପରି ରହିବ ବୁଝାଯାଉନାହିଁ। ପୂର୍ବେ ଏ ଦେଶରେ ମଧ୍ୟ ମନ୍ତ୍ରୀମାନଙ୍କ ଦରମା ବର୍ଷକୁ ବର୍ଷ ବଜେଟ୍ ବେଳେ ଲାଟସଭା ପାଶ କରୁଥିଲେ। ଏବେ ତାହା ହେବ ନାହିଁ। ମନ୍ତ୍ରୀମାନେ ହୁଏତ ଲାଟସଭା ମତକୁ ଏଡ଼ି ଦେଇ ଲାଟଙ୍କୁ ଧରି କାମ କରିଗଲେ କିଛି

Digitized by PPRACHIN, SOA

ବାଧା ଘଟିବାର ଆଶଙ୍କା ଦିଶୁନାହିଁ। ଫଳରେ ମନ୍ତ୍ରୀମାନେ ଏବକାଳର ସରକାରୀ ମେମ୍ବର ପରି ହୋଇଯିବାର ସମ୍ଭାବନା ରହିଛି। ଏପରି ହେଲେ ପ୍ରଦେଶରେ ମଧ୍ୟ ଲୋକଙ୍କର ସ୍ୱାୟତ୍ତ ଶାସନ ବୋଲି ଚିହ୍ନ ଗନ୍ଧ ମଧ୍ୟ ନ ରହିପାରେ। ଖାଲି ଗୋରା ରଜାଙ୍କ ପରିବର୍ତ୍ତରେ କଳା ରଜା ହେଲେ ସ୍ୱାୟତ୍ତ ଶାସନ ହବ ନାହିଁ। ବରଂ ସେ ଶାସନ ଅଧିକ ପରାୟତ୍ତ ହେବ। ସୂର୍ଯ୍ୟକିରଣଠାରୁ ତାତିଲା ପାଣି ଯେପରି ଭୀଷଣତର ଏପରି କଳା ମନ୍ତ୍ରୀ ରାଜତ୍ୱ ବେଳ ପଡିଲେ ସେହିପରି ହେବ।

ପୁଣି ପ୍ରଦେଶରେ କେତେଗୁଡିଏ ଅଞ୍ଚଳ ମନ୍ତ୍ରୀଶାସନରୁ ବରାବର ବା ଯଥେଷ୍ଟ ଅଲଗା ରହିବାର ସୂଚନା ସ୍ପଷ୍ଟ। ଏସବୁ ହେବ ଲାଟଙ୍କ 'ହସ୍ତମୁଦି' ମାହାଲ...ଏବର କନ୍ଧମାଳ ଓ ଜୟପୁର ପରି। ସେଥିରେ ଶାସନ ବ୍ୟବସ୍ଥା ସବୁ ଲାଟ ସାହେବ ନିଜେ କରିବେ। ସେଥିପାଇଁ ଖଜଣାରୁ ମନ ମୁତାବକ ଟଙ୍କା କାଢ଼ିନେବେ। ମନ୍ତ୍ରୀମାନେ ପୂରା 'ହସ୍ତମୁଦି' ମାହାଲ କଥା କିଛି ଜାଣିବେ ନାହିଁ। ଲାଟସଭା ମଧ୍ୟ ସେ ବିଷୟରେ କିଛି ଶୁଣିବାର ଅଧିକାର ପାଇବେ ନାହିଁ। ଅଧା 'ହସ୍ତମୁଦି' ମାହାଲ କଥା ମନ୍ତ୍ରୀ ଓ ଲାଟସଭା ଶୁଣାଶୁଣିରେ କିଛି ଜାଣିଲେ ମଧ୍ୟ ସେସବୁରେ କୌଣସି ପ୍ରକାର କର୍ତ୍ତୃତ୍ୱ କରିପାରିବେ ନାହିଁ।

ସ୍ୱାୟତ୍ତ ଶାସନରେ ପ୍ରଦେଶର ଆୟ ବ୍ୟୟ ମନ୍ତ୍ରୀ ତଥା ଲାଟସଭା ହାତରେ ରହିବାର କଥା। କିନ୍ତୁ ରିପୋର୍ଟ କହନ୍ତି, ସେଥିରେ ମଧ୍ୟ ଦରକାର ମନେ କଲେ ଲାଟ ସାହେବ ଯଥେଚ୍ଛାଚାର କର୍ତ୍ତବ୍ୟ କରିବେ। ଭାରତରେ ଇଂରେଜ ଶାସନ ପରି ବହୁ ବ୍ୟୟଶୀଳ ଶାସନ ପୃଥିବୀରେ ଆଉ ନାହିଁ। କର୍ମଚାରୀଙ୍କ ଦରମାଠାରୁ ବାରିକ ମିସ୍ତ୍ରୀ ଇଲାକାର ଖର୍ଚ୍ଚ ପର୍ଯ୍ୟନ୍ତ ସର୍ବତ୍ର ଏହି ରୀତିର ସର୍ବଗ୍ରାସୀ ପଦ୍ଧତି ପଡ଼ିରହିଛି। ଲାଟ ସାହେବ ଏ ପଦ୍ଧତିର କୌଣସି ବ୍ୟତ୍ୟୟ ସହିପାରିବେ ବୋଲି ମନେ ହେଉନାହିଁ। ବାଧ୍ୟ ହୋଇ ମନ୍ତ୍ରୀମାନଙ୍କୁ ଚିରକାଳରୁ ଫିଟିଥିବା ଶଗଡ ଗୁଳାରେ ଖର୍ଚ୍ଚ ଚଳାଇବାକୁ ହେବ। ତାହା ନ କରି ଲୋକମତକୁ ଡରିଲେ ମନ୍ତ୍ରିପଦ ଛାଡ଼ିବାକୁ ହେବ। ଏ ଗଲା ଖର୍ଚ୍ଚର କଥା। ଆୟରେ ମଧ୍ୟ ପ୍ରଜାର କରଭାର କମାଇବାର କୌଣସି ଉପାୟ ମନ୍ତ୍ରୀ ପ୍ରସ୍ତାବ କରିପାରିବେ ନାହିଁ। କାରଣ ଖର୍ଚ୍ଚ ନ କମାଇଲେ ଆୟ କମାଇବାର ଆଶା ବୃଥା। ଏହାଛଡା ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ, କୃଷି ପ୍ରଭୃତିର ଉନ୍ନତି ବାଟ ଧରି ଜାତି ଗଢ଼ିବାର କୌଣସି ଉଦ୍ୟମ ମନ୍ତ୍ରୀ କେଉଁଆଡୁ ଟଙ୍କା ଆଣି କିପରି କରିବେ ବୁଝାଯାଉନାହିଁ। ଦରିଦ୍ର ପ୍ରଦେଶବାସୀର ଆଉ କର ଦେବାର ଶକ୍ତି ନାହିଁ। କେଉଁଦିନ ଜାତି ଗଠନ ଫଳରେ ଆୟ ବଢ଼ିଯିବ ବୋଲି କଳ୍ପନା କରି ସେ ଆଉ କରଭାର ବହନ କରିବାକୁ ରାଜି ହେବ ନାହିଁ, ସମର୍ଥ ବି ହେବ ନାହିଁ। ଦରିଦ୍ର ମଜୁରିଆ ବେଶି ପଇସା ଦେଇ ମଧ୍ୟ ପ୍ରତିଦିନ ଚାଉଳ କିଣେ। ଲାଭ କରି ନିଜର ଅବସ୍ଥା ଭଲ କରିବ

Digitized by PPRACHIN, SOA

ବୋଲି ପୁଷ ମାସରେ ଏକାଠେଇଁ ଧାନ କିଣି ରଖିପାରେ ନାହିଁ। ଏ ଦେଶ ପ୍ରଜାର ସର୍ବତ୍ର ସେହି ଅବସ୍ଥା।

ପ୍ରାଦେଶିକ ଲାଟସଭା ପାଇଁ ଏବେ ଯେତେ ଲୋକ ଭୋଟ ଦିଅନ୍ତି, ତାହାର ପ୍ରାୟ ଦଶଗୁଣ ଲୋକ ଭୋଟ ଦେବାର ଅଧିକାର ପାଇବା କଥା। ଏଥିପୂର୍ବେ ଲର୍ଡ ଲୋଦିଆନଙ୍କ ସଭାପତିତ୍ୱରେ ଲୋଦିଆନ୍ କମିଟି ନାମକ ଏକ କମିଟି ବସି ଠିକ୍ କରିଥିଲେ। ଶ୍ୱେତପତ୍ର ପ୍ରସ୍ତାବରେ ତାହାହିଁ ହେଲା। ଭାଗ୍ୟର କଥା, ଜଏଣ୍ଟ କମିଟି ରିପୋର୍ଟରେ ତାହା ବିହାର ଓଡ଼ିଶା ଛଡ଼ା ଆଉ କୁତ୍ରାପି କାଟିଦେଇ ନାହାନ୍ତି। ମାତ୍ର ସ୍ୱାୟତ୍ତଶାସନ ପୂର୍ଣ୍ଣ ହେଲେ ଦେଶର ସମସ୍ତ ସାବାଳକ ପ୍ରଜା ଭୋଟ ଦେଇ ଲାଟସଭା ଗଢ଼ିବା ଉଚିତ।

କେନ୍ଦ୍ର ଶାସନ :

ଏ ଗଲା ପ୍ରାଦେଶିକ ଶାସନ ବ୍ୟବସ୍ଥାର କଥା। ବିଲାତ ସରକାରଙ୍କ କହିବା ଅନୁସାରେ ଏହିପରି ପ୍ରଦେଶର ପୂରା ଶାସନ କ୍ଷମତା ଲୋକଙ୍କ ହାତକୁ ଦିଆଯାଉଛି। ଏହାବାଦ ଦିଲ୍ଲୀ ସିମଲାରେ ଚଳୁଥିବା ଭାରତର କେନ୍ଦ୍ର ଶାସନ। ସେ ସମ୍ବନ୍ଧରେ ଶ୍ୱେତପତ୍ର ପ୍ରସ୍ତାବଠାରୁ ବଡ଼ ପ୍ରଭେଦ ହେଉଚି ଲୋକ ପ୍ରତିନିଧିଙ୍କ ଦ୍ୱାରା ଗଢ଼ା ହେଉଥିବା ଲାଟସଭାକୁ ଲୋକେ ସାକ୍ଷାତ୍ ଭାବରେ ସଭ୍ୟ ବାଛିବେ ନାହିଁ। ପ୍ରାଦେଶିକ ଲାଟସଭାର ସଭ୍ୟମାନେ, ମତ ଦେଇ ସେଠାରୁ ସଭ୍ୟ ବାଛି ପଠାଇବେ। ଫଳକଥା, ବଡ଼ଲାଟ ସଭା ବିଷୟ ଲୋକଙ୍କଠାରୁ ଘୋଡ଼ରେ ରହିବ। ଜନସାଧାରଣଙ୍କୁ ସେ ବିଷୟରେ କୌଣସି ପ୍ରକାର ଚିନ୍ତା ଚଳାଇବାର ସୁବିଧା ନ ଦେବାହିଁ ଏ ବ୍ୟବସ୍ଥାର ଉଦ୍ଦେଶ୍ୟ ଥିଲାପରି ଜଣାଯାଏ। ସ୍ୱାୟତ୍ତଶାସନରେ ଏ ବ୍ୟବସ୍ଥା ଗୋଟିଏ ଘୋର ପ୍ରମାଦ ଓ ଅପବାଦ। ଏହା ଛଡ଼ା ଭାରତର କେନ୍ଦ୍ର ଶାସନରେ ଲୋକପ୍ରତିନିଧିଙ୍କର କ୍ଷମତା ମଧ୍ୟ ବିଶେଷ କିଛି ନାହିଁ। ସୈନ୍ୟ ବିଭାଗ ଚିରକାଳପାଇଁ ବିଲାତର 'ହସ୍ତମୁଦି' କରି ରଖା ହେବାର ବ୍ୟବସ୍ଥା ହୋଇଛି। ଆୟ ବ୍ୟୟରେ ବଡ଼ଲାଟ ହିଁ ବସ୍ତୁତଃ ଏକମାତ୍ର ଅଧିକାରୀ ଓ ପରିଚାଳକ ହୋଇ ରହିଛନ୍ତି। ଦେଶର ଅର୍ଥନୀତିରେ ଲୋକପ୍ରତିନିଧିଙ୍କର ଆଇନ କରିବାର ବଳ ନାହିଁ। ସମସ୍ତ ରେଳ ବିଭାଗ ଆଜିଯାଏ ଲୋକପ୍ରତିନିଧିମାନେ ତନ୍ନ ତନ୍ନ କରି ଅନ୍ତତଃ ସମାଲୋଚନା କରୁଥିଲେ। ସେତିକି ମଧ୍ୟ କାଢ଼ି ନେବାପାଇଁ ଆଇନ କରିବାର ବ୍ୟବସ୍ଥା ଅଛି।

ଆଉ ଗୋଟିଏ ବଡ଼ ନୂଆକଥାର ବ୍ୟବସ୍ଥା ଦିଆ ହୋଇଛି। ଭାରତବାସୀର ଆତ୍ମଗଠନ ଓ ଆର୍ଥିକ ଅବସ୍ଥା ଉପରେ ଏହା ଗୋଟିଏ ଘୋର ଆଘାତ। ବିଲାତି ଜିନିଷ ବର୍ଜନ ଆଇନରେ ନିଷିଦ୍ଧ ହେବ। ଏ ଦେଶରେ ଯଥେଚ୍ଛା ବିଲାତି କମ୍ପାନି ବସିପାରିବ। ଏ ଦେଶର ଜାହାଜ ବ୍ୟବସାୟକୁ ବିଲାତି ଜାହାଜ ବ୍ୟବସାୟର ପ୍ରତିଯୋଗିତାରୁ ରକ୍ଷା କରିବା ପାଇଁ କୌଣସି ବ୍ୟବସ୍ଥା କରିହେବନାହିଁ। ଇତ୍ୟାଦି ନାନା ଭାବରେ ବିଲାତକୁ ଏ

Digitized by PPRACHIN, SOA

ଦେଶରୁ ବାଣିଜ୍ୟାଦି ସୂତ୍ରରେ ଧନସ୍ରୋତର ମୁହଁ ମୁକୁଳା କରି ରଖା ହୋଇଛି। ଏ ସବୁ ଜଗିବାର ଭାର ଖୋଦ ବଡଲାଟଙ୍କ ହାତରେ। ଏହା ତାଙ୍କର ହସ୍ତମୁଦି। ଏ ବ୍ୟବସ୍ଥା ଫଳରେ ଚିର ଲୁଣ୍ଠନଗ୍ରସ୍ତ ଭାରତ ଆଉ କେତେଦିନ ଯେ ଆର୍ଥିକ ଭାବରେ ବଞ୍ଚି ରହିବ, ବୁଝାଯାଉନାହିଁ।

ସ୍ୱାୟତ୍ତ ଓ ପରାୟତ୍ତ :

କେନ୍ଦ୍ର ଶାସନ ସ୍ୱାୟତ୍ତ ଓ ପରାୟତ୍ତ ଦୁଇ ଭାଗ ହେବା ବ୍ୟବସ୍ଥା ରହିଛି। ଫଉଜ ପ୍ରଭୃତି ପରାୟତ୍ତ ଭାବରେ ସରକାରୀ ମେମ୍ବର ରହିବେ। ବଡ଼ଲାଟ ତାଙ୍କୁ ଇଚ୍ଛାମତେ ମନୋନୀତ କରିବେ। ବାଣିଜ୍ୟ ବ୍ୟବସାୟ ଡାକ ରେଳ ପ୍ରଭୃତି ପାଇଁ ଲାଟସଭାରୁ ଲୋକପ୍ରତିନିଧି ବଛା ହୋଇ କେତୋଟି ମନ୍ତ୍ରୀ ରହିବେ। ଏହି ମନ୍ତ୍ରୀଗୁଡ଼ିକ କାୟା ନୁହନ୍ତି, ଛାୟା। ବାଣିଜ୍ୟ ବ୍ୟବସାୟ ରେଳ ପ୍ରଭୃତି ସମ୍ବନ୍ଧରେ ଯେଉଁ ହସ୍ତମୁଦି ବ୍ୟବସ୍ଥା କଥା କୁହାଗଲା, ସେଥିରୁ ଏହା ସ୍ପଷ୍ଟ ବୁଝାଯାଉଛି।

ଏବେ ଯେଉଁ ଲାଟସଭା ଗଢ଼ା ହୋଇଛି, ସେଥିରେ ନିର୍ବାଚିତ ମେମ୍ବରମାନେ ଇଂରେଜ ଶାସିତ ଭାରତର ଲୋକଙ୍କ ଭୋଟରେ ବଛା ହୁଅନ୍ତି। କାହିଁରେ କ୍ଷମତା ନ ଥିଲେ ମଧ୍ୟ ରେଳ, ଜାହାଜ, ବାଣିଜ୍ୟ, ବ୍ୟବସାୟ, ଡାକ, ଟେଲିଗ୍ରାମ, ବିଦେଶରେ ଭାରତବାସୀ ତଥା ଆୟ ବ୍ୟୟ ପ୍ରଭୃତି ନାନା ବିଷୟରେ ସେମାନେ ସ୍ୱଚ୍ଛନ୍ଦ ସମାଲୋଚନା କରିପାରନ୍ତି। କିନ୍ତୁ ଏବେ ଯେଉଁ ନୂଆ ବ୍ୟବସ୍ଥା ହେଉଛି, ସେଥିରେ କେବଳ ଇଂରେଜ ଶାସିତ ଭାରତ ଲୋକ ପଠାଇବ ନାହିଁ। ଗଡଜାତ ରାଜ୍ୟର ରାଜାମାନେ ନିଜର ମନମୁତାବକ ଲୋକଙ୍କୁ ପଠାଇ ସେ ସଭାରୁ ପ୍ରାୟ ଛଅଣା ଜାଗା ପୂର୍ଣ୍ଣ କରିବେ। ଏମାନେ କୌଣସି ଲୋକଙ୍କର ପ୍ରତିନିଧି ନୁହନ୍ତି। ଗଡ଼ଜାତ ରାଜାମାନେ ଇଂରେଜ ରାଜ୍ୟର ଅଧସ୍ତ ଲୋକ। ଏ ମେମ୍ବରଯାକ ସେହି ଅଧସ୍ତନଙ୍କର ଅଧସ୍ତନ। କୌଣସି ପ୍ରକାର ସ୍ୱାୟତ୍ତ ଶାସନର ଭାବର ଆଭାସ ସୁଦ୍ଧା ଏତେ ସ୍ତର ଭେଦି ଏମାନଙ୍କୁ ଛୁଇଁପାରିବନାହିଁ। ଇଂରେଜ ସରକାର ଏମାନଙ୍କର ଜୋ ହୁକୁମ୍‌ର ଜୋ ହୁକୁମ୍। ଏବର ବଡ଼ଲାଟ ସଭାରେ ସରକାରଙ୍କ ମନୋନୀତ କେତେଗୁଡିଏ ମେମ୍ବର ଅଛନ୍ତି। ସେମାନଙ୍କ ସଂଖ୍ୟା ସଭାର ମେମ୍ବର ସଂଖ୍ୟାର ତିନି ଚାରିଅଣା ମାତ୍ର। ହେଲେ ହେଁ ଏ ଗଡ଼ଜାତ ମେମ୍ବରମାନେ ସ୍ୱାୟତ୍ତ ଶାସନର ଶୃଙ୍ଖଳା ବୁଝିବା ହିସାବରେ ସେମାନଙ୍କଠାରୁ ଅତି ହୀନତର ହେବା ସମ୍ଭାବନା ସ୍ପଷ୍ଟ।

ବାକି ଦଶଅଣା ମେମ୍ବରଙ୍କୁ ଲୋକେ ଯେବେ ବାଛିଥାନ୍ତେ, ତେବେ ଅବା କେଜାଣି ସେମାନେ ଲୋକଙ୍କ କଥା ମନେ ରଖି କାର୍ଯ୍ୟ କରନ୍ତେ। ରିପୋର୍ଟ ସେଥିରେ ବାଟ ବନ୍ଦ କରିବାର ବ୍ୟବସ୍ଥା କରିଛନ୍ତି। ଲୋକେ ପ୍ରାଦେଶିକ ଲାଟସଭାକୁ ବାଛିଥିବା ପ୍ରତିନିଧିଙ୍କୁ ମନାଇଁ ସେମାନେ କେନ୍ଦ୍ର ଲାଟସଭାକୁ ଯିବେ। ଏଥିରେ ଯାହା ଫଳ ହେବ, ତାହା

Digitized by PPRACHIN, SOA

କହିବା ଦରକାର ନାହିଁ। ଏହାଛଡ଼ା ସାମ୍ପ୍ରଦାୟିକ ଭାଗବଣ୍ଟା ଫଳରେ ସ୍ୱାୟତ୍ତଶାସନର ପୀଠ ଯେପରି ବହୁଧା ବିଦୀର୍ଣ୍ଣ ହୋଇ ରହିଅଛି, ତାହା ବୁଝାଇ କହିବାର ଅବକାଶ ଲୋଡ଼ିବାକୁ ଆମ୍ଭେମାନେ ନାନା କାରଣରୁ ନାରାଜ।

ସମୀକ୍ଷକ ଲାଟସଭା :

କେତେକ ପ୍ରଦେଶରେ ଲୋକପ୍ରତିନିଧି ସଭା ଉପରେ ଆଉ ଗୋଟିଏ ଗୋଟିଏ ସମୀକ୍ଷକ ଲାଟସଭା କରିବାର ବ୍ୟବସ୍ଥା ହୋଇଛି। ଶ୍ୱେତପତ୍ରରେ ଏପରି ବ୍ୟବସ୍ଥା କେବଳ ବଙ୍ଗ, ବିହାର, ଉତ୍ତର ପଶ୍ଚିମ ପ୍ରଦେଶ ପାଇଁ ଥିଲା। ଏବେ ରିପୋର୍ଟରେ ମାନ୍ଦ୍ରାଜ, ବୋମ୍ବେ ଦୁଇଟି ସେଥିରେ ଯୋଡ଼ା ହୋଇଛି। କେନ୍ଦ୍ର ଲାଟ ସଭାରେ ଏହି ଉର୍ଦ୍ଧ୍ୱତନ ଭାଗଟି ଏବେ ଅଛି। ତାହାର ନାମ 'କାଉନ୍‌ସିଲ ଅଫ୍ ଷ୍ଟେଟ'। ନୂତନ ବ୍ୟବସ୍ଥାରେ ସେହିପରି ଗୋଟିଏ ରହିବାର କଥା। କିନ୍ତୁ ଏଠାରେ ତାଙ୍କର କାର୍ଯ୍ୟ ନିମ୍ନତମ ସଭାର କ୍ରିୟାକଳାପର ସମୀକ୍ଷା ବା ପରୀକ୍ଷା ମାତ୍ର ନୁହେ। ସେମାନେ ଲୋକପ୍ରତିନିଧି ନ ହେଲେ ମଧ୍ୟ ସେମାନଙ୍କ କ୍ଷମତା ଲୋକପ୍ରତିନିଧି ସଭାର କ୍ଷମତା ସଙ୍ଗେ ସମାନ ହେବାର ବ୍ୟବସ୍ଥା ହୋଇଛି। ରାଜ୍ୟର ଆୟ ବ୍ୟୟ ସମ୍ବନ୍ଧରେ ଏବେ କାଉନ୍‌ସିଲ ଅଫ୍ ଷ୍ଟେଟର କ୍ଷମତା ନାହିଁ। କିନ୍ତୁ ସେ କ୍ଷମତା ମଧ୍ୟ ତାଙ୍କୁ ଦିଆଯିବାର କଥା ହୋଇଛି। ପୃଥିବୀର ସ୍ୱାୟତ୍ତଶାସନ ପଦ୍ଧତିରେ ଏ ନୂତନ କଦର୍ଯ୍ୟ ବ୍ୟବସ୍ଥା।

ଏପରି ସମୀକ୍ଷକ ବ୍ୟବସ୍ଥାପକ ସଭାମାନ ପୃଥିବୀର ବହୁ ଦେଶରେ ଥିଲା। ଏବେ ସେସବୁ ଉଠିଯାଉଛି। ଇଂଲଣ୍ଡରେ ହାଉସ୍ ଅଫ୍ ଲର୍ଡସ୍ ନାମରେ ଏହା ଅଛି। କିନ୍ତୁ ଶାସନ ପଦ୍ଧତି ବା ଦେଶର ଆୟ ବ୍ୟୟରେ ଏ ହାଉସ୍ ଅଫ୍ ଲର୍ଡସ୍‌ର ଏବେ କିଛିମାତ୍ର କର୍ତ୍ତୃତ୍ୱ ନାହିଁ। ଯାଦୁଘରେ ପ୍ରାଗୈତିହାସିକ ଜୀବକଙ୍କାଳ ସଜାଡ଼ି ରଖିଲା ପରି ରକ୍ଷଣଶୀଳ ଦେଶପ୍ରେମୀ ଇଂରେଜ ଏହି ହାଉସ୍ ଅଫ୍ ଲର୍ଡସ୍‌ଟି ସଜାଡ଼ି ରଖିଛନ୍ତି ମାତ୍ର। କିନ୍ତୁ ଭାରତର କେନ୍ଦ୍ର ସରକାରରେ ଏହିପରି ଗୋଟିଏ ସଭାକୁ ଲୋକପ୍ରତିନିଧି ସଭା ସଙ୍ଗେ ସମାନ ଅଧିକାର ଦେବାର ବ୍ୟବସ୍ଥା ହୋଇଛି। ଦେଶର ଆୟ ବ୍ୟୟ ପ୍ରଭୃତି ସବୁଥିରେ ଏମାନଙ୍କର ସମାନ ଅଧିକାର ରହିବ। ଲୋକପ୍ରତିନିଧିର ଶାସନ ଏ ପ୍ରଣାଳୀରେ ବିକାଶ ପାଇବ ନାହିଁ- ଏହା ବିଶେଷଜ୍ଞମାନଙ୍କର ମତ।

ସାମ୍ପ୍ରଦାୟିକ ଭାବ ଜାଗ୍ରତ ରଖିବାର ଉଦ୍ୟମ ସର୍ବତ୍ର କରାଯାଇଛି ବୋଲି ମନେ ହୁଏ। ଭାରତର ବର୍ତ୍ତମାନ ସାମାଜିକ ଓ ରାଜନୀତିକ ପରିସ୍ଥିତିରେ ସାମ୍ପ୍ରଦାୟିକ ଭାବ ଅଛି, ଏହା ସତ୍ୟ କଥା, କିନ୍ତୁ ଦେଶର ସ୍ୱାୟତ୍ତଶାସନ ବ୍ୟବସ୍ଥା କଲାବେଳେ ଯୁକ୍ତି-ଯୁକ୍ତବିଧାନ ଦ୍ୱାରା ସେ ଭାବ କମାଇବା ଦିଗରେ ବହୁତ କରାଯାଇପାରେ; ତାହା କରା ନ ହୋଇ ବରଂ ସେ ଭାବ ବଢାଇବା ଉଦ୍ୟମ ହୋଇଥିବାର ଆଶଙ୍କା ହୁଏ। କେନ୍ଦ୍ରର ବ୍ୟବସ୍ଥାପକ

Digitized by PPRACHIN, SOA

ସଭା ଲୋକଙ୍କ ଭିତରୁ ପ୍ରତିନିଧି ବାଛି ଗଢ଼ିବାରେ ଅସୁବିଧା ହେବ ବୋଲି ପ୍ରାଦେଶିକ ବ୍ୟବସ୍ଥାପକ ସଭାର ମେମ୍ବରମାନଙ୍କ ଦ୍ୱାରା ନିର୍ବାଚନରେ ଏହା ଗଢ଼ା ହେବାର ବ୍ୟବସ୍ଥା ହୋଇଛି। Single transferable Vote ବୋଲି ଗୋଟିଏ ବିଧି ଅଛି। ସେଥିରେ ଶହେ ଜଣ ଭିତରୁ ଦଶଜଣ ବାଛିବାର କଥା ହେଲେ କୌଣସି ଗୋଟିଏ ଲୋକକୁ ଶହେ ଜଣରୁ ଏଗାର ଜଣ ଭୋଟ ଦେଲେ ସେ ନିଶ୍ଚୟ ନିର୍ବାଚିତ ହୋଇଯିବ। ଅତଏବ ଏହି ବିଧିରେ ଭୋଟ ନିଆହୋଇ ନିର୍ବାଚନ କରାହେଲେ କୌଣସି ଦଳ ବା ମତର ଲୋକ ବାଦପଡ଼ିବେ ନାହିଁ। ତଥାପି ଏତିକିରେ ସନ୍ତୁଷ୍ଟ ନ ହୋଇ କମିଟି ରିପୋର୍ଟରେ ବ୍ୟବସ୍ଥା କରିଛନ୍ତି, କେନ୍ଦ୍ର ସଭାକୁ ଏହିପରି ନିର୍ବାଚନ କରିବାରେ ମଧ ପ୍ରଦେଶ ସଭା ସାମ୍ପ୍ରଦାୟିକ ଭାଗ ହିସାବରେ ନିଜ ନିଜ ସମ୍ପ୍ରଦାୟରୁ ଲୋକଙ୍କୁ ଭୋଟ ଦେଇ ପଠାଇ ପାରିବେ। ସମ୍ପ୍ରଦାୟକୁ ମିଶାମିଶି କରି ଭୋଟ ଦିଆଇ କେନ୍ଦ୍ରସଭା ଗଢ଼ିବାର ସୁବିଧା ଏଠାରେ ଯଥେଷ୍ଟ ଥିଲା। ତାହାର ସୁବିଧା ନିଆ ହୋଇନାହିଁ। ଏକେ ଅସାକ୍ଷାତ୍ ନିର୍ବାଚନ, ସେଥିରେ ପୁଣି ଅଯଥା ସାମ୍ପ୍ରଦାୟିକତାର ଆରୋପ। ଏ ଦୁଇଟି ମଧରେ କେନ୍ଦ୍ରସଭା ଗଠନର ବ୍ୟବସ୍ଥା ନିତାନ୍ତ ଲୋକ ଦେଖାଣିଆ ହୋଇଛି ମାତ୍ର।

ନବ ଭାରତ-୧/୬, ଆଲୋଚନା

ଭାରତ ସୈନ୍ୟ ବିଭାଗପାଇଁ ନୂତନ ଆୟ

ସ୍ଥଳସେନା ଓ ନୌସେନାର ବ୍ୟବସ୍ଥା ପାଇଁ ଏବେ ଯୋଡ଼ିଏ ଆଇନ ଭାରତୀୟ ବ୍ୟବସ୍ଥା ପରିଷଦରେ ସରକାର ପାଶ୍ କରାଇ ନେଲେ। ମୋଟାମୋଟି ଏଥିରେ ଏହି ବ୍ୟବସ୍ଥା ହେଲା ଯେ, ଯେଉଁ ଭାରତୀୟମାନେ ସେନାଦଳମାନଙ୍କର ଅଧକ୍ଷ (officers) ପଦ ପାଇବେ ସେମାନଙ୍କ ତଳେ ଖାଲି ଭାରତୀୟ ସେନା ରହିବେ। କୌଣସି ଗୋରା ସୈନ୍ୟଦଳରେ କିମ୍ବା ଯେଉଁ ସୈନ୍ୟଦଳରେ ଗୋରା ସୈନ୍ୟ ଥିବେ ସେଠାରେ, କେହି ଭାରତୀୟ ଅଫିସର ହୋଇପାରିବେ ନାହିଁ। ଅବଶ୍ୟ କଳା ଭାରତୀୟ ସୈନ୍ୟଙ୍କ ଉପରେ ଗୋରା ଅଫିସର ରହୁଥିଲେ, ଏବେ ମଧ ରହିବେ।

ଦେଶର ସ୍ୱାୟତ୍ତ ଶାସନ ପାଇଁ ନିଜ ଦେଶର ଲୋକେ ଦେଶ ରକ୍ଷା କରିବାର ଭାର ନେବା ନିତାନ୍ତ ଲୋଡ଼ା। ମାତ୍ର ସରକାର ଏ ଦେଶ ଲୋକଙ୍କୁ ସୈନ୍ୟ ବିଭାଗ ଚାଳନା କରିବା ସୁବିଧା କେବେ ଦେଉ ନଥିଲେ। ବହୁ ଆନ୍ଦୋଳନ ପରେ ଏବେ ଡେରାଡୁନରେ ଯୁଦ୍ଧ ଶିକ୍ଷା ପାଇଁ ଗୋଟିଏ କଲେଜ୍ ସରକାର ବସାଇଛନ୍ତି। ସେଥିରେ ସମୁଦ୍ରକୁ ଶଙ୍ଖେ ପଣାପରି କେତେଜଣ ମାତ୍ର ଅଫିସର ତିଆରି ହୋଇ ବାହାରିବେ। ଦେଶ ଲୋକେ ଆଶା କରିଥିଲେ, ଆଉ କିଛି ନ ହେଉ, ଅନ୍ତତଃ କଳା ଅଫିସରଗୁଡ଼ିକ ଗୋରାଙ୍କ ସଙ୍ଗେ ସମାନ ଅଧିକାର ପାଇବେ। କିନ୍ତୁ ତାହା ହେଲା ନାହିଁ। ଆଇନ କରି ସ୍ପଷ୍ଟ ଭାବରେ

Digitized by PPRACHIN, SOA

ତାହା ବନ୍ଦ କରି ଦିଆହେଲା। କଳାମାନେ ସବୁବେଳେ ବୁଝିବେ ଗୋରାଙ୍କ ପରି ସେନା ଚଳାଇବାରେ ତାଙ୍କର ଦକ୍ଷତା ନାହିଁ। ଭାରତ ସ୍ୱାୟତ୍ତ ଶାସନରେ ଏ ଏକ ଘୋର ଅନ୍ତରାୟ। ଭାରତବାସୀ ଉପଯୁକ୍ତ ହେଲେ ନିଜେ ନିଜର ସ୍ୱାୟତ୍ତ ଶାସନ ଚଳାଇବେ ବୋଲି ସରକାର କହନ୍ତି। କିନ୍ତୁ ଭାରତବାସୀଙ୍କୁ ଉପଯୁକ୍ତ ହେବାପାଇଁ କୌଣସି ସୁବିଧା ଦିଆଯାଉନାହିଁ। ଏହାହିଁ ଇଂରେଜ ରାଜନୀତି।

ଏହି ସମ୍ପର୍କରେ ଆଉ ଗୋଟିଏ କଥା ଜାଣିରଖିବା ଉଚିତ। ଏ ଦେଶ ସୈନ୍ୟମାନେ ଭଲ କାମ ଦେଖାଇଲେ ତାଙ୍କର ପଦୋନ୍ନତି ହେଉଥିଲା। ଗୋରାଙ୍କ ତଳେ ରହି ଛୋଟ ଛୋଟ ଅଫିସର ପରି ସେମାନେ କାମ କରୁଥିଲେ। ଗୋରା ଅଫିସରମାନଙ୍କୁ କୁହାଯାଉଥିଲା (King's commission) ବା ଇଂଲଣ୍ଡ ରାଜାଙ୍କଦ୍ୱାରା ନିଯୁକ୍ତ ଅଫିସର। ପଦୋନ୍ନତି ପାଉଥିବା ଛୋଟ କଳା ଅଫିସରମାନଙ୍କୁ କୁହାଯାଉଥିଲା (Viceroy's commission) ବା ବଡ଼ଲାଟଙ୍କ ଦ୍ୱାରା ନିଯୁକ୍ତ ଅଫିସର। ଏବେ ବଡ଼ଲାଟଙ୍କ ଅଫିସର ପଦଟି ଉଠାଇ ଦେବାର ସ୍ଥିର ହେଲା, ଫଳରେ ହେଲା ଡେରାଡୁନରୁ ଯେଉଁମାନେ ରାଜାଙ୍କ ନିଯୁକ୍ତ ଅଫିସର ସଙ୍ଗେ ସମାନ ଶିକ୍ଷା ଓ ବିଚକ୍ଷଣତା ଧରି ବାହାରିବେ ସେମାନଙ୍କ ପାଇଁ ବଡ଼ଲାଟ ଅଫିସରଙ୍କ ପଦଗୁଡ଼ିକ ଖାଲି ରଖାହେଲା। ଡେରାଡୁନ୍‌ରେ ଯୁଦ୍ଧ ଶିକ୍ଷା କଲେଜ ହେବାରୁ ଏ ଦେଶ ଲୋକେ ବହୁତ ଆଶା କରିଥିଲେ। କିନ୍ତୁ ଖାଲି ଆଶାଗୁଡାଏ କରି ଫଳ କ'ଣ ?

ନବ ଭାରତ-୧/୪, ଆଲୋଚନା

ଆବିସିନିଆକୁ ସେନା ପ୍ରେରଣ

ଆବିସିନିଆ ଓ ଇଟାଲି ମଧ୍ୟରେ କେତେ କାଳ ହେଲା ଯୁଦ୍ଧ ହେବାର ସୂଚନା ମିଳୁଛି । ଯୁଦ୍ଧ ହେବ କି ନ ହେବ ଠିକ୍ ନାହିଁ । ଯୁଦ୍ଧ ହେଲେ ତାହା ଫଳରେ ଆବିସିନିଆରେ ଇଟାଲୀର ଆଧିପତ୍ୟ ଦୃଢ ହେଲେ ଇଂରେଜ ରାଜ୍ୟର କ୍ଷତି ହେବାର ଆଶଂକା ଅଛି। ସେଥିପାଇଁ ଇଂରେଜ ଏ ଯୁଦ୍ଧୋଦ୍ୟମରେ କି ଆଭିମୁଖ୍ୟ ନେବେ ତାହା ସ୍ପଷ୍ଟ ଜଣାପଡିନାହିଁ । ଇଂଲଣ୍ଡ ଏ ବିଷୟରେ ଖର୍ଚ୍ଚ କରିବାକୁ ରାଜି ହେବ କି ନାହିଁ, ତାହା ମଧ୍ୟ କେହି ଜାଣନ୍ତି ନାହିଁ । କିନ୍ତୁ ସେ ଦିନ ଭାରତ ସରକାର ଏ ଦେଶରୁ ପଂଝାଏ ସୈନ୍ୟ ଆବିସିନିଆର ରାଜଧାନୀ ଆଦିସ୍ ଆବେବାକୁ ସେଠାରେ ପୂର୍ବରୁ ରହିଥିବା ଇଂରେଜ ସେନାଙ୍କୁ ପୁଷ୍ଟ କରିବା ପାଇଁ ପଠାଇ ଦେଲେ । ଏହା ପଠାଇଲା ବେଳେ ଏ ଦେଶରେ ଲାଟ ସଭା ସଙ୍ଗେ ପରାମର୍ଶ କରିବାରେ କୌଣସି କଳ୍ପନା ଥିବାର ଜଣାଶୁଣା ନାହିଁ । ଯଦି ଆବିସିନିଆରେ ଇଂରେଜ ସୈନ୍ୟଙ୍କ ବଳବୃଦ୍ଧି କରିବାର ଦରକାର ହେଲା, ତେବେ ଇଂଲଣ୍ଡର ଖର୍ଚ୍ଚରେ ସେହି ଇଂଲଣ୍ଡକୁ ସେନା ଆସିବାର କଥା । ଇଂଲଣ୍ଡରୁ ନ ଆଣି ଦକ୍ଷିଣଆଫ୍ରିକା ପ୍ରଭୃତି ଉପନିବେଶମାନଙ୍କୁ ମଧ୍ୟ ଆଦିସ ଆବେବାକୁ ସେନା ପଠାଇବା

Digitized by PPRACHIN, SOA

ନିମନ୍ତେ ଅନୁରୋଧ କରାଯାଇ ପାରିଥାନ୍ତା କିନ୍ତୁ ତାହା ହେଲେ ଖର୍ଚ୍ଚ ଇଂଲଣ୍ଡକୁ ଦେବାକୁ ପଡିବ । ଭାରତରୁ ଏବେ ଯେଉଁ ସେନା ଯାଇଛନ୍ତି ତାଙ୍କର ଖର୍ଚ୍ଚ କିଏ ଦେବ ପ୍ରକାଶ ପାଇନାହିଁ । ପୂର୍ବେ ଏପରି ଅନେକ ଘଟଣାରେ ଯାହା ଦେଖାଯାଇଛି ସେଥିରେ ଇଂଲଣ୍ଡର ସାକ୍ଷାତ ସ୍ୱାର୍ଥ ରକ୍ଷା କରିବାରେ ଭାରତର ଧନଜନ ଏହିପରି ଜୋର ଜବରଦସ୍ତିରେ ବ୍ୟୟ କରାଯାଇଛି । ଆଜି ୧୯୩୫ ଖ୍ରୀଷ୍ଟାବ୍ଦରେ ପୁଣି ବିଶେଷରେ ଭାରତକୁ ସ୍ୱାୟତ୍ତ ଶାସନରେ ଚକେ ଛ ଆଙ୍ଗୁଳି ଉପରକୁ ଟେକିବାର ବାହାନା କଲାବେଳେ ଯଦି ଏପରି ଭାରତର ଧନଜନ ଆବିସିନିଆ ପାଇଁ ପହିଲୁ ଖର୍ଚ୍ଚ କରିବାର କଳ୍ପନା ହୁଏ, ତେବେ ଭାରତ ନାଚାର ! ସରକାରଙ୍କର ଏଇଭଳି କାର୍ଯ୍ୟ ସବୁରେ ଭାରତବାସୀ ନାନା ଭାବରେ ତୀବ୍ର ପ୍ରତିବାଦ କରି ଭାରତ ଧରାତଳକୁ ବାରମ୍ବାର ମୁଖରିତ କରିଅଛି । ଭାରତ ବାସୀଙ୍କର ଏ ମୁଖରତାରେ କେବେ କୌଣସି ଫଳ ଫଳିଚି ବୋଲି ମନେ ହେଉନାହିଁ । ତଥାପି ଆଶା କରୁ ଲାଟ ସଭାରେ ଅତି ଶୀଘ୍ର ଏ ବିଷୟରେ ତର୍କ ଉଠିବ । ତର୍କର ଫଳ ଯାହା ହେଉ ଅନ୍ତତଃ ଦେଶଲୋକେ ଏ କାର୍ଯ୍ୟର ଫଳ କଣ ହେବ ଜାଣନ୍ତୁ, ବୁଝନ୍ତୁ । (୧/୯/୧୯୩୫)

ନବଭାରତ- ୨/୩, ଆଲୋଚନା

ଭାରତ ଆବିସିନିଆକୁ ସାହାଯ୍ୟ କରିବା ଉଚିତ କି ?

ଇଟାଲି ଆବିସିନିଆ ସଙ୍ଗେ ଯୁଦ୍ଧ କରିବ, ଏକଥା ଶୁଣୁଶୁଣୁ ଭାରତବାସୀଙ୍କ ମନ ଆବିସିନିଆ ପଟକୁ ଆଉଜି ଗଲା । ଯିବା ସ୍ୱାଭାବିକ । ଏ ପୃଥିବୀରେ ଗୋରାଙ୍କ ଉପଦ୍ରବରେ ସବୁ କଳା ଏକାକାର । କଥାଟାକୁ ସ୍ପଷ୍ଟ କରିଦେବା ପାଇଁ ଏତେ ଦିନ ପରେ ଇଟାଲିର ଭାଗ୍ୟବିଧାତା ମୁସୋଲିନି କହି ପକାଇଲେ "ଆବିସିନିଆବାସୀଙ୍କ ପରି କଳା ଲୋକଙ୍କର ପୁଣି ଗୋଟାଏ ଅଧିକାର କ'ଣ ? ଗୋରାଙ୍କ କଛରେ ତାଙ୍କୁ ତୁଳି ଆନ୍ତର୍ଜାତିକ ସଂଘରେ ବିଚାର କରିବାର ସମୀଚୀନତା କେଉଁଠାରେ ?' ସଙ୍ଗେ ସଙ୍ଗେ ଆନ୍ତର୍ଜାତିକ ସଂଘର ସଭ୍ୟ ଭାରତରେ ଥିବା ଲୋକଙ୍କର ପ୍ରାଣ ଚହଲି ଗଲା । ଭାରତର ପ୍ରାଣ କୌଣସି ସ୍ୱତନ୍ତ୍ର କର୍ମର ଉପଯୋଗୀ ନୁହେଁ । ସେ ଚହଲିବା ବସିବା ବା ପାଣି ଫାଟିବାରେ ପୃଥିବୀରେ କାହାରି କିଛି ଯାଏ ଆସେ ନାହିଁ । ପ୍ରାଣର ପ୍ରତିଷ୍ଠିତ ଭାବରେ ବ୍ୟାକୁଳ ହୋଇ ଭାରତ ଆବିସିନିଆକୁ ସାହାଯ୍ୟ ଦେବ ବୋଲି ଘରେ ଲମ୍ଫ ଝମ୍ଫ କରିପାରେ । କିନ୍ତୁ ଭାରତବାସୀ ସ୍ୱତନ୍ତ୍ର ଭାବରେ ଆବିସିନିଆ ପରି କୌଣସି ଦେଶର ଆଭ୍ୟନ୍ତରୀଣ ଅବସ୍ଥା ଯଥାର୍ଥ ଅନୁସନ୍ଧାନ ଓ ବିଚାରରେ ଆଣି ନିଜର କର୍ତ୍ତବ୍ୟ ସ୍ଥିର କରିପାରିବେ କି ? ସେ ଅଧିକାର ଭାରତବାସୀଙ୍କର ଅଛି କି ? ଅଳ୍ପଦିନ ତଳେ ଶ୍ରୀଯୁକ୍ତ ସୁଭାଷ ବୋଷ ଇୟୁରୋପରେ ଥାଇ ଏଇ ସମ୍ବନ୍ଧରେ ଭାରତବାସୀଙ୍କ ପାଇଁ ଗୋଟିଏ ଇସ୍ତାହାର ପ୍ରକାଶ କରିଥିଲେ । ସେ ସେଥିରେ କହିଥିଲେ, ଇଟାଲୀ ଜିଣନ୍ତୁ ବା ହାରନ୍ତୁ

Digitized by PPRACHIN, SOA

ଆବିସିନିଆର ସ୍ୱାଧୀନତା ମରି ରହିଛି । ସେ ମୃତ୍ୟୁରୁ ତାକୁ ଉଠାଇବାର ବଳ କାହାରି ନାହିଁ । ହୁଏତ ଆବିସିନିଆ ଇଟାଲିର ହେବ ନହେଲେ ଅନ୍ୟ କୌଣସି ଗୋରା ଜାତିର ଅଧସ୍ତନ ଓ ଅଧୀନ ହୋଇ ରହିବ । ଆବିସିନିଆର ଏ ଭାଗ୍ୟ ଲିପି କେହି ଲିଭାଇ ପାରିବେ ନାହିଁ । ଏପରି ସ୍ଥଳେ କେତେକ ଭାରତୀୟଙ୍କ ର ପ୍ରାଣର ପ୍ରତିଷ୍ଠିତ ଭାବର ସୁବିଧା ଘେନି ଭାରତକୁ ଆବିସିନିଆ ପକ୍ଷରେ ଲଢାଇବାର କୌଣସି ପ୍ରୟୋଜନ ନାହିଁ । ଦୁର୍ବଳର ସ୍ୱାଧୀନତା ରକ୍ଷା ପାଇଁ ଭାରତ ସ୍ୱତନ୍ତ୍ର ବିଚାର କରି ଲଢ଼ି ପାରେ । କିନ୍ତୁ ଏ କ୍ଷେତ୍ରରେ ତାହା ନୁହେଁ । ବାସ୍ତବରେ ଭାରତ ଚିରୁଗୁଣୀ ନିଆଁ ଦେଖି ବରାବର କୁହୁଡି ପହଁରି ଆସିଛି । ଆଉ ରାସାୟନିକ ପ୍ରକ୍ରିୟାରେ ତା ପାଇଁ ଚିରୁଗୁଣୀ ନିଆଁ ତିଆରି କରି ତାକୁ ଭୁଲାଇବାର ଉଚିତ୍ ନୁହେଁ । ଭାରତ ମଧ ଅସମ୍ୟକ୍ ଦର୍ଶିତାରେ ପ୍ରାଣର ଭାବକୁ ଅଯଥା ପ୍ରଦୀପ୍ତ କରିବାରୁ କ୍ଷାନ୍ତ ହେବା ଉଚିତ୍ ।

ନବ ଭାରତ-୨/୪, ଆଲୋଚନା

ନୂଆ ବଡ଼ଲାଟଙ୍କ ନୂଆ ରୀତି

ଲର୍ଡ଼ ଏରଉଇନ୍ ଯେତେବେଳେ ପ୍ରଥମେ ବଡ଼ଲାଟ ହୋଇ ଆସିଥିଲେ, ସେତେବେଳେ ସେ ଏ ଦେଶର କୃଷି ଓ କୃଷକର ଅବସ୍ଥା ପର୍ଯ୍ୟବେକ୍ଷଣ ଓ ତଦନୁରୂପ କ୍ରିୟା ବିଧାନ ନିମନ୍ତେ ଗୋଟିଏ ରାଜମନୋନୀତ କମିଟି ସଙ୍ଗରେ ଘେନି ଆସିଥିଲେ। ଏବର ବଡ଼ଲାଟ୍ ଲିନ୍‌ଲିଥ୍‌ଗୋ ସେହି କମିଟିର ଅଧକ୍ଷ ଥିଲେ । ଏବର କୃଷି ଓ କୃଷକ ସମ୍ବନ୍ଧରେ ଲିନ୍‌ଲିଥ୍‌ଗୋଙ୍କ ଅଧିନାୟକତ୍ୱରେ ସେହି କମିଟି ଗୋଟିଏ ସୁନ୍ଦର ଅନୁସନ୍ଧାନ କରି ଗୋଟିଏ ସୁଚିନ୍ତିତ ରିପୋର୍ଟ ଲେଖିଥିଲେ। ଏବେ ବଡ଼ଲାଟ୍ ହୋଇ କୃଷି ଓ କୃଷକମାନଙ୍କ ବିଷୟରେ ସେ ଯେଉଁ ଜ୍ଞାନ ଓ ମମତା ଅର୍ଜିଥିଲେ, ତାହା କାର୍ଯ୍ୟରେ ଲଗାଇବାର ମନସ୍ଥ କଲାପରି ଜଣାପଡ଼େ । ବଡ଼ ସୁଖର କଥା । ଭାରତ କୃଷିର ଦେଶ । ଗ୍ରାମେ ଗ୍ରାମେ ବୁଲି ଗ୍ରାମଲୋକଙ୍କ ଅବସ୍ଥା ଅନୁସନ୍ଧାନ କରି ବ୍ୟବସ୍ଥା ବିଚାର କରିବା ଆଜିଯାଏ କୌଣସି ବଡ଼ଲାଟ୍ କରିନଥିଲେ । ଦେଶର ଆର୍ଥିକ ସମସ୍ୟା ଦିଗରେ ଏ କ୍ଷେତ୍ରରେ ଲୋକଙ୍କର କିଛି ଯଥାର୍ଥ କାର୍ଯ୍ୟ ହେବ ବୋଲି ଆଶା କରିବାର ମଧ ଯଥାର୍ଥ କାରଣ ଥିଲା । ମାତ୍ର ଯେପରି ଦେଖାଯାଉଚି, ଏ ଦେଶର ଶାସନଚକ୍ର ବା ଶାସକଚକ୍ରରେ ପଡ଼ି ବଡ଼ଲାଟଙ୍କ ଏ ସାଧୁ ଓ ସ୍ୱାଭାବିକ ଉଦ୍ୟମ କେବଳ ଯେ ପଣ୍ଡ ହେବ ତାହା ନୁହେଁ, ଏହା ବରଂ ଏ ଦେଶର ଆର୍ଥିକ ସମସ୍ୟା ନିଷ୍ପତ୍ତିରେ ଯୁକ୍ତିର ଅନବସ୍ଥାର ଧାରା ବଢ଼ାଇବ ।

ସେଦିନ କାଗଜରେ ପଢ଼ିଥିଲୁ, ବଡ଼ଲାଟ ବନାରସ ପାଖେ ଗ୍ରାମ ଦେଖିବାକୁ ଯିବେ। ସେଥିପାଇଁ ଆଗରୁ ସୁନାପୁଅ କର୍ମଚାରୀମାନେ ଲୋକଙ୍କୁ ଶିଖାଇ ବଡ଼ଲାଟଙ୍କୁ

Digitized by PPRACHIN, SOA

ଯାହା ଦେଖାଇବାକୁ ହେବ ତାହାର ଏକ ନାଟକ ଅଭିନୟର ପୂର୍ବରଙ୍ଗ ଆରମ୍ଭ କରିଥିଲେ। ଏବେ ରାଞ୍ଚିରୁ ଅମୃତବଜାର ପତ୍ରିକାଙ୍କ ସମ୍ବାଦଦାତା ଲେଖିଛନ୍ତି -

"ଲର୍ଡ ଲିନ୍‌ଲିଥ୍‌ଗୋ ଏଠାରେ କେତେକ ଗ୍ରାମ ଦେଖୁଛନ୍ତି । ପୂର୍ବରୁ ନାଟକ ଅଭିନୟ ପାଇଁ ଶିଖାଇଲା ପରି ଲୋକଙ୍କୁ ଶିଖାଇ ରଖାଯାଇଚି । କେତେକ କୃଷକ ବଛା ହୋଇ କଣ କହିବେ, ଶିଖି ଠିକ୍ ଅଛନ୍ତି। କୃଷକଙ୍କ ଅବସ୍ଥା ସମ୍ବନ୍ଧରେ ସେମାନେ ଯାହା କହିବେ, ପ୍ରକୃତ ଦୂରବସ୍ଥାର ସୂଚନା ସେଥିରେ ନାହିଁ । ଯେଉଁମାନେ ବଡ଼ଲାଟଙ୍କୁ ସ୍ୱାଗତ କରିବେ, ସେମାନେ ମଧ ବଛା ହୋଇ ଠିକ୍ ଥିଲେ। ସ୍ପଷ୍ଟ କଥାବାର୍ତ୍ତା ହେବା ପାଇଁ ଆମ୍ଭେମାନେ ପ୍ରସ୍ତୁତ ଥିଲୁ। କିନ୍ତୁ ଖାଲି କରମର୍ଦ୍ଦନ, ଚା ଓ ରାଜା ମହାରାଜାଙ୍କ ସଙ୍ଗେ ଦୁଇ ଚାରି କଥା ଛଡ଼ା ଆଉ କିଛି ଦେଖିଲୁ ନାହିଁ। ଲର୍ଡଲିନ୍‌ଲିଥ୍‌ଗୋଙ୍କ ମନ କିନ୍ତୁ ମାନିଲା ପରି ଜଣାଯାଉନଥିଲା।"

କେବଳ ରାଞ୍ଚି ବନାରସରେ କାହିଁକି, ଆମ ସୁନାପୁଅ କର୍ମଚାରୀଙ୍କର ସର୍ବତ୍ର ଏହା ହିଁ ଗତ । ବଡ କର୍ମଚାରୀ ଭିତରର ଅବସ୍ଥା ଦେଖି ଜାଣିବାକୁ ଉଦ୍ୟମ କଲେ ମଧ ଚକ୍ରବ୍ୟୂହ ଭିତରୁ ବାହାରି ସେ ତାହା କରିପାରିବା ଦୂରୂହ ବ୍ୟାପାର। ଏଥିରେ ଫଳ ଅଗ୍ରେ ଧାବତି ଧାବତି ।

ନବ ଭାରତ-୩/୨, ଆଲୋଚନା

ଏବର୍ଷ ଭାରତ ସରକାରଙ୍କ ଅର୍ଥ ବ୍ୟବସ୍ଥା

ସାକ୍ଷାତ୍ ଓ ଅସାକ୍ଷାତ କର -

ବର୍ଷକୁ ବର୍ଷ ମାର୍ଚ୍ଚ ମାସରେ ଭାବୀବର୍ଷ ପାଇଁ ଭାରତ ସରକାରଙ୍କର ଅର୍ଥ ବ୍ୟବସ୍ଥା କରାହୁଏ । ହିସାବରେ ଜମାକୁ ଖର୍ଚ୍ଚ କମିଲେ ଖଜଣା ଛାଡ଼ ହୁଏ, ବଢ଼ିଲେ ନୂଆ ଟିକସ ବସେ । ଲୁଣ ଟିକସ୍, ପୋଷ୍ଟକାର୍ଡ ପ୍ରଭୃତିର ଡାକମାହାସୁଲ, ଆୟକର ପ୍ରଭୃତି ଏଇ ଅର୍ଥ ବ୍ୟବସ୍ଥାରେ ବର୍ଷକ ପାଇଁ ନୂଆ କରାହୁଏ । ସେଥିରେ ମଧ କମି ବେଶି କରାହେବାର କଥା । ମାତ୍ର ଗତ ତିନିବର୍ଷ ଭିତରେ କେବଳ ବଡ଼ ଓ ମଧବିତ୍ତ ଲୋକଙ୍କ ଉପରୁ କେତେକ ଆୟକର କାଟିବା ଛଡ଼ା ଆଉ କିଛି ସେ ଦିଗରେ ହୋଇନାଇଁ । ଲୁଣ ଟିକସ ଛାଡ଼ିବା ବା କମାଇବା ପାଇଁ ବ୍ୟବସ୍ଥାସଭା ବରାବର ସୁଧାର ପ୍ରସ୍ତାବ ପାଶ୍ କଲେ ମଧ ସରକାର ଜବରଦସ୍ତି କରି ପୁଣି ତାହା ରଖୁଚନ୍ତି । ସେଇପରି ପୋଷ୍ଟକାର୍ଡର ମୂଲ୍ୟ ଦୁଇପଇସା କରିବା ପାଇଁ ଲୋକପ୍ରତିନିଧି ମାନେ ପ୍ରସ୍ତାବ ପାଶ୍ କରୁଚନ୍ତି । କିଛି ଫଳ ହେଉନାଇଁ । ଫଳ କଥା ଗରୀବ ଉପରୁ ଅସାକ୍ଷାତ୍ କର ଉଠାଇବାର କିଛି ବ୍ୟବସ୍ଥା ସରକାର କରୁନାହାନ୍ତି । ପୁଣି ଦରକାର ପଡ଼ିଲେ ଅଧିକ ଅସାକ୍ଷାତ୍ କର ବସାଉଚନ୍ତି । ଆୟକର (Income Tax) ଭଳି ସାକ୍ଷାତ୍ କରକୁ ସରକାରଙ୍କର ଯେପରି କି ଡର। କାରଣ, ସରକାର

Digitized by PPRACHIN, SOA

ହୁଏତ ଜାଣନ୍ତି, ଏ ଦେଶର ଦରିଦ୍ର ଜନସାଧାରଣଙ୍କର ଚେତନା ନାହିଁ । ସରକାରଙ୍କ ଛଡ଼ା, ଏମାନଙ୍କର ଆଉ 'ମା' ବାପ' କେହି ନାହିଁ । ତାଙ୍କୁ ଶୋଷିଲେ କିଛି ଭୟ ନାହିଁ । ଇଂଲଣ୍ଡ ପ୍ରଭୃତି ଦେଶରେ କିନ୍ତୁ ଦେଶର ସମସ୍ତ ଆୟରୁ ପ୍ରାୟ ଅଧେ ସାକ୍ଷାତ୍ କର । ଏ ଦେଶରେ ସାକ୍ଷାତ୍ କର ସମସ୍ତ ଆୟରୁ ପାଞ୍ଚ ଭାଗରୁ ଭାଗେ ମଧ୍ୟ ନୁହେଁ ।

ଏ ବର୍ଷ ନୂଆ ଅସାକ୍ଷାତ୍ କର -

ମାତ୍ର ସେସବୁ ଆଲୋଚନା କରିବା ପାଇଁ ଏଠାରେ ଯଥେଷ୍ଟ ଅବକାଶ ନାହିଁ । ଏବର୍ଷ ଯେଉଁ ଅତି ନୂଆ କଥାଟି ହୋଇଚି, ତାହାର ସୂଚନା ଟିକିଏ ଏଠାରେ ଦେବାର ଉଦ୍ଦେଶ୍ୟ। ସେ ନୂଆ କଥାଟି ହେଉଚି, ଚିନି ଉପରେ ଏକ ହନ୍‌ଡ୍ରେଡ୍‌ଓଏଟ୍ ବା ପ୍ରାୟ ଦେଢ଼ ମହଣ ଉପରେ ୨ ଟଙ୍କା ଟିକସ ।

ଚିନି ଶୁଳ୍କ -

ଏଇ ନୂଆ ଟିକସଟି କଥା କହିବା ପୂର୍ବରୁ ଚିନି ଟିକସର ଟିକିଏ ସଂକ୍ଷିପ୍ତ ଇତିହାସ କହିଦେଲେ ଭଲ ହେବ । ପୂର୍ବେ ଏ ଦେଶରେ ବଡ଼ ଅଳ୍ପ ଚିନି ତିଆରି ହେଉଥିଲା । ପ୍ରାୟ ସବୁ ଚିନି ଏ ଦେଶକୁ ଜାଭାରୁ ଆସୁଥିଲା । ପ୍ରାୟ ଦଶବର୍ଷ ହେଲା ସରକାର ଏ ଦେଶରେ ଚିନି ତିଆରି କରାଇବା ମାନସରେ ଜାଭା ଓ ଅନ୍ୟ ବିଦେଶାଗତ ଚିନି ଉପରେ ଗୋଟିଏ ଟିକସ୍ ବସାଇବାକୁ ବଡ଼ କଷ୍ଟରେ ମଙ୍ଗିଲେ । ହିସାବ କରି ଦେଖାଗଲା, ଉପରେ କୁହାଯାଇଥିବା ମାପରେ ପ୍ରାୟ ଦେଢ଼ ମହଣ (୫୪ ସେର) ଉପରେ ଟ୭। (ସାତ ଟଙ୍କା ଚାରିଅଣା) ଟିକସ୍ ବସାଇ ଦେଲେ ବିଦେଶୀ ଚିନି ଆଉ ପଶିପାରିବ ନାହିଁ । ଅର୍ଥାତ୍ ବିଦେଶରୁ ଯେଉଁ ଚିନି ଆସିବ ତାର ଦାମ୍ ଯଦି ଛଅ ଟଙ୍କା ହୁଏ, ସେ ଚିନି ଏ ଦେଶ ଭୂମିରେ ପହଞ୍ଚିଲା ମାତ୍ରେ ସରକାର ସେଥିରେ ଟ୭। କର ନେବେ । ଫଳରେ ତାର ଦାମ୍ ଏ ଦେଶରେ ହେବ ଟ୬ + ଟ୭। = ଟ୧୩। (ତେରଟଙ୍କା ଚାରିଅଣା) । ଏ ଦେଶରେ ଚିନି ତିଆରି କଲେ ତାହା ଟ୧୩।ରୁ କିଛି ଊଣାରେ ବିକ୍ରି ହୋଇପାରିବ ଓ ଏ ଦେଶରେ ଲୋକେ ଚିନି ତିଆରି କରି ବିକିବାକୁ ପ୍ରସ୍ତୁତ ହେବେ । ଏହାର ନାମ ଚିନି ଉପରେ ଶିଳ୍ପ ରକ୍ଷା ଶୁଳ୍କ । ଏଇପରି ଲୁହା, ଲୁଗା ପ୍ରଭୃତି ସବୁ ଶିଳ୍ପରେ ଏ ଦେଶରେ ଟିକସ୍ କରାଯାଇଚି । ଏ ଟିକସ୍ ଦିଏ କିଏ ? ଚିନିରେ ଧର, ଯେଉଁମାନେ ଚିନି ଖାଆନ୍ତି, ସେଇମାନେ ଅଧିକ ମୂଲ୍ୟରେ କିଣିବା ଦ୍ୱାରା ଏ ଟିକସ ଦିଅନ୍ତି । ଏହାକୁ ଅସାକ୍ଷାତ୍ କର କହନ୍ତି । ଲୋକ ନଜାଣି ଦ୍ରବ୍ୟ କିଣିବାର ମୂଲ୍ୟ ସଙ୍ଗେ ଏହା ଦିଏ । ଧର, ଚିନି ଥିଲା ସେର ଦିଅଣା । ତାହା ହୋଇଗଲା ଚାରିଅଣା ବା ପାଞ୍ଚଅଣା। ଲୋକେ ଜାଣିଲେ ଚିନି ମହର୍ଘ ହୋଇଗଲା । ସରକାର ଟିକସ୍ ନେବା କଥା ଲୋକେ ସାକ୍ଷାତ୍‌ରେ ଜାଣି ବା ବୁଝିପାରିଲେ ନାହିଁ ।

Digitized by PPRACHIN, SOA

ତାର ଫଳ –

ମାତ୍ର ଏହା ଫଳରେ ଏ ଦେଶରେ ବହୁତ ଚିନି କାରଖାନା ଫିଟିଲା । ଲୋକେ ବହୁତ ଆଖୁ ଚାଷ କରିଗଲେ । ପ୍ରାୟ ପାଞ୍ଚ ବର୍ଷ ତଳେ ପୁଣି ସରକାରଙ୍କର ଟଙ୍କା ନଅଣ୍ଟ ହେବାରୁ, ସବୁ କର ଉପରେ ଟଙ୍କାରେ ଚାରିଅଣା ବଢ଼ାଇ ଦିଆଯାଇଥିଲା । ସେହିହେତୁ ଚିନି ଉପରେ ମଧ୍ୟ ପୁଣି ଏକଟଙ୍କା ତେରଅଣା ବସିଗଲା । ଏଇପରି ଚିନି ଉପରେ ହେଲା ଟିକସ ୯ଟଙ୍କା ଏକଅଣା। ଏଇ ସୁବିଧା ପାଇ ବହୁତ ଲୋକେ ଚିନି କାରଖାନା ଖୋଲିଲେ । ଖୁବ୍ ଲାଭ କଲେ । କାରଖାନା ନିକଟବର୍ତ୍ତୀ ବିଲରେ ହଜାର ହଜାର ଏକର ଆଖୁ ଚାଷ ବଢ଼ିଗଲା । କାରଖାନା କାରଖାନା ଭିତରେ ଦାମ୍‌ରେ ବାଦଉଦିଆ ଲାଗିବାରୁ ଚିନିର ଦାମ୍ ମଧ୍ୟ କିଛି କମିଲା । ଏଣେ ଏ ଦେଶରେ ଚିନି ତିଆରି ଯେତେ ବଢ଼ିଲା, ବିଦେଶୀ ଚିନି ଆସିବା ବନ୍ଦ ହୋଇ ଆସିଲା । ଫଳରେ ସରକାରଙ୍କ ଚିନି ଶୁଳ୍‌କ ଆୟ କମିଲା । ଏ ବର୍ଷ ଦେଖାଗଲା ଆଉ ଚିନି ଏ ଦେଶକୁ ବାହାରୁ ଆସିବା ସଂଭବ ନୁହେଁ । ତେଣୁ ସେ ବାବଦ୍‌ରେ ସରକାର ଆଉ କିଛି ପାଇବେ ନାହିଁ ।

ଏ ଦେଶ ଜାତ ଚିନି ଉପରେ ଟିକସ –

ଗତବର୍ଷ କ୍ରମେ ଆୟ କମିବାର ଦେଖି ସରକାର ଏ ଦେଶ ଜାତ ଚିନି ଉପରେ ଏକ ଟଙ୍କା ପାଞ୍ଚଅଣା ଟିକସ ବସାଇ ଥିଲେ । ତାହା କେବଳ ଟଙ୍କା ପାଇଁ। ଦେଶୀ ଚିନି ଏକଟଙ୍କା ତେରଅଣା ପାଉଥିଲା। ସେଥିରୁ ଏକଟଙ୍କା ପାଞ୍ଚଅଣା କଟିଗଲା। ସେଥିରେ କିଛି ନାହିଁ । ବ୍ୟବସାୟ ହିସାବରେ ଚିନି ଆଠଅଣା, ତଥାପି ହିସାବରୁ ବେଶି ପାଇଲା। ମାତ୍ର ଚିନି କିଣିବା ଲୋକ ଏହା ଦେଲା କିଆଁ ? କେବଳ ସରକାରକୁ ଏହା ଦେଲା, ସରକାରର ଖର୍ଚ୍ଚ ପାଇଁ । ଏଣେ ଏକଟଙ୍କା ତେରଅଣା ବେଶି ପାଇବା ବେଳର ବାଦଉଦିଆରେ ଦର କମିବା ଟିକିଏ କମି ଆସିଲା । ତା ହେବାର କଥା । ଟଙ୍କେ ତେରଅଣା ପାଇବାରେ ଯେତେ ଦର କମାଇବା ସଂଭବ ଥିଲା, ଆଠଅଣା ପାଇବାରେ ତା ହେବ କାହୁଁ ?

ଏ ବର୍ଷର ବ୍ୟବସ୍ଥା –

ଏ ବର୍ଷ କିନ୍ତୁ ସରକାର ସେ ଅଧିକା ଆଠଅଣା ଏକାବେଳକେ ସାଫ୍ କରିଦେଲେ । କିନ୍ତୁ ତା ସଂଗେ ସଂଗେ ଏ ଦେଶ ଜାତ ଚିନି ଉପରେ ଟ୨(ଦୁଇଟଙ୍କା) ଓ ବିଦେଶୀ ଚିନି ଉପରେ ଟ୨(ଦୁଇଟଙ୍କା) କର ବସାଇଲେ । ଅର୍ଥାତ୍, ବିଦେଶୀ ଚିନି ଉପରେ ଟିକସ ହେଲା ଟ୯। (ନଅଟଙ୍କା ଚାରିଅଣା) ଓ ଦେଶୀ ଚିନି ଉପରେ ଟିକସ ହେଲା ଟ୨(ଦୁଇଟଙ୍କା) । ଫଳରେ ଏ ଦେଶରେ ଚିନିର ଦାମ ବଢ଼ିବ । ଦେଶୀ ଚିନି ବିଦେଶୀ ଚିନି ସହିତ ପୂର୍ବପରି ପ୍ରତିଯୋଗିତା କରିପାରିବ ନାହିଁ । କେତେ କାରଖାନା ଉଠିଯିବ ।

Digitized by PPRACHIN, SOA

କେତେ ଚାଷୀ ମଧ୍ୟ ନିରାଶ ହେବେ । ସରକାରୀ ଅର୍ଥସଚିବ କିନ୍ତୁ ଏ ଟିକସ ବସାଇ ତାର କୈଫିୟତ୍ ଦେଲେ, ଦୁର୍ବଳ କାରଖାନା ଗୁଡ଼ିକ ଉଠିଯିବା ଉଚିତ୍ । ପୁଣି ଚାଷୀଙ୍କ ଆଖୁରେ ଲୋକେ ବହୁତ ବହୁତ ଗୁଡ଼ କରି ଖାଇବେ । ଚାଷୀର କ୍ଷତି ହୋଇନପାରେ । ଦୁର୍ବଳ କାରଖାନା ଉଠିଗଲେ ମଧ୍ୟ ଚିନି ଶିଳ୍ପର ଭଲ ହେବ । ସେସବୁ ତ ଯେତେବେଳେ ହେଲେ ଉଠିଯାଆନ୍ତା । ତେବେ ଲୋକେ ନବୁଝି ହୁଏତ ଆଉ କେତେ ବର୍ଷ ଧନ କ୍ଷତି କରନ୍ତେ । ସେପରି କରାଇବା ଭଲ ନୁହେଁ ।

ଗୁଡ଼ ଖା, ଗୁଡ଼ ଖା, ଟୁକ୍ –

ଏ ବ୍ୟବସ୍ଥାରେ ମନେହୁଏ, ଏଣିକି ସାଂଘାତିକ ରୋଗୀଙ୍କୁ ହଠାତ୍ ଶେଷ କରି ଦେଶର ସ୍ୱାସ୍ଥ୍ୟ ବ୍ୟବସ୍ଥା କରିବାରେ ସରକାର ପ୍ରଯତ୍ନଶୀଳ ହୋଇପାରନ୍ତି । ପୁଣି ପିଲାଦିନେ କାନ ଫୋଡ଼ା ହୁଏ । ସେତେବେଳେ ପିଲାଙ୍କୁ ହାତରେ ଗୁଡ଼ ଦେଇ ତା କାନ ଫୋଡ଼ି ଦିଅନ୍ତି । କାନ ଫୋଡ଼ିଲା ବେଳେ କହନ୍ତି 'ଗୁଡ଼ ଖା, ଗୁଡ଼ ଖା, ଟୁକ୍' । ଏପରି ଗୁଡ଼ ଖୁଆଇ ଟିକସ ଆଦାୟ କରିବାରେ ସେଇ କଥା ମନେ ପଡୁଚି । ପୁଣି ମହାତ୍ମାଗାନ୍ଧି ମଧ୍ୟ ଗୁଡ଼ ଖାଇବାକୁ ପସନ୍ଦ କରନ୍ତି ଓ ଲୋକଙ୍କୁ ଖାଇବାକୁ କହନ୍ତି । ଏ ବ୍ୟବସ୍ଥାରେ ସେଇ ଗୁଡ଼ଖିଆ ନୀତିର ପୋଷକତା କରାହେଉ ନାହିଁ ତ ?

ଚା ଓ କାଫିର ପ୍ରଚାର –

ମାତ୍ର ସରକାର ଯେ ଶୁଳ୍କ ଆଦାୟ କରି ବଡ଼ ବଡ଼ ଚା- ସାହେବଙ୍କ ସୁବିଧା ପାଇଁ ଏ ଦେଶର ଘୋର ପଲ୍ଲିରେ ମଧ୍ୟ ଚା-ପାନ ଠେଁସି ଭର୍ତ୍ତି - କରୁଚନ୍ତି, କରମଣ୍ଡଳ ମଲବାର କୂଳର ଲୋକଙ୍କୁ ମଧ୍ୟ ରେଳଷ୍ଟେସନରେ ପର୍ଯ୍ୟନ୍ତ ନିଦାଘ ବ୍ୟଥାରେ ପଇଡ଼ ଛଡ଼ାଇ ଚା ପିଆଇବାର ବ୍ୟବସ୍ଥା କରିଚନ୍ତି, ସେ ଚାରେ ଚିନି ଲାଗିବ, ନା ଗୁଡ଼ ଲାଗିବ, ନା କିଛି ଲାଗିବ ନାହିଁ ? ଅବଶ୍ୟ ଶୁଣିଛୁ ଥରେ ବ୍ୟବସ୍ଥାପକ ସଭାରେ ଜଣେ ଚା - ସାହେବ ଗୌର କଣ୍ଠ ଲମ୍ବାଇ କହୁଥିଲେ, ଲୁଣ ପକାଇ କଂସା ପାତ୍ରରେ ଗାଢ଼ ଗୋରୁମୂତ ପରି ଦିଶୁଥିବା ଚା ଖାଇଲେ ମାଲେରିଆ ଛାଡ଼େ । ତେବେ ମାଲେରିଆ କ୍ଲିଷ୍ଟ ଓଡ଼ିଶା ଉପକୂଳରେ ଷ୍ଟେସନରେ ଆଉ ଦୁଧ ଚିନି ଚା କ୍ୱାଥର ବ୍ୟବସ୍ଥା କିଆଁ ? ଯାହଉ, ସରକାରଙ୍କ ସବୁ ବ୍ୟବସ୍ଥାରେ ମନମୁଖୀ ଯୁକ୍ତିକୁ ଧନ୍ୟ !

ନବଭାରତ-୭-୮, ଆଲୋଚନା

ଲୋକଶାସନ

ଲୋକ ଶାସନ କଥାଟି ଶୁଣିବାକୁ ଯେତେ ସୁନ୍ଦର କାର୍ଯ୍ୟରେ ସେତେ ସୁକର ନୁହେଁ। ଆଦର୍ଶରେ ଏଇ ଲୋକ ଶାସନ ପ୍ରଜାତନ୍ତ୍ରଠାରୁ ସାମ୍ୟବାଦ ପର୍ଯ୍ୟନ୍ତ ଉଠିବ। ମାତ୍ର ଆଦର୍ଶରେ ଶୂନ୍ୟତାରୁ ପ୍ରୟୋଗର ବାସ୍ତବ୍ୟତାକୁ ଆସି ତାହାର କି ପରିଣାମ ହେଉଚି, ତାହା ଚିନ୍ତା କରିବାର ବିଷୟ।

Digitized by PPRACHIN, SOA

ଆଦର୍ଶ-

ଲୋକ ଶାସନର ଆଦର୍ଶ ହେଉଚି ଲୋକଙ୍କ ନିଜ ସ୍ୱାର୍ଥ ରକ୍ଷା ପାଇଁ ନିଜ ଦ୍ୱାରା ଶାସନ। ନିଜ ମତ-ସ୍ୱାଧୀନ ମତ ଅନୁସାରେ ପ୍ରତିନିଧି ବାଛି ପଠାଇ ସେଇମାନଙ୍କ ଦ୍ୱାରା ଏ ଶାସନ ଚଳାଇବାର କଥା।

ଇଂଲଣ୍ଡରେ ପ୍ରଥମେ ଫୁଟିଥିଲା-

ଏଇ ପ୍ରକାର ଶାସନର ଦୃଷ୍ଟି ପ୍ରଥମେ ଇଂଲଣ୍ଡରେ ଫୁଟିଥିଲା। ସେଠାରେ କିନ୍ତୁ ଏକାଦିନକେ ଏହା ହୋଇନଥିଲା। ମାତ୍ର ପ୍ରଥମରୁ ଯେଉଁମାନେ ଏ ଶାସନ ପ୍ରଥା ଆରମ୍ଭ କରିଥିଲେ, ସେମାନେ ନିଜ ମଧ୍ୟରେ ମତର ସ୍ୱାଧୀନତାକୁ ଖାତିର କରୁଥିଲେ। କ୍ରମବିକାଶରେ ଉପର ଲୋକଙ୍କଠାରୁ ଅଧିକାର ଓ ମତର ସ୍ୱାଧୀନତା କ୍ରମେ ତଳକୁ ଆସିଲା। ସବୁ କଥା ମୂଳରୁ ବିଚାରରେ ଆଇନବଦ୍ଧ ନହୋଇ କାର୍ଯ୍ୟଗତିରେ ଜିନିଷଟି ବଢିଲା-ଯଥାର୍ଥ ପରିସ୍ଥିତିରେ ଅଭ୍ୟୁଦୟରେ ବିକାଶ ହେଲା। ସେଥିପାଇଁ ଇଂଲଣ୍ଡର ଲୋକ୍ ପ୍ରତିନିଧି ସଭାକୁ ଏବେ ପୃଥିବୀର ପାର୍ଲିମେଣ୍ଟମାନଙ୍କର 'ଜନନୀ' ବୋଲି କହନ୍ତି। ଏବେ ମଧ୍ୟ ଇଂଲଣ୍ଡର ପ୍ରଧାନମନ୍ତ୍ରୀ କଥାଟାଏ କହିଲେ, ଇଂରେଜ ଜାତି କହୁଚି ବୋଲି ବୁଝାଯାଏ। କାରଣ ପ୍ରଧାନମନ୍ତ୍ରୀ ଯେତେ ମତିମାନ୍ ଓ ପ୍ରଭାବଶାଳୀ ହୁଅନ୍ତୁ ନା କାହିଁକି, ତାଙ୍କ କଥାକୁ ସ୍ୱାଧୀନ ଭାବରେ ସମାଲୋଚନା କରିବା ପାଇଁ ପାର୍ଲିମେଣ୍ଟରେ କିଛି ବାଧା ନାହିଁ। ବେଳେବେଳେ ଏହିପରି ଲୋକମତ ପାର୍ଲିମେଣ୍ଟରେ ପ୍ରକାଶ ନ ପାଏ, ନୁହେଁ। ସେଥିରେ ମନ୍ତ୍ରୀମାନେ ବିନା ଆପତ୍ତିରେ ଇସ୍ତଫା ଦିଅନ୍ତି। ହୁଏ ତ ସେହି ବିଷୟ ଘେନି ପ୍ରତିନିଧିମାନଙ୍କ ମତ ଠିକ୍ ଲୋକମତ କି ନୁହେଁ, ଜାଣିବା ପାଇଁ ପୁଣି ଭୋଟ୍ ନିଆ ହୁଏ ଓ ଲୋକମତହିଁ ପୁଣି ପ୍ରତିଷ୍ଠିତ ହୁଏ। ଏହିପରି ମନ୍ତ୍ରୀମାନେ ଲୋକମତର ପ୍ରତୀକ ବା ଅବତାର।

ଇଂଲଣ୍ଡୀୟ ପରଂପରା-

ଏଇ ଇଂରେଜଙ୍କ ପରଂପରାର ଧାରା ଧରି ଆମେରିକା ଅଷ୍ଟ୍ରେଲିଆ ପ୍ରଭୃତି ଯେଉଁ ସବୁ ଦେଶ ହୋଇଚି, ସେ ସବୁଠାରେ ଊଣାଅଧିକ ସେହିପରି ଚଳୁଚି-ମାତ୍ର ସଂପୂର୍ଣ୍ଣ ଚଳୁଚି ବୋଲି ଏବେ କୁହାଯାଇ ନ ପାରେ। ହେଲେହେଁ ସେ ସବୁଠାରେ ବହୁପରିମାଣରେ ଲୋକମତ ଓ ସମାଲୋଚନାର ସ୍ୱାଧୀନତା ରହିବ। ମନ୍ତ୍ରୀଙ୍କ ମତରେ ରାଜ୍ୟର ଯଥାର୍ଥ ପରିସ୍ଥିତି ପ୍ରକାଶ ପାଉଚି।

ଅନୁକରଣ-

କିନ୍ତୁ ଇଂଲଣ୍ଡର ଏହି ପାର୍ଲିମେଣ୍ଟ ଶାସନ ଦୃଷ୍ଟିରେ ପୃଥିବୀର ଅନ୍ୟାନ୍ୟ ଦେଶରେ ପ୍ରତିକ୍ରିୟା ଓ ବିପ୍ଳବର ସୃଷ୍ଟି। ବିଶେଷରେ ସେହି ପ୍ରତିକ୍ରିୟା କ୍ରମେ ତୀବ୍ର ହୋଇ ନୂତନ

Digitized by PPRACHIN, SOA

ଲୋକତନ୍ତ୍ରମାନେ ଜାଗି ଉଠିଛନ୍ତି। ଗତ ୧୯୧୪ର ମହାଯୁଦ୍ଧ ପରେ ଏଇ ପ୍ରତିକ୍ରିୟା ପୃଥିବୀର ଦେଶମାନଙ୍କରେ ଭୀଷଣ ହୋଇଥିଲା; ଓ ସେ ସବୁଠାରେ ଲୋକ ଶାସନ ଛତୁ ଫୁଟିଲା ପରି ମାତି ଉଠିଲା। ପ୍ରତିକ୍ରିୟାରେ ଆଦର୍ଶର ତୀବ୍ରତା ବିକାଶ ପାଇବା ସ୍ୱାଭାବିକ। ସେଇ ତୀବ୍ରତାରେ ରକ୍ଷିତ ସ୍ୱାର୍ଥ ଓ ରକ୍ଷଣଶୀଳତା ଏକାବେଳକେ ଉଠିଗଲା। ଲୋକଶକ୍ତି ଓ ଲୋକମତର ଯଥା ବିକାଶ ପାଇଁ ଆଉ ଅବକାଶ ରହିଲା ନାହିଁ। ଆଦର୍ଶବାଦୀମାନେ ଜନସାଧାରଣଙ୍କ ପୀଡ଼ାର କଥା ବୟାନ କଲେ। କହିଲେ, ପୃଥିବୀରେ ଅର୍ଜିତ ଧନ ତାଙ୍କୁଇ। ସେ ଧନର ମୌଳିକ ଅଧିକାରୀ ଏକା ସେଇ। ତାଙ୍କରି ସେ ଧନ ହେବ- ତାଙ୍କୁଇ ତା' ଦିଆଯିବ। ଲୋକେ ମୁକ୍ତିର ଉନ୍ମୁକ୍ତ ଦ୍ୱାର ଆଗରେ ଦେଖିଲା ପରି ମାତିଗଲେ। ଲୋକତନ୍ତ୍ରମାନ ପ୍ରତିଷ୍ଠିତ ହୋଇଗଲା। ରାଜବଂଶ ଓ ତଦ୍‌ବିଧ ଧନୀମାନେ ଲୋପ ପାଇଲେ, ବା ଉଚ୍ଛନ୍ନ ଗଲେ।

ଲୋକ ମତାଇବା-

ଧର ଆଜି ଯଦି ଚିଲିକା କୂଳ ବା ତଳମାଳର ବଢ଼ି ମରୁଡ଼ି କ୍ଲିଷ୍ଟ ଲୋକଙ୍କୁ କୁହାଯାଏ "ତୁମକୁ ବଢି ମରୁଡ଼ିରେ ରଖି ରାଜ୍ୟ କରିବାର ଅଧିକାର କାହାରି ନାହିଁ। ବାହାର, ତୁମେଇ ରାଜା ହବ। ବଢ଼ି ମରୁଡ଼ି ସବୁ ତୁଟିଯିବ।" ଲୋକେ ଏଥିରେ ମାତିଯିବା ସ୍ୱଭାବିକ। ତାହାହିଁ ପୃଥିବୀରେ ବହୁ ଦେଶରେ ହୋଇଗଲା।

ଧନ କାହାର ?-

ମାତ୍ର ବାସ୍ତବିକ୍ ପୃଥିବୀରେ ଧନ କାହାର ? ପ୍ରକୃତରେ ଅର୍ଜନର ଅଧିକାରୀ କିଏ ? କୋଡ଼ି ଦାଆ ଧନର ସାକ୍ଷାତ ଅର୍ଜନରେ ସାଧନ। ଘୋଡ଼ା ବଳଦ ମଧ୍ୟ ସେହିପରି। ଅର୍ଜନ୍ତି ଏକା ସେଇମାନେ। କିନ୍ତୁ ଧନରେ ସେମାନେ କେହି ଅଧିକାରୀ ନୁହନ୍ତି। ବୁଦ୍ଧି ଖର୍ଚ୍ଚ କରି ସେଇ ସାଧନମାନଙ୍କୁ ଯେ ଯେତେ ବ୍ୟବହାର କରି ପାରେ, ସେ ସେତିକି ଅର୍ଜେ ଓ ସେଇ ବୁଦ୍ଧିରେ ସମ୍ଭାଳି ଭୋଗ କରେ। ଭଲ ସମ୍ଭାଳି ଭୋଗ କରିବାପାଇଁ ବଳଦଙ୍କୁ ପୋଷାକିରେ ମଧ୍ୟ ଲୋକେ ରଖନ୍ତି। ଯେ ଏପରି ରଖେ ସେ ବେଶି ବୁଦ୍ଧିମାନ୍।

ବୁଦ୍ଧିର ପ୍ରଭାବ-

ଯଥାର୍ଥରେ ଧନ ଅର୍ଜେ ବୁଦ୍ଧି। ସମ୍ଭାଳି ଭୋଗ କରେ ବୁଦ୍ଧି। କେବଳ ଖାଇବା ପିନ୍ଧିବାର ସାମଗ୍ରୀ ମଧ୍ୟ ସମସ୍ତଙ୍କର ଧନ ନୁହେଁ। ମନୁଷ୍ୟର ଆଉରି ଉପରକୁ ଅଭିଳାଷ ଅଛି। ପ୍ରଭୁତ୍ୱ ଓ ପ୍ରତିପତ୍ତିର ଅଭିଳାଷ ପାଖେ ଧନର ଅଭିଳାଷ କିଛି ନୁହେଁ।

ଉଦାହରଣ-

ପୃଥିବୀରେ ଦିନ ଥିଲା ଯେତେବେଳେ ବୁଦ୍ଧ, ଖ୍ରୀଷ୍ଟ ଲୋକଙ୍କୁ ସମ୍ଭାଳିବାରେ ଲାଗି ଯାଇଥିଲେ। ସେ ସମ୍ଭାଳିବାର ପ୍ରକୃତି ଥିଲା ଭିନ୍ନ। ଏବେ କିନ୍ତୁ ଖାଇବା ପିନ୍ଧିବାରେ

Digitized by PPRACHIN, SOA

ମନୁଷ୍ୟତ୍ୱ ମପା ହେଲା। ରକ୍ଷିତ ଅନର୍ଜିତ ଧନ ବରୁଦ୍ଧରେ ଯେଉଁ ପ୍ରତିକ୍ରିୟା ସ୍ରୋତ ବହିଲା, ସେଥିରେ ଅନ୍ୟପ୍ରକାର ହୋଇ ନ ପାରେ। ଲୋକଙ୍କର ଏହି ଦୃଷ୍ଟି ମାତ୍ରରେ ନିର୍ଭର କରି ମହାକର୍ମୀ- ପୁରୁଷମାନେ ଲୋକତନ୍ତ୍ର ପ୍ରତିଷ୍ଠାରେ ଲାଗିଗଲେ। ଯେଉଁମାନେ ମୂଳରୁ ଏଥିରେ ଲାଗିଲେ, ସେମାନଙ୍କ ମଧ୍ୟରୁ ଅନେକେ ହୁଏତ ଯଥାର୍ଥ ଆଦର୍ଶରେ ବିଶ୍ୱାସ କରି ଲାଗିଥିଲେ। ବିଚାରିଥିଲେ ଲୋକେ ସମାନ ଭାବରେ ନିଜ ନିଜର ମଙ୍ଗଳ ବୁଝି ନିଜର ସ୍ୱାଧୀନ ରାଜ୍ୟ ଗଢ଼ିବେ। ଖାଲି ବାଟ ଦେଖାଇ ଦେଲେ ହେଲା। ଆଦର୍ଶବାଦୀର ଏହାହିଁ ଧର୍ମ। ଏଇ ହିସାବରେ ବୁଦ୍ଧ, ଖ୍ରୀଷ୍ଟ ମଧ୍ୟ ଅଲଗା ନୁହନ୍ତି।

ଚକ୍ରୀର ନେତୃତ୍ୱ-

ମାତ୍ର ଗୁରୁଙ୍କ ଡୋର କଉପୁନି ଶିଷ୍ୟଙ୍କର ବେଳେ ବେଳେ କିଶୋରୀ ପୂଜାରେ କାମ ଦେଖାଇଲା ପରି, ଏ କ୍ଷେତ୍ରରେ ପ୍ରବଳ ଚକ୍ରୀମାନଙ୍କର ଆବିର୍ଭାବ ହେଲା। ଆଦର୍ଶକୁ ଜୀର୍ଣ୍ଣ କରିବା ସହଜ ନୁହେଁ। ଆଦର୍ଶକୁ ମଶାଲ ପରି ଧରି ପତଙ୍ଗ ପରି ଲୋକଙ୍କୁ ସେଥିରେ ପକାଇବା ବଡ଼ ସହଜ। ଲୋକେ ଏଡ଼େ ସହଜରେ ସମାନ ଭାବରେ ଶିଖି ସ୍ୱାଧୀନ ହୋଇ ଯିବେ ନାହିଁ। ଏହା ଜଗତର ଲୋକଧର୍ମ ନୁହେଁ। ଜଗତରୁ ବୈଷମ୍ୟ ଲୋପ ହେଲେ ଜଗତର ପ୍ରଳୟ ହେବ। ଆଜି ଯଦି ଓଡ଼ିଶାରେ, ଧର, କେହି କୌଣସି ଗୋଟିଏ ଆଦର୍ଶ ମତାଇ ଦେଇ ମନେ କରନ୍ତି, ପଣ୍ଡିତ ଓ ପଣ୍ଡାଙ୍କଠାରୁ ଗଉଡ଼ ଗାଦବା, ପୁଣି କେଉଟ ଓ କନ୍ଧ ପର୍ଯ୍ୟନ୍ତ ସମସ୍ତେ ସମାନ ବୁଝି ଯାଇ ସମାନ ଭାବରେ ନିଜର ସ୍ୱତ୍ୱ ରକ୍ଷା ଓ ଅର୍ଜନ ଭୋଗରେ ଶାନ୍ତିରେ ଲାଗିଯିବେ, ତେବେ ତାଙ୍କର ଯେ ଭ୍ରମ ହେବ, ପୃଥିବୀରେ ସର୍ବତ୍ର ସେହି ଭ୍ରମ ହୁଏ ଓ ହେଲା।

ବିରୋଧରେ ଅସହିଷ୍ଣୁତା-

ଏ କଥା ସ୍ଥିର ଯେ ଏପରି ଆଦର୍ଶମାନ ମତାଇ ଲୋକଙ୍କୁ ସେଥିରେ କାର୍ଯ୍ୟତଃ ସ୍ଥିର ରଖିବାକୁ ସର୍ବଦା କାଣ୍ଡାରି ନେତା ଓ ନିୟନ୍ତା ଲୋଡ଼ା। ଏଇ ନେତୃତ୍ୱ ଓ ନିୟନ୍ତ୍ରଣରେ ପୁଣି ବିରୋଧରେ ଅସହିଷ୍ଣୁତା ସ୍ୱାଭାବିକ- ବିରୋଧ ମଧ୍ୟ ସେଇପରି ସ୍ୱଭାବିକ। ସେଥିପାଇଁ ପୃଥିବୀରେ ଆଜି ସର୍ବତ୍ର ଏଇ ପ୍ରତିକ୍ରିୟାର ପରିମାଣରେ ଯଥେଚ୍ଛାଚାରୀ ରାଜାଙ୍କୁ ବଳି କେବଳ ମେରିରାୟସଂବଳ ରାଜ୍ୟ ତଥା ଲୋକନେତାମାନେ (Dictators) ବାହାରୁଚନ୍ତି। ବିରୋଧ ସେମାନେ ସହୁନାହାନ୍ତି। ସ୍ୱାଧୀନତାର ଯଥାର୍ଥ ଲକ୍ଷଣ ଏହି ବିରୋଧ ନାଶ କରିବାରେ ସେମାନେ ରାଶି ରାଶି ନିଜ ଲୋକଙ୍କୁ ସ୍ୱଧୀନତା ନାମରେ ହତ୍ୟା କରି ଲୋକଙ୍କୁ ମଙ୍ଗଳ ପଥରେ ଠିକ୍ ରଖୁଚନ୍ତି ବୋଲି ବଡ଼ାଇ କରୁଚନ୍ତି। ରାଜା ଥିଲେ ନରପତି। ସେ ନିର୍ମମ ହୋଇପାରନ୍ତି, ମାତ୍ର ପ୍ରଜାଙ୍କ ପ୍ରତି ତାଙ୍କର ଦାୟିତ୍ୱ ଓ ଭୟ ଥିଲା-ଏବେ ଏମାନେ ମନୁଷ୍ୟଙ୍କୁ ପଶୁ କରି ପଶୁପତି ସିଂହ ହେଉଛନ୍ତି।

Digitized by PPRACHIN, SOA

ରୁଷିଆ, ଜର୍ମାନି-

ସେଥିପାଇଁ ତୀବ୍ରତମ ଆଦର୍ଶର ଶ୍ରେଷ୍ଠ ପ୍ରଚାର ଓ ପ୍ରୟୋଗ ଭୂମି ରୁଷିଆରେ ଲେନିନ୍‌ଙ୍କ ଶ୍ରେଷ୍ଠ ସହଯୋଗୀ ଟ୍ରଟ୍‌ସ୍କିଙ୍କର ଆଜି ସ୍ଥାନ ନାହିଁ। ସେଦିନ ଶ୍ରେଷ୍ଠଜନସେବୀ ଓ ଜନନାୟକ ବୁଖାରିନ ନିଜର ୧୯ଟି ବିଶିଷ୍ଟ ସହକର୍ମୀଙ୍କ ସହିତ ତୋପ ମୁହଁରେ ପକାଇ ଦିଆ ହେଲେ। ଜର୍ମାନି ପ୍ରଭୃତିର କଥା କହିବା ଦରକାର ନାହିଁ। ମତଭେଦର ଆଶଂକା ଛଡ଼ାଇବା- ପାଇଁ ଶ୍ରେଷ୍ଠ ସହକର୍ମୀମାନଙ୍କୁ ନିର୍ମମ ଭାବରେ ବିଶ୍ୱାସରେ ହତ୍ୟାକରି ହିଟ୍‌ଲର ଆଜି ଜର୍ମାନିର ଏକମାତ୍ର ଭାଗ୍ୟବିଧାତା। ଏସବୁ ରାଜ୍ୟନୀତିରେ ସ୍ୱାଧୀନ ମତକୁ ନରହତ୍ୟାରେ ସମାଧନକୁ ଆଣିବା ଗୋଟିଏ ରୀତି ପଡ଼ିଗଲାଣି। ଯେତେଦିନ ବଳିଷ୍ଠ ବ୍ୟକ୍ତିତ୍ୱରେ ମୁଣ୍ଡ ଟେକି ନିଜର ବୁଦ୍ଧିଚକ୍ର ଖେଳାଇ, ଲୋକଙ୍କୁ ଆର୍ଯ (Nazi-Nordic) କରିବାଠାରୁ, ଭାତ ଲୁଗାରେ ସ୍ୱଧୀନ କରିବା ପର୍ଯନ୍ତ ମୋହରେ ଭୁଲାଇ, ସହଯୋଗୀଙ୍କୁ ହତ୍ୟାରେ ବା ହତ୍ୟାର ଭୟରେ ଅନୁଗତ କରି ରାଜ୍ୟ ଗଢୁଥିବେ,; ସେତେଦିନ ଏସବୁ ଲୋକଶାସନ ବେଶ୍ ଚଳିବ। ଅନ୍ୟଥା ଏହାର ପରିମାଣ କଳ୍ପନା କରିବା ଦୁଷ୍କର।

ଏହା ଅଙ୍କର ବହୁ ଉପରେ ଅତ୍ୟାଚାର-

ଏ ଲୋକଶାସନରେ ଲୋକଙ୍କର ଶାସନ ହେଉଚି; ମାତ୍ର ଲୋକଙ୍କଦ୍ୱାରା ନିଜେ ନିଜର ଶାସନ ହେଉ ନାହିଁ। ଏଥିରେ ପୁଣି ବହୁ ପକ୍ଷର ପରିସ୍ଥିତିଗତ ଲୋକମତ ଠିକ୍ ପ୍ରକାଶ ପାଉଚି ବୋଲି କୁହାଯାଇ ନ ପାରେ। ଏଥିରେ ଚକ୍ରୀପୁରୁଷମାନେ ନିଜେ ଯେପରି ଲୋକଙ୍କ ଭଲ କରିବାକୁ ଲୋଡ଼ନ୍ତି, ସେହି ବୁଦ୍ଧିରେ ଗୋଟିଏ କ୍ଷୁଦ୍ର ଦଳରେ କ୍ଷମତା ଆୟତ୍ତ କରି ଲୋକଙ୍କୁ ନିମର୍ମ ଭାବରେ ଶାସନ କରୁଚନ୍ତି। ଆଜି ରୁଷିଆ ବା ଜର୍ମାନିର ସ୍ୱାଧୀନ ମତ କାଗଜରେ ବା ବକ୍ତୃତାରେ ପ୍ରକାଶ କରିବାର କାହାରି ସାମାର୍ଥ୍ୟ ନାହିଁ। ଲୋକେ ନିଜ ଘରେ ମଧ୍ୟ ଡ଼ରି ଡ଼ରି କଥାବାର୍ତ୍ତା ହୁଅନ୍ତି। ଟ୍ରଷ୍କିଙ୍କ ନିର୍ଯାତନା, ବୁଖାରିନଙ୍କ ଭଳି ତାଙ୍କ ମତର ଦେଶସେବୀ ଶ୍ରେଷ୍ଠ କର୍ମୀଙ୍କର ବାରଂବାର ଡ଼ଜନ, କୋଡ଼ି ହିସାବରେ ବିଚାର ବାହାନାରେ ହତ୍ୟା, ହିଟଲର୍‌ଙ୍କର ନିଜ ଦଳର ମାତପରି ଲୋକଙ୍କୁ ବିଶ୍ୱାସରେ ଗୁଳି କରିବା ପ୍ରଭୃତିରେ ସମାଲୋଚନା ପ୍ରତି ଅସହିଷ୍ଣୁତା ଦେଖିଲେ ସଭ୍ୟତାର ବିକାଶ ଅନୁସଂଧାନ କରିବାରେ ଘୋର ଅସୁବିଧା ହୁଏ। କ୍ଷମତାଶାଳୀ ଚକ୍ରୀଙ୍କ ପାଖେ ପଶୁପରି ରହିବାରୁ ମନୁଷ୍ୟତା ଓ ସ୍ୱାଧୀନତାର କିପରି ବିକାଶ ହେବ, ଏହା କଳ୍ପନା କରିବା ଦୁର୍ଘଟ।

ଲୋକଶାସନ ନାମ ସର୍ବତ୍ର-

ଏସବୁଠାରେ କିଂତୁ ବାହାରକୁ ଦେଖିବା ପାଇଁ ସେଇ ପାର୍ଲିମେଣ୍ଟରି ଲୋକଶାସନର ଛାଞ୍ଚ କିନ୍ତୁ ପଡ଼ିରହିଚି। ଭୋଟ୍ ଓ ଲୋକମତର ବାହାନାର ଲେଶ ଅଭାବ ନାହିଁ। ଏହି ଭୋଟ ସଜାଡ଼ିବାପାଇଁ ଆଜି ଭିତରେ ଭିତରେ ଦଳ ତିଆରି କରି ଅଷ୍ଟ୍ରିଆର ରାଜ୍ୟ ନେତାଙ୍କୁ ହିଟଲର୍ ଏକା; ମୁହୂର୍ତ୍ତକେ ପ୍ରାଣର ଭୟ ଦେଖାଇ ରାଜ୍ୟରୁ ବାହାର

Digitized by PPRACHIN, SOA

କରିଦେଲେ। ଆଜି ହିଟଲର୍‌ଙ୍କ ଆଧିପତ୍ୟରେ ଯେ ଲୋକମତ ହେବ ଅଷ୍ଟ୍ରିଆରେ ଅନ୍ୟଥା ତାହା ହୁଅନ୍ତା ନାହିଁ।

ଭାରତର ପରିସ୍ଥିତି-

ଆଜି ଭାରତ ଏଇ ଇଉରୋପୀୟ ପାର୍ଲିମେଣ୍ଟରୀ ଲୋକଶାସନ ଅନୁକରଣ କରିବାକୁ ଯାଉଚି। ଏଥିରେ ପୁଣି କ୍ଷୁଧିତର ବ୍ୟାକୁଳତାରେ ରୁଷିଆଠାରୁ ଜର୍ମାନି ପର୍ଯ୍ୟନ୍ତ କୌଣସି ଆଦର୍ଶର ଅନୁକରଣ କରିବାର ଅଭାବ ନାହିଁ। ଅତି କ୍ଷୁଧିତ ପଚା ମାଲ ଗିଳିଯାଏ, ତାର ଅଜୀର୍ଣ୍ଣ ହୁଏ। ସେ ଲକ୍ଷଣ ମଧ୍ୟ ପ୍ରକାଶ ପାଉଚି। ଦେଶକୁ ଭଲ କରିବାରେ ପରିସ୍ଥିତିର ବିକାଶ ପ୍ରତି ଦୃଷ୍ଟି ନ ଦେଇ ଲୋକ ବିଶେଷ ଯେ କୌଣସି ପ୍ରକାରେ ନିଜ ମତ ପ୍ରତିଷ୍ଠା କରିବାର ଉଦ୍ୟମ ଖୁବ୍ ଦେଖାଯାଉଚି। ଲୋକଙ୍କୁ ଭୁଲାଇବା ପାଇଁ ଯାହା ତାହା କୁହାଯାଉଚି। ପ୍ରତିଦ୍ୱନ୍ଦ୍ୱୀ ନିବାରଣ କରିବାପାଇଁ ଯାହା ତାହା କରାଯାଉଚି-ଏଥିରେ ଯାହା ତାହା କରି ଅଧିକାର ଆଗହାତ କରିବା ଠିକ୍ ବୋଲି ମଧ୍ୟ ସ୍ପଷ୍ଟ କୁହାଯାଉଚି। ଅନେକଠାରେ ଶୁଣାଯାଉଚି, ମୁଁ ଯାହା କହୁଚି ତାହାହିଁ ଠିକ୍। ଯେ ସମାଲୋଚନା କରୁଚନ୍ତି ତାଙ୍କୁ ଯେ କୌଣସି ଉପାୟରେ ଧ୍ୱଂସ କର; ଉପାୟରେ ସତ୍ ବା ଅସତ୍ କିଛି ନାହିଁ; ଏସବୁ ଏକ ଠକେଇର ମୋହ ଯଥାର୍ଥ ଲୋକମତ ଏଥିରେ ନାହିଁ। ପରିସ୍ଥିତିର ମାପରେ ବିକାଶ ହେବା ଏଥିରେ ସଂଭବ ନୁହେ।

ପନ୍ଥା କଣ ?

ଏପରି ସ୍ଥଳେ ପନ୍ଥା କଣ ? ଜାଠ ହୁଅନ୍ତୁ, ମାନ୍ଦା ହୁଅନ୍ତୁ, ତୀବ୍ର ହୁଅନ୍ତୁ, ଇଂଲଣ୍ଡରେ ଏବେ ମଧ୍ୟ ସମସ୍ତେ ଠିକ୍ ରହି ରାଜ୍ୟତନ୍ତ୍ରରେ ଲୋକମତର ଯଥାର୍ଥ ଜାତୀୟ ପରିସ୍ଥିତି ଫୁଟାଉଚନ୍ତି। ଯେଉଁମାନେ ନୂଆ ପରିସ୍ଥିତି ଫିଟାଇବାକୁ ଲୋଡ଼ନ୍ତି, ସେମାନେ ସେହି ପରିସ୍ଥିତିର ବିକାଶକଳ୍ପେ ଲୋକମତ ତିଆରି କରିବାରେ ଲାଗୁଚନ୍ତି। ପ୍ରତି ପକ୍ଷର ଆଲୋଚନାରେ କେହି ଅସହିଷ୍ଣୁ ନୁହନ୍ତି। ପୃଥିବୀର ଚତୁର୍ଦ୍ଦିଗରୁ ଅଜସ୍ର ଚାପ ପଡ଼ିଲେ ଅବସ୍ଥା କଣ ହେବ କୁହାଯାଇ ନ ପାରେ। ମାତ୍ର ଏବେ ମଧ୍ୟ ପ୍ରତିଷ୍ଠିତ ପ୍ରଗତିର ଧାରା ସେଠାରେ ବିଚଳିତ ହୋଇନାହିଁ। ପ୍ରଧାନମନ୍ତ୍ରୀ ସେଠାରେ ଯାହା କହୁଚନ୍ତି, ତା ଏକା ଦେଶ କହୁଚି। ଆଜି ସରକାରର ନେତୃତ୍ୱ ଯା ହାତେ ଅଛି, କାଲି ନ ରହି ପାରେ, ଅନ୍ୟ ହାତକୁ ଯାଇପାରେ ମାତ୍ର ସେଥିରେ କିଛି କ୍ଷତିବୃଦ୍ଧି ନାହିଁ। ସମସ୍ତ ଜାତିର ପରିସ୍ଥିତି ସରକାରରେ ପ୍ରକାଶ ପାଉଚି। ଶ୍ରମିକଦଳ ଆଜି ନଗଣ୍ୟ ହେଲେ ମଧ୍ୟ ତାଙ୍କ ସମାଲୋଚନା ପ୍ରତି ସରକାର ବା ଅନ୍ୟ ମହାବଳିଷ୍ଠ ଦଳର କୌଣସି ଅବହେଳା, ବିତୃଷ୍ଣା ବା ଦ୍ୱେଷ ନାହିଁ। ବିରାଟ ସରକାର ଶକ୍ତିକୁ ସମାଲୋଚନା କରିବାରେ କାହାରି ଭୟ ବା ସଂକୋଚ ନାହିଁ।

Digitized by PPRACHIN, SOA

ବିରୋଧ ଓ ସମାଲୋଚନା-

ଲୋକ ଶାସନକୁ ଶୁଦ୍ଧ ରଖି ପରିସ୍ଥିତିର ଅଭ୍ୟୁଦୟରେ ପ୍ରଗତି ଫୁଟାଇବର ଏହାହିଁ ସ୍ପଷ୍ଟ ପନ୍ଥା। ଏକ କଥାରେ ଏହି ପନ୍ଥା ହେଉଚି ସମାଲୋଚନା ଓ ବିରୋଧ ପ୍ରତି ଆସ୍ଥା ଓ ଆଦର। ବିଶେଷରେ ଯେଉଁମାନେ ଗଦିରେ ବସି କ୍ଷମତା ଓ ପ୍ରଭୁତ୍ୱ ଭୋଗ କରୁଚନ୍ତି, ସେମାନେ ଏଇ ବିରୋଧ ପ୍ରତି ବିଶେଷ ଭାବରେ ତତ୍ପରତା ସହିତ ଆସ୍ଥାବାନ୍ ହେବା ଉଚିତ। ସାମ୍ୟବାଦୀ ହୁଅନ୍ତୁ, ରକ୍ଷିତସ୍ୱାର୍ଥ ହୁଅନ୍ତୁ, କାହାରି ବିରୋଧ ବା ସମାଲୋଚନା ପ୍ରତି ଭୟ ବା ଘୃଣା ପ୍ରକାଶ କଲେ, କ୍ଷମତାର ଅପଚାର ଅବଶ୍ୟଂଭାବୀ। ସେଥିରେ ଲୋକଶାସନର ପରିସ୍ଥିତି ଫୁଟିବ ନାହିଁ। ଯେ ବି ବିରୋଧ ବା ସମାଲୋଚନା କରୁଚନ୍ତି, ତାଙ୍କର ମଧ୍ୟ ଏହି ଲୋକଶାସନ ବୁଦ୍ଧି ସର୍ବଦା ସଫା ଥିବା ଉଚିତ।

ସରକାର ବିରୋଧୀ ଦଳ-

ସେଥିପାଇଁ ସରକାରରେ ମଧ୍ୟ ବିରୋଧୀ ଦଳ, କେବଳ ଯେ ରହିବ ତା ନୁହେ, ତା ରହିବା ଲୋଡ଼ା। ତାହା ଏକାନ୍ତ ସ୍ପୃହଣୀୟ। ନିଜ ମଧ୍ୟରେ ମଧ୍ୟ ଆଲୋଚନା ସମାଲୋଚନା ପାଇଁ ପ୍ରସର ଖୋଲିଦେବା ବାଂଛନୀୟ। ସମାଲୋଚନାରେ ଗଦି ଟଳିଯିବ ବୋଲି ଯଦି କାହାର ଭୟ ହୁଏ, ତେବେ ସେ ଲୋକଶାସନରେ ଗଦି ରଖିବାପାଇଁ ଉପଯୁକ୍ତ ନୁହନ୍ତି। ତାଙ୍କର କାର୍ଯ୍ୟକଳାପ ପରିସ୍ଥିତିର ଅନୁକୂଳ ବଳିଷ୍ଟନୀତି ଉପରେ ପ୍ରତିଷ୍ଠିତ ନୁହେ, ଏହାହିଁ ବୁଝିବାକୁ ହେବ। ଏ ଶିକ୍ଷା ପାଇଁ ବିଶେଷରେ ଆମମାନଙ୍କର ବହୁ ସାଧନା ଲୋଡ଼ା।

ନବ ଭାରତ-୪/୯

ବର୍ତ୍ତମାନର ରାଜନୀତିକ ପରିସ୍ଥିତି

ମନ୍ତ୍ରୀଙ୍କ ଇସ୍ତଫା ଓ ଗଣତନ୍ତ୍ର -

ଏବେ ଯୁଦ୍ଧ ସଂପର୍କରେ ଭାରତର ଭାଗ୍ୟ ବିଷୟରେ ଇଂରେଜ ସରକାର ଯେ ଘୋଷଣା କଲେ ତା ଫଳରେ ଦେଶ ସାରା ହୁଲସ୍ଥୁଲ ପଡ଼ିଯାଇଛି। ଏହି ଘଟଣା ଲକ୍ଷରେ ଭାରତ - କଂଗ୍ରେସ, ପ୍ରାଦେଶିକ ଶାସନରେ ଜଡ଼ିତ ଥିବା ମନ୍ତ୍ରୀମାନଙ୍କୁ ଇସ୍ତଫା ଦିଆଇଛନ୍ତି । କେବଳ ଏହି ଘଟଣାରେ ପ୍ରତିବାଦ କରି ମନ୍ତ୍ରୀତ୍ୱ ଇସ୍ତଫା ଦିଆଗଲା ବୋଲି କୁହାଯାଇଛି । କିନ୍ତୁ କଥାଟି ଠିକ୍ ତାହା ନହୋଇପାରେ । ଏ ଦେଶରେ ଗଣତନ୍ତ୍ର ଶାସନ କେବେ ଚଳିନଥିଲା । ଗଣତନ୍ତ୍ର ଶାସନର କାର୍ଯ୍ୟକାରୀତା ନିର୍ଭର କରେ କାହା ଉପରେ ? ଭିନ୍ନ ଭିନ୍ନ ସ୍ୱାର୍ଥର ସଂଘର୍ଷରେ ଗଣତନ୍ତ୍ର ଶାସନର ପ୍ରତିଷ୍ଠା । ଏହି ସ୍ୱାର୍ଥମାନଙ୍କ ଭିତରେ ସର୍ବଦା

Digitized by PPRACHIN, SOA

ସାଲିସ୍ ପାଇଁ ଦୃଷ୍ଟି ରଖିବା ଓ ସେହି ଦୃଷ୍ଟିରେ ପ୍ରଗତିର ପ୍ରଚେଷ୍ଟାରେ ଲାଗିବା ଗଣତନ୍ତ୍ର ଶାସନର ମୁଖ୍ୟ ନୀତି । ଏହି ନୀତିର ବିକାଶରେ ହିଁ ଗଣତନ୍ତ୍ରର କାର୍ଯ୍ୟକାରିତା ନିର୍ଭର କରେ । ତାହା ଭାରତ କେବେ ଶିଖି ନାହିଁ ।

ବିରୋଧରେ ଦାୟିତ୍ୱ -

ପୁଣି ଗୋଟିଏ ଅସୁବିଧା। କଂଗ୍ରେସ ବହୁଦିନ ଧରି ଇଂରେଜ ସରକାର ବିରୋଧରେ ଅର୍ଥାତ୍ ଇଂରେଜ ସରକାରଙ୍କ ଠାରୁ ସ୍ୱତ୍ୱ ଓ ଅଧିକାର ଦାବୀ କରି ଛଡ଼ାଇବାରେ ଜନମତ ଓ ଜନକ୍ରିୟା ଗଠନ କରିଆସିଛି । ଶାସନର ଚାଳନା, ବିଶେଷରେ ଦଳଗତ ଗଣତନ୍ତ୍ରର ଚାଳନା କଂଗ୍ରେସ କେବେ ଅନୁଭବରେ ଜାଣିନଥିଲା । ବିରୋଧରେ କୌଣସି ଦାୟିତ୍ୱ ନଥିଲେ ସମାଲୋଚନାର ଗତି ପ୍ରାୟତଃ ବଡ଼ ବିଶୃଙ୍ଖଳ ହୁଏ । କୌଣସି କ୍ରିୟା ଦୃଷ୍ଟିରେ ତାହା ବିଚାରସହ ହୁଏ ନାହିଁ । ଧର ଇଂରେଜ ଆମକୁ ଅଧିକାର ଦେଉନାହାନ୍ତି । ସେମାନେ ଆମର ଅନଧିକାର ଶାସନ କରୁଛନ୍ତି । ସେହି ଶାସନର ସମାଲୋଚନାରେ ଆମେ ଯାହା ତାହା କହିଯାଉ । ଇଂରେଜମାନଙ୍କ ହାତରେ ଶାସନ ଥିବାରୁ ପ୍ରଜାମାନେ ଅନ୍ନ, ବସ୍ତ୍ର, ଶିକ୍ଷା କିଛି ପାଉନାହାନ୍ତି । ପ୍ରଜାମାନଙ୍କ ହାତକୁ ଶାସନ ଆସିଲେ ସମସ୍ତଙ୍କ ଘରେ ଅନ୍ନ ବସ୍ତ୍ର ପୂରିଯିବ । ଶିକ୍ଷାର ଆଲୋକରେ କେବଳ ପୁରପଲ୍ଲୀ ନୁହେଁ ବନପର୍ବତ ପର୍ଯ୍ୟନ୍ତ ଉଦ୍‌ଭାସିତ ହେବ । ଏହି କଥା କହି ଲୋକଙ୍କୁ ମତାଇବା ଯେତେ ସହଜ, କରିବା ସେତେ ସୁଗମ ନୁହେଁ । ସମାଲୋଚନା କଲାବେଳେ ଯଦି କେହି ବାସ୍ତବିକ ମନେ ରଖେ ଯେ ତାକୁ ସେହି ସମାଲୋଚନା ଫଳରେ ଅଚିରେ ଶାସନ ହାତକୁ ନେବାକୁ ହେବ, ତେବେ ସେ ଏପରି ଦାୟିତ୍ୱହୀନ କଥାରେ ସମାଲୋଚନା କରିପାରିବ ନାହିଁ । କିନ୍ତୁ ପରାଧୀନ ଭାରତର ସ୍ୱାଧୀନତା ଅର୍ଜନ କାମନାରେ ଯେଉଁ ସମାଲୋଚନା ଚାଲିଥିଲା ସେଥିରେ ଏପରି ଦାୟିତ୍ୱ - ବିଚାରର ଅବକାଶ ନଥିଲା ।

କଂଗ୍ରେସର ପ୍ରକୃତି -

ପୁଣି ଏକ ଅସୁବିଧା, ଗଣତନ୍ତ୍ର ଶାସନ ଲୋକଙ୍କ ଭୋଟ ଉପରେ ପ୍ରତିଷ୍ଠିତ । କଂଗ୍ରେସ କେତେବର୍ଷ ହେଲା ଚାରିଅଣିଆ ମେମ୍ବରଙ୍କ ଭୋଟ ଧରି ଗଢ଼ା ହେଉଥିଲା ସତ, କିନ୍ତୁ ଲଢ଼େଇ କରିବାର ଆଦର୍ଶ ସବୁବେଳେ ଆଗରେ ଥିବାରୁ ନେତୃତ୍ୱ ଯଥାର୍ଥରେ ଭୋଟ ଉପରେ ନିର୍ଭର ନକରି ତ୍ୟାଗ ଉପରେ ପ୍ରତିଷ୍ଠିତ ଥିଲା । ଅସହଯୋଗ ତଥା ଜେଲ୍‌କୁ ଯିବା ଦରକାର ପଡ଼ିଲା ବେଳେ ଲୋକଙ୍କୁ କେହି ଭୋଟ ଦେଇ ନିର୍ବାଚନ କରି ଅସହଯୋଗରେ ପୂରାଉ ନଥିଲେ କି ଜେଲ୍‌କୁ ପଠାଉ ନଥିଲେ। ନିଜ ତ୍ୟାଗ ବଳରେ ନେତାମାନେ ମନକୁ ତିଆରି ହୋଇ ଆଗରେ ଚାଲୁଥିଲେ । ପଛରେ କିଏ ଆସିଲା ନ ଆସିଲା ସେ ବିଚାର ମଧ୍ୟ କରୁନଥିଲେ ।

Digitized by PPRACHIN, SOA

ମନ୍ତ୍ରୀତ୍ୱ -

ଏହିପରି ପରିସ୍ଥିତିରେ କଂଗ୍ରେସ ଲାଟସଭାରେ ପଶିଲେ । ପୁଣି କେତେଦିନ ପରେ ପ୍ରଦେଶ ମାନଙ୍କରେ ମନ୍ତ୍ରୀତ୍ୱ ଗ୍ରହଣ କଲେ । ଏହି ଲାଟସଭାକୁ ପଶିବା ବିଶେଷତଃ ମନ୍ତ୍ରୀତ୍ୱ ଗ୍ରହଣ କରିବାରେ କଂଗ୍ରେସ ଲୋକେ ଦଳଗତ ଭାବରେ ଆପତ୍ତି କରି ଆସିଛନ୍ତି । ଯେଉଁମାନେ ମନ୍ତ୍ରୀତ୍ୱ ପର୍ଯ୍ୟନ୍ତ ନେବାକୁ ମତ ଦେଇଥିଲେ ସେମାନେ ମଧ କମ୍ ଆଶା ଓ ଉତ୍ସାହରେ ତାହା କରିନଥିଲେ । ଉଭୟ ଦଳ କିନ୍ତୁ ଆଦର୍ଶବାଦୀ । କେହି ତନ୍ନ ତନ୍ନ କରି କାର୍ଯ୍ୟରେ ଆଲୋଚନା କରି ମତ ଦେଉନଥିଲେ । ସେପରି ଆଲୋଚନା କରିବାର କୌଣସି ସାଧନ ମଧ ନଥିଲା । ଅନେକ ଦିନ ଲଢ଼େଇ କରି କିଞ୍ଚିତ୍ ଫଳ ଭୋଗରେ ନିଜକୁ ଦୃଢ଼ କରିନେବା ଆଦର୍ଶରେ ଲୋକେ ମନ୍ତ୍ରୀତ୍ୱ ପର୍ଯ୍ୟନ୍ତ ନେବାପାଇଁ ମତ ଦେଇଥିଲେ । କିନ୍ତୁ ଭୋଗରେ ତ୍ୟାଗ ଭୁଲିଯିବାର କଳ୍ପନା କେବଳ ଆଦର୍ଶବାଦୀ ପକ୍ଷରେ ବଡ଼ ସୁଗମ ନୁହେଁ । ଏହି ମନ୍ତ୍ରୀତ୍ୱର ଭୋଗକୁ ଯୁଦ୍ଧର ଅନ୍ୟତମ ସାଧନ ବୋଲି ଆଦର୍ଶବାଦୀମାନେ ବୁଝିଥିଲେ, ସଂଦେହ ନାହିଁ ।

ଗଣତନ୍ତ୍ର ଚାଳନ -

କିନ୍ତୁ ଫଳରେ କ'ଣ ହେଲା ? ଏବେ ଅନଭ୍ୟସ୍ତ ଭାରତବାସୀ ଗଣତନ୍ତ୍ରର କ୍ରିୟା - ପ୍ରବାହ କାର୍ଯ୍ୟରେ ଅନୁଭବ କରିନାହାନ୍ତି । ପର ରାଜତ୍ୱରେ ରହି ଗଣତନ୍ତ୍ର କ୍ରିୟା ସବୁ ଗ୍ରନ୍ଥ ପାଠ ମାତ୍ରରେ ଆୟତ୍ତ କରି ଗଣତନ୍ତ୍ର ଚଳାଇବା ଏଡ଼େ ସହଜ କଥା ନୁହେଁ । ଏହା ଏବେ ବହୁ ପରିମାଣରେ ପ୍ରମାଣିତ ହୋଇଛି ବୋଲି ମନେ ହୁଏ ।

ମନ୍ତ୍ରୀତ୍ୱର କ୍ରିୟା ଗତି -

ଲଢ଼େଇରେ ଯେଉଁମାନେ ଆଗରେ ଥାଇ କଂଗ୍ରେସର ନେତୃତ୍ୱ କରୁଥିଲେ, ଭୋଟ ବେଳେ ସେହି ସବୁ ଲୋକେ ଯେ ଏକା ଆଗକୁ ଆସିବେ ଏହାର କୌଣସି କାରଣ ବା ପ୍ରମାଣ ନାହିଁ; ବସ୍ତୁତଃ ତାହା ହୋଇନାହିଁ । ଭୋଟ ବେଳକୁ ଅନେକ ସୁବିଧାବାଦୀ ଆଗକୁ ଆସିବାର କଥା । ସେମାନେ ଆସିଲେ । ଯେଉଁମାନଙ୍କର ଧନବଳ, ଜନବଳ ଏପରିକି କୁଚକ୍ରବଳ ମଧ ଥିଲା, ଭୋଟ ସଂଗ୍ରହ ବେଳ ପଡ଼ିଯିବାରୁ ଅନେକ ସ୍ଥଳରେ ବାଧ ହୋଇ କଂଗ୍ରେସ ସେମାନଙ୍କୁ ଠିଆ କଲେ । ଫଳତଃ ମନ୍ତ୍ରୀମଣ୍ଡଳରେ ଓ ମନ୍ତ୍ରୀଦଳରେ ସେମାନଙ୍କ ମଧ୍ୟରୁ ଅନେକେ ସ୍ଥାନ ପାଇଲେ । ଗଣତନ୍ତ୍ରରେ ବିରୋଧ ହିଁ ସୁଶାସନର ନିୟାମକ । ସ୍ୱତ୍ୱ ଓ ଅଧିକାର ପାଇଁ ଲଢ଼େଇ କରୁଥିବା କଂଗ୍ରେସର ଆଦର୍ଶ ଫଳରେ ବ୍ୟବସ୍ଥା ସଭାମାନଙ୍କରେ ଗଣତାନ୍ତ୍ରିକ ବିରୋଧ ଆଦୌ ମୁଣ୍ଡ ଟେକି ପାରିଲା ନାହିଁ । ପୁଣି ଏହି ପ୍ରାଦେଶିକ ଗଣତନ୍ତ୍ରରେ ଜାତୀୟ ଏକତା ଦେଖାଇବାପାଇଁ ନେତାମାନେ ସବୁ ପ୍ରାଦେଶିକ ଶାସନ ଗୁଡ଼ିକୁ ନାକରେ ଦୌଡ଼ି ଧରି ନଚାଇଲା ପରି କେବଳ ମାତ୍ର କେନ୍ଦ୍ରରୁ

Digitized by PPRACHIN, SOA

ଆଦେଶ ଓ ଉପଦେଶ ଦେଇ ଚଳାଇବାରେ ଲାଗିଲେ । ଓ୍ୟାର୍ଦ୍ଧା ଶିକ୍ଷା ବୋଲ, ନିଶା ନିବାରଣ ବୋଲ, ନିରକ୍ଷରତା ଦୂରୀକରଣ ବୋଲ କୌଣସିଟିରେ ପ୍ରାଦେଶିକ ପରିସ୍ଥିତି ସମ୍ୟକ୍ ବିଚାରରେ ଆସିଲା ନାହିଁ । ବଡ଼ ବଡ଼ ନୀତିମାନଙ୍କର ପ୍ଲାବନୀ ବନ୍ୟାରେ ଦେଶକୁ ଭସାଇ ଦେଇ କେବଳ ଅନିର୍ଦ୍ଦିଷ୍ଟ ଭାବରେ ଆତସବାଜି ଫୁଟାଇ ଲୋକଙ୍କୁ ଭୁଲାଇ ଜନମତ ଗଠନ କରିବାର ଉଦ୍ୟମ ଚାଲିଲା । ସୁବିଧାବାଦୀଙ୍କ ପ୍ରଭାବରେ ପ୍ରଭାବିତ ମନ୍ତ୍ରୀମଣ୍ଡଳମାନଙ୍କୁ ସଂହତ ଓ ଦୃଢ଼ ରଖି କଂଗ୍ରେସରେ ଜାତୀୟ ଶକ୍ତିକୁ ସର୍ବତୋଭାବରେ ଏକାକାର କରି ଦେଖାଇବା ପାଇଁ କେନ୍ଦ୍ରରୁ ସ୍ପଷ୍ଟ ଉଦ୍ୟମ ପ୍ରକାଶ ପାଇଲା । ମନ୍ତ୍ରୀମାନେ ଯଥା ଅଯଥା ନାନାଭାବରେ ଲୋକଙ୍କୁ ହାତ କରି, ଜବତ୍ କରି, ମନାଇଁ, ଭୁଲାଇ, ପ୍ରଦେଶମାନଙ୍କରେ କଂଗ୍ରେସରେ ଏକଚ୍ଛତ୍ର ନେତୃତ୍ୱ କରିବାରେ ଲାଗିଲେ । ଲାଳସା ଅଭିସନ୍ଧି ଓ ସ୍ୱାର୍ଥ ସାଧନ ସ୍ଥଳବିଶେଷରେ ବିଭତ୍ସ ଭାବରେ ପ୍ରକାଶ ପାଇଲେ ମଧ୍ୟ କୈନ୍ଦ୍ରିକ ଚକ୍ରର ପ୍ରଭାବ ଓ ଘଣ୍ଟଘୋଡ଼ାରେ ତାହା ସବୁ ଯୋରରେ ଚିପି ଦିଆଯିବାର ଉଦ୍ୟମ ହେଲା । ତ୍ୟାଗର ମାତ୍ରା କଂଗ୍ରେସରୁ କ୍ରମେ ଲୋପ ପାଇବାକୁ ବସିଲା । ପ୍ରାଦେଶିକ କଂଗ୍ରେସ ମନ୍ତ୍ରୀଦଳରୁ ସ୍ୱାଧୀନ ରହି ମନ୍ତ୍ରୀଦଳକୁ ବାଟରେ ରଖିବା ପାଇଁ ଦାବୀ କରାଗଲେ ମଧ୍ୟ ଶୁଣାଗଲା ନାହିଁ । ପରେ ମନ୍ତ୍ରୀମଣ୍ଡଳ ଛଡ଼ା କଂଗ୍ରେସର ଆଉ ଅସ୍ତିତ୍ୱ ରହିଲା ନାହିଁ ।

ତାହାର ପରିଣାମ –

ଏଥିରେ ଯାହା ଅବଶ୍ୟମ୍ଭାବୀ ତାହା ହେଲା । ପ୍ରାକୃତିକ ତ୍ୟାଗରେ ପ୍ରତିଷ୍ଠିତ ସାଧନାର କ୍ଷେତ୍ର କଂଗ୍ରେସ, ପ୍ରାକୃତିକତା ହରାଇ ଭୋଗରେ ପ୍ରତିଷ୍ଠିତ କୃତ୍ରିମ ବାସନାର କ୍ଷେତ୍ରରେ ପରିଣତ ହେଲା । କଂଗ୍ରେସ ଭିତରେ ଓ ବାହାରେ ସର୍ବତ୍ର ଅସନ୍ତୋଷର ମୁର୍ମୁର ଦାହ ସରକାର ତଥା କେନ୍ଦ୍ରଶକ୍ତିର ବିକଟ ଚାପରେ ସର୍ବତ୍ର ଆଚ୍ଛାଦିତ ହେଲା । ଜଳି ଉଠିବାର ମଧ୍ୟ ଉପାୟ ରହିଲା ନାହିଁ । କୌଣସି ବିଦଳିତ ସ୍ୱାର୍ଥ ମଧ୍ୟ ମୁଣ୍ଡ ଟେକି ପାରିଲା ନାହିଁ । ଲୋକଙ୍କୁ ଭୁଲାଇ ରଖିବା ପାଇଁ ଯଥା ଅଯଥା ସମସ୍ତ ସାଧନ ପ୍ରୟୋଗ କରି ମନ୍ତ୍ରୀମାନେ ଶାସନ ଶକ୍ତି ଲଗାଇ କୃତ୍ରିମ କଂଗ୍ରେସର ଏକତା ଫୁଟାଇବାରେ ଲାଗିଲେ । ସତ୍ୟ ଓ ଅହିଂସା ନାମରେ ପ୍ରତିଷ୍ଠିତ କଂଗ୍ରେସ ଅସତ୍ୟ ଓ ହିଂସାରେ ରନ୍ଧ୍ରେ ରନ୍ଧ୍ରେ ପୂରିଗଲା । ମନ୍ତ୍ରୀତ୍ୱ ଗ୍ରହଣ କରି ସେହି ସୂତ୍ରରେ କାମ ଦେଖାଇବା ନିଶାରେ ଭୁଲିଯାଇ କେନ୍ଦ୍ର ନେତାମାନେ, ହୁଏତ ଶେଷକୁ ହତବୁଦ୍ଧି ହୋଇଗଲେ । ଯେଉଁ ମନ୍ତ୍ରୀତ୍ୱକୁ ଇଂରେଜ ସରକାର ସଙ୍ଗେ ଯୁଦ୍ଧର ସାଧନରୂପେ କଳ୍ପନା କରାଯାଇଥିଲା ତାକୁ ସ୍ପଷ୍ଟଭାବରେ ଯୁଦ୍ଧରେ ନଲଗାଇ ଏବେ ଆଦେଶ ହେଲା ଇସ୍ତଫା ଦିଅ । ମନ୍ତ୍ରୀମାନେ ଇସ୍ତଫା ଦେବାର ଏହା ମଧ୍ୟ ଏକ ପ୍ରଧାନ କାରଣ ବୋଲି ଅନୁମାନ ହୁଏ । କିନ୍ତୁ ଆମ ବିଚାରରେ ଏହା ସ୍ପଷ୍ଟ କହିଦେଲେ ବର୍ତ୍ତମାନ ପାଇଁ କେତେକ କ୍ଷତି ଓ ଅସୁବିଧା ହୋଇପାରେ, ମାତ୍ର କଂଗ୍ରେସର

Digitized by PPRACHIN, SOA

ତ୍ୟାଗଧର୍ମକୁ ପୁଣି ସତ୍ୟ ଓ ଅହିଂସା ଉପରେ ପ୍ରତିଷ୍ଠିତ କରିବାରେ ଏ ସ୍ପଷ୍ଟତା ସାହାଯ୍ୟ କରିବ ।

ସ୍ପଷ୍ଟ କହିବା ଉଚିତ -

ଆମେ ଏହି ପତ୍ରରେ କଂଗ୍ରେସ ବ୍ୟବସ୍ଥା ସଭାକୁ ଯିବା ଓ ମନ୍ତ୍ରୀତ୍ୱ ଗ୍ରହଣ କରିବା ବିରୋଧରେ କହିନାହୁଁ । ବରଂ ଆମେ ଏହା ସପକ୍ଷରେ ଥିଲୁ । ତଥାପି ଆଦର୍ଶରେ ଭ୍ରାନ୍ତ ହୋଇ କ୍ରିୟାଗତିର ସଂପୂର୍ଣ୍ଣ କଳନା କରିପାରି ନଥିଲୁ ବୋଲି ଆଜି ସ୍ପଷ୍ଟ କଥା ନ କହିବାର କିଛି କାରଣ ନାହିଁ । ସତ୍ୟର ଅପଳାପରେ ସମୟ ସେବା ଚଳିପାରେ । ମାତ୍ର ସେପରି ସମୟସେବା ଆମ କଂଗ୍ରେସର ଧର୍ମ ନୁହେଁ । ଆଦର୍ଶ ଭୁଲ୍ ନହୋଇପାରେ । କିନ୍ତୁ ଆଦର୍ଶର ସାଧନା ପାଇଁ ସାମଗ୍ରୀର ଏବେ ଅଭାବ ଥିଲା ବୋଲି ବୁଝିସାରି ସ୍ପଷ୍ଟ ନ କହିବା ଭୁଲ୍ ।

ମୋସଲେମ୍ ବିରୋଧ -

ଆଉ ଗୋଟିଏ କଥା ଏବେ ଭାରତ ରାଜନୀତିରେ ସ୍ପଷ୍ଟତର ହୋଇ ପ୍ରକାଶ ପାଇଛି । ଏହା ହେଉଛି, ମୁସଲମାନଙ୍କର ବିରୋଧ । ଏ ବିରୋଧଟି ଏପରି କେବେ ପ୍ରକାଶ ପାଇ ନଥିଲା । ଅନେକ କହିବେ ଏହା ଏପରି ପ୍ରକାଶ ପାଇବାର ଆଶଙ୍କା ବି ନଥିଲା । ମୁସୋଲିମ୍ ଲିଗର ନେତା ଜିନା ସାହେବ କହିଛନ୍ତି, "ଏ ଦେଶରେ ଗଣତନ୍ତ୍ର ଶାସନ ଦରକାର ନାହିଁ । ଏ ଦେଶରେ ଭୋଟରମାନେ ଅଶିକ୍ଷିତ ଓ ମୂର୍ଖ । ସେମାନଙ୍କୁ ଭୁଲାଇ ଗଣତନ୍ତ୍ରର ନେତାମାନେ ଯେଉଁ ଶାସନ ପ୍ରତିଷ୍ଠା କରିବେ ତାହା ସ୍ପୃହଣୀୟ ନୁହେଁ ।" ଏ କଥାଟା ଖାଲି ଫିଙ୍ଗିଦେଲେ ଚଳିବ ନାହିଁ । ଯଥାର୍ଥରେ କଂଗ୍ରେସ ମୁସଲମାନ ମାନଙ୍କ ପ୍ରତି କୌଣସି ଦୁରାଗ୍ରହ କେବେ ଦେଖାଇ ନାହିଁ । ପ୍ରାଦେଶିକ ଶାସନରେ ମଧ୍ୟ ତାହା କରିନାହିଁ । ବରଂ ପ୍ରାଦେଶିକ ଶାସନ ହାତରେ ନେଇ କଂଗ୍ରେସ ମୁସଲମାନ୍ ମାନଙ୍କ ପ୍ରତି ଅଧିକ ଆଦର ଓ ଅନୁକମ୍ପା ଦେଖାଇଛି ବୋଲି କୁହାଯାଇପାରେ । ଜିନା ତେବେ କି ସାହସରେ ଏପରି ଗୋଟିଏ ଅନାଶଙ୍କିତ ମତ ପ୍ରକାଶ କଲେ ? କଂଗ୍ରେସ ସରକାରମାନଙ୍କର ଯେଉଁ କ୍ରିୟାଗତି ଉପରେ କୁହାଗଲା ସେହି ଦୃଷ୍ଟିରେ ଜିନା ଏକଥା କହିବାକୁ ସାହସୀ ହୋଇଛନ୍ତି ବୋଲି ମନେ ହୁଏ । କାରଣ ଏ କଥାଟି ଆଗେ କହିଥିଲେ ଜିନାଙ୍କ ପରି ନେତାଙ୍କର ଯେ ଦୁରପନେୟ ଅପଖ୍ୟାତି ହୋଇଥାଆନ୍ତା ତାହା ହୁଏତ ଏବେ ହେବନାହିଁ ବୋଲି ଜିନା ଅନ୍ତତଃ ମନେ କରିଛନ୍ତି । ତାହା ନହୋଇଥିଲେ ସେ ଏପରି କହିପାରିନଥାନ୍ତେ । ଏଥିରୁ ମଧ୍ୟ କଂଗ୍ରେସର ଆତ୍ମଶୋଧନ ସାମଗ୍ରୀ ଗ୍ରହଣ କରିବାର ଅଛି ।

Digitized by PPRACHIN, SOA

ଲଢ଼ାଇର ପରିସ୍ଥିତି -

ମହାତ୍ମା ଗାନ୍ଧୀ କହିଛନ୍ତି, "ଏଥିରେ ଇଂରେଜ ସରକାରଙ୍କ ସଙ୍ଗେ କଂଗ୍ରେସର ଯେଉଁ ଲଢ଼ାଇ ହେବ ତାହା ଶାନ୍ତି ଓ ଅହିଂସାରେ ହେଲେ ମଧ ଶେଷ ଲଢ଼ାଇ ହେବ ।" କିନ୍ତୁ ସଙ୍ଗେ ସଙ୍ଗେ ସେ କହିଛନ୍ତି, "ଲଢ଼ାଇ ପାଇଁ ଲୋକେ ପ୍ରସ୍ତୁତ ଥିବାଭଳି କୌଣସି ଲକ୍ଷଣ ସେ ଏବେ ଦେଖି ପାରୁ ନାହାନ୍ତି ।" ସେଥିପାଇଁ ଏ ସନ୍ଧିବେଳାରେ ମଧ ସେ ପୁଣି ଲୋକଙ୍କୁ ଗଠନକ୍ରିୟାରେ ସଂପୂର୍ଣ୍ଣ ଆତ୍ମନିୟୋଗ କରିବା ପାଇଁ ଉପଦେଶ ଦେଇଛନ୍ତି । ଅବଶ୍ୟ ସେହି ଗଠନକ୍ରିୟାରେ ମହାତ୍ମା ଗାନ୍ଧି ସତ୍ୟ ଓ ଅହିଂସା ବେଦୀ ଉପରେ କଂଗ୍ରେ ବରାବର ଗଢ଼ି ଆସିଥିଲେ । ଏବେ ପ୍ରଦେଶମାନଙ୍କର ସରକାର ହାତରେ ନେଇ ସେଥିରେ ଅଢ଼େଇ ବର୍ଷ କାର୍ଯ୍ୟ କରିସାରି ମଧ ଦେଶର ବାୟୁମଣ୍ଡଳରେ କାହିଁକି ଯେ ସତ୍ୟ ଓ ଅହିଂସାର ପ୍ରତିଷ୍ଠା ସେ ଦେଖୁ ନାହାନ୍ତି ତାହା କିଏ କହିବ ? ଦେଶର ବାୟୁମଣ୍ଡଳରୁ ସତ୍ୟ ଓ ଅହିଂସାର ଭାବ କାହିଁକି କମିଗଲା ବା ଉଠିଗଲା ଓ ସେଥିପାଇଁ ଦାୟୀ କିଏ ତାହା ମଧ ବିଚାରିବାର ଅଛି ।

ଉପସ୍ଥିତ କର୍ତ୍ତବ୍ୟ -

ଯାହା ହେଉ ଆମର ଏ ସମସ୍ତ ବିଶ୍ଳେଷଣ କେବଳ ଭବିଷ୍ୟତର କାର୍ଯ୍ୟପନ୍ଥା ଠିକ୍ କରିବା ପାଇଁ। ଏଥିରେ କିଛି ଭାଙ୍ଗି ଦେବାର କଳ୍ପନା ନାହିଁ । କାରଣ, ଭାଙ୍ଗିଯାଉଥିବାର ହେତୁ ଅନୁସନ୍ଧାନ ନକଲେ ଗଠନ ସୁକର ନୁହେଁ । ବର୍ତ୍ତମାନ କଂଗ୍ରେସର ମନ୍ତ୍ରୀତ୍ୱ ଯାଇଛି । ଭୋଗ ବାସନାର ସାମଗ୍ରୀ ଅପସାରିତ ହୋଇଛି । ତ୍ୟାଗ ଓ ସାଧନା ପୁଣି ଫୁଟିବାର ପରିସ୍ଥିତି ଘଟିଛି । ଦେଶବାସୀ ଏହି ପରିସ୍ଥିତିର ପୂର୍ଣ୍ଣ ବ୍ୟବହାର କରି ଅଚିରେ କଂଗ୍ରେସକୁ ପୁନଃ ଜୀବିତ କରନ୍ତୁ । ସମସ୍ତେ ତ୍ୟାଗରେ ଏକାକାର ହୁଅନ୍ତୁ । ଆଦର୍ଶ ଉଜ୍ଜ୍ୱଳ ହେଉ । କ୍ରିୟାଗତି ସୁନ୍ଦର ଓ ସଂଯତ ହେଉ । ବହୁତ ବୃଥା ବିଦ୍ୱେଷ ହିଂସା ଓ ଅସତ୍ୟ ପଶିଛି । ସେଥିପ୍ରତି ଖାଲି ଆଖି ବୁଜି ନଦେଇ ସମସ୍ତେ ତାହା ହୃଦୟଙ୍ଗମ କରନ୍ତୁ ଓ ହୃଦୟବତ୍ତାରେ ସେସବୁକୁ ଏଡ଼ିଦେଇ ପୁଣି ଠିଆ ହୁଅନ୍ତୁ ।

ନବ ଭାରତ-୬।୩-୪, ଆଲୋଚନା

ରେଲ ଓ ମଟର

ଆଗେ ସଡ଼କରେ ଗାଡ଼ିରେ କାରବାର ଚାଲୁଥିଲା। ମଟର ସୁବିଧା ହେବାରୁ କ୍ରମେ ମଟର ବସ୍ ସବୁ ଚାଲିଲା । ଏବେ ଏହି ବସ୍ ଲରି ପ୍ରଭୃତି ମଟର ଯାନର ପ୍ରତିଯୋଗିତାରେ ରେଳ ଆଉ ଅନେକ ସ୍ଥଳରେ ପାରି ଉଠୁନାହିଁ । ଅନେକ ସ୍ଥଳରେ କାହିଁକି, ଦେଖା ଯାଉଛି, ଯେଉଁଠାରେ ରେଳ ସଙ୍ଗେ ସଙ୍ଗେ ମଟର ରାସ୍ତାର ସୁବିଧା ଅଛି,

Digitized by PPRACHIN, SOA

ସେଠାରେ ମଟର ଜିଣୁଛି ରେଳ ଭାଙ୍ଗୁଛି । ରେଳର ସେଥିପାଇଁ କେତେବର୍ଷ ହେଲା, କୋଟି କୋଟି ଟଙ୍କା କ୍ଷତି ହେଉଛି ।

ରେଳ ସରକାରଙ୍କ ସମ୍ପତ୍ତି । ମଟର ବ୍ୟକ୍ତି ବିଶେଷ ବା କମ୍ପାନୀମାନେ ନିଜ ଧନରେ ଚଳାନ୍ତି । ଏଣୁ ରେଳର କ୍ଷତି ହେଲେ, ସରକାରଙ୍କ କ୍ଷତି ହେଲା । ଫଳରେ ଯେଉଁ ଜନସାଧାରଣ କର ଦେଇ ସରକାରଙ୍କୁ ଚଳାନ୍ତି, ସେହିମାନଙ୍କର କ୍ଷତି ହେଲା ।

ମଟର ଆତଙ୍କ –

ସେଥିପାଇଁ ଏବେ ଦୁଇ ତିନି ବର୍ଷ ହେଲା, ଭାରତ ସରକାର ତଥା ରେଳବାଇମାନଙ୍କର ଭାରି ଚିନ୍ତା ପଡ଼ିବାର ଶୁଣାଯାଉଛି । କ'ଣ କଲେ ମଟର ଛାଡ଼ି ଲୋକେ ରେଳକୁ ଆଦରିବେ, ସେଥିପାଇଁ ନାନା ଉପାୟମାନ ଚିନ୍ତା କରାଯାଉଛି । କିନ୍ତୁ ସରକାରଙ୍କ ଉପାୟ ସବୁରେ ଦେଶବାସୀଙ୍କ ଅବସ୍ଥା ଓ ପରିସ୍ଥିତିର ସଂପର୍କ ବଡ଼ ଊଣା ଥାଏ । ଏ କ୍ଷେତ୍ରରେ ତାହା ହିଁ ହୋଇଛି ।

ମଟରକୁ ବେଶି ଲୋକ ମାନିଲେ, ରେଳକୁ ମାନିଲେ ନାହିଁ । ବିଚାର ବସିଲା, ସଙ୍ଗେ ସଙ୍ଗେ ଠିକ୍ ହୋଇଗଲା, ମଟର ଅଳ୍ପରେ ବଡ଼ ସଅଳ ସାଆଳ ଯାତାୟାତ କରୁଛି । ବାଟରେ ଯେଉଁଠାରେ ଇଚ୍ଛା ସେଠାରେ ରହିଯାଉଛି । ଇଚ୍ଛାମତେ ମାଲ ମଣିଷ କାଢୁଛି, ଲଦୁଛି । ଏଇଥିପାଇଁ ଲୋକେ ରେଳକୁ ଛାଡ଼ି ମଟରକୁ ଆଦରୁଛନ୍ତି । ତେବେ ଏଣିକି ଉପାୟ ଦିଶିଗଲା ଇଞ୍ଜିନ୍‌ଗୁଡ଼ାକ ବଡ଼ ବଡ଼ ହୋଇଛି, କୋଇଲାରେ ଜଳୁଛି, ତାକୁ ଛାଡ଼ି ବିଲାତରୁ ତେଲରେ ଚଳୁଥିବା ସାନ ସାନ ଇଞ୍ଜିନ୍‌ମାନ କିଣିଆଣ । ତାକୁ ଚାହିଁ ରେଳଗାଡ଼ି ବ୍ୟବସ୍ଥା କରିଦିଅ । ବାଟରେ ଯେଉଁଠାରେ ହୋ ହୋ କରିବ ସେଠାରେ ରେଳ ଠିଆ କରିଦେଇ ମାଲ ମଣିଷ କାଢ଼, ମାଲ ମଣିଷ ଚଢ଼ାଅ । ଦରକାର ପଡ଼ିଲେ ବଗଥଣ୍ଟ (crane) କପିକଳର ବ୍ୟବସ୍ଥା କର । ସେଥିରେ ଚଟାପଟ ମାଲ କାଢ଼ି ଫିଙ୍ଗି ଦେଉଥିବ, ମାଲ ଟେକି ନେଉଥିବ ।

ଉଏଲ୍ ଉଡ୍ କମିଟି –

ଏଇଠାରେ ମନେ ରଖିବାକୁ ହେବ ଆମ ଦେଶରେ କୌଣସି ଶାସନ ବ୍ୟବହାର ପ୍ରଭୃତିରେ ସଂକଟ ପଡ଼ିଗଲେ ବିଶେଷଜ୍ଞ ବସିଯାନ୍ତି । ଦୁଃଖର କଥା ଦେଢ଼ଶ ବର୍ଷ ଇଂରେଜ ରାଜତ୍ୱ ପରେ ମଧ୍ୟ ଏଇଭଳି ରେଳ ବ୍ୟବହାର ସଂକଟରେ ଦେଶୀ ବିଶେଷଜ୍ଞ ମିଳନ୍ତି ନାହିଁ । ମିଳିଲେ ମଧ୍ୟ ତାଙ୍କ ମୁହଁ ଅନେକ ସମୟରେ ଦେଶ ଆଡ଼କୁ ନଥାଏ । ସେମାନେ ଦେଶ ଭିତରକୁ ନ ଚାହିଁ, ବାହାରୁ ଚିନ୍ତାତନ୍ତ୍ର ଲଗାଇ ଯୁକ୍ତି କରି କଥାମାନ, ଠିକ୍‌ଠାକ୍ କରି, ମତ ପ୍ରକାଶ କରନ୍ତି । ଏଇପରି ମତି ଗତି ପଡ଼ିଯାଇଛି । ସେଥିପାଇଁ ନିତାନ୍ତ ସଂକଟ ବଳିପଡ଼ିଲେ, ନିରୁତା ଛଣା ବିଦେଶୀମାନେ ବିଶେଷଜ୍ଞ ରୂପେ ଡ଼କା ହୋଇ ଆସି

Digitized by PPRACHIN, SOA

ନୂଆ ମତ ଦିଅନ୍ତି । ସେପରି ଲୋକେ ମତ ଦେବାରେ ଗତ ପଡ଼ିଥିବା ଶଗଡ଼ ଗୁଳାରେ ଯାନ୍ତି ନାହିଁ । ସେମାନେ ପୂର୍ବରୁ ଅବସ୍ଥା ଓ ପରିସ୍ଥିତି ନ ଜାଣିଥିଲେ ମଧ୍ୟ ମନୁଷ୍ୟର ମାନବିକତା ଉପରେ ଛିଡ଼ା ହୋଇ ବ୍ୟବସ୍ଥା ଦିଅନ୍ତି । ଏ ଦେଶର ବିଶେଷଜ୍ଞ କିନ୍ତୁ ଅନ୍ୟାନ୍ୟ ନାନାଭାବର ପ୍ରତିଚକ୍ଷୁ ଧରି ଦେଖିବାରୁ ଦୃଷ୍ଟି ଦୋଷ ମଧ୍ୟ ଘଟିଥାଏ ।

ଏ କ୍ଷେତ୍ରରେ ମୋଟର ସଙ୍ଗେ ପ୍ରତିଯୋଗିତା କରିବାରେ ହୁଏତ ଦୃଷ୍ଟି ଥିଲା ଜିନିସ କିଣି ଭର୍ତ୍ତି କରିବା । ନୂଆ ଇଞ୍ଜିନ୍ ବିଲାତରୁ ଆସିବ, ନୂଆ ଗାଡ଼ି ତିଆରି ହେଲେ କାରଖାନା ଓ ୱାର୍କର୍ସ ମାନଙ୍କରେ ବେକାର ସମସ୍ୟା ଟିକିଏ କମିଯିବ ଇତ୍ୟାଦି । ସେଥିପାଇଁ ଗାଡ଼ିମାନ କିଣା ହେଲା, ପ୍ରତିଯୋଗିତାରେ ମଟର ସଙ୍ଗେ ଲଢ଼ିବାର ଆରମ୍ଭ ହୋଇଗଲା । ହୁଏତ ଦୁଇ ଏକ ସ୍ଥାନରେ କ୍ରମେ ରେଳର ବ୍ୟବସାୟ କିଛି ବଢ଼ିବାର ଦେଖାଗଲା । କିନ୍ତୁ ପୂର୍ବ ଅବସ୍ଥାକୁ ଆସିଲା କି ନାହିଁ ଆସିପାରିବ କି ନାହିଁ ସେସବୁର ସମ୍ୟକ୍ ବ୍ୟବସ୍ଥା କରିବାକୁ ଅପେକ୍ଷା କରିବାକୁ ବେଳ ନାହିଁ । ନିଶାଖୋରର ଅଫିମ ମାତ୍ରା ବଢ଼ିଲା ପରି ପୁଣି କିଣ, ପୁଣି କିଣ । ହୁଏ ତ ଧରାହେଲା ମୂଳଧନ ବେଶୀ ଖଟାଇଲେ ଲାଭ ନିଶ୍ଚେ ବଢ଼ିଯିବ । ଏଣେ ଅନ୍ୟାନ୍ୟ ଯେ ସବୁ କାରଣରୁ ପ୍ରତିଯୋଗିତାରେ ମଟର ଜିଣୁଛି ସେ ଦିଗକୁ ହୁଏ ତ ଜମାରୁ ଦୃଷ୍ଟି ନାହିଁ । ପ୍ଲାଟ୍‌ଫର୍ମରେ ଟିକଟ ବିକ୍ରୀ ପାଇଁ ଲୋକଙ୍କର ଧମାଧମ ହାତାହାତି ପର୍ଯ୍ୟନ୍ତ ଯାଏ, ଟିକଟ ବାବୁଙ୍କର ସେ ଆଡ଼କୁ ଖିଆଲ ନାହିଁ । ମାଲ ଚଢ଼ାଇବା ଉତାରିବା ଏପରିକି ଲୋକଙ୍କୁ ଟିକଟ ଦେବା ପ୍ରଭୃତିରେ ଲାଞ୍ଚ ମିଛର ଯଥେଚ୍ଛା ବ୍ୟବହାର । ସେସବୁର କୌଣସି ପ୍ରତିକାର କରିବା ଦିଗକୁ ଦୃଷ୍ଟି ନାହିଁ । ବର୍ଷାରେ ଲୋକଙ୍କର ମୁଣ୍ଡ ଗୁଞ୍ଜିବାକୁ ପ୍ଲାଟ୍‌ଫର୍ମରେ ହୁଏତ ସ୍ଥାନ ନାହିଁ । ସେ କଥାକୁ କେହି ପଚାରୁ ନାହିଁ । କୌଣସି କୌଣସି ଲାଇନ୍‌ରେ ଅତି ଅସମୟରେ ସବୁ ଗାଡ଼ି ଗୁଡ଼ିକର ଯିବା ଆସିବାର ଯେ ବ୍ୟବସ୍ଥା, ସେ ଦିଗରେ ପ୍ରତିକାର ଲୋଡ଼ା ହେଉନାହିଁ । ରେଳରେ ଯେ ଚାକିରୀ କରନ୍ତି ସେମାନଙ୍କର ଲୋକଙ୍କ ସାମାଜିକ ଓ ବ୍ୟକ୍ତିଗତ ଅବସ୍ଥା ସୁବିଧା ଅସୁବିଧା ପାଇଁ ହୃଦୟରେ କୌଣସି ସ୍ଥାନ ଥିବାର କେହି କେବେ ହୁଏ ତ ଶଙ୍କା କରନ୍ତି ନାହିଁ। ସେସବୁର ପ୍ରତିବିଧାନ କଳ୍ପନାରେ ପର୍ଯ୍ୟନ୍ତ ନାହିଁ । ଏଇପରି ନାନା ଭାବରେ ରେଳ ଅପ୍ରିୟ ହୋଇ ମଟର ଯେ ପ୍ରିୟ ହେଉଛି ତାହାର କୌଣସି ଚିନ୍ତା ବିଚାର ବା କଳନା ନାହିଁ । ଖାଲି ନୂଆ ମାଲ କିଣିବାର ବ୍ୟବସ୍ଥା, ତାହା ହିଁ ଯେପରି ମହୌଷଧ ।

ମଟର ପ୍ରତିଯୋଗିତାର ପ୍ରତିକାର –

ଅବସ୍ଥା ଅତି ସଂକଟାପନ୍ନ ହେବାରୁ ଏବେ ସରକାର ସେସବୁର ଅନୁସନ୍ଧାନ ପାଇଁ ଏକାବେଳକେ ଭାରତ ସଂଗେ ସଂପର୍କ ନଥିବା ତିନିଜଣ ଲୋକଙ୍କୁ ଅନୁସନ୍ଧାନ କରିବା ପାଇଁ ଡାକି ଆଣିଥିଲେ । ଇଂଲଣ୍ଡର ଉଏଜ୍ ଉଡ଼ ସାହେବ ସେି ତିନିଜଣିଆଁ

Digitized by PPRACHIN, SOA

କମିଟିର ସଭାପତି ଥିଲେ । ତେଣୁ ଏହି କମିଟିର ନାମ ଉଏଜ ଉଡ୍ କମିଟି । ସେଥିରେ ମେମ୍ବର ଦୁଇଜଣ ମଧ୍ୟରୁ ଜଣେ ଆମେରିକାର ଓ ଜଣେ ଦକ୍ଷିଣ ଆଫ୍ରିକାର। ସମସ୍ତଙ୍କର ରେଳ କାରବାରରେ ଖୁବ୍ ଅଭିଜ୍ଞତା ଅଛି । ସେମାନେ ଏବେ ଅନୁସନ୍ଧାନ ଶେଷକରି ରିପୋର୍ଟ ଦେଇଛନ୍ତି । ସେ ରିପୋର୍ଟ ଦେଖି ସରକାରଙ୍କର ଯାହାହେଉ, ରେଳମାନେ ଯାହା ବିଚାରନ୍ତୁ, ଭାରତର କରଦାତାମାନଙ୍କର ଚକ୍ଷୁ ସ୍ଥିର ହୋଇଯିବ । କରଦାତାଙ୍କର ଧନ ଖର୍ଚ୍ଚ କରି ରେଳମାନେ ଏତେଦିନ ଯେ ଖାଲି ମାଲ କିଣି ଭର୍ତ୍ତି କରିବାକୁ ବ୍ୟବସାୟ ବୁଦ୍ଧିର ମହୌଷଧ ବୋଲି ବିଚାରିଥିଲେ ତାହା ଏହି ଉଏଜ୍ ଉଡ୍ କମିଟି ଏକାବେଳକେ ଏହି ଅବସ୍ଥାରେ ନାପସନ୍ଦ କରିଛନ୍ତି । ସେ କହିଛନ୍ତି ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ଗାଡ଼ି ଏତେ ଅଛି ଯେ ସେସବୁ ଆଉ ଅନେକ ଦିନ ପର୍ଯ୍ୟନ୍ତ ନ କିଣିଲେ ଚଳିବ । ବ୍ୟବସାୟ ସଙ୍ଗେ ତୁଳନା କରି ଦେଖିଲେ ଇଞ୍ଜିନ୍ ମଧ୍ୟ ବହୁତ ବେଶୀ କିଣା ହୋଇ ମହଜୁଦ୍ ଅଛି। ମାଲଡବା ମଧ୍ୟ ଏବେ ଆଉ କେତେବର୍ଷ କିଣିବା ଦରକାର କି ନା ତା ବିଚାର୍ଯ୍ୟ ବୋଲି ସେମାନେ କହନ୍ତି । ମଟର ପ୍ରତିଯୋଗିତା ବିଷୟରେ ଲୋକେ ଯାହା ବରାବର କହିଆସୁଥିଲେ ଅର୍ଥାତ୍ ଆମେ ଉପରେ ଯାହାସବୁ ସୂଚନାରେ କହିଗଲୁ, ସେସବୁ ଛତ୍ରେ ଛାତ୍ର ସେମାନେ ପସନ୍ଦ କରିଛନ୍ତି । ଏପରି ଅବସ୍ଥାରେ ଭାରତ ସରକାର ଓ ରେଳମାନେ ଖୁବ୍ ସାବଧାନ ହୋଇ ପଛକୁ ଚାହିଁବା ଉଚିତ । କିନ୍ତୁ ଦୁଃଖର କଥା ସେମାନଙ୍କର କିଣିବାର ନିଶା ଏବେ ମଧ୍ୟ ବନ୍ଦ ହେଉନାହିଁ । ଆଶା କରାଯାଏ ଉଏଜ୍ ଉଡ୍ କମିଟି ରିପୋର୍ଟ ସମ୍ୟକ୍ ବିଚାର କରି ସେମାନେ ବ୍ୟବସାୟରେ ଯଥାର୍ଥ ବିଶେଷଜ୍ଞ ପରି ନିଜର କାର୍ଯ୍ୟ ନିୟମିତ କରିବେ ଓ ଅଳ୍ପ ଧନ ଖର୍ଚ୍ଚ କରି କିପରି ଏ ସଂକଟକାଳରେ ଖର୍ଚ୍ଚ ମାତ୍ରା କମିଯାଇ କରଦାତାଙ୍କର ଉପକାର ହେବ ସେଆଡ଼କୁ ଦୃଷ୍ଟି ଦେବେ ।

ନବଭାରତ-୩/୧୧-୧୨ ଆଲୋଚନା

ଦେଶରେ ପଣ୍ୟର ଦର ସମସ୍ୟା

ସହର ଓ ଗ୍ରାମ -

ଯୁଦ୍ଧ ଲାଗିବା ସଙ୍ଗେ ସଙ୍ଗେ ହଠାତ୍ ସବୁ ପଣ୍ୟର ଦର ବଢ଼ିଗଲା । ଯୁଦ୍ଧ ଯୋଗୁ ସେତେବେଳକୁ ହୁଏତ କୌଣସି ଜିନିଷର ଦର ବଢ଼ି ନଥିଲା । କିନ୍ତୁ ଗତ ୟୁରୋପ ମହାଯୁଦ୍ଧ ଲୋକଙ୍କ ମନରେ ଏବେ ମଧ୍ୟ ଜୀବିତ ଅଛି । ପୁଣି ୟୁରୋପରେ ଯୁଦ୍ଧ ଲାଗିବା ସଙ୍ଗେ ସଙ୍ଗେ ବେପାରିମାନେ ଦର ବଢ଼ାଇ ଦେଲେ। ସେତେବେଳେ ପୁଣି ଭାରତର ଆଠ ପ୍ରଦେଶରେ କଂଗ୍ରେସ ସରକାର । ଅନ୍ୟାନ୍ୟ ପ୍ରଦେଶରେ ମଧ୍ୟ ଲୋକଶାସନ । ଏହି ଲୋକଶାସନ ପଲ୍ଲୀବାସୀଙ୍କ ଭୋଟରେ ଯେତେ ତିଆରି ହେଉନା କାହିଁକି ୟୁରୋପର

Digitized by PPRACHIN, SOA

ଅତି ପରିଚିତ ଦେଶମାନଙ୍କ ଅନୁକରଣରେ ଏହା ବୋମ୍ବେ କଲିକତା ପରି ବଡ଼ ସହର ଓ ଜେମ୍‌ସେଦ୍‌ପୁର ପରି ବଡ଼ ଶିଳ୍ପକେନ୍ଦ୍ର ଭାବରେ ପ୍ରଭାବିତ। ସହର ଓ ଶିଳ୍ପକେନ୍ଦ୍ରମାନଙ୍କରେ ଲୋକେ ଟଙ୍କା ରୋଜଗାର କରନ୍ତି। ମଜୁରି ପାଆନ୍ତି । ଯେକୌଣସି ଜିନିଷର ଦର ବଢ଼ିଲେ ତାଙ୍କର ଅସୁବିଧା । ଚାଉଳ ଡାଲି ପ୍ରଭୃତି ଖାଦ୍ୟ ଦ୍ରବ୍ୟର ଦର ବଢ଼ିଲେ ମଧ୍ୟ ଅସୁବିଧା । ହୁଏତ ଚାଉଳ ଡାଲିର ଦର ବଢ଼ିଗଲେ ତାଙ୍କୁ ସେତେ ଅସୁବିଧା ଜଣାପଡ଼ନ୍ତା ନାହିଁ । କିନ୍ତୁ ସହର ଓ ଶିଳ୍ପକେନ୍ଦ୍ରର ଲୋକେ ପଲ୍ଲୀବାସୀଙ୍କ ଠାରୁ ବହୁ ପରିମାଣରେ ଅତି ସ୍ୱାଚ୍ଛନ୍ଦ୍ୟ ଓ ବିଳାସର ଦ୍ରବ୍ୟ ବ୍ୟବହାର କରନ୍ତି । ସେସବୁ ଶିଳ୍ପଜାତ ଦ୍ରବ୍ୟ। ସେଥିମଧ୍ୟରୁ ଅଧିକାଂଶ ବିଦେଶରୁ ଆସେ ଓ ଯୁଦ୍ଧ ଲାଗିଲେ ସେସବୁ ଜିନିଷର ଦର ହୁ ହୁ ହୋଇ ବଢ଼ିଯାଏ । ସେଥିପାଇଁ ଏହିପରି ସଂକଟ ବେଳେ ଶ୍ରମିକ ଓ କ୍ଷୁଦ୍ର କର୍ମଚାରୀମାନଙ୍କୁ ଭତ୍ତା ଦିଆଯାଏ । ସେ ଭତ୍ତା ସେମାନଙ୍କୁ ଦେବା ଉଚିତ । ଗତ ଯୁଦ୍ଧରେ ଓ ତାପରେ ସେ ଭତ୍ତା ସେମାନେ ପାଉଥିଲେ । ସେହି ଭୟରେ ପ୍ରାଦେଶିକ ସରକାରମାନେ ଛାନିଆ ହୋଇ ସବୁଆଡ଼େ ଦର ବା ଭାଉ ସଂଯତ କରିବା ପାଇଁ ଉଦ୍ୟମ ଆରମ୍ଭ କରିଦେଲେ ।

ଦର ସଂଯମରେ ଅସୁବିଧା –

ଏ ଉଦ୍ୟମରେ ଉଦ୍ଦେଶ୍ୟ କ'ଣ ଥିଲା ? ବିଦେଶରୁ ଆସୁଥିବା ମାଲର ଦର ଏକା ପ୍ରାଦେଶିକ ସରକାର କାହିଁକି ଭାରତ ସରକାରର ମଧ୍ୟ ଶୃଙ୍ଖଳା ମାନିବ ନାହିଁ । ତେବେ ଯଥାର୍ଥରେ ଜିନିଷର ଦର ନ ବଢ଼ି ପୁରୋଦୃଷ୍ଟିର ଆତଙ୍କରେ ତଥା ଅଯଥା ଲାଭ ଅଭିସନ୍ଧିରେ ବେପାରିମାନେ ଯେଉଁ ଦର ବଢ଼ାଇ ଦେଉଥିଲେ ତାକୁଇ ସଂଯତ କରିବା ଏ ଉଦ୍ୟମର ହୁଏତ ମୂଳ ଉଦ୍ଦେଶ୍ୟ ହୋଇଥିବ । ମାତ୍ର ସେ ଯାହେଉ ଏପରି ଭାବରେ ଦ୍ରବ୍ୟମାନଙ୍କର ମୂଲ୍ୟ ତନ୍ନ ତନ୍ନ କରି ବୁଝି ସଂଯମ ଶୃଙ୍ଖଳାର ଯଥାପ୍ରୟୋଗ କରିବା ସୁକର ନୁହେଁ । ପୁଣି ଭୋଟ ପ୍ରସାରର ସଙ୍ଗେ ସଙ୍ଗେ ଏ ଦେଶରେ ଗୋଟିଏ ହୁରି ଉଠିବା ଓ ହୁରିରେ ମାତିବା ଯୁଗ ଆସି ପହଞ୍ଚିଛି । ହୁରି ହୋଇଗଲା, କେହି କିଛି ଦର ବଢ଼ାଇ ବିକାକିଣା କରିପାରିବେ ନାହିଁ । ସହରରେ ଏହାର ଫଳ ଯାହାହେଉ ଗାଁମାନଙ୍କରେ ଦେଶସେବୀ କର୍ମୀମାନେ ଏହି ହୁରିରେ ମାତିଗଲେ । ଗାଁମାନଙ୍କରେ ଶିଳ୍ପଜାତ ଦ୍ରବ୍ୟ ବେଶି କିଣାବିକା ହୁଏ ନାହିଁ । ଜହ୍ନି ମାଛ କାକୁଡ଼ିର ଦର ବଢ଼ିଥିଲା କି ନାହିଁ, ବଢ଼ିଥିଲେ କେତେ ବଢ଼ିଥିଲା, ସେଥିରେ କି ସଂଯମ କରିବାର ଦରକାର ଥିଲା ଏବଂ କେତେ କରାଯାଇଥିଲା ତା ଆମ୍ଭଙ୍କୁ ଜଣାନାହିଁ । କିନ୍ତୁ ଆମେ ଜାଣୁ ସେହି ସମୟରେ ଗୋଟିଏ ହାଟକୁ ଗୋଟିଏ ବୁଢ଼ୀ କେତେ ଗୁଡ଼ିଏ ଭେଣ୍ଡି ବିକିବାକୁ ଆଣିଥିଲା। ସେ ବିଚାରା ଦାମ କହିଲା ଚାରି ପଇସା। ଚାରିଆଡୁ ଲୋକେ ମାଡ଼ିପଡ଼ିଲେ, କହିଲେ, "ଦର ବଢ଼ାଉଛୁ, ପୁଲିଶ ଧରିବ, ତୋତେ ସବୁ ଭେଣ୍ଡି ପଇସାକରେ ଦେବାକୁ ହେବ ।" ଶେଷକୁ ବୁଢ଼ୀ ଦେଢ଼ ପଇସାରେ

Digitized by PPRACHIN, SOA

ବିକ୍ରୀ କଲା । ଠିକ୍ ସେହି ସମୟରେ ଯୁଦ୍ଧ କାରଣରୁ ହେଉ, ଖୁବ୍ ସମ୍ଭବ ଅନ୍ୟ କାରଣରୁ, ଧାନର ଦର ଟିକିଏ ବଢ଼ିଗଲା । ସଙ୍ଗେ ସଙ୍ଗେ ହୁରି ଉଠିଲା, ବେଶି ଦରରେ ଧାନ ବିକାକିଣା ବନ୍ଦ କର । ଆମେ ଜାଣୁ ଜଣେ ମହାଜନ ଗୋଟିଏ ଗ୍ରାମରେ ଆଖପାଖ ଅଞ୍ଚଳରୁ କିଣି ପ୍ରାୟ ଦୁଇଶ ବସ୍ତା ଧାନ ସଂଗ୍ରହ କରିଥିଲେ। ସେସବୁ ଆଣିବାକୁ ଶଗଡ଼ ମିଳିଲା ନାହିଁ । ପରେ ବର୍ଷା ହୋଇ ବସ୍ତା ଉପରେ ଧାନ ଗଛ ଉଠିଗଲା । ସଙ୍ଗେ ସଙ୍ଗେ ଧାନର ଦର ଖସିପଡ଼ିଲା । ସେ ଦର ଏବେ ମଧ୍ୟ ଆଉ ସହଜରେ ଉଠିପାରୁନାହିଁ । ଏଣେ ଦିଆସିଲି ହେଲାଣି ପଇସାକ ଅଢ଼େଇ ପଇସା । ରଙ୍ଗର ଭାଉ ୨୫ ଗୁଣ, ମଶଲାର ଭାଉ ୧୧ ଗୁଣ ବଢ଼ିଲାଣି । ଲଣ୍ଠନ କାଚ ପ୍ରଭୃତି ଦେଢ଼ା, ଲୁଗା ଚଢ଼ା ଇତ୍ୟାଦି । ସ୍ୱାଚ୍ଛନ୍ଦ୍ୟ ଓ ବିଳାସର ଶିଳ୍ପଜାତ ସାମଗ୍ରୀ ସବୁର ଦର ଅତି ଅଦ୍‌ଭୁତ ଭାବରେ ବଢୁଛି। ଏ ସହରରେ ହୁଏତ ଖାଦ୍ୟ ସାମଗ୍ରୀ ତାହାରି ଅନୁକରଣରେ ଦରରେ ଟିକିଏ ଉଠିଛନ୍ତି । କିନ୍ତୁ ଚାଷୀ ବାପୁଡ଼ା ଅବସ୍ଥା ଆଜି କ'ଣ ? ତା' ଧାନ ମୁଗର ଦର କେତେ ଉଠିଛି ? ଏକଥା କିଏ ବୁଝି ଦେଖୁଛନ୍ତି କି ? ସମସ୍ତେ ହୁଏତ ତୀବ୍ର ୟୁରୋପୀୟ ସ୍ୱରରେ ସ୍ୱର ମିଶାଇ କହୁଛନ୍ତି, ଖାଇବା ଲୋକଙ୍କ ପାଇଁ ଦର ବଢ଼ିବାରୁ ଅସୁବିଧା ହେଲା । ୟୁରୋପରେ ଖାଇବା ଲୋକ ବୋଇଲେ ଖରଚ କରିବା ଲୋକ ବା ପଣ୍ୟାଦି କିଣିବାରେ ଖର୍ଚ୍ଚ କରିବା ଲୋକ (Consumer) ଭାତ ଡାଲି ଖାଇବା ଲୋକଙ୍କ ଉପରେ ଏ ମନ୍ତ୍ର ଚିକିତ୍ସା ପ୍ରୟୋଗରେ ସାବଧାନ ହେବାର ଅଛି ।

ଏ ଦେଶରେ ଧନ କିଏ ଅର୍ଜେ –

ଭାରତରେ ଧନ ଉପୁଜାଇବା ଲୋକ (Producer) ମୁଖ୍ୟତଃ ଶିଳ୍ପୀ ନୁହେଁ । ଓଡ଼ିଶାରେ ଆଦୌ ନୁହେଁ କହିଲେ ଚଳେ। ଗ୍ରାମର ବଢ଼ାଇ କୁମ୍ଭାର କମାର ଭଣ୍ଡାରି ଏ କ୍ଷେତ୍ରରେ ଶିଳ୍ପୀ ନୁହନ୍ତି । ପୁଣି ସେମାନେ ସାଧାରଣତଃ ଧାନରେ ବର୍ତ୍ତନ ଓ ମଜୁରୀ ପାନ୍ତି । ପଇସା ହିସାବରେ ମଜୁରୀ ଦେବା ଓଡ଼ିଶାର ଗ୍ରାମମାନଙ୍କରେ ଏବେବି ପୂରା ପଶିପାରିନାହିଁ । ଏସବୁ ବିଚାର କରି ଦେଖିଲେ ଓଡ଼ିଶାର ଧନ ଅର୍ଜନ ଏକ ପ୍ରକାର ପୂରାପୂରି ଚାଷରୁ ହୁଏ । ତା' ପୁଣି ଧାନ ମୁଗ ପ୍ରଭୃତି କେତୋଟି ମାତ୍ର ଜିନିଷର ଚାଷ। ସେହି ଧାନ ମୁଗରୁ ଚଷାର ଲୁଗା ହଳଦୀ ହାଣ୍ଡିଫୁଟା ଆରମ୍ଭ କରି ଦିଆସିଲି ଲଣ୍ଠନ ପର୍ଯ୍ୟନ୍ତ ସବୁ କିଣା ହୁଏ । କୌଣସି ଭାଉ ନିୟନ୍ତ୍ରଣ ଫଳରେ ଯଦି ଅନ୍ୟଠାରୁ ଆସୁଥିବା ଜିନିଷ ତଥା ଶିଳ୍ପଜାତ ଜିନିଷର ଦାମ ସଂଯତ କରିବାର ଉପାୟ ନଥିବା ସ୍ଥଳେ କେବଳ ସଂଯମର ପ୍ରଭାବ ଚଷା ବାପୁଡ଼ା ଉପରେ ପଡ଼େ, ଏଥିରେ ଦେଶର ଅବସ୍ଥା କ'ଣ ହେବ ତାହା ଭାବିବାର ଅଛି ।

ଦରର ଇତିହାସ –

ଏ ବିଷୟର ଇତିହାସ ସମ୍ବନ୍ଧରେ ଏଠାରେ ଟିକିଏ ସୂଚନା ଦେବା ଲୋଡ଼ା ।

Digitized by PPRACHIN, SOA

ଗତ ମହାଯୁଦ୍ଧ ବେଳେ ଓ ତାପରେ ଜିନିଷର ଭାଉ ଅତ୍ୟନ୍ତ ବଢ଼ିଲା । ଧାନ ମୁଗର ଦର ପ୍ରଥମରୁ ସେତେ ବଢ଼ି ନଥିଲା । କିନ୍ତୁ ପରେ ଟିକିଏ ବଢ଼ିଥିଲା । ଅବଶ୍ୟ ସେ ବଢ଼ିବା ଅତି ବେଶି ବଢ଼ିଥିବା ଶିଳ୍ପଜାତ ଦ୍ରବ୍ୟର ବଢ଼ିବା ସଙ୍ଗେ ତୁଳନାରେ ଆସିନପାରେ । ତେବେ ସେତେବେଳେ ଏକେ ଲୋକେ ଶିଳ୍ପଜାତଦ୍ରବ୍ୟ ଏବପରି ବ୍ୟବହାର କରୁନଥିଲେ । ଉଦାହରଣ ସ୍ୱରୂପ କୁହାଯାଇପାରେ, ଏବପରି ସେବେ ଗ୍ରାମମାନଙ୍କରେ ଟର୍ଚ୍ଚ, ସାଇକଲ, ଘଡ଼ି, ଏପିରକି ଲଣ୍ଠନ ପର୍ଯ୍ୟନ୍ତ ନଥିଲା । ତେଣୁ, ପୁଣି ପାରଂପରିକ ଅର୍ଜିତ ଧନ ଫଳରେ ଗ୍ରାମବାସୀମାନେ ସମ୍ଭାଳି ଯାଉଥିଲେ । ମାତ୍ର ୧୯୨୯ ଖ୍ରୀଷ୍ଟାବ୍ଦରେ ହଠାତ୍ ପୃଥିବୀରେ ସବୁ ଜିନିଷର ଭାଉ ଖସିପଡ଼ିଲା । ମଜୁରୀରୁ କିଣିବା ଲୋକଙ୍କ ଆୟ କମିଯିବାରୁ ଧାନ ଗହମ ମୁଗ ପ୍ରଭୃତି ଖାଦ୍ୟ ଦ୍ରବ୍ୟର ଭାଉ ଅତିଶୟ କମିଗଲା । ଭାରତର ଗ୍ରାମଲୋକେ ଏକାବେଳକେ ଭାଙ୍ଗି ପଡ଼ିଲେ । ଶିଳ୍ପକାରଖାନା ମାଲିକ ଓ ବେପାରୀମାନେ ଭାଙ୍ଗି ନ ପଡ଼ିଲେ, ନୁହେଁ। ମାତ୍ର ପୃଥିବୀର ଧନନୀତି ମୁଖ୍ୟତଃ ସେଇମାନଙ୍କ ହାତେ ଥିବାରୁ ସେମାନେ ଭାଉ ବଢ଼ାଇବାରେ ଲାଗିପଡ଼ିଲେ । ଶିଳ୍ପଜାତ ଦ୍ରବ୍ୟର ଭାଉ କ୍ରମେ ବଢ଼ିଲା । ମଜୁରିଆ କ୍ରମେ ମଜୁରୀ ପାଇଲେ । ମାତ୍ର ଧାନ ଗହମ ମୁଗ ପ୍ରଭୃତିର ଭାଉ ବଢ଼ାଇବା ଏକେ ଶିଳ୍ପସେବୀମାନଙ୍କ ସ୍ୱାର୍ଥ ନୁହେଁ, ପୁଣି ପୃଥିବୀର ଚାଷୀମାନେ ଶୃଂଖଳିତ ଭାବରେ ନିଜ ସ୍ୱାର୍ଥ ଜଗିବାର ସଂଭାବନା ମଧ୍ୟ ନାହିଁ। କୃଷିଜାତ ଦ୍ରବ୍ୟର ମୂଲ୍ୟ ଅତି ଅଳ୍ପ ମାତ୍ର ବଢ଼ିଲା । ତା ପୁଣି ବଡ଼ ଧୀରେ ଓ ଅସ୍ଥିର ଭାବରେ ବଢ଼ିଲା । ଏ ଦେଶର ଗ୍ରାମବାସୀ ଖାଲି ବିଦେଶରେ ବହୁକାଳ ସଂଚିତ ସୁନା ବିକି ଚଳିଲେ, ଓ ପ୍ରଜାଙ୍କର ଆର୍ଥିକ ମେରୁଦଣ୍ଡ ଭାଙ୍ଗିଗଲା ।

ଏବର ପରିସ୍ଥିତି –

ସେ ଅବସ୍ଥା ଏ ଦେଶରେ ଲାଗି ରହିଥିଲା ବେଳେ, ଆସିଲା ଏ ଯୁଦ୍ଧ। ଏଥିରେ ଭାଉର ସଂଯମ କରିବାକୁ ଯାଇ ପ୍ରଥମେ ଯଦି ଅରକ୍ଷିତ କୃଷକର କୃଷିଜାତ ଦ୍ରବ୍ୟର ଭାଉ ଉପରେ ମାଡ଼ ପକାଇବାକୁ ହୁଏ, ତେବେ ଅସହ୍ୟ ପରିସ୍ଥିତିର ସୃଷ୍ଟି ହେବ ।

କର୍ତ୍ତବ୍ୟ –

ଭାଉ ସଂଯତ କରିବା ଯେ ଦରକାର ନୁହେଁ ତା କୁହାଯାଉନାହିଁ । ମାତ୍ର ଅଧିକାଂଶ ଶିଳ୍ପଜାତ ଦ୍ରବ୍ୟର ଭାଉ ଉପରେ ଆମର ହାତ ନାହିଁ । ଯଥାସମ୍ଭବ ସେ ସବୁର ଏ ଦେଶକୁ ଆମଦାନି ବନ୍ଦ କରିବାକୁ ବି ଆମର ବଳ ନାହିଁ । ଅତଏବ ଭାଉସଂଯମ ବିଚାର କଲାବେଳେ ସେଇ ସବୁ ଜିନିଷର ଭାଉମାନ ସମ୍ୟକ୍ ତନ୍ନ ତନ୍ନ ବିଚାରରେ

Digitized by PPRACHIN, SOA

ଆଣି ସେଇ ଅନୁକ୍ରମେ କୃଷିଜାତ ଦବ୍ର୍ୟ ନ ବଢ଼ିବା ଯାଏ, କୃଷିଜାତ ଦ୍ରବ୍ୟର ଭାଉରେ ହାତ ଦେବାକୁ ହେବନାହିଁ। ଏ କଠିନ ଅର୍ଥନୀତିକ ବିଚାର ପୁଣି ସମସ୍ତଙ୍କର ସୁଲଭ ବା ସୁଗମ ନୁହେଁ । ଏହା ମଧ୍ୟ ମନେ ରଖିବାର ଅଛି ।

ନବଭାରତ-୬/୫,ଆଲୋଚନା

କେତୋଟି ପ୍ରଶ୍ନ

ଜଣେ ବିଶିଷ୍ଟ ବନ୍ଧୁ ଖଣ୍ଡିଏ ପତ୍ରରେ କେତେ ଗୁଡ଼ିଏ ପ୍ରଶ୍ନ ଉଠାଇଛନ୍ତି । ପତ୍ରଟି ଖୁବ୍ ସମ୍ଭବ ବ୍ୟକ୍ତିଗତ । ହୁଏତ ବନ୍ଧୁଟି ଉତ୍ତର ଲୋଡ଼ି ନାହାନ୍ତି । ମାତ୍ର ପ୍ରଶ୍ନଗୁଡ଼ିକ ସାମୟିକ ପ୍ରସଙ୍ଗାଧୀନ ହୋଇ ଥିବାରୁ ଏଠାରେ ପ୍ରକାଶ କଲୁ । ଏପରି ପ୍ରଶ୍ନମାନ ଅନେକେ ଜନମତର ବହୁ ସୂଚନା ଦିଏ । ଏପରି ଚିଠି ବ୍ୟକ୍ତିଗତ ଭାବରେ ଲେଖା ହେଲେ ମଧ୍ୟ ଏଠାରେ ଦେବାରେ କିଛି ଆପତ୍ତି ହେବ ନାହିଁ ବୋଲି ଆଶା କରୁ ।

ପ୍ରଥମ ପ୍ରଶ୍ନ –

ମହାତ୍ମା ଗାନ୍ଧି ଏବେ ଯେଉଁ ଔପନିବେଶିକ ସ୍ଥିତିକୁ ବସ୍ତୁତଃ ପୂର୍ଣ୍ଣ ସ୍ୱାଧୀନତା ବୋଲି କହୁଚନ୍ତି, ତାହା କ'ଣ ? ଉଏଷ୍ଟମିନିଷ୍ଟର ଆଇନ୍ ଅନୁସାରେ ସ୍ୱାୟତ୍ତ ଶାସନ ଭାରତକୁ ମିଳିଲେ, ଭାରତ ଇଚ୍ଛାକଲେ ପରେ ଇଂରେଜ ସାମ୍ରାଜ୍ୟରୁ ଅଲଗା ହୋଇପାରେ । ତେବେ ଆଗରୁ ଅଲଗା ହୋଇ ନିଜର ଶାସନତନ୍ତ୍ର ନିଜେ ତିଆରି କରି, ପରେ ଇଚ୍ଛା କଲେ ଇଂରେଜ ସଙ୍ଗେ ବନ୍ଧୁତା କରିପାରେ । ଏଥିରେ ବା ଇଂରେଜ ସରକାରର ଆପତ୍ତି ହେବ କାହିଁକି ? ତେବେ କ'ଣ ଦୁଇଟିଯାକ କଥା ସମାନ ନୁହେଁ ? ଯେବେ ନୁହେଁ, ତେବେ ଉଏଷ୍ଟମିନିଷ୍ଟର ଆଇନ୍‌ଗତ ଔପନିବେଶିକ ସ୍ଥିତି ବସ୍ତୁତଃ ପୂର୍ଣ୍ଣ ସ୍ୱାଧୀନତା ହେଲା କିପରି ? କଂଗ୍ରେସ ବା ନିଜର ଆଦର୍ଶ ଠିକ୍ ରଖି ଏଥିରେ ସଂତୁଷ୍ଟ ହେବ କିପରି ? ଇତ୍ୟାଦି।

ଉତ୍ତର –

ଏ ବିଷୟରେ କଂଗ୍ରେସ ଭିତରେ ଦୁଇଟି ମତ ରହିଛି । ମହାତ୍ମା ଗାନ୍ଧି ଏଥିପୂର୍ବେ କଂଗ୍ରେସ ମନ୍ତ୍ରିତ୍ୱ ନେବା ପ୍ରସଙ୍ଗରେ ମଧ୍ୟ କହିଥିଲେ, ଯଦି ଭାରତକୁ ଉଏଷ୍ଟମିନିଷ୍ଟର ଆଇନ୍‌ଗତ ଔପନିବେଶିକ ସ୍ୱାୟତ୍ତ ଶାସନ ସ୍ଥିତି ମିଳେ, ଅର୍ଥାତ୍ ଏଇ ସ୍ୱାୟତ୍ତ ଶାସନ ସଙ୍ଗେ ଇଚ୍ଛା କଲେ ଇଂରେଜ ସାମ୍ରାଜ୍ୟରୁ ଅଲଗା ହେବାର ଅଧିକାର ମିଳେ, ତେବେ ସେ ନିଜେ ସେଇ ସ୍ୱାୟତ୍ତ ଶାସନକୁ ବସ୍ତୁତଃ ସ୍ୱାଧୀନତା ବୋଲି ଗ୍ରହଣ କରିବେ । ଏହା ବସ୍ତୁତଃ ସ୍ୱାଧୀନତା, ଏବର ସ୍ୱାୟତ୍ତ ଶାସନ ପରି ସ୍ୱାଧୀନତାର ଛାୟା ନୁହେଁ । ଏବେ ମଧ୍ୟ ମହାତ୍ମା ଗାନ୍ଧି ସେଇୟା କହୁଛନ୍ତି। ଏଠାରେ ଜାଣି ରଖିବାର ଅଛି, କାନାଡ଼ା, ଦକ୍ଷିଣ ଆଫ୍ରିକା, ଅଷ୍ଟ୍ରେଲିୟା ପ୍ରଭୃତି ଏଇ ପ୍ରକାର ସ୍ୱାୟତ୍ତ ଶାସନ ସ୍ଥିତି ପାଇଛନ୍ତି ।

Digitized by PPRACHIN, SOA

ମହାତ୍ମା ଗାନ୍ଧିଙ୍କର ଯାହା ମତ କଂଗ୍ରେସର ସେଇ ମତ ବୋଲି ଧଇଲେ, କୁହାଯିବ, କଂଗ୍ରେସ ମଧ୍ୟ ଏଇ ପ୍ରକାର ସ୍ୱାୟତ୍ତ ଶାସନ ସ୍ଥିତିକୁ ଏବେ ପୂର୍ଣ୍ଣ ସ୍ୱାଧୀନତା ବୋଲି ଗ୍ରହଣ କରିବ । ମହାତ୍ମା ଗାନ୍ଧି ସେଇ ବଳରେ ଏବେ ସେଇ ଔପନିବେଶିକ ସ୍ଥିତି ପାଇଲେ ସନ୍ତୁଷ୍ଟ ହେବେ ବୋଲି ଅନେକଙ୍କୁ ଜଣାପଡୁଛି ।

ପଣ୍ଡିତ ଜହରଲାଲ ନେହରୁ କିଂତୁ ଏ ମତର ଘୋର ବିରୋଧୀ । ଏ ପ୍ରକାର ସ୍ୱାୟତ୍ତ ଶାସନ ସ୍ଥିତିକୁ ସେ ମୋଟେ ଭାରତର ସ୍ୱାଧୀନତା ବୋଲି ବୁଝନ୍ତି ନାହିଁ। ୧୯୩୭ରେ କଂଗ୍ରେସ ପ୍ରଦେଶମାନଙ୍କରେ ମନ୍ତ୍ରିତ୍ୱ ନେଲା ପରେ ମହାତ୍ମା ଗାନ୍ଧି ଏଇ ପ୍ରକାର ସ୍ୱାୟତ୍ତ ଶାସନ ସ୍ଥିତିକୁ ସ୍ୱାଧୀନତା ବୋଲି ଅର୍ଥକରି, ସେ ନିଜେ ସେତିକି ପାଇଲେ ସଂତୋଷ ହେବେ ବୋଲି ପ୍ରକାଶ କରିଥିଲେ। ସଂଗେ ସଂଗେ ପଣ୍ଡିତ ଜହରଲାଲ ମହାତ୍ମାଙ୍କର ଏଇ କଥାର ତୀବ୍ର ପ୍ରତିବାଦ କରି 'ବୋମ୍ବେ କ୍ରନିକ୍ଲ' ପତ୍ରରେ ନିଜର ମତ ସ୍ପଷ୍ଟ ଭାବରେ ବ୍ୟକ୍ତ କରି ଯାହା ଲେଖିଥିଲେ ସେଥିରୁ ଅତି ପ୍ରାସଂଗିକ ଅଂଶଟିର ମାତ୍ର ଉଦ୍ଧାର କରାଗଲା ।

INDEPENDENCE

"What is this independence ? A clear, definite, ringing word, which all the world understands, with no possibility of ambiguity. And yet, to our misfortune, even that word has become an object of interpretation and misinterpretation. Let us be clear about it. Independence means national freedom in the fullest sense of the word; it means, as our pledge has stated, 'a severance of the British connection.' ---- It means anti imperialism and no compromise with Empire. Words are hurled at us. Dominion status, Statute of Westminister, British Commonwealth of nations, and we quibble about their meaning. I see no real Commonwealth anywhere, only an empire exploiting the Indian people and numerous other peoples in different parts of the world. I want my country to have nothing to do with this enormous Engine of exploitation in Asia and Africa. If this Engine goes. we have nothing but good will for England, and in any event we wish to be friends with the mass of the British people.

DOMINION STATUS

"Dominion Status is a term which arose under peculiar circumstances and it changed its significance as time passed. In the British group of nations. it signified a certain European dominating group exploiting numerous subject peoples. That distinction continues

Digitized by PPRACHIN, SOA

whatever change the Statute of Westminister might have brought about in the relations 'inter se' of the members of the European dominating group. That group represents. British Imperialism and it stands in the world to-day for the very order and forces of reaction against which we struggle. How then can we associate ourselves willingly ? Or is it conceived that we might in the course of time and if we behave ourselves, be promoted from the subject group to the dominating group, and yet the imperialist structure and the basis of the whole will remain more of less as it is ? This is a Vain conception having no relation to reality, and even if it were within the realm of possibility, we should have none of it, for we would then become partners in imperialism and in the exploitation of others. and among these others would probably be large numbers of our own people."

*   *   *   *

"To talk, therefore, of Dominion Status, in its widest significance, even including the right to separate, is to confine ourselves to one group, which of necessity will oppose and be opposed by other groups, and which will essentially be based on the present decaying social order. Therefore we cannot entertain this idea of Dominion Status in any shape or form : it is independence we want, not any particular Status. Under cover of that phrase, the tentacles of imperialism will creep up and hold us in their grip, though the outer structure might be good to look at."

"And so our pledge we must hold and we must labour for the severance of the British connection."

ଅନୁବାଦ - ସ୍ୱାଧୀନତା

"ଏ ସ୍ୱାଧୀନତାଟି କଅଣ ? ଏହା ଗୋଟିଏ ସ୍ପଷ୍ଟ, ନିର୍ଦ୍ଦିଷ୍ଟ ଶବ୍ଦ । ସବୁବେଳେ କାନରେ ବାଜୁଛି । ସମସ୍ତେ ଏହା ବୁଝନ୍ତି । ଏ ବୁଝିବାରେ ସଂଶୟର ସଂଭାବନା ନାହିଁ । ତଥାପି ଆମ ଦୁର୍ଭାଗ୍ୟକୁ ଏ ତାର୍‌ପରା ଶବ୍ଦ ଘେନି କେତେ ଅର୍ଥ, ଅନର୍ଥ ଚାଲିଛି । ଆମର ଠିକ୍ ବୁଝି ରଖିବାର ଅଛି, ଏହାର ଅର୍ଥ ସର୍ବତୋଭାବରେ ଜାତୀୟ ସ୍ୱାଧୀନତା; ଏହାର ଅର୍ଥ, ଇଂରେଜ ସଂପର୍କରୁ ଅଲଗା ରହିବା । ଆମ ପ୍ରତିଜ୍ଞା ପତ୍ରରେ ଏକଥା କୁହାଯାଇଛି । ପୁଣି ଏହାର ଅର୍ଥ, ସାମ୍ରାଜ୍ୟବାଦର ବିରୋଧ, ସାମ୍ରାଜ୍ୟବାଦ ସଂଗେ କୌଣସି ସାଲିସର ସଂସ୍ରବ ଏଥିରେ ନାହିଁ । ଆମ ମୁହଁ ଉପରେ ପୁଣି କୁହାଯାଉଛି - ଔପନିବେଶିକ ସ୍ଥିତି, ୱେଷ୍ଟମିନିଷ୍ଟର ଆଇନ୍, ବ୍ରିଟିଶ ଲୋକମଙ୍ଗଳ ଶାସନ, ଆମେ ମଧ୍ୟ ତାର ଅର୍ଥ ଘେନି ଚକ୍ଷୁ କୁଟିବାରେ ଲାଗିଛୁ । ମୁଁ କୌଣସି ଠାରେ କୌଣସି ଯଥାର୍ଥ ଲୋକମଂଗଳ ଶାସନ ଦେଖୁନାହିଁ; ଖାଲି ଦେଖୁଛି, ଗୋଟିଏ ସାମ୍ରାଜ୍ୟ ଭାରତୀୟ ତଥା

Digitized by PPRACHIN, SOA

ପୃଥିବୀରେ ଅନ୍ୟତ୍ର ନାନା ଲୋକଙ୍କୁ ନିଜାର୍ଥେ ବ୍ୟବହାର କରୁଛି । ଆସିଆ ଓ ଆଫ୍ରିକାରେ ଏପରି ଶୋଷଣର ବିରାଟ କଳ ସଂଗେ ମୋ' ଦେଶର କିଛି ସଂସ୍ରବ ନ ରହୁ - ଏହାଇ ମୁଁ ଚାହେଁ । ଏଇ କଳଟି ଗଲେ, ଆମର ଇଂଲଣ୍ଡ ପ୍ରତି ସଦିଚ୍ଛା ଛଡ଼ା ଆଉ କିଛି ନାହିଁ । ଯେ ଯା ହେଉ ଇଂରେଜ ଜନସାଧାରଣ ସଂଗେ ବନ୍ଧୁତାଇ ଆମର ଇଚ୍ଛା ।"

ଔପନିବେଶିକ ସ୍ଥିତି

"ଔପନିବେଶିକ ସ୍ଥିତି କଥାଟି ତଦ୍‌ବିଷୟକ ବିଶିଷ୍ଟ ଘଟନା ରାଶିର ପ୍ରଭାବରେ ବାହାରି ପଡ଼ିଥିଲା । କାଳ ଗତିରେ ତାର ସଂକେତାର୍ଥ ବଦଳି ଯାଇଛି । ଏହା ଥିଲା, ବ୍ରିଟିଶ ଜାତି ଗୋଷ୍ଠୀ ଭିତରେ ଅଧିକୃତ ଅଧୀନ ଜାତି ବା ଜନ ସମଷ୍ଟିକୁ ନିଜାର୍ଥେ ଲଗାଉଥିବା କେତେ ଗୁଡ଼ିଏ ଇଉରୋପୀୟ ଜନ ସମଷ୍ଟି । ଉଏଷ୍ଟ ମିନିଷ୍ଟର ଆଇନ୍ ଫଳରେ ଏଇ ଇଉରୋପୀୟ ଜାତିଙ୍କ ନିଜ ଭିତର ସଂବଂଧରେ ଯେ କୌଣସି ପରିବର୍ତ୍ତନ ହେଉ ନା କାହିଁକି, ସେ ପ୍ରଭେଦ ବରାବର ସମାନ ଚାଲି ଆସିଛି। ଏଇ ଇଉରୋପୀୟ ଗୋଷ୍ଠୀ ହିଁ ବ୍ରିଟିଶ ସାମ୍ରାଜ୍ୟବାଦର ପ୍ରତିମୂର୍ତ୍ତି । ମାନବ ସମାଜର ଅଧୋଗତି ମୂଳକ ଯେଉଁ ତନ୍ତ୍ର ଓ ପ୍ରଭାବ ବିରୁଦ୍ଧରେ ଆଜି ଆମର ସଂଗ୍ରାମ, ଏଇମାନେ ଏକା ତାର ପୀଠ । ଆମେ ଇଚ୍ଛା କରି ତେବେ କିପରି ନିଜେ ଏଥି ସଂଗେ ସଂପୃକ୍ତ ରହିବା ? କିଂବା ଏପରି କଳ୍ପନା କରାଯାଇଛି କି ଯେ, କେତେକାଳ ଆମ ବ୍ୟବହାର ଦେଖାଯିବା ପରେ କ୍ରମେ ଆମେ ଖାଲି ଅଧୀନ ଗୋଷ୍ଠୀରୁ ଅଧିକାରୀ ଗୋଷ୍ଠୀକୁ ପିଲାଏ କ୍ଲାସ ଉଠିଲା ପରି ଉଠିବା, ଅଥଚ ଗୋଟା ଜିନିଷଟାର ସାମ୍ରାଜ୍ୟବାଦୀ ଗଢ଼ଣ ଓ ଭିତ୍ତି ଯେପରି ଅଛି ସେଇପରି ଥିବ ? ଏ ନିଷ୍ଫଳ କଳ୍ପନା । ବାସ୍ତବତା ସଂଗେ ଏହାର ସଂପର୍କ ନାହିଁ । ପୁଣି ଏହା କଦାଚିତ୍ ସଂଭବ ହେଲେ ହେଁ, ଆମର ଏହା ମୋଟେ ଲୋଡ଼ା ନାହିଁ । କାରଣ, ତା ହେଲେ ଆମେ ବି ସାମ୍ରାଜ୍ୟବାଦୀ ତନ୍ତ୍ରରେ ମାତି ଅନ୍ୟକୁ ନିଜାର୍ଥେ ଲଗାଇବାରେ ଭାଗୀଦାର ହେବୁ। ଏଇ ଅନ୍ୟଙ୍କ ମଧରେ ପୁଣି ହୁଏତ ଆମରି ନିଜ ଲୋକେ ଅନେକ ଥିବେ ।"

× × ×

"ଏଣୁ, ଯେ କୌଣସି ବ୍ୟୁତ୍ପତ୍ତିରେ ଅର୍ଥ କଲେ ବି, ସାମ୍ରାଜ୍ୟରୁ ଅଲଗା ହେବାର ଅଧିକାର ସେଥିରେ ଥିଲେ ବି, ଔପନିବେଶିକ ସ୍ଥିତି କହିଲେ ବୁଝାଯିବ, ଆମେ ଗୋଟିଏ ଗୋଷ୍ଠୀରେ ଆବଦ୍ଧ ରହିବୁ ବଳେ ଏପରି ଏକ ଗୋଷ୍ଠୀ ଅନ୍ୟ ଗୋଷ୍ଠୀମାନଙ୍କର ବିରୋଧ କରିବ ଓ ଅନ୍ୟ ଗୋଷ୍ଠୀମାନେ ଏହାର ବି ବିରୋଧ କରିବେ। ପୁଣି ଏଇ ଗୋଷ୍ଠୀଟିର ଭିତ୍ତି ନିଶ୍ଚୟ ହେବ ଏବର ଭାଙ୍ଗି ପଡୁଥିବା ସମାଜ ତନ୍ତ୍ର। ଅତଏବ କୌଣସି ରୂପ ବା ପ୍ରକାରରେ ଔପନିବେଶିକ ସ୍ଥିତିର କୌଣସି କଳ୍ପନାକୁ ଆମେ ମନରେ ସ୍ଥାନ ଦେଇ ନପାରୁ; ଆମର କାମ୍ୟ ସ୍ୱାଧୀନତା, କୌଣସି ଗୋଟିଏ ସ୍ଥିତି ଆମର କାମ୍ୟ ନୁହେଁ। ଏଇ ସ୍ଥିତି କଥାଟିର

Digitized by PPRACHIN, SOA

ଆବରଣରେ ହୁଏତ ଜିନିଷଟି ବାହାରକୁ ସୁନ୍ଦର ଦିଶିପାରେ । ମାତ୍ର ତଳୁ ସାମ୍ରାଜ୍ୟ ତନ୍ତ୍ରର ବିଷବାଷ୍ପ ଉଠି ଆମକୁ ନିଶ୍ଚୟ ମୂର୍ଚ୍ଛିତ କରିବ ।”

“ତେଣୁ ଆମେ ନିଜ ପ୍ରତିଜ୍ଞା ପାଳିବୁ, ଆମେ ବ୍ରିଟିଶ ସଂସ୍ରବ ତୁଟାଇବାରେ ନିଶ୍ଚୟ ପ୍ରଯତ୍ନପର ହେବୁ ।” [କ୍ରମଶଃ]

ନବଭାରତ-୬।୬, ଆଲୋଚନା

ସ୍ୱରାଜ କାହିଁ

ଗଲା ଫେବୃୟାରି ୧୭ ତାରିଖ 'ହରିଜନ' ପତ୍ରରେ ମହାତ୍ମା ଗାନ୍ଧି ଗୋଟିଏ ଚିଠି ଓ ତା ଉପରେ ଆଲୋଚନାଟିଏ ଦେଇଚନ୍ତି । ଚିଠିଟି ଗାନ୍ଧିଙ୍କ ଠାକୁ ଲେଖା ହୋଇଥିଲା । ପତ୍ର ଲେଖକଙ୍କୁ ଗାନ୍ଧି, 'କଥାରେ ମୂଲ୍ୟ ଥିବାଭଳି ଜଣେ ସହକର୍ମୀ' ବୋଲି ଲେଖିଚନ୍ତି । ସେଇ ସହକର୍ମୀ ଗାନ୍ଧିଙ୍କୁ ଲେଖିଚନ୍ତି -

“ଗଲା ମାସ ଖଣ୍ଡକ ଭିତରେ ଯା ଘଟିଛି ସେଥିରେ ମୋ ଧାରଣା ଦୃଢ଼ ହୋଇଚି ଯେ, ଇଂରେଜ ସରକାର ଆମେ କହୁଥିବା କଥା ଗ୍ରହଣ କରିବାର ଆଶା ନାହିଁ । ବରଂ ଘଟନା ମାନଙ୍କରୁ ବୁଝାଯାଏ, ସେମାନେ ଠିକଣା ହୋଇ ସାମ୍ରାଜ୍ୟ ପଛାରେ ଅଛନ୍ତି । ଏବେ ତ ଇଂରେଜ ପାର୍ଲିଆମେଣ୍ଟ ପ୍ରାଦେଶିକ ସରକାରଙ୍କ କର ବସାଇବା କ୍ଷମତା କାଟି ଭାରତ ଶାସନ ଆଇନ୍‌ର ଏକ ସଂଶୋଧନ ପାସ୍ କରିଚନ୍ତି । ଫଳରେ ଯୁକ୍ତପ୍ରଦେଶର ବ୍ୟବସାୟ - ଉପାର୍ଜନ - କର ଆଇନ୍ ନାଂମଞ୍ଜୁରିରେ ଗଲା । ଏଥିରେ ଖାଲି ପ୍ରାଦେଶିକ ବ୍ୟବସ୍ଥାସଭାର କ୍ଷମତା ଯେ ଗଲା ସେତିକି ନୁହେଁ, ବିଶେଷତଃ ଏ ସମୟରେ ଏହା ସ୍ପଷ୍ଟ କରି ସାମ୍ରାଜ୍ୟ ନୀତି ଦେଖାଇ ଦେଲା ।

“ଆପଣ ବଡ଼ଲାଟଙ୍କ ସଙ୍ଗେ ଦେଖା କରିବାକୁ ଦିଲ୍ଲୀକୁ ଯିବାରେ ଉତ୍ସାହ କିଛି ମିଳୁ ନାହିଁ । ସେଇ ପୁରୁଣା କସରତ୍; ସେଇ ପରିସ୍ଥିତି, ସେଇ ଉଦ୍ଦେଶ୍ୟ, ସେଇ ଲୋକ; ଫଳ ବି ସେଇଆ ହେବ ।

“ଏହା ଫଳରେ କିନ୍ତୁ ଦୁର୍ଭାଗ୍ୟ ଆଉରି ବଢ଼ିଚି । ସାଲିସ ହେଲା ହେଲା ବୋଲି ଦେଶସାରା ଟାକିଛନ୍ତି । ଏପରି ସାଲିସ୍‌ର କାରଣ ତ କିଛି ନାହିଁ । ପୁଣି ଏପରି ମନୋଭାବରେ ସମସ୍ତେ ନିସ୍ତେଜ ଓ ଶକ୍ତିହୀନ ହେଉଚନ୍ତି । କାରଣ ଏ ଭାବ ସବଳତାରୁ ଆସୁନାହିଁ, ଓ ଅନେକଙ୍କ ପକ୍ଷରେ ଏହା ଭିତରେ କଦର୍ଯ୍ୟ କାମନା ରହିଚି । ସେମାନେ ଯେପରିକି ସଂପୁଚନ୍ତି, ଯା ହବ ହଉ ପଛକେ, କିପରି ଲଢ଼େଇ ନ ହଉ, ଯେଉଁ ଚିରୁଡ଼ାକ କ୍ଷମତା ଆମକୁ ମିଳିଥିଲା, ତା କିମିତି ଫେର୍ ହାତରେ ପଡୁ । ଝଗଡ଼ାରେ କ୍ଷତି; ତା ଲୋଡ଼ା ନାହିଁ ସତ, ମାତ୍ର ସର୍ବସ୍ୱ ପଣ କରି ଝଗଡ଼ା ଏଡ଼ି ବସିଲେ ପୁଣି ଫଳରେ କ୍ଷତି ଓ କ୍ଷତପୀଡ଼ା ଆଉରି ବେଶି ହୋଇପାରେ । ଏକ୍ଷଣି ଅବଶ୍ୟ ଝଗଡ଼ାର କଥା ଉଠୁ ନାହିଁ ।

Digitized by PPRACHIN, SOA

ମାତ୍ର ବଳିଷ୍ଠ ଭାବରେ ନିଜର ମୁଣ୍ଡ ଟେକି ରଖିବାକୁ ହେବ; ମୁଣ୍ଡ ଲୁଆଁଇ ଦୁର୍ବଳ ହୋଇ ଯିବା ଠିକ୍ ନୁହେଁ। ମନେ ହଉଚି, ଭାରତ ତଥା ଇଂଲଣ୍ଡରେ ଧାରଣା ପଡ଼ିଯାଉଚି, ଆମର ଯେପରିକି ଲଢ଼େଇ ଜମାରୁ ଇଚ୍ଛା ନୁହେଁ; ଓ ସେଇଥିପାଇଁ ଯାହା ମିଳି ପାରିବ ସେତକ ହେଲେ କିମିତି ମିଳିଗଲେ ରକ୍ଷା। ଏପରି ଧାରଣାରେ ଅନୀତି ଘୋଟି ଯିବାର କଥା । ଗତ ୨ ସପ୍ତାହରେ ମୁଁ ଲକ୍ଷ୍ୟ କରିଚି, କଂଗ୍ରେସ ପ୍ରତିନିଧି ନିର୍ବାଚନରେ ଏଇ ଅନୀତିର ପ୍ରଭାବ ପ୍ରକାଶ ପାଇଚି। ଲଢ଼େଇ ଶଙ୍କାରେ ଯେଉଁମାନେ ପଛଘୁଞ୍ଚା ଦେଉଥିଲେ, ସେମାନେ ଏବେ ପୁଣି ମନ୍ତ୍ରିତ୍ୱର ମୋହନ ଓ ରୁଚିକର ଛବି ଆଗରେ ଦେଖି ଭୋଗ ଆଶାରେ ଆଗକୁ ବାହାରି ପଡ଼ିଛନ୍ତି । ସାଲିସ୍ ହେଲା ହେଲା ବୋଲି ବିଚାରିବାରୁ ଦେଶ ସାରା ଯେପରି କି ପାଣିପାଗ ବଦଳି ଯାଇଚି ।

× × ×

"ତେଣୁ ପୃଥିବୀକୁ ଇଂରେଜ ସରକାର ଓ ଦେଶବାସିଙ୍କୁ ଆମେ କେଉଁଠାରେ ଅଛୁ ସେ କଥା ସ୍ପଷ୍ଟ ଜଣାଇ ଦେବାର ଅଛି । ଏପରି ନ ଜଣାଇବାରୁ ବୁଝିବାରେ ବହୁତ ଭୁଲ୍ ହେଉଚି ଓ ସେଥିରେ ଆମର ଖରାପ ହେଉଚି ପୁଣି ଇଂରେଜ ସରକାର ଆମ ସ୍ୱାଧୀନତା ସମ୍ବନ୍ଧରେ ସୁବିଧା କରି ନେଉଚନ୍ତି, ଆମେ ବଡ଼ଲାଟ ବା ଇଂରେଜ ସରକାରଙ୍କ ପାଖକୁ ଦୌଡ଼ିବାରେ ବଡ଼ ବୁଦ୍ଧିଭେଦ ଜନ୍ମୁଛି ଓ ଫଳରେ ଇଂରେଜ ସରକାର ଠିକ୍ ସାଲିସରୁ କ୍ରମେ ଦୂରକୁ ଚାଲି ଯାଉଚନ୍ତି ।"

ଏହାକୁ ପ୍ରକାଶ କରି ମହାତ୍ମା ଗାନ୍ଧି କହିଚନ୍ତି, ଏପରି ସାବଧାନ କରାଇ ଦେବା ଭଲ । କାରଣ ପୁଣି ବିଶେଷରେ ସେ ନିଜେ ଆଜିକାଲି ଦେଶର ଅବସ୍ଥା ସାକ୍ଷାତ୍ ଭାବରେ ଜାଣୁ ନାହାନ୍ତି । ତଥାପି ସେ କହନ୍ତି, ସାଲିସ ପାଇଁ ବଡ଼ଲାଟଙ୍କ ଦ୍ୱାରକୁ ବାରମ୍ବାର ଯିବାରେ, ତାଙ୍କର କୌଣସି ଭୁଲ୍ ହେଉନାହିଁ। ସେଥିପାଇଁସେ ଲଜ୍ଜିତ ବା ଦୁଃଖିତ ନୁହନ୍ତି - ଇତ୍ୟାଦି ଇତ୍ୟାଦି ।

ମହାତ୍ମାଜୀ ହୁଏତ ତାଙ୍କ ନିଜ ନୀତି ହିସାବରେ ଠିକ୍ କରୁଛନ୍ତି । ସେ ନୀତି ସତ୍ୟାଗ୍ରହର ନୀତି। ସତ୍ୟ ଓ ଅହିଂସା ଉପରେ ଏହା ପ୍ରତିଷ୍ଠିତ । ଗତ ୨୦ ବର୍ଷ ହେଲା ମହାତ୍ମାଜୀ ଦେଶକୁ ଏହା କାର୍ଯ୍ୟରେ ଶିଖାଇଲେଣି । ତଥାପି ମହାତ୍ମାଜୀ ନିଜେ କହୁଚନ୍ତି, ତାଙ୍କ ନିଜ ଛଡ଼ା ଏ ନୀତିର ଯଥାର୍ଥ କାର୍ଯ୍ୟକ୍ରମ ଆଉ କେହି ଜାଣି ନାହାନ୍ତି । ତେବେ ସେ ନୀତିରେ କାର୍ଯ୍ୟ ଚଳିବ କିପରି ? ଏହା ମହାତ୍ମାଜୀଙ୍କର ମଧ ଭାବିବାର ଅଛି । ପୁଣି ଦ୍ୱିତୀୟ କଥା, ଦେଶର ଯଥାର୍ଥ ଅବସ୍ଥା ଠିକ୍ ନ ଜାଣି ଏପରି ବେଳେ ନେତୃତ୍ୱ କରିବା କିପରି ସମ୍ଭବ, ତା ମଧ ବୁଝାଯାଉ ନାହିଁ । ପାଖ ଲୋକେ ଯେ ଦେଶର ଠିକ୍ ଅବସ୍ଥା ତାଙ୍କୁ ଜଣାଉ ନାହାନ୍ତି ଏ ଆଶଙ୍କା ବି ତାଙ୍କ ଲେଖାରୁ ସୂଚିତ ହେଉଚି । ଏ ସବୁ କ'ଣ

Digitized by PPRACHIN, SOA

ସତ୍ୟାଗ୍ରହର ଯଥାର୍ଥ ପ୍ରସାର ? ଏସବୁ ମହାତ୍ମାଜୀଙ୍କ ବିଚାରକୁ ଆସିବା ଉଚିତ । ତା ନହେଲେ, ଦେଶର ବିବାଦ ବିଶୃଙ୍ଖଳା କ୍ରମେ ଯେ ବଢ଼ିବାରେ ଚାଲିଲା । ସ୍ୱରାଜ କାହିଁ ?

ନବ ଭାରତ-୬।୭, ଆଲୋଚନା

ଆମେରୀ ଓ ଗାନ୍ଧି

ଆମେରୀଙ୍କ ବକ୍ତୃତା -

ଏବେ ଏହି ଏପ୍ରିଲ ତୃତୀୟ ସପ୍ତାହରେ ବିଲାତରେ ଭାରତ ସଚୀବ ଆମେରୀ ସାହେବ ଭାରତ ରାଜନୀତିକ ପରିସ୍ଥିତି ଓ ଭବିଷ୍ୟତ ସମ୍ବନ୍ଧରେ ଏକ ଦୀର୍ଘ ବକ୍ତୃତା ଦେଇଚନ୍ତି । ସେଥିରୁ ଜଣାପଡୁଛି କ୍ରମେ ଆମେରୀଙ୍କ ଭଳି ଇଂରେଜ ରାଜନୀତିକମାନେ ଭାରତ, ବିଶେଷତଃ କଂଗ୍ରେସର ମତାମତ ପ୍ରତି ଆଉ ଆସ୍ଥାବାନ ନୁହନ୍ତି । ସେ କଂଗ୍ରେସ ପ୍ରତି ସଫା ଘୃଣା ଦେଖାଇଛନ୍ତି; ପୁଣି ଏବେ ବମ୍ବେଠାରେ ବସିଥିବା ସାପ୍ରୁ କନଫରେନ୍ସ ମତାମତ ପ୍ରତି ମଧ୍ୟ ଅନାଦର ଦେଖାଇଚନ୍ତି । ଆମେରୀଙ୍କ କଥାରୁ ଜଣାପଡୁଚି, କଂଗ୍ରେସ ଓ ମୁସଲିମ ଲିଗ୍, ଦିହେଁ ଏକ ମତ ନ ହେବା ଯାଏ ସେ ଭାରତରେ ଗଣତନ୍ତ୍ର ପ୍ରତିଷ୍ଠାର କୌଣସି ଭବିଷ୍ୟତ ଦେଖୁ ନାହାନ୍ତି । ମୋଟ କଥା ଆମେରୀ କହୁଚନ୍ତି, "ସର୍ବଦଳ ମିଳନଟି ଭାରତ ରାଜନୀତିକଙ୍କ କାମ । ତା ପରେ ଭାରତର ଗଣତନ୍ତ୍ର ଶାସନ ପ୍ରତିଷ୍ଠାର କଥା ବିଚାର୍ଯ୍ୟ ।" ଏ ଅବଶ୍ୟ ଏକ ବିଚିତ୍ର ମନୋବୃତ୍ତିର ପ୍ରକାଶ । ଭାରତରେ ସବୁଦଳ ଏକ ହେବାର ପୁଣି ଆମେରୀ ସାହେବ କି ମାପକାଠି ରଖିଚନ୍ତି ତାହା ଜାଣିବାର ଉପାୟ ନାହିଁ । ତାଙ୍କ କଥାରୁ ପ୍ରକାଶ, ଭାରତରେ ଗଣତନ୍ତ୍ର ଶାସନ ବା କୌଣସି ନୀତିମୂଳକ ଜାତୀୟ ଶାସନ ସଫା "ଏକେଣା ଗୁରୁବାର" ଦିନ ଯାଏ ଘୁଞ୍ଚିଯିବ ।

ମହାତ୍ମାଙ୍କ ଉତ୍ତର -

ମହାତ୍ମା ଗାନ୍ଧି ଆମେରୀଙ୍କ ପାର୍ଲିଆମେଣ୍ଟ ଭାଷଣ ଉପରେ ଏବେ ଏକ ଲମ୍ବା ବିବୃତି ଦେଇଛନ୍ତି । ଆମେରୀ ଗଲା ଅଗଷ୍ଟ ମାସରେ ଯାହା କହିଥିଲେ ସେଥିରୁ ଜଣା ଯାଉଥିଲା, ଭାରତରେ ନାନା ଦଳର ଲୋକେ ବାହାରିଲେ ବଡ଼ଲାଟଙ୍କ ଶାସନ ପରିଷଦ ବଢ଼ାଇ ଦିଆଯିବ । ପରେ ଭାରତ ଶାସନ ଆଇନ ବିଚାର ବେଳେ ସାମ୍ପ୍ରଦାୟିକ ମିଳନ କଥା ବିଶେଷ ଭାବରେ ଉଠିବ । କିନ୍ତୁ ଏବେ ଆମେରୀଙ୍କ କଥାରେ ଆଉ ସେ ମନୋବୃତ୍ତି ଥିଲାପରି ଜଣାପଡୁନାଇ। ସେ ସାମ୍ପ୍ରଦାୟିକ ଭେଦକୁ ବଳ କରି ଯେପରି କି ଭାରତ ରାଜନୀତିକମାନଙ୍କ ପ୍ରତି ଅବହେଳା ଦେଖାଇବା ଆଡ଼କୁ ସ୍ପଷ୍ଟ ଗତି କରୁଚନ୍ତି। କିନ୍ତୁ ମହାତ୍ମାଜୀ ଯେଉଁ ଉତ୍ତର ଦେଇଚନ୍ତି ସେଥିରେ ନିଜର ପୂର୍ବ ଯୁକ୍ତିଗୁଡ଼ିକ ପୁଣି ଟିକିଏ

Digitized by PPRACHIN, SOA

ଦସ୍ତରେ ଆବୃତ୍ତି ମାତ୍ର କରିଛନ୍ତି । ସେ କହୁଛନ୍ତି, ସାମ୍ପ୍ରଦାୟିକ ଭେଦ ଇଂରେଜ ସରକାର କରିଛନ୍ତି, ବଢ଼ାଇଛନ୍ତି । ଇଂରେଜ ଏ ଦେଶରୁ ଚାଲିଗଲେ ସାମ୍ପ୍ରଦାୟିକ ଭେଦ ମନକୁ ମିଳାଇ ଯିବ । ଏଇ ବିବୃତିରେ ମହାତ୍ମାଜୀଙ୍କର ଟିକିଏ ତିକ୍ତତା ମଧ ପ୍ରକାଶ ପଡୁଚି । ଜଣା ପଡୁଚି, ତିକ୍ତତାର କାରଣ, ଢାକା, ବମ୍ବେ ତଥା ବିଶେଷରେ ଅହମଦାବାଦରେ ଲାଗିଥିବା ସାମ୍ପ୍ରଦାୟିକ ହଣାକଟା । ସେ କଥାକୁ ମଧ ମହାତ୍ମା ଗାନ୍ଧି ସ୍ପଷ୍ଟ ଲକ୍ଷ୍ୟ କରି ଇଂରେଜ ଶାସକମାନଙ୍କୁ ଏକାନ୍ତ ଦୋଷ ଦେଇ କହିଛନ୍ତି ।

ମହାତ୍ମାଙ୍କ ଯୁକ୍ତି :-

ଇଂରେଜମାନେ ଏ ଦେଶରେ ସାମ୍ରାଜ୍ୟ କରନ୍ତି । ଭେଦ ଜନ୍ମାଇଁ ସାମ୍ରାଜ୍ୟ ରଖିବା ଗୋଟିଏ ଚିରନ୍ତନ ରୀତି । ରକ୍ଷଣଶୀଳ ଇଂରେଜ ଶାସକମାନେ ସେ ନୀତି ଧରିରଖିଛନ୍ତି । ମର୍ଲିମିଣ୍ଟୋଙ୍କ ଠାରୁ ଶ୍ରମିକ ନେତା ମାକ୍‌ଡ଼ୋନାଲ୍ଡଙ୍କ ପର୍ଯ୍ୟନ୍ତ ସମସ୍ତେ ଏ ବିଷବୃକ୍ଷ ରୋପି ତହିଁରେ ପାଣି ଦେବାରେ ଲାଗିଚନ୍ତି । ଆମେରୀ ଏ ଶାସନ ନୀତିର ପରଂପରା ଭୁଲି ନାହାନ୍ତି । ଏହା କହିବାରେ ପୁଣି ବାରମ୍ବାର ଆବୃତ୍ତି କରିବାରେ ଏବେ ମହାତ୍ମାଙ୍କ ପକ୍ଷରେ କି ମହତ୍ତ୍ୱ ବା ଯୁକ୍ତିଯୁକ୍ତତା ଅଛି, ତାହା ବୁଝାଯାଉନାହିଁ । ଦିନ ଥିଲା, ଭାରତର ଜାତୀୟ ବୀରମାନେ କଂଗ୍ରେସରେ ବସି ଇଂରେଜ ଶାସକମାନଙ୍କର ଅନପେକ୍ଷିତ ନ୍ୟାୟ ବୁଦ୍ଧି ଉପରେ ନିର୍ଭର କରି ପ୍ରସ୍ତାବମାନ କରୁଥିଲେ । ନ୍ୟାୟଶାସ୍ତ୍ର ଲଗାଇ ଯୁକ୍ତିମାନ ଖଞ୍ଜି କହୁଥିଲେ । ସେମାନଙ୍କର ବିଶ୍ୱାସ ଥିଲା, ଏହି ନ୍ୟାୟଶାସ୍ତ୍ର ଯୁକ୍ତିରେ ବୁଝାଇ ପାରିଲେ ଇଂରେଜମାନେ ଭୁଲିଯିବେ । ମହାତ୍ମା ଗାନ୍ଧି ଅବଶ୍ୟ ଏହି ଭଳି ରାଜନୀତିକ ମାନଙ୍କ ପରମ୍ପରାରେ ବଢ଼ିଚନ୍ତି । ତାଙ୍କର କ'ଣ ଏବେ ବି ସେହି ନ୍ୟାୟଶାସ୍ତ୍ର ଯୁକ୍ତି ଦେଖାଇ ଭାରତର ସ୍ୱାଧୀନତାଟା ମାଗିନେବା ବୁଦ୍ଧି ଛାଡ଼ି ନାହିଁ ? ତାଙ୍କ ଅହିଂସା ମନ୍ତ୍ର ଓ ଅରଟ ସାଧନାର ଭିତ୍ତି କ'ଣ ସତେ ଏହିଠାରେ ? ସେ କ'ଣ ସତେ ଏବେବି ମନେକରନ୍ତି, ଅହିଂସା ଭିତରେ ଦୁର୍ବଳର ନିରାଶ୍ରୟତା ଦେଖି ଦୟାରେ ବିଗଳିତ ହୋଇ, ମହାତ୍ମାଜୀଙ୍କ ସତ୍ୟ, ନ୍ୟାୟ, ଧର୍ମ ଦୃଷ୍ଟିରେ ଭାରତ ରାଜନୀତିକୁ ଦେଖି ଓ ବୁଝି ସାମ୍ରାଜ୍ୟ ସେବୀମାନେ ଭାରତ ହାତକୁ ସ୍ୱାଧୀନତା ଟେକିଦେଇ ନିଶ୍ଚିନ୍ତ ହେବେ ? ଏ ତ ସ୍ୱାବଲମ୍ବନର ପନ୍ଥା ନୁହେଁ । ମହାତ୍ମା ଗାନ୍ଧି କାହିଁକି ବାରମ୍ବାର ଏଭଳି ଯୁକ୍ତିର ଆବୃତ୍ତି କରୁଛନ୍ତି ?

ସାମ୍ପ୍ରଦାୟିକ ଭେଦରେ ଦାୟିତ୍ୱ

ସାମ୍ପ୍ରଦାୟିକ ଭେଦରେ ଇଂରେଜ ଶାସକଙ୍କର ଯେ ଦାୟିତ୍ୱ ଅଛି ତାହା ଏବେ ଛାଡ଼ିଦେଇ, ସ୍ୱାବଲମ୍ବନ ଦୃଷ୍ଟିରେ ବିଷୟଟିର ପରୀକ୍ଷା କରାଯାଉ । ସେହି ସତ୍ୟ ଦୃଷ୍ଟିରୁ ଦେଖିଲେ ସତେ କ'ଣ ଏକା ଇଂରେଜମାନେ ଏବର ଏ ସାମ୍ପ୍ରଦାୟିକ ବିପତ୍ତି ପାଇଁ ଦାୟୀ ? ଇଂରେଜମାନେ ମଞ୍ଜି ପୋତି ଥାଇପାରନ୍ତି । କିନ୍ତୁ ଏ ମଞ୍ଜିକୁ ଭଲକରି ପାଣି

Digitized by PPRACHIN, SOA

ଦେଇ ବଢ଼ାଇଚି କିଏ ? ବିଶେଷରେ ମହାତ୍ମା ଗାନ୍ଧି ଓ ମହାତ୍ମାଜୀଙ୍କ କଂଗ୍ରେସଙ୍କର କ'ଣ ଦାୟିତ୍ୱ ଏଥିରେ ନାହିଁ ? ମହାତ୍ମା ଗାନ୍ଧି ନିଜ କଂଗ୍ରେସକୁ ଅଣ୍ଟିରେ ଧରି ଆଲି ଭାଇଙ୍କ ସଙ୍ଗେ ପୂର୍ଣ୍ଣ ପ୍ରାଣରେ ମିଶିଚନ୍ତି କିନ୍ତୁ ତାଙ୍କୁ "ଆଗେ ଭାରତୀୟ ପରେ ମୁସଲମାନ" କରିପାରି ନାହାନ୍ତି; ଖିଲାଫତରେ ପୂର୍ଣ୍ଣମାତ୍ରାରେ ଯୋଗଦେଇ, ମୁସଲମାନଙ୍କର ତୁର୍କି ସାମ୍ରାଜ୍ୟ ତଥା ଖିଲାଫତ ଗଲେ ପୃଥିବୀର ତଥା ଭାରତର ସର୍ବନାଶ ହେବ ବୋଲି ପ୍ରଚାର କରି, ପୂରା କଂଗ୍ରେସଟାକୁ ଏହି ଲାଞ୍ଚ ଦେବା ଛଦ୍ମରେ କୌଶଳରେ ମନାଇଁ ମଧ୍ୟ, ଆଲି ଭାଇଙ୍କୁ ତଥା ମୁସଲ ମାନଙ୍କୁ, "ଆଗେ ଭାରତୀୟ" କରିପାରି ନାହାନ୍ତି । ସେହି ଲାଞ୍ଚ ଦେବାକୁ ପନ୍ଥା ବୋଲି ଦୃଢ଼ ଭାବରେ ଧରି ମୁସଲମାନଙ୍କୁ ନିଜ ଦସ୍ତଖତ୍ କରା ଅଲେଖା କାଗଜ (Blank Cheque) ଦେବା କଥା ମଧ୍ୟ ଶୁଣାଇଚନ୍ତି । ଏସବୁ ପରେ ଗୋଲଟେବୁଲକୁ ନିଜେ ଯାଇ ସେଠାରେ ଇଂରେଜ ଆତିଥ୍ୟରେ ଭୁଲି, ଶେଷକୁ ସାଂପ୍ରଦାୟିକ ନିଷ୍ପତ୍ତି ସକାଶେ ଏକ ପ୍ରକାର ମାକ୍‌ଡ଼ୋନାଲ୍ଡଙ୍କ ମାଧ୍ୟମରେ ସମ୍ମତି ଦେଇଚନ୍ତି । ଦୁର୍ବଳର ଏ ଲାଂଚ ଦିଆ ବୁଦ୍ଧିରେ ତାଙ୍କୁ ହାତ କାମୁଡା ଶିଖାଇ ଶେଷକୁ ପ୍ରାଦେଶିକ ଶାସନଗୁଡ଼ିକ ଓ୍ୟାର୍ଦ୍ଧାର ଏକଛତ୍ର ଯଥେଚ୍ଛାଚାରରେ ଚଳାଇବାରେ ଅଳ୍ପ ପକ୍ଷ ବା ସମାଲୋଚନାକୁ, ବହୁ ପକ୍ଷ ବଳରେ ବରାବର ଜବତ୍ କରି, ଫଳରେ ମୁସଲମାନଙ୍କ ଭଳି ସାଂପ୍ରଦାୟିକ ଅତଏବ ଚିରନ୍ତନ ଅଳ୍ପ ପକ୍ଷକୁ ନିଜର ବିକଟ ରୂପ ଦେଖାଇ, ଭେଟଣା କରାଇ ଦେଇଚନ୍ତି । ଏ ସବୁ ଦାନ, ଦଣ୍ଡ ବୁଦ୍ଧି ପରେ ପୁଣି ରାଜେନ୍ଦ୍ର ପ୍ରସାଦଙ୍କୁ ଧରି ମୁସଲମାନ ପ୍ରତିନିଧି ଭାବରେ ଜିନ୍ନାଙ୍କ ପଛରେ ଗୋଡ଼ାଇଛନ୍ତି । ଏ ସାମ, ଦାନ ପରେ ପୁଣି ଜନଗଣ ସଂପର୍କ (Mass Contact) ବାଘଛାଲ ଦେଖାଇ, ସେଇ ବୁଦ୍ଧିର ପ୍ରସାରରେ ଆଜାଦ୍ କନ୍‌ଫରେନ୍‌ସ ପରି ଅନୁଷ୍ଠାନମାନ ଉଠାଇ ଆତସବାଜି ଦେଖାଇ ଦିଆଯାଇଚି । ଏସବୁ ମହାତ୍ମାଜୀ ଅବଶ୍ୟ ଭୁଲି ନାହାନ୍ତି । ଏ ସବୁ ମନେ ଥାଇ ସେ କେବେ ବୁଝୁନଥିବେ ଯେ, ସାଂପ୍ରଦାୟିକ ଭାବରେ ଦେଶକୁ ଭାଗ ଭାଗ କରିବାରେ ସେ ନିଜେ କିଛି କରିନାହାନ୍ତି । ମହାତ୍ମାଜୀ ଯାହା କହନ୍ତୁ ବା କରନ୍ତୁ ମୁସଲମାନମାନେ ଆଉ ଯାହା କଥା ମାନନ୍ତୁ ବା ନ ମାନନ୍ତୁ, ସେମାନେ ମହାତ୍ମା ଗାନ୍ଧି ବା ତାଙ୍କ ଅନୁଚର, ପାର୍ଶ୍ୱଚରଙ୍କ କଥାରେ ଭଳିବା ବାଟରେ ଆଉ ଅଛନ୍ତି କି ? ସେ ଦିନ ପରା ରାଜଗୋପାଳାଚାରୀ ଭୋକ ବିକଳରେ ତାଟିଆ କାମୁଡ଼ିଲା ପରି, ମୁସଲମାନଙ୍କୁ ଗୋଟା ପାକିସ୍ଥାନଟା ହାତଟେକି ଦେଇଦେବାର ଲୋଭ ଦେଖାଇ ଦେଲେ। ସେଥିରେ ମୁସଲମାନ ଭଳିଲେ ନା ମଙ୍ଗିଲେ ? ବରଂ ସେମାନେ ମୁରକି ହସା ଦେଇ ନିଜର ଭେଦପନ୍ଥାକୁ ଆହୁରି ଦୃଢ଼ କରିବାରେ ଲାଗିଗଲେ । ଭଲା ଧର, ଏହିପରି ଯୁଧିଷ୍ଠିର ପଶା ଖେଳରେ ଦ୍ରୌପଦୀଙ୍କୁ ପଣ କଲା ପରି ମୁସଲମାନଙ୍କ ପାଖେ ଖେଳ ପଣ (Sporting Offer) ସବୁ ଦେଇପକାଇ ମଙ୍ଗାଇବାକୁ ହେବ ।

Digitized by PPRACHIN, SOA

ଅମୁସଲମାନ ମାନେ ଏଥିରେ ମଙ୍ଗିବେ ତ ? ମଙ୍ଗିବା ଉଚିତ ତ ? ତେବେ ଏ ସବୁ ପଣରେ ହୁଏତ ବଡ଼ ବଳ ହେଉଛି- ଅଧିକାଂଶ ହିନ୍ଦୁଙ୍କ ଉପରେ ମହାତ୍ମାଜୀଙ୍କ ପ୍ରଭାବ । ମହାତ୍ମାଜୀ ଜାଣନ୍ତି, ତାଙ୍କ ଅନୁଚର, ପାର୍ଶ୍ୱଚର ବି ଜାଣନ୍ତି, ହିନ୍ଦୁସାଧାରଣ ଅନ୍ଧ ପରି ମହାତ୍ମାଜୀଙ୍କୁ ଈଶ୍ୱରପୁତ୍ର ବା ପୟଗମ୍ବର କରି ସାରିଲେଣି । କିଛି ନ ବୁଝି, ନ ବିଚାରି ଅଧିକାଂଶ ହିନ୍ଦୁ ମହାତ୍ମାଜୀଙ୍କ ନାମରେ ମାତ୍ର ଘୋର ମତାନ୍ଧ । ଏହା ସତ୍ୟ କଥା । ତଥାପି ମହାତ୍ମାଜୀ କାହିଁକି ଏ ସବୁ ସତ କଥା ବିଚାରୁ ନାହାନ୍ତି ? ବିଚାରିଲେ ବା କାହିଁକି କହି ପକାଉ ନାହାନ୍ତି ? କହିଦେଲେ ହୁଏତ, ସାଂପ୍ରଦାୟିକ ଭେଦ ଜନିତ ଦା[illegible] ବୋଝ ତାଙ୍କ ମୁଣ୍ଡରୁ ଖସି ଆସନ୍ତା- ସମାଧାନର ପନ୍ଥା ବହୁତ ସରଳ ହୋଇଯାଆନ୍ତା; ବାୟୁମଣ୍ଡଳ ସଫା ହୋଇ ଆସନ୍ତା । ନିଜର ଦୋଷ ଲୁଚାଇ, ନିଜ ବାସଭୂମି ଅହମଦାବାଦର ସାଂପ୍ରଦାୟିକ ମାର୍‌ପିଟ୍ ଦେଖି ବିବ୍ରତ ହୋଇ, ତିକ୍ତ ବିବୃତିରେ ପୁରୁଣା ଯୁକ୍ତିକୁ ଆବୃତ୍ତି କରି, ମହାତ୍ମାଜୀ ଏହା କରିପାରିବେ ନାହିଁ । ସେ ନୀତି ଏଠାରେ ଖାଟିବ ନାହିଁ । ମହାତ୍ମାଜୀ ଏବେ ସାହସ ଧରି ନୀତି ବଦଳାନ୍ତୁ । ଦେଶକୁ ଆଉ ସର୍ବନାଶ ଆଡ଼କୁ ଟାଣନ୍ତୁ ନାହିଁ । ଲୋକଙ୍କ ଅନ୍ଧବିଶ୍ୱାସ ହୁଏତ ତାଙ୍କୁ ଜୁଡ଼ାର ଈଶ୍ୱରପୁତ୍ର ବା ମକାର ପୟଗମ୍ବରଙ୍କ ସ୍ଥାନ ଦେଇପାରେ, କିନ୍ତୁ ସେଥିରେ ଯଥାର୍ଥ ଭାରତ ରାଜନୀତିକ ଭବିଷ୍ୟତର ବାଟ ଫିଟିବ ବୋଲି ମନେ ହେଉ ନାହିଁ ।

ଇଂରେଜ ଛାଡ଼ିଦେବେ କିଆଁ :-

ପୁଣି ସବୁବେଳେ କୁହା ଯାଇଚି, "ହେ ଇଂରେଜ ରାଜ୍ୟକର୍ତ୍ତା ଏ ସାଂପ୍ରଦାୟିକ ସମସ୍ୟା କରିଚ ତୁମେ, ତମେ ମଝିରୁ ଉଠିଗଲେ, ଆମ ମୁହାଁମୁହିଁରେ ଏହାର ସମାଧାନ ସୁଗମ ହେବ ।" ଏ ଯୁକ୍ତିରେ କିଏ ସନ୍ଦେହ କରୁଚି ? କିନ୍ତୁ ବୁଝିବାର ଅଛି, ଇଂରେଜ ରାଜ୍ୟର ମଧ୍ୟ ଆମରି ପରି ସ୍ୱାର୍ଥ ଅଛି । ସାମ୍ରାଜ୍ୟସେବୀ ଇଂରେଜର ମଧ୍ୟ ନିଜର ଆତ୍ମସମ୍ମାନ ଅଛି । ଇଂରେଜମାନେ ନିଜ ଦୃଷ୍ଟିରୁ ଜିନିଷଟିକୁ ଦେଖୁଥିବେ । କଥାରେ ସେ ଅନପେକ୍ଷିତ ନ୍ୟାୟ ଯୁକ୍ତିମାନ ବାଢ଼ନ୍ତି; ସେ ମଧ୍ୟ ଏକ ସାମ୍ରାଜ୍ୟସେବୀର ନୀତିଗତ ବିଚକ୍ଷଣତା । ଏ ସବୁ ଭୁଲିଗଲେ ଚଳିବ ନାଇ । କିମ୍ବା ଏ ସବୁ ଜାଣି ଶୁଣି ନ୍ୟାୟଶାସ୍ତ୍ରର କଥା ଲଢ଼ାଇରେ ମାତିଲେ ସାଂପ୍ରଦାୟିକ ସମସ୍ୟା ତୁଟିଯିବ ନାଇ, କିମ୍ବା ଭାରତକୁ ସ୍ୱାଧୀନତା ମିଳିଯିବ ନାଇ । ଇଂରେଜ ରାଜନୀତିକଙ୍କ ମଧ୍ୟରେ କ'ଣ ଏହିପରି ନ୍ୟାୟଶାସ୍ତ୍ର ଜାଣିବାବାଲା ନାହାନ୍ତି ବୋଲି ଭାରତ ପରାଧୀନ ହୋଇ ରହିଚି ? ସୂଚନାରେ କୁହାଯାଇଚି, ରାଜ୍ୟ ଲାଭରେ ଅସଲ ଯୁକ୍ତି ଗୌତମଙ୍କ ନ୍ୟାୟଶାସ୍ତ୍ରରେ ନାଇ କିମ୍ବା ସେ ଅସଲ ଯୁକ୍ତିର ସାଧନା ପୂର୍ଣ୍ଣ ଅହିଂସାରେ କର୍ମର ଅବସାନରୂପ ତପସ୍ୟା ନୁହେଁ ।

Digitized by PPRACHIN, SOA

ଯୁକ୍ତି ତେବେ କ'ଣ -

ଯେତେବେଳେ ମହାତ୍ମା ଗାନ୍ଧି କଂଗ୍ରେସରେ ଅହିଂସା ପୂରାଇ ଥିଲେ, ସେତେବେଳେ ଅହିଂସାକୁ ଏପରି ଅକାଟ୍ୟ ବିଶ୍ୱନୀତିରେ ପରିଣତ କରି, ନିଜେ ନିଜର ଅନ୍ତରୋଦ୍ଭୂତ ବିଭୁବାର୍ତ୍ତା (Inner Voice) ଉପରେ ନିର୍ଭର ଦେଇ ଆମ ଭଳି ଅରକ୍ଷ, ଦୁର୍ବଳ, ପରମୁଖାପେକ୍ଷୀ, ପରପଦାନୁସାରୀ ଜାତି ଉପରେ ନିଜର ସାହସିକ ପରୀକ୍ଷା ଚଳାଇବେ ବୋଲି କେହି ଜାଣି ନଥିଲେ । ଜନଗଣରେ ସାଧାରଣ ସ୍ମୃତି ବଡ଼ କ୍ଷଣସ୍ଥାୟୀ । ତଥାପି ଲୋକେ ଏବେ ମନେ ରଖିଥିବେ, ଚିତ୍ତରଞ୍ଜନଙ୍କ ମୃତ୍ୟୁ ପରେ ମଧ୍ୟ କଲିକତାରେ ଯତୀନ୍ଦ୍ରମୋହନଙ୍କ ମୁଣ୍ଡରେ ତିନି ମୁକୁଟ (Tripple crown) ପିନ୍ଧାଇଲା ବେଳେ ଗାନ୍ଧି ସ୍ପଷ୍ଟ କହିଥିଲେ, "ଅହିଂସା ହିଁ ଅବସ୍ଥା ଦୃଷ୍ଟିରେ ଏବେ ଏକମାତ୍ର ପନ୍ଥା ।" ଏବେ ପୁଣି ସୁଖର କଥା, ଅହମଦାବାଦ ସାଂପ୍ରଦାୟିକ ମାରପିଟିରେ ଚମକି ପ ଡ଼ି, ଆମେରୀଙ୍କ ଅନାଦର ବ୍ୟଙ୍ଗ ବିବୃତିର ଉତ୍ତର ଦେବାକୁ ଯାଇ, ସେ କହିଛନ୍ତି, "ଭାରତ ସେନାଙ୍କ ପ୍ରଶଂସା ଆମେରୀଙ୍କ ମୁହଁରେ ଶୋଭା ପାଉ ନାଇ । ଆଜି ଭାରତକୁ ନିରସ୍ତ୍ର କରି ନ ରଖି, ଆତ୍ମରକ୍ଷାରେ ବଳବନ୍ତ କରାଇ ରଖିଥିଲେ - କଂଗ୍ରେସର ଅହିଂସାନୀତି କଥା ଏବେ ଯାହା ହେଉ ପଛକେ - ଆତ୍ମରକ୍ଷାରେ ବଳବନ୍ତ ଭାରତ ଇଂରେଜଙ୍କ ସଙ୍ଗେ ଆଜି କାନ୍ଧକୁ କାନ୍ଧ ପକାଇ ଠିଆ ହୋଇଥିଲେ, ଇଉରୋପର ସମସ୍ତ ଶକ୍ତି ମିଶି ଇଂଲଣ୍ଡର କିଛି କରିପାରି ନଥାନ୍ତେ ।" ପୁଣି ୩୦ ଅପ୍ରେଲ ଅର୍ଥାତ୍ ତା' ପରଦିନ, ହିନ୍ଦୁ ମୁସଲମାନ ହଣାକଟା ଅହମଦାବାଦ ପର୍ଯ୍ୟନ୍ତ ବ୍ୟାପି ଯିବାର ଦେଖି କହିଚନ୍ତି, "ଲୋକେ ଆତ୍ମରକ୍ଷାରେ ବଳିଷ୍ଠ ହୁଅନ୍ତୁ । ଦରକାର ହେଲେ ହିଂସାକୁ ହିଂସାରେ ପ୍ରତିରୋଧ କରନ୍ତୁ ।" ଯେଉଁ କଂଗ୍ରେସ ଲୋକେ ସାଂପ୍ରଦାୟିକ ମାରପିଟ୍‌ରେ ଲୋକେ ମଲା ଉତ୍ତାରୁ ତାଙ୍କ ଶୁଦ୍ଧକ୍ରିୟା ପାଇଁ ଓ ଆହତ ହେଲା ଉତ୍ତାରୁ ତାଙ୍କ ଡ଼ାକ୍ତରଖାନା ଖର୍ଚ୍ଚ ପାଇଁ, ଚାନ୍ଦା ମାତ୍ର କରିବା କଥା ଭାବୁଥିଲେ, ସେମାନଙ୍କୁ ଏହି ଆତ୍ମ ରକ୍ଷା ପାଇଁ ପ୍ରସ୍ତୁତ ହେବାକୁ ଓ ଲୋକଙ୍କୁ ପ୍ରସ୍ତୁତ କରାଇବାକୁ ସୂଚନା ଦେଇଚନ୍ତି । ସତେ କ'ଣ ଉସୁନା ଧାନ ଗଜା ହେବ ? ମହାତ୍ମାଜୀ ପୁଣି ନ୍ୟାୟଶାସ୍ତ୍ର ଯୁକ୍ତି ଛାଡ଼ି, ଅହିଂସା ନିମନ୍ତେ ଦୁର୍ବଳର ଆବରଣ ଫିଟାଇ, ଦେଶକୁ ସ୍ୱାଧୀନତା ଲାଭର ପ୍ରକୃତ ଯୁକ୍ତି ଶିଖାଇବାରେ ଲାଗିବେ ? ମନେ ରଖିବା ଉଚିତ, ପୃଥିବୀର ସମସ୍ତ ସାମାଜିକ ତଥା ଆନ୍ତର୍ଜାତିକ ସଂଘର୍ଷ ମଧ୍ୟରେ, ସ୍ୱାଧୀନତା ହିଁ ଆଦର୍ଶ କାମ୍ୟ । ଏ ସ୍ୱାଧୀନତାର ଶେଷଯୁକ୍ତି ଏକ ଓ ଅପରିବର୍ତ୍ତନୀୟ । ତାହା ଆତ୍ମରକ୍ଷାର ଯୁକ୍ତି । ଅହିଂସାର ଆତ୍ମସମର୍ପଣରେ ସେ ଯୁକ୍ତି ନାଇ । ଆମ କଥା ଆମେ ନ କଲେ, ଆମ ଆତ୍ମ ଆମ ନ୍ୟାୟ ଯୁକ୍ତି ଶୁଣି, କେହି ଆମ କଥା କରିଦେବେ ନାଇ । ଯୁକ୍ତି ପୁଣି ବ୍ୟକ୍ତି, ପାରିପାର୍ଶ୍ୱିକ ଅବସ୍ଥା, ଉଦ୍ଦେଶ୍ୟ ତଥା ଆଭିମୁଖ୍ୟ ଭେଦରେ ସର୍ବଦା ଭିନ୍ନ ଭିନ୍ନ ।

Digitized by PPRACHIN, SOA

କାଗଜକଳର ଲଭ୍ୟାଂଶରେ କୁବେର ବିରଳାଙ୍କର ଯାହା ଯୁକ୍ତି, ବିଚରା ଶ୍ରମିକର ସେ ଯୁକ୍ତି ନୁହେଁ । ଏ ଦୁହିଁଙ୍କର ପୁଣି ଯେ ଯୁକ୍ତି, ଯନ୍ତ୍ର ବା ନିର୍ମାଣ ପ୍ରଣାଳୀରେ ପ୍ରୟୋଗ - ବିଜ୍ଞାନ - ଦକ୍ଷ ପରିଚାଳକ ବା ନିଯୁକ୍ତ ବିଶେଷଜ୍ଞର ସେ ଯୁକ୍ତି ନୁହେଁ । କିନ୍ତୁ କେଉଁ ଯୁକ୍ତିଟି ଠିକ୍ କେଉଁଟି ବା ଭୁଲ୍ ତା କହିବ କିଏ ? ବରଂ କୁହାଯାଇପାରେ, ପରିସ୍ଥିତି ଭେଦରେ ପ୍ରତ୍ୟେକ ଯୁକ୍ତି ଠିକ୍, ପ୍ରତ୍ୟେକ ଯୁକ୍ତି ମଧ୍ୟ ଭୁଲ୍ । ପୁଣି କୁହାଯାଇ ପାରେ, ସବୁ ଯୁକ୍ତି ଠିକ୍; କାରଣ, ସେଥିରେ ସତ୍ୟ ଅଛି । ପୁଣି ସବୁ ଯୁକ୍ତି ଭୁଲ; କାରଣ, ସେଥିରେ ଜୁଲମ ଅଛି । ଏପରି ଯୁକ୍ତିଧନ୍ଦା ଭିତରେ ପଶି ମହାତ୍ମାଜୀ ସ୍ୱରାଜ୍ୟ ପାଇପାରିବେ ନାହିଁ; କିମ୍ବା ଦେଶବାସୀଙ୍କୁ ସହଜ ଓ ସଳଖ ବାଟରେ ସ୍ୱରାଜ୍ୟ ପୁଆଇ ପାରିବେ ନାହିଁ ।

ଅହିଂସା ହିଁ ଏଠାରେ ଯୁକ୍ତିରେ ଭ୍ରାନ୍ତି :-

ଗତ ୨୦ ବର୍ଷ ଧରି ଯେଉଁମାନେ ଏ ଦେଶରେ ଜାତୀୟ ସଂଗ୍ରାମର ଗତି ଲକ୍ଷ୍ୟ କରିଥିବେ ସେମାନେ ଆଜି ନିଃସଂଶୟରେ କହିପାରିବେ ଯେ ଦେଶ ପାଇଁ ଶ୍ରେଷ୍ଠ ତ୍ୟାଗ, ଅର୍ଥାତ୍ ଜୀବନ, ସଂପଦ, ଅଭିମାନ ନେତୃତ୍ୱ ପ୍ରଭୃତି ତ୍ୟାଗ କରିବାର ସାଧନା କ୍ରମେ କମି ଆସିଚି । ଆଜି ସତ୍ୟ ଓ ଅହିଂସା ନାମରେ ଗୋଟାଏ ବେଶପିନ୍ଧା ଚାରିଆଡ଼େ ବ୍ୟାପିଛି । ଆମେ ହୁଏତ ଦରକାର ପଡ଼ିଲେ ଟିକିଏ ଜେଲ୍ ଯିବା କିମ୍ବା ଗୋଟାଏ ଭୋଟ୍ ଦେବା । ବେଶ୍ ! ଆଉ କିଛି ଦରକାର ନାଇ । କିନ୍ତୁ ଯଥାର୍ଥ ଯୁକ୍ତିର ଏ ଭ୍ରାନ୍ତିରେ କିମ୍ବା ଏ ମନୋବୃତ୍ତି ବା ସାଧନାରେ ସାମ୍ପ୍ରଦାୟିକ ମିଳନ ହେବ ନାଇ; ସ୍ୱାଧୀନତା ବି ମିଳିଯିବ ନାଇ । ଧର, ହୁଏତ ମିଳିଗଲା । ମିଳିଲେ, ରହିବ କିପରି ? ଯେଉଁ ଯୁକ୍ତିରେ ସ୍ୱାଧୀନତା ମିଳିବ, ମିଳିଲେ ସେହି ଯୁକ୍ତିରେ ହିଁ ରକ୍ଷା କରାଯାଇ ପାରିବ । ଏ ଆନ୍ତର୍ଜାତିକ ସଂଘର୍ଷରେ ନିଜକୁ ଠିକ୍ ରଖିବାର ଓ ନିଜ ରାଜ୍ୟକୁ ସମ୍ଭାଳିବାର ସାଧନା ହିଁ ଏଠାରେ ଯଥାର୍ଥ ଯୁକ୍ତି । ମହାତ୍ମାଜୀଙ୍କ ଅହିଂସାରେ ସେ ଯୁକ୍ତି ନାହିଁ । ବାରମ୍ବାର କହିଛୁ ଅହିଂସାର ଆଦର୍ଶ ନିର୍ବାଣ । ସେଥିରେ ସମସ୍ତ କର୍ମର ଅବସାନ; କାମନା ପରିସମାପ୍ତ । କିନ୍ତୁ ଘୋର କର୍ମମୟତା ଏବଂ କାମନାର ସଂଘର୍ଷ ଭିତରେ ମାନବ ସମାଜ ପ୍ରତିଷ୍ଠିତ । "ମୋ ରାଜ୍ୟ ମୋତେ ଛାଡ଼ିଦିଅ; ତୁମେ ଅଲଗା ହୁଅ;" ଏଥିରେ କାମନା ତଥା କର୍ମଜଞ୍ଜାଳର ପରିସମାପ୍ତି କେହି କେବେ କଳ୍ପନା କରିନପାରେ । ଧ୍ୱଂସ ଉପରେ ସ୍ଥିତି ପ୍ରତିଷ୍ଠିତ; ଧ୍ୱଂସକୁ ଡରିବାର କିଛି ନାଇ । ଧ୍ୱଂସକୁ କେବଳ ଶୃଙ୍ଖଳିତ କରିବାକୁ ହେବ । ଏହି ଧ୍ୱଂସର ଶୃଙ୍ଖଳା ହିଁ ବିଶ୍ୱ ବିକାଶର ନୀତି । ସହଜପନ୍ଥା ଶିଖାଇ ମୁକ୍ତି ସାଧନାରେ "ସହଜିଆ ଧର୍ମ" ପରି ସ୍ୱରାଜ୍ୟ ସାଧନାରେ ଲୋକଙ୍କୁ ଅସଂଭବ ଅହିଂସାର ମୁଖା ପିନ୍ଧାଇବାରେ ଜୀବନ ବା ସମାଜ ତତ୍ତ୍ୱର କୌଣସି ନିତ୍ୟ ସତ୍ୟ ନାଇ । ଦିନେ ଏହି ଅହିଂସାର ମୁଖାରେ ନିକ୍ଷେପିତ ବିପ୍ଳବବାଦର ଘୋର ଦୁର୍ଗତି ବେଳେ ମହାତ୍ମା ଗାନ୍ଧି ଦେଶରେ ସ୍ୱରାଜ୍ୟମନ୍ତ୍ରର ପ୍ରଚାର

Digitized by PPRACHIN, SOA

ପ୍ରଚେଷ୍ଟା କରିଥିଲେ । ତାହା ସେତେବେଳେ ଅମୃତ ମନ୍ତ୍ର ପରି ଲୋକେ ଆଦରିଥିଲେ । ସେହି ଅହିଂସା ମନ୍ତ୍ରକୁ ମତାନ୍ଧତାରେ ଏତେ ଦୂର ଟାଣିବା ଠିକ୍ ନୁହେଁ । ପ୍ରଥମେ ପ୍ରତିପକ୍ଷ ମତବାଦୀମାନେ ମଧ୍ୟ ଏହି ଅହିଂସା ନାମରେ ମୁଗ୍‌ଧ ହେଉଥିଲେ । ଆଜି ପୁଣି ସେମାନେ ହସୁଚନ୍ତି, ଏଥିରେ ଧର୍ମଧ୍ୱଜୀର ବିକଟ ଅଭିମାନ ଦେଖୁଚନ୍ତି । ଏ ପନ୍ଥା ବଦଳାଇବା ଶୀଘ୍ର ଦରକାର । ଏତେବେଳେ ଯଥାର୍ଥ ମରଣ ମୁଖରେ ଛିଡ଼ା ହୋଇ ଦେଶ ରକ୍ଷା କରିବା, ଦେଶରକ୍ଷା କରିବାକୁ ଶିକ୍ଷିବାର ସୁଯୋଗ ଗ୍ରହଣ କରିବାକୁ ହେବ । ନ ହେଲେ, ଦୁର୍ବଳତାର ଏ ଦୁର୍ଗତିରେ ଆମର ମନୁଷ୍ୟତା ଫୁଟିବ ନାଇ । ପାଇବା ସଂଭାଳିବା ତ ଦୂରର କଥା ।

ନବଭାରତ-୭/୪, ଆଲୋଚନା

ମିଳିତ ମନ୍ତ୍ରୀମଣ୍ଡଳ

ହିନ୍ଦୁ ମୁସଲମାନଙ୍କୁ ମିଳାଇବା ଦିଗରେ ଚେଷ୍ଟା କରିବା ଏକମାତ୍ର ପନ୍ଥା ଏବେ ମିଳିତ ମନ୍ତ୍ରୀମଣ୍ଡଳରେ ! କେନ୍ଦ୍ରରେ ସବୁ ଦଳର ଲୋକେ ରହିବା ପାଇଁ ଇଂରେଜ ଲୋଡ଼ିଥିଲେ । ଏବେ ସେ ହୁଏତ ତାହା ଲୋଡ଼ୁ ନାହାନ୍ତି । ତାଙ୍କୁ ଦୋଷ ଦେଇ ଲାଭ କିଛି ନାହିଁ । ସାମ୍ପ୍ରଦାୟିକ ଭେଦର ସୁବିଧା ସେ ନେଉଛନ୍ତି, ସେ ତାହା ନେବେ । ତାଙ୍କୁ ଯୁକ୍ତି କରି ବୁଝାଇ ଲାଭ କିଛି ନାହିଁ । ବଳ ଥିବାତକ ସେ ତା ବୁଝିବେ ନାହିଁ । କିନ୍ତୁ ପ୍ରାଦେଶିକ ଶାସନଗୁଡ଼ିକରେ ଏବେ ସବୁ ଦଳ ମିଳିମିଶି ଲୋକସେବା କରିବାର ସୁବିଧା ଅଛି । ଏ ସୁବିଧା କିନ୍ତୁ ହୁଏତ ଶୀଘ୍ର ଚାଲିଯିବ । ବେଳ ଥାଉଁ ଏ ସୁଯୋଗ ନେବା ଉଚିତ । ସେଥିରେ ହିଁ ଯାହା କିଛି ଆଶା ଅଛି । କେବଳ ମୁସଲିମ ଲିଗ ହାତେ କିମ୍ବା କେବଳ କଂଗ୍ରେସ ହାତେ ଆଉ କେଉଁ ପ୍ରଦେଶର ଶାସନ ଛାଡ଼ିଦେବା ବି ଠିକ୍ ନୁହେଁ । ଅନ୍ୟ କୌଣସି ବଳିଷ୍ଠ ବିରୋଧୀ ଦଳକୁ ବହୁ ପକ୍ଷ ବଳରେ ଚିପି ଦେଇ ପ୍ରଦେଶର ଶାସନ ହାତକୁ ନେବାର କାମନା କରିବା ବି ଠିକ୍ ନୁହେଁ । ବିଲାତ ଗଣତନ୍ତ୍ରରେ ବହୁ ପକ୍ଷ ଶାସନ ହୁଏ । କିନ୍ତୁ ଅଳ୍ପ ପକ୍ଷକୁ ଚିପିଦେବା ସେ ଶାସନର ଲକ୍ଷଣ ନୁହେଁ । ଭାରତ କିନ୍ତୁ ବହୁକାଳୁ ଗଣତନ୍ତ୍ର ଦେଖି ନାହିଁ । ଡାଲିରେ ନଡ଼ିଆ ପକାଇ ଖାଆନ୍ତି ବୋଲି ଶୁଣି ଜଣେ ଥରେ ଗୋଟା ନଡ଼ିଆଟିଏ ଡାଲିରେ ପକାଇଦେଇ ସିଝିଲା କି ନାହିଁ ବୋଲି ଦିନଯାକ ଅଣକରେ କାଢ଼ି ଚିପି ଚିପି ଶେଷକୁ ଡାଲି ହାଣ୍ଡିଟି ଭାଙ୍ଗି ଦେଇଥିଲେ । ସେହିପରି ଗଣତନ୍ତ୍ରରେ ବହୁ ପକ୍ଷ ଶାସନ କରନ୍ତି ବୋଲି ଆମେ ତାହା କରୁ କରୁ ସମସ୍ତ ଦେଶଟିରେ ପାକିସ୍ଥାନର ସୀମା କାଟିଲୁଣି । ଆଉ ଅଭିମାନରେ ଅନ୍ଧ ହୋଇ ଶୁଆ ଶିଖିଥିବା ଶ୍ଳୋକ ଆଉଡ଼ାଇଲା ପରି ହିନ୍ଦୁ ମୁସଲମାନ ମିଳନ ସଙ୍ଗେ ଖଦି ଅହିଂସାକୁ ଯୋଡ଼ି ବକ୍ତୃତା ଦେବାର କିଛି ମୂଲ୍ୟ ବା ଅର୍ଥ ନାହିଁ । ସର୍ବତ୍ର ମିଳିତ ମନ୍ତ୍ରୀମଣ୍ଡଳ ଗଢ଼ିବାର ଉଦ୍ୟମ କରିବା ଦରକାର ।

Digitized by PPRACHIN, SOA

କଂଗ୍ରେସ ବଙ୍ଗଳାରେ ଏ କଥା ପସନ୍ଦ କରିନଥିଲେ, ତାହାର ଫଳରେ ଆଜି ଢାକାର ସାମ୍ପ୍ରଦାୟିକ ଦୁର୍ଗତି। "ଖେଳନା ପ୍ରାଦେଶିକ ସରକାର" (Toy Government) ହେତୁରୁ ବଙ୍ଗଳାରେ ଏହାର ପ୍ରତିକାର ହୋଇପାରୁ ନାହିଁ ବୋଲି ଗାନ୍ଧି କହିଚନ୍ତି । ସେ ପୂର୍ଣ୍ଣ ସତ୍ୟ କହି ନାହାନ୍ତି । ପୁଣି କଂଗ୍ରେସ ମିଳିତ ମନ୍ତ୍ରୀମଣ୍ଡଳ ଲୋଡ଼ି ନାହାନ୍ତି, ବା କରିନାହାନ୍ତି, ନୁହେଁ । ଉତ୍ତର ପଶ୍ଚିମ ସୀମାନ୍ତ ପ୍ରଦେଶ ତଥା ଆସାମରେ କଂଗ୍ରେସ ଏହା କରିଚନ୍ତି । କିନ୍ତୁ କଂଗ୍ରେସ ଖୁଣ୍ଟରେ ସମସ୍ତଙ୍କୁ ବାନ୍ଧି ଦେବା ପାଇଁ ସେ ଏହା କରିଥିଲେ । ଏହା ଭୁଲ୍ ହୋଇଥିଲା । ଶେଷରେ ସିନ୍ଧୁ ପ୍ରଦେଶ ସୁକୁରରେ ସାମ୍ପ୍ରଦାୟିକ ବିଘ୍ନାତ ଦେଖି କଂଗ୍ରେସ ଭିତରେ ଭିତରେ ହୁଏତ ନିଜର ଭୁଲ୍ ବୁଝିଲେ । ସେଥିପାଇଁ ସେହି ଓ୍ୱାର୍ଦ୍ଧା କଂଗ୍ରେସ ସଭାପତି ଆଜାଦ ନିଜେ ଯାଇ ସିନ୍ଧୁ ପ୍ରଦେଶରେ କଂଗ୍ରେସ ସଭ୍ୟମାନଙ୍କୁ ଧରି ସେଠାରେ ସ୍ଥାୟୀ ମିଳିତ ମନ୍ତ୍ରୀମଣ୍ଡଳ ଗଢ଼ିବାର ଉଦ୍ୟମ କରିଥିଲେ । ତଥାପି ମିଳିତ ମନ୍ତ୍ରୀମଣ୍ଡଳ ଗଢ଼ିବା ଓ୍ୱାର୍ଦ୍ଧା କଂଗ୍ରେସର ମତ ନୁହେଁ ବୋଲି ପ୍ରଚାର ଚାଲିଛି । ସୁକୁର ଓ ଢାକା ପରେ ଏବେ ବୋମ୍ବେ ଓ ମହାତ୍ମା ଗାନ୍ଧି ଓ ସରଦାର ପଟେଲଙ୍କ ନିଜ ପ୍ରଦେଶ ଅହମଦାବାଦରେ ସାମ୍ପ୍ରଦାୟିକ ବିପତ୍ତି ଘୋଟିଲାଣି। ମିଳିତ ମନ୍ତ୍ରୀମଣ୍ଡଳ ପାଇଁ ପଠାଇବାକୁ ଆଉ ଆଜାଦ ନାହାନ୍ତି । ମହାତ୍ମା ଗାନ୍ଧିଙ୍କୁ ଭଲ କଥାରେ ମଧ ମୁସଲମାନମାନେ ଆଉ ମାନିବେ ବୋଲି ଆଶା ନାହିଁ। କିନ୍ତୁ ସିନ୍ଧୁ ଭଳି ଅହମଦାବାଦରେ ମିଳିତ ମନ୍ତ୍ରୀମଣ୍ଡଳ ଦରକାର ବୋଲି ଓ୍ୱାର୍ଦ୍ଧା କଂଗ୍ରେସର ମୁଖ୍ୟମାନେ ଏବେ ନିଷ୍ଚୟ ବୁଝିବେ । ମହାତ୍ମା ଗାନ୍ଧି ଆମେରୀଙ୍କ ଉପରେ ନିଷ୍ଫଳ ତିକ୍ତ ବିବୃତି ଦେବା ଛାଡ଼ି ଏବେ ବୋମ୍ବେ ଓ ଅହମଦାବାଦ ବିପତ୍ତି ଦୃଷ୍ଟିରେ ବମ୍ବେ ପ୍ରଦେଶରେ ସ୍ଥାୟୀ ମିଳିତ ମନ୍ତ୍ରୀମଣ୍ଡଳ ଗଢ଼ିବାରେ ଶୀଘ୍ର ମନ ଦିଅନ୍ତୁ । ଆପଣାର ପୂର୍ବ କଥା ବା ପୂର୍ବ କ୍ରିୟାରେ ଅଭିମାନ (Prestige) ଛାଡ଼ି ସତ୍ୟ ଶିବ ସୁନ୍ଦରରେ ଶୀଘ୍ର ଲାଗିଯିବା ଉଚିତ । ଏହି ଅଭିମାନ ବୁଦ୍ଧିର ତ୍ୟାଗ ହିଁ ଜଗତରେ ମହାପୁରୁଷ ମାନଙ୍କର ଶ୍ରେଷ୍ଠ ତ୍ୟାଗ ।

ତେବେ ଖାଲି ଗୋଟିଏ ଗୋଟିଏ ସୁକୁର ବା ଅହମଦାବାଦ ଦେଖି ଚେତିବା ବେଳ ମଧ ଆଉ ନାଇ । ଶୀଘ୍ର ମତିମତ୍ତାର ସହିତ ଏ ଦିଗରେ ରଚନାମୂଳକ କାର୍ଯ୍ୟସ୍ୱରୂପ ସବୁ ପ୍ରଦେଶରେ ମିଳିତ ମନ୍ତ୍ରୀମଣ୍ଡଳ ହେବାର ପ୍ରୟାସ ହେବା ଉଚିତ ।

କଥା କହି ପରସ୍ପରର ଦୋଷ ଦେଖାଇ ଜିନ୍ନାଙ୍କୁ ଗାଳି ଦେଇ, ମୁସଲିମ ଲିଗ୍, କଂଗ୍ରେସ ପରି ପ୍ରତିନିଧି ମୂଳକ ଅନୁଷ୍ଠାନ ନୁହେଁ ବୋଲି ତର୍କ କରି, ଆମେରୀଙ୍କୁ ନ୍ୟାୟଶାସ୍ତ୍ର ଯୁକ୍ତି ବଳରେ ଏ ଦେଶ ଛାଡ଼ି ଯିବା କଥା ମନାଇବାକୁ ତପସ୍ୟା କରି, ଆଉ କିଛି ଲାଭ ନାହିଁ । ଅନ୍ତତଃ ଏଥିରେ ସାମ୍ପ୍ରଦାୟିକ ସମାଧାନ ହେବନାହିଁ । ହେଲେ ମଧ ବାୟୁମଣ୍ଡଳ ସଫା ହେବ ନାହିଁ । ଯେଉଁ ଲୋକ ସଂପର୍କ (Mass contact) କଂଗ୍ରେସ ଏକ ଘରିକିଆ

Digitized by PPRACHIN, SOA

ଉଦ୍ୟମ ଭଳି କରିବାକୁ ଯାଉଥିଲା ସେହି ଲୋକ ସଂପର୍କକୁ ମିଳିତ ମନ୍ତ୍ରୀମଣ୍ଡଳର କ୍ରିୟାରେ ନୂତନ ଭାବରେ ଜାଗ୍ରତ କରାଇବାକୁ ହେବ । ଏଠାରେ ତାହା ଯେତେ ସଫଳ ହେବ ଅନ୍ୟତ୍ର ନୁହେଁ । ଏହା ଆଜି ନ ବୁଝିବା ଅନ୍ଧତା । ପ୍ରାଦେଶିକ ସରକାର ଖେଳନା ହେଉ ବା ଖୋଳଅଣା ହେଉ ଏ ସଂପର୍କରେ ସେ କଥା ବିଚାରିବାର ଅବକାଶ ନାହିଁ ।

କଂଗ୍ରେସ ୮ଟି ପ୍ରଦେଶର ଶାସନ ଛାଡ଼ି ଭୁଲ୍ କରିଚନ୍ତି । ଶସାନ ରଖି ବୁଦ୍ଧିର ସହିତ ଏତେବେଳେ ସେହି ଏକଛତ୍ର ଶାସନକୁ ମିଳିତ ମନ୍ତ୍ରୀମଣ୍ଡଳର ସୁଗମ ଶାସନରେ ପରିଣତ କରାଇ ପାରିଥିଲେ ଭଲ ହୋଇଥାନ୍ତା । ମାତ୍ର ତାହା ହୋଇନାହିଁ । ତାହା ନ ହୋଇ ମଧ ପ୍ରାଦେଶିକ ଶାସକମାନେ ଚେଷ୍ଟା କରି ଦେଶରେ ଯୁଦ୍ଧଭାବ ଜାଗ୍ରତ କରି ପାରିଥିଲେ ମନ୍ଦ ହୋଇନଥାନ୍ତା । ଇଂରେଜଙ୍କୁ ହଇରାଣ କରିବା ଇଚ୍ଛା କୌଣସି ଦଳର ନୁହେଁ । ମାତ୍ର ଯୁଦ୍ଧରେ ଯୋଗ ଦେବାକୁ କେହି ବାହାରିଲେ ନାହିଁ । ଇଂରେଜ ସରକାର ଧରି ଧମକାଇ ଯାହା ନେଲେ ବା କରାଇଲେ ସେତିକି ମାତ୍ର ଆମ ଯୁଦ୍ଧରେ ଯୋଗ ଦେବା ହେଲା । କିନ୍ତୁ ପ୍ରଦେଶ ସରକାରମାନେ ନିଜ ନିଜ ପ୍ରଦେଶରୁ ସୈନ୍ୟ ଦେବା ପାଇଁ ଖୁବ୍ ଚେଷ୍ଟା କରିପାରିଥାନ୍ତେ; ଗୁଳାଗୁଳି ଠାରୁ ଟ୍ୟାଙ୍କ ଏରୋପ୍ଲେନ୍ ପର୍ଯ୍ୟନ୍ତ ଏହିଠାରେ ତିଆରି କରିବାର କ୍ଷିପ୍ର ଉଦ୍ୟମ କରିପାରିଥାନ୍ତେ । କେନ୍ଦ୍ରରେ ଯେତିକି ମିଳିଲା ସେତିକି ଭିତରେ ଏ ସବୁ ଉଦ୍ୟମକୁ ଯଥେଷ୍ଟ ସଫଳ କରିପାରିଥାନ୍ତେ । ଏସବୁ ବର୍ତ୍ତମାନ କରିଥିଲେ ଯୁଦ୍ଧ ପରେ ଭାରତ ସ୍ୱରାଜ୍ୟ ପ୍ରାପ୍ତି ନିଶ୍ଚୟ ନିକଟ ହୋଇଥାନ୍ତା । ଇଂରେଜ ଆଜି ସ୍ୱାଧୀନତା ଦେଇଦେବା ପାଇଁ ଜବାବ ଦେବାଠାରୁ ଏହା ଅଧିକ ବଳଶାଳୀ ହୋଇଥାନ୍ତା । ଦେଶର ଯୁବକମାନେ ଲକ୍ଷ ଲକ୍ଷ ସଂଖ୍ୟାରେ ଶତ୍ରୁ ମୁହଁରୁ ଫେରଆସି ନିଜର ଟ୍ୟାଙ୍କ, ଏରୋପ୍ଲେନ୍, ନୌବାହିନୀ ପ୍ରଭୃତି ଧରି ବସିଲା ବେଳେ ସ୍ୱରାଜ୍ୟ ଦେବା ନ ଦେବାର ପ୍ରଶ୍ନ ନ୍ୟାୟଶାସ୍ତ୍ର ଯୁକ୍ତିରେ ଲଢ଼ା ହୁଅନ୍ତା ନାହିଁ । ଅନ୍ୟ ବଳିଷ୍ଠତର ଯୁକ୍ତି ସେତେବେଳକୁ ଆପେ ଆପେ ଫୁଟନ୍ତା । ଅନ୍ଧ ଭାରତବାସୀ କାଳରେ କାର୍ଯ୍ୟ କଲେ ନାହିଁ । ଦୁର୍ଭାଗ୍ୟ । ଏବେବି ଯାହା ବେଳ ଅଛି ସେଥିର ବ୍ୟବହାର କରିବା ଉଚିତ । ଉଦ୍ୟମ କେବେ ଛାଡ଼ିବାର ନୁହେଁ । ସେଥିପାଇଁ ସର୍ବତ୍ର ମିଳିତ ମନ୍ତ୍ରୀମଣ୍ଡଳ ଗଢ଼ା ହେଉ ।

କେହି କେହି ପୁଣି ଦୁର୍ବଳର ଯୁକ୍ତି ପରି କଥା କହି କହୁଛନ୍ତି, "ଇଂରେଜ ସରକାର କ'ଣ ଏସବୁ କରାଇ ଦିଅନ୍ତେ ଓ ଆମ ଯୁବକଙ୍କୁ ଯୁଦ୍ଧକୁ ନିଅନ୍ତେ ? ଆମକୁ ଟ୍ୟାଙ୍କ, ଏରୋପ୍ଲେନ୍ କରିବାର ସୁବିଧା ଦିଅନ୍ତେ ?" କିନ୍ତୁ ଏସବୁ କଥା ଏପରି ବଳହୀନ ଲୋକ ପରି ନକହି ପରୀକ୍ଷା କରି ଦେଖିବା ଉଚିତ ନଥିଲା କି ? ସେତେବେଳେ ଇଂରେଜ କରାଇ ନଦେଇଥିଲେ, ମନ୍ତ୍ରୀମାନେ ସୁନ୍ଦର ପରିସ୍ଥିତିରେ ଛାଡ଼ି ପାରିଥାନ୍ତେ । ଆଜି ଭାରତର ଜଙ୍ଗିଲାଟ ଜାତି ବର୍ଣ୍ଣ ନିର୍ବିଶେଷରେ ସୈନ୍ୟ ହେବାକୁ ଆସନ୍ତୁ ବୋଲି ଡାକିଲେଣି ।

Digitized by PPRACHIN, SOA

ଇଂରେଜମାନେ ବାଧ ହୋଇ ଅଷ୍ଟ୍ରେଲିଆରେ ଟ୍ୟାଙ୍କ, ଏରୋପ୍ଲେନ୍ ପ୍ରଭୃତି ତିଆରି କରାଉଛନ୍ତି । ସେତେବେଳେ ଆମକୁ 'ନାହିଁ' କରିଥିଲେ, ଏତେବେଳେ ପୁଣି ହୁଏତ ଡାକନ୍ତେ । କିନ୍ତୁ ଓ୍ୟାର୍ଦ୍ଧା କଂଗ୍ରେସ ସେ ବାଟ ରଖିଛନ୍ତି କି ?

ସେ ଦିନ ଓଡ଼ିଶାର ଜଣେ ମୁଖ୍ୟ ରାଜକର୍ମଚାରୀ କହୁଥିଲେ, "ଓଡ଼ିଆମାନେ ଆମ ମୁଣ୍ଡ ତଳକୁ କରିଦେଲେ । ଖଣ୍ଡାୟତମାନେ ସଭା କରି କହିଲେ ସେମାନେ ସେନା ହେବେ । ଆମେ ଗୋଟିଏ ସେନାଦଳ ତିଆରି କରିବୁ ବୋଲି ଗୋଟିଏ ବିଜ୍ଞାପନ ଦେଲୁଁ। ୬ଟି ଦରଖାସ୍ତ ମଧ ପଡ଼ିଲା ନାଇ।" ଏ କ'ଣ କରାଇ ନଦେବା ବୁଦ୍ଧି ? ଦେଶରେ ଯେଉଁ ବାୟୁମଣ୍ଡଳ ତିଆରି କରା ହୋଇଛି ସେଥିରେ କ'ଣ ଲୋକେ ଆସିବେ ? ମନ୍ତ୍ରୀ ରାଜ୍ୟ ଚଳାଉ ଥିଲେ - ବିଶେଷରେ ମିଳିତ ମନ୍ତ୍ରୀମଣ୍ଡଳ ରାଜ୍ୟ ଚଳାଉଥିଲେ - ଅବସ୍ଥା କ'ଣ ଏହିପରି ହୋଇଥାନ୍ତା ?

ଅସଲ କଥା ଅହିଂସାର ଶୀତଳ ଛାଇରେ ଏ ଦେଶରେ ଯୁବକମାନଙ୍କର ଦେଶ ପାଇଁ ଯଥାର୍ଥ ତ୍ୟାଗ କରିବାର ପ୍ରବୃତ୍ତି ନାଇ । କୋଡ଼ିଏ ବର୍ଷ ତଳେ ସେ ପ୍ରବୃତ୍ତି କେତେକ ଥିଲା, ଆଜି ତାହା ଲୋପ ପାଇଛି । ପୁରୋଦୃଷ୍ଟି ଧରି ଆଜି ସେନାରେ ପ୍ରବଶେ କଲେ ହୁଏତ ଲକ୍ଷ ଲକ୍ଷ ମରିଯିବେ । 'କିନ୍ତୁ ମରିବ କିଏ ? ପଛକୁ ଯେ ରହିବେ ସେ ସିନା ସ୍ୱରାଜ୍ୟ ହାସଲ କରିବେ । ଆଗରୁ ମରିବାକୁ ଯାଉଚି କିଏ ?' କିନ୍ତୁ ଯଥାର୍ଥ ସ୍ୱାଧୀନତା - ସେବୀଙ୍କର ଏ ମନୋବୃତ୍ତି ହୁଅନ୍ତା ନାଇ । ଆଜି ହୁଏତ ଦଶଲକ୍ଷରୁ ପାଞ୍ଚଲକ୍ଷ ମରିଯିବେ । କିନ୍ତୁ ଯେଉଁ ପାଞ୍ଚଲକ୍ଷ ଫେରିବେ ତାଙ୍କ ହାତରେ ନିଜ ରାଜ୍ୟ ରକ୍ଷାର ଭାର ନିଶ୍ଚୟ ପଡ଼ିବ । ଆଉ କେହି କହିବେ ନାହିଁ, ଭାରତବାସୀ ନିଜ ରାଜ୍ୟ ରକ୍ଷା ପାଇଁ ପ୍ରସ୍ତୁତ ନୁହନ୍ତି । କିନ୍ତୁ ଏ ଦୂରଦୃଷ୍ଟି ଆମର ନାଇ । ହେବାର ମଧ ବାୟୁମଣ୍ଡଳ ନାଇ । ଆମେ ଖାଲି ମୁହଁରେ ଅହିଂସା କହି ଅରଟ ଧରି ଇଂରେଜଙ୍କ ଠାରୁ ସ୍ୱାଧୀନତା ନିର୍ଦ୍ଦିଷ୍ଟ ଦିନରେ ଦେଇ ପକାଇବାର ଜବାବଟା ଚାହୁଁ । ସେ ଜବାବ ମିଳିଲେ ମଧ ରାଜ୍ୟଟା ରଖିବୁ କିପରି ସେ ଚିନ୍ତା ଆମର ନାଇ । ଆମେ କ'ଣ ସ୍ୱାଧୀନତାକୁ ଯଥାର୍ଥ ଯୋଗ୍ୟ ? ଗାନ୍ଧିଙ୍କ ନାମରେ ଅହିଂସା ମୁଖା ପିନ୍ଧି ମତାନ୍ଧ ହେଲେ କ'ଣ ସେ ଯୋଗ୍ୟତା ଆସିଯିବ ? ଇଂରେଜ ଛାଡ଼ି ଦେଇପାରନ୍ତି । କିନ୍ତୁ ଭାରତ ରଖିବ କିପରି ? ଏସବୁ କଥା ଦେଶବାସୀ ଭାବୁନାହାନ୍ତି। କି ଦୁର୍ଗତି ।

ନବଭାରତ-୭/୪, ଆଲୋଚନା

ବଡ଼ଲାଟଙ୍କ ବାଣୀ

ଏହି ଅଗଷ୍ଟ ୭ ତାରିଖ ଦିନ ବଡ଼ଲାଟ ଏ ଦେଶବାସୀଙ୍କୁ ଦେଶର ବର୍ତ୍ତମାନର ରାଜନୀତିକ ପରିସ୍ଥିତି ଓ ଭବିଷ୍ୟତର ବିକାଶ ସମ୍ବନ୍ଧରେ ବର୍ତ୍ତମାନ ପାଇଁ ଏକ ପ୍ରକାର

Digitized by PPRACHIN, SOA

ଶେଷବାଣୀ ଜଣାଇ ଦେଇଛନ୍ତି । ବାଣୀରେ ନୂତନତ୍ୱ କିଛି ନାହିଁ । ଯାହା ଆଶା ବା ଆଶଙ୍କା କରାଯାଇଥିଲା ସେ ସବୁ ସେଥିରେ ଅଛି। ସେଥିରେ ଅଛି - ଇଂରେଜ ହିଁ ଏ ଦେଶର ଭାଗ୍ୟବିଧାତା ଅଛନ୍ତି ଓ ରହିବେ। କେତେ କାଳ ରହିବେ ତା ଜଣା ନାହିଁ । ଏବେ ଭାରତର ମନ୍ତ୍ରୀସଭା ହେବ ନାହିଁ । ଭାରତ ଶାସନରେ ସାହାଯ୍ୟ କରିବା ପାଇଁ ବଡ଼ଲାଟ ଆଉ କେତେ ଜଣ ଦଳନେତାଙ୍କୁ ନିଜ ଶାସନ ସଭାରେ ଗ୍ରହଣ କରିବେ । ଯୁଦ୍ଧ ବିଷୟରେ ପରାମର୍ଶ ଦେବା ପାଇଁ ପୁଣି କେତେ ଜଣଙ୍କୁ ଧରି ଗୋଟିଏ ସଭା ଗଢ଼ିବେ । ସେ ସଭା ବେଳେ ବେଳେ ବସୁଥିବ । ମୋଟ କଥା ଏତିକି ।

ଆଉ ଗୋଟିଏ କଥା ଶୁଣାଇଛନ୍ତି। ତାହା ଉପରେ କୁହା ଯାଇଥିବା କଥାର ଅଙ୍ଗୀଭୂତ ହେଲେ ମଧ୍ୟ ସ୍ୱତନ୍ତ୍ର ଭାବରେ ଉଲ୍ଲେଖଯୋଗ୍ୟ । ଏ ଦେଶର ସଂଖ୍ୟାନ୍ୟୂନ ଦଳଙ୍କ ସ୍ୱାର୍ଥକୁ ଇଂରେଜ ବରାବର ଜଗି ବସିଥିବେ । ସଂଖ୍ୟାଗରିଷ୍ଠ ଲୋକଙ୍କ ହାତେ କୌଣସି ପ୍ରକାରେ ସେ ସମାଧାନର ଶେଷ କଥା ଛାଡ଼ି ଦେବେ ନାହିଁ। ସ୍ଥୁଳ କଥା ଇଂରେଜ ସାମ୍ରାଜ୍ୟ ନୀତି ଏ ସବୁଥିରେ ସ୍ପଷ୍ଟ ପ୍ରକାଶ ପାଇଛି । କଂଗ୍ରେସକୁ ଘୋର ବେଖାତିର ଦେଖାଇ ଦିଆ ଯାଇଛି । କଂଗ୍ରେସ ଚାହୁଁଥିଲା ସ୍ୱାଧୀନତା ସମ୍ବନ୍ଧରେ ଗୋଟାଏ ନିର୍ଦ୍ଦିଷ୍ଟ ଘୋଷଣା। ତାହା ଏଥିରେ ନାହିଁ । ତାହା ପାଇବାର ସଳଖ ବାଟ ମଧ୍ୟ ନାହିଁ ।

ସାମର୍ଥ୍ୟ ବିନା ସ୍ୱାଧୀନତା ନାହିଁ -

ଏଥିରେ ଭାରତବାସୀ ବିଶେଷତଃ ସର୍ବ ଦଳର ଜାତୀୟବାଦୀ ମାନଙ୍କର ବିଶେଷ କ୍ଷୋଭ ହେବାର କଥା । ଅନେକେ ଅବାକ୍ ହୋଇଯାଇଥିବେ । ମାତ୍ର ଏଥିରେ କ୍ଷୋଭ କରିବାର କିମ୍ବା ଅବାକ୍ ହେବାର କିଛି ନାହିଁ । ବେଳ ଉଣ୍ଡି ଇଂରେଜଙ୍କ ବେକାବୁ ବେଳେ କଂଗ୍ରେସ ଯେପରି ସ୍ୱାଧୀନତା ମାଗି ତାହା ପାଇଯିବାକୁ ଧରି ବସିଥିଲେ, ତାହା ଠିକ୍ ହୋଇ ନାହିଁ । ଚିର ସାମ୍ରାଜ୍ୟବାଦୀ ଇଂରେଜଙ୍କ ସଙ୍ଗେ ଏପରି ଖେଳିବା ଠିକ୍ ନୁହେଁ । ଏପରି ଖେଳିବାର ବେଳ ବି ଏ ନୁହେଁ । ସାମର୍ଥ୍ୟ ବିନା ସ୍ୱାଧୀନତା ପାଇବା ଦୂରେ ଥାଉ, ଏପରି ପାଇବାର କାମନା ମଧ୍ୟ ଅସଙ୍ଗତ । ପୁଣି ଇଂରେଜ ଅକଡ଼ରେ ପଡ଼ିଲା ବେଳେ ଏପରି ଧରି ବସିବା ଆମ ନୈତିକ ବଳର ଅଭାବ ଦେଖାଉଛି । ମହାତ୍ମା ଗାନ୍ଧି ଦ୍ରଷ୍ଟା । ସେ ଯୁଦ୍ଧ ଆରମ୍ଭରୁ ଏହା ଦେଖି ପାରିଥିଲେ। ସେଥିପାଇଁ ନିଜର ବ୍ୟକ୍ତିଗତ ମତ ପ୍ରକାଶ କରିଥିଲେ, ଏତେବେଳେ କିଛି ନ ବିଚାରି ନ ପଚାରି ଯୁଦ୍ଧରେ ଇଂରେଜଙ୍କ ସଙ୍ଗେ ସହଯୋଗ କରିବା ଉଚିତ । ଅନ୍ୟ ଭାବରେ ଏବେ ଶ୍ରୀ ମାନବେନ୍ଦ୍ରନାଥ ରାୟ ମଧ୍ୟ ଉଚ୍ଚ ବାଣୀରେ ସେହି କଥା କହୁଛନ୍ତି। ନାଜୀଶକ୍ତି ଓ ପ୍ରଭାବର ବିଲୋପ ଆଗ କାମ୍ୟ । ସେଥିପାଇଁ ଇଂରେଜଙ୍କ ସଙ୍ଗେ ଏବେ ସହଯୋଗ ଲୋଡ଼ା । ବେଳ ପଡ଼ିଲେ ଆତ୍ମରକ୍ଷା ପାଇଁ ପ୍ରସ୍ତୁତ ହେବା କିମ୍ବା ଅନ୍ତତଃ ସେଥିପାଇଁ ବୀର ପରି ଛିଡ଼ା ହୋଇ ପାରିବା

Digitized by PPRACHIN, SOA

ଦରକାର । ସେଥିପାଇଁ ଇଂରେଜ ସଙ୍ଗେ ଏବେ ସହଯୋଗ ଲୋଡ଼ା । ପୁଣି ଏହି ସହଯୋଗରେ ଜାତିର ବଳ ସଞ୍ଚୟ କରିବାର ସୁବିଧା ଯେତେ ଅଛି, ପ୍ରସ୍ତାବ ଓ ସର୍ତ୍ତର ଯୁକ୍ତି ତର୍କରେ ତାହା କଦାପି ନାହିଁ । ସେପରି ଯୁକ୍ତି ତର୍କର ବେଳ ଏ ନୁହେଁ। ଏ ବଳ ସଞ୍ଚୟର ବେଳ । ଏ ବଳ କେବଳ ଶାରୀରିକ ବଳ ନୁହେଁ । ଏ ବେଳେ ସହଯୋଗରେ ଜାତିର ନୈତିକ ବଳ କିପରି ବଢ଼ିଯିବ ଏହା ଦେଖିବାର ଅଛି । ଯୁଦ୍ଧ ପରେ ବିଜୟୀ ଇଂରେଜ ସେ ବଳର ପ୍ରତିରୋଧ କରିପାରିବେ ନାହିଁ । ସ୍ୱାଧୀନତାର ପନ୍ଥାରେ କଣ୍ଟା ପକାଇବା ସେତେବେଳେ ତାଙ୍କ ପକ୍ଷରେ ଅସମ୍ଭବ ହେବ । ଏ ଆତ୍ମପ୍ରତ୍ୟୟ ଭାରତବାସୀର ବିଶେଷରେ ସ୍ୱାଧୀନତାକାମୀର ଥିବା ଉଚିତ ।

ନବଭାରତ-୭/୧, ଆଲୋଚନା

ବଡ଼ଲାଟଙ୍କ କାର୍ଯ୍ୟ ଓ ଭାରତର କର୍ତ୍ତବ୍ୟ

ବଡ଼ଲାଟଙ୍କ କାର୍ଯ୍ୟରେ ମତାମତ -

ଗଭର୍ଣ୍ଣର ଜେନେରାଲ ନିଜର ଶାସନ ପରିଷଦ ବଢ଼ାଇ ଦେଇଛନ୍ତି ଓ ସଙ୍ଗେ ସଙ୍ଗେ ଜାତୀୟରକ୍ଷା ପାଇଁ ଗୋଟିଏ ଯୁଦ୍ଧ କାଉନ୍‌ସିଲ ଗଢ଼ିଛନ୍ତି । ସ୍ୱାଧୀନତା ଆଡ଼କୁ ଗତି ହିସାବରେ ଦେଖିଲେ ଏ ଦୁଇଟି ଯାକ ବ୍ୟବସ୍ଥାରେ ଆଖିକୁ ଦିଶିଲା ଭଳି କିଛି ନାଇ । ଦେଶର ସବୁ ଜାତୀୟଭାବାପନ୍ନ ଖବରକାଗଜ ଓ ବ୍ୟକ୍ତିମାନେ ଏ ଦୁଇଟିକୁ ନାପସନ୍ଦ କରି ମତମାନ ପ୍ରକାଶ କଲେଣି; କରିବାର କଥା । ଆମେ ମଧ୍ୟ କହୁଚୁ ବଡ଼ଲାଟ ଗତ ଜୁଲାଇ, ଅଗଷ୍ଟରେ ଯାହା ଦେବେ ବୋଲି କହିଥିଲେ - ଅନ୍ତତଃ ତାଙ୍କ କହିବାରୁ ସେ ଯାହା ଦେବେ ବୋଲି ଲୋକେ ବୁଝିଥିଲେ - ତାଠାରୁ ମଧ୍ୟ ଏ ଦେବାଟି ବହୁତ ଊଣା; ସନ୍ଦେହ ନାଇ । ଯେଉଁମାନେ ମନେ କରନ୍ତି ବିଜେତା ଶାସକମାନେ ବିଜିତର ଯୁକ୍ତିରେ ଭୁଲି ବିଜିତକୁ ସ୍ୱାଧୀନତା ଆଡ଼କୁ ବାଟ କଢ଼ାଇ ନିଅନ୍ତି, ସେମାନେ ଅବଶ୍ୟ ଏଥିରେ ନିରାଶ ହେବେ । ମାତ୍ର ଆମ ପକ୍ଷରେ ଏଥିରେ ଆଶା ନିରାଶାର ପ୍ରଶ୍ନ ଉଠି ନପାରେ। ଇଂରେଜ ଯୁକ୍ତିରେ ଭୁଲି ବା ଆମ ଭଳି ଦୁର୍ବଳର ନୈତିକ ପ୍ରତିବାଦ ଫଳରେ ବିଶେଷ କିଛି ସଚ୍ଚା ମାଲ ଦେଇ ପକାଇବେ ବୋଲି ଆମେ ମନେ କରୁ ନାହୁଁ; ମନେ କରି ନଥିଲୁ । ଆମେ ଜାଣୁ ଦବାକୁ ବାଧ୍ୟ ନହେଲେ ବିଜେତା ଦେବେ ନାଇ । ଆମେ ପ୍ରତିବାଦ କରିପାରୁ ମାତ୍ର ସେ ପ୍ରତିବାଦ ପଛରେ ଦେଶର ଶକ୍ତି - ବିଶେଷରେ ସାମରିକ ଶକ୍ତି - ନଥିଲେ ସ୍ୱାଧୀନତା ଆଡ଼କୁ ସ୍ପଷ୍ଟ ବାଟ ଦିଶିବା ଭଳି କିଛି ମିଳିଯିବ ନାହିଁ । ପ୍ରତିବାଦ ପଛରେ ଏହି ଶକ୍ତି ଯେତେ ପରିମାଣରେ ଥିବ ସେତିକି ପରିମାଣରେ ଏକା ସ୍ୱାଧୀନତା ଆଡ଼କୁ ନିଶ୍ଚିତ ଗତି ହେବ । ଆମ ପ୍ରତିବାଦ ପୃଥିବୀରେ ଇଂରେଜମାନଙ୍କ

Digitized by PPRACHIN, SOA

ପ୍ରତି ମତ ଖରାପ କରିଦେବ ଓ ସେହି ନିନ୍ଦା ଓ ଅପବାଦକୁ ଡରି ଇଂରେଜମାନେ ଆମ ହାତକୁ ସ୍ୱାଧୀନତା ଟେକିଦେବେ; ଏହା ଯେଉଁମାନେ ବୁଝନ୍ତି, ସେମାନେ ନିଶ୍ଚୟ ରାଜନୀତିର ଗଣନାଶାସ୍ତ୍ର ଆଲୋଚନା କରି ନାହାନ୍ତି ।

ଆମର ଦୁଇଟି ଅନ୍ତରାୟ – (୧) ଶକ୍ତିର ଅଭାବ –

ଯେଉଁ ବଳ ଥିଲେ ସ୍ୱାଧୀନତା ଆଡ଼କୁ ଗତି ହୁଏ ସେ ବଳ ସଂଚୟରେ ଏବେ ଆମର ଦୁଇଟି ପ୍ରଧାନ ଅନ୍ତରାୟ । ସେ ଦୁଇଟି ଯାକ ଅନ୍ତରାୟ ସୃଷ୍ଟି କରିଚନ୍ତି ଇଂରେଜ ଶାସକମାନେ । ତାଙ୍କର ଏ ଦୋଷ ଦେଖାଇ ଆମେ ବରାବର ଯୁକ୍ତି କରୁଚୁ । କିନ୍ତୁ ଯୁକ୍ତିରେ ଅନ୍ତରାୟ ମିଳାଇ ଯିବନାଇ । ଆମ କର୍ମକୌଶଳରେ ଆମେ ସେ ଅନ୍ତରାୟ ଦୂର କରିବା ଆଡ଼କୁ ନଗଲେ ହୁଏତ ଆଉ କେହି ସେ ଆଡ଼କୁ, ଧରି ଧର୍ମ କରାଇଲା ପରି ନେଇଯିବ ନାଇ । ସେ ଅନ୍ତରାୟ ଦୁଇଟିରୁ ପ୍ରଥମଟି ହେଉଚି ଆମର ସାମରିକ ଶକ୍ତି ଓ ସରଞ୍ଜାମର ଏକାନ୍ତ ଅଭାବ । ଆମେ ନିରସ୍ତ୍ର ଓ ବହୁକାଳ ପରାଧୀନ ଥାଇ ଅନ୍ୟର ବାହୁଛାୟା ତଳେ ନିଶ୍ଚିନ୍ତ ରହିବା ହେତୁରୁ ଆମ ଭିତରେ ସାମରିକ ମନୋଭାବ ଏକା ବେଳେକେ ନାଇ । ସଂକଟରେ ଆତ୍ମରକ୍ଷା ନିମନ୍ତେ ପ୍ରସ୍ତୁତ ରହିବା କଳ୍ପନା ପର୍ଯ୍ୟନ୍ତ ଆମର ନାଇ ।

(୨) ସାଂପ୍ରଦାୟିକ ବିରୋଧ –

ଦ୍ୱିତୀୟ ଅନ୍ତରାୟ ହେଉଚି ସାଂପ୍ରଦାୟିକ ସମସ୍ୟା । ସାଂପ୍ରଦାୟମାନଙ୍କ ଭିତରେ- ବିଶେଷତଃ ହିନ୍ଦୁ ମୁସଲମାନଙ୍କ ଭିତରେ ଦୁର୍ଭେଦ୍ୟ ବିରୋଧ ଆମର ସ୍ୱାଧୀନତା ଆଡ଼କୁ ଯିବା ବାଟରେ ହିମାଳୟ ପରି ଛିଡ଼ା ହୋଇଚି । ଇଂରେଜ ଶାସକମାନେ ମୂଳତଃ ଏ ବିରୋଧ ପାଇଁ ଦାୟୀ ହୋଇପାରନ୍ତି । ଆମେ କହିଛୁ ସେ ଦାୟିତ୍ୱର ବିଶ୍ଳେଷଣ କରି ଯୁକ୍ତି କରିବାରେ କିଛି ଲାଭ ନାଇ । ଆମେ ନିଜେ ଆଜିଯାଏ ଏ ବିରୋଧର ସମାଧାନ ଦିଗରେ ଯାହା କରିଚୁ- ଗାନ୍ଧିଙ୍କ କଂଗ୍ରେସ ଯାହା କରିଚନ୍ତି- ସେଥିରେ ଭେଦ ବଢ଼ିଛି, କମିନାଇ । ବର୍ତ୍ତମାନ ସେ ଭେଦ କିପରି ତୁଟିବ ସେ ବାଟ ଦେଖିବାକୁ ହେବ ।

ସତ୍ୟାଗ୍ରହ- ନୈତିକ ପ୍ରତିବାଦ –

ଆମେ ଆଜି ସବୁ ବାଟ ଛାଡ଼ି ସତ୍ୟାଗ୍ରହ କରୁଚୁ । ଅହିଂସା ଜୀବନର ତଥା ସମାଜର ସର୍ବସ୍ୱ ବା (Creed) ବୋଲି ଯେଉଁମାନଙ୍କର ବିଶ୍ୱାସ ସେଇମାନେ ଏ ଯୁଦ୍ଧରେ ଅଧିକାରୀ ବୋଲି ଧରାଯାଇଚି । ସେଇମାନଙ୍କୁ ବ୍ୟକ୍ତିଗତ ଭାବରେ ବାଛି, ଧରି ମହାତ୍ମା ଗାନ୍ଧି ଯୁଦ୍ଧ ଚଳାଇଚନ୍ତି । କିନ୍ତୁ ଯୁଦ୍ଧ ବୋଲି କହିଲେ ଏହା ଯୁଦ୍ଧ ହୋଇଯିବ ନାଇ । ଏଥିରେ ପୁଣି ଶତ୍ରୁଙ୍କୁ ହଇରାଣ କରିବାକୁ ହେବନାଇ । କୁହାଯାଇଚି ଏହା ଏକ ନୈତିକ ପ୍ରତିବାଦ । କିନ୍ତୁ ଏ ନୈତିକ ପ୍ରତିବାଦ ପଛାରେ ଭାରତ ଯେ ଅମୁହାଁ ଗଳିରେ ପଶି ସାରିଲାଣି, ଏହା

Digitized by PPRACHIN, SOA

କହି ବୁଝାଇବା ଦରକାର ନାଇ । ଏଥିରେ ସ୍ୱାଧୀନତା ଆଡ଼କୁ ଗତି ନାଇ, କାରଣ ସ୍ୱାଧୀନତା ଦାବୀ କରି ନ ପାଇଲେ ଯେଉଁ ବଳରେ ତାହା ମିଳିବ ସେ ବଳର ଆଦାନ ବା ସଂଚୟ ଏଥିରେ ହେଉନାଇ ।

ସୁଯୋଗ ଛାଡ଼ିବାର ନୁହେଁ –

ଆମେ ବରାବର କହୁଚୁ ଜଗତର ତଥା ଇଂରେଜ ସାମ୍ରାଜ୍ୟର ଏ ସଂକଟ ବେଳେ ବସିରହି ନୈତିକ ପ୍ରତିବାଦର ଆଳସ୍ୟରେ ସମୟ କଟାଇବା ଭାରତ ପରି ପରାଧୀନ ଜାତିର କାମ ନୁହେଁ । ନିରୁପାୟର ଅହିଂସା ଛଡ଼ା ବଳ ନାହିଁ ସତ, ନୈତିକ ପ୍ରତିବାଦରେ "ନିରାଶ୍ରୟଂ ମାଂ ଜଗଦୀଶ ରକ୍ଷ" କହିବା ହିଁ ତା ପକ୍ଷରେ ଏକମାତ୍ର ସମ୍ଭାବ୍ୟ ବସ୍ତୁ ହୋଇପାରେ । କିନ୍ତୁ କୌଣସି ସୁଯୋଗ ଉପସ୍ଥିତ ହେଲେ ତାକୁ ଜଗି ଆୟତ୍ତ କରି କାମରେ ଲଗାଇବା ନିମନ୍ତେ ସବୁ ବେଳେ ତତ୍ପର ରହିବା ଉଚିତ ।

ସୁଯୋଗ ଏବେ କିପରି ବ୍ୟବହାର କରିବାକୁ ହେବ –

ବର୍ତ୍ତମାନ ପରିସ୍ଥିତିରେ ଭାରତ ସ୍ୱାଧୀନତାର ଦୁଇଟି ଅନ୍ତରାୟ ଘୁଞ୍ଚାଇବା ପାଇଁ କ'ଣ କରାଯାଇ ପାରେ ? ଏତେବେଳେ ଯୁଦ୍ଧରେ ଯୋଗ ଦେବାକୁ ହେବ । ଆମକୁ ଯୁଦ୍ଧ ଶିକ୍ଷା ଦେବା ଓ ଏ ଦେଶରେ ଯଥେଷ୍ଟ ଯୁଦ୍ଧସାମଗ୍ରୀ ଏ ଦେଶ ଲୋକଙ୍କ ଦ୍ୱାରା ତିଆରି କରାଇବାର ବାଟ ଫିଟାଇବା ସାମ୍ରାଜ୍ୟସେବୀ ଇଂରେଜଙ୍କର କାମ ବୋଲି ମନେ କରିବା ଠିକ୍ ନୁହେଁ । ସେଥିପାଇଁ ଏତେ ଦିନ ଏହା ହୋଇପାରି ନାଇ । ଏବେ କିନ୍ତୁ ଇଂରେଜ ସାମ୍ରାଜ୍ୟର ଦରକାର ପଡ଼ିଛି, ଆମର ସାହାଯ୍ୟ । ଏ ସାହାଯ୍ୟକୁ ସଂପୂର୍ଣ୍ଣ ବ୍ୟବହାର କରିବାକୁ ହେବ । ବେଳରେ ସୁଯୋଗ ବ୍ୟବହାର କରିବା ହିଁ ରାଜନୀତିରେ କୁଶଳତା । ବର୍ତ୍ତମାନ ଯଥାସମ୍ଭବ ଓ ଯଥାସାଧ୍ୟ ଜାତୀୟଭାବାପନ୍ନ ଯୁବକମାନଙ୍କୁ ନାନା ବିଭାଗରେ ସେନାରେ ଭର୍ତ୍ତି କରି ଯୁଦ୍ଧକୁ ତିଆରି କରିବାକୁ ହେବ । ଇଂରେଜଙ୍କ ସଙ୍ଗେ ସମାନ ହୋଇ ବର୍ତ୍ତମାନ ଲଢ଼ିବାର ସୁବିଧା ମିଳୁଚି । ସେଥିକୁ ଡରି ଦୁର୍ବଳର ଯୁକ୍ତିମାନ ବାଢ଼ି ଆତ୍ମପ୍ରତାରଣା କଲେ ଚଳିବ ନାଇ । ଯୁବକମାନେ ଯେଉଁ ଦେଶରେ ଯୁଦ୍ଧରେ ମରିବାକୁ ବା କଷ୍ଟ ପାଇବାକୁ ଡରନ୍ତି ସେ ଦେଶ ସ୍ୱାଧୀନ ହୁଏ ନାଇ । କେହି କେହି କହିପାରନ୍ତି, "ଇଂରେଜ ଆମର ଶତ୍ରୁ । ଇଂରେଜଙ୍କ ଭଲ ପାଇଁ ଆମେ କାହିଁକି ଲଢ଼ି ପ୍ରାଣ ଦେବୁଁ ।" ଏ ଦୁର୍ବଳର ଆତ୍ମଗୋପନ କରିବାର ଯୁକ୍ତି । ଆଜି ଇଂରେଜଙ୍କ ପାଇଁ ପୂର୍ଣ୍ଣପ୍ରାଣରେ ଯୁଦ୍ଧରେ ଯୋଗ ଦେବା ଛଡ଼ା ଯୁଦ୍ଧବିଦ୍ୟା ଶିଖିବାରେ ସଫଳକାମ ହେବାର ଅନ୍ୟ ଉପାୟ ନାଇ । ଅଡ଼ି କରି ବସିଲେ ଶକ୍ତି ଆସିଯିବ ନାଇ । ସ୍ୱାଧୀନତା ମାଗିବାରେ ଇଂରେଜ ପକ୍ଷରୁ ବରାବର ଶୁଣାଯାଏ "ଭାରତୀୟମାନେ ନିଜ ଦେଶ ଓ ଜାତି ରକ୍ଷା କରିବାକୁ ସମର୍ଥ ନୁହନ୍ତି ।" ସେ ସାମର୍ଥ୍ୟ ଅର୍ଜନ କରିବାର ଏପରି ବେଳ ଆଉ ମିଳିବ ନାଇ ।

Digitized by PPRACHIN, SOA

ଏପରି ଭାବରେ ଯୁଦ୍ଧରେ ଯୋଗ ଦେବାକୁ ହେବ, ଯେପରି କି ଯୁଦ୍ଧ ସରିଲା ପରେ ଏହି ଇଂରେଜ ମଧ୍ୟ ବୁଝିବେ ଯେ ଭାରତବାସୀ ନିଜ ଦେଶ ରକ୍ଷା କରିବାକୁ ସମର୍ଥ ।

ଗ୍ରାମ୍ୟ ମନୋଭାବ ଛାଡ଼ -

ହୁଏତ କେହି କେହି ମନେ କରୁଥିବେ, ଏ ଇଂରେଜ ଆମକୁ ସ୍ୱାଧୀନତା ଦେଉନାହାନ୍ତି, ଏ ପରାସ୍ତ ହୁଅନ୍ତୁ, ଅନ୍ୟ କେହି ଆସୁ । ଏ ଗ୍ରାମ୍ୟ କଳିର ମନୋଭାବ । ରାଜନୀତିର କଳନା ଏଥିରେ ନାଇ । ଧର, ଅନ୍ୟ କେହି ଆସିଲା । ସେ କ'ଣ ଆମ ଭଳି ନିରସ୍ତ୍ର, ଭୀରୁ ଓ ସେହି ଭୀରୁତା ହେତୁରୁ ଅହିଂସାବାଦୀ ଜାତିକୁ ସ୍ୱାଧୀନ କରିଦେବ ? ସେତେବେଳେ ମଧ୍ୟ ଏହି ଯୁଦ୍ଧରେ ଇଂରେଜଙ୍କ ସଙ୍ଗେ ଯୋଗ ଦେଇ ଯେତିକି ଶକ୍ତି ସଂଚୟ କରାଯାଇଥିବ ସେତିକି ପରିମାଣରେ ଆମର ପ୍ରତିଷ୍ଠା ବଢ଼ିବ ଓ ସେତିକି ପରିମାଣରେ ସ୍ୱାଧୀନତା ଆଡ଼କୁ ଆମର ଗତି ହେବ । ଏହା ନ ବୁଝିବା କେବଳ ଭୀରୁତାଜନିତ ମତାନ୍ଧତା । ଯୁଦ୍ଧ ସରଞ୍ଜାମ ତିଆରି ବିଷୟରେ ମଧ୍ୟ ଠିକ୍ ଏହି ଯୁକ୍ତି । ତାହା ଯୁଦ୍ଧ ଉଦ୍ୟମର ଅଙ୍ଗୀଭୂତ ।

ସେଥିପାଇଁ ଏବେ ରାଜ୍ୟ ବିଧାନରେ ମିଳିଥିବା ଅଧିକାର ଗୁଡ଼ିକ ହାତରେ ରଖି କାମରେ ଲଗାଇବାକୁ ହେବ -

ଏହି ଯୁଦ୍ଧୋଦ୍ୟମରେ ଯଥାର୍ଥରେ ଭାରତକୁ ଭାଗୀ କରାଇବା ପାଇଁ ଏ ସଙ୍କଟ ବେଳେ ରାଜ୍ୟ ବିଧାନରେ ମିଳିଥିବା ପ୍ରତିନିଧିମୂଳକ ବା ଏହି ଦେଶୀ ଲୋକଙ୍କ ଦ୍ୱାରା ଚାଳିତ ସ୍ଥାନୀୟ, ପ୍ରାଦେଶିକ ଓ କେନ୍ଦ୍ରଶାସନମାନ ଯଥାଶକ୍ତି ହାତରେ ରଖି ବ୍ୟବହାର କରିବାକୁ ହେବ । ଯୁଦ୍ଧ ଉଦ୍ୟମକୁ ଭାରତରେ ନିଜର କରାଇବା ପାଇଁ ଏହି ଶାସନ ମାନଙ୍କରେ ଯଥାସାଧ୍ୟ ବେଶି ବେଶି ଅଧିକାର ଦାବୀ କରି ଜାରି କରିବାକୁ ହେବ । ଭାରତକୁ ଯୁଦ୍ଧରେ ସାହାଯ୍ୟ କରାଇ ନେବା ପାଇଁ ଇଂରେଜମାନେ କ୍ରମେ କ୍ରମେ ସେ ଦାବୀ ପୂରଣ କରାଇ ପାରନ୍ତି । ସେହି ବାଟରେ ସବୁ ବେଳେ ଚିନ୍ତା କରି କାର୍ଯ୍ୟପନ୍ଥା ଠିକ୍ କରିବାକୁ ହେବ । ଯୁଦ୍ଧରେ ଅଧିକ ଅଧିକ ସାହାଯ୍ୟ କଲେ ଶାସନରେ ଅଧିକ ଅଧିକ ଅଧିକାର ଏତେବେଳେ ମିଳିବାର ଯଥେଷ୍ଟ ସମ୍ଭାବନା ଅଛି । କେହି ପୁଣି କହି ପାରନ୍ତି - ବେଳ ତ ଚାଲି ଗଲାଣି ଏତେବେଳେ ଏ ସବୁ ଚେଷ୍ଟା କରିବା "ଭିଆ ବେଳେ ବାଇଗଣ ରୁଆ" ପରି ହେବ । ହୋଇପାରେ । କିନ୍ତୁ ଯେଉଁ ବାଟେ ସ୍ୱାଧୀନତା ମିଳିବ ଓ ତାହା ରକ୍ଷା କରିହେବ ସେ ବାଟେ ଯେତେ ଅଳ୍ପ ଗତି କରିଥିଲେ ମଧ୍ୟ ତାହା କାମରେ ଲାଗିବ । ଏ ସଂକଟ ବେଳେ ଠିକ୍ ବାଟ ଦେଖି କାମ କରି, ଦରକାର ପଡ଼ିଲେ ଅନ୍ୟ ସୁଯୋଗକୁ ଅପେକ୍ଷା କରି ରହିବାକୁ ହେବ । ଅନ୍ୟଥା ବାଟ ନାଇ । ଚିର ନିରସ୍ତ୍ର ଜାତି ଅହିଂସା ନାମ ଧରି ନିଷ୍କ୍ରିୟ ହୋଇ ବସିଲେ କିଛି ହେବନାଇ । ମାଗିଲେ ଯାହା ମିଳେ, ତା' ହୁଏତ ମିଳିପାରେ କିନ୍ତୁ ତାହା ମୁକ୍ତିର ମାର୍ଗ ନୁହେ ।

Digitized by PPRACHIN, SOA

ଯୁଦ୍ଧ ଉଦ୍ୟମକୁ ଜାତୀୟ କାର୍ଯ୍ୟରେ ପରିଣତ କରିବାକୁ ହେବ –

ପୁଣି ଦେଖିବା ଉଚିତ ଯୁଦ୍ଧରେ ଭାରତ ସାହାଯ୍ୟ କରୁଚି ନୁହେଁ । ଲୋକେ ଚାନ୍ଦା ଦେଉଚନ୍ତି; ସେନାରେ ଭର୍ତ୍ତି ହେଉଚନ୍ତି; ମହାତ୍ମା ଗାନ୍ଧି ସତ୍ୟାଗ୍ରହ କରି ମଧ୍ୟ ଇଂରେଜ ଶାସକଙ୍କୁ ହଇରାଣ କରିବାକୁ ଲୋଡୁ ନାହାନ୍ତି । ତଥାପି ଯୁଦ୍ଧରେ ଏପରି ସାହାଯ୍ୟ କରିବା ଭାରତବାସୀ କୌଣସି ଦୂରଦୃଷ୍ଟିର ଉତ୍ସାହରେ ତାହା କରୁନାହାନ୍ତି । ଯୁଦ୍ଧ ଉଦ୍ୟମ ଭାରତର ଜାତୀୟଭାବରେ ଭାବାନ୍ୱିତ ହେଉନାଇ । ତାହା କରିବାର ଏକମାତ୍ର ଉପାୟ ଶାସନବିଧାନକୁ ବ୍ୟବହାର କରିବା ଓ ସେହି ସୂତ୍ରରେ ଲୋକଙ୍କର ମନୋଭାବ ବଦଳାଇବା । ଲୋକେ ଆଜି ନିଜେ କିଛି ତ୍ୟାଗ ନକରି ବଳ ସଂଚୟ ନକରି ଗାନ୍ଧିଙ୍କ ଧର୍ମ ବଳରେ ସ୍ୱାଧୀନତା ପାଇଯିବେ ବୋଲି ମତାନ୍ଧ ହୋଇ ଚାହିଁ ବସିଚନ୍ତି । ରାଜନୀତିର ଶିକ୍ଷା ବା ଚିନ୍ତା ଲୋକରେ ପଶୁନାଇ । ଜାତିର ଶକ୍ତି ଅହିଂସାର ଆବରଣରେ କ୍ରମେ ଲୋପ ପାଉଚି । ଚିନ୍ତାରେ ଜଡ଼ତା ଘୋଟି ଯାଉଚି । ଏଥିରୁ ଦେଶକୁ ରକ୍ଷା କରିବାକୁ ହେବ ।

ସାଂପ୍ରଦାୟିକ ବିରୋଧରେ ଏଇ ପ୍ରଚେଷ୍ଟାର କ୍ରିୟା –

ଦ୍ୱିତୀୟ ଅନ୍ତରାୟ ହେଉଚି – ସାଂପ୍ରଦାୟିକ ବିରୋଧ । ଏହା କ୍ରମେ ବଢୁଚି । ମହାତ୍ମା ଗାନ୍ଧିଙ୍କ ନୀତି ପୁଣି ଏହାକୁ ବଢ଼ାଇବାରେ ସାହାଯ୍ୟ କରିବା କଥା ଆମେ ପୂର୍ବେ ବୁଝାଇ କରି କହିଚୁ । ମହାତ୍ମା ଗାନ୍ଧିଙ୍କ ବିଶ୍ୱ-ମାନବପ୍ରୀତି ମୁସଲମାନ ଶୁଣିବେ ନାଇ, କି ସେଥିରେ ବିଶ୍ୱାସ କରିବେ ନାଇ । କିଂତୁ ଏବେ କ'ଣ ଦେଖାଯାଉଚି । ସିନ୍ଧୁପ୍ରଦେଶରେ ମିଳିତ ବା ଜାତୀୟ ମନ୍ତ୍ରୀମଣ୍ଡଳ ପ୍ରତିଷ୍ଠା କରିଦେବାରେ ସେଠାରେ କ୍ରମେ ହଣାକଟା ବନ୍ଦ ହୋଇ ସ୍ଥାନୀୟ ସ୍ୱାୟତ୍ତ ଶାସନରେ ସାଂପ୍ରଦାୟିକ ନିର୍ବାଚନ ଭାଙ୍ଗିଦେଇ ମିଳିତ ନିର୍ବାଚନମଣ୍ଡଳୀ ଗଢ଼ିବା ଆଡ଼କୁ ଦୃଷ୍ଟି ଫିଟିଲାଣି । ଖଣ୍ଡିତ ଓ ଅତି ହେୟ ବୋଲି ବିବେଚିତ ହେଲେହେଁ ବଡ଼ଲାଟ ଏବେ ଯେଉଁ କାଉନସିଲ ଦୁଇଟି ଗଢ଼ିଲେ ସେଥିରେ ହିନ୍ଦୁ, ମୁସଲମାନ ବିରୋଧ ନରମ ହୋଇଯିବା ଆଡ଼କୁ ସୂଚନା ମଧ୍ୟ ଦେଖା ଗଲାଣି । ଆମେ ବରାବର ସାଂପ୍ରଦାୟିକ ବିରୋଧ ସମାଧାନ ଆଡ଼କୁ ଏହି ପନ୍ଥା ଦେଖାଇ ଆସିଚୁ । ଆଉ ଭୁଲ୍ କରିବା ଠିକ୍ ନୁହେଁ । ନିଷ୍କ୍ରିୟ ହୋଇ ବସିରହି ଯୁକ୍ତି କରିବା ପନ୍ଥା ଏବେ ଛାଡ଼ିବା ଉଚିତ । ଇଂରେଜ ଶାସକମାନେ ଅମୁକ ଦିନ ମଧ୍ୟରେ ସ୍ୱାଧୀନତା ଦେବେ ବୋଲି କହନ୍ତୁ ବା ନ କହନ୍ତୁ, ଜାତୀୟ ଶାସନମାନ ଗଢ଼ି ଦିଅନ୍ତୁ ବା ନ ଦିଅନ୍ତୁ, ଏ ସଂକଟ ବେଳେ ଶାସନର ସବୁ ସୁବିଧା ବ୍ୟବହାର କରି ସ୍ପଷ୍ଟ ଦୃଷ୍ଟିରେ ସ୍ୱାଧୀନତା ଆଡ଼କୁ ଗତି କରିବାକୁ ହେବ । ବେଦ କହିଚନ୍ତି :-

"ନାୟମାତ୍ମା ବଳହୀନେନ ଲଭ୍ୟଃ"

Digitized by PPRACHIN, SOA

ବଳ ନଥିଲେ ଆତ୍ମଲାଭ ହୁଏ ନାଇ । ବଳ ସଂଚୟ କରି ନେବାର ସୁଯୋଗ ପଡ଼ିଲା ବେଳେ ନିଷ୍କ୍ରିୟ ହୋଇ ଆଉ କିଏ ଦେଇଦେଲେ ଆମେ କରିବୁ ବୋଲି ଚାହିଁ ବସିବା କଦାପି ଠିକ୍ ନୁହେଁ । ଆମକୁ ମନୁଷ୍ୟ ପରି ଜଗତରେ ଛିଡ଼ା ହେବାକୁ ହେବ । ମନୁଷ୍ୟ ପରି ଚିନ୍ତା ଚଳାଇ ସୁଯୋଗ ବ୍ୟବହାର କରିବାକୁ ହେବ ।

ଭାରତ ନିଜ ପାଇଁ ନିଜେ ଜାଗ୍ରତ ହେଉ –

ଇଂରେଜ ଜବାବ ଦେଲେ ଆମେ କରିବୁ ବୋଲି ପ୍ରାୟ ଦୁଇ ବର୍ଷ କହି ଆସିଲୁ । ସେଥିରେ ଗତି କୁଆଡ଼କୁ ହେଲା ତାହା ଭାବିବା ଦରକାର । ଇଂରେଜଙ୍କ କହିବାରେ ଏତେ ଆସ୍ଥା ବା କାହିଁକି ? ଇଂରେଜଙ୍କ କହିବା ଉପରେ ଆମର ଆତ୍ମପ୍ରଯତ୍ନ ନିର୍ଭର କରିବ ବା କାହିଁକି ? ବଳ ନଥିଲେ ଇଂରେଜ ଆଜି କହି ଦେଲେ ବା ସେଥିରୁ କି ଫଳ ହେବ ? ସେ ଯାହା ହେଉ ସେ ନିଷ୍କ୍ରିୟ ପନ୍ଥାର ଦୀର୍ଘ ପରୀକ୍ଷା ହୋଇଗଲା । ଆଉ ଅପେକ୍ଷା କରି ବରାବର ଏ ସଂକଟର ସୁଯୋଗ ଛାଡ଼ିବା ଆଡ଼କୁ ଗତି କରିବା ଉଚିତ ନୁହେ । ଭାରତର ମୁକ୍ତିକାମୀମାନେ ଏବେ ଜାଗ୍ରତ ହୁଅନ୍ତୁ ।

ନବଭାରତ–୬/୫,୬,୭,୮, ଆଲୋଚନା

ଆଜି ଭାରତ ରାଜନୀତି

କହିବାକୁ ସାହସ ହେଉ ନାଇ, ଇଚ୍ଛା ବି ହେଉ ନାଇ । ମିରଟ୍‌ରେ କଂଗ୍ରେସ ବସିଛି । କିଂତୁ ସେଥିରେ ଘଟା ନାଇ, କି ଚାଞ୍ଚଲ୍ୟ ନାଇ । ଏହା କିଂତୁ ପୂର୍ଣ୍ଣତା ବା ଶାଂତିର ଫଳ ନୁହେଁ । ମନେ ହେଉଥିଲା, 'ଭାରତ ଛାଡ଼' ପ୍ରସ୍ତାବରେ ଶ୍ରମିକ ଇଂରେଜ ଶାସକମାନେ ଏକମତ ହୋଇଗଲେ; ଭାରତର ସ୍ୱାଧୀନତା ଆସିଗଲା । କଂଗ୍ରେସ ଥିଲା, ଗୋଟିଏ ସଂଗ୍ରାମ ଶୃଙ୍ଖଳାର ଅନୁଷ୍ଠାନ । ସ୍ୱାଧୀନତା ପ୍ରତିଷ୍ଠିତ ହେଲା ପରେ ଆଉ ସେ କଂଗ୍ରେସ ପରି କିଛି ରହିବ ନାଇ; ରହିବା ଉଚିତ ବି ନୁହେଁ । ଏଣିକି ଲୋକଙ୍କର ରାଜ୍ୟ; ଲୋକେ କରିବେ । କଂଗ୍ରେସ, ନିଜ ଶୃଙ୍ଖଳାରେ ବିରୋଧ ପ୍ରତି ବଡ଼ ଅସହିଷ୍ଣୁ ହୋଇ ଉଠୁଥିଲେ । ବିରୋଧକୁ ଚିପି ଧ୍ୱଂସ କରୁଥିଲେ । ଯୁଦ୍ଧକୁ ଠିଆ ହୋଇଥିବା ସେନାଙ୍କର ଆପଣା ଭିତରେ ଏହିପରି ବିରୋଧ ନାଶ କରିବା ଦରକାର ହୁଏ । କିଂତୁ ସ୍ୱାଧୀନ ରାଜ୍ୟର ଶାସନରେ ବିରୋଧକୁ ନ ଚିପି ତା ପ୍ରତି ଆଦର ଦେଖାଇବାକୁ ହୁଏ । ଲୋକଙ୍କ ଭିତରେ ରାଷ୍ଟ୍ର ଚଳାଇବାର ଆଭିମୁଖ୍ୟ ଘେନି ଭିନ୍ନ ଭିନ୍ନ ଦଳ ଫୁଟେ । ଗୋଟିଏ ଦଳ ମନ୍ତ୍ରିମଂଡ଼ଳ ଧରି ଶାସନ ଚଳାନ୍ତି । ଅନ୍ୟଦଳ ବା ଦଳମାନେ ବିରୋଧ କରୁଥାନ୍ତି । ଶାସକ ଓ ବିରୋଧ ଦୁଇଟି ନ ରହିଲେ, ଗଣତନ୍ତ୍ର ଚଳେ ନାଇ । ଆଜି ଯେ ବିରୋଧ, କାଲି ସେ ଲୋକଙ୍କୁ ମନାଇ ଶାସକ ହୋଇ ବସେ । ଶାସନ ପୁଣି ବିରୋଧକୁ ଯାଏ ।

Digitized by PPRACHIN, SOA

ଏହାଇ ଗଣତନ୍ତ୍ରର ବିଧି । ତା ନ ହୋଇ ସ୍ୱାଧୀନ ରାଷ୍ଟ୍ରରେ ସୁବିଧାବାଦୀମାନେ କୌଶଳରେ ଶାସନର ଶକ୍ତି ଓ ଧନ ଲଗାଇ ବିରୋଧକୁ ଧ୍ୱଂସ କରି ବସିଲେ, ବ୍ୟକ୍ତି ବା ଚକ୍ରାନ୍ତୀଚକ୍ରର ଏକାଧିପତ୍ୟ ବା ଯଥେଚ୍ଛାଚାର ଫୁଟି ଉଠେ । ଭାରତରେ ବିଦେଶୀ ଶତ୍ରୁ ଆଗେ, ଆଜିଯାଏ ଏକଛତ୍ର ଆଧିପତ୍ୟରେ ଛିଡ଼ା ହୋଇଥିବା କଂଗ୍ରେସ, ଦେଶର ସ୍ୱାଧୀନତା ବାୟୁ ମଂଡ଼ଳରେ ନିଜେ ମିଳେଇ ଯିବାର କଥା । ସେଇଆଡ଼କୁ ନେତାମାନେ ଦେଶବାସୀଙ୍କୁ ଚଳାଇବାର କଥା । ଇଂରେଜ, ଭାରତ ଛାଡ଼ିବାର ସଂକଳ୍ପ ଶୁଣାଇ ଦେଲା ପରେ ସେଇ ଦିନ ଏବେ ଆସିଚି ।

କିଂତୁ, କି ବିପତ୍ତି, କି ବିପ୍ଳାତ । ଏତିକି ବେଳେ କଲିକତାର ହତ୍ୟାକାଣ୍ଡ । କଲିକତା ପରେ ନୂଆଖାଲି । ନୂଆଖାଲି ପରେ ବିହାର । ଏ ବିରାଟ ବିପ୍ଳାତ ସାଙ୍ଗକୁ ଅହମ୍ମଦାବାଦ, ବମ୍ବେ, ଏହ୍ଲାବାଦ, କାନପୁର, ମିରଟ, ଦିଲ୍ଲୀ ସବୁ ଗ୍ରହ ପାଖେ ଉପଗ୍ରହପରି ଲାଗିଚନ୍ତି । ଏଥିରେ 'ଭାରତ ଛାଡ଼'ର ସଫଳତା ଭୋଗ କରିବ କିଏ, କିପରି ? ଇଂରେଜଙ୍କୁ ଦୋଷ ଦେଲେ ପୃଥିବୀରେ ଗୋଟାଏ ପ୍ରକାର ପ୍ରଚାରର ଆଶା ଥାଇପାରେ । କିଂତୁ ଏ ପ୍ରଚାର ମନ୍ତ୍ରର ସାଧନାରେ ପୁଣି ଆଶା ଅପେକ୍ଷା ଆଶଙ୍କା ଅଧିକ। ବିହାର ପାଇଁ ମହାତ୍ମା ଗାନ୍ଧି ମରଣାନ୍ତ ଉପବାସ ଶୁଣାଇଲେ । ସେଥିରେ ଯେପରି ବିହାରକୁ ଶାନ୍ତି କରାଗଲା, ତା ଭଲ ହୋଇପାରେ। କିନ୍ତୁ ମହାତ୍ମାଜୀଙ୍କ ଆଧାତ୍ମିକ ପ୍ରଭାବ, ଏଥିରେ କି ଗତି ପାଇଲା ? ଯାହା ହେଉ, ମହାତ୍ମା ଗାନ୍ଧି ବିପ୍ଳାତରେ ବିଚଳିତ ହେବାର ପୁରୁଷ ନୁହନ୍ତି । ସେ ମହାପୁରୁଷ । ତାଙ୍କର ସାଧନା ନିର୍ବିକଳ୍ପ ଓ ସାଧନା, ଅନନ୍ତ । ସେ ଆଜି ନୂଆଖାଲିର ଗଭୀର ପଲ୍ଲୀରେ ମୁସଲମାନ ଘରେ ଏକାକୀ ନିଜର ଶେଯ ନିଜେ ପକାଉଚଂତି । ଆଧାତ୍ମିକ ଶକ୍ତି ଓ ସାଧନା ଛଡ଼ା ତାଙ୍କର ଆଉ କିଛି ନାଇ । ଆଉ କାହିଁରେ ଆସ୍ଥା, ନିର୍ଭର ବା ବିଶ୍ୱାସ ନାଇ । ତାଂକରି ଏଇ ଆତ୍ମିକବଳ ଓ ସାଧନା ପ୍ରଭାବରେ ଭାରତ ପାଇଥିବା ସ୍ୱାଧୀନତାକୁ, ଶାନ୍ତି, ସଂଯମ ଓ ଶୃଙ୍ଖଳାରେ ଭୋଗ କରିବ, ସମସ୍ତଂକର ଏଇ ଅଶା। ଏତେବେଳେ ଆଉ କିଛି ଭାବି ହେଉ ନାଇ; କହି ହେଉ ନାଇ । ବିଧାତାଙ୍କର ଇଚ୍ଛା ପୂର୍ଣ୍ଣ ହେଉ ।

ନୂଆପ୍ରସ୍ଥ-୧/୨, ଆଲୋଚନା

ପରିସ୍ଥିତିର ସଂକେତ ଓ ସାଧନା

ସତେ କ'ଣ ଦେଶ ସ୍ୱାଧୀନ ହୋଇନାଇ ?

ଦେଶ ଏବେ ବି ପୂରା ସ୍ୱାଧୀନ ହୋଇନାଇ - ଏହା ଦୁଇଟି ଭାବରେ ଏକା କୁହାଯାଇ ପାରେ । ଆମେ ସ୍ୱାଧୀନତା କ'ଣ ଜାଣି ନଥିଲୁ । ଇଂରେଜ ଏଡ଼େ ସହଜରେ, ଏଡ଼େ ବେଗେ, ଏ ଦେଶ ଛାଡ଼ିଯିବେ ବୋଲି ବିଚାରୁ ନଥିଲୁ । ତେଣୁ ହୁଏତ ସ୍ୱାଧୀନ

Digitized by PPRACHIN, SOA

ହେଲୁ ବୋଲି ବିଶ୍ୱାସ କରିପାରୁନାହୁଁ । ପୁଣି ଆଉ ଗୋଟିଏ ଦିଗରୁ ଦେଖିଲେ ସ୍ୱାଧୀନ ଭାରତର ଶାସନ ବିଧାନ ଗଢ଼ା ହୋଇ କାର୍ଯ୍ୟରେ ପରିଣତ ହୋଇନାଇ ।

ଇଂରେଜ ଏ ଦେଶ ଛାଡ଼ିଚନ୍ତି –

ଅନ୍ୟଥା, ଆମେ ସ୍ୱାଧୀନ ହୋଇ ନାହୁଁ ବୋଲି କହିବାର ଅନ୍ୟ କିଛି କାରଣ ନାଇ । ଭାରତ ସ୍ୱାଧୀନ ହୋଇଚି । ଇଂରେଜ ଭାରତକୁ ଛାଡିଚନ୍ତି । ହୁଏତ ଇଚ୍ଛା କରି ଛାଡ଼ି ନାହାନ୍ତି । ଜାତୀୟବାହିନୀର ଦଣ୍ଡ ସମ୍ବନ୍ଧରେ ଇଂରେଜ ଭାରତର ଭାରତୀୟ ସେନା ଭିତରେ ଯେ ମତାମତ ସ୍ପଷ୍ଟ ଓ ନିର୍ଭୀକ ଭାବରେ ପ୍ରକାଶ ପାଇଲା, ବମ୍ବେ ଭାରତୀୟ ନୌସେନାର ନାୟକଂକ ଭିତରେ ଯେ ବିଦ୍ରୋହ ଦେଖାଗଲା; ଦିଲ୍ଲୀର ପୁଲିସ ଭାରତ ସରକାରଙ୍କ ବିରୁଦ୍ଧରେ ଯେ ଦୁର୍ଦ୍ଦମ ଧର୍ମଘଟ କଲେ, ସେଥିରେ ଓ ସେଇଭଳି ଘଟଣାମାନ ଦେଖି ଓ କଳନା କରି ଭାରତକୁ ନ ଛାଡ଼ି ଆଉ ଏଠି ରହିବାକୁ ଇଂରେଜ ସାହସ କଲେ ନାଇଁ । ଏ ସବୁ ସତ୍ତ୍ୱେ ମାନିବାକୁ ହେବ, ସଂଚିତ ନ୍ୟସ୍ତ ସ୍ୱାର୍ଥସେବୀ – ବିଶେଷରେ ସାମ୍ରାଜ୍ୟ ସ୍ୱାର୍ଥସେବୀ ପକ୍ଷରେ ଏପରି ସଂକେତରୁ ଫଳାଫଳ କଳନା କରି ଦୂର ଦୃଷ୍ଟିରେ ବାଟ କାଟିବା ସହଜ କଥା ନୁହେଁ । ତେଣୁ ମନସ୍ତତ୍ୱ ବୁଝିବା ବେଳେ କହିବେ, ଇଂଲଣ୍ଡର ଏବ ଶ୍ରମିକ ସରକାର ଭାରତ ସମ୍ବନ୍ଧରେ ଯାହା କଲେ, ତାହା ଆଶାତୀତ, କଳ୍ପନାତୀତ ଓ ଇତିହାସରେ ତାହାର ଦୃଷ୍ଟାନ୍ତ ନାଇ କହିଲେ ଚଳେ ।

ନୂଆଖାଲି ପ୍ରଭୃତିର ବୀଭତ୍ସତା –

କଲିକତା, ନୂଆଖାଲି, ବିହାର ଓ ଅନ୍ୟାନ୍ୟ ସ୍ଥାନରେ ହିନ୍ଦୁ, ମୁସଲମାନ ବିରୋଧର ବୀଭତ୍ସ କ୍ରିୟାକାଣ୍ଡ ଦେଖି, ମୁସଲିମ୍ ଲୀଗ୍, କଂଗ୍ରେସ ସଂଗେ ଯେପରି ଖେଳୁଚି, ସେଥିରେ ବିବ୍ରତ ହୋଇ କେହି କେହି ହୁଏତ କହୁଚନ୍ତି, ଭାରତ ରାଜନୀତିକ ଭାବରେ ଇଂରେଜଙ୍କ ହାତରୁ ସ୍ୱାଧୀନ ହୋଇନାଇ । ରାଜନୀତି ଖେଳରେ ମାତି ଇଂରେଜ ମୁସଲମାନଙ୍କୁ ହିନ୍ଦୁଙ୍କ ସଂଗରେ, ମୁସଲିମ ଲୀଗଙ୍କୁ କଂଗ୍ରେସ ସଂଗରେ; ଲଗାଇ ଖେଳାଉଚନ୍ତି। ସେଥିରେ ହିଁ ପୁଣି ଇଂରେଜଙ୍କ ସାମ୍ରାଜ୍ୟତତ୍ତ୍ୱର ସାଧାନ ଚାଲିଚି ।

ଏ ଘର କଳି, ପରାଧୀନତା ନୁହେଁ –

ଏପରି ଭାବିବା ଠିକ୍ ନୁହେଁ । ହିନ୍ଦୁ, ମୁସଲମାନ ବିବାଦ, ଯେ କାରଣରୁ ହୋଇଥାଉ ବା ହେଉଥାଉ, ତାହା ଭାରତର ଗୃହ ବିବାଦ । ଘରେ କଳି ଲାଗିଲେ ଅନ୍ୟମାନେ ତାହାର ସୁବିଧା ନେଇଥାନ୍ତି । ଚୀନ୍‌ରେ କମ୍ୟୁନିଷ୍ଟ ଦଳ ଓ ଚ୍ୟାଙ୍ଗକାଇସେକ ଦଳଙ୍କ ଭିତରେ କଳି ଲାଗିଚି । ଏକ ପକ୍ଷରେ ଆମେରିକା, ଅନ୍ୟ ପକ୍ଷରେ ରୁଷିଆ ହୁଏତ ଖଞ୍ଜ

Digitized by PPRACHIN, SOA

ଲଗାଇଚନ୍ତି । ଏହା ବୋଲି ଚୀନକୁ ରାଜନୀତିକ ଭାବରେ ପରାଧୀନ କୁହାଯିବ ନାଇ । କିଂବା ସେଠାରେ ବିଦେଶୀ ସାମ୍ରାଜ୍ୟତନ୍ତ୍ର ପ୍ରତିଷ୍ଠିତ ହେବା ଆଡ଼କୁ ଯାଉ ନାଇ ।

ଗୃହଯୁଦ୍ଧ ବରଂ ସ୍ୱାଧୀନତାର ପ୍ରମାଣ -

ବରଂ ଆଉ ଗୋଟିଏ ଆଡ଼ୁ କଥାଟି ଦେଖାଯାଇ ପାରେ । ଗୃହ ବିବାଦ ବା ଗୃହଯୁଦ୍ଧ ହେଉଚି, ରାଜନୀତିକ ସ୍ୱାଧୀନତାର ସ୍ପଷ୍ଟ ସଂକେତ । ଗୃହଯୁଦ୍ଧ, ସ୍ୱାଧୀନତାର ପ୍ରତ୍ୟବାୟ ନୁହେଁ । ଏହା ସ୍ୱାଧୀନତାର ପ୍ରମାଣ । ପରାଧୀନର ଗୃହ ଯୁଦ୍ଧରେ ଅଧିକାର ନାଇ, ସେ ଗୃହଯୁଦ୍ଧ କରିପାରେନା । ଆଜି ଇଂରେଜ ଏ ଦେଶରେ ପୂର୍ବପରି ଥି..., କଲିକତା, ନୂଆଖାଲି ପରି ବୀଭତ୍ସତା ମଧ୍ୟ ସମ୍ଭବ ହୁଅନ୍ତା ନାଇ - ସତ ଗୃହଯୁଦ୍ଧ କଥା ତେଣିକି ଥାଉ । ଯେଉଁ କଲିକତା, ନୂଆଖାଲି, ଆମ ଜାତୀୟ କଳଙ୍କର ପ୍ରକାଶ, ସେଇ ଏକା, ଅନ୍ୟ ଆଡ଼ୁ ଦେଖିଲେ ଜାତୀୟ ସ୍ୱାଧୀନତାର ପ୍ରମାଣ । ଏ ସମସ୍ୟାର ରହସ୍ୟ ଫେଡ଼ି ବୁଝିବାକୁ ହେବ ।

ଆଗକୁ ଚାଲ -

ଏତେବେଳେ ପନ୍ଥା ହେଉଚି, କୁଆଡକୁ ନ ଚାହିଁ ଆଗକୁ ମାଡ଼ିଯିବା - ବିଧାୟକ ସଭାରେ ଆଗକୁ ଚାହିଁ ସମାନ ଗତି କରିବା । ଲୀଗ୍‌ର ମୁସଲମାନଙ୍କୁ ଚାହିଁ ଆଉ ଛଟପଟ ହେବା ଦରକାର ନାଇ । ଖିଲାପତ୍‌ରେ ପ୍ରାଣପାତ କରିବା, ମୁସଲମାନଙ୍କୁ ଅବଧରି ୧୯୩୫ ଆଇନର Federation ବା ରାଷ୍ଟ୍ରସଂଘକୁ ଫିଙ୍ଗିଦବା, ପୂର୍ବରୁ ସାଂପ୍ରଦାୟିକ ଭାଗ ବଣ୍ଟାରେ ଉଦାସୀନ ହୋଇ ରହିବା, ଟିକିଏ ସୀମାବଦ୍ଧ କରି ପାକିସ୍ଥାନକୁ ଧରି ଯାଚିବା ପାଇଁ ଜିନ୍ନା ସାହେବଙ୍କ ଦୁଆରେ ଅଯାଚିତ ଭାବରେ ଉପସ୍ଥିତ ହେବା ପ୍ରଭୃତି ସବୁ ହୋଇଯାଇଚି । ସେ ବାଟେ ଯିବା ଆଉ ଲୋଡାନାଇ । ଗଲା ଡ଼ିସେମ୍ବର ୬ ତାରିଖରେ ଇଂଲଣ୍ଡର ପ୍ରଧାନମନ୍ତ୍ରୀ ଆଟଲୀ, ନେହ୍ରୁର, ଜିନ୍ନା ପ୍ରଭୃତିଙ୍କୁ ଲଣ୍ଡନକୁ ଡ଼ାକି ଯାହା ଶୁଣାଇଦେଲେ, ସେକଥା ବିଚାରକୁ ଆଣିବା ଆମର ଆଉ ଠିକ୍ ହେବ ନାଇ । ସେପରି କଲେ, ପୁଣି ବିଧାୟକ ସଭାର ସାର୍ବଭୌମତା କ୍ଷୁଣ୍ଣ ହେବ ଓ ପରିସ୍ଥିତିର ଜଟିଳତା ଦିନକୁ ଦିନ ବଢ଼ିବ; ପଦେ ପଦେ ଅଟକୁ ଥିବ ।

ଇଂରେଜ ପୂରା ନ ମାନନ୍ତୁ -

ଡ଼ିସେମ୍ବର ୬ ତାରିଖରେ ବଡ଼କଥାଟା ଆଟଲି କ'ଣ କହିଚନ୍ତି ? 'ବିଧାୟକ ସଭାରେ ସ୍ୱାଧୀନ ଭାରତରେ ଶାସନବିଧାନ ଯେପରି କରାହେଉଚି, ସେଇପରି କରାହେଲେ ଇଂରେଜ ସରକାର ସେ ବିଧାନକୁ ସମସ୍ତ ଭାରତର ବିଧାନ ବୋଲି ସ୍ୱୀକାର କରିବେ ନାଇ । ଦେଶର ଯେଉଁ ଅଂଶର ପ୍ରତିନିଧିମାନେ ବହୁ ପକ୍ଷରେ ବା ବରାବର ଏ

Digitized by PPRACHIN, SOA

ବିଧାନ ତିଆରିରେ ଯୋଗ ଦେଇନଥିବେ, ସେସବୁ ଅଂଚଳରେ ବାଧ କରି ଏ ବିଧାନ ଇଂରେଜ ଲଦିଦେବେ ନାଇ।' ଭଲ କଥା । ସେ ଅଂଚଳରେ ଆଇନକୁ ଲଦିବା ପାଇଁ ଇଂରେଜ ସରକାରଙ୍କୁ ନିମନ୍ତ୍ରଣ କରିବା ବା ତାଙ୍କଠାରୁ ଏହା ଆଶା କରିବା ଉଚିତ ନୁହେଁ। ପୃଥିବୀର ଜାତିମାନେ ଏ ବିଧାନ ସ୍ୱୀକାର କରିବେ; ଇଂରେଜ ମଧ୍ୟ ସ୍ୱୀକାର କରିବେ। ସେମାନେ ଯେଉଁ ଅଞ୍ଚଳ ପାଇଁ ଏହା ସ୍ୱୀକାର କରିବେ, କରନ୍ତୁ । ଏହାକୁ ବାକୀ ଅଂଚଳର କରିନେବା, ଆମର କାମ, ଇଂରେଜର ବା ଅନ୍ୟ କାହାରି କାମ ନୁହେଁ । ବିଧାନ ତିଆରି ହୋଇ କାର୍ଯ୍ୟରେ ହେଲା ପରେ ସେ ବିଚାର କରାଯିବ । ଆଜି ନୁହେଁ ।

ଲୋକେ ବାଧ ହୋଇ ମାନିବେ –

ଯେଉଁ ଅଂଚଳରୁ ପ୍ରତିନିଧିଂକର ବହୁ ପକ୍ଷ ଯୋଗ ନ ଦେବେ, ସେ ଅଂଚଳରେ ଅଳ୍ପ ପକ୍ଷ ଅଛନ୍ତି । ସେଠାରେ ସମାଧାନ, ଅଳ୍ପ ପକ୍ଷଙ୍କର ଯେତେ ଲୋଡ଼ା, ବହୁପକ୍ଷଙ୍କର ସେତେବେଳେ ତାଠାରୁ ବେଶି ଲୋଡ଼ା ପଡ଼ିବ । ଅଳ୍ପ ପକ୍ଷକୁ ହେଳା କରି ବା ଦଳିଦେଇ ଶାନ୍ତ, ଶୃଙ୍ଖଳିତ ଗଠନପର, ପାକିସ୍ତାନ ବି ଗଢ଼ିହେବ ନାଇ ।

ତାପରେ ଦେଶୀ ରାଜ୍ୟ –

ଆଉ ଗୋଟିଏ କଥା, ଦେଶୀରାଜ୍ୟ । ସେମାନେ ହୁଏତ ବିଧାୟକ ସଭାରେ ଯୋଗ ଦେବେ ନାଇ । ନ ଦିଅନ୍ତୁ । ବରଂ ସେମାନେ ଏବେ ବିଧାୟକସଭାରେ ଯୋଗ ନ ଦେବାରେ ଏକ ଭାବରେ ମଂଗଳ ଅଛି । କଂଗ୍ରେସ ଚାହାନ୍ତି ଦେଶୀରାଜ୍ୟ ଲୋକଙ୍କ ପ୍ରତିନିଧିଙ୍କୁ ଧରି କାର୍ଯ୍ୟ କରିବା ପାଇଁ – ଦେଶ ଗଢ଼ିବା ପାଇଁ । ସେ ଦିନ ଆସିନାଇ । ଏବେ ଦେଶୀରାଜ୍ୟ ମାନଙ୍କୁ ମିଶାଇବା ପାଇଁ ହେଲେ ଯେଉଁମାନଙ୍କ ସଙ୍ଗେ ଚୁକ୍ତିବଦ୍ଧ ହେବାକୁ ହେବ, ସେଥିରେ ଦେଶୀ ରାଜ୍ୟର ଲୋକଙ୍କ ହାତକୁ ଆଉ ପୂରା କ୍ଷମତା ଆସିବା ହେବ, କାଠିକର ପାଠ ।

ନୂଆପ୍ରସ୍ଥ- ୧/୩

ଭାରତ ରାଜନୀତିର ଗତି

ମାସିକ 'ନବଭାରତ'ରେ ପୂର୍ବପରି ରାଜନୀତି ସଂପର୍କରେ ଆଲୋଚନା ହେଉ ବୋଲି ଅନେକେ ଲୋଡୁଚନ୍ତି । ମାତ୍ର କ୍ରିୟାଶୀଳ ରାଜନୀତିରେ ଆମର ସଂପର୍କ ନାଇ । ଖାଲି ସଂଦର୍ଭର ହେତୁବାଦ ଧରି ରାଜନୀତି କରିବାର ବେଳ ଏବେ ନୁହେଁ; ହୁଏତ ପ୍ରୟୋଜନ ବି ନାଇଁ । ତଥାପି ଭାରତର ରାଜନୀତିର ଏ ବିଷମ ପରିସ୍ଥିତି ଯଥାସମ୍ଭବ ଆଲୋଚନା କରି ଲେଖିବାକୁ ହେଉଚି ।

Digitized by PPRACHIN, SOA

ଇଂରେଜ ସାମ୍ରାଜ୍ୟବାଦ ସଂଗେ ଆଉ ଲଢ଼ାଇ ନାଇ –

ଆମ ଚିରଶାସକ ଇଂରେଜ ଏ ଦେଶ ଛାଡିବା ସ୍ଥିର କରି କହିଦେଲେ । ଏ ଦେଶରେ ରାଜନୀତିକ ଘଟଣା ଆଉ ଯେ ଧରାଧରି ଗତି କରୁନା କାହିଁକି, ଇଂରେଜ ଆଉ ପୂର୍ବପରି ରାଜନୀତିକ ସାମ୍ରାଜ୍ୟ ବା ସେନା-ପୁଲିସ-ଚାଳିତ ରାଜତ୍ୱ ଧରି ଏ ଦେଶରେ ରହିବେ ନାଇ। ଏହା ଠିକ୍ ହୋଇଗଲା । ସେଇ ଦୃଷ୍ଟିରେ କେନ୍ଦ୍ରରେ ଅସ୍ଥାୟୀ ସରକାର ବି ଗଢ଼ାହେଲା । ଅସ୍ଥାୟୀ ସରକାରର ତଥା କଂଗ୍ରେସର ନେତାମାନେ ସେଇ କଥା ସ୍ପଷ୍ଟ ଭାଷାରେ କହିଲେଣି । ଜହରଲାଲ କହିଲେଣି, ରାଜ ଗୋପାଳାଚାରୀ କହିଲେଣି, ପଟେଲ କହିଲେଣି, ଏ ସମସ୍ତେ କହିଲେଣି, ଇଂରେଜ ସାମ୍ରାଜ୍ୟ ସଂଗେ ଆଉ ଲଢ଼ିବାର ନାଇ । କାଲି (୩୦-୧-୪୭) ଓଡ଼ିଶାର ପ୍ରଧାନ ମନ୍ତ୍ରୀ ମଧ କୌଣସି ଘଟଣାରେ ସେଇ ମର୍ମରେ କଥା କହିଚନ୍ତି । ଏ କଥାଟି ମିଥ୍ୟା ନୁହେ – ସତ୍ୟ । ଭାରତର ମତ ଓ ସ୍ୱାର୍ଥ ଭିତରେ ସଂଘର୍ଷ ହେତୁରୁ ଆମେ ନିଜେ ପୂର୍ଣ୍ଣ ସ୍ୱାଧୀନତା ଭୋଗ କରିବାରେ ଅସୁବିଧା ପଡିପାରେ, ହୁଏତ ଇଂରେଜ କିମ୍ବା ଅନ୍ୟ ଜାତି ଓ ଜାତିମାନେ ନାନା ଭାବରେ ସେ ସୁବିଧା ନେଇ ପାରନ୍ତି, ତା ବୋଲି ଇଂରେଜ ସାମ୍ରାଜ୍ୟବାଦ ସଂଗେ ତାଙ୍କ ଠାରୁ ସ୍ୱାଧୀନତା ଛଡ଼ାଇବା ପାଇଁ ପୂର୍ବ ପରି ଲଢ଼ିବାର ପରିସ୍ଥିତି ଆଉ ହେବାର ନାଇ ।

ଇଂରେଜ ଆଉ ଆମକୁ ଜବତ୍ କରିବାକୁ ଆସିବେ ନାଇ –

ଏ କଥାଟି ସ୍ପଷ୍ଟ ମନେ ରଖି ଏଣିକି କାର୍ଯ୍ୟରେ ଅଗ୍ରସର ହେବାକୁ ହେବ । ଗୃହଯୁଦ୍ଧ ଲାଗିପାରେ । ଧର, ଦଳେ ସ୍ୱାଧୀନତା ଘୋଷଣା କରି ସୈନ୍ୟ ପୋଲିସ ଧରି ଅନ୍ୟ ଦଳକୁ ଜବତ୍ କରି ନିଜ ଦେଶରେ ବିଦ୍ରୋହ ଦମନ କରିବାର ପନ୍ଥା ଧରି ପାରନ୍ତି । ହୁଏତ ହିନ୍ଦୁସ୍ଥାନ, ପାକିସ୍ଥାନ, ରାଜସ୍ଥାନ, ଆଦିସ୍ଥାନ, ଶିଖସ୍ଥାନ ପ୍ରଭୃତି ନାନା ଭାଗରେ ଭାରତ ବାଣ୍ଟି ହୋଇଯାଇ ପାରେ। କିମ୍ବା କୌଣସି ଏକସ୍ଥାନ ଆଉ ସବୁ ସ୍ଥାନଙ୍କୁ ଗ୍ରାସ କରିବାରେ ଉଦ୍ୟମ କରି ଇଂରେଜ ସାମ୍ରାଜ୍ୟ ପରିବର୍ତ୍ତରେ ଭାରତରେ ନୂତନ ସାମ୍ରାଜ୍ୟର ପ୍ରତିଷ୍ଠା କରିପାରେ । କିମ୍ବା ହୁଏତ କୌଣସି ବିଦେଶୀ ବାଦ ବା ତନ୍ତ୍ର ପୁଣି ଭାରତ ବା ଭାରତାଂଶକୁ ଗ୍ରାସ କରିପାରେ । ସେ ଯାହାହେଉ, ଭାରତ ଇତିହାସରେ ଦୁଇଶହ ବର୍ଷ ଥିବା ଇଂରେଜ ସାମ୍ରାଜ୍ୟର ପ୍ରସ୍ଥ ଯାଇଚି । ସେ ଆଉ ଠିକ୍ ସେଇ ଭାବରେ ଫେରିବ ନାଇ । ଇଂରେଜ ସାମ୍ରାଜ୍ୟ, ସେନା, ପୋଲିସ ଧରି ଆଉ ଭାରତ ବା ଭାରତାଂଶକୁ ମନାଇବାକୁ ଆସିବ ନାଇ । ଇଚ୍ଛା ଥିଲେ ବି, ସେ ବଳ ଆଉ ତାଙ୍କର ନାଇ ।

ତ୍ୟାଗର କଂଗ୍ରେସ ଓ ଭୋଗ –

ଇଂରେଜ ସାମ୍ରାଜ୍ୟରୁ ଭାରତକୁ ଛଡ଼ାଇ ସ୍ୱାଧୀନ କରିବାକୁ କଂଗ୍ରେସ ଲଢୁଥିଲା । କଥାଟାକୁ ଭଲ କରି ବୁଝାଇ କହିଲେ କୁହାଯିବ, ଭାରତର ଯେଉଁ ଲୋକଶକ୍ତି ଇଂରେଜ

Digitized by PPRACHIN, SOA

ସାମ୍ରାଜ୍ୟରୁ ସ୍ୱାଧୀନତା ଛଡ଼ାଇବା ପାଇଁ ଲଢ଼ିବାରେ ଲାଗିଥିଲା, ତାହାରି ନାମ ହେଉଚି କଂଗ୍ରେସ । ଆଜି ସେ ଲଢ଼ିବା ସରି ଯାଇଚି । କଂଗ୍ରେସ ଏଇ ଲଢ଼େଇରେ ଜିଣି ଭାରତର ସ୍ୱାଧୀନତା ଆଣିଚି । କିଂତୁ ଏ ସ୍ୱାଧୀନତା ଆସିବା ପରେ, ଏହାକୁ ସଂଭାଳିବା ଓ ସଂଭାଳି ଶୃଂଖଳାରେ ପକାଇ ଭୋଗ କରିବା, ଲଢ଼ିବା କାମ ପରି ସହଜ ନୁହେଁ । ତମ ପାଇଁ ଓ ମୋ ପାଇଁ, ଦୁହିଁଙ୍କ ପାଇଁ ଲଢି, ଧର, ମୁଁ ସଂପତ୍ତି ଆଣିଲି । କିଂନ୍ତୁ କଷ୍ଟ ପାଇ ଆଣିବା ଲୋକର ଏକାରେ ଭୋଗିବା ବା ଇଚ୍ଛାମତେ ବାଣ୍ଟି ଭୋଗିବାର ଅଭିଳାଷ ହୋଇପାରେ, ହେବା ମଧ୍ୟ ସ୍ୱାଭାବିକ । କିଂତୁ ଜାଗତିକ କ୍ରିୟା-ଗତିରେ ଏ ଅଭିଳାଷ କେହି ସହନ୍ତି ନାଇ । ତ୍ୟାଗୀବୀରଙ୍କ ପକ୍ଷରେ ମଧ୍ୟ ଏ ଅଭିଳାଷ ଭିତରେ ଯଥାର୍ଥ ଉଦାରତା ଓ ପରପ୍ରାଣତା ନାଇ ବୋଲି ବୁଝିବାର ଅଛି ।

ଭୋଗରେ ଭ୍ରଷ୍ଟ ହୁଅନ୍ତୁ ନାଇ –

କିଂତୁ ମନେହୁଏ କଂଗ୍ରେସ ଏହା ବୁଝି, ବୁଝୁ ନାହାନ୍ତି । ସବୁ ଦଳ, ସବୁ ମତର ଲୋକଙ୍କୁ ଘେନି, ସମସ୍ତଂକ ପ୍ରତି ସହିଷ୍ଣୁ ଓ ସମବ୍ୟବହାର କରି ଶାସନ ଚଳାଇବେ ଓ ସ୍ୱାଧୀନ ରାଷ୍ଟ୍ରତନ୍ତ୍ର ଗଢ଼ି ସ୍ୱାଧୀନତା ଭୋଗ କରିବେ ବୋଲି କଥାରେ ବହୁତ କୁହାଯାଇଚି ଓ ଯାଉଚି । କିଂତୁ ଏ କଥା ଭିତରେ ଯଥାଥ କାର୍ଯ୍ୟକାରୀତାର ଅଭାବ ଅଛି ବୋଲି ଅନେକଙ୍କର ସଂଦେହ ହେଉଚି । ଏପରି ସନ୍ଦେହ ହେବାରେ ଅସ୍ୱାଭାବିକତା ବା ଅଯୌକ୍ତିକତା କିଛି ନାଇ । ଉଦାହରଣ ସ୍ୱରୂପ କୁହାଯାଇପାରେ, କଂଗ୍ରେସ, ଆଙ୍ଗ୍ଲୋ-ଇଣ୍ଡିଆନ, ପାର୍ଶୀ, ଦେଶୀ ଖୀରସ୍ଥାନ ପ୍ରଭୃତିଙ୍କୁ ନିଜର କରି ଧରିଚଂତି । କିଂତୁ ଏ ନିଜର କରିବାରେ ଯଥାର୍ଥ ବଦାନ୍ୟତାର ବାସ୍ତବତା ବିଶେଷ ନାଇ । ଅସ୍ପୃଶ୍ୟ ହିଂଦୁମାନଙ୍କୁ ନିଜର କରିବା ପାଇଁ ନାନା ଭାବରେ "ହରିଜନ" ବୋଲି ଦୃଢ଼ ଦଳଟିଏ ଗଢ଼ା ଯାଇଚି । ସେଇପରି ଜାତୀୟବାଦୀ ମୁସଲମାନମାନଙ୍କୁ ଆପଣାର କରାଯାଉଚି । ଏଣେ ପୁଣି ନିଜ ଭିତରେ କମ୍ୟୁନିଷ୍ଟ ସାମ୍ୟବାଦୀମାନଙ୍କୁ ଅଲଗା କରି ଜବତ୍ କରାଯାଉଚି । ତାର ଗୋଟିଏ ପ୍ରଧାନ କାରଣ ରୂପେ ପୁଣି ଶୁଣାଯାଉଚି, ସେମାନେ ଲଢ଼େଇବେଳେ ଶତ୍ରୁପକ୍ଷରେ ଥିଲେ । ଅର୍ଥାତ୍, ସେ ଅର୍ଜିନାହାନ୍ତି, ସେ ଭୋଗିବାରେ ଯୋଗ ନ ଦିଅନ୍ତୁ । ଏଇସବୁ ଧରି ପୁଣି ସାମ୍ରାଜ୍ୟବାଦୀ ଇଂରେଜ କଳାପରି ପ୍ରଚାର କରିବାର ଉଦ୍ୟମ ଆଜି ଅସ୍ପଷ୍ଟ ନୁହେଁ । ଭାରତ ସାରା ଖବରକାଗଜକୁ ମଧ୍ୟ ନାନା ଭାବରେ ଏକମୁଖ କରିବାର ଚେଷ୍ଟା ବିଧିମତେ ଲାଗିଯାଇଚି - ଏଥିରେ ପୁଣି ରାଜ୍ୟର ଧନ, ପ୍ରଭାବ ଓ କ୍ଷମତା ଲାଗୁ ଥିବାର ଦେଖା ଯାଉଚି ।

କଂଗ୍ରେସ ବିଜୟରେ ବିନୟ ପ୍ରକାଶ କରନ୍ତୁ

ତାପରେ ମୁସଲମାନ । ଜାତୀୟ ମୁସଲମାନଙ୍କୁ ଧରି ତଥା ପୁରୁଷେ କାଳ ହିନ୍ଦୁ-ମୁସଲମାନ ଏକତା କଥା କହି କହି, ଶେଷରେ କଂଗ୍ରେସକୁ ମୁସଲମାନଙ୍କ ପ୍ରତିଯୁକ୍ତିରେ

Digitized by PPRACHIN, SOA

'ହଁ' ଭରିବାକୁ ପଡ଼ିଚି । କଂଗ୍ରେସ ଏବେ ସ୍ୱୀକାର କରିଚଂତି, ମୁସଲିମଲୀଗ୍ ହେଉଛନ୍ତି, ଭାରତରେ ମୁସଲମାନଙ୍କର ଏକମାତ୍ର ପ୍ରତିନିଧିମୂଳକ ଅନୁଷ୍ଠାନ । ଏହାଛଡା ସମସ୍ତ କଂଗ୍ରେସ ପନ୍ଥୀ ଓ ଜାତୀୟତା ସେବୀ ଖବରକାଗଜରେ ଜିନ୍ନା, ଆମ୍ବେଦକରଙ୍କୁ ଗାଳି ଦେଇ, ନିନ୍ଦା କରି ମନାଇବାର ଉଦ୍ୟମ ବହୁ ଦିନରୁ ହୋଇ ଆସୁଛି। ଏବେବି ସେଇ ଧାରାରେ ଗତି ଚାଲିଚି। ଇଂରେଜମାନେ ଆମ ଭିତରେ ଭେଦ ଜନ୍ମାଇ ସାମ୍ରାଜ୍ୟ ରଖୁଚନ୍ତି ବୋଲି ଯୁଦ୍ଧବେଳେ ପ୍ରଚାର ହେଉଥିଲା । ସେତେବେଳେ ହୁଏତ, ସେଥିରେ ସତ୍ୟ ଥିଲା । ଆଜି ମଧ୍ୟ ସେଇ ଦୁଆ ଧରି ପ୍ରଚାର ଚାଲିଚି । ଇଂରେଜ ଛାଡ଼ିଗଲା ପରେ ସେମାନେ ସେନା, ପୋଲିସର କ୍ଷମତା ହରାଇଲା ପରେ, ଏ କ୍ଷେତ୍ରରେ ଆଭିମୁଖ୍ୟ ଓ ପ୍ରଚାର ବଦଳାଇବାର ଦିନ ଆସିଚି । ସେ ପ୍ରଚାରରେ ବରଂ ଭ୍ରାନ୍ତି ସ୍ୱୀକାର କରି ନିଜର ବିନୟ ପ୍ରକାଶ କଲେ, ଭଲ ହେବ ବୋଲି ମନେ ହୁଏ । ବିଜୟୀ ଦୁର୍ବୀନତ ହେଲେ, ଅବସ୍ଥା ପୁଣି ଜଟିଳ ହୁଏ ।

ଦେଶୀ ରାଜ୍ୟରେ ରାଜା ଓ ପ୍ରଜା –

ତା'ପରେ ଦେଶୀରାଜ୍ୟ । ଏ ଗୋଟିଏ ସମସ୍ୟା । ଦେଶୀରାଜ୍ୟର ପ୍ରଜାମାନେ ରାଜାଙ୍କ ଠାରୁ କ୍ଷମତା ଛଡ଼ାଇବା ପାଇଁ ଉଦ୍ୟମ କରୁଥିଲେ, କରୁଛନ୍ତି ଓ କରିବେ। ଏଇପରି କରିବାରେ ତାଂକର ପୂର୍ଣ୍ଣ ଅଧିକାର ଅଛି। ସେମାନେ ତା କରନ୍ତୁ। ଏହା କରିବାରେ ଦେଶ ବିଦେଶରେ ତାଂକ ହିତୈଷୀଙ୍କ ଠାରୁ ସମବେଦନା ଓ ସହାୟତା ପାଇବାରେ କିଛି ଆପତ୍ତି ନାଇ। ହିତୈଷୀର ଏହା ଧର୍ମ । ହିତୈଷୀଂକ ଠାରୁ ଗଡଜାତ ପ୍ରଜାଏ ଏହା ଆଶା କରିବା ସ୍ୱାଭାବିକ । ପକ୍ଷାନ୍ତରେ ରାଜାମାନେ ପରାମର୍ଶ ଶୁଣିବା ବା ତାଙ୍କୁ ପରାମର୍ଶ ଶୁଣାଇବା ପରିସ୍ଥିତି ଥିଲେ ବା ହେଲେ, କ୍ଷମତା ଛାଡ଼ିଦେବା ପାଇଁ ରାଜାମାନଙ୍କୁ କାର୍ଯ୍ୟକର ପରାମର୍ଶ ମଧ୍ୟ ଦିଆଯାଇପାରେ । କିଂତୁ ରାଷ୍ଟ୍ରଶକ୍ତି ଲଗାଇ ରାଜାଙ୍କୁ ତଡ଼ିବା, ବା ପ୍ରଜାଂକ ହାତେ ରଜାଂକୁ ତଡ଼ାଇବାର ଉଦ୍ଦେଶ୍ୟ ବା ପରିସ୍ଥିତି ନଥିଲେ, ଅନ୍ୟପନ୍ଥା ଧରିବା ଠିକ୍ ନୁହେଁ । ଏ ବିଷମ ପରିସ୍ଥିତିରେ, ଏ କ୍ଷେତ୍ରରେ କ'ଣ କରାଯାଉଚି, ତା ମଧ୍ୟ ଏବେ ଭାବିବାର କଥା ।

କଂଗ୍ରେସର ଶୃଙ୍ଖଳା –

ସର୍ବୋପରି କଂଗ୍ରେସର ଶୃଙ୍ଖଳା । ଶତମଞ୍ଚରୁ କୁହାଯାଉଚି, 'କଂଗ୍ରେସ ଏକ ଦଳ; ତା'ର ଏକନେତା; ଏଇ ଭାବରେ କଂଗ୍ରେସକୁ ଏବେ ନସନ୍ଧା କରିଦେବାକୁ ହେବ ।' ଏଇ ଦୃଷ୍ଟିରେ ନେତା ବଛାଯାଉଚି, ଏଇ ଦୃଷ୍ଟିରେ କଂଗ୍ରେସ ଭିତରର ଶୃଂଖଳା ଓ ବିଧିମାନ ବଦଳାଇବାର ସ୍ପଷ୍ଟ ଉଦ୍ୟମ ହେଉଚି। ଏପରି ପ୍ରସ୍ତାବ କରାହେଉଚି, ଯାହା ଫଳରେ ଏବର କଂଗ୍ରେସ କାର୍ଯ୍ୟକାରୀ କମିଟି ଲୋକେ ସ୍ପଷ୍ଟ ଅନୁମତି ନ ଦେଲେ ଆଉ

Digitized by PPRACHIN, SOA

କେହି ଭବିଷ୍ୟତରେ କଂଗ୍ରେସ କାର୍ଯ୍ୟ ଚଳାଇବା ଭାର ନେଇ ପାରିବେ ନାଇ । ଯୁଦ୍ଧ ବେଳେ ତଥା ତ୍ୟାଗବେଳେ ଏସବୁ କରା ହୋଇଥିଲେ, କିଛି ଆପତ୍ତି ବା କ୍ଷତି ନଥିଲା । ସେତେବେଳେ ଏ ସବୁ ଦରକାର ବି ନଥିଲା । କାରଣ, ସମ୍ପତ୍ତି ହରାଇବାକୁ, ଜେଲ ଯିବାକୁ, ଠେଙ୍ଗାମାଡ଼, ଗୁଳିଚୋଟ ସହିବାକୁ, ଫାସି ପାଇବାକୁ, ନେତା ବା କର୍ମୀ ବାଛିବା ଦରକାର ହୁଏ ନାଇ। ସ୍ୱାଧୀନତା ଛଡ଼ାଇବାର ଜାତୀୟ ଉନ୍ମାଦନାରେ ଲୋକେ ମନକୁ ଆସନ୍ତି; ମନକୁ ବି ପଛେଇ ଯାନ୍ତି । ମାତ୍ର ତ୍ୟାଗ ସଂଗେ ଭୋଗ ମିଶିବାରୁ, ଅର୍ଥାତ, ୧୯୩୫ ପରେ ସାମ୍ରାଜ୍ୟ ତଳେ ମନ୍ତ୍ରିତ୍ୱ ଆରମ୍ଭ ହେବା ପରଠାରୁ, କ୍ରମେ ଲୋକଙ୍କୁ ବାଛି ବାହାର କରିବା ଦେଖାଗଲା । ଏବେ ପୂରା ସ୍ୱାଧୀନତାର ଭୋଗ ବେଳକୁ ଲୋକ ବାଛି କଂଗ୍ରେସ ଅନୁଷ୍ଠାନ ଗଢ଼ିବା ଏ ଉଦ୍ୟମକୁ ପରଖି କରି ଦେଖିବାର ଅଛି । ଆଜି କଂଗ୍ରେସକୁ ଲୋକେ ଯିବେ କାହିଁକି ? କଂଗ୍ରେସରେ ରହିବେ କାହିଁକି ? ତ୍ୟାଗ କରିବାକୁ ନୁହେଁ, ଭୋଗ କରିବାକୁ । ଏ ଭୋଗରେ ସମସ୍ତଂକର ଭାଗ ଅଛି । ସବୁ ଦଳ, ସବୁ ସ୍ୱାର୍ଥ ମିଳି ସ୍ୱାଧୀନତା ଭୋଗ କରିବେ । ଅଳ୍ପ ଲୋକଙ୍କୁ ଧରି ଦୃଢ଼ବଦ୍ଧ ହୋଇ ଏ ଭୋଗ ମାଡ଼ି ବସିବା, ଲୋକ-ଶାସନର ବା ଜନ-ଶାସନର ଗତି ନୁହେଁ କି ଧର୍ମ ନୁହେଁ ।

ଭୋଗର ଶୃଙ୍ଖଳା ଭିନ୍ନ –

ଯୁଦ୍ଧ ବେଳର କଂଗ୍ରେସ ଥିଲା, ତ୍ୟାଗପୂତ ଜାତୀୟ ଅନୁଷ୍ଠାନ । ଏ ତ୍ୟାଗକୁ ଡ଼ରି ଲୋକେ କଂଗ୍ରେସରେ ପଶି ନପାରି ବାହାରେ ରହୁଥିଲେ ସତ, କିନ୍ତୁ ବାହାର ଲୋକଙ୍କର କଂଗ୍ରେସ ପ୍ରତି, କଂଗ୍ରେସ ନେତା ଓ କର୍ମୀମାନଙ୍କ ପ୍ରତି, ଅଖଣ୍ଡ ଶ୍ରଦ୍ଧା ଓ ଭକ୍ତି ଥିଲା। ଆଜି କିନ୍ତୁ ମନକୁ ସେ ଶ୍ରଦ୍ଧା ଓ ଭକ୍ତି ଆସିବ ନାଇ । ସମସ୍ତଙ୍କୁ ଭୋଗରେ ସ୍ୱାଧୀନ ଭାବରେ ସୁବିଧା ଦେବାର ଗତି ନ ଧଇଲେ, ଏକଆଡ଼େ ହୁଏତ ସମାଲୋଚନାର ବିରୋଧ ଡ଼ରିଯିବ ଓ ଅନ୍ୟଆଡ଼େ ଲୋକେ ଅନ୍ଧ ହୋଇଯିବେ, ଫଳରେ ସମସ୍ତେ ନୈତିକତା ହରାଇ ଭ୍ରଷ୍ଟ ଓ ନଷ୍ଟ ହୋଇଯିବେ । କିମ୍ବା ପାରିଲେ, ବିଦ୍ରୋହ କରି ତା'ର ଫଳାଫଳ ଭୋଗ କରିବାକୁ ବାହାରି ପଡ଼ିବେ । ସବୁ ପୁଣି ବିଶୃଂଖଳ ହେବ ।

ରାଷ୍ଟ୍ର ସଂଘରୁ ପାକିସ୍ଥାନ ଯାଏ ଗତି –

ଦେଖ ଆଜି କ'ଣ ହୋଇଚି ? ସ୍ପଷ୍ଟ ଜଣା ନ ପଡ଼ିଲେ ମଧ୍ୟ, ଫଳାଫଳ ଆରମ୍ଭ ହୋଇ ଗଲାଣି । କଥାଟିକୁ ବିଶ୍ଳେଷଣ କରି ଦେଖାଯାଉ । ୧୯୩୫ର ଆଇନ, ଭାରତର ରାଷ୍ଟ୍ରସଂଘ କଳ୍ପନା କରିଥିଲେ । ସେଥିରେ ହିନ୍ଦୁ, ମୁସଲମାନ ଦେଶୀରାଜ୍ୟ ସମସ୍ତେ ଏକାଠି ବସି ରାଷ୍ଟ୍ର ଚଳାଇବାର ବିଧାନ ଥିଲା। ମୁସଲମାନ ବା ଦେଶୀରାଜ୍ୟ, ପୂରାପୂରି ମାନନ୍ତୁ ନ ମାନନ୍ତୁ, କଂଗ୍ରେସ ମାନି ଯାଇଥିଲେ, ଇଂରେଜ ଆଇନର ସେ ଭାଗଟି କାର୍ଯ୍ୟରେ ପରିଣତ କରି ଚଳାଇ ଦେଇଥାନ୍ତେ। ପୁଣି ମୁସଲମାନ ଓ ଦେଶୀରାଜାମାନେ

Digitized by PPRACHIN, SOA

ସେତେବେଳକୁ ଏତେ ନିଜର ଭିନ୍ନ ସ୍ୱାର୍ଥ ଫୁଟାଇ ସଂଘବଦ୍ଧ ହୋଇନଥିଲେ । କିଂତୁ କଂଗ୍ରେସ ରାଷ୍ଟ୍ରସଂଘ ଗ୍ରହଣ କଲେ ନାଇ । କହିଲେ, 'ଆମ ମୁସଲମାନ ଭାଇଙ୍କୁ ଯାହା ନ ରୁଚିଲା, ଆମକୁ ତାହା ରୁଚିଲେ ବି ଆମେ ଛୁଇଁବୁ ନାଇଁ ।' ଏହା ରାଜନୀତି ନୁହେଁ । ଏଥିରେ କ୍ରିୟାଶୀଳ ପୁରୋଦୃଷ୍ଟି ନାଇ । ତଥାପି ଏହାଇ କରାହେଲା । ସମସ୍ତେ କେନ୍ଦ୍ରରେ ଏକାଠି ହୋଇ ଦେଶର ପରିସ୍ଥିତି ଓ ଭବିଷ୍ୟତକୁ ସହଯୋଗରେ ନିୟମିତ କରିବା କାର୍ଯ୍ୟରେ ଭାରତ ଜାତୀୟତା ଅଭ୍ୟାସ କରିବାର, ସେ ସୁଯୋଗ ଗଲା । ତା ଉତ୍ତାରୁ ୧୯୩୭ର ପ୍ରାଦେଶିକ ମନ୍ତ୍ରିତ୍ୱ । ସେତେବେଳକୁ ମୁସଲିମଲିଗ୍ ରାଜନୀତିକ କାର୍ଯ୍ୟକ୍ଷେତ୍ରରେ ମାତ୍ର ଅଙ୍କୁରିତ ହୋଇଚି । ଏତେବେଳେ କଂଗ୍ରେସ ମୂଳରୁ ଲୀଗ୍‌ମନସ୍ତତ୍ତ୍ୱର ପରିଣତି କଳନା କରି, ସେଇ ମନୋଭାବ - ଭାବିତ ଲୋକଙ୍କୁ ଧରି ସବୁ ପ୍ରଦେଶରେ ମିଳିତ ମନ୍ତ୍ରିମଣ୍ଡଳ କରିପାରିଥାନ୍ତେ । କୌଶଳରେ ଆଉ ଟିକିଏ ଦୂରକୁ ଯାଇ ମଧ, ଦେଶୀ ରାଜ୍ୟର ରାଜାଙ୍କ ସଂଗେ ଯୋଗସୂତ୍ର ରଖି ପାରିବା ଭଳି ଲୋକଙ୍କୁ ସେ ମିଳିତ ମନ୍ତ୍ରିମଣ୍ଡଳରେ ମିଶାଇ ମଧ ପାରିଥାନ୍ତେ। ମାତ୍ର କଂଗ୍ରେସ ସେ ଆଡକୁ ଆଖି ଦେଲେ ନାଇ । ୧୯୩୫ର ମୁସଲମାନ-ପ୍ରୀତି ଯଥାର୍ଥ ପ୍ରଦେଶର ମନ୍ତ୍ରିତ୍ୱଭୋଗ ବେଳକୁ କାର୍ଯ୍ୟରେ ଦେଖାଗଲା ନାଇ । କ୍ରମେ ମୁସଲିମ୍ ଲୀଗ୍ ଜାଗ୍ରତ ହେଲା । 'ହିନ୍ଦୁ' ମନ୍ତ୍ରୀମାନେ ତଥା 'ହିନ୍ଦୁ' କଂଗ୍ରେସ, ମୁସଲମାନ ଜନତା ଓ ମୁସଲମାନ ମନ୍ତ୍ରୀଙ୍କ ଉପରେ କରୁଥିବା ସତ ମିଛ ଅତ୍ୟାଚାର ଫର୍ଦମାନ ପ୍ରକାଶ ପାଇଲା । କଂଗ୍ରେସ ଓ କଂଗ୍ରେସ ମନ୍ତ୍ରୀମାନେ ଯୁକ୍ତିବାଦ ଧରି ତାର ନିଷ୍ଫଳ ପ୍ରତିକାର କରିବାରେ ଲାଗିଲେ । ବାସ୍ତବ କଳନାରେ ଆଭିମୁଖ୍ୟ ଫିଟିଲା ନାଇ । ଏଣେ କଂଗ୍ରେସ ଭିତରେ ମଧ ଶାସନଗତ ଶୃଂଖଳା ମାତି ଉଠିଲା । ଡ଼ାକ୍ତର ଖାରେଙ୍କ ଠାରୁ ନେତାଜୀ ସୁଭାଷଙ୍କ ପର୍ଯ୍ୟନ୍ତ ଦୃଷ୍ଟାନ୍ତମାନ ଦେଶଆଗରେ ଦେଦିପ୍ୟମାନ ହେଲା । ଅନେକଙ୍କର କଂଗ୍ରେସ ଶ୍ରଦ୍ଧା, ଭୟ ଓ ଶଂକାରେ ପରିଣତ ହେଲା । ମୁସଲମାନଙ୍କ ଭଳି ସଂପ୍ରଦାୟଭାବ-ଭାବିତମାନେ ଏହା ଦେଖିଲେ; ହୁଏତ ଦେଖି ସାହସ ହରାଇଲେ ଓ ଆଉରି ଡ଼ରିଗଲେ । ଫଳରେ ୧୯୪୦ର ପ୍ରସିଦ୍ଧ ପାକିସ୍ଥାନ ପ୍ରସ୍ତାବ ।

ଯୁଦ୍ଧପରେ ପରିସ୍ଥିତି –

ତାପରେ, ଯୁଦ୍ଧବେଳ ଭିତରର ପରିସ୍ଥିତି କହିବା ଦରକାର ନାଇ। ସେଇ ପରିସ୍ଥିତିରେ ମୁସଲମାନଙ୍କ ସଙ୍ଗେ କେନ୍ଦ୍ର ଓ ପ୍ରଦେଶରେ ମିଳିତ ମନ୍ତ୍ରିମଣ୍ଡଳ ଗଢ଼ି ରାଜ୍ୟ ଚଳାଇବାର ସୁବିଧା ବାରମ୍ବାର ଆସିଥିଲା । କିଂତୁ କେବଳ ନିରାଟ ହେତୁବାଦ ଧରି ରାଜନୀତିକ ପଙ୍କାରେ ହୁଡ଼ିବା ଛଡା ଆଉ କିଛି ହୋଇନାଇଁ । ଲର୍ଡ ଲିନ୍‌ଲିଥ୍ ଗୋ ଆଉ ଯାହା ହୁଅନ୍ତୁ, ଆମେ ଜାଣୁ, ୧୯୪୩ ପର୍ଯ୍ୟନ୍ତ ଭାରତରେ କେନ୍ଦ୍ରରେ ରାଷ୍ଟ୍ରସଂଘ ଓ

Digitized by PPRACHIN, SOA

ତାହାରି ସମନ୍ୱୟରେ ପ୍ରଦେଶରେ ମିଳିତ ମନ୍ତ୍ରିମଣ୍ଡମାନ ବସାଇଦେବାକୁ ଚାହିଁ ବସିଥିଲେ । ତାର ମଧ୍ୟ ବିଶେଷ କାରଣ ଥିଲା, ନିଜେ ଲର୍ଡ଼ ଲିନ୍‌ଲିଥ ଗୋ ୧୯୩୫ ଆଇନର ରାଷ୍ଟ୍ରସଂଘ ଓ ପ୍ରଦେଶସ୍ୱାତନ୍ତ୍ର୍ୟ, କଳ୍ପନା କରି ଆଇନରେ ପରିଣତ କରିବାରେ ଜଣେ ମୁଖ୍ୟ ଥିଲେ ।

ଏବର ଗତି –

ସେ ଯାହା ହେଉ, କଂଗ୍ରେସ ଏ ସବୁ ପନ୍ଥା ଛାଡ଼ି, ଖାଲି ନିଜର ଭାରତ-ଜାତୀୟତା ଭାବ ଓ ଆଦର୍ଶ ଉପରେ ନିର୍ଭର କରି ଚାଲିଛନ୍ତି। ଆଜି କେନ୍ଦ୍ରରେ ଅସ୍ଥାୟୀ ଶାସନ ବସିଛି । କିଂତୁ ଏହା ଜାତୀୟ ସରକାର ହୋଇ ନାଇ । କଂଗ୍ରେସ ଓ ମୁସଲମାନ ଦୁହେଁ ସେଥିରେ ଅଛନ୍ତି । କିଂତୁ କେହି କାହାରି ଖାପ ଖାଉନାହାନ୍ତି । ଏଣେ ବିଧାୟକ ସଭା ଚାଲିଛି । ମୁସଲମାନ ସେଥିରେ ନାହାନ୍ତି – ରହିବାର ଆଶା ବି ନିକଟରେ ଥିଲାପରି ଦେଖାଯାଉନାଇ । ଦେଶୀରାଜ୍ୟମାନେ ପୁଣି ମୁସଲମାନଙ୍କ ପନ୍ଥା ଧରିବା ଉପରେ । କାର୍ଯ୍ୟରେ କଂଗ୍ରେସ ଏବେ ଏକା । କଂଗ୍ରେସ ଭିତରେ ମଧ୍ୟ ଦଳକୁ ନିସନ୍ଧା କରୁ କରୁ ଗତି କ'ଣ ହେବ, ଏବେ କହିବା କଠିନ । ଏଥିରେ ଦୁଇଟି ବାଟ ଦେଖାଯାଉଛି ।

୧–ପରମ୍ପରାର ବୀର ଧର୍ମରେ ଚାଲ –

କଂଗ୍ରେସ ଏକା ହୁଅନ୍ତୁ, ଦୋକା ହୁଅନ୍ତୁ, ଦଳ ହୁଅନ୍ତୁ, ଚକ୍ର ହୁଅନ୍ତୁ ବା ବ୍ୟକ୍ତି ହୁଅନ୍ତୁ, କୁଆଡ଼କୁ ନଚାହିଁ ଆଗକୁ ଚାଲନ୍ତୁ । ଅନ୍ତତଃ ୬।୭ଟି ପ୍ରଦେଶରେ ହେଲେ, ଯେ କୌଣସି ପ୍ରକାରେ, ହିଟଲରୀ ହେଉ, ଷ୍ଟାଲିନ ହେଉ, ଆଟଲୀୟ ହେଉ, ଚର୍ଚ୍ଚିଲ ହେଉ, ରୁଜଭେଲ୍‌ଟୀ ହେଉ, ଟ୍ରୁମ୍ୟାନୀ ହେଉ, କିମ୍ବା ଆଉ କିଛି ହେଉ, ଏକ ସ୍ୱାଧୀନ ଭାରତର ପ୍ରତିଷ୍ଠା କରନ୍ତୁ । ହୁଏତ ଏଥିରେ ଭାରତର ଲୋକେ ଯଥାର୍ଥରେ ଏବେ ସ୍ୱାଧୀନ ହେବେ ନାହିଁ । ନ ହୁଅନ୍ତୁ । ଦିନେ ହେବେ । ଭାରତ ଆଗ ଭାରତ ହେଉ । ଅବଶ୍ୟ ଯୁଦ୍ଧ ଆଉ ସାକ୍ଷାତ ଇଂରେଜଙ୍କ ସଙ୍ଗେ ନୁହେ । ଏ କଥା ମନେ ରଖି ଦୃଢ଼ ଭାବରେ ଚାଲିଲେ, ମହାତ୍ମାଜୀଙ୍କ କଥାରେ ଯେ ଆଜି ନ ଆସିବେ, ସେ କାଲି ଆସିବେ । ଯଥାର୍ଥ ସ୍ୱାର୍ଥନାଶର ଭୟ ସବୁରି ଅଛି । ପୁଣି କୃତିତ୍ୱର ଆକର୍ଷଣ କମ୍ ବଳଶାଳୀ ନୁହେଁ । ନିତାନ୍ତ ନହେଲା ବେଳକୁ, ବୀର ସବରକରଙ୍କ କଥାରେ କହିଲେ କୁହାଯିବ, "ଯେଉଁ ଭାରତ ପାଟଳୀପୁତ୍ରରୁ ବାହାରି ମହାବୀର ଆଲେକଜାଣ୍ଡରଙ୍କ ଦାୟାଦମାନଙ୍କ ଠାରୁ ପାରସ୍ୟ ପର୍ଯ୍ୟନ୍ତ ରାଜ୍ୟ ଆପଣାର କରିପାରିଥିଲା, ସେ ଭାରତର ପାକିସ୍ଥାନ [ବା ରାଜସ୍ଥାନ] କୁ ଭୟ ନାଇ ।" ଏ ହେଉଛି, ପରମ୍ପରାର ବୀର ଧର୍ମ । ମୂଳରୁ ବୈଧାନିକ ବିଧିରେ ରାଜନୀତିକ କୃତିତ୍ୱ କଳନା ନ କରି ଯେଉଁ କଂଗ୍ରେସ ନିଜ ଗୋଡ଼ରେ ଛିଡ଼ା ହୋଇ ଏକମୁହାଁ ହୋଇ ଚାଲିଛନ୍ତି, ସେ ସେ ପନ୍ଥା ଧରନ୍ତୁ। ଏହା ହିଁ ସଂଘର୍ଷରେ ପ୍ରଗତି ।

Digitized by PPRACHIN, SOA

୨- କିମ୍ବା ନୀତି ଓ ଗତି ବରାବର ବଦଳାଅ -

ଅନ୍ୟାନ୍ୟ ବୈଧାନିକତାକୁ ଧରି ପ୍ରଗତି । ଏ ଭୋଗବେଳେ କଂଗ୍ରେସ ନିସନ୍ଧା ଲଢୁଆ ଦଳ ଗଢ଼ିବା ବୁଦ୍ଧିକୁ ଆଗ ଛାଡନ୍ତୁ । କଂଗ୍ରେସ କେବେ ରାଜ୍ୟଭୋଗ କରିବା ପାଇଁ ଦଳ ନଥିଲା । ଏବେ ନୁହେଁ । ସ୍ୱାଧୀନତା ଅର୍ଜିବାରେ ଲାଗିଥିବା କଂଗ୍ରେସର ନାମରେ ଲୋକେ ବଡ଼ ମୁଗ୍ଧ ଓ ଅନ୍ଧ । ତ୍ୟାଗୀ ପ୍ରତି, ପର ପାଇଁ ସହିବା ଲୋକ ପ୍ରତି, ଜନସାଧାରଣର ଏ ମୁଗ୍ଧତା ଓ ଏ ଅନ୍ଧତ୍ୱ ସ୍ୱାଭାବିକ ଓ ସ୍ପୃହଣୀୟ ମଧ୍ୟ । କିନ୍ତୁ ସେ ପ୍ରକାରର ତ୍ୟାଗ ଓ ସହିଷ୍ଣୁତା ଆଜି କଂଗ୍ରେସରେ ନାଇ - ଦରକାର ବି ନାଇ । ଏହା ଅସ୍ୱୀକାର କରିବା ଜିନିଷ ନୁହେ । ସେଥିପାଇଁ କଂଗ୍ରେସର ନୀତି, ପ୍ରକୃତି ଓ ପନ୍ଥା ବଦଳାଇ ଏହାକୁ ନୂଆ କରି ଗଢ଼ିବାକୁ ହେବ । ସ୍ୱାଧୀନତାକୁ ଭୋଗ କରିବା ପାଇଁ, ଜାତିକୁ ତିଆର କରିବା ପାଇଁ, ସବୁ ଦଳ, ମତ, ସ୍ୱାର୍ଥ ଓ ସଂପ୍ରଦାୟକୁ ନୀତି ଓ କ୍ରିୟାରେ ପୂରା ଅବକାଶ ଦେବାକୁ ହେବ । ସେଇ ଭିତ୍ତି ଉପରେ ବିଜ୍ଞ, ସମର୍ଥ, କର୍ମଠ, ସମଦର୍ଶୀ, ସର୍ବୋପରି ଯଥାର୍ଥ ତ୍ୟାଗୀ ଓ ପରପ୍ରାଣ ଲୋକ ଯେପରି ବଛା ହୋଇ କର୍ମକ୍ଷେତ୍ରରେ ଯୋଗଦେବେ, ତାର ବାଟ ଫିଟାଇବାକୁ ହେବ । ବ୍ୟକ୍ତିମାତ୍ରେ କିପରି ପୂର୍ଣ୍ଣ ସ୍ୱାଧୀନତାକୁ ନିଜର କରିବେ ଓ ନିଜର ବୋଲି ବୁଝି ଭୋଗ କରିବେ, ପୁଣି ସେଇ ବୁଦ୍ଧିରେ ନୂତନ ରାଜ୍ୟ ଗଢ଼ିବାରେ ଲାଗିବେ, ତାହା ବି ଦେଖିବାକୁ ହେବ । "କଂଗ୍ରେସ", "କଂଗ୍ରେସ" ବୋଲି ଖାଲି ଭୋଟ ମାଗିବାରେ ଆଭିମୁଖ୍ୟ ଓ ଲୋଭ ଛାଡ଼ିବାକୁ ହେବ। କଂଗ୍ରେସ ଏହିପରି ରହିଲେ, ଏଇ ଭୋଟ ମାଗିବାରେ ଲଗାଇବା ଛଡ଼ା, ଏହାର ଆଉ କିଛି ମୂଲ୍ୟ ବା ଉପଯୋଗିତା ବିଶେଷ ରହିବ ନାଇ । ବରଂ ଇତିହାସ- ପ୍ରସିଦ୍ଧ ଏଇ ପବିତ୍ର ମହନୀୟ ନାମର ସେଥିରେ ଏଣିକି ଅପବ୍ୟବହାର ହେବ । ଏ ଅପବ୍ୟବହାରର ପନ୍ଥା ବନ୍ଦ କରିବାକୁ ହେବ । ଏପରି କି, ଦରକାର ବିବେଚିତ ହେଲେ, ଏଇ ଚିର ପ୍ରିୟ ନାମଟି ବଦଳାଇବାକୁ ହେବ । କିଂବା ଏଇ ନାମରେ ଗୋଟିଏ ମାତ୍ର ରାଜନୀତିକ ଦଳ ରହିଯିବ । ବସ୍ତୁରହିଁ ନାମ । ବସ୍ତୁଗଲେ, ନାମ ପ୍ରତି ପ୍ରାଣର ଦରଜ ଥାଇପାରେ; କିଂତୁ ରାଜନୀତିର ନିଷ୍ଠୁର ଗଣନାରେ ସେ ଦରଜକୁ ମୋହ ଓ ମାଦକତା ବୋଲି ବୁଝି ତା ଉପରକୁ ଉଠିବାକୁ ହେବ । 'ସ୍ୱାଧୀନ ଭାରତ ଦଳ' 'ଗଣତନ୍ତ୍ର ଦଳ' ବା 'ଜଣ-ତନ୍ତ୍ର ଦଳ' ଅଥବା ଏଇଭଳି କିଛି ନାମ ଦେଇ ଏବେ ଦଳ ମଧ୍ୟ ଗଢ଼ାଯାଇ ପାରେ । ତଥାପି ସେଥିରେ ପୁଣି କିପରି ମୁସଲମାନଙ୍କ ଠାରୁ ଦେଶୀ ରାଜ୍ୟ ପର୍ଯ୍ୟନ୍ତ ସମସ୍ତେ ଶଂକା, ସଂକୋଚ ଛାଡ଼ି ମିଶିବେ, ତାର ବ୍ୟବସ୍ଥା ପୁଣି ଦୁଃସାଧ୍ୟ ହେଲେବି କରିବାକୁ ହେବ । ପ୍ରାଦେଶିକ ସ୍ୱାତନ୍ତ୍ର୍ୟରେ ଆଦୌ ବାଧା ନ ଦେଇ କେନ୍ଦ୍ର ସଙ୍ଗେ ପ୍ରଦେଶମାନଙ୍କରେ ଏବେ ମିଳିତ ଜାତୀୟ ସରକାରମାନ ଗଢ଼ି ସମସ୍ତଙ୍କ ପୂରା ଓ ଅନାବିଳ ସହଯୋଗରେ ଶାସନମାନ ଚଳାଇବାକୁ

Digitized by PPRACHIN, SOA

ହେବ । ସେଇ ସହଯୋଗ ପୁଣି ବାସ୍ତବ ଆନ୍ତରିକ ହେବାର ବାଟ ଖୋଜି ଫିଟାଇବାକୁ ହେବ । ଯଥାର୍ଥ କାର୍ଯ୍ୟରେ ସହଯୋଗ ଓ ଆତ୍ମୀୟତା ଫୁଟେ । ଖାଲି ଶୁଖିଲା କଥାବାର୍ତ୍ତା, ଚୁକ୍ତିଯୁକ୍ତିରେ ତାହା ହୁଏ ନାଇ । ଏହାହିଁ ଶାନ୍ତିର ପନ୍ଥା ।

ନୂଆପ୍ରସ୍ଥ-୧/୪, ଆଲୋଚନା

ଇଂଲଣ୍ଡ ପ୍ରଧାନମନ୍ତ୍ରୀଙ୍କ ନୂଆ ଘୋଷଣା

ଇଂରେଜ ଭାରତ ଛାଡ଼ି ଦେବେ କାହାକୁ :-

ଫେବୃଆରୀ ୨୦ ତାରିଖରେ ଇଂରେଜ ପ୍ରଧାନମନ୍ତ୍ରୀ ଆଟଲୀ ସାହେବ ଭାରତ ସମ୍ବନ୍ଧରେ ଘୋଷଣା ପ୍ରକାଶ କରି ପାର୍ଲିଆମେଣ୍ଟରେ କହିଦେଲେ – '୧୯୪୮ର ଜୁନ୍‌ମାସ ବେଳକୁ ଇଂରେଜମାନେ ଭାରତ ଛାଡ଼ିଦେବେ । ଏ ମଧ୍ୟରେ ଭାରତ ଲୋକେ ଶାସନ ବିଧାନ ତିଆରି କରନ୍ତୁ । ଇଂରେଜ ଶାସନ ଛାଡ଼ିଦେଲା ବେଳକୁ ଭାରତରେ ସେତେବେଳେ ପଛରେ ଲୋକମତ ଘେନି ଯେ ଉପସ୍ଥିତ ଥିବ, ତା ହାତକୁ କ୍ଷମତା ଛାଡି ଦିଆଯିବ । ଗୋଟା ଭାରତ ପାଇଁ ଲୋକମତ ପଛରେ ରଖି କେହିଥିଲେ, ସେ ସାରା ଇଂରେଜ ଭାରତର କ୍ଷମତାଟା ପାଇବେ । ତା ନହେଲେ, ହିନ୍ଦୁସ୍ଥାନ ଓ ପାକିସ୍ଥାନ, ଏପରି ଅଲଗା ଅଲଗା ଥିବା ଅଂଚଳମାନଙ୍କର ପ୍ରତିନିଧିମାନଙ୍କ ହାତକୁ କ୍ଷମତା ଦିଆଯିବ । ଅଥବା, ପ୍ରଦେଶମାନଙ୍କୁ ଗୋଟି ଗୋଟି କରି କିଂବା ଦରକାର ହେଲେ, ଅଞ୍ଚଳ ମାନଙ୍କୁ ଧରି ଯେଉଁ ସରକାରମାନେ ଥିବେ, ତାଙ୍କ ହାତକୁ କ୍ଷମତା ଦିଆଯିବ ।'

ଦେଶୀ ରାଜାମାନେ ଆଗ ରାଜ୍ୟ ଧରି ରହିବେ –

ଦେଶୀ ରାଜ୍ୟମାନଙ୍କ ସଂବର୍ନ୍ଧରେ ସେ ଯାହା କହିଲେ ତାହାର ମର୍ମ ହେଉଚି, ଇଂରେଜମାନେ ଯେଉଁ ସାର୍ବଭୌମ କ୍ଷମତା ସେଠାରେ ଚଳାଉଥିଲେ, ତାହା ସେମାନେ ଦେଶୀରାଜ୍ୟର ରାଜାଙ୍କ ଠାରୁ ନେଇଥିଲେ । ସେ ସାର୍ବଭୌମ କ୍ଷମତା ମଧ୍ୟ ସେ ଛାଡ଼ି ଦେଇ ଯିବେ । ସେତେବେଳକୁ ମନକୁ ତା ଦେଶୀ ରାଜ୍ୟର ରାଜାମାନଙ୍କ ହାତକୁ ପୁଣି ଆସିଯିବ । ତେଣିକି ଦେଶୀରାଜ୍ୟର ରାଜାମାନେ ଯାହା ସଂଗେ ଯେପରି ବ୍ୟବସ୍ଥା କରିବେ, କରନ୍ତୁ । ଇଂରେଜ କିଂତୁ ଦେଶୀରାଜ୍ୟର ସାର୍ବଭୌମ କ୍ଷମତା ଭାରତର ଏବ ଇଂରେଜ ଅଞ୍ଚଳର କୌଣସି ସରକାରଙ୍କ ହାତେ ଦେଇଯିବେ ନାଇ । ଏ ସାର୍ବଭୌମ କ୍ଷମତା ଯାହାଙ୍କ ମାଲ, ତାଙ୍କ ହାତକୁ ଚାଲିଯିବ ।

ଆଗରୁ ଇଂଲଣ୍ଡ ସଙ୍ଗେ ସନ୍ଧି ହେବ

ଏ ମଧ୍ୟରେ ଅର୍ଥାତ୍ ୧୯୪୮ ଜୁନ୍‌ରେ ଭାରତର ସବୁ କ୍ଷମତା ଛାଡ଼ିଲା ବେଳକୁ ଇଂରେଜଙ୍କର ଭାରତ ସରକାର ବା ସରକାରମାନଙ୍କ ସଂଗେ, ପୁଣି ଦେଶୀ ରାଜ୍ୟମାନଙ୍କ ସଂଗେ ସନ୍ଧିମାନ ହୋଇଯାଇଥିବ ।

Digitized by PPRACHIN, SOA

ଭାରତରେ ଇଂରେଜ ଆଉ ରହି ପାରନ୍ତେ ନାଇ –

ଇଂରେଜ ଭାରତକୁ ଛାଡ଼ି ଯିବା କଥା, ନୂଆ କଥା ନୁହେଁ । ଅଭ୍ୟାସ ଦୋଷରେ ବା ଅନ୍ୟ କାରଣରୁ ଆଉ ଯେ ଯାହା କହନ୍ତୁ, ଆମେ ତିନି ମାସ ତଳୁ କହି ଆସୁଛୁ, (ଗଲା ଦ୍ୱିତୀୟ ସଂଖ୍ୟାର ଆଲୋଚନା' ଦେଖ) "ଭାରତ ସ୍ୱାଧୀନ ହୋଇଚି । ଇଂରେଜ, ଭାରତକୁ ଛାଡ଼ିଚନ୍ତି । ହୁଏତ ଇଚ୍ଛା କରି ଛାଡି ନାହାନ୍ତି । ଜାତୀୟ ବାହିନୀର ଦଣ୍ଡ ସମ୍ବନ୍ଧରେ ଇଂରେଜ-ଭାରତର ଭାରତୀୟ ସେନା ଭିତରେ ଯେ ମତାମତ ସ୍ପଷ୍ଟ ଓ ନିର୍ଭୀକଭାବରେ ପ୍ରକାଶ ପାଇଲା, ବମ୍ବେ ଭାରତୀୟ ନୌସେନାର ନାୟକଙ୍କ ଭିତରେ ଯେ ବିଦ୍ରୋହ ଦେଖାଗଲା, ଦିଲ୍ଲୀର ପୁଲିସ ଭାରତ ସରକାରଙ୍କ ବିରୁଦ୍ଧରେ ଯେ ଦୁର୍ଦ୍ଦମ ଧର୍ମଘଟ କଲେ, ସେଥିରେ ଓ ସେଇଭଳି ଘଟଣାମାନ ଦେଖି ଓ କଳନା କରି ଭାରତକୁ ନ ଛାଡ଼ି ଆଉ ଏଠି ରହିବାକୁ ଇଂରେଜ ସାହସ କଲେ ନାଇ । ଏ ସବୁ ସତ୍ତ୍ୱେ ମାନିବାକୁ ହେବ, ସଞ୍ଚିତ ନ୍ୟସ୍ତ-ସ୍ୱାର୍ଥ-ସେବୀ- ବିଶେଷରେ ସାମ୍ରାଜ୍ୟ-ସେବୀ-ପକ୍ଷରେ ଏପରି ସଂକେତରୁ ଫଳାଫଳ କଳନା କରି ଦୂରଦୃଷ୍ଟିରେ ବାଟ କାଟିବା ସହଜ କଥା ନୁହେ । ତେଣୁ ମନସ୍ତତ୍ତ୍ୱ ବୁଝିବା ଲୋକେ କହିବେ, ଇଂଲଣ୍ଡର ଏବ ଶ୍ରମିକ ସରକାର ଭାରତ ସମ୍ବନ୍ଧରେ ଯାହା କଲେ, ତାହା ଆଶାତୀତ, କଳ୍ପନାତୀତ ଓ ଇତିହାସରେ ତାହାର ଦୃଷ୍ଟାନ୍ତ ନାଇ କହିଲେ ଚଳେ ।"

ଭାରତମନ୍ତ୍ରୀ ଏବେ ସେଇଆ କହିଲେ –

ଆମର ଏ କଥାରେ ସେତେବେଳେ ଅନେକେ ଅନେକ ପ୍ରକାର ଭାବିଥିବେ । କିଂତୁ ଗଲା ୨୦ ତାରିଖରେ ହୋଇଥିବା ଆଟଲୀ ସାହେବଙ୍କ ଘୋଷଣା ଉପରେ ବିଲାତ ପାର୍ଲିଆମେଣ୍ଟର ଲର୍ଡ଼ ସଭାରେ ୨୬ରେ ଯେଉଁ ଆଲୋଚନା ହୋଇଥିଲା, ସେଥିରେ ଭାରତମନ୍ତ୍ରୀ ଲର୍ଡ଼ ପେଥିକ ଲରେନସ୍ ଠିକ୍ ଆମରି କଥା କହିଚନ୍ତି । ସେ କହିଚନ୍ତି, ଭାରତରେ ଅବସ୍ଥା ଯାହା ହେଲାଣି, ସେଥିରେ ଭାରତରେ ଶାସକ ଭାବରେ ଆଉ ରହି ହେବ ନାଇ । ତେଣୁ ୧୯୪୮ ସାଲ ଜୁନ୍ ପର୍ଯ୍ୟନ୍ତ ସମୟ ନେବା କଥାଟା ତରତରରେ ଛାଡ଼ି ଆସିବା ବ୍ୟବସ୍ଥା ନୁହେଁ । ଆଉ ଅଧିକ ସମୟ ଭାରତରେ ଶାସକ ଭାବରେ ରହିବାକୁ ଗଲେ, ସେନା ଓ ଅନ୍ୟାନ୍ୟ ପରିସ୍ଥିତି ଘେନି ଅନ୍ୟ ବ୍ୟବସ୍ଥା କରିବାକୁ ପଡ଼ିବ । ତେଣୁ ଇଂଲଣ୍ଡର ସରକାର ସଅଳ ବା ତରତରରେ ଛାଡ଼ି ଆସୁ ନାହାନ୍ତି । ନ ଛାଡ଼ି ଧୀମେଇଲେ ଯେ ଭୀଷଣ ଅବସ୍ଥା ହେବ, ତାକୁ କଳନା କରି ଛାଡି ଆସୁଚନ୍ତି ।

ଏଣିକି କ'ଣ କରାଯିବ –

ମୁସଲିମ ଲୀଗ୍ କଥା –

ତେଣୁ ଇଂରେଜ ଛାଡିଯିବା କଥାରେ ଆଉ ସଂଦେହ କରିବାର ନାଇ । ସେମାନେ ଛାଡିଗଲା ବେଳେ ଅବସ୍ଥା କ'ଣ ହେବ, ତାହାଇ ଏବେ ଭାବିବାର କଥା । ଅବସ୍ଥା

Digitized by PPRACHIN, SOA

ଏପରି ହୋଇପାରେ, ଇଂରେଜମାନେ ଶାସକ ଭାବରେ ନ ରହିଲେ ମଧ୍ୟ ତାଙ୍କର ପ୍ରଭାବ ରହିପାରେ । ପ୍ରଥମ କଥା, ସାଂପ୍ରଦାୟିକ ବିବାଦ । ଏ କ୍ଷେତ୍ରରେ କଂଗ୍ରେସ କି ପନ୍ଥା ଧରିବେ, ଠିକ୍ କରନ୍ତୁ । ଯେବେ କିଛି ନ ମାନି ଆଦର୍ଶବାଦରେ ଚାଲିବେ, ତେବେ ଏଣିକି ଗୃହଯୁଦ୍ଧ ପାଇଁ ପ୍ରସ୍ତୁତ ହୁଅନ୍ତୁ । ନତୁବା ମୁସଲିମ୍ ଲୀଗ୍‌କୁ ଆପଣାର କରିବା ଭଳି ସ୍ପଷ୍ଟ ଓ ବିଶ୍ୱାସଜନକ କ୍ରିୟା ପନ୍ଥା ଧରନ୍ତୁ । ସେଇ କ୍ରିୟା - ପନ୍ଥା ହେଉଚି, ଆଗ ନିଜ ଭିତରେ ସବୁ ଦଳ, ମତକୁ ଜନମତ ବୋଲି ଖାତିର କରି ତାଂକ ସଙ୍ଗେ ମିଳିମିଶି ବିଶ୍ୱାସ ଜନ୍ମାଇ କାମ କରିବା । ଯାହା କଷ୍ଟ ପଡୁ ପଛକେ, ଭିନ୍ନ ଭିନ୍ନ ମତବାଦୀ ଓ ବିଶେଷରେ ମୁସ୍‌ଲିମ୍ ଲୀଗ୍‌କୁ ଧରି ପ୍ରଦେଶ ମାନଙ୍କରେ, ବିଶେଷରେ ହିନ୍ଦୁ - ବହୁଳ ପ୍ରଦେଶ ମାନଙ୍କରେ, ମିଳିତ ମନ୍ତ୍ରିମଣ୍ଡଳମାନ ବସାଇଦେବା । ଏ କ୍ଷେତ୍ରରେ ବହୁତ ଭୁଲ କରାଯାଇଚି । ଏବେ ମଧ୍ୟ ସେ ଭୁଲ ସଂଶୋଧନ କରାଯାଇପାରେ। ଅତିଶୀଘ୍ର ତା କରାଯାଉ । 'ଆମେ ଯାହା କରିବୁ ହେବ', 'ଆଉ କେହି କିଛି ବୁଝୁନାହାନ୍ତି।' 'ଆଉ ଯେ ଯାହା କରୁଛନ୍ତି, ସେ ସବୁ ଜାଣି ବା ନ ଜାଣି, ପୂରା ବା ଅଧା, ଦେଶଦ୍ରୋହିତା', ଏ ଭାବ ଛାଡ଼ି ନ ଦେଲେ କେହି ଏତେବେଳେ ଆପଣାର ହେବେ ନାଇ । ଅବସ୍ଥା କ୍ରମେ ଜଟିଳ ହେବ ।

କଂଗ୍ରେସ ନିଜ କାର୍ଯ୍ୟରେ ଅନ୍ୟର ବିଶ୍ୱାସ ଜନ୍ମାନ୍ତୁ -

ତା ନ କରି, ଠିକ୍ ବିପରୀତ ଆଡ଼େ ଗତି ହେଲା ପରି ମନେ ହେଉଚି । ଚେଷ୍ଟା ହେଉଚି, କଂଗ୍ରେସ ଭିତରେ ଯେଉଁମାନେ ପଦ ଓ କ୍ଷମତା ମାଡ଼ି ବସିଛନ୍ତି, ସେମାନଙ୍କ ମତ ଓ କାର୍ଯ୍ୟ ସଂବନ୍ଧରେ ଟିକିଏ ହେଲେ, ସମାଲୋଚନା ପର୍ଯ୍ୟନ୍ତ ନହେଉ । କଂଗ୍ରେସରେ ଏବେ ଯେଉଁମାନେ ପଦ ଧରି ବସିଛନ୍ତି, ସେମାନେ ଅନୁଗ୍ରହ ନ କଲେ କାର୍ଯ୍ୟ କରିବାକୁ ଆଉ କେହି କଂଗ୍ରେସ ଭିତରକୁ ପଶି ପାରିବେ ନାଇ । ଅନ୍ୟ କୌଣସି ମତ ବା ଦଳ କଂଗ୍ରେସରେ ସ୍ଥାନ ପାଇବେନାଇ । ପୁଣି ଅନ୍ୟ ମତ ବା ଦଳର ଲୋକଂକୁ ପଚାରି କାମ କରାହେଉଛି ବୋଲି ଦେଖାଇବା ପାଇଁ ଯାହାଙ୍କୁ ଅନୁଗ୍ରହ କରିବେ ତାକୁଇ ବାଛିବେ । ଉଦାହରଣ ସ୍ୱରୂପ, ବିଧାୟକ ସଭା କମିଟିମାନଙ୍କରେ କଂଗ୍ରେସର ମତକୁ ସଫଳ ସମାଲୋଚନା କଲାଭଳି କୌଣସି ବ୍ୟବସ୍ଥା ହେଉନାଇ । ଧର, ସଂଖ୍ୟାଲଘିଷ୍ଠ କମିଟି Minority Committee। ସେଥିରେ ସଂଖ୍ୟା ଲଘିଷ୍ଠଂକର ସଫଳ ମତ ପ୍ରକାଶ ପାଇଲା ଭଳି ବ୍ୟବସ୍ଥା ନାଇ । ସେଇପରି ଅନ୍ୟାନ୍ୟ କମିଟିମାନ । ଏଥିରେ ଡ଼ରି କରି ବା ଅନ୍ୟ କାରଣରୁ ସାର ହୋମି ମୋଦି, ଫ୍ରାଙ୍କ ଆଣ୍ଟନି, ଏଇଚ୍.ସି.ମୁଖର୍ଜି ଭଳି ଲୋକେ ମୁହଁ ପୋତି ଯୋଗ ଦେଇପାରନ୍ତି । କିନ୍ତୁ କଂଗ୍ରେସକୁ ସମସ୍ତେ ବିଶ୍ୱାସ କରିବା, ବିଶେଷରେ ମୁସଲିମ ଲୀଗ୍ ବିଶ୍ୱାସ କରିବା ଭଳି ବ୍ୟବସ୍ଥା ଏ ନୁହେଁ ।

Digitized by PPRACHIN, SOA

ଦେଶୀ ରାଜ୍ୟ ସଂବନ୍ଧରେ ପନ୍ଥା ଭୁଲ ହେଉଚି –

ପୁଣି ଦେଶୀରାଜ୍ୟ । ଏଠାରେ ମଧ୍ୟ ବୈଧାନିକ ରୀତି ଧରି ଦେଶ ଗଢ଼ିବାକୁ ଯାଉଥିବା କଂଗ୍ରେସ ଲୋକଙ୍କ ଭ୍ରାଂତି, ଆଉରି ଉତ୍କଟ । ଏବେ ବେଶି ଫଳାଇ ନକହି ଏତିକି କୁହାଯାଇପାରେ, ଦେଶୀରାଜ୍ୟର ରାଜାମାନେ ଭଲରେ ହେଉ, ଭୁଲରେ ହେଉ, ସାର୍ବଭୌମ କ୍ଷମତା ଧରି ଆଗ ରହିବେ । ଇଂରେଜଙ୍କ ସଂଗେ ସେମାନେ ଅଲଗା ସନ୍ଧି କରିବେ । ହୁଏତ, ନିଜାମ୍ କିମ୍ୱା ସେଇପରି ବଡ଼ ରାଜ୍ୟମାନେ ସନ୍ଧି ସର୍ତ୍ତରେ ଇଂରେଜ ସେନା ଆଣି ନିଜ ରାଜ୍ୟରେ ପୋଷିବେ । ତାପରେ, ଅବସ୍ଥା କ'ଣ ହେବ ? ବିଶେଷତଃ ଓଡ଼ିଶାରେ, ରାଜାଙ୍କ ସଙ୍ଗେ ଯୁକ୍ତି କରି ପ୍ରଦେଶରେ ମିଶାଇ ଦେବାର ଯେଉଁ ଉଦ୍ୟମ ହେଉଥିଲା ଓ ହେଉଚି, ସେଥିରେ କି ରାଜନୀତିକ ଦୂର ଦୃଷ୍ଟି ଥିଲା ବା ତାହାର ଏବେ କି ପରିଣାମ ହେବ ? ଏପରି ପ୍ରଜାଙ୍କୁ ପଛକୁ ପକାଇ ରାଜାଙ୍କ ସଙ୍ଗେ ଚୁକ୍ତି-ବଦ୍ଧ ହେବାକୁ ଯିବା ପ୍ରାଦେଶିକ ସରକାରଙ୍କ ପକ୍ଷେ ଏବେ ଠିକ୍ କି ନା, ସେକଥା, ଛାଡ଼ି ଦେଲେ ମଧ୍ୟ ଅନ୍ୟ ତୁରନ୍ତ ରାଜନୀତିର ଦୃଷ୍ଟିରେ କଥାଟି ବିଚାର କରାଯାଉ । ଯେଉଁ ରାଜାମାନେ ଇଂରେଜ ରାଜାଙ୍କ ସଙ୍ଗେ ସନ୍ଧି କରିବାକୁ ଡ଼କା ହେଉଛନ୍ତି, ସେ ଓଡ଼ିଶା ମନ୍ତ୍ରୀଙ୍କ ସଙ୍ଗେ କାହିଁକି ଏଇକ୍ଷଣି ଚୁକ୍ତି କରିବାକୁ ଆସିବେ ?

ସାଂପ୍ରଦାୟିକ ଭାଗବଣ୍ଟା କଥା ମନେ ପକାଅ –

ଏଇ ସମ୍ପର୍କରେ ଆଉ ଗୋଟିଏ ଏଇପରି ଘଟଣା ମନେ ପଡୁଚି । ଗଲା ୧୯୩୫ର ଭାରତ ଶାସନ ଆଇନ ତିଆରି ହେଉଥିଲା ବେଳେ, ସାଂପ୍ରଦାୟିକ ଭାଗ ବଣ୍ଟାର ନିଷ୍ପତ୍ତି ଦିଆ ହେବାର ପୂର୍ବରୁ ସ୍ୱର୍ଗତ ପଣ୍ଡିତ ମଦନ ମୋହନ ମାଲବ୍ୟଙ୍କ ଉଦ୍ୟମରେ ଏହ୍ଲାବାଦ ଠାରେ ସାଂପ୍ରଦାୟିକ ମିଳାମିଶା ପାଇଁ ହିନ୍ଦୁ ନେତା ଓ ମୁସଲମାନ ନେତାଙ୍କର ଗୋଟିଏ ସଭା ବସି ବିଚାରରେ ସ୍ଥିର ହେଉଥିଲା, ମୁସଲମାନମାନେ କେନ୍ଦ୍ରରେ ଶତକରା ୩୨ ସଭ୍ୟସଂଖ୍ୟା ପାଇବେ, ଅର୍ଥାତ୍ ଶତକରା ୭ ଅଧିକା ପାଇବେ । ଏ ନିଷ୍ପତ୍ତିଟି ଦସ୍ତକତ୍ ହେବାଯାଏ ଯାଇନଥିଲା । ସେଇଦିନ ରାତିରେ ବିଲାତରେ ସେକାଳ ଭାରତମନ୍ତ୍ରୀ ସାର୍ ସାମୁଏଲ୍ ହୋର୍ (ଏବର ଲର୍ଡ଼ ଟେମ୍ପଲଉଡ) ମୁସଲମାନ ନେତା ଆଗାଖାଁକୁ ଡ଼ାକି କହିଲେ, ମୁସଲମାନଙ୍କୁ ଖାଲି କେନ୍ଦ୍ର ବ୍ୟବସ୍ଥା ସଭାରେ ନୁହେଁ, ତା ଛଡ଼ା ସବୁ ଚାକିରି, ବାକିରିରେ ମଧ୍ୟ ତିନି ଭାଗରୁ ଭାଗେ ଦିଆଯିବ । ଫଳରେ ଭାରତରେ ସାମ୍ପ୍ରଦାୟିକ ସମାଧାନ ହୋଇପାରିଲା ନାଇ ଓ ସାର ସାମୁଏଲ ହୋର୍‌ଙ୍କ ପରାମର୍ଶ ମତେ ସେକାଳ ଇଂରେଜ ପ୍ରଧାନମନ୍ତ୍ରୀ ରାମ୍‌ସେ ମାକ୍ ଡୋନାଲ୍‌ଡ଼ ସାମ୍ପ୍ରଦାୟିକ ଭାଗବଣ୍ଟା କରି ଦେଲେ ।

ଅନ୍ଧପରି ହୋଇ ଇଷ୍ଟ ବୋଲି ଅନିଷ୍ଟ କରନାଇ –

ଏ ସବୁ ରାଜନୀତିର ଚାଲ୍, ଇଂରେଜମାନେ ଖୁବ୍ ଜାଣନ୍ତି । ସେମାନେ ଏଥିରେ ଅଭ୍ୟସ୍ତ । ଆମ ନେତାମାନଙ୍କର ଏ ସବୁ ଚାଲ୍ ସଂଗେ ପରିଚୟ ନାଇ – ଅଭ୍ୟାସ ତ

Digitized by PPRACHIN, SOA

ଦୂରର କଥା । ସେଥିପାଇଁ ଚାରି ଆଡ଼କୁ ଚାହିଁ, କାର୍ଯ୍ୟ କରିବାର ଅଛି । ଏ ସନ୍ଧିକ୍ଷଣରେ କ୍ଷମତା ବା ନିଜ ମତର ଦୃଢ଼ତାରେ ଅନ୍ଧ ହୋଇ କାର୍ଯ୍ୟ କଲେ ଅନିଷ୍ଟ ହେବ ।

ନୂଆପ୍ରସ୍ଥ-୧/୫, ଆଲୋଚନା

ନୂଆ ବଡଲାଟ ମାଉଣ୍ଟବାଟେନ

ଲର୍ଡ ମାଉଣ୍ଟବାଟେନ ଭାରତର ବଡ଼ଲାଟ ହୋଇ ଏବେ ଆସିଲେ । ଏହା ପୂର୍ବରୁ ଥିଲେ ଲର୍ଡ଼ ଓ୍ୟାଭେଲ । ଭାରତକୁ ଠିକ୍ ବାଟରେ ପକାଇ ପୂରା ସ୍ୱାଧୀନତା ଦେଇ ଚାଲିଯିବା କାର୍ଯ୍ୟରେ ଲର୍ଡ ଓ୍ୟାଭେଲ ଠିକ୍ କାମ କରି ପାରିଲେ ନାଇ ବୋଲି କଂଗ୍ରେସର ସନ୍ଦେହ ପ୍ରକାଶ ପାଇଲା । କଂଗ୍ରେସ ଦାବୀ କରିଥିଲେ ଓ୍ୟାଭେଲଙ୍କୁ ଫେରାଇ ନେବାକୁ। ଓ୍ୟାଭେଲ ଫେରିଲେ । ତାଙ୍କ ଜାଗାରେ ଆସିଲେ ମାଉଣ୍ଟବାଟେନ । କଂଗ୍ରେସ ମହଲରେ ଅବଶ୍ୟ ଲୋକେ ଖୁସି ହେଲେ । ତେବେ ରାଜନୀତିକ ଭାବରେ ମାଉଣ୍ଟବାଟେନ କଅଣ କରିବେ, ତା ଏବେ ଦେଖିବାକୁ ହେବ ।

ଇଂରେଜ ୧୯୪୮ ଜୁନ୍ ବେଳକୁ ଭାରତ ଛାଡି ଯିବେ । ଏହି କଥା ଘୋଷଣା ହେବା ପରେ ମାଉଣ୍ଟବାଟେନ ବଡ଼ଲାଟ ହୋଇ ଆସିଲେ ଓ ଓ୍ୟାଭେଲ ଇଂଲଣ୍ଡକୁ ଫେରିଗଲେ । କିନ୍ତୁ ରାଜନୀତିକ ଭାବରେ ଦେଖିଲେ ଏଇ ଦୁଇଟିଯାକ ନିଯୁକ୍ତିରେ ବିଶେଷତ୍ୱ ଅଛି । ଏ ଦୁହେଁଯାକ ସେନାପତି । ଇଂରେଜ ସାମ୍ରାଜ୍ୟର ସେନା ଚାଳନାରେ ଦକ୍ଷ ବୋଲି ଏ ଦୁହିଁଙ୍କର ବହୁମାନ । କିନ୍ତୁ ରାଜନୀତିରେ ଏମାନଙ୍କର କୃତିତ୍ୱ କଣ, ସେ କଥା ଆମେ ଜାଣୁ ନାଇ; ହୁଏତ ଆଉ କେହି ଜାଣନ୍ତି ନାଇ । ଦକ୍ଷିଣ ପୂର୍ବ ଭାରତର ସାମ୍ରାଜ୍ୟ - ସେନାର ନାୟକ ଥିଲେ ଏ ଦୁହେଁ । ସେଇ ପଦରୁ ଦୁହେଁ ଭାରତକୁ ବଡ଼ଲାଟ ହୋଇ ଆସିଲେ । ଓ୍ୟାଭେଲ ଆସିବା ମାତ୍ରେ ବହୁତ ଲମ୍ବା ଲମ୍ବା କଥା କହି ଅଟୋପ ଦେଖାଇଲେ । ସିମଳାରୁ ଲଣ୍ଡନ ଗଲେ, ପୁଣି ଫେରିଲେ । ମୁସଲମାନ ବିଧାୟକ ସଭାକୁ ଆସିବାକୁ ମଙ୍ଗିଲେ ବୋଲି କଂଗ୍ରେସକୁ କହି ମୁସଲିମ୍ ଲିଗ୍‌କୁ ଅସ୍ଥାୟୀ ସରକାରରେ ଭର୍ତ୍ତି କଲେ । ଶେଷକୁ ଜଣାଗଲା ମୁସଲିମ୍ ଲିଗ୍ ସେ କଥାରେ ମଙ୍ଗିନଥିଲେ। ଓ୍ୟାଭେଲ କଥାଟାକୁ ଗୋଳାଇ ପୋଳାଇ ଦେବାକୁ ବସିଲେ । ଏ ସବୁ ଓ୍ୟାଭେଲ ନ ଜାଣି ହୋଇ ଯାଉଥିଲା ବୋଲି ଭାବିବାର କାରଣ ନାଇ । ଲିଗ୍‌ର ମତି ଗତି ଦୃଢ଼ କରିବାରେ ଓ ତାଙ୍କ 'ଲଡ଼କେ ଲେଙ୍ଗେ ପାକିସ୍ଥାନ' (ଲଢ଼ି କରି ପାକିସ୍ଥାନ ନେବୁ) ନୀତି ଓ କ୍ରିୟାର ପ୍ରଶ୍ରୟ ଓ ପ୍ରେରଣା ଦେବାରେ ନିରପେକ୍ଷ ଓ୍ୟାଭେଲ ଦାୟୀ ନୁହନ୍ତି ବୋଲି କହି ହେବନାଇ । ଏବେ ମାଉଣ୍ଟବାଟେନ ଆସୁ ଆସୁ କହିଦେଲେଣି ସେ ଭାରତର ଶେଷ ବଡ଼ଲାଟ ।

ଏହାଛଡା ପୁଷ୍କଳ ଓ ସମୃଦ୍ଧ ଇଂରେଜ ଭାଷାର ପ୍ରକାଶ ଭଙ୍ଗୀ ଲଗାଇ ଜାତୀୟବାଦୀ ଭାରତୀୟଙ୍କ ମନକୁ ଘେନିଲା ଭଳି ଭାଷାରେ ସୂଚନାମାନ ମଧ୍ୟ ଖୁବ୍ ଦେଉଚନ୍ତି ।

Digitized by PPRACHIN, SOA

କଂଗ୍ରେସୀ ଓ କଂଗ୍ରେସ-ଭାବ-ଭାବିତ ବ୍ୟକ୍ତି ଓ ପତ୍ର ପତ୍ରିକାମାନେ ତାଙ୍କ କଥାରୁ ହୁଏତ ବୁଝୁଛନ୍ତି ସେ କୌଣସି ପ୍ରକାରେ କଂଗ୍ରେସ ଓଲିଗ୍ ଦୁହିଁଙ୍କୁ ଧରି ମନାଇ ହେଉ ଧମକାଇ ହେଉ ଏକ ଅଖଣ୍ଡ ଭାରତ ଗଢ଼ି, ତାଙ୍କରି ହାତକୁ ଇଂରେଜଙ୍କ କ୍ଷମତା ଟେକି ଦେବାର ବ୍ୟବସ୍ଥା କରି, ଏକ ଭାରତ ହାତରେ ଭାରତ ଦିଆଇ ଚାଲିଯିବେ । ଏତେ ସହଜରେ ଏହା ହୋଇ ଯିବ ବୋଲି ମନେ ହେଉନାଇ । ଜିନ୍ନା ସାହେବ ପୁଣି ରାଜନୀତିରେ ବିରାଟ ବାସ୍ତବ ବାଦୀ ଓ ନ୍ୟାୟଶାସ୍ତ୍ର ଯୁକ୍ତିପନ୍ଥୀ । ମାଉଣ୍ଟବାଟେନ ମଧ୍ୟ ଦକ୍ଷିଣ ପୂର୍ବ ଏସିଆର ସାମ୍ରାଜ୍ୟ ସେନାର ଅଧିନାୟକ । ସେ ଭାରତର ବଡ଼ଲାଟ ହୋଇ ସେନାପତିର ବେଶ ପର୍ଯ୍ୟନ୍ତ ଛାଡ଼ି ନାହାନ୍ତି । ଇଂରେଜ ଭାରତ ଛାଡ଼ିବାକୁ କହି ଦେଇଛନ୍ତି; ତା ନକହି ଆଉ ବାଟ ନଥିଲା । କିନ୍ତୁ ଦକ୍ଷିଣ ପୂର୍ବ ଏସିଆରେ ଇଂରେଜ ତଥା ଅନ୍ୟ ସାମ୍ରାଜ୍ୟ ସେବୀଙ୍କର ଦୃଷ୍ଟି କୁଆଡ଼େ ? ଇଂରେଜ, ଆମେରିକା ଦୁହେଁ ପୁଣି ପୂର୍ବ, ଦକ୍ଷିଣ ପୂର୍ବ ଏସିଆ ତଥା ପ୍ରଶାନ୍ତ ମହାସାଗରରେ ଯୁଦ୍ଧ ବିମାନର ଘାଟିମାନ ଅଣ୍ଡାଳି ବୁଲୁଛନ୍ତି । ବେଗତିକ ହୋଇ ଭାରତ ଛାଡ଼ିଲେ ମଧ୍ୟ ଭାରତରେ ମୁସଲମାନ ଠାରୁ ଦେଶୀ ରାଜ୍ୟ ପର୍ଯ୍ୟନ୍ତ ସବୁଠାରେ ଅଖଣ୍ଡ ଭାରତର ପ୍ରତିକୂଳ ଅବସ୍ଥା ସୃଷ୍ଟି କରିବାରେ ଇଂରେଜହିଁ କାରଣ ବୋଲି ଯେଉଁମାନେ ମନେ କରୁଚନ୍ତି ସେମାନେ କଥାରେ ଓ ସାମୟିକ ଭାବ ତରଙ୍ଗରେ ଭୋଳ ନ ହୋଇ ବୁଝି ବିଚାରି ଅପେକ୍ଷା କରନ୍ତୁ । ପୁଣି ଇଂରେଜ ଦ୍ୱନ୍ଦ୍ୱ ଲଗାଉଚନ୍ତି ବୋଲି ପୃଥିବୀରେ ସମସ୍ତେ ସହସା ଓ ସହଜରେ ବୁଝିଯିବେ ନାହିଁ ।

ଏ ସମସ୍ତ ଭିତରେ ଆଶା କରାଯାଏ, ଭାରତର ଜାତୀୟ ନେତାମାନେ ସାମ୍ରାଜ୍ୟ-ସ୍ୱମର-ସେବା-ନିପୁଣ ମାଉଣ୍ଟ ବାଟେନ୍‌ଙ୍କୁ ଯଥା ସମ୍ଭବ ଆମ କାମରେ ଲଗାଇବେ ଓ କାମନା କରୁ ନିଜେ ମାଉଣ୍ଟବାଟେନ ଭାରତରେ ଇଂରେଜ ଛାଡ଼ିବା ପରେ ଶାନ୍ତି ସ୍ଥାପନ କରିବା ଦୃଷ୍ଟିରେ କାର୍ଯ୍ୟକରି ଜଗତରେ ଯଶସ୍ୱୀ ହୁଅନ୍ତୁ । ତାଙ୍କଠାରେ ଯେଉଁ ଭରସା ଅଛି, ସେ ଓ ତାଙ୍କ ଇଂରେଜ ସରକାର ଯାହା କହୁଚନ୍ତି, ତାହା କାର୍ଯ୍ୟରେ ସତ୍ୟ ହେଉ ।

ଜାଗ୍ରତ ଏସିଆ

ସୁପ୍ତ ସିଂହ ଉଠିଲା ପରି ଆଜି ଏସିଆ ମହାଦେଶ ପୁଣି ଉଠୁଚି । ଇତିହାସ ପ୍ରତ୍ନତତ୍ତ୍ୱ ଗବେଷଣା ପ୍ରଭୃତି କହୁଚନ୍ତି ଏସିଆ ହିଁ ମାନବ ସଭ୍ୟତାର ମୂଳାଧାର । ସଭ୍ୟତାର ବିକାଶ ଓ ବିକ୍ଷେପ ଏହି ଏସିଆରୁ । ତିନୋଟି ଯାକ ପୃଥିବୀର ଧର୍ମ – ବୌଦ୍ଧ, ଖ୍ରୀଷ୍ଟିୟାନ, ମୁସଲମାନ ବାହାରି ବ୍ୟାପିଚି ଏଇ ଏସିଆରୁ । ଏବେ ଜଣା ଯାଉଚି ଆଦିମ ସଭ୍ୟ ମାନବ ନାନା ଶାଖା ପ୍ରଶାଖାରେ ବାହାରିଚି ଏହି ଏସିଆର ଦକ୍ଷିଣ କୂଳସ୍ଥ ସିନ୍ଧୁ-ସୁମେର-ଭୂମିରୁ । ଧର୍ମ ଓ ଆଧ୍ୟାତ୍ମିକତା ଭିତରେ ମହା ସଭ୍ୟତାର ପୀଠ ଓ ପ୍ରସାର ଭୂମି ସ୍ଥାପନ କରି ଭୋଗ-ତୃପ୍ତ ଏସିଆ, ଭୋଗ-କାଙ୍ଗାଳ ଇଉରୋପର ସର୍ବଗ୍ରାସୀ ସଭ୍ୟତାରେ ଚମକି ପଡ଼ି ନିସ୍ତବ୍ଧ ହୋଇ ଏତେକାଳ ପଡ଼ିଥିଲା । ଏବେ ଉଠୁଛି ।

Digitized by PPRACHIN, SOA

ଏଇ ମାସରେ ଏବେ ଦିଲ୍ଲୀରେ ଏସିଆର ଆନ୍ତର୍ଜାତିକ ସମ୍ମିଳନୀ ବସିଗଲା । ଭାରତର ଜାତୀୟବାଦୀ ଏହା ଆରମ୍ଭ କରିଥିଲେ ଓ ଏଥିରେ ନେତୃତ୍ୱ ନେଇଥିଲେ । ଶ୍ରୀମତୀ ସରୋଜିନୀ ସମ୍ମିଳନୀରେ ସଭାପତି ହୋଇଥିଲେ ଓ ସ୍ଥାୟୀ ସଭାପତି ହେଲେ, ପଣ୍ଡିତ ଜହରଲାଲ ନେହୁରୁ । ମହାତ୍ମାଗାନ୍ଧୀ ପ୍ରଭୃତି ଏଥିରେ ବକ୍ତୃତା ଦେଇଥିଲେ । ତୁରସ୍କ ଠାରୁ ଭୂଟାନ ପର୍ଯ୍ୟନ୍ତ, ଚୀନ ତିବ୍‌ବତ ପୂର୍ବ ଏସିଆ ପାରସ୍ୟ ପ୍ରଭୃତି ୨୪ଟି ରାଜ୍ୟର ପ୍ରତିନିଧି ଏଥିରେ ଯୋଗ ଦେଇଥିଲେ। ଏସିଆ ସାମ୍ୟବାଦୀ ସୋଭିଏଟ୍ ମଧ ଏଠାକୁ ପ୍ରତିନିଧି ପଠାଇଥିଲେ । ସାମାଜିକତା ସାହିତ୍ୟ ଓ ସଂସ୍କୃତିର ଆଦାନ ପ୍ରଦାନ ଓ ସେଇ ସୂତ୍ରରେ ବିଶ୍ୱ ପ୍ରଗତି ଆଡ଼କୁ ଏସିଆର ଯଥାର୍ଥ ଆଭିମୁଖ୍ୟ କଳନା କରିବା ଏ ଅନୁଷ୍ଠାନର ଉଦେଶ୍ୟ ।

ଆଜି ଏ ଅନୁଷ୍ଠାନ କଥା ଭାବିଲେ ଭାରତର ମହାଗୌରବମୟ ଇତିହାସ ମନେ ପଡୁଚି । ଏଇପରି ସମ୍ମେଳନ ଭାରତରେ ଆଜି ନୂଆ ନୁହେଁ । ବୌଦ୍ଧମାନେ ଏଇପରି ସମ୍ମିଳନୀର ସ୍ରଷ୍ଟା । ମାନବ ସଭ୍ୟତା ଓ ସଂସ୍କୃତି ତଥା ସାଧନ ଓ ଆଦର୍ଶରେ ଏହିପରି ଅନୁଷ୍ଠାନ ବୌଦ୍ଧମାନଙ୍କ ପ୍ରେରଣା ଓ ନେତୃତ୍ୱରେ ପୂର୍ବେ ଚାରିଥର ହୋଇଯାଇଚି । ଏ କଳ୍ପନା ଓ କାର୍ଯ୍ୟ ବେଳେ ଆଧୁନିକ ପାଶ୍ଚାତ୍ୟ ସଭ୍ୟତାର କଳ୍ପନା ପର୍ଯ୍ୟନ୍ତ ପ୍ରକାଶ ପାଇନଥିଲା । ଆଜକୁ ପ୍ରାୟ ଅଢେଇ ହଜାର ବର୍ଷ ତଳେ ଏହାର ସୂତ୍ରପାତ । ତାର ଶହେ ବର୍ଷ ପରେ ମତଭେଦ ଓ ବିବାଦ ନିଷ୍ପତ୍ତି ନିମନ୍ତେ ବୌଦ୍ଧ ଭିକ୍ଷୁ ମାନଙ୍କ ଦ୍ୱାରା ଏଇ ସଭା ପୁଣି ବସିଥିଲା । ତୃତୀୟ ସମ୍ମେଳନ ହେଉଚି ଅଶୋକଙ୍କ ସମୟରେ, ପାଟଳିପୁତ୍ରରେ । ଏ ସଭାକୁ ସିହଳ, ତାତାର, ପାରସ୍ୟ, ମିଶର ପ୍ରଭୃତିରୁ ସେ କାଳର ଏସିଆରେ ଥିବା ଗ୍ରୀକ୍ ଓ ଅନ୍ୟାନ୍ୟ ଏସୀୟ ଭିକ୍ଷୁମାନେ ପ୍ରତିନିଧି ହୋଇ ଆସିଥିଲେ । ଚତୁର୍ଥ ସମ୍ମେଳନୀ ବସିଥିଲା ପେଶବାରରେ, ଶକ୍ ସମ୍ରାଟ କନିଷ୍କଙ୍କ ଆହ୍ୱାନରେ । ସେଠାକୁ ଚୀନ ମାଞ୍ଚୁରିଆରୁ ମଧ ପ୍ରତିନିଧି ଆସିଥିଲେ । ଏହିପରି ସମସ୍ତ ଏସିଆର ସାମ୍ୟମୈତ୍ରୀର ଶାନ୍ତି-ମନ୍ତ୍ର ଏହି ଭାରତରୁ ପ୍ରଚାରିତ ଓ ସଂରକ୍ଷିତ ହେଉଥିଲା । ଶକ୍, ଯବନଙ୍କ (ଗ୍ରିସ୍ ଦେଶ ଲୋକେ) ପରି ରାଜ୍ୟଗ୍ରାସୀ ସାମ୍ରାଜ୍ୟସେବୀମାନେ ଏଥିରେ ଶାନ୍ତିର ଆଲୋକ ପାଇଁ ତୃପ୍ତି ଲାଭ କରୁଥିଲେ ।

ଆଜି ପ୍ରାୟ ଦୁଇ ହଜାର ବର୍ଷ ପରେ ଦିଲ୍ଲୀରେ ସେଇ ମହାମାନବୀୟ ଜନସେବାର ଧାରା ପୁଣି ଫିଟିଲା । ସେଇ ପୁରୁଣା ଧାରା ନୂତନ ପରିସ୍ଥିତିରେ ଏବେ ପୁଣି ସେଇ ମହାମାନବୀୟ ଶାନ୍ତି ଓ ସମାଧାନର ସାଧନା ବିଶ୍ୱରେ ବିତରଣ କରୁ । ଇତିହାସର ଯଥାର୍ଥ ପୁନରାବୃତ୍ତି ହେଉ । ଇଂଲଣ୍ଡ ଆମେରିକା ପରି ଧନାଧିଷ୍ଠିତ ଯକ୍ଷ ସମ୍ରାଟ୍ ସାମ୍ରାଜ୍ୟସେବୀ କୁବେରମାନେ ଏ ଶାନ୍ତି ଓ ସମାଧାନ ମନ୍ତ୍ରରେ ଯଥାର୍ଥ ବିଶ୍ୱମଙ୍ଗଳ ଦେଖନ୍ତୁ; ବୁଝନ୍ତୁ,

Digitized by PPRACHIN, SOA

ପରମାଣୁ ବୋମାର ଧମକ ଓ ଭୟରେ ନୁହେଁ, ବିଶ୍ୱଶାନ୍ତିର ପନ୍ଥା ଅନ୍ୟତ୍ର । ତାହା ଅସ୍ତ୍ର ଶକ୍ତିର ପ୍ରୟୋଗ ବିଜ୍ଞାନରେ ନୁହେଁ, ପ୍ରାଣର ପାବନ 'ଦାନ' ସାଧନାରେ ଖୋଜିବାକୁ ହେବ । ବିନୟରେ ଦର୍ପ ମଉଳି ଯିବ । ପ୍ରାଣର ଯଥାର୍ଥ ପ୍ରସାରରେ ପ୍ରାଣ ଫୁଟିବ । ଆତ୍ମାର ଯଥାର୍ଥ ତ୍ୟାଗରେ ଆତ୍ମା ମିଳିବ ।

ଜାପାନ ଓ ବିଶ୍ୱଶାନ୍ତି

ଦିଲ୍ଲୀରେ ଏସୀୟ ସମ୍ମିଳନୀ ହୋଇଥିଲା । ସେଥିରେ ସମସ୍ତଙ୍କୁ ଉଣା ଅଧିକେ ଦେଖାଗଲା । ବିଧ୍ୱଂସ ଲୀଳା ଭିତରୁ ବାହାରି ଇଣ୍ଡୋ ଚାଇନା ବି ଆସି ଦେଖା ଦେଲା । ପାଲେଷ୍ଟାଇନ୍ ଆସିଥିଲା, ଏସିଆର ଗୋଟିଏ ସୋଭିଏଟ ଆସିଥିଲା । ଚାଇନା ଆସିଥିଲା, ତିବ୍ବତ ଆସିଥିଲା, ଆସିନଥିଲା ଏକା ଜାପାନ । ଏହି ସମ୍ମେଳନ ସଂଗେ କନିଷ୍କ ପ୍ରଭୃତିଙ୍କ ଆହୁତ ବୌଦ୍ଧଭିକ୍ଷୁକ ସମ୍ମେଳନ କଥା ମନେ ପକାଇଲା ବେଳେ ଜାପାନ ନ ଆସିଥିବା କଥାଟି ବିଶେଷ ଭାବରେ ମନକୁ ଯିବା ସ୍ୱାଭାବିକ ।

ଜାପାନ ବୌଦ୍ଧଭୂମି । ଏଇ ଯୁଦ୍ଧ ପୂର୍ବରୁ ନବୀନ ଜାତୀୟତା- ଭାବରେ ଜାପାନ ଥିଲା ଏସିଆର ନେତା । ଗୋଟିଏ ବିପତ୍ତି କିନ୍ତୁ ତାକୁ ଭୀଷଣ ଭାବରେ ଗ୍ରାସିଥିଲା । ସେଉଟି ହେଉଚି, ପାଶ୍ଚାତ୍ୟର ଦେଶ ଓ ଧନଗ୍ରାସ, ସ୍ପୃହା ଅନୁକରଣ କରିବା । ସେ ଅନୁକରଣ, ଜାପାନ ଚୂଡ଼ାନ୍ତ କରିଥିଲା। ଫଳରେ ପରମାଣୁ ବୋମାରେ ତା ହିରୋସିମା ଓ ନାଗାସାକି ଆଗେ ଧ୍ୱଂସ ହେଲା । ଧ୍ୱଂସର ବିଭୀଷିକାରେ ଜାପାନ ଆତ୍ମସମର୍ପଣ ନକରି, ତାକୁ ଆଉ ବାଟ ଦିଶିଲା ନାଇ । ସେ ଆମେରିକା ପାଖେ ଆତ୍ମ-ସମର୍ପଣ କଲା। ଏଣେ ଜାପାନ କଲା, ତେଣେ ଜର୍ମାନୀ କଲା ।

ଅବଶ୍ୟ ଜର୍ମାନୀର ଅତ୍ୟାଚାର ଜାପାନ ପୂରାପୂରି ଭୋଗିନାଇ । ଆଜି ଯେଉଁ ବିଜୟୀମାନେ ବିଶ୍ୱଶାନ୍ତିର ସାଧନ ରୂପେ ପରମାଣୁ ବୋମାକୁ ଜଗି ବସିବାରେ ଲାଗିଛନ୍ତି, ସେମାନେ ପ୍ରତିଶୋଧର ବୀଭତ୍ସତାରେ କଅଣ ନକରିପାରନ୍ତି ତା ବର୍ଣ୍ଣନା କରି କହିବା ସଙ୍ଗତ ବି ନୁହେଁ, ପୂରା ସମ୍ଭବ ବି ନୁହେଁ । ଯେଉଁମାନେ ଦିନେ ଜାତୀୟ ବୀର ଓ ମହାପୁରୁଷ ଥିଲେ, ସେମାନଙ୍କୁ ବିଜୟୀମାନେ ନିଜର ନ୍ୟାୟତୁଳ ଦଣ୍ଡରେ ତୁଳି ନ୍ୟାୟ ନାମରେ ହତ୍ୟାକଲେ । ସୈନ୍ୟମାନଙ୍କୁ ବିଜିତର ନରନାରୀ, ଓ ଧନସମ୍ପତ୍ତି ଉପରେ ଯଥେଚ୍ଛା ବୀଭତ୍ସ ବିହାର କରିବାକୁ ଛାଡ଼ିଦେଲେ । ଏବେ ଜର୍ମାନୀରେ ଅନ୍ନବସ୍ତ୍ରର ଏକାନ୍ତ ଅଭାବ । ଲୋକେ ପୋକମାଛି ପରି ମରୁଛନ୍ତି । ଜାଣୁଛି କିଏ ? ଖବରର ପ୍ରକାଶ ନାଇ, ପ୍ରଚାର ତ ଦୂରର କଥା । ଖାଲି ଶାନ୍ତି ସ୍ଥାପନ ନାମରେ କାମୁଡା କାମୁଡି ଲାଗିଚି । ଇଂରେଜ ଓ ଆମେରିକା ପଶ୍ଚିମ ଜର୍ମାନୀ ଫାଳକ ଧରି ସମସ୍ତ ପଶ୍ଚିମ ୟୁରୋପ ମାଡ଼ିବସି ରୁଷିଆକୁ ପରମାଣୁ ବୋମା ଦେଖାଇ ଚାକି ବସିବେ, କିମ୍ବା ସମସ୍ତ ଜର୍ମାନୀକୁ ସାମ୍ୟବାଦ ନାମରେ ରୁଷିଆ ଗ୍ରାସ କରି ଇଂଲଣ୍ଡ ଆମେରିକାକୁ ନିଜର ଭୀଷଣ ବିଶ୍ୱରୂପ ଦେଖାଇବ ?

Digitized by PPRACHIN, SOA

ସେଦିନ ଆମେରିକାର ସେନେଟ୍‌ର ଏହି ବିବାଦର ଶାନ୍ତି ସମାଧାନ ରୂପେ ଶୁଣାଇ ଦେଲେ, "ରୁଷିଆରେ ଦୁଇ ଏକ ସ୍ଥାନରେ ପରମାଣୁ ବୋମା ପକାଇ ଥଣ୍ଡା କରିଦିଅ, ସବୁ ଶାନ୍ତ ହୋଇଯିବ ।"

ଏଣେ ପୁଣି ଜାପାନ ଖବର । ପ୍ରକାଶ ଓ ପ୍ରଚାର ନଥିବାରୁ କଥାଟା ଜଣାପଡୁ ନଥିଲା । ପରିପ୍ରଚାରରେ ଲୋକେ, ଭୁଲ ହୁଏତ ବିଚାରୁଚନ୍ତି, ଯୁକ୍ତରାଷ୍ଟ୍ର ସେନାପତି ମ୍ୟାକ୍ ଆର୍ଥର ଜାପାନରେ ଲୋକଙ୍କୁ ଲୋକଶାସନ ଶିଖାଇ ମହାମାନବୀୟତାର ଶ୍ରେଷ୍ଠ ସାଧନ କରୁଚନ୍ତି । ଲୋକେ ମନକୁ ନିକାଡୋ ଓ ଅଭିଜାତମାନଙ୍କୁ ଫିଙ୍ଗି ଦେଉଚନ୍ତି । ଯାହା ଯୁଦ୍ଧ ଦୋଷୀ ବୋଲି ଜାପାନରେ ଗୋଟିଏ ଅଧେ ଫାଶୀ ପାଇବା ପୂର୍ବରୁ 'ହାରିକାରୀ'ରେ ଆତ୍ମହତ୍ୟା କରୁଚନ୍ତି ବା 'ନ୍ୟାୟ'ର ବେଦୀ ଉପରେ ଫାଶୀ ପାଇବାକୁ ଯାଉଚନ୍ତି ବା ଫାଶୀ ପାଇଚନ୍ତି, ଜାପାନ ଲୋକେ ଲୋକ-ଶାସନ ଧର୍ମର ଉତ୍ତାପରେ ଉତ୍ତପ୍ତ ହୋଇ ସେସବୁ ପସନ୍ଦ କରୁଚନ୍ତି । ସତେ ଯେପରି ହୀରୋସୀମା ନାଗାଶାକିର ସ୍ମୃତି ଆଉ ସେମାନଙ୍କର ନାଇ ।

ଦିଲ୍ଲୀର ଏସୀୟ ସମ୍ମିଳନୀ ଏ ସ୍ୱପ୍ନ ଭାଙ୍ଗି ଦେଇଚି । ଏ ସମ୍ମିଳନୀକୁ ଜାପାନ ନ ଆସିଲା କିଆଁ ? ଜାପାନ କଣ ଇଚ୍ଛା କରି ନ ଆସିଛି ? ଏ କଥା ମନେ କରିବାର କୌଣସି କାରଣ ନାଇ - ହିରୋସୀମା ନାଗାଶାକିର ବିଭୀଷିକାରେ କାତର ଜାପାନ, ଯୁକ୍ତରାଷ୍ଟ୍ର ସେନାନାୟକ ମ୍ୟାକ ଆର୍ଥରଙ୍କ ପଦତଳେ କିଂକର ପରି ପଡ଼ିଚି । ମ୍ୟାକ ଆର୍ଥର ଗୋଇଠା ମାରି ତାକୁ ମନାଇ ରଖିଚନ୍ତି । ଜାପାନର କୌଣସି ସମ୍ମିଳନୀକୁ ଆସିବାର ଆଜି ଅଧିକାର ନାଇ କି ସାହାସ ନାଇ । କଥାରେ ପରିପ୍ରଚାର ଯାହାହେଉ, କୌଣସି ବିଜେତାଙ୍କର ଆଜି ବିଜିତକୁ ସ୍ୱାଧୀନ କରି ଛାଡିଦେବା ସ୍ପୃହା ନାଇ, ପ୍ରଚେଷ୍ଟା ତ ଦୂରର କଥା । ସେଥିପାଇଁ ପ୍ରଶାନ୍ତ ମହାସାଗରର ଦ୍ୱୀପମାଳା, ଯୁକ୍ତରାଷ୍ଟ୍ର ଆଜି ନିଜେ ଅଧିକାର କରି ବସି ସେ ସବୁରେ ଶତ୍ରୁକୁ ଜଗି ରହିବାର ଅତି ଦୃଢ଼ସାମରିକ ଘାଟି ସବୁ ତିଆରି କରି ଜଗି ରହିଚନ୍ତି । ଇଂଲଣ୍ଡ ଆଜି ପୃଥିବୀରେ ଦେଉଳିଆ ହୋଇ ମଧ୍ୟ ଦକ୍ଷିଣ ପୂର୍ବ ଏସିଆର ସମର ଘାଟିମାନ ପୁଣି ଜାଗି ତିଆରି କରୁଚି । ଭାରତରେ ରହି ପାରିବ ନାଇ ଜାଣି ତଥାପି ସେଇ ଦକ୍ଷିଣ-ପୂର୍ବ ଏସିଆର ସେନାପତିକୁ ଭାରତରେ ସ୍ୱାଧୀନ ଭାରତ ତିଆରି କରିବା ପାଇଁ ପଠାଉଚି । ବିଶ୍ୱଶାନ୍ତି ସ୍ଥାପନ କରିବାର ଏ ସାଧନା ଏକ ରହସ୍ୟ । ଏଥିରୁ ଶ୍ମଶାନ ଶାନ୍ତି ଏକା ଫୁଟି ପାରେ, ସମାଧାନର ସାମାଜିକ ଶାନ୍ତି ନୁହେଁ ।

କଂଗ୍ରେସର 'ହାତବଳା'

ନୈଷଧକାର ଶ୍ରୀହର୍ଷ ଉପମାରେ ଦମୟନ୍ତୀଙ୍କ ମୁଖ ବର୍ଣ୍ଣନା କରିବାକୁ ଯାଇ କହିଚନ୍ତି, ବିଧି, ଦମୟନ୍ତୀଙ୍କ ମୁହଁ ତିଆରି କରିବା ପୂର୍ବରୁ ଶିଳ୍ପରେ ହାତ ଠିକ୍ କରିବା

Digitized by PPRACHIN, SOA

ପାଇଁ ଆଗ ଯାହା ତିଆରି କଲା ତା ହେଲା ଚନ୍ଦ୍ର ଓ ପଦ୍ମ । ଏହିପରି ଶିଖିବା ବେଳେ ତିଆରି କରିବା ଜିନିଷକୁ ହାତବଳା ଜିନିଷ ବୋଲି କହନ୍ତି । ଅନୁକୃତି ପଟୁ ରାଧାନାଥ ନୈଷଧଙ୍କର ଏହି କଥାକୁ 'ପାର୍ବତୀ'ରେ ଓଡ଼ିଆ କରି କହିଚନ୍ତି, "ଅନୁମାନେ ଆସେ ଆଗେ ବିଧି ସାଧି ପଦ୍ମେ ଚନ୍ଦ୍ରେ ହାତବଳା ।" ପାଶ୍ଚାତ୍ୟରୁ ଆସିଥିବା ଲୋକଶାସନ ରାଜନୀତିରେ କଂଗ୍ରେସ ଏହିପରି ହାତବଳାରେ ଶିଖୁଥିଲେ । ପରାଧୀନ ଅବସ୍ଥାରେ ସ୍ୱାଧୀନ ହୋଇଗଲୁ ବୋଲି ମନେ ବିଚାରି ଦେଇ, କଳ୍ପନାରେ ନିଜକୁ ସେହି ସ୍ଥାନରେ ରଖି ବିଦେଶାଗତ ରାଜନୀତି ପରି ଶିଳ୍ପରେ ସିଦ୍ଧହସ୍ତ ହେବା ସହଜ ନୁହେଁ, ହୁଏତ ସମ୍ଭବ ବି ନୁହେଁ । ସେହି ଭୁଲ୍ କଂଗ୍ରେସର ହେଉଥିଲା । ଏବେବି ସେଇ ଦାଣ୍ଡରେ କଳନା, କଳ୍ପନା ଓ କାମ ଚାଲିଚି । ଅତି ବିଚକ୍ଷଣତାର ସହିତ ଏ ଦାଣ୍ଡ ଛାଡ଼ି ଠିକ୍ ବାଟ ନ ଧଇଲେ ଅବସ୍ଥା ଭଲ ହେବ ନାଇ ।

ପରାଧୀନ, ସ୍ୱାଧୀନତା ପାଇଲୁ ବୋଲି ବିଚାରି ଦେଇ ଅହଂକାରରେ ଦୃପ୍ତ ହୁଏ । ସେଥିରେ ଠିକ୍ ବାଟ ଦିଶେ ନାଇ । କଂଗ୍ରେସର ସେଇଆ ହୋଇ ଆସିଚି । ଏବେ ବି ହୁଏତ ହେଉଚି । କାରଣ, ଭାଙ୍ଗିବା ଓ ଗଢ଼ିବା ଏକା ଜିନିଷ ନୁହେଁ । ଇଂରେଜଙ୍କୁ ଭାଙ୍ଗିବାର ଯେଉଁ ଗତାନୁଗତିକ ପନ୍ଥାରେ କାମ ଚାଲିଥିଲା, ସେ ପନ୍ଥାରେ ଶାସନ ଯନ୍ତ୍ର ଧରି ଜାତିକୁ ଗଢ଼ିବା କଦାପି ଠିକ୍ ହେବନାଇ । କୌଣସି ସମସ୍ୟା ସେତେବେଳର କଳନାରେ ଏବେ ମାପି ତିଆରି ବସିଲେ ଭୁଲ ହେବ ।

ଦେଖ ହିନ୍ଦୁ ମୁସଲିମ୍ ସମସ୍ୟା । ଖିଲାଫତ୍‌ରେ ଭୁଲାଇ ମୁସଲମାନଙ୍କୁ ନିଜର କରିବାର ଉଦ୍ୟମ ହେଉଥିଲା । ସେହି ପନ୍ଥାରେ କାମ ଚାଲିବାରୁ ଯେତେ ଦେବାକୁ କହିଲେ ମଧ୍ୟ ଅବିଶ୍ୱାସ ବଢ଼ିଲା । ଏବେ ଜିନ୍ନାକୁ ଭାରତ ଶାସନର ନେତା କରିଦିଅ ବୋଲି ସେଦିନ ମହାତ୍ମାଜୀ କହିଲେ । ମହାତ୍ମାଜୀଙ୍କୁ ଅତି ଦୈନ୍ୟରେ ସମାଲୋଚନା କଲେ ବି ଦେଶରେ ବିସୁଖ ଲାଗିବ; ଜାଣୁ, ତଥାପି କହୁଚୁ । ଏକଥା ନାନାଭାବରେ କଂଗ୍ରେସ ପକ୍ଷରୁ ପୂର୍ବେ କୁହାଯାଇଚି । ଜିନ୍ନା ସାହେବ ମଧ୍ୟ ଏହାର ଉତ୍ତର ବାରବାଂର ଦେଇଚନ୍ତି । ସେ କହିଚନ୍ତି, ବ୍ୟବସ୍ଥା ସଭାରେ ତଥା ଭୋଟର ମାନଙ୍କ ଭିତରେ ବହୁ ପକ୍ଷନଥାଇ ଲୋକଶାସନ ସରକାରର ନେତୃତ୍ୱ ନେବା ପ୍ରହସନର ଅଭିନୟ ସେ କରିପାରିବେ ନାଇ । ତେବେ ପୁଣି ଆଜି ସେହି କଥା କୁହାଯାଉଛି କାହିଁକି ? ପୃଥିବୀକୁ ଏପରି ଉଦାର ଶୁଭୁଥିବା ଭଳି କଥାଟାଏ ଶୁଣାଇ, ଚମକାଇ ପରିପ୍ରଚାର କରାଯାଇପାରେ। କିଂତୁ ଏବେ ଲିଗ ତଥା ମୁସଲମାନମାନେ ଯେଉଁ ଅବସ୍ଥାକୁ ଆସିଛନ୍ତି, ସେଥିରେ ଏ କଥା ଶୁଣି ସେ କ'ଣ ନିକଟକୁ ଆସିବେ ନା ବରଂ ଦୂରକୁ ଯିବେ ? ଏ ସଂକଟ ବେଳେ ଆଉ ଏପରି ଭ୍ରାନ୍ତ ଓ ଗତାନୁଗତିକ ଚିନ୍ତା ଶୁଭଙ୍କର ନୁହେଁ ।

Digitized by PPRACHIN, SOA

ଅନ୍ୟ ସମସ୍ୟା ଦେଶୀ ରାଜ୍ୟ

ଭାରତର ସାଂପ୍ରଦାୟିକ ଓ ରାଜନୈତିକ ସମସ୍ୟା ସଙ୍ଗେ ଦେଶୀ ରାଜ୍ୟ କିପରି ଜଡ଼ିତ, ଏ କଳନା ନକରି କଂଗ୍ରେସମାନେ ଯେପରି କି ଏକ ମୁହାଁ ମାଡ଼ି ଯାଉଥିଲେ । ଦେଶୀ ରାଜ୍ୟରେ ବୈଧାନିକ ପନ୍ଥାରେ ଲୋକଶିକ୍ଷା ଓ ଲୋକଶକ୍ତି ବଢ଼ାଇବା ଓ ସେହି ସୂତ୍ରରେ ରାଜ୍ୟର ସାର୍ବଭୌମ କ୍ଷମତା ପ୍ରଜାଙ୍କ ହାତକୁ ଅଣାଇବା ଚେଷ୍ଟା ଛାଡ଼ି ଯେଉଁମାନେ କଂଗ୍ରେସର ବିଜୟ ଦର୍ପରେ ବୃଥାରେ ଆଗକୁ ନଚାହିଁ ସଂଘର୍ଷ ଓ ରକ୍ତପାତ ଆଡ଼କୁ ସୂଚନା ଦେଇ ଦେଶୀରାଜ୍ୟ ମାନଙ୍କୁ ଖାସ ମୂଳକରେ ମିଶାଇ ଦେବାକୁ ଯାଉଥିଲେ, ସେମାନଙ୍କର ଆଜି ଗତି କ'ଣ । ସେମାନେ ଆଜି ସ୍ୱର ବଦଳାଇଲା ବେଳକୁ ପରିସ୍ଥିତି କ'ଣ ହୋଇଚି । ବାଧ ହୋଇ ସ୍ୱର ବଦଳାଇଲେ ରାଜନୀତିକ ଫଳ ପାଚିକରି ହାତରେ ପଡ଼େନାଇ । ରାଜନୀତିରେ ପରିସ୍ଥିତି କଳନା କରି ଆଗକୁ ଚାହିଁ ଚାଲି ନ ଜାଣିଲେ ପ୍ରମାଦ ସୁନିଶ୍ଚିତ । ଏବେ ଏକ ପକ୍ଷରେ ନିଜାମ ଓ ଭୂପାଳ ଅନ୍ୟପକ୍ଷରେ ଗାଇକଓ୍ୱାର୍ଡ ଓ ଗୁଆଲିୟର ପ୍ରଭୃତି । ଏକ ପକ୍ଷରେ ମୁସଲିମଲିଗ୍, ଅନ୍ୟପକ୍ଷରେ କଂଗ୍ରେସ । ଏତେବେଳେ ନ୍ୟାୟବଳ ଖେଳ ପରି ରାଜାମାନଙ୍କୁ ଆପଣାର କରିବାର ଉଦ୍ୟମ ହୋଇପାରେ । ସାର୍ବଭୌମ କ୍ଷମତା ଲୋକେ ପୂରାପୂରି ରାଜାକୁ ଛାଡ଼ି, ବ୍ୟବହାର କରିବେ କି ନା ସେ କଥା ଭାବିବାକୁ ଯଥାର୍ଥରେ ବେଳ ମିଳିବ ତ ? କେଜାଣି, "ଆହେ ରାଜା ତମେ ଯାହା କହୁଛ ଏବେ ନିଅ ପଛକେ ଆମ ଆଡ଼େ ରହ" ଏହିଭଳି ପଟକାଇବାର ଭିତିରି ରାଜନୀତି ନ ଚାଲିବ ? ଯଦି ତାହା ହୁଏ, ତେବେ ମତାନ୍ଧ ଏ ଅଦୂରଦର୍ଶୀ ନିଜକୁ ନେତା ମଣୁଥିବା ବାବଦୂକମାନଙ୍କର ଅବସ୍ଥା ଓ ପନ୍ଥା କ'ଣ ହେବ ? ସେଥିପାଇଁ ଏ ସଂକଟବେଳେ ହାତବଳା କାମକୁ ଅଯଥା ଅହଂକାରରେ ସିଦ୍ଧହସ୍ତର ଶିଳ୍ପ ବୋଲି ନ ବିଚାରି, ବୁଝି ବିଚାରି ଆଗକୁ ପଛକୁ ଚାହିଁ, ସେହି ଭାବରେ ଘଟଣାମାନଙ୍କୁ ଶାସନ କରି, ପରିସ୍ଥିତିର ଗତି କୁଆଡ଼େ ଯାଉଚି ସେ କଥା ଜାଣି, କାମ କରାଯାଉ । ବିଜୟରେ ଏହାଇଁ ବିନୟ । ଅଯଥା ଦର୍ପ ଓ ଅନ୍ଧତା ତଥା ଭୋଗସ୍ପୃହା ଏଠାରେ ଧ୍ୱଂସର ଲକ୍ଷଣ । ଭୋଗ ମନକୁ ଆସେ। ବିଜୟ ଦର୍ପରେ ତ୍ୟାଗର ମୂଲ୍ୟରୂପେ ତାକୁ ଲୋଡ଼ିଲେ ପରିସ୍ଥିତି ଭୀଷଣ ହୁଏ ।

ନୂଆପ୍ରସ୍ଥ-୧/୬, ଆଲୋଚନା

ଦେଶୀ ରାଜ୍ୟ

ଏ ସଂକଟରେ- ଏ ପାକିସ୍ଥାନ ବେଳେ- ଦେଶୀରାଜାଙ୍କ ପ୍ରତି କାର୍ଯ୍ୟ କଅଣ ? ତାଙ୍କୁ ଏତେବେଳେ ବାହାରୁ ଧମକ ଦେବା ଠିକ୍ ନୁହେଁ । ଭୁଲ୍ ବହୁତ ହେଲାଣି । ଏଣିକି ସହିସମ୍ଭାଳି ପରିସ୍ଥିତି ଦେଖି କାମ କରାଯାଉ । ଦେଶୀରାଜ୍ୟର ରାଜା ଆଉ ଯାହା ହୁଅନ୍ତୁ, ସେମାନେ ଭାରତୀୟ । ସେଥିପାଇଁ ସାଧାରଣତଃ ସେମାନେ ବିଧାୟକ ସଭାରେ

Digitized by PPRACHIN, SOA

ଯୋଗଦେଇ ଅଖଣ୍ଡ ଭାରତ ଗଢ଼ିବାରେ ଆତ୍ମଦାନ କରିବାକୁ ଠିକ୍ କରିଥିଲେ । ନିଜାମ୍, ଭୋପାଳଙ୍କ ପରି ଅନିଚ୍ଛୁକମାନେ ମଧ୍ୟ ହୁଏତ ବାଧ୍ୟ ହୋଇ ଆସିଥାନ୍ତେ । ଆଜି କିନ୍ତୁ ହିନ୍ଦୁ ଭାରତ, ମୁସଲମାନ ଭାରତ, ଏଇପରି ଭାରତ ଦି'ଭାଗ ହେଲା । ରାଜାମାନେ ଏବେ ବିଚାରୁଛନ୍ତି, ଏ ଦୁଇଥିରୁ ଅଲଗା ରହିବେ, ଅଥବା ନିଜ ଭିତରେ ଏକ ହେବେ । ଅବଶ୍ୟ ଯଦି ସେମାନେ ନିଜ ଭିତରେ ପୂରାପୂରି ଏକ ରହିପାରନ୍ତି, ତେବେ ଅନ୍ୟାନ୍ୟ ସମସ୍ତ ଆପତ୍ତି ସତ୍ତ୍ୱେ ଆଉ କିଛି ନହେଉ, ମିଳିତ ଭାରତର ଗୋଟିଏ ସଂକେତ ହେଲେ ରହିବ । ପରେ ପରିସ୍ଥିତି, କାଳରେ ଟିକିଏ ଶାନ୍ତ ହେଲେ, ଏହି ମିଳିତ ରାଜସ୍ଥାନରୁ ଦିନେ ହୁଏତ ଅଖଣ୍ଡ ଭାରତ ବାହାରିପାରେ ।

ଅବଶ୍ୟ, ରାଜାମାନେ ନିଜ ରାଜ୍ୟରେ ପ୍ରଜାଙ୍କ ସଙ୍ଗେ କି ସଂପର୍କରେ ରହିବେ, ତାହା ଏଠାରେ କୁହାଯାଉନାଇ । ଯୁଗଧର୍ମରେ ଏ ସଂବନ୍ଧ ଫୁଟିବାର କଥା । ଯେ ସଂବନ୍ଧ ଫୁଟିବାର କଥା ତା ଅଟକାଇବାର ଶକ୍ତି କାହାରି ନାଇ । ରାଜାମାନେ ପ୍ରଜାମାନଙ୍କୁ ଦାୟିତ୍ୱ ଛାଡ଼ି ଦିଅନ୍ତୁ ଓ ସେଇ ରାଜ ଧର୍ମରେ ଅଖଣ୍ଡ ଭାରତ ପ୍ରତୀକ୍ଷା କରିବା ଯଦି ତାଙ୍କର ଉଦ୍ଦେଶ୍ୟ ହୁଏ, ତେବେ ସେ ସେଥିରେ ଲାଗନ୍ତୁ ।

ନ ହେଲେ -

ନହେଲେ ଆଜି ଯେଉଁ ଅବସ୍ଥା ଉପୁଜିବାକୁ ଯାଉଚି, ତା ଇତିହାସରେ ଗୋଟିଏ ପୁନରାବୃତ୍ତି ପରି ଅତ୍ୟନ୍ତ ସଂକଟ ସଂକୁଳ । ମୋଗଲ ସାମ୍ରାଜ୍ୟର କେନ୍ଦ୍ର ଶକ୍ତି ତୁଟି ପଡ଼ିଲା ବେଳେ ଭାରତ ଥରେ ଯେପରି ଖଣ୍ଡ ଖଣ୍ଡ ହୋଇଥିଲା, ଆଜି ସେଇ ଅବସ୍ଥା ପରି ମନେ ହେଉଚି । ଆମେ ସ୍ୱାଧୀନତା ପାଉଁ ପାଉଁ ସତେ କଣ ଦୁଇଶ ବର୍ଷ ପଛକୁ ଚାଲିଯିବା ? ବିଧାତା ମଙ୍ଗଳ କରନ୍ତୁ ।।

ନୂଆପ୍ରସ୍ଥ-୧/୭, ଆଲୋଚନା

ପାକିସ୍ଥାନ

ଭାରତ ସ୍ୱାଧୀନ ହୋଇଗଲା । ସଙ୍ଗେ ସଙ୍ଗେ ପାକିସ୍ଥାନ ବି ହୋଇଗଲା । କଂଗ୍ରେସ ଓ ହିନ୍ଦୁ ଜାତୀୟ-ବାଦୀମାନେ ମହାତ୍ୟାଗ କରି ଲଢ଼ି ସ୍ୱାଧୀନତା ଆଣିଲେ । କିନ୍ତୁ ଲଢ଼ିଲା ବେଳେ ଇଂରେଜମାନେ ମହା କୌଶଳରେ, ବୋଧ ହୁଏ, ବିଶାଳ ପୁରୋଦୃଷ୍ଟି ଧରି ଆମକୁ ଶାସନ ଓ ଦେଶ ଗଠନରେ 'ହାତବଳା' ଶିଖାଉ ଥିଲେ । ଆମେ ସେତେବେଳେ ଚେତି ନାଉଁ। ବିଚାରି ଥିଲୁ, ସ୍ୱାଧୀନତା ଆସିଗଲେ ମନକୁ ସବୁ ସଜାଡ଼ି ହୋଇଯିବ; କୃତିତ୍ୱର ଆକର୍ଷଣ, ସବୁଦଳ, ମତକୁ ସମାନ ଭାବରେ ଗ୍ରାସିବ । ସେତିକି ନୁହେଁ, ଶସାନ ଓ ଦେଶ ଗଠନରେ ହାତ ବଳାଇଲା ବେଳେ ମଧ୍ୟ ଆମେ ରଙ୍କେ ଅଙ୍କ ମାଲ

Digitized by PPRACHIN, SOA

ପାଇଲେ ଯେପରି କୁଣ୍ଠାଇ ବସନ୍ତି ସେଇପରି କରିଚୁ । ମୁହଁରେ ଲମ୍ବା ଲମ୍ବା କଥା କହି କର୍ତବ୍ୟର ପନ୍ଥା ହୁଡ଼ିଚୁ । ହୁଏ ତ ଅନ୍ୟ ଉପାୟ ନଥିଲା । ଲଢ଼ିବାରେ ଗଢ଼ିବାର କଳନା ସୁଗମ ନୁହେ । ତା’ ଆମର ହୋଇନାଇ । ସୁରେନ୍ଦ୍ର ନାଥ, ଶାସ୍ତ୍ରୀ ପ୍ରଭୃତି ସେ କାଳର କଂଗ୍ରେସୀ ଓ ଜାତୀୟବାଦୀମାନେ ନରମପନ୍ଥୀ ଥିଲେ ମଧ୍ୟ ଏହା କେତେକ ଦେଖୁଥିଲେ; ଚେତାଇ ମଧ୍ୟ ଦେଇଥିଲେ । ଟିଳକ, ଅରବିନ୍ଦଙ୍କ ପରି ହିନ୍ଦୁ କଂଗ୍ରେସୀମାନେ ଚରମ ପନ୍ଥୀ ଥାଇ ମଧ୍ୟ ଏହା ଜାଣୁ ଥିଲେ ଓ ଏଥିପାଇଁ ଅନ୍ୟ ପ୍ରକାରରେ ମଧ୍ୟ ପ୍ରସ୍ତୁତ ରହୁଥିଲେ । ସ୍ୱର୍ଗତ ଚିତ୍ତରଞ୍ଜନ ଓ ସୁଭାଷଙ୍କ ପରି ବିଦ୍ରୋହୀ ନେତାମାନେ ଏହା କଳନା କରି ପ୍ରାଣପ୍ରାଚୁର୍ଯ୍ୟରେ ଏକା ବେଳେକେ ଯାହା ଦେବାର ଦେଇ, ଯୁଦ୍ଧ ବେଳେ ମଧ୍ୟ ସମାଧାନର ନିଷ୍ପତ୍ତି ନିମନ୍ତେ ସ୍ପଷ୍ଟ ବାଟ ଦେଖାଇ ଥିଲେ । ୧୯୨୩ର କାକନାଡ଼ା କଂଗ୍ରେସରେ ସ୍ୱର୍ଗତ ଚିତ୍ତରଞ୍ଜନ ନିଜର ‘ବଂଗ-ସମାଧାନ’ (Bengal pact) ବୁଝାଇଲା ବେଳେ ଭାବ ଗଦ୍‌ଗଦ୍ ହୋଇ କହିଥିଲେ, “ବଙ୍ଗ ପ୍ରଦେଶରୁ ଏ ସମାଧାନ ବାହାରିଚି ବୋଲି ଯାକୁ ଆଜି ଛୁଉଁ ନାହଁ, ଫିଙ୍ଗି ଦେଉଚ । କିନ୍ତୁ ବଙ୍ଗ ପ୍ରଦେଶ ‘ପାରିଆ’ (ମେହେନ୍ତର) ନୁହେଁ । ଆଜି ଯେ ଏ ହିନ୍ଦୁ ମୁସଲମାନ ସମାଧାନ ଫିଙ୍ଗି ଦେଉଚ, ଦିନେ ଏହାର ଫଳ ଭୋଗିବ ।”

ସେ ଫଳ ଆଜି ଭାରତ ଭୋଗୁଚି । ଆଉ ଗାନ୍ଧିଜୀ ଥରକୁ ଥର ଜିନ୍ନାଙ୍କ ଦୁଆରକୁ ଦଉଡ଼ିଲେ ମଧ୍ୟ ଫଳ ହେଉନାଇ । ବଙ୍ଗ ଭଙ୍ଗ ଓ ପଞ୍ଜାବ ଭାଗବଣ୍ଟନରେ ଏହାର ସମାଧାନ ହେବ ନାଇ ବରଂ ଭେଦ ବଢ଼ିବ । ଏ ଦ୍ୱନ୍ଦ୍ୱରେ ଶାନ୍ତିବାଚନର ମନ୍ତ୍ର ସେ ନୁହେଁ । ଭାରତ ଆଜି ସ୍ୱାଧୀନତା ପାଇ ମଧ୍ୟ ବିପନ୍ନ ।

ଏ ବିପଦରେ ଏବେ ବି କଂଗ୍ରେସ ଓ ହିନ୍ଦୁଙ୍କର ଯଥାର୍ଥ ଓ ଆନ୍ତରିକ ପ୍ରାଣପ୍ରାଚୁର୍ଯ୍ୟ ଲୋଡ଼ା । ସମାଲୋଚନାକୁ ଶ୍ୱାସ ରୁଦ୍ଧ କରି ଦଳ ଗଢ଼ିବାର ବେଳ ଏ ନୁହେଁ । ବିଦେଶୀ ସଙ୍ଗେ ଲଢ଼େଇ ଆଉ ନାଇ । ଏ ଦଳଗଢ଼ା ତେବେ କାହାପାଇଁ ? ମୁସଲିମ ଲିଗ ବୁଝୁଚନ୍ତି, ଏ ଦଳଗଢ଼ା ତାଙ୍କରି ପାଇଁ । ଏ ମନସ୍ତତ୍ତ୍ୱ ନ ବୁଝି ଶାସ୍ତ୍ରରୁ ଲମ୍ବା ଲମ୍ବା ଉଦାରବାଣୀମାନ ଶୁଣାଇଲେ, କିମ୍ବା ଆଉ ସମସ୍ତଙ୍କୁ ଦେଶଦ୍ରୋହୀ ବୋଲି ପତ୍ର ପତ୍ରିକା ଠାରୁ ବ୍ୟାଖ୍ୟାନ ମଞ୍ଚ ପର୍ଯ୍ୟନ୍ତ ସର୍ବତ୍ର ରଡ଼ିକଲେ କିଛି ହେବନାଇ । ଦେଶଦ୍ରୋହୀ ଆଜି କିଏ ? ଦେଶରେ ସମସ୍ତଙ୍କର ସ୍ୱାର୍ଥ ଅଛି । ସ୍ୱାଧୀନତାକୁ ମାପି ଭୋଗିବାରେ ସମସ୍ତେ ହକ୍‌ଦାର । ସମସ୍ତଙ୍କୁ ଡାକିବାର ବ୍ୟବସ୍ଥା ହେଉ । ଏବେ ବି ହିନ୍ଦୁ ଓ କଂଗ୍ରେସ ପ୍ରଦେଶ ମାନଙ୍କରେ ଯଥାର୍ଥ ବିରୋଧ- ସେ ବିରୋଧ ସଂପ୍ରଦାୟିକ ହେଉ, ରାଜନୀତିକ ହେଉ, ଅର୍ଥନୀତିକ ହେଉ ବା ରକ୍ଷିତ ସ୍ୱାର୍ଥ ସଂବଳିତ ହେଉ- ସଙ୍ଗେ ମିଳିତ ଭାବରେ ଆନ୍ତରିକତାର ସହିତ ଶାସନ ଚଳାଇ, ସ୍ୱାଧୀନତା ଭୋଗ କରିବାର ସ୍ପଷ୍ଟ ପ୍ରଚେଷ୍ଟା ହେଉ ।

Digitized by PPRACHIN, SOA

ପ୍ରାଣର ଉଦାରତା ଯଥାର୍ଥ ଓ ଆନ୍ତରିକ ହେଲେ ଶତ୍ରୁ ପ୍ରାଣରେ ମଧ୍ୟ ତା'ର ପ୍ରତିଧ୍ୱନି ଉଠିବ । ଏ କଥା ଖାଲି ମୁହଁରେ କହିଲେ ହେବନାଇ, ଶୀଘ୍ର କାର୍ଯ୍ୟରେ କରାଯାଉ । ଏ ସଂକଟ ବେଳେ ଅଭ୍ୟସ୍ତ ମତକୁ କାମୁଡ଼ି ଧରି କାଳଗତିକୁ ଚାହିଁ ବସିଲେ ଆଉ ଚଳିବ ନାଇ । ବୁଦ୍ଧି ଠିକ୍ ହେଉ। କ୍ରିୟା ଫିଟୁ ।

ନୂଆପ୍ରସ୍ଥ-୧/୭, ଆଲୋଚନା

ପାକିସ୍ତାନର ଲାଭ

ଆଉରି ଗୋଟିଏ କଥା ପାକିସ୍ତାନ ତାଙ୍କ ରାଜ୍ୟରୁ ହିନ୍ଦୁଙ୍କୁ ନିର୍ମୂଳ କରିବା ପାଇଁ ନାନା ଭାବରେ ଲାଗିଚନ୍ତି । ସେଥିରେ ଲୁଟୀ, ନରହତ୍ୟା ଓ ନାରୀଧର୍ଷଣ ସବୁ ଏକ ପ୍ରକାର ଅବାଧରେ ଚାଲିଚି । ହିନ୍ଦୁଙ୍କ ମଧ୍ୟରୁ କେତେକ ଏ ସବୁକୁ ଅତି ଅନୀତି ଓ ପାପ ବୋଲି କହୁଚନ୍ତି । ପୁଣି କହୁଚନ୍ତି, ଗୁରୁଭାୟୁରରେ ଅଛବ ନପୂରାଇବା ଠାରୁ ଏ ପାପ ହେଉଛି ବଡ଼ ପାପ । କିନ୍ତୁ ପାକିସ୍ତାନରେ ହିମାଳୟ ହଲୁ ନାହାନ୍ତି, କି ସିନ୍ଧୁ, ବ୍ରହ୍ମପୁତ୍ର ଉଛୁଳୁ ନାଇ । ବରଂ ବ୍ରହ୍ମପୁତ୍ରାଦି ଉଛୁଳିବାରେ ଆସାମରୁ ଯେଉଁ ବିରାଟ କାଠ ମାନ ଲକ୍ଷ ଲକ୍ଷ ସଂଖ୍ୟାରେ ଭାସି ଆସିଲା, ତାକୁ ଆସାମୀମାନେ ଜଳକାଙ୍କ ପରି ଚାହିଁଚନ୍ତି, ଶେଷକୁ ଆସି ପାକିସ୍ତାନରେ ହାଜର । ହୁଏ ତ ସେ ସବୁ ପାକିସ୍ତାନର ହେବ କି ଆସାମ ଫେରି ପାଇବ, ତା ଘେନି ନେହୁରୁ ଲିଆକତ୍ ଅଲ୍ଲୀ ପୁଣି ମୁହାଁ ମୁହିଁ ହୋଇ ବସି ଆଲୋଚନା କରିବେ ଓ ହୁଏତ ପ୍ୟାକ୍ଟରେ ପୁଣି ଗୋଟାଏ ଧାରା ଯୋଗ ହେବ । ସେହି ଧାରା ଧରି ହୁଏତ ପୁଣି କମିସନ୍ ବସିବ, ଇନ୍‌କ୍ୱାରୀ ହେବ, ରିପୋର୍ଟ୍ ମିଳିବ ଇତ୍ୟାଦି । ସେ ଯାହେଉ, ପାକିସ୍ତାନର ଶେଷକୁ ସେତକ ଲାଭ ହେବ।

ପାକିସ୍ତାନର ପାପ -

ତେବେ କଣ, ଏ ସବୁ କରି ପାକିସ୍ତାନର କିଛି ପାପ ହେଉନାଇ ? ନା ନେହୁରୁ କହିବା ମତେ ଭାରତରେ ହିନ୍ଦୁଏ ମୁସଲମାନଙ୍କ ଉପରେ ଯେଉଁ ଅତ୍ୟାଚାର କଲେ, ତା ସଙ୍ଗେ ଚିତ୍ରଗୁପ୍ତଙ୍କ ତୁଳାଦଣ୍ଡରେ ପଡ଼ି ପାକିସ୍ତାନର ପାପଯାକ କଟିଗଲା ? ଏ ସମସ୍ୟାଟି ଏବେ ସମାଧାନ କରିବାର କଥା ।

ପାକିସ୍ତାନର ଜବାବ୍ -

ଏଥିରେ ପୁଣି ଆଉ ଗୋଟିଏ ଦିଗ ବିଚାର କରିବା ଅଛି । ପାକିସ୍ତାନବାଦୀ ମୁସଲମାନ କହୁଚି - ଏ ସବୁଥିରେ ହିନ୍ଦୁ କିମ୍ବା ହିନ୍ଦୁଆଣୀଙ୍କ ଉପରେ କୌଣସି ଅତ୍ୟାଚାର, ଧର୍ଷଣ ବା ପାପ କରାଯାଉ ନାଇ । ଅଲ୍ଲାଙ୍କ ପବିତ୍ର ଆଦେଶ ଘେନି ମୁସଲମାନ ବହୁକାଳ ପରେ ଏବେ ଯଥାର୍ଥ ଧର୍ମକାର୍ଯ୍ୟ କରିବା ପାଇଁ ସୁବିଧା ପାଇଚନ୍ତି । କାଫୀରଙ୍କୁ ମୁସଲମାନ କରିବା, କାଫୀରଙ୍କ ସମ୍ପତ୍ତି ମୁସଲମାନଙ୍କର କରିବା, କାଫୀରଙ୍କ ନାରୀଙ୍କୁ ମୁସଲମାନ

Digitized by PPRACHIN, SOA

କରିନେବା, ଏ ସବୁ ମହାଧର୍ମ - କାର୍ଯ୍ୟ । ଏଇଥିପାଇଁ ଯାହା ଦରକାର ହେଉଚି, ମୁସଲମାନ ଏବେ ତାହାହିଁ କରୁଚନ୍ତି । ଏ ପୁଣ୍ୟ କାର୍ଯ୍ୟରେ ଆଲ୍ଲା ବା ଈଶ୍ୱରଙ୍କର ସନ୍ତୋଷ ବଢୁଚି ।

ଆମ ତଦ୍‌ବିଦ୍‌ମାନେ ଏବେ କହନ୍ତୁ -

ଏଇ ଭାବରେ ଦେଖିଲେ ଏକା ଜିନିଷଟି ସୁବୋଧ ହେଉଚି ଓ ଈଶ୍ୱରଙ୍କ ରାଜ୍ୟର 'ସତ୍ୟ - ସମାଚାର' ବେଶ୍ ବୁଝା ଯାଉଚି । କିଂତୁ ଆମର ଇଚ୍ଛା ତଦ୍‌ବିଦମାନଙ୍କ ଠାରୁ ଶୁଣିବା ପାଇଁ । ଆମ ନିଜମତ ପ୍ରଚାର କରିବା ଆମର ଉଦ୍ଦେଶ୍ୟ ନୁହେଁ । ଯେଉଁମାନେ ଶିଖ୍‌ମାନଙ୍କୁ ଆତ୍ମରକ୍ଷା ପାଇଁ ଅସ୍ତ୍ରଶସ୍ତ୍ର ନ ଦେଇ ପଶ୍ଚିମ ପଞ୍ଜାବରୁ ହିନ୍ଦୁଙ୍କୁ ଓଳାଇ ଫିଙ୍ଗି ଦେଲାପରି ପାକିସ୍ତାନକୁ ଶୁଦ୍ଧ ମୁସଲିମ୍‌ସ୍ଥାନ କରିବାରେ ସାହାଯ୍ୟ କରିଚନ୍ତି ଓ ଫଳରେ ଆଜି ଭାରତର ଶାସନ ତଥା ସମାଜରେ ଶିଖ୍ ସମସ୍ୟା ସୃଷ୍ଟି କରିଚନ୍ତି, ପୁଣି ପାକିସ୍ତାନ ସଙ୍ଗେ ପାକୁ କରି ଏବେ ନିତି ସମାଧାନର ବାଟ ଦରାଣ୍ଡୁଚନ୍ତି, ସେହିମାନେ ଏହି ବିଷୟରେ ନିଜ ବିଚାର ଓ ସିଦ୍ଧାନ୍ତ ଜଣାଇ ଦେବାକୁ ଆଜି ଭାରତ ଆଶା କରି ବସିଚି ।

ନୂଆପ୍ରସ୍ଥ-୨/୧୦, ଆଲୋଚନା

ସ୍ୱାଧୀନତା ପରେ

ଏ ପାଇଥିବା ସ୍ୱାଧୀନତା -

ଯେଉଁ ସ୍ୱାଧୀନତା ଆମେ ଲୋଡୁଥିଲୁ, ଅର୍ଥାତ୍ ଇଂରେଜଙ୍କ ଠାରୁ ଯେଉଁ ସ୍ୱାଧୀନତା ଛଡ଼ାଇ ଆଣିବୁ ବୋଲି ଆମେ ବିଚାରୁଥିଲୁ, ତାହା ପୂରାପୂରି ପାଇଲୁ ନାଇ । ଡୋମିନିଅନ ଷ୍ଟାଟସ୍ (Dominiun Status) ବା ଅଧୀନସ୍ଥ ସ୍ୱାଧୀନତା ପାଇଚୁ ବୋଲି ଆମେ ଏପରି କହୁନାଉ । ହିନ୍ଦୁ - ମୁସଲମାନ ସଂପର୍କ ଘେନି ଯାହା ହୋଇଗଲା, ସେଥିରେଇ ଆମର ଉଦ୍ଦେଶ୍ୟ ଅପୂର୍ଣ୍ଣ ରହିଲା । ଏଣିକି କ'ଣ ହେବ, କହିବା କଷ୍ଟ । ପୂର୍ବପରି ପୃଥିବୀରେ ରାଜ୍ୟଲିପ୍ସା ଯଦି ଘୋଟି ରହେ, ତେବେ ହିନ୍ଦୁ-ପ୍ରଧାନ ଭାରତ ଭାଗ୍ୟରେ ମଧ ଆଉରି କି ଦୁର୍ଗତି ଅଛି, ତାହା କିଏ କହିବ ? ମାତ୍ର ସେ ଚିନ୍ତା ଏବେ ଥାଉ । ଇଂରେଜ ଠାରୁ ଭାରତକୁ ଛଡ଼ାଇ ଆଣି ଆମର କି ଗତି ହେଉଚି ଓ ହେବ, ତାହାଇ ଏବେ ଦେଖିବାର କଥା । ହିନ୍ଦୁ, ମୁସଲମାନ ହଣାକଟା ଲାଗିଚି । ମୁସଲମାନ ଆରମ୍ଭ କରି ଥିବାରୁ ଏହା, ଲାଗିଚି କି ହିନ୍ଦୁ ପ୍ରତିଶୋଧ ନେବାରୁ ଏହା ହଜମ ହେଉନାଇ, ସେ କଥା ଆମର ଏଠାରେ ବିଚାର୍ଯ୍ୟ ନୁହେଁ । ମୁସଲମାନ ଅହିଂସା ଧର୍ମ କେବେ ଧରିନାଇ, ପରଂପରାରେ ଏହା ଲୋଡ଼ି ନାଇ । ମୁସଲମାନଙ୍କୁ ମୁସଲମାନ ଭାବରେ ଆମେ କେବେ ବୁଝିନାହୁଁ, କି ବ୍ୟବହାର କରି ନାହୁଁ । ତେଣୁ ସେ ଆପଣା ହୋଇନାହାନ୍ତି । ତଥାପି ମନେହୁଏ, ନିଜ ନିଜର ସାଂସାରିକ ସ୍ୱାଚ୍ଛନ୍ଦ୍ୟ ନିମନ୍ତେ ହିନ୍ଦୁ, ମୁସଲମାନ ଦୁହେଁ ଆଗ ପଛକୁ ଚାହିଁ କ୍ରମେ ଥଣ୍ଡା ହେଉଚନ୍ତି, ହେଇଯିବେ । କିଂତୁ ଯଥାର୍ଥ ସ୍ୱାଧୀନତାର ମନୋଭାବ ନ ଫୁଟିଲେ

Digitized by PPRACHIN, SOA

ଏସବୁ ସତ୍ତ୍ୱେ, ଏତେ ସାଧନା ସାଧ କରି ମଧ୍ୟ କିଛି ହେବ ନାଇ । ଶୋଷକ ଇଂରେଜଙ୍କ ଠାରୁ ଦେଶଟା ଛଡାଇ ଆଣି ସେ, ଯାହା ଶୋଷଣ କରୁଥିଲେ, ତାକୁ ଆମେ ଭୋଗ କରିବା ପାଇଁ ଲାଗିଗଲେ, ଭାରତ ଯଥାର୍ଥରେ ସ୍ୱାଧୀନ ହେବ ନାଇ । ସ୍ୱାଧୀନତାର ମନୋଭାବ ଓ କ୍ରିୟା, ଅଲଗା । ଆମେ ସ୍ୱାଧୀନତା ଆଣିଚୁ, କେବଳ ଆମେ କେତେଜଣ ନେତା ବା ପୁଂଜିପତି ଭୋଗ କରିବା ପାଇଁ ନୁହେଁ । ଜନ ବା ବ୍ୟକ୍ତି ସ୍ୱାଧୀନ ନହେଲେ, ସେ ଆଡ଼ିକି ଆମର ଦୃଷ୍ଟି ନ ଗଲେ, ସ୍ୱାଧୀନତା ହେଲା ନାଇ, କି ଆସିବ ନାଇ ।

ଏବ ଗତି କୁଆଡ଼େ ?

କିଂତୁ ଦେଖାଯାଉଚି, ସ୍ୱାଧୀନତାର ମନୋବୃତ୍ତି ଆମ ନେତାଙ୍କ ଭିତରେ ଫୁଟୁ ନାଇ । କେବଳ ନେତା ନୁହନ୍ତି, ପୁଂଜିପତିଙ୍କ ଠାରୁ ପ୍ରଚାରକଙ୍କ ପର୍ଯ୍ୟନ୍ତ ସମସ୍ତେ ସେଇ ଗତାନୁଗତିକ ପରାଧୀନତାର ମନୋବୃତ୍ତିରେ ଚାଲିଚନ୍ତି । ହିନ୍ଦୁ ମୁସଲମାନ ବିରୋଧ ପରି ସାମୟିକ ବିପ୍ଳାତ ଠାରୁ ଏହା ଆହୁରି ବିପଦଜନକ । ଏ କ୍ଷେତ୍ରରେ ଅଳ୍ପ ଦିନର ପାକିସ୍ତାନ ପୁଣି ଦେଖାଯାଉଚି, ବେଳେ ବେଳେ ଆମକୁ ଟପିଯିବା ଉପରେ । ମାତ୍ରକ ଗୋଟିଏ ଦିଓଟି ଉଦାହରଣ ଦେଉଚୁ ।

ପାକିସ୍ତାନ ଫେରିବ କି ? –

'ପାକିସ୍ତାନ ଦରିଦ୍ର ଦେଶ । ପୁଣି ସେଥିରେ କଳକାରଖାନା ବେଶି ନାଇ । ସେମାନେ ବାଧ ହୋଇ ଭାରତକୁ ଭଜିବେ, ଭାରତରେ ନ ମିଶି ରହି ପାରିବେ ନାଇ ।' ଆମ ଖବରକାଗଜ ପ୍ରଚାରକେ ଆଗ ଏଇ ଦୁଆ ଧରିଲେ । ଏଥିରେ ଟାଟା, ବିରଳା ପ୍ରଭୃତି ପୁଂଜିପତି ଓ କଳକାରଖାନା ମାଲିକମାନେଇ ଯେପରିକି ଆମର ତ୍ରାଣକର୍ତ୍ତା । ଏ ସଂପର୍କରେ ଆମେ କହିଥିଲୁ, ଆମ ଗାନ୍ଧର, ବାହ୍ଲୀକ ଦିନେ ଏଇପରି ଆଫଗାନିସ୍ତାନ ହୋଇ ଯାଇଥିଲ । ସୋମନେ ଏବେ ପାକିସ୍ତାନ ଠାରୁ ଆହୁରି ଦରିଦ୍ର; କଳକାରଖାନାରେ ପଛୁଆ । ଏଥିପାଇଁ ସେମାନେ ଭାରତକୁ ଫେରି ନ ଥିଲେ, ଫେରିବାର ଆଶା ବି ନାଇ । ତେଣୁ ପାକିସ୍ତାନ ଫେରିବା କଥା ମିଛ । ପରିପ୍ରଚାରକର ଏ କାରସାଦି କେବଳ ଗୋଟିଏ ଲୋକ ଭୁଲାଣିଆ ଆତସବାଜି । ଏହା ଗୋଟିଏ 'ଚନ୍ଦ୍ରକାନ୍ତି ମହତାବ'ର ଆଲୋକ ଭଳି । ଯଥାର୍ଥ ଚନ୍ଦ୍ରକାନ୍ତି ନୁହେଁ ।

ଜିନ୍ନାଙ୍କ ଦରମା ଓ ଆମ ଲାଟଙ୍କ ଦରମା –

ସଂଗେ ସଂଗେ ପୁଣି କ'ଣ ଦେଖାଗଲା ? ପାକିସ୍ତାନର ବଡ଼ଲାଟ ଜିନ୍ନା ସାହେବ ଘୋଷଣା କରିଦେଲେ, ସେ ନିଜେ ଦରମା ନେବେ ନାଇ । ଆମ ଛୋଟ ଲାଟଙ୍କର ଦରମା ମଧ୍ୟ ୭୨ ହଜାର ଟଙ୍କାରୁ ଊଣା ନୁହେଁ । ଲୋକଙ୍କୁ ଭୁଲାଇବା ପାଇଁ ପୁଣି କୁହାଯାଇଚି, ସେମାନେ ତ ଗୁଡ଼ାଏ ଆୟକର (Income Tax) ଦେବେ । ରାଜ୍ୟରେ

Digitized by PPRACHIN, SOA

ଆଉ ଯାହାର ୭୨ ହଜାର ଆୟ, ସେ ମଧ୍ୟ ସେତିକି ଆୟକର ଦେବେ । ଯେଉଁ ଡ଼େପୁଟି ବା ଛୋଟ ଚାକର, ୨୫(ଅଢ଼େଇ) ହଜାର ଟଙ୍କାରୁ ବେଶି ପାଏ, ଯେଉଁ କୃଷକ ବା ଜମିଦାର ଓଡ଼ିଶାରେ ୫ ହଜାର ଟଙ୍କାରୁ ବେଶିପାଏ, ସେ ସମସ୍ତେ ଆୟକର ଦିଅନ୍ତି । ଲାଟ ସାହେବ ସେଇପରି ଦେବେ । ଲାଟଙ୍କ ସେକ୍ରେଟେରୀ ଓ ଶରୀରରକ୍ଷୀ ମଧ୍ୟ ସେଇପରି ଦେବେ । ଏ ସବୁ ଲୋକ ଭୁଲାଣିଆ ଯୁକ୍ତି କାହିଁକି ? ରାଜ୍ୟ ହାତରେ ପାଇଲ ବୋଲି ତ ଆପଣା ପାଇଁ ବା ଆପଣା ଭଳି ଲୋକଙ୍କ ପାଇଁ ମୋଟା ମୋଟା ଦରମାର ବ୍ୟବସ୍ଥା କରୁଚ । ସତ କହିବାରେ ଏତେ ଛନ୍ଦ କିଆଁ ? ନିୟମ ତ କରିଥିଲ, ଆମ ହାତକୁ ଶାସନ ଆସିଲେ, ଆମର କୌଣସି ଉଚ୍ଚ ଚାକିରିଆ ମଧ୍ୟ ମାସକୁ ଟ୫୦୦ ରୁ ଉର୍ଦ୍ଧ୍ୱ ପାଇବେ ନାଇ । ସେତେବେଳେ ସେଇ ୫୦୦ ରୁ ମଧ୍ୟ ଆୟକର ଦେବାକୁ ହେଉଥିଲା । ସେ ଯାହାହେଉ, ଲିଗ୍ ନେତା ଜିନ୍ନା, ଆମ ନେତା ଧର ରାଜଗୋପାଳାଚାରୀ, ଏ ଦୁହିଁଙ୍କ ଭିତରେ ଦରମାରେ ଯେ ପ୍ରଭେଦଟା ଦେଖାଗଲା, ତା'ର କି କୈଫିଏତ୍ ଅଛି ? ସ୍ୱାଧୀନତା ପାଇବାକୁ ଯାଉଥିବା ବେଳ କଥା, ସ୍ୱାଧୀନତା ପାଇ ସାରିଲା ବେଳକୁ ନାଇ । ଏହାଇ ବୁଝିବାକୁ ହେବ ନାଁ, ଆଉ କ'ଣ ?

ଓଡ଼ିଶାର ପୋଲିସ ଖର୍ଚ୍ଚ –

ପୁଣି ଦେଖ । ଅନ୍ୟଠା କଥା ବିଶେଷ ଜଣା ନ ଥିବାରୁ ଏଇ ଓଡ଼ିଶାରୁ ଉଦାହରଣ ଦେଉଚୁ । ରିପୋର୍ଟରୁ ଜଣାଯାଏ, ଗଲା ୪ ବର୍ଷ ଭିତରେ ପୁଲିସ ଧରିବା ଭଳି ଦୋଷର ସଂଖ୍ୟା [Criminal offences] କମିଚି । ସେପରି ଦୋଷ ବଢ଼ିବାର ସଂଭାବନା ମଧ୍ୟ କିଛି ନାଇ । କିଂତୁ ୪ ବର୍ଷ ତଳେ ପୁଲିସ ଖର୍ଚ୍ଚ ବରାଦରେ ଥିଲା ବଜେଟରେ ୨୨ ଲକ୍ଷ ଟଙ୍କା । ଏବେ ହେଉଚି ୫୯ ଲକ୍ଷ । କାହିଁକି ?

ପାକିସ୍ତାନର ଶିଳ୍ପ କାରଖାନା ଜାତୀୟ ସଂପତ୍ତି ହେବ –

ଆଉ ଥରେ ପାକିସ୍ତାନକୁ ଚାହଁ । ସେଠାରେ ଜିନ୍ନା ସାହେବଙ୍କ ନେତୃତ୍ୱରେ ଏବେ ଘୋଷଣା କରାଗଲା, ଦେଶର ସମସ୍ତ କଳକାରଖାନା, କୌଣସି ପୁଂଜିପତିଙ୍କ ହାତରେ ରହିବନାଇ । ତାହା ସବୁ ରାଜ୍ୟ ନିଜେ କରିବେ । ସେ ସବୁ ହେବ ପୂରାପୁରି ଜାତୀୟ ସଂପତ୍ତି । ଲୋକେ ସମସ୍ତ ନିଜର ସଂଚିତ ଧନ ଏଥିପାଇଁ ରାଜ୍ୟକୁ ଦେବେ ଓ ଦେଇଥିବା ମଥୋଟରେ ଲାଭରୁ ଅଂଶ ପାଇବେ । ଏଥିପାଇଁ ଦରକାର ହେଲେ ଟାଟା, ବିରଳାଙ୍କ କାରଖାନା ପରି କାରଖାନାରେ ଚାଳକ ହୋଇଥିବା ଲୋକେ ଆସି ଚାକିରି କରିବେ । ଏଇପରି ବିଶେଷଜ୍ଞଙ୍କୁ ଚାକିରିରେ ରଖି ଲୋକଙ୍କୁ ଶିଳ୍ପ ଶିକ୍ଷାରେ ତାଲିମ କରି ନିଆ ହେବ । ଏପରି ହେଲା ବେଳେ, ସ୍ୱାଧୀନ ଭାରତରେ କ'ଣ ହେଉଚି ? ଦୂରକୁ ନ ଯାଇ ଏଇ ଓଡ଼ିଶାର ଉଦାହରଣରେ ଦେଖ ।

Digitized by PPRACHIN, SOA

ଓଡ଼ିଶାରେ ଶିଳ୍ପ ବେପାର -

ଓଡ଼ିଶା ଗରିବ ଦେଶ । ହେଲେହେଁ ସେଥିରେ କଳ କାରଖାନା ପାଇଁ ପ୍ରାକୃତିକ ସଂପଦ ଖୁବ୍ ଅଛି । ମାତ୍ର ପୋଷଣ ନାମରେ ଏସବୁର ଶୋଷଣ ନିମନ୍ତେ କଳକାରଖାନା କରିବା ପାଇଁ, ସେତିକି ନୁହେଁ ବେପାର ବଣିଜ ପାଇଁ ମଧ୍ୟ, ବାହାରର ଓ ବାହାରରୁ ଧନ କୁବେରମାନେ ଲୋଡା ହେଉଚନ୍ତି । ସରକାରଙ୍କ ମତରେ ଏହାର କାରଣ ହେଉଚି, ଏ ଦେଶରେ ପାରିବାର ନାହାନ୍ତି କି ଜାଣିବା ନାହାନ୍ତି- ଧନ ନାଇ କି ବିଶେଷଜ୍ଞର ବିଦ୍ୟା ନାଇ । ବିଶେଷ ବୁଝାଇବା ନିଷ୍ପ୍ରୟୋଜନ । ଯାହା ଘଟୁଚି ତାହା ଲୋକେ ଜାଣନ୍ତି । ତା'ର ବ୍ୟାଖ୍ୟା ଦରକାର ନାଇ । ଲୋକେ ବୁଝୁଥିବେ, ନ ବୁଝିଲେ ଶୀଘ୍ର ବୁଝିବେ ।

ସଂବାଦପତ୍ରଙ୍କ କୀର୍ତ୍ତି -

ସଂବାଦପତ୍ର ଧରି ବସିଥିବା ପରିପ୍ରଚାରକେ ପୁଣି ସ୍ୱାଧୀନ ଚିନ୍ତା ଭ୍ରଷ୍ଟ କରିବାରେ କିପରି ଲାଗିଚନ୍ତି ଦେଖ । ସେ ଦିନ ଦୂର ଜୟପୁର ଜଂଗଲ ଭିତରେ ଯୁକ୍ତି ଶୁଣିଲି, 'ଏ ଜିନ୍ନାଟା କି ସ୍ୱାର୍ଥପର ! ଅବୁଝା ମୂର୍ଖଙ୍କ ପରି କଥା ଗୁଡ଼ାଏ କହି ପାକିସ୍ତାନଟା ମାରି ନେଲା । କିଂତୁ ଧରା ପଡ଼ିଗଲା । ପାକିସ୍ତାନ ନେଲା କାହିଁକି ? ଆପେ ସେଥିରେ ବଡ଼ଲାଟ ହୋଇ ବସିବା ପାଇଁ । କିଂତୁ ହେଲେ କ'ଣ ହେବ, ଯେପରି ଅନ୍ୟାୟ କରୁଚି, ଶୀଘ୍ର ଧ୍ୱଂସ ହୋଇଯିବ, ସେ ଯିବ, ତା ପାକିସ୍ତାନ ଯିବ ।' ଏତ ମଫସଲ ମତାନ୍ଧଙ୍କ ଯୁକ୍ତି । ଏଥିରେ ପ୍ରତିଯୁକ୍ତି କରି ବୁଝାଇବାର ଉପାୟ ନାଇ । ପୁଣି ବିଶେଷ କାରଣ, ସେ ଏପରି ବେଦଜ୍ଞାନ ଖବରକାଗଜରୁ ପାଇଚନ୍ତି । ଲୋକଙ୍କୁ ଏପରି ଘୋର ଅନ୍ଧକାରକୁ ନେଇ ତାଙ୍କୁ ମତାନ୍ଧ କରି, ତାଙ୍କ ଚିନ୍ତାକୁ ପରାଧୀନ କରି ବାନ୍ଧି ରଖି, ଗତି କୁଆଡ଼କୁ ହେଉଚି ? ଏ କ'ଣ ସ୍ୱରାଜ୍ୟ ଓ ସ୍ୱାଧୀନତା ଆପଣାର କରିବାର ଗତି ?

ପରିପ୍ରଚାରରେ ଲୋକଙ୍କୁ ଅନ୍ଧ କର ନାଇ -

କୌତୁକ ଲାଗୁଚି, ଦୁଃଖ ବି ହେଉଚି । ପାକିସ୍ତାନ ହେଲା, ଭାରତ ବି ହେଲା - ଦୁହେଁ ସ୍ୱାଧୀନ ହେଲେ । ପାକିସ୍ତାନରେ ବଡ଼ଲାଟ ହେଲେ ଜିନ୍ନା, ଭାରତରେ ବଡ଼ଲାଟ ହେଲେ ଇଂରେଜ ଲର୍ଡ଼ ମାଉଣ୍ଟବାଟେନ । ଅର୍ଥାତ ପାକିସ୍ତାନିଏ ବାଛିଲେ ଜିନ୍ନାଙ୍କୁ ରାଜ୍ୟର ନେତାକରି । ଭାରତୀଏ ବାଛିଲେ ଲର୍ଡ଼ ମାଉଣ୍ଟବାଟେନଙ୍କୁ । ଏତିକିରେ ପୃଥିବୀ ବୁଝିଗଲା କିଏ କେତେ ସ୍ୱାଧୀନତା ପାଇଲା । ପୁଣି ଅଗଷ୍ଟ ୧୫ ତାରିଖରେ ଜିନ୍ନା ସାହେବ ଯେଉଁ ଶପଥ ନେଲେ, ସେଥିରେ ଇଂରେଜ ରାଜାଙ୍କ ନାମ ଗନ୍ଧ ନାଇ । ସେ ଶପଥ ନେଲେ, ସେ ହେବେ ପାକିସ୍ତାନ ଲୋକ (People) ଓ ପାକିସ୍ତାନ ଶାସନବିଧି (Constitution)ର ଅଧୀନ । ତାଂକ ମନ୍ତ୍ରୀମାନେ ତଦନୁ ରୂପେ ଶପଥ ନେଲେ । ଏଣେ ଭାରତରେ ଲର୍ଡ ମାଉଣ୍ଟବାଟେନ୍ ଆଗେ ଇଂରେଜ ରାଜା ଓ ତାଂକ ଉତ୍ତରାଧୀକାରୀଙ୍କୁ ମୁଣ୍ଡିଆ ମାରି ପୂର୍ବପରି

Digitized by PPRACHIN, SOA

ଶପଥ ନେଲେ । ଆମ ନେହୁରୁ ପ୍ରଭୃତି ମଧ୍ୟ ସେଇ ଅନୁକ୍ରମେ ନିଜ ନିଜର ଶପଥ ଆବୃତ୍ତି କଲେ । ଏକଥା ମଧ୍ୟ ପୃଥିବୀ ଦେଖିଲା । ତଥାପି ଆମର ଆଖି ଫିଟୁ ନାଇ କାହିଁକି ? ପରିପ୍ରଚାରରେ ଲୋକଙ୍କୁ ଅନ୍ଧ କଲେ ସତ୍ୟ ବଦଳି ଯିବ ନାଇ । ଲୋକଙ୍କର ଚିନ୍ତାକୁ ଅପପ୍ରଚାରରୁ ଛଡ଼ାଇ ଲୋକଙ୍କୁ ମତାନ୍ଧତାରୁ ମୁକ୍ତ କରି ଆଗ ସ୍ୱାଧୀନ କରିବା ଦରକାର । ସ୍ୱାଧୀନତା ପାଇବା ପରେ ପରେ ଏଇଟିକକ ଅନ୍ତତଃ ଆମର ପ୍ରଥମ କାର୍ଯ୍ୟ ।

ଏ ପରିସ୍ଥିତିରେ ସାଧନାର ବାଟ -

ଆଉ ଗୋଟିଏ ଉଦାହରଣ ଦେଖ। ସେ ଦିନ [୧୨-୧୦-୪୭] ପଂଡିତ ନୀଳକଣ୍ଠ ଦାସ ଉତ୍କଳ ସମ୍ମିଳନୀର କୋରାପୁଟ ଜିଲା ସମ୍ମିଳନୀକୁ ସଭାପତି ହୋଇ ଯାଇଥିଲେ । ଲୋକେ ଭାରି ଉତ୍ସାହିତ । ସେମାନେ ଲାଗିଛନ୍ତି, ତୁଡୁମାର ସଂପତ୍ତି ମାନ୍ଦ୍ରାଜ ଠାରୁ ଫେରାଇ ଆଣିବେ । ଓଡ଼ିଶା ବାହାରେ ଥିବା ଓଡ଼ିଆ ଭୂମିକୁ ଓଡ଼ିଶାକୁ ଘେନି ଆସିବେ । ସେଥିପାଇଁ ଦରକାର ପଡ଼ିଲେ ହଜାର ହଜାର ଶହ ଶହ ଲୋକ ସତ୍ୟାଗ୍ରହରେ ଆତ୍ମବଳୀ ଦେବେ, ନିଜର ରକ୍ତ ଦେବେ । ଉପାନ୍ତ ଭୂମିରେ ଜନମତ ସୃଷ୍ଟି କରିବେ । ମନେ ହେଲା ଯେପରି କି ସତେ ଇଂରେଜ ସରକାର ବିଚାର କରୁଚି, କିଂବା ଫିଲିଫ୍ ଡ଼ଫ୍ କମିଶନ୍ ବସିଚି । ହଠାତ୍ ସଭାପତି ନୀଳକଣ୍ଠ ଦାସ ବକ୍ତୃତାରେ ବୁଝାଇ କହିଲେ, "ଏ ସବୁ ପରାଧୀନତାର ମନୋଭାବ ଛାଡ଼ । ସେଇ ସତ୍ୟାଗ୍ରହ, ସତ୍ୟାଗ୍ରହ ବୋଲି ପୁରୁଣା କଥାଟାର ଆବୃତି କରି କିଛି ଫଳ ନାଇ । ଯେଉଁ ସ୍ୱାଧୀନତା ପାଇବ ବୋଲି କହୁଚ, ସେଇ ପନ୍ଥାରେ ଏବେ ଚିନ୍ତା ଓ କାର୍ଯ୍ୟକର ।" ବିରାଟ ଜନତା ଯେପରିକି ସ୍ତମ୍ଭିତ ହୋଇଗଲା । ଜଣେ ନେତୃସ୍ଥାନୀୟ କଂଗ୍ରେସ କର୍ମୀ ସଂଭାଳି ନପାରି ପଚାରି ପକାଇଲେ, "ଗାନ୍ଧିଙ୍କ ସତ୍ୟାଗ୍ରହ ଯଦି ନ ମାନିବା ତେବେ ବାଟ କ'ଣ ଅଛି କହିଦିଅ ?" ନୀଳକଣ୍ଠ ଦାସ ବୁଝାଇ କରି କହିଲେ, "ସତ୍ୟାଗ୍ରହ ଗାନ୍ଧିଙ୍କର ହୋଇପାରେ । ସେଥିରେ ଫଳ ହୋଇଚି । ଏହା ବୋଲି ତାହା ଏପରି ନିତ୍ୟ ସତ୍ୟ ନୁହେଁ। ସତ୍ୟାଗ୍ରହରେ ଆଇନ ଭାଙ୍ଗିବାକୁ ହେଉଥିଲା । ସେ ଆଇନ ତିଆରି କରିବା ବା ବଦଳାଇବା ଆମ୍ଭ ହାତରେ ନଥିଲା । ଆଜି ଆଇନ ଭାଂଗିବା ଦରକାର ନାଇ । ତେଣୁ ସତ୍ୟାଗ୍ରହର ରକ୍ତଦାନ ଲୋଡ଼ା ନାଇ । ପୂର୍ଣ୍ଣ ସ୍ୱାଧୀନତା ହେଉ ବା ନହେଉ, ଯଥାର୍ଥ ଜନଶାସନ ଆମେ ପାଇନଥିଲେ ହେଁ ଯାହା ପାଇଚୁ, ତାହା ଇଂଲଣ୍ଡର ଜନ-ଶାସନ । ସେଥିରେ ଭୋଟ ହେଉଚି, ମନ୍ତ୍ର । ଶାସନର ବିରୋଧ ହେଉଚି, ପ୍ରଧାନ ଅବଲମ୍ବନ । ମୁଁ କହୁଚି, ଆଜି ଗୋଟିଏ ମାତ୍ର ନିର୍ବାଚନମଣ୍ଡଳୀ ଧର । ଯଦି ତୁଡୁମା ବା ବାହାରର ଓଡ଼ିଆ ଭୂମି ତୁମର ଦରକାର, ସେଇ ଭାବରେ ସେଇ ନିର୍ବାଚନମଣ୍ଡଳୀରେ ଭୋଟରମାନଙ୍କ ମତ ତିଆରି କର । ସେମାନେ ଯାହାଙ୍କୁ ନିର୍ବାଚନ କରିଥିଲେ, ତାଙ୍କୁ ନିର୍ଦ୍ଦେଶ ଦିଅନ୍ତୁ । ସେ ଯାଇ କହନ୍ତୁ - ଦଳ

Digitized by PPRACHIN, SOA

ସଭାରେ କହନ୍ତୁ, ବ୍ୟବସ୍ଥା ସଭାରେ କହନ୍ତୁ - ମୋ ନିର୍ବାଚନମଣ୍ଡଳୀର ମତ ଏଇଆ । ସରକାର ଏଇଆ କରିବାରେ ଯାହା କରିବାର କରନ୍ତୁ । ତା ନ କଲେ, ସେ ଇସ୍ତଫା ଦିଅନ୍ତୁ ଓ ସେଇ କଥାକୁ ଧରି ନିର୍ବାଚନରେ ଲଢ଼ିବାକୁ ସରକାରଙ୍କୁ 'ଯୁଦ୍ଧଂଦେହି' (Challange) ଡାକ ଦିଅଂତୁ । ପୁଣି ଉପନିର୍ବାଚନ ହେବ । ସେଥିରେ ତାଂକୁ ପୁଣି ନିର୍ବାଚିତ କର । ସରକାର ଏଇପରି ଥରେ, ଦୁଇଥର, ତିନିଥର ପରାସ୍ତ ହେଲେ, ତାଂକ ମେରୁଦଣ୍ଡ ଭାଙ୍ଗିଯିବ । ସେ ହୁଏତ ଇସ୍ତଫା ଦେବେ । ନ ହୁଏତ ଭବିଷ୍ୟତରେ ଅନେକ ନିର୍ବାଚନମଣ୍ଡଳୀ ହରାଇବେ । ଅନ୍ୟଥା ତୁମ ସଭ୍ୟ ନ ମାନିଲେ, ଆସନ୍ତା ନିର୍ବାଚନରେ ସେ ଓ ତାଂକ ଦଳ ଆଉ ସହଜରେ ତିଷ୍ଠିବେ ନାଇ । ଏହା ହେଲେ, ମନକୁ କେନ୍ଦ୍ର ସରକାର ଆସ୍ଥାନ କଂପିବ । ମାନ୍ଦ୍ରାଜ, ଓଡ଼ିଶା ସରକାରଙ୍କ ଭିତରେ ହୋଇଥିବା ଚୁକ୍ତିର ମୂଲ୍ୟ ରହିବ ନାଇ । କେନ୍ଦ୍ରରୁ 'ସମ୍ଭାଳ', 'ସମ୍ଭାଳ' ବୋଲି ଡ଼ାକ ପଡ଼ିବ । ତୁଡୁମା ଚୁକ୍ତି ଭାଙ୍ଗିଯିବ, ଉପାନ୍ତଭୂମି ଆସିଯିବ । ଏହାଇ ଏବେ ପନ୍ଥା । ଏଥିରେ ସତ୍ୟାଗ୍ରହ ଦରକାର ନାଇ, ରକ୍ତ ଦେବା ଦରକାର ନାଇ । ଦରକାର ଅଛି ସ୍ୱାଧୀନତା ଚିନ୍ତା ଓ ସେଇ ଚିନ୍ତା ଧରି ଶୃଙ୍ଖଳିତ କ୍ରିୟା ।" ସୁଖର କଥା କଂଗ୍ରେସ କର୍ମୀଟି ନିସ୍ତବ୍ଧ ହୋଇ ଶୁଣୁଥିଲେ । ଶେଷରେ ସ୍ୱୀକାର କଲେ, ଯଥାର୍ଥରେ ଏବେ ଏହାଇ ପନ୍ଥା । ସତ୍ୟାଗ୍ରହ ଏଠାରେ ପନ୍ଥା ନୁହେଁ । ପୁଣି ତାଙ୍କୁ ବୁଝାଇ ଦିଆଗଲା, ଅଳ୍ପପକ୍ଷ ଲୋକେ ସତ୍ୟାଗ୍ରହ କରିପାରନ୍ତି । କିଂତୁ ବହୁପକ୍ଷ ଭୋଟର ନ ହେଲେ ଯଥାର୍ଥ ଜନମତ ପ୍ରକାଶ ପାଇବ ନାଇ । ଯଥାର୍ଥ ଜନମତ ପ୍ରକାଶ ନ ପାଇଲେ କେହି ଶୁଣିବେ ନାଇ । ଯେ ବହୁପକ୍ଷ ଭୋଟରେ ନିର୍ବାଚିତ ହୋଇଛନ୍ତି ବୋଲି ବାହୁସ୍ଫୋଟ କରି ଗାଦିରେ ବସିଛନ୍ତି, ସେ ଉଚ୍ଚବାଚରେ ଭୁଲିବେ ନାଇ । ସତ୍ୟାଗ୍ରହ ସାଧନାରେ ଟଳିବେ ନାଇ । ବହୁପକ୍ଷ ଭୋଟ ହେଉଚି, ଉପସ୍ଥିତ ରାଜନୀତିରେ ଯଥାର୍ଥ ପରୀକ୍ଷାର ସ୍ଥଳ । ତାହା ଦେଖାଇ ଦେବାକୁ ହେବ । ତାହା ଦେଖାଇ ଦେଲେ କେନ୍ଦ୍ରଠାରୁ ପ୍ରଦେଶ ଯାଏ ପାହାଡ ଫାଟିଯିବ, ପର୍ବତ ଟଳି ପଡ଼ିବ । ଏ ପର୍ବରେ ଏଇ ପିଠା । ଜନ ସ୍ୱାଧୀନତା ଆଡକୁ ଏହାର ଏବେ ଗତି । ଏ ଶାସନ ପେଷଣରୁ ଉଦ୍ଧାରର ଅନ୍ୟ ପନ୍ଥା ନାଇ । ଏ ପେଷଣ ପୁଣି ବିରୋଧରେ ଅବରୁଦ୍ଧ ନହେଲେ ବିଦେଶୀର ଶୋଷଣ ଓ ପେଷଣ ଠାରୁ ଆହୁରି ଭୟାବହ, ଆଉରି ଉତ୍କଟତର ।

ଯଥାର୍ଥ ଜନ-ସ୍ୱାଧୀନତା ଆମର କାମ୍ୟ -

ଏବେ ଏ ସ୍ୱାଧୀନତା ପାଇବା ପରେ ଏ ପରିସ୍ଥିତିରେ କ'ଣ କରିବାକୁ ହେବ ? ସେ କଥା ଉଦାହରଣରେ ମାତ୍ର କୁହାଗଲା । ମାତ୍ର ଯେ ସ୍ୱାଧୀନତା ଆମର ଉଦ୍ଦେଶ୍ୟ, ସେ ଜନ ସ୍ୱାଧୀନତା ଏଠାରେ ମଧ୍ୟ ନାଇ । ଯଥାର୍ଥ ସ୍ୱରାଜ୍ୟ ଏ ନୁହେଁ । ଲୋକଙ୍କୁ ମତାନ୍ଧତାରୁ ମୁକ୍ତ କରି ସ୍ୱାଧୀନ ଚିନ୍ତାର ବାଟରେ ପକାଇବା ଏବେ ପ୍ରଥମ କାର୍ଯ୍ୟ ।

Digitized by PPRACHIN, SOA

ତାଂକ ପାଇଁ ଯାହା କରାଯିବ, ତାହା ଆର୍ଥିକ ହେଉ, ନୈତିକ ହେଉ, ସାମାଜିକ ହେଉ, କୌଣସି ପ୍ରକାରେ ସେ ସବୁ ନେତାମାନେ ଲୋକଙ୍କ ଭିତରେ ଚିପି ଭର୍ତି କରିବାର ପ୍ରୟାସ ଠିକ୍ ନୁହେଁ । ସେଥିରେ ଅପପ୍ରଚାର ଓ ମତାନ୍ଧତା ଅବଶ୍ୟମ୍ଭାବୀ । ମତାନ୍ଧତାରେଇ ଲୋକ ଆତ୍ମିକ, ନୈତିକ, ଆର୍ଥିକ ଓ ସାମାଜିକ, ସବୁ ପ୍ରକାରେ ପରାଧୀନ ହୁଏ । ସେଇ ପରାଧୀନତା ହେତୁ ଆଜି ମହାତ୍ମାଗାନ୍ଧିଙ୍କ ଅହିଂସା ମନ୍ତ୍ରର ପରିଣାମରେ ଅଜସ୍ର ରକ୍ତପାତ । ଆଉ ଉଦାହରଣ ଦେଇ ବଢ଼ାଇବାର ଦରକାର ନାଇ । କିଏ ବା ଧର୍ମରେ ମତାନ୍ଧ, କିଏ ବା ରାଜନୀତିରେ ମତାନ୍ଧ । ସେ ସବୁ ବାଛ ବିଚାର କରି ବସିଲେ ଏବେ କିଛି ଫଳିବନାଇ। ଯଥାର୍ଥ ସ୍ୱରାଜ୍ୟ ପ୍ରତିଷ୍ଠା କରିବାକୁ ହେଲେ, ଦେଖିବାର ଅଛି । ବେଦ ଭାଷାରେ ପ୍ରତ୍ୟେକ ବ୍ୟକ୍ତି ହେବ ସ୍ୱରାଟ୍' । ଗ୍ରାମ କୋଣରେ ନର ନାରୀ ବୁଝିବେ, ସେ ସ୍ୱାଧୀନ । ତାଂକ ରାଜ୍ୟ, ତାଂକ ସମାଜ ତାଂକ ନିଜର । ତାଂକ ସ୍ୱାଧୀନ ଚିନ୍ତା ଓ ସ୍ୱାଧୀନ ବ୍ୟକ୍ତିତ୍ୱ ବିକାଶରେ ଆଗନ୍ତୁକ ବାଧା ବିଘ୍ନାତ ନାଇ । ସେ ସ୍ୱାଧୀନ ଭାବରେ ନିଜର ଶାସନ ଶୃଂଖଳା ବିଧାନ କରି କେନ୍ଦ୍ର ପାଇଁ ଯଥୋଚିତ ବ୍ୟବସ୍ଥା କରି ସ୍ୱାଧୀନ ଆଦାନ ପ୍ରଦାନର ସମୂହ ସାମଞ୍ଜସ୍ୟରେ ସମାଜର ବିକାଶ କରିବେ । ସେଇ ହେବ, ସ୍ୱାଧୀନ ଜନର ସ୍ୱାଧୀନ ସମାଜ । ଭାରତକୁ ଭାରତ କରିବାକୁ ହେଲେ, ପୃଥିବୀରେ ଏଇ ଜନ ସ୍ୱାଧୀନତା ଆତ୍ମିକ ଓ ଭୌତିକ ଭାବରେ- ଆଦର୍ଶ ଓ ବାସ୍ତବରେ- ପ୍ରତିଷ୍ଠିତ କରିବାକୁ ହେବ । ଆଜି ନେତାଏ ଆଙ୍ଗ ଓ ଦର୍ପଛାଡ଼ି ଏଇ ସାଧନାରେ ଲାଗନ୍ତୁ । ବ୍ୟକ୍ତି କର୍ତବ୍ୟ ନିଷ୍ଠାରେ ସମାଜକୁ ଚାହୁଁ । ସମାଜ ସ୍ୱାଧୀନତାର ଉପାସନାରେ ବ୍ୟକ୍ତିର ଆଦରକରୁ । ସାମଞ୍ଜସ୍ୟରେ ଶାନ୍ତି ଫୁଟୁ । ସ୍ୱାଧୀନ କର୍ତ୍ତବ୍ୟ ପୀଠରେ ମାନବ ସଭ୍ୟତାର ବିକାଶ ହେଉ। ଭାରତର ଏହା ଦେଖାଇବା ପାଇଁ, ଏହି ନୀତି ଓ କ୍ରିୟାରେ ବିଶ୍ୱମାନବ ସମାଜକୁ ପ୍ରଭାବିତ କରିବା ପାଇଁ, ବହୁକାଳ ପରେ ଆଜି ପୁଣି ସୁଯୋଗ ଆସିଚି । ଇତିହାସରେ ଦିନ ଥିଲା। ସେ ଦିନ ନାନା ଅସୁବିଧାରୁ ଏ ସୁଯୋଗ ପୂର୍ଣ୍ଣ କ୍ରିୟାଶୀଳତାରେ ଫୁଟି ପାରିନଥିଲା । ଆଜି ପୃଥିବୀର ଦୂରତା ତୁଟି ଯାଇଚି । ବିଶ୍ୱମାନବ ଆଜି ନିତ୍ୟ ନୂତନ ନୀତିରେ ନିଜକୁ ଗଢ଼ିବା ପାଇଁ ଚଂଚଳ । ଅଗଷ୍ଟ ୧୫ ତାରିଖରେ ସ୍ୱାଧୀନତା ପରେ ଜଗତରେ ଏଇ ଜନ ସ୍ୱାଧୀନତା ଦୃଷ୍ଟାନ୍ତରେ ଫୁଟାଇବାର ଦିନ ଆସିଚି । ଏହା ବୁଝି କାର୍ଯ୍ୟରେ ନକଲେ ପରିପ୍ରଚାରରେ ଜନତାକୁ ଅନ୍ଧ କରି ବିଜୟ ଦର୍ପରେ ମାତିଲେ, ଭାରତ ଇଂରେଜ ଅଧୀନରେ ଯେଉଁ ଅନ୍ଧାରରେ ଥିଲା, ତାଠାରୁ ଘୋରତର ଅନ୍ଧାରରେ ପଡ଼ିବ । ହୁଏତ ପୁଣି ଭ୍ରଷ୍ଟ ହୋଇ ପତିତ ହେବ । ଏହା ନ ହେଉ । ଭାରତର ଦୃଷ୍ଟି ଫିଟୁ । ସେଇ ଦର୍ଶନରେ ବିଶ୍ୱବନ୍ଦ୍ୟ ବାସ୍ତବ ଉଦ୍‌ଭାସିତ ହେଉ ।

ନୂଆପ୍ରସ୍ଥ-୧/୧୦, ଆଲୋଚନା

Digitized by PPRACHIN, SOA

ନୂତନ ରାଜନୀତିକ ପରିସ୍ଥିତି

ଭାରତ ଭାଗ ଭାଗ ହୋଇଗଲା

ବିଶ୍ୱ ଶଙ୍କର ବିଧାତା ମଙ୍ଗଳ କରନ୍ତୁ । ଭାରତ ଭାଗ ଭାଗ ହୋଇଗଲା - ଦୁଇଭାଗ କି କେତେ ଭାଗ, ଆଜି କିଏ କହିବ ? କାହାର କେତେ ଦୋଷରୁ ଏହା କିପରି ହେଲା, ସେ ସବୁ ମଲା ଘୋଡ଼ାର ଟାଂକ ମାପି ଆଉ କିଛି ଲାଭ ନାଇ । ମାତ୍ର ସେଥିରୁ ଯେତିକି ଲାଭ ଅଛି, ସେତିକି ନ ଭାବିବାକୁ ଚାରା ନାଇ ।

ଅପରେ କିଂ ଭବିଷ୍ୟତି ?

ଅନ୍ଧ ପରିପ୍ରଚାର ଚାଲିଥିଲା, 'ଜିନ୍ନା ଦେଶଦ୍ରୋହୀ', 'ସେ ଚର୍ଚ୍ଚିଲଙ୍କ ଦଲାଲ', 'ମୁସଲିମ୍‌ଲୀଗ୍ ଜାତିଦ୍ରୋହୀ' - ଏସବୁ ପରିପ୍ରଚାରର ଫଳ ଫଳିଗଲା । ଆଉ ଗୋଟିଏ ପରିପ୍ରଚାର, 'ସାମ୍ରାଜ୍ୟସେବୀ ଇଂରେଜମାନେ ଭିତରି ଖଞ୍ଜ କରି ଆମକୁ ଭାଗ ଭାଗ କରୁଚନ୍ତି ।' ଅବଶ୍ୟ, ଇଂରେଜମାନେ ଧର୍ମାର୍ଥ କରିବାକୁ ଭାରତରେ ରହି ନଥିଲେ । ଲୋକଙ୍କ ଭୋଟ ପାଇବା ପାଇଁ ଏପରି ପରିପ୍ରଚାରର ମୂଲ୍ୟ ଥାଇପାରେ, ଲୋକଙ୍କୁ ଅନ୍ଧ କରି ବିଦେଶୀର ଆଧିପତ୍ୟ, ପରିବର୍ତ୍ତରେ ତାଙ୍କ ଉପରେ ଦେଶୀ ଆଧିପତ୍ୟ କରିବାରେ ଏହା କାମରେ ଲାଗିପାରେ । କିଂତୁ ଯଥାର୍ଥ ଦେଶ-ସେବା-ପରାୟଣ ରାଜନୀତିର ପୁରୋଦୃଷ୍ଟି ଏସବୁରେ ନାଇ, ଥାଇନପାରେ । ଆମେ ଭିତରକୁ ଚାହିଁନାହୁଁ । ନିଜର ଦୋଷ, ଦୁର୍ବଳତା, କାର୍ଯ୍ୟରେ ବୁଝିନାଉ । ବାସ୍ତବ ସାମ୍ୟବାଦୀ ତଥା ମତାନ୍ଧ ମୁସଲମାନଙ୍କ ସଂଗେ ଘର କରି ରହି ମଧ୍ୟ ତାଂକୁ ଚିହ୍ନିନାଉ । ଯଥାର୍ଥ ମୁସଲମାନଂକୁ ଆପଣାର କରିବା ପାଇଁ ଭୁଲାଣିଆ ଓ ଭଙ୍ଗାଣିଆ କଥାଛଡ଼ା କାର୍ଯ୍ୟରେ କିଛି କରିନାଉ । ସାମ୍ରାଜ୍ୟବାଦୀକୁ ଯଥାର୍ଥ ରାଜନୀତିକ କଳନାରେ ନ ଆଣି ଟିକିଏ କ୍ଷମତା ପାଉ ପାଉ ଅଜ୍ଞକ ଲୋକ ପରି ଆପଣାକୁ ଭୁଲି ଉନ୍ମତ୍ତ ଓ ପ୍ରମତ୍ତ ହୋଇଚୁ । ପୁଣି ସେଇ ପ୍ରମାଦରେ ଘରେ ଦାଉ ସାଧିବାକୁ ଯାଇ ଅନ୍ୟମତ ସଙ୍ଗେ କ୍ରମେ ସଂପ୍ରଦାୟକୁ ଦୂରରୁ ଦୂରକୁ ଠେଲିଚୁ । ସେସବୁର ପ୍ରଥମ ପ୍ରାୟଶ୍ଚିତ ବେଳ ପହଂଚିଗଲା । ଏଣିକି 'ଅପରେ କିଂ ଭବିଷ୍ୟତି ?'

ନିଜ ଭିତରକୁ ଚାହିଁ

ମହାତ୍ମା ଗାନ୍ଧି ଅସମ ଓ ଅସୀମ ଧୈର୍ଯ୍ୟଧରି ଏବେ ବି କହୁଚନ୍ତି - 'କଂଗ୍ରେସ ପାଗଳ ହେଲେ କଣ ମୁଁ ଆତ୍ମହତ୍ୟା କରିବି ? ଏବେ ବି ସମସ୍ତେ ଭିତରକୁ ଆଲୁଅ ପକାଇ ଖୋଜ ।' ଅର୍ଥାତ୍ ପରର ଦୋଷ ବାଛିବାରେ ବାବଦୂକ ନ ହୋଇ ନିଜର ଦୋଷ ଖୋଜି ଦେଖ । ବାଟ ସେଇଆଡ଼େ । ଖାଲି ବାହାରକୁ ଚାହିଁ ବିଶ୍ୱନିନ୍ଦୁକ ହୋଇ ବାଟ ସେ ଆଡ଼େ ଖୋଜନାଇ । ଏହାଠାରୁ ବଳି ଆଉ କି କଥା ଏତେବେଳେ କୁହାଯାଇପାରେ ।

Digitized by PPRACHIN, SOA

ପ୍ରତିଶୋଧ ନେବା ଭାବ ଛାଡ଼

କୁହାଯାଉଚି, 'ଜିନ୍ନା ଭାରତକୁ ବାଣ୍ଟୁଥିଲେ । ଆମେ କିନ୍ତୁ ପଂଜାବ ଓ ବଂଗଳାକୁ ବାଣ୍ଟି ତାଂକୁ ଥଣ୍ଡା କରିଦେଲୁ । ଜିନ୍ନା ମୁଣ୍ଡକଟା, ପୋକରା ପାକିସ୍ଥାନ ପାଇଲେ । କେତେଦିନ ଏ ପାକିସ୍ଥାନ ସମ୍ଭାଳିବେ ? ବଳେ ମିଶିଯିବେ' । ଆଶାର ପୁଣି ଏ ମରୀଚିକା-ସନ୍ତରଣ କାହିଁକି ? କୌଣସି ପ୍ରଦେଶ ବା ଭୂମିଖଣ୍ଡରେ ହିନ୍ଦୁ, ମୁସଲମାନ ହୁଏତ ଏବେ ବି ସାମାଜିକ ଓ ଆର୍ଥିକ ସଂଗତି ଦୃଷ୍ଟିରୁ ବାଣ୍ଟି ହେବାରେ ଥା' ଥା' ମା' ମା' ହୋଇପାରନ୍ତି । କିନ୍ତୁ ଜାତୀୟ ମୁକ୍ତିର ମାନସିକତା ଏ ନୁହେଁ । ପ୍ରତିଶୋଧର ଜ୍ୱାଳାରୁ ଶାନ୍ତି ଓ ସମାଧାନର ଗଂଗୋଦକ ଝରିବ ନାଇ ।

ଯୁକ୍ତ ପ୍ରଦେଶରୁ ଉଦାହରଣ

ଜୁନ୍ ୩ ତାରିଖରେ ବଡଲାଟ ଭାରତ ବଣ୍ଟାର ଘୋଷଣା ଦେଲେ । ଭାରତର ସଂପ୍ରଦାୟ ନେତାମାନେ ଇଚ୍ଛାରେ ବା ଅନିଚ୍ଛାରେ ତାକୁ ଗ୍ରହଣ କରିବାର ପ୍ରକାଶ ପାଇଲା । ସେଇଦିନ ତେଣେ ପୁଣି ଯୁକ୍ତ ପ୍ରଦେଶ ବ୍ୟବସ୍ଥା ସଭାରେ 'ଗାଁ ହୁକୁମତ୍' ବା 'ଗ୍ରାମ ପଂଚାୟତ' ସରକାରର ଆଇନ ପାଶ୍ ହେବାକୁ ବିଚାର ହେଉଥିଲା । ମୁସଲିମ୍‌ଲୀଗ ସଭ୍ୟମାନେ ସେଥିରେ ଆପତ୍ତି କରି ଅଳ୍ପପକ୍ଷ ଥିବାରୁ ପ୍ରତିବାଦରେ ସଭାଗୃହ ଛାଡ଼ି ଚାଲି ଯାଇଥିଲେ । ଭାରତ ବଣ୍ଟା ଘୋଷଣା ଜଣାପଡ଼ିବା ପରେ ଜୁନ୍ ୪ ତାରିଖ ଦିନ ସେମାନେ ପୁଣି ଆସି କହିଲେ, 'ଏ ଆଇନରେ ହିନ୍ଦୁ, ମୁସଲମାନ ମାନଙ୍କର ମିଳିତ ନିର୍ବାଚନ ବ୍ୟବସ୍ଥା ହୋଇଚି। ଏବେ ଯୁକ୍ତପ୍ରଦେଶ ମୁସଲିମ୍‌ଲୀଗ ସଭ୍ୟମାନେ ତ ନିଶ୍ଚେ କେନ୍ଦ୍ର ବିଧାୟକ ସଭାରେ ଯୋଗ ଦେବେ । ସେଠାରେ ଅଳ୍ପପକ୍ଷ ଲୀଗ୍‌ଙ୍କ ପାଇଁ ମିଳିତ କି ଭିନ୍ନ ଭିନ୍ନ ନିର୍ବାଚନମଣ୍ଡଳୀ ହେବ, ତା ଏବେ ଜଣା ନାଇ । ଯାହାହେବ, ତାକୁ ଅପେକ୍ଷା କରି ଏ ଆଇନ ପାସ କରିବା ବନ୍ଦ ହେଉ ।' ଏଇ ପ୍ରସ୍ତାବ ବିଚାରବେଳେ ଜଣେ ନେତୃସ୍ଥାନୀୟ କଂଗ୍ରେସ ସଭ୍ୟ ଦର୍ପରେ କହିଲେ, 'ବୁଝିରଖ, ଏଣିକି ପାକିସ୍ଥାନୀ ବୁଦ୍ଧି ଧରିଲେ, ଏ ପ୍ରଦେଶରେ ତମ ନାଗରିକ ଅଧିକାର କାଟି ଦିଆଯିବ ।' ଲୀଗ୍ ପକ୍ଷରୁ ଜଣେ ମୁଖ୍ୟ ସଭ୍ୟ ତୁରନ୍ତ ଉତ୍ତର ଦେଲେ, 'ମନେରଖ, ଆଠଶ ବର୍ଷ ଆମେ ତୁମକୁ ଶାସନ କରି ଆସୁଚୁ, ତୁମେ ପୁଣି ଆମକୁ ନାଗରିକ ଅଧିକାରରୁ ବଂଚିତ କରିବ, ଏଡେ ବହପ ?' ଏଇ କ'ଣ କଂଗ୍ରେସର ରାଜନୀତିକ ପୁରୋଦୃଷ୍ଟି ? ମହାତ୍ମାଜୀ ଯେ କହିଲେ, 'ଭିତରକୁ ଚାହିଁ', ତା'ର କ'ଣ ଏଇ ପରିଣାମ ? ଏଇ ବୁଦ୍ଧିରେ ଚାଲିଲେ କ'ଣ 'ମୁଣ୍ଡକଟା, ପୋକରା ପାକିସ୍ଥାନ' ମିଳନ ଆଡ଼କୁ ମୁହଁ କରିବ ?

କ'ଣ କରାଯିବ

ମୁସଲମାନ ମହାଜାତି । ଧର୍ମରେ ସେମାନେ ବାସ୍ତବ ସାମ୍ୟବାଦୀ । ଧର୍ମ ବା ସଂପ୍ରଦାୟର ଉନ୍ମାଦନାରେ ମଲେ ମଧ ତାଙ୍କର ମରିବାକୁ ଡର ନାଇ । ସେଥିରେ ଗୁଣ୍ଡା

Digitized by PPRACHIN, SOA

ଠାରୁ ଗୁରୁ ପର୍ଯ୍ୟନ୍ତ ତାଙ୍କର ସମସ୍ତେ ଏକ । ହିନ୍ଦୁ ଭାରତ ଏହା ଦେଖିଚି, ଆଜି ଦେଖୁଚି । ପୁଣି ଭାରତର ହିନ୍ଦୁ ତଥା ଇଂରେଜ ଓ ଆମେରିକା ପରି ସେମାନଙ୍କର ବଣିଆ ବୁଦ୍ଧି ପୂରା ଆସି ନାଇ; ଧନାଢ୍ୟର ପ୍ରଭାବ ସେମାନଙ୍କ ଭିତରେ ପୂରା ଜାଗି ନାଇ । ଭାରତ ବାହାରେ ତାଙ୍କର ଦୃଷ୍ଟି ଅଛି । ତାଙ୍କୁ ମଧ୍ୟ ଦେଖିବାକୁ ହୁଏତ ଭାରତ ବାହାରେ କିଏ ଅଛି । ସେ ତୁଳନାରେ ଭାରତର ହିନ୍ଦୁ ଶତଧା ଭିନ୍ନ । ଭାରତ ବାହାରେ ତାଙ୍କର କେଇ ନାଇ । ଇଂରେଜ ପରି ସାମ୍ରାଜ୍ୟବାଦୀର ଚାପ ଉପରୁ ଖସି ଯାଇ ସ୍ୱାଧୀନତା ଆସିଗଲେ, ହିନ୍ଦୁଙ୍କୁ ନୂତନ ଭାବରେ ପୁଣି ସଂଗଠିତ ହେବାକୁ ହେବ । ସମସ୍ତଙ୍କୁ ଚିପି ଦେଇ ଧନ ଓ କ୍ଷମତା ବଳରେ ଜାତିକୁ ଏକାକାର କରି ବସିଲେ ସେ ସଂଗଠନ ହେବ ନାଇ । ଏ ସବୁ ମନେ ରଖି ଏବେ ଭାରତକୁ ପଦେ ପଦେ ସାବଧାନ ହୋଇ, ପୁରୋଦୃଷ୍ଟି ଫିଟାଇ ରାଜନୀତିରେ ଚାଲିବାକୁ ହେବ । ମହାତ୍ମାଗାନ୍ଧୀଙ୍କ ପରି ଅଦମ୍ୟ ଧୈର୍ଯ୍ୟଧରି, ଦର୍ପହୀନ ହୋଇ, ପରକୁ ଆପଣାର କରିବାକୁ ହେବ । ଫଳକଥା, ହିନ୍ଦୁସ୍ଥାନର ପ୍ରତ୍ୟେକ ପ୍ରଦେଶରେ ଲିଗ୍ ଭାବଭାବିତ ମୁସଲମାନଙ୍କୁ ଏବେ କାର୍ଯ୍ୟରେ ବୁଝାଇ ଦେବାକୁ ହେବ, ସେମାନଙ୍କର ଭୟ ନାଇ, ଚିନ୍ତା ନାଇ । ସବୁଠାରେ ସ୍ୱଷ୍ଟ ଓ କାର୍ଯ୍ୟକର ମିଳିତ ମନ୍ତ୍ରିମଣ୍ଡଳ ଭଳି ମନ୍ତ୍ରିମଣ୍ଡଳମାନ ଗଢ଼ିବାକୁ ହେବ, ହିନ୍ଦୁସ୍ଥାନ କେନ୍ଦ୍ରରେ ଲିଗ୍ ଭାବଭାବିତ ମୁସଲମାନଙ୍କୁ ଖୋଜି ଖୋଜି ସମାନ ଅଧିକାର ଦେବାକୁ ହେବ ।

ହିନ୍ଦୁ ଭାରତକୁ କେନ୍ଦ୍ର ଶାସନରେ ଏକ କର

ହିନ୍ଦୁସ୍ଥାନର ସଂଗଠନ ସ୍ୱଷ୍ଟ ଭାବରେ କେନ୍ଦ୍ରଚାଳିତ ହେବା ଉଚିତ । ମୁସଲମାନଙ୍କୁ ଅବଧରି 'ପ୍ରାଦେଶିକ ସ୍ୱାତନ୍ତ୍ର୍ୟ' କଥାଟା ଇଂରେଜ ରାଜନୀତିକମାନେ ଧରି ଭର୍ତ୍ତି କରିଥିଲେ । ଏବେ ସେ ଶଗଡ଼ଗୁଳା ଛାଡିବାକୁ ହେବ । ପ୍ରଦେଶର ସ୍ୱାତନ୍ତ୍ର୍ୟ ରହିବ ନାଇ । କେନ୍ଦ୍ରରୁ ପ୍ରଦେଶର ଶାସନ ଚାଳିତ ହେବ । ପ୍ରାଦେଶିକ ଶାସନ ସବୁ କେନ୍ଦ୍ରର ଅଧସ୍ତନ ଭାବରେ କାର୍ଯ୍ୟ କରିବେ । କେନ୍ଦ୍ର ଯେତିକି ଦେବ, ସେତିକି ସେମାନେ କରିବେ । ଅଧିକା କ୍ଷମତା ସବୁ କେନ୍ଦ୍ରର ରହିବ । ତା ନହେଲେ, ହିନ୍ଦୁସ୍ଥାନ ବା ହିନ୍ଦୁ ଭାରତ ଅଥବା କଂଗ୍ରେସ କଥାରେ, ଜାତୀୟ ଭାରତ ରହିବ ନାଇ । ରୁଷିଆରୁ ମନ୍ତ୍ର ଘେନି ହିନ୍ଦୁ ଭାରତରେ ପ୍ରାଦେଶିକ ସ୍ୱାତନ୍ତ୍ର୍ୟ କଥାଟା ଆବୃତ୍ତ କରି ବସିବାର ବେଳ, ଏ ନୁହେଁ, ସେ ପରିସ୍ଥିତି ହିନ୍ଦୁ ଭାରତରେ ନାଇ । ହିନ୍ଦୁ ସମାଜ ଓ ଲୋକଶିକ୍ଷା, ସେ ବିଧାନର ଅନୁକୂଳ ନୁହେଁ ।

ଏଠାରେ କିଂତୁ ଗୋଟିଏ ଘୋର ବିପଦ ଅଛି । ପ୍ରଦେଶକୁ ବାଣ୍ଟିବାରେ ଓ ପ୍ରଦେଶକୁ କ୍ଷମତା ଦେବାରେ ଯଥାର୍ଥ ଉଦ୍ୟମ ଓ ରାଜନୀତିକ ବିଚକ୍ଷଣତା ଦରକାର। ମାତ୍ର ଦେଶ ବରାବର ରୁଷିଆର ସୋଭିଏଟ୍ ପରି ସ୍ୱତନ୍ତ୍ର ହେବନାଇ । କିମ୍ବା କୌଣସି ପ୍ରକାର ଅସନ୍ତୋଷ

Digitized by PPRACHIN, SOA

ବା ଦୀନତାରେ ହନ୍ତସନ୍ତ ହେବନାଇ । ଏହାହିଁ ଦେଖିବାର ଅଛି । ରୁଷିଆର ସୋଭିଏଟ୍ ସ୍ୱାତନ୍ତ୍ର୍ୟର ମେରୁଦଣ୍ଡ ହେଉଛି ଲୋକଙ୍କ ଭାଷା ଓ ସଂସ୍କୃତି । ହିନ୍ଦୁ ଭାରତରେ ସଂସ୍କୃତି ଏକ । ଭାରତ ସମାଜରେ କେବେ ରାଜନୀତିକ ଏକତାର କଳ୍ପନା ନ ଥିଲା । ସଂସ୍କୃତିର ଏକତା ଥିଲା, ଭାରତର ଏକତା । କିନ୍ତୁ ସଂସ୍କୃତି ଏକ ହେଲେ ମଧ୍ୟ ସଂସ୍କୃତିର ବାହନ ଭାଷା, ଭାରତରେ ଆଜି ଏକ ନୁହେଁ, ହୋଇପାରିବ ନାଇ । ଜାତୀୟ ରାଷ୍ଟ୍ର ଭାଷାର କଥା ଏଠାରେ କୁହାଯାଉ ନାଇ । ଲୋକଶିକ୍ଷା ସୂତ୍ରରେ ତାହା ସଂସ୍କୃତିର ବାହନ ନୁହେଁ। ରାଷ୍ଟ୍ରଭାଷାରେ ପ୍ରାଥମିକ ତଥା ମାଧ୍ୟମିକ ଶିକ୍ଷାର କଳ୍ପନା କେହି କେବେ କରିନାହିଁ, କରିନପାରେ । ତାହା କଲେ ପ୍ରଗତିର ଧାରା ପ୍ରତିହତ ହେବ - ସଂସ୍କୃତି ବରଂ ଭ୍ରଷ୍ଟ ହେବ ।

ଭାଷା ସୂତ୍ରରେ ପ୍ରଦେଶ ଗଢ଼

ଭାରତରେ ପ୍ରଦେଶ- ବିଭାଗ, ପୂର୍ଣ୍ଣ ଭାବରେ ଲୋକଙ୍କ ଭାଷା ଉପରେ ପ୍ରତିଷ୍ଠିତ ହେବା କଥା । କେତେକ ଆଦିମ ଅଧିବାସୀଙ୍କ ଭାଷା, ଏବେବି ସଂସ୍କୃତି ବହନ କରିବା ଅବସ୍ଥାକୁ ଆସିନାଇ । ସେମାନେ ବେଷ୍ଟନୀର ଭାଷା ବହନ କରିବେ । ଅର୍ଥାତ୍, ପାରିପାର୍ଶ୍ୱିକ ବ୍ୟବହାରାଦିରେ ଯେଉଁ ଭାଷା ତାଙ୍କର ସୁଗମ, ତାହାହିଁ ସେମାନେ ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷାର ମାଧ୍ୟମ ରୂପେ ଗ୍ରହଣ କରିବେ । ତାଂକୁ ବୃଥାରେ ଏଣେ ତେଣେ ଭିଡ଼ାଭିଡ଼ି କରିବା ଠିକ୍ ନୁହେଁ। ମାତ୍ର ଦୁଃଖର କଥା, ଏ କ୍ଷେତ୍ରରେ ସଂଗଠନ ଏକପ୍ରକାର ଦୁରୂହ ବ୍ୟାପର ହୋଇପଡ଼ିଚି । ଆମରି ଘରପାଖେ ଦେଖିଲେ, କାହିଁ ଦକ୍ଷିଣରେ ପଟ୍ଟାଭି ସୀତାରାମାୟା ଦଳବଳ ଧରି ବସିଚନ୍ତି, ଦୁର୍ବଳ ଓଡ଼ିଆଙ୍କ ଠାରୁ ବ୍ରହ୍ମପୁର ଲଗାଏତ୍ କୋରାପୁଟ ଯାଏ ତେଲଗୁ ପ୍ରଦେଶକୁ ଛାଟିନେବେ । ତେଣେ ବଂଗାଳୀ ମେଦିନୀପୁରରେ ଜନଗଣନା ପର୍ଯ୍ୟନ୍ତ ହାତ କରି କ୍ଲାଇବଙ୍କ ଦେଓ୍ୱାନୀରେ ଥିବା ନବାବଙ୍କ ଓଡ଼ିଶାକୁ ସୁବର୍ଣ୍ଣରେଖା ଡିଆଇଁ ଦେଲେ, ଗଡ଼ ଜିଣିବେ ବୋଲି ବିଚାରୁଚନ୍ତି; ଆଉରି ମଧ୍ୟ ବାଲେଶ୍ୱର, ମୟୂରଭଞ୍ଜ ଉପରେ ତାଂକର ଆଖି ଅଛି । ତେଣେ ତୁଂଗ ନେତା ରାଜେନ୍ଦ୍ର ପ୍ରସାଦ କଂଗ୍ରେସ ସଭାପତି ହେଲାଦିନୁ ସିଂହଭୂମିକୁ ବିହାରରୁ ଛାଡ଼ିବେ ନାଇ ବୋଲି ସବୁ ଉପାୟ କରି ବସିଚନ୍ତି । ପ୍ରଦେଶର ସୀମା ପାଇଁ ନାଁଉଆ କମିଟିମାନ ବସିବ । ପ୍ରମାଣ ନିଆଯିବ । ରିପୋର୍ଟ ଦିଆଯିବ । କିଂତୁ ଫଳରେ ଓଡ଼ିଆଙ୍କ ପରି ଦୁର୍ବଳମାନେ ସବୁ ହରାଇବେ ଓ ବରାବର ହନ୍ତସନ୍ତ ହେଉଥିବେ । ଓଡ଼ିଆ ଭୂମି କଥା ଉଦାହରଣରେ କହିଦେଲୁ । ତେଲଗୁ, ତାମିଲ, କେରଳ, କର୍ଣ୍ଣାଟ, ମହାରାଷ୍ଟ୍ର, ଗୁଜରାଟ, ମଧ୍ୟପ୍ରଦେଶ ହିନ୍ଦି ପ୍ରଭୃତି ସର୍ବତ୍ର ନ୍ୟୂନାଧିକ ଏଇ ବିପ୍ଳାତ । ମାତ୍ର ବୁଝିବାର ଅଛି, ଉପାନ୍ତ ଭୂମିକୁ ବଳେ-କଳେ-କୌଶଳେ ଆପଣାର କରିବାର ଏ ବିପ୍ଳାତ ନ ତୁଟିଲେ, ହିନ୍ଦୁ ଭାରତର

Digitized by PPRACHIN, SOA

ସଂଗଠନ ସୁଗମ ପନ୍ଥାରେ ଫୁଟିବ ନାହିଁ । ଏଥିରେ ପୁଣି ପ୍ରାଦେଶିକ ଭାବରେ ମୁସଲମାନଙ୍କୁ ଯୋଡ଼ିବା ସହଜ ନୁହେଁ । ପୁଣି ପ୍ରାଦେଶିକ କ୍ଷୁଦ୍ର ସ୍ୱାର୍ଥ ଘେନି ଏ ବିବାଦ, ବିସମ୍ବାଦ ଚିପି ପୋତିଦେବାକୁ ଚେଷ୍ଟା କଲେ ଏହା ମରି, ମରିବ ନାଇ । ନିଜ ଭିତରେ ଏ ବିବାଦର ପ୍ରତିକ୍ରିୟା ଅଳ୍ପପକ୍ଷ ମୁସଲମାନଙ୍କୁ ଆମର କ୍ଷୁଦ୍ର ସ୍ୱାର୍ଥବୁଦ୍ଧି ଉଦାହରଣରେ ଦେଖାଇଦେବ । ମିଳନ ପନ୍ଥାରେ ଘୋର ଅସୁବିଧା ଘଟିବ ।

ଦେଶୀରାଜ୍ୟ

ଏବେ ଆଉ ଗୋଟିଏ କଥା ଦେଶୀରାଜ୍ୟ । ଇଂରେଜ ଅନ୍ତର ହେବା ଫଳରେ ଆଇନ ହିସାବରେ ଆଗ ରାଜାମାନେ ସ୍ୱାଧୀନ ହେବେ । ତେଣୁ ତାଂକପ୍ରତି ପ୍ରାଣରେ ଦରଜ ରଖି ଅଗ୍ରସର ହେବାକୁ ହେବ । ଭାରତ ଭାଗ ଭାଗ ହେବାର ସ୍ଥିର ହେଲା ବୋଲି ଜାଣି ସାରି ଇଂରେଜ ଶୀଘ୍ର ଛାଡ଼ିଯିବେ ଓ ଫଳରେ ଦେଶୀରାଜାମାନେ ଆଇନଗତ ସ୍ୱାଧୀନତା ପାଇବେ ବୋଲି ବୁଝି ସାରି ସେଦିନ ଦିଲ୍ଲୀରେ କଂଗ୍ରେସର ଜଣେ ତୁଂଗନେତା କହି ପକାଇଲେ, 'ରାଜାମାନେ ସ୍ୱାଧୀନ ହୁଅନ୍ତୁ; ତାଙ୍କ ପ୍ରଜାମାନେ ତାଙ୍କୁ ଥଣ୍ଡା କରିଦେବାକୁ ମାସ ସଂଖ୍ୟା ଡେଇଁବ ନାହିଁ ।' ପ୍ରଜାମାନେ ରାଜାଙ୍କ ଠାରୁ କ୍ଷମତା ଚାହିଁବେ । ଚାଁହନ୍ତୁ । ମାତ୍ର ତୁଙ୍ଗନେତାଙ୍କର ଏପରି କହିବା ରାଜନୀତିକ ଦୃଷ୍ଟି ପ୍ରକାଶ କରୁନାଇ । ମିଳିତ ଜାତିମଣ୍ଡଳ ଠାରୁ ଲାହୋର, ଦିନାଜପୁରର ସୀମାନିର୍ଦ୍ଦେଶ ଓ ସୀମାନ୍ତ ପ୍ରଦେଶ, ସିଲେଟର ଭାଗ୍ୟ ବିଧାନ ପର୍ଯ୍ୟନ୍ତ, ସର୍ବତ୍ର ଆଜି ସାମଞ୍ଜସ୍ୟ ଓ ସମାଧାନ ପନ୍ଥାରେ ସମସ୍ୟାର ନିଷ୍ପତ୍ତି ଚାଲିଚି । କୌଣସି ଠାରେ ସଂଘର୍ଷ ଓ ରକ୍ତପାତ ସୂତ୍ରରେ କେହି ଏବେ ସମସ୍ୟାର ସମାଧାନ ଲୋଡ଼ୁ ନାହାନ୍ତି । ଆମର ଏତେବେଳେ ଏ ବୁଦ୍ଧି କାହିଁକି ? ଯଥାର୍ଥରେ ସ୍ୱାଧୀନ ହିନ୍ଦୁସ୍ଥାନ ବିଚାରିଲେ, ସେନା ପଠାଇ ଅଧିକାଂଶ ଦେଶୀରାଜାଙ୍କୁ ଚିପି ଦେବାକୁ କେତେବେଳ ଲାଗିବ ? ଏଇପରି ଆତଙ୍କ ଜନ୍ମାଇ ଓ ସେଥିରେ ସ୍ପଷ୍ଟ ବା ଅବାନ୍ତର ଭାବରେ ଲୋକଙ୍କୁ ମତାଇ ଦେଶୀରାଜ୍ୟକୁ ହିନ୍ଦୁ ଭାରତର ମୁଠା ଭିତରକୁ ଆଣିବାର ପ୍ରୟାସ ଠିକ୍ ନୁହେଁ । ଦେଶୀ ରାଜ୍ୟମାନେ ତାଙ୍କ ପ୍ରଜାଙ୍କ ସଂଗେ ସମାଧାନ, ସାମଞ୍ଜସ୍ୟରେ ବିଧାନ ଠିକ୍ କରି ଆସନ୍ତୁ ବୋଲି ଛାଡ଼ିଦେଲେ, ସଂଗଠନ ସୁଗମ ହେବ । ଧୈର୍ଯ୍ୟ ହରାଇ କଥା କହିଲେ, ସଂଘର୍ଷ ହେବ । ଅନ୍ୟଫଳ ଭିତରେ ଏଥିରୁ ଉପୁଜିବ, ଅଳ୍ପପକ୍ଷର ସାଂପ୍ରଦାୟିକ ଆତଙ୍କ । ମନେ ରଖିବାରଅଛି, କ୍ଷମତା ପ୍ରୟୋଗରେ ଏହିପରି ଯଥା ଅଯଥା ଆତଙ୍କ ସୃଷ୍ଟି କରିବାରୁ ଭାରତ ଆଜି ଭାଗ ଭାଗ ହେଉଚି । ତା ନ ହେଲେ, ଜିନ୍ନା ବା ଇଂରେଜ କେହି ଏହା କରିପାରିନଥାନ୍ତେ, କରିବାକୁ ଯାଇନଥାନ୍ତେ ।

Digitized by PPRACHIN, SOA

ଇତିହାସର ପନ୍ଥା

ତେବେ, ଅବଶ୍ୟ ପାକିସ୍ଥାନ ସମେତ ଦେଶୀରାଜ୍ୟ ଭାରତକୁ ଏକ ଅଖଣ୍ଡ କରିବାର ଅନ୍ୟପନ୍ଥା ନାଇ ବୋଲି ଆମେ କହୁନାଉ । ସେ ପନ୍ଥା ଇତିହାସରେ ପ୍ରଶସ୍ତ । ଆମେ ବୀର ସବରକରଙ୍କ କଥାରେ କହିଥିଲୁ, "ଯେଉଁ ଭାରତ ପାଟଳୀପୁତ୍ରରୁ ବାହାରି ମହାବୀର ଆଲେକଜାଣ୍ଡରଙ୍କ ଦାୟାଦମାନଙ୍କ ଠାରୁ ପାରସ୍ୟ ପର୍ଯ୍ୟନ୍ତ ରାଜ୍ୟ ଆପଣାର କରିପାରିଥିଲା, ସେ ଭାରତର ପାକିସ୍ଥାନ (ବା ରାଜସ୍ଥାନ)କୁ ଭୟନାଇ ।" ଯଦି ତାହାହିଁ ମତ ହୁଏ, ତେବେ ସ୍ପଷ୍ଟ ସେଇ ପନ୍ଥା ଧରାଯାଉ । କଂଗ୍ରେସ ପରି ନିସନ୍ଧା ଦଳ ତିଆରି ହେଉ । ହିନ୍ଦୁସ୍ଥାନ ସରକାର ସେନାଧରି ସେଇ ବଳରେ ପାକିସ୍ଥାନ ଓ ରାଜସ୍ଥାନକୁ ମାରି ନିଜର କରିବା ଦୃଷ୍ଟିରେ କାର୍ଯ୍ୟ ଆରମ୍ଭ କରନ୍ତୁ । ସେଥିରେ କୃତକାର୍ଯ୍ୟ ହେଲେ, ଇତିହାସରେ ଯାହାକୁ ସ୍ୱାଧୀନତା ବୋଲି କହୁଥିଲେ, ତାହା ମିଳିପାରେ । ଲୋକଙ୍କୁ ଅନ୍ଧକରି ସ୍ୱାଧୀନତା ନାମରେ ବ୍ୟକ୍ତି ବା ଚକ୍ର ସେଥିରେ ରାଜତ୍ୱ କରିବେ । ସ୍ୱାଧୀନତା ନାମର ସଂତୋଷ ଓ ଅହଂକାର ସେଥିରେ ଖୁବ୍ ମିଳିବ । କିଂତୁ ମନେ ରଖିବାର ଅଛି, ସେ ସ୍ୱାଧୀନତା ଆଜି ପୃଥିବୀର ଲକ୍ଷ୍ୟ ନୁହେଁ, ଆଜି ପୃଥିବୀର ଲକ୍ଷ୍ୟ ଲୋକ-ସ୍ୱାଧୀନତା । ଏଥିରେ ପ୍ରତ୍ୟେକ ଲୋକ ସ୍ୱାଧୀନ ହେବ ଓ ସେ ସ୍ୱାଧୀନତା ସେ ଭୋଗ କରୁଚି ବୋଲି ବୁଝିବ । ଇତିହାସର ସ୍ୱାଧୀନତାରୁ ଏ ନବଯୁଗର ସ୍ୱାଧୀନତା କିପରି ଫୁଟାଇବାକୁ ହେବ, ସେ ଦର୍ଶନ ଓ ଯୋଜନା ଠିକ୍ କରି ସ୍ପଷ୍ଟ ଭାବରେ କଳନା କରି କାମରେ ତେବେ ଲାଗିଯାଂତୁ । ତା ନକରି ଗ୍ରାମ୍ୟ କଳହରେ ଲୋକେ କହିଲା ପରି ନେତା ବୋଲାଇ ଏପରି ଦେଶ ଓ ଜାତିକୁ ସର୍ବନାଶ ଆଡକୁ ଟାଣିବାର ପରିକ୍ରିୟା ବନ୍ଦ ହେବା ଉଚିତ ।

ଗାଁଓ ହୁକୁମତ୍

ଏ କଥାଟି ହିନ୍ଦୁସ୍ଥାନୀ । ଏହାର ଅର୍ଥ ଗ୍ରାମ ସରକାର, ବା ଗ୍ରାମ୍ୟ ପଂଚାୟତ ସରକାର । ଏଇ ନାମରେ ଯୁକ୍ତପ୍ରଦେଶରେ ସେ ଦିନ ଗୋଟିଏ ଆଇନ ହୋଇଯାଇଚି । ଆଇନଟି ପୂରାପୂରି ଜଣା ପଡ଼ିନାଇ । ତେବେ ଯାହା ଜଣାଯାଏ, ସେଥିରୁ ବୁଝାଯାଏ, ଏଥିରେ ଗ୍ରାମର ନିର୍ବାଚିତ ପଞ୍ଚାୟତ ଏକ ପ୍ରକାର ପୂରାପୂରି ଗ୍ରାମର ସରକାର ହେବେ । ଏହା ଯଥାର୍ଥରେ ସେଇପରି ହୋଇଥିଲେ, ଯେ ଗୋଟିଏ ଭଲ ଆଇନ । ଲୋକଙ୍କ ହାତକୁ ସ୍ୱାଧୀନତା ଆସିବାର ଏହାହିଁ ପନ୍ଥା ।

ଆମ ଗ୍ରାମପଞ୍ଚାୟତ୍

ଗ୍ରାମ ପଞ୍ଚାଏତ୍ ବୋଇଲେ ଆମେ ଏବେ ଯାହା ବୁଝୁଚୁ, ସେଥିରେ ଗ୍ରାମକୁ ସ୍ୱାଧୀନତା ଦେବାର ପନ୍ଥା, ଯେ କିପରି ହେବ, ବୁଝିବା ଦୁଷ୍କର । ଆମ ପଞ୍ଚାଏତ୍ ବା ୟୁନିଅନ୍ ବୋର୍ଡ଼ମାନେ ମକଦମା ହୁଏତ ବୁଝନ୍ତି, ସେଥିରେ ଦଳାଦଳି ସୃଷ୍ଟି ହୁଏ ।

Digitized by PPRACHIN, SOA

ଅବସ୍ଥା ଭୀଷଣ ହୁଏ । 'ଗ୍ରାମ ସରକାର' କିପରି ହେବ, ଆମେ ବୁଝିପାରୁନାଉ । କିଂତୁ ସବୁ ଦଳାଦଳିର ମୂଳ ହେଉଚି, କଚେରିରେ ଅପିଲ୍ । ସେହିଠାରେ ମାମଲତ୍କାରଙ୍କର କାରସାଦି । ସେଥିରୁ ଦଳାଦଳି ଓ ବିପ୍ଲାତ । ଯଦି ଗ୍ରାମ ସରକାରର ନିଷ୍ପତ୍ତି ଉପରେ ଅପିଲ୍ ନଥାନ୍ତା, ତେବେ ଦଳାଦଳି ମୁଣ୍ଡ ଟେକି ପାରନ୍ତା ନାଇ । ମିଥ୍ୟା ସାକ୍ଷ୍ୟ ମୁଣ୍ଡ ଟେକନ୍ତା ନାଇ । ସମାଜ ସୁଗଠିତ ହୁଅନ୍ତା ।

ପ୍ରାଚୀନ ଭାରତର ଗ୍ରାମ ପଞ୍ଚାଏତ

ଏ ସବୁ ହୁଏତ ଆମ ଧାରଣାକୁ ଆସୁ ନାଇ । କିଂତୁ ଭାରତରେ ଏହା ନୂଆ ନୁହେଁ । ପୂର୍ବେ ଭାରତରେ ଏଇ ପଞ୍ଚାଏତ୍ ରାଜତ୍ୱ ହିଁ ଥିଲା । ପ୍ରତି ଗ୍ରାମରେ ଗ୍ରାମର ଲୋକେ 'ଭୋଜକ' ବା 'ଭୋଇ' ବୋଲି ଜଣକୁ ରଖୁଥିଲେ । ଦେଶରେ ଜଣେ ରଜା ହେଉଥିଲା । ସେଇ ରଜା ନିଜର ମନ୍ତ୍ରିଦଳ ନିଯୁକ୍ତ କରୁଥିଲା । ଦେଶରକ୍ଷାଦି କାର୍ଯ୍ୟରେ ମନ୍ତ୍ରିମାନଙ୍କ ପରାମର୍ଶରେ କର୍ମଚାରୀ ନିଯୁକ୍ତ କରି ସେଇସବୁ ଉପରର ଶାସନ ଚଳାଉ ଥିଲେ । ପଞ୍ଚାଏତ୍‌ମାନେ ଆୟର ଛ'ଭାଗରୁ ଭାଗେ ରାଜଭାଗ 'ବଳି' ବା 'କର', ଭୋଜକ ହାତେ ରାଜକୋଷକୁ ପଠାଇ ଦେଉଥିଲେ । ସେଥିରେ ରାଜ୍ୟରକ୍ଷାଦି ଉପର ଶାସନ କାର୍ଯ୍ୟ ଚଳୁଥିଲା । ବାକି ସବୁଥିରେ ଗ୍ରାମ ପଞ୍ଚାଏତ୍ ବା ଗ୍ରାମ ସରକାର ସ୍ୱାଧୀନ ଭାବେ କାର୍ଯ୍ୟ କରୁଥିଲେ । ତାଂକ ନିଷ୍ପତ୍ତିରେ ଅପିଲ୍ ନଥିଲା ।

ଏହା କିପରି ଚଳୁଥିଲା ?

ଏଇ ଗ୍ରାମ ପଂଚାଏତ୍‌ରେ ଆଜି କାଲି ପରି ନିର୍ବାଚନ ନ ଥିଲା । ଗ୍ରାମର ବୟସ୍କ ଗୃହସ୍ଥମାନେ ଏକାଠି ବସି ସବୁ କାର୍ଯ୍ୟ ଚଳାଉଥିଲେ; ଦୋଷାଦିର ନିଷ୍ପତ୍ତି ମଧ୍ୟ କରୁଥିଲେ । ଏଇ ବୟସ୍କମାନେ ସମସ୍ତେ ମନକୁ ଏଥିରେ ସଭ୍ୟ ଥିଲେ । ସଭାକୁ ଡ଼ାକରା ହେଲାବେଳେ ଯେ ଯାଉଥିଲେ, ସେଇମାନେ ସମସ୍ତ ନିଷ୍ପତ୍ତି କରୁଥିଲେ । ତାଙ୍କ କଥା କେହି ଭାଙ୍ଗୁ ନଥିଲେ; କି ତାଂକ କାର୍ଯ୍ୟରେ କେହି ସଂଦେହ କରୁନଥିଲେ । ଗ୍ରାମର ସମାଜ ମନକୁ ଏପରି ସୁଗଠିତ ହେଇ ରହିଥିଲା ଯେ, ସେଥିରେ ବିଶେଷ ଆପତ୍ତି ବା ସଂଦେହର ଅବକାଶ ନ ଥିଲା । କେବେ ଆପତ୍ତି ବା ସଂଦେହ ମୁଣ୍ଡ ଟେକିଲେ, ଗ୍ରାମ ସମାଜର ମତାମତ ପ୍ରଭାବରେ ତା ମନକୁ ମଉଳି ଯାଉଥିଲା ।

ତାହା ହିଁ ଏବେ ସ୍ୱାଧୀନତାର ଆଦର୍ଶ

ଏଇ ଆଦର୍ଶରେ ସମୟୋପଯୋଗୀ ଯଥା ପରିବର୍ତ୍ତନ କରି ଆମର ଗ୍ରାମ ସରକାରମୂଳକ ଦେଶର ସ୍ୱାଧୀନ ସରକାର ପ୍ରତିଷ୍ଠା କରିବା ଉଚିତ । ମନେହୁଏ, ଯୁକ୍ତପ୍ରଦେଶର 'ଗାଁଓ ହୁକୁମତ୍' ସେଇ ଦୃଷ୍ଟିରେ କରାହୋଇଚି । ଅନ୍ୟାନ୍ୟ ପ୍ରଦେଶରେ ଏଇ ଦୃଷ୍ଟିରେ ସ୍ୱାଧୀନ ଲୋକଶାସନ ଫୁଟୁ ।

ନୂଆପ୍ରସ୍ଥ ୧/୮, ଆଲୋଚନା

Digitized by PPRACHIN, SOA

ଭାରତର ଶାସନ ବିଧାନ

ଆମ ସାଧନା କ୍ଷେତ୍ର

ପାକିସ୍ତାନ ଅଲଗା ହେଉ ପଛକେ, ଭାରତ ସ୍ୱାଧୀନ ହୋଇଚି । ଏ ହେଉଚି, ରାଜନୀତିକ ସ୍ୱାଧୀନତା । ହେଲେହେଁ, ଭାରତ ସଭ୍ୟତା ଓ ସଂସ୍କୃତିର କ୍ଷେତ୍ର ବହୁକାଳରୁ ଯେ କମି କମି ଆସୁଥିଲା, ତାହା ଆଜି ଆହୁରି କମି ଯାଇଚି । ତା ନ କମିବାକୁ ହୁଏତ ଚାରା ନଥିଲା । ତେବେ, ଆଉ ଗୋଟିଏ ଯୁଗୋଚିତ କଥା ହୋଇଯାଇଚି । ତା ହଉଚି, ତଥାକଥିତ ଦେଶୀରାଜ୍ୟ, ଇଂରେଜ ଅଧୀନରେ ଥିବା ଭାରତ ସଂଗେ ମିଶି ଏକାକାର ହୋଇଯାଇଚି । ଏହା ଅବଶ୍ୟ ସୁଖର କଥା ।

ମାନବର ସ୍ୱାଧୀନତା ଓ ଧର୍ମ

କିନ୍ତୁ, ସ୍ୱାଧୀନ ଭାରତ ବୋଇଲେ, ଆମେ କ'ଣ ବୁଝୁ ? ଆଜି ପୃଥିବୀରେ ସ୍ୱାଧୀନତା ବୋଲି ଯାହା ବୁଝାଯାଉଚି, ତା ହେଉଚି, ଭାତ ଲୁଗା ସ୍ୱାଧୀନତା । ପୁଣି ସେ ସ୍ୱାଧୀନତା ପାଇବା, ସମ୍ଭାଳିବା ପାଇଁ ଆମେ ଦୀକ୍ଷା ନେଉଚୁ, ଯୀଶୁଖ୍ରୀଷ୍ଟ ପ୍ରଭାବିତ ଜଗତର ଶାସନତନ୍ତ୍ର ଠାରୁ । ଇତିହାସରେ ଏହି ଶସାନତନ୍ତ୍ର ଦୁଇ ଦିଗରେ ପ୍ରକାଶ ପାଇଚି । ଗୋଟିଏ ହେଉଚି, ପ୍ରତିଷ୍ଠିତ ତଥାକଥିତ ଲୋକଶାସନ । ଏହା ଇଂଲଣ୍ଡରେ ଜନ୍ମିଚି, ବଢ଼ିଛି ଓ ସେଇଠାରୁ ପୃଥିବୀରେ ବ୍ୟାପ୍ତ ହୋଇଚି । ଏହାର ଭିତ୍ତି ହେଉଚି, ପ୍ରଥମେ ଖ୍ରୀଷ୍ଟଧର୍ମ ଓ ପରେ ମୁସଲମାନ ଧର୍ମର ନୀତି ଓ ପଦ୍ଧତି । ଏ ସବୁ ଧର୍ମର ରୀତି ଓ ପଦ୍ଧତି କ'ଣ ? ଏଥିରେ ମୂଳରୁ ଈଶ୍ୱର ବୋଲି ଗୋଟିଏ ଆକଟ୍ୟ, ଅସମାଲୋଚ୍ୟ ସମ୍ରାଟ କଳ୍ପନା କରାଯାଇ ତାଙ୍କରି ଠାରେ ମନୁଷ୍ୟକୁ ଆତ୍ମବିକ୍ରୟ କରିବାକୁ ଠିକ୍ କରାହୋଇଚି । ଏ ଈଶ୍ୱରଙ୍କୁ ଜଗତର ଆଧ୍ୟାତ୍ମିକ ସମ୍ରାଟ ବୋଲି କୁହାଯାଏ ସତ, କିନ୍ତୁ ଯଥାର୍ଥରେ ଏଥିରେ ଅଧ୍ୟାତ୍ମ ତତ୍ତ୍ୱର କୌଣସି ସତ୍ତା ବା ସଂକେତ ନାଇ । ଏହା କଳ୍ପନା ତଥା କାର୍ଯ୍ୟରେ ଗୋଟିଏ ଭୌତିକ ସମ୍ରାଟର - ଅଧ୍ୟାତ୍ମ ବା ଆରୋପମାତ୍ର । ଏଥିରେ ମାନବର ସ୍ୱାଧୀନତା ରହି ନପାରେ, ନାଇ । ସେଥିପାଇଁ ବିପଦ ଆପଦ ପଡ଼ିଲେ, ଏକ ଦିଗରେ ଜର୍ମାନୀ ଓ ଇଟାଲୀ, ଅନ୍ୟ ଦିଗରେ ଇଂଲଣ୍ଡ ବା ଆମେରିକା ଗୀର୍ଜାରେ ଈଶ୍ୱରଙ୍କୁ ପ୍ରାର୍ଥନା କରନ୍ତି । ଯଥାର୍ଥ ଅଧ୍ୟାତ୍ମବାଦୀ ଜ୍ଞାନୀ ପକ୍ଷରେ ଏ ହେଉଚି ଠିକ୍ ଏକ ହାସ୍ୟସ୍ପଦ ପରିସ୍ଥିତି ।

ଦେବଦେବୀଙ୍କୁ ଯାଚଞ୍ଚାରେ ଉଦାହରଣ

ଆମ ଗାଁ ମାନଙ୍କରେ ଗ୍ରାମ ଦେବ ଦେବୀଙ୍କ ପାଖେ ଯାଚଞ୍ଚା କରନ୍ତି । ବିପଦରେ ମାତିଥିବା ଦୁଇ ପକ୍ଷର ଲୋକେ ସମାନ ଭାବରେ ବୋଦା ଯାଚନ୍ତି, ଘଂଟାଳ ଯାଚନ୍ତି । ଲୋକ-ଶାସନ ପର ଖ୍ରୀଷ୍ଟାନ୍ ଜଗତରେ ଯୁଦ୍ଧର ବିପଦ ଆପଦ ବେଳେ ବିଜୟ କାମନା କରି ଠିକ୍ ସେଇଆଇ କରାହେଉଚି । ଏଥିରେ ମାନବର ଅଧ୍ୟାତ୍ମିକତା ନାଇ କି ସ୍ୱାଧୀନତା ନାଇ ।

Digitized by PPRACHIN, SOA

ମୁସଲମାନଙ୍କ ଭିତରେ

ଖ୍ରୀଷ୍ଟାନ୍ ଜଗତର ଏଇ ଈଶ୍ୱର ପରାୟଣତା, ମୁସଲମାନ ଜଗତରେ ଆଉରି ଦୂରକୁ ଯାଇଥିଲା । ଆଜିର ଲୋକ-ଶାସନ ଧର୍ମରେ ମଧ୍ୟ ଅଲ୍ଲା ଓ ମହମ୍ମଦଙ୍କୁ ସ୍ୱର୍ଗରେ ଗାଦିରେ ବସାଇ ଯେଉଁ ଶାସନତନ୍ତ୍ର ଗଢ଼ା ହେଉଚି, ତା'ର ସମାଲୋଚନା କରିବା ଦରକାର ନାଇ । ଆଦିମ ବିଶ୍ୱାସସେବୀ ଅସଂସ୍କୃତ ଜନପଦ ଜନମାନଙ୍କ ମଧ୍ୟରେ ଦେବଦେବୀ ଉଭାହୋଇ ବାଡି ବସନ୍ତ ଛଡ଼ାଇଲା ପରି ଏ ସବୁ ଶାସନତନ୍ତ୍ରର ପଦ୍ଧତି । ଏହା ଉନ୍ନତ ପ୍ରଗତିପର ମାନବସମାଜକୁ ଚିରକାଳ ଶାନ୍ତି ସଂତୋଷ ଦେଇ ନପାରେ ।

ସମ୍ୟବାଦ

ସେଥିପାଇଁ ଅନ୍ୟଆଡେ ପ୍ରକାଶ ପାଇଚି, ପ୍ରତିକ୍ରିୟାର ପ୍ରଳୟ । ଧନିକମାନଙ୍କ ସଂଗେ ଈଶ୍ୱର ଗାଦିଚ୍ୟୁତ ହେଉଚନ୍ତି । କାମନାର କରାଳ ଜ୍ୱାଳା ପୃଥିବୀରେ ବ୍ୟାପି ଯାଉଚି । ଈଶ୍ୱରଙ୍କୁ ଓ ଧନିକମାନଙ୍କୁ ତଡ଼ିବାର ପ୍ରତିକ୍ରିୟାରେ ଯଥାର୍ଥ ଆତ୍ମିକତା ଫୁଟିବାର ନୁହେଁ । ତା ଫୁଟୁ ନାଇ । ଈଶ୍ୱରଙ୍କୁ ଧରି ପୁଣି ଫୁଟୁଥିଲା, ବ୍ୟକ୍ତିର ସ୍ୱେଚ୍ଛାଚାର ତଥା ଏକାଧିପତ୍ୟ । ତା ହେଉଚି, ନାଜିବାଦ ଓ ଫାସିଷ୍ଟବାଦ । ତା'ପରେ ଧନିକ ଓ ପ୍ରଭାବଶାଳୀମାନଙ୍କ ସଂଗେ ଈଶ୍ୱରଙ୍କୁ ତଡି ମୁଣ୍ଡ ଟେକୁଚି, ଘୋର ସାମ୍ୟବାଦ । ସ୍ପଷ୍ଟ ବ୍ୟକ୍ତିର ନ ହେଲେ ମଧ୍ୟ ଏହା ଗୋଟିଏ ଜନଚକ୍ରର ଯଥେଚ୍ଛାବାଦ । ଏହାକୁ କହୁଚନ୍ତି, କମ୍ୟୁନିଜିମ୍ ।

ଏଥିରେ ଯଥାର୍ଥ ସ୍ୱାଧୀନତା ନାଇ

ନାଜିବାଦ ବୋଲ, ଫାସିଷ୍ଟବାଦ ବୋଲ, ଏଇ ସାମ୍ୟବାଦ ବୋଲ ଜନ କାହିଁରେ ସ୍ୱାଧୀନ ନୁହେଁ । ଏସବୁ ବାଦରେ ରାଜ୍ୟମାନ ଚଳୁଚି । କିନ୍ତୁ କୌଣସି ଠାରେ ବ୍ୟକ୍ତି ବା ଜନଚକ୍ରର କଳ୍ପିତ ଓ ପ୍ରତିଷ୍ଠିତ ରାଷ୍ଟ୍ର ବିରୁଦ୍ଧରେ ସମାଲୋଚନା କରିବାର ଅଧିକାର ସେ ରାଜ୍ୟମାନଙ୍କରେ ନାଇ । କେବଳ ନାଇ ନୁହେଁ, ସେପରି ସ୍ୱାଧୀନତାର ପ୍ରଚେଷ୍ଟା ସେ ସବୁ ରାଜ୍ୟରେ ଅସହ୍ୟ । ମନୁଷ୍ୟକୁ ଖାଇବା ପିନ୍ଧିବାକୁ ଦେଇ ସମାନ କରି ସୁଖରେ ରଖିବାର ଦୁଆମାନ ଉଠୁଚି । ବ୍ୟକ୍ତି ବା ଜନଚକ୍ରମାନେ ହୁଏତ ନିଜେ ନିଜକୁ ସମାଜର ଏକାନ୍ତ ନିୟାମକ ବୋଲି ମନେକରି ଯୋଜନା ଓ ବ୍ୟବସ୍ଥାମାନ କରିବାରେ ଲାଗିଚନ୍ତି । କିନ୍ତୁ ମାନବ ଖାଇ ପିନ୍ଧି ରହି କାମ କରିବାର ଯନ୍ତ୍ର ନୁହେଁ । ତା'ର ଆତ୍ମା ସ୍ୱାଧୀନ । ଏ ସ୍ୱାଧୀନତା ପାଇଁ ସ୍ୱଚ୍ଛନ୍ଦ ବାଟ ନ ଫିଟିଲେ ସମାଜରେ ଶାଂତି ଅସମ୍ଭବ ।

ଶାନ୍ତିର ସୂଚନା ବି ନାଇ

ସେଥିପାଇଁ ପୃଥିବୀରେ ଆଜି ଜନସମାଜର ସୁଖ ଶାନ୍ତି ଘେନି ଖାଲି ଚଢ଼େଇ ଖୋଜିବାରେ ବୁଦା ବାଡ଼ିଆ ଲାଗିଛି । ପ୍ରଥମ ମହାଯୁଦ୍ଧ ପରେ ହୋଇଥିଲା, ଜାତିସଂଘ । ସେ ହେଇଗଲା ଫଳରେ ଗୋଟିଏ କ୍ରୀଡ଼ନକ । ଏବେ ଫିଟିଚି, ମିଳିତ ରାଷ୍ଟ୍ରସଂଘ ।

Digitized by PPRACHIN, SOA

ସେଥିରେ ଆଜି ସଂପ୍ରଦାୟର ସୂତ୍ରପାତ । ଦୁଇ ପଟେ ଛକାଛକି ଲାଗି ଗଲାଣି । ଦୂରନ୍ତ ସାମରିକ କ୍ରିୟାରେ ଏ ଛକାଛକି ନିରାକରଣ କରିବା ପାଇଁ ଲୋକେ ପୃଥିବୀରେ ଏକ ମହା ଯୁକ୍ତରାଷ୍ଟ୍ର ସ୍ଥାପନର କଳ୍ପନା କରୁଚନ୍ତି । ସେ ସବୁ କଳ୍ପନାରେ ଖାଲି ପ୍ରକାଶ ପାଉଚି । ବିରାଟ ସେନା ସରଂଜାମ କେନ୍ଦ୍ରୀଭୂତ କରି ଯେ ମୁଣ୍ଡ ଟେକିବ, ତାକୁ ଜବତ କରିବାକୁ ହେବ । ଏ ଏକ ପ୍ରଳୟ ତାଣ୍ଡବର ସୂତ୍ରପାତ ମାତ୍ର । ଏଥିରେ ଦୂର ଦିଗ୍‌ବଳୟରେ ମଧ୍ୟ ଶାନ୍ତିର ସୂଚନା ନାଇ ।

ଭାରତ କରୁଚି କ'ଣ ?

ଭାରତ ଆଜି ସ୍ୱାଧୀନ ହୋଇ ଏଇ ନୂତନ ତନ୍ତରେ ବା ତନ୍ତ - ଦ୍ୱନ୍ଦ୍ୱରେ ନିଜର ସ୍ଥାନ ଖୋଜୁଚି । 'ଆମେ କୁଆଡ଼େ ରହିବୁ ନାଇ,' 'ମଧ୍ୟସ୍ଥ ପରି ଠିଆ ହୋଇଥିବୁ,' ଏହା କହିବାର କିଛି ଅର୍ଥ ନାଇ । ମଧ୍ୟସ୍ଥ ପରି ଠିଆ ହେବାର ଉପାୟ ନାଇ । ପୃଥିବୀର ଶାନ୍ତିମଂତ୍ର ଧରି ଉଦାସୀନ ପରି ଠିଆ ହେବାର ବାଟ ଇୟେ ନୁହେଁ, ବେଳପଡ଼ିଲେ କୁଆଡ଼େ ନା କୁଆଡ଼େ ଆଉଜି ଯିବାକୁ ପଡ଼ିବ । ଏହାଛଡ଼ା ଗତି ନାଇ ।

ଭାରତର କର୍ତବ୍ୟ

ହଜାର ହଜାର ବର୍ଷ ଭାରତ ପଡ଼ି ରହିଥିଲା । ସେ ଧ୍ୱଂସ ପାଇ ନାଇ । କିଂତୁ ପଡ଼ି ରହିଥିଲା, କ'ଣ ପାଇଁ ? କି ଜୀବନୀ ଶକ୍ତି ତାକୁ ବଂଚାଇ ରଖିଥିଲା ? ତା ଖୋଜିବାକୁ ହେବ, ପୃଥିବୀ ତାହାଇ ଆଜି ଲୋଡୁଚି । ସେ ଜୀବନ - ଜ୍ୟୋତିକୁ ଉଜ୍ଜ୍ୱଳ କରି ଦେଖାଇ ପୃଥିବୀକୁ ଆଜି ସେଇ ପ୍ରଗତି ପଥରେ ଆକର୍ଷଣ କରିବାକୁ ହେବ ।

ଭୌତିକତା ଓ ଆତ୍ମିକତା

ତା ହେଉଚି ଭୌତିକ ଭିତ୍ତିରେ ଆତ୍ମିକ ପ୍ରଗତି । ଭାତ ଲୁଗା ଦରକାର । କିଂତୁ ସେତିକି ମାତ୍ର ମାନବର ଦରକାର ନୁହେଁ । ମାନବର ଆତ୍ମା ଅଛି । କଳ୍ପିତ ଈଶ୍ୱରଙ୍କର ଦଣ୍ଡ ପୁରସ୍କାର ଭୟରେ ସେ ଆତ୍ମାର କଳ୍ପନା ଗୋଟିଏ ବାସ୍ତବରେ ଅବାସ୍ତବର ଆରୋପମାତ୍ର । ତାହା ସତ୍ୟ ନୁହେଁ । ତେଣୁ ସ୍ଥିର ମଧ୍ୟ ନୁହେଁ । କର୍ମରେ ଆତ୍ମାର ବିକାଶ ହୁଏ । ଯେ ଯାହା, ତା କର୍ମରେ ସେ ତାହା ବୋଲି ପରିଚିତ ହୁଏ । ଏଇ ଅନନ୍ତ କର୍ମର ପୀଠ ହେଉଚି, ଆତ୍ମା । ଏହା ସମାଜରେ ନିୟତ ବା ସ୍ୱଭାବ - ନିୟତ କର୍ତବ୍ୟ ରୂପେ ପ୍ରକାଶ ପାଏ । ସମସ୍ତେ ଏହି କର୍ତବ୍ୟ ଧରି ରହିଲେ ସମସ୍ତ ବୈଷମ୍ୟ ଭିତରେ 'ସମାଜରେ ସମତା ଭିତରେ ଶାନ୍ତି ରହିବ । 'ଦିଅ ଦିଅ' ବୋଲି ସମାଜରେ ଶୃଂଖଳା ରଖି ହେବ ନାଇ । 'ନିଅ ନିଅ' ହେଉଚି, ସୃଷ୍ଟିର ଶୃଂଖଳା । ସୃଷ୍ଟିର ମହା ବୈଷମ୍ୟ ଭିତରେ ପ୍ରତ୍ୟେକ ବସ୍ତୁ, ବ୍ୟକ୍ତି ଏହି 'ନିଅ ନିଅ' ବା ସ୍ୱଭାବ - କର୍ତବ୍ୟରେ ଆତ୍ମପ୍ରକାଶ କରୁଛନ୍ତି । ଏହାଇ ଏ ଜଗତରେ ବହୁରେ ଏକ । ଏହାଇ ସତ୍ୟରେ ଋତ । ଏଥିରେଇ

Digitized by PPRACHIN, SOA

ସମସ୍ତ ଭେଦ ବିବାଦ ଭିତରେ ବିଶ୍ୱସମତା ଓ ବିଶ୍ୱଶାନ୍ତି ପ୍ରକାଶ ପାଉଚି । ଏହାଇ ବିଶ୍ୱ-ସୌନ୍ଦର୍ଯ୍ୟ ।

ଆଜିର ଭାରତ ଶାସନ ବିଧାନ

ଏହାଇ ଆତ୍ମିକତା । ଏହା ଭିତରେ ସମାଜକୁ ଦେଖିବା ଭାରତ ସଭ୍ୟତାର ବିଶେଷତ୍ୱ ଫଳେଇ କରି କୁହାଯାଉ । ଆଜି ଶାସନ ବିଧାୟକ ସଭାରେ ଭାରତ ରାଷ୍ଟ୍ରର ବିଧାନ ତିଆରି ହେଉଚି । ସେଥିରେ ତଳେଇ କରି ଦେଖିଲେ ଖାଲି ରାଜନୀତିକ ଓ ଅର୍ଥନୀତିକ ଆକ୍ରମଣର ଭୟ ଓ ତହିଁ ସଂଗେ ଆତ୍ମରକ୍ଷାର ପ୍ରଚେଷ୍ଟା । ସେଥିପାଇଁ ପୁଣି କଂଗ୍ରେସ ନାମରେ ଦଳ ତିଆରି କରି ଜନସ୍ୱାଧୀନତାକୁ ଲୋପ କରି ରାଷ୍ଟ୍ରକୁ ଏକା ମୁଠାରେ ରଖି ଏକାକାର କରିବାର ଉଦ୍ୟମ ସ୍ପଷ୍ଟ । ଏଥିରେ କୌଣସି ନୂତନତା ନାଇ । ଏହା ପୁଣି ଅନଭ୍ୟସ୍ତର ଅନୁକରଣ ଛଡ଼ା ଆଉ କିଛି ନୁହେଁ ।

'ଆଚାର ପ୍ରଭବୋଧର୍ମଃ' –

ଏଥିରେ ଆତ୍ମ ବିକାଶର ସ୍ୱଚ୍ଛନ୍ଦ ସ୍ୱାଧୀନତା କାହିଁ ? ତାହା ଖୋଜି ଏଥିରେ ରଖିବାକୁ ହେବ । ଧର, ଗ୍ରାମ ଶାସନ ଭିତ୍ତିରେ ବିଧାନ ଗଢ଼ାଯିବ । ଠିକ୍ କଥା । କିଂତୁ ଏଥିରେ ଖାଲି ମାମଲତକାର୍ ବାହାରିବେ । ଦୁର୍ନୀତି ଚାଲିବ । ମକଦମା ତିଆରି ହେବ । ଦରକାର ପଡ଼ିଲେ, ଦମନଲୀଳା ଫୁଟିବ । କାହିଁକି ? ଧରାଯାଉ, ବିଧାନରେ ନିର୍ଦ୍ଦିଷ୍ଟ ରହିବ, କୌଣସି ଗ୍ରାମସଭା ଆପତ୍ତି ବିପତ୍ତି ଓପରକୁ ଯିବାର ଦେଖାଗଲେ କୌଣସି ନିର୍ଦ୍ଦିଷ୍ଟ ସଂଖ୍ୟା ବା ପରିମାଣ ପରେ ସେ ଗ୍ରାମସଭା ସେ ଅଧିକାରରୁ ବିଚ୍ୟୁତ ହେବ । ପୁଣି ନିର୍ଦ୍ଦିଷ୍ଟ ସଂଖ୍ୟକ ଗ୍ରାମସଭା ଏଇପରି ଅଧିକାରରୁ ବିଚ୍ୟୁତ ହେଲେ, ମନ୍ତ୍ରିମଣ୍ଡଳ ଅକାମି ବୋଲି ବିବେଚିତ ହେବେ । ଏଥିରେ ଅଧିକାର ସଂଗେ କର୍ତ୍ତବ୍ୟ – ଭୌତିକତା ସଂଗେ ଆତ୍ମିକତା – ଯୋଡ଼ା ହୋଇ ରହିଲା । ମାମଲତ୍‌କାରଙ୍କୁ ପ୍ରଶ୍ରୟ ଦିଆ ହେଲାନାଇ । ଶାସନ ଚଳାଇବା ପାଇଁ ବଛା ହୋଇଥିବା ଲୋକେ ମଧ୍ୟ ନିଜ ଅଧିକାରରେ ନିରଙ୍କୁଶ ହେବେନାଇ । ଏ କେବଳ ଗୋଟିଏ ସୂଚନା । ଏଇ ରୀତିରେ ଏଭଳି ବିଧାନର ବହୁ ବିକାଶ କଳ୍ପନା କରି 'ଆଚାର' ବା 'ଆଚରଣ'ରେ ପ୍ରୟୋଗ କରାଯାଇପାରେ । ଆମର ଯେ ବଚନ ଅଛି, 'ଆଚାର ପ୍ରଭବୋ ଧର୍ମଃ, ତାହାର ମୂଳ ଏହିଠାରେ ।

ମାଲିକ ଓ ଶ୍ରମିକ

ଆଉ ଗୋଟିଏ କଥା ଦେଖ । ଏଉଟି ଏବ ସମାଜରେ ଗୋଟିଏ ନୂଆ ବିକାଶ । ତାହା ହେଉଚି, ଶ୍ରମିକ ଓ ମାଲିକର ସମ୍ବନ୍ଧ । ଏଥିରେ ଶ୍ରମିକ ହେବେ ମାଲିକ, ମାଲିକ ହେବେ ଶ୍ରମିକ । ତେବେ ଯାଇ ବିବାଦ ତୁଟିବ । ତା କିପରି ହୋଇପାରେ ? ଖାଲି ଶିଳ୍ପ କାରଖାନା ଓ ଜମି ଗୁଡ଼ାକ ରାଷ୍ଟ୍ରର ସମ୍ପତ୍ତି କରି ଦେଲେ ସମାଧାନ ହେବ ନାଇ ।

Digitized by PPRACHIN, SOA

ରାଷ୍ଟ୍ରରେ ଦଳେ ନିଜ ଅଧିକାରରେ ନିରଙ୍କୁଶ ହେବେଇ ହେବେ । ହୁଏତ ସେମାନେ ସମାଜ ଗଢ଼ି ସମ୍ଭାଳିବାରେ ନିଜକୁ ଈଶ୍ୱରଙ୍କର କାନତରାଟି ବୋଲି ମନେ କରିବେ । ଇଂରେଜ ଶ୍ରେଷ୍ଠ କବି ସେକ୍‌ସପିୟର ସେଇ କଥାକୁ ଡ଼କାଡ଼କି କରି କହିଚନ୍ତି,

"I am Sir Oracle
When I open my lips
Let no dog barks

ଅର୍ଥାତ୍, "ମୁଁ ଇ ହେଉଚି ବିଶ୍ୱରାଜଙ୍କ ମୁଖପାତ୍ର । ମୁଁ ଯେତେବେଳେ କହୁଚି, ଆଉ କୁକୁର ପରି ଭୁକିବାର କାହାରି ଅଧିକାର ନାଇ ।"

ସମାଧାନ ପନ୍ଥା

କିଂତୁ ଧର, ମୂଳରୁ ବ୍ୟବସ୍ଥା ହେବ, ପ୍ରତ୍ୟେକ ଶ୍ରମିକ ପ୍ରତିମାସରେ ଅଳ୍ପ ଅଳ୍ପ ମଜୁରୀରୁ କାଟି ମାଲିକ ହେବାପାଇଁ ଅଂଶ ଦେବ । ଶେଷରେ ଏପରି ହେବ ଯେ ଶ୍ରମିକ ହେବେ ମାଲିକ ଓ ସେଇ ମାଲିକ ହେବେ ଶ୍ରମିକ । ସେଥିରେ କର୍ତବ୍ୟ ସଂଗେ ଅଧିକାର ଏକାଠି ଗୋଟିଏ ଟଂକାର ଦୁଇପାଖ ପରି ରହିବ । ଆଉ ଅଧିକାର ଘେନି ଛଡ଼ା ଛଡ଼ି ଲଢ଼ାଲଢ଼ି ହେବାର ବାଟ କ୍ରମେ ବନ୍ଦ ହୋଇଯିବ ।

ଅନୁକରଣ, ଆହରଣ ହେଉ

ମୋଟ କଥା, ଏ ସଂକଟବେଳେ ଭାରତର ପାରଂପାରିକ ଜ୍ୟୋତି ଫୁଟାଇ ଦେଖାଇବାର ବେଳ ଆସିଚି । ଅନୁକରଣରେ କୁଆ, ମୟୂର ପୁଚ୍ଛ ପିନ୍ଧି ମୟୂର ହେଲାପରି ନ ହୋଇ ଭାରତକୁ ଅନୁକରଣକୁ ଆହରଣରେ ପରିଣତ କରିବାକୁ ହେବ । ସେ ବାଟ ନାନା କାରଣରୁ ଏବେ ଅସ୍ପଷ୍ଟ ହେଲେ ହେଁ ଦୁର୍ଗମ ନୁହେଁ । ଜନତା ଓ ନେତା ସମସ୍ତେ ବୁଝି ବିଚାରି ବାଟ ଧରନ୍ତୁ ।

ନୂଆ ପ୍ରସ୍ଥ-୨/୪-୫

ଚୀନ ଅବସ୍ଥା

ଚୀନ ସ୍ୱାଧୀନ ହୋଇଥିଲା କିପରି

ସନ୍‌ୟାତ୍ ସେନ୍ ଚୀନ ଦେଶକୁ ସ୍ୱାଧୀନ କରିଥିଲେ । ସେ ସେଠାରେ ମହାତ୍ମାଗାନ୍ଧି କହିଲେ ଚଳେ। ଚୀନରେ ଗଣତନ୍ତ୍ରର ପ୍ରତିଷ୍ଠାତା ସେଇ। ତାଙ୍କ ପରେ ତାଙ୍କରି ନାମରେ ଦେଶଗଢ଼ିବାର ଯେପରିକି କଣ୍ଟ୍ରାକ୍‌ଟରି ନେଲେ, ଚ୍ୟାଙ୍ଗ୍ ପଟ୍ଟଶିଷ୍ୟ । ଚ୍ୟାଙ୍ଗକୈସେକ୍‌ଙ୍କ କାର୍ଯ୍ୟ ଆରମ୍ଭରୁ ସନ୍‌ୟାତ୍ ସେନ୍‌ଙ୍କର କେହି କେହି ପଟ୍ଟଶିଷ୍ୟ ଚ୍ୟାଙ୍ଗ୍‌କୈଙ୍କ କାର୍ଯ୍ୟରେ ଭବିଷ୍ୟତରେ ଦୁର୍ଗତି ଦେଖି ଶେଷକୁ ଅଲଗା ହୋଇ ବିଦେଶକୁ ଚାଲିଗଲେ । ତାଙ୍କ ଭିତରେ ଜଣେ ଓ୍ୱାଙ୍ଗ ଚାଇଭୟେ । ଠିକ୍ ସୁଭାଷଙ୍କ ପରି ସେ ବାହାରେ ରହି ଚୀନ

Digitized by PPRACHIN, SOA

ଦେଶର ଭାଗ୍ୟ ନିୟନ୍ତ୍ରଣ କରିବାରେ ଲାଗିଥିଲେ। ସେଇଆଡ଼େ ତାଙ୍କର ମୃତ୍ୟୁ ହେଲା । ଚ୍ୟାଙ୍ଗକୈଙ୍କ ଦଳ ତାଙ୍କୁ ଦେଶଦ୍ରୋହୀ ଓ ଜାପାନସାଥୀ ବୋଲି ପ୍ରଚାର କରିଥିଲେ। କିନ୍ତୁ ଯଥାର୍ଥରେ ତାଂକ ଜୀବନ ନିଷ୍କଳଙ୍କ ଥିଲା । ଚ୍ୟାଙ୍ଗକୈଙ୍କ ପ୍ରଚାର ଫଳରେ ଆଜି ହୁଏତ ଚ୍ୟାଙ୍ଗକେଇଙ୍କ ଚୀନ ଦେଶରେ ତାଙ୍କ କଥା କେହି ପକାଉନାହାନ୍ତି ।

ଚ୍ୟାଙ୍ଗକୈଶେକଙ୍କ କୁକ୍ରିୟା

ଚ୍ୟାଙ୍ଗକେଇଙ୍କ ସରକାର, ସ୍ୱାଧୀନତା ନାମରେ ଚୀନ୍ ଦେଶ ଲୋକଙ୍କ ଭିତରେ ଯେ କୁକ୍ରିୟାମାନ ଭର୍ତିକଲେ, ତା ଏଠାରେ କହି ବୁଝାଇ ହେବନାଇ । ନିଜ ଲୋକଙ୍କୁ ବଡ଼ ବଡ଼ ଚାକିରି ଓ ସ୍ଥାନରେ ପ୍ରତିଷ୍ଠା ଦେବା ଓ ସେଇ ସୂତ୍ରରେ ନିଜର ନେତୃତ୍ୱ ତଥା ରାଜତ୍ୱକୁ ଦୃଢ଼ କରିବା ଧନୀ ଲୋକଙ୍କୁ ତଥା ଅପଣା ଲୋକଙ୍କୁ ଅର୍ଥାତ୍ ନିଜ ଦଳପୁଷ୍ଟ କରିବାଭଳି ଲୋକଙ୍କୁ ଧନରେ, ପଦରେ ତଥା ଲାଭରେ ଯଥା ଅଯଥା ପ୍ରଶ୍ରୟ ଦେବା, ସବୁଆଡ଼େ କ୍ଷମତାର ଅପବ୍ୟବହାର କରିବା, ନିଜର ଓ ନିଜ ଦଳର ପ୍ରତିଷ୍ଠା ଲାଗି ଖଜଣା ଖାନାରୁ ଟଙ୍କା ଲୁଟି କରିବା ଓ ସେନା, ପୋଲିସ ବଢ଼ାଇବା, ହେଲା ଚ୍ୟାଙ୍ଗକୈଂକ ମୁଖ୍ୟ କାମ ମୁଖ୍ୟ ଉପାୟ । ଏଥିରେ ପ୍ରଥମରୁ ନିଜର ବଳ ଓ ପ୍ରତିଷ୍ଠା ବଢ଼ିବାରେ ପୃଥିବୀରେ ଚ୍ୟାଙ୍କକୈଶେକଙ୍କ ଖୁବ୍ ନାମ ହେଲା ସତ; କିନ୍ତୁ କୁକ୍ରିୟାରେ ପ୍ରତିକ୍ରିୟା ଅନିବାର୍ଯ୍ୟ । ସେଇ ପ୍ରତିକ୍ରିୟା ଆଗେ ଆଗେ ଅନ୍ତଃସଲୀଳା ଫଲ୍‌ଗୁପରି ଚାଲିଲା । ଏବେ ତା' ଘୋର ବନ୍ୟାରେ ଚୀନ ଦେଶକୁ ଭସାଇ ଦେବା ଉପରେ ।

ଫଳରେ କମ୍ୟୁନିଷ୍ଟବାଦର ଉତ୍ପତ୍ତି -

ସମସ୍ତେ ଜାଣନ୍ତି, କମ୍ୟୁନିଷ୍ଟମାନେ ଆଜି ଚୀନ ଦେଶରେ ଜିଣିଲେ । କେତେ ଦିନ ପୂର୍ବେ ଶୁଣାଯାଉଥିଲା, ନିରସ୍ତ୍ର କମ୍ୟୁନିଷ୍ଟମାନେ ଅତି ଅଳ୍ପ ସଂଖ୍ୟାରେ ଚ୍ୟାଙ୍ଗକୈଂକ ସହର ଭିତରେ ପଶି ଚାଲିଗଲା ବେଳେ ଲୋକେ ତାଂକୁ ସଂବର୍ଧନା କରୁଥିଲେ; ତାଙ୍କୁ କେହି ବାଧା ଦେଉନଥିଲେ କିଂତୁ ଏ କମ୍ୟୁନିଷ୍ଟ କିଏ ? ଅନେକେ ବୁଝନ୍ତି, କମ୍ୟୁନିଷ୍ଟ ରୁଷିଆରେ ଥାନ୍ତି। ସେଇ ରୁଷିଆରୁ ସେମାନେ ଆସି ଦେଶ ଜିଣୁଚନ୍ତି - ଇଂରେଜମାନେ ପୂର୍ବେ ଏ ଦେଶ ଜିଣିଲା ପରି । ଅର୍ଥାତ୍ ରୁଷିଆରୁ ନେତା ଓ ସେନାମାନେ ଆସି ଚୀନ ଦେଶରେ କେତେକ ଲୋକକୁ ଅର୍ଥ ଦେଇ ବା ଅନ୍ୟ ଭାବରେ ହାତକରି ଚୀନ ଦେଶକୁ ଜିଣୁଛନ୍ତି ବୋଲି ଅନେକ ହୁଏତ ବୁଝୁଥିବେ । କିଂତୁ ଏହା ନୁହେଁ । ଅବଶ୍ୟ ରୁଷିଆରୁ ଜନ ସ୍ୱାଧୀନତାର ଗୋଟିଏ ଭାବଧାରା ଫିଟିଚି । ତା ହେଉଚି, ବହୁପରିମାଣରେ ରୁଷ ସମ୍ରାଟ ଜାରଙ୍କର ଅତ୍ୟାଚାରର ପ୍ରତିକ୍ରିୟା । ଚ୍ୟାଙ୍ଗ କୈଶେକଙ୍କ ସଂପର୍କରେ ଯାହା କୁହାଗଲା ଶେଷ ରୁଷ ସମ୍ରାଟଙ୍କର ଦେଶ ଶାସନ ସେଇପରି ବା ତତୋଧିକ କଦର୍ଯ୍ୟ ଥିଲା । ତାହାରି ଫଳରେ ସେଠାରେ କମ୍ୟୁନିଷ୍ଟ ବାଦର ପ୍ରତିଷ୍ଠା ହେଲା ।

Digitized by PPRACHIN, SOA

ସାରା ପୃଥିବୀରେ କମ୍ୟୁନିଜିମ୍‌ର ପ୍ରସାର -

ସେଇ କମ୍ୟୁନିଜିମ୍ ଆଜି ପୃଥିବୀର ବାୟୁମଣ୍ଡଳରେ ଖେଳୁଚି । ଏପରିକି ଇଂଲଣ୍ଡର ଅଟଳି ପ୍ରଭାବିତ ସୋସିଆଲିଷ୍ଟମାନେ ସେଇ ଭାବରେ ପ୍ରଭାବିତ। ସେଠା ଲୋକ ଶାସନ ଓ ଦେଶ ଗଠନ ପ୍ରକ୍ରିୟାରେ ସେତେ କୁକ୍ରିୟା ପଶି ପାରୁନଥିବାରୁ ସେଠା ସୋସିଆଲିଷ୍ଟମାନେ ପୂରା କମ୍ୟୁନିଷ୍ଟ ହୋଇପାରୁନାହାନ୍ତି । ଆଜି ଭାରତରେ ଜୟପ୍ରକାଶ ନାରାୟଣ ସେହିପରି ଅର୍ଦ୍ଧ କମ୍ୟୁନିଷ୍ଟ ପନ୍ଥୀ । ଭାରତର ଶାସନ ଯଦି ଚ୍ୟାଙ୍ଗ କୈସେକ୍ ବା ଜାରଙ୍କ ଶାସନ ଭଳି ହୁଏ, ତା'ହେଲେ ଏଇ ସୋସିଆଲିଷ୍ଟମାନେ କମ୍ୟୁନିଷ୍ଟ ହୋଇଯିବେ କିଂବା ବସନ୍ତରେ ନୂଆପତ୍ର ବାହାରିଲା ପରି କମ୍ୟୁନିଷ୍ଟ ଏଇ ଭୂମିରୁ ଉଠିବେ । ତାଙ୍କୁ ଜୋରକରି ଚିପି ଦବାଇ ହେବନାଇ । ସେ ପନ୍ଥା ଆଦୌ ପନ୍ଥା ନୁହେଁ ।

କମ୍ୟୁନିଷ୍ଟବାଦର କାହିଁକି ପ୍ରସାର ହେଉଚି -

ଚୀନ ଦେଶରେ ସେଇଆ ହୋଇଚି । ଚୀନର କମ୍ୟୁନିଷ୍ଟମାନେ ଚୀନ ଦେଶୀୟ ଲୋକ । ଦୃଷ୍ଟିହୀନ ଚ୍ୟାଙ୍ଗକୈଶେକଙ୍କ ଶାସନଚକ୍ର ଅସହ୍ୟ ହେବାରୁ ସେମାନେ ସେଇ ଭୂମିରୁ ବାହାରିଛନ୍ତି । ବ୍ରହ୍ମଦେଶରେ ଆଜି କମ୍ୟୁନିଷ୍ଟଙ୍କ ବିଦ୍ରୋହ ପ୍ରକାଶ ପାଇଚି । ପୃଥିବୀର ପ୍ରାୟ ସବୁ ଦେଶରେ ବିଶେଷରେ ପ୍ରାଚ୍ୟ ଭୂମିରେ ସର୍ବତ୍ର କମ୍ୟୁନିଷ୍ଟ କ୍ରମେ ବଢୁଚନ୍ତି- କେଉଁଠାରେ ତାଙ୍କ ବିଦ୍ରୋହ ପ୍ରକାଶ ପାଇ ପାରୁଚି, କେଉଁଠାରେ ବା ସେମାନେ ଲୁଚି ଛପି ଅଛନ୍ତି । ଏବେ ମଧ୍ୟ ମୁଣ୍ଡଟେକି ପାରିନାହାନ୍ତି । ଶାସକ ଓ ନେତାମାନଙ୍କର ଏହା ଦେଖି ଜନ ସେବାରେ ଲାଗିବା ଉଚିତ । ଯଥାର୍ଥ ଜନସେବା ଓ ଦେଶ ଗଠନଇ କମ୍ୟୁନିଷ୍ଟ ଭାବ ପ୍ରଚାରର ପ୍ରତିକାର । ଭୟରେ ଦମନ କଲେ, ନିଜର ଦୁର୍ବଳତା ମାତ୍ର ପ୍ରକାଶ ପାଏ ଓ ସେଇ ଦୁର୍ବଳତା ବଢ଼ି ବଢ଼ି ପିଶାଚ ପରି ସେଇ ଦୁର୍ବଳ ଲୋକକୁ ଗ୍ରାସ କରେ ।

ଭାରତର ନେତାଏ ସାବଧାନ ହୁଅନ୍ତୁ -

ଭାରତ ଆଜି ନୂଆ ହୋଇ ସ୍ୱାଧୀନ ହୋଇଚି । ନେତା ଓ ଚାଳକମାନଙ୍କର ଏତେବେଳେ ଅତ୍ୟନ୍ତ ସାବଧାନ ହେବା ଉଚିତ । 'ମୁଁ ସ୍ୱାଧୀନ ହୋଇଚି, ଅତଏବ ମୁଁ ଲଂଗଳା ହୋଇ ଦାଣ୍ଡରେ ଚାଲିଲେ କିଏ କ'ଣ କରିବ ।' ଏହା ସ୍ୱାଧୀନତାର ମନୋଭାବ ନୁହେଁ । ସଂଯମଇ ସ୍ୱାଧୀନତାର ପ୍ରାଣ । ପୁଣି ନିସ୍ୱାର୍ଥପରତା ଓ ଯଥାର୍ଥ ସ୍ୱାର୍ଥ ତ୍ୟାଗ ହେଉଚି, ସ୍ୱାଧୀନତାର ମେରୁଦଣ୍ଡ । ଏଥିରେ ଭୁଲ୍ କଲେ ସ୍ୱାଧୀନତା ଘୋର ପରାଧୀନତାରେ ପରିଣତ ହେବ । କେତେକ ଲୋକ, ସ୍ୱାଧୀନତା ଭୋଗ କରୁ କରୁ ଜନତା ପରାଧୀନତାରେ ସଢ଼ିଯାଇ କ୍ଷିପ୍ତ ହୋଇ ଉଠିବ । ସେତେବେଳେ ସେ କ୍ଷିପ୍ତତାର ବେଗ ସମ୍ଭାଳିବା ହୁଏତ ସମ୍ଭବ ହେବନାଇ ।

Digitized by PPRACHIN, SOA

ଶାସନ କ୍ଷେତ୍ରରେ ଭାରତରେ ଅପଚାର

ଆଜି ଭାରତରେ ଚୋରା ବଜାର ସତଗୁଣ, ସହସ୍ର ଗୁଣ ବଢ଼ି ଯାଇଚି । ଦଳକୁ ଦୃଢ଼ କରିବାକୁ ଯାଇ ଦେଶରେ ଅପଚାର ବ୍ୟାପି ଯାଉଚି । ଦେଶ ଗଠନ ନାମରେ ଅନର୍ଜିତ ଧନ ପୁଂଜିଭୂତ ହେଉଚି । ଅନ୍ୟଆଡ଼େ ଲୋକଙ୍କର ଅନ୍ନ ବସ୍ତ୍ରାଦିର ଅଭାବ କ୍ଷୀପ୍ର ଗତିରେ ବଢୁଚି । ସରକାର ହୁଏତ ରେସନିଂ କରି ଅନ୍ନବସ୍ତ୍ର ବରାଦ କରି ବାଣ୍ଟୁଚନ୍ତି। କିଂତୁ ସେଥିରେ ମଧ୍ୟ ଚୋରା ବଜାର ବଢ଼ିବା ଛଡ଼ା ଆଉ କିଛି ହେଉ ନାଇ । ଖାଦ୍ୟ ବଢ଼ାଇବା ପାଇଁ ହୁଏତ କୋଟି କୋଟି ଟଙ୍କା ବଣ୍ଟା ଯାଉଚି । କିଂତୁ କିଏ ଦେଖୁଚି, ସେ ଟଙ୍କା କୁଆଡ଼େ ଯାଉଚି ? ଦେଶ ଗଠନ ନାମରେ ରାଶି ରାଶି ପ୍ରଚାରକ ନିଯୁକ୍ତ ହେଉଚନ୍ତି, ଖଜଣାଖାନା ଖର୍ଚ୍ଚରେ। ସରକାରଙ୍କ ପୋଷକତାରେ ବଡ଼ ବଡ଼ ପାଣ୍ଠି ଓ 'ସ୍ମାରକନିଧି' ମାନ ଉଠୁଚି । ସେ ସବୁ ମଧ୍ୟ ଦେଶର ଶ୍ରୀବୃଦ୍ଧି ନାମରେ ଖର୍ଚ୍ଚ ହେଉଚି ଓ ହେବ । କିଂତୁ ଏ ସବୁଥିରେ କେବଳ 'ଦଳପୁଷ୍ଟି' ଓ ଫଳରେ ନିର୍ବାଚନରେ ଅପଚାର। ଏସବୁ ଏଇ ଗତିରେ ଚାଲିଲେ, ଦେଶର ଜନତା ହୁଏତ ସହିବ ନାଇ । ନେତା ଓ ଚାଳକମାନଙ୍କର ଏ କ୍ଷେତ୍ରରେ ଅତ୍ୟନ୍ତ ସାବଧାନ ହେବା ଦରକାର ।

ତୁରନ୍ତ ପ୍ରତିକାର ଲୋଡ଼ା

ସୁଖର କଥା, ଚୋରା ବଜାର, ଧନ ଶୋଷଣ ପ୍ରଭୃତି ଘୋର କୁକ୍ରିୟାମାନ ଜବତ କରିବା ପାଇଁ ଏବେ ପାକିସ୍ତାନ ଜାଗ୍ରତ ହୋଇ ଉଠୁଚି । ମଧ୍ୟ ପ୍ରଦେଶ ସରକାର ଏଥିପାଇଁ କଡ଼ା ଆଇନ କରି ଶାସନ ଯନ୍ତ୍ରକୁ ଦୃଢ଼ ଭାବରେ ଚଳାଇବା ପାଇଁ ଉଦ୍ୟମ କରୁଚନ୍ତି। ଆମ କେନ୍ଦ୍ର ଓ ପ୍ରଦେଶର ସରକାରମାନେ ସମସ୍ତେ ଏଇପରି କାର୍ଯ୍ୟରେ ଲାଗିଯାନ୍ତୁ । ଏଥିରେ ଅନୁସଂଧାନ ଦରକାର ନାଇ । ରିପୋଟ୍ ବିଚାର ଦରକାର ନାଇ । ଏହା ସମସ୍ତେ ଜାଣନ୍ତି । ଘରେ ନିଆଁ ଲାଗିବା ଆରମ୍ଭ ହେଲେ, ଅନୁସଂଧାନ କରାଯାଏ ନାଇ । ସେଇ ଦୃଷ୍ଟିରେ କାମ କରିବାକୁ ହେବ। ଅତି ଶୀଘ୍ର ପନ୍ଥା ସ୍ପଷ୍ଟ ଦିଶୁ ।

ନବଭାରତ- ୨ । ୨ -୩

ସେସବୁ କଥା ଏବେ ଥାଉ

ଏସବୁ ଇତିହାସର କଥା । ଆଜି ଭୋଗରେ ତ୍ୟାଗର ମୂଲ୍ୟ ନେବା ପାଇଁ ଯେଉଁମାନେ ଭାରତକୁ ଦୁଇଖଣ୍ଡ କରି ଲୋକମତ ନାମରେ ଗାଦୀନସୀନ୍ ହୋଇ ବସିଲେ, ସେମାନେ ଇତିହାସ ସଂଗେ ଭବିଷ୍ୟତର ଐତିହାସିକ ସିଦ୍ଧାନ୍ତ ପର୍ଯ୍ୟନ୍ତ ପରିପ୍ରଚାରରେ ବଦଳାଇ ଦେଇ ନିଜକୁ ଚିରନ୍ତନ ତ୍ୟାଗୀ ମହାପୁରୁଷ ବୋଲି ପ୍ରମାଣ କରି, ପ୍ରମାଣର ସେଇ ସାମଗ୍ରୀ ରଖି ଦେଇ ଯିବା ପାଇଁ ଯେ ଅପଚାର ବ୍ୟଭିଚାର ଓ ମିଥ୍ୟାପ୍ରଚାର

Digitized by PPRACHIN, SOA

କରୁଚନ୍ତି ସେଥିରେ ସୁଭାଷଙ୍କର ସେ ସାଧୁ ଓ ଅନାସକ୍ତ କଳ୍ପନା ଓ ତହିଁ ସଙ୍ଗେ ସେଥିରେ ତାଙ୍କ ସହଯୋଗୀ ମାନଙ୍କର ଘୋର ବିରୋଧ ସମ୍ମୁଖରେ ନିଷ୍ଫଳଙ୍କ ତ୍ୟାଗ ବୁଦ୍ଧି, ସବୁ ଆଜିର ଉଦ୍‌ଗତ ଧୂମରେ ଆବିଳ ଦିଶୁଚି । ସେଥିପାଇଁ ସେ ବିଷୟରେ ଆଉ ବିଶେଷ ଆଲୋଚନା ନିଷ୍ପ୍ରୟୋଜନ । ଏବେ ସେଥିରେ କିଛି ଲାଭ ନାଇଁ । କାହାର ଆତ୍ମ ବଡ଼ିମାକୁ ଓ ଇତିହାସରେ ଅମରତ୍ୱ କାମନାକୁ କ୍ଷୁଣ୍ଣ କରିବା ଏଠାରେ ଆମର ଉଦ୍ଦେଶ୍ୟ ନୁହେଁ । ସେଥିରେ ଏବେ ପୂର୍ବବଙ୍ଗର ସମସ୍ୟା ସମାଧାନର କୌଣସି ସ୍ପଷ୍ଟ ସମ୍ପର୍କ ନାଇ । ଆସକ୍ତକୁ ଅନାସକ୍ତିକୁ ଆଣିବାର ପନ୍ଥା ବି ଏ ନୁହେଁ ।

ଏବ ପାକିସ୍ଥାନ କଥା ଦେଖ –

ପାକିସ୍ଥାନ ନେତାମାନେ ମୁକ୍ତ କଣ୍ଠରେ ଆଜି ପୃଥିବୀ ଆଗରେ କହୁଚନ୍ତି ଧର୍ମଛଡ଼ା ତାଙ୍କର ଅନ୍ୟ ରାଷ୍ଟ୍ରନୀତି ନାଇ । ସେ ଧର୍ମ ପୁଣି ମୁସଲମାନ ଧର୍ମ । ସେ ଧର୍ମର ନିଦେଶ ଗୁଡ଼ିକ ବୁଝିବାରେ କୌଣସି ଦ୍ୱିମତ ନାଇ । ସେଥିରେ ଅଛି ଅମୁସଲମାନ ବା କାଫୀରଙ୍କ ପ୍ରତି ସ୍ପଷ୍ଟ ବ୍ୟବସ୍ଥା ମାନ । ସେଇଥିରେ ସେ ଚଳିବେ ।

ଧର୍ମ ବୋଇଲେ କ'ଣ ?

ଅବଶ୍ୟ ଧର୍ମର ବ୍ୟବସ୍ଥା ଗୁଡ଼ିକ ପୃଥିବୀରେ ଈଶ୍ୱର, ଈଶ୍ୱର-ଦୂତ, ଅବତାର, ସନ୍ଥ ପ୍ରଭୃତିଙ୍କ ନାମରେ କୁହାଯାଏ । ସେ ଗୁଡ଼ିକ ନିତ୍ୟ ସତ୍ୟ ବୋଲି ଶିଷ୍ୟ ଓ ଅନୁଗମାନେ ଘୋର ଅହଙ୍କାରରେ ପ୍ରଚାର କରନ୍ତି । ହେଲେ ହେଁ ସେଥିରେ ନିତ୍ୟ ବୋଲି କିଛି ନାଇ କି ନିଦେଶ ବୋଲି କିଛିଁ ନାଇ । ପରକୀୟା ପ୍ରେମରେ କୁଞ୍ଜବାସୀ ହୋଇ ପ୍ରତିଦିନ ନୂଆମାତା ବାଛିବା, 'କୁଞ୍ଜବାସୀ' ବାବାଜୀଙ୍କର ଯେପରି କୃଷ୍ଣ-ନିଦେଶ, ହୁଏତ କାଫୀର ହିନ୍ଦୁଙ୍କ ବିରୁଦ୍ଧରେ ଜିହାଦ୍ କରିବା, ସେହିପରି ପୟଗମ୍ବର ମହମ୍ମଦଙ୍କ ନିଦେଶ ହୋଇପାରେ । ସେ ସବୁର ସାତ୍ତ୍ୱିକ, ଦାର୍ଶନିକ ଆଲୋଚନା କରି କିଛି ଲାଭ ନାଇଁ । କୌଣସି ଧର୍ମରେ ଦର୍ଶନ ନାଇ । କିମ୍ବା ଦାର୍ଶନିକ ତତ୍ତ୍ୱ ଦୃଷ୍ଟିରେ ଭକ୍ତର ଧର୍ମବାଦ ଫୁଟେ ନାଇ ।

ଭାରତ କି ଆଦର୍ଶ ଦେଖାଉଚି ?

ଏଇ ସମ୍ପର୍କରେ ଆଜି ଭାରତର ପରିସ୍ଥିତି ପୁଣି ମୁସଲମାନଙ୍କୁ – ବିଶେଷରେ ପାକିସ୍ଥାନ ମୁସଲମାନଙ୍କୁ – କି ଆଦର୍ଶ ଯୋଗାଉଚି, ତା ମଧ୍ୟ ଦେଖିବାର କଥା । ଭିତରକୁ ଭଲକରି ଆତ୍ମ ଦୃଷ୍ଟିରେ ନ ଚାହିଁ, ପରକୁ ନିନ୍ଦି ବୁଲିବା ଏକ ସାମାଜିକ ମହା ଅପରାଧ । ଏହି ଅପରାଧ ଫଳରେ ମାନବ ସମାଜରେ କାଳେ କାଳେ ଧର୍ମାନ୍ଧତା ଓ ଧର୍ମଯୁଦ୍ଧ ଫୁଟିଛି । ଆଜି ମୁସଲମାନଙ୍କୁ ଧର୍ମାନ୍ଧ, ସାମ୍ପ୍ରଦାୟିକ ବୋଲି ଭାରତବାସୀଙ୍କର କହିବାର କି ଅଧିକାର ଅଛି ?

Digitized by PPRACHIN, SOA

ଧର୍ମନିରପେକ୍ଷତା ଭାରତରେ ସତ୍ୟ ନୁହେଁ

ଗୋଟାଏ ଗତାନୁଗତିକ ବାକ୍ ଚାତୁରୀ ଧରି ଆଜି ଭାରତର ଭୋଗଦୃପ୍ତ ନେତାମାନେ ନିଜର ସ୍ୱାଧୀନ - ସରକାରନାମୀ ସରକାରଟାକୁ ତଥା ସମାଜଟାକୁ କହୁଛନ୍ତି, Secular ବା ଧର୍ମ-ନିରପେକ୍ଷ । ଯଥାର୍ଥରେ ହିନ୍ଦୁ ଭାରତର ସମାଜ ଓ ସରକାର କଣ ଧର୍ମ-ନିରପେକ୍ଷ ? ଆଖି ଫିଟାଇ ଦେଖିଲେ, ସମସ୍ତେ ଦେଖି ପାରିବେ ଭାରତୀୟ ଅ-ମୁସଲମାନ ମାନେ ଧର୍ମାନ୍ଧତାରେ ମଧ୍ୟ ମୁସଲମାନଙ୍କ ପାଖେ ହାରିଯିବେ ନାଇ । ମୁହଁରେ ନିଜକୁ ଧର୍ମ-ନିରପେକ୍ଷ କହି ଇସ୍କୁଲ ଠାରୁ ଆଶ୍ରମ ଯାଏ, ଗ୍ରାମ ପଞ୍ଚାୟତ ଠାରୁ ବ୍ୟବସ୍ଥା ସଭାଯାଏ, ନାରୀମଙ୍ଗଳ ସମିତି ଠାରୁ ହରିଜନଙ୍କ ପତିତ ପାବନ ସଂଘଯାଏ, ସର୍ବତ୍ର ଲୋକଙ୍କୁ ଧରି ମାରି ମଣକରା ଯାଉଚି କଣ ବୋଲିବାରେ ? ଧର୍ମାନ୍ଧତା ଓ ଭକ୍ତିର ସେହି ମନ୍ତ୍ରଟି ହେଉଚି "ରଘୁପତି ରାଘବ ରାଜାରାମ, ପତିତ ପାବନ ସୀତାରାମ ।" ଏ ଧର୍ମରେ ଗାନ୍ଧୀ ସାକ୍ଷାତ ହେଉଚନ୍ତି ମହମ୍ମଦଙ୍କ ପରି ଈଶ୍ୱରଙ୍କର ଜଣେ ଦୂତ ।

ମହାତ୍ମା ଗାନ୍ଧୀ ମରୁ ମରୁ ଏପରି କି ବଞ୍ଚି ଥାଉଁ ଥାଉଁ ମଧ୍ୟ, ଲୋକେ ତାଙ୍କ ମନ୍ଦିର କରିବା ପାଇଁ ବ୍ୟାକୁଳ ହେଲେଣି । ମହମ୍ମଦ ତସ୍ୱୀର ବା ପ୍ରତିକୃତି ରଖିବାକୁ ମନା କରିଥିଲେ । ଗାନ୍ଧୀ ମଧ୍ୟ ନିଜ ପୂଜା ପାଇଁ ମୂର୍ତ୍ତି ରଖିବାକୁ ମନା କରିଚନ୍ତି । ସେଇ ଦୁହାଇ ମଧ୍ୟ ଦିଆଯାଇ ପୂଜା ପାଇଁ ଗାନ୍ଧୀଙ୍କ ମୂର୍ତ୍ତି ରଖିବାଟା ଅପରାଧ ବୋଲି ଠାଏ ଠାଏ ଧରା ଗଲାଣି । ସେ ଯାହା ହେଉ ଧର୍ମ ନିରପେକ୍ଷତା ଏଥିରେ କାହିଁ ? ଆମେ ଘରେ ଯେତେ ବାବଦୂକ ହେଲେ ମଧ୍ୟ ଜଗତ- ବିଶେଷରେ ମୁସଲମାନ- ବୁଝିବେ କି ? ପୁଣି ସେହି ସ୍ତୁତି ମନ୍ତ୍ରରେ ଗାନ୍ଧୀଙ୍କ ମୃତ୍ୟୁ ଅଳ୍ପଦିନ ପୂର୍ବରୁ ଯୋଡ଼ା ଯାଇଥିଲା "ଈଶ୍ୱର ଆଲ୍ଲା ତେରା ନାମ, ସବ୍‌କୋ ସଂମତି ଦେ ଭଗବାନ୍ ।" ପରାଧୀନ ପ୍ରପୀଡ଼ିତ ମାନବକୁ ଧର୍ମାନ୍ଧ କରି ମଦତ୍ ଦେଇ ବଂଚାଇ ରଖିବାରେ ସର୍ବଧର୍ମ ସମନ୍ୱୟର ଏଇ ଆପାତମନୋରମ ମନ୍ତ୍ରଟି ସନ୍ଥଙ୍କର ଗୋଟିଏ ସାଧାରଣ ମହୌଷଧ । ଧର୍ମ ବିରୋଧ ଓ ତହିଁ ଫଳରେ ଈଶ୍ୱର ଈଶ୍ୱରରେ ବିରୋଧ - ହେଉଚି ମାନବ ସମାଜରେ ଏକମାତ୍ର ବିରୋଧ ଓ ନିତ୍ୟ ବିରୋଧ । କୌଣସି ଦୁଇଟି ଧର୍ମର ଦୁଇଟି ଈଶ୍ୱର ସବୁ କର୍ମରେ ସଂମତି ଦେବାର ଜଣାନାଇ । ଏହା ସତ୍ୟ ନାମରେ ଗୋଟାଏ ମନବୋଧିଆ ମିଥ୍ୟା । ଏହା ଏକ ମୋହ ।

ମୁସଲମାନର ନାରୀ ଧର୍ଷଣ

ପୁଣି ଦେଖ, ଆମେ ଯାହାକୁ ନାରୀଧର୍ଷଣ କହୁ, ମୁସଲମାନ ପକ୍ଷରେ ପରିସ୍ଥିତି ଭେଦରେ ସେ ସବୁ ଧର୍ମ କାର୍ଯ୍ୟ ହୋଇପାରେ । କାଫୀର୍‌କୁ ମୁସଲମାନ କରି ମୁକ୍ତି ପନ୍ଥାରେ ପକାଇ ଦେବାରେ ତା ଏକ ସୁନ୍ଦର ଉପାୟ । ମୁସଲମାନ ଧର୍ମରେ ପୁଣି ନିର୍ଦ୍ଦେଶ ଅଛି, କାମ କ୍ରିୟାରେ ସନ୍ତୋଷ ରଖିପାରିଲେ ପୁରୁଷ, ଚାରୋଟି ପର୍ଯ୍ୟନ୍ତ (କାର୍ଯ୍ୟରେ

Digitized by PPRACHIN, SOA

ଯେତେ ଇଛା ସେତେ) ନାରୀକୁ ଆପଣାର କରି ରଖିପାରିବ । କାଫୀର ନାରୀକୁ ଏଇପରି ନିଜର କରିବାରେ ପୁଣି ମୁସଲମାନର ରାଜ୍ୟ ଆଇନ୍‌ରେ କେବେ କେଉଁଠି ଦଣ୍ଡନୀୟ ହୋଇଚି ? 'ଜିହାଦ୍'ର କାଫୀର ହତ୍ୟା ମୁସଲମାନର ପୁଣି ସର୍ବତ୍ର ନରହତ୍ୟା ବି ନୁହେଁ । ଏ ସବୁ କଥା ଶାନ୍ତ ଓ ନିରପେକ୍ଷ ଭାବରେ ବିଚାର କରିବାର ଅଛି ।

ନୂଆ ପ୍ରସ୍ଥ-୨।୬-୭

ଦିଲ୍ଲୀରେ ଏସିଆର ଜାତି ସମ୍ମିଳନ

ଭାରତର ନେତୃତ୍ୱ

ବଡ଼ ଆନନ୍ଦର କଥା, ଭାରତର ପ୍ରଧାନ ମନ୍ତ୍ରୀ ପଣ୍ଡିତ ନେହୁର ଇଣ୍ଡୋନେସିଆ ସମସ୍ୟା ସମାଧାନ ପାଇଁ ସମସ୍ତ ଏସିଆର ଗୋଟିଏ ସମ୍ମିଳନୀ ଡାକୁଚନ୍ତି । ଭାରିତ ଦିନେ ଯଥାର୍ଥରେ ଏସିଆର ନେତାଥିଲା । ଅଶୋକ, କନିଷ୍କଙ୍କ ପରି ସମ୍ରାଟମାନେ ସମସ୍ତ ବୌଦ୍ଧ ଭୂମିର ସମ୍ମିଳନୀମାନ ଡାକି ସେ ନେତୃତ୍ୱ ଜାଗ୍ରତ ରଖୁଥିଲେ । ଆଜକୁ ପ୍ରାୟ ୨ ବର୍ଷ ତଳେ ଭାରତ ଯେତେବେଳେ ସ୍ୱାଧୀନତାର ଦ୍ୱାର ଦେଶରେ ଥିଲା, ଏଇ ପଣ୍ଡିତ ନେହୁରଙ୍କ ବାସ୍ତବ ନେତୃତ୍ୱରେ ଦିଲ୍ଲୀଠାରେ ଏସିଆର ଆନ୍ତର୍ଜାତିକ ସମ୍ମିଳନୀ ବସିଥିଲା। ଆମେ ସେତେବେଳେ କହିଥିଲୁ - ଅଶୋକ, କନିଷ୍କଙ୍କ ପରେ ଭାରତରେ ଏ ଅନ୍ତର୍ଜାତିକ ନେତୃତ୍ୱ ଯୁଗ ଫିଟିବାର ଆରମ୍ଭ ହେଲା । ଆଜି ଏ ସମ୍ମିଳନୀ ପୁଣି ଆନ୍ତର୍ଜାତିକ କର୍ମପନ୍ଥା ଫିଟାଉଚନ୍ତି । ପୃଥିବୀର ମିଳିତ ଜାତିପୁଞ୍ଜଙ୍କ କାର୍ଯ୍ୟରେ ପୁଣି ସାହାଯ୍ୟ କରିବା ଏ ସମ୍ମିଳନର ଉଦ୍ଦେଶ୍ୟ । ଭାରତର ଏ ମହତ୍ୱ ପାଇଁ ପଣ୍ଡିତ ନେହୁର ବାସ୍ତବିକ ଯଥାର୍ଥରେ ଦାୟୀ । ଏ ଅତି ଶ୍ଳାଘ୍ୟ ଓ ସ୍ପୃହଣୀୟ ।

ନେହୁରଙ୍କ କୃତିତ୍ୱ

ଏତିକି ବେଳକୁ ପୁଣି ସେଇ ବୌଦ୍ଧ ଯୁଗ ସ୍ମୃତିର ଉଦ୍‌ବୋଧନ ଦେଇ ବୁଦ୍ଧସଂଗୀ ଓ ବୁଦ୍ଧଶିଷ୍ୟ ସାରିପୁତ୍ତ ଓ ମୋଗ୍‌ଗଲାୟନଙ୍କ ଦେହାବଶେଷ ସମାରୋହରେ ଏ ଦେଶକୁ ଫେରି ଆସୁଚି । ଇଂଲଣ୍ଡରୁ ଭାରତକୁ ଏହା ସିଧା ସିଧା ଫେରିଲା ନାଇ । ବାଟରେ ରହିଲା, ପ୍ରଥମେ ସିହଳରେ । ସେଠାରେ ପୁଣି ବ୍ରହ୍ମ ଦେଶରୁ ନେତାମାନେ ଆସି ଏହାକୁ ବହୁମାନ କଲେ । ପୃଥିବୀରେ ଏହା ଏକ ଐତିହାସିକ ଚମକ ଆଣିଦେଲା । ଭାରତର ଏ ଆତ୍ମିକ ନେତୃତ୍ୱ ଏସିଆର ଆନ୍ତର୍ଜାତିକ ସମ୍ମିଳନୀରେ ଜାଗି ଉଠିଥିବା ବାସ୍ତବ ନେତୃତ୍ୱ ସଂଗେ ଏକ ହେଲେ ପୃଥିବୀରେ ଆନ୍ତର୍ଜାତିକ ସମସ୍ୟାର ଯଥାର୍ଥ ସମାଧାନ ହେବ । ଏଇ ଭାବର ପ୍ରତୀକ ରୂପେ ଛିଡ଼ା ହୋଇଚନ୍ତି, ପଣ୍ଡିତ ନେହୁର । ଏହା ଯଥାର୍ଥ ଭାରତୀୟ ଭାବ । ଜଗତକୁ ଏଇ ଭାବରେ ଶାନ୍ତି ଓ ସମାଧାନ ଦେବା ପାଇଁ ଭାରତ ବଞ୍ଚିଚି ବୋଲି

Digitized by PPRACHIN, SOA

ଆମେ ସବୁବେଳେ କହୁଁ । ପଣ୍ଡିତ ନେହୁରଙ୍କର ସାଧନା ସିଦ୍ଧ ହେଉ । ଭାରତର ଐତିହାସିକ ଆଧ୍ୟାତ୍ମିକତା ସଂଗେ ନୂଆ ପୃଥିବୀର ବାସ୍ତବତା ମିଶାଇ ସେ ଜଗତକୁ ସମାଧାନର ଶାନ୍ତି ଦେବାରେ କୃତୀ ହୁଅନ୍ତୁ ।

ସମାଜରେ କଣ ଶାନ୍ତି ଓ ସମାଧାନ ଆସୁଛି ?

ଏହି ଦ୍ୱିତୀୟ ମହାଯୁଦ୍ଧ ପରେ ପୃଥିବୀରେ ଶାନ୍ତି ସ୍ଥାପନ ନାମରେ ପୁଣି ଏକ ରାଷ୍ଟ୍ର ସଂଘର ଅଭିନୟ ଚାଲିଛି । ସଙ୍ଗେ ସଙ୍ଗେ ଜାପାନକୁ କୁକୁର ପରି ବାନ୍ଧିରଖି ଜର୍ମାନୀକୁ ଆଉ ମୁଣ୍ଡ ଟେକିବାକୁ ବାଟ ଦିଅନାଇ; ରୁଷିଆ ପାଇଁ ଭଲ ଗଣ୍ଡା ଚମର ଢ଼ାଲ ତିଆରି କର- ଏହି ସବୁ ତାଣ୍ଡବ ପୃଥିବୀରେ ଦେଖାଯାଉଛି । ତେଣେ ଆମେରିକା, ଇଂଲଣ୍ଡ ପ୍ରଭୃତିଙ୍କ ଧନ ଶୋଷଣର ବ୍ୟବସ୍ଥା ସଂଗେ ଦକ୍ଷିଣ - ଆଫ୍ରିକାର "କାଳୀୟ ଦଳନ" ଓ ହଲାଣ୍ଡର ସୁମାତ୍ରାଦିରେ ସଜଡ଼ା ସ୍ୱାଧୀନତା ଭର୍ତିକରଣ, ଏ ସବୁ କରିବାରେ କୁଆଡ଼େ କିଛି କାର୍ଯ୍ୟକାରୀ ପ୍ରତିକ୍ରିୟା ନାଇ । ଗଲା ଯୁଦ୍ଧର ଭର୍ସାଲିସ୍ ସନ୍ଧି ଓ ତା'ପରେ ଦଲୀଲ ପତ୍ର ଭାରବାହୀ ପ୍ରେସିଡେଣ୍ଟ ଉଇଲ୍‌ସନ୍‌ଙ୍କର ୧୪ ସର୍ତ୍ତ ଓ ଜାତିସଂଘ କଥା ସବୁ ଏବେ ମଧ ମନେ ପଡୁଚି । ଏ କଥା ସେ କଥାରେ ପ୍ରକୃତିଗତ ପ୍ରଭେଦ ବିଶେଷ କିଛି ଅଛି କି ?

ପୁଣି ଗୋଟିଏ କଥା ଦେଖାଯାଉଚି । ଜର୍ମାନୀକୁ ଡ଼ରି ରୁଷିଆକୁ ହାତ କରାଯାଉଥିଲା । ପୂର୍ବ - ବଂଗରେ କଥା ଅଛି, ଖାଲ କାଟି ଘରକୁ କିମ୍ଭୀର ଆଣିବା । ଏବେ ଅନ୍ତତଃ ଆମେରିକାର ସେହି ଭାବ ହେଲା ପରି ଦେଖାଯାଉଚି । ଆମେରିକା ହୁଏତ ବିଚାରୁଚି, ବିଚାରା ହିଟ୍‌ଲର ବରଂ ଭଲ ଥିଲା । ଏ ରୁଷିଆ "ଭସ୍ମାସୁର"କୁ ଏବେ ଉପାୟ କ'ଣ ? ଇଂଲଣ୍ଡ କଥା କହିବା କାହିଁକି ? ସେ ତ ଆମେରିକା ସଙ୍ଗେ । ଘରେ ପଇସା ନଥିବା ତକ ସେ ଅବସ୍ଥା ତା'ର ନ ହେବାକୁ ଚାରା ନାଇ ।

ଏବେ ହେଲାଣି କଣ ? ଗୋଟିଏ କଥା, ହିଟଲର ମରିଥିବାର ସ୍ପଷ୍ଟ ପ୍ରମାଣ ନାଇ । ସେତେବେଳେ କେହି ଅନୁମାନ କରୁଥିଲେ, ସେ ପଳାଇ ଯାଇ ଲୁଚିଚନ୍ତି, ଦକ୍ଷିଣ ଆମେରିକାର ଆର୍ଜେଣ୍ଟାଇନ୍ ଦେଶରେ । କଥାଟା ମିଛ ହୋଇପାରେ, କିଂତୁ ଅବସ୍ଥା ଏବେ ଯାହା ହେଲାଣି, ସେଥିରେ ତା' ଅପସନ୍ଦ ଲାଗୁ ନାଇ । ଆର୍ଜେଣ୍ଟାଇନ ଥିଲା, ଜର୍ମାନୀ, ଇଟାଲୀ ପରେ, ନାଜୀବାଦ ଓ ଫାସିଷ୍ଟବାଦର ଦ୍ୱିତୀୟ ତୀର୍ଥ । ଠିକ୍ ଯୁଦ୍ଧ ପରେ, ୧୯୪୬ରେ ଆମେରିକା ଅନୁସନ୍ଧାନ କରି, ଗୋଟିଏ ରିପୋର୍ଟ (ବ୍ଲୁ-ବୁକ୍) ଛପାଇଥିଲେ । ସେଥିରେ ସ୍ପଷ୍ଟ ଦୁଇଟି କଥା ପ୍ରକାଶ ପାଇଥିଲା । (୧) ଆର୍ଜେଣ୍ଟାଇନର ପେରନ୍‌ଙ୍କ ନେତୃତ୍ୱରେ ଯେଉଁ ସାମରିକ ଦଳଥିଲେ, ସେମାନେ ହିଟଲରଙ୍କ ଜର୍ମାନୀ ତଥା ଆମେରିକାର ଅନ୍ୟ ସ୍ଥାନରେ ଥିବା ନାଜୀଚରମାନଙ୍କୁ ନାନା ସାହାଯ୍ୟ କରିଥିଲେ । (୨) ଆର୍ଜେଣ୍ଟାଇନ ହିଟଲରଙ୍କ ଜର୍ମାନୀ ପରି ଗୋଟିଏ ଏକଛତ୍ରବାଦୀ ରାଜ୍ୟ ରୂପେ

Digitized by PPRACHIN, SOA

ସମସ୍ତ ଲାଟିନ୍ ଆମେରିକାରେ (ଦକ୍ଷିଣ ଓ ମଧ୍ୟ ଆମେରିକା) ପ୍ରଭାବ ବିସ୍ତାର କରିବାରେ ଲାଗିଥିଲେ । ଏହି ରିପୋର୍ଟ ବଡ଼ ନିରପେକ୍ଷ ଲୋକମାନେ ଲେଖିଥିଲେ ଓ ସେତେବେଳେ ଆମେରିକାର ସରକାର ନାଜୀ ଓ ଫାସିଷ୍ଟମାନଙ୍କର ମିତ୍ର ବୋଲି ପେରନ୍‌ଙ୍କ ଉପରେ ଘୋର ଅଭିଯୋଗ ଆଣିଥିଲେ ।

ପେରନ୍ ସେଥିରେ ତିଳେ ମାତ୍ର ବଦଳି ନାହାନ୍ତି । ସେ ସେକାଳ ଇଟାଲୀ ଓ ଜର୍ମାନୀର ଯେପରି ମିତ୍ର ଥିଲେ, ଏବେ ସେହିପରି ଅଛନ୍ତି । ସେ ଏବେ ମଧ୍ୟ ଆର୍ଜେଣ୍ଟାଇନର ପ୍ରେସିଡେଣ୍ଟ ଅଛନ୍ତି। ଜର୍ମାନୀ ଓ ଇଟାଲୀରୁ ହଜାର ହଜାର ସଂଖ୍ୟାରେ କାରିଗର, ପିଏଟ ମଟର କମ୍ପାନୀ ପରି ସାମରିକ କାରଖାନା ମାନ ଘେନି ଆର୍ଜେଣ୍ଟାଇନାରେ ଯାଇ ବ୍ୟବସାୟ ମେଲାଇ ଦେବାରେ ଲାଗିଛନ୍ତି । ସେନା ସରଂଜାମ ଅନବରତ ତିଆରି ଲାଗିଚି । ଏଣେ ପେରନ୍ ହିଟଲରଙ୍କ ପରି ବରାବର ଭୋଟ ପାଇ ଯେପରି ରାଷ୍ଟ୍ରର ସର୍ବୋଚ୍ଚ ଚାଳକ ହୋଇ ରହିବେ ତାହାର ବ୍ୟବହାର ଲାଗିଚି। ସମାଲୋଚନା ଚିପି ଦିଆଯାଉଚି । ଖବରକାଗଜ ବନ୍ଦ କରାଯାଉଚି । ମୁଖ୍ୟ ଲୋକଙ୍କୁ ଦରକାର ପଡ଼ିଲେ ଜେଲ ଦିଆଯାଉଚି ବା ଦେଶାନ୍ତର କରାଯାଉଚି । ଇତ୍ୟାଦି ହିଟଲର - ମୁସୋଲିନୀ - ବିଭୀଷିକା ଏବେ ଆର୍ଜେଣ୍ଟାଇନରେ ଶୃଙ୍ଖଳିତ ବିଧିବଦ୍ଧ ଭାବରେ ବରାବର ଚାଲିଚି ।

ଆମେରିକା କିଛି କହୁ ନାହାନ୍ତି । ଏଣେ ଯେ ରୁଷିଆ । ପେରନ୍ ଆମେରିକାର ଏ ଦୁର୍ବଳତା ବୁଝିଛନ୍ତି । ତେବେ ପୃଥିବୀରେ ଆଜି ଶାନ୍ତି, ସ୍ଥାପନର ଯେଉଁ ବିଚାର ଓ ବିପ୍ଳବ ଚାଲିଛି ତାର ଅର୍ଥ କଣ ?

ପୃଥିବୀ ଯେ ଏସବୁ ଜାଣୁନାଇ ଯାବି ନୁହେଁ । ଭାବରାଜ୍ୟରେ ପୁଣି ଅଜ୍ଞାତ ଭାବରେ ପ୍ରଭାବର ପ୍ରଚାର ଓ ପ୍ରସାର ହୁଏ । ଏଇ ଭାରତ ପରି ନୂଆ ସ୍ୱାଧୀନ ରାଜ୍ୟରେ ଆଜି ଯେ ଗତି ଦେଖାଯାଉଚି, ସେ ଜନ-ସ୍ୱାଧୀନତା ଆଡ଼କୁ ଠିକ୍ ଚାଲିଚି କି ନା, ଏ ବିଷୟ ଆଜି ଚିନ୍ତ୍ୟ । ଏଣେ ଇନ୍ଦୋଚୀନ, ତେଣେ ଇନ୍ଦୋନେସିଆ, ତା'ପରେ ଇଜିପ୍ଟ, ତା ପାଖେ ପାଲେଷ୍ଟାଇନ୍ ପୁଣି ବଡ଼ରାଜ୍ୟ ଭିତରେ ଚୀନ, ପ୍ରଭୃତି ଛୋଟ ବଡ଼ କେତେ ଦେଶରେ ହିଂସାର ବିପ୍ଳବ ସୂତ୍ରରେ ସ୍ୱାଧୀନତା ମୁଣ୍ଡ ଟେକୁଚି । ଏ ସବୁ ସ୍ୱାଧୀନତାରେ ବିପ୍ଳବୀଏ ଚାହିଁଚନ୍ତି, ନିଜ ଦଳ ଧରି, ସ୍ୱାଧୀନ ଦେଶକୁ ଭୋଗ କରିବେ, ଗଢ଼ିବେ । ଏସବୁ ସ୍ୱାଧୀନତା ନୁହେଁ । ସମାଜର ଶାନ୍ତି ଏ ଆଡ଼େ ନାଇ । ଖାଲି ଆମେରିକାଠୁ ଟଙ୍କା କରଜ ଆଣି ବା ସେଇପରି ଉପାୟରେ ନଈରେ ବନ୍ଧ ବାନ୍ଧି, ବିଜୁଳି ଶକ୍ତି କାଢ଼ିଲେ, ଯୁଦ୍ଧ ସରଂଜାମ ପାଇଁ କାରଖାନା ତିଆରି କଲେ, ପରମାଣୁ ବୋମା ପାଇଁ ଇଉରାନିଅନ୍ ଉଣ୍ଡିଲେ ବା ଏଇପରି ଜନତାକୁ ଅଭିଭୂତ କରିବା ଭଳି ତାନ୍ତ୍ରିକର ଅଦ୍ଭୁତ କ୍ରିୟା ଦେଖାଇଲେ, ବ୍ୟକ୍ତି ସ୍ୱାଧୀନ ହେବ ନାଇ, କି ସମାଜରେ ଶାନ୍ତି ଆସିବ ନାଇ । ପୃଥିବୀର

Digitized by PPRACHIN, SOA

ଜନନେତାମାନେ ସ୍ପଷ୍ଟ ଦୃଷ୍ଟିରେ ଆଗକୁ ପଛକୁ ଚାହିଁ ବାଟ କାଟନ୍ତୁ । ଅନାସକ୍ତ ଭାବରେ ମାନବର କଲ୍ୟାଣ କାମନା କରନ୍ତୁ ।

ନୂଆପ୍ରସ୍ଥ- ୨/୨-୩

ଏବ ଭାରତ ରାଜନୀତିରେ 'କାଲେକର୍ମ'

କରାଳ ପରିସ୍ଥିତି

କହିବା ଦରକାର ନାହିଁ, ଭାରତରେ ବର୍ତ୍ତମାନ ନେତାଏ, ଖାଲି ଅନ୍ଧାରରେ ଦରାଣ୍ଡି ହେଲା ପରି ଦରାଣ୍ଡି ହେଉଚନ୍ତି । ବହୁକାଳରୁ ଆକାଂକ୍ଷାରେ ସଢ଼ି ସଢ଼ି ଦୁଃଖ କଷ୍ଟ ମାଇ ଶେଷକୁ ଭାରତକୁ ଦୁଇଭାଗ କରି ଯେଉଁ ରାଜତ୍ୱ ପାଇଲେ, ତାକୁ ପ୍ରାଣପଣେ ଭୋଗ କରିବାରେ ଲାଗିଚନ୍ତି । ସ୍ୱାଧୀନତା, ଦେଶ ମଙ୍ଗଳ, ଲୋକସେବା, ଯୋଜନା ପ୍ରଭୃତି ଠାରୁ ଅନ୍ତର୍ଜାତିକ ସମାଧାନ ଓ ବିଶ୍ୱ – ଶାନ୍ତି ପ୍ରଭୃତି ପାଇଁ ଲମ୍ବା ଲମ୍ବା ଆଧ୍ମାନ ପ୍ରତିଧ୍ୱାନମାନ ଖାଲି ଲୋକଙ୍କୁ ଭଣ୍ଡିବାର ବାହାନା ବୋଲି ମନେ ହେଉଚି । ଯେଉଁମାନେ ଏହା କରୁଚନ୍ତି, ସେମାନଙ୍କ କ୍ରିୟା କଳାପ ଲୋକରେ ଅଜଣା ନାଇ । କେଉଁ ମନ୍ତ୍ରୀ କେତେ ଲାଞ୍ଚ ନେଉଚି, ଚାକିରୀରେ କେତେ ପରଆପଣା କରୁଚି, କ୍ଷମତା ସଂଭାଳିବା ପାଇଁ କେତେ ଡେପୁଟି, କର୍ମଚାରିଙ୍କୁ ବିଟାଳୁଚି, ତା ପ୍ରଦେଶର ଲୋକେ ତନ୍ନ ତନ୍ନ କରି ଜାଣୁଚନ୍ତି । ତାଙ୍କ ବିଦ୍ୟା, ବଢ଼ିମା, କରଣୀ, ସବୁ ଜଣା ଶୁଣା । ସେଇମାନେ ଯେତେବେଳେ ବମ୍ଫାଜି ଫୁଟାଇଲା ପରି ପ୍ରଦେଶ ଓ ପ୍ରଦେଶାନ୍ତରରେ ଲୋକ – ସେବକର ମୁଖାପିନ୍ଧି ବ୍ୟାଖ୍ୟାନ ଓ ବିବୃତିମାନ ଝାଡୁଚନ୍ତି ଓ ଛାପାଖାନାକୁ ହାତକରି ନିଜର ନିତ୍ୟ ନୂତନ ଫଟୋ ସହ ତାକୁ ପ୍ରକାଶ କରାଇ ଲୋକରେ ଦର୍ଶନୀୟ, ଶ୍ରବଣୀୟ, ମନୋନୀୟ, ତଥା ନିଦିଧ୍ୟାସନୀୟ ହେବାକୁ ଲୋଡ଼ନ୍ତି; ଲୋକଙ୍କ ଭିତରେ କି ଭାବ ଖେଳୁଥିବ, ତା କହିବା ଦରକାର ନାଇ । କଥା ଅଛି, ମହୁରା ପୋକ ମହୁରାରେ ଥାଏ । ମହୁରାକୁ ମହୁ ବୋଲି ଖାଏ । ଏମାନଙ୍କ ଅବସ୍ଥା ସେଇପରି । ଏ ଯେତେ ବିଶ୍ୱଦର୍ଶନ ଝାଡ଼ିବେ, ଚୋଦନା ଠାରୁ ଯୋଜନା ପର୍ଯ୍ୟନ୍ତ ଲୋକରେ ଯାହା ପ୍ରକାଶ କରିବେ, ସେଥିରେ ଫଳ ହେବ, ବୁଡ଼ିଗଲା ଗୋଡ଼ ତଳକୁ ତଳକୁ । ଯାଙ୍କ ମହୁ, ଲୋକଙ୍କ ମହୁରା । ଏକଥା ଏମାନେ ବୁଝୁ ନାହାନ୍ତି। ବୁଝିବା ସହଜ ତ ନୁହେଁ, ହୁଏତ ସମ୍ଭବ ନୁହେଁ । କଥା ଅଛି, ଅଯୋଧ୍ୟାର ନବାବ ଉଜିରଙ୍କୁ ଯେତେବେଳେ ଇଂରେଜ ସେନାପତି ଧରିବାକୁ ଯାଇ ତାଙ୍କ କୋଠରୀରେ ପହଞ୍ଚିଲେ, ସେତେବେଳେ ସେ ପଳାଇ ଯିବାକୁ ଚାରିଆଡ଼କୁ ଚାହୁଁଚନ୍ତି – ଗୋଡ଼କୁ ଯୋତା କିଏ ଦେବ । ତାଙ୍କ ନବାବୀ ମେଜାଜରେ ସେତେବେଳେ ସୁଦ୍ଧା ପଶୁନାଇ – ଅବସ୍ଥା କ'ଣ ହେଲାଣି । ପଦ ଓ କ୍ଷମତାର ବ୍ୟସନ ପ୍ରାୟ ଏଇପରି । ବିଶେଷରେ ଏ ବ୍ୟସନ ଯଦି ହୋଇଥାଏ, ଲାଳସାର ପରିଣତି ।

Digitized by PPRACHIN, SOA

କଂଗ୍ରେସୀଙ୍କ ଅଧୋଗତି

ଖାଲି ପ୍ରାଣପୀଡ଼ାରେ କରୁଣ ଉଦ୍ୟମର ସ୍ୱର ଶୁଣାଯାଉଚି – 'କଂଗ୍ରେସକୁ ଗୋଟାଏ କର । ସବୁ ଭଲ ଭଲ ଲୋକଙ୍କୁ କଂଗ୍ରେସକୁ ଆଣ ।' ମାତ୍ର କଂଗ୍ରେସ ଆଉ ଗୋଟାଏ ହେବନାଇ, କି ଭଲ ଭଲ ଲୋକେ ଆଉ କଂଗ୍ରେସକୁ ଚାହିଁବେ ନାଇଁ । ଆଜି କଂଗ୍ରେସୀ ବୋଇଲେ କ'ଣ ? କଂଗ୍ରେସୀଏ ଯାହା କହନ୍ତୁ, ଲୋକେ କ'ଣ ଏହା ଜାଣୁ ନାହାନ୍ତି । ପବିତ୍ର ଖଦଡ଼ ଆଜି ଘୃଣିତ । ଚୋରାବଜାରୀ ଆଜି କଂଗ୍ରେସୀ ଦେଶସେବୀ । ଲାଞ୍ଚଖୋର ସ୍ୱାର୍ଥସେବୀ ଆଜି କଂଗ୍ରେସୀ ଶାସକ । କେହି ବା ଏ ଅପକର୍ମ ସବୁ ନିଜେ କରୁଚନ୍ତି, କେହି ବା ଧର୍ମକୁ ଆଖି ମିଟିକା ମାରି ସେଇଭଳି କରୁଥିବା ଲୋକଙ୍କ କୃତିତ୍ୱ ଉପରେ ନିର୍ଭର କରି ଗାଦୀ ୯ ମ୍ଭାଳିଚନ୍ତି । ସମସ୍ତେ ମୋଟାମୋଟି ବିଚାରୁଚନ୍ତି, ପୂର୍ବତ୍ୟାଗକୁ ଏବେ ଭୋଗମୂଲ୍ୟରେ ବଦଳାଇ ନେବାର ବେଳ ପଡ଼ିଚି । କେଜାଣେ ଯୋଗ ଆଉ କେତେ ଦିନ ଅଛି ? ଯାହା କରିବାର ଏତିକି ବେଳେ କରି ନିଅ । ଏ ଅବସ୍ଥା କେବଳ ବୀଭତ୍ସ ଆଉ ଭୀଷଣ ନୁହେଁ; ଯାଠାରୁ ଆଉରି ଉତ୍କଟ । ଇଂରେଜ ଅମଳରେ ଅବସ୍ଥା ଏ ହିସାବରେ ବରଂ ଭଲ ଥିଲା । ସେମାନେ ତ୍ୟାଚାର ଓ ଶୋଷଣ କରୁଥିଲେ ସତ, କିଂତୁ ସେ ରାଜତ୍ୱରେ ବ୍ୟକ୍ତିବିଶେଷ ଅତ୍ୟାଚାର ଓ ଶୋଷଣ କରିବାର ସୁବିଧା ପାଉନଥିଲେ । ପୁଣି ସେମାନେ ଲେଉଟିଆ କିଆରୀ କାଟି ଖାଇଲାପରି ରଖି ସଂଭାଳି ଖାଉଥିଲେ । ଏବେ ସେ କଥା ନାଇଁ । 'ଆଉ ପାଞ୍ଚବର୍ଷ ରହିବା କି ନାଇ କିଏ ଜାଣେ ? ମାରି ଗଲେ ହେବା ମହାପାତ୍ରେ, ଚାହୁଁଥିଲେ ହେବା ଜଳକା' – ଶାସକ ଆଉ କର୍ମଚାରୀଙ୍କର ଏ ଭାବ, ଭାରତ ଛାଡ଼ିଲା ବେଳକୁ ଇଂରେଜଙ୍କ ଭିତରେ ନ ଥିଲା ।

ଆମେ ସ୍ୱାଧୀନ ହୋଇ ନାଉଁ – ହେଉ ନାଉଁ

ଦୁଆ ଉଠୁଚି, ଆମେ ହେଇଚୁ ସ୍ୱାଧୀନ । ବିଦେଶୀ ସଂପର୍କ ଦୃଷ୍ଟିରେ ବିଚାର କଲେ, ହୁଏତ ଆମେ ହେଇଚୁ, ଅନଧୀନ । ସ୍ୱାଧୀନ ଆମେ ହୋଇ ନାଉଁ, ସ୍ୱରାଜ ଆମକୁ ମିଳି ନାଇଁ । ତ ମିଳିବ କିପରି ? ବର୍ତ୍ତମାନ ତାହାଇ ଯଥାର୍ଥ ଦେଶସେବୀଙ୍କ ଏକାନ୍ତ ବିଚାର୍ଯ୍ୟ । ପ୍ରତ୍ୟେକ ଲୋକର ସ୍ୱାଧୀନ ହେବାର ଆଦର୍ଶ ଦେଶରେ ଖେଳି ନଗଲେ, ସ୍ୱାଧୀନତାର ବାୟୁମଣ୍ଡଳ ସୃଷ୍ଟି ହେବ ନାଇଁ । ଆଗେ ସବ୍‌ଡେ଼ପୁଟିଠାରୁ ଲାଟଙ୍କ ଯାଏ ଖୋସାମୋଦ କରୁଥିଲେଁ । ଏବେ ଆମ ଶାସକେ, ଲୋକଙ୍କର ସେଇ ପରଂପରା ଓ ସେଇ ଚିରାଚରିତ ଅଭ୍ୟାସକୁ କରିଚନ୍ତି, ନିଜର କୂର ଆତ୍ମଲାଭରେ ବ୍ରହ୍ମାସ୍ତ୍ର । ଫଳରେ ସର୍ବାନ୍ତଃକରଣରେ ଭକ୍ତର ସ୍ତୁତିଗାନ ଓ ତହିଁସଂଗେ ଭକ୍ତିରେ "ପତ୍ରଂ ପୁଷ୍ପଂ ଫଳଂ ତୋୟଂ" ପ୍ରଭୃତି ଷୋଡ଼ଶୋପଚାରରେ ନୈବେଦ୍ୟ ଦେଇ ଶସାକ ତୋଷଣରେ ଲାଗିବା ଛଡ଼ା

Digitized by PPRACHIN, SOA

ଅନ୍ୟ କୌଣସି ଫନ୍ଦା ଆମର ଫଳୁ ନାହିଁ । ଗ୍ରାମ ପ୍ରଚାରକଙ୍କ ଠାରୁ ମନ୍ତ୍ରୀଙ୍କ ଠାରୁ ଆମର ଲାଗିଚି ସେଇ ଖୋସାମୋଦ- ସେଇ ତୋଷଣ । ସବୁବେଳେ ପୁଣି ଡ଼ର ଖାଉଚି, ସତ୍ୟପୀରଙ୍କୁ ଶିରିଣି ନ ଦେଲେ ସେ କଣ କରି ନ ପାରନ୍ତି ? ଏଇ ପରି ଆମ ରାଷ୍ଟ୍ର ଶାସନ, କାର୍ଯ୍ୟରେ ଏକଛତ୍ର ମୋଗଲ ଶାସନ ଓ ନୀତିରେ ତିଆରି ଲୋକମତରେ ପ୍ରତିଷ୍ଠିତ ହିଟଲର୍‌ଙ୍କ ନାଜୀବାଦକୁ ବଳିବାରେ ଲାଗିଚି । ଏଥିରେ 'ସାବାଳକ ଭୋଟ'ର ଯେତେ ଦୁଆ ଉଠାଇଲେ ମଧ୍ୟ, ଲୋକେ ନିଜକୁ ସ୍ୱାଧୀନ ବୋଲି ବୁଝିବେ ନାଇ କି କାର୍ଯ୍ୟରେ ସ୍ୱାଧୀନ ହେବେ ନାଇ । ବରଂ ଏହାକୁଇ ଯଦି ସ୍ୱାଧୀନତା ବୋଲି ବୁଝିଯାନ୍ତି, ତେବେ କ୍ରମେ ପଶୁ ହେବେ- ଧ୍ୱଂସ ହେବେ ।

ଆମ ନିଜ ପରଂପରା ବି ଆମେ ଖୋଜି ଦେଖିନାଉଁ -

ଭାରତର ପରଂପରାରେ ବ୍ୟକ୍ତି ସ୍ୱାଧୀନତା ନିବଦ୍ଧ ଲୋକ - ଶାସନ ନଥିଲା, ନୁହେଁ । ସେ ପରଂପରାକୁ ତାତ୍ତ୍ୱିକ ଭାବରେ ଅନୁସନ୍ଧାନ କରି ଆମ ଶାସନତନ୍ତ୍ର ଆଇନ ସେଇ ଅନୁସାରେ କରାଯାଇ ପାରିଥାନ୍ତା । ସେଥିରେ ପ୍ରତ୍ୟେକ କ୍ଷେତ୍ରରେ ଅଧିକାର ସଂଗେ କର୍ତବ୍ୟ ଯୋଡା ହୋଇଥାନ୍ତା । କର୍ତବ୍ୟ ନ କଲେ ବା କରି ନ ପାରିଥିଲେ, ଅଧିକାରର ସ୍ଥାନ କେହି ପାଆନ୍ତେ ନାଇ ବା ପାଇ ରଖିପାରନ୍ତେ ନାଇ । ତାହେଲେ ଲମ୍ବ ଯୋଜନାର ବମ୍ବାଜୀ ଶୁଣାଇବା ପୂର୍ବରୁ କର୍ତାମାନେ ଦଶଥର ଭାବନ୍ତେ । ନିର୍ଦିଷ୍ଟ ଯୋଜନା ନିର୍ଦିଷ୍ଟ କାଳରେ, ନିର୍ଦିଷ୍ଟ ପ୍ରକାରରେ କରି ନ ପାରିଲେ, ଗାଦି ସଂଭାଳିବା ସୁଗମ ହୁଅନ୍ତା ନାଇ । ଲୋକଙ୍କୁ ଠକିବାର ପ୍ରବୃତ୍ତି ସଂକୁଚିତ ହୁଅନ୍ତା ଓ ସେଇପରି ଠକିବାର ଯେଉଁ ପରଂପରା ଫିଟୁଚି, ତା ମୁଣ୍ଡ ଟେକି ପାରନ୍ତା ନାଇ । ସଂଗେ ସଂଗେ ରୁଷିଆ ଠାରୁ ଆମେରିକା ପର୍ଯ୍ୟନ୍ତ ପୃଥିବୀର ସବୁ ଲୋକଶାସନ ରାଷ୍ଟ୍ରକୁ ଭାରତ ହୁଏତ ଦେଖାଇଥାନ୍ତା ନୂଆ ଆଦର୍ଶ, ପୁଣି ନୂଆ ବାଟ । କିନ୍ତୁ ଭାରତ ଭାଗ୍ୟରେ ସେ କଥା ନାଇ । ପୋଷା ଶୁଆକୁ ପଞ୍ଜୁରୀରୁ ଖୋଲି ସ୍ୱାଧୀନ କରି,ଦେଲେ, ସେ ଯେପରି ବାହାରର ସ୍ୱାଧୀନ ଚଢ଼େଇକୁ ଅନୁକରଣ କରି ଫଡ୍ ଫଡ୍ ହୋଇ ଉଡ଼ି ନିଜର ସ୍ୱାଧୀନତା ଭୋଗ କରିବାକୁ ଯାଏ, ଆମେ ତାହାଇ କରୁଚୁ ।

ଅନୁକରଣ ବି କରି ଜାଣୁନାଉଁ -

ହଉ, ତାହାଇ କରିବାରେ, ସେଇ ଅନୁକରଣର କରିବାରେ - ବି କରି ଜାଣିବାର ତ ଅଛି । ଆମେ ଲୋକ ଶାସନ ଶିଖିଚୁ, ଇଂରେଜଙ୍କ ଠାରୁ । ତାଙ୍କରି ଠାରୁ ଦେଖା ଶିଖା ପାଠ ଏବେ ମୋଟାମୋଟି ଆବୃତ୍ତି କରିବାରେ ଲାଗିଚୁ । କିନ୍ତୁ ଲୋକ ଶାସନ ତାଙ୍କର କେବଳ ରକ୍ତଗତ ନୁହେଁ, ଅସ୍ଥିମଜ୍ଜାଗତ । ସେମାନଙ୍କର ଏଥିପାଇଁ ଲିଖିତ ଆଇନ୍ ପର୍ଯ୍ୟନ୍ତ ନ ଥିଲା । ଏବେ ବି ପ୍ରାୟ ନାଇ କହିଲେ ହୁଏ । ନିଜର ପରଂପରାରେ ସେମାନେ

Digitized by PPRACHIN, SOA

ସ୍ୱଚ୍ଛନ୍ଦ ଚାଲିଚନ୍ତି । କେଉଁ ମନ୍ତ୍ରୀଙ୍କ ଠାରୁ ସିଗାରେଟ୍ କେଶ୍ ବା ପିକାରଖିବା ଡବାଟାଏ ନେଇଥିଲା ବୋଲି ଦୁର୍ନାମ ହେଲା । ସେ ମନ୍ତ୍ରୀ ସଂଗେ ସଂଗେ ନିଜ ମନ୍ତ୍ରୀପଦ ଛାଡ଼ିଦେଇ ନିଜକୁ ବିଚାରାଳୟ ଆଗରେ ଛିଡ଼ା କରାଇଦେଲେ । ଶୁଣିଲାବେଳକୁ ଧୋବଣୀ କଥାରେ ରାମ ସୀତାଙ୍କୁ ଛାଡ଼ିଲା ପରି ଏକଥା ଲାଗୁଚି । ବିଚାରପତିଙ୍କୁ କୌଣସି ପ୍ରକାରେ ପ୍ରଭାବିତ କରିବା ସେମାନଙ୍କ ପରଂପରାରେ ଏକପ୍ରକାର ଅସଂଭବ । କିନ୍ତୁ ଖାଲି ଅନୁକରଣ କଲେ, ଏ ସବୁ ବିଦ୍ୟା ଓ ଚରିତ୍ର ସହଜରେ ନିଜର ହୋଇଯିବ ନାଇ । ଆଇନରେ ଲେଖି ହିନ୍ଦୀରେ ତଥା ଅନ୍ୟାନ୍ୟ ପ୍ରାଦେଶିକ ଭାଷାରେ ଛପାଇ ପ୍ରଚାର କଲେ ମଧ୍ୟ, ତା ସହଜରେ ଆମର ଶାସ୍ତ୍ର ହେବ ନାଇ ।

ଅନେକ ଖାଲି ଲୋକଭୁଲାଣିଆ କଥା କହୁଚନ୍ତି –

ସେଇ ଅନୁକରଣର ଝୁଙ୍କରେ ପୁଣି ପଞ୍ଝାଏ ଚଢ଼େଇ ମାରିବେ ବୋଲି ଖାଲି ବୁଢା ବାଢ଼ୋଉଚନ୍ତି । କଂଗ୍ରେସ ବାହାରେ ସାମ୍ୟବାଦୀଦଳ ଠାରୁ କଂଗ୍ରେସ ଭିତରେ ଲୋକଶାସନାତ୍ମକ ସାମ୍ମୁଖ୍ୟ (Democratic Front) ପର୍ଯ୍ୟନ୍ତ, ସବୁଠି ସେଇ ଅବୁଝା ଅନୁକରଣର ତାଣ୍ଡବ ଦେଖା ଯାଉଚି । କିଏ କହୁଚି, କଂଗ୍ରେସ ଜମିଦାରକୁ କ୍ଷତିପୂରଣ ଦେବ, ଆମେ ବିନା କ୍ଷତିପୂରଣରରେ ଜମିଦାରୀ ଉଠାଇ ଦେବୁ । କିଏ କହୁଚି, କଂଗ୍ରେସରେ ଦଳେ କ୍ଷମତା ଚଳାଇ ନ ଜାଣି ଲାଂଚ, ଚୋରାବଜାର ମତାଇ ଦେଲେ, ଆମେ ମନ୍ତ୍ରୀ ହେଲେ, ତାକୁ ସବୁ ସମ୍ପୂର୍ଣ୍ଣ ନିର୍ମୂଳ କରିଦେବୁ । ଆଉ କିଏ ବା କହୁଚି, ଏମାନେ ଖଦିର ଇଜ୍ଜତ ବୁଡ଼ାଇ ଦେଲେ; ମିଲ ମାଲିକଙ୍କୁ ବଢ଼ାଇଲେ, ଆମେ ଘରେ ଘରେ ଚରଖା କରାଇ ଦେବୁ, ଗାନ୍ଧିଙ୍କ ଆଧାତ୍ମିକ ମୂର୍ତ୍ତି ଘରେ ଘରେ ଝଟ୍ ଝଟ୍ ହୋଇ ବିରାଜିବ । ନିର୍ବାଚନ ବେଳକୁ ଏଇପରି ସର୍ତମାନ ଧରି କାହାର ପଞ୍ଜରପଟା ପରି ଛପା ମ୍ୟାନିଫେଷ୍ଟୋ ବାହାରିଲା ବେଳକୁ ଆଉ କାହାର କବାଟ ଫାଳିଆ ପରି ବାହାରିବ । ଇଂରେଜଙ୍କ ବିରୋଧରେ ପରିପ୍ରଚାର କଲାବେଳେ ଏଇପରି ଖୁବ୍ କଥାମାନ ଶୁଣାଯାଉଥିଲା – ରାଜ୍ୟ ପାଇଲେ କିଏ କ'ଣ କରିବ ? କିଏ କହିଲା, ଆମେ ରାଜ୍ୟ ପାଇଲେ, ଲୋକଙ୍କ ଖଜଣା ଚଉଠେ କାଟିଦେବୁ, ଆଉ କିଏ କହିଲା, ଚଉଠେ ନୁହେଁ, ଅଧେ କାଟିଦେବୁ । ତାଙ୍କୁ ବଳିବାକୁ ଆଉ କିଏ ହୁଏତ କହିଲା, ଆମର ରାଜ୍ୟହେଲେ, ଆମେ ଜମା ଖଜଣା ନେବୁ ନାଇ । ଆଉ କିଏ ହୁଏତ କହିଥାନ୍ତା, ଖଜଣା ଟିକସ ତ ଆମେ ନେବୁ ନାଇ, ତା ବାଦ ଏବେ ଇଂରେଜ ଅମଳରେ ଯେ ଯେତେ ଦଉଚ, ସେ ତା ଉପରେ ଟଙ୍କାକେ ଚାରିଅଣା ଲେଖାଁଏ ଖଜଣାଖାନାରୁ ପାଇବେ । ଏବେ ଯେଉଁ ଦଳମାନେ ବାହାରି ଲୋକଙ୍କୁ ଆକାଶ କଇଁଆ ଚିଲିକା ମାଛ ଦବାର ବନ୍ଧାଜୀମାନ ଫୁଟାଉଚନ୍ତି ସେସବୁ ଠିକ୍ ସେଇପରି ଲାଗୁଚି ।

Digitized by PPRACHIN, SOA

ତେବେ ଉପାୟ କଣ ?

ଆମେ କହୁ, ଏସବୁ କିଛି ହେବ ନାଇ । ପରିସ୍ଥିତି ଯେପରି ହେଲାଣି, ସେଥିରେ ଲୋକଙ୍କୁ ଏପରି ଲୋଭ ଦେଖାଇ ଗାଦିକୁ ଯାଇ କେହି କିଛି କରି ପାରିବେ ନାଇ; ଆମ ରାଜନୀତିକ ବା ଶାସନତାନ୍ତ୍ରିକ ବାୟୁମଣ୍ଡଳ ଯାହା ହୋଇଗଲାଣି, ସେଥିରେ କୌଣସି ଦଳ ଶାସନ ମାଡ଼ିବସି ପରିସ୍ଥିତି ଓ ପରଂପରା ବଦଳାଇ ଦେଇପାରିବେ ନାଇ । ବିଷ ବୃକ୍ଷର ଡାଳ କାଟି ତାକୁ ମାରି ହେବ ନାଇ । ଗୋଟିଏ ଡାଳ କାଟିଦେଲେ ସେଠାରୁ ଗୋଛାଏ କଅଁଳ ଡାଳ ବାହାରିବ । ସେ କଅଁଳ ଡାଳଗୁଡ଼ାକ ବେଶୀ ଅସହ୍ୟ ହେବ । ଏ ବୃକ୍ଷକୁ ମୂଳରୁ ମାରିବାକୁ ହେବ । ସେ ଉପାୟ କ'ଣ ?

ଉପାୟ ହେଉଚି ଏବେ ଶୁଦ୍ଧ ବିରୋଧ

ଏ ସ୍ୱାଧୀନ ରାଜ୍ୟରେ ଲୋକେ ହେଲେ ରାଜା - ଅର୍ଥାତ୍, ଭୋଟରମାନେ ହେଲେ, ଏ ରାଜ୍ୟର ଅଧିକାରୀ । ମନ୍ତ୍ରୀମାନେ ହେବେ ତାଙ୍କରି ମନ୍ତ୍ରୀ । ଏ କଥାଟା ସତ୍ୟ ହେଲେ ମଧ କାର୍ଯ୍ୟରେ ଏହା ଲୋକେ ଆଦୌ ବୁଝି ନାହାନ୍ତି। ତେଣୁ ଲୋକେ ସ୍ୱାଧୀନ ହୋଇ ନାହାନ୍ତି - ଏ ଦେଶ ସ୍ୱାଧୀନ ହୋଇ ନାଇ । କେବଳ ପର ରାଷ୍ଟ୍ର ସଂପର୍କରେ ଅନଧୀନ ହେଲେ, ରାଷ୍ଟ୍ର ବା ରାଷ୍ଟ୍ରର ଲୋକେ ସ୍ୱାଧୀନ ହୁଅନ୍ତି ନାଇ । ତେଣୁ ସେମାନେ କାର୍ଯ୍ୟରେ ବୁଝିବେ, ସେମାନେ ସ୍ୱାଧୀନ, ମନ୍ତ୍ରୀମାନଙ୍କୁ ସେଇମାନେ ବାଛି ନିଯୁକ୍ତ କରନ୍ତି ଓ ସେମାନେ ବିଗିଡ଼ିଲେ ମନ୍ତ୍ରୀ ରହିବେ ନାଇ - ରହି ପାରିବେ ନାଇ । ପକ୍ଷାନ୍ତରେ, ଯେଉଁମାନେ ପ୍ରତିନିଧି ବା ମନ୍ତ୍ରୀ, ସେମାନେ ସର୍ବଦା ଜାଣି ଜାଗ୍ରତ ରହିବା ଉଚିତ ଯେ, ଲୋକଙ୍କୁ ବିଗାଡ଼ି ଦେଲା ଭଳି କୌଣସି କାର୍ଯ୍ୟ କଲେ, ଅର୍ଥାତ୍ ଲୋକ୍‌ରେ ଅପ୍ରିୟ ହେଲେ ସେ ମନ୍ତ୍ରୀ ପ୍ରତିନିଧି ହୋଇ ରହି ପାରିବେ ନାଇ । ସେଥିପାଇଁ ଏବେ ଆମର ପ୍ରଧାନ ପନ୍ଥା ହେଉଚି, କେବଳ ଏଇ ଯେଉଁ କଂଗ୍ରେସ ମନ୍ତ୍ରୀମଣ୍ଡଳ ଅଛି, କେବଳ ତାଙ୍କରି ବିରୋଧରେ ନିର୍ବାଚନର ଅଭିଯାନ କରି ତାଙ୍କ ପାପକୁ ଚାହିଁ ଲୋକମତର ଅଘାତରେ ତାକୁ ଦଣ୍ଡିବାକୁ ହେବ । ନିର୍ବାଚନର ଇସ୍ତାହାରରେ ଆଉ କୌଣସି କଥା ରହିବନାଇ । ଖାଲି ରହିବ, ହେ ଭୋଟଦାତାଏ, କାର୍ଯ୍ୟରେ ବୁଝ, ତୁମେ ଏ ଅବାଞ୍ଛନୀୟ ମନ୍ତ୍ରୀ ପ୍ରତିନିଧିଙ୍କୁ ବାହାର କରିପାରିବ, ବାହାର କର । ଏହିକ୍ଷଣି ତାଙ୍କ ବଦଳରେ ଅନ୍ୟ କୌଣସି ଦଳ ମନ୍ତ୍ରୀ ହେବାକୁ କହିଲେ ମଧ ତାଙ୍କ କଥା ଶୁଣ ନାଇ । ସେଥିରେ ମଧ ବିପଦ ଅଛି। କାହିଁକିନା, ସେଥିରେ ଲୋକ ସ୍ୱାଧୀନତାର ଭାବ, ଜନତାରେ ଖେଳିବ ନାଇ, ଲୋକେ ଯେ ମନ୍ତ୍ରୀଙ୍କି ଉଠାଇ ଦେଇ ପାରନ୍ତି, ସେ କଥା ଲୋକେ କାର୍ଯ୍ୟରେ ବୁଝିବେ ନାଇ । ପୁଣି ବିରୋଧରେ ଦଳମାନଙ୍କ ଭିତରେ ଯେପରି ଏକତା ଫୁଟିବ, ମନ୍ତ୍ରୀ ହେବାକୁ ଯାଇ ମିଳିତ ମନ୍ତ୍ରିମଣ୍ଡଳ ଗଢ଼ିଲେ ସେଥିରେ ସେପରି ହେବ ନାଇ ।

Digitized by PPRACHIN, SOA

ସେଥିରେ ଯଦି କଂଗ୍ରେସ ପୁଣି ଗାଦିକୁ ଆସେ ?

ଧର, ଏପରି ବିରୋଧ ଅଭିଯାନର ଫଳରେ ଏହି କ୍ଷମତାଶାଳୀ ଓ ଧନଶାଳୀ କଂଗ୍ରେସ ପୁଣି ଗାଦିକୁ ଆସିଲା । ଯଦି ପୁଣି ଏବେ ଥିଲାପରି କ୍ଷମତା ତାଙ୍କ ହାତକୁ ଆସେ, ତେବେ ଆଉ ରକ୍ଷା ନାଇ । ଲୋକଙ୍କୁ ପୁଣି ପାଞ୍ଚ ବର୍ଷ, ଏ ଦୁଃଖ ଯନ୍ତ୍ରଣାର ଉତ୍ତରୋତ୍ତର ଅଭିବୃଦ୍ଧି ଭୋଗ କରିବାକୁ ହେବ । ତା ଯେବେ ହୁଏ, ଅନ୍ୟ କୌଣସି ଉପାୟରେ ତା' ଯେ ନ ହେବ, ତା ନୁହେଁ । କବାଟ ଫାଳିଆ ପରି ମାନିଫେଷ୍ଟୋ ବାଣ୍ଟିଲେ ମଧ ଅଧିକ କିଛି ଫଳ ହେବ ନାଇ । ଲାଳସାକୁ ଲାଳସାରେ ବାଧା ଦିଆ ହେଉଚି ବୋଲି ଲୋକେ ବୁଝିବେ ।

ଅନ୍ୟଥା ?

ଅନ୍ୟଥା, ଲୋକଙ୍କ ବିରୋଧ ଫଳରେ ଯଦି କଂଗ୍ରେସ ବ୍ୟବସ୍ଥାସଭାମାନଙ୍କୁ ବହୁ ସଂଖ୍ୟାରେ ଆସେ, ଅଥଚ, ଅନ୍ୟ ସବୁ ଦଳର ଲୋକ ଯେତେ, ତାଠୁ ବେଶୀ ନ ହୁଏ, ତେବେ ସେଇ କଂଗ୍ରେସ ଇଚ୍ଛା କଲେ ତାଙ୍କ ହାତେ ଶାସନର ଭାର ଦେଇ ଜଗି ବସିବାକୁ ହେବ । ସେମାନେ ଅଫିସରେ ରହିଲେ ମଧ କ୍ଷମତାରେ ରହିବେ ନାଇ । କାହିଁକି ନା, ଯେତେବେଳେ ଇଚ୍ଛା ସେତେବେଳେ ଲୋକଙ୍କ ମନକୁ ନ ପାଇଲା ପରି କାମ କଲେ, ବିରୋଧୀଦଳମାନେ ଏକାଠି ହୋଇ ସରକାରକୁ ଫିଙ୍ଗି ଦେଇ ପାରିବେ । ଫଳରେ ଛଅ ସପ୍ତାହ ଭିତରେ ପୁଣି ନିର୍ବାଚନ ହେବ । ଏଇପରି ଛଅ ମାସ, ବର୍ଷକ ଭିତରେ ଦୁଇ ତିନୋଟା ନିର୍ବାଚନ କରାଇ ନେବାକୁ ହେବ । ଏହା କରାହେବ, ଲୋକ ଶିକ୍ଷା ପାଇଁ, ସ୍ୱାଧୀନତାର ଭାବ ଲୋକଙ୍କ ଭିତରେ ଖେଳାଇଦେବା ପାଇଁ। ଖାଲି ଲୋକଙ୍କୁ କହିବାକୁ ହେବ, 'ଭାଙ୍ଗ - ତୁମେ ଭାଙ୍ଗି ପାରିବ, ଏକଥା ଶିଖ - କାର୍ଯ୍ୟରେ ବୁଝ ଏ ରାଜ୍ୟ ତୁମର, ମନ୍ତ୍ରୀଙ୍କର ନୁହେଁ । ସେଇ କଥା ଥରକୁ ଥର କରି ମନ୍ତ୍ରୀ ଓ ପ୍ରତିନିଧିଙ୍କୁ ଯଥାର୍ଥ ଲୋକଶାସନ - ଧର୍ମ ଶିଖାଇଦିଅ । ତା ପରେ ଯାହାକୁ ବିଚାରିବ, ତାକୁ ପଠାଇବ, ଶାସନ କରିବା ପାଇଁ ଓ ତମେ ଯେପରି ବିଚାରିବ, ସେଇପରି ଶାସନ ଚଳାଇବା ପାଇଁ ।'

ଏଥର ନିର୍ବାଚନ ଇସ୍ତାହାର

ଏ କାର୍ଯ୍ୟ ଏବେ ଏପରି ନିଷ୍ଠାରେ କରିବାକୁ ହେବ ଯେ, ନିର୍ବାଚନରେ କୌଣସି ବିରୋଧଦଳ ପୂରା ବହୁପକ୍ଷ ହେଲେ ମଧ ମନ୍ତ୍ରିମଣ୍ଡଳ ଗଢ଼ିବେ ନାଇ । ପୁଣି ଲୋକଙ୍କ ପାଖକୁ ଆସିବେ ବିଚାରକରି ନିର୍ବାଚନ ଇସ୍ତାହାର ଦେବେ, କ'ଣ କରିବେ ସେ କଥା ବୁଝାଇ ନିର୍ବାଚିତ ହୋଇ ଯାଇ ମନ୍ତ୍ରିମଣ୍ଡଳ ଗଢିବେ । ବର୍ତ୍ତମାନ ପାଇଁ ଲୋକଙ୍କୁ ନିର୍ବାଚନ ଇସ୍ତାହାରରେ ଗୋଟିଏ କଥା ମାତ୍ର କହିବେ, "ଆମେ ଯାଉଚୁ ଭାଙ୍ଗିବାକୁ, ସ୍ୱାଧୀନ ହେବାକୁ, ସ୍ୱାଧୀନତା ଦେଶରେ ଶିଖାଇବାକୁ ଓ ବାୟୁମଣ୍ଡଳରେ ଲୋକଶାସନର ଭାବ ଖେଳାଇଦେବାକୁ । ଅଭ୍ୟାସରେ ଏହା ନିଜର ହେଲେ, ତାପରେ ଶାସନ ଭାର ହାତକୁ

Digitized by PPRACHIN, SOA

ନେବାକୁ ହେବ । ବର୍ତ୍ତମାନ ଶାସନ ହାତକୁ ନେବାର ନାଇ, ମିଳିତ ବା ଏକଦଳୀ ମନ୍ତ୍ରିମଣ୍ଡଳ କରିବାର ନାଇ," - ଏତିକିମାତ୍ର ସରଳ ସୁନ୍ଦର ଇସ୍ତାହାର । ଏଇ ଇସ୍ତାହରରେ ସବୁ ବିରୋଧଦଳ ଏକ ହୁଅନ୍ତୁ । କଂଗ୍ରେସ ଛଡ଼ା ଆଉ କେହି ଲୋଭରେ ପଡ଼ି ପଥଭ୍ରଷ୍ଟ ନ ହୁଅନ୍ତୁ ।

ସବୁ ବିରୋଧୀଦଳ ଏକ ହୁଅନ୍ତୁ

ଏଇ ଇସ୍ତାହାର ବା ମାନିଫେଷ୍ଟୋରେ ସବୁ ବିରୋଧୀଦଳ ଏକ ହେବା ବଡ଼ ସହଜ । ଯେ ଏହା ନ ମାନି କଂଗ୍ରେସକୁ କାଢ଼ି ନିଜେ ଗାଦିରେ ବସିବା ପାଇଁ ଯିବେ, ସେମାନେ ହୁଏତ ଲାଳସୀ, ନଚେତ୍ ଅନୁକରଣରେ ଗତାନୁଗତିକ । ସେମାନେ ଲୋକସେବା ବା ଦେଶ ସେବା କରିବାକୁ ଯାଉ ନାହାନ୍ତି, କିଂବା ଦେଶ ସେବା କରି ଜାଣନ୍ତି ନାଇ । ଏହାଜାଣି ବୁଝି ସେମାନେ ବାଟ କାଟନ୍ତୁ । ସବୁ ବିରୋଧ, ଏକ ହୁଅନ୍ତୁ । କଂଗ୍ରେସୀଙ୍କ ଛଡ଼ା ଆଉ କେହି ଲୋଭରେ ବା ଅଜ୍ଞାନରେ ବାଟ ବଣା ନ ହୁଅନ୍ତୁ ।

ଖର୍ଚ୍ଚ ଓ କଷ୍ଟ ସହି ଏହା ସାଧନ କରନ୍ତୁ

ଅବଶ୍ୟ ଏବେ ଏଥିରେ ବହୁ କଷ୍ଟ ମିଳିବ । ବହୁ ଖର୍ଚ୍ଚ ହେବ । କେହି ହୁଏତ କହିବେ, ଦେଶର ଏ ଦୁର୍ଗତି ବେଳେ, ଏ କଷ୍ଟ, ଏ ଖର୍ଚ୍ଚ ଅସହ୍ୟ । କିନ୍ତୁ ଜୀବନରେ ଯେ ଶିକ୍ଷା ହୋଇନାଇ, ତା ପାଇବା ପାଇଁ ଏ ଖର୍ଚ୍ଚ, ଏ କଷ୍ଟ କରିବାକୁ ହେବ, ଅନ୍ୟ ପନ୍ଥା ନାଇ । ଏଇ ସଂପର୍କରେ ସ୍ୱର୍ଗତଃ ମଧୁବାବୁଙ୍କର ଗୋଟିଏ କଥା ମନେ ପଡୁଛି । ସମସ୍ତେ ଜାଣିଥିବେ, ସେ ଲୋକଶିକ୍ଷା ପାଇଁ ଅନ୍ୟାନ୍ୟ କାର୍ଯ୍ୟପରି କାରଖାନା କରି ଯୋତା ତିଆରି କରୁଥିଲେ। ପ୍ରଥମ ଯୁଦ୍ଧବେଳେ ସେ ଫରାସୀ ସେନାକୁ ଯୋଗାଇବାକୁ ବହୁ ଟଙ୍କାର ଗୋଟିଏ ବଡ଼ ଅର୍ଡର ଯୋଗାଇବାରେ ଲାଗିଥିଲେ । ହଠାତ୍ ଯାଇ ଦେଖିଲେ, ଯୋତା ଗୁଡ଼ିକ ତିଆରିରେ ଟିକିଏ କ'ଣ ଖରାପ ହୋଇଯାଇଚି । କର୍ମଚାରୀଏ କହିଲେ, 'ଏ ଯୋତା ଚଳିଯିବ, ଏ ଭୁଲ୍ ଧର୍ତ୍ତବ୍ୟ ନୁହେଁ ।' କିନ୍ତୁ ମଧୁବାବୁ ବୁଝିଲେ ନାଇ । କର୍ମଚାରୀଏ କହିଲେ, 'ଏସବୁ ଏହିଠାରେ ବଜାରରେ ବିକିଦେବା ।' ମଧୁବାବୁ କହିଲେ, 'ନା, ଏସବୁ ମେସିନରେ ପକାଇ କାଟି ନଷ୍ଟ କରିଦିଅ' ତାହା ହିଁ ହେଲା । ଛଅ ହଜାର ଟଙ୍କା ନଷ୍ଟ ହେଲା । କେହି କହିଲେ 'ଆପଣ ଖିଆଲବାଜୀରେ କେତେଟଙ୍କା ନଷ୍ଟ କରିଦେଲେ ।' ମଧୁବାବୁ କହିଲେ, 'ବୁଝିନାହଁ' କୌଣସିଠାରେ ଶିକ୍ଷାନବୀସ ହୋଇ ଆମେ ଯୋତା ତିଆରି ଶିଖି ନ ଥାଇଁ । ପ୍ରତ୍ୟେକ ବିଦ୍ୟାରେ ସ୍କୁଲ କଲେଜ ଖର୍ଚ୍ଚ ତଥା ଅନ୍ୟାନ୍ୟ ଖର୍ଚ୍ଚ ଅଛି । ଯୋତା ତିଆରି ବିଦ୍ୟାରେ ସେ ଖର୍ଚ୍ଚ ଆମର ହୋଇ ନାଇ । ସେ ଖର୍ଚ୍ଚ ନ କରି ବିଦ୍ୟାରେ ପାରଗ ହେବାର ଆମର ଅଧିକାର ନାଇ, ଉପାୟ ବି ନାଇ । ଏସବୁ ସେଇ ଖର୍ଚ୍ଚ । ଏ ଛଅ ହଜାର ଟଙ୍କା ସେଇ ବାବଦକୁ ଗଲା । ଏଥିରେ ଆମର ଇଜ୍ଜତ ବଢ଼ିଲା ।

Digitized by PPRACHIN, SOA

ଆମ କର୍ମୀମାନେ ବିଦ୍ୟାହାସଲ କଲେ ।’ ସେଇ ବିଦ୍ୟାର ଫଳ ଆଜି, ଓଡ଼ିଶାର ମୋଚିମାନେ ଭୋଗ କରୁଚନ୍ତି । ସେଥିପାଇଁ କହୁଚୁ, ଏ ସ୍ୱାଧୀନତାର ବିଦ୍ୟା ହାସଲ କରିବାରେ ଏ ଖର୍ଚ୍ଚ କରିବାକୁ ହେବ । ଏ କଷ୍ଟ ସହିବାକୁ ହେବ । ଏ ଖର୍ଚ୍ଚ ଯେତିକି କରିବ ଫଳ, ସେତିକି ହେବ । ଏଥିରେ ପ୍ରତ୍ୟବାୟ ନାଇ । ଗୀତାର ଭାଷାରେ -

"ସ୍ୱଳ୍ପମପ୍ୟସ୍ୟ ଧର୍ମସ୍ୟ ତ୍ରାୟତେ ମହତୋ ଭୟାତ୍ ।"

ନୂଆପ୍ରସ୍ଥ-୨/୧୨, ଆଲୋଚନା

ନିର୍ବାଚନ-ଯୋଜନା

ନିର୍ବାଚନରେ ପୁଲିଶ :

ସମସ୍ତେ ତ ଜାଣନ୍ତି, ଲୋକଙ୍କ ଠାରୁ ବେଶୀ ବେଶୀ କର ନେଇ ଖଜଣା ଖାନାକୁ ବଢ଼ାଇ ଦିଆଯାଉଛି, ବିଶେଷରେ ଖାଲି ପୁଲିସ ବଢ଼ାଇବା ପାଇଁ। ଠାଏ ଠାଏ ଦେଖାଯାଏ, ମନ୍ତ୍ରୀଙ୍କ ସଭାରେ ଏତେ ପୁଲିସ ଲଗା ହେଉଚନ୍ତି, ଯାହାକି ଆଗେ ଲାଟ୍‌ସାହେବ ସଭା କଲାବେଳେ ହେଉନଥିଲା। ସେତେବେଳେ ପୁଣି ପୁଲିସ ଚୋରି ଅପଚାର ଜଗୁଥିଲେ। ଏବେ ତ ତାହା ନାଇଁ। ଚୋରା ବଜାର ଯାହାଙ୍କ ଘେନି ହେଉଚି, ପୁଲିସଙ୍କର ତାଙ୍କ ପାଖେ ହାତ ବନ୍ଧା। ସେ କାଳର ଜଣେ ଉଚ୍ଚ ପୁଲିସ କର୍ମଚାରୀ ସେଦିନ କହୁଥିଲେ, ‘ଆମେ ତଳ ପୁଲିସଙ୍କୁ ଲଗାଇ ହଜାର ହଜାର ଟଙ୍କାର ଚୋରା ବଜାର ଧରି କଚେରୀରେ ଦେବାପାଇଁ ସରକାରଙ୍କଠାକୁ ପଠାଇଲୁ। ରାତି ଅଧରେ ସେ କୁଆଡ଼େ ଗଲା ? ଆମେ ଆଉ ବିଚାରା କନେଷ୍ଟବଳର ଦିଟଙ୍କା, ଚାରିଟଙ୍କା ଲାଞ୍ଚ କିଆଁ ରୋକିବୁ ?’ ଅବସ୍ଥା ତ ଏପରି। ଏଥିରେ ପୁଣି ଓଡ଼ିଶା ସରକାରଙ୍କର ବିଚାର ପଡ଼ିଲାଣି, ଆସନ୍ତା ନିର୍ବାଚନ ପାଇଁ ପୁଲିସ ଅଣ୍ଟିବେ ନାଇ। ପୁଲିସ କର୍ମଚାରୀ ବହୁତ ବଢ଼ିଯିବା ଦରକାର। ଶୁଣାଯାଏ, ଏତେଗୁଡ଼ାଏ କର୍ମଚାରୀଙ୍କୁ କେତେଦିନ ପାଇଁ ନିଯୁକ୍ତ କରିବାରେ ବହୁତ ଅସୁବିଧା ଅଛି ବୋଲି ଭାବି ବିଚାର ହେଉଛି, ଗ୍ରାମେ ଗ୍ରାମେ ଯେଉଁ କଂଗ୍ରେସ ପ୍ରଚାରକ ଓ କର୍ମୀସବୁ ଅଛନ୍ତି, ତାଙ୍କୁ ସରକାର ପୁଲିସ କ୍ଷମତା ଦେଇ ଦେବେ। ସୁନ୍ଦର ବ୍ୟବସ୍ଥା ! ନିର୍ବାଚନରେ ଭୋଟ ଦେବାଟା ଯାହା ହେବ ତାହା ଅଗ୍ରେ ଧାବତି, ଧାବତି। ଲୋକଙ୍କୁ ଏହାର ଫଳାଫଳ ଆଉ ବୁଝାଇ କହିବା ଦରକାର ନାଇଁ। ଏ ଦେଶକୁ ଯଦି କେହି ସର୍ବନାଶ ଆଡ଼କୁ ଘୋଷାରୁ ଥାଏ, ସେ ହେଉଛନ୍ତି କଂଗ୍ରେସ କର୍ମୀ ଓ ସରକାରଙ୍କ ଗ୍ରାମପ୍ରଚାରକ। କଂଗ୍ରେସୀଙ୍କ ଅପଚାରରେ ସେହିମାନେ ମୂଳ ହତିଆର। ସେମାନଙ୍କ ମଧ୍ୟରୁ ଅନେକଙ୍କର ସ୍ୱଭାବ ଚରିତ୍ର ଓ ପୂର୍ବ ଇତିହାସ ଗ୍ରାମ ଲୋକଙ୍କୁ ଅନ୍ତତଃ ଅଜଣା ନାଇଁ। ଏହା ହୋଇଗଲେ, ଭୋଟରଙ୍କ ଭିତରେ ଆତଙ୍କ ପଡ଼ିଯିବ। ତେଣିକି କ'ଣ ହେବ, ତାହା ଦେଖିବାର କଥା, କହିବାର କିଛି ନାଇଁ।

Digitized by PPRACHIN, SOA

ବାକ୍ସକୁ ହାକିମ ଚାହିଁଥିବେ :

ସରକାରଙ୍କର ନିର୍ବାଚନରେ ପୁଣି ଆଉରି ଗୋଟାଏ ଝୁଙ୍କ ଉଠିଛି। କମ୍ୟୁନିଷ୍ଟମାନେ କୁଆଡ଼େ ଭୋଟ ବାକ୍ସ ଭିତରେ ଭୋଟ କାଗଜ ପୋଡ଼ି ଦେବା ପାଇଁ ଜିନିଷ ପକାଇ ଦେବେ ବୋଲି ଶଙ୍କାର ଗୋଟାଏ ଦୁହା ଉଠାଇ ସରକାର ବିଚାର କରୁଛନ୍ତି ଯେ, ପ୍ରତି ଭୋଟ ନେବା ଜାଗାରେ ତାଙ୍କ ନିଜ କର୍ମଚାରୀକୁ ବସାଇ କିଏ କ'ଣ ପକାଇଲା ଦେଖିବେ। ଏ କ'ଣ ନିର୍ବାଚନ ହେବ, କି ନିବାଚନର ପ୍ରହସନ ହେବ ? ହିଟଲର କିମ୍ୱା ଷ୍ଟାଲିନ୍ଙ୍କ ଭଳି ଡିକ୍ଟେଟରମାନେ ମଧ୍ୟ ଏପରି ଲଙ୍ଗଳା ହୋଇ ଦାଣ୍ଡରେ ପଡ଼ି ନ ଥିବେ।

ନୂଆପ୍ରସ୍ଥ-୩/୨, ଆଲୋଚନା

ପରିପ୍ରଚାର ବା ପ୍ରୋପାଗାଣ୍ଡା

ଶବ୍ଦଟିର ଅର୍ଥ

ଗତ ୧୯୧୪ ମସିହା ଇଉରୋପ ମହାଯୁଦ୍ଧ ବେଳୁ ପ୍ରୋପାଗାଣ୍ଡା ବୋଲି ଗୋଟିଏ ଶବ୍ଦ ବାହାରି ପଡ଼ିଛି । ଏହା ମଧ୍ୟ ରାଜନୀତିର ପରିଭାଷାରେ ପଶିଯାଇଛି । ଏହାର ପାରିଭାଷିକ ଅର୍ଥ ହେଉଛି କୌଣସି ଉଦ୍ଦେଶ୍ୟ ବା ଅଭିସନ୍ଧି ରଖି ସେହି ଦୃଷ୍ଟିରେ ସବୁଆଡ଼େ ସର୍ବତୋଭାବରେ କ୍ରିୟାଗତି, ସମସ୍ୟା ଓ ତାହାର ସମାଧାନମାନ ପ୍ରଚାର କରିବା । ସଂସ୍କୃତରେ ଏହି ପାରିଭାଷିକ ଅର୍ଥ ଧରି ଶବ୍ଦଟି ଅନୁବାଦ କଲେ ତାହା ହୋଇପାରେ, 'ପରିପ୍ରଚାର'; ଅନୁବାଦ କଲେ ତାହା ହୋଇପାରେ, 'ପରିପ୍ରଚାର' ଅର୍ଥାତ୍ 'ସର୍ବତୋମୁଖ ପ୍ରଚାର' ।

ପରିପ୍ରଚାରର ଆବଶ୍ୟକତା

ଏବେ ରାଜନୀତିରେ ଏହି ପ୍ରଚାର ଏକ ବ୍ରହ୍ମାସ୍ତ୍ର । ଉଦ୍ଦେଶ୍ୟ ଓ ଅଭିସନ୍ଧି ସାଧନ କରିବାରେ ରାଜ୍ୟ, ଦଳ, ତଥା ବ୍ୟକ୍ତିମାନଙ୍କର ଏହା ଏକ ଶ୍ରେଷ୍ଠ ସମ୍ବଳ । ନୃବଳ, ନୌବଳ ତଥା ବାୟୁବଳ, ଏ ସମ୍ବଳ ପାଖେ କିଛି ନୁହେଁ । ଏହି ପ୍ରଚାର ଫଳରେ ପୃଥିବୀରେ ଜନମତ ଯେ ଯେପରି ତିଆରି କରିପାରିଲା ତାହାର ପ୍ରତିଷ୍ଠା ଓ ବିଜୟ ସେତିକି ସୁଗମ । ଆଜି ଆମେରିକା ଓ ତାହା ସଙ୍ଗେ ଅନ୍ୟାନ୍ୟ ଅନେକ ରାଜ୍ୟ ଯୁଦ୍ଧରେ କୌଣସି ପଟେ ନାହାନ୍ତି । ତାଙ୍କୁ ସବୁ ଏ ପକ୍ଷ ଓ ସେ ପକ୍ଷ ଦୁହେଁ ହାତ କରିବାରେ ଲାଗିଛନ୍ତି । ସେସବୁ ଦେଶରେ ଲୋକମତ ଉପରେ ପ୍ରତିଷ୍ଠିତ ଗଣତନ୍ତ୍ର ଶାସନ ଅଛି । ହୁଏତ କେଉଁଠାରେ ଆମେରିକା ପରି ଏହା ସ୍ପଷ୍ଟ ଗଣତନ୍ତ୍ର, କେଉଁଠାରେ ତୁରସ୍କପରି ଏହା ଜନମତର ପ୍ରଭାବ ଉପରେ ପ୍ରତିଷ୍ଠିତ । ଅତଏବ ଜନମତକୁ ବୁଝାଇ ସେସବୁ ରାଜ୍ୟକୁ ହାତ କରିବାକୁ ହେବ । ସେହିପରି ଭାରତ ପରି ବିରାଟ ବିଜିତ ଦେଶମାନ ମଧ୍ୟ ରହିଛି । ଭାରତ ଓ ଚୀନ ପରି ବିରାଟ ବଜାରମାନ ପଡ଼ିଛି । ସେସବୁକୁ ଏକ ପକ୍ଷରୁ ସଜାଡ଼ିବା,

Digitized by PPRACHIN, SOA

ଅନ୍ୟ ପକ୍ଷରୁ ବିଗାଡ଼ିବା ମଧ୍ୟ ଦରକାର । ସେଥିପାଇଁ କାହାର ବଳ, କଳ, କୌଶଳ କେତେ, କାହାର ନୀତି କେତେ ସାଧୁ, ଏହା ବୁଝାଇବାର ଲୋଡ଼ା। ଏହି ବୁଝାଇବା ପାଇଁ ପରିପ୍ରଚାର ଏକାନ୍ତ ଦରକାର । କେବଳ ଏଇଥି ପାଇଁ ନୁହେଁ, ଯୁଦ୍ଧରେ ଲାଗିଥିବା ଦେଶମାନ ମଧ୍ୟ ନିଜ ନିଜ ଦେଶର ଜନମତକୁ ଠିକ୍ ରଖିବାକୁ ଲୋଡ଼ନ୍ତି । ସେ ଦେଶର ସରକାର ବିରୋଧରେ ଯେଉଁ ମତ ଅଛି ତାହାକୁ ଶାନ୍ତ କରି ରଖିବା ସେମାନଙ୍କର ଦରକାର । ସେଥିପାଇଁ ଏହି ପରିପ୍ରଚାରର ମଧ୍ୟ ପ୍ରୟୋଜନ ଅଛି ।

ତାହାର ଚଳଣି -

ଆମେ ପରାଧୀନ ଭାରତବାସୀ ଆଜି ଦୁଇ ଦିଗରୁ ଏହି ପ୍ରଚାରର କ୍ରୀଡ଼ନକ । ସବୁଠାରେ ସଂବାଦ ପ୍ରକାଶ କରିବା ପୂର୍ବରୁ ଯାଞ୍ଚ କରି, ତାକିତ କରି, ସମ୍ବାଦ ବାହାରକୁ ଦେବା ପାଇଁ ସରକାରମାନେ ରାଜପୁରୁଷମାନଙ୍କୁ ନିଯୁକ୍ତ କରିଛନ୍ତି । ଯେଉଁ ସମ୍ବାଦଟି ରାଜ୍ୟର ଦରକାର, ତାହା ପୁଣି ଯେପରି ପ୍ରଚାରିତ ହେବା ଦରକାର ସେହିପରି ପ୍ରଚାରିତ ହେଉଛି । ଏଥିରେ ଆମେ ଏଠାରେ ବସି ଆନ୍ତର୍ଜାତିକ ପରିସ୍ଥିତି ଆଲୋଚନା କରି ମତମାନ ଦେଉଛୁ ଓ ସେହି ମତ ଅନୁସାରେ ଲୋକଙ୍କର କ୍ରିୟା ଚଳାଇବୁଁ ବୋଲି ଭାବୁଛୁ । ଏଥିରେ ଆମେ ଯେ କି ନୀତିରେ, କି ନିୟତି ଆଡ଼କୁ ଯାଉଛୁ ବା ଯିବୁଁ ତାହା କହିବା ଦୁଷ୍କର ।

ଭାରତର ଅସୁବିଧା -

ଧର, ଆମେ ବୁଝୁଛୁ ପୋଲାଣ୍ଡର ପୋଲିସ ମାନଙ୍କ ସ୍ୱାଧୀନତା ଧ୍ୱଂସ ହେବାରୁ ଓ ଫଳରେ ହିଟ୍‌ଲର ପରି ଆତ୍ମବାଦୀଙ୍କ ଶାସନନୀତି ପ୍ରତିଷ୍ଠା ପାଇବାରୁ ଆମେ ଏ ଯୁଦ୍ଧରେ ଇଂରେଜ ଫ୍ରାନ୍‌ସଙ୍କ ଶୁଦ୍ଧ ଗଣତନ୍ତ୍ରପ୍ରତିଷ୍ଠା ଓ ଅଳ୍ପସଂଖ୍ୟକ ଜନସମ୍ବଳିତ ଜାତିମାନଙ୍କ ସ୍ୱାଧୀନତା ରକ୍ଷା ପ୍ରୟାସକୁ ସମର୍ଥନ କରୁଛୁଁ । ଭଲ କଥା । ଏପରି ସମର୍ଥନ କରିବା ସ୍ୱାଧୀନ ଭାରତର ଉଚିତ । ଆମେ ଆଜି ପରାଧୀନ । ଉଚିତ ଅନୁଚିତ ଭାବି ନିଜ ଦେଶର କ୍ରିୟା ନିୟମିତ କରିବାକୁ ଆମର ବଳ ନାହିଁ । ସେଥିପାଇଁ କୌଣସିଆଡ଼େ, ଭଲଆଡ଼େ ମଧ୍ୟ ଝିଙ୍କି ହୋଇ ଯିବାରେ ଆତ୍ମଗ୍ଳାନି ଦେଖି ଆମେ କୁଆଡ଼େ ମତ ନଦେଇ ନୀରବ ମଧ୍ୟ ରହିପାରୁଁ । ସେ ସ୍ୱତନ୍ତ୍ର କଥା । କିନ୍ତୁ କିଏ ଆମକୁ କହିବ, କାହାର ଅଭିସନ୍ଧି ଅଛି, କାହାର ନାହିଁ ପୁଣି କାହାର କେତେ ବା ଅଛି, ସେସବୁ କଳନା କରିବା ସାମଗ୍ରୀ ଆମ ପାଖେ କାହିଁ ?

ଗୋଟିଏ ଉଦାହରଣ ନିଅ । କାଲି ଜେକୋସ୍ଲୋଭେକିଆ ବୋଲି ଗତ ମହାଯୁଦ୍ଧ ପରେ ତିଆରି ହୋଇଥିବା ଦେଶଟି ଭାଙ୍ଗି ଯାଇଛି । ଭାଙ୍ଗିଯିବାର କାରଣ, ଏହି ଦେଶର ଏକ ଅଂଶରେ ଜର୍ମାନମାନେ ବହୁ ସଂଖ୍ୟାରେ ଥିଲେ । ତେବେ ମୂଳରୁ

Digitized by PPRACHIN, SOA

ଜେକୋସ୍ଲୋଭେକିଆ ଦେଶଟି ଗଢ଼ିବା ବେଳେ ଏ ଜର୍ମାନ ଭୂମିଖଣ୍ଡ ସେଥିରେ କାହିଁକି ଯୋଡ଼ି ଦିଆ ଯାଇଥିଲା । ଗତ ମହା ଯୁଦ୍ଧରେ ଜର୍ମାନୀ କେବଳ ବିଜିତ ହୋଇନଥିଲା । ତାହାର ବିଜୟ ପରେ ତଥାକଥିତ ମିତ୍ରଶକ୍ତିମାନେ ଜର୍ମାନୀ ପ୍ରତି ଯଥେଷ୍ଟ ଦାଉ ସାଧିବା ଉଦ୍ୟମ ମଧ୍ୟ କରିଥିଲେ । ସେହି ଉଦ୍ୟମରେ ଜର୍ମାନଭାଷୀ ଜାତିଟାକୁ ଖଣ୍ଡ ଖଣ୍ଡ କରି ବାଣ୍ଟି ସଂକୁଚିତ କରିଥିଲେ.। ଜେକୋସ୍ଲୋଭେକିଆର ଜର୍ମାନଭାଷୀ ଖଣ୍ଡ ତାହାର ଉଦାହରଣ । ଏବେ ରୁଷିଆର ମନ୍ତ୍ରୀ ମୋଲୋଟଭ କହିଛନ୍ତି, "ପୋଲାଣ୍ଡ ଗତ ମହାଯୁଦ୍ଧ ପରେ ହୋଇଥିବା ସନ୍ଧିର ଗୋଟିଏ ବିଭତ୍ସ ସନ୍ତାନ ।" ଏବର ମିତ୍ରଶକ୍ତି ପକ୍ଷରୁ ଅବଶ୍ୟ ଏହାର ପ୍ରତିବାଦ ହେବାର କଥା । କିନ୍ତୁ ବାସ୍ତବିକ ସମସ୍ତ ପୋଲାଣ୍ଡ ରାଜ୍ୟଟି ପୋଲମାନଙ୍କ ରାଜ୍ୟ କି ନା, ତାହା ହୋଇନଥିଲେ କାହିଁକି ତାହା ପୋଲ ଭୂମି ସଙ୍ଗେ ଯୋଡ଼ି ଦିଆଯାଇଥିଲା, ପୁଣି କେବେ ଭୁଲ୍‌ରେ କିମ୍ବା ବିଦ୍ୱେଷରେ ଯୋଡ଼ି ଦିଆଯାଇଥିଲା ତେବେ ଭ୍ରମ ସଂଶୋଧନ ନକରି ଜିଦ୍ ଧରି ବସିବାର ବା ପ୍ରୟୋଜନ କ'ଣ, ଏସବୁ କଥା ଆମକୁ କିଏ ବୁଝାଇ କହିବ ?

ଜର୍ମାନୀ ପୁଣି ଘୋର କଠୋର ଆତ୍ମବାଦୀ ହିଟ୍‌ଲରଙ୍କ ଅଙ୍ଗୁଳି ଚାଳନାରେ, ବନ୍ଧୁକ ବଳରେ ଚଳୁଛି ବୋଲି ଆମେ ବୁଝୁଁ । ଅନ୍ୟଆଡ଼େ ରୁଷିୟା ଏକାବେଳକେ ଗଣତନ୍ତ୍ରର ଚରମ ଆଦର୍ଶରେ ପ୍ରଭାବିତ ହୋଇ ନବ ରାଜ୍ୟର ପ୍ରତିଷ୍ଠା କରିଛି ବୋଲି ଶୁଣୁଛୁଁ । ହୁଏତ ରୁଷିୟାରେ କଠୋର ଆତ୍ମବାଦୀଦଳ ଶାସନର କେନ୍ଦ୍ରଭୂମିରେ ଚାଳକ ରୂପେ ଥାଇପାରନ୍ତି । କିନ୍ତୁ ଶ୍ରମିକ ଓ ଶ୍ରମସେବୀ ଜନସଂଘର ମତ ଉପରେ ରୁଷିୟାର ଶାସନ ପ୍ରତିଷ୍ଠିତ ଓ ଏହି ଶ୍ରମସେବୀକୁ ଶ୍ରମଲବ୍ଧ ଜଗତ ଦେବା ହିଁ ରୁଷିୟାର ଆଦର୍ଶ । ଏହା ସମସ୍ତେ ବୁଝିଛନ୍ତି । ଏପରି ସ୍ଥଳେ ରୁଷିୟା ଓ ଜର୍ମାନୀ ଦୁହେଁ ମିଶି ପୋଲାଣ୍ଡରେ ଭାଗ ବସାଇଲେ କାହିଁକି ଓ କିପରି ? ସେ ଦୁହିଁଙ୍କର ଏ ମିଳନ ପୁଣି ଏକ ଚୁକ୍ତି ଉପରେ ପ୍ରତିଷ୍ଠିତ । ପରିପ୍ରଚାରରେ ଚୁକ୍ତିର ସର୍ତ୍ତସବୁ ବାହାରିଛି । ପୁଣି ହୁଏତ ସବୁ ବାହାରି ନାହିଁ । ଏ ଚୁକ୍ତିରେ ରୁଷିୟା ଓ ଜର୍ମାନୀ ଶାସନ ନୀତି ସଂବଧରେ ପରସ୍ପର ଭିତରେ କିଛି ସାଲିସ୍ କରିଛନ୍ତି କି ନା, ନ କରିଥିଲେ ବା ଆକାଶ ପାତାଳ ପରି ଭିନ୍ନ ଏ ଦୁଇ ନୀତି ଭିତରେ ଖଣ୍ଡେ ଭୂମି ବାଣ୍ଟିବାରେ କିପରି ସହଯୋଗ ହେଲା, ତାହା ମଧ୍ୟ ଆମେ କିଛି ଜାଣୁନାହିଁ । ଅତଏବ ଏ ଯୁଦ୍ଧ ସମ୍ବନ୍ଧରେ ବାହାରେ ରହି କୌଣସି ମତ ଦେବା ଅଧିକାର ଆମର ନାହିଁ ।

ସୂଚନାରେ ଆତ୍ମରକ୍ଷାର ପ୍ରଚେଷ୍ଟା –

ତଥାପି ଇଂରେଜମାନଙ୍କ ସପକ୍ଷରେ ଆମର ମତ । କଂଗ୍ରେସ ନିଜର ସ୍ୱାଧୀନତା ପାଇଁ ଲଢୁଥିବା ହେତୁ ସେ ମତରେ ଏବେ ପୂର୍ଣ୍ଣରୂପେ କ୍ରିୟାଶୀଳ ନହୋଇ ପାରିଲେ ମଧ୍ୟ

Digitized by PPRACHIN, SOA

ଯୁଦ୍ଧ ସମ୍ବନ୍ଧରେ ଯାହା କହିଛନ୍ତି, ସେଥିରେ ଗଣତନ୍ତ୍ର ତଥା ମିତ୍ରଶକ୍ତି ଆଡ଼େ ରହିବା ଯେ ସମୀଚୀନ ଏହା ଜଣାଇବାରେ ତାଙ୍କର ଆପତ୍ତି କିଛି ନାହିଁ । ଏଥିରେ ମଧ୍ୟ ଆମେ ବୁଝୁଁ ଯଥାର୍ଥ ନୀତି ଅନୀତିର ବିଚାର କରାଯାଉ ନାହିଁ । ସମସ୍ତ ନୀତି ମାନବିକ ପରିସ୍ଥିତିରେ ବିକଶିତ ଓ ନିୟମିତ ହୁଏ । ଯୁଦ୍ଧ ପୃଥିବୀରେ ଘୋଟିଗଲେ ଅପ୍ରସ୍ତୁତ ଭାରତବାସୀ ଯେ ଦଶାଟା ଭୋଗିବେ, ତାହାର ଚିନ୍ତା ପ୍ରଚ୍ଛନ୍ନ ଭାବରେ ଆମର ସମସ୍ତ ନେତା ଓ ବାବଦୂକମାନଙ୍କୁ ପ୍ରଭାବିତ କରୁଛି ସନ୍ଦେହ ନାହିଁ । ଏ ସମସ୍ତ ପରିପ୍ରଚାର ମଧ୍ୟରେ ଏ ଚିନ୍ତାର ଅନ୍ୟ କୌଣସି ପ୍ରତିକାର ନାହିଁ । ମହାତ୍ମା ଗାନ୍ଧି ପ୍ରଥମେ କହିଥିଲେ, 'ଏତେବେଳେ ସ୍ୱାଧୀନତାର ଦାବୀ କଥା ନ ଉଠାଇ ଭାରତ ସର୍ବତୋଭାବରେ ମିତ୍ରଶକ୍ତି ପ୍ରତି ସାନୁକମ୍ପ ହୋଇ କାର୍ଯ୍ୟ କରିଯିବା ଉଚିତ ।' ସେଇ ସଂପର୍କରେ ସେ ମଧ୍ୟ କହିଥିଲେ, ଇଂଲଣ୍ଡ ଦିନେ ଧ୍ୱଂସ ହୋଇ ଧୂଳିସାତ୍ ହୋଇଯିବ - ଏହା ଭାବିଲେ ତାଙ୍କର ହୃତ୍‌କମ୍ପ ହେଉଛି, ପ୍ରାଣ ଏହା ସହୁ ନାହିଁ । ମହାତ୍ମାଜୀଙ୍କର ମହାପ୍ରାଣତା ମାନବୀୟ ଭାବରେ ଏତେ ଦୂରକୁ ଯାଇ ଅନୁଭୂତିକୁ ସାକ୍ଷାତ କରୁଛି । ଅନ୍ୟମାନଙ୍କର ହୁଏତ ସେ ଶକ୍ତି ନାହିଁ । କିନ୍ତୁ ବୋମ୍ବେ, କଲିକତା, ଦିଲ୍ଲୀ, ମାନ୍ଦ୍ରାଜ, ଜେମସେଦ୍‌ପୁର ପ୍ରଭୃତି ଦିନେ ବାୟୁପୋତ ଅଭିଯାନରେ ସେହି ଦଶା ଯେ ଲଭିପାରେ ଏହାର କଳ୍ପନା ଅନେକଙ୍କର ପହଞ୍ଚର ବାହାରେ ନୁହେଁ। ଏହା ଏଠାରେ ବୁଝିବାର ଅଛି । ଏତେବେଳେ ଯେଉଁମାନଙ୍କର ନିରୀହତା ଅବଲମ୍ବନ କରିବା ଇଚ୍ଛା ଓ ଉପଦେଶ, ସେମାନଙ୍କର ଏଇ ଆତ୍ମରକ୍ଷାର ପୁରୋଦୃଷ୍ଟି ସମସ୍ତେ ଅନ୍ତତଃ ବୁଝି ରଖିବା ଉଚିତ । କାହାକୁ ଦୋଷ ଦେବାର କିଛି ନାହିଁ । ଲମ୍ବା ଲମ୍ବା କଥାରେ ସତ୍ୟ ଗୋପନ କରିବାର ମଧ୍ୟ ଆମର ପ୍ରୟୋଜନ ନାହିଁ । ତାହାହେଲେ ଆମ ପରିପ୍ରଚାରରେ ସତ୍ୟ ମଳିନ ହେବ । ଫଳରେ ଚିରସାଧିତ ଅହିଂସାର ପନ୍ଥା ଭ୍ରଷ୍ଟ ହେବ ।

ନବ ଭାରତ-୬/୩-୪, ଆଲୋଚନା

ଆସାମର ପ୍ରାଦେଶିକତା

ଆସାମୀମାନେ ଲୋଡୁଚନ୍ତି ତାଙ୍କ ପ୍ରଦେଶରେ ଆସାମୀକୁ ନିଜ ପ୍ରଦେଶରେ ରାଷ୍ଟ୍ରଭାଷା ବା ସ୍କୁଲ - କଚେରି ଭାଷା କରିବା ପାଇଁ । ଏବେ ଆକସ୍ମିକ ଭାବରେ ସେଥିରେ ଗୋଟିଏ ଖଟ୍‌କା ଲାଗିଚି । ସେ ଖଟ୍‌କାଟିର କାରଣ ହେଉଚନ୍ତି, ବଂଗାଳୀ ବାସ୍ତୁହରା । ସବୁଠାରେ ଯେପରି, ଆସାମରେ ମଧ୍ୟ ସେଇପରି, ବଂଗାଳୀମାନେ ନିଜର ଭାଷା ଓ ସାହିତ୍ୟକୁ ଘେନି ଟିକିଏ ଅତିମାତ୍ରା କରୁଚନ୍ତି । ବଂଗାଳୀଙ୍କର ସେ ଦୋଷଟା ବୋଧହୁଏ ପରଂପରାଗତ । ଇଂରେଜ ଯୁଗର ବଙ୍ଗଳା ସାହିତ୍ୟ ବଡ଼ ଉନ୍ନତ, ସଂଦେହ ନାଇ । ସେଇ ଯୋଗୁଁ ତାଙ୍କ ଭାଷା ମଧ୍ୟ ଅନ୍ୟର ଗ୍ରାହ୍ୟ ହେବାରେ ବହୁତ କାରଣ ଅଛି । କିନ୍ତୁ ସାଧାରଣ ବଙ୍ଗାଳୀଙ୍କର ଦୋଷ ହେଉଚି, ନିଜର ଏ ମହତ୍ତ୍ୱ ଅନ୍ୟର ଆଦର ଓ

Digitized by PPRACHIN, SOA

ହୃଦ୍ୟତାରେ ପ୍ରତିଷ୍ଠା ପାଇବାଯାଏ ସେମାନେ ଅପେକ୍ଷା କରନ୍ତି ନାଇ । ନିଜ କଥାରେ ଓ କାର୍ଯ୍ୟରେ ସେମାନେ ମାଡ଼ିଯାକି ଅନ୍ୟର ସେ ଆଦରଟାକୁ ତା ଉପରେ ଭର୍ତି କରିବାକୁ ଲୋଡ଼ନ୍ତି । ନିଜର ଅନ୍ୟାନ୍ୟ ବିଶେଷତ୍ୱ ଓ ଅନ୍ୟଠାରୁ କୃତଜ୍ଞତା ଆଦାୟ କରିବାରେ ମଧ୍ୟ ତାଙ୍କର ଏଇ ଚିତ୍ତବୃତ୍ତି ପ୍ରାୟ ଦେଖାଯାଏ । ଅବଶ୍ୟ ସେଇ ବଙ୍ଗାଳୀଙ୍କ ଭିତରେ ନିରପେକ୍ଷ ଚିନ୍ତାଚାଳିତ ମହାଁଲୋକ ନାହାନ୍ତି, ନୁହେଁ । ମାତ୍ର କାର୍ଯ୍ୟରେ ସେ ମହତ୍ତ୍ୱ ଖୁବ୍ ବେଶୀ ଲୋକଙ୍କର ଦେଖାଯାଏ ନାଇ । ନିଜର ସ୍ୱାର୍ଥ ଥିବା କଥାରେ ପୁଣି ଏଭାବରେ କ୍ରିୟାବାନ ହେଲେ ଅନ୍ୟର ଅସହ୍ୟ ହେବାର କଥା / ତା ହୁଏ ।

ଆସାମର ଲୋକ ସଂଖ୍ୟା –

ଆସାମରେ ସେଇୟା ହୋଇଚି ଅବସ୍ଥା । ଆସାମର ୮୦ ଲକ୍ଷ ଅଧିବାସୀଙ୍କ ଭିତରୁ ଛଅଅଣା ହେଉଚନ୍ତି ଆସାମୀ – ଭାଷା – ଭାଷୀ । ବାକୀ ପ୍ରାୟ ପାଞ୍ଚଅଣା ଆଦିବାସୀ । ତାଙ୍କ ଘର ଭାଷା 'ଆସାମିଆ' ନୁହେଁ । ବାକୀ ପାଞ୍ଚ ଅଣା ବଙ୍ଗଳାଭାଷୀ ବା ବଙ୍ଗାଳୀ । ଏଥିରୁ ଅଣାଏ ଆସାମୀ ଓ ଦିଅଣା ବଂଗାଳୀ ହେଉଚନ୍ତି, ମୁସଲମାନ । ଓଡ଼ିଶାରେ ଓଡ଼ିଆକୁ ରାଷ୍ଟ୍ରଭାଷା (ସେ କାଳେ ପ୍ରାଦେଶିକ ଭାଷା) କରିବାରେ ବଙ୍ଗୀୟମାନେ କି ବିତ୍‌ପାତ ସୃଷ୍ଟି କରିଥିଲେ, ତା ଜଣାଶୁଣା । ଏଇ ସେଦିନ ମଧ୍ୟ ସ୍ୱର୍ଗତ ରବୀନ୍ଦ୍ରନାଥ ଠାକୁରଙ୍କ ପରି ଶ୍ରେଷ୍ଠ ପୁରୁଷ କହୁଥିଲେ ଓ ପ୍ରକାଶ କରୁଥିଲେ – ଓଡ଼ିଆ ସ୍ୱତନ୍ତ୍ର ଭାଷା ନୁହେଁ । ହୋଇପାରେ, ହୁଏତ ଭାଷା ବିକାଶ ଦୃଷ୍ଟିରୁ ଏଥିରେ କିଛି ସତ୍ୟ ଥାଇପାରେ । କିନ୍ତୁ ରାଜନୀତିକ ତଥା ଅର୍ଥନୀତିକ ପରିସ୍ଥିତିରେ ଏପରି ମତ ଓ କଥାରେ କି ବ୍ୟାପ୍ତି, କି କ୍ରିୟା କି ଫଳ, ତା ବୁଝିବାର ଅଛି ।

ଆଦିବାସୀଙ୍କ ନିଜ ପାଇଁ କିଛି କରା ହେଉନି –

ଏଥିରେ ପୁଣି ଆଦିବାସୀଙ୍କ କଥା । ଆଜି ଆଦିବାସୀଙ୍କ ଉନ୍ନତି ଘେନି କେତେ ବଡ଼ ବଡ଼ କଥା, କଳ୍ପନା ଓ ଯୋଜାନାର ଦୁଆ ଉଠୁଚି । କିନ୍ତୁ ଆଦିବାସୀଙ୍କୁ ଭାଷା ସଂସ୍କୃତି ଆଦିରେ ଆଦିବାସୀ କରି ରଖି, ତାଙ୍କୁ ଉଠାଇବାର କଳ୍ପନାରେ ଏହା ହେଉନାଇ । ପାଦ୍ରୀ ଭେରିଅର ଏଲ୍‌ଉଇନଙ୍କ ପରି ବ୍ୟକ୍ତିମାନେ ମାନବ ସମାଜର କ୍ରମ-ପରିଣାମ ଓ ମାନବ ବିକାଶର ସହଜଧାରା ଦୃଷ୍ଟିରୁ ଯେତେ କାରଣ ଦେଖାଇ କହନ୍ତୁ ନା କାହିଁକି, ଆମ ପୁରୁଷ ପୁଂଗବମାନେ ଏଥିରେ ଯେଉଁ କୂଟନୀତିର ଖେଳ ଖେଳୁଚନ୍ତି, ତା କ୍ରମେ ବଡ଼ ଆବିଳ ପରିସ୍ଥିତି ସୃଷ୍ଟି କରୁଚି – ଦୁର୍ବଳଙ୍କୁ ଆତଙ୍କିତ କରୁଚି ।

ଓଡ଼୍‌ନେଲ୍ କମିଟି କଥା –

ଭାରତ ଗୋଟାଏ ବିରାଟ ରାଷ୍ଟ୍ର ହେବ, ସେଥିରେ ଗୋଟାଏ ଭାଷା ହେବ, ଏହା କେଉଁ ଭାରତୀୟ ନ ଚାହେଁ ? ମାତ୍ର ସେ ଦିନ ସଢ଼େଇକଳା, ଖରସୂଆଁରେ ଯାହାହୋଇଯାଇଚି, ତା କଣ ଭାରତକୁ ବିରାଟ କରିବା ବୁଦ୍ଧିରେ ହୋଇଚି, ନା କ୍ଷୁଦ୍ର

Digitized by PPRACHIN, SOA

ଅଳ୍ପବୁଦ୍ଧି ଅଦୂରଦର୍ଶୀଙ୍କ ପ୍ରଚ୍ଛନ୍ନ ନୀତିର ପ୍ରେରଣାରେ ହୋଇଚି ? ଡାକ୍ତର ରାଜେନ୍ଦ୍ର ପ୍ରସାଦ ଆଜି ସମଗ୍ର ଭାରତ ରାଷ୍ଟ୍ରର ଚୂଡ଼ାମଣି । ଓଡେନେଲ୍ କମିଟି ବେଳେ ସେ କଂଗ୍ରେସର ଅତି ମୁଖ୍ୟଙ୍କ ଭିତରେ ଥାଇଁ ନୀତିର ଚାଳକ ଥିଲେ । ୧୯୩୨ରେ ଓଡ଼ିଶା କଂଗ୍ରେସ ଓଡ଼ିଆ ଭାଷୀ ଅଂଚଳରେ ସଂହଭୂମିକୁ ମିଶାଇ ଓଡ଼େନେଲ କମିଟିକୁ ସ୍ମାରକପତ୍ର ଦେଲେ । ପଣ୍ଡିତ ନୀଳକଣ୍ଠ ଦାସ ସେଇ ସ୍ମାରକପତ୍ର ଉପରେ ସାକ୍ଷ୍ୟ ଦେବାପାଇଁ ଜେମ୍‌ସେଦପୁରକୁ ମଧ ଯାଇଥିଲେ । କିଂତୁ ସାକ୍ଷ୍ୟ ଦେବାର ପୂର୍ବଦିନ କଂଗ୍ରେସର କେନ୍ଦ୍ର କର୍ମକର୍ତାଙ୍କ ଠାରୁ ଆଦେଶ ତାରରେ ଆସି ଜେମସେଦପୁରେ ପହଁଚିଲା – 'କଂଗ୍ରେସ୍ ଓଡ଼େନେଲ କମିଟିକୁ, ବୟକଟ୍ କରିଚି, ସାକ୍ଷ୍ୟ ଦେବାକୁ ହେବନାଇ । ସେଥିରେ ବିହାର ବା ଆନ୍ଧ୍ରର କୌଣସି ଅସୁବିଧା ହେଲାନାଇ । କାରଣ, ବିହାରର ଆଉ ଯାହା ହଉ ନ ହଉ, ସ୍ୱର୍ଗତ ସଚ୍ଚିଦାନନ୍ଦ ସିଂହଙ୍କ ପରି ଲୋକ କମିଟିରେ ବରାବର ରହି, ଏକ ପ୍ରକାର କମିଟିର କ୍ରିୟାଗତି ନିୟମିତ କରୁଥିଲେ; ପୁଣି ପଟାଭି ସୀତାରାମାୟା ପ୍ରଭୃତି ଆନ୍ଧ୍ରମହାଜନ ସଭାକୁ ଆଢୁଆଳ କରି ସେଇ ସଭାରେ ରହି ଦକ୍ଷିଣରେ ରଷିକୁଲ୍ୟା ଯାଏ ଦାବୀ କରି ବୋଡ଼ାରସିଂହ, ଜଳନ୍ତର ପରି ସଫା ଓଡ଼ିଆ ଅଞ୍ଚଳଗୁଡ଼ାକ ଆତ୍ମସାତ୍ କରିସାରି ଫେର ନିଜ ପ୍ରଦେଶକୁ ଅଲଗା କଲେ ଆଉ କିଛି ଓଡ଼ିଆ ଭୂମି ନେବେ ବୋଲି ଖୁବ୍ ଅଣ୍ଟା ଭିଡ଼ି ବସିଚନ୍ତି ।

ରାଜେନ୍ଦ୍ର ପ୍ରସାଦ କ'ଣ କଲେ ?

୧୯୩୪ରେ ସେଇ ରାଜେନ୍ଦ୍ରପ୍ରସାଦ କଂଗ୍ରେସର ସଭାପତି ହୋଇଗଲେ । ତାପରେ ଏକା କଲମଗାରକେ ସିଂହଭୂମିର ଅଧିକାଂଶ ଅଞ୍ଚଳରୁ ଓଡ଼ିଆ କଂଗ୍ରେସ କମିଟିମାନ ଉଠାଇଦେଲେ ଓ ଓଡ଼ିଶା ତରଫରୁ ପ୍ରତିବାଦ ଓ ଯୁକ୍ତିମାନ ସବୁ ଏକପ୍ରକାର କେନ୍ଦ୍ରକମିଟି ଅଫିସରେ ଫାଇଲ୍ ହୋଇଗଲା ।

ଏବେ କ'ଣ କରୁଚନ୍ତି ? –

ଏବେ କୁଆଡ଼େ ସେଇ ରାଜେନ୍ଦ୍ର ପ୍ରସାଦ ଯୁକ୍ତି କଲେ :- (୧) ଏବ ସ୍ୱାଧୀନ ସରକାରଙ୍କ ପୂର୍ବ ସରକାର ଓଡ଼ିଶାର ସୀମା ଠିକ୍ କରିବା ପାଇଁ କମିଟି ବସାଇ ବିଚାରକରି ଯାହା ଠିକ୍ କରିବାର କରିଯାଇଚନ୍ତି । ଆଉଥରେ ସରକାର ସେ କଥା ପୁନର୍ବିଚାର କରିବେ କ୍ୟାଁ ? (୨) ଷଢ଼େଇକଳା, ଖରସୁଆଁ ବିଷୟରେ ସେ ପୁଣି କୁଆଡ଼େ କହିଲେ- ଏତ ଓଡ଼ିଆ ବିହାରୀ ପ୍ରଶ୍ନ ନୁହେଁ ? ଏ ତ ଆଦିବାସୀ ଅନ-ଆଦିବାସୀଙ୍କ ପ୍ରଶ୍ନ । ଏଥିରେ ଯେଉଁ ପ୍ରଦେଶ ଆଦିବାସୀଙ୍କୁ ଥଣ୍ଡା କରି ରଖିପାରିବ, ସେ ସଢ଼େଇକଳା, ସିଂହଭୂମି ରଖିବ। ସେଇ ଆଦିବାସୀଙ୍କୁ ଓଡ଼ିଶା ବିରୁଦ୍ଧରେ ମତାଇ ଥଣ୍ଡା କରି ରଖିବା ପାଇଁ ବିହାର କଂଗ୍ରେସଙ୍କ

Digitized by PPRACHIN, SOA

ସଙ୍ଗେ ଗୁପ୍ତରେ ବିହାର ସରକାର ମିଶି ଯାହା କରିଚନ୍ତି, ତାହା ରାଜେନ୍ଦ୍ର ପ୍ରସାଦଙ୍କୁ ଅଜଣା ନଥିବ । ଏଥିପାଇଁ 'ବସ୍ତାରେ ନୋଟ' ଖର୍ଚ୍ଚ କରାହୋଇଚି । ପୁଣି ବିହାରୀଙ୍କର ଏ ଆଦିବାସୀ ପ୍ରୀତି ଆଦିବାସୀଙ୍କୁ ନିଜ ଭାଷାରେ ବା ନିଜ ଜୀବନଗତିରେ ରଖି ବଢ଼ାଇବା ଉଦ୍ଦେଶ୍ୟରେ ନୁହେଁ । ଖାଲି ତାଙ୍କୁ ହିନ୍ଦି ପଢ଼ାଇ ୫।୧୦ ବର୍ଷ ଭିତରେ ଓଡ଼ିଆ ଭୁଲାଇ ଦେଇ ବିହାରୀ ବୋଲି ପରିଚିତ କରାଇବା ଉଦ୍ଦେଶ୍ୟରେ ।

ଶୀଘ୍ର ଭାଷାସୂତ୍ରରେ ପ୍ରଦେଶ ଗଢ଼ -

ଏଇସବୁ ବୃତ୍ତିରେ, ଏଇସବୁ ରାଜନୀତିର ଚତୁରତାରେ କାର୍ଯ୍ୟକଲେ କ'ଣ ଆଞ୍ଚଳିକ ଭାଷାଭାଷୀମାନେ ମହାଭାରତୀୟ ଭାବରେ ଭଳିଯିବେ । ଆନ୍ଧ୍ର, ମହାରାଷ୍ଟ୍ର, କେରଳ, ବଂଗ, ଓଡ଼ିଶା, ଅସାମ ସର୍ବତ୍ର ଏବେ ଏଇ ଲୀଳା ଲାଗିଚି । ନୀତିଟା ଯେ ଆଞ୍ଚଳିକ ଭାଷାର ଶ୍ରୀବୃଦ୍ଧି ସଂଗେ ମହାଭାରତୀୟ ଭାଷା ଜାଗ୍ରତ କରି ଭାରତ ଜାତୀୟତା ରଖିବାକୁ ହେବ, ଏଥିରେ କେହି ଆପତ୍ତି କରୁନାହାନ୍ତି । ତେବେ ଇଲେ ୧୦ ବର୍ଷ ବନ୍ଦ କର । ନିଆଁକୁ କୁଟାଗଦା ଦେଇ ମାଡ଼ି ବସିଲେ, ଯାହା ହବାର କଥା, ଏବେ ଫଳରେ ସେଇଆ ହେଉଚି । ନେତା ଓ ଚାଳକମାନଙ୍କୁ ଆମର ଅନୁରୋଧ, ସେମାନେ ବୁଝନ୍ତୁ, ସଂକୀର୍ଣ୍ଣତାକୁ ବାକ୍‌ଜାଲରେ ଘୋଡ଼ାଇଲେ ସମାଜରେ ସମାଧାନ ଫୁଟେ ନାଇ । ଶୀଘ୍ର ଭାଷାସୂତ୍ରରେ ଅଞ୍ଚଳ ଗଠନ କରି ପ୍ରତ୍ୟେକ ଅଂଚଳରେ ସେଠା ଆଞ୍ଚଳିକ ରାଷ୍ଟ୍ରଭାଷା ପ୍ରତିଷ୍ଠିତ କରିବା ସଂଗେ ସଂଗେ ଅନ୍ୟସବୁ ଉନ୍ନତିର ବ୍ୟବସ୍ଥା କରାଯାଉ । ଏଥିରେ ପଛାଇବା ଠିକ୍ ନୁହେଁ । କିଂବା ଲୁହା, କୋଇଲା ଲୋଭରେ ବଂଗଳା, ଓଡ଼ିଶାକୁ ବିଶ୍ୱଧର୍ମ ଶିଖାଇବା ଠିକ୍ ବାଟ ନୁହେଁ ।

ନୂଆପ୍ରସ୍ଥ-୨/୯, ଆଲୋଚନା

◆◆◆

Digitized by PPRACHIN, SOA

ଏକାଦଶ ଅଧ୍ୟାୟ

ଜାତୀୟ କଂଗ୍ରେସ ସଂପର୍କରେ ଆଲୋଚନା

କଂଗ୍ରେସର ରାଜନୀତି

କଂଗ୍ରେସ ସତ୍ୟାଗ୍ରହ ଛାଡ଼ି ଏବେ ସହଯୋଗ କରିବାକୁ ସ୍ଥିର କରିଛନ୍ତି। ସେଥିପାଇଁ ବଡ଼ଲାଟ ସଭାକୁ ଲୋକ ପଠାଇବାର କଥା ହୋଇଛି। ବଡ଼ଲାଟ ସଭାରେ ଶ୍ୱେତପତ୍ର ବା ପ୍ରସ୍ତାବିତ ଶାସନ ଖସଡ଼ାର ପ୍ରତିବାଦ କରିବାକୁ ହେବ। ମାତ୍ର ସେଥିସଙ୍ଗେ ସରକାର ଯେଉଁ ସାଂପ୍ରଦାୟିକ ନିଷ୍ପତ୍ତି କରି ଦେଇଛନ୍ତି, ତାହା ଅତ୍ୟନ୍ତ ଅହିତକର ଓ ଅଗ୍ରାହ୍ୟ ହେଲେ ମଧ୍ୟ ସେ ସଂବଂଧରେ କଂଗ୍ରେସ କିଛି କହିବେ ନାହିଁ। ନ କହିବାର କାରଣ ଅଛି। ମୁସଲମାନମାନେ ସେ ନିଷ୍ପତ୍ତିରେ ବହୁତ ଲାଭ କରିଛନ୍ତି ବୋଲି ବିଚାରୁଛନ୍ତି। ସେଥିରେ ଯେ ଜାତିର ସମୂହ କ୍ଷତି ହେଉଛି ଅଧିକାଂଶ ମୁସଲମାନ ତାହା ବୁଝିନାହାନ୍ତି। ଏତେବେଳେ କଂଗ୍ରେସ ସେଥିରେ ଆପତ୍ତି ଉଠାଇଲେ ମୁସଲମାନମାନେ ବେଶୀ ବେଶୀ ଅଲଗା ହୋଇଯିବେ।

ରାଜନୀତି ଦୃଷ୍ଟିରେ କଂଗ୍ରେସର ଏ ବିଚାର ମନ୍ଦ ନୁହେଁ। କିନ୍ତୁ ପଣ୍ଡିତ ମଦନ ମୋହନ ମାଲବ୍ୟ ପ୍ରଭୃତି କେତେକ କଂଗ୍ରେସପନ୍ଥୀ ଏଥିରେ କଂଗ୍ରେସ ନୀତିର ବିରୋଧ ଦେଖୁଛନ୍ତି। ସେମାନେ କହନ୍ତି, କଂଗ୍ରେସ କେବେ ସାଂପ୍ରଦାୟିକ ନିର୍ବାଚନ ବା ସଂପ୍ରଦାୟ ଭେଦରେ ଭିନ୍ନ ଭିନ୍ନ ନିର୍ବାଚନ ମଣ୍ଡଳୀ ସମର୍ଥନ କରି ନାହିଁ। ହିନ୍ଦୁମାନେ ହିନ୍ଦୁ ମେମ୍ବର ପଠାଇବେ, ମୁସଲମାନମାନେ ମୁସଲମାନ ମେମ୍ବର ପଠାଇବେ, ଶିଖମାନେ ଶିଖ ମେମ୍ବର ପଠାଇବେ, ଏପରି ହେଲେ ଭାରତର ଜାତୀୟ ଏକତା କ୍ରମେ ବିଲୁପ୍ତ ହେବ, କଂଗ୍ରେସର ଏହା ସ୍ଥିର ମତ। ଇଂରେଜ ସରକାରଙ୍କ ସାଂପ୍ରଦାୟିକ ନିଷ୍ପତ୍ତି ଭାରତ ଜାତିକୁ ଏହିପରି ଖଣ୍ଡ ଖଣ୍ଡ କରିବାକୁ ଲୋଡୁଛି। କଂଗ୍ରେସ ସେଥିରେ ମତ ଦେବ କିପରି? କିନ୍ତୁ କଂଗ୍ରେସ ମତ ନ ଦେଇ କରିବ କ'ଣ? କି ପ୍ରଣାଳୀରେ ଏ ନିଷ୍ପତ୍ତିର ବିରୋଧ କରିବ। ଘରେ ଘରେ ବିରୋଧ ବଢ଼ାଇଲେ ସରକାର ମଙ୍ଗିଯିବେ ନାହିଁ, ବରଂ କଂଗ୍ରେସ ସେ ନିଷ୍ପତ୍ତିରେ ନୀରବ ହେଲେ ମୁସଲମାନମାନେ ବୁଝିଯିବାର ଆଶା ଅଛି। ସେଥିପାଇଁ କଂଗ୍ରେସ ଅନିଚ୍ଛାସତ୍ତ୍ୱେ ଏ ନିଷ୍ପତ୍ତିରେ ନୀରବ ରହିବାର ପନ୍ଥା ଧରିଛନ୍ତି।

ମାଲବ୍ୟଜୀଙ୍କ ଦଳ କହନ୍ତି, ନୀତିଭ୍ରଷ୍ଟ ହେଲେ ବିବେକରେ ଆଘାତ ପଡୁଛି। ଏଣୁ ଚାରିଆଡ଼େ ଏହି ବିବେକ କଥାଟି ଏବେ ବହୁତ ଶୁଣାଯାଇଛି। କଂଗ୍ରେସ ମଧ୍ୟ କହୁଥିଲେ, ଯାହାର ବିବେକ କହିବ ସେ ମାଲବ୍ୟ ପ୍ରଭୃତିଙ୍କ ଭଳି ମତ ଦେଇପାରେ ଓ ସାଂପ୍ରଦାୟିକ

Digitized by PPRACHIN, SOA

ନିଷ୍ପତ୍ତିର ବିରୋଧ କରିପାରେ। କିନ୍ତୁ ମାନବ-ନୀତିରେ ଏ ବିବେକର ସ୍ଥାନ କେଉଁଠାରେ ତାହା ଆମେ ବୁଝିପାରୁନାହୁଁ। ନାରୀକୁ ପୁରୁଷ ସଙ୍ଗେ ପୋଡ଼ି ନ ଦେଲେ ଦିନେ ହିନ୍ଦୁର ବିବେକରେ ଘୋର ଆଘାତ ଲାଗୁଥିଲା। ଏବେ ମଧ୍ୟ ଯୁବତୀ କନ୍ୟାର ବିବାହ ଦେବାରେ ଅନେକଙ୍କର ବିବେକ ବିଧ୍ୱସ୍ତ ହେଉଅଛି। ଏ ସବୁ ବିବେକ କ'ଣ ସବୁ ଅବସ୍ଥାରେ ସ୍ଥାୟୀ? ପାରିପାର୍ଶ୍ୱିକ ଅବସ୍ଥା ମଧ୍ୟରେ ମାନବ ନିଜର ଗତି ନିର୍ଣ୍ଣୟ କରେ। ସେ ଅବସ୍ଥା ପ୍ରତି ଦୃଷ୍ଟି ନ ଦେଇ ବିବେକର ଦ୍ୱାହି ଦେବାରେ ଆପାତ ଆନ୍ତରିକତା ଥାଇପାରେ, କିନ୍ତୁ ତାହା ପ୍ରାମାଦିକ ଓ ଯୁକ୍ତିହୀନ।

ଅବଶ୍ୟ ମାଲବ୍ୟଜୀ ପ୍ରଭୃତି ଯେଉଁ ମତ ଧରିଛନ୍ତି ସେଥିରେ ସେମାନେ କିପରି ଭାରତ ଜାତୀୟତାର ସମାଧାନ ଆଶା କରନ୍ତି ତାହା ଯଦି ବୁଝାଇ ପାରିବେ ତେବେ ସେ ସ୍ୱତନ୍ତ୍ର କଥା। ପୂର୍ବରୁ କଂଗ୍ରେସ ଏହା କହିଥିଲା, ଆଜି କାହିଁକି ନ କହିବ ଏ ଯୁକ୍ତି ରାଜନୀତି କ୍ଷେତ୍ରରେ ଖାଟିବ ବୋଲି ମନେ ହେଉନାହିଁ।

ନବଭାରତ-୧/୪, ଆଲୋଚନା

କଂଗ୍ରେସ ରାଜନୀତି ଓ ମାଲବ୍ୟଙ୍କ ମତ

ଏ ସଂବଂଧରେ ଗତ ସଂଖ୍ୟାରେ ଆମେମାନେ କେତେକ କଥା କହିଥିଲୁ। ଏବେ ବୋମ୍ବେଇଠାରେ କଂଗ୍ରେସ ପକ୍ଷରୁ ବିଷୟ ନିର୍ବାଚନ ସମିତିରେ ମାଲବ୍ୟଙ୍କ ପକ୍ଷରେ ବାରଟି ମାତ୍ର ଲୋକ ହାତ ଟେକିଲେ। ଆଉ ପ୍ରାୟ ଦେଢ଼ଶହ ଲୋକ ଅନ୍ୟ ଆଡେ ମତ ଦେଲେ। ଦେଶରେ କଂଗ୍ରେସର ନୀତି ଖରାପ ହୋଇଯାଉଛି ବୋଲି ମାଲବ୍ୟଜୀ ଗୋଟିଏ ବିରୋଧ ମତାଇଲେ। କଂଗ୍ରେସ ତଥା ଦେଶ ସେବାରେ ମାଲବ୍ୟଙ୍କ ବ୍ୟକ୍ତିତ୍ୱ ବିରାଟ, ବଳିଷ୍ଠ ଓ ପ୍ରତିଷ୍ଠିତ। ତଥାପି ନିଜ ମତ ଘେନି ମାଲବ୍ୟଜୀ ନିଜ ଉତ୍ତର ପଶ୍ଚିମ ପ୍ରଦେଶରେ ସ୍ଥାନ ପାଇଲେ ନାହିଁ। ପଞ୍ଜାବରେ ଜଣେ ମାତ୍ର ମାଲବ୍ୟଙ୍କ କଂଗ୍ରେସ ମତ ଧରି ଭାରତ ବ୍ୟବସ୍ଥାପକ ସଭାକୁ ଠିଆ ହୋଇଛନ୍ତି। ବାକୀ ୩/୪ଜଣ ବଂଗ ଦେଶରେ ଓ ଦୁଇଜଣ ବିହାରରେ। ବେରାରରେ ଆନେ ଅଛନ୍ତି। ଏହାଛଡା ଅନ୍ୟ କୌଣସିଠାରେ ମାଲବ୍ୟଙ୍କ ମତର ନାମ ଗନ୍ଧ ନାହିଁ। ଅବଶ୍ୟ ଓଡ଼ିଶା ପରି ପ୍ରଦେଶରେ କେହି କୌଣସିଠାରେ ମାଲବ୍ୟଙ୍କ ନାମ ଧରି ଭୋଟ ସଂଗ୍ରହର ସୁବିଧା ଦେଖୁଥିବେ। ସେ କଥା ଖଡ଼ିକି ନୁହେ କି ପେଡିକି ନୁହେଁ।

ଆଉ ଗୋଟିଏ କଥା। ମାଲବ୍ୟଜୀ ଦଳପୁଷ୍ଟିତ ବ୍ୟାକୁଳତାରେ ପଞ୍ଜାବରେ ଭାଇ ପରମାନନ୍ଦ ଓ ମଧ୍ୟ ପ୍ରଦେଶରେ ମୁଞ୍ଜୋ ଏ ଦୁହିଁଙ୍କୁ ଆପଣାର କଲେ। ଏ ଦୁହେଁ କଂଗ୍ରେସବାଲା ନୁହନ୍ତି କି ଜାତୀୟବାଦୀ ନୁହନ୍ତି। ଦୁହେଁଯାକ ସାଂପ୍ରଦାୟିକ ହିନ୍ଦୁବାଦୀ। ଫଳରେ ମାଲବ୍ୟଜୀ ଜାତୀୟବାଦୀ ହେଉ ହେଉ ହେଲେ, ସାଂପ୍ରଦାୟିକ ହିନ୍ଦୁ। ଏକଥା ମାଲବ୍ୟଜୀଙ୍କର ଆଗରୁ କଳ୍ପନା କରିବା ଉଚିତ ଥିଲା।

Digitized by PPRACHIN, SOA

ମତରେ ବିରୋଧ ହୁଏ। ତା ନ ହେଲେ ଦଳର ସ୍ୱାଧୀନତା ଓ ଦୃଢ଼ତା ରହେ ନାହିଁ। ସଭାରେ ଦୁଇପକ୍ଷ ଲୋକଙ୍କର ମତ ଘେନି ଲଢ଼ାଇ ହୁଏ। କିନ୍ତୁ ସଭାପତିଙ୍କ ଆଦେଶ ଓ ସଭାର ନିୟମମାନ ନ ମାନି କେହି ସଭା ଭାଙ୍ଗି ଦିଅନ୍ତି ନାହିଁ। ଭାଙ୍ଗିଦେଲେ ସ୍ୱାଧୀନ ମତ ପ୍ରକାଶ ବା ପ୍ରଚାର କରିବାର ସ୍ଥାନ ରହେ ନାହିଁ। ଶୃଂଖଳା ପରିବର୍ତ୍ତନରେ ବିଶୃଂଖଳା ଓ ବେଳେ ବେଳେ ଉଚ୍ଛୃଙ୍ଖଳା ଆସିପଡ଼େ। ମାଳବ୍ୟଜୀଙ୍କ କାର୍ଯ୍ୟ ଫଳରେ ଦେଶରେ କେତେକ ପରିମାଣରେ ଜନମତର ବିଶୃଙ୍ଖଳା ଜନ୍ମିଛି, ଉଚ୍ଛୃଙ୍ଖଳତା ଆସିପାରେ। ମାଳବ୍ୟଜୀ ଦେଶରେ ନମସ୍ୟ ବ୍ୟକ୍ତି । ତାଙ୍କର ଭିନ୍ନ ମତ କଂଗ୍ରେସ ଭିତରେ ରହି ସେ ପ୍ରଚାର କରିଥିଲେ ଫଳ ହୁଏତ ସବୁ ଦିଗରେ ଭଲ ହୋଇଥାନ୍ତା। କିନ୍ତୁ ସେ କଂଗ୍ରେସ ଛାଡି ଅଲଗା ହୋଇ ସେହି କଂଗ୍ରେସ ନାମରେ ଦଳ ସୃଷ୍ଟି କରି ପୁଣି କଂଗ୍ରେସରେ ଆସିପ୍ରଚାର କରି ବସିଲେ- ଏ ଶୃଙ୍ଖଳାର ପନ୍ଥା ନୁହେଁ। ଏବେ ମାଳବ୍ୟଜୀଙ୍କ ବ୍ୟକ୍ତିତ୍ୱ ପ୍ରତି ଯଥୋଚିତ ସମ୍ମାନ ସହିତ କହୁଛୁ, ମାଳବ୍ୟଜୀ ବମ୍ୱେ କଂଗ୍ରେସର ଏ ମତ ଦେଖି ନିଜର କ୍ରିୟା ପ୍ରଣାଳୀ ବଦଳାନ୍ତୁ; କଂଗ୍ରେସ ଭିତରେ ରହି ନିଜର ମତ ପ୍ରଚାର କରନ୍ତୁ। ସେଥିରେ ଦେଶ ବୁଝିବ, କଂଗ୍ରେସ ଲୋକ କିନ୍ଦି ବୁଝିଲେ ନାହିଁ ବୋଲି ବିଚାରିବା ବା ପଚାରିବା ଠିକ୍ ନୁହେ। ଜନମତ ଛଡା ଏ ଦେଶରେ ରାଜନୀତିରେ ପନ୍ଥା ନାହିଁ। ନେତୃସ୍ଥାନୀୟ ଲୋକେ ସୁବିବେଚିତ ଶୃଙ୍ଖଳାର ସହିତ ସେହି ଜନମତ ନିୟମିତ ନ କଲେ ଭଗବାନ ଶ୍ରୀକୃଷ୍ଣଙ୍କ ଭାଷାରେ ତାଙ୍କର ବୁଝିବା ଉଚିତ :-

"ସଂକରସ୍ୟଚ କର୍ତ୍ତାସ୍ୟା ମୁପହନ୍ୟାମିମା ପ୍ରଜାଃ" ।

ନବ ଭାରତ-୧/୫, ଆଲୋଚନା

ଟଣ୍ଡନଙ୍କ ନୂଆ ସଂଦେଶ

ଶରଣାର୍ଥୀଙ୍କ ଦୁର୍ଗତିର ସମାଧାନ

ବୋମ୍ୱେରେ ଏବେ ବକ୍ତୃତା ଦେଉଁ ଦେଉଁ କଂଗ୍ରେସ ସଭାପତି ଟଣ୍ଡନଜୀ ଉଦବାସ୍ତୁ ଶରଣାର୍ଥୀମାନଙ୍କୁ, ଅର୍ଥାତ୍, ପାକିସ୍ତାନରୁ କୌଣସିମନ୍ତେ ପୈତୃକ ପ୍ରାଣମାତ୍ର ଘେନି ପଳାଇ ଆସିଥିବା ଲୋକଙ୍କୁ କହିଲେ -

"ତମେ ଯେ ନିଜ ଘର ଦ୍ୱାର ଚୁଲିଚାଳରୁ ଏପରି ଦାରୁଣ ଭାବରେ ବିତାଡିତ ହୋଇଚ, ଏହା ଈଶ୍ୱରଙ୍କ ଇଚ୍ଛା । ଖୁବ୍ ସଂଭବ ଈଶ୍ୱର ତମ ଦୁଷ୍କର୍ମ ନିମନ୍ତେ ତମମାନଙ୍କୁ ଦଣ୍ଡ ଦେବା ପାଇଁ ଏହା କରିଚନ୍ତି । ତେଣୁ 'ଆହା' କଣ ହେଲା ବୋଲି ନ କାନ୍ଦି ନିଜ ଦୋଷ ଦେଖିବା ପାଇଁ ନିଜ ଭିତରକୁ ଚାହଁ ।" (P.T.I. and U.P.I) Daily Hindusthan Standard, 13.12.1950

Digitized by PPRACHIN, SOA

ଏ ତ କଟାଘାରୁ ଖୋଳି ଛଡ଼ାଇ ଚୂନ ମାଡ଼ିବାରୁ ବଳିଗଲା । ବେଡ଼ି ଉପରେ ଏ କୋରଡ଼ା ଠିକ୍ ହେଲା । କଥା ତ ଅଛି, ପାଲିଙ୍କି ଉପରେ ସିନା ପାଟଛତା, ବେଡ଼ି ଉପରେ ତ କୋରଡ଼ା । ତାଙ୍କର ସର୍ବନାଶକରି କଣ କଂଗ୍ରେସର ମନବୋଧ ହୋଇନାହିଁ। ଏ ଦୁର୍ଗତି ବେଳେ ଅପମାନର ଏ କଷାଘାତ କି କରାଳ, କି ଦାରୁଣ ! କଂଗ୍ରେସ ସଭାପତି ଭାବରେ ଟଣ୍ଡନ ମହାଶୟ ନିଜ ଭିତରକୁ ଚାହୁଁଚନ୍ତି ତ ? ଦୋଷ କଲା କିଏ, ଦଣ୍ଡ ପାଉଚି କିଏ ? ଟଣ୍ଡନଙ୍କ ଈଶ୍ୱରଙ୍କର ଏ କି ସୁନ୍ଦର 'ଭାଉପୁର ନ୍ୟାୟ' ? ବୋଧହୁଏ, କଂଗ୍ରେସର ସଭାପତି ହୋଇସାରି ଟଣ୍ଡନ ମହାଶୟ କଂଗ୍ରେସୀ ରାଜତ୍ୱରେ ଥିବା ଅନ୍ୟାନ୍ୟ ଅନେକ ନେତାଙ୍କ ପରି ମହାତ୍ମା ଗାନ୍ଧିଙ୍କୁ ପୂରାପୂରି ଆତ୍ମାରେ ଓ ଚିନ୍ତାରେ ଅନୁବର୍ତ୍ତନ କରୁଚନ୍ତି ବୋଲି ଦେଖାଇ ହେବାକୁ ଚାହୁଁଚନ୍ତି । ଅନେକଙ୍କର ଏବେ ମଧ ମନେ ପକାଇବାକୁ କଷ୍ଟ ହେବ ନାଇ ଯେ, ୧୯୩୪ରେ ବିହାର ଭୂମିକମ୍ପ ବେଳେ ଦୁର୍ଗତମାନଙ୍କୁ ବୋଧ ଦେଇ ମହାତ୍ମାଜୀ ଆଧାତ୍ମିକ ତତ୍ତ୍ୱ ପ୍ରକାଶ କରିଥିଲେ ଯେ, ଦକ୍ଷିଣର ଗୁରୁଭାଇୟୁର ଦେଉଳରେ ଶୁଦ୍ଧବର୍ଣ୍ଣ ହିନ୍ଦୁଏ ଅଧୋବର୍ଣ୍ଣ ହିନ୍ଦୁଙ୍କୁ ପୂରାଇବାରୁ ଈଶ୍ୱର ବିହାରରେ ଭୂମିକମ୍ପ କରାଇ ସେଇ ପାପର ଦଣ୍ଡ ଦେଲେ । ରାଜତ୍ୱଟାଏ ପାଇଯିବେ ବୋଲି କଂଗ୍ରେସର କର୍ତ୍ତାଏ ଦେଶଟା ବାଣ୍ଟି ପକାଇଲେ । ସେମାନେ ପାଇଲେ ରାଜତ୍ୱ- ଲୋକେ ନିଜର ଧନ- ଜନ- ଆଶ୍ରୟ ହରାଇ ହେଲେ ତାଙ୍କର ଆଶ୍ରୟପ୍ରାର୍ଥୀ । ଈଶ୍ୱର ନେତାଙ୍କ ତ୍ୟାଗର ପୁରସ୍କାର ଦେଲେ, ଅଖଣ୍ଡ ଏକଛତ୍ର ରାଜତ୍ୱ- ସ୍ୱରାଜ ହେଲେ ଖାଇ ପିନ୍ଧି ସୁଖରେ ରହିବେ ବୋଲି ଯେଉଁମାନେ 'ଲୋଭ' ଓ 'ଲାଳସାରେ' ପଡ଼ିଥିଲେ, ତାଙ୍କୁ ଦେଲେ ଦଣ୍ଡ- ସେ ହେଲେ ଏବେ ଆଶ୍ରୟପ୍ରାର୍ଥୀ। ଯାହାକୁ ଯାହା ଭଜ- ଯେଝା କର୍ମକୁ ତା ଫଳ । କିଏ କଣ କରିବ ? ଧନ୍ୟ କଂଗ୍ରେସ- ଧନ୍ୟ ତା ସଭାପତି ଟଣ୍ଡନଜୀ । ତୁମ୍ଭେ ନ ଥିଲେ ଈଶ୍ୱରଙ୍କର ଏ 'ଅପୁରୁଷେୟ' ତତ୍ତ୍ୱ ଆଉ କିଏ ପ୍ରଚାର କରନ୍ତା ? ଜାରାଥୁଷ୍ଟ୍ର ଯାଇଥିଲେ, ମୂଷା ଯାଇଥିଲେ, ଈଶା ଯାଇଥିଲେ, ରସୁଲ ବି ଯାଇଥିଲେ, ତମେ ନ ଥିଲେ, ଏ ସତ୍ୟ ସମାଚାର ଆଉ କିଏ ଶୁଣାଇ ଥାନ୍ତା ?

ପୁଣି ଡାକ ପଡ଼ିଚି -

ସେଇ ଟଣ୍ଡନଜୀ ପୁଣି କହୁଚନ୍ତି- "ପୂର୍ବେ ଯେଉଁମାନେ କଂଗ୍ରେସରେ ଥିଲ, ସମସ୍ତେ ଆସ, କାନ୍ଧ ଲଗାଅ । କଂଗ୍ରେସକୁ ଏକ କରି କାମରେ ଲାଗିଯାଅ ।" ଏ ଡାକ କାହାପାଇଁ ? କାହିଁକି ? ଟଣ୍ଡନଜୀ ଯାହାଙ୍କ ପାଇଁ ଡ଼ାକୁଚନ୍ତି, ଯେ ବା ଟଣ୍ଡନଜୀଙ୍କ ସଂଗେ ଏଇ ଡାକରେ ଦୁଆ ଧରୁଚନ୍ତି, ତାଙ୍କୁ ଲୋକେ ଚିହ୍ନନ୍ତି । ସେ କଅଣ କରୁଚନ୍ତି, ଲୋକେ ଜାଣନ୍ତି । କଂଗ୍ରେସରେ ଥାଇ ଯେ ଯେତେ ବେଶି ସ୍ୱାର୍ଥ ସାଧନରେ ଲାଗିଚି, ଟଣ୍ଡନଙ୍କ ସଂଗେ ସେ ସେତେ ବେଶି ଉଚ୍ଚରେ ଏ ଦୁଆରେ ଯୋଗଦବ । ଯେ ବା

Digitized by PPRACHIN, SOA

ଆସିବ, ସେ ଆଗ ଖୋଜିବ କଣ ପାଇବି ? କାହିଁକି ନା, ସେ ଆସିଲେ ସେଇ ଗାଦିମାଡ଼ି ବସିଥିବା ଲୋକଙ୍କୁ ସ୍ଥାୟୀ ଓ ଦୃଢ଼ କରିବା ପାଇଁ, ତାଙ୍କରି ତଳେ ବା ତାଙ୍କରି ସଙ୍ଗେ କାମ କରିବ । ଟଣ୍ଡନଜୀ କ'ଣ ଏହା ବୁଝିପାରୁ ନାହାନ୍ତି ? ତେବେ ସେ କାହିଁକି ଏ ଗତାନୁଗତିକ ଡାକରେ ମାତିଚନ୍ତି ? ଏ ଡାକ ଯେତେ ସଫଳ ହେବ, କଂଗ୍ରେସର ବୀଭତ୍ସତା ସେତେ ବଢ଼ିବ । "ହିନ୍ଦୁ ମୁସଲମାନ ଦୁହେଁ ଏକ ହୋଇ 'ସ୍ୱରାଜ୍ୟ' କାମରେ ଲାଗିଯାଅ" ବୋଲି ମହାତ୍ମା ଗାନ୍ଧି ଓ ତାଙ୍କ ସଂଗେ ଏଇ ଗାଦି ମାଡ଼ି ବସିଥିବା କଂଗ୍ରେସ ନେତାଏ ଖୁବ୍ ଡାକ ପକାଇଥିଲେ । କିଂତୁ ସେ ଡାକର ସ୍ୱର ଯେତେ ଉଠୁଥାଏ, ମୁସଲମାନମାନେ ନିଜ 'ଲୀଗ୍'କୁ ସେତେ ଟାଣକରି ଅଲଗା ହେଉଥାନ୍ତି । ଶେଷକୁ ସେ ଅଲଗା ହେଲେ - ଫଳରେ ଆଜି ପାକିସ୍ତାନ୍ । କାହିଁକି ? ଏହା ହେଲା, ଅନ୍ଧ ପରି କଂଗ୍ରେସ ସରକାରକୁ ଏକଦଳିଆ କରିବାକୁ ଯାଇ । ମୁସଲୀମ୍ ଲୀଗକୁ ଆଦର ଦେଖାଇ ଚିତ୍ତରଂଜନ ସୁଭାଷଙ୍କ ପରି ଉଦାର ଭାବ ଦେଖାଇଥିଲେ ଓ ଖଲିକୁଜ୍ଜମାନଙ୍କ ସଂଗେ ମିଳିତ ମନ୍ତ୍ରିମଣ୍ଡଳର ଚୁକ୍ତିଟାକୁ କାର୍ଯ୍ୟରେ କରିଥିଲେ, ଏହା ହୁଏତ ହୋଇନଥାନ୍ତା । ଏବେ ମଧ୍ୟ ଗାଦି ଦୃଢ଼ କରିବାର ଚତୁରତା ଛାଡ଼ି, ଭିତର ପରିଷ୍କାର କରି, ଡାକ ଦେଲେ, ଫଳ ଫଳିପାରେ । ଟଣ୍ଡନଜୀ ତା' ପରୀକ୍ଷା କରିବେ କି ? ତା ନ ହେଲେ, ଈଶ୍ୱରଙ୍କ ଠାରୁ ଦେଶ ଶାସନର କଣ୍ଟ୍ରାକ୍‌ଟରୀ ଆଣିଲା ପରି, ସଡ଼କ କାମରେ ଲୋକଙ୍କୁ ବୋଝ ବୋହିବାକୁ ଡ଼ାକିଲା ଭଳି ଡାକିବାରେ କିଛି ଫଳ ହେବ ନାଇ ।

ନିଜ ଲୋକଙ୍କୁ ଆଗ ସମ୍ଭାଳ

ଏଇ ସମ୍ପର୍କରେ ସ୍ୱର୍ଗତ ଅରବିନ୍ଦ ଘୋଷଙ୍କ ବନ୍ଦେ ମାତରଂ ଦୈନିକର ଗୋଟିଏ ମହାବାକ୍ୟ ଟଣ୍ଡନଜୀଙ୍କର ମନେ ପକାଇ ଦେବାକୁ ବଡ଼ ମନ ହେଉଚି । ବଙ୍ଗ, ଭଙ୍ଗ, ହୋଇଥାଏ । ପୂର୍ବବଙ୍ଗର ସେବ ଛୋଟଲାଟ ସାର ବାମଫିଲ୍‌ଡ ଫୁଲ୍‌ର ଏହି ଟାଣ୍ଡନଜୀଙ୍କ ପରି ପୂର୍ବ ବଙ୍ଗର ହିନ୍ଦୁ ମୁସଲମାନ, ନରମ ଗରମ ସବୁ ଲୋକଙ୍କୁ କାନ୍ଧ ଲଗାଇ କାମ ଉଠାଇବାକୁ ଡ଼ାକନ୍ତୁ ବୋଲି କଲିକତାର ସେବ ଦୈନିକ 'ଇଙ୍ଗ୍‌ଲିସ୍‌ମାନ୍'ରେ ଖୁବ୍ ଉତ୍ସାହ ଉଦ୍‌ବୋଧନ ଦେଇ ଗୋଟିଏ ଅଗ୍ରଲେଖ ଝାଡିଥିଲେ । ଏହିପରି ଫୁଲର ସାହେବଙ୍କୁ ସୁହାଇବା ଭଳି କଥାମାନ ସେ ଦୈନିକ ଖୁବ୍ ମଧ୍ୟ ଲେଖୁଥାନ୍ତି । ସକାଳୁ 'ବନ୍ଦେ ମାତରଂ' ଫିଟାଇ ଦେଇ ପଢ଼ିଲା ବେଳକୁ ଦେଖାଗଲା, ଅରବିନ୍ଦଙ୍କ ଅଗ୍ରଲେଖର ପ୍ରଥମ ବାକ୍ୟଟି ହେଉଛି :-

- Muzzle your dog, Sir Bamfyeld, muzzle your dog.

(ହେ ସାର୍ ବାମଫିଲଡ୍, ଆଗ ତମ କୁକୁର ମୁହଁରେ ତୁଣ୍ଡି ବାନ୍ଧ ।) ଟଣ୍ଡନଜୀ ସମସ୍ତଙ୍କୁ ଏପରି ଡ଼ାକ ଦେବା ଆଗରୁ ଆଗ ନିଜ କଂଗ୍ରେସୀ କର୍ତ୍ତାଙ୍କୁ ସମ୍ଭାଳନ୍ତୁ । ସବୁ

Digitized by PPRACHIN, SOA

ଦୁର୍ନୀତି, ସବୁ ଦୁଷ୍କର୍ମ ଲୋକଂକ ଆଗେ ବିଚ୍ ଦାଣ୍ଡରେ ଦିନ ଦିପହରେ କରି ସେମାନେ ଯେ ଗୋଟିକ ଯାକ ତୁଳସୀ ହେଲାପରି ଏ ଡ଼ାକରେ ଯୋଗ ଦେଉଚନ୍ତି, ଏଥିରେ ଫଳ କଣ ହେବ। କଥାରେ ଅଛି, ଚୋର ଚୋରୀ କରି ପଳାଇଲା ବେଳେ ତା ପଛେ ଗୋଡାଉଥିବା ଲୋକଙ୍କ ସଙ୍ଗେ ମିଶି ଯାଇ ଚୋରକୁ ଧର, ଚୋରକୁ ଧର ବୋଲି ପାଟି କରି ଦୌଡ଼ିଥିଲା । ଆମ କଙ୍ଗ୍ରେସ ନେତାଏ ଟଣ୍ଡନଙ୍କ କଥାରେ ଦୁଆ ଉଠାଇ ସେଇପରି ଦଉଡ଼ିବାର ଚତୁରତା ଖୁବ୍ ଶିଖିଚନ୍ତି । ଅଳମତି ବିସ୍ତେରେଣ

ନବ ଭାରତ-ନୂଆପ୍ରସ୍ଥ- ୨/୧୨, ଆଲୋଚନା

କଂଗ୍ରେସର ନୂତନ କର୍ମ ପନ୍ଥା

ଗଲା ମେ ମାସ ୧୮-୧୯ ତାରିଖରେ ନିଖିଳ-ଭାରତ-କଂଗ୍ରେସ କମିଟୀ ପାଟଣାଠାରେ ବସିଥିଲା। ସେଥିରେ ସ୍ଥିର ହେଲା ମହାତ୍ମାଜୀଙ୍କ ଛଡା ଆଉ କେହି ଦେଶରେ ଆଇନ ଅମାନ୍ୟ ପନ୍ଥାରେ କିଛି କାର୍ଯ୍ୟ କଂଗ୍ରେସ୍ ନାମରେ କରି ପାରିବେ ନାହିଁ।

ପୁଣି କଂଗ୍ରେସ ନିଜେ ଲାଟସଭାମାନଙ୍କୁ ମେମ୍ବରମାନ ପଠାଇବେ। ମୋଟକଥା ଲାହୋର କଂଗ୍ରେସରେ ଆଇନ ଅମାନ୍ୟ ଜାରି କରାହୋଇଥିଲା ଏବଂ ଲାଟସଭାମାନ ବର୍ଜନ କରାହୋଇଥିଲା। ପାଟଣାଠାରେ ନିଖିଳ ଭାରତ କଂଗ୍ରେସ କମିଟୀ ସେ ଦୁଇଟିଯାକ କଥା ରଦ୍ କଲେ।

ଅବଶ୍ୟ ଆଇନ ଅମାନ୍ୟ ରଦ୍ କରିବା ବିଷୟରେ କୌଣସି ଆଉ କିଛି ବିଶେଷ ଆପତ୍ତି ଶୁଣାଯାଉନାହିଁ। ସାଧାରଣତଃ ସମସ୍ତେ ସେ କଥାଟିକୁ ପୂର୍ଣ୍ଣ ପ୍ରାଣରେ ମାନିଯାଇଛନ୍ତି। କାହିଁକି ନା, ମହାତ୍ମାଗାନ୍ଧୀ ସେ କଥା ପ୍ରବର୍ତାଉ ଥିଲେ, ସେ ଏବେ ନାହିଁ କରି ଦେଲେ। ମହାତ୍ମା ଗାନ୍ଧୀଙ୍କି ଯେଉଁମାନେ ସବୁ ବିଷୟରେ ନବୁଝି, ନବିଚାରି ମାନିଯାଆନ୍ତି ସେମାନେ ମାନିଯିବାର କଥା, ମାନିଯାଇଛନ୍ତି। ଆଉ ଯେଉଁମାନେ ଗତ ଏକ ବର୍ଷ ମଧ୍ୟରେ ଥରକୁ ଥର ତତ୍କାଳିନ ରାଜତନ୍ତ ପରିସ୍ଥିତି ଦେଖି ଅବସ୍ଥା ଅନୁସାରେ ବ୍ୟବସ୍ଥା କରିବା ପାଇଁ ମହାତ୍ମାଜୀଙ୍କୁ ବୁଝାଇ ଆସିଛନ୍ତି ଓ ମହାତ୍ମାଜୀଙ୍କ ରାଜନୀତିକ କାର୍ଯ୍ୟପନ୍ଥା ପ୍ରଭାବିତ କରି ଆସିଛନ୍ତି, ସେମାନଙ୍କର ମଧ୍ୟ ଏଥିରେ ଆପତ୍ତି ହେବାର କଥା ନୁହେଁ। କାରଣ ସେମାନେ ପୁନାଠାରୁ ସ୍ପଷ୍ଟ ଭାବରେ ଏହି ସିଦ୍ଧାନ୍ତ ଲୋଡ଼ି ଆସୁଥିଲେ। ଅବଶ୍ୟ ଏସବୁ ଛଡ଼ା ମହାତ୍ମାଜୀଙ୍କର ରାଜନୀତି କ୍ଷେତ୍ରରେ କେତେଗୁଡ଼ିଏ ଧର୍ମଧାରଣା ନାନା ଭାବରେ ଜଡ଼ିତ ରହିଅଛି। ଏଠାରେ ମଧ ମହାତ୍ମାଜୀ ଯେତେବେଳେ ଯାହା କରନ୍ତି ପ୍ରଥମ ଦଳ ସେ ସବୁଥିରେ ମହାତ୍ମାଜୀଙ୍କର ସମସ୍ତ ଧର୍ମ ଧାରଣାର ପୂର୍ଣ୍ଣବିକାଶ ଦେଖନ୍ତି। ଅନ୍ୟ ଦଳ ରାଜନୀତି କଥା ବିଚାର କଲାବେଳେ ସେଥିରେ ଧର୍ମ, ଈଶ୍ୱର ପ୍ରଭୃତିଙ୍କର ସଂବଧ ଘେନି ବଡ଼

Digitized by PPRACHIN, SOA

ବେଶି ବ୍ୟାକୁଳ ହୁଅନ୍ତି ନାହିଁ। ଫଳତଃ ଉପସ୍ଥିତି କ୍ଷେତ୍ରରେ ଆଇନ୍ ଅମାନ୍ୟ ବନ୍ଦ କରିବା କଥାରେ ଦୁଇଦଳ ଏକ ମତ- କାର୍ଯ୍ୟରେ ଏକମତ, ପ୍ରାଣରେ ଏକମତ।

ମାତ୍ର ଦ୍ୱିତୀୟ କଥା ବା ଲାଟସଭାକୁ ମେମ୍ବର ପଠାଇବା କଥା ବିଚାର କଲାବେଳେ ଏଡ଼େ ସ୍ୱଚ୍ଛ ହୃଦୟରେ ସମସ୍ତେ ଏକମତ ବୋଲି କୁହାଯାଇପାରୁନାହିଁ। କାର୍ଯ୍ୟରେ ହୁଏତ ଦେଖିବାକୁ କିଛି ହେବନାହିଁ, କିଂତୁ ମନର ଭାବ କାର୍ଯ୍ୟର ପ୍ରଭାବରେ ଅଲକ୍ଷିତ ଭାବରେ ପ୍ରଚାରିତ ହୁଏ। ଏ ସଂକଟ ସମୟରେ ଏପରି ହେଲେ ବଡ଼ ଅମଙ୍ଗଳ ହେବ। ଅବଶ୍ୟ ଏ କ୍ଷେତ୍ରରେ ମତଭେଦର କୌଣସି କାରଣ ନାହିଁ, ଲାଟସଭା ପ୍ରବେଶ ସଙ୍ଗେ ସଙ୍ଗେ ଅନ୍ୟାନ୍ୟ ଗଠନମୂଳକ କାର୍ଯ୍ୟର ପନ୍ଥା ଫିଟାଇବା ପାଇଁ ନିଖିଳ-ଭାରତ କଂଗ୍ରେସ କହିଛନ୍ତି। ପ୍ରଥମ କାର୍ଯ୍ୟଟିରେ ଦୁଇଦଳ ଏକ ହେଲାପରି ଏଥିରେ ମଧ୍ୟ ଦୁଇ ଦଳ ଏକ ହୋଇଯିବାର କଥା। ଯେ କୌଣସି କାର୍ଯ୍ୟ ହେଉ, ବର୍ତ୍ତମାନ ପରିସ୍ଥିତିରେ ସବୁଠାରେ କଂଗ୍ରେସ ଗୋଟାଏ ଲୋକପରି କାର୍ଯ୍ୟ ନକଲେ ଫଳ ବିଷମୟ ହେବ। ସମସ୍ତ ବ୍ୟକ୍ତି ଗତ ଓ ଦଳଗତ ଭାବ ତଥା ବ୍ୟକ୍ତିଗତ କ୍ରିୟାର ସଂକୀର୍ଣ୍ଣ ସମାଲୋଚନା ସବୁ ବ୍ରତୋପବାସରେ ଆହାର ବନ୍ଦ କଲାପରି ବନ୍ଦ କରିବାକୁ ହେବ। ମାନବ ମାତ୍ରେ ତ୍ରୁଟିପୂର୍ଣ୍ଣ। କାହାର କେଉଁଠାରେ କି ତ୍ରୁଟି ହୋଇଯାଇଛି, ଏ କଥା ମାପି ମାପି ଆମ୍ଭେମାନେ ନିଜେ ସଂକୀର୍ଣ୍ଣ ହେଉ ଓ ସଙ୍ଗେ ସଙ୍ଗେ ସମୂହ କାର୍ଯ୍ୟରେ ବିକାଶ ହ୍ରସ୍ୱ ହୁଏ। ତଥାପି ପରକୁ ସମାଲୋଚନା କରି ଭିତରେ ଭିତରେ ଆତ୍ମଶ୍ଳାଘାରେ ଫୁଲିବାର ପ୍ରବୃତ୍ତି ମାନବୀୟ ତଥା ସ୍ୱାଭାବିକ। ସାଧନା ବଳରେ ଏସବୁ ଏଡ଼ି ଉଠିବାକୁ ହେବ। କଂଗ୍ରେସ ଯେଉ କାର୍ଯ୍ୟ ନିର୍ଦ୍ଦେଶ କରୁଛନ୍ତି କଂଗ୍ରେସ ଲୋକମାତ୍ରେ ଯଥାଶକ୍ତି ପୂର୍ଣ୍ଣ ପ୍ରାଣରେ ତହିଁରେ ଯୋଗଦେବା ଉଚିତ। ଯଥାଶକ୍ତି କଥାଟି ଆମ୍ଭେମାନେ ଏଠାରେ ବିଚାର କରି କହିଅଛୁଁ। ଯାହାର ଯେଉଁ କାର୍ଯ୍ୟ କରିବାରେ ଶକ୍ତି ଅଛି ବା ମନ ଲାଗୁଛି ସେ ସେହି କାର୍ଯ୍ୟ କରନ୍ତୁ। ପୁଣି ଯାହାର ଯେଉଁ କାର୍ଯ୍ୟ କରିବାରେ ଶକ୍ତି ଅଛି ଓ ମନ ଲାଗୁଛି ସେ କିପରି ସେହି କାର୍ଯ୍ୟ କରିବେ ତାହା ସମସ୍ତେ ଦେଖନ୍ତୁ। ଯାହାର ଯେଉଁ କାର୍ଯ୍ୟରେ ଶକ୍ତି ଅଛି ଓ ଯେଉଁ କାର୍ଯ୍ୟରେ ମନ ଲାଗୁଛି ସେହି କାର୍ଯ୍ୟ ହିଁ ତାହାର ସ୍ୱଧର୍ମ। ସମାଜର ଦେଖିବା ଉଚିତ କେହି କାହାର ସ୍ୱଧର୍ମ ଛାଡ଼ିବେ ନାହିଁ। ଏହି ବୁଦ୍ଧିରେ ଏବେ କଂଗ୍ରେସ କାର୍ଯ୍ୟ କରି ନପାରିଲେ ଅବସ୍ଥା ଶୋଚନୀୟ ହେବ।

କଂଗ୍ରେସ ଓ ଲାଟ ସଭା :

ଏ ସଂବନ୍ଧରେ ସବୁ କଥା ଫେଡି ଦେଖିବାର ହୁଏତ ଏବେ ସୁବିଧା ଆସିନାହିଁ। ମାତ୍ର ଗୋଟିଏ କଥା ସ୍ପଷ୍ଟ କୁହାଯାଇପାରେ କଂଗ୍ରେସ ଲାଟସଭାର ମେମ୍ବରମାନଙ୍କୁ ଲାଟ ସଭାମାନ ଛାଡି ଆସିବାକୁ ଥରକୁ ଥର କହିଛି ଓ ଏହି ସୂତ୍ରରେ କଂଗ୍ରେସର ମୋଟାମୋଟି ଦୁଇଟି ଦଳ ହୋଇଛି। ଅବଶ୍ୟ ଲାଟସଭା ବାହାରେ କଂଗ୍ରେସର କାମ ଯଥେଷ୍ଟ ଅଛି।

Digitized by PPRACHIN, SOA

କିନ୍ତୁ ଲାଟସଭା ଭିତରେ ଯେ କିଛି କାମ ନାହିଁ ଏକଥା କଂଗ୍ରେସ ଏ ପର୍ଯ୍ୟନ୍ତ କେବେ କହିନାହାନ୍ତି । କଂଗ୍ରେସର ଧାରାବାହିକ କାର୍ଯ୍ୟ ପରୀକ୍ଷା କଲେ ମଧ୍ୟ ଏକଥା ମନେ ହୁଏନାହିଁ । ଅବଶ୍ୟ ଏକଥା କେବେ କେହି କହିନାହାନ୍ତି ଯେ, ଲାଟସଭାର ବକ୍ତୃତାରୁ ସ୍ୱରାଜ ବାହାରିବ ବା ସେଥିରେ ସ୍ୱରାଜ ମିଳିଯିବ । କିନ୍ତୁ ସ୍ୱରାଜ ଦିଗକୁ ଗଠନରେ ଅଗ୍ରସର ହେବାରେ ଅନ୍ୟାନ୍ୟ ଗଠନମୂଳକ କ୍ରିୟାର ଯେପରି ସାହାଯ୍ୟ କରିବାର ଅଛି ଲାଟସଭାରେ କାର୍ଯ୍ୟ କରିବାରେ ମଧ୍ୟ ଇତର ବିଶେଷ ସେହିପରି ଅଛି ବୋଲି କଂଗ୍ରେସ ତଥା ମହାତ୍ମାଗାନ୍ଧୀଙ୍କର ସ୍ପଷ୍ଟ ମତ । ସେଥିପାଇଁ ଚିତ୍ତରଞ୍ଜନ, ମୋତିଲାଲଙ୍କୁ ୧ ୯ ୨ ୩ରେ କଂଗ୍ରେସ ଲାଟସଭାକୁ ଯିବାକୁ ଅନୁମତି ଦେଇଥିଲା । ୧ ୯ ୨ ୬ରେ ସମସ୍ତ ଲାଟସଭାର କାର୍ଯ୍ୟକୁ କଂଗ୍ରେସ ଆପଣାର କରି ନେଇଥିଲା । ପୁଣି ଏବେ ଲାଟସଭାକୁ ଲୋକ ପଠାଇବା ପାଇଁ କଂଗ୍ରେସ ନିଜେ ଅଣ୍ଟା ଭିଡ଼ି ବାହାରିଛି । ମହାତ୍ମାଗାନ୍ଧୀ ମଧ୍ୟ ଆଇନ ଅମାନ୍ୟ ଯୁଦ୍ଧ ମଧ୍ୟରେ ହରିଜନଙ୍କର ମନ୍ଦିର ପ୍ରବେଶ ଆଇନ୍ କରାଇବାରେ ସାହାଯ୍ୟ ଲୋଡି ରାଜଗୋପାଳଚାରୀଙ୍କୁ ବଡ଼ଲାଟ ସଭାରେ ତତ୍ପିରି ପାଇଁ ପଠାଇଥିଲେ ।

ପୁଣି ଆଉ ଗୋଟିଏ ଦିଗରୁ ଏକଥା ଦେଖାଯାଉ- ଅନ୍ୟାନ୍ୟ ଗଠନମୂଳକ କାର୍ଯ୍ୟର ସମସ୍ତ ନିଷ୍ଠା ଓ ପ୍ରଚାର ସତ୍ତ୍ୱେ ଠିକ୍ ଯୁଦ୍ଧର ସମୟ ସରିଗଲା ମାତ୍ରେ କଂଗ୍ରେସ ଲାଟସଭାକୁ ଧରୁଛନ୍ତି । ଲାଟସଭା ବାହାରେ ଅନ୍ୟାନ୍ୟ ଗଠନମୂଳକ କାର୍ଯ୍ୟଧରି ରହିବା ଭଳି କୌଣସି ମତ ଜାତିର ବହୁପକ୍ଷ ଗ୍ରହଣ କରୁନାହାନ୍ତି, ଏହାହିଁ କହିବାର ଅଭିପ୍ରାୟ । ଲାଟସଭା ଭିତରେ ଓ ବାହାରେ ଦୁଇ ଆଡ଼େ ଦେଶକୁ ତିଆରି କରିବା କାର୍ଯ୍ୟ ରହିଛି ଏହାହିଁ କଂଗ୍ରେସ ବହୁପକ୍ଷର ମତ ବୁଝିବାକୁ ହେବ । ଯେଉଁମାନେ କେବଳ ଲାଟସଭା ବାହାରେ କାର୍ଯ୍ୟ କରିବାରେ ମାତନ୍ତି ସେମାନଙ୍କ କାର୍ଯ୍ୟ ଯେ କିପରି ଖଣ୍ଡିତ ଓ ବେଳେବେଳେ ଅସଂଭବ ହୋଇ ପଡ଼ିବ ତାହା ବୁଝାଇବା ଦରକାର ନାହିଁ । ତାହା ନହେଲେ ମଧ୍ୟ ସେମାନଙ୍କର ଏ ଏକଦେଶଦର୍ଶିତା ଦେଶକୁ ଯେ ଗତ ୧୪ ବର୍ଷ ମଧ୍ୟରେ ସେମାନେ କେବେ ବୁଝାଇ ପାରିନାହାନ୍ତି, ଅର୍ଥାତ୍ କଂଗ୍ରେସ କେବେହେଲେ ଏହି ଏକଦେଶୀ ପନ୍ଥାକୁ ଗ୍ରହଣ କରି ନାହାନ୍ତି, ଦେଶକୁ ବୁଝାଇବାରେ କେବେ ଯଦି କୌଣସି ଫଳର ଆଶା ଥିଲା ଆଜି ଯେ ସେ ଆଶା ଆଦୌ ନାହିଁ, ତା'ମଧ୍ୟ ଦେଖିବାକୁ ହେବ ।

ଅବଶ୍ୟ ଜାତି ଯେତେବେଳେ ଲଢ଼ାଇ ପାଇଁ ସମ୍ମୁଖୀନ ହୁଏ ସେତେବେଳେ ଆଉ ଗଠନର ପ୍ରଶ୍ନ ଉଠେ ନାହିଁ । ସେତେବେଳେ ପୂର୍ବର ଗଠନ ସବୁ ଧ୍ୱଂସରେ ଅହୂତି ଦେବାକୁ ଜାତି ପ୍ରସ୍ତୁତ ହୋଇ ଉଠେ । ସେତେବେଳେ ଲାଟସଭା ଭିତରେ ବାହାରେ କୌଣସିଠାରେ ଗଠନର ପ୍ରଶ୍ନ ନାହିଁ । ସମସ୍ତେ ଅଭିଯାନ ପାଇଁ ଏକ ମୁଖରେ ତତ୍ପର । ଲାଟସଭାରୁ ଲୋକ ନ ଆସିଥିଲେ ଅସହଯୋଗ ତଥା ଆଇନ୍ ଅମାନ୍ୟର ଅଭିଯାନ ବହୁ

Digitized by PPRACHIN, SOA

ପରିମାଣରେ ଖଣ୍ଡିତ ଓ ହ୍ରାସ ହୋଇଥାନ୍ତା। ଏତେ ମୁହଁ ଜଗିବା ପାଇଁ ହୁଏତ ଆମର ଲୋକର ଅଭାବ, କିନ୍ତୁ ଆଜି ଏ ଅବସ୍ଥା ନୁହେ। ଆଜି ଅଭିଯାନର ଦିନ ନାହିଁ। ଏ ଗଠନବେଳେ ସବୁ ମୁହଁରେ ଲାଗିଯିବାକୁ ହେବ। ଖଦଡ଼, ହରିଜନ, ଲାଟସଭା ସବୁ ଗଠନ ପାଇଁ ପ୍ରୟୋଜନରେ ଲାଗିବ, କୌଣସିଟିରେ ସାକ୍ଷାତ୍ ସ୍ୱରାଜ ମିଳିଯିବ ନାହିଁ। ଏସମସ୍ତ ଗଠନ ଫଳରେ ସ୍ୱରାଜ ବିକାଶ ପାଇବ ବୋଲି ଜାତିର ଆଶା। ଏ କଥା ବୁଝି ଜାତିର ଏକତା ପାଇଁ ତତ୍ପର ରହିବାକୁ ହେବ। ଗଠନବେଳେ ମଧ୍ୟ ଦେଶରେ କଂଗ୍ରେସକୁ ଏକମାତ୍ର ଅନୁଷ୍ଠାନ କରି ଜାଗ୍ରତ ରଖିବାକୁ ହେବ। ଅନ୍ୟଥା ଲୋକରେ ଅଯଥା ବୁଦ୍ଧିଭେଦ ଜନ୍ମାଇଲେ ସର୍ବନାଶ।

କଂଗ୍ରେସ ସିଦ୍ଧାନ୍ତ ଉପରେ ସରକାରଙ୍କ କାର୍ଯ୍ୟ :

କଂଗ୍ରେସର ଆଇନ ଅମାନ୍ୟ ଘେନି ସରକାରଙ୍କ ଦମନ ନୀତି, ଏହାହିଁ ସରକାର କହନ୍ତି। ଏହି ଦମନ ନୀତିରେ କେତେଗୁଡ଼ିଏ ଦମନମୂଳକ ଆଇନ ଓ ସରକାରଙ୍କ କେତେଗୁଡ଼ିଏ ଦମନମୂଳକ ଆଦେଶ ଏ ଦେଶରେ ଯାରି ହେଇଥିଲା। ନିଖିଳ-ଭାରତ-କଂଗ୍ରେସ-କମିଟିର ପାଟଣା ବୈଠକରେ କଂଗ୍ରେସ ଆଇନ ଅମାନ୍ୟ ବନ୍ଦ କଲେ। ସରକାର ସଙ୍ଗେ ସଙ୍ଗେ ଆଇନ ଅମାନ୍ୟକୁ ଯବତ୍ କରିବା ପାଇଁ ଯାହା ସବୁ କରିଥିଲେ ସବୁ ବନ୍ଦ କରିଦେବେ ବୋଲି ଦେଶବାସୀ ଆଶା କରିଥିଲେ। କିନ୍ତୁ ସରକାର ଟିକିଏ ଟିକିଏ କରି ତାହା କଲା ପରି ଦେଖାଯାଉଛି। ଜଣେ ବଡ଼ କୁକୁର ସଉକୀ ଥିଲେ। ସେ ବହୁତ କୁକୁର ରଖିଥାନ୍ତି ଓ ରାତି ଦିନ ସବୁବେଳେ କୁକୁରଯାକ ତାଙ୍କ ଘରେ ଭେଉ ଭେଉ ରଡ଼ି ଛାଡ଼ୁଥାନ୍ତି। ବୁଝିବାରେ ଜଣାଗଲା କୁକୁରଙ୍କ ଲାଙ୍ଗୁଡ଼ କାଟିଦେଲେ କୁକୁର ତେଜ ହୁଅନ୍ତି ବୋଲି ତାଙ୍କର ବିଶ୍ୱାସ। କିନ୍ତୁ ଏକାବେଳକେ ଲାଙ୍ଗୁଡ଼କୁ କାଟିଦେଲେ କୁକୁରକୁ ବାଧିବ ବୋଲି ସେ ସବୁବେଳେ କୁକୁରଙ୍କ ଲାଙ୍ଗୁଡ଼ର ଆଗ ଆଡୁ ଟିକିଏ ଟିକିଏ କରି କାଟି ଲାଙ୍ଗୁଡ଼କୁ ସାନ କରିବାରେ ଲାଗିଥାନ୍ତି। ଏ କ୍ଷେତ୍ରରେ ସରକାରଙ୍କ କାର୍ଯ୍ୟ ସେହିପରି ହେବା ଜଣାପଡୁଛି। ଏକାବେଳକେ ଦମନ ନୀତିର କାର୍ଯ୍ୟଗୁଡ଼ିକ ଉଠାଇ ଦେଲେ ଲୋକଙ୍କର ବିଶ୍ୱାସ ଜନ୍ମିଯିବ, ଦେଶର ରାଜନୀତିକ ବାୟୁମଣ୍ଡଳ ସଫା ହୋଇଯିବ, ପୁଣି ଇଂଲଣ୍ଡ, ଭାରତ ମଧ୍ୟରେ ସଂବନ୍ଧର ଧାରା ମଧ୍ୟ ବଦଳିଯିବାର ଆଶା ଅଛି। କିନ୍ତୁ ସରକାର ଏପରି ଟିକିଏ ଟିକିଏ କରି କରିବାରେ ସରକାର ଜାଣନ୍ତି ଭାରତବାସୀ ଭେଉ ଭେଉ ହୋଇ ଶେଷକୁ ଭାଗ୍ୟକୁ ଆଦରି ମାନିଯିବେ। କିନ୍ତୁ ଏପରି ବାଧ ହୋଇ ମାନିବାରେ ହୃଦୟ ସଫା ହୁଏ ନାହିଁ କି ନୈତିକ ଫଳ ଭଲ ହୁଏନାହିଁ।

ସାଧାରଣ ଦେଶବାସୀ ଯାହା କହନ୍ତୁ କଂଗ୍ରେସର ଏ ବିଷୟରେ କହିବାର କିଛି ନାହିଁ। କଂଗ୍ରେସ କୌଣସି ଆଶା କରି ଆଇନ ଅମାନ୍ୟ ଉଠାଇ ନାହାନ୍ତି। ଆଇନ ଅମାନ୍ୟ

Digitized by PPRACHIN, SOA

ବର୍ତ୍ତମାନ ଉଠାଇବା ଉଚିତ ବୋଲି ଉଠାଇଛନ୍ତି। ସେହିପରି କୌଣସି କଥାକୁ ଅପେକ୍ଷା ନ କରି ଯାହା ବିଚାରକୁ ଉଚିତ ଦିଶୁଛି, କଂଗ୍ରେସ ତାହା କରିଯାଆନ୍ତୁ। ଗଠନମୂଳକ କାର୍ଯ୍ୟ ସଙ୍ଗେ ଲାଟସଭା କାମ କଂଗ୍ରେସ ନେଇଛନ୍ତି, ଏହି ସୂତ୍ରରେ ବିଶେଷତଃ ଲାଟସଭା କାମ ସମ୍ପର୍କ ଘେନି ଲୋକଙ୍କ ସମ୍ପର୍କରେ ଆସନ୍ତୁ। ଲୋକେ କଂଗ୍ରେସକୁ ଚିହ୍ନନ୍ତି, ପୁଣି ଦେଶରେ ଗଠନ ଜାଗ୍ରତ ହେଉ। ଦେଶରେ ହିନ୍ଦୁ ମୁସଲମାନ ପ୍ରଶ୍ନ ସମାଧାନ ପାଇଁ ଓ ଦେଶର ଶାସନ ଶୃଙ୍ଖଳା ସୁଧାରିବାରେ ସାହାଯ୍ୟ କରିବା ପାଇଁ ହୁଏତ ସବୁ ସାବାଳକ ଦେଶବାସୀମାନଙ୍କର ମତ ଲୋଡ଼ା ପଡ଼ିପାରେ, ସେଥିପାଇଁ କଂଗ୍ରେସ ପ୍ରସ୍ତୁତ ହୁଅନ୍ତୁ। ସବୁପ୍ରକାର ଭେଦ ଭୁଲି, ବ୍ୟକ୍ତିଗତ ଅଭିସନ୍ଧି ଓ ମତାମତ ପଛକୁ ପକାଇ ସମସ୍ତ କଂଗ୍ରେସ ଲୋକେ ଏକ ଲୋକପରି କାର୍ଯ୍ୟରେ ଲାଗିଯିବା ଦରକାର। ତାହାହେଲେ ଅସାଧ ସାଧନ ହେବ। ଜଗତ୍ ଆଜି ଚାହିଁ ବସିଛି, ଦେଖିବ, ଲୋକେ କଂଗ୍ରେସ ପଛରେ ଅଛନ୍ତି ନା ନାହିଁ। କାର୍ଯ୍ୟରେ ଏହା ଦେଖାଇ ପ୍ରମାଣ କରି ଦେବାକୁ ହେବ, କଂଗ୍ରେସ ଲୋକଙ୍କର ଏବେ ଏକଥା ପ୍ରତି ହୃଦୟରେ ଲେଖି ରଖି କାର୍ଯ୍ୟରେ ଅଗ୍ରସର ହେବାର ବେଳ।

ନବ ଭାରତ-୧/୧, ଆଲୋଚନା

କଂଗ୍ରେସ ମହାସଭା

ଗତ ଅକ୍ଟୋବର ମାସ ଶେଷକୁ ବମ୍ବେଇଠାରେ କଂଗ୍ରେସ ମହାସଭାର ୪୮ଶ ଅଧିବେଶନ ବସିଲାଣି। ଏ ବର୍ଷ କଂଗ୍ରେସରେ ଦିଓଟି ଯୁଗପ୍ରବର୍ତ୍ତକ କଥା ଘଟିଅଛି। ପ୍ରଥମଟି ମହାତ୍ମାଗାନ୍ଧୀଙ୍କର କଂଗ୍ରେସ ପରିତ୍ୟାଗ, ଦ୍ୱିତୀୟଟି କଂଗ୍ରେସର ପରିସ୍ଥିତିମୂଳକ ଯୋଜନାର ପରିବର୍ତ୍ତନ।

ମହାତ୍ମାଜୀଙ୍କ କଂଗ୍ରେସ ପରିତ୍ୟାଗ

ଗତଥର ଏ ବିଷୟରେ ଲେଖିଥିଲୁଁ। କହିଥିଲୁଁ, ପୃଥିବୀର ରାଜନୀତିକ ଇତିହାସରେ ଏହା ଏକ ନୂଆ କଥା। ରାଜନୀତିକମାନେ ବହୁପକ୍ଷ ମତ ନିଜର କରି ସ୍ଥାନ ମାଡ଼ି ବସନ୍ତି। ମହାତ୍ମାଜୀଙ୍କ ପଛରେ ବହୁପକ୍ଷମତ ଯଥେଷ୍ଟ ଥିଲା। କିନ୍ତୁ ସେ ସ୍ଥାନ ମାଡ଼ି ବସିବା ଦୂରେ ଥାଉ, ଛାଡ଼ି ଦେଲେ। ଏ ଛାଡ଼ି ଦେବାର ଅର୍ଥ ଓ ମହତ୍ତ୍ୱ ବୁଝାଇବା ଦରକାର ନାହିଁ। ତ୍ୟାଗ, ସହିଷ୍ଣୁତା, ଅହିଂସା, ଏହିସବୁ ମହାତ୍ମାଜୀଙ୍କର ବ୍ରହ୍ମାସ୍ତ୍ର – ବିପକ୍ଷକୁ ଶାସନ କରିବାର ଉପାୟ। ସେ ଉପାୟର ସୁନ୍ଦର ସଫଳ ପରୀକ୍ଷା ସେ ଏଠାରେ ପରିସ୍ଫୁଟ କରି ଦେଖାଇଦେଲେ।

ମୁକ୍ତିକାମୀ ଭାରତବାସୀ ମାତ୍ରେ ମହାତ୍ମାଜୀଙ୍କୁ ଆଜି ଲୋଡ଼ନ୍ତି। ଯେଉଁମାନେ ମତବାଦ କରି ବିରୋଧ କରୁଛନ୍ତି, ସେମାନଙ୍କର ମଧ୍ୟ ମହାତ୍ମାଜୀଙ୍କ ଭଳି ବ୍ୟକ୍ତିତ୍ୱବାନ୍ ପୁରୁଷର ଆଜି ଦରକାର ଅଛି। ମହାତ୍ମାଜୀ ମହାପୁରୁଷ। ଏ ମହାପୁରୁଷଙ୍କୁ ସ୍ଥାନଭ୍ରଷ୍ଟ କରିବା

Digitized by PPRACHIN, SOA

ସମସାମୟିକ ଜନଶକ୍ତିର କ୍ଷମତାରେ ଅଛି କି ନା ସନ୍ଦେହ। ତଥାପି ଜନସାଧାରଣ ହୁଏତ ମନେ କରୁଛନ୍ତି - ମହାତ୍ମାଜୀ କଂଗ୍ରେସ ଛାଡ଼ିଦେଲେ। ତାହା ନୁହେଁ। ଏହି ଛାଡ଼ିବାରେ- ଏହି ତ୍ୟାଗରେ ତାଙ୍କର ଯେ ଅବତାର ଫୁଟିଉଠିଲା, ସେଥିରେ କଂଗ୍ରେସ ଆଜି ଅଧିକତର ଭାବରେ ମହାତ୍ମାର ମାହାତ୍ମ୍ୟରେ ଦୀପିତ ହେବ। ମହାତ୍ମା ଶରୀରତଃ କଂଗ୍ରେସ ଛାଡ଼ିଦେଲେ, କିନ୍ତୁ ସେହି ମହାତ୍ମାଙ୍କର ପଟ୍ଟଶିଷ୍ୟ ରାଜେନ୍ଦ୍ର ପ୍ରସାଦ ଆଜି ସଭାପତି। ସେଥିରେ କୌଣସି ବିରୋଧୀ ବା ପ୍ରତିଦ୍ୱନ୍ଦ୍ୱୀର ଆପତ୍ତି ନାହିଁ। ସଭାପତି ନିଜର ମନ ଅନୁସାରେ ସଭା ଗଢ଼ି କାର୍ଯ୍ୟ ଚଳାଇବାର ବ୍ୟବସ୍ଥା ହୋଇଛି। ସେଥିରେ ମଧ୍ୟ କାହାର ଉଚ୍ଚବାଚ୍ୟ ନାହିଁ। ଏତେ ବିବାଦ ବିସଂବାଦ ଗୋଳମାଳ ପରେ କଂଗ୍ରେସକୁ ଏ ସଂହତି ଦେଲା କିଏ ? ମହାତ୍ମାଜୀଙ୍କର ତ୍ୟାଗ। ତ୍ୟାଗର ଏ ନୈତିକତା- ଏ ଅଧ୍ୟାତ୍ମିକତା ପୃଥିବୀର ରାଜନୀତିକ ଇତିହାସରେ ସ୍ମରଣୀୟ।

କଂଗ୍ରେସର ପରିସ୍ଥିତିମୂଳକ ଯୋଜନାର ପରିବର୍ତ୍ତନ

୧୯୨୦ରେ ମହାତ୍ମାଜୀଙ୍କ ବ୍ୟକ୍ତିତ୍ୱ ଓ କ୍ରିୟା ଫଳରେ ପ୍ରଥମେ କଂଗ୍ରେସର ପରିସ୍ଥିତିମୂଳକ ଯୋଜନା ବା constitution ନୂଆ ହୋଇ ତିଆରି ହୋଇଥିଲା। ତାହା ପୂର୍ବରୁ ଯେଉଁ ଯୋଜନାଟି ଥିଲା, ସେଥିରେ ଯଥାର୍ଥ ଲୋକପ୍ରତିନିଧିଙ୍କ ଦ୍ୱାରା କଂଗ୍ରେସର କାର୍ଯ୍ୟ ଚଳିବା ବା ମତପ୍ରକାଶ ପାଇବାର କୌଣସି ବିଶେଷ ବ୍ୟବସ୍ଥା ନ ଥିଲା। କଂଗ୍ରେସ ବସିଲାବେଳକୁ ଯେ ଫିସ୍ ଟଙ୍କା ଦେଉଥିଲା, ସେ ପ୍ରତିନିଧି ହେଉଥିଲା। ଯେଉଁଠାରୁ ଯେତେ ଇଚ୍ଛା କରୁଥିଲେ, ସେଠାରୁ ସେତେ ପ୍ରତିନିଧି ହୋଇପାରୁଥିଲେ। ୧୯୨୧ରେ ପ୍ରକୃତରେ ପ୍ରତିନିଧିମୂଳକ କଂଗ୍ରେସ ଗଢ଼ା ହେଲା। ତାହା ସେହିଭଳି ଆଜିଯାଏ ଚଳି ଆସୁଥିଲା। ସେଥିରେ ଚାରିଅଣା ପଇସା ଦେଇ କଂଗ୍ରେସ ପ୍ରତିଜ୍ଞା ପତ୍ରରେ ଦସ୍ତଖତ କରି ଲୋକେ ମେମ୍ବର ହେଉଥିଲେ ଓ ସେହିମାନେ ପ୍ରତିନିଧି ବାଛି ଜିଲ୍ଲା କଂଗ୍ରେସ ସଭାମାନ ଗଢୁଥିଲେ। ସେହି ଜିଲ୍ଲା ସଭାରୁ କ୍ରମେ ଅସାକ୍ଷାତ ନିର୍ବାଚନ ପଦ୍ଧତିରେ ପ୍ରାଦେଶିକ ଓ ନିଖିଳ ଭାରତ କଂଗ୍ରେସ ସଭାମାନ ଗଢ଼ା ହେଉଥିଲା। କେବଳ ପ୍ରତିଜ୍ଞା ପତ୍ରରେ ସ୍ୱାକ୍ଷର କରି କଂଗ୍ରେସ ମେମ୍ବର ହୋଇଥିବା ବ୍ୟକ୍ତିମାନେ ସାକ୍ଷାତ ନିର୍ବାଚନରେ ବାର୍ଷିକ କଂଗ୍ରେସ ବୈଠକକୁ ପ୍ରତିନିଧି ପଠାଉଥିଲେ ମାତ୍ର। ଏଥିରେ ମଧ୍ୟ ପରିସ୍ଥିତି ଠିକ୍ ରହିଲା ନାହିଁ। ଯେ କୌଣସି ପଦ ଅଭିଳାଷୀ ପଇସା ଦେଇ ମେମ୍ବର କରାଇ ନିର୍ବାଚନମଣ୍ଡଳିକୁ ନାନା ଭାବରେ ହାତ କରି ନିଜର କ୍ଷମତା ଜମାଇବାରେ କୌଣସି ଅସୁବିଧା ହେଲାନାହିଁ। ଏଥିରେ ନାନା ଶ୍ରେଣୀର ନାନା ଅଭିଳାଷର ଲୋକେ ପ୍ରତିନିଧି ଦଳରେ ପଶି ସଭାମାନଙ୍କରେ ମତଭେଦ ଗଣ୍ଡଗୋଳ ଆରମ୍ଭ କଲେ। ଲୋକରେ ଯଥାର୍ଥ କଂଗ୍ରେସ ଭାବ ଓ କାର୍ଯ୍ୟ ଆଶାନୁରୂପ ପ୍ରଚାର ନ ଲଭିବାର ଦେଖାଗଲା। ଖାଲି ଦେଖାଗଲା କାହିଁକି, ନାନା କ୍ଷେତ୍ରରେ ତାହାର

Digitized by PPRACHIN, SOA

ପ୍ରମାଣ ମଧ୍ୟ ଦେଖାଗଲା । ଖାଲି ମହାତ୍ମାଜୀଙ୍କ ବ୍ୟକ୍ତିଗତ ପ୍ରଭାବରେ ଯାହା କିଛି କଂଗ୍ରେସ ଭାବ ଲୋକରେ ପ୍ରସରୁଥିଲା ମାତ୍ର ।

ସେହି ଗଣ୍ଡଗୋଳ ଭିତରେ ଶୁଣାଗଲା ମହାତ୍ମାଜୀ ଯେପରି କି ସବୁ ଅନିଷ୍ଟର ମୂଳ । କେତେଲୋକ କହିଲେ ମହାତ୍ମାଜୀଙ୍କ ବ୍ୟକ୍ତିତ୍ୱ କାଢ଼ି ନେଲେ କଂଗ୍ରେସ ଭାବ ଓ କ୍ରିୟାର ସ୍ୱାଧୀନ ବିକାଶ ହେବ । ମହାତ୍ମାଜୀ ଦେଖିଲେ, ଲୋକଙ୍କର ଏ ଭାବ ତୁଟାଇବା ସହଜ ନୁହେ । ସେଥିପାଇଁ ସେ ବ୍ୟକ୍ତିଗତ ଭାବରେ ମାତ୍ର କଂଗ୍ରେସରୁ ଅଲଗା ହେବାର ସ୍ଥିର କଲେ, ମାତ୍ର ଅଲଗା ହେବା ପୂର୍ବରୁ ଗୋଟିଏ ନୂତନ Constitution ବା ପରିସ୍ଥିତିମୂଳକ ଯୋଜନା ପାସ୍ କରିବା ପାଇଁ କଂଗ୍ରେସକୁ ପରାମର୍ଶ ଦେଲେ ।

ସେହି ଯୋଜନା ଅନୁସାରେ କଂଗ୍ରେସର ସବୁ କମିଟିଗୁଡ଼ିକ ସାକ୍ଷାତ୍ ନିର୍ବାଚନରେ ବଛା ହୋଇଥିବା ମେମ୍ବରଙ୍କଦ୍ୱାରା ଗଢ଼ାହେବାର ବ୍ୟବସ୍ଥା ହୋଇଚି । ପ୍ରତ୍ୟେକ ନିର୍ବାଚନପ୍ରାର୍ଥୀ ଖାଲି ଖଦଡ଼ ପିନ୍ଧିବାର ନିୟମ ହୋଇନାହିଁ । ତାହା ସଙ୍ଗେ ପ୍ରତି ମାସରେ ୫୦୦ ଗଜ ନିଜ ହାତକଟା ସୂତା ଦେବେ କିମ୍ବା ତଦନୁରୂପ ଅନ୍ୟ କୌଣସି ଶାରୀରିକ ଶ୍ରମମୂଳକ କାର୍ଯ୍ୟ କରୁଥିବାର ପ୍ରମାଣ ଦେବେ । ସାଧାରଣତଃ ୫୦୦ କଂଗ୍ରେସ ମେମ୍ବର ଯେଉଁଠାରେ ନ ଥିବେ, ସେଠାରୁ କେହି ନିର୍ବାଚିତ ହୋଇପାରିବେ ନାହିଁ । ଅତଏବ ଯଥାର୍ଥ ଜନସାଧାରଣ ଭାବାପନ୍ନ ଲୋକସେବୀ କର୍ମୀମାନେ ହିଁ ଏ ପଦ୍ଧତିରେ ନିର୍ବାଚନରେ କମିଟିମାନଙ୍କୁ ବା କଂଗ୍ରେସକୁ ଯିବାପାଇଁ ସମର୍ଥ ହେବେ - ଅନ୍ୟ କେହି ହୋଇପାରିବେ ନାହିଁ । ଏ ପ୍ରଣାଳୀରେ କାର୍ଯ୍ୟ ହେଲେ ମହାତ୍ମାଗାନ୍ଧୀଙ୍କ ବ୍ୟକ୍ତିତ୍ୱ କାର୍ଯ୍ୟ ନ କରି ତାଙ୍କର ଆଧାତ୍ମିକ ଭାବ ଦେଶରେ କାର୍ଯ୍ୟକର ହେବ, ସନ୍ଦେହ ନାହିଁ । ଏଥିରେ କଂଗ୍ରେସ ଅନୁଷ୍ଠାନମାନ ଦୃଢ଼ମୂଳ ଓ ଦୃଢ଼ ହେବ ।

ଏସବୁ ବୁଝିଲା ପରେ ବୋଧହୁଏ ଆଉ କେହି କହିବେ ନାହିଁ, ମହାତ୍ମାଜୀ କଂଗ୍ରେସରୁ ଅନ୍ତର ହୋଇଛନ୍ତି ।

ନବ ଭାରତ-୧/୬, ଆଲୋଚନା

କଂଗ୍ରେସର ସୁବର୍ଣ୍ଣ ଜୟନ୍ତୀ

ଗଲା ଡିସେମ୍ବର ୨୮ ତାରିଖରେ ଭାରତ ଜାତୀୟ ମହାସଭା ବା କଂଗ୍ରେସର ସୁବର୍ଣ୍ଣ ଜୟନ୍ତୀ ଅନୁଷ୍ଠିତ ହୋଇଅଛି । ଏହି ୫୦ ବର୍ଷ ଧରି କଂଗ୍ରେସ ଭାରତକୁ ସ୍ୱାଧୀନ କରିବାରେ ଲାଗିଛନ୍ତି । ପ୍ରଥମେ ଏଥିପାଇଁ ଆବେଦନ ନିବେଦନ ଓ ଆଲୋଚନା କରୁଥିଲେ; କ୍ରମେ ଦାବି କଲେ ଓ ସେହି ଦାବିରୁ ଏବେ ଲଢ଼ାଇକୁ ଉଠିଛନ୍ତି । ଗତ ୧୫ବର୍ଷ ଲଢ଼ାଇରେ କଂଗ୍ରେସ ଆଶାନୁରୂପ କୃତକାର୍ଯ୍ୟ ହୋଇ ନାହାନ୍ତି । ମାତ୍ର ଏହି ସମୟ ମଧ୍ୟରେ କଂଗ୍ରେସ ଯେ ଭାରତର ଜନସମାଜର ପ୍ରାଣକୁ ବିସ୍ତୀର୍ଣ୍ଣ ଭାବରେ ଅଧିକାର କରିଚି,

Digitized by PPRACHIN, SOA

ଏଥିରେ ସନ୍ଦେହ ନାହିଁ। ସ୍ୱାଧୀନତା ମାନବର ଜନ୍ମାଧିକାର। ସ୍ୱାଧୀନତାର ସଂଗ୍ରାମରେ ପରାଜୟ ନାହିଁ। ଏହା ଥରେ ଜାଗ୍ରତ ହେଲେ ପୁରୁଷାନୁକ୍ରମେ ଚାଲେ; କେବେ ବନ୍ଦ ହୁଏ ନାହିଁ; ଶେଷରେ ଜୟଯୁକ୍ତ ହୁଏ। ସଅଳ ହେଉ ଉଛୁର ହେଉ ଏ ସଂଗ୍ରାମରେ ଜୟ ସୁନିଶ୍ଚିତ। ଏ ବିଶ୍ୱାସ ନ ଥିଲେ ଜାତି ସ୍ୱାଧୀନତା ପାଇଁ ଜାଗ୍ରତ ହୁଏ ନାହିଁ। ଜାଗିଲେ କିନ୍ତୁ ଏହି ବିଶ୍ୱାସ ପରାଧୀନ ମାନବକୁ ସବୁ ଭୟରୁ ତ୍ରାଣ କରେ। ଦେଖିବା ଭଳି ଫଳାଫଳ ଯାହା ହେଉ, କଂଗ୍ରେସ ଭାରତବାସୀ ପ୍ରାଣରେ ଏ ଭାବ ଓ ଏ ବିଶ୍ୱାସ ଦୃଢ଼ଭାବରେ ଜାଗ୍ରତ କରିଚି। ଆଜି ସେଥିପାଇଁ କଂଗ୍ରେସର ଜୟନ୍ତୀ ବା ବିଜୟ ଉତ୍ସବ।

କଂଗ୍ରେସର ସ୍ୱାଧୀନତା ସଂଗ୍ରାମରେ ଯଥାର୍ଥ ଭୌତିକ ଫଳ ଫଳି ନାହିଁ। ବିଶେଷରେ ଗତ ନିଷ୍କ୍ରିୟ ପ୍ରତିରୋଧ ଓ ଆଇନ ଅମାନ୍ୟ ସଂଗ୍ରାମ ଶେଷରେ କଂଗ୍ରେସ ଆପାତତଃ ପରାଜୟ ସ୍ୱୀକାର କରିଅଛି। କେହି କେହି କହନ୍ତି, କଂଗ୍ରେସର ଏହି ଅସୀମ ସାହସିକତା ଫଳରେ ଆଜି ଭାରତରେ ନୂତନ ଶାସନ ବ୍ୟବସ୍ଥାରେ ଏ ଦୁର୍ଗତି। କଂଗ୍ରେସ ତଥା ମୁଖ୍ୟ ଜାତୀୟ ପନ୍ଥୀମାନେ ଯାହା ଯାହା ଦାବି କରୁଥିଲେ, କର୍ତ୍ତାମାନେ ସେହି ସବୁ ଦାବି ଅସହ୍ୟ ଓ ନିଜ ସ୍ୱାର୍ଥର ପ୍ରତିକୂଳ ମଣି ସେହି ସବୁର ବାଟ ବନ୍ଦ କରିବା ପାଇଁ ଶାସନ ବିକାଶର ପ୍ରଗତି ନାନା ଭାବରେ ପଛକୁ ଫେରାଇ ଦେଇଅଛନ୍ତି। ଏହା ମଧ୍ୟ ବହୁ ପରିମାଣରେ ସତ। ପୁଣି ଆଜି ଦେଶରେ ଦମନର ତାଣ୍ଡବ ଚାରିଆଡ଼େ ଲାଗିଛି। ଜାତିର କର୍ମୀ ପୁରୁଷ ଓ ଯୁବକମାନେ ସହସ୍ର ସଂଖ୍ୟାରେ ଜେଲରେ ଅଛନ୍ତି। ଏପରି ପରିସ୍ଥିତିରେ କଂଗ୍ରେସର ଏ ଜୟନ୍ତୀରେ ଉତ୍ସବର ଉତ୍ସାହ ଓ ପରିପାଟୀ ନ ଦେଖାଇ ବିଷାଦ ପ୍ରକାଶ କରିବା ଉଚିତ ବୋଲି କେତେକ ମତ ଦେଲେ; ସେଥିପାଇଁ ଶେଷକୁ କଂଗ୍ରେସ କାର୍ଯ୍ୟକାରୀ ସମିତି ଦୀପାଳି ପର୍ଯ୍ୟନ୍ତ ବନ୍ଦ କରି ଦେଇଥିଲେ। ଓଡ଼ିଶାରେ ମଧ୍ୟ ଯାତ୍ରା ଉତ୍ସବାଦି ବନ୍ଦ କରିବାକୁ କେହି କେହି ପ୍ରସ୍ତାବ କରିଥିଲେ ଓ ନିଜ ନିଜ ପ୍ରଭାବିତ ସ୍ଥଳୀରେ ତାହା ହୁଏତ କାର୍ଯ୍ୟରେ ବନ୍ଦ କରିଥିଲେ।

ଏ ସବୁରେ ସତ୍ୟ ଥାଇ ପାରେ, ମାତ୍ର ତାହା ପୂର୍ଣ୍ଣ ସତ୍ୟ ନୁହେଁ। ଏ ସତ୍ୟ ଉପରେ ଜୟନ୍ତୀର ପରିକଳ୍ପନା ନୁହେଁ। ବିଜୟର ଉତ୍ସବରେହିଁ ଜୟନ୍ତୀର ଐତିହାସିକ ଭିତ୍ତି ଓ ପ୍ରତିଷ୍ଠା। ବେଦରେ ମଧ୍ୟ ଉତ୍ତରାୟଣ ପ୍ରାରଂଭରେ ଶୀତ ଉପରେ ସୂର୍ଯ୍ୟର ବିଜୟ ଉତ୍ସବ ପ୍ରଚାର ନିମନ୍ତେ 'ଜୟନ୍ତୀ' ଅନୁଷ୍ଠିତ ହେଉଥିଲା। ଦୁଃଖରେ ଉପବାସ ଓ ଏ ଯୁଗରେ ହରତାଳ କରାଯାଏ। କିଂତୁ ଜୟନ୍ତୀର କଳ୍ପନା ତାହା ନୁହେ। ଭାରତ ଏହି ପଚାଶ ବର୍ଷ ଧରି ସ୍ୱାଧୀନତାର ସଂଗ୍ରାମ ନାନା ଭାବରେ ଚଳାଇ ଆଜି ସେ ଉଦ୍‌ବୋଧନରେ ଜୀବନ୍ତ ହୋଇଛି, ତାହାର ଦୃଢ ଅନୁଭୂତି, ପ୍ରଚାର ଓ ପ୍ରଖ୍ୟାପନ ପାଇଁ ଜୟନ୍ତୀର ଅନୁଷ୍ଠାନ। ବହୁ ଶତାବ୍ଦୀର ପରାଧୀନତା ପରେ ପଚାଶ ବର୍ଷ ଧରି ସ୍ୱାଧୀନତାର ସଂଗ୍ରାମ ଜାଗ୍ରତ ରଖି

Digitized by PPRACHIN, SOA

ସେହି ସ୍ୱାଧୀନତାର ଭାବ ପୁରପଲ୍ଲିରେ ଭରି ଦେବାରେ ଜାତି ଯେ କୃତିତ୍ୱ ଦେଖାଇଛି, ତାର ସ୍ମୃତି ଯଥାର୍ଥରେ ଗୌରବାବାହ। ଯେଉଁମାନେ ଆଜି ଜେଲ ଯନ୍ତ୍ରଣା ଭୋଗୁଚନ୍ତି ବା ଦେଶରେ ଆଜିଯେଉଁ ଦମନ ଲୀଳା ଲାଗିଚି, ସେ ସବୁ ସେହି ମହନୀୟ ଗୌରବର ଲକ୍ଷଣ-ଜୟନ୍ତୀରେ ଲୋକେ ଏହି ଭାବରେ ପ୍ରାଣିତ ଓ ପ୍ରଭାବିତ ହେବାର କଥା। ଯଥାସଭଂବ ତାହାହିଁ ହୋଇଅଛି। ନିଜ କାର୍ଯ୍ୟ ଓ ନୀତିରେ ବିଶ୍ୱାସ ଥିଲେ, ଲୋକ ସେଥିରେ ନିଜକୁ ଗୌରବାନ୍ୱିତ ବୋଧ କରେ। ସେତେବେଳେ ଫଳ ଗଣନା ନାହିଁ। ପୁଣି ସବୁବେଳେ ଫଳ ଗଣନାରେ ନିରାଶ ଓ ସଂକୋଚ ଅଭ୍ୟାସ କଲେ ପୁରୋଦୃଷ୍ଟି ସୀମାବଦ୍ଧ ହୋଇ ଆସେ, ଜୀବନ କ୍ରମେ ନିସ୍ପନ୍ଦ ହୁଏ। ଚିରଦିନ ଔଷଧରେ ପାକସ୍ଥଳୀ ଭରି ରଖିଲେ ଯଥାର୍ଥ ଆରୋଗ୍ୟ ଆସେ ନାହିଁ। ସ୍ୱଚ୍ଛନ୍ଦ ପାନାହାର ବିହାର କ୍ରୀଡ଼ା କୌତୁକର ଯଥା ବକାଶରେହିଁ ରୋଗ ନାଶର ପ୍ରଯତ୍ନ ଯଶସ୍ୱୀ ହୁଏ। ଏ ଜୟନ୍ତୀ ଉତ୍ସବରେ ତାହାହିଁ ହେବାର କଥା ହୋଇଅଛି।

ଏହି ଆଧ୍ୟାତ୍ମିକ ଦୃଷ୍ଟିରେ ଭାରତବାସୀ ଏ ଜୟନ୍ତୀ ବା ବିଜୟ ଉତ୍ସବକୁ ପାଳିଚନ୍ତି ବୋଲି ମନେ ହୁଏ। ଫଳ ଗଣନା ଓ ଲାଭଲାଭରେ ବିଚଳନ ସ୍ୱାଭାବିକ ଓ ଆପାତ ସ୍ୱାଦ୍ୟ ହେଲେ ହେଁ ଏ ଆଧ୍ୟାତ୍ମିକ ଆଭିମୁଖ୍ୟ ପାଖେ ତାହା ନିଶ୍ଚୟ ଅଳ୍ପକ କଥା। ଏହି ଜୟନ୍ତୀ ଫଳରେ କଂଗ୍ରେସର ଶକ୍ତି ଓ ସଫଳତାରେ ଏହି ଅଧ୍ୟାତ୍ମ ବିଶ୍ୱାସ ଦୃଢତର ହୋଇଚି, ସଂଦେହ ନାହିଁ। ଆଜି ଦେଶର ସ୍ୱାଧୀନତା ଭାବ ଲୋପ କରିବାରେ ପୁଣି ଦମନ ବା ଲୋକଙ୍କ ଜେଲ ଯନ୍ତ୍ରଣା କିଛି ନୁହେଁ। ବରଂ ଏ ସବୁ ସ୍ୱାଧୀନତା ଭାବର ଆଧ୍ୟାତ୍ମିକ ବିକାଶରେ ସହାୟକ। କିଂତୁ ସ୍ୱାଧୀନତାର ଯଥାର୍ଥ ପ୍ରତିଷେଧକ ଓ ପ୍ରତିରୋଧକ ହେଉଚି ଭାରତ ଜାତି ଭିତରେ ଭେଦ ଭାବ। ସାଂପ୍ରଦାୟିକ ନିଷ୍ପତ୍ତି ଓ ତାର ଆନୁସଂଗିକ କ୍ରିୟାମାନଙ୍କଠାରୁ ଆରଂଭ କରି ପ୍ରାଦେଶିକ ସ୍ୱାତନ୍ତ୍ର୍ୟ ପର୍ଯ୍ୟନ୍ତ ଏହି ଭେଦନୀତିର ମନ୍ତ୍ରରୂପେ ଆଜି କଳ୍ପିତ ଓ ପ୍ରଚାରିତ ହେଉଅଛି। ବିପଦ ଏହିଠାରେ। ଏଥିରେ ପ୍ରଗତିର ପ୍ରତିକ୍ରିୟା ବହୁ ପରିମାଣରେ ସାଧିତ ହେବାର ଶଂକା ରହିଚି। ମାତ୍ର ଏ ପ୍ରତିକ୍ରିୟାର ଯଥାର୍ଥ ଔଷଧ ହେଉଚି, କଂଗ୍ରେସ୍। ସେହି କଂଗ୍ରେସ କାର୍ଯ୍ୟରେ ଗୌରବ ଅନୁଭବ କରିବାହିଁ ଏ କ୍ଷେତ୍ରରେ ଲୋକଶକ୍ତିରେ ସମୂହ ପ୍ରଭାବ ବିସ୍ତାର କରିବ। କଂଗ୍ରେସ ସମସ୍ତଙ୍କର ଗୌରବର ଧନ ଓ ବିଜୟର ସାଧନା କ୍ଷେତ୍ର। ଭାରତୀୟ ଏକତାର ଏହାହିଁ ବିଗ୍ରହ । କଂଗ୍ରେସକୁ ବ୍ୟକ୍ତିଗତ ନୀତିରେ ସଂକୁଚିତ କରି, ସେଥିରେ ସୁନିର୍ଦ୍ଦିଷ୍ଟ ଓ ବିଧିବଦ୍ଧ ଗୌରବ ଅନୁଭବ କରିବା ପାଇଁ କାର୍ଯ୍ୟର ସରୁ ନାଳଟିଏ କାଟି ତାକୁ ଗୋଟିଏ ସାଂପ୍ରଦାୟିକ ଅନୁଷ୍ଠାନ ପରି କରିବାର ପ୍ରୟାସ ଉଚିତ ନୁହେ। ଆମର ବିଶ୍ୱାସ, ଜୟନ୍ତୀ ଉତ୍ସବରେ ତାହା ହୋଇ ନାହିଁ। ଏହି ଜୟନ୍ତୀ ଫଳରେ ଭାରତର ଜାତୀୟ ଏକତା ସ୍ପଷ୍ଟ ଅଗ୍ରସର ହୋଇଚି। ନାନା ମତ, ନାନା

Digitized by PPRACHIN, SOA

ସଂପ୍ରଦୟର ଲୋକେ ଏଥିରେ ପୂର୍ଣ୍ଣ ପ୍ରାଣରେ ଯୋଗ ଦେବାକୁ ସମର୍ଥ ହୋଇଚନ୍ତି ଓ ଯୋଗ ଦେଇଚନ୍ତି। ଯେଉଁ କଂଗ୍ରେସ କର୍ମୀମାନେ ଏହି ଜୟନ୍ତୀର ସୂଚନା ଦେଇଥିଲେ, ସେମାନେ ଧନ୍ୟ। ଦେଶର ସଂକଟ ବେଳେ ଏ ଜୟନ୍ତୀର ଉଦ୍‌ବୋଧନ ସ୍ଥାୟୀ ହେଉ। ଫଳାଫଳର ଗଣନା ଛାଡି ଲୋକେ କଂଗ୍ରେସର ଅଧ୍ୟାତ୍ମ ଶକ୍ତିରେ ଉତ୍ତରୋତ୍ତର ପ୍ରଭାବିତ ହୋଇ ସ୍ୱାଧୀନତାର ସଂଗ୍ରାମରେ ଚିର ଯଶସ୍ୱୀ ହୁଅନ୍ତି।

ନବ ଭାରତ-୨/୬-୭, ଆଲୋଚନା

କଂଗ୍ରେସ ଓ ବ୍ୟବସ୍ଥାସଭା

ବିଭିନ୍ନ ମତର ସୂଚନା-

ସତ୍ୟାଗ୍ରହ ଆନ୍ଦୋଳନରୁ ନିରସ୍ତ ହୋଇ ହୋଇ କଂଗ୍ରେସ ବ୍ୟବସ୍ଥାସଭାରେ ନିଜ ଲୋକ ପୂରାଇବାର ସ୍ଥିର କଲେ। ସେଇ ଦିନଠାରୁ ଏ ବିଷୟରେ କଂଗ୍ରେସ ପନ୍ଥୀମାନଙ୍କ ମଧ୍ୟରେ ଭାରତର ସବୁ ଆଡେ ମତଭେଦ ଦେଖାଯାଉଚି। କେହି କହୁଚନ୍ତି, ବ୍ୟବସ୍ଥା ସଭାକୁ ଗଲେ ଶାସନ ତନ୍ତ୍ରର ବ୍ୟବହାରରେ ଦେଖାଇବାକୁ ହେବ, ଶାସନ ତନ୍ତ୍ରଟି କେବଳ ଭାରତର ଅହିତକାରୀ; ପୁଣି କେହି କହୁଚନ୍ତି, ଶାସନ ତନ୍ତ୍ରରେ ପଶିଲେ ସେଥିରେ ମନ ଭଳିଯିବ। ଦୁଇ ପକ୍ଷରେ ଯଥେଷ୍ଟ ଯୁକ୍ତିଅଛି। ମାତ୍ର ଏ ଦୁଇଟି ମଧ୍ୟରେ ଆଉ ଦୁଇଟି ପନ୍ଥୀ ବା ଅନୁପନ୍ଥୀ ଅଛନ୍ତି, ତାଙ୍କରି କଥାହିଁ ଏବେ କଥା। ପ୍ରଥମ ପନ୍ଥୀଙ୍କ ଛାୟାରେ ରହି କେତେକ ହୁଏତ ନିଜର ବ୍ୟକ୍ତିଗତ ଅଭିଳାଷ ଚରିତାର୍ଥ କରିବାକୁ ବସିଛନ୍ତି। ସେମାନେ ଟାକିଛନ୍ତି, ବେଳ ଉଣ୍ଡି କାମ ବାଟ ଧରିବେ। ପଂଝାଏ ପୁଣି ଦ୍ୱିତୀୟ ଦଳ ଛାୟାରେ ଲଂବା କଥା କହି ଲୋକଙ୍କୁ ଭୁଲାଇ କୌଣସି ମତେ ନିଜର ପ୍ରତିଷ୍ଠା ଜମାଇ , ଭବିଷ୍ୟତରେ ନିଜ ସ୍ୱାର୍ଥ ପାଇଁ ତାହାର ଗୁପ୍ତ ଓ ପ୍ରକାଶ୍ୟ ବ୍ୟବାହାର ପାଇଁ ଚାହାନ୍ତି। ଏ ଦୁଇ ପ୍ରକାରର ଅନୁପନ୍ଥୀ କଂଗ୍ରେସର କାମରେ ନିଷ୍ଠାପର ନୁହନ୍ତି। ଏମାନେ ସମୟସେବୀ। ତ୍ୟାଗ ବଳରେ ଯଥାର୍ଥ ଲୋକ ସେବା ପନ୍ଥା ଧରିବା ଏମାନଙ୍କ କର୍ମ ନୁହେ। ପୁଣି ଗୋଟିଏ ତୃତୀୟ ଉପପନ୍ଥୀ ଦଳ ଅଛନ୍ତି, ସେମାନେ ଅବଶ୍ୟ କ୍ୱଚିତ୍ ଦେଖାଯାନ୍ତି। ସେମାନେ କହନ୍ତି ଅନ୍ୟଦଳଙ୍କୁ ବ୍ୟବସ୍ଥା ସଭାକୁ ଛାଡି ଦେଇ, କଂଗ୍ରେସ ଲୋକେ ପଛରେ ରହି ତାଙ୍କୁ ଠେଲୁଥିବେ। ଏଥିରେ କଂଗ୍ରେସର ଇଜ୍ଜତ୍ ଓ ଆଦର୍ଶ ଉଜ୍ଜ୍ୱଳ ରହିବ, ଅଥଚ ଶିଖଣ୍ଡି ଦ୍ୱାରା ଅର୍ଜୁନଙ୍କ ଭୀଷ୍ମ ବଧପରି ବ୍ୟବସ୍ଥାସଭା ବାଟେ କଂଗ୍ରେସର ଯାହା ଲାଭ ଥିବାର ତା' ହାସଲ ହୋଇଯିବ। ଅବଶ୍ୟ ଏ ପନ୍ଥୀମାନଙ୍କର ଚିନ୍ତା ଚରିତ୍ର ଘେନି ଆଲୋଚନା କରିବା ଦରକାର ନାହିଁ। ଏମାନଙ୍କ ମତବାଦ ହେୟ।

କଂଗ୍ରେସ ବ୍ୟବସ୍ଥା ସଭାରେ ପଶିବା ସିଦ୍ଧାନ୍ତ ବଦଳାଇ ପାରନ୍ତି

ସବୁ ଅନୁପନ୍ଥୀ ମତରୁ ମନ ସଫାକରି କଥାଟିକୁ ବିଚାର କରାଯାଉ। ମୂଳରୁ ବୁଝିବାକୁ ହେବ, ବ୍ୟବସ୍ଥା ସଭାରେ ପଶିବା ସ୍ୱରାଜ୍ୟ ଆଡକୁ କିପରି ସିଧା ବାଟ ନୁହେଁ।

Digitized by PPRACHIN, SOA

ବର୍ତ୍ତମାନର ବ୍ୟବସ୍ଥା ସଭା ପୁଣି ଯାହା ହେବାକୁ ଯାଉଚି, ତାହା ଉପସ୍ଥିତ ଚଳୁଥିବା ବ୍ୟବସ୍ଥା ସଭାଠାରୁ ଅତ୍ୟନ୍ତ ଅଧିକ ପ୍ରତିକ୍ରିୟାଶୀଳ ଓ ଦୃଢ଼ତର ସାମ୍ରାଜ୍ୟତନ୍ତ୍ର ଶୃଙ୍ଖଳରେ ନିୟମିତ, ଏହା ସତ୍ୟ ଓ କଂଗ୍ରେସ ପାର୍ଲିମେଣ୍ଟରି ସଂଘ ଏହା ପ୍ରଥମେ କହିଚନ୍ତି। ବ୍ୟବସ୍ଥା ସଭା ବାହାରେ ରହିରହି ସ୍ୱରାଜ୍ୟ ସାଧନ ଆଡକୁ କାମ କରିବାରେ ଯେଉଁମାନେ ବ୍ରତୀ ହେବାକୁ ଯଥାର୍ଥ ଲୋଡ଼ନ୍ତି, ସେମାନଙ୍କ ଚିନ୍ତା ଓ ଆଦର୍ଶ ବାଦରେ ସାଧୁତା ଯଥେଷ୍ଟ ଅଛି। ଆମ ମତରେ ସେ କାମନାରେ କୃତକାର୍ଯ୍ୟ ହେବାର ସୂଚନା ଦେଖାଗଲେ କୌଣସି ଯଥାର୍ଥ ଦେଶସେବୀଙ୍କ ବ୍ୟବସ୍ଥା ସଭାକୁ ଯିବା କଥା ମନକୁ ଆଣିବା ଉଚିତ ନୁହେ। କଂଗ୍ରେସ ଯେତେବେଳେ ବ୍ୟବସ୍ଥା ସଭାକୁ ପଶିବା ସ୍ଥିର କରିଥିଲେ, ସେତେବେଳର ବ୍ୟବସ୍ଥା ସଭା ରହିବ ନାହିଁ। ଅତଏବ ନୂତନ ବ୍ୟବସ୍ଥା ସଭା ପାଇଁ କଂଗ୍ରେସର ସେ ସିଦ୍ଧାନ୍ତ ଖାଟି ନପାରେ, ପୁଣି ଖାଟିଲେ ମଧ୍ୟ କଂଗ୍ରେସ ଯେ ନିଜ ସିଦ୍ଧାନ୍ତ ବଦଳାଇ ପାରିବେ ନାହିଁ, ଏପରି କିଛି କଥା ନାହିଁ।

ମାତ୍ର ବ୍ୟବସ୍ଥାସଭାରେ ନ ପଶିବା ମତ ନାହିଁ-

ମାତ୍ର ସେ ସିଦ୍ଧାନ୍ତ ବଦଳାଇବା ଦିଗରେ କାହାରି ମନ ଥିବାର ଜଣା ନାହିଁ। କଂଗ୍ରେସର ସର୍ବମତର ଲୋକେ ବିରାଟ ଭୋଟର ସଂଖ୍ୟାର ସଂପର୍କରେ ଆସି ପ୍ରଚାର ସୁବିଧା ବୋଧହୁଏ ଲୋଡ଼ନ୍ତି। ଏହାର ଆଉ ଗୋଟିଏ ହେତୁ ମଧ୍ୟ ଅଛି। ଲୋକଙ୍କୁ ଉଦ୍‌ବୁଦ୍ଧ କରି ଜାତୀୟ ସଂଗ୍ରାମରେ ଠିଆ କରିବା ନିମନ୍ତେ, ଏପର୍ଯ୍ୟନ୍ତ କେହି କିଛି ଅନ୍ୟ ପ୍ରସ୍ତାବ ବା କର୍ମ ଯୋଜନା ମଧ୍ୟ ଦେଶ ଆଗରେ ପକାଇ ନାହାନ୍ତି। ଖାଲି ବ୍ୟବସ୍ଥାସଭାକୁ ଯାଅ ନାହିଁ ବୋଲି ନିରଂବୁ ଉପବାସର ଦୀକ୍ଷା ବା ବ୍ୟବସ୍ଥାରେ ଧର୍ମ ପ୍ରଚାର କରିବା ଯେ ନିଷ୍ଫଳ ହେବ, ତାହା ସମସ୍ତେ ଉଣା ଅଧିକେ ବୁଝନ୍ତି। ଲୋକଙ୍କ ଭିତରେ ପଶିବାର ଅନ୍ୟ ଉପାୟ ଏବେ ଦେଖାଯାଉ ନାହିଁ, ଏହା ଏକ ପ୍ରକାର ସ୍ୱୀକାର୍ଯ୍ୟ। କାରଣ ସେପରି ଦେଶବ୍ୟାପି ଉଦ୍‌ବୋଧନର ସାମଗ୍ରୀ ଆରମ୍ଭ ଦେଖାଗଲେ, ବ୍ୟବସ୍ଥାସଭା ମନକୁ ପଛକୁ ପଡ଼ିଯାନ୍ତା। ସାଧୁ ଦେଶସେବୀଙ୍କ ପକ୍ଷରେ ବ୍ୟବସ୍ଥା ସଭାରେ ଏପରି କିଛି ବିଶେଷ ରସ ନାହିଁ।

ରାଜନୀତି ସଂକୀର୍ଣ୍ଣ ଧର୍ମନୀତି ନୁହେଁ-

ଏହିଠାରେ ଆଉ ଗୋଟିଏ କଥା ମନେ ରଖିବାକୁ ହେବ। ରାଜନୀତିକ ସଂଗ୍ରାମ ଧର୍ମବାଦ ନୁହେଁ। ତାହାର ପରମ୍ପରା ବେଷ୍ଟନୀ ତଥା ପରିପାର୍ଶ୍ୱିକ ପରିସ୍ଥିତିରେ ଗଠିତ ହୁଏ। ଏହା କରାହେଉଥିଲା, ଅନ୍ୟ ପ୍ରକାର କରାହେବ କିପରି, ଏ ବିଚାର କୌଣସି ପ୍ରଗତିର ଅନୁକୂଳ ନୁହେଁ। ଏହାକୁ ପ୍ରତିଷ୍ଠା ବା ଇଂରେଜିରେ prestige କହନ୍ତି। ଏଥିରେ ସାମ୍ରାଜ୍ୟ ଯେପରି କ୍ରମେ ଧ୍ୱଂସ ପାଉଚି, ଲୋକ ମଧ୍ୟ ସେଇପରି ଭ୍ରଷ୍ଟ ହୁଅନ୍ତି।

Digitized by PPRACHIN, SOA

ପରାଜୟ ପରେ ସାଧନାର ମାର୍ଗ-

କଂଗ୍ରେସବ୍ୟବସ୍ଥାସଭାକୁ ପୁଣି ଫେରିବାର ମୁଖ୍ୟ କାରଣ ହେଉଛି, ଗତ ସାକ୍ଷାତ୍ ସଂଗ୍ରାମ କ୍ରିୟାରେ, କଂଗ୍ରେସର ପରାଜୟ। ଆଧତ୍ମିକ ଭାବରେ ଏ ଆପାତ ପରାଜୟ ଯଥାର୍ଥ ପରାଜୟ ହେଉ ବା ନ ହେଉ, ଯେଉଁମାନେ ଏ ପରାଜୟକୁ ବରାବର ଅସ୍ୱୀକାର କରି ଲମ୍ବା କଥା କହୁଚନ୍ତି, ସେମାନେ କେବଳ ଯେ ଆତ୍ମପ୍ରତାରଣା ଓ ଲୋକ ପ୍ରତାରଣା କରୁଚନ୍ତି ସେତିକି ନୁହେଁ। ସେମାନଙ୍କ ଚାଳନାରେ ଲୋକ ଉଦ୍‌ବୁଦ୍ଧ ହେବେ ନାହିଁ କିମ୍ବା ସେମାନଙ୍କ ଯାହା ତାହା କହି ବ୍ୟାଖ୍ୟାନରେ ଲୋକଙ୍କର ମଙ୍ଗଳ ହେବ ନାହିଁ। ଲୋକଙ୍କୁ ମତାଇଲେ ସ୍ଥାୟୀ ଫଳ ହୁଏ ନାହିଁ। ଏହା କହିବା ନିଷ୍ପ୍ରୟୋଜନ କଂଗ୍ରେସର ଗତ ସତ୍ୟାଗ୍ରହ ସଂଗ୍ରାମରେ ଦେଖାଗଲା, ଘୋର ଅଗ୍ରଗତି ଓ ଆହ୍ୱାନ ବେଳେ କର୍ମୀମାନଙ୍କ ମଧ୍ୟରୁ ଅଧିକାଂଶ ଡାକ ଶୁଣି ମଧ୍ୟ ଶୁଣି ନାହାନ୍ତି। ସଙ୍ଗରେ ଚାଲିବାକୁ ପ୍ରସ୍ତୁତ ନୁହନ୍ତି। ଲୋକରେ ଏହାର ଆଧ୍ୟାତ୍ମିକ ତଥା ଆଧିଭୌତିକ ଫଳ ଯାହା ହେଲା ତାହା ସମସ୍ତେ ଜାଣନ୍ତି। ସେତେବେଳେ କଂଗ୍ରେସର ମୁଖ୍ୟ ବ୍ୟକ୍ତିମାନେ ପଛକୁ ଚାହିଁ ଦେଖିଲେ ବ୍ୟବସ୍ଥା ସଭାରୁ ଆସି ସମ୍ମୁଖ ସଂଗ୍ରାମ କରିବାକୁ ହେଉଥିଲା। ବିର୍ତ୍ତମାନ ସମ୍ମୁଖରୁ ଫେରି ପୁଣି ପଛକୁ ପଡ଼ି ଯାଇଥିବା ସଙ୍ଗୀମାନଙ୍କୁ ଘେନିଆସିବାର ପନ୍ଥା ନ ଫିଟାଇଲେ ଆଉ ଉପାୟ ନାହିଁ। ସଂଗ୍ରାମ ଚାଳନାର ଏହାହିଁ ନିୟମ। ସେଥିପାଇଁ ପୁଣି ବ୍ୟବସ୍ଥା ସଭାକୁ ଫେରିବାକୁ ହେଲା। ଏଠାରେ ମନେ ରଖିବାକୁ ହେବ, ଯାହାଙ୍କ ପାଖକୁ ଫେରିବାକୁ ହୋଇଛି ତାଙ୍କୁ ସଙ୍ଗରେ ଘେନି କାର୍ଯ୍ୟକ୍ଷେତ୍ରରେ ଅଗ୍ରସର ହେବାର ପନ୍ଥା କ'ଣ ?

ଦମ୍ଭ ଓ ଘୃଣା ବର୍ଜନୀୟ-

'ତୁମେଗୁଡାକ ଅତି ଆଦର୍ଶହୀନ, ପ୍ରତିପକ୍ଷ ସଙ୍ଗେ ଗୋଳାଇ ମିଶାଇ ହେଉଛ, ତୁମ ଯୋଗେ ଦେଶର ସର୍ବନାଶ ହେଲା।' ଏହା କହିଲେ ଅବସ୍ଥା କ'ଣ ହେବ, ତାହା ବୁଝା ଯାଉଚି। ସେହି ଅବସ୍ଥା କେତେ କ୍ଷେତ୍ରରେ ଏବେ ଯେ ସୃଷ୍ଟି କରା ନ ଯାଉଚି, ତା ନୁହେଁ। କିନ୍ତୁ ଏପରି ଆଦର୍ଶର ଆତ୍ମାଭିମାନ ଓ ସହଯୋଗୀଙ୍କୁ ଘୃଣା କରିବାରେ, ଆଦର୍ଶ ଲାଭର ଦିନ ଯେ ପଛେଇବ ଏଥିରେ କାହାରି ସନ୍ଦେହ ହୋଇ ନ ପାରେ।

କଂଗ୍ରେସ ବ୍ୟବସ୍ଥାପକମାନଙ୍କ ପୂର୍ବ କ୍ରିୟା-

ପୂର୍ବେ ମଧ୍ୟ କଂଗ୍ରେସ ଆଉ ଥରେ ୧୯୨୪ରେ ବ୍ୟବସ୍ଥାସଭାକୁ ଯିବା ପାଇଁ ଅନୁମତି ଦେଇ ପରେ ୧୯୨୭ରେ ନିଜେ ବ୍ୟବସ୍ଥା ସଭାରେ ପଶିଥିଲେ। ତା'ପରେ ୧୯୩୦ରେ ଯେତେବେଳେ ସମ୍ମୁଖରେ ସତ୍ୟାଗ୍ରହ ବା ଆଇନ ଅମାନ୍ୟ ସଂଗ୍ରାମ ଚଳାଇବା ପାଇଁ ଡାକ ପଡ଼ିଲା, ସେତେବେଳେ କେତେ ଜଣ ପଶ୍ଚାତ୍‌ପଦ ହୋଇଥିଲେ ? ଏ କଥା ମଧ୍ୟ ମନେରଖି କଥା କହିବାର ଅଛି। କେତେ ଜଣ କାଁ ଭାଁ ହୁଏତ ବ୍ୟବସ୍ଥାସଭା

Digitized by PPRACHIN, SOA

ମୋହରେ ଭଳି ଯାଇଥିବେ, କିନ୍ତୁ ପ୍ରଗତିର ସମସ୍ତ ଅଭିବୃଦ୍ଧିରେ ଏ ଅପଚିତିର ଅବକାଶ କେବଳ ସହନୀୟ ନୁହେଁ ବରଂ ସୁନ୍ଦର ଓ ଶୁଭଙ୍କର।

ସଂଶୟ ଓ ବଳାତ୍କାର ଗର୍ହଣୀୟ-

ଆଉ ଗୋଟିଏ ଯୁକ୍ତି ଶୁଣାଯାଏ, ଏବେ ବେଶୀ କ୍ଷମତାର ମୋହରେ ଲୋକ ବରାବର ଭୁଲିଯିବେ। ପ୍ରଥମ କଥା ବେଶୀ କ୍ଷମତା ତ ନାହିଁ, ଦ୍ୱିତୀୟ କଥା କଂଗ୍ରେସରେ ଯେବେ ଭଳି ନ ଯାଇ ସବୁ ଅବସ୍ଥାରେ ଆଦର୍ଶ ଦୃଢ ରଖି ରହି ପାରିବା ଲୋକଙ୍କର ସଂଖ୍ୟା ଏତେ ଅଳ୍ପ ହୁଏ, ତେବେ କାହାକୁ ଧରି ମାରି ଗାଳିଦେଇ ଆଦର୍ଶ କଂଗ୍ରେସର ବଳବୃଦ୍ଧିର କାମନା ଓ ପ୍ରଯତ୍ନ ବୃଥା। ଏହିପରି ଉଦ୍ୟମରେ ପ୍ରାଣର ଅତି ବ୍ୟାକୁଳତା ଥାଇପାରେ କିନ୍ତୁ ସାଧନାର କାର୍ଯକାରିତା ନାହିଁ।

ବଳାତ୍କାର ଦୁର୍ବଳତାର ଆଚ୍ଛାଦନ ନୁହେଁ-

ତେବେ ଏଥର ଯେତେବେଳେ କଂଗ୍ରେସ ବ୍ୟବସ୍ଥା ସଭାକୁ ପଶିବା କଥା ଠିକ୍ କଲେ, ସେତେବେଳେ ଏହି ଆତ୍ମରକ୍ଷା ମାତ୍ର ତାହାର କେବଳ କାରଣ ନ ଥିଲା। ମାହାତ୍ମା ଗାନ୍ଧି ମଧ୍ୟ ବନାରସ ଠାରେ ସ୍ପଷ୍ଟ କହିଥିଲେ, "ମନୁଷ୍ୟ ଦେଖି ଶିଖେ।" ଗତ ଚାରି ବର୍ଷର ଦେଖିବାରେ ସ୍ପଷ୍ଟ ହୋଇଛି, କଂଗ୍ରେସର ଲୋକେ ବ୍ୟବସ୍ଥାସଭାରେ ରହିବା ଉଚିତ ଥିଲା। ସେମାନେ ସେଠାରେ ଥିଲେ ଯେତେ ଅନିଷ୍ଟ ହୋଇଛି ତା' ହୋଇପାରି ନ ନଥାନ୍ତା, ଇତ୍ୟାଦି। ତେବେ ଏଠାରେ ମଧ୍ୟ କେହି କେହି ଯୁକ୍ତି କରନ୍ତି, ବ୍ୟବସ୍ଥା ସଭାରେ କଂଗ୍ରେସ ଲୋକେ ବରାବର ରହିଲେ ବ୍ୟବସ୍ଥା ସଭା ବାହାରେ ସଂଗ୍ରାମ ଦରକାର ହେଲେ ଲୋକେ ମିଳିବେ ନାହିଁ। ଯେତେ ଦିନ ଏପରି ଲୋକାଭାବ, ତେତେ ଦିନ କଂଗ୍ରେସ କ୍ରିୟା ସାଙ୍ଗ ହେବ ନାହିଁ। ଏକଦେଶଦର୍ଶିତାରେ ସମୂହ ଜାତୀୟ କ୍ରିୟା ବ୍ୟାହତ ଓ କ୍ଷୁଣ୍ଣ ହେଉଥିବ।

ମନ୍ତ୍ରୀପଦ ନେବା ନ ନେବା-

ହେଲେହେଁ ଏ ଯୁକ୍ତି କେବଳ ବ୍ୟବସ୍ଥା ସଭାରେ ପଶିବା ନ ପଶିବା ଘେନି। ପଶିବାକୁ ଯେ ହେବ ଏଥିରେ ବିଶେଷ ଆପତ୍ତି ନାହିଁ। କେବଳ ମନ୍ତ୍ରୀପଦ ନେବା ନ ନେବା ଘେନି ଏବେ ଆପତ୍ତି ଓ ବିବାଦ ଚାଲିଛି। ସେହି ସମ୍ପର୍କରେ ତେଣୁ କଥାଟି ବିଚାର କରାଯାଉ।

ବହୁପକ୍ଷ ମତ ଓ ଲୋକଶକ୍ତି-

ସେ ବିଚାର କରିବା ପୂର୍ବରୁ ଦେଖାଯାଉ ବ୍ୟବସ୍ଥା ସଭାର ପଶିବାରେ କି ଆଦର୍ଶ ପ୍ରଣାଳୀ ଓ ପନ୍ଥା ଅବଲମ୍ବନ କରିବାକୁ ହେବ। ବ୍ୟବସ୍ଥା ସଭାରେ ଯଦି କିଛି କରିବାର ଥାଏ ତେବେ ବହୁପକ୍ଷ ମତ ଛଡା ସେଠାରେ ଅନ୍ୟ ଉପାୟ ନାହିଁ। ପଶିବାକୁ ହେଲେ,

Digitized by PPRACHIN, SOA

ବହୁପକ୍ଷ ହେବାର କଳ୍ପନା ଘେନି ପଶିବା ଉଚିତ। କେଉଁଠାରେ ତାହା କାର୍ଯ୍ୟରେ ସମ୍ଭବ ହେବ, କେଉଁଠାରେ ବା ନ ହେବ, ସେ ସ୍ୱତନ୍ତ୍ର କଥା। କିନ୍ତୁ ଆଦର୍ଶରେ କ୍ଷୁଣ୍ଣ ହେଲେ ମୂଳରୁ ସମ୍ଭବ ଅସମ୍ଭବ ହେବ ଏହା ସ୍ୱତଃସିଦ୍ଧ। ଆମେ କଂଗ୍ରେସର ବିଧି ରକ୍ଷା କରି ପାରିଲେ ହୁଏତ ଦୁଇ ଚାରି ଜଣ ପଠାଇ ଦେବା- ଏ ବିଚାର ଯୁକ୍ତିଯୁକ୍ତ ବା କାର୍ଯ୍ୟକର ନୁହେଁ। ଏଥିରେ କଂଗ୍ରେସର ଇଜତ୍ ରହିବ ନାହିଁ କି ଆଦର୍ଶ ପୁଷ୍ଟ ହେବ ନାହିଁ। ଆତ୍ମପ୍ରତ୍ୟୟ ମଧ୍ୟ ଜନ୍ମାଇବାର ପନ୍ଥା ଏ ନୁହେଁ। ଦେଖାଇବାକୁ ହେବ, କଂଗ୍ରେସ ହିଁ ଲୋକର ଯଥାର୍ଥ ପ୍ରତିନିଧି, କଂଗ୍ରେସ ଛଡ଼ା ଅନ୍ୟ ଯେ ପ୍ରତିନିଧି ବୋଲି ନିଜକୁ ମନେ କରୁଛନ୍ତି ବା ଧରା ହେଉଛନ୍ତି ସେମାନେ ପ୍ରତିନିଧି ନୁହନ୍ତି। ବ୍ୟବସ୍ଥା ସଭାରେ ଆଉ କିଛି ହେଉ ବା ନ ହେଉ ଏହିପରି ଭାବରେ କଂଗ୍ରେସ ପ୍ରତି ଭୋଟରମାନଙ୍କ ମତ ଆକର୍ଷଣ କରି ଆତ୍ମପ୍ରକାଶ କରି ପାରିଲେ କଂଗ୍ରେସର ଇଜତ୍ ବଢ଼ିବ ଓ କଂଗ୍ରେସ ଭାବ ପୁଣି ସହଜରେ ଅଳ୍ପ ସମୟରେ ଘୋର ପ୍ରଗତି ପନ୍ଥା ଅବଲମ୍ବନ କରିବ, ସନ୍ଦେହ ନାହିଁ। ଏଥିରେ ବ୍ୟବସ୍ଥାସଭାକୁ ପଶିବା ବାଦୀଙ୍କ ଭିତରେ ମତଦ୍ୱୈଧ ହେବାର ଆଶଙ୍କା ବି ନାହିଁ। ପୁଣି ଏହି ବହୁପକ୍ଷ ମତ ସଂଗ୍ରହ କରି ଅଣ୍ଟା ଭିଡ଼ି ଠିଆହୋଇ ପାରିଲେ, ମନ୍ତ୍ରୀପଦ ନେବା ନ ନେବା କଥା ଘେନି ଆଉ ବିବାଦ ଉଠିବ ନାହିଁ, କାରଣ ଆମ ମତରେ ଏ ବହୁପକ୍ଷ ମତ କଂଗ୍ରେସର ହୋଇଗଲେ ଓ ତାହା ସ୍ଥାୟୀ ହେବାର ସମ୍ୟକ୍ ସମ୍ଭାବନା ଦିଶିଗଲେ ବ୍ୟବସ୍ଥାସଭା ବାହାରେ କଂଗ୍ରେସ ପାଇଁ ପୁଣି ବିସ୍ତୀର୍ଣ୍ଣ କର୍ମକ୍ଷେତ୍ର ଫିଟିଯିବ। ମନ୍ତ୍ରୀତ୍ୱ ନେବା ଦରକାର ହେବ ନାହିଁ। ବ୍ୟବସ୍ଥା ସଭାରେ ବହୁପକ୍ଷ ମତ ଧରି ଶାସନ କାର୍ଯ୍ୟ ଅଟକାଇବା ମଧ୍ୟ ହୁଏତ ତେଣିକି ଅଳ୍ପକ କଥା ପରିଲାଗିବ, କାରଣ ସ୍ୱରାଜ ସେବାରେ କାର୍ଯ୍ୟ ସେଆଡୁ ଅତି ଶୀଘ୍ର ହୁଏତ ସମ୍ପୂର୍ଣ୍ଣ ଫେରି ଆସିବ।

ସେଥିରେ ପ୍ରତିଷ୍ଠାହିଁ ଲୋଡା, ମନ୍ତ୍ରୀପଦ ନୁହେଁ-

ଲୋକ-ମତ ଉପରେ ପ୍ରଭାବ ବିସ୍ତାର କରି ଯେଉଁମାନେ ବ୍ୟବସ୍ଥା ସଭାରେ କଂଗ୍ରେସର ବହୁପକ୍ଷ ସମ୍ଭାବନାରେ ଦୃଢ ଓ ସେହି ବହୁପକ୍ଷ ବାରଂବାର ବ୍ୟବସ୍ଥା ସଭା ଭାଙ୍ଗିଲେ ମଧ୍ୟ ସେହି ବହୁପକ୍ଷ ରଖିପାରିବାରେ ସୁନିଶ୍ଚିତ, ସେମାନେ ମନ୍ତ୍ରୀପଦ ନେବା ନ ନେବା ଘେନି ବ୍ୟସ୍ତ ହେବାର କୌଣସି ଆବଶ୍ୟକତା ନାହିଁ। ଯେଉଁ ପ୍ରଯତ୍ନ, ପ୍ରତିଷ୍ଠା ଓ ପ୍ରଚାର ବଳରେ ସେମାନେ ଏହି ବହୁପକ୍ଷର ସ୍ଥାୟୀ ସଂଭାବନା ଦେଖାନ୍ତି, ସେମାନେ ସେହି ପ୍ରତିଷ୍ଠା ଓ ପ୍ରଚାର କ୍ରିୟାରେ କର୍ମ କ୍ଷେତ୍ରରେ ଅବତୀର୍ଣ୍ଣ ହୁଅନ୍ତୁ। ମନ୍ତ୍ରୀପଦ ନେବାକୁ ଲାଳାୟିତ ଥିବା ଭଳି ଲୋକଂକୁ ସୁନ୍ଦର ବର୍ଜନ କରି କଂଗ୍ରେସ ବ୍ୟବସ୍ଥା ଦଳ ଗଠନ କରନ୍ତୁ। ସଂଗେ ସଂଗେ ପ୍ରଚାରାଦିର ପାଠ ଓ ପ୍ରଣାଳୀ ପ୍ରକାଶ କରି ଲୋକଙ୍କର ଚିନ୍ତା ଓ

Digitized by PPRACHIN, SOA

ପ୍ରବଣତା ସେହି ଆଡକୁ ଚଳାନ୍ତୁ । ଏପରି ବଳିଷ୍ଠ ଆଦର୍ଶ ଓ ଉଦ୍ୟମରେ ଜାତିର ଆତ୍ମପ୍ରତ୍ୟୟ ଆସୁ । କଂଗ୍ରେସ ଜୟଯୁକ୍ତ ହେଉ ।

ଦୁର୍ବଳତାର ଆଚ୍ଛାଦନ ସାଧନା ନୁହେ–

କିନ୍ତୁ ମନେ ରଖିବାକୁ ହେବ କଂଗ୍ରେସର ଆଦର୍ଶ ମାତ୍ର ପରଂପରା ମୋହରେ ଧରି କଂଗ୍ରେସକୁ ଦୁର୍ବଳ ବୋଲି କୌଣସି ପ୍ରକାରେ ପ୍ରକାଶ କରିବାର ଉଦ୍ୟମ କରିବା ଠିକ୍ ନୁହେଁ । ବ୍ୟବସ୍ଥା ସଭାର ଭୋଟର ସଂଖ୍ୟା ଏବେ ଦେଶମୟ ବ୍ୟାପ୍ତ । ସେ ଭୋଟରମାନଙ୍କ ମଧ୍ୟରୁ ଅଧିକାଂଶ ଯଦି କଂଗ୍ରେସ ପଛରେ ନ ରହନ୍ତି, ତେବେ ଏତେବେଳେ ଜାତିର ଭୀଷଣ କ୍ଷତି ହେବ । ସ୍ୱରାଜ୍ୟ ସାଧନା ବହୁ ପଛକୁ ଘୁଞ୍ଚିଯିବ ।

ବେକଂଗ୍ରେସ ମନ୍ତ୍ରୀଙ୍କ ସୁବିଧା–

ଗୋଟିଏ କଥା ମନେ ରଖିବାକୁ ହେବ, ଆସନ୍ତା ଶାସନରେ ପ୍ରାଦେଶିକ ସ୍ୱାଧୀନତା ନାମରେ ଯାହା ଦିଆଯାଉଛି, ସେଥିରେ କଂଗ୍ରେସ ମନ୍ତ୍ରୀ ହେଲେ, ସେ ଯାହା ବିଚାରିବେ ତାହା କରିପାରିବେ ନାହିଁ, ଏହା ବହୁପରିମାଣରେ ସତ୍ୟ ହେଲେହେଁ, ବେକଂଗ୍ରେସ ମନ୍ତ୍ରୀଙ୍କର ଏତେ ଦୁର୍ଦ୍ଦଶା ଘଟିବ ନାହିଁ । ସେ ଯାହା ବିଚାରିବେ, ତା ହୁଏତ ଖୁବ୍ କରିପାରିବେ । ପୁଣି ଭୋଟ ସଂଗ୍ରହ କଲାବେଳେ କଂଗ୍ରେସ ଲୋକଙ୍କ ପାଇଁ ଯାହା ଯାହା କରିବାକୁ ଚାହାନ୍ତି, ସେ ସବୁ ବିଷୟମାନ କିମ୍ବା ଅନ୍ତତଃ ସେଥିରୁ ଅଧିକାଂଶ ସେମାନେ ନିଜର ପ୍ରଚାର ପତ୍ରରେ ପ୍ରକାଶ କରି ଲୋକଙ୍କୁ ଭୋଟ ଦେବାକୁ ମତାଇବେ, ପରେ ମନ୍ତ୍ରୀ ହେଲେ କଂଗ୍ରେସ ଶକ୍ତିକୁ ଜବତ୍ କରିବାର ନାନା ପନ୍ଥା ଅବଲମ୍ବନ କରିବା ସଙ୍ଗେ ସଙ୍ଗେ ହୁଏତ ଲୋକଙ୍କୁ ସେହି ବିଷୟମାନଙ୍କ ମଧ୍ୟରୁ କେତୋଟା କଥାରେ ଟିକିଏ ଭଲ ଦେଖାଇ ଦେଇ ଆଉ କଥା ପାଇଁ ଚେଷ୍ଟା କରୁଚୁବୋଲି କହି ପ୍ରାଦେଶିକ ସ୍ୱାଧୀନତାର କାର୍ଯ୍ୟକାରିତା ଖ୍ୟାତିଖ୍ୟାପନ କରିବେ । ସେତେବେଳେ ଲୋକେ କଂଗ୍ରେସର ନିରଂକୁ ନିୟନ୍ତ୍ରଣ ନୀତି ଧରି ରଖି କଂଗ୍ରେସ ପଛରେ କେତେ ଦୂର ରହିବେ ତାହା ମଧ୍ୟ ଚିନ୍ତାର ବିଷୟ । ପ୍ରତିକ୍ରିୟାଶୀଳ ଲୋକଙ୍କର ଏ ଉଦ୍ୟମରେ ଦେଶର ତଥା କଂଗ୍ରେସର ଯେ ଆଧ୍ୟାତ୍ମିକ କ୍ଷତି ହେବ ତାହାର ନିରାକରଣ ଉପାୟ ଚିନ୍ତା କରିବାର ଅଛି ।

ସାମ୍ପ୍ରଦାୟିକ ଭେଦଭାବ–

ସାମ୍ପ୍ରଦାୟିକ ଭେଦଭାବ ଏବେ କଂଗ୍ରେସର ଅନ୍ତଃଶୂଳ ପରିଜାଗ୍ରତ ରହିଛି । ଏହାହିଁ ଶାସକମାନଙ୍କର ପୀଠରୁପେ ମଧ୍ୟ କଳ୍ପିତ ହୋଇଚି । ପ୍ରତିକ୍ରିୟାଶୀଳ ମନ୍ତ୍ରୀମାନେ ଏ ଭାବର ପ୍ରତିକାର କରିବା ଦୂରେ ଥାଉ ସେମାନଙ୍କ ମନ୍ତ୍ରୀତ୍ୱ ଗ୍ରହଣର ମଜ୍ଜାରେ ଏହି ଭେଦ ନୀତି ସ୍ପଷ୍ଟ ରହିବ । ରାଜନୀତିକ ଦଳ ଶାସନରେ ନ ପଶିଲେ ଦେଶରେ ରାଜନୀତିକ ଦଳ ଗଠିତ ହେବାର କି ପନ୍ଥା ଫିଟାଇବାକୁ ହେବ ତାହା ମଧ୍ୟ ସ୍ପଷ୍ଟ ଚିନ୍ତା କରିବା ଉଚିତ ।

ନବ ଭାରତ-୨/୯, ଆଲୋଚନା

Digitized by PPRACHIN, SOA

କଂଗ୍ରେସ ଓ ବ୍ୟବସ୍ଥା ସଭା

ଯୁକ୍ତ ପ୍ରଦେଶର କାର୍ଯ୍ୟ –

ଯୁକ୍ତପ୍ରଦେଶର ବ୍ୟବସ୍ଥାପକମାନେ ଖବର କାଗଜରେ ନିମ୍ନଲିଖିତ କ୍ରିୟା ଯୋଜନା ଓ କଳ୍ପନାଟି ବାହାର କରିଛନ୍ତି –

କଂଗ୍ରେସ ବହୁ ପକ୍ଷରେ ବ୍ୟବସ୍ଥା ସଭାକୁ ଯାଇଥିଲେ ହେଁ ଏବେ ହେଲେ ମନ୍ତ୍ରୀତ୍ୱ ଧରି ନାହାନ୍ତି। ମାତ୍ର ଯଦି କେବେ ବ୍ୟବସ୍ତା ସଭା ଡକା ହୁଏ ଓ ମନ୍ତ୍ରୀତ୍ୱର ଅଧିକାର ମିଳେ ସେଥିପାଇଁ ବ୍ୟବସ୍ଥାପକମାନେ ବରାବର ପ୍ରସ୍ତୁତ ହେଉଚନ୍ତି । ପ୍ରାଦେଶିକ ସରକାରର ପ୍ରତି ବିଭାଗରେ କିପରି ଲୋକମଂଗଳ କଳ୍ପେ ଆମୂଳଚୂଳ ପରିବର୍ତ୍ତନ କରି ବ୍ୟବସ୍ଥା ଓ କ୍ରିୟାମାନ ପ୍ରବର୍ତ୍ତିତ କରାଯାଇପାରେ ସେଥିପାଇଁ ବ୍ୟବସ୍ଥାପକମାନେ ଭିନ୍ନ ଭିନ୍ନ କମିଟିମାନ କରି ବରାବର କର୍ମତତ୍ପର ରହିଚନ୍ତି ।

ଚାଷୀ ଓ ପ୍ରଜାଙ୍କ ପାଇଁ –

୨୫ ଜଣଙ୍କୁ ଘେନି ଚାଷୀ ଓ ପ୍ରଜାମାନଙ୍କ ମଂଗଳ ବିଧାନ ପାଇଁ କମିଟି ଗଢ଼ା ଯାଇଚି । ସେମାନେ ଗ୍ରାମମାନଙ୍କ ଲୋକ ସାଧାରଣଙ୍କର ଦୈନନ୍ଦିନ ଜୀବନ କ୍ରିୟା ତନ୍ନ ତନ୍ନ କରି ଦେଖି ବୁଝି ସେମାନଙ୍କ ଭିତରେ ବର୍ତ୍ତମାନ ପ୍ରଜାସ୍ୱତ୍ୱ ଆଇନାଦିର ପ୍ରକ୍ରିୟା ଆଲୋଚନା କରି, ଖବରାଖବର ଓ ପ୍ରମାଣାଦି ସଂଗ୍ରହ କରି ସେସବୁର ସମାଲୋଚନାଦିରେ ଆଇନର ପରିବର୍ତ୍ତନ ଆଡ଼କୁ ଦୃଷ୍ଟି ଦେଇ କର୍ମରେ ବରାବର ନିଯୁକ୍ତ ଅଛନ୍ତି । ସେ କମିଟି ଏ ମଧ୍ୟରେ ତିନିଥର ବସି ସାରିଲାଣି । ପ୍ରଜାସ୍ୱତ୍ୱ ଆଇନ, ପ୍ରଜାର ଋଣଭାର, ବାକୀ ଖଜଣା, ଜମିରୁ ପ୍ରଜାକୁ ବାହାର କରି ଦବାର ଆଇନ ପ୍ରଭୃତି ବିଷୟରେ ସେମାନେ ସମ୍ୟକ୍ ଆଲୋଚନା କରିଚନ୍ତି । ବ୍ୟବସ୍ଥା ସଭା ବସିଲା ମାତ୍ରେ ସେମାନେ ଉକ୍ତ ବିଷୟମାନଙ୍କରେ ସୁଚିନ୍ତିତ ଆଇନ୍ ଓ ପ୍ରସ୍ତାବମାନ ପେସ୍ କରିବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି ।

ଶିକ୍ଷା ସ୍ୱାସ୍ଥ୍ୟ ଓ ସ୍ଥାନୀୟ ସ୍ୱାୟତ୍ତ ଶାସନ –

ଲୋକସ୍ୱାସ୍ଥ୍ୟ କମିଟି ସେଇପରି ଆଲୋଚନା କରି ପ୍ରାଥମିକ ରିପୋର୍ଟ ଦେଇଚନ୍ତି । ସେମାନେ ଯେଉଁସବୁ ଆଇନାଦି ପ୍ରସ୍ତାବ କରିଚନ୍ତି ତାହା ଜରୋର ବିଚାରରେ ଆସିବାର କଥା । ସ୍ଥାନୀୟ ସ୍ୱାୟତ୍ତ ଶାସନ ଓ ଶିକ୍ଷା ବିଧାନ ପାଇଁ କମିଟିମାନ ଗଢ଼ା ହୋଇଚି । ସେସବୁରେ ଥିବା ଆଇନ୍‌ମାନଙ୍କରେ ବହୁ ଭ୍ରାନ୍ତି ଓ ଅସୁବିଧା ଅଛି । ତାହା ସବୁ ଦୂର କରିବା ପାଇଁ ଶୀଘ୍ର ପ୍ରସ୍ତାବମାନ ପ୍ରକାଶିତ ହେବ । ଶିକ୍ଷା କମିଟି ଥରେ ବସି ପ୍ରାଥମିକ ଶିକ୍ଷା, ଉଚ୍ଚ ଶିକ୍ଷା, ବିଶ୍ୱବିଦ୍ୟାଳୟ ଶିକ୍ଷା, ବାଧ୍ୟତାମୂଳକ ଶିକ୍ଷା, ସାଧାରଣ ଲୋକ ଶିକ୍ଷା

Digitized by PPRACHIN, SOA

ପ୍ରଭୃତି ବିଭିନ୍ନ ବିଭାଗରେ ସବ୍ କମିଟିମାନ ଗଢ଼ି କାର୍ଯ୍ୟ ବାଣ୍ଟି ଦେଇଚି । ପ୍ରଚଳିତ ଶିକ୍ଷା ପଦ୍ଧତି ସମ୍ପୂର୍ଣ୍ଣ ରୂପେ ବଦଳି ଯିବାର କଥା । ଶିକ୍ଷାରେ ନୂତନ ଦୃଷ୍ଟି ଫିଟିବା ଉଚିତ। ଲୋକଙ୍କ ଜୀବନ କ୍ରିୟା ଓ ବେଷ୍ଟନୀ ସଙ୍ଗେ ଏହାର ସମ୍ପୂର୍ଣ୍ଣ ସାମଞ୍ଜସ୍ୟ ରହିବା ବିହିତ, ପୁଣି ଶିକ୍ଷା କେନ୍ଦ୍ରମାନ ଦେଶକାଳ ଦୃଷ୍ଟିରେ ସେଇ ସାମଞ୍ଜସ୍ୟ ରଖିବାରେ ସ୍ୱାଧୀନ ଭାବରେ ନିଜର କ୍ରିୟା ବିଧାନ କରିବାରେ କ୍ଷମ ନହେଲେ ଲୋକ ଶିକ୍ଷା ଫୁଟିବ ନାହିଁ, ଏହା ମନେ ରଖିବାର ଅଛି।

ଶ୍ରମିକ –

କଳ କାରଖାନାମାନଙ୍କର ଶ୍ରମିକ ମାନଙ୍କ ପାଇଁ ଆଇନାଦିର ସଂଶୋଧନ ନିମନ୍ତେ ସେଇପରି କମିଟି କରା ହୋଇଚି । ସେଥିରେ ଗର୍ଭିଣୀ ଓ ପ୍ରସୂତି ନାରୀ ଶ୍ରମିକଙ୍କ ସୁବିଧା ପାଇଁ ପ୍ରସ୍ତାବିତ ଆଇନ ତିଆରି ହୋଇସାରିଚି, ଓ ଅନ୍ୟାନ୍ୟ ଆଇନମାନଙ୍କରେ ଯଥା ସଂଶୋଧନମାନ ସବ୍ କମିଟିମାନଙ୍କରେ ଠିକ୍ ହେଉଚି ।

ସଭା ବୈଠକରେ ଆଲୋଚନାର ନିୟମ –

ବ୍ୟବସ୍ଥା ସଭାର ବୈଠକ ଓ ଆଲୋଚନାର ନିୟମମାନ ଯାଆଁଚ କରି ସେ ସବୁର ସଂଶୋଧନ କରିବାକୁ ଯେଉଁ କମିଟି ଗଢ଼ା ହୋଇଥିଲା, ସେ କମିଟି ବସି ପୂର୍ବର ପ୍ରଚଳିତ ନିୟମମାନ ଆଲୋଚନା କରି ଆବଶ୍ୟକୀୟ ପରିବର୍ତ୍ତନମାନ ପ୍ରସ୍ତାବ କରିଚନ୍ତି । କମିଟିଙ୍କ ମତରେ ମେମ୍ବରମାନେ ବ୍ୟବସ୍ଥା ସଭାର ଆଲୋଚନାରେ ସଂପୂର୍ଣ୍ଣ ସ୍ୱାଧୀନ ଭାବରେ ନିଜର ମତ ବ୍ୟକ୍ତ କରିବା ଉଚିତ । ସେଥିପାଇଁ ରାଜଦ୍ରୋହମୂଳକ ଆଲୋଚନା ନିରୋଧ କରିବାର ଯେ ବିଧି ଥିଲା, ତାହା ବାଦ ଦେବାର ସୁପାରିସ୍ କରିଚନ୍ତି । ବିଚାରାଧୀନ ମକଦ୍ଦମାର ଆଲୋଚନା ବନ୍ଦ କରିବାର ଯେ ବିଧି ଥିଲା, ସେଥିରେ କମିଟି ମତ ଦେଇଚନ୍ତି, କୌଣସି ଫୌଜଦାରୀ ମକଦ୍ଦମାର ବିଚାରରେ ସେ ବିଧି ରହିବା ଠିକ୍ ନୁହେଁ। କେବଳ ଦେଓ୍ୱାନି ବିଚାର ପାଇଁ ତାହା ପ୍ରଯୁଜ୍ୟ । ପୁଣି କମିଟି କହନ୍ତି, ଇଂରେଜି ଜାଣିବା ମେମ୍ବରଙ୍କୁ ଦରକାର ପଡ଼ିଲେ ଦେଶୀ ଭାଷାରେ ବକ୍ତୃତା ଦେବାର ଅନୁମତି ବ୍ୟବସ୍ଥା ସଭାର ସଭାପତି ଦେଇ ପାରିବେ ବୋଲି ବିଧି ହେବା ଉଚିତ୍।

ଅର୍ଥାଭାବ ସତ୍ତ୍ୱେ ଯୁକ୍ତ ପ୍ରଦେଶ କଂଗ୍ରେସ ଦଳ ଦୃଢ଼ପ୍ରତିଜ୍ଞ –

ଅବଶ୍ୟ କଂଗ୍ରେସ ନିଜ ମନମୁତାବକ ବ୍ୟବସ୍ଥା ସଭାରେ ଲୋକସେବା କରିବାରେ ବହୁତ ପ୍ରତ୍ୟବାୟ ଅଛି। ଏହା କଂଗ୍ରେସ ଦଳ ଜାଣନ୍ତି । ବଡ଼ ପ୍ରତ୍ୟବାୟ ହେଉଚି, ଅର୍ଥାଭବ । ଖୁବ ବ୍ୟୟ ସଂକୋଚ ବିନା ଏ ଅର୍ଥାଭାବରେ ବାଟ ଠିକ ଦେଖିପାରିବା ସହଜ ନୁହେଁ, ନୂଆ କାର୍ଯ୍ୟମାନ ହାତକୁ ନେବା କଠିନ । ହେଲେ ହେଁ କଂଗ୍ରେସ ଦଳ ନିଜର କାର୍ଯ୍ୟ କରିବାରେ ଦୃଢ଼ ପ୍ରତିଜ୍ଞ, ଓ ଅଶା କରନ୍ତି ଲୋକେ ଏ କାର୍ଯ୍ୟରେ

Digitized by PPRACHIN, SOA

ସର୍ବତୋଭାବରେ ସାହାଯ୍ୟ କରିବେ। ବ୍ୟକ୍ତି ଓ ଅନୁଷ୍ଠାନମାନଙ୍କ ଠାରୁ ସୂଚନା ଓ ସଂକେତମାନ କଂଗ୍ରେସ ଦଳ ଆଶା କରନ୍ତି । ସେ ସବୁର ସୂଚନା ଓ ସଂକେତମାନ ଯଥା ବିଚାରରେ ଆସିବ, ସନ୍ଦେହ ନାହିଁ ।

ଅନ୍ୟ ପ୍ରଦେଶର ଅବସ୍ଥା –

ଏହା ହେଉଚି ଯୁକ୍ତ ଦେଶର କଂଗ୍ରେସ ଦଳର କାର୍ଯ୍ୟ। ଅନ୍ୟତ୍ର ଯାହା କାର୍ଯ୍ୟ ହେଉଚି କହିବା ଦରକାର ନାହିଁ । ବିହାର ନେତା ଶ୍ରୀକୃଷ୍ଣ ସିଂହ ଆଜି ପ୍ରଜାର କଂଗ୍ରେସ ଗଢ଼ିବା ପାଇଁ ଗ୍ରାମେ ଗ୍ରାମେ ବୁଲୁଚନ୍ତି । ମଧ୍ୟପ୍ରଦେଶର ଡାକ୍ତର ଖାରେ ଲାଟ ସାହେବଙ୍କୁ ଚରମ ବାର୍ତ୍ତା ଶୁଣାଉଛନ୍ତି । ମାନ୍ଦ୍ରାଜରେ ରାଜଗୋପାଳ ସ୍ୱୟଂ ଅଛନ୍ତି। ବମ୍ବେ ତ ଖୋଦ୍ ଗାନ୍ଧି ପଟେଲଙ୍କ ପ୍ରଦେଶ ।

ଯୁକ୍ତପ୍ରଦେଶ ସଙ୍ଗେ ଓଡ଼ିଶାର ପ୍ରଜାସ୍ୱତ୍ୱ ସମାନ –

ମାତ୍ର ଯୁକ୍ତ ପ୍ରଦେଶ କଥା ବିଶେଷ ଓ ମୁଖ୍ୟ ଭାବରେ ଓଡ଼ିଶା ପକ୍ଷରେ ସ୍ମରଣ କରିବାର ସ୍ୱଷ୍ଟ କାରଣ ମଧ୍ୟ ଅଛି। ପ୍ରଜାର ସ୍ୱତ୍ତ୍ୱ ହିସାବରେ ଯୁକ୍ତ ପ୍ରଦେଶ ସଙ୍ଗେ ହିଁ ଏବେ ଓଡ଼ିଶାର ଯଥାର୍ଥ ସାମଞ୍ଜସ୍ୟ । ଯୁକ୍ତ ପ୍ରଦେଶର ତାଲୁକଦାରି ମାହାଲ ଓ ଓଡ଼ିଶାର ପକ୍କା ବନ୍ଦୋବସ୍ତ ମାହାଲ ମଧ୍ୟରେ, ସୂକ୍ଷ୍ମ ବିଚାରରେ ଦେଖିଲେ, ବିଶେଷ ପ୍ରଭେଦ ନାହିଁ । ପୂର୍ବେ ବିହାରରେ ଥିବା ଓଡ଼ିଶାର ପକ୍କା ବନ୍ଦୋବସ୍ତ ମାହାଲରେ ପ୍ରଜାସ୍ୱତ୍ତ୍ୱ ଏକାବେଳକେ ନାହିଁ କହିଲେ ଚଳେ । ସେଠାରେ ରାଜା ବା ଜମିଦାରଙ୍କ ମନ ରଖି ଭୋଗ କରୁଥିବା ତକ ପ୍ରଜାର ଜମିରେ ଅଧିକାର ଅଛି । ଅନ୍ୟଥା ନାହିଁ କହିଲେ ଅତ୍ୟୁକ୍ତି ହେବନାହିଁ। ମାନ୍ଦ୍ରାଜରୁ ଆସିଥିବା ଜମିଦାରୀରେ ପ୍ରଜା ଚାଷ ଭାଗ ଅଧେ ରଖି ବାକୀତକ ଜମିଦାରକୁ ଦିଏ । ଫଳରେ ଆଇନରେ ଯାହା ବିଧି ଥାଉ ପଛକେ ପ୍ରଜାର ସ୍ୱତ୍ୱ ବୋଲି ସେଠାରେ କିଛି ନାହିଁ । ପୂର୍ବେ ବିହାରରେ ଥିବା ଓଡ଼ିଶାରେ ସର୍ବତ୍ର ସ୍ୱତ୍ୱ ନଥିଲେ ମଧ୍ୟ ଏକ କୃଷକ ଅପର କୃଷକ ବା ପ୍ରଜାର ଜମି ଚଷି ତାହାକୁ ଅଧେ ଦିଏ । ବାକୀ ଅଧକ କୃଷକର ମୂଲ ବୋଲି ଧରା ହୁଏ । ଅତଏବ ଅଧାଅଧି ଧୂଳି ଭାଗରେ ସ୍ୱତ୍ୱ କିଛି ନାହିଁ। ଏହାଛଡ଼ା କଚା ବନ୍ଦୋବସ୍ତ ମାହାଲରେ ଜମିରେ ପ୍ରଜାର ସ୍ୱତ୍ୱ ନାହିଁ। କବଲା ଖଣ୍ଡିଏ କଲେ ବା ଭାଇ ଭାଗ ବାଣ୍ଟିଲେ କବଲା ବା ବଣ୍ଟରା ପତ୍ର ଧରି ଜମିଦାର ଦ୍ୱାରକୁ ଯିବାକୁ ହୁଏ – ଜମିଦାରର ଅନୁମତି ପାଇବା ନିମନ୍ତେ। ସେ ଅନୁମତିର କି ମୂଲ୍ୟ, ତା'ର ମାପକାଠି କିଛି ନାହିଁ କହିଲେ ଚଳେ । ସମ୍ବଲପୁରରେ ପ୍ରଜାର ସ୍ୱତ୍ୱ ଏକାବେଳକେ ଆଇନରେ ମଧ୍ୟ ନାହିଁ। ଏହା ଉପକୂଳ ଓଡ଼ିଶାର ପକ୍କା ବନ୍ଦୋବସ୍ତ ମାହାଲ ପରି। ସେଠାରେ କୌଣସି ପ୍ରଜା ଜମି ବିକିବା ଦରକାର ହେଲେ ବିକିବା ଓ କିଣିବା ଲୋକେ ଦୁହେଁ ଯାଇ

Digitized by PPRACHIN, SOA

ଗୌନ୍ତିଆ ଦୁଆରେ ପଡ଼ନ୍ତି। ଜଣେ ଗୌନ୍ତିଆକୁ ଜମି ଇସ୍ତଫା ଦିଏ, କିଣିବା ଲୋକ ଫେରେ ଗୌନ୍ତିଆ ଠାରୁ ପଟ୍ଟା ନିଏ। ଫଳରେ ବିକିବା ଲୋକ କ'ଣ ପାଏ ତାହା ବିଝିବା ପାଇଁ କୌଣସି ସାମଗ୍ରୀ ନାହିଁ।

ଓଡ଼ିଶାରେ ସରକାରୀ ମାହାଲ –

ଓଡ଼ିଶା ପ୍ରାୟ ୩୩ ହଜାର ବର୍ଗ ମାଇଲ । ତାହା ଭିତରୁ ୩ ହଜାର ବର୍ଗ ମାଇଲରୁ କିଛି ବେଶୀ ସରକାରଙ୍କର ଖାସ । ସେଠାରେ ଜମିଦାର ନାହାନ୍ତି । ବାକୀ ପ୍ରାୟ ୩୦ ହଜାର ବର୍ଗମାଇଲ ପ୍ରଜାଙ୍କର ଏହି ଦୁର୍ଗତି । ସରକାରୀ ମାହାଲରେ ଦୁର୍ଗତି ନାହିଁ ଏହା ଆମ୍ଭେ କହୁ ନାହୁଁ । ମାତ୍ର ସେଠାରେ ଦୁର୍ଗତି ଅନ୍ୟ ପ୍ରକାରର । ସେଠାରେ ମଧ୍ୟ ଅନୁସଂଧାନ କରି ସୁବ୍ୟବସ୍ଥା କରିବାର ଅଛି । ଖୋରଧାର ସରବରାକାରୀ ଓ ଜଙ୍ଗଲ ଆଇନର ଦୁର୍ବ୍ୟବହାର ଓ ଅପବ୍ୟବହାର ପ୍ରଭୃତି ସାଫ କରିବା ବଡ଼ ଜରୁର ।

ଓଡ଼ିଆ ବ୍ୟବସ୍ଥାପକମାନେ ଏ ଦିଗରେ କ'ଣ କରୁଚନ୍ତି –

କିନ୍ତୁ କାହିଁ ? ଓଡ଼ିଆ ବ୍ୟବସ୍ଥାପକ ତଥା କଂଗ୍ରେସ ମୁଖ୍ୟ ମାନେ ଏ ବିଷୟରେ କ'ଣ କରୁଛନ୍ତି ? କେଉଁ ପ୍ରମାଣ ଓ ଖବରାଖବର ସଂଗ୍ରହ କରି କି ବ୍ୟବସ୍ଥାର ଚିଠା କରୁଛନ୍ତି ? ନିର୍ବାଚନ ବେଳେ ପ୍ରଜାସ୍ୱତ୍ୱ ସ୍ୱାଧୀନ ହେବ, ନାମ ଜାରି ବା ଦାଖଲ ଖାରଜ ରୋସମ୍ ଉଠିଯିବ ଓ ଏହିପରି ଅନ୍ୟାନ୍ୟ କେତେ ପ୍ରକାର ଉତ୍ସାହୋଦ୍ଦୀପକ କଥା ସବୁ କଂଗ୍ରେସ ତରଫରୁ ପ୍ରଚାର କରାଯାଇଥିଲା। ଏହି କଂଗ୍ରେସ ପ୍ରଚାର ପୂର୍ବରୁ ବାଣପୁର ଠାରେ ବସି ଓଡ଼ିଶାର କେତେକ କଂଗ୍ରେସର ରାଜନୀତିକ ବିଚାର କରିଥିଲେ – 'ଓଡ଼ିଶାରେ ପ୍ରଜାଙ୍କ ମଙ୍ଗଳ କରିବା ନିମନ୍ତେ ଓଡ଼ିଆଙ୍କର ମନ୍ତ୍ରୀତ୍ୱ ଗ୍ରହଣ କରିବା ଉଚିତ । କଂଗ୍ରେସ ନାମରେ ଦଳ କରି ବ୍ୟବସ୍ଥା ସଭାକୁ ଗଲେ ମନ୍ତ୍ରୀତ୍ୱ ଗ୍ରହଣ ସଂଭବ ନହୋଇପାରେ, ଅତଏବ ଓଡ଼ିଆ ପ୍ରଜାଙ୍କ ଭୀଷଣ ଦୁର୍ଗତି ଦୃଷ୍ଟିରେ କଂଗ୍ରେସ ଦଳରୁ ପ୍ରାର୍ଥୀ ଛଡ଼ା ନକରାଇ କଂଗ୍ରେସର ମୁଖ୍ୟ ଲୋକେ ବେ-କଂଗ୍ରେସ ମୁଖ୍ୟ ଲୋକଙ୍କ ସଙ୍ଗେ ମିଶି ଗୋଟିଏ ମଧ୍ୟ – ଦଳ ବା ଜାତୀୟ ଦଳ ଗଢ଼ି ସେହି ଦଳରୁ ପ୍ରାର୍ଥୀ ଛିଡ଼ା କରାନ୍ତୁ ।' ଅବଶ୍ୟ କଂଗ୍ରେସର ତୀବ୍ର ମତ ପାଖେ ଏ ମତ ରହିନଥିଲା। ତଥାପି ଯେଉଁମାନଙ୍କର ପ୍ରଜାଙ୍କ ପାଇଁ ଏ ବ୍ୟାକୁଳତା ଥିଲା ସେମାନେ ଏବେ କଂଗ୍ରେସ ଦଳରେ ମଧ୍ୟ ମୁଖ୍ୟ ପଦରେ ଅଛନ୍ତି । ଉଦ୍ଦେଶ୍ୟ କାର୍ଯ୍ୟରେ ପରିଣତ କରିବାରେ ସେମାନଙ୍କର ତତ୍ପରତା ଦେଖାଯିବା ଉଚିତ । ସେ ତତ୍ପରତା ଲୋକେ ଜାଣନ୍ତୁ । ଲୋକରେ ଶୀଘ୍ର ଆଲୋଚନା ପାଇଁ ତାହା ପ୍ରକାଶିତ ହେଉ । ମତାମତ ସଂଗୃହୀତ ହୋଇ ଶୀଘ୍ର ଆଇନର ଚିଠା କରାଯାଉ । ସେ ଚିଠା ପୁଣି ଲୋକଙ୍କ ଆଗରେ ପକାଇ ଦିଆଯାଉ ।

Digitized by PPRACHIN, SOA

ଅନ୍ୟ ବିଷୟମାନଙ୍କରେ ମଧ କ'ଣ କରୁଛନ୍ତି, ସବୁ ପ୍ରକାଶ କରନ୍ତୁ –

ଏହାଛଡ଼ା ଅନ୍ୟାନ୍ୟ ବିଭାଗରେ ବିଶେଷରେ କୃଷି, ଶିଳ୍ପ, ଶିକ୍ଷା, ସ୍ୱାସ୍ଥ୍ୟ, ସର୍ବୋପରି ଲୋକଙ୍କର ତଥା ବ୍ୟବସ୍ଥାପକମାନଙ୍କ ସ୍ୱାଧୀନ ଚିନ୍ତାଆଡ଼କୁ ଦୃଷ୍ଟି ଫିଟାଇବା ପ୍ରଭୃତି ଦିଗରେ କି ଦୃଷ୍ଟିରେ କି କର୍ମଯୋଜନା ଫିଟାଇବାକୁ ହେବ ତାହା ମଧ କଂଗ୍ରେସ ବ୍ୟବସ୍ଥାପକ ତଥା କଂଗ୍ରେସ ମୁଖ୍ୟମାନେ ଅତିଶୀଘ୍ର ଅବଧାନରେ ଆଣନ୍ତୁ। ଯୁକ୍ତ ପ୍ରଦେଶରେ ପ୍ରଜାଙ୍କର ଦୁର୍ଗତି ଲାଘବ କରିବା ପାଇଁ ଦିନେ ଦେଢ଼କୋଟି ଟଙ୍କା ଖଜଣା ଛାଡ଼ ଦିଆଯାଇଥିଲା । ସେ ପ୍ରଦେଶର ବ୍ୟବସ୍ଥାପକମାନେ ଆଜି କହୁଛନ୍ତି, ଅର୍ଥାଭାବରୁ ଅନେକ ସ୍ଥଳରେ ପ୍ରଦେଶର ଉନ୍ନତି କାମନା କଳ୍ପନାରେ ହିଁ ରହିବ । କିନ୍ତୁ ଓଡ଼ିଶାରେ ଏ ଅର୍ଥାଭାବ କିପରି, କି ପରିମାଣରେ ବ୍ୟବସ୍ଥାପକ ମାନଙ୍କ କ୍ରିୟାରେ ପ୍ରତିବନ୍ଧକ ହେବ, ବା ନ ହେବ, ହେଲେ ବା କଳ୍ପନାରେ ତାହାର କି ସମାଧାନ ଅଛି, ସେ ସମାଧାନ ପାଇଁ ଲୋକଙ୍କ ଠାରୁ ବ୍ୟବସ୍ଥାପକମାନେ କି ସହଯୋଗ, ସମାଲୋଚନା ବା ଅନୁକଂପା ଆଶା କରନ୍ତି ତାହା ସବୁ ସ୍ପଷ୍ଟ କରି ପ୍ରକାଶ କରିବାର ସମୟ କ୍ରମେ ଅତୀତ ହୋଇଯାଉଛି । ଲୋକଙ୍କୁ ନଜଣାଇ ତାଙ୍କର ସହଯୋଗ ଅନୁକଂପାକୁ ଅପେକ୍ଷା ନକରି ଅନ୍ୟ ଯେକୌଣସି ରାଜ୍ୟ ଚଳିପାରେ, କିନ୍ତୁ କଂଗ୍ରେସ ରାଜ୍ୟର କଳ୍ପନାରେ ସେ କଥା ନାହିଁ । ସବୁ କଥା ଲୋକଙ୍କୁ ଜଣାଇବାକୁ ହେବ, ଲୋକଙ୍କ ସହଯୋଗ ଅନୁକଂପା ଘେନି, ଏପରିକି ଲୋକଙ୍କ ସମାଲୋଚନା ମଧରେ ସମସ୍ତ କଳ୍ପନାକୁ କାର୍ଯ୍ୟ ଦ୍ୱାରକୁ ନେବାକୁ ହେବ । ତାହା ହେଉନାହିଁ। ହୁଏତ ଲୋକଙ୍କ ଭିତରେ ନାନା ଶଙ୍କା ସଂଦେହ ଜାଗ୍ରତ ହେଉଛି । ବ୍ୟବସ୍ଥାପକ ମାନଙ୍କ ଠାରେ ଲୋକେ ହୁଏ ତ ଅକର୍ମଣ୍ୟତା ବା ଅଭିସନ୍ଧିପରତା ଆରୋପ କରିବାକୁ ବସୁଛନ୍ତି। ଏଥିରେ ବାୟୁମଣ୍ଡଳ କ୍ରମେ ଦୂଷିତ ହୋଇପାରେ । ଏହା ଶୀଘ୍ର ସଫା କରି ସଫା ରଖିବାକୁ ହେବ। କେବଳ ଆହ୍ଲାବାଦକୁ ଚାହିଁ ବସିଲେ ଚଳିବ ନାହିଁ । ନିଜର ଯାହା ଦରକାର ଯେପରି ଭାବରେ ତାହା କାର୍ଯ୍ୟରେ ପରିଣତ କରିବାକୁ ହେବ ସେସବୁ ବିଷୟରେ ନିଜର ଦୃଷ୍ଟି ଶୁଦ୍ଧ କରିବା ସଙ୍ଗେ ସଙ୍ଗେ ଲୋକଙ୍କ ଦୃଷ୍ଟି ଫିଟାଇବାକୁ ହେବ । କଂଗ୍ରେସ ଠାରୁ ଲୋକେ ଏହା ହିଁ ଆଶା କରନ୍ତି। ଏଥିରେ ଲୋକେ ନିରାଶ ହେଲେ ଅବସ୍ଥାର ପରିବର୍ତ୍ତନରେ ପ୍ରଗତି ଫୁଟିବ ନାହିଁ ।

ନବ ଭାରତ–୩/୧୦, ଆଲୋଚନା

କଂଗ୍ରେସ କର୍ମ ଓ କଂଗ୍ରେସ ସରକାର

ଭାରତର ତଥା କଂଗ୍ରେସର ରାଜନୀତି ତଥା କାର୍ଯ୍ୟ ଏତେକାଳ ଥିଲା, ଲଢ଼ିବା ଓ ସ୍ୱତ୍ୱ ଆୟତ୍ତ କରିବାକୁ ଯତ୍ନ କରିବା, ପୁଣି ସେଥିପାଇଁ ଲୋକ ଶକ୍ତି ପ୍ରଭାବିତ କରି

Digitized by PPRACHIN, SOA

ସଂଗ୍ରାମର ସମ୍ମୁଖୀନ ହେବା, ସଂଗ୍ରାମର ସମ୍ମୁଖରେ ରହି ମଧ୍ୟ ଲୋକଶକ୍ତି ଉଦ୍‌ବୁଦ୍ଧ ରଖିବା। ଯେତେଦିନ କଂଗ୍ରେସର ଏଇ ସଂଗ୍ରାମ ଥିଲା କାର୍ଯ୍ୟ, ସେତେଦିନ କାହାକୁ କିଛି ଦେଇ ଅନୁଗ୍ରହ କରିବା, ସନ୍ତୋଷ ରଖି ମନାଇବା ପ୍ରଭୃତି କ୍ଷମତା, ଗରିମା ଓ ବାହାଦୁରି ପାଇଁ ସ୍ଥାନ ବା ଅବକାଶ ନ ଥିଲା। କଂଗ୍ରେସର ଦବାକୁ ଥିଲା, ଜେଲ୍‌, ଜରିମାନା, ସଂସାରିକ ଦୁର୍ଗତି ଓ ଦାରିଦ୍ର୍ୟବରଣ; ତ୍ୟାଗ ଓ ନିଃସ୍ୱାର୍ଥପର ସେବା ସବୁବେଳେ ପ୍ରକାଶ ପଡୁଥିଲା; କୈତବ ଓ କପଟତା ଖେଳାଇବାର ଭୂମି ବା ଅବସର ନଥିଲା।

ତେଣୁ ପରୀକ୍ଷାର ବେଳ ସେ ନୁହେ। ଭୁଲିବାର ସାମଗ୍ରୀ ସେ ଅବସ୍ଥା ବା ପରିସ୍ଥିତିରେ ନାହିଁ। ଯୁଦ୍ଧର ଝଞ୍ଜା ବହୁଥିଲା ବେଳେ, ସେ ଘୋର ଉଦ୍‌ବେଗ ଓ ଆକୁଳତା ଭିତରେ ଜାତୀୟ ବୀର ଚରିତ୍ରର ଯଥାର୍ଥ ପରୀକ୍ଷା ହୁଏ ନାହିଁ। ସେ ପରୀକ୍ଷା ହୁଏ, ଯେତେବେଳେ ଜାତୀୟ ସେବକ ବୀରମାନେ ଟିକିଏ ନିରାପଦ ଓ ଆଶ୍ୱସ୍ତ ହୋଇ ଅନ୍ତତଃ ଆପାତଶାନ୍ତି ଭିତରେ ଯୁଦ୍ଧରେ ପାଇଥିବା ବିଭବ ବାଣ୍ଟି ବସନ୍ତି। ଏବେ ଅବଶ୍ୟ କଂଗ୍ରେସକୁ ଯାହା ମିଳିଛି, ତା କିଛି ନୁହେ। ଯେଉଁ କ୍ଷମତା ବା ମିଳିଚି, ତାହା କାୟା ନୁହେ, ଛାୟା ମାତ୍ର। ତଥାପି କ୍ଷମତାର ମୋହନ ରୂପ ଏଥିରେ ନାହିଁ, ନୁହେଁ। ଏତେବେଳେ ଏ ମୋହନ ରୂପର ମାଦକତାରେ ଯେପରି ସ୍ୱାର୍ଥର ବାହାଦୁରୀରେ ଆତ୍ମପୋଷଣ, ତଥା କ୍ଷମତାର ବିଭୀଷିକା ଓ ଅନୁଗ୍ରହରେ ସେଇ ଆତ୍ମଂଭରିତା ପ୍ରକାଶ ନ ପାଏ ତାହା ଦେଖି ବୁଝି ସର୍ବଦା ଜାଗ୍ରତ ରହିବାର ଅଛି।

କଂଗ୍ରେସ ଦେଶରେ ଏବେ ଯେ କ୍ଷମତା ଓ ପ୍ରତିପତ୍ତି ପାଇଛି, ଭାରତ ଶାସନ ଆଇନ ଦୃଷ୍ଟିରେ ସେ କ୍ଷମତା ଓ ପ୍ରତିପତ୍ତି ଘେନି ଲୋକଙ୍କର ଯଥାର୍ଥରେ ଆର୍ଥିକ ଓ ରାଜନୀତିକ ଉନ୍ନତି କରିପାରିବା ଭଳି ବିଶେଷ କିଛି ନାହିଁ। କିଂତୁ ଆଇନରେ ସେ ସବୁ ଦୁର୍ଗତି ଓ ଅସୁବିଧା ଯା ହଉ କଂଗ୍ରେସ ନୀତି ହିସାବରେ ଏବେ ଅନ୍ତତଃ ଆଶା କରାଯାଏ, ଆମ କଂଗ୍ରେସ ରାଜନୀତିକମାନେ ଶାସନ ଯନ୍ତ୍ରକୁ ଉନ୍ନତ ଧରଣରେ ଚଳାଇବେ ଓ ସେଥିରେ ନିଃସ୍ୱାର୍ଥ ଲୋକସେବାର ପୁଣ୍ୟ ପ୍ରଭାବ ପକାଇ ବ୍ୟବହାରରେ ତାହାର ନୈତିକ ମେରୁଦଣ୍ଡ ଠିକ୍ କରିବେ ଓ ରଖିବେ।

ପୁଣି ମନେ ରଖିବାର ଅଛି, ଲଢ଼ାଇ ବେଳର ସହିଷ୍ଣୁତା ଓ ତୀବ୍ର ମାନସିକତା କମିଯିବା ସ୍ୱାଭାବିକ। ବହୁବର୍ଷର ତ୍ୟାଗ ଓ ସହିବାରେ ଆଦର୍ଶର ଯେଉଁ ତୀବ୍ରତା ସର୍ବଦା କର୍ମକୁ ପ୍ରଭାବିତ ଓ ଜାଗ୍ରତ ରଖିଥିଲା, ତାହା ଆଜି ବ୍ୟବସ୍ଥାସଭାର ବକ୍ତୃତାଗତ ଲୋକସେବା ଓ ଶାସନର ସୁଖସେବ୍ୟ ନିରାପଦ ବାୟୁମଣ୍ଡଳରେ କମିଯିବାର କଥା। ସାମ୍ୟବାଦର ତୀବ୍ର ନୀତି, ଆଜି ହୁଏତ ବିପ୍ଳବର ମାନସିକତା ଆଡକୁ ନ ଉଠି, ବାହାନାର ବାବଦୂକତାରେ ପରିଣତ ହୋଇପାରେ। ଯେଉଁ କଂଗ୍ରେସ ନେତାମାନେ କାଲି ହୁଏତ

Digitized by PPRACHIN, SOA

ଯୁଦ୍ଧର ସେନା ସଂଗ୍ରହ ଉଦ୍ଦେଶ୍ୟରେ କୃଷକ ଓ ଶ୍ରମିକମାନଙ୍କ ଦ୍ୱାରସ୍ଥ ହେଉଥିଲେ, ସେମାନେ ଆଜି ସେ ସବୁ ଦ୍ୱାରରେ ବିପଦ ଦେଖି ସାବଧାନ ହୋଇପାରନ୍ତି। ହୁଏତ ରାଜନୀତିର ଖେଳରେ ଏସବୁ କେତେକ ପରିମାଣରେ କରିବା ଦରକାର ମଧ୍ୟ ହୋଇପାରେ, ପୁଣି କେତେକ ଦରକାର ବୋଲି ମଧ ଏବେ ନିରାପଦ ଯୁକ୍ତି କରାଯାଇପାରେ। ମାତ୍ର ଏ ସବୁ ସତ୍ତ୍ୱେ ଓ ଏସବୁ ଭିତରେ ତୀବ୍ରତା ପ୍ରବେଶ କରି ଯେବେ କଂଗ୍ରେସ ନୀତି ଓ ଶୃଂଖଳାର ନୈତିକ ମେରୁଦଣ୍ଡ ଓ ଭିତ୍ତି ଦୁର୍ବଳ କରିଦିଏ, ତେବେ ଏତେ ଆଶା ଓ ଆଦର୍ଶରେ ଏତେଦିନ ହେଲା ଯେ ମହା ଅନୁଷ୍ଠାନଟି ତ୍ୟାଗ ଓ ସେବାରେ ଗଢ଼ା ହୋଇଛି, ତାହା ହୁଏତ ପୁଣି ଭାଙ୍ଗି ମାଟିରେ ପଡ଼ିଯିବ।

ଇଉରୋପରେ ଯାହାକୁ ପାର୍ଲିମେଣ୍ଟାରି ସରକାର ବା ଲୋକପ୍ରତିନିଧି ସଭା ଦ୍ୱାରା ଶାସନ ବୋଲି କହନ୍ତି ସେଇଥିରେ ଏବେ ଏ ଦେଶରେ କଂଗ୍ରେସ ସ୍ପଷ୍ଟଭାବରେ ହାତ ଦେଇଛନ୍ତି। ହାତ ଦେଇଛନ୍ତି ବୋଲି କହିବା ହୁଏତ ଠିକ୍ ନୁହେ, ହାତ ବଳାଇବା ଆରମ୍ଭ କରିଛନ୍ତି। ଯେଉଁ ସାତ ପ୍ରଦେଶରେ ସରକାର ନେଇଛନ୍ତି ସେଠାରେ ଏହା ଯେପରି ପ୍ରଯୋଜ୍ୟ, ବଙ୍ଗଳା ପ୍ରଭୃତି ଯେଉଁଠାରେ ସରକାର ନ ନେଇ ସରକାରର ପାର୍ଲିମେଣ୍ଟାରି ପ୍ରତିପକ୍ଷରେ ଅଛନ୍ତି, ସେଠାରେ ମଧ ଏହା ସେହିପରି ପ୍ରଯୋଜ୍ୟ। ଜାଗ୍ରତ, ତୀବ୍ର ଓ ସଫଳ ସମାଲୋଚନା ଏହି ଲୋକଶାସନ ବିକାଶରେ ଏକମାତ୍ର ଅବଲମ୍ବନ କହିଲେ ଚଳେ। ଖବରକାଗଜରୁ ହେଉ, ବକ୍ତୃତାରୁ ହେଉ, ବା ପାର୍ଲିମେଣ୍ଟ ଭିତରେ ପ୍ରତିପକ୍ଷର ତୀବ୍ର ଆଲୋଚନାରୁ ହେଉ, ଅଲୋଚନା ସବୁବେଳେ ସ୍ପୃହଣୀୟ। ଏଥିରେ ସରକାର ଦ୍ରୋହର ଗନ୍ଧ ପାଇ, ତାହା ସରକାରୀ କ୍ଷମତା ମୋହର ମାଦକତାରେ ଗୋପନ ପ୍ରକାଶ୍ୟ ସ୍ପଷ୍ଟ ବା ଅବାନ୍ତର ଭାବରେ ବନ୍ଦ କରିବାର ପ୍ରବୃତ୍ତି ଆସିବା ସ୍ୱାଭାବିକ। ଏ ଦେଶର ଶାସନରେ ଏପରି ବନ୍ଦ କରିବାର ପରଂପରା ମଧ୍ୟ ଅଛି। ମାତ୍ର କଂଗ୍ରେସର ଏ କ୍ଷେତ୍ରରେ ସଂଯମ ସର୍ବଥା ସେବ୍ୟ। କଂଗ୍ରେସ ମନ୍ତ୍ରୀମାନେ ବିଶେଷରେ ସମସ୍ତ ସନ୍ଦେହର ଉପରେ ରହିବା ଉଚିତ। ଜବତ୍ କରିବା, ଅନୁଗ୍ରହ କରିବା, ସନ୍ତୋଷ କରିବା ପ୍ରଭୃତି ଯେଉଁସବୁ ଉପାୟରେ ସ୍ଖଳନୀୟ ବା ଜୀର୍ଣ୍ଣ କ୍ଷମତା ରଖାଯାଏ, ସେ ସବୁର ଅଭାଷ ପର୍ଯ୍ୟନ୍ତ ବର୍ଜନ କରିବାକୁ ହେବ। ଶାସନରେ ଥରେ ବିଶ୍ୱାସ ଖସିଲେ, ପଦ ଓ କ୍ଷମତା ବ୍ୟକ୍ତିଗତ ଉଦ୍ଦେଶ୍ୟ ଓ ସ୍ୱାର୍ଥସାଧନରେ ଲାଗୁଛି ବୋଲି ସନ୍ଦେହ ପଶିଲେ, ଅବସ୍ଥା ଓ ପରିସ୍ଥିତି- ସମ୍ଭାଳିବା ଅସମ୍ଭବ ହୋଇ ପଡ଼ିବ। ଚେଷ୍ଟା କରି ମଧ୍ୟ ନିର୍ବାଚନର ସର୍ତ୍ତ ପୂରଣ କରି ନ ପାରିଲେ ହୁଏତ ସେତେ ବାଧି ନ ପାରେ, ମାତ୍ର ନୈତିକ ଦୁର୍ଗତିରେ ପଡ଼ିଗଲେ ଆଉ ରକ୍ଷା ନାହିଁ। (ସଂକଳିତ)

ନବ ଭାରତ-୪/୮, ଆଲୋଚନା

Digitized by PPRACHIN, SOA

କର୍ମୀର କର୍ତ୍ତବ୍ୟ

ତ୍ୟାଗୀ କର୍ମୀ ବିଶ୍ରାମ ନିଅନ୍ତୁ-

ଏ ଦେଶରେ ସାଧାରଣ ମାନସିକତାଧାରୀ ଶିକ୍ଷିତଙ୍କ ପାଇଁ କଂଗ୍ରେସରେ ଭୋଗର ଦିନ ପଡ଼ିଚି। ତ୍ୟାଗ ବେଳେ ଡାକ ଶୁଣି ଯେଉଁମାନେ କାନରେ ହୁଏତ ତୂଳା ଦେଉଥିଲେ, ସେମାନେ ଆଜି କଂଗ୍ରେସରେ କେବଳ ଯୋଗ ଦେବାକୁ ବ୍ୟାକୁଳ ନୁହନ୍ତି, ଥାନ ମାଡ଼ି ବସି ତାକୁ ଦୃଢ଼ କରିବାକୁ ବ୍ୟାକୁଳ। ଦେଶ ସେବାପାଇଁ ସମସ୍ତଙ୍କର ଏ ବ୍ୟାକୁଳତା ବେଳେ ଯଥାର୍ଥ ତ୍ୟାଗୀ କର୍ମୀଙ୍କର ସ୍ୱର୍ଜିତ ବିଶ୍ରାମ ନେବାର କଥା। ଦେଶର କର୍ମଚାରୀମାନଙ୍କୁ ଏଇ ଅବସ୍ଥାକୁ ଆଣିବାପାଇଁ ସେମାନେ ଏତେ ସହି ସଂଭାଳି ବେଳକୁ ଟାକିଥିଲେ। ଏବେ ସେମାନେ ଶାନ୍ତିରେ ରହନ୍ତୁ। ତ୍ୟାଗ ବେଳର କର୍ମୀ ଭୋଗପାଇଁ ବ୍ୟାକୁଳ ହେବା ଠିକ୍ ନୁହେ। ଭୋଗ ବେଳର ବ୍ୟାକୁଳତାରେ ମଧ ଭାଗୀ ହେବା ବା ବାଧାଦେବା ଠିକ୍ ନୁହେ।

ଭୋଗୀ କର୍ମୀଙ୍କର ଈର୍ଷା କରନ୍ତୁ ନାହିଁ-

ମାତ୍ର ଅନ୍ୟ ପକ୍ଷରେ ବୁଝିବାର ଅଛି, ତ୍ୟାଗ ଧର୍ମର ଆଚରଣରେ ମୁଣ୍ଡ ଯେପରି ଠିକ୍ ଥାଏ, ଭୋଗରେ ମାତିଲେ ତାହା ହୁଏ ନାହିଁ। ଭୋଗରେ କର୍ମୀମାନେ ମଧ ଦୂରଦୃଷ୍ଟିରେ ମାତନ୍ତି ନାହିଁ। ସେଥିରେ ସମାଜରେ ଅପଚାର ଅନାଚାର ପଶି ପରିସ୍ଥିତି ଏପରି ଦୂଷିତ କରିପାରେ ଯେ, ପୁଣି ତ୍ୟାଗ ବେଳ ଆସିଲେ, କର୍ମପନ୍ଥା ଦୁରୂହ ଓ ସଂକଟମୟ ହୁଏ। ମାତ୍ର ଏ ବିପତ୍ତିରୁ ଉଦ୍ଧାର ନାହିଁ। ଜଣେ ନିଜ ଅଂଚଳରେ ରୋଗୀ ସେବା କରିବା, ବିପନ୍ନକୁ ସାହାଯ୍ୟ କରିବା, ଗ୍ରାମ ସଫା କରିବା ପ୍ରଭୃତି କାର୍ଯ୍ୟରେ ବରାବର ଲାଗିଥାନ୍ତି। ଜଣେ ଚକ୍ରୀ ମାମଲତକାର ନିଜର ସ୍ୱାର୍ଥପାଇଁ ଗୋଟିଏ ଲୋକକୁ ବିପନ୍ନ କରିଥିଲେ। ସେଇ ସାଧୁଲୋକଟି ସେଇ ବିପନ୍ନ ବିଚରାକୁ ଉଦ୍ଧାର କରିବାରେ ଲାଗିଲେ। ଚକ୍ରୀ ମାମଲତ୍‌କାର ତାଙ୍କୁ ସେଥିରୁ ନିବର୍ତ୍ତାଇଲେ, ମାତ୍ର ସେ ମାନିଲେ ନାହିଁ। ବିପନ୍ନଟିକୁ ଉଦ୍ଧାର କରିବାରେ ବରଂ ସେ ଅଧିକତର କ୍ଳେଶ ସ୍ୱୀକାର କଲେ। ତହୁଁ ରାଗ ରଖି ଗ୍ରାମ ସଫା କଲାବେଳେ ଜମିରେ ଅନଧିକାର ପ୍ରବେଶ ଦଫା ଲଗାଇ ଚକ୍ରୀ ମାମଲତ୍‌କାର ସେହି ସାଧୁ ଲୋକଟିକୁ ଜେଲ୍ ଖଟାଇଲେ। ସେ ଜେଲରୁ ଆସିବା ପରେ ମାମଲତ୍‌କାରଙ୍କ ପୁଅକୁ ଦିନେ ହଇଜା ହେଲା। ସେ ସେଠାରେ ମନକୁ ଯାଇ ସେବାରେ ଲାଗିଲେ। ଆଉ ଜଣେ ଏହା ଦେଖି ଟିକିଏ ବିସ୍ମିତ ହୋଇ ପଚାରିଲେ- "କଣ ପାସୋରି ଗଲ କି ?" ସାଧୁ ଲୋକଟି ଅଳ୍ପ ହସି କହିଲେ- "କାହାର କାମ

Digitized by PPRACHIN, SOA

ମକଦ୍ଦମା ତିଆରି ଜେଲ୍ ଦବା, କାହାର କାମ ରୋଗୀ ପଡ଼ିଲେ, ସେବା କରିବା। କାହା କାମ କିଏ ଛାଡ଼ିବ ?”

ଦିଗ୍‌ମୋହ ନିବାରଣରେ ଦୃଷ୍ଟି ଦିଅନ୍ତୁ-

ଏ କ୍ଷେତ୍ରରେ ଠିକ୍ ସେଇପରି ବୁଝିବାକୁ ହେବ। ଜଗତରେ ପରିସ୍ଥିତି ହିସାବରେ ସମସ୍ତଙ୍କର କର୍ମକ୍ଷେତ୍ର ଅଛି। ଯେଉଁ କ୍ଷେତ୍ର ତାକୁ ଛାଡ଼ିଦେଇ ପ୍ରତୀକ୍ଷା କରିବା ହିଁ ବିଧି। ମାତ୍ର ବିଶ୍ରାମରେ ମଧ୍ୟ ବସି ରହିବା ଠିକ୍ ନୁହେ। ପ୍ରଭୁତା ଓ ଭୋଗର ସ୍ଥାନ ଯାହାଙ୍କର ଦରକାର ସେ ନିଅନ୍ତୁ। ତଥାପି ବିପଦ ଯେତେ କମ୍ ଆସେ, ଆସିଲେ ଯେତେ କମ୍ ତୀବ୍ର ହୁଏ, ତହିଁ ପ୍ରତି ଦୃଷ୍ଟି ଦେବା କର୍ମୀର ଯଥାର୍ଥ କାର୍ଯ୍ୟ। ତାର ପନ୍ଥା ପ୍ରଭୁତାର ବିରୋଧ କରି ଇଟା ପାଚରିରେ ମୁଣ୍ଡ ବାଡ଼େଇବା ନୁହେ। ତାହାର ପ୍ରଧାନ ଉପାୟ ହେଉଚି, ଲୋକରେ ସଂଗଠନ ଓ ଲୋକମତରେ ଶୃଂଖଳା ସ୍ଥାପନ। କ୍ଷମତାର ମଦିରାରେ କର୍ମ ପନ୍ଥାରେ ଯେଉଁ ଦିଗ୍‌ମୋହ ହୁଏ, ତହିଁରେ ଦିଗ୍ ଦର୍ଶନର ଔଷଧ ହେଉଚି ଶୃଂଖଳିତ ଲୋକମତ ଓ ସଂଗଠିତ ଲୋକଶକ୍ତି। ତ୍ୟାଗକର୍ମୀଙ୍କର ଯଥାସାଧ୍ୟ ସେଇ ଦିଗରେ ଦୃଷ୍ଟି ଦେବା ଉଚିତ।

ନବ ଭାରତ-୪/୯, ଆଲୋଚନା

ଲାଟ ସଭାରେ ନୃପେନ୍ଦ୍ରଙ୍କ ବର୍ବରତା

ବଙ୍ଗଳା ଗୋଲଟେବୁଲ୍ ବାଲା ସାର୍ ନୃପେନ୍ଦ୍ର ନାଥ ସରକାର ଏବେ ଭାରତ ସରକାରଙ୍କ ଆଇନ୍ ମେମ୍ବର ହୋଇଛନ୍ତି। ସେ ପହିଲେ ଓଡ଼ିଶାରେ ମୁନସ୍‌ଫ - ପରେ ବାରିଷ୍ଟର ହୋଇ ଆସି କଲିକତା ହାଇକୋର୍ଟରେ ସରକାରୀ ଓକିଲ ହୋଇଥିଲେ। ଥରେ ଗୋଲ୍‌ଟେବୁଲ ମାଡ଼ି ଆସି ଏବେ ଏ ପଦ ପାଇଛନ୍ତି।

ତାଙ୍କର ନେତୃତ୍ୱରେ ସରକାର ଏବେ ବଙ୍ଗଳା ବିପ୍ଳବୀ ଦମନ ଆଇନ୍ ପାସ୍ କରାଇ ନେଇ ସାରିଲା ପରେ ଏବେ ଆଉରି ଗୋଟିଏ ଆଇନ୍ ସେ ବିଚାରକୁ ଆଣିଛନ୍ତି। ଏହା ଭାରତର ନୌସେନାର ବ୍ୟବସ୍ଥା ଓ ଶୃଙ୍ଖଳା ସମ୍ବନ୍ଧରେ ଗୋଟିଏ ଆଇନ୍। ୧୯୨୮ରେ ଏଇ ଆଇନ୍ ସରକାର ପାସ୍ କରାଇବା ପାଇଁ ବ୍ୟବସ୍ଥାପକ ସଭାକୁ ଆଣିଥିଲେ। ସେତେବେଳେ ବ୍ୟବସ୍ଥାପକ ସଭା ତାହା ନାମଞ୍ଜୁର କରିଥିଲେ। କାରଣ, ସେନା ବିଭାଗର ଆୟ ବ୍ୟୟ ହିସାବ ଲୋକ ପ୍ରତିନିଧିଙ୍କ ଆଗକୁ ଆସେ ନାହିଁ; ସେଇ ବିଭାଗରେ ମଧ୍ୟ ଭାରତ ସରକାର ଆୟରୁ ପ୍ରାୟ ଅଧେ ଖର୍ଚ୍ଚ କରନ୍ତି। ଏପରି ସ୍ଥଳେ ନୌସେନା ସମ୍ବନ୍ଧରେ ପୁଣି ଗୁଡ଼ିଏ ଖର୍ଚ୍ଚର ବ୍ୟବସ୍ଥା ଦେଇ ଆଇନ୍ କରିବା ଲୋକ-ପ୍ରତିନିଧିମାନଙ୍କର କଦାପି ମତ ହୋଇ ନପାରେ। ଏଥର ମଧ୍ୟ ଯେଉଁମାନେ ନିଜକୁ

Digitized by PPRACHIN, SOA

ଜାତିର ପ୍ରତିନିଧି ବୋଲି ମନେ କରନ୍ତି, ସେମାନେ ଏ ଆଇନ୍ ବିରୁଦ୍ଧରେ ପ୍ରତିବାଦ ଉଠାଇଲେ। ଭୁବନାନନ୍ଦ ବାବୁ ସେମାନଙ୍କ ମଧ୍ୟରେ ଜଣେ। ସେ ନୃପେନ୍ଦ୍ରଙ୍କୁ ଦେଖାଇଦେଇ କହିଲେ, ନୃପେନ୍ଦ୍ର ନିଜେ ଗୋଲଟେବୁଲ୍ ବୈଠକକୁ ଯାଇଥିଲେ। ସେଠାରେ ସେନାବିଭାଗ ବ୍ୟୟ ହିସାବ ଲୋକ ପ୍ରତିନିଧିଙ୍କ ବିଚାରକୁ ଆସିବା ବ୍ୟବସ୍ଥା କରାଇ ପାରି ନାହାନ୍ତି ଏପରି ଅବସ୍ଥାରେ ପୁଣି ଗୁଡ଼ିଏ ଧନ ଲୋକ ପ୍ରତିନିଧିଙ୍କ ହାତରୁ ବରାବର ଖସାଇ ନେବା ପାଇଁ ଏ ଆଇନଟି ସେ କାହିଁକି ଆଗତ କରୁଛନ୍ତି ଇତ୍ୟାଦି। ସାର୍ ନୃପେନ୍ଦ୍ର ଅତି ଅଳ୍ପ କଥାରେ ଭୁବନାନନ୍ଦଙ୍କ ଯୁକ୍ତିର ଉତ୍ତର ଦେବା ପାଇଁ କହିଲେ, "ଭୁବନାନନ୍ଦ ଅସଭ୍ୟ ଓଡ଼ିଶା ପ୍ରଦେଶର ଲୋକ। ପୁଣି ସେ ତ ନିଜ ମତ ବଳି ଦେଇଛନ୍ତି। କଂଗ୍ରେସ ଯାହା କହିବ ସେ ତାହା ହିଁ କରିବେ, ତାଙ୍କ କଥା ଛାଡ଼।" ସଭାର ଅନ୍ୟାନ୍ୟ ଅନେକ ମେମ୍ବର ସର୍ ନୃପେନ୍ଦ୍ରଙ୍କର ଏ ଘୋର ଅସୁନ୍ଦର କଥା ଶୁଣି ତୀବ୍ର ପ୍ରତିବାଦ କରିଥିଲେ। କହି ରଖିବା ଉଚିତ, ବ୍ୟବସ୍ଥାପକ ସଭାରେ ଏପରି ଭାବ ପ୍ରକାଶ କରିବା ଅତି ଗର୍ହିତ ଓ କୁତ୍ସିତ। ପରେ ସର୍ ନୃପେନ୍ଦ୍ର କଥାଟା ଥଟ୍ଟାରେ କହିଥିଲେ ବୋଲି ଘୋଡ଼ାଇବାକୁ ଚେଷ୍ଟା କଲେ। କିନ୍ତୁ ସେ କଥା କାହାରି ମନକୁ ଘେନିଲା ନାଇ।

କ୍ଷମା ନା କ୍ଳୈବ୍ୟ :

ଏକଥା ଲେଖିଲାବେଳେ, କେହି ଉଚ୍ଚ ଆଦର୍ଶବାଦୀ ହୁଏ ତ କହିବେ, ଏଭଳି କଥାକୁ ମନକୁ ନେବା ଆମର ଗୌଣ ମନୋଭାବର ପରିଚାୟକ। ହୋଇପାରେ; କିନ୍ତୁ ସେ ଗୌଣତ୍ୱ ଘୁଞ୍ଚାଇବା ପାଇଁ ଓଡ଼ିଶାର କେଉଁ କ୍ଷେତ୍ରରେ କି ବ୍ୟବସ୍ଥା ହେଉଚି ଆମେ ଜାଣିପାରୁ ନାହୁଁ। ଭାରତ ସରକାରଙ୍କ ଆୟରୁ ବଙ୍ଗଳା ଦାବି କରି ଝୋଟ କରରୁ ଅଧେ ବାହାର କରି ନେଲା। ଆମ ଓଡ଼ିଶାକୁ ଛିନ୍ନଭିନ୍ନ କରି ରଖି, ଆମ ଖଜଣା କାଳେ କାଳେ କଲିକତା, ମାନ୍ଦ୍ରାଜ ପାଟଣା ପ୍ରଭୃତିରେ ବ୍ୟୋନ୍ତ କରି ଆମ ଜମିଦାରି କୌଶଳରେ ବିଦେଶରେ ବିକାଇ ଆମର ଶିକ୍ଷା ସଂସ୍କୃତି ନାନା ଭାବରେ ଲୋପ କରିବାରେ ମୁଖ୍ୟ ଭାବରେ ସରକାର ଦାୟୀ- ବିଶେଷରେ ଭାରତ ସରକାର ଦାୟୀ। କିଂତୁ ଆମର ଆଜି ପ୍ରଦେଶ ହେଲା ବେଳକୁ ଦୟା ଦକ୍ଷିଣ୍ୟରେ ମାତ୍ର ସରକାର କେତେ ଲକ୍ଷ୍ୟ ଟଙ୍କା ଦେବେ ବୋଲି କହି ସେଥିପାଇଁ ଆମର ଘୋର କୃତଜ୍ଞତା ଚାହାନ୍ତି। ଭାରତରେ ଭିନ୍ନ ଭିନ୍ନ ପ୍ରଦେଶରେ ଏ ଆର୍ଥିକ ଦୁର୍ବିପାକ ବେଳେ ପ୍ରଜାକୁ ସାହାଯ୍ୟ କରିବା ପାଇଁ ବହୁ ଲକ୍ଷ ଟଙ୍କା ଖଜଣାରୁ ଛାଡ଼ ହୋଇଗଲା। କିନ୍ତୁ ଓଡ଼ିଶାର ନିରନ୍ନ ପ୍ରଜା କଲିକତା, ରେଙ୍ଗୁନ ଚା'ବଗିଚା, ଟାଟା ପ୍ରଭୃତିରେ ଚାକିରି କରି ସେହି ରୋଜଗାରରୁ ଜମି ଖଜଣା ଦେଉଥିଲେ। ଏବେ ସେ ରୋଜଗାର ଚଉଠରୁ ମଧ୍ୟ କମି ଯାଇଛି। ଗୋଟିଏ ଜାଗାର କଥା ଦେଖ। ଚିର-ଦୁର୍ଭିକ୍ଷ-କ୍ଲିଷ୍ଟ ଧ୍ୱଂସପ୍ରାପ୍ତ ଆଳି ତାକ ଘରକୁ ପୂର୍ବେ ପ୍ରତିମାସରେ ମଜୁରିରୁ ଚାଳିଶ

Digitized by PPRACHIN, SOA

ହଜାର ଟଙ୍କା ମନଅର୍ଡ଼ରେ ଆସୁଥିଲା ବେଳେ ଏବେ ୧୦ ହଜାର ପୁରୁ ନାହିଁ। ଏହି ଅନୁକ୍ରମେ ସର୍ବତ୍ର ଓଡ଼ିଶାର ଅବସ୍ଥା ବୁଝିବାକୁ ହେବ। ତଥାପି ସରକାର ଏ ଦେଶରେ ଖଜଣା ଛାଡ଼ କଥା ଦୂରେଥାଉ, ଚୌକିଦାରୀ ଟିକସର ବୃଥା ମାଡ଼ ସୁଦ୍ଧା ଟିକିଏ କୋହଳ କରିଦେବା କଥା ବିଚାରୁ ନାହାନ୍ତି। ଓଡ଼ିଶା ପ୍ରଦେଶ ହେବ, ଆନ୍ଧ୍ର ବା ମାନ୍ଦ୍ରାଜ ଗଭର୍ଣ୍ଣମେଣ୍ଟ ନାହିଁ କଲେ ଜୟପୁର ହୁଏ ତ ଆସିବ ନାହିଁ। ସି.ପି.ର ସରକାର ଲୋଡ଼ିଲେ, ଫୁଲଝର ସିପିରେ ରହିବ। ସିଂହଭୂମ ଓ କୋହ୍ଲାଣ ସେଦିନ ମୟୂରଭଞ୍ଜରୁ କଟାହୋଇ ଅଲଗା ହୋଇଛି, ତଥାପି ସରକାର ସେଇ ଆଦିମ ନିବାସୀଙ୍କ ନାମରେ ସ୍ୱର୍ଣ୍ଣପ୍ରସୂ ସିଂହଭୂମକୁ ଓଡ଼ିଶାରୁ ଅଲଗା ରଖି, ଓଡ଼ିଶାର ସବୁ ଖଣିଜ ସମ୍ପଦ ସେଇ ବାଟେ ଚିରକାଳ ବୁହାଇ ନେବାର ବ୍ୟବସ୍ଥା କରିବେ। ମେଦିନୀପୁର କଥା ବା କହିବା କାହିଁକି ? ଏ ଏକା ସରକାରଙ୍କ କଥା ନୁହେଁ, କେଉଁ କ୍ଷେତ୍ରରେ କାହା ସାଙ୍ଗେ ଆମେ ସମାନ। ଗୌଣତ୍ୱ ମନୋଭାବ ଭଲ ନୁହେଁ, ଏକଥା କାହାପାଇଁ ? ଅର୍ଦଳି, ହାକିମଙ୍କ ଠାରୁ ମାଡ଼ଖାଇ ତାଙ୍କୁ ଯଦି ଅଗୌଣତ୍ୱ ମନୋଭାବରେ କ୍ଷମାଦିଏ ସେ କ୍ଷମା ନୁହେଁ ଭୀରୁତା। ଲୋକଙ୍କର ମନେ ଥିବ, ଲର୍ଡ଼ କର୍ଜନଙ୍କ ପରି ଦୁର୍ଦ୍ଧାନ୍ତ ବଡ଼ଲାଟ ଦିନେ ଭାରତୀୟର ସତ୍ୟବାଦିତାକୁ ତାଚ୍ଛିଲ୍ୟ କରି ପଦେ କହିଥିଲେ। ସଙ୍ଗେ ସଙ୍ଗେ ସର୍ ରାସବିହାରୀଙ୍କ ନେତୃତ୍ୱରେ କଲିକତା ଓ ବଙ୍ଗ ଦେଶ ତଥା ଭାରତ ତାତି ଉଠିଲା। କର୍ଜନ ବାଧହୋଇ ବୋମ୍ବେଇ ବାଟେ ଦେଶକୁ ଗଲେ, ଆଉ ମୁହଁ ଫେରାଇପାରିଲେ ନାହିଁ। ପୁଣି ସେଦିନ ବଙ୍ଗ ଲାଟ ଲର୍ଡ଼ ଲିଟନ୍ ବଙ୍ଗନାରୀର ସାଧୁତାକୁ ତାଚ୍ଛିଲ୍ୟ କରି ପଦେ କହିଥିଲେ, ତା'ଫଳରେ ଯାହାହେଲା ଲୋକଙ୍କର ମନେ ଥିବ।

ଆଜି ଓଡ଼ିଆ ଜାତିର ଭୁବନାନନ୍ଦଙ୍କୁ ଭାରତ ସରକାରଙ୍କ ଆଇନ୍ ମେମ୍ବର ଯାହା କହିଛନ୍ତି, ତାହା ଦେଶଲୋକେ ବିଚାର କରନ୍ତୁ। ସବୁ କ୍ଷେତ୍ରରେ ଆମେ ଘରେ ବସି କ୍ଷମା ଅବଲମ୍ବନ କରୁଛୁ- ନା, ଆତ୍ମସମ୍ମାନ ହରାଉଛୁ। ଏହିପରି ଆତ୍ମସମ୍ମାନ ଆଘାତ ପାଇ ପାଇ ଲୋପ ହେଲେ, ଜାତି ଲୋପପାଏ।

କଃ ପନ୍ଥା :

ପକ୍ଷାନ୍ତରେ ଏଇଭଳି ଆତ୍ମସମ୍ମାନ ଜାଗ୍ରତ କରିବାର ପ୍ରୟାସରେ ଜାତି ନିଜ ଗୋଡ଼ରେ ଜଗତରେ ମୁଣ୍ଡଟେକି ଛିଡ଼ା ହେବାର ଯଥେଷ୍ଟ ଉପାଦାନ ପାଏ। ଯଦି ସ୍ୱତନ୍ତ୍ର ପ୍ରାଦେଶିକ ବ୍ୟକ୍ତିତ୍ୱରେ ଛିଡ଼ା ହେବାକୁ ହେବ, ତାହେଲେ ଭୀରୁତା, ଦୁର୍ବଳତା ଓ ଦାରିଦ୍ର୍ୟର କ୍ଷମାଭାବ ଛାଡ଼ି ଆତ୍ମସମ୍ମାନ ପ୍ରତି ବଳିଷ୍ଠ ଭାବରେ ଜାଗ୍ରତ ହେବାକୁ ହେବ। ଅବଶ୍ୟ କଳି କରିବାକୁ କେହି କହୁ ନାହିଁ, ସେ ମରଦର କାର୍ଯ୍ୟ ନୁହେଁ। ଭୀରୁତାର କ୍ଷମା ପରି ତାହା ମଧ୍ୟ କ୍ଲୈବ୍ୟର ପ୍ରତିଧ୍ୱନି। କିନ୍ତୁ କିପରି ମନୁଷ୍ୟତାରେ ମୁଣ୍ଡ ଟେକିଲେ ଲୋକେ

Digitized by PPRACHIN, SOA

ଏପରି କହିବାକୁ ସାହସ କରିବେ ନାହିଁ, ତାହା ଅତିଶୀଘ୍ର ଚିନ୍ତା କରିବାକୁ ହେବ ଓ ସେଇ ଚିନ୍ତା ଅନୁସାରେ କ୍ରିୟାର ବିଧାନ କରିବା ଏକାନ୍ତ ପ୍ରୟୋଜନ।

ନବଭାରତ-୧/୩, ଆଲୋଚନା

କଂଗ୍ରେସର ପରିସ୍ଥିତି

କଂଗ୍ରେସରେ ମତଦ୍ୱୈଧ-

ତ୍ରିପୁରୀ କଂଗ୍ରେସ ପୂର୍ବରୁ କଂଗ୍ରେସରେ ପ୍ରତିଷ୍ଠିତ ମୁଖ୍ୟମାନେ ମତ ପ୍ରଚାର କରିଥିଲେ, ସୁଭାଷ ବାବୁଙ୍କୁ ସଭାପତିରୂପେ ନିର୍ବାଚନ କଲେ ଦେଶର କ୍ଷତି ହେବ। ସାରା ଭାରତରେ ବହୁ ପ୍ରତିନିଧିଙ୍କ ମନକୁ ଏ କଥା ଘେନି ନ ଥିଲା। ସେମାନେ ସମସ୍ତେ ଏ ପ୍ରଚାର ସତ୍ତ୍ୱେ ବହୁପକ୍ଷ ମତରେ ସୁଭାଷ ବାବୁଙ୍କୁ ସଭାପତି ବାଛିଲେ। ସ୍ପଷ୍ଟ ଜଣା ପଡ଼ିଗଲା କଂଗ୍ରେସର ତଥାକଥିତ ପ୍ରତିଷ୍ଠିତ ମୁଖ୍ୟମାନଙ୍କ ଉପରେ ବହୁପକ୍ଷ ପ୍ରତିନିଧିଙ୍କର ବିଶ୍ୱାସ ନାହିଁ। ବିଶେଷ କଥା, ଏହି ପ୍ରତିଷ୍ଠିତ ମୁଖ୍ୟମାନେ ପୁଣି ସର୍ବଦା ମହାତ୍ମା ଗାନ୍ଧିଙ୍କୁ ଯେପରି କି କାନିରେ ବାନ୍ଧି ରଖିଛନ୍ତି। ସବୁବେଳେ ନିଜ ମତକୁ ମହାତ୍ମା ଗାନ୍ଧିଙ୍କ ଅନୁମୋଦିତ ମତ ବୋଲି ସେମାନେ ପ୍ରଚାର କରନ୍ତି। ମହାତ୍ମା ଗାନ୍ଧି ମଧ୍ୟ ଏ କଥାରେ କେବେ ପ୍ରତିବାଦ କରି ନାହାନ୍ତି। ସେତିକି ନୁହେ, ବେଳେ ବେଳେ ସେ ଏଥିରେ ସମ୍ମତି ମଧ୍ୟ ପ୍ରକାଶ କରିଛନ୍ତି।

ଗତବର୍ଷ ସୁଭାଷ ବାବୁ ସଭାପତି ଥିଲେ। ଏହି ପ୍ରତିଷ୍ଠିତ ମୁଖ୍ୟମାନେ ନିଜର ଦଳବଳ ଧରି ତାଙ୍କ ସଙ୍ଗେ କାର୍ଯ୍ୟକାରୀ କମିଟିରେ ରହି କଂଗ୍ରେସ ଚଳାଉଥିଲେ। ସେମାନେ ହୁଏତ କୌଣସି କୌଣସି ବିଷୟରେ ସୁଭାଷ ବାବୁଙ୍କର କଠୋର ମତଦ୍ୱୈଧ ଦେଖିଥିବେ। ପରେ ଜଣାଯାଇଛି ସୁଭାଷ ବାବୁ ମଧ୍ୟ ତାଙ୍କର ସମସ୍ତ ମତ ଓ କ୍ରିୟା ପସନ୍ଦ କରୁ ନ ଥିଲେ। ଏପରି ସ୍ଥଳେ ଗୋଟିଏ ଆପତ୍ତି ହୋଇପାରେ। ହଠାତ୍ ନୂଆ ମତ ଓ ନୂଆ ଧାରାରେ କାମ ହେଲେ କଂଗ୍ରେସର ପରମ୍ପରା ଉଠିଯିବ। ସମସ୍ତ ବିକାଶ ମଧ୍ୟରେ ପରଂପରା ଦୃଢ଼ ରଖିବା ଯଥାର୍ଥ ପୁରୋଦୃଷ୍ଟିର ଲକ୍ଷଣ। ତାହା ନ ହେଲେ ବିକାଶର ଧାରା ଛିଣ୍ଡିଯାଏ, ବିକାଶ ମଧ୍ୟ ବେଳେ ବେଳେ ବିନାଶରେ ପରିଣତି ହୁଏ।

ହୁଏତ ପ୍ରତିଷ୍ଠିତ ମୁଖ୍ୟମାନଙ୍କର ଏହି ଭୟ ହେଲା। ଭୟରେ ସେମାନେ ଅସ୍ତବ୍ୟସ୍ତ ହୋଇଗଲେ। ମହାତ୍ମା ଗାନ୍ଧିଙ୍କ ସଙ୍ଗେ ବିଚାର କରି ସେମାନେ କଂଗ୍ରେସ କାର୍ଯ୍ୟକାରୀ କମିଟିରୁ ଏକାବେଳେ ଇସ୍ତଫା ଦେଇ ପକାଇଲେ। ଶେଷରେ ଲୋକେ ବିଚାରିଲେ ବାସ୍ତବିକ ଯେପରି କି ସୁଭାଷ ବାବୁ ଆସିଲେ ସବୁ ପରମ୍ପରା ଛିଣ୍ଡିଯିବ। ବିଶେଷରେ ଏବେ ନଅଟି ପ୍ରଦେଶରେ କଂଗ୍ରେସ ସରକାର ଚାଲିଛି। ପରମ୍ପରା ଛିଣ୍ଡିଗଲେ ଏହି ସରକାରମାନ ଭାଙ୍ଗି ଯାଇପାରେ। ଅବଶ୍ୟ ଏପରି ଭାବରେ ହଠାତ୍ ଭାଙ୍ଗିଦେବା

Digitized by PPRACHIN, SOA

ଅନେକଙ୍କର ମତ ନ ହୋଇପାରେ। ପୁଣି ବେଶୀ ଭୟହେଲା ସେହିମାନଙ୍କର ଯେଉଁମାନେ ପ୍ରଦେଶରେ ସରକାରମାନ ଚଳାଉଛନ୍ତି। କ୍ଷମତା-ମହୁ ଥରେ ଚାଖିଲେ ମନୀଷୀପୁଙ୍ଗବମାନେ ମଧ୍ୟ ତାହାର ଦାସ ହୋଇପଡନ୍ତି।ଏହା ଅସ୍ୱୀକାର କରିବା କାରଣ ନାହିଁ। ସେଇମାନେ ବିଶେଷରେ ଏହି କ୍ଷମତା ନାଶ ଆଶଙ୍କାରେ ବ୍ୟସ୍ତ ହୋଇ ସାମ, ଦାନ, ଦଣ୍ଡ, ଭେଦ ସମସ୍ତ କ୍ରିୟା ଚଳାଇ ସୁଭାଷ ବାବୁଙ୍କ ବିରୁଦ୍ଧରେ ମତ ତିଆରି କରିବାରେ ଲାଗିଗଲେ। ଲୋକ ଶାସନରେ ଲୋକମତର ସ୍ୱାଧୀନତା କ୍ରମେ ଉଠି ଯିବାକୁ ବସିଲା। ସମସ୍ତେ କହି ଉଠିଲେ ସୁଭାଷ ବାବୁ ଆସିଲେ ସର୍ବନାଶ।

ତ୍ରିପୁରୀ ଚକ୍ର

ତା'ପରେ ତ୍ରିପୁରୀ କଂଗ୍ରେସ। ସେଠାରେ ଯେପରି ଲୋକମତ ପ୍ରଭାବିତ ହେଲା ତାହା ଯେଉଁମାନେ ସେଠାରେ ଥିଲେ ସେମାନେ ଜାଣନ୍ତି। ଆମେ ଜାଣୁ ଅନେକ ସାଧୁ ସଜ୍ଜନ ନିଜ ମତ ବିରୋଧରେ ମଧ୍ୟ ମତ ପ୍ରଚାର କରିଛନ୍ତି ଓ ମତ ଦେଇଛନ୍ତି। ଏହାର କାରଣ ଭୟ। କେବଳ କଂଗ୍ରେସ ଭାଙ୍ଗିଯିବାର ଭୟ ନୁହେଁ, ସରକାରମାନଙ୍କର ଅନୁଗ୍ରହ ଓ ସେଇ ସୂତ୍ରରେ ନିଜ ନିଜ ସୁବିଧା ତୁଟି ଯିବାର ଭୟ ମଧ୍ୟ ସେଥିରେ କମ୍ ନ ଥିଲା। ଦେବୀପୂଜାର ସୁରା ସେବନରେ ମାଦକତା ଆସିଲେ ଲୋକେ ଭୈରବୀ ଚକ୍ରରେ ପଡ଼ି ଯେପରି ବର୍ଣ୍ଣଭେଦ ଭୁଲି ଏକ ଜାତି ଓ ନାରୀ ପୁରୁଷ ଭେଦ ଭୁଲି ଏକାକାର ହୁଅନ୍ତି, ସେହିପରି ତ୍ରିପୁରୀର ପ୍ରତିଷ୍ଠା ଚକ୍ରରେ ସମସ୍ତେ ଯେପରି କି ଏକାକାର ହେଲେ।

ସୁଭାଷ ବାବୁ ସେତେବେଳେ ପୀଡିତ। କୌଣସି ବିଷୟ ବିଚାର କରି ପନ୍ଥା ଅବଲମ୍ବନ କରିବା ହୁଏତ ତାଙ୍କ ପକ୍ଷରେ ସଂଭବ ନ ଥିଲା। ହୁଏତ ଜାଣି ବୁଝି ସୁଦ୍ଧା ସେ ତାହା କଲେ ନାହିଁ, ଅପେକ୍ଷା କଲେ। ହୁଏତ ଯେଉଁ ବାୟୁମଣ୍ଡଳ ସୃଷ୍ଟି ହେଲା- ସେଥିରେ ପନ୍ଥା ଠିକ କରିବା ଉପାୟ ନ ଥିଲା। କାରଣ, ପ୍ରତିଷ୍ଠା ଚକ୍ରର ପ୍ରଚାରରେ ପ୍ରକାଶ ପାଇଲା ସୁଭାଷ ବାବୁଙ୍କ ଜର ଗୋଟାଏ ବାହାନା, ତାଙ୍କର ଚଉକିରେ ପଡି ଟେକା ହୋଇ ଯିବା ଆସିବା କରିବା ଗୋଟାଏ ପ୍ରହସନ । ଏଠାରେ ପୁଣି ଦେଖିବାର କଥା ପ୍ରତିଷ୍ଠା-ଚକ୍ରର ପ୍ରଚାରରେ ମୁଖ୍ୟ ହୋଇଛନ୍ତି ସେହି ଯେଉଁମାନେ କାର୍ଯ୍ୟକାରୀ କମିଟିରୁ ଇସ୍ତଫା ଦେଇ ପ୍ରଚାର କରିଥିଲେ ଯେ ସେ କୌଣସି ମତ ବା ଦଳଗଠନରେ ଆଗ୍ରହ ଦେଖାଇବେ ନାହିଁ।

ପନ୍ଥ-ପ୍ରସ୍ତାବ

ମହାତ୍ମା ଗାନ୍ଧି ତ୍ରିପୁରୀରେ ଉପସ୍ଥିତ ନ ଥିଲେ। ପ୍ରତିଷ୍ଠିତ ମୁଖ୍ୟମାନଙ୍କର ମଧ ହଠାତ୍ ଲୋକମତ ଉପରେ ସ୍ପଷ୍ଟ ଆଘାତ କରିବାର ସାହାସ ହେଲା ନାହିଁ। ସେମାନେ ଗୋଟିଏ ପ୍ରସ୍ତାବ ଆଣିଲେ। ସେଥିରେ ପରଂପରା ଯେପରି ଭାଙ୍ଗି ନ ଯିବ ସେଥିପାଇଁ

Digitized by PPRACHIN, SOA

ସୂଚନା ଥିଲା। କିନ୍ତୁ ସୂଚନା ଠିକ୍ ସେତିକି ନୁହେ। ସେଥିରେ ନିର୍ଦ୍ଦେଶ ଥିଲା, ମହାତ୍ମା ଗାନ୍ଧିଙ୍କ ଇଛାନୁସାରେ ସୁଭାଷ ବାବୁ କାର୍ଯକାରୀ ସମିତି ଗଢିବେ। କେହି କେହି ଏହା ସୁଭାଷ ବାବୁଙ୍କ ଉପରେ ଅନାସ୍ଥା ପ୍ରସ୍ତାବ ମନେ କଲେ। ମାତ୍ର ଜାଣିବା ଲୋକେ ବୁଝିଲେ ଏହା ଠିକ୍ ତାହା ନୁହେ। ଏହା କେବଳ କଂଗ୍ରେସରେ ପରଂପରା ଦୃଢ ରଖିବାର ଗୋଟିଏ ଉଦ୍ୟମ। ପନ୍ଥ ଠିକ ସେହି ଭାବରେ ନିଜର ବକ୍ତୃତାରେ ପ୍ରସ୍ତାବଟି ବୁଝାଇ ଦେଇଥିଲେ। କେତେକ ଉଦୀୟମାନ ନବପନ୍ଥୀ ଏଥିରେ ଉତ୍ୟକ୍ତ ହେଲେ। ବିଶେଷରେ ବଙ୍ଗାଳୀ ପ୍ରତିନିଧିମାନେ ଏଇ ସଂପର୍କରେ ଗୋଟିଏ ଅତ୍ୟନ୍ତ ଅସ୍ପୃହଣୀୟ ଅଭିନୟ ମଧ କରିଥିଲେ। କିନ୍ତୁ ପ୍ରସ୍ତାବଟି ପାସ୍ ହୋଇଗଲା। ସମସ୍ତେ ବୁଝିଲେ ଜନମତରେ ପ୍ରତିଷ୍ଠିତ ସୁଭାଷ ସଭାପତି ହେଲେ କିନ୍ତୁ ପରଂପରା ଦୃଢ ରଖି ସେ ନିଜ କାର୍ଯରେ ଅଗ୍ରସର ହେବାର ବ୍ୟବସ୍ଥା ହେଲା। ଯେଉଁ ସୁଜ୍ଞ ସୁଜନମାନେ ମତ ଦେବାରେ ନିଜକୁ ବାଧ ମନେ କରୁଥିଲେ ସେମାନେ ମଧ ଫଳରେ ଆତ୍ମପ୍ରସାଦ ଅନୁଭବ କଲେ।

ସୁଭାଷଙ୍କ ଇସ୍ତଫା-

ଏଠାରେ କହି ରଖିବା ଉଚିତ, ଦେଖା ଯାଇଥିଲା ପରଂପରା ଠିକ୍ ରଖିବା ସମସ୍ତଙ୍କ ଉଦ୍ଦେଶ୍ୟ ଥିଲେହେଁ, କେବଳ ପ୍ରତିଷ୍ଠିତ ମୁଖ୍ୟମାନଙ୍କ ଛଡା ଆଉ କାହାରିକୁ କଂଗ୍ରେସ ଚାଳନ ଚକ୍ରରେ ଭର୍ତ୍ତି ନକରିବା ନୀତି ଅଧିକାଂଶ ପସନ୍ଦ କରି ନ ଥିଲେ। ପ୍ରତିଷ୍ଠିତ ମୁଖ୍ୟମାନଙ୍କ ଇସ୍ତଫା ଦେବା, ଇସ୍ତଫା ଦେଇ ସାରି ପୁଣି କଳେବଳେ କୌଶଳେ ପଶିବାର ଉଦ୍ୟମ କରିବା, ପୁଣି ସେହି ଉଦ୍ୟମରେ ସରକାରମାନଙ୍କ ଶକ୍ତିକୁ ବ୍ୟବହାର କରିବା ପ୍ରଭୃତି ଚକ୍ର ଚାଳନା ଆଧିକାଂଶ ପସନ୍ଦ କରି ନ ଥିଲେ। ତଥାପି ସୁଭାଷ ବାବୁ ପରଂପରା ଛାଡ଼ି ଦେବେ ଏ ଶଂକା ମଧ ତୁଟାଇ ଦେବାପାଇଁ ସମସ୍ତେ ବ୍ୟାକୁଳ ଥିଲେ।

ନିୟମ ଅନୁସାରେ ଏବେ ସୁଭାଷ ବାବୁଙ୍କର ମହାତ୍ମା ଗାନ୍ଧିଙ୍କୁ ପଚାରି କାର୍ଯକାରୀ କମିଟି ଗଢ଼ିବାର କଥା। ଅତ୍ୟନ୍ତ ଶାରୀରିକ ଅସୁସ୍ଥତା ହେତୁ ସେ ତାହା ହଠାତ୍ କରି ପାରିଲେ ନାହିଁ। ଚିଠି ପତ୍ରରେ ମହାତ୍ମା ଗାନ୍ଧିଙ୍କ ସଙ୍ଗେ ହୁଏ ତ ତାଙ୍କର ବରାବର କଥାବାର୍ତ୍ତା ଚାଲିଥିଲା। ଶେଷରେ କାର୍ଯକାରୀ କମିଟି ଗଢ଼ି ତାହାର ଅବ୍ୟବହିତ ପରେ କାର୍ଯପନ୍ଥାର ଯୋଜନା ସ୍ଥିର କରିବାପାଇଁ ସେ ଅପ୍ରେଲ୍ ୨୯ ତାରିଖରେ କଳିକତା ଠାରେ ନିଖିଳ ଭାରତ କଂଗ୍ରେସ କମିଟିର ବୈଠକ ଡାକିଲେ। ୨୯ ତାରିଖ ଅପରାହ୍ଣ ୪ଟା ବେଳେ ବୈଠକ ବସିବାର କଥା। ସେତେବେଳେଯାଏଁ କାର୍ଯକାରୀ କମିଟି ଠିକ୍ ହୋଇପାରିଲା ନାହିଁ। ମହାତ୍ମା ଗାନ୍ଧି ସୁଭାଷ ବାବୁଙ୍କୁ ସ୍ପଷ୍ଟ କହିଲେ ସେ ତାଙ୍କୁ କୌଣସି ପରାମର୍ଶ ଦେବେ ନାହିଁ। ସୁଭାଷ ବାବୁ ନିଜେ କମିଟି ଗଢ଼ନ୍ତୁ। ମାତ୍ର ଏଣେ ପ୍ରତିଷ୍ଠିତ ମୁଖ୍ୟମାନେ ଧରି ବସିଲେ ସବୁ ଇସ୍ତଫାଦେବା ଲୋକଯାକ ନରହିଲେ, ଅର୍ଥାତ୍ ଠିକ୍

Digitized by PPRACHIN, SOA

ପୂର୍ବ ବର୍ଷ ପରି କାର୍ଯକାରୀ କମିଟି ନ ରହିଲେ, ସେମାନେ କେହି କାର୍ଯକାରୀ କମିଟିରେ ରହିବାକୁ ରାଜି ହେବେ ନାହିଁ। ମହାତ୍ମା ଗାନ୍ଧି ଉପସ୍ଥିତି ଥାଇ ମଧ ଏଥିରେ କିଛି ମାତ୍ର ଆପତ୍ତି କଲେ ନାହିଁ। ସୁଭାଷ ବାବୁ ନିଜ ମତ ଅନୁସାରେ ସଂପୂର୍ଣ୍ଣ ନୂତନ କମିଟିଟି ଗଢ଼ି ପାରିଥାନ୍ତେ। କାରଣ, ମହାତ୍ମାଜୀଙ୍କୁ ପଚାରି କରିବାର ବନ୍ଧନ ମହାତ୍ମାଜୀ ନାହିଁ କଲା ପରେ ଆଉ ରହିଲା ନାହିଁ। କିନ୍ତୁ ସୁଭାଷ ବାବୁ ତାହା କଲେ ନାହିଁ। କାରଣ, ପରେ ଜଣା ପଡ଼ିଲା ସମସ୍ତ ପରଂପରାକୁ ଛିଣ୍ଡାଇ ଦେବା ପନ୍ଥାକୁ ଦୃଢ଼ କରି କୌଣସି କାର୍ଯକାରୀ କମିଟି ଗଢ଼ିବା ମଧ ସୁଭାଷବାବୁଙ୍କର ଇଚ୍ଛା ନ ଥିଲା। ସୁଭାଷବାବୁ ଇସ୍ତଫା ଦେଲେ।

ଜହରଲାଲଙ୍କ ସୁପ୍ରସ୍ତାବ-

ସମିତି ବୈଠକରେ ପଣ୍ଡିତ ଜହରଲାଲ ପ୍ରସ୍ତାବ କଲେ, ସୁଭାଷ ବାବୁ ପୂର୍ବବର୍ଷ ଇସ୍ତଫା ଦିଆ କମିଟିକୁ ପୂର୍ଣ୍ଣଭାବରେ ଗ୍ରହଣ କରନ୍ତୁ ଓ ନିଜ ଇସ୍ତଫା ଫେରାଇ ନିଅନ୍ତୁ। ବହୁ ତର୍କ ବିତର୍କ ପରେ ସୁଭାଷ ବାବୁ ସ୍ପଷ୍ଟ ବିବୃତ୍ତିରେ ଜଣାଇ ଦେଲେ କଂଗ୍ରେସ ନୀତି ଓ କାର୍ଯର ପରଂପରା ଦୃଢ଼ ରଖିବା ପାଇଁ ସେ ପୂର୍ବ କାର୍ଯକାରୀ କମିଟିରୁ ଅଧିକରୁ ବେଶୀ ମେମ୍ବର ନେବା ସଙ୍ଗତ ମନେ କରନ୍ତି। ମାତ୍ର ଭିନ୍ନ ଭିନ୍ନ ପ୍ରକାରର ଲୋକମତ କାର୍ଯ୍ୟକାରୀ କମିଟିରେ ସର୍ବଥା ଆଲୋଚିତ ହେବା ଦରକାର। ତା ନ ହେଲେ କଂଗ୍ରେସ କର୍ମ ଜୀବନ୍ତ ନହୋଇ ନିର୍ଜୀବ ହେବ। ସେଥିପାଇଁ ସେ ଭିନ୍ନ ଭିନ୍ନ ମତର ଅଳ୍ପ ସଂଖ୍ୟକ ଲୋକଙ୍କୁ କାର୍ଯକାରୀ କମିଟିରେ ନେବେ। ଏଥିରେ ସମସ୍ତେ ରାଜି ହେଲେ ଇସ୍ତଫା ଫେରାଇ ନେବାରେ ତାଙ୍କର କୌଣସି ଆପତ୍ତି ହେବ ନାହିଁ।

ଏଅତି ସୁପ୍ରସ୍ତାବ। ଅନେକ ମନକୁ ଏ କଥା ଘେନିଲା। ସମସ୍ତ ପ୍ରତିଷ୍ଠିତ - ଚକ୍ର ଭେଦ କରି ଏହି ମତ ସମସ୍ତଙ୍କ ଗ୍ରହଣୀୟ ହେବାର ଜଣା ପଡ଼ିଲା। କିନ୍ତୁ ଠିକ୍ ଏତେବେଳେ ପ୍ରତିଷ୍ଠିତ ଚକ୍ର ଯେଉଁ ଢଙ୍ଗ ଧଇଲେ ତାହା ବର୍ଣ୍ଣନା କରିବା ନିଷ୍ପ୍ରୟୋଜନ। ଏଥିରେ କଂଗ୍ରେସ ଦୃଢ ହେଲା କି ସ୍ଥବିରତାରେ ନିଶ୍ଚେଷ୍ଟ ହେବାର ସୂଚନା ଦେଖାଗଲା କହିବା ସହଜ ନୁହେ।

ଚକ୍ର ଚାଲିଲା-

ଆଗରୁ ସୁଭାଷ ବାବୁ ନିଜ ସ୍ଥାନରେ ତାଙ୍କ ସମକ୍ଷରେ କାର୍ଯ୍ୟ ଚଳାଇବା ପାଇଁ ସରୋଜିନୀଙ୍କୁ ବସାଇଥିଲେ। ସେ କହିଲେ, "ତାଙ୍କ ଇସ୍ତଫାଦିର ବିଚାର ହେଲାବେଳେ ସେ ସଭାପତି ହୋଇ କାର୍ଯ୍ୟ ଚଳାଇବା ଠିକ୍ ହେବ ନାହିଁ। ଏସବୁର ବିଚାର ବେଳେ ଶ୍ରୀମତି ସରୋଜିନୀ ସଭାନେତ୍ରୀ କାର୍ଯ୍ୟ କରନ୍ତୁ। ଏପରି ସଭା ସମିତିରେ ହୋଇଥାଏ। ଏପରି କି ସଭାପତି ବାହାରକୁ ଟିକିଏ ସମୟ ପାଇଁ ଗଲେ ମଧ ମାମୁଲି କାର୍ଯ୍ୟ ଚଳାଇବାକୁ

Digitized by PPRACHIN, SOA

ଜଣକୁ ସଭାପତି ଆସନରେ ବସାଇ ଦିଅନ୍ତି।" ଏହି କାରଣରେ ଶ୍ରୀମତୀ ସରୋଜିନୀ ଜହାରଲାଲଙ୍କ ପ୍ରସ୍ତାବ ବିଚାର ବେଳେ ସଭାନେତ୍ରୀ ହୋଇ ସଭାକାର୍ଯ୍ୟ ଚଳାଉଥିଲେ। ପ୍ରସ୍ତାବଟିର ବିଚାର ଚାଲିଥିଲା। ହୁଏତ ସମସ୍ତେ ମନେ କରୁଥିଲେ, ସଭା ବାହାରେ ତ ଠିକ୍ ଏହି ପ୍ରସ୍ତାବ ହୋଇଥିଲା, ସୁଭାଷବାବୁ ତ ରାଜି ହୋଇ ନାହାନ୍ତି, ସଭା ଭିତରେ ବା ରାଜି ହେବେ କାହିଁକି ? ସେ ରାଜି ନ ହେଲେ ସହଜରେ ତାଙ୍କ ଇସ୍ତଫା ଗୃହୀତ ହେବ ଓ ନୂତନ ସଭାପତି ନିର୍ବାଚନ ପ୍ରଭୃତି ହୋଇ କାର୍ଯପନ୍ଥା ଠିକ୍ କରିବାର ସୁବିଧା ହୋଇଯିବ। ତଥାପି ଅନେକେ ମନେ ମନେ କହୁଥାନ୍ତି, କୌଣସି ମତେ ଗୋଟାଏ ସମାଧାନ ହୋଇଯିବା ଭଲ। ଏତେବେଳେ କଂଗ୍ରେସ ସଭାପତି ଓ କାର୍ଯ୍ୟକାରୀ କମିଟି ଲାଗି ଲାଳସାର ବିବାଦ ସୁନ୍ଦର ବା ଶୁଭଂକର ନୁହେ। କିନ୍ତୁ ଯେତେବେଳେ ସୁଭାଷବାବୁ ବିବୃତ୍ତିରେ ଜଣାଇ ଦେଲେ ପ୍ରତିଷ୍ଠିତମାନଙ୍କ ମଧ୍ୟରୁ ବହୁ ସଂଖ୍ୟକ ଓ ଅନ୍ୟାନ୍ୟ ମତର ପ୍ରତିନିଧି ଅଳ୍ପସଂଖ୍ୟକ ଘେନି କାର୍ଯ୍ୟକାରୀ କମିଟି କରି କାର୍ଯ୍ୟଚଳାଇବାର ସୁବିଧା ହେଲେ ସେ ନିଜେ ଇସ୍ତଫା ପତ୍ର ଫେରାଇ ନେଇ ପାରନ୍ତି, ସେତେବେଳେ ପ୍ରତିଷ୍ଠିତମାନଙ୍କ ମଧ୍ୟରେ ଗୋଟାଏ ଛନକା ପଶି ଗଲା ପରି ଲାଗିଲା। ହଠାତ୍ ସ୍ଥିର ହୋଇଗଲା ସୁଭାଷବାବୁ ଯେବେ ଜହରଲାଲଙ୍କ ପ୍ରସ୍ତାବରେ ରାଜି ନୁହନ୍ତି ତେବେ ଆଉ ତାଙ୍କ ଇସ୍ତଫା ଗ୍ରହଣ କରିବା ନ କରିବାର ଅର୍ଥ କିଛି ନାହିଁ। ସେ ଯେବେ ଢିଙ୍କି ଗିଳି ନ ପାରିବେ ତେବେ ଆଉ କିଛି ଖାଇବାର ଅଧିକାର ତାଙ୍କର ନାହିଁ। ଏହାର ଟିକିଏ ପୂର୍ବରୁ ଜହରଲାଲ ନିଜର ପ୍ରସ୍ତାବ ଫେରାଇ ନେଲେ। ସଙ୍ଗେ ସଙ୍ଗେ ସରୋଜିନୀ ମନକୁ ମନ ସେଦିନ ସଭାର କାର୍ଯ୍ୟ ଚଳାଇବାକୁ ସଭାପତି ହୋଇ ସୁଭାଷ ବାବୁଙ୍କ ପରିବର୍ତ୍ତରେ ସଭାପତି ବାଛିବାକୁ ବାହାରି ପଡ଼ିଲେ। ଏପରି ସଭାପତି ବାଛିବାର ଅଧିକାର ନିଖିଳ ଭାରତ କଂଗ୍ରେସ କମିଟିର ନାହିଁ। କଂଗ୍ରେସ ନିୟମାବଳୀରେ ସ୍ପଷ୍ଟ ବ୍ୟବସ୍ଥା ଅଛି ସଭାପତି ଇସ୍ତଫା ଦେଲେ, ଯେଉଁ ନିୟମରେ ସଭାପତି ନିର୍ବାଚନ ହୋଇଥିଲା ପୁଣି ସେହି ନିୟମରେ ହେବା। ସେ କଥା ଭଲକରି ବିଚାର କରୁଛି କିଏ ? ଏକଥା ଉଠିବାରୁ ଜଣେ ଠିଆ ହୋଇପଡ଼ି ସେକଥା ନୁହେ ବୋଲି ନାହିଁ ଦେଇଦେଲେ। ସରୋଜିନୀ ଏ ମତରେ ସମ୍ମତି ଦେଇଦେଲେ। ସଙ୍ଗେ ସଙ୍ଗେ ରାଜେନ୍ଦ୍ର ବାବୁଙ୍କ ନାମ ସଭାପତି ପଦପାଇଁ ପ୍ରସ୍ତାବିତ ଓ ଅନୁମୋଦିତ ହୋଇଗଲା। ଉଠିପଡ଼ି ଆଉ ଦୁଇଜଣ ମଧ୍ୟ କୃପାଳିନୀଙ୍କ ନାମ ପ୍ରସ୍ତାବ ଅନୁମୋଦନ କରିଦେଲେ। ହଠାତ୍ କୃପାଳିନୀ ନିଜେ ରାଜି ନୁହଁନ୍ତି ବୋଲି କହିଦେଲେ। ଅନ୍ୟ ମେମ୍ବରମାନେ ଅନ୍ୟ ନାମମାନ ପ୍ରସ୍ତାବ କରିବାକୁ ଉଠୁଥିଲେ। ଆଉ କିଛି ଶୁଣିବି ନାହିଁ ବୋଲି କହି ସରୋଜିନୀ ପ୍ରଚାର କରିଦେଲେ, ରାଜେନ୍ଦ୍ର ବାବୁ ସଭାପତି ହୋଇଗଲେ ଏସବୁ ହୋଇଯିବାକୁ ଦଶ ପନ୍ଦର ମିନିଟରୁ ବେଶୀ ଲାଗି ନଥିଲା। ଏହା ମଧ୍ୟରେ କାର୍ଯ୍ୟ

Digitized by PPRACHIN, SOA

ଶୃଙ୍ଖଳାର ସଙ୍ଗତ ଘେନି ଲୋକେ ବାରମ୍ବାର ଆପତ୍ତି କରିଥିଲେ। ଏହିସବୁ ଆପତ୍ତି ଭିତରୁ କେତୋଟି ଏହି-

୧-ସରୋଜିନୀ ସେ ଦିନକାର୍ଯ୍ୟ ଚଳାଇବାରେ ସଭାପତି ନୁହନ୍ତି। ନିଖିଳ ଭାରତ କଂଗ୍ରେସ କମିଟିର ସଭାପତି ନିର୍ବାଚନ ଅଧିକାର ଥିଲେ ମଧ୍ୟ ଯଥାରୀତି ଅନ୍ୟ ସଭାପତି ପ୍ରସ୍ତାବିତ ଅନୁମୋଦିତ ହୋଇ ହେବା ଉଚିତ।

୨-କଂଗ୍ରେସ ନିୟମାବଳୀର ୯ମ ଧାରାର ୧୦ମ ଦଫା ଅନୁଯାୟୀ ନିଖିଳ ଭାରତ କଂଗ୍ରେସ କମିଟି ପ୍ରତିନିଧିମାନଙ୍କ ଦ୍ୱାରା ବିଧିମତେ ନୂତନ ସଭାପତି ନିର୍ବାଚନ କରନ୍ତୁ। ଏ ସଭାରେ ସ୍ଥାୟୀ ସଭାପତି ନିର୍ବାଚନ କରିବା ବିଧି ନୁହେ।

୩- ସଭା ଏ ପର୍ଯ୍ୟନ୍ତ ସୁଭାଷ ବାବୁଙ୍କ ଇସ୍ତଫା ଗ୍ରହଣ କରିନାହିଁ। ତାହା ନ ହେବା ପର୍ଯ୍ୟନ୍ତ ଅନ୍ୟ ସଭାପତି ନିର୍ବାଚନ ବିଷୟ ଉଠି ନପାରେ।

୪-ସଭାପତିଙ୍କ ଇସ୍ତଫା ମଧ୍ୟ ସ୍ପଷ୍ଟ ଇସ୍ତଫା ନୁହେ। କୌଣସି ଗୋଟିଏ ପ୍ରକାରରେ କାର୍ଯ୍ୟକାରୀ ସମିତି ଗଢା ହେବାର ହେଲେସେ ଇସ୍ତଫା ଫେରାଇ ନେବେ ବୋଲି କହୁଛନ୍ତି। ଅତଏବ ଯାହାହେଲେ ସେ ଇସ୍ତଫା ଫେରାଇ ନେବେ ତାହା ହୋଇପାରେ କି ନା ସେ କଥା ବିଚାର କରିବାକୁ ଆଦୌ ଦୃଷ୍ଟି ନ ଦେଇ ତାଙ୍କୁ ଟେକି ଫିଙ୍ଗିଦେଲା ପରି ସଭାପତି ପଦରୁ କାଢ଼ି ଦେଇ ନୂଆ ସଭାପତି ପାଇଁ କାର୍ଯ୍ୟ ଆରମ୍ଭ କରିବା ବଳାତ୍କାର ଛଡା ଆଉ କିଛି ନୁହେଁ।

ଏହିପରି ନାନାଆଡ଼ର ଆପତ୍ତିମାନ ନେତ୍ରୀନାରୀ ସରୋଜିନୀ ଖାଲି ଫିଙ୍ଗି ଦେଉଥାନ୍ତି କିମ୍ବା ଜବତ୍ କରି ଦେଉଥାନ୍ତି। ମନେ ହେଉଥାଏ ଯେପରିକି ଗୋଟାଏ କଣ ଘୋର ବିପଦ ପଡ଼ି ଅସୁଛି। ଅତି ତରତରରେ ସରୋଜିନୀ ତା' ବିରୁଦ୍ଧରେ ବ୍ୟବସ୍ଥା କରି ପକାଉଛନ୍ତି। ଏପରି ତରତରରେ ଏଡ଼େ ବଡ଼ କାର୍ଯ୍ୟ କରିଯିବା ଦେଖି ଅନେକ ସ୍ତମ୍ଭୀଭୂତ ହୋଇଗଲେ। ମାତ୍ର ମେମ୍ବରମାନେ ବିଶେଷ କିଛି ଗୋଳମାଳ କଲେ ନାହିଁ। ଏ ମୁହୂର୍ତ୍ତରେ ସେମାନେ ଶାନ୍ତି ଚାହାନ୍ତି। ପୃଥିବୀରେ ଯୁଦ୍ଧ ମାଡ଼ିଆସୁଛି ଏ ଭୟରେ ମଧ ନାନା ଉପାୟରେ ସେମାନଙ୍କୁ ପ୍ରଭାବିତ କରାଯାଇଥାଏ। ଆନେକେ ପୁଣି ବିଚାରୁଥାନ୍ତି ଯାହା ହେବାର ଗୋଟାଏ କିଛି ହୋଇଯାଉ। ଏ ପ୍ରତଷ୍ଠା-ଚକ୍ର ଭେଦ କରି କ୍ରିୟାବାନ୍ ହେବା ସୁଗମ ନୁହେ। ଅନେକେ ପୁଣି ପ୍ରତିଷ୍ଠା ଚକ୍ରର ସ୍ତାବକ। ତାଙ୍କର ଦିଗ୍‌ବିଦଗ୍ ଜ୍ଞାନ ନାହିଁ।

ସୁଭାଷଙ୍କ ମହତ୍ତ୍ୱ-

କିନ୍ତୁ ଦର୍ଶକମାନେ ଭୀଷଣ ଗୋଳମାଳ ଆରମ୍ଭ କରିଦେଲେ। ସୁଭାଷ ବାବୁ ସେଥିରେ ହିଁ କାତର ହୋଇପଡ଼ିଲେ। ସେ କହିଲେ, ସମସ୍ତେ ବଙ୍ଗଳାର ଅତିଥି।

Digitized by PPRACHIN, SOA

ଅତିଥିମାନେ ଯାହା କରନ୍ତୁ କେହି କିଛି ବାଧା ଦିଅ ନାହିଁ, କେହି କିଛି କହ ନାହିଁ। ସ୍ୱେଚ୍ଛାସେବକମାନେ ମଧ୍ୟ ଏ କ୍ଷେତ୍ରରେ ଶୃଙ୍ଖଳର ଯେ ଶାସନ ଦେଖାଇଲେ ତାହା ଅତି ବିଚିତ୍ର। ସୁଭାଷ ବାବୁ ଓ ସ୍ୱେଚ୍ଛାସେବକମାନଙ୍କ ଏ ନିଷ୍ଠା ବିନା ହୁଏତ ଅବସ୍ଥା ଭିନ୍ନ ରକମ ହୋଇଥାନ୍ତା ଓ ପୁଲିସ ଶୃଙ୍ଖଳା ଆଣିବାକୁ ବାଧ୍ୟ ହୋଇଥାନ୍ତେ।

ରାଜେନ୍ଦ୍ର ବାବୁଙ୍କୁ ସଭାପିତି ବୋଲି ସରୋଜନୀ ପ୍ରକାଶ କରିଦେବା ପରେ ସଭାର କାର୍ଯ୍ୟ ଚଳାଇବା ଆଉ ସମ୍ଭବ ହେଲା ନାହିଁ। ସେ ସଭା ତହିଁଆରଦିନକୁ ଗଲା। ଲୋକଙ୍କ ଅବସ୍ଥା କ୍ରମେ ଶାନ୍ତ ହୋଇଆସିଥିଲା। ସେଥିରେ କେବଳ ସୁଭାଷ ବାବୁ ଓ ଶରତ ବାବୁଙ୍କ ସ୍ଥାନରେ ବଙ୍ଗଳାର ଗାନ୍ଧି ସେବାସଂଘ କର୍ମୀ। ପ୍ରଫୁଲ୍ଲ ଘୋଷ ଓ ଅନ୍ୟ ପୃଷ୍ଠପୋଷକ ଡାକ୍ତର ବିଧାନ ରାୟଙ୍କୁ ମିଶାଇ ପୂର୍ବ ବର୍ଷର କାର୍ଯ୍ୟକାରୀ ସମିତିର ନାମ ପ୍ରଚାର କରିଦେଲେ। କେବଳ ଧୀରତା ଦେଖାଇ ପଣ୍ଡିତ ଜହରଲାଲ୍‌ କାର୍ଯ୍ୟକାରୀ ସମିତିରେ ରହିବେ ନାହିଁ ବୋଲି ଜଣାଇ ଦେଲେ। ବାକୀ ଧୁଆ ମୂଳା ଅଧୁଆ ମୂଳା ସମସ୍ତେ ଏକାକାର ହୋଇ ବସିଗଲେ।

ପରିମାଣରେ ମଙ୍ଗଳ ହେଉ-

କଂଗ୍ରେସରେ ଏବେ ଯେଉଁ ଅବସ୍ଥା ହେଲା, ପ୍ରତିଷ୍ଠାର ଗୂଢ଼ଚକ୍ର ଗତ ତିନିମାସ ଧରି ଯେପରି ଖେଳିଲା, ସେଥିରେ ଏକ ଦିଗରେ ମହାତ୍ମା ଗାନ୍ଧିଙ୍କର ଆଧ୍ୟାତ୍ମିକ ପ୍ରତିପତ୍ତି ଓ କଂଗ୍ରେସ ନାମାଙ୍କିତ ପ୍ରାଦେଶିକ ସରକାରମାନଙ୍କର ଘୋର ଆଧିଭୌତିକ ପ୍ରଭାବ ଯେପରି ବ୍ୟବହାର କରାଗଲା ତାହା ଦେଶରେ ସର୍ବତ୍ର ଚିନ୍ତାର ବିଷୟ। ବିଧାତା କରନ୍ତୁ, ଏ ପରିସ୍ଥିତିରେ ମଧ୍ୟ ଭାରତ ପୁଣି ମୁଣ୍ଡ ଟେକି ଜଗତରେ ଉଠିବାର ସୁବିଧା ଶୀଘ୍ର ପାଉ। ପରିଣାମରେ ମଙ୍ଗଳ ହେଲେ ଲୋକେ ଏ ସମସ୍ତ କ୍ରିୟାର ଦୌରାତ୍ମ୍ୟ ଭୁଲିଯିବେ। ଦୁର୍ଗତିରେ ଦୌରାତ୍ମ୍ୟର ସ୍ମୃତି ଜାଗ୍ରତ ନ ହେଉ ଏହାହିଁ ଆମ୍ଭମାନଙ୍କର ଏକାନ୍ତ କାମନା।

(ଚି.ମିଶ୍ର)ନବଭାରତ-୫/୯,ଆଲୋଚନା

ଶାସନ ଖସଡ଼ା ପ୍ରତ୍ୟାଖ୍ୟାନ-କଂଗ୍ରେସ ଓ ଓଡ଼ିଶା

କଂଗ୍ରେସ ସତ୍ୟାଗ୍ରହ ସଂଗ୍ରାମ ସାରି ଭାରତ ବ୍ୟବସ୍ଥାପକ ସଭାକୁ ସଦସ୍ୟ ପଠାଇବାର ସ୍ଥିର କଲେ; ସଦସ୍ୟ ପଠାଇବାରେ ମଧ୍ୟ ଯଶସ୍ୱୀ ହୋଇଛନ୍ତି। ପ୍ରସ୍ତାବିତ ଭାରତ ଶାସନ ଖସଡ଼ାର ନିରୋଧ କରିବା ପାଇଁ କଂଗ୍ରେସ ଏ ପନ୍ଥା ଧରିଛନ୍ତି ବୋଲି କହନ୍ତି। ବର୍ତ୍ତମାନ ଜଏଣ୍ଟ କମିଟି ରିପୋର୍ଟରେ ଯେଉଁ ଶାସନ ଖସଡ଼ା ବାହାରିଛି, କଂଗ୍ରେସ କାର୍ଯ୍ୟକାରୀ କମିଟି ଏବେ ପାଟଣାଠାରେ ପ୍ରସ୍ତାବ କରି ସେ ଖସଡ଼ାର ସଂପୂର୍ଣ୍ଣ ପ୍ରତ୍ୟାଖ୍ୟାନ ପ୍ରଚାର କରିଛନ୍ତି ଏବଂ ସଙ୍ଗେ ସଙ୍ଗେ ଏହି ପ୍ରତ୍ୟାଖ୍ୟାନରେ ସହଯୋଗ କରିବା ନିମନ୍ତେ ସବୁ ଦଳର ଜାତୀୟବାଦୀମାନଙ୍କୁ ଆହ୍ୱାନ କରିଅଛନ୍ତି।

Digitized by PPRACHIN, SOA

ଏ ଆହ୍ୱାନର ଉତ୍ତରରେ ବମ୍ବେ ନରମ ଦଳର ନେତା ସାର୍ ଚିମନଲାଲ ଶୀତଲବାଦ୍ କହିଥିଲେ - "ଏପରି ପ୍ରତ୍ୟାଖ୍ୟାନର ଅର୍ଥ ବୁଝାଯାଉନାହିଁ।" ପୁଣି କଂଗ୍ରେସ କହିଛନ୍ତି, "ଏ ପ୍ରତ୍ୟାଖ୍ୟାନ ଫଳରେ ଆମ୍ଭେମାନେ ଯେଉଁଭଳି ଶାସନରେ ଅଛୁଁ, ସେଇଥିରେ ହିଁ ବର୍ତ୍ତମାନ ରହିଥିବାକୁ ସ୍ପୃହଣୀୟ ମଣୁ।" ସାର ଚିମନ୍ ଲାଲ୍ କହନ୍ତି "ଏଥିରୁ ସ୍ପଷ୍ଟ ବୁଝାଯାଉଛି ପ୍ରତ୍ୟାଖ୍ୟାନ କେବଳ ଗୋଟିଏ ଲୋକ ଦେଖାଣିଆ କଥା। କାହିଁକି ନା, ବ୍ୟବସ୍ଥାପକ ସଭାମାନ ବର୍ଜନ କରିବା ସେଥିରୁ ପ୍ରକାଶ ପାଉନାହିଁ। ତା ହେଲେ ବର୍ତ୍ତମାନ ଶାସନରେ ରହିବା ଭଲ ବୋଲି କଂଗ୍ରେସ କହି ନ ଥାନ୍ତେ।"

ନିଖିଳ ଭାରତ କଂଗ୍ରେସର ସଂପାଦକ ଆଚାର୍ଯ୍ୟ କ୍ରିପ୍ଲାନି ନିଜେ ଗୋଟିଏ ବିବୃତିରେ ଏହାର ଉତ୍ତର ଦେଇଛନ୍ତି। ସେ କହନ୍ତି - ପ୍ରସ୍ତାବିତ ଶାସନ ପ୍ରତ୍ୟାଖ୍ୟାନ କରିବାରେ ବ୍ୟବସ୍ଥାପକ ସଭା ଛାଡିବାର କଳ୍ପନା ନାହିଁ। ସରଦାର ବଲ୍ଲଭଭାଇ ସ୍ପଷ୍ଟତଃ କହିଛନ୍ତି, ବ୍ୟବସ୍ଥାପକ ସଭାମାନ ହାତରେ ରଖିବାକୁ ହେବ। ମହାତ୍ମା ଗାନ୍ଧୀ ମଧ୍ୟ କେତେଦିନ ତଳେ କହିଥିଲେ ଯେ, କଂଗ୍ରେସ ବ୍ୟବସ୍ଥାପକ ସଭାରେ ପଶି କାର୍ଯ୍ୟ କରିବା କଥାକୁ ଆଉ ଛାଡିବାକୁ ହେବ ନାହିଁ। ଅତଏବ ପ୍ରତ୍ୟାଖ୍ୟାନ କଥାର କଥା ନୁହେ, କି ତହିଁରେ ବର୍ଜନର ପ୍ରସଙ୍ଗ ନାହିଁ। ଚିମନ୍ ଲାଲ ପ୍ରଭୃତି ଯେଉଁ ଭାବରେ ବ୍ୟବସ୍ଥାପକ ସଭାମାନଙ୍କରେ କାର୍ଯ୍ୟକରି ସେହି ସୂତ୍ରରେ କ୍ରମେ କ୍ରମେ ରୀତି ଓ ପଦ୍ଧତିମାନ ଗଢ଼ି ଗଢ଼ି ସ୍ୱରାଜ୍ୟ ଆଡକୁ ଉଠିବାକୁ ଚାହାନ୍ତି, ସେଥିରେ ହିଁ ତାଙ୍କର ବର୍ଜନହୀନ ପ୍ରତ୍ୟାଖ୍ୟାନ ବୁଝିବାରେ ଅସୁବିଧା ହେଉଛି। ଇଉରୋପର ଅନେକ ବ୍ୟବସ୍ଥା ସଭାରେ ଏପରି ଦଳ ଓ ମତର ଲୋକେ ଅଛନ୍ତି, ଯେଉଁମାନେ କେବେ ବିଶ୍ୱାସ କରନ୍ତି ନାହିଁ ଯେ, ସେମାନଙ୍କ ଦେଶର ପ୍ରଚଳିତ ଶାସନ ପଦ୍ଧତିରେ ଦେଶର ମଙ୍ଗଳ ହେବ। ତଥାପି ସେମାନେ ବ୍ୟବସ୍ଥାସଭାକୁ ଯାଆନ୍ତି। ସେମାନଙ୍କର ଉଦ୍ଦେଶ୍ୟ ବ୍ୟବସ୍ଥାସଭାର ସୁଯୋଗ ଓ ସୁବିଧାମାନ ହାତକୁ ନେଇ, କ୍ଷମତା ଆୟତ୍ତ କରି, ସେହି କ୍ଷମତାର ବ୍ୟବହାରରେ ଅମଙ୍ଗଳକର ପ୍ରଚଳିତ ଶାସନ ପଦ୍ଧତିକୁ ଭାଙ୍ଗି ନୂଆ କରି ଗଢ଼ିବେ। ଲୋକମତ ଘେନି ସେମାନେ ସେଠାକୁ ଯାଆନ୍ତି। ସେହି ଲୋକମତ ହିଁ ସେମାନଙ୍କର ବଳ। ପ୍ରଚଳିତ ଶାସନ ପଦ୍ଧତିର ନୀତିସବୁ ମାନି ସେମାନେ ସେଠାକୁ ଯାଉନାହାନ୍ତି। ସେ ପଦ୍ଧତିର ନୀତିସବୁ ସଂପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିସାରି ଓ ସେହି କଥା ଲୋକଙ୍କୁ କହି ଲୋକଙ୍କ ମତ ଧରି ସେମାନେ ବ୍ୟବସ୍ଥା ସଭା ମାଡ଼ି ବସନ୍ତି।

ଆଚାର୍ଯ୍ୟ ପୁଣି କହିଛନ୍ତି, "ବ୍ୟବସ୍ଥା ସଭା ବର୍ଜନ ପ୍ରତ୍ୟାଖ୍ୟାନର ଏକମାତ୍ର ପନ୍ଥା ନୁହେ। ଦେଶର ଲୋକେ ଏପରି ରାଜନୀତିକ ଅନ୍ଧ ରକ୍ଷଣଶୀଳତା ଛାଡ଼ିବାର ବେଳ ଆସିଛି। କଂଗ୍ରେସ ଲୋକେ ଏବେ ବ୍ୟବସ୍ଥା ସଭାରେ ପଶିବେ। ପ୍ରଚଳିତ ଶାସନ ପଦ୍ଧତିକୁ

Digitized by PPRACHIN, SOA

ମାନିଯାଇ ସେହି ଅନୁସାରେ କାର୍ଯ୍ୟ କରିବାକୁ ସେମାନେ ସେଥିରେ ପଶିବେ ନାହିଁ- ସେଥିରେ ଦେଶସେବାର ପନ୍ଥା ଫିଟାଇବା ପାଇଁ ସେମାନେ ତାହା କରିବେ।"

ସାର୍ ଚିମନ୍ ଲାଲ କହିଛନ୍ତି - "କଂଗ୍ରେସ ଓ ନରମ ବା ଉଦାର ଜାତୀୟବାଦୀଙ୍କ ମଧ୍ୟରେ ମୂଳନୀତିରେ ପ୍ରଭେଦ ରହିଛି। ସେଥିରୁ ଆଚାର୍ଯ୍ୟ କ୍ରିପ୍‌ଲାନି କହନ୍ତି, ଏ କଥା ଠିକ୍ ନୁହେଁ। ଉଦାର ଜାତୀୟବାଦୀମାନେ ଡୋମିନିୟନ୍ ଷ୍ଟେଟସ୍ (Dominion status) ବା ଔପନିବେଶିକ ଶାସନ ଚାହାନ୍ତି। ତିନିବର୍ଷ ତଳେ ଷ୍ଟାଟିଉଟ୍ ଅଫ୍ ଓଏଷ୍ଟମିନିଷ୍ଟର (statute of west minister) ବୋଲି ଯେଉଁ ଆଇନ କରା ହୋଇଛି, ସେଥିରେ ଔପନିବେଶିକ ଶାସନ ଓ ପୂର୍ଣ୍ଣ ସ୍ୱରାଜ ମଧରେ ବିଶେଷ କିଛି ପ୍ରଭେଦ ନାହିଁ। କଂଗ୍ରେସ ତ ପୂର୍ଣ୍ଣ ସ୍ୱରାଜ ଚାହାନ୍ତି। ଔପନିବେଶିକ ଶାସନ ଓ ଇଂରେଜ ସ୍ୱେଚ୍ଛାଚାର ଶାସନ ମଧ୍ୟରେ ଯେ ପ୍ରଭେଦ ଅଛି, ଔପନିବେଶିକ ଶାସନ ଓ ପୂର୍ଣ୍ଣ ସ୍ୱରାଜ ମଧ୍ୟରେ ସେ ପ୍ରଭେଦ ରହି ନ ପାରେ। ତଥାପି ଔପନିବେଶିକ ଶାସନକାମୀ ଉଦାର ରାଜନୀତିକମାନେ ସ୍ୱେଚ୍ଛାଶାସନକାମୀ ଇଂରେଜ ସରକାରଙ୍କ ସଙ୍ଗେ ସହଯୋଗ କରିବାର ଦେଖାଯାଏ। ତେବେ ସେହି ଉଦାର ରାଜନୀତିକ ଓ ପୂର୍ଣ୍ଣ ସ୍ୱରାଜ୍ୟକାମୀ କଂଗ୍ରେସ ରାଜନୀତିକମାନଙ୍କ ମଧ୍ୟରେ ବିଶେଷରେ ପୁଣି ଏପରି ଦରକାର ପଡ଼ିଥିବାବେଳେ ଏକ ସଙ୍ଗେ କାର୍ଯ୍ୟ କରିବାରେ ଅସୁବିଧା ହେବ କାହିଁକି? ଉଦାରନୀତିକମାନେ ମନକୁ ଟିକିଏ ଯଥାର୍ଥରେ ଉଦାର କରି ଦିଅନ୍ତୁ। ପୁରୁଣା କଥା ଓ ବଦ୍ଧମୂଳ ଧାରଣା ସବୁ ଟିକିଏ ଭୁଲିବାକୁ ଚେଷ୍ଟା କରନ୍ତୁ। ପନ୍ଥା ଦେଖାଯିବ।"

ବ୍ୟବସ୍ଥା ସଭା ସମ୍ବନ୍ଧରେ କଂଗ୍ରେସ ଏବେ କି କାର୍ଯ୍ୟପନ୍ଥା କଳ୍ପନା କରନ୍ତି, ତାହା ଆଚାର୍ଯ୍ୟ କ୍ରିପ୍‌ଲାନିଙ୍କ ଏହି ବିବୃତିରୁ ସ୍ପଷ୍ଟ ହେବ। ନରମ, ଗରମ, ସବୁ ଦଳର ଲୋକଙ୍କୁ ଏ କର୍ମ ପନ୍ଥାରେ ଯୋଗ ଦେବାକୁ ଡାକିବାରେ କଂଗ୍ରେସଙ୍କ ଆନ୍ତରିକତା ମଧ୍ୟ ଭଲ ଭାବରେ ଜଣାପଡୁଛି। ଓଡ଼ିଶାରେ ଅବଶ୍ୟ ଏତେ ଦିନ ହେଲା କଂଗ୍ରେସ ଛଡ଼ା ଅନ୍ୟ ଜାତୀୟ ରାଜନୀତି ଦଳବଦ୍ଧ ଭାବରେ ନ ଥିଲା। ତଥାପି ବ୍ୟକ୍ତିଗତ ଭାବରେ ଯେଉଁ ଜାତୀୟ ଧର୍ମୀମାନେ କଂଗ୍ରେସର ତୀବ୍ର ସଂଗ୍ରାମ ଆହ୍ୱାନକୁ ପସନ୍ଦ କରୁ ନଥିଲେ, ସେମାନେ ମଧ୍ୟ ଏବେ କଂଗ୍ରେସ ରାଜନୀତିକମାନଙ୍କର ଏ ଉପଯୋଗୀ ପନ୍ଥାରେ ପୂର୍ଣ୍ଣ ପ୍ରାଣରେ ଯୋଗ ଦିଅନ୍ତୁ।

ଏହି ପ୍ରସଙ୍ଗରେ ଓଡ଼ିଶା କଂଗ୍ରେସ ନିଜ ଭିତରକୁ ଚାହିଁବା କଥା ମଧ ଟିକିଏ ଉଠିପାରେ। ପ୍ରକାଶ ପାଇଚି କେହି କେହି ପ୍ରାଦେଶିକ ବ୍ୟବସ୍ଥା ସଭାରେ କଂଗ୍ରେସ ସଦସ୍ୟଙ୍କ କାର୍ଯ୍ୟ ଆଜହୁଁ ଗୋଟିଏ ଧାରାରେ ନିୟମିତ କରିବାକୁ ଲୋଡ଼ନ୍ତି। ବିଶେଷରେ ମନ୍ତ୍ରିପଦ ଗ୍ରହଣ ନ କରିବାର ପରାମର୍ଶ ସେମାନେ ନିଖିଳ ଭାରତ କଂଗ୍ରେସକୁ ଦେଇ ରଖିବାର ପ୍ରୟାସ କରନ୍ତି। କ୍ରିପ୍‌ଲାନିଙ୍କ କଥାକୁ ସେମାନେ ପ୍ରଣିଧାନ ଦିଅନ୍ତୁ। ପଛରେ ଦୃଢ଼ ଓ ବଳିଷ୍ଠ

Digitized by PPRACHIN, SOA

ଭାବରେ ସଙ୍ଗଠିତ ଲୋକମତ ରଖିବାହିଁ କଂଗ୍ରେସ ବ୍ୟବସ୍ଥାପକମାନଙ୍କର ଏବେ ଏକ ମାତ୍ର ପ୍ରଯତ୍ନ ହେବା ଉଚିତ। ଦେଶରେ ଭୋଟର ସଂଖ୍ୟା ଯେପରି ବଢ଼ିଯିବାର କଥା, ସେଥିରେ ବ୍ୟବସ୍ଥା ସଭାର ନିର୍ବାଚନ ଲୋକମତର ମାନଦଣ୍ଡ। ଏହି ଲୋକମତକୁ ସ୍ପଷ୍ଟ ଭାବରେ ଆୟତ୍ତ କରିବାର ଅବସ୍ଥା ଦୃଢ଼ କରିସାରି, ତାପରେ ଅନ୍ୟ ବିଚାରରେ ମୁଣ୍ଡ ଖେଳାଇବାକୁ ଚେଷ୍ଟା କରାଯାଇପାରେ। ବର୍ତ୍ତମାନର ପରିସ୍ଥିତି ଓ ପୁରଃସ୍ଥିତିରେ ମନ୍ତ୍ରୀପଦ ଘେନି ବ୍ୟସ୍ତ ହେବାର କିଛି ନାହିଁ। ବରଂ ବ୍ୟବସ୍ଥା ସଭାମାନ ହାତ କରି ମନ୍ତ୍ରୀ ପଦ ପାଇଁ ନିଃସନ୍ଦେହ ଯୋଗ୍ୟତା ଦେଖାଇବାର ଅଛି। ତେଣିକି ଯେ ଯୋଗ୍ୟ ରଖିବା ଛାଡ଼ିବା ତାରି ଏକା ବିଚରାଧୀନ।

ନବ ଭାରତ-୧/୭, ଆଲୋଚନା

ପ୍ରାଦେଶିକ କଂଗ୍ରେସ ଓ ପ୍ରାଦେଶିକ ସରକାର

ଗତ ଦୁଇବର୍ଷ ହେଲା କଂଗ୍ରେସ ଭାରତରେ କେତେ ଗୁଡ଼ିଏ ପ୍ରାଦେଶିକ ସରକାରର ଭାର ନେଇଛି। ମନ୍ତ୍ରୀତ୍ୱ ଗ୍ରହଣ କଲା ପୂର୍ବରୁ ସେ ବିଷୟରେ ଘୋର ମତ ଓ ଅମତ ଭିତରେ ବିବାଦ ଦେଖା ଯାଇଥିଲା। ଯେଉଁମାନେ ଅମତ ଦେଉଥିଲେ ସେମାନେ କହୁଥିଲେ ଶାସନ ଚକ୍ରରେ ଥରେ ପଶିଲେ ମମତାର ଲାଳସା ଓ ସେଥିସଙ୍ଗେ ଲୋକଦୃଷ୍ଟିରେ ପ୍ରସିଦ୍ଧି ପ୍ରଭୃତି ନାନା ପ୍ରକାର ରୋଗ କଂଗ୍ରେସ ଲୋକଙ୍କୁ ଗ୍ରାସ କରିବ। ଫଳରେ ଲଢ଼ିବା ଆଡୁ ଦୃଷ୍ଟି ଫେରିଆସି ଗଢିବା ନାମରେ କାର୍ଯ୍ୟାନ୍ତରରେ ଲାଗି ଯିବ। ଅତଏବ ପୂର୍ଣ୍ଣ ସ୍ୱାଧୀନତା ନ ପାଇବା ପର୍ଯ୍ୟନ୍ତ ତାହା କରଣୀୟ ନୁହେଁ। କେବଳ ସେତିକି ନୁହେଁ। କଂଗ୍ରେସ ବ୍ୟବସ୍ଥା ସଭାମାନ ହସ୍ତଗତ କରିବା ବେଳକୁ ଦେଖାଯାଇଥିଲା କଂଗ୍ରେସ ନାମରେ ବହୁତ ଧୂଆ ମୂଳା ଅଧୂଆ ମୂଳା ପଶି ଯାଇଥିଲେ। ପୁଣି ରାଜ୍ୟ ଚଳାଇବା ପାଇଁ ଯେ ବିଦ୍ୟା ଗୌରବ ଚିନ୍ତା ସାଧନାଦି ଦରକାର ତାହା ଅଧିକାଂଶଙ୍କର ନ ଥିଲା। ଅନେକ ମଧ୍ୟ ଜେଲ୍ ଯାଇ କଷ୍ଟ ସହ ତା ପରିବର୍ତ୍ତରେ ବ୍ୟବସ୍ଥା ସଭାକୁ ଯିବା ଗୋଟିଏ ପୁରସ୍କାର ବୋଲି ବିଚାରି ଥିଲେ। ଏସବୁ ପରିସ୍ଥିତି ଭିତରେ କଂଗ୍ରେସ ସରକାର ନେଲେ।

ମନ୍ତ୍ରୀତ୍ୱ ଗ୍ରହଣର ଦୁଇବର୍ଷପରେ-

ଆମ୍ଭେମାନେ ମଧ୍ୟ ସେଥିରେ ମତ ଦେଇଥିଲୁ କିନ୍ତୁ ସେ ମତର କାରଣ ଟିକିଏ ଭିନ୍ନ। ଆମ ମତରେ ଦେଶ ଲୋକଙ୍କର ଲଢିବାର ଶକ୍ତି ଆଉ ନଥିଲା। ନିକ୍ଷେପଣ ଭିତରେ ସେ ଶକ୍ତି ଆଶାନୁରୂପ ଜାଗରୂକ ରଖିବାର ମାଲମସଲା ଦେଖା ଯାଉ ନଥିଲା। ୧୯୩୨ର ଦ୍ୱିତୀୟ ସତ୍ୟାଗ୍ରହ ପରେ ଲୋକେ ନିସ୍ତେଜ ହୋଇ ପଡ଼ିଥିଲେ। ଶୁଷ୍କ କଣ୍ଠରେ ଜଳ ନଦେଲେ, ଲୋକଙ୍କୁ ଲଢ଼େଇର କିଛି ଉପକାର ଦେଖାଇ ନ ଦେଲେ ଲୋକଶକ୍ତି ଯେ

Digitized by PPRACHIN, SOA

ଉପର୍ଯ୍ୟୁପରି ଘୋରରୁ ଘୋରତର ନିଷ୍ପେଷଣ ସହି ପାରିବ, ଏ ଆଶା ମଧ୍ୟ ନ ଥିଲା। ସେଥିପାଇଁ ଲୋକଙ୍କୁ ଦମ୍ ଦେବାପାଇଁ କଂଗ୍ରେସ ସରକାର ନିଅନ୍ତୁ ବୋଲି ଆମର ମତ ଥିଲା।

ଅବଶ୍ୟ ଆମେ ଏଠାରେ ବିଶେଷ ଭାବେ ନିଜର ଅନୁଭବରୁ କହୁଛୁ। ଅନ୍ୟ ପ୍ରଦେଶ ସମ୍ବନ୍ଧରେ ଆମର ବିଶେଷ ଶୁଣାକଥା, ଓଡ଼ିଶା ସମ୍ବନ୍ଧରେ ଦେଖା କଥା। ଏବେ ଲୋକଙ୍କୁ ଦାନ ଦେବାର ପ୍ରଧାନ ଉପାଦାନ ହେଉଛି ସରକାର ଘେନି ଯଥା-ଯଥ ଭାବରେ ପ୍ରଦେଶର ଆର୍ଥିକତା ତଥା ନୈତିକତା ଗଢ଼ିବା। ଲୋକଙ୍କୁ ଲୋକଶାସନର ଗତିବିଧି ପ୍ରଭୃତିରେ ଅଭ୍ୟସ୍ତ କରିବା। ସେଥିପାଇଁ ସରକାର ତଥା ବ୍ୟବସ୍ଥାସଭାର ମେମ୍ବରମାନେ ଯଥାର୍ଥଭାବେ ଲୋକପ୍ରତିନିଧି ହେବା ଉଚିତ। କିନ୍ତୁ ତାହା କେତେଦୂର ହେଉଛି, ଚିନ୍ତା କରିବାର କଥା। ଏବେ ଲୋକଙ୍କ ସଙ୍ଗେ ଯଥାର୍ଥରେ ସରକାରଙ୍କର କୌଣସି ସମ୍ପର୍କ ନାହିଁ। ଏ ଭାରତ ବିରାଟ ଦେଶ। ଭିନ୍ନ ଭିନ୍ନ ପ୍ରଦେଶରେ ଲୋକଙ୍କ ଅବସ୍ଥା ଓ ପରିସ୍ଥିତି ଭିନ୍ନ ଭିନ୍ନ। ଏପରିକି ଭିନ୍ନ ଭିନ୍ନ ଜିଲାରେ ମଧ୍ୟ ସ୍ପଷ୍ଟ ଓ ବିଶିଷ୍ଟ ଭେଦ ରହିଛି। କିନ୍ତୁ ଆମର ସେ ଆଡ଼ିକି ଦୃଷ୍ଟି ନାହିଁ। ଲାଟ ସଭାରେ ବହୁ ପକ୍ଷ ଧରି ଆମେ ଲୋକଙ୍କ ପ୍ରତିନିଧି ବୋଲି ଚାଳ ଉପରେ ବସି ମନ୍ତ୍ରୀ ଓ ମେମ୍ବରମାନେ ନିର୍ବ୍ୟପେକ୍ଷ ଭାବରେ କେତେକ କାମ କରି ଯାଉଛନ୍ତି, ଆଉ କେତେକ ଦେଉଳରୁ ମହାପ୍ରସାଦ ଖାଇଲା ପରି ଉଆର୍ଦ୍ଧା ବା ସେହିପରି ଅନ୍ୟ କୌଣସି ଠାରୁ ଆଣି ଲୋକଙ୍କୁ ବାଣ୍ଟୁଛନ୍ତି।

ମହାପ୍ରସାଦ ସେବା-

ଦ୍ୱିତୀୟ କଥାଟି ଦେଖାଯାଉ। ଉଆର୍ଦ୍ଧାରୁ ମୌଳିକ ଶିକ୍ଷାର ବାତ୍ୟା ବୋହିଲା। ନାନା ଉପାୟରେ, ଧର, ଓଡ଼ିଶାର ସରକାର ତାହା ଆଜି ଦେଶ ସାରା ଚିପି ଭର୍ତ୍ତିକରିବାର ଉଦ୍ୟମ କରୁଛନ୍ତି, କିନ୍ତୁ ଦେଶରେ କେତେଜଣ ଲୋକ ତାହା ବୁଝିଛନ୍ତି ବା ତାହାର ଫଳାଫଳ ବିଚାର କରି ମତ ଦେବା ଅବସ୍ଥାକୁ ଆସିଛନ୍ତି। ସେ ଦିଗରେ କି ଉଦ୍ୟମ ହୋଇଛି? ଦେଶରେ ପ୍ରାଥମିକ ତଥା ଉଚ୍ଚ ଶିକ୍ଷାର ଯେଉଁ ବିରାଟ ଗଣ୍ଡି ପଡ଼ି ରହିଛି, ତାହାର କାର୍ଯ୍ୟ ଗତାନୁଗତିକ ଭାବରେ ଚାଲୁଛି। କମିଟିମାନ କରି ପୂର୍ବପ୍ରଥା ଅନୁସାରେ ତହିଁର ବିକାଶ ସମ୍ବନ୍ଧରେ କଳ୍ପନା ଓ ଯୋଜନାମାନ କରା ହେଉଛି। ମୌଳିକ ଶିକ୍ଷା, ଆସିବ ଭାରତ ମହାସାଗରେ ନିର୍ଜନ ଦ୍ୱୀପପରି ତାହା କୌଣସି କୌଣସି ସ୍ଥାନରେ ଥୁଆ ହେବ। ସେଥିରେ ବିସ୍ତର ଟଙ୍କା ଖର୍ଚ୍ଚ ହେବ। କିନ୍ତୁ କେତେ ଦିନରେ କିପରି ଭାବରେ ଲୋକେ ତାହାର ରସାସ୍ୱାଦନ କରିବେ ତାହା ଜାଣିବାର କୌଣସି କଳ୍ପନା ନାହିଁ। ଦେଶର ଶିକ୍ଷକ ଓ ଶିକ୍ଷାଭିଳାଷୀମାନେ ସେ ଦିଗରେ ପ୍ରଭାବିତ ନ ହେଲେ, ସେ ବିଷୟରେ ଚିନ୍ତା ନ ଚଳାଇଲେ ତାହାର ଭଲ ମନ୍ଦ କିପରି ଜଣାପଡ଼ିବ?

Digitized by PPRACHIN, SOA

ଏ ଦେଶର ଜଳବାୟୁରେ ତାହା କିପରି କାର୍ଯ୍ୟ କରିବ କେହି ଭାବି ନାହାନ୍ତି। ସମସ୍ତଙ୍କୁ ଭୁଲାଇ ରଖାଯାଇଛି, ଉଆର୍ଦ୍ଧାରୁ ଆସୁଛି, ଗାନ୍ଧି କହୁଛନ୍ତି: ଗାନ୍ଧି ଯାହା କହୁଛନ୍ତି, ତାହାହିଁ ହେବ, ତାହା କରିବାକୁ ହେବ। ଗାନ୍ଧି କ'ଣ କହୁଛନ୍ତି ତାହା କିପରି କରିବାକୁ ହେବ କାହିଁକି ବା କରିବାକୁ ହେବ- ସେ ବିଷୟ ଦେଶରେ ବୁଝାଇ ଦେଶର ମତ ବଦଳାଇବାକୁ କେତେଜଣ ଚେଷ୍ଟା କରୁଛନ୍ତି। ଶିକ୍ଷା ମନ୍ତ୍ରୀ ଏ ବିଷୟରେ କଣ ଜାଣନ୍ତି, ଶିକ୍ଷା ବିଭାଗର ନେତାମାନେ ଏ ପ୍ରଭାବ କିପରି ପ୍ରଚାର କରୁଛନ୍ତି, ସେ ପ୍ରଚାରରେ ଲୋକଙ୍କର କି ପ୍ରତିକ୍ରିୟା ହେଉଛିଏ ସବୁରେ କାହାର କିଛି କହିବାର ନାହିଁ। ଗାନ୍ଧିଙ୍କ ଅହିଂସା ଧରୁ ଧରୁ ଲୋକେ ମାଛ ମାଂସ ଛାଡିବାମାତ୍ର ଶିଖିଲେ, କିନ୍ତୁ କଳେବଳେ କୌଶଳେ ଅପରକୁ ନାଶ କରି ନିଜର ସ୍ୱାର୍ଥ ସାଧନ କରିବା ବିରୁଦ୍ଧରେ ତାହା ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇ ନାହିଁ। ବରଂ ଗାନ୍ଧି ଓ ଅହିଂସା ନାମରେ ଅନ୍ୟର ଦଳନରେ ଆତ୍ମପ୍ରତିଷ୍ଠା ଅତି କମ୍ ଦେଖାଯାଉ ନାହିଁ। ଗାନ୍ଧି ତଥା କଂଗ୍ରେସ ନାମରେ ଶାସନ ଦଣ୍ଡ ଧରି ବସି ଲୋକେ ବେଳେ ବେଳେ ନାନା କୁତ୍ସିତ କ୍ରିୟାରେ ଦଳ ସଜାଡ଼ି ନିଜର ଅଯତ୍ନଲବ୍ଧ ପ୍ରତିଷ୍ଠା ଦୃଢ ରଖି ଭୋଗ କରିବାକୁ ବ୍ୟାକୁଳ ଥିବାର ଦୃଷ୍ଟାନ୍ତ କମ୍ ନୁହେଁ। ଗତ ଦୁଇ ବର୍ଷର କଂଗ୍ରେସ ସରକାରରେ ଯେତେ ଅନୀତି ଓ ବିଭତ୍ସତା ଦେଶରେ ଖେଳି ଯାଇଛି ବୋଲି ଜଣା ପଡିଛି ସେଥିପାଇଁ କୌଣସି ମୁଖ୍ୟମଣ୍ୟଙ୍କର ଚିନ୍ତା ପର୍ଯ୍ୟନ୍ତ ନାହିଁ, ସାଧନା ତ ଦୂରର କଥା। କେବଳ ବଡ଼ ଲୋକର ନାମ ଧରି କଂଗ୍ରେସର ଦ୍ୱାହି ଦେଇ ଏ ସବୁ କେତେଦିନ ଚାଲିବ ?

ଗ୍ରାମୋଦ୍ୟୋଗ

ଆଉ ଗୋଟାଏ କଥା ଦେଖ-ଗ୍ରାମୋଦ୍ୟୋଗ। ଲକ୍ଷ ଲକ୍ଷ ଓଡ଼ିଆ ଓଡ଼ିଶା ବାହାରେ ମଜୁରି ଖଟି ଓଡ଼ିଶାକୁ ମନିଅର୍ଡର ପଠାନ୍ତି, ସେଥିରେ ଓଡ଼ିଶା ଚଳେ। ସେହି ମନିଅର୍ଡର୍‌ରୁ କେତେକାଂଶ ସରକାରଙ୍କର ଖଜଣା ବାବଦରେ ଆସେ କିନ୍ତୁ ଆଜି ସବୁ ପ୍ରଦେଶରେ ପ୍ରାଦେଶିକତା କ୍ରମେ ସ୍ପଷ୍ଟ ହୋଇ ଫୁଟୁଛି। ସହସ୍ର ସହସ୍ର ସଂଖ୍ୟାରେ ଓଡ଼ିଆ ବିଦେଶରେ କାମ ନ ପାଇ ଫେରୁଛନ୍ତି। ଗ୍ରାମୋଦ୍ୟୋଗରେ ବର୍ଷକୁ ଦଶ କୋଡ଼ିଏ ହଜାର ମାତ୍ର ଟଙ୍କା ଦେଇ ଆମେ ନିଶ୍ଚିନ୍ତ। ସେଥିରେ ଶିଳ୍ପହୀନ ଓଡ଼ିଶାର କେତେ ଦିନରେ କି ଉପାୟରେ କେତେଦୂର ଉନ୍ନତି ହେବ ତାହା ସରକାର ବିଚାରୁଛନ୍ତି କି ? ବିଚାରିବା ଦରକାର ମନେ କରୁ ନାହାନ୍ତି। ଲୋକେ ଗାନ୍ଧିଙ୍କ ନାମରେ ଭୁଲି ରହିଲେ ହେଲା। ଗ୍ରାମୋଦ୍ୟୋଗ ବିରୋଧରେ ଆମେ କିଛି କହୁ ନାହିଁ। ତାହା ଏକ ଜନସେବାର ସାଧନା କିନ୍ତୁ ଏଥିରେ ଧାର୍ମିକ ପ୍ରାଣ ଯେତେ ଥିଲେ ହେଁ ଏ ଯୁଗର ଆର୍ଥିକ ପୁରୋଦୃଷ୍ଟିର ସମସ୍ୟା ସମାଧାନରେ ତାହା ଏକ ପ୍ରକୃଷ୍ଟ ପନ୍ଥା ହୋଇ ନ ପାରେ। ହାତରେ କାଗଜ ତିଆରି କରି ଖଜୁରି ଗଛରୁ

Digitized by PPRACHIN, SOA

ଗୁଡ଼ ବାହାର କରି ଏ ଦେଶରେ ଜନସାଧାରଣ କେତେ ଦିନରେ କିପରି ନିଜର ଆର୍ଥିକ ମେରୁଦଣ୍ଡ ଠିକ୍ କରିବେ ତାହା ବିଚାର୍ଯ୍ୟ। ପୁଣି ଏବେ ସ୍ପଷ୍ଟ ଜଣାପଡ଼ିଛି, ପ୍ରାଦେଶିକ ରାଜନୀତିର ରଜ୍ଜୁ କୌଶଳରେ ହାତରେ ରଖିବାର ଏହିଭଳି ଅନୁଷ୍ଠାନ ସବୁ କେତେକ ପ୍ରତିଷ୍ଠିତ ମୁଖ୍ୟ ଲୋକଙ୍କର ଗୋଟିଏ ଉପାୟ। ଗତବର୍ଷ ଓଡ଼ିଶାରେ କଂଗ୍ରେସ ରାଜନୀତିକ ଘୋର ଦ୍ୱନ୍ଦ୍ୱ ବେଳେ ସାଧୁ ସାଧକ ଗୋପବଂଧୁ ଚୌଧୁରୀଙ୍କୁ ଆବର୍ତ୍ତ ଭିତରେ ବସାଇ ଦିଆଗଲା। ଆଜି ଦରକାର ପଡ଼ିବାରୁ ପ୍ରଫୁଲ୍ଲ ଘୋଷ ସୁଭାଷଙ୍କ ସ୍ଥାନ ଅଧିକାର କଲେ। ଏସବୁରେ ଗ୍ରାମୋଦ୍ୟୋଗର ଉଦ୍ଦେଶ୍ୟ ବିଷୟରେ ଚିନ୍ତାଶୀଳ ଲୋକେ ସନ୍ଦୀହାନ ହେବାର ବହୁତ କାରଣ ଅଛି। ଖଦି ଗୋଟିଏ ପ୍ରତିଷ୍ଠିତ ଅନୁଷ୍ଠାନ ୨୦ ବର୍ଷରେ ଲୋକେ ତାହା ଧଇଲେ ନାହିଁ। ଏବେ ସରକାରମାନେ ତାହା ଜଣାଇବାରେ ଲାଗିଛନ୍ତି। ତଥାପି ଯଥାର୍ଥ ଲୋକରେ ତାହା ପଶୁଛି ବୋଲି କୁହାଯାଇ ନ ପାରେ। ସେଥିରେ ପୁଣି ଅନ୍ୟ ଉଦ୍ଦେଶ୍ୟ ବେଳେ ବେଳେ ସ୍ପଷ୍ଟ ପ୍ରକାଶ ପାଉଛି। ସରକାରଙ୍କୁ ହାତରେ ରଖି କେତେକଙ୍କୁ ଖଦି କର୍ମୀ ଓ ଖଦି ବ୍ୟବସାୟୀ କରି ରାଜନୀତିରେ ସାଧାନା କରାଯାଉଛି ବୋଲି ମନେ ହୁଏ। ଯେଉଁମାନେ ଖଦି କର୍ମୀ ବୋଲି ଛାପ ପାଇଛନ୍ତି ସେମାନେ ଯାହାକୁ ନାହିଁ କରିଦେବେ, ସେ ଯେତେ ନିଷ୍ପାପର ହୁଅନ୍ତୁ ପଛେ ଖଦି କରି ପାରିବେ ନାହିଁ କି ବିକି ପାରିବେ ନାହିଁ।

ସରକାରମାନେ ଏ ଉଦ୍ଦେଶ୍ୟରେ ସାହାଯ୍ୟ କରିବାକୁ ଯେପରି କି ପ୍ରସ୍ତୁତ ରହିଛନ୍ତି। ବିଶେଷରେ ସରକାର କାହାକୁ କିଛି କହୁ ନାହାନ୍ତି କି ବୁଝାଉ ନାହାନ୍ତି, କି କେହି ଆପତ୍ତି କଲେ ଶୁଣୁ ନାହାନ୍ତି। ଲୋକେ ସରକାରଙ୍କ ଦେହତତ୍ତ୍ୱ ମଧ୍ୟ ଜାଣିପାରୁ ନାହାନ୍ତି।

ଦେଶ ଭିତରର କଥା–

ଏ ଗଲା ବିଦେଶରୁ ଆସିବା କଥା। ଦେଶ ଭିତରେ କଣ ହେଉଛି ? ଧର, ଖଜଣା ଛାଡ଼ କଥା। ଏବେ ଓଡ଼ିଶାର ଲୋକେ ଯେଉଁ ଖଜଣା ଦିଅନ୍ତି ତାହା ବହୁତ ବେଶୀ। ଏ ଖଜଣାର ପରିମାଣ ଯେତେବେଳେ ବନ୍ଦୋବସ୍ତରେ ନିରୂପିତ ହୋଇଥିଲା ସେତେବେଳେ ଉତ୍ପନ୍ନ ଦ୍ରବ୍ୟର ମୂଲ୍ୟ ବହୁତ ବେଶୀ ଥିଲା। ଅତଏବ ସଙ୍ଗେ ସଙ୍ଗେ ମୂଲ୍ୟ ଅନୁସାରେ ଖଜଣାର ପରିମାଣ ହ୍ରାସ କରିଦେବା ଉଚିତ। ସେଥିପାଇଁ ଯେଉଁ ଧନ ନିଅଣ୍ଟ ପଡ଼ିବ ତାହା ପୂର୍ଣ୍ଣ କରିବା ପାଇଁ ଆଇନ୍‌ରେ ମଧ୍ୟ ଉପାୟ ଅଛି। ଯେଉଁମାନେ ଅତ୍ୟଧିକ କୃଷିଲବ୍ଧ ଧନ ପାନ୍ତି ସେମାନଙ୍କ ଉପରେ ଆୟକର ବସାଇ ଓ ଅନ୍ୟାନ୍ୟ ସେସ୍ ସାହାଯ୍ୟରେ ମୂଲ୍ୟ ପରିମାଣରେ ଖଜଣା କମାଇ ଦିଆଯାଇପାରେ। ସେ ଚିନ୍ତା କେହି କରୁ ନାହାନ୍ତି। କୃଷକ କ୍ରମେ ଧ୍ୱଂସ ହେଉଛି। ସରକାର ଏଣେ କଲମି ଗଛ ବାଣ୍ଟୁଛନ୍ତି। କାହାକୁ? ଗରିବ କୃଷକପାଇଁ ଏ କଳ୍ପନା ବୋଲି କେହି କହିବେ କି ?

Digitized by PPRACHIN, SOA

ସେଥିପାଇଁ ଗ୍ରାମ ସଂଗଠନ ଦରକାର। ଲୋକଙ୍କୁ କର ଦେବାର ଉପକାରିତା ଶିଖାଇବା ଦରକାର। ସେ ଦିଗରେ କିଛି ହେଉ ନାହିଁ। ଲୋକଶାସନର ସ୍ୱାଦୁ ଲୋକଙ୍କ ଜିଭ ଜାଣୁ ନାହିଁ। ପୂର୍ବେ ସରକାରଙ୍କୁ ଦରଖାସ୍ତ କରି ବା ଡେପୁଟେସନରେ ଦେଖା କରି କହି କିଛି ହେଲେ ମିଳିବାର ଆଶା ଥିଲା। ଏବେ ସେହି ଦରଖାସ୍ତ ଚାଲିଛି ଡେପୁଟେସନ୍ ଚାଲିଛି। କିନ୍ତୁ ଶାସନ ଯେ ଲୋକଙ୍କର ନିଜର ସେ କଥା ଲୋକେ ଶିଖୁଛନ୍ତି କି? ସ୍ଥାନୀୟ ସ୍ୱାୟତ୍ତ ଶାସନ ଶିଖିବା ପାଇଁ ପୂର୍ବେ ଜିଲାବୋର୍ଡ ମୁନିସିପାଲିଟି ଆରମ୍ଭ ହେଉଥିଲା। ସେଠାରୁ ସରକାରଙ୍କ ମନୋନୀତ ମେମ୍ବର ଉଠାଇ ଦିଆଯାଉଥିଲା। ଓଡ଼ିଶାର ଏବେ ସରକାର ସେତକ ସୁଦ୍ଧା ଛାଡି ପାରି ନାହାନ୍ତି। ବରଂ ସେଇ ସୂତ୍ରରେ ସ୍ଥାନୀୟ ଶାସନରେ ପ୍ରଚ୍ଛନ ଭାବରେ ନିଜର ଦଳ ଦୃଢ କରିବାର ସ୍ପୃହା ମଧ୍ୟ ଲକ୍ଷ କରାଯାଇପାରେ।

ମଠ ଆଇନ

ମଠ ଆଇନ୍ ଓ ପ୍ରଜାସ୍ୱତ୍ୱ ଆଇନମାନଙ୍କ ବିଷୟରେ ବହୁତ କୁହା ଯାଇଛି। ସ୍ଥାନାନ୍ତରରେ ପ୍ରସଙ୍ଗ କ୍ରମେ ଆହୁରି ମଧ୍ୟ କୁହାଯିବ। ମାତ୍ର ଏପରି ପରିସ୍ଥିତିରେ କର୍ତ୍ତବ୍ୟ କଣ? କଂଗ୍ରେସ ବର୍ତ୍ତମାନ କରନ୍ତୁ, ପ୍ରାଦେଶିକ ସରକାରମାନଙ୍କର ସାକ୍ଷାତ୍ ସମ୍ବନ୍ଧ ଅନ୍ତତଃ ପ୍ରାଦେଶିକ କଂଗ୍ରେସ ସଙ୍ଗେ ରହୁ, ପ୍ରାଦେଶିକ କଂଗ୍ରେସର ପରାମର୍ଶ ବିନା ଉପର ଚାଳକମାନେ କିଛି ନ କରନ୍ତୁ। ଏପରି କରିବାରେ ପ୍ରଦେଶରୁ ସରକାରଙ୍କ ଦାୟିତ୍ୱ କ୍ରମେ ଛାଡ଼ି ଯାଉଛି। ସେମାନେ ଉପର ଚାଳକମାନଙ୍କ ରକ୍ଷକତାରେ ନିଶ୍ଚିନ୍ତ ଓ ନିରାଲମ୍ବ ହୋଇପଡୁଛନ୍ତି। ପ୍ରଦେଶ ମଧ୍ୟରେ କ୍ରମେ ଆଶଂକା ଓ ଅସନ୍ତୋଷ ବଢୁଛି। ଶାସନ କ୍ଷମତାର ଦାଉକୁ ଡରି ଲୋକେ ହୁଏତ ସ୍ପଷ୍ଟ କିଛି କହିପାରୁ ନାହାନ୍ତି। ମାତ୍ର କୁଟାଗଦା ଚାପି ଦେଲେ ଅଗ୍ନିର ମୁର୍ମୁର ଦାହ ଲୁଚି ରହେ ନାହିଁ। ଦିନେ ଏହା ବାହାରି ପଡିବ। ଏଥିରେ କେବଳ ସରକାର ନୁହେଁ, କଂଗ୍ରେସ ମଧ୍ୟ ଭାସିଯିବ। ପୂର୍ଣ୍ଣ ସ୍ୱରାଜ୍ୟ ଆଡ଼କୁ ଏ ଗତି ସ୍ୱଚ୍ଛନ୍ଦ ନୁହେଁ। (ଚି.ମିଶ୍ର)

ନବ ଭାରତ-୫/୯, ଆଲୋଚନା

ସ୍ପଷ୍ଟ ନୀତି ଓ କାର୍ଯ୍ୟକ୍ରମ ଦରକାର

କଂଗ୍ରେସ ଲୋକଶାସନ ବିଧିରେ ରାଜ୍ୟ ଚଳାଇବେ ବୋଲି ପ୍ରାଦେଶିକ ସରକାରମାନ କଲେ । କୌଣସି ବିଧାନରେ ପଶିଲେ ରକ୍ଷଣଶୀଳତା ଆସେ । ବାରମ୍ବାର କହିଚୁ ଲୋକ ଶାସନରେ ଏ ରକ୍ଷଣଶୀଳତାର ପ୍ରଧାନ ପ୍ରତିକାର ହେଉଛି ସରକାରର ବିରୋଧ ଦଳ । ଲୋକ ଶାସନରେ ଏହି ବିରୋଧର ମଧ୍ୟ ଦାୟିତ୍ୱ ଥାଏ। ଏହି ଦାୟିତ୍ୱବାନ୍

Digitized by PPRACHIN, SOA

ବିରୋଧକୁ ଚାହିଁ ସରକାର ଠିକ୍ ରହନ୍ତି । ରକ୍ଷଣଶୀଳତାରେ ନ ପଡ଼ି ପ୍ରଗତିର ପନ୍ଥା ଦେଖନ୍ତି । ଏ ଦେଶରେ ସେ ବିରୋଧ କିଏ ?

କଂଗ୍ରେସ ପ୍ରାଦେଶିକ ଶାସନ ଗ୍ରହଣ କରିଚି । କଂଗ୍ରେସ ବାହାରେ ଏବେ ଦାୟିତ୍ୱବାନ୍ ବିରୋଧ ନାହିଁ । କାରଣ, ଏ ଦେଶ ଜଳବାୟୁରେ ଲୋକ୍‌ଶାସନ ନଥିଲା । ତେଣୁ କଂଗ୍ରେସ ନିଜକୁ ଦୁଇଭାଗ କରି ଗୋଟିଏ ନିଜ ମଧ୍ୟରେ ବିରୋଧ ତିଆରି କରି ପ୍ରଦେଶ ଶାସନସବୁ ଗ୍ରହଣ କରିବାରେ ଲାଗିଲା । ଶାସନଚକ୍ର ଭିତରେ କାନୁନ୍‌ରେ କାର୍ଯ୍ୟ କରୁଥିବା କଂଗ୍ରେସଟିକୁ ଗଢ଼ି ତା' ହାତରେ ରାଜ୍ୟ ଦେଇ ନିଜ ଭିତରେ ନିଜେ ସମାଲୋଚନାମୂଳକ ବିରୋଧ ସୃଷ୍ଟି କରି ବାହାରେ ଚାହିଁ ବସିଲା । ଏହିପରି କଂଗ୍ରେସଟି ହେଲା ଦି'ଭାଗ ।

ଗୋଟିଏ କଂଗ୍ରେସ ଧର ରହିଲା ସେକ୍ରେଟେରିଏଟ୍ ବା ସରକାରଙ୍କ କର୍ମଚାରୀ ଖାନା ଭିତରେ। ସେ ହେଲା ସରକାରୀ କାନୁନ୍‌ରେ ବନ୍ଧା କଂଗ୍ରେସ। ଏତେକାଳ ଲଢ଼େଇ ପରେ ସେହି କଂଗ୍ରେସ ରାଜ୍ୟର ଧନ ଓ କ୍ଷମତା ଧରି ରାଜ୍ୟ ଚଳାଇବାରେ ଲାଗିଲା । ଫଳରେ ସେଉଟି ହେଲା ଭୋଗର କଂଗ୍ରେସ । ଧନର ବ୍ୟବହାର କ୍ଷମତାର ବ୍ୟବହାର ସଂଗେ ଭୋଗ ଜଡ଼ିତ ରହିଛି । କଂଗ୍ରେସ ଲଢ଼େଇ କରୁଥିଲା । ବିପ୍ଳବରେ ପ୍ରଗତି, ତ୍ୟାଗର ସାଧନାରେ ଆତ୍ମଲାଭ ତାହାର ଏକମାତ୍ର ଆଦର୍ଶ ଓ ପନ୍ଥା ନିୟମିତ କରୁଥିଲା । ମାତ୍ର କର୍ମଚାରୀ - ଖାନାର କଂଗ୍ରେସରେ ସେ କଥା ରହିବାର ନୁହେଁ । କବି କହିଛନ୍ତି, ଏକେତ କ୍ଷମତା ମାନବକୁ କଳୁଷିତ କରେ । ପୁଣି ସେ କ୍ଷମତା ଅବାରିତ ହେଲେ କଳୁଷ ଅନନ୍ତମୁଖରେ ଆତ୍ମପ୍ରସାର କରେ । ଧନ ଓ ପ୍ରଭୁତ୍ୱ ମନକୁ ଅବିବେକତା ଆଣିଦିଏ । ସେ ପ୍ରଭୁତ୍ୱ ପୁଣି ଅବାରିତ ହେଲେ ଦୁଷ୍କୃତି ହିଁ କୀର୍ତ୍ତି ପରି ଲାଗେ ।

ମାତ୍ର ଏଥିରେ ସଂଯମ ହେଉଛି ତ୍ୟାଗ । ଭୋଗରେ ତ୍ୟାଗ ସର୍ବତ୍ର ହିଁ ସୁକୃତର ପନ୍ଥା । ଏହି ତ୍ୟାଗନିଷ୍ଠ କଂଗ୍ରେସ ରହିଲା କର୍ମଚାରୀ - ଖାନାର ବାହାରେ । କଂଗ୍ରେସ କମିଟି ମାନଙ୍କରେ ଏହି ତ୍ୟାଗର କଂଗ୍ରେସକୁ ସର୍ବଦା ଜାଗ୍ରତ ଓ ଜୀବନ୍ତ ରଖିବାର କଥା । ଏହି କଂଗ୍ରେସ ହିଁ ଲୋକମତର ଯଥାର୍ଥ ପ୍ରକାଶକ ଓ ପାଇକ ରୂପେ ଅପର କଂଗ୍ରେସକୁ ଜଗିଥିବେ ଓ ରକ୍ଷଣଶୀଳତାର ଅପଗତିରୁ ରକ୍ଷା କରିବେ । ଏହି ତ୍ୟାଗର କଂଗ୍ରେସ ହିଁ କଂଗ୍ରେସ ଭିତରେ ସରକାରଙ୍କର ଯଥାର୍ଥ ଦାୟିତ୍ୱବାନ୍ ବିରୋଧର କାମ କରିବେ । ତାନହେଲେ ଗତି ନାହିଁ । ତାନହେଲେ ସମସ୍ତ କଂଗ୍ରେସ ଏକମୁଖ ଏକସ୍ୱରରେ କର୍ମଚାରୀ - ଖାନା କଂଗ୍ରେସର ଅଙ୍ଗୀଭୂତ ହେଲେ ଅବସ୍ଥା ଭୀଷଣ ହେବ । ରକ୍ଷଣଶୀଳତରୁ ରକ୍ଷିତ ସ୍ୱାର୍ଥ ବାହାରିବ । ରକ୍ଷିତସ୍ୱାର୍ଥର ଜ୍ୱାଳା ଓ ଆତ୍ମ ପ୍ରତିଷ୍ଠାର ଅବଲେପ କଥା ବୁଝାଇବା ଦରକାର ନାହିଁ । ଆଜି ଏ ଦେଶରେ ଜମିଦାରୀର ରକ୍ଷିତ ସ୍ୱାର୍ଥରେ ଜନସାଧାରଣ ଏହା

Digitized by PPRACHIN, SOA

ଦେଖୁଛନ୍ତି । ଏହିପରି ରକ୍ଷିତ ସ୍ୱାର୍ଥର ଶାସନରେ ଲୋକଶକ୍ତି ଜାଗ୍ରତ ହେଲେ ତାହାର ନାମ ହୁଏ ବିଦ୍ରୋହ । ରକ୍ଷିତ ସ୍ୱାର୍ଥ ନିଜର ପ୍ରତିଷ୍ଠା ରକ୍ଷା କରିବା ପାଇଁ ନାନା ଦମନ ନୀତିରେ ଏହି ବିରୋଧର ଶସାନ କରିବାକୁ ଯାଏ । କିନ୍ତୁ ଜୀବନ୍ତ ବିଦ୍ରୋହର ଶାସନ ଅସମ୍ଭବ । ଏହି ବିରୋଧ ହିଁ ରକ୍ଷିତ ସ୍ୱାର୍ଥର ରକ୍ଷଣଶୀଳତାର ଲକ୍ଷଣ ବୋଲି ବୁଝିବାକୁ ହେବ । ଯେଉଁଠାରେ ଏହି ବିରୋଧ ଉଠିଛି ସେଠାରେ ବୁଝିବାକୁ ହେବ ପ୍ରଗତିର ପରିସ୍ଥିତି ଏହି ବିରୋଧ ବିନା ଆଉ ସୁଗମ ନୁହେଁ । ପ୍ରଗତିପର ମାନବ ଏ ବିରୋଧକୁ ଡରିବାର କିଛି ନାହିଁ । ଏହାକୁ ନିୟମିତ କରି କାର୍ଯ୍ୟରେ ଲଗାଇ ଅହିତକର ରକ୍ଷଣଶୀଳତାକୁ ଧ୍ୱଂସ କରିବାର ଅଛି ।

ଭାରତର ରାଜନୀତିକ ପରିସ୍ଥିତିରେ ଆଜି କ'ଣ ଦେଖାଯାଉଛି । ଆଜି ମଦ ବନ୍ଦ କରିବା ପାଇଁ ଅର୍ଥାତ୍ ଲୋକଙ୍କର ନୈତିକ ଉପକାର ସାଧନ କରିବା ପାଇଁ ବମ୍ବେଇରେ ଲୋକଙ୍କ ଉପରେ ଗୁଳି ଚାଲୁଛି । ଅତ୍ୟାଚାରର କୌଣସି ସମ୍ବାଦ ବାହାରକୁ ଜଣାଇ ନଦେବା ପାଇଁ ଘୋର କଟକଣା ହେଉଛି । ଲୋକଙ୍କୁ ବୁଝାଇ ଲୋକଙ୍କର ସମାଲୋଚନାର ସମ୍ମୁଖୀନ ହୋଇ ସ୍ୱଷ୍ଟ ନୀତିରେ ଶାସନ ବିଧାନ କରିବାର ପନ୍ଥା ଦିଶୁ ନାହିଁ । ସମସ୍ତ କଂଗ୍ରେସକୁ ନାନା ଚେଷ୍ଟାରେ କର୍ମଚାରୀ - ଖାନା କଂଗ୍ରେସର ସମ୍ପୂର୍ଣ୍ଣ ରୂପେ ଅଧୀନ ଓ କରତଳଗତ କରିବା ପାଇଁ ଦୂରପନେୟ ଉଦ୍ୟମ ହେଉଛି । ସମାଲୋଚନାର ନିଶ୍ୱାସ ସୁଦ୍ଧା ନିରୋଧ କରିବା ପାଇଁ ବାହାର କଂଗ୍ରେସରେ ଶୃଙ୍ଖଳାଗତ ବିଧାନର ଶାସ୍ତିଦଣ୍ଡ ବ୍ରତର ଅସିଧାର ପରି ଜଗି ରହିଛି ।

ଏସବୁର ଶୀଘ୍ର ପ୍ରତିକାର ଦରକାର । ସମାଧାନରେ ଏହାର ପ୍ରତିକାର ହୋଇପାରେ । ଗତ ୨୦ ବର୍ଷ ଧରି କଂଗ୍ରେସରେ ଏହିପରି ମତଭେଦ ଓ ବୁଦ୍ଧିଭେଦ ବେଳେ ସମାଧାନ ହୋଇ ଆସିଛି । ସେ ପନ୍ଥାରୁ ଶିକ୍ଷା କରି ଏବେ ମଧ ଶାନ୍ତି ଅଣାଯାଇ ପାରେ । ତା ନହେଲେ ଏହି କଂଗ୍ରେସ ଇତିହାସରେ ମନେଥିବ, ଦିନେ ବାଗ୍ମିବର ସୁରେନ୍ଦ୍ରନାଥଙ୍କୁ ହା ହତାଶ ହୋଇ ଛାଡ଼ି ପଳାଇବାକୁ ହୋଇଥିଲା । ସୁରଟ ଠାରେ ବିଦ୍ରୋହୀମାନଙ୍କୁ ଅଲଗା କରିଦେଇ କଂଗ୍ରେସକୁ ଘର ଭିତରେ ରଖି ବଢ଼ାଇବାର ଉଦ୍ୟମ କଲେ ମଧ ଗୋଖଲେଙ୍କ କଂଗ୍ରେସ ରହି ନାହିଁ । ଆଜି କର୍ମଚାରୀ - ଖାନାର ସାମଗ୍ରୀ ବଳରେ ବଳୀୟାନ୍ ହୋଇ ଦର୍ପରେ, ସମାଧାନ ଲୋଡ଼ିବାର ପନ୍ଥା ଛାଡ଼ିବାର ଦୁର୍ବଳତା ଗ୍ରାସ କରିପାରେ । ଦୁଃଖର କଥା ପ୍ରଭୁତ୍ୱରେ ଅନ୍ଧ ମାନବ ସହଜରେ ସ୍ୱଷ୍ଟ ନିୟତି ଦେଖେ ନାହିଁ । ମାତ୍ର ବିଧାତା ସେ ପନ୍ଥାରୁ କଂଗ୍ରେସକୁ ରକ୍ଷା କରନ୍ତୁ । ପ୍ରଗତିପରାୟଣ ପ୍ରାଣର ଏ କାମନା ବେଳ ଥାଉଁ ଥାଉଁ ସମାଧାନରେ ସଫଳ ହେଉ ।

ନବ ଭାରତ-୬/୧, ଆଲୋଚନା

Digitized by PPRACHIN, SOA

ଶୃଙ୍ଖଳାଗତ ଶାସ୍ତି ବିଧାନ ବା
Disciplinary Action

ଶାସ୍ତିର ଆବଶ୍ୟକତା -

ଏହି ଶୃଙ୍ଖଳାଗତ ଶାସ୍ତି ବିଧାନ କଥାଟି କଂଗ୍ରେସରେ ପୂର୍ବେ ଶୁଣାନଥିଲା । ପ୍ରାଦେଶିକ ବ୍ୟବସ୍ଥା ପରିଷଦରେ କଂଗ୍ରେସ ପଶିବା ଦିନୁ ଏହାର ଏକ ପ୍ରକାର ଉତ୍ପତ୍ତି କହିଲେ ଚଳେ । କଂଗ୍ରେସର ଶୃଙ୍ଖଳା ରଖିବା ପାଇଁ ଆମର ଯେତେଦୂର ମନେହୁଏ ୧୯୩୬ରେ ଏହାର ପ୍ରଚଳନ ହେଲା । କଂଗ୍ରେସ ନୀତି ଓ କ୍ରିୟାକୁ ଦୃଢ଼ ଓ ସଂହତ କରିବା ପାଇଁ କଂଗ୍ରେସ ସଭାପତି ଏହା ଆରମ୍ଭ କଲେ । କଂଗ୍ରେସ ଗୋଟିଏ ଯଥାର୍ଥ ଲୋକମତ ଉପରେ ପ୍ରତିଷ୍ଠିତ ଅନୁଷ୍ଠାନ । ନାନାପ୍ରକାର ଲୋକମତର ବିରୋଧ ସଂଘର୍ଷଜନିତ ସମୂହ ଅଭିବ୍ୟକ୍ତି ଉପରେ କଂଗ୍ରେସ ପ୍ରତିଷ୍ଠିତ । କଂଗ୍ରେସର ଗୋଟିଏ ମୂଳ ନୀତି ବା ଉଦ୍ଦେଶ୍ୟ ସ୍ପଷ୍ଟ ଅଛି । ତାହା ଗ୍ରହଣ ନକଲେ କଂଗ୍ରେସକୁ କେହି ଆସନ୍ତି ନାହିଁ, ଆସି ପାରିବେ ନାହିଁ । ଦୁରଭିସନ୍ଧିରେ କଂଗ୍ରେସକୁ ଖରାପ କରିବା ପାଇଁ କେହି ଆସି କଂଗ୍ରେସରେ ପଶିଲେ ତାହାର ପ୍ରତିବିଧାନ ଆବଶ୍ୟକ ବୋଲି ସମସ୍ତେ କହିବେ । କିନ୍ତୁ କଂଗ୍ରେସ ସତ୍ୟ ଓ ଅହିଂସା ଉପରେ ପ୍ରତିଷ୍ଠିତ । ସେଥିରେ ଏହି ଶୃଙ୍ଖଳାଗତ ଶାସ୍ତିର ପରିସର କେତେ ତାହା ଠିକ୍ କରିବା ବଡ଼ କଠିନ । ସତ୍ୟ ଅହିଂସାରେ ପ୍ରତିଷ୍ଠିତ ଅନୁଷ୍ଠାନରେ ଶାସନଗତ ଶୃଙ୍ଖଳା ପାଇଁ ଶାସ୍ତି ଯେ ବରାବର ଦରକାର ନହେବ ତାହା ଆମେ କହୁ ନାହୁଁ । ସତ୍ୟ ଓ ଅହିଂସା ପୂର୍ଣ୍ଣଭାବରେ କେବଳ ଆଦର୍ଶରେ ଅଛି । ମାନବକ୍ରିୟା ସେହି ଆଦର୍ଶରେ ଗତି କଲେ ମଧ୍ୟ ସେଥିରେ ଶାନ୍ତି ଓ ଅହିଂସା ପୂର୍ଣ୍ଣ ରୂପେ ସର୍ବଦା ପ୍ରକାଶ ପାଇବ ନାହିଁ । ସେଥିପାଇଁ କ୍ରିୟାର ନିୟନ୍ତ୍ରଣ ଦରକାର । ଶୃଙ୍ଖଳାଗତ ଶାସ୍ତି ଏହି ନିୟନ୍ତ୍ରଣର ସାମଗ୍ରୀ ହୋଇପାରେ ।

ଶାସ୍ତିର ପରିସର -

କିନ୍ତୁ ଜଗତରେ ଅନ୍ୟାନ୍ୟ ଶୃଙ୍ଖଳାରେ ଯେ ଶାସ୍ତି ଦରକାର ହୁଏ ସେନାର ଚାଳନାରେ ଠିକ୍ ସେହିପରି ଶାସ୍ତି ଚଳେ ନାହିଁ । କଂଗ୍ରେସକୁ ଗୋଟିଏ ବିରାଟ ସୁଗଠିତ ସେନା ରୂପେ ଦେଖିବାର କାରଣ ଅଛି । କିନ୍ତୁ ମନେ ରଖିବାକୁ ହେବ ଏ ସେନା ଦରମା ଖାଆନ୍ତି ନାହିଁ; କୌଣସି ବିଧିବଦ୍ଧ ଡ୍ରିଲ୍‌ରେ ଶିକ୍ଷିତ ହୋଇ ସୈନ୍ୟ ପରି ଚାଲନ୍ତି ନାହିଁ । ଏବେ ତ୍ୟାଗ ହେଉଛି କଂଗ୍ରେସ ସେନାର ସାଧନା । ତ୍ୟାଗରେ ଆନନ୍ଦ ତାହାର ମୂଲ୍ୟ ବା ପାରିଶ୍ରମିକ । ଏପରି ଅବସ୍ଥାରେ ଶୃଙ୍ଖଳାଗତ ଶାସ୍ତିରେ କଂଗ୍ରେସକୁ ବାନ୍ଧିବାର ଉପଯୋଗୀତା ଓ ସେହି ଶାସ୍ତିର ପରିସର ଠିକଣା କରିବା ବଡ଼ କଠିନ । କୌଣସି

Digitized by PPRACHIN, SOA

ଆଧିଭୌତିକ ଲାଭ ବା ଭୋଗର ଆଶା ନଥିଲେ ଏପରି ବାହାରରୁ ଆସୁଥିବା ଶାସ୍ତି ସହିବା ସମ୍ଭବ ନୁହେଁ । ତ୍ୟାଗରେ ଯେଉଁ ମୁକ୍ତିର ସାଧନା କରାଯାଏ ସେଥିରେ ଶୃଙ୍ଖଳା ଅଛି, ଶାସ୍ତି ମଧ୍ୟ ଅଛି । କିନ୍ତୁ ସେ ଶୃଙ୍ଖଳା ଓ ସେ ଶାସ୍ତି ବ୍ୟକ୍ତି ଇଚ୍ଛା କରି ନିଜେ ନିଜ ଉପରେ ଦିଏ । ନିଜର ଆତ୍ମୋନ୍ନତି ପାଇଁ ଭାରତରେ ମୁନି ଋଷିଙ୍କ ଯୁଗରୁ ଏହିପରି ଶୃଙ୍ଖଳା ଓ ଶାସ୍ତିର ବିଧାନ ବହୁତ ଅଛି। ବ୍ରତ ଉପବାସାଦିରେ ଆଜି କୁସଂସ୍କାର ପଶିଥିଲେ ମଧ୍ୟ ତାହା ସେହି ଶୃଙ୍ଖଳା ଓ ଶାସ୍ତିର ଛାୟା ପ୍ରକାଶ କରୁଅଛି ।

ଏବେ ଶାସ୍ତିର ପ୍ରୟୋଗ –

ମହାତ୍ମା ଗାନ୍ଧି ଏବେ ହେଲା ପରି ଶୃଙ୍ଖଳାଗତ ଶାସ୍ତିର ବିଧାନ କରୁନଥିଲେ । ଯଦି ଅନୁଷ୍ଠାନରେ ଟଙ୍କା ଚୋରି କରି ଲୋକେ ଧରାପଡ଼ିଛନ୍ତି, ଦେଖା ଯାଇଛି, ମହାତ୍ମା ଗାନ୍ଧିଙ୍କର ନୀତିରେ ତାଙ୍କୁ ଆତ୍ମୋନ୍ନତି କରିବା ଦିଗରେ ସାଧନା କରାଇ, ସେହି ସାଧନାକୁ ଶାସ୍ତି ରୂପେ ବହନ କରିବାକୁ ଦୋଷୀକୁ ମଙ୍ଗାଇ, ଶୃଙ୍ଖଳା ଠିକ୍ ରଖିବାର ଚେଷ୍ଟା ହୋଇଛି । କିନ୍ତୁ ଆଜି ଶୃଙ୍ଖଳାଗତ ଶାସ୍ତି ତାହା ନୁହେଁ । ଆଜି ମତଭେଦ ପାଇଁ ଶାସ୍ତି । କଂଗ୍ରେସର କୈନ୍ଦ୍ରିକ ପୁରୁଷମାନେ ଯେପରି କହୁଛନ୍ତି, "ଆମେ ଯାହା କହୁଛୁ ବା ଭାବୁଛୁ ତାହାହିଁ ମୁକ୍ତି ବାଣୀ । ଏଥିରୁ ଅନ୍ୟ ପ୍ରକାର ଭାବିବାର ବା କହିବାର କାହାରି ଅଧିକାର ନାହିଁ । କରିବା ତ ଦୂରର କଥା, ଯେ ଭାବିବେ ବା କହିବେ ତାଙ୍କ ପ୍ରତି କଠୋର ଶାସନ । ତାଙ୍କୁ କଂଗ୍ରେସରୁ ବାହାର କରିଦେବାକୁ ହେବ ।" କଂଗ୍ରେସ ହାତେ ବନ୍ଧୁକ ନାହିଁ; ଥିଲେ ଯେପରି ମନେ ହେଉଛି, ସେମାନଙ୍କୁ ସଙ୍ଗେ ସଙ୍ଗେ ଗୁଳି କରି ଶେଷ କରି ଦିଆଯାଆନ୍ତା ।

ତାହାର ବ୍ୟାପ୍ତି –

ବିଶେଷରେ ମନ୍ତ୍ରୀତ୍ୱର ଧନ ପ୍ରଭୁତ୍ୱାଦି ଉପରେ ଦୃଢ଼ ଭାବରେ ବସି ଏପରି ଶୃଙ୍ଖଳାଗତ ଶାସ୍ତି ଚଳାଇବାର ଫଳ କ'ଣ ତାହା ବୁଝାଇବା ଦରକାର ନାହିଁ । ଫଳ ମଧ୍ୟ କଂଗ୍ରେସ ଭାରତ ଦେଖିଛି । ଗତ ୩ ବର୍ଷ ଭିତରେ ଏ ନୀତିର କ୍ରିୟା କେବଳ ଦୁଃସହ ହୋଇପଡ଼ିଛି ତାହା ନୁହେଁ, ଏହାର ଫଳ ମଧ୍ୟ ସମସ୍ତ କଂଗ୍ରେସ ବାୟୁମଣ୍ଡଳକୁ ଦୂଷିତ ଓ ବିଷାକ୍ତ କରିଛି । ବିଶେଷରେ ଯେଉଁମାନେ ମନ୍ତ୍ରୀତ୍ୱର ଧନ ଓ ପ୍ରଭୁତ୍ୱରେ ସଂପର୍କ ରଖି ଦେଶରେ ମୁଖ୍ୟତମ କଂଗ୍ରେସୀ ହେବାକୁ ଲୋଡ଼ିଛନ୍ତି ସେହିମାନେ ଏ ଶୃଙ୍ଖଳାଗତ ଶାସ୍ତିର ଭୀଷଣ ଉପାସକ ହୋଇପଡ଼ିଛନ୍ତି । ମନ୍ତ୍ରୀତ୍ୱ ଫଳରେ ସେହି ମନ୍ତ୍ରୀତ୍ୱର ପ୍ରଭୁତ୍ୱାଦି ବ୍ୟବହାର କରିବା ଆଦର୍ଶ ଛଡ଼ା ଅନ୍ୟ ଆଦର୍ଶ ଦେଶରେ ସ୍ଥାନ ପାଇ ନାହିଁ । ସେହି ପ୍ରଭୁତ୍ୱାଦିର ଉପାସକମାନେ ନିଜେ କେବେ ଶୃଙ୍ଖଳାଗତ ଶାସ୍ତିର ଭୟ ରଖି ନାହାନ୍ତି ।

Digitized by PPRACHIN, SOA

କଅଣ କରିବାକୁ ହେବ -

ଲୋକଙ୍କୁ ଦଣ୍ଡରେ ଚିପି ଦେବା ଏକ କଥା, ମନାଇବା ଅନ୍ୟ ଏକ କଥା। ଫଳରେ ଲୋକଙ୍କ ମନ ମାନି ନାହିଁ ଓ କଂଗ୍ରେସ ମଧ୍ୟରେ ଘୋର ଦୁର୍ନୀତି ଓ ହିଂସା ପ୍ରବେଶ କରିଛି । ଏ ସବୁଥିରୁ ଏବେ କଂଗ୍ରେସକୁ ଉଦ୍ଧାର କରିବାକୁ ହେବ । ଦୁର୍ନୀତି ଓ ହିଂସାର ଏ ବାଟ ଚିରଦିନ ପାଇଁ ବନ୍ଦ କରିବାକୁ ହେବ ।

ଇଉରୋପର ରାଜନୀତି ସଙ୍ଗେ ଏହାର ତୁଳନା -

କିପରି ଏହା ବନ୍ଦ କରିବାକୁ ହେବ, ତାହା ଆଲୋଚନା କରିବା ପୂର୍ବରୁ ଏହି ଶୃଙ୍ଖଳାଗତ ଶାସ୍ତି ବିଧାନଟି ଇଉରୋପର ରାଜନୀତିଗତ ଶୃଙ୍ଖଳା ସଙ୍ଗେ ତୁଳନା କରି ଦେଖାଯାଉ ।

ଆଜି ଗଣତନ୍ତ୍ର ଶାସନ ବା Democracy ପୃଥିବୀରେ ଅର୍ଥାତ୍ ଇଉରୋପରେ ରକ୍ଷା କରିବା ପାଇଁ ଏବେ ଇଉରୋପୀୟ ମହାଯୁଦ୍ଧ ଆରମ୍ଭ ହୋଇଛି । କୁହାଯାଉଛି, ଇଂଲଣ୍ଡ ଫ୍ରାନ୍ସଙ୍କର ସେ ଗଣତନ୍ତ୍ର ଅଛି, ଜର୍ମାନୀର ନାହିଁ । ତଥାପି ବିଚାର କରି ଦେଖାଯାଉ ଏ ଗଣତନ୍ତ୍ରଟି କ'ଣ, ତାହା ଇଂଲଣ୍ଡ ଫ୍ରାନ୍ସରେ କିପରି ଅଛି, ଜର୍ମାନୀରେ କିପରି ନାହିଁ ।

ଇଂଲଣ୍ଡ -

ଗଣତନ୍ତ୍ର ଶାସନ ଜନ୍ମ କରିଛି ଇଂଲଣ୍ଡ । ସେଠାରେ ବହୁ ଶତାବ୍ଦୀ ଧରି ଏହା ବଢ଼ି ଆସିଛି । ଇଂଲଣ୍ଡ ଲୋକେ ଭଲ କରି ଏହାର ନୀତି, ପରିସର ଓ କାର୍ଯ୍ୟକାରୀତା ବୁଝିଛନ୍ତି । ସେମାନେ ବୁଝିଛନ୍ତି, ଭିନ୍ନ ଭିନ୍ନ ସ୍ୱାର୍ଥର ସଂଘର୍ଷରେ ସର୍ବଦା ପୁରୋଦୃଷ୍ଟିପର ସାଲିସ୍ ବାଟ ଧରି ଗଣତନ୍ତ୍ର ଚଳାଇବାକୁ ହେବ । ଇଂଲଣ୍ଡରେ ଜମିଦାରୀ ଥିଲା । ତାହା ପ୍ରଜାଙ୍କ ପାଇଁ ଅତି ଭୀଷଣ ପରିସ୍ଥିତି ମଧ୍ୟ ତିଆରି କରିଥିଲା । ସେହି ଜମିଦାର ଓ ଧନୀମାନେ କହିବାକୁ ଗଲେ ବରାବର ଗଣତନ୍ତ୍ରର ନେତା ହୋଇଆସିଛନ୍ତି । ଏବେ ମଧ୍ୟ ଜମିଦାରୀ ଅଛି । କିନ୍ତୁ ସେ ଜମିଦାରୀରେ ପ୍ରଜାଙ୍କ ପାଇଁ ପରିସ୍ଥିତି ଆଜି ଭୀଷଣ ନୁହେଁ । କଳକାରଖାନା ମଧ୍ୟ ଇଂଲଣ୍ଡ ଜନ୍ମ କରିଛି କହିଲେ ଚଳେ । କଳ କାରଖାନାର ମାଲିକମାନେ ମୂଲିଆର ପରିଶ୍ରମକୁ ବ୍ୟବହାର କରି ସେ ଦେଶରେ ଧନ- କୁବେର ହୋଇଛନ୍ତି । ସେହି ମାଲିକମାନେ ମଧ୍ୟ ଗଣତନ୍ତ୍ରରେ ନେତୃତ୍ୱ କରିଆସିଛନ୍ତି । ତଥାପି ଶ୍ରମିକର ସ୍ୱାର୍ଥକୁ ବରାବର ଦଳି ଦିଆଯାଉନାହିଁ । ଇଂଲଣ୍ଡର ମୂଲିଆ ଆଜି କାମ ନପାଇ ରହିଲେ ଅର୍ଥାତ୍ ବେକାର ରହିଲେ, ମାଲିକମାନଙ୍କ ଚାଳିତ ଗଣତନ୍ତ୍ର ସରକାର ଆଇନ୍ ପନ୍ଥା ଧରି ରାଜ୍ୟ ଧନରୁ ସେମାନଙ୍କ ଖାଇବା, ପିନ୍ଧିବା, ରହିବା ପ୍ରଭୃତି ପାଇଁ ବ୍ୟବସ୍ଥା କରେ ।

Digitized by PPRACHIN, SOA

ଫ୍ରାନ୍‌ସ -

ଫ୍ରାନ୍‌ସରେ ଯଥାର୍ଥ ଗଣତନ୍ତ୍ର ଆରମ୍ଭ ହେଲା ଅଷ୍ଟାଦଶ ଶତାବ୍ଦୀର ଶେଷାର୍ଦ୍ଧରେ । ସେଠାରେ ଏବେ ମଧ୍ୟ ମନ୍ତ୍ରୀଦଳ ଏକଭାବ ଓ ଏକମନରେ କାର୍ଯ୍ୟ କରନ୍ତି ନାହିଁ । ଭିନ୍ନ ଭିନ୍ନ ସ୍ୱାର୍ଥ ଘେନି ଭିନ୍ନ ଭିନ୍ନ ମନ୍ତ୍ରୀ ବଛା ହୁଅନ୍ତି । ସେମାନେ ପରସ୍ପର ସଂଘର୍ଷ ଓ ସାଲିସ୍‌ରେ ସରକାରକୁ ଚଳାନ୍ତି । ଏଥିରେ ହିଁ ଯଥାର୍ଥ ଜନମତ ମନ୍ତ୍ରୀ ମଣ୍ଡଳରେ ନୀତି ତଥା କାର୍ଯ୍ୟରେ ପ୍ରକାଶ ପାଏ । କୌଣସି ମତକୁ ବାଟି ଦଳିଦେଇ ଯେଉଁ ଗଣତନ୍ତ୍ର ପ୍ରତିଷ୍ଠା କରାଯାଏ ତାହା ଯଥାର୍ଥ ଗଣତନ୍ତ୍ର ନୁହେଁ । ଅଳ୍ପପକ୍ଷ ଲୋକେ ସେଥିରେ ହତାଶ ହୁଅନ୍ତି । ଶେଷରେ ଅସନ୍ତୋଷ ମୁର୍ମୁର ଦାହରେ ପ୍ରଚାରିତ ହୁଏ । ପରିଶେଷରେ ଘୋର ବିଦ୍ରୋହ ପରିସ୍ଥିତି ଫୁଟିଉଠେ ।

ଜର୍ମାନୀ -

ଜର୍ମାନୀର କଥା ଦେଖ । ସେଠାରେ ମଧ୍ୟ ଗଣତନ୍ତ୍ରର ଛାଞ୍ଚରେ ସରକାର ଗଢ଼ା ହୋଇଛି । ଆଜି ହିଟଲର ମଧ୍ୟ ଲୋକମତ ଉପରେ ନିଜର ପ୍ରତିଷ୍ଠା ଜମାଇ ବସିଛନ୍ତି । କିନ୍ତୁ ଏହା ଯଥାର୍ଥ ଗଣତନ୍ତ୍ର ଶାସନ ନୁହେଁ ବୋଲି କୁହାଯାଉଛି । କାରଣ, ହିଟ୍‌ଲର ଅଳ୍ପସଂଖ୍ୟକ ନିଜ ମତର ଲୋକଙ୍କୁ ପହିଲେ ଗୋଟିଏ ଜାତୀୟ ଭାବରେ ଭୁଲାଇ ବା ମନାଇ ସେହିମାନଙ୍କ ବନ୍ଧୁକ ବଳରେ ଅନ୍ୟସବୁ ମତକୁ ବାଟି ଦଳିଦେଇ ନିଜେ ରାଜ୍ୟର ସର୍ବେସର୍ବା ହୋଇ ବସିଛନ୍ତି । ଯେ ତାଙ୍କର ସ୍ପୃହଣୀୟ ନୁହେଁ ତାର ରାଜ୍ୟରେ ରହିବାର ସ୍ଥାନ ନାହିଁ । ହୁଏତ ତାହା ଉପରେ ସଙ୍ଗେ ସଙ୍ଗେ ବନ୍ଧୁକର ଶୃଙ୍ଖଳାଗତ ଶାସ୍ତି ।

ଏ ଦେଶ -

କୁହାଯାଇଛି କଂଗ୍ରେସର ବନ୍ଧୁକ ନାହିଁ । କିନ୍ତୁ ଗତ ୩ ବର୍ଷ ଭିତରେ କଂଗ୍ରେସ ନେତାମାନେ ଏକ ଦିଗରେ ଶୃଙ୍ଖଳାଗତ ଶାସ୍ତି, ଅନ୍ୟ ଦିଗରେ ପ୍ରାଦେଶିକ ସରକାର ମାନଙ୍କ ଧନ ଓ ପ୍ରଭୁତ୍ୱକୁ ଯଥେଷ୍ଟ ଓ ଯଥେଚ୍ଛା ବ୍ୟବହାର କରି ଏ ଭୂମିରେ ଗଣତନ୍ତ୍ରର କ୍ରିୟା ପ୍ରଭାବ ପରିସ୍ଥିତିରେ ସୁଚାରୁ ରୂପେ ଫୁଟାଇବା ସୁବିଧାର ବାଟ ବନ୍ଦ କରିଛନ୍ତି ବୋଲି ମନେ ହୁଏ । କହୁନାହୁଁ ଇଚ୍ଛା କରି କୌଣସି ସ୍ୱାର୍ଥାନ୍ଧତାରେ ନେତାମାନେ ଏହା କରିଛନ୍ତି । ଆମ ମତରେ ଏକାନ୍ତ ଅନଭ୍ୟସ୍ତତା ହିଁ ବିଦେଶାଗତ ଗଣତନ୍ତ୍ର ଚାଳନାରେ ସେମାନଙ୍କୁ ଏପରି ପଥଭ୍ରଷ୍ଟ କରିଛି । ଆମେ କହୁଛୁଁ ଏକ ଦିଗରେ ସତ୍ୟ ଓ ଅହିଂସା ଉପରେ ନିର୍ଭର ଓ ପ୍ରତିଷ୍ଠା । ଅନ୍ୟ ଦିଗରେ ଧନ ଓ ପ୍ରଭୁତ୍ୱ ବଳରେ ଭିନ୍ନ ମତ ଓ ଭିନ୍ନ କ୍ରିୟାର କଠୋର ଶାସ୍ତି ବିଧାନ । ଏ ଦୁଇଟି ଏକାଧାରରେ ରଖି ଦେଶକୁ ସ୍ୱରାଜ୍ୟ ଆଡ଼କୁ ଚଳାଇବା ଏକପ୍ରକାର ଅସମ୍ଭବ । ମନେ କରାଯାଇଥିଲା ଲୋକେ ପ୍ରାଦେଶିକ ଶାସନରେ ସ୍ୱରାଜ୍ୟ ଅର୍ଥାତ୍ ପୁରାଣବର୍ଣ୍ଣିତ ରାମରାଜ୍ୟ ଆସ୍ୱାଦନ ପାଇଁ ପୂର୍ଣ୍ଣ ସ୍ୱରାଜ୍ୟର

Digitized by PPRACHIN, SOA

ଆହରଣ ନିମନ୍ତେ ଉତ୍ତରୋତ୍ତର ଉତ୍ସାହିତ ହୋଇ ସର୍ବଦା ଜୀବନ୍ତ ଓ ପ୍ରସ୍ତୁତ ରହିବେ । କିନ୍ତୁ ତାହା ହୋଇଛି କି ନା, ହୋଇଥିଲେ କେତେଦୂର ହୋଇଛି, ତାହା ଆଜି ସମସ୍ତ କଂଗ୍ରେସ ନେତା ଓ କଂଗ୍ରେସ କର୍ମୀଙ୍କ ଚିନ୍ତା କରିବାର କଥା।

ସତ୍ୟ ଓ ହିଂସାର ପ୍ରତିଷ୍ଠା ହେଉ -

ମହାତ୍ମା ଗାନ୍ଧି ଆଜି ସ୍ପଷ୍ଟ ଜଣାଇ ଦେଇଛନ୍ତି ଯେ, ସ୍ୱରାଜ୍ୟର ଶେଷ ସଂଗ୍ରାମ ନିମନ୍ତେ ପରିସ୍ଥିତିରୁ ଏବେ ପ୍ରେରଣା ପାଉ ନାହାନ୍ତି । ଲୋକଙ୍କ ଭିତରୁ ପ୍ରଭୁତ୍ୱର ମୋହ ଓ ତଜ୍ଜନିତ ବିଭତ୍ସ କ୍ରିୟାର ପରିଣାମ ତୁଟାଇବା ନିମନ୍ତେ ଆଗ ନିର୍ମମ ଗଠନ କ୍ରିୟାରେ ଆତ୍ମଶୋଧନ ବ୍ୟବସ୍ଥା ଦେଉଛନ୍ତି । ମାତ୍ର ଏଥିରେ ନିରାଶ ହେବାର କିଛି ନାହିଁ । ଭ୍ରାନ୍ତି ମଧ୍ୟ ପ୍ରଗତିର ସାମଗ୍ରୀ । କେବଳ ତାକୁ ବୁଝି ବ୍ୟବହାର କରିବାର ଅଛି । ବିଧାତା କରନ୍ତୁ, ସେ ବ୍ୟବହାରରେ କଂଗ୍ରେସ ତଥା ଭାରତ କୃତିତ୍ୱ ଲାଭ କରୁ ।

ନବ ଭାରତ-୬/୩-୪, ଆଲୋଚନା

କଂଗ୍ରେସର ତ୍ୟାଗ ଧର୍ମ

ତ୍ୟାଗ ହିଁ ସମାଜ ବିକାଶର ଧର୍ମ । ଏଇ ଦେଶରେ ଦେଖ, ସ୍ୱାଧୀନତା ପାଇଁ ବହୁକାଳ ହେଲା, ଲୋକେ ନାନା ଭାବରେ ଏଇ ତ୍ୟାଗ କରି ଆସିଚନ୍ତି । ଏଥିପାଇଁ 'ଭାରତ ସେବକ ସମାଜ', 'ଲୋକ ସେବକ ସମାଜ' ପ୍ରଭୃତିର ପ୍ରତିଷ୍ଠା । ସେ ସବୁ ସମାଜମାନଙ୍କରେ ଲୋକେ ଦେଶ ମଙ୍ଗଳ ସାଧନାରେ ଜୀବନବ୍ୟାପୀ ନିଷ୍କାମ ତ୍ୟାଗରେ ଦୀକ୍ଷିତ ହୁଅନ୍ତି । ସେ ତ୍ୟାଗଧର୍ମ କିଏ କେତେ ପାଳି ପାରିଲା ସେ ସ୍ୱତନ୍ତ୍ର କଥା । ମାତ୍ର ସେ ତ୍ୟାଗ ଧର୍ମରେ ବ୍ୟକ୍ତିଗତ ବା ନିକଟରେ ଥିବା କାମନାର ଲାଭ ନାହିଁ।

ଭୋଗ ଓ ଭୋଗସ୍ପୃହା ତ୍ୟାଗକୁ କଳୁଷିତ ଓ ପରିଣାମରେ ବିକୃତ କରେ। ଭୋଗକୁ ଚାହିଁ ଯେ ତ୍ୟାଗ କରେ, ସେ ତ୍ୟାଗ, ତ୍ୟାଗ ନୁହେଁ। ଜନମଂଗଳ ଦୃଷ୍ଟିରେ ତ୍ୟାଗ କରାଯାଏ ସତ, ମାତ୍ର ଜନ ସମାଜ ଭୋଗକାମୀ, ସେମାନେ ସର୍ବତୋ ଭାବରେ ତ୍ୟାଗରେ ଦୀକ୍ଷିତ ହୁଅନ୍ତି ନାହିଁ। ଏ ଯୁଗରେ ଦେଖ, ଲେନିନ୍ ପରି ଲୋକେ ଜନ ସମାଜ ପାଇଁ କି ତ୍ୟାଗ କରି ନାହାନ୍ତି । ଫଳରେ ଜନ ସମାଜ ତଥା ନେତାମାନେ ଭୋଗ ବାଣ୍ଟି ଖାଇବାରେ ବ୍ୟସ୍ତ । ଏହା ଫଳରେ ହୁଏତ ଲେନିନ୍ କଳ୍ପିତ ସମାଜ ପୁଣି ସାମ୍ରାଜ୍ୟରେ ପରିଣତ ହେବାର ଆଶଂକା ହେଲାଣି । ଏ ସବୁ ସ୍ୱାଭାବିକ ।

ମହାତ୍ମା ଗାନ୍ଧି ଏ ଦେଶରେ ନିଜର ମହାତ୍ୟାଗ ପ୍ରତିଷ୍ଠିତ ନୀତିକୁ ସମାଜର ସାଧାରଣ ଧର୍ମ କରିବାର ପ୍ରୟାସ କଲେ । ଏଇ ତ୍ୟାଗରେ କିନ୍ତୁ ଆଶୁ ସ୍ୱରାଜ ପ୍ରାପ୍ତି ଓ ଭୋଗକୁ ଯୋଡ଼ି ଦେଇ ସେ ଲୋକଙ୍କୁ ଶୃଙ୍ଖଳିତ ଭାବରେ ମତାଇବାର ଉଦ୍ୟମ କଲେ । ସେ ତ୍ୟାଗରେ ମତାଇଲେ କି ଭୋଗରେ ମତାଇଲେ ଲୋକେ ବୁଝି ପାରିଲେ ନାହିଁ । ଭୋଗ

Digitized by PPRACHIN, SOA

ଅତି ସ୍ୱାଭାବିକ । ତେଣୁ ଭୋଗ ହିଁ ଆଗରେ ରହିଲା। ସତ୍ୟ ଓ ଅହିଂସାକୁ ସବଳର ଜୀବନ ନୀତି ବୋଲି ମହାତ୍ମାଜୀ ବୁଝାଇବାକୁ ଯେତେ ପ୍ରଯତ୍ନ କଲେ ମଧ, ତାହା ସର୍ବତ୍ର ଦୁର୍ବଳର ଏକ ଆଚ୍ଛାଦନ ଛଡ଼ା ଆଉ କିଛି ହେଲା ନାହିଁ। ଏକେ, ଦେଶରେ ସବଳତାର ପରିସ୍ଥିତି ନ ଥିଲା। ସବଳତାର ପରିସ୍ଥିତି ଥିଲେ ପୁଣି ଏ ନୀତିର ପ୍ରଚାର ଦରକାର ହୋଇନଥାନ୍ତା । ଏହା ଅଜ୍ଞାତ ଭାବରେ ସମସ୍ତେ ଅନୁଭବରେ ଜାଣୁଥିଲେ। ଏଇ ସ୍ଥିତିରେ ମତାନ୍ଧତା ଓ ସେଥି ସଂଗେ ଘୋର ଅସହିଷ୍ଣୁତା ଫୁଟିବାର କଥା; ତା ହୋଇଚି । ଅନ୍ୟଥା, ଚକ୍ରିଲୋକେ ଏଇ ନୀତିର ଆବରଣଟି ନିଜାର୍ଥେ ବ୍ୟବହାର କରିବାର କଥା; ତା ବି ଚାଲିଚି । ଜୀବନ୍ତ ମହାତ୍ମାଜୀ ଏଇ ମତାନ୍ଧତାର ମହମ୍ମଦ ଓ ଏଇ ସହଜିଆତନ୍ତ୍ରର ଶୀଳଭଦ୍ର ବା ନାଗାର୍ଜୁନ ପରି ବସିଥିବାର ଦେଖାଯାଉଚି। ପାରିପାର୍ଶ୍ୱିକ ଅବସ୍ଥା ଜାଣି ନାହାନ୍ତି ବୋଲି ସ୍ୱୀକାର କଲେ ହେଁ ଲୋକଙ୍କର ଅବୁଝା ନିଜର ନିରାଟ ନୀତି ନିଷ୍ଠାରେ ଲୋକଙ୍କର କ୍ରିୟା ଚଳାଇବାରେ ଲାଗିଛନ୍ତି । ଏ ଦୁର୍ଗତିର ଅବସାନ କେଉଁଠାରେ ?

୩୦ ତାରିଖ ଜୁନ୍ ଭିତରେ ସ୍ୱରାଜ୍ୟ ମିଳିଯିବ ବୋଲି ଏ ନୀତିର ପ୍ରଚାର ୧୯୨୧ରେ ଆରଂଭ ହେଲା। ଲୋକଙ୍କ ପ୍ରତି ଏହା ଛଣା ତ୍ୟାଗ ବା ସତ୍ୟମନ୍ତ୍ର ହୋଇ ନପାରେ । ବସ୍ତୁତଃ ଅନେକଙ୍କର ମନେଥିବ, ଏଇ ମନ୍ତ୍ରରେ ତ୍ୟାଗନିଷ୍ଠମାନେ ନିଜେ ନିଜେ କିପରି ଅଚିରେ କିଲଟର କମିଶନର ହେବାର ସ୍ୱପ୍ନକୁ ସତ୍ୟ କରି ସେତେବେଳେ ଦେଖୁଥିଲେ । କୁହାଗଲା ୩୦ ଜୁନ୍‌ରେ କୋଟିଏ କଂଗ୍ରେସ ମେମ୍ବର ଓ କୋଟିଏ ଟଙ୍କା କଂଗ୍ରେସ ଫଣ୍ଡ ପୂରି ପାରିଲା ନାହିଁ, ସେଥିପାଇଁ ସ୍ୱରାଜ୍ୟର 'ବାଇଦା ଫିଟିଗଲା', ତାରିଖ ଗଡ଼ିଗଲା । ସଂଗେ ସଂଗେ ୧୯୨୨ର ଗୟା କଂଗ୍ରେସରେ ଏକ ଦିଗରେ ଗୂଢ଼ଲାଳସାଦୀପ୍ତ ମତାନ୍ଧତା ଓ ଅନ୍ୟ ଦିଗରେ ସ୍ୱଷ୍ଟଲାଳସାଦୃପ୍ତ ଭୋଗସ୍ପୃହା। ଏକ ଦିଗରେ ରାଜଗୋପାଳଙ୍କ କୋଟିକର ଚଉଠ - ଅର୍ଥାତ ୨୫ ଲକ୍ଷ ମେମ୍ବର ଓ ଟଙ୍କା ମନ୍ତ୍ର ଜପ କରୁଥିବା 'ପ୍ରଗାନ୍ଧି' ବା ଅପରିବର୍ତନବାଦୀ ଦଳ; ପୁଣି ଅନ୍ୟ ଦିଗରେ ଚିତ୍ତରଂଜନଙ୍କ ଖଣ୍ଡସ୍ୱରାଜ୍ୟ ସେବାରେ ଯୁଦ୍ଧପ୍ରୟାସୀ 'ପ୍ରତିଗାନ୍ଧି' ବା ପରିବର୍ତ୍ତନବାଦୀ ଦଳ । ଅବଶ୍ୟ ନେତାମାନଙ୍କୁ ଏଠାରେ ସମାଲୋଚନା କରାଯାଉ ନାହିଁ । ଲୋକରେ ପ୍ରକାଶ ପାଇବା କ୍ରିୟା ହିଁ ଏଠାରେ ଆଲୋଚ୍ୟ।

ଏଇପରି ସଂଘର୍ଷରେ 'ଗାନ୍ଧି - ଏରଉଇନ' ଚୁକ୍ତିର ଆସ୍ୱାଦନ ଓ ଗୋଲଟେବୁଲ ବୈଠକର ଧକ୍କା; ପୁଣି ତା ଫଳରେ ସତ୍ୟାଗ୍ରହ ସଂଗ୍ରାମର ଏକାନ୍ତ ଅବସାନ। ସଙ୍ଗେ ସଙ୍ଗେ ସେଇ ଖଣ୍ଡ-ସ୍ୱରାଜ୍ୟ ସେବାର ମୋହ ବା ମନ୍ତ୍ରିତ୍ୱ ଗ୍ରହଣ ବାଟେ ସହଯୋଗ, ଯୁକ୍ତି ଓ ସର୍ତଚୁକ୍ତି ସାଲିସ୍ ପ୍ରଭୃତିରେ ସ୍ୱରାଜ୍ୟଲାଭ। ଏହା ତ୍ୟାଗଧର୍ମ ନା ବାହାନା, ମହାତ୍ମାଜୀଙ୍କ ଦିବ୍ୟ ଅବଧାନରେ ଆସିବା ଉଚିତ । ଦେଶରେ ଆଜି ଯେ ସତ୍ୟାଗ୍ରହର ପରିସ୍ଥିତି ନାହିଁ,

Digitized by PPRACHIN, SOA

ତାହାର କାରଣ କେଉଁଠାରେ ? ଦେଖା ଯାଉଚି ଗତ ୨୦ ବର୍ଷର କଂଗ୍ରେସରେ ଯଥାର୍ଥ ତ୍ୟାଗର ପ୍ରତିଷ୍ଠା ନାହିଁ। ତାହା କିପରି ଆସିବ, ବିଚାର୍ଯ୍ୟ ।

ନବ ଭାରତ-୬।୭, ଆଲୋଚନା

କଂଗ୍ରେସର ଗତି ଓ ତାହାର ନିୟନ୍ତ୍ରଣ

କଂଗ୍ରେସ ଏହି ସବୁ ବୁଝି ବିଚାରି ନିଜର ଗତି ନିୟନ୍ତ୍ରଣ କରିବାର ଥିଲା। ନିତାନ୍ତ ଦୁର୍ବଳ ପରି ଶତ୍ରୁ ବିପଦରେ ପଡ଼ିଲା ବେଳେ ତାକୁ କେଞ୍ଚିବାର ପ୍ରବୃତ୍ତି ଚରିତାର୍ଥ କରିବାରେ ଆତ୍ମିକତା ନାହିଁ କି ନୈତିକତା ନାହିଁ । ଏହା ସାମର୍ଥ୍ୟର ପରିଚୟ ନୁହେଁ । ବରଂ ଦୁର୍ବଳତାର ଏକ ସ୍ପଷ୍ଟ ପ୍ରକାଶ ।

ଏ ଦୁର୍ବଳତାର ଆଶ୍ରୟ କରି କଂଗ୍ରେସ ସାରା ଗତବର୍ଷ ନଷ୍ଟକରି ବସିଛନ୍ତି । ଦେଶକୁ କୌଣସି ଦିଗରେ ତିଆରି କରିପାରି ନାହାନ୍ତି । ଲୋକଙ୍କୁ ବରଂ ନାନା ଭାବରେ ବୁଝାଇଛନ୍ତି, ସତ୍ୟାଗ୍ରହ ପାଇଁ ଦେଶ ପ୍ରସ୍ତୁତ ନୁହେଁ । ପୁଣି ସତ୍ୟାଗ୍ରହର ବେଳ ମଧ୍ୟ ଏ ନୁହେଁ । ତେବେ ଏ ଆଉ କ'ଣ କରିବାର ବେଳ ? ତାହା ମଧ୍ୟ ସ୍ପଷ୍ଟ କହି ନାହାନ୍ତି । ସତ୍ୟାଗ୍ରହ କମିଟି ନାମରେ କେତେଗୁଡ଼ିଏ ସ୍ପଷ୍ଟ ଉଦ୍ଦେଶ୍ୟହୀନ ଅଳସୁଆର ଆଖଡ଼ା ତିଆରି କରିବାରେ ଆନ୍ଦୋଳନର ନୈତିକତା ଆହୁରି କମିଯାଇଛି । ସତ୍ତମାନଙ୍କର ତୀବ୍ର ଭାଷା ଭିତରେ ରାଜଗୋପାଳାଚାରୀ ପ୍ରଭୃତିଙ୍କର ମନ୍ତ୍ରୀତ୍ୱ ଗ୍ରହଣର ଅତିଲାଳସା ପ୍ରକାଶ ପାଇ ପୁଣି ରୋଗର ବୀଭତ୍ସତା ଆହୁରି ବଢ଼ାଇ ଦେଇଛି ।

ସର୍ବୋପରି ବ୍ୟାକୁଳ ହୋଇ କଂଗ୍ରେସ ସଭାପତି ଓ ମହାତ୍ମା ଗାନ୍ଧି ବାରମ୍ବାର ଜିନ୍ନାଙ୍କୁ ମୁସଲମାନ ନେତା ବୋଲି ସ୍ୱୀକାର କରି ତାଙ୍କ ଦ୍ୱାରସ୍ଥ ହୋଇଛନ୍ତି, ବାରମ୍ବାର କେବଳ ଅବହେଳା ପାଇଛନ୍ତି । ସେତିକି ନୁହେଁ, ଅବାନ୍ତର ଭାବରେ ମୁସଲିମ ଲିଗକୁ ଭାରତକୁ ବାଣ୍ଟି ଦେବାର ପ୍ରସ୍ତାବ ଆଡ଼କୁ ଟାଣିଛନ୍ତି ଏହି କଂଗ୍ରେସ । ସେତିକିରେ ପାପକାର୍ଯ୍ୟ ଶେଷ ହୋଇନାହିଁ । ଏବେ ପୁଣି ସ୍ପଷ୍ଟ ଓ ଅବାନ୍ତର ଭାବରେ ମୁସଲମାନଙ୍କୁ ଧରି ଜିନ୍ନାଙ୍କ ଦଳ ବିରୁଦ୍ଧରେ ମତାଉଛନ୍ତି ଏହି କଂଗ୍ରେସ । ଜିନ୍ନାଙ୍କ ଦଳର ଭାରତ ଭାଗବଣ୍ଟା ପ୍ରସ୍ତାବ ଭାରତ ସମସ୍ୟାର ଗୋଟିଏ ଅସମ୍ଭବ ସମାଧାନ । ତାହା ଆପେ ଆପେ ନିର୍ଜୀବ ହୋଇ ହୁଏତ ମରି ଯାଇଥାନ୍ତା । କିନ୍ତୁ ଏବେ ହେଉଛି କ'ଣ ? ଯେଉଁ ମୁସଲମାନ କଂଗ୍ରେସ ଆଡ଼କୁ ଚାହିଁ ଜିନ୍ନାଙ୍କ ଦଳର ବିରୋଧ କରୁଛନ୍ତି, ସେମାନଙ୍କ ପ୍ରସ୍ତାବ ମାନଙ୍କରେ ଯେଉଁ ଆକାଙ୍‌କ୍ଷା ପ୍ରକାଶ ପାଉଛି ତାହା ଦେଖି ଯଥାର୍ଥ ହିନ୍ଦୁ ସାଧାରଣଙ୍କ ପ୍ରାଣରେ ଆତଙ୍କ ହେଉଥିବ। କଂଗ୍ରେସକୁ ହିନ୍ଦୁ ଭାବରେ ଜିନ୍ନାଙ୍କ ଆଗେ ଠିଆ କରାଇବା ଏକେ ନିତାନ୍ତ ଅନୁଚିତ । ପୁଣି ହିନ୍ଦୁଙ୍କ ତରଫରୁ ମୁସଲମାନଙ୍କୁ ସର୍ବସ୍ୱ ଦେଇ ଜିନ୍ନାଙ୍କ ବିରୁଦ୍ଧରେ ତିଆରି କରାଇବାରେ ଭାରତ ଜାତୀୟ ଆନ୍ଦୋଳନରେ କି ଜଟିଳତା ବଢୁଛି ତା' ମଧ୍ୟ ବୁଝିବାର

Digitized by PPRACHIN, SOA

ଅଛି । ନଈକୂଳ ଗଛରେ ପାଚିଲା ଫଳ ଝୁଲିବାର ଦେଖି ନାଉରୀ ହାତ ବଢ଼ାଇ ଦେଲାବେଳେ ନା'ଟି ଭଉଁରିକୁ ଟାଣି ହୋଇଗଲା ପରି ଅପହଞ୍ଚରେ ଥିବା ଇଂରେଜ ହାତର ସ୍ୱାଧୀନତାକୁ ହାତ ବଢ଼ାଉ ବଢ଼ାଉ ଆମ କଂଗ୍ରେସଟିର ଏବେ କି ଅବସ୍ଥା ହେଲା ? ସେଇ କଂଗ୍ରେସକୁ ଏଇ ଭଉଁରିରୁ ଉଦ୍ଧାର କରି କିପରି ଏବେ ସ୍ପଷ୍ଟ ଦୃଷ୍ଟିରେ ଗନ୍ତବ୍ୟ ଆଡ଼କୁ ଚଳାଇବାକୁ ହେବ ତାହା ହିଁ ସମସ୍ୟା । ତାହା ନକେଲ ସ୍ୱାଧୀନତା ମାଗିଲେ ଆଉ ମିଳିବ ନାହିଁ ।

କଂଗ୍ରେସର ଆତ୍ମଶୋଧନ -

ତାହା କରିବାର ଏକମାତ୍ର ପନ୍ଥା ହେଉଛି କଂଗ୍ରେସ ଭିତରେ ବିଦ୍ରୋହ । ବିଦ୍ରୋହରେ ଶୋଧନ ନ ହେଲେ ବର୍ତ୍ତମାନ ପରିସ୍ଥିତିରେ କଂଗ୍ରେସ ଯେପରି ଶକ୍ତିହୀନ ଓ ଲକ୍ଷଭ୍ରଷ୍ଟ ହୋଇ ପଡ଼ିଛି ସେଥିରୁ ଆଉ ରକ୍ଷା ନାହିଁ ।

ମହାତ୍ମା ଗାନ୍ଧୀ ଅନ୍ୟାନ୍ୟ ଅନେକ କଥା ଭିତରେ ଗୋଟିଏ ବଡ଼ କଥା ଶିଖାଇଛନ୍ତି । ତାହା ହେଉଛି ଆତ୍ମଶୋଧନ । ସେ ଆତ୍ମ ଶୋଧନର ଏବେ ଅବକାଶ ଏକାନ୍ତ ଲୋଡ଼ା । ସେଥିପାଇଁ କଂଗ୍ରେସ ଭିତରେ ଯେ ବିଦ୍ରୋହ ଦେଖା ଯାଉଛି ତାକୁ ଶୃଙ୍ଖଳା ନାମରେ ଚିପି ନଦେଇ ତାହାର ବ୍ୟବହାର କରିବା ଉଚିତ । ଚିତ୍ତରଞ୍ଜନଙ୍କ ବିଦ୍ରୋହ ଦିନେ ବ୍ୟବହାରରେ ଆସି ପାରିଥିଲା । ଆଜି ସୁଭାଷ କଂଗ୍ରେସ ବାହାରେ; ମାନବେନ୍ଦ୍ର କେଉଁଠାରେ ରହିବେ ଜଣା ନାହିଁ । ଏ ସବୁ ମଙ୍ଗଳକର ନୁହେଁ ।

ଭାରତର ହିନ୍ଦୁ, ଶୃଙ୍ଖଳା ନାମରେ ଜାତି ଭେଦକୁ ଯାହା କରିଛନ୍ତି କଂଗ୍ରେସ ଯେପରି ସେହି ବିପତ୍ତିରେ ନ ପଡ଼େ ଏହା ଦେଖିବାର ଅଛି ।

ଆମେ ଇଂରେଜ ସରକାର ବା ଭାଇସ୍‌ରୟଙ୍କର ବାଣୀର ସମାଲୋଚନା ନକରି ଏତେ ବେଳେ ନିଜ କାର୍ଯ୍ୟର ସମାଲୋଚନା କରିବା ଅଧିକ ସଙ୍ଗତ ମନେ କରିଛୁ । ଭାଇସ୍‌ରୟ ଯାହା କରିଛନ୍ତି ତାହାଠାରୁ ଅଧିକ କରିବେ ବୋଲି ଯେଉଁମାନେ ଆଶା କରିଥିଲେ, ସେମାନେ ଠିକ୍ କରି ନଥିଲେ ।

"ନାୟମାତ୍ମା ବଳହୀନେନ ଲଭ୍ୟଃ"

ବଳହୀନର ଆତ୍ମଲାଭ ନାହିଁ ।

ନବ ଭାରତ-୭/୧, ଆଲୋଚନା

କଂଗ୍ରେସରେ ବିଦ୍ରୋହ

କଂଗ୍ରେସ ଏବେ ଗୁରୁନାମ ମନ୍ତ୍ର

ଗତଥର କହିଥିଲୁ, କଂଗ୍ରେସରେ ଏବେ ବିଦ୍ରୋହ ଦରକାର । କଥାଟିର ସ୍ପଷ୍ଟାର୍ଥ ହୁଏତ ଅନେକେ ବୁଝିପାରି ନଥିବେ । ଏହାର ମୁଖ୍ୟତଃ ଦୁଇଟି କାରଣ ଅଛି । ପ୍ରଥମତଃ, କଂଗ୍ରେସ ଧର୍ମଧ୍ୱଜୀର ଜପମାଳାର ନାମ ମନ୍ତ୍ରରେ ପରିଣତ ହୋଇଚି । 'କଂଗ୍ରେସ ସ୍ୱରାଜ୍ୟ

Digitized by PPRACHIN, SOA

ପାଇବାକୁ ଲଢୁଚି; ସେଥିପାଇଁ ବେଳ ଉଣ୍ଡି ଇଂରେଜ ସରକାରଙ୍କ ବେକରେ କଠା ପକାଉଚି । ଆଉ ଅଧିକ ଦରକାର କ'ଣ ?' ସାଧାରଣ ଲୋକ ଏହା ହିଁ ବୁଝିବା ସ୍ୱାଭାବିକ । ସ୍ୱରାଜ୍ୟ ପାଇଁ ଲଢ଼ାଇ ପ୍ରକାରଟା ଠିକ୍ ହେଉଚି କି ନାହିଁ; ଏତେବେଳେ ଏପରି ଇଂରେଜ ସରକାରଙ୍କ ବେକରେ କଠା ପକାଇବାରେ ସ୍ୱରାଜ୍ୟ ହାସଲ କରିବାର ପ୍ରୟାସ, ଠିକ୍ ଉଦ୍ୟମ କି ନୁହେଁ - ଇତ୍ୟାଦି ସମସ୍ତେ ଭାବିବା ସଂଭବ ନୁହେଁ । ପୁଣି ଅନ୍ୟ କେହି ଜନ ମଂଗଳ ନାମରେ କିଛି ଉଦ୍ୟମ କରୁଚି ବୋଲି ବିଚାରିଲେ, ଲୋକେ ସାଧାରଣତଃ ସହଜରେ ଫଳ ପାଇଯିବାକୁ ଚାହିଁ ବସନ୍ତି । ନାମ-ଭକ୍ତି ବା ତୁବନ ସୁନତ୍ ପ୍ରଭୃତି ମାତ୍ରରେ ମୁକ୍ତି ପାଇ ଯିବାର ନିରୁଦ୍ୟମ କାମନା ମାନବ ସମାଜରେ କିଛି ନୂଆ କଥା ନୁହେଁ।

ଚକ୍ରାନ୍ତରେ ଏଇ ନାମମନ୍ତ୍ର ପ୍ରଚାରର ଉଦ୍ୟମ -

ପୁଣି ଦ୍ୱିତୀୟ କାରଣ ହେଉଚି, ଏଇ ନାମଭକ୍ତିର ମହାତ୍ମ୍ୟ ପ୍ରଚାର କରିବା ପାଇଁ ଏବେ ଶୃଂଖଳିତ ଚକ୍ରାନ୍ତରେ ଘୋର ଉଦ୍ୟମ ଚାଲିଚି । ତିନି ବର୍ଷ କାଳ ମନ୍ତ୍ରିତ୍ୱର ସମସ୍ତ ପ୍ରଭାବ ଲଗାଇ କଂଗ୍ରେସର ଏବ (ଦକ୍ଷିଣପନ୍ଥୀ ରାଜଗୋପାଳ, ପଟେଲ ପ୍ରଭୃତି) ନେତାମାନେ କଂଗ୍ରେସକୁ ଏଇ ନାମ ପ୍ରଚାରର ଏକ ଦୃଢ଼ ଓ ଦୁର୍ଭେଦ୍ୟ ଚକ୍ରରେ ପରିଣତ କରିଚନ୍ତି । ସେଥିପାଇଁ ସ୍ୱାଧୀନ ଚର୍ଚ୍ଚାର ଛାୟା ପର୍ଯ୍ୟନ୍ତ କଂଗ୍ରେସରୁ ବାହାର କରିବାରେ ଏମାନେ ବରାବର ଲାଗିଚନ୍ତି । ଯେଉଁମାନଙ୍କୁ ଏଇ ପରି ଚକ୍ରାନ୍ତରେ ବାହାର କରୁଚନ୍ତି, କଂଗ୍ରେସ ନାମରେ ଟାକି ରହିଥିବା ସମସ୍ତ ଅନୁଷ୍ଠାନକୁ ଓ ମନ୍ତ୍ରିତ୍ୱ ଲଗାଇ ସଯତ୍ନେ ସଂଗୃହୀତ ହୋଇଥିବା ପୁଞ୍ଜୀପତିଙ୍କ ଧନଠାରୁ ସଂବାଦ ପତ୍ର ପର୍ଯ୍ୟନ୍ତ ସମସ୍ତ ସାଧନ ବା ହତିଆରକୁ ଲଗାଇ, ସେଇ ବାହାର କରା ହେବା ଲୋକଙ୍କୁ ଦେଶଦ୍ରୋହୀ, ବିଶ୍ୱାସଘାତକ ପ୍ରଭୃତି ଭାଷାରେ ଗାଳି ଦେଇ, ଦୁର୍ନାମ କରି ଚକ୍ରାନ୍ତକୁ ପୁଣି ଦୃଢ଼ରୁ ଦୃଢ଼ତର କରିବାର ଉଦ୍ୟମରେ ଲାଗିଚନ୍ତି । ଏଣୁ କଂଗ୍ରେସରେ ଯେ ବିଦ୍ରୋହ ଏବେ ଏକାନ୍ତ ଦରକାର, ଏହା ବୁଝିବା ଅନେକଙ୍କ ପକ୍ଷରେ ଦୁଷ୍କର ହୋଇ ପଡ଼ିଚି ।

କଂଗ୍ରେସକୁ କିଏ ଜୀବନ୍ତ ରଖିବ ? -

କହିଥିଲୁ କଂଗ୍ରେସ ଗୋଟିଏ ଜୀବନ୍ତ ଅନୁଷ୍ଠାନ । ଏହା ସର୍ବଦା ଜୀବନ୍ତ ରହିବା ଉଚିତ । ଏହାକୁ ଜୀବନ୍ତ ରଖିବାକୁ ହେବ । ସେପରି ନ ରଖି ପାରିଲେ, ଏହା ରହିବା ଉଚିତ ନୁହେଁ; ରହିବ ନାହିଁ । କାରଣ, କଂଗ୍ରେସ ସ୍ୱରାଜ୍ୟ ପାଇଁ ସର୍ବଦା ଲଢ଼ିବାର ଏକ ଅନୁଷ୍ଠାନ । ଯେଉଁଦିନ ସ୍ୱରାଜ୍ୟ ହେବ, ସେଦିନ କଂଗ୍ରେସ ଆଉ କଂଗ୍ରେସ ହୋଇ ରହିବ ନାହିଁ । ତେଣୁ ଏକା ପୁଣି ଏହା ସର୍ବଦା ଜୀବନ୍ତ ରହିବାର କଥା । ଏହାକୁ ଜୀବନ୍ତ ରଖିବ କିଏ ? ବରାବର କହି ଆସିଚୁ, କେତେ ଲୋକ ନିଜ ଚିନ୍ତା ଓ ପୁରୋଦୃଷ୍ଟି ଲଗାଇ, ନିଜ

Digitized by PPRACHIN, SOA

ତ୍ୟାଗରେ କଂଗ୍ରେସକୁ କରୁଥିଲେ, ବା ଗଢୁଥିଲେ; ଓ କରୁଚନ୍ତି ବା ଗଢ଼ିବାରେ ଲାଗିଚନ୍ତି । ଆଉ କେତେ ଲୋକଙ୍କୁ କଂଗ୍ରେସ ଗଢ଼ିଚି । ସେମାନେ ବସ୍ତୁତଃ ତ୍ୟାଗବେଳେ କଂଗ୍ରେସର ସାଥୀ ନୁହନ୍ତି । କଂଗ୍ରେସ ନାମ ଧରି ନିଜ ଭୋଗ ଯୋଗାଡ଼ କରିବା ସେମାନଙ୍କର ପ୍ରକୃତି । ମନ୍ତ୍ରିତ୍ୱ ଗ୍ରହଣ କଲା ପରେ କଂଗ୍ରେସ ଏଇମାନଙ୍କ ଚକ୍ରରେ ପଡ଼ିଚି । ଏମାନେ ନାମ ସେବୀ । ପ୍ରକୃତ କଂଗ୍ରେସ କ'ଣ, ଏହା ସେମାନେ ବୁଝି ନାହାନ୍ତି, ବୁଝିବା ସହଜ ନୁହେଁ। କଂଗ୍ରେସ ନାମରେ ଝିଙ୍କି ଘୋସାରି ହୋଇ ଏମାନେ କିଛି ତ୍ୟାଗ ଦେଖାଇବାର ବାହାନା ହୁଏତ ଧରି ପାରନ୍ତି । ମାତ୍ର ତହିଁରେ ମୌଳିକତା ନାହିଁ, କି ତାହାର ମୂଲ୍ୟ ନାଇଁ । କଂଗ୍ରେସ ମରି ଯାଉଥିବା ବେଳେ ସେପରି ନାମ - ସେବୀଙ୍କ "ଗଡ୍ଡଳିକା ପ୍ରବାହ" - ଗତ କର୍ମରେ କଂଗ୍ରେସ ଜିଇଁ ଉଠିବ ନାଇଁ । ମାତ୍ର ବଡ଼ ଦୁଃଖର କଥା, ଯେପରି କୁହାଗଲା, କଂଗ୍ରେସ ଆଜି ନିଜର ଭ୍ରାନ୍ତ କର୍ମ ଫଳରେ - ଅର୍ଥାତ୍, ନିଜର ମନ୍ତ୍ରିତ୍ୱ ବଡ଼ିମା ଓ ଇଂରେଜ ସରକାର ତଥା ମୁସଲିମ୍ ଲିଗଙ୍କ ସଙ୍ଗେ ଶୁଷ୍କ ସର୍ତ ସାଲିସର ଅଦୂରଦର୍ଶୀ ଉଦ୍ୟମ ଫଳରେ - ଜୀବନ୍ତତା ହରାଇଥିଲେ ମଧ୍ୟ, ଏବେ ଏହି ନାମ-ସେବୀଙ୍କ ଚତୁର ଚକ୍ରାନ୍ତର ଗୋଟିଏ ସଂକୀର୍ଣ୍ଣ, ଅଥଚ କରାଳ ସଂଘରେ ପରିଣତ ହୋଇଚି । ଏପରି ଅବସ୍ଥାରେ ସେଇପରି ମନସ୍ୱୀ ସ୍ୱାଧୀନଚେତା ନ ହେଲେ ଏ ଚକ୍ରାନ୍ତ ଭେଦ କରି କଂଗ୍ରେସରେ ନୂତନ ଜୀବନ ଅଣିବାର ଉଦ୍ୟମ କରିବା ସହଜ ନୁହେଁ। କଂଗ୍ରେସକୁ ଯେଉଁ ପ୍ରକୃତିର ଲୋକେ କରନ୍ତି ଓ ଗଢ଼ନ୍ତି, ସେଇମାନେ ଏକା ଏବେ ବିଦ୍ରୋହ କରିବେ।

ଅନୁଷ୍ଠାନର ପ୍ରଗତିରେ ବିଦ୍ରୋହର କ୍ରିୟା -

ପୁଣି ଆଉରି ଏକ ଅସୁବିଧା। ଭିତରର ବିଦ୍ରୋହ ଜନିତ ବିରୋଧ ଓ ସଂଘର୍ଷରେ ଅନୁଷ୍ଠାନ ସବୁ ଜୀବନ୍ତ ରହେ । ବିରୋଧର ସର୍ବଥା ବହିଷ୍କାର କଲେ, ଅର୍ଥାତ୍ ଶୃଙ୍ଖଳା ନାମରେ ସବୁ ପ୍ରକାର ଚିନ୍ତା ଓ କ୍ରିୟାକୁ ସନ୍ଦେହ କରି ସଂଘ ବା ଅନୁଷ୍ଠାନରୁ ବାହାର କରିଦେଲେ, ସଂଘରେ ଆଉ ଜୀବନର ଚଞ୍ଚଳତା ପଶେ ନାଇଁ । ସଂଘ ନିର୍ଜୀବ ହୋଇ ମରିଯାଏ । ଖାଲି ନିର୍ଜୀବ ଖୋଳଟା ବା କଙ୍କାଳଟା ହୁଏତ ଦେଖିବା ପାଇଁ ପଡ଼ିରହେ । ହିନ୍ଦୁ ସମାଜର ଜାତି ଭେଦ ତାହାର ଏକ ଉଦାହରଣ । ମାତ୍ର ବାହାର କରୁ କରୁ ବାହାରରୁ ମଧ୍ୟ ବିରୋଧ ଓ ଚଞ୍ଚଳତା କାଳ କ୍ରମେ ପୁଣି ଭିତରେ ପଶେ, ଓ ପୂର୍ବନେତାଙ୍କୁ ନୀରସ କରି ଯାଦୁଘରେ ରଖିଦେଇ, ଅନୁଷ୍ଠାନ ବା ସଂଘକୁ ପୁଣି ଜୀବନ୍ତ କରେ । ଚିରନ୍ତନ ଜାତିଭେଦରେ ଆଜି ତା ହୋଇ ଆସିଚି । ବିଲାତ ଫେରନ୍ତାଙ୍କ ଠାରୁ ବ୍ରାହ୍ମ ଓ ବୟାନିଷ୍ଟଧର୍ମୀଙ୍କ ପର୍ଯ୍ୟନ୍ତ, ସମସ୍ତଙ୍କର ପ୍ରଭାବ କ୍ରମେ ଭିତରକୁ ପଶି ଯାଉଚି । କଂଗ୍ରେସରେ ବି ସେଇଆ ପଡ଼ିବ । ଅନ୍ତି ଶାସ୍ତ୍ର ହେବା ଉଚିତ ।

ଏଥିପାଇଁ ବିଦ୍ରୋହୀମାନଙ୍କର ମନସ୍ୱିତା ନିଷ୍ଠା ଓ ତ୍ୟାଗ ଦରକାର । ଏବେ ନାମସେବୀ କଂଗ୍ରେସ ନେତା, ଉପନେତାଙ୍କ ବାହାଦୂରୀ ଓ କ୍ରିୟାରେ ପୁଣି ଏସବୁ ଶ୍ରେଷ୍ଠ ଭାବର

Digitized by PPRACHIN, SOA

ବାହାନା ଅଛି । ନୀରସ ଓ ନିଷ୍ଫଳ ସତ୍ୟାଗ୍ରହର ବାହାନାରେ ଜେଲ ଯିବାର ସୁଗମ ତ୍ୟାଗ ଦେଖାଇ, ସେଥିରେ ଲୋକଙ୍କୁ ଭୁଲାଇ, ପୁଣି ନିଜର ଚକ୍ରାନ୍ତ-ମୂଳକ ନେତୃତ୍ୱ ଦୃଢ଼ କରି ନେବାର ଉଦ୍ୟମ ମଧ୍ୟ ଥାଇପାରେ । ଏ ସବୁରେ ଭୁଲିବାକୁ ହେବନାହିଁ ।

ଉଦାହରଣରେ ବ୍ୟାଖ୍ୟା –

ଏ ସବୁର ବିଶେଷ ବ୍ୟାଖ୍ୟା ନକରି ଏଇ କଂଗ୍ରେସ ଅନୁଷ୍ଠାନଟି ନିଜର ଇତିହାସରେ ଯେପରି ଗତିକରି ଆସିଚି, ଅର୍ଥାତ୍, ବିଦ୍ରୋହ ପରେ ବିଦ୍ରୋହର ସାଧନାରେ ଯେପରି ନିଜର ଜୀବନ୍ତତା ରଖି ଆସିଚି, ଉଦାହରଣରେ ତାହାରି କେତେକ ସୂଚନା ଦେଲେ କଥାଟି ସ୍ପଷ୍ଟତର ହେବ ।

କଂଗ୍ରେସରେ 'ସୁରତ' ଠାରେ ବିଦ୍ରୋହ –

କଂଗ୍ରେସ ମୂଳରୁ ବିଧାନଗତ ଆଇନ ପନ୍ଥା ଧରି ସରକାରଙ୍କୁ ବୁଝାଇ ଶୁଝାଇ ଶାସନରେ ବଡ଼ ବଡ଼ ଭାରତୀୟ କର୍ମଚାରୀ ରଖି ସ୍ୱରାଜ୍ୟ ସାଧନା କରୁଥିଲା । ସେତେବେଳେ କଂଗ୍ରେସ ଏତେ ଶୃଙ୍ଖଳିତ ନଥିଲା । ଦେଶର ଜାତୀୟତା କାମୀ ସମସ୍ତେ କଂଗ୍ରେସ ବୋଲି ବୁଝା ଯାଉଥିଲେ । ଜାତୀୟତା କାମୀର କର୍ମ ଭିନ୍ନ ଦିଗରେ ଗତି କଲା । ଘୋର ବିଦ୍ରୋହ ଓ ସଂଘର୍ଷ ହେଲା । ୧୯୦୭ର ସୁରତ୍ କଂଗ୍ରେସରେ ଏହି ବିଦ୍ରୋହ ଜଳି ଉଠିଲା ।

ଦଶବର୍ଷରେ ଏହି ବିଦ୍ରୋହର ଜୟ –

ବିଦ୍ରୋହୀମାନେ ସେତେବେଳେ ପାରିଲେ ନାହିଁ । ସେମାନଙ୍କୁ ଏକା ବେଳକେ ବାହାର କରି ଦେଇ ପୂର୍ବ ନେତାମାନେ ନିଜର ବୈଧାନିକ ସର୍ବମାନ କରି, ୧୦ ବର୍ଷ କାଳ ଦୁଆର କିଳି କଂଗ୍ରେସ କଲେ । ଏହା ହେଲା ଗୋଖଲେ, ସୁରେନ୍ଦ୍ରନାଥ ପ୍ରଭୃତିଙ୍କ କଂଗ୍ରେସ । ତିଳକ, ଅରବିନ୍ଦ ପ୍ରଭୃତି ମନସ୍ୱୀ ନେତାମାନେ ଏଥିରୁ ବାହାରି ଗଲେ । ୧୦ ବର୍ଷ ଗଲା । ବିଦ୍ରୋହ ଭିତରେ ପଶିଲା। ୧୯୧୭ କଲିକତା କଂଗ୍ରେସରେ ସୁରେନ୍ଦ୍ରନାଥଙ୍କ ଦଳକୁ ବାହାର କରି ମନସ୍ୱିନୀ ଆନି ବେସାଣ୍ଟଙ୍କ ସଭାନେତ୍ରୀତ୍ୱରେ କଂଗ୍ରେସ ପୁଣି ଜୀବନ୍ତ ହେଲା । ସୁରେନ୍ଦ୍ରନାଥ ପ୍ରଭୃତି ଯଥାର୍ଥରେ ସେହିଦିନ ଠାରୁ ଜାଦୁ ଘରକୁ ଚାଲିଗଲେ ।

ଗାନ୍ଧିଙ୍କ ଅସହଯୋଗ ନୀତିମୂଳକ ବିଦ୍ରୋହ –

ତାପରେ ଗାନ୍ଧି, ଚମ୍ପାରଣରେ ନିଳକର ସାହେବଙ୍କ ସଙ୍ଗେ ଲଢ଼ିସାରି, ରାଉଲେଟ ଆଇନର ନିଷ୍କ୍ରିୟ ବିରୋଧରେ ନିଜ ସାଧନର କୃତିତ୍ୱ ଦେଖାଇ, ଆସିଲେ କଂଗ୍ରେସକୁ । ପ୍ରତିଷ୍ଠିତ କଂଗ୍ରେସ ନେତାମାନଙ୍କ ଘୋର ବିରୋଧ ସତ୍ତ୍ୱେ, ଗାନ୍ଧି ପୁଣି କଂଗ୍ରେସରେ ଆଉ ଗୋଟିଏ ଜୀବନ୍ତତାର ପ୍ରସ୍ତ ଉଠାଇଲେ; ତାହା ଅସହଯୋଗ ପ୍ରସ୍ତ।

Digitized by PPRACHIN, SOA

ଚିତ୍ତରଂଞ୍ଜନଙ୍କ ବ୍ୟବସ୍ଥାସଭା ପ୍ରବେଶ -

ଠିକ୍ ଦୁଇବର୍ଷ ପରେ ସେ ପନ୍ଥା ପୁଣି ଜୀର୍ଣ୍ଣ ହୋଇଗଲା । ଏବେ ଚିତ୍ତରଞ୍ଜନଙ୍କ ବିଦ୍ରୋହ । ଗୟା କଂଗ୍ରେସରେ ଚିତ୍ତରଞ୍ଜନ ସଭାପତି ହୋଇଥିଲେ । ଅସହଯୋଗ ଛାଡ଼ି ବ୍ୟବସ୍ଥା ସଭାମାନଙ୍କରେ ପଶିବା ପାଇଁ ତାଙ୍କ ପକ୍ଷରୁ ପ୍ରସ୍ତାବ ଆସିଲା । ମହାତ୍ମା ଗାନ୍ଧି ସେତେବେଳେ ଜେଲ୍‌ରେ ଥିଲେ । ରାଜଗୋପାଳଚାରୀ ଗାନ୍ଧିଙ୍କ ପଟ୍ଟଶିଷ୍ୟ ରୂପେ କଂଗ୍ରେସ 'ଜନତା'ଙ୍କୁ ଗାନ୍ଧିଙ୍କ ନାମ ଧରି ବୁଝାଇ ଚିତ୍ତରଞ୍ଜନଙ୍କ ବିରୋଧ କଲେ; ଜିଣିଲେ । ଚିତ୍ତରଞ୍ଜନ ସଭାପତିପଦ ଛାଡ଼ି ଦେଲେ । ସେ ବର୍ଷଯାକ କଂଗ୍ରେସ ସଭାପତି ପଦ ଦୁଆରେ ଦୁଆରେ ଯଚା ହେଲା । ଗାନ୍ଧି- ନାମସେବୀ ରାଜଗୋପାଳଙ୍କ କଂଗ୍ରେସୀମାନେ No Changer ବା ଅପରିବର୍ତ୍ତନ- ଶୀଳ ବୋଲି ଭାରି ଅହଙ୍କାର କରି, ଗାନ୍ଧିଙ୍କ ପଦାଙ୍କ ଅନୁସରଣ କରୁଛନ୍ତି ବୋଲି ଲୋକଙ୍କୁ ମତାଇଲେ । ଚିତ୍ତରଞ୍ଜନ ସର୍ବତ୍ର ଦେଶଦ୍ରୋହୀ, ବିଶ୍ୱାସଘାତକ ପ୍ରଭୃତି କୁତ୍ସିତ ପଦରେ ବର୍ଣ୍ଣିତ ହେଲେ । କିନ୍ତୁ ମନସ୍ୱୀ ଚିତ୍ତରଞ୍ଜନ ଟଳିଲେ ନାହିଁ । ବ୍ୟବସ୍ଥା ସଭାରେ ପ୍ରବେଶ ପନ୍ଥା କଂଗ୍ରେସ ପୁଣି ଶେଷରେ ଧରିବାକୁ ବାଧ ହେଲା । ୧୯୨୩ର କାକନାଡ଼ା କଂଗ୍ରେସ ଠାରୁ ୧୯୨୯ ଶେଷରେ ଲାହୋର କଂଗ୍ରେସ ପର୍ଯ୍ୟନ୍ତ ଏହି ପନ୍ଥାରେ କାର୍ଯ୍ୟ ଚାଲିଲା । ପରେ ଏହି ପନ୍ଥା କ୍ରମେ ନିଷ୍ଫଳ ଓ ନୀରସ ହୋଇ ଆସିବାର ଦେଖାଗଲା ।

ସତ୍ୟାଗ୍ରହ -

ତାହାପରେ ସତ୍ୟାଗ୍ରହର ଜୀବନ୍ତ ପ୍ରସ୍ଥ । ରାଜଗୋପାଳଙ୍କ ଉଦ୍ୟମକୁ ପଣ୍ଡ କରି ଜେଲ୍‌ରୁ ଆସିଥିବା ଗାନ୍ଧିଙ୍କୁ 'ଜୁହୁ' ଠାରେ ମନାଇ ଯେଉଁମାନେ ବ୍ୟବସ୍ଥା ସଭାରେ ପଶିଥିଲେ, ଏବେ ସେହିମାନେ ନିଜର କ୍ରିୟାରେ ନୀରସତା ଆସି ଯିବାରୁ ସମସ୍ତେ ବ୍ୟବସ୍ଥା ସଭା ଛାଡ଼ି ଆସିଲେ; ସତ୍ୟାଗ୍ରହରେ ଯୋଗ ଦେଲେ । ୧୯୩୪ ବେଳକୁ ଦେଖାଗଲା ଲୋକେ ସତ୍ୟାଗ୍ରହର ତୀବ୍ର ତ୍ୟାଗ ପ୍ରତି ପ୍ରସ୍ତୁତ ହୋଇ ନାହାନ୍ତି ।

ପୁଣି ବ୍ୟବସ୍ଥାସଭା ପ୍ରବେଶ ଓ ମନ୍ତ୍ରିତ୍ୱ -

ସେଥିପାଇଁ ପୁଣି ବ୍ୟବସ୍ଥାସଭାମାନଙ୍କୁ ହାତ କରିବା କଂଗ୍ରେସ ସ୍ଥିର କଲା । ପୂର୍ବେ ବ୍ୟବସ୍ଥା ସଭାରେ ଖାଲି ଏକ ପ୍ରକାର ବିରୋଧରେ ରହି ଇଂରେଜ ସରକାରଙ୍କ ସମାଲୋଚନା କରାହେଉଥିଲା। ସେଥିରେ ଲଢୁଆ କଂଗ୍ରେସର ଜୀବନ୍ତତା ସେତେ ନଷ୍ଟ ହେଉନଥିଲା । ଏବେ କିନ୍ତୁ ବ୍ୟବସ୍ଥା ସଭାକୁ ଯିବାରେ ମିଳିଲା, ପ୍ରାଦେଶିକ ସ୍ୱାତନ୍ତ୍ର୍ୟ ଓ ପ୍ରଦେଶର ମନ୍ତ୍ରିତ୍ୱ । ତ୍ୟାଗରୁ ଲୋଭକୁ ଆସିବା ଏକେ ସାଧାରଣ ଲଢୁଆର କର୍ତ୍ତବ୍ୟ ନୁହେଁ । ପୁଣି ଏ ଲୋଭରେ ସମ୍ଭାଳି ହେବା ପାଇଁ କଂଗ୍ରେସ ନେତାଙ୍କ ଭିତରେ ସାଧନା ନଥିବାର ପ୍ରମାଣିତ ହେଲା ।

Digitized by PPRACHIN, SOA

ଏବର ପରିସ୍ଥିତି -

ଏତିକି ବେଳେ ୟୁରୋପୀୟ ଯୁଦ୍ଧ ଆସିଲା । ନାଜୀ ବିରୁଦ୍ଧରେ ଏହା ମାନବ ସ୍ୱାଧୀନତାର ଯୁଦ୍ଧ । ଇଂରେଜ ସାମ୍ରାଜ୍ୟବାଦ ସଙ୍ଗେ ଆମର ଲଢ଼େଇ; ଇଂରେଜ ଲୋକଙ୍କ ସଙ୍ଗେ ନୁହେଁ। ସାମ୍ରାଜ୍ୟବାଦୀ ଇଂରେଜ ସରକାର ନାୟକମାନେ ଏ ଯୁଦ୍ଧ ଲୋଡ଼ୁ ନଥିଲେ । ନାଜୀ ହିଟଲରଙ୍କୁ ବରଂ ଖଣ୍ଡିଏ ଖଣ୍ଡିଏ ଦେଶ ଲାଞ୍ଚ ଦେଇ ସନ୍ତୋଷରେ ରଖିବା ପ୍ରୟାସ କରୁଥିଲେ । ଇଂରେଜ ଲୋକେ ଏହା ସହିଲେ ନାହିଁ । ତେଣୁ ଯୁଦ୍ଧ ହେଲା । ମହାତ୍ମା ଗାନ୍ଧି ଠିକ୍ ଏତିକି ବେଳେ କହିଲେ, "କିଛି ସର୍ତ୍ତ ସାଲିସ କଥା ନ ଉଠାଇ ଭାରତବାସୀ ଏ ଯୁଦ୍ଧରେ ଯୋଗ ଦିଅନ୍ତୁ ।" କିନ୍ତୁ କଂଗ୍ରେସ ନେତାଙ୍କ ମୁହଁରେ ମନ୍ତ୍ରିତ୍ୱର ସ୍ୱାଦ ଲାଗି ଯାଇଥିଲା । ସେ ଖାଲି ଧମକାଇ ଇଂରେଜଙ୍କ ଠାରୁ କଥାରେ ସ୍ୱରାଜ ମାରି ନେବାକୁ ପ୍ରୟାସ କଲେ । ସେଥିପାଇଁ ଯାହା ଯାହା କଲେ ଓ ଫଳରେ ଯାହା ହେଲା, ତାହା କହିବା ଦରକାର ନାହିଁ। କଂଗ୍ରେସ କାର୍ଯ୍ୟତଃ ହିନ୍ଦୁ ଅନୁଷ୍ଠାନରେ ପରିଣତ ହେଲା । ମୁସଲମାନ ଏକା ବେଳକେ ବିଗିଡ଼ି ଗଲେ । ଇଂରେଜ ସରକାର ନିଜର ସ୍ୱାର୍ଥ ଓ ଆତ୍ମସମ୍ମାନ ଜଗି ଦୃଢ଼ ହୋଇ ବସିଲେ । କଂଗ୍ରେସର ଆଗରୁ ବୁଝିବାର ଥିଲା, ଏକା କଂଗ୍ରେସର ନୁହେଁ, ସାମ୍ରାଜ୍ୟସେବୀ ଇଂରେଜ ସରକାରଙ୍କର ବି ସ୍ୱାର୍ଥ ଅଛି, ଆତ୍ମ ସମ୍ମାନ ବି ଅଛି ।

ବିଦ୍ରୋହ ଛଡ଼ା ଆଉ ଗତି କ'ଣ ?

ସେ ଯାହାହେଉ ଏ ପନ୍ଥାରେ ଆଉ ଗତି ନାହିଁ । ମୁସଲମାନ କିପରି କଂଗ୍ରେସରେ ସାମିଲ ହେବେ, ତାହାର ମଧ୍ୟ ସୁଗମ ପନ୍ଥା ଦେଖାଯାଉ ନାହିଁ । ତଥାପି ଏହି ଭ୍ରାନ୍ତ ନେତାଦଳ ନିଜର ଭ୍ରାନ୍ତିର ଟାଣ ଛାଡ଼ୁ ନାହାନ୍ତି । ଭାରତବାସୀର ଅତିପ୍ରିୟ କଂଗ୍ରେସ ଅନୁଷ୍ଠାନକୁ ଏବେ ଘରୋଇ ଚକ୍ରାନ୍ତ କାରଖାନାରେ ପରିଣତ କରି, ନାମ - ସେବୀ ମାନଙ୍କୁ ଭୁଲାଇ ରଖି କଂଗ୍ରେସକୁ ଧ୍ୱଂସ କରିବାକୁ ବସିଛନ୍ତି ।

ଏତିକି ବେଳେ ପୁଣି ବିଦ୍ରୋହ - ଘୋର ଓ ସ୍ପଷ୍ଟ ବିଦ୍ରୋହ ଉଠିବ । ନେତାରଂମନ୍ୟମାନେ ବିଦ୍ରୋହର ବା ସ୍ୱାଧୀନମତ ପର୍ଯ୍ୟନ୍ତର ଗନ୍ଧ ପାଇଲେ କଂଗ୍ରେସରୁ ବାହାର କରିବାରେ ଲାଗିଛନ୍ତି । ବାହାର କରି କରି ସେମାନେ ନିଜେ ବୀରସ କଂକାଳସାର ହୋଇଗଲେଣି । ଅନୁଷ୍ଠାନର ଜୀବନନାଡ଼ୀରେ ରକ୍ତ ବୁହାଇବାର ଶକ୍ତି ଆଉ ତାଙ୍କର ନାହିଁ । ସେପରି ବାହାର ହେବା ବା ବାହାର କରିବାରେ ଆଉ କିଛି ମୂଲ୍ୟ ନାହିଁ । ଏଣେ, କଂଗ୍ରେସ - ଜୀବନ୍ତ କଂଗ୍ରେସ - ଛଡ଼ା ଭାରତର ମୁକ୍ତିନାହିଁ । ତାକୁ ଜୀବନ୍ତ କରିବାକୁ ହେବ । ପରିସ୍ଥିତି ଓ ସମୟର ଗତି ଦେଖି ସ୍ପଷ୍ଟ ପୁରୋଦୃଷ୍ଟିରେ ଜାତୀୟ କ୍ରିୟା ଚଳାଇବାକୁ ହେବ । ଏହା ହିଁ ଏବ ବିଦ୍ରୋହରେ ହେବ ।

"ନାନ୍ୟଃ ପନ୍ଥା ବିଦ୍ୟତେଽୟନାୟ ।"

ନବ ଭାରତ-୭/୨, ଆଲୋଚନା

Digitized by PPRACHIN, SOA

ଏବର ରାଜନୈତିକ ପରିସ୍ଥିତି

ଅହିଂସାର ପୂର୍ବରଙ୍ଗ

ଆମେ ପରାଧୀନ ଜାତି । ଆମର ରାଜନୀତି ବୋଇଲେ, ସ୍ୱରାଜ୍ୟ ପାଇବାକୁ ଯିବା ବାଟରେ ଚାଲିବାର କ୍ରମ । ସେ ବିଷୟରେ ପୂର୍ବେ ବହୁତ କହିଛୁ । ଏବେ କିନ୍ତୁ କ'ଣ କହିବୁ ବୁଝି ପାରୁନାହୁଁ, ସତ୍ୟାଗ୍ରହ ନାମରେ ଇଂରେଜ ସରକାରଙ୍କୁ ଡରି ଅନେକେ କହିବା ବନ୍ଦ କରୁଛନ୍ତି, କେତେକ ବା ସହି ସମ୍ଭାଳି, ଜଗିରଖି ପାଖେଇ କରି କହୁଛନ୍ତି । ସେପରି କରିବାର ଏବେ କାରଣ ବି ରହିଛି, ମାତ୍ର ଆମେ ଯେ କ'ଣ କହିବୁ ବୁଝି ପାରୁନାହୁଁ । ସେ ବୁଝି ନ ପାରିବାଟି କିନ୍ତୁ ଏଠାରେ ନ କହିବାର କାରଣ ନୁହେଁ ।

ଆମେ ଏବେ ଇଂରେଜ ସରକାରଙ୍କ କଥା ଭାବୁ ନାହୁଁ, ଆମେ ଭାବୁଛୁ ଆମ ନିଜ କଥା - ଆମ କଂଗ୍ରେସ କଥା । ପଚାଶ ବର୍ଷରୁ ଅଧିକ କାଳ ହେଲା କଂଗ୍ରେସ ସ୍ୱରାଜ୍ୟ ପାଇଁ ସାଧନା କରୁଥିଲା। ସେଥିରେ ଉଗ୍ରପନ୍ଥା ଧରି ଦଳେ ବିପ୍ଳବୀ ବାହାରି ଥିଲେ । ଫଳରେ ସେତେବେଳେ ସରକାରଙ୍କ ଗୁପ୍ତଚର ବ୍ୟବସ୍ଥା ଓ ନିର୍ଦ୍ଧୂମ ଦମନ ନୀତିରେ ଲୋକେ ଭେଟଣା ହୋଇ ଯାଉଥିଲେ । ମହାତ୍ମା ଗାନ୍ଧି ଅହିଂସା ନାମ ଧରି ଏତିକି ବେଳେ କଂଗ୍ରେସକୁ ହାତ କଲେ ।

ଅହିଂସାର ପ୍ରୟୋଗ -

ବାରମ୍ବାର କହିଛୁ, ଅହିଂସା ମାନବ କ୍ରିୟାର ଆଦର୍ଶ। ଏହା ସମ୍ପୂର୍ଣ୍ଣ ବାସ୍ତବ ହେବାର ନୁହେଁ - ହେବନାହିଁ । ଅହିଂସା ସମ୍ପୂର୍ଣ୍ଣ ବାସ୍ତବ ହେଲେ ବ୍ୟକ୍ତିଗତ ମାନବର ନିର୍ବାଣ ପ୍ରାପ୍ତି ହେବ । ସାମାଜିକ କ୍ରିୟାରେ ଅହିଂସା ସମ୍ପୂର୍ଣ୍ଣ ବାସ୍ତବ ହେଲେ ସମାଜ ଲୋପ ପାଇବ । ପୁଣି ଅତି ସହଜ କଥାରେ ଦେଖ କୌଣସି ଲୋକ ଆମ ଘରେ ଜୋର କରି ମାଡ଼ି ବସିଛି ବୋଲି ଅନୁଭବ କରି ନିଜର ଆତ୍ମସମ୍ମାନ ରକ୍ଷା ପାଇଁ ତାକୁ ଯଦି କୁହାଯାଏ, "ତୁମର ଏ ଘର ନୁହେଁ, ଏ ମୋ' ଘର, ନ୍ୟାୟ ବୁଝି, ଧର୍ମ ବାଟ ଧରି ତୁମେ ଏଠାରୁ ଉଠି ବାଣ୍ଟେ ବାଣ୍ଟେ ଚାଲିଯାଅ, ମୋ' ଘର ମୋତେ ଛାଡ଼ିଦିଅ ।" ଏପରି ଭାବ ବା କଥା ଭିତରେ ପୂର୍ଣ୍ଣ ଅହିଂସା ବିରାଜମାନ କରିବ କିପରି ? ଏକେତ ମୋର ତୋର ଭାବ ଅହିଂସାର ଉପର ସାଧକ ହୋଇନପାରେ। ତାପରେ ପୁଣି ଅନ୍ୟ ଉପରେ ନିଜର ନ୍ୟାୟ ଓ ଧର୍ମ ଭାବ ଚିପି ଭର୍ତି କରିବାରେ ଯେ ଅହିଂସା ଅଛି ତାହାର ଦୃଷ୍ଟାନ୍ତ ପାଇଁ ଆଦିମ ଆମେରିକାର ସ୍ପେନୀୟ ପାଦ୍ରିଙ୍କ ଠାରୁ ଏବର ଅନେକ ଧର୍ମାନ୍ଧ ପ୍ରଚାରକମାନଙ୍କ କାର୍ଯ୍ୟକୁ ଦେଖାଇ ଦିଆଯାଇପାରେ ।

Digitized by PPRACHIN, SOA

ସମାଜରେ ସତ୍ୟ ନ୍ୟାୟ ଧର୍ମ -

ମାନବ ସମାଜରେ ପୁଣି ସତ୍ୟ, ଧର୍ମ, ନ୍ୟାୟ ପ୍ରଭୃତି କଥା ଗୁଡ଼ିକ ସବୁ ପରିସ୍ଥିତିରେ ସମାନ ନୁହେଁ, ଏହା ଯେ ନବୁଝେ ତାହାର ସମାଜ ଦର୍ଶନ ସ୍ପଷ୍ଟ ନୁହେଁ, ସେ ଏକଦେଶଦର୍ଶୀ। ଖ୍ରୀଷ୍ଟୀୟାନମାନଙ୍କର ବହୁ ପୁରୁଣା କାଳରୁ ଧର୍ମରେ ଥିଲା, ଚୋରୀ କରିବ ନାହିଁ, ମଣିଷ ମାରିବ ନାହିଁ ପରସ୍ତ୍ରୀକୁ ଲୋଭ କରିବ ନାହିଁ । ତଥାପି ଅନ୍ୟତ୍ର ଧର୍ମଶାସ୍ତ୍ର କହେ - ବିଶେଷତଃ ଏ ଦେଶର ଲିଖିତ ଧର୍ମଶାସ୍ତ୍ର ତାର ସାକ୍ଷୀ - ଦିଗ୍‌ବିଜୟର ଡକାୟତି କ୍ଷତ୍ରିୟର ଧର୍ମ । ଯୁଦ୍ଧରେ ନରହତ୍ୟା କ୍ଷତ୍ରିୟର ମହାପୁଣ୍ୟ । ସ୍ୱୟମ୍ବରରେ କନ୍ୟା ହରଣ ଅତି ପ୍ରଶସ୍ତ ସାମାଜିକ ସୁକର୍ମ । ତା'ଛଡ଼ା ଦେବୀଙ୍କ ଠାରେ ବଳି ତଥା ନରବଳି, କାମାକ୍ଷାଙ୍କ ନାମରେ ଯଥେଚ୍ଛା ପରନାରୀ ସେବାରେ ମୁକ୍ତି ସାଧନା ପ୍ରଭୃତି କଥା କହିବା ନିଷ୍ପ୍ରୟୋଜନ । ଶତାଧିକ ବର୍ଷ ତଳେ ପିତାଙ୍କ ଚିତାରେ ଜୀବିତା ମାତାକୁ ନ ପୋଡ଼ିଲେ ସତ୍ୟ - ଧର୍ମ ଓ ନ୍ୟାୟର ଅପଳାପ ହେଉଥିଲା । ଆଜି ବିଧବାକୁ ଘରୁ ଓଟାରିଆଣି ଯଥେଚ୍ଛା ପରପୁରୁଷ ବିହାରଜନିତ ପତିନିର୍ଣ୍ଣୟ ସୂତ୍ରରେ ବିବାହର ବ୍ୟବସ୍ଥା କରା ହେଉଛି ।

ଏହାର ମାପ -

ଏହା ହିଁ ସମାଜ । ଏଥିରେ ସର୍ବଦା ପରିସ୍ଥିତିରେ ଆଦର୍ଶର ପ୍ରୟୋଗ ଧରି ଶୁଭକଳ୍ପନାରେ ସତ୍ୟଧର୍ମ ଓ ନ୍ୟାୟର ମାପ ହୁଏ ସେଥିପାଇଁ ବଚନ ଅଛି ଯାହା ଶିବ (ମଙ୍ଗଳ) ତାହାହିଁ ସୁନ୍ଦର, ତାହାହିଁ ସତ୍ୟ । ଏହି ମଙ୍ଗଳ ଦେଖିବାରେ ହିଁ ଯାହାର ଦୃଷ୍ଟି ଯେତେ ପ୍ରସାରିତ, ଅର୍ଥାତ୍ ଏହି ମଙ୍ଗଳ କଳନା ଯାହାର ଦେଶକାଳରେ ଯେତେ ବ୍ୟାପ୍ତ ସେ ସେତିକି ମହାପୁରୁଷ । ସଂକୀର୍ଣ୍ଣ ନିଜବୁଦ୍ଧିକୁ ଛାଡ଼ି ସେ ନିଜତ୍ୱକୁ ସେହି ପରିମାଣରେ ପ୍ରସାରିତ କରିଥାଏ । କିନ୍ତୁ ବ୍ୟକ୍ତିଗତ ଧର୍ମରେ ମହାପୁରୁଷଙ୍କ କ୍ରିୟା ଜଗତରେ କୁସଂସ୍କାର ଓ ଧର୍ମାନ୍ଧତା ସୃଷ୍ଟି କରେ । କ୍ରମେ ସମାଜରେ ତାହା ପ୍ରସାରିତ ହୁଏ । ଏହାର ଦୃଷ୍ଟାନ୍ତ ପୃଥିବୀର ଇତିହାସରେ ସର୍ବତ୍ର ଦେଖାଯାଏ । ଖ୍ରୀଷ୍ଟୀୟ ପାଦ୍ରିଙ୍କ ଠାରୁ ଗୌଡ଼ୀୟ ସନ୍ନ୍ୟାସୀଙ୍କ ପର୍ଯ୍ୟନ୍ତ ସର୍ବତ୍ର ଏହି ଧର୍ମାନ୍ଧତା ଏବଂ ସଙ୍ଗେ ସଙ୍ଗେ ଘୋର କୁସଂସ୍କାର । ଈଶ୍ୱର ପୁଅକୁ ପଠାଇ ମନୁଷ୍ୟର ପାପର ପ୍ରାୟଶ୍ଚିତ ନିମନ୍ତେ ପ୍ରାଣଦଣ୍ଡ ଦିଆଇ ଥିଲେ । ଏହା ବିଶ୍ୱାସ ନ କଲେ ପାଦ୍ରିଙ୍କର ସହିଷ୍ଣୁତା ସୀମା ଲଙ୍ଘନ କରେ । ଏହା କହିବା ନିଷ୍ପ୍ରୟୋଜନ ପରକୀୟା ପ୍ରେମରେ ରାଧାକୃଷ୍ଣ ଭକ୍ତିର ପଞ୍ଚମ ବା ଶ୍ରେଷ୍ଠ ପୁରୁଷାର୍ଥ ଦେଖି ନ ପାରିଲେ ଗୌଡ଼ୀୟ ବୈଷ୍ଣବଙ୍କ ମୁକ୍ତି ପନ୍ଥାର ଦ୍ୱାର ଫିଟେ ନାହିଁ ।

ଗାନ୍ଧି ଧର୍ମ =

ଏ ସବୁ ପୃଥିବୀରେ ପୁରୁଣା କଥା । ଅର୍ଥନୀତି ବା ରାଜନୀତିକୁ ଏ ସବୁ ସ୍ପର୍ଶ କରୁ ନଥିଲା । କିନ୍ତୁ ଏଣିକି କୁଳ କ୍ଷେତ୍ରରେ ଏବେ ଯେଉଁ ଗାନ୍ଧିଧର୍ମ ବାହାରିଛି ତାହା କେବଳ

Digitized by PPRACHIN, SOA

ବୁଝିବା ଦୁଷ୍କର ନୁହେଁ, ବୁଝିବାକୁ ଚେଷ୍ଟା କରିବା ମଧ୍ୟ ମହା ପାପ । ବଡ଼ ବଡ଼ ବକ୍ତା ଓ ଖବରକାଗଜମାନେ ମଧ୍ୟ ଏହି ଗାନ୍ଧିଧର୍ମକୁ ଲକ୍ଷ୍ୟ କରି ବଜ୍ର ନିର୍ଘୋଷରେ କହିଲେଣି, କିଛି ନ ପଚାରି ବିଶ୍ୱାସ କର -

ବିଶ୍ୱାସେ ନିକଟେ ହରି
ତର୍କେ ବହୁ ଦୂର ।

ଏହି ଗୌଡ଼ୀୟ ବୈଷ୍ଣବ ମତ ମଧ୍ୟ ଉଦ୍ଧାର କରି ଲୋକଙ୍କୁ ଉଦ୍‌ବୋଧନ ଦେବାର ମଧ୍ୟ ଦେଖାଗଲାଣି ।

ଗତି ତେବେ କୁଆଡ଼େ । ନିଜେ ଗାନ୍ଧି ମଧ୍ୟ କହୁଛନ୍ତି, ସେ ବାଟ ଜାଣନ୍ତି ନାହିଁ, ଭଗବାନ ସ୍ୱୟଂ ଆସି ତାଙ୍କୁ ମଝିରେ ମଝିରେ ବାଟ ଦେଖାଇ ଦେଉଛନ୍ତି । ସେ ଆଗକୁ ଚାହୁଁନାହାନ୍ତି କି ପଛକୁ ଦେଖୁ ନାହାନ୍ତି । ଈଶ୍ୱର ତାଙ୍କୁ ବାଟ କହିଲା ପରେ ସେ ପାଦ ପକାଉଛନ୍ତି । ସାରା ଦେଶଟାକୁ ସେଇପରି ପାଦ ପକାଇବାକୁ ହେବ। କଂଗ୍ରେସ ବୋଲ, ଓଆରକିଂଗ୍ କମିଟି (କଂଗ୍ରେସ କାର୍ଯ୍ୟକାରୀ କମିଟି) ବୋଲ, ହାଇକମାଣ୍ଡ (କଂଗ୍ରେସର ସର୍ବୋଚ୍ଚ ନିର୍ଦ୍ଦେଶକ ସଂଘ) ବୋଲ ସମସ୍ତେ କିଛି ନ ବୁଝି ନ ବିଚାରି ସେଇପରି ପାଦ ପକାଇବେ, ଏହା ହିଁ ଏବେ ଆମର ରାଜନୀତି, ଏଥିରେ ବୁଝିବାର ନାହିଁ ବିଚାର କରିବାର ନାହିଁ, କାହିଁକି ବା କିପରି ବୋଲି ପଦେ ପଚାରି ଦେବାର ମଧ୍ୟ ନାହିଁ ।

ଏ ଦୁର୍ଗତି ହେଲା କିପରି ? -

କଂଗ୍ରେସ ପୁଣି ଏ ଅବସ୍ଥାକୁ ଆସିଲେ କିପରି । ଇଂରେଜ ସରକାରଙ୍କୁ ଧମକାଇଲେ, ମୁସଲମାନଙ୍କୁ ଖୁସାମୋଦ କଲେ, କାହିଁରେ ନପାରି ପୁଣି ଅହିଂସାକୁ ଛାଡ଼ି ହିଂସାରେ ମାତି ଯୁଦ୍ଧରେ ଇଂରେଜଙ୍କ ପିଠିଆଡ଼େ ଠିଆ ହେବେ ବୋଲି କହି ଇଂରେଜ ସରକାରଙ୍କୁ ଭୁଲାଇ, ମୁସଲମାନ ପ୍ରଭୃତିଙ୍କୁ ଭଡ଼କାଇ, କାମ ହାସଲ କରିବାର ସ୍ପଷ୍ଟ ଉଦ୍ୟମ କଲେ । କାହିଁରେ କିଛି ନହେବାରୁ ଏବେ ଝୁଲାମୁଣି ପକାଇ, ମାଳୀ ଧରି ଭକ୍ତିବିନୋଦ ରୂପ ଧରି ବସିଛନ୍ତି । ଲୋକଙ୍କୁ କୁସଂସ୍କାରରେ ଜାଲ ପକାଇ ବାନ୍ଧିବାର ଚେଷ୍ଟା କରାଯାଉଛି, ଯୁକ୍ତି ଶୁଣଣଯାଉଛି, "ରାଜଗୋପାଳ, ଜହରଲାଲଙ୍କ ଠାରୁ କ'ଣ ତମେ ବେଶି ବୁଝୁଛ ?" ଏ ଦୁର୍ଗତିରୁ ରକ୍ଷା ପାଇବାର ଉପାୟ କ'ଣ ?

ଦୃଷ୍ଟାନ୍ତରେ ଖ୍ରୀଷ୍ଟଧର୍ମ -

ଇତିହାସର ଘଟନା ଅନୁସନ୍ଧାନ କଲେ ବୁଝାଯାଏ, ରୋମ ସାମ୍ରାଜ୍ୟର ପ୍ରପୀଡ଼ନ ବେଳେ ବିଦଳିତ ଓ ଧ୍ୱଂସୋନ୍ମୁଖ ଲୋକଙ୍କୁ ରକ୍ଷା କରିବା ପାଇଁ ଯେପରି କି ଯୀଶୁଖ୍ରୀଷ୍ଟଙ୍କର ଆବିର୍ଭାବ ହୋଇଥିଲା। ସେ କହିଥିଲେ "ଯେଉଁ ମୁଦ୍ରାରେ ସିଜରଙ୍କ ମୁଣ୍ଡ ଅଛି, ତାକୁ

Digitized by PPRACHIN, SOA

ସିଜରଙ୍କୁ ଦେଇଦିଅ" । ଅର୍ଥାତ୍ ଖଜଣା ଟିକସ ବୋଲି ଯାହା ନିଆଯାଉଛି ସେଥିରେ ଆପତ୍ତି କରନାହିଁ। ଯାହାଙ୍କ ଅତ୍ୟାଚାରରେ ତୁମେ ଆଜି ପୀଡ଼ିତ ସେମାନେ ଅଧର୍ମୀ, ଅତ୍ୟାଚାରିତ ହେଲେ ମଧ୍ୟ ତମେ ଧର୍ମୀ, ତୁମ ପାଇଁ ସ୍ୱର୍ଗଦ୍ୱାର ମେଲା, ତମେ ମଲା ପରେ ମୁଣ୍ଡକୁ ସ୍ଥିର ରଖି ଦୁଇ ହାତକୁ ମେଲାଇ ମଧ୍ୟ ସ୍ୱର୍ଗକୁ ଯାଇପାରିବ କିନ୍ତୁ ଅତ୍ୟାଚାରୀ ଇହଜଗତର ଭୋଗ ହେତୁରୁ ସେଠାରେ ବଡ଼ ଦୁଃଖ ପାଇବ । ସ୍ୱର୍ଗଦ୍ୱାରରେ ନାକ ଗେଞ୍ଜୁଥିବ, କିଂତୁ ଛୁଞ୍ଚ ଜଳାରେ ଓଟ ଯେପରି ଯେତେ ନାକ ଗେଂଜିଲେ ମଧ୍ୟ ପଶି ପାରିବ ନାହିଁ, ସେହିପରି ଭୋଗପୁଷ୍ଟ ଅତ୍ୟାଚାରୀ ସ୍ୱର୍ଗଦ୍ୱାରରେ ମଧ୍ୟ ପଶିପାରିବ ନାହିଁ । ଏହିପରି କରି ଦେଖାଯାଏ ଯୀଶୁଖ୍ରୀଷ୍ଟ ଲୋକଙ୍କୁ ଦମ୍ଭ ଦେଇ ଅତ୍ୟାଚାରକୁ ସହନୀୟ କରାଇ ପାରିଥିଲେ ।

ଗୌଡ଼ୀୟ ବୈଷ୍ଣବ ଧର୍ମ -

ପୁଣି ଘରପାଖେ ଚୈତନ୍ୟଙ୍କ କଥା, ସେ ଅନ୍ୟ ଏକ ସାମ୍ରାଜ୍ୟର ଅତ୍ୟାଚାର ବେଳେ ଉଠିଥିଲେ, କହିଥିଲେ -

ତୃଣାଦପି ସୁନୀଚେନ
ତରୋରପି ସହିଷ୍ଣୁଣା
ଅମାନିନଂ ମାନଦେନ
କୀର୍ତ୍ତନୀୟଃ ସଦା ହରିଃ ।

ଅର୍ଥାତ୍ ଯେବେ ହରି କୀର୍ତ୍ତନକୁ ଭାଜନ ହେବ ତେବେ ଆପଣାକୁ ଘାସ ଠାରୁ ଆହୁରି ଛୋଟ ବୋଲି ବିଚାର । ଅର୍ଥାତ୍ ତୁମକୁ ଯେ ଯେତେ କାଟିବ କାଟିଯାଉ, ଯେ ଯେତେ ଚରିବ ଚରିଯାଉ । ଗଛ ଠାରୁ ବେଶୀ ସହିଷ୍ଣୁ ହୁଅ । ଅର୍ଥାତ୍ ତୁମକୁ ଯେ ନିପାତ କରିବାକୁ ବସିଛି, ତାକୁ ଖରା କାଟିଲେ ତା' ମୁଣ୍ଡକୁ ଛତା ଟେକ । ଯାହାକୁ ଲୋକେ ନିତାନ୍ତ ଛୋଟ ଲୋକ ବୋଲି କହନ୍ତି ତାକୁ ବି ତୁମେ ମାନ୍ୟ କର ।

ଗୀତା ଧର୍ମ -

ମହାତ୍ମା ଗାନ୍ଧିଙ୍କ ଅହିଂସା ଧର୍ମ କ'ଣ ତେବେ ଏଇପରି ? ତାଙ୍କ ଭଗବତ୍ ବାଣୀ କ'ଣ ତେବେ ଏଇ ଆଡ଼କୁ ବାଟ ଦେଖାଉଛି ? ଅତ୍ୟାଚାରକ୍ଲିଷ୍ଟ ଭାରତବାସୀକୁ ତେବେ ଏ କ'ଣ କେବଳ ବଞ୍ଚାଇ ରଖିବାର ଉଦ୍ୟମ ? ଏ ଯାହାହେଉ, ନ ବୁଝି, ନ ଶୁଝି ମାନିଯିବ । ରାଜନୀତିରେ କିପରି କଥା, ଆମେ ବୁଝିପାରୁ ନାହଁ । ହିଟଲର, ମୁସୋଲିନିଙ୍କ ଭଳି ଡିକ୍‌ଟେଟର ବା ଯଥେଚ୍ଛାଚାରୀଙ୍କ ମନ୍ତ୍ରଣା ହୁଏତ ସମସ୍ତେ ଜାଣନ୍ତି ନାହିଁ । ଲୋକେ ନ ପଚାରି ମାନିଯାନ୍ତି, କିନ୍ତୁ ସେଥିରେ ବିଚାରର ଏକାନ୍ତ ଅଭାବ ନଥାଏ । ତଥାପି ସେହି 'ମତେ ମାନ' ବା 'ତାକୁ ଏକା ମାନ' ନୀତିରେ ପୃଥିବୀ ପଡ଼ି ଯାଉଛି ବୋଲି ଆଜି ସଭ୍ୟ

Digitized by PPRACHIN, SOA

ଜଗତ ତ୍ରସ୍ତ ଓ ଚଂଚଳ । ମହାତ୍ମା ଗାନ୍ଧିଙ୍କ "ସର୍ବ ଧର୍ମାନ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ" ନୀତିରେ ଗତି କୁଆଡ଼କୁ ? ଏହା ନ ଜାଣି ବା ନ ବୁଝାଇ ଲୋକଙ୍କୁ ଏହି ମାର୍ଗରେ ଡ଼ାକିବା ଉଚିତ ମନେ ହେଉନାହିଁ ।

ଭଗବାନ, ଶ୍ରୀକୃଷ୍ଣ ଅବଶ୍ୟ ଗୀତାରେ କହିଥିଲେ -

'ସର୍ବଧର୍ମାନ୍ ପରିତ୍ୟଜ୍ୟ
ମାମେକଂ ଶରଣଂ ବ୍ରଜ ।'

ଅର୍ଥାତ୍ ସବୁ ଧର୍ମ ଛାଡ଼ି ମତେ ଆଶ୍ରା କର । ଗାନ୍ଧି ହୁଏତ ସେହି କଥା କହୁଛନ୍ତି ବୋଲି ଅନେକେ ଯୁକ୍ତି କରିବେ। କିନ୍ତୁ ଭଗବାନ ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କୁ ସବୁକଥା ତନ୍ନ ତନ୍ନ କରି ବୁଝାଇ ସାରି ବିଶ୍ୱରୂପରେ ଉଦାହରଣ ଦେଖାଇ ତାପରେ ପୁରୁଷୋତ୍ତମ ଧର୍ମରେ ମନାଇ, ସମସ୍ତ ସୂକ୍ଷ୍ମ ଦର୍ଶନର ଶେଷ ପରିଣତି ରୂପେ ଏ କଥାଟି କହିଥିଲେ, ଏହା ବୁଝିବାର ଅଛି ।

ଶରତ୍ ବାବୁଙ୍କ ଶାସ୍ତି

ବଂଗଦେଶ ବ୍ୟବସ୍ଥା ସଭାର କଂଗ୍ରେସ ଦଳ ନେତା ଶ୍ରୀଯୁକ୍ତ ଶରତ୍ ଚନ୍ଦ୍ର ବୋଷଙ୍କୁ ଶୃଂଖଳାଗତ ଶାସ୍ତି ନାମରେ କଂଗ୍ରେସ ସଭାପତି ଏବେ ବାହାର କରି ଦେଇଛନ୍ତି । ବ୍ୟବସ୍ଥା ସଭାର କଂଗ୍ରେସ ଦଳ ଲୋକେ ତାଙ୍କଠାରେ ବିଶ୍ୱାସ ହରାଇ ନାହାନ୍ତି । ପ୍ରଦେଶର ଯଥାର୍ଥ କଂଗ୍ରେସ ପନ୍ଥୀମାନେ ତାଙ୍କ ନେତୃତ୍ୱ ଅସ୍ୱୀକାର କରି ନାହାନ୍ତି, ମାତ୍ର ବର୍ତ୍ତମାନ କଂଗ୍ରେସରେ ଏସବୁର କୌଣସି ବିଚାର ନାହିଁ । ଓ୍ୟାର୍ଦ୍ଧାରେ ଯେଉଁ କଂଗ୍ରେସଚକ୍ର ବସିଛି, ସେ କଂଗ୍ରେସ ନାମକୁ ନିଜର କରି କୌଣସି ମତେ ଅନ୍ଧ ଭାବରେ ଦେଶକୁ ଚଳାଇବାକୁ ଚାହେଁ । ଓ୍ୟାର୍ଦ୍ଧାଚକ୍ରର କୌଣସି ସ୍ଥିର ମତ ନାହିଁ। ଆଜି ମୁସଲମାନଙ୍କ ପଛେ ଗୋଡ଼ାଇବା, କାଲି ହିଂସାକୁ ଆଦର କରି କୁଣ୍ଢାଇ ଇଂରେଜଙ୍କୁ ଭୁଲାଇବା, ଏଇସବୁ ଚାଲିଥିଲା । କଂଗ୍ରେସ ଯେ ଅହିଂସା ଉପରେ ପ୍ରତିଷ୍ଠିତ, ପ୍ରତ୍ୟେକ ଚାରିଅଣିଆ କଂଗ୍ରେସ ସଭ୍ୟଙ୍କୁ ଅହିଂସାପୀଠରେ ସ୍ୱରାଜ୍ୟ ସାଧନ କରିବା ପାଇଁ ଯେଉଁ ପ୍ରତିଜ୍ଞା କରିବାକୁ ହୋଇଛି ତାକୁ ମଧ୍ୟ ସେମାନେ ଖାତିର କରି ନଥିଲେ । ନ୍ୟାୟତଃ ଏପରି ବେଖାତିର ପାଇଁ ସେଇମାନଙ୍କୁ ଏକା କଂଗ୍ରେସରୁ ଆଗ ବାହାର କରାଯାଇଥାନ୍ତା । କିମ୍ବା ଏପରି ହିଂସା ଧରି ସ୍ୱରାଜ୍ୟ ସାଧନ କରିବାର ପନ୍ଥା ଗ୍ରହଣ କରିବା ପୂର୍ବରୁ ସେମାନେ କଂଗ୍ରେସ ଛାଡ଼ିଦେଇ ତାହା କରିଥାନ୍ତେ । କିନ୍ତୁ ଯଥେଚ୍ଛାଚାର ଯାହାଙ୍କର କାମନା, ତାଙ୍କ ପାଖେ ବଳ ହିଁ ଯୁକ୍ତି । ସେ ବଳ ହେଉଛି ପଶୁବଳ । ଲୋକଙ୍କୁ ଗୁଳି କରିବା ବା ବନ୍ଦୀ କରିବା ଭଳି ପଶୁବଳର ସାଧନ ଏବେ କଂଗ୍ରେସର ଓ୍ୟାର୍ଦ୍ଧାଚକ୍ରଙ୍କ ହାତେ ନାହିଁ । ତେଣୁ ଏକ ଦିଗରେ ନିର୍ବିଚାରରେ ଶାସ୍ତି, ଅର୍ଥାତ୍ କଂଗ୍ରେସରୁ ବାହାର କରିଦେବା; ଅନ୍ୟ ଦିଗରେ କିଛି ନ ବିଚାରି, ନ

Digitized by PPRACHIN, SOA

ପଚାରି ଗାନ୍ଧି କ'ଣ କରୁଛନ୍ତି ବା କ'ଣ କରିବେ ସେଇ କଥାକୁ ଏକା ହାତ ଯୋଡ଼ି ଚାକିଥାଅ ବୋଲି ଲୋକଙ୍କୁ ନିପଟ କୁସଂସ୍କାରରେ ମତାଇବା । ଏହି ଚକ୍ରାନ୍ତର ପଶୁ ବଳରେ ଭାରତର ସ୍ୱରାଜ୍ୟ ଆସିବ କି ? ଆସିଲେ ଏ ସ୍ୱରାଜ୍ୟ କାହାର ରାଜ୍ୟ ହେବ, ସେକଥା ଭାବିବାର ଅଛି । ଲୋକେ ଜାଗ୍ରତ ହୁଅନ୍ତୁ । ଦୁର୍ଭେଦ୍ୟ କୁସଂସ୍କାର ତୁଟିଁଯାଉ ।

ଶ୍ରୀ ମାନବେନ୍ଦ୍ର ରାୟଙ୍କ ଶାସ୍ତି

ଯୁଦ୍ଧରେ ସହଯୋଗ –

ମାନବେନ୍ଦ୍ର ରାୟ କହିଲେ, "ଇଂରେଜମାନେ ଆମକୁ ପ୍ରତି ଯାହା ହୁଅନ୍ତୁ ସେ ଏବେ ଯଥେଚ୍ଛାଚାର ଶାସନ ବିରୁଦ୍ଧରେ ଲଢ଼ୁଛନ୍ତି । ଅର୍ଥାତ୍ ପୃଥିବୀରେ କିପରି ଯଥେଚ୍ଛାଚାର ଶାସନ ମୁଣ୍ଡ ନ ଟେକୁ ସେଥିପାଇଁ ଲଢ଼ୁଛନ୍ତି । ଏତେବେଳେ କଥା ସର୍ତ୍ତର ଛୁଂଚି ମାଛି ପରୀକ୍ଷା ଛାଡ଼ି ଏ ଯୁଦ୍ଧରେ ଇଂରେଜଙ୍କ ପକ୍ଷରେ ଭାରତ ଅଂଟା ଭିଡ଼ି; ନିଜେ ମଧ୍ୟ ସେନା, ଟ୍ୟାଙ୍କ, ବ୍ୟୋମଯାନ ପ୍ରଭୃତି ତିଆରି କରି ପ୍ରସ୍ତୁତ ରହୁ । ଏପରି କଲେ ଇଂରେଜ ଯୁଦ୍ଧ ସରିଲା ବେଳକୁ ଆମର କେବଳ ଆମ ଇଜ୍ଜତ ବଢ଼ିଥିବ ନୁହେଁ, ଆମର ତାକତ ମଧ୍ୟ ବଢ଼ିଥିବ । ସେତେବେଳେ ଆଜି ଆମେ ଯେପରି ସର୍ତ୍ତରେ ସ୍ୱରାଜ୍ୟ ମାଗୁଥାଇଁ ସେପରି ବିଶେଷ କିଛି ଦରକାର ହେବ ନାହିଁ । ସ୍ୱରାଜ୍ୟର ସିଦ୍ଧି ବଡ଼ ସହଜ ହେବ ।"

ଏଥିରେ ଆପତ୍ତି କରିବାର କ'ଣ ଅଛି ? ଏହା ବିରୁଦ୍ଧରେ କଂଗ୍ରେସର ଓ୍ୟାର୍ଦ୍ଧାଚକ୍ର କହୁଛନ୍ତି, କେହି କିଛି ନ ପଚାରି ନ ବୁଝି ଗାନ୍ଧି ଈଶ୍ୱରଙ୍କ ଆଦେଶ ପାଇ ଯାହା କରିବେ ବା କହିବେ ସେଇଥିକି ଏକା ଚାହିଁ ବସିଥାଅ । ଯୁଦ୍ଧ କଥା ଭାବ ନାହିଁ । ହାତହତିଆର କଥା ଚିଂତା କରନାହିଁ । ସେଗୁଡ଼ାକ ହିଂସାକଥା । ପୃଥିବୀ ଆମକୁ ହିଂସା କରୁ, କ୍ଷତି ନାହିଁ । ଆମେ କାହାକୁ ହିଂସା କରିବା ନାହିଁ ତଥାପି ଆମ ରାଜ୍ୟଟି ଆମର ଦରକାର । ଏଇ ନୀତିରେ ମାନବେନ୍ଦ୍ରଙ୍କୁ କଂଗ୍ରେସରୁ ବାହାର କରି ଦିଆଗଲା । ଏଥିରେ କିଛି ନାହିଁ କି ବୁଝାଇବାର କିଛି ନାହିଁ । ମୋ ତହୁଁ ଆନ କଥା କହିଲେ ତୁ ଏ ଘରୁ ଯା ଏହା ହିଁ ଏବେ କଂଗ୍ରେସର ଭିତିରି ଅହିଂସା ନୀତି ।

ମିଳିତ ମନ୍ତ୍ରିମଣ୍ଡଳ –

ପୁଣି ମାନବେନ୍ଦ୍ର କହୁଛନ୍ତି, "ବର୍ତ୍ତମାନ ସବୁ ପ୍ରଦେଶରେ ଏଥିପାଇଁ ସର୍ବଦଳର ମିଳିତ ମନ୍ତ୍ରିମଣ୍ଡଳ ଲୋଡ଼ା ।" ଓ୍ୟାର୍ଦ୍ଧାର କଂଗ୍ରେସଚକ୍ର ମଧ୍ୟ ଠିକ୍ ଏଇ କଥାଟି କହୁଥିଲେ । ଜାତୀୟ ସରକାର ବୋଲି ଯାହା ସେମାନେ କହୁଥିଲେ ତାହାହିଁ ସର୍ବଦଳର ମିଳିତ ସରକାର । ତେବେ 'ହଁ ତୁମକୁ ଯୁଦ୍ଧ ପରେ ସ୍ୱରାଜ୍ୟ ଦିଆଯିବ' ଏଇତକ ଇଂରେଜ ସରକାର କହି ଦେଇଥିଲେ, କଂଗ୍ରେସ ସବୁଠାରେ ମିଳିତ ସରକାର କରିଥାନ୍ତେ, ସେତକ ହେଲା ନାହିଁ, ତେଣୁ ସବୁ ଛାଡ଼ି ଗାନ୍ଧିଙ୍କ ଈଶ୍ୱରାଦେଶକୁ ଚାକିବା ପାଇଁ ପୁଣି ଫେରିଲେ ।

Digitized by PPRACHIN, SOA

ଆଉ ଯେ ମିଳିତ ସରକାର ନାଁ ଧରିଲା ସେ ହେଲା ଦ୍ରୋହୀ ।

ସେ କଥା ଯାହା ହେଉ ଓ୍ୟାର୍ଦ୍ଧାର କଂଗ୍ରେସ ଚକ୍ର ଜିନ୍ନାଙ୍କୁ ଦଳପତି ବୋଲି ମାନି ମୁସଲମାନଙ୍କ ପଛରେ ଗୋଡ଼ାଇ ଗୋଡ଼ାଇ ଯେଉଁ ଅବସ୍ଥା ସୃଷ୍ଟି କଲେଣି । ସେଥିରେ ଏବେ ବା କେବେ ମିଳିତ ମନ୍ତ୍ରିମଣ୍ଡଳ ଛଡ଼ା ଅନ୍ୟପନ୍ଥା ଅଛିକି ? କଂଗ୍ରେସ ଯେତେ ବହୁପକ୍ଷ ହୁଅନ୍ତୁ ଏକାରେ ନିଜ ଦଳ ଉପରେ ନିର୍ଭର କରି ଆଉ ମନ୍ତ୍ରିତ୍ୱ ନେଇ ପାରିବେ କି ? ନେବା ଉଚିତ ହେବ କି ? କିନ୍ତୁ ବିଚାର ଯେ ଏବେ ଅଧର୍ମ । ଓ୍ୟାର୍ଦ୍ଧାଚକ୍ର ପ୍ରତିଷ୍ଠିତ ଗାନ୍ଧିରୂପୀ ମୋକ୍ଷଦ ତାଙ୍କୁ ନମସ୍କାର କରି ଚାହିଁ ବସିବାକୁ ହେବ । ସେଥିରେ ଯାହା ହେଉ । କିନ୍ତୁ ଆମେ କହୁଁ ଏପରି ଅବୁଝା ବାଟରେ ପରମ ମଂଗଳ ହେଲେ ମଧ୍ୟ ଏଥିରେ ଜାତିର ନୈତିକ ପକ୍ଷାଘାତ ହେବ । ପକ୍ଷାନ୍ତରେ ମାନବେନ୍ଦ୍ର ଭଳି ଲୋକଙ୍କ କଥାରେ ସ୍ୱୀକାର କରାଯାଉ, ଅଳ୍ପତର ମଂଗଳ ହେବ । ତଥାପି ସେଥିରେ ନୈତିକ ଓ ଆତ୍ମିକ ମେରୁଦଂଡ଼ ଦୃଢ଼ ହେବ ସନ୍ଦେହ ନାହିଁ । ବିବେକ ହିଁ ବ୍ୟକ୍ତିର ତଥା ସମାଜର ସଂବଳ । ବିବେକ ହୋଉଛି ବିବେଚନା ବା ଯଥାର୍ଥ ବିଚାରର ଫଳ । ଅନ୍ଧ ଅନୁସରଣରେ ଯେଉଁ ବୃତ୍ତି ଫୁଟେ, ତାହାକୁ ଯେଉଁମାନେ ବିବେକ ବୋଲି ଧରି ବସନ୍ତି ସେମାନେ କି ପଦବାଚ୍ୟ ତାହା କହିବା ଦରକାର ନାହିଁ ।

ନବ ଭାରତ-୭/୩, ଆଲୋଚନା

ଗଂଜାମ ଜିଲାବୋର୍ଡ଼

କଂଗ୍ରେସ କମିଟି ଓ ମନ୍ତ୍ରୀ –

ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟିର କର୍ମ ଜୀବନରେ ଏବେ ଗୋଟିଏ ପୁଣି ନୂଆ ପ୍ରସ୍ଥ ଫିଟିଚି । କଂଗ୍ରେସ ମନ୍ତ୍ରୀ ରାଜ୍ୟ ନେବା କାଳରୁ ସମସ୍ତ କଂଗ୍ରେସକୁ ମନ୍ତ୍ରୀଙ୍କ କାନିରେ ବାନ୍ଧି ଦେବା ପାଇଁ ନାନା ଚକ୍ରାନ୍ତ ଚାଲି ଆସିଥିବା କଥା ଲୋକଙ୍କୁ ଅଜଣା ନାଇଁ । ମନ୍ତ୍ରୀମାନେ ଯାହା କରିବେ ସେ ସବୁ ସର୍ବତୋଭାବରେ ଠିକ୍ । କାହାରି କିଛି ସମାଲୋଚନା ପର୍ଯ୍ୟନ୍ତ କରିବାର ଅଧିକାର ନାଇଁ । ଏଇ ଦୃଷ୍ଟିରେ କାର୍ଯ୍ୟ ଚାଲୁଥିଲା । ଗଂଜାମ ଜିଲା ବୋର୍ଡ଼ର କର୍ମକର୍ତ୍ତାମାନେ ମନ୍ତ୍ରୀଙ୍କ କଥାରେ କେବେ କେବେ ଦୋଷ ଦେଖାଇ ସମାଲୋଚନା କରୁଥିଲେ । ଏପରି ସମାଲୋଚନା ବନ୍ଦ କରିବା ପାଇଁ ମନ୍ତ୍ରୀ ପକ୍ଷରୁ ଲୋକେ ବହୁତ ଭିତରି ଚେଷ୍ଟା କରିଥିଲେ । ଶେଷକୁ ଆଇନ୍ ବଳରେ ନିଜେ ମନ୍ତ୍ରୀ ଗଂଜାମ ଜିଲାବୋର୍ଡ଼କୁ ଭାଙ୍ଗି ଦେଲେ । ଏ ଭାଙ୍ଗିଦେବାର କାରଣ ଲୋକେ କିଛି ଜାଣିଲେ ନାଇଁ । ପ୍ରାଦେଶିକ କଂଗ୍ରେସ କମିଟିର କର୍ମକର୍ତ୍ତାମାନେ ବହୁ ଅନୁରୋଧ କରି ମଧ୍ୟ କିଛି ଜାଣି ପାରି ନଥିଲେ । ଏପରି କରିବା ଲୋକଶାସନର ଧର୍ମ ନୁହେଁ। ତଥାପି

Digitized by PPRACHIN, SOA

ମନ୍ତ୍ରୀମାନେ କ୍ଷମତାରେ ସବୁ ଜବତ କରି ଏକାକାର ମତ ତିଆରି କରିବାରେ ଯେ ଉଦ୍ୟମ କରୁଥିଲେ ସେଥିରେ ତାଙ୍କର ବିରତି ହେଲା ନାହିଁ। ପ୍ରାଦେଶିକ କଂଗ୍ରେସ କମିଟିରେ ନିଜର ଲୋକଙ୍କୁ ରଖାଇ ଉପରକୁ ହାତ କରି ନାନା ମିଥ୍ୟା କୁତ୍ସା ଆଦି ପ୍ରଚାର ଫଳରେ ସେଇ କମିଟିକୁ ସଂପୂର୍ଣ୍ଣ ରୂପେ ଆୟତ୍ତ କରିବାର ଉଦ୍ୟମ ଚାଲିଥିଲା । ସେ ଉଦ୍ୟମ ଉପରେ ପୁଣି କ୍ଷମତାର ପ୍ରୟୋଗ । ଏଥିରେ ଅନେକ ଲୋକ ପ୍ରାଦେଶିକ ତଥା ଉପର କଂଗ୍ରେସରୁ କ୍ରମେ ଭକ୍ତି ହରାଇ ବସିଲେ । କିନ୍ତୁ ଚେତନା ହେଲା ନାହିଁ । ଗଂଜାମ ଜିଲାବୋର୍ଡ଼ ଭାଙ୍ଗି ଦେବା ପରେ ଆସିଲା ଇୟୁରୋପର ଯୁଦ୍ଧ । ସବୁଆଡ଼େ କଂଗ୍ରେସର ଆତ୍ମଶୋଧନ ଓ ଦଳ ସଂଗଠନ ପାଇଁ ସ୍ୱର ଉଠିଲା । ସତ୍ୟାଗ୍ରହର ପ୍ରତିଷ୍ଠା ପାଇଁ ଉଦ୍ୟମ ମଧ୍ୟ ଆରମ୍ଭ ହେଲା । କିନ୍ତୁ ଏତେବେଳେ ମଧ୍ୟ ସତ୍ୟାଗ୍ରହ ଉଦ୍ୟମ ପର୍ଯ୍ୟନ୍ତ ସେଇ ଚକ୍ରାନ୍ତର ପ୍ରତିଷ୍ଠା ପାଇଁ ଗୋଟିଏ ବାହାନା ଛଡ଼ା ଅନେକଙ୍କ ପକ୍ଷରେ ଆଉ କିଛି ହୋଇଚି ବୋଲି ମନେ ହେଉ ନାଇଁ। ଏହା ବଡ଼ ଦୁଃଖର କଥା । ହେଲେହେଁ ଭଗବାନ୍ ପରମ ସ୍ପଷ୍ଟ । ସ୍ପଷ୍ଟ ନ କହିଲେ ଭଗବାନଙ୍କର ଆଦର ପର୍ଯ୍ୟନ୍ତ ମିଳେ ନାହିଁ ବୋଲି ଧାରଣା।

ଚକ୍ରାନ୍ତର ଗତି -

ଏଇ ସତ୍ୟାଗ୍ରହ ସାଧନାର ଠିକ୍ ପରେ ଗଂଜାମ ଜିଲା ବୋର୍ଡ଼ ନିର୍ବାଚନ ପାଇଁ ଲାଟସାହେବ ସମୟ ନିର୍ଦ୍ଦେଶ କଲେ। ଏତେ କରି ମଧ୍ୟ ଗଂଜାମରେ ଶ୍ରୀ ବିଶ୍ୱନାଥ ଦାସଙ୍କ ପ୍ରତିଷ୍ଠା ବଢ଼ିବା ଦୂରେ ଥାଉ ଦିନକୁ ଦିନ କ୍ଷୟ ପାଇ ଆସିଥିଲା । ସବୁବେଳେ ଚକ୍ରାନ୍ତ ବୁଦ୍ଧିରେ ସତ୍ୟ ବାହାନା କରି କାର୍ଯ୍ୟ କରି ବସିଲେ ଲୋକରେ ଏଇପରି ହେବା ସ୍ୱାଭାବିକ । ଏବେ ପ୍ରାଦେଶିକ କଂଗ୍ରେସ କମିଟିରୁ ଆଦେଶ ବାହାରିଲା, ଗଂଜାମର କୌଣସି ଚାରିଅଣା କଂଗ୍ରେସ ମେମ୍ବର ପର୍ଯ୍ୟନ୍ତ ଜିଲା ବୋର୍ଡ଼କୁ ଠିଆ ହୋଇ ପାରିବେ ନାଇଁ । ଜାଣିବା ଲୋକେ ଏପରି ଆଦେଶର ଉଦ୍ଦେଶ୍ୟ ଅଭିପ୍ରାୟ ଓ ପରିସର ବୁଝିଗଲେ । କିନ୍ତୁ ଏବେ କଂଗ୍ରେସରେ ଲୋକଙ୍କୁ କିଛି ବୁଝାଇବାର ଉଦ୍ୟମ ହେଉ ନାଇଁ, କେବଳ ବଳେ କଳେ କୌଶଳେ ଭୁଲାଇ ରଖିବାର ଉଦ୍ୟମ ହେଉଚି । ସଙ୍ଗେ ସଙ୍ଗେ ଗଂଜାମରେ ପ୍ରଚାର କରି ଦିଆଗଲା, ଗଂଜାମ କଂଗ୍ରେସ ବାଲା ମାନଙ୍କୁ ଉପର କଂଗ୍ରେସ ଜିଲା ବୋର୍ଡ଼ ପାଇଁ ଠିଆ ହେବାକୁ ମନା କରିଚନ୍ତି । ତାହାର କାରଣରେ ପୁଣି କୁହାଗଲା, ଏ ଯୁଦ୍ଧ ଓ ସତ୍ୟାଗ୍ରହ ବେଳେ ଜିଲାବୋର୍ଡ଼ ପରି ଗୋଟିଏ ଛୋଟ କଥାରେ କଂଗ୍ରେସ ପଶିବା ଠିକ ନୁହେଁ ।

ଗଂଜାମ କଂଗ୍ରେସ କର୍ମୀଙ୍କ କାର୍ଯ୍ୟ -

କିନ୍ତୁ ଗଂଜାମ କଂଗ୍ରେସ କର୍ମୀମାନଙ୍କୁ ଦେଖାଇବାକୁ ହେବ ସେମାନଙ୍କୁ ଦୋଷୀ ବୋଲି ଯେ ବାହାର କରା ହୋଇଥିଲା ସେଥିରେ ଲୋକମତ ଅଛି କି ନା । ତାଙ୍କର

Digitized by PPRACHIN, SOA

ଆଉ ଉପାୟ ନଥିଲା । ସେମାନେ ଠିଆ ହେଲେ । ବିଶ୍ୱନାଥ ବାବୁ ଓ ତାଙ୍କ ଦଳ ନାନା ଭାବରେ ଲୋକଙ୍କ ମଧ୍ୟରେ ସେଇ କଂଗ୍ରେସ ପ୍ରାର୍ଥୀଙ୍କ ବିରୁଦ୍ଧରେ ଚିହ୍ନାପଡ଼ି ପ୍ରଚାର ଚଳାଇଲେ । ଜମିଦାର ଦଳ ମଧ୍ୟ ସେଇ ପ୍ରଚାରର ସୁବିଧା ନେଲେ । କଂଗ୍ରେସ ପ୍ରାର୍ଥୀମାନଙ୍କର ବହୁ କ୍ଷତି ହେଲା ସତ, ମାତ୍ର ଶେଷରେ ସେମାନେ ଏବେ ଜିଲାବୋର୍ଡ଼ର ଅଧିକାରୀ ହୋଇଚନ୍ତି । ପୁଣି ଶୁଣାଯାଏ ଏଇ ଅଧିକାରରୁ ତାଙ୍କୁ ଭବିଷ୍ୟତରେ ତଡ଼ିବା ପାଇଁ ମଧ୍ୟ ଗଂଜାମରେ ଖୁବ୍ ବିଚାର ଚାଲିଛି ।

ଉତ୍କଳ କଂଗ୍ରେସ କମିଟିର ସ୍ୱଷ୍ଟ ନୀତିହୀନତା –

ଗଂଜାମରେ ଚାରିଅଣିଆ ମେମ୍ବର ପର୍ଯ୍ୟନ୍ତ ଜିଲା ବୋର୍ଡ଼କୁ ଛିଡ଼ା ହେବେ ନାଇଁ ବୋଲି କାଟିକରି ଆଦେଶ ଦିଆହେଲା । ଏପରି ଚାରିଅଣିଆ ମେମ୍ବରଙ୍କ ପ୍ରତି ସାଧାରଣ ଆଦେଶ ଦେବା କଂଗ୍ରେସ ଇତିହାସରେ ଏ ବୋଧହୁଏ ନୂଆ କଥା । ଆଉ କେବେ କୌଣସି ପ୍ରଦେଶରେ ଏପରି ହୋଇଥିବାର ଆମକୁ ଜଣା ନାହିଁ । ହେଲେହେଁ ଠିକ୍ ସେତିକିବେଳେ ସମ୍ବଲପୁରର ଜିଲାବୋର୍ଡ଼ ନିର୍ବାଚନ ପାଇଁ ଲାଟ ସାହେବ ତାରିଖ ଧାର୍ଯ୍ୟ କରି ପ୍ରକାଶ କଲେ । ଦେଖାଗଲା ଗଂଜାମ ଜିଲା ବୋର୍ଡ଼ର କେତେଦିନ ପରେ ଏହି ନିର୍ବାଚନ ହେବ। ମାତ୍ର ପ୍ରାଦେଶିକ କଂଗ୍ରେସ କମିଟିର କର୍ମକର୍ତ୍ତାମାନେ ଗଂଜାମ ଜିଲାର କଂଗ୍ରେସ ଲୋକଙ୍କୁ ଏପରି କଠୋର ଆଦେଶ ଦେଲାବେଳେ ସମ୍ବଲପୁର ବିଷୟରେ କିଛି ନକହି ବନ୍ଦ କରି ରଖିଲେ । ଗଂଜାମ ଜିଲା କଂଗ୍ରେସ କର୍ମୀମାନେ କଂଗ୍ରେସ ବିରୁଦ୍ଧରେ ଯାଉଚନ୍ତି ବୋଲି ଭୀଷଣ ପ୍ରଚାର ହେଲା ଓ ଗଲା ଏପ୍ରିଲ ୨୯ ତାରିଖରେ ଗଂଜାମର ଜିଲାବୋର୍ଡ଼ ନିର୍ବାଚନ ସରିଲା । ଠିକ୍ ଏପ୍ରିଲ୍ ୩୦ ତାରିଖ ସକାଳୁ ପ୍ରାଦେଶିକ କଂଗ୍ରେସ କମିଟିର ଅଫିସରୁ ପ୍ରଚାର କରାଗଲା, ସମ୍ବଲପୁରର କଂଗ୍ରେସ କର୍ମୀମାନେ ଜିଲାବୋର୍ଡ଼ ପାଇଁ ପ୍ରାର୍ଥୀ ହେବେ, ଅନ୍ୟମାନଙ୍କ ସଙ୍ଗେ ଲଢ଼ି ଜିଲାବୋର୍ଡ଼କୁ ହାତ କରିବାକୁ ଚେଷ୍ଟା କରିବେ । ଏବେ ସମ୍ବଲପୁର ନିର୍ବାଚନ ଚାଲିଚି, ପ୍ରାଦେଶିକ କଂଗ୍ରେସ କମିଟି ସେଥିରେ ପୂର୍ଣ୍ଣ ପ୍ରାଣରେ ଯୋଗ ଦେଇଚନ୍ତି ।

କଂଗ୍ରେସ ଶୁଦ୍ଧପୂତ ହେଉ –

ଏହା ହିଁ ଯଦି ସତ୍ୟାଗ୍ରହ ଓ କଂଗ୍ରେସ ଦଳ ଗଠନର ପନ୍ଥା ହୁଏ ତେବେ ଲୋକସାଧାରଣଙ୍କ ଅଜ୍ଞାନତା ଉପରେ ଆଉ କେତେଦିନ ଗାନ୍ଧିଙ୍କ ଦେବନାମ ଥୋଇ ନିର୍ଭର କରାଯିବ, ଭାବିଲେ ପ୍ରାଣକୁ ବଡ଼ ବାଧୁଚି । ସେଇ ବ୍ୟାକୁଳତାରେ ଏତକ ଆଜି କହିଲୁଁ । ବିଧାତା କରନ୍ତୁ, ଶୀଘ୍ର ଆତ୍ମଶୋଧନର ବାଟ ଫିଟୁ । କଂଗ୍ରେସ ଯଥାର୍ଥ ତ୍ୟାଗପୂତ ଓ ସତ୍ୟନିଷ୍ଠ କଂଗ୍ରେସ ହେଉ ।

ନବ ଭାରତ–୬/୯, ଆଲୋଚନା

Digitized by PPRACHIN, SOA

କଂଗ୍ରେସରେ ଗଣତନ୍ତ୍ରତା

ପୁରୀ ଜିଲାବୋର୍ଡ଼ ତଥା ଲୋକାଲବୋର୍ଡ଼ରେ ଯୁଦ୍ଧ ଉଦ୍ୟମ ସାହାଯ୍ୟ ସପକ୍ଷରେ ପ୍ରସ୍ତାବମାନ ପାଶ ହୋଇଯାଇଚି । ସେହି ସମ୍ପର୍କରେ ପ୍ରାଦେଶିକ ସତ୍ୟାଗ୍ରହ କମିଟିର ଶ୍ରୀଯୁକ୍ତ ପଣ୍ଡିତ ପ୍ରାଣକୃଷ୍ଣ ପଢ଼ିଆରୀ ଓ ପୁରୀ ଜିଲାବୋର୍ଡ଼ର ଚେୟାରମ୍ୟାନ ଶ୍ରୀଯୁକ୍ତ ଜଗନ୍ନାଥ ରଥ ଏ ଦୁହିଁଙ୍କ ମଧ୍ୟରେ ଚଳିଥିବା ଦୁଇଟି ପତ୍ରର ନକଲ ତଳେ ଦିଆଗଲା ।

ଶ୍ରୀଯୁକ୍ତ ପଣ୍ଡିତ ପ୍ରାଣକୃଷ୍ଣ ପଢ଼ିଆରୀଙ୍କ ପତ୍ର :-

ନ ୧୯୬୫, କଟକ

ତା୨୦।୭।୪୧

ପୁରୀ ଜିଲାବୋର୍ଡ଼ର କଂଗ୍ରେସ ଦଳର ଦଳପତି ଶ୍ରୀଯୁକ୍ତ ଜଗନ୍ନାଥ ରଥ ମହାଶୟ,
ସମୀପେଷୁ -

ମହାଶୟ,

ଆପଣ ଓ ଆପଣଙ୍କ ଦଳ କଂଗ୍ରେସର ନିର୍ଦ୍ଦେଶ ଅନୁସାରେ ଏବଂ କଂଗ୍ରେସର ପ୍ରତିଜ୍ଞାପତ୍ରରେ ସ୍ୱାକ୍ଷର କରି କଂଗ୍ରେସ ପକ୍ଷରୁ ଜିଲାବୋର୍ଡ଼ରେ ସଭ୍ୟ ହୋଇଥିଲେ । କିନ୍ତୁ ବର୍ତ୍ତମାନ ଦେଖାଯାଉଛି ଯେ ଆପଣ ଓ ଆପଣଙ୍କ ଦଳର କେତେ ସଭ୍ୟ ନୀତିର ମର୍ଯ୍ୟାଦା ଲଂଘନ କରି ବର୍ତ୍ତମାନ କଂଗ୍ରେସର ନୀତି ଓ କାର୍ଯ୍ୟପନ୍ଥା ବିରୁଦ୍ଧରେ କାର୍ଯ୍ୟ କରୁଅଛନ୍ତି । ଏହା ଅତି ଅସୁନ୍ଦର କଥା । ଆପଣଙ୍କ ପରି କର୍ମୀମାନଙ୍କ ପକ୍ଷରେ ଏହା କେଭେଁ ଶୋଭନୀୟ ନୁହେଁ । ଯଦି ଆପଣଙ୍କର ଓ ଆପଣମାନଙ୍କର ବର୍ତ୍ତମାନ କଂଗ୍ରେସ ସେନାପତି ମହାତ୍ମାଜୀଙ୍କର ନୀତି ସଙ୍ଗେ ଏବଂ ନିଖିଳ ଭାରତ କଂଗ୍ରେସ କମିଟିର ବମ୍ବାଇ ବୈଠକର ଗୃହୀତ ପ୍ରସ୍ତାବ ସଙ୍ଗରେ ମତ ନ ମିଳୁଚି, ତାହାହେଲେ ଆପଣ ଓ ଆପଣମାନେ ପୂରାପୂରି କଂଗ୍ରେସରୁ ବିଦାୟ ନେଇ କଂଗ୍ରେସ ପକ୍ଷରୁ ଯେ ଜିଲାବୋର୍ଡ଼ର ସଭ୍ୟ ହୋଇଛନ୍ତି ସେଥିରୁ ଇସ୍ତଫା ଦେଇ ପୁନର୍ବାର ସ୍ୱତନ୍ତ୍ରଭାବେ ଜିଲାବୋର୍ଡ଼ର ସଭ୍ୟରୂପେ ନିର୍ବାଚିତ ହୋଇ ଜିଲାବୋର୍ଡ଼ରେ ଏବଂ ପୁରୀ ସଦର ଲୋକାଲବୋର୍ଡ଼ରେ ଯେ ପ୍ରସ୍ତାବ ବହୁ ମତରେ ଗ୍ରହଣ କରାଇଥିଲା ତାହା କରିଥିଲେ ଭଲ ହୋଇଥାନ୍ତା । ଏହା ସମସ୍ତ ଗଣତନ୍ତ୍ର ଅନୁଷ୍ଠାନର ବିଧି । ଶ୍ରୀଯୁକ୍ତ କହ୍ନାୟାଲାଲ ମୁନ୍‌ସୀଙ୍କ ଏବଂ ପ୍ରଫେସର ଇନ୍ଦ୍ରଙ୍କର ବର୍ତ୍ତମାନ କଂଗ୍ରେସର ଅହିଂସା ନୀତି ଉପରେ ବିଶ୍ୱାସ ନହେବାରୁ ସେମାନେ ବର୍ତ୍ତମାନ କଂଗ୍ରେସରୁ ବିଦାୟ ହୋଇ, ଏପରିକି ମୁନ୍‌ସୀ ତାଙ୍କର ଆସେମ୍ବ୍ଲି ସଭ୍ୟ ପଦ ଇସ୍ତଫା ଦେଇ ତାଙ୍କର "ଅଖଣ୍ଡ ହିନ୍ଦୁସ୍ଥାନ" ଆନ୍ଦୋଳନ ଆରମ୍ଭ କରିଛନ୍ତି । ଆପଣମାନେ ସେହିପରି କରିଥିଲେ, ଭଲ ହୋଇଥାନ୍ତା । ଗଣତନ୍ତ୍ର ଅନୁଷ୍ଠାନରେ ଚିରାଚରିତ ବିଧିକୁ ଲଂଘନ କରି ପୁରୀ ଜିଲା ବୋର୍ଡ଼ ଓ ପୁରୀ ସଦର ଲୋକାଲବୋର୍ଡ଼ରେ ଗଲା ବୈଠକ ମାନଙ୍କରେ ଯୁଦ୍ଧ ଉଦ୍ୟମ

Digitized by PPRACHIN, SOA

ପ୍ରସ୍ତାବ ସପକ୍ଷରେ ମତ ହେବାରୁ ଉକ୍ତ ପ୍ରସ୍ତାବମାନ ସେହି ବୋର୍ଡ଼ମାନଙ୍କରେ ଗୃହୀତ ହୋଇଅଛି । ସେହିହେତୁ ଆପଣଙ୍କ ଉପରେ ଓ ସେହି ସଭ୍ୟମାନଙ୍କ ଉପରେ କାହିଁକି ଶୃଙ୍ଖଳାଗତ ଶାସ୍ତି ବିଧାନ କରାନଯିବ ତାହାର କୈଫିୟତ୍ ଏହି ମାସ ୩୧ ତାରିଖ ପୂର୍ବରୁ ଏ ଅଫିସକୁ ପଠାଇଲେ ବାଧିତ ହେବି ।

ଯେଉଁ ସଭ୍ୟମାନେ ଜିଲ୍ଲାବୋର୍ଡ଼ ଓ ପୁରୀ ସହର ଲୋକାଲବୋର୍ଡ଼ ବୈଠକରେ ଯୁଦ୍ଧ ଉଦ୍ୟମ ପ୍ରସ୍ତାବ ସପକ୍ଷରେ ମତ ଦେଇଥିଲେ, ସେମାନଙ୍କୁ ସ୍ୱତନ୍ତ୍ର ଭାବରେ କୈଫିୟତ୍ ତଲବ ନକରି ଆପଣଙ୍କୁ ଏହି ଯେ ପତ୍ର ଲେଖିଲି ଏହାରି ଦ୍ୱାରା କୈଫିୟତ୍ ତଲବ କଲି । ଆଶାକରେ ଆପଣ ନୀତିର ମର୍ଯ୍ୟାଦା ରକ୍ଷାକରି ସେମାନଙ୍କ ଠାରୁ କୈଫିୟତ୍ ଆଣି ନିଜର କୈଫିୟତ୍ ସହ ତା୩୧।୭।୪୧ ପୂର୍ବରୁ ଏ ଅଫିସକୁ ପଠାଇବେ ।

ନମସ୍କାର -

ଇତି ଆପଣଙ୍କର

ସ୍ୱାକ୍ଷର - ଶ୍ରୀ ପ୍ରାଣକୃଷ୍ଣ ପଡ଼ିଆରୀ

ଶ୍ରୀଯୁକ୍ତ ଜଗନ୍ନାଥ ରଥଙ୍କ ଉତ୍ତର

ପୁରୀ........ତା୨୬।୭।୪୧

ଉତ୍କଳ ପ୍ରାଦେଶିକ ସତ୍ୟାଗ୍ରହ କମିଟି ପାଇଁ ନିଯୁକ୍ତି ଡିକ୍ଟେଟର ମହାଶୟ ସମୀପେଷୁ ।

ମହାଶୟ,

ଆପଣଙ୍କର ତା୨୦ରିଖ ନ ୧୯୬୫ମର ପତ୍ର ଆଜି ପାଇଲି । ଉତ୍କଳ ପ୍ରାଦେଶିକ କାର୍ଯ୍ୟକାରୀ କମିଟି ଜିଲାବୋର୍ଡ଼, ମ୍ୟୁନିସିପାଲିଟିମାନ ଗଢ଼ିଥିଲେ । ସେଥିପାଇଁ ନିର୍ଦ୍ଦେଶ ଦେବାର ଅଧିକାରୀ ଏକା ସେହି କମିଟି । ସେ କମିଟିଟି ଗୋଟିଏ ମୃତବସ୍ତୁ ନୁହେଁ । ତାହାର ମତ ଓ ନିର୍ଦ୍ଦେଶ ସବୁବେଳେ ଅବସ୍ଥା ଦୃଷ୍ଟିରେ ବଦଳି ଯାଇପାରେ । ଆଜକୁ ବର୍ଷାଧିକ କାଳ ହେଲା ସେ କମିଟି ନାହିଁ । ଯେଉଁମାନେ ମୋ ସହିତ ଯୁଦ୍ଧ ଉଦ୍ୟମ ସାହାଯ୍ୟ ପ୍ରସ୍ତାବରେ ମତ ଦେଇଛନ୍ତି ସେମାନେ ଦାବୀ କରନ୍ତି ଯେ ପ୍ରାଦେଶିକ କାର୍ଯ୍ୟକାରୀ କମିଟି ଜୀବନ୍ତ ଥିଲେ, ଆମ୍ଭେମାନେ ଆଜି ଯେଉଁ ମତ ଦେଇଛୁ, ଅବସ୍ଥା ଦୃଷ୍ଟିରେ ସେ ସେହି ମତ ଦେଇଥାନ୍ତେ । ଅତଏବ କାର୍ଯ୍ୟକାରୀ କମିଟି ବିଧିମତେ ପୁନର୍ଗଠିତ ହୋଇ ଚାଲୁ ନ ହେବା ପର୍ଯ୍ୟନ୍ତ ଆମର ଦାବୀ ପରୀକ୍ଷା ନିମନ୍ତେ ଅନ୍ୟ ଉପାୟ ନାହିଁ ।

ଆପଣ ଜାଣିଥିବେ ରାଜେନ୍ଦ୍ରପ୍ରସାଦଙ୍କୁ ଗତ ମାସରେ କଟକ ଠାରେ ଶୃଙ୍ଖଳାଗତ ଶାସ୍ତି ବିଷୟରେ ପଚାରିବାରେ ସେ ମତ ଦେଇଥିଲେ, "କଂଗ୍ରେସ କମିଟିମାନ ଚାଲୁ ନହେବା ଯାଏ ସେ ପ୍ରଶ୍ନ ଉଠିପାରିବ ନାହିଁ।" ପୁଣି ମହାତ୍ମା ଗାନ୍ଧି ମଧ ଏବେ କହିଛନ୍ତି, "ଶୃଙ୍ଖଳାଗତ

Digitized by PPRACHIN, SOA

ଶାସ୍ତି କଥା ଏ ପରିସ୍ଥିତିରେ ଉଠିନପାରେ। ନାପସନ୍ଦ ହେବାଭଳି କିଛି କାର୍ଯ୍ୟ କେହି କରୁଥିଲେ ତା ଲୋକରେ ଜଣାଇ ଦେବାକୁ ହେବ ମାତ୍ର।” ପୁଣି ବଡ଼ଲାଟଙ୍କ ଶାସନ ପରିଷଦ ବଢ଼ାଇବା ସଂପର୍କରେ କହିଛନ୍ତି, “ନି: ଭା: କଂ: କମିଟି ତାଙ୍କୁ (ଗାନ୍ଧିଜୀଙ୍କୁ) ଯେତିକି ଭାର ଦେଇଛନ୍ତି ସେ ସେତିକି ପାଇଁ ଦାୟୀ। ବଡ଼ଲାଟଙ୍କ ସଙ୍ଗେ କଥାବାର୍ତ୍ତା କରି ନୀତି ବା କାର୍ଯ୍ୟପନ୍ଥା ବଦଳାଇବାର ଭାର ନି: ଭା: କଂ : କମିଟି ତାଙ୍କୁ (ଗାନ୍ଧିଜୀଙ୍କୁ) ଦେଇନାହାନ୍ତି। ସେପରି କଥାବାର୍ତ୍ତା ପ୍ରଭୃତି ଦରକାର ହେଲେ ନି : ଭା : କଂ : କମିଟି ନିଜ ମତ ଅନୁସାରେ ତାହା କରିପାରନ୍ତି।”

କଂଗ୍ରେସ ଭିତରେ ଅସହଯୋଗ ଆନ୍ଦୋଳନ ଆରମ୍ଭ ଠାରୁ ଦୁଇଟି ସ୍ପଷ୍ଟ ମତ ଅଛି। ତାହା ଘେନି ଦୁଇଟି ଦଳ ଓ କାର୍ଯ୍ୟପନ୍ଥା ବରାବର ଚଳି ଆସୁଛି। ‘ଅହିଂସା’ ଗୋଟିଏ ଦଳର Creed (ଧର୍ମ ବା ଜୀବନ ଓ ସମାଜର ଏକମାତ୍ର ଅବଲମ୍ବନ) ଓ ଅନ୍ୟ ଦଳର Policy (ନୀତି ବା କର୍ମକୌଶଳ)। ଗତବର୍ଷ ପୁନା ଠାରେ ପଲିସିବାଲାମାନେ ପ୍ରବଳ ହୋଇଥିବାରୁ ଗାନ୍ଧିଜୀ ଅଲଗା ହୋଇଥିଲେ। ପୁଣି ବମ୍ବେ ଠାରେ ପଲିସିବାଲାମାନେ ଗାନ୍ଧିଜୀଙ୍କୁ ସତ୍ୟାଗ୍ରହ ପାଇଁ ଭାର ଦେବାରୁ ଗାନ୍ଧିଜୀ କେଜାଣି କାହିଁକି କଂଗ୍ରେସ କମିଟି ଗୁଡ଼ିକ ବନ୍ଦ କରିଦେଲେ। ପୁଣି ଆପଣ ମଧ୍ୟ ସ୍ପଷ୍ଟ ବୁଝିପାରୁଥିବେ ଯେ ଅହିଂସାକୁ ପଲିସି ବୋଲି ବିଶ୍ୱାସ କରୁଥିବା ଲୋକର ସତ୍ୟାଗ୍ରହରେ ଏକାବେଳେକେ ସ୍ଥାନ ନାହିଁ। ମୁଁ ବୁଝୁଛି, ମୁଁ ଓ ମୋ ସଙ୍ଗେ ଭୋଟ ଦେଇଥିବା ବନ୍ଧୁମାନେ ସେହି ଶ୍ରେଣୀର। ଆମ୍ଭମାନଙ୍କର ବିଶ୍ୱାସ ଅହିଂସା ଗୋଟିଏ ପଲିସି। ତେଣୁ ଜିଲାବୋର୍ଡ଼, ମ୍ୟୁନିସିପାଲିଟି ଓ ଲାଟସଭାମାନଙ୍କ କାମ ଏକା ଆମରି। ଅହିଂସା “କ୍ରୀଡ୍” ବୋଲି ଯେଉଁମାନଙ୍କର ବିଶ୍ୱାସ, କଂଗ୍ରେସ ଭିତରେ ସେମାନଙ୍କର କ୍ରିୟାପନ୍ଥା ଆମ୍ଭମାନଙ୍କ ଠାରୁ ଭିନ୍ନ। ସେମାନେ ଆଜି ସତ୍ୟାଗ୍ରହୀ। ଜେଲ୍‌ରେ ଥାନ୍ତୁ ବା ବାହାରେ ଥାନ୍ତୁ, ସେଇମାନେ ଏକା ସତ୍ୟାଗ୍ରହକୁ ଆଜି ସମସ୍ତ କଂଗ୍ରେସ ସଙ୍ଗେ ଏକ ବୋଲି ପ୍ରଚାର କରୁଛନ୍ତି ଓ ଜିଲାବୋର୍ଡ଼, ଲୋକାଲବୋର୍ଡ଼ରେ ଯୁଦ୍ଧ ଉଦ୍ୟମରେ ସହଯୋଗ କରିବା ଉଦ୍ଦେଶ୍ୟରେ ଗୃହୀତ ହୋଇଥିବା ପ୍ରସ୍ତାବ ବିରୁଦ୍ଧରେ ଭୋଟ ଦେଇଛନ୍ତି। ଏଭଳି ପ୍ରସ୍ତାବ ପାଶ୍ ହୋଇଗଲେ ପ୍ରସ୍ତାବ ବିରୋଧୀ କଂଗ୍ରେସ ମେମ୍ବରମାନଙ୍କର ଜିଲାବୋର୍ଡ଼ରୁ ଇସ୍ତଫା ଦେବାହିଁ ଆପଙ୍କ ନିଦେଶରେ ହେବାର କଥା। ମାତ୍ର ବିସ୍ମୟର କଥା- ସେମାନେ ଆଜି ଯାଏ ଜିଲାବୋର୍ଡ଼ ଓ ଲୋକାଲବୋର୍ଡ଼ରୁ ଇସ୍ତଫା ଦେଇନାହାନ୍ତି କି ଆପଣ ମଧ୍ୟ ସେପରି ନିର୍ଦ୍ଦେଶ ଦେଇଥିବାର ମୋତେ ଜଣା ନାହିଁ। ପୁଣି ଆପଣ ବା ଯେକେହି ଆସି ଦେଖିପାରନ୍ତି, ଯେଉଁ ଦଳ ଯୁଦ୍ଧ ଉଦ୍ୟମ ସହଯୋଗ ବିରୋଧରେ ଭୋଟ ଦେଇଛନ୍ତି ସେମାନଙ୍କର ଗାନ୍ଧି ବା ଅହିଂସା ବା କଂଗ୍ରେସ କାହିଁରେ

Digitized by PPRACHIN, SOA

ଯଥାର୍ଥ ବିଶ୍ୱାସ ଥିଲା ଭଳି କ୍ରିୟା ପ୍ରକାଶ ପାଉନାହିଁ । ନାନା ଚାଲବାଜି କରି ସ୍ୱାର୍ଥ ସାଧନ ଉଦ୍ଦେଶ୍ୟରେ ଆମ୍ଭ ସଙ୍ଗେ କଳହ କରିବାର ସେମାନଙ୍କର ଆଦୌ ଉଚିତ ନୁହେଁ । ମୁଁ ଓ ମୋର ବନ୍ଧୁମାନେ ଲୋକହିତ ଦୃଷ୍ଟିରୁ ଯୁଦ୍ଧ ଉଦ୍ୟମରେ ସହଯୋଗ କରିବା ଉଚିତ ବୋଲି ମନେ କରିଛୁଁ । ଯେଉଁମାନଙ୍କର ଏଥିରେ ବିଶ୍ୱାସ ନାହିଁ ସେମାନଙ୍କର ଆପଣ ଡକ୍ଟେଟର । ଆପଣ ଏବେ ମଧ୍ୟ ବୋର୍ଡ଼ ଛାଡ଼ି ନିଜ ବିଶ୍ୱାସ ଅନୁଯାୟୀ କାର୍ଯ୍ୟ କରିବାକୁ ସେମାନଙ୍କୁ ନିର୍ଦ୍ଦେଶ ଦିଅନ୍ତୁ ଓ ସେମାନେ ସେ ନିର୍ଦ୍ଦେଶ ମାନୁଛନ୍ତି କି ନାହିଁ ଦେଖନ୍ତୁ ।

ମୁଁ ଓ ମୋ ମତର ଲୋକେ ଏ ବିଷୟରେ ଆପଣଙ୍କ କଥା ଏବେ ମାନି ପାରୁ ନାହୁଁ । ସେଥିପାଇଁ ଆମର ଆପଣଙ୍କ ସଙ୍ଗେ ମତ ଭେଦ ଥିଲେ ହେଁ ବିରୋଧର ଅସହିଷ୍ଣୁତା ନାହିଁ । କଂଗ୍ରେସ କମିଟିମାନ ପୁଣି ଚାଲୁହେବା ପର୍ଯ୍ୟନ୍ତ ଆମ୍ଭେମାନେ ଅପେକ୍ଷା କଲୁ । ଆପଣ ଏ ଯୁକ୍ତିର ଯଥାର୍ଥତା ବୁଝିବେ ବୋଲି ଆମେ ବିଶ୍ୱାସ କରୁଁ । ପ୍ରକାଶ ଥାଉକି ବର୍ତ୍ତମାନ ପରିସ୍ଥିତିରେ ବିଷୟଟି ବୁଝିବାରେ କେତେକ କର୍ମୀ ଓ ଲୋକଙ୍କ ଭିତରେ ବଡ଼ ଗୋଳମାଳ ହେଉଥିବାରୁ ମୁଁ ଆପଣଙ୍କର ପତ୍ର ଓ ଆମର ଏ ଉତ୍ତର ପ୍ରକାଶ କରିବା ନିମନ୍ତେ ଖବରକାଗଜକୁ ଦେଉଛି । ଆଶା କରେ ଆପଣଙ୍କର ସେଥିରେ ଆପତ୍ତି କରିବାର କିଛି ନାହିଁ । ଇତି।

ଆପଣଙ୍କରଯ

ସ୍ୱାକ୍ଷର - ଜଗନ୍ନାଥ ରଥ

ଏ କେଉଁ ଗଣତନ୍ତ୍ର ବିଧି ?

ଉପର ଚିଠି ଦୁଇଟିରୁ କଂଗ୍ରେସର ଗଣତନ୍ତ୍ର ଭାବ ବେଶ ବୁଝା ଯିବ । ପଢ଼ିଆରୀ ମହାଶୟ ଗଣତନ୍ତ୍ର ନିୟମ ଉପରେ ଭାରି ଯୋର ଦେଇଚନ୍ତି । କିନ୍ତୁ ଜଣାପଡୁଚି ସେ ନିଜର ସ୍ଥିତି ଓ କର୍ତ୍ତବ୍ୟ ବୁଝିପାରୁ ନାହାନ୍ତି । କଂଗ୍ରେସ କମିଟି ଗୁଡ଼ିକ ବନ୍ଦ ହେବା ପରେ ଅଯଥା ଗଣତନ୍ତ୍ର ନାମରେ ଶାସ୍ତି ଓ ଭୟ ଦେଖାଇ ଲୋକଙ୍କ ସାଧୁ ମତରୁ ସେମାନଙ୍କୁ ଛଡ଼ାଇବାର ଉଦ୍ୟମ କରିବା ଠିକ୍ ନୁହେଁ । ମହାତ୍ମା ଗାନ୍ଧି ନିଜେ କହିଚନ୍ତି, ନି. ଭା. କଂ. କମିଟି ସମସ୍ତ କଂଗ୍ରେସକୁ ଚଳାଇବାର ଭାର ତାଙ୍କୁ ଦେଇ ନାହାନ୍ତି । ଏପରିକି ଲାଟଙ୍କ ସଙ୍ଗେ କଥାବାର୍ତ୍ତା ହୋଇ କୌଣସି ନୂଆ ପନ୍ଥା ଫିଟାଇବା ବା ନ ଫିଟାଇବାର ଭାର ତାଙ୍କୁ ଦିଆ ହୋଇନାଇ । ମାତ୍ର ଦୁଃଖର କଥା ପଢ଼ିଆରୀ ମହାଶୟଙ୍କ ଭଳି ପ୍ରାଦେଶିକ କର୍ମୀମାନେ ତାହା ବୁଝିପାରୁ ନାହାନ୍ତି । ପ୍ରାଦେଶିକ କଂଗ୍ରେସର ଏକଛତ୍ର ସଭାପତି ଭାବରେ ସେ ନିଜେ ଶାସନଦଣ୍ଡ ଧରି ବସିଚନ୍ତି କାହିଁକି ? ତାଙ୍କୁ ଏ ଭାର କେଉଁ ଗଣତନ୍ତ୍ର ନିୟମରେ ମିଳିଚି ?

Digitized by PPRACHIN, SOA

ସେନା-ଶୃଙ୍ଖଳାରେ ଗଣତନ୍ତ୍ର ନାଇ -

ମହାତ୍ମା ଗାନ୍ଧି କେବଳ ସତ୍ୟାଗ୍ରହ ଯୁଦ୍ଧ ଚଳାଇବାର ଭାର ନେଇଚନ୍ତି । ତାଙ୍କର ଏହି ଯୁଦ୍ଧ କାର୍ଯ୍ୟରେ ସୁବିଧା ହେବ ବୋଲି ସେ କଂଗ୍ରେସ କମିଟି ସବୁ ବନ୍ଦ କରିଦେଇ କେବଳ ସତ୍ୟାଗ୍ରହ କମିଟିମାନ ଗଢ଼ିଦେଇଚନ୍ତି । ଏହା ଗୋଟିଏ ଯୁଦ୍ଧର ଶୃଙ୍ଖଳା । ମହାତ୍ମାଜୀ ଏଥିରେ ସେନାପତି । ସେ କିଛି ନି. ଭା. କଂ. କମିଟିର ବା କଂଗ୍ରେସର ସଭାପତି ନୁହନ୍ତି । କଂଗ୍ରେସର 'ଅହିଂସା ଜୀବନର ବ୍ରତ' ବୋଲି ବିଶ୍ୱାସ କରୁଥିବା ଦଳଟିକୁ ଘେନି ସେ ଗୋଟିଏ ସତ୍ୟାଗ୍ରହ ସେନାର ଶୃଙ୍ଖଳା ଗଢ଼ିଚନ୍ତି । ପଢ଼ିଆରୀ ସେଥିରେ ଜଣେ ପ୍ରାଦେଶିକ ଉପସେନାପତି । ସେନା- ଶୃଙ୍ଖଳାରେ ଗଣତନ୍ତ୍ର ନାହିଁ । ସୈନ୍ୟମାନଙ୍କୁ କେବଳ ସେଥିରେ ସେନା- ଶୃଙ୍ଖଳାର ଶାସ୍ତି ପ୍ରଭୃତିରେ ନିୟମିତ କରିବାକୁ ହୁଏ । ଏବେ ପଢ଼ିଆରୀ ମହାଶୟ କେବଳ ସତ୍ୟାଗ୍ରହୀମାନେ ଅବାଟକୁ ଗଲେ ତାଙ୍କୁ ଶୃଙ୍ଖଳାଗତ ଶାସ୍ତିରେ ଶାସନ କରିବାକୁ ଚେଷ୍ଟା କରିପାରନ୍ତି । ଅନ୍ୟମାନଙ୍କ ସାଙ୍ଗରେ କଳି ବା ବିରୋଧ କରିବା ତାଙ୍କର କର୍ମ ନୁହେଁ । ଅନ୍ୟମାନେ ତାଙ୍କ ସେନା- ଶୃଙ୍ଖଳାର ଅଧୀନ ନୁହନ୍ତି ।

ବୁଝିବାରେ ଭୁଲ କରନାଇ -

କଂଗ୍ରେସର ଗଣତନ୍ତ୍ର ନିୟମ କିଏ ମାନିଲା, ନ ମାନିଲା, ଗଣତନ୍ତଟି ମରିଚି ନା ବଞ୍ଚିଚି ଏ ସବୁ ବିଷୟରେ ମୁଣ୍ଡ ଘୂରାଇବା ସତ୍ୟାଗ୍ରହୀର ଉଚିତ ନୁହେଁ।

କିନ୍ତୁ ପଢ଼ିଆରୀ ମହାଶୟ ଓ ତାଙ୍କ ସଙ୍ଗେ ଥିବା ଲୋକେ ଏ ସବୁ କଥା ବୁଝୁନାହାନ୍ତି । ହୁଏତ ସେ ମନେ କରୁଚନ୍ତି ସତ୍ୟାଗ୍ରହ ନାମରେ ସମସ୍ତ କଂଗ୍ରେସଟାକୁ ଏହି ସୁବିଧାରେ ହାତ ମୁଠାରେ ରଖିନେବେ । ଏହା ଗଣତନ୍ତ୍ର ବିଧି ନୁହେଁ। କଂଗ୍ରେସରେ ଭିନ୍ନ ଭିନ୍ନ ମତ ରହିବ । ସେହି ଅନୁସାରେ ଭିନ୍ନ ଭିନ୍ନ କ୍ରିୟାପନ୍ଥା ମଧ୍ୟ ରହିଥିବ । ଗଣତନ୍ତ୍ର ନିୟମରେ ଗୋଟିଏ ମତ ବା କ୍ରିୟାଧାରାର ପ୍ରତିଷ୍ଠା ହୋଇପାରେ । ଅନ୍ୟ ମତ ବା କ୍ରିୟାବାଦୀମାନେ ନିଜର ବହୁ ପକ୍ଷ ହେବାଯାଏ ଅପେକ୍ଷା କରିବେ । କିନ୍ତୁ ଏ ଗଣତନ୍ତ୍ର ବିଧି ଚଳାଇବାର ସୁବିଧା କଂଗ୍ରେସରେ ଏବେ ନାଇ । କଂଗ୍ରେସର ଗଣତନ୍ତ୍ର ନିୟମ ଗଠିତ କମିଟିଗୁଡ଼ିକ ଚାଲିଲେ ସେ କଥାର ବିଚାର ହେବ । ରାଜେନ୍ଦ୍ରପ୍ରସାଦ ଏହା ହିଁ କହିଥିଲେ, ମହାତ୍ମା ଗାନ୍ଧି ଏବେ ଠିକ୍ ତାହା ହିଁ କହିଚନ୍ତି ।

କଂଗ୍ରେସ ନାମ ଧରି କଂଗ୍ରେସକୁ ମାରନାଇ -

ପଢ଼ିଆରୀ ମହାଶୟ ଗୋଟିଏ ସେନା - ଶୃଙ୍ଖଳାରେ ଅଛନ୍ତି । ତାହା ଗଣତନ୍ତ୍ର ଶୃଙ୍ଖଳା ନୁହେଁ । ତାଙ୍କ ସେନାମାନେ କିଏ ? ପୁଣି ସେ କିପରି କାର୍ଯ୍ୟ କରୁଚନ୍ତି ? ଅପକର୍ମ କଲେ ତାଙ୍କ ପ୍ରତି କି ଦଣ୍ଡାଦିର କିପରି ପ୍ରୟୋଗ କରିବାକୁ ହେବ ତାହା ସେ ବସି ବିଚାର କରନ୍ତୁ । ଅନ୍ୟମାନେ ବା ଅନ୍ୟ ମତର କଂଗ୍ରେସ ଲୋକମାନେ କୌଣସି କଥା କହିଲେ

Digitized by PPRACHIN, SOA

ବା କାର୍ଯ୍ୟ କଲେ ଯଦି ତାଙ୍କର ଅସୁବିଧା ହୁଏ, ତେବେ ସେଥିପାଇଁ ସେ ଅନ୍ୟମାନଙ୍କୁ ଅନୁରୋଧ ମାତ୍ର କରିପାରନ୍ତି । କଂଗ୍ରେସ ନାମରେ ଶାସନଦଣ୍ଡ ଧରି ତାଡ଼ନା କଲେ ସେ କେବଳ ହାସ୍ୟାସ୍ପଦ ହେବେ ।

କିନ୍ତୁ ଜଣାଯାଉଚି ସତ୍ୟାଗ୍ରହର ସତ୍ୟ, ଅହିଂସା ବୋଲି ଯାହା କଥାରେ କୁହାଯାଏ କାର୍ଯ୍ୟରେ ତାହାର ବିପରୀତ । ସତ୍ୟ ଅହିଂସା ନାମରେ ସତ୍ୟାଗ୍ରହୀ ଦଳକୁ ତେଜିଦେଇ ନାନା ଚାଲବାଜିରେ ଲୋକଙ୍କ ଭିତରେ ମତାନ୍ଧତା ଭର୍ତ୍ତି କରି ଓ ସେହି ମତାନ୍ଧତାକୁ ଜାଗ୍ରତ ରଖି ତାହାରି ସୁବିଧାରେ କଂଗ୍ରେସର ନାମ ପୂଜା କରାଇ ଦେଶରେ ଦିନାକେତେ ପାଇଁ ଏକଛତ୍ର ଆଧିପତ୍ୟ କରିବା ପ୍ରବୃତ୍ତି ଯଦି କାହାର ଥାଏ, ତେବେ ସେ କିପରି ସତ୍ୟାଗ୍ରହୀ ତାହା ପଢ଼ିଆରୀ ବିଚାର କରନ୍ତୁ । ବିଚାର କରି ନିଜର କ୍ରିୟାଗତି ଶୀଘ୍ର ବଦଳାନ୍ତୁ । ଖାଲି ଗଣତନ୍ତ୍ରର ନାମ କହି କଂଗ୍ରେସ ଓ ଗାନ୍ଧିଙ୍କ ନାମ ଜପ କରାଇ ଦେଶକୁ ସର୍ବନାଶ ପଥରେ ଆଉ ବେଶି ଦୂର ନେବା ଠିକ୍ ନୁହେଁ ।

ନବ ଭାରତ-୬/୫,୬,୭,୮, ଆଲୋଚନା

କଂଗ୍ରେସରେ ଅହିଂସା ଓ ସତ୍ୟ

ରାଜନୀତିକ ପ୍ରଗତିକୁ ଭ୍ରଷ୍ଟ କର ନାଇ -

ନୂଆ କଂଗ୍ରେସ ଆନ୍ଦୋଳନ ଓଡ଼ିଶାରେ ଚାଲୁ ହେବା ଦିନୁଁ ଓଡ଼ିଆ କର୍ମୀ ଓ ନେତାଙ୍କ ଭିତରେ ଗୋଟିଏ ନୂଆ କଥା ସ୍ପଷ୍ଟ ଦେଖା ଦେଇଛି । ଲୋକଙ୍କୁ ରାଜନୀତିର ଶିକ୍ଷା ଦିଆଯାଉ ନାହିଁ । ଆପଣା ଗୋଡ଼ରେ ଠିଆ ହେବାର ଦୃଷ୍ଟି ଫିଟାଇବାରେ କିଛି ଉଦ୍ୟମ ମଧ୍ୟ ହେଉ ନାହିଁ । ଦଳେ କର୍ମୀ ଓ ନେତା ଗାନ୍ଧିଙ୍କୁ ଦେବତା ବୋଲି ପ୍ରଚାର କରି ଲୋକଙ୍କୁ ଧର୍ମାନ୍ଧ କରିଦେଇ ସେହି ଧର୍ମାନ୍ଧତାଟି ବ୍ୟବହାର କରି ନିଜେ ନେତୃତ୍ୱର ସ୍ଥାନ ଅଧିକାର କରିବାରେ ଲାଗିଚନ୍ତି । ଏଥିରେ ଅହିଂସାକୁ ବ୍ରତ କରିଥିବା ଗାନ୍ଧିବାଦୀ ଲୋକ କେହି କେହି ଥାଇ ପାରନ୍ତି । ମାତ୍ର ଅନେକେ ସୁବିଧାବାଦୀ, ଚାଲବାଜ୍, ଦରପାଠୁଆ, ଚତୁର ଲୋକ ଯେ ଏଥିରେ ଅଛନ୍ତି ତାହା କାହାରିକୁ ଅଜଣା ନାହିଁ। କାଲିର ଶ୍ରେଷ୍ଠ କୃଷକକର୍ମୀ ଓ ସାମ୍ୟବାଦୀମାନେ ଆଜି ପୂରା ଗାନ୍ଧିଙ୍କ ଅହିଂସାବ୍ରତବାଦୀ। ତାଙ୍କର ବାସ୍ତବରେ ମତିଗତି ଓ ବିଶ୍ୱାସ ବଦଳି ଯାଇ ନାହିଁ । କିନ୍ତୁ ଲୋକଙ୍କୁ ମତାନ୍ଧ କରି 'ଧ୍ୱନି' ଓ "ଦୁଆରେ ଭୁଲାଇ ଚିନ୍ତାଜଡ଼ ଜନତାରେ ନେତୃତ୍ୱ କରି ସ୍ୱାର୍ଥସାଧନ କରିବା ସେମାନଙ୍କର ଉଦ୍ଦେଶ୍ୟ । ଏମାନଙ୍କ ମଧ୍ୟରୁ କେହି କେହି ଗାନ୍ଧିଙ୍କ ଅହିଂସା ମୁଖା ପିନ୍ଧି ସଂପୂର୍ଣ୍ଣ ବିପରୀତ କ୍ରିୟାରେ ମଧ୍ୟ ଲିପ୍ତ । ଏସବୁ ସତ୍ୟ ହେଉ ବା ନ ହେଉ ଏବର ଗାନ୍ଧିବାଦୀଙ୍କ ଭିତରେ କେଉଁମାନେ ଅହିଂସାକୁ ଜୀବନର ବ୍ରତ ବୋଲି ବିଶ୍ୱାସ କରନ୍ତି ତାହା ଏମାନଙ୍କ କଥା ଓ କ୍ରିୟାରୁ ବୁଝିବାର କୌଣସି ଅସୁବିଧା ନାହିଁ । ମିଥ୍ୟା ପ୍ରଚାର କରିବା ପାଇଁ ଖବରକାଗଜ ମଧ୍ୟ

Digitized by PPRACHIN, SOA

ସେମାନଙ୍କର ସାହାଯ୍ୟ କରୁଚନ୍ତି । ଉଦାହରଣ ସ୍ୱରୂପ ସେ ଦିନ ପୁରୀର ଏକ ସଭାରେ ରାଜନୀତିର ଯୁକ୍ତି ଲୋକଙ୍କୁ ଶୁଣାଇ ନଦେବା ପାଇଁ ଗାନ୍ଧିଙ୍କ ନାମରେ ସତ୍ୟ ଅହିଂସା ତଥା ସତ୍ୟାଗ୍ରହକୁ ଧରିଚନ୍ତି ବୋଲି ଦେଖାଉଥିବା କର୍ମୀମାନେ ଯେଉଁ ବିଭତ୍ସ କାଣ୍ଡ ସୃଷ୍ଟିକଲେ ତାହା ପୁରୀବାସୀ ଜାଣନ୍ତି । ଅନ୍ୟମାନେ ମଧ୍ୟ ବୁଝିବାକୁ ଇଚ୍ଛା କଲେ ସହଜରେ ଜାଣି ପାରିବେ । ମାତ୍ର ଖବର କାଗଜରେ ବାହାରିଲା ଠିକ୍ ବିପରୀତ କଥା, ଅର୍ଥାତ୍ ରାଜନୀତିକ ପରିସ୍ଥିତି ବିଷୟରେ ଶୁଣାଇବାକୁ ଯାଉଥିବା ଲୋକେ ଗୁଣ୍ଡା ଧରି ସଭାକୁ ଯାଇଥିଲେ । ଏ ସତ୍ୟ ପୁଣି ଓଡ଼ିଶାର ସତ୍ୟାଗ୍ରହ ସେନାପତିଙ୍କ ଅନୁସନ୍ଧାନରେ ଜଣା ପଡ଼ିଲା ବୋଲି ଲେଖାଅଛି । ଏହି ସତ୍ୟ ଓ ଅହିଂସାରେ ଯେଉଁମାନେ କଂଗ୍ରେସକୁ ଟେକି ରଖିବାକୁ ଚାହାନ୍ତି ସେମାନେ ନିଜ କାର୍ଯ୍ୟର ପରିଣାମ ଦେଖୁ ନାହାନ୍ତି । ଦେଶର ରାଜନୀତିକ ପ୍ରଗତିକୁ ଏପରି ଭ୍ରଷ୍ଟ କରିବା ଆପାତତଃ ସହଜ ହୋଇପାରେ, କିନ୍ତୁ ଏହାର ଅବଶ୍ୟମ୍ଭାବୀ ଫଳ ଅନିବାର୍ଯ୍ୟ ।

ମାନବର ମନସ୍ତତ୍ତ୍ୱ କଳନା କର –

କେବଳ ଓଡ଼ିଶାରେ ନୁହେଁ ଅନ୍ୟାନ୍ୟ ପ୍ରଦେଶରେ ମଧ୍ୟ ଉଣା ଅଧିକେ ଏହି ଭାବରେ ଗାନ୍ଧିଙ୍କ ନାମ ସଙ୍ଗେ ସତ୍ୟ ଓ ଅହିଂସାକୁ ଧରାଇ ଲୋକଙ୍କୁ ଭଣ୍ଡାଇ ତାଙ୍କ ଉପରେ ନେତୃତ୍ୱ କରିବାର ଉଦ୍ୟମ ଚାଲିଚି । ମହାତ୍ମା ଗାନ୍ଧି ସତ୍ୟାଗ୍ରହ ଆରମ୍ଭ କଲାବେଳେ କେତେଗୁଡ଼ିଏ କଠୋର ସର୍ତ୍ତ ଉପରେ ସେହି ସତ୍ୟାଗ୍ରହର ପ୍ରତିଷ୍ଠା କରିଚନ୍ତି ବୋଲି ଜଣାଇ ଥିଲେ । ସେଥିମଧ୍ୟରେ ଅହିଂସାକୁ ଜୀବନର ବ୍ରତ ବୋଲି ସେବା କରିବା ପ୍ରଥମ ସର୍ତ୍ତ । ସତ୍ୟ ଉପରେ ପୂର୍ଣ୍ଣ ନିର୍ଭର କରିବା ଏକ ପ୍ରକାର ମୂଳସର୍ତ୍ତ। କିନ୍ତୁ ଏ ସବୁ ସର୍ତ୍ତ ପ୍ରକାଶ କରି ପ୍ରଥମେ ଭୂତମନ୍ତ୍ରୀ ଓ ଆସେମ୍ବ୍ଲିର କଂଗ୍ରେସ ମେମ୍ବରମାନଙ୍କୁ ସତ୍ୟାଗ୍ରହକୁ ଡାକିଲେ । ଏହି ମନ୍ତ୍ରୀ ଓ ମେମ୍ବରମାନେ ଗାନ୍ଧି ବା ତାଙ୍କ ପାଖ ଲୋକଙ୍କ କଥାରେ ରହି ଭୋଗ ଓ କ୍ଷମତାର ସ୍ୱାଦ ଚାଖିଥିଲେ। ପୁଣି ମହାପୁରୁଷଙ୍କ କର୍ମ ବଳରେ ସେହି ଭୋଗ ଓ କ୍ଷମତାକୁ ଆସିବା ଆଶାରେ ଜେଲ୍‌କୁ ପଶିଲେ । ଏଥିରେ ଅହିଂସାବ୍ରତ ଓ ସତ୍ୟସେବାର ଯଥାର୍ଥ ପରୀକ୍ଷା ନଥିଲା । ପରେ ସେହି ଧାରାରେ ସମସ୍ତ ସତ୍ୟାଗ୍ରହ ବିକାଶ ପାଇଲା । ଏଥିରେ ଅହିଂସାବ୍ରତ ଓ ସତ୍ୟସେନା ଗୋଟିଏ ମୁଖା ନ ହୋଇ ଆଉ କ'ଣ ହୋଇପାରେ ? ଏହା ନ ବୁଝିବା ମାନବର ମନସ୍ତତ୍ତ୍ୱରେ ଜ୍ଞାନର ଅଭାବ ମାତ୍ର ପ୍ରକାଶ କରୁଚି ।

ଜଣେ କର୍ମୀଙ୍କ ପତ୍ର –

ଏଇ ସଂପର୍କରେ ଜଣେ କଂଗ୍ରେସ କର୍ମୀଙ୍କ ଜଣେ ନେତୃସ୍ଥାନୀୟ ବ୍ୟକ୍ତିଙ୍କ ପାଖକୁ ଲେଖା ହୋଇଥିବା ଖଣ୍ଡିଏ ପତ୍ରର ନକଲ ତଳେ ଦିଆଯାଉଚି । ଲେଖକଙ୍କୁ ନ ପଚାରି

Digitized by PPRACHIN, SOA

ଥିବାରୁ ଲେଖକଙ୍କ ନାମ ଓ ସ୍ଥାନ ପ୍ରଭୃତି ଦିଆଯାଉ ନାହିଁ । କାହାର ଦରକାର ହେଲେ ଆମ ପାଖକୁ ଘରୋଇ ଭାବରେ ଆସି ପୂର୍ଣ୍ଣ ପତ୍ରଟି ଦେଖିଯାଇ ପାରନ୍ତି ।

ପତ୍ରଟିର ନକଲ

ପୂଜ୍ୟସ୍ପଦ .... ମହୋଦୟ.........ସମୀପେଷୁ ।

(ତାରିଖ) .... (ସ୍ଥାନ)...................

ମହାଶୟ,

ମୋର ଭକ୍ତିପୂର୍ଣ୍ଣ ପ୍ରଣାମ ଗ୍ରହଣ କରିବେ । ଗଲା ତା .... ରିଖରେ ଆଚାର୍ଯ୍ୟ ହରିହର ଦାସ, ସତ୍ୟବାଦୀ ନନ୍ଦ, ଜିଲା କଂଗ୍ରେସ କମିଟିର ଡିକ୍ଟେଟର ଓ ପ୍ରାଦେଶିକ କଂଗ୍ରେସ କମିଟିର ଡିକ୍ଟେଟର ପଣ୍ଡିତ ପ୍ରାଣକୃଷ୍ଣ ପଢ଼ିଆରୀମାନେ .... (ଥାନା, ଗ୍ରାମ, ସ୍ଥାନ)ରେ ପହଞ୍ଚି ମୋ' ସଙ୍ଗେ ଓ ଥାନାର କେତେକ ଜଣ ବିଶିଷ୍ଟ କଂଗ୍ରେସକର୍ମୀ ଓ ପ୍ରେମିକଙ୍କ ସହ ବର୍ତ୍ତମାନ କଂଗ୍ରେସର ସତ୍ୟାଗ୍ରହ ସମ୍ବନ୍ଧେ ଡକାଇ ବହୁତ ଆଲୋଚନା କରିଥିଲେ ଏବଂ ଏ ଥାନାରୁ ସତ୍ୟାଗ୍ରହ କରି ଜେଲ୍‌ରୁ ଫେରିଥିବା କର୍ମୀମାନଙ୍କ ଛଡ଼ା ଆଉ ଯେଉଁମାନେ ନୂତନ ଭାବେ ସତ୍ୟାଗ୍ରହ କରିବାକୁ ପ୍ରସ୍ତୁତ ଅଛନ୍ତି, ତାହାର ତାଲିକାଟିଏ ପ୍ରସ୍ତୁତ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ । .... ଗ୍ରାମର କର୍ମୀ ଶ୍ରୀ .... "ସତ୍ୟାଗ୍ରହୀମାନେ ଜେଲ୍ ଗଲେ ସେମାନଙ୍କ ଜୋରିମାନା କେଉଁଠାରୁ ଦିଆଯିବ ଓ କିଏ ଦେବ ଏ ସଂପର୍କରେ ଆପଣମାନେ ନିର୍ଭର ଜବାବ ଦିଅନ୍ତୁ ଏବଂ ଯେଉଁମାନେ ସତ୍ୟାଗ୍ରହ କରିଥିବା ହେତୁ ଜେଲ୍ ସହ ଜୋରିମାନା ଦଣ୍ଡ ଭୋଗିଛନ୍ତି ସେମାନଙ୍କ ଜୋରିମାନା ମଧ୍ୟ ଆପଣମାନେ ଦେଇ ଦିଅନ୍ତୁ । ତାହା ହେଲେ ଆମ୍ଭେମାନେ ଆଉ ଥରେ ଯିବୁଁ ବା ନୂତନ ଯେ ବାହାରିବେ ତାହାର ତାଲିକା ପ୍ରସ୍ତୁତ କରିବାକୁ ଚେଷ୍ଟା କରିବୁ ।" (ବୋଲି କହିଲେ)

................ଙ୍କର ଏ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଆଚାର୍ଯ୍ୟ ମହାଶୟ, ଜି: କଂ : ଡିକ୍‌ଟେଟର ସତ୍ୟବାଦୀ ନନ୍ଦ ଓ ପ୍ରା : କଂ: କ: ଡିକ୍‌ଟେଟର ପ୍ରାଣକୃଷ୍ଣ ପଢ଼ିଆରୀ ମହାଶୟମାନେ କହିଲେ, "ଯେଉଁମାନେ ପ୍ରଥମ ଥର ଜେଲ୍ ଯାଇଥିବା ହେତୁ ଜୋରିମାନା ଦଣ୍ଡ ଦେଇଛନ୍ତି ସେମାନଙ୍କୁ ଦିଆଯାଇ ପାରିବ ନାହିଁ । ଏଣିକି ଯେଉଁମାନେ ନୂତନଭାବେ ଓ ଦ୍ୱିତୀୟ ଥର ସତ୍ୟାଗ୍ରହ କରିବେ ସେମାନଙ୍କର ଜୋରିମାନା ଟଙ୍କା ଦେଇଦେବା ପାଇଁ ଆମ୍ଭେମାନେ ଚାନ୍ଦା କରି ହେଉ ବା ଯେକୌଣସି ପ୍ରକାର ହେଉ ନିଶ୍ଚୟ ଦେବାକୁ ପ୍ରସ୍ତୁତ ଅଛୁଁ । କିନ୍ତୁ ତୁମେମାନେ ଏଯାଡ଼କୁ ଦ୍ୱିତୀୟ ଥର ଯେ ବାହାରିବାକୁ ପ୍ରସ୍ତୁତ ଅଛନ୍ତି ତାଙ୍କୁ ବାହାର କର ଓ ନୂତନଙ୍କୁ ମଧ୍ୟ ବାହାର କରି ନିଜେ ନିଜେ ପ୍ରସ୍ତୁତ ହୋଇଯାଅ ।" ଆଚାର୍ଯ୍ୟ ମହାଶୟ ପ୍ରଭୃତିଙ୍କର ସତ୍ୟାଗ୍ରହୀ ସଂଖ୍ୟା ବଢ଼ାଇବାର ବ୍ୟାକୁଳତା ଦେଖି ଓ ସେମାନଙ୍କର ଯାଡ଼କୁ ସତ୍ୟାଗ୍ରହୀମାନଙ୍କୁ ସର୍ବତ୍ର ସେମାନଙ୍କର ଜୋରିମାନା ଦେଇଦେବାର

Digitized by PPRACHIN, SOA

ସ୍ଥାୟୀ ବ୍ୟବସ୍ଥା କରୁଥିବାର ନିଶ୍ଚୟତା ଦେଖି ମୋର ବିଶେଷ ଇଚ୍ଛା ବର୍ତ୍ତମାନ ଏପରି ସୁବିଧା ମିଳୁଥିବା ବେଳେ ମୁଁ ଓ ଆଉ ମୋର ଅନେକ ସହକର୍ମୀମାନେ ସତ୍ୟାଗ୍ରହ କରି ଜେଲ୍ ଯିବା ପାଇଁ ପ୍ରସ୍ତୁତ ହେବୁ । ଆଶା ଆପଣ ଏତେବେଳେ ପରିସ୍ଥିତି ଦୃଷ୍ଟିରୁ ମୁଁ ଓ ମୋର ସହକର୍ମୀମାନଙ୍କ ସହ ସତ୍ୟାଗ୍ରହ କରିବାକୁ ପରାମର୍ଶ ଦେବେ ବା ମୁଁ କି ପନ୍ଥା ଅବଲମ୍ବନ କରିବି ତା ଫେରନ୍ତା ଡାକରେ ଜଣାଇ ବାଧିତ କରିବା ହେବେ ।" । ଇତି ।

ଆପଣଙ୍କର ଆଜ୍ଞାବହ

ଏ ପନ୍ଥା ଛାଡ଼ି ସ୍ୱଷ୍ଟ ସ୍ୱାଧୀନତା ଅର୍ଜନର ମାର୍ଗ ଧର -

ଏ ଚିଠି ଉପରେ ବିଶେଷ ଆଲୋଚନା ନିଷ୍ପ୍ରୟୋଜନ । ଏହିପରି ସତ୍ୟାଗ୍ରହ ଯୁଦ୍ଧ ନାମ ଦେଇ ଏଥିରେ ଈଶ୍ୱର ପ୍ରେରିତ ଫଳରୂପେ ସ୍ୱାଧୀନତା ମିଳିବ ବୋଲି ଲୋକଙ୍କୁ ଭୁଲାଇ ମତାନ୍ଧ କରି ରଖିବାରେ କି ଫଳ ହେବ, ତାହା ସହଜରେ ଅନୁମେୟ । କଂଗ୍ରେସ ଯଦି ଏ ସଂକଟ ସମୟରେ ଏହି ପନ୍ଥାକୁ ଜାତୀୟ ସଂଗ୍ରାମ ବୋଲି ଧରି ଲୋକଙ୍କୁ ମତାଇବାର ଚେଷ୍ଟା କରେ ତେବେ ଏଭଳି ଆନ୍ଦୋଳନରେ ଲୋକଙ୍କ ଭିତରେ ପ୍ରାଣର ସ୍ପନ୍ଦନ ବଢ଼ିବ ନା ମଉଳିବ ? ଲୋକେ ତ୍ୟାଗ ପାଇଁ ପ୍ରସ୍ତୁତ ନ ହେଲେ ସ୍ୱାଧୀନତା ଆଡ଼କୁ ଯିବେ କିପରି ? ପୁଣି ସମର ନାମରେ ଏହିପରି ଯେଉଁ ସତ୍ୟାଗ୍ରହ ଆନ୍ଦୋଳନ ଟେକି ରଖାହୋଇଛି, ବିଚକ୍ଷଣ ଚାରିଚକ୍ଷୁ ଇଂରେଜମାନେ କ'ଣ ତାହା ଓ ତାହାର ସ୍ଥିତି ଗତି ବୁଝୁ ନାହାନ୍ତି ? ଏହିପରି ଭାବରେ ଲୋକଙ୍କୁ ଅନ୍ଧ କରି ଲୋକମତର ଏକତା ଦେଖାଇ ଦେବାରେ କି ଫଳ ହେବ ? ଯଥାର୍ଥ ଦେଶସେବୀମାନେ ପୁଣି ଏ ପନ୍ଥାରେ ଆକୃଷ୍ଟ ହେବେ ତ ? ମହାତ୍ମା ଗାନ୍ଧିଙ୍କ ଅହିଂସା ଓ ସତ୍ୟସେବାର ପ୍ରତିଷ୍ଠା ଓ ମହତ୍ତ୍ୱ ଏଥିରେ ବଢୁଛି ତ ? ଦେଶସେବୀ ତଥା ଦେଶବାସୀଙ୍କୁ ଅନୁରୋଧ ସେମାନେ ଶୀଘ୍ର ସ୍ୱଷ୍ଟ ସ୍ୱାଧୀନତା ଅର୍ଜନ ମାର୍ଗ ଧରନ୍ତୁ । ଏ ମହାସମରର ସୁଯୋଗ ଛାଡ଼ନ୍ତୁ ନାହିଁ । ଦେଶକୁ ସ୍ୱାଧୀନତା ପାଇଁ ତିଆରି କରି ନେବାର ଏପରି ବେଳ ହୁଏତ ଆଉ ମିଳିବ ନାହିଁ ।

ନବ ଭାରତ ୭/୫,୬,୭,୯, ଆଲୋଚନା

କଂଗ୍ରେସରୁ ଇସ୍ତଫା

ନିଜ କାର୍ଯ୍ୟର ପ୍ରମାଣ ପାଇଁ ଖାଲି ବାହାରକୁ ଚାହିଁ ବସିବା ଆତ୍ମବିକାଶ ନୁହେଁ-

ଓଡ଼ିଆଙ୍କର ଏବେ ନିଜର ରାଜନୀତି ନାହିଁ । ଗାନ୍ଧିଙ୍କ ଚାଳିତ କଂଗ୍ରେସ ଆନ୍ଦୋଳନରେ କ୍ରମେ ଆମେ ଏପରି ଆତ୍ମବିସ୍ମୃତ ହୋଇ ଆସୁଛୁ ଯେ ନିଜେ ବିଚାରି କାର୍ଯ୍ୟ କରିବାର କଳ୍ପନା ପର୍ଯ୍ୟନ୍ତ କ୍ରମେ ଆମର ଲୋପ ପାଉଚି । ଦେଶ ଭିତରେ କେହି ବିଚାର ଦେଇ

Digitized by PPRACHIN, SOA

ପନ୍ଥା ଫିଟାଇବାକୁ ବସିଲେ ତାହା କରାଇ ଦିଆଯାଉନାହିଁ । ଲୋକଙ୍କୁ କ୍ରମେ ଧରାଇ ଦିଆଯାଉଚି - 'ଆମ ପ୍ରଦେଶରେ କେହି ବିଚାରବନ୍ତ ରାଜନୀତିକ ନାହାନ୍ତି କି ହୋଇ ନପାରନ୍ତି ।' ଯେକୌଣସି ଶ୍ରେଣୀର ବାହାରର କର୍ମୀମାନଙ୍କୁ ଆଣି ସଭାସମିତିରେ ଶ୍ରେଷ୍ଠ ନେତା ବୋଲି ଦେଖାଇ ଦେଇ ଲୋକଙ୍କୁ ଭୁଲାଇବାର ଉଦ୍ୟମ ବରାବର ଚାଲିଚି । ଭାରତରେ ଜାତୀୟ ଚିନ୍ତାରେ ସହଯୋଗ କରିବାର ଶକ୍ତି ଯେ ଆମର ଏକାବେଳକେ ନାହିଁ ଏହା ଧରି ଧରାଇ ଦେଶର ଜାତୀୟଭାବକୁ କ୍ରମେ ପଙ୍ଗୁ କରି ଦିଆ ଯାଉଚି । ଆମେ କୌଣସି ଚିନ୍ତାରେ ସହଯୋଗ କରିବୁ ନାହିଁ, ଖାଲି ଭକ୍ତିରେ ମହାପ୍ରସାଦ ସେବା କଲା ଭଳି ଅନ୍ୟ ଯେ କେହି କିଛି କାର୍ଯ୍ୟ କଲେ ତାକୁଇ ଆମେ ଅନୁକରଣ କରିବାକୁ ଯେପରିକି ବାଧ । ଏହା ଆତ୍ମ ପ୍ରତିଷ୍ଠା ବା ଆତ୍ମ ପ୍ରଯତ୍ନର ପନ୍ଥା ନୁହେଁ । ଏଥିରେ ଆତ୍ମ ବିକାଶ ହୁଏ ନାଇ ।

ଏହା ଏକ ହୀନ ମନୋବୃତ୍ତି -

ଉଦାହରଣ ସ୍ୱରୂପ ଏବେ ପଣ୍ଡିତ ପ୍ରାଣକୃଷ୍ଣ ପଢ଼ିଆରୀ ପୁରୀର ଜଗନ୍ନାଥ ରଥଙ୍କୁ ଯେଉଁ ଚିଠି ଲେଖିଚନ୍ତି ସେଥିରେ ଲେଖିଚନ୍ତି, "ବମ୍ବେରେ ମୁନ୍‌ସୀ ଓ ପଞ୍ଜାବର ସତ୍ୟପାଳ ପ୍ରଭୃତି ଯେପରି କଂଗ୍ରେସର ଅନୁଷ୍ଠାନମାନଙ୍କରୁ ଇସ୍ତଫା ଦେଇଚନ୍ତି ସେହିପରି ଗାନ୍ଧିଙ୍କର ସତ୍ୟାଗ୍ରହକୁ ବିରୋଧ କରୁଥିବା ଲୋକେ ତଥା ଯୁଦ୍ଧ ଉଦ୍ୟମରେ ସାହାଯ୍ୟ କରିବା ନିମନ୍ତେ ମତ ଦେଉଥିବା ଲୋକେ କଂଗ୍ରେସରୁ ଇସ୍ତଫା ଦିଅନ୍ତୁ ।" ମୁନ୍‌ସୀ ଓ ସତ୍ୟପାଳ ଯାହା କରୁଚନ୍ତି ତାହା ନିଶ୍ଚୟ ଠିକ୍ ପନ୍ଥା, ଏପରି ଭାବିବା କି ହୀନ ମନୋବୃତ୍ତି । ପୁଣି କୌଣସି କୌଣସି ବିଶିଷ୍ଟ ବ୍ୟକ୍ତିଙ୍କୁ ଯୁଦ୍ଧ ଉଦ୍ୟମ ସପକ୍ଷରେ ମତ ଦେବା 'ଅପରାଧ'ରେ ଚାରିଅଣା କଂଗ୍ରେସ ମେମ୍ବର ପଦରୁ ଇସ୍ତଫା ଦେବାକୁ ମଧ୍ୟ କୁହାଯାଇଚି । ଏଥିରେ କି ଯୁକ୍ତି ଅଛି ?

ଚାରିଅଣିଆ ମେମ୍ବର କଂଗ୍ରେସର ଭୋଟର, ସେ ମତ ଓ କ୍ରିୟାରେ ସ୍ୱାଧୀନ-

ଜଗନ୍ନାଥ ରଥେ ଏକ ପ୍ରକାର ଏ ପ୍ରଶ୍ନର ଠିକ୍ ଉତ୍ତର ସୂଚନାରେ ଦେଇଚନ୍ତି । ତାଙ୍କର ଚିଠି ଏ ସଂଖ୍ୟାରେ ଅନ୍ୟତ୍ର ପ୍ରକାଶ ପାଇଚି । ମାତ୍ର କଥାଟି ଆଉ ଟିକିଏ ବୁଝାଇ କହିଦେବା ଦରକାର । ପ୍ରଥମେ ଚାରିଅଣିଆ ମେମ୍ବରର କଥା ଧରାଯାଉ । ଚାରିଅଣିଆ ମେମ୍ବର ହେଉଚି କଂଗ୍ରେସର ଭୋଟର । ଦରକାର ହେଲେ କଂଗ୍ରେସ ମତ ପରିବର୍ତ୍ତନ କରାଇବା ସ୍ପଷ୍ଟତଃ ତାହାର କାର୍ଯ୍ୟ । କଂଗ୍ରେସ ନିୟମାବଳୀର ପ୍ରଥମ ଧାରାଟି ମାତ୍ର ମାନୁଥିବା ଯାଏ ତାହାର କଂଗ୍ରେସରେ ସବୁ ପ୍ରକାର ମତ ଓ କାର୍ଯ୍ୟ ପାଇଁ ଅଧିକାର ରହିଚି । କଂଗ୍ରେସ ନିୟମାବଳୀର ପ୍ରଥମ ଧାରାଟି ହେଉଚି "ସତ୍ୟମୂଳକ ଓ ଅହିଂସା ଉପାୟରେ ଭାରତବାସୀର ସ୍ୱରାଜ ଲାଭ" ଅର୍ଥାତ୍ ଇଂରେଜଙ୍କ ଠାରୁ ସ୍ୱରାଜ୍ୟ ଲାଭ କରିବା ଲଢ଼ାଇରେ

Digitized by PPRACHIN, SOA

ସେ ଅହିଂସା ଉପାୟ ଅବଲମ୍ବନ କରିବା ପାଇଁ ସ୍ଥିର କରିଚି। ବର୍ତ୍ତମାନ ଯୁଦ୍ଧରେ ଯୋଗଦେବା ଯେ ଅହିଂସା ଉପାୟର ପ୍ରତ୍ୟବାୟ ନୁହେଁ ଏ କଥା ଗତବର୍ଷ ଜୁଲାଇ ମାସରେ ପୁନାରେ ନି : ଭା : କଂ : କମିଟି ଯେଉଁ ପ୍ରସ୍ତାବ କରିଥିଲେ ସେଥିରେ ମଧ୍ୟ ସ୍ଥିର ହୋଇ ଯାଇଚି । ଇଂରେଜଙ୍କୁ ଏ ମହାଯୁଦ୍ଧରେ ସାହାଯ୍ୟ କରିବାରେ ଇଂରେଜଙ୍କ ସଙ୍ଗେ ସ୍ୱରାଜ୍ୟ ସାଧନ ପାଇଁ ଲଢ଼ାଇ ହେଉ ନାହିଁ । ଅତଏବ କଂଗ୍ରେସର ମୂଳନୀତି ବା ନିୟମାବଳୀର ପ୍ରଥମ ଧାରା ଏ ଯୁଦ୍ଧୋଦ୍ୟମରେ ସହଯୋଗ କରିବାରେ ବାଧା ପାଉନାହିଁ। ତେଣୁ ମୁନ୍‌ସୀ, ସତ୍ୟପାଳ ପ୍ରଭୃତି କଂଗ୍ରେସରୁ ଇସ୍ତଫା ଦେଇ ପକାଇଲେ ବୋଲି ଆମ ଲୋକେ ଦେଇ ପକାଇବା ଉଚିତ, ଏହା ଯୁକ୍ତି ନୁହେଁ, ସ୍ୱଷ୍ଟ ଗୌଣତ୍ୱର ମନୋବୃତ୍ତି । କେହି ଇଚ୍ଛା କଲେ ସତ୍ୟାଗ୍ରହୀ ମାନଙ୍କର ଅନୁରୋଧ ରକ୍ଷାକରି କଂଗ୍ରେସରୁ ଇସ୍ତଫା ଦେଇପାରନ୍ତି, ମାତ୍ର ଗଣତନ୍ତ୍ର ବିଧିରେ ଭୋଟର ସ୍ୱାଧୀନ । କୌଣସି ଭୋଟର ଅନୁଷ୍ଠାନର ପ୍ରସ୍ତାବ ମାନଙ୍କରେ ମଧ୍ୟ ବାଧ୍ୟ ନୁହେଁ, ଏହା ଜାଣିରଖିବା ଉଚିତ । ଚାରିଅଣିଆ ମେମ୍ବର ହେଉଚି, କଂଗ୍ରେସର ଭୋଟର୍ ।

ପଣ୍ଡିତ ନୀଳକଣ୍ଠଙ୍କୁ ଅଯଥା କୈଫିୟତ୍ –

ପୁଣି ଗୋଟିଏ ବିଚିତ୍ର କଥା। ଏତେ ଦିନ ପରେ ଜଣାଯାଏ ପଢ଼ିଆରୀ ମହାଶୟ କଂଗ୍ରେସ ଚାରିଅଣା ମେମ୍ବର ପଦ ତଥା କେନ୍ଦ୍ର ଆସେମ୍ବ୍ଲିର ମେମ୍ବର ପଦରୁ କାହିଁକି ଇସ୍ତଫା ନ ଦେବେ, ଏଥିପାଇଁ ପଣ୍ଡିତ ନୀଳକଣ୍ଠ ଦାସଙ୍କୁ ଏକ କୈଫିୟତ୍ ମାଗିଚନ୍ତି । ତାହା ଖବରକାଗଜରେ ମଧ୍ୟ ବାହାରି ଯାଇଚି । ସେ ଚିଠିରେ ଅନ୍ୟାନ୍ୟ କାରଣ ମଧ୍ୟରେ କୁହାଯାଇଚି, ପଣ୍ଡିତ ନୀଳକଣ୍ଠ ଦାସ ଗାନ୍ଧିଙ୍କ ମତ ବିରୋଧରେ ପ୍ରଚାର କରୁଚନ୍ତି । ଠିକ୍ ଏହି କାରଣ ଓ ପଢ଼ିଆରୀଙ୍କ ପତ୍ରର ଅନ୍ୟାନ୍ୟ କାରଣ ଦେଇ ନି : ଭା : କଂ : କମିଟିର ସଂପାଦକ କୃପ୍‌ଲାନି ଗଲା ଫେବୃୟାରୀ ମାସରେ ପଣ୍ଡିତ ନୀଳକଣ୍ଠ ଦାସଙ୍କୁ ପତ୍ର ଲେଖିଥିଲେ । ପଣ୍ଡିତ ନୀଳକଣ୍ଠ ଦାସ ସେ ପତ୍ରର ଉତ୍ତରରେ ସବୁ ବୁଝାଇ ଦେଇଥିଲେ । ତାପରେ କୃପ୍‌ଲାନି ମହାଶୟ ଆଉ କିଛି ଲେଖି ନାହାନ୍ତି, କି କରି ନାହାନ୍ତି । ପରେ ଗଲା ଅପ୍ରେଲ ମାସ ଶେଷକୁ କୃପ୍‌ଲାନି ମହାଶୟଙ୍କ ପତ୍ର ସହିତ ନୀଳକଣ୍ଠ ଦାସଙ୍କ ଉତ୍ତର ଇଂରେଜୀ ଖବରକାଗଜ ମାନଙ୍କରେ ପ୍ରକାଶିତ ହୋଇଥିଲା । ପଢ଼ିଆରୀ ମହାଶୟ ଏସବୁ ଜାଣି ଶୁଣି ମଧ୍ୟ ଓଡ଼ିଆ କାଗଜରେ ଗୋଟାଏ କିଛି ଛପାଇ ଦେଇ ଲୋକଙ୍କୁ ଭୁଲାଇବାର ଏପରି 'ସତ୍ୟାଗ୍ରହ' ଚେଷ୍ଟା କରିବା ଅତ୍ୟନ୍ତ ଅସଙ୍ଗତ ।

ପଢ଼ିଆରୀଙ୍କର ଅନଧିକାର ଚର୍ଚ୍ଚା –

ଚାରିଅଣା ମେମ୍ବର ପଦ ଇସ୍ତଫା ଦେବା କଥା ଉପରେ କୁହାଯାଇଚି । ପୁଣି ଚାରିଅଣା ମେମ୍ବର ବର୍ଷକ ପାଇଁ ହୁଅନ୍ତି । ଗଲା ଦେଢ଼ ବର୍ଷ ମଧ୍ୟରେ ପଣ୍ଡିତ ନୀଳକଣ୍ଠ ଦାସ କିମ୍ବା

Digitized by PPRACHIN, SOA

ଓଡ଼ିଶାର ଅନ୍ୟ ବିଶେଷ କେହି ଚାରିଅଣା ମେମ୍ବର ହୋଇନାହାନ୍ତି । କାରଣ କ୍ରିୟାଶୀଳ କଂଗ୍ରେସ କମିଟିମାନ ବନ୍ଦ କରିଦିଆ ଯାଇଚି । ପୁଣି ଚାରିଅଣା ମେମ୍ବର ଗୃହୀତ ହେବା ବେଳେ ମେମ୍ବର ହେବା ନ ହେବା କଥା ଉଠିପାରେ; ଏବେ ନୁହେଁ ।

ଦ୍ୱିତୀୟ କଥା, କେନ୍ଦ୍ର ବ୍ୟବସ୍ଥାପକ ସଭା ସଭ୍ୟ ପଦ ଇସ୍ତଫା ଦେବା କଥା । ସେ ସମ୍ବନ୍ଧରେ ୧୯୩୪ରେ ପଣ୍ଡିତ ନୀଳକଣ୍ଠଦାସ ଗୋଟିଏ ପ୍ରତିଜ୍ଞା ପତ୍ର ସ୍ୱାକ୍ଷର କରିଥିଲେ । ସେ ପ୍ରତିଜ୍ଞା ପତ୍ରରେ ଯାହା ସର୍ତ୍ତ ଥିଲା - ପଣ୍ଡିତ ନୀଳକଣ୍ଠ ଦାସ ସେହି ଅନୁସାରେ କାର୍ଯ୍ୟ କରିଛନ୍ତି ଓ ସେହିକଥା କୃପଲାନି ମହାଶୟଙ୍କୁ ଜଣାଇ ଦେଇଥିଲେ । ସେହି ଚିଠି ପୁଣି ପ୍ରକାଶିତ ହୋଇଥିଲା । ପଢ଼ିଆରୀ ମହାଶୟ ସେ ପ୍ରତିଜ୍ଞା ପତ୍ର ଦେଖିଚନ୍ତି କି ? ଯଦି ଦେଖିଥାନ୍ତି ତେବେ ବୁଝୁଥିବେ ପଢ଼ିଆରୀଙ୍କର ସେ ବିଷୟରେ ମୁଣ୍ଡ ଘୂରାଇବାର କିଛି ଦରକାର ନାଇଁ । ସେ ବିଷୟର ଆଲୋଚନା କରିବାରେ ମଢ଼ିଆରୀଙ୍କ ପରି ଲୋକେ ଆଦୌ ଅଧିକାରୀ ନୁହନ୍ତି । ତେବେ ପଢ଼ିଆରୀଙ୍କ ହାତରେ ଏହିକ୍ଷଣି କଦର ଅଛି । ସେ ଯା ଇଚ୍ଛା ତା କାଗଜରେ ଛପାଇ ଦେଇ ଲୋକଙ୍କୁ ଭୁଲାଇ ପାରନ୍ତି । ତାଙ୍କ ଏ ଭୁଲାଇବାର ପ୍ରତିବାଦ ସବୁ ଲୋକଙ୍କୁ ଜଣାଇବାର ଏବେ ବିଶେଷ କିଛି ଉପାୟ ନାହିଁ । ଏ କଥା ପଢ଼ିଆରୀ ମଧ୍ୟ ଜାଣନ୍ତି । ପଢ଼ିଆରୀ ଲୋକଙ୍କୁ ଏହି "ସତ୍ୟାଗ୍ରହ" ଶିଖାଉଚନ୍ତି । ସାବଧାନ ହୁଅନ୍ତୁ । ଏଥିରେ ଦେଶର ମଙ୍ଗଳ ହେଉନାହିଁ ।

ନବଭାରତ-୭/୫, ୬,୭,୮, ଆଲୋଚନା

କଂଗ୍ରେସୀଏ ଖାସା ପ୍ରେରଣା ପାଇଲେ

ଓଡ଼ିଶାର ଏକ କଂଗ୍ରେସୀ ଦୈନିକ ଏବେ ଲେଖିଚନ୍ତି -

"ଏକାଧାରରେ ପାକିସ୍ତାନର ପ୍ରଧାନମନ୍ତ୍ରୀ ଓ ପାକିସ୍ତାନ ମୁସ୍‌ଲିମ୍ ଲିଗ୍‌ର ସଭାପତି ମିଃ ଲିଆକତ ଅଲିଖାଁ କହିଛନ୍ତି ଯେ, ପାକିସ୍ତାନରେ କୌଣସି ବିରୋଧୀ ଦଳର ଆବଶ୍ୟକତା ନାହିଁ । କାରଣ, ପାକିସ୍ତାନ ଲୋକଙ୍କର ଆଦର୍ଶ ଓ କାର୍ଯ୍ୟକ୍ରମ କେବଳ ଗୋଟିଏ । ଆମ ଭାରତରେ ଯେଉଁମାନେ ବିରୋଧୀ ଦଳ ଗଠନ ସମ୍ପର୍କରେ ବହୁ ଶକ୍ତି ଅପଚୟ କରୁଚନ୍ତି, ପାକିସ୍ତାନ ପ୍ରଧାନମନ୍ତ୍ରୀଙ୍କର ଉଲ୍ଲିଖିତ ଉକ୍ତି ସେମାନଙ୍କର ଦୃଷ୍ଟି ନିଶ୍ଚୟ ଆକର୍ଷଣ କରିବ । ଜାତୀୟ ଐକ୍ୟ ପ୍ରତିଷ୍ଠା ଦିଗରେ ପାକିସ୍ତାନ ଆମ ଅପେକ୍ଷା କିପରି ଆଉରି ଅଧିକ ବାସ୍ତବ କାର୍ଯ୍ୟପନ୍ଥା ଗ୍ରହଣ କରି ଚାଲିଚି, ଉଲ୍ଲିଖିତ ଉକ୍ତିରୁହିଁ ତାହାର ସ୍ପଷ୍ଟ ସୂଚନା ମିଳୁଛି ।"

ପାକିସ୍ତାନ ରାଷ୍ଟ୍ରଟା, 'ଥିଓକ୍ରାଟିକ୍' ବା ଆଲ୍ଲା ଏକା ସେଠରେ ସମ୍ରାଟ୍ । ମହମ୍ମଦ ଥିଲେ ଆଦେଶ ପ୍ରଚାର କରିବାରେ ସେହି ଆଲ୍ଲାଙ୍କର ଏକମାତ୍ର ଡଗର । ଏବେ ମୁଲ୍ଲାମାନେ ସେଇ ଡଗରଙ୍କ ଆଦେଶକୁ ବିଶ୍ୱ ସମ୍ରାଟ ଆଲ୍ଲାଙ୍କ ଆଦେଶ ବୋଲି ମାନୁଚନ୍ତି । ସେଥିପାଇଁ,

Digitized by PPRACHIN, SOA

ସେ ଆଦେଶ ନ ମାନିବା ଲୋକେ ସେ ଦେଶରେ ଆଲ୍ଲାଙ୍କର ପରମ ଶତ୍ରୁ। ତାଙ୍କ ଧର୍ମ ହେଉଚି, ସେ ଶତ୍ରୁଙ୍କୁ ମନାଇ ମୁସଲମାନ କରିବାକୁ ହେବ। ନହେଲେ, ମାରି ପଦାକରି ପୃଥିବୀକୁ ଶୁଦ୍ଧ ମୁସଲମାନଙ୍କର ଧର୍ମ-ରାଜ୍ୟ କରିବାକୁ ହେବ। ସେଥିପାଇଁ, ସେ ହିନ୍ଦୁଙ୍କ ନାରୀଙ୍କୁ, ସହଜରେ ବଳାତ୍କାର କରି ମୁସଲମାନ କରି ନିଅନ୍ତି। ହିନ୍ଦୁଙ୍କୁ ବଳାତ୍କାରରେ ତା' କରି ନପାରିଲେ ମାରିଦିଅନ୍ତି। ବୁଝିବାର ଅଛି, ଆମେ ଯାହାକୁ କହୁ, ହିନ୍ଦୁନାରୀ ଧର୍ଷଣ, ତାହା ମୁସଲମାନଙ୍କ ବିଧର୍ମୀ ବା କାଫେରଙ୍କୁ ଧାର୍ମିକ ମୁସଲମାନ କରିବାରେ ଏକ ପବିତ୍ର କାର୍ଯ୍ୟ ପନ୍ଥା। ପୁଣି ଅମୁସଲମାନଙ୍କୁ ମାରି ପଦା କରିବା ମଧ୍ୟ ତାଙ୍କ ଅଲ୍ଲାଙ୍କ ଏକଛତ୍ରାଧିପତ୍ୟ ସ୍ଥାପନ କରିବାରେ ଏକ ପନ୍ଥା। ଆମ କଂଗ୍ରେସୀଏ କେଉଁ ଆଲ୍ଲା ବା କେଉଁ ମହମ୍ମଦଙ୍କ ତଳେ ଏକଛତ୍ର ସାମ୍ରାଜ୍ୟ ସ୍ଥାପନ କରିବାରେ ଲାଗିବା ପାଇଁ ଲିଆକତ ଅଲିଙ୍କ ବକ୍ତୃତାର ପ୍ରେରଣାକୁ ଦେଖାଇ ଲୋକଙ୍କୁ ମାତାଇବାରେ ବ୍ୟସ୍ତ, ଠିକ୍ ବୁଝି ହେଉନାହିଁ।

କଂଗ୍ରେସ ଓ କଂଗ୍ରେସ ସରକାର ମୁସଲିମ୍ ଲିଗ୍ ଓ ପାକିସ୍ତାନ ସରକାର ଭଳି ହୋଇଯାଉ, ଏହା ଯଦି ଏ କଂଗ୍ରେସୀ ଦୈନିକର ଇଚ୍ଛା ତେବେ ଏଣେ ପୁଣି ସେକ୍ୟୁଲାର ବା ଧର୍ମ ନିରପେକ୍ଷ ହୋଇ ଆମେରିକା ପ୍ରଭୃତିଙ୍କ ଠାରୁ ବାହାବା ପାଇବାର ଏଡ଼େ ମମତା କିଆଁ ? ଏ ସବିଧାବାଦର ଔଷଧ ନାଇ। ଓଃ, ରାଜ୍ୟ ଭୋଗର ଏ ଲାଳସା କି ଦୂରନ୍ତ ? କି ଉତ୍କଟ ? କଂଗ୍ରେସ ସରକାର ତେବେ କ'ଣ କଂଗ୍ରେସକୁ ଏ ମୁସ୍‌ଲିମ୍‌ଲିଗ୍ ଭଳି ଧର୍ମାନୁଷ୍ଠାନ କରି ନିଜେ କୌଣସି ଆଲ୍ଲାଙ୍କ ଭଳି ସମ୍ରାଟଙ୍କ ନାମରେ 'ଈଶ୍ୱରଆଲ୍ଲା ତେରେନାମ' କରି ଏଇପରି ରାମରାଜ୍ୟ ସ୍ଥାପନ କରିବାକୁ ଚାହାନ୍ତି ? ଚିନ୍ତାହୀନତାରେ ମନୁଷ୍ୟକୁ କ୍ଷମା ଅଛି। କିନ୍ତୁ ନୀଚ ସ୍ୱାର୍ଥ ସାଧନର ଭାଣ୍ଡାମୀ ଅତି ଜଘନ୍ୟ ଓ ଅଶୁଭଙ୍କର। କଂଗ୍ରେସୀଏ ଏ ବୀଭତ୍ସ ସୁବିଧାବାଦ ଛାଡ଼ି ଏବେ ମନୁଷ୍ୟ ହୁଅନ୍ତୁ ଓ ଦେଶବାସୀଙ୍କୁ ସ୍ୱାଧୀନ ମନୁଷ୍ୟ କରିବାରେ ଲାଗନ୍ତୁ। ତାହା କରିପାରିଲେ ଏକା, ସମସ୍ତ ବିରୋଧ ମଧ୍ୟରେ ମାନବିକ ସାମଞ୍ଜସ୍ୟ ଫୁଟିବ। ତା' ନହେଲେ, ଧର୍ମାନ୍ଧତା ଓ ମତାନ୍ଧତାରେ ପଡ଼ି ଦେଶ ରସାତଳକୁ ଯିବ।

ଏବେ ପୁଣି (୧୦।୫।୫୦) ପଶ୍ଚିମ ପଞ୍ଜାବର ଠିକ୍ ସାଧାରଣ ନିର୍ବାଚନ ପୂର୍ବରୁ ସେଇ ଆଲ୍ଲାଙ୍କ ଏକଛତ୍ର ସାମ୍ରାଜ୍ୟର 'ଏକ ମେବା ଦ୍ୱିତୀୟ' ନେତା ଲିୟାକତ୍ ଅଲୀ, ପାକିସ୍ତାନର ପ୍ରଧାନ ସେନାନାୟକ ଆକବର ଖାଁ ଓ ତାଙ୍କ ଭାର୍ଯ୍ୟାଙ୍କୁ ଦେଶଦ୍ରୋହୀ ଓ ସେନାଙ୍କୁ ବିଗାଡୁଚନ୍ତି ବୋଲି ହଠାତ୍ ଗିରଫଦାର କରି ଭୋଟରଙ୍କୁ ଚମକାଇ ଦେଇ ସବୁ ବିରୋଧ ବନ୍ଦ କରିବାର ଯେ 'ସାଧୁ' ଉଦ୍ୟମଟା କରିଚନ୍ତି ବୋଲି ଶୁଣାଯାଉଚି, ସେଥିରେ କଂଗ୍ରେସୀଏ କ'ଣ କହୁଚନ୍ତି ? ନେହେରୁଙ୍କୁ ଭାରତ ନିର୍ବାଚନ ଏକଦଳୀ କରିବାରେ

Digitized by PPRACHIN, SOA

ଏଇପରି କାର୍ଯ୍ୟମାନ କରିବାର ପରାମର୍ଶ ଏ କଂଗ୍ରେସୀଏ ଦେବେ ପରା ? ଗାଦି ମାଡ଼ିବସି ସବୁ ମତ ଦଳି ନିଜ ଭୋଗକୁ ଚିରନ୍ତନ କରିବାର ଏସବୁ ଉତ୍କଟ କ୍ରିୟାରେ ସମାଜର ଅମଙ୍ଗଳ ଅନିବାର୍ଯ୍ୟ।

ନୂଆପ୍ରସ୍ଥ-୩/୨, ଆଲୋଚନା

କଂଗ୍ରେସ ଛାଡ଼

କ୍ରିପ୍‌ଲାନି କ'ଣ କହୁଛନ୍ତି :

ଆଜି (୧୧.୪.୫୧) କଂଗ୍ରେସ ଭିତରେ ରହି କଂଗ୍ରେସ୍‌କୁ ସୁଧାରିବା ଉଦ୍ଦେଶ୍ୟରେ ସମାଲୋଚକ ଦଳ ତିଆରି କରୁଥିବା କ୍ରିପ୍‌ଲାନି, କଂଗ୍ରେସ କାର୍ଯ୍ୟକାରୀ କମିଟିର ନବ ନିର୍ଦ୍ଧାରଣକୁ ଲକ୍ଷ୍ୟ କରି କହିଛନ୍ତି, କଂଗ୍ରେସ ଏଥିରେ ନିଜ ଦଳ ଭିତରେ ସମସ୍ତଙ୍କ ସ୍ୱାଧୀନ ଚିନ୍ତାରେ ପର୍ଯ୍ୟନ୍ତ ଚାବି ପକାଇ ବଳଶାଳୀ ହେଉଛି ବୋଲି ଯେଉଁମାନେ ବିଚାରୁଛନ୍ତି, ସେମାନେ ଭ୍ରାନ୍ତ। କଂଗ୍ରେସର ବିବିଧ ଦୁର୍ବଳତା ଓ ଦୁର୍ଗତିର ଏହା ହେଉଛି ସ୍ପଷ୍ଟ ସଂକେତ। ଯଥାର୍ଥରେ ମେଘନାଦ ପାଚିରୀ ତିଆର କରି, ତା' ଭିତରେ ଦୁର୍ଗ କରି ରହିବା ବଳଶାଳୀତା ନୁହେଁ। ଦୁର୍ଗବାସୀର ଭୟ ଯେତେ ବେଶୀ, ପାଚେରୀ ସେତେ ଟାଣ, ବନ୍ଧୁକଧାରୀ ସେତେ ଜାଗ୍ରତ।

ଘୋଷଙ୍କ ନିରାଟ ବାଣୀ :

କଂଗ୍ରେସକୁ ସୁଧାରିବା ଅସମ୍ଭବ ଦେଖି ତାକୁ ଛାଡ଼ି ଆସିଥିବା ଡାକ୍ତର ପ୍ରଫୁଲ୍ଲ ଘୋଷ ତିନିଦିନ ତଳେ ସ୍ପଷ୍ଟ କହିଛନ୍ତି, ବର୍ତ୍ତମାନ ପାଇଁ ଲୋକରେ ପ୍ରଚାର କରିବାର ଏକମାତ୍ର ରାଜନୀତିକ ମନ୍ତ୍ର ହେଉଛି, 'କଂଗ୍ରେସ ଛାଡ଼'। ବାସ୍ତବିକ ଏହାଇ ଏବେ ଏକମାତ୍ର ପନ୍ଥା। ଏହା ନ କରିପାରିଲେ, ଦେଶ ଗଲା। ଭାରତ ସରକାର କଂଗ୍ରେସ ସରକାର - ନେହେରୁ ସରକାର ଏବେ ନିଜ ଦୋଷ ଓ କଳ୍ମଷ ମଧ୍ୟରେ ବୁଡ଼ିରହି ଏତେ ଅଭ୍ୟସ୍ତ ହୋଇଗଲେଣି ଯେ, ତାଙ୍କୁ ଆଉ ସୁଧାରିବାର ଉପାୟ ନାଇ। ଯେଉଁମାନେ କହୁଛନ୍ତି, କଂଗ୍ରେସ ଛଡ଼ା ଆଉ ଦଳ ନାଇ, ନେହେରୁ ଭାରି ଭଲ ଲୋକ, ସେମାନେ କେବଳ କଂଗ୍ରେସର ଏଇପରି ପ୍ରଚାରରେ ଶିକାର ହେବାରୁ ଏ ଦୁଆ ଧରିଛନ୍ତି। ମାତ୍ର ସେମାନେ ନିଜେ ଜାଣି ଏହା କରୁନାହାନ୍ତି। ତାଙ୍କର ଶୀଘ୍ର ସୁବୁଦ୍ଧି ହେଉ। ଦେଶର ଭବିଷ୍ୟତ ଉଜ୍ଜ୍ୱଳ ହେଉ।

କଂଗ୍ରେସର ଟିକସରେ ଲୋକ ଶୋଷଣ :

କଂଗ୍ରେସ ସରକାରରେ ଏକ ଆଡ଼େ ଖାଲି ଟିକସ ବସୁଚି। ଯେତେ ନୂଆ ଟିକସ ତାହା ପୁଣି ବସୁଚି, ସାକ୍ଷାତ ଓ ଅସାକ୍ଷାତ ଭାବରେ ଗରୀବଙ୍କ ଉପରେ। ବିକିରି ଟିକସ,

Digitized by PPRACHIN, SOA

ବିଚରା ଖାଉଟି ଠାରୁ ଧରି ଆଦାୟ କରାହେଉଚି। ଇଏ ଭାଉପୁର ନ୍ୟାୟ ମଧ୍ୟ ନେହେରୁ ସରକାର ଭୁଲ ବୋଲି ବୁଝିପାରୁନାହାନ୍ତି। ତା' ଉପରେ ରେଲ ତୃତୀୟ ଶ୍ରେଣୀଠାରୁ ପୋଷ୍ଟକାର୍ଡ଼ ପର୍ଯ୍ୟନ୍ତ ସବୁ ମାଡ଼ ଗରିବ ଉପରେ। ପ୍ରଦେଶରେ ମଧ୍ୟ କୃଷି ଟିକସରେ ବାଛ ବିଚାର ନଇ। ଟିକସ ବସାଇ ସେ କଥା ବୁଝୁଥିବା ଡେପୁଟିମାନଙ୍କୁ ସତେ କିଏ ଯେପରି କହି ଦେଇଚି, ପ୍ରଦେଶରେ ଟଙ୍କା ନାଇ, ଚୁପୁଡ଼ ଏ ଚାଷୀଙ୍କି। ଉଦାହରଣ ଦେଖ। ଧାନ କେଉଁଠା ଜମିରୁ କେତେ ଆଦାୟ ହୁଏ ସେ ବିଷୟରେ କାନଗୋଇ ରିପୋର୍ଟ ଅଛି। କିନ୍ତୁ କୃଷି କର ବସାଉଥିବା ଡେପୁଟିମାନେ ନିଜେ ଆଉ ଗୋଟିଏ ତାଲିକା ତିଆରି କରିଛନ୍ତି। ପୁଣି ଆଇନ ହୋଇଚି, ପାଞ୍ଚ ଭାଗରୁ ଦୁଇ ଭାଗ ପ୍ରଜା, ଭାଗଚାଷୀଠାରୁ ପାଇବ- ଅଧେ ନୁହେଁ। ମାତ୍ର ଡେପୁଟି ମହାଶୟ ବରାବର ଅଧିକ ଉପରେ ହିସାବ କଷି ଦେଇ ଖର୍ଚ୍ଚା ଶୂନ କରିଦେଇ ବିଚରା ପ୍ରଜାର ଆୟକୁ ଟିକସ ସୀମା ଯାଏ ଟାଣି ଦେଉଛନ୍ତି। ଶୁଣୁଚି କିଏ ? ଅପିଲ ମଧ୍ୟ ସେଇ ଶାସକମାନେ ବିଚାର କରୁଛନ୍ତି। ସମସ୍ତେ ତ ଆଉ ଶାସନ ବିଧାନ ଆଇନ୍ ଧରି ହାଇକୋର୍ଟକୁ ଯିବେ ନାଇ ? ତଥାପି ଯେଉଁଠାରେ ଲୋକେ ଏପରି ଆଇନ୍ ଧରି ହାଇକୋର୍ଟକୁ ଯାଉଛନ୍ତି, ସେଠାରେ ସରକାରଙ୍କ ନିର୍ବୋଧତା ଓ ଶାସନ ତଥା ଅପଚାର, ଦାଣ୍ଡରେ ପଡ଼ି ହାଟରେ ଗଡୁଚି।

ନିଜ ସୁବିଧା ପାଇଁ ଶାସନ ବିଧାନ ମଧ୍ୟ ବଦଳା ଯାଉଚି :

ସେଥିପାଇଁ ଏବେ ବେଳ ଥାଉଁ ଥାଉଁ ଶାସନ ବିଧାନ ଆଇନ ପର୍ଯ୍ୟନ୍ତ ନିଜ ସୁବିଧା ଅନୁସାରେ ବଦଳାଇ ଦେବାପାଇଁ କଂଗ୍ରେସ ଓ ନେହେରୁ ସରକାର ପ୍ରାଣପଣେ ଲାଗିଛନ୍ତି। କାହିଁକିନା, ଏତିକିବେଳେ ପଡ଼ିଚି - ପାଗଯୋଗ ଠିକ୍ ଅଛି। ଏବର ପାର୍ଲିଆମେଣ୍ଟ ଏକ ପ୍ରକାର କହିଲେ, କଂଗ୍ରେସର ମନୋନୀତ। ଭିତରେ ଲୋକେ ଯେତେ ଆପତ୍ତିକରି କହିଲେ ମଧ୍ୟ ବାହାରେ ମାଡ଼ି ଯାକି ଯେକୌଣସି ଆଇନ ବା ଆଇନର ସଂଶୋଧନ ଏବେ କରାଇ ନିଆଯାଇପାରେ। ଆଉ ନୂତନ ନିର୍ବାଚନ ଯାଏ କାଳ ସହୁ ନାଇ। ଏପରିକି, କେତେଟା ଝିଅ ଭଉଣୀଙ୍କ କଥାରେ ହିନ୍ଦୁ କୋର୍ଡ଼ ପରି ବିରାଟ ପରିବର୍ତ୍ତନ ପର୍ଯ୍ୟନ୍ତ ଏଇ ପାଗଯୋଗରେ କରି ନେବାପାଇଁ ନେହେରୁଙ୍କର ଯେ ବିଭସ୍ସ ମମତା ଦେଖାଯାଉଚି, ତା' ଆଉ ବଖାଣିବା ଦରକାର ନାଇ। ତଥାପି ସେଇ କଂଗ୍ରେସ ଲୋକେ ହିନ୍ଦୁ କୋର୍ଡ଼ କରାଇ ଦେଲେ ନାଇ। କିନ୍ତୁ ଆଇନ୍ ପରିବର୍ତ୍ତନ ଯାକ ସବୁ କରାଇଦେବେ। କାହିଁକିନା, କୌଣସି ମତେ ଲୋକମତକୁ ଚିପି ବନ୍ଦକରି ବିରୋଧକୁ ସଂହାର କରି ପୁଣି ନିର୍ବାଚିତ ହେବା ପାଇଁ କଂଗ୍ରେସ ଲୋକେ ଗୋଡ଼ ଟେକିଛନ୍ତି। ବାଘମୁହଁରେ ଥରେ ମଣିଷ ରକ୍ତ ଲାଗିଲେ, ସେ ବାଘର ନାଁ ହୋଇଯାଏ, ମଣିଷ ଖିଆ। ସେଇପରି କଂଗ୍ରେସ ଲୋକଙ୍କ ମୁହଁରେ ଦେଶବାସୀଙ୍କର ସ୍ୱାଦ ରକ୍ତ ଲାଗିଗଲାଣି। ଯେତେ ଚିପୁଡ଼ି ଖାଇପାରିବେ, ଯେତେଦିନ ଧରି ରହିପାରିବେ, ସେଇଆହିଁ ସେମାନଙ୍କର କାମ୍ୟ।

Digitized by PPRACHIN, SOA

ଚୋରାବଜାର :

ହେଇ ଦେଖ, ଚୋରାବଜାର ବ୍ୟାପୁଚି କାହିଁକି ? କଂଗ୍ରେସ ଲୋକେ ସରକାର ଲୋକେ ଏହା କରାଉଚନ୍ତି ବୋଲି। ଏମାନେ ଲାଞ୍ଚ ପାଇବା ପାଇଁ (ସେ ଲାଞ୍ଚକୁ ଚାନ୍ଦା କହି ବା ଯେଉଁ ନାମରେ କହି) ଦେଶରେ ଚୋରାବଜାର ଅଛି। ଏକଥା ବୁଝାଇବା ଦରକାର ନାଇ। ସରକାରଙ୍କୁ ଠକି ଲୋକେ କୋଟି କୋଟି ଟଙ୍କା ନେଇଯାଉଛନ୍ତି। ସେଥିପାଇଁ ନିରାପତ୍ତା ଆଇନ୍ ଦରକାର ହେଉନାଇ, କି ଲୋକେ ଧରାହୋଇ ମଧ୍ୟ ଦଣ୍ଡ ପାଉ ନାହାନ୍ତି। 'ଉତ୍ପନ୍ନ ବଢ଼ାଅ' ଠାରୁ 'ଯୋଜନା ବଢ଼ାଅ' ପର୍ଯ୍ୟନ୍ତ କାମରେ କୋଟି କୋଟି ଟଙ୍କା କିପରି ଖର୍ଚ୍ଚ ହେଉଚି, କୁଆଡ଼େ ଯାଉଚି ତା କିଏ ନ ଜାଣେ ? ସରକାରଙ୍କ ଧାନ, ଚାଉଳ କିଣିବା, ବିକିବାରେ ପର୍ଯ୍ୟନ୍ତ ସରକାରୀ ଲୋକଙ୍କ ଆପଣା ଲୋକେ ନିର୍ଭୟରେ ଟଙ୍କା ମାରୁଚନ୍ତି। ଏସବୁ ଛଡ଼ା ବାହାରକୁ ବାହାରି ପଡ଼ିଥିବା କେତୁଟା ବଡ଼ ବଡ଼ ଦୃଷ୍ଟାନ୍ତ ଦେଖ।

ଚୋରୀର ଦୃଷ୍ଟାନ୍ତ- ଖତରେ କୋଟିଏ :

ସେଦିନ ପାର୍ଲିଆମେଣ୍ଟରେ ପ୍ରକାଶ ପାଇଲା, କୋଟିଏ ଟଙ୍କାର ଖତ ବିଦେଶରୁ କିଣାହେବା ପାଇଁ ବିନା ବଜେଟ୍, ବିନା ଯାଞ୍ଚରେ ଖଜଣା ଖାନାରୁ ଟଙ୍କା ବାହାରି ଦୁଇ ଚାରିଜଣଙ୍କ ଭିତରେ ବଣ୍ଟା ହୋଇଗଲା। ଖତ ନାଇଁ, କି କିଣା ନାଇ। ଜଣେ ବଡ଼ କର୍ମଚାରୀ ଏହା କରିଥିବାର ପ୍ରକାଶ ହେଲା। ଦଣ୍ଡ ମଧ୍ୟରେ ମୁନସି ସାହେବ କହିଲେ, ସେ କର୍ମଚାରୀଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଉଚି।

ଜିପ୍ ଗାଡ଼ିରେ ଆଉ କୋଟିଏ :

ସେନାଙ୍କ ପାଇଁ ଜିପ୍ ମଟର ଗାଡ଼ି ଓ ଲୁହାପଟା କିଣିବା ଦରକାର ହେଲା। ସେଥିପାଇଁ ଗୋଟିଏ ଇଂରେଜ କମ୍ପାନୀକୁ କୋଟିଏ ଟଙ୍କାର ଅର୍ଡ଼ର ଗଲା। ମାଲ୍ ଆସିଗଲା। ଦେଖାଗଲା, ଲୁହାପଟାଗୁଡ଼ିକ ଲୁହାଗୁହ, ଜିପ୍‌ଗୁଡ଼ିକ ଭାଙ୍ଗି ବିକିଲେ ମଧ୍ୟ ରବର ଓ ଲୁହା ମୂଲ୍ୟରେ କେହି ଖରିଦ୍ କରିବେ ନାଇ। ତେବେ, ଆମ ସାମରିକ ମନ୍ତ୍ରୀ ପାର୍ଲିଆମେଣ୍ଟରେ ବୁଝାଇ ଦେଲେ, ଅର୍ଡ଼ର ଦେଇଥିବା କମ୍ପାନୀଟା ଇଜ୍ଜତବାଲା। କାରଣ, ସେ ଇଂଲଣ୍ଡର ସରକାର ଠାରୁ ମଧ୍ୟ ଅର୍ଡ଼ର ପାନ୍ତି। ପୁଣି ଏ ଅର୍ଡ଼ର ଦେବାପାଇଁ ଇଂଲଣ୍ଡରେ ଥିବା ଆମ ହାଇକମିଶନର କୃଷ୍ଣ ମେନନ୍ ସୁପାରିଶ୍ କରିଥିଲେ। କୃଷ୍ଣ ମେନନ୍ ହେଉଛନ୍ତି, ନେହେରୁଙ୍କର ପରମ ସ୍ତାବକ ଓ ବନ୍ଧୁ। ତେବେ କୀର୍ତ୍ତିକଳାପ ସମ୍ବନ୍ଧରେ ଶରତ୍ ବୋଷ ଇଂଲଣ୍ଡରୁ ଫେରି ଆସି ଯାହା କହିଥିଲେ ତାହା ଲୋକେ ମନେ ପକାନ୍ତୁ। ଯା ହେଉ, ସାମରିକ ମନ୍ତ୍ରୀଙ୍କର ଏଇ ପଦକ କୈଫିଏତ୍‌ରେ ଏ କୋଟିକ ଗଲା।

Digitized by PPRACHIN, SOA

ଶ୍ରମିକଙ୍କ ମଜୁରିରୁ କୋଟିଏ :

ପୁଣି ବାହାରିଲା, କଲିକତା ବନ୍ଦରରେ କୋଟିଏ ଟଙ୍କା ଚୋରି। ଏ ଚୋରି ପୁଣି କରିଚି କିଏ ? କଲିକତା ବନ୍ଦରର (୧) ଡେପୁଟି ସିପିଙ୍ଗ ମାଷ୍ଟର ରାଜ ଗୋପାଳନ; (୨) ସେଇଠାର ସ୍ୱୟଂ ସିପିଙ୍ଗ ମାଷ୍ଟର ଏ.ସି. ଭଟ୍ଟାଚାର୍ଯ୍ୟ; (୩) ସେଇ ବନ୍ଦରର ଆଉ ଜଣେ କର୍ମଚାରୀ ପି.ସି. ଘୋଷ। ଏ ଟଙ୍କା, ପୁଣି କି ଟଙ୍କା ? ବନ୍ଦରର ଖଲାସି ଓ କୁଲିମାନଙ୍କୁ ଦିଆ ହେବା ପାଇଁ ସରକାର ଏ କୋଟିକ ଟଙ୍କା ଦେଇଥିଲେ। ଏହା ସେମାନଙ୍କ ଦରମା ବାବଦକୁ ନୁହେଁ। ଗଲା ଯୁଦ୍ଧରେ ସେମାନେ କେତେକ ଅତ୍ୟାବଶ୍ୟକୀୟ ଅଧିକା କାମ କରିଥିବାରୁ ଏ କୋଟିକ ଟଙ୍କା ତାଙ୍କୁ ଦିଆଯିବାର ଥିଲା। ଭାରତ ସରକାରଙ୍କ ଆଦେଶରେ ପରିଷ୍କାର ଅଛି, ଯେଉଁମାନଙ୍କର ଏ ଟଙ୍କା ପ୍ରାପ୍ୟ, ସେମାନଙ୍କୁ ଅବିଳମ୍ବେ ଦେଇ ଦିଅ। ମାତ୍ର ଯେଉଁମାନେ ପାଇବାର କଥା ସେମାନେ ନ ପାଇ ଭୟଙ୍କର ଆପତ୍ତି କରିବାରୁ ଅନୁସନ୍ଧାନ ହେଲା। କଥାଟା ବାହାରି ପଡ଼ିଲା। ସେତିକି ବେଳକୁ ପଶ୍ଚିମବଙ୍ଗଳା ଶାସକମାନଙ୍କ ଭିତରୁ କିଏ କ'ଣ କରିଦେଲା ଯେ, ସେଥିରେ ସବୁ ଅଭିଯୋଗ ଆଦି ବନ୍ଦ ହୋଇଗଲା। କିନ୍ତୁ ଶ୍ରମିକମାନଙ୍କ ପ୍ରାପ୍ୟଟଙ୍କା ଚୋରି କଲେ ଆପତ୍ତି ବନ୍ଦ ନାଇ। ପୁଣି ଅନୁସନ୍ଧାନ ଚାଲିଲା। ଅନୁସନ୍ଧାନ ଶେଷ ହୋଇ ମକଦ୍ଦମା କଚେରୀକୁ ଯିବାଭଳି ତିଆରି ହେଲା। ମକଦ୍ଦମାରେ ବାହାରିଲା- (୧) ସରକାରଙ୍କର ଏକକୋଟି ଟଙ୍କା ତୋସରଫ୍ ହୋଇଚି; (୨) ଏହି ତୋଷରପ୍‌ରେ କଲିକତା ବନ୍ଦରର କେତେକ ଉଚ୍ଚ କର୍ମଚାରୀ ସ୍ପଷ୍ଟ ଜଡ଼ିତ ଅଛନ୍ତି; (୩) Sea-men ବା ସିନ୍ଧୁ ଶ୍ରମିକଙ୍କର ଯେଉଁ ୟୁନିଅନ୍‌ଟି ଅଛି, ତାହାର ଜଣେ ପ୍ରଧାନ ମେମ୍ବର ସୁରଜ ଅଲିଙ୍କୁ ଏଥିରୁ କେତେକ ଟଙ୍କା ଦିଆଯାଇ ତାଙ୍କୁ ଆପଣାର କରାହୋଇଚି; (୪) ସେଇ ୟୁନିଅନ୍‌ର ଖାଜାଂଚୀଙ୍କ ଲକ୍ଷେଟଙ୍କା ଦିଆଯାଇ ତାଙ୍କର ମଧ ମୁହଁ ବନ୍ଦ କରାହୋଇଚି। ଏଇପରି ବେଆଇନ୍ ଭାବରେ ଆଉ ନାନା ପ୍ରକାରରେ କେତେଲକ୍ଷ ଟଙ୍କା ସେଥିରୁ ଖର୍ଚ୍ଚ ହୋଇଥିବା କଥା ରିପୋର୍ଟରେ ପ୍ରକାଶ ପାଇଲା। ରାଜ ଗୋପାଳନ୍, ଭଟ୍ଟାଚାର୍ଯ୍ୟ ଆଉ ଘୋଷ, ତିନିଙ୍କୁ ହାଜତ୍‌କୁ ପଠାଇ ଦେବାର କଥା। ସେତିକି ନୁହେଁ, ଅନୁସନ୍ଧାନରେ ବାହାରିଲା, ଏଇ ଭଟ୍ଟାଚାର୍ଯ୍ୟ ମହାଶୟ ସିପିଙ୍ଗ୍ ମାଷ୍ଟର ହେବା ପୂର୍ବରୁ ବଙ୍ଗ ସରକାରଙ୍କର ଜଣେ ସାଧାରଣ ଡିପୋଟି ଥିଲେ। ମାତ୍ର ତାଙ୍କୁ ଗିରିଫଦାର କରିବା ପାଇଁ କେନ୍ଦ୍ର ବାଣିଜ୍ୟ ବିଭାଗର ଏସ୍, ଆୟାର ସାହେବ ଅର୍ଡ଼ର ଦେଇସାରିଥିଲେ। କେନ୍ଦ୍ର ପବ୍ଲିକ୍ ସର୍ଭିସ୍ କମିଶନର ଭଟ୍ଟାଚାର୍ଯ୍ୟଙ୍କୁ ବରଖାସ୍ତ କରିବା ପାଇଁ ସୁପାରିଶ୍ ପଠାଇ ଦେଇଥିଲେ। କିନ୍ତୁ ସମସ୍ତେ ହୁଏତ ମନେ କରିବେ ଭଟ୍ଟାଚାର୍ଯ୍ୟ ବରଖାସ୍ତ ହେଲେ ଓ ହାଜତକୁ ଗଲେ। ମାତ୍ର, ନାଁ, ସେପରି କିଛି ହେଲା ନାଇ। ପଛଆଡୁ କେଉଁ ଭାଗ୍ୟଦେବୀଙ୍କର କି ସଂକେତ ଆସିଲା, ସେ ପୁଣି ଏବେ ଡିପୋଟି ଗାଦିରେ ବସାହୋଇ ନିଶ୍ଚିନ୍ତରେ ଅଛନ୍ତି। ରାଜଗୋପାଳନ୍ କେଉଁଠି ଅଛନ୍ତି, ଜଣାନାଇ। ମାତ୍ର ଖୁବ୍ ସମ୍ଭବ ସେ ବି ଏବେ

Digitized by PPRACHIN, SOA

ଚାକିରିରେ ଅଛନ୍ତି। ଆଉ ରହିଲେ, ଘୋଷ। ସେ ପୂର୍ବେ ସାଧାରଣ କିରାଣିଟିଏ ଥିଲେ। ଏବେ ବି ଅନୁମାନ ହୁଏ, ସରକାରୀ ଚାକିରିରେ ଅଛନ୍ତି। ଏସବୁ ସତ୍ତ୍ୱେ ସବୁ ଚୁପ୍ ଚାପ୍। ବିଚରା ଶ୍ରମିକମାନେ ଟଙ୍କା ପାଇଲେ ନାଇ, ହୁଏତ ଆଉ ପାଇବେ ନାଇ।

ଆପଣା ଆପଣି କଥା ମୁନ୍‌ସିଙ୍କ ଜ୍ୱାଇଁ :

ଆପଣା ଆପଣି କଥାର ଉଦାହରଣ ଦେଖ। ସେଦିନ ଜଣାପଡ଼ିଲା, ବମ୍ବେ ରାଷ୍ଟ୍ରରେ ଗୁଜରାଟ ଅଞ୍ଚଳରେ ଚାଷର ସୁବିଧା ପାଇଁ ଚାରି ହଜାର ନଳକୂଅ କରିବା ପାଇଁ ଦୁଇକୋଟି ଟଙ୍କା ମଞ୍ଜୁର ହେଲା। ଏବେ ଯେଉଁ ମୁନ୍‌ସି ସାହେବ କେନ୍ଦ୍ରରେ ଖାଦ୍ୟ ମନ୍ତ୍ରୀ ହୋଇଛନ୍ତି, ତାଙ୍କରି ଜ୍ୱାଇଁ ଏଇ କୂଅ ସବୁ ଖୋଳିବା ପାଇଁ ରାତାରାତ ଗୋଟିଏ କମ୍ପାନୀ ଗଢ଼ି ପକାଇଲେ। ବମ୍ବେ ସରକାର ସମସ୍ତ ଅର୍ଡ଼ରଟା ସେଇ କମ୍ପାନୀ ନାମରେ ତାଙ୍କୁଇ ଦେଲେ। ଦିଲ୍ଲୀର ପାର୍ଲିଆମେଣ୍ଟରେ କଥାଟା ଉଠିଲା। ସେଥିରେ ଆମ ପ୍ରଧାନମନ୍ତ୍ରୀ ବିରକ୍ତିରେ କହିଲେ- 'ମନ୍ତ୍ରୀଙ୍କର ଜୋଇଁ ହେବାଟା କ'ଣ ଗୋଟାଏ ଦୋଷ ?' ଆଉ ଜଣେ ମେମ୍ବର ରସିକତା କରି କହିଥିଲେ- 'ନା, ସେଇଟା ତ ଏକମାତ୍ର ଗୁଣ'।

ପ୍ରଧାନମନ୍ତ୍ରୀଙ୍କ ପୁଏ :

ସେଦିନ ମଧ୍ୟପ୍ରଦେଶ ବ୍ୟବସ୍ଥା ସଭାରେ କଥାଟା ବାହାରିଲା, ପ୍ରଧାନମନ୍ତ୍ରୀଙ୍କର ପାଞ୍ଚୋଟି ପୁଅ। ସେଥିରୁ ଜଣେ ସମସ୍ତ ପ୍ରଦେଶରେ ଏକାରେ ଲୁଗା ଯୋଗାଇବା ପାଇଁ ସରକାରର ଲାଇସେନ୍ସ ପାଇଚି। ଆଉ ଜଣେ, ସରକାରୀ ବୃତ୍ତିପାଇ ଆମେରିକା ଯାଇଚି। ତୃତୀୟ, ସରକାରଙ୍କ ଗୋଟିଏ ରଙ୍ଗ ତିଆରି କରିବା କମ୍ପାନୀରେ ଡାଇରେକ୍ଟର ହୋଇଛନ୍ତି। ଚତୁର୍ଥ ନାଗପୁର ଗଭର୍ଣ୍ଣମେଣ୍ଟ ମେଡ଼ିକାଲ କଲେଜରେ ହାଉସ୍ ସର୍ଜନ ହୋଇଛନ୍ତି। ପଞ୍ଚମ ବାପାଙ୍କ ସରକାରୀ ମଟର କାର୍ ଲଗାଇ ବୀମା ବ୍ୟବସାୟ ଚଳାଇଛନ୍ତି। ଜଣେ ବ୍ୟବସ୍ଥାପକଙ୍କ ପ୍ରଶ୍ନରେ ଏଇସବୁ ଅଭିଯୋଗ ଶୁଣି ଘରୋଇ ମନ୍ତ୍ରୀ ଦ୍ୱାରକା ପ୍ରସାଦ ମିଶ୍ର ଉଠି ଉତ୍ତର ଦେଲେ, 'ପ୍ରଶ୍ନକର୍ତ୍ତା ମେମ୍ବର କ'ଣ ଚାହାନ୍ତି, ମନ୍ତ୍ରୀମାନେ ବିଭା ହେବେ ନାଇ, ତାଙ୍କର ପିଲାପିଲି ନଥିବେ, ତାଙ୍କ ପିଲାପିଲିମାନେ ରାଜ୍ୟରେ କିଛି କାମ ପାଇବେ ନାଇ ?' ଏ ଧମକରେ କେଉଁ କଂଗ୍ରେସୀ ବା କ'ଣ କହିବେ ? କିନ୍ତୁ ଲୋକଙ୍କ ମୁହଁରେ କିଏ ବାଡ଼ ବତା ଦେବ।

ଏ ଦୃଷ୍ଟାନ୍ତରୁ ସିଦ୍ଧାନ୍ତ :

ଯେତୋଟି କଥା ପଦାକୁ ବାହାରୁଚି, ଇଯେ ସେଇଥିରୁ କେତୋଟି। ଭିତର ଯେ କ'ଣ ହେଲାଣି, କୋଟିଠାରୁ ଶହ ଦଶ ପର୍ଯ୍ୟନ୍ତ ସବୁ ଶାସନର ରନ୍ଧ୍ରେ ରନ୍ଧ୍ରେ କିପରି ଶାସନର ତଥା ସମାଜର ବାୟୁମଣ୍ଡଳକୁ କଳୁଷିତ ଓ ଜଘନ୍ୟ କଲାଣି, ତା ଆଉ ବୁଝାଇ କହିବା କି ପ୍ରୟୋଜନ ?

Digitized by PPRACHIN, SOA

କଂଗ୍ରେସୀଏ ଏ ଦାଉରୁ ରକ୍ଷା କରନ୍ତୁ :

ସେଥିପାଇଁ ଆମେ କହୁ, ହେ କଂଗ୍ରେସୀଏ, ଦେଶ ତୁମଠାରୁ ବହୁତ ଆଶା କରିଥିଲା। ତୁମେ ଖଜଣାଖାନାକୁ ଲୁଟି କରି ସ୍ୱେଚ୍ଛାଚାରର ଅନୁକୂଳ ଆଇନ୍ କରାଇ ଚଲାଇ ଜେଲ୍, ପୁଲିସ୍ ପ୍ରଭୃତି ସବୁ ଯଥେଚ୍ଛା ଲଗାଇ, ଦରକାର ପଡ଼ିଲେ ଇଲେକ୍ସନ୍ ଅଫିସରକୁ ବିଗାଡ଼ି ପୁଣି ଗାଦିକୁ ଆସିପାର। କାହିଁକି ନା, ଇଚ୍ଛାକରି ଭୋଟ୍ ଦେଇ ତୁମକୁ ଆଉ କେହି ଗାଦିକୁ ପଠାଇବେ ନାହିଁ। ଜନସାଧାରଣ ତୁମ ନାମରେ ଛେପ ପକାଇଲେଣି। ତୁମେ ତାହା ଜାଣି ଜାଣୁ ନାହଁ, ଦେଖି ଦେଖୁ ନାହଁ। ତମ ମୁହଁରେ ସ୍ୱାଦ ଲାଗିଚି। କିନ୍ତୁ ଆମର ଅନୁରୋଧ, ଏ ଘୋର ଦୁଷ୍କ୍ରିୟା ଓ ଦୁଷ୍କାମନା ଛାଡ଼ି ଏବେ ଅଲଗା ହୋଇଯାଅ। ଦେଶକୁ ସର୍ବନାଶରୁ ରକ୍ଷାକର। ତମ ହାତେ ଆଉ ଭଲ କରିବାଟା ହବ ନାଇଁ। ତମେ ନଖରୁ ଶିଖଯାଏ ବିଟାଳି ହୋଇଗଲଣି। ଛାଡ଼, ତୁମେ ରହିଲେ ମଧ ଯେତେ ଲମ୍ୱା କଥା କହ ପଛକେ ନିରପେକ୍ଷ ନିର୍ବାଚନ ମଧ ସମ୍ଭବ ହେବ ନାଇ। ଏଥିରେ ଫଳ କ'ଣ ହେବ ? ଦେଶଟା ଯଦି ଧ୍ୱଂସ ହୋଇ ନ ଯାଇ ରହେ, ତେବେ ହୁଏତ ଆଉ ଦଶ ପାଞ୍ଚ ବର୍ଷ ପରେ ଦେଶରେ ବିଦ୍ରୋହ ଅସମ୍ଭାଳ ହେବ। ତୁମେ କେବଳ ଏ ବିପତ୍ତିରୁ ଦେଶକୁ ରକ୍ଷା କରିପାର। ତୁମର ଟିକିଏ ହେଲେ ସଦ୍‌ବୁଦ୍ଧି ଆସୁ।

ନୂଆପ୍ରସ୍ଥ-୩/୩, ଆଲୋଚନା

ମୂଳ ଅଧିକାର

ଶାନ୍ତିମୂଳକ ଓ ନ୍ୟାୟ ସଂଗତ ଉପାୟରେ ଭାରତର ଲୋକେ ସ୍ୱରାଜ୍ୟ ଲାଭ କରିବା କଂଗ୍ରେସର ଲକ୍ଷ୍ୟ। ଏ ଉଦ୍ଦେଶ୍ୟ ଗ୍ରହଣ କରିବା ସଂଗେ ବର୍ଷକୁ ଚାରିଅଣା ଫିସ୍ ଦେଲେ ଯେକୌଣସି ସାବାଳକ ଲୋକ କଂଗ୍ରେସର ମୌଳିକ ସଦସ୍ୟ ହୋଇପାରନ୍ତି। ଏପରି କି ଇଂରେଜ ସରାକରଙ୍କ ଗୋରା ହାକିମ ଓ ବେତନାଭୋଗୀ କର୍ମଚାରୀମାନଙ୍କ ଲାଗି ସୁଦ୍ଧା କଂଗ୍ରେସର ମୌଳିକ ସଦସ୍ୟ ହେବା ଦ୍ୱାର ବନ୍ଦ ହେବା କଥା ନୁହେଁ। ଲୋକେ ବରାବର ଏହି କଥା ହିଁ ବୁଝିଥିଲେ। ମାତ୍ର କଂଗ୍ରେସ ପ୍ରାଦେଶିକ ମନ୍ତ୍ରିତ୍ୱ ଗ୍ରହଣ କରି ଇଂରେଜ ସରାକରଙ୍କ ପ୍ରତିଫଳିତ ଶକ୍ତିରେ ବଳୀୟାନ ହେବା ପରଠାରୁ ଏ ବିଷୟରେ ନୀତି ଏକ ପ୍ରକାର ବଦଳାଇ ଦିଆଯାଇଛି। କଂଗ୍ରେସ କାର୍ଯ୍ୟକାରୀ କମିଟି ମତ ସହିତ ଯେଉଁମାନଙ୍କର ମତଭେଦ ଘଟୁଛି ସେମାନଙ୍କୁ କଂଗ୍ରେସ ମୌଳିକ ସଦସ୍ୟ ପଦରୁ ଏକାବେଳେକେ ଅନ୍ତର କରିଦିଆଯାଉଛି। ଶ୍ରୀ ସୁଭାଷଚନ୍ଦ୍ର ବୋଷଙ୍କ ଓ ଡାକ୍ତର ଖାରେଙ୍କ ପ୍ରତି ଏହା କରାଯାଇ ନଥିଲା। ମାତ୍ର ଏବେ ଦେଶର ଗଣ୍ୟମାନ୍ୟ ତ୍ୟାଗୀ ଦେଶ ହିତୈଷୀ ନେତାଙ୍କୁ ଏହି ମୌଳିକ ସଦସ୍ୟ ପଦରୁ ବଞ୍ଚିତ କରାଯାଉଛି। ଏବେ ଓଡ଼ିଶାରେ ପଣ୍ଡିତ

Digitized by PPRACHIN, SOA

ନୀଳକଣ୍ଠ ଦାସଙ୍କୁ ମଧ୍ୟ ପ୍ରାଦେଶିକ କଂଗ୍ରେସ କମିଟି ନାମରେ ସେହିପରି ଧମକ ଦିଆଯାଇଛି। ଏହା ଯେ ଯୁକ୍ତିସଂଗତ ନୁହେ ବୁଝିବା ସହଜ କଥା। ମୌଳିକ ସଦସ୍ୟ ପଦ ବଳରେ ଲୋକେ ଭୋଟର ହେବା ଅଧିକାର ପାଆନ୍ତି। ମୂଳ ଉଦ୍ଦେଶ୍ୟ ସ୍ଥିର ରଖି ମୌଳିକ ସଦସ୍ୟ ରହିଥିବା ଯାଏ ପ୍ରତ୍ୟେକ ବ୍ୟକ୍ତିର ଭୋଟ ଦେଇ ଅନୁଷ୍ଠାନକୁ ଜୀବିତ ଅନୁଷ୍ଠାନ ରୂପେ ରଖିବା ଅଧିକାର ଅଛି। ଗୋଟାଏ ଅନୁଷ୍ଠାନ ମଧ୍ୟରେ କାର୍ଯ୍ୟପନ୍ଥା ନାନା ରକମର ହୋଇପାରେ। ଲକ୍ଷ୍ୟ ସ୍ଥିର ଥିବାଯାଏ କେବଳ କାର୍ଯ୍ୟପନ୍ଥା ଯୋଗେ କେହି ଭୋଟର ପଦରୁ ବିଚ୍ୟୁତ ହୋଇ ନ ପାରେ। ତାହା ହୋଇପାରୁ ଥିଲେ, ଗତ ଆସେଂବ୍ଲି ନିର୍ବାଚନ ବେଳେ ସରକାର କଂଗ୍ରେସ ପକ୍ଷ ଭୋଟରମାନଙ୍କ ନାମ ତାଲିକାରୁ କାଟିଦେଇ କେବଳ ସରକାର ପକ୍ଷ ଲୋକଙ୍କୁ ଧରି ନିର୍ବାଚନ କରାଇଥାନ୍ତେ। ତାହାହେଲେ ପ୍ରଦେଶମାନଙ୍କରେ କଂଗ୍ରେସ ମନ୍ତ୍ରୀମଣ୍ଡଳ ହୋଇନଥାନ୍ତା; ବର୍ତ୍ତମାନ ଯେ ଅଚଳ ଅବସ୍ଥାର ସୃଷ୍ଟି ହୋଇଛି ତାହା ମଧ୍ୟ ହୋଇନଥାନ୍ତା। କଂଗ୍ରେସର ମୌଳିକ ସଦସ୍ୟମାନଙ୍କର ଏହି ସଦସ୍ୟ ପଦ ଉପରେ ଅଧିକାର ବିଷୟରେ ଏବେ ଦିଲ୍ଲୀ ପ୍ରାଦେଶିକ କଂଗ୍ରେସ କମିଟି ସଭାପତି କହିଛନ୍ତି:-

"କଂଗ୍ରେସର ମୌଳିକ ସଦସ୍ୟ ସରକାରଙ୍କ ଅଧୀନରେ ଚାକିରି ଗ୍ରହଣ କରିପାରନ୍ତି। ଜିଲାବୋର୍ଡ ବା ମୁନିସିପାଲିଟିର ସଦସ୍ୟ ହୋଇପାରନ୍ତି। ଉଡ଼ାଜାହାଜ ଆକ୍ରମଣ ବିରୋଧରେ ସରକାର ପକ୍ଷରୁ ହେଉଥିବା ଚେଷ୍ଟାରେ ସହଯୋଗ କରିପାରନ୍ତି, ଯୁଦ୍ଧ ଆୟୋଜନର ପୋଷକତା କରି ପାରନ୍ତି ଓ ଆତ୍ମରକ୍ଷା ପାଇଁ ହିଂସାମୂଳକ କାର୍ଯ୍ୟର ଆଶ୍ରୟ ଦେଇପାରନ୍ତି।"

ଏହା ଯେ ଯଥାର୍ଥ କଥା ସେଥିରେ ସନ୍ଦେହ ନାହିଁ। ଅନ୍ୟାନ୍ୟ ଅନୁଷ୍ଠାନ ପକ୍ଷରେ ଯେ ନୀତି ପ୍ରଯୁଜ୍ୟ କଂଗ୍ରେସ ପକ୍ଷରେ ମଧ୍ୟ ତାହା ପ୍ରଜୁଯ୍ୟ, ବରଂ କଂଗ୍ରେସ ଇଂରେଜ ସରକାରଙ୍କଠାରୁ ଭାରତର ନ୍ୟାଯ୍ୟ ଦାବୀ, ସ୍ୱାଧୀନତା, ଦାବୀ କରୁଥିବା କାରଣରୁ ଅଧିକ ପ୍ରଯୁଜ୍ୟ। ଯେ ଅନୁଷ୍ଠାନ ନିଜର ସଦସ୍ୟମାନଙ୍କୁ ମୌଳିକ ଅଧିକାରରୁ ବଞ୍ଚିତ କରିବାକୁ ସବୁବେଳେ ତତ୍ପର, ସେ ଅନୁଷ୍ଠାନ ଅନ୍ୟଠାରୁ ନିଜର ବା ଦେଶବାସୀଙ୍କର ନ୍ୟାଯ୍ୟ ଅଧିକାର ଦାବୀ କଲେ ତାହା ସହଜରେ ପ୍ରାପ୍ୟ ହେବ କିପରି ? (ମିଶ୍ର)

ନବଭାରତ-୮/୧

ବିନା ଆୟାସରେ କାର୍ଯ୍ୟୋଦ୍ଧାର

ଜଂଗଲରେ ଗୋଟିଏ ମିରିଗ ସବୁବେଳେ ଏଣେ ବାଘକୁ ଓ ତେଣେ ବ୍ୟାଧକୁ ଡରି ରହିଥାଏ। ବ୍ୟାଧ ଓ ବାଘ ମଧ୍ୟ ପରସ୍ପର ଶତ୍ରୁ। ମାତ୍ର ଦୁହେଁ ମିରିଗକୁ ଛକି ରହିଥାନ୍ତି।

Digitized by PPRACHIN, SOA

ଦିନେ ବାଘ ଓ ବ୍ୟାଧ ଦୁହିଙ୍କର ଦେଖା ସାକ୍ଷାତ ମିଳାମିଶା ହେଲା। ସେମାନଙ୍କ ମଧ୍ୟରେ ଚୁକ୍ତି ହେଲା ଯେ ତାଙ୍କ ମଧ୍ୟରୁ କେହି କାହାରି ଅନିଷ୍ଟ ପାଞ୍ଚିବେ ନାହିଁ, ବରଂ ଶତ୍ରୁ ଆସିଲେ ଦୁହେଁ ମିଶି ତାକୁ ନିପାତ କରିବେ। ମିରିଗ ତ ସେମାନଙ୍କର ଶତ୍ରୁ ନୁହେଁ। ତେଣୁ ସେ ମନେ ମନେ ବିଚାରିଲା, ଏ ବାଘ ଓ ବ୍ୟାଧ ଦୁହେଁ ଏଣିକି ମୋ ପ୍ରତି ସଦୟ ହେବେ, ଆଉ ମୋର ଚିନ୍ତା କଣ? ଖାଲି ସେମାନଙ୍କଠାରୁ ନିର୍ଭର ଜବାବଟା ପାଇଗଲେ ହେବ। ଏପରି ଭାବି ସେ ସେମାନଙ୍କୁ ଯାଇ ପଚାରିଲା, ତୁମେମାନେ ତେବେ ମୋର ଆଉ ଅନିଷ୍ଟ କରିବ ନାହିଁ, ମୁଁ ନିଶ୍ଚିନ୍ତରେ କାଳ କାଟିପାରିବି? ତାହା ଶୁଣି ବ୍ୟାଧ ଓ ବାଘ ଉତ୍ତରରେ କହିଲେ, "ତୁ କଣ ଆମ ଗୋଷ୍ଠୀର? ଆମ ମୀମାଂସା ତୋ ପ୍ରତି ଖଟିବ ନାହିଁ। ଆମେ ଆମ ନିଜ ଭିତରେ ବୁଝାବୁଝି ହେବୁ ସିନା।"

ଏ ଗଳ୍ପଟା ଠିକ ନ ଖଟିଲେ ସୁଦ୍ଧା ବର୍ତ୍ତମାନ ଅବସ୍ଥା ପ୍ରତି ବହୁ ପରିମାଣରେ ପ୍ରଯୁଜ୍ୟ। ଇଂଲଣ୍ଡର ପ୍ରଧାନ ମନ୍ତ୍ରୀ ଓ ଆମେରିକା ଯୁକ୍ତରାଜ୍ୟର ସଭାପତି ବସି ସ୍ଥିର କଲେ ଯେ କୌଣସି ପରାଜିତ ରାଜ୍ୟ ଉପରେ ବିଜେତା ରାଜ୍ୟର ଅଧିକାର ରହିବ ନାହିଁ। ତାହା ଦେଖି ଭାରତର ନେତାମାନେ ଧରିନେଲେ ଯେ ଭାରତର ସ୍ୱାଧୀନତା ମିଳିବା ବାଟ ଏଥର ଫିଟିଗଲା। କୌଣସି କୌଣସି ନେତା ଏତେ ଦୂର ଗଲେ ଯେ ଆମେରିକା ଯୁକ୍ତରାଜ୍ୟର ସଭାପତିଙ୍କଠାକୁ ପଚାରି କଣ ଲେଖିଲେ। ଏବେ ପ୍ରକୃତ କଥା ଇଂଲଣ୍ଡ ପ୍ରଧାନ ମନ୍ତ୍ରୀ ପାର୍ଲିଆମେଣ୍ଟ ସଭାରେ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ଆମେରିକା ଓ ଇଂଲଣ୍ଡ ମଧ୍ୟରେ ଯେ ଚୁକ୍ତି ହୋଇଛି ତାହା ଭାରତ ପକ୍ଷେ ପ୍ରଯୁଜ୍ୟ ନୁହେଁ।

ଦୁଇ ଜଣଙ୍କର କଳି ଲାଗିଲେ ତୃତୀୟ ଲୋକର ଲାଭ ହୁଏ ବୋଲି ପ୍ରବାଦ ଅଛି। ଏ ପ୍ରବାଦରେ ସତ୍ୟ ଥାଇପାରେ। ମାତ୍ର ଦୁଇ ଜଣଙ୍କର ମିତ୍ରତା ଫଳରେ ଯେ ତୃତୀୟ ଲୋକର ଲାଭ ହେବ ଏ ଯୁକ୍ତି ବର୍ତ୍ତମାନ ଭାରତର ବିଶିଷ୍ଟ ନେତା ଓ କର୍ମୀମାନଙ୍କ ମନକୁ ଆଛା ଘେନୁଚି। ଭାରତ ଇଂଲଣ୍ଡଠାରୁ ସ୍ୱାଧୀନତା ପାଇବାକୁ ଚାହେଁ। ମାତ୍ର ଏ ସ୍ୱାଧୀନତା କେବଳ ଯେ ମାଗିଲେ ମିଳିବ ତା ନୁହେଁ। ଏଥିପାଇଁ ବହୁତ ଯୋଗ, ଚେଷ୍ଟା, ଉଦ୍ୟମ ଦରକାର। ଦେଶର ଲୋକେ ଅତ୍ମବଳି ଦେବାକୁ ପ୍ରସ୍ତୁତ ନ ହେଲେ ସ୍ୱାଧୀନତା କଥା ଭାବିବା ବୃଥା। ସେଥିପାଇଁ ଭାରତ ଆତ୍ମବଳି ଦେବା ମନ୍ତ୍ରରେ ଦୀକ୍ଷିତ ହୋଇ ଆସୁଥିଲା। ବ୍ୟକ୍ତିଗତ ଜୀବନରେ ଯେପରି, ଜାତୀୟ ଜୀବନରେ ମଧ ସେହିପରି, ଥରେ ଥରେ ଗୋଟାଏ ଗୋଟାଏ ସୁଯୋଗ ଆସେ। ସେ ସୁଯୋଗକୁ ଗ୍ରହଣ ନ କଲେ ତାହା ଖସିଯାଏ।

Digitized by PPRACHIN, SOA

ଭାରତରେ ସେହି ସୁଯୋଗ ବର୍ତ୍ତମାନ ଆସିଥିଲା। ଇଂଲଣ୍ଡ ଓ ଜର୍ମାନୀ ମଧ୍ୟରେ କଳହ ଲାଗିଛି। ଏଥିରୁ ତୃତୀୟ ପକ୍ଷ ଇଚ୍ଛା କଲେ ସୁଯୋଗ ଗ୍ରହଣ କରିପାରନ୍ତି। କରିବାର ଦୁଇଟା ଉପାୟ ଅଛି। ଗୋଟାଏ ହେଉଛି ଯେ ଇଂଲଣ୍ଡ ତେଣେ ଜର୍ମାନ ବିରୁଦ୍ଧରେ ଲଢୁଥିବା ବେଳେ ଏଣେ ଭାରତ ଇଂଲଣ୍ଡ ସହିତ ଲଢ଼ି ସ୍ୱାଧୀନତା ହାସଲ କରିବା। ସେ ଉପାୟ ଶ୍ରୀଯୁକ୍ତ ସୁଭାଷ ଚନ୍ଦ୍ର ବୋଷଙ୍କ ପରି କୌଣସି କୌଣସି ନେତା କହୁଥିଲେ। ମାତ୍ର କଂଗ୍ରେସ ତାହା ଗ୍ରହଣ କଲାନାହିଁ। ନ କଲେ ମଧ କିଛି ବାଧା ନଥିଲା।

ମାତ୍ର ଆଉ ଗୋଟାଏ ଉପାୟ ତ ଭରତ ଆଗରେ ରହିଛି। ଇଂରେଜ ସରକାର ଭାରତରେ ଆତ୍ମରକ୍ଷା ଲାଗି ସମଗ୍ର ଦେଶଟାକୁ ନିତାନ୍ତ ଦୁର୍ବଳ କରି ରଖିଛନ୍ତି। ମାତ୍ର ବର୍ତ୍ତମାନ ଯୁଦ୍ଧରେ ତାଙ୍କର ଆକଣ୍ଠ ସମୟ ଆସିବାରୁ ସେ ଭାରତ ବାସୀଙ୍କୁ ଡାକି କହୁଛନ୍ତି, ତୁମେମାନେ ଯୁଦ୍ଧ ଶିଖ, ଯୁଦ୍ଧ ସଂରଜାମ ତିଆର କର, ଆମକୁ ସାହାଯ୍ୟ କର ଓ ଆମ ସଙ୍ଗେ ସମାନ ହୋଇ କାନ୍ଧକୁ କାନ୍ଧ ପକାଇ ଲଢ଼େଇ କର, ଆମେ ଯେପରି ଜିଣିବୁ ସେ ଆଡ଼କୁ ଦୃଷ୍ଟି ଦିଅ। ଭାରତ ତାଙ୍କ କଥା ଶୁଣିଲେ ବର୍ତ୍ତମାନ ଦେଶରେ ସେନା ବାହିନୀ ଠିଆ ହୁଅନ୍ତା, ଆତ୍ମରକ୍ଷାର ଆଧୁନିକ ସରଂଜାମ ତିଆରି ହୋଇପାରନ୍ତା। ସେଥିରେ ଭାରତର ବଳାଧାନ ହୁଅନ୍ତା। ଭାରତ ବଳଶାଳୀ ହେଲେ ଇଂଲଣ୍ଡ ଉପରେ ତାର ରକ୍ଷା ଭାର ଆଉ ପଡନ୍ତା ନାହିଁ। ଫଳରେ ଭାରତ ଇଂଲଣ୍ଡର ସମାନସ୍କନ୍ଧ ହୋଇ ଠିଆ ହେବା ଦିଗରେ ଚାଲନ୍ତା। ମାତ୍ର ଏତିକିବେଳେ ଅକର୍ମା ଦୁଃଖୀ ମହାଦେବଙ୍କଠାରୁ ଧନ ପାଇବା ବର ପାଇ ଅନ୍ଧ ହୋଇ ଚାଲିବା ପରି କଂଗ୍ରେସ ଦେଶଟାକୁ ଆଖି ବୁଜି ଅନ୍ଧ ଭାବରେ ଅହିଂସା ବାଟରେ ଚଳାଉଛି। ଜାତିର ଲୋକେ ପ୍ରାଣ ଦେବା କଥା ଶିଖି ପାରିବାର ସୁଯୋଗ ନଷ୍ଟ ହୋଇଯାଉଅଛି।

ଅତଏବ ଚେଷ୍ଟା ହେଉଛି, କିପରି ବିନା ଆୟାସରେ କାର୍ଯୋଦ୍ଧାର ହୋଇଯିବ। ତେଣୁ ଚର୍ଚ୍ଚିଲ ଓ ରୁଜ୍‌ଭେଲଟ୍‌ଙ୍କ ଭିତରେ ନିଜ ନିଜ ରାଜ୍ୟର ଆଲୋଚନା ପଡିଲାବେଳେ ତାଙ୍କ ପାଟିରୁ କାଳେ କଣିକାଏ ପ୍ରସାଦ ଭାରତ ଭାଗ୍ୟରେ ପଡିଯିବ ସେଥିଲାଗି ନେତାମାନେ ଚାହିଁ ବସୁଛନ୍ତି। ମାତ୍ର ଏ ଚାହିଁ ବସିବା କେବଳ ବିଲୁଆର ବୃଷଭଠାରୁ ବିନା ଆୟାସରେ ଖାଦ୍ୟ ପାଇବା ଆଶା ସଙ୍ଗେ ସମାନ। ଶିକାବିରାଡି କପାଳକୁ ସିନା ଛିଡେ। ମଣିଷ କପାଳକୁ ଶିକା ଛିଡ଼ିବା କଥା କେବେ ପ୍ରବାଦରେ ସୁଦ୍ଧା ଶୁଣା ନାହିଁ। (ମିଶ୍ର)

ନବଭାରତ-୮/୧ ଆଲୋଚନା

◆◆◆

Digitized by PPRACHIN, SOA

ଦ୍ୱାଦଶ ଅଧ୍ୟାୟ

'ନବଭାରତ'ର 'ଆଲୋଚନା'ରେ ସ୍ମରଣୀୟ ବ୍ୟକ୍ତିତ୍ୱ

ସ୍ୱର୍ଗତ ମଧୁସୂଦନ ଦାସ

ଉତ୍କଳର କୁଳବୃଦ୍ଧ, ମୌଳିକ ଉତ୍କଳ ଜାତୀୟ ପ୍ରେରଣାର ମୂଳ ମଧୁସୂଦନ ଏହି ଅତି ଅଳ୍ପଦିନ ତଳେ, ଗଲା ଫେବୃୟାରୀ ୪ତାରିଖରେ ୮୭ ବର୍ଷ ବୟସରେ ଇହଧାମ ତ୍ୟାଗ କରିଅଛନ୍ତି। ବୟସ ତାଙ୍କୁ କମ୍ ହୋଇ ନଥିଲା। ଦୀର୍ଘ ଅର୍ଦ୍ଧଶତାବ୍ଦୀ କାଳ ସେ ଦେଶର କର୍ମରେ ଆତ୍ମନିୟୋଗ କରିଥିଲେ ଓ ମୃତ୍ୟୁ ପର୍ଯ୍ୟନ୍ତ କେବେ ସେ କାମ ଛାଡ଼ି ନାହାନ୍ତି। ଓଡ଼ିଶାର ଜାତୀୟ ସ୍ୱାତନ୍ତ୍ର୍ୟ ଫିଟାଇବା ତାଙ୍କ ଜୀବନର ମୁଖ୍ୟ ସାଧନା ଥିଲା। ସେଥିପାଇଁ ସେ ନିଜ ଆଦର୍ଶର ସମାଲୋଚନାକୁ ଡରୁ ନ ଥିଲେ - ନିଜର ଆଦର୍ଶ ବିଶ୍ୱଜଗତ୍ ପୀଠରେ ହ୍ରସ୍ୱ କି ବିଶାଳ ସେ ବିଷୟରେ ସେ ଯୁକ୍ତି କରିବାକୁ ଯାଉ ନଥିଲେ। ଓଡ଼ିଶା ତାଙ୍କର ସର୍ବସ୍ୱ ଥିଲା। ଆଉ ସର୍ବଜାତୀୟ କାର୍ଯ୍ୟ ଓଡ଼ିଆ ଜାତିର ବିକାଶର ସାକ୍ଷାତ୍ ଉପାଦାନ ସ୍ୱରୂପ ନହେଲେ ସେ ତହିଁରେ ଆତ୍ମ ନିୟୋଗ କରିବାକୁ କର୍ତ୍ତବ୍ୟର ବ୍ୟତିକ୍ରମ ବୋଲି ବିଚାରୁଥିଲେ। ଓଡ଼ିଶାର କଳା ଓ ଓଡ଼ିଶାର ଶିଳ୍ପ ଚାତୁରୀ ଜଗତରେ ପ୍ରଚାର କରିବା ପାଇଁ ସେ ଯେପରି କି ନିଜର ବିରାଟ ଐଶ୍ୱର୍ଯ୍ୟପଣ କରିଥିଲେ।

ଆଗେ ସେ କଂଗ୍ରେସର ଜଣେ ମୁଖ୍ୟ ନେତୃସ୍ଥାନୀୟ ବ୍ୟକ୍ତି ଥିଲେ। ବିଚାରିଥିଲେ ଏହି ସୂତ୍ରରେ ସେ ଓଡ଼ିଆ ଜାତୀୟ ସମସ୍ୟାର ସମାଧାନ କରିବାକୁ ସୁଯୋଗ ପାଇବେ। ୧୯୦୩ରେ ହଠାତ୍ କୌଣସି ଘଟଣାରେ ତାଙ୍କର ସେ ଭ୍ରମ ଭାଙ୍ଗିଗଲା। ସେହି ବର୍ଷ ଗଂଜାମ ସମ୍ମିଳନୀର ସୂଚନାକୁ ପୁଷ୍ଟ କରି ସେ ବିରାଟ ଉତ୍କଳ ସମ୍ମିଳନୀ ଆରମ୍ଭ କଲେ। ପରେ ମହାତ୍ମାଗାନ୍ଧୀଙ୍କ ନେତୃତ୍ୱରେ ଓଡ଼ିଶା ଯେତେବେଳେ କଂଗ୍ରେସରେ ଯୋଗ ଦେଇ ମହାଭାରତୀୟ ଭାବରେ ଆନ୍ଦୋଳନର ମହାସିନ୍ଧୁକୁ ଡେଇଁ ପଡ଼ିଲା, ସେତେବେଳେ ମଧୁସୂଦନ ସ୍ପଷ୍ଟ ଆଶଙ୍କିତ ହେଲେ। ଏବେ ଇତିହାସ ଦେଖିଲେ ହୁଏତ ବୁଝାଯିବ କେବଳ ମହାତ୍ମାଗାନ୍ଧୀ ବ୍ୟକ୍ତିଗତ ଭାବରେ ଦରିଦ୍ର ଓଡ଼ିଶାର ଦୁଃଖ ମୋଚନ ପାଇଁ ଯଥେଷ୍ଟ କରିଅଛନ୍ତି ଓ କରୁଛନ୍ତି। କିନ୍ତୁ ଓଡ଼ିଶାର ସ୍ୱାତନ୍ତ୍ର୍ୟ ଓ ଅନ୍ୟାନ୍ୟ ଆନୁସଙ୍ଗିକ ପ୍ରଶ୍ନର ସମାଧାନରେ ଯାହା କରିବା ଉଚିତ ତାହା କରିଥିଲେ ଆଜି ହୁଏତ ଫୁଲଝର, ସିଂହଭୂମି, ମେଦିନୀପୁର, ଇଚ୍ଛାପୁର, ପାରଳା, ମଞ୍ଜୁଷା ଜୟପୁର ପ୍ରଭୃତି ଓଡ଼ିଆ ଭୂମି ବୋଲି ପରିଚିତ ହେବାରେ କୌଣସି

Digitized by PPRACHIN, SOA

ଅସୁବିଧା ନଥାନ୍ତା। ପ୍ରବୀଣ ମଧୁବାବୁ ଜାତିର ଯୁବ ପ୍ରେରଣାର ଉତ୍ତାଳ ତରଙ୍ଗ ଉପରେ ଉଠି ସେତେବେଳେ ହୁଏତ ଏ ଭବିଷ୍ୟତ ଦେଖି ପାରିଥିଲେ। ଏ ଭବିଷ୍ୟତ ଦେଖି ମଧ୍ୟ ସେତେବେଳର ମହାଜାତୀୟ ଆନ୍ଦୋଳନରେ ଯୋଗଦେବା ଉଚିତ ଥିଲା କି ନାହିଁ ତାହା ଏଠାରେ ଆଲୋଚନା କରାଯାଉନାହିଁ। ହୁଏତ ଏ ସବୁ ସତ୍ତ୍ୱେ ଆତ୍ମବଳି ଦେବାର ସମୟ ସେତେବେଳେ ଆସିଥିଲା। କିଂତୁ ନିରପେକ୍ଷ ଭାବରେ ମଧୁସୂଦନଙ୍କ କ୍ରିୟା ପରଂପରା ଓ ବ୍ୟକ୍ତିତ୍ୱ ସଂଗେ ଅନୁକଂପା ରଖି ବିଚାର କଲେ ଏ ସମସ୍ତ ମଧ୍ୟରେ ମଧୁସୂଦନଙ୍କ ଜାତି ପ୍ରୀତି ଛଡ଼ା ଆଉ କିଛି ଏବେ ଦିଶୁନାହିଁ। ଦୃଷ୍ଟାନ୍ତରେ ବୁଝାଇ ଦେବାପାଇଁ କୁହାଯାଇପାରେ ସୁବିପୁଳ ଜାତୀୟ ଭାବର ଚିରଲୀଳାଭୂମି ବଙ୍ଗଦେଶରେ ମଧ୍ୟ ଆଚାର୍ଯ୍ୟ ପ୍ରଫୁଲ୍ଲଚନ୍ଦ୍ର ପ୍ରମୁଖ ନେତା ଓ କର୍ମୀମାନେ ଏବେ ମଧ୍ୟ ସ୍ପଷ୍ଟ ଏହି ଭାବରେ ଜାତୀୟତାର ସେବା କରନ୍ତି।

ତାଙ୍କ ସଂଗେ କାହାର ମତଭେଦ ଥାଇପାରେ; ମାତ୍ର ଏ ମଧୁସୂଦନ ସ୍ମୃତିର ଆଲୋଚନାରେ ସେ ସବୁ ମତଭେଦ ବିଚାରର ଅବକାଶ ଖୋଜାଯାଉନାହିଁ।

ଓଡ଼ିଆର ଶ୍ରେଷ୍ଠ ବୀରପୁରୁଷ, ଓଡ଼ିଆର ସ୍ୱତନ୍ତ୍ର ମାନ ରଖିବାରେ ଚିର ଜାଗ୍ରତ ଓ ତ୍ୟାଗୀ ମଧୁସୂଦନ ଜାତି ନିମନ୍ତେ ୫୦ ବର୍ଷର କର୍ମପୀଠ ଛାଡ଼ି ଆଜି ଚାଲିଯାଇଛନ୍ତି। ସେ ଯେଉଁ ଭାବରେ ଓଡ଼ିଆର ଜାତୀୟତାର ବିକାଶ ବୁଝୁଥିଲେ ବହୁ ପରିମାଣରେ ସେହି ଭାବରେ କାର୍ଯ୍ୟ କରିବାର ଦିନ ହୁଏତ ହୋଇ ଆସୁଛି। ଏତେବେଳେ ସେ ତ ନାହାନ୍ତି। ଓଡ଼ିଆ କ'ଣ ତାଙ୍କର ସ୍ମୃତି ପୂଜା କରି ଉଦ୍‌ବୁଦ୍ଧ ହେବେ ନାହିଁ ?

ମଧୁସୂଦନ ସ୍ମୃତି ପାଇଁ ତିନିଥର ସଭା ହୋଇଯାଇଛି। ମାତ୍ର ଏବେ ମଧ୍ୟ କାର୍ଯ୍ୟ କରିବାର କିଛି ସୂଚନା ଦେଖାଯାଇନାହିଁ। ଓଡ଼ିଶା ଅର୍ଥରେ ଦୁର୍ବଳ ହୋଇପାରେ, କିଂତୁ ଭାବ ଓ ଭାବୁକତାରେ ଦୁର୍ବଳ ହେବା ନହେବା ମନୁଷ୍ୟର ନିଜ ହାତରେ ଅଛି। ଆଶା କରାଯାଏ ମଧୁସୂଦନ ସ୍ମୃତି ଅଚିରେ କାର୍ଯ୍ୟରେ ପରିଣତ ହେବ। ମହାପୁରୁଷର ପୂଜା କଲେ ଉତ୍ତର ପୁରୁଷର ଶ୍ରୀ ବୃଦ୍ଧି ହୁଏ। ମୃତ ମହାପୁରୁଷଙ୍କର ସେଥିରେ କିଛି ଯାଏ ଆସେ ନାହିଁ। ଦେଶର କଲ୍ୟାଣକାମୀ ଉଦୀୟମାନ ଲୋକେ ଏକଥା ବୁଝନ୍ତୁ।

ନବ ଭାରତ-ଆଲୋଚନା-୧/୧

ଆଜି ମଧୁସୂଦନଙ୍କ ଶ୍ରାଦ୍ଧ ବାସର [୪।୨।୪୭]

୧୩ ବର୍ଷ ହେଲା ଆଜି ମଧୁସୂଦନ ଦାସ ଏ ସଂସାର ଛାଡ଼ିଥିଲେ । ସେତେବେଳକୁ ତାଙ୍କୁ ୮୬ ବର୍ଷ ହୋଇଥିଲା । ଜୀବନର କର୍ମ ପାଇଁ ସେ ଦୀର୍ଘ କାଳ ପାଇଥିଲେ ଓ ସମାଜର କାର୍ଯ୍ୟରେ ସେ ଜୀବନକୁ ପୂରାପୂରି ଲଗାଇ ଥିଲେ । ଇଂରେଜ ରାଜତ୍ୱର

Digitized by PPRACHIN, SOA

ପ୍ରଥମ ଭାଗରେ ରାଜନୀତିକ ସ୍ୱାଧୀନତାର କାମନା ଯେତେବେଳେ ବାଟ ନ ପାଇ ପ୍ରଦେଶ ମାନଙ୍କରେ ସମାଜ ଓ ସାହିତ୍ୟ ଆଡ଼େ ଗତି କଲା, ତାରି ପରିଣତ ଅବସ୍ଥାରେ ମଧୁସୂଦନ କର୍ମକ୍ଷେତ୍ରରେ ଆସି ଠିଆହେଲେ । ସେତେବେଳକୁ ଭାରତୀୟ ଜାତୀୟ କଂଗ୍ରେସ ଆରମ୍ଭ ହୋଇଯାଇଥାଏ । ମଧୁବାବୁ ସେଥିରେ ଯୋଗ ଦେଲେ । କିଂତୁ ସମାଜ ଓ ସାହିତ୍ୟାଦି ହିସାବରେ ଓଡ଼ିଶା ପରି ଭୂମିର ସ୍ୱାତନ୍ତ୍ୟ ନଥିଲା । ଖାଲି ମହାଭାରତୀୟ ଭାବ ଓ ସାଧନାର ପନ୍ଥା ଧରି ଲାଗିଲେ କିଛି ହେବନାଇ । ଓଡ଼ିଆର ସେ ସାଧନା ପାଇଁ ସାମର୍ଥ୍ୟ ଓ ପରିସ୍ଥିତି ନଥିଲା । ଓଡ଼ିଆର ପରି ସମାଜ-ସାଧନା ଓ ସଂସ୍କୃତିକୁ ଆଖି ନ ଦେଇ ମହାଭାରତୀୟ ସାଧନାରେ ମାତିବା ଉଚିତ ନୁହେଁ ବୋଲି ସେ ବୁଝି ପାରିଥିଲେ । ତାଙ୍କର ଦୃଢ଼ ମତ ଥିଲା, ପ୍ରାଦେଶିକ ଭାଷା ଓ ସଂସ୍କୃତିଗତ ସ୍ୱାଧୀନତା ଉପରେ ସମାଧାନରେ ଭାରତୀୟ ସ୍ୱାଧୀନତା, ସମାଜ ଓ ସଂସ୍କୃତି ଫୁଟିବ । ଇଚ୍ଛା କରିଥିଲେ, ସେ ବ୍ୟକ୍ତିଗତ ଭାବରେ ମହାଭାରତୀୟ ସାଧନାରେ ଖୁବ୍ ବଡ଼ ହୋଇ ପାରିଥାନ୍ତେ । ନୀତି ଦୃଷ୍ଟିରେ ତା ତାଂକୁ ରୁଚିଲା ନାଇ । ସେଥିପାଇଁ ସେ ଏକ ମହାତ୍ୟାଗ କଲେ । ପ୍ରଥମେ କଂଗ୍ରେସରେ ଏଇ ପ୍ରାଦେଶିକ ସମାଧାନର ନୀତି ଭର୍ତି କରିବାକୁ ସେ ଲୋଡିଲେ । ଲୋଡି ବାଧା ପାଇଲେ । ପୁଣି ବାଧା ପାଇଲେ କାହା ଠାରୁ, ଏଇ ନୀତିରେ ଅତି ପ୍ରାଦେଶିକ-ଭାବ-ଭାବିତ ବଂଗାଳୀଙ୍କ ଠାରୁ- ସ୍ପଷ୍ଟ ଭାବରେ ତତ୍କାଳୀନ ବଂଗାଳୀ ନେତା ସୁରେନ୍ଦ୍ରନାଥଙ୍କ ଠାରୁ । ଦୀପ୍ତିମାନ, ଦ୍ରଷ୍ଟା ବୀର ମଧୁସୂଦନ ଏକାବେଳକେ ପନ୍ଥା ବଦଳାଇଲେ । ଓଡ଼ିଆଂକୁ ଆଗ ଓଡ଼ିଆ କରିବାକୁ ହେବ- ଏଇ ଶ୍ରେଷ୍ଠ ଜାତୀୟ ସାଧନାରେ ସେ ନିଜର ସର୍ବସ୍ୱ ପଣ କଲେ । ଏପରିକି ଓଡ଼ିଆର ଶିଳ୍ପ ପୃଥିବୀରେ ଦେଖାଇବା ପାଇଁ, ସେ ଶେଷକୁ ଭିକ୍ଷୁକ ହୋଇଯାଇଥିଲେ । ସେଇ ମହାପୁରୁଷଙ୍କ ସ୍ମୃତିରେ ଉଦ୍‌ବୁଦ୍ଧ ହୋଇ ଓଡ଼ିଆର ଜାତୀୟ ସାଧନା ନିମନ୍ତେ ଆଜି ଅବକାଶ ରହିଚି । ଭଗବାନ ଆଶୀର୍ବାଦ କରଂତୁ । ପୁଣ୍ୟଶ୍ଲୋକ ମଧୁସୂଦନଙ୍କର ପୁଣ୍ୟ ସ୍ମୃତିରେ ଓଡ଼ିଶା ଜୀବନ୍ତ ହେଉ ।

ନୂଆପ୍ରସ୍ଥ-୧/୪, ଆଲୋଚନା

ଗୋପବଂଧୁ ସ୍ମୃତି ଓ ସେବକ ସମାଜ

ମଲାବେଳେ ଲୋକେ ମୃତ ବ୍ୟକ୍ତିର ଭଲମନ୍ଦ ମନେ ପକାଇ ବାହୁନନ୍ତି । କ୍ରମେ ସେ ସ୍ମୃତିକାଳ ଗତିରେ ମଳିନ ହୋଇ ଆସେ । କାଳର ଏ ସର୍ବଗ୍ରାସୀ କ୍ରିୟା ନ ଥିଲେ ବିଶ୍ୱ-ବିକାଶରେ ବହୁତ ବାଧା ପଡ଼ନ୍ତା । ଶୋକରେ ଯେଉଁ ଧକ୍କା ଲାଗେ ତାହା ଭୁଲି ନ ଗଲେ ମାନବ ସମାଜର ସ୍ଥିତି ଏକପ୍ରକାର ଅସଂଭବ ହେବ । ସେଥିପାଇଁ ବିଧାତାଙ୍କ ସୃଷ୍ଟି କ୍ରିୟାରେ ବିସ୍ମୃତିର ମଙ୍ଗଳମୟ ବିଧାନ ଅଛି ।

କିଂତୁ ମହାପୁରୁଷଙ୍କ କଥା ସ୍ୱତନ୍ତ୍ର । ବିଶ୍ୱ ବିକାଶରେ ବାଟ ଦେଖାଇବା ପାଇଁ

Digitized by PPRACHIN, SOA

ବିଧାତା ମହାପୁରୁଷଙ୍କୁ ପଠାନ୍ତି ବୋଲି କଥା ଅଛି। ମହାପୁରୁଷଙ୍କ ଭାବ ଓ କ୍ରିୟାରେ ନୂତନତା ଥାଏ। ସେ ଭାବ ଓ ସେ କ୍ରିୟାର ପ୍ରଭାବ ମହାପୁରୁଷଙ୍କ ଜୀବନକାଳରେ ଶେଷ ହୁଏ ନାହିଁ। ଜୀବନ କାଳରେ ସେ ସବୁର ସୂଚନା ମାତ୍ର ମିଳେ। ପରେ ତାହା ମାଜି ହୋଇ, ମଳିନ ଦେହ ସଂବଂଧରୁ ବିଛିନ୍ନ ହୋଇ କ୍ରମେ କ୍ରମେ ଉଜ୍ଜ୍ୱଳତର ରଶ୍ମି ବିକାଶ କରି ଲୋକରେ ବ୍ୟାପ୍ତ ହୁଏ। ଏହାହିଁ ମହାପୁରୁଷର ବିଶିଷ୍ଟତା। ମୃତ୍ୟୁ ପରେ ମହାପୁରୁଷମାନଙ୍କ ବିରୋଧିମାନଙ୍କ ଦ୍ୱାରା ମଧ୍ୟ, ଏହି ବିଶିଷ୍ଟତା କଷଟିରେ ମହାପୁରୁଷମାନଙ୍କ ପରୀକ୍ଷା ହୁଏ।

ସେ କାଳର କଥା ଦେଖ। ବୁଦ୍ଧ, ଯିଶୁ ପ୍ରଭୃତି ମହାପୁରୁଷମାନେ କେତେ ବା ଶିଷ୍ୟ ପାଇଥିଲେ। ତାଙ୍କର ବିରୋଧୀ ବହୁତ ଥିଲେ। ମାତ୍ର ମୃତ୍ୟୁ ପରେ ବ୍ୟକ୍ତିତ୍ୱର କ୍ରମ ବିକାଶରେ ସେମାନେ ଆଜି କି ଉନ୍ନତ ! କି ଉଜ୍ଜ୍ୱଳ ! ବିରୋଧୀ ମଧ୍ୟ ତାଙ୍କର ବ୍ୟକ୍ତିତ୍ୱ ପାଖେ ଆଜି ଅବନତ।

ଗୋପବଂଧୁ ଏ ଦେଶରେ କର୍ମବୀର ଥିଲେ। ଜୀବନ କାଳରେ ତାଙ୍କର ବିରୋଧୀ ଅଳ୍ପ ନ ଥିଲେ। ତାଙ୍କ ତିରୋଧାନ ସଂଗେ ସଂଗେ ତାଙ୍କ ସ୍ମୃତିରକ୍ଷାର ବ୍ୟବସ୍ଥା ହେଲା। ଲକ୍ଷେ ଟଙ୍କା ସଂଗ୍ରହ କରି ତାଙ୍କର ଗୋଟିଏ ସ୍ମୃତି-ମନ୍ଦିର ସ୍ଥାପନ କରିବା ପାଇଁ ଆଚାର୍ଯ୍ୟ ହରିହର ଦାସ ଓ ଶ୍ରୀଯୁକ୍ତ ଗୋପବଂଧୁ ଚୌଧୁରୀଙ୍କ ପରି ସାଧୁ ବ୍ୟକ୍ତି ସଂକଳ୍ପ କରି ବାହାରିଲେ, କିଂତୁ ସେତେବେଳେ ଫଳ କିଛି ହେଲାନାହିଁ। ଉତ୍କଳ-ସାହିତ୍ୟ ସମାଜରେ ତାଙ୍କ ମୃତ୍ୟୁରେ ଦୁଃଖ ପ୍ରକାଶ କରି ଗୋଟିଏ ପ୍ରସ୍ତାବ ଆଗତ କରା ହୋଇଥିଲା। ତାହା ଗୃହୀତ ହେଲା ନାହିଁ। ତିନିବର୍ଷ ପର୍ଯ୍ୟନ୍ତ ତାଙ୍କର ମୃତ୍ୟୁ ଦିନ ଏ ଦେଶରେ କେହି ବିଶେଷ ସ୍ମରଣ ମଧ୍ୟ କଲେ ନାହିଁ।

କିଂତୁ କ୍ରମେ ଦେଖାଯାଉଚି, ତାଙ୍କର ସ୍ମୃତିର ମହତ୍ତ୍ୱ ଏବେ ଦିନକୁଦିନ ଉଜ୍ଜ୍ୱଳ ହୋଇ ଫୁଟିଉଠୁଚି। ତାଙ୍କର ବିରୋଧୀ ଓ ସ୍ୱପକ୍ଷ ସମସ୍ତେ ତାଙ୍କ ଦେଶପ୍ରାଣତା ଅନୁଭବ କରି ତାଙ୍କୁ ସ୍ମରଣ କରିବାକୁ ବ୍ୟାକୁଳ ହୋଇଉଠୁଚନ୍ତି। ଏବେ ପୁରୀ ମ୍ୟୁନିସିପାଲିଟିଙ୍କ ସହଯୋଗରେ ମହାତ୍ମାଗାନ୍ଧୀ ପୁରୀ ସିଂହଦ୍ୱାର ପାଖେ ତାଙ୍କର ସ୍ଥାପତ୍ୟ ମୂର୍ତ୍ତି ଫିଟାଇଚନ୍ତି। ଉତ୍କଳ-ସାହିତ୍ୟ ସମାଜରେ ଗଲା ମିଥୁନ ଦି୨୫ନ (ଜୁନ ତା ୮ରିଖ) ତାଙ୍କର ତୈଳ-ଚିତ୍ର ସମାରୋହରେ ପୂଜିତ ହେବାର ବ୍ୟବସ୍ଥା ହୋଇଅଛି। ଏବେ ତିନି ବର୍ଷ ହେଲା ତାଙ୍କ ଶ୍ରାଦ୍ଧ-ବାସର ସମାରୋହରେ ପାଳିତ ହେବାର ଆରଂଭ ହୋଇଅଛି। ଦେଶର ବାଳଯୁବା ପ୍ରବୀଣ ସମସ୍ତେ ଅନୁଭବ କରୁଚନ୍ତି, ଯେପରି କି ଏ ଯୁଗର ପ୍ରତ୍ୟେକ ଓଡ଼ିଆ ଉପରେ ଗୋପବଂଧୁଙ୍କର କୌଣସି ନା କୌଣସି ପ୍ରକାରେ ପ୍ରଭାବ ପଡ଼ିଚି। ସରକାରୀ କର୍ମଚାରୀ ବୁଝୁଚନ୍ତି, ସେ କ୍ଷେତ୍ରରେ ଓଡ଼ିଆଙ୍କ ଉନ୍ନତିମୂଳରେ ଗୋପବଂଧୁଙ୍କର ସମବେଦନା

Digitized by PPRACHIN, SOA

ଓ ପ୍ରଭାବ ଥିଲା। ବେସରକାରୀ ଦେଶସେବୀ ବୁଝୁଚନ୍ତି, ଗୋପବଂଧୁଙ୍କର ଦେଶ ସେବା-ମନ୍ତ୍ର ସେମାନଙ୍କୁ ମୌଳିକ ପ୍ରେରଣା ଦେଇଥିଲା। ସାହିତ୍ୟିକ ବୁଝୁଚନ୍ତି, ଗୋପବଂଧୁ ସାହିତ୍ୟରେ ଜନସାଧାରଣର ପ୍ରାଣକୁ ପ୍ରଭାବିତ କରି ଓଡ଼ିଆକୁ ଓଡ଼ିଆ କରିବାର ଯଥାର୍ଥ ସୂଚନା ଦେଇଥିଲେ। ଓଡ଼ିଶାର ଦରିଦ୍ର ପଲ୍ଲିବାସୀ ବୁଝୁଚି, ଗୋପବଂଧୁଙ୍କ ତିରୋଧାନରେ ସେ କଣ ହରାଇଚି। ସହରବାସୀ କର୍ମୀ ବୁଝୁଚି, ଭାବର ପୁରୋଦୃଷ୍ଟି ଓ ଯଥା-କର୍ତ୍ତବ୍ୟରେ କର୍ମଠତା ଗୋପବଂଧୁଙ୍କ ପରେ ଆଉ ତାଦୃଶ ପ୍ରକଟିତ ହେଉ ନାହିଁ। ଦିନେ ଗୋପବଂଧୁଙ୍କୁ ବଙ୍ଗର ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର 'ଉତ୍କଳ ମଣି' ବୋଲି ନାମ ଦେଇଥିଲେ। ଆଜି ଏତେ ବର୍ଷ ପରେ, ଲୋକେ ତାଙ୍କୁ 'ଦେଶପ୍ରାଣ' ନାମ ଦେଇଚନ୍ତି।

ଏବେ ଗୋପବଂଧୁଂକ ଭାବ ଓ କର୍ମର ସ୍ଥାୟୀ ସ୍ମୃତି ପ୍ରତିଷ୍ଠା କରିବା ବେଳ ଆସିଚି ବୋଲି ମନେ ହୁଏ। ଗୋପବଂଧୁ ଏ ଯୁଗରେ ଓଡିଶାରୁ ସର୍ବଶ୍ରେଷ୍ଠ କର୍ମୀ ଓ ବୀରପୁରୁଷ, ଏଥିରେ ଆଉ ସଂଦେହ ନାହିଁ। ତିନିବର୍ଷ ତଳେ ଦେଶ ଯେତେବେଳେ ସ୍ପଷ୍ଟ ଭାବରେ ଏଇ କଥା ଅନୁଭବ କରିବାକୁ ଆରମ୍ଭ କରୁଥିଲା, ସେତେବେଳେ ମୁଁ ଗୋପବଂଧୁଙ୍କର ଆଦିମ କର୍ମକ୍ଷେତ୍ର ସତ୍ୟବାଦୀରେ କେତେଗୁଡିଏ ଉଦୀୟମାନ ଯୁବକ କର୍ମୀଙ୍କୁ ଘେନି 'ଗୋପବଂଧୁ ସେବକ ସମାଜ' ସ୍ଥାପନ କରିଥିଲି। ଏହି ସେବକ ସମାଜଟି ମୁଖ୍ୟତଃ ମୋର କଳ୍ପନା ନୁହେ। ଗୋପବଂଧୁ ମୃତ୍ୟୁ ପୂର୍ବରୁ ଯେଉଁ ଭାବରେ ସତ୍ୟବାଦୀ ସ୍କୁଲ ଚଳାଉଥିଲେ, ସତ୍ୟବାଦୀ ସ୍କୁଲ ନାମରେ ତାହା ଚଳାଇବା ସଂଭବ ନ ହେବାରୁ, ତତ୍କାଳୀନ ପଞ୍ଜାବର ଲୋକ-ସେବକ-ସମାଜର ମେମ୍ବର ଶ୍ରୀଯୁକ୍ତ ଗୋପବଂଧୁ ଚୌଧୁରୀ ଓ ପଣ୍ଡିତ ଲିଙ୍ଗରାଜ ମିଶ୍ର ଅନ୍ୟ କେତେକ ଗୋପବଂଧୁଙ୍କର ସହକର୍ମୀଙ୍କୁ ଘେନି, ଗୋପବଂଧୁଙ୍କର ସତ୍ୟବାଦୀ ବିଦ୍ୟାଳୟ କଳ୍ପନାକୁ, 'ଗୋପବଂଧୁ ସେବକ ସମାଜ' ନାମ ଦେଇ ପ୍ରତିଷ୍ଠିତ କରିବା ନିମନ୍ତେ, ଗୋପବଂଧୁଙ୍କ ମୃତ୍ୟୁର ଠିକ୍ ପରେ ଗୋଟିଏ ଯୋଜନା ତିଆରି କରିଥିଲେ। ତାହା ସେମାନେ କାର୍ଯ୍ୟରେ ପରିଣତ କରି ନ ଥିଲେ। ଆମ୍ଭେମାନେ ସେହି ଯୋଜନା ଉପରେ, ଗୋପବଂଧୁଙ୍କ ତୃତୀୟ ବାର୍ଷିକ ଶ୍ରାଦ୍ଧ ଦିନ, ଗୋପବଂଧୁ ସେବକ ସମାଜ ପ୍ରତିଷ୍ଠା କଲୁଁ। ସେଥିରେ ଦଶଜଣ କର୍ମୀ ନିଆଗଲେ। ଏ ପର୍ଯ୍ୟନ୍ତ ସେ ସମାଜର କାର୍ଯ୍ୟ ଚାଲୁଚି। ପଲ୍ଲୀଗଠନ, ନୈଶ ବିଦ୍ୟାଳୟ, ହରିଜନ ସେବା ପ୍ରଭୃତି କାର୍ଯ୍ୟରେ ସେମାନେ ଯଥାସାଧ ନିଜର କର୍ତବ୍ୟ କରୁଚନ୍ତି। ଗତ ବନ୍ୟାବେଳେ ପୁରୀରେ ସେହିମାନେ କାର୍ଯ୍ୟ ଆରମ୍ଭ କହିଥିଲେ ଓ ପରେ ବନ୍ୟା କମିଟିର ଅଙ୍ଗରୂପେ ଏବେ ମଧ୍ୟ କାର୍ଯ୍ୟ କରୁଚନ୍ତି। ସମାଜ ପକ୍ଷରୁ ଗୋଟିଏ ହରିଜନ ବିଦ୍ୟାଳୟ ଓ ଗୋଟିଏ ନୈଶ-ବିଦ୍ୟାଳୟ ଚଳୁଚି।

ମାତ୍ର ଉତ୍କଳମଣି ଗୋପବଂଧୁ ଆଜି ଦେଶପ୍ରାଣ ଗୋପବଂଧୁ। ସେ ଆଜି କ୍ରମେ

Digitized by PPRACHIN, SOA

ଜାତିର ମହାସଂପଦ ହୋଇ ଉଠୁଚନ୍ତି। ଏତେବେଳେ ସେବକ ସମାଜର ପରିସର ବଢ଼ାଇ, ତାହାକୁ ଗୋଟିଏ ବିରାଟ ଜାତୀୟ କାର୍ଯ୍ୟରେ ପରିଣତ କରିବାର ସମୟ ଆସିଚି। ଗୋପବଂଧୁଙ୍କ ପରି ସଂପଦରେ ଜାତିର ପୂର୍ଣ୍ଣ ଅଧିକାର ପ୍ରକାଶ କରିବାକୁ ହେଲେ, ଏହା ଅବଶ୍ୟ କର୍ତ୍ତବ୍ୟ।

ମୁଁ ଗତଥର ଗୋପବଂଧୁ ସମାଜକୁ ଏହି ଦୃଷ୍ଟିରେ ପୁଣି ନୂଆ କରି ଗଢ଼ିବାର ସୂଚନା ଦେଇଥିଲି। ଜଣକେ ୬୦ଟଙ୍କା ଲେଖାଏଁ ଦେଇ, ୧୦୦ ମେମ୍ବର ହେଲେ, ସେଇମାନଙ୍କର ଗୋଟିଏ ସଭା କରି, ସମାଜକୁ ରେଜିଷ୍ଟରୀ କରି ଦେବାକୁ ହେବ। ମେମ୍ବର ଫିସରୁ, କିଂବା ଅନ୍ୟଥା ଯେଉଁସବୁ ଧନ ଆଦାୟ ହୋଇଥିବ, ତାହା ସେଇମାନଙ୍କ ହାତେ ଦେଇ ସେଇମାନଙ୍କ ପୂର୍ଣ୍ଣ ସହଯୋଗରେ କର୍ମପନ୍ଥା ଫିଟାଇବାକୁ ହେବ।

ମୋର କଳ୍ପନାରେ ଲକ୍ଷେ ବା ପାଞ୍ଚଲକ୍ଷ ବା ଦଶଲକ୍ଷ ଟଙ୍କାର କଥା ଶୁଣି ଓ ଭବିଷ୍ୟତରେ ବିଶ୍ୱଭାରତୀର ସୂଚନା ଦେଖି, କେହି କେହି ହୁଏତ କଥାଟାକୁ ଆକାଶକୁସୁମ ମନେ କରି ଭୀତ ଓ ସଂକୁଚିତ ହେଉଚନ୍ତି। କିଂତୁ କଳ୍ପନାରେ ଭୀତ ହେଲେ, କାର୍ଯ୍ୟ ହୁଏ ନାହିଁ। ଗୋପବଂଧୁ ଦେଶବାସୀଙ୍କଠାରୁ ଗୋଟିଏ ଗୋଟିଏ ପଇସା ଆଦାୟ କରି ସେଇ ଧନରେ ଓଡିଆର ଓଡିଆତ୍ୱ ରଖିବାର କଳ୍ପନା କରିଥିଲେ। ତାହା କାର୍ଯ୍ୟରେ ପରିଣତ ହୋଇଆସୁଥିଲା, ହଠାତ୍ ଅନ୍ୟ କାର୍ଯ୍ୟରେ ଗୋପବଂଧୁଙ୍କୁ ଡାକ ପଡିଲା। ତଥାପି ଆଜି ସେଇ ପାଣ୍ଠିରେ ସିଂହଭୂମିରେ, ଓଡ଼ିଆ ହୃତପିଣ୍ଡର କ୍ରିୟା ଚାଲିଛି। ଓଡ଼ିଶା ପରି ଦରିଦ୍ର ନିରନ୍ନ ଦେଶରେ ବନ୍ୟା ହେଲା। ସରକାର ସେତେବେଳେ ଏ ବିଷୟରେ କ୍ରିୟାହୀନ ଓ ଅନ୍ୟମନସ୍କ। ଦେଶରେ କୁତ୍ରାପି ସ୍ପୃହା ଓ ଉତ୍ସାହ ନାହିଁ। ବରଂ ବିରୋଧ ଓ ପ୍ରତିବାଦ। ଏ ୧୯୦୮ ଖ୍ରୀଷ୍ଟାବ୍ଦର କଥା। ଗୋପବଂଧୁ ମୁଷ୍ଟିମେୟ ଯୁବକଙ୍କୁ ଧରି, କଟକରେ ଭିକ୍ଷା ମାଗିବା ଆରମ୍ଭ କରିଦେଲେ ଓ ଭିଖ ଚାଉଳ ଧରି ଲୋକଙ୍କ ଦ୍ୱାରେ ପହଞ୍ଚିଗଲେ। ଆଜି ବନ୍ୟା ସାହାଯ୍ୟର ଯେଉଁ ବିରାଟ ଆୟୋଜନ ତାହା ଯେ ସେହି କଳ୍ପନାର କ୍ଷୁଦ୍ର କ୍ରିୟା ମଧ୍ୟରେ ଥିଲା ତାହା ସେତେବେଳେ କିଏ ଜାଣି ଥିଲା ? ସତ୍ୟବାଦୀ ବିଦ୍ୟାଳୟ ନାହିଁ ବା ଭିନ୍ନ ଆକାର ଧାରଣ କରିଚି। କିଂତୁ ଶଗଡ଼େ ମାତ୍ର ଇଟା ଚାନ୍ଦା କରି, ଜଙ୍ଗଲ ଭିତରେ ସେହି ଇଟାକୁ ଥୋଇ ଯେତେବେଳେ ଆମ୍ଭେମାନେ ଠିଆ ହୋଇଥିଲୁଁ, ସେତେବେଳେ ବିଦ୍ୟାଳୟ ଭବିଷ୍ୟତର ବିରାଟ କଳ୍ପନା କିପରି ଗୋପବଂଧୁଙ୍କର ପ୍ରାଣପୂର୍ଣ୍ଣ କରିଥିଲା, ତାହା ମୋର ଆଜି ମନେ ପଡିଲେ ରୋମାଞ୍ଚ ହେଉଚି। ସ୍କୁଲ ପାଇଁ ଜମି ମିଳିବ କି ନାହିଁ, ଗଛ କାଟିବାର କ୍ଷମତା ଆମର ଅଛି କି ନାହିଁ, ସ୍ଥାନୀୟ ଓ ବାହାରର ଲୋକେ କାର୍ଯ୍ୟଟିରେ ସାହାଯ୍ୟ କରିବେ କି ନାହିଁ, ଏସବୁ ସେତେବେଳେ କିଛି ଜଣା ନଥିଲା। ତଥାପି କଳ୍ପନା ଓ ଆଶାକୁ ବିଶ୍ୱାସରେ ଧରି, ଶଗଡ଼କ ଇଟା ବନ ମଧ୍ୟରେ ରଖାଯାଇଥିଲା। ଏ ମଧ୍ୟ ଖ୍ରୀ ୧୯୦୮ ର କଥା।

Digitized by PPRACHIN, SOA

ସେହିପରି ଗୋପବଂଧୁ ସେବକ ସମାଜର କଳ୍ପନା କାର୍ଯ୍ୟରେ ପରିଣତ କରିବାକୁ ସଂକଳ୍ପ କରିବା ହିଁ ଗୋପବଂଧୁଙ୍କର ଏକ ସ୍ମୃତିରକ୍ଷା। ଓଡ଼ିଆ ନିଜ ହାତେ ଜାତି ନିମନ୍ତେ ଗୋଟିଏ ସ୍ଥାୟୀ ଅନୁଷ୍ଠାନ ଗଢ଼ିବା ପାଇଁ ପ୍ରସ୍ତୁତ ହେବାର ଦିନ ଆସିଚି। ଆଜି ସବୁକଥା କହିବାର ଅବକାଶ ନାହିଁ। ହେଲେହେଁ ଏତେବେଳେ ସେପରି କିଛି ନ କଲେ, ଜାତୀୟ-ଯଜ୍ଞରେ ଓଡ଼ିଶାର ମେରୁଦଣ୍ଡ ହୁଏ ତ ଠିକ୍ ରହିବ ନାହିଁ। ଦେଶବାସୀଙ୍କୁ ବିନୀତ ଓ ଆନ୍ତରିକ ଅନୁରୋଧ, ସେମାନେ ଏ ସଂକଳ୍ପରେ ଦୃଢ଼ ହୁଅନ୍ତୁ। ଜାତୀୟ ଯଜ୍ଞରେ ପୁରୋଧା ହୋଇ ଗୋପବଂଧୁଙ୍କ ନାମରେ ଏ ସ୍ଥାୟୀ ସ୍ମୃତି ଅଚିରେ ପ୍ରତିଷ୍ଠା କରନ୍ତୁ। ଭିତରେ ଆତ୍ମବି... ଉପରେ ବିଧାତା, ଏହା ହିଁ ଏ କାର୍ଯ୍ୟର ପୀଠ ହେଉ।

ନବ ଭାରତ ୧/୨, ଆଲୋଚନା

ଗୋପବଂଧୁ ସ୍ମୃତି

ଗୋପବନ୍ଧୁଙ୍କ ଅଷ୍ଟମ ବାର୍ଷିକ ଶ୍ରାଦ୍ଧ ଦିବସ ଆସି ହୋଇଗଲା। ଚାହୁଁ ଚାହୁଁ ୮ ବର୍ଷ ଚାଲିଗଲା ଏ ଉତ୍କଳ ଭୂମିରେ ଗୋପବନ୍ଧୁ ପୁରପଲ୍ଲିରେ ସୁପରିଚିତ। ଶେଷ ଦିନ ପର୍ଯ୍ୟନ୍ତ ପଲ୍ଲିପ୍ରାଣ ଗୋପବନ୍ଧୁ ଲୋକ ଜାଗରଣରେ, ଲୋକସେବାରେ ତିଳ ତିଳ କରି ଆତ୍ମନିୟୋଗ କରି ଶେଷରେ ସେହି କାର୍ଯ୍ୟରେ ଜୀବନ ଦାନ କରିଥିଲେ। ମହାପୁରୁଷ କୌଣସି ପରିବାରରେ ଜନ୍ମନ୍ତି; କିନ୍ତୁ ସେ ଦେଶର ତଥା ଜାତିର ସଂପତ୍ତି। କାଳିଦାସ କେଉଁ ପରିବାରରେ ଜନ୍ମିଥିଲେ, ତାହା କେହି ମନେରଖି ନାହିଁ। ନାନକଙ୍କ ପିତାଙ୍କର ନାମ ହୁଏତ ଲୋକେ ଜାଣନ୍ତି ନହିଁ। କପିଳେନ୍ଦ୍ର ଦେବ କେଉଁ ଗଉଡ଼ ଘରେ ଜନ୍ମିଥିଲେ, ତାହା କେହି କହିପାରିବେ ନାହିଁ। ସାରଳା ଦାସ କେଉଁ ଶୁଦ୍ର ଘରେ ଭୂମିଷ୍ଠ ହୋଇଥିଲେ, ତାହା ନିର୍ଣ୍ଣୟକରିବାର ଉପାୟ ନାହିଁ। କିନ୍ତୁ ସେ ସମସ୍ତେ ଆଜି ଜାତିର ସମ୍ପତ୍ତି। ଦିନେ ହୁଏତ ସାରଳା ଦାସ ବଞ୍ଚିଥିଲା ବେଳେ ନିଜେ ମୁନି ବୃତ୍ତିକରି ଭିକ ମାଗି ଏ ଦେଶରେ ମୁଠାଏ ଚାଉଳ ନ ପାଇ ଅନାହାରରେ ରହିଥିବେ; କିନ୍ତୁ ଆଜି ଦେଶ କହେ 'ସାରଳା ଦାସ ଆମର'। ଏହିପରି ଜଗତରେ କର୍ମବୀର ମହାପୁରୁଷମାନେ ଜାତିର ସମ୍ପତ୍ତି ରୂପେ ଜାତୀୟ ପ୍ରଗତିର ପୀଠରେ ପରିଣତ ହୁଅନ୍ତି। ଗୋପବନ୍ଧୁଙ୍କ ଜୀବନକାଳରେ କଥା କ୍ରମେ ବିସ୍ମୃତ ହେବାର ଦିବ ଆସୁଛି। କିନ୍ତୁ ସେ ଯେ ଜାତୀୟ ସମ୍ପତ୍ତି ରୂପେ ଅମୃତ୍ୟାଗ କରିଗଲେ, ଜାତି ତାର ଅଧିକାରୀ ହେବାପାଇଁ କି ବ୍ୟବସ୍ଥା କରୁଛନ୍ତି ?

ସତ୍ୟବାଦୀ ସ୍କୁଲ ତାଙ୍କ ଜୀବନର ଗୋଟିଏ ଶ୍ରେଷ୍ଠକାର୍ଯ୍ୟ କହିଲେ ଚଳେ। ସେହି ପୀଠ ଉପରେ ଜାତୀୟ ପ୍ରଗତି ଫୁଟାଇବା ନିମନ୍ତେ ସେ ସଂକଳ୍ପ କରିଥିଲେ। ଜୀବନର ଶେଷଦିନ ପର୍ଯ୍ୟନ୍ତ ସେହି ସ୍ପୃହା ସେହି ନିଷ୍ଠା ତାଙ୍କର ପ୍ରାଣକୁ ପ୍ରଭାବିତ କରି ରଖିଥିଲା; ଏପରି କି ମରିବାର ପୂର୍ବ ମୁହୂର୍ତ୍ତରେ ସେ ଯେଉଁ ଉଇଲ ଲେଖିଥିଲେ, ସେଥିରେ ମଧ୍ୟ ସେ

Digitized by PPRACHIN, SOA

କହିଛନ୍ତି, "ମୁଁ ଛାପାଖାନାର ଆୟରୁ ସତ୍ୟବାଦୀ ବିଦ୍ୟାଳୟ ଚଳାଉଥିଲି।" ସେହି କଥାର ସୂଚନା ଦେଇ ସେ ଛାପାଖାନାକୁ ଏହି ଦେଶର ସାମାଜିକ, ରାଜନୀତିକ ଓ ଶିକ୍ଷାଦି ସମ୍ବନ୍ଧୀୟ ଉନ୍ନତି କଳ୍ପେ ଦାନ କରିଗଲେ। ମୋଟ କଥା, ମରିବା ପର୍ଯ୍ୟନ୍ତ ସେ ଦେଶ ଓ ସେହି ଦେଶର ପ୍ରଗତିର ପୀଠ ଛଡ଼ା ଆଉ କିଛି ଦେଖି ନାହାନ୍ତି। ପରେ ସେ ଯେଉଁମାନଙ୍କ ହାତେ ତାଙ୍କର ସାକ୍ଷାତ୍ ଉତ୍ତରାଧିକାରିତ୍ୱ ଦେଇ ଯାଇଥିଲେ, ସେମାନେ ବହୁ ଚିନ୍ତା ଓ ବିଚାର କରି ଗୋପବନ୍ଧୁ ସତ୍ୟବାଦୀ ବିଦ୍ୟାଳୟକୁ, ଗୋପବନ୍ଧୁ ସେବକ ସମାଜରେ ପରିଣତ କରିବାର କଳ୍ପନା କରିଥିଲେ। ସତ୍ୟବାଦୀ ବିଦ୍ୟାଳୟରେ ଦେଶସେବାରେ ମନୁଷ୍ୟତା ଶିକ୍ଷା ଦିଆଯିବା କଳ୍ପନା ଥିଲା। ସେହି ଉଦ୍ଦେଶ୍ୟରେ ମଧ୍ୟ ସେବକ ସମାଜର ପ୍ରତିଷ୍ଠା କରାଯାଇଥିଲା। କିନ୍ତୁ ବଡ଼ ଦୁଃଖର କଥା, ତାହାର ପ୍ରତିଷ୍ଠା ଛଡ଼ା ସେ ସମ୍ବନ୍ଧରେ ଆଉ ଅଧିକା କିଛି କରାଯାଇ ନାହିଁ। ଓଡ଼ିଶାବାସୀ ଆମ୍ଭେମାନେ ଆଜି ପର୍ଯ୍ୟନ୍ତ ଗୋପବନ୍ଧୁଙ୍କ ବ୍ୟକ୍ତିତ୍ୱକୁ ନାନା ଭାବରେ ବ୍ୟବହାର କରୁଅଛୁ - ବିକି ଭାଙ୍ଗି ଖାଉଛୁଁ, ହୁଏତ ନିଜ ସ୍ୱାର୍ଥରେ ତାହା ଲଗାଇବାର ପ୍ରୟାସ କରୁଅଛୁଁ; କିନ୍ତୁ ମହାତ୍ମାଙ୍କ ଯଥାର୍ଥ ସ୍ମୃତି ଫୁଟାଇବା ଦିଗରେ କୌଣସି ସ୍ପଷ୍ଟ ଉଦ୍ୟମ ହେବାର ମନେ ହେଉ ନାହିଁ। ଓଡ଼ିଶାବ୍ୟାପୀ ଜାତୀୟ ଅନୁଷ୍ଠାନ କରିବାର କଳ୍ପନା ମଧ୍ୟ ହୋଇଛି; କିନ୍ତୁ ସେ ସବୁରେ କେହି କେବେ ନିଷ୍ଠାର ସହିତ ମନ ଦେଇ ନାହାନ୍ତି। ଜାତୀୟ ସଂପଦ ଗୋପବନ୍ଧୁ ସ୍ମୃତି ଓଡ଼ିଶାର ପ୍ରଗତିରେ କିପରି ଦିନକୁ ଦିନ ସ୍ପଷ୍ଟହେବ, ତାହାର କୌଣସି ବିଧାନ କଳ୍ପନାରେ ମଧ୍ୟ ଆଉ ଦେଖାଯାଉ ନାହିଁ। ଜାତିର କର୍ମବୀରର ସ୍ମୃତି ମିଳନ ହେଲେ ଜାତିର ବହୁ କ୍ଷତିହୁଏ।

ଅତଏବ ଆଶା କରାଯାଏ, ଦେଶବାସୀ ଏହି ଅଷ୍ଟମ ବାର୍ଷିକ ଶ୍ରାଦ୍ଧ ପୁଣ୍ୟପ୍ରାଣରେ ପାଳନ କରି ଗୋପବନ୍ଧୁ ସ୍ମୃତିର କୌଣସି ନୂତନ ସ୍ଥାୟୀ ଜାତୀୟ ଅନୁଷ୍ଠାନର କଳ୍ପନା କରିବେ। ପୁଣି ପର୍ବ ଦିନଭଳି, ପ୍ରତ୍ୟେକ ପୁରପଲ୍ଲିରେ ସେ ଦିନ ଯେପରି ଗୋପବନ୍ଧୁଙ୍କ କର୍ମ କୀର୍ତ୍ତନ ହୁଏ, ତାହାର ବ୍ୟବସ୍ଥା ହେବା ଉଚିତ୍।

ନବ ଭାରତ-୧/୧୨, ଆଲୋଚନା

ଗାନ୍ଧି ସେବା ସଂଘ

ଏବେ ଢାକା ଜିଲାର ମାଲିକନ୍ଦା ଠାରେ ଗାନ୍ଧି ସେବା ସଂଘର ଯେଉଁ ବୈଠକ ହୋଇଥିଲା, ସେଥିରେ ଗାନ୍ଧି ଏକ ପ୍ରକାର ସଂଘଟିକୁ ପୁନର୍ଜନ୍ମ ଦେଲେ । ଗାନ୍ଧି ନିୟମ ହିସାବରେ ସେ ସଂଘର କେହି ନୁହନ୍ତି । ତଥାପି ତାଙ୍କ ନୀତି ପ୍ରତିଷ୍ଠା ଓ ପ୍ରଚାର କରିବା ନାମରେ ଯେଉଁ ଶୃଙ୍ଖଳିତ ସଂଘଟି ହୋଇଚି, ସେ ନିଜେ ତା'ର ହର୍ତ୍ତା କର୍ତ୍ତା ବିଧାତା। କଂଗ୍ରେସରେ ମଧ୍ୟ ସେଇପରି ସେ ଚାରିଅଣା ମେମ୍ବର ନୁହନ୍ତି; ତଥାପି କଂଗ୍ରେସର ସେ ସର୍ବଶ୍ରେଷ୍ଠ ଏକମାତ୍ର ନେତା । ମହାତ୍ମା ଗାନ୍ଧିଙ୍କ କ୍ରିୟା ପ୍ରକାଶରେ ଏ ଏକ ଅବୁଝା

Digitized by PPRACHIN, SOA

ଢ଼ଙ୍ଗ । ମାତ୍ର ଅବୁଝା ବୋଲି କହିବାର ଉପାୟ ନାହିଁ। ଆମେ ନ ବୁଝିଲୁ ବୋଲି ଯେ କେହି ବୁଝୁ ନ ଥିବେ ବା ବୁଝିବେ ନାହିଁ, ଏହା କହିବା ଠିକ୍ ନୁହେଁ । ପୁଣି ଆପ୍ତବଚନ ସମସ୍ତେ ବୁଝନ୍ତି ନାହିଁ। ଭାରତ ଆପ୍ତବଚନ ଚାଳିତ ଦେଶ।

ସେ ଯା ହେଉ, ସାବରମତୀ ଆଶ୍ରମଟି ଦିନେ ଗୋଟାସୁଦ୍ଧା ଭାଙ୍ଗି ଦେଇ ମହାତ୍ମାଜୀ କିଛି ଦିନ ପରେ ସେଓଗାଁରେ ତାର ପୁନର୍ଜନ୍ମ ଦେଇଥିଲେ। ଏ ପୁନର୍ଜନ୍ମ ସେଇପରି କି ନା, ତା କେବଳ ମହାତ୍ମାଜୀ ଜାଣନ୍ତି। ଶିଷ୍ୟୋପଶିଷ୍ୟମାନେ ଜାଣନ୍ତି ବୋଲି ହୁଏତ ସବୁକଥାରେ ଯେପରି କହନ୍ତି, ଏ କଥାରେ ସେଇପରି କହିବେ । ମାତ୍ର ସେ କହିବାରେ ଲୋକେ ଗୁରୁଶ୍ରଦ୍ଧାର ପ୍ରଗାଢ଼ତା ପାଇ ପାରନ୍ତି, ବିଚାରି ବୁଝିବାର ସାମଗ୍ରୀ ପାଇବେ କି ନା ସଂଦେହ ।

ଗାନ୍ଧି ସେବା ସଂଘ ରାଜନୀତି ଛାଡ଼ିଲେ । ମାତ୍ର ସଂଘସ୍ଥ ଯେଉଁମାନେ ରାଜନୀତିର ଚାଲ୍ ବାଜିରେ ପୋଖତ ସେମାନେ ସଂଘ ଛାଡ଼ିଲେ । କାରଣ, ଏବେ ଜଣା ପଡ଼ିଲା, ସଂଘ ବଳରେ ସେମାନେ ରାଜନୀତି ନକରି ନିଜ ବଳରେ ତାହା କରୁଥିଲେ। ବାକୀ ଯେ କେତେଜଣ ରହିଲେ, ସେମାନେ ସୂତାକଟା ଠାରୁ ଖଜୁରି ଗୁଡ଼ ପର୍ଯ୍ୟନ୍ତ, ଓ ଗ୍ରାମର କ୍ଳେଦ ପରିଷ୍କାର ଠାରୁ ଉଆର୍ଦ୍ଧା ଶିକ୍ଷା ପର୍ଯ୍ୟନ୍ତ ସବୁ ଗଠନ କାର୍ଯ୍ୟରେ ମନ ଦେବେ । କିଂତୁ ରାଜନୀତି ଛଡ଼ା ସେମାନେ ଏପରି କାର୍ଯ୍ୟରେ ମନ ଦେଇ ଶିଖି ନାହାନ୍ତି । ମନ୍ତ୍ରୀଙ୍କୁ ହାତ କରି ଚାଳନା ଦେଇ ପାରିନଥିଲେ ସୂତାକଟା, ଖଜୁରି ଗୁଡ଼, ଉଆର୍ଧାଶିକ୍ଷା କେହି ଏପରି ଉଧେଇ ପାଇନଥାନ୍ତେ । ଏବେ ବି ସେସବୁ ପାଇଁ ଗାନ୍ଧି ସେବା ସଂଘ ଲୋକେ ଲାଟ ସାକ୍ଷାତାଦି କରିବାର ମଧ ଦେଖା ଯାଉଚି । ଏହା ସମସ୍ତ ଲୋକେ ଜାଣୁଚନ୍ତି ଓ ବୁଝୁଚନ୍ତି। ଏଥିରେ ରାଜନୀତି ଛାଡ଼ି ଗାନ୍ଧି ସେବା ସଂଘ ରଖିବାର ଅର୍ଥ କ'ଣ ବା ପରିସର କେତେ ?

ପ୍ରଥମେ ଗାନ୍ଧି ସେବା ସଂଘ ଲୋକେ ପଛରେ ପଘା ଧରି ଚଳାଇ ପାରିବା ଭଳି ଲୋକଙ୍କୁ ଠିକଣା କରି ନିର୍ବାଚନ ଓ ମନ୍ତ୍ରିତ୍ୱକୁ ପଠାଉଥିଲେ । ବର୍ଷ ଖଣ୍ଡକ ପରେ ପୁଣି ନିଜେ ନିଜେ ସଫା ବାହାରି ପଡ଼ିଲେ । ସଂଗେ ସଂଗେ ତ୍ରିପୁରୀ କଂଗ୍ରେସରେ ସର୍ବଦଳ ସର୍ବମତର ନେତା ମହାତ୍ମାଜୀଙ୍କୁ ଗୋଟିଏ ଦଳର ସ୍ପଷ୍ଟ ବିରୋଧରେ ଅନ୍ୟ ଦଳର ନେତା କରି ଛିଡା କରାଇ ଦେଲେ । ଏଠାରେ ମହାତ୍ମାଜୀଙ୍କୁ ବ୍ୟବହାର କରାଯାଇଥିଲା । ସୁଭାଷ ବାବୁ, ବହୁ ଭୋଟ ପାଇ ସଭାପତି ହୋଇଗଲେ- ତା ପୁଣି ଗାନ୍ଧି ସେବା ସଂଘ ନେତାଙ୍କ ପ୍ରଭାବିତ ଦଳର ସ୍ପଷ୍ଟ ବିରୋଧ ସତ୍ତ୍ୱେ । ଏତେବେଳେ ପେଡ଼ିରୁ ବୁଢ଼ାକୁ ନ କାଢ଼ିବାକୁ ଚାରା ନଥିଲା । ବୁଢ଼ାକୁ ଟେକି ଦେଖାଇ ମନ୍ତ୍ରୀଙ୍କୁ ମୁଗୀ ପରି ନଚାଇ ମନେ କରାଯାଇଥିଲା

Digitized by PPRACHIN, SOA

ବଳେ କଳେ କୌଶଳେ ଦେଶକୁ ଏକାକାର କରି ଦେଖାଇ ଇଂରେଜଙ୍କ ଠାରୁ ବାଘଛାଲ ଦେଖାଇ ପୂର୍ଣ୍ଣସ୍ୱାଧୀନତାଟା ମାରି ନେବା ସଂଭବ ହେବ । କିନ୍ତୁ ହେଲା ନାହିଁ । ଇଂରେଜ ତ ଦେଲେ ନାହିଁ; ମହାତ୍ମା ଗାନ୍ଧି ମଧ୍ୟ ନିଜର ଦଳଗତ ନେତୃତ୍ୱରେ ଅତି ବିକୃତ ଭାବରେ ପ୍ରକାଶିତ ହେଲେ ।

ଏବେ ଶେଷକୁ ଚମକି ପଡ଼ି ମହାତ୍ମାଜୀ ଇଂରେଜଙ୍କୁ ଠିକ୍ କଥା ପ୍ରାୟ ଶୁଣାଇ ଦେଇ ସାରିଲେଣି; ଓ ଗାନ୍ଧି ସେବା ସଂଘକୁ ଭାଙ୍ଗି ପୁନର୍ଜନ୍ମ ଦେବାର ସୂଚନା ଦେଲେଣି । ତେବେ ଗାନ୍ଧି ସେବା ସଂଘ ରାଜନୀତି ଛାଡ଼ି କିପରି ଭାବରେ କେତେ ଦିନ ରହିବ, ନ ଦେଖି କହି ହେଉନାହିଁ । ଜେଲ୍ ପ୍ରଭୃତିକୁ କେବେ ଡାକ ପଡ଼ିଲେ ସେମାନେ ଯିବେ କି ନା ? ନଚେତ୍ ଖାଲି ରାମକୃଷ୍ଣ ମିଶନ୍ ପ୍ରଭୃତି ପରି ନିଷ୍କାମ ସେବା ଧର୍ମରେ ରହି ଗାନ୍ଧିଙ୍କର ଭବିଷ୍ୟତ ସ୍ମୃତିମନ୍ଦିର ଗଢ଼ିବେ ? ମହାତ୍ମାଜୀ ଏ ସବୁ କ୍ରମେ ସ୍ପଷ୍ଟ କରିବେ ବୋଲି ଆଶା କରାଯାଏ ।

ନବ ଭାରତ ୬/୭, ଆଲୋଚନା

ପଣ୍ଡିତ ନୀଳକଣ୍ଠଙ୍କ ଶୋକ

ମହାତ୍ମା ଗାନ୍ଧି-ଆବିର୍ଭାବ-୧୮୬୯, ଅକ୍ଟୋବର ୨-ତିରୋଭାବ ୧୯୪୮, ଜାନୁଆରୀ ୩୦

ପଣ୍ଡିତ ନୀଳକଣ୍ଠ ଦାସ ମହାତ୍ମାଜୀଙ୍କ ମୃତ୍ୟୁ ସମ୍ବାଦ ଶୁଣି କହିପକାଇଲେ- "ମହାତ୍ମାଜୀ ଆଉ ନାହାନ୍ତି । ଏ ଯୁଗର ମହାମାନବ, ପୃଥିବୀର ଶ୍ରେଷ୍ଠ ମାନବ, ଭାରତ ସ୍ୱାଧୀନତାର କର୍ତ୍ତା, ନବଭାରତର ବିଧାତା ଚାଲିଗଲେ । ଗଲେ ଆତତାୟୀ ହାତରେ । ସେ ଆତତାୟୀ ପୁଣି କିଏ ? ସେ ହେଉଚି ତାଙ୍କ ପ୍ରାଣର ପ୍ରାଣ; ଯେଉଁମାନଙ୍କ ପାଇଁ ସେ ବଞ୍ଚିଥିଲେ, ଯାହାଙ୍କ ପାଇଁ ସେ ମଲେ, ସେ ହେଉଚି ତାଙ୍କରି ଭିତରୁ ଜଣେ । ବାର୍ଣ୍ଣାଡ଼ଶ କହିପକାଇଲେ, "Mahatmajee was dangerously good", ମାତ୍ର ସେ ଆମ ଜାତିର ପିତା । ଯଥାର୍ଥ "ବାପୁଜୀ" । ସେ ଥିଲେ ଆଧାତ୍ମିକ ଶାନ୍ତି ସମତାର ପ୍ରତୀକ । ସେଇ ବଳରେ ଆମର କେତେ ସଙ୍କଟ, କେତେ ବିପଦ ଯାଇଚି । ସେ ସମତାର ପୁଣି ସ୍ଥାନ

ପାଦଟୀକା : (୩୦/୧/୧୯୪୮ ରେ ଆତତାୟୀ ହାତରେ ମହାତ୍ମା ଗାନ୍ଧିଙ୍କ ହତ୍ୟା ଘଟିଯିବା ପରେ 'ନବଭାରତ'ର ଏକ ସ୍ୱତନ୍ତ୍ର ସଂଖ୍ୟା ମହାତ୍ମାଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ରକାଶ ପାଇଥିଲା ଏହା ଥିଲା ନବଭାରତ ନୂତନ ପ୍ରସ୍ଥର ପ୍ରଥମ ବର୍ଷର ଶେଷ ସଂଖ୍ୟା-(ନୂଆପ୍ରସ୍ଥ ୧/୧୧) ମକର- ୧୩୫୫ ଏବଂ ଏହାର ପରବର୍ତ୍ତୀ ସଂଖ୍ୟା ୨ୟ ବର୍ଷ / ୧ମ ସଂଖ୍ୟା ହେବ ବୋଲି ସଂପାଦକ ନୀଳକଣ୍ଠ ଏହି ସଂଖ୍ୟାର ଶେଷପୃଷ୍ଠା (୫୨)ରେ ଜଣାଇ ଦେଇଛନ୍ତି ।)

ମହାତ୍ମାଗାନ୍ଧୀଙ୍କ ସ୍ମୃତିଚାରଣ ଉଦ୍ଦେଶ୍ୟରେ ଏହି ବିଶେଷ ସଂଖ୍ୟାରେ ପ୍ରକାଶ ପାଇଥିବା ପଣ୍ଡିତ ନୀଳକଣ୍ଠଙ୍କ ଲେଖା ଏଠାରେ ସ୍ଥାନିତ ହୋଇଛି ।

Digitized by PPRACHIN, SOA

ଆହୁରି ଉପରକୁ । ଏହା ହେଉଚି, ଜଗତ ଆତ୍ମାର ମୁକ୍ତିମନ୍ତ୍ର । ମୃତ୍ୟୁରେ ଆଜି ତାଙ୍କୁ କଳନା କରିବା ଅସମ୍ଭବ । ଭାଷାରେ ତା କହିବାର ନୁହେ। ଯେଉଁ ଭାରତକୁ ସେ ହାତରେ ଗଢ଼ିଥିଲେ, ଆଜି ତାଙ୍କ ହତ୍ୟାରେ ସେ ଭାରତ ମହତ୍ତ୍ୱ ହରାଇଲା । ତାଙ୍କର ମୃତ୍ୟୁ ଆଜି ଯଥାର୍ଥରେ ଯିଶୁଖ୍ରୀଷ୍ଟଙ୍କ ସଙ୍ଗେ ତୁଳନୀୟ- ନା, ତାଠାରୁ ବହୁତ ବେଶି । ମହାତ୍ମାଜୀ ଆମକୁ ଅନନ୍ତ ଦେଶକାଳରେ ବାଟ ଦେଖାନ୍ତୁ- ସେଥିରେଇ ଆମର ଭାଗ୍ୟ ଫିଟୁ- ଆମ ଆତ୍ମା ମୁକ୍ତି ପାଉ- ବ୍ୟକ୍ତିର ଆତ୍ମା ମୁକ୍ତ ହେଉ- ଜାତିର ଆତ୍ମା ମୁକ୍ତ ହେଉ- ମାନବର ଆତ୍ମା ମୁକ୍ତ ହେଉ ।”

୩୦।୧।୧୯୪୮, ସଂଧ୍ୟା

ଗାନ୍ଧିଜୀ ମରିନାହାନ୍ତି

କବି ରବୀନ୍ଦ୍ରନାଥ ମହାତ୍ମାଗାନ୍ଧିଙ୍କ ଠାରୁ ବୟସରେ ଖୁବ୍ ବଡ଼ ଥିଲେ । ସେ ଯରବାଡା ଜେଲରେ ମହାତ୍ମା ଗାନ୍ଧିଙ୍କୁ ଦେଖି ପଚାରିଥିଲେ, ‘ମୁଁ ଏତେ ବୟସ୍କ ହୋଇ ଏତେ ପ୍ରଫୁଲ୍ଲ ଅଛି । ତମେ ଯୁବକ ହୋଇ ଏତେ଼ ଚିନ୍ତିତ ଦିଶୁଚ କିଆଁ ?’ ଗାନ୍ଧିଜୀ ଉତ୍ତର ଦେଇଥିଲେ, ‘ଦାଦା’ ବୁଝିଲ ନାଇ, ସକାଳୁ ଚଢ଼େଇଟି ଉଠି ଯେତେବେଳେ ଆକାଶକୁ ଚାହିଁ ସୁନ୍ଦର ସ୍ୱରଟି ଛାଡ଼ିଦିଏ, ସେତେବେଳେ କବି ପ୍ରାଣ ଆନନ୍ଦରେ ଯେପରି କି ସେଇସ୍ୱର ସଂଗେ ଭାସି ଯାଏ । କିଂତୁ ମୁଁ ସେ ସ୍ୱର ଶୁଣିଲେ ମୋର ମନେହୁଏ, ଆହା, ବିଚରା ଚଢ଼େଇଟି କାଲି ବୋଧହୁଏ ପେଟପୂରା କରି ଖାଇଥିଲା; ତେଣୁ ତାର ଆଜି ଏ ସ୍ୱର ।’ ରବି ଠାକୁର ଶୁଣି ସ୍ତମ୍ଭିତ ହେଇଗଲେ । ପ୍ରାଣରେ ବିଶ୍ୱପ୍ରୀତିର ଏ ସଂକେତ, ଏକା ମହାତ୍ମାଙ୍କ ଠାରେ ସଂଭବ। ତଥାପି ସେଇ ‘ଚଢ଼େଇର ପେଟବଥା ଜାଣିବା’ ଲୋକ, ସେଇ ପ୍ରୀତିର ପୁରୁଷ, ଶେଷରେ ବିରକ୍ତି ଓ ବିଦ୍ୱେଷର ଆଘାତରେ ଦେହପାତ କଲେ । କ୍ରିୟା, ପ୍ରତିକ୍ରିୟାର ଏ ବୈଷମ୍ୟ ଦେଖି ଚମକି ପଡ଼ିବାର କଥା । କିଂତୁ ଚମକି ପଡ଼ିବାର କିଛି ନାଇ । ବିଶ୍ୱ ସୌନ୍ଦର୍ଯ୍ୟର ଏହାଇ ବିଧି । ପଦ୍ମ ଉଠେ ପଂକରୁ । ସକାଳ ବାହାରେ କାଳୀଅନ୍ଧାରିରୁ । ହିଂସାର ଏ କାଳିମାରୁ ମହାତ୍ମାଙ୍କ ଅହିଂସା ଆଜି ବିଶ୍ୱବ୍ୟାପୀ ମହାସତ୍ୟ; ମୃତ୍ୟୁର ଶୋଚନା ଭିତରେ ଆଜି ଯଥାର୍ଥରେ ମହାତ୍ମାଜୀ ଚିର ଜୀବନ୍ତ । ମହାତ୍ମାଙ୍କର ବ୍ୟକ୍ତିତ୍ୱ ଆଜି ହିଂସାର ଆଘାତରେ ସୁନ୍ଦର, ଉଜ୍ଜ୍ୱଳ ଓ ଦୀପ୍ତିମନ୍ତ ସତ୍ୟ ।

ମହାତ୍ମା ଗାନ୍ଧିଙ୍କୁ ଅନେକେ ଦେଖିଥିବେ । ଅନେକେ ତାଙ୍କ କଥା ଶୁଣିଥିବେ । ସେ ଦେଖିବାକୁ ବଡ଼ ମଣିଷଟାଏ ନ ଥିଲେ । ସାଧାରଣ ବାଗ୍ମିମାନଙ୍କ ପରି ତାଂକ ବକ୍ତୃତାରେ ଛଟା ନଥିଲା । ବେଶଭୂଷାର ପରିପାଟି ଯାହାକୁ କହନ୍ତି, ସେ ସବୁ ମହାତ୍ମାଗାନ୍ଧିଙ୍କ ପାଖରେ କେହି ଦେଖି ନଥିବେ । ତାଂକ ଖାଇବା ପୁଣି ଅତି ବିଚିତ୍ର ।

Digitized by PPRACHIN, SOA

ସେ ଯାହା ଖାଆନ୍ତି, ତାହା ଦେଖି ସାଧାରଣ ଲୋକ ବୁଝି ପାରିବ ନାଇ, ତାହା ଖାଇ ଲୋକ କିପରି ବଂଚିରହେ - କାମ କରିବା ତ ଦୂରର କଥା । ମହାତ୍ମାଜୀ କିଂତୁ ଥିଲେ ଅକ୍ଳାନ୍ତ ନିୟମିତ କର୍ମୀ । କାମରେ ଏକ ସେକେଣ୍ଡ ଏପାଖ ସେପାଖ ହେବାର ନଥିଲା । ମନେ ଅଛି, ୧୯୨୧ରେ ଅହମଦାବାଦ କଂଗ୍ରେସ ଦେଖି ଫେରିବା ପରେ କଟକରେ ମୋ ଅଧ୍ୟାପକ ଶ୍ରୀଯୁକ୍ତ ଗୋପାଳ ଚନ୍ଦ୍ର ଗାଂଗୁଲୀ ପଚାରି ଥିଲେ, 'ଗାନ୍ଧିଙ୍କି କ'ଣ ଦେଖିଲ ?' ମୁଁ ଉତ୍ତର ଦେଇଥିଲି, 'ଗୋଟିଏ ବିଷୟ ବୁଝାଇବା ପାଇଁ ଗାନ୍ଧିଜୀ, ସଭାପତି ହାକିମଆଜମଲ୍ ଖାଁଙ୍କ ଠାରୁ ୩ ମିନିଟ୍ ସମୟ ପାଇ କହିବାକୁ ଠିଆ ହେଲେ । ଶ୍ରୋତାଙ୍କ ଭିତରୁ ସ୍ୱର ଉଠିଲା, ହିନ୍ଦି, ହିନ୍ଦି, ଇଂଲିଶ୍, ଇଂଲିଶ୍ । ଗାନ୍ଧିଜୀ ସେଇ କଥାକୁ ଇଂରେଜିରେ କହିବା ପାଇଁ ଆଉ ୩ ମିନିଟ ସମୟ ମାଗିଲେ, ପାଇଲେ । ହିନ୍ଦିରେ ବ୍ୟାଖ୍ୟାନ ଆରମ୍ଭ କଲେ । (ସ୍ୱର୍ଗତ) ନିରଞ୍ଜନ ପଟ୍ଟନାୟକ ଓ ମୁଁ ଘଣ୍ଟା ଧରି ବସିଲୁ । ଠିକ୍ ୩ ମିନିଟି ଅର୍ଥାତ୍ ୧୮୦ ସେକେଣ୍ଡରେ ତାଂକ ହିନ୍ଦି ବ୍ୟାଖ୍ୟାନଟି ସରିଗଲା। ସେ ବ୍ୟାଖ୍ୟାନଟି ସଂଗତିରେ ସୁନ୍ଦର ଓ ପୂର୍ଣ୍ଣ, ପୁଣି ସୁବୋଧ । ଠିକ୍ ପରେ ଇଂରେଜିରେ ସେ ସେଇ କଥା ବୁଝାଇଲେ । ଠିକ୍ ୧୮୦ ସେକେଣ୍ଡ କହିଲେ (ଅବଶ୍ୟ ଅଧ ସେକେଣ୍ଡ ବା ପା ସେକେଣ୍ଡ ବିଷୟରେ ମୁଁ ନିଶ୍ଚିତ କରି କହିପାରୁ ନାଇଁ) । ବ୍ୟାଖ୍ୟାନଟି ହିନ୍ଦି ବ୍ୟାଖ୍ୟାନ ପରି ସୁନ୍ଦର ସୌଷ୍ଠବମୟ ଓ ସୁବୋଧ୍ୟ । ମୁଁ ମହାତ୍ମାଗାନ୍ଧିଙ୍କୁ ଏହାଇ ଦେଖିଲି ।' ଗୋପାଳ ବାବୁ ପ୍ରବୀଣ ଅଧ୍ୟାପକ । ଶୁଣି ସ୍ତମ୍ଭିତ ହୋଇଗଲେ । କହିଲେ "ହଁ, ବାସ୍ତବିକ ତୁମେ ଦେଖିଚ - ମହାତ୍ମା ଦେଖିଚ ।" ଏ ଅଭିମାନବତା ବ୍ୟାଖ୍ୟାକରି ବୁଝାଇବାର ନୁହେଁ ।

ବିଶ୍ୱବିକାଶ ଧର୍ମଇ ସମାଜର ଆଦର୍ଶ । ରେଣୁ ଠାରୁ ନୀହାରିକା ପର୍ଯ୍ୟନ୍ତ, ହରିତ କଣିକା ଠାରୁ ମାନବ ପର୍ଯ୍ୟନ୍ତ, ସମସ୍ତ ବସ୍ତୁ ଜନ୍ତୁ ନିର୍ଦ୍ଦିଷ୍ଟ ନିତ୍ୟ ନିୟମରେ ବିକାଶରେ ଚାଲିଚନ୍ତି । ସେଇ ନିୟମରେ ସୂର୍ଯ୍ୟାଦି ଆତ ଜାତ ହୁଅନ୍ତି । ଋତୁ ହୁଏ, ଫୁଲ ଫୁଟେ; ବସନ୍ତ ବହେ, କୋଇଲି ବୋବାଏ; ଫୁଲର ପରାଗ ସଂଗମ ଠାରୁ ପକ୍ଷୀର ନୀଡ଼ - ନିର୍ମାଣ ପର୍ଯ୍ୟନ୍ତ ସବୁ ସେଇ ନିର୍ଦ୍ଦିଷ୍ଟ ବିକାଶ ନିୟମରେ ଚାଲେ। କାହିଁରେ ବ୍ୟତିକ୍ରମ ନାଇ, କି ବ୍ୟତ୍ୟୟ ନାଇ । ଏଇ ବିକାଶ ଧର୍ମଇ ଜଗତରେ ସତ୍ୟର ପ୍ରକାଶ । ଏହାଇସତ୍ୟ । ଆମ୍ବ ବଉଳିଲେ, ବାସ ମହକେ, କୋକିଳ ଗାଏ; ଶରତରେ ପାଣି ସଫା ହୁଏ; ଶୀତ ଛାଡ଼ିଲେ, ପଦ୍ମ ସୁନ୍ଦର ମୁହଁ ଦେଖାଇ ହସି ଉଠେ। ସମସ୍ତେ ସତ୍ୟ କହନ୍ତି, ସତ୍ୟଇ ଆଚରଣ କରନ୍ତି । ବ୍ୟତ୍ୟୟ କେବଳ ମାନବର । ବିଶ୍ୱ ବିକାଶ ଧର୍ମରେ ମାନବକୁ ପକାଇବାଇ ସମାଜର ଚିର ପ୍ରଚେଷ୍ଟା । ସେଇ ସତ୍ୟର ପ୍ରତିଷ୍ଠା ନିମନ୍ତେ ସମାଜରେ ସଂଯମ ଓ ଶୃଂଖଳା; ସେଇଥିପାଇଁ କାମନାରେ ଲଗାମ୍; ତାହାଇ ବ୍ରହ୍ମଚର୍ଯ୍ୟ । ବ୍ରହ୍ମଚର୍ଯ୍ୟ ବୋଇଲେ, ବ୍ରହ୍ମ ବା ବିଶ୍ୱର ବିକାଶ ପରି ଆଚରଣ। ମହାପୁରୁଷ ସମାଜକୁ ଏଇ ଦୀକ୍ଷା ଦିଅନ୍ତି । କାମନାର ସ୍ୱଚ୍ଛନ୍ଦ ବିଳାସରେଇ ହିଂସା । ବ୍ରହ୍ମଚର୍ଯ୍ୟଇ ଅହିଂସା ।

Digitized by PPRACHIN, SOA

ମହାତ୍ମା ଏଇ ବ୍ରହ୍ମଚର୍ଯ ତଥା ଏଇ ଅହିଂସାର ପୂର୍ଣ୍ଣ ପ୍ରତୀକ ଥିଲେ । ସେ ଏଇ ଆଦର୍ଶର ମୂର୍ତ୍ତିମନ୍ତ ବିଗ୍ରହ ଓ ଅବତାର ଥିଲେ । ଅତି ସାମାନ୍ୟ ଶରୀର ଧର୍ମରେ ମଧ୍ଯ ମହାତ୍ମାଙ୍କର ଏଇ ନିରାଟ ବ୍ରହ୍ମଚର୍ଯ ଦାଉ ଦାଉ ଫୁଟି ଦିଶୁଥିଲା । ଆଦର୍ଶ କ୍ରିୟାରେ ଏ ଅଜ୍ଞାତ ବିଶ୍ୱ ଶିକ୍ଷାର ଦୀକ୍ଷା, କଳ୍ପନାରେ ଥାଇପାରେ; ବାସ୍ତବରେ ସୁଲଭ ନୁହେ - ଅଲଭ୍ୟ କହିଲେ ଚଳେ । ମହାତ୍ମାଜୀ ଖାନ୍ତି ସ୍ୱାସ୍ଥ୍ୟ ପାଇଁ - ଶରୀର ଧର୍ମ ଆଚରଣ ପାଇଁ- ଗୀତା ଭାଷାରେ ମାତ୍ରକ ଶରୀରଯାତ୍ରାର ସିଦ୍ଧି ପାଇଁ । ସ୍ୱାଦୁ ପାଇଁ ସେ କେବେ ଖାଆନ୍ତି ନାଇ। ସେ ପିନ୍ଧନ୍ତି, ପ୍ରୟୋଜନ ପାଇଁ; ସଜାଡ଼ି ହେବା ପାଇଁ ନୁହେଁ । ସେ ଶୁଅନ୍ତି ଶରୀରର ଆବଶ୍ୟକ ବୋଲି; ବିଶ୍ରାମର ବିଳାସ ପାଇଁ ନୁହେଁ । ଗୋଲ୍‌ଟେବୁଲ୍ ବୈଠକ ପାଇଁ ବିଲାତରେ ଥିଲାବେଳେ ଦେଢ଼ମାସ କାଳ ଶୋଇବାକୁ ତାଙ୍କୁ ତର ମିଳିନଥିଲା । ମାତ୍ର ନିରୁତା ନିଷ୍ଠାରେ ଶରୀର ଧର୍ମ ପାଳିବାକୁ ହେବ । ତେଣୁ, ସମସ୍ତେ ଜାଣନ୍ତି, ଭାରତକୁ ଫେରିଲା ପରେ ଶୋଇବାରେ ଯାହା ବାକୀଥିଲା, ତାକୁ ସେ ପୂରଣ କରିଥିଲେ । ଯନ୍ତର ମରାମତି ପରି ଆତ୍ମାର ଶ୍ରୀମନ୍ଦିର ଦେହକୁ ଏପରି ବିଶ୍ୱବିକାଶର ନିତ୍ୟ ଧର୍ମରେ ମିଶାଇ ଦେବା, ଆଚରଣରେ ସତ୍ୟ ପ୍ରକାଶ କରିବା, ମହାତ୍ମାଙ୍କ ପକ୍ଷେ ଏକା ସଂଭବ । ଅଲକ୍ଷିତ ବିଳାସ ବ୍ୟସନର ଶ୍ରେଷ୍ଠଭୂମି- ଅଜ୍ଞାତ ଗୁପ୍ତ କାମନାର ଆଦିପୀଠ- ସାମାନ୍ୟ ଖାଇବା ପିନ୍ଧିବା ଶୋଇବା । ସେଥିରେ ଏ ରୀତି, ଏ ପ୍ରକାର, କର୍ମ ନିୟମର ଏ ନିର୍ଦ୍ଦିଷ୍ଟତା, କାହାକୁ ହୁଏତ ପୁରାଣର କଥା, କାବ୍ୟର କଳ୍ପନା ବା ଦର୍ଶନର ବ୍ୟାଖ୍ୟାନ ପରି ଲାଗିପାରେ । କିଂତୁ ଭାରତ ବାସିର ଭାଗ୍ୟ- ଏ ଯୁଗର ବିଶ୍ୱ ବାସିଙ୍କ ସୌଭାଗ୍ୟ- ମହାତ୍ମାଙ୍କ ଜୀବନରେ ସେ ସବୁ ସତରେ ଦେଖିଚନ୍ତି ।

ବିକାଶ ଶୃଙ୍ଖଳାରେ ବୈଷମ୍ୟରେଇ ସମତା । ସୌନ୍ଦର୍ଯ୍ୟ ସେଇଠାରେ। ସେଇ ଏକା ସତ୍ୟଂ ଶିବଂ ସୁନ୍ଦରଂ'। ଗଛର ସବୁ ଡାଳପତ୍ର ସମାନ ହୋଇଥିଲେ ସେଥିରେ ଶୃଂଖଳାର କଳ୍ପନା ନାଇ; ତା' ଶୁଭଂକର ନୁହେଁ; ସୌନ୍ଦର୍ଯ୍ୟ ସେଥିରେ ଅସଂଭବ । ଏଇ ବୈଷମ୍ୟ ଓ ବିରୋଧାଭାଷ ସୃଷ୍ଟି ତଥା ବିକାଶର ନିତ୍ୟ ନିୟମ । ବିନାଶରେ ବିକାଶ, କ୍ଷୟରେ ବୃଦ୍ଧି, ଅନ୍ଧାରରେ ଆଲୋକ, ଏପରି କି ଶୃଂଖଳାରେ ସ୍ୱାଧୀନତା, ନିର୍ବାଚନରେ ଆହରଣ- ସର୍ବତ୍ର ବିରୋଧାଭାଷ । କେତେ ଫୁଲ ଫୁଟେ, କେତେ ମଂଜି ପାଚେ- କିଂତୁ ସେ ସବୁର ଧ୍ୱଂସରେଇ ବିଶ୍ୱ ପ୍ରକାଶରେ ବିଶାଳ ବୃକ୍ଷ ସୌନ୍ଦର୍ଯ୍ୟ । ସୂର୍ଯ୍ୟରୁ କେତେ ଆଲୋକ ରଶ୍ମି ଅନନ୍ତ ଶୂନ୍ୟରେ କୁଆଡ଼ ଯାଏ ? କେତେ ବା ସେଥିରୁ ସୌରଜଗତ୍ ପାଏ ? ଏଇ ଅଳ୍ପରେ ଏଇ ମହାକ୍ଷୟର ଅନନ୍ତ ପ୍ରଭାବରେ ବିକାଶର ସତ୍ୟ, ସର୍ଜନର ମଂଗଳ, ବିଶ୍ୱ ଶୃଂଖଳାର ସୌନ୍ଦର୍ଯ୍ୟ ।

Digitized by PPRACHIN, SOA

ମହାତ୍ମାଜୀଙ୍କ 'ସତ୍ୟ ଶିବ ସୁନ୍ଦର' ସେବାରେ ସେଇ ବିରୋଧାଭାଷ । ତ୍ୟାଗରେ ଭୋଗର ମହାଶୃଂଖଳ; ଅହିଂସାରେ ଆତ୍ମାର ମହାବିକାଶ । ଖାଇବାରେ ଶରୀରରକ୍ଷା । ମାତ୍ର ଉପବାସରେଇ ମହାତ୍ମାଙ୍କର ସମାଜ ରକ୍ଷା- ସୃଷ୍ଟିରକ୍ଷା । ମୃତ୍ୟୁରେ ତାଙ୍କ ଏହି ବିରୋଧାଭାଷର ମହା ମହିମା ସତ୍ୟ ହେଲା । ବିଶ୍ୱ ମାନବକୁ ଅହିଂସାର ମହା ଦୀକ୍ଷା ଦେଇ ଆତ୍ମିକ ପ୍ରଭାବର ଚରମସତ୍ୟ ପ୍ରମାଣିତ ଓ ପ୍ରତିପାଦିତ କରିବା ପାଇଁ ହିଂସାର ପ୍ରଚଣ୍ଡ ସ୍ଫୁରଣରେ ତାଙ୍କ ଦେହଲୀଳା ଶେଷ ହେଲା । ମନୁଷ୍ୟ ତଥା ଜୀବମାତ୍ରରେ ମୈତ୍ରୀ ଓ ପ୍ରୀତି ମନ୍ତ୍ରର ସାଧନାରେ ସିଦ୍ଧ ଯୋଗୀ ମହାତ୍ମା, ତୀବ୍ର ବିରକ୍ତିର ଶରବ୍ୟ ହେଲେ । ସ୍ୱର୍ଗତ ଚିତ୍ତରଂଜନ ମଲାବେଳେ ବିଶ୍ୱକବି ରବୀନ୍ଦ୍ରନାଥ ମାତ୍ର ଅଳ୍ପକେ କହିଥିଲେ-
"ଏସେଛିଲେ ସଂଗେକରେ ମୃତ୍ୟୁହୀନ ପ୍ରାନ୍ ମରନେ ତାହାଇ ତୁମି କରେଗେଲେ ଦାନ୍ ।"

(ଆସିଥିଲ ସଂଗେ ଘେନି ମୃତ୍ୟୁ ହୀନ ପ୍ରାଣ
ମରଣେ ତାହାଇ ତୁମେ କରିଗଲ ଦାନ ।)

ମହାତ୍ମାଜୀ ଯେପରି କି ଅହିଂସାର ସ୍ୱଷ୍ଟ ଦର୍ଶନ ଓ ଅହିଂସାର କର୍ମପରଂପରା ଘେନି ଅବତୀର୍ଣ୍ଣ ହୋଇଥିଲେ । ମନେହୁଏ, ମରଣରେ ମଧ୍ୟ ବିବ୍ରତ ବିଶ୍ୱବାସୀଙ୍କୁ ପୂରାପୂରି ତା' ଦେଖାଇବା ପାଇଁ ସେ ନିଜେ ହିଂସାରେ ଆତ୍ମବଳି ଦେଲେ । ସର୍ଦାର ପଟେଲ ବହୁ ଲକ୍ଷଣ ଦେଖି ଶଂକିତ ହୋଇ ସାବଧାନ ହେବାକୁ ମହାତ୍ମାଙ୍କୁ କହିଥିଲେ । କିଂତୁ ମହାତ୍ମା, ମହାତ୍ମା। ସେ କହିଲେ, 'ସାବଧାନ ହେଲେ ମୁଁ ଆତ୍ମହତ୍ୟା କରିବି ।' ଓଃ ! ମନୁଷ୍ୟ ଠାରେ କି ବିଶ୍ୱାସ ? ଆତ୍ମିକତାରେ କି ଅନନ୍ତ ପ୍ରତ୍ୟୟ ? ଆତ୍ମହତ୍ୟା କରିଥିଲେ, ଉପାସରେ ମରିଥିଲେ କିଂବା ସ୍ୱାଭାବିକ ଭାବରେ ରୋଗରେ ଯାଇଥିଲେ, ଅହିଂସାର ଅବତାର ମହାତ୍ମାଜୀଙ୍କର ବିଶ୍ୱବାସୀଙ୍କ ଉପରେ ଆତ୍ମିକତାର ଏ ପ୍ରଭାବ ପଡ଼ି ନଥାନ୍ତା । ସାମାନ୍ୟ ତଡ଼ା ଲଗାଇଦେଲେ ବିରାଟ ପଥର ବି ଟଳିଯାଏ, ଉଠିଯାଏ। ଆଜି ହିଂସାର କ୍ରିୟାରେ ମହାତ୍ମାଜୀଙ୍କ ଏ ମୃତ୍ୟୁ ଅହିଂସା ପାଇଁ ଜଗତର ଆଖି ଫିଟାଇ ଦେଇଚି । ଅହିଂସାର ଶକ୍ତି, ଅହିଂସାରେ ମାନବର ପ୍ରତ୍ୟୟ, ତଡାରେ ପଥର ଟଳିଲା ପରି ଅବିଶ୍ୱାସିର ଦାମ୍ଭିକତା ଚହଲାଇ ଦେଇଚି । ଅହିଂସାରେ ପ୍ରତ୍ୟୟ ଶତଗୁଣ, ସହସ୍ର ଗୁଣ, ଉଠି ଯାଇଚି । ପରମାଣୁରେ ସୃଷ୍ଟିର ପ୍ରକାଶ । ସେଥିରେଇ ବିଶ୍ୱ ଶୃଙ୍ଖଳା ଶାନ୍ତିରେ ଆତଯାତ । ଏ ଶୃଙ୍ଖଳା ଭିତରେ ସୃଷ୍ଟିର କି ଶକ୍ତି ନିଗୂଢ଼ ଅଛି, କହି ବୁଝାଇଲେ କିଏ ବୁଝିବ ? ବୁଝାଇବା ପାଇଁ ଭୌତିକ ଜଗତରେ ବୈଜ୍ଞାନିକ, ପରମାଣୁକୁ ଭାଙ୍ଗିଦେଲେ । ଅନନ୍ତ ଶକ୍ତି ଫାଟି ପଡ଼ିଲା। ବିଶ୍ୱମାନବ ଦେଖିଲା, ବୁଝିଲା । ମହାତ୍ମାଜୀ ଅହିଂସା ପ୍ରଚାର କଲେ । ଜୀବନର ଅନନ୍ତ ସଂଯମ ଓ ନିଷ୍ଠା ସମାହିତ କରି ବିଶ୍ୱମାନବକୁ ଆକର୍ଷଣ କରି ବସିଲେ । ଲୋକେ ଦେଖି ପାରିଲେ ନାଇ- ବୁଝିପାରିଲେ ନାଇ । ପରମାଣୁକୁ ଫଟାଇଦେଲା ପରି ଆଜି ଅହିଂସା,

Digitized by PPRACHIN, SOA

ହିଂସାର ପ୍ରଚଣ୍ଡ ଆଘାତରେ ଫାଟି ଯାଇଚି । ତେଣୁ ଆଜି ଅହିଂସାର ଶକ୍ତି ବିଶ୍ବବ୍ୟାପୀ । ଅହିଂସା କ'ଣ କରିପାରେ, ବିଶ୍ୱମାନବ ଆଜି ତାହା ଅନୁଭବରେ ଦେଖୁଚି ।

ମହାତ୍ମାଜୀ ସାବଧାନ ହୋଇ ପାରିଥାନ୍ତେ । ବହୁ ସଂକେତ ସେ ପାଇଥିଲେ । ସାବଧାନ ହେବାର ସାଧନ ତାଂକ ପାଖରେ ନଥିଲା, ନୁହେଁ । କିଂତୁ ଅହିଂସାର ଆତ୍ମିକ ଶକ୍ତି ସେଥିରେ ପ୍ରକାଶ ପଡ଼ନ୍ତା ନାଇ- ବରଂ ଲୁଚି ରହନ୍ତା । ଆଜି କିଂତୁ ଅହିଂସାର ପ୍ରକାଶ ତଥା ପ୍ରଚାର ସ୍ପଷ୍ଟ ଓ ଜୀବନ୍ତ । ପ୍ରାଣ ଦେଇ ମହାତ୍ମାଜୀ ଆଜି ଶେଷରେ ପୂର୍ଣ୍ଣ ମନ୍ତ୍ର-ସିଦ୍ଧ । ଏ ସିଦ୍ଧି ତାଂକର ଥିଲା । ଲୋକେ ହୁଏତ ଜାଣି ନଥିଲେ । ହୁଏତ ସନ୍ଦେହ କରୁଥିଲେ । କିଂତୁ ଆଜି ଅଜ୍ଞାନର ସେ ଗଣ୍ଠି ଛିଣ୍ଡି ଯାଇଚି । ସର୍ବ ସଂଶୟ ଦୂର ହୋଇଚି । ଅହିଂସାର ଜ୍ୟୋତି ଆଜି ପୃଥିବୀରେ ଜୀବନ୍ତ ଓ ଉଜ୍ଜ୍ୱଳ । ବିଶ୍ୱବାସୀ ଆଜି ନିସଂଶୟରେ ଦେଖୁଚି, ପ୍ରାଣର ପୂର୍ଣ୍ଣ ପ୍ରୀତି ଯଥାର୍ଥରେ କ'ଣ ? ଏପରି ଦେଖାଇ ଶିଖାଇବା ଜଗତରେ ନୂତନ କହିଲେ ଚଳେ ।

ଇତିହାସରେ ଆଉଦିନେ ଏପରି ହୋଇଥିଲା ବୋଲି ଲୋକେ କହନ୍ତି । ତା ହୋଇଥିଲା, ୧୯୨୫ ବର୍ଷ ତଳେ, ଏଇପରି ଗୋଟିଏ ଶୁକ୍ରବାରରେ । ଅବଶ୍ୟ ବାରରେ ଏପରି ଘଟଣା- ନିର୍ଦ୍ଦେଶ କରିବାର ବଦ୍ଧ କୁସଂସ୍କାର ଧରି ଏ କଥା କୁହାଯାଉ ନାଇ । ଲୋକେ କହନ୍ତି, ସେ ଦିନ ବି ଶୁକ୍ରବାର ହୋଇଥିଲା । ଯୀଶୁଖ୍ରୀଷ୍ଟ ସେ ଦିନ ଶୂଳୀ ଘେନି ଥିଲେ । କାହିଁକି ? ରୋମ- ସାମ୍ରାଜ୍ୟ - ପ୍ରପୀଡ଼ିତ ଦେଶବାସିଙ୍କୁ ସେ ମଧ କହିଥିଲେ, 'ଗୋଟିଏ ଗାଲରେ ମାଇଲେ, ଆଉ ଗୋଟିଏ ଗାଲ ଦେଖାଇ ଦିଅ । ମନ୍ଦିର ପୂଜାରେ ଆଭିଜାତ୍ୟ ଛାଡ଼ି, ସତ୍ୟଧର୍ମ ଓ ସାମ୍ୟର ଆଶ୍ରୟ କର ।' ଶୂଳୀ ଦେଲାବେଳେ ସେ କହୁଥିଲେ, 'ହେ ପିତା ! ଏମାନଙ୍କୁ କ୍ଷମା ଦିଅ । କାହିଁକିନା, ଏମାନେ କ'ଣ କରୁଚନ୍ତି, ବୁଝୁ ନାହାନ୍ତି ।' ଅବଶ୍ୟ ଏ ସବୁ ପୁରାଣ କଥା ହୋଇପାରେ । ଏଥିରେ ଶିଷ୍ୟମାନଙ୍କ କଳ୍ପନା ମିଶିଚି । ଏ କଥା ବା କଳ୍ପନାରେ ଆଉରି ପୁଣି ମିଶିଚି, ସେଇ ଯୀଶୁଖ୍ରୀଷ୍ଟ ୪୦ ଦିନ ପରେ କବରରୁ ସ୍ୱଦେହରେ ଉଠିଆସି ଶିଷ୍ୟଙ୍କୁ ସାନ୍ତ୍ୱନା ଦେଇ ତତ୍ତ୍ୱ ବୁଝାଇଲେ । କିଂତୁ ମହାତ୍ମାଜୀଙ୍କ ତିରୋଧାନ, ଏ କଳ୍ପନାକୁ ବଳି ଯାଇଚି । ମହାତ୍ମାଜୀଙ୍କ ଶରୀର ଯମୁନା କୂଳରେ ଭସ୍ମ ହୋଇଚି । ସେ ଆଉ ସ୍ୱଦେହରେ ଉଠିବେ ନାଇ - ସ୍ୱଦେହରେ ଉଠିବା ମଧ ତାଂକର ଆଉ ଦରକାର ନାଇ । ଯେଉଁ ଲୋକଙ୍କ ପାଇଁ ତାଂକ ଜୀବନ, ସେଇ ଲୋକଙ୍କ ଗୁଳୀରେ ସେ ପଡ଼ିଗଲେ- କର୍ତବ୍ୟ କରୁ କରୁ ପଡ଼ିଗଲେ । ସେ ପଡ଼ିଯାଇ ନାହାନ୍ତି । ସଂଗେ ସଂଗେ ପୃଥିବୀରେ, ବିଶ୍ୱବାସୀର ହୃଦୟର, ତରଙ୍ଗେ ତରଙ୍ଗେ ତାଂକ ବିଭୂତି, ତାଂକ ସତ୍ୟଧର୍ମ ନବଜୀବନ ଧରି ଖେଳିଯାଇଚି । ସେ ଜୀବନର ଅବସାନ ନାଇ । ତା'ର କବର ହୋଇନାଇ । ତେଣୁ କବରରୁ ଉଠିବା ତାର ଦରକାର ନାଇ ।

Digitized by PPRACHIN, SOA

ଆଉଥରେ ତତ୍ତ୍ୱ ବୁଝାଇ କହିବା ପାଇଁ ସ୍ୱଦେହରେ ମହାତ୍ମାଜୀ ଆସିବା ଲୋଡ଼ା ନାଇ । ତାଂକର ଦେହ ନାଇ । ତାଂକ ଦେହ ଭିତରେ ଯେଉଁ 'ଦେହୀ', ତା'ର ମୃତ୍ୟୁ ନାଇ । ତାଂକର ଅମରାତ୍ମା ଆଜି ବିଶ୍ୱ ମୁକ୍ତି ନିମନ୍ତେ ଜୀବନ୍ତ। ମୁକ୍ତି-ମନ୍ତର ଏ ପ୍ରଚାର, ଜଗତରେ ନୂତନ । ଏହା ଯେ ଦେଖିବ, ସେଇ ଏକା ମହାତ୍ମାଙ୍କୁ ଦେଖିବ । ମହାତ୍ମା ଆଜି ଦେହରେ ଅଦୃଶ୍ୟ ହୋଇ ପାରନ୍ତି, କିଂତୁ ଆତ୍ମାରେ ଆଉ ଅଗମ୍ୟ ନୁହନ୍ତି । ସେଇ ଏକା ଏ ଯୁଗର ମାନବ। ମାନବର ଏକା ପୁତ୍ର ସେଇ- ସେଇ ଏକା ଈଶ୍ୱରଙ୍କର ପୁତ୍ର । ତାଂକ ଆତ୍ମଶକ୍ତି ପାଖେ ଆଜି ପରମାଣୁ ବୋମାର ଶକ୍ତି ନ୍ୟୂନ । ସେ ଶକ୍ତିର ପ୍ରେରଣାରେ ଆଜି ବିଶ୍ୱମାନବ ଧ୍ୱଂସ-ମହାଧ୍ୱଂସ ମଧ୍ୟରେ ଶୃଙ୍ଖଳାରେ, ସମତାରେ ବିଶ୍ୱବିକାଶର ନିତ୍ୟଶାନ୍ତି ପାଇବ । ମହାତ୍ମାଙ୍କ ଆତ୍ମଶକ୍ତି ପ୍ରାଣେ ପ୍ରାଣେ ଫୁଟୁ । ମାନବ ଶାନ୍ତି ପାଉ। ଓଁ ତତ୍‌ସତ୍।

ନୂଆପ୍ରସ୍ଥ-୧/୧୧

ମହାତ୍ମା ଗାନ୍ଧିଙ୍କ ଶେଷ ପ୍ରାର୍ଥନା ସଭା ବାଣୀ

ସେଦିନ ଅର୍ଥାତ୍, ଜାନୁୟାରୀ ୨୯ ଗୁରୁବାର ଦିନ ଓପରଓଳି ପ୍ରାର୍ଥନା ସଭାରେ ସୀମାନ୍ତ ପ୍ରଦେଶର ବାନୁ ଅଂଚଳରୁ ପଳାଇ ଆସିଥିବା ୪୦ ଜଣ ଲୋକ ଗାନ୍ଧିଜୀଙ୍କୁ ଭେଟି କହିଥିଲେ, ସେମାନଙ୍କର ସବୁ ଦୁଃଖର କାରଣ ହେଉଛନ୍ତି ନିଜେ ଗାନ୍ଧିଜୀ । ତେଣୁ ଗାନ୍ଧିଜୀ ଦେଶ ଛାଡ଼ି ହିମାଳୟକୁ ଯାଆନ୍ତୁ ବୋଲି ସେମାନେ କ୍ରୋଧରେ କହିଥିଲେ । ଗାନ୍ଧିଜୀ ତାଙ୍କ କଥା ଲେଖାଇ ନେଇଥିଲେ । ଏ କଥାକୁ ଲକ୍ଷ୍ୟ କରି ଗାନ୍ଧିଜୀ କହିଲେ, "ଆହା ! ଏ ଲୋକ ଗୁଡ଼ିକ ପ୍ରାଣରେ କି ଦାରୁଣ ଯନ୍ତ୍ରଣା ଭୋଗ କରୁଚନ୍ତି । ସେମାନେ ମତେ ଦେଖିବାକୁ ଆସିଥିଲେ । ବଡ଼ ଭଲକଥା । ମୁଁ ତାଙ୍କୁ ପଚାରିଲି, 'କାହା ଆଦେଶରେ ମୁଁ ହିମାଳୟକୁ ଯିବି ?' ସେଠାରୁ ସେମାନେ ବିରକ୍ତ ହୋଇ ଗାଳି ଦେଲେ । ତାଙ୍କ ଭିତରୁ କେତେକ ପୁଣି ମୋର କାର୍ଯ୍ୟକୁ ବଡ଼ ଘେନିଲା ପରି ପ୍ରତିବାଦ କଲେ । ଏଥିରେ ମୋର ଚାରା କ'ଣ ? ମୋର ଏକମାତ୍ର ପନ୍ଥା ହେଉଚି, ଏକା ଈଶ୍ୱରଙ୍କ ଆଦେଶ ମାନି ଚଳିବା । ଈଶ୍ୱର ଏକା ପ୍ରାଣର ଅନ୍ତରତମ ପ୍ରଦେଶରୁ ମନୁଷ୍ୟକୁ ଚାଳନା ଦିଅନ୍ତି । ସେ ଲୋକଙ୍କ ଭିତରେ ମୋ ଭାଇଥିଲେ, ଭଉଣୀ ବି ଥିଲେ ।

"ଈଶ୍ୱରଇ ଆମର ଯଥାର୍ଥ ବନ୍ଧୁ । ଆମେ ସମସ୍ତେ ପୂରାପୂରି ତାଙ୍କରି ହାତରେ । ନିଜେ ଈଶ୍ୱର ପର୍ବତ ଉପରେ ଶାନ୍ତି ଭୋଗ କରିବାକୁ ଲୋଡ଼ନ୍ତି ନାଇ । ଏ ଜଗତର ବିବାଦମାନ ବେଷ୍ଟନୀ ଭିତରେ ଯାହା ବା ଶାନ୍ତି ମିଳେ, ସେଥିରେଇ ଈଶ୍ୱର ସନ୍ତୋଷ ଅଛନ୍ତି । ତେଣୁ ଏଇ ଲୋକଙ୍କ ଭିତରେ ମୋର ସ୍ଥାନ । ଯେବେ ସମସ୍ତେ ହିମାଳୟ ଯିବେ, ତେବେ ତାଙ୍କର ସେବକ ରୂପେ ମୁଁ ଯାଇପାରେ ।"

"କେତେ ଲୋକଙ୍କଠୁଁ ଶୁଣୁଚି, ଯେଉଁମାନେ ଘରଦ୍ୱାର ଛାଡ଼ି ପଳାଇ ଆସିଚନ୍ତି,

Digitized by PPRACHIN, SOA

ସେମାନଙ୍କୁ, ଖାଦ୍ୟ ଓ ବାସ ଆଦି ସବୁ ଦିଆଯାଉଚି । କିନ୍ତୁ ସବୁ ପାଇ ମଧ ସେମାନେ କାମ କରିବାକୁ ନାରାଜ । ମାତ୍ର ମନୁଷ୍ୟ ଦୁଃଖରେ ପଡ଼ିଲେ ଶ୍ରମ ହେଉଚି, ତା ଦୁଃଖର ଚାବି । କେବଳ ଖାଇପିଇ ମଉଜ କରିବାକୁ ଈଶ୍ୱର ମଣିଷକୁ ସୃଷ୍ଟି କରି ନାହାନ୍ତି । ଗୀତା କହନ୍ତି, ମନୁଷ୍ୟ, ଯଜ୍ଞ ବା କର୍ମ କରିବ ଓ ସେଇ କର୍ମର ଫଳ ଭୋଗ କରିବ । ଯେଉଁ ଧନାଧୀପମାନେ କାମ ନ କରି ଖାନ୍ତି, ସେମାନେ ସମାଜରେ ଗଛର ମଲାଙ୍ଗ ପରି । ସେମାନଙ୍କର ମଧ ମୁଣ୍ଡ ଝାଳ ତୁଣ୍ଡେ ମାରି ଖାଦ୍ୟ ଯୋଗାଡ଼ କରିବା ଉଚିତ; ନୋହିଲେ ଉପବାସେ ରହିବାର କଥା ।

"କେବଳ ଅସମର୍ଥଙ୍କ କଥା ଅଲଗା । ସମାଜ ସେମାନଙ୍କ ପାଇଁ ବ୍ୟବସ୍ଥା କରିବ ।"

ତାପରେ କୃଷକଙ୍କ କଥାକୁ ଲକ୍ଷ୍ୟ କରି କହିଲେ "ଯଦି ମୋ ମତରେ କାମ ହୁଏ, ତେବେ ଆମର ବଡ଼ଲାଟ ଓ ପ୍ରଧାନମନ୍ତ୍ରୀ, କୃଷକଙ୍କ ଭିତରୁ ବଛା ହେବେ । ପିଲାଦିନେ ଚାଟଶାଳୀ ବହିରେ ମୁଁ ପଢ଼ିଚି, ଏ ରାଜ୍ୟ କୃଷକର । କୃଷକ ବୋଇଲେ ଭୂମିରେ ଯେ କାମ କରେ । ଲୋକ ନିରକ୍ଷର ହୋଇପାରେ। ମାତ୍ର ବଳିଷ୍ଠ କାଣ୍ଡଜ୍ଞାନ - ସଂପନ୍ନ ବ୍ୟକ୍ତି ଉଚ୍ଚ ପଦ ପାଇଁ ଅନୁପଯୁକ୍ତ ନୁହେଁ । ବଳିଷ୍ଠ କାଣ୍ଡଜ୍ଞାନ ସଂଗେ ଉଚ୍ଚ ଦରର ସତ୍‌ସାହସ, ଅନିନ୍ଦ୍ୟ ସାଧୁତା ଓ ନିରୁତା ଦେଶପ୍ରେମ ବେଶ୍ ରହିପାରେ। ଶ୍ରମିକ ଓ କୃଷକ ହେଉଚି, ଧନର ଯଥାର୍ଥ ଉତ୍ପାଦକ। ସେମାନେ ଏକା ପ୍ରଭୁ । କିନ୍ତୁ ଆମେ ସେଇମାନଙ୍କୁ କରିଥାଉ ଚାକର। ସରକାରୀ ଦପ୍ତରର ବଡ଼ ବଡ଼ ପଦରେ ସବୁ କୃଷକ ରହନ୍ତୁ ବୋଲି ଲୋକେ କହନ୍ତି। ସେଠାରେ ଯେଉଁ କାର୍ଯ୍ୟ କରିବାକୁ ହୁଏ ତା' କରିବା ଭଳି ଯୋଗ୍ୟତା ଥିଲେ, ସେଇମାନେ ଏକା ସେ କାମ କରିବା ଉଚିତ । ସେପରି କୃଷକ ମିଳିଲେ ମନ୍ତ୍ରୀ ଓ ସେଇଭଳି ଅନ୍ୟମାନଙ୍କୁ ମୁଁ ସଫା କହିଦେବି, ସେମାନେ ପଦ ଛାଡ଼ିଦିଅନ୍ତୁ ।

ନୂଆପ୍ରସ୍ଥ-୧/୧୧

କଂଗ୍ରେସକୁ ମହାତ୍ମାଙ୍କ ଶେଷ ଉପଦେଶ

ମହାତ୍ମାଙ୍କ ତିରୋଧାନ ପରେ ଯେ ଲେଖାଟି 'ହରିଜନ'ରେ ପ୍ରକାଶ ପାଇଚି, ସେଇଥିରୁ ଏହା ଦିଆଗଲା - "କଂଗ୍ରେସ ଭାରତର ରାଜନୀତିକ ସ୍ୱାଧୀନତା ପାଇଚି । ଏଣିକି ଆର୍ଥିକ, ସାମାଜିକ ଓ ନୈତିକ ସ୍ୱାଧୀନତା ପାଇଁ ଲାଗି ପଡ଼ିବାର କଥା। ରାଜନୀତିକ ସଂଗ୍ରାମ ପରି ଏଥିରେ ଉତ୍ତେଜନା ବା ଉନ୍ମାଦନା ନାଇଁ । ତେଣୁ ଏକାନ୍ତ ଅନାସକ୍ତ କର୍ମୀ ଏଥିପାଇଁ ଦରକାର ଓ ସେଇଭଳି ନିରୁତା କର୍ମୀଙ୍କୁ ବାଛି କଂଗ୍ରେସକୁ ନୂଆ କରି ଗଢ଼ି ଏ କାମ ଏଣିକି କରିବାକୁ ହେବ ।"

ଏସବୁ କହିସାରି ଦେଶରେ ଯଥାର୍ଥ ଜନ-ଶାସନ ପ୍ରତିଷ୍ଠା କଥା ଘେନି କହିଚନ୍ତି:-

Digitized by PPRACHIN, SOA

"କଂଗ୍ରେସ ପ୍ରାରଂଭିକ ସ୍ୱାଧୀନତା ପାଇଚି । ତା ତ ଆଗ ଦରକାର । ଏଣିକି କଠୋର କର୍ମ । ଜନ-ଶାସନକୁ ଉଠିବା ଦୁର୍ବହ । ଏ କାର୍ଯ୍ୟରେ କଂଗ୍ରେସ ନେତାଏ ଏବେ ନିଜର ଏକାନ୍ତ ଅନୁଗତ ଜନତାମାନେ ତିଆର କରୁଚନ୍ତି । ସେଥିରେ ଖାଲି ଅନାଚାର ବ୍ୟାପୁଚି; ସେଥିରେ ଖାଲି ନାଆଁକୁ ଜନଶାସନ-ମୂଳକ ଓ ଲୋକଗ୍ରାହ୍ୟ ଅନୁଷ୍ଠାନମାନ ଫୁଟୁଚି । ଏସବୁ ଅବାଂଛିତ ଓ ଭାରାକ୍ରାନ୍ତ ବିକାଶରୁ ଅବ୍ୟାହତି ମିଳିବ କିପରି ?"

ସେଥିପାଇଁ ଅନାସକ୍ତ ଦେଶ ସେବକମାନଙ୍କୁ ବାଛି, ସେଇମାନଙ୍କୁ ଧରି ଭୋଟରଙ୍କୁ ଜନ-ଶାସନ ଧର୍ମରେ ତାଲିମ କରିବାର ଏକ ବୈପ୍ଳବିକ ଯୋଜନାର ସୂଚନା ଦେଇଚନ୍ତି ଓ ଶେଷକୁ ଲେଖିଚନ୍ତି:-

"କାଲିପରି ସେଦିନ ଯାଇଚି । ସେତେବେଳେ କଂଗ୍ରେସ ନ ଜାଣି ଜାତିର ସେବାକୁ ବ୍ରତ କରି କାମ କରୁଥିଲା । ଏହା 'ଖୁଦାଇ ଖିଦ୍‌ମତ୍‌ଗାର' ବା ଈଶ୍ୱରଙ୍କ ସେବକ ଛଡ଼ା ଆଉ କିଛି ନ ଥିଲା । ଏବେ ଯଦି କ୍ଷମତା ପାଇଁ କୁତ୍ସିତ କଳହରେ ମାତେ, ତେବେ ହଠାତ୍ ଦିନେ ଦେଖିଲାବେଳକୁ, କଂଗ୍ରେସ ଆଉ ନଥିବ । ବିଧାତା ଧନ୍ୟ, ରାଜନୀତି କ୍ଷେତ୍ରରେ କଂଗ୍ରେସ ଆଉ ଏକା ହୋଇନାଇ ।

ନୂଆପ୍ରସ୍ଥ-୧/୧୧

ମହାତ୍ମାଙ୍କ ଜୀବନର ସ୍ମାରକ କର୍ମସୂଚୀ

ମହାତ୍ମା ଗାନ୍ଧିଙ୍କ ନିଜ ନାମ, ମୋହନ ଦାସ । ପିତାଙ୍କ ନାମ, କରମଚାନ୍ଦ ଗାନ୍ଧି । ପଶ୍ଚିମ ଭାରତର (ଗୁଜରାଟୀ, ମରହଟୀ) ରୀତି ଅନୁସାରେ ମହାତ୍ମା ଗାନ୍ଧିଙ୍କ ପୂରାନାମ ହେଉଚି, ମୋହନ ଦାସ କରମଚାନ୍ଦ ଗାନ୍ଧି । ସେ ଗୁଜରାଟ ଦେଶୀରାଜ୍ୟର ପୋରବନ୍ଦରରେ ୨-୧୦-୧୮୬୯ରେ ଜନ୍ମ ହୋଇଥିଲେ । ଜାତିରେ ଥିଲେ ସେ ବଣିଆ-ଆମ ପୋଟଳୀ ବନ୍ଧା ବଣିଆ । ତାଙ୍କ ବଂଶରେ ଆଗରୁ ତିନି ପୁରୁଷ ଧରି ହେଉଥିଲେ, ଗୁଜରାଟର ରାଜ ମାନଙ୍କରେ ଦେୱାନ । ସେ କୁଟୁମ୍ବଟି ବଡ଼ ପ୍ରତିଷ୍ଠାବନ୍ତ ଥିଲେ । ଧର୍ମରେ ସମସ୍ତଙ୍କର ମତଥିଲା। ମୋହନଙ୍କ ମା କରମଚାନ୍ଦ, ଓରଫ୍ କାବା ଗାନ୍ଧିଙ୍କ ଚତୁର୍ଥ ଭାର୍ଯ୍ୟା, ପୁଟଳୀ ବାଇ । ସେ ଧର୍ମ ଓ ଆଚାରରେ ବଡ଼ ନିଷ୍ଠାବତୀ ଥିଲେ ।

ସାତ ବର୍ଷ ବୟସରେ ମୋହନ ବାପା ମାଙ୍କ ସଙ୍ଗେ ରାଜକୋଟ ଗଲେ; ଚାହାଳୀରେ ପଢ଼ିଲେ । ବାରବର୍ଷ ବେଳକୁ ବଣିକ ଗୋକୁଳଦାସ ମାଖନଜୀଙ୍କ ଝିଅ କସ୍ତୁରବାଇଙ୍କ ସଙ୍ଗେ ତାଙ୍କର ନିର୍ବନ୍ଧ ହେଲା। ୧୩ ବର୍ଷକୁ ସେ ରାଜକୋଟ ହାଇସ୍କୁଲରେ ଭର୍ତି ହେଲେ । ସେଇ ବର୍ଷ ତାଙ୍କ ବିଭାଘର ହେଲା । କସ୍ତୁରବାଇ ମୋହନଙ୍କ ସମ ବୟସୀ ଥିଲେ ।

ସେ ପତ୍ନୀଙ୍କୁ ଶାସନ କରି ପାରିଲେ ନାଇ; ବଡ଼ ଆସକ୍ତ ହୋଇପଡ଼ିଲେ । ଲୁଚାଇ କରି ମାଂସ ଖାଇଲେ, ବିଡ଼ି ପିଇଲେ, ଥରେ ଦାରୀଘର ଦ୍ୱାର ପର୍ଯ୍ୟନ୍ତ ଯାଇଥିଲେ ।

Digitized by PPRACHIN, SOA

ଏଥିପାଇଁ ଘରୁ ଚୋରି କଲେ; ଶେଷକୁ ମାଳ ପର୍ଯ୍ୟନ୍ତ ବିକିଲେ । ଆଉ ବାପା ମାଙ୍କୁ ଲୁଚାଇ କାମ କରିବା ସହି ପାରିଲେ ନାଇଁ । ବାପାଙ୍କୁ ସବୁ କହିଲେ । ବାପା ସେତେବେଳକୁ ମୃତ୍ୟୁଶଯ୍ୟାରେ । ବାପା କାନ୍ଦିଲେ; ପୁଅ ବି କାନ୍ଦିଲେ। ମୋହନ ବଦଳି ଗଲେ ।

୧୮୮୮ରେ ଗାନ୍ଧି ମାଟ୍ରିକ୍ ପାସ୍ କରି କଲେଜରେ ପଶିଲେ । ସେ ବଡ଼ ଲାଜକୋଳା ଥିଲେ । ପଢ଼ା ପଢ଼ିରେ ବିଚକ୍ଷଣ ନଥିଲେ; ଜ୍ୟାମିତି ଓ ସଂସ୍କୃତରେ ବଡ଼ ଅପାରଗ ଥିଲେ । ମାତ୍ର ପୁରାଣର ହରିଶ୍ଚନ୍ଦ୍ର ଭଳି କଥାମାନ ତାଙ୍କୁ ଭାରି ସୁଖ ଲଗୁଥିଲା । କ୍ଲାସରେ ପାଠ ପାଇଁ ପୁରସ୍କାର ପାଇବାଠୁ 'ଉତ୍ତମ ବ୍ୟବହାର' ଘେନି ପୁରସ୍କାର ପାଇବାକୁ ସେ ବେଶି ପସନ୍ଦ କରୁଥିଲେ ।

କଲେଜ ପଢ଼ା ଆଉ ହେଲା ନାଇ । ଜଣେ ଧନୀ ବ୍ରାହ୍ମଣ ମହିଳାଙ୍କ ଉତ୍ସାହରେ ଓ ଭାଇଙ୍କ ଅର୍ଥରେ ସେ ୧୮୮୮ ସେପ୍‌ଟେମ୍ବରରେ ବାରିଷ୍ଟରି ପଢ଼ିବା ପାଇଁ ବିଲାତ ଗଲେ । ସେଥିରେ ସେକାଳ ସମାଜର ବିରୋଧ ସେ ମାନି ନଥିଲେ । ମାତ୍ର ମାତାଙ୍କ ପାଖେ କଥା ଦେଇଗଲେ, ମଦ, ମାଂସ ଛୁଇଁବେ ନାଇ – ନିରାମିଷ ଖାଇବେ । ମାତୃବଚନ, ତାଙ୍କର ଅଲଂଘ୍ୟ ଥିଲା । ବିଲାତରେ ନିରାମିଷ ଖାଦ୍ୟ ଅଭାବରୁ ସ୍ୱାସ୍ଥ୍ୟହାନି ଘଟିଚି, ଲୋକେ ମତାଇଚନ୍ତି, ଲୋଭାଇଚନ୍ତି । ମାତ୍ର ସେ ଆଉ ଆମିଷ ଛୁଇଁ ନାହାନ୍ତି । ବରଂ, ବିଲାତରେ ସେ ନିରାମିଷ ଆହାର ପାଇଁ କମିଟି ଗଢ଼ି, ତା ସଂପାଦକ ହୋଇ ସେ ପ୍ରଚାର ଆରଂଭ କରିଥିଲେ। ମାତ୍ର ସେ ଭଲ କହିପାରୁ ନଥିଲେ । ପରେ ସେ କହିଥିଲେ, କହି ବୋଲି ନ ପାରିବାଟା ତାଙ୍କ ପ୍ରତି ଏକ ଆଶୀର୍ବାଦ; ଏହାଇ ତାଙ୍କୁ ଅଯଥା ଗୁଡ଼ାଏ କହିବା ଓ ଲେଖିବାକୁ ରକ୍ଷା କରିଚି ।

ନିଜକୁ 'ସଭ୍ୟ' ବୋଲି ଦେଖାଇବାକୁ ସେ ବିଲାତରେ ନୃତ୍ୟ ଓ ସଂଗୀତ ଶିଖିବା ଆରଂଭ କରିଥିଲେ । ମାତ୍ର ଆନିବେସାନ୍ତଙ୍କ ପ୍ରଭାବରେ ପଡ଼ି ହିନ୍ଦୁ ଧର୍ମ, ହିନ୍ଦୁଶାସ୍ତ୍ର ଓ ଗୀତା ପ୍ରତି ଆକୃଷ୍ଟ ହେଲେ ଓ ସେଥିରେ ତାଙ୍କର ଖୁବ୍ ଅନୁରକ୍ତି ଜନ୍ମିଲା; ସରଳ ଓ ଭୋଗ-ବିଳାସ-ହୀନ ଜୀବନ ଯାପନ କରିବା ପାଇଁ ସେ ନିଜ ଖର୍ଚ୍ଚକୁ ମଧ୍ୟ ଅଧା କରିଦେଲେ ।

୧୯୮୧ ଜୁନ୍‌ରେ ବାରିଷ୍ଟର ହୋଇ ଗାନ୍ଧି ଭାରତକୁ ଆସିଲେ ଓ ରାଜକୋଟରେ ଓକୀଲାତି ଆରଂଭ କଲେ । ସେଠାରୁ ସେ ବମ୍ବେ ଗଲେ । ଶେଷକୁ ସେ ମାଷ୍ଟର ଚାକିରି କରିବେ ବୋଲି ଠିକ୍ କରୁଥିଲେ; ଓ ପୁଣି ରାଜକୋଟକୁ ଫେରିଲେ। ଏଇଠାରେ ଭାଇଙ୍କ ପାଇଁ ଜଣେ ବ୍ରିଟିଶ କର୍ମଚାରିଙ୍କୁ କହିବାକୁ ଯାଇ ଅପମାନ ପାଇଲେ ଓ ସେ କର୍ମଚାରିଙ୍କ ବିରୁଦ୍ଧରେ କଚେରିରେ ମଧ୍ୟ ନ୍ୟାୟ ପାଇବେ ନାଇ ଜାଣି ବଡ ବ୍ୟଥିତ ହେଲେ ।

Digitized by PPRACHIN, SOA

ଏତିକି ବେଳେ ୧୮୯୩ ଏପ୍ରିଲ୍‌ରେ ଜଣେ ମୁସଲମାନ ବଣିକଙ୍କ ମକଦ୍ଦମାରେ ବର୍ଷକ ପାଇଁ ଦକ୍ଷିଣ ଆଫ୍ରିକାକୁ ଯିବା ସୁବିଧା ତାଙ୍କୁ ମିଳିଲା ।

ନେଟାଲର ସୁପ୍ରିମ୍ କୋର୍ଟରେ ସେ ଓକୀଲ ହେଲେ । ଏପରି ସେଠା ସୁପ୍ରିମ୍ କୋର୍ଟରେ ଓକୀଲ ହେବାରେ ସେ ପ୍ରଥମ ଭାରତୀୟ । ଏଇଠାରେ ସେ ବାଇବେଲ, କୋରାନ୍ ଓ ଟଲ୍‌ଷ୍ଟୟଙ୍କ 'The kingdom of God is within us' (ଈଶ୍ୱରଙ୍କ ରାଜ୍ୟ ତମ ଭିତରେ) ପୁସ୍ତକମାନ ପଢ଼ିଲେ । ଭାରତୀୟଙ୍କ ବିରୁଦ୍ଧରେ ଗୋରାଙ୍କ ଅତ୍ୟାଚାରର ପ୍ରତିବାଦ ପାଇଁ ସେ ୨୨-୬-୧୮୯୪ରେ 'ନେଟାଲ ଭାରତୀୟ କଂଗ୍ରେସ' ଗଢ଼ିଲେ । ୧୮୯୬ରେ ସେ ଭାରତକୁ ଫେରି ଏଠି ମଧ୍ୟ ନାନା ଭାବରେ ଆନ୍ଦୋଳନ ଆରଂଭ କଲେ । ଏତିକି ବେଳେ ଫିରୋଜସା, ମେଟା, ଟିଳକ ଓ ଗୋଖଲେଙ୍କ ସଂଗେ ତାଙ୍କର ଘନିଷ୍ଠତା ହେଲା । ସେଇବର୍ଷ ଶେଷକୁ ସେ ପିଲାମାଇପଙ୍କୁ ଘେନି ପୁଣି ଦକ୍ଷିଣ ଆଫ୍ରିକାକୁ ଗଲେ । ଭାରତର ଆନ୍ଦୋଳନରେ ସେଠା ଗୋରାଏ ଉତ୍ୟକ୍ତ ଥିଲେ । ଗାନ୍ଧି ଡ଼ର୍ବାନରେ ପହଂଚିବା ମାତ୍ରେ ହେଲା, ସେଠା ଗୋରା ଜନତାର ଅବୈଧ ଆକ୍ରମଣ । ଗାନ୍ଧି କିଂତୁ କଚେରିକୁ ଗଲେ ନାଇ । ଏଇଠାରେ ଅହିଂସା ସଂଗ୍ରାମର ସୂତ୍ରପାତ, କହିଲେ ହୁଏ ।

ବୁଅର ଯୁଦ୍ଧ ହେଲା ୧୮୯୯ରେ । ଗାନ୍ଧି ସେଥିରେ ରଣକ୍ଷେତ୍ରରେ ଆହତ ସେବାପାଇଁ ଦଳ ଗଢ଼ି କାମ କଲେ; ସେଥିପାଇଁ ସେ ଇଂରେଜଙ୍କ ବହୁମାନ ପାଇଲେ । ୧୯୦୧ରେ ପୁଣି ସେ ଭାରତକୁ ଆସିଲେ । ପରବର୍ଷ ପୁଣି ଟ୍ରାନ୍‌ସଭାଲର ଭାରତୀୟ ବିରୋଧୀ ଆଇନ ବିରୋଧରେ ଲଢ଼ିବାକୁ ଦକ୍ଷିଣ ଆଫ୍ରିକା ଗଲେ; ସେଠାରେ ସୁପ୍ରିମ୍‌କୋର୍ଟରେ ଆଟର୍ନିଂ ହୋଇ ଟ୍ରାନ୍‌ସ୍‌ଭାଲ ବ୍ରିଟିଶ ଇଣ୍ଡିଆନ୍ ଆସୋସିଏସନ୍ ଗଢ଼ି ଲଢ଼ାଇ ଚଳାଇଲେ । ସେଥିପାଇଁ ସେ ଇଣ୍ଡିଆନ୍ ଓପିନିଅନ୍ ନାମରେ ସାପ୍ତାହିକ କାଢ଼ିଲେ ଓ ଡର୍ବନ ପାଖେ ଫିନ୍‌କସ୍ ସେଟଲମେଣ୍ଟ ବୋଲି ଆଶ୍ରମ ବସାଇଲେ । ଏହା ଗାନ୍ଧିଙ୍କର ପ୍ରଥମ ଆଶ୍ରମ ପ୍ରତିଷ୍ଠା । ଜୋହାନ୍‌ସବର୍ଗରେ ପ୍ଲେଗ୍ ଲାଗିଲା । ସେଥିପାଇଁ ଡାକ୍ତରଖାନା ବସାଇ ନିୟମିତ ଓ ଶୃଂଖଳିତ ଚିକିତ୍ସା ଓ ଶୁଶ୍ରୁଷାର ବ୍ୟବସ୍ଥା କଲେ । ଏତିକିବେଳେ ସେ ଗୁଜରାଟୀରେ ସ୍ୱାସ୍ଥ୍ୟ ସଂବନ୍ଧରେ ପ୍ରବନ୍ଧମାନ ଲେଖିଥିଲେ । ପରେ ତା 'ଗାଇଡ୍ ଟୁ ହେଲ୍‌ଥ' ନାମରେ ଇଂରେଜିରେ ପ୍ରକାଶ ପାଇଥିଲା । ୧୯୦୬ରେ ସେ ଜୁଲୁବିଦ୍ରୋହରେ ଆହତ ସେବାରେ ଲାଗିଲେ ଓ ଏହି ସମୟରେ ସାରା ଜୀବନ ଏଣିକି ବ୍ରହ୍ମଚର୍ଯ୍ୟରେ ରହିବା ପାଇଁ ସଂକଳ୍ପ ଗ୍ରହଣ କଲେ ।

୧୧-୯-୧୯୦୬ ଜୋହାନ୍‌ସବର୍ଗ ଠାରେ ଭାରତୀୟଙ୍କ ସଭାରେ ଗୋରାଙ୍କ ବିଦ୍ରୋହ ପ୍ରତିରୋଧରେ ସତ୍ୟାଗ୍ରହ ସଂକଳ୍ପ ନେଲେ ଓ ନିଆଇଲେ । ଅହିଂସ-ଅପଚାର-ବିରୋଧର ନାମଟି ପାଇ କାଗଜରେ ନୋଟିସ୍ ଦିଆହୋଇଥିଲା । ଅନେକ ନାମ ମଧ୍ୟରେ

Digitized by PPRACHIN, SOA

'ସଦାଗ୍ରହ' ନାମଟି ଅନେକଙ୍କ ମନକୁ ପାଇଥିଲା । ମାତ୍ର ଶେଷକୁ ଗାନ୍ଧି ନିଜେ ନାମ ଦେଲେ, 'ସତ୍ୟାଗ୍ରହ' ।

ସେଇବର୍ଷ ଶେଷ ଆଡ଼କୁ ଉପନିବେଶ ମନ୍ତ୍ରୀଙ୍କୁ ସେଠା ଭାରତୀୟଙ୍କ ଆପତ୍ତି ଜଣାଇବା ପାଇଁ ସେ ଇଂଲଣ୍ଡ ଯାଇଥିଲେ । ସେଠାରୁ ଆସି ବିଧିମତେ ସତ୍ୟାଗ୍ରହ ଆନ୍ଦୋଳନରେ ମନ ଦେଲେ ଓ ଓକୀଲାତି ଛାଡ଼ି ଦେଇ ପୂରାପୂରି ଜନ ସେବାରେ ଜୀବନ ନିୟୋଗ କଲେ (୧୯୦୬) ।

ଟ୍ରାନ୍ସ୍‌ଭାଲ ଛାଡ଼ିବା ବିରୁଦ୍ଧରେ ସତ୍ୟାଗ୍ରହ କରି ଗାନ୍ଧୀ ଦୁଇ ମାସ ଜେଲ୍ ଗଲେ [୧୦-୧-୧୯୦୮] । ଜେନେରାଲ ସ୍ମଟ୍‌ସଙ୍କ ସଂଗେ ଦେଖା କରିବାକୁ ତାଙ୍କୁ ଡାକରା ହେଲା । ତହିଁରେ ଏକ ସମାଧାନ ଫଳରେ ସେ ଜେଲ୍‌ରୁ ଖଲାସ ହେଲେ [୩୦-୧-୧୯୦୮]। ଏଇ ସମାଧାନରେ ଥିଲା, ଭାରତୀୟମାନେ ଆପତ୍ତି ନ କରି ଟିପଚିହ୍ନ ଦେବେ । ଏହି କଥାକୁ ବିଶ୍ୱାସଘାତକତା ବୋଲି କହି ସେଠା ଭାରତୀୟ ପଠାଣମାନେ ତାଙ୍କୁ ମାରି ପକାଉଥିଲେ । ସେ ବର୍ତିଗଲେ; କିଂତୁ ପୁଲିସ୍‌କୁ ବା କଚେରୀକୁ ଗଲେ ନାଇ [୮-୨-୧୯୦୮] ସ୍ମଟ୍‌ସ ସାହେବ ସମାଧନା ସର୍ତ ମାନିଲେ ନାଇ । ତେଣୁ ପୁଣି ସତ୍ୟାଗ୍ରହ [୧୬-୮-୧୯୦୮] ଅକ୍‌ଟୋବର ୧୫ରେ ପୁଣି ୨ ମାସ ସଶ୍ରମ କାରାଦଣ୍ଡ । ଜୁନ୍ ୧୯୦୯ ଡେପୁଟେସନ୍‌ରେ ପୁଣି ଇଂଲଣ୍ଡ ଗଲେ । ନଭେମ୍ବରରେ ଫେରିଲା ବେଳେ ଜାହାଜରେ 'ହିନ୍ଦ୍ ସ୍ୱରାଜ' ପୁସ୍ତକ ଲେଖିଥିଲେ । ୩୦-୫-୧୯୧୦ରେ ଜୋହାନ୍‌ସବର୍ଗ ପାଖେ 'ଟଲଷ୍ଟୟ କୃଷିକ୍ଷେତ୍ର' ବସାଇଥିଲେ ।

ଏଇ କୃଷିକ୍ଷେତ୍ର (farm)ରେ ଦୁଇଜଣଙ୍କ ଅଧଃପତନ ଦେଖି ସେ ସପ୍ତାହେ ଉପାସ କଲେ; ତାପରେ ଚାରିମାସ, ବେଳେ ଖାଇଲେ; ଶେଷକୁ ପୁଣି ୧୪ ଦିନ ଓପାସ କରିଥିଲେ [୧୯୧୧-୧୨] । ଶେଷକୁ ସେ ଇଉରୋପୀୟ ପୋଷାକ ଛାଡ଼ିଲେ; ଖାଲି ଫଳଖାଇ ରହିଲେ । ୧୯୧୩ରେ 'ମୁଣ୍ଡକର' ବିରୁଦ୍ଧରେ ପୁଣି ବିରାଟ ଦଳବଳ ଘେନି ସତ୍ୟାଗ୍ରହ କଲେ; ଧରାହେଲେ; ଜାମିନରେ ଛାଡ଼ ପାଇଲେ । ବାରମ୍ବାର ଧରା ହୋଇ ଶେଷକୁ ଥରେ (୯-୧-୧୯୧୩) ୯ ମାସ ଓ ଆଉ ଥରେ (୧୪-୧୧-୧୯୧୩) ୩ ମାସ ସଶ୍ରମ କାରାଦଣ୍ଡ ପାଇଲେ । ଡିସେମ୍ବର ୧ରେ ତାଙ୍କୁ ବିନା ସର୍ତରେ ଛାଡି ଦିଆହେଲା । ଜାନୁଆରୀରେ ସ୍ମଟ୍‌ସ ସାହେବଙ୍କ ସଂଗେ ପୁଣି ସମାଧାନ ହେଲା; ସତ୍ୟାଗ୍ରହ ବନ୍ଦହେଲା, ସେଇ ୧୯୧୪ରେ ଗାନ୍ଧୀ ପୁଣି ଇଂଲଣ୍ଡ ଗଲେ । ଅଗଷ୍ଟରେ ପ୍ରଥମ ମହାଯୁଦ୍ଧ ଲାଗିଗଲା । ଆହତ ସେବା ପାଇଁ ଗାନ୍ଧି ଲଣ୍ଡନରେ ଦଳଗଢ଼ି କାମକଲେ । ଏଥିପାଇଁ ଭାରତକୁ ଫେରିଲା ପରେ ସେ Kaiser-i-Hind ପଦକ ପାଇଥିଲେ ।

Digitized by PPRACHIN, SOA

୧୯୧୫ ଜାନୁଆରୀରେ ଗାନ୍ଧି ଭାରତକୁ ଆସିଲେ । ମେ ୨୫ରେ ସାବରମତୀ ସତ୍ୟାଗ୍ରହାଶ୍ରମ ସ୍ଥାପନ କଲେ । ତାପରେ ଦୁଇବର୍ଷ ୩ୟ ଶ୍ରେଣୀ ଗାଡ଼ିରେ ଭାରତ ଓ ବ୍ରାହ୍ମଦେଶ ବୁଲିଲେ । ୧୯୧୭ରେ ଭାରତକୁ କୁଲିଚାଲାନି ବିରୁଦ୍ଧରେ ଆନ୍ଦୋଳନ ଆରଂଭ କଲେ ଓ ଏତିକି ବେଳେ 'ଚରଖା'ର ଭାବ ତାଙ୍କ ମନରେ ଦେଖାଦେଲା । ଅପ୍ରେଲରେ ବିହାର ନୀଳ-ଚାଷିଙ୍କ ନିର୍ଯାତନରେ ଅନୁସଂଧାନ କରିବା ପାଇଁ ଚଂପାରଣ ଗଲେ; ଧରାହେଲେ; ଛଡ଼ାହେଲେ । ପରେ ସେଇଥିପାଇଁ ସରକାର ଯେଉଁ କମିଟି ବସାଇଲେ, ସେଥିରେ ଗାନ୍ଧି ମେମ୍ବର ହେଲେ ।

୧୯୧୮ରେ ଅହମଦାବାଦ ମିଲ ମୂଲିଆ ଓ ମାଲିକଙ୍କ ଭିତରେ ଲାଗିଥିବା ବିବାଦରେ ଉପାସ କଲେ । ତହିଁରେ ଆପୋଷ ସମାଧାନ ହୋଇଗଲା । ଖଇରାରେ ଶସ୍ୟ ନାଶ ହେବାରୁ ଖଜଣା ବନ୍ଦୋବସ୍ତ ବନ୍ଦ କରିବା ପାଇଁ ସତ୍ୟାଗ୍ରହ କଲେ । ଏପ୍ରିଲ ୨୭ରେ ଦିଲ୍ଲୀରେ ବଡ଼ଲାଟଙ୍କ ଯୁଦ୍ଧ ସମ୍ମିଳନୀରେ ଯୋଗଦେଇ ହିନ୍ଦିରେ ଭାଷଣ ଦେଲେ । ପରେ ଖଇରାରେ ବୁଲି ଯୁଦ୍ଧକୁ ସେନା ସଂଗ୍ରହ କରିଥିଲେ। ୨୮-୨-୧୯୧୯ରେ ରୋଲାଟ୍ ବିଲ୍ ବିଚାର ବନ୍ଦ କରିବା ପାଇଁ ସତ୍ୟାଗ୍ରହ ପ୍ରତିଜ୍ଞାପତ୍ର ସ୍ୱାକ୍ଷର କଲେ ଓ ଅପ୍ରେଲରେ ମହାଭାରତୀୟ ସତ୍ୟାଗ୍ରହରେ ଶୁଭ ଦେଲେ । ସର୍ବତ୍ର 'ହରତାଳ' ହେଲା । ୮-୧୧ ଅପ୍ରେଲ - ନିଷେଧାଜ୍ଞା ନ ମାନି ଦିଲ୍ଲୀରେ ପଶି ଧରା ହୋଇ ବମ୍ବେରେ ଛାଡ଼ି ଦିଆହେଲେ । ଅନେକ ସହରରେ ଗୋଳମାଳ ମାରପିଟ୍ ହେଲା । ୧୩ ଅପ୍ରେଲ - ଅମୃତସରରେ ଜାଲିଆନାୱାଲା ହତ୍ୟାକାଣ୍ଡ, ନିରସ୍ତ୍ର ଜନତା ଉପରେ ସେନା ଗୁଳି ଚଳାଇ ୪୦୦ ଲୋକ ମାରିଦେଲେ । ୧୪ ଅପ୍ରେଲ- ସାବରମତୀ ଆଶ୍ରମ ପାଖେ ବିରାଟ ସଭାରେ ଗାନ୍ଧିଙ୍କ ବକ୍ତୃତା । ୩ ଦିନ ପ୍ରାୟଶ୍ଚିତ୍ତ- ଉପବାସ । ଦେଶ ସତ୍ୟାଗ୍ରହକୁ ପ୍ରସ୍ତୁତ ନ ଥିବା ଅବସ୍ଥାରେ ସତ୍ୟାଗ୍ରହ କରିଥିଲେ ବୋଲି ଖଇରା ଠାରେ ନିଜର ହିମାଳୟ ପରି ବିଶାଳ ଭ୍ରମ ହୋଇଥିବାର ସ୍ୱୀକାର ପ୍ରକାଶ । ୧୮ ଅପ୍ରେଲ - ସତ୍ୟାଗ୍ରହ ସ୍ଥଗିତ । ସେପ୍‌ଟେମ୍ବରରେ ସେ 'ନବଜୀବନ' ମାସିକ (ଗୁଜରାଟି, ପରେ ହିନ୍ଦି ମଧ୍ୟ) ସମ୍ପାଦନ ଓ ପ୍ରକାଶ କଲେ । ଅକ୍‌ଟୋବରରେ ଇଂରେଜି ସାପ୍ତାହିକ Young India [ଯୁବ - ଭାରତ] ସଂପାଦନ ଓ ପ୍ରକାଶ କଲେ ଓ ପଞ୍ଜାବ ଅତ୍ୟାଚାର ଅନୁସନ୍ଧାନ ପାଇଁ ବେସରକାରୀ କମିଟିରେ ଯୋଗଦେଲେ । ନଭେମ୍ବର ୨୪ରେ ଦିଲ୍ଲୀରେ ଖିଲାପତ୍ ସମ୍ମିଳନୀରେ ସଭାପତି ହୋଇଥିଲେ । ବର୍ଷ ଶେଷକୁ ଅମୃତସର କଂଗ୍ରେସରେ ମଣ୍ଟେଗୁଚେମସଫୋର୍ଡ ଶାସନ ସଂସ୍କାର ପ୍ରସ୍ତାବ ଗ୍ରହଣ କରିବାକୁ ପରାମର୍ଶ ଦେଲେ ।

୧୯୨୦ ଜାନୁଆରି - ତୁର୍କିରେ ଖିଲାପତ୍ ରକ୍ଷା କରିବା ପାଇଁ ବଡ଼ଲାଟଙ୍କ ପାଖକୁ ଡେପୁଟେସନରେ ନେତୃତ୍ୱ । ଅଗଷ୍ଟ ୧ରେ ପୂର୍ବେ ଇଂରେଜ ସରକାର ଠାରୁ

Digitized by PPRACHIN, SOA

ପୁରସ୍କାରରେ ପାଇଥିବା ପଦକଯାକ ବଡ଼ଲାଟଙ୍କୁ ଚିଠି ଲେଖି ଫେରାଇଦେଲେ । ସେପ୍‌ଟେମ୍ବର - କଲିକତାର ବିଶେଷ କଂଗ୍ରେସରେ ପଞ୍ଜାବରେ ଓ ଖିଲାପତ୍ ସଂବନ୍ଧରେ ଇଂରେଜ ସରକାର ଅନ୍ୟାୟ କରିଥିବାରୁ ସରକାରଙ୍କ ସଙ୍ଗେ ଅସହଯୋଗ ଗୃହୀତ ହେଲା । ନଭେମ୍ବରରେ ଗୁଜରାଟ ବିଦ୍ୟାପୀଠ ବସାଇଲେ । ଡ଼ିସେମ୍ବରରେ ନାଗପୁର କଂଗ୍ରେସରେ କଂଗ୍ରେସ ଉଦ୍ଦେଶ୍ୟ - ସମସ୍ତ ବୈଧ ଓ ଶାନ୍ତିମୂଳକ ଉପାୟରେ ଭାରତୀୟଙ୍କ ସ୍ୱରାଜ ଲାଭ ଗୃହୀତ ହେଲା । ୧୯୨୧ ଅପ୍ରେଲ- କୋଟିଏ କଂଗ୍ରେସ ମେମ୍ବର ଓ କୋଟିଏ ଟଙ୍କା ସଂଗ୍ରହ, ପୁଣି ୨୦ ଲକ୍ଷ ଅରଟ ପ୍ରଚାର ଯୋଜନା । ଜୁଲାଇ- ବିଦେଶୀ ବସ୍ତ୍ର ବର୍ଜନ ଆନ୍ଦୋଳନ ଓ ବମ୍ବେରେ ବିରାଟ ବିଦେଶୀ ବସ୍ତ୍ର ପୋଡ଼ି । ଡ଼ିସେମ୍ବର- ଗାନ୍ଧିଜୀ କଂଗ୍ରେସର ଡ଼ିକ୍‌ଟେଟର ବା ଏକମାତ୍ର ଚାଳକ ହେଲେ । ୧୯୨୨ ଫେବୃଆରୀ- ବରଦୋଲୀରେ ସତ୍ୟାଗ୍ରହ କରିବା ପାଇଁ ବଡ଼ଲାଟଙ୍କୁ ନୋଟିସ । ୫ ଫେବୃଆରୀ ଯୁକ୍ତ-ପ୍ରଦେଶର ଚୌରିଚୌରାରେ ଲୋକେ ଉତ୍ୟକ୍ତ ହୋଇ ୨୧ କନଷ୍ଟେବଲ ଓ ଜଣେ ସବ ଇନ୍‌ସପେକ୍ଟରଙ୍କୁ ପୋଡ଼ି ପକାଇଲେ । ମହାତ୍ମାଜୀ ସତ୍ୟାଗ୍ରହ ବନ୍ଦ କଲେ । ୧୯୨୨ ମାର୍ଚ୍ଚ - ମହାତ୍ମାଜୀ ରାଜଦ୍ରୋହରେ ଧରା ହୋଇ ୬ ବର୍ଷ ଜେଲ୍ ପାଇଲେ । ୧୯୨୪ - ମହାତ୍ମାଜୀଙ୍କର ଆପେଣ୍ଡିସାଇଟସ୍ ଅପରେଶନ [ଜାନୁଆରୀ ୧୨] ହେଲା ଓ ସେ ଛାଡ ପାଇଲେ ଫେବୃୟାରୀ ୫ । ଅପ୍ରେଲ - ୟଙ୍ଗ ଇଣ୍ଡିଆ [ଯୁବ ଭାରତ] ଓ ନବଜୀବନ ସଂପାଦନା ପୁଣି ହାତକୁ ନେଲେ । ସେପ୍‌ଟେମ୍ବର ୧୮ - ହିନ୍ଦୁ - ମୁସଲିମ ଏକତା ପାଇଁ ୨୧ ଦିନ ଉପବାସ ଆରମ୍ଭ କଲେ । ଡ଼ିସେମ୍ବର - ବେଲଗାମ୍ କଂଗ୍ରେସରେ ସଭାପତି ହେଲେ । ୧୯୨୫ ସେପ୍‌ଟେମ୍ବର - All India Spinners Association [ନିଖିଳ ଭାରତ କାଟେଣୀ ସଂଘ] ପ୍ରତିଷ୍ଠା କଲେ । ନଭେମ୍ବର - ଆଶ୍ରମ ବାସୀଙ୍କ ଦୋଷ କ୍ଷାଳନ ପାଇଁ ୭ ଦିନ ଉପବାସ କଲେ । ଏତିକି ବେଳେ ଆତ୍ମଜୀବନୀ (The Story of my experiments with truth) ଆରମ୍ଭ କଲେ ।

୧୯୨୮ ଡିସେମ୍ବର-କଲିକତା କଂଗ୍ରେସରେ ନିଜେ ମହାତ୍ମା ପ୍ରସ୍ତାବ କଲେ, ବର୍ଷକେ ଔପନିବେଶିକ ସ୍ୱାୟତ୍ତ ଶାସନ ନ ମିଳିଲେ, ପୂର୍ଣ୍ଣ ସ୍ୱାଧୀନତା ପାଇଁ ଲଢ଼ିବାକୁ ହେବ । ୧୯୨୯ ଡ଼ିସେମ୍ବର- ଲାହୋର ଠାରେ ପୂର୍ଣ୍ଣ ସ୍ୱରାଜ, ଭାରତର ଉଦ୍ଦେଶ୍ୟ ବୋଲି ପ୍ରସ୍ତାବ ଗୃହୀତ ହେଲା । ୧୯୩୦ ଫେବୃୟାରୀ- ନିଖିଳ ଭାରତ କଂଗ୍ରେସ କମିଟିରେ ସତ୍ୟାଗ୍ରହ ପାଇଁ ଏକମାତ୍ର ନେତା ବୋଲି ମନୋନୀତ ହେଲେ । ମାର୍ଚ୍ଚ ୨- ଭାରତର ଦାବୀ ପୂରଣ ନ କଲେ, ଲୁଣ ଆଇନ ଭାଙ୍ଗି ସତ୍ୟାଗ୍ରହ କରିବେ ବୋଲି ବଡ଼ଲାଟଙ୍କୁ ଚିଠି ଲେଖିଲେ । ମାର୍ଚ୍ଚ ୧୨ରେ ଦାଣ୍ଡି ଲୁଣ କ୍ଷେତ୍ରରେ ଲୁଣ ସଂଗ୍ରହ ପାଇଁ ଅଭିଯାନ ଆରଂଭ କରି ଏପ୍ରିଲ ୬ରେ ସେଠି ଲୁଣ ସଂଗ୍ରହ କଲେ । ମେ ୫ରେ ଧରାହୋଇ

Digitized by PPRACHIN, SOA

ବିନା ବିଚାରରେ ଜେଲ ପାଇଲେ। ବର୍ଷ ପୂରିବା ପୂର୍ବରୁ ଭାରତରେ ଲକ୍ଷେ ଲୋକ ଜେଲ ଗଲେ । ୧୯୩୧ ଜାନୁଆରି ୨୬ରେ ମହାତ୍ମାଜୀ ବିନାସର୍ତ୍ତରେ ଖଲାସ୍ ହେଲେ । ତାପରେ ୨ ମାସ ବଡ଼ଲାଟଙ୍କ ସଂଗେ କଥାବାର୍ତାଦି ଫଳରେ ପ୍ରସିଦ୍ଧ 'ଗାନ୍ଧି-ଏର୍ ଉଇନ୍ ସନ୍ଧି'। ଅଗଷ୍ଟ ୨୯ରେ ଗୋଲଟେବୁଲ୍ ବୈଠକରେ ଯୋଗଦେବାକୁ ଲଣ୍ଡନ ଯାତ୍ରାକଲେ । ଡିସେମ୍ବର ୫ରେ ଲଣ୍ଡନରୁ ଫେରି ୨୮ରେ ବୋମ୍ବେରେ ଓହ୍ଲାଇଲେ । ୧୯୩୨ ଜାନୁଆରି ୪ରେ ଧରା ହୋଇ ବିନା ବିଚାରରେ ପୁଣି ବନ୍ଦୀ ହେଲେ । ସେପ୍ଟେମ୍ବର ୨୦ରେ ସାମ୍ପ୍ରଦାୟିକ ଭାଗବଣ୍ଟାରେ ହରିଜନଙ୍କୁ ହିନ୍ଦୁଙ୍କଠୁ ଅଲଗା ନ କରିବା ପାଇଁ ଆମରଣ ଉପବାସ ଆରଂଭ କଲେ । ୨୬ରେ ସରକାର ଦାବୀ ଗ୍ରହଣ କରିବାରୁ ଉପବାସ ଭାଙ୍ଗିଲେ ।

୧୯୩୩ ଫେବ୍ରୁଆରୀ ୧୧ ମହାତ୍ମାଜୀ ଇଂରେଜି ଓ ହିନ୍ଦିରେ 'ହରିଜନ' ସାପ୍ତାହିକର ପ୍ରତିଷ୍ଠା କଲେ । ମେ ୮ରେ ଆତ୍ମଶୋଧନ ପାଇଁ ୨୧ ଦିନ ଉପବାସ ଆରଂଭ କଲେ । ସେଇଦିନ ବିନା ସର୍ତରେ ଖଲାସ ହେଲେ । ୯ରେ ୬ ମାସ ସତ୍ୟାଗ୍ରହ ବନ୍ଦ କରି ଘୋଷଣା ଦେଲେ ଓ ସରକାରଙ୍କୁ ଦମନ ଆଇନମାନ ଉଠାଇ ନେବାକୁ କହିଲେ । ୨୯ରେ ଉପବାସ ଭାଙ୍ଗିଲେ। ଜୁଲାଇ ୨୬ରେ ସାବରମତୀ ଆଶ୍ରମ ଭାଙ୍ଗିଦେଲେ । ୩୦ରେ ୩୩ ଜଣ ଘେନି ଅହମଦାବାଦରୁ ରାଏସ୍‌କୁ ଯାଇ ପୁଣି ସତ୍ୟାଗ୍ରହ ଆରଂଭ କରିବେ ବୋଲି ବୋମ୍ବେ ସରକାରଙ୍କୁ ଜଣାଇଲେ । ୩ରେ ପୁଣି ଧରା ହୋଇ ବିନା ବିଚାରରେ ଜେଲ୍ ଗଲେ । ଅଗଷ୍ଟ ୪ରେ ଖଲାସ ହୋଇ ଆଦେଶ ଭାଙ୍ଗି ପୁଣି ବନ୍ଦୀ ହେଲେ । ୧୬ରେ ଅସ୍ପୃଶ୍ୟତା ନିବାରଣ ପ୍ରଚାରରେ ସୁବିଧା ନ ପାଇବାରୁ ଉପବାସ କଲେ । ୨୩ରେ ବିନା ସର୍ତରେ ଖଲାସ ହେଲେ। ନଭେମ୍ବର ୬ରେ ପୁରୀ ଠାରୁ ପଦବ୍ରଜରେ ପ୍ରସିଦ୍ଧ ହରିଜନ ଭ୍ରମଣ ଆରଂଭ କଲେ ।

୧୯୩୪ ସେପ୍ଟେମ୍ବର ୧୭ରେ ନିଜର ନିଷ୍ପତ୍ତି ପ୍ରକାଶ କଲେ - ରାଜନୀତି ଛାଡ଼ି ଦେବେ; ଅକ୍ଟୋବର ୧ରୁ ଗ୍ରାମଶିଳ୍ପ, ହରିଜନ ସେବା ଓ ହସ୍ତଶିଳ୍ପ ଘେନି ମୌଳିକ ଶିକ୍ଷାରେ ଆତ୍ମନିୟୋଗ କରିବେ । ଡ଼ିସେମ୍ବର ୧୪ରେ ଗ୍ରାମଶିଳ୍ପସଂଘ ସ୍ଥାପନ କଲେ । ୧୯୩୬ ଏପ୍ରିଲ୍ ୩୦ରେ ୱାର୍ଧା ପାଖ ସେବାଗ୍ରାମକୁ ନିଜର ରହିବା ସ୍ଥାନ କଲେ । ୧୯୩୭ ଅକ୍ଟୋବର ୨୨ରେ ଶିକ୍ଷାସମ୍ମିଳନୀରେ ସଭାପତି ହୋଇ ମୌଳିକ ଶିକ୍ଷାର ଯୋଜନା ପ୍ରଚାର କଲେ । ୧୯୩୯ ମାର୍ଚ୍ଚ ୩ରେ ରାଜା କଥା ଦେଇ ଶସାନ ସଂସ୍କାର ନ କରିବାରୁ ରାଜକୋଟରେ ଆମରଣ ଉପବାସ ଆରଂଭ କଲେ । ୭ରେ ବଡ଼ଲାଟଙ୍କ ମଧ୍ୟସ୍ଥତାରେ ଉପବାସ ଭାଙ୍ଗିଲେ । ୧୯୪୦ ଜୁଲାଇରୁ ୩ ମାସ ଯୁଦ୍ଧ ପରିସ୍ଥିତି ଘେନି ବଡ଼ଲାଙ୍କ ସଙ୍ଗେ ମହାତ୍ମାଜୀଙ୍କ କଥାବାର୍ତା ଚାଲିଲା । ଅକ୍ଟୋବରରେ ବ୍ୟକ୍ତିଗତ ସତ୍ୟାଗ୍ରହ

Digitized by PPRACHIN, SOA

ଆନ୍ଦୋଳନ ଆରମ୍ଭ କରି, ସରକାରଙ୍କୁ ଲେଖା ସବୁ ଆଗରୁ ଦେଖାଇବା ଆଦେଶ ଥିବାରୁ, 'ହରିଜନ' ପ୍ରଭୃତି କାଗଜମାନ ବନ୍ଦ କରିଦେଲେ । ୧୯୪୧ ଡ଼ିସେମ୍ବର ୩୦ରେ କାର୍ଯ୍ୟକାରୀ କମିଟିକୁ କହି କଂଗ୍ରେସ ନେତୃତ୍ୱରୁ ଛାଡ୍ ପାଇଲେ । ୧୯୪୨ ଜାନୁୟାରୀ ୧୮ରେ 'ହରିଜନ' ପ୍ରଭୃତି କାଗଜମାନ ପୁଣି ଚଲାଇଲେ । ୧୯୪୨ ମାର୍ଚ୍ଚ ୨୭ରେ ଦିଲ୍ଲୀରେ ସାର୍ ଷ୍ଟାଫୋର୍ଡ କ୍ରିପ୍ସଙ୍କୁ ଭାରତ ସମସ୍ୟାର ସମାଧାନ ପାଇଁ ଭେଟିଲେ । ମେ ରେ ଇଂରେଜଙ୍କୁ 'ଭାରତ ଛାଡ଼' ବୋଲି ଆବେଦନ କଲେ । ଅଗଷ୍ଟ ୮ରେ ବମ୍ବେ ନିଖିଳ ଭାରତ କଂଗ୍ରେସ କମିଟିରେ 'ଭାରତ ଛାଡ଼' ପ୍ରସ୍ତାବଟି ବୁଝାଇଲେ । ୯ରେ ଧରା ହୋଇ ପୁନାରେ ଆଗା ଖାଁ – ହର୍ମ୍ୟରେ ଅଟକ ବନ୍ଦୀ ହେଲେ । (ଏତିକି ବେଳେ ଭାରତର ଅଗଷ୍ଟ ଆନ୍ଦୋଳନ) । ୪ ମାସ ଯାଏ ଏଇ ଆନ୍ଦୋଳନ ଘେନି ମହାତ୍ମାଙ୍କର ବଡ଼ଲାଟ ଓ ଭାରତ ସରକାରଙ୍କ ସଙ୍ଗେ ଚିଠିପତ୍ର ଚାଲିଲା । ୧୯୪୩ ଫେବୃଆରୀ ୧୦ ଠାରୁ ମାର୍ଚ୍ଚ ୩ ଯାଏ ୨୧ ଦିନ ଉପବାସ । ୧୯୪୪ ଫେବୃଆରୀ ୨୨ରେ ଆଗା ଖାଁ ହର୍ମ୍ୟରେ କସ୍ତୁରବା ଗାନ୍ଧିଙ୍କ ମୃତ୍ୟୁ । ମେ ୬ରେ ମହାତ୍ମାଜୀ ବିନାସର୍ତ୍ତରେ ଖଲାସ । ସେପ୍ଟେମ୍ବର ୯–୨୭ ମହାତ୍ମାଜୀ ପାକିସ୍ତାନ ପ୍ରସଂଗରେ ଜିନ୍ନାଙ୍କ ସଙ୍ଗେ କଥାବାର୍ତ୍ତା ଚଳାଇ ଥିଲେ । ଅକ୍ଟୋବର ୨ – ମହାତ୍ମାଜୀଙ୍କ ୭୫ ବର୍ଷ ବୟସର ଆରମ୍ଭରେ କସ୍ତୁରବା ପାଣ୍ଠି ପାଇଁ ତାଙ୍କୁ ଏକ କୋଟି ଦଶ ଲକ୍ଷ ଟଙ୍କା ଦାନ ।

୧୯୪୫ ଜୁନ୍ – ଜୁଲାଇ – ଦେଶର ଅଚଳ ଅବସ୍ଥା ଭାଙ୍ଗିବା ପାଇଁ ସିମଳା ସମ୍ମିଳନୀକୁ ବଡଲାଟ ୱାଭେଲଙ୍କ ନିମନ୍ତ୍ରଣ । ମହାତ୍ମାଜୀ ନିଜେ ନ ଯାଇ କଂଗ୍ରେସ ସଭାପତି ମୌଲାନା ଆଜାଦଙ୍କୁ ପଠାଇ ଦେଲେ । ୧୯୪୬ ଜାନୁଆରୀ – ବିଲାତରୁ ୧୦ ଜଣ ପାର୍ଲିଆମେଣ୍ଟ ମେମ୍ବର ଭାରତକୁ ବୁଲିଆସି ମହାତ୍ମାଜୀଙ୍କ ସଙ୍ଗେ ଦେଖାକରି ଶୁଭେଚ୍ଛା ନେଇଥିଲେ । ଏପ୍ରିଲରେ ବ୍ରିଟିଶ କ୍ୟାବିନେଟ୍ ମିଶନର କ୍ରିପ୍ସ ସାହେବ ଓ ଭାରତ ମନ୍ତ୍ରୀ ଲର୍ଡ ପେଥିକ ଲରେନ୍ସ ମହାତ୍ମାଜୀଙ୍କ ସଙ୍ଗେ ଦେଖାକରି ପରାମର୍ଶ କରିଥିଲେ । ଅଗଷ୍ଟରେ ମୁସଲିମ୍ ଲିଗ୍‌ଙ୍କ ସ୍ୱଷ୍ଟ ସଂଗ୍ରାମ ପରେ ନୂଆଖାଲିରେ ହିନ୍ଦୁଙ୍କ ଉପରେ ଯେ ଅତ୍ୟାଚାର ହେଲା, ସେଥିରେ ମହାତ୍ମାଜୀ ପଦବ୍ରଜରେ ନୂଆଖାଲିରେ ବୁଲି ଶାନ୍ତି ସ୍ଥାପନ କରିଥିଲେ । ବିହାରରେ ମୁସଲମାନଙ୍କ ଉପରେ ପ୍ରତିଶୋଧ ଅତ୍ୟାଚାର ହେବାରୁ ମହାତ୍ମାଜୀ ୧୯୪୭ ମାର୍ଚ୍ଚରେ ଆମରଣ ଉପବାସ ଆରମ୍ଭ କରି ଅବସ୍ଥା ଆୟତ ହେବାରୁ ୨ ଦିନ ପରେ ଉପବାସ ଭାଙ୍ଗିଥିଲେ । ଜୁଲାଇରେ କାଶ୍ମୀର ଗଲେ । ସେଠାରୁ କଲିକତାକୁ ଆସିଥିଲେ । ଅଗଷ୍ଟ ୧୫, ଅର୍ଥାତ୍ ସ୍ୱାଧୀନତା ଦିବସରେ ମହାତ୍ମାଙ୍କ ପ୍ରଭାବରେ ପରମଶାନ୍ତି ସୌହାର୍ଦ୍ଦ୍ୟ ଦେଖାଯାଇଥିଲା । ପରେ ପୁଣି ଅବସ୍ଥା ଖରାପ ହେବାରୁ ସେପ୍ଟେମ୍ବର ୧ରେ ସେ ଆମରଣ ଉପବାସ ଆରମ୍ଭ କଲେ । ଅବସ୍ଥା ଶାନ୍ତ ହେବାରୁ ଓ ନିର୍ଭର ପାଇବାରୁ

Digitized by PPRACHIN, SOA

୪ରେ ଉପବାସ ଭାଙ୍ଗି ଥିଲେ । ସେଠ ମାସରେ ମହାତ୍ମାଜୀ କଲିକତାରୁ ଦିଲ୍ଲୀ ଗଲେ । ଦିଲ୍ଲୀରେ ସାଂପ୍ରଦାୟିକ ଦ୍ୱନ୍ଦ୍ୱ ଓ ହଣାକଟା କ୍ରମେ ଅସଂଭାଳ ହେବାରୁ ୧୯୪୮ ଜାନୁଆରୀ ୧୩ରେ ମହାତ୍ମାଜୀ ପୁଣି ଆମରଣ ଉପବାସ ଆରମ୍ଭ କଲେ । ଏହା ତାଙ୍କର ୧୭ଶ ଓ ଶେଷ ଉପବାସ । ଦୁଇ ସଂପ୍ରଦାୟର ନେତା ଓ ପ୍ରତିନିଧିସ୍ଥାନୀୟଙ୍କ ଠାରୁ ନିର୍ଭର ପାଇବାରୁ ୧୮ରେ ଉପବାସ ସେ ଭାଙ୍ଗିଥିଲେ। ୨୦ ରେ ଜଣେ ଯୁବକ ମହାତ୍ମାଙ୍କୁ ପ୍ରାର୍ଥନା ସଭାରେ ବମ୍ ପକାଇଥିଲା । ସେଥିରେ କିଛି କ୍ଷତି ହୋଇନଥିଲା । ଯୁବକଟିକୁ ଛାଡ଼ି ଦେବାକୁ ଗାନ୍ଧିଜୀ ଅନୁରୋଧ କରିଥିଲେ । ୩୦ରେ ପ୍ରାର୍ଥନା ସଭାକୁ ଗଲାବେଳେ ସଂଧ୍ୟା ୫ଟା ୫ ମିନିଟ୍‌ରେ ଜଣେ ମରହଟ୍ଟା ଯୁବକ ମହାତ୍ମାଙ୍କୁ ତିନୋଟି ଗୁଳି ମାଇଲା । ସବୁ ଶେଷ ହେଲା ।

ମହାତ୍ମାଜୀ ସଂଖ୍ୟା-ନୂଆପ୍ରସ୍ଥ-୧/୧୧, ଆଲୋଚନା

ବାଳ ଗଙ୍ଗାଧର ତିଳକ

ଗଲା ଅଗଷ୍ଟ ପହିଲା ଦିନ (୧/୮/୧୯୩୪) ସ୍ୱର୍ଗୀୟ ବାଳ ଗଙ୍ଗାଧର ତିଳକଙ୍କର ଚତୁର୍ଦ୍ଦଶ ବାର୍ଷିକ ଶ୍ରାଦ୍ଧ ହୋଇଗଲା। ଟିଲକ କୋଙ୍କଣସ୍ଥ ବା ଚିତପାବନ ମହାରାଷ୍ଟ୍ର ବ୍ରାହ୍ମଣ ଥିଲେ। ପୁନାର ପେଶବାମାନ ସେଇ ଜାତିର ଲୋକ। ମହାରାଷ୍ଟ୍ର ସାମ୍ରାଜ୍ୟର ଶେଷ ସ୍ମୃତିସ୍ତମ୍ଭ ନାନା ଫଡ଼ନ୍‌ବିସ୍ ମଧ୍ୟ ସେଇ ଜାତିର ଲୋକଥିଲେ । ଟିଲକଙ୍କ ଜାତିର ଲୋକଙ୍କ ହାତରୁ ଭାରତ ଇଂରେଜ ହାତକୁ ଯାଇଛି ବୋଲି କୁହାଯାଇପାରେ। ପିଲାଦିନ ଟିଳକଙ୍କ ଉପରେ ଏହି ଭାବରେ ପ୍ରଭାବ ପଡ଼ିଥିଲା। ଦେଶାତ୍ମବୋଧ ତାଙ୍କର ଅସ୍ଥିମଜ୍ଜାଗତ ଥିଲା। ଭାରତ ସଂସ୍କୃତିର ପ୍ରତିଷ୍ଠା, ପରିସର ଓ ପ୍ରଗତି ସେ ସର୍ବଦା ଅନୁଧ୍ୟାନ କରୁଥିଲେ। ଏପରି ସମୂହ ଭାବରେ ଜାତିର ବ୍ୟକ୍ତିତ୍ୱକୁ ଅନୁଭବ କରିବା ଏ କାଳରେ ବହୁ ବେଶି ଲୋକଙ୍କଠାରେ ଦେଖାଯାଏ ନାହିଁ। ଜାତିର ପ୍ରତିଷ୍ଠା ପରିସ୍ଥିତି ଦେଖି ଦେଖାଇବା ପାଇଁ ସେ ଓରାଏନ (Orion) ଓ 'ବେଦରେ ଆମ୍ଭର ଉତ୍ତର ମେରୁରେ ଅଧିଷ୍ଠାନ' (Our Arctic homes in the Vedas) ଗ୍ରନ୍ଥ ଦୁଇଟି ଲେଖିଥିଲେ। ପରେ ଭାରତୀୟଭାବ ଓ ସଂସ୍କୃତିର ପ୍ରକୃତି ଓ ପରିସର ଦେଖାଇବା ପାଇଁ ସେ ଗୀତାର କର୍ମ ଯୋଗ ଶାସ୍ତ୍ର ଲେଖିଛନ୍ତି। ଭାରତୀୟ ସଂସ୍କୃତିର ପୁରୋଦୃଷ୍ଟିପର ପ୍ରଗତିର ଜୀବନ୍ତ ସାକ୍ଷୀ- ଟିଲକଙ୍କ ସମସ୍ତ କର୍ମମୟ ଜୀବନ, ତାଙ୍କର ବହୁମୁଖୀ ପ୍ରତିଭା ଏହିପରି ସମୂହ ଜାତୀୟ ବ୍ୟକ୍ତବ୍ୟକୁ ପ୍ରଭାବିତ କରି ରଖିଥିଲା। ସେ ଯେଉଁ ଯୁଗରେ କର୍ମ କରିଥିଲେ, ସେ ଯୁଗ କ୍ରିୟାର ସେ ଏକ ଅବତାର ଥିଲେ। ନିର୍ଭୀକ ସ୍ୱାଧୀନତା ବିଶେଷରେ ତାଙ୍କୁ ଯୁଗ-ମାନବରେ ପରିଣତ କରିଥିଲା। ସେ ବାରମ୍ବାର କାରାଦଣ୍ଡ ଭୋଗିଥିଲେ। ପ୍ରଥମ କାରାବାସ ବେଳେ, ଜାତିର ପ୍ରାଚୀନତା ଓ ପ୍ରତିଷ୍ଠା,

Digitized by PPRACHIN, SOA

ଦ୍ୱିତୀୟ କାରାବାସ ବେଳେ ଜାତିର ପ୍ରକୃତି, ପରିସର ଓ ପରିସ୍ଥିତି ଚିନ୍ତାରେ ଆତ୍ମନିୟୋଗ କରି, ସେ ସେ ଚିନ୍ତାର ଫଳ ଜଗତକୁ ଦାନ କରାଯାଇ ଅଛନ୍ତି। ଭାରତର ଜାତୀୟ-ଭାବରେ ସେ ଯେଉଁ ନୂତନ ପନ୍ଥା ଫିଟାଇ ଥିଲେ, ତାହାର ପ୍ରଭାବ ଏବେ ମଧ୍ୟ ପୂର୍ଣ୍ଣ ରହିଛି। ତାହା ଇତିହାସ ହୋଇ ନାହିଁ। ସେହି ପ୍ରଭାବର ବେଷ୍ଟନୀ ମଧ୍ୟରେ ଆମମାନଙ୍କର ଚିନ୍ତା ଓ କ୍ରିୟା ଏବେ ମଧ୍ୟ ବହୁ ପରିମାଣରେ ଖେଳୁଚି। ବିଧାତା କରନ୍ତୁ, ସେ ଚିନ୍ତା ଓ ସେ ପ୍ରଭାବ-କ୍ରିୟା ସାଙ୍ଗ ଓ ସଫଳ ହେଉ !

ନବ ଭାରତ-୧/୩, ଆଲୋଚନା

ବିଶ୍ୱନାଥ ବିୟୋଗ

ଶ୍ରୀଯୁକ୍ତ ବିଶ୍ୱନାଥ କର ଗତ ୧୯ତାରିଖ ଦିନ (୧୯/୧୦/୧୯୩୪) ଚାଲିଗଲେ। ଆଜିକାଲିର ଓଡ଼ିଆ ଯୁବକ ଏହି ସମ୍ବାଦର ଗୁରୁତ୍ୱ ହୁଏତ ଉପଲବ୍ଧି କରିବେ ନାହିଁ; ହୁଏତ, ଗତ କେତେ ବର୍ଷର ରାଜନୀତିକ ଆନ୍ଦୋଳନ ଓ ବାଦ ବିସମ୍ବାଦ ସ୍ରୋତରେ ଭାସିଯାଇ, ବିଶ୍ୱନାଥଙ୍କ ବିୟୋଗରେ ଉତ୍କଳର କ୍ଷତି ହୃଦୟଙ୍ଗମ କରିପାରିବେ ନାହିଁ, ହୁଏତ, ବିଶ୍ୱନାଥଙ୍କ ଅଭାବକୁ ଅଭାବ ବୋଲି ମନେ କରିବେ ନାହିଁ। କିନ୍ତୁ ପ୍ରୌଢ଼ ଓଡିଆ, ଓଡ଼ିଶାର ଯେଉଁମାନଙ୍କର ଜନ୍ମ ଊନବିଂଶ ଶତାବ୍ଦୀରେ ସେମାନେ ବିଶ୍ୱନାଥ ଆଉ ନାହାନ୍ତି - ଏ ସଂବାଦ ଶୁଣି ସ୍ତବ୍ଧ ହୋଇଥିବେ। କାରଣ, ଆଜି ବା ଗତ ୧୦/୨୦ ବର୍ଷ ଭିତରେ ବିଶ୍ୱନାଥଙ୍କୁ ଯାହା ବୋଲି ଆମମାନଙ୍କ ମଧ୍ୟରୁ କେହି କେହି ମନେ କରୁଥିଲେ, ବିଶ୍ୱନାଥ ତାଙ୍କ 'ସମୟ'ରେ ତାହା ନ ଥିଲେ। ଦିନ ଥିଲା ଯେତେବେଳେ ସାହିତ୍ୟ, ସମାଜ ସଂସ୍କାର, ରାଜନୀତି ସବୁ ବିଷୟରେ ବିଶ୍ୱନାଥ ଓଡ଼ିଆ ଆଦର୍ଶର ପ୍ରାଣପ୍ରକାଶ କରି ପାରୁଥିଲେ। ବଙ୍ଗଳାର ସ୍ୱଦେଶୀ ଆନ୍ଦୋଳନବେଳେ ବିଶ୍ୱନାଥଙ୍କ ଅଗ୍ନିମୟୀ ବାଣୀ ଓ ଲେଖା ଯେଉଁମାନେ ଶୁଣିଛନ୍ତି, ପଢ଼ିଛନ୍ତି, ସେମାନେ ଅତୀତର ସେହି ବିଶ୍ୱନାଥଙ୍କୁ ଆଜି ମନେ ପକାଉଥିବେ। ଆଜି ଯେ ବିଶ୍ୱନାଥ ରାଜନୀତିକ ଚିନ୍ତା ବା ଆଚରଣରେ ପ୍ରଗତି ପରାୟଣ ନ ଥିଲେ, ସେ ତାଙ୍କର ଦୋଷ ନୁହେ, ସେ ଦୋଷ ଆମ ଦେଶର, ବେଷ୍ଟନୀର। ଓଡ଼ିଶା ତଥା ଭାରତରେ ରାଜନୀତି ବୃକ୍ଷରେ ଆରୋହଣ କଲେ ବହୁ କଣ୍ଟକରେ କ୍ଷତବିକ୍ଷତ ହେବାକୁ ହୁଏ। ଏ ଦେଶରେ ରାଜନୀତିକୁ ବରଣ କରିବା ଅର୍ଥ ଆଜୀବନ ଦୁଃଖ, କ୍ଳେଶ, ଅଭାବ, ଉତ୍ପୀଡ଼ନକୁ ବରଣ କରିବା। ଫଳତଃ ପାରିବାରିକ ଓ ଦୈହିକ ଜଞ୍ଜାଳର ବୃଦ୍ଧି ସଙ୍ଗେ ସଙ୍ଗେ ଏ ଦେଶର ବହୁ ବୀରପୁରୁଷ ରାଜନୀତିକ ଆନ୍ଦୋଳନରୁ ଦୂରରେ ରହିବାକୁ ସୁବିଧାଜନକ ମନେ କରନ୍ତି ଏବଂ କେହି କେହି ଏବଂବିଧ ରାଜନୀତି ଦୁର୍ବିପାକରୁ ଦେଶବାସୀଙ୍କୁ ବିରତ କରିବା ପାଇଁ ଯତ୍‌ପରୋନାସ୍ତି ଚେଷ୍ଟା କରିବାକୁ ଛାଡ଼ନ୍ତି ନାହିଁ। ସେହି କାରଣରୁ ଖାଲି ବିଶ୍ୱନାଥଙ୍କର କାହିଁକି, ବଙ୍ଗଳାର ବାଗ୍ମୀଜୀ ବିପିନଚନ୍ଦ୍ର ପାଲଙ୍କ

Digitized by PPRACHIN, SOA

ପରି ଲୋକର ମଧ୍ୟ ଆଦ୍ୟ ଓ ଅନ୍ତିମ ଜୀବନ ମଧ୍ୟରେ ଏତେ ଅସାମଞ୍ଜସ୍ୟ। ସେ ଯାହା ହେଉ, ଆଜି ପଛକୁ ଚାହିଁଲେ ଆମକୁ ସେହି କାଳର ବିଶ୍ୱନାଥ ଆଖି ଆଗରେ ଦେଖାଯାଉଛନ୍ତି। ଆମ୍ଭମାନଙ୍କର ବିଶ୍ୱାସ, ଯେଉଁମାନେ ସେତେବେଳେ ବିଶ୍ୱନାଥଙ୍କୁ ଦେଖିଛନ୍ତି, ଗତ କେତେବର୍ଷର ତାଙ୍କ କାର୍ଯ୍ୟ କଳାପ ଆଜି ସେମାନଙ୍କ ମନରେ ପଡିବ ନାହିଁ।

ସମାଜ ସଂସ୍କାରକ ଭାବରେ ବିଶ୍ୱନାଥଙ୍କ ଦମ୍ଭ, ସାହସ ଓ ନିଷ୍ଠା ବିରଳ। ଆଜି ହିନ୍ଦୁ ଯୁବକ ଏହି ହିନ୍ଦୁ ସମାଜର ନିଗଡ଼ ଭିତରେ ତେତେ ସଂକୋଚ ବୋଧ କରୁନାହିଁ। ହିନ୍ଦୁ ସମାଜପତି ଆଜି ଚଣ୍ଡନୀତି ଅବଲମ୍ବନ କରି ସମାଜରେ ପ୍ରଗତିର ପଥ ରୋଧ କରିବାକୁ ପ୍ରୟାସ କରୁନାହିଁ। କିନ୍ତୁ ବିଶ୍ୱନାଥଙ୍କ ଯୌବନରେ ଅବସ୍ଥା ଭିନ୍ନ ଥିଲା। ଏପରି କି ଇଂରେଜୀ ପଢ଼ିବା ଘୋର ପାପ ଭିତରେ ଗଣ୍ୟ ହେଉଥିଲା। ସେ ସମୟର ସାମାଜିକ ସଂସ୍କାରକୁ ସମାଜ ଭିତରେ ରହି ଶୋଧନ କରିବା ଉଚିତ ହୋଇଥାନ୍ତା ବୋଲି ଆଜି ବିଚାରକ ଆସନରୁ ଦୂର ଅତୀତକୁ ଚାହିଁ ବିଚକ୍ଷଣମାନେ ବ୍ୟକ୍ତ କରୁଛନ୍ତି। କିନ୍ତୁ ବିଶ୍ୱନାଥଙ୍କ ତରୁଣ ତରଙ୍ଗିତ ପ୍ରାଣ ପକ୍ଷେ ଯେ ଏହି କୁସଂସ୍କାର ଓ ଅଯଥା ରୋଧ ଅସହ୍ୟ ହୋଇଥିଲା ଏଥିରେ ସନ୍ଦେହ ନାହିଁ। ସେହି ସମୟର ଶିକ୍ଷିତ ତରୁଣମାନଙ୍କ ମଧ୍ୟରୁ ଅନେକେ ଆମ ସମାଜର ଅତି ରକ୍ଷଣଶୀଳତାରେ ଉତ୍ୟକ୍ତ ହୋଇ ପଡ଼ିଥିଲେ। ଥରେ ଭିନ୍ନ ସମାଜଭୁକ୍ତ ହେବା ପାଇଁ ସଂକଳ୍ପ କଲାପରେ ସେ ସ୍ୱାବଲମ୍ବିତ କାର୍ଯ୍ୟପନ୍ଥାରେ ସ୍ଥାଣୁ ପରି ଅଟଳ ରହିଲେ। ସଙ୍ଗୀମାନଙ୍କ ମଧ୍ୟରୁ କେହି ବ୍ରାହ୍ମ ସମାଜଭୁକ୍ତ ହେବେ ବୋଲି ସ୍ଥିର କରି ସାରି ଦୁର୍ବଳତା ଯୋଗୁଁ ପଶ୍ଚାତ୍‌ପଦ ହେଲେ, ଆଉ କେହି ବ୍ରାହ୍ମଧର୍ମ ଗ୍ରହଣ କରିସାରି ବହୁ ବିଧି ବ୍ୟବସ୍ଥା ସାହାଯ୍ୟରେ ପ୍ରାୟଶ୍ଚିତ କରି ପୂର୍ବଧର୍ମକୁ ଫେରିଗଲେ। କିନ୍ତୁ ସେ ଦୋଳାଚଳ-ବିବେଚନପରତା ବିଶ୍ୱନାଥଙ୍କ ଜୀବନରେ କେବେହେଲେ ଦେଖାଯାଇନାହିଁ। ନିଜେ ସେ ଯାହା ଅଭ୍ରାନ୍ତ ବୋଲି ବିଚାରୁଥିଲେ, ଅଭ୍ରାନ୍ତ ବୋଲି ସ୍ଥିର କରି ସେ ଯାହା ଥରେ କରିବାକୁ ଆରମ୍ଭ କରୁଥିଲେ, ସମାଲୋଚନା, ନିନ୍ଦା ବା ଘୃଣା ଭୟରେ ସେଥିରୁ ସେ ପଶ୍ଚାତ୍‌ପଦ ହେବାର କେହି କହିପାରିବେ ନାହିଁ।

ସାହିତ୍ୟିକ ଭାବରେ ମଧ ସେ ଓଡ଼ିଆର ସ୍ମରଣୀୟ। 'ଉତ୍କଳ ସାହିତ୍ୟ' ଓଡ଼ିଶାର ଯଥାର୍ଥ ସ୍ଥାୟୀ ମାସକପତ୍ର ମଧ୍ୟରେ ପ୍ରଥମ। ଓଡ଼ିଶାର ଏ ଯୁଗର ପ୍ରାୟ ପ୍ରତ୍ୟେକ ଲବ୍ଧପ୍ରତିଷ୍ଠ ସାହିତ୍ୟିକ 'ସାହିତ୍ୟ'ରେ ପ୍ରଥମ ସାହିତ୍ୟ ସାଧନା ଆରମ୍ଭ କରିଛନ୍ତି। ପୁରୁଣା ଓଡ଼ିଆ ସାହିତ୍ୟ ଆଦିରସ ପ୍ରଚୁର ବୋଲି ସେ ଆଧୁନିକ ଓଡ଼ିଆ ସାହିତ୍ୟର ସୌଧକୁ ଉପେନ୍ଦ୍ରଭଞ୍ଜ ଦୀନକୃଷ୍ଣଙ୍କ ମୂଳଭିତ୍ତି ଉପରେ ଗଢ଼ିବାକୁ ଯାଇ ନଥିଲେ ଓ କେତେକ ପରିମାଣରେ ବଙ୍ଗ ସାହିତ୍ୟର ଛାୟା 'ଉତ୍କଳ ସାହିତ୍ୟ' ଉପରେ ପଡ଼ିଥିଲା। ହେଲେହେଁ ସେଥିରେ ଜାଣିଶୁଣି ଅନୁକରଣ

Digitized by PPRACHIN, SOA

କରିବାର ପ୍ରବୃତ୍ତି ନଥିଲା କିମ୍ବା ଉତ୍କଳର ପ୍ରାଚୀନତା ପ୍ରତି ଭକ୍ତି ବା ଶ୍ରଦ୍ଧାର ଅଭାବ ନ ଥିଲା। ସେ ଏ ବିଷୟରେ ମଧ୍ୟ ଯାହା ସତ୍ୟ, ସୁନ୍ଦର ବୋଲି ଆପେ ବିଚାରୁଥିଲେ ତାହା ନିର୍ଭୟରେ କରିଯାଉଥିଲେ। ଫଳରେ ଏ କ୍ଷେତ୍ରରେ ମଧ୍ୟ ବହୁ ବନ୍ଧୁ ଓ ସଙ୍ଗୀମାନଙ୍କୁ ତାଙ୍କୁ ହରାଇବାକୁ ପଡିଥିଲା।

ବିଶ୍ୱନାଥ ଜୀବନୀର ପ୍ରଧାନ ବିଭାବ, ତାଙ୍କ ଅଦମ୍ୟ ଧୈର୍ଯ୍ୟ ଓ ସାହସ। ଏହାହିଁ ଜୀବନର ବହୁ ଘାତ ପ୍ରତିଘାତରେ ତାଙ୍କୁ ବଳ ଦେଇଥିଲା ଏବଂ ନାନାପ୍ରକାର ସମାଲୋଚନା ଓ ନିନ୍ଦା ମଧ୍ୟରେ ସେ ମୁଣ୍ଡ ଟେକି ରହିଥିଲେ।

ଆଜି ବିଶ୍ୱନାଥଙ୍କ ତିରୋଧାନରେ ବାସ୍ତବିକ ଆମ୍ଭେମାନେ ଗୋଟିଏ ବଳିଷ୍ଠ ବ୍ୟକ୍ତିତ୍ୱ ହରାଇଛୁ। ଗତ ଅର୍ଦ୍ଧ ଶତାବ୍ଦୀର ସାହିତ୍ୟ, ସମାଜ ଓ ରାଜନୀତିର ତୁମୁଳ ଘାଣ୍ଟଚକଟ ଓ ପରିବର୍ତ୍ତନର ସେ ଗୋଟିଏ ଜୀବନ୍ତ ଇତିହାସ ଥିଲେ।

ବିଶ୍ୱନାଥଙ୍କ ଜୀବନର ଉଦାର ବିଶ୍ଳେଷଣ କରି ଦେଶବାସୀ ତାଙ୍କ ସ୍ମୃତିରେ ଗର୍ବ ଅନୁଭବ କରିବାର ଯଥେଷ୍ଟ ଉପାଦାନ ଅଛି।

ନବ ଭାରତ-୧/୫, ଆଲୋଚନା

ସ୍ୱର୍ଗତ ପଣ୍ଡିତ ଆର୍ତ୍ତତ୍ରାଣ

ବିଶ୍ୱନାଥଙ୍କ ସଙ୍ଗେ ସଙ୍ଗେ ଆଉ ଜଣେ ସାହିତ୍ୟସାଧକ ତିରୋହିତ ହେଲେ। ବିଶ୍ୱନାଥଙ୍କ ତିରୋଧାନବେଳେ ହୁଏତ ଲୋକେ ତାଙ୍କ କଥା ମନେ ପକାଇ ପାରୁନାହାନ୍ତି। ତଥାପି ଅତୀତରେ ସେ ଜଣେ ନିଷ୍ଠାପର ସାହିତ୍ୟ ସାଧକ ଥିଲେ। ଯେତେବେଳେ ପ୍ରଥମେ ଓଡ଼ିଆମାନେ ନିଜ ସାହିତ୍ୟର ପନ୍ଥା ଖୋଜିବାକୁ ବାହାରିଲେ, ବିଶ୍ୱନାଥ ପ୍ରଭୃତି ଯେତେବେଳେ ତରୁଣ, ସେତେବେଳେ ମଧ୍ୟ ସେ ଏ ଦେଶରେ 'ଅପଭ୍ରଂଶ ବୋଧିନୀ' ପ୍ରଚାର କରି ସେ କାଳର ଆଦର୍ଶରେ ଓଡ଼ିଆ ଶବ୍ଦକୁ ସଂସ୍କୃତରେ ପରିଣତ କରି ଭାଷାକୁ ସାଧୁ କରିବାର ଉଦ୍ୟମ କରିଥିଲେ। ଆଜି ପ୍ରଗତିରେ ସେ କାଳର ସାହିତ୍ୟିକମାନଙ୍କ ଆଦର୍ଶ ଓ ସାଧନାର ପନ୍ଥା ବଦଳିଯାଇପାରେ, କିନ୍ତୁ ସମସ୍ତ ପ୍ରଗତିର ପୀଠ ଇତିହାସ। ଆର୍ତ୍ତତ୍ରାଣ ସ୍ମରଣୀୟ।

ନବ ଭାରତ-୧/୫, ଆଲୋଚନା

ମନସ୍ୱୀ ରାମଚନ୍ଦ୍ର

ସତ୍ୟବାଦୀ ସ୍କୁଲର ଅନ୍ୟତମ ପ୍ରତିଷ୍ଠାତା-କର୍ମୀ ରାମଚନ୍ଦ୍ର ରଥ ଆଉ ଇହଧାମରେ ନାହାନ୍ତି। ସତ୍ୟବାଦୀ ସ୍କୁଲ ଉତ୍କଳରେ ସୁପରିଚିତ ଥିଲା। ମାତ୍ର ରାମଚନ୍ଦ୍ରଙ୍କୁ ହୁଏତ ଅନେକେ

Digitized by PPRACHIN, SOA

ଜାଣି ନ ଥିବେ। ମାନବ ସମାଜ ପ୍ରଗତିରେ ଏଇଭଳି ସାଧୁ ମନସ୍ୱୀ ନିଷ୍ଠାପର କର୍ମୀଙ୍କ ବ୍ୟକ୍ତିତ୍ୱ ଓ କର୍ମର ପ୍ରଭାବ ପ୍ରଚ୍ଛନ୍ନ ରହିଯାଏ। ହେଲେହେଁ ସେଇମାନେ ହିଁ ଯଥାର୍ଥରେ ପ୍ରଗତିର ବିଧାତା ଓ ନିୟନ୍ତା। ସେଇଠାରେ ହିଁ ଯଥାର୍ଥ ଆତ୍ମତ୍ୟାଗ, ଯଥାର୍ଥ ସାଧୁତା ଓ ଯଥାର୍ଥ କର୍ମନିଷ୍ଠା।

ରାମଚନ୍ଦ୍ର ମୋର ପାଞ୍ଚ ଛଅ ବର୍ଷ କନିଷ୍ଠ। ପୁରୀର ଯେଉଁ ମାନେ ଶ୍ରେଷ୍ଠତମ ବ୍ରାହ୍ମଣ ବୋଲି ନିଜକୁ ମନେ କରନ୍ତି, ସେଇ କୁଳରେ ସତ୍ୟବାଦୀ ପାଖ ବିଶ୍ୱନାଥପୁର ଶାସନରେ ତାଙ୍କର ଜନ୍ମ। ସେ କାଳେ କୌଣସି ବ୍ରାହ୍ମଣ ଘରେ ଅନ୍ନଗ୍ରହଣ କରିବା ତାଙ୍କ ପକ୍ଷରେ ନିଷିଦ୍ଧ ଥିଲା। ସମସ୍ତେ ତାଙ୍କ ହାତେ, ତାଙ୍କ ଘରେ ଖାଇବେ - ସେ କାହାରି ଘରେ ଖାଇବେ ନାହିଁ - ଏହାହିଁ ରୀତି। ହେଲେହେଁ ରାମଚନ୍ଦ୍ର ଅତ୍ୟନ୍ତ ଗରିବ ପରିବାରର ସନ୍ତାନ। କାଲିପରି ମନେ ଅଛି, ପୁରୀ ଜିଲ୍ଲା ସ୍କୁଲର ତଳ ଶ୍ରେଣୀରେ ରାମଚନ୍ଦ୍ର ପଢୁଥାନ୍ତି। ହାତରେ ରାନ୍ଧି ଖାଇଲେ ମଧ, ଅର୍ଥାଭାବରେ ପଢ଼ା ଛାଡ଼ିବାର ବେଳ ଆସିଲା। ସ୍ୱର୍ଗୀୟ ପଣ୍ଡିତ ଗୋପବନ୍ଧୁଙ୍କ ସଙ୍ଗେ ସେତେବେଳେ ମୋର ସଂପର୍କ ହୋଇଥିଲା। ମୁଁ ଦେଖିଚି, ପଣ୍ଡିତ ଗୋପବନ୍ଧୁ ଶ୍ରମର ମହତ୍ୱ ବିଷୟରେ ବୁଝାଇ ଦେଲେ। କର୍ମୀ ବାସୁଦେବ ମହାପାତ୍ର ମଧ ରାମଚନ୍ଦ୍ରଙ୍କ ସଂଗେ ସମାନ ଅବସ୍ଥାରେ ଥାଇ ସେ ଉପଦେଶ ଶୁଣିଲେ। ତହିଁ ଆର ଦିନଠାରୁ ରାମଚନ୍ଦ୍ର ବାସୁଦେବ ଦୁହେଁ ଦୁଇ ବେଳା ପୁରୀ ଷ୍ଟେସନକୁ ବୋଝ ବୋହି, ସେଇ ମଜୁରୀରେ ନିଜ ନିଜର ଖର୍ଚ୍ଚ ଚଳାଇଲେ। ସେଇ ସମୟରେ ମୁଁ ନିଜେ ଦେଖିଚି, ଥରେ କୁଳୀନ ଶ୍ରେଷ୍ଠ ରାମଚନ୍ଦ୍ର ଛଅ ପଇସା ମଜୁରି ଲାଗି ଗୋଟିଏ ଶୁଖୁଆ ପଟ ଷ୍ଟେସନରୁ ସହର ଭିତରକୁ ମୁଣ୍ଡରେ ବହି ନେଇଥିଲେ।

ସେ ଯେଉଁ ବର୍ଷ ମାଟ୍ରିକୁଲେସନ୍ ପାଶ୍ କଲେ (୧୯୧୧) ମୁଁ ସେଇ ବର୍ଷ ଏମ୍.ଏ ପାଶ କରି ଆସି ସତ୍ୟବାଦୀରେ ଯୋଗ ଦେଇଥିଲି। ରାମଚନ୍ଦ୍ର ପୁରୀ କଚେରୀରେ ଆପେଣ୍ଟିସ୍ ରୂପେ ଗୃହୀତ ହେଇ ଅଳ୍ପ ଦିନ ମଧରେ ଖୋରଧାରେ ପେଷ୍କାର ହେଲେ ଦରମା ମାସକୁ ଟ ୩୫। ମୁଁ ଶୁଣି ତୁନୀ ହେଲି। ମାତ୍ର ହଠାତ୍ ପତ୍ର ପାଇଲି, ସେ ସତ୍ୟବାଦୀରେ ଶିକ୍ଷକ ରୂପେ ଯୋଗ ଦେବାକୁ ଚାହାନ୍ତି। ବିସ୍ମିତ ହେଲି। ୪ର୍ଥ ଶ୍ରେଣୀ ଫିଟି ନ ଥାଏ। ୧୯୧୨ ଜାନୁଆରୀ ପହିଲାରୁ ଫିଟିବ। ମୁଁ ମାଇନର ସ୍କୁଲରେ ଥାଏ। ଆଉ ଶିକ୍ଷକ ପାଇଁ ସେତେବେଳେ ଟଙ୍କା କାହୁଁ ଆସିବ ଗୋପବନ୍ଧୁ ମୟୂରଭଞ୍ଜରେ ରାଜଓକିଲ ଥାଆନ୍ତି । ତାଙ୍କ ସଙ୍ଗେ ପରାମର୍ଶ କରିବାର ବେଳ ନାହିଁ। ବର୍ଷ ଶେଷ ହୋଇ ଆସୁଥାଏ। ମୁଁ ରାମଚନ୍ଦ୍ରଙ୍କୁ ମନାକରି ନିବର୍ତାଇ- ଅନ୍ତତଃ କିଛି ଦିନ ହେଲେ ଚଳାଇବା ପାଇଁ ଚିଠି ଲେଖିଲି। ସେ ଚିଠି ପାଇ ଆଉ ଉତ୍ତର ବି ଦେଲେ ନାହିଁ। ହଠାତ୍ ଜାନୁଆରୀ ପହିଲାରେ ଆସି ନିଜେ ହାଜର ହୋଇଗଲେ। ପଚାରିବାରୁ ଧୀର ଭାବରେ କହିଲେ,

Digitized by PPRACHIN, SOA

"ସେ କାମରେ ମୁଁ ରହିଲି ନାହିଁ" ଇସ୍ତଫା ଦେଇ ଆସିଲି। ସେଠାରେ ଚରିତ୍ର ଖରାପ ହୋଇଯାନ୍ତା।"ପରେ ତାଙ୍କଠାରୁ ଜାଣିଲି, କୌଣସି କାମ କରିଦେବା ଲାଗି ଜଣେ ଦିନେ ତାଙ୍କୁ ଟଙ୍କାଟିଏ ଲାଞ୍ଚ ଯାଚିଲା, ସେ ତାହା ବହୁ କଷ୍ଟରେ ଫେରାଇଲେ। ଆରଦିନ ଜଣେ ବିଶିଷ୍ଟ ସମ୍ମାନିତ ଲୋକ ଆସି ଟଙ୍କାଟିଏ ଯାଚିଲେ। ନାହିଁ କରିବାରୁ ବୁଝାଇ ବସିଲେ ଯେ, ଏ କାର୍ଯ୍ୟରେ ଏପରି ନେବାକୁ ହୁଏ, ଏହା ଖରାପ ନୁହେ, ଇତ୍ୟାଦି। ରାମଚନ୍ଦ୍ର ସେତିକିରେ ନିଜର ଭବିଷ୍ୟତ ଶୂନ୍ୟ ଦେଖିଲେ। ସଙ୍ଗେ ସଙ୍ଗେ ଇସ୍ତଫା ଦେଲେ।

ରାମଚନ୍ଦ୍ରଙ୍କର ବଡ଼ ପରିବାର। ବୃଦ୍ଧ ପିତା ମାତା ଋଣଭାରରେ ଆକ୍ରାନ୍ତ। ଅର୍ଜନ ପାଇଁ ପୁଅକୁ ଆଶା କରି ବସିଥାନ୍ତି। କିନ୍ତୁ ରାମଚନ୍ଦ୍ର ଆସି ସତ୍ୟବାଦୀରେ ମାସିକ ଛଅ ଟଙ୍କା ମାତ୍ର ଭତ୍ତାରେ ନିଜ ଜୀବନର ସାର୍ଥକତା ଦେଖିଲେ। ସାରା ଜୀବନର ଦାରିଦ୍ର୍ୟ ମଧ୍ୟରେ ମଧ୍ୟ ଏ ଦୃଢ଼ତା ତାଙ୍କର କେବେ ଲୁଚି ନାହିଁ।

ସତ୍ୟବାଦୀ ସ୍କୁଲର ଯେତେଦିନ ଚିହ୍ନ ବର୍ତ୍ତି ଥିଲା, ସେତେ ଦିନ ସେ ସତ୍ୟବାଦୀ ଛାଡ଼ି ନାହାନ୍ତି। ସତ୍ୟବାଦୀ ଛାପାଖାନା ଯେତେଦିନ ଯାଏ ସତ୍ୟବାଦୀ ବିଦ୍ୟାଳୟର ଥିଲା, ସେତେଦିନ ଯାଏ ରାମଚନ୍ଦ୍ର ସତ୍ୟବାଦୀର ଅନ୍ୟାନ୍ୟ କର୍ମୀଙ୍କ ସହିତ ସେଇ ଛାପାଖାନାର ଶ୍ରୀବୃଦ୍ଧିରେ ପ୍ରାଣପଣେ ଲାଗିଥିଲେ। କେତେକାଳ ପାଇଁ ଛାପାଖାନାର ମାନେଜର ହୋଇ ସେ ଅନୁଷ୍ଠାନଟିକୁ ଦୃଢ଼ ଓ ବଳିଷ୍ଠ କରି ଗଢ଼ିଥିଲେ।

ଆତ୍ମସଂଧାନର ଜ୍ଞାନ ତାଙ୍କର ବରାବର ଅକ୍ଷୁଣ୍ଣ ଥିଲା। ଛାପାଖାନା ଛାଡ଼ି ମଧ୍ୟ ସେ ପଣ୍ଡିତ୍ ଗୋପବନ୍ଧୁଙ୍କ ମୃତ୍ୟୁପରେ ଆଉ କିଛି ଦିନ ପର୍ଯ୍ୟନ୍ତ ସତ୍ୟବାଦୀରେ ନିଷ୍ଠା ଧରି ପଡ଼ି ରହିଥିଲେ। ମାତ୍ର ଦରିଦ୍ରତା ଓ ଅତ୍ୟଧିକ ଋଣଭାର ଆଉ ସହି ନ ପାରି କଟକ ଚାଲି ଆସିଲେ। କେତେ ଦିନ କଟକରେ ଛାତ୍ରମାନଙ୍କର ଗୃହଶିକ୍ଷକତା କରି ପରେ ଶ୍ରୀଯୁକ୍ତ ଗୋପାଳଚନ୍ଦ୍ର ପ୍ରହରାଜଙ୍କ 'ଭାଷାକୋଷ'ରେ ସହକର୍ମୀରୂପେ କାର୍ଯ୍ୟ କରୁଥିଲେ। ସେ କାର୍ଯ୍ୟ ତାଙ୍କର ଶେଷ ହୋଇ ନାହିଁ। ପରିବାରର ଋଣଭାର ମଧ୍ୟ ଲଘୁ ହୋଇ ନାହିଁ। ଗୋପାଳବାବୁ ଆଜି ତାଙ୍କୁ ଝୁରି ହେଉଛନ୍ତି, ପରିବାର ଆଜି ରାମଚନ୍ଦ୍ରଙ୍କୁ ହରାଇ ଅନାଥ।

ଛାତ୍ର ହୁଅନ୍ତୁ, ସହକର୍ମୀ ହୁଅନ୍ତୁ, ବଂନ୍ଧୁ ବା ସହଚର ହୁଅନ୍ତୁ ଯେ ରାମଚନ୍ଦ୍ରଙ୍କ ସଂପର୍କରେ ଆସିଚନ୍ତି, ସେ ତାଙ୍କର ବ୍ୟକ୍ତିତ୍ୱ ଓ ଚରିତ୍ରର ଦୃଢ଼ତା, ଗଭୀର ଆତ୍ମସମ୍ମାନଜ୍ଞାନ, ପ୍ରକୃତିର ମଧୁରତାରେ ମୁଗ୍ଧ ହୋଇଥିବେ। ବିଷୟ ଜ୍ଞାନ ଓ ଚିନ୍ତା ଚତୁରତା, ସଂସ୍କାର କ୍ରିୟାରେ ଗମ୍ଭୀର ଓ ସୁଦୃଢ଼ ପ୍ରବଣତା, କ୍ଷିପ୍ର ବିବେଚନା ବିଚକ୍ଷଣତା ପ୍ରଭୃତି ଦୁର୍ଲଭ ଗୁଣମାନ ରାମଚନ୍ଦ୍ରଙ୍କ କ୍ଷୀଣ ବପୁଷ୍ମନ୍ତ ବ୍ୟକ୍ତିତ୍ୱକୁ ସୁନ୍ଦର ଓ ଉଦାର କରି ରଖିଥିଲା। ଲୋକଚକ୍ଷୁର ଅନ୍ତରାଳରେ ତାହା ଏବେ ଚରଦିନ ପାଇଁ ଲୁପ୍ତ ହୋଇ, ଆତ୍ମତ୍ୟାଗ ବ୍ରତ ଉଦ୍‌ଯାପନ କରିଅଛି।

Digitized by PPRACHIN, SOA

ସତ୍ୟବାଦୀ ସ୍କୁଲ ଏକ ରକ୍ଷାଣଶୀଳ କେନ୍ଦ୍ରରେ ଆରମ୍ଭ କରାହୋଇଥିଲା। ଛାତ୍ରଙ୍କ ମଧ୍ୟରେ ବ୍ୟବହାରାଦିରେ ଜାତି ଧର୍ମଭେଦ କରିବା ଅଂସଗତ ବୋଲି ସେଠାରେ କାର୍ଯ୍ୟରେ ପ୍ରଚାର କରାହେଲା। ସମସ୍ତଙ୍କୁ ଏକା ଘରେ ଏକ ପଂକ୍ତିରେ ଖାଇବାକୁ ଦିଆହେଲା। ପୁରୀର ବାହ୍ମଣମାନେ ପ୍ରତିବାଦ କଲେ। ପ୍ରତିବାଦ ଘୋର ବିଦ୍ୱେଷରେ ପରିଣତ ହେଲା। ମୁଁ ସେତେବେଳେ ବେ-ଦାଢ଼ୀ ନିଶ ରଖିଥିଲି। ପୁରୀର ମୁକ୍ତି ମଣ୍ଡପ ପଣ୍ଡିତମାନେ ତାକୁହିଁ ବାହାନା କରି ମତେ ସମାଜରୁ ବାହାର କରିଦେବାର ଘୋର ଉଦ୍ୟମ ଓ ଅୟୋଜନ କଲେ। ରାମଚନ୍ଦ୍ର ସେତେବେଳେ ନୀତିର ଦୃଢ଼ତାରେ ମୋର ଏକମାତ୍ର ସହଚର। ସେଥିପାଇଁ ସମାଜର ତୀବ୍ରତା ମଧ ତାଙ୍କ ଉପରେ ଅଧିକ ପଡ଼ିଥିଲା। ସେଇସବୁ ପ୍ରତିବାଦ ଓ ତୀବ୍ରତା ଘନୀଭୁତ ହୋଇ ସତ୍ୟବାଦୀର ବୃହତ୍ ସ୍କୁଲଘର ଓ ପୁସ୍ତକାଳୟକୁ ପୋଡ଼ି ଭସ୍ମୀଭୂତ କରିଥିଲା। କିନ୍ତୁ ଏକମାତ୍ର ରାମଚନ୍ଦ୍ର ସେତେବେଳେ ଏ ସମସ୍ତ ଭିତରେ ମୁଣ୍ଡ ଟେକି ନୀତିର ଦୃଢ଼ତା ଓ ଗର୍ବିତଦୈନ୍ୟରେ ଠିଆହୋଇ ରହିଥିଲେ।

୧୯୧୨ ଖ୍ରୀଷ୍ଟାବ୍ଦରେ ଜଗନ୍ନାଥଙ୍କ ନୂଆକଳେବର। ସେ ବର୍ଷ ରଥଯାତ୍ରାରେ ଜନତା ଆଉ କେବେ ହୋଇନହିଁ। ସେପରି ବିସୂଚିକା ମଧ ପୁରୀ ଆଉ କେବେ ଦେଖି ନାହିଁ। ସେ ବିସୂଚିକା ମଫସଲର୍ ଗ୍ରାମମାନଙ୍କରେ ରନ୍ଧ୍ରେ ରନ୍ଧ୍ରେ ପଶିଯାଇ ଅତି ପ୍ରବଳ ହୋଇଥିଲା। ସେତେବେଳେ ମଧ ରାତିଦିନ ଜୁଲାଇମାସର ଖରାବର୍ଷାରେ ସମାନଭାବରେ ଏକମାତ୍ର ରାମଚନ୍ଦ୍ରଙ୍କ ସଙ୍ଗେ ଗ୍ରାମେଗ୍ରାମେ ବୁଲି ରୋଗି ସେବାକରିବା କଥା ଆଜି ମନେ ପଡୁଚି। ଆଜି ରାମଚନ୍ଦ୍ର ଚାଲିଗଲେ। କିନ୍ତୁ ସେ ବ୍ୟକ୍ତିତ୍ୱ କର୍ମନିଷ୍ଠା ଓ ଆତ୍ମତ୍ୟାଗର ପ୍ରଭାବ ଜୀବନ୍ତ ରହିଚି ବୋଲି ମନେ ହୁଏ। ରାମଚନ୍ଦ୍ର ତୁମେ ନିଜେ ନିଃସନ୍ତାନ, ବିଧବାଙ୍କୁ ଗୋଟିଏ ବୃହତ୍ ଦରିଦ୍ର ପରିବାରରେ ଛାଡ଼ିଗଲ। ଯାଅ, କିନ୍ତୁ ତୁମରି ପରି ନୀରବ, ଆତ୍ମତ୍ୟାଗୀ, ନିଷ୍ପାପର, ମନସ୍ୱୀ ଯତିହିଁ ଏ ଜଗତରେ ପ୍ରଗତିର ଯଥାର୍ଥ ପୀଠ।

ନବଭାରତ-୧/୯, ଆଲୋଚନା

ସ୍ୱର୍ଗତ ନୀଳମଣି ମିଶ୍ର

ଯାଜପୁରର ପଣ୍ଡିତ ନୀଳମଣି ମିଶ୍ରଙ୍କର ଗତ ମାସରେ ପରଲୋକ ହୋଇଅଛି। ସେ ସୁପଣ୍ଡିତ ସୁଲେଖକ ଓ ସୁଶିକ୍ଷକ ଥିଲେ। ତାଙ୍କର ପିତୃପିତାମହ ବଡ ପଣ୍ଡିତ ଥିଲେ ଓ ଭ୍ରାତା ସ୍ୱର୍ଗତ କାମପାଳ ମିଶ୍ରଙ୍କୁ 'ସୀତାବିବାହ' ନାଟକର ଗ୍ରନ୍ଥକାର ରୂପେ ସମସ୍ତେ ଜାଣନ୍ତି। ଓଡିଶାରେ ତାପରେ ବହୁତ ନାଟକ ଲେଖା ହୋଇଛି, କିଂତୁ 'ସୀତା ବିବାହ'କୁ କେହି ଟପିଛନ୍ତି ବୋଲି ମନେ ହୁଏ ନାହିଁ। ପଣ୍ଡିତ ନୀଳମଣି ମଧ୍ୟ ବଡ ସାଧୁପ୍ରକୃତିକ ଓ ସଦାଚାରୀ ଥିଲେ। ୭୫ ବର୍ଷ ବୟସରେ ତାଙ୍କର କାଳ ହେଲା। ବହୁଦିନ ଯାଜପୁର ସ୍କୁଲରେ ଶିକ୍ଷକ ଥାଇ ସେ ବହୁଙ୍କ ଛାତ୍ରଙ୍କ ହୃଦୟରେ ନିଜର ସ୍ଥାନ କରି ପାରିଥିଲେ।

Digitized by PPRACHIN, SOA

ସେ ଇଂରେଜି, ସଂସ୍କୃତ ଓ ଓଡ଼ିଆ ସବୁ ପଢ଼ାଇ ପାରୁଥିଲେ। କବିରାଜିରେ ମଧ୍ୟ ସେ ବିଶେଷଜ୍ଞ ଥିଲେ। ଓ ଲୋକସେବା ଓ ଲୋକର ଉପକାରରେହିଁ ତାଙ୍କ କବିରାଜି ଲାଗୁଥିଲା।

ବିଶେଷ କଥା, ସେ ଓଡିଶାରେ ଜଣେ ଆଦର୍ଶ ଗୃହସ୍ଥାଶ୍ରମୀ । କଟକର ଭୂତପୂର୍ବ ଓକୀଲ ଜାନକୀ ବାବୁଙ୍କ ଆଦର୍ଶ ଗୃହସ୍ଥତା ସମସ୍ତେ ଜାଣିଥିବେ। ତାଙ୍କର ବହୁ ପୁତ୍ର। ସମସ୍ତଙ୍କୁ ସେ ସମାନ ଭାବରେ ମନୁଷ୍ୟ ହେବାର ସୁବିଧା ଦେଇଥିଲେ। ଏହିପରି ଗୃହସ୍ଥତାରେହିଁ ଯଥାର୍ଥ ବର୍ଣ୍ଣାଶ୍ରମ ଧର୍ମର ଦେଶ ଓ ଦେଶସେବା ହୁଏ। ପଣ୍ଡିତ ନୀଳମଣିଙ୍କ ଜୀବନର ସେହି ଆଦର୍ଶ ସ୍ମରଣୀୟ। ତାଙ୍କର ଛଅଟି ପୁଅ। ଅଳ୍ପ ରୋଜଗାରୀ ଅଳ୍ପବିତ୍ତ ବ୍ୟକ୍ତି ହୋଇ ମଧ୍ୟ ସେ ସବୁ ପୁଅଙ୍କୁ ମନୁଷ୍ୟ ହେବାର ସମାନ ସୁବିଧା ଦେଇଥିଲେ। କଟକ କଲେଜିଏଟ୍ ସ୍କୁଲର ପ୍ରଧାନ ଶିକ୍ଷକ ରାଏସାହେବ ବିଶ୍ୱମ୍ଭର ମିଶ୍ର ତାଙ୍କର ଜ୍ୟେଷ୍ଠ ପୁତ୍ର ଓ ଆଠମଲ୍ଲିକ ଦେଓ୍ୱାନ ଶ୍ରୀ ବାମଦେବ ମିଶ୍ର ମଧ୍ୟ ତାଙ୍କର ଅନ୍ୟତମ ପୁତ୍ର। ଆଉ ସବୁ ପୁଅମାନେ ମଧ୍ୟ ସେହିପରି ସୁଶିକ୍ଷିତ ହୋଇ ନାନା କ୍ଷେତ୍ରରେ କାର୍ଯ୍ୟ କରୁଚନ୍ତି। ଓଡିଶାରେ ଏପରି ଆଦର୍ଶ ବଡ ବିରଳ। ଆମେ ତାଙ୍କ ଆଦର୍ଶରେ ପ୍ରଚାର ଓ ଆତ୍ମାର ସଦ୍‌ଗତି କାମନା କରୁଅଛୁ ।

ନବ ଭାରତ-୨/୬-୭, ଆଲୋଚନା

ଶୋକ ସମ୍ବାଦ

ସ୍ୱର୍ଗତ ଚନ୍ଦ୍ରଶେଖର ବେହେରା-

ସମ୍ବଲପୁରର ନିଷ୍କାମ କର୍ମଯୋଗୀ ଚନ୍ଦ୍ରଶେଖର ଇହଧାମ ଛାଡ଼ିଚନ୍ତି। ଏ ତିରୋଧାନ ଆକସ୍ମିକ ନ ହେଲେ ହେଁ ଏତେବେଳେ ଓଡ଼ିଶା ପକ୍ଷରେ ଦୁର୍ବିଷହ। ପଣ୍ଡିତ ଗୋପବଂଧୁଙ୍କ ମୃତ୍ୟୁପରେ ଓଡିଶାର ସାଧାରଣ ଜନସେବା କ୍ଷେତ୍ରରୁ ଏପରି ତିରୋଧାନ ଆଉ ହୋଇ ନଥିଲା। ଚନ୍ଦ୍ରଶେଖର ଏକା ସଂବଲପୁରର କାହିଁକି, ସମସ୍ତ ଓଡିଶାର ଏକ ମୁକୁଟମଣି ଥିଲେ। ଓଡ଼ିଆର ଜାତୀୟ ଶକ୍ତି ତଥା ଭବିଷ୍ୟତରେ ସେ ଅଖଣ୍ଡ ବିଶ୍ୱାସୀ ଥାଇ ମଧ ଭାରତୀୟ ଜାତୀୟ ଭାବଧାରାରେ ସେ ନିଜକୁ ମିଶାଇ ରଖିଥିଲେ। ତାଙ୍କପରି ବ୍ୟକ୍ତିତ୍ୱ ଓ ଚରିତ୍ରର ପବିତ୍ର ନିଷ୍ଠା କ୍ୱଚିତ୍ ଦେଖାଯାଏ। ନିଜର ମତ ଓ ନିଷ୍ଠାରେ ସ୍ଥିର, ଦୃଢ ରହି ମଧ ସେ କୌଣସି ମତବାଦୀର ଅପ୍ରିୟ ନ ଥିଲେ। ତାଙ୍କର ଦୃଢତାରେ ରୁକ୍ଷତା ନ ଥିଲା, କିମ୍ବା ସେ ପଦମୋହରେ ବ୍ୟାକୁଳ ହୋଇ କାହାରି ପ୍ରତିଦ୍ୱନ୍ଦିତା କରୁନଥିଲେ।

୧୯୧୯ରେ ଓଡିଆଜାତି ତାଙ୍କୁ ପୁରୀ ସମ୍ମିଳନୀରେ ସଭାପତି ମନୋନୀତ କରି ନିଜର ଶ୍ରେଷ୍ଠ ଗୁଣଗ୍ରାହିତାର ପରିଚୟ ଦେଇଥିଲା। ମାତ୍ର ଏ ସବୁ ସତ୍ତ୍ୱେ ଯେ ତାଙ୍କ ସଙ୍ଗେ ବ୍ୟକ୍ତିଗତ ସମ୍ପର୍କରେ ଆସିଥିବେ ସେ ଜାଣିଥିବେ ଚନ୍ଦ୍ରଶେଖରଙ୍କର ପ୍ରତିଷ୍ଠିତ ନୀରବ ବ୍ୟକ୍ତିତ୍ୱ କି ଉଦାର, କି ମହତ୍।

Digitized by PPRACHIN, SOA

ସେ କାହାକୁ ସମାଲୋଚନା ବା ସାକ୍ଷାତ୍ ଉପଦେଶରେ ଶିଖାଉ ନଥିଲେ ସତ, ମାତ୍ର ତାଙ୍କ ସଂଗତି ଓ ସାହଚର୍ଯ୍ୟର ପ୍ରଭାବ ବିଷୟରେ ଅନୁଭବ ହିଁ ସାକ୍ଷୀ। ୩୭ ବର୍ଷ ବୟସରେ ସେ ବିପତ୍ନୀକ ହୋଇ ଚାରୋଟି ପିଲାଙ୍କର ପିତା ଥିଲେ ଓ ମାତା ଥିଲେ। ୬୨ତମ ବୟସରେ ତାଙ୍କର କାଳ ହେଲା। ପିଲାଏ ଅବଶ୍ୟ ପାରି ଯାଇଛନ୍ତି। ମାତ୍ର ଦେଶର ଏ ସଂକଟ କାଳରେ ତାଙ୍କର ବିଶେଷ ପ୍ରୟୋଜନ ଥିଲା।

ନବ ଭାରତ-୨/୮, ଆଲୋଚନା

ପରଲୋକରେ ନୃସିଂହଚରଣ

ଗତ କକଡ଼ା ଦଶ ଦିନ ଉତ୍କଳର ଆଶା ଆକାଶରୁ ଗୋଟିଏ ଉଜ୍ଜ୍ୱଳ ନକ୍ଷତ୍ର ଅନନ୍ତ କାଳ ଗର୍ଭରେ ବିଲୀନ ହୋଇଅଛି। ସେହିଦିନ ଉତ୍କଳର ଜଣେ ଶ୍ରେଷ୍ଠ ଯୁବକ ଶ୍ରୀମାନ୍ ନୃସିଂହଚରଣ ମହାନ୍ତି, ଇହଧାମ ତ୍ୟାଗ କରିଛନ୍ତି। ଶ୍ରୀମାନ୍ ନୃସିଂହଚରଣ ଅତି ଅଳ୍ପ ବୟସରେ ନିଜ ପ୍ରତିଭାର ପରିଚୟ ଦେଇଥିଲେ। ଶିକ୍ଷା ସଂସ୍କୃତିର ଆହରଣ ଉଦ୍ଦେଶ୍ୟରେ ସେ ବି.ଏ. ପାସ୍ କରି ବିଲାତ ଯାଇଥିଲେ। ସେଠାରେ ସାମ୍ବାଦିକତା ପ୍ରତି ତାହାଙ୍କର ପ୍ରତିଭା ଆକୃଷ୍ଟ ହୋଇଥିଲା। ସେହିଠାରୁ ସେ ଭାରତର ଇଂରେଜୀ କାଗଜମାନଙ୍କରେ ବିଲାତ ବିଷୟ ମାନଙ୍କ ସମ୍ବନ୍ଧରେ ନିଜର ଅନୁଚିନ୍ତାମାନ ପ୍ରକାଶ କରୁଥିଲେ। ଲୋକେ ସେତିକିବେଳେ ତାଙ୍କର ସାମ୍ବାଦିକ ପ୍ରତିଭାର ବିକାଶ ଲକ୍ଷ୍ୟ କରି ବହୁ ଆଶା ପୋଷିଥିଲେ। ସାମ୍ବାଦିକତା ଓଡ଼ିଶାରେ ଏବେ ମଧ୍ୟ ଆକର୍ଷିତ କ୍ଷେତ୍ର। ସେଥିରେ ପ୍ରତିଭାବାନ୍ କର୍ମୀ ଲୋଡ଼ା। ନୃସିଂହଙ୍କର ଏ କ୍ଷେତ୍ରରେ ବିକାଶ ଲୋକେ ଯେ ଆନ୍ତରିକତାର ସହିତ ଲକ୍ଷ୍ୟ କରୁଥିଲେ, ତାହାର ପ୍ରମାଣ, ଗଲା ପୁରୀ କଂଗ୍ରେସର ଅଭ୍ୟର୍ଥନା ସଭା ତାଙ୍କୁ ସମ୍ବାଦ ବିଭାଗରେ ସମ୍ପାଦକ ମନୋନୀତ କରିଥିଲେ। ନୃସିଂହ ବଡ଼ ଚିନ୍ତାଶୀଳ ଓ ଅକ୍ଳାନ୍ତ ପାଠକ ଥିଲେ। କଟକରେ ରହି ମଧ୍ୟ ସେ ସର୍ବଦା ଇମ୍ପିରିଏଲ୍ ଲାଇବ୍ରେରୀର ବହି ବ୍ୟବହାର କରୁଥିଲେ। ଅନ୍ୟମାନଙ୍କୁ ସେ ନିଜ ବ୍ୟୟ ଓ ପରିଶ୍ରମରେ ସେହିପରି କରିବାର ଉତ୍ସାହ ଦେଇ ସାହାଯ୍ୟ ମଧ୍ୟ କରୁଥିଲେ। ତାଙ୍କ ସଙ୍ଗେ ଅନ୍ତରଙ୍ଗ ଭାବରେ କୌଣସି ବିଷୟ ଘେନି ଯେ କଥାବାର୍ତ୍ତା କରିଛନ୍ତି ସେ ତାଙ୍କ ଚିନ୍ତା-ଚତୁରତା ଓ ଉତ୍କଳ ତଥା ଦେଶର ଭବିଷ୍ୟତ ସମ୍ବନ୍ଧୀୟ ବିଶ୍ଳିଷ୍ଟ ପରିକଳ୍ପନାର କଥା ଜାଣିଥିବେ। ଦେଶ ଓ ଦଶ ପାଇଁ ଜୀବନ ନିୟୋଗ କରିବାରେ ତାଙ୍କର ମମତା ସ୍ପଷ୍ଟ ଫୁଟିଥିଲା। ଓଡ଼ିଶାରେ ଏପରି 'ପୁଞ୍ଜି' ବଡ଼ ଅଳ୍ପ। ଆଜି ତାଙ୍କ ବିୟୋଗରେ ଦରିଦ୍ର ଓଡ଼ିଶାର ଦାରିଦ୍ର୍ୟ ବଢ଼ିଛି। ହେଲେହେଁ ଉତ୍କଳର ତରୁଣ ଓ ଯୁବକମଣ୍ଡଳୀ ତାଙ୍କ ତିରୋଧାନରେ ମଧ୍ୟ ତାଙ୍କ ଜୀବନ୍ତ ସୂଚନା ଗ୍ରହଣ କରନ୍ତୁ। ସ୍ୱର୍ଗତ ନୃସିଂହ ଚିରଶାନ୍ତି ଲାଭ କରନ୍ତୁ।

ନବଭାରତ-୧/୩ ଆଲୋଚନା

Digitized by PPRACHIN, SOA

ଅଧ୍ୟାପକ ଲକ୍ଷ୍ମୀକାନ୍ତ ଆଉ ଇହଧାମରେ ନାହାନ୍ତି

ଗତ ୮-୧-୪୦ରେ ତାଙ୍କର ପରଲୋକ ହୋଇଛି । ଓଡ଼ିଶାର ଜଣେ ବିଶିଷ୍ଟ ବଡ଼ଲୋକ ବୋଲି ତାଙ୍କୁ ହୁଏତ ଅନେକେ ଜାଣି ନଥିବେ । ଏକେ ଏହି ଯୁଗରେ ଲକ୍ଷ୍ମୀକାନ୍ତଙ୍କ ପରି କର୍ମୀକୁ ବଡ଼ଲୋକ ବୋଲି ଜାଣିବା ସୁବିଧା କମ୍ । ପୁଣି ଲକ୍ଷ୍ମୀକାନ୍ତ ଥିଲେ ନୀରବ, ଚରିତ୍ରନିଷ୍ଠ ସାଧକ । ଲୋକ ପର୍ବତ ପରି ଦୂରରୁ ବଡ଼ ଓ ସୁନ୍ଦର ଦିଶେ। ପାଖରେ ରହି ଭିତରେ ପଶି ଦେଖିଲେ ବେଳେ ବେଳେ ଧାରଣା ବଦଳି ଯାଏ । କିନ୍ତୁ ଲକ୍ଷ୍ମୀକାନ୍ତଙ୍କ ପାଖରେ ନହି ଯେଉଁମାନେ ତାଙ୍କୁ ଭିତରେ ଦେଖିଛନ୍ତି ସେମାନେ ଜାଣିଥିବେ ଲକ୍ଷ୍ମୀକାନ୍ତ କି ଜିନିଷ ଥିଲେ। ପ୍ରାଚୀ ସମିତିରେ ତାଙ୍କର ନିଷ୍ଠା ଓ କ୍ରିୟା ଅନେକଙ୍କର ଜଣାଶୁଣା କଥା । ସେହି ସୂତ୍ରରେ ସେ ଓଡ଼ିଶାର ଲୁପ୍ତ ରତ୍ନ ଉଦ୍ଧାରରେ ମନ ଦେଇ ଲାଗିଥିଲେ । ପୁଣି ସଂଗୀତର ସାଧନା ଓଡ଼ିଶାରେ ଏବେ ନାହିଁ କହିଲେ ଚଳେ । ବୈଜ୍ଞାନିକ ଭାବରେ ସେହି ସାଧନା ଫୁଟାଇବା ପାଇଁ ଲକ୍ଷ୍ମୀକାନ୍ତ ଅତନ୍ଦ୍ରିତ ଚେଷ୍ଟା କରୁଥିଲେ । ଏହି ଭାବରେ ଦେଖିଲେ ତାଙ୍କ ସ୍ଥାନ ଅପୂର୍ଣ୍ଣ ରହିଗଲା ବୋଲି ମନେହୁଏ । ମାତ୍ର ଜଗତରେ ଭାବ ଓ ଚିନ୍ତାର ପ୍ରସାର ଛିନ୍ନ ହୁଏ ନାହିଁ । କର୍ମୀର କର୍ମ ଅପୂର୍ଣ୍ଣ ରହେ ନାହିଁ । ସେହି ଆଶା ଓ ବିଶ୍ୱାସରେ ଆଜି ଆମ୍ଭେମାନେ ଲକ୍ଷ୍ମୀକାନ୍ତଙ୍କ ପରି ସାଧକଙ୍କୁ ସରଣ - ସୁନ୍ଦର କରି ପାରିଲେ ତାଙ୍କ ଆତ୍ମାର ଯଥାର୍ଥ ସଦ୍‌ଗତି ହେବ ।

ଅତି ଅଳ୍ପ ବୟସରେ ଲକ୍ଷ୍ମୀକାନ୍ତ ଚାଲିଗଲେ । ତାଙ୍କ ପରିବାର ନିଦାରୁଣ ଶୋକରେ ସନ୍ତପ୍ତ । ସେ ସନ୍ତାପରେ ତଥା ଲକ୍ଷ୍ମୀକାନ୍ତଙ୍କ ଆତ୍ମାରେ ସ୍ୱର୍ଗର ଶାନ୍ତିବାରି ପଡୁ।

ନବ ଭାରତ-୬/୬, ଆଲୋଚନା

ଶ୍ରୀ ଜଗବଂଧୁ ସିଂହ

ଶ୍ରୀ ଜଗବଂଧୁ ସିଂହ ଓଡ଼ିଶାର ଅର୍ଦ୍ଧଶତାବ୍ଦୀରୁ ଅଧିକ ସମୟ କର୍ମମୟ ଜୀବନର ଇତିହାସ ଘେନି ୭୪ ବର୍ଷରେ ଗଲା ମେ ମାସ ୧୪ ତାରିଖରେ ଚାଲିଗଲେ । ସେ ଚାଲିଗଲେ, ଗୋଟିଏ ଅତି ସ୍ମରଣୀୟ ଦିନ ଓ ମୁହୂର୍ତ୍ତରେ - ଇତିହାସର ଗୋଟିଏ ନିର୍ଦ୍ଦିଷ୍ଟ ପରଂପରା ଘେନି । ୧୯୦୩ରେ ଓଡ଼ିଆ ଦେଶମିଶ୍ରଣ କଂଗ୍ରେସରେ ସଂଭବ ନ ହେବାରୁ ବ୍ୟକ୍ତିତ୍ୱବାନ୍ ମଧୁସୂଦନ (ମଧୁବାବୁ) କଂଗ୍ରେସ ଛାଡ଼ି ଆସି 'ଉତ୍କଳ ସମ୍ମିଳନୀ' ଗଢ଼ିଥିଲେ । ୧୯୨୧ ପ୍ରାରଂଭରେ ସେଇ ସମ୍ମିଳନୀର ଚକ୍ରଧରପୁର ବୈଠକରେ ସଭାପତି ଥିଲେ, ଶ୍ରୀ ଜଗବଂଧୁ ସିଂହ । ଦୁଇଦିନ ତଳରୁ ନାଗପୁର କଂଗ୍ରେସରେ ମହାତ୍ମା ଗାନ୍ଧି ଭାରତ ଜାତୀୟ କଂଗ୍ରେସରେ 'ଭାଷାସୂତ୍ରରେ ପ୍ରଦେଶ ଗଠନ' ନୀତି ଗ୍ରହଣ କରି ସିଂହଭୂମି ସମେତ ଉତ୍କଳକୁ ସ୍ୱତନ୍ତ୍ର କଂଗ୍ରେସ ପ୍ରଦେଶ ବୋଲି ସ୍ୱୀକାର କରାଇ ନେଲେ । ଫଳରେ ଜଗବଂଧୁଙ୍କ ନେତୃତ୍ୱରେ ଚକ୍ରଧରପୁର ସମ୍ମିଳନୀରେ ଆନନ୍ଦ ଓ ଉନ୍ମାଦନାର ତରଙ୍ଗ

Digitized by PPRACHIN, SOA

ଖେଳିଗଲା । ସମ୍ମିଳନୀରେ କଂଗ୍ରେସ ନୀତି ଗୃହୀତ ହେଲା ଓ ଓଡ଼ିଶା ପୂର୍ଣ୍ଣ ପ୍ରାଣରେ କଂଗ୍ରେସରେ ଯୋଗ ଦେଲା । ଗଲା ମେ ମାସ ୧୪ ତାରିଖ ସକାଳୁ ଅଫିସୀୟ ଖବର ମିଳିଲା, ଷଢ଼େଇକଳା ଓ ଖରସୁଆଁକୁ ସିଂହଭୂମ ସଂଗରେ ରଖି ଭାରତ ସରକାର ବିହାର ସରକାରକୁ ଦେଇଦେଲେ । ହଠାତ୍ ଜଗବଂଧୁଙ୍କର ରକ୍ତଚାପ ବଢ଼ିଗଲା, ହୃତପିଣ୍ଡର କ୍ରିୟା ବନ୍ଦ ହୋଇଗଲା । ଅବଶ୍ୟ ତାଙ୍କର ଯେ ମୃତ୍ୟୁ ହେଲା, ଜଗତରେ ଅତି ଅଳ୍ପ ଲୋକଙ୍କର ସେପରି ସୁଖ ମୃତ୍ୟୁ ହୁଏ । କିଂତୁ ସେ ଯେ ନିରାଶାର ଦାରୁଣ ଆଘାତ ସହି ନପାରି ଚାଲିଗଲେ, ତାହାଇ ଆମକୁ ଆଜି ଦିଶୁଚି । ଜଗବନ୍ଧୁ ଓକିଲ ଥାଇ ଅକ୍ଲାନ୍ତ ସାହିତ୍ୟସେବୀ ଥିଲେ । ତାଙ୍କପରି ସ୍ଥିରନିଷ୍ଠ, ଧାରାବାହିକ ସାହିତ୍ୟସେବୀ ବଡ଼ ବେଶି ଦେଖାଯାନ୍ତି ନାଇ । ସେ ଅଳ୍ପଭାଷୀ ଓ ନିରାଟ ସତ୍ୟବାଦୀ ଥିଲେ । କ୍ରୋଧ ବୋଲି ତାଙ୍କଠି କେହି କେବେ କିଛି ଦେଖି ନାଇ । ଆକୃତିରେ ଓ ବ୍ୟକ୍ତିତ୍ୱରେ ତାଙ୍କ କଛକୁ ଜଣେ ମିଳିବା ଦୁର୍ଘଟ । ଭଗବାନ ତାଂକ ନିରାଶ ଆତ୍ମାକୁ ସ୍ୱର୍ଗରେ ପ୍ରଫୁଲ୍ଲ ରଖନ୍ତୁ ।

ନୂଆପ୍ରସ୍ଥ- ୨/୧

ସ୍ୱର୍ଗତ ଶରତ ଚନ୍ଦ୍ର

ଶରତ ଚନ୍ଦ୍ର ବୋଷ ହଠାତ୍ ଅନାଶଂକିତ ଭାବରେ ଏ ଜଗତ ଛାଡି ଚାଲିଗଲେ ! ନା, ତାଙ୍କୁ ଏ ଜଗତ ଛାଡିବାକୁ ହେଲା । ଭାରତରେ ଗାନ୍ଧୀ ଓ ତହିଁ ସଂଗେ କଂଗ୍ରେସ ନାମ ବଜାରର କୁତ୍ସିତ ପଣ୍ୟ ଭଳି ବ୍ୟବହାର କରି ଆଜି ଯେଉଁ ଏକାଧିପତ୍ୟର ବୀଭତ୍ସତା ସ୍ୱାଧୀନତା ନାମରେ ଦିନକୁ ଦିନ ଫୁଟି ଉଠୁଚି ତା' ବିରୁଦ୍ଧରେ ଶରତ ଚନ୍ଦ୍ର ଥିଲେ ସ୍ପଷ୍ଟବାଣୀ ଓ କ୍ରିୟାର ସଂକେତ । ବିରୋଧ ବୋଲି ଆଜି କେତେ ନେତା, ପ୍ରନେତା, ଉପନେତା, କଂଗ୍ରେସ ସରକାରଙ୍କ ପ୍ରତି ଗଭୀର ଲୋକ ଦୁରାଗ୍ରହର ସୁବିଧା ନେବାକୁ ବସିଛନ୍ତି ସତ । କିନ୍ତୁ ଏ କେହି ଶରତଚନ୍ଦ୍ରଙ୍କ ପରି ସ୍ପଷ୍ଟ ଓ ଅନାଲଂବ ବୋଲି ଜଣା ପଡ଼ି ନାହାନ୍ତି। ଅନେକ ବିଚାରୁଛନ୍ତି କଂଗ୍ରେସ ନେତାଏ ଦଳୁଟାଏ ବାନ୍ଧି ବେଶ୍ ଗୁଡ଼ାଏ ଲାଭ ଉଠାଇଲେ ଓ ଉଠାଉଚନ୍ତି । ଲୋକେ ଏ କଥା ଜାଣିଗଲେଣି । ଲୋକଙ୍କର ଏଇ ଜାଣିଦେବାଟାର ସୁବିଧା ଘେନି ଆମେ ଚାଲ ଗୋଟାଏ ଝାମ୍ପ ପକାଇବା । କିନ୍ତୁ ଏ ସବୁ କଥା ଶରତଚନ୍ଦ୍ରଙ୍କ ସମ୍ବନ୍ଧରେ କୁହାଯିବ ନାଇ। ସେ ଥିଲେ, ବିରାଟ ସାଧକ ଓ କଂଗ୍ରେସର ଏ ସମସ୍ତ ଭୋଗ ପରିସ୍ଥିତି ଭିତରେ ସେ ଥିଲେ ଯଥାର୍ଥ ତ୍ୟାଗପୂତବୀର । ମରିବା ପର୍ଯ୍ୟନ୍ତ ଦେଶବାସୀଙ୍କ ବର୍ତ୍ତମାନ ଓ ଭବିଷ୍ୟତ ଛଡ଼ା ତାଙ୍କର ଆଉ କିଛି ଚିନ୍ତା ଥିଲା।

ବଂଗ - ବିଭାଗ ଫଳରେ ଯେଉଁ ସାମ୍ପ୍ରଦାୟିକ ବିଭେଦର ନିଆଁ ଗୁମୁରୁ ଥିଲା ତା' ଏବେ ଜଳି ଉଠିଚି । ପ୍ରତିକାର ସମସ୍ତେ ଚାହାନ୍ତି । ହୁଏତ କେହି ବାଟ ପାଉ ନାହାନ୍ତି; ପାଇଲେ ବି ପ୍ରକାଶ କରିବାକୁ ସାହସ ପାଉ ନାହାନ୍ତି । କିନ୍ତୁ ବୀର ଶରତଚନ୍ଦ୍ର କି ସାହସରେ

Digitized by PPRACHIN, SOA

କି ଦୂରଦୃଷ୍ଟିରେ ସମାଧାନର ଚିନ୍ତା କରୁଥିଲେ, ତା ଆଉ ଖାଲି ଆମ କଳ୍ପନା ଜଗତରେ ନାଇ । ମରିବାର ଅଧଘଣ୍ଟାକ ପୂର୍ବରୁ ସେ ତାର ବାସ୍ତବ ରୂପ ପ୍ରକାଶ କରି ଯାଇଚନ୍ତି । ଅବଶ୍ୟ ସେ ବାସ୍ତବ ରୂପ ଅନ୍ୟର ସ୍ୱାଦ୍ୟ ହୋଇନପାରେ । କାହିଁକି ନା, ଅନ୍ୟ କେହି ସେ ପନ୍ଥାରେ ସାଧନା କରି ନାହାନ୍ତି । ସ୍ୱାଧୀନ ଭାରତଟାଏ ଭୋଗ କରିବାକୁ ପାଇବେ ବୋଲି ଯେଉଁମାନେ କୁଆଡ଼କୁ ନ ଚାହିଁ, ତରତର ହୋଇ ଭାରତଟାକୁ ବାଣ୍ଟି ପକାଇଥିଲେ ଶରତଚନ୍ଦ୍ରଙ୍କ ବାଣୀ ଧରିବା ପାଇଁ, ସେମାନଙ୍କର ସାହସ ନାହିଁ । ପୁଣି ଏହି ସାହସ ହୀନତାକୁ ବିଶାଳ ରାଷ୍ଟ୍ରନୀତି କୁଶଳତା ବୋଲି ଦେଖାଇହେବା ମଧ୍ୟ ସେମାନଙ୍କ ପକ୍ଷରେ ସ୍ୱାଭାବିକ । କିନ୍ତୁ ଶରତଚନ୍ଦ୍ରଙ୍କ ରାଷ୍ଟ୍ରନୀତି କୌଶଳ ଭିନ୍ନ ଧାତୁରେ ଗଢ଼ା ହୋଇଥିଲା ।

ଶରତ ଚନ୍ଦ୍ରଙ୍କ ସାଧନା ଓ ହିନ୍ଦୁ - ମୁସଲମାନ ସମସ୍ୟା

ମରିବା ପୂର୍ବରୁ ସେ କ'ଣ କହିଲେ ?

ମଲା ବେଳକୁ ସେ କହିଗଲେ ପୂର୍ବ ଭାରତରେ ପାକିସ୍ଥାନ ଓ ଭାରତକୁ ଏକ କରିବାକୁ ହେଲେ ଗୋଟିଏ ମାତ୍ର ପନ୍ଥା । ସେ ପନ୍ଥାଟି ହେଉଚି, ପୂର୍ବବଙ୍ଗ ନିଜର ସ୍ୱାତନ୍ତ୍ୟ ରଖି ଭାରତ ରାଷ୍ଟ୍ରରେ ରହିବ । ପଶ୍ଚିମ ପାକିସ୍ଥାନ ସଂଗେ ତା ଏକ ହେବ ନାଇ । ଏହା ହିଁ କରିବା ନିମନ୍ତେ ଦୁଇ ବଙ୍ଗଳାର ନେତାମାନେ ଲାଗିଯାନ୍ତୁ । ଏ କଥାଟା ଆଜି ପରିସ୍ଥିତିରେ ଏପରି ଭାବରେ ପ୍ରକାଶ ପାଇଲା ।

ତାଙ୍କ ନିଜସ୍ୱ କଳ୍ପନା -

କିନ୍ତୁ ଭାରତକୁ ବାଣ୍ଟିବାରେ ସେ ମୂଳରୁ ବିରୋଧୀ ଥିଲେ । ଭାରତକୁ ବାଣ୍ଟିବାଟା ସ୍ୱାଧୀନତା ଭୋଗ କରିବାର ବାଟ ନୁହେଁ। ଏହା ତାଙ୍କର ଦୃଢ଼ମତ ଥିଲା ଓ ସେଇଥିପାଇଁ ଭାରତ ବଣ୍ଟା ହେବାର କିଛିଦିନ ପୂର୍ବରୁ ପୂର୍ବ ଓ ପଶ୍ଚିମ ବଙ୍ଗଳା ଦୁଇଟିକୁ ମିଶାଇ ଭବିଷ୍ୟତ ଶାସନବିଧାନରେ ହିନ୍ଦୁ - ମୁସଲମାନଙ୍କ ଭିତରେ ମିଳନ ନିତ୍ୟ ହେବା ଭଳି ବୁଝି ସୁଝି ସର୍ତ୍ତମାନ ଧାର୍ଯ୍ୟ କରି ଦୁଇ ବଙ୍ଗଳାକୁ ଏକ ସ୍ୱାଧୀନ ଦେଶରେ ପରିଣତ କରିବା ପାଇଁ ସେ ଉଦ୍ୟମ କରିଥିଲେ । ଏହି ସ୍ୱାଧୀନ ବଙ୍ଗକୁ ସ୍ୱାଧୀନ ଭାରତ ସଙ୍ଗେ ଚିର ମୈତ୍ରୀରେ ବାନ୍ଧିବା ମଧ୍ୟ ସେ କଳ୍ପନାରେ ଥିଲା । ତାହେଲା ନାହିଁ; ତା କରାଇ ଦିଆ ହେଲା ନାହିଁ । ବରଂ ଏହି କଳ୍ପନା ଘେନି ଭୋଗକାମୀ ଓ ଭୋଗନିରତ କଂଗ୍ରେସ ନେତାଙ୍କ ସଙ୍ଗେ ତାଙ୍କର ଘୋର ମତଭେଦ ହେଲା ଓ ସେଥିରେ ସେ ଭୋଗରେ ସହଯୋଗ କରିବାଟା ପସନ୍ଦ ନକରି କ୍ରମେ ଅଲଗା ହୋଇଗଲେ ।

ଚିତ୍ତରଞ୍ଜନଙ୍କ କଥା

ଶରତ ବୋଷ ଥିଲେ ସୁଭାଷବୋଷଙ୍କ ଭାଇ-ବଡ଼ଭାଇ । ରାଜନୀତିରେ ସେ ପୂରାପୂରି ଥିଲେ ସୁଭାଷପନ୍ଥୀ । ମୁସଲମାନଙ୍କ-ବିଶେଷତଃ ବଙ୍ଗୀୟ ମୁସଲମାନଙ୍କ- ଦୁଇଟି

Digitized by PPRACHIN, SOA

ହିନ୍ଦୁ ନେତାଙ୍କ ଠାରେ ପୂରାପୂରି ବିଶ୍ୱାସ ଥିଲା । ସେ ଦୁଇଟି ହେଉଚନ୍ତି, ଚିତ୍ତରଞ୍ଜନ ଦାସ ଓ ସୁଭାଷ ବୋଷ । ବୁଢ଼ା ବୁଢ଼ାଙ୍କର ମନେଥିବ ଚିତ୍ତରଞ୍ଜନଙ୍କର "ବେଙ୍ଗଲ୍ ପାକ୍ଟ" ବା ହିନ୍ଦୁ - ମୁସଲମାନ ମିଳନ ପାଇଁ ବଙ୍ଗ ଦେଶର ସମଝୋତା । ଚିତ୍ତରଞ୍ଜନଙ୍କର ରାଜନୀତିରେ ସ୍ପଷ୍ଟ ପୁରୋଦୃଷ୍ଟି ଓ ଦୂରଦୃଷ୍ଟି ଥିଲା । ସ୍ୱାଧୀନରାଷ୍ଟ୍ରର ଆଦି କଳ୍ପନାବେଳେ, ଅର୍ଥାତ୍ ପ୍ରଥମରୁ ଗାନ୍ଧୀ ଓ ତତ୍କାଳୀନ ଗାନ୍ଧୀ- ପନ୍ଥୀ କଂଗ୍ରେସ ବିରୋଧରେ ସ୍ୱରାଜ୍ୟ ଦଳର ପ୍ରତିଷ୍ଠା କରି ସେ ଯେତେବେଳେ ବୈଧାନିକ ରାଜନୀତି ବାଟେ ମଧ୍ୟ ସ୍ୱରାଜ୍ୟ ପ୍ରାପ୍ତିର କଳ୍ପନା କଲେ, ସେତିକିବେଳେ ସେ ଏହି ହିନ୍ଦୁ- ମୁସଲମାନ ସମ୍‌ଝୋତାଟି ପ୍ରଚାର କରିଥିଲେ । ସେଥିରେ ଥିଲା ଯେଉଁ ପ୍ରଦେଶରେ ଯେ ବହୁପକ୍ଷ ବା ମେଜରିଟି- ସେଠାରେ ବ୍ୟବସ୍ଥାସଭାରେ ସେ ମେମ୍ବର ରହିବେ ଶତକଡ଼ା ୭୫ ଓ ଯେଉଁଠାରେ ଯେ ଅଳ୍ପପକ୍ଷ ବା ମାଇନରିଟି - ସେଠାରେ ସେ ସଂଖ୍ୟାରେ ରହିବେ ୨୫ । ଏଥିରେ ବଙ୍ଗ - ପଞ୍ଜାବ - ସିନ୍ଧୁ ଓ ସୀମାନ୍ତରେ ମୁସଲମାନ ରହିଥାନ୍ତେ ଶତକଡ଼ା ୭୫ ଓ ହିନ୍ଦୁ ରହିଥାନ୍ତେ ଶତକଡ଼ା ୨୫ ଓ ଅନ୍ୟ ପ୍ରଦେଶ ମାନଙ୍କରେ ହିନ୍ଦୁ ରହିଥାନ୍ତେ ଶତକଡ଼ା ୭୫ ଓ ମୁସଲମାନ ରହିଥାନ୍ତେ ଶତକଡ଼ା ୨୫ । ଅନେକଙ୍କର ଆଜିବି ମନେଥିବ ମୁସଲମାନମାନେ କି ଆନ୍ତରିକତାରେ ଉତ୍ସାହିତ ହୋଇ ଏହା ଗ୍ରହଣ କରିବାକୁ ବସିଥିଲେ । ଏହା ପୁଣି ଗ୍ରହଣ କରିଥାନ୍ତା ୧୯୨୩ ଡିସେମ୍ବରରେ କାକନାଡ଼ା କଂଗ୍ରେସ । ସେଠାରେ ସଭାପତି, ମୌଲାନା ମହମ୍ମଦ୍ ଅଲ୍ଲୀ । ସଂଗେ ସଂଗେ ଏହାବି ମନେଥିବ, କଂଗ୍ରେସ ବିଷୟ ନିର୍ବାଚନୀ ସଭାରେ ଏ ପ୍ରସ୍ତାବଟି କରି, ଗାନ୍ଧି- ପନ୍ଥୀଙ୍କ ସଫଳ ବିରୋଧ ପରେ, ଚିତ୍ତରଞ୍ଜନ କିପରି ଅଶ୍ରୁବିଗଳିତ କଣ୍ଠରେ କହିଥିଲେ ..... "ବେଙ୍ଗଲରୁ ଏହା ବାହାରିଛି ବୋଲି ଫିଙ୍ଗିଦିଅ ନାହିଁ । ବେଙ୍ଗଲ୍ କିଛି ଭାରତରେ ପାରିଆ ନୁହେଁ । ଭବିଷ୍ୟତକୁ ଚାହଁ। ହିନ୍ଦୁ-ମୁସଲମାନ ସମସ୍ୟାର ଆନ୍ତରିକ ସମାଧାନ ନହେଲେ ଭାରତରେ ସ୍ୱରାଜ ଅସମ୍ଭବ ।"

ନୂଆପ୍ରସ୍ଥ- ୨/୬-୭

ସୁଭାଷ ବୋଷ

ଚିତ୍ତରଞ୍ଜନଙ୍କ ମତ ଘେନି, ଗାନ୍ଧୀଙ୍କ ସଙ୍ଗେ କଂଗ୍ରେସ ଭିତରେ ନାନା କ୍ଷେତ୍ରରେ ବିରୋଧ ଫୁଟିଥିବା କଥା ସମସ୍ତେ ଜାଣନ୍ତି । ତା ଭିତରେ ଏ ହିନ୍ଦୁ - ମୁସଲମାନ ସମସ୍ୟାର ସମାଧାନ ଗୋଟିଏ ପ୍ରଧାନ ମତଭେଦର ସାମଗ୍ରୀ ହୋଇ ରହିଥିଲା । ଗାନ୍ଧୀ ଓ ତାଙ୍କ ଦଳୀୟ ମାନେ, ଗୋବରା ଚଢ଼େଇକି ପାଚିଲା କଦଳୀ ଦେଖାଇ ଲଢାଇ ନିମନ୍ତେ ଭୁଲାଇବା ପରି, ମୁସଲମାନ ମାନଙ୍କୁ, ନାନା ସୁଯୋଗ ସୁବିଧା ମାନ ଦେଇ ସ୍ୱାଧୀନ ଭାରତ ପାଇଁ ଲଢ଼ିବାରେ ଲଗାଇବାକୁ ଲୋଡୁଥିଲେ । କିନ୍ତୁ ଚିତ୍ତରଞ୍ଜନପନ୍ଥୀମାନେ ଏ

Digitized by PPRACHIN, SOA

ପନ୍ଥା ଆଦୌ ପସନ୍ଦ କରୁନଥିଲେ । ସେମାନଙ୍କ ମତରେ, ଆସ୍ତେ ଆସ୍ତେ ବାଧ ହେଲାପରି ଦେଇ ଦେଇ ଭୁଲାଇବାରେ ସ୍ଥାୟୀ ଆନ୍ତରିକତା ଓ ବିଶ୍ୱାସ ଫୁଟେ ନାଇ । ଦବାରେ କୁଣ୍ଠା ନ କରି ଏକାବେଳକେ ଦବାନବା କଥାଟା ଠିକ୍ କରି ଦେଇ ପ୍ରାଣ ମିଳାଇ ମିଳିଯିବା ଛଡ଼ା, ଅନ୍ୟ ପନ୍ଥା ନାଇ । ସୁଭାଷ ହେଉଛନ୍ତି, ଚିତ୍ତରଞ୍ଜନଙ୍କ ପରେ ସେହି ମତ ଓ ଦଳର ପ୍ରତୀକ । ଯୁଦ୍ଧବେଳେ ଯେତେବେଳେ ଗାନ୍ଧୀପନ୍ଥୀମାନେ ବ୍ୟକ୍ତିଗତ ଅସହଯୋଗରେ ମାତି, ସରକାର ମାନ ଛାଡ଼ିଦେଲେ ଓ କଂଗ୍ରେସ ସେହି ପନ୍ଥା ଧରିଲା, ତା ପୂର୍ବରୁ ସୁଭାଷଙ୍କୁ କଂଗ୍ରେସର ନିର୍ବାଚିତ ସଭାପତି ପଦରୁ ନାନା କୂଟ କୌଶଳରେ ନିକାଲି, ଲାଞ୍ଛନା ଓ ଅପମାନ ଦେବାର ସୀମା ପର୍ଯ୍ୟନ୍ତ ଠାଏ ଠାଏ ଲଂଘନ କରାହୋଇସାରିଥିଲା ।

ଜିନ୍ନାଙ୍କ ଲାହୋର ପ୍ରସ୍ତାବ –

ଏହାରି ପରେ, ଯେତେଦୂର ମନେହୁଏ ୧୯୪୦ ଅଗଷ୍ଟରେ ମୁସଲିମଲୀଗର ଲାହୋର ବୈଠକରେ ଜିନ୍ନା ଭାରତ ଭାଙ୍ଗି ହିନ୍ଦୁସ୍ଥାନ ଓ ପାକିସ୍ଥାନ ଗଢ଼ିବା ପାଇଁ ସ୍ୱଷ୍ଟ ପ୍ରସ୍ତାବ କଲେ । ଗାନ୍ଧୀ – ପନ୍ଥୀ କଂଗ୍ରେସ ଏହାର ବ୍ୟାପ୍ତି ଓ ଭବିଷ୍ୟତ ଯଥାଯଥ ଭାବରେ ଧରି ପାରିଲେ ନାଇ। ଗାନ୍ଧିଜୀ ହୁଏତ ତଥାପି ମନେ କରୁଥିଲେ; କୁହାପୋଛାକରି କୁଣ୍ଢିଆ କୁଣ୍ଢି କଲେ ନିତାନ୍ତ ନହେଲେ ମାଇନରିଟିକୁ ଖୁବ୍ ଅନୁଗ୍ରହ କଲାପରି, ଶାସନ ଓ ବ୍ୟବସ୍ଥା ସଭାରେ ଭଲକରି କିଛି ସୁବିଧା ଦେଇଦେଲେ, ଜିନ୍ନା ଭୁଲିଯିବେ । ରଷି ଅଡ଼ିବସିଥିବା ଆତ୍ମୀୟ ପରି ପୁଣି ଆସି ମିଶିଯିବେ । ଏହିପରି ବୁଝିବାରେ ରାଜାଜୀଙ୍କ ଭଳି ଗାନ୍ଧି – ସହଯୋଗୀ ମାନେ ସାହାଯ୍ୟ ବି କରିଥିଲେ । କାର୍ଯ୍ୟ ଗତିରେ ତାହା ମଧ୍ୟ ପ୍ରମାଣିତ ହୋଇଚି ।

ସୁଭାଷଙ୍କ ବାସ୍ତବଜ୍ଞାନ ଓ ଦୂରଦୃଷ୍ଟି –

କିନ୍ତୁ ସୁଭାଷ ଚମକି ପଡ଼ିଲେ । ଆମେ ଜାଣୁ ସେ ସେତେବେଳେ ସ୍ୱଷ୍ଟ ଓ ଦୃଢ଼ ଭାବରେ ବୁଝି ପାରିଥିଲେ, କୌଣସି ବିଶେଷ ଫଳବାନ ପ୍ରତିକାର ନ କଲେ ଭାରତ ଦୁଇଭାଗ ହୋଇଯିବା ନିଶ୍ଚିତ । କାହିଁକି ନା, ସେ ମୁସଲମାନଙ୍କୁ ବୁଝିଥିଲେ, ଜିନ୍ନାଙ୍କୁ ଚିହ୍ନିଥିଲେ। ଏ ବିଷୟରେ ଗାନ୍ଧୀ ଓ ଗାନ୍ଧୀପନ୍ଥୀମାନଙ୍କ ପରି ସେ ନିଜର କଳ୍ପନାଜାଲ ଭିତରେ ପଶି ଆତ୍ମପ୍ରବଞ୍ଚନାକୁ ଆତ୍ମବିଶ୍ୱାସ ବୋଲି ଭୁଲ୍ କରୁ ନଥିଲେ । ପୁଣି ସେ ବୁଝିଥିଲେ ଜିନ୍ନା ଗୋଟିଏ ମୁସଲମାନ ଆକାଂକ୍ଷାର ରୂପବାନ ପୁରୁଷ । ସେ ଏ କ୍ଷେତ୍ରରେ ସ୍ନେହ ମମତାଦି ଦୁର୍ବଳତା ରସାଣିତ ସାମାଜିକ ବ୍ୟକ୍ତି ନୁହନ୍ତି । ମହାତ୍ମା ଗାନ୍ଧୀ ନିଜେ ଯେପରି ମାନବୀୟତାରେ ପରିପ୍ଲୁତ ଓ ଶତ୍ରୁମିତ୍ର ଭେଦରେ ସେ ମନୁଷ୍ୟକୁ ଯେପରି ମାନବୀୟତାର ଆଧାର ବୋଲି ମନେ କରନ୍ତି, ଜିନ୍ନା ଏ କ୍ଷେତ୍ରରେ ତାହା ନୁହନ୍ତି ।

Digitized by PPRACHIN, SOA

ଜିନ୍ନାଙ୍କ ପରିଚୟ -

କଥାଟା ଅନେକ ଠାରେ ଅନେକ ସମ୍ପର୍କରେ ହୁଏତ କୁହାଯାଇଚି । ତଥାପି ଇତିହାସର ସ୍ମୃତି ଜାଗ୍ରତ କରିବା ପାଇଁ ପୁଣି ଏଠି କୁହାଯାଉ, ଭାରତ - ବିଭାଗର କିଛି କାଳ ପୂର୍ବରୁ, ଖୁବ୍ ସମ୍ଭବ ୧୯୪୩ର ରାଜାଜୀ-ପ୍ରଣୋଦିତ ଗାନ୍ଧୀ-ଜିନ୍ନାଙ୍କ ଚିଠିପତ୍ର ଓ କୁଣିଆ କୁଣି ପରେ, ବମ୍ବେ ଠାରେ ଗୋଟିଏ ଭୋଜନ - ମିଳନରେ ଜଣେ ବନ୍ଧୁ ଜିନ୍ନାଙ୍କୁ ପଚାରିଥିଲେ ...... "ଆପଣ ତ ରାଜନୀତିରେ ଗୋଖଲେଙ୍କ ଶିଷ୍ୟ, ଭାରତ ଜାତୀୟତା ବୁଝନ୍ତି ଓ ସେହି ଜାତୀୟତାର ଧୂରୀଣ ସେବକ । ଆପଣ ଏପରି ଗୋଟାଏ ଧର୍ମ ନାମରେ ରାଷ୍ଟ୍ର ଗଢ଼ିବାର ଉଦ୍ୟମରେ ମାତିଛନ୍ତି କାହିଁକି ?" ଜିନ୍ନା ଅଳ୍ପ କହନ୍ତି । ବାଟ ଦେଖି ନପାରି ଏପାଖ ସେପାଖ ହେଲାପରି କଥା ସେ କହନ୍ତି ନାଇ । ଅଳ୍ପ କଥା କହି, ବିରାଟ କାର୍ଯ୍ୟ ସାଧନ କରିବା ଲୋକ ଜିନ୍ନାଙ୍କ ପରି ଆଉ ଜଣେ ଦେଖା ଯାଇଚନ୍ତି ବୋଲି ଜଣାନାଇ । ଅଳ୍ପ କହିଲେ ବି ସେ ସ୍ପଷ୍ଟ କହନ୍ତି; ମୋହମ୍ଦ୍ ୁଲାହିଜା କରନ୍ତି ନାଇ । ତଥାପି ସେ ଥିଲେ ଜଣେ ସରସ ସଦାଳାପୀ । ସେ କହିଲେ "You know, I do not know even the Q of the Quoran. But your Gandhi has introduced religion into politics and there is nc ier reply. (ଆପଣମାନେ ଜାଣନ୍ତି, ମୁଁ କୋରାଣର କ ଅକ୍ଷର ପର୍ଯ୍ୟନ୍ତ ଜାଣେ ନାଇ । କିଂତୁ ତମ ଗାନ୍ଧୀ ରାଜନୀତିରେ ଧର୍ମ ଭର୍ତ୍ତି କଲେ । ଏ କାର୍ଯ୍ୟର ଅନ୍ୟ ଉତ୍ତର ନାଇ । ଅର୍ଥାତ୍, ଧର୍ମକୁ ଧରି ରାଜନୀତି କରିବା ଛଡ଼ା ଆମର ଅନ୍ୟ ଉପାୟ ନାଇ) । ଜିନ୍ନା ମଧ୍ୟ ଗୋଟିଏ ଭାଷଣରେ ସ୍ପଷ୍ଟ କହିଥିଲେ, ରାଷ୍ଟ୍ରପତି ବୋଲି ମୁଣ୍ଡରେ ନଡ଼ିଆ ଲଗାଇ ବେଦମନ୍ତ୍ର ବୋଲି କଂଗ୍ରେସ ସଭାପତିଙ୍କୁ ଅଭ୍ୟର୍ଥନା କରିବା ହିନ୍ଦୁ ମୁସଲମାନ ଦୁହିଙ୍କ ପକ୍ଷରେ ଯୁଗପତ୍ ସମ୍ଭବ ନୁହେଁ। ଖୁବ୍ ସମ୍ଭବ ରାଷ୍ଟ୍ରପତି ଆଜାଦଙ୍କୁ କୌଣସି ଠାରେ ଏଇପରି ଅଭ୍ୟର୍ଥନା କରାହେଲା ବେଳେ, ଜିନ୍ନା ଏହା କହିଥିଲେ ।

ସୁଭାଷଙ୍କ ଶେଷ ସମାଧାନ ପନ୍ଥା ମିଳିତ ମନ୍ତ୍ରୀମଣ୍ଡଳ

ସୁଭାଷ ସେହି ଜିନ୍ନାଙ୍କୁ ଓ ତାଙ୍କ ପ୍ରବର୍ତ୍ତିତ ମୁସଲିମଲୀଗ୍‌କୁ ଜାଣିଥିବାରୁ, ଲାହୋର ପ୍ରସ୍ତାବରେ ବଡ଼ ବିବ୍ରତ ହୋଇପଡ଼ିଲେ । ରାଜନୀତିରେ ସୁଭାଷ ଥିଲେ ଦ୍ରଷ୍ଟା । ତାଙ୍କୁ ଗୋଟାଏ ପନ୍ଥା ଦେଖା ପଡ଼ିଗଲା । ଆଗରୁ ହୁଏତ କଂଗ୍ରେସ ଏକାରେ ଧସି ପେଲି ନିଜେ ବହୁପକ୍ଷ ବା ମେଜରିଟୀ ବୋଲି ମନ୍ତ୍ରୀମଣ୍ଡଳମାନ ମାଡ଼ି ବସିବା ତାଙ୍କର ପସନ୍ଦ ନଥିଲା । ଏବେ ସେ ଦେଖିବେ, ଅସହଯୋଗ ଛାଡି, ଏ ବିପଦ ବେଳେ, କୌଣସି ପ୍ରକାରେ ମୁସଲିମ୍‌ଲୀଗ୍ ସଙ୍ଗେ କୋଆଲିସନ୍ ବା ସହଯୋଗ କରି ପ୍ରଦେଶରେ ମନ୍ତ୍ରୀମଣ୍ଡଳ ମାନ୍ ଗଢ଼ିବା ଦରକାର । ଲୀଗକୁ ଅଲଗା କରି, ଆମେ ବହୁପକ୍ଷ ବୋଲି ଏକାରେ ସ୍ୱାଧୀନ ହେବାକୁ ଲଢ଼ିଲେ ଫଳ ବିଷମୟ ହେବ ।

Digitized by PPRACHIN, SOA

ଏଥିରେ ଆମର ନିଜ ଅନୁଭବ -

ଏ ବିଷୟରେ ସେ ଯାହା କଲେ, ସେଥିରେ ଆମର ବ୍ୟକ୍ତିଗତ ଅନୁଭବ ରହିଛି । ତାହା ଏକାଧିକବାର ପ୍ରକାଶିତ ହୋଇଥିଲେ ହେଁ, ପ୍ରସଙ୍ଗାଧୀନ ଭାବେ କହି ଦେଉଛୁ । ସୁଭାଷ କଳ୍ପନା କଲେ, ଆଗ ବଙ୍ଗ, ବିହାର, ଓଡ଼ିଶା, ଆସାମ ଏହି ଚାରୋଟି ପ୍ରଦେଶରେ କଂଗ୍ରେସ ଓ ଲୀଗ୍‌କୁ ଜୋଡି, ମନ୍ତ୍ରୀମଣ୍ଡଳମାନ ଗଢ଼ିବେ ଓ ପରେ ଭାରତର ଅନ୍ୟାନ୍ୟ ପ୍ରଦେଶରେ ଏହା କରବା ପାଇଁ ଚେଷ୍ଟା କରିବେ । ଏହିପରି କାର୍ଯ୍ୟ କରିବାକୁ ଗଲେ, ଗତାନୁଗତିକ କଂଗ୍ରେସୀମାନେ, ଭୂତ ଭବିଷ୍ୟତ ନବିଚାରି, ନବୁଝି, ପ୍ରତିକ୍ରିୟାଶୀଳ ବୋଲି ନିନ୍ଦା କରିବେ । ସେଥିପାଇଁ ସବୁ ଅଗ୍ରଗାମୀ ଦଳ (Leftist) ମାନଙ୍କୁ ଧରି କଂଗ୍ରେସ ଭିତରେ "ଫରଓ୍ୱାର୍ଡ ବ୍ଲକ୍" ଗଢ଼ିବାକୁ ହେବ । କଂଗ୍ରେସର ଫରଓ୍ୱାର୍ଡ ବ୍ଲକୀମାନେ ପରୋକ୍ଷରେ ମିଳିତ ମନ୍ତ୍ରୀମଣ୍ଡଳମାନ ଗଢ଼ିବାରେ ସାହାଯ୍ୟ କରିବେ ।

ସୁଭାଷଙ୍କ କାର୍ଯ୍ୟର ଗତି -

ଏହି ଉଦ୍ଦେଶ୍ୟରେ ସେ କଲିକତାରେ ଲୀଗ୍ - ନେତା ଫଜ୍‌ଲୁଲ-ହକ୍ ଓ କଂଗ୍ରେସ ନେତା ଶରତ ବୋଷ ଦୁହିଁଙ୍କୁ ଲଗାଇ ସ୍ଥାୟୀ ବଙ୍ଗ ସରକାର ଗଢ଼ିବାର ବ୍ୟବସ୍ଥା କଲେ । ତାପରେ ଓଡ଼ିଶାରୁ ଡାକିଥିଲେ ପଣ୍ଡିତ ନୀଳକଣ୍ଠ ଦାସ, ପଣ୍ଡିତ ଗୋଦାବରୀଶ ମିଶ୍ର ଓ ଶ୍ରୀଯୁକ୍ତ ଯଦୁମଣି ମଙ୍ଗରାଜଙ୍କୁ । ଓଡ଼ିଶା ମୁସଲିମ୍ ଲୀଗ୍ ନେତାଙ୍କୁ ଧରି ଗୋଦାବରୀଶ ଓ ଯଦୁମଣି ମନ୍ତ୍ରୀମଣ୍ଡଳ ଗଢ଼ିବେ ଓ ନୀଳକଣ୍ଠ ନିଖିଳ ଭାରତ - ଫରଓ୍ୱାର୍ଡ ବ୍ଲକର ଓ୍ୱାର୍କିଂ କମିଟୀରେ ରହିବେ ବୋଲି ଆଗ ଠିକ୍ ହେଲା । କିନ୍ତୁ ଗୋଦାବରୀଶ, ଯଦୁମଣି ନୀଳକଣ୍ଠ ଦାସଙ୍କ ସାହାଯ୍ୟ ବିନା, ମନ୍ତ୍ରୀମଣ୍ଡଳ ଗଢ଼ି ପାରିବେ ନାହିଁ ବୋଲି ଧରି ବସିବାରୁ, ସେହି ସୁଭାଷଙ୍କ କଲିକତା ଘର ଠାରୁ ଗଂଜାମର ଦିବାକର ପଟ୍ଟନାୟକଙ୍କୁ ଟେଲିଗ୍ରାମ କରାଗଲା । ସେ ଆରଦିନ ପହଞ୍ଚିଲେ ଓ ନିଖିଳ ଭାରତ ଫରଓ୍ୱାର୍ଡ ବ୍ଲକର କାର୍ଯ୍ୟକାରୀ କମିଟିକୁ ଗଲେ ।

ଓଡ଼ିଶା ମିଳିତ ମନ୍ତ୍ରୀ ମଣ୍ଡଳ -

ଅବଶ୍ୟ କହିବା ଦରକାର ନାଇଁ, ସୁଭାଷଙ୍କ କଳ୍ପନାଟି ପୂରା କାର୍ଯ୍ୟକାରୀ ହେବା ପୂର୍ବରୁ ଶରତବୋଷ, ଅଟକବନ୍ଦୀ ଥିଲେ । ସୁଭାଷ ପରିସ୍ଥିତିର ଅନ୍ୟ ଚାପରେ ପଡି ଦେଶାନ୍ତରୀ ହେଲେ । ବହୁ ଚେଷ୍ଟାରେ ଶତବିରୋଧ ସତ୍ତ୍ୱେ ଓଡ଼ିଶାରେ ମୁସଲିମ୍‌ଲୀଗ୍ ସମ୍ପାଦକଙ୍କୁ ଗୋଟିଏ ମନ୍ତ୍ରୀ କରି ମିଳିତ ମନ୍ତ୍ରୀମଣ୍ଡଳ ଗଢ଼ା ହୋଇଥିଲା । ସେଥିରେ ଫରଓ୍ୱାର୍ଡ୍ ବ୍ଲକ୍ ନାଗପୁର ଠାରେ ବସି ଆଶୀର୍ବାଦ ଦେଇଥିଲେ । କିନ୍ତୁ ସୁଭାଷଙ୍କ ବିନା ଓ ଯେଉଁ ଆଦର୍ଶରେ ମିଳିତ ମନ୍ତ୍ରୀ ମଣ୍ଡଳଟି ଗଢ଼ା ହୋଇଥିଲା, ସେ ଆଦର୍ଶର ବ୍ୟାପ୍ତି ନିମନ୍ତେ ପ୍ରେରଣା ଓ ପୃଷ୍ଠପୋଷକତା କ୍ରମେ ଲୁପ୍ତ ହୋଇ ଆସିବାରୁ ମନ୍ତ୍ରୀମଣ୍ଡଳଟି ଯେ କରିଥିଲେ, ଶେଷକୁ ବହୁଚେଷ୍ଟା କରି ସେହି ତାକୁ ଭାଙ୍ଗି ଦେଲେ ।

ନୂଆପ୍ରସ୍ଥ-୨/୬-୭

Digitized by PPRACHIN, SOA

ସୁଭାଷଙ୍କ ସାଂପ୍ରଦାୟିକ ସମାଧାନ

କଳ୍ପନାର କାଳ ଯାଇଛି

ଏ ସବୁ ଦୃଷ୍ଟିରେ ବିଚାର କରି ଦେଖିଲେ ବୁଝିବାକୁ ହେବ, ଭାରତକୁ ବାଣ୍ଟିବା ପରେ ହିନ୍ଦୁ ମୁସଲମାନର ମିଳନରେ ରାଷ୍ଟ୍ର ଗଢ଼ାହେବାର ପରିସ୍ଥିତି ଯାଇଚି । ପାକିସ୍ଥାନ ଏବେ ହେଉଚି, ପୃଥିବୀରେ ମୁସଲମାନର ଧର୍ମ-ରାଷ୍ଟ୍ର (Theocratic State) । ଗର୍ବିତ ଭାବରେ ପୁଣି ପାକିସ୍ଥାନୀମାନେ ଏହା ପୃଥିବୀ ଆଗେ ଆଜି ଦୃଢ଼ ଭାବରେ କହି ପ୍ରଚାର କରୁଚନ୍ତି । ଆମେ ଘରେ ବସି ତାଙ୍କୁ ମଧ୍ୟଯୁଗୀୟ ବା ସେ କାଳିଆ ବୋଲି କହି ବୁଲିଲେ ଲାଭ କିଛି ନାଇ । 'ହିନ୍ଦୁ କୋଡ୍' ତିଆରି କରି ତହିଁରେ ଝିଅକୁ ବାପ ସଂପତ୍ତିରୁ ଅଧଭାଗେ ଦେଇ ଅନ୍ଧ ଅନୁକରଣର ଭକ୍ତି ଓ ଗ୍ରାହକତା ପର୍ଯ୍ୟନ୍ତ ଦେଖାଇଲେ ମଧ ମୁସଲମାନ କିଛି ଭଳି ଯିବେ ନାଇ । ସୁଭାଷବୋଷଙ୍କ କଳ୍ପନାର କାଳ ଓ ସୁଯୋଗ ଯାଇଚି । ଶରତବୋଷ 'ଶେଷ' କଥା କହି ଯାଇଚନ୍ତି । ତା ପୁଣି ପାକିସ୍ଥାନୀ ନ ବୁଝିଲେ, ଏବେ କୌଣସି କାମର କଥା ନୁହେଁ । ଧର୍ମରାଷ୍ଟ୍ର ଗଢୁଥିବା ଦର୍ପୀ ପାକିସ୍ଥାନୀ, ଏହା ବୁଝିବେ ନାଇ । 'ପତିତପାବନ ସୀତାରାମ' ଭକ୍ତି ରାମରାଜ୍ୟ- କାମୀଙ୍କ 'ଉଦାରତା' ଓ 'ଧର୍ମ-ନିରପେକ୍ଷତା'ରେ ଅନ୍ୟ ରାଷ୍ଟ୍ର ଆଦର କରିବା ଭଳି ବଳିଷ୍ଠତା ବା ଜୀବନ୍ତତା ନାଇ ।

ଏବେ କଣ କରିବାକୁ ହେବ

ଧର୍ମ ହିସାବରେ ଯେଉଁମାନେ ଭାରତକୁ ବାଣ୍ଟିଚନ୍ତି, ସେମାନଙ୍କର ଏବେ ଅନ୍ୟ ପନ୍ଥା ନାଇ । ପାକିସ୍ଥାନକୁ ହିନ୍ଦୁଶୂନ୍ୟ ଓ ତହିଁ ସଂଗେ ହିନ୍ଦୁସ୍ଥାନକୁ ମୁସଲମାନ ଶୂନ୍ୟ କରି ସ୍ଥାୟୀ ଶାନ୍ତିର କଳ୍ପନା ଓ କଳନାରେ ସମସ୍ୟା ଏବେ ଛିଣ୍ଡାଇବାକୁ ହେବ । ଏହା କରିବା- ଅର୍ଥାତ୍, ଏଡେ ମହାଜନତାମାନ ଦେଶାନ୍ତର କରାଇବା, ମହାକଷ୍ଟ କାମ । ଏହା ବରଂ ଅସଂଭବପର ଲାଗୁଚି । କିନ୍ତୁ ଏହାଠାରୁ ସହଜ ପନ୍ଥା ଆଉ କିଛି ନାଇ । ଏହା ନ କରି-ବା କରିବାକୁ ସାହାସ ନ କରି ଆମ 'ପତିତପାବନ' ପୂଜାକୁ ଧର୍ମ ନିରପେକ୍ଷ କହି ଓ ତାଙ୍କ ଈଶ୍ୱର-ଦେଶିତ ରାଷ୍ଟ୍ରରେ ସଂମତି ଦେଇ ଯୁକ୍ତିକରି ଚୁକ୍ତିମାନ ବାନ୍ଧିଲେ, ଏ ସବୁ ଖାଲି ନଈ ବଢ଼ିକି ବାଲିବନ୍ଧ ହବ । ସବୁ ଯୁକ୍ତି, ଚୁକ୍ତି ଓ ସର୍ତ୍ତ, ସିଦ୍ଧାନ୍ତ ସତ୍ତ୍ୱେ ଯେକୌଣସି ମତେ ହଉ, ପୂର୍ବ ପାକିସ୍ଥାନ; ପଶ୍ଚିମ ପାକିସ୍ଥାନ ପରି ହିନ୍ଦୁଶୂନ୍ୟ ହେବ। ହିନ୍ଦୁସ୍ଥାନର ମୁସଲମାନମାନେ ମଧ ପ୍ରାଣ ପ୍ରାର୍ଚ୍ଚ୍ୟରେ କେବେ ହେଲେ ହିନ୍ଦୁସ୍ଥାନ ଆଦରିବେ ନାଇ । ସେଇମାନେ ପୁଣି ଅଧିକାଂଶ ଥିଲେ, ପାକିସ୍ଥାନର ବଡ଼ପଣ୍ଡା । ଖଲିକ୍- ଉଜ୍- ଜୁଅନ୍ଙ୍କ ପରି କେହି କେହି ଛାଡ଼ି ଯାଇଚନ୍ତି । ଆଉମାନେ ଅନେକେ ସେଇ ବାଟକୁ ଚାହିଁ ହୁଏତ ଝୁରୁଚନ୍ତି । ଏ ସତ୍ୟକୁ ଜାଣି, ଆଖି ବୁଜିଦେବା ଠିକ୍ ନୁହେଁ । କେହି ପୁଣି କହୁଚନ୍ତି, ଖାଲି ବାହାରେ ରହିଯାଇ ଥିବା ପୂର୍ବବଂଗ ହିନ୍ଦୁଙ୍କ ପାଇଁ ଭାରତରେ ସ୍ଥାନ କରିଦେଇ

Digitized by PPRACHIN, SOA

ଘେନି ଆସ । କିଂତୁ ଏହା ସ୍ଥାୟୀ ବ୍ୟବସ୍ଥା ନୁହେଁ । ଇଛାକରି ଯେ ଯେଉଁଠି ରହିବେ ସେ ହୁଏ ତ ରହନ୍ତୁ । ଏପରିକି ଇଛାକଲେ ସେଇ ପୂର୍ବ ବଂଗରେ ହିନ୍ଦୁ ରହିପାରନ୍ତି, ଯେପରିକି କାଶ୍ମୀର ରହିଲେ ସେଠି ମୁସଲମାନ ବି ହୁଏତ ରହିବେ । କିଂତୁ ସେମାନେ ସ୍ପଷ୍ଟ ଜାଣି ରହନ୍ତୁ ଯେ ସେମାନେ ସବୁମନ୍ତେ ରାଷ୍ଟ୍ର-ବୁଦ୍ଧି କରି ଶେଷକୁ ନିଜ ଦାୟିତ୍ୱରେ ରହିବେ । ଭାରତରେ ମୁସଲମାନ ଓ ପାକିସ୍ଥାନରେ ହିନ୍ଦୁ - ଏମାନେ କେବଳ ରାଷ୍ଟ୍ରର ମାଇନରିଟି ନୁହନ୍ତି । ଏଠି ଅନ୍ୟକଥା ଅଛି । ଏ ସମସ୍ତ ବିଚାରରେ ସମସ୍ତଙ୍କୁ ସ୍ଥାନ ଛାଡ଼ିବାର ସ୍ଥାନ ମାଡ଼ିବସିବାର ପୂରା ଓ ମୁକ୍ତ ସୁବିଧା ଦିଆଯାଉ । ଅନ୍ୟ ଯେକୌଣସି ବ୍ୟବସ୍ଥା ଚିର ନୁହେଁ, କି ଶୁଭଂକର ନୁହେଁ । ଯା କରାହୋଇଯାଇଚି, ସେ ଦୃଷ୍ଟିରେ ଅନ୍ୟବାଟ ନାଇ ।

ପ୍ରମତ୍ତତା କଦାପି ପ୍ରଜ୍ଞା ନୁହେଁ

ପ୍ରମାଦକୁ ପ୍ରଜ୍ଞା ମଣି ଚିତ୍ତରଂଜନ ସୁଭାଷଙ୍କ ଯଥାର୍ଥ ଧର୍ମ-ନିରପେକ୍ଷ ରାଷ୍ଟ୍ରସେବାର ପନ୍ଥା ଛାଡ଼ି ଆମେ ମୋହକୁ ସିଦ୍ଧାନ୍ତ ମଣି ଯାହା କରିବାର କରିଚୁ । ଏବେ ବାସ୍ତବ ପରିସ୍ଥିତିର କଳନାରେ ଇତିହାସକୁ ଚାହିଁ ବାଟ କାଟିବାକୁ ହେବ। ଅବଶ୍ୟ ଏହା ବଡ଼ ସହଜ ନୁହେଁ- ବିଶେଷରେ ପୁଣି ଦର୍ପୀ ଭୋଗଲିପ୍ସୁ ପକ୍ଷରେ । ସେ ଭୋଗ ପୁଣି ତ୍ୟାଗ ନାମରେ ଓ ସେ ଦର୍ପ ପୁଣି ଯଦି ନିଜକୁ ମହାପୁରୁଷ ଓ ମହାପୁରୁଷଙ୍କ ପ୍ରିୟ ଓ ଶ୍ରେଷ୍ଠ ଅନୁଗନ୍ତା ବୋଲି ମଣିବାରେ ହୁଏ, ତେବେ ଅବସ୍ଥା ବଡ଼ ସାଂଘାତିକ । ଘଟନାରେ ବାସ୍ତବ ସତ୍ୟକୁ ସ୍ୱୀକାର ନ କଲେ କଳନା ଭ୍ରଷ୍ଟ ହୁଏ । ରାଷ୍ଟ୍ର ଧରି ବସି କୌଣସି ଲୋକ- ସମ୍ପ୍ରଦାୟକୁ ନସଂଭାଳିବା ଅବଶ୍ୟେ ମହାଅପରାଧ । କିଂତୁ ଆମେ ସଂଭାଳି ରଖିଲେ ସେ ଚିରକାଳ ସଂଭଳାଯିବେ କି ନା, ଦିବ୍ୟ ଦୃଷ୍ଟିରେ ତା ଦେଖିବା ଦରକାର । ଦେଖ, ଯେଉଁ ଭାରତୀୟ ମୁସଲମାନ, ଆମ କଂଗ୍ରେସ ବା ଗାନ୍ଧିଙ୍କ 'ପତିତ ପାବନ ସୀତାରାମ' ଧର୍ମର ଭକ୍ତ ବନି ରାମ-ରାଜ୍ୟ ସେବାରେ ମାତି ଥିଲେ ବା ମାତିଚନ୍ତି, ମୋଟା ମୋଟି ତାଙ୍କ ଅବସ୍ଥା କଣ ? ସତ କହିଲେ ଆଜି କାହାକୁ ବିସୁଖ ଲାଗିପାରେ । କିଂତୁ ସଂନ୍ନିପାତରେ ଶଂଖୁଆ ଖାଇଲା ପରି ସେ ସତ୍ୟକୁ ନ ଧରିବାକୁ ଚାରା ନାଇ। ସେ ସତ୍ୟ ହେଉଚି, ଆମେ ତାଙ୍କୁ ମୋଟାମୋଟି (ନିପାତନଙ୍କ କଥା ଧରାଯାଉନାଇ । ନିପାତନ ହେଉଚି, ବରଂ ନିୟମର ପ୍ରମାଣ) ଲୋଭାଇ ମନାଇ ରଖିଥିଲୁ । ସେଇ ପରଂପରା ଏବେ ବି ଚାଲିଚି । ଆଜାଦଙ୍କ କଥା ଛାଡ଼ି ଦିଅ । ଅନେକଙ୍କର ମନେ ଥିବ, ନଚେତ ଗଲା ଭୁଲାଭାଇ ଦେଶାଇଙ୍କ ନବ ନେତୃତ୍ୱ ବେଳର କେନ୍ଦ୍ର ବ୍ୟବସ୍ଥା ସଭାର ପୁରୁଣା ପ୍ରୋସିଡ଼ିଂସ୍ ଫିଟାଇ ଯେ କେହି ଦେଖିପାରନ୍ତି, କଂଗ୍ରେସୀ ମୁସଲମାନ ମେମ୍ବର କାଜ୍‌ମୀ ସାହେବ ଅଣ ଅଫିସୀୟ ଆଇନ ପ୍ରସ୍ତାବ ବା ବିଲ୍ ଆଣିଲେ, ଭାରତର ସବୁ ମୁସଲ୍‌ମାନ୍

Digitized by PPRACHIN, SOA

ମାନଙ୍କୁ ଶେରିଆତ୍ ବା କୋରାଣ- ଦେଶିତ ଆଇନରେ ଚଳିବାକୁ ବାଧ୍ୟ କରିବା ପାଇଁ । କାହିଁକି ନା, ବିଶେଷରେ ବୋମ୍ବେ, ପଞ୍ଜାବ ଓ ଉତ୍ତର ପ୍ରଦେଶର ପ୍ରାୟ ତିନି କୋଟି ମୁସଲମାନ୍ (ଏମାନେ ପୂର୍ବେ, ଏବେ ଅନେକ ପାକିସ୍ଥାନର ହିନ୍ଦୁଙ୍କ ପରି, ଡରି ମୁସଲମାନ ହୋଇଥିବା ହିନ୍ଦୁଙ୍କ ବଂଶଧର) ହିନ୍ଦୁ ଆଇନ୍ ଓ ରୀତିନୀତିରେ ଚଳୁଥିଲେ । ସେଇମାନଙ୍କ ଭିତରୁ ଅନେକେ ଆର୍ଯ୍ୟ- ସମାଜର 'ଶୁଦ୍ଧି' କର୍ମରେ ହିନ୍ଦୁ ହେବାରେ ବି ଲାଗିଥିଲେ । କାଜ୍ମୀ ସେଥିପାଇଁ ବିଲ ଆଣିଲେ । ଆମ ଏବ ଗଭର୍ଣ୍ଣର ଆସଫ ଆଲୀ, ସେତେବେଳେ ଥିଲେ ଆସେମ୍ବ୍ଲି କଂଗ୍ରେସ ଦଳର ହୁଇପ୍ । ସେ ବି ପ୍ରାଣପଣେ କାଜ୍ମୀଙ୍କ ସଙ୍ଗେ ଲାଗି ପଡ଼ିଲେ । ଦଳ ମେମ୍ବରମାନେ ବିଶେଷରେ ଆର୍ଯ୍ୟସମାଜୀମାନେ - ଭାରି ଛଟପଟ ହେଲେ, ଆପତ୍ତି କଲେ । ନେତାମାନେ ଖାଲି କଲେ - 'ଚୁପ୍, ଚୁପ୍ । କାଳେ କାଜ୍ମୀ ଆସଫଅଲୀ ଶୁଣିବେ ।' ବିଲ୍‌ଟି ନିର୍ଦ୍ୱନ୍ଦରେ ପାଶ୍ ହୋଇ ଆଇନ୍ ହୋଇଗଲା । ଏପରି ଦୃଷ୍ଟାନ୍ତର ସୀମା ନାଇ । ଏଇପରି ପ୍ରିୟ କରା ହୋଇ ରଖାହୋଇଥିବା ମୁସଲମାନ ଏଣିକି ଛଟ୍ ପଟ୍ ହେବେ । ଭବିଷ୍ୟତ ଭଲ ହେବ ନାଇ ।

ଯୁଦ୍ଧ ବି ଶୁଭଙ୍କର ନୁହେଁ

କେହି କେହି ହୁଏତ ପାକିସ୍ଥାନ ସଂଗେ ଯୁଦ୍ଧ କରିବାରେ ଏହାର ସମାଧାନ ଦେଖୁଥିବେ । ଏହା ହୁଏତ ନୈରାଶ୍ୟର ଅତି କୋପ। ଅନ୍ୟଥା ମଧ୍ୟ, ଏଥିପାଇଁ ପରିସ୍ଥିତିର ପ୍ରେରଣା ଆଦୌ ନାଇ। ଋଷିଆର କମ୍ୟୁନିଷ୍ଟ ପ୍ରଭାବ ଆମକୁ ଘେରିଚି, ଘାଣ୍ଟୁଚି । ଆମେରିକା ବି ପଣ୍ଡିତ ନେହୁରୁଙ୍କୁ ଦେଖି ନେଇଚି ଓ ନିଜର ବିଶ୍ୱଜିତ୍ ଯଜ୍ଞରେ ଭାରତକୁ ମେଧ କରିବାର ଉଦ୍ୟମରେ ଅଛି । ଏଣେ ପୁଣି ଭାରତ ଅବାସ୍ତବ ଆଦର୍ଶବାଦରେ ଚୀନକୁ କୁଣ୍ଢାଇବାଟା ଆମେରିକା କି ଦୃଷ୍ଟିରେ ଦେଖୁଥିବ ତା ଅନୁମେୟ । କମନ୍‌ଓ୍ୱେଲଥ ଭିତରେ ମଧ୍ୟ ଦକ୍ଷିଣ ଆଫ୍ରିକାରେ ଭାରତ ବିଶ୍ୱରାଷ୍ଟ୍ର ସଂଘର ନ୍ୟାୟଦେବଙ୍କୁ ଡାକିଲା ବେଳକୁ, ପାକିସ୍ଥାନ ସେଇ ଦକ୍ଷିଣ ଆଫ୍ରିକାକୁ ଝୋଟ ଦେଇ କୋଇଲା ମାଗୁଚି । ଏ ରହସ୍ୟ ଆମକୁ ମନେ ରଖିବାକୁ ହେବ। ବେଳ ପଡ଼ିଗଲା ବେଳେ ଋଷିଆ ଆମର ହବ ନାଇ; ଇଂଲଣ୍ଡ ଆମେରିକା ହୁଏତ ଖାଲି ଦୂରରୁ ହାଁ ହାଁ କରିବେ । ଗ୍ରୀକ୍ ପୁରାଣର ନ୍ୟାୟଦେବ ତୁଳାଦଣ୍ଡ ଧରି, ଅନ୍ଧ ପୋଟଳୀ ବାନ୍ଧି କୁଣିସିଠି ବସି ନାହାନ୍ତି । ପରିସ୍ଥିତିର ନିର୍ଭୁଲ କଳନାଇ କଳ୍ପନା, ଯୋଜନା ଓ କର୍ମକୁ ସୁନ୍ଦର ଓ ମଙ୍ଗଳକର କରିବ ।

ନୂଆପ୍ରସ୍ଥ- ୨/୬-୭, ଆଲୋଚନା

ସ୍ମୃତି-ତର୍ପଣ

ସ୍ୱର୍ଗତ ମଦନମୋହନ ମାଳବ୍ୟ -

ଭାରତର ଜାତୀୟ ଆକାଶରୁ ଦିନେ ୨୬ ବର୍ଷ ତଳେ ବିପ୍ଳବୀ ବ୍ରାହ୍ମଣ ବାଳଗଂଗାଧର ତିଳକ ଜାତୀୟ ବିକାଶର ଏଇପରି ଏକ ମହାସଂଧିକ୍ଷଣରେ ଯାଇଥିଲେ ।

Digitized by PPRACHIN, SOA

ଆଜି ମହାନେତା ହୃଦୟବାନ୍ ହିନ୍ଦୁ ମଦନମୋହନ ମାଳବ୍ୟ ଗଲେ । ତିଳକଙ୍କ ପରି ମଦନମୋହନ କିଛି ପ୍ରୌଢ଼ତ୍ୱର ଶେଷ ଓ ବାର୍ଦ୍ଧକ୍ୟର ଦ୍ୱାର ଦେଶରେ ନଥିଲେ। ମାଲବୀୟଜୀଙ୍କୁ ବୟସ ବେଶ ହୋଇଥିଲା । ତଥାପି ଭାରତ ଜାତୀୟତାର ସେ ଥିଲେ, ଏକ ଜୀବନ୍ତ ବିକାଶର ପୂର୍ଣ୍ଣ ପ୍ରତୀକ । ବୃଦ୍ଧ ସେ ହୋଇଥିଲେ ସତ, କିଂତୁ ପ୍ରାଣରୁ ପ୍ରେରଣା ତୁଟି ନଥିଲା ନୂଆଖାଲି ତାଙ୍କୁ ଅକସ୍ମାତ୍ ମୃତ୍ୟୁ ଦ୍ୱାରକୁ ଟାଣି ନେଲା । ସେ ଧକ୍‌କା ସେ ଆଉ ସହି ପାରିଲେ ନାଇ । 'ନୂଆଖାଲି', 'ନୂଆଖାଲି' କହି ମନସ୍ୱୀ ମହାତେଜା ପଣ୍ଡିତ ଶେଷ ଶଯ୍ୟା ବରଣ କଲେ । ସଭା ଶେଷକୁ ଓଷ୍ଠ କଂପନରୁ ମାତ୍ର 'ହରେରାମ' ବାହାରିବା ପର୍ଯ୍ୟନ୍ତ ତାଙ୍କର ଧ୍ୟାନ ଥିଲା, 'ନୂଆଖାଲି' ।

ମାଲବୀୟଜୀଙ୍କ ପରିଚୟ ଦେଇ ପାଠକମାନଙ୍କୁ ପିଷ୍ଟପେଷଣ କରାଇବାର ଇଚ୍ଛା ନାଇ । ମାଲିବୀୟଜୀ କାହାରି ପାଖରେ ଅପରିଚିତ ନୁହନ୍ତି। କିଶୋର, ଯୁବା, ବୃଦ୍ଧ, ନିର୍ବିଶେଷରେ ସମସ୍ତଙ୍କ ପ୍ରାଣର ଆଦିମ ଓ ମୌଳିକ ଜାତୀୟ ପ୍ରେରଣାରେ ତାଙ୍କର ସ୍ଥାନ ସୁପ୍ରତିଷ୍ଠିତ, ତାଙ୍କର ଛବି ଉଜ୍ଜ୍ୱଳ ରହିଚି । ସେ ସ୍ୱର୍ଗକୁ ଯାଇଚନ୍ତି । କିଂତୁ ଇତିହାସ ଭୂମିକୁ ଏବେ ବି ଛୁଇଁ ନାହାନ୍ତି।

ସେ କାଟର ଲୋକ ଆଉ ହେବେ କି ନା, ସନ୍ଦେହ । ବିରାଟ ହିନ୍ଦୁ ବିଶ୍ୱବିଦ୍ୟାଳୟ, 'ଭିକ୍ଷୁକ' ମାଲବୀୟଜୀଙ୍କର ଦେଶକୁ ଓ ଜାତିକୁ ମହାଦାନ । ସେପରି ଭିକ୍ଷୁକ ନାଇ, କି ଦାନୀ ନାଇ । ବ୍ରାହ୍ମଣ କାହିଁକି ଓ କିପରି ଭିକ୍ଷୁକ ହୁଏ, ତାହା କାଳେ କାଳେ ମହାପ୍ରାଣ ମାଲବୀୟଜୀଙ୍କୁ ଚାହିଁ ଲୋକେ ବୁଝିବେ ଓ ସଂସ୍କୃତିର ସଂଘର୍ଷରେ ଇତିହାସର ଶିକ୍ଷାରେ ସନ୍ଦେହ ଆସିଲେ, ସେ ସନ୍ଦେହ ଦୂର କରିବାରେ, ସେଇଠାରେ ବିଶେଷ ସାମଗ୍ରୀ ପାଇବେ । ତାଙ୍କର ହିନ୍ଦୁ ବିଦ୍ୟାଳୟ ସାଂପ୍ରଦାୟିକ ଅନୁଷ୍ଠାନ ନୁହେଁ। ସାର୍ ସୟଦ୍ ଅହମ୍ମଦ, ଆଲିଗଡ଼ରେ ଯେଉଁ ମୁସଲମାନ ବିଦ୍ୟାଳୟ ବସାଇଥିଲେ, ମାଲବୀୟଜୀ ନିଜର ହିନ୍ଦୁ ବିଦ୍ୟାଳୟ ପାଇଁ ହୁଏତ ସେଇଠାରୁ ସଂକେତ ପାଇଥିଲେ । କିଂତୁ ଏ ସଂକେତରେ ପରିପଂଥୀର ପ୍ରତିଦ୍ୱନ୍ଦ୍ୱିତା ନଥିଲା । ବିଦ୍ୟାଳୟରେ ଯଥାର୍ଥ ଜାତୀୟତା ଓ ମାନବିକତା ପ୍ରତିଷ୍ଠା କରି ଆଶଂକିତ ସାଂପ୍ରଦାୟିକତାର ପ୍ରତିବିଧାନ କରିବା, ହୁଏତ ଏଠାରେ ଉପେୟ ଥିଲା । ମନେ ପଡୁଚି, ସେଦିନ ଯେତେଦୂର ମନେ ହୁଏ, ୧୯୧୬ ଖ୍ରୀଷ୍ଟାବ୍ଦରେ ଏଇ ଉଦ୍ଦେଶ୍ୟର ଅଂକୁର ଘେନି ମାଲବୀୟଜୀ ଭିକ୍ଷା କରିବାକୁ ଆଗ ଆସି କଲିକତାରେ ପହଂଚିଲେ । ବଂଗାଳୀ ସେତେବେଳେ ଜାତୀୟତାର ମହାଛାୟାରେ ଏକପ୍ରକାର ଆବିଷ୍ଟ । 'ହିନ୍ଦୁ ବିଦ୍ୟାଳୟ' ! 'ଏ ସାଂପ୍ରଦାୟିକ ଅନୁଷ୍ଠାନ ଦରକାର ନାଇ' – ଶିକ୍ଷିତ ବଂଗାଳୀଙ୍କର ଏଇ ଅର୍ଥ ଉପହାସର କଥା ଶୁଣି ମାଲବୀୟଜୀ ବିଷର୍ଣ୍ଣ ହେଲେ । ମାତ୍ର ନିରାଶ ସେ ହେଲେ ନାଇ । ସେତିକିବେଳେ ବଙ୍ଗର ଦାନବୀର ଶ୍ରେଷ୍ଠ ମନସ୍ୱୀ, ମହାପୁରୁଷ ସ୍ୱର୍ଗତ

Digitized by PPRACHIN, SOA

ସାର୍ ରାସବିହାରୀ ଘୋଷ ଏହା ଶୁଣି ଗର୍ଜି ଉଠିଲେ । 'କିଏ କହୁଚି, ହିନ୍ଦୁତ୍ୱ ଗୋଟିଏ ସାଂପ୍ରଦାୟିକ କଳ୍ପନା ?' କଲିକତା ଟାଉନ୍‌ହଲ୍‌ରେ ଗୋଟିଏ ବିରାଟ ସଭା ହେଲା । ରାସବିହାରୀ ସଭାପତି ହେଲେ ଓ ହିନ୍ଦୁ ବିଶ୍ୱବିଦ୍ୟାଳୟ ପାଇଁ ପ୍ରଥମେ ଏକଲକ୍ଷ ଟଙ୍କା ଦାନ କଲେ। କିଂତୁ ଏ ଦାନ କଥାଟା ଯେତେ ମନେ ଅଛି, ତାଠାରୁ ବେଶି ମନେ ପଡୁଚି, ରାସବିହାରୀଙ୍କର ସେ ଦିନର ଭାଷଣ । 'ହିନ୍ଦୁ ଧର୍ମ ଯେ କ'ଣ, ତାହା ଯେ ମାନବର ମାନବତ୍ୱ ଓ ସେଥିରେ ଯେ ସାମାଜିକ ମାନବର ପୂର୍ଣ୍ଣ ସ୍ୱଭାବ ବିକାଶ ଫୁଟେ, ମୁସଲମାନ, ଖୀରଷ୍ଟାନ ପରି ହିନ୍ଦୁ ଗୋଟିଏ ସଂପ୍ରଦାୟ ନୁହେଁ – ଏହା ରାସବିହାରୀ ସୁନ୍ଦର ଭାବରେ ଦେଖାଇ ଦେଇ ଜନତାକୁ ଉଦ୍‌ବୋଧନରେ ଉଦ୍‌ଭ୍ରାନ୍ତ କରି ଦେଇଥିଲେ । ଆହା ! ମାଳବୀୟଜୀଙ୍କର ସେଦିନର ମୂର୍ତ୍ତି ଯେ ଦେଖିଚି, ସେ ଦେଖିଚି ।

ମାଲବୀୟଜୀ ଥିଲେ, ଜଣେ ଅଦ୍ୱିତୀୟ ବକ୍ତା । ହିନ୍ଦି ହେଉ, ଇଂରେଜୀ ହେଉ, କାହିଁରେ ସେ ଥରେ ଗୋଟାଏ ଶବ୍ଦ କହି ରହିଯିବାର ବା ଫେରି ପଢ଼ିବାର କେହି କେବେ ଶୁଣି ନାହାନ୍ତି । ବକ୍ତୃତାରେ ସେ ଥିଲେ ଇତିହାସର ଜୀବନ୍ତ ମୂର୍ତ୍ତି ଓ ଯୁକ୍ତିରେ ବୃହସ୍ପତି ! ଦୀର୍ଘକାଳ ବକ୍ତୃତା ଦେଲେ ମଧ ସେ କ୍ଳାନ୍ତ ହେଉନଥିଲେ, କି ଶ୍ରୋତବ୍ୟରେ ପୁନରୁକ୍ତି ନଥିଲା ।

ପଢ଼ି ଶୁଣି, ଯୋଗ୍ୟତା ଅର୍ଜି ଯେଉଁମାନେ ପରବର୍ତ୍ତୀ ବୟସରେ ବଡ଼ ହୁଅନ୍ତି, ମାଲବୀୟଜୀ ସେ ଶ୍ରେଣୀର ବଡ଼ ନଥିଲେ । ତରୁଣ କାଳରୁ ଭାରତ ବିଖ୍ୟାତ ହେବାର ପ୍ରଚେଷ୍ଟା ତାଙ୍କର ସ୍ପଷ୍ଟ ପ୍ରକାଶ ପାଇଥିଲା । ବଙ୍ଗର ସ୍ୱର୍ଗତ କବି ନବୀନଚନ୍ଦ୍ର ସେନ୍, ଡ଼େପୁଟି ଚାକିରୀରୁ ପେନ୍‌ସନ୍ ନେଇ ଦେଶ-ଭ୍ରମଣ କଲାବେଳେ ଘରକୁ ପ୍ରତି ସ୍ଥାନରୁ ଚିଠି ଲେଖୁଥିଲେ। ପ୍ରୟାଗରୁ ସେ ଲେଖିଥିଲେ, 'ଜଣେ ଯୁବକଙ୍କୁ ଦେଖିଲି । ମନେ ହେଲା, ଭାରତରେ ସେ ଦିନେ ଜଣେ ବଡଲୋକ ହେବେ। ଯୁବକଟିର ନାଁ, ମଦନମୋହନ ମାଲବୀ ।'

ବାଲବୀୟଜୀ, ତମେ ଚାଲିଗଲ । ନିଜ କାର୍ଯ୍ୟକାଳ ଶେଷ କରି ଯାଇଚ । କିଂତୁ କାର୍ଯ୍ୟ ଶେଷ ହୋଇନାଇ । ଏ ବଡ଼ ସଂଧିକ୍ଷଣ । ସ୍ୱର୍ଗରୁ ଏବେ ତୁମର ଆଶୀର୍ବାଦ ଲୋଡ଼ା ।

ବ୍ରଜସୁନ୍ଦର ଦାସ

ଆଜକୁ ପ୍ରାୟ ଅଢ଼େଇ ବର୍ଷ ହେଲା ଏହାଙ୍କର ତିରୋଧାନ । ଏହାଂକ ସଂଗେ ଓଡ଼ିଆ ଭାଷା, ସାହିତ୍ୟର ପ୍ରତିଷ୍ଠା ସଂଗେ ଓଡ଼ିଆ ଅଞ୍ଚଳ ସବୁ ଏକାଠି କରିବାର ଉଦ୍ୟମରେ ଇତିହାସର ଗୋଟିଏ ଅଧ୍ୟାୟ ଶେଷ ହୋଇଗଲା, କହିଲେ ଚଳେ । ତାଂକ ଘରେ ତାଂକରି ଦ୍ୱାରା ପ୍ରତିଷ୍ଠିତ ଓ ପରିଚାଳିତ 'ମୁକୁର' ମାସିକ ପତ୍ର ସଂଗେ 'ଛିନ୍ନମସ୍ତା'ର ବାର୍ଷିକ ପୂଜା, ଆଜି ଅନେକଙ୍କର ମନେ ଥିବ । ସେ ଜମିଦାର ଥିଲେ; ସେ କାଳର ଗ୍ରାଜୁଏଟ୍

Digitized by PPRACHIN, SOA

ହୋଇ ମଧ୍ୟ ଦିନେ ହେଲେ ଚାକିରି ପାଇଁ ମନ କରି ନାହାଂତି । ଯାହେଉ, ଜୀବନରେ ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶ ହେବାର ସେ ଦେଖି ଯାଇଚଂତି । ସେଥିରେ ସେ ନିଜକୁ ଭାଗ୍ୟବାନ ମଧ୍ୟ ମଣିଚଂତି । ତଥାପି ତାଂକ ଆଶା ଅପୂର୍ଣ୍ଣ ଥିଲା; ପୂର୍ଣ୍ଣ ହେଉ ।

ସ୍ୱର୍ଗତ ଗୋପିନାଥ ଦାସ

ଅଢ଼େଇ ମାସ ତଳେ ପୁରୀଠାରେ ଏହାଙ୍କର କାଳ ହୋଇଯାଇଚି । ଏ ଜଣେ ଡ଼େପୁଟି ଥିଲେ । ସେଇ ଭାବରେ ଅନେକେ ଏହାଙ୍କୁ ଜାଣିଥିବେ । ଚଉକିଦାରୀ ୟୁନିଅନ୍ ବସାଇବା ଠାରୁ ବନ୍ଦୋବସ୍ତ କାମ ଓ ଖାସ ମାହାଲର ତହସିଲଦାରୀ ପର୍ଯ୍ୟନ୍ତ, ସବୁ କ୍ଷେତ୍ରରେ ଏ ଦକ୍ଷତାର ସହିତ କାର୍ଯ୍ୟ କରିଥିଲେ କିଂତୁ କୌଣସି ଠାରେ କୌଣସି ଦୋଷ ୟାଂକୁ ସ୍ପର୍ଶ କରିନଥିଲା । ୟେ ବହୁତ ପାନ ଖାଉଥିଲେ ସତ, କିଂତୁ ଗସ୍ତରେ ଗଲେ କାହାରି ଠାରୁ ଖଣ୍ଡେ ପାନ ପର୍ଯ୍ୟନ୍ତ ଛୁଉଁ ନଥିଲେ । ଏହାଂକ ମୃତ୍ୟୁ ପରେ ଅନେକେ ଏହାଙ୍କର ଏଇ ଗୁଣ ମନେ ପକାଉ ଥିବେ । ପରଂପରା ହିସାବରେ ପୁରୀର ସଂସ୍କୃତ କଲେଜର ଆଦିପ୍ରତିଷ୍ଠାତା ହରିହର ଦାସଙ୍କ ବଂଶରେ ସତ୍ୟବାଦୀ ପାଖ ଶ୍ରୀରାମଚନ୍ଦ୍ରପୁର ଗ୍ରାମରେ ୟେ ଜନ୍ମି ଥିଲେ । ୟେ ପଂଡିତ ଗୋପବନ୍ଧୁଙ୍କ ସହପାଠୀ ଥିଲେ । ଚାକିରିଆ ଥିଲେ ମଧ୍ୟ ଗୋପବନ୍ଧୁଙ୍କ ପ୍ରଭାବରେ ୟେ ଅତ୍ୟନ୍ତ ପ୍ରଭାବିତ ଥିଲେ । ସତ୍ୟବାଦୀ ସ୍କୁଲର ସ୍ଥାପନ ଦିନଠାରୁ ସେ କାର୍ଯ୍ୟ ପ୍ରତି ଏହାଙ୍କର ଗଭୀର ମମତା ଥିଲା । ନିଜର ୧୨୦ ଟଙ୍କା ବେତନରୁ ସେତେବେଳେ ସେ ମାସିକ ୩୦ ଟଙ୍କା କରି ସ୍କୁଲକୁ ଦାନ କରୁଥିଲେ । ପେନ୍‌ସନ୍ ପାଇ ମଧ୍ୟ ଏବର ସତ୍ୟବାଦୀ ସ୍କୁଲର ଶ୍ରୀବୃଦ୍ଧିରେ ସେ ବରାବର ଲାଗିଥିଲେ । ସମ୍ବଲପୁରର ବରଗଡ଼ ସବ୍‌ଡ଼ିଭିଜନ୍‌ରେ ତହସିଲଦାର ଥିଲା ବେଳେ ସେ ସେଠା ହାଇସ୍କୁଲ ଆରମ୍ଭ କରି ସ୍ଥାପନ କରିବାରେ ଲାଗିଥିଲେ । ଶିକ୍ଷା ପ୍ରଚାରରେ ତାଙ୍କର ପ୍ରଗାଢ଼ ବିଶ୍ୱାସ ଥିଲା । ନିଜର ରାଜକୀୟ କର୍ମ ମଧ୍ୟରେ ସର୍ବତ୍ର ସେ କାର୍ଯ୍ୟ, ସେ ତ୍ୟାଗ ଓ ନିଷ୍ଠାର ସହିତ କରୁଥିଲେ । ତାଙ୍କ ଆତ୍ମାର ମଙ୍ଗଳ ହେଉ ।

ନୂଆପ୍ରସ୍ଥ–୧/୨, ଆଲୋଚନା

ସ୍ୱର୍ଗତ ଦିବ୍ୟସିଂହ

ଦିନେ ଜଣେ ଲୋକର ମୃତ୍ୟୁ ହେଲା । ସେ ଖବର ପାଇ ଆଉ ଜଣେ ତାର କୌଣସି ଆତ୍ମୀୟକୁ କହିଲା, "ଯା'ତ, ଦେଖିଆ, ସେ ସ୍ୱର୍ଗକୁ ଗଲା କି ନର୍କକୁ ଗଲା" । ସେ କଥା ଶୁଣି ଆତ୍ମୀୟ ଅବାକ୍ ହୋଇ ପଚାରିଲା, 'ମୁଁ ତା' କିପରି ଜାଣିବି ? ଏପରି କଥା କଣ କେହି କେବେ ଜାଣିପାରେ ? ତହୁଁ ଆରଲୋକଟି କହିଲା, ବୁଝିଆ, ତା ମୃତ୍ୟୁରେ ଲୋକେ କଣ କହୁଛନ୍ତି । ଲୋକେ ଯଦି କହୁଥିବେ, "ମଲା, ପାପ ଗଲା, ଏଣିକି ପୃଥିବୀ ଟିକିଏ ଉଶ୍ୱାସ ହେବ," ତେବେ ବୁଝିବୁ ଯେ ସେ ନର୍କକୁ ଗଲା । ମାତ୍ର

Digitized by PPRACHIN, SOA

ଲୋକେ ଯଦି କହୁଥିବେ, "ଆହା କେଡ଼େ ଭଲ ମଣିଷ ଟିଏ ଥିଲା, ମା' ଧରିତ୍ରୀ କୋଳ ଖାଲି କରିଦେଇ ଚାଲିଗଲା, ତେବେ ଜାଣିବୁ, ସେ ସ୍ୱର୍ଗକୁ ଗଲା।"

କଥାଟା ଅବଶ୍ୟ ଗୋଟାଏ ଗଳ୍ପ ମାତ୍ର ଏହା ଭିତରେ ଗୂଢ଼ ତଥ୍ୟ ରହିଚି। ଏହି ମାପ କାଠିରେ ପୃଥିବୀର କୋଟି କୋଟି ଲୋକଙ୍କ ଭଲମନ୍ଦ ଗୁଣ ଏ ପର୍ଯ୍ୟନ୍ତ ମାପ କରାଯାଇଛି ଓ ଭବିଷ୍ୟତରେ ମଧ୍ୟ ମପାଯିବ। ସେଥିପାଇଁ ଭାଗବତ କହିଛନ୍ତି- 'ପ୍ରାଣୀର ଭଲ ମନ୍ଦ ବାଣୀ, ମରଣ କାଳେ ତାହା ଜାଣି'। ସେହି ମାପକାଠିରେ ମାପି ଦେଖିଲେ, ଜଣାଯିବ ଯେ ଦିବ୍ୟସିଂହ ପାଣିଗ୍ରାହୀ ସ୍ୱର୍ଗକୁ ଚାଲିଯାଇଛନ୍ତି। ସେ ପଣ୍ଡିତ ଗୋପବନ୍ଧୁଙ୍କ ପରି ବଡ଼ ରାଜନୀତିଜ୍ଞ ନେତା ନଥିଲେ କି ସେ ରାଧାନାଥଙ୍କ ପରି ବଡ଼ କବି ନଥିଲେ। ସେଥିପାଇଁ ତାଙ୍କ ଶ୍ରାଦ୍ଧ ହୁଏତ ଓଡ଼ିଶାର ଘରେ ଘରେ ଅନୁଷ୍ଠିତ ହେବନାହିଁ, କିମ୍ୱା ବଡ଼ ବଡ଼ ସଭାରେ ତାଙ୍କର ଗୁଣଗାନ କରାଯିବନାହିଁ। କିନ୍ତୁ ଯେ ଥରେ ଦିବ୍ୟସିଂହଙ୍କ ସଂପର୍କରେ ଆସିଥିବ ସେ ଯେ ଆଜି ତାଙ୍କପାଇଁ ଆଖିରୁ ଟୋପାଏ ଲୁହ ଗଡ଼ାଇ ଓ ନାକରୁ ଗୋଟାଏ ଦୀର୍ଘଶ୍ୱାସ ଛାଡ଼ିବ ଓ କହିବ, ଗୋଟାଏ ଲୋକ ଆଜି ଚାଲିଗଲା। ସେଥିରେ ସନ୍ଦେହ ନାହିଁ।

ଦିବ୍ୟସିଂହ ଆବାଲ୍ୟରୁ ଆମର ବନ୍ଧୁ। ତେଣୁ ତାଙ୍କୁ ଅନ୍ତରଂଗ ଭାବରେ ଜାଣିବାର ସୁଯୋଗ ଆମର ଘଟିଥିଲା। ତାଙ୍କର ମୂର୍ତ୍ତି ଯେପରି ସୌମ୍ୟ ହୃଦୟ ସେହିପରି ଉଦାର। ଦୁଃଖ ଶୋକ ସେ ହସରେ ଉଡ଼ାଇ ଦେଉଥିଲେ। ଦ୍ୱେଷଈର୍ଷା ତାଙ୍କ ପ୍ରାଣକୁ ଛୁଇଁ ନଥିଲା କହିଲେ ଚଳିବ। ତେଣୁ ତାଙ୍କର କେହି ଶତ୍ରୁ ନଥିଲେ। ପିଲାଦିନେ ପାଠଶାଳାରେ ଓ ଯୌବନରେ ଓ ପୌଢ଼ ବୟସରେ କର୍ମକ୍ଷେତ୍ରରେ ସେ ସମସ୍ତ ସହପାଠୀ ଓ ସହକର୍ମୀମାନଙ୍କୁ ସ୍ନେହରେ ବଶକରି ରଖୁଥିଲେ। ତେଣୁ ସେ ଏତେ ଲୋକପ୍ରିୟ ହୋଇପାରିଥିଲେ। ତାଙ୍କ ହୃଦୟର ମହତ୍ତ୍ୱ ବୁଝି ସ୍ୱର୍ଗତ ପଣ୍ଡିତ ଗୋପବନ୍ଧୁ ତାଙ୍କୁ ନିଜ ବନ୍ଧୁ ଗୋଷ୍ଠୀରେ ବିଶେଷ ସ୍ଥାନ ଦେଇଥିଲେ। ପରେ ଘଟଣା ଚକ୍ରରେ ସେ ମୟୂରଭଂଜ ରାଜ୍ୟରେ ପଣ୍ଡିତ ଗୋପବନ୍ଧୁଙ୍କ ଦ୍ୱାରା ପରିତ୍ୟକ୍ତ ସ୍ଥାନଅଧିକାର କଲେ। ମୟୂରଭଂଜ ରାଜ୍ୟର ସରକାରୀ ଓକିଲ ଭାବରେ ସେ ନିଜ କାର୍ଯ୍ୟଦକ୍ଷତା ଓ ସତ୍‌ସ୍ୱଭାବର ବିଶେଷ ପରିଚୟ ଦେଇଥିଲେ। ସେ ସେଠାରେ ଲୋକଙ୍କ ମନ ଏପରି ନେଇ ପାରିଥିଲେ ଯେ ସେଠାରେ ଲୋକେ ତାଙ୍କୁ ମୟୂରଭଂଜବାସୀ ବୋଲି ଧରି ନେଇଥିଲେ।

ଓଡ଼ିଶାର ଦୁର୍ଭାଗ୍ୟ ଯେ ଏ ଦେଶରେ ଲୋକ ଅଭାବରୁ କର୍ମବିଭାଗ ହୋଇପାରୁନାହିଁ। ତେଣୁ ଜଣେ ଜଣେ ବ୍ୟକ୍ତିଙ୍କି ନାନା ପ୍ରକାର ଓ ଅନେକ ସମୟରେ ପରସ୍ପର ବିରୋଧୀ କାର୍ଯ୍ୟ କରିବାକୁ ପଡ଼ୁଛି। ସେଥିରେ କାହାରି କୌଣସି କାର୍ଯ୍ୟରେ ବିଶେଷ ପାରଙ୍ଗମତା ଫୁଟିଉଠି ପାରୁନାହିଁ। ଦିବ୍ୟସିଂହ ଓଡ଼ିଆ ସାହିତ୍ୟକୁ ନିଜର ଦାନ

Digitized by PPRACHIN, SOA

ଦେଇଛନ୍ତି। ତାଙ୍କ 'ଅମୃତକଙ୍କଣ' ପଢ଼ିଲେ ତାହା ଜଣାଯାଏ। 'ଅମୃତ କଂକଣ' ଲେଖକ ଓଡ଼ିଆ ସାହିତ୍ୟକୁ ଆହୁରି ଅମୃତ ଦେଇଥାନ୍ତେ। ମାତ୍ର ସେ ସୁଯୋଗ ତାଙ୍କୁ ମିଳିଲା ନାହିଁ। ପେଟ ପାଇଁ ତାଙ୍କୁ ଧନ୍ଦିହେବାକୁ ପଡ଼ିଲା। ତେଣୁ ସେ ଆଇନ ବ୍ୟବସାୟର ଆଶ୍ରୟ ନେଲେ। ଏଣେ ଆଇନ ବ୍ୟବସାୟରେ ମଧ ଖୁବ୍ ଉପରକୁ ଉଠିବାର ସୁବିଧା ଓଡ଼ିଶାରେ ନାହିଁ। ତେଣୁ ତାଙ୍କ ମନୀଷାର ବିକାଶ ନ ହୋଇ ରହିଗଲା। ମାତ୍ର ତାଙ୍କ ଭିତରେ ଯେ ବିଶେଷତ୍ୱର ବୀଜ ନିହିତ ଥିଲା ତାହା ଉପଯୁକ୍ତ ପରିପନ୍ଥୀ ପାଇଥିଲେ ଯେ କୌଣସି ଗୋଟାଏ ଦିଗରେ ତାଙ୍କର ପ୍ରତିଭା ଫୁଟାଇ ପାରିଥାନ୍ତା।

ସେ ଯାହା ହେଉ, ଓକୀଲାତି ବ୍ୟବସାୟରେ ସେ ନାମ କରିଥିଲେ, ଓଡ଼ିଆ ସାହିତ୍ୟ ଭଣ୍ଡାରକୁ ପୁଷ୍ଟ କରିଛନ୍ତି; ଓଡ଼ିଶାର ନାନା ଜାତୀୟ ସମସ୍ୟାରେ ହାତ ଦେଇଛନ୍ତି। ଏ ସବୁ ଛଡ଼ା ଜୀବନ ସନ୍ଧି ବେଳେ ସାହସ ଓ ଦୃଢ଼ତାର ପରିଚୟ ଦେଖାଇଛନ୍ତି। ଆଜି ତାଙ୍କ ମୃତ୍ୟୁରେ ଓଡ଼ିଶା ଦରିଦ୍ର ହୋଇଅଛି। ତାଙ୍କ ଶୂନ୍ୟସ୍ଥାନ କେବେ ପୂର୍ଣ୍ଣ ହେବ କେଜାଣି। ଆମେମାନେ ତାଙ୍କ ଆତ୍ମାର ସଦ୍‌ଗତି କାମନା କରୁଛୁଁ। ମାତ୍ର ଆମର ଓ ଦେଶବାସୀଙ୍କର ଏ କାମନା ବ୍ୟତୀତ ତାଙ୍କ ଆତ୍ମାର ଯେ ସଦ୍‌ଗତି ଆପେ ଆପେ ହେବ, ଆମର ସେଥିରେ ସନ୍ଦେହ ନାହିଁ। (ମିଶ୍ର)

ନବ ଭାରତ-୮/୧, ଆଲୋଚନା

ସ୍ୱର୍ଗତ ପଣ୍ଡିତ ଭୁବନେଶ୍ୱର ରଥ କବିଚନ୍ଦ୍ର

ଗତ ମାସରେ ହଠାତ୍ ହୃତ୍‌ପିଣ୍ଡ କ୍ରିୟା ବନ୍ଦ ହୋଇ ପଣ୍ଡିତ ଭୁବନେଶ୍ୱର ରଥଙ୍କର ସ୍ୱର୍ଗପ୍ରାପ୍ତି ହୋଇଚି । ଭିଙ୍ଗାରପୁର ଜମିଦାରଙ୍କ ଘରେ ତାଙ୍କର ବଡ଼ ଆଦର ଥିଲା । ସେଇଠାରେ ସେ ଦେହତ୍ୟାଗ କଲେ । କଳିଷଠୀ ଷାଠିକରୁ ତାଙ୍କୁ ଚାରିବର୍ଷ ଅଧିକ ହୋଇଥିଲା। ତାଙ୍କ ମୃତ୍ୟୁରେ ଓଡ଼ିଶାର ମଧ୍ୟଯୁଗର ସଂସ୍କୃତ ପାଣ୍ଡିତ୍ୟତେଜ ଓ କବିତ୍ୱର ଗୋଟିଏ ଧାରା ପ୍ରାୟ ଛିଣ୍ଡିଗଲା କହିଲେ ଚଳେ ।

ବୀର ହରେକୃଷ୍ଣପୁର ପୁରୀ ଜିଲାର ଶେଷ ରାଜପ୍ରତିଷ୍ଠିତ ଶାସନ ବୋଲି କହିବାକୁ ହେବ । ସେଇ ଗ୍ରାମର କୁଳୀନ ରଥ ବଂଶରେ ତାଙ୍କ ଜନ୍ମ । ତାଙ୍କୁ ମିଶାଇ ସେ ଗ୍ରାମ ଦାନ ସମୟରୁ ନଅ ପୁରୁଷ ହୋଇଥିଲା । ତାଙ୍କର ପିତା ବିଷ୍ଣୁ ରଥ ପାଣ୍ଡିତ୍ୟରେ ଖୁବ୍ ବଡ଼ ନଥିଲେ ମଧ ସୁନ୍ଦର ସରଳ କବି ଥିଲେ। ସେ କାଳର ତାତ୍‌କାଳିକ କବିତା ଓ ପାଦ ପୂରଣରେ ସେ ବିଚକ୍ଷଣ ଥିଲେ । ଉଦାହରଣ ସ୍ୱରୂପ ଏମାର ମଠ ମହନ୍ତ ଥରେ କାକୋଦରପୁର ଗ୍ରାମରେ ଗୋଟିଏ ମନ୍ଦିର ଓ ଦେବତା ପ୍ରତିଷ୍ଠା କରିଥିଲେ । ଜଗନ୍ନାଥ ବ୍ରହ୍ମା ପ୍ରଭୃତି ସେ କାର୍ଯ୍ୟର ବ୍ୟବସ୍ଥା କରିଥିଲେ । ଜଗନ୍ନାଥଙ୍କର ବିଷ୍ଣୁ ରଥଙ୍କ ସଙ୍ଗେ ପଡୁ ନଥାଏ, ତେଣୁ ବିଷ୍ଣୁ ରଥଙ୍କୁ ସେଠାକୁ ନିମନ୍ତ୍ରଣ ନଥିଲା। ଜଣେ ହଠାତ୍ ବିଷ୍ଣୁରଥଙ୍କୁ

Digitized by PPRACHIN, SOA

ଦେଖି ସେଠାକୁ କାହିଁକି ଯାଉନାହିଁ ବୋଲି ପଚାରିବାରେ ବିଷ୍ଣୁରଥେ କାବ୍ୟର ରସିକତାରେ ହଠାତ୍ ଉତ୍ତର ଦେଲେ –

"ଜଗନ୍ନାଥାଦି ବିଦ୍ୱାଂ ସଃ
ସର୍ବତତ୍ତ୍ୱାର୍ଥ ଦର୍ଶନଃ
କାକୋଦର ପୁରେ ବିଷ୍ଣୁ-
ରଥ ମାମନ୍ତୟନ୍ତି କିଂ ?"

କାକୋଦର ବୋଇଲେ, ସାପ; ବିଷ୍ଣୁରଥ ବୋଇଲେ, ଗରୁଡ଼ । ଏଇ ସୁନ୍ଦର ଶବ୍ଦାଳଂକାରଟି ଏଥିରେ ଥିଲା ।

ବିଷ୍ଣୁ ରଥଙ୍କ ଏଇପରି ତାତ୍କାଳିକ ରସୋକ୍ତିପୂର୍ଣ୍ଣ ଶ୍ଳୋକମାନ ପୁରୀ ଅଞ୍ଚଳର ଅନେକ ଲୋକ ମନେ ରଖିଚନ୍ତି । ଭୁବନେଶ୍ୱର ଏଇ ବିଷ୍ଣୁରଥଙ୍କ ଜ୍ୟେଷ୍ଠ ପୁତ୍ର । ସେ ପୁରୀ ସଂସ୍କୃତ ସ୍କୁଲ (ଏବର ସଂସ୍କୃତ କଲେଜ)ରେ କାବ୍ୟ ଉପାଧି ମାତ୍ର ପାଶ୍ କରି କାବ୍ୟତୀର୍ଥ ହୋଇଥିଲେ । ମାତ୍ର ତାଙ୍କର ପାଣ୍ଡିତ୍ୟ କେବଳ କାବ୍ୟ ଅଳଙ୍କାର ମାତ୍ରରେ ସୀମାବଦ୍ଧ ନଥିଲା । ଦର୍ଶନ ଓ ବ୍ୟାକରଣରେ ତାଙ୍କର ଖୁବ୍ ବ୍ୟୁତ୍ପତ୍ତି ଥିଲା । ଘୋଷି ମୁଖସ୍ଥ ଆବୃତ୍ତି କରି ପଣ୍ଡିତାଇ କରିବା ତାଙ୍କ ରୁଚିବିରୁଦ୍ଧ ଥିଲା । ତଥାପି ସେ ଆଧୁନିକ ଅନେକ ଉପାଧିଧାରୀଙ୍କ ପରି ପଲ୍ଲବଗ୍ରାହୀ ନଥିଲେ । ଟୀକାର ଆଲୋଚନା ମାତ୍ରରୁ ସେ ନିଜେ ଶାସ୍ତ୍ରମାନଙ୍କର ଆଲୋଚନାରେ ପ୍ରବେଶ କରିଥିଲେ । ତେଣୁ ତାଙ୍କ ପାଣ୍ଡିତ୍ୟ ପ୍ରାଚନୀ ପନ୍ଥୀ ହେଲେହେଁ ନବୀନତାର ଦିଗଦର୍ଶନରେ ରସାଣିତ ଥିଲା । କାବ୍ୟଶାସ୍ତ୍ର ବିଚାରରେ ସେ ପ୍ରାଚୀନ ତଥା ନବୀନ ସମସ୍ତଙ୍କୁ ତୃପ୍ତି ଦାନ କରିପାରୁଥିଲେ ।

କବିତ୍ୱ ତାଙ୍କର ଯେପରି କି ପୈତୃକ କଳା । ସେଥିରେ ସେ ବିଚକ୍ଷଣ ଥିଲେ । ମଧ୍ୟ ଯୁଗର ନୈଷଧୀୟ କାବ୍ୟକଳା ଏଥିରେ ତାଙ୍କର ଆଦର୍ଶ ଥିଲା । ଆଠଗଡ଼ର ଭୂତପୂର୍ବ ସଂସ୍କୃତଜ୍ଞ ଓ ଗୁଣଗ୍ରାହୀ ରାଜା ବିଶ୍ୱନାଥ ବର୍ମା ତାଙ୍କୁ ବାଛି କରି ନିଜର ସଭାପଣ୍ଡିତ କରିଥିଲେ, ଓ କବିଚନ୍ଦ୍ର ଉପାଧି ଦେଇଥିଲେ । ସେ 'ରୁକ୍ମିଣୀ ପରିଣୟ' ନାମକ ଯେଉଁ ବିରାଟ ସଂସ୍କୃତ କାବ୍ୟ ପ୍ରକାଶ କରି ପ୍ରାଚ୍ୟ ପାଶ୍ଚାତ୍ୟ ସର୍ବତ୍ର ନାମ ଅର୍ଜନ କରିଥିଲେ, ପଣ୍ଡିତ ଭୁବନେଶ୍ୱରଙ୍କ ବିନା ତାହା ହୋଇପାରିନଥାନ୍ତା । ବିଶ୍ୱନାଥଙ୍କ ମୃତ୍ୟୁ ପରେ ଭୁବନେଶ୍ୱର ମଧ୍ୟ ସେଇ ରୀତିରେ ସ୍ୱରଚିତ 'ଲକ୍ଷ୍ମଣ ପରିଣୟ' କାବ୍ୟ ପ୍ରକାଶ କରିଥିଲେ । ବିଶ୍ୱନାଥ ବର୍ମାଙ୍କ ନିର୍ଦ୍ଦିଷ୍ଟ ଗଚ୍ଛିତ ଧନରେ ମଧ୍ୟ ତା ପ୍ରକାଶିତ ହୋଇଥିଲା ।

ସେକାଳ ପଣ୍ଡିତର ତେଜ ଓ ସ୍ୱାଧୀନଚେତ ଭୁବନେଶ୍ୱରଙ୍କର ବିଶିଷ୍ଟତା ଥିଲା । ରାଜ ଦରବାରର ବୃତ୍ତିସେବା ଓ ସ୍ୱାଚ୍ଛନ୍ଦ୍ୟ ବହୁଦିନ ତାଙ୍କୁ ବାନ୍ଧି ରଖି ପାରିନଥିଲା । ସେ ଆଠଗଡ଼ ଛାଡ଼ି ଆସିଥିଲେ । କିଛିଦିନ ପରେ ସେକାଳ ସତ୍ୟବାଦୀ ସ୍କୁଲ୍ର କର୍ତ୍ତୃପକ୍ଷ

Digitized by PPRACHIN, SOA

ତାଙ୍କୁ ଆଦର କରି ଆଣି ଥିଲେ । ସେଠା ଶିକ୍ଷକ ଓ ଛାତ୍ରମାନେ ତାଙ୍କ ପ୍ରାଚୀନତାର ନିଷ୍ଠାରେ ନବୀନତାର ଆଦାନ, ଓ ପଣ୍ଡିତ ତେଜର ରୁକ୍ଷତାରେ ଶିଷ୍ୟ ସହକର୍ମୀଙ୍କ ଠାରେ ସରସ ଶ୍ରଦ୍ଧା ସଂଚାର ଏବେ ମନେ ରଖିଥିବେ ।

ସେ କାଳର ସେ ପାଣ୍ଡିତ୍ୟ ଓ ଚରିତ୍ରଧାରା କ୍ରମେ ଛିଡ଼ି ଯାଉଚି । ପଣ୍ଡିତ ଭୁବନେଶ୍ୱରଙ୍କ ମୃତ୍ୟୁ ଏହାର ଏକ ବଳିଷ୍ଠ ସ୍ମାରକ । ସେ ପୁଣ୍ୟ ସ୍ମୃତି ଜାଗ୍ରତ ରହୁ ।

ନବ ଭାରତ-୬/୭, ଆଲୋଚନା

ଗୋପାଳ ପ୍ରହରାଜ

ଗୋପାଳଚନ୍ଦ୍ର ପ୍ରହରାଜଙ୍କର ନାମ, ଅନ୍ତତଃ ଓଡ଼ିଶାରେ ଚିରସ୍ମରଣୀୟ ହୋଇ ରହିବ । ଓକିଲାତି ତାଙ୍କର ଉପଜୀବ୍ୟ ଥିଲା । ରାଜନୀତିରେ ତାଙ୍କର କୌଣସି ଦୃଢ଼ମତ ନଥିଲା। କିଂତୁ ଅଖଣ୍ଡ ଓ ଅକାଟ୍ୟ ସାହିତ୍ୟ ସାଧନାରେ ଓଡ଼ିଶାରେ ଏବେ ବି ସେ ଅଦ୍ୱିତୀୟ । ଉପଜୀବ୍ୟ ବୋଲ, ମତବାଦ ଓ କ୍ରିୟା ବୋଲ, ସବୁ ତାଙ୍କର ଥିଲା, ଏକା ସାହିତ୍ୟ - ସାଧନା ପାଇଁ । ସେ ଯାହାକୁ ସାହିତ୍ୟ ସାଧନା ବୋଲି ବୁଝିଥିଲେ, ତାହାରି ଅନୁକୂଳ ଜୀବିକା ହିଁ ତାଙ୍କର ଜୀବିକା, ତାହାରି ଅନୁକୂଳ ମତ ହିଁ ତାଙ୍କର ମତ, ତାହାରି ଅନୁକୂଳ କାର୍ଯ୍ୟ ହିଁ ତାଙ୍କର କାର୍ଯ୍ୟ । ଏଇପରି ଓଡ଼ିଆ ସାହିତ୍ୟର ସାଧନା, ତାଙ୍କର ଥିଲା, ଯଥାର୍ଥ ଯୋଗ ସାଧନା। ଜୀବନର ପ୍ରାରମ୍ଭରେ ସେ ସଂସ୍କାର ଦୃଷ୍ଟିରେ ଲୋକ-ଚରିତ୍ର ଓ ଲୋକ-ସଂସ୍କାରର, ସୁନ୍ଦର ରହସ୍ୟମୟ ଆଲୋଚନାରେ ସାହିତ୍ୟ ଆରମ୍ଭ କରିଥିଲେ। ପରିଣତ ବୟସରେ ତାଙ୍କ ମହା, ସାଧନାର ଫଳ - 'ଓଡ଼ିଆ ପୂର୍ଣ୍ଣଚନ୍ଦ୍ର ଭାଷାକୋଷ ।' ଏ ବିରାଟ କୋଷଗ୍ରନ୍ଥ, ତାଙ୍କର ୨୫ ବର୍ଷ ବ୍ୟାପୀ ମହାସାଧନାର ଫଳ । ଲେଖିଲେ ଗୁଣ ସଙ୍ଗେ ଦୋଷ ଥାଏ । ଏ ବିରାଟ କୋଷର ଦୋଷ ବ୍ୟାଖ୍ୟା ବହୁତ ହୋଇଚି । କିଂତୁ ଆମ୍ଭେ କହୁଁ, ସେ ସବୁ ଦୋଷ ଚନ୍ଦ୍ରରେ କଳଂକ ପରି ମାତ୍ର । ଏହା ଅଭିଧାନ ରୂପରେ ଓଡ଼ିଆରେ ଏକ ବିଶ୍ୱକୋଷ ବୋଲି କହିଲେ ଚଳେ ! ଏକ ହାତିଆ ଲେଖାରେ ଏ ସିଦ୍ଧି, ସୁଲଭ ନୁହେଁ । ଏ ସିଦ୍ଧି ପାଇଁ ତାଙ୍କର ସାଧନା ପୁଣି ଯେ ଦେଖିଚି, ସେ ଭୁଲିବ ନାଇ । ରାତି ୩ଟାରେ ସେ ଉଠନ୍ତି । ରାତି ୮ଟାରେ ଶୁଅନ୍ତି । ବହୁକାଳରୁ ରାତିରେ ବାଟିଏ ଦୁଧ ଛଡ଼ା ଆଉ କିଛି ଖାଆନ୍ତି ନାଇ । ଏ ନିୟମରେ ଅନ୍ତତଃ ୩୦ ବର୍ଷ ଭିତରେ ତାଙ୍କର କେବେ ବ୍ୟତିକ୍ରମ ହୋଇ ନାଇ। ଏଥିରେ ଭୋଜୀ ନିମନ୍ତ୍ରଣ ନାଇ - ଆମୋଦ, ପ୍ରମୋଦ ନାଇ- ଆଳାପ ଆଲୋଚନା ନାଇ- କାହିଁରେ ସେ ଏ ନିୟମ ତିଳେ ହେଲେ ଭାଙ୍ଗି ନାହାନ୍ତି। ସେଇପରି ଉଠିବା ଠାରୁ ଶୋଇବା ଯାଏ, କାର୍ଯ୍ୟର ଧାରା, ଧରା ହୋଇଥାଏ । ଶେଷ ୨୫ ବର୍ଷ, ତାହା କେବଳ କୋଷକାର୍ଯ୍ୟ । ଅତ୍ୟନ୍ତ ଦରକାର ନହେଲେ, ସେଥିରେ ମଧ୍ୟ ବ୍ୟତିକ୍ରମ ନାଇ । ସାତଖଣ୍ଡଯାକ କୋଷର ପ୍ରତ୍ୟେକ ଶବ୍ଦ

Digitized by PPRACHIN, SOA

ସେ ନିଜ ହାତରେ ଲେଖିଚନ୍ତି ଓ ପ୍ରତ୍ୟେକ ଉଦ୍ଧୃତ ଉଦାହରଣ, ନିଜେ ପଢ଼ି ଦାଗ ଦେଇ ସଂଗ୍ରହ କରି, ଲେଖିଚନ୍ତି। ଏ ସବୁରେ ତାଂକୁ କେହି ସାହାଯ୍ୟ କରିନାଇ । ଏ ସବୁ କରି ସେ କୋଷଟିରେ ଯେଉଁସବୁ ଅଶେଷ ଅମୂଲ୍ୟ ରତ୍ନ ରଖି ଯାଇଚଂତି, ତାହା ଓଡ଼ିଶାରେ ବହୁକାଳ ସେଇପରି ରହିବ। ସବୁ ସମାଲୋଚନା ସତ୍ତ୍ୱେ, ନିକଟରେ ଏ ସାଧନା ଓ ସିଦ୍ଧିକୁ ଓଡ଼ିଶାରେ କେହି ଟପିବେ ବୋଲି ମନେ ହେଉ ନାଇ । ତଥାପି ଶେଷକୁ ସେ ଏ କୋଷର ପରିଶିଷ୍ଟ ଖଣ୍ଡ ସଂକଳନ କରୁଥିଲେ। ତାହା ପ୍ରାୟ ଶେଷ ହୋଇଥିଲା। କିଂତୁ ସେ ପାଣ୍ଡୁଲିପି ଏବେ ସୁପ୍ରାପ୍ୟ ନୁହେଁ । ପୁଣି ପୁସ୍ତକ ଓ ପତ୍ର ପତ୍ରିକା ବା ସଂଗ୍ରହରେ ତାଙ୍କୁ ବଳି ଓଡ଼ିଶାରେ ଆଉ କେହି ନାଇ । ଖାଲି ସଂଗ୍ରହ କରୁ ନଥିଲେ, ସବୁ ତନ୍ନ ତନ୍ନ କରି ପଢ଼ି, ସେ ଶବ୍ଦାଦି ସଂଗ୍ରହ କରୁଥିଲେ। ସେ ସବୁ ତାଂକର ସୁରକ୍ଷିତ ଥିଲା । ଏଇ ରକ୍ଷିତ ଲେଖା ଓ ଗ୍ରନ୍ଥ ସବୁ ଓଡ଼ିଶାରେ ଗୋଟିଏ ରତ୍ନଭଂଣ୍ଡାର । ସେସବୁ ଏବେ କେଉଁଠାରେ ଅଛି, ତା'ର ବା କି ପରିଣାମ ହେବ, କିଏ କହିବ ? କିନ୍ତୁ ସେ ସବୁ ଏବେ ବି ଅଛି, ଅକ୍ଷୁଣ୍ଣ ଅଛି । ଆମର ଏକାନ୍ତ ଅଭିଳାଷ ଓ ଅନୁରୋଧ, ସେ ସବୁକୁ ମୂଳକରି ଗୋଟିଏ 'ଗୋପାଳ ସାହିତ୍ୟ ମନ୍ଦିର' ଗଢ଼ାଯାଉ। ତାହା ହୋଇପାରିଲେ, ଓଡ଼ିଶାରେ ଗୋଟିଏ ଯଥାର୍ଥ କାମ ହେବ । ସରକାରୀ, ବେସରକାରୀ, ସବୁ ଉଦ୍ୟମ, ଏଥିପାଇଁ ଲୋଡ଼ା । ସମସ୍ତେ ଭଲା ଏଥିରେ ଲାଗନ୍ତୁ ।

ନୂଆପ୍ରସ୍ଥ- ୧/୧

ଶଶୀଭୂଷଣ

ଗଂଜାମର ଶଶୀଭୂଷଣ ରଥ ଅତ୍ୟନ୍ତ ସୁପରିଚିତ । ସମାଜ ଓ ସାହିତ୍ୟ ଠାରୁ ରାଜନୀତି ପର୍ଯ୍ୟନ୍ତ ସର୍ବତ୍ର ଏଇ ମନସ୍ୱୀ ବୀର ପୁରୁଷ ନିଜ ପାଇଁ ବିଶାଳ କର୍ମକ୍ଷେତ୍ର ତିଆରି କରି ନିଜ କର୍ମରେ ସେ କ୍ଷେତ୍ରକୁ ଚିରଜୀବଂତ ରଖିଥିଲେ । ମନେ ପଡୁଚି, ସେଇ ବିପ୍ଳବୀ, ୧୯୧୨ରେ ପଇତା କାଢ଼ି ବ୍ରାହ୍ମ ହୋଇ କିପରି ସତ୍ୟବାଦୀ ସ୍କୁଲରେ ଆସି ପହଂଚିଥିଲେ । ସମାଜ ତାଂକୁ ବାହାର କରିଥିଲା । ସମାଜକୁ ମଧ ସେ ନିଜଠାରୁ ଅନ୍ତର କରିଥିଲେ । ବହୁ ଯୁକ୍ତି ତର୍କ ହେଲା । 'ସମାଜ ସଂସ୍କାର ପଂଥା, ଏ ନୁହେଁ । ଅତି ରକ୍ଷଣଶୀଳ ପାରଂପରିକ ଭାରତ ସମାଜରେ ଏକଶିଂଘା ବିପ୍ଳବୀ ପାଇଁ ଏବେ ସ୍ଥାନ ନାଇ । ସମାଜକୁ ସଂଗେ ଘେନି ଯିବାକୁ ହେବ । ଛାଡ଼ିଦେଲେ ଛାଡ଼ି ହୋଇଯିବ । ସେଥିରେ ନିଜର ଅସ୍ମିତା ହରାଇ ଲୋପ ପାଇବାର ବରଂ ସଂଭାବନା ଅଛି ।' ବିଚକ୍ଷଣ ଶଶୀଭୂଷଣ ବୁଝିଗଲେ । ସଂଗେ ସଂଗେ ସେ ସମାଜକୁ ଆସିଲେ ଓ ଆପଣାର କରି ନେଲେ । ତାପରେ ଓଡ଼ିଆ ଲେଖା । ସେଥିରେ ଆଦୌ ପାରଗ ନ ଥାଇ ସେ ସାପ୍ତାହିକ 'ଆଶା' ଆରମ୍ଭ କରିଦେଲେ । ସତ୍ୟବାଦୀର ପଂଡିତ ଗୋପବଂଧୁ ତଥା ଅନ୍ୟମାନଂକର ସେଥିରେ ବର୍ଷବ୍ୟାପୀ ନିଷ୍ଠାପର ସହଯୋଗ ଏବେ ମଧ ମନେ ପଡୁଚି । କିଂତୁ ବର୍ଷ ପୂରିବା ପୂର୍ବରୁ ଶଶୀଭୂଷଣ ହେଲେ, ଓଡ଼ିଆରେ ଜଣେ ବିଚକ୍ଷଣ ଲେଖକ। ସେ

Digitized by PPRACHIN, SOA

ଏଣ୍ଟ୍ରାନ୍‌ସ ପାସ କରିପାରି ନ ଥିଲେ । ତଥାପି ସ୍କୁଲରେ ପଢ଼ିଲା ବେଳେ ନିଜେ ସଂପାଦକ ହୋଇ 'The banner' ବୋଲି ଇଂରେଜି ପତ୍ର ବାହାର କରିଥିଲେ । ପରେ ତାଂକ 'East Coast' ନାମକ ଇଂରେଜି ସାପ୍ତାହିକ ଓ ବକ୍ତୃତାମାନଂକ କଥା ଘେନି ଆଉ କହିବାର ଦରକାର ନାଇ । ଓଡ଼ିଆ ଦୈନିକ ସେଇ ପ୍ରଥମେ କାଢ଼ିଥିଲେ । ଓଡ଼ିଶାରେ ଇଂରେଜି ଦୈନିକ ମଧ ଏବେ ବି ତାଂକରି ଏକମାତ୍ର କୀର୍ତି ହୋଇ ରହିଚି । ତାଂକର ରାଜନୀତି ଓ ମତାମତର ସ୍ୱାଧୀନ ଜୀବନ୍ତତା ବହୁ କ୍ଷେତ୍ରରେ ଅନୁସନ୍ଧାନ କରାଯାଇ ପାରେ । 'ଆଶା' ଓ 'ନିଉ ଓଡ଼ିଶା'ର ପୁରୁଣା ଫାଇଲ୍ ସବୁ ଏହାର ଚିର ଜୀବନ୍ତ ସାକ୍ଷୀ । ତାଂକର ଅକାଳ ତିରୋଧାନ, ଓଡ଼ିଶାର ଏକ ମହାକ୍ଷତି ।

ନୂଆପ୍ରସ୍ଥ-୧/୧

ନିରଞ୍ଜନ

ଗଞ୍ଜାମର ନିରଞ୍ଜନ ପଟ୍ଟନାୟକ, କଂଗ୍ରେସ ଓ ଖଦୀକର୍ମ ମହଲରେ ଅତ୍ୟନ୍ତ ସୁପରିଚିତ ଥିଲେ । ୧୯୨୭ରେ ମହାତ୍ମାଗାନ୍ଧୀଙ୍କ ଓଡ଼ିଶା ଗସ୍ତ ବେଳେ ସମସ୍ତ ଗସ୍ତଟିର ଚାଳନା, ତାଙ୍କରି କର୍ମ ଥିଲା । ସେତିକିବେଳେ ସେ 'ଗାନ୍ଧି-ସମାଚାର' ବୋଲି ଦୈନିକ ପ୍ରଚାର ପତ୍ର ବାହାର କରି ବଡ଼ ଦକ୍ଷତାରେ ଚଳାଇ ଥିଲେ। ତାହାହିଁ କାର୍ଯ୍ୟରେ ଓଡ଼ିଶାର ପ୍ରଥମ ଦୈନିକପତ୍ର କହିଲେ ଚଳେ। ତା'ର ଅଳ୍ପଦିନ ପରେ 'ଆଶା' ଦୈନିକ ରୂପେ ପ୍ରକାଶ ପାଇଥିଲା। ସେ କଂଗ୍ରେସରେ ପୂରାପୂରି ଆତ୍ମ ନିୟୋଗ କରିଥିଲେ। ତଥାପି ଓଡ଼ିଆ ପ୍ରଦେଶ, ତାଙ୍କର ଏକାନ୍ତ କାମ୍ୟ ଓ ସାଧନାର ବସ୍ତୁ ଥିଲା। ପ୍ରଥମ ଯୌବନରେ ସେ ସ୍ୱର୍ଗତଃ ଦଣ୍ଡପାଣୀ ପ୍ରଧାନଙ୍କ ସଙ୍ଗେ ମିଶି 'The Oriya Movement' ବୋଲି ଇଂରେଜିରେ ଖଣ୍ଡେ ପୁସ୍ତକ ଲେଖିଥିଲେ। ଖୁବ୍ ସମ୍ଭବ, ତାହାହିଁ ଓଡ଼ିଆଙ୍କର ପ୍ରଥମ ଇଂରେଜି ପ୍ରକାଶିତ ପୁସ୍ତକ। ଓଡ଼ିଆ ପ୍ରଦେଶ କାମୀଙ୍କର ବହୁକାଳ ଯାଏ ସେ ପୁସ୍ତକଟି ବେଦପରି ଥିଲା। ପରେ କଂଗ୍ରେସ ସରକାର ତଥା ଅନ୍ୟ ଯେଉଁ କ୍ଷେତ୍ରରେ ଓଡ଼ିଆ ପ୍ରଦେଶ ସଂବନ୍ଧରେ ବା ଓଡ଼ିଆ ଏକ ଶାସନାଧୀନ ରହିବା ସଂବନ୍ଧରେ ଯାହା ଯାହା ଘଟିଥିଲା, ସେ ସମସ୍ତର ଖବର ଅନ୍ତର ସବୁ, ସେ ଅତି ଯତ୍ନରେ ସଂଗ୍ରହ କରୁଥିଲେ ଓ ଦରକାର ପଡ଼ିଲେ ପ୍ରତିବାଦ ଓ ସମର୍ଥନ ପାଇଁ ନିର୍ଭୟରେ ଛିଡ଼ାହୋଇ ଯାଉଥିଲେ।

ନୂଆପ୍ରସ୍ଥ-୧/୧

ଭାଗବତୀ

ଭଗବତୀ ଚରଣ ପାଣିଗ୍ରାହୀ, ଏମ୍.ଏ.ଓ ଓକିଲାତି ପାଶ୍ କରି ସବୁ ଛାଡ଼ି ବିଶୁଦ୍ଧ ରାଜନୀତିରେ ଆତ୍ମଦାନ କରିଥିଲେ। ଶେଷକୁ ସେ ହୋଇଥିଲେ, ଉତ୍କଳର

Digitized by PPRACHIN, SOA

ସାମ୍ୟବାଦୀମାନଙ୍କର ନେତା। ସେ ଯୁବକ ଥିଲେ। ଯେଉଁମାନେ ତାଙ୍କର ସାକ୍ଷାତ ସଂପର୍କରେ ଆସିଚନ୍ତି, ସେମାନେ ତାଙ୍କର ସୃଷ୍ଟି ଦୃଷ୍ଟି ଓ ବିଶାଳ ପ୍ରାଣର ଆଭାସ ପାଇଥିବେ। ପ୍ରତିଭା, ନିଷ୍ଠା ଓ ସାଧନାର ବିଶେଷ ପ୍ରକାଶ ନିମନ୍ତେ ସେ ଆଉ ସମୟ ପାଇ ନାହାନ୍ତି।

ନବ ଭାରତ-ନୂଆପ୍ରସ୍ଥ-୧/୧

ସ୍ୱର୍ଗତ ସନାତନ ପୂଝାରୀ

କଟକ ମେଡ଼ିକାଲ କଲେଜର Anatomy ବା ଶରୀର ବିନ୍ୟାସ ତତ୍ତ୍ୱର ଅଧ୍ୟାପକ ଡାକ୍ତର ସନାତନ ପୂଝାରୀ ୩ ମାସ ହେଲା ଇହଧାମ ଛାଡ଼ିଚନ୍ତି । ଭାରତରେ ସେ ଅନାଟମି ବିଦ୍ୟାରେ ସୁପଣ୍ଡିତ ଓ ବିଶେଷଜ୍ଞ ବୋଲି ପରିଚିତ ଥିଲେ । ତାଙ୍କ ଘର ସମ୍ବଲପୁର । ସେତେବେଳେ ସମ୍ବଲପୁର ଓଡ଼ିଶାକୁ ଆସି ନଥିଲା । ତଥାପି ନାଗପୁର ଓ କଲିକତାର ସୁବିଧା ଛାଡ଼ି ଯେଉଁମାନେ ଓଡ଼ିଶାକୁ ନିଜର କରି କଟକ କଲେଜକୁ ଧରିଥିଲେ, ସେମାନଙ୍କ ଭିତରେ ସନାତନ ଜଣେ ଅଗ୍ରଣୀ ଥିଲେ । ୧୯୦୫ ଖ୍ରୀଷ୍ଟାବ୍ଦରେ ସେ କଟକ ରେଭେନ୍‌ସା କଲେଜର ଛାତ୍ରାବାସରେ ଥିବାର ଏବେ ମନେ ପଡୁଛି । ତାଂକ ବଡ଼ଭାଇ ପେନ୍‌ସନ ପ୍ରାପ୍ତ ଡେପୁଟି ଶ୍ରୀଯୁକ୍ତ ତ୍ରିବିକ୍ରମ ପୂଝାରୀ ଓ ସାନଭାଇ ଶ୍ରୀଯୁକ୍ତ ମୀନକେତନ ପୂଝାରୀ, ତାଙ୍କ ସଂଗେ ଥିଲେ । ଓଡ଼ିଶାରେ ଗୋଟିଏ ପୂର୍ଣ୍ଣାଙ୍ଗ ମେଡ଼ିକାଲ୍ ବା ଡ଼ାକ୍ତରୀ କଲେଜ ଦେଖିଯିବା ତାଙ୍କର ଏକାନ୍ତ କାମନା ଥିଲା । ଓଡ଼ିଶା ତଥା ଓଡ଼ିଆଙ୍କର ଭବିଷ୍ୟତରେ ସେ ଅତ୍ୟନ୍ତ ତନ୍ମୟ ଥିଲେ । ନୂତନ କଟକ ମେଡ଼ିକାଲ କଲେଜରେ ସେ ଦିନା କେତେ ପ୍ରିନ୍‌ସପାଲ ବା ଅଧ୍ୟକ୍ଷ ବି ଥିଲେ । ଅଧ୍ୟକ୍ଷ ହୁଅନ୍ତୁ ବା ଅଧ୍ୟାପକ ହୁଅନ୍ତୁ, ଓଡ଼ିଆଙ୍କ ପାଇଁ ଯେଉଁ ଡ଼ାକ୍ତରୀ କଲେଜ ହେଲା, ତାହା କିପରି ପୂର୍ଣ୍ଣାଙ୍ଗ ହେବ, ଓଡ଼ିଆ ପିଲାଏ କିପରି ପୂର୍ଣ୍ଣ ସୁବିଧା ପାଇ ଶିକ୍ଷିତ ହୋଇ ଯଶସ୍ୱୀ ଓ ଦିଗ୍‌ବିଜୟୀ ହେବେ, ଏଥିପାଇଁ ସନାତନଙ୍କର ଯେ ଆନ୍ତରିକତା ଥିଲା, ତା କହି ବୁଝାଇ ଦେବାର ବସ୍ତୁ ନୁହେଁ । ସନାତନ ତମେ ସ୍ୱର୍ଗରୁ ଆଶୀର୍ବାଦ କର । ତୁମର ଅଭିଳାଷ ପୂର୍ଣ୍ଣ ହେଉ । ଓଡ଼ିଆ, ଓଡ଼ିଆ ହୁଅନ୍ତୁ, ଯଶସ୍ୱୀ ହୁଅନ୍ତୁ ।

ନୂଆପ୍ରସ୍ଥ-୧/୩, ଆଲୋଚନା

ସ୍ୱର୍ଗତ ରାଜା ଗୌରଚନ୍ଦ୍ର

ଚିକିଟିର ଯୁବକ ରାଜା ଗୌରଚନ୍ଦ୍ର ଦେବ ଆଉ ଇହଜଗତରେ ନାହାନ୍ତି। ଏ ସମ୍ବାଦ ସମଗ୍ର ଓଡ଼ିଶା ବାସୀଙ୍କୁ ଶୋକବିଦ୍ଧ କରିଛି। ରାଜା ଗୌରଚନ୍ଦ୍ର ମାତ୍ର ୩୩ ବର୍ଷ ବୟସରେ ସ୍ୱର୍ଗାରୋହଣ କଲେ। ପିତା, ଉତ୍କଳର ସୁପ୍ରସିଦ୍ଧ ସାହିତ୍ୟିକ ଶ୍ରୀଶ୍ରୀ ରାଧାମୋହନ ରାଜେନ୍ଦ୍ରଦେବ ଏଇ କେତେବର୍ଷ ହେଲା ବିଷୟଜଞ୍ଜାଳରୁ ଦୂରରେ ରହି ସାହିତ୍ୟ ସେବା କରିବା ନିମନ୍ତେ ଚିକିଟି ରାଜ କାର୍ଯ୍ୟରୁ ଅବସର ନେଇ ଯୁବରାଜ ଶ୍ରୀ ଗୌରଚନ୍ଦ୍ରଙ୍କୁ

Digitized by PPRACHIN, SOA

ସ୍ୱସ୍ତଳାଭିଷିକ୍ତ କରିଥିଲେ। ଗୌରଚନ୍ଦ୍ର ଏହି କେତେଦିନ ମଧ୍ୟରେ ନିଜ ସଦ୍‌ଗୁଣ ମାନର ଯେଉଁ ପରିଚୟ ଦେଇଥିଲେ ତହିଁରୁ ଉଜ୍ଜ୍ୱଳ ଭବିଷ୍ୟତ ସୂଚିତ ହେଉଥିଲା। କ୍ଷୁଦ୍ର ଚିକିଟିର ସଚ୍ଚିଦାନନ୍ଦ କ୍ଲବରୁ ଆରମ୍ଭ କରି ବ୍ରହ୍ମପୁର ଉତ୍କଳାଶ୍ରମ- ପ୍ରତ୍ୟେକ ଛୋଟ ବଡ଼ ଅନୁଷ୍ଠାନରେ ତାଙ୍କର ହାତ ଥିଲା ଓ ଏଗୁଡ଼ିକର ଉନ୍ନତି କଳ୍ପେ ସେ ସତତ ଯତ୍ନବାନ୍ ଥିଲେ। ଜମିଦାର ଓ ପ୍ରଜା ମଧରେ ସୁଦୃଢ଼ ସମ୍ବନ୍ଧ ସାଧାରଣତଃ ନଥାଏ। କିନ୍ତୁ ଗୌରଚନ୍ଦ୍ର ଉତ୍କଳର ରାଜନ୍ୟ ଓ ଜମିଦାର ମଣ୍ଡଳି ମଧରେ ସବୁଠାରୁ ଅଧିକ ଜନପ୍ରିୟ ଥିଲେ। ଆଜି ଓଡ଼ିଶାର ଏହି ସନ୍ଧିକ୍ଷଣରେ ଓଡ଼ିଆ ପ୍ରାଣକୁ ବିଶେଷ କରି ବାଧିବାର କଥା। ଶ୍ରୀ ଗୌରଚନ୍ଦ୍ରଙ୍କ ଆତ୍ମା ଶାନ୍ତି ଲାଭ କରୁ।

ନବ ଭାରତ-୧/୬, ଆଲୋଚନା

ପୁଣ୍ୟଶ୍ଲୋକ ବିକ୍ରମଦେବ ବର୍ମା

ଗଲା ରବିବାର (୧୫.୦୪.୫୧) ଦିନ ଜୟପୁରର ଜମିଦାର ମହାରାଜା ଡକ୍ଟର ବିକ୍ରମ ଦେବବର୍ମା ୮୨ ବର୍ଷ ବୟସରେ (ଜନ୍ମ-୧୮୬୯ ଜୁନ୍ ୨୮ ତାରିଖ, ମୃତ୍ୟୁ ଅପ୍ରେଲ, ୧୫ ତାରିଖ ୧୯୫୧) ଦେହତ୍ୟାଗ କରିଚନ୍ତି। ତାଙ୍କର ପୁଅ ନ ଥିଲା। ଏକମାତ୍ର କନ୍ୟାର ଗୋଟିଏ ପୁଅକୁ ସେ ପୋଷ୍ୟପୁତ୍ର କରିଯାଇଛନ୍ତି। ଜାମାତା ବିଦ୍ୟାଧର ସିଂହଦେଓ ଏବେ ଏକ ପ୍ରକାର ସେ ପରିବାରର ମୁରବି କହିଲେ ଚଳେ।

ମହାରାଜାଙ୍କର ବୟସ ଖୁବ୍ ହୋଇଥିଲା। ତଥାପି ତାଙ୍କର ମୃତ୍ୟୁରେ ଓଡ଼ିଶାର ଗୋଟିଏ ବିଶିଷ୍ଟ ବ୍ୟକ୍ତିତ୍ୱ ଲୋପ ପାଇଚି। ମହାରାଜା ଆକସ୍ମିକ ଭାବରେ ଜମିଦାରୀ ଗଦି ପାଇଥିଲେ। ତା ପାଇବେ ବୋଲି ସେ ଜାଣି ନଥିଲେ। ହେଲେହେଁ, ପାଇକରି ସେ ତିଳେହେଲେ ବିଚଳିତ ହୋଇ ନାହାନ୍ତି। ସେ ତେଲୁଗୁ, ଓଡ଼ିଆ ଓ ସଂସ୍କୃତରେ ପଣ୍ଡିତ ଥିଲେ- କବି ଓ ଲେଖକ ଭାବରେ ତାଙ୍କର ଆଦର ମଧ ଥିଲା। ସେ ବଡ଼ ଅମାୟିକ, ବିନୟୀ ଓ ସରଳସ୍ୱଭାବ ଥିଲେ। ଏଡ଼େ ବଡ଼ ଲୋକ ହୋଇ ମଧ କ୍ରୋଧୀ ହେବାର କେହି ତାଙ୍କୁ ଦେଖିଥିଲେ ବୋଲି ମନେ ହେଉ ନାଇ। ଅଯଥା ବାକ୍‌ବ୍ୟୟ ସେ କେବେ କରୁ ନ ଥିଲେ। ଦିନେ ଶିକାର କଥା ପଡ଼ିବାରୁ ସେ କହୁଥିଲେ, 'କୌଣସି ପ୍ରକାରେ ଜୀବହତ୍ୟା କରିବା ମୁଁ ସହିପାରେ ନାଇ। ପିଲାଦିନେ ଜନ୍ଦାଗୁଡ଼ାଏ ମାରି ଦେଇଥିଲି, ସେ ଚିତ୍ର ଏବେ ମଧ ମନେପଡ଼େ।' ଆମିଷ ଖାଦ୍ୟ ପ୍ରାୟ ଅନେକ ଦିନରୁ ସେ ଛାଡ଼ିଥିଲେ। ସେ ଗୌଡ଼ୀୟମତର ବୈଷ୍ଣବ ଥିଲେ। ଖ୍ରୀଷ୍ଟୀୟ ଊନବିଂଶ ଶତାବ୍ଦୀର ଶେଷଭାଗରେ ସେ ରଚନା କରିଥିବା 'ରାଧା-ମାଧବ' ନାଟକଟି ଏବେ ଦ୍ୱିତୀୟବାର ପ୍ରକାଶିତ ହୋଇଛି। ସେଥିରୁ ତାଙ୍କର କୃଷ୍ଣଭକ୍ତି ତଥା ରାଧାନିବଦ୍ଧ ପରକୀୟା ପ୍ରେମରେ ନିଷ୍ଠା ଓ ବିଶ୍ୱାସ ବେଶ୍ ଜଣାପଡ଼େ।

Digitized by PPRACHIN, SOA

ଓଡ଼ିଆ ଓ ତେଲଗୁମାନେ ତାଙ୍କୁ ନାନା ଭାବରେ ମନେପକାଇବେ ଓ ମନେପକାଇ ଝୁରିବେ। ଏପରି ସଦ୍‌ଗୁଣ ତାଙ୍କ ପାଖରେ ବହୁତ ଥିଲା। ଏଡ଼େ ବଡ଼ଲୋକ ଓ ଧନୀ ଲୋକ ହୋଇ ଲୋକେ ମନେ ପକାଇବା ଭଳି ବହୁତ ସଦ୍‌ଗୁଣ ତାଙ୍କର ଯାହାଥିଲା, ଅନ୍ୟତ୍ର ତାହା ଅତି ବିରଳ। ଏଇ ସମ୍ପର୍କରେ ଆମର ତାଙ୍କୁ ଖୁବ୍ ମନେ ପକାଇବାର ଅଛି। ସେ ଯେତେବେଳେ ରାଜା ହୋଇ ନଥିଲେ, ସେତେବେଳେ ସାହିତ୍ୟିକ ଭାବରେ ତଥା ଦେଶ ସେବକ ଭାବରେ ଆମର, ତାଙ୍କର ଖୁବ୍ ଘନିଷ୍ଠ ବନ୍ଧୁତା ହୋଇଥିଲା। ସତ୍ୟବାଦୀ ସ୍କୁଲ ଓ ସେଇ ସ୍କୁଲ ସମ୍ପର୍କୀୟ ନୂତନ ସାହିତ୍ୟ ପ୍ରତି ସେ ଖୁବ୍ ଆକୃଷ୍ଟ ହୋଇଥିଲେ। ୧୯୩୧ରେ ସେ ଗାଦି ପାଇଲେ। ୧୯୩୩ରେ ମୁଁ ଜେଲ୍‌ରୁ ଆସିଲା ପରେ ସେ ମତେ ଡକାଇ ପଠାଇଲେ। ପ୍ରାୟ ବର୍ଷକ ପରେ ଦୁଇ ତିନିଥର ଖବର ଦେବା ଉତ୍ତାରୁ ମୁଁ ଗଲି। ଗୋଟିଏ ମାସିକ ପତ୍ର ବାହାର କରିବା ପାଇଁ ସେ ମତେ କହିଲେ। ସେଥିପାଇଁ ପ୍ରଥମେ ପାଞ୍ଚ ହଜାର ଟଙ୍କା ଏବଂ ପରେ ଦରକାର ହେଲେ ଆଉରି ଦେବେ ବୋଲି ମଧ କହିଲେ। ମୁଁ ରାଜା; ଜମିଦାର ଭଳି ବଡ଼ଲୋକଙ୍କ ଠାରୁ ଟଙ୍କା କେବେ ଆଣିନାଇ। ପ୍ରଥମରୁ ମୋତେ ବଡ଼ ସଂକୋଚ ଲାଗିଲା। ପରେ ବହୁ ବିଚାର କରି ଏହି ଟଙ୍କାରେ ଗୋଟିଏ ସାହିତ୍ୟ ଅନୁଷ୍ଠାନ ଖୋଲିବି ବୋଲି ଟଙ୍କା ଆଣିବାକୁ ସ୍ୱୀକାର କଲି। ସେଇ ଟଙ୍କାର ମୂଳପିଣ୍ଡ ଘେନି ମୋର 'ନବଭାରତ ଛାପାଖାନା' ଓ 'ନବଭାରତ' ମାସିକ। ପରେ ଅବଶ୍ୟ ରାଜନୀତି ଚକ୍ରରେ ଯାହା ଘଟିଲା, ତା' ଏଠାରେ ପ୍ରାସଙ୍ଗିକ ନୁହେଁ। ଆଜି ସେଥିପାଇଁ 'ନବଭାରତ'ର ସେ ବିଶେଷ ଭାବରେ ସ୍ମରଣୀୟ।

ମହାରାଜା ଚାଲିଗଲେ। ଅନେକେ ତାଙ୍କୁ ବହୁକାଳ ମନେ ରଖିବେ। ଆମେମାନେ ରଖିଚୁ; ରଖିବୁ। ଆଜି ସେଥିପାଇଁ ତାଙ୍କର ଶ୍ରାଦ୍ଧରେ ଆମେ ଅଞ୍ଜଳି ପ୍ରଦାନ କରୁଚୁ। ମହାରାଜା ପରଲୋକରେ ଗ୍ରହଣ କରି ଆମକୁ କୃତାର୍ଥ କରନ୍ତୁ। ତାଙ୍କର ପୁଣ୍ୟ ସ୍ମୃତି ମଧ ଇହଜଗତରେ ଧନ୍ୟ ଓ ଚିର ହେଉ।

ନୂଆପ୍ରସ୍ଥ-୩/୩, ଆଲୋଚନା

ଶ୍ରୀରାମକୃଷ୍ଣ ଶତବାର୍ଷିକ ଉତ୍ସବ

ଶ୍ରୀ ରାମକୃଷ୍ଣଙ୍କ ପୂତ ନାମରେ ଜନସେବା ଉତ୍କଳରେ ହୋଇଛି; ଦୁର୍ଭିକ୍ଷ ବନ୍ୟାକ୍ଲିଷ୍ଟମାନଙ୍କ ମଧରେ ଶ୍ରୀ ରାମକୃଷ୍ଣ ମିସନ୍‌ର କର୍ମୀମାନଙ୍କ ନିଷ୍ଠାପର ଅକ୍ଳାନ୍ତ ସେବା ବଳରେ ପରୋକ୍ଷ ଭାବରେ ଶ୍ରୀରାମକୃଷ୍ଣଙ୍କ ପରିଚୟ ଉତ୍କଳବାସୀଙ୍କୁ ମିଳିଥିଲା। ଭୁବନେଶ୍ୱର ଓ ପୁରୀମଠର ଶ୍ରୀ ରାମକୃଷ୍ଣଙ୍କ ସେବକମାନେ ଉତ୍କଳରେ ସୁପରିଚିତ। କଟକର ଶ୍ରୀ ରାମକୃଷ୍ଣ କଲେଜରୁ ଉତ୍ତୀର୍ଣ୍ଣ ଛାତ୍ରମାନଙ୍କ ଜରିଆରେ ସେ ନାମ ଓଡ଼ିଶାର ପୁରପଲ୍ଲୀକୁ

Digitized by PPRACHIN, SOA

କ୍ରମଶଃ ବ୍ୟାପୁଛି। କିନ୍ତୁ ମନେହୁଏ ଶ୍ରୀ ରାମକୃଷ୍ଣ ଶତବାର୍ଷିକ ଉତ୍ସବ ଯାହା କି ଗତ ମାସ ୨୪ ତାରିଖରେ ଓଡିଶାର ଭିନ୍ନ ଭିନ୍ନ ସ୍ଥାନରେ ସମାରୋହରେ ପାଳିତ ହୋଇଛି, ତାହାଦ୍ୱାରା ଶ୍ରୀରାମକୃଷ୍ଣ ନାମରେ ଅପୂର୍ବ ପ୍ରଚାର ଉତ୍କଳରେ ହୋଇଅଛି, ହେବା ମଧ୍ୟ ବାଞ୍ଛନୀୟ।

ଶ୍ରୀରାମକୃଷ୍ଣ ଭକ୍ତିମାର୍ଗର ନୀରସ ସାଧକ ନ ଥିଲେ, କିମ୍ବା ଜ୍ଞାନର ଅବଲେପରେ ଈଶ୍ୱର ଭାବ ଓ ଭକ୍ତିକୁ ନିଜସ୍ୱ କରି ବସି ନ ଥିଲେ। ସେ ଭକ୍ତ ଥିଲେ ଓ ଜ୍ଞାନୀ ଥିଲେ-କିନ୍ତୁ ଭକ୍ତି ଓ ଈଶ୍ୱରଭାବ ତାଙ୍କର ସମସ୍ତ ହୃଦୟ ମନକୁ ଏପରି ଭାବରେ ପରିପ୍ଲୁତ କରି ରଖିଥିଲା ଯେ ତାହା ପାଇଁ ତାଙ୍କୁ ସାଧନା କରିବାକୁ ପଡୁ ନ ଥିଲା। ଜ୍ଞାନ ନିମନ୍ତେ ତାଙ୍କୁ ଉପନିଷଦର ଦୁରୂହ ସୂତ୍ରମାନଙ୍କର ଜଟିଳତା ଭେଦ କରିବାକୁ ପଡୁନଥିଲା। ସାଧନା ନିମନ୍ତେ ସେ ନିର୍ଜନ ଜଙ୍ଗଲର ଆଶାୟୀ ନଥିଲେ, ଏକରକମ ନିରକ୍ଷର ହୋଇ ମଧ୍ୟ ଅତୀବ ଜ୍ଞାନୀ ଥିଲେ। ମନେହୁଏ ରାମକୃଷ୍ଣ ମହତ୍ତ୍ୱର ପ୍ରକୃତ ପରାକାଷ୍ଠା ଏହିଠାରେ। ସେ ସାଧାରଣ ସଂସାରୀ ପରି ଜୀବନ ଯାପନ କରି, ସାଧାରଣ ସଂସାରୀମାନଙ୍କର ଭିତରେ ସଂସାର କରି ରହି, ସାଧାରଣରେ ଅସାଧାରଣ ସାଧନା ଓ ଜ୍ଞାନର ପରିଚୟ ଦେଇ ଆଜି ଈଶ୍ୱରଙ୍କ ଅବତାର ବୋଲି ଗୃହୀତ ହୋଇଛନ୍ତି। ଶ୍ରୀରାମକୃଷ୍ଣ ସ୍ମୃତି ପୂଜା କଲାବେଳେ ସେଥିପାଇଁ ଦେଶକାଳ, ଧର୍ମ ବର୍ଣ୍ଣର ବାଛ ବିଚାର ନାହିଁ। ଆଜି କାଲିର ସଂସାର ସ୍ୱାଧୀନ ହେବା ପ୍ରଚେଷ୍ଟାରେ ଈଶ୍ୱରଙ୍କଠାରେ ମଧ୍ୟ ସ୍ୱାଧୀନ ହେବାକୁ ଚେଷ୍ଟା କରୁଛି, ବିଜ୍ଞାନ ଓ ଶିକ୍ଷାର ସାର୍ବଜନୀନତା ଫଳରେ କେହି କାହାର ବିଶିଷ୍ଟତା ସ୍ୱୀକାର କରିବାକୁ ପ୍ରସ୍ତୁତ ନୁହନ୍ତି। ସଂକୀର୍ଣ୍ଣ ପ୍ରାଦେଶିକ ଓ ଜାତୀୟ ପ୍ରଭାବରେ ପୂଜ୍ୟପୂଜା ବ୍ୟତିକ୍ରମ ସାଧାରଣତଃ ଦେଖାଯାଏ। ଏ ସବୁ ଶ୍ରୀ ରାମକୃଷ୍ଣ ନାମରେ ସାର୍ବଜନୀନ ପ୍ରଚାରରେ ପ୍ରତିବନ୍ଧକ ହୋଇନାହିଁ, ଏହାହିଁ ତାଙ୍କର ଐଶୀ ବା ଅତିମାନୁଷ ଶକ୍ତିର ସଂପୂର୍ଣ୍ଣ ପରିଚୟ।।

ଈଶ୍ୱରବିଶ୍ୱାସୀ ଜଡବାଦୀ ଏବଂ ଔପଯୋଗିତ୍ୱସେବୀକୁ ମଧ୍ୟ ଶ୍ରୀରାମକୃଷ୍ଣଙ୍କ ଉପେଦେଶାବଳୀରେ ଅମୃତ ମିଳିବ। 'ଯେତେ ମତ ତେତେ ପଥ' ଏହି ଯେଉଁ ତଥ୍ୟଟି ସେ ପୁଣି ନୂଆ କରି ଆମ୍ଭମାନଙ୍କୁ ବୁଝାଇଛନ୍ତି ତାହାର ଉପଯୁକ୍ତ ପ୍ରଚାର ଓ ଉପଲବ୍ଧ ହେଲେ ଏବଂ ତାଙ୍କ ପ୍ରଚାରିତ ମାନବପ୍ରୀତିର ଅବବୋଧ ହେଲେ, ଆଜିକାଲିର ଭାରତୀୟ ରାଜନୀତିକ ଓ ସାମାଜିକ ବାୟୁମଣ୍ଡଳ ବିଶେଷ ପରିଷ୍କୃତ ହୁଅନ୍ତା। ଅନ୍ୟସବୁ କାରଣ ବାଦ୍‌ଦେଇ ମଧ୍ୟ, ଏହି ଗୋଟିକ କାରଣରୁ ଶ୍ରୀରାମକୃଷ୍ଣଙ୍କର ପୁଣ୍ୟ ନାମର ପ୍ରଚାର ଓଡିଶାରେ ବାଞ୍ଛନୀୟ। ଯେଉଁମାନେ ଏହି ପ୍ରଚାରରେ ଯତ୍‌ପରୋନାସ୍ତି ଚେଷ୍ଟା କରୁଛନ୍ତି ସେମାନେ ବରେଣ୍ୟ।

ନବଭାରତ-୨/୯, ଆଲୋଚନା

Digitized by PPRACHIN, SOA

ଭିଟଲ ଭାଇ ପଟେଲଙ୍କ ଦାନ

ଗତ ବର୍ଷ ଏହି ମାସରେ ଶ୍ରୀଯୁକ୍ତ ଭିଟଲ ଭାଇ ପଟେଲ ଭିଏନାଠାରେ ସ୍ୱର୍ଗଲାଭ କଲେ। ଏ ଦେଶରେ ସେ ଥିଲେ ଜଣେ ମୁଖ୍ୟ ରାଜନୀତିକ। ଭାରତ ବ୍ୟବସ୍ଥାପକ ସଭାର ସଭାପତିରୂପେ ସେ ଯେଉଁ କୃତିତ୍ୱ ଦେଖାଇ ଥିଲେ ତାହା ଦେଶବାସୀ ଓ ସରକାର ଏକ ବାକ୍ୟରେ ପ୍ରଶଂସା କରନ୍ତି। ରାଜନୀତିକ୍ଷେତ୍ରରେ ତାଙ୍କ ପରି ବିଚକ୍ଷଣ ଦେଶପ୍ରାଣ ଲୋକ ବିରଳ। ସେ ମରିବା ପର୍ଯ୍ୟନ୍ତ ଏ ଦେଶର ସ୍ୱାଧୀନତା କଥା ଚିନ୍ତା କରୁଥିଲେ। ଶ୍ରୀଯୁକ୍ତ ସୁଭାଷ ବୋଷଙ୍କ ଆଗେ ଦେଶର ସ୍ୱାଧୀନତା କାମନା କରି ଦେହତ୍ୟାଗ କରିଛନ୍ତି।

ଗତ ୧୯୧୯ ମଣ୍ଟେଗୁ ଚେମସ୍‌ଫୋର୍ଡ ଶାସନ ସଂସ୍କାର ପୂର୍ବରୁ ସେ ଭାରତ ବ୍ୟବସ୍ଥାପକ ସଭାରେ ଜଣେ ଜଣାଶୁଣା ସଦସ୍ୟ ଥିଲେ। ମଣ୍ଟେଗୁ ଚେମସ୍‌ଫୋର୍ଡ ଶାସନ-ସଂସ୍କାର ହେବା ପୂର୍ବରୁ ସେ ଅନ୍ୟାନ୍ୟ ମୁଖ୍ୟ ନେତାମାନଙ୍କ ସଙ୍ଗେ ଭାରତର ଦାବୀ ଉପସ୍ଥାପିତ କରିବା ପାଇଁ ବିଲାତ ଯାଇଥିଲେ। ସେହିଦିନଠାରୁ ସେ ଭଲକରି ବୁଝିଥିଲେ, ଭାରତର ଆନ୍ଦୋଳନ ସଙ୍ଗେ ସଙ୍ଗେ ପୃଥିବୀର ସଭ୍ୟ ଜାତିମାନଙ୍କ ମଧ୍ୟରେ ଭାରତ ସଂବଂଧୀୟ ଆନ୍ଦୋଳନ ହେବା ଉଚିତ। ଇଂରେଜ ଜାତି ସଭ୍ୟ ଜଗତକୁ ବୁଝାଇ ପାରିଛି, ଭାରତରେ ଇଂରେଜ ହିଁ ସମସ୍ତ ସଭ୍ୟତାର ବିକାଶ ଓ ଶୃଙ୍ଖଳାର ହେତୁ। ଇଂରେଜ ଚାଲିଗଲେ ଏ ଦେଶରେ ଅରାଜକତା ହେବ ଓ ଲୋକେ ସଭ୍ୟତାରେ କ୍ରମେ ପଛକୁ ଯିବେ। ସଭ୍ୟଜଗତର ଏ ଧାରଣା ବଦଳାଇବାକୁ ହେବ। ଯେ ଯେତେ କୌଶଳୀ ହୁଅନ୍ତୁ ଏ ଯୁଗରେ ସଭ୍ୟଜଗତର ସୁଗଠିତ ମତ ପାଖେ ସମସ୍ତେ ନଇଁ ପଡ଼ିବେ। ଜଗତର ମତକୁ ଏଡ଼ି ଇଂରେଜ ମଧ୍ୟ ତିଷ୍ଠିପାରିବେ ନାହିଁ।

ଗତ ଗାନ୍ଧୀ-ଆରବନ୍ ସନ୍ଧି ପୂର୍ବରୁ ପଟେଲ ଜେଲ ଯାଇଥିଲେ। ଜେଲରେ ସେ ଅସୁସ୍ଥ ଥିଲେ। ସେ ଅସ୍ୱାସ୍ଥ୍ୟ ଭଲ ହୋଇ ନଥିଲା। ପୁଣି ଯେତେବେଳେ ୧୯୩୨ରେ ସରକାର ଏ ଦେଶରେ ଧର୍ଷଣନୀତି ଚଳାଇଲେ ସେତେବେଳେ ପଟେଲ ବୁଝିଲେ, ଏପରି ଧର୍ଷଣ ନୀତିରେ ଇଂରେଜ ପୃଥିବୀର ମତ ନିଜ ଆଡକୁ କରି ରଖିବାର ପ୍ରଗାଢ଼ ଯତ୍ନ କରିବେ। ତା' ନହେଲେ କେବଳ ଧର୍ଷଣରେ ଏ ବିରାଟ ଭାରତ ଜାତିକୁ ଦବାଇ ରଖିବାର ପ୍ରୟାସ ତାଙ୍କର ବୃଥା ହେବ। ସେ ଅସୁସ୍ଥ ଥିଲେ ମଧ ନିଜ ସ୍ୱାସ୍ଥ୍ୟପ୍ରତି ଭ୍ରୂକ୍ଷେପ ନ କରି ଆମେରିକାଠାରୁ ଆୟରଲାଣ୍ଡ ପର୍ଯ୍ୟନ୍ତ ସର୍ବତ୍ର ନିଜେ ଭାରତ ଜାତୀୟତାର ପ୍ରଚାର କାର୍ଯ୍ୟରେ ଲାଗିଗଲେ। କାଳ ବେଶୀ ସହିଲା ନାହିଁ।

ଏବେ ଜଣାପଡିଛି ଯେ ଯେଉଁ ଉଇଲ କରିଥିଲେ ସେଥିରେ ଏକଲକ୍ଷ ପନ୍ଦର ହଜାର ଟଙ୍କା ସେ ସୁଭାଷବୋଷଙ୍କ ହାତେ ଦେଇଯାଇଛନ୍ତି। ଇଚ୍ଛା ପ୍ରକାଶ କରି ଯାଇଛନ୍ତି, ଯଥା ସଂଭବ ଏହି ଅର୍ଥ ବିଦେଶରେ ଭାରତ ସଂବଂଧୀୟ ପ୍ରଚାର କାର୍ଯ୍ୟରେ ଲାଗିବ।

Digitized by PPRACHIN, SOA

ବାସ୍ତବିକ ଭାରତ ଜାତୀୟତାର ଆନ୍ଦୋଳନ କେବଳ ଦେଶ ଭିତରେ ହେଲେ ଚଳିବ ନାହିଁ। ଭାରତ ଆଜି ପ୍ରାଚୀନ ସଭ୍ୟ ଜାତି ବୋଲି ପୃଥିବୀରେ ଏକ ପ୍ରକାର ପରିଚିତ। ତାହା ଅବଶ୍ୟ ଇୟୁରୋପୀୟ ପଣ୍ଡିତମାନଙ୍କ ବଦାନ୍ୟ ଗବେଷଣା ଫଳରେ। କିନ୍ତୁ ବର୍ତ୍ତମାନ ଭାରତ ସମ୍ବନ୍ଧରେ ସଭ୍ୟ ଜଗତରେ ଜ୍ଞାନ ସୀମାବଦ୍ଧ। ଇଂରେଜ ଜାତି ବହୁ ପରିମାଣରେ ଏ ସୀମା ନିରୂପଣ କରି ଦିଅନ୍ତି। ଭାରତରେ ଇଂରେଜ ନ ରହିଲେ ଚଳିବ ନାହିଁ - ଏ ଧାରଣା ପୃଥିବୀରେ ବଦ୍ଧମୂଳ ନ ହେଲେ ଏ ଦେଶରେ ଇଂରେଜର ସ୍ୱାର୍ଥରକ୍ଷା ସଂଭବ ନୁହେ। ବେଲଜିଅମ୍ ପରି କ୍ଷୁଦ୍ର ଜାତିର ସ୍ୱାଧୀନତା ରକ୍ଷା କରିବା ପାଇଁ ଏହି ଇଂରେଜ ଦିନେ ସମସ୍ତ ସଭ୍ୟ ଜଗତକୁ ମହାସମରରେ ଲଗାଇ ପାରିଥିଲେ। ଜର୍ମାନୀର କ୍ଷୁଦ୍ର ଜାତି ପ୍ରତି ଦୁରାଚାର କଥା ଦୃଢ଼ ଭାବରେ ସଭ୍ୟଜଗତରେ ପ୍ରଚାର କରି ନ ପାରିଥିଲେ ଇୟୁରୋପ ଯୁଦ୍ଧରେ ଇଂରେଜ ଓ ଫ୍ରାନ୍ସର ଅବସ୍ଥା ହୁଏତ ଭିନ୍ନପ୍ରକାର ହୋଇଥାନ୍ତା। କୌଣସି ଅନ୍ୟାୟ କାର୍ଯ୍ୟରେ ପୃଥିବୀର ସଭ୍ୟ ଜାତିମାନେ ମାତି ଉଠି ନଥାନ୍ତେ। ଭାରତରେ ଆଜି ଇଂରେଜ ଶାସନର ଯଥାର୍ଥ ପ୍ରକୃତିର ପରିଚୟ ପୃଥିବୀକୁ ଦେବା ନିତାନ୍ତ ଦରକାର ପଡ଼ିଛି। ସ୍ୱର୍ଗତ ପଟେଲଙ୍କର ଏ ଦାନ ଓ ଏ ଅଭିପ୍ରାୟରୁ ସୂଚନା ଗ୍ରହଣ କରି ଭାରତର ଜାତୀୟ ନେତାମାନେ ଏ ଦିଗରେ ପ୍ରଯତ୍ନ କରିବେ।

ନବ ଭାରତ-୧/୫, ଆଲୋଚନା

ଓଡ଼ିଶାରେ ପଣ୍ଡିତ ଜହରଲାଲ

ଗଲା ନଭେମ୍ବର ୧୦/୧୧ ତାରିଖରେ ଭାରତର ରାଷ୍ଟ୍ରପତି ପଣ୍ଡିତ ଜହରଲାଲ ଏକ ବାତ୍ୟା ପରି କଟକ, ପୁରୀ, ଗଂଜାମରେ ଭ୍ରମଣ କରିଗଲେ । କେତେକ ଠାରେ ସଭା ହେବାର ଥିଲା । ସେଠାରେ ପୂର୍ବରୁ ସଂଘବଦ୍ଧ ଲୋକ ସମାଗମରେ ବକ୍ତୃତା ହେଲା । ମାତ୍ର ସ୍ଥାନେ ସ୍ଥାନେ ରାସ୍ତାରେ ବିଶେଷତଃ ଗଂଜାମରେ ପୂର୍ବରୁ ପ୍ରସ୍ତାବିତ ନଥିଲେ ମଧ୍ୟ ଯେଉଁସବୁ ଆକସ୍ମିକ ଲୋକ ସମାଗମ ହୋଇଥିଲା ଓ ପଲ୍ଲୀର ନରନାରୀ ତାଙ୍କୁ ଦେଖିବାକୁ ଯେପରି ଘର ଛାଡ଼ି ସଡ଼କକୁ ଦୌଡ଼ି ଆସୁଥିଲେ, ତାହା ଏକ ଦୃଶ୍ୟ । ଜହରଲାଲ ସେହି ଲୋକ ସମାଗମ ଓ ସେହି ପଲ୍ଲୀ ନରନାରୀଙ୍କ ଆବେଗରେ ଯେପରି ପ୍ରାଣକୁ ମିଶାଇ ରଖିଥିଲେ । ତାଙ୍କର ପ୍ରାଣର ବିଶେଷ ପୁଲକ ଓ ବିଶେଷ ସଂକେତ ପ୍ରକାଶ ପାଇଥିଲା, ସେହି ଏକାନ୍ତ ଅଯାଚିତ ଅଭ୍ୟର୍ଥନାରେ । ବାଟରେ ଲୋକ ଦେଖିଲେ, ତାଙ୍କର ତୁରନ୍ତ ଯାତ୍ରା ଏକାବେଳକେ ବନ୍ଦ ହୋଇଯାଏ। ଡାକିଲେ ଲୋକଙ୍କ ପିଣ୍ଡାକୁ ଯାନ୍ତି - ଲୋକେ ପଛେ ପଛେ ଧାଇଁଥାନ୍ତି। ଆହା ସେ କି ସୁନ୍ଦର ଦୃଶ୍ୟ । ଏସବୁ ଭିତରେ ଏକା ତାଙ୍କର ବାଣୀ ନିର୍ଦ୍ଦିଷ୍ଟ । କ୍ରିୟାରେ ଏ ପାଖ ସେପାଖ ହେବାର ନାହିଁ । ଲୋକେ ଗ୍ରାମକୁ ଡାକିଲେ, ଜହରଲାଲ ପଚାରିଲେ, "ଗ୍ରାମ କେତେ ଦୂର।" ଲୋକେ କହିଲେ ଏକ ଫର୍ଲଙ୍ଗ୍ ।

Digitized by PPRACHIN, SOA

ଜହରଲାଲ ମଟରରୁ ଡେଇଁ ପଡ଼ି ଧାଇଁଲେ, ଲୋକେ ପଛେ ପଛେ ଛୁଟିଲେ । ଫୁଲମାଳ ଜହରଲାଲ ବେକରୁ କାଢ଼ି ହାତରେ ଧରିଥାନ୍ତି । ଠିକ୍ ଏକ ଫର୍ଲଙ୍ଗ୍ ଠାରେ ଜହରଲାଲ ରହିଗଲେ । ସେହିଠାରେ ଲୋକଶିକ୍ଷା । ଜହରଲାଲ ଅଗ୍ନିଶର୍ମା, ଲୋକେ ଫର୍ଲଙ୍ଗ୍ କେତେ ତାହା ବୁଝନ୍ତି ନାହିଁ । ଜହରଲାଲ ସେ କଥା ଜାଣନ୍ତି ନାହିଁ, ନୁହେଁ । କିନ୍ତୁ ଲୋକଙ୍କର ଜାଣିବା ଉଚିତ - ଏହାହିଁ ସେ କ୍ରୋଧ ଓ ବିରକ୍ତିର ସଂକେତ । ହେଲେହେଁ ସଂକେତ ମାତ୍ର । ସେହିଠାରେ ପଲ୍ଲୀବାସୀର ପିଣ୍ଡାରେ ବସି ଲୋକ ସମାଗମ ମଧ୍ୟରେ ବକ୍ତୃତା । ଆଉ ବିରକ୍ତି ନାହିଁ । ଏପରି ଉନ୍ନତ ଚରିତ୍ରବତ୍ତା ଓ ନିର୍ଦ୍ଦିଷ୍ଟ କର୍ମତତ୍ପରତା ନିଜର କ୍ରୋଧ ଓ ବିରକ୍ତି ସଂକେତରେ ସ୍ପଷ୍ଟ କରି ପଲ୍ଲୀ ପ୍ରାଣରେ ପ୍ରାଣ ମିଶାଇବା ଜହରଲାଲଙ୍କ ମହାବ୍ୟକ୍ତିତ୍ୱର ପ୍ରକାଶ ମାତ୍ର। ପ୍ରତ୍ୟେକ କାର୍ଯ୍ୟରେ ତାଙ୍କର ଏହି ନିର୍ଦ୍ଦିଷ୍ଟତା ମଧ୍ୟରେ ଏହି ଜନପ୍ରାଣତା କ୍ରୋଧ ଓ ବିରକ୍ତିର ପ୍ରତି ପଦରେ ସ୍ପଷ୍ଟ ହେଉଥିଲା । ଲୋକେ ତାଙ୍କ 'ମିଂଜାସ' ସମାଲୋଚନା କରୁ କରୁ ପୁଣି ପଛକୁ ଚାହିଁ ରହିଯାଉଥିଲେ। ଏ ତ ଯଥାର୍ଥରେ ସେପରି ସମାଲୋଚ୍ୟ ନୁହେଁ, ଏହା ହିଁ ଲୋକେ ବୁଝୁଥିଲେ ।

ଦେଶର କୃଷକ ଶ୍ରମିକ ଜହରଲାଲଙ୍କର ଦେଶଜନ, ତାଙ୍କରି ପାଇଁ ତାଙ୍କ ପ୍ରାଣ ବ୍ୟାକୁଳ । ସେ ତ୍ୟାଗ ବୁଝନ୍ତି ନାହିଁ । ସେ ବୁଝନ୍ତି କର୍ତ୍ତବ୍ୟ । ତ୍ୟାଗକୁ ସେ ଘୃଣା କରନ୍ତି। ଯାହାକୁ ଆମେ ତ୍ୟାଗ କହୁ ତାକୁ ସେ ମାନବର କର୍ତ୍ତବ୍ୟ କହନ୍ତି। ସମସ୍ତ କର୍ତ୍ତବ୍ୟର ଶାନ୍ତି ଧାରା ଭିତରେ ମାନବ ଯଥାର୍ଥରେ ନିଜକୁ ତ୍ୟାଗ କରେ । ଅନ୍ୟର ଅଭାବ ଅସୁବିଧାକୁ ଦୃଷ୍ଟି ଦେବା ହିଁ କର୍ତ୍ତବ୍ୟର ଯଥାର୍ଥ ପାଠ। ତାହାରି ଅପର ନାମ ତ୍ୟାଗ। ତ୍ୟାଗ ନାମରେ ବାହାଦୁରି ଅଛି । କର୍ତ୍ତବ୍ୟ ମାନବର ଧର୍ମ । ତେଣୁ ସେ ତ୍ୟାଗକୁ ଘୃଣା କରି କର୍ତ୍ତବ୍ୟ ମାତ୍ରରେ ଆତ୍ମପ୍ରକାଶ କରିବାକୁ ଶ୍ଳାଘ୍ୟ ମଣନ୍ତି ।

ପଚାରିଥିଲୁ, "ଧନୀକ ଜମିଦାର ଏ ଦେଶରୁ କ'ଣ ସରିଯିବେ ନା ଉଠିଯିବେ ।" ଏ ବିଷୟରେ ସ୍ପଷ୍ଟ ମତ ଜାଣିବାକୁ ଚାହିଁବାରେ ଜହରଲାଲ ଶାନ୍ତ ଭାବରେ କହିଲେ- "ତମେ ଯାହା କହୁଛ ସେ କଥା ଯଥାର୍ଥରେ ଚିନ୍ତ୍ୟ। ସେମାନେ ଏକ ଫୁତ୍କାରରେ ଉଠିଯିବେ ନାହିଁ କି ସରିଯିବେ ନାହିଁ । ସେଥିରେ ସମାଜର ଶୃଙ୍ଖଳା ଭ୍ରଷ୍ଟ ହୋଇପାରେ । ସେପରି କଳ୍ପନା କରାଯାଉନାହିଁ । ଆଦର୍ଶ ଆଡକୁ ପ୍ରଗତି ହେଲେ କ୍ରମେ ଚତୁର ଓ ବିଚକ୍ଷଣ ଜମିଦାର ଧନୀକମାନେ ବଦଳି ଯାଉଥିବା ଅବସ୍ଥା ଓ ପରିସ୍ଥିତି ଅନୁସାରେ ନିଜକୁ ବଦଳାଇ ଠିକ୍ ରଖିବେ। ମୂଢ଼ ଓ ହତବୁଦ୍ଧି ଜମିଦାର ଓ ଧନୀକମାନେ ପୁରୁଣା କତରା କାମୁଡ଼ି ବିନାଶ ପାଇବେ । (The intelligent zamindars will change according to changing circumstances and the un-intelligent will become effete and die out.) ପଚାରିଲୁଁ - "ଏ ବଡ଼ ସୁନ୍ଦର ଓ ସୁବୋଧ କଥା ।

Digitized by PPRACHIN, SOA

ଏହା ଆପଣ ପ୍ରକାଶ କରୁନାହାନ୍ତି କାହିଁକି ?" ଦରହାସରେ ଜହରଲାଲ କହିଲେ - "ମୋର ଲେଖାରେ ଏକଥା କ'ଣ ପ୍ରକାଶ ପାଇନାହିଁ ?" ଆମେ କହିଲୁ, "ସ୍ପଷ୍ଟ ନୁହେଁ। ଆପଣ ସ୍ପଷ୍ଟ କରି ଦିଅନ୍ତୁ !" କହିଲେ - "ବୋଧହୁଏ ଦରକାର ନାହିଁ, ତୁମେ ସ୍ପଷ୍ଟ କରିଦିଅ।"

ଓଡ଼ିଶାର ଅବସ୍ଥା କଥା ପଡ଼ିଲା । କହିଲେ - "ଓଡ଼ିଶାର ଜମିଦାରୀ ଘେନି ପ୍ରଜାଙ୍କ ଅବସ୍ଥା ସଂବଂଧରେ ଯାହା କହୁଛ ମୋ' ପ୍ରଦେଶରେ ଅବସ୍ଥା ତାହାଠାରୁ କୌଣସି ଅଂଶରେ ଅଳ୍ପ ବିପଦ୍‌ଜନକ ନୁହେଁ । ମୋ' ପ୍ରଦେଶର ଏ ସଂପର୍କୀୟ ଘଟଣାମାନ ଶୁଣିଲେ ରୋମାଞ୍ଚ ହେବ। ଏପରି ଜମିଦାରୀ ଅଛି ଯେଉଁଠାରେ ଜମିଦାରଙ୍କ ଅତ୍ୟାଚାରରେ ପ୍ରଜାଙ୍କ ହତ୍ୟା ଲାଗି ରହିଛି ।" - "ତେବେ ଉଦ୍ଧାରର ଉପାୟ କ'ଣ ।" - "ସଂହତି"।

"ସଂହତି ପାଇଁ ଅର୍ଥ ଲୋଡ଼ା ସେ କାହୁଁ ଆସିବ ?" - ଅବଶ୍ୟ ସେଥିପାଇଁ ଧନୀ ଦ୍ୱାରକୁ ଯିବାକୁ ହେବନାହିଁ।" - "ନା, ପ୍ରଜା ଓ ଶ୍ରମିକମାନଙ୍କ ଭିତରେ ଶୃଙ୍ଖଳାବଦ୍ଧ ଭାବରେ ଦୃଷ୍ଟି ଫିଟାଇ କିଂଚିତ୍ କିଂଚିତ୍ ସଂଗ୍ରହ କରି ପ୍ରସ୍ତୁତ ହେବାକୁ ହେବ ।" - 'ଶ୍ରମିକ ପୁଂଜୀଭୂତ, ସେମାନଙ୍କର ମଧ୍ୟ ନିର୍ଦିଷ୍ଟ ଆୟ ଅଛି - ତେଣୁ କଳ କାରଖାନା ମାନଙ୍କରେ ସେସବୁ ସଂଭବ ହୋଇପାରେ । କିନ୍ତୁ କୃଷକ ଓ କୃଷି ଶ୍ରମିକ ମାନଙ୍କୁ ଶୃଂଖଳିତ କରି ଏପରି ଧନସଂଗ୍ରହ କରି କାର୍ଯ୍ୟ କରିବା କିପରି ସଂଭବ ମନେକରନ୍ତି ?" - "ଅବଶ୍ୟ ଶକ୍ତ କଥା। କିନ୍ତୁ ତା'ଛଡ଼ା ଉପାୟ ନାହିଁ" - "ପୁଣି କୃଷକ ଓ କୃଷୀ ଶ୍ରମିକ ଦରିଦ୍ର, ନିୟମିତ ରୂପେ ଧନ ଦେବା କଥା ଦୂରେ ଥାଉ ଦେବାକୁ ତାହାର ଉଦ୍‌ବୃତ୍ତ ନାହିଁ" - "ଦୃଷ୍ଟି ଫିଟିଗଲେ ତାକୁ ଉଦ୍‌ବୃତ୍ତ ମିଳିବ । ସେ ଅତି ସାମାନ୍ୟ ହେଲେ ମଧ୍ୟ ସେଥିରେ ଯଥାର୍ଥ ଶୃଙ୍ଖଳା ଫୁଟିବାର ସୁବିଧା ହେବ।" - ମନେ ବିଚାରିଲୁ, ଏ ଶୃଂଖଳାର ଉଦ୍ୟମ କରଣୀୟ ।

ଜହରଲାଲ ସଂସ୍କୃତିର ଉପାସକ ଓ ସଂସ୍କୃତିରେ ବିଶ୍ୱାସୀ । ଭାଷାର ବିକାଶ ଠାରୁ କବିତାର କ୍ରମୋନ୍ନତି ସବୁ ଆଲୋଚନା କରିବାରେ ନିପୁଣ । କେବଳ ସଭ୍ୟତା ଓ ସାଧନା ବିକାଶ ତଥା ଆର୍ଥିକ ପରିସ୍ଥିତିର କ୍ରମ ତାଙ୍କର ଏକମାତ୍ର କ୍ଷେତ୍ର ନୁହେଁ । ଭୁବନେଶ୍ୱର ମନ୍ଦିର ରାତିରେ ଦୁହୁଡ଼ି ଲଗାଇ ତନ୍ନ ତନ୍ନ କରି ଦେଖିଲେ । ପାର୍ବତୀଙ୍କର ସୁସଜ୍ଜ ଆବରଣ ଖୋଦନ ବିସ୍ମିତ ହୋଇ ଚାହିଁଲେ । ଗୁପ୍ତ-ମନ୍ଦିର କଳାରୁ ଓଡ଼ିଶାର ରେଖ ମନ୍ଦିରର ବିକାଶ ଶୁଣିବାରେ ଆଗ୍ରହ ପ୍ରକାଶ କଲେ । ସେହି ରାତିରେ ଚାଲି ଚାଲି କେଦାରଗୌରୀ ପର୍ଯ୍ୟନ୍ତ ଯାଇ ୧୨ଟା ବେଳେ ମୁକ୍ତେଶ୍ୱର ମନ୍ଦିରର ବହିର୍ଦ୍ୱାରରେ ତୁଙ୍ଗ ତୋରଣ ଦେଖି ବିସ୍ମିତ ହେଲେ । ସେ ତ ଲହଡ଼ି-ମୂଦା ନୁହେଁ, ମାତ୍ର ବୁଝାଇ ଦିଆଗଲା ପାରସିକ ତୋରଣ ମଧ୍ୟ ନୁହେଁ । ରେଖ ମନ୍ଦିରରେ ଯେଉଁ ତୋରଣ ଆଡକୁ ଗତି ବ୍ୟାହତ ହୋଇଥିଲା ସେ ତୋରଣ ମଧ୍ୟ ଏଠାରେ ପୂର୍ଣ୍ଣାବୟବ ନୁହେଁ, ତଥାପି ଏହା ତୋରଣ।

Digitized by PPRACHIN, SOA

ଏଥିରେ ସ୍ତମ୍ଭଦ୍ୱୟ ଉପରେ ଶିରୋଭାଗର ଭାର ବାଣ୍ଟିଦେବାର ବ୍ୟବସ୍ଥା ମଧ୍ୟ ଅଛି। ଏହା ବୁଝି ଆଗ୍ରହାନ୍ୱିତ ହେଲେ । ଏହି ପ୍ରାଚୀନ ସୂକ୍ଷ୍ମ ସ୍ଥାପତ୍ୟ କଳା ସଙ୍ଗେ ବୈରାଗୀ ମହାରଣାଙ୍କ ଅଧୁନାତନ ସଂସ୍କାର ମିଳାଇ ଦେଖିବାରେ ମଧ୍ୟ ତ୍ରୁଟି କଲେନାହିଁ । ଦୁଇଥିରେ ମୁଖର ଲାବଣ୍ୟ ଓ ଅଙ୍ଗ ସୌଷ୍ଠବର ଭେଦ ପର୍ଯ୍ୟନ୍ତର ଲକ୍ଷ୍ୟ କଲେ । ମୁକ୍ତେଶ୍ୱର ମନ୍ଦିର ଠାରୁ ଲିଙ୍ଗରାଜ ମନ୍ଦିର ପର୍ଯ୍ୟନ୍ତର ବିକାଶର ଆଲୋଚନାରେ ଯୋଗ ଦେଲେ । ପୁରୀ ଦେଖିବାକୁ ସେ ବରାବର ଲେଖୁଥିଲେ । ପଚରାଗଲା, ମନ୍ଦିର ଦେଖିବେ ? ଅଳ୍ପ ହସି କହିଲେ - "ପୁରୀ ଆସିଛି, ମନ୍ଦିର ଦେଖିବି ନାହିଁ!" ଜଗମୋହନରେ ଚୈତନ୍ୟଙ୍କ ଅଙ୍ଗୁଳି ସଂକେତ ଓ ଷୋଡ଼ଶ ସ୍ତମ୍ଭ ରକ୍ଷିତ ଛାତର ମହୀୟସ୍ତା ଠାରୁ ଅଶ୍ଳୀଳ ଛବିମାନଙ୍କର ବିଭତ୍ସତା ପର୍ଯ୍ୟନ୍ତ କୌଣସିଟି ଦେଖିବାରେ ତ୍ରୁଟି କରିନାହାନ୍ତି । କାଞ୍ଚୀ ଗଣେଶର ଗଳ୍ପଟି ଶୁଣି ଖୁସୀ ହେଲେ । ଅବଶ୍ୟ ଜଗନ୍ନାଥ ପ୍ରଭୃତିଙ୍କର ମୂର୍ତ୍ତିତତ୍ତ୍ୱ ସେ ବୁଝିଲେ ନାହିଁ। ତାଙ୍କୁ ବୁଝାଇବା ଭଳି ଆମେ ମଧ୍ୟ କିଛି ବୁଝିନାହୁଁ । ଏହ ସ୍ୱୀକାର କରିବାକୁ ହେବ। ତଥାପି ସିଂହଳ ଦନ୍ତବଂଶର ଦନ୍ତ ବର୍ଣ୍ଣନା ଓ ସ୍କନ୍ଦ ପୁରାଣର ଉତ୍କଳ ଖଣ୍ଡ ତଥା ଦେଉଳ ତୋଳା ଏଇ ଦୁଇ ଦିଗରୁ ପୁରାଣ ଓ ଇତିହାସର କଥାମାନ ସେ ପଚାରି ବୁଝିଥିଲେ ।

ନବ ଭାରତ-୩/୫, ଆଲୋଚନା

ନବବାବୁଙ୍କ ରାଷ୍ଟ୍ରନୀତି

ଗାନ୍ଧିଙ୍କ କଥା

ଶ୍ରୀନନବକିଶୋର ଦାସଙ୍କ 'ବିପ୍ଳବ ପରେ' ଲେଖାଟି ଏଥର ଅନ୍ୟତ୍ର ପ୍ରକାଶିତ ହୋଇଛି। ଆମ ଗତଥର 'କାଳେ କର୍ମ' ଲେଖାଟି ପ୍ରତି ସେଥିରେ ଟିକିଏ କଟାକ୍ଷ କରା ହୋଇଚି। ସେ ଯା ହେଉ, କଂଗ୍ରେସୀଙ୍କୁ ଗାନ୍ଧିଙ୍କ କଥା ସ୍ମରଣ କରାଇ, ସେ; ଲେଖାଟି ଆରମ୍ଭ କରିଚନ୍ତି। କଂଗ୍ରେସୀଏ ବି କହୁଚନ୍ତି, ସେ ମଧ୍ୟ ଦେଶ କାଳ ଅନୁସାରେ ଗାନ୍ଧିଙ୍କ କଥା ପାଳୁଚନ୍ତି। ଆମ ପ୍ରେସିଡ଼େଣ୍ଟ ରାଜେନ୍ଦ୍ର ପ୍ରସାଦ ଏବେ କଂଗ୍ରେସୀଙ୍କ ଭିତରେ ସଭାବଡ଼। ଏକ ମାତ୍ର ଗାନ୍ଧିଙ୍କ କଥାକୁ ସେ କରିଚନ୍ତି, ଜପମାଳାର ନାମମନ୍ତ୍ର। ସେଇ କଥା ଛଡ଼ା ଆଉ ତାଙ୍କର କିଛି ଭାବିବାର ନାଇ, କି କହିବାର ନାଇ। ସେକଥା କଂଗ୍ରେସୀଙ୍କୁ ଶିଖାଇବାକୁ ନବବାବୁଙ୍କ ଭଳି ଲୋକର ଲୋଡ଼ା ନାଇ। ନବ ବାବୁଙ୍କ ଭଳି ଅଭକ୍ତେ ତାଙ୍କୁ ବୁଝାଇବାକୁ ଗଲେ, ସେମାନେ ଅସହିଷ୍ଣୁ ହେବେ। କାରଣ ଅହଂକାର ଓ ଅସହିଷ୍ଣୁତା ହେଉଚି, ଭକ୍ତର ଚିରନ୍ତନ ମନୋବୃତ୍ତି।

ନବବାବୁଙ୍କର ନୂଆ ମତ

ନବବାବୁ ଅବଶ୍ୟ ଭକ୍ତ ନୁହନ୍ତି। ସେ ଖାଲି ଅବାନ୍ତର ଭାବରେ କଂଗ୍ରେସୀଙ୍କୁ

Digitized by PPRACHIN, SOA

ଲକ୍ଷ୍ୟ କରି 'ଶାନ୍ଦ' ପ୍ରମାଣ ଦେଇ ବୁଝାଇବାକୁ ଚାହାନ୍ତି, ଏବେ ଲୋକଙ୍କ ଦାନା-କନା-ସମସ୍ୟାର ସମାଧାନକୁ ଆଗରେ ରଖି, ପ୍ରଗତିପରତାରେ ପ୍ରାଣିତ ହୋଇ ଦଳେ ପରାର୍ଥପର ଜନସେବକ ବ୍ୟବସ୍ଥା ଗଢ଼ିବାକୁ ଓ ଶାସନ ଚଳାଇବାକୁ ଯାଆନ୍ତୁ। ଏହାକୁଇ ହୁଏତ ସେ ନିଜର 'ନୂଆ ମତ' ବୋଲି କହନ୍ତି। ଏ ମତରେ ନୂଆ କ'ଣ ଅଛି ? କଂଗ୍ରେସୀଏ ମଧ୍ୟ ଏହାଇ କରିବା ପାଇଁ ଏଇଭାବରେ କରିବାପାଇଁ ଲୋକଙ୍କଠାରୁ ଗାନ୍ଧିଙ୍କ ନାମରେ ଭୋଟ ନେଇ ଯାଇଥିଲେ। 'ଶାନ୍ଦ' ବିଶ୍ୱାସଟି ଛାଡ଼ିଦେଇ ହୁଏତ ନୂଆ ମତ ଅନୁସାରେ ଦାନାକନା ଦୁଆ ଉଠାଇ, ଲୋକଙ୍କ ଭାବରାଜ୍ୟ ଅଧିକାର କରି, ଭଲ ବା ସାଧୁ ଲୋକ ବାଛିବାର ପନ୍ଥା ନବ ବାବୁ ଲୋଡ଼ନ୍ତି। ଏଥିରେ ମଧ୍ୟ ଲୋକେ ଆଉରି ଅନ୍ଧ ହେବେ। 'ପ୍ରତିକ୍ରିୟାଶୀଳ' ବୋଲି ନବ ବାବୁ ଯାହାଙ୍କୁ ରାଜନୀତିରୁ ବହିଷ୍କାର କରିବାକୁ ଲୋଡ଼ନ୍ତି, ସେ ଯେ କେବଳ ଗାନ୍ଧି ନାମ ଭଜି ଆଜି ରାଜନୀତିକି ପ୍ରଭାବିତ କରୁଛନ୍ତି, ତା ନୁହେଁ। ରକ୍ଷିତ ସ୍ୱାର୍ଥସେବୀଙ୍କ ପାଇଁ 'ନୂଆମତ'ରେ ମଧ୍ୟ କ୍ଷେତ୍ର ଅପ୍ରଶସ୍ତ ରହିବ ନାଇ। ରକ୍ଷିତ ସ୍ୱାର୍ଥର ଜନ୍ମସ୍ଥାନ ହେଉଛି, ବୁଦ୍ଧି; ଧନ ନୁହେଁ। ଏହାର କ୍ଷେତ୍ର ହେଉଚି, ଅନ୍ୟର ଅକର୍ମଣ୍ୟତା। ପୁଣି ରକ୍ଷିତ ସ୍ୱାର୍ଥ ହେଉଚି, ମନୁଷ୍ୟର ସହଜାତ ବୃତ୍ତି। ଏହାର ଉତ୍କଟତା କମାଇ ହେବ; ଏହାକୁ ସମାଜରୁ ଚିରକାଳ ପାଇଁ ମାରି ହେବ କି ନାଇ, ସେ ସ୍ୱତନ୍ତ୍ର କଥା। ପୁଣି 'ପ୍ରତିକ୍ରିୟାଶୀଳ' 'ରକ୍ଷିତସ୍ୱାର୍ଥ' ପରି ଶବ୍ଦ ବ୍ୟବହାର କଲାବେଳେ ସେ ଶବ୍ଦଗୁଡ଼ିକର ବ୍ୟାପ୍ତି ବୁଝି ବୁଝାଇ କହିବା ଉଚିତ। ଅନ୍ୟ କାହା ରାଜନୀତିକ ଶବ୍ଦ-ସମାମ୍ନାୟରୁ ଉଧାର ଆଣି ବ୍ୟବହାର କଲେ ସବୁବେଳେ ଠିକ୍ ହେବ ନାଇ - ବିଶେଷତଃ 'ନୂଆ ମତ'ରେ କର୍ମପନ୍ଥା ଦେଲାବେଳେ ତା ଉଚିତ ନୁହେଁ।

ଏବେ କ'ଣ କରିବାକୁ ହେବ ?

ସେ କଥା ଛାଡ଼। ଆମ ମତ ଅନୁସାରେ ଯେ ଅବାଞ୍ଛନୀୟ ତାଙ୍କୁ କାଢ଼ିବାକୁ ହେବ ଓ ଆମେ ଯାହାଙ୍କୁ କହିବା ସଜ୍ଜନ ତାଙ୍କୁ ନେବାକୁ ହେବ। ଫଳ କଥା, ଲୋକେ କିଛି ନ ବୁଝନ୍ତୁ। କ୍ଷତି ନାଇ। ଆମ କଥା ମାନିଲେ ହେଲା। ଏବେ ଅନେକ ଦଳ ଓ ମତବାଦୀଙ୍କର ସେଇ ମତ। ଆମେ ପ୍ରସଂଗାନ୍ତରରେ କହିଛୁ ଏହା ଏକ କଥାରେ ହେଉଚି, ଆମେ ଯେପରିକି ଈଶ୍ୱରଙ୍କ ଠାରୁ ଦେଶ-ରକ୍ଷା ଓ ଦେଶ-ଗଠନର କଣ୍ଟ୍ରାକ୍ଟରି ନେଇଚୁ ଲୋକମାନଙ୍କ ପାଇଁ, ଆଉ ସମସ୍ତଙ୍କୁ ଡାକୁଚୁ, 'ଆସ ଆମପାଇଁ ନୁହେଁ, ଏକା ତମରି ପାଇଁ ଏ ସଡ଼କରେ ମାଟି ପକାଅ।' ଏଥିରେ ହେବ ନାଇ। ଜନତାକୁ ଆଗ ସ୍ୱାଧୀନ କରିବାକୁ ହେବ। ତାଙ୍କ ଭିତରେ ସ୍ୱାଧୀନତାର ଭାବ ଖେଳାଇ ଦେବାକୁ ହେବ। ସେ

Digitized by PPRACHIN, SOA

କଥାରେ, ଦେଶର ମାଲିକ। କାର୍ଯ୍ୟରେ ଆଗ ବୁଝନ୍ତୁ, ସେଇ ଏକା ମାଲିକ। ତାଙ୍କର ଅବାଞ୍ଛନୀୟ କେହି ପ୍ରତିନିଧି ବା ମନ୍ତ୍ରୀ ହୋଇପାରିବେ ନାଇ; ହେଲେ ଗାଦିରେ ରହି ପାରିବେ ନାଇ। ନିଃସ୍ୱାର୍ଥ ଦେଶସେବାର ପ୍ରଥମ ସୋପାନ ହେଉଚି, ଲୋକଙ୍କୁ ଏହାଇ ଶିଖାଇବା। ଶିଖାଅ, "ଏବେ ଯୋଜନା ସଜାଡ଼ି ଶାସନ କରିବାର ନାଇ। ଭାଙ୍ଗ, ତମେ ସତରେ ଭାଙ୍ଗିପାର, ଏକଥା ଭଲ କରି ଆଗ କାର୍ଯ୍ୟରେ ଶିଖିନିଅ। ଏଥିରେ ମନ୍ତ୍ରୀ ହେବାର ନାଇ; ଲାଳସା, ଗ୍ରାସ କରିବାର ନାଇ। ଏ ସାଧନାରେ କେହି ପ୍ରତିକ୍ରିୟାଶୀଳ ହେବାର ନାଇ। ଏ ଏକ ବିପ୍ଳବ-ଯଥାର୍ଥ ସ୍ୱାଧୀନତା କାର୍ଯ୍ୟରେ ହାସଲ କରିବାଇ ବିପ୍ଳବ।" ଏଇପରି ସାଧନାରେ ସିଦ୍ଧି ହେଲେ, ଲୋକରେ ଏଇ ସ୍ୱାଧୀନତା ଖେଳିଗଲେ, ତେଣିକି ଦେଶରକ୍ଷା ଓ ଦେଶ ଶାସନ ପାଇଁ ଯଥାର୍ଥ ଭଲ ଲୋକ ବାହାରିବେ ଓ ଯେ, ସେ କାମକୁ ଯିବେ, ସେ ଭଲ ଲୋକ ହେବାକୁ ଯତ୍ନ କରିବେ। ଏହାଇ ଏବେ ଏ ପରିସ୍ଥିତିରେ ନିର୍ବାଚନ ବେଳେ ଯଥାର୍ଥ ଗଠନମୂଳକ ରାଜନୀତି। ଅନ୍ୟଥା ସବୁ ଭ୍ରଷ୍ଟାଚାର ଓ ଅବୁଝା ଅନୁକରଣ।

ନୂଆପ୍ରସ୍ଥ-୩/୧, ଆଲୋଚନା

◆◆◆

Digitized by PPRACHIN, SOA

ତ୍ରୟୋଦଶ ଅଧ୍ୟାୟ

ବିବିଧ ବିଷୟର 'ଆଲୋଚନା'

କ୍ୱେଟା ଭୂମିକମ୍ପ

ଗତ ବର୍ଷ ବିହାର ଭୂମିକମ୍ପରେ ଧଂସ୍ୱ ହୋଇଗଲା, କିନ୍ତୁ ଧ୍ୱଂସାବଶେଷ ଥିଲା। ଏବେ ସେହି ଭୂମିକମ୍ପରେ ଭାରତର ଉତ୍ତର - ପଶ୍ଚିମ ସୀମାନ୍ତ କ୍ୱେଟାର ଧ୍ୱଂସାବଶେଷ ପର୍ଯ୍ୟନ୍ତ ନାହିଁ କହିଲେ ଚଳେ। ଦେବଭୂମି ହିମାଳୟ ତଳେ ମର୍ତ୍ତଭୂମି ଭାରତ। ଭାରତ ଚିରକାଳ ସ୍ୱର୍ଣ୍ଣପ୍ରସୂ। ଆଗ୍ନେୟ ଗିରିର ଉତ୍ପାତ ତଥା ଭୂମିକମ୍ପ ଏ ଦେଶରେ ବହୁ କାଳରୁ ନ ଥିଲା। ସ୍ୱର୍ଗତ ମଧୁସୂଦନ ରାଓ ଆଗ୍ନେୟଗିରିର ଅଗ୍ନ୍ୟୁଦ୍‌ବମନ ଶୋଭାବର୍ଣ୍ଣନା କଲାବେଳେ ଭାରତରେ ତାହା ନାହିଁ ବୋଲି ଟିକିଏ ଅପେକ୍ଷା କରି ପର ବାକ୍ୟରେ କହିଥିଲେ "ଆମ୍ଭେମାନେ ସେପରି ମହାର୍ଘ ବହୁଦର୍ଶିତାର ଆକାଂକ୍ଷୀ ନୋହୁଁ" ଆଜି ବିହାର ପରେ କ୍ୱେଟାର ଆକସ୍ମିକ ପ୍ଲାବନ ଓ ଅଗ୍ନିକାଣ୍ଡ ବିଧାତାଙ୍କ ରମଣୀୟ ଲୀଳା ହୋଇପାରେ, କିନ୍ତୁ ଏ ବିକଟ ରମଣୀୟତାରେ କବିପ୍ରାଣ ଫୁଟିବ ନାହିଁ। ନିରଙ୍କୁଶ ଅନୁଭୂତି ଏଠାରେ ଉପଯୋଗିତାର ବିରାଟ ଆଘାତରେ ତ୍ରସ୍ତ। ବିଧାତାଙ୍କ ଏ ଭୀଷଣ ଲୀଳାରେ ମାନବ ସଙ୍କୁଚିତ, ଦର୍ଶନସ୍ତମ୍ଭୀଭୂତ। ମହାପୁରୁଷ ମହାତ୍ମା ଗାନ୍ଧି କହି ପାରନ୍ତି; "ଦାକ୍ଷିଣାତ୍ୟରେ ଅସ୍ପୃଶ୍ୟତାର ପାପ ଫଳରେ ବିହାର ଭୂମିକମ୍ପରେ ଧ୍ୱଂସ ହେଲା।" ହୁଏତ କେହି କହିବେ "ସିନ୍ଧୁ ପ୍ରଦେଶର ହିନ୍ଦୁ ମୁସଲମାନ ବିରୋଧ ଫଳରେ କ୍ୱେଟାର ହିମାଳୟୋପକଣ୍ଠ ଭୂମିକମ୍ପରେ କମ୍ପି ଉଠି ହିନ୍ଦୁ ମୁସଲମାନ ସମାନ କରି ଦେଲା।" କିନ୍ତୁ ଯଥାର୍ଥରେ ମାନବର ଶାନ୍ତି ସାଧନା ଏସବୁ ସିଦ୍ଧାନ୍ତରେ ପରିପୁଷ୍ଟହେବ ନାହିଁ। ଏଠାରେ ମାନବ ନ୍ୟାୟର ତୁଳନା ନାହିଁ, ମାନବ ନୀତିର କଳନା ନାହିଁ। କ୍ଷୁଦ୍ର ମାନବ କ୍ଷୁଦ୍ରତର ମାନଦଣ୍ଡରେ ବିଶ୍ୱଶକ୍ତିକୁ ମାପୁଅଛି; ଅହଂକାରର ଦର୍ପରେ ମନେ କରୁଛି ବିଶ୍ୱଶକ୍ତି ତାହାର ଅଧୀନ। ବିଶ୍ୱଚିନ୍ତା ତାହାର ଚିନ୍ତାର ଅନୁଗାମୀ ଓ ଅନୁକୂଳ। କିନ୍ତୁ ଅବାଙ୍‌ମାନସ ଗୋଚର ବିଶ୍ୱଶକ୍ତିର ଏହି ସୁଚନା ମିଳିଲା ବେଳେ ମାନବୋପଲବ୍ଧିରେ ଯଥାର୍ଥରେ ଅନନ୍ତ ବିଭବ ଫୁଟିଉଠେ। ମାନବ ନିଜର ଚିନ୍ତା ଓ କଳ୍ପନାରେ ଯେଉଁ ସୀମାରେ ପହଞ୍ଚେ, ତାହାର ପରପାରରେ ବିଶ୍ୱଶକ୍ତିର ଯୁକ୍ତି। ବିଶ୍ୱ ବିଧାନର ଗଣନାରେ ମାନବ କଳ୍ପନା ଗୋଟିଏ ସାନ୍ତ ବିଭବ ମାତ୍ର ।ଅନ୍ୟଟି ଅନନ୍ତ। ସେଠାରେ ମାନବ ପ୍ରଗତିର ଗତି ନାହିଁ, ଅଛି କେବଳ ଅନୁଭୂତିର ସୂଚନା। ବିଧାତାଙ୍କର ଇଚ୍ଛା ପୂର୍ଣ୍ଣ ହେଉ।

Digitized by PPRACHIN, SOA

ଦୁଃସ୍ଥ ମାନବ ପ୍ରତି ସମବେଦନା ମାନବିକ। ସେଥିରେ ବ୍ୟଷ୍ଟିରେ ସମଷ୍ଟିର ଉଦାର ଅନୁଭତି ଫୁଟିଉଠେ। ମାନବର ସେ ସମବେଦନାର ସାଧନା ଏହି ସବୁ ବିଶ୍ୱଶକ୍ତିର ତାଣ୍ଡବ ଲୀଳାରେ ଉତ୍ତରୋତ୍ତର ପରିପୁଷ୍ଟ ହେଉ।

ଶେଷରେ ଅତି ସାଧାରଣ ମାନବିକ ଭାବରେ କହିବାର କଥା ଯେ, ଓଡ଼ିଶାର ଦୈବ ଦୁର୍ଗତିହିଁ ଯେପରି କି ଦୈନନ୍ଦିନ ଜୀବନବିଧି। ଦୁର୍ଗତିବେଳେ ଆମ୍ଭେମାନେ ସାହାଯ୍ୟ ଲୋଡ଼ି ସାହାଯ୍ୟ ପାଇଲେ କିପରି ଅନୁଭୂତିରେ ଆପ୍ଳୁତ ହେଉଁ ତାହା ଓଡ଼ିଆଙ୍କୁ ବୁଝାଇବା ଦରକାର ନାହିଁ। ଆଜି କ୍ୱେଟାବାସୀ ଅତି ଅନାଶଙ୍କିତ ଭାବରେ ଦୁଃସ୍ଥ ଓ ଦୁର୍ଗତ । ପୃଥିବୀରେ ଏପରି ଦୁର୍ଗତିର ହୁଏତ ଦୃଷ୍ଟାନ୍ତ ନାହିଁ। ଦରିଦ୍ର ହେଲେହେଁ ଓଡ଼ିଶାବାସୀର ଏ କ୍ଷେତ୍ରରେ ଘୋର କର୍ତ୍ତବ୍ୟ ଅଛି। ଓଡ଼ିଶାବାସୀ ସାହାଯ୍ୟ କରନ୍ତୁ। ସାହାଯ୍ୟର ପରିମାଣ ଅଳ୍ପ ହୋଇପାରେ, କାରଣ ଓଡ଼ିଶା ଦରିଦ୍ର ଓ ଦୁର୍ବଳ; କିନ୍ତୁ ପରିମାଣରେ ପ୍ରାଣପାଚୁର୍ଯ୍ୟର ମାପ ହୁଏ ନାହିଁ। ଓଡ଼ିଶାବାସୀ ଏ କ୍ଷେତ୍ରରେ ଏକ ସ୍ମରଣୀୟ ପ୍ରାଣପ୍ରାଚୁର୍ଯ୍ୟର ସାଧନା କରନ୍ତୁ।

ନବଭାରତ-୧/୧୨, ଆଲୋଚନା

ପର୍ବତର ପ୍ରକୋପ

ବିହାର ଭୂମିକମ୍ପ -

ବିହାର ଭୂମିକମ୍ପ ହେଲାବେଳେ ହିମାଳୟ ପର୍ବତର ଉପକଣ୍ଠରେ ତା ହୋଇଥିଲା । ହିମାଳୟଙ୍କର ଏଇ ପ୍ରକୋପକୁ ଲକ୍ଷ୍ୟ କରି ମହାତ୍ମାଗାନ୍ଧୀ ସେତେବେଳେ କହିଥିଲେ, ଦକ୍ଷିଣର ଗୁରୁଭାୟୁର ମନ୍ଦିରରେ ଅସ୍ପୃଶ୍ୟଙ୍କୁ ନପୂରାଇବା ରୂପ ହିନ୍ଦୁଙ୍କ ମହାପାପ ଫଳରେ ଈଶ୍ୱର ଯେପରି କି ହିମାଳୟଙ୍କୁ ବରଗି ଦେଲେ, "ତମେ ଟିକିଏ ହଲିଯାଅ । ଲୋକେ ଜାଣନ୍ତୁ ପାପ କଲେ କିପରି ଦଣ୍ଡ ମିଳେ ।"

ଏବ ଆସାମ ଭୂମିକମ୍ପ -

ଏବେ ହିମାଳୟ ଆଉ ଟିକିଏ ତୀବ୍ର ଭାବରେ ଆସାମକୁ ଧ୍ୱଂସ କରିବାରେ ଲାଗିଚନ୍ତି । ଆସାମ ପୂର୍ବ - ବଙ୍ଗରୁ ପଳାତକ ହିନ୍ଦୁଙ୍କୁ ସ୍ଥାନ ଦେବାରେ ଟିକିଏ ଦୋଦୋପଞ୍ଚା ହେଲା । ତେଣେ ପୂର୍ବ - ବଙ୍ଗର ମୁସଲମାନମାନଙ୍କୁ ସେତେ ରୋକିଲା ନାଇ । ଏହି ପାପରେ କ'ଣ ଆସାମର ଏ ଦୁର୍ଗତି ହେଲା ? ମହାତ୍ମା ଗାନ୍ଧୀ ଆଜି ନାହାନ୍ତି ସତ, କିଂତୁ ତାଙ୍କ କାଳିଶୀ ବା "ପ୍ରଫେଟ୍" - ମାନେ ଆଜି ଭାରତବର୍ଷରେ ଏକରୁ ଅଧିକ ଅଛନ୍ତି । ସେମାନେ ଏ ସମ୍ପର୍କରେ କଣ କହିବେ, ଭାରତର ଗାନ୍ଧୀଭକ୍ତ ତଥା ଜନସାଧାରଣ ଚାହିଁ ବସିଚନ୍ତି ।

ନୂଆପ୍ରସ୍ଥ-୨/୧୦

Digitized by PPRACHIN, SOA

ଆୟୁର୍ବେଦ

ଉପବେଦମାନଙ୍କ ମଧ୍ୟରେ ଭାରତରେ ଆୟୁର୍ବେଦ ପ୍ରଧାନ । ଅତି ପ୍ରାଚୀନ କାଳରୁ ଏ ଦେଶର ଲୋକେ ଶରୀର ତତ୍ତ୍ୱ ଓ ରୋଗ ନିବାରଣର ଉପାୟ ବିଧିମତେ ବୈଜ୍ଞାନିକ ଭାବରେ ଅନୁସନ୍ଧାନ କରୁଥିଲେ । ପ୍ରାଚୀନ ଚରକ ୧୮-୧୯ ଶହ ବର୍ଷର ଲୋକ ହେଲେ ମଧ୍ୟ ଚରକଙ୍କର ଦ୍ରବ୍ୟଗୁଣ ନିଦାନାନୁମୋଦିତ ଚିକିତ୍ସା ଗ୍ରନ୍ଥ ଓ ଶୁଶ୍ରୁତଙ୍କର ଶଲ୍ୟତନ୍ତ୍ର ବିଧି ପ୍ରକାଶିତ ହେବାର ବହୁ ପୂର୍ବରୁ ଏ ଦେଶରେ ଆୟୁର୍ବେଦ ଥିଲା । ଅଶୋକଙ୍କ ସମୟରୁ ଯେଉଁ ବୌଦ୍ଧ ସନ୍ନ୍ୟାସୀମାନେ ମ୍ୟାସିଡନ୍, ମିଶର ପ୍ରଭୃତି ଗ୍ରୀକ୍ ରାଜ୍ୟକୁ ଯାଇଥିଲେ, ସେମାନଙ୍କ ମଧ୍ୟରୁ ଅନେକେ ଏହି ଆୟୁର୍ବେଦ ବା ଶରୀରତତ୍ତ୍ୱ ଓ ରୋଗାଦିର ନିଦାନ ନିରୂପଣ ଓ ଚିକିତ୍ସାଦିରେ ପ୍ରବୀଣ ଓ ବିଶେଷଜ୍ଞ ଥିଲେ ।

ଥେରପୁତ୍ତ -

ପ୍ରବୀଣ ବିଶେଷଜ୍ଞ ସନ୍ନ୍ୟାସୀମାନଙ୍କୁ ସେକାଳେ ବୌଦ୍ଧମାନେ ଥେର (ସ୍ଥବିର) ତଥା ଥେରପୁତ୍ତ (ସ୍ଥବିର ପୁତ୍ର) ବୋଲି କହୁଥିଲେ । ବିଦେଶରେ ଏହି ଥେରପୁତ୍ତମାନେ ଆୟୁର୍ବେଦ ପ୍ରଚାର କରିଥିବାରୁ ଗ୍ରୀକ୍ ଭାଷାରେ ଆୟୁର୍ବେଦର ନାମ ହୋଇଥିଲା Therapeutics ବା ଥେରପୁତ୍ତିକ । ସେହି ହେତୁ ବର୍ତ୍ତମାନ ଇୟୁରୋପର ସମସ୍ତ ଚିକିତ୍ସା ଶାସ୍ତ୍ର ଏହି ନାମରେ ଅଭିହିତ ହୁଏ ।

ଆୟୁର୍ବେଦର ବିକାଶ -

ଇୟୁରୋପରେ ଏହି ଥେରପୁତ୍ତମାନଙ୍କ ବିଦ୍ୟା ବା ଆୟୁର୍ବେଦ କ୍ରମିକ ବିକାଶରେ ବଢ଼ି ଆସିଛି । ସେମାନଙ୍କ ପାଣି ପାଗ ବେଷ୍ଟନୀ ଧରି ଲୋକେ ବିଦ୍ୟାର ପ୍ରୟୋଗ କରି ଆସିଛନ୍ତି । ମାତ୍ର ଭାରତରେ କୌଣସି କାରଣରୁ ବୌଦ୍ଧଧର୍ମର ଉଚ୍ଛେଦ ସଙ୍ଗେ ଆୟୁର୍ବେଦର ଭୂୟୋବିକାଶ ପ୍ରତିହତ ଓ ଅବଚ୍ଛିନ୍ନ ହୋଇଛି । କିନ୍ତୁ ମନେ ରଖିବାକୁ ହେବ, ଏ ଦେଶର ପାଣିପାଗ ବେଷ୍ଟନୀରେ ଆୟୁର୍ବେଦର ଯଥା ବିକାଶ ନହେଲେ ଏ ଦେଶରେ ଅନୁକୂଳ ଚିକିତ୍ସା ଶାସ୍ତ୍ର ଫୁଟିବ ନାହିଁ ।

ମାନ୍ଦ୍ରାଜରୁ ଆସିଥିବା ଓଡ଼ିଶାରେ ଆୟୁର୍ବେଦ -

ଏ ଦେଶ ଲୋକେ ବହୁ ଦିନରୁ ଏହା ବୁଝି ରାଜ୍ୟରେ ତଥା ରାଜ୍ୟ ସାହାଯ୍ୟରେ ଆୟୁର୍ବେଦର ବିକାଶ ଲୋଡ଼ୁଛନ୍ତି । ମାନ୍ଦ୍ରାଜ ପ୍ରଦେଶରେ ଜିଲାବୋର୍ଡମାନେ ଆୟୁର୍ବେଦର ଚିକିତ୍ସାଳୟ ସବୁ କେତେ କାଳ ହେଲା ଫିଟାଇଛନ୍ତି ଏବଂ ଓଡ଼ିଶାର ଗଞ୍ଜାମ, କୋରାପୁଟ ଜିଲ୍ଲାରେ ତାହା ବିଧିମତେ ଚଳୁଛି । ଆଶା କରାଯାଏ, ଓଡ଼ିଶା ସରକାର ତଥା ଜିଲ୍ଲାବୋର୍ଡ ମ୍ୟୁନିସିପାଲିଟିମାନେ ଏ ବିଷୟ ପ୍ରତି କାର୍ଯ୍ୟରେ ପ୍ରଣିଧାନ ଦେବେ ।

Digitized by PPRACHIN, SOA

ପୁରୀର ଅଷ୍ଟାଙ୍ଗ ଆୟୁର୍ବେଦ ବିଦ୍ୟାପୀଠ -

କେତେ ବର୍ଷ ହେଲା ଓଡ଼ିଶାରେ ବୈଦ୍ୟମାନଙ୍କ ସମ୍ମିଳନୀ ହେଉଚି । ତାହାରି ଫଳରେ ପୁରୀର ଆୟୁର୍ବେଦ ବିଶାରଦମାନେ ମିଳି ଆୟୁର୍ବେଦର ସମ୍ୟକ୍ ବିଜ୍ଞାନ ସମ୍ମତ ଚର୍ଚ୍ଚା ଓ ବିକାଶ ଅଭିପ୍ରାୟରେ ପୁରୀରେ ଗୋଟିଏ ଅଷ୍ଟାଙ୍ଗ ଆୟୁର୍ବେଦ ବିଦ୍ୟାପୀଠ ସ୍ଥାପନ କରିଛନ୍ତି। ଆମେ ତାହାର ବିଜ୍ଞାପନ ଓ ନିୟମାବଳୀ ପାଇଚୁ । କଳ୍ପନାଟି ବଡ଼ ସାଧୁ ଓ ସୁନ୍ଦର । ଏହି କଳ୍ପନାକୁ ପୂର୍ଣ୍ଣ କାର୍ଯ୍ୟରେ ପରିଣତ କରିବା ନିମନ୍ତେ ଉଦ୍ୟୋକ୍ତାମାନେ ଦେଶର ଧନାଧିକାରୀମାନଙ୍କ ଠାରେ ସାହାଯ୍ୟ ଭିକ୍ଷା କରୁଛନ୍ତି । ଏ ସାହାଯ୍ୟ ସର୍ବଥା ଦେୟ । ଦେଶର ଧନାଧିକାରୀମାନେ ନିଜ ନିଜ ଦାନର ଏ ସଦ୍‌ବ୍ୟବହାରରେ ବ୍ରତୀ ହୁଅନ୍ତୁ । ମାତ୍ର ଓଡ଼ିଶାର ସରକାର ଏଥିରେ ବିଶେଷ ଭାବରେ କାର୍ଯ୍ୟରେ ଅବତୀର୍ଣ୍ଣ ହେବା ଉଚିତ । ଓଡ଼ିଶା ଭାରତରେ ବହୁ ଦିନ ବୌଦ୍ଧଭୂମି ଥିଲା। ଭାରତର ଅନ୍ୟାନ୍ୟ ପ୍ରଦେଶ ପରି ଓଡ଼ିଶାରେ ଆୟୁର୍ବେଦ ତାଦୃଶ ବାଧା ପାଇନାହିଁ । ଏ ଦେଶରେ ଆୟୁର୍ବେଦର ପରଂପରା ଯଥେଷ୍ଟ ଅଛି । ଦେଶର ପାଣିପାଗ ବେଷ୍ଟନୀ ଉପଯୋଗୀ ପୁସ୍ତକମାନ ମଧ୍ୟ ଅଛି। ଖୋଜିଲେ ଆହୁରି ବହୁତ ମିଳିବ। ପୁଣି ଏ ଚିକିତ୍ସା ଲୋକଙ୍କ ଅବସ୍ଥାର ଏକାନ୍ତ ଉପଯୋଗୀ। ସରକାର ତଥା ଜନସେବୀ ସାଧାରଣ ଏ ବିଦ୍ୟାର ବିଜ୍ଞାନ ସଂଗତ ବିକାଶ, ପ୍ରଚାର ଓ ପରିଚାଳନାରେ ମନ ଦିଅନ୍ତୁ ।

ନବ ଆଲୋଚନା-୩/୨, ଆଲୋଚନା

ତୁଳସୀ

ସାମାଜିକ ମନୁଷ୍ୟର ପାରଂପାରିକ ଭୂୟୋଦର୍ଶନରେ ବିଦ୍ୟା ଓ କଳା ବିକାଶ ପାଏ। ନିର୍ବ୍ୟପେକ୍ଷ ଉଦ୍ଦାମ ଅନୁକରଣରେ ସେସବୁ ବେଳେବେଳେ ଧ୍ୱଂସ ହୁଏ। ସମାଜ ପୁରୁଣା ଛାଡ଼ିଦିଏ ନୂଆ ଧରିପାରେ ନାହିଁ। ଏ ବଡ଼ ବିଷମ ଅବସ୍ଥା। ଆର୍ଯ୍ୟ ବିଜୟ ଠାରୁ ଆରଂଭ କରି ବିଭିନ୍ନ ବିଜୟ ଫଳରେ ଏଇ ଭାରତରେ ମଧ୍ୟ ବହୁ ସଭ୍ୟତା ଓ ବିଦ୍ୟାର ଧାରା ଛିଡ଼ି ଯାଇଛି। ଯେଉଁ ଶବର ବେଦରେ ହୁଏତ ନାଗ ଓ ଅସୁରଙ୍କ ସଂଗେ ସମାନ ଥିଲେ, ହୁଏତ ଯାହାଙ୍କ ନେତା ଶଂବରଙ୍କର ଶତଦ୍ୱାର ପୁର ଭେଦ କରିବା ଇନ୍ଦ୍ରଙ୍କର ଏକ ଶ୍ଲାଘ୍ୟ କାମ୍ୟ ଥିଲା, ଯେଉଁମାନେ ଭାରତ ସଂସ୍କୃତିକୁ ଜଗନ୍ନାଥର ସାମ୍ୟବାଦରେ ଏବେ ମଧ୍ୟ ଜୀବନ୍ତ ରଖିଚନ୍ତି, ଯାହାଙ୍କ ବିଦ୍ୟା ଅଥର୍ବବେଦର ଭିତ୍ତି ଓ ମେରୁଦଣ୍ଡ, ଓ ତେଣୁ ଯାହାଙ୍କ ବିଦ୍ୟାର ନାମ 'ଶାବରୀବିଦ୍ୟା', ତାଙ୍କରି ବଂଶଧରଙ୍କ ନାମ ଏଇ ଜଗନ୍ନାଥ ଭୂମିରେ ମଧ୍ୟ 'ପତର ସଉରା', ଅର୍ଥାତ୍, ପରିଧେୟ ନାମରେ ଗୋଛାଏ ପତର ଓହୋଳେଇ ଥିବା ଅସଭ୍ୟ ବନ୍ୟଜୀବୀ। ପାଶ୍ଚାତ୍ୟ ସଂପର୍କରେ ପରାଧୀନ ଭାରତର ଏବେ ଅନେକ କ୍ଷେତ୍ରରେ ବିକାଶ ସେଇ ରୀତିରେ ଗତି କରୁଚି।

Digitized by PPRACHIN, SOA

ଅତର୍କିତ ଅଭ୍ୟାସାଦିର ପ୍ରକାଶରେ ବଡ଼ କ୍ଷୁଦ୍ର କ୍ଷୁଦ୍ର କଥାରେ ବ୍ୟକ୍ତିର ଯଥାର୍ଥ ବ୍ୟକ୍ତିତ୍ୱ ଧରାପଡ଼େ। ସଭାର ବକ୍ତୃତା, ସାମାଜିକ ସଂମେଳନାଦିରେ ମାନବ ସାବଧାନ। ମାତ୍ର ନିଜର ଭୃତ୍ୟ ବା ପରିବାର ସଂଗେ କ୍ଷୁଦ୍ର କ୍ରିୟାମାନଙ୍କରେ ତାକୁ ଦେଖିଲେ, ସେ ଯଥାର୍ଥ ଚିହ୍ନାଯାଏ। ଜାତି ବା ସମାଜବିଶେଷ ସଂବଂଧରେ ଠିକ୍ ସେଇ କଥା। ଗୋଟିଏ କ୍ଷୁଦ୍ର କଥାରେ ଉଦାହରଣ ଦିଆଯାଉଚି।

ଜଣେ ବଡ଼ ଡାକ୍ତର ଏବେ କହିଲେ, ତୁଳସୀଗଛ ବିଷାପହ। ଏହା ମାଲେରିଆର ମଶା ନାଶ କରେ। ତୁଳସୀ ବାସ୍ନା ଭିତରେ ମଶା ଡିଂବ ଦିଅନ୍ତି ନାହିଁ। ବିଷଧର ସର୍ପମାନେ ମଧ୍ୟ ତୀବ୍ର ତୁଳସୀ ବାସ୍ନାକୁ ଡରନ୍ତି ଓ ଦୂରରେ ରହନ୍ତି।

ଏ ଦେଶରେ ସେବେ ଏତେ ମାଲେରିଆ ନ ଥିଲା। ସାପ ଅବଶ୍ୟ ଥିଲେ। ମାତ୍ର ଏ ଦେଶର ସଂସ୍କୃତିର ବିକାଶ ଧାରାରେ, ମାନବ ସଂସାରରେ ତୁଳସୀର ଗୋଟିଏ ବିସ୍ତୀର୍ଣ୍ଣ ଓ ଆଦରଣୀୟ ସ୍ଥାନ ଥିଲା। ଫୁଲ ସଂଗେ ବିଷ୍ଣୁଙ୍କର ପୂଜାରେ ତୁଳସୀ ବି ସ୍ଥାନ ପାଇଥିଲା କହିବା ଦରକାର ନାହିଁ। ଆଜି ସଂସ୍କୃତିର ସେ ବିଶ୍ୱାସ ଧାରା ଚିରକାଳ ପାଇଁ ଛିଡ଼ି ଯାଇଚି। ଏ ବୈଜ୍ଞାନିକ ଯୁଗରେ ଧର୍ମ ବୋଲି ଆଉ ତୁଳସୀର ଉପାସନା କରାଇ ହେବ ନାହିଁ। ମାତ୍ର ତୁଳସୀ ତ ସାବିନି ବା ମାର୍କାମରା ଦାନ୍ତପିଠୋଉ ପରି ନୁହେ। ତହିଁରେ ଶିକ୍ଷ ବିଜ୍ଞାନ ସଂବଳିତ ମାନବହସ୍ତର ସ୍ୱଷ୍ଟକରଣୀ ନାହିଁ, ବିଜ୍ଞାନ ନାମରେ ଲୋକେ ତାହା ଧରିବେ କି? ଧରନ୍ତେ; ଭିଟାମିନ୍ ବା ଜୀବିତମାତ୍ରା ନାମରେ ବିଲାତି ବାଇଗଣ ଏବେ ସହର ଓ ବିଶେଷରେ ସ୍କୁଲ କଲେଜ ଆଡୁ ପଶୁଚି। ମୁଠିଶାଗ ଓ କନକା ଯାହାଙ୍କର ବର୍ଷରେ ପ୍ରାୟ ୬ମାସ ଏକମାତ୍ର ଜୀବିତବ୍ୟ ଆହାର, ତାଙ୍କପାଇଁ ମଧ ବିଲାତିବାଇଗଣ ଧନ୍ୱନ୍ତରି-ପଥ୍ୟ ରୂପେ କଳ୍ପନା କରି ଗ୍ରାମସେବା- କଳ୍ପନା-ବିଳାସୀ ଯୁବପୁଂଗବମାନେ ବ୍ୟାକୁଳ ହେଉଚନ୍ତି। ମାତ୍ର ତୁଳସୀର ଆଜି ଗତି କଅଣ?

ବିଷୟଟି କ୍ଷୁଦ୍ର ହେଲେହେଁ, ଗାୟତ୍ରୀମନ୍ତ୍ର ପରି ଏହା "ଧିୟଃପ୍ରଚୋଦୟାତ", ଅର୍ଥାତ୍, ବୁଦ୍ଧିକୁ ପ୍ରେରଣାରେ ଚଳାଇବା ଉଚିତ।

ବେଲପତ୍ରି

ବିଷ୍ଣୁ ସେବକମାନେ ତୁଳସୀକୁ ଯେଉଁ ଦୃଷ୍ଟିରେ ଦେଖନ୍ତି, ଶୈବମାନଙ୍କର ବେଲପତ୍ରି ସେଇୟା। ବୈଜ୍ଞାନିକ ପରୀକ୍ଷାରେ ଡାକ୍ତର ଆଜି ତୁଳସୀକୁ ମାଲେରିଆ ତଥା ସର୍ପ ପ୍ରତିଷେଧକ ବୋଲି କହିବାର ଆରମ୍ଭ କରିଚନ୍ତି। ତୁଳସୀ ମଧ ବୈଦ୍ୟଙ୍କର ନାନା ଔଷଧରେ ଉପାଦାନ, ବିଶୋଧନ ଓ ଅନୁପାନ। ମାତ୍ର, 'ଚା' ପରିବର୍ତ୍ତରେ ପୋଡ଼୍‌ପୋଡ଼୍ ଭଜା ଗହମର ବ୍ୟବସ୍ଥା ନୂଆକଥା। ଏହା ପୁଣି ଡାକ୍ତରଙ୍କର ନୁହେ, କି ବୈଦ୍ୟଙ୍କ ଔଷଧ

Digitized by PPRACHIN, SOA

ତାଲିକାରେ ପ୍ରଚଳିତ ପୁସ୍ତକମାନଙ୍କରେ ମିଳେ ନାହିଁ। ବେଲପତ୍ରି ଓ ବେଲର ଅନ୍ୟାନ୍ୟ ଅଂଶ ବୈଦ୍ୟଶାସ୍ତ୍ରରେ ପ୍ରସିଦ୍ଧ। ସିଝା ବେଲପତ୍ର କ୍ୱାଥ ବିରେଚକ, ବେଲଚେର ଛାଲି ପାଚନର ଉପାଦାନ; ପୋଡା କସି ବେଲ ଅମାଶାୟରେ ଉପାଦେୟ। ପତ୍ର ଚୋବାଇବା ମୁଖଶୋଧକ ଓ ରୋଚକ; ପାଚିଲା ବେଲପଣା ଗ୍ରୀଷ୍ମାପରାହ୍ନର ସାଲସା। କେତେ ବର୍ଷତଳେ ଶୁଣା ଯାଉଥିଲା, 'ଚା' ପରିବର୍ତ୍ତରେ ଛାଇରେ ଶୁଖାହୋଇ ରହିଥିବା କଂଚା ବେଲପତ୍ରି ବ୍ୟବହାର କଲେ, ଉପକାର ହୁଏ। ମାତ୍ର ଏଥିରେ 'ଚା'ର ବିଷାକ୍ତତା ନ ଥାଏ। କୌଣସି ଡାକ୍ତର ଏହା କହିଥିଲେ କି ନା, ଏକଥା ଆମ ମନେ ନାହିଁ। କିଂନ୍ତୁ ଚିନ୍ତା ଜାଗ୍ରତ କରାଇବାରେ ଏ ସୂଚନା ଯଥେଷ୍ଟ।

କବିରାଜି

କବିରାଜି କବିରାଜି ବୋଲି ଏବେ ହୁରି ଶୁଣାଯାଉଚି। କଂଗ୍ରେସ ସରକାରମାନେ ମଧ୍ୟ ଏ ହୁରି ପ୍ରତି ଅନୁକଂପାଶୀଳ। ହେବାର କଥା। ଲୋକଶାସନ ଲୋକମଂଗଳ କରେ-ମାତ୍ର ସବୁବେଳେ କେବଳ ଲୋକମଗଂଳ ଦୃଷ୍ଟିରେ ମଧ୍ୟ କାର୍ଯ କରେ ବୋଲି କୁହାଯାଇ ନ ପାରେ। ଲୋକ ମଂଗଳ ସଂଗେ ଭୋଟ ମଂଗଳ ମଧ୍ୟ ଦୃଷ୍ଟି ପରିସରରୁ ବାହାରେ ନ ଥାଏ। ପୁଣି ମତର ସ୍ୱଷ୍ଟତାରେ ଲୋକମତ ନିୟମିତ ଓ ଚାଳିତ କରିବାର ସାମର୍ଥ୍ୟ ନଥିଲେ, ଧୂଆମୂଳାରେ ଏପରି ଅଧୂଆମୂଳା ବରାବର ପଶେ।

ହେଲେହେଁ କବିରାଜ ଅଧୁଆ ମୂଳା ବୋଲି କହୁ ନାହୁଁ। ମାତ୍ର ଟିକିଏ ଧୋଇ ଦେଲେ, ଏହା ଉଆ ଚାଉଳ ପରି ଧୁଆ ମୂଳା ହୋଇଯିବ। କବିରାଜ ଏ ଦେଶର ଚିରନ୍ତନ ପରଂପରାରେ ବଢ଼ିଚି। ଏହା ପୃଥିବୀର ଏବେ ଜଣାଥିବା ସମସ୍ତ ବୈଦ୍ୟ ବିଦ୍ୟାର ମୂଳଭିତ୍ତି କହିଲେ ଚଳେ।

ଇଉରୋପ-

ଇଉରୋପର ଏଲୋପାଥି ବା ବୈଦ୍ୟକ ବିଦ୍ୟାର ମୂଳ ହେଉଚି ପ୍ରାଚୀନ ଗ୍ରୀସ୍‌ର ଭୈଷଜ୍ୟ। ଗ୍ରୀସ୍, ମିଶର୍‌ରୁ ଏହା ଶିଖିଥିଲା ବୋଲି କୁହାଯାଏ। ଅତି ପ୍ରାଚୀନ ଭାରତ ଓ ଗ୍ରୀସର ବ୍ୟବସାୟାଦିରେ ବହୁ ସଂପର୍କ ଥିବାର ପ୍ରମାଣ ମିଳୁଚି ସତ, ମାତ୍ର ଗ୍ରୀସ୍ ଯେ ସାକ୍ଷାତ୍ ଭାବରେ ଏ ବିଦ୍ୟା ଭାରତରୁ ଆତ୍ମସାତ୍ କରିଥିଲା- ଅନ୍ତତଃ ଏ ବିଦ୍ୟାର ମୁଖ୍ୟଭାଗପାଇଁ ମୂଳତଃ ଭାରତଠାରେ ଋଣୀ ଏହାର ନିଦର୍ଶନ ସ୍ୱଷ୍ଟ। ଇଉରୋପରେ ବୈଦିକ ବିଦ୍ୟାକୁ ଏବେ କହନ୍ତି, ଥେରାପିଉଟିକ୍‌ସ୍ (Theraputics) ଏହା ଗ୍ରୀକ୍ ଶବ୍ଦ - ଥେରପୁତିକ୍ ଏହା ଏକ ଭାରତୀୟ ଶବ୍ଦ। ପ୍ରାକୃତ 'ଥେର'ର ସଂସ୍କୃତ ରୂପ ହେଉଚି, ସ୍ଥବିର। ବୌଦ୍ଧ ସାହିତ୍ୟରେ 'ଥେର' ଅର୍ଥ, ପ୍ରବୀଣ ବା ବହୁଦର୍ଶୀ ବ୍ୟକ୍ତି ଓ ପଣ୍ଡିତ।

Digitized by PPRACHIN, SOA

ପ୍ରତିଷ୍ଠିତ ବୌଦ୍ଧ ଭିକ୍ଷୁଙ୍କୁ ଥେର ଓ ଥେରପୁତ୍ତ (ସ୍ଥବିରପୁତ୍ର) ବୋଲି କହୁଥିଲେ। ଏହି ଭିକ୍ଷୁମାନେ ଦେଶ ଦେଶାନ୍ତର ବୁଲି ଲୋକ ସେବାରେ ସଭ୍ୟତା (ଧର୍ମ) ବିସ୍ତାର କରୁଥିଲେ। ରୋଗିର ଚର୍ଯ୍ୟା ଓ ଚିକିତ୍ସା ଏମାନଙ୍କର ଅହେୟ କର୍ତ୍ତବ୍ୟ ଥିଲା। ଗ୍ରୀସ୍ ଦେଶରେ ଏମାନେ ବହୁ ପ୍ରାଚୀନ କାଳରେ ପ୍ରଚାର କାର୍ଯ୍ୟରେ ପ୍ରବେଶ କରିଥିଲେ। ଆଜକୁ ୨୦୦୦ରୁ ଅଧିକ ବର୍ଷ ତଳେ ଏଇମାନଙ୍କ ପ୍ରଭାବ ଫଳରେ ଗ୍ରୀସ୍‌ରେ କଠୋର ନିଷ୍କର୍ମ ସାଧାନାର ମତବାଦ ଓ ଅଭ୍ୟାସ ଫୁଟି ଥିବାର ପ୍ରମାଣ ଜୀବନ୍ତ। ଏହି ଥେରପୁତ୍ତମାନଙ୍କ ରୋଗୀଚର୍ଯ୍ୟା ଓ ଚିକିତ୍ସା ବିଦ୍ୟାହି ଜନସାଧାରଣ ବିଶେଷ ଅନୁଭବରେ ଆଣୁଥିଲେ। ଏହି ବିଦ୍ୟାର ନାମ ଥିଲା, 'ଥେରପୁତ୍ତକ' ବିଦ୍ୟା। ବୈଦିକ ବିଦ୍ୟାର ସେଥିପାଇଁ ଗ୍ରୀକ୍ ନାମ ହେଲା- 'ଥେରପୁତ୍ତିକ୍'। ସେହି ଥେରପୁତ୍ତିକ୍ ଭିତରେ ଆଜି ଏଲୋପାଥି ପ୍ରତିଷ୍ଠିତ।

ୟୁନାନୀ-

ଆରବମାନେ ବହୁପରେ ଏହା ଗ୍ରୀକ୍ (ଯବନ, ୟୋନ-Ionian)ମାନଙ୍କ ଠାରୁ ଶିଖିଲେ। ସେମାନେ ନିଜର ବୈଦ୍ୟକ ବିଦ୍ୟାକୁ 'ୟୁନାନୀ' (ୟୋନାନୀ) କହନ୍ତି। ଏହି ୟୁନାନୀ ଶବ୍ଦହି ପ୍ରମାଣ କରୁଚି, ଏହା ଗ୍ରୀସରୁ ଆରବ ପାରସ୍ୟକୁ ଆସିଥିଲା। ଏବେ ଭାରତରେ ଏହା ମୁସଲମାନ କାଳରୁ ଚଳି ଆସୁଛି। ଉତ୍ତର ଭାରତରେ ଏହାର ପ୍ରତିପତ୍ତି ବୈଦ୍ୟକ ବିଦ୍ୟାଠାରୁ କମ୍ ନୁହେ।

ବୈଦ୍ୟକ ଓ ୟୁନାନୀ ଦୁହିଙ୍କୁ ଏବେ କବିରାଜି କୁହାଯାଉ। ଏହି କବିରାଜିର ବ୍ୟବହାର ପାଇଁ ଏ ଦେଶରେ ବିସ୍ତୀର୍ଣ୍ଣ କ୍ଷେତ୍ର ପଡ଼ି ରହିଚି। ସହରମାନଙ୍କର ବୈଦ୍ୟ ଡାକ୍ତରଙ୍କ ସଂଖ୍ୟା ଯେତେ ବେଶି ହେଉ, ଗ୍ରାମରେ ଏବେ ସେମାନଙ୍କର ଏକାନ୍ତ ଅଭାବ ହେଲାଣି। ଡାକ୍ତର ପୁଣି ଗ୍ରାମକୁ ପାତ୍ର ନୁହନ୍ତି। କିଂବା ଗ୍ରାମବାସୀ ଡାକ୍ତରଙ୍କର ସେବ୍ୟ ହୋଇ ପାରିବେ ନାହିଁ। କବିରାଜ ଦରକାର। ଫଳ ପତ୍ର ଚେରମୂଳି କବିରାଜଙ୍କ ଔଷଧର ମୁଖ୍ୟ ଉପାଦାନ। ଗ୍ରାମବାସୀ ତା ପାଇବ। ତା ଅବସ୍ଥାକୁ ଚାହିଁ କବିରାଜ ଏକା ଔଷଧ ଯୋଗାଇବ। ପୁଣି ଏଥିରେହି ଭାରତୀୟ ଜୀବନ ବିକାଶର ପନ୍ଥା ଅନବଚ୍ଛିନ୍ନ ଧାରାରେ ସୁଖ ଓ ସ୍ପୃହଣୀୟ ଗତି କରିବ।

କିଂତୁ ଏ କ୍ଷେତ୍ରରେ ଦୁଇଟି ଅସୁବିଧା। ପ୍ରଥମତଃ, ବହୁଶତାବ୍ଦୀ ଧରି ଭାରତର ମୌଳିକ ଅନୁସଂଧାନ ବା ଆତ୍ମପ୍ରକାଶ ନାହିଁ। ୟୁନାନୀର ମଧ୍ୟ ଏହି ଅବସ୍ଥା। ଏବେ ମଧ୍ୟ ବୈଦ୍ୟ ଚରକ ଚକ୍ରଦତ୍ତ ଦେଖି ରୋଗରେ ଔଷଧ ଓ ପଥ୍ୟ ବ୍ୟବସ୍ଥା କରନ୍ତି। ୟୁନାନୀର ହାକିମମାନେ ମଧ୍ୟ ସେହି କାଳର ଆରବ ଗ୍ରନ୍ଥ 'ଖାନ୍ନ ମି ସେଇଖ୍' ବା ତାହାର ଅନୁବାଦ ପଢ଼ି ଚିକିତ୍ସା ପାଇଁ ବାହାରନ୍ତି।

Digitized by PPRACHIN, SOA

ଅବଶ୍ୟ ସେ ସବୁ ଗ୍ରନ୍ଥର ନିନ୍ଦା କରାଯାଉ ନାହିଁ। ସେ ସବୁ ମହାଗ୍ରନ୍ଥ। ଏଲୋପାଥୀ ଡାକ୍ତରମାନେ ସେ ସବୁର ଗୁରୁତ୍ୱ ସ୍ୱୀକାର କରନ୍ତି। ଗ୍ରୀଷ୍ମ ମଣ୍ଡଳରେ ଯେଉଁ ସବୁ ରୋଗ ହୁଏ, ପରିସ୍ଥିତିର ମାପରେ ସେ ସବୁର ଚିକିତ୍ସା ପାଇଁ ସେ ସବୁ ଗ୍ରନ୍ଥ ଉପାଦେୟ, ସଂଦେହ ନାହିଁ। ସେଥିରେ ଏପରି ସବୁ ବିଷୟ ଅଛି, ଯାହା ଏବେ ବି ଯତ୍ନରେ ସାଇତି ରଖିବାର ବସ୍ତୁ। ସେଥିପାଇଁ ମଧ୍ୟ ବୈଦିକ ଓ ୟୁନାନୀ ମଧ୍ୟରେ ସଂବଧ ଓ ସାମଞ୍ଜସ୍ୟ ସ୍ଥାପନ କରି ପରସ୍ପର ଆଦାନ ପ୍ରଦାନରେ ଦୁଇଟିଯାକ ଜାଗ୍ରତ ଓ ଜୀବନ୍ତ ରଖିବା ଏକାନ୍ତ ଦରକାର। ତା ହେଲେ ଅନେକ ଲୁଚି ଯାଉଥିବା ରତ୍ନ ଜାତୀୟ ଭଣ୍ଡାରରେ ସଂଚିତ ରହି ସମାଜର ଯଥାର୍ଥ କଲ୍ୟାଣରେ ଲାଗିବ। ତାହା କରିବା ଓ କରାଇବା ଉଚିତ।

ମାତ୍ର ସେତିକି ନୁହେ। ପୃଥିବୀରେ ଚିକିତ୍ସା ବିଦ୍ୟା ଆଜି ବହୁ ଉନ୍ନତି କରି ଗଲାଣି, ଓ ପ୍ରତି ମୁହୂର୍ତ୍ତରେ କରି ଚାଲିଛି। ପୁରୁଣା ରୋଗ ଓ ଚିକିତ୍ସାର ବୈଜ୍ଞାନିକ ଅନୁସଂଧାନ ଚାଲିଛି। ନୂଆ ନୂଆ ରୋଗ ଓ ପ୍ରତିକାର ବାହାରୁଚି। ରୋଗର ନିରୀକ୍ଷା ଓ ପ୍ରତିକାରର ପରୀକ୍ଷାରେ ଆଜି ପୃଥିବୀର ବୈଦିକ ବିଜ୍ଞାନ ପୂରି ରହିଚି। ଏତେବେଳେ, ନାମାଦିର ପରିବର୍ତ୍ତନ ହେତୁରୁ ଗଛ ଓ ଦ୍ରବ୍ୟ ପର୍ଯନ୍ତ ମଧ ଭଲକରି ନ ଚିହ୍ନି, ପ୍ରାଚୀନ ଗ୍ରନ୍ଥ ଦେଖି ଔଷଧ ଦେଲେ, ଏଚିକିତ୍ସାର ପ୍ରତିଷ୍ଠା କେତେ ଦିନ, କିପରି ବା ରହିବ? ବୈଦିକ ଓ ହାକିମମାନେ କିଂବା ତଦ୍‌ଗତଚିତ୍ତ ଦେଶଧର୍ମୀମାନେ ଏସବୁ କ୍ଷେତ୍ରରେ ଅନୁସଂଧାନ ଓ ବିକାଶରେ ବାଟ ଫିଟାଇବାରେ ଲାଗିଯାନ୍ତୁ। ସରକାରମାନେ ନିର୍ଦ୍ଦିଷ୍ଟ ଯୋଜନା ଓ ଅର୍ଥର ବ୍ୟବସ୍ଥା କରି, ସେମାନଙ୍କୁ ସେଥିରେ ଲଗାନ୍ତୁ।

ଦ୍ୱିତୀୟ ଅସୁବିଧା, ଆଜିର ସାମାଜିକ ପରିସ୍ଥିତି। ପୂର୍ବେ କବିରାଜମାନେ ଘୋର ଅଧ୍ୟବସାୟରେ ଗ୍ରନ୍ଥର ବିଦ୍ୟା ଆୟତ୍ତ କରୁଥିଲେ; ଦାୟିତ୍ୱଜ୍ଞାନ ସହିତ ଚିକିତ୍ସାରେ ହାତ ଦେଉଥିଲେ। ଧର୍ମଭାବ ମଧ ଏ ଦାୟିତ୍ୱର ପ୍ରଧାନ ପୀଠ ଥିଲା। ସେମାନେ ଅର୍ଥର ଲାଳସାରେ ଚିକିତ୍ସାକୁ ଯାଉ ନ ଥିଲେ, ବା ଅର୍ଥର ମାପରେ ନିଜ ବିଦ୍ୟାକୁ ଦେଖୁ ନ ଥିଲେ। ଚିକିତ୍ସକ ଓ ଚିକିତ୍ସିତଂକ ଭିତରେ ସାମାଜିକ ଚାଲି ଚଳଣରେ କିଛି ମାତ୍ର ପ୍ରଭେଦ ନ ଥିଲା। ଚିକିତ୍ସକ ବଟୁଆ ଧରି ବୁଲୁଥିଲେ, ଓ ଦରକାର ପଡିଲେ ରୋଗୀ ଘରେ ଚୂନପତ୍ର ସେବା- ଏପରି କି ପଖାଳ ଭୋଜନ ମଧ କରୁଥିଲେ। ପାଣ୍ଡିତ୍ୟର ଆଂଗରେ ଅଭ୍ୟସ୍ତ ହୋଇ ସେ ଗ୍ରାମବାସୀ ରୋଗୀଠାରୁ ନିଜକୁ ଅନ୍ୟ ବୋଲି ମଣୁ ନ ଥିଲେ।

ଏବେ ସେ ଅବସ୍ଥା ନାହିଁ। କେବଳ ଡାକ୍ତର ଯେ ସହର ଓ ଗ୍ରାମରେ କଳ୍ପିତ ସହର ପରିସ୍ଥିତିକୁ ଅଶ୍ରା କରନ୍ତି, ତା ନୁହେଁ। କବିରାଜ ମଧ ସହରରେ ଘରଭଡା ଦେଇ 'ଭିଜିଟ୍' ନେବାରେ ଲାଗିଲେଣି। ଜାଣିବା ଲୋକେ ଏହିପରି ଗ୍ରାମକୁ ଛାଡିଲେଣି ବା

Digitized by PPRACHIN, SOA

ଛାଡ଼ୁଛନ୍ତି। ସବୁ ଦରପାଠୁଆ ଯାକ ନିଜେ ବେକାର ନ ହେବାପାଇଁ ଆଜି ଫଳକୁହା ଜ୍ୟୋତିଷ, ନଚେତ୍ ଗ୍ରାମରେ ବୈଦ୍ୟ। ଏହି ବୈଦ୍ୟମାନେ ଲୋକଙ୍କ ଚିକିତ୍ସା କରନ୍ତି, ଲୋକ ମଧ ମାରନ୍ତି। ଠକ ବୈଦ୍ୟର ଅପଚିକିତ୍ସା ନିମନ୍ତେ ଆଇନରେ ଯେ ପ୍ରତିକାର ଅଛି, ଲୋକେ ତା ମଧ ଜାଣନ୍ତି ନାହିଁ ବା କରିବାକୁ ଯାଆନ୍ତି ନାହିଁ।

ସରକାରମାନେ ଏ ଅବସ୍ଥାରେ ବିହିତ ପ୍ରତିକାର ବ୍ୟବସ୍ଥା କରନ୍ତୁ। କବିରାଜମାନଙ୍କୁ ବିଧିମତେ ପରୀକ୍ଷା କରି ସାର୍ଟିଫିକଟ ବା ଲାଇସେନ୍ସ ଦେବାର ବ୍ୟବସ୍ଥା ହେଉ। ଲୋକେ ସୁଶିକ୍ଷିତ ଓ ଦାୟିତ୍ୱବାନ୍ କବିରାଜଙ୍କ ଚିକିତ୍ସା ପାଆନ୍ତୁ।

ହୋମିଓପାଥି-

ହୋମିଓପାଥି ସଂବଂଧରେ ମଧ ହୁରି କମ୍ ଉଠୁ ନାହିଁ। ଏଥିରେ ଔଷଧ ଶସ୍ତା ଓ ଅତି ସୁଲଭ। ସରକାର ମଧ ଏ ବିଦ୍ୟାର ତତ୍ତ୍ୱ ଅନୁସଂଧାନ କରିବାର ବ୍ୟବସ୍ଥା କରି, ହୋମିଓପାଥମାନଙ୍କୁ ସେହିପରି ଲାଇସେନ୍ସ ଦେବାର ବ୍ୟବସ୍ଥା କରନ୍ତୁ। ତତ୍ତ୍ୱ ଅନୁସଂଧାନ କରିବା କଥାଟି ଆମେ ଏଠାରେ ଜାଣି ଶୁଣି କହୁଚୁ। ଏ ଚିକିତ୍ସାରେ ଅନେକ ଫଳ ପାଆନ୍ତି। ହୋମିଓପାଥମାନେ ମଧ୍ୟ ଏହି ଫଳର ତାଲିକା ପ୍ରଚାର କରିଥାନ୍ତି। ଅବଶ୍ୟ ଏପରି ହିସାବର ମୂଲ୍ୟ ନାହିଁ, ନୁହେ। ମାତ୍ର ତାହା ନିର୍ଦ୍ଦିଷ୍ଟ, ସ୍ପଷ୍ଟ, ସତ୍ୟ ଓ ବିଜ୍ଞାନ ସଂମତ ହେବା ଦରକାର। ସରକାର ନିଜେ ହିସାବ ସଂଗ୍ରହ କରି ନିର୍ଣ୍ଣୟ କରିବାର ବ୍ୟବସ୍ଥା କରନ୍ତୁ। ପୁଣି କେବଳ ଫଳ ଦେଖିବା ମଧ୍ୟ ଏ କ୍ଷେତ୍ରରେ ଯଥେଷ୍ଟ ନୁହେ। ଫଳ ଗଣିବା ଜ୍ୟୋତିଷମାନେ ମଧ ଏହିପରି ଫଳର ବଡ଼ାଇ କରି ଭିକ୍ଷୁକଠାରୁ ଭାରସ୍‌ରାୟ ପର୍ଯ୍ୟନ୍ତ ଭୁଲାଇବାର ଦେଖାଯାଏ। ବିଷୟଟିର ବିଜ୍ଞାନ ସଂଗତ ଅଲୋଚନା କରି ସେଥିରେ ଫଳ ମିଳାଇ ନିର୍ଣ୍ଣୟ କରିବାର ଅବକାଶ ଏଠାରେ ଏବେ ମଧ ରହିଚି ବୋଲି ମନେହୁଏ।

ନବଭାରତ-୪/୧୦,ଆଲୋଚନା

ଚକୁଳିଆ ପଣ୍ଡା

କଥାଟିରୁ କ'ଣ ବୁଝାଯାଏ -

ଚକୁଳିଆ ପଣ୍ଡା କଥାଟି ଅର୍ଥ କ'ଣ, ତାହା କହିବା ଦୁରୂହ । କିମ୍ବଦନ୍ତିରେ ଏହି କଥାକୁ ବ୍ୟାଖ୍ୟା କରି କେତେ ଉପାଖ୍ୟାନ ଅଛି । କିନ୍ତୁ ସେ ସବୁ, ଅନୁସନ୍ଧାନ କରିବା ଲୋକର ମନକୁ ପାଇବା ଭଳି ନୁହେଁ। କେହି କେହି ସେଥିପାଇଁ ଚକୁଳିଆ ପଣ୍ଡା କଥାଟିକୁ ଚକରିଆ ପଣ୍ଡା ବୋଲି କହନ୍ତି ଓ ଅର୍ଥ କରନ୍ତି, ଚକ୍କର ଦେଇ ବୁଲେ ବୋଲି ତା ନା ଚକରିଆ ପଣ୍ଡା ।

Digitized by PPRACHIN, SOA

ସେ ଯାହାହେଉ ଜିନିଷଟି କ'ଣ ତାହା ଏବେ ସମସ୍ତେ ଜାଣନ୍ତି । ଏହି ପଣ୍ଡାମାନେ ଭିକ୍ଷା କରି ଗ୍ରାମେ ଗ୍ରାମେ ବୁଲନ୍ତି । ମାତ୍ର ଏମାନେ ଠିକ୍ ଭିକ୍ଷୁକ ନୁହନ୍ତି । ଏମାନଙ୍କର ଜମିବାଡ଼ି ଅଛି, ଚାଷ - ବାସ - ଘର - ଦ୍ୱାର ଅଛି । ଏମାନଙ୍କ ମଧ୍ୟରୁ ଅନେକେ ମଧ୍ୟବିତ୍ତ ଶ୍ରେଣୀର ଲୋକ । କିନ୍ତୁ ପରଂପରାରେ ଏମାନେ ଏହି ଭିକ୍ଷୁକ ବୃତ୍ତି କରି ଆସୁଛନ୍ତି । ସାଧାରଣତଃ ଶୀତ ଓ ଖରାଦିନେ ଅର୍ଥାତ୍ ଚାଷ-ବାସ କାମ ନ ଥିଲା ବେଳେ ଏମାନେ ଭିକ୍ଷାରେ ବୁଲି ବାହାରନ୍ତି । ଗାଁକୁ ଗାଁ ବୁଲନ୍ତି । କିନ୍ତୁ ଏମାନେ କାହା ଦୁଆରକୁ ଉଠି ଭିଖ ମାଗନ୍ତି ନାହିଁ; ଦାଣ୍ଡେ ଦାଣ୍ଡେ ଏମାନେ ତାଳପତ୍ର ଛତାଟିଏ ଧରି ଓ ଖିସା ଜାଉଁଳିଟିଏ ପକାଇ, ଧର୍ମକଥା ଗୁଡ଼ିକ ଉଚ୍ଚ ସ୍ୱରରେ ବୋଲି ବୋଲି ଚାଲି ଯାଉଥାନ୍ତି । ଲୋକେ ଘରୁ ଭିଖ ଧରି ଆସି ଦାଣ୍ଡରେ ଏମାନଙ୍କୁ ଭିଖ ଦିଅନ୍ତି । ଏମାନେ ଖିସା ଜାଉଁଳିର ଆଗ ପାଖଟିକୁ ଦେଖାଇ ଦିଅନ୍ତି ଓ ସେଥି ଭିତରକୁ ଭିଖ ପକାଇ ଦେବାକୁ ହୁଏ । ସାଧାରଣତଃ ଏମାନଙ୍କୁ ଭିଖ ନେବା ପାଇଁ ଡ଼ାକିଲେ ଏମାନେ ପଛକୁ ଫେରନ୍ତି ନାହିଁ । ଦଉଡ଼ି ଯାଇ ଆଗ ପଟକୁ ଭିଖ ଦେବାକୁ ହୁଏ । ଏମାନେ ଯେଉଁ ଧର୍ମ ଉପଦେଶ କଥା ବୋଲୁଥାନ୍ତି, ଉଦାହରଣ ପାଇଁ ଗୋଟିଏ ଦିଓଟି ତଳେ ଦିଆଗଲା । ବ୍ରାହ୍ମଣ ଶାସନରେ ସବୁ ଉପଦେଶ ବାକ୍ୟ ମୂଳରେ "ଆହେ ଆପଣେ" ବୋଲି ସଂବୋଧନ କରନ୍ତି । ଅନ୍ୟତ୍ର ଗାନ ସ୍ୱରରେ ଲମ୍ବା କରି ଖାଲି "ଆହେ" ବୋଲି କହିଥାନ୍ତି । ସେମାନେ କହନ୍ତି -

"ଆହେ ଆପଣେ, ଦେବ ଦିଆଇବ,
ଦେ-ପଦ ଲଭିବ, ଦେଇଥିଲେ ପାଇବ;
ଦାନକୁ ବଳି ପୁଣ୍ୟ ନାହିଁ, ଦାନେ ଜିଣନ୍ତି ସାରା ମହୀ,
ବଳିଦାତା, କର୍ଣ୍ଣଦାତା, ଦାତା ଜୀମୂତବାହନ,
ହରିଶ୍ଚନ୍ଦ୍ର ଶିବି ଦାତା, ମୋକ୍ଷଦାତା ଜନାର୍ଦ୍ଦନ,
ହେ ଆପଣେ" - ଇତ୍ୟାଦି

ଏହା ବୌଦ୍ଧ ଅନୁଷ୍ଠାନ କି ?

ଏହି ଧର୍ମୋପଦେଶ ଗୁଡ଼ିକର ଅର୍ଥ ବା ତାତ୍ପର୍ଯ୍ୟ ବୁଝାଇବା ଦରକାର ନାହିଁ । କିନ୍ତୁ ଏ ଅନୁଷ୍ଠାନଟି କାହୁଁ ଆସିଲା, ଏହାର ପରଂପରା କ'ଣ, ତାହା ଭାବିଲେ ମନେ ହୁଏ, ଏହା ଗୋଟିଏ ସ୍ପଷ୍ଟ ବୌଦ୍ଧ ଅନୁଷ୍ଠାନ । ଏବେ ମଧ୍ୟ ବ୍ରହ୍ମ ଓ ଅନ୍ୟାନ୍ୟ ବୌଦ୍ଧ ଦେଶରେ ଏହି ଭଳି ସ୍ପଷ୍ଟ ଅନୁଷ୍ଠାନ ଅଛି । ବ୍ରହ୍ମ ଦେଶରେ, ପ୍ରତ୍ୟେକ ଗାଁରେ ଗାଁ ମୁଣ୍ଡେ ପୁଙ୍ଗି (ବୌଦ୍ଧ ସନ୍ନ୍ୟାସୀ)ଙ୍କର ଆଶ୍ରମ ଥାଏ । ସେଥିରେ ଜଣେ ଚିର କୁମାର ଅଧ୍ୟକ୍ଷ ଥାଆନ୍ତି । କାଷାୟ ବା ପୀତବସ୍ତ୍ର ତାଙ୍କର ପରିଧାନ । ଗ୍ରାମର ଗୃହସ୍ଥମାନେ ପିଲାଙ୍କୁ ତାଙ୍କରି

Digitized by PPRACHIN, SOA

ତତ୍ତ୍ୱାବଧାନରେ ସେହି ଆଶ୍ରମରେ ଶିକ୍ଷା ପାଇଁ ଛାଡ଼ି ଦିଅନ୍ତି । ସେହି ପିଲାମାନେ ନିଜର ବିଦ୍ୟା ଶିକ୍ଷାକାଳ ସରିବା ଯାଏ ଆଶ୍ରମରେ ରହନ୍ତି । ସେଥି ମଧ୍ୟରୁ କେହି କେହି ଇଚ୍ଛା ହେଲେ ଚିର କୌମାର ବରଣ କରି ସନ୍ନ୍ୟାସୀ ହୁଅନ୍ତି ଓ ଅନ୍ୟ କୌଣସି ଆଶ୍ରମର ଅଧ୍ୟକ୍ଷ ହୋଇ ଯାଆନ୍ତି । ନଚେତ୍ ବ୍ରହ୍ମଚାରୀମାନ ପଢ଼ା ଶେଷରେ କାଷାୟ ବା ପୀତବସ୍ତ୍ର ଛାଡ଼ି ପୁଣି ଘରକୁ ଆସି ଗୃହସ୍ଥତା କରନ୍ତି । ଏହି ଅଧ୍ୟକ୍ଷ ପୁଙ୍ଗି ପ୍ରତିଦିନ ସକାଳୁ ସ୍ନାନାଦି ସାରି, ଶୁଚିମନ୍ତ ହୋଇ, ପିଲାମାନଙ୍କୁ ପଛରେ ଧରି ଗ୍ରାମ ଭିତରକୁ ଭିକ୍ଷା ପାଇଁ ବାହାରନ୍ତି । ଅଧ୍ୟକ୍ଷ ଓ ବ୍ରହ୍ମଚାରୀ, ସମସ୍ତଙ୍କ ହାତରେ ଭିକ୍ଷା-ପାତ୍ର ବା ଥାଳ ଥାଏ । ଗୃହିଣୀମାନେ ସମୟ ଜାଣି ଭିକ୍ଷା ଦେବା ପାଇଁ ପ୍ରସ୍ତୁତ ଥାନ୍ତି; ଓ ଏମାନେ ଗ୍ରାମରେ ଚାଲିଗଲାବେଳେ ଆଗପଟୁ ଥାଳରେ ଭିକ୍ଷା ଦିଅନ୍ତି । ଭିକ୍ଷା ପାଇଁ ଏମାନେ କେବେ ପଛକୁ ଫେରନ୍ତି ନାହିଁ । ଏ ଭିକ୍ଷାରେ ଭାତ, ଡ଼ାଲି, ତରକାରୀ ସବୁ ଥାଏ । ଆଶ୍ରମବାସୀମାନେ ଏହି ଭିକ୍ଷାନ୍ନ ଖାଇ ଦିନ କଟାନ୍ତି ।

ଚକୁଳିଆ ପଣ୍ଡାଙ୍କ ଭିକ୍ଷା ଠିକ୍ ଏହିପରି । ହିନ୍ଦୁ ଶାସ୍ତ୍ରରେ କୌଣସି ଠାରେ ଭିକ୍ଷାର ଏ ବିଧି ଥିବା ସ୍ପଷ୍ଟ ଜଣାନାହିଁ । ସନ୍ୟାସୀମାନେ ଭିକ୍ଷା କରନ୍ତି; କିନ୍ତୁ ସେମାନେ ଲୋକଙ୍କ ଦ୍ୱାରକୁ ଯାଇ କହନ୍ତି । ବୈଷ୍ଣବ ବାବାଜୀମାନେ ମଧ୍ୟ ଭିକ୍ଷା ପାଇଁ ଦ୍ୱାରକୁ ଆସନ୍ତି ଓ ମାଗନ୍ତି । କିନ୍ତୁ ଚକୁଳିଆ ପଣ୍ଡା କାହାରି ଦୁଆରକୁ ଯାଆନ୍ତି ନାହିଁ କି ମାଗନ୍ତି ନାହିଁ । ଧର୍ମୋପଦେଶ ଦେବା ହିଁ ଯେପରି କି ତାଙ୍କର ପ୍ରଧାନ କାର୍ଯ୍ୟ ।

ଓଡ଼ିଶା ଚିରକାଳ ବୌଦ୍ଧ ଭୂମି ଥିଲା -

ଓଡ଼ିଶାର ଏହି ପ୍ରତିଷ୍ଠିତ ଅନୁଷ୍ଠାନ ଅନ୍ୟତ୍ର ଠିକ୍ ଏହିପରି ଅଛି କି ନାହିଁ, ଆମକୁ ଜଣାନାହିଁ । କିନ୍ତୁ ଓଡ଼ିଶା ଚିରକାଳ ବୌଦ୍ଧଭୂମି । ବିଶୁଦ୍ଧ ବୌଦ୍ଧଧର୍ମ ଓ ବୌଦ୍ଧତନ୍ତ୍ର ଏଇ ଭୂମିରେ ବହୁକାଳ ପ୍ରତିଷ୍ଠିତ ଥିଲା। ପଣ୍ଡିତ ନୀଳକଣ୍ଠ ଦାସ ନିଜର 'ଗୀତା ପ୍ରବେଶ' ଗ୍ରନ୍ଥରେ ଏହାର ବହୁ ସପ୍ରମାଣ ଉଲ୍ଲେଖ କରିଛନ୍ତି। ସେ ପୁଣି କହିଛନ୍ତି, ବୌଦ୍ଧଧର୍ମ ସିଦ୍ଧାର୍ଥ ବୁଦ୍ଧଙ୍କ ଦ୍ୱାରା ପ୍ରଚାରିତ ହୋଇଥିଲା ମାତ୍ର । ଯଥାର୍ଥରେ ଏହା ସିଦ୍ଧାର୍ଥ ବୁଦ୍ଧଙ୍କ ବହୁକାଳ ପୂର୍ବରୁ ଥିଲା । ଏହା ହିଁ ଭାରତର, ବିଶେଷରେ ପୂର୍ବ ଭାରତର ପ୍ରାଗ୍ ବୈଦିକ ଜନଧର୍ମ ବା ସଂସ୍କୃତି। ଓଡ଼ିଶାରେ ପୁଣି ତାହାର ପ୍ରତିଷ୍ଠା ଓ ପରଂପରା ଚୈତନ୍ୟଙ୍କ ପର୍ଯ୍ୟନ୍ତ ସ୍ପଷ୍ଟ ପ୍ରଚଳିତ ଥିଲା। ଚୈତନ୍ୟଙ୍କ ପରେ ମଧ୍ୟ, ଓଡ଼ିଶାର ପଲ୍ଲୀ ଜଙ୍ଗଲରେ ଏହା ଏବେ ନାନା ଆବରଣ ମଧ୍ୟରେ ସଙ୍କୁଚିତ ହେଲେହେଁ ପ୍ରଚଳିତ ଅଛି । ଏବର ମହିମା ଧର୍ମ ଏହି ପ୍ରଚଳିତ ପାରଂପରିକ ଧର୍ମର ଏକ ପ୍ରକାଶ । ଜଗନ୍ନାଥ ଅନୁଷ୍ଠାନଟି ମଧ୍ୟ ଏହି ପରଂପରାର ପ୍ରତୀକ ।

Digitized by PPRACHIN, SOA

ଓଡ଼ିଶାରେ ଜୈନ ଧର୍ମ -

ଜୈନ ଧର୍ମଟି ଏଠାରେ ବୌଦ୍ଧଧର୍ମରୁ ଅଲଗା ନୁହେଁ। ଖାରବେଳ ଜୈନ ଥିବା ଅନୁମାନ ହୁଏ । ତାହାପରେ ଇତିହାସରେ ଯେଉଁ ଉତ୍କଳ ସମ୍ରାଟଙ୍କ ପରିଚୟ ମିଳୁଛି, ସେ 'ଉନ୍ମତ୍ତ କେଶରୀ'। ସେ ଭୌମବଂଶର ପ୍ରତିଷ୍ଠାତା । ଏହାଙ୍କୁ ଗୋଟିଏ କେଶରୀ ବଂଶ ବୋଲି ମଧ୍ୟ କହନ୍ତି । ଏହାଙ୍କ ବଂଶୀୟମାନେ ବୌଦ୍ଧ ଥିଲେ । ସିଦ୍ଧାର୍ଥଙ୍କ ବୌଦ୍ଧଧର୍ମ ଓ ବର୍ଦ୍ଧମାନ ମହାବୀରଙ୍କ ଜୈନଧର୍ମ କାଳକ୍ରମେ ଟିକିଏ ଭିନ୍ନ ଭିନ୍ନ ପନ୍ଥାରେ ଗତି କରିଥିଲେ ହେଁ ଦୁହିଁଙ୍କର ମୂଳପୀଠ ଏହି ଭାରତୀୟ ବା ପୂର୍ବ ଭାରତୀୟ ଚିରନ୍ତନ ଓ ପାରଂପରିକ ସଂସ୍କୃତିରେ ପ୍ରତିଷ୍ଠିତ ଥିଲା । ଜୈନଧର୍ମରେ ମଧ୍ୟ ଏବେ ଜାନୁଘଣ୍ଟି ସାଧକ ବୋଲି ଗୋଟିଏ ସନ୍ୟାସୀ ଦଳ ଅଛନ୍ତି । ସେମାନେ ଭିକ୍ଷା କରିବା ପାଇଁ ମଧ୍ୟ ଗ୍ରାମକୁ ଆସନ୍ତି ଓ କେବଳ ରାମ ନାମ କିମ୍ବା ଅନ୍ୟ କୌଣସି ସିଦ୍ଧ ପୁରୁଷଙ୍କ ନାମ ଉଚ୍ଚରେ ଡ଼ାକିଲା ପରି କହି କହି ମଝି ଦାଣ୍ଡେ ଦାଣ୍ଡେ ଚାଲି ଯାଆନ୍ତି । କାହାର ଭିକ୍ଷା ଦେବା ନ ଦେବାକୁ ଅପେକ୍ଷା କରନ୍ତି ନାହିଁ, କି ପଛକୁ ଫେରନ୍ତି ନାହିଁ । ଗଲାବେଳେ ଦଉଡ଼ି ଯାଇ ଏମାନଙ୍କ ଥାଳରେ ଭିକ୍ଷା ଦେବାକୁ ହୁଏ।

ଓଡ଼ିଆ ପରଂପରା ଖୋଜନ୍ତୁ, ବୁଝନ୍ତୁ -

ଓଡ଼ିଆର ସଂସ୍କୃତି ଓ ଜୀବନ-ସ୍ୱାତନ୍ତ୍ୟ ବୁଝିବାରେ ଏ ସବୁ ଅନୁଷ୍ଠାନର କି ମୂଲ୍ୟ ଅଛି, ତାହା ଏବେ ଯଥେଷ୍ଟ ଅନୁସନ୍ଧାନରେ ଆସିନାହିଁ । କୌଣସି ସମାଜର ପାରଂପରିକ ଜୀବନ ଧାରା ସ୍ପଷ୍ଟ ନ ବୁଝିଲେ ସେ ସମାଜର ଉନ୍ନତିବିଧାନ କଳ୍ପେ କ୍ରିୟା ନିର୍ଦ୍ଦେଶ କରିବା ଓ ପରିସ୍ଥିତି କଳନାରେ ଆଦର୍ଶ ଠିକ୍ କରିବା ସୁଗମ ନୁହେଁ । ଓଡ଼ିଆର ଜାତୀୟ ସାହିତ୍ୟକର୍ମୀ ମାନଙ୍କର ଏ ସବୁ ଦିଗରେ ପ୍ରଣିଧାନ ନିତାନ୍ତ ଆବଶ୍ୟକ । ଏଠାରେ ଏହା ଉଲ୍ଲେଖଯୋଗ୍ୟ ଯେ, ମୟୂରଭଞ୍ଜର ଇତିହାସ ଗବେଷଣା ବିଭାଗର ଅଧ୍ୟକ୍ଷ, ପଣ୍ଡିତ ଶ୍ରୀପରମାନନ୍ଦ ଆଚାର୍ଯ୍ୟ ଏଇ ଅନୁଷ୍ଠାନର ବୌଦ୍ଧଭିତ୍ତି ବିଷୟରେ ଆମକୁ ସୂଚନା ଦେଇଚନ୍ତି ।

ନବ ଭାରତ-୭/୨, ଆଲୋଚନା

ଆଦିମାତାର ଆରାଧନା

ଏଇ ମହାଷ୍ଟମୀ ରାତି । ଏଇ ରାତିରେ ଆଦିମାତା ଚଣ୍ଡୀ, ଅସୁର ଶକ୍ତି ନାଶ କରି ବାସ୍ତବ ଶକ୍ତି ରୂପେ ଜଗତ୍‌ପାଳନ ଧର୍ମରେ ବିଶ୍ୱ ପ୍ରକାଶର ପ୍ରତୀକ ରୂପେ ଉଠିଥିଲେ; ପ୍ରେରଣାରେ ବିଶ୍ୱାମନବକୁ ଉଠାଇଥିଲେ । ବ୍ୟକ୍ତି-ଧର୍ମ ଓ ସମାଜ-ଧର୍ମ ସଂଗେ ସଂଗେ ବିକାଶ ଲଭିଥିଲା । ବ୍ୟକ୍ତିର ଅନନ୍ତଭେଦ ଭିତରେ ଆଦି ସମାଜର ପ୍ରଥମ ଶୃଙ୍ଖଳା

Digitized by PPRACHIN, SOA

ଫୁଟିଥିଲା । ପରଂପରାରେ ଆଜି ସେଇ ଦିନର ସ୍ମାରକ । ସେ ସ୍ମୃତିରେ ଭାରତ ଆଜି ଉଦ୍‌ବୁଧ । ସେଇ ପ୍ରେରଣାରେ ଭାରତ ଆଜି ଜାଗ୍ରତ । ସେଇ ପ୍ରଭାବରେ ଭାରତ ଆଜି ଜୀବନ୍ତ ।

ସଭ୍ୟତାର କେଉଁ ସ୍ତରରେ କି ପରିସ୍ଥିତିରେ କେଉଁଦିନ ମାନବ, ବିଶ୍ୱବିକାଶର ଏଇ ମହାସ୍ଫୁରଣକୁ ବିଶ୍ୱର ମହାଶକ୍ତି ରୂପେ ଆରାଧନା କରିଥିଲେ, ଇତିହାସ ତା'ର ହିସାବ ରଖିନାଇ । ଏ ଆଦିମ ଦର୍ଶନ ତଥା ଏ ଆଦିମ ସାଧନାର ମୂଳ, ଅତୀତର ଅନ୍ଧକାରରେ ଖୋଜିବା ଦୁର୍ଘଟ । ବିକାଶର ଏଇ ମହାଶକ୍ତି ଜଗତ୍‌ର ଆଦିମାତା । ଜଗତ୍‌ର ପ୍ରକାଶ ଏଇଠାରୁ । ଏଥିରେଇ ଜଗତ୍ ଧରାହୋଇଛି । ଜଗତ୍‌ର ଅନନ୍ତ ବ୍ୟକ୍ତି ଭେଦ ଭିତରେ ଏଇ ଶକ୍ତିର ସାମଞ୍ଜସ୍ୟ । ଅନନ୍ତ ସଂଚାରମୟ ପ୍ରକାଶ ଭିତରେ ଏହାର ସମାଧାନ । ଏଇ ଶକ୍ତି ଏକା ଆଦିମାତା-ବିଶ୍ୱମାତା, ବିଶ୍ୱଧାରିଣୀ, ବିଶ୍ୱପାଳିନୀ, ବିଶ୍ୱତାରିଣୀ, ପୁଣି ବିଶ୍ୱ ସଂହାରିଣୀ । ଏଇ କର୍ତ୍ତୀ, ଏଇ ଧରିତ୍ରୀ, ଏଇ ଏକା ଭୁବନେଶ୍ୱରୀ, ଏଇ ପୁଣି ପ୍ରଳୟଙ୍କରୀ । ଏଇ ଏକା ବିଶ୍ୱସେବ୍ୟା ଗଉରୀ । ଏଇ ପୁଣି ବିଶ୍ୱସଂହାରିଣୀ ଚଣ୍ଡୀ । ଏଇ ଏକା ବିଶ୍ୱ ବନ୍ଦ୍ୟା ସତୀ ପାର୍ବତୀ । ଏଇପୁଣି ବିଶ୍ୱଧ୍ୱଂସିନୀ ନୃମୁଣ୍ଡମାଳିନୀ କାଳୀ ।

ମାନବର ଏ ଆଦି ଦର୍ଶନ । ଅତିଭୂତର ଏ ଭୌତିକ ଉପାସନା, ପୃଥିବୀରେ ଅନ୍ୟତ୍ର ଆଜି ନାଇ । ସନାତନ ଭାରତରେ ଏହା ଆଜି ଜୀବନ୍ତ । ଭାରତରେ ଏଇ ଚିରନ୍ତନୀ ଆଦିମାତା ଏବେବି ଜାଗ୍ରତ ଗୌରୀ । ବିଶୃଙ୍ଖଳାର ଅସୁର ଶକ୍ତି ବିନାଶରେ ଦଶ ପ୍ରହରଣ ଧାରିଣୀ, ଦୁର୍ଗତି ନାଶିନୀ, ଏଇ ଦୁର୍ଗା ଆଜି ଭାରତରେ ଗୃହେ ଗୃହେ ବନ୍ଦିତା, ପୂଜିତା, ଶକ୍ତିରୂପେ ପ୍ରତିଷ୍ଠିତ । ବାସ୍ତବ ଜଗତ୍‌ରେ ଏଇ ମହା ପ୍ରତୀକ, ଆଧ୍ୟାତ୍ମ ଜଗତ୍‌ର ଏଇ ମହାପ୍ରକାଶ, ଅବ୍ୟକ୍ତର ଏଇ ମହାବ୍ୟକ୍ତ, ଅକ୍ଷରର ଏଇ ଅନନ୍ତ କ୍ଷର ସ୍ୱରୂପ ଜୀବନ୍ତ ଚେତନା ଓ ପ୍ରେରଣାରେ ଆଜି ଭାରତୀୟ ମହାମାନବର ବିକାଶ-ଧର୍ମ ରୂପେ, ଅନନ୍ତ ଉନ୍ମେଷର ପାବନ ସ୍ଫୁରଣରେ ଉଭିନ୍ନ । ପୂଜାର ଏ ଅମା; ଆଧ୍ୟାତ୍ମିକତାରେ ଭାରତ ଆଜି ବିହ୍ୱଳ । ଭାରତର ବ୍ୟକ୍ତି-ଧର୍ମ ସମାଜ ପାଇଁ । ସମାଜଇ ବ୍ୟକ୍ତିର ପ୍ରତିଷ୍ଠା । ଏଇ ଶକ୍ତିଇ ସମାଜର ଶୃଙ୍ଖଳା ତଥା ବ୍ୟକ୍ତିର ସ୍ଥିତି । ସେଇ ପ୍ରତିଷ୍ଠା ଓ ସେଇ ସ୍ଥିତି, ଭାରତରେ ଜାଗ୍ରତ ରହୁ । ସମାଜରେ ଆତ୍ମଦାନ କରି ଭାରତୀୟ ମାନବ ଧର୍ମରେ ବିଶ୍ୱ ସମାଜର ଜୀବନ୍ତ ଶକ୍ତିକୁ ଯଥାର୍ଥ ଆରାଧନାରେ ସେବା କରୁ । ଶୃଙ୍ଖଳାରେ ସମାଧାନ ଆସୁ । ଶକ୍ତିରେ ଶାନ୍ତି ଫୁଟୁ ।

ନୂଆପ୍ରସ୍ଥ-୧/୧୦

Digitized by PPRACHIN, SOA

ରଥଯାତ୍ରା

କାର୍ ଅଫ୍ ଜଗର୍ ନାଉଟ୍

ଏଇ ରଥଯାତ୍ରା ହୋଇ ଯାଇଚି । ଜଗନ୍ନାଥଙ୍କର ଏ ଯାତ୍ରାଟି ବଡ଼ ପ୍ରସିଦ୍ଧ । ଏହାର ଖ୍ୟାତି ଖାଲି ଭାରତରେ କାହିଁକି, ଭାରତ ବାହାରେ ମଧ୍ୟ ବ୍ୟାପିଚି । ପୂର୍ବେ ଲୋକେ କୁଆଡ଼େ ମୁକ୍ତି ପାଇବେ ବୋଲି ରଥ ଚକତଳେ ପଡ଼ି ଦେହତ୍ୟାଗ କରୁଥିଲେ । ସେକାଳ ପାଦ୍ରୀମାନେ ଏଇ କଥାଟାକୁ ପୃଥିବୀବ୍ୟାପୀ କରି ଦେଇଚନ୍ତି । ସେଥିପାଇଁ ଇଂରେଜୀରେ କଥାଟି ଚଳିଯାଇଛି, କାର୍ ଅଫ୍ ଜଗର୍‌ନାଉଟ୍ (Car Jaggarnaut - ଜଗନ୍ନାଥଙ୍କ ରଥ); ବୋଇଲେ, ଯାହା ଲୋକଙ୍କୁ ଦଳି ଚକଟି ଦେଇଯାଏ । ହୁଏତ ପୂର୍ବେ ରଥ ଟାଣିଲା ବେଳେ ସଂଭଳା ଯାଉନଥିଲା; ଲୋକଙ୍କ ଘରେ ଓ ଲୋକଙ୍କ ଉପରେ ମାଡ଼ି ଯାଉଥିଲା ।

ଏ କ'ଣ ବୁଦ୍ଧଦନ୍ତର ଯାତ୍ରା ?

କିଂତୁ ଏ ଯାତ୍ରାଟିର ମୂଳ କେଉଁଠି ଓ ଅର୍ଥ କଣ ? ଏହା ଏବେ ନାନାଭାବରେ ଆଲୋଚିତ ହେଉଚି । ଜଗନ୍ନାଥଙ୍କୁ ବୌଦ୍ଧବତାର କହନ୍ତି । ତେଣୁ ବୁଦ୍ଧ ଯେ ରାଜପୁତ୍ର ଥିଲାବେଳେ ଥରକୁ ଥର ରଥରେ ବୁଲି ବାହାରିଥିଲେ, ସେଇ କଥାରେ ଏ ରଥ ଯାତ୍ରାର ମୂଳ ଲୋକେ ଥୁଅନ୍ତି । ବୁଦ୍ଧଙ୍କ ଦାନ୍ତ କଳିଙ୍ଗକୁ ଆସିଥିଲା ଓ ଏଇଠାରୁ ତା ସିଂହଳକୁ ଯାଇଥିଲା । ସିଂହଳରେ ଏବେ କାଣ୍ଡି ନଗରରେ ସେ ଦନ୍ତ ଅଛି ବୋଲି କୁହାଯାଏ । ସେଠାରେ ସେଇ ଦନ୍ତକୁ ଘେନି ବର୍ଷକୁ ବର୍ଷ ଜ୍ୟୈଷ୍ଠ ମାସରେ ଏଇପରି ଏକ ଯାତ୍ରା ହୁଏ । ରଥରେ ନ ହୋଇ ଏବେ ଏହା ହାତୀରେ ହୁଏ । ଏହା ମଧ୍ୟ ୮ ଦିନ ହୁଏ । ମନ୍ଦିରରୁ ଏହା ଦୂର ମଣ୍ଡପକୁ ଉତ୍ସବ- ସମାରୋହରେ ନିଆ ହୋଇ ସେଠାରେ ଛଅଦିନ ରଖାହୋଇ ପୁଣି ମନ୍ଦିରକୁ ଫେରେ । ଏଇ ଯାତ୍ରାରେ ଫରୁଆ ଫିଟାଇ ଦାନ୍ତଟିକୁ କାଢ଼ି ସମସ୍ତଙ୍କୁ ଦେଖାଇବା ଭଳି ହାତୀ ଉପରେ ରଖାଯାଏ । ଅନ୍ୟ ସମୟରେ ମନ୍ଦିରରେ ଥିଲାବେଳେ ଫରୁଆ ମୁଦାଥାଏ । ଦନ୍ତକୁ ନ ଦେଖି ଲୋକେ ଫରୁଆକୁ ପୂଜା କରନ୍ତି । କଥାଅଛି, ବ୍ରହ୍ମଦେଶର ପେଗୁର ରାଜା 'ବ୍ରହ୍ମା' କେତେକାଳ ତଳେ ଏଇ ଦନ୍ତ ଲଂକାରୁ କିଣି ନେଇଥିଲେ । ସେ ମଧ୍ୟ କାଣ୍ଡିର ଦନ୍ତ ପରି ଗୋଟିଏ ଦନ୍ତ ପୂଜା କରନ୍ତି । ସେଠାରେ ମଧ୍ୟ ଏଇ ଦନ୍ତର ଠିକ୍ ଏଇପରି ଯାତ୍ରା ବର୍ଷକୁ ବର୍ଷ ହୁଏ ।

ହାତୀରେ ନାଁ ରଥରେ ?

ତେଣୁ କେତେକ ଐତିହାସିକ ପଣ୍ଡିତ କହନ୍ତି, ଜଗନ୍ନାଥ ସଂଗେ ବୁଦ୍ଧ ଦନ୍ତର ସାକ୍ଷାତ୍ ଓ ଘନିଷ୍ଠ ସଂପର୍କ ଅଛି ଓ ପୁରୀର ରଥଯାତ୍ରା ବୁଦ୍ଧରୂପୀ ବିଷ୍ଣୁଙ୍କ ଠାକୁ ସେଇ ଦନ୍ତ

Digitized by PPRACHIN, SOA

ଯାତ୍ରାରୁ ଆସିଚି । ରାଜପୁତ୍ର ସିଦ୍ଧାର୍ଥ ତ ହାତୀରେ ବାହାରୁ ନଥିଲେ । ରଥରେ ବିହାର କରିବାକୁ ବାହାରୁଥିଲେ । ତେଣୁ ସିଂହଳ ଓ ବ୍ରହ୍ମରେ ହାତୀରେ ହେଉ ଥିଲେହେଁ, ଏଇ ଯାତ୍ରା ମୂଳତଃ ରଥରେ ହେଉଥିଲା । ପୁରୀରେ ବରାବର ରଥରେ ହୋଇ ଆସୁଚି ।

ଜଗନ୍ନାଥ କ'ଣ ତେବେ ବୁଦ୍ଧ ?

ହେଲେହେଁ, ଏ ପୁରୀ ଯାତ୍ରା ସଂଗେ ସେ ଯାତ୍ରାର ସାକ୍ଷାତ୍ ସଂବଂଧ ଥିବାର କୌଣସି ପ୍ରମାଣ ମିଳିନାଇ । ହୁଏତ ଏ ସଂବଂଧ ସ୍ଥାପନ କରିବାରେ ସେପରି କୌଣସି ସତ୍ୟନାଇ । ଅବଶ୍ୟ ବୌଦ୍ଧ ପରଂପରାରେ ଅଛି, ବୁଦ୍ଧ ନିଜକୁ 'ଜଗନ୍ନାଥ' ବୋଲି କହିଥିଲେ । ବୁଦ୍ଧଙ୍କ ନିଜ କଥିତ ବୋଲି କୁହାଯାଇଥିବା ସୂତ୍ର ସାହିତ୍ୟରେ ପର୍ଯ୍ୟନ୍ତ ଏହା ଅଛି । ଖୁବ୍ ସଂଭବ, ବୁଦ୍ଧଙ୍କ ବେଳକୁ ଜୈନଦେବ ଜଗନ୍ନାଥ ପ୍ରତିଷ୍ଠିତ ହୋଇ ସାରିଥିଲେ । ଫଗୁଆରେ ବୁଦ୍ଧଦନ୍ତର ଯେଉଁ ଯାତ୍ରାଟି ହୁଏ, ତାହା ବରଂ ଜଗନ୍ନାଥଙ୍କ ରଥଯାତ୍ରାର ଅନୁକରଣ ବୋଲି ମନେ କରାଯାଇପାରେ । କାରଣ, ପରଂପରା କହେ, ଏଇ ବୁଦ୍ଧଦନ୍ତଟି ପ୍ରଥମେ କଳିଙ୍ଗରେ ପ୍ରତିଷ୍ଠିତ ହୋଇଥିଲା । ୩୧୦ ଖ୍ରୀଷ୍ଟାବ୍ଦରେ, ଅର୍ଥାତ୍, ଆଜକୁ ୧୬୪୦ ବର୍ଷତଳେ କଳିଙ୍ଗରୁ ଏହା ସିଂହଳକୁ ପଠାହୋଇ ସେଠାରେ ପ୍ରତିଷ୍ଠିତ ହୋଇଚି । ଜଗନ୍ନାଥ କଳିଙ୍ଗର ଦେବତା । ସେ ପୁଣି ଜୈନ ଦେବତା ।

ଏ ପରଂପରାର ବ୍ୟାପ୍ତି –

ବୌଦ୍ଧ ଧର୍ମ ମଧ୍ୟ ଜୈନଧର୍ମ । ଅବଶ୍ୟ ବୁଦ୍ଧଙ୍କ ନାମରେ ବୌଦ୍ଧଧର୍ମଟି ପୃଥିବୀରେ ବହୁ ପ୍ରଚାର ଲଭିଚି । ଅଶୋକ, କନିଷ୍କଙ୍କ ପରି ସମ୍ରାଟମାନେ ଏଇ ଧର୍ମକୁ ଆଦରି ଏହାର ବିଶେଷ ପ୍ରଚାର କରିଚନ୍ତି । ପୃଥିବୀରେ ବୁଦ୍ଧଧର୍ମର ଇତିହାସରେ ମୂଳ ବୌଦ୍ଧ ଥେରବାଦୀଙ୍କ ଠାରୁ ବଙ୍ଗ, ନେପାଳ ତିବ୍ବତର ବଜ୍ରଯାନୀ ଓ ତତ୍ପରବର୍ତ୍ତୀ ସହଜଯାନୀମାନେ, ସମସ୍ତେ ନିଜକୁ ବୌଦ୍ଧ ବୋଲି ପରିଚୟ ଦିଅନ୍ତି । ୟୁରୋପୀୟ ପଣ୍ଡିତମାନେ ଏକ ସମୟରେ ଶାକ୍ୟମୁନିଙ୍କ ବୌଦ୍ଧଧର୍ମ ଓ ବର୍ଦ୍ଧମାନ ମହାବୀରଙ୍କ ଜୈନଧର୍ମ, ବେଦବାଦଧର୍ମର ବିରୋଧରେ ଫୁଟିଥିଲା ବୋଲି ସ୍ଥିର କରି ପ୍ରଚାର କରିଯାଇଚନ୍ତି । ଏହା ଏକାନ୍ତ ଭ୍ରାନ୍ତ ଧାରଣା ହେଲେହେଁ, ଆମେ ଏଇ ଧାରଣାର ଶିଷ୍ୟତ୍ୱ ଛାଡ଼ି ନାହୁଁ ।

ଦନ୍ତଯାତ୍ରା ଜଗନ୍ନାଥରୁ ଗୃହୀତ କି ?

ଜୈନଧର୍ମ ବହୁ ପ୍ରାଚୀନ । 'ନିର୍ଗ୍ରନ୍ଥ' ମହାବୀର ଓ 'ଆରିୟ-ପଥୀ' ଶାକ୍ୟମୁନି, ଦୁହେଁ ଥିଲେ ଜିନ । ଦୁହେଁ ନିଜକୁ ବୁଦ୍ଧ ବୋଲି କହୁଥିଲେ । ଶଙ୍କରାଚାର୍ଯ୍ୟ ପ୍ରଭୃତି ଶାକ୍ୟମୁନି ବୁଦ୍ଧଙ୍କୁ ମଧ୍ୟ ଜିନ ବୋଲି କହି ଯାଇଚନ୍ତି । ଏଇ ଜିନଙ୍କ ଭିତରେ – ବିଶେଷରେ

Digitized by PPRACHIN, SOA

ଆଦିତୀର୍ଥଙ୍କର ଋଷଭନାଥଙ୍କର ରଥଯାତ୍ରା ହେଉଥିଲା । ସେକାଳ ବୌଦ୍ଧମାନେ ଦନ୍ତ ସଂବଂଧରେ ହୁଏତ ସେଇଯାତ୍ରାର ଅନୁକରଣ କରୁଥିଲେ । ଏବେ ସିଂହଳ, ବ୍ରହ୍ମରେ ତାହା ହାତୀରେ ହେଉଚି । ଫରୁଆ ଫିଟାଇ ସମସ୍ତଙ୍କୁ ଦେଖାଇବା ଓ ଛୁଆଁଇବା ଖୁବ୍ ସମ୍ଭବ ଜଗନ୍ନାଥଙ୍କ ରଥଯାତ୍ରାରୁ ଅନୁକରଣ କରାଯାଇଚି ବୋଲି ମନେହୁଏ । ତା ନହେଲେ, ବୁଦ୍ଧଦନ୍ତକୁ ଏପରି ଫରୁଆରେ ଲୁଚାଇ ରଖିବା ଓ ଆଠଦିନ ପାଇଁ ବାହାରକୁ କାଢ଼ି ମଣ୍ଡପରେ ରଖି ଭିକ୍ଷୁ, ଶ୍ରାବକ ଓ ଅନ୍ୟମାନଙ୍କୁ ଦେଖାଇବା, ଛୁଁଆଇବାର ଅନ୍ୟ କିଛି କାରଣ ଥିଲା ପରି ଲାଗୁନାଇ ।

ଅନ୍ୟଧର୍ମ ନିଜଧର୍ମକୁ ଜଗନ୍ନାଥ କରିବାରେ ଲାଗିଚନ୍ତି -

(୧) ଭାଗବତ ଧର୍ମ -

ପ୍ରାଗୈତିହାସିକ ଭାରତରେ ଜଗନ୍ନାଥଙ୍କର ବିରାଟ ପ୍ରତିଷ୍ଠା ଥିଲା । ନିଜଧର୍ମକୁ ବଡ଼ କରିବା ପାଇଁ ଭାରତର ଅନ୍ୟପ୍ରସିଦ୍ଧ ଧର୍ମପନ୍ଥୀମାନେ ନିଜଧର୍ମକୁ ଜଗନ୍ନାଥଙ୍କ ଧର୍ମ ବୋଲି ଯୁକ୍ତି ଦେଖାଇ ପ୍ରମାଣ କରି ପ୍ରଚାର କରିବାର ଖୁବ୍ ଦେଖାଯାଏ । ମହାଭାରତରେ ଶାନ୍ତି ପର୍ବରେ ପ୍ରଥମେ ପ୍ରଚାର ପାଇଥିବା ଅତି ପ୍ରସିଦ୍ଧ ଆଗମିକ ଭାଗବତ ଧର୍ମ ବର୍ଣ୍ଣନାରେ କୁହାଅଛି, 'ଏ ଧର୍ମ ନାରଦଙ୍କୁ ଯେଉଁ ନାରାୟଣ ଦେଇଥିଲେ, ଜଗନ୍ନାଥ ହେଉଚନ୍ତି ସାକ୍ଷାତ୍ ସେଇ ନାରାୟଣ ।' ଶ୍ଳୋକଟି ହେଉଚି :-

"ଏଷ ଧର୍ମୋ ଜଗନ୍ନାଥାତ୍
ସାକ୍ଷାନ୍ନାରାୟଣାନ୍ନୃପ,
ନାରଦେନ ତୁ ସଂପ୍ରାପ୍ତଃ
ସରହସ୍ୟ ସସଂଗ୍ରହଃ ।"

(୨) ଗୀତାଧର୍ମ -

ସେଇ ନାରାୟଣୀୟ ଭାଗବତ ଧର୍ମ ପୁଣି କୃଷ୍ଣ ନିଜେ ଭଗବାନ୍ ରୂପରେ ଗୀତାରେ ସାଙ୍ଗୋପାଙ୍ଗଭାବରେ ବିବସ୍ୱାନ୍ - ମନୁ - ଇକ୍ଷ୍ୱାକୁ - ପରଂପରାକୁ ଧରି ପ୍ରତିପାଦନ ଓ ପ୍ରଚାର କରିଚନ୍ତି । ସେଥିରେ ମଧ୍ୟ ସେତେବେଳେ ବି ଚଳୁଥିବା ପୁରୁଷୋତ୍ତମ ନାମରେ ଏଇ ପୁରୁଷୋତ୍ତମ-ପୁରୀର ଜଗନ୍ନାଥଙ୍କୁ ସେ ଧର୍ମର ଲୋକଉପାସ୍ୟ ଦେବ ବୋଲି ପ୍ରମାଣ କରି ଦେଖାଇଚନ୍ତି ।

(୩) ତନ୍ତ୍ର -

ଏହାଛଡ଼ା ଭାରତର ମୌଳିକ ଆଗମ, ଯାମଳ ଓ ମହାଯାନ ବୌଦ୍ଧତନ୍ତ୍ର ପ୍ରଭୃତିରେ ପୁରୁଷୋତ୍ତମ ଓ ଜଗନ୍ନାଥଙ୍କର ଉପାସନା ପ୍ରଚାରିତ ହୋଇଚି । ତନ୍ତ୍ରଯାମଳ କହନ୍ତି, ଭାରତର ଉତ୍କଳ ଦେଶରେ ଦାରୁରୂପୀ ଜଗନ୍ନାଥ ପୁରୁଷୋତ୍ତମ ବୋଲି ପୂଜିତ ହୁଅନ୍ତି ।

Digitized by PPRACHIN, SOA

ପଣ୍ଡିତମାନେ ସ୍ଥିର କରନ୍ତି, ତନ୍ତ୍ରଯାମଳ ଖ୍ରୀଷ୍ଟୀୟ ୨ୟ ଶତାବ୍ଦୀରୁ ଅର୍ବାଚୀନ ନୁହେଁ । ତାହାର ଦୁଇ ତିନିଶ ବର୍ଷପରେ ଲେଖାଯାଇଥିବା ରୁଦ୍ରଯାମଳରେ ଅଛି ଯେ, ଶୈବମାନେ ମଧ୍ୟ ଜଗନ୍ନାଥଙ୍କୁ ନିଜ ଦେବତା ବୋଲି ପୂଜା କରନ୍ତି ।

(୪) ବଜ୍ରଯାନ ଓ ସହଜଯାନ -

ମହାଯାନର ବୌଦ୍ଧତନ୍ତ୍ରରେ ଖ୍ରୀଷ୍ଟ ୭ମ, ୮ମ ଶତାବ୍ଦୀରେ ଅନଙ୍ଗବଜ୍ର, ଇନ୍ଦ୍ରଭୂତି ପ୍ରଭୃତି ସିଦ୍ଧମାନେ ଜଗନ୍ନାଥଙ୍କୁ ଖୁବ୍ ପୂଜା ପ୍ରଣିପାତ କରିଚନ୍ତି । ସହଜଯାନପନ୍ଥୀ ଇନ୍ଦ୍ରଭୂତି ଜଗନ୍ନାଥଙ୍କୁ ପ୍ରଣାମ କରି ନିଜର ଜ୍ଞାନସିଦ୍ଧି ଗ୍ରନ୍ଥ ଆରମ୍ଭ କଲାବେଳେ ଜଗନ୍ନାଥଙ୍କୁ କହିଚନ୍ତି 'ସର୍ବଜିନବରାର୍ଚିତ' ଓ 'ସର୍ବବୁଦ୍ଧମୟ'।

ରଥଯାତ୍ରା-ଆଦିମ ଜୈନ ଯାତ୍ରାରୁ' ଗୃହୀତ

ଏ ସବୁରୁ ଖୁବ୍ ଅନୁମାନ କରାଯାଇପାରେ, ଜୈନମାନଙ୍କ ଭିତରେ ଯେଉଁ ରଥଯାତ୍ରା ପ୍ରଚଳିତ ଥିଲା, ତା ସଙ୍ଗେ ଜଗନ୍ନାଥଙ୍କ ରଥଯାତ୍ରାର ଘନିଷ୍ଠ ସଂପର୍କ ଅଛି । ପରବର୍ତୀ କାଳରେ ବୌଦ୍ଧପନ୍ଥୀ ଜୈନମାନେ ଏଇ ଯାତ୍ରା ନିଜ ସ୍ତୁପରେ ପ୍ରତିଷ୍ଠିତ ଥିବା ଦନ୍ତପରି ସ୍ମାରକମାନଙ୍କ ସମ୍ବନ୍ଧରେ ବ୍ୟବହାର କରୁଥିଲେ। ତେଣୁ କାଣ୍ଡି ଓ ପେଗୁରେ ପୂଜିତ ହେଉଥିବା ବୁଦ୍ଧଦନ୍ତକୁ ଘେନି ରଥଯାତ୍ରା ପରିବର୍ତରେ ଆଜି ହସ୍ତୀଯାତ୍ରା ହେଉଚି ।

ଏହା କୃଷ୍ଣଙ୍କ ଘୋଷଯାତ୍ରା ନୁହେଁ

(୧) ଜଗନ୍ନାଥ କୃଷ୍ଣ ନୁହଁନ୍ତି -

ଏବେ ଭାଗବତ ଧର୍ମର କୃଷ୍ଣଙ୍କୁ ଜଗନ୍ନାଥ ବୋଲି ଧରି କୃଷ୍ଣଭକ୍ତମାନେ ଏହାକୁ କୃଷ୍ଣଙ୍କ ଘୋଷଯାତ୍ରା ବୋଲି କହନ୍ତି । ଏହା ଭୁଲ୍ । ପ୍ରଥମ କଥା, ଭାଗବତ ଧର୍ମ ବାସୁଦେବ କୃଷ୍ଣଙ୍କ ଧର୍ମ ବୋଲି ପରିଚିତ । ଏଇ ବାସୁଦେବ କୃଷ୍ଣ ବା ନାରାୟଣଙ୍କୁ ସାକ୍ଷାତ୍ ଜଗନ୍ନାଥ ବୋଲି ମହାଭାରତରେ କୁହାହୋଇଛି । ତେଣୁ କୃଷ୍ଣ ବା ନାରାୟଣ, ଜଗନ୍ନାଥ ବୋଲି ନିଜକୁ ପରିଚୟ ଦେଇପାରନ୍ତି । କିନ୍ତୁ ଜଗନ୍ନାଥ କେବେ ପରମ୍ପରାରେ କୃଷ୍ଣ ନୁହନ୍ତି । ପୂର୍ବ ଭାରତର ତନ୍ତ୍ର ଓ ବୃନ୍ଦାବନର ଗୋପୀରମଣ କୃଷ୍ଣଙ୍କ ଧର୍ମ, ଗତ ସହସ୍ର ବର୍ଷ ଭିତରେ ଜଗନ୍ନାଥ ଧର୍ମକୁ ନାନା ଭାବରେ ଖୁବ୍ ଆକ୍ରମଣ କରିଚି । ମନ୍ଦିର ଭିତରେ ଗଙ୍ଗକାଳପରେ ପଶୁବଳିସେବିନୀ ବିମଳାଙ୍କୁ ବସାଇ ଜଗନ୍ନାଥଙ୍କୁ ସେଇ ବିମଳାଙ୍କର ଭୈରବ କରିବାର ଉଦ୍ୟମ ହୋଇଚି । ପ୍ରତାପରୁଦ୍ରଙ୍କ କାଳ ପରେ ଜଗନ୍ନାଥଙ୍କ ନୈବେଦ୍ୟ ମନ୍ତ୍ରକୁ ବଦଳାଇ କରାଯାଇଚି- "ଓଁ କ୍ଲୀଂ କୃଷ୍ଣାୟ ଗୋବିନ୍ଦାୟ ଗୋପୀଜନବଲ୍ଲଭାୟ ସ୍ୱାହା ।" କିଂତୁ ତଥାପି, ଲୋକରେ ଓଡ଼ିଶାରେ ଜଗନ୍ନାଥଙ୍କୁ ଗୋପୀଜନବଲ୍ଲଭ କୃଷ୍ଣ ବୋଲି ଭାବିବା ଦୂରେ ଥାଉ, ଖାଲି କୃଷ୍ଣ ବୋଲି ମଧ୍ୟ କେହି ମନେ କରନ୍ତି ନାଇ ।

(୨) କୃଷ୍ଣଙ୍କ ମଥୁରା ଯାତ୍ରାରେ ବାହୁଡ଼ା ବିଜେ ନାଇ

Digitized by PPRACHIN, SOA

ପୁଣି କୃଷ୍ଣ ଭକ୍ତମାନେ ଯେଉଁ ଘୋଷଯାତ୍ରା କଥା କହନ୍ତି, ସେଥିରେ ରଥରେ ବସି ଅକ୍ରୁରଙ୍କ ସଂଗେ କେବଳ କୃଷ୍ଣ, ବଳରାମ ଦୁହେଁ ଗୋପରୁ ମଥୁରାକୁ ଯାଇଥିଲେ । ସେଥିରେ ସଂଗେ ସୁଭଦ୍ରା ନ ଥିଲେ । କିଂବା କୃଷ୍ଣ ବଳରାମ ବାହୁଡ଼ା ବିଜେ କରି ନଥିଲେ ।

(୩) ଘୋଷଯାତ୍ରା କଂସଙ୍କର, କୃଷ୍ଣଙ୍କର ନୁହେଁ

ଆଉରି ମଧ ଦେଖିବାର ଅଛି, କଂସ ଘୋଷଯାତ୍ରା ଦେଖିବା ପାଇଁ କୃଷ୍ଣ, ବଳରାମଙ୍କୁ ଲୋଡ଼ିଥିଲେ । ସେଥିପାଇଁ ରଥ ସାଙ୍ଗେ ଦେଇ ସେ ଅକ୍ରୁରଙ୍କୁ ଗୋପକୁ ପଠାଇଥିଲେ । ଏହା କୃଷ୍ଣ, ବଳରାମଙ୍କ ଘୋଷଯାତ୍ରା ନୁହେଁ ।

(୪) ଘୋଷଯାତ୍ରା ବି ଏପରି ଯାତ୍ରା ନୁହେଁ

ଏ ଯାତ୍ରା, ଘୋଷଯାତ୍ରା ନ ହେବାର ଆଉରି ମଧ କାରଣ ଅଛି । ପୂର୍ବେ ରାଜାମାନେ ମଧେ ମଧେ ଘୋଷଯାତ୍ରା କରୁଥିଲେ । ଗାଈଥିଲେ ରାଜାଙ୍କର ଧନ / ସେଇ ଗାଈମାନେ ରାଜଧାନୀରୁ ଦୂରରେ ବନପଲ୍ଲୀରେ ରଖା ହେଉଥିଲେ । ଗଉଡ଼ ବା ଘୋଷମାନେ ସେ ଗାଈଙ୍କୁ ରଖିବାରେ ନିଯୁକ୍ତ ଥାନ୍ତି । ମଧେ ମଧେ ରାଜା ରଥରେ ଚଢି ସେଇ ଘୋଷପଲ୍ଲୀରେ ଗାଈମାନଙ୍କୁ ଦେଖିବାକୁ ଯାନ୍ତି । ତାକୁଇ କହନ୍ତି, ଘୋଷଯାତ୍ରା । ବନବାସୀ ପାଣ୍ଡବମାନଙ୍କୁ ଭାଗ୍ୟ ଦେଖାଇବା ପାଇଁ ଥରେ ଦୁର୍ଯ୍ୟୋଧନ ଦ୍ୱୈତ ବନକୁ ଏଇପରି ଘୋଷଯାତ୍ରା କରି ଆସିଥିବା ମହାଭାରତରେ ଅଛି । ଜଗନ୍ନାଥଙ୍କର ରଥ ଯାତ୍ରାରେ ଏପରି ଘୋଷଯାତ୍ରାର ସଂବଧ ନାଇ ।

ପୁଣି ରଥଯାତ୍ରା ଅତି ଆଦିମ

ନୃତତ୍ତ୍ୱବିତ୍ ହୁଟନ୍ ସାହେବ (Hutton) ଲେଖିଚନ୍ତି, ଅସାମ ଓ ପ୍ରଶାନ୍ତ ମହାସାଗରୀୟ ଆଦିମଙ୍କ ଭିତରେ, ନିଜର କାଠ ବା ପାଷାଣର ଦେବତାଙ୍କୁ ଚକ ନ ଥିବା ରଥରେ ଘୋଷାରି ଘୋଷାରି ଗାଁଆରେ ବୁଲାନ୍ତି । ସେଥିରେ ଗ୍ରାମର ମଂଗଳ ହୁଏ ବୋଲି ବିଶ୍ୱାସ । ଏହା ଚକ ଆବିଷ୍କୃତ ହୋଇ ନ ଥିବା ବେଳର ଅବଶେଷପରି ମନେହୁଏ । ପୁଣି ଆଗେ ରାଜାସମ୍ରାଟ୍ ମାନେ ରଥରେ ଜୈତ୍ର ଯାତ୍ରାରେ ବାହାରୁଥିଲେ । ଦେବତାଙ୍କୁ ମଧ ସର୍ବତ୍ର ସେଇ ରାଜାସମ୍ରାଟ୍‌ଙ୍କ ପରି ମନେ କରାଯାଉଥିଲା । ସୂର୍ଯ୍ୟ ହେଉଚନ୍ତି, ପୃଥିବୀରେ ସର୍ବତ୍ର ଆଦିଦେବ ଓ ସବୁ ପ୍ରାଚୀନ ଦେଶରେ ଆଦି ରାଜବଂଶର ଆଦି ପୁରୁଷ । ତେଣୁ ସୂର୍ଯ୍ୟଙ୍କ ସଙ୍ଗେ ରଥର କଳ୍ପନା ।

ଜୈନ ଆଦିନାଥଙ୍କର ଏ ଯାତ୍ରାରେ ସମ୍ବନ୍ଧ-କଳିଙ୍ଗ-ଜିନ ଓ ଖାରବେଳ

ଖୁବ୍ ସଂଭବ ଜୈନ ଋଷଭଦେବଙ୍କ ଠାରୁ, ଏ ଯାତ୍ରା ଆସିଚି ବୋଲି କୁହାଯାଇଚି । ଏଇ ଜଗନ୍ନାଥଙ୍କୁ ମଧ ଜୈନମାନଙ୍କର ଆଦିନାଥ ବା ଋଷଭନାଥ ବୋଲି ଆଗେ କହୁଥିଲେ । ଏହା ମାଦଳାପାଞ୍ଜିରୁ ମିଳୁଚି ବୋଲି ମଧ କୁହାଯାଉଚି । ଖାରବେଳଙ୍କ

Digitized by PPRACHIN, SOA

ହାତୀଗୁମ୍ଫା ଲେଖରୁ ମିଳୁଚି, ସେଇ ଖାରବେଳଙ୍କ ରାଜତ୍ୱର ତିନିଶହ ବର୍ଷ ପୂର୍ବରୁ କଳିଙ୍ଗ ରାଜଧାନୀରୁ 'କଳିଙ୍ଗ-ଜିନ'ଙ୍କୁ ମଗଧରୁ କୌଣସି ନନ୍ଦରାଜ ମଗଧରାଜଧାନୀକୁ ଘେନିଯାଇଥିଲେ । ଏଇ କଳିଙ୍ଗ ଜିନଙ୍କୁ ମଗଧକୁ ଫେରାଇ ଆଣିବା ପାଇଁ ଖାରବେଳଙ୍କୁ କଳିଙ୍ଗ ବିଜୟର ଅଭିଯାନ କରିବାକୁ ହୋଇଥିଲା । ଖାରବେଳ ଯେତେ ଅର୍ବାଚୀନ ହେଲେ ମଧ ତାଙ୍କ ସମୟ ଆଜକୁ ପ୍ରାୟ ଦୁଇହଜାର ବର୍ଷରୁ ଊଣା ନୁହେଁ । ବୁଦ୍ଧଙ୍କ 'ପରିନିର୍ବାଣ' ଠାରୁ ଖାରବେଳଙ୍କ କାଳ ଚାରିଶହ ବର୍ଷରୁ ଊଣା, ଅଧିକ ନୁହେଁ । ତେବେ ମଗଧର ନନ୍ଦରାଜା ଯେଉଁ କଳିଙ୍ଗ-ଜିନଙ୍କୁ ଘେନି ଯାଇଥିଲେ, ତାହା ବୁଦ୍ଧ-ପରିନିର୍ବାଣର ଶହେବର୍ଷ ଭିତର କଥା । ତେବେ, ସେଇ କ'ଣ ବୁଦ୍ଧଦନ୍ତ ? ତେବେ ତା ନାମ 'କଳିଙ୍ଗ-ଜିନ' ହେଲା କାହିଁକି ? ପୁଣି ସେତେବେଳେ ବୌଦ୍ଧଙ୍କ ଭିତରେ ମୂର୍ତିପୂଜା ନ ଥିଲା । ସ୍ମାରକକୁ ପୁଣି ସ୍ୱୟଂ ବୁଦ୍ଧ ବା ଜିନ ବୋଲି କହିବାର କୌଣସି କାରଣ ନଥିଲା ।

ଜଗନ୍ନାଥ ମୂର୍ତିପୂଜା ନୁହେଁ - ଏହା ସଙ୍କେତ, ତେଣୁ ଜୈନ

ଜିନମାନଙ୍କ ଭିତରେ ମୂର୍ତିପୂଜା ସେବେ ଚଳି ନ ଥିଲା, ପରେ ବି ଚଳି ନାଇ । ସ୍ମାରକ ଠାରୁ ତୀର୍ଥଙ୍କରମାନଙ୍କର ସଂକେତପୂଜା, ସେମାନଙ୍କ ଭିତରେ ବେଶି ପ୍ରଚଳିତ ଥିଲା । ପାଦଚିହ୍ନ ଛଡ଼ା ଅନ୍ୟ ସ୍ମାରକ ବି ଜୈନଙ୍କ ଭିତରେ ଏବେ ନାଇ । କିନ୍ତୁ ତୀର୍ଥଙ୍କର ଓ ଶ୍ରେଷ୍ଠ ଜୈନମାନଙ୍କର ମୂର୍ତି ପୂଜା ଏବେ ଚଳି ଯାଇଚି । ପୂର୍ବେ ଥିଲା ସେଇ ମୂର୍ତିର ସଂକେତ ।

ଆଦିନାଥ ଋଷଭ ହେଉଚନ୍ତି, ସୂର୍ଯ୍ୟର ସଂକେତ

କଳିଙ୍ଗ - ଜିନ, ଆଦିନାଥ ବା ଋଷଭନାଥଙ୍କର ସଂକେତ ଥିବା ବିଚିତ୍ର ନୁହେଁ । ପୁଣି ଏଇ ଋଷଭ ନାମଟି ସୂର୍ଯ୍ୟ ଦେବଙ୍କର ସଂକେତ ହୋଇଥିବାର ପ୍ରମାଣ ମିଳୁଚି । ଆଜକୁ ପାଞ୍ଚ ହଜାରରୁ ଅଧିକ ବର୍ଷତଳେ ସୁମେରୀୟମାନେ ଆଦିସୂର୍ଯ୍ୟଙ୍କୁ ଋଷଭ ବୋଲି କଳ୍ପନା କରିଥିଲେ । ବିଷୁବନ୍ ସେତେବେଳେ ଏବର ଋଷଭ ବା ବୃଷ ରାଶିରେ ଥିଲା । ସୁମେରୀୟ ଲେଖରୁ ପ୍ରମାଣ ମିଳୁଚି, ସେତିକିବେଳେ ସେ ଦେଶରେ ଚାଷ ପାଇଁ ହଳ କରୁଥିବା ଆରମ୍ଭ ହେଉଥିଲା । ହଳରେ ବୃଷଭ ଲାଗୁଥିଲେ । ସୂର୍ଯ୍ୟ, ଏଇ ବୃଷଭରୁ ସମସ୍ତ ରାଶିଚକ୍ରରେ ହଳ ବୁଲାଉଥିଲେ । ତେଣୁ ସୂର୍ଯ୍ୟ ହେଲେ, ଆଦିନାଥ ବା ଋଷଭନାଥ । ଏଇ ସୂର୍ଯ୍ୟ ମଧ ସେ କାଳ ଜଗତରେ ଭାରତ, ସୁମେର, ଇଜିପ୍ଟ ପ୍ରଭୃତି ସବୁ ପ୍ରାଚୀନ ରାଜବଂଶରେ ଆଦିପୁରୁଷ ।

ବୈଦିକ ସୂର୍ଯ୍ୟ ଓ ତାଙ୍କ ରଥ

ବାମନ ଓ ଆତ୍ମା -

ବେଦରେ ଅଛି, ଏଇ ସୂର୍ଯ୍ୟ ରଥରେ ବସି ତିନି ଖେପାରେ ଆକାଶରେ ପ୍ରତିଦିନ ପୂର୍ବରୁ ପଶ୍ଚିମକୁ ଯାନ୍ତି । ଋକ୍‌ବେଦରେ ଏଇ ସୂର୍ଯ୍ୟ ହେଉଚନ୍ତି, ବିଷ୍ଣୁ । ବ୍ରାହ୍ମଣରେ ଏଇ

Digitized by PPRACHIN, SOA

ସୂର୍ଯ୍ୟ ହେଲେ ବାମନ । ରଥର ତିନି ଖେପାଟି ହେଲା ବଳିଙ୍କ ଠାରୁ ମାଗିବା ତିନି ପାଦ ଭୂମି- ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ । ଉପନିଷଦ୍‌ରେ ଆତ୍ମାର ନାମ ହେଉଚି, ବାମନ । ସେଇ ବାମନ ବା ଆତ୍ମା ସର୍ବଦା ଶରୀର ରୂପ ରଥରେ ବିଜେ କରିଚନ୍ତି ବୋଲି ଉପନିଷଦ୍‌ରେ ବର୍ଣ୍ଣନା ଅଛି । ଏଇ କଥାଟିକୁ ପୁରାଣ କଳ୍ପନାରେ ଜଗନ୍ନାଥରେ ଲଗାଇ କୁହାଯାଇଚି ।

"ରଥସ୍ଥଂ ବାମନଂ ଦୃଷ୍ଟ୍ୱା ପୁନର୍ଜନ୍ମ
ନ ବିଦ୍ୟତେ ।"

ଅର୍ଥାତ୍, ରଥରେ ଥିବା ବାମନକୁ ଦେଖିଲେ, ଆଉ ପୁନର୍ଜନ୍ମ ହୁଏ ନାଇ । ଏଠାରେ ଜଗନ୍ନାଥ ହେଉଚନ୍ତି, ବାମନ, ଅର୍ଥାତ୍, ଆତ୍ମାପୁରୁଷ । ପରଂପରାରେ ସେଇ ପୁଣି ହେଉଚନ୍ତି, ବିଷ୍ଣୁ, ସେଇ ସୂର୍ଯ୍ୟ - ତେଣୁ ସେଇ ମଧ ଋଷଭନାଥ । ଏଇ ଆଦିନାଥଙ୍କୁ ମଧଭାରତ ରାଜା ଇନ୍ଦ୍ରଦ୍ୟୁମ୍ନ, ବିଷ୍ଣୁରେ ପରିଣତ କରି ଦାରୁବ୍ରହ୍ମ ପ୍ରତିଷ୍ଠା କରିଥିବା କଥା ସମସ୍ତେ ଜାଣନ୍ତି ।

ରଥଯାତ୍ରା ସାତଦିନ କାହିଁକି ହୁଏ ?

ଏଇ ରଥ ତେଣୁ ଖୁବ୍ ସମ୍ଭବ ହେଉଚି, ସେଇ ଆଦିମ କଳ୍ପନାର ସୂର୍ଯ୍ୟଙ୍କ ରଥ । ତେବେ ରଥଯାତ୍ରାଟି ସାତଦିନ ହୁଏ କାହିଁକି ? ପୁରାଣ କହନ୍ତି,

"ଗତାଗତଂ ପରିତ୍ୟଜ୍ୟ ସପ୍ତାହଃ
ମଣ୍ଡପେ ସ୍ଥିତିଃ"

ଅର୍ଥାତ୍, ଯିବା ଆସିବା ଛାଡ଼ି ବାକି ୭ ଦିନ ମଣ୍ଡପରେ ରହଣି । ଏହାଇ ହେଉଚି ରଥ ଯାତ୍ରା । ପ୍ରାଚୀନ ସୁମେରୀୟ ଲେଖରୁ ଜଣାଯାଏ, ସେଇମାନେ ସାତଗ୍ରହଙ୍କ ସଂପର୍କରେ ସପ୍ତବାର ବାହାର କରିଥିଲେ । ଏଇ ସପ୍ତଗ୍ରହ ଭିତରୁ ଛଅଟିକୁ ରାତିରେ ସୂର୍ଯ୍ୟ, କିରଣ ଦିଅନ୍ତି । ବାକି ନିଜେ ସୂର୍ଯ୍ୟ ସବୁ ତାରାଙ୍କୁ ମଧ କିରଣ ଦିଅନ୍ତି । ଅତଏବ ଦିନର କାର୍ଯ୍ୟ ପରେ ସେ ପାତାଳକୁ ଯାଇ ସେଠାରେ ଏଇ ସାତୋଟିଙ୍କ ପାଇଁ କାର୍ଯ୍ୟ କରନ୍ତି । ଖୁବ୍ ସମ୍ଭବ, ଏଇ ଚିତ୍ରକୁ ପୌରାଣିକ ରୂପ ଦେବାପାଇଁ ସନ୍ଧ୍ୟାରେ ବିଶ୍ରାମ କରିବାକୁ ଯିବା, ତା ପରେ ସାତ ଗ୍ରହଙ୍କର ଏଇ ସାତୋଟି କର୍ମ ସମ୍ପାଦନ କରି ସାରି ସକାଳୁ ପୁଣି ନିଜ ସ୍ଥାନକୁ ଫେରିବାର ଯୋଜନାଟି ରଥଯାତ୍ରାରେ ଅନୁକରଣ କରାଯାଇଚି । ପୁଣି ସୁମେରୀୟ ଲେଖରୁ ପ୍ରକାଶ ପଡୁଚି, ରାତିରେ ପାତାଳ - ଲୋକରେ ଚିରକାଳ ରହିଥିବା ସୂର୍ଯ୍ୟବିରୋଧୀ ସାତୋଟି ରାକ୍ଷସଙ୍କ ସହିତ ସୂର୍ଯ୍ୟ ଲଢ଼ନ୍ତି ।

ବୁଦ୍ଧ ଦନ୍ତ ଯାତ୍ରା ଛଅଦିନ ବି ସେଇଆ

ଏଠି ସ୍ମରଣ କରାଇ ଦେବାର ଅଛି, ସିଂହଳର କାଣ୍ଡି ଓ ବ୍ରହ୍ମର ପେଗୁରେ ଦନ୍ତଯାତ୍ରା ଗତାଗତ ଦୁଇଦିନ ଛାଡ଼ି ୭ ଦିନ ନ ହୋଇ ୬ ଦିନ ହୁଏ । ହୋଇପାରେ ପ୍ରଥମେ, ନିଜେ ସୂର୍ଯ୍ୟଙ୍କୁ ଛାଡ଼ି ଛଅ ଗ୍ରହଙ୍କ ପାଇଁ ଛଅଦିନ ଯାତ୍ରା ବୋଲି କରାଯାଉଥିଲା ।

ନୂଆପ୍ରସ୍ଥ-୨/୯, ଆଲୋଚନା

Digitized by PPRACHIN, SOA

ଦୁର୍ଗାପୂଜା

ଦୁର୍ଗା, କଥାଟିର ଅର୍ଥ ହେଉଛି ଦୁର୍ଗତିନାଶିନୀ। ମନୁଷ୍ୟ ସବୁବେଳେ ଦୁର୍ଗତ। ପ୍ରକୃତିର ଅଜ୍ଞାତ ଶକ୍ତି ପ୍ରକାଶ, ତାକୁ ପ୍ରଭାବିତ କରେ, ଅଭିଭୂତ କରେ, କିଂକର୍ତ୍ତବ୍ୟବିମୂଢ଼ ମଧ୍ୟ କରେ। କିନ୍ତୁ ଦୁର୍ଗତ ଶିଶୁ ତଥା ମାନବାର ଗତି ହେଉଛି, ମାତା। ତେଣୁ ଏଇ ଦୁର୍ଗା ଦେବୀ ବହୁ ପ୍ରାଚୀନ କାଳରୁ ମାନବ ସମାଜରେ ଅଛନ୍ତି। ତଦବିଦ୍ ପଣ୍ଡିତମାନଙ୍କ ମତରେ ମାନବ ସମାଜରେ ଏଇ ଦେବୀଙ୍କ ଆବିର୍ଭାବ ଅନ୍ତତଃ କୋଡ଼ିଏ ହଜାର ବର୍ଷରୁ କମ୍ ନୁହେଁ। ବନରେ ଶୀକାର କରି ପଶୁଟାଏ ପକ୍ଷୀଟାଏ ମାଇଲେ, ସେଇ ମାତୃଦେବୀଙ୍କ ଅନୁଗ୍ରହରୁ ତାହା ହେଉଥିଲା। ସେହି ହେତୁ ମାତୃଦେବୀଙ୍କ ସଂଗେ ବଳୀର ସଂପର୍କ କ୍ରମେ ପ୍ରକଟିତ ହୋଇ ଆସିଚି।

ଏଇ ମାତୃଦେବୀଙ୍କର ଆଉ ଗୋଟିଏ ପ୍ରତିଷ୍ଠା ହେଉଚି, ପ୍ରଜନନ। ଆମେ ଦେଖିବା ପାଇଁ, ବୁଝିବା ପାଇଁ ତଥା ଅନୁଭବ କରିବା ପାଇଁ ପ୍ରଜନନଇ ସୃଷ୍ଟି ଧର୍ମ ତଥା ପ୍ରକାଶ ଧର୍ମ। ଅବଶ୍ୟ ଯାହାକୁ ଆମେ ପ୍ରକାଶ ବା ବିକାଶ ବୋଲି କହୁ, ତାହା ପ୍ରଜନନର ଗୋଟିଏ ନିତ୍ୟ ପରଂପରା ହେଲେ ବି ଏଇ ପ୍ରଜନନ ସଂଗେ ସେଇପରି ନିତ୍ୟ ଭାବରେ ପ୍ରକାଶ, ପ୍ରତ୍ୟବହାର ଓ ପ୍ରଳୟ ଲାଗି ରହିଚି। ବିଶ୍ୱ ବିକାଶର ସମସ୍ତ ପ୍ରଗତି କେବଳ ସଂହାର ଭିତରେ ଦେଖିବାକୁ ହୁଏ। ତା' ନ ଦେଖିଲେ, ବିଶ୍ୱ ବିକାଶ ଦେଖିବା ଏକାବେଳକେ ଅସଂଭବ।

ବିଶ୍ୱତନ୍ତ୍ରର ଏଇ ନିତ୍ୟ ଦର୍ଶନ ଦେଖାଇ ଦେବାର ଦେବାପାଇଁ ଭଗବାନ ଅନନ୍ତ ବିଶ୍ୱରେ ବିଭୂତିମୟ ସର୍ତ୍ତ-ପ୍ରକାଶ ଦେଖାଇ ସାରି ଏ ସମସ୍ତ ସୌନ୍ଦର୍ଯ୍ୟ, ଶୃଙ୍ଖଳା ଓ ବିଭବର ହେତୁଭୂତ ପ୍ରଚ୍ଛନ୍ନ ସଂହାର ଲୀଳା ନିଜର ବିଶ୍ୱରୂପରେ ଦେଖାଇ ଦେଇ ଶେଷକୁ ଅର୍ଜ୍ଜୁନକୁ ଦମ୍ଭ ଦେଇ ଗୀତାରେ କହି ଦେଇଛନ୍ତି:-

"କାଳୋଽସ୍ମି ଲୋକକ୍ଷୟକୃତ୍ ପ୍ରବୃଦ୍ଧଃ
ଲୋକାନା ସମାହର୍ତ୍ତୁ ମିହ ପ୍ରବୃତ୍ତଃ"।

ଅର୍ଥାତ୍, ହେ ଅର୍ଜୁନ, ଏ ସୃଷ୍ଟିରେ ମହାବିଭୂତିର ପରଂପରା ଭିତରେ ମୋର ଏଇ କାଳରୂପୀ ସଂହାର ମୂର୍ତ୍ତି ଦେଖ। ଏଇ ସଂହାର ଥିବାରୁ ଏକା ବିଶ୍ୱ-ବିକାଶରେ ଏ ସାମଞ୍ଜସ୍ୟ, ଏ ଶୃଙ୍ଖଳା- ବୈଷମ୍ୟରେ ଏ ସାମ୍ୟ। ମହା ବିଭିନ୍ନତା ଭିତରେ ଏ ଅନନ୍ତ ସମାହାର।

ମା ଭୁବନେଶ୍ୱରୀ ହେଉଛନ୍ତି, ଚଣ୍ଡୀ। ସେଇ ଗୌରୀ, ସେଇ କାଳୀ ସେଇ ଷୋଡଶୀ, ସେଇ ଛିନ୍ନମସ୍ତା। ବିଶ୍ୱ ପ୍ରସବିନୀ, ଦୁର୍ଗତିନାଶିନୀ, ସେଇ ଏକା ତ୍ରିମୁଣ୍ଡମାଳିନୀ,

Digitized by PPRACHIN, SOA

ଖଡ଼୍‌ଗଖର୍ପରଧାରିଣୀ । ଏ କଳ୍ପନାର ମୂଳରେ ସେଇ ବିଭୂତିମୟ ସଂହାର ସମାକୁଳ-ବିଶ୍ୱରୂପ । ବଗଳାମୁଖୀଙ୍କ ଧ୍ୟାନରେ ସେଇ ଏକା-

"ମଧ୍ୟେ ସୁଧାବ୍‌ଧିମଣି-ମଣ୍ଡପ-ରତ୍ନବେଦୀ
ସିଂହାସନୋପରିଗତାଂ ପରି ପୀତବର୍ଣ୍ଣାଂ
ପୀତାମ୍ବରାଂକନକଭୂଷଣ ମାଲ୍ୟଶୋଭାଂ
ଦେବୀଂ ଭଜାମି ଧୃତ-ମୃଦଗର-ବୈରିଜିହ୍ୱାଂ ॥

ଏଇପରି ଦେବୀଙ୍କ ଧ୍ୟାନରେ ସୁଧାବ୍‌ଧି ଭିତରେ ମଣିମଣ୍ଡପ ରତ୍ନବେଦୀ ଉପରେ ଦିବ୍ୟ କନକ ଭୂଷଣ ମାଲ୍ୟାମ୍ବରଧରା ମା' କ'ଣ କରୁଛନ୍ତି- ଗୋଟାଏ ହାତରେ ବୈରିର ଜିଭକୁ ଚିପି ଟାଣି ଧରିଛନ୍ତି, ଅନ୍ୟ ହାତରେ ତା ମୁଣ୍ଡ ପିଟି ଛତୁ କରି ଦେବେ ବୋଲି ମୁଦ୍‌ଗର ଉଠାଇଛନ୍ତି । ଏଇ ହେଉଛନ୍ତି ଆମର ବିଶ୍ୱ ଶୋଭାମୟୀ ଓ ନିତ୍ୟସଂହାରରୂପିଣୀ ମା ।

ଏଇ ମା ପୁଣି ବିଶ୍ୱ ପ୍ରଜନନର ପ୍ରତୀକ । ଇଂରାଜୀରେ ଯାହା କହନ୍ତି Symbol of fertility: ତେଣୁ ଅତି ଆଦିମ କାଳରୁ ଆଦିମାତା କେବଳ ମାନବିକ ପ୍ରଜନନ କ୍ରିୟାର ପ୍ରତୀକ ରୂପେ କଳ୍ପିତ ହୋଇ ଆସିଚନ୍ତି । ପ୍ରାଚୀନ ସୁମେରୁ ପ୍ରଭୃତି ଦେଶରେ 'ଇସ୍ଥର' ଓ 'ମା' ପ୍ରଭୃତି ଏଇ ଆଦିମାତାମାନଙ୍କର ସେଇ ପ୍ରଜନନମୟ ବିଶ୍ୱରୂପ ଅତ୍ୟନ୍ତ ପ୍ରକଟିତ ଥିଲା । ପ୍ରାଚୀନ ଇଜିପ୍ଟରେ ଆଦିମାତା ଇସସ୍, ଏଇ ପ୍ରଜନନ ନିମନ୍ତେ ସଂଗୀ କରିବାରେ ବାପ, ଭାଇ, ପୁଅ କାହାକୁ ବାଦ ଦେଉ ନଥିଲେ । ଭାରତରେ ବୌଦ୍ଧନାମୀ ବଜ୍ରଯାନ ଓ ତଦ୍‌ଭବ ହିନ୍ଦୁ ତନ୍ତ୍ର ଠାରୁ ସହଜିଆ ଓ ଗୌଡ଼ୀୟ ବୈଷ୍ଣବଙ୍କ ବୃନ୍ଦାବନ ଲୀଳା ପର୍ଯ୍ୟନ୍ତ ସର୍ବତ୍ର ଭିନ୍ନ ଭିନ୍ନ ଛନ୍ଦରେ ଏଇ ବିଶ୍ୱକବିତା-ପାରାବାରର ତରଙ୍ଗ ଫିଟିଚି ।

ଆଜି ପୁଣ୍ୟ ନିର୍ମଳ ଶରତକାଳ । ମା' ପୃଥିବୀ ମିଥୁନର ମେଘ ସଂଗମ ପରେ ଆଜି ପୂର୍ଣ୍ଣଗର୍ଭା-ପ୍ରଜନନ ପରା ଓ ପ୍ରସବିନୀ । ଶ୍ୟାମଳ ଶସ୍ୟସ୍ୱର୍ଣ୍ଣ ସୀସା ପ୍ରସବ କରିବ । ଏ ମହା ପ୍ରଜନନରେ ବିଶ୍ୱବାସୀର ବି ଆନନ୍ଦ । ଏ ମହାପ୍ରଜନନକର ପ୍ରତୀକ ମା ଆଜି ଘରେ ଘରେ ଯେପରିକି ବିକାଶ ଲୀଳାରେ ଉନ୍ମତ୍ତ । ସେଥିପାଇଁ ବିଶ୍ୱବ୍ୟାପୀ ଏଇ ମାତୃ ସମକ୍ଷମରେ ନାନା ଭାବରେ ଅଭିଭୂତ । ବିଶେଷରେ ବଂଗଦେଶର ମାଟିଗଢ଼ା ମା ସାକ୍ଷାତ୍ ଯେପରିକି ଏଇ ପୃଥିବୀରୁ ବାହାରୁଛନ୍ତି, ଦେଖାଦେଇ ପୃଥିବୀରେ ଲୀନ ହେବାପାଇଁ । ଏ ମା ଆମର ନୁହନ୍ତି, ଏଇଠାର ନୁହନ୍ତି, ଆଜିର ନୁହନ୍ତି ।

"ଜୟତୁ ଜୟତୁ ଦେବୀ ଶାଶ୍ୱତୀ ବିଶ୍ୱରୂପା ।"

ନବ ଭାରତ-ନୂଆପ୍ରସ୍ଥ- ୨/୧୧

◆◆◆

Digitized by PPRACHIN, SOA

ନବ ଭାରତର ପ୍ରଚ୍ଛଦ ଚିତ୍ର

Digitized by PPRACHIN, SOA

ଓଡ଼ିଆ ସାହିତ୍ୟରେ ଗଠନ କଳା—

ମାନବ ସାହିତ୍ୟର ମାନବ ଜୀବନ ସ୍ୱ- ଭାବର ତତ୍ତ୍ୱ ଦେବାକୁ ଚଳ ନହୁଦଳ କରୁଥିଲେ । କେବଳ ପ୍ରତିପାଦିତ ହୁଏ ନାହିଁ, ଜାତୀୟ ଜୀବନ ସେଥିରେ ବିକଶିତ ମଧ୍ୟ ହୁଏ । ଏହି କାରଣରୁ ଆମ୍ଭ ଜାତୀୟ ଜୀବନର ବୃଦ୍ଧି ହେଉଥିବା ଓ ଚେଷ୍ଟା ମଧ୍ୟରେ ଲୋକଙ୍କର ଲେଖା ଅନ୍ୟ ଉପାୟ ନାହିଁ । କିନ୍ତୁ ଏହି ବହୁଳର ଉଠାଣର ଭବିଷ୍ୟତାନ୍ତ ସାହିତ୍ୟର ନକ୍ସା ଓ ପ୍ରତିଭାର ପରିଚୟ । ପୂର୍ବେ ସାହିତ୍ୟ ଯାହା ଥିଲା ଆଜ ପରିସରରେ ତାହା ତାହାଠାରୁ ବହୁତ ବଢ଼ି ଯାଇଛି । ଦୈନିକ ପତ୍ର ଠାରୁ କାବ୍ୟ, ଉପନ୍ୟାସ ଓ ବୈଜ୍ଞାନିକ ପ୍ରବନ୍ଧ ପର୍ଯ୍ୟନ୍ତ ସବୁ ସାହିତ୍ୟ । କିନ୍ତୁ ଲୋଟିଏ କଥା, ଏ ସବୁଥିରେ ଆଜି ଦାରିଦ୍ର୍ୟ ଭୂମି ପଡ଼ିଛି । ଦେଶ ଜନପଦ ବଜାରରେ ଢଳି ନହେବ, ସେଥିପାଇଁ ଅନେକଙ୍କର ଦୃଷ୍ଟି । ସେଥିରେ ଲୋକରୁଚି ଓ ଲୋକ ଗଠନର ଧାରା ବଢ଼ାଣ କରିଲାବାଲା ଅନ୍ୟ ଲୋକେ ଲୋଡ଼ୁଛନ୍ତି । ମାନବ ଅଧେ ପଶୁ, ଅଧେ ଦେବତା । କିନ୍ତୁ ତାହାର ଜାତ ଧର୍ମ । ଏହି ଜାତ ଧର୍ମକୁ ଗାଠ କରି ମାନବ ରୁଚିକୁ ସୁଚନାରେ ଚାଳିଲ ହେଲେ, ଜନମର ଲକ୍ଷ୍ମୀ ଭଲ ହେବା ସ୍ୱାଭାବିକ । ଅଧିକାଂଶ କ୍ଷେତ୍ରରେ ଓଡ଼ିଶାରେ ସାହିତ୍ୟର ଆଦର୍ଶ ଏହାହିଁ ହେବାର ଦେଖା ଯାଉଛି । ବର୍ତ୍ତମାନ ଆଦର୍ଶର ବଦଳିବା ଉଚିତ କେବଳ ନୂଆ ଅନେକ [illegible] ରୂପରେ [illegible] ନୁହେଁ ନାହିଁ । [illegible] ଟେକ୍ନିକରେ ବଢ଼ିଥିବା [illegible] ରୂପ ସେ [illegible] ତାହା ନୁହେଁ, [illegible] ତ୍ରୁଟି ନିବାର [illegible] ହେଉଛି । [illegible] ଉପନ୍ୟାସ । [illegible] ଜଗତରେ କାବ୍ୟ କଳାର ପୀଠ, ଏ କଥା କେହି ଅସ୍ୱୀକାର କରିବେ ନାହିଁ; କିନ୍ତୁ ସେଠାରେ ମଧ୍ୟ ପରଂପରାଗତ [illegible] ଓ [illegible] ଉଦ୍ଦେ- ଶର ସଂଯମ [illegible], କାବ୍ୟ କଳା [illegible] ସାହିତ୍ୟର ଅଙ୍ଗୀଭୂତ ହୁଏ । [illegible] ଯୁଗର ଉପନ୍ୟାସରେ [illegible] ଉପନ୍ୟାସ [illegible] ଦେଖାଇଥିଲେ ସତ; କିନ୍ତୁ [illegible] ସତ୍ତ୍ୱର ଥିଲା, [illegible] ପ୍ରକୃତ [illegible] ଥିଲା, [illegible] ଉଠିଥିଲା । ଏ ସମ୍ବନ୍ଧରେ [illegible] ସମା- ଜର [illegible] ଅବସ୍ଥା [illegible] ବଙ୍ଗଳାରେ [illegible] ହେଲା, ଓଡ଼ିଶାରେ ତାହା ସମ୍ଭବ ନୁହେଁ । [illegible]

ନବ ଭାରତର ଆଲୋଚନା

Digitized by PPRACHIN, SOA

'ସାହିତ୍ୟ ସାଧକ ପଣ୍ଡିତ ନୀଳକଣ୍ଠ' (ପ୍ରକାଶିତ ରୂପ-ସତ୍ୟବାଦୀ ସବ୍ୟସାଚୀ) ଶୀର୍ଷକ ସନ୍ଦର୍ଭ ପ୍ରସ୍ତୁତ କରି ଖ୍ରୀ: ୧୯୮୪ରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଡି. ଲିଟ୍. ଉପାଧି ପାଇବା ପରଠାରୁ ଡକ୍ଟର କୁମୁଦିନୀ ମିଶ୍ର ଦୀର୍ଘ ୩୦ ବର୍ଷ କାଳ ନୀଳକଣ୍ଠଙ୍କ ରଚନାବଳୀର ବିଭିନ୍ନ ଦିଗ ପ୍ରତି ପାଠକଙ୍କ ଦୃଷ୍ଟି ଆକର୍ଷଣ ଲାଗି ପ୍ରୟାସ ଜାରି ରଖିଛନ୍ତି । 'ନବଭାରତର' ସଂପାଦକୀୟ 'ଆଲୋଚନା' ଗ୍ରନ୍ଥଟି ଏହି ପ୍ରୟାସର ଅନ୍ୟତମ ଅର୍ଘ୍ୟ । 'ନବଭାରତ' ପତ୍ରିକାର ସଂପାଦକ ପଣ୍ଡିତ ନୀଳକଣ୍ଠ ଏହି ପତ୍ରିକାର ପ୍ରତ୍ୟେକ ସଂଖ୍ୟାର 'ଆଲୋଚନା' ପର୍ଯ୍ୟାୟରେ ତତ୍କାଳୀନ ବିଶିଷ୍ଟ ଘଟଣା ସମୂହ ସଂପର୍କରେ ଯେଉଁ ସଂପାଦକୀୟ ସ୍ତମ୍ଭ ଉପସ୍ଥାପନା କରିଥିଲେ ସେ ସବୁକୁ ବିଷୟାନୁକ୍ରମେ ବିଭିନ୍ନ ଅଧ୍ୟାୟରେ ସଜ୍ଜିତ କରି ସଂଶିତ ଗ୍ରନ୍ଥଟି ପ୍ରସ୍ତୁତ କରାଯାଇଛି । ବିଷୟବସ୍ତୁର ବିଭିନ୍ନତା, ଗଭୀର ଭାବାତ୍ମିକତା ଓ ସମୟୋପଯୋଗିତା ଦୃଷ୍ଟିରୁ ଏହି ଆଲୋଚନା ସମ୍ବଳିତ ଗ୍ରନ୍ଥଟି ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା ଓ ବିଶ୍ୱାସ ।

ପ୍ରକାଶକ

ଓଡ଼ିଶା ବୁକ୍ ଷ୍ଟୋର

Digitized by PPRACHIN. SOA